# ଯୋଗସମନ୍ୱୟ

## ଉତ୍ତରର୍ଦ୍ଧ

'oaob.nitrkl.ac.in' images reprocessed

# ଯୋଗସମନ୍ୱୟ

(ଉତ୍ତରାର୍ଦ୍ଧ)

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ସାହିତ୍ୟ-ସଂଗ୍ରହ

ଖଣ୍ଡ-୮

# ଯୋଗସମନ୍ୱୟ

(ଉତ୍ତରାର୍ଦ୍ଧ)

ଶ୍ରୀଅରବିନ୍ଦ

ନବଜ୍ୟୋତି କାର୍ଯ୍ୟାଳୟ

ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କ 'The Synthesis of Yoga' ଗ୍ରନ୍ଥର
ଓଡ଼ିଆ ଅନୁବାଦ ।

ଅନୁବାଦ :

ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ନଭେମ୍ବର ୨୪, ୧୯୭୨

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୬୦୫୦୦୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

ଏକ ସେଟ୍(ଦଶଖଣ୍ଡ)ର ମୂଲ୍ୟ : ଟ ୨୫୦.୦୦

Printed at Navajyoti Press, Pondicherry-605001

'oaob.nitrkl.ac.in' images reprocessed

# ସୂଚୀପତ୍ର

## ତୃତୀୟ ଭାଗ

### ଦିବ୍ୟ ପ୍ରେମର ଯୋଗ


| ପରିଚ୍ଛେଦ | ପୃଷ୍ଠାଙ୍କ |
|---|---|
| ୧. ପ୍ରେମ ଓ ତ୍ରିମାର୍ଗ | ୧ |
| ୨. ଭକ୍ତିର ପ୍ରେରକ | ୧୩ |
| ୩. ଈଶ୍ୱରୋନ୍ମୁଖ ଭାବ | ୨୧ |
| ୪. ଭକ୍ତିର ମାର୍ଗ | ୪୫ |
| ୫. ଦିବ୍ୟ ବ୍ୟକ୍ତିତ୍ୱ | ୫୫ |
| ୬. ଦିବ୍ୟ ପୁରୁଷର ଆନନ୍ଦ | ୬୩ |
| ୭. ଆନନ୍ଦ ବ୍ରହ୍ମ | ୮୩ |
| ୮. ପ୍ରେମର ରହସ୍ୟ | ୯୪ |


## ଚତୁର୍ଥ ଭାଗ

### ଆତ୍ମ-ପରିପୂର୍ଣ୍ଣତାର ଯୋଗ


| | |
|---|---|
| ୧. ପୂର୍ଣ୍ଣଯୋଗର ମୂଳ ସିଦ୍ଧାନ୍ତ | ୧୦୯ |
| ୨. ସମଗ୍ର ପରିପୂର୍ଣ୍ଣତା | ୧୨୦ |
| ୩. ଆତ୍ମ-ପରିପୂର୍ଣ୍ଣତାର ମନୋବିଜ୍ଞାନ | ୧୩୨ |
| ୪. ମାନବସତ୍ତ୍ୱର ପରିପୂର୍ଣ୍ଣତା | ୧୪୭ |
| ୫. ଆତ୍ମାର ସାଧନତନ୍ତ୍ର | ୧୬୫ |
| ୬. ଶୁଦ୍ଧୀକରଣ—ନିମ୍ନତର ମନର | ୧୮୨ |
| ୭. ଶୁଦ୍ଧୀକରଣ—ବୁଦ୍ଧି ଓ ସଂକଳ୍ପର | ୧୯୬ |
| ୮. ଆତ୍ମାର ମୁକ୍ତି | ୨୧୪ |


'oaob.nitrkl.ac.in' images reprocessed

**ପରିଚ୍ଛେଦ** **ପୃଷ୍ଠାଙ୍କ**


୯. ପ୍ରକୃତିର ମୁକ୍ତି ୨୨୭
୧୦. ପୂର୍ଣ୍ଣତାର ଉପାଦାନ ୨୪୧
୧୧. ସମତାର ପୂର୍ଣ୍ଣତା ୨୫୦
୧୨. ସମତାର ମାର୍ଗ ୨୬୬
୧୩. ସମତାର କ୍ରିୟା ୨୮୫
୧୪. ସାଧନଗୁଡ଼ିକର ଶକ୍ତି ୨୯୭
୧୫. ଆତ୍ମାର ଶକ୍ତି ଓ ଚତୁର୍ବିଧ ବ୍ୟକ୍ତିତ୍ୱ ୩୧୪
୧୬. ଦିବ୍ୟ ଶକ୍ତି ୩୩୩
୧୭. ଦିବ୍ୟ ଶକ୍ତିର କ୍ରିୟା ୩୪୮
୧୮. ଶ୍ରଦ୍ଧା ଓ ଶକ୍ତି ୩୬୨
୧୯. ଅତିମାନସର ସ୍ୱରୂପ ୩୮୦
୨୦. ସ୍ୱବୋଧି-ମନ ୪୦୫
୨୧. ଅତିମାନସର ନାନା ସୋପାନ ୪୨୪
୨୨. ଅତିମାନସ ଭାବନା ଓ ଜ୍ଞାନ ୪୪୬
୨୩. ଅତିମାନସ ସାଧନତନ୍ତ୍ର—ଭାବନାର ପ୍ରକ୍ରିୟା ୪୭୦
୨୪. ଅତିମାନସ ଇନ୍ଦ୍ରିୟ ୫୦୩
୨୫. ଅତିମାନସ କାଳ-ଦୃଷ୍ଟି ଆଡ଼କୁ ୫୩୮


'oaob.nitrkl.ac.in' images reprocessed

# ତୃତୀୟ ଭାଗ

# ଦିବ୍ୟ ପ୍ରେମର ଯୋଗ

'oaob.nitrkl.ac.in' images reprocessed

## ପ୍ରଥମ ପରିଚ୍ଛେଦ

# ପ୍ରେମ ଓ ତ୍ରିମାର୍ଗ

ଇଚ୍ଛାଶକ୍ତି, ଜ୍ଞାନ ଏବଂ ପ୍ରେମ;—ଏଗୁଡ଼ିକ ହେଉଛନ୍ତି ମନୁଷ୍ୟର ପ୍ରକୃତିରେ ଓ ମନୁଷ୍ୟର ଜୀବନରେ ତିନୋଟି ଦିବ୍ୟ ସାମର୍ଥ୍ୟ; ଏବଂ ଏଗୁଡ଼ିକ ଦ୍ୱାରା ନିର୍ଦ୍ଦେଶିତ ତିନୋଟି ମାର୍ଗରେ ମନୁଷ୍ୟର ଆତ୍ମା ପରମ ଦିବ୍ୟତାର ସ୍ତରକୁ ଉତ୍ତୀର୍ଣ୍ଣ ହୋଇଯିବାର ସାମର୍ଥ୍ୟ ରଖିଥାଏ । ସେହି ତିନୋଟିଯାକ ମାର୍ଗର ସମଗ୍ରତାକୁ, ଅର୍ଥାତ୍ ଏହି ତିନୋଟିଯାକ ମାର୍ଗ ଦ୍ୱାରା ପରମେଶ୍ୱରଙ୍କ ସହିତ ମନୁଷ୍ୟର ଯେ ସମ୍ମିଳନ ଘଟାଇବାକୁ ପଡ଼ିବ, ଯେକୌଣସି ପୂର୍ଣ୍ଣଯୋଗରେ ଆମେ ଏହାକୁହିଁ ଯଥାର୍ଥ ଭିତ୍ତିରୂପେ ଦେଖିଆସିଛୁ ।

କର୍ମ କରିବାର ସାମର୍ଥ୍ୟ ହେଉଛି ଜୀବନର ପ୍ରଥମ ସାମର୍ଥ୍ୟ । ଆପଣାର ଶକ୍ତିମତ୍ତା ଓ ତାହାର ଯାବତୀୟ କ୍ରିୟାତ୍ମକତା ଦ୍ୱାରାହିଁ ପ୍ରକୃତି ଆପଣାର କାର୍ଯ୍ୟ ଆରମ୍ଭ କରିଥାଏ ଏବଂ ଏହି ଶକ୍ତିମତ୍ତା ମନୁଷ୍ୟର ଭୂମିକୁ ଆସି ଚେତନାଶୀଳ ହୋଇଯିବା ମାତ୍ରକେ ଇଚ୍ଛାଶକ୍ତିରେ ଓ ସେହି ଇଚ୍ଛାଶକ୍ତିର ନାନାବିଧ ସାମର୍ଥ୍ୟ ଓ ସିଦ୍ଧିରେ ପରିଣତ ହୋଇଯାଏ । ତେଣୁ ଆପଣାର ସକଳ କର୍ମକୁ ପରମେଶ୍ୱରଙ୍କ ଆଡ଼କୁ ଉଦ୍ଦିଷ୍ଟ କରି ରଖିବା ଦ୍ୱାରାହିଁ ମନୁଷ୍ୟର ଜୀବନ ସର୍ବୋତ୍କୃଷ୍ଟ ତଥା ସର୍ବନିଷ୍ଠିତ ଭାବରେ ଦିବ୍ୟ ହେବାକୁ ଆରମ୍ଭ କରେ । ତେଣୁ ଏହି କର୍ମ ହେଉଛି ପ୍ରଥମ ପ୍ରବେଶର ଦ୍ୱାରସ୍ୱରୂପ, ଯାତ୍ରାଗ୍ରହଣର ଅଗ୍ରମାରମ୍ଭସ୍ୱରୂପ । ମନୁଷ୍ୟ ଭିତରେ କାର୍ଯ୍ୟ କରୁଥିବା ଇଚ୍ଛାକୁ ଯେତେବେଳେ ଭଗବତ୍ ଇଚ୍ଛା ସହିତ ଏକରୂପ କରି ଦିଆଯାଏ ଏବଂ ଯେତେବେଳେ ସତ୍ତାର ସକଳ କ୍ରିୟାଟି ସେହି ପରମ ଦିବ୍ୟତାରୁ ଜନ୍ମଲାଭ କରି ସେହି ପରମ ଦିବ୍ୟତା ଆଡ଼କୁହିଁ ଉଦ୍ଦିଷ୍ଟ ହୋଇ ରହିଥାଏ, ସେତେବେଳେ କର୍ମଯୋଗର ପୂର୍ଣ୍ଣୋପଲବ୍ଧି ହୋଇଥାଏ । ମାତ୍ର ଯାବତୀୟ କର୍ମ କେବଳ ଜ୍ଞାନରେହିଁ ପରିପୂର୍ଣ୍ଣତା ଲାଭ କରେ । 'ସର୍ବଂ କର୍ମାଖିଳଂ ଜ୍ଞାନେ ପରିସମାପ୍ୟତେ'—ଏକଥା ଗୀତାରେ କୁହାଯାଇଛି । ଆପଣାର ଇଚ୍ଛା ଓ ଯାବତୀୟ କର୍ମର ଭୂମିରେ ତାଙ୍କରି ସହିତ ଯୁକ୍ତ ହୋଇ ଆମେ ଆମର ସକଳ ଇଚ୍ଛା ଓ ସକଳ କର୍ମ ଯାହାଙ୍କଠାରୁ ଉତ୍ଥିତ ହୋଇ ଆସିଛନ୍ତି,

'oaob.nitrkl.ac.in' images reprocessed

ଯାହାଙ୍କଠାରୁ ଆପଣାର ଯାହାକିଛି ଶକ୍ତିଲାଭ କରୁଛନ୍ତି ଏବଂ ଯାହା ମଧ୍ୟରେ କି ଆପଣାର ସକଳ ଶକ୍ତିର ଚକ୍ରାବର୍ତ୍ତନଟିକୁ ପରିପୂର୍ଣ୍ଣ କରୁଛନ୍ତି, ସେହି ସର୍ବଗତ ଓ ଚେତନାମୟ ସତ୍ତ୍ୱଙ୍କ ମଧ୍ୟରେହିଁ ଏକରୂପ ହୋଇଯାଉ । ଏବଂ ପ୍ରେମକୁହିଁ ଆମେ ଏହି ଯୁକ୍ତ ହେବାର ମୁକୁଟ ସଦୃଶ ବୋଲି କହିବା; କାରଣ ଆମେ ଯେଉଁ ପରମସତ୍ତ୍ୱଙ୍କ ମଧ୍ୟରେ ଅବସ୍ଥାନ କରୁଛୁ, ଯାହାଙ୍କ ମଧ୍ୟରେ ଆମେ କର୍ମ କରୁଛୁ ଓ ବିଚରଣ କରୁଛୁ, ଯାହାଙ୍କ ଦ୍ୱାରା ଜୀବନଧାରଣ କରୁଛୁ ଏବଂ କେବଳ ଯାହାଙ୍କ ସକାଶେହିଁ କାର୍ଯ୍ୟ କରିବାକୁ ଏବଂ ଜୀବନ ବଞ୍ଚିବାକୁ ଆମେ ସର୍ବଶେଷରେ ଶିକ୍ଷାଲାଭ କରିପାରୁଛୁ, ପ୍ରେମକୁ ଆମେ କେବଳ ତାଙ୍କରି ସହିତହିଁ ସଚେତନ ଭାବରେ ସମ୍ମିଳିତ ହେବାର ଆନନ୍ଦ ବୋଲି କହିପାରିବା । ଏହି ପ୍ରେମଶକ୍ତି ହେଉଛି ଆମର ଯାବତୀୟ ଶକ୍ତିର ତ୍ରିମୂର୍ତ୍ତି, ଏଥିରେ ସେହି ପରମେଶ୍ୱରଙ୍କ ମଧ୍ୟରେହିଁ ତ୍ରିକୋଟିଯାକର ସଙ୍ଗମ ଉପଲବ୍ଧ ହୋଇଥାଏ; କର୍ମକୁ ଆପଣାର ପ୍ରବେଶପଥରୂପେ ଓ ସ୍ପର୍ଶ ଲାଭ କରିବାର ମାର୍ଗରୂପେ ଗ୍ରହଣ କରି ଯେତେବେଳେ ଆମେ ଆମର ଯାତ୍ରା ଆରମ୍ଭ କରୁ, ସେତିକବେଳେହିଁ ଆମେ ଏହି ତ୍ରିବେଣୀରେ ଆସି ଉପନୀତ ହୋଇଥାଉ ।

ଜ୍ଞାନ ହେଉଛି ପରମ ଦିବ୍ୟତା ମଧ୍ୟରେ ସତତ ଅବସ୍ଥାନ କରିବାର ମୂଳଭିତ୍ତି ସ୍ୱରୂପ । କାରଣ ଚେତନା ହେଉଛି ସକଳ ଜୀବନ ତଥା ସକଳ ସତ୍ତ୍ୱର ମୂଳଭିତ୍ତି ଏବଂ ଜ୍ଞାନ ହେଉଛି ସେହି ଚେତନାର କ୍ରିୟାତ୍ମକ ପ୍ରକାଶ; ଜ୍ଞାନର ଆଲୋକ ଦ୍ୱାରାହିଁ ଚେତନା ଆପଣାକୁ ତଥା ଆପଣାର ସତ୍ୟଗୁଡ଼ିକୁ ଜାଣିବାକୁ ପାଏ, ଜ୍ଞାନର ଶକ୍ତି ଦ୍ୱାରାହିଁ ଆମେ କର୍ମରୁ ଆପଣାର ଯାତ୍ରା ଆରମ୍ଭ କରି ଆମ ଭାବନାର ଅନ୍ତର୍ଗତ ପରିଣାମଗୁଡ଼ିକୁ ଧାରଣ କରିବା ଲାଗି ସମର୍ଥ ହେଉ ଏବଂ ଆମ ଚେତନାମୟ ସତ୍ତ୍ୱର ଏକ ଦୃଢ଼ ବିକାଶର ଭୂମି ଉପରେ କାର୍ଯ୍ୟ ମଧ୍ୟ କରିପାରୁ ଓ ଏହିପରି ଭାବରେ ଅଗ୍ରସର ହୋଇ ତାହା ସେହି ଦିବ୍ୟ ସତ୍ତ୍ୱଙ୍କର ଅନନ୍ତତା ମଧ୍ୟରେ ଯୁକ୍ତ ହୋଇଯାଏ ଏବଂ ଆପଣାର ପୂର୍ଣ୍ଣ ସିଦ୍ଧି ଲାଭ କରେ । ଆପଣାର ଅନେକ ବିଭାବ ମଧ୍ୟରେ ପରମ ଦିବ୍ୟତା ଆମର ସାକ୍ଷାତ ଲାଭ କରିବାକୁ ଆସେ ଏବଂ ଏହିସବୁ ପ୍ରତ୍ୟେକଟି ବିଭାବର କ୍ଷେତ୍ରରେ ଜ୍ଞାନହିଁ ଦ୍ୱାରକାଠିରୂପେ କାର୍ଯ୍ୟ କରୁଥାଏ; ଓ ସେହି ଜ୍ଞାନ ଦ୍ୱାରାହିଁ ଆମେ ସେହି ଅନନ୍ତତା ଓ ପରମ ଦିବ୍ୟତା ମଧ୍ୟରେ ଯାଇ ପ୍ରବେଶ କରୁ, ସେହି ଦିବ୍ୟସତ୍ତ୍ୱର ପ୍ରତ୍ୟେକ ଭାବରେ [ ସର୍ବଭାବେନ,—ଗୀତା ] ତାହାର ଅଧିକାରୀ ହେଉ, ତାହାକୁ ଆମ ଭିତରକୁ ଗ୍ରହଣ କରିପାରୁ ଓ ଆମ ଜୀବନର ସକଳ ଭାବରେ ତାହାର ଦ୍ୱାରା ଅଧିକୃତ ହୋଇ ରହୁ ।

ଜ୍ଞାନର ଉପଲବ୍ଧି ନହୋଇଥିବା ଯାଏ ଆମେ କେବଳ ଅନ୍ଧଭାବରେହିଁ ସେହି ଦିବ୍ୟତା ମଧ୍ୟରେ ଅବସ୍ଥାନ କରୁଥାଉ; ପ୍ରକୃତିଶକ୍ତି ଏକ ଅନ୍ଧତାର ବଶବର୍ତ୍ତୀ ହୋଇ ଆପଣା କର୍ମ କରି ଯାଉଥାଏ ସତ, ମାତ୍ର ଆପଣାର ଯଥାର୍ଥ ଉତ୍ସ ଓ ଯଥାର୍ଥ

'oaob.nitrkl.ac.in' images reprocessed

ଅଧିକାରୀଙ୍କ ସମ୍ବନ୍ଧରେ ବିସ୍ମୃତ ହୋଇ ରହିଥାଏ । ଅର୍ଥାତ୍, ଦିବ୍ୟତାରୁ ବିଚ୍ଛିନ୍ନ ହୋଇ ରହିଥାଏ ଏବଂ ଆମ ସତ୍ତାର ଯଥାର୍ଥ ଓ ପୂର୍ଣ୍ଣ ଆନନ୍ଦଟିରୁ ବଞ୍ଚିତ ହୋଇ ରହିଥାଏ । କେବଳ ଏକାତ୍ମତା ଅର୍ଜନ କରିବା ଦ୍ୱାରାହିଁ ପୂର୍ଣ୍ଣ ଏବଂ ଯଥାର୍ଥ ଜ୍ଞାନ ସମ୍ଭବ ହୋଇପାରେ, ଏବଂ ସେହି କାରଣରୁ ଆମର ଜ୍ଞାନୋପଲବ୍ଧି ବସ୍ତୁଟି ସହିତ ଜ୍ଞାନ ଦ୍ୱାରା ଏକ ଚେତନାମୟ ଏକାତ୍ମକତାରେ ଉପନୀତ ହୋଇହିଁ ଏହି ବିଭକ୍ତତାଟି ଘୁଞ୍ଚିଯାଏ ଏବଂ ଆମର ଯାବତୀୟ ସୀମାବଦ୍ଧତା, ବିସମ୍ବାଦ, ଦୁର୍ବଳତା ଏବଂ ଅସନ୍ତୋଷ ମଧ୍ୟ ଅନ୍ତର୍ହିତ ହୋଇଯାଏ । ମାତ୍ର କର୍ମ ନହେଲେ ଜ୍ଞାନ ପରିପୂର୍ଣ୍ଣ ହୋଇପାରେ ନାହିଁ; କାରଣ ସତ୍ତା ଭିତରେ ରହିଥିବା ଇଚ୍ଛାଶକ୍ତିକୁ ମଧ୍ୟ ଆମେ ସେହି ପରମେଶ୍ୱରଙ୍କ ଠାରୁ କେବଳ ଅଭିନ୍ନ ବୋଲିହିଁ ଜାଣିବା, କେବଳ ସତ୍ତା ବା ତାହାର ଆତ୍ମ-ସଜ୍ଞାନଶୀଳ ଶକ୍ତିହୀନ ଅସ୍ତିତ୍ୱଟିକୁହିଁ ପରମେଶ୍ୱର ବୋଲି କହିବା ନାହିଁ । ଏବଂ ଯଦି ଆମର ଯାବତୀୟ କର୍ମ କେବଳ ଜ୍ଞାନରେହିଁ ଆପଣାର ପରିପୂର୍ଣ୍ଣତା ଲାଭ କରେ, ତେବେ ଜ୍ଞାନ ମଧ୍ୟ କର୍ମ ଭିତରେହିଁ ଆପଣାକୁ ପରିପୂର୍ଣ୍ଣ କରେ ବୋଲି ନିଶ୍ଚୟ କହିବାକୁ ପଡ଼ିବ । ଏବଂ ଏଠାରେ ମଧ୍ୟ ପ୍ରେମହିଁ ଜ୍ଞାନର ମୁକୁଟରୂପେ ବିଦ୍ୟମାନ ରହିଥାଏ, କାରଣ ଯୁକ୍ତ ହେବାର ଆନନ୍ଦକୁହିଁ ଆମେ ପ୍ରେମରୂପେ ଉପଲବ୍ଧି କରିଥାଉ ଏବଂ ଆପଣା ଆନନ୍ଦର ଯାବତୀୟ ଐଶ୍ୱର୍ଯ୍ୟକୁ ଉପଲବ୍ଧି କରି ପାରିବାକୁ ହେଲେ ଏହି ଯୁକ୍ତ ହେବାକୁ ମଧ୍ୟ ଯୁକ୍ତତାଜନିତ ଆନନ୍ଦଟି ବିଷୟରେ ସଚେତନ ହେବାକୁ ପଡ଼ିବ । ବସ୍ତୁତଃ ପରିପୂର୍ଣ୍ଣ ଜ୍ଞାନ କେବଳ ପରିପୂର୍ଣ୍ଣ ପ୍ରେମ ଭିତରକୁହିଁ ବାଟ ଦେଖାଇ ନେଇଯାଏ, ପୂର୍ଣ୍ଣ ଜ୍ଞାନର ଉପଲବ୍ଧି ପ୍ରେମର ଏକ ପରିପୂର୍ଣ୍ଣ ଏବଂ ବହୁଳ ଐଶ୍ୱର୍ଯ୍ୟ ମଧ୍ୟକୁ ବାଟ ଦେଖାଇ ନେଇଯାଏ । ଗୀତାରେ କୁହାଯାଇଛି, "ଯିଏ ମୋତେ ପରମ ପୁରୁଷରୂପେ ଜାଣିବାକୁ ସମର୍ଥ ହୁଏ, ପୂର୍ଣ୍ଣ ଜ୍ଞାନର ଅଧିକାରୀ ହୋଇଥିବାରୁ ସେ ଆପଣା ସତ୍ତାର ସକଳ ଭାବରେ କେବଳ ପ୍ରେମ ଦ୍ୱାରାହିଁ ମୋର ଅନ୍ୱେଷଣ କରୁଥାଏ ।" ଏଠାରେ ପରମ ପୁରୁଷ କହିଲେ କେବଳ ସେହି ପରିବର୍ତ୍ତନରହିତ ଏକତ୍ୱକୁ ବୁଝାଉ ନାହିଁ, ମାତ୍ର ସେହି ପରମ ଦିବ୍ୟତାର ଅନେକ-ଆତ୍ମାଯୁକ୍ତ ଗତିଶୀଳତା ମଧ୍ୟରେ ରହିଥିବା ଏକତ୍ୱକୁ ବୁଝାଉଛୁ ଏବଂ ଏହି ଦୁଇଟିଯାକରୁ ଊର୍ଦ୍ଧ୍ୱତର ଏକ ଏକତ୍ୱକୁ ବୁଝାଉଛୁ, ଯାହା ମଧ୍ୟରେ କି ଦୁଇଟିଯାକ ଦିବ୍ୟ ଭାବରେ ବିଧୃତ ହୋଇ ରହିଛନ୍ତି । ଆମ ଶକ୍ତିର ତ୍ରିମୂର୍ତ୍ତିତା କହିଲେ ପ୍ରକୃତରେ ଏହାକୁହିଁ ବୁଝାଏ; ଜ୍ଞାନରୁ ଆମର ଯାତ୍ରା ଆରମ୍ଭ କରି ଆମେ ପରମେଶ୍ୱରଙ୍କ ମଧ୍ୟରେ ଅବସ୍ଥିତ ତିନୋଟିଯାକର ସେଇଁ ଏକତ୍ୱରେ ଯାଇ ଉପନୀତ ହୋଇଥାଉ, ତାହା ସେହି ଏକତ୍ୱକୁହିଁ ବୁଝାଏ ।

ପ୍ରେମ ସକଳ ସତ୍ତାର ମୁକୁଟ ପରି ହୋଇ ରହିଥାଏ, ପ୍ରେମ ପରିପୂର୍ଣ୍ଣତା ଆଣିଦିଏ, ପ୍ରେମ ଦ୍ୱାରାହିଁ ଆମେ ଯାବତୀୟ ପ୍ରଗାଢ଼ତାକୁ ଅବଗାହନ କରି ଯାଇପାରୁ, ଆତ୍ମ-ଆବିଷ୍କାରର ଯାବତୀୟ ପୂର୍ଣ୍ଣତା ଓ ପୁଲକମୟତା ଆଡ଼କୁ ଉନ୍ନୀତ ହୋଇ

'oaob.nitrkl.ac.in' images reprocessed

ଯାଇପାରୁ । କାରଣ ଯଦି ଚେତନାହିଁ ପରମସତ୍ତାଙ୍କର ଯଥାର୍ଥ ପ୍ରକୃତି ହୋଇଥାଏ ଏବଂ ସେହି ଚେତନା ଦ୍ୱାରାହିଁ ଆମେ ତାଙ୍କ ସହିତ ଏକାତ୍ମତା ଅର୍ଜନ କରୁଥାଉ ଓ ତେଣୁ ଏକାତ୍ମକତାରେ ପୂର୍ଣ୍ଣ ହୋଇ ରହିଥିବା ପରିପୂର୍ଣ୍ଣ ଜ୍ଞାନ ଦ୍ୱାରାହିଁ ଆମେ ସେହି ଏକାତ୍ମତା ଅର୍ଜନ କରୁଥାଉ, ତେବେ ତଥାପି ଆନନ୍ଦକୁହିଁ ସେହି ଚେତନାର ଯଥାର୍ଥ ପ୍ରକୃତି ବୋଲି କହିବାକୁ ପଡ଼ିବ ଏବଂ ପ୍ରେମକୁ ଗୂଢ଼ କୁଞ୍ଚିକାଟି ପରି ବ୍ୟବହାର କରିହିଁ ଆମେ ସେହି ଆନନ୍ଦର ପରାକାଷ୍ଠାରେ ଯାଇ ପହଞ୍ଚି ପାରିବା । ଏବଂ ଯଦି ଚେତନ ସତ୍ତା ଇଚ୍ଛାରୂପକ ଶକ୍ତିଟି ଦ୍ୱାରାହିଁ ଆପଣାକୁ ପରିପୂର୍ଣ୍ଣ କରୁଥାଏ ଏବଂ ଆପଣାର ଇଚ୍ଛାର ଭୂମିରେ ଯୁକ୍ତ ହେବା ଦ୍ୱାରାହିଁ ଆମେ ସେହି ପରମସତ୍ତାର ସ୍ୱକୀୟ ଅନନ୍ତ ଶକ୍ତିମତ୍ତା ସହିତ ଏକଯୁକ୍ତ ହୋଇ ପାରୁଥାଉ, ତେବେ ସେହି ଶକ୍ତିର ଯାବତୀୟ କ୍ରିୟାତ୍ମକତା ତଥାପି ଆନନ୍ଦରୁହିଁ ଆରମ୍ଭ ହେଉଛି, ଆନନ୍ଦରେହିଁ ଅବସ୍ଥାନ କରୁଛି ଏବଂ ଆନନ୍ଦକୁହିଁ ଆପଣାର ଅଭୀଷ୍ଟ ଓ ଚରମଲକ୍ଷ୍ୟ ବୋଲି ଗ୍ରହଣ କରୁଛି ବୋଲି ଅବଶ୍ୟ କହିବାକୁ ହେବ । ସ୍ୱୟଂ ସେହି ପରମସତ୍ତାଙ୍କୁ ଭଲ ପାଇ ଓ ତାଙ୍କର ଚେତନ ସାମର୍ଥ୍ୟକୁ ଅଭିବ୍ୟକ୍ତ କରି ଦେଉଥିବା ତାଙ୍କର ସେହି ସକଳରୂପର ଭୂମିରେ ମଧ୍ୟ ତାଙ୍କୁ ଭଲ ପାଇ ଆମେ ପରମ ଆନନ୍ଦର ପରିପୂର୍ଣ୍ଣ ବ୍ୟାପ୍ତିଟି ମଧ୍ୟକୁ ଅଗ୍ରସର ହୋଇପାରିବା । ପ୍ରେମ ହେଉଛି ସେହି ଦିବ୍ୟ ଆତ୍ମ-ଆନନ୍ଦରହିଁ ସାମର୍ଥ୍ୟ ଓ ଆବେଗ; ଏବଂ ପ୍ରେମ ବ୍ୟତୀତ ଆମେ ହୁଏତ ପରମ ଆନନ୍ଦରୂପଙ୍କର ଆନନ୍ତ୍ୟ ମଧ୍ୟରେ ସେହି ଶାନ୍ତ ଏବଂ ନିଶ୍ଚଳତା ମଧ୍ୟରେ ନିମଜ୍ଜିତ ହୋଇ ରହିପାରିବା ସତ, ମାତ୍ର ତାଙ୍କର ସେହି ଐଶ୍ୱର୍ଯ୍ୟମୟତା ଓ ପରିପୂର୍ଣ୍ଣତା ମଧ୍ୟରେ ଯେଉଁ ପରମ ଗଭୀରତାଟି ନିହିତ ହୋଇ ରହିଛି, ଆମେ ତାହାର କୌଣସି ପରିଚୟ ପାଇପାରିବା ନାହିଁ । ପ୍ରେମ ଆମକୁ ବିଭକ୍ତ ହୋଇ ରହିବାର ଦୁଃଖଭୋଗ ଭିତରୁ ପୂର୍ଣ୍ଣସମ୍ମିଳିତ ହେବାର ପ୍ରସାଦ ମଧ୍ୟକୁ ବହନ କରିନିଏ; ମାତ୍ର ସେଥିଲାଗି ସମ୍ମିଳିତ ହେବାର ଯେଉଁ କ୍ରିୟାଟି ଆତ୍ମାର ବୃହତ୍ତମ ଆବିଷ୍କାର ହୋଇ ରହିଥାଏ ଏବଂ ବିଶ୍ୱଗତ ଜୀବନ ଦୀର୍ଘକାଳ ଯାବତ୍ କେବଳ ଯାହା ଲାଗିହିଁ ଏକ ପ୍ରସ୍ତୁତି ପରି କାର୍ଯ୍ୟ କରୁଥାଏ, ସେହି କ୍ରିୟାଜନିତ ଆନନ୍ଦଟିକୁ ଆଦୌ ହରାଇବାକୁ ପଡ଼େ ନାହିଁ । ତେଣୁ ପ୍ରେମ ଦ୍ୱାରା ଈଶ୍ୱରଙ୍କର ନିକଟବର୍ତ୍ତୀ ହେବାର ଅର୍ଥ ହେଉଛି ଆପଣାକୁ ଆମର ସମ୍ଭାବ୍ୟ ସେହି ବୃହତ୍ତମ ଅଧ୍ୟାତ୍ମସିଦ୍ଧି ଲାଗିହିଁ ପ୍ରସ୍ତୁତ କରିବା ।

ପରିପୂର୍ଣ୍ଣତାପ୍ରାପ୍ତ ପ୍ରେମ ଜ୍ଞାନକୁ ଆପଣା ମଧ୍ୟରୁ ବହିଷ୍କୃତ କରି ରଖେ ନାହିଁ, ମାତ୍ର ସ୍ୱୟଂ ଜ୍ଞାନକୁ ବହନ କରି ଆଣେ; ପୁଣି, ଜ୍ଞାନ ଯେତିକ ଅଧିକ ପରିପୂର୍ଣ୍ଣ ହେବାରେ ଲାଗିଥାଏ, ପ୍ରେମର ସମ୍ଭାବନା ମଧ୍ୟ ସେତିକ ଅଧିକ ବିଭବଯୁକ୍ତ ହେଉଥାଏ । ଭଗବାନ ଗୀତାରେ କହିଛନ୍ତି, "ମନୁଷ୍ୟ ଭକ୍ତି ଦ୍ୱାରା ମୋତେ ସମ୍ପୂର୍ଣ୍ଣରୂପେ ଜାଣେ; ମୋର ସକଳ ବ୍ୟାପ୍ତିଗତ ପରିସୀମାରେ ଏବଂ ମହତ୍ତ୍ୱରେ ସେ

'oaob.nitrkl.ac.in' images reprocessed

ମୋତେ ଜାଣେ, ମୋ ସତ୍ତାର ମୂଳ ତତ୍ତ୍ୱଗୁଡ଼ିକରେ ସେ ମୋତେ ଜାଣେ । ଏବଂ ଏହାପରେ ମୋତେ ଜାଣି ସେ ମୋ ଭିତରେ ପ୍ରବିଷ୍ଟ ହୁଏ ।" ଜ୍ଞାନହୀନ ପ୍ରେମରେ ସେହି ଆବେଗଯୁକ୍ତତା ଓ ପ୍ରଗାଢ଼ତା ରହିଥାଏ ସତ, ମାତ୍ର ତାହା ଅନ୍ଧ, ଅଶୋଧିତ ଓ ଅନେକ ସମୟରେ ଏକ ବିପଜ୍ଜନକ ବସ୍ତୁ ହୋଇ ରହିଥାଏ; ତା' ମଧ୍ୟରେ ଅନେକ ଶକ୍ତିମତ୍ତା ରହିଥାଏ ସତ, ମାତ୍ର ତାହା ପ୍ରକୃତରେ ଏକ ବାଧା ପରି କାର୍ଯ୍ୟ କରୁଥାଏ । ଜ୍ଞାନରେ ସଙ୍କୁଚିତ ହୋଇ ରହି ପ୍ରେମ ଆପଣାର ଅତ୍ୟୁତ୍ସାହରେ ଆପଣାକୁ କେବଳ ନିହତ କରି ରଖେ ଏବଂ ଅନେକ ସମୟରେ ଆପଣାର ଅତ୍ୟୁତ୍ସାହ ଦ୍ୱାରାହିଁ ଆପଣାକୁ ଏକ ସଙ୍କୀର୍ଣ୍ଣତାରେ ପରିଣତ କରିପକାଏ । ମାତ୍ର ଯେଉଁ ପ୍ରେମ ପୂର୍ଣ୍ଣ ଜ୍ଞାନକୁ ବାଟ କଢ଼ାଇନିଏ, ତାହା ଆମ ଲାଗି ଅନ୍ତହୀନ ଓ ପରିପୂର୍ଣ୍ଣ ସମ୍ମିଳନକୁ ବହନ କରି ନେଇଆସେ । ଏହି ପ୍ରେମଟି ସହିତ ଦିବ୍ୟ କର୍ମର ଆଦୌ କୌଣସି ଅସଙ୍ଗତି ନଥାଏ, ବରଂ ତାହା ଆନନ୍ଦରେ ଆପଣାକୁ ଦିବ୍ୟ କର୍ମଗୁଡ଼ିକ ମଧ୍ୟରେ ସମର୍ପିତ କରି ରଖେ । କାରଣ ଏହି ପ୍ରେମ ଈଶ୍ୱରଙ୍କୁହିଁ ଭଲ ପାଏ, ତାଙ୍କର ସମଗ୍ର ସତ୍ତାରେ ଏବଂ ତେଣୁ ସକଳ ସତ୍ତାରେ ସେ ତାଙ୍କ ସହିତ ଏକ ହୋଇ ରହିଥାଏ; ଏବଂ ଯେତେବେଳେ ପୃଥିବୀ ଲାଗି କାର୍ଯ୍ୟ କରିବା କହିଲେ ଈଶ୍ୱରଙ୍କ ପ୍ରତି ରହିଥିବା ଆପଣାର ପ୍ରେମକୁ ଅନେକ ଧାରାରେ ଅନୁଭବ କରିବାକୁ ଓ ପରିପୂର୍ଣ୍ଣ କରିବାକୁହିଁ ବୁଝାଉଥାଏ । ଏହାହିଁ ହେଉଛି ଆମ ଯାବତୀୟ ସାମର୍ଥ୍ୟର ତ୍ରିମୂର୍ତ୍ତିତା, ଈଶ୍ୱରଙ୍କ ମଧ୍ୟରେହିଁ ତିନୋଟିଯାକର ଏକତ୍ର ସମ୍ମିଳନ; ସେହି ପରମ ସର୍ବପ୍ରେମୀଙ୍କର ସତ୍ତାଗତ ଦିବ୍ୟ ଆନନ୍ଦର ଅନୁଭୂତି ମଧ୍ୟରେ ଆମ ନିଜର ପରିପୂର୍ଣ୍ଣତାଟିକୁ ଲାଭ କରିବାକୁ ଓ ସେହିଠାରେହିଁ ଆପଣାର ସର୍ବନିରାପଦ ନିବାସ, ଆନନ୍ଦମୟ ବାସସ୍ଥାନ ଏବଂ ତାହାର ବିଶ୍ୱମୟ ବିକିରଣର କେନ୍ଦ୍ରଟିକୁ ଆବିଷ୍କାର କରିବାକୁ ପ୍ରେମକୁହିଁ ଆପଣା ପଥର ଦିବ୍ୟ ଦୂତରୂପେ ଗ୍ରହଣ କରି ଆମେ ଯେତେବେଳେ ଭକ୍ତିମାର୍ଗରେ ଆପଣାର ଯାତ୍ରାରମ୍ଭ କରି ଅଗ୍ରସର ହେଉ, ସେତେବେଳେ ଆମେ ସେହି ତ୍ରିମୂର୍ତ୍ତିତାରେ ଯାଇ ଉପନୀତ ହୋଇଥାଉ ।

ତେଣୁ ଏହି ତିନୋଟିଯାକ ସାମର୍ଥ୍ୟର ସମ୍ମିଳନରେହିଁ ଆମ ପରିପୂର୍ଣ୍ଣତାର ଭୂମିଟି ନିହିତ ହୋଇ ରହିଛି ଏବଂ ସେହି କାରଣରୁ, ତିନୋଟିଯାକ ମାର୍ଗର ଅନୁଗାମୀମାନଙ୍କ ମଧ୍ୟରେ ଆମେ ଅନେକ ସମୟରେ ପରସ୍ପରକୁ ଯେଉଁ ଭୁଲ ବୁଝିବା ଓ ପରସ୍ପରର ନିନ୍ଦା କରିବାର ପ୍ରବୃତ୍ତିଟି ରହିଥିବାର ଦେଖିଥାଉ, ପରମ ଦିବ୍ୟତାରେହିଁ ଏକ ସମସ୍ତ ଆତ୍ମ-ପରିପୂର୍ଣ୍ଣତାର ସନ୍ଧାନ କରି ବାହାରିଥିବା ସାଧକ ଭିତରେ ଯଦି ସେପରି କୌଣସି ପ୍ରବୃତ୍ତି ଥାଏ, ତେବେ ସେଗୁଡ଼ିକୁ ସେ ଯେକୌଣସି ପ୍ରକାରେ ଏଡ଼ାଇଦେଇ ବୁଲିଯିବ ଅଥବା ଆପଣା ଭିତରୁ ଫିଙ୍ଗିଦେବ । ଜ୍ଞାନର ମାର୍ଗଟିକୁ ନେଇ ଯେଉଁମାନେ ଆପଣାର ଏକ ସମ୍ପ୍ରଦାୟ ଗଢ଼ି ରଖିଥାନ୍ତି, ସେମାନେ ଭକ୍ତର ଅନୁସରଣ

'oaob.nitrkl.ac.in' images reprocessed

ମାର୍ଗଟିକୁ ପ୍ରକୃତରେ ଘୃଣା ନକରୁଥିଲେ ମଧ୍ୟ ଅନେକ ସମୟରେ ସତେଅବା ଆପଣାର ଅତ୍ୟୁଚ୍ଚ ଆସ୍ଥାନଟିରେ ଥାଇ ତଳକୁ ଅନାଇ ସେଇଟିକୁ ଏକ ହୀନତର ଓ ଅଜ୍ଞାନାଚ୍ଛନ୍ନ ମାର୍ଗ ବୋଲି ଦେଖିବାରେ ଲାଗିଥାନ୍ତି ଏବଂ ଯେଉଁମାନେ ପରମସତ୍ତାର ଉଚ୍ଚତାଗୁଡ଼ିକୁ ଉଠିପାରିବା ଲାଗି ଏପର୍ଯ୍ୟନ୍ତ ଉପଯୁକ୍ତ ବା ପ୍ରସ୍ତୁତ ହୋଇ ନାହାନ୍ତି, ତାହାକୁ କେବଳ ସେହିମାନଙ୍କ ଲାଗି ଉପଯୋଗୀ ହୋଇ ରହିଥିବା ଏକ ମାର୍ଗ ବୋଲି ଭାବୁଥାନ୍ତି । ଏକଥା ସତ ଯେ ଜ୍ଞାନ ନଥିଲେ ଭକ୍ତି ଅନେକ ସମୟରେ ଏକ ଅପକ୍ୱ, ଅଶୋଧିତ, ଅନ୍ଧ ଓ ବିପଜ୍ଜନକ ବସ୍ତୁ ହୋଇ ରହିଯାଏ; ଧାର୍ମିକ ବ୍ୟକ୍ତି-ମାନଙ୍କର ନାନା ଦୋଷ, ତ୍ରୁଟି ତଥା ମୂର୍ଖତା ଆମକୁ ଅଧିକାଂଶତଃ ତାହାର ଦୃଷ୍ଟାନ୍ତମାନ ଦେଖାଇଦେଇ ଯାଇଛନ୍ତି । ମାତ୍ର ସେମାନଙ୍କର ଭକ୍ତି ଆପଣାର ଯଥାର୍ଥ ପଥଟି ଆବିଷ୍କାର କରି ନପାରି ଥିବାରୁହିଁ ସେପରି ଘଟିଛି; ଭକ୍ତି ସେହିସବୁ କ୍ଷେତ୍ରରେ ଆପଣାର ଯଥାର୍ଥ ତତ୍ତ୍ୱଟିକୁ ପାଇପାରି ନାହିଁ ଏବଂ ତେଣୁ ଯଥାର୍ଥ ପଥଟି ମଧ୍ୟରେ ତାହା ପ୍ରକୃତରେ ପ୍ରବେଶହିଁ କରି ନାହିଁ; ମାତ୍ର ତାହା କେବଳ ବାଟ ଅଣ୍ଡାଳି ଅନୁମାନରେ ପାଦ ପକାଇ ପକାଇ ଯାଉଛି ଓ ସେହି ପଥଟି ଆଡ଼କୁ ପଡ଼ିଥିବା କୌଣସି ଏକ ଉପପଥରେହିଁ ଯିବାକୁ ଲାଗିଛି । ଏବଂ ଏହି ପର୍ଯ୍ୟାୟରେ ଜ୍ଞାନ ମଧ୍ୟ ଠିକ୍ ଭକ୍ତି ପରିହିଁ ସମାନ ଭାବରେ ଅପୂର୍ଣ୍ଣ ହୋଇ ରହିଛି; ଅନ୍ଧଭାବରେ କେତେଟା ସୂତ୍ରର କର୍ତ୍ତୃତ୍ୱକୁ ଆଶ୍ରୟ କରି ରହିଛି, ବିଭେଦଧର୍ମୀ ଓ ଅନ୍ୟକାତର ହୋଇ ରହିଛି, ଏକଦେଶୀ କୌଣସି ଗୋଟିଏ ତତ୍ତ୍ୱଗତତାର ସଙ୍କୀର୍ଣ୍ଣ ସୀମାଗୁଡ଼ାକ ମଧ୍ୟରେ ବାନ୍ଧିହୋଇ ରହିଛି ଏବଂ ସେଇଟିକୁ ମଧ୍ୟ ତାହା ସାଧାରଣତଃ ବଡ଼ ଅପୂର୍ଣ୍ଣ ଭାବରେହିଁ ଆପଣାର ବୋଧ ସୀମାକୁ ଆଣିବାରେ ସମର୍ଥ ହୋଇ ପାରିଛି । ମାତ୍ର ଯେତେବେଳେ ଭକ୍ତି ତାକୁ ଉପରକୁ ଉଠାଇ ନେଇ ଯାଇପାରିବାର ଶକ୍ତିଟିକୁ ଅଧିଗମି ପାରିଛି, ଯେତେବେଳେ ସେ ପ୍ରକୃତରେ ପ୍ରେମର ଅଧିକାରୀ ହୋଇପାରୁଛି, ତାହାହିଁ ପରିଶେଷରେ ତାକୁ ଠିକ୍ ଜ୍ଞାନ ପରି ସମାନ ପରିମାଣରେ ଫଳଦାୟକ ଭାବରେ ବିଶୁଦ୍ଧ କରିଦେଇ ଯାଉଛି, ତାକୁ ଅଧିକତର ବ୍ୟାପ୍ତି ଆଣି ଦେଇଯାଉଛି । ଭକ୍ତି ଓ ଜ୍ଞାନକୁ ଆମେ କେବଳ ପରସ୍ପରର ସମକକ୍ଷ ଗୋଟିଏ ଗୋଟିଏ ଶକ୍ତି ବୋଲି ଜାଣିବା; ଅବଶ୍ୟ ଏକଥା ସତ ଯେ ସେମାନେ ଶେଷରେ ସେହି ଗୋଟିଏ ଲକ୍ଷ୍ୟରେ ଯାଇ ପହଞ୍ଚୁଥିଲେ ମଧ୍ୟ ଭିନ୍ନ ଭିନ୍ନ ମାର୍ଗରେହିଁ ତାହା କରିଥାନ୍ତି । ଭକ୍ତର ଭାବାବେଶକୁ ଏକ ନମ୍ର ଦୃଷ୍ଟିରେ ଦେଖୁଥିବା ଦର୍ଶନଜ୍ଞାନୀର ଅଭିମାନ ଯାବତୀୟ ଅଭିମାନ ପରି ତା'ର ପ୍ରକୃତି ମଧ୍ୟରେ ରହିଥିବା କେବଳ କୌଣସି ଏକ ଦୋଷରୁହିଁ ଜାତ ହୋଇଥାଏ; କାରଣ ଆପଣାକୁ ଏକଦେଶୀ ଭାବରେ ବିକଶିତ କରାଇ ଆଣିଥିବା ବୁଦ୍ଧିକୁ ହୃଦୟର ସମ୍ଭାବ୍ୟ ଅବଦାନଗୁଡ଼ିକୁ କେବଳ ହରାଇବାକୁହିଁ ପଡ଼ିଥାଏ । ଆମର ବୁଦ୍ଧି ଆମ ହୃଦୟଠାରୁ ସର୍ବଗୁଣରେ କଦାପି ଉର୍ଦ୍ଧ୍ୱତର ସ୍ତରର ନୁହେଁ; ଯେଉଁସବୁ ଦ୍ୱାରକୁ

'oaob.nitrkl.ac.in' images reprocessed

ଖୋଲିବାକୁ ଯାଇ ହୃଦୟ କେବଳ ବୃଥା ଅଣ୍ଡାଳ ହେବାରେ ଲାଗିଥାଏ, ବୁଦ୍ଧି ତାହାକୁ ଅଧିକ ସୁନ୍ଦର ଭାବରେ ଖୋଲି ଦେଇଯାଏ ସତ, ମାତ୍ର ସିଏ ସ୍ୱୟଂ ଏପରି ଅନେକ ସତ୍ୟକୁ ସ୍ୱଭାବତଃ ହାତରୁ ହରାଇ ବସିଥାଏ, ଯାହାକି ହୃଦୟର ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ ଏବଂ ହୃଦୟ ଯାହାକୁ ଅପେକ୍ଷାକୃତ ଅଧିକ ସହଜରେ ଧରି ରଖିପାରେ । ଏବଂ ଯଦି କେତେବେଳେ ଭାବନାର ମାର୍ଗଟି ଅଧିକ ଗମ୍ଭୀର ହୋଇ ଅଧ୍ୟାତ୍ମ ଅନୁଭୂତିରେ ପରିଣତ ହୋଇଯାଏ, ସେତେବେଳେ ତାହା କ୍ଷିପ୍ରତାର ସହିତ ସେହି ସ୍ୱର୍ଗୀୟ ଶୀର୍ଷ ଓ ଶିଖରଗୁଡ଼ିକରେ ଯାଇ ପହଞ୍ଚିପାରେ, ଆକାଶ ସଦୃଶ ସେହି ନାନାବିଧ ପରିବ୍ୟାପ୍ତତା ମଧ୍ୟରେ ଯାଇ ଉପନୀତ ହୋଇପାରେ ସତ, ମାତ୍ର ହୃଦୟର କୌଣସି ସାହାଯ୍ୟ ନନେଇ ତାହା କଦାପି ସେହି ଦିବ୍ୟ ସତ୍ତା ଓ ଦିବ୍ୟ ପରମାନନ୍ଦର ପ୍ରଗାଢ଼ ତଥା ବିଭବମୟ ଗର୍ଭ ଓ ସମୁଦ୍ରତୁଲ୍ୟ ଗମ୍ଭୀରତାଗୁଡ଼ିକୁ ସ୍ପର୍ଶ କରିପାରେ ନାହିଁ ।

ଅନେକ ସମୟରେ ଭକ୍ତିମାର୍ଗ ଅବଶ୍ୟ ଏକ ନିମ୍ନତର ସ୍ତରର ମାର୍ଗ ହୋଇଥିବ ବୋଲି ବିଚାର କରା ଯାଇଥାଏ, କାରଣ ଭକ୍ତିମାର୍ଗ ଉପାସନାକୁ ସାଧନରୂପେ ମାତ୍ର ଅଗ୍ରସର ହୋଇଥାଏ; ଏବଂ ଅଧ୍ୟାତ୍ମ ଅନୁଭବର ଯେଉଁ ପର୍ଯ୍ୟାୟଟିରେ ମନୁଷ୍ୟର ଆତ୍ମା ଓ ପରମ ଦିବ୍ୟତା ମଧ୍ୟରେ ଏକ ଭେଦ ରହିଥାଏ ଅର୍ଥାତ୍ କେବଳ ଏକ ଅସମ୍ପୂର୍ଣ୍ଣ ଏକତ୍ୱହିଁ ବିଦ୍ୟମାନ ରହିଥାଏ, ସେହି ପର୍ଯ୍ୟାୟରେହିଁ ଉପାସନାର ଯାହା କୌଣସି ସ୍ଥାନ ରହିଥାଏ । ଏହାର ଆଉ ଗୋଟିଏ କାରଣ ହେଉଛି ଯେ ଭକ୍ତିମାର୍ଗ ପ୍ରେମର ଭିତ୍ତି ଉପରେହିଁ ଠିଆହୋଇ ରହିଥାଏ ଏବଂ ପ୍ରେମ କହିଲେ ସର୍ବଦା ପ୍ରେମିକ ତଥା ପ୍ରେମାସ୍ପଦ ଦୁଇଜଣଙ୍କୁ ବୁଝାଏ । ଅର୍ଥାତ୍ ଏହି କ୍ଷେତ୍ରରେ ସର୍ବଦା ଏକ ଦ୍ୱୈତତା ରହିଥାଏ ଏବଂ ତେଣେ ଏକତ୍ୱକୁହିଁ ସର୍ବୋଚ୍ଚ ଅଧ୍ୟାତ୍ମ ଅନୁଭୂତି ବୋଲି ସ୍ୱୀକାର କରିବାକୁ ହୁଏ । ପୁଣି, ଭକ୍ତିମାର୍ଗ ପରମେଶ୍ୱରଙ୍କର ବ୍ୟକ୍ତିତ୍ୱଟିରହିଁ ଆକାଙ୍କ୍ଷା ରଖିଥାଏ, ଏବଂ ପରମ ନୈର୍ବ୍ୟକ୍ତିକତାକୁ ଏକମାତ୍ର ସତ୍ୟରୂପେ ଗ୍ରହଣ ନକଲେ ମଧ୍ୟ ତାହାକୁହିଁ ସର୍ବୋଚ୍ଚ ଏବଂ ସର୍ବଶାଶ୍ୱତ ସତ୍ୟ ବୋଲି ସ୍ୱୀକାର କରିବାକୁ ହୋଇଥାଏ । ମାତ୍ର ଉପାସନା ହେଉଛି ଭକ୍ତିମାର୍ଗର କେବଳ ପ୍ରଥମ ଚରଣ ମାତ୍ର । ଯେଉଁଠି ବାହ୍ୟ ଉପାସନା ଅନ୍ତଃଶ୍ରଦ୍ଧାରେ ପରିଣତ ହୁଏ, ସେହିଠାରେହିଁ ପ୍ରକୃତ ଭକ୍ତିର ଜନ୍ମ ହୁଏ; ସେତେବେଳେ ଭକ୍ତି ଗମ୍ଭୀରତର ହୋଇ ଦିବ୍ୟ ପ୍ରେମର ପ୍ରଗାଢ଼ତା ପ୍ରାପ୍ତ ହୁଏ ଏବଂ ସେହି ପ୍ରେମ ପରମ ଦିବ୍ୟତା ସହିତ ଆମର ସମ୍ବନ୍ଧଗୁଡ଼ିକର ଭୂମିରେ ଆମକୁ ଅନ୍ତରଙ୍ଗ ସାନ୍ନିଧ୍ୟର ଆନନ୍ଦ ମଧ୍ୟକୁ ବାଟ କଢ଼ାଇ ନେଇଯାଏ; ଅନ୍ତରଙ୍ଗ ସାନ୍ନିଧ୍ୟର ଆନନ୍ଦ ପୂର୍ଣ୍ଣଯୁକ୍ତତାର ଆନନ୍ଦକୁ ଉତ୍ତୀର୍ଣ୍ଣ ହୋଇଯାଏ । ଜ୍ଞାନ ପରି ପ୍ରେମ ମଧ୍ୟ ଆମକୁ ଏକ ଉଚ୍ଚତମ ଏକତ୍ୱୋପଲବ୍ଧିର ଅଧିକାର ମଧ୍ୟକୁ ବହନ କରିଆଣେ ଏବଂ ସେହି ଉପଲବ୍ଧିରେ ତାହା ତାହାର

'oaob.nitrkl.ac.in' images reprocessed

ସମ୍ଭାବ୍ୟତମ ସର୍ବୋଚ୍ଚ ଗମ୍ଭୀରତା ଓ ପ୍ରଗାଢ଼ତାକୁ ଆଣି ଦେଇଥାଏ । ଏକଥା ସତ ଯେ ପ୍ରେମ ଅତ୍ୟନ୍ତ ପ୍ରସନ୍ନ ଭାବରେ ଏକତା ମଧ୍ୟରେ ଏକ ବିଭିନ୍ନତା ମଧ୍ୟକୁହିଁ ବାରବାର ବାହୁଡ଼ି ଆସିଥାଏ, ଏବଂ ତଦ୍ଦ୍ୱାରା ସେହି ଏକତାହିଁ ଅଧିକ ସମୃଦ୍ଧି ଓ ଅଧିକ ମାଧୁର୍ଯ୍ୟ ଲାଭ କରିଥାଏ । ମାତ୍ର ଏଠାରେ ଆମେ ଏକଥାଟି ବେଶ୍ କହିପାରିବା ଯେ ହୃଦୟସ୍ଥ ଭାବନା ଅପେକ୍ଷା ଅଧିକ ଜ୍ଞାନଯୁକ୍ତ ହୋଇ ରହିଥାଏ; ଅନ୍ତତଃ ଯେଉଁ ଭାବନା ପରମ ଦିବ୍ୟତାର କେତେକ ବିପରୀତାତ୍ମକ ଧାରଣା ମଧ୍ୟରେ ରୁଦ୍ଧ ହୋଇ ରହିଥାଏ ଏବଂ ଯାହା ଉପରେ ଅଭିନିବିଷ୍ଟ ହୋଇ ରହିଥାଏ, ତାହାର ବିରୋଧୀ ବୋଲି ପ୍ରତୀତ ହେଉଥିବା ଅନ୍ୟଟିକୁ ଆପଣାର ଦୃଷ୍ଟିକ୍ଷେତ୍ରରୁ ବହିଷ୍କୃତ କରି ରଖିଥାଏ, ସେଇଟିଠାରୁ ହୃଦୟସ୍ଥ ନିଷ୍ଠସ୍ଥ ଅଧିକ ଜ୍ଞାନଯୁକ୍ତ ହୋଇ ରହିଥାଏ । ମାତ୍ର ସେହି ଭାବନାକୁ ଯାହା ବିରୋଧୀ ବୋଲି ପ୍ରତୀତ ହେଉଥାଏ, ତାହା ପ୍ରକୃତରେ ସ୍ୱୀକୃତ ଧାରଣାଟିର ପରିପୂରକ ହୋଇହିଁ ରହିଥାଏ ଓ ତାହାର ସର୍ବୋତ୍ତମ ପରିପୂର୍ଣ୍ଣତା ଲାଗି ଏକ ସାଧନ ହୋଇ ରହିଥାଏ । ଆପଣା ଦୁର୍ବଳତାର ବଶବର୍ତ୍ତୀ ହୋଇ ମନ ଆପଣାକୁ ଆପଣାର ଭାବନାଗୁଡ଼ିକ ଦ୍ୱାରାହିଁ ସୀମାବଦ୍ଧ କରି ରଖିଦିଏ, ଆପଣାର ସକାରାତ୍ମକ ତଥା ନକାରାତ୍ମକ ଧାରଣାଗୁଡ଼ିକ ଦ୍ୱାରା ଆପଣାକୁ ସୀମାବଦ୍ଧ କରିପକାଏ; ଦିବ୍ୟ ପରମସତ୍ୟର ଯେଉଁସବୁ ବିଭାବ ତା'ର ଦୃଷ୍ଟିଗୋଚର ହୋଇ ରହିଥାଏ, ମନ ସେହିଗୁଡ଼ିକ ଦ୍ୱାରା ଆପଣାକୁ ସୀମାବଦ୍ଧ କରି ରଖେ ଏବଂ ଗୋଟିକୁ ନେଇ ଅନ୍ୟଟିର ବିରୋଧବାଦୀରୂପେ ଠିଆକରି ରଖିବା ଲାଗି ଏକ ଅତିରିକ୍ତ ପ୍ରବୃତ୍ତି ରଖିଥାଏ ।

ଆପଣାର ବିଚାର ବା ଯେଉଁ ଦାର୍ଶନିକ ଦୃଷ୍ଟି ଦ୍ୱାରା ମନୋମୟ ଜ୍ଞାନ ପରମ ଦିବ୍ୟତାର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରିଥାଏ, ଆପଣା ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ତାହା ସାଧାରଣତଃ ମୂର୍ତ୍ତି ତୁଳନାରେ ଅମୂର୍ତ୍ତି ବା ବସ୍ତୁବିଚ୍ଛିନ୍ନ ଉପରେହିଁ ଅଧିକ ଗୁରୁତ୍ୱ ଆରୋପ କରେ; ଯାହାକିଛି ଏଇଠି ପାଖରେ ଅନ୍ତରଙ୍ଗ ଭାବରେ ରହିଛି, ତାହା ଅପେକ୍ଷା ଅଧିକ ଉଚ୍ଚ ଓ ଅଧିକ ଦୂରବର୍ତ୍ତୀ ହୋଇ ରହିଥିବା ବସ୍ତୁଗୁଡ଼ିକରେ ଅଧିକ ଗୁରୁତ୍ୱ ଆରୋପ କରେ । ସ୍ୱଭୂମିସ୍ଥ ପରମ ଅଦ୍ୱିତୀୟଙ୍କର ଆନନ୍ଦ ମଧ୍ୟରେ ତାହା ଏକ ବୃହତ୍ତର ସତ୍ୟ ନିହିତ ହୋଇ ରହିଥିବାର ଦେଖିଥାଏ, ଏବଂ ପରମ ଅନେକ ମଧ୍ୟରେ ରହିଥିବା ପରମ ଏକ ଓ ପରମ ଏକ ମଧ୍ୟରେ ରହିଥିବା ପରମ ଅନେକ ମଧ୍ୟରେ ଅପେକ୍ଷାକୃତ ଏକ ନିମ୍ନତର ସ୍ତରର ସତ୍ୟ ଅଥବା ଏପରିକି ଏକ ଅସତ୍ୟ ମଧ୍ୟ ନିହିତ ହୋଇ ରହିଥିବାର ଅନୁଭବ କରିଥାଏ । ନୈର୍ବ୍ୟକ୍ତିକ ଓ ନିର୍ଗୁଣ ମଧ୍ୟରେ ବୃହତ୍ତର ସତ୍ୟ ଦେଖିଥାଏ, ମାତ୍ର ବ୍ୟକ୍ତିଭାବାପନ୍ନ ଓ ସଗୁଣ ମଧ୍ୟରେ ଏକ ନିମ୍ନତର ସ୍ତରର ସତ୍ୟ ଅଥବା ଏପରିକି ଏକ ଅସତ୍ୟ ମଧ୍ୟ ନିହିତ ହୋଇ ରହିଛି ବୋଲି ଅନୁମାନ କରିଥାଏ । ମାତ୍ର ଯାବତୀୟ ଧାରଣାକୁ ନେଇ ଆମେ ଯେତେ ଯାହା ବିରୋଧ ଓ ବିପରୀତତାର ଆରୋପ କରୁ,

'oaob.nitrkl.ac.in' images reprocessed

ପରମ ଦିବ୍ୟତାର ଭିନ୍ନ ଭିନ୍ନ ବିଭବଗୁଡ଼ିକୁ ନେଇ ଆମ ନ୍ୟାସ୍ତବୁଦ୍ଧିରେ ଆମେ ଯେତେ ଯାହା ବିରୋଧିତା ଆଣି ବାଢ଼ିଦେଉ, ପରମ ଦିବ୍ୟତା ସର୍ବଦା ସେସବୁର ଅତୀତ ହୋଇ ରହିଥାନ୍ତି । ଆମେ ଏକଥାଟି ଆଗରୁ ମଧ୍ୟ ଦେଖିସାରିଛୁ ଯେ ସେ କୌଣସି ପ୍ରକାର ଏକାଙ୍ଗୀ ବା ବହିଷ୍କାରଧର୍ମୀ ଏକତ୍ୱ ଦ୍ୱାରା ଆଦୌ ବାନ୍ଧିହୋଇ ରହି ନାହାନ୍ତି, ଅନ୍ତହୀନ ନାନା ବିଚିତ୍ରତା ମଧ୍ୟରେ ତାଙ୍କର ଯଥାର୍ଥ ଏକତ୍ୱଟି ଆପଣାକୁ ଉପଲବ୍ଧି କରିବାରେ ଲାଗିଛି ଏବଂ ତାଙ୍କର ଆନନ୍ଦ ଲାଗି ପ୍ରେମହିଁ ପରିପୂର୍ଣ୍ଣତମ ଚାବିକାଠି ହୋଇ ରହିଛି; ତେଣୁ ସେହି କ୍ଷେତ୍ରରେ ଏକତ୍ୱଜନିତ ଆନନ୍ଦଟି କଦାପି ହଜିଯାଉ ନାହିଁ । ଆମର ସର୍ବୋଚ୍ଚ ଜ୍ଞାନ ଓ ଜ୍ଞାନ ଦ୍ୱାରା ଲବ୍ଧ ହେଉଥିବା ଅଧ୍ୟାତ୍ମ ଅନୁଭବ ତାଙ୍କର ଏକତ୍ୱକୁ ତାଙ୍କର ଆତ୍ମ-ନିମଗ୍ନ ଆନନ୍ଦଟି ଭିତରେ ଯେପରି ଲାଭ କରି ପାରୁଛି, ପରମ ଅନେକ ସହିତ ତାଙ୍କର ବିବିଧ ସମ୍ବନ୍ଧିତତା ଭିତରେ ମଧ୍ୟ ତାହାକୁ ଠିକ୍ ସେହିପରି ପରିପୂର୍ଣ୍ଣ ଭାବରେ ଲାଭ କରି ପାରୁଛି । ଆମ ଭାବନା ଆଗରେ ପରମ ନୈର୍ବ୍ୟକ୍ତିକତାହିଁ ଅଧିକ ପ୍ରଶସ୍ତ ଓ ଅଧିକ ଉଚ୍ଚ ସତ୍ୟରୂପେ ଏବଂ ପରମ ବ୍ୟକ୍ତିତ୍ୱବାପନ୍ନତା ଏକ ସଙ୍କୀର୍ଣ୍ଣତର ଅନୁଭୂତିରୂପେ ଦେଖା ଯାଉଥିଲେ ମଧ୍ୟ ତତ୍‌ଗତ ଦୃଷ୍ଟିରେ ଦୁଇଟିଯାକହିଁ ସେହି ଏକ ପରମସତ୍ୟର ଦୁଇଟି ବିଭବରୂପେ ଦେଖା ଯାଉଥାନ୍ତି, ଯିଏକି ଦୁଇଟିଯାକର ଭିତରେ ଆପଣାକୁ ପ୍ରତିଷ୍ଠିତ କରି ରଖିଥାଏ । ଏବଂ ଆମର ଭାବନା ଯଦି କେବଳ ସେହି ଅନ୍ତହୀନ ପରମ ନୈର୍ବ୍ୟକ୍ତିକତାକୁହିଁ ଅବଲମ୍ବନ କରି ସେହି ପରମ ସତ୍ୟର ଏକ ଜ୍ଞାନରେ ଯାଇ ଉପନୀତ ହୁଏ, ତେବେ ସେହି ଅନ୍ତହୀନ ପରମ ବ୍ୟକ୍ତିତ୍ୱବାପନ୍ନତାକୁ ଅବଲମ୍ବନ କରି ପ୍ରେମ ମଧ୍ୟ କେବଳ ତାହାରି ଏକ ଜ୍ଞାନରେହିଁ ଉପନୀତ ହୋଇଥାଏ । ଦୁଇଟିରୁ ଯେକୌଣସି ମାର୍ଗଟି ଧରି ଶେଷ ପର୍ଯ୍ୟନ୍ତ ଯାଇ ପାରିଲେ ତାହା ଆମକୁ ସେହି ଏକ ପରମସତ୍ୟଙ୍କ ପାଖକୁହିଁ ବାଟ ଦେଖାଇ ନେଇଯାଏ । ଗୀତାରେ ଯେପରି କୁହା ଯାଇଛି, ଭକ୍ତି ଆଉ ଜ୍ଞାନ ଉଭୟ ମାର୍ଗରେହିଁ ଆମେ ପୁରୁଷୋତ୍ତମଙ୍କ ସହିତ ଯୁକ୍ତ ହୋଇପାରୁ; ଆପଣା ଭିତରେ ନୈର୍ବ୍ୟକ୍ତିକତା ତଥା ଅଗଣିତ ବ୍ୟକ୍ତିତ୍ୱବାପନ୍ନତାକୁ, ନିର୍ଗୁଣତାକୁ ତଥା ଅନନ୍ତ ଗୁଣକୁ, ଶୁଦ୍ଧ ସତ୍, ଚିତ୍ ଓ ଆନନ୍ଦକୁ ତଥା ସେଗୁଡ଼ିକର ଯାବତୀୟ ସମ୍ବନ୍ଧିତତାର ଅନନ୍ତ ଲୀଳାକୁ ଏକତ୍ର ଧରି ରଖିଥିବା ସେହି ସର୍ବୋଚ୍ଚ ପରମପୁରୁଷଙ୍କ ସହିତହିଁ ଆମେ ସମ୍ମିଳିତ ହୋଇପାରୁ ।

ଅନ୍ୟ ପକ୍ଷରେ ଭକ୍ତ କେବଳ-ଜ୍ଞାନର ସେହି କାଷ୍ଠ-ଧୂଳି ଶୁଷ୍କତାକୁ ମଧ୍ୟ ହେୟଜ୍ଞାନ କରି ଦେଖିଥାଏ । ଏବଂ ଏକଥାଟି ଏକାନ୍ତ ସତ୍ୟ ଯେ ଆଧ୍ୟାତ୍ମିକ ଅନୁଭବର ଅଭିଭୂତତା ବ୍ୟତୀତ କେବଳ ଓ ସ୍ୱୟଂସମ୍ପୂର୍ଣ୍ଣ ଯେକୌଣସି ଦର୍ଶନକୁ କେବଳ ଶୁଷ୍କ ଓ ରହସ୍ୟଶୂନ୍ୟ ବୋଲିହିଁ କୁହାଯିବ ଏବଂ ତାହା ଆମକୁ କଦାପି ଆମେ ଲୋଡ଼ୁଥିବା

'oaob.nitrkl.ac.in' images reprocessed

ସକଳ ସନ୍ତୋଷ ଆଣି ଦେଇ ପାରିବ ନାହିଁ । ଏପରିକି, ଏହାର ଆଧ୍ୟାତ୍ମିକ ଅନୁଭବଟି ମଧ୍ୟ ଯେପର୍ଯ୍ୟନ୍ତ ଭାବନାର ଅବଲମ୍ବନଟିକୁ ଛାଡ଼ିଦେଇ ମନକୁ ଅତିକ୍ରମ କରିଯାଇ ନପାରିବ, ସେପର୍ଯ୍ୟନ୍ତ ତାହା କେବଳ ଏକ ବସ୍ତୁବିଚ୍ଛିନ୍ନ ଆନନ୍ଦ ଭିତରେହିଁ ଅତିରିକ୍ତ ପରିମାଣରେ ବାସ କରିବାରେ ଲାଗିଥିବ; ଏବଂ ଏହିପରି ଅଗ୍ରସର ହୋଇ ତାହା ଯେଉଁଠି ଯାଇ ପହଞ୍ଚିବ, ତାହା ହୃଦୟର ଭାବାବେଶ ଲାଗି ପ୍ରୀତିକର ହେଉଥିବା ବସ୍ତୁତଃ କୌଣସି ଶୂନ୍ୟ କଦାପି ନୁହେଁ ସତ, ମାତ୍ର ତଥାପି ସେଥିରେ ଶୃଙ୍ଗଗୁଡ଼ିକର ସୀମାବଦ୍ଧତା ଅବଶ୍ୟ ରହିଥିବ । ଏବଂ ଅନ୍ୟ ପକ୍ଷରେ, ଜ୍ଞାନ ବ୍ୟତୀତ କେବଳ ପ୍ରେମ ମଧ୍ୟ କଦାପି ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ଗୀତାରେ ଭକ୍ତର ତିନୋଟି ପ୍ରାରମ୍ଭ-କାଳୀନ ପ୍ରକାର ଦର୍ଶାଇ ଦିଆଯାଇଛି; ପ୍ରଥମଟି ହେଉଛି ଆର୍ତ୍ତଭକ୍ତ ଯାହାକି ଏହି ଜଗତର ନାନା ଦୁଃଖରେ ପ୍ରପୀଡ଼ିତ ହୋଇ ସେହି ଦିବ୍ୟ ପରମ ପୁରୁଷଙ୍କ ମଧ୍ୟରେହିଁ ଶରଣ ଲୋଡ଼ିବାକୁ ଇଚ୍ଛା କରୁଥାଏ, ଦ୍ୱିତୀୟଟି ଅର୍ଥାର୍ଥୀ ଭକ୍ତ ଯାହାକି ନାନା ଅଭିଳାଷର ପୂରଣ ଲାଗି ଆକାଂକ୍ଷା ରଖିଥାଏ ଏବଂ ସେଥିଲାଗି ଇଷ୍ଟପୂର୍ତ୍ତିକାରୀ ଭଗବାନଙ୍କର ସମୀପବର୍ତ୍ତୀ ହୋଇଥାଏ; ଏବଂ ତୃତୀୟଟି ହେଉଛି ଜିଜ୍ଞାସୁ ଭକ୍ତ ଯାହାକି କୌଣସି ଦିବ୍ୟ ଅଜ୍ଞାତ ତତ୍ତ୍ୱ ଲାଗି ପ୍ରେମ ରଖିଥାଏ ସତ, ମାତ୍ର ତଥାପି ସେଇଟିର ପରିଚୟ ପାଇ ନଥାଏ ଏବଂ ତାହାରି ଦ୍ୱାରା ଆକର୍ଷିତ ହୋଇ ରହିଥାଏ । ମାତ୍ର ଗୀତା ଜ୍ଞାନଯୁକ୍ତ ଭକ୍ତକୁହିଁ ସବୁଠାରୁ ଅଧିକ ଶ୍ରେଷ୍ଠ ଦେଇଥାଏ । ଏକଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆବେଗର ଯେଉଁ ପ୍ରଗାଢ଼ତା "ମୁଁ ବୁଝିପାରେ ନାହିଁ, ମୁଁ ଭଲ ପାଏ" ବୋଲି କହୁଥାଏ ଓ ଭଲ ପାଇ ତଥାପି ବୁଝିବା ଲାଗି କୌଣସି ଧ୍ୟାନ ଦିଏ ନାହିଁ, ତାହାକୁ ଆମେ ପ୍ରେମର ସର୍ବଶ୍ରେଷ୍ଠ ଆତ୍ମ-ଅଭିବ୍ୟକ୍ତି ବୋଲି କଦାପି କହିବା ନାହିଁ; ତାହାକୁ ଆମେ ଏହାର ସର୍ବୋଚ୍ଚ ପ୍ରଗାଢ଼ତା ବୋଲି ମଧ୍ୟ କହିବା ନାହିଁ, ମାତ୍ର କେବଳ ପ୍ରଥମ ଆତ୍ମ-ଅଭିବ୍ୟକ୍ତି ବୋଲିହିଁ କହିବା । ବରଂ ଏକଥା ନିଶ୍ଚୟ କୁହାଯାଇ ପାରିବ ଯେ ପରମ ଦିବ୍ୟପୁରୁଷଙ୍କ ବିଷୟରେ ଆମର ଜ୍ଞାନ ଯେତିକି ବୃଦ୍ଧି ପାଉଥିବ, ଠିକ୍ ସେହି ପରିମାଣରେ ପରମ ଦିବ୍ୟପୁରୁଷଙ୍କଠାରେ ଆନନ୍ଦ ଓ ତାଙ୍କ ପ୍ରତି ପ୍ରେମ ମଧ୍ୟ ଅବଶ୍ୟ ବୃଦ୍ଧି ପାଇବ । ଏବଂ ତେଣେ ଜ୍ଞାନର କୌଣସି ଭିତ୍ତି ରହି ନଥିଲେ କେବଳ ପରମ ଉଲ୍ଲାସର ଅନୁଭୂତି ବା ଅଭିଭୂତି ମଧ୍ୟ କଦାପି ଦୃଢ଼ ହୋଇପାରିବ ନାହିଁ । ଆମେ ଯାହାକୁ ଭଲ ପାଉଛୁ, ତାହାରି ମଧ୍ୟରେ ଅବସ୍ଥାନ କରିପାରିଲେହିଁ ତଦ୍ୱାରା ସେହି ଦୃଢ଼ତା ଉପଲବ୍ଧ ହୋଇଥାଏ । ଏବଂ ତାହାରି ମଧ୍ୟରେ ଅବସ୍ଥାନ କରିବାର ଅର୍ଥ ହେଉଛି ଚେତନାର ଭୂମିରେ ତାହାରି ସହିତ ଏକାତ୍ମକ ହୋଇ ରହିବା ଏବଂ ଚେତନାର ଭୂମିରେ ଏକାତ୍ମକ ହୋଇ ରହିବାକୁହିଁ ଜ୍ଞାନର ପୂର୍ଣ୍ଣାବସ୍ଥା ବୋଲି କୁହାଯିବ । ପରମ ଦିବ୍ୟପୁରୁଷଙ୍କର ଜ୍ଞାନହିଁ ପରମ ଦିବ୍ୟପୁରୁଷଙ୍କ ପ୍ରତି ଆମର ରହିଥିବା ପ୍ରେମକୁ ତାହାର ଦୃଢ଼ତମ ପ୍ରତିଷ୍ଠା

'oaob.nitrkl.ac.in' images reprocessed

ଆଣି ଦେଇଥାଏ, ତା' ଆଗରେ ତା' ଆପଣାର ଅନୁଭବଗତ ବ୍ୟାପ୍ତତମ ଆନନ୍ଦକୁ ଆଣି ଉନ୍ମୋଚିତ କରିଦିଏ ଏବଂ ତାହାକୁ ତାହାର ଦୃଷ୍ଟିଗତ ସର୍ବୋଚ୍ଚ ସୀମାଯାଏ ଉନ୍ନୀତ କରି ନେଇଯାଏ ।

ଜ୍ଞାନ ଓ ଭକ୍ତି ଏହି ଉଭୟ ସାମର୍ଥ୍ୟ ମଧ୍ୟରେ ରହିଥିବା ଏହି ପାରସ୍ପରିକ ଭୁଲ ବୁଝିବାଗୁଡ଼ିକୁ ଯଦି ଅଜ୍ଞାନ ବୋଲି କୁହାଯାଏ, ଏହି ଦୁଇଟିଯାକ ମାର୍ଗ କର୍ମର ମାର୍ଗଟିକୁ ଆପଣା ସ୍ୱକୀୟ ଅଧ୍ୟାତ୍ମସିଦ୍ଧିର ଉଚ୍ଚତର ସୋପାନଟିରୁ ଯେପରି ନିମ୍ନତର ସ୍ତରର ବୋଲି ଦେଖିବାର ପ୍ରବୃତ୍ତି ଦେଖାଇଥାନ୍ତି, ସେଇଟିକୁ ମଧ୍ୟ ସମାନ ପରିମାଣରେ ଅଜ୍ଞାନ ବୋଲିହିଁ କୁହାଯିବ । ପ୍ରେମ ଓ ଜ୍ଞାନ ଭିତରେ ପ୍ରଗାଢ଼ତାର ଏପରି ଏକ ସ୍ତର ରହିଛି, ଯେଉଁଠାରୁ କି ଯାବତୀୟ କର୍ମ କେବଳ ବାହ୍ୟ ବୋଲି ପ୍ରତୀତ ହୋଇଥାଏ, କେବଳ ବିଚ୍ୟୁତିକାରୀ ବୋଲି ପ୍ରତୀତ ହୋଇଥାଏ । ମାତ୍ର, ଯେତେବେଳେ ଇଚ୍ଛା ତଥା ଚେତନାର ଭୂମିରେ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଏକାତ୍ମତାର ଉପଲବ୍ଧି ହୋଇ ନଥାଏ, କେବଳ ସେତିକିବେଳେହିଁ ଯାବତୀୟ କର୍ମ ଏହିଭଳି ବାହ୍ୟ ଓ ବିଚ୍ୟୁତିକାରୀ ହୋଇ ରହିଥାନ୍ତି । ମାତ୍ର ସେହି ଏକାତ୍ମତାଟି ଥରେ ଉପଲବ୍ଧ ହୋଇଗଲେ ଆମର ସକଳ କର୍ମ ଜ୍ଞାନରହିଁ ସ୍ୱାଭାବିକ ଶକ୍ତିରେ ପରିଣତ ହୋଇଯାଆନ୍ତି, ପ୍ରେମରହିଁ ଏକ ସ୍ୱାଭାବିକ ସଂବର୍ଷଣରେ ପରିଣତ ହୁଅନ୍ତି । ଯଦି ଜ୍ଞାନକୁ ସେହି ଏକାତ୍ମତାର ଉପଲବ୍ଧ ଅବସ୍ଥା ବୋଲି କୁହାଯାଏ ଓ ପ୍ରେମକୁ ତାହାର ଆନନ୍ଦ ବୋଲି କୁହାଯାଏ, ତେବେ ଦିବ୍ୟ କର୍ମକୁ ଆମେ କେବଳ ତାହାରି ଆଲୋକ ତଥା ମାଧୁର୍ଯ୍ୟରହିଁ ଜୀବନମୟ ସାମର୍ଥ୍ୟ ବୋଲି କହିପାରିବା । ମନୁଷ୍ୟର ଭୂମିରେ ରହିଥିବା ପ୍ରେମାକାଙ୍କ୍ଷାର ଦୃଷ୍ଟାନ୍ତ ଦେଇ କୁହାଯାଇ ପାରିବ ଯେ ପ୍ରେମର କ୍ଷେତ୍ରରେ ଏପରି ଏକ ଗତିସ୍ପନ୍ଦନ ରହିଛି, ଯାହାକି ପ୍ରେମିକ ଓ ପ୍ରେମାସ୍ପଦଙ୍କୁ ସେମାନଙ୍କର ଅଭିନ୍ନତାଟିକୁ ପରିପୂର୍ଣ୍ଣ ଓ ଏକାନ୍ତ ଭାବରେ ସମ୍ଭୋଗ କରିବା ଲାଗି ସେମାନଙ୍କୁ ଏହି ପୃଥିବୀରୁ ଏବଂ ଅନ୍ୟ ସମସ୍ତଙ୍କଠାରୁ ବିଚ୍ଛିନ୍ନ କରି ଦୂରକୁ ନେଇଯିବାର ପ୍ରବୃତ୍ତି ରଖିଥାଏ, ସେମାନଙ୍କୁ ବାସର-ଭବନ ମଧ୍ୟରେ ବନ୍ଦ କରି ରଖିବାକୁ ମନ ବଳାଇଥାଏ । ଏହାକୁ ସମ୍ଭବତଃ ଏହି ମାର୍ଗରେ ଏକ ଅନିବାର୍ଯ୍ୟ ଗତିସ୍ପନ୍ଦନ ବୋଲି ମଧ୍ୟ କୁହାଯାଇ ପାରିବ । ମାତ୍ର ତଥାପି ଯେଉଁ ବ୍ୟାପ୍ତତମ ପ୍ରେମ ଜ୍ଞାନରେହିଁ ଆପଣାର ପରିପୂର୍ଣ୍ଣତା ଲାଭ କରିଥାଏ, ତାହା କଦାପି ପୃଥିବୀକୁ କୌଣସି ଭିନ୍ନ ଅନ୍ୟ ବସ୍ତୁ ବୋଲି ଦେଖେ ନାହିଁ, ତାହାକୁ ଏହି ଆନନ୍ଦଲାଭର ଏକ ବୈରୀରୂପେ ଆଦୌ ଦେଖେ ନାହିଁ; ଜଗତକୁ ତାହା ସେହି ପରମ ପ୍ରେମାସ୍ପଦର ଶରୀରରୂପେହିଁ ପ୍ରତ୍ୟକ୍ଷ କରେ, ସକଳ ପ୍ରାଣୀଙ୍କୁ ତାଙ୍କର ସତ୍ତାରୂପେ ଅନୁଭବ କରେ ଏବଂ ଏହିଭଳି ଏକ ଦୃଷ୍ଟିର ପରିବ୍ୟାପ୍ତତା ମଧ୍ୟରେହିଁ ଦିବ୍ୟ ଯାବତୀୟ କର୍ମର ଆନନ୍ଦ ଓ ଔଚିତ୍ୟ ନିହିତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଏକ ପୂର୍ଣ୍ଣଯୋଗକୁ ଏହିଭଳି ଏକ ଜ୍ଞାନୋପଲବ୍ଧିରେ ଅବସ୍ଥାନ କରିବାକୁ ପଡ଼ିବ । ମନ, ବୁଦ୍ଧି, ଇଚ୍ଛା ଓ ହୃଦୟର ଭୂମିରୁ ଆମକୁ ଈଶ୍ୱରାଭିମୁଖୀ ହୋଇ ଯାତ୍ରାରମ୍ଭ କରିବାକୁ ପଡ଼ିବ; ଏବଂ ମନର ଭୂମିଟିରେ ସବୁକିଛୁ ସୀମା ଦ୍ୱାରାହିଁ ସଙ୍କୁଚିତ ହୋଇ ରହିଥିବ । ଯାତ୍ରାର ଆରମ୍ଭ କାଳରେ ଏବଂ ଯାତ୍ରାପଥର ଏକ ଦୀର୍ଘ ଅବଧି ପର୍ଯ୍ୟନ୍ତ ଏହିସବୁ ସୀମାବଦ୍ଧତା ଓ ବହିଷ୍କାରଧର୍ମିତା ଯେ ସମ୍ପୂର୍ଣ୍ଣ ଭାବରେ ନିରାକୃତ ହୋଇଯିବ, ତାହାର କ୍ୱଚିତ୍ ସମ୍ଭାବନା ରହିଛି । ମାତ୍ର ସ୍ୱଭାବତଃ ଅଧିକ ବହିଷ୍କାରଧର୍ମୀ ଅନ୍ୟ ସାଧନାମାର୍ଗଗୁଡ଼ିକର ତୁଳନାରେ ଏକ ପୂର୍ଣ୍ଣଯୋଗ ଏହିସବୁ ସୀମାବଦ୍ଧତାକୁ ଅପେକ୍ଷାକୃତ ଅଧିକ ଢିଲା ଭାବରେ ପରିଧାନ କରି ରହିଥିବ ଏବଂ ଏହା ଅଧିକ ସତ୍ୱର ଭାବରେ ମନୋଗତ ନିୟନ୍ତ୍ରଣ ମଧ୍ୟରୁ ମୁକୁଳି ବାହାରି ମଧ୍ୟ ଯାଇପାରିବ । ପୂର୍ଣ୍ଣଯୋଗ ଇଚ୍ଛା କଲେ ପ୍ରେମର ମାର୍ଗରୁ ଆରମ୍ଭ କରିପାରିବ, ଜ୍ଞାନ ଅଥବା କର୍ମର ମାର୍ଗରୁ ମଧ୍ୟ ଆରମ୍ଭ କରିପାରିବ; ମାତ୍ର ଯେଉଁଠି ତିନୋଟିଯାକ ମାର୍ଗ ପରସ୍ପରର ସାକ୍ଷାତ ଲାଭ କରିବେ, ସେଇଠାରେହିଁ ତାହାର ପରିପୂର୍ଣ୍ଣତା ଲାଭ କରିବାର ଆନନ୍ଦଟି ନିଃସୃତ ହେବାକୁ ଆରମ୍ଭ କରିବ । ପ୍ରେମରୁ ଆପଣାର ଯାତ୍ରାରମ୍ଭ ନକଲେ ମଧ୍ୟ ପୂର୍ଣ୍ଣଯୋଗ କଦାପି ପ୍ରେମଠାରୁ ଆପଣାକୁ ଅଲଗା କରି ରଖିପାରିବ ନାହିଁ; କାରଣ ଆମେ ସର୍ବଦା ଏହି ପ୍ରେମକୁହିଁ ସକଳ କର୍ମର ମୁକୁଟ ଓ ସକଳ ଜ୍ଞାନର କୁସୁମପର୍ଯ୍ୟାୟ ବୋଲି କହିପାରିବା ।

'oaob.nitrkl.ac.in' images reprocessed

## ଦ୍ୱିତୀୟ ପରିଚ୍ଛେଦ

# ଭକ୍ତିର ପ୍ରେରକ

ଆମର ଏହି ସୀମାବଦ୍ଧ ଓ ମରଣଶୀଳ ଯାବତୀୟ ଆତ୍ମସତ୍ତା ଅପେକ୍ଷା ବୃହତ୍ତର ଓ ଉଚ୍ଚତର କୌଣସି ନା କୌଣସି ସାମର୍ଥ୍ୟ ଅଥବା ଅସ୍ତିତ୍ୱର କଳ୍ପନାରୁ ସକଳ ଧର୍ମର ଆରମ୍ଭ ହୋଇଥାଏ; ସେହି ସାମର୍ଥ୍ୟ ବିଷୟରେ କୌଣସି ଭାବନାରୁ ତଥା ତାହାର ଉଦ୍ଦେଶ୍ୟରେ କରାଯାଉଥିବା ଉପାସନାରୁ, ତାହାର ଇଚ୍ଛା, ତାହାର ନାନା ବିଧାନ ଅଥବା ନାନା ଦାବି ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ଏକ ଆନୁଗତ୍ୟରୁ ଧର୍ମର ଆରମ୍ଭ ହୋଇଥାଏ । ମାତ୍ର ଆପଣାର ପ୍ରଥମ ପର୍ଯ୍ୟାୟରେ ଧର୍ମ ଏହିଭଳି କଳ୍ପିତ, ଉପାସିତ ଓ ଅନୁସୃତ ହେଉଥିବା ସାମର୍ଥ୍ୟ ଏବଂ ଉପାସକ ମଧ୍ୟରେ ସତେଅବା ଏକ ଅକଳନୀୟ ବ୍ୟବଧାନର ସୃଷ୍ଟି କରି ରଖିଥାଏ । ଆପଣାର ପରିପୂର୍ଣ୍ଣ ଉପଲବ୍ଧିରେ ଯୋଗ ଏହି ବ୍ୟବଧାନଟିକୁ ଦୂର କରିଦିଏ; କାରଣ ଯୋଗ କହିଲେ ସର୍ବଦା ଯୁକ୍ତ ହେବାକୁହିଁ ବୁଝାଏ । ଆମେ ଜ୍ଞାନର ମଧ୍ୟଦେଇ ଏହା ସହିତ ଯୁକ୍ତ ହୋଇଥାଉ; କାରଣ ଆମର ପ୍ରଥମକାଳୀନ ଅସ୍ପଷ୍ଟ କଳ୍ପନାଗୁଡ଼ିକ କ୍ରମଶଃ ପରିଷ୍କାର, ଅଧିକ ବ୍ୟାପ୍ତିଯୁକ୍ତ ଓ ଗଭୀର ହୋଇ ଯାଉଥିବା ସଙ୍ଗେସଙ୍ଗେ ଆମେ ଏହାକୁହିଁ ଆମର ସର୍ବୋଚ୍ଚ ଆତ୍ମାରୂପେ ଚିହ୍ନିବାକୁ ସମର୍ଥ ହେଉ, ଆମର ପ୍ରକୃତ ଉତ୍ସ, ଧାରଣକାରୀ ଓ ଗନ୍ତବ୍ୟସ୍ଥଳରୂପେ ଚିହ୍ନିବାକୁ ସମର୍ଥ ହୋଇଥାଉ । ଆମର ଯାବତୀୟ କର୍ମର ମଧ୍ୟଦେଇ ଆମେ ଏହା ସହିତ ଯୁକ୍ତ ହେଉ; କାରଣ କେବଳ ଆପଣାର ଇଚ୍ଛାଟିକୁହିଁ ମାନବୀୟ ସ୍ତରଟିକୁ ଛାଡ଼ି ଆମେ ତାହାକୁ ତାହାର ସେହି ପରମଇଚ୍ଛା ସହିତ ଏକାତ୍ମକ କରି ରଖିବା ଲାଗି ସମର୍ଥ ହେଉ । କାରଣ ଆମର ବ୍ୟକ୍ତି-ଇଚ୍ଛାଟି ଯେଉଁ ପରିମାଣରେ ଆପଣାର ଉତ୍ସ ତଥା ଆଦର୍ଶସ୍ୱରୂପ ଏହି ପରମ ସାମର୍ଥ୍ୟଟି ସହିତହିଁ ତଦାତ୍ମକ ହୋଇ ରହିପାରିବ, ଠିକ୍ ସେହି ପରିମାଣରେହିଁ ଆମର ଇଚ୍ଛା ପରିପୂର୍ଣ୍ଣ ହୋଇପାରିବ, ଏକ ଦିବ୍ୟ ଇଚ୍ଛାରେ ପରିଣତ ହୋଇପାରିବ । ଆମେ ଉପାସନା ଦ୍ୱାରା ମଧ୍ୟ ଏହା ସହିତ ଯୁକ୍ତ ହୋଇପାରିବା; କାରଣ ଦୂରରୁ ଥାଇ ଉପାସନା କରିବାର ଭାବନା ଓ କ୍ରିୟା କ୍ରମଶଃ ଅନ୍ତରଙ୍ଗ ଶ୍ରଦ୍ଧାର ଆବଶ୍ୟକତାରୂପେ ବିକଶିତ ହୋଇଉଠିବ ଏବଂ ସେହି ଶ୍ରଦ୍ଧା

'oaob.nitrkl.ac.in' images reprocessed

ପ୍ରେମର ନିବିଡ଼ତାରୂପେ ବିକାଶଲାଭ କରିବ ଓ ପ୍ରେମର ଚୂଡ଼ାନ୍ତ ଚରିତାର୍ଥତାରୂପେ ପରମ ପ୍ରେମାସ୍ପଦଙ୍କ ସହିତ ଯୁକ୍ତ ହୋଇ ରହିବା ସମ୍ଭବ ହୋଇଯିବ । ଉପାସନାର ଏହି ବିକାଶରୁହିଁ ଭକ୍ତିଯୋଗ ଆପଣାର ଯାତ୍ରାଟିକୁ ଆରମ୍ଭ କରିଥାଏ ଏବଂ ପରମ ପ୍ରେମାସ୍ପଦ ସହିତ ଏହିପରି ଯୁକ୍ତ ହୋଇଯିବାରେହିଁ ଭକ୍ତିଯୋଗ ଆପଣାର ସର୍ବୋଚ୍ଚ ଉପଲବ୍ଧି ଓ ପରମ ଚରିତାର୍ଥତାକୁ ସମ୍ପନ୍ନ କରିଥାଏ ।

ଆମର ଏହି ନିମ୍ନତର ମନୁଷ୍ୟ-ସ୍ୱଭାବଗୁଡ଼ିକର ସାଧାରଣ ପ୍ରେରକଗୁଡ଼ିକୁ ଆଶ୍ରା କରିହିଁ ଆମ ସତ୍ତାର ଯାବତୀୟ ମୂଳପ୍ରବୃତ୍ତି ତଥା ଗତିସ୍ପନ୍ଦନର ଆରମ୍ଭ ହୋଇଥାଏ । ଏହିସବୁ ପ୍ରେରକ ପ୍ରଥମ ଅବସ୍ଥାରେ ବଡ଼ ମିଶ୍ରିତ ଓ ଅହଂକାରିତ ହୋଇ ରହିଥାଏ, ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ସେଗୁଡ଼ିକରେ ଶୁଦ୍ଧି ଆସେ, ଉନ୍ନୋଳନ ସମ୍ଭବ ହୁଏ; ଏବଂ ଆମ କ୍ରିୟାଗୁଡ଼ିକର ପରିଣାମ ପ୍ରକୃତରେ ଯାହା ହୋଇଥାଉ ନା କାହିଁକି, ସେହିଗୁଡ଼ିକହିଁ କ୍ରମଶଃ ଆମ ଉଚ୍ଚତର ପ୍ରକୃତିଟିର ଏକ ସାଧନ ଓ ବିଶେଷ ଆବଶ୍ୟକତାରେ ପରିଣତ ହୋଇ ରହନ୍ତି । ଅବଶେଷରେ ସେଗୁଡ଼ିକ ଆମ ସତ୍ତାର ଗୋଟିଏ ଗୋଟିଏ ଅନନ୍ୟାଶ୍ରୟୀ ନିର୍ଦ୍ଦେଶର ଭୂମିକୁ ଉନ୍ନୋଳିତ ହୋଇଯାଆନ୍ତି, ଏବଂ ସେହିଗୁଡ଼ିକ ପ୍ରତି ରହିଥିବା ଆମର ଆନୁଗତ୍ୟ ମାଧ୍ୟମରେହିଁ ଆମେ ଆମରି ଭିତରେ ଆପେ-ବର୍ତ୍ତମାନ ହୋଇ ରହିଥିବା ଏଭଳି ଏକ ସର୍ବୋଚ୍ଚ ବସ୍ତୁ ପାଖରେ ଆସି ପହଞ୍ଚୁ, ଯାହାକି ଆମକୁ ନିରନ୍ତର କେବଳ ତାହାରି ଆଡ଼କୁ ଧାବିତ କରି ରଖିଥିଲା; ପ୍ରଥମେ ଆମ ନିଜର ଅହଂକାରିତ ପ୍ରକୃତିଟିର ନାନା ପ୍ରଲୋଭନ ଦ୍ୱାରା ଧାବିତ କରି ରଖିଥାଏ, ତା'ପରେ ତା'ଠାରୁ ଅଧିକ ଉଚ୍ଚ, ଅଧିକ ବୃହତ୍ ଓ ଅଧିକ ବିଶ୍ୱାଭିମୁଖ କୌଣସି ଏକ ବସ୍ତୁର ଆକର୍ଷଣ ଦ୍ୱାରା ଧାବିତ କରେ ଏବଂ ପରିଶେଷରେ ଆମେ ତାହାର ପ୍ରତ୍ୟକ୍ଷ ଆକର୍ଷଣଟିକୁ ମଧ୍ୟ ଅନୁଭବ କରିବାକୁ ସମର୍ଥ ହୋଇଯାଉ, ଯାହାକି ସବୁଠାରୁ ଅଧିକ ସବଳ ଓ ଅଧିକ ଅନନ୍ୟାଶ୍ରୟୀ ଆକର୍ଷଣ ବୋଲିହିଁ ଆପଣାକୁ ସାବ୍ୟସ୍ତ କରିଦିଏ । ସାଧାରଣ ଧର୍ମୋପାସନାର ସ୍ତରରୁ ବିଶୁଦ୍ଧ ଭକ୍ତିର ଯୋଗରେ ଆସି ପର୍ଯ୍ୟବସିତ ହେଉଥିବା ଏହି ରୂପାନ୍ତରରେ ଆମେ ଲୋକାଚରିତ ଧର୍ମର ଅଭିପ୍ରାୟଯୁକ୍ତ ଏବଂ ସ୍ୱାର୍ଥନିହିତ ଉପାସନାରୁ ଅଭିପ୍ରାୟମୁକ୍ତ ଓ ଆପେ-ବର୍ତ୍ତମାନ ପ୍ରେମର ଏକ ତତ୍ତ୍ୱ ଯାଏ ସଂଘଟିତ ହୋଇଥିବା ଏହି ବିକାଶଟିକୁହିଁ ପ୍ରତ୍ୟକ୍ଷ କରିଥାଉ । ଏହି ଶେଷଟିକୁ ଆମେ ପ୍ରକୃତରେ ଯଥାର୍ଥ ଭକ୍ତିର କଷଟିପଥର ବୋଲି କହିପାରିବା; ଏବଂ ଆମେ ପ୍ରକୃତରେ ଅସଲ ବାଟଟିରେ ଯାଉଛୁ ଅଥବା ସେଯାଏ ପଡ଼ିଥିବା କେବଳ ଏକ ଉପପଥରହିଁ ଅନୁସରଣ କରିବାରେ ଲାଗିଛୁ, ତାହା ଆମକୁ ସେହି କଥାଟି ଦେଖାଇ ଦେଇ ଯାଇଥାଏ । ପ୍ରଥମେ ଆମ ଦୁର୍ବଳତାକୁ ପ୍ରଶ୍ରୟ ଦେଇ ରଖିଥିବା ସ୍ତମ୍ଭଗୁଡ଼ିକୁ ଉପାଡ଼ି ଫିଙ୍ଗିଦେବାକୁ ହୁଏ, ଅହଂ ଦ୍ୱାରା ପୁଷ୍ଟ ହୋଇ

'oaob.nitrkl.ac.in' images reprocessed

ରହିଥିବା ଅଭିପ୍ରାୟଗୁଡ଼ିକୁ ଓ ଆମ ନିମ୍ନତର ପ୍ରକୃତିଟିର ଯାବତୀୟ ପ୍ରଲୋଭନକୁ ମଧ୍ୟ ପରିତ୍ୟାଗ କରିବାକୁ ହୁଏ; ତେବେଯାଇ ଆମେ ଦିବ୍ୟ ଯୁକ୍ତତାର ଯୋଗ୍ୟ ହେବା ଲାଗି ସମର୍ଥ ହେଉ ।

ଆପଣାଠାରୁ ବୃହତ୍ତର ଓ ଉଚ୍ଚତର ଯେଉଁ ଶକ୍ତିମତ୍ତା ବା ସମ୍ଭବତଃ ଏକାଧିକ-ସଂଖ୍ୟକ ଶକ୍ତିମତ୍ତା ମନୁଷ୍ୟର ପ୍ରକୃତିଗତ ଜୀବନଟିକୁ ଆପଣାର ଛାୟା ଦ୍ୱାରା ଆଚ୍ଛାଦିତ କରି ରଖିଥାଏ, ତାହାକୁ ପ୍ରଭାବିତ ଓ ପ୍ରଶାସିତ କରି ରଖିଥାଏ, ତାହାରି ବା ସେହିଗୁଡ଼ିକର ସମ୍ମୁଖୀନ ହୋଇ ମନୁଷ୍ୟ ସ୍ୱଭାବପ୍ରେରିତ ଭାବରେ ସେହି ଜୀବନର ଯାବତୀୟ ଅସୁବିଧା, ବାସନା ଓ ବିପଦ ମଧ୍ୟରେ ତାହା ପ୍ରତି ବା ସେଗୁଡ଼ିକ ପ୍ରତି ପ୍ରାକୃତ ସତ୍ତାର ପ୍ରଥମସ୍ତରୀୟ ଆଦିମ ଅନୁଭୂତିଗୁଡ଼ିକରହିଁ ପ୍ରୟୋଗ କରିଥାଏ; ଅର୍ଥାତ୍ ଭୟ ଓ ସ୍ୱାର୍ଥ ଦ୍ୱାରାହିଁ ସେ ତାହାର ବା ସେଗୁଡ଼ିକର ସମ୍ମୁଖୀନ ହୋଇଥାଏ । ମାନବିକ ଧର୍ମପ୍ରବୃତ୍ତିର ବିବର୍ତ୍ତନରେ ଏହି ଦୁଇଟିଯାକ ହେତୁପ୍ରେରକ ଯେଉଁ ବିରାଟ ଭୂମିକା ଗ୍ରହଣ କରିଛନ୍ତି, ତାହାକୁ କଦାପି ଅସ୍ୱୀକାର କରାଯାଇ ପାରିବ ନାହିଁ; ଏବଂ ପ୍ରକୃତରେ କହିବାକୁ ଗଲେ, ମନୁଷ୍ୟ ବର୍ତ୍ତମାନ ଯେଉଁ ସୋପାନଟିରେ ରହିଛି, ସେହି ଦୃଷ୍ଟିରୁ ସେହି ଭୂମିକା ଏହାଠାରୁ କ୍ୱଚିତ୍ କମ୍ ହୋଇ ପାରିଥାନ୍ତା । ଏବଂ ଧର୍ମ ଆପଣାର ପଥରେ ବେଶ୍ ଅନେକଦୂର ଅଗ୍ରସର ହୋଇସାରିବା ପରେ ବର୍ତ୍ତମାନ ମଧ୍ୟ ଆମେ ଏହି ଦୁଇଟି ପ୍ରେରକକୁ ତଥାପି ଉପସ୍ଥିତ ରହିଥିବାର ଦେଖିବାକୁ ପାଉଛୁ, ସକ୍ରିୟ ରହିଥିବାର ଓ ଏକ ବେଶ୍ ବୃହତ୍ ଭୂମିକା ଗ୍ରହଣ କରୁଥିବାର ଦେଖିବାକୁ ପାଉଛୁ । ମନୁଷ୍ୟ ଉପରେ ରହିଥିବା ଆପଣାର ଦାବିଗୁଡ଼ିକର ସମର୍ଥନରେ ମଧ୍ୟ ସ୍ୱୟଂ ଧର୍ମ ହିଁ ସେହିସବୁ ହେତୁପ୍ରେରକକୁ ଉଚିତ ବୋଲି ଘୋଷଣା କରୁଛି ଏବଂ ସେହିଗୁଡ଼ିକ ପ୍ରତି ଆପଣାର ଆବେଦନ ଜଣାଇବାରେ ଲାଗିଛି । ଭଗବାନଙ୍କ ପ୍ରତି ରହିଥିବା ମନୁଷ୍ୟର ଭୟ, ଅଥବା ଐତିହାସିକ ସତ୍ୟର ଦୃଷ୍ଟିରୁ ଏହାକୁ ଆମେ ଅନେକ ଭଗବାନଙ୍କ ପ୍ରତି ରହିଥିବା ମନୁଷ୍ୟର ଭୟ ବୋଲି ହିଁ କହିପାରିବା,—ଏହିଥିରୁହିଁ ସକଳ ଧର୍ମର ଉଦ୍ଭବ ହୋଇଛି ବୋଲି କୁହା ଯାଇଥାଏ । ଧର୍ମର ବିକାଶଧାରାଟିକୁ ନିରୂପଣ କରିବାକୁ ଯାଇ ବିଜ୍ଞାନର ଗବେଷଣା ଧର୍ମକୁ ସାଧାରଣତଃ କୌଣସି ସହାନୁଭୂତିମୂଳକ ଦୃଷ୍ଟିରେ ନଦେଖି ଓ ବରଂ ଅନେକ ସମୟରେ ଦୋଷ ବାହାର କରିବାର ଏକ ବୈରିଭାବାପନ୍ନ ମନୋଭାବ ନେଇ ଫଳତଃ ଏହିପରି ଏକ ଅର୍ଦ୍ଧସତ୍ୟ ଉପରେହିଁ ଅଯଥା ଅତିରିକ୍ତ ଗୁରୁତ୍ୱ ଆରୋପ କରି ରଖିଛି । ମାତ୍ର ଭଗବାନଙ୍କ ପ୍ରତି ରହିଥିବା କେବଳ ତା'ର ଭୟରୁହିଁ ମନୁଷ୍ୟ ଧର୍ମର ଭିଆଣ କରି ନାହିଁ; କାରଣ ଆପଣାର ଆଦିମତମ ଆଚରଣବେଳେ ମଧ୍ୟ ମନୁଷ୍ୟ କେବଳ ଭୟ ଦ୍ୱାରା ପ୍ରେରିତ ହୋଇ କଦାପି କୌଣସି କାର୍ଯ୍ୟ କରେ ନାହିଁ । ମାତ୍ର ସେ ଭୟ ଓ ବାସନା ଦୁଇଟିଯାକ ଦ୍ୱାରା ପ୍ରେରିତ ହୋଇ ଯାହାକିଛି କରିଥାଏ; ଅସୁଖକର ଏବଂ

'oaob.nitrkl.ac.in' images reprocessed

ଅନୁକୂଳ ବିଷୟଗୁଡ଼ିକ ପ୍ରତି ଭୟ ଏବଂ ସୁଖକର ଓ ଇଷ୍ଟଦାୟକ ବିଷୟଗୁଡ଼ିକ ପ୍ରତି ତା'ର ରହିଥିବା ବାସନା ଦ୍ୱାରା, ଅର୍ଥାତ୍ ଭୟ ଓ ସ୍ୱାର୍ଥବୁଦ୍ଧି ଉଭୟଙ୍କ ଦ୍ୱାରା ପ୍ରେରିତ ହୋଇ ସେ ସବୁ କଥା କରିଥାଏ । ଅଧିକତର ପରିମାଣରେ ଆପଣାର ଆତ୍ମାରେ ଏବଂ ତା'ପରେ ଯାଇ ବାହ୍ୟ ବସ୍ତୁସକଳର କ୍ରିୟା ଓ ପ୍ରତିକ୍ରିୟା ମଧ୍ୟରେ ମନୁଷ୍ୟ ଆପଣାର ଜୀବନ ବଞ୍ଚି ନଶିଖିବା ପର୍ଯ୍ୟନ୍ତ ଜୀବନ ତା' ଲାଗି ପ୍ରାଥମିକତଃ ଓ ବଡ଼ ଅଧିକାରୁ ଭାବରେ କେବଳ ନାନା କ୍ରିୟା ଓ ତତ୍ପରିଣାମର ଏକ କ୍ରମସମଷ୍ଟିହିଁ ହୋଇ ରହିଥାଏ । ଏପରି କେତେଗୁଡ଼ିଏ ବସ୍ତୁ ଥାଏ, ଯାହା ଲାଗି ସେ ବାସନା ରଖିଥାଏ, ଯାହାର ଅନୁଧାବନ କରୁଥାଏ ଏବଂ ଅନୁରୂପ କ୍ରିୟା ଦ୍ୱାରା ତାହାକୁ ହାସଲ କରିବାକୁ ଚେଷ୍ଟା କରୁଥାଏ; ଏବଂ ଆଉ କେତେକ ବସ୍ତୁ ମଧ୍ୟ ରହିଥାଏ, ଯାହାକୁ ଭୟ କରିବାକୁ ଓ ବର୍ଜନ କରି ଆସିବାକୁ ହୁଏ, ମାତ୍ର ତଥାପି କ୍ରିୟାର ପରିଣାମସ୍ୱରୂପ ଯେଉଁଗୁଡ଼ିକ କି ତା' ଉପରେ ଆସି ପଡ଼ିବ ବୋଲି ସବୁବେଳେ ଆଶଙ୍କା ରହିଥାଏ । ଏବଂ ଏହିସବୁ ବସ୍ତୁ କେବଳ ତା'ର ଆପଣା କ୍ରିୟାଟି ଦ୍ୱାରାହିଁ ତା' ପାଖକୁ ଆସେ ନାହିଁ, ମାତ୍ର ତା'ର ଚତୁର୍ଦ୍ଦିଗରେ ରହିଥିବା ଅନ୍ୟମାନଙ୍କର ତଥା ପ୍ରକୃତିର କାର୍ଯ୍ୟ ଦ୍ୱାରା ମଧ୍ୟ ସେସବୁ ତା' ପାଖରେ ଆସି ପହଞ୍ଚିଥାଏ । ତେଣୁ ସେ ଯେମିତି କାର୍ଯ୍ୟ ତଥା ପରିଣାମକୁ ପ୍ରଭାବିତ ବା ନିୟନ୍ତ୍ରିତ କରିପାରିବା ଭଳି କୌଣସି ଶକ୍ତିମତ୍ତାର ଅନୁଭୂତି ଲାଭ କରିବାକୁ ଆରମ୍ଭ କରେ, ସେ ତାହାକୁହିଁ ଆପଣାର ବରଦାତା ଓ ଦୁଃଖଦାତା ବୋଲି କଳ୍ପନା କରିବାକୁ ଲାଗେ, ତାହାକୁ ଆପଣାର ଏକ ବିଧାତା ବୋଲି କଳ୍ପନା କରିବାକୁ ଲାଗେ, ଯିଏକି ତାକୁ ସାହାଯ୍ୟ କରିପାରିବେ, ତାକୁ ଆଘାତ ଦେଇ-ପାରିବେ, ଯିଏକି ପ୍ରାଣରକ୍ଷା କରିପାରିବେ ଓ ପ୍ରାଣନାଶ ବି କରିପାରିବେ; ଏବଂ କେତେକ ପରିସ୍ଥିତିରେ ଏଥିଲାଗି ଇଚ୍ଛା ମଧ୍ୟ ପ୍ରକାଶ କରିପାରିବେ ।

ଆପଣା ସତ୍ତାର ଆଦିମତମ ଅଂଶଗୁଡ଼ିକରେ ସେ ଠିକ୍ ଆପଣା ପରି କେବଳ ସ୍ୱଭାବ ଦ୍ୱାରା ପ୍ରେରିତ ନାନା ଅହଂମୂଳ ଆବେଗକୁ ନେଇ ଗଠିତ ହୋଇଥିବା ଏକ ବସ୍ତୁରୂପେହିଁ ସେହି ବିଧାତାର କଳ୍ପନା କରିଥାଏ; ଅର୍ଥାତ୍ ପ୍ରସନ୍ନ ହୋଇ ରହିଥିବା ବେଳେ ସେହି ବିଧାତା ଉପକାର କରିବେ ଏବଂ ଅପ୍ରସନ୍ନ ହୋଇ ରହିଥିବା ବେଳେ ସେ ଅପକାର କରିବେ ବୋଲି କଳ୍ପନା କରିଥାଏ । ତେଣୁ ସେତେବେଳେ ଉପାସନା କହିଲେ ନାନା ଦ୍ରବ୍ୟର ସମର୍ପଣ ଦ୍ୱାରା ତୁଷ୍ଟିବିଧାନ କରିବା ଏବଂ ସ୍ତବସ୍ତୁତି ଓ ପ୍ରାର୍ଥନା ଦ୍ୱାରା ଅନୁଗ୍ରହଭିକ୍ଷା କରିବାକୁହିଁ ବୁଝାଇଥାଏ । ଭଗବାନଙ୍କୁ ପ୍ରାର୍ଥନା କରି ଓ ତାଙ୍କର ପ୍ରଶସ୍ତିଗାନ କରି ସେ ତାଙ୍କୁ ଆପଣା ପଟକୁ ଜୟ କରିଆଣେ । ଆପଣାର ମନୋଗତ ପଦ୍ଧତିରେ ଆଉଟିକିଏ ଅଗ୍ରସର ହୋଇଯିବା ପରେ ସେ ଜୀବନର ଯାବତୀୟ କ୍ରିୟା ଐଶ୍ୱରିକ ନ୍ୟାୟର ଏକ ନିର୍ଦ୍ଦିଷ୍ଟ ମାନ ଉପରେ ପର୍ଯ୍ୟବସିତ ହୋଇ ରହିଛି ବୋଲି ବିଚାର କରିବାକୁ ଲାଗେ; ଆପଣାର ସକଳ ଧାରଣା ଓ

'oaob.nitrkl.ac.in' images reprocessed

ଚରିତ୍ରଟି ଦ୍ୱାରାହିଁ ସେ ସର୍ବଦା ସେହି ଐଶ୍ୱରିକ ନ୍ୟାୟର ବ୍ୟାଖ୍ୟା ବା ବିବେଚନା କରିଥାଏ, ତାହାକୁ ତା' ମନୁଷ୍ୟପ୍ରଣୀତ ନ୍ୟାୟରହିଁ ଗୋଟାଏ ପ୍ରକାର ପରିବର୍ଦ୍ଧିତ ସଂସ୍କରଣରୂପେହିଁ ବିଚାର କରୁଥାଏ। ସେତେବେଳେ ସେ ନୈତିକ ଭଲ ତଥା ନୈତିକ ମନ୍ଦର ମଧ୍ୟ ବେଶ୍ ଏକ ଧାରଣା କରିପାରେ ଏବଂ ଯାବତୀୟ ଦୁଃଖକ୍ଳେଶ, ବିପର୍ଯ୍ୟୟ ଏବଂ ଅସୁଖକର ସକଳ ବିଷୟକୁ ତା'ର କୃତ ପାପର ଏକ ଶାସ୍ତି ପରି ଦେଖିବାକୁ ଲାଗେ ଓ ସୁଖ, ସୌଭାଗ୍ୟ ତଥା ସୁଖଦାୟକ ସକଳ ବିଷୟକୁ ତା'ର କୃତ ପୁଣ୍ୟରହିଁ ପୁରସ୍କାର ବୋଲି ଗ୍ରହଣ କରିନିଏ। ଭଗବାନ ତା' ଆଖିକୁ ଜଣେ ରାଜା ପରି ପ୍ରତୀତ ହୁଅନ୍ତି, ଜଣେ ବିଚାରକ, ବିଧାୟକ ଓ ନ୍ୟାୟକର୍ତ୍ତା ପରିହିଁ ପ୍ରତୀତ ହୁଅନ୍ତି। ମାତ୍ର ତଥାପି ସେ ତାଙ୍କୁ ଜଣେ ଅତିଶକ୍ତିଯୁକ୍ତ ମନୁଷ୍ୟରୂପେହିଁ ବିଚାର କରୁଥାଏ ଏବଂ କଳ୍ପନା କରୁଥାଏ ଯେ ପ୍ରାର୍ଥନା ଓ ତୁଷ୍ଟିଜ୍ଞାପନ ଦ୍ୱାରା ତା' ନିଜର ନ୍ୟାୟଦଣ୍ଡକୁ ଯେପରି ଘୁଞ୍ଚାଇ ଦିଆଯାଇ ପାରୁଛି, ଠିକ୍ ସେହିପରି ସମାନ ଉପାୟଗୁଡ଼ିକର ସାହାଯ୍ୟରେ ଭଗବାନଙ୍କର ନ୍ୟାୟଦଣ୍ଡକୁ ମଧ୍ୟ ବେଶ୍ ଘୁଞ୍ଚାଇ ଦିଆଯାଇ ପାରିବ। ସେତେବେଳେ ନ୍ୟାୟବିଚାର କହିଲେ ସେ ପୁରସ୍କାର ଓ ଶାସ୍ତି ବ୍ୟତୀତ ଆଉ କିଛିହେଲେ ଭାବି ପାରେ ନାହିଁ; ଅନୁଗ୍ରହ ଦ୍ୱାରା ଅନୁଗ୍ରହଭିକ୍ଷୁର ଶାସ୍ତିକ୍ଳେଶର ନ୍ୟାୟକୁ ବେଶ୍ ପରିବର୍ତ୍ତିତ କରି ଦିଆଯାଇ ପାରିବ ବୋଲି ଭାବୁଥାଏ। ଏବଂ ପୁରସ୍କାର ବେଳେ ସେହି ବିରାଟ ଶକ୍ତି ତା'ର ଖୁସି ହେଲେ ତା'ର ଭକ୍ତ ଓ ଉପାସକମାନଙ୍କୁ ସର୍ବଦା ଆହୁରି କେତେକେତେ ବିଶେଷ ଅନୁଗ୍ରହ ଓ କୃପାଳୁତାର ଅଧିକାରୀ କରାଇ ପାରିବ ବୋଲି ମଧ୍ୟ ବେଶ୍ ଭାବୁଥାଏ। ପୁଣି ସେତେବେଳେ ଆମ ଭାବନାର ଏହି ଭଗବାନ ଠିକ୍ ଆମରି ପରିହିଁ କ୍ରୋଧ ଓ ପ୍ରତିଶୋଧର ସମର୍ଥ ହୋଇ ରହିଥାନ୍ତି ଏବଂ ଅନୁଗ୍ରହଭିକ୍ଷା ଓ ପ୍ରାୟଶ୍ଚିତ୍ତ ଦ୍ୱାରା ତଥା ତାଙ୍କର ପାଖରେ ନାନା ଦ୍ରବ୍ୟର ନିବେଦନ ଦ୍ୱାରା ସେହି କ୍ରୋଧ ଓ ପ୍ରତିଶୋଧକୁ ବାରିତ କରି ରଖାଯାଇ ପାରିବାର ସମ୍ଭାବନା ମଧ୍ୟ ରହିଥାଏ। ସେହି ଭଗବାନ ବେଶ୍ ପକ୍ଷପାତବିଚାର ମଧ୍ୟ କରିପାରନ୍ତି ଏବଂ ଦାନ, ପ୍ରାର୍ଥନା ଓ ସ୍ତୁତି ଦ୍ୱାରା ସେହି ପକ୍ଷପାତବିଚାରକୁ ଆକୃଷ୍ଟ କରି ଆଣିବାର ସମ୍ଭାବନା ମଧ୍ୟ ରହିଥାଏ। ତେଣୁ କେବଳ ନୈତିକ ବିଧାନଟିର ପାଳନ ଉପରେ ନିର୍ଭରଶୀଳ ହୋଇ ରହିବା ପରିବର୍ତ୍ତେ ପ୍ରାର୍ଥନା ଓ ଅନୁଗ୍ରହଭିକ୍ଷାର ନାନାବିଧ ରୂପରେ ଉପାସନା ତଥାପି ଲାଗି ରହିଥାଏ।

ଏହିସବୁ ଭକ୍ତିପ୍ରେରଣା ସହିତ ଏହି କ୍ଷେତ୍ରରେ ଏକ ବ୍ୟକ୍ତିଗତ ଅନୁଭବ ମଧ୍ୟ ବିକଶିତ ହୋଇ ଆସିଥାଏ। ପ୍ରଥମ ଅନୁଭୂତିଟି ହେଉଛି ଏକ ଭୟଭକ୍ତିମିଶ୍ରିତ ବିସ୍ମୟର ଅନୁଭୂତି; ଆମର ଏହି ପ୍ରକୃତିର ସୀମାତିକ୍ରମ କରି ଯିଏ ପରିବ୍ୟାପ୍ତ, ଶକ୍ତିମନ୍ତ ଓ କଳନାତୀତ ହୋଇ ରହିଛି, ଯାହାର ବିସ୍ତାର ମୂଳ ଉତ୍ସ ଓ ଭୂମିପରିସରଟି ସର୍ବଦା ଆମ ଜ୍ଞାନର ଅଗମ୍ୟ ହୋଇ ରହିଛି, ଏବଂ ଆପଣାର ସ୍ୱଭାବ ଓ



'oaob.nitrkl.ac.in' images reprocessed

ଆପଣାର ପରିପୂର୍ଣ୍ଣତାରେ ଆମଠାରୁ ଅନେକ ଉଚ୍ଚତର ହୋଇ ରହିଛି, ତାଙ୍କ ପ୍ରତି ଆମ ଭକ୍ତି ଓ ଶ୍ରଦ୍ଧାଭାବର ଅନୁଭୂତି । କାରଣ, ଏହି କ୍ଷେତ୍ରରେ ମନୁଷ୍ୟ-ସ୍ୱଭାବଧାରୀ ଏକ ଭଗବାନଙ୍କର ଧାରଣାହିଁ ପ୍ରଧାନତଃ ପରିଲକ୍ଷିତ ହୋଇ ରହିଥାଏ ସତ, ମାତ୍ର ତଥାପି ତା' ସହିତ ସର୍ବଜ୍ଞତା, ସର୍ବଶକ୍ତିମତ୍ତା ଏବଂ ଆମ ସ୍ୱଭାବଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏକ ରହସ୍ୟମୟ ପରିପୂର୍ଣ୍ଣତାକୁ ମଧ୍ୟ ଉପରୁ ଆଣି ଯୋଡ଼ି ଦିଆଯାଏ ବା ମିଶ୍ରିତ କରି ଦିଆଯାଏ । ବିବିଧ ପ୍ରକାରେ ବିକାଶଲାଭ କରିଥିବା ଓ ଅନେକ ସମୟରେ ଈଶ୍ୱରଙ୍କ ଅନ୍ୟ ବ୍ୟଞ୍ଜନା ଦିଆଯାଇଥିବା, କିମ୍ବା ଉଦ୍ବେଳିତ କରି ଦିଆଯାଇଥିବା ବା ଉପରୁ ପୁଟ ଲଗାଇ ଦିଆଯାଇଥିବା ଏହିସବୁ ଯାବତୀୟ ଅଭିପ୍ରାୟ ଏବଂ ଉତ୍ପ୍ରେରକର ଏକ ଅସ୍ତବ୍ୟସ୍ତ ମିଶ୍ରଣକୁହିଁ ଆମେ ଲୋକପ୍ରଚଳିତ ଧର୍ମର ଦଶଭାଗରୁ ନଅଭାଗ ବୋଲି କହିପାରିବା । ବାକି ଯେଉଁ ଗୋଟିଏ ଭାଗ ରହିଲା, ସେଇଟିକୁ ଆମେ ଅବଶିଷ୍ଟ ଭାଗଟିର ଉପରକୁ ସଚେତ ଅବା ଇଚ୍ଛାହୋଇ ବାହାରି ଆସିଥିବା ଅଂଶଟି ବୋଲି କହିବା; ଏକ ବୃହତ୍ତର ଆଧ୍ୟାତ୍ମିକତାବିଶିଷ୍ଟ ମେଧାସବୁ ମନୁଷ୍ୟଜାତିର ଅପେକ୍ଷାକୃତ ଅଧିକ ଆଦିମ ଧର୍ମଗତ ଧାରଣାଗୁଡ଼ିକ ମଧ୍ୟକୁ ପରମ ଦେବତା ସମ୍ବନ୍ଧରେ ଯେଉଁସବୁ ଅଧିକ ଉଦାର, ଅଧିକ ସୁନ୍ଦର ଓ ଅଧିକ ଗଭୀର ବିଚାରମାନ ବହନ କରି ଆଣିବା ଲାଗି ସମର୍ଥ ହୋଇଥାନ୍ତି, ସେହିଗୁଡ଼ିକହିଁ ଏହି ଭାଗଟିକୁ ଭେଦ କରି ରହିଥାନ୍ତି । ଏହାର ଫଳରେ ଅଧିକାଂଶତଃ ବେଶ୍ ଏକ ଅଶୋଧିତତାର ସୃଷ୍ଟି ହୋଇଥାଏ ଏବଂ ତାହା ସଂଶୟବାଦ ଓ ଅବିଶ୍ୱାସ ଲାଗି ସର୍ବଦା ଏକ ଉପହାସର ବସ୍ତୁ ହୋଇ ରହିଥାଏ । ସଂଶୟବାଦ ତଥା ଅବିଶ୍ୱାସକୁ ଆମେ ସେହି ମନୁଷ୍ୟ-ମନରହିଁ ଗୋଟିଏ ଗୋଟିଏ ସାମର୍ଥ୍ୟ ବୋଲି କହିବା, ଯାହାର କି ବିଶ୍ୱାସ ଓ ଧର୍ମର କ୍ଷେତ୍ରରେ ମଧ୍ୟ ଏକ ଆବଶ୍ୟକତା ରହିଛି; କାରଣ ଧର୍ମସ୍ଥ କଳ୍ପନାଗୁଡ଼ିକରେ ଯାହାକିଛି ଅଶୋଧିତ କିମ୍ବା ଅସତ୍ୟ ହୋଇ ରହି ଯାଇଥାଏ, ସେହିଗୁଡ଼ିକରେ ଏକ ବିଶୁଦ୍ଧି ଆଣିବା ଲାଗି ସେମାନେ ଧର୍ମକୁ ଏକପ୍ରକାର ବାଧ୍ୟହିଁ କରିଥାନ୍ତି । ଭକ୍ତିଯୋଗ ଉପାସନାରୁହିଁ ଆପଣାର ସୂଚନା ଆରମ୍ଭ କରିଥାଏ; ଏବଂ ଉପାସନାର ଧର୍ମଗତ ପ୍ରବୃତ୍ତିଟିକୁ ଏହିପରି ଭାବରେ ଶୁଦ୍ଧ ଓ ଉଦ୍ବେଳିତ କରିବାକୁ ଯାଇ ଏହିସବୁ ପ୍ରଥମ ପର୍ଯ୍ୟାୟର ଉତ୍ପ୍ରେରକମାନ କେତେଦୂର ତିଷ୍ଠି ରହିବାର ଓ ଭକ୍ତିଯୋଗ ଭିତରେ ପ୍ରବେଶ କରିବାର ଆବଶ୍ୟକତା ରଖିଥାନ୍ତି, ଆମକୁ ସେହି କଥାଟିର ବିସ୍ତାର କରି ଦେଖିବାକୁ ପଡ଼ିବ । ପରମ ଦିବ୍ୟ ସତ୍ତାର କୌଣସି ସତ୍ୟ ଓ ମନୁଷ୍ୟାତ୍ମା ସହିତ ରହିଥିବା ତାଙ୍କର ସମ୍ବନ୍ଧଗୁଡ଼ିକ ସହିତ ସେଗୁଡ଼ିକର ପ୍ରକୃତରେ କେତେଦୂର ତଦ୍ରୂପତା ବା ଅନୁରୂପଧର୍ମିତା ରହିଛି, ସେହି କଥାଟି ଏହାର ଉପରେହିଁ ନିର୍ଭର କରୁଛି । କାରଣ ଭକ୍ତି ଦ୍ୱାରା ଆମେ ସେହି ପରମ ଦେବତା ସହିତହିଁ ସମ୍ମିଳିତ ହେବାକୁ ବାହାରିଥାଉ, ତାଙ୍କ ସହିତ ଯଥାର୍ଥ ସମ୍ବନ୍ଧ

'oaob.nitrkl.ac.in' images reprocessed

ଲୋଡ଼ୁଥାଉ, ତାଙ୍କର ସତ୍ୟଟି ସହିତ ଯଥାର୍ଥ ଭାବରେ ସମ୍ବନ୍ଧିତ ହୋଇ ରହିବାକୁ ଲୋଡ଼ୁଥାଉ; ଏକଥା ମନେ ରଖିବାକୁ ହେବ ଯେ ସେତେବେଳେ ଆମେ ଆମ ଜନ୍ମଗତ ପ୍ରକୃତିର ଅଥବା ତାହାର କୌଣସି ଅହଂଜନିତ ଆବେଗ କିଂବା ଅଜ୍ଞାନଗ୍ରସ୍ତ କଳ୍ପନାର କୌଣସି ଭ୍ରମପ୍ରସୂତରୂପ ସହିତ ସମ୍ବନ୍ଧସ୍ଥାପନ କରିବାର ଇଚ୍ଛା ରଖି ନଥାଉ ।

ଏହି ବିଷୟରେ ବସ୍ତୁତଃ ଆମଠାରୁ ବୃହତ୍ତର ବା ଉଚ୍ଚତର କୌଣସି ଚେତନ ପରମ ସାମର୍ଥ୍ୟ କିଂବା ପରମ ସତ୍ତା ବିଦ୍ୟମାନ ରହିଛି, ବା କୌଣସି ପ୍ରକାରେ ତାହା ଆମର ଜୀବନଟିକୁ ପ୍ରଭାବିତ ଅଥବା ନିୟନ୍ତ୍ରିତ କରିବାରେ ଲାଗିଛି ବୋଲି ଜଣସ୍ଥବାଦୀ ଅବିଶ୍ୱାସ ଆଦୌ ସ୍ୱୀକାର କରେ ନାହିଁ ଏବଂ ଏହି ଯୁକ୍ତିଟି ଦ୍ୱାରହିଁ ତାହା ଧର୍ମ ଉପରେ ଆକ୍ରମଣ କରିବାକୁ ଆସିଥାଏ । ଯୋଗ ଏହି ଯୁକ୍ତିଟିକୁ କଦାପି ସ୍ୱୀକାର କରି ନେଇ ପାରିବ ନାହିଁ, କାରଣ ତାହା ଯାବତୀୟ ଆଧ୍ୟାତ୍ମିକ ଅନୁଭୂତିର ବିରୁଦ୍ଧାଚରଣ କରିବ ଏବଂ ଖାସ୍ ଯୋଗକୁ ମଧ୍ୟ ଅସିଦ୍ଧ ଓ ଅସମ୍ଭବ କରି ପକାଇବ । ଦର୍ଶନ କିଂବା ଲୋକପ୍ରଚଳିତ ଧର୍ମ ପରି ଯୋଗ କେବଳ ତତ୍ତ୍ୱ ବା ସୂତ୍ରସଂହିତାର ଏକ ବସ୍ତୁ ନୁହେଁ, ଯୋଗ ହେଉଛି ଅନୁଭୂତିର ସମ୍ପଦ । ଆପଣାର ଅନୁଭୂତିରେ ଯୋଗ ଏକ ଚେତନ ବିଶ୍ୱଗତ ଓ ବିଶ୍ୱାତୀତ ପରମସତ୍ତାଙ୍କର ଉପଲବ୍ଧି କରିଥାଏ, ଆମକୁ ନେଇ ତାଙ୍କର ସହିତ ଯୁକ୍ତ କରିଦିଏ; ଏବଂ ପରମ ଦୃଶ୍ୟାତୀତଙ୍କ ସହିତ ସମ୍ମିଳିତ ହେବାର ଏହି ସଚେତନ ଅନୁଭବଟିର ସର୍ବଦା ପୁନରୁପଲବ୍ଧି କରାଯାଇ ପାରେ, ପରୀକ୍ଷା ଦ୍ୱାରା ତାହାର ପ୍ରମାଣ ଲାଭ କରାଯାଇ ପାରେ । ଯେଉଁ ଭୌତିକ ଜଗତ ଏବଂ ଯେଉଁ ଦୃଶ୍ୟ ସତ୍ତାଗୁଡ଼ିକର ଅଦୃଶ୍ୟ ମନଗୁଡ଼ିକ ସହିତ ଆମେ ପ୍ରତ୍ୟହ ସମ୍ପର୍କସ୍ଥାପନ କରିପାରୁଛୁ, ସେଗୁଡ଼ିକ ବିଷୟରେ ଆମେ ଲାଭ କରୁଥିବା ସଚେତନ ଅନୁଭୂତିଗୁଡ଼ିକର ଯେତିକି ପ୍ରାମାଣ୍ୟ ରହିଛି, ସେହି ସମ୍ମିଳନର ଅନୁଭୂତିଟିର ମଧ୍ୟ ଠିକ୍ ସେତିକି ପ୍ରାମାଣ୍ୟ ରହିଛି । ସଚେତନ ସମ୍ମିଳନରୁହିଁ ଯୋଗର ଚର୍ଯ୍ୟା ଆରମ୍ଭ ହୁଏ, ଚେତନାଶୀଳ ସତ୍ତାକୁ ତାହା ଆପଣାର ସାଧନରୂପେ ବ୍ୟବହାର କରେ; ଏବଂ ପରମ ଅଚେତନ ସହିତ ଏକ ସଚେତନ ସମ୍ମିଳନ ଯେ ଆଦୌ ସମ୍ଭବ ହୋଇପାରିବ ନାହିଁ, ସେକଥା ସମସ୍ତେ ସ୍ୱୀକାର କରିବେ । ଏକଥା ସତ ଯେ ଏହି ସଚେତନ ସମ୍ମିଳନ ମନୁଷ୍ୟଚେତନାର ସୀମାଟିକୁ ଅତିକ୍ରମ କରି ଆହୁରି ଆଗକୁ ଚାଲିଯାଏ ଏବଂ ସମାଧିର ଅବସ୍ଥାକୁ ଆସି ଏକ ଅତିଚେତନ ସ୍ଥିତି ଲାଭ କରେ; ମାତ୍ର ଏହାଦ୍ୱାରା ଆମ ସଚେତନ ସତ୍ତାଟିର ଆଦୌ କୌଣସି ବିଲୁପ୍ତି ଘଟେ ନାହିଁ, ଏହି ସ୍ଥିତିରେ ସଚେତନ ସତ୍ତା କେବଳ ଆପଣାର ଆତ୍ମଚେତନଟିକୁ ଅତିକ୍ରମ କରିଯାଏ, ଏହାର ବର୍ତ୍ତମାନ ସୋପାନ ଓ ନିତ୍ୟନୈମିତ୍ତିକ ସୀମାଗୁଡ଼ିକୁ ପାର ହୋଇ ଆହୁରି ଆଗକୁ ଚାଲିଯାଏ ।

'oaob.nitrkl.ac.in' images reprocessed

ତେବେ ଏହିସବୁ ଯୋଗକ୍ଷେତ୍ରର ସକଳ ଅନୁଭୂତି ଏକମତ ହୋଇ ରହିଛନ୍ତି । ମାତ୍ର ଧର୍ମ ତଥା ଭକ୍ତିଯୋଗ ଏହାଠାରୁ ଆହୁରି ଆଗକୁ ଯାଇଥାନ୍ତି; ସେମାନେ ଏହି ପରମସତ୍ତା ସହିତ ଏକ ବ୍ୟକ୍ତିସ୍ୱଭାବକୁ ଆଣି ଯୋଡ଼ିଦିଅନ୍ତି, ମନୁଷ୍ୟ ସହିତ ତାଙ୍କର ନାନା ମାନବିକ ସମ୍ବନ୍ଧକୁ ଆଣି ଯୋଡ଼ିଦିଅନ୍ତି । ଧର୍ମ ତଥା ଭକ୍ତିଯୋଗ ଉଭୟ କ୍ଷେତ୍ରରେ ଆପଣାର ମନୁଷ୍ୟସୁଲଭ ସଂବେଗଗୁଡ଼ିକ ସହିତହିଁ ମନୁଷ୍ୟ ପରମ ଦିବ୍ୟସତ୍ତାର ସମୀପବର୍ତ୍ତୀ ହୋଇଥାଏ; ଆପଣାର କୌଣସି ସହଚର ସଖାର ସମୀପବର୍ତ୍ତୀ ହେଲା ପରି ସେ ଭଗବାନଙ୍କର ସମୀପବର୍ତ୍ତୀ ହୋଇଥାଏ, ମାତ୍ର ସେ ଏହି କ୍ଷେତ୍ରରେ ଅଧିକ ପ୍ରଗାଢ଼ ଓ ଅଧିକ ଉଦ୍ବେଳିତ ନାନା ଅନୁଭୂତି ସହିତହିଁ ଅଗ୍ରସର ହୁଏ; ଏବଂ କେବଳ ଏତିକି ନୁହେଁ, ଏହିସବୁ ସଂବେଗର ଏକ ଅନୁରୂପ ଭାବରେ ପରମ ଦିବ୍ୟତା ମଧ୍ୟ ମନୁଷ୍ୟ ଲାଗି ଆପଣାର ପ୍ରତିସ୍ପନ୍ଦନମାନ ଜଣାଇଥାଏ । ସେହି ପ୍ରତିସ୍ପନ୍ଦନର ସମ୍ଭାବନା ଉପରେହିଁ ସମଗ୍ର ସମସ୍ୟାଟି ଅବଲମ୍ବନ କରି ରହିଥାଏ; କାରଣ ଯଦି ପରମ ଦିବ୍ୟସତ୍ତାକୁ ଆମେ କେବଳ ନୈର୍ବ୍ୟକ୍ତିକ ବୋଲି ମାନିବା, ଲକ୍ଷଣରହିତ ଓ ସମ୍ବନ୍ଧଶୂନ୍ୟ ବୋଲି ମାନିବା, ତେବେ ସେହି କ୍ଷେତ୍ରରେ ଏଭଳି କୌଣସି ପ୍ରତିସ୍ପନ୍ଦନ ସମ୍ଭବ ହେବ ନାହିଁ ଏବଂ ତାହା ଉଦ୍ଦେଶ୍ୟରେ ମନୁଷ୍ୟର ସମୀପବର୍ତ୍ତୀ ହେବାର ଯାବତୀୟ ସମ୍ଭାବନା କେବଳ ଏକ ଅସମ୍ଭବତା ହୋଇହିଁ ରହିବ । ସେହି ପରିସ୍ଥିତିରେ ଆମକୁ ବରଂ ଆମର ମନୁଷ୍ୟସ୍ୱଭାବ ଓ ବ୍ୟକ୍ତିସ୍ୱଭାବରୁ ମୁକ୍ତ ହୋଇ ଆସିବାକୁ ପଡ଼ିବ; ଆମ ଭିତରେ ଜଣେ ମନୁଷ୍ୟର ଅଥବା କୌଣସି ଏକ ସତ୍ତାଧାରୀ ଜୀବର ଯେଉଁ ପରିଚୟଟି ରହିଛି, ଆମକୁ ସେଇଟିକୁ ଏକାବେଳକେ ବିଲୁପ୍ତ କରିଦେବାକୁ ପଡ଼ିବ । କାରଣ ଏହା ବ୍ୟତୀତ ଆଉ କୌଣସି ଅବସ୍ଥାରେ ଓ ଅନ୍ୟ କୌଣସି ଉପାୟରେ ଆମେ ତାହାର ସମୀପବର୍ତ୍ତୀ ହୋଇପାରିବା ନାହିଁ । ଯେଉଁ ପରମ ନୈର୍ବ୍ୟକ୍ତିକତାର ଆମ ସହିତ କୌଣସି ସମ୍ବନ୍ଧ ନାହିଁ, ଏହି ବିଶ୍ୱଜଗତର କୌଣସି ବସ୍ତୁ ସହିତ ମଧ୍ୟ କୌଣସି ସମ୍ବନ୍ଧ ନାହିଁ ଏବଂ ଆମର ମନ ଲାଗି ଧରିଦେଇ ପାରିଲା ଭଳି କୌଣସି ଲକ୍ଷଣ ଯାହା ଭିତରେ ନାହିଁ, ସେହିଭଳି ଏକ ପରମ ନୈର୍ବ୍ୟକ୍ତିକତାକୁ ଭଲ ପାଇ ପାରିବା, ଭକ୍ତି କରିବା, ତାହାର ପ୍ରାର୍ଥନା, ପ୍ରଶଂସା ଅଥବା ଉପାସନା କରିବାକୁ ମଧ୍ୟ ସ୍ପଷ୍ଟତଃ କେବଳ ଏକ ଯୁକ୍ତିବୁଦ୍ଧିର ନିର୍ବୋଧତା ବୋଲିହିଁ କହିବାକୁ ପଡ଼ିବ । ଏବଂ ଏଭଳି ଗୋଟିଏ ପରିସ୍ଥିତିରେ ଧର୍ମ କିଂବା ଭକ୍ତିର ଆଉ ଆଦୌ କୌଣସି ପ୍ରଶ୍ନହିଁ ନଥାଏ । ଆପଣାର ନିର୍ଗୁଣ ଓ ନିଷ୍ପରିଣାମ ଦର୍ଶନଟି ସକାଶେ ଏକ ଧର୍ମଗତ ଆଧାରଭୂମି ପାଇପାରିବା ଲାଗି ଅଦ୍ୱୈତବାଦୀକୁ ବ୍ୟବହାରତଃ ଈଶ୍ୱରଙ୍କର ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ହୋଇଥାଏ, ନାନା ଦେବତାଙ୍କର ଅସ୍ତିତ୍ୱକୁ ବି ସ୍ୱୀକାର କରିବାକୁ ହୋଇଥାଏ ଏବଂ ମାୟାର ଭାଷାରେ

'oaob.nitrkl.ac.in' images reprocessed

ଆପଣା ମନକୁ ବିମୋହିତ କରି ରଖିବାକୁ ହୋଇଥାଏ । ଯେତେବେଳେ ବୁଦ୍ଧଙ୍କୁ ଏକ ପୂଜାସ୍ପଦ ପରମ ଦେବତାରୂପେ ପ୍ରତିଷ୍ଠିତ କରି ଦିଆଯାଇ ପାରିଲା, କେବଳ ସେତିକବେଳେହିଁ ବୌଦ୍ଧଧର୍ମ ଏକ ଧର୍ମ ହିସାବରେ ଲୋକାଦର ଲାଭ କରିଥିଲା ।

ଆମ ସହିତ ନାନା ସମ୍ବନ୍ଧରେ ସମ୍ବନ୍ଧିତ ହୋଇ ରହିଥିଲେ ମଧ୍ୟ ଯଦି ସର୍ବୋଚ୍ଚ ପରମତତ୍ତ୍ୱଟିର ଏହି ସମ୍ବନ୍ଧଗୁଡ଼ିକ କେବଳ ନୈର୍ବ୍ୟକ୍ତିକ ସମ୍ବନ୍ଧ ହୋଇହିଁ ରହିଥାଏ, ତେବେ ସେତେବେଳେ ଧର୍ମକୁ ଆପଣାର ମନୁଷ୍ୟଭୂମିଗତ ଯାବତୀୟ ବୀର୍ଯ୍ୟବନ୍ତତାରୁ ଅପହୃତ ହୋଇ ରହିବାକୁ ପଡ଼େ ଏବଂ ସେହି ସ୍ଥିତିରେ ଭକ୍ତିର ମାର୍ଗଟିରେ ମଧ୍ୟ କୌଣସି ଫଳଦାୟକତା ରହେ ନାହିଁ, ଓ ଏପରିକି ତାହା ଆଉ ସମ୍ଭବ ବି ହୋଇପାରେ ନାହିଁ । ଆମେ ତାହା ପ୍ରତି ଆମ ମାନବୀୟ ସଂବେଗଗୁଡ଼ିକର ହୁଏତ ବେଶ୍ ପ୍ରୟୋଗ କରିପାରୁ, ମାତ୍ର ଏହି ପ୍ରୟୋଗରେ ଆଦୌ କୌଣସି ନିଶ୍ଚିତତା କିଂବା ଯଥାର୍ଥତା ଆଦୌ ରହିପାରେ ନାହିଁ ଏବଂ ସେଥିରେ ମାନବୋଚିତ ପ୍ରତିସ୍ପନ୍ଦନ ଲାଗି ମଧ୍ୟ କେବେହେଲେ କୌଣସି ସମ୍ଭାବନା ନଥାଏ । ସେତେବେଳେ ଆମ ପାଇଁ ତାହା କୌଣସି ପ୍ରତିସ୍ପନ୍ଦନ ଜଣାଇ ପାରିବାର କେବଳ ଗୋଟିଏମାତ୍ର ସମ୍ଭାବନା ରହିଥାଏ, ଅର୍ଥାତ୍ ଆମର ସଂବେଗଗୁଡ଼ିକୁ ଶାନ୍ତ କରିଆଣି ଏବଂ ଆମ ଉପରେ ଆପଣାର ସ୍ୱକୀୟ ନୈର୍ବ୍ୟକ୍ତିକ ସ୍ପନ୍ଦନରହିତତା ତଥା ପରିବର୍ତ୍ତନରହିତ ସମତା ଅବସ୍ଥାଟିକୁ ନିକ୍ଷିପ୍ତ କରି ରଖିହିଁ ତାହା ଆମ ଲାଗି କୌଣସି ପ୍ରତିସ୍ପନ୍ଦନ ଜଣାଇବାକୁ ସମର୍ଥ ହୁଏ । ଏବଂ ପରମ ଦେବତ୍ୱର ପୂର୍ଣ୍ଣତ୍ରିଶୃଙ୍ଗ ନୈର୍ବ୍ୟକ୍ତିକତାର ନିକଟବର୍ତ୍ତୀ ହେଲାବେଳେ ପ୍ରକୃତରେ ତାହାହିଁ ଘଟିଥାଏ । ସେତେବେଳେ ଆମେ ତାହାକୁ ଏକ ପରମବିଧାନ ବୋଲି ମାନିପାରୁ, ତାହାର ଶାନ୍ତନିଶ୍ଚଳ ସତ୍ତାଟି ଲାଗି ରହିଥିବା ଆପଣାର ଆକାଙ୍କ୍ଷାରେ ଆମେ ତାହାର ଆଡ଼କୁ ଆମର ଆତ୍ମାଟିକୁ ଉତ୍ତୋଳିତ କରି ନେଇପାରୁ ଏବଂ ଆପଣା ଉପରୁ ଆମର ସଂବେଗମୟ ପ୍ରକୃତିଟିକୁ ଖସାଇ ପକାଇ ଆମେ ତାହାର ମଧ୍ୟକୁ ଅନ୍ତର୍ଭୁକ୍ତ ବି ହୋଇପାରୁ । ସେତେବେଳେ ତଦ୍ୱାରା ଆମ ଭିତରେ ରହିଥିବା ମନୁଷ୍ୟଟି ଆଦୌ ତୃପ୍ତ ହୋଇପାରେ ନାହିଁ; ମାତ୍ର ତାହା ଶାନ୍ତ ହୋଇଯାଏ, ସ୍ୱରସାମ୍ୟଯୁକ୍ତ ହୁଏ, ନିଶ୍ଚଳ ହୋଇଯାଏ । ମାତ୍ର ଏହି ବିଷୟଟିରେ ଧର୍ମ ସହିତ ଏକମତ ହେଉଥିଲେ ମଧ୍ୟ ଭକ୍ତିଯୋଗ କେବଳ ଏହି ନୈର୍ବ୍ୟକ୍ତିକ ଆକାଙ୍କ୍ଷାଟି ଅପେକ୍ଷା ଏକ ଅଧିକ ଅନ୍ତରଙ୍ଗ ତଥା ଅଧିକ ଉଷ୍ଣତାଯୁକ୍ତ ଉପାସନାର ଦାବି କରିଥାଏ । ଆମ ସତ୍ତା ଭିତରେ ରହିଥିବା ନୈର୍ବ୍ୟକ୍ତିକ ଅଂଶଟି ପରି ମନୁଷ୍ୟଧର୍ମୀ ଅଂଶଟିର ପରିପୂର୍ଣ୍ଣତାକୁ ମଧ୍ୟ ଆପଣାର ଉଦ୍ଦେଶ୍ୟ କରି ରଖିଥାଏ, ମନୁଷ୍ୟର ସଂବେଗମୟ ସତ୍ତା ଲାଗି ଏକ ଦିବ୍ୟ ପରିତର୍ପଣ ଆଣି ଦେଇପାରିବା ଲାଗି ତାହା ଅଭିଳାଷ ରଖିଥାଏ । ସର୍ବୋଚ୍ଚ ପରମ ସତ୍ତା ଆମର ପ୍ରେମଟିକୁ ଗ୍ରହଣ କରିନଅନ୍ତୁ ଏବଂ ଆମକୁ ତାହାର ଅନୁରୂପ ପ୍ରତିଦାନ ମଧ୍ୟ ଦିଅନ୍ତୁ ବୋଲି ସେ ତାଙ୍କଠାରୁ ଏକ ଦାବି କରିଥାଏ । ଯେପରି ଆମେ

'oaob.nitrkl.ac.in' images reprocessed

ତାଙ୍କୁ ନେଇ ଆନନ୍ଦ ପାଉଛୁ ଓ ତାଙ୍କୁ ଲୋଡ଼ି ବାହାରୁଛୁ, ସେହିପରି ସିଏ ମଧ୍ୟ ଆମକୁ ନେଇ ଆନନ୍ଦ ପାଉଛନ୍ତି ଏବଂ ଆମକୁ ଲୋଡ଼ୁଛନ୍ତି ବୋଲି ଭକ୍ତିଯୋଗ ବିଶ୍ୱାସ କରିଥାଏ । ଭକ୍ତିଯୋଗର ଏହି ଦାବିଟିକୁ ଆମେ କଦାପି ଯୁକ୍ତିବିରୁଦ୍ଧ ବୋଲି କହି ଛଡ଼ାଇ ଦେଇ ପାରିବା ନାହିଁ; କାରଣ ଯଦି ସେହି ବିଶ୍ୱଗତ ପରମସତ୍ତା ଆମକୁ ନେଇ ପ୍ରକୃତରେ କୌଣସି ଆନନ୍ଦ ପାଉ ନଥାନ୍ତେ, ତେବେ ଆମ ଲାଗି ଏହି ସତ୍ତାଟିକୁ ଗ୍ରହଣ କରିବା ଓ ଏହି ସତ୍ତାଟିକୁ ଧରି ଅବସ୍ଥାନ କରିବା ଯେ କିଭଳି ସମ୍ଭବ ହୁଅନ୍ତା, ତାହାର ଆଉ କୌଣସି କାରଣ ବାହାର କରିପାରିବା ଆଦୌ ସମ୍ଭବ ହୁଅନ୍ତା ନାହିଁ । ଏବଂ ଯଦି ସେ ଆମକୁ ଆପଣା ଆଡ଼କୁ ଆଦୌ କୌଣସିପ୍ରକାରେ ଆକର୍ଷିତ କରୁ ନଥାନ୍ତେ ଅର୍ଥାତ୍ ଏକ ଦିବ୍ୟ ସତ୍ତା ଯଦି ପ୍ରକୃତରେ ଆମରି ସନ୍ଧାନରେ ବାହାରି ନଥାନ୍ତା, ତେବେ ଆମେ ମଧ୍ୟ ତାଙ୍କରି ଅନ୍ୱେଷଣରେ ଆମ ନିତ୍ୟନୈମିତ୍ତିକ ଜୀବନର ବଳୟଟି ଭିତରୁ କାହିଁକି ଯେ ବାହାରି ଆସିବାକୁ ମନ କରୁଥାନ୍ତୁ, ପ୍ରକୃତି ଭିତରେ ସେଥିଲାଗି ଯଥାଯଥ କୌଣସି କାରଣ ଥିବାପରି ଆଦୌ ମନେ ହୁଅନ୍ତା ନାହିଁ ।

ତେଣୁ ଏକ ଭକ୍ତିଯୋଗ ଯେପରି ଆଦୌ ସମ୍ଭବ ହୋଇପାରିବ, ସେଥିଲାଗି ଆମକୁ ସର୍ବପ୍ରଥମେ ସ୍ୱୀକାର କରିନେବାକୁ ହେବ ଯେ ସର୍ବୋଚ୍ଚ ପରମସତ୍ତା କଦାପି ଏକ ଅମୂର୍ତ୍ତିତା କିଂବା ବାସ୍ତବାସ୍ତୁତା ନୁହନ୍ତି, ସେ ଏକ ଅସ୍ତିତ୍ୱମାତ୍ରହିଁ ନୁହନ୍ତି; ମାତ୍ର ସିଏ ହେଉଛନ୍ତି ଏକ ଚେତନାମୟ ସତ୍ତା । ଦ୍ୱିତୀୟତଃ, ଆମକୁ ସ୍ୱୀକାର କରିବାକୁ ହେବ ଯେ ଏହି ବିଶ୍ୱରେହିଁ ସେ ଆମର ସାକ୍ଷାତ୍କାର କରିବାକୁ ଆସୁଛନ୍ତି ଏବଂ କୌଣସି ନା କୌଣସି ପ୍ରକାରେ ସେ ଏହି ବିଶ୍ୱରେହିଁ ରହିଛନ୍ତି ତଥା ଏହି ବିଶ୍ୱର ଆତ୍ମମୂଳ ହୋଇ ରହିଛନ୍ତି । କାରଣ, ତାହା ନହୋଇଥିଲେ ତାଙ୍କର ସାକ୍ଷାତ ଲାଭ କରିବାକୁ ହେଲେ ଆମକୁ ଏହି ବିଶ୍ୱଜୀବନଟିକୁ ତ୍ୟାଗ କରି ଆଉ କେଉଁଠାକୁ ଯିବାକୁ ପଡ଼ୁଥାନ୍ତା । ତୃତୀୟତଃ, ସ୍ୱୀକାର କରିବାକୁ ହେବ ଯେ ଆମ ସହିତ ବ୍ୟକ୍ତିଭାବଗତ ନାନା ସମ୍ବନ୍ଧରେ ସମ୍ବନ୍ଧିତ ହୋଇ ରହିବାକୁ ମଧ୍ୟ ତାଙ୍କର ପୂର୍ଣ୍ଣ ସାମର୍ଥ୍ୟ ରହିଛି ଏବଂ ସେହି କାରଣରୁ ବ୍ୟକ୍ତିଭାବ ଧାରଣ କରିବା ସକାଶେ ସେ ଆଦୌ ଅସମର୍ଥ ନୁହନ୍ତି ବୋଲି କଦାପି କୁହାଯାଇ ପାରିବ ନାହିଁ । ଏବଂ ଶେଷରେ ଏକଥାଟି ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ଆମେ ଯେତେବେଳେ ଆମର ମନୁଷ୍ୟ ସଂବେଗଗୁଡ଼ିକୁ ନେଇ ତାଙ୍କର ସନ୍ନିଧାନକୁ ଯାଇଥାଉ, ସେତେବେଳେ ଆମେ ତାଙ୍କଠାରୁ ଏକ ତଦନୁରୂପ ପ୍ରତିସ୍ପନ୍ଦନ ମଧ୍ୟ ଲାଭ କରିଥାଉ । ଏହାର ଅର୍ଥ ଏପରି ନୁହେଁ ଯେ ପରମ ଦିବ୍ୟତାର ପ୍ରକୃତି ଓ ଆମ ମନୁଷ୍ୟପ୍ରକୃତି ଭିତରେ ଆଦୌ କୌଣସି ଭିନ୍ନତା ନାହିଁ; ଆମ ପ୍ରକୃତିଟିର ତୁଳନାରେ ଦିବ୍ୟ ପ୍ରକୃତି କେବଳ ଯାହା ଏକ ବୃହତ୍ତର ଭୂମିରେ କାର୍ଯ୍ୟକାରୀ ହୋଇ ରହିଛି, ସେତିକି । ଅଥବା, ଆମେ ଏପରି ମଧ୍ୟ ଭାବିବା ନାହିଁ ଯେ ଦୁଇଟିଯାକ ପ୍ରକୃତି ମଧ୍ୟରେ କୌଣସି ଭିନ୍ନତା ନାହିଁ, ଦିବ୍ୟପ୍ରକୃତି ମନୁଷ୍ୟପ୍ରକୃତିଗତ

'oaob.nitrkl.ac.in' images reprocessed

କେତୋଟି ବିକାରବୁଦ୍ଧି ଯାହା ମୁକ୍ତ ହୋଇ ରହିଛି । ଈଶ୍ୱର କହିଲେ ଆମେ କେବଳ ଜଣେ ବରିଷ୍ଠ ମାନବ ଅଥବା ଜଣେ ଆଦର୍ଶ ମାନବକୁ ମଧ୍ୟ କଦାପି ବୁଝିବା ନାହିଁ । ଆମେ ଯେପରି ଆମର ଏହି ସାଧାରଣ ଚେତନାଟିରେ ଏକ ଅହଂକୁ ନେଇ ଆପଣାର ଗୁଣଗୁଡ଼ିକ ଦ୍ୱାରା ସୀମାବଦ୍ଧ ହୋଇ ରହିଛୁ, ଭଗବାନ ଆଦୌ ସେପରି ଏକ ଅହଂ ନୁହନ୍ତି ବା ହୋଇ ମଧ୍ୟ ପାରିବେ ନାହିଁ । ମାତ୍ର ଅନ୍ୟ ପକ୍ଷରେ ଏକଥା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଆମର ମନୁଷ୍ୟଚେତନାକୁ ସେହି ଦିବ୍ୟତା ମଧ୍ୟରୁହିଁ ନିଷ୍ପନ୍ନ ହୋଇ ଆସିବାକୁ ପଡ଼ିବ ଏବଂ ସୁନିଶ୍ଚିତ ଭାବରେ ତାହା ସେଇଥିରୁହିଁ ନିଷ୍ପନ୍ନ ହୋଇ ଆସିଛି । ଅବଶ୍ୟ ଏକଥା ସତ ଯେ ସେହି ଦିବ୍ୟତା ଆମ ଭିତରକୁ ଆସି ଯେଉଁ ସବୁ ଆକାର ଗ୍ରହଣ କରିବ, ତାହା ହୁଏତ ଦିବ୍ୟତାଠାରୁ ଭିନ୍ନ ହୋଇ ରହିବ ଓ ଭିନ୍ନ ହେବାକୁ ବାଧ୍ୟ ହେବ; କାରଣ ଆମର ଏହି ଭୂମିରେ ଆମେ ଅହଂଗତ ନାନା ବାଡ଼ ଭିତରେ ବାନ୍ଧିହୋଇ ରହିଛୁ, ବିଶ୍ୱଗତ ଭାବରେ ପ୍ରସାରିତ ହୋଇପାରୁ ନାହୁଁ, ଆମ ସ୍ୱପ୍ରକୃତିର ଊର୍ଦ୍ଧ୍ୱକୁ ଯାଇପାରୁ ନାହୁଁ ଏବଂ ସେହି ଦିବ୍ୟ ପୁରୁଷଙ୍କ ପରି ଆମର ଯାବତୀୟ ଗୁଣ ଓ ସେଗୁଡ଼ିକର କ୍ରିୟାତ୍ମକତାଠାରୁ ଆଦୌ ବୃହତ୍ତର ହୋଇପାରୁ ନାହୁଁ । ମାତ୍ର ତଥାପି ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆମର ଏହି ଯାବତୀୟ ମନୁଷ୍ୟ-ସମ୍ବେଗ ତଥା ମନୁଷ୍ୟାବେଗ ପଛରେ ସର୍ବଦା ତାଙ୍କର ଏକ ପରମସତ୍ୟ ବିଦ୍ୟମାନ ରହିଛି ଏବଂ ଯେତେ ସୀମାବଦ୍ଧ, ତେଣୁ ଅନେକ ସମୟରେ ବିକାରଯୁକ୍ତ ଓ ଏପରିକି ଯେତେ ଭ୍ରଷ୍ଟ ଓ ସ୍ଖଳିତ ଭାବରେ ହେଲେ ମଧ୍ୟ ସେଗୁଡ଼ିକ ସେହି ପରମସତ୍ୟରହିଁ ଅଭିବ୍ୟକ୍ତ ହୋଇ ରହିଛନ୍ତି । ଆମର ଏହି ସମ୍ବେଗମୟ ସତ୍ତାଟି ସହିତ ତାଙ୍କର ଆଡ଼କୁ ଅଗ୍ରସର ହୋଇ ଆମେ କେବଳ ସେହି ପରମସତ୍ୟରହିଁ ସମୀପବର୍ତ୍ତୀ ହୋଇଥାଉ, ଆମ ସମ୍ବେଗଗୁଡ଼ିକୁ ଭେଟିବା ଲାଗିହିଁ ସେ ଆମର ଭିତରକୁ ଓହ୍ଲାଇ ଆସେ, ସେଗୁଡ଼ିକୁ ଆପଣା ଆଡ଼କୁ ଉତ୍ତୋଳିତ କରିନେବାକୁ ସେ ଏଠାକୁ ଓହ୍ଲାଇ ଆସେ ଏବଂ ଏହାରି ମଧ୍ୟଦେଇ ଆମର ସମ୍ବେଗୀ ସତ୍ତାଟି ତାହା ସହିତ ସମ୍ମିଳିତ ହୋଇଯାଏ ।

ଦ୍ୱିତୀୟତଃ, ଏହି ସର୍ବୋଚ୍ଚ ପରମସତ୍ତାହିଁ ଏହି ବିଶ୍ୱରେ ମଧ୍ୟ ପରିବ୍ୟାପ୍ତ ହୋଇ ରହିଛନ୍ତି ଏବଂ ଏହି ବିଶ୍ୱ ସହିତ ଆମର ଯେତେ ଯାହା ସମ୍ବନ୍ଧ ରହିଛି, ସେହିଗୁଡ଼ିକୁହିଁ ସାଧନରୂପେ ବ୍ୟବହାର କରି ଆମେ ତାଙ୍କର ସହିତ ନାନା ସମ୍ବନ୍ଧରେ ପ୍ରବିଷ୍ଟ ହେବା ଲାଗି ଆପଣାକୁ ପ୍ରସ୍ତୁତ କରିଥାଉ । ଯେଉଁ ସମ୍ବେଗଗୁଡ଼ିକ ଦ୍ୱାରା ଆମେ ଏହି ବିଶ୍ୱ-ଅସ୍ତିତ୍ୱର ଯାବତୀୟ କ୍ରିୟାର ସମ୍ମୁଖୀନ ହେବାକୁ ଯାଉଥାଉ, ସେସବୁ ବସ୍ତୁତଃ କେବଳ ତାଙ୍କର ଆଡ଼କୁହିଁ ଉଦ୍ଦିଷ୍ଟ ହୋଇ ରହିଥାଏ; ପ୍ରଥମେ ଅଜ୍ଞାନ ମଧ୍ୟରେହିଁ ଉଦ୍ଦିଷ୍ଟ ହୋଇ ରହିଥାଏ, ମାତ୍ର ଏକ କ୍ରମବର୍ଦ୍ଧମାନ ଜ୍ଞାନ ଦ୍ୱାରା ସେଗୁଡ଼ିକୁ ତାଙ୍କର ଆଡ଼କୁ ଉଦ୍ଦିଷ୍ଟ କରି ରଖି ଆମେ ତାଙ୍କ ସହିତ ଆହୁରି ଅଧିକ ଅନ୍ତରଙ୍ଗ ଭାବରେ ସମ୍ବନ୍ଧବଦ୍ଧ ହୋଇପାରୁ ଏବଂ ତାହା

'oaob.nitrkl.ac.in' images reprocessed

ଫଳରେ ସେଗୁଡ଼ିକ ମଧ୍ୟରେ ଯାହାକିଛି ଅସତ୍ୟ ଓ ଅଜ୍ଞାନାଚ୍ଛନ୍ନ ହୋଇ ରହିଥାଏ, ଆମେ ସେହି ଅଭିଳଷିତ ଏକତ୍ୱର ନିକଟତର ହୋଇ ଆସିବା ସଙ୍ଗେସଙ୍ଗେ ସେସବୁ ଆମ ଉପରୁ ଖସି ପଡ଼ିବାରେ ଲାଗିଥାଏ। ଆମର ପ୍ରତ୍ୟେକଟି ସଂବେଗକୁ ସେ ଆପଣାର ପ୍ରତିସ୍ପନ୍ଦନ ଜଣାନ୍ତି; ଆମେ ଅଗ୍ରଗତିର ଯେଉଁ ପର୍ଯ୍ୟାୟଟିରେ ରହିଥାଉ, ସେ ସେହି ପର୍ଯ୍ୟାୟରେହିଁ ଆମକୁ ଗ୍ରହଣ କରିନଅନ୍ତି। କାରଣ ଯଦି ଏହି କ୍ଷେତ୍ରରେ ଆମେ କୌଣସି ପ୍ରତିସ୍ପନ୍ଦନର ସମ୍ମୁଖୀନ ହେଉ ନଥାନ୍ତୁ ଓ ଆମର ଅପୂର୍ଣ୍ଣ ଯାହାରେ ତାଙ୍କର ସାହାଯ୍ୟ ପାଉ ନଥାନ୍ତୁ, ତେବେ ଆମର ଏହି ସମ୍ବନ୍ଧଗୁଡ଼ିକରେ ଆଉ କୌଣସି ପୂର୍ଣ୍ଣତରତା କଦାପି ସମ୍ଭବ ହେଉ ନଥାନ୍ତା। ଏପରିକି ବିଭିନ୍ନ ମନୁଷ୍ୟ ଯେଉଁପରି ଭାବରେ ତାଙ୍କର ସମୀପବର୍ତ୍ତୀ ହୋଇଥାନ୍ତି, ସେ ସେମାନଙ୍କୁ ସେହିପରି ଭାବରେହିଁ ସ୍ୱୀକାର କରିନଅନ୍ତି ଏବଂ ଆପଣାର ଦିବ୍ୟପ୍ରେମଟି ଦ୍ୱାରା ସେମାନଙ୍କ ଭକ୍ତିର ସେହିପରି ପ୍ରତିସ୍ପନ୍ଦନ ଜଣାଇଥାନ୍ତି; 'ତଥୈବ ଭଜତେ'। ବିଭିନ୍ନ ମନୁଷ୍ୟ ସତ୍ତ୍ୱଗତ ଯେଉଁ ରୂପ ଅଥବା ଯେଉଁ ଗୁଣସବୁ ଦେଇ ତାଙ୍କର ଉପସ୍ଥାପନା କରିଥାନ୍ତି, ସେହି ରୂପ ଓ ସେହି ଗୁଣସକଳର ମଧ୍ୟଦେଇହିଁ ସେ ସେମାନଙ୍କୁ ବିକଶିତ ହେବାରେ ସାହାଯ୍ୟ କରନ୍ତି, ସେମାନଙ୍କର ଅଗ୍ରଗତି ପଥରେ ସେମାନଙ୍କୁ ଉତ୍ସାହ ଦିଅନ୍ତି ଓ ସେହି ପଥଟିର ନିୟନ୍ତ୍ରଣ କରୁଥାନ୍ତି। ସେମାନଙ୍କର ସେହି ସରଳ ଅଥବା ବକ୍ର ପଥରେହିଁ ସେ ସେମାନଙ୍କୁ ଆପଣା ଆଡ଼କୁ ଆକର୍ଷିତ କରି ଆଣନ୍ତି। ସେମାନେ ତାଙ୍କୁ ଯେଉଁ ଭାବରେ ଦେଖନ୍ତି, ତାହାକୁ ଅବଶ୍ୟ ଏକ ସତ୍ୟ ବୋଲି ବୁଝାଯିବ, ମାତ୍ର ସେହି ସତ୍ୟଟି ସେମାନଙ୍କର ଆପଣା ସତ୍ତ୍ୱ ଓ ଆପଣା ଚେତନାରେହିଁ ସେମାନଙ୍କ ଲାଗି ଆପଣାକୁ ଲୁକ୍କାଇ ରଖିଥାଏ, ସେମାନଙ୍କ ଆଗରେ କେବଳ ଆଂଶିକ ଭାବରେ ବା ବିକୃତ ଭାବରେହିଁ ପ୍ରକାଶିତ ହୋଇ ରହିଥାଏ; ଆପଣାର ସ୍ୱକୀୟ ଉଚ୍ଚତର ସତ୍ୟ-ଦର୍ଶିର ଭୂମିରେ ତାହା ଆପଣାକୁ ପ୍ରକଟ କରି ନଥାଏ, ଆମେ ସେହି ପରମ ଦିବ୍ୟତାର ମୂର୍ତ୍ତି ପରିଚୟଟିକୁ ଲାଭ କଲାବେଳେ ତାହାର ଯେଉଁ ବିଗ୍ରହଟି ଆମ ଆଗରେ ପ୍ରତିଭାତ ହୋଇଉଠେ, ଏହି ସ୍ଥିତିଟିରେ ଆମେ ତାହାର ସେହି ବିଗ୍ରହଟିର ଆଦୌ ଦର୍ଶନ ଲାଭ କରିପାରୁ ନାହିଁ। ଏହି କଥାଟିହିଁ ଧର୍ମର ଅତ୍ୟନ୍ତ ସ୍ଥୂଳ ତଥା ଆଦିମ ତତ୍ତ୍ୱଗୁଡ଼ିକର ଔଚିତ୍ୟକୁ ମଧ୍ୟ ସିଦ୍ଧ କରି ଦେଇଥାଏ ଏବଂ ତହିଁ ସଙ୍ଗେସଙ୍ଗେ ସେଗୁଡ଼ିକର ଅସ୍ଥାୟିତା ଓ ଅଳ୍ପାନୁଭୂତାର ମଧ୍ୟ ଘୋଷଣା କରିଦିଏ। ସେଗୁଡ଼ିକର ଅବଶ୍ୟ ଏକ ଔଚିତ୍ୟ ରହିଛି, କାରଣ ସେଗୁଡ଼ିକ ପଛରେ ପରମ ଦିବ୍ୟତାର ଏକ ସତ୍ୟ ସର୍ବଦା ନିହିତ ହୋଇ ରହିଛି ଏବଂ ବିକଶମାନ ମନୁଷ୍ୟଚେତନାର ସେହି ସୋପାନଟିରେ କେବଳ ସେହିପରି ଭାବରେହିଁ ପରମ ଦିବ୍ୟତାର ସେହି ସତ୍ୟଟିର ନିକଟବର୍ତ୍ତୀ ହେବା ସମ୍ଭବ ହୋଇପାରିଲା ଏବଂ ତାହାକୁ ଆଗକୁ ଯାଇ ପାରିବାରେ ସାହାଯ୍ୟ କରିବା ମଧ୍ୟ ସମ୍ଭବ ହୋଇପାରିଲା; ସେଗୁଡ଼ିକ ଏଠାରେ ନିନ୍ଦିତ ହୋଇ

'oaob.nitrkl.ac.in' images reprocessed

ମଧ୍ୟ ରହିଛନ୍ତି, ପରମ ଦିବ୍ୟତାଟି ବିଷୟରେ ଏହିସବୁ ଅଶୋଧିତ କଳ୍ପନା କରିବା ଓ ତାହା ସହିତ ଏହିସବୁ ଅଶୋଧିତ ସମ୍ବନ୍ଧତତାରେ ସର୍ବଦା ବାନ୍ଧି ହୋଇ ରହିବାର ଅର୍ଥ ହେଉଛି ପରବର୍ତ୍ତୀ ପର୍ଯ୍ୟାୟର ସେହି ଅନ୍ତରଙ୍ଗତର ସମ୍ମିଳନଟିରୁ ଆପଣାକୁ ବଞ୍ଚିତ କରି ରଖିବା । ଯେତେ ଦୋଷଯୁକ୍ତ ହେଲେ ମଧ୍ୟ ଏହିସବୁ ଅଶୋଧିତ ପ୍ରାରମ୍ଭସ୍ଥିତିଗୁଡ଼ିକୁ ଆମେ କେବଳ ତାହାର ପ୍ରଥମ ନାନା ପଦକ୍ଷେପ ବୋଲି କହିପାରିବା ।

ସମଗ୍ର ଜୀବନ ପ୍ରକୃତିର ଏକ ଯୋଗ ବୋଲି ଆମେ ପୂର୍ବରୁ କହିଛୁ । ଆପଣାର ପ୍ରଥମ ଅଚେତନତା ମଧ୍ୟରୁ ବାହାରି ଆପଣାର ଯଥାର୍ଥ ଉତ୍ସମୂଳ ସେହି ଚେତନ ପରମ ଦିବ୍ୟସତ୍ତା ସହିତ ଯୁକ୍ତ ହେବା ଲାଗି ପୁନର୍ବାର ବାହୁଡ଼ି ଆସିବାକୁ ପ୍ରକୃତି ଯେଉଁ ପ୍ରୟାସଟି କରିବାରେ ଲାଗିଛି, ଜୀବନ କହିଲେ ଏହି ଭୌତିକ ଜଗତରେ ପ୍ରକୃତରେ ସେହି ପ୍ରୟାସଟିକୁହିଁ ବୁଝାଉଛି । ପ୍ରକୃତିର ସଫଳ ସାଧନରୂପେ କାର୍ଯ୍ୟ କରୁଥିବା ମନୁଷ୍ୟମନ ଧର୍ମର ଭୂମିରେ ପ୍ରବେଶ କରି ଆପଣା ମଧ୍ୟରେ ରହିଥିବା ପ୍ରକୃତିର ସେହି ଲକ୍ଷ୍ୟଟି ବିଷୟରେ ସଜ୍ଞାନତା ଲାଭ କରୁଛି ଏବଂ ପ୍ରକୃତିର ସେହି ଅଭିପ୍ସାଟିକୁହିଁ ଆପଣାର ପ୍ରତିସ୍ପନ୍ଦନ ଜଣାଉଛି । ଏପରିକି ସାଧାରଣ ଲୌକିକ ସ୍ତରର ଧର୍ମକୁ ମଧ୍ୟ ଆମେ ଗୋଟିଏ ପ୍ରକାରର ଅଜ୍ଞାନମୟ ଭକ୍ତିଯୋଗ ବୋଲି କହିପାରିବା । ମାତ୍ର ମୂଳସ୍ଥ ଅଭିପ୍ସାଟି କେତେକ ପରିମାଣରେ ଅଦୃଶ୍ୟଦର୍ଶୀ ନହୋଇ ପାରିଥିବା ପର୍ଯ୍ୟନ୍ତ, ଯୁକ୍ତ ହେବାକୁହିଁ ଆପଣାର ଅସଲ ଲକ୍ଷ୍ୟ ଓ ପ୍ରେମକୁହିଁ ସେହି ଯୁକ୍ତ ହେବାର ପ୍ରକୃତ ତତ୍ତ୍ୱରୂପେ ଆବିଷ୍କାର କରି ନଥିବା ପର୍ଯ୍ୟନ୍ତ ଏବଂ ସେହି କାରଣରୁ ତାହା ପ୍ରେମରହିଁ ଉପଲବ୍ଧି କରିବାକୁ ତଥା ପ୍ରେମରେହିଁ ଆପଣାର ସକଳ ବିଭେଦଧର୍ମିତାକୁ ପରିହାର କରି ଆସିବାକୁ ପ୍ରୟାସ ଆରମ୍ଭ ନକରିଥିବା ପର୍ଯ୍ୟନ୍ତ ଆମେ ବିଶେଷ ଭାବରେ ଯାହାକୁ ଯୋଗ ବୋଲି କହିଆସିଛୁ, ତାହା କଦାପି ସେହି ଯୋଗର ସୋପାନକୁ ଉତ୍ତୀର୍ଣ୍ଣ ହୋଇପାରିବ ନାହିଁ । ଏବଂ ଯେତେବେଳେ ସେଇଟି ସିଦ୍ଧ ହୋଇଯିବ, ସେତେବେଳେ ଯୋଗ ତାହାର ନିର୍ଣ୍ଣାୟକ ପଦକ୍ଷେପଟି ଗ୍ରହଣ କରିଛି ଏବଂ ସେହି ପଦକ୍ଷେପଟିକୁ ପରିପୂର୍ଣ୍ଣ ଓ ସଫଳ କରିବା ଲାଗି ତାହା ମଧ୍ୟରେ ନିଶ୍ଚିତ ବିଶ୍ୱାସ ରହିଛି ବୋଲି କୁହାଯାଇ ପାରିବ । ତେଣୁ ଭକ୍ତର ଉଚ୍ଚପ୍ରେରକଗୁଡ଼ିକୁ ପ୍ରଥମେ ପୂର୍ଣ୍ଣନିମଗ୍ନ ଓ ସର୍ବମୁଖ୍ୟ ଭାବରେ ଆପଣାକୁ ସେହି ପରମ ଦିବ୍ୟତା ଆଡ଼କୁହିଁ ଉଦ୍ଦିଷ୍ଟ କରି ରଖିବାକୁ ପଡ଼ିବ, ତା'ପରେ ଆପଣାକୁ ଏପରି ଭାବରେ ରୂପାନ୍ତରିତ କରିଦେବାକୁ ପଡ଼ିବ ଯେପରିକି ସେଗୁଡ଼ିକ ଅପେକ୍ଷାକୃତ ଅଧିକ ପରିମାଣରେ ଆପଣାର ପାର୍ଥିବ ଉପାଦାନଗୁଡ଼ିକରୁ ମୁକ୍ତ ହୋଇ ବାହାରିଆସି ପାରିବେ ଏବଂ ଶେଷରେ ଶୁଦ୍ଧ ତଥା ପରିପୂର୍ଣ୍ଣ ପ୍ରେମରେହିଁ ଆପଣାର ଆସ୍ଥାନ ଗ୍ରହଣ କରିପାରିବେ । ଯେଉଁମାନେ ପ୍ରେମର ସେହି ପରିପୂର୍ଣ୍ଣ ଯୁକ୍ତାବସ୍ଥାଟି ସହିତ ଏକାନ୍ତ ତୁଷ୍ଟି ରହିପାରିବେ ନାହିଁ,

'oaob.nitrkl.ac.in' images reprocessed

ସେଗୁଡ଼ିକୁ ପରିଶେଷରେ ପଛରେ ପଡ଼ି ରହିଯିବାକୁ ହେବ ଏବଂ କେବଳ ଯେଉଁଗୁଡ଼ିକ ଆପଣାକୁ ଦିବ୍ୟ ପ୍ରେମର ଗୋଟିଏ ଗୋଟିଏ ଅଭିବ୍ୟକ୍ତିରେ ରୂପାୟିତ କରିଦେଇ ପାରିବେ ତଥା ଦିବ୍ୟ ପ୍ରେମକୁ ଆସ୍ୱାଦନ କରିବାର ଗୋଟିଏ ଗୋଟିଏ ସାଧନରୂପେ ରୂପାୟିତ କରିଦେଇ ପାରିବେ, କେବଳ ସେହିଗୁଡ଼ିକହିଁ ଅବଶିଷ୍ଟ ରହିବେ । କାରଣ ପ୍ରେମ ହେଉଛି ଆମ ଭିତରେ ରହିଥିବା ସେହି ଗୋଟିଏ ମାତ୍ର ସଂବେଗ ଯାହାକି ଆପଣାକୁ ସକଳ ଅଭିପ୍ରାୟବଶତାରୁ ମୁକ୍ତ କରିଦେଇ ପାରିବ ଓ ଆପେ-ବର୍ତ୍ତମାନ ହୋଇ ଅବସ୍ଥାନ କରିପାରିବ । ପ୍ରେମ ଆପଣା ଲାଗି କେବଳ ସେହି ପ୍ରେମ ବ୍ୟତୀତହିଁ ଅନ୍ୟ କୌଣସି ଅଭିପ୍ରାୟ ଆଦୌ ଆବଶ୍ୟକ କରିବ ନାହିଁ । କାରଣ ଆନନ୍ଦର ସନ୍ଧାନ କରି ବାହାରିବାରୁ ଏବଂ ଆନନ୍ଦର ଅଧିକାରୀ ହୋଇ ରହିବାରୁହିଁ ଆମର ସକଳ ସଂବେଗର ଉଦ୍ଭବ ହୋଇଥାଏ; ଅଥବା ଆମର ସେହି ସନ୍ଧାନଟି ପ୍ରତିହତ ହୋଇ-ପଡ଼ିଲେ କିଂବା ଆମେ ଅଧିକାରୀ ହୋଇ ରହିଥିବା ବା ଅଧିକାର କରିବା ଲାଗି ଭାବିଥିବା ଆନନ୍ଦଟି ବିଫଳ ହୋଇପଡ଼ିଲେ ବି ସଂବେଗର ଉଦୟ ହୋଇଥାଏ । ମାତ୍ର କେବଳ ପ୍ରେମର ସାଧନ ଦ୍ୱାରାହିଁ ଆମେ ଅପରୋକ୍ଷ ଭାବରେ ଦିବ୍ୟ ପରମ ସତ୍ତାଙ୍କର ସେହି ଆପେ-ବର୍ତ୍ତମାନ ଆନନ୍ଦଟିର ଅଧିକୃତ ମଧ୍ୟକୁ ପ୍ରବିଷ୍ଟ ହୋଇପାରିବା । ଦିବ୍ୟ ପ୍ରେମକୁହିଁ ଆମେ ବସ୍ତୁତଃ ସେହି ଅଧିକୃତ ବୋଲି କହିବା ଏବଂ ସେହି ପରମ ଆନନ୍ଦର ସଚେତଅବା ଦେହ ବୋଲି ମଧ୍ୟ କହିପାରିବା ।

ଏହିସବୁ ସତ୍ୟହିଁ ଏହି ଯୋଗରେ ଆମର ଗତିପଥଟିକୁ ଓ ଏହି ପଥରେ ଆମର ଯାତ୍ରାକୁ ନିରୂପିତ କରି ରଖିଥାନ୍ତି । ଏହି କ୍ଷେତ୍ରରେ ମନୁଷ୍ୟର ବୁଦ୍ଧିକୁ ସଂଶୟରେ ପକାଉଥିବା ଭଳି ଆହୁରି କେତେକ ଆନୁଷଙ୍ଗିକ ଗୌଣ ପ୍ରଶ୍ନର ମଧ୍ୟ ଉତ୍ଥାପନ ଅବଶ୍ୟ ହୋଇଥାଏ; ମାତ୍ର ସେଗୁଡ଼ିକର ଆଲୋଚନା ତଥାପି ବାକୀ ରହି ଯାଇଥିଲେ ମଧ୍ୟ ଆମେ କଦାପି ସେଗୁଡ଼ିକୁ ମୁଖ୍ୟ ବା ଅସଲ ବୋଲି କହିବା ନାହିଁ । ଭକ୍ତିଯୋଗ ହେଉଛି ହୃଦୟର ବ୍ୟାପାର, ତାହା ବୁଦ୍ଧି ବା ମସ୍ତିଷ୍କର ବ୍ୟାପାର ନୁହେଁ । କାରଣ ଏହି ମାର୍ଗରେ ଆମକୁ ଯେଉଁ ଜ୍ଞାନର ମଧ୍ୟ ଉପଲବ୍ଧି ହୋଇଥାଏ, ସେଥିଲାଗି ଆମେ ଆମ ହୃଦୟ ମଧ୍ୟରୁହିଁ ପ୍ରବୃତ୍ତ ହୋଇ ଯାଇଥାଉ, ଆମ ବୁଦ୍ଧିର କ୍ଷେତ୍ରରୁ ପ୍ରବୃତ୍ତ ହୋଇ ନଥାଉ । ତେଣୁ, ହୃଦ୍‌ଗତ ଶ୍ରଦ୍ଧାର ପ୍ରେରକଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ସତ୍ୟ ବୋଲି ଜାଣିବା, ଏବଂ ସେଗୁଡ଼ିକ ସର୍ବଶେଷରେ ପ୍ରେମର ସେହି ସର୍ବୋଚ୍ଚ ତଥା ଅନନ୍ୟ ଆପେ-ବର୍ତ୍ତମାନ ପ୍ରେରକଟିରେ ଯାଇ ଉପନୀତ ହୁଅନ୍ତି ତଥା ତାହାରି ମଧ୍ୟରେହିଁ ଲୀନ ହୋଇଯାଆନ୍ତି ବୋଲି ଜାଣିବା,—ଏଠାରେ ଆମର ଆଲୋଚ୍ୟ ପ୍ରସଙ୍ଗଟି କହିଲେ ଆମେ ପ୍ରଥମତଃ ଓ ମର୍ମତଃ କେବଳ ତାହାହିଁ ମନେ ରଖିବା । ପରମ ଦିବ୍ୟସତ୍ତାର ପ୍ରକୃତିରେ ଏପରି ଏକ ମୂଳଭୂତ ଜଡ଼ାତୀତ ରୂପ ବା ରୂପର ସାମର୍ଥ୍ୟ ରହିଛି କି ନାହିଁ ଯେଉଁଥିରୁ କି ସକଳ ରୂପର ଉଦ୍ଭବ ହେଉଛି ଅଥବା

'oaob.nitrkl.ac.in' images reprocessed

ତାହା ଶାଶ୍ୱତ ଭାବରେ ଅରୂପ ହୋଇ ରହିଛ,—ଏହି କ୍ଷେତ୍ରଟିରେ ଏଭଳି ଦୁରୂହ ପ୍ରଶ୍ନମାନ ବି ନିହିତ ରହିଛି । ବର୍ତ୍ତମାନ ଆମେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ଭକ୍ତମାନେ ପରମ ଦିବ୍ୟତା ଉପରେ ଯେଉଁସବୁ ବିବିଧ ରୂପର ଆରୋପଣ କରିଥାନ୍ତି, ପରମ ଦିବ୍ୟ ସତ୍ତା ଅନ୍ତତଃ ସେଗୁଡ଼ିକୁ ସ୍ୱୀକାର କରିନଅନ୍ତି ଏବଂ ସେହିଗୁଡ଼ିକର ମାଧ୍ୟମରେହିଁ ପ୍ରେମର ଭୂମି ଉପରେ ଭକ୍ତକୁ ଆସି ଭେଟିଥାଆନ୍ତି; ଏବଂ ଆମର ଯାବତୀୟ ଚିଦ୍‌ଗତତା ସହିତ ତାଙ୍କର ଚିଦ୍‌ଗତତାର ସମ୍ମିଶ୍ରଣହିଁ ଭକ୍ତିର ପୂର୍ଣ୍ଣକାମ ହୋଇପାରିବା ଲାଗି ସର୍ବଦା ଅତ୍ୟାବଶ୍ୟକ ହୋଇ ରହିଥାଏ । ସେହିପରି କେତେକ ଧର୍ମ ଓ ଧର୍ମସମ୍ବନ୍ଧୀ ଦର୍ଶନ ମଧ୍ୟ ମନୁଷ୍ୟର ଆତ୍ମା ଓ ପରମ ଦିବ୍ୟତତ୍ତ୍ୱଟି ମଧ୍ୟରେ ରହିଥିବା ଏକ ଶାଶ୍ୱତ ଭେଦର କଳ୍ପନା ସହିତ ଭକ୍ତିକୁ ଛନ୍ଦି କରି ରଖିବାର ପ୍ରବୃତ୍ତି ଦେଖାଇ ଆଆନ୍ତି; ଏହି ଭେଦଟି ବ୍ୟତୀତ ପ୍ରେମ ଓ ଭକ୍ତି କେବେହେଲେ ସମ୍ଭବ ହୋଇପାରିବ ନାହିଁ ବୋଲି ସେମାନେ ଦାବି କରିଥାନ୍ତି । ଏବଂ ତେଣେ ଅନ୍ୟ ପକ୍ଷରେ ଯେଉଁ ଦର୍ଶନଟି କେବଳ ସେହି ପରମ ଅଦ୍ୱିତୀୟ ସତ୍ତାଟିହିଁ ବିରାଜି ରହିଛି ବୋଲି ବିସ୍ତୃତ କରିଥାଏ, ତାହା ପ୍ରେମ ଓ ଭକ୍ତିକୁ ଅଜ୍ଞାନସ୍ଥ ଏକ ଗଣ୍ଠିବନ୍ଧନ ମଧ୍ୟରେହିଁ ନେଇ ଛନ୍ଦି ଦେଇଥାଏ; ଅଜ୍ଞାନଟା ତଥାପି ବଳବତ୍ତର ରହିଥିବା ପର୍ଯ୍ୟନ୍ତ ତାହା ଭକ୍ତିକୁ ସମ୍ଭବତଃ ବା ଅନ୍ତତଃ କେବଳ ଏକ ପ୍ରସ୍ତୁତିକାଳୀନ ଚର୍ଯ୍ୟାରୂପେହିଁ ଆବଶ୍ୟକ ବୋଲି କହେ, ମାତ୍ର ଯେତେବେଳେ ସକଳ ଭେଦ ଅନ୍ତର୍ହିତ ହୋଇଯାଏ, ସେତେବେଳେ ପ୍ରେମ ଓ ଭକ୍ତି ମଧ୍ୟ ଅସମ୍ଭବ ହୋଇପଡ଼ନ୍ତି ଓ ତେଣୁ ସେଗୁଡ଼ିକୁ ସେହି କ୍ଷେତ୍ରରେ ଅତିକ୍ରମ ଓ ବର୍ଜନ କରି ଚାଲିଯିବାକୁ ପଡ଼େ ବୋଲି ଘୋଷଣା କରିଥାଏ । ପରମେଶ୍ୱର ସମୁଦାୟ ପ୍ରକୃତିଠାରୁ ଅନେକ ଅଧିକ ହୋଇଥିଲେହେଁ ପ୍ରକୃତିରେ ଯାହାକିଛି ରହିଛି, ତାହାକୁ ମଧ୍ୟ କେବଳ ସେହି ପରମ ଦିବ୍ୟସତ୍ତା ବୋଲିହିଁ ବୁଝାଯିବ,—ହୁଏତ ଏହିପରି ଗୋଟିଏ ଅର୍ଥରେ ଆମେ ଅଦ୍ୱୈତର ଅଦ୍ୱିତୀୟତାକୁ ସତ୍ୟ ବୋଲି ଗ୍ରହଣ କରିପାରିବା; ଏବଂ ସେତେବେଳେ ପ୍ରେମ କହିଲେ ଏପରି ଏକ ଗଣ୍ଠିବନ୍ଧନକୁ ବୁଝାଇବ, ଯାହାଦ୍ୱାରା କି ପ୍ରକୃତି ତଥା ମନୁଷ୍ୟ ମଧ୍ୟରେ ରହିଥିବା ଦିବ୍ୟତା ବିଶ୍ୱଗତ ତଥା ପରମ ଦିବ୍ୟତାର ଅଧିକାରୀ ହୋଇପାରୁଛି ଏବଂ ତାହାର ଆନନ୍ଦଟିକୁ ଆସ୍ୱାଦନ କରିପାରୁଛି । ସେକଥା ଯାହା ହୋଇଥାଉ ପଛକେ, ସ୍ୱୟଂଭାବସିଦ୍ଧ ଭାବରେ ପ୍ରେମର ସର୍ବଦା ଏକ ଦ୍ୱିବିଧ ଚରିତାର୍ଥତା ନିହିତ ହୋଇ ରହିଛି । ପ୍ରଥମଟି ଦ୍ୱାରା ପ୍ରେମିକ ତଥା ପ୍ରେମାସ୍ପଦ ଭେଦ ମଧ୍ୟରେ ମଧ୍ୟ ଆପଣାର ସମ୍ମିଳନର ଆନନ୍ଦଟିକୁ ଅନୁଭବନ କରିପାରନ୍ତି ଏବଂ ସେହିସବୁର ଉପଭୋଗ ମଧ୍ୟ କରନ୍ତି ଯାହାକି ବିବିଧ ମିଳନର ଆନନ୍ଦରେ ଏକ ଅଭିବୃଦ୍ଧି ଆଣି ଦେଇଥାଏ । ଏବଂ ଦ୍ୱିତୀୟଟି ଦ୍ୱାରା ସେମାନେ ପରସ୍ପରକୁ ପରସ୍ପର ମଧ୍ୟରେ ଆଣି ଢାଳିଦଅନ୍ତି ଓ ଗୋଟିଏ ଆତ୍ମାରେ ପରିଣତ ହୋଇଯାନ୍ତି । ଆମର ଯାତ୍ରାରମ୍ଭ ଲାଗି ଆମେ ଏତିକି

'oaob.nitrkl.ac.in' images reprocessed

ସତ୍ୟକୁହିଁ ଯଥେଷ୍ଟ ବୋଲି ଜାଣିବା, କାରଣ ଏହାହିଁ ହେଉଛି ପ୍ରେମର ସ୍ୱଭାବ; ଏବଂ ପ୍ରେମହିଁ ଏହି ଯୋଗର ସର୍ବମୂଳ ପ୍ରେରକ ହୋଇଥିବାରୁ, ପ୍ରେମର ସମୁଦାୟ ସ୍ୱଭାବଟି ଯେପରି ହୋଇ ରହିଛି, ଯୋଗର ଏହି ଚର୍ଯ୍ୟାରେ ତାହାର ଚରମ ପରିଣତି ଓ ପରିପୂର୍ଣ୍ଣତା ମଧ୍ୟ ଠିକ୍ ସେହି ସ୍ୱଭାବରହିଁ ହୋଇ ରହିବ ।

'oaob.nitrkl.ac.in' images reprocessed

## ତୃତୀୟ ପରିଚ୍ଛେଦ

# ଈଶ୍ୱରୋନ୍ମୁଖ ଭାବ

ଯୋଗର ତତ୍ତ୍ୱଟି ହେଉଛି ମନୁଷ୍ୟଚେତନାର ସକଳ ସମର୍ଥତାଗୁଡ଼ିକୁ ଅଥବା ଯେକୌଣସି ସାମର୍ଥ୍ୟଟିକୁ ଈଶ୍ୱରଙ୍କ ଆଡ଼କୁ ଉନ୍ମୁଖ କରି ରଖିବା, ଯେପରିକି ତଦ୍ୱାରା ଈଶ୍ୱରଙ୍କର ସ୍ପର୍ଶ ଲାଭ କରାଯାଇ ପାରିବ, ତାଙ୍କ ସହିତ ସମ୍ବନ୍ଧ ସ୍ଥାପନ କରି ହେବ ଓ ତାଙ୍କ ସହିତ ଯୁକ୍ତ ହେବା ମଧ୍ୟ ସମ୍ଭବ ହୋଇ ପାରିବ । ଭକ୍ତିଯୋଗରେ ମନୁଷ୍ୟର ସଂବେଗମୟ ସ୍ୱଭାବଟିକୁହିଁ ସାଧନରୂପେ ବ୍ୟବହାର କରାଯାଇଥାଏ । ମନୁଷ୍ୟ ଏବଂ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ କୌଣସି ଏକ ମାନବୀୟ ସମ୍ବନ୍ଧର ସ୍ଥାପନ କରିବାକୁହିଁ ଆମେ ଏହି ଯୋଗର ସର୍ବପ୍ରଧାନ ତତ୍ତ୍ୱ ବୋଲି କହିବା, ଯେଉଁ ସମ୍ବନ୍ଧ ସ୍ଥାପନ ଦ୍ୱାରା କି ସେହି ପରମସତ୍ତାଙ୍କ ଆଡ଼କୁ ହୃଦୟର ଭାବସଂବେଗ-ଗୁଡ଼ିକୁ ପ୍ରଗାଢ଼ତର ଭାବରେ ପ୍ରବାହିତ କରି ରଖି ମନୁଷ୍ୟର ଆତ୍ମା ଅବଶେଷରେ ତାଙ୍କର ସହିତ ସଂଯୁକ୍ତ ହୋଇ ପାରିବ, ଏକ ଦିବ୍ୟ ପ୍ରେମର ଆଲୋଡ଼ନରେ ତାଙ୍କର ସହିତ ଏକରୂପ ହୋଇ ବିକଶିତ ହୋଇ ପାରିବ । ଆପଣାର ଯୋଗ ଦ୍ୱାରା ଏହି କ୍ଷେତ୍ରରେ ଭକ୍ତ ତାହାର ଚରମ ସିଦ୍ଧି ଭାବରେ ଏକତ୍ୱବଦ୍ଧ ହୋଇ ରହିବାର ବିଶୁଦ୍ଧ ଶାନ୍ତିର ଆକାଙ୍କ୍ଷା ରଖି ନଥାଏ କିଂବା ଏକଲୀନ ହୋଇଯିବାର ସାମର୍ଥ୍ୟ ବା ବାସନାରହିତ ଇଚ୍ଛାର ଆକାଙ୍କ୍ଷା ରଖି ନଥାଏ; ସେ ସମ୍ମିଳିତ ହେବାର ସେହି ଦିବ୍ୟାନନ୍ଦମୟ ପରମାଭିବ୍ୟକ୍ତିରହିଁ ଆକାଙ୍କ୍ଷା ରଖିଥାଏ । ଯେକୌଣସି ଅନୁଭୂତ ହୃଦୟକୁ ଏହି ଅନୁଭୂତିଟି ସକାଶେ ପ୍ରସ୍ତୁତ ହେବାରେ ସହାୟକ ହୋଇଥାଏ, ଭକ୍ତିଯୋଗ ତାହାକୁ ଆପଣାର କ୍ଷେତ୍ରଟି ମଧ୍ୟରେ ଗ୍ରହଣ କରି ନେଇଥାଏ; ମାତ୍ର ଯାହା ତାହାକୁ ସେଥିରୁ ବିଚ୍ୟୁତ କରିନଏ, ପ୍ରେମର ଘନିଷ୍ଠ ସମ୍ମିଳନଟି ଅଧିକରୁ ଅଧିକ ନିବିଡ଼ ଏବଂ ପରିପୂର୍ଣ୍ଣ ହେବା ସଙ୍ଗେସଙ୍ଗେ ସେଗୁଡ଼ିକୁ ଅଧିକରୁ ଅଧିକ ପରିମାଣରେ ଖସି ପଡ଼ିବାକୁ ହୋଇଥାଏ ।

ଯେତେଗୁଡ଼ିଏ ଭାବ ବା ଅନୁଭୂତି ଦ୍ୱାରା ଧର୍ମ ଭଗବତ୍ ଉପାସନା, ଭଗବତ୍ ସେବା ତଥା ଭଗବତ୍ ପ୍ରେମର ନିକଟବର୍ତ୍ତୀ ହୋଇଥାଏ, ଆପଣାର

ଚୂଡ଼ାନ୍ତ ସତ୍ୟସ୍ୱରୂପେ ନହେଲେ ମଧ୍ୟ ତଥାପି ସଂବେଗମୟ ପ୍ରକୃତିଟିର ପ୍ରସ୍ତୁତିକାଳୀନ ଗତିସ୍ପନ୍ଦନରୂପେ ଯୋଗ ସେଗୁଡ଼ିକୁ ଗ୍ରହଣ କରି ନେଇଥାଏ । ମାତ୍ର ଏପରି ଗୋଟିଏ ଭାବ ରହିଛି, ଯାହା ସହିତ କି ଯୋଗ ଆପଣାକୁ ଅତି କମ୍ ସଂପୃକ୍ତ କରି ରଖିଥାଏ; ଅନ୍ତତଃ ଭାରତୀୟ ପରମ୍ପରାରେ ଏହି ଆଚରଣଟି ଦେଖିବାକୁ ମିଳିଥାଏ । କେତେକ ଧର୍ମରେ, ସମ୍ଭବତଃ ଅଧିକାଂଶ ଧର୍ମରେ ଈଶ୍ୱରଙ୍କୁ ଭୟ କରିବାର ଧାରଣାଟି ଏକ ଅତ୍ୟନ୍ତ ବୃହତ୍ ଭୂମିକା ଗ୍ରହଣ କରିଥାଏ, ଅନେକ ସମୟରେ ପ୍ରକୃତରେ ସର୍ବବୃହତ୍ ଭୂମିକାଟି ଗ୍ରହଣ କରିଥାଏ; ଏହିସବୁ ଧର୍ମରେ ଭଗବାନଙ୍କୁ ଭୟ କରୁଥିବା ମଣିଷକୁହିଁ ପ୍ରକୃତ ଉପାସକ ବୋଲି ସ୍ୱୀକାର କରି ନିଆଯାଏ । ଏକ ବିଶେଷ ପ୍ରକାରର ଭକ୍ତିର କ୍ଷେତ୍ରରେ ଏବଂ ଏକ ବିଶେଷ ସୀମା ପର୍ଯ୍ୟନ୍ତ ଏକ ଅନ୍ତର୍ଗତ ଦୃଷ୍ଟିକୋଣରୂପେ ଭୟର ଭକ୍ତି ସହିତ ବସ୍ତୁତଃ ଆଦୌ କୌଣସି ଅସଙ୍ଗତି ନାହିଁ; ଆପଣାର ସର୍ବୋଚ୍ଚ ସୋପାନରେ ଏହି ଭୟ ଦିବ୍ୟ ଶକ୍ତି, ଦିବ୍ୟ ନ୍ୟାୟବିଧାନ, ଦିବ୍ୟ ଅନୁଶାସନ, ଦିବ୍ୟ ଧର୍ମଗତତା ଏବଂ ନୈତିକ ଆନୁଗତ୍ୟର ଉପାସନା ମଧ୍ୟକୁ ଉନ୍ନୋଳିତ ହୋଇଯାଏ, ସର୍ବଶକ୍ତିମାନ୍ ପରମ ସ୍ରଷ୍ଟା ଓ ପରମ ବିଚାରକର୍ତ୍ତାଙ୍କ ଲାଗି ଏକ ଭୟ ଓ ବିସ୍ମୟୋଦ୍ଦୀପକ ଭକ୍ତିଭାବ ମଧ୍ୟକୁ ଉନ୍ନୋଳିତ ହୋଇଯାଏ । ତେଣୁ ଏହା ପଛରେ ଏକ ନୀତିଗତ-ଧାର୍ମିକ ଅଭିପ୍ରାୟ ନିହିତ ହୋଇ ରହିଥାଏ; ଏବଂ ଏହାକୁ ଆମେ ପ୍ରକୃତରେ ଭକ୍ତିର ଏକ ସମ୍ପଦ ବୋଲି ଯେତେଦୂର ନକହିବା, ତା'ର ନାନା କର୍ମର ଦିବ୍ୟ ବିଧାୟକ ଓ ବିଚାରକ ହୋଇ ରହିଥିବା ସେହି ଭଗବାନଙ୍କ ଲାଗି ଏକ ଭକ୍ତି ଦ୍ୱାରା ଅନୁପ୍ରେରିତ ଜଣେ କର୍ମପ୍ରବୃତ୍ତ ମନୁଷ୍ୟରହିଁ ସମ୍ପଦ ବୋଲି ତା'ଠାରୁ ଅଧିକ ପରିମାଣରେ କହିପାରିବା । ଏହି ଭୟର ଭାବନା ଭଗବାନଙ୍କୁ ପରମ ସର୍ବାଧୀଶ୍ୱର ପରି ଦେଖିଥାଏ ଏବଂ ତାଙ୍କ ସିଂହାସନର ମହିମା ପାଖରୁ ଖୁବ୍ବେଶୀ ନିକଟବର୍ତ୍ତୀ ହୋଇ ପାରିବା ଲାଗି ଅସମର୍ଥହିଁ ହୋଇ ରହିଥାଏ; ଅବଶ୍ୟ ଯେତେବେଳେ ଆପଣାର ସଦାଚରଣ ଦ୍ୱାରା ସେ ସେଥିଲାଗି ଯୋଗ୍ୟ ବୋଲି ସାବ୍ୟସ୍ତ ହୋଇଯାଏ ଅଥବା କୌଣସି ମଧ୍ୟସ୍ଥ ପାପ ପ୍ରତି ରହିଥିବା ଦୈବୀ କୋପକୁ ଦୂର କରି ତାକୁ ସେଯାଏ ବାଟ ଦେଖାଇ ନେଇଯାଏ, ସେତେବେଳେ ଯାଇ ଏଥିରେ ଏକ ବ୍ୟତିକ୍ରମ ଘଟିଥାଏ । ମାତ୍ର ସେହି ମହିମାର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଥିବା ସମୟରେ ମଧ୍ୟ ତାହା ଆପଣା ଉପାସନାର ଏହି ଉଚ୍ଚ ଆସ୍ପଦ ଓ ଆପଣା ମଧ୍ୟରେ ଏକ ଭୟ ଓ ବିସ୍ମୟମିଶ୍ରିତ ଦୂରତା ତଥାପି ବଜାୟ ରଖିଥାଏ । କୌଣସି ଶିଶୁ ଆପଣାର ଜନନୀଠାରେ ଯେଉଁ ଭୟରହିତ ପୂର୍ଣ୍ଣ ବିଶ୍ୱାସଟି ରଖିଥାଏ, ପ୍ରେମିକ ତା'ର ପ୍ରେମାସ୍ପଦଠାରେ ନିର୍ଭୟ ଭାବରେ ଯେଉଁ ବିଶ୍ୱାସ ରଖିଥାଏ, ତାହା ସେଇଟି ଦ୍ୱାରା ପରମ ଦିବ୍ୟତାକୁ କେବେହେଲେ ଆପଣା ବାହୁବେଢ଼ ଭିତରେ କଦାପି ଧରି ରଖିପାରେ ନାହିଁ; ପରିପୂର୍ଣ୍ଣ ପ୍ରେମ ଆପଣା ସହିତ ଯେଉଁ ନିବିଡ଼

'oaob.nitrkl.ac.in' images reprocessed

ଏକତ୍ୱବୋଧଟିକୁ ବହନ କରି ଆଣେ, ଭୟର ଭାବନା ସେଇଟି ଦ୍ୱାରା ମଧ୍ୟ ସେହି ଦିବ୍ୟତାକୁ ଆଲିଙ୍ଗି ଧରିପାରେ ନାହିଁ ।

ପ୍ରାରମ୍ଭକାଳୀନ କେତେକ ଲୋକପ୍ରଚଳିତ ଧର୍ମରେ ଏହି ଈଶ୍ୱରଭୟର ମୂଳଟି ବଡ଼ ଅଶୋଧିତ ଅବସ୍ଥାରେ ରହିଥିଲା । ଏହି ପୃଥିବୀରେ ମନୁଷ୍ୟର ଶକ୍ତି ତୁଳନାରେ ଯେଉଁସବୁ ବୃହତ୍ତର ଶକ୍ତିମାନ ରହିଥିଲେ, ସେଗୁଡ଼ିକର ପ୍ରକୃତି ଓ କ୍ରିୟାତ୍ମକତାରେ ମଣିଷ ଲାଗି ଅସ୍ପଷ୍ଟ ଓ ରହସ୍ୟାବୃତ ହୋଇ ରହିଥିଲେ, ତା'ର ସମୃଦ୍ଧିର କ୍ଷେତ୍ରରୁ ତାହାକୁ ଧକ୍କା ମାରି ତଳେ ଆଣି ପକାଇ ଦେବା ପାଇଁ ସବୁବେଳେ ସତେଅବା ପ୍ରସ୍ତୁତ ରହିଥିବା ପରି ମନେ ହେଉଥିଲେ ଓ ସେଗୁଡ଼ିକୁ ଅପ୍ରସନ୍ନ କରି ପକାଇଲେ ପରେ ତାହାର କୌଣସି କାର୍ଯ୍ୟ ଲାଗି ତାକୁ ଆଘାତ କରିବାକୁ ଆସୁଥିଲେ, ସେହିସବୁ ଶକ୍ତିର ବୋଧରୁହିଁ ଏହି ଭୟ ଜାତ ହେଉଥିଲା । ଭଗବାନଙ୍କ ବିଷୟରେ ମନୁଷ୍ୟର ଯେଉଁ ଅଜ୍ଞାନ ରହିଥିଲା ଓ ଏହି ପୃଥିବୀକୁ ଅନୁଶାସିତ କରି ରଖିଥିବା ବିଧାନଗୁଡ଼ିକ ବିଷୟରେ ମଧ୍ୟ ତା'ର ଯେଉଁ ଅଜ୍ଞାନ ରହିଥିଲା, ମନୁଷ୍ୟ ସେଇଥିରୁହିଁ ଦେବତାମାନଙ୍କୁ ଭୟ କରି ଶିଖିଲା । ସେହି ଉଚ୍ଚତର ଓ ଅଧିକବଳ ଶକ୍ତିଗୁଡ଼ିକରେ ମନୁଷ୍ୟ କ୍ରମେ ସ୍ୱେଚ୍ଛାଚାର ଏବଂ ମନୁଷ୍ୟସୁଲଭ ଅତ୍ୟାଚାରିତାର ଆରୋପ କରିବାକୁ ଲାଗିଲା; ଏହି ପୃଥିବୀରେ ବାସ କରୁଥିବା ମହାବଳୀସ୍ୱାନ୍‌ମାନଙ୍କର ପ୍ରତିରୂପ ଦେଇ ସେ ସେମାନଙ୍କର କଳ୍ପନା କଲା । ସେ ସେମାନଙ୍କୁ ମଧ୍ୟ ସ୍ୱେଚ୍ଛାଚାରିତା, ଉତ୍ପୀଡ଼ନ, ବ୍ୟକ୍ତିଗତ ଶତ୍ରୁପଣର ସମର୍ଥ ବୋଲି ଭାବିଲା; ଯେଉଁସବୁ ଗୁଣବତ୍ତା ହୁଏତ ମନୁଷ୍ୟକୁ ତା'ର ପାର୍ଥିବ ସ୍ୱଭାବାଧୀନତାର କ୍ଷୁଦ୍ରତା ମଧ୍ୟରୁ ଉପରକୁ ଉଠାଇନେଇ ପାରନ୍ତା ଏବଂ ତାକୁ ଦିବ୍ୟ ସ୍ୱଭାବର ଅନେକ ନିକଟବର୍ତ୍ତୀ କରାଇ ଆଣି ପାରନ୍ତା, ସେହି ଅଧିକବଳ ଶକ୍ତିମାନେ ସତେଅବା ସେହିସବୁ ଗୁଣବତ୍ତା ଲାଗି ଈର୍ଷାନ୍ୱିତ ହୋଇ ରହିଛନ୍ତି ବୋଲି ମନୁଷ୍ୟ କ୍ରମେ ଭାବିବାକୁ ଲାଗିଲା । ଏହିସବୁ ଧାରଣା ରହିଥିବା ପର୍ଯ୍ୟନ୍ତ କୌଣସି ଯଥାର୍ଥ ଭକ୍ତିର ଉଦ୍ରେକ ହୋଇପାରି ନଥାନ୍ତା; ଅବଶ୍ୟ ଏକଥା ସତ ଯେ ଆପଣାଠାରୁ ଅଧିକ ବଳବାନ୍ ପ୍ରତି ଦୁର୍ବଳ ହୁଏତ ଯେଉଁ ସଶଙ୍କମିଶ୍ରିତ ଭକ୍ତି ଅନୁଭବ କରିଥାଏ, ଏହି କ୍ଷେତ୍ରରେ ହୁଏତ ସେହିପରି ଏକ ଭକ୍ତି ସମ୍ଭବ ହୁଅନ୍ତା । ସେ ସେହି ଅଧିକ ବଳବାନ୍ ଦ୍ୱାରା ସୁରକ୍ଷିତ ହୋଇ ରହିବାକୁ ଚାହେଁ; ଉପାସନା, ଦାନ ଓ ତୁଷ୍ଟିବିଧାନ ଦ୍ୱାରା ସେ ସେହି ସୁରକ୍ଷାକୁ ଜୟ କରି ଆଣିପାରିବ ବୋଲି ଭାବେ । ବଳବାନ୍ ତା'ର ଅଧସ୍ତନମାନଙ୍କ ଉପରେ ହୁଏତ ଯେଉଁସବୁ ବିଧାନକୁ ଜାରି କରି ରଖିଛି ଏବଂ ପୁରସ୍କାର ଏବଂ ଶାସ୍ତିର ବଳରେ ଯାହାକୁ ସେ ସେମାନଙ୍କ ଉପରେ ଆଣି ଜୋର୍ କରି ଲଦି ଦେଇ ପାରିବ, ସେହିସବୁ ବିଧାନ ପ୍ରତି ଅନୁଗତ ରହି ସେ ସେହି ସୁରକ୍ଷାକୁ ଜୟ କରି ପାରିବ ବୋଲି ଭାବୁଥାଏ । ଅଥବା, ଏହି ପୃଥିବୀଠାରୁ ଊର୍ଦ୍ଧ୍ୱରେ ରହିଥିବା ଯେଉଁ ମହାନ୍ ଶକ୍ତିମନ୍ତ୍ରୀ,

'oaob.nitrkl.ac.in' images reprocessed

ମହିମା, ପ୍ରଜ୍ଞା ଅଥବା ସାର୍ବଭୌମତା ପୃଥିବୀର ଯାବତୀୟ ବିଧାନ ତଥା ସଂଘଟନର ଉତ୍ସମୂଳ ହୋଇ ରହିଛି ବା ଅନ୍ତତଃ ସେଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଲାଗିଛି, ତାହାର ପାଖରେ ଆପଣାକୁ ଅବନତ ଓ ସାଷ୍ଟାଙ୍ଗ ପ୍ରଲମ୍ବିତ କରି ଦେଉଥିବା ଭକ୍ତ ବା ପୂଜାରୀ ମଧ୍ୟ ଏହି କ୍ଷେତ୍ରରେ ହୁଏତ ସେହିପରି ଏକ ଭକ୍ତ ସମ୍ଭବ ହୁଅନ୍ତା ।

ଦିବ୍ୟ ପରମସମର୍ଥତାର ଏହି ଉପାଦାନଟି ଯେତେବେଳେ ଆପଣାକୁ ଏହିସବୁ ଅଶୋଧିତତାରୁ ବିଚ୍ଛିନ୍ନ କରିନଏ ଏବଂ ଏହି ପୃଥିବୀ ତଥା ଯାବତୀୟ ସ୍ୱର୍ଗଲୋକର ଶାସକ ହୋଇ ରହିଥିବା ଓ ଆପଣା ସୃଷ୍ଟ ପ୍ରାଣୀମାନଙ୍କର ମାର୍ଗଦର୍ଶକ, ସହାୟକ ତଥା ପରିତ୍ରାଣକାରୀ ହୋଇ ରହିଥିବା ଏକ ଦିବ୍ୟ ନିୟାମକ, ଜଗତସ୍ରଷ୍ଟା ଏବଂ ସକଳ ବିଧାନର ପ୍ରଭୁଙ୍କର କଳ୍ପନାଟି ଉପରେ ଦୃଢ଼ପ୍ରତିଷ୍ଠ ରହିପାରେ, ସେତେବେଳେ ଯାଇ ଭକ୍ତିମାର୍ଗର ପ୍ରାରମ୍ଭଗୁଡ଼ିକର ଅଭିମୁଖରେ ଏକ ନିକଟତର ବିଚରଣା ସମ୍ଭବ ହେବାକୁ ଆରମ୍ଭ କରେ । ଦିବ୍ୟ ପରମସତ୍ତାର ଏହି ବୃହତ୍ତର ତଥା ଉଚ୍ଚତର କଳ୍ପନାଟି ମଧ୍ୟରେ ଅନେକ କାଳ ଯାଏ ସେହି ପୁରାତନ ଅଶୋଧିତତାର ଅନେକ ଉପାଦାନ ଭର୍ତ୍ତି ହୋଇ ରହିଥିଲା ଏବଂ ଏବେ ମଧ୍ୟ ଭର୍ତ୍ତି ହୋଇ ରହିଛି । ଇହୁଦୀମାନେହିଁ ଏହାକୁ ସବୁଠାରୁ ଅଧିକ ବଳବତ୍ତା ସହିତ ପ୍ରସ୍ଥାପିତ କରିଥିଲେ ଏବଂ ସେହିମାନଙ୍କଠାରୁ ତାହା ପୃଥିବୀର ଏକ ବୃହତ୍ ଭାଗକୁ ବସ୍ତୁତଃ ଲାଭ କରି ଯାଇଥିଲା; ଏବଂ ସେହି ଇହୁଦୀମାନେ ପରମ ଧର୍ମପରାୟଣତାର ସନ୍ତୁକସ୍ୱରୂପ ଏପରି ଏକ ଭଗବାନଙ୍କୁ ବିଶ୍ୱାସ କରି ପାରୁଥିଲେ ଯିଏକି ଆପଣା ମଧ୍ୟରେ ଆଉ କାହାରିକୁ ସ୍ଥାନ ଦେଉ ନଥିଲେ, ଯିଏ ସ୍ୱେଚ୍ଛାଚାରୀ ପରି ଆଚରଣ କରୁଥିଲେ, କ୍ରୋଧ ଓ ଈର୍ଷା ଦ୍ୱାରା ପ୍ରେରିତ ହୋଇ ପାରୁଥିଲେ । ଅନେକ ସମୟରେ ନୃଶଂସ ହୋଇ ପାରୁଥିଲେ ଓ ଏପରିକି ଅତ୍ୟନ୍ତ ସ୍ୱଚ୍ଛନ୍ଦ ଭାବରେ ରକ୍ତପିପାସୁ ମଧ୍ୟ ହୋଇ ପାରୁଥିଲେ । ବର୍ତ୍ତମାନ ମଧ୍ୟ କେତେକଙ୍କ ପକ୍ଷରେ ଏପରି ଜଣେ ଜଗତସ୍ରଷ୍ଟାଙ୍କ ଉପରେ ବିଶ୍ୱାସ କରିବା ବେଶ୍ ସମ୍ଭବ ହୋଇ ପାରୁଛି, ଯିଏକି ସ୍ୱର୍ଗ ଓ ନରକ ଉଭୟକୁ ଗଢ଼ି ଥୋଇ ଦେଇଛନ୍ତି, ଅର୍ଥାତ୍ ଏକ ଚିରନ୍ତନ ସ୍ୱର୍ଗ ଓ ଚିରନ୍ତନ ନରକର ସର୍ଜନା କରି ରଖିଛନ୍ତି । ସ୍ୱର୍ଗ ଓ ନରକ ତାଙ୍କ ସୃଷ୍ଟିର ଦୁଇ ପ୍ରାନ୍ତ ହୋଇ ରହିଛି; ଏବଂ ଏପରିକି କେତେକ ଧର୍ମର କଳ୍ପନା ଅନୁସାରେ ସେହି ଭଗବାନ ଆପେ ସୃଷ୍ଟି କରିଥିବା ଆତ୍ମାଗୁଡ଼ିକୁ କେବଳ ପାପ ବା ଦଣ୍ଡଭୋଗ ଲାଗି ନୁହେଁ, ମାତ୍ର ଏକ ନିତ୍ୟ ନରକଯାତନା ଲାଗିହିଁ ପୂର୍ବନିର୍ଦ୍ଧାରିତ କରି ରଖିଛନ୍ତି । ମାତ୍ର ଏକ ପିଲାଳିଆ ଧର୍ମବିଶ୍ୱାସର ଏହିସବୁ ଅତିରିକ୍ତତାକୁ ଛାଡ଼ିଦେଲେ ମଧ୍ୟ, କେବଳ ସର୍ବଶକ୍ତିମାନ୍ ବିଗ୍ରହକ, ବିଧାୟକ ଓ ସର୍ବାଧୀଶ୍ୱରରୂପେ ଭଗବାନଙ୍କର କଳ୍ପନା କରିବାକୁ ଆମେ କେବଳ ବଡ଼ ଅପୂର୍ଣ୍ଣ ଓ ଅଶୋଧିତ ଭାବରେହିଁ ପରମ ଦିବ୍ୟସତ୍ୟର କଳ୍ପନା କରିବା ବୋଲି କହିବା । କାରଣ କେବଳ ଏକ ନିମ୍ନସ୍ତରୀୟ ଓ ଏକ ବାହ୍ୟ

'oaob.nitrkl.ac.in' images reprocessed

ସତ୍ୟକୁହିଁ ଏହା ସର୍ବପ୍ରଧାନ ସତ୍ୟରୂପେ ଭ୍ରମ କରି ନେଇଥାଏ ଏବଂ ଏକ ଉଚ୍ଚତର ଭୂମିରେ ଏକ ଅନ୍ତରଙ୍ଗତର ସତ୍ୟର ନିକଟବର୍ତ୍ତୀ ହୋଇ ପାରିବାରୁ ତାହା ଆମକୁ ନିବୃତ୍ତ କରି ରଖିବାର ପ୍ରବୃତ୍ତି ଦେଖାଇଥାଏ । ପାପବୋଧର ଗୁରୁତ୍ୱଟାକୁ ତାହା ବଡ଼ ଅତିରଞ୍ଜିତ କରିପକାଏ ଏବଂ ତଦ୍ଦ୍ୱାରା ଆତ୍ମାର ଭୟ, ଆପଣା ପ୍ରତି ଅବିଶ୍ୱାସ ତଥା ବଳହୀନତାକୁ ଅତିମାତ୍ରାରେ ଲମ୍ବାଇ ରଖିବାରେ ଓ ବଢ଼ାଇ ଦେବାରେହିଁ ସାହାଯ୍ୟ କରିଥାଏ । ପାପରୁ ନିବୃତ୍ତ ହୋଇ ପୁଣ୍ୟର ଅନୁଶୀଳନ କରିବାକୁ ତାହା ପୁରସ୍କାର ଓ ଦଣ୍ଡଭୋଗ ସହିତ ଗଣ୍ଠାଇ ରଖିଥାଏ; ଅବଶ୍ୟ ଏକଥା ସତ ଯେ କେବଳ ମୃତ୍ୟୁ ପରେ ଯାଇ ଏସବୁ ପୁରସ୍କାର ଓ ଦଣ୍ଡଭୋଗ ମିଳିବ ବୋଲି ବୁଝା ଯାଇଥାଏ । ପାପରୁ ନିବୃତ୍ତି ଏବଂ ପୁଣ୍ୟର ଆଚରଣକୁ ତାହା ଭୟ ଏବଂ ସ୍ୱାର୍ଥସାଧନର ନିମ୍ନତର ଅଭିପ୍ରାୟଗୁଡ଼ିକ ଉପରେ ନିର୍ଭରଶୀଳ କରି ରଖିଥାଏ; ଯେଉଁ ଉଚ୍ଚତର ଚିଦ୍‌ଗତ ସତ୍ୟହିଁ ଆମର ନୈତିକ ଜୀବନଟିର ଅନୁଶାସକ ହୋଇ ରହିଥାନ୍ତା, ସେଇଟି ଉପରେ ଆଦୌ ନିର୍ଭରଶୀଳ କରି ରଖି ନଥାଏ । ଆପଣାର ଧର୍ମଗତ ଜୀବନରେ ତାହା ସ୍ୱୟଂ ପରମ ଦିବ୍ୟସତ୍ତାକୁ ନୁହେଁ, ମାତ୍ର ନରକ ଓ ସ୍ୱର୍ଗକୁହିଁ ମନୁଷ୍ୟାତ୍ମାର ଧ୍ୟାନକେନ୍ଦ୍ର କରି ରଖିଥାଏ । ମନୁଷ୍ୟ-ମନକୁ ଧୀରେ ଧୀରେ ପ୍ରଶିକ୍ଷିତ କରି ଆଣିବାରେ ଏହିସବୁ ଅଶୋଧିତତାର ନିଶ୍ଚୟ ଏକ ଅବଦାନ ରହିଛି, ମାତ୍ର ଯୋଗୀ ପାଇଁ ତାହାର ଆଦୌ କୌଣସି ଆବଶ୍ୟକତା ନାହିଁ । କାରଣ ଯୋଗୀ ଏକଥାଟିକୁ ଭଲଭାବରେ ଜାଣିଛି ଯେ ବିଶ୍ୱଜଗତର ବାହ୍ୟ ବିଧାନଟି ସହିତ ବିକାଶମାନ ମନୁଷ୍ୟାତ୍ମାର ଯେଉଁସବୁ ବାହ୍ୟ ସମ୍ବନ୍ଧମାନ ରହିଛି, ସେହି ଅଶୋଧିତତାଗୁଡ଼ିକ କେବଳ ସେହି କ୍ଷେତ୍ରରହିଁ ବ୍ୟାପାର; ମାତ୍ର ପରମ ଦିବ୍ୟସତ୍ୟଟି ସହିତ ମନୁଷ୍ୟାତ୍ମାର ଯେଉଁସବୁ ଅନ୍ତର୍ଗତ ସମ୍ବନ୍ଧ ରହିଛି, ସେଗୁଡ଼ିକର ଅନ୍ତରଙ୍ଗ ସତ୍ୟଟି ସହିତ ସେଗୁଡ଼ିକର ଆଦୌ ସେପରି କୌଣସି ସମ୍ବନ୍ଧ ନାହିଁ । ଏବଂ ଏହି ଅନ୍ତର୍ଗତ ସମ୍ବନ୍ଧଗୁଡ଼ିକର କ୍ଷେତ୍ରକୁହିଁ ସବୁବେଳେ ଯୋଗର ଯଥାର୍ଥ କ୍ଷେତ୍ର ବୋଲି ବୁଝାଯିବ ।

ତଥାପି, ଏହି କଳ୍ପନାଟି ମଧ୍ୟରୁ ବିକଶିତ ହୋଇ ଆସୁଥିବା ଏପରି କେତେକ ପରିଣାମ ରହିଛି, ଯାହା ଆମକୁ ଭକ୍ତିଯୋଗର ଦ୍ୱାରଦେଶର ନିକଟବର୍ତ୍ତୀ କରାଇ ଆଣିଥାଏ । ପ୍ରଥମତଃ, ଆମେ ଏଥିରୁ ପରମ ଦିବ୍ୟ ପୁରୁଷଙ୍କୁହିଁ ଆମ ନୀତିଗତ ସତ୍ତ୍ୱଟିର ଯଥାର୍ଥ ମୂଳ, ଯଥାର୍ଥ ବିଧାନ ଓ ଯଥାର୍ଥ ଧ୍ୟେୟ ବୋଲି ଅନୁଭବ କରିବାକୁ ଆରମ୍ଭ କରିପାରୁ; ଏବଂ ଏଥିରୁ ଆମେ ତାଙ୍କୁ ଆମର କ୍ରିୟାଶୀଳ ପ୍ରକୃତିଟିର ଆକାଙ୍‌କ୍ଷାସ୍ଥଳ ହୋଇ ରହିଥିବା ସେହି ସର୍ବୋଚ୍ଚ ପରମ ଆତ୍ମାରୂପେ ମଧ୍ୟ ଜାଣିବାକୁ ସମର୍ଥ ହୋଇପାରୁ, ତାଙ୍କୁ ଏପରି ଏକ ପରମ ଇଚ୍ଛା ବୋଲି ଜାଣିପାରୁ ଯାହା ସହିତ କି ଆମର ସ୍ୱଇଚ୍ଛାଟିକୁ ମଧ୍ୟ ସମ୍ମିଳିତ କରି ରଖିବାକୁ ପଡ଼ିବ; ତାଙ୍କୁ ସେହି ଶାଶ୍ୱତ ପରମ ଔଚିତ୍ୟ, ପରମ ପବିତ୍ରତା, ପରମ ସତ୍ୟ ତଥା ପରମ ପ୍ରଜ୍ଞାରୂପେ ଜାଣିବାକୁ



'oaob.nitrkl.ac.in' images reprocessed

ପାଉ, ଯାହାଙ୍କର ସୌଷମ୍ୟ ମଧ୍ୟକୁ ଆମର ପ୍ରକୃତିଟିକୁ ବିକଶିତ ହୋଇଯିବାକୁ ପଡ଼ିବ ଏବଂ ଯାହାଙ୍କର ସଭା ଲାଗି ଆମର ଏହି ସତ୍ତାଟି ଆକର୍ଷିତ ହୋଇ ରହିଥିବ । ଏହିଭଳି ଭାବରେ ଆମେ ଆସି କର୍ମଯୋଗର କ୍ଷେତ୍ର ମଧ୍ୟରେ ପ୍ରବେଶ କରିଥାଉ ଏବଂ ଏହି ଯୋଗରେ ପରମ ଦିବ୍ୟ ପୁରୁଷଙ୍କୁ ଏକ ବ୍ୟକ୍ତିରୂପେ ଅନୁଭବ କରି ଭକ୍ତି କରିବା ଲାଗି ମଧ୍ୟ ଏକ ସ୍ଥାନ ସର୍ବଦା ରହିଥାଏ । କାରଣ, ସେହି ଦିବ୍ୟ ପରମ ଇଚ୍ଛାହିଁ ଆମର ଯାବତୀୟ କର୍ମର ନିୟନ୍ତା ଓ ସ୍ୱାମୀରୂପେ ଦୃଷ୍ଟିଗୋଚର ହେବାକୁ ଲାଗେ; ଆମକୁ ତାଙ୍କର ନିର୍ଦ୍ଦେଶଟିକୁ ଶୁଣିବାକୁ ହୁଏ, ତାଙ୍କର ଦିବ୍ୟ ଉତ୍ପ୍ରେରଣାଗୁଡ଼ିକୁ ମାନିବାକୁ ହୁଏ ଏବଂ ତାଙ୍କର କର୍ମ କରିବାହିଁ ଆମ କ୍ରିୟାଶୀଳ ଜୀବନ ତଥା ଇଚ୍ଛାର ଏକମାତ୍ର କର୍ତ୍ତବ୍ୟ ହୋଇ ରହେ । ଦ୍ୱିତୀୟତଃ, ସେହି କ୍ଷେତ୍ରରେ ସେହି ଦିବ୍ୟ ପରମ ତଦ୍‌ଗତ ଆତ୍ମାଙ୍କର ଧାରଣାଟି ମଧ୍ୟ ଆବିର୍ଭୂତ ହୋଇଆସେ; ଆପଣାର ସୃଷ୍ଟ ସକଳ ପ୍ରାଣୀଙ୍କ ଉପରେ କୃପାମୟ ସଂରକ୍ଷଣ ଓ ପ୍ରେମର ଡେଣାଗୁଡ଼ିକୁ ପ୍ରସାରିତ କରି ରଖିଥିବା ସେହି ପରମପିତାଙ୍କର କଳ୍ପନାଟି ଆବିର୍ଭୂତ ହୋଇଆସେ । ଏବଂ ସେଇଥିରୁ ଆତ୍ମା ଏବଂ ପରମ ଦିବ୍ୟତା ମଧ୍ୟରେ ପିତା ଓ ସନ୍ତାନ ମଧ୍ୟରେ ରହିଥିବା ଏକ ସମ୍ବନ୍ଧ ଅର୍ଥାତ୍ ପ୍ରେମରହିଁ ଏକ ସମ୍ବନ୍ଧ ବିକଶିତ ହୁଏ ଓ ତାହାର ପରିଣାମସ୍ୱରୂପ ଆମର ସହଗୃହୀ ଅନ୍ୟ ମଣିଷଙ୍କ ସହିତ ମଧ୍ୟ ଏକ ଭ୍ରାତୃତ୍ୱର ସମ୍ବନ୍ଧ ବିକାଶଲାଭ କରେ । ଯେଉଁ ପରମ ଦିବ୍ୟ ପୁରୁଷଙ୍କର ପ୍ରକୃତି ମଧ୍ୟରେ ରହିଥିବା ଶୁଦ୍ଧ ଓ ପ୍ରଶାନ୍ତ ଆନନ୍ଦ ମଧ୍ୟକୁ ଆମକୁ ବିକଶିତ ହୋଇ ଉଠିବାକୁ ପଡ଼ିବ, ଆମର ଯାବତୀୟ କର୍ମ ତଥା ସେବାର ମଧ୍ୟଦେଇ ଆମେ ଯେଉଁ ପରମ ପ୍ରଭୁଙ୍କର ନିକଟବର୍ତ୍ତୀ ହୋଇ ଆସିଥାଉ ଏବଂ ତାଙ୍କର ସନ୍ତାନ ରୂପେ ତାଙ୍କର ଆଡ଼କୁ ଅଗ୍ରସର ହୋଇ ଯାଉଥିବା ଆତ୍ମାର ପ୍ରେମ ଲାଗି ଯେଉଁ ପରମପିତା ଆପଣାର ପ୍ରତିସ୍ପନ୍ଦନ ଜଣାଇଥାନ୍ତି, ତାଙ୍କର ସହିତ ଏହିସବୁ ଯାବତୀୟ ସମ୍ବନ୍ଧକୁ ଆମେ ଭକ୍ତିଯୋଗର ସ୍ୱୀକୃତ ନାନା ଉପାଦାନରୂପେ ଜାଣି ରଖିବା ।

ଯେତେବେଳେ ଆମେ ଏହିସବୁ ବିକାଶ ଓ ସେଗୁଡ଼ିକର ଗଭୀରତର ଆଧ୍ୟାତ୍ମିକ ଅର୍ଥ ମଧ୍ୟରେ ସୁପ୍ରବିଷ୍ଟ ହୋଇଯାଉ, ସେତେବେଳେ ଈଶ୍ୱରଭୟର ପ୍ରେରଣାଟିର ପ୍ରକୃତରେ ଆଉ କୌଣସି ପ୍ରୟୋଜନ ରହେ ନାହିଁ; ତାହା ଅନାବଶ୍ୟକ ଓ ଏପରିକି ଅସମ୍ଭବ ମଧ୍ୟ ହୋଇପଡ଼େ । ଭଲ ପାଇଁହିଁ ଭଲର ଅନୁସରଣ କରିବାକୁ ଯେତେବେଳେ ଆତ୍ମା ତଥାପି ଯଥେଷ୍ଟ ପରିମାଣରେ ବିକଶିତ ହୋଇ ନଥାଏ ଏବଂ ଆପଣା ଉପରେ ଏପରି ଏକ କର୍ତ୍ତୃତ୍ୱାଧିଷ୍ଠାନ ଆବଶ୍ୟକ କରୁଥାଏ ଯାହାର କୋପ ଏବଂ ଯାହାର ସୁକଠୋର ଓ ନିର୍ମମ ବିଚାରକୁ କି ସେ ଭୟ କରି ରହିପାରିବ ଏବଂ ସେହି ଭୟ ଉପରେହିଁ ପୁଣ୍ୟ ଲାଗି ଆପଣାର ନିଷ୍ଠା ଓ ଅନୁରକ୍ତିକୁ ପ୍ରତିଷ୍ଠିତ କରି ରଖିପାରିବ, ପ୍ରଧାନତଃ ସେତିକିବେଳେ ସେହି ନୈତିକ

'oaob.nitrkl.ac.in' images reprocessed

ଜଡ଼ମାନବର କ୍ଷେତ୍ରରେହିଁ ସେହି ପ୍ରେରଣାଟିର ଏକ ଗୁରୁତ୍ୱ ବା ମହତ୍ତ୍ୱ ରହିଥାଏ । ମାତ୍ର ଯେତେବେଳେ ଆମେ ଆଧ୍ୟାତ୍ମିକତା ମଧ୍ୟକୁ ବିକଶିତ ହୋଇଉଠୁ, ସେତେବେଳେ ଏହି ପ୍ରେରଣାଟି ଆମ ଭିତରେ ଆଉ କଦାପି ରହିପାରେ ନାହିଁ; କେବଳ ମନର କୌଣସି ସନ୍ଧିଗ୍ଧ ଅବସ୍ଥା ତଥାପି ଲାଗି ରହିଥିଲେ ଓ ଆମର ପୁରୁଣା ମନଟା ତଥାପି ପୂର୍ଣ୍ଣରୂପେ ବିଲୁପ୍ତ ହୋଇ ନଥିଲେ ଯାଇ ସେହି ପ୍ରେରଣାଟି ମଧ୍ୟ ବଞ୍ଚି ରହିବାର କୌଣସି ସମ୍ଭାବନା ରହିଥାଏ । ପୁନଶ୍ଚ, ଯୋଗସ୍ଥ ନୈତିକ ଧେୟଟିକୁ ମଧ୍ୟ ଆମେ ପୁଣ୍ୟଗତ ଯାବତୀୟ ବାହ୍ୟ ଧାରଣାରୁ ସମ୍ପୂର୍ଣ୍ଣ ପୃଥକ୍ ବୋଲି ଜାଣି ରଖିବା । ସାଧାରଣତଃ ନୀତି ବା ଆଚରଣର ଜୀବନକୁ ଉଚିତ କାର୍ଯ୍ୟର ସଚେତଅବା ଏକ ଯାନ୍ତ୍ରିକ ବ୍ୟବସ୍ଥାରୂପେ ବିଚାର କରା ଯାଇଥାଏ; ସେହି କ୍ଷେତ୍ରରେ କାର୍ଯ୍ୟଟିକୁହିଁ ସବୁକିଛି ବୋଲି ବିଚାର କରାଯାଏ ଏବଂ ଆମେ ସେହି ଉଚିତ କାର୍ଯ୍ୟଟିକୁ କରିବା ଲାଗି କିପରି ସମର୍ଥ ହେବା, ତାହାହିଁ ସମୁଦାୟ ପ୍ରଶ୍ନ ଓ ସମୁଦାୟ ସମସ୍ୟା ହୋଇ ରହିଥାଏ । ମାତ୍ର ଯୋଗୀ କୌଣସି କାର୍ଯ୍ୟକୁ ପ୍ରଧାନତଃ ସେହି କାର୍ଯ୍ୟ ପାଇଁହିଁ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବେ ନାହିଁ, ମାତ୍ର ଭଗବାନଙ୍କ ଅଭିମୁଖରେ ଆତ୍ମାର ବିକଶିତ ହୋଇ ଉଠିବାର ଏକ ସାଧନରୂପେହିଁ ସେ କର୍ମକୁ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବିଥାଏ । ତେଣୁ ଭାରତୀୟ ଅଧ୍ୟାତ୍ମଶାସ୍ତ୍ରଗୁଡ଼ିକ କରିବାକୁ ରହିଥିବା ଆମର କାର୍ଯ୍ୟଟିର ଗୁଣାତ୍ମକ ପ୍ରକୃତି ଉପରେ ଯେତେଦୂର ଗୁରୁତ୍ୱ ଦିଏ ନାହିଁ, ମାତ୍ର ସେହି କାର୍ଯ୍ୟଟି ଉତ୍ସରିତ ହୋଇ ଆସୁଥିବା ଆତ୍ମାର ଗୁଣାତ୍ମକ ପ୍ରକୃତି ଉପରେ ତାହାଠାରୁ ଅନେକ ଅଧିକ ଗୁରୁତ୍ୱ ଦେଇଥାଏ; ସେହି ଆତ୍ମାର ସତ୍ୟ, ଭୟଶୂନ୍ୟତା, ଶୁଦ୍ଧତା, ପ୍ରେମ, କରୁଣା, କଲ୍ୟାଣ-ଇଚ୍ଛା ଉପରେ ଜୋର୍ ଦେଇଥାଏ; କାହାକୁ ଆଘାତ ଦେବାର କୌଣସି ଇଚ୍ଛାର ନରହିବା ଉପରେ ଏବଂ ଏହିସବୁରୁହିଁ ସଞ୍ଚରିତ ହୋଇ ଆସୁଥିବା କାର୍ଯ୍ୟଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । ମନୁଷ୍ୟର ପ୍ରକୃତି ହେଉଛି ମର୍ମତଃ ମନ୍ଦ ପ୍ରକୃତି ଏବଂ ଆପଣାର ଏକାନ୍ତ ବିରୋଧୀ ଆମର ସେହି ଅଧଃପତିତ ସ୍ୱଭାବଟା ପ୍ରତି ଘୃଣା ପ୍ରକାଶ କରିହିଁ ଆମକୁ ପୁଣ୍ୟର ଅନୁସରଣ କରିବାକୁ ହେବ ବୋଲି ପ୍ରାଚୀନ ପାଶ୍ଚାତ୍ୟ ବିଚାରରେ ଯେଉଁ ଧାରଣାଟି ରହି ଆସିଥିଲା, ପୁରାତନ କାଳରୁ ଯୋଗୀମାନଙ୍କର ବିଚାର ଦ୍ୱାରା ଜୁଆହୋଇ ଆସିଥିବା ଭାରତୀୟ ମନଟି ଲାଗି ତାହା ସମ୍ପୂର୍ଣ୍ଣ ଭାବରେ ଅନ୍ୟଧର୍ମୀ ହୋଇ ରହିଆସିଛି । ଆମର ଏହି ସ୍ୱଭାବଟି ମଧ୍ୟରେ ତାହାର କାମନା-ଆକୁଳ ରାଜସିକ ଏବଂ ନିମ୍ନମୁଖୀ ତାମସିକ ଗୁଣଟି ପରି ଏକ ଅଧିକ ଶୁଦ୍ଧ ସାତ୍ତ୍ୱିକ ଉପାଦାନ ମଧ୍ୟ ଅବଶ୍ୟ ରହିଛି ଏବଂ ଏହି ଉଚ୍ଚତର ଭାଗଟିକୁ ପ୍ରୋତ୍ସାହିତ କରିବାକୁହିଁ ଆମେ ନୀତି ଓ ଆଚରଣବିଧାନର ଯଥାର୍ଥ କାର୍ଯ୍ୟ ବୋଲି କହିବା । ଆମର ଭିତରେ ଆଗରୁ ବିଦ୍ୟମାନ ରହିଥିବା ଏହି ଦୈବୀ ପ୍ରକୃତିଟିର ଅଭିବୃଦ୍ଧି ଲାଗିହିଁ ଆମେ ନୀତିଗତ ସକଳ ଚର୍ଯ୍ୟାର ଅନୁସରଣ କରିଥାଉ ଏବଂ ତଦ୍ଦ୍ୱାରା ଆମ ଭିତରେ

'oaob.nitrkl.ac.in' images reprocessed

ରହିଥିବା ଆସୁରିକ ଓ ପୈଶାଚିକ ଉପାଦାନଗୁଡ଼ିକ ମଧ୍ୟରୁ ମୁକ୍ତ ହୋଇଆସୁ । ତେଣୁ, ଏହି ବିବୃତି ଅନୁସାରେ ଆମେ ଇହୁଦୀ ପରମ୍ପରାରେ ରହିଥିବା ଈଶ୍ୱରଭୀତିମୂଳକ ଧର୍ମପରାୟଣତାକୁ କଦାପି ମନୁଷ୍ୟର ନୈତିକ ଅଭିବୃଦ୍ଧିର ଲକ୍ଷ୍ୟ ବୋଲି କହିବା ନାହିଁ, ମାତ୍ର ସନ୍ଥ ଓ ଭଗବଦ୍‌ପ୍ରେମୀର ଶୁଦ୍ଧତା, ପ୍ରେମ, କଲ୍ୟାଣକାମିତା, ସତ୍ୟ, ଭୟଶୂନ୍ୟତା ଓ ଅହିଂସାକୁହିଁ ଏହି ଅଭିବୃଦ୍ଧିର ଧ୍ୟେୟ ବୋଲି ଗ୍ରହଣ କରିବା । ଏବଂ ଏକ ବୃହତ୍ତର ପରିପ୍ରେକ୍ଷୀରେ କହିବାକୁ ଗଲେ, ସେହି ଦିବ୍ୟ ସ୍ୱଭାବ ମଧ୍ୟକୁ ବିକଶିତ ହୋଇ ଉଠିବାକୁହିଁ ଆମେ ନୀତିମାର୍ଗସ୍ଥ ମନୁଷ୍ୟସତ୍ତାର ପରମ ଚରିତାର୍ଥତା ବୋଲି କହିପାରିବା । ପରମେଶ୍ୱରଙ୍କୁହିଁ ଆମର ଭିତରର ଆତ୍ମାରୂପେ ଉପଲବ୍ଧି କରିବା ଦ୍ୱାରାହିଁ ତାହା ସମ୍ଭବ ହେବ, ତାହାଙ୍କୁହିଁ ଆମର ମାର୍ଗଦର୍ଶକ ଓ ଉତ୍ତୋଳନକାରୀ ପରମ ଇଚ୍ଛା ବା ଆମର ସକଳ ପ୍ରେମ ଓ ସକଳ ସେବାର ଆସ୍ପଦ ପରମ ପ୍ରଭୁରୂପେ ଉପଲବ୍ଧି କରିବା ଦ୍ୱାରାହିଁ ତାହା ସମ୍ଭବ ହେବ । ତେଣୁ ତାଙ୍କୁ ଭୟ କରିବା ଆମର ଲକ୍ଷ୍ୟ ହୋଇ ରହିବ ନାହିଁ; ତାଙ୍କୁ ଭଲ ପାଇବା ଓ ତାଙ୍କରି ସତ୍ତାର ବିମୁକ୍ତ ତଥା ଚିରନ୍ତନ ଶୁଦ୍ଧତା ଲାଗି ଆକାଂକ୍ଷା ପୋଷଣ କରିବାହିଁ ଆମର ଯଥାର୍ଥ ଲକ୍ଷ୍ୟ ହୋଇ ରହିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରଭୁ ଓ ଦାସର ସମ୍ବନ୍ଧଗୁଡ଼ିକ ମଧ୍ୟରେ ଭୟ ଲାଗି ଅବଶ୍ୟ ଏକ ସ୍ଥାନ ରହିଥାଏ, ଏବଂ ଏପରିକି ପିତା ଓ ସନ୍ତାନର ସମ୍ବନ୍ଧ ଭିତରେ ମଧ୍ୟ ଭୟ ଲାଗି ଏକ ସ୍ଥାନ ରହିଥାଏ; ମାତ୍ର ଯେତେବେଳେ ଏହିସବୁ ସମ୍ପର୍କ ମନୁଷ୍ୟର ସ୍ତରରେ ରହିଥାଏ, କେବଳ ସେତିକିବେଳେହିଁ ସେପରି ହୋଇଥାଏ; ଯେତେବେଳେ ନିୟନ୍ତ୍ରଣରେ ରଖିବା, ଅଧୀନ କରି ରଖିବା ଏବଂ ଶାସ୍ତିବିଧାନ କରିବାହିଁ ସେଗୁଡ଼ିକରେ ସବୁଠାରୁ ଅଧିକ ପ୍ରତିପତ୍ତିଶାଳୀ ହୋଇ ରହିଥାନ୍ତି ଏବଂ ପ୍ରେମ ବାଧ୍ୟ ହୋଇ ଅଳ୍ପ ବା ଅଧିକ କର୍ତ୍ତୃତ୍ୱର ମୁଖାପେକ୍ଷୀ ଆପଣାକୁ ଅପସାରିତ କରି ରଖିଥାଏ, ସେତିକିବେଳେହିଁ ସେପରି ହୁଏ । ପ୍ରଭୁରୂପେ ଅଧିଷ୍ଠିତ ହୋଇ ବସିଥିବାବେଳେ ମଧ୍ୟ ଦିବ୍ୟପୁରୁଷ କାହାରିକୁ କୌଣସି ଶାସ୍ତି ଦିଏ ନାହିଁ, କୌଣସି ଭୟ ଦେଖାଏ ନାହିଁ ଅଥବା ଜୋର୍ ଜବରଦସ୍ତି କରି କାହାରିଠାରୁ ଆନୁଗତ୍ୟ ଆଦାୟ କରିବାକୁ ଯାଏ ନାହିଁ । ମନୁଷ୍ୟର ଆତ୍ମାକୁହିଁ ସମ୍ପୂର୍ଣ୍ଣ ମୁକ୍ତ ଭାବରେ ଦିବ୍ୟପୁରୁଷଙ୍କର ସମୀପକୁ ଆସିବାକୁ ହୁଏ ଏବଂ ତାଙ୍କରି ଅଧିକତର ଶକ୍ତିଶାଳୀ ସାମର୍ଥ୍ୟଟି ପାଖରେ ଆପଣାକୁ ଆଣି ସମର୍ପି ଦେବାକୁ ହୁଏ, ଯେପରିକି ସେ ତାକୁ ଆପଣା ହାତରେ ଗ୍ରହଣ କରି ତାଙ୍କର ସ୍ୱକୀୟ ଦିବ୍ୟ ସୋପାନଗୁଡ଼ିକର ଅଭିମୁଖରେ ଉତ୍ତୋଳିତ କରିନେଇ ପାରିବେ, ତା'ର ଏହି ସୀମାବିଶିଷ୍ଟ ପ୍ରକୃତିଟି ଉପରେ ସେହି ପରମ ଅନନ୍ତହିଁ ପ୍ରଭୁ ଓ ନିୟାମକରୂପେ ପ୍ରତିଷ୍ଠିତ ହୋଇ ରହିବାର ଆନନ୍ଦଟି ତା' ଲାଗି ଉପଲବ୍ଧ କରାଇଦେବେ; ତାକୁ ସେହି ସର୍ବୋଚ୍ଚ ପରମ ସତ୍ତାରହିଁ

'oaob.nitrkl.ac.in' images reprocessed

ସେବାରେ ନିୟୋଜିତ ହୋଇ ପାରିବାର ଆନନ୍ଦ ଆଣିଦେବେ, ଯାହାଫଳରେ ଜୀବ ଆପଣାର ଏହି ଅହଂଗ୍ରାମ ଓ ନିମ୍ନତର ପ୍ରକୃତିର କବଳରୁ ମୁକ୍ତ ହୋଇ ଯାଇ ପାରିବ। ଆମେ ପ୍ରେମକୁହିଁ ଏହି ସମ୍ବନ୍ଧଟିର ଅସଲ ସୂତ୍ର ବୋଲି ଜାଣିବା ଏବଂ ଭାରତୀୟ ଯୋଗସାଧନାରେ ଏହି ସେବାଧିକାରହିଁ ଅର୍ଥାତ୍ 'ଦାସ୍ୟଂ'କୁ ସେହି ଦିବ୍ୟ ପରମ ସଖାର ପ୍ରସନ୍ନ ପରିକର ହୋଇ ରହିବା ବା ସେହି ଦିବ୍ୟ ପରମ ପ୍ରେମାସ୍ପଦ ଲାଗି ପୂର୍ଣ୍ଣାକାଙ୍କ୍ଷାଯୁକ୍ତ ସେବାରେ ନିଯୁକ୍ତ ହୋଇ ରହିବା ବୋଲି କୁହାଯାଇଥାଏ। ଯେଉଁ ଜଗତ୍‌ପ୍ରଭୁ ଗୀତାରେ ତାଙ୍କର ଭକ୍ତଠାରୁ ଏହି ପୃଥିବୀରେ କେବଳ ତାଙ୍କର ଦାସ ହୋଇ ରହିବାକୁହିଁ ଦାବି କରିଛନ୍ତି, ସେ ଆପଣାକୁ ଭକ୍ତର ବନ୍ଧୁ, ମାର୍ଗଦର୍ଶକ ଏବଂ ଉଚ୍ଚତର ଆତ୍ମା ବୋଲି ମଧ୍ୟ ଘୋଷଣା କରିଛନ୍ତି ଏବଂ ଆପଣାକୁ 'ସର୍ବଲୋକମହେଶ୍ୱରଂ ସୁହୃଦଂ ସର୍ବଭୂତାନାଂ' ବୋଲି ବର୍ଣ୍ଣନା କରିଛନ୍ତି। ଏହି ଦୁଇଟିଯାକ ସମ୍ବନ୍ଧକୁ ସର୍ବଦା ଏକତ୍ର ଅବସ୍ଥାପିତ ହୋଇ ରହିବାକୁ ପଡ଼ିବ ଏବଂ ଗୋଟିକୁ ବାଦ୍ ଦେଇ ଅନ୍ୟଟି କଦାପି ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ଠିକ୍ ସେହିପରି ଭଗବାନଙ୍କୁ ପରମ ପିତାରୂପେ ସ୍ୱୀକାର କରିନେଇ ଆମେ ତାଙ୍କୁ ଆମର ସତ୍ତାକୁ ଏକ ରୂପ ଦେଇ ଗଢ଼ିଥିବାରୁ ଆମଠାରୁ ପୂର୍ଣ୍ଣ ଅନୁଗତତା ଦାବି କରୁଥିବା ଏକ ପରମ ସ୍ରଷ୍ଟାରୂପେ ଯେତେ କଳ୍ପନା କରିବା ନାହିଁ, ତାହାଠାରୁ ଅଧିକ ପରିମାଣରେ ତାଙ୍କୁ ଏକ ପ୍ରେମମୟ ପିତା ବୋଲି କଳ୍ପନା କରିବା, ଯାହାକି ଆମକୁ ଯୋଗବର୍ଦ୍ଧିତ ସେହି ଆତ୍ମାକ୍ଷେତ୍ରର ନିବିଡ଼ତର ସମ୍ମିଳନଟି ଆଡ଼କୁ ଅଗ୍ରସର କରାଇ ନେଉଥିବ। ଦୁଇଟିଯାକରେ ଆମେ ପ୍ରେମକୁହିଁ ପ୍ରକୃତ ସୂତ୍ର ବୋଲି ମାନିବା; ଏବଂ ଯେଉଁଠି ପରିପୂର୍ଣ୍ଣ ପ୍ରେମ ରହିଛି, ସେଠାରେ ଭୟକୁ ଏକ ପ୍ରେରଣାରୂପେ ସ୍ୱୀକାର କରିବାର କୌଣସି ଅବକାଶହିଁ ରହିବ ନାହିଁ। ମନୁଷ୍ୟର ଆତ୍ମା ଦିବ୍ୟ ପରମ ପୁରୁଷଙ୍କ ସହିତ ଏକ ନିବିଡ଼ତା ଅର୍ଜନ କରିବ, ତାହାର ନିକଟବର୍ତ୍ତୀ ହୋଇ ରହିବ;—ଏହାହିଁ ହେଉଛି ଧେୟ, ଏବଂ ଏହି କ୍ଷେତ୍ରରେ ଭୟ ସର୍ବଦା ଏକ ପ୍ରତିବନ୍ଧକ ଓ ଏକ ଦୂରତ୍ୱରୂପେହିଁ କାର୍ଯ୍ୟ କରୁଥିବ। ଏପରିକି ଦିବ୍ୟ ପରମ ଶକ୍ତି ଲାଗି ଏକ ଶ୍ରଦ୍ଧାନୁବର୍ତ୍ତିତ ସଙ୍କୋଚଭାବ ଏବଂ ଅଧୀନତାସୂଚକ ଭକ୍ତିର ଦୃଷ୍ଟି ମଧ୍ୟ ଦୂରତା ଏବଂ ବିଚ୍ଛିନ୍ନତାରହିଁ ଏକ ଦ୍ୟୋତକ ହୋଇ ରହିଥିବ ଏବଂ ପ୍ରେମର ଅନ୍ତରଙ୍ଗ ବନ୍ଧନରେ ଯୁକ୍ତ ହୋଇଗଲେ ସେସବୁ କ୍ରମେ ଅନ୍ତର୍ହିତ ହୋଇଯିବାକୁ ଲାଗିବେ। ପୁନଶ୍ଚ, ଭୟକୁ ଆମେ ଆମ ନିମ୍ନତର ପ୍ରକୃତିରହିଁ ଏକ ସମ୍ବଳ ବା ଧନ ବୋଲି କହିବା, ଆମ ନିମ୍ନତର ଆତ୍ମାର ଏକ ବ୍ୟାପାର ବୋଲି କହିବା; ଏବଂ ଉଚ୍ଚତର ଆତ୍ମାର ନିକଟବର୍ତ୍ତୀ ହୋଇ ଆସୁଥିବା ସମୟରେ ଆମକୁ ସେହି ଭୟକୁ ବର୍ଜନ କରିହିଁ ଆସିବାକୁ ପଡ଼ିବ। ତେବେ ଯାଇ ଆମେ ତାହାର ସାନ୍ନିଧ୍ୟ ମଧ୍ୟରେ ପ୍ରବେଶ କରିପାରିବା।

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କୁ ପିତା ବୋଲି ଅନୁଭବ କରିବାର ଏହି ସମ୍ବନ୍ଧଟି ଏବଂ ପରମ ଦିବ୍ୟସତ୍ତାଙ୍କୁ ବିଶ୍ୱଜଗତର ପରମା ଜନନୀରୂପୀ ଆତ୍ମା ବୋଲି ଜାଣିବାର ନିବିଡ଼ତର ସମ୍ବନ୍ଧଟି ପୁରାତନ କାଳରେ ଆଦିମ ଏକ ଧର୍ମଗତ ଅଭିପ୍ରାୟରୁ ଉଦ୍‌ଭୂତ ହୋଇ ଆସିଛି । ଗୀତାର ବିଶ୍ଳେଷଣ ଅନୁସାରେ ଏପରି ଗୋଟିଏ ପ୍ରକାରର ଭକ୍ତ ରହିଛନ୍ତି, ଯେଉଁମାନେ କି ସକଳ ଅଭାବର ପରିପୂରଣକାରୀ ହିସାବରେ, ସକଳ ମଙ୍ଗଳର ପ୍ରଦାନକର୍ତ୍ତା ହିସାବରେ ଅର୍ଥାତ୍ ଅନ୍ତର୍ଗତ ତଥା ବହିଃସ୍ଥ ଉଭୟ ସତ୍ତାର ସକଳ ଆବଶ୍ୟକତାର ପରିତର୍ପଣକାରୀ ହିସାବରେ ପରମ ଦିବ୍ୟ ପୁରୁଷଙ୍କର ନିକଟବର୍ତ୍ତୀ ହୋଇଥାନ୍ତି । ଗୀତାରେ ଭଗବାନ ଭକ୍ତ ଲାଗି 'ଯୋଗକ୍ଷେମଂ ବହାମ୍ୟହଂ' ବୋଲି କହିଛନ୍ତି । ମନୁଷ୍ୟର ଜୀବନ ସର୍ବଦା ନାନାବିଧ ଅଭାବ ଓ ଆବଶ୍ୟକତା ଦ୍ୱାରାହିଁ ପୂର୍ଣ୍ଣ ହୋଇ ରହିଛି, ତେଣୁ ନାନା ବାସନା ଦ୍ୱାରା ପୂର୍ଣ୍ଣ ହୋଇ ରହିଛି । ଏହି ବାସନା ବା ଅଭାବର ବୋଧ କେବଳ ତା'ର ଶାରୀରିକ ତଥା ପ୍ରାଣଗତ ସତ୍ତାରେ ନାହିଁ, ତା'ର ମାନସିକ ତଥା ଆଧ୍ୟାତ୍ମିକ ସତ୍ତାରେ ମଧ୍ୟ ରହିଛି । ଏକ ବୃହତ୍ତର ପରମ ସାମର୍ଥ୍ୟହିଁ ଏହି ବିଶ୍ୱଜଗତର ନିୟନ୍ତ୍ରା ହୋଇ ରହିଛନ୍ତି ବୋଲି ଯେତେବେଳେ ସେ ସଚେତନ ହେବାକୁ ଆରମ୍ଭ କରୁଛି, ସେତେବେଳେ ସେ ପ୍ରାର୍ଥନା ଦ୍ୱାରା ତା'ର ଅନୁଭୂତ ସକଳ ଅଭାବର ପରିପୂରଣ ଲାଗି ତାହାର ସମୀପବର୍ତ୍ତୀ ହେବାକୁ ଚାହୁଁଛି; ତା'ର ବନ୍ଧୁର ସଂସାରଯାତ୍ରାର ପଥରେ ସାହାଯ୍ୟ ଲାଗି ଏବଂ ତା'ର ସଂଗ୍ରାମରେ ସୁରକ୍ଷା ତଥା ସହାୟକତା ଲାଗି ସେ ସେହି ପରମ ସାମର୍ଥ୍ୟ ପାଖରେହିଁ ଆବେଦନ କରିବାକୁ ଆସୁଛି । ପ୍ରାର୍ଥନା ଦ୍ୱାରା ଭଗବାନଙ୍କ ଆଡ଼କୁ ଅଗ୍ରସର ହେବାର ଯେଉଁ ସାଧାରଣ ଧର୍ମପଥଗତ ପରମ୍ପରାଟି ରହିଛି, ସେଥିରେ ଏକାଧିକ ଅଶୋଧିତତା ପୂର୍ଣ୍ଣ ହୋଇ ରହିଛି; ବିଶେଷ କରି ଏହି କ୍ଷେତ୍ରରେ ଯେଉଁ ଦୃଷ୍ଟିକୋଣଟି ଭଗବାନଙ୍କୁ ପୋଷଣ ଦ୍ୱାରା, ଲାଞ୍ଚ ଦ୍ୱାରା ଓ ତୋଷାମଦ ଦ୍ୱାରା ରାଜି କରାଯାଇ ପାରିବ ବୋଲି ବିଚାରୁଛି, ତାଙ୍କୁ ପ୍ରଶଂସା କରି, ଅନୁନୟ ଜଣାଇ ଓ ଖେଦ ଲଗାଇ ତାଙ୍କର କୃପା ଲାଭ କରାଯାଇ ପାରିବ ବୋଲି ଭାବୁଛି ଏବଂ ଏସବୁର ଭିତରେ କିଏ ପ୍ରକୃତରେ କିଭଳି ଅନ୍ତର୍ଗତ ଭାବ ନେଇ ତାଙ୍କ ପାଖକୁ ଯାଉଛି, ସେକଥାଟି ଉପରେ ଅନେକ ସମୟରେ ହୁଏତ ଆଦୌ କୌଣସି ଦୃଷ୍ଟି ରଖୁ ନାହିଁ, ସେହି ପରମ୍ପରାରେ ଏଇଟି ଭରପୂର ହୋଇ ରହିଛି । ତଥାପି ସେଥିରେ ଯେତେଯାହା ଅଶୋଧିତତା ରହିଥାଉ ପଛକେ, ଭଗବାନଙ୍କ ଆଡ଼କୁ ଅଗ୍ରସର ହେବାର ଏହି ପରମ୍ପରାଟି ଆମର ଧର୍ମଗତ ସତ୍ତାର କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ମାର୍ଗ ହୋଇ ରହିଛି ଏବଂ ତାହା ଏକ ବିଶ୍ୱସତ୍ୟକୁ ଅବଲମ୍ବନ କରି ରହିଛି ।

ଅନେକ ସମୟରେ ପ୍ରାର୍ଥନାର ଫଳଦାୟକତା ଉପରେ ଯଥେଷ୍ଟ ସନ୍ଦେହ ପ୍ରକାଶ କରାଯାଇଥାଏ ଏବଂ ପ୍ରାର୍ଥନାକୁ ମଧ୍ୟ ଏକ ଯୁକ୍ତିବିରୁଦ୍ଧ ବ୍ୟାପାର ଓ ତେଣୁ

'oaob.nitrkl.ac.in' images reprocessed

ଅନାବଶ୍ୟକ ଏବଂ ନିଷ୍ଫଳ ବୋଲି ଅନୁମାନ କରାଯାଇଥାଏ । ବିଶ୍ୱରେ କାର୍ଯ୍ୟକାରୀ ହୋଇ ରହିଥିବା ଇଚ୍ଛାଟି ଯେ ସର୍ବଦା ଆପଣାରହିଁ ଉଦ୍ଦେଶ୍ୟଟିକୁ ପରିପୂର୍ଣ୍ଣ କରିବାରେ ଲାଗିଛି ଏବଂ କୌଣସି ଅହଂକାମନାଯୁକ୍ତ ତୋଷଣ ଅଥବା ଆବେଦନ ଦ୍ୱାରା ଯେ ତାହାକୁ କଦାପି ଆପଣା ପଥରୁ ଟଳାଇ ହେବ ନାହିଁ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏହି ବିଶ୍ୱବ୍ୟବସ୍ଥାରେ ଆପଣାକୁ ଅଭିବ୍ୟକ୍ତ କରିବାରେ ଲାଗିଥିବା ପରମ ବିଶ୍ୱାତୀତ ସତ୍ତା ଏକ ସର୍ବଜ୍ଞାନଯୁକ୍ତ ସତ୍ତା ହୋଇଥିବାରୁ, ଏହି ସଂସାରରେ ତାଙ୍କ ଲାଗି ଯାହାକିଛି କରିବାକୁ ରହିଛି, ତାଙ୍କର ବୃହତ୍ତର ଜ୍ଞାନଟି ଅବଶ୍ୟ ପୂର୍ବରୁହିଁ ତାହାକୁ ଅତି ସୁସ୍ପଷ୍ଟଭାବରେ ଦେଖିବାକୁ ପାଉଥିବ ଏବଂ ତେଣୁ ମନୁଷ୍ୟର ଭାବନାରୁ କୌଣସି ନିର୍ଦ୍ଦେଶନା କିଂବା ଉଦ୍‌ପ୍ରେରଣା ପାଇବା ଲାଗି ତାହା କଦାପି ଅପେକ୍ଷା କରୁ ନଥିବ ଏବଂ କୌଣସି ପ୍ରକାର ବିଶ୍ୱଯୋଜନାରେ ବ୍ୟକ୍ତିର ବାସନାଗୁଡ଼ିକର ଆଦୌ କୌଣସି ପ୍ରକାରର ନିର୍ଣ୍ଣାୟକାରୀ ସାମର୍ଥ୍ୟ କଦାପି ରହି ନାହିଁ କିଂବା ରହିପାରିବ ନାହିଁ । ମାତ୍ର ସେହି ବ୍ୟବସ୍ଥା ଅର୍ଥାତ୍ ବିଶ୍ୱଗତ ଇଚ୍ଛା ଯେ ସମ୍ପୂର୍ଣ୍ଣଭାବରେ କେବଳ ଏକ ଯନ୍ତ୍ରବତ୍ ପରମବିଧାନ ଦ୍ୱାରାହିଁ କାର୍ଯ୍ୟକାରୀ ହୋଇ ରହିଛି, ସେକଥା ମଧ୍ୟ କେବେହେଲେ କୁହାଯାଇ ପାରିବ ନାହିଁ, ମାତ୍ର ତାହା ଏପରିସବୁ ସାମର୍ଥ୍ୟ ଏବଂ ଶକ୍ତି ଦ୍ୱାରା କାର୍ଯ୍ୟକାରୀ ହେବାରେ ଲାଗିଛି, ଯାହା ମଧ୍ୟରେ କି ଅନ୍ତତଃ ମନୁଷ୍ୟର ଜୀବନକ୍ଷେତ୍ରରେ ମନୁଷ୍ୟର ଇଚ୍ଛା, ମନୁଷ୍ୟର ଆକାଙ୍‌କ୍ଷା ଓ ମନୁଷ୍ୟର ବିଶ୍ୱାସର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅବଶ୍ୟ ରହିଛି । ସେହି ଇଚ୍ଛା, ଆକାଙ୍‌କ୍ଷା ଓ ବିଶ୍ୱାସକୁ ଏକ ନିର୍ଦ୍ଦିଷ୍ଟ ରୂପାୟନ ଦେବାକୁହିଁ ପ୍ରାର୍ଥନା ବୋଲି କୁହାଯିବ । ଅନେକ ସମୟରେ ସେହି ପ୍ରାର୍ଥନା ସବୁ ଯେଉଁ ରୂପରେ ରହିଥାଏ, ତାହା ପ୍ରକୃତରେ ବଡ଼ ଅଶୋଧିତ ଥାଏ; ସେଥିରେ ଯେ କେବଳ ଏକ ବାଳକସୁଲଭତା ରହିଥାଏ ତା' ନୁହେଁ,—ଏବଂ ବାଳକ-ସୁଲଭତାକୁ ଆମେ ତା'ର ଆପଣା ଆୟତନଟି ଭିତରେ କେବେହେଲେ ଏକ ଦୋଷ ବୋଲି କହିବା ନାହିଁ,—ମାତ୍ର ସେଥିରେ ଏକ ବାଳକବତ୍ ଧୃଷ୍ଟତା ମଧ୍ୟ ରହିଥାଏ । ମାତ୍ର ତଥାପି ସେଥିରେ ଏକ ପ୍ରକୃତ ସମର୍ଥତା ଓ ତାତ୍ପର୍ଯ୍ୟ ଅବଶ୍ୟ ରହିଥାଏ । ଆମେ ଯାହା ସହିତ ଚେତନାମୟ ଓ ଜୀବନ୍ତ ନାନା ସମ୍ବନ୍ଧରେ ବାନ୍ଧିହୋଇ ରହିପାରିବୁ, ସେହିଭଳି ଏକ ଚେତନାମୟ ପରମସତ୍ତାଙ୍କର ଇଚ୍ଛାରୂପେ ସେହି ଦିବ୍ୟ ପରମ ଇଚ୍ଛାଟି ସହିତ ମନୁଷ୍ୟର ଇଚ୍ଛା, ଆକାଙ୍‌କ୍ଷା ତଥା ବିଶ୍ୱାସର ସଂସ୍ପର୍ଶ ଘଟାଇବାହିଁ ପ୍ରାର୍ଥନାର ବଳ ଓ ମର୍ମ ହୋଇ ରହିଥାଏ । କାରଣ ଆମର ନିଜ ସାମର୍ଥ୍ୟ ଓ ପ୍ରୟାସ ଦ୍ୱାରା ଆମର ଇଚ୍ଛା ଓ ଆକାଙ୍‌କ୍ଷା ଆପଣାକୁ କ୍ରିୟାଶୀଳ କରି ରଖିପାରେ, ଅଥବା ସେହି ଦିବ୍ୟ ଓ ବିଶ୍ୱମୟ ପରମ ଇଚ୍ଛା ଉପରେ ଆଶ୍ରିତ ହୋଇ ରହି ବା ଆପଣାକୁ ତାହାର ଅଧୀନ କରି ରଖି ମଧ୍ୟ ତାହା କ୍ରିୟାଶୀଳ ହୋଇପାରେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରଥମ କ୍ଷେତ୍ରଟିରେ ନିମ୍ନତର ତଥା ଉଚ୍ଚତର ନାନାବିଧ ଉଦ୍ଦେଶ୍ୟର

'oaob.nitrkl.ac.in' images reprocessed

ସାଧନ ଲାଗି ତାହା ଏକ ମହାନ୍ ଓ ପ୍ରଭାବପୂର୍ଣ୍ଣ ବସ୍ତୁରୂପେ ଅବଶ୍ୟ କାର୍ଯ୍ୟ କରିପାରେ । ଏବଂ ଏହି ଭିତରେ ଏକାଧିକ ଅନୁଶୀଳନମାର୍ଗ ରହିଛି ଯେଉଁମାନେ କି ସର୍ବଦା କେବଳ ଏହି ଶକ୍ତିଟିରହିଁ ପ୍ରୟୋଗ କରିବା ଉଚିତ ବୋଲି ଦାବି କରିଥାନ୍ତି । ଏବଂ ଦ୍ୱିତୀୟ ମାର୍ଗଟି ହୁଏତ ସେହି ପରମ ଇଚ୍ଛାଟି ଆମର ଆକାଙ୍‌କ୍ଷା ଲାଗି ପ୍ରତିସ୍ପନ୍ଦନ କରୁଥିଲା ପରି ଅନୁଭବ କରିପାରେ, ମାତ୍ର ପ୍ରାପ୍ତ ଏକ ଯାନ୍ତ୍ରିକତାର ବୋଲି ମାନୁଥିବା ପରି ଅର୍ଥାତ୍ ଶକ୍ତିମନ୍ତ୍ରର ଏକ ପ୍ରକାର ବିଧାନ ଦ୍ୱାରା ପରିଚାଳିତ ହୋଇ ବା ଅନ୍ତତଃ ନୈର୍ବ୍ୟକ୍ତିକ ଭାବରେହିଁ ପ୍ରତିସ୍ପନ୍ଦନ କରୁଥିଲା ପରି ଅନୁଭବ କରେ; ଅଥବା ଅନ୍ୟ ପକ୍ଷରେ ତାହା ସେହି ପରମ ଇଚ୍ଛା ମନୁଷ୍ୟ-ଆତ୍ମାର ଦିବ୍ୟ ଆକାଙ୍‌କ୍ଷା ଓ ବିଶ୍ୱାସ ଲାଗି ସଚେତନ ଭାବରେ ପ୍ରତିସ୍ପନ୍ଦନ କରୁଥିଲା ପରି ଏବଂ ତାହା ଲାଗି ସଚେତନ ଭାବରେ ତାହାର ଅଭିଳଷିତ ସାହାଯ୍ୟ, ମାର୍ଗଦର୍ଶନ, ରକ୍ଷଣ ଓ ଚରିତାର୍ଥତାକୁ ବହନ କରି ଆଣୁଥିଲା ପରି ଅନୁଭବ କରିପାରେ,—'ଯୋଗକ୍ଷେମଂ ବହାମ୍ୟହଂ' ।

ପ୍ରଥମେ ଆମର ଏହି ନିମ୍ନତର ଭୂମିରେ ମଧ୍ୟ ଆମ ଲାଗି ଏହି ସମ୍ବନ୍ଧଟିକୁ ପ୍ରସ୍ତୁତ କରି ରଖିବାରେ ପ୍ରାର୍ଥନା ଆମର ସହାୟତା କରିଥାଏ; ଏପରିକି ସେହି ଭୂମିରେ ଅନେକାଂଶତଃ ତୁଚ୍ଛା ଅହଂବାଦ ଓ ଆତ୍ମବିଭ୍ରମ ଅବସ୍ଥାନ କରି ରହିଥିଲେ ମଧ୍ୟ ପ୍ରାର୍ଥନା ସେଥିରେ ସହାୟତା କରିଥାଏ । ମାତ୍ର ତା'ପରେ ଆମେ ଏହି ଭୂମିଟିର ପଛରେ ରହିଥିବା ଆଧ୍ୟାତ୍ମିକ ସତ୍ୟଟି ଆଡ଼କୁ ବି ଆକର୍ଷିତ ହୋଇ ଯାଇପାରୁ । ଆମେ ମାଗୁଥିବା ପଦାର୍ଥଟି ଆମକୁ ପ୍ରକୃତରେ ମିଳିଲା କି ନାହିଁ, ସେତେବେଳେ ସେକଥାଟିର ଆଉ କୌଣସି ମହତ୍ତ୍ୱ ରହେ ନାହିଁ; ସେତେବେଳେ ଏହି ସମ୍ବନ୍ଧଟିହିଁ ମହତ୍ତ୍ୱପୂର୍ଣ୍ଣ ହୋଇ ରହେ, ଈଶ୍ୱରଙ୍କ ସହିତ ମାନବଜୀବନର ସ୍ପର୍ଶଟିହିଁ ମହତ୍ତ୍ୱପୂର୍ଣ୍ଣ ହୋଇ ରହେ, ସେହି ସଚେତନ ପାରସ୍ପରିକ ଆଦାନପ୍ରଦାନହିଁ ମହତ୍ତ୍ୱପୂର୍ଣ୍ଣ ହୋଇ ରହେ । ଆଧ୍ୟାତ୍ମିକ ବ୍ୟାପାରଗୁଡ଼ିକର କ୍ଷେତ୍ରରେ ଓ ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟଲାଭର ଅନ୍ୱେଷଣକ୍ଷେତ୍ରରେ ଏହି ସଚେତନ ସମ୍ବନ୍ଧଟି ଏକ ବଡ଼ ଶକ୍ତିରୂପେ କାର୍ଯ୍ୟ କରେ; ପୂର୍ଣ୍ଣଭାବରେ କେବଳ ଆପଣା ଉପରେହିଁ ନିର୍ଭର କରି ଆମେ ଯେତେ ଯାହା ସଂଗ୍ରାମ ଓ ପ୍ରୟାସରେ ବ୍ୟାପୃତ ହୋଇ ରହିଥାଉ, ଏହି ସମ୍ବନ୍ଧଟିକୁ ଆମେ ତାହାଠାରୁ ଅନେକ ବୃହତ୍ତର ଏକ ଶକ୍ତି ବୋଲି ଜାଣିବାର ଏବଂ ଆମକୁ ଏକ ପରିପୂର୍ଣ୍ଣତର ଆଧ୍ୟାତ୍ମିକ ବିକାଶ ଓ ଆଧ୍ୟାତ୍ମିକ ଅନୁଭୂତିର ଅଧିକାରୀ କରାଇଥାଏ । ସେହି ବୃହତ୍ତର ବସ୍ତୁଟି ଲାଗି ପ୍ରାର୍ଥନା ଆମକୁ ପ୍ରସ୍ତୁତ କରି ଆଣୁଥିଲା, ଶେଷରେ ବଡ଼ ଅନିବାର୍ଯ୍ୟ ଭାବରେ ତାହା ସେଇଠାକୁ ଆସି ଆପଣାକୁ ବିଲୀନ କରିଦିଏ ଅଥବା କେବଳ ସମ୍ବନ୍ଧଜନିତ ଆନନ୍ଦଟି ଲାଗିହିଁ ବର୍ତ୍ତମାନ ରହିଥାଏ । ବିଶ୍ୱାସ, ଇଚ୍ଛା ଏବଂ ଆକାଙ୍‌କ୍ଷା ବିଦ୍ୟମାନ ରହିଥିବା ପର୍ଯ୍ୟନ୍ତ ବସ୍ତୁତଃ ଯେଉଁ ବାହ୍ୟ ବସ୍ତୁଟିକୁ ଆମେ ପ୍ରାର୍ଥନା ବୋଲି କହୁ, ବିଚ୍ଛିନ୍ନ ଭାବରେ ସେଇଟି କଦାପି ପ୍ରାର୍ଥନାର ଅସଲ କଥା ହୋଇ ରହୁ

'oaob.nitrkl.ac.in' images reprocessed

ନଥାଏ । ଏବଂ ପ୍ରାର୍ଥନା ଦେଇ ଆମେ ଯେଉଁ ଅର୍ଥଟିକୁ ଲୋଡ଼ୁଥାଉ ଅର୍ଥାତ୍ ଯେଉଁ ଉଦ୍ଦେଶ୍ୟଗୁଡ଼ିକର ପରିପୂରଣ ବା ଉପଲବ୍ଧି କାମନା କରୁଥାଉ, ସେଇଟି ମଧ୍ୟ କ୍ରମଶଃ ଊର୍ଦ୍ଧ୍ୱତର ହେବାରେ ଲାଗିଥାଏ ଏବଂ ଏହିପରି ଭାବରେ ଆମେ ସର୍ବଶେଷରେ ସକଳ ଅଭିପ୍ରାୟ ଓ ଅଭିଳାଷକୁ ପାରି ହୋଇ ଯାଇଥିବା ସେହି ସର୍ବୋଚ୍ଚ ଭକ୍ତିର ସୋପାନରେ ଆସି ପହଞ୍ଚୁ; ସେହି ସୋପାନରେ କେବଳ ଶୁଦ୍ଧ ଓ ସହଜ ଦିବ୍ୟ ପ୍ରେମହିଁ ଅବସ୍ଥିତ ରହିଥାଏ ଏବଂ ସେଥିରେ ଆଉ କୌଣସି ଦାବି ନଥାଏ କିଂବା କୌଣସି ବାସନା ମଧ୍ୟ ନଥାଏ ।

ପରମ ଦିବ୍ୟସତ୍ତାକୁ ଏହିପରି ଏକ ଦୃଷ୍ଟିରେ ଦେଖିପାରିବା ଦ୍ୱାରା ଯେଉଁ ସମ୍ବନ୍ଧଗୁଡ଼ିକ ବିକଶିତ ହୋଇ ଆସିଥାଏ, ଆମେ ତାହାକୁ ସନ୍ତାନ ସହିତ ଦିବ୍ୟ ପରମ ପିତାମାତାଙ୍କର ସମ୍ବନ୍ଧ ବୋଲି କହିବା, ଦିବ୍ୟ ପରମ ସଖାର ସମ୍ବନ୍ଧ ବୋଲି କହିବା । ଦିବ୍ୟସତ୍ତାକୁ ଏହିସବୁ ରୂପରେ ଅନୁଭବ କରି ମନୁଷ୍ୟର ଆତ୍ମା ସେଠାକୁ ସାହାଯ୍ୟ ଲୋଡ଼ି ଆସେ, ସୁରକ୍ଷା ଲୋଡ଼ି ଆସେ, ମାର୍ଗଦର୍ଶନ ଲୋଡ଼ି ଆସେ ଏବଂ ଚରିତାର୍ଥତା ଲୋଡ଼ି ଆସେ । ଅଥବା ଯଦି ଜ୍ଞାନହିଁ ଏହି କ୍ଷେତ୍ରରେ ଧ୍ୟେୟ ହୋଇ ରହିଥାଏ, ତେବେ ସେ ଏହି ଅନୁଭୂତିଟି ଦ୍ୱାରା ପରମ ପଥପ୍ରଦର୍ଶକ ପାଖକୁ ଆସେ, ପରମ ଗୁରୁ ପାଖକୁ ଆସେ ଓ ପରମ ଆଲୋକଦାତା ପାଖକୁ ମଧ୍ୟ ଆସେ; କାରଣ ସେହି ଦିବ୍ୟସତ୍ତାହିଁ ଜ୍ଞାନର ପରମସୂର୍ଯ୍ୟରୂପେ ଅଧିଷ୍ଠିତ ହୋଇ ରହିଥାନ୍ତି । ଅଥବା ଦୁଃଖ ତଥା କଷ୍ଟକ୍ଳେଶରେ ତାହା ଦୁଃଖୋପଶମ ଏବଂ ସାନ୍ତ୍ୱନା ହୋଇ ଆସେ ଓ ବିମୋଚକ ହୋଇ ଆସେ । ତାହା ଆମକୁ ହୁଏତ ଆମେ ଭୋଗ କରୁଥିବା ସେହି ଯାତନାଟିରୁହିଁ ବିମୋଚିତ କରିଦିଏ, ବା ସକଳ ଯାତନାର ନିବାସସ୍ଥଳ ହୋଇ ରହିଥିବା ଏହି ଇହ-ଅସ୍ତିତ୍ୱରୁ ବିମୋଚିତ କରିଦିଏ ଅଥବା ଯାତନାର ଯାବତୀୟ ଅନ୍ତର୍ନିହିତ ତଥା ପ୍ରକୃତ କାରଣରୁ ଆମକୁ ବିମୋଚିତ କରିଦେଇଯାଏ ।* ଏସବୁ ମଧ୍ୟରେ ଆମେ ଏକ ନିର୍ଦ୍ଦିଷ୍ଟ ସୋପାନଭେଦ ରହିଥିବାର ଲକ୍ଷ୍ୟ କରିଥାଉ । କାରଣ ପିତୃତ୍ୱର ସମ୍ବନ୍ଧଟି ସର୍ବଦା ଅପେକ୍ଷାକୃତ କମ୍ ନିବିଡ଼, କମ୍ ପ୍ରଗାଢ଼, କମ୍ ବ୍ୟାକୁଳତାମୟ ଓ କମ୍ ଅନ୍ତରଙ୍ଗ ହୋଇ ରହିଥାଏ ଏବଂ ସେହି କାରଣରୁ ଏକ ନିବିଡ଼ତମ ଯୁକ୍ତିସ୍ଥିତିର ଅଭିଳାଷ ରଖିଥିବା ଯୋଗ ଏହି ସମ୍ବନ୍ଧଟିର ଅପେକ୍ଷାକୃତ କମ୍ ଅନୁଶୀଳନ କରିଥାଏ । ଦିବ୍ୟ ପରମସଖାର ସମ୍ବନ୍ଧଟିକୁ ସର୍ବଦା ଅଧିକ ମଧୁର ଓ ଅଧିକ ଅନ୍ତରଙ୍ଗ ବୋଲି ବୁଝାଯାଇ ପାରିବ; ଏଥିରେ ଏକ ସାମ୍ୟର ସ୍ଥିତିକୁ

* ଉକ୍ତ ମନବୁଦ୍ଧି ପ୍ରକାରରୁ ଏହି ତିନୋଟି ପ୍ରକାରକୁ ଗୀତାରେ ଆର୍ତ୍ତ, ଅର୍ଥାର୍ଥୀ ଓ ଜିଜ୍ଞାସୁ ବୋଲି ବୁଝାଯାଇଛି; ଅର୍ଥାତ୍ ଦୁଃଖରେ ପଡ଼ି ଛଟପଟ ହେଉଥିବା, ବ୍ୟକ୍ତିଗତ ଉଦ୍ଦେଶ୍ୟଗୁଡ଼ିକର ପରିପୂରଣ ଲୋଡ଼ୁଥିବା ଏବଂ ଭଗବାନ୍ ଜ୍ଞାନର ଅନ୍ୱେଷଣ କରୁଥିବା ତିନି ପ୍ରକାରର ଭକ୍ତ ବୋଲି ବୁଝାଯାଇଛି ।

'oaob.nitrkl.ac.in' images reprocessed

ସ୍ୱୀକାର କରାଯାଏ, ସେହି ସାମ୍ୟଟି ମଧ୍ୟରେ ଅନ୍ତରଙ୍ଗତା ସକାଶେ ମଧ୍ୟ ଅବକାଶ ଥାଏ ଏବଂ ସେହି କ୍ଷେତ୍ରରେ ଏକ ପାରସ୍ପରିକ ଆତ୍ମଦାନର ବି ପ୍ରଥମ ଉନ୍ମେଷ ହୋଇଥାଏ । ଏବଂ ଏହାର ନିବିଡ଼ତମ ପର୍ଯ୍ୟାୟଟିରେ ଯେତେବେଳେ ଅନ୍ୟଜଣେ ଦେଉଛି ବା ଅନ୍ୟଜଣେ ଗ୍ରହଣ କରୁଛି ବୋଲି ବିଚାର କରିବାର ସକଳ ଧାରଣା ଅନ୍ତର୍ହିତ ହୋଇଯାଏ, କେବଳ ପ୍ରେମରହିଁ ସେହି ଏକମାତ୍ର ସର୍ବସମ୍ପୂର୍ଣ୍ଣ ଅଭିଳାଷଟି ବ୍ୟତୀତ ଯେତେବେଳେ ଏହି ସମ୍ବନ୍ଧଟି ମଧ୍ୟରେ ଅନ୍ୟ ଦ୍ୱିତୀୟ କୌଣସି ଅଭିଳାଷ ବା ଅଭିପ୍ରାୟ ନଥାଏ, ସେତେବେଳେ ତାହା ଏହି ଜଗତରୂପୀ ଲୀଳାରେ କ୍ରୀଡ଼ାସହଚରରହିଁ ମୁକ୍ତ ଓ ସୁଖକର ସମ୍ବନ୍ଧଟିରେ ପରିଣତ ହୋଇଯାଏ । ମାତ୍ର ସନ୍ତାନ ଓ ଜନନୀ ମଧ୍ୟରେ ରହିଥିବା ସମ୍ବନ୍ଧଟିକୁ ଆମେ ତା'ଠାରୁ ମଧ୍ୟ ଆହୁରି ଅଧିକ ନିବିଡ଼ ଓ ଅନ୍ତରଙ୍ଗ ବୋଲି କହିବା ଏବଂ ଯେଉଁଠାରେ ଧର୍ମର ଆବେଗଟି ଅନୁରୂପ ଉତ୍ସାହ ଦ୍ୱାରା ଅଧିକତମ ଭାବରେ ଐଶ୍ୱର୍ଯ୍ୟମୟ ହୋଇ ରହିଥାଏ, ଏବଂ ସବୁଠାରୁ ଅଧିକ ଉଷ୍ଣତାର ସହିତ ମନୁଷ୍ୟର ହୃଦୟରୁହିଁ ଉତ୍ଥିତ ହୋଇ ଆସୁଥାଏ, ସେଠାରେ ସେହି ସମ୍ବନ୍ଧଟି ଏକ ବୃହତ୍ ଭୂମିକା ଗ୍ରହଣ କରିଥାଏ । ଆପଣାର ସକଳ ବାସନା ଓ ସକଳ ସନ୍ତାପରେ ମନୁଷ୍ୟର ଆତ୍ମା ଜନନୀ-ଆତ୍ମାରେହିଁ ପ୍ରବିଷ୍ଟ ହୋଇ ରହେ; ଦିବ୍ୟ ଜନନୀ ମଧ୍ୟ ତାହା ସେହିଭଳି ପ୍ରବିଷ୍ଟ ହୋଇ ରହୁ ବୋଲି ଇଚ୍ଛା କରୁଥାନ୍ତି, କାରଣ ସେହିଭଳି ଅବସ୍ଥାରେହିଁ ସେ ସେହି ଆତ୍ମାଟି ଉପରେ ଆପଣାର ପ୍ରେମମୟ ହୃଦୟଟିକୁ ଆଣି ଅଜାଡ଼ିଦେଇ ପାରନ୍ତି । ଏହି ପ୍ରେମଟି ସ୍ୱଭାବତଃ ସର୍ବଦା ଆପେ-ବର୍ତ୍ତମାନ ହୋଇ ରହିଥାଏ ଏବଂ ଏହି ଜଗତର ଯାବତୀୟ ବିଭ୍ରମଣ ଭିତରୁ ଆମେ ଯେଉଁ ଯଥାର୍ଥ ସ୍ୱନିବାସଟିକୁ ଫେରିଯିବାକୁ ଆକୁଳ ହେଉଥାଉ ଏବଂ ଯେଉଁ କୋଡ଼ରେହିଁ ଆମେ ଆମର ଅସଲ ଶାନ୍ତିଟିକୁ ଲାଭ କରିଥାଉ ସେହି କାରଣରୁ ମଧ୍ୟ ଆତ୍ମା ସେହି ଜନନୀଙ୍କ ଆଡ଼କୁ ଆକର୍ଷିତ ହୋଇ ଯାଇଥାଏ ।

ମାତ୍ର ସବୁଠାରୁ ଉଚ୍ଚ ଓ ସବୁଠାରୁ ବୃହତ୍ତ ସମ୍ବନ୍ଧଟି ଏହିସବୁ ସାଧାରଣ ଧର୍ମଗତ ଅଭିପ୍ରାୟଗୁଡ଼ିକରୁ କୌଣସିଟି ଦ୍ୱାରା ଉତ୍ପ୍ରେରିତ ହୋଇ ନଥାଏ, ମାତ୍ର ପ୍ରେମର ସ୍ୱପ୍ରକୃତିରୁହିଁ ତାହା ସଞ୍ଜାତ ହୁଏ; ଏଇଟିକୁ ଆମେ ବରଂ ଯୋଗର ଯଥାର୍ଥ ମର୍ମ ବୋଲିହିଁ କହିପାରିବା । ଏହାକୁ ଆମେ ପରମ ପ୍ରେମାସ୍ପଦ ପ୍ରତି ପରମ ପ୍ରେମିକର ଆକୁଳତା ବୋଲି କହିବା । ପରମେଶ୍ୱରଙ୍କ ସହିତ ସମ୍ପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇଯିବାକୁ ଯେଉଁଠାରେ ଆତ୍ମାର ଏକ ବାସନା ରହିଥାଏ, ସେତେବେଳେ ଦିବ୍ୟ ବ୍ୟାକୁଳତାର ଏହି ରୂପଟି ଏପରି ଅନେକ ଧର୍ମର କ୍ଷେତ୍ର ମଧ୍ୟକୁ ବି ସଞ୍ଚାରିତ ହୋଇଯାଏ, ଯେଉଁଗୁଡ଼ିକ କି ଉପରୁ ଏହାକୁ ବାଦ୍ ଦେଇ ଗଢ଼ କରୁଥିବା ପରି ମନେ ହୋଇଥାନ୍ତି ଏବଂ ଆପଣାର ସାଧାରଣ ଅବସ୍ଥାଟି ମଧ୍ୟରେ ଏହା ସକାଶେ

'oaob.nitrkl.ac.in' images reprocessed

କୌଣସି ସ୍ଥାନ ରଖି ନଥାନ୍ତି । ଏଥିରେ କେବଳ ପ୍ରେମରହିଁ ଯାଚଣା ରହିଥାଏ, ପ୍ରେମର ସଫଳତାହିଁ ଏକମାତ୍ର ଈପ୍ସିତ ହେତୁ ହୋଇ ରହିଥାଏ, ପ୍ରେମରୁ ବିଚ୍ଛିନ୍ନ ହୋଇ ରହିବାର ଦୁଃଖହିଁ ଏକମାତ୍ର ଦୁଃଖରୂପେ ଅନୁଭୂତ ହୁଏ । କାରଣ ଏତଦ୍ ବ୍ୟତୀତ ଅନ୍ୟ ଯାବତୀୟ ବସ୍ତୁର ଏହି କ୍ଷେତ୍ରରେ ହୁଏତ ଆଦୌ କୌଣସି ଅସ୍ତିତ୍ୱହିଁ ନଥାଏ ଅଥବା ସେସବୁ କେବଳ ପ୍ରେମର ପ୍ରସଙ୍ଗ କିମ୍ବା ଫଳର ରୂପରେହିଁ ଆସି ଉପସ୍ଥିତ ହୋଇପାରନ୍ତି, ମାତ୍ର ପ୍ରେମର ବିଷୟ କିମ୍ବା ଅବସ୍ଥାରୂପେ କଦାପି ଆସି ଉପସ୍ଥିତ ହୁଅନ୍ତି ନାହିଁ । ତାହାର ସ୍ୱଭାବ ଦୃଷ୍ଟିରୁ ବିଚାର କଲେ ସକଳ ପ୍ରେମକୁ ଆମେ ବସ୍ତୁତଃ କେବଳ ଆପେ-ବର୍ତ୍ତିମାନ ବୋଲିହିଁ କହିପାରିବା, କାରଣ ସତ୍ତାଗତ ଏକ ପ୍ରଚ୍ଛନ୍ନ ଏକରୂପତ୍ୱରୁହିଁ ଏହାର ଉଦ୍‌ଗମ ହୋଇଥାଏ ଏବଂ ଏପର୍ଯ୍ୟନ୍ତ ଆପଣାକୁ କେବଳ ପରସ୍ପରଠାରୁ ପୃଥକ୍ ଓ ବିଭକ୍ତ ବୋଲିହିଁ ଭାବିବାକୁ ସମର୍ଥ ହେଉଥିବା ଦୁଇଟି ଆତ୍ମା ମଧ୍ୟରେ ରହିଥିବା ଏହି ଏକରୂପତା ଅଥବା ଏକରୂପ ହେବାର ବାସନାଟିର ଏକ ଅନୁଭୂତିରୁହିଁ ସେହି ପ୍ରେମର ଉଦ୍‌ଗମ ହୋଇଥାଏ । ତେଣୁ କେବଳ ପ୍ରେମର ଅଭିଳାଷ ଦ୍ୱାରା ପ୍ରେରିତ ହୋଇହିଁ ଏହି ଅନ୍ୟ ସମ୍ବନ୍ଧଗୁଡ଼ିକ ମଧ୍ୟ ଆପଣା ଆପଣାର ଆପେ-ବର୍ତ୍ତିମାନ ଓ ଅଭିପ୍ରାୟମୁକ୍ତ ସତ୍ତାଗତ ଆନନ୍ଦରେ ଅବଶ୍ୟ ଆସି ଉପଗତ ହୋଇ ପାରିବେ । ମାତ୍ର ତଥାପି ସେଗୁଡ଼ିକ ଅନ୍ୟାନ୍ୟ ନାନା ଉତ୍ପ୍ରେରକରୁହିଁ ଜନ୍ମଲାଭ କରିଥାନ୍ତି ଓ ପରିଶେଷରେ କେତେକ ପରିମାଣରେ ସେହି ଅନ୍ୟ ଉତ୍ପ୍ରେରକ ବା ଅଭିପ୍ରାୟଗୁଡ଼ିକରେହିଁ ଆପଣା କ୍ରୀଡ଼ାର ଏକ ପରିତର୍ପଣ ମଧ୍ୟ ଲାଭ କରିଥାନ୍ତି । ମାତ୍ର ଏହି ସମ୍ବନ୍ଧଟିର କ୍ଷେତ୍ରରେ ମୂଳ ଓ ଶେଷ ଉଭୟ ସ୍ଥାନରେ କେବଳ ପ୍ରେମହିଁ ବିରାଜମାନ କରୁଥାଏ, ପ୍ରେମହିଁ ସବୁକିଛୁର ଧ୍ୟେୟ ହୋଇ ରହିଥାଏ । ଅବଶ୍ୟ ଅଧିକାରଲାଭର ଏକ ବାସନା ବିଦ୍ୟମାନ ଥାଏ ସତ, ମାତ୍ର ଏଇଟି ମଧ୍ୟ କ୍ରମେ ସେହି ଆପେ-ବର୍ତ୍ତିମାନ ପ୍ରେମର ପୂର୍ଣ୍ଣତା ଭିତରେ କୁଆଡ଼େ ଅନ୍ତର୍ହିତ ହୋଇଯାଏ, ଏବଂ ତାହାର ଭକ୍ତ କେତେବେଳେ ହେଲେ ଲୁପ୍ତ ବା କ୍ଷୀଣ ହୋଇ ନଯାଉ, କେବଳ ଏହାହିଁ ଭକ୍ତର ସର୍ବଶେଷ ଦାବି ବା ଅଳି ହୋଇ ରହିଥାଏ । ସେ ସ୍ୱର୍ଗର କାମନା କରେ ନାହିଁ, ସଂସାରଜନ୍ମରୁ ପରିତ୍ରାଣ ମାଗେ ନାହିଁ ଅଥବା ଆଉ କୌଣସି ପ୍ରକାର ବସ୍ତୁର ଇଚ୍ଛା କରେ ନାହିଁ; ମାତ୍ର ତା'ର ପ୍ରେମଟିହିଁ ଶାଶ୍ୱତ ତଥା ପରମ ହୋଇ ରହିଥାଉ ବୋଲି ପ୍ରାର୍ଥନା କରୁଥାଏ ।

ପ୍ରେମକୁ ଆମେ ଅନ୍ତର୍ଗତ ଏକ ଆକୁଳତା ବୋଲି କହିପାରିବା, ଏବଂ ତାହା ଶାଶ୍ୱତତା ଏବଂ ପ୍ରଗାଢ଼ତା କେବଳ ଏହି ଦୁଇଟି ବସ୍ତୁର ଅନ୍ୱେଷଣ କରୁଥାଏ ଏବଂ ପରମ ପ୍ରେମିକ ତଥା ପରମ ପ୍ରେମାସ୍ପଦ ମଧ୍ୟରେ ରହିଥିବା ସମ୍ବନ୍ଧଟି ମଧ୍ୟରେ ଶାଶ୍ୱତତା ଓ ପ୍ରଗାଢ଼ତାର ଆକାଙ୍କ୍ଷାଟି ଏକ ସହଜାତ ପ୍ରବୃତ୍ତି ଭାବରେ ଅବସ୍ଥାନ କରୁଥାଏ, ଅତଏବ ଆପେ ଜନ୍ମଲାଭ କରିଥାଏ । ପ୍ରେମ ଏକ ପାରସ୍ପରିକ ଅଧିକାରଲାଭର

ଆକାଙ୍କ୍ଷା ପୋଷଣ କରିଥାଏ ଏବଂ ଏହି ସ୍ଥିତିକୁ ଆସିହିଁ ସେହି ପାରସ୍ପରିକ ଅଧିକାର-ଲାଭର ଆକାଙ୍କ୍ଷାଟି ଏକ ପରମ ଆକାଙ୍କ୍ଷାରେ ପରିଣତ ହୁଏ । ଅଧିକାରଲାଭର ଆକାଙ୍କ୍ଷା ସର୍ବଦା ଏକ ପାର୍ଥକ୍ୟରହିଁ ବ୍ୟଞ୍ଜନା ରଖିଥାଏ, ଏବଂ ଏହି ଆକାଙ୍କ୍ଷାଟିକୁ ଅତିକ୍ରମ କରିଯାଇ ଏଠାରେ ଏହି ପ୍ରେମ କେବଳ ଏକରୂପ ହୋଇଯିବାକୁ ଚାହୁଁଥାଏ; ଏବଂ ଏହିଠାରେ ଉପନୀତ ହୋଇ ସେହି ଏକରୂପ ହୋଇଯିବାର ଭାବଟି ଅର୍ଥାତ୍ ପରସ୍ପର ମଧ୍ୟରେ ଆପଣାକୁ ବିଲୀନ କରିଦେଇ ଦୁଇଟି ଆତ୍ମା ଆପଣାକୁ ଏକତ୍ୱବଦ୍ଧ କରି ରଖିବାର ଭାବଟି ଆପଣା ଅନ୍ତରାଭିଳାଷର ସର୍ବୋଚ୍ଚ ସୀମାରେ ଆସି ପହଞ୍ଚିଥାଏ, ଆପଣା ପରିତର୍ପଣରେ ପରିପୂର୍ଣ୍ଣତା ଲାଭ କରେ । ପ୍ରେମ ସୌନ୍ଦର୍ଯ୍ୟ ଲାଗି ମଧ୍ୟ ଏକ ଆକାଙ୍କ୍ଷା ରଖିଥାଏ ଏବଂ ଏହିଠାକୁ ଆସିହିଁ ତାହାର ସେହି ଆକାଙ୍କ୍ଷା ଆପଣାକୁ ଶାଶ୍ୱତ ଭାବରେ ପରିତୃପ୍ତ କରିଦିଏ, ପରମ ସର୍ବସୌନ୍ଦର୍ଯ୍ୟମୟଙ୍କର ଦୃଷ୍ଟି ଓ ସ୍ପର୍ଶ ଲାଭ କରି ତାଙ୍କର ଆନନ୍ଦ ମଧ୍ୟରେହିଁ ତାହା ଆପଣାକୁ ଶାଶ୍ୱତ ଭାବରେ ପରିତୃପ୍ତ କରିଦେଇପାରେ । ପ୍ରେମକୁ ଆମେ ଗୋଟିଏ ଶିଶୁ ବୋଲି କହିବା, ପରମ ଆନନ୍ଦର ଏକ ସନ୍ତାନ ବୋଲି କହିବା; ଏବଂ ଏହିଠାକୁ ଆସିହିଁ ପ୍ରେମ ଆପଣାର ହୃଦୟ-ଚେତନା ତଥା ଆପଣା ସତ୍ତାର ପ୍ରତ୍ୟେକ ତନ୍ତୁ ଉଭୟ କ୍ଷେତ୍ରରହିଁ ସମ୍ଭାବ୍ୟ ସର୍ବୋଚ୍ଚ ପରମାନୁଭୂତିର ଉପଲବ୍ଧି କରିବାକୁ ସମର୍ଥ ହୁଏ । ପୁନଶ୍ଚ, ଏହି ସମ୍ବନ୍ଧଟି ବସ୍ତୁତଃ ଏପରି ଗୋଟିଏ ସମ୍ବନ୍ଧ ଯାହାକି ମନୁଷ୍ୟ ମନୁଷ୍ୟ ଭିତରେ ଏକ ସମ୍ବନ୍ଧ ହୋଇ ରହିଥିବା ସମୟରେ ଅଧିକରୁ ଅଧିକ ପାଇବା ଲାଗି ଦାବି କରି ରହିଥାଏ ଏବଂ ଆପଣାର ସର୍ବୋତ୍ତମ ପ୍ରଗାଢ଼ତାଗୁଡ଼ିକରେ ଯାଇ ପହଞ୍ଚି ସାରିବା ପରେ ମଧ୍ୟ ତାହା ଆଦୌ ଆପଣାକୁ ତୁଷ୍ଟ ବୋଲି ଅନୁଭବ କରିପାରେ ନାହିଁ; କାରଣ କେବଳ ପରମ ଦିବ୍ୟତା ମଧ୍ୟରେହିଁ ତାହା ଆପଣାର ଯଥାର୍ଥ ଓ ପରିପୂର୍ଣ୍ଣ ସନ୍ତୋଷ ଲାଭ କରି ପାରିବାର ସମ୍ଭାବନା ନିହିତ ହୋଇ ରହିଥାଏ । ତେଣୁ ଏହି ସ୍ଥିତିରେ ଉପନୀତ ହୋଇହିଁ ଈଶ୍ୱରୋନ୍ମୁଖୀ ହୋଇ ଅଗ୍ରସର ହେଉଥିବା ମନୁଷ୍ୟର ସଂବେଗଟି ଆପଣାର ସମ୍ପୂର୍ଣ୍ଣ ତାତ୍ପର୍ଯ୍ୟଟିକୁ ଆବିଷ୍କାର କରିବାକୁ ସମର୍ଥ ହୁଏ ଏବଂ ଏହି ମନୁଷ୍ୟର ଭୂମିରେ ପ୍ରେମ ଯେତେ ଯାହାକିଛିର ପ୍ରତୀକ ହୋଇ ରହିଛି, ସେଗୁଡ଼ିକର ସମୁଦାୟ ସତ୍ୟଟିକୁ ଦେଖିବାକୁ ପାଏ । ସେତେବେଳେ ତାହାର ସକଳ ସହଜାତ ପ୍ରବୃତ୍ତି ଦିବ୍ୟଭାବରେ ଉଛୁଳିଉଠେ, ଉଦ୍ବେଳିତ ହୋଇଯାଏ; ଏବଂ ଯେଉଁ ମୂଳଭୂତ ଆନନ୍ଦଭୂମିରୁ ଆମର ଜୀବନଟି ଜନ୍ମଲାଭ କରିଥିଲା ଏବଂ ଯେଉଁଠାରେ ପ୍ରେମ ପରମ, ଶାଶ୍ୱତ ତଥା ଅବିମିଶ୍ରିତ ଭାବରେ ବିଦ୍ୟମାନ ରହିଛି, ସେହି ଦିବ୍ୟ ଅସ୍ତିତ୍ୱର ପରମ ଆନନ୍ଦଟିକୁ ଉପଲବ୍ଧି କରି ଏକତ୍ୱର ଅନୁଭୂତି ଦ୍ୱାରା ସେହି ଜୀବନ ପୁଣି ଯାହା ଆଡ଼କୁ ବାହୁଡ଼ିଆସେ, ସେହିଠାରେ ଉପନୀତ ହୋଇହିଁ ତାହା ଆପଣାର ଯଥାର୍ଥ ପରିତର୍ପଣ ଲାଭ କରେ ।

'oaob.nitrkl.ac.in' images reprocessed

## ଚତୁର୍ଥ ପରିଚ୍ଛେଦ

# ଭକ୍ତିର ମାର୍ଗ

ଆପଣାର ସ୍ୱଅସ୍ତିତ୍ୱରେ ଭକ୍ତି ଏତେ ବିଶାଳ ଯେ ଏହାକୁ ଆମେ ପରମ ଦିବ୍ୟପୁରୁଷଙ୍କ ଲାଗି ଆତ୍ମାର ହୃଦ୍‌ଗତ ଆକୁଳତା ବୋଲି କହିପାରିବା, ଏବଂ ଭକ୍ତି ପ୍ରକୃତରେ ଏତେ ସହଜ ଓ ସରଳ ଯେ ଆମେ ତାହାକୁ ସିଧା ଆପଣାର ଉପସ୍ଥିତ ଆଡ଼କୁ ଗତି କରୁଥିବା ପ୍ରେମ ଓ ବାସନା ବୋଲି ମଧ୍ୟ କହିପାରିବା । ତେଣୁ ଭକ୍ତିକୁ ପ୍ରକୃତରେ କୌଣସି ଦୃଢ଼ ସୂତ୍ର ବା ପଦ୍ଧତି ଭିତରେ ବାନ୍ଧି ଦିଆଯାଇ ପାରିବ ନାହିଁ, ରାଜଯୋଗ ପରି ତାହା ଆପଣାକୁ ଏକ ମନଃସମ୍ବନ୍ଧୀ ବିଜ୍ଞାନ ଉପରେ ପ୍ରତିଷ୍ଠିତ କରି ରଖିପାରିବ ନାହିଁ କିଂବା ହଠଯୋଗ ପରି କୌଣସି ମନୋଗତ-ଶାରୀରିକ ବିଜ୍ଞାନର ସୂତ୍ରରେ ମଧ୍ୟ ଆପଣାକୁ ଆବଦ୍ଧ କରିଦେଇ ପାରିବ ନାହିଁ ଅଥବା ଜ୍ଞାନଯୋଗର ସାଧାରଣ ପଦ୍ଧତି ପରି ତାହା ଆପଣାର ବିଚରଣଭୂମିରେ ଏକ ନିର୍ଦ୍ଦିଷ୍ଟ ବୌଦ୍ଧିକ ପ୍ରକ୍ରିୟାକୁ ଭିତ୍ତି କରି ଆଦୌ ଅଗ୍ରସର ହୋଇପାରିବ ନାହିଁ । ଭକ୍ତିଯୋଗ ନିଶ୍ଚୟ ବହୁବିଧ ସାଧନ ଓ ବହୁବିଧ ସହାୟକ ଗ୍ରହଣ କରିପାରିବ; ଏବଂ ମନୁଷ୍ୟ ଭିତରେ ସଚରାଚର ଶୃଙ୍ଖଳା, ପ୍ରଣାଳୀ ଓ ବ୍ୟବସ୍ଥା ଲାଗି ସର୍ବଦା ଏକ ପ୍ରବୃତ୍ତି ରହିଥିବାରୁ ସେ ହୁଏତ ଆପେ ଗ୍ରହଣ କରୁଥିବା ଏହିସବୁ ସହାୟକକୁ ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ସଜାଇ ରଖିବାର ଏକ ପ୍ରୟାସ କରିପାରିବ । ମାତ୍ର ସେଗୁଡ଼ିକର ବିବିଧତା ବିଷୟରେ ଏକ ବିବରଣ ଦେବାକୁ ହେଲେ ଆମକୁ ମନୁଷ୍ୟର ଅଗଣିତ ପ୍ରାୟ ସକଳ ଧର୍ମର ପର୍ଯ୍ୟାଲୋଚନା କରି ଦେଖିବାକୁ ପଡ଼ିବ, ପରମ ଆରାଧ୍ୟ ବା ପରମ ଦେବତାଙ୍କ ଉଦ୍ଦେଶ୍ୟରେ ସେଗୁଡ଼ିକର ଅନ୍ତର୍ଚାରଣାର କ୍ଷେତ୍ରରେ ସେଗୁଡ଼ିକର ପର୍ଯ୍ୟାଲୋଚନା କରିବାକୁ ପଡ଼ିବ । ଅବଶ୍ୟ ବାସ୍ତବ କ୍ଷେତ୍ରରେ ଅଧିକ ଅନ୍ତରଙ୍ଗ ଭକ୍ତିଯୋଗଟି ଆପଣାକୁ ସ୍ପଷ୍ଟତଃ ଏହି କେତୋଟି ଗତିସ୍ପନ୍ଦନ ମଧ୍ୟଦେଇହିଁ ଆତ୍ମପ୍ରକାଶ କରିଥାଏ : ଈଶ୍ୱରୋନ୍ମୁଖ ହୋଇ ରହିଥିବା ସମୟରେ ଆତ୍ମାର ବାସନା ଓ ତାଙ୍କର ଲାଗି ଆପଣାର ସବେଗକୁ ଏକୋଦ୍ଦିଷ୍ଟ କରି ରଖିବା, ପ୍ରେମଜନିତ ଦୁଃଖ ଓ ପ୍ରେମର ଦିବ୍ୟ ପ୍ରତ୍ୟାବର୍ତ୍ତନ, ସୁପ୍ରାପ୍ତ ପ୍ରେମଜନିତ ଆନନ୍ଦ ଏବଂ ସେହି ଆନନ୍ଦଟିର ଲୀଳା, ଏବଂ

'oaob.nitrkl.ac.in' images reprocessed

ଯେଉଁ ଚତୁର୍ଥ କଥାଟିକୁ ଆମେ ସେହି ସ୍ୱର୍ଗୀୟ ପ୍ରସାଦଲାଭର ହୃଦୟସ୍ୱରୂପ ବୋଲି ଜାଣିବା, ତାହା ପରମ ପ୍ରେମିକଙ୍କର ସେହି ଚରମତମ ଆସ୍ୱାଦନଲାଭ । ଏହି ବ୍ୟାପାରଗୁଡ଼ିକ ଏକାଧାରରେ ଏତେ ସରଳ ଅଥଚ ଏତେ ଗଭୀର ଯେ ସେଗୁଡ଼ିକୁ ଆମେ କୌଣସି ନିର୍ଦ୍ଦିଷ୍ଟ ପଦ୍ଧତି ଭିତରେ ଆଦୌ ପକାଇ ପାରିବା ନାହିଁ କିଂବା ତାହାର କୌଣସି ବିଶ୍ଳେଷଣ ବି କରିପାରିବା ନାହିଁ । ଖୁବ୍ ବେଶୀ ହେଲେ ଜଣେ ସେଗୁଡ଼ିକ ବିଷୟରେ କେବଳ ଏତିକିମାତ୍ର କହିପାରିବ : ଏଗୁଡ଼ିକ ହେଉଛି ସେହି ସିଦ୍ଧିର କ୍ରମାନୁସାରୀ କେତେଟି ଉପାଦାନ, ସେଗୁଡ଼ିକୁ ଆମେ କେତେଟି ପଦକ୍ଷେପ ବା ସୋପାନ ବୋଲି ବି କହିପାରିବା । ଏବଂ ସାଧାରଣତଃ ଏଗୁଡ଼ିକ ହେଉଛି ତାହାର କେତୋଟି ସାଧନମାତ୍ର ଏବଂ ପୁଣି ଏଗୁଡ଼ିକ ହେଉଛି ଭକ୍ତିସାଧନାର କେତୋଟି ଧାରା ବା କେତୋଟି ଅନୁଭୂତି । ଏକ ସମନ୍ୱୟାତ୍ମକ ତଥା ପୂର୍ଣ୍ଣଯୋଗରେ ଭକ୍ତିମାର୍ଗ କେଉଁଠି କିପରି ପ୍ରବେଶ କରୁଛି, ସେଥିରେ ଏହାର କିପରି ଏକ ସ୍ଥାନ ରହିଛି ଏବଂ ଏହାର ତତ୍ତ୍ୱଗୁଡ଼ିକ ତାହା ଜୀବନଗ୍ରହଣାର ଅନ୍ୟ ତତ୍ତ୍ୱଗୁଡ଼ିକ ଉପରେ ପ୍ରକୃତରେ କିପରି ପ୍ରଭାବ ପକାଉଛି, ଏସବୁ କଥାର ଆଲୋଚନା କରିବା ପୂର୍ବରୁ ଆମେ ଭକ୍ତିସାଧନାର ସେହି ସାଧନ, ସୋପାନ ତଥା ଅନୁଭୂତିଗୁଡ଼ିକ ଅନୁସରଣ କରୁଥିବା ସାଧାରଣ ଧାରାଟି ଉପରେ କେବଳ କିଞ୍ଚିତ୍ ଦୃଷ୍ଟିପାତ କରିବାକୁହିଁ ଚେଷ୍ଟା କରିବା ।

ଯେଉଁ ମନୁଷ୍ୟ-ମନ ଓ ମନୁଷ୍ୟ-ଆତ୍ମା ଆପଣାର ଉପଲବ୍ଧିରେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହାନ୍ତି, ମାତ୍ର ତଥାପି ଆପଣା ମଧ୍ୟରେ ସେହି ତାହା ଆବେଗ ଏବଂ ଆକର୍ଷଣଟିକୁ ଅନୁଭବ କରୁଛନ୍ତି, ଯେତେବେଳେ ସେଗୁଡ଼ିକୁ ଆମେ ଏପରି ଏକ ସମ୍ପଦ ଆଡ଼କୁ ଉନ୍ମୁଖ କରି ରଖିଦେଉ ଯାହାଦ୍ୱାରା କି ତାହା ଆପଣା ବୃହତ୍ତର ସତ୍ତ୍ୱଟିର ପରିଚୟ ଲାଭ କରିଥାଏ, ଯାବତୀୟ ଯୋଗ କହିଲେ ଆମେ ସର୍ବଦା ସେହି କଥାଟିକୁହିଁ ବୁଝିବା । ସଂବେଗର ପରିପ୍ରେକ୍ଷୀରେ ବିଚାର କଲେ ଏହି ଉନ୍ମୁଖ ହେବାଟି ସର୍ବପ୍ରଥମେ ଏକ ଆରାଧନାରହିଁ ରୂପ ଗ୍ରହଣ କରିଥାଏ । ସାଧାରଣ ବିବିଧ ଧର୍ମରେ ଆରାଧନା ବାହ୍ୟ ପୂଜାର ରୂପ ପରିଧାନ କରିଥାଏ ଏବଂ ସେଥିରୁ କର୍ମକାଣ୍ଡଗତ ପୂଜାର ଏକ ଅତ୍ୟନ୍ତ ବାହ୍ୟ ରୂପର ଉଦ୍‌ଭବ ହୋଇଥାଏ । ସାଧାରଣ ସ୍ତରରେ ଏହି ଉପାଦାନଟିର ଏକ ଆବଶ୍ୟକତା ଅବଶ୍ୟ ରହିଥାଏ, କାରଣ ସର୍ବାଧିକସଂଖ୍ୟକ ମନୁଷ୍ୟ ଆପଣାର ଭୌତିକ ମନଟି ଭିତରେହିଁ ଜୀବନଧାରଣ କରି ରହିଥାନ୍ତି, ଏକ ସ୍ଥୂଳଭୌତିକ ପ୍ରତୀକକୁ ଆଶ୍ରୟ ନକରି ସେମାନେ କିଛିହେଲେ ଉପଲବ୍ଧି କରିପାରନ୍ତି ନାହିଁ ଏବଂ କେବଳ ଏକ ଭୌତିକ କ୍ରିୟାତ୍ମକତାର ବଳରେହିଁ ଜୀବନ ବଞ୍ଚିବାର ଯାହାକିଛି ଆସ୍ୱାଦନ ଲାଭ କରୁଥିଲା ପରି ଅନୁଭବ କରନ୍ତି । ଏଠାରେ ଆମେ ସାଧନାର ତାନ୍ତ୍ରିକ କ୍ରମଟିର ଦୃଷ୍ଟାନ୍ତଟିକୁ ବେଶ୍ ଗ୍ରହଣ କରିପାରିବା ଯାହା ଅନୁସାରେ କି ପଶୁ, ପଲ, ପ୍ରାଣୀ ବା ଜଡ଼ାଧୀନ ଜୀବର ଅନୁସରିତ ମାର୍ଗଟିକୁ ଏହାର ସାଧନାରେ

'oaob.nitrkl.ac.in' images reprocessed

ସର୍ବନିମ୍ନ ସ୍ତର ବା ସୋପାନରୂପେ ଗ୍ରହଣ କରାଯାଏ । କେବଳ ବା ମୁଖ୍ୟତଃ କର୍ମକାଣ୍ଡମୟ ଆରାଧନାଟିକୁ ଆମେ ସାଧନାମାର୍ଗର ଏହି ନିମ୍ନତମ ସ୍ତରଟିର ପ୍ରଥମ ସୋପାନ ବୋଲିହିଁ କହିପାରିବା । ପୂର୍ଣ୍ଣଭାବରେ ଏକ ବାହ୍ୟାଚାର ହୋଇ ରହିଥିବା ଏହି ପୂଜାରେ ଯେତେବେଳେ ମନ ଭିତରେ ଅନୁଭୂତ ହେଉଥିବା ତଦନୁରୂପ ଏକ ବ୍ୟଞ୍ଜନା ରହିଥାଏ, ଯଥାର୍ଥରେ କୌଣସି ସମର୍ପଣଭାବ, ଶ୍ରଦ୍ଧାନୁପ୍ଲୁତ ବିସ୍ମୟ ବା କୌଣସି ଆଧ୍ୟାତ୍ମିକ ଅଭୀପ୍ସା ରହିଥାଏ, ଯାହା ଲାଗି କି ଏହି ବାହ୍ୟ ପୂଜା ଏକ ସହାୟକ ପରି କାର୍ଯ୍ୟ କରେ, ତାହାର ଏକ ବାହ୍ୟ ଅଭିବ୍ୟକ୍ତି ହୋଇ ରହେ ଏବଂ ନିତ୍ୟନୈମିତ୍ତିକ ଜୀବନଚର୍ଯ୍ୟାର ଯାବତୀୟ ବ୍ୟସ୍ତତା ମଧ୍ୟରୁ ମନକୁ ପ୍ରତ୍ୟାହୃତ କରି ଆଣିବାରେ ଆମକୁ ସାହାଯ୍ୟ କରିବା ଭଳି ସତତ ଅଥବା ବେଳେବେଳେ ଆମ ଲାଗି ଏକପ୍ରକାର ସଚେତକ ପରି କାର୍ଯ୍ୟ କରୁଥାଏ, ସେତେବେଳେ ଯାଇ ସ୍ପଷ୍ଟତଃ ପ୍ରକୃତ ଧର୍ମର କେବଳ ଏକ ଆରମ୍ଭମାତ୍ର ହୁଏ ବୋଲି କୁହାଯାଇ ପାରିବ;—ଏବଂ ଯୋଗକୁ ତ ଆମେ ଧର୍ମ ତୁଳନାରେ ସର୍ବଦା ଏକ ଉଚ୍ଚତର ସମ୍ପଦ ବୋଲିହିଁ କହିବା । ମାତ୍ର ଯେତେବେଳ ଯାଏ ଏସବୁ କଥା କେବଳ କୌଣସି ଦେବତାର ଧାରଣାରେହିଁ ପର୍ଯ୍ୟବସିତ ହୋଇ ରହିଥାଏ ଏବଂ କେବଳ ସେହି ଦେବତା ଉଦ୍ଦେଶ୍ୟରେହିଁ ସକଳ ପୂଜା ଓ ସ୍ତୁତି ଅର୍ପିତ ହୋଇ ରହିଥାଏ, ସେତେବେଳ ପର୍ଯ୍ୟନ୍ତ ଯୋଗର ଆରମ୍ଭ ବା ଉନ୍ମେଷହିଁ ହୋଇ ନଥାଏ । ଯୁକ୍ତ ହେବାହିଁ ଯୋଗର ଧ୍ୟେୟ ହୋଇଥିବାରୁ, ପରମ ଦିବ୍ୟସତ୍ତାର ଅନୁସନ୍ଧାନ କରିବାରୁହିଁ ସର୍ବଦା ଏହାର ଆରମ୍ଭ ହୋଇପାରିବା ଉଚିତ, ତାଙ୍କର କୌଣସି ପ୍ରକାର ସ୍ପର୍ଶ, ନିକଟସାନ୍ନିଧ୍ୟ ଅଥବା ଅଧିକାର ଲାଭ କରିବାର ଏକ ଆକାଂକ୍ଷାରୁହିଁ ଯୋଗର ଆରମ୍ଭ ହେବା ଉଚିତ । ଏହି ଆକାଂକ୍ଷା ବା ଲୋଡ଼ାବାଟି ଯେତେବେଳେ ଆମକୁ ଅଧିକାର କରିନିଏ, ସେତେବେଳେ ଆମର ସକଳ ଆରାଧନା ମୂଳତଃ ଏକ ଅନ୍ତର୍ଗତ ଉପାସନାରେ ପରିଣତ ହୋଇଯାଏ; ସେତେବେଳେ ଆମେ ଆପଣାକୁ ସେହି ପରମ ଦିବ୍ୟତା ଲାଗି ଏକ ମନ୍ଦିରରୂପେ ତିଆରି କରି ରଖିବାକୁ ଆରମ୍ଭ କରୁ, ଆମର ଯାବତୀୟ ଭାବନା ଓ ଅନୁଭୂତି ଅଭୀପ୍ସା ଓ ଅନ୍ୱେଷଣରେହିଁ ଏକ ଅବିରତ ପ୍ରାର୍ଥନାରେ ପରିଣତ ହୋଇ ରହେ, ଆମର ସମସ୍ତ ଜୀବନ ବହିଷ୍କର୍ମର ଏକ ସେବା ଓ ଉପାସନାରେ ପରିଣତ ହୋଇଯାଏ । ଏହି ପରିବର୍ତ୍ତନ, ଅର୍ଥାତ୍ ଆତ୍ମାର ଏହି ନୂତନ ପ୍ରବୃତ୍ତିଟି ଯେତିକି ପରିମାଣରେ ବିକଶିତ ହେବାରେ ଲାଗିଥାଏ, ଭକ୍ତିର ଧର୍ମ ମଧ୍ୟ ସେତିକି ସେତିକି ଏକ ଯୋଗରେ ପରିଣତ ହୋଇ ଯାଉଥାଏ, ଏକ କ୍ରମବର୍ଦ୍ଧମାନ ସ୍ପର୍ଶ ଓ ସମ୍ମିଳନରେ ପରିଣତ ହୋଇ ଯାଉଥାଏ । ଏଥିରୁ ଏକଥା ଆଦୌ ବୁଝିବା ଉଚିତ ନୁହେଁ ଯେ ଏହି ସୋପାନଟିକୁ ଆସି ବାହ୍ୟ ପୂଜାର ଉପସ୍ଥିତିକୁ ଅବଶ୍ୟ ପରିହାର କରିଦେବାକୁ ପଡ଼ିବ, ମାତ୍ର ବାହ୍ୟ ପୂଜା ଏଠାରେ ଅଧିକରୁ ଅଧିକ ପରିମାଣରେ ଅନ୍ତର୍ଗତ ଭକ୍ତି ଓ ଉପାସନାର

'oaob.nitrkl.ac.in' images reprocessed

କେବଳ ଏକ ବାହ୍ୟ ପ୍ରକାଶହିଁ ହୋଇ ରହିବ, ତାହାର ଏକ ବହିର୍ମୁଖୀ ପ୍ରବାହ ହୋଇ ରହିବ, ଆତ୍ମାର ତରଙ୍ଗଗୁଡ଼ିକ ସେତେବେଳେ ଆପଣାକୁ ଭାଷାଭିବ୍ୟକ୍ତ ଓ ପ୍ରତୀକାତ୍ମକ କ୍ରିୟାର ମାଧ୍ୟମରେ ବାହାରକୁ ନିକ୍ଷିପ୍ତ କରିଦେବାରେ ଲାଗିଥିବ ।

ଅଧିକା ଗଭୀର ଭକ୍ତିଯୋଗର ଏକ ଉପାଦାନରେ ପରିଣତ ହେବା ପୂର୍ବରୁ, ଅର୍ଥାତ୍ ପ୍ରେମର ପୁଷ୍ପରେ ଏକ ପାଖୁଡ଼ା ହୋଇ ଆବିର୍ଭୂତ ହେବା ପୂର୍ବରୁ ଓ ଆପଣାର ସ୍ଫୂର୍ତ୍ତି ଲାଗି ଏକ ନୈବେଦ୍ୟାଞ୍ଜଳିରୂପେ ଉତ୍ତୋଳିତ ହୋଇଯିବା ପୂର୍ବରୁ ଯେକୌଣସି ଗଭୀରତାବିଶିଷ୍ଟ ଉପାସନା ଆପଣା ସହିତ ଉପାସ୍ୟବସ୍ତୁ ସେହି ପରମ ଦିବ୍ୟସତ୍ତାଟି ଲାଗି ସତ୍ତାର ଏକ କ୍ରମବର୍ଦ୍ଧମାନ ଆତ୍ମନିବେଦନକୁହିଁ ବହନ କରି ଆଣିବ । ଏବଂ ଆପଣାକୁ ବିଶୁଦ୍ଧ କରି ରଖିବାହିଁ ଏହି ଆତ୍ମନିବେଦନରେ ଅବଶ୍ୟ ଏକ ଉପାଦାନ ହୋଇ ରହିବ, ଯେପରିକି ତାହା ଦିବ୍ୟ ସଂସ୍ପର୍ଶଟିର ଭାଜନ ହୋଇ ପାରିବ ଅଥବା ଆମର ଅନ୍ତର୍ଗତ ସତ୍ତାର ମନ୍ଦିର ଭିତରକୁ ପରମ ଦିବ୍ୟସତ୍ତାର ପ୍ରବିଷ୍ଟ ହୋଇପାରିବା ଲାଗି ବା ହୃଦୟସ୍ୱରୂପୀ ଏହି ମନ୍ଦିରରେ ତାହାର ଆତ୍ମ-ଉନ୍ମୋଚନକୁ ସମ୍ଭବ କରିବା ପାଇଁ ତାହା ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିଦେଇ ପାରିବ । ଆପଣାର ବିଶୁଦ୍ଧୀକରଣ ଆପଣା ସ୍ୱଭାବରେ ଏକ ନୈତିକ କ୍ଷେତ୍ରର ବିଶୁଦ୍ଧୀକରଣ ହୋଇପାରେ, ମାତ୍ର ଜଣେ ନୀତିବାଦୀ ଯେପରି ସର୍ବଦା ଯେକୌଣସି କାର୍ଯ୍ୟକୁ କେବଳ ଠିକ୍ ଏବଂ ଦୋଷମୁକ୍ତ ଭାବରେ କରିବାକୁହିଁ ଚେଷ୍ଟା କରୁଥାଏ, ଏହି ବିଶୁଦ୍ଧୀ-କରଣ ସେଭଳି କୌଣସି ଏକ କାର୍ଯ୍ୟ ହେବ ନାହିଁ; କିଂବା ଏପରିକି, ଯେତେବେଳେ ଆମେ ଯୋଗର ସୋପାନରେ ଆସି ପହଞ୍ଚିଯାଉ, ସେତେବେଳେ ମଧ୍ୟ ଔପଚାରିକ ଧର୍ମରେ ଘୋଷିତ ହୋଇଥିବା ଭଗବଦ୍‌ବିଧାନକୁ କେବଳ ମାନି ଚଳିବାର ପଦ୍ଧତିଟିରୁ ଏହି ବିଶୁଦ୍ଧୀକରଣ ଏକାନ୍ତ ଭିନ୍ନ ହୋଇ ରହିଥାଏ; ଆପଣା ସ୍ୱସ୍ୱଭାବରେ ପରମ ଦିବ୍ୟସତ୍ତାର ଧାରଣା ସହିତ ଅଥବା ଆମ ଭିତରେ ବିରାଜିତ ରହିଥିବା ସେହି ଦିବ୍ୟସତ୍ତାର ଧାରଣାଟି ସହିତ ଯାହାକିଛି କୌଣସି ପ୍ରକାର ଦ୍ୱନ୍ଦ୍ୱ ଉପୁଜାଉଥାଏ, ଏହି ବିଶୁଦ୍ଧୀକରଣ ଦ୍ୱାରା ସେସବୁକୁ ବାହାରକୁ ନିକ୍ଷିପ୍ତ କରି ଦିଆଯାଏ, ଏକ ପୂର୍ଣ୍ଣ ବିରେଚନ ବା ସମ୍ୟକ୍ ଶୋଧନ କରିବାକୁ ହୁଏ । ପ୍ରଥମ କ୍ଷେତ୍ରଟିରେ ଅନୁଭୂତ ତଥା ବାହ୍ୟ କ୍ରିୟାତ୍ମକତାର ସଂସ୍କାରଭୂମିରେ ତାହା ସେହି ପରମ ଦିବ୍ୟସତ୍ତାର ଏକ ଅନୁକରଣରେ ପରିଣତ ହୋଇ ରହେ ଏବଂ ଦ୍ୱିତୀୟ କ୍ଷେତ୍ରରେ ଆପଣା ସ୍ୱଭାବର ଭୂମିଟିରେ ତାଙ୍କର ସାଦୃଶ୍ୟ ଅନୁସାରେ ବିକଶିତ ହୋଇଯିବା ସଂଘଟିତ ହୋଇଥାଏ । କର୍ମକାଣ୍ଡର ପୂଜାସ୍ତର କ୍ଷେତ୍ରରେ ଅନ୍ତର୍ଗତ ଆରାଧନାର ଯେଉଁ ସ୍ଥାନ ରହିଛି, ବାହ୍ୟ ନୈତିକ ଜୀବନର କ୍ଷେତ୍ରରେ ଦିବ୍ୟ ସଦୃଶତା ମଧ୍ୟକୁ ଏହି ବିକଶିତ ହୋଇଯିବାର ମଧ୍ୟ ଠିକ୍ ସେହି ସ୍ଥାନ ରହିଛି । ଏକ ସାଦୃଶ୍ୟ-ମୁକ୍ତିରେହିଁ ଏହି ପ୍ରକ୍ରିୟାଟି ପରିପୂର୍ଣ୍ଣତା ଲାଭ କରିଥାଏ, ତଦ୍ଦ୍ୱାରା ଆମେ ଆମର ଏହି

'oaob.nitrkl.ac.in' images reprocessed

ନିମ୍ନତର ପ୍ରକୃତିଟି ମଧ୍ୟରୁ ସମ୍ପୂର୍ଣ୍ଣ ଭାବରେ ବିମୋଚିତ ହୋଇଯାଏ ଏବଂ ଦିବ୍ୟ ପ୍ରକୃତି ମଧ୍ୟକୁ ପରିବର୍ତ୍ତିତ ହୋଇଯାଏ ।

ପରିପୂର୍ଣ୍ଣ ଆତ୍ମନିବେଦନ କହିଲେ ପରମ ଦିବ୍ୟସତ୍ତାଙ୍କ ଲାଗି ଆପଣାର ସମୁଦାୟ ସତ୍ତାଟିକୁ ଉଦ୍ଦିଷ୍ଟ ଓ ନିବେଦିତ କରି ରଖିବାକୁ ବୁଝାଏ । ତେଣୁ ଆମର ସକଳ ଭାବନା ଏବଂ ସକଳ କର୍ମକୁ ମଧ୍ୟ ଉଦ୍ଦିଷ୍ଟ ଓ ନିବେଦିତ କରି ରଖିବାକୁ ବୁଝାଏ । ଏହି କ୍ଷେତ୍ରରେ ଭକ୍ତିଯୋଗ କର୍ମଯୋଗ ତଥା ଜ୍ଞାନଯୋଗର ସାର-ଉପାଦାନଗୁଡ଼ିକୁ ଆପଣା ମଧ୍ୟକୁ ଗ୍ରହଣ କରି ନେଇଥାଏ । ମାତ୍ର ସେଗୁଡ଼ିକୁ ତାହା କେବଳ ଆପଣା ରୀତିରେ ଏବଂ ଆପଣାର ସ୍ୱତନ୍ତ୍ର ଭାବବ୍ୟଞ୍ଜନାଟି ସହିତ ଗ୍ରହଣ କରି ନେଇଥାଏ । ଭକ୍ତିଯୋଗରେ ଆପଣାର ଜୀବନ ତଥା ଯାବତୀୟ କର୍ମକୁ ଭଗବାନଙ୍କ ପାଖରେ ନେଇ ସମର୍ପିତ କରିଦେବାକୁ ହୁଏ, ମାତ୍ର କେବଳ ଆପଣାର ଇଚ୍ଛାକୁ ସେହି ଦିବ୍ୟ ପରମ ଇଚ୍ଛା ଆଡ଼କୁ ମୁହାଁଇ ରଖିବା ଅପେକ୍ଷା ଏହାକୁ ଆମେ ଅଧିକତର ଯଥାର୍ଥ ଅର୍ଥରେ ପ୍ରେମରହିଁ ଏକ ସମର୍ପଣ ବୋଲି କହିପାରିବା । ଭକ୍ତ ଭଗବାନଙ୍କ ପାଖରେ ଆପଣାର ଜୀବନ, ଆପଣାର ସମସ୍ତ ପରିଚୟ, ସକଳ ସମ୍ପଦ ଓ ସକଳ କର୍ମକୁ ନେଇ ସମର୍ପିତ କରିଦିଏ । ଏହି ଆତ୍ମସମର୍ପଣ ହୁଏତ ଏକ ବୈରାଗ୍ୟର ରୀତି ଗ୍ରହଣ କରିପାରେ, ଅର୍ଥାତ୍ ସେତେବେଳେ ଭକ୍ତ ଅନ୍ୟ ମନୁଷ୍ୟଙ୍କ ସହିତ ବଞ୍ଚୁଥିବା ଆପଣାର ନିତ୍ୟନୈମିତ୍ତିକ ଜୀବନଟିକୁ ପରିତ୍ୟାଗ କରି ଆପଣାର ଦିନମାନକୁ ସମ୍ପୂର୍ଣ୍ଣ ଭାବରେ ପ୍ରାର୍ଥନାରେ, ଭଗବାନଙ୍କର ସ୍ତୁତି ଓ ଉପାସନାରେ ଅଥବା ଅଭିଭୂତମୟ ଏକାନ୍ତ ଧ୍ୟାନରେ ମଧ୍ୟ ଅତିବାହିତ କରି ଦେଇପାରେ, ଆପଣାର ସକଳ ବ୍ୟକ୍ତିଗତ ସମ୍ପତ୍ତିକୁ ବର୍ଜନ କରି ଦେଇପାରେ ଏବଂ ଭିକ୍ଷୁ ବା ବୈରାଗୀ ହୋଇ ବୁଲିପାରେ । ସେତେବେଳେ ସେ କେବଳ ଭଗବାନଙ୍କୁହିଁ ଆପଣାର ଏକମାତ୍ର ସମ୍ପଦ କରି ରଖିପାରେ, କେବଳ ଭଗବାନଙ୍କ ସହିତ ଓ ଅନ୍ୟ ଭକ୍ତମାନଙ୍କ ସହିତ ସଂଯୁକ୍ତ ହୋଇ ରହିବା ଲାଗି ଯାହାକିଛି ସହାୟକ ଓ ପୂରକ ହୋଇପାରୁଛି, କେବଳ ସେତିକ ବ୍ୟତୀତ ସେ ଜୀବନର ଅନ୍ୟ ସକଳ କର୍ମର ତ୍ୟାଗ କରିପାରେ; କିଂବା, ଆପଣା ମଠଜୀବନର ସୁରକ୍ଷିତ ଦୁର୍ଗଟି ଭିତରେ ରହି ଯାହାକିଛି ବିଶେଷ ଭାବରେ କେବଳ ସେହି ଦିବ୍ୟ ପ୍ରକୃତିରହିଁ ପ୍ରେମ, କରୁଣା ଓ କଲ୍ୟାଣମୟତାର ଉତ୍ସରଣ ପରି ବୋଧ ହେଉଛି, ମନୁଷ୍ୟମାନଙ୍କ ପାଇଁ ସେ ହୁଏତ କେବଳ ସେତିକ ସେବାହିଁ କରିପାରେ । ମାତ୍ର ଯେକୌଣସି ପୂର୍ଣ୍ଣଯୋଗ ଲାଗି ଯଥାର୍ଥ ଓ ଅଧିକ ପ୍ରଶସ୍ତ ଆଉ ଗୋଟିଏ ପ୍ରକାରର ଆତ୍ମନିବେଦନ ମଧ୍ୟ ରହିଛି, ଯାହାକି ସମସ୍ତ ଜୀବନ ଓ ସଂସାରର ପରିପୂର୍ଣ୍ଣତାଟିକୁ କେବଳ ସେହି ପରମପ୍ରଭୁଙ୍କର ଲୀଳାରୂପେହିଁ ଗ୍ରହଣ କରିନିଏ ଓ ସେହି ପରମପ୍ରଭୁଙ୍କ ପାଖରେ ଆପଣାର ସମୁଦାୟ ସତ୍ତାଟିକୁ ନେଇ ସମର୍ପଣ କରିଦିଏ । ଅର୍ଥାତ୍ ସେ ଆପଣାର ସକଳ ଜୀବନ ଓ ସକଳ ପରିଚୟଟିକୁ ଏକତ୍ର କରି ଧରିରଖେ,

'oaob.nitrkl.ac.in' images reprocessed

ତାହାକୁ ଆମର ସମ୍ପତ୍ତି ବୋଲି ନଭାବି କେବଳ ତାଙ୍କର ଧନ ବୋଲି ଅନୁଭବ କରୁଥାଏ ଏବଂ କେବଳ ତାଙ୍କର ପୂଜା ଓ ଉପାସନାରୂପେ ଯାବତୀୟ କର୍ମ କରିବାରେ ଲାଗିଥାଏ । ଏହାଦ୍ୱାରା ଆମର ଅନ୍ତର୍ଗତ ତଥା ବହିର୍ଭୂମିସ୍ଥ ଉଭୟ ଜୀବନର ଏକ ପରିପୂର୍ଣ୍ଣ ଓ ସକ୍ରିୟ ନିବେଦନ ସମ୍ଭବ ହୁଏ, ଏକ ଅକ୍ଷତ ଆତ୍ମଦାନ ସମ୍ଭବ ହୁଏ ।

ଆମର ସକଳ ଭାବନାକୁ ମଧ୍ୟ ପରମ ପ୍ରଭୁଙ୍କ ପାଖରେ ସମର୍ପିତ କରି ରଖା ଯାଇପାରେ । ମୂଳତଃ ଏହା ଆପଣାର ମନକୁ ନେଇ ଆପଣାର ଉପାସ୍ୟବସ୍ତୁଟି ଉପରେ ଅଭିନିବେଶିତ କରି ରଖିବାକୁ ବୁଝାଏ, ଯେପରିକି ଅବଶେଷରେ ଏହି ମନ ଅଭ୍ୟସ୍ତ ଭାବରେ କେବଳ ତାହାରି ବିଷୟ ଭାବିବା ଲାଗିହିଁ ସମର୍ଥ ହୁଏ ଏବଂ ତାହା ବ୍ୟତୀତ ଆଉ ସବୁକିଛି କେବଳ ଗୌଣ ବା ଦ୍ୱିତୀୟସ୍ତରର ହୋଇ ରହେ; ଅଥବା କେବଳ ସେଇଟି ସହିତ ସମ୍ବନ୍ଧିତ ଭାବରେହିଁ ସେଗୁଡ଼ିକ ବିଷୟରେ ଭାବିପାରିବା ସମ୍ଭବ ହୁଏ । କାରଣ ଅସ୍ଥିର ଓ ଚଞ୍ଚଳ ମନୁଷ୍ୟ-ମନ ସର୍ବଦା ଅନ୍ୟ ନାନାବିଧ ବିଷୟ ନେଇ ବ୍ୟାପୃତ ହୋଇ ରହିଥାଏ ଏବଂ ଊର୍ଦ୍ଧ୍ୱ ଆଡ଼କୁ ଆକର୍ଷିତ ହୋଇ ରହିଥିଲେ ମଧ୍ୟ ତାହା ଏହି ପୃଥିବୀଟି ଦ୍ୱାରା ସତତ ପ୍ରତ୍ୟାକର୍ଷିତ ହେବାରେ ଲାଗିଥାଏ । କୌଣସି ଗୋଟିଏ ଭୌତିକ ପ୍ରତିରୂପର ସାହାଯ୍ୟରେ ଅନେକ ସମୟରେ ଏହି ଅଭିନିବେଶର ଅଭ୍ୟାସ କରାଯାଏ ଅଥବା ଅଧିକ ଅନ୍ତରଙ୍ଗ ଓ ଅଧିକ ବିଶିଷ୍ଟ ଭାବରେ ଏକ ମନ୍ତ୍ର ବା ପ୍ରଭୁଙ୍କର ଏକ ନାମର ସାହାଯ୍ୟରେ ତାହା କରାଯାଏ ଏବଂ ସେହି ନାମଟିକୁ ସାଧନରୂପେ ବ୍ୟବହାର କରି ଦିବ୍ୟ ସତ୍ତାଙ୍କର ଉପଲବ୍ଧି କରାଯାଏ । ସୂତ୍ରକାରମାନେ ଏହି କ୍ଷେତ୍ରରେ ଭକ୍ତିସାଧନାର ତିନୋଟି ପର୍ଯ୍ୟାୟ ରହିଛି ବୋଲି ଅନୁମାନ କରିଛନ୍ତି । ସେମାନେ ଏହାକୁ ଶ୍ରବଣ, ମନନ ଓ ନିଦିଧ୍ୟାସନ ବୋଲି କହିଛନ୍ତି ଓ ଏହାରି ଦ୍ୱାରା ପୂର୍ଣ୍ଣ ଉପଲବ୍ଧି ସମ୍ଭବ ହୋଇପାରେ ବୋଲି ଘୋଷଣା କରିଛନ୍ତି । ଏବଂ ଏହାର ଆନୁଷଙ୍ଗିକ ଅନୁଭୂତି ଅର୍ଥାତ୍ ଅଭିନିବେଶଟି ଯେତେବେଳେ ଅତ୍ୟନ୍ତ ପ୍ରଗାଢ଼ ହୋଇଯାଏ, ସେତିକବେଳେ ଏଗୁଡ଼ିକ ଦ୍ୱାରା ସମାଧିର ଅବସ୍ଥାଟି ଉପଲବ୍ଧ ହୋଇଥାଏ ବୋଲି ବୁଝାଯାଇଛି । ସମାଧିର ସେହି ପୁଲକମୟ ଅଭିଭୂତ ଅବସ୍ଥାରେ ଆମର ଚେତନା ଯାବତୀୟ ବାହ୍ୟ ବସ୍ତୁକୁ ଛାଡ଼ି ଊର୍ଦ୍ଧ୍ୱକୁ ଉତ୍ତୋଳିତ ହୋଇଯାଏ । ମାତ୍ର ଏସବୁକୁ ପ୍ରକୃତରେ କେବଳ ଗୌଣ ବୋଲି ବୁଝାଯିବ; ଆମ ମନର ଭାବନାଟିକୁ ଉପାସ୍ୟବସ୍ତୁ ଲାଗି ପ୍ରଗାଢ଼ ଭାବରେ ଉଦ୍ଦିଷ୍ଟ କରି ରଖିବା ହେଉଛି ଏକମାତ୍ର ଅସଲ କଥା । ଏଇଟି ଜ୍ଞାନମାର୍ଗର ଧ୍ୟାନଟି ପରି ଏକ ସଦୃଶ ବସ୍ତୁ ବୋଲି ମନେ ହେଉଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ଏକ ଭାବଗତ ଭେଦ ମଧ୍ୟ ରହିଛି । କାରଣ ଆପଣାର ଯଥାର୍ଥ ସ୍ୱଭାବରେ ଏହା ଆଦୌ ଏକ ନିଶ୍ଚଳ ଧ୍ୟାନ ନୁହେଁ, ଏହା ହେଉଛି ଏକ ପୁଲକମୟ ଅଭିଭୂତିର ଧ୍ୟାନ । ଏହା ପରମ ଦିବ୍ୟପୁରୁଷଙ୍କର ସତ୍ତାଟି ମଧ୍ୟକୁ ଅତିକ୍ରମ କରିଯିବାକୁ କୌଣସି ଆକାଙ୍‌କ୍ଷା ରଖି

'oaob.nitrkl.ac.in' images reprocessed

ନଥାଏ, ମାତ୍ର ପରମ ଦିବ୍ୟପୁରୁଷଙ୍କୁ ଆମର ଭିତରକୁ ଅବତୀର୍ଣ୍ଣ କରି ଆଣିବା ଲାଗି ମନ ବଳାଇଥାଏ, ତାଙ୍କରି ସନ୍ନିଧି ଅର୍ଥାତ୍ ତାଙ୍କର ଅଧିକୃତିର ଗଭୀର ପୁଲକମୟତା ମଧ୍ୟରେ ତାହା ଆମକୁ ନେଇ ଲୀନ କରିଦେବାକୁ ଚାହୁଁଥାଏ । ଏବଂ ଏହି କ୍ଷେତ୍ରରେ ଉପଲବ୍ଧ ହେଉଥିବା ଆନନ୍ଦାନୁଭୂତିଟିକୁ ଆମେ ଏକତ୍ୱଜନିତ ଏକ ଶାନ୍ତ ଅବସ୍ଥା ବୋଲି କଦାପି କହିବା ନାହିଁ, ଏହାକୁ ଆମେ ସମ୍ମିଳିତ ହେବାର ଏକ ଆନନ୍ଦମୟ ଅନୁଭୂତି ବୋଲିହିଁ କହିପାରିବା । ଏହି କ୍ଷେତ୍ରରେ ବିଚ୍ଛିନ୍ନତାଧର୍ମୀ ଏକ ଆତ୍ମ-ନିବେଦିତତା ମଧ୍ୟ ସଂଘଟିତ ହୋଇପାରେ, ଯାହାକି ପରିଶେଷରେ ଅନ୍ୟ ସକଳ ଭାବନାକୁ ପରିତ୍ୟାଗ କରି ଏହି ପୁଲକାନୁଭୂତିର ଅବସ୍ଥାଟିକୁ ପ୍ରାପ୍ତ ହୁଏ ଏବଂ ଆହୁରି ଆଗକୁ ଯାଇ ସେହି ଅନୁଭୂତିର ଅବସ୍ଥା ସୀମାତିକ୍ରାନ୍ତ ସ୍ତରଗୁଡ଼ିକରେ ଏକ ଶାଶ୍ୱତ ଅନୁଭୂତିରେ ପରିଣତ ହୋଇଯାଏ । ଅଥବା ଏହି ଆତ୍ମନିବେଦନ ଏକ ବ୍ୟାପ୍ତିଯୁକ୍ତ ନିବେଦନର ରୂପ ମଧ୍ୟ ଧାରଣ କରିପାରେ, ଯେଉଁଥିରେ କି ସକଳ ଭାବନା କେବଳ ସେହି ପରମ ଦିବ୍ୟତା ଦ୍ୱାରାହିଁ ପରିପୂର୍ଣ୍ଣ ହୋଇ ରହିଥାଏ ଏବଂ ଏପରିକି ଜୀବନର ଯାବତୀୟ ରତ ରହିବା ଓ ଯାବତୀୟ ବିଚରଣରେ ମଧ୍ୟ ପ୍ରତ୍ୟେକଟି ଭାବନା କେବଳ ତାହାଙ୍କୁହିଁ ସ୍ମରଣ କରୁଥାଏ । ଅନ୍ୟ ସକଳ ଯୋଗର କ୍ଷେତ୍ର ପରି ଏହି ଯୋଗଟିର କ୍ଷେତ୍ରରେ ମଧ୍ୟ ସାଧକ ସକଳ ସ୍ଥାନରେ ପରମ ଦିବ୍ୟତାକୁହିଁ ଦେଖିବାକୁ ଲାଗେ, ସବୁଟି ମଧ୍ୟରେ ତାହାଙ୍କୁହିଁ ପ୍ରତ୍ୟକ୍ଷ କରେ ଏବଂ ଆପଣାର ଅନ୍ତରସ୍ଥ ସକଳ କ୍ରିୟାତ୍ମକତା ତଥା ବାହାରର ଯାବତୀୟ କର୍ମରେ ସେହି ପରମ ଦିବ୍ୟତାର ଉପଲବ୍ଧିଟିକୁହିଁ ଫଳାଇ ଦେବାରେ ଲାଗିଥାଏ । ମାତ୍ର ଏହି କ୍ଷେତ୍ରରେ ଯାହାକିଛି ଘଟେ, ତାହା କେବଳ ସଂବେଗ ଦ୍ୱାରା ପ୍ରେରିତ ସମ୍ମିଳନଟିର ପ୍ରାଥମିକ ଶକ୍ତିବତ୍ତାଟି ଦ୍ୱାରାହିଁ ବର୍ଦ୍ଧିତ ଓ ସଂବଳିତ ହୋଇ ରହିଥାଏ । କାରଣ ଏଠାରେ କେବଳ ପ୍ରେମ ଦ୍ୱାରାହିଁ ଏହି ସମ୍ପୂର୍ଣ୍ଣ ଆତ୍ମନିବେଦନ ଏବଂ ସମ୍ପୂର୍ଣ୍ଣ ଅଧିକାରଲାଭ ସମ୍ପନ୍ନ ହୋଇଥାଏ, ଭାବନା ତଥା କର୍ମ ଭାଗବତ ପ୍ରେମର ରୂପ ତଥା ଆକାରରେ ପରିଣତ ହୋଇଯାଏ ଏବଂ ସେହି ପ୍ରେମ ଆତ୍ମା ତଥା ଆତ୍ମାର ଯାବତୀୟ ସାଧନଗୁଡ଼ିକୁ ଅଧିକାର କରିନିଏ ।

ଏହି ସାଧାରଣ ଗତିସ୍ପନ୍ଦନଟି ଦ୍ୱାରା, ପ୍ରଥମ ଅବସ୍ଥାରେ ଯାହା ହୁଏତ ପରମ ଦିବ୍ୟତାର କୌଣସି ଗୋଟିଏ ବିଶେଷ ଧାରଣାକୁହିଁ ଆରାଧ୍ୟରୂପେ ଗ୍ରହଣ କରିଥାଏ, ତାହା କ୍ରମଶଃ ଦିବ୍ୟ ପ୍ରେମର ସ୍ୱର ଓ ରୂପରେ ଉକୁଟିବାକୁ ଆରମ୍ଭ କରେ; ଏବଂ ଥରେ ଯୋଗମାର୍ଗରେ ଆସି ପ୍ରବିଷ୍ଟ ହୋଇଗଲେ ତାହା ସେହି ଦିବ୍ୟ ପ୍ରେମର ଅନ୍ତର୍ସତ୍ୟ ତଥା ପ୍ରଗାଢ଼ ଅନୁଭୂତିରେ ପରିଣତ ହୋଇଯାଏ । ମାତ୍ର ଏହିଟି ଅପେକ୍ଷା ଅଧିକ ଅନ୍ତରଙ୍ଗ ଆହୁରି ଗୋଟିଏ ଯୋଗ ମଧ୍ୟ ରହିଛି, ଯାହାକି ପ୍ରଥମରୁହିଁ ଏହି ପ୍ରେମର ସ୍ୱରୂପଟିକୁ ଧାରଣ କରିଥାଏ ଏବଂ ଅନ୍ୟ କୌଣସି ପ୍ରକାର ପ୍ରକ୍ରିୟା ବା ପଦ୍ଧତିର ସାହାଯ୍ୟ ନନେଇ କେବଳ ଆପଣାର ଆକାଙ୍କ୍ଷାର ପ୍ରଗାଢ଼ତା ଓ ତୀବ୍ରତା ଦ୍ୱାରାହିଁ

'oaob.nitrkl.ac.in' images reprocessed

ସିଦ୍ଧି ଲାଭ କରିଥାଏ । ଏଥିରେ ମଧ୍ୟ ଅବଶେଷରେ ସବୁକିଛୁ ପ୍ରାପ୍ତ ହୋଇଥାଏ; ମାତ୍ର ମଞ୍ଜିଟି ଭିତରୁ ପତ୍ର ଓ ପୁଷ୍ପର ଉଦ୍‌ଗମ ହେଲପରି ସେସବୁ ସେହି ଆକାଙ୍‌କ୍ଷାରୁହିଁ ଉଦ୍‌ଭୂତ ହୋଇ ଆସିଥାଏ; ଏହି କ୍ଷେତ୍ରରେ ଅନ୍ୟ ଯାବତୀୟ ବସ୍ତୁ ସେହି ପ୍ରେମର ବିକାଶ କରିବାକୁ ଓ ତାହାକୁ ପରିପୂର୍ଣ୍ଣ କରିବାକୁ କଦାପି ସାଧନରୂପେ ବ୍ୟବହୃତ ହୁଏ ନାହିଁ, ମାତ୍ର ଆତ୍ମାରେ ପୂର୍ବରୁହିଁ ବିକଶିତ ହୋଇ ଆସିଥିବା ସେହି ପ୍ରେମର ବିକିରଣରୂପେହିଁ ପ୍ରତିଭାତ ହୋଇଉଠେ । ହୁଏତ ଆପଣାର ନିତ୍ୟନୈମିତ୍ତିକ ମନୁଷ୍ୟ-ଜୀବନଟିକୁ ନେଇ ରତ ରହିଥିଲେ ମଧ୍ୟ ଯେତେବେଳେ ଆତ୍ମା ପ୍ରଚ୍ଛନ୍ନ ବୃନ୍ଦାବନର ସେହି ଅନତିଦୂର ଆବରଣଟି ପଛରୁ ପରମ ଭଗବାନଙ୍କର ବଂଶୀସ୍ୱନଟିକୁ ଶୁଣିବାକୁ ପାଏ ଓ ଆଉ ଅସ୍ଥ ହୋଇ ରହିପାରେ ନାହିଁ ଏବଂ ସେହି ଦିବ୍ୟ ବଂଶୀବାଦକର ଅନୁଧାବନ କରି ଆପଣାର ବେଢ଼ ଓ ଅଧିକାର ମଧ୍ୟକୁ ଆଣି ନପାରିଲା ପର୍ଯ୍ୟନ୍ତ ଆଉ କୌଣସି ସନ୍ତୋଷ ଅଥବା ଶାନ୍ତି ଲାଭ କରିପାରେ ନାହିଁ, ସେତିକବେଳେହିଁ ଆତ୍ମା ଏହି ମାର୍ଗଟିର ଅନୁବର୍ତ୍ତୀ ହୁଏ । ପାର୍ଥିବ ବସ୍ତୁଗୁଡ଼ିକ ଆଡ଼ୁ ଆପଣାର ଦୃଷ୍ଟିକୁ ଅପସାରି ଆଣି ସକଳ ସୌନ୍ଦର୍ଯ୍ୟ ତଥା ଆନନ୍ଦର ଆଧ୍ୟାତ୍ମିକ ଉତ୍ସଟି ଆଡ଼କୁ ଧାବିତ ହୋଇପାରିବା ଲାଗି ଆମର ହୃଦୟ ତଥା ଆତ୍ମାରେ ପ୍ରେମର ଯେଉଁ ଶକ୍ତିଟି ରହିଥାଏ, ତାହାକୁ ଆମେ ସାରତଃ ସେହି ଶକ୍ତି ବୋଲିହିଁ କହିବା । ଏହି ଆକାଙ୍‌କ୍ଷାଟି ମଧ୍ୟରେ ଆମର ଯାବତୀୟ ଆକାଙ୍‌କ୍ଷା ତଥା ଭାବାକୁଳତା ବାସ କରି ରହିଥାନ୍ତି; ପ୍ରେମର ସକଳ ଅବସ୍ଥା ଓ ସର୍ବବିଧ ଅନୁଭୂତି ତାହାରି ମଧ୍ୟରେ ଏକ ପରମ କାମ୍ୟବସ୍ତୁ ଉପରେ ଅଭିନିବିଷ୍ଟ ହୋଇ ରହିଥାନ୍ତି ଏବଂ କୌଣସି ମାନୁଷୀ ପ୍ରେମ ଲାଗି ପ୍ରଗାଢ଼ତାର ଯେଉଁ ସର୍ବୋଚ୍ଚ ଶୀର୍ଷଟି ସମ୍ଭବ ହୋଇ ପାରନ୍ତା, ତାହାର ଶତଗୁଣ ଅଧିକ ପ୍ରଗାଢ଼ ହୋଇ ରହିଥାନ୍ତି । ସେତେବେଳେ ଏପର୍ଯ୍ୟନ୍ତ ଧରା ନଦେଇଥିବା ଏକ ଦୃଷ୍ଟି ଦ୍ୱାରା ସମଗ୍ର ଜୀବନକ୍ଷେତ୍ରଟି ଉଦ୍‌ବେଳିତ ହୋଇଉଠେ, ଆଲୋକିତ ହୋଇଉଠେ; ହୃଦୟର ସେହି ଗୋଟିଏ କାମ୍ୟବସ୍ତୁ ଲାଗି ଏକ ଅତୃପ୍ତ ଆକୁଳତାହିଁ ରହିଥାଏ; ତାହାରି ମଧ୍ୟରେ ଏକାଭିନିବିଷ୍ଟ ହୋଇ ରହିବାରୁ ଯାହାକିଛି ଆମକୁ ବିଚଳିତ କରିବାକୁ ଆସେ, ସେସବୁ ଲାଗି ତୀବ୍ର ଅସହିଷ୍ଣୁତା ବୋଧ ହେଉଥାଏ; ସେହି ବସ୍ତୁଟିର ଅଧିକାର ଲାଭ କରିବାର ପଥରେ ଯାହାକିଛି ପ୍ରତିବନ୍ଧକ ହୋଇ ରହିଥାଏ, ତାହା ଆମକୁ ତୀବ୍ର ଯନ୍ତ୍ରଣା ଆଣି ଦେବାରେ ଲାଗିଥାଏ; କେବଳ ଗୋଟିଏ ମୂର୍ତ୍ତିର ରୂପ ମଧ୍ୟରେ ସକଳ ସୌନ୍ଦର୍ଯ୍ୟ ଏବଂ ଆନନ୍ଦର ପୂର୍ଣ୍ଣ ଦର୍ଶନଲାଭ ସକାଶେ ଏକ ବ୍ୟଗ୍ରତାହିଁ ରହିଥାଏ । ଏବଂ ସେଠାରେ ପ୍ରେମର ଅନେକବିଧ ସକଳ ବୃତ୍ତି ଉପସ୍ଥିତ ରହିଥାନ୍ତି, ଧ୍ୟାନମଗ୍ନ ଓ ତନ୍ମୟ ହୋଇ ରହିବାର ପୁଲକଟି ବିଦ୍ୟମାନ ରହିଥାଏ, ସମ୍ମିଳିତ ହେବା, ପରିପୂର୍ଣ୍ଣ ହେବା ତଥା କୁଣ୍ଢାଇ ଧରିବାର ହର୍ଷ ବିଦ୍ୟମାନ ଥାଏ, ବିରହଜନିତ ବ୍ୟଥା ରହିଥାଏ, ପ୍ରେମର ଜ୍ୱାଳା ରହିଥାଏ, ଆକୁଳ ହୋଇ ଲୋଡ଼ିବାର ଅଶ୍ରୁ ରହିଥାଏ

'oaob.nitrkl.ac.in' images reprocessed

ଏବଂ ପୁନର୍ବାର ମିଳିତ ହେବାର ପୂର୍ବାପେକ୍ଷା ଅଧିକ ପରିମାଣରେ ଲବ୍ଧ ହେଉଥିବା ଆନନ୍ଦଟି ମଧ୍ୟ ରହିଥାଏ । ଆମର ହୃଦୟସ୍ଥିତ ଅନ୍ତର୍ଚେତନାର ଏହି ପରମ କାର୍ଯ୍ୟଟିର ଦୃଶ୍ୟପଟ ହୋଇ ରହିଥାଏ; ମାତ୍ର ଏହି ହୃଦୟରେ ଅଧିକରୁ ଅଧିକ ପରିମାଣରେ ଏକ ସଘନ ଆଧ୍ୟାତ୍ମିକ ପରିବର୍ତ୍ତନ ସଂଘଟିତ ହେବାରେ ଲାଗିଥାଏ ଏବଂ ସେହି ହୃଦୟସ୍ଥ ସେହି ଆତ୍ମାରହିଁ ପରମୋତ୍ଫୁଲ୍ଲ କମଳଟିରୂପେ ଉନ୍ମୋଚିତ ହୋଇ ଯାଉଥାଏ । ଏହାର ଅନ୍ବେଷଣଟିର ତୀବ୍ରତା ଯେପରି ସାଧାରଣ ମନୁଷ୍ୟ ଦ୍ୱାରା ସମ୍ଭବ ସବେଗତାର ସର୍ବୋଚ୍ଚ ସାମର୍ଥ୍ୟଟିର ସୀମାକୁ ମଧ୍ୟ ଅତିକ୍ରମ କରି ଅବସ୍ଥିତ ରହିଥାଏ, ସେହିପରି ଏଥିରୁ ଉପଲବ୍ଧ ଆନନ୍ଦ ଓ ଚରମ ସ୍ତରର ଅନୁଭୂତ ଅବସ୍ଥାଟି ମଧ୍ୟ ସର୍ବଦା କଳ୍ପନାତୀତ ଓ ଅନିର୍ବଚନୀୟ ହୋଇ ରହିଥାଏ । କାରଣ, ଏହି ଆନନ୍ଦ ଯଥାର୍ଥତଃ ସେହି ପରମ ଦିବ୍ୟସତ୍ତାରହିଁ ଆନନ୍ଦ ହୋଇ ରହିଥାଏ ଏବଂ ମାନୁଷୀ ସାମର୍ଥ୍ୟର ସୀମା ଭିତରେ ରହିଥିବା ସକଳ ବୋଧର ଅତୀତ ହୋଇ ରହିଥାଏ ।

ଭାରତୀୟ ଭକ୍ତିମାର୍ଗରେ ଏହି ଦିବ୍ୟ ପ୍ରେମଟିକୁ କେତେକେତେ ଶକ୍ତିଶାଳୀ ରୂପ ଓ କାବ୍ୟାତ୍ମକ କେତେକେତେ ପ୍ରତୀକ ଦ୍ୱାରା ଭୂଷିତ କରି ରଖାଯାଇଛି; ମାତ୍ର ସେଗୁଡ଼ିକୁ ଆମେ ଯଥାର୍ଥରେ ଗୋଟିଏ ଗୋଟିଏ ପ୍ରତୀକ ବୋଲି ଯେତେ କହିବା ନାହିଁ, ତା'ଠାରୁ ଅଧିକ ପରିମାଣରେ ସତ୍ୟର ଗୋଟିଏ ଗୋଟିଏ ଅନ୍ତରଙ୍ଗ ଅଭିବ୍ୟକ୍ତି ବୋଲିହିଁ କହିପାରିବା । ପ୍ରତୀକ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ସେଗୁଡ଼ିକୁ ଅଭିବ୍ୟକ୍ତ କରାଯାଇ ପାରି ନଥାନ୍ତା । ଭାରତୀୟ ଭକ୍ତ ମାନବୀୟ ସମ୍ବନ୍ଧଗୁଡ଼ିକର ବ୍ୟବହାର କରିଥାଏ ଓ ଏକ ଦିବ୍ୟ ବ୍ୟକ୍ତିର ଦର୍ଶନ ଲାଭ କରିଥାଏ; ମାତ୍ର କେବଳ କେତୋଟି ସଙ୍କେତ ରୂପରେହିଁ ତାହା ସେପରି କରେ ନାହିଁ । ମାନବର ଆତ୍ମାଟି ସହିତ ପରମ ଆନନ୍ଦ ତଥା ସୌନ୍ଦର୍ଯ୍ୟର ପ୍ରକୃତରେ ଏଭଳି ଦିବ୍ୟ ସମ୍ବନ୍ଧମାନ ରହିଛି, ଯେଉଁ ଅପୂର୍ଣ୍ଣ ଭାବରେ ହେଲେ ମଧ୍ୟ ମାନବୀୟ ସମ୍ବନ୍ଧ ତାହାରହିଁ ଏକ ବାସ୍ତବ ପ୍ରତିରୂପ ହୋଇ ରହିଛି;—ଏଇଥିଲାଗିହିଁ ତାହା ସେପରି କରିଥାଏ । ପୁନଶ୍ଚ, ସେହି ପରମ ସୌନ୍ଦର୍ଯ୍ୟ ଓ ଆନନ୍ଦ ସମ୍ପୂର୍ଣ୍ଣ ଅଗୋଚର ହୋଇ ରହିଥିବା ତତ୍ତ୍ୱସିଦ୍ଧାନ୍ତଗତ କୌଣସି ସତ୍ତାର ଏକ ବସ୍ତୁବିଚ୍ଛିନ୍ନ ରୂପ ବା ଗୁଣ ମଧ୍ୟ ନୁହେଁ, ମାତ୍ର ତାହା ହେଉଛି ସେହି ସର୍ବୋଚ୍ଚ ପରମସତ୍ତାରହିଁ ସାକ୍ଷାତ୍ ରୂପ ଓ ସାକ୍ଷାତ୍ ଶରୀର;—ଏଥିଲାଗି ମଧ୍ୟ ତାହା ସେପରି କରିଥାଏ । ଭକ୍ତର ଆତ୍ମା ଏକ ଜୀବନଶାଳୀ ପରମ ଆତ୍ମାରହିଁ ଆକାଙ୍କ୍ଷା ରଖିଥାଏ; କାରଣ ଯାହାଙ୍କୁ ଆମେ ସକଳ ଜୀବନର ନିଦାନ ବୋଲି କହୁଛୁ, ତାହା ଅସ୍ତିତ୍ୱବାଚକ କେବଳ ଏକ ଧାରଣାମାତ୍ର ହୋଇ ନପାରେ, ଏକ କଳ୍ପନା ବା ଏକ ଅବସ୍ଥାମାତ୍ରହିଁ ହୋଇ ନପାରେ, ତାହା ହେଉଛି ଯଥାର୍ଥତଃ ଏକ ପରମ ସତ୍ତା, ଏକ ପରମ ପୁରୁଷ । ତେଣୁ, ସେହି ଦିବ୍ୟ ପରମ ପ୍ରେମାସ୍ପଦଙ୍କର ଅଧିକାରଲାଭ କରିବା ଦ୍ୱାରାହିଁ ଆତ୍ମାର ପରିତୃପ୍ତିବିଧାନ ହୁଏ; ଏବଂ ଆପଣାକୁ ଆବିଷ୍କାର ଓ ପରିପୂର୍ଣ୍ଣ

'oaob.nitrkl.ac.in' images reprocessed

କରୁଥିବା ତାହାର ଯାବତୀୟ ସମ୍ବନ୍ଧ ସେତେବେଳେ ସକଳାଙ୍ଗ ଭାବରେ ପରିପୂର୍ଣ୍ଣତା ଲାଭ କରେ । ତେଣୁ ସେହି ସମ୍ବନ୍ଧଗୁଡ଼ିକ ମଧ୍ୟରୁ ଯେକୌଣସି ସମ୍ବନ୍ଧଟି ଦ୍ୱାରା ଅଥବା ସବୁଗୁଡ଼ିକ ଦ୍ୱାରା ସେହି ପରମ ପ୍ରେମାସ୍ପଦଙ୍କର ଅନ୍ୱେଷଣ କରାଯାଇ ପାରେ; ଅବଶ୍ୟ ଏକଥା ସତ ଯେ ଯେଉଁସବୁ ସମ୍ବନ୍ଧରେ ପ୍ରଗାଢ଼ତା ଲାଗି ସର୍ବାଧିକ ସ୍ଥାନ ରହିଥାଏ, ସେଗୁଡ଼ିକ ଦ୍ୱାରା ତାଙ୍କର ଅନ୍ୱେଷଣଟି ମଧ୍ୟ ସର୍ବଦା ଅତ୍ୟନ୍ତ ପ୍ରଗାଢ଼ ହୁଏ, ସେଗୁଡ଼ିକ ଦ୍ୱାରାହିଁ ଗଭୀରତମ ପୁଲକାବିଷ୍ଟତା ସହିତ ତାଙ୍କର ଅଧିକାର ଲାଭ କରିବା ମଧ୍ୟ ସମ୍ଭବ ହୋଇଥାଏ । ଏହି କ୍ଷେତ୍ରରେ ତାଙ୍କୁ ହୃଦୟ ଭିତରେ ଅନ୍ୱେଷଣ କରାଯାଏ, ଏବଂ ତେଣୁ ସବୁ ଗୁଢ଼ ସତ୍ତାର ଏକ ଅନ୍ତଃସଂଗୃହୀତ ଅଭିନିବେଶ ଦ୍ୱାରା ସେହି ଆତ୍ମାର କ୍ଷେତ୍ରରେହିଁ ତାଙ୍କୁ ଖୋଜିବାକୁ ହୁଏ; ମାତ୍ର ସେ ଆପଣାର ସତ୍ତାକୁ ପ୍ରକାଶିତ କରି ରଖିଥିବା ସର୍ବତ୍ର ମଧ୍ୟ ତାଙ୍କୁ ଆବିଷ୍କାର କରିବା ଓ ତାଙ୍କୁ ଭଲ ପାଇବା ସମ୍ଭବ ହୋଇଥାଏ । ସେତେବେଳେ ଅସ୍ତିତ୍ୱଗତ ଯାବତୀୟ ସୌନ୍ଦର୍ଯ୍ୟ ତଥା ଆନନ୍ଦକୁ କେବଳ ତାଙ୍କରି ଆନନ୍ଦ ଓ ସୌନ୍ଦର୍ଯ୍ୟରୂପେ ପ୍ରତ୍ୟକ୍ଷ କରାଯାଏ । ସର୍ବସତ୍ତା ମଧ୍ୟରେ ଅବସ୍ଥିତ ଆତ୍ମାଟି ଦ୍ୱାରା ତାଙ୍କୁ ଆଲିଙ୍ଗନ କରାଯାଏ, ଅନୁଭୂତ ପ୍ରେମର ଆନନ୍ଦାଭିଭୂତ ଆପଣାକୁ ଏକ ବିଶ୍ୱବ୍ୟାପ୍ତ ପ୍ରେମରେ ଅଜାଡ଼ି ଦେବାକୁ ଲାଗେ । ସେତେବେଳେ ସମଗ୍ର ଅସ୍ତିତ୍ୱ କେବଳ ଏହାରି ଆନନ୍ଦର ଏକ ବିକିରଣରେ ପରିଣତ ହୋଇଯାଏ ଏବଂ ଆପଣାର ବାହ୍ୟାକୃତିଗୁଡ଼ିକର କ୍ଷେତ୍ରରେ ମଧ୍ୟ ଆପଣାର ବାହ୍ୟ ପ୍ରତୀତିଠାରୁ ଭିନ୍ନ କୌଣସି ଏକ ସମ୍ପଦରେ ରୂପାନ୍ତରିତ ହୋଇଯାଏ । ସେତେବେଳେ ଏହି ଜଗତ କେବଳ ସେହି ଦିବ୍ୟ ପୁରୁଷଙ୍କରହିଁ ଏକ ଲୀଳାରୂପେ ଅନୁଭୂତ ହୁଏ ଏବଂ ସମଗ୍ର ଜଗତ ଆପଣାକୁ ଶାଶ୍ୱତ ସମ୍ମିଳନର ଦିବ୍ୟାନନ୍ଦରୂପୀ ସ୍ୱର୍ଗୀୟତା ମଧ୍ୟରେହିଁ କୁଆଡ଼େ ହଜାଇ ଦେଇଥାଏ ।

'oaob.nitrkl.ac.in' images reprocessed

## ପଞ୍ଚମ ପରିଚ୍ଛେଦ

# ଦିବ୍ୟ ବ୍ୟକ୍ତିତ୍ୱ

ଜ୍ଞାନ ଓ ଭକ୍ତି ଦୁଇଟିଯାକ ମାର୍ଗକୁ କେବଳ ଆପଣା ଭିତରେ ଅନ୍ତର୍ଭୁକ୍ତ କରି ରଖିଥିବା ନୁହେଁ, ମାତ୍ର ଦୁହିଁଙ୍କ ମଧ୍ୟରେ ସମ୍ମିଳନ ଘଟାଇଥିବା ଏକ ସମନ୍ୱୟାତ୍ମକ ଯୋଗର ସମ୍ମୁଖରେ ସଙ୍ଗେସଙ୍ଗେ ଯେଉଁ ଦୁରୁହ ଏବଂ ସନ୍ତାପଦାୟକ ପ୍ରଶ୍ନଟି ଆସି ଉପସ୍ଥିତ ହୋଇଥାଏ, ସେଇଟି ହେଉଛି ଦିବ୍ୟ ବ୍ୟକ୍ତିତ୍ୱର ପ୍ରଶ୍ନ । ଆଧୁନିକ ଚିନ୍ତାର ସକଳ ପ୍ରବୃତ୍ତି ବ୍ୟକ୍ତିତ୍ୱର ମହତ୍ତ୍ୱଟିକୁ ହ୍ରାସ କରି ପକାଇବା ଦିଗରେହିଁ ଆପଣାକୁ ଅଭିପ୍ରେତ କରି ରଖିଛି; ଅସ୍ତିତ୍ୱର ବହୁଜଟିଳ ବସ୍ତୁସତ୍ୟ-ଗୁଡ଼ିକର ପଛରେ ତାହା କେବଳ ଏକ ନୈର୍ବ୍ୟକ୍ତିକ ସାମର୍ଥ୍ୟରହିଁ ପ୍ରତ୍ୟକ୍ଷ କରୁଛି, ଏକ ଅସ୍ପଷ୍ଟ ଅମୂର୍ତ୍ତଗତ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ କରୁଛି ଏବଂ ସେହି ଅମୂର୍ତ୍ତ ମଧ୍ୟ କେବଳ କେତୋଟି ନୈର୍ବ୍ୟକ୍ତିକ ଶକ୍ତି ଓ ନୈର୍ବ୍ୟକ୍ତିକ ନିୟମକୁ ଆଶ୍ରୟ କରି କାର୍ଯ୍ୟକାରୀ ହେବାରେ ଲାଗିଛି ବୋଲି ଘୋଷଣା କରୁଛି । ଏବଂ ଏହି ନୈର୍ବ୍ୟକ୍ତିକ ଗତିସ୍ପନ୍ଦନର ମୁଖାବରଣଟି ଉପରେ କେବଳ ଏକ ପରିଣାମରୂପୀ, ଅଧସ୍ତନ, ଆଂଶିକ ଓ କ୍ଷଣସ୍ଥାୟୀ ବ୍ୟାପାର ହିସାବରେ ବ୍ୟକ୍ତିତ୍ୱର ଉପସ୍ଥାପନା କରାଯାଇଛି । ମୂଳସ୍ଥ ସେହି ସାମର୍ଥ୍ୟଟି ମଧ୍ୟରେ ଏକ ଚେତନା ରହିଛି ବୋଲି ସ୍ୱୀକାର କରିବା ସମୟରେ ମଧ୍ୟ ତାହା କେବଳ ଏକ ନୈର୍ବ୍ୟକ୍ତିକ ଓ ଅନିର୍ଦ୍ଦେଶ୍ୟ ଚେତନା ବୋଲି ପ୍ରତୀତ ହୋଇଛି, କେବଳ କେତେଗୁଡ଼ିଏ ବସ୍ତୁବିହୀନ ଗୁଣ ବା ଶକ୍ତିକୁ ଛାଡ଼ିଦେଲେ ସେହି ଚେତନାରେ ମୂଳତଃ ଆଉ କିଛିହେଲେ ନାହିଁ; କାରଣ ଅନ୍ୟ ଯାବତୀୟ ସବୁକିଛିକୁ କେବଳ ଏକ ପରିଣାମ ଅର୍ଥାତ୍ ଏକ ଗୌଣ ବ୍ୟାପାର ବୋଲି ଘୋଷଣା କରାଯାଇଛି । ଚିନ୍ତାଭୂମିର ସମ୍ପୂର୍ଣ୍ଣ ଅନ୍ୟ ପ୍ରାନ୍ତଟିର ସମୀକ୍ଷଣ ଆରମ୍ଭ କରି ପ୍ରାଚୀନ ଭାରତୀୟ ଦର୍ଶନ ମଧ୍ୟ ଆପଣାର ଅଧିକାଂଶ କ୍ଷେତ୍ରରେ ଠିକ୍ ସେହି ସମାନ ସାଧାରଣ ସିଦ୍ଧାନ୍ତଟିରେ ଆସି ପହଞ୍ଚିଛି । ଏକ ନୈର୍ବ୍ୟକ୍ତିକ ଅସ୍ତିତ୍ୱକୁହିଁ ଏହା ସର୍ବମୂଳ ଓ ଚିରନ୍ତନ ସତ୍ୟରୂପେ କଳ୍ପନା କରୁଛି; ବ୍ୟକ୍ତିତ୍ୱକୁ କେବଳ ଏକ ଭ୍ରମ ବୋଲି କହୁଛି, ଅଥବା ଖୁବ୍ ବେଶୀ ହେଲେ ମନରହିଁ ଏକ ପ୍ରତିରୂପ ବୋଲି ଅନୁଭବ କରୁଛି ।

'oaob.nitrkl.ac.in' images reprocessed

ଏବଂ ଅନ୍ୟ ପକ୍ଷରେ ସ୍ପଷ୍ଟ ହୋଇଯିବା ଉଚିତ ଯେ ପରମ ଦିବ୍ୟସତ୍ତାର ବ୍ୟକ୍ତିଭାବଟିକୁହିଁ ଏକ ସତ୍ୟରୂପେ ଗ୍ରହଣ ନକରି ପାରିଲେ, ଅର୍ଥାତ୍ କେବଳ ସେହି ଭ୍ରମରହିଁ ଏକ ଅନୁମାନରୂପେ ନୁହେଁ, ମାତ୍ର ଏକ ବାସ୍ତବ ସତ୍ୟରୂପେ ଗ୍ରହଣ କରି ନପାରିଲେ କୌଣସି ଭକ୍ତିମାର୍ଗ ଆଦୌ ସମ୍ଭବ ହେବ ନାହିଁ । ଆମ ନିଜର ବ୍ୟକ୍ତିତ୍ୱଟି ଯଦି କେବଳ ଏକ ଭ୍ରମ ହୋଇଥାଏ ଏବଂ ଆମର ଆରାଧ୍ୟ ସେହି ପରମ ବ୍ୟକ୍ତିତ୍ୱଟି ମଧ୍ୟ ଯଦି ସେହି ଭ୍ରମର ଏକ ପ୍ରାଥମିକ ବିଶ୍ୱବମାତ୍ରହିଁ ହୋଇଥାଏ, ଏବଂ ଯଦି ଆମେ ସେଥିରେ ବିଶ୍ୱାସ କରୁଥାଉ, ତେବେ ତଦ୍ଦ୍ୱାରା ଯାବତୀୟ ପ୍ରେମ ଓ ଆରାଧନାର, କେବଳ ସଦ୍ୱାରହିଁ କରାଯିବ; ଅଥବା ତାହା କେବଳ ଆମ ନ୍ୟାୟବୁଦ୍ଧିବର୍ଜିତ ହୃଦୟାବେଗଟି ମଧ୍ୟରେହିଁ ଏକ ଅବଶେଷ ପରି ହୋଇ ରହିଥିବ ଏବଂ ସେହି ହୃଦୟ ଆପଣାର ବଳିଷ୍ଠ ଜୀବନସ୍ପନ୍ଦନଗୁଡ଼ିକ ଦ୍ୱାରା ବୁଦ୍ଧିର ପ୍ରଦତ୍ତ ସ୍ପଷ୍ଟ ଓ ଶୁଷ୍କ ସତ୍ୟଗୁଡ଼ିକୁ ଅସ୍ୱୀକାର କରିବାରେ ଲାଗିଥିବ । ଆମ ମନଗୁଡ଼ିକର ଏକ ଗୁହାକୁ ଅଥବା ପରମ ସତ୍ୟର ଚକ୍ଷୁ ସମକ୍ଷରୁ ଉଭେଇ ଉଭେଇ ଯାଉଥିବା ଏକ ଉଜ୍ଜ୍ୱଳତାମୟ ବିଶ୍ୱପ୍ରତିଭାସକୁ ଭଲ ପାଇବା କିଂବା ତାହାର ଆରାଧନା କରିବା ହୁଏତ ସମ୍ଭବ ବି ହୋଇପାରେ; ମାତ୍ର ଇଚ୍ଛାକୃତ ଆତ୍ମବଞ୍ଚନାର ଏକ ଭିତ୍ତି ଉପରେ ଆମ ମୁକ୍ତିର ମାର୍ଗଟିକୁ କଦାପି ଗଢ଼ି ଥୋଇଦେବା ସମ୍ଭବ ହେବ ନାହିଁ । ବୁଦ୍ଧିର ଏହିସବୁ ସଂଶୟକୁ କୌଣସି ଭକ୍ତ ବସ୍ତୁତଃ ତା'ର ବାଟ ଉପରେ ଆସି ଠିଆହୋଇ ରହିବାକୁ କେବେହେଲେ ଅନୁମତିହିଁ ଦିଏ ନାହିଁ; ସିଏ ତା'ର ହୃଦୟସ୍ଥ ଭିତରୁହିଁ ଆପଣାର ନିର୍ଦ୍ଦେଶଗୁଡ଼ିକୁ ପାଇଥାଏ ଏବଂ ତା' ଲାଗି ଏହିଗୁଡ଼ିକହିଁ ଯଥେଷ୍ଟ ବୋଲି ଅନୁଭୂତ ହୋଇଥାନ୍ତି । ମାତ୍ର ପୂର୍ଣ୍ଣଯୋଗର ସାଧକକୁ ଶାଶ୍ୱତ ତଥା ସର୍ବଶେଷ ପରମସତ୍ୟଟିରହିଁ ପରିଚୟ ଲାଭ କରିବାକୁ ହୋଇଥାଏ, ଏବଂ ଶେଷଯାଏ କେବଳ ଏକ ଗୁମ୍ଫାକୁ ନେଇହିଁ ଆନନ୍ଦବିଭୋର ହୋଇ ରହିଲେ ତା'ର ଆଦୌ କାମ ଚଳେ ନାହିଁ । ଯଦି ନୈର୍ବ୍ୟକ୍ତିକତାହିଁ ଏକମାତ୍ର ସ୍ଥାୟୀ ସତ୍ୟ ହୋଇଥାଏ, ତେବେ ଏହି କ୍ଷେତ୍ରରେ ଏକ ଦୃଢ଼ ସମନ୍ୱୟରେ ଆସି ପହଞ୍ଚିବା କଦାପି ସମ୍ଭବ ହୁଏ ନାହିଁ । ଖୁବ୍ ବେଶୀ ହେଲେ ସେ ଭଗବାନଙ୍କର ବ୍ୟକ୍ତିଭାବକୁ ଏକ ପ୍ରତୀକରୂପେ ଗ୍ରହଣ କରିପାରେ, ଏକ ଶକ୍ତିଶାଳୀ ଓ କାର୍ଯ୍ୟସାଧକ କଳ୍ପନାରୂପେ ସ୍ୱୀକାର କରିପାରେ; ମାତ୍ର ତଥାପି ପରିଶେଷରେ ତାକୁ ଏସବୁକୁ ଅତିକ୍ରମ କରିଯିବାକୁ ପଡ଼େ ଏବଂ ପରମ ଜ୍ଞାନର କେବଳଧାବନ ସକାଶେ ଭକ୍ତିର ମାର୍ଗଟିକୁ ଛାଡ଼ି ଆସିବାକୁ ହୋଇଥାଏ । ଲକ୍ଷଣରହିତ ପରମସତ୍ୟରେ ଆସି ଉପନୀତ ହୋଇପାରିବା ଲାଗି ତାକୁ ସତ୍ତାକୁ ତାହାର ଯାବତୀୟ ପ୍ରତୀକ, ମୂଲ୍ୟ ଏବଂ ଉପାଦାନକୁ ଶୂନ୍ୟ କରିଦେବାକୁ ପଡ଼ିଥାଏ ।

ଅବଶ୍ୟ ଆମେ ପୂର୍ବରୁ କହିସାରିଛୁ ଯେ ବ୍ୟକ୍ତିଭାବ ଓ ନୈର୍ବ୍ୟକ୍ତିକତା କହିଲେ ଆମ ମନରେ ଆମେ ସେଗୁଡ଼ିକୁ ଯେପରି ଭାବରେ ବୁଝିଥାଉ, ତାହାକୁ କେବଳ ସେହି

'oaob.nitrkl.ac.in' images reprocessed

ପରମ ଦିବ୍ୟତାରହିଁ ଦୁଇଟି ବିଭବ ବୋଲି ଜାଣିବାକୁ ପଡ଼ିବ; ସେହି ପରମ ଦିବ୍ୟତାର ସତ୍ତା ମଧ୍ୟରେ ଦୁଇଟିଯାକ ଅନ୍ତର୍ଭୁକ୍ତ ହୋଇ ରହିଛନ୍ତି । ଦୁଇଟିଯାକ ମୂଳତଃ ସେହି ଗୋଟିଏ ପଦାର୍ଥକୁହିଁ ବୁଝାଉଛନ୍ତି, ଯାହାକୁ କି ଆମେ ତାହାର ଦୁଇ ବିପରୀତ ଦିଗରୁ ଅବଲୋକନ କରୁଛୁ ଏବଂ ଦୁଇଟି ଦ୍ୱାର ଦେଇ ଆମେ ଯାହା ଭିତରେ ପ୍ରବେଶ କରିପାରୁଛୁ । ଭକ୍ତର ଆବେଗ ତଥା ପ୍ରେମର ବୋଧିଗତ ଦୃଷ୍ଟିଟିର ଅନୁସରଣ କଲାବେଳେ ବୁଦ୍ଧି ଆମକୁ ଯେଉଁସବୁ ସଂଶୟ ଦ୍ୱାରା ଆଚ୍ଛନ୍ନ ଓ ଜର୍ଜର କରି ରହିବାର ଆଶଙ୍କାଟି ସର୍ବଦା ରହିଥାଏ, ସେଥିରୁ ନିଷ୍କୃତିଲାଭ କରିବାକୁ ଅଥବା ଦିବ୍ୟ ସମ୍ମିଳନର ଆନନ୍ଦଟି ଲାଭ କଲା ପର୍ଯ୍ୟନ୍ତ ବୁଦ୍ଧି ଯେଉଁସବୁ ସଂଶୟ ସହିତ ଆମର ଅନୁଧାବନ କରିବା ଲାଗି ହୁଏତ ମନ ବଳାଇଥାଏ, ସେଥିରୁ ରକ୍ଷା ପାଇବା ଲାଗି ଆମକୁ ଅଧିକ ସ୍ପଷ୍ଟ ଭାବରେ ଏହି କଥାଟିକୁ ବିଚାର କରି ଦେଖିବାକୁ ପଡ଼ିବ । ଏକଥା ସତ ଯେ ସେହି ସଂଶୟଗୁଡ଼ିକ ଦିବ୍ୟ ସମ୍ମିଳନଜନିତ ଆନନ୍ଦରୁ ତଳକୁ ଖସି ପଡ଼ନ୍ତି; ମାତ୍ର ଯଦି ଆମେ ଏକ ଦାର୍ଶନିକ ପ୍ରବୃତ୍ତିଯୁକ୍ତ ମନଟି ଦ୍ୱାରା ଅତିଶକ୍ତ ଭାବରେ ଭାରାକ୍ରାନ୍ତ ହୋଇ ରହିଥାଉ, ତେବେ ସେଗୁଡ଼ିକ ସେହି ଆନନ୍ଦଲାଭର ପ୍ରାୟ ଦ୍ୱାରଦେଶ ପର୍ଯ୍ୟନ୍ତ ମଧ୍ୟ ଆମର ଅନୁଧାବନ କରି ଯାଇପାରନ୍ତି । ତେଣୁ ଆମକୁ ଯେତେଶୀଘ୍ର ସମ୍ଭବ ସେଗୁଡ଼ିକ ଭିତରୁ ମୁକ୍ତ ହୋଇ ଆସିବାକୁ ପଡ଼ିବ; ବୁଦ୍ଧି, ବୁଦ୍ଧି ଦ୍ୱାରାହିଁ ପରିଚାଳିତ ହେଉଥିବା ଦାର୍ଶନିକ ମନ ଏବଂ ଯେଉଁ ବିଶେଷ ସ୍ତରଟିରେ ତାହା ସତ୍ୟ ଆଡ଼କୁ ଅଗ୍ରସର ହେବାକୁ ଚେଷ୍ଟା କରିଥାଏ, ଏଗୁଡ଼ିକର ନାନା ସୀମାବଦ୍ଧତାକୁ ହୃଦୟଙ୍ଗମ କରିହିଁ ଆମେ ସେଗୁଡ଼ିକରୁ ମୁକ୍ତ ହୋଇ ଆସିପାରିବା । ବୁଦ୍ଧିର ମଧ୍ୟଦେଇ ପଡ଼ିଥିବା ବାଟରେ ଯେଉଁ ତଦ୍‌ଗତ ଅନୁଭୂତି ଆପଣାର ଯାତ୍ରା ଆରମ୍ଭ କରିଥାଏ, ସେଇଟିର ସୀମାବଦ୍ଧତା ବିଷୟରେ ମଧ୍ୟ ସଚେତନ ହୋଇ ଏବଂ ସେଇଟି ଯେ କଦାପି ସର୍ବୋଚ୍ଚ ଓ ବ୍ୟାପ୍ତତମ ଅଧ୍ୟାତ୍ମ ଅନୁଭୂତିର ସମଗ୍ର ପୂର୍ଣ୍ଣତା ହୋଇ ନପାରେ, ସେ କଥାଟିକୁ ହୃଦୟଙ୍ଗମ କରିହିଁ ଆମେ ସେହିସବୁ ସଂଶୟରୁ ମୁକ୍ତ ହୋଇ ଆସିପାରିବା । ଆଧ୍ୟାତ୍ମିକ ବୋଧିଦୃଷ୍ଟିହିଁ ସର୍ବଦା ସ୍ୱଭାବତଃ ଭେଦଧର୍ମୀ ହୋଇ ରହିଥିବା ବୁଦ୍ଧିଠାରୁ ଆପଣାକୁ ଏକ ଅଧିକ ଆଲୋକଯୁକ୍ତ ମାର୍ଗଦର୍ଶକ ବୋଲି ପ୍ରମାଣିତ କରିଥାଏ; ଏହି ଆଧ୍ୟାତ୍ମିକ ବୋଧିଦୃଷ୍ଟି କେବଳ ବୁଦ୍ଧି ଦ୍ୱାରାହିଁ ଆପଣାକୁ ଆମ ପାଖରେ ଆସି ଅନୁଭୂତ କରାଏ ନାହିଁ, ଆମ ସତ୍ତାର ଅବଶିଷ୍ଟ ଭାଗଟିର ମାଧ୍ୟମରେ ଅର୍ଥାତ୍ ହୃଦୟ ଓ ପ୍ରାଣର ମାଧ୍ୟମରେ ମଧ୍ୟ ତାହା ଆପଣାକୁ ଅନୁଭୂତ କରାଇଥାଏ । ତେଣୁ ଯାହାକୁ ଆମେ ସମଗ୍ର ଜ୍ଞାନ ବୋଲି କହୁବା, ତାହା ଏହି ସବୁଗୁଡ଼ିକର ଅବଦାନକୁ ମଧ୍ୟ ଗ୍ରହଣ କରିବା ଲାଗି ନିଶ୍ଚୟ ସମର୍ଥ ହେବ ଏବଂ ସବୁଗୁଡ଼ିକର ବିଭିନ୍ନ ସତ୍ୟଗୁଡ଼ିକୁ ପରସ୍ପର ସହିତ ସଂଯୁକ୍ତ କରିଦେଇ ପାରିବ । କେବଳ ଆପଣାର ଲାଗି, ତଥ୍ୟଗୁଡ଼ିକ ମଧ୍ୟରେହିଁ ଆପଣାକୁ ଆବଦ୍ଧ କରି ନରଖି ହୃଦୟ ତଥା ପ୍ରାଣର ସତ୍ୟଟିକୁ

'oaob.nitrkl.ac.in' images reprocessed

ଗ୍ରହଣ କରିନେଇ ପାରିଲେ ଏବଂ ସେଗୁଡ଼ିକୁ ସେଗୁଡ଼ିକର ପରମ ଆଧ୍ୟାତ୍ମିକ ମୂଲ୍ୟ ଦେଇ ବିସ୍ତାର କରି ପାରିଲେ ସ୍ୱୟଂ ବୁଦ୍ଧି ମଧ୍ୟ ଅଧିକ ଗଭୀର ଭାବରେ ପରିତର୍ପଣ ଲାଭ କରି ପାରିବ ।

ଦାର୍ଶନିକ ବୁଦ୍ଧି ସ୍ୱଭାବତଃ କେତେ ନା କେତେ ଧାରଣା ଭିତରେହିଁ ବିଚରଣ କରିବାରେ ଲାଗିଥାଏ ଏବଂ ସେଗୁଡ଼ିକୁ ସେମାନଙ୍କର ଏକପ୍ରକାର ସ୍ୱକୀୟ ବସ୍ତୁବିଚ୍ଛିନ୍ନ ସତ୍ୟପ୍ରତିଷ୍ଠା ଦେବାର ପ୍ରୟାସ କରୁଥାଏ; ସେଗୁଡ଼ିକର ଯାବତୀୟ ବାସ୍ତବ ପ୍ରତିରୂପଗୁଡ଼ିକ ଆମର ଜୀବନ ଓ ବ୍ୟକ୍ତିଚେତନାକୁ ଯେପରି ଭାବରେ ପ୍ରଭାବିତ କରିବାକୁ ଆସିଥାଏ, ତାହା ସହିତ ସେହି ସତ୍ୟପ୍ରତିଷ୍ଠାଗୁଡ଼ିକର କୌଣସି ସମ୍ପର୍କ ନଥାଏ । ଏହି ପ୍ରତିରୂପଗୁଡ଼ିକୁ ଦାର୍ଶନିକ ବୁଦ୍ଧି ସେଗୁଡ଼ିକର ଶୁଦ୍ଧତମ ଓ ସାମାନ୍ୟତମ ଭୂମିଟି ମଧ୍ୟକୁ ନୁହିଁ ଆଣିବା ଲାଗି ପ୍ରବୃତ୍ତି ରଖିଥାଏ ଏବଂ ସମ୍ଭବ ହେଲେ ଏହି ଶୁଦ୍ଧ ଓ ସାମାନ୍ୟ ଧାରଣାଗୁଡ଼ିକୁ ମଧ୍ୟ କୌଣସି ନା କୌଣସି ଚୂଡ଼ାନ୍ତ ବସ୍ତୁବିଚ୍ଛିନ୍ନ କଳ୍ପନା ଭିତରେ ଆଣି ଢାଳି ଦେବାକୁ ଚେଷ୍ଟା କରୁଥାଏ । ଶୁଦ୍ଧ ବୌଦ୍ଧିକ ହୋଇ ରହିଥିବା ନିର୍ଦ୍ଦେଶନାଟି ଜୀବନଠାରୁ କ୍ରମଶଃ ଅଧିକ ଦୂରବର୍ତ୍ତୀ ହୋଇଯିବାରେ ଲାଗିଥାଏ । ବସ୍ତୁଗୁଡ଼ିକର ବିଚାର କଲାବେଳେ ତାହା ଆମର ବ୍ୟକ୍ତିତ୍ୱ ଉପରେ ରହିଥିବା ସେହି ବସ୍ତୁଗୁଡ଼ିକର ପ୍ରଭାବଗୁଡ଼ିକ ମଧ୍ୟରୁ ଅପସରି ଆସିବାକୁ ଚେଷ୍ଟା କରୁଥାଏ ଏବଂ ସେଗୁଡ଼ିକ ପଛରେ ଯାହାକିଛି ସାମାନ୍ୟ ତଥା ନୈର୍ବ୍ୟକ୍ତିକ ସତ୍ୟ ରହିଥିବାର ସମ୍ଭାବନା ଥାଏ, ସେଇଥିରେହିଁ ଆସି ଉପନୀତ ହେବାକୁ ମନ ବଳାଇଥାଏ । ସେହି ପ୍ରକାରର ସତ୍ୟଟିକୁହିଁ ସତ୍ତାର ଏକମାତ୍ର ଯଥାର୍ଥ ସତ୍ୟ ବୋଲି ଦେଖିବା ଲାଗି ତାହା ମଧ୍ୟରେ ପ୍ରବଳ ପ୍ରବୃତ୍ତି ରହିଥାଏ; ଅଥବା, ଅନ୍ତତଃ ତାହାକୁହିଁ ସତ୍ୟର ଏକମାତ୍ର ସର୍ବୋତ୍ତମ ଏବଂ ସ୍ଥାୟୀ ଶକ୍ତିସମ୍ପନ୍ନତା ବୋଲି ବିଚାର କରିବାକୁ ଏକ ଇଚ୍ଛା ବଳବତ୍ତର ରହିଥାଏ । ତେଣୁ ଏହିଭଳି ବିଚାରରେ ନାନା ଅତିଶଯ୍ୟତାର ସୋପାନ ଯାଏ ଲମ୍ବିଯାଇ ଏକ ପରମ ନୈର୍ବ୍ୟକ୍ତିକତା ଓ ଏକ ବିଶୁଦ୍ଧ ବସ୍ତୁ-ବିଚ୍ଛିନ୍ନତାରେହିଁ ଆସି ପହଞ୍ଚିବାକୁ ତାହା ଆପଣାର ସ୍ୱଭାବ ଦ୍ୱାରା ବାଧ୍ୟ ହେବାରେ ଲାଗିଥାଏ । ପ୍ରାଚୀନ ଯାବତୀୟ ଦର୍ଶନ ଏହିଯାଏ ଆସି ଆପଣାର କାର୍ଯ୍ୟ ଶେଷ କରି ଦେଇଛନ୍ତି । ସେମାନେ ସମସ୍ତେ ସତ୍, ଚିତ୍ ଓ ଆନନ୍ଦ;––ପରମସତ୍ତାର ଏହି ତିନୋଟି ବସ୍ତୁବିଚ୍ଛିନ୍ନ କଳ୍ପନା ମଧ୍ୟକୁ ସବୁକିଛିକୁ ନିର୍ଯ୍ୟାସିତ କରି ଆଣିଛନ୍ତି ଏବଂ ଏହି ତିନୋଟି ତତ୍ତ୍ୱ ମଧ୍ୟରୁ ସବୁଠାରୁ ଅଧିକ ବସ୍ତୁବିଚ୍ଛିନ୍ନ ଯେଉଁ ପ୍ରଥମଟି ଉପରେ ଅବଶିଷ୍ଟ ଦୁଇଟି ନିର୍ଭରଶୀଳ ହୋଇ ରହିଛନ୍ତି ବୋଲି ସେମାନଙ୍କର ମନେହୋଇଛି, ସେମାନେ ସେଇଟିକୁ ଛାଡ଼ି ଅନ୍ୟ ଦୁଇଟିଯାକ ମଧ୍ୟରୁ ମୁକ୍ତ ହୋଇ ଆସିବା ଲାଗି ପ୍ରବୃତ୍ତି ଦେଖାଇ ଆସିଛନ୍ତି । ଏବଂ ଏପରି କରି ସେମାନେ ଏକ ବିଶୁଦ୍ଧ ଲକ୍ଷଣରହିତ ସତ୍ତା ମଧ୍ୟରେହିଁ ସବୁକିଛିକୁ ନିକ୍ଷିପ୍ତ କରି ରଖିଛନ୍ତି; ଏହି ସତ୍ତାଟିରୁହିଁ ଅନ୍ୟ ସବୁକିଛି

'oaob.nitrkl.ac.in' images reprocessed

ନିଷ୍ପନ୍ନ ହୋଇ ଆସିଛୁ, ସକଳ ପ୍ରତିରୂପ ଓ ସକଳ ମୂଲ୍ୟ ନିଷ୍ପନ୍ନ ହୋଇ ଆସିଛୁ ବୋଲି ଘୋଷଣା କରିଛନ୍ତି; ଏବଂ କେବଳ ସତ୍ତାର ସେହି ଏକ ଅନନ୍ତ ଓ କାଳାତୀତ ସତ୍ୟଟିହିଁ ଏହାର ବାହାର ହୋଇ ରହିଛି ବୋଲି ମାନିଛନ୍ତି । ମାତ୍ର ଏହାର ଆହୁରି ଆଗକୁ ପହଞ୍ଚି ପକାଇ ବୁଦ୍ଧି ତଥାପି ଆଉ ଏକ ପଦକ୍ଷେପ ନେବାର ମଧ୍ୟ ଏକ ସମ୍ଭାବନା ବାକୀ ରହିଥିଲା, ଏବଂ ବୌଦ୍ଧ ଦର୍ଶନରେ ଯାଇ ତାହା ସେହି ପଦକ୍ଷେପଟିକୁ ନେଇ ପାରିଲା । ସେଠାକୁ ଆସି ତାହା ସତ୍ତା ବା ଅସ୍ତିତ୍ୱର ଏହି ଚୂଡ଼ାନ୍ତ ସତ୍ୟଟିକୁ ମଧ୍ୟ କେବଳ ଏକ ପ୍ରତିରୂପ ବୋଲି ଆବିଷ୍କାର କଲା; ସେହି ସତ୍ୟଟିକୁ ମଧ୍ୟ ତାହା ଏକ ବସ୍ତୁବିଚ୍ଛିନ୍ନ ତତ୍ତ୍ୱରେ ପରିଣତ କରି ପକାଇଲା ଏବଂ ପରିଣାମରେ ଏପରି ଏକ ଅନ୍ତହୀନ ଶୂନ୍ୟସଂଖ୍ୟାରେ ଆସି ପହଞ୍ଚିଲା, ଯାହାକୁ କି କେବଳ ଏକ ଶୂନ୍ୟତା ବୋଲିହିଁ ଠାଣି କରିଯାଇ ପାରିବ ଅଥବା ଏକ ଶାଶ୍ୱତ ପ୍ରକାଶାତୀତତା ବୋଲି ସ୍ୱୀକାର କରାଯାଇ ପାରିବ ।

ମାତ୍ର ଆମର ହୃଦୟ ଓ ପ୍ରାଣ ଏହାର ଠିକ୍ ଏକ ବିପରୀତ ବିଧାନ ଦ୍ୱାରା ପରିଚାଳିତ ହୁଅନ୍ତି ବୋଲି ଆମେ ଜାଣିଛୁ । କୌଣସି ଅମୂର୍ତ୍ତତା ବା ବସ୍ତୁବିଚ୍ଛିନ୍ନତାକୁ ନେଇ ସେମାନେ ଆଦୌ ଚଳିପାରନ୍ତି ନାହିଁ; କେବଳ ମୂର୍ତ୍ତ ବସ୍ତୁ ଅର୍ଥାତ୍ ହାତରେ ଧରିପାରିବା ଭଳି ବସ୍ତୁସମୂହରେହିଁ ସେମାନଙ୍କର ପରିତର୍ପଣ ହୋଇଥାଏ । ଜଡ଼, ମାନସିକ କିଂବା ଆଧ୍ୟାତ୍ମିକ ଯେଉଁ ସ୍ତରରେ ହେଉ ପଛକେ, ସେମାନେ କେବଳ ବୁଦ୍ଧିଗତ ଓ ବସ୍ତୁବିଚ୍ଛିନ୍ନ କଳ୍ପନା ଦ୍ୱାରା କୌଣସି ପଦାର୍ଥର ଭେଦନିରୂପଣ କରି ସେଇଥିରେ ଆସି ଉପନୀତ ହେବା ଲାଗି କଦାପି ଆପଣାର ଧୈର୍ଯ୍ୟ ଧରି ରଖି ନଥାନ୍ତି; ବରଂ ଜୀବନ୍ତ ଭାବରେ ସେମାନେ ଆପଣାର କାମ୍ୟ ବସ୍ତୁଟିରେ ପରିଣତ ହେବାକୁ ଚାହୁଁଥାନ୍ତି, ଅଥ ସଚେତନ ଭାବରେ ସେହି ବସ୍ତୁଟିର ଅଧିକୃତ ଓ ଆନନ୍ଦକୁ ଲାଭ କରିବାକୁ ଲୋଡ଼ୁଥାନ୍ତି । ଏହି କ୍ଷେତ୍ରରେ କେବଳ ବସ୍ତୁବିଚ୍ଛିନ୍ନ ଓ ଅମୂର୍ତ୍ତ ଏକ ମନର ପରିତର୍ପଣ କିଂବା ଏକ ନୈର୍ବ୍ୟକ୍ତିକ ଅସ୍ତିତ୍ୱର ସନ୍ତୋଷବିଧାନ ଲାଗି ସେମାନେ କଦାପି ଆପଣାର ପ୍ରତିସ୍ପନ୍ଦନ ଜଣାନ୍ତି ନାହିଁ; ମାତ୍ର ଏକ ସତ୍ତ୍ୱର, ଅର୍ଥାତ୍ ସିଏ ସାନ୍ତ ବା ଅନନ୍ତ ଯାହା ହୋଇଥାଆନ୍ତୁ ପଛକେ, ଆମର ମଧ୍ୟରେ ଅଧିଷ୍ଠିତ ରହିଥିବା ଏକ ଚେତନାମୟ ପରମ ପୁରୁଷଙ୍କର ଆନନ୍ଦ ଓ କ୍ରିୟାଶୀଳତାକୁହିଁ ପ୍ରତିସ୍ପନ୍ଦନ ଜଣାଉଥାନ୍ତି; ଏବଂ ସେମାନଙ୍କ ଲାଗି ସେହି ପରମ ପୁରୁଷଙ୍କ ଆଗରେ ତାଙ୍କର ସତ୍ତାଗତ ଯାବତୀୟ ଆନନ୍ଦ ଓ ଯାବତୀୟ ସାମର୍ଥ୍ୟ ମଧ୍ୟ ଏକ ସତ୍ୟରୂପେ ପ୍ରତିଭାତ ହୋଇ ଉଠୁଥାଏ । କେଣୁ ଯେତେବେଳେ ଆମର ହୃଦୟ ଓ ପ୍ରାଣ ସେହି ପରମ ସନ୍ତୋଷ ଏବଂ ପରମ ଆନନ୍ଦଙ୍କର ଆକାଙ୍‌କ୍ଷା ନେଇ ତାଙ୍କରି ଆଡ଼କୁ ଅଗ୍ରସର ହେବାରେ ଲାଗନ୍ତି, ସେତେବେଳେ ସେମାନେ କୌଣସି ଅମୂର୍ତ୍ତ ଅସ୍ତିତ୍ୱ ଅଥବା ଅନସ୍ତିତ୍ୱରେ ଯାଇ କଦାପି ଉପନୀତ ହୁଅନ୍ତି ନାହିଁ, ଏକ ପରମ ସତ୍ କିଂବା ତା' ନହେଲେ ଏକ ପରମ

'oaob.nitrkl.ac.in' images reprocessed

ନିର୍ବାଣସ୍ଥିତିରେ ଯାଇ ପହଞ୍ଚନ୍ତି ନାହିଁ; ସେମାନେ ଏକ ଅସ୍ତିତ୍ୱଧାରା ପାଖରେ ଯାଇ ପହଞ୍ଚନ୍ତି, ଜଣେ ପରମ ସତ୍ତ୍ୱପୁରୁଷ ପାଖରେ ପହଞ୍ଚନ୍ତି; କେବଳ ଏକ ଚେତନାରେ ଉପନୀତ ହୁଅନ୍ତି ନାହିଁ, ମାତ୍ର ଏକ ଚେତନାମୟ ପରମ ସତ୍ତା ଅର୍ଥାତ୍ ଚୈତନ୍ୟ-ପୁରୁଷଙ୍କ ପାଖରେ ଯାଇ ଉପନୀତ ହୁଅନ୍ତି । କେବଳ ଏକ ପରମ ଅସ୍ତିବାଚକତାର ବିଶୁଦ୍ଧ ଏବଂ ନୈର୍ବ୍ୟକ୍ତିକ ଆନନ୍ଦରେ ଯାଇ ପହଞ୍ଚନ୍ତି ନାହିଁ, ମାତ୍ର ଆନନ୍ଦର ଏକ ଅନନ୍ତ 'ଅହମସ୍ମି'ର ଉପଲବ୍ଧିରେ ଅର୍ଥାତ୍ ଏକ ଆନନ୍ଦମୟ ପୁରୁଷଙ୍କ ପାଖରେ ଯାଇ ଉପନୀତ ହୁଅନ୍ତି । ତାଙ୍କର ଚେତନା ଓ ଆନନ୍ଦକୁ ସେମାନେ ଏକ ଲକ୍ଷଣରହିତ ଅସ୍ତିତ୍ୱ ମଧ୍ୟରେ ନିମଜ୍ଜିତ ବି କରାଇ ଦିଅନ୍ତି ନାହିଁ ଅଥବା ହରାଇ ବସନ୍ତି ନାହିଁ, ମାତ୍ର ଗୋଟିକ ମଧ୍ୟରେ ଉଭୟଟିଯାକର ଅବଶ୍ୟ ଉପଲବ୍ଧି ଲାଗି ପ୍ରେରିତ ହୋଇଥାନ୍ତି; କାରଣ ସତ୍ତାଗତ ଆନନ୍ଦକୁହିଁ ସେମାନେ ସର୍ବୋଚ୍ଚ ସାମର୍ଥ୍ୟ ବୋଲି ଜାଣିଥାଆନ୍ତି ଏବଂ ଚେତନା ବ୍ୟତୀତ ଏହି ଆନନ୍ଦ କଦାପି ଉପଗତ ହୋଇପାରେ ନାହିଁ । ଭାରତୀୟ ଭକ୍ତିଧର୍ମର ପ୍ରଗାଢ଼ତମ ସ୍ତରଟିରେ ସର୍ବାନନ୍ଦମୟ ତଥା ସର୍ବସୌନ୍ଦର୍ଯ୍ୟମୟ ଯେଉଁ ଶ୍ରୀକୃଷ୍ଣଙ୍କର ପରମ ମୂର୍ତ୍ତି କଳ୍ପନା କରାଯାଇଛି, ସେଇଟି ମଧ୍ୟରେ ଏହି ଅର୍ଥଟିହିଁ ନିହିତ ହୋଇ ରହିଛି ।

ଆମର ବୁଦ୍ଧି ମଧ୍ୟ ଏହି ପ୍ରବୃତ୍ତିଟିକୁ ନିଶ୍ଚୟ ଅନୁସରଣ କରିପାରିବ, ମାତ୍ର ସେହି କ୍ଷେତ୍ରରେ ତାହା କଦାପି ବିଶୁଦ୍ଧ ବୁଦ୍ଧି ହୋଇ ରହିପାରିବ ନାହିଁ । ସେତେବେଳେ ତାହା କଳ୍ପନାଶକ୍ତିର ସାହାଯ୍ୟ ନିଏ, କଳ୍ପନା ଦ୍ୱାରା କେତେ ପ୍ରତିରୂପ ନିର୍ମାଣ କରେ, କେତେକେତେ ପ୍ରତୀକ ଓ ମୂଲ୍ୟର ସୃଷ୍ଟି କରେ; ଆଧ୍ୟାତ୍ମିକ ସ୍ତରରେ ଜଣେ କଳାକାର ଓ କବିରୂପେ ଅବତୀର୍ଣ୍ଣ ହୁଏ । ତେଣୁ ବୁଦ୍ଧିର ଉତ୍କୃଷ୍ଟତମ ଦର୍ଶନ କେବଳ ସେହି ସର୍ବୋଚ୍ଚ ବିଶ୍ୱପ୍ରତୀକରୂପେହିଁ ସଗୁଣ ଓ ଦିବ୍ୟ ପରମ ପୁରୁଷଙ୍କୁ ଆପଣାର ସ୍ୱୀକୃତି ଦେଇଥାଏ; ଏବଂ ତାହାର ସୀମାଟିକୁ ଅତିକ୍ରମ କରି ସତ୍ୟର କ୍ଷେତ୍ରରେ ପ୍ରବେଶ କରିବାକୁ ଗଲେ ସେହି ବୁଦ୍ଧିର ମତ ଅନୁସାରେ ପରିଶେଷରେ ପରମ ନିର୍ଗୁଣ ଅର୍ଥାତ୍ ସେହି ଶୁଦ୍ଧ ପରମ ନୈର୍ବ୍ୟକ୍ତିକତାରେହିଁ ଯାଇ ଉପନୀତ ହେବାକୁ ହୁଏ । ସମାନ୍ତର ଅନ୍ୟ ଦର୍ଶନଟି ସଗୁଣକୁହିଁ ଉପାଦେୟତର ବୋଲି ଘୋଷଣା କରେ; ଯାହାକିଛିକୁ ନୈର୍ବ୍ୟକ୍ତିକ ବୋଲି କଳ୍ପନା କରାଯାଉଛି, ତାହା ସମ୍ଭବତଃ ତାହାକୁ ସେହି ସଗୁଣରହିଁ ଆଧ୍ୟାତ୍ମିକ ସ୍ୱଭାବର ବସ୍ତୁ ବା ଉପାଦାନ ବୋଲି କହିବାକୁ ବାହାରେ । ତାହାର ମତ ଅନୁସାରେ ଏହି ଉପାଦାନଟିକୁହିଁ ସଗୁଣ ଆପଣାର ସତ୍ତା, ଚେତନା ତଥା ଆନନ୍ଦଗତ ସାମର୍ଥ୍ୟଗୁଡ଼ିକୁ ପ୍ରକଟ କରି ଦେଇଥାନ୍ତି, ଏହି ସାମର୍ଥ୍ୟଗୁଡ଼ିକ ସର୍ବଦା କେବଳ ସେହି ପରମ ସଗୁଣଙ୍କୁହିଁ ପ୍ରକଟ କରି ଦେଉଥାନ୍ତି । ନୈର୍ବ୍ୟକ୍ତିକତା କହିଲେ ଏହି ଦର୍ଶନ ଏକ ଆପାତ ଅଭାବାତ୍ମକ ସ୍ଥିତିକୁ

'oaob.nitrkl.ac.in' images reprocessed

ଫୁଟିଥାଏ, ଯାହା ମଧ୍ୟରୁ କି ସଗୁଣ ପରମସତ୍ତା ଆପଣା ବ୍ୟକ୍ତିତ୍ୱର ଶାଶ୍ୱତ ଭାବାତ୍ମକତାର ସାମଗ୍ରିକ ବହୁବିଧତାଗୁଡ଼ିକୁ ଉନ୍ମୋଚିତ କରି ଆଣିଥାନ୍ତି । ଏହି କ୍ଷେତ୍ରରେ ସ୍ପଷ୍ଟତଃ ଦୁଇଟି ସ୍ୱଭାବପ୍ରବୃତ୍ତି କାର୍ଯ୍ୟ କରୁଥାଏ; ଅଥବା, ବୁଦ୍ଧିର ଭୂମିରେ ସେହି ଶବ୍ଦଟିର ପ୍ରୟୋଗ କରିବାରେ ଯଦି ଆମର କୌଣସିପ୍ରକାର କୁଣ୍ଠା ରହିଥାଏ, ତେବେ ଆମେ ତାହାକୁ ଆମ ସତ୍ତାର ଦୁଇଟି ଅନ୍ତର୍ନିହିତ ସାମର୍ଥ୍ୟ ବୋଲି ମଧ୍ୟ କହିପାରିବା; ଏବଂ ଏହି ସାମର୍ଥ୍ୟ ଦୁଇଟି ପ୍ରତ୍ୟେକେ ଆପଣା ଆପଣା ସ୍ୱୀତରେ ସେହି ଏକ ପରମସତ୍ୟରହିଁ ସମ୍ମୁଖୀନ ହେବାରେ ଲାଗିଥାନ୍ତି ।

ଗୋଟିଏ ପକ୍ଷରେ ବୁଦ୍ଧିର ଯାବତୀୟ ଧାରଣା ଏବଂ ତାହାର ଯାବତୀୟ ଭେଦକରୂପଣର ପ୍ରବୃତ୍ତି ଏବଂ ଅନ୍ୟ ପକ୍ଷରେ ହୃଦୟ ତଥା ପ୍ରାଣର ଯାବତୀୟ ଆକାଂକ୍ଷା ଓ ଅଭିଳାଷ ଏବଂ ସେମାନଙ୍କର ଯାବତୀୟ ନିକଟ ହେବାର ସ୍ୱୀତ,— ଉଭୟଙ୍କର ପଛରେ ଏପରି ସବୁ ସତ୍ୟ ପ୍ରତିଷ୍ଠିତ ହୋଇ ରହିଥାଏ, ଏବଂ ସେହିସବୁ ସତ୍ୟରେ ଯାଇ ପହଞ୍ଚିପାରିବା ଲାଗିହିଁ ଏଗୁଡ଼ିକ ଗୋଟିଏ ଗୋଟିଏ ସାଧନରୂପେ କାର୍ଯ୍ୟ କରୁଥାନ୍ତି । ଆମର ଆଧ୍ୟାତ୍ମିକ ଅନୁଭବ ଦୁଇଟିଯାକକୁ ଉଚିତ ବୋଲି ଘୋଷଣା କରେ; ସେମାନେ ପ୍ରତ୍ୟେକେ ଯେଉଁ ସମ୍ପଦଟିର ଅନୁଧାବନ କରୁଥାନ୍ତି, ଶେଷରେ ତାହାର ଦିବ୍ୟ ପରମସ୍ଥିତିରେ ଆସି ଉପନୀତ ହୋଇଥାନ୍ତି । ମାତ୍ର ଏକ ଅତିରିକ୍ତ ଐକାନ୍ତିକତା ସହିତ ଏହି ଅନୁଧାବନରେ ଲିପ୍ତ ରହିଲେ ଆପଣାର ଅନ୍ତର୍ନିହିତ ବିଶେଷ ଗୁଣଟି ଦ୍ୱାରା ଏବଂ ଆପଣାର ସ୍ୱଭାବଗତ ସାଧନଟିର ନାନା ସୀମା ଓ ସଙ୍କୋଚ ଦ୍ୱାରା ଏମାନେ ତଥାପି ବାଧାପ୍ରାପ୍ତ ହୋଇଥାନ୍ତି । ଆମର ଏହି ପାର୍ଥିବ ଜୀବନସ୍ତରଣରେ ଯେଉଁଠି ହୃଦୟ ଏବଂ ପ୍ରାଣ ଅତିରିକ୍ତ ଐକାନ୍ତିକ ଭାବରେ ଆପଣା ପଥରହିଁ ଅନୁସରଣ କରୁଥାନ୍ତି, ସେଠାରେ ସେମାନେ ଯେ ଆମକୁ କୌଣସି ସନ୍ଦୀପିତ ସିଦ୍ଧିଲାଭରେ ଆଣି ପହଞ୍ଚାଇ ପାରନ୍ତି ନାହିଁ, ସେକଥା ଆମେ ବେଶ୍ ଦେଖିବାକୁ ପାଉଥାଉ; ପୁଣି, ଯେଉଁଠି ଅତିରିକ୍ତ ଐକାନ୍ତିକତା ସହିତ କେବଳ ବୁଦ୍ଧିହିଁ ଅବଲମ୍ବନ ହୋଇ ରହିଥାଏ, ସେତେବେଳେ ତାହା କ୍ରମଶଃ କେବଳ ଦୂରରୁ ଦୂରକୁ ଖସିଯିବାରେ ଲାଗିଥାଏ, ବସ୍ତୁବିଚ୍ଛିନ୍ନ ହୋଇ ରହିଯାଏ, ଅଶକ୍ତ ହୋଇପଡ଼େ; ବୁଦ୍ଧି କ୍ରମଶଃ ଏକ ନିଷ୍ଫଳ ଟୀକାକାର ଅଥବା ଶୁଷ୍କତାର ପରିସ୍ଥିତ ଏକ ଯାନ୍ତ୍ରିକ ଭାରବାହରେହିଁ ପରିଣତ ହୋଇ ବସେ । ତେଣୁ ଦୁଇଟିଯାକ ସ୍ୱୀତ ମଧ୍ୟରେ ଯଥେଷ୍ଟ ପରିମାଣରେ ସମନ୍ୱୟତାର ପ୍ରତିଷ୍ଠା କରିବା ଏବଂ ଉଚିତ ସମତା ସମ୍ଭବ କରିବାହିଁ ଆମର ଯାବତୀୟ ମନୋବିଦ୍ୟା ତଥା ଯାବତୀୟ କର୍ମାଚରଣରେ ଏକ ପ୍ରଧାନ ସମସ୍ୟା ହୋଇ ରହି ଆସିଛି ।

ଏହି ସମନ୍ୱୟତା ଓ ସମାଧାନର ସମ୍ଭାବନା ଏହି ଦୁଇଟିଯାକ ବୃତ୍ତିର ସୀମା ବାହାରେ ରହିଛି, ତାହା ବୋଧି ମଧ୍ୟରେ ରହିଛି । ମାତ୍ର ଗୋଟିଏ ପ୍ରକାର ବୋଧି

'oaob.nitrkl.ac.in' images reprocessed

ରହିଛି ଯାହାକି କେବଳ ବୁଦ୍ଧିର ପରକର ହୋଇ କାର୍ଯ୍ୟ କରୁଥାଏ ଓ ଆଉ ଗୋଟିଏ ପ୍ରକାର ବୋଧି ରହିଛି ଯାହାକି ହୃଦୟ ତଥା ପ୍ରାଣର ପରକର ହୋଇ କାର୍ଯ୍ୟ କରୁଥାଏ; ଏବଂ ଯଦି ଆମେ ଦୁଇଟି ମଧ୍ୟରୁ କୌଣସି ଗୋଟିକୁ ମଧ୍ୟ ଅତିରିକ୍ତ ଓ ଐକାନ୍ତିକ ଭାବରେ ଅବଲମ୍ବନ କରି ରହିଥିବା, ତେବେ ପୂର୍ବାପେକ୍ଷା ହୁଏତ ଏତେ ଟିକିଏ ହେଲେ ଅଧିକ ଆଗକୁ ଯାଇପାରିବା ନାହିଁ । ଅନ୍ୟ ଏବଂ ଅପେକ୍ଷାକୃତ କମ୍ ଦୃଷ୍ଟିସମର୍ଥ ଶକ୍ତିଗୁଡ଼ିକ ଯେଉଁସବୁ ଉପଲବ୍ଧିକୁ ଆପଣାର ଉଦ୍ଦେଶ୍ୟ କରି ରଖିଛନ୍ତି, ଏହି କ୍ଷେତ୍ରରେ ଆମେ ସେହିଗୁଡ଼ିକୁହିଁ କେବଳ ଅଧିକ ଅନ୍ତରଙ୍ଗ ଭାବରେ ଲାଭ କରିପାରିବା, ଏବଂ ତଥାପି ସେଗୁଡ଼ିକୁ ପରସ୍ପରଠାରୁ ବିଚ୍ଛିନ୍ନ ଭାବରେହିଁ ଲାଭ କରିପାରିବା । ମାତ୍ର ଏକଥା ସତ୍ୟ ଯେ ବୋଧିର ସାମର୍ଥ୍ୟଟି ସମ୍ପୂର୍ଣ୍ଣ ନିରପେକ୍ଷ ଭାବରେ ଆମ ସତ୍ତାର ଯାବତୀୟ କ୍ଷେତ୍ରରେ ସର୍ବଦା ପ୍ରଯୁଜ୍ୟ ହୋଇପାରିବ, କାରଣ ଏପରିକି ଆମ ଶରୀରର ମଧ୍ୟ ଆପଣାର ଏକାଧିକ ବୋଧି ବର୍ତ୍ତମାନ ରହିଛି; ତେଣୁ ଏଥିରୁ ପ୍ରମାଣିତ ହୋଇ ଯାଉଛି ଯେ ସତ୍ୟର ସନ୍ଧାନ କରୁଥିବା ସମୟରେ ବୋଧି ଗୋଟିଏ କ୍ଷେତ୍ରକୁ ଗ୍ରହଣ କରିବାକୁ ଯାଇ ଆଉ ଗୋଟିଏ କୌଣସି କ୍ଷେତ୍ରକୁ କଦାପି ବହିଷ୍କୃତ କରି ରଖେ ନାହିଁ, ତାହା ସମଗ୍ର ଭାବରେ ସମ୍ପୂର୍ଣ୍ଣ କ୍ଷେତ୍ରଟିରେ ବିଚରଣ କରେ, ସମ୍ପୂର୍ଣ୍ଣ ସତ୍ୟଟିର ଅନୁସନ୍ଧାନ କରୁଥାଏ । ତେଣୁ ଆମେ ଆମ ସମଗ୍ର ସତ୍ତା ମଧ୍ୟରେ ଅବସ୍ଥିତ ରହିଥିବା ବୋଧିଟିକୁହିଁ ବିଶ୍ଳେଷଣ କରି ଦେଖିବାକୁ ଚେଷ୍ଟା କରିବା; ବିଭିନ୍ନ ଅଂଶରେ ଅବସ୍ଥିତ ବୋଧିଗୁଡ଼ିକୁ କେବଳ ପରସ୍ପରବିଚ୍ଛିନ୍ନ ଭାବରେ ଆଦୌ ବିଶ୍ଳେଷଣ କରିବାକୁ ଯିବା ନାହିଁ, ସେଗୁଡ଼ିକର ଲବ୍ଧ ସତ୍ୟର ଏକ ସମଷ୍ଟିର ଆଧାର ଉପରେ ତାହା କରିବା ନାହିଁ । ମାତ୍ର ଏହିସବୁ ଯାବତୀୟ ନିମ୍ନତର ସାଧନଗୁଡ଼ିକର ଆୟତ୍ତକୁ ପାର ହୋଇ ଯିବା, ଏପରିକି ସେଗୁଡ଼ିକର ପ୍ରଥମ ପର୍ଯ୍ୟାୟଗତ ଆଧ୍ୟାତ୍ମିକ ପ୍ରତିନିଧିମାନଙ୍କୁ ମଧ୍ୟ ପାର ହୋଇଯିବା ଏବଂ ବୋଧିର ଯଥାର୍ଥ ଜନ୍ମନିବାସଟି ଯାଏ ଆପଣାକୁ ଉନ୍ମୋଚିତ କରିନେବା; ସକଳ ଅସ୍ତିତ୍ୱ ଯେଉଁଠାକୁ ଆସି ଆପଣାର ଅନ୍ତର୍ଗତ ଏକତ୍ୱଟିକୁ ଆବିଷ୍କାର କରିଥାନ୍ତି, ସେହି 'ଋତସ୍ୟ ସ୍ୱେ ଦମେ' ଅର୍ଥାତ୍ ଅନନ୍ତ ଏବଂ ଅମିତ ପରମସତ୍ୟର ସେହି ସ୍ୱନିବାସଟି ଯାଏ ଆପଣାକୁ ଉନ୍ମୋଚିତ କରିନେବା । 'ଋତେନ ଋତମ୍ ଅପିହିତଂ ଧ୍ରୁବଂ···ଦଶ ଶତା ସହ ତସ୍ଥୁଃ ତଦ୍ ଏକମ୍',—ଋତ ଦ୍ୱାରା ଏକ ଧ୍ରୁବ ଋତ ବା ସତ୍ୟ ଅପିହିତ ହୋଇ ରହିଛି, (ଏହି ଭିତ୍ତିଭୂମିରେ ଆମେ ଏହି ଯେଉଁ ଅନ୍ୟ ସତ୍ୟଗୁଡ଼ିକର ନିମ୍ନତର ବୋଧି ଲାଭ କରିପାରୁଛୁ, ସେହିଗୁଡ଼ିକ ଦ୍ୱାରା ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ଶାଶ୍ୱତ ସତ୍ୟଟି ଅବଶ୍ୟ ଅବସ୍ଥିତ ରହିଛି ।) ସେଠାରେ ଆଲୋକର ଦଶଶତ ରଶ୍ମି ଏକତ୍ର ଦଣ୍ଡାୟମାନ ହୋଇ ରହିଛନ୍ତି । ସେଇ ହେଉଛି ପରମ ଏକ, ପରମ ଅଦ୍ୱୟ;—ପ୍ରାଚୀନ ବେଦରେ ଏହି ମନ୍ତ୍ରଟି ଉଚ୍ଚାରିତ ହେଲାବେଳେ କେବଳ ସେହି ସତ୍ୟଟିକୁହିଁ ସୂଚିତ କରି ଦିଆଯାଇଥିଲା ।

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ପ୍ରତିର ବୋଧି ସର୍ବଦା କେବଳ ସତ୍ୟକୁହିଁ ଧରିପାରିବା ଲାଗି ଆପଣାକୁ ପ୍ରବୃତ୍ତ କରି ରଖିଥାଏ, ତାହା ଅଧ୍ୟାତ୍ମ ଉପଲବ୍ଧି ଅଥବା ସେହି ଉପଲବ୍ଧିର ସନ୍ଦୀପନକାରୀ ଆଲୋକଟିରହିଁ ଆଲୋକମୟ ବାହକ ହୋଇ ରହିଥାଏ । ଆମ ସତ୍ତାର ଅନ୍ୟ ଯାବତୀୟ ସାମର୍ଥ୍ୟ ଯାହାର ଆବିଷ୍କାର କରିବା ଲାଗି କେତେ ଶ୍ରମ ଓ କେତେ ଚେଷ୍ଟା କରିବାରେ ଲାଗିଛନ୍ତି, ଅଧ୍ୟାତ୍ମସ୍ତରର ବୋଧି କେବଳ ତାହାକୁହିଁ ଦେଖିବାକୁ ସମର୍ଥ ହୋଇଥାଏ । ବୁଦ୍ଧିର ଯାବତୀୟ ବସ୍ତୁବିଚ୍ଛିନ୍ନ ପ୍ରତିରୂପମୟତା ପଛରେ ଅଥବା ହୃଦୟ ଏବଂ ପ୍ରାଣର ଯାବତୀୟ ପ୍ରାତିଭାସିକ ପ୍ରତିରୂପମୟତା ପଛରେ ଯେଉଁ ଦୃଢ଼ ସତ୍ୟଟି ପ୍ରତିଷ୍ଠିତ ରହିଛି, ଏହି ବୋଧି ସେହିଠାରେ ଯାଇ ଉପନୀତ ହୋଇଥାଏ । ଏହି ଦୃଢ଼ ସତ୍ୟଟି ସ୍ୱୟଂ କେବେହେଲେ ବସ୍ତୁବିଚ୍ଛିନ୍ନ ହୋଇପଡ଼ିବା ଭଳି ଅତ୍ୟଧିକ ଭାବରେ ଦୂରବର୍ତ୍ତୀ ହୋଇ ରହି ନଥାଏ ଅଥବା ବାହ୍ୟତଃ ସମ୍ପୂର୍ଣ୍ଣ ଭାବରେ କୌଣସି ମୂର୍ତ୍ତି ମଧ୍ୟ ଧାରଣ କରି ନଥାଏ; ମାତ୍ର ତାହା ଏପରି ଏକ ଅନ୍ୟ ବସ୍ତୁ ହୋଇ ରହିଥାଏ ଯାହା ସକାଶେ କି ଏଗୁଡ଼ିକ ଆମର ଦୃଷ୍ଟି ଲାଗି ତାହାର ମନୋଭୂମିଗତ ଅଭିବ୍ୟକ୍ତିର କେବଳ ଦୁଇଟି ଦିଗ ବା ପାର୍ଶ୍ୱ ହୋଇହିଁ ବିଦ୍ୟମାନ ରହିଥାନ୍ତି । ଯେତେବେଳେ ଆମ ସମ୍ପୂର୍ଣ୍ଣ ସତ୍ତାର ବିଭିନ୍ନ ଅଙ୍ଗଗୁଡ଼ିକ ଆଉ ପରସ୍ପର ସହିତ ବିବାଦରତ ହୋଇ ରହନ୍ତି ନାହିଁ, ଯେତେବେଳେ ସେମାନେ ଊର୍ଦ୍ଧ୍ୱରୁ ଆଲୋକସମ୍ପାତ ଦ୍ୱାରା ଆଲୋକିତ ହୋଇଉଠନ୍ତି, ସେତେବେଳେ ଆମର ସମସ୍ତ ସତ୍ତାର ବୋଧିଟି ଆମ ସତ୍ତାର ସମୁଦାୟ ଅଂଶଟି କେବଳ ସେହି ଗୋଟିଏ ସତ୍ୟର ପରିଚୟ ଲାଭ କରିବାକୁ ଆକାଂକ୍ଷିତ ହୋଇ ରହିଛି ବୋଲି ଏକ ବୋଧ ଲାଭ କରିଥାଏ । ନୈର୍ବ୍ୟକ୍ତିକତା ହେଉଛି ଗୋଟିଏ ସତ୍ୟ, ବ୍ୟକ୍ତିଭାବ ମଧ୍ୟ ଗୋଟିଏ ସତ୍ୟ; ଆମ ମନୋଭୂମିଗତ କ୍ରିୟାତ୍ମକତାର ଏହି ଦୁଇଟିଯାକ ଦିଗରୁ ଆମେ ମୂଳତଃ ସେହି ଗୋଟିଏ ସତ୍ୟକୁହିଁ ଦେଖିବାରେ ଲାଗିଛୁ । ମାତ୍ର ଏଥିମଧ୍ୟରୁ କୌଣସି ଗୋଟିଏ ଦିଗ ଆମକୁ କଦାପି ସେହି ପରମସତ୍ୟର ପୂର୍ଣ୍ଣବିବରଣଟିକୁ ଦେଇପାରିବ ନାହିଁ, ଏବଂ ତଥାପି ଏକଥା ମଧ୍ୟ ସତ ଯେ ଦୁଇଟିରୁ କୌଣସି ଗୋଟିକୁ ମଧ୍ୟ ମାର୍ଗରୂପେ ଗ୍ରହଣ କରି ଆମେ ଅବଶ୍ୟ ସେହି ସତ୍ୟଟିର ନିକଟବର୍ତ୍ତୀ ହୋଇପାରିବା ।

ଗୋଟିଏ ପାଖରୁ ଅବଲୋକନ କଲେ ପ୍ରତୀତ ହେଉଥିବ, ସତେଯେପରି ଏକ ନୈର୍ବ୍ୟକ୍ତିକ ପରମ ଭାବନାହିଁ ମୂଳତଃ କାର୍ଯ୍ୟ କରିବାରେ ଲାଗିଛି ଓ ଆପଣା କର୍ମର ସୁବିଧା ସକାଶେ ଭାବୁକର ଏହି କଳ୍ପନାଟିକୁ ସୃଷ୍ଟି କରି ରଖିଛି; ଅଥବା, ସତେ ଯେପରି ଏକ ନୈର୍ବ୍ୟକ୍ତିକ ପରମ ସାମର୍ଥ୍ୟହିଁ ମୂଳତଃ କାର୍ଯ୍ୟ କରିବାରେ ଲାଗିଛି ଓ କର୍ତ୍ତାର କଳ୍ପନାଟିକୁ ସୃଷ୍ଟି କରି ରଖିଛି; କିଂବା ଏକ ନୈର୍ବ୍ୟକ୍ତିକ ଅସ୍ତିତ୍ୱ ଏଠାରେ କାର୍ଯ୍ୟକାରୀ ହୋଇ ରହିଛି, ସିଏ ଏକ ବ୍ୟକ୍ତିଭାବବିଶିଷ୍ଟ ସତ୍ତାର କଳ୍ପନାକୁ ଆପଣାର କାର୍ଯ୍ୟରେ ଲଗାଇଛି, ଯାହାଙ୍କର କି ଏକ ସଚେତନ ବ୍ୟକ୍ତିତ୍ୱ ରହିଛି ଏବଂ ଏକ

'oaob.nitrkl.ac.in' images reprocessed

ବ୍ୟକ୍ତିଗତ ଆନନ୍ଦ ମଧ୍ୟ ରହିଛି । ଅନ୍ୟ ପାଖଟିରୁ ଅବଲୋକନ କଲାବେଳେ, ସ୍ୱୟଂ ଭାବୁକହିଁ ନାନା ଭାବନା ମଧ୍ୟରେ ଆପଣାକୁ ଅଭିବ୍ୟକ୍ତ କରିବାରେ ଲାଗିଛନ୍ତି । ଏଥିମଧ୍ୟରୁ କୌଣସି ଭାବନା ତାଙ୍କ ବ୍ୟତୀତ କଦାପି ତିଷ୍ଠି ରହିପାରିବ ନାହିଁ; ଏବଂ ଭାବନା ବିଷୟରେ ଆମର ଯେଉଁ ସାଧାରଣ ଧାରଣା ରହିଛି, କେବଳ ତାହାହିଁ ଭାବୁକର ସ୍ୱଭାବଗତ ସାମର୍ଥ୍ୟଟିକୁ ନାନା ପ୍ରତୀକର ମାଧ୍ୟମରେ ଫୁଟାଇ ଦେବାର ପ୍ରୟାସ କରିବାରେ ଲାଗିଛି । ତେଣୁ ପରମ ଈଶ୍ୱରହିଁ ଇଚ୍ଛା, ସାମର୍ଥ୍ୟ ଓ ଶକ୍ତି ଦ୍ୱାରା ଆପଣାକୁ ଅଭିବ୍ୟକ୍ତ କରି ଦେଉଛନ୍ତି, ପରମ ସତ୍-ପୁରୁଷହିଁ ଆପଣାକୁ ଆପଣା ସତ୍, ଚିତ୍ ଓ ଆନନ୍ଦର ସମଗ୍ର ତଥା ଆଂଶିକ, ପ୍ରତ୍ୟକ୍ଷ, ବିପରୀତ ଓ ବିକୃତ ନାନା ଯାବତୀୟ ରୂପରେ ପ୍ରସାରିତ କରି ଦେଉଛନ୍ତି; ଏବଂ ଆମର ଅମୂର୍ତ୍ତ ସାଧାରଣ ଧାରଣାଟିରେ ଆମେ ଏହିସବୁ ବସ୍ତୁରୂପକୁ କେବଳ ତାଙ୍କର ସତ୍ତାର ନସ୍ୱୀ ସାମର୍ଥ୍ୟଗତ ଏକ ବୁଦ୍ଧିସଂରଚିତ ପ୍ରତିରୂପରେହିଁ ପରିଣତ କରିଦେବାରେ ଲାଗିଛୁ । ସକଳ ନୈର୍ବ୍ୟକ୍ତିକତା କ୍ରମଶଃ କଳ୍ପନାର ରୂପ ଧାରଣ କରୁଥିବାର ପ୍ରତୀତ ହେଉଛି ଏବଂ ସତ୍ତା ଆପଣାର ପ୍ରତ୍ୟେକଟି ଗତିସ୍ପନ୍ଦନରେ ଏବଂ ପ୍ରତ୍ୟେକଟି ଅଣୁ ଓ କଣାରେ ଏକ ଏବଂ ତଥାପି ଅସଂଖ୍ୟରୂପ ବ୍ୟକ୍ତିତ୍ୱ, ଅନନ୍ତ ପରମେଶ୍ୱର, ଆତ୍ମଚେତନ ତଥା ଆତ୍ମପ୍ରକାଶକ ସେହି ପରମ ପୁରୁଷଙ୍କରହିଁ ଜୀବନ, ଚୈତନ୍ୟ, ବଳ ତଥା ଆନନ୍ଦ ବ୍ୟତୀତ ଆଉ କିଛିହେଲେ ହୋଇଥିବା ପରି ଆଦୌ ବୋଧ ହେଉ ନାହିଁ । ଏହି ଦୁଇଟିଯାକ ଅବଲୋକନକୁ ଆମେ ସତ୍ୟ ବୋଲି କହିବା; ମାତ୍ର କେବଳ ଏତିକି ସ୍ମରଣ ରଖିଥିବା ଯେ ଏହି କ୍ଷେତ୍ରରେ କଳ୍ପନାର ଯେଉଁ ଧାରଣାଟି କେବଳ ଆମର ବୌଦ୍ଧିକ ପ୍ରକ୍ରିୟା-ଗୁଡ଼ିକରୁ ଉଧାର କରାହୋଇ ଆସିଛି, ଆମକୁ ସେଇଟିକୁ ଏଥିରୁ ବହିଷ୍କୃତ କରି ରଖିବାକୁ ହେବ ଏବଂ ପ୍ରତ୍ୟେକଟି ଅବଲୋକନକୁ ତାହାର ଉଚିତ ଯାଥାର୍ଥ୍ୟ ଦେଇ ଦେଖିବାକୁ ପଡ଼ିବ । ଜଣେ ପୂର୍ଣ୍ଣ ସାଧକକୁ ସର୍ବଦା ଏହିପରି ଏକ ଆଲୋକର ସାହାଯ୍ୟରେହିଁ ଅବଲୋକନ କରି ପାରିବାକୁ ହେବ, ଯେପରିକି ସେ ଗୋଟିକ ପରେ ଗୋଟିଏ କରି ହେଉ ଅଥବା ଯୁଗପତ୍ ଭାବରେ ହେଉ, ଦୁଇଟିଯାକ ମାର୍ଗରେ ଯାଇ ସେହି ଅଭିନ୍ନ ଗୋଟିଏ ସତ୍ୟରେ ଉପନୀତ ହୋଇପାରିବ । ତାହାର ଏହି ଯିବାକୁ ସତେଅବା ସମାନ୍ତର ଦୁଇଟି ରେଖା ଉପରେ ପରସ୍ପରସଂଯୁକ୍ତ ଦୁଇଟି ଚକକୁ ଆଶ୍ରା କରି ଯିବା ବୋଲି କୁହାଯାଇ ପାରେ; ମାତ୍ର ଏଗୁଡ଼ିକୁ ଏପରି ଦୁଇଟି ସମାନ୍ତର ରେଖାରୂପେ କଳ୍ପନା କରିବାକୁ ପଡ଼ିବ, ଯେଉଁମାନେ କି ବୁଦ୍ଧିଗତ ସକଳ ତର୍କଣାକୁ ଅବଜ୍ଞା କରି ମାତ୍ର ପରସ୍ପର-ଅଭିନ୍ନତ୍ୱର ସେମାନଙ୍କର ଅନ୍ତର୍ଗତ ସତ୍ୟଟିର ବୋଲି ମାତ୍ର ସମ୍ମୁଖସ୍ଥ ଏକ ଅନନ୍ତ ବିନ୍ଦୁରେ ଯାଇ ପରସ୍ପର ସହିତ ମିଳିତ ହୋଇଯାଆନ୍ତି ।

ଠିକ୍ ଏହିପରି ଏକ ଦୃଷ୍ଟିକୋଣରୁ ଆମକୁ ଦିବ୍ୟ ପରମ ବ୍ୟକ୍ତିଭାବର ବିଚାର କରିବାକୁ ପଡ଼ିବ । ଯେତେବେଳେ ଆମେ ବ୍ୟକ୍ତିଭାବ ବା ବ୍ୟକ୍ତିତ୍ୱର ଉଲ୍ଲେଖ

'oaob.nitrkl.ac.in' images reprocessed

କରିଥାଉ, ସେତେବେଳେ ଆମେ ତଦ୍ଵାରା ସର୍ବପ୍ରଥମେ ସତେଅବା କୌଣସି ସୀମାବଦ୍ଧ, ବାହ୍ୟ ଓ ବିଚ୍ଛିନ୍ନତାବୋଧକ ପଦାର୍ଥର ଅର୍ଥରେହିଁ ତାହା ବୁଝିଥାଉ; ଏବଂ ଭଗବାନଙ୍କୁ ଜଣେ ବ୍ୟକ୍ତିରୂପେ କଳ୍ପନା କରିବା ସମୟରେ ମଧ୍ୟ ସେଥିରେ ବି ସେହିଭଳି ଏକ ଅମୂର୍ତ୍ତିତା ସବୁବେଳେ ଏକ ଲକ୍ଷଣ ପରି ହୋଇ ରହିଯାଏ । ଆମ ନିଜର ବ୍ୟକ୍ତିତ୍ୱ କହିଲେ ଆମେ ସର୍ବପ୍ରଥମେ ଅନ୍ୟମାନଙ୍କଠାରୁ ଆପଣାକୁ ଭିନ୍ନ ବୋଲି ସୂଚାଇ ଦେଉଥିବା ଗୋଟିଏ ପ୍ରାଣୀକୁ ବୁଝିଥାଉ; ଏକ ସୀମାବଦ୍ଧ ମନ, ସୀମାବଦ୍ଧ ଶରୀର ଓ ସୀମାବଦ୍ଧ ସ୍ୱଭାବକୁହିଁ ବୁଝିଥାଉ; ଏହିସବୁକୁ ନେଇହିଁ ଆମେ ଆପଣାକୁ ଗୋଟିଏ ଗୋଟିଏ ବ୍ୟକ୍ତି ବୋଲି ପରିଚୟ ଦେଇଥାଉ, ସେତେବେଳେ ଆମର ବ୍ୟକ୍ତିତ୍ୱ ଆମକୁ ଏକ ନିର୍ଦ୍ଦିଷ୍ଟ ପରିମାଣାତ୍ମକ ପଦାର୍ଥ ବୋଲି ମନେ ହୋଇଥାଏ । କାରଣ ଆମର ସେହି ବ୍ୟକ୍ତିତ୍ୱଟି ଅବିରତ ବଦଳି ବଦଳି ଯାଉଥିଲେ ମଧ୍ୟ ତଥାପି ତାହା ମଧ୍ୟରେ ସ୍ଥାୟିତ୍ୱର ଏକ ଯଥେଷ୍ଟ ଉପାଦାନ ରହିଥାଏ, ଯାହାକି ନିର୍ଦ୍ଦିଷ୍ଟତା ଓ ସ୍ଥାୟିତାର ଏହି ଧାରଣାଟିକୁ ସର୍ବଦା ଗୋଟାଏ ପ୍ରକାରର ଏକ ବ୍ୟାବହାରିକ ଔଚିତ୍ୟ ମଧ୍ୟ ଯୋଗାଇ ଦେଉଥାଏ । ଭଗବାନଙ୍କୁ ମଧ୍ୟ ଆମେ ସତେଅବା ଠିକ୍ ଏହିଭଳି ଜଣେ ବ୍ୟକ୍ତିରୂପେ କଳ୍ପନା କରିଥାଉ, ଅବଶ୍ୟ ତାଙ୍କର ମଧ୍ୟ ଆମରି ପରି ଏକ ନିର୍ଦ୍ଦିଷ୍ଟ ଶରୀର ରହିଛି ବୋଲି ଆମେ କେବେହେଲେ ଭାବୁ ନାହିଁ; ମାତ୍ର ସିଏ ଯେ ଅନ୍ୟ ସମସ୍ତଙ୍କଠାରୁ ଭିନ୍ନ ଜଣେ ପୃଥକ୍ ବ୍ୟକ୍ତି ଏବଂ ତାଙ୍କର ଯେ କେତେଗୁଡ଼ିଏ ଗୁଣ ଦ୍ୱାରା ସୀମାବଦ୍ଧ ଏକ ମନ ଓ ସ୍ୱଭାବ ରହିଛି, ଆମେ ସେକଥା କଳ୍ପନା କରିଥାଉ । ଆମର ଆଦିମ କଳ୍ପନାଗୁଡ଼ିକରେ ପ୍ରଥମେ ଏହି ଦେବପ୍ରତିରୂପଟି ଅଧିକତଃ ଚଞ୍ଚଳ ଓ ଅସ୍ଥିରମନ ଏକ ପଦାର୍ଥ ହୋଇ ରହିଥାଏ, ଆପଣାର ଖିଆଲରେ ସର୍ବଦା ଏଠୁ ସେଠାକୁ ଲମ୍ଫ ପ୍ରଦାନ କରିବାରେ ଲାଗିଥାଏ; ଆମର ଏହି ମନୁଷ୍ୟ-ସ୍ୱଭାବର ଏକ ପରିବର୍ଦ୍ଧିତ ସମ୍ପ୍ରସାରଣମାତ୍ର ହୋଇ ରହିଥାଏ । ମାତ୍ର ଏହାର ଏକ ପରବର୍ତ୍ତୀ ପର୍ଯ୍ୟାୟରେ ଦିବ୍ୟ ବ୍ୟକ୍ତିତ୍ୱର ସ୍ୱଭାବଟିକୁ ଆମେ ବେଶ୍ ଏକ ନିର୍ଦ୍ଦିଷ୍ଟ ପରିମାଣାତ୍ମକତା ରୂପେହିଁ କଳ୍ପନା କରିବାକୁ ଆରମ୍ଭ କରୁ; ଯେଉଁସବୁ ଗୁଣ ବା ସାମର୍ଥ୍ୟକୁ ଆମେ ଦିବ୍ୟ ତଥା ଆଦର୍ଶ ବୋଲି ଭାବୁ, କେବଳ ସେହିଗୁଡ଼ିକୁ ନେଇ ଆମେ ଦେବତାଙ୍କ ସହିତ ଯୋଡ଼ିଦେବାକୁ ଚେଷ୍ଟା କରୁ ଏବଂ ଆଉ ଯାବତୀୟ ଅନ୍ୟ ଗୁଣ ଓ ସାମର୍ଥ୍ୟକୁ ତାଙ୍କ ମଧ୍ୟରୁ ବାହାର କରି ରଖିଦେଉ । ଏହିପରି ଏକ ସୀମାରେଖା ଟାଣିଦେବା ଫଳରେ ଆମେ ବାଧ୍ୟ ହୋଇ ସେହି ଅବଶିଷ୍ଟ ଗୁଣଗୁଡ଼ିକୁ ଏକ ସଇତାନ ଉପରେ ନେଇ ଆରୋପ କରିଦେଉ; ଅଥବା ଆମେ ଯାହାସବୁକୁ ମନ୍ଦ ବୋଲି ବିଚାର କରୁଛୁ, ସେସବୁର ମୂଳତଃ ଏହି ମଣିଷଠାରୁ ଉତ୍ପନ୍ନ ହୋଇଛି ବୋଲି କହିବାକୁ ଲାଗୁ । ଅଥବା, ଏଭଳି କହିବା ପକ୍ଷରେ ଯଥେଷ୍ଟ ଯୁକ୍ତି ନାହିଁ ବୋଲି ଦେଖିବାକୁ ଆରମ୍ଭ କଲା ମାତ୍ରକେ ଆମେ ମଝିରେ ଆଉ ଗୋଟିଏ ଶକ୍ତିକୁ ଆଣି ଠିଆ କରିଦେଉ, ତାହାକୁ

'oaob.nitrkl.ac.in' images reprocessed

ପ୍ରକୃତି ବୋଲି କହୁ ଏବଂ ଯେଉଁସବୁ ଜନ୍ମଗତ ଗୁଣ ବା କ୍ରିୟାସମୂହ ଲାଗି ଆମେ ଭଗବାନଙ୍କୁ ଦାୟୀ କରିବା ଲାଗି ଇଚ୍ଛା ନକରୁଥାଉ, ସେସବୁକୁ ଆଣି ସେହି ପ୍ରକୃତି ଉପରେ ଲଦିଦେଉ । ଏହାଠାରୁ ଆଉଟିକିଏ ଉଚ୍ଚତର ସୋପାନରେ ଭଗବାନଙ୍କୁ ମନ ଓ ଗୁଣାତ୍ମକତା ଦେଇ ଦେଖିବାର ଏହି ବୃତ୍ତିଟିରେ ମନୁଷ୍ୟତ୍ୱର ଅପେକ୍ଷାକୃତ କମ୍ ଆରୋପ କରାଯାଇଥାଏ; ସେତେବେଳେ ଆମେ ତାଙ୍କୁ ଏକ ଅନନ୍ତ ଆତ୍ମା ଓ ଚଦ୍‌ଗତତାରୂପେ ଦେଖିବାକୁ ଆରମ୍ଭ କରୁ ସତ, ମାତ୍ର ତଥାପି ତାଙ୍କୁ ଏକ ସ୍ୱତନ୍ତ୍ର ବ୍ୟକ୍ତିରୂପେହିଁ କଳ୍ପନା କରିଥାଉ; ତାଙ୍କୁ ଏପରି ଏକ ଚିନ୍ମୟ ସତ୍ତାରୂପେ କଳ୍ପନା କରୁ, ଯିଏକି ଆପଣାର ସ୍ୱଭାବରୂପେ କେତୋଟି ନିର୍ଦ୍ଦିଷ୍ଟ ଦିବ୍ୟସ୍ତରୀୟ ଗୁଣକୁ ବହନ କରି ରହିଛନ୍ତି । ଏହିପରି ଭାବରେହିଁ ଦିବ୍ୟ ବ୍ୟକ୍ତିତ୍ୱ ଅର୍ଥାତ୍ ବ୍ୟକ୍ତିଭାବ ଧାରଣ କରିଥିବା ଭଗବାନଙ୍କ ବିଷୟରେ ରହିଥିବା ଆମର ଯାବତୀୟ ଧାରଣାର କଳ୍ପନା କରାଯାଇଥାଏ ଏବଂ ଭିନ୍ନଭିନ୍ନ ଧର୍ମରେ ଏହି ଧାରଣାସବୁ ପରସ୍ପରଠାରୁ ଏକାନ୍ତ ଭିନ୍ନ ହୋଇ ରହିଥାଏ ।

ପ୍ରଥମ ଅବଲୋକନରେ ଏସବୁ ଆମକୁ ହୁଏତ ଭଗବାନଙ୍କ ଉପରେ ମାନବଗୁଣର ଆରୋପ କରିବାର ଏକ ଆଦିମ ବୃତ୍ତି ବୋଲି ପ୍ରତୀତ ହେବ, ଯେଉଁଥିରୁ କି ଅବଶେଷରେ ଭଗବାନଙ୍କ ବିଷୟରେ ଏକ ବୌଦ୍ଧିକ ଧାରଣା କ୍ରମଶଃ ନିଷ୍ପନ୍ନ ହୋଇ ଆସିଛି । ମାତ୍ର ଏହି ଜଗତକୁ ଆମେ ବାସ୍ତବତଃ ଯେଉଁଭଳି ଦେଖିବାକୁ ପାଉଛୁ, ତାହା ସହିତ ଏହି ଧାରଣାଟିର ଅତୀବ ଅମେଳହିଁ ରହିଛି । ତେଣୁ ଏଥିରେ ବିସ୍ମିତ ହେବାର ଆଦୌ କିଛି ନାହିଁ ଯେ ଆପଣାର ବୁଦ୍ଧିଗତ ଭୂମି ଉପରେ ଦାର୍ଶନିକ ତଥା ସଂଶୟବାଦୀ ମନ ସେହିସବୁ ଧାରଣାକୁ ସମ୍ପୂର୍ଣ୍ଣ ଅବଲୀଳା କ୍ରମେ ଭାଙ୍ଗିଦେଇ ଚାଲିଯାଇଛି । ଏହି ଭାଙ୍ଗଦେବାର ପ୍ରକ୍ରିୟାଟିରେ ତାହା ଗୋଟିଏ ଦିଗରେ ବ୍ୟକ୍ତିରୂପେ ଈଶ୍ୱରଙ୍କର ଯାବତୀୟ କଳ୍ପନାକୁ ଏକାବେଳକେ ଅସ୍ୱୀକାର କରି ପକାଇଛି ଓ ତାହାର ସ୍ଥାନରେ ଏକ ନୈର୍ବ୍ୟକ୍ତିକ ମହାଶକ୍ତିକୁ ବା ମହାସମ୍ଭୂତିକୁ ଆଣି ପ୍ରତିଷ୍ଠିତ କରିଛି; ଅଥବା, ଅନ୍ୟ ଦିଗରେ ଅଗ୍ରସର ହୋଇ ଏକ ନୈର୍ବ୍ୟକ୍ତିକ ପରମସତ୍ତାଙ୍କର କଳ୍ପନାରେ ଯାଇ ଉପନୀତ ହୋଇଛି, ବା ଅସ୍ତିତ୍ୱର ଏକ ଅନିର୍ବଚନୀୟ ଅସ୍ୱୀକୃତିରେ ଆସି ପହଞ୍ଚିଛି ଏବଂ ଅବଶିଷ୍ଟ ସକଳ ପଦାର୍ଥକୁ କେବଳ ମାୟାର ପ୍ରତୀକରୂପେହିଁ କିଂବା ପରମ କାଳଗତ ଚେତନାର ପ୍ରାତିଭାସିକ ନାନା ସତ୍ୟରୂପେହିଁ ଘୋଷଣା କରି ବାହାରିଛି । ମାତ୍ର ଏହି ସର୍ବବିଧ ପ୍ରଚେଷ୍ଟାକୁ ଆମେ କେବଳ ଏକେଶ୍ୱରବାଦିତାକୁ ଏକ ବ୍ୟକ୍ତିରୂପ ଦେଇ କଳ୍ପନା କରିବାର ଏକ ପ୍ରଚେଷ୍ଟା ବୋଲିହିଁ କହିପାରିବା । ଅନ୍ୟ ପକ୍ଷରେ ଏକାବେଳକେ ଅନେକ ଈଶ୍ୱରଙ୍କର କଳ୍ପନା କରୁଥିବା ଧର୍ମମତଗୁଡ଼ିକୁ ଆମେ ସମ୍ଭବତଃ ଅପେକ୍ଷାକୃତ କମ୍ ଊର୍ଦ୍ଧ୍ୱସ୍ତରର ବୋଲି କହିପାରିବା ସତ, ମାତ୍ର ବିଶ୍ୱସ୍ଥ ଜୀବନ ଲାଗି ଆପଣାର ପ୍ରତିସ୍ପନ୍ଦନ ଜଣାଇବାରେ

'oaob.nitrkl.ac.in' images reprocessed

ଆମେ ସେଗୁଡ଼ିକୁ ପ୍ରକୃତରେ ଅପେକ୍ଷାକୃତ ଅଧିକ ପ୍ରଶସ୍ତ ଓ ଅଧିକ ଗ୍ରହଣଶୀଳ ବୋଲି ଅବଶ୍ୟ କହିବା । ସେହି ଧର୍ମଗୁଡ଼ିକରେ ବିଶ୍ୱସ୍ଥ ଯାବତୀୟ ପଦାର୍ଥର ଏକ ଦିବ୍ୟ ଉତ୍ପତ୍ତିସ୍ଥଳ ରହିଛି ବୋଲି ଅନୁଭବ କରାଯାଇଛି । ସେହି କାରଣରୁହିଁ ସେଗୁଡ଼ିକରେ ଏକାବେଳକେ ଅନେକ ଦିବ୍ୟ ବ୍ୟକ୍ତିତ୍ୱ ରହିଛି ବୋଲି କଳ୍ପନା କରାଯାଇଛି ଏବଂ ଏହିସବୁ କଳ୍ପନା ପଛରେ ସକଳ ସୃଷ୍ଟିର ଅତୀତ ଏକ ପରମ ଦିବ୍ୟସତ୍ତା ବିଷୟରେ ସର୍ବଦା ଏକ ଅତ୍ୟନ୍ତ ଅସ୍ପଷ୍ଟ ଅବବୋଧ ମଧ୍ୟ ରହିଛି ଏବଂ ବ୍ୟକ୍ତିରୂପେ ଆରୋପିତ ଦେବତାମାନଙ୍କ ସହିତ ଏହି ପରମ ଦିବ୍ୟବସ୍ତୁଟିର ରହିଥିବା ସମ୍ବନ୍ଧଗୁଡ଼ିକର ଯଥେଷ୍ଟ ସ୍ପଷ୍ଟ କଳ୍ପନା କରାଯାଇ ପାରି ନାହିଁ । ଏବଂ ଆପଣାର ଅପେକ୍ଷାକୃତ ଅଧିକ ବାହ୍ୟ ପ୍ରକଟରୂପରେ ଏହି ଦେବତାମାନଙ୍କ ଉପରେ ବହୁ ଅଶୋଧିତ ଭାବରେ ମନୁଷ୍ୟଭାବର ଆରୋପ କରାଯାଇଛି ସତ, ମାତ୍ର ଯେଉଁସବୁ ସ୍ଥଳରେ ଆଧ୍ୟାତ୍ମିକ ବସ୍ତୁଗୁଡ଼ିକର ଅନ୍ତର୍ଗତ ତାତ୍ପର୍ଯ୍ୟଟି ଅପେକ୍ଷାକୃତ ଅଧିକ ସ୍ପଷ୍ଟ ହୋଇପାରିଛି, ସେଠାରେ ଏହିସବୁ ବିଭିନ୍ନ ଦେବତା ସେହି ଏକ ପରମ ଦିବ୍ୟ ସତ୍ତାରହିଁ ଗୋଟିଏ ଗୋଟିଏ ବ୍ୟକ୍ତିତ୍ୱରୂପ ଗ୍ରହଣ କରିଛନ୍ତି;—ପ୍ରାଚୀନ ବେଦରେ ଏଇଟିହିଁ ଘୋଷିତ ଦୃଷ୍ଟିକୋଣ ହୋଇ ରହିଛି । ପରମ ଦିବ୍ୟସତ୍ତାଙ୍କୁ ସେଠାରେ ଏପରି ଏକ ପରମ ଦିବ୍ୟସତ୍ତାରୂପେ ଅନୁମାନ କରାଯାଇ ପାରେ ଯିଏକି ବିବିଧ ଦିବ୍ୟ ବ୍ୟକ୍ତିତ୍ୱର ରୂପରେ ଆପଣାକୁ ଅଭିବ୍ୟକ୍ତ କରି ଦେଉଛନ୍ତି; ଅଥବା ତାହାଙ୍କୁ ଏପରି ଏକ ନୈର୍ବ୍ୟକ୍ତିକ ଅସ୍ତିତ୍ୱରୂପେ ମଧ୍ୟ ଅନୁମାନ କରାଯାଇ ପାରେ ଯିଏକି ମନୁଷ୍ୟର ମନୋଭୂମି ଉପରେ ଏହିସବୁ ରୂପ ଗ୍ରହଣ କରି ପ୍ରକଟ ହେଉଛନ୍ତି । କିଂବା, ଏହି ଦୁଇଟିଯାକ ଦୃଷ୍ଟିକୋଣରେ ଏକ ସମନ୍ୱୟସାଧନ ଆଣିବା ଲାଗି କୌଣସି ବୁଦ୍ଧିଗତ ପ୍ରୟାସ ନକରି ମଧ୍ୟ ଦୁଇଟିଯାକକୁ ଯୁଗପତ୍ ଭାବରେ ହିଁ ଗ୍ରହଣ କରାଯାଇ ପାରେ, କାରଣ ଆଧ୍ୟାତ୍ମିକ ଅନୁଭବର କ୍ଷେତ୍ରରେ ଏଠି ଦୁଇଟିଯାକକୁହିଁ ସତ୍ୟ ବୋଲି ଅନୁଭବ କରାଯାଇଛି ।

ଦିବ୍ୟ ବ୍ୟକ୍ତିଭାବ ସମ୍ବନ୍ଧରେ ରହିଥିବା ଏହିସବୁ ଧାରଣାକୁ ବୁଦ୍ଧିଗତ ଭେଦନିରୂପଣର ଭୂମିରେ ପରଖି ଦେଖିବାକୁ ବାହାରିଲେ ଆମେ ଆମର ବ୍ୟକ୍ତିଗତ ରୁଚିଟି ଅନୁସାରେ ସେଗୁଡ଼ିକୁ କେବଳ ଆମ କଳ୍ପନାର ଆବିଷ୍କାର ଅଥବା କେତୋଟି ମନୋଭୂମିପ୍ରସୂତ ପ୍ରତୀକମାତ୍ରରୂପେ ଦେଖିବାକୁ ମନ ବଳାଇବା; କିଂବା, ଯାହା ପ୍ରକୃତରେ ଏଇଟି ଆଦୌ ନୁହେଁ ଓ ଯାହାକୁ ଶୁଦ୍ଧତଃ କେବଳ ନୈର୍ବ୍ୟକ୍ତିକ ବୋଲିହିଁ ବୁଝାଯିବ, ଆମେ ସେଗୁଡ଼ିକୁ ତାହାର ଉଦ୍ଦେଶ୍ୟରେ ଉତ୍ପନ୍ନ ହେଉଥିବା ଆମ ଗ୍ରହଣଶୀଳ ବ୍ୟକ୍ତିତ୍ୱଟିର ପ୍ରତିସ୍ପନ୍ଦନ ବୋଲିହିଁ କହିବାକୁ ଇଚ୍ଛା କରିବା । ଆମେ ହୁଏତ କହିବାକୁ ବାହାରିବା ଯେ ଆମେ ଯାହାଙ୍କୁ ପରମ ତତ୍ତ୍ୱ ବୋଲି ଗ୍ରହଣ କରୁଛୁ, ସିଏ ହେଉଛନ୍ତି ବସ୍ତୁତଃ ଆମର ମାନବପରିଚୟ ତଥା ଆମ ବ୍ୟକ୍ତିପରିଚୟର ସମଷ୍ଟି

ବିପରୀତ ଏକ ତତ୍ତ୍ୱ, ଏବଂ ତେଣୁ ତାଙ୍କ ସହିତ କୌଣସି ପ୍ରକାର ସମ୍ବନ୍ଧ ମଧ୍ୟରେ ପ୍ରବିଷ୍ଟ ହେବାକୁ ହେଲେ ଆମକୁ ବାଧ୍ୟ ହୋଇ ଏହିସବୁ ମନୁଷ୍ୟସଦୃଶ କଳ୍ପନା ଓ ବ୍ୟକ୍ତିବାଚକ ପ୍ରତୀକର ଉପସ୍ଥାପନା କରିବାକୁ ପଡ଼ିଥାଏ ଏବଂ ତେବେ ଯାଇ ତାଙ୍କୁ ଆମର ନିକଟବର୍ତ୍ତୀ ବୋଲି ବୋଧ ହୁଏ । ମାତ୍ର ଆମକୁ ଆଧ୍ୟାତ୍ମିକ ଅନୁଭୂତିର କଷଟି ଉପରେହିଁ କଥାଟିର ବିଚାର କରିବାକୁ ହେବ; ଏବଂ ଯେକୌଣସି ଏକ ସମଗ୍ର ଅଧ୍ୟାତ୍ମ ଅନୁଭୂତି ମଧ୍ୟରେ ଏସବୁ ଆମ ଲାଗି କେବଳ କେତୋଟି କଳ୍ପନା ବା ପ୍ରତୀକମାତ୍ର ହୋଇ ରହିବ ନାହିଁ, ମାତ୍ର ସେଗୁଡ଼ିକର ପ୍ରତିରୂପ ଦେବା ଲାଗି ଆମର ପ୍ରୟାସଟି ଯେତେ ତ୍ରୁଟିଯୁକ୍ତ ହୋଇ ରହିଥିଲେ ମଧ୍ୟ ସେଗୁଡ଼ିକ ମର୍ମତଃ ସେହି ଦିବ୍ୟ ସତ୍ୟରହିଁ ଗୋଟିଏ ଗୋଟିଏ ସତ୍ୟରୂପେ ପ୍ରତିଭାତ ହୋଇଉଠିବ । ଏପରିକି, ଆମ ବ୍ୟକ୍ତିତ୍ୱ ସମ୍ବନ୍ଧରେ ଆମର ଯେଉଁ ପ୍ରଥମ ଧାରଣାଟି ହୋଇଥାଏ, ସେଇଟିକୁ ସମ୍ପୂର୍ଣ୍ଣ ଭାବରେ କଦାପି ଏକ ଭ୍ରମ ବୋଲି କୁହାଯାଇ ପାରିବ ନାହିଁ, ତାହାକୁ ମନୋଗତ କେତେ ଭ୍ରାନ୍ତି ଦ୍ୱାରା ଆକ୍ରାନ୍ତ ହୋଇ ରହିଥିବା କେବଳ ଏକ ଅସଂପୂର୍ଣ୍ଣ ଓ ଅଗଭୀର ଧାରଣା ବୋଲିହିଁ କୁହାଯିବ । ପ୍ରଥମ ଆଖିରେ ଆମେ ଆପଣା ପାଖରେ ରୂପ, କେତୋଟି ସାମର୍ଥ୍ୟ, କେତୋଟି ଧର୍ମ ଓ କେତେକ ଗୁଣରହିଁ ଏକ ନିର୍ଦ୍ଦିଷ୍ଟ ସୂତ୍ରବଦ୍ଧ ସଂଗଠିତତା ବୋଲି ପ୍ରତୀତ ହୋଇଥାଉ ଏବଂ ଏକ ସଚେତନ 'ମୁଁ' ସେହିଗୁଡ଼ିକ ସହିତହିଁ ଆପଣାକୁ ଏକରୂପ କରି ରହିଛି ବୋଲିହିଁ ମନେ ହୋଇଥାଏ; ମାତ୍ର ଆତ୍ମ-ଜ୍ଞାନର ପରିସର ଅଧିକ ବୃହତ୍ତର ହେବା ସଙ୍ଗେସଙ୍ଗେ ଆମେ ଯେ ମୂଳତଃ ତାହା ନୋହୁ, ସେକଥାଟି ଜଣା ପଡ଼ି ଯାଇଥାଏ । ତେଣୁ ସେହି ପ୍ରତୀତିଟି ଏକ ସତ୍ୟ ହୋଇଥିଲେ ମଧ୍ୟ ଆମେ ତଥାପି ତାହାକୁ କେବଳ ଏକ ସାମୟିକ ସତ୍ୟ ବୋଲିହିଁ କହିବା, ଆମ କ୍ରିୟାଶୀଳ ଚେତନାର ଉପର-ସମତଳଟି ଉପରେ ଉଙ୍କିଟି ଉଠୁଥିବା ଆମ ଆଂଶିକ ସତ୍ତାରହିଁ ଏକ ସାମୟିକ ସତ୍ୟ ବୋଲି କହିପାରିବା । ମାତ୍ର ଅନ୍ତସ୍ତଳରେ ଆମେ ଏକ ଅନନ୍ତ ସତ୍ତାର ଆବିଷ୍କାର କରିଥାଉ, ଯେଉଁଠାରେ କି ସକଳ ଗୁଣ ଅନ୍ତର୍ନିହିତ ହୋଇ ରହିଥାଏ, ଯାହା ଅନନ୍ତଗୁଣ ହୋଇ ରହିଥାଏ; ସେହି ଗୁଣଗୁଡ଼ିକୁ ଅନନ୍ତ ପ୍ରକାରେ ପରସ୍ପର ସହିତ ସଂଯୁକ୍ତ କରାଯାଇ ପାରେ ଏବଂ ସେହିଭଳି ଭାବରେ ସମ୍ଭବ ହେଉଥିବା ପ୍ରତ୍ୟେକଟି ସଂଯୋଜନ ଆମ ସତ୍ତାର ଏକ ରୂପୋନ୍ମୋଚନରୂପେହିଁ କାର୍ଯ୍ୟ କରିଥାଏ । କାରଣ ଏହିସବୁ ଯାବତୀୟ ବ୍ୟକ୍ତିରୂପ ସେହି ଏକ ପରମ ପୁରୁଷଙ୍କରହିଁ ଆତ୍ମପ୍ରକାଶ ହୋଇ ରହିଥାଏ; ଅର୍ଥାତ୍ ତାହା ଏପରି ଏକ ସତ୍ତାଙ୍କର ଆତ୍ମପ୍ରକାଶ ହୋଇ ରହିଥାଏ, ଯିଏକି ଆପଣାର ଅଭିବ୍ୟକ୍ତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ସଚେତନ ହୋଇ ରହିଥାନ୍ତି ।

ମାତ୍ର ଆମେ ଏକଥାଟି ମଧ୍ୟ ଦେଖିବାକୁ ପାଉଛୁ ଯେ ଏହି ସତ୍ତା ଏପରିକି ଅନନ୍ତ ଗୁଣ ଦେଇ ଗଠିତ ହୋଇଥିବା ପରି ବି ଆଦୌ ମନେହୁଅନ୍ତି ନାହିଁ, ମାତ୍ର

'oaob.nitrkl.ac.in' images reprocessed

ତାଙ୍କର ସେହି ଅନେକମୁଖୀ ଅସ୍ତିତ୍ୱର ଏପରି ଏକ ସ୍ଥିତି ରହିଛି ଯେଉଁଥିରେ କି ସେ ଆପଣାର ସକ୍ରିୟତାରୁ ଅପସରି ଯାଇ ଠିଆ ହୋଇଥିଲା ପରି ପ୍ରତୀତ ହେଉଥାନ୍ତି ଏବଂ ଏକ ଅନିର୍ଦ୍ଦେଶ୍ୟ ଚେତନାମୟ ଅସ୍ତିତ୍ୱରୂପେ ଅବସ୍ଥିତ ରହିଥାନ୍ତି । ଏପରିକି ଏହି ସ୍ଥିତିରେ ଚେତନା ମଧ୍ୟ ପ୍ରତ୍ୟାହୃତ ହୋଇ ରହିଥିବା ପରି ବୋଧ ହେଉଥାଏ ଏବଂ କେବଳ ସକଳପ୍ରକାର କାଳଗତ ବୋଧର ଅତୀତ ଶୁଦ୍ଧ ଅସ୍ତିତ୍ୱହିଁ ଅବଶେଷ ରହି ଯାଇଥାଏ । ଏବଂ ପୁନଶ୍ଚ, ଆମ ସତ୍ତାର ଏହି ବିଶୁଦ୍ଧ ଅସ୍ତିତ୍ୱଟି ମଧ୍ୟ ଏକ ବିଶେଷ ପର୍ଯ୍ୟାୟକୁ ଆସି ଆପଣାର ସକ୍ରିୟତାକୁ ବି ଅସ୍ୱୀକାର କରି ପକାଉଥିବା ପରି ମନେ ହେଉଥାଏ, ଅଥବା ଏପରି ଏକ ଅନାତ୍ମ* ଓ ଅନାଧାର ଅଜ୍ଞେୟରହିଁ ଏକ ପ୍ରକ୍ଷେପଣ ହୋଇ ରହିଥିବା ପରି ମନେ ହେଉଥାଏ, ଯାହାକୁ ଆମେ ହୁଏତ ଏକ ଅନାମକ କୌଣସି କିଛି ବୋଲି ଅଥବା ଏକ ପରମ ଶୂନ୍ୟ ବୋଲିହିଁ କଳ୍ପନା କରିପାରିବା । ଯେତେବେଳେ ଆମେ ଅନ୍ୟ ସବୁଥିରୁ ଆପଣାକୁ ଅପସରାଇ ଆଣି ଐକାନ୍ତିକ ଭାବରେ କେବଳ ଏଇଟି ଉପରେହିଁ ଆପଣାକୁ ଅଭିନିବେଶିତ କରିବସିବା ଏବଂ ଅନ୍ୟ ଯାହାସବୁକୁ ତାହା ଆପଣା ଭିତରକୁ ପ୍ରତ୍ୟାହୃତ କରିନେଇଛି, ସେଗୁଡ଼ିକ ବିଷୟରେ ଏକାବେଳକେ ବିସ୍ମୃତ ହୋଇ ରହିବା, ସେତିକିବେଳେହିଁ ଆମେ ବିଶୁଦ୍ଧ ନୈର୍ବ୍ୟକ୍ତିକତା ଅଥବା ସେହି ଉକ୍ତ ଶୂନ୍ୟତାଟିକୁ ସର୍ବୋଚ୍ଚ ସତ୍ୟ ବୋଲି କହିବାକୁ ମନ ବଳାଇବା । ମାତ୍ର ଏକ ଅପେକ୍ଷାକୃତ ଅଧିକ ସମଗ୍ର ଦୃଷ୍ଟି ଅର୍ଜନ କରିପାରିଲେ ଆମେ ତାହାକୁହିଁ ସେହି ପରମ ପୁରୁଷ ବୋଲି ଦେଖିବାକୁ ସମର୍ଥ ହେବା; ବ୍ୟକ୍ତିଭାବ ଓ ଯାବତୀୟ ସକଳ ବିଭାବକୁ ଆମେ କେବଳ ତାଙ୍କର ଅଭିବ୍ୟକ୍ତି ବୋଲି ଜାଣିବା ଏବଂ ସେହି ବ୍ୟକ୍ତିଭାବ ତଥା ସକଳ ବିଭାବ କେବଳ ଆପଣାର ଅନଭିବ୍ୟକ୍ତ ପରମ ସ୍ଥିତି ମଧ୍ୟକୁ ଆପଣାକୁ ଊର୍ଦ୍ଧ୍ୱନିକ୍ଷିପ୍ତ କରି ରଖିଛନ୍ତି ବୋଲି ଅନୁଭବ କରିପାରିବା । ଏବଂ ଯଦି ଆପଣାର ହୃଦୟ ତଥା ବୁଦ୍ଧି ଦ୍ୱାରା ଉତ୍ତର କରି ପାରୁଥିବା ମନକୁ ସର୍ବୋଚ୍ଚ ସୋପାନଟି ଯାଏ ବହନ କରି ନେଇଯାଇ ପାରିବା, ତେବେ ଆମେ ଏକଥାଟି ମଧ୍ୟ ଅଭ୍ରାନ୍ତ ସ୍ପଷ୍ଟଭାବରେ ଦେଖିବାକୁ ପାଇବା ଯେ ଆମେ ପରମ ପୁରୁଷଙ୍କର ମାର୍ଗ ଦେଇ ଏଠାରେ ଆସି ଯେପରି ଉପନୀତ ହୋଇପାରିବା, ଏକ ପରମ ନୈର୍ବ୍ୟକ୍ତିକତାର ମାର୍ଗରେ ମଧ୍ୟ ଠିକ୍ ସେହିଭଳି ଏଠାରେ ଆସି ପହଞ୍ଚି ପାରିବା । ମାତ୍ର ଏହି ସକଳ ଆତ୍ମଜ୍ଞାନ ଆମ ଭିତରେ କେବଳ ସେହି ବିଶ୍ୱଗତ ପରମ ଦିବ୍ୟସତ୍ତାଙ୍କରହିଁ ଏକ ସଗୁଣ ସତ୍ୟର ପ୍ରତିରୂପରୂପେ ଅବସ୍ଥାନ କରୁଥାଏ । ସେଠାରେ ମଧ୍ୟ ଆମେ ଦିବ୍ୟ ବାସ୍ତବର ବିବିଧ ରୂପରେ ତାଙ୍କର ସାକ୍ଷାତ୍କାର ଲାଭ କରିଥାଉ; ଆମେ ଗୁଣର ନାନା ରଚନା ମଧ୍ୟରେ ତାଙ୍କର ସାକ୍ଷାତ୍କାର କରୁ, ଯାହାକି

---

* ଅନାତ୍ମ୍ୟମ୍ ଅନିଲୟନମ୍—ତୈତ୍ତିରୀୟ ଉପନିଷଦ୍

'oaob.nitrkl.ac.in' images reprocessed

ତାଙ୍କୁ ତାଙ୍କର ପ୍ରକୃତିରେ ଆମ ଆଗରେ ନାନାବିଧ ଭାବରେ ପ୍ରକଟ କରି ଦେଇଥାଏ; ଅନନ୍ତଗୁଣରୂପେ ମଧ୍ୟ ଆମେ ତାଙ୍କର ସାକ୍ଷାତ୍କାର କରୁ; ଅନନ୍ତ ନାନାଗୁଣର ମଧ୍ୟଦେଇ ଆପଣାକୁ ବ୍ୟକ୍ତ କରି ଦେଉଥିବା ଦିବ୍ୟ ପରମ ପୁରୁଷଙ୍କ ମଧ୍ୟରେ ବି ଆମେ ତାଙ୍କର ଦର୍ଶନ ଲାଭ କରୁ, ପୁଣି ପରମ ନୈର୍ବ୍ୟକ୍ତିକତା, ଏକ ପରମ ଅସ୍ତିତ୍ୱ ଅଥବା ଏକ ପରମ ଅନସ୍ତିତ୍ୱ ମଧ୍ୟରେ ମଧ୍ୟ ଆମେ ତାଙ୍କର ଦର୍ଶନ ଲାଭ କରୁ । ମାତ୍ର ତଥାପି ଏହି ଯାବତୀୟ ଅବସ୍ଥାରେ ସେ ଏହି ଦିବ୍ୟ ପରମ ପୁରୁଷଙ୍କର ଅବ୍ୟକ୍ତ ପରମ ନିର୍ବିଶେଷତାରୂପେ ଅବସ୍ଥିତ ରହିଥାନ୍ତି, ଆମର ତଥା ଏହି ବିଶ୍ୱଜଗତର ମଧ୍ୟଦେଇ ଆପଣାକୁ ବ୍ୟକ୍ତ କରି ଦେଉଥିବା ସେହି ଚେତନାମୟ ପରମ ସତ୍ତାରହିଁ ଅବ୍ୟକ୍ତ ପରମ ନିର୍ବିଶେଷତାରୂପେ ଅବସ୍ଥିତ ରହିଥାନ୍ତି ।

ବିଶ୍ୱଗତ ସ୍ତରରେ ମଧ୍ୟ ଆମେ ଏହି ଦୁଇଟିଯାକ ବାଟ ଦେଇ ନିରନ୍ତର ସେହି ପରମ ଦିବ୍ୟତାରହିଁ ନିକଟବର୍ତ୍ତୀ ହେବାରେ ଲାଗିଛୁ । ଈଶ୍ୱରହିଁ ପରମ ସତ୍ୟ, ଈଶ୍ୱରହିଁ ପରମ ନ୍ୟାୟ, ପରମ ଧର୍ମ, ପରମ ସାମର୍ଥ୍ୟ, ପରମ ପ୍ରେମ, ପରମ ଆନନ୍ଦ ଓ ପରମ ସୌନ୍ଦର୍ଯ୍ୟ,—ଆମେ ଏହି କଥାଟିକୁ ଭାବିପାରିବା, ଅନୁଭବ କରିପାରିବା, କହି ମଧ୍ୟ ପାରିବା; ତାଙ୍କୁ ଆମେ ଏକ ବିଶ୍ୱଗତ ଶକ୍ତିମୟତା ବା ଏକ ବିଶ୍ୱଗତ ଚେତନାରୂପେ ବି ପ୍ରତ୍ୟକ୍ଷ କରିପାରିବା । ମାତ୍ର ଏଇଟିକୁ କେବଳ ଅନୁଭୂତିର ଏକ ଅମୂର୍ତ୍ତ ବା ବସ୍ତୁବିଚ୍ଛିନ୍ନ ମାର୍ଗ ବୋଲିହିଁ କୁହାଯାଇ ପାରିବ । ଆମେସବୁ କେହି କେବଳ କେତେଗୁଡ଼ିଏ ଗୁଣ ବା ସାମର୍ଥ୍ୟର ଏକ ସମଷ୍ଟିମାତ୍ର ନୋହୁ ଅଥବା ମନୋଭୂମିଗତ ଏକ ପରିମାଣମାତ୍ର ବି ନୋହୁ; ଆମେସବୁ ହେଉଛୁ ଏକ ସତ୍ତା, ଏକ ବ୍ୟକ୍ତି, ଯିଏକି ଆପଣାର ପ୍ରକୃତିଟିକୁ ଏହିଭଳି ଅଭିବ୍ୟକ୍ତ କରି ରଖିଛୁ; ଠିକ୍ ସେହିପରି ପରମ ଦିବ୍ୟସତ୍ତା ମଧ୍ୟ ଜଣେ ବ୍ୟକ୍ତି, ଯିଏ ହେଉଛନ୍ତି ଏକ ଚେତନାମୟ ସତ୍ତା, ଯିଏକି ଆପଣାର ପ୍ରକୃତିଟିକୁ ଆମ ଲାଗି ଏହିଭଳି ଭାବରେହିଁ ଅଭିବ୍ୟକ୍ତ କରି ରଖିଛନ୍ତି । ଏବଂ ଆମେ ତାଙ୍କର ଏହି ସ୍ୱଭାବ ବା ପ୍ରକୃତିଟିର ବିଭିନ୍ନ ରୂପରେହିଁ ତାଙ୍କର ଆରାଧନା କରିପାରିବା; ତାଙ୍କୁ ଶୁଦ୍ଧଧର୍ମଗତ ଏକ ପରମେଶ୍ୱରରୂପେ ଆରାଧନା କରିପାରିବା, ପ୍ରେମ ଓ କରୁଣାର ପରମେଶ୍ୱରରୂପେ ଆରାଧନା କରିପାରିବା, ଶାନ୍ତି ଓ ଶୁଦ୍ଧିର ଭଗବାନରୂପେ ମଧ୍ୟ ଆରାଧନା କରିପାରିବା । ମାତ୍ର ଏକଥାଟିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆମେ ତାଙ୍କୁ ଆରାଧନା ଓ ଉପାସନା କରୁଥିବା ବ୍ୟକ୍ତିରୂପଟିର ବାହାରେ ମଧ୍ୟ ସେହି ଦିବ୍ୟ ପ୍ରକୃତି ମଧ୍ୟରେ ଆହୁରି ଅନେକ ସମ୍ପଦ ନିହିତ ହୋଇ ରହିଛି । ଏକ ଅବିଚଳ ଆଧ୍ୟାତ୍ମିକ ଦୃଷ୍ଟିସାମର୍ଥ୍ୟ ଓ ଅନୁଭୂତିର ସାହସ ଦ୍ୱାରା ସମ୍ପନ୍ନ ହୋଇପାରିଲେ ଆମେ ଆହୁରି ଅଧିକ କଠୋର ତଥା ଅଧିକ ଭୀଷଣ ରୂପରେ ମଧ୍ୟ ତାଙ୍କର ସମ୍ମୁଖୀନ ହୋଇପାରିବା । ଏହିସବୁ କୌଣସିଟି ରୂପକୁ ତଥାପି ସମଗ୍ର ଦିବ୍ୟତା ବୋଲି କଦାପି କୁହାଯିବ ନାହିଁ; ମାତ୍ର ତଥାପି ତାଙ୍କର

'oaob.nitrkl.ac.in' images reprocessed

ବ୍ୟକ୍ତିତ୍ୱର ଏହିସବୁ ରୂପ ଆମକୁ କେବଳ ତାଙ୍କର ଯଥାର୍ଥ ସତ୍ତାଗୁଡ଼ିକରହିଁ ପରିଚୟ ଦେଇ ଯାଉଥିବ, ଯାହାର ଭୂମି ଉପରେ କି ସେ ଆମର ସମ୍ମୁଖୀନ ହେଉଛନ୍ତି ଓ ଆମକୁ କାମରେ ଲଗାଉଥିବା ପରି ବୋଧ ହେଉଛନ୍ତି; ଏବଂ ସେତେବେଳେ ସେଇଟିକୁ ଛାଡ଼ିଦେଲେ ତାଙ୍କର ଅନ୍ୟ ଯାବତୀୟ ରୂପ ସତେଅବା ତାଙ୍କର ପୃଷ୍ଠ-ଭାଗରେ ଅପସୃତ ହୋଇ ରହିଯାଉଛି । ଗୋଟିଏ ଗୋଟିଏ ରୂପକୁ ଭିନ୍ନଭିନ୍ନ ଭାବରେ ଆମେ ତାଙ୍କଠାରୁ କେବଳ ଅଭିନ୍ନ ବୋଲିହିଁ ଜାଣିବା, ଏବଂ ସକଳ ରୂପର ସମଷ୍ଟିକୁ ମଧ୍ୟ କେବଳ ସେଇ ବୋଲି ଜାଣିବା । ଶିଏ ବିଷ୍ଣୁ, ଶିଏ କୃଷ୍ଣ, ସେଇ କାଳୀ; ବ୍ୟକ୍ତିରୂପେ ଅବତୀର୍ଣ୍ଣ ହୋଇଥିବା ଖ୍ରୀଷ୍ଟ ଅଥବା ବୁଦ୍ଧଙ୍କ ପରି ସେ ମନୁଷ୍ୟାକାରରେ ମଧ୍ୟ ଆପଣାକୁ ଆମ ଆଗରେ ଆଣି ଉନ୍ମୋଚିତ କରିଦିଅନ୍ତି । ଯେତେବେଳେ ଆମେ ଆପଣାର ଐକାନ୍ତିକ ଅଭିନିବିଷ୍ଟତାର ଦୃଷ୍ଟିସୀମାଟିର ବାଡ଼ ଡେଇଁ ଆହୁରି ଆଗକୁ ଅନାଇ ପାରିବା ଲାଗି ସମର୍ଥ ହେଉ, ସେତେବେଳେ ଆମେ ବିଷ୍ଣୁଙ୍କ ପଛରେ ଶିବଙ୍କର ସମୁଦାୟ ବ୍ୟକ୍ତିତ୍ୱଟିକୁ ଦର୍ଶନ କରିପାରୁ ଏବଂ ଶିବଙ୍କ ପଛରେ ବିଷ୍ଣୁଙ୍କର ସମୁଦାୟ ବ୍ୟକ୍ତିତ୍ୱଟିକୁ ମଧ୍ୟ ଦର୍ଶନ କରିପାରୁ । ଶିଏ ହେଉଛନ୍ତି ଅନନ୍ତଗୁଣ, ଏବଂ ଆପଣାର ବିଧୃତ ଗୁଣଟିର ଆଧାର ଦେଇ ସେଇ ନିଜର ଅନନ୍ତ ଓ ଦିବ୍ୟ ପରମ ବ୍ୟକ୍ତିରୂପଟିକୁ ଅଭିବ୍ୟକ୍ତ କରିଦେବାରେ ଲାଗିଛନ୍ତି । ପୁନଶ୍ଚ, ସେଇ ସତେଅବା ଏକ ପୂର୍ଣ୍ଣଶୁଦ୍ଧ ଆଧ୍ୟାତ୍ମିକ ନୈର୍ବ୍ୟକ୍ତିକତା ମଧ୍ୟକୁ ଆପଣାକୁ ପ୍ରତ୍ୟାହୃତ କରି ନେଇ ଯାଉଥିବା ପରି ମନେ ହେଉଛନ୍ତି ବା ଆପଣାକୁ ସକଳ ଧାରଣା ଓ ଏପରିକି ନୈର୍ବ୍ୟକ୍ତିକ ଆତ୍ମସତ୍ତାର ଧାରଣାଟିର ଆହୁରି ସେପାଖକୁ ଅପସରାଇ ନେଉଥିବା ପରି ମନେ ହେଉଛନ୍ତି ଏବଂ ସେତେବେଳେ ଏକ ଆଧ୍ୟାତ୍ମିକ ଭାବ ଦ୍ୱାରା ଅନୁସିକ୍ତ ନିରୀଶ୍ୱରବାଦିତା ଅଥବା ଅଜ୍ଞେୟବାଦିତାକୁ ସମ୍ପୂର୍ଣ୍ଣ ସମୀଚୀନ ବୋଲି ସୂଚାଇ ଦେଉଥିବା ପରି ମନେ ହେଉଛନ୍ତି । ସେତେବେଳେ ମନୁଷ୍ୟର ଏହି ମନଟି ଲାଗି ସେ ଏକ ସମ୍ପୂର୍ଣ୍ଣ ଅନିର୍ଦ୍ଦେଶ୍ୟ ହୋଇ ରହୁଛନ୍ତି । ମାତ୍ର ସେହି ଅଜ୍ଞେୟତା ମଧ୍ୟରୁହିଁ ଏଠାରେ ଆପଣାକୁ ପ୍ରକାଶିତ କରି ରଖିଥିବା ସେହି ଚେତନାମୟ ପରମସତ୍ତା ଅର୍ଥାତ୍ ସେହି ଦିବ୍ୟ ପରମ ପୁରୁଷ ତଥାପି କହିବାରେ ଲାଗିଛନ୍ତି : "ଏଇଟି ମଧ୍ୟ ସେଇ ମୁଁ; ଏଠାରେ ମଧ୍ୟ ମନ ଲାଗି ସମ୍ପୂର୍ଣ୍ଣ ଅଗୋଚର ହୋଇ ମୁଁ ସେଇ ପରମ ତତ୍ତ୍ୱ ହୋଇ ରହିଛି, ସେହି ପୁରୁଷୋତ୍ତମରୂପେ ବିଦ୍ୟମାନ ରହିଛି ।"

କାରଣ, ବୁଦ୍ଧିଗତ ସକଳ ବିଭାଜନ ଓ ବିରୋଧିତାର ସୀମାତିକ୍ରମ କରି ଆହୁରି ଗୋଟିଏ ଆଲୋକ ଅଧିଷ୍ଠିତ ହୋଇ ରହିଛି ଏବଂ ସେହି ଭୂମିରେ ଏକ ସତ୍ୟର ଦୃଷ୍ଟି ଆପଣାକୁ ପ୍ରକଟ କରିଦେବାରେ ଲାଗିଛି, ଯାହାକୁ ଆମର ବୁଦ୍ଧି ଦେଇ ଆମେ ହୁଏତ ପ୍ରକାଶ କରିବାର ଚେଷ୍ଟା କରୁଛୁ । ସେହି ଭୂମିରେ ସବୁକିଛି ଏହି ଯାବତୀୟ ସତ୍ୟର ଏକମାତ୍ର ସତ୍ୟରୂପେ ବିଦ୍ୟମାନ ରହିଛି; କାରଣ ସେଠାରେ

'oaob.nitrkl.ac.in' images reprocessed

ପ୍ରତ୍ୟେକଟି ସତ୍ୟ ବର୍ତ୍ତମାନ ରହିଛି ଓ ଅନ୍ୟସବୁ ସତ୍ୟ ମଧ୍ୟରେ ଆପଣାର ଔଚିତ୍ୟଟିର ପ୍ରତିପାଦନ କରିଦେଉଛି । ସେହି ଆଲୋକର ବେଢ଼ ଭିତରକୁ ଆସି ଆମର ଆଧ୍ୟାତ୍ମିକ ଅନୁଭବ ଏକ ସଂଯୁକ୍ତ ଓ ସମଗ୍ରୀକୃତ ଅନୁଭବରେ ପରିଣତ ହୋଇଯାଉଛି, ସେଠାରେ ବାସ୍ତବ ବିଭେଦ ବା ବିସର୍ଜନ ଲାଗି ଏକ ଅତିକ୍ଷୁଦ୍ର କେଶତୁଲ୍ୟ ସ୍ଥାନକୁ ମଧ୍ୟ ଆଦୌ ଛାଡ଼ି ଦିଆଯାଇ ନାହିଁ; ପରମ ନୈର୍ବ୍ୟକ୍ତିକର ଅନ୍ୱେଷଣ କରିବା ଏବଂ ଦିବ୍ୟ ପରମ ବ୍ୟକ୍ତିରୂପର ଉପାସନା କରିବା ମଧ୍ୟରେ ସେଠାରେ କୌଣସି ପ୍ରକାର ଆତ୍ମବଡ଼ିମା ଅଥବା ଆତ୍ମଲଘିମା ଲାଗି ଆଦୌ କୌଣସି ସ୍ଥାନ ରହୁ ନାହିଁ, ଜ୍ଞାନମାର୍ଗ ଏବଂ ଭକ୍ତିମାର୍ଗ ମଧ୍ୟରେ କାହାକୁ ବଡ଼ ବା କାହାକୁ ଶ୍ରେଷ୍ଠ ବୋଲି ଦେଖାଇବା ଲାଗି ଆଦୌ କୌଣସି ଅବକାଶହିଁ ରହୁ ନାହିଁ ।

## ଷଷ୍ଠ ପରିଚ୍ଛେଦ

# ଦିବ୍ୟ ପୁରୁଷର ଆନନ୍ଦ

ତେବେ ଏହାହିଁ ହେଉଛି ଭକ୍ତିର ମାର୍ଗ ଏବଂ ସର୍ବୋଚ୍ଚ, ବ୍ୟାପ୍ତତମ ଓ ପରିପୂର୍ଣ୍ଣତମ ଜ୍ଞାନର ଉପଲବ୍ଧି ଲାଗି ଏହାର ଏହିଭଳି ଏକ ଯଥାର୍ଥତା ରହିଛି; ଏବଂ ଏକ ପୂର୍ଣ୍ଣଯୋଗର ସାଧନା ମଧ୍ୟରେ ଏହା ପ୍ରକୃତରେ କିଭଳି ରୂପ ନେବ ଏବଂ ସେଥିରେ ଏହାର କିଭଳି ସ୍ଥାନ ରହିବ, ଆମେ ବର୍ତ୍ତମାନ ସେକଥାଟିକୁ ଅନ୍ତସ୍ଥ ଠିକ୍‌ଭାବେ ନେଇ ପାରିବା । ଯୋଗ କହିଲେ ମର୍ମତଃ ସେହି ପରମ ଦିବ୍ୟସତ୍ତାଙ୍କର ବିକାଶସ୍ଥାନ ସତ୍ତା, ଚେତନା ଓ ଆନନ୍ଦଟି ସହିତ ଆମ ଆତ୍ମାର ପୂର୍ଣ୍ଣଭାବରେ ସମ୍ମିଳିତ ହୋଇଯିବାକୁହିଁ ବୁଝାଇବ । ଏହି ମନୁଷ୍ୟର ସ୍ୱଭାବଟି ମଧ୍ୟଦେଇହିଁ ସେହି ସମ୍ମିଳନ ସଂଘଟିତ ହେବ; ସତ୍ତାର ଉଚ୍ଚ ସ୍ୱଭାବଟି ଯାହା ହୋଇଥାଉ ପଛକେ, ଆମେ ଆମର ମନ ଭିତରେ ତାହାକୁ ଯେଉଁପରି ଭାବରେ କଳ୍ପନା କରିପାରିବା ଓ ଆମର ଆଧ୍ୟାତ୍ମିକ କ୍ରିୟାତ୍ମକତା ମଧ୍ୟରେ ତାହାକୁ ଯେପରି ଭାବରେ ଉପଲବ୍ଧି କରିପାରିବା, ସେହିପରି ଭାବରେହିଁ ସେହି ଦିବ୍ୟ ସ୍ୱଭାବ ମଧ୍ୟକୁ ବିକଶିତ ହୋଇଯିବାର ପରିଣାମରୂପେହିଁ ସେହି ସମ୍ମିଳନ ସମ୍ଭବ ହେବ । ଆମେ ଏହି ପରମ ଦିବ୍ୟତାର ଯେତିକି ବା ଯାହାକିଛି ଦେଖିବା ଲାଗି ସମର୍ଥ ହେଉଛୁ ଏବଂ ଆପଣାର ଅଭୀପ୍ସାବେଗିତ ପ୍ରକୃତିଟିକୁ ସେଇଟି ଉପରେ ଆକର୍ଷିତ କରି ରଖିପାରୁଛୁ, ଆମେ ଆପଣାକୁ ସେଇଥିରେହିଁ ପରିଣତ କରିଦେଇ ପାରୁଛୁ, ଅର୍ଥାତ୍ ସେଇଟି ସହିତ ଏକତ୍ରତାର ସମ୍ମିଳନରେ ସମ୍ମିଳିତ ହୋଇ ରହିବା ଲାଗି ଆପଣାକୁ ବିକଶିତ କରାଇ ନେଉଛୁ, ଅଥବା, ଅନ୍ତତଃ ତାହାର ସହିତ ସମତାଲ ବା ସୌଷମ୍ୟବନ୍ଧ ହୋଇପାରିବା ଲାଗି ଆପଣାର ବିକାଶସାଧନ କରୁଛୁ । ଆପଣାର ଅତୀବ ଭାଷାଭିବ୍ୟକ୍ତିରେ ପ୍ରାଚୀନ ଉପନିଷଦ୍ ବଡ଼ ସ୍ପଷ୍ଟ ଭାବରେ ଘୋଷଣା କରିଛି : "ଯିଏ ତାକୁ ପରମ ସତ୍ ରୂପରେ ଦେଖୁଛି, ସିଏ ତାହାର ଅନୁରୂପ ସେହି ଅସ୍ତିତ୍ୱରେହିଁ ପରିଣତ ହୋଇଯାଉଛି; ଏବଂ ଯିଏ ତାକୁ ପରମ ଅସତ୍ ରୂପରେ ଦେଖୁଛି, ସିଏ ତାହାର ଅନୁରୂପ ସେହି ଅନସ୍ତିତ୍ୱରେ ପରିଣତ ହୋଇଯାଉଛି ।" ପରମ ଦିବ୍ୟସତ୍ତାର ଆଉ ଯାହାକିଛି ଆମେ

ଦେଖିବାର ସାମର୍ଥ୍ୟ ଲାଭ କରୁଛୁ, ସେଠାରେ ମଧ୍ୟ ଏହି ସମାନ ସତ୍ୟଟି କାର୍ଯ୍ୟକାରୀ ହୋଇ ରହିଛି । ଅର୍ଥାତ୍, ତାହାହିଁ ଏକାଧାରରେ ପରମେଶ୍ୱରଙ୍କର ମର୍ମଗତ ତଥା ବ୍ୟାବହାରିକ ସତ୍ୟ ହୋଇ ରହିଛି ବୋଲି ହୁଏତ ବେଶ୍ କୁହାଯାଇ ପାରିବ । ତାହା ଆମର ସୀମାକୁ ଅତିକ୍ରମ କରି ଆମର ଅଜ୍ଞାତ ଏକ ସମ୍ପଦରୂପେ ଅବସ୍ଥିତ ରହିଛି, ଏବଂ ତେଣେ ତାହା ବସ୍ତୁତଃ ଆଗରୁ ଆମରି ଭିତରେହିଁ ଅବସ୍ଥିତ ହୋଇ ରହିଛି; ମାତ୍ର ଆମର ଏହି ମନୁଷ୍ୟଭୂମିରେ ଆମେ ଏପର୍ଯ୍ୟନ୍ତ ତଦ୍‌ରୂପରେ ପରିଣତ ହୋଇପାରି ନାହୁଁ, ଅଥବା କେବଳ ପ୍ରାରମ୍ଭିକ ଭାବରେହିଁ ତାହା ହୋଇପାରିଛୁ । ମାତ୍ର ତାହାର ଯାହାକିଛିକୁ ଆମେ ଦେଖିବା ଲାଗି ସମର୍ଥ ହେଉଛୁ, ଏକଥା ସତ ଯେ ଆମର ସଚେତନ ପ୍ରକୃତି ତଥା ସଚେତନ ସତ୍ତାଟି ମଧ୍ୟରେ ଆମେ ନିଶ୍ଚୟ ସେଇଟିକୁ ସୃଷ୍ଟି କରିପାରିବା ବା ସେଇଟିର ଉନ୍ମୋଚନ ଘଟାଇ ପାରିବା ଓ ତାହାରି ମଧ୍ୟକୁ ବିକଶିତ ହୋଇଯାଇ ପାରିବା । ଏବଂ ବ୍ୟକ୍ତିଗତ ଭାବରେ ଆପଣା ମଧ୍ୟରେ ଏହିପରି ଭାବରେ ପରମେଶ୍ୱରଙ୍କୁ ସମ୍ଭବ କରିପାରିବା, ଆମ ଭିତରେ ଏହିପରି ଭାବରେ ତାଙ୍କର ଉନ୍ମୋଚନ ଘଟାଇ ପାରିବା ଏବଂ ତାଙ୍କର ବିଶ୍ୱମୟତା ଓ ବିଶ୍ୱାତୀତତା ମଧ୍ୟକୁ ବିକଶିତ ହୋଇପାରିବା,—ଆମେ ଏହାକୁହିଁ ଆମ ଜୀବନର ଅଧ୍ୟାତ୍ମଭୂମିରେ ଆପଣାର ନିୟତି ବୋଲି ଜାଣିବା । ଅଥବା, ଆମର ନାନା ଦୁର୍ବଳତାଗ୍ରସ୍ତ ଏହି ପ୍ରକୃତିଟିକୁ ଯଦି ତାହା ଅତିବେଶୀ ଉଚ୍ଚ ବୋଲି ପ୍ରତୀତ ହେଉଥାଏ, ତେବେ ଅନ୍ତତଃ ତାହାର ନିକଟବର୍ତ୍ତୀ ହେବାର ପ୍ରୟାସ କରିବା, ଆପଣା ମଧ୍ୟରେ ତାହାକୁହିଁ ପ୍ରତିଫଳିତ କରିପାରିବା ଓ ତାହା ସହିତ ଦୃଢ଼ ସଂଯୋଗ ସ୍ଥାପନ କରିବା ଲାଗି ସମର୍ଥ ହେବା,—ଏହାକୁ ଏକ ନିକଟତର ଓ ସମ୍ଭାବ୍ୟ ପୂର୍ଣ୍ଣତା ବୋଲି ଅବଶ୍ୟ କୁହାଯାଇ ପାରିବ ।

ଆମେ ଏଠାରେ ଯେଉଁ ସମନ୍ୱୟାତ୍ମକ ଅର୍ଥାତ୍ ପୂର୍ଣ୍ଣଯୋଗଟିର ଆଲୋଚନା କରୁଛୁ, ତାହାର ଲକ୍ଷ୍ୟ କହିଲେ ଆମେ ଆମ ମନୁଷ୍ୟପ୍ରକୃତିର ସକଳ ଅଂଶଟିର ମଧ୍ୟଦେଇ ସେହି ପରମ ଦିବ୍ୟ ପୁରୁଷଙ୍କର ସତ୍, ଚିତ୍ ଏବଂ ଆନନ୍ଦ ସହିତ ସଂଯୁକ୍ତ ହୋଇଯିବାକୁହିଁ ବୁଝିବା । ଏହି ଅଂଶଗୁଡ଼ିକୁ ପରସ୍ପରଠାରୁ ଭିନ୍ନ ଭିନ୍ନ ରଖି ଆମେ ଏହି ସାଧନା କରିପାରୁ ଅଥବା ଯୁଗପତ୍ ଭାବରେ ସେଗୁଡ଼ିକୁ ଏକତ୍ର କାର୍ଯ୍ୟକାରୀ କରାଇ ଏହି ସାଧନା କରିପାରୁ; ମାତ୍ର ସକଳ ପଥର ଅନ୍ତକୁ ଆସି ଆମକୁ ପରିଶେଷରେ ସେଗୁଡ଼ିକୁ ସୌଷମ୍ୟବଦ୍ଧ ଓ ପରସ୍ପରସଂଯୁକ୍ତ କରି ରଖିବାକୁହିଁ ପଡ଼ିବ, ଯେପରିକି ଆମର ସମୁଦାୟ ସତ୍ତାଟି ସତ୍ତାର ଏକ ଦିବ୍ୟ ପ୍ରକୃତିରେ ରୂପାନ୍ତରିତ ହୋଇଯାଇ ପାରିବ । ଏଥିରୁ ଏତେଟିକିଏ ଊଣା ହୋଇ ରହିଥିବା ପର୍ଯ୍ୟନ୍ତ ସମଗ୍ର ସାଧକ ଓ ଦ୍ରଷ୍ଟା କଦାପି ସନ୍ତୁଷ୍ଟ ହୋଇ ରହିଯିବ ନାହିଁ; କାରଣ ସେ ଯାହାକିଛି ଦେଖିବାକୁ ସମର୍ଥ ହେଉଛି, ତାହାକୁ ସେ ଆପଣାର ଅଧ୍ୟାତ୍ମକ୍ଷେତ୍ରରେ ଉପଲବ୍ଧି କରିବାର ପ୍ରୟାସ କରୁଥିବା ଲକ୍ଷ୍ୟଟି ସହିତ ଅବଶ୍ୟ ସମତୁଲ ହେବାକୁ

'oaob.nitrkl.ac.in' images reprocessed

ପଡ଼ିବ ଏବଂ ସେ ଯେତେଦୂର ପାରିବ, ଆପଣାକୁ ସେଇଥିରେ ପରିଣତ ବି କରିଦେଇ ପାରିବ । ଆପଣା ଭିତରେ ରହିଥିବା କେବଳ ଜ୍ଞାତାବୁଦ୍ଧି ଆପଣା ସାଥିରେ ନେଇ ନୁହେଁ, କେବଳ ଆପଣାର ଇଚ୍ଛାଶକ୍ତିକୁ କିଂବା କେବଳ ହୃଦୟବୃତ୍ତିକୁହିଁ ଆପଣା ସାଥିରେ ନେଇ ନୁହେଁ, ମାତ୍ର ଏହି ସବୁଗୁଡ଼ିକୁ ସମାନ ସାମର୍ଥ୍ୟର ସହିତ ଆପଣା ସାଥିରେ ନେଇ ଏବଂ ଆପଣାର ସମୁଦାୟ ମନୋଗତ ତଥା ପ୍ରାଣିକ ସତ୍ତାଟିକୁ ଆପଣା ସାଙ୍ଗରେ ଧରି ସେ ପରମ ଦିବ୍ୟତ୍ୱର ଉପଲବ୍ଧି କରିବାର ଆକାଙ୍କ୍ଷା ରଖିଥାଏ ଏବଂ ସେଗୁଡ଼ିକର ସ୍ୱଭାବକୁ ତାହାର ଦିବ୍ୟ ଅନୁରୂପଗୁଡ଼ିକରେ ପରିଣତ କରିପାରିବା ଲାଗି ସାଧନାରତ ରହିଥାଏ । ତାଙ୍କ ସତ୍ତାର ଅନେକ ମାର୍ଗ ଦେଇ ଭଗବାନ ଆମକୁ ଭେଟିବା ଲାଗି ଆସନ୍ତି, ଏବଂ ସର୍ବଦା ଆମ ପହଞ୍ଚ ଭିତରୁ ସ୍ୱତେଅବା ବାହାରି ଚାଲି ଯାଉଥିବା ପରି ବୋଧ ହେଉଥିଲେ ମଧ୍ୟ ସେ ତାଙ୍କର ସବୁଗୁଡ଼ିକ ମାର୍ଗ ଦେଇ ଆମକୁ ତାଙ୍କ ପାଖକୁ ପ୍ରଲୋଭିତ କରି ନେଇଯିବାରେ ଲାଗିଥାନ୍ତି । ଏବଂ ଏଣେ ଆପଣା ମଧ୍ୟରେ ରହିଥିବା ଦିବ୍ୟ ସମ୍ଭାବନାଟିକୁ ଦେଖିପାରିବା ଏବଂ ଯାବତୀୟ ପ୍ରତିବନ୍ଧକର ଆପଣା ସୀମାଟିକୁ ପାର ହୋଇ ଚାଲିଯିବାହିଁ ଏହି ମନୁଷ୍ୟ-ଅସ୍ତିତ୍ୱର ସମୁଦାୟ ରହସ୍ୟ ଓ ସମୁଦାୟ ମହାନତା ହୋଇ ରହିଥାଏ । ତେଣୁ ସେହି ମାର୍ଗଗୁଡ଼ିକର ଏକତ୍ୱଟିକୁ ଆବିଷ୍କାର କରି ପାରିବାର ଚାବିକାଠିଟି ପାଇଗଲେ ଆମେ ଏହିସବୁ ପ୍ରତ୍ୟେକ ମାର୍ଗର ସର୍ବୋଚ୍ଚ ସୋପାନକୁ ଆସି ଅଥବା ସବୁ ମାର୍ଗଗୁଡ଼ିକୁ ଏକାଠି ସଂଯୁକ୍ତ କରିଦେଇ ଆମକୁ ତାଙ୍କରି ପାଖକୁ ଯିବାର ପଥଟିକୁ ଖୋଜି ବାହାର କରିବାର, ତାଙ୍କରି ଦର୍ଶନ ଲାଭ କରିବାର ଓ ତାହାଙ୍କୁହିଁ ଅଧିକାର କରି ରହିବାର ଆକାଙ୍କ୍ଷାଟି ପୋଷଣ କରିବାକୁ ହେବ । ସେ ଆପଣାକୁ ଆପଣାର ନୈର୍ବ୍ୟକ୍ତିକତା ମଧ୍ୟକୁ ପ୍ରତ୍ୟାହୃତ କରି ନେଇଯାନ୍ତି, ତେଣୁ ଆମକୁ ମଧ୍ୟ ତାଙ୍କର ନୈର୍ବ୍ୟକ୍ତିକ ସତ୍ତା ତଥା ନୈର୍ବ୍ୟକ୍ତିକ ଆନନ୍ଦଟିର ଅନୁଧାବନ କରିବାକୁ ହୋଇଥାଏ; ମାତ୍ର ଯିଏ ଏଇଠି ଆମରି ବ୍ୟକ୍ତିଜୀବନର ଭୂମିରେହିଁ ଆମକୁ ଭେଟିବାକୁ ଆସନ୍ତି, ମନୁଷ୍ୟ ସହିତ ସେହି ପରମ ଦିବ୍ୟତାର ନାନା ବ୍ୟକ୍ତି-ସମ୍ବନ୍ଧ ଦ୍ୱାରା ସେ ଆମରି ସମ୍ମୁଖରେ ଆସି ଆବିର୍ଭୂତ ହୁଅନ୍ତି, ଏବଂ ତେଣୁ ଆମେ ଆପଣାକୁ ସେଇଟିରୁ ମଧ୍ୟ କଦାପି ବଞ୍ଚିତ କରି ରଖିବା ନାହିଁ; ସେହି ପ୍ରେମ ତଥା ସେହି ଆନନ୍ଦର ଲୀଳା ତଥା ତାହାର ଅନିର୍ବଚନୀୟ ମିଳନ,—ଦୁଇଟିଯାକକୁହିଁ ଆମେ ଆପଣା ଜୀବନରେ ସ୍ୱୀକାର କରିନେବା ।

ଜ୍ଞାନ ଦ୍ୱାରା ଆମେ ସେହି ପରମ ଦିବ୍ୟସତ୍ତାଙ୍କ ସହିତ ତାଙ୍କର ସେହି ଚେତନାମୟ ସତ୍ତାର ଭୂମିରେ ସମ୍ମିଳିତ ହେବାର ଅଭିଳାଷ ରଖିଥାଉ; କର୍ମ ଦ୍ୱାରା ମଧ୍ୟ ତାଙ୍କର ସହିତ ତାଙ୍କର ସେହି ଚେତନାମୟ ସତ୍ତାର ଭୂମିରେ ସମ୍ମିଳିତ ହେବାକୁ ଲୋଡ଼ିଥାଉ । ପ୍ରଭେଦ ଏତିକି ଯେ କର୍ମ ଦ୍ୱାରା ଆମେ କୌଣସି ସ୍ଥିତିଶୀଳ ଭାବରେ

ନୁହେଁ, ମାତ୍ର ଗତିଶୀଳ ଭାବରେ ସେହି ଦ୍ରବ୍ୟ ପରମ ଇଚ୍ଛାଟି ସହିତ ସଚେତନ ଭାବରେ ଯୁକ୍ତ ହୋଇ ଏହି ସମ୍ମିଳନ ଓ ଏକତ୍ୱଟିକୁ ଲୋଡ଼ିଥାଉ । ମାତ୍ର ପ୍ରେମ ଦ୍ୱାରା ଆମେ ତାଙ୍କର ସତ୍ତାଗତ ସକଳ ଆନନ୍ଦର ଭୂମିରେ ତାଙ୍କର ସହିତ ଏକତ୍ୱବଦ୍ଧ ହେବାକୁ ଅଗ୍ରସର ହୋଇଥାଉ । ସେହି କାରଣରୁ, ଆପଣାର କେତୋଟି ପ୍ରଥମ-କାଳୀନ ଗତିସ୍ପନ୍ଦନର କ୍ଷେତ୍ରରେ ଯେତେବେଶୀ ସଂକୀର୍ଣ୍ଣ ହୋଇ ରହିଥିବା ପରି ମନେ ହେଉଥିଲେ ମଧ୍ୟ ପ୍ରେମର ମାର୍ଗଟି ପରିଶେଷରେ ଯୋଗର ଅନ୍ୟ ମାର୍ଗଗୁଡ଼ିକ ତୁଳନାରେ ଅଧିକ ଅନନ୍ୟାଶ୍ରୟୀ ଭାବରେ ଆପଣା ମଧ୍ୟରେ ସବୁଟିକୁ ଅନ୍ତର୍ଭୁକ୍ତ କରି ନେଇଥାଏ । ଜ୍ଞାନର ମାର୍ଗ ବଡ଼ ସହଜରେ ଏକ ନୈର୍ବ୍ୟକ୍ତିକ ଓ ନିର୍ବିଶେଷତାଯୁକ୍ତ ପ୍ରବୃତ୍ତି ଭିତରେ ଯାଇ ପଡ଼ିଯିବା ଲାଗି ଏକ ପ୍ରବଣତା ରଖିଥାଏ ଏବଂ ହୁଏତ ବଡ଼ ଶୀଘ୍ର ବହିଷ୍କାରଧର୍ମୀ ମଧ୍ୟ ହୋଇଯାଇ ପାରେ । ଏକଥା ସତ ଯେ ଜ୍ଞାନର ମାର୍ଗଟି ଏଭଳି ହୋଇପଡ଼ିବା ପ୍ରକୃତରେ ଆଦୌ ଅବଶ୍ୟମ୍ଭାବୀ ନୁହେଁ; କାରଣ ପରମ ଦ୍ରବ୍ୟ ପୁରୁଷଙ୍କର ଚେତନାମୟ ସତ୍ତାଟି ଯେପରି ବିଶ୍ୱଗତ ଓ ବିଶ୍ୱଭାବାପନ୍ନ ହୋଇ ରହିଛି, ତାହା ସେହିପରି ବିଶ୍ୱାତୀତ ଓ ନିର୍ବିଶେଷ ହୋଇ ମଧ୍ୟ ରହିଛି ଏବଂ ତେଣୁ ଏହି କ୍ଷେତ୍ରରେ ଏକତ୍ୱର ଏକ ସମଗ୍ର ଉପଲବ୍ଧି ଲାଗି ମଧ୍ୟ ଅବଶ୍ୟ ଏକ ପ୍ରବୃତ୍ତି ରହିପାରେ ଓ ରହିବା ଉଚିତ ଏବଂ ଆମେ ଏହା ଦ୍ୱାରା ମନୁଷ୍ୟ ଭିତରେ ରହିଥିବା ଭଗବାନଙ୍କ ସହିତ ଏବଂ ଏହି ବିଶ୍ୱରେ ପରିପୂର୍ଣ୍ଣ ହୋଇ ରହିଥିବା ଭଗବାନଙ୍କ ସହିତ ଏପରି ଏକ ଆଧ୍ୟାତ୍ମିକ ଏକତ୍ୱରେ ଆସି ଉପନୀତ ହୋଇପାରିବା, ଯାହାକୁ କି କୌଣସି ବିଶ୍ୱୋତ୍ତୀର୍ଣ୍ଣ ଏକତ୍ୱବଦ୍ଧତାର ତୁଳନାରେ ଆଦୌ କମ୍ ସମ୍ପୂର୍ଣ୍ଣ ବୋଲି କଦାପି କୁହାଯାଇ ପାରିବ ନାହିଁ । ମାତ୍ର ତଥାପି ଏହାହିଁ ଯେ ନିଶ୍ଚୟ ଘଟିବ, ତାହା ମଧ୍ୟ ଆଦୌ ଅବଶ୍ୟମ୍ଭାବୀ ନୁହେଁ । କାରଣ ଆମେ ହୁଏତ ଯୁକ୍ତି ଦେଖାଇ ବାହାରିବା ଯେ ଜ୍ଞାନୋପଲବ୍ଧିର ଶିଡ଼ିରେ ଏକ ଉଚ୍ଚତର ଜ୍ଞାନ ରହିଛି ଓ ଏକ ନିମ୍ନତର ଜ୍ଞାନ ମଧ୍ୟ ରହିଛି; ଏକ ଉଚ୍ଚତର ଆତ୍ମ-ସଜ୍ଞାନତା ରହିଛି ଓ ଏକ ନିମ୍ନତର ଆତ୍ମ-ସଜ୍ଞାନତା ମଧ୍ୟ ରହିଛି । ଏବଂ ତେଣୁ ଏହି ଭୂମିରେ ରହିଥିବା ଜ୍ଞାନରାଶିକୁ ବର୍ଜନ କରି ଆମକୁ ଜ୍ଞାନଶିଖରଟି ଆଡ଼କୁ ଯାତ୍ରା କରିବାକୁ ପଡ଼ିବ ଏବଂ ସମଗ୍ର ମାର୍ଗଟିକୁ ବର୍ଜନ କରି ଏକାଙ୍ଗୀ ମାର୍ଗଟିକୁ ଗ୍ରହଣ କରିବାକୁ ପଡ଼ିବ । ଅଥବା, ଆମର ସହସୃଷ୍ଟ ଅନ୍ୟ ମଣିଷ ଏବଂ ବିଶ୍ୱଗତ କ୍ରିୟାତ୍ମକତା ସହିତ ଆମର ଯେଉଁ ସଂଯୋଗଟି ରହିଛି, ସେଇଟିକୁ ବର୍ଜନ କରି ଆସିବା ଲାଗି ଆମେ ହୁଏତ ମାୟାର ଏକ ସିଦ୍ଧାନ୍ତକୁ ଯାଇ ଆବିଷ୍କାର କରିବାକୁ ଆଗ୍ରହୀ ହୋଇପାରୁ । କର୍ମର ମାର୍ଗଟି ଆମକୁ ସେହି ବିଶ୍ୱାତୀତ ପରମେଶ୍ୱରଙ୍କ ଆଡ଼କୁ ଅଗ୍ରସର କରାଇ ନେଇଯାଏ, ଯାହାଙ୍କର ସତ୍ତାଗତ ସାମର୍ଥ୍ୟ ଆପଣାକୁ ଏକ ସଂକଳ୍ପରୂପେ ଅଭିବ୍ୟକ୍ତ କରି ରଖିଥାଏ; ଏହି ସଂକଳ୍ପ ଆମ ଭିତରେ ତଥା ସବୁରି ଭିତରେ ଏକ ଓ ଅଭିନ୍ନ ହୋଇ ବିରାଜିତ ରହିଥାଏ, ସେହି ସଂକଳ୍ପଟି

'oaob.nitrkl.ac.in' images reprocessed

ସହିତ ତଦାତ୍ମକତା ଅର୍ଜନ କରି ଆମେ ସେହି ତଦାତ୍ମକତାର ଆବଶ୍ୟକ ଅବସ୍ଥା-ଗୁଡ଼ିକ ହେତୁ ସେହି ବିଶ୍ୱାତୀତ ପରାତ୍ପରଙ୍କୁହିଁ ସମସ୍ତଙ୍କର ସେହି ଗୋଟିଏ ଆତ୍ମା, ବିଶ୍ୱାତ୍ମା ତଥା ଜଗଦୀଶ୍ୱର ବୋଲି ଅନୁଭବ କରିବାକୁ ସମର୍ଥ ହେଉ ଏବଂ ତାଙ୍କର ସହିତ ସମ୍ମିଳିତ ହୋଇଥାଉ । ଏଥିରୁ ହୁଏତ ପ୍ରତୀତ ହୋଇପାରେ ଯେ ଏହି ସମ୍ମିଳନ ଆମର ଏକତ୍ୱ-ଉପଲବ୍ଧିରେ କେତେକ ପରିମାଣରେ ଏକ ବ୍ୟାପକତା ଆଣି ଦେଇଥାଏ, ମାତ୍ର ଏପରି ହେବା ସର୍ବଥା ଆଦୌ ଅନିବାର୍ଯ୍ୟ ନୁହେଁ । କାରଣ ଏହି ପ୍ରବୃତ୍ତିଟି ମଧ୍ୟ ଏକ ସମ୍ପୂର୍ଣ୍ଣ ନୈର୍ବ୍ୟକ୍ତିକତାକୁ ଅବଲମ୍ବନ କରି ରହିବାର ପ୍ରବଣତା ଦେଖାଇପାରେ, ଏବଂ ଏହା ଆମକୁ ବିଶ୍ୱମୟ ପରମେଶ୍ୱରଙ୍କର ଯାବତୀୟ କ୍ରିୟାଶୀଳତାରେ ଅବିଚ୍ଛିନ୍ନ ଭାବରେ ଅଂଶଗ୍ରହଣ କରିବା ଲାଗି ପ୍ରବୃତ୍ତ କରି ରଖିଲେ ମଧ୍ୟ ଆପଣାର ସୈଦ୍ଧାନ୍ତିକ ଭୂମିରେ ଏହା ସମ୍ପୂର୍ଣ୍ଣ ଭାବରେ ଉଦାସୀନ ଓ ନିର୍ଲିପ୍ତ ହୋଇ ରହିଯାଇ ପାରେ । ଯୋଗମାର୍ଗରେ କେବଳ ଆନନ୍ଦର ଅନୁସରଣ ଦ୍ୱାରାହିଁ ପୂର୍ଣ୍ଣ ଏକତ୍ୱ ଓ ପୂର୍ଣ୍ଣ ମିଳନର ଅଭିପ୍ରାୟଟି ସମ୍ପୂର୍ଣ୍ଣ ଭାବରେ ଅନିବାର୍ଯ୍ୟ ଓ ଅନନ୍ୟାଶ୍ରୟୀ ହୋଇ ପାରିବାର ଅବସର ପାଏ ।

ଏପରି ସମ୍ପୂର୍ଣ୍ଣ ଭାବରେ ଅନିବାର୍ଯ୍ୟ ଓ ଅନନ୍ୟାଶ୍ରୟୀ ହୋଇ ରହି ପାରୁଥିବା ଆନନ୍ଦକୁ ଆମେ କେବଳ ସେହି ପରମ ଦିବ୍ୟସତ୍ତାଙ୍କରହିଁ ଆନନ୍ଦ ବୋଲି କହିପାରିବା; ସେ ନିଜେହିଁ ସେହି ଆନନ୍ଦର ଉଦ୍ଦେଶ୍ୟ ଓ ଅଭିପ୍ରାୟ ହୋଇ ରହିଥାନ୍ତି ଓ ସେଥିରେ ତାହା ବ୍ୟତୀତ ଅନ୍ୟ କୌଣସି ଅଭିପ୍ରାୟ ନଥାଏ, କେବଳ ତାଙ୍କର ବ୍ୟତୀତ ସେଥିରେ ଅନ୍ୟ କୌଣସି କାରଣ ଅଥବା ଲାଭ ଲାଗି ଆଉ କୌଣସି ସ୍ଥାନ ନଥାଏ । ଭଗବାନ ଆମକୁ ହୁଏତ ଏଇଟା ବା ସେଇଟା ଆଣି ଦେଇ ପାରିବେ ବୋଲି ଏହି ଆନନ୍ଦ ଭଗବାନଙ୍କୁ ଲୋଡ଼ୁ ନଥାଏ, ତାଙ୍କ ଭିତରେ ରହିଥିବା କୌଣସି ଗୋଟିଏ ବିଶେଷ ଗୁଣର ଆକର୍ଷଣରେ ତାହା ତାଙ୍କୁ ଲୋଡ଼ୁ ନଥାଏ; ମାତ୍ର ସିଏ ହେଉଛନ୍ତି ଆମର ଆତ୍ମା, ଆମର ସମସ୍ତ ସତ୍ତା ଓ ଆମର ସବୁକିଛି,—କେବଳ ଖାଲି ଏହି କାରଣଟି ସକାଶେହିଁ ତାହା ତାଙ୍କର ଅନ୍ୱେଷଣ କରୁଥାଏ । ବିଶ୍ୱାତୀତତା ଲାଗିହିଁ ତାହା ବିଶ୍ୱାତୀତତାର ଆନନ୍ଦଟିକୁ ଆପଣା ମଧ୍ୟରେ ଗ୍ରହଣ କରିନିଏ ନାହିଁ, ମାତ୍ର ସେହି ପରମେଶ୍ୱର ବିଶ୍ୱାତୀତ ହୋଇ ରହିଛନ୍ତି ବୋଲି ତାହା ବିଶ୍ୱାତୀତତାକୁ ଗ୍ରହଣ କରିନିଏ । ବିଶ୍ୱଗତତା ଲାଗିହିଁ ବିଶ୍ୱଗତତାର ଆନନ୍ଦକୁ ଗ୍ରହଣ କରେ ନାହିଁ, ମାତ୍ର ପରମେଶ୍ୱର ବିଶ୍ୱଗତ ହୋଇ ରହିଛନ୍ତି ବୋଲି ସିଏ ବିଶ୍ୱଗତତାକୁ ଗ୍ରହଣ କରିନିଏ । ବ୍ୟକ୍ତିଗତ ସନ୍ତୋଷବିଧାନ ସକାଶେ ତାହା ବ୍ୟକ୍ତିଗତ ଆନନ୍ଦକୁ ଗ୍ରହଣ କରେ ନାହିଁ, ମାତ୍ର ସେହି ପରମେଶ୍ୱରହିଁ ବ୍ୟକ୍ତ ହୋଇ ବିରାଜିତ ରହିଛନ୍ତି ବୋଲି ସେ ବ୍ୟକ୍ତିଗତ ଆନନ୍ଦକୁ ଗ୍ରହଣ କରେ । ତାହା ସକଳ ଭେଦ ଓ ସକଳ ବାହ୍ୟ ପ୍ରତୀତିର ସୀମାକୁ ଅତିକ୍ରମ କରି ଚାଲିଯାଏ ଏବଂ ତାଙ୍କର ସତ୍ତା ଭିତରେ କୌଣସିପ୍ରକାର ଅଧିକ ବାଞ୍ଛା

'oaob.nitrkl.ac.in' images reprocessed

ଅଳ୍ପର ହିସାବ କରିବାକୁ ଯାଏ ନାହିଁ; ମାତ୍ର ସେ ଯେଉଁଠାରେ ଯେତେ ସ୍ଥାନରେ ରହିଛନ୍ତି, ସେ ତାଙ୍କୁ ସେତେ ସ୍ଥାନରେ ସ୍ୱୀକାର କରିନିଏ, ପ୍ରଶାନ୍ତ ଅଳ୍ପ ଭିତରେ ଏବଂ ପ୍ରଶାନ୍ତ ଅଧିକ ଭିତରେ ତାଙ୍କୁ ପୂର୍ଣ୍ଣଭାବରେ ଗ୍ରହଣ କରିନିଏ; ପ୍ରଶାନ୍ତ ସୀମାବଦ୍ଧତାରେ ତଥା ସୀମାଶୂନ୍ୟତାର ପରିପ୍ରକାଶ ଭିତରେ ମଧ୍ୟ ତାଙ୍କୁ ଗ୍ରହଣ କରିନିଏ । ଆପଣାର ବୋଧି ଏବଂ ଆପଣାର ଅନୁଭୂତି ଦେଇ ସେ ସର୍ବତ୍ର ତାଙ୍କର ଏକରୂପତା ଓ ତାଙ୍କର ପୂର୍ଣ୍ଣତାକୁହିଁ ଦେଖିବାକୁ ପାଏ । କେବଳ ତାଙ୍କ ନିର୍ବିଶେଷ ସତ୍ତାଟିର ଉପଲବ୍ଧି ସକାଶେହିଁ ତାଙ୍କୁ ଅନ୍ୱେଷଣ କରି ବାହାରିବାକୁ ବସ୍ତୁତଃ ଆମ ନିଜର ଏକ ବ୍ୟକ୍ତିଗତ ଲାଭର ଅନ୍ୱେଷଣ କରିବା ବୋଲି କୁହାଯାଇ ପାରିବ, ପରମ ଓ ନିର୍ବିଶେଷ ଶାନ୍ତିଲାଭ ସକାଶେହିଁ ତାଙ୍କୁ ଅନ୍ୱେଷଣ କରିବା ବୋଲି କୁହାଯାଇ ପାରିବ । ତାହାଙ୍କୁ ସମ୍ପୂର୍ଣ୍ଣ ଓ ନିର୍ବିଶେଷ ଭାବରେ ଲାଭ କରିବାହିଁ ଅନିବାର୍ଯ୍ୟତଃ ତାଙ୍କର ସତ୍ତାଗତ ଆନନ୍ଦର ଉଦ୍ଦେଶ୍ୟ ହୋଇ ରହିବ; ମାତ୍ର ଯେତେବେଳେ ଆମେ ସମ୍ପୂର୍ଣ୍ଣ ଭାବରେ ତାଙ୍କର ଅଧିକାରଲାଭ କରିପାରିବା ଓ ସମ୍ପୂର୍ଣ୍ଣ ଭାବରେ କେବଳ ତାଙ୍କର ଦ୍ୱାରା ଅଧିକୃତ ହୋଇ ରହିବା ଏବଂ କୌଣସି ବିଶେଷ ସ୍ଥିତି ବା ଲବ୍ଧାବସ୍ଥା ମଧ୍ୟରେ କୌଣସି ପ୍ରକାରେ ବାନ୍ଧିହୋଇ ରହି ନଯିବା, କେବଳ ସେତିକବେଳେ ଯାଇ ଆମେ ତାଙ୍କୁ ନିର୍ବିଶେଷ ଭାବରେ ଲାଭ କରିପାରିବା । କୌଣସି ନିତ୍ୟାନନ୍ଦମୟ ସ୍ୱର୍ଗ ଭିତରେ ତାଙ୍କୁ ଖୋଜି ବାହାରିବାକୁ ତାଙ୍କର ସକାଶେହିଁ ତାଙ୍କୁ ଖୋଜିବାକୁ ଯିବା ବୋଲି କୁହାଯିବ ନାହିଁ, ମାତ୍ର ସ୍ୱର୍ଗର ସେହି ଆନନ୍ଦଟି ଲାଗି ତାଙ୍କୁ ଖୋଜିବାକୁ ଯିବା ବୋଲି କୁହାଯିବ । ଯେତେବେଳେ ଆମେ ତାଙ୍କ ସତ୍ତାର ସକଳ ଆନନ୍ଦର ଯଥାର୍ଥ ଅଧିକାରୀ ହୋଇପାରିବା, ସେତେବେଳେ ସବୁଯାକ ସ୍ୱର୍ଗ ଏଇଠି ଏଇ ଆମର ଭିତରେହିଁ ଉପଲବ୍ଧ ହୋଇଯିବ; ଏବଂ ଯେଉଁଠି ସିଏ ରହିଥିବେ ଓ ଆମେ ରହିଥିବା, ତାହା ଯେଉଁ ଜାଗା ହୋଇଥାଉ ପଛକେ, ସେହିଠାରେହିଁ ଆମକୁ ତାଙ୍କର ସାମ୍ରାଜ୍ୟର ଆନନ୍ଦଟି ଅବଶ୍ୟ ଉପଲବ୍ଧ ହେଉଥିବ । ଠିକ୍ ସେହିପରି ତାଙ୍କୁ କେବଳ ଆମରି ଭିତରେ ଓ ଆମରି ସକାଶେହିଁ ଖୋଜିବାକୁ ଗଲେ ତଦ୍ୱାରା ଆମ ନିଜକୁ ତଥା ତାଙ୍କରି ମଧ୍ୟରେ ଅନୁଭୂତ ଆମର ଆନନ୍ଦକୁ ମଧ୍ୟ କେବଳ ସୀମାବଦ୍ଧ କରି ରଖିବାହିଁ ସାର ହେବ । ସମଗ୍ର ଅର୍ଥାତ୍ ପୂର୍ଣ୍ଣ ଆନନ୍ଦ ତାଙ୍କୁ କେବଳ ଆମ ନିଜର ଏହି ବ୍ୟକ୍ତିଗତ ସତ୍ତାଟି ମଧ୍ୟରେହିଁ ଧରି ରଖିବାକୁ ଚାହେଁ ନାହିଁ, ତାହା ତାଙ୍କୁ ସକଳ ମନୁଷ୍ୟ ଓ ସକଳ ପ୍ରାଣୀଙ୍କ ମଧ୍ୟରେ ବି ଆଲିଙ୍ଗନ କରିପାରେ । ଏବଂ ତାଙ୍କର ମଧ୍ୟରେ ଅବସ୍ଥିତ ରହି ଆମେ ସମସ୍ତଙ୍କ ସହିତ ଏକାତ୍ମକ ହୋଇ ରହି ପାରୁଥିବାରୁ ପୂର୍ଣ୍ଣ ଆନନ୍ଦ କେବଳ ଆମ ନିଜ ସକାଶେହିଁ କଦାପି ତାଙ୍କର ଅନ୍ୱେଷଣ କରେ ନାହିଁ, ମାତ୍ର ଆମର ସହବୃନ୍ଦ ସମସ୍ତଙ୍କ ସକାଶେ ତାଙ୍କର ଅନ୍ୱେଷଣ କରୁଥାଏ । ଆମର ସକଳ ଆନନ୍ଦ ସେହି ପରମ ଦିବ୍ୟ ପୁରୁଷଙ୍କ ଭୂମିରେହିଁ ଏକ ପୂର୍ଣ୍ଣ ଓ ଅଶେଷ

'oaob.nitrkl.ac.in' images reprocessed

ଆନନ୍ଦ ହୋଇ ରହିବ; ଶୁଦ୍ଧ ଓ ଆପେ-ବର୍ତ୍ତିମାନ ହୋଇ ରହିଥିବାରୁ ତାହାକୁ ପୂର୍ଣ୍ଣ ବୋଲି ବୁଝାଯିବ ଏବଂ ସକଳ-ପ୍ରସାରୀ ଓ ସକଳ-ସମଷ୍ଟକ ହୋଇଥିବାରୁ ତାହାକୁ ଅଶେଷ ବୋଲି ମଧ୍ୟ ବୁଝାଯିବ । ଏବଂ ପୂର୍ଣ୍ଣଯୋଗର ସାଧକ ଲାଗି ଉତ୍ତର ମାର୍ଗ କହିଲେ ତାହା ସର୍ବଦା ସେହି ଆନନ୍ଦକୁହିଁ ବୁଝାଇବ ।

ଏହି ଆନନ୍ଦଟି ଆମ ଭିତରେ ଥରେ କ୍ରିୟାଶୀଳ ହୋଇପାରିଲେ ଯୋଗର ଅନ୍ୟ ଯାବତୀୟ ମାର୍ଗ ସବୁ ଏହାର ସ୍ରୋତରେ ଆପଣାକୁ କ୍ରମେ ଧାବିତ କରି ଆଣିବେ ଏବଂ ଏହି ଆନନ୍ଦ ସାହାଯ୍ୟରେ ଆପଣା ଆପଣାର ପରିପୂର୍ଣ୍ଣତମ ତାତ୍ପର୍ଯ୍ୟଟିକୁ ଉପଲବ୍ଧି କରିପାରିବେ । ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଆମ ସତ୍ତାର ଏହି ସମଗ୍ର ଶ୍ରଦ୍ଧାଟି ଜ୍ଞାନଠାରୁ ଆଦୌ ଦୂରକୁ ଚାଲିଯାଏ ନାହିଁ; ଏହି ମାର୍ଗଟିର ଭକ୍ତ ଯେପରି ଭଗବାନଙ୍କର ଜଣେ ପ୍ରେମିକ ହୋଇ ରହିଥାଏ, ସେ ସେହିପରି ଭଗବାନଙ୍କର ଜଣେ ଜ୍ଞାତା ହୋଇ ମଧ୍ୟ ରହିଥାଏ; କାରଣ ତାଙ୍କର ସତ୍ତାକୁ ଜାଣିବା ଦ୍ୱାରାହିଁ ତାଙ୍କର ସତ୍ତାଗତ ଆନନ୍ଦଟି ମଧ୍ୟ ଉପଲବ୍ଧ ହୋଇଥାଏ । ମାତ୍ର କେବଳ ଆନନ୍ଦ ମଧ୍ୟରେହିଁ ଜ୍ଞାନ ଆପଣାକୁ ପରିପୂର୍ଣ୍ଣ କରେ, ବିଶ୍ୱାତୀତଙ୍କର ଜ୍ଞାନ ବିଶ୍ୱାତୀତଙ୍କର ଆନନ୍ଦ ମଧ୍ୟରେହିଁ ଆପଣାକୁ ପରିପୂର୍ଣ୍ଣ କରେ, ବିଶ୍ୱଗତତାର ଜ୍ଞାନ ବିଶ୍ୱମୟ ପରମେଶ୍ୱରଙ୍କର ଆନନ୍ଦ ମଧ୍ୟରେହିଁ ପରିପୂର୍ଣ୍ଣ ହୋଇଥାଏ, ବ୍ୟକ୍ତରୂପରେ ଈଶ୍ୱର ଆପଣାକୁ ଅଭିବ୍ୟକ୍ତ କରୁଥିବାର ଜ୍ଞାନ ବ୍ୟକ୍ତ ମଧ୍ୟରେ ବିରାଜିତ ରହିଥିବା ପରମେଶ୍ୱରଙ୍କର ଆନନ୍ଦରେହିଁ ପରିପୂର୍ଣ୍ଣ ହୋଇଥାଏ । ନୈର୍ବ୍ୟକ୍ତିକତାର ସକଳ ଜ୍ଞାନ ତାଙ୍କର ନୈର୍ବ୍ୟକ୍ତିକ ସତ୍ତାର ଶୁଦ୍ଧ ଆନନ୍ଦଟିରେହିଁ ପରିପୂର୍ଣ୍ଣତା ଲାଭ କରେ, ତାଙ୍କର ବ୍ୟକ୍ତିତ୍ୱର ଧାରଣା କରିବାର ଜ୍ଞାନଟି ତାଙ୍କ ବ୍ୟକ୍ତିରୂପର ସର୍ବତଃପୂର୍ଣ୍ଣ ଆନନ୍ଦରେହିଁ ପରିପୂର୍ଣ୍ଣତା ଲାଭ କରେ, ତାଙ୍କର ଯାବତୀୟ ଗୁଣ ଓ ସେହି ଗୁଣତତ୍ତ୍ୱର ଲୀଳାର ଜ୍ଞାନ ଅଭିବ୍ୟକ୍ତିର ଆନନ୍ଦରେ ପରିପୂର୍ଣ୍ଣ ହୁଏ, ତାଙ୍କ ନିର୍ଗୁଣତାର ଜ୍ଞାନ ତାଙ୍କ ବର୍ଣ୍ଣନାତୀତ ଅସ୍ତିତ୍ୱ ତଥା ଅନଭିବ୍ୟକ୍ତିର ଆନନ୍ଦରେହିଁ ପରିପୂର୍ଣ୍ଣ ହୋଇଉଠେ ।

ଠିକ୍ ସେହିପରି ଭାବରେ ଈଶ୍ୱରଙ୍କର ପ୍ରେମିକ ଜଣେ ଦିବ୍ୟ କର୍ମୀରୂପେ ମଧ୍ୟ ଆପଣାକୁ ପ୍ରକାଶିତ କରି ଦେଉଥିବ; ସେହି କର୍ମଗୁଡ଼ିକ ସକାଶେ କିଂବା ଆପଣା ଉପରେହିଁ ଦୃଷ୍ଟିକୁ ନିବଦ୍ଧ କରି ରହିଥିବା କର୍ମଗତ କୌଣସି ସ୍ପୃହାନୁଭୂତ ସକାଶେ ସେ କର୍ମୀ ହୋଇ ବାହାରିବ ନାହିଁ, ମାତ୍ର ସ୍ୱୟଂ ଈଶ୍ୱର ଏହି ସ୍ରୋତରେହିଁ ଆପଣାର ସତ୍ତାଗତ ସାମର୍ଥ୍ୟକୁ ବ୍ୟାପୃତ କରୁଥିବାରୁ ଏବଂ ତାଙ୍କର ଏହିସବୁ ସାମର୍ଥ୍ୟ ତଥା ସେଗୁଡ଼ିକର ସଙ୍କେତ ମଧ୍ୟରେ ଆମେ ତାଙ୍କୁ ଆବିଷ୍କାର କରି ପାରୁଥିବାରୁହିଁ ସେ ଦିବ୍ୟ କର୍ମରେ ରତ ହୋଇ ରହିଥିବ । ଆପଣାର ଯାବତୀୟ କର୍ମରେ ରହିଥିବା ଦିବ୍ୟ ପରମ ସଙ୍କଳ୍ପଟିର ମଧ୍ୟଦେଇ ଆପଣାର ସାମର୍ଥ୍ୟଜନିତ ଆନନ୍ଦରେ ପରମେଶ୍ୱର ଆପଣାକୁ ଏହି ବିଶ୍ୱ ମଧ୍ୟରେ ଆଣି ଢାଳିଦେଉଥାନ୍ତି

'oaob.nitrkl.ac.in' images reprocessed

ବୋଲି ଓ ପରମ ଦିବ୍ୟ ସତ୍ତା ଦିବ୍ୟ ଶକ୍ତିମତ୍ତାର ଆନନ୍ଦରେ ଆପଣାକୁ ଅକାଡ଼ି ଦେବାରେ ଲାଗିଥାନ୍ତି ବୋଲି ସିଏ ମଧ୍ୟ କର୍ମରତ ହୋଇ ରହିବ । ପରମ ପ୍ରେମାସ୍ପଦଙ୍କର ସକଳ କରଣି ଓ କର୍ମ ମଧ୍ୟରେ ସେ ପରିପୂର୍ଣ୍ଣ ଆନନ୍ଦ ଅନୁଭବ କରିବ, କାରଣ ତାଙ୍କର ସେହି କର୍ମଗୁଡ଼ିକ ମଧ୍ୟରେ ବି ତାକୁ ସେହି ପରମ ପ୍ରେମାସ୍ପଦର ଦର୍ଶନ ମିଳିଯାଉଥିବ । ସିଏ ନିଜେ ମଧ୍ୟ ଯାବତୀୟ କର୍ମ ସମ୍ପନ୍ନ କରିବାରେ ଲାଗିଥିବ, କାରଣ ସେହି କର୍ମଗୁଡ଼ିକର ମାଧ୍ୟମରେ ମଧ୍ୟ ତା' ଜୀବନର ପରମ ଅଧୀଶ୍ୱର ତାହାରି ମଧ୍ୟରେ ତାଙ୍କର ଦିବ୍ୟ ଆନନ୍ଦଟିକୁ ଅଭିବ୍ୟକ୍ତ କରି ଦେଉଥିବେ । ଆପଣାର କର୍ମ କଲାବେଳେ ସେ ଆପଣାର କର୍ମ ତଥା ସାମର୍ଥ୍ୟ ମଧ୍ୟରେ ଆପଣାର ପ୍ରେମିକ ଓ ପରମାରାଧ୍ୟଙ୍କ ସହିତ ରହିଥିବା ତା'ର ଅଭିନ୍ନତ୍ୱଟିକୁହିଁ ବ୍ୟକ୍ତ କରି ଦେଉଥିବା ପରି ଅନୁଭବ କରୁଥିବ । ସେ ଆପଣାର ଯାବତୀୟ କର୍ମରେ ଯେଉଁ ଇଚ୍ଛାଟିର ବୋଲ ମାନୁଥିବ ଓ ତା' ସତ୍ତାର ସକଳ ଶକ୍ତିମୟତା ଯାହା ସହିତ ଆନନ୍ଦମଗ୍ନ ଭାବରେ ଏକାତ୍ମକ ହୋଇ ରହିଥିବ, ସେ ସର୍ବଦା ତାହାରି ଉଲ୍ଲାସଟିକୁ ଅନୁଭବ କରି ପାରୁଥିବ । ପୁନଶ୍ଚ, ଏହି ଈଶ୍ୱରପ୍ରେମିକ ପରିପୂର୍ଣ୍ଣ ହେବାର ଆକାଙ୍‌କ୍ଷା ମଧ୍ୟ ରଖିଥିବ ଓ ସେଥିଲାଗି ପ୍ରୟାସ କରିବାରେ ଲାଗିଥିବ, କାରଣ ପରିପୂର୍ଣ୍ଣତାକୁହିଁ ସେ ପରମ ଦିବ୍ୟସତ୍ତାର ସ୍ୱଭାବ ବୋଲି ଜାଣିଥିବ; ଏବଂ ସେ ଯେତିକି ଅଧିକ ପରିପୂର୍ଣ୍ଣତା ମଧ୍ୟକୁ ବିକଶିତ ହୋଇ ଯାଉଥିବ, ତା'ର ଏହି ପ୍ରାକୃତ ସତ୍ତାଟି ଭିତରେ ସେ ତା'ର ପରମ ପ୍ରେମାସ୍ପଦଙ୍କୁ ପ୍ରକାଶିତ ହୋଇ ରହିଥିବା ପରି ସେତିକି ଅଧିକ ପରିମାଣରେ ଅନୁଭବ କରି ପାରୁଥିବ । ଅଥବା, କୌଣସି ଏକ ଫୁଲ ବିକଶିତ ହୋଇ ଯାଉଥିବା ପରି ସିଏ କେବଳ ଅଧିକରୁ ଅଧିକ ବିକଶିତ ହେବାରେ ଲାଗିଥିବ, କାରଣ ତାହାରି ଭିତରେହିଁ ସେହି ପରମ ଦିବ୍ୟତା ବିରାଜି ରହିଥିବେ, ପରମ ଦିବ୍ୟ ପୁରୁଷଙ୍କର ପରମ ସ୍ୱରୂପଟି ମଧ୍ୟ ତାହାରି ଭିତରେ ରହିଥିବ । ଏବଂ ସେହି ସ୍ୱରୂପଟି ପ୍ରସାର ଲାଭ କରୁଥିବା ସଙ୍ଗେ ସଙ୍ଗେ ଆତ୍ମା, ମନ ଏବଂ ପ୍ରାଣ ମଧ୍ୟ ଅତ୍ୟନ୍ତ ସ୍ୱଭାବପ୍ରେରିତ ଭାବରେ ଆପଣା ଆପଣାର ଦିବ୍ୟତ୍ୱ ମଧ୍ୟକୁ ସମ୍ପ୍ରସାରିତ ହୋଇ ଯାଉଥିବେ । ଏବଂ ସବୁଟି ମଧ୍ୟରେ ସେହି ପରମ ଦିବ୍ୟତାକୁହିଁ ଅନୁଭବ କରି ପାରୁଥିବାରୁ, ସୀମା ଦ୍ୱାରା ସୂଚିତ ହୋଇ ରହିଥିବା ପ୍ରତ୍ୟେକଟି ପ୍ରତିଭାସ ମଧ୍ୟରେ ସେହି ପରିପୂର୍ଣ୍ଣ ଦିବ୍ୟତାର ଅନୁଭୂତି ଲାଭ କରୁଥିବାରୁ ତାକୁ ଆପଣାର ଅପୂର୍ଣ୍ଣତାଜନିତ ଦୁଃଖରେ କେବେହେଲେ ସନ୍ତାପିତ ହେବାକୁ ପଡ଼ିବ ନାହିଁ ।

ଏହି ଜୀବନ ମଧ୍ୟଦେଇ ପରମ ଦିବ୍ୟ ସତ୍ୟର ଅନ୍ୱେଷଣ କରିବା, ଆପଣା ଜୀବନ ତଥା ବିଶ୍ୱଗତ ଜୀବନର ଯାବତୀୟ କ୍ରିୟାତ୍ମକତାରେ ତାଙ୍କର ସାକ୍ଷାତ ଲାଭ କରିବା ମଧ୍ୟ ତା' ଆରାଧନାର ପରିସର ମଧ୍ୟରୁ କଦାପି ବାହାର ହୋଇ ରହିବ ନାହିଁ । ସକଳ ପ୍ରକୃତି ତଥା ସକଳ ଜୀବନ ତାକୁ ଏକାଧାରରେ ସେହି ପରମେଶ୍ୱରଙ୍କରହିଁ

'oaob.nitrkl.ac.in' images reprocessed

ଏକ ଆତ୍ମରୂପ-ପ୍ରକାଶ ଓ ଏକ ମନୋରମ ମିଳନସ୍ଥାନରୂପେ ଅନୁଭୂତ ହେବାକୁ ଆରମ୍ଭ କରିବ । ବୌଦ୍ଧିକ, ସୌନ୍ଦର୍ଯ୍ୟକାମୀ ତଥା ଗତ୍ୟାତ୍ମକ ଯାବତୀୟ କର୍ମ, ବିଜ୍ଞାନ, ଦର୍ଶନ ତଥା ଜୀବନ, ସ୍ଥାପନା, କଳା ଓ କ୍ରିୟା ତା' ଲାଗି ଏକ ଦିବ୍ୟତର ନିର୍ଦ୍ଦେଶର ରୂପ ଧାରଣ କରିବ, ଏବଂ ଏକ ବୃହତ୍ତର ତାତ୍ପର୍ଯ୍ୟର ବାହକ ହୋଇ ରହିବ । ସେ ସେହିସବୁର ଅନୁଧାବନ କରିବାରେ ଲାଗିଥିବ, କାରଣ ସେଗୁଡ଼ିକର ମାଧ୍ୟମରେ ସେ ସେହି ପରମ ଦିବ୍ୟସତ୍ତାଙ୍କୁ ଅଧିକ ସ୍ପଷ୍ଟଭାବରେ ଦେଖିବାକୁ ସମର୍ଥ ହେଉଥିବ ଏବଂ ସେଗୁଡ଼ିକ ମଧ୍ୟରେ ତା' ଲାଗି ସେହି ପରମ ଦିବ୍ୟତାର ଆନନ୍ଦଟିହିଁ ଭରପୂର ହୋଇ ରହିଥିବ । ସେ ବସ୍ତୁତଃ ସେଗୁଡ଼ିକର ବାହ୍ୟ ରୂପଗୁଡ଼ିକରେ କେବେହେଲେ ଲିପ୍ତ ହୋଇପଡ଼ିବ ନାହିଁ, କାରଣ ସକଳ ଲିପ୍ତତା ପରମ ଆନନ୍ଦର ପ୍ରାପ୍ତି ଲାଗି ତା' ଆଗରେ ଗୋଟିଏ ପ୍ରତିବନ୍ଧକ ହୋଇ ରହିଥିବ । ଏବଂ ସ୍ୱୟଂ ସେହି ବିଶୁଦ୍ଧ, ଶକ୍ତିମନ୍ତ ତଥା ପରିପୂର୍ଣ୍ଣ ଆନନ୍ଦର ଅଧିକାରୀ ହୋଇ ରହିଥିବାରୁ ମଧ୍ୟ ସେ କଦାପି ବାହ୍ୟ ରୂପଗୁଡ଼ିକରେ ଲିପ୍ତ ହୋଇପଡ଼ିବ ନାହିଁ । ସେହି ପରିପୂର୍ଣ୍ଣ ଆନନ୍ଦ ଆପଣା ଲାଗି ସବୁକିଛୁ ପାଇ ପାରୁଥିବ, ମାତ୍ର କାହାରି ଉପରେ ନିର୍ଭରଶୀଳ ହୋଇ ରହି ନଥିବ । ସେହିସବୁ ଅନୁଧାବନରେ ସେ ସେହି ପରମ ପ୍ରେମାସ୍ପଦଙ୍କରହିଁ ସକଳ ସ୍ୱର, ସକଳ ଚରଣି, ସକଳ ଇଙ୍ଗିତ, ସକଳ ସ୍ପନ୍ଦ, ସକଳ ସ୍ପର୍ଶ ତଥା ପ୍ରତିରୂପଗୁଡ଼ିକୁ ଆବିଷ୍କାର କରି ପାରୁଥିବ ବୋଲି ସେ ସେଗୁଡ଼ିକ ମଧ୍ୟରୁ ଏପରି ଏକ ପରମ ଉଲ୍ଲାସର ଅନୁଭୂତି ଲାଭ କରୁଥିବ, କେବଳ ସେହିଗୁଡ଼ିକ ଲାଗିହିଁ ସେଗୁଡ଼ିକ ପଛରେ ଧାଇଁଥିବା ଆମର ଏହି ସାଧାରଣ ମନ ଯାହାକୁ କି କଦାପି ଲାଭ କରିପାରିବ ନାହିଁ ଓ ସିଏ ଯାହାର ସ୍ୱପ୍ନ ମଧ୍ୟ ଦେଖିପାରିବ ନାହିଁ । ଏହିସବୁ ଏବଂ ଆହୁରି ଅନେକ ଅଧିକ ସମନ୍ୱିତା ସମଗ୍ର ଯୋଗମାର୍ଗରେ ଏକ ଅଂଶସ୍ୱରୂପ ହୋଇ ରହିଥିବ, ତାହାର ପରମ ଚରିତାର୍ଥତା ହୋଇ ରହିଥିବ ।

ସେହି ପରମ ଆନନ୍ଦର ସାମର୍ଥ୍ୟଟି ପ୍ରେମରୂପରେହିଁ ଆପଣାକୁ ପ୍ରକାଶିତ କରିଥାଏ ଏବଂ ଏକ ସୌନ୍ଦର୍ଯ୍ୟପ୍ରେରିତ ଦୃଷ୍ଟିକୁହିଁ ପ୍ରେମଜନିତ ପୁଲକଟି ଆପଣାର ବିଶେଷ ଆଧାର ବା ସ୍ତମ୍ଭରୂପେ ବ୍ୟବହାର କରିଥାଏ । ପରମେଶ୍ୱରଙ୍କର ପ୍ରେମୀ ସକଳ ବସ୍ତୁକୁ ମଧ୍ୟ ପ୍ରେମ କରେ ଏବଂ ଆପଣା ଜୀବନର ବେଢ଼ ମଧ୍ୟରେ ସେ ସେହି ପରମ-ଆନନ୍ଦମୟ ଏବଂ ପରମ-ସୌନ୍ଦର୍ଯ୍ୟମୟଙ୍କୁ ମଧ୍ୟ ଧରି ରଖିଥାଏ । ଯେତେବେଳେ ତା'ର ହୃଦୟଟି ଈଶ୍ୱରପ୍ରେମ ଦ୍ୱାରା ଅଧିକୃତ ହୋଇଯିବ, ସେତେବେଳେ ସେହି ପରମ ଦିବ୍ୟତାହିଁ ତାହାକୁ ଅଧିକାର କରି ନେଇଛନ୍ତି ବୋଲି ନିଶ୍ଚିତ ଭାବରେ ଜାଣି ରଖିବାକୁ ହେବ; ଏବଂ ଯେତେବେଳେ ସେ ସର୍ବତ୍ର କେବଳ ସେହି ପରମ-ସୌନ୍ଦର୍ଯ୍ୟମୟଙ୍କୁହିଁ ଦେଖିବାକୁ ଲାଗିବ ଏବଂ ସର୍ବଦା ତାଙ୍କର ଆଲିଙ୍ଗନର ଆନନ୍ଦଟିକୁ ଅନୁଭବ କରିବ, ସେତେବେଳେ ସେ ସେହି ପରମ ଦିବ୍ୟତାରହିଁ ଅଧିବାସୀ

'oaob.nitrkl.ac.in' images reprocessed

ହୋଇପାରନ୍ତି ବୋଲି ନିଶ୍ଚିତ ଭାବରେ ଜାଣି ରଖିବାକୁ ହେବ । ଏକ ହୋଇଯିବାରେହିଁ ପ୍ରେମ ଆପଣାକୁ ଚରିତାର୍ଥ କରିଥାଏ, ମାତ୍ର ପରସ୍ପର ପରସ୍ପରକୁ ଏହିପରି ଅଧିକାର କରି ରହିବାରେହିଁ ଏକାଧାରରେ ଏହି ପ୍ରେମର ପ୍ରଗାଢ଼ତାରେ ପରାକାଷ୍ଠାର ଉପଲବ୍ଧି ହୋଇପାରିବ ଏବଂ ତାହା ଆପଣାର ବୃହତ୍ତମ ବସ୍ତୁ ଲାଭ କରିପାରିବ । ଏହାକୁହିଁ ଆମେ ପରମ ଦିବ୍ୟାନନ୍ଦଜନକ ଏକତ୍ୱର ଅସଲ ଭିତ୍ତି ବୋଲି ଜାଣିରଖିବା ।

'oaob.nitrkl.ac.in' images reprocessed

ସପ୍ତମ ପରିଚ୍ଛେଦ

# ଆନନ୍ଦ ବ୍ରହ୍ମ

ସମଗ୍ର ଏବଂ ସମନ୍ୱୟାତ୍ମକ ଯୋଗରେ ଭକ୍ତିର ମାର୍ଗଟି ପ୍ରେମ ଓ ଆନନ୍ଦର ମଧ୍ୟଦେଇ ପରମ ଦେବତାର ସନ୍ଧାନ କରିବାର ରୂପ ଗ୍ରହଣ କରିବ ଏବଂ ପରମ ହର୍ଷର ସହିତ ତାହା ତାଙ୍କ ସତ୍ତାର ଯାବତୀୟ ମାର୍ଗକୁ ମଧ୍ୟ ଆପଣାର ମାର୍ଗ ବୋଲି ଗ୍ରହଣ କରିନେବ । ପ୍ରେମର ଏକ ପରିପୂର୍ଣ୍ଣ ସମ୍ମିଳନରେହିଁ ଏହି ଯୋଗ ଆପଣାର ପରାକାଷ୍ଠା ଲାଭ କରିବ ଏବଂ ଆମର ଆତ୍ମା ଭଗବାନଙ୍କ ସହିତ ନିବିଡ଼ ଭାବରେ ବାନ୍ଧିହୋଇ ରହିବାର ଯେତେଯେତେ ବାଟ ରହିଛି, ତାହା ସେହି ସବୁଗୁଡ଼ିକ ବାଟକୁ ପରିପୂର୍ଣ୍ଣ ଭାବରେ ଆସ୍ୱାଦନ କରିପାରିବ । ଏହି ଯୋଗ ଜ୍ଞାନରୁ ଆରମ୍ଭ ହୋଇପାରିବ, କିଂବା କର୍ମରୁ ମଧ୍ୟ ଆରମ୍ଭ ହୋଇପାରିବ; ମାତ୍ର ତାହା ସକଳ ଜ୍ଞାନକୁ ପରମ ପ୍ରେମାସ୍ପଦର ସତ୍ତାଟି ସହିତ ଆଲୋକଦୀପ୍ତ ଭାବରେ ସମ୍ମିଳିତ ହୋଇ ରହିବାର ଏକ ଆନନ୍ଦରେହିଁ ରୂପାନ୍ତରିତ କରିଦେଇ ପାରୁଥିବ ଏବଂ ସକଳ କର୍ମକୁ ମଧ୍ୟ ପରମ ପ୍ରେମାସ୍ପଦଙ୍କର ପରମ ଇଚ୍ଛାଟି ସହିତ ଏବଂ ତାଙ୍କର ସତ୍ତାଗତ ସାମର୍ଥ୍ୟଟି ସହିତ ଆମର ନିଜ ସତ୍ତାଟିକୁ ସକ୍ରିୟ ଭାବରେ ସମ୍ମିଳିତ କରି ରଖିବାର ଏକ ଆନନ୍ଦରେ ରୂପାନ୍ତରିତ କରି ଦେଉଥିବ । ଅଥବା, ତାହା ସିଧା ପ୍ରେମ ତଥା ଆନନ୍ଦରୁ ମଧ୍ୟ ଆରମ୍ଭ ହୋଇପାରିବ; ଏବଂ ସେହି କ୍ଷେତ୍ରରେ ଏହି ଅନ୍ୟ ଦୁଇଟିଯାକକୁ ଆପଣା ମଧ୍ୟକୁ ଗ୍ରହଣ କରିନେବ ଏବଂ ଏକତ୍ୱର ପରିପୂର୍ଣ୍ଣ ଆନନ୍ଦର ଗୋଟିଏ ଗୋଟିଏ ଅଂଶରୂପେ ସେଗୁଡ଼ିକୁ ବିକଶିତ କରାଇ ଆଣିବ ।

ପରମ ଦେବତା ଲାଗି ହୃଦୟର ଆକର୍ଷଣ ଆରମ୍ଭ କାଳରେ ହୁଏତ କେବଳ ନୈର୍ବ୍ୟକ୍ତିକ ହୋଇ ରହିପାରେ; ଆମର ଏହି ଆବେଗମୟ ଅଥବା ସୌନ୍ଦର୍ଯ୍ୟବୋଧୀ ସତ୍ତା ପାଖରେ କିଂବା ଚିଦ୍‌ଗତ ପ୍ରସନ୍ନତା ଲାଗି ଆମ ଭିତରେ ରହିଥିବା ସାମର୍ଥ୍ୟଟି ପାଖରେ ଆପଣାକୁ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ଉନ୍ମୋଚିତ କରି ଦେଉଥିବା କୌଣସି ନା କୌଣସି ବିଶ୍ୱମୟ ଅଥବା ବିଶ୍ୱାତୀତ ସମ୍ପଦ ପାଇଁ ଅନୁଭୂତ ହେଉଥିବା ଏକ ନୈର୍ବ୍ୟକ୍ତିକ ଆନନ୍ଦର ସତେଅବା ଏକ ଘୂର୍ଣ୍ଣିଲଭ ପରି ଏହି ଆକର୍ଷଣଟି ଅନୁଭୂତ

'oaob.nitrkl.ac.in' images reprocessed

ହୋଇପାରେ । ଏବଂ ଏହିପରି ଭାବରେ ଆମେ ଯେଉଁଟି ବିଷୟରେ ସଜ୍ଞାନତା ଲାଭ କରିଥାଉ, ସେଇଟି ହେଉଛି ଆନନ୍ଦ ବ୍ରହ୍ମ । ଏହି କ୍ଷେତ୍ରରେ ନୈର୍ବ୍ୟକ୍ତିକ ପରମ ଆନନ୍ଦ ଓ ପରମ ସୌନ୍ଦର୍ଯ୍ୟ ଲାଗିହିଁ ଏକ ଶ୍ରଦ୍ଧା ରହିଥାଏ, ଏକ ଆରାଧନାମୂଳକ ଦୃଷ୍ଟି ରହିଥାଏ; ଏପରି ଏକ ଶୁଦ୍ଧ ଓ ଅନ୍ତହୀନ ପରିପୂର୍ଣ୍ଣତା ଲାଗି ଏକ ଶ୍ରଦ୍ଧାଭାବ ରହିଥାଏ, ଯାହାକୁ କି କୌଣସି ନାମ ବା କୌଣସି ରୂପ ଦେଇ ବର୍ଣ୍ଣନା କରିହୁଏ ନାହିଁ । ଅର୍ଥାତ୍, ଏହି ଜଗତ ମଧ୍ୟରେ ରହିଥିବା ଅଥବା ଜଗଦତୀତ ହୋଇ ରହିଥିବା କୌଣସି ଆଦର୍ଶ ଓ ଅନନ୍ତ ସାନ୍ନିଧ୍ୟ, ଶକ୍ତିମତ୍ତା ବା ଅସ୍ତିତ୍ୱ ପ୍ରତି ଆପଣାର ଆତ୍ମାରେ ଏକ ଗତ୍ୟାତ୍ମକ ଆକର୍ଷଣ ଅନୁଭବ କରାଯାଏ; ସେହି ସାନ୍ନିଧ୍ୟ, ଶକ୍ତିମତ୍ତା ବା ଅସ୍ତିତ୍ୱ କୌଣସି ନା କୌଣସି ପ୍ରକାରେ ଆମର ମନୋଭୂମି କିଂବା ଅଧ୍ୟାତ୍ମଭୂମିରେ ଆମର ଚେତନାରେ ଆସି ଧରାଦେବାକୁ ଆରମ୍ଭ କରେ ଏବଂ ତା'ପରେ ଅଧିକରୁ ଅଧିକ ପରିମାଣରେ ନିବିଡ଼ ଓ ବାସ୍ତବ ହୋଇ ଅନୁଭୂତ ହୁଏ । ତାହାକୁହିଁ ଆମେ ଆନନ୍ଦ ବ୍ରହ୍ମର ଆହ୍ୱାନ ବୋଲି କହିବା, ଆମ ଉପରେ ସେହି ଆନନ୍ଦ ବ୍ରହ୍ମର ସ୍ପର୍ଶଟି ଆସି ବାଜିବା ବୋଲି କହିବା । ଏବଂ ତା'ପରେ ଏହାର ସାନ୍ନିଧ୍ୟଜନିତ ପୁଲକ ଓ ନୈକଟ୍ୟଟିକୁ ଆମେ ସର୍ବଦା ଆମରି ସହିତ ଧରି ରଖିବାକୁ ମନ ବଳାଉ, ଏହାର ନିରନ୍ତର ବାସ୍ତବତାଟି ବିଷୟରେ ଆମର ବୁଦ୍ଧି ଓ ବୋଧିଗତ ମନର ହୃଦ୍‌ବୋଧ କରାଇ ପାରିବାକୁ ତାହାର ସ୍ୱରୂପଟି ବିଷୟରେ ଜାଣିବା ଲାଗି ଆକାଂକ୍ଷା ପ୍ରକାଶ କରୁ, ପ୍ରଥମେ ଆମର ଇନ୍ଦ୍ରିୟ ଓ ତା'ପରେ ଆମର ସାମର୍ଥ୍ୟ ମୁତାବକ ଆମର ସକ୍ରିୟ ସତ୍ତାଟିକୁ ଅର୍ଥାତ୍ ଆମର ଅନ୍ତର୍ଗତ ଅବିନାଶୀ ଓ ଏପରିକି ଆମର ବହିଃସ୍ଥ ଏହି ମରଣଶୀଳ ସତ୍ତାଟିକୁ ମଧ୍ୟ ସେହି ସାନ୍ନିଧ୍ୟଟି ସହିତ ପରିପୂର୍ଣ୍ଣ ସୌଷମ୍ୟବଦ୍ଧ କରି ରଖିବାକୁ ଉଦ୍ୟମ କରିବାରେ ଲାଗିଥାଉ ଏବଂ କ୍ରମେ ଏହିଗୁଡ଼ିକହିଁ ଆମ ଜୀବନର ଗୋଟିଏ ଗୋଟିଏ ଆବଶ୍ୟକତାରେ ପରିଣତ ହୋଇ ଯାଉଥାଏ । ଏବଂ ଏହି ସାନ୍ନିଧ୍ୟଟି ପାଖରେ ଆପଣାକୁ ଉନ୍ମୋଚିତ କରି ରଖିବାକୁହିଁ ଆମେ ଆମର ଏକମାତ୍ର ଯଥାର୍ଥ ସୁଖ ବୋଲି ଅନୁଭବ କରିବାକୁ ଆରମ୍ଭ କରୁ, ଏବଂ ତାହାରି ମଧ୍ୟରେ ରହି ଆପଣାର ଜୀବନ ବଞ୍ଚିବାକୁ ଏକମାତ୍ର ଯଥାର୍ଥ ପରିପୂର୍ଣ୍ଣତା ବୋଲି ମଧ୍ୟ ଅନୁଭବ କରୁ ।

ଏକ ବିଶ୍ୱାତୀତ ଆନନ୍ଦକୁହିଁ ଆମେ ପରମ ଅନିର୍ବଚନୀୟଙ୍କର ସ୍ୱଭାବ ବୋଲି କହିବା; ଆମର ମନ ଓ ମୁଖର କଥା ଏହି ଆନନ୍ଦଟିକୁ କେବେହେଲେ କଳ୍ପନା କରିପାରିବ ନାହିଁ ଅଥବା ପ୍ରକାଶ ମଧ୍ୟ କରିପାରିବ ନାହିଁ । ସେହି ଆନନ୍ଦହିଁ ସମଗ୍ର ବିଶ୍ୱଜଗତରେ ତଥା ବିଶ୍ୱଜଗତ ମଧ୍ୟରେ ରହିଥିବା ପ୍ରତ୍ୟେକ ବସ୍ତୁରେ ଅନ୍ତର୍ବ୍ୟାପ୍ତ ଓ ପ୍ରଚ୍ଛନ୍ନ ହୋଇ ରହିଛି । ସେହି ଆନନ୍ଦର ଅବସ୍ଥିତିକୁ ସୃଷ୍ଟି ଆନନ୍ଦର ଏକ ଆକାଶରୂପେ ବର୍ଣ୍ଣନା କରାଯାଇଛି, ଏବଂ ଏହାରି ବିଷୟରେ କହିବାକୁ ଯାଇ ଶାସ୍ତ୍ରରେ

'oaob.nitrkl.ac.in' images reprocessed

ବୁଝାଯାଉଛୁ ଯେ ଏଭଳି ନଥିଲେ କେବେହେଲେ ଗୋଟିଏ ମୁହୂର୍ତ୍ତ ସକାଶେ ମଧ୍ୟ ନିଶ୍ୱାସ ନେଇପାରନ୍ତେ ନାହିଁ କିମ୍ବା ଜୀବନଧାରଣ କରିପାରନ୍ତେ ନାହିଁ । ଏବଂ ଏଠାରେ ଆମର ହୃଦୟ ଭିତରେ ମଧ୍ୟ ସେହି ଆଧ୍ୟାତ୍ମିକ ଆନନ୍ଦ ବର୍ତ୍ତମାନ ରହିଛି । ଆମର ସେଇ ଉପର ମନଟା ବଡ଼ ଦୁର୍ବଳ ଓ ଅଜ୍ଞ ଭାବରେ ତାହାକୁ ଏହି ଇନ୍ଦ୍ରିୟଗତ ସୁଖାନୁଭବର ନାନାବିଧ ମନୋଗତ, ପ୍ରାଣିକ ତଥା ଭୌତିକ ରୂପରେ ତର୍ଜମା କରିପକାଇହିଁ ତାହାକୁ ଧରି ପାରିବାର ଚେଷ୍ଟା କରିବାରେ ଲାଗିଛି, ତାହାର ଏହି ଯାବତୀୟ ପ୍ରୟାସକ୍ଳେଶର ଭୂମିଟିରୁ ସେହି ଆନନ୍ଦଟି ଲୁକ୍କାୟିତ ହୋଇ ରହିଛି । ମାତ୍ର ଏହି ମନ ଯେତେବେଳେ ଥରେ ଆପଣାର ଗ୍ରହଣଶୀଳତାର କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ସୂକ୍ଷ୍ମ ଓ ଶୁଦ୍ଧ ହୋଇଯାଇ ପାରିବ ଓ ଜୀବନ ଲାଗି କେବଳ ଆମର ବାହ୍ୟ ପ୍ରତିସ୍ପନ୍ଦନଗୁଡ଼ିକର ସ୍ଥୂଳ ସ୍ୱଭାବଟି ଭିତରେ ଆଉ ବାନ୍ଧିହୋଇ ରହିବ ନାହିଁ, ସେତେବେଳେ ଯାଇ ଆମେ ସେହି ଆନନ୍ଦର ମନନ କରିବା ଲାଗି ସମର୍ଥ ହୋଇପାରିବା । ଏବଂ ଏକଥାଟି ମଧ୍ୟ ଘଟିବ ଯେ ଆମର ସ୍ୱଭାବଟି ମଧ୍ୟରେ ଯାହାକିଛି ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇ ରହିଥିବ, ତାହା ସମ୍ଭବତଃ ସମ୍ପୂର୍ଣ୍ଣ ଭାବରେ ଅଥବା ସର୍ବାଧିକ ପ୍ରଭାବମୟ ଭାବରେ ସେତେବେଳେ ତାହାର ବର୍ତ୍ତିଟିକୁ ଧାରଣ କରିହିଁ ଆପଣାକୁ ପ୍ରକାଶିତ କରିଦେବ । ପ୍ରଥମ ଅବସ୍ଥାରେ ତାହା ହୁଏତ ଆମେ ଏହି ପ୍ରକୃତି ମଧ୍ୟରେ, ମନୁଷ୍ୟ ମଧ୍ୟରେ ଏବଂ ଆମ ଚତୁର୍ଦ୍ଦିଗସ୍ଥ ସବୁକିଛି ମଧ୍ୟରେ ଅନୁଭବ କରୁଥିବା କୌଣସି ବିଶ୍ୱମୟ ପରମ ସୌନ୍ଦର୍ଯ୍ୟର ଆକାଙ୍କ୍ଷାରୂପେହିଁ ଆପଣାକୁ ଅନୁଭୂତ କରାଇପାରେ; ଅଥବା, ଆମେ ହୁଏତ କୌଣସି ବିଶ୍ୱାତୀତ ପରମ ସୌନ୍ଦର୍ଯ୍ୟର ବି ଅନ୍ତର୍ବୋଧ ଲାଭ କରିପାରୁ ଏବଂ ଏଠାରେ ଏହି ଭୂମିରେ ପ୍ରକଟ ହୋଇ ରହିଥିବା ଯାବତୀୟ ସୌନ୍ଦର୍ଯ୍ୟକୁ ତାହାର କେବଳ ଏକ ପ୍ରତୀକରୂପେହିଁ ଜାଣିପାରୁ । ଯେଉଁମାନଙ୍କ ଭିତରେ ମନୁଷ୍ୟର ସୌନ୍ଦର୍ଯ୍ୟାସ୍ୱାଦ ପ୍ରବୃତ୍ତି ଏକ ବିକଶିତ ଓ ସ୍ଥାୟୀଭାବରେ ପ୍ରଭାବଶାଳୀ ଅବସ୍ଥାକୁ ଆସିପାରିଛି ଏବଂ ଆପଣାକୁ ଅଭିବ୍ୟକ୍ତ କରିବାର ଉପଯୁକ୍ତ ଅବସର ପାଇଲେ ଯେଉଁ ସହଜାତ ପ୍ରବୃତ୍ତିଗତ ଗୁଣଗୁଡ଼ିକ ମନୁଷ୍ୟକୁ ଜଣେ କବି ବା କଳାକାରରୂପେ ତିଆରି କରି ଦେଇଥାନ୍ତି, ସେଗୁଡ଼ିକ ଯାହା ଭିତରେ ସର୍ବାଧିକ ପ୍ରଭାବଶାଳୀ ହୋଇ ରହିଛନ୍ତି, ସେହିମାନଙ୍କ ମଧ୍ୟରେ ଏହିପରି ଭାବରେ ତାହାର ଉନ୍ମେଷ ହୋଇପାରେ । ଅଥବା, ତାହାର ଆଡ଼କୁ ଆମ ଉଦ୍‌ଗତ ଭୂମିର ଆବଶ୍ୟକତାଟିକୁ ଉଦ୍ଦିଷ୍ଟ କରି ରଖିଥିବା ବେଳେ ଆମକୁ ଆପଣାର ପ୍ରତିସ୍ପନ୍ଦନ ଜଣାଇ ଯାଉଥିବା ପ୍ରେମର ଏକ ଦିବ୍ୟ ଭାବଗତତା ଅଥବା ଏହି ବିଶ୍ୱଜଗତରେ, ଏହି ବିଶ୍ୱଜଗତର ପଛରେ ବା ଏହାର ସୀମା ସେପାଖରେ ରହିଥିବା ଏକ ସହାସ୍ୟ, ଅନୁକମ୍ପାଶୀଳ ଅନ୍ତହୀନ ପରମ ସାନ୍ନିଧ୍ୟର ବୋଧରୂପେ ମଧ୍ୟ ଏହି ଆନନ୍ଦଟି ଆମ ପାଖରେ ଅନୁଭୂତ ହୋଇପାରେ । ତେଣୁ ଆମର ସ୍ୱଭାବଧର୍ମୀ

'oaob.nitrkl.ac.in' images reprocessed

ସତ୍ତ୍ୱଟି ପ୍ରଗାଢ଼ ଭାବରେ ବିକଶିତ ହୋଇପାରିଲେ ଯାଇ ଏହାର ଆବିର୍ଭାବ ପାଇଁ ଏକ ସମ୍ଭାବନା ଆସି ପହଞ୍ଚିପାରେ । ଏହା ଅନ୍ୟ ନାନା ମାର୍ଗରେ ମଧ୍ୟ ଆମ ପାଖକୁ ଆସିପାରେ; ମାତ୍ର ସର୍ବଦା ତାହା ମନକୁ ସ୍ପର୍ଶ କରୁଥିବା କେବଳ ଆନନ୍ଦ, ସୌନ୍ଦର୍ଯ୍ୟ, ପ୍ରେମ ଅଥବା ଶାନ୍ତିର ଏକ ପରମ ସାନ୍ନିଧ୍ୟ ବା ସାମର୍ଥ୍ୟରୂପେହିଁ ଆସିଥାଏ । ମାତ୍ର ଏସବୁ ଆମର ମନୋଭୂମିରେ ସାଧାରଣତଃ ଯେଉଁଭଳି ରୂପରେ ଆବିର୍ଭୂତ ହୋଇଥାନ୍ତି, ଏହି ଆନନ୍ଦ ସବୁବେଳେ ସେଗୁଡ଼ିକର ଅତୀତ ହୋଇ ରହିଥାଏ ।

କାରଣ ଆମର ଯାବତୀୟ ହରଷ, ସୌନ୍ଦର୍ଯ୍ୟ, ପ୍ରେମ, ଶାନ୍ତି ଓ ଆନନ୍ଦକୁ ଆମେ କେବଳ ସେହି ଆନନ୍ଦ ବ୍ରହ୍ମରୁହିଁ ପ୍ରବାହିତ ହୋଇ ଆସୁଥିବା ଏକ ସ୍ରୋତପ୍ଲାବନ ବୋଲି କହିପାରିବା; ଆମର ଚିଦ୍‌ଭୂମି, ବୁଦ୍ଧି, କଳ୍ପନା, ସୌନ୍ଦର୍ଯ୍ୟବୋଧ, ନୈତିକ ଆକାଙ୍‌କ୍ଷା ଓ ପରିତର୍ପଣ, ଆମର ଯାବତୀୟ କର୍ମ, ପ୍ରାଣ ତଥା ଶରୀର ପ୍ରଭୃତି ସର୍ବବିଧ ସୋପାନର ଆନନ୍ଦକୁ ଆମେ ଆନନ୍ଦ ବ୍ରହ୍ମରହିଁ ଉତ୍ସରଣ ବୋଲି କହିପାରିବା । ଏବଂ ଆମ ସତ୍ତ୍ୱର ସର୍ବବିଧ ମାର୍ଗ ଦେଇ ପରମ ଦିବ୍ୟସତ୍ତ୍ୱା ଆମକୁ ଅବଶ୍ୟ ସ୍ପର୍ଶ କରିପାରିବ ଏବଂ ଆମର ଚିଦ୍‌ଗତତାଟିକୁ ଜାଗୃତ ଓ ପାଶମୁକ୍ତ କରିବା ପାଇଁ ସେଗୁଡ଼ିକୁ ଅବଶ୍ୟ କାମରେ ଲଗାଇ ପାରିବ । ମାତ୍ର ଆନନ୍ଦ ବ୍ରହ୍ମର ସ୍ୱଭାବଗତ ଭୂମିରେ ଯାଇ ପହଞ୍ଚିପାରିବାକୁ ହେଲେ ଆମର ମନ ତାହାକୁ ଯେଉଁଭଳି ଭାବରେ ଗ୍ରହଣ କରିପାରୁଛି, ସେହି ଭାବରେ ଏକ ଉତ୍ତୋଳନ ଘଟାଇବାକୁ ପଡ଼ିବ, ତାହାକୁ ଏକ ଆଧ୍ୟାତ୍ମିକ ଭୂମିରେ ଅନୁସିକ୍ତ କରି ରଖିବାକୁ ପଡ଼ିବ, ତାହାକୁ ବିଶ୍ୱମୟ କରିଦେବାକୁ ପଡ଼ିବ; ଏବଂ ବର୍ତ୍ତମାନ ଯାହାକିଛି ଏହି କ୍ଷେତ୍ରରେ କର୍ଦମାକ୍ତ ଓ ସୀମାସଙ୍କୁଚିତ ହୋଇ ରହିଛି, ସେସବୁକୁ କାଢ଼ି ବାହାର କରିଦେବାକୁ ପଡ଼ିବ । କାରଣ, ଯେତେବେଳେ ଆମେ ତାହାର ପ୍ରାୟ ନିକଟବର୍ତ୍ତୀ ହୋଇ ଆସୁ ଅଥବା ତାହା ଭିତରେ ପ୍ରବେଶ କରୁ, ସେତେବେଳେ ଏକ ବିଶ୍ୱାତୀତ ତଥା ଏକ ବିଶ୍ୱମୟ ପରମ ଆନନ୍ଦର ସମ୍ୟକ୍ ରୂପେ ଜାଗ୍ରତ ହୋଇ ପାରିଥିବା ଏକ ଆଧ୍ୟାତ୍ମିକ ବୋଧ ଦ୍ୱାରାହିଁ ଆମେ ତାହା କରିବାକୁ ସମର୍ଥ ହୋଇଥାଉ । ସେହି ଆନନ୍ଦ ଆମର ଭିତରେହିଁ ରହିଥାଏ, ମାତ୍ର ତଥାପି ଏହି ବିଶ୍ୱଜଗତର ଯାବତୀୟ ବିରୋଧ ଓ ବିଷମତାର ପଛରେ ଏବଂ ସେଗୁଡ଼ିକର ଅତୀତ ହୋଇହିଁ ରହିଥାଏ; ଏବଂ କେବଳ ଏକ ସମବିକାଶଶୀଳ ବିଶ୍ୱଗତ ଓ ଆଧ୍ୟାତ୍ମିକ ଅଥବା ଏକ ବିଶ୍ୱାତୀତ ଦିବ୍ୟ ଆନନ୍ଦାଭିଭୂତିର ମଧ୍ୟଦେଇହିଁ ଆମେ ଆପଣାକୁ ସେଇଟି ସହିତ ନେଇ ସଂଯୁକ୍ତ କରିଦେଇ ପାରିବା ।

ସାଧାରଣତଃ ଆମର ମନ ଆମେ କଳ୍ପନା କରି ପାରୁଥିବା ଏହି ପରମ ଅନନ୍ତତାଟି ବିଷୟରେ ମନନ କରି ସେଇଥିରେହିଁ ସନ୍ତୁଷ୍ଟ ରହେ, ଅଥବା ଆପଣାର ଏକ ଅନୁଭୂତ ହିସାବରେ ଆମ ଭିତରେ ଅଥବା ଆମର ବାହାରେ ଏହାର ଅସ୍ତିତ୍ୱ

'oaob.nitrkl.ac.in' images reprocessed

ବିଷୟରେ ଏକ ବୋଧ ଅନୁଭବ କରି ସେଇଥିରେ ବୋଧ ହୋଇଯାଏ । ଏହି ଅନୁଭୂତିଟି ଯେତେ ମୁହୁର୍ମୁହୁଃ ଆସୁଥିଲେ ମଧ୍ୟ ତଥାପି ଏକ ବ୍ୟତିକ୍ରମ ହୋଇ ରହିଥାଏ । ପ୍ରକୃତରେ ଆସିଥିବା ସମୟରେ ଏହି ଅନୁଭୂତ ସ୍ପନ୍ଦନଟି ମଧ୍ୟରେ ଏତେ ସନ୍ତୋଷଦାୟକ ଓ ଚମତ୍କାର ଲାଗୁଥାଏ ଏବଂ ଆମର ସେଇ ସାଧାରଣ ମନ ଏବଂ କ୍ରିୟାମୟ ଜୀବନଟିକୁ ନେଇ ଆମେ ଭାଳି ବସିବାକୁ ବାଧ୍ୟ ହୋଇ ରହୁ, ସେଇଟି ସେତେବେଳେ ଏହି ଅନୁଭୂତିଟି ସହିତ ହୁଏତ ଏତେବେଶୀ ଅସମଞ୍ଜସ ବୋଧ ହୋଇପାରେ ଯେ ଆମେ ହୁଏତ ସେତିକିକୁହିଁ ଅତ୍ୟଧିକ ବୋଲି ଧରି ନେଇପାରୁ ଓ ସେତିକିଠାରୁ ଆଉ କିଛିହେଲେ ଅଧିକ ଲାଗି ହୁଏତ କୌଣସି ପ୍ରତ୍ୟାଶାହିଁ ରଖି ନପାରୁ । ମାତ୍ର ସେଇଟି, ଅର୍ଥାତ୍ ଯାହା ଏକ ବ୍ୟତିକ୍ରମ ପରି ହୋଇ ରହିଛି, ତାହାକୁ ଆମର ସାଧାରଣ ଜୀବନାନୁଭୂତିରେ ପରିଣତ କରିବା ହେଉଛି ଯୋଗର ଅସଲ ମର୍ମ; ଯାହା ଆମର ଏହି ଭୂମିଟି ଲାଗି ଊର୍ଦ୍ଧ୍ୱ ହୋଇ ରହିଛି ଓ ଯାହା ଆମର ଏହି ନିତ୍ୟନୈମିତ୍ତିକ ଅବଭୂମିଟି ଲାଗି ବୃହତ୍ତର ହୋଇ ରହିଛି, ତାହାକୁ ଆମର ନିଜର ନିରନ୍ତର ଚେତନାରେ ପରିଣତ କରିଦେଇ ପାରିବା ହେଉଛି ଯୋଗର ଉଦ୍ଦେଶ୍ୟ । ତେଣୁ ପରମ ସତ୍ତାଙ୍କ ବିଷୟରେ ଆମର ଯାହାକିଛି ଅନୁଭୂତ ରହିଛି, ତାହାର ସମ୍ମୁଖରେ ଆପଣାକୁ ଅଧିକ ଦୃଢ଼ଭାବ ସହିତ ଉନ୍ମୋଚିତ କରିଦେବା, ସେଇଟିକୁ ଅଧିକ ଶୁଦ୍ଧ ଓ ଅଧିକ ପ୍ରଗାଢ଼ କରିବା ଏବଂ ତାହାକୁହିଁ ଆମର ନିତ୍ୟ ସ୍ୱଭାବ ତଥା ନିତ୍ୟ ମନନର ଧ୍ୟେୟ କରି ରଖିବା ଲାଗି ଆମ ଭିତରେ ସତେ କୌଣସି କାର୍ପଣ୍ୟ ବା କୁଣ୍ଠିତତା ରହିବା ଉଚିତ ନୁହେଁ । ଏହିପରି ନିରନ୍ତର ପ୍ରୟାସ ଦ୍ୱାରାହିଁ ପରିଶେଷରେ ଏହି ଅନୁଭୂତିଟି ଆମ ଭିତରେ କାର୍ଯ୍ୟ କରୁଥିବା ସର୍ବମୂଳ ସାମର୍ଥ୍ୟଟିରେ ପରିଣତ ହୋଇଯାଇ ପାରିବ, ତାହାହିଁ ଆମର ସକଳ ଆରାଧନା ତଥା ଆଲିଙ୍ଗନର ଆସ୍ପଦ ସେହି ପରମ ଦେବତାରୂପେ ପ୍ରତିମୂର୍ତ୍ତି ହୋଇ ଉଠିବ; ଆମର ସମ୍ପୂର୍ଣ୍ଣ ପ୍ରକୃତି ତାହାର ସହିତ ଐକ୍ୟତାନବଦ୍ଧ ହୋଇ ରହିବ ଏବଂ ସେହି ଅନୁଭୂତିଟିହିଁ ଆମ ସତ୍ତାର ଯଥାର୍ଥ ଅବସ୍ଥା ହୋଇ ରହିବ ।

ଏହି ଆନନ୍ଦଟି ବିଷୟରେ ଆମର ଯେଉଁ ଅନୁଭୂତ ରହିଛି, ତାହାକୁ ତାହା ସହିତ ରହି ଯାଉଥିବା ସକଳ ମନୋଗତ ମିଶ୍ରଣରୁ ବିଶୋଧିତ କରି ରଖିବାକୁ ପଡ଼ିବ; ତା' ନହେଲେ ସେଇଟି ଆମକୁ ଛାଡ଼ି ପଳାଇବାହିଁ ସାର ହେବ ଓ ଆମେ ଆଉ ସେଇଟିକୁ ଆମ ଭିତରେ ଧରି ରଖିପାରିବା ନାହିଁ । ଏହି ବିଶୋଧନର ଗୋଟିଏ ଅଂଶ ହେଉଛି ଯେ ଏହି ଅନୁଭୂତ ଆଉ କଦାପି ମନର କୌଣସି କାରଣ ଅଥବା ଉତ୍ତେଜକ ଅବସ୍ଥା ଉପରେ କୌଣସି ପ୍ରକାରେ ନିର୍ଭରଶୀଳ ହୋଇ ରହିବ ନାହିଁ; ଏହା ସ୍ୱୟଂ ଆପଣାର କାରଣ ହୋଇ ରହିବ, ଅପେ-ବର୍ତ୍ତମାନ ହୋଇ ରହିବ, ଅନ୍ୟ ସକଳ ଆନନ୍ଦର ଉତ୍ପତ୍ତିସ୍ଥଳ ହୋଇ ରହିବ; କେବଳ ଆପଣା ବଳରେହିଁ

'oaob.nitrkl.ac.in' images reprocessed

ବିଦ୍ୟମାନ ରହିଥିବ, ଏବଂ ଯେଉଁ ବିଶ୍ୱଗତ ଅଥବା ଅନ୍ୟ ପ୍ରତିରୂପ ବା ପ୍ରତୀକଟିର ମାଧ୍ୟମରେ ଆମେ ପ୍ରଥମେ ଏହି ଅନୁଭୂତିଟିର ସଂସ୍ପର୍ଶରେ ଆସିଥିଲୁ, ଏହା ସେପରି କୌଣସି ପ୍ରତିରୂପ ଅଥବା ପ୍ରତୀକ ସହିତ ଆପଣାକୁ ଯୋଡ଼ିକରି କଦାପି ରଖିବ ନାହିଁ। ଏହି ଆନନ୍ଦଟିର ଅନୁଭୂତିକୁ ସତତ ପ୍ରଗାଢ଼ ହୋଇ ରହିବାକୁ ପଡ଼ିବ, ତାହାକୁ ଅଧିକ ପରିମାଣରେ ଏକାଭିନିବିଷ୍ଟ କରି ରଖିବାକୁ ପଡ଼ିବ । ତା' ନହେଲେ ଆମେ ସେଇଟିକୁ କେବଳ ଆମ ଅପୂର୍ଣ୍ଣ ମନର ଦର୍ପଣଟି ଉପରେହିଁ ପ୍ରତିଫଳିତ କରିବାରେ ଲାଗିଥିବା, ଏବଂ ଯେଉଁଠି ପହଞ୍ଚି ପାରିଲେ ଆମେ ମନର ସୀମାଟିକୁ ପାର ହୋଇ ସେହି ଅନିର୍ବଚନୀୟ ଆନନ୍ଦ ମଧ୍ୟରେ ପ୍ରବେଶ କରିପାରନ୍ତେ, ସେହି ଉନ୍ମୀଳନ ଏବଂ ରୂପାନ୍ତରର ବିନ୍ଦୁଟିରେ ଆମେ କଦାପି ଉପନୀତ ହୋଇପାରିବା ନାହିଁ । ଆମର ନିରନ୍ତର ସ୍ତବନ ଓ ମନନର ଲକ୍ଷ୍ୟ ହୋଇ ରହି ତାହା ଏଠି ଯାହାକିଛି ରହିଛି, ତାହାକୁ କେବଳ ଆପଣାର ରୂପରେହିଁ ପରିଣତ କରିଦେବ, ସକଳ ବିଶ୍ୱରେ ବ୍ୟାପ୍ତ ହୋଇ ରହିଥିବା ଆନନ୍ଦ ବ୍ରହ୍ମରୂପେ ଆପଣାକୁ ଉନ୍ମୋଚିତ କରିଦେବ ଏବଂ ସମୁଦାୟ ଅସ୍ତିତ୍ୱକୁ ଆପଣାର ଏକ ଉତ୍ପ୍ଲାବନରେହିଁ ପରିଣତ କରି ରଖିବ । ଆମର ସକଳ ଆନ୍ତର ତଥା ବାହ୍ୟ କ୍ରିୟା ଲାଗି ଯଦି ଆମେ କେବଳ ଏହାରି ଉପରେହିଁ ଅବଲମ୍ବନ କରି ରହିପାରିବା, ତେବେ ତାହା ସେହି ପରମ ଦିବ୍ୟତାର ପୂର୍ଣ୍ଣ ପୁଲକରୂପେ ଆମରି ମଧ୍ୟଦେଇ ଆଲୋକ, ପ୍ରେମ ଏବଂ ଶକ୍ତିମତ୍ତାର ପ୍ଲାବନରେ ଜୀବନ ଓ ଜୀବନ ଧରି ରହିଥିବା ଯାବତୀୟ ସବୁକିଛିଟି ଉପରେ ଆସି ଅଜାଡ଼ି ହୋଇପଡ଼ିବ । ଆତ୍ମାର ଶ୍ରଦ୍ଧା ତଥା ପ୍ରେମ ନେଇ ତାହାରି ଅନ୍ୱେଷଣ କରିପାରିଲେ ତାହା ଆପଣାକୁ ପରମ ଦେବତା ରୂପେହିଁ ଉଦ୍‌ଘାଟିତ କରିଦେବ, ତାହାରି ମଧ୍ୟରେ ଆମେ ଭଗବାନଙ୍କର ମୁଖଟିକୁହିଁ ଦେଖିବାକୁ ଆରମ୍ଭ କରିବା ଏବଂ ଆମର, ପରମ ପ୍ରେମାସ୍ପଦଙ୍କର ଆନନ୍ଦଟିକୁ ଜାଣିବାକୁ ପାଇବା । ଆମର ସକଳ ସତ୍ତାଟିକୁ ଏହାରି ଆଡ଼କୁହିଁ ମୁହାଁଇ ରଖିପାରିଲେ ଆମେ ଏକ ସୁଖକର ପରିପୂର୍ଣ୍ଣତାରେ କେବଳ ଏହାରି ସଦୃଶ ହୋଇ ବିକଶିତ ହୋଇ ଉଠିବା, ଭଗବତ୍ ପ୍ରକୃତିର ଏକ ମାନବୀୟ ସଂସ୍କରଣରୂପେ ବିକଶିତ ହୋଇଉଠିବା । ଏବଂ ଯେତେବେଳେ ଏହା ପ୍ରତ୍ୟେକ ଦୃଷ୍ଟିରୁ ଆମ ଅନ୍ତର୍ସତ୍ତାର ଅନ୍ତର୍ସତ୍ତାରେ ପରିଣତ ହୋଇଯାଇ ପାରିବ, ସେତେବେଳେ ଆପଣା ସତ୍ତାଟିର କ୍ଷେତ୍ରରେ ଆମେ ପରିପୂର୍ଣ୍ଣ ହୋଇଉଠିବା ଏବଂ ସର୍ବୋଚ୍ଚ ପରିପୂର୍ଣ୍ଣତାର ବାହକ ହୋଇ ରହିବା ।

ବ୍ରହ୍ମ ସର୍ବଦା ତିନିପ୍ରକାରେ ଆମ ଆଗରେ ଆପଣାକୁ ପ୍ରକାଶ କରି ଦେଇଥାନ୍ତି; —ସେ ଆମର ଅନ୍ତର ଭିତରେ ଆପଣାକୁ ପ୍ରକାଶ କରନ୍ତି, ଆମର ଭୂମିଟି ଉପରେ ଆପଣାକୁ ପ୍ରକାଶ କରନ୍ତି ଏବଂ ଆମର ଚାରିପାଖରେ ଏହି ବିଶ୍ୱଜଗତରେ ମଧ୍ୟ ଆପଣାକୁ ପ୍ରକାଶ କରନ୍ତି । ଆମ ଭିତରେ ପରମ ପୁରୁଷଙ୍କର ଦୁଇଟି କେନ୍ଦ୍ର ରହିଛି, ଯେଉଁ ଅନ୍ତର୍ଦ୍ୱାର ମଧ୍ୟଦେଇ ସେ ଆମକୁ ସ୍ପର୍ଶ କରନ୍ତି ଓ ଆମକୁ ଜାଗ୍ରତ କରି

'oaob.nitrkl.ac.in' images reprocessed

ବର୍ତ୍ତନ୍ତି, ତାହାର ଦୁଇଟି କେନ୍ଦ୍ର ରହିଛି । ଆମର ସକଳ ଶକ୍ତିକୁ ଊର୍ଦ୍ଧ୍ୱ ଦିଗରେ ଉନ୍ମୋଚିତ କରି ଦେଉଥିବା ହୃତ୍‌କମଳରେ ଜଣେ ପୁରୁଷ ବିଦ୍ୟମାନ ରହିଛନ୍ତି; ଏବଂ ଯେଉଁ ସହସ୍ରଦଳ କମଳରୁ ଭାବନା ତଥା ଇଚ୍ଛାଶକ୍ତିର ମଧ୍ୟଦେଇ ଏବଂ ଆମ ଭିତରେ ତୃତୀୟ ଚକ୍ଷୁଟିର ଉନ୍ମୀଳନ ଘଟାଇ ଦୃଷ୍ଟିର ଜଗତ୍-ଉଦ୍‌ଭାସ ତଥା ଦିବ୍ୟ ଶକ୍ତିମନ୍ତ୍ରର ଅଗ୍ନି ଅବତୀର୍ଣ୍ଣ ହୋଇ ଆସିଥାନ୍ତି, ସେଠାରେ ମଧ୍ୟ ଜଣେ ପୁରୁଷ ବିଦ୍ୟମାନ ଅଛନ୍ତି । ଏହି ଦୁଇଟି ମଧ୍ୟରୁ କୌଣସି ଗୋଟିଏ କେନ୍ଦ୍ର ଦେଇ ଆମ ଭିତରେ ଆନନ୍ଦସ୍ଥିତିର ସଞ୍ଚାର ହୋଇପାରେ । ଯେତେବେଳେ ଆମ ହୃଦୟସ୍ଥ କମଳଟିର ପାଖୁଡ଼ା ଫାଟେ, ସେତେବେଳେ ଆମେ ଏପରି ଏକ ଦିବ୍ୟ ପୁଲକ, ପ୍ରେମ ତଥା ଶାନ୍ତି ଅନୁଭବ କରୁ ଯାହାକି ଆମ ଭିତରେ ସତେଅବା ଆଲୋକର ଗୋଟିଏ ଫୁଲ ପରି ପ୍ରସାରିତ ହୋଇ ଯାଉଥାଏ ଏବଂ ଆଲୋକର କିରଣଟି ଆମର ସମୁଦାୟ ପଞ୍ଜରଟିକୁ ଆଲୋକିତ କରି ରଖିଥାଏ । ତା'ପରେ ସେହି ପୁଲକ, ପ୍ରେମ ଓ ଶାନ୍ତି ଆପଣାକୁ ନେଇ ସେମାନଙ୍କର ସେହି ଗୋପନ ଉତ୍ସଟି ସହିତ ଅର୍ଥାତ୍ ଆମର ହୃଦୟରେ ଗୁପ୍ତ ରହିଥିବା ପରମ ଦିବ୍ୟତାଟି ସହିତ ସଂଯୁକ୍ତ ହୋଇଯାଇ ପାରନ୍ତି ଏବଂ ସତେଅବା ଏକ ମନ୍ଦିର ମଧ୍ୟରେ ତାଙ୍କର ଆରାଧନା କରିବାରେ ଲାଗନ୍ତି । ଅଥବା ଊର୍ଦ୍ଧ୍ୱ ଦିଗକୁ ପ୍ରବାହିତ ହୋଇ ସେମାନେ ଆମର ଭାବନା ତଥା ଇଚ୍ଛାଶକ୍ତିକୁ ଆପଣାର ଅଧିକାରକୁ ନେଇଯାଇ ପାରନ୍ତି ଏବଂ ପରମ ଦିବ୍ୟାତ୍ମତାର ଅଭିମୁଖରେ ଧାବିତ ହୋଇଯାଇ ପାରନ୍ତି । ଏହି ଅବସ୍ଥାରେ ସେମାନେ ଆମର ଭାବନା ତଥା ଅନୁଭୂତିରେ ନାନା ଶାଖାରେ ପ୍ରବାହିତ ହେବାରେ ଲାଗନ୍ତି ଏବଂ ଆମର ଚତୁର୍ଦ୍ଦିଗରେ ରହିଥିବା ସବୁକିଛିର ଉଦ୍ଦେଶ୍ୟରେ ଆପଣାକୁ କାର୍ଯ୍ୟକାରୀ କରାଇ ପାରନ୍ତି । ମାତ୍ର ଯେପର୍ଯ୍ୟନ୍ତ ଆମର ଏହି ସାଧାରଣ ଭୂମିସ୍ଥ ସତ୍ତାଟି କୌଣସି ପ୍ରତିବନ୍ଧକ ସୃଷ୍ଟି କରି ରଖିଥିବ କିମ୍ବା ଏହି ଦିବ୍ୟ ପ୍ରକୃତିର ଏକ ପ୍ରତିସ୍ପନ୍ଦନରୂପେ ଆପଣାକୁ ପୂର୍ଣ୍ଣଭାବରେ ଅନୁରୂପ କରି ଗଢ଼ି ନଥିବ କିମ୍ବା ଏହି ଦିବ୍ୟ ଅଧିକୃତିର ଏକ ନିମିତ୍ତରୂପେ ପରିଣତ କରିପାରି ନଥିବ, ସେତେବେଳେ ଏହି ଅନୁଭୂତିଟି କେବଳ ମଝିରେ ମଝିରେ ଉପଲବ୍ଧ ହେଉଥିବ ଏବଂ ଆମେ ଆମର ସେହି ପୁରାତନ ମନ ହୃଦୟଟିକୁ ବାର ବାର ନିକ୍ଷିପ୍ତ ହୋଇ ପଡ଼ିବାର ସବୁବେଳେ ଆଶଙ୍କା ରହିଥିବ । ମାତ୍ର ଅଭ୍ୟାସ ଦ୍ୱାରା ଅଥବା ସେହି ପରମ ଦିବ୍ୟତା ଲାଗି ଆମର ଅଭିଳାଷ ତଥା ଶ୍ରଦ୍ଧା ବଳରେ ତାହା କ୍ରମଶଃ ଅଧିକରୁ ଅଧିକ ଭାବରେ ନୂତନ ହୋଇ ସ୍ଥାୟୀ ହୋଇ ଯାଉଥିବ; ଏବଂ ପ୍ରଥମ ପର୍ଯ୍ୟାୟରେ ଯେଉଁ ଅନୁଭୂତିଟି କେବଳ ଏକ ବ୍ୟତିକ୍ରମରୂପେହିଁ ଲବ୍ଧ ହେଉଥିବ, ତାହା କ୍ରମଶଃ ଆମର ସ୍ୱାଭାବିକ ଚେତନାରେହିଁ ପରିଣତ ହୋଇଯିବ ।

ଯେତେବେଳେ ଆମ୍ଭର ଉପରେ ଥିବା ଅନ୍ୟ ପଦ୍ମଟି ମୁକୁଳିତ ହୋଇଯିବ, ସେତେବେଳେ ଆମର ମନ ଏକ ଦିବ୍ୟ ଆଲୋକ, ଆନନ୍ଦ ଏବଂ ସାମର୍ଥ୍ୟ ଦ୍ୱାରା

'oaob.nitrkl.ac.in' images reprocessed

ଏତାବେଳକେ ପରିପୂର୍ଣ୍ଣ ହୋଇଉଠିବ ଏବଂ ଏହି ମନର ପଛକୁ ସେହି ପରମ ଦିବ୍ୟସତ୍ତା ଅର୍ଥାତ୍ ଆମ ସତ୍ତାର ପରମ ଅଧୀଶ୍ୱର ଆପଣାର ସିଂହାସନ ଉପରେ ବିରାଜିତ ରହିଥିବେ; ଏବଂ ଆମର ଆତ୍ମା ତାଙ୍କର ସନ୍ନିକଟ ହୋଇ ରହିଥିବ ଅର୍ଥାତ୍ ତାଙ୍କରି ଜ୍ୟୋତିଟି ମଧ୍ୟକୁ ଅନ୍ତରାକର୍ଷିତ ହୋଇ ରହିଥିବ । ସେତେବେଳେ ଆମର ସକଳ ଭାବନା ଓ ସକଳ ସଂକଳ୍ପ ଏକ ଜ୍ୟୋତିର୍ମୟତା, ଏକ ଶକ୍ତିମତ୍ତା ଏବଂ ଏକ ଦିବ୍ୟୋଲ୍ଲାସର ଅଭିଭୂତିରେ ପରିଣତ ହୋଇଯିବ । ପରମ ବିଶ୍ୱାତୀତଙ୍କ ସହିତ ସଂଯୁକ୍ତ ହୋଇ ରହି ଏହି ଅଭିଭୂତିର ସ୍ରୋତଟି ନିମ୍ନମୁଖ ହୋଇ ଆମର ଏହି ମରଣଶୀଳ ଜୀବନାଙ୍ଗଗୁଡ଼ିକ ମଧ୍ୟକୁ ବି ଅଜାଡ଼ି ହୋଇ ପଡ଼ିବ ଏବଂ ସେହିଗୁଡ଼ିକର ମାଧ୍ୟମରେ ଏହି ବିଶ୍ୱଜଗତଟି ଉପରେ ବହିଃପ୍ରବାହିତ ହେବାକୁ ଆରମ୍ଭ କରିବ । ବେଦର ସତ୍ୟଦ୍ରଷ୍ଟାମାନେ ଯେପରି ପରିଚୟଲାଭ କରିଥିଲେ, ଏହି ଉଷାଟିରେ ମଧ୍ୟ ଆପଣାର ଦିନ ଓ ରାତି ନିଶ୍ଚୟ ରହିଥିବ, ଏହି ଆଲୋକଟି ମଧ୍ୟରୁ ଆମକୁ କେତେକେତେ ବାର ନିର୍ବାସିତ ହୋଇ ରହିବାକୁ ପଡ଼ୁଥିବ । ମାତ୍ର ଏହି ନୂତନ ଅସ୍ତିତ୍ୱର ଭୂମିଟିକୁ ଧରି ରଖିବା ଲାଗି ଆମର ଶକ୍ତି କ୍ରମଶଃ ବୃଦ୍ଧି ପାଉଥିବା ସଙ୍ଗେସଙ୍ଗେ ଯେଉଁ ସୂର୍ଯ୍ୟଟି ମଧ୍ୟରୁ ଏହି ଜ୍ୟୋତିର ବିକିରଣ ଉତ୍ସାରିତ ହୋଇ ଆସୁଛି, ଆମେ ସେହି ସୂର୍ଯ୍ୟଟି ଆଡ଼କୁ ଅଧିକ ସମୟ ଧରି ଅନାଇ ପାରିବା ଲାଗି କ୍ରମେ ସମର୍ଥ ହେବାରେ ଲାଗିଥିବା ଏବଂ ଆପଣା ଅନ୍ତର୍ସତ୍ତାଗତ ଭୂମିରେ ଏହା ସହିତ ଏକଶରୀର ହୋଇ ଯାଉଥିବା । ଏହିଭଳି ଭାବରେ ଆମ ଆଗରେ ଉଦ୍‌ଭାସିତ ହୋଇ ଉଠିଥିବା ପରମ ଦିବ୍ୟତା ଲାଗି ଆମର ଆକାଙ୍‌କ୍ଷା ଯେତିକି ଅଧିକ ବଳଯୁକ୍ତ ହେବାରେ ଲାଗିଥିବ, ଏହି ପରିବର୍ତ୍ତନର ଦ୍ରୁତତା ବେଳେବେଳେ ତାହାରି ଉପରେହିଁ ନିର୍ଭର କରୁଥିବ । ତାକୁ ଅନ୍ୱେଷଣ କରିବା ଲାଗି ଆମର ଶକ୍ତି ମଧ୍ୟ ଯେତିକି ପ୍ରଗାଢ଼ ହେଉଥିବ, ଏହି ପରିବର୍ତ୍ତନ ସେତିକି ଅଧିକ ଦ୍ରୁତ ହେବାରେ ଆରମ୍ଭ କରୁଥିବ । ମାତ୍ର ଅନ୍ୟ କ୍ଷେତ୍ରରେ ତାହାରି ପୂର୍ଣ୍ଣ ପ୍ରଜ୍ଞାମୟ କ୍ରିୟାଶୀଳତାର ସକଳ ଛନ୍ଦଟି ପାଖରେ ଏକ ପରିପୂର୍ଣ୍ଣ ଆତ୍ମନିବେଦନ ଦ୍ୱାରାହିଁ ବରଂ ଏହି ଦ୍ରୁତତାର ସଞ୍ଚାର ହୋଇପାରିବ; ସେହି କ୍ରିୟାଶୀଳତା ସର୍ବଦା ଆପଣାର ଏକ ସ୍ୱକୀୟ ପଦ୍ଧତିରେହିଁ କାର୍ଯ୍ୟ କରି ଯାଉଥିବ, ଏବଂ ସେହି ପଦ୍ଧତିଟି ଆମ ଲାଗି ପ୍ରଥମେ ରହସ୍ୟପୂର୍ଣ୍ଣ ହୋଇ ରହିଥିବ । ମାତ୍ର ଯେତେବେଳେ ଆମର ପ୍ରେମ ଏବଂ ଆମର ଆସ୍ଥାରେ ପରିପୂର୍ଣ୍ଣତା ଆସିଯିବ, ଏବଂ ପୂର୍ଣ୍ଣପ୍ରେମସ୍ୱରୂପ ତଥା ପୂର୍ଣ୍ଣପ୍ରଜ୍ଞାସ୍ୱରୂପ ଏକ ପରମଶକ୍ତିର ବାହୁବେଢ଼ ଭିତରେ ଆମର ସମସ୍ତ ସତ୍ତାଟି ଯାଇ ରହିପାରିବ, ସେତେବେଳେ ସେହି ପଦ୍ଧତିହିଁ ଆମ ଜୀବନର ଭିତ୍ତି ହୋଇ ରହିବ ।

ପରମ ଦିବ୍ୟସତ୍ତାଙ୍କୁ ସକଳ ବସ୍ତୁ ମଧ୍ୟରେ ସନ୍ଧାନ କରି ବୁଲୁଥିବା ଆନନ୍ଦଟି ସକାଶେ ରହିଥିବା ଏକ ଆଧ୍ୟାତ୍ମିକ ଆକୂତି ସହିତ ଆମେ ଯେତେବେଳେ ତାଙ୍କୁ ଖୁଣ୍ଟି ଦେଖି ପାରିବାର ସାମର୍ଥ୍ୟ ଲାଭ କରିବା, ସେତେବେଳେ ସେ ଆମର ଚତୁର୍ଦ୍ଦିଗରେ

'oaob.nitrkl.ac.in' images reprocessed

ଅବସ୍ଥିତ ରହିଥିବା ଜଗତଟି ମଧ୍ୟରେହିଁ ଆପଣାକୁ ଆଣି ଉନ୍ମୋଚିତ କରିଦେବେ । ଅନେକ ସମୟରେ ଏହି କ୍ଷେତ୍ରରେ ଏକ ହଠାତ୍ ଉନ୍ମୋଚନହିଁ ସଂଘଟିତ ହୋଇଥାଏ ଯାହାଦ୍ୱାରା କି ଯାବତୀୟ ରୂପର ଆବରଣଟି ସ୍ୱୟଂ ଏକ ଉଦ୍‌ଘାଟନ ଅର୍ଥାତ୍ ରୂପପ୍ରକାଶରେ ପରିଣତ ହୋଇଯାଏ । ସେତେବେଳେ ଏକ ବିଶ୍ୱମୟ ଆଧ୍ୟାତ୍ମିକ ପରମ ସାନ୍ନିଧ୍ୟ, ଏକ ବିଶ୍ୱବ୍ୟାପ୍ତ ଶାନ୍ତିମୟତା ଏବଂ ଏକ ବିଶ୍ୱବ୍ୟାପ୍ତ ଆନନ୍ଦ ଆପଣାକୁ ଅଭିବ୍ୟକ୍ତ କରିଆଣେ, ଅନ୍ତରବସ୍ଥିତ ହୋଇ ରହେ, ଆପଣାର କୋଡ଼ ଭିତରେ ସବୁଟିକୁ ଆଲିଙ୍ଗନ କରି ଧରିଥାଏ ଏବଂ ସକଳପ୍ରବିଷ୍ଟ ହୋଇ ରହିଥାଏ । ତାହାର ଲାଗି ରହିଥିବା ଆମର ପ୍ରେମ, ଆମର ଆନନ୍ଦ ତଥା ସତତ ସ୍ପନ୍ଦନ ଦ୍ୱାରାହିଁ ସେହି ପରମ ସାନ୍ନିଧ୍ୟ ଆମର ମଧ୍ୟକୁ ବାହୁଡ଼ି ଆସେ ଓ ଆମର ମଧ୍ୟରେ ଅଭିବ୍ୟକ୍ତ ହେବାକୁ ଲାଗେ । ସେତେବେଳେ ଆମର ଦୃଷ୍ଟିରେ କେବଳ ସାନ୍ନିଧ୍ୟଟିହିଁ ଦୃଷ୍ଟିଗୋଚର ହେଉଥାଏ, ଏବଂ ଯାବତୀୟ ଆଉସବୁ କେବଳ ତାହାର ସଦନ ହୋଇ ରହିଥାଏ, କେବଳ ତାହାର ରୂପ ଓ ତାହାରହିଁ ପ୍ରତୀକ ହୋଇ ରହିଥାଏ । ଏପରିକି ଯାହାକୁ କି ଆମେ ସବୁଠାରୁ ଅଧିକ ବାହ୍ୟ ବୋଲି ବିଚାର କରିଥାଉ, ଶରୀର, ରୂପ ଓ ଶବ୍ଦ ଏବଂ ଆମର ଇନ୍ଦ୍ରିୟଲବ୍ଧ ସବୁକିଛି କେବଳ ଏହି ପରମ ସାନ୍ନିଧ୍ୟରୂପେହିଁ ଦୃଷ୍ଟିଗୋଚର ହେବାକୁ ଲାଗେ । ସେତେବେଳେ ସେମାନେ ଆଉ ଗୋଟିଏ ଗୋଟିଏ ଭୌତିକ ବସ୍ତୁ ହୋଇ ରହନ୍ତି ନାହିଁ ଏବଂ ତଦ୍‌ଗତଭାବ ଏକ ଉପାଦାନରେ ରୂପାନ୍ତରିତ ହୋଇଯାଆନ୍ତି । ଏହି ରୂପାନ୍ତର ଆମ ଭିତରର ଅନ୍ତର୍ଚେତନାରହିଁ ରୂପାନ୍ତରକୁ ସୂଚାଏ, ଆମର ଖୁବପାଖରେ ରହିଥିବା ସେହି ପରମ ସାନ୍ନିଧ୍ୟ ଆମକୁ ତାହାର ଆପଣା ମଧ୍ୟକୁହିଁ ବହନ କରି ନେଇଯାଏ ଏବଂ ଆମେ କେବଳ ତାହାର ଏକ ଅଂଶରେହିଁ ପରିଣତ ହୋଇ ରହୁ । ଆମ ଭିତରଂ ମନ, ପ୍ରାଣ ଓ ଶରୀର ଆମକୁ କେବଳ ତାହାର ସଦନ ପରି ମନେହୁଏ, ତାହାର ମନ୍ଦିରରେହିଁ ପରିଣତ ହୋଇଯାଏ, ତାହାର କ୍ରିୟାଶୀଳ ହେବାର ଏକ ରୂପ ଓ ତାହାର ଆତ୍ମ-ଅଭିବ୍ୟକ୍ତିର ଏକ ନିମିତ୍ତ ହୋଇ ରହେ । ସେତେବେଳେ ସବୁକିଛି କେବଳ ଏହି ଆନନ୍ଦରହିଁ ଆତ୍ମା ତଥା ଶରୀର ହୋଇ ରହେ ।

ଆମ ଅନୁଭୂତିର ଏହି ସମ୍ପଦଟିକୁ ଆମର ଚତୁର୍ଦ୍ଦିଗରେ ଦୃଷ୍ଟିଗୋଚର ହେଉଥିବା ଏବଂ ଆମ ଭିତରର ଏହି ଭୌତିକ ଭୂମିଟି ଉପରେ ବି ଦୃଷ୍ଟିଗୋଚର ହେଉଥିବା କେବଳ ସେହି ପରମ ଦିବ୍ୟତା ବୋଲିହିଁ ବୁଝାଯାଇ ପାରିବ । ମାତ୍ର ଆମର ଏହି ଭୂମିର ଊର୍ଦ୍ଧ୍ୱରେ ମଧ୍ୟ ସେ ଆପଣାକୁ ଆମ ଲାଗି ବେଶ୍ ଉଦ୍‌ଘାଟିତ କରିଦେଇ ପାରନ୍ତି । ଆମେ ସେତେବେଳେ ତାଙ୍କୁ ଆମଠାରୁ ଅନେକ ଊର୍ଦ୍ଧ୍ୱରେ ଉତ୍ତୋଳିତ ହୋଇ ରହିଥିବା ଏକ ପରମ ସାନ୍ନିଧ୍ୟ, ଆମଠାରୁ ଆହୁରି ଉପରେ ରହିଥିବା ପରମ ଆନନ୍ଦର ଏକ ବୃହତ୍ ଅନନ୍ତତା ଅଥବା ସେହି ଆନନ୍ଦ ମଧ୍ୟରେହିଁ ଅବସ୍ଥିତ ହୋଇ ରହିଥିବା

'oaob.nitrkl.ac.in' images reprocessed

ଏକ ବୃହତ୍ତ୍ୱ ଅନନ୍ତତା ବା ସର୍ବାଧିଷ୍ଠିତ ଆମର ପରମପିତାରୂପେ ଦେଖିବାକୁ ଓ ଅନୁଭବ କରିବାକୁ ଲାଗୁ; ଏବଂ ତାଙ୍କୁ ଆଉ ଆମର ଭିତରେ କିଂବା ଆମ ଚତୁର୍ଦ୍ଦିଗରେ ଅନୁଭବ କରୁ ନାହିଁ ବା ଦେଖୁ ନାହିଁ । ଏହି ଦୃଷ୍ଟିଟିକୁ ଧାରଣ କରି ରହିଥିବା ପର୍ଯ୍ୟନ୍ତ ଆମର ମର ଜୀବନପରିଚୟଟି ସେହି ପରମ ମରଣଶୀଳତାଟି ଦ୍ୱାରା ଦାବି ହୋଇ ରହିଯାଏ । ସେତେବେଳେ ତାହା ସେହି ଆଲୋକ, ସାମର୍ଥ୍ୟ ତଥା ଆନନ୍ଦକୁ ବେଶ୍ ଅନୁଭବ କରିପାରେ ଏବଂ ଆପଣାର ସାମର୍ଥ୍ୟଟି ଅନୁସାରେ ଏଇଟିକୁ ଆପଣାର ପ୍ରତିସ୍ପନ୍ଦନ ମଧ୍ୟ ଜଣାଏ । ବା, ସେହି ଊର୍ଦ୍ଧ୍ୱସ୍ଥ ଆତ୍ମା ତଳକୁ ଓହ୍ଲାଇ ଆସୁଛନ୍ତି ବୋଲି ମଧ୍ୟ ତାହା ଅନୁଭବ କରିଥାଏ ଏବଂ ସେତେବେଳେ କିଯତ୍କାଳ ଲାଗି ସେହି ଆଲୋକ ତଥା ଶକ୍ତିମତ୍ତାର ପ୍ରତିଫଳନଜନିତ ଜ୍ୟୋତିର୍ସ୍ପନ୍ଦନ ମଧ୍ୟକୁ ରୂପାନ୍ତରିତ ଅଥବା ତା' ନହେଲେ ଉଦ୍ବେଳିତ ବି ହୋଇ ଯାଇଥାଏ । ତାହା ସେହି ପରମ ଆନନ୍ଦ ଲାଗି ଏକ ଧାରଣପାତ୍ର ହୋଇ ରହେ । ମାତ୍ର ଆଉ ଅନ୍ୟ କେତେକ ସମୟରେ ତାହା ପୁଣି ସେହି ପୁରାତନ ମରଣଶୀଳତା ମଧ୍ୟକୁ ବାହୁଡ଼ି ଆସିବାକୁ ବାଧ୍ୟ ହୁଏ ଏବଂ ଆପଣାର ପାର୍ଥିବ ଯାବତୀୟ ଅଭ୍ୟସ୍ତତାର ମନ୍ଦାଟି ଭିତରେ ପଡ଼ି ରହିଥାଏ ବା ବଡ଼ ଉତ୍ସାହଶୂନ୍ୟ ଏବଂ ଅକିଞ୍ଚନ ଭାବରେ ଆପଣାର କାର୍ଯ୍ୟ କରୁଥାଏ । ମନୁଷ୍ୟର ଏହି ମନ ଓ ଏହି ଶରୀର ମଧ୍ୟକୁ ଦିବ୍ୟ ପରମ ଶକ୍ତିମତ୍ତାର ଅବତରଣ ଦ୍ୱାରା ଏବଂ ସେହି ମନ ତଥା ଶରୀରର ଅନ୍ତର୍ଗତ ଜୀବନଟିକୁ ସେହି ପ୍ରତିରୂପର ଛାଞ୍ଚ ଭିତରେ ପକାଇ ଗଢ଼ିପାରିବା ଦ୍ୱାରାହିଁ ପରିପୂର୍ଣ୍ଣ ବିମୋଚନ ସମ୍ଭବ ହୁଏ । ବୈଦିକ ଦ୍ରଷ୍ଟାମାନେ ଏହାକୁହିଁ ଯଜ୍ଞ ଦ୍ୱାରା ପରମ ପୁତ୍ରର ଜନ୍ମହେବା ବୋଲି କହିଛନ୍ତି । ବସ୍ତୁତଃ ଏକ ସତତ ଯଜ୍ଞ ବା ସମର୍ପଣ ଦ୍ୱାରା, ଶ୍ରଦ୍ଧା ଓ ଆକାଂକ୍ଷାର, କର୍ମ, ମନନ ତଥା ଜ୍ଞାନର ଏବଂ ଈଶ୍ୱରୋନ୍ମୁଖ ସଂକଳ୍ପର ଆରୋହଣକାରୀ ଅଗ୍ନିର ଯଜ୍ଞ ଦ୍ୱାରାହିଁ ଆମେ ଆପଣାକୁ ଏହି ପରମ ଅନନ୍ତଙ୍କର ଏକ ଶରୀରରୂପେ ଗଢ଼ିପାରିବା ଲାଗି ସମର୍ଥ ହୋଇଥାଉ ।

ଆମର ଊର୍ଦ୍ଧ୍ୱରେ, ଆମ ଆପଣା ମଧ୍ୟରେ ଓ ଆମ ଚତୁର୍ଦ୍ଦିଗରେ ଅର୍ଥାତ୍ ଏହି ତିନୋଟିଯାକ ଅଭିବ୍ୟକ୍ତିର କ୍ଷେତ୍ରରେ ଆମେ ସେତେବେଳେ ଆନନ୍ଦ ବ୍ରହ୍ମର ଏହି ଚେତନାଟିକୁ ଦୃଢ଼ତାର ସହିତ ଧାରଣ କରି ରହିପାରୁ, ସେତେବେଳେ ଯାଇ ଆମେ ତାହା ସହିତ ପରିପୂର୍ଣ୍ଣ ଏକତ୍ୱ ଅର୍ଜନ କରୁ ଏବଂ ସକଳ ଅସ୍ତିତ୍ୱକୁ ତାହାର ଆନନ୍ଦ, ତାହାର ପ୍ରଶାନ୍ତି, ତାହାର ପୁଲକ ଓ ତାହାର ପ୍ରେମଟି ମଧ୍ୟରେ ଆପଣା ମଧ୍ୟକୁ ଆଲିଙ୍ଗନ କରି ନେଇପାରୁ । ସେତେବେଳେ ସବୁଯାକ ଜଗତ ଏହି ଆତ୍ମାରହିଁ ଶରୀରରେ ପରିଣତ ହୋଇଯାନ୍ତି । ମାତ୍ର ଯଦି ସେହି ସାନ୍ନିଧ୍ୟ କେବଳ ନୈର୍ବ୍ୟକ୍ତିକ ହୋଇଥାଏ, ଆମେ ଅନୁଭବ କରୁଥିବା କେବଳ ଏକ ନୈର୍ବ୍ୟକ୍ତିକ ବୃହତ୍ତ୍ୱ ଅଥବା ଅନ୍ତରାଧିଷ୍ଠିତତା ମାତ୍ର ହୋଇଥାଏ, ତେବେ ଆମର ଜ୍ଞାନ ତଥାପି ପରିପୂର୍ଣ୍ଣ ଭାବରେ

'oaob.nitrkl.ac.in' images reprocessed

ଐଶ୍ୱର୍ଯ୍ୟଶାଳୀ ହୋଇପାରି ନଥାଏ । ଆପଣାର ପୂର୍ଣ୍ଣପ୍ରସାରିତ ଆନନ୍ଦଟି ମଧ୍ୟରୁ ଏହି ପରମ ସତ୍ତା ଯେପରି ଆମ ଆଗରେ ଆପଣାର ମୁଖମଣ୍ଡଳ ତଥା ଶରୀରଟିକୁ ଉଦ୍‌ଘାଟିତ କରିଦେଇ ପାରିବେ ଓ ଆମକୁ ସେହି ପରମ ବନ୍ଧୁ ଓ ପରମ ପ୍ରେମିକଙ୍କର କରସ୍ପର୍ଶ କରିବାର ଅନୁଭୂତି ଆଣିଦେଇ ପାରିବେ, ଯଦି ଆମର ତାଙ୍କ ପ୍ରତି ଶ୍ରଦ୍ଧା ଓ ପ୍ରେମ ଅନୁରୂପ ଭାବରେ ନିବିଡ଼ ହୋଇ ନଥାଏ, ତେବେ [illegible]ନର ପୂର୍ଣ୍ଣ-ଐଶ୍ୱର୍ଯ୍ୟଲାଭ ତଥାପି ବାକି ରହିଥାଏ । ବ୍ରହ୍ମଙ୍କର ନୈର୍ବ୍ୟକ୍ତିକତାକୁ ଆମେ ନିଶ୍ଚୟ ତାଙ୍କର ଆନନ୍ଦମୟ ମହାନତା ବୋଲି କହିପାରିବା ସତ, ମାତ୍ର ତାହାର ମଧ୍ୟରୁହିଁ ଦିବ୍ୟ ପରମ ବ୍ୟକ୍ତିରୂପର ମାଧୁର୍ଯ୍ୟ ଏବଂ ନିବିଡ଼ ନିସ୍ପମନ ଆମ ଉପରେ ମଧ୍ୟ ଅବଶ୍ୟ ଦୃଷ୍ଟିପାତ କରିପାରିବ । କାରଣ ଆନନ୍ଦ କହିଲେ ସର୍ବଦା ଆମ ସତ୍ତାର ସେହି ପରମ ଆତ୍ମା ତଥା ପରମ ପ୍ରଭୁଙ୍କରହିଁ ଉପସ୍ଥିତିଟିକୁ ବୁଝାଏ ଏବଂ ତାହାର ଅବିରଳ ଧାରାପ୍ରବାହ ତାଙ୍କର ଲୀଳାର ଶୁଦ୍ଧ ହର୍ଷମୟ ଭଙ୍ଗୀରୂପେ ଆପଣାକୁ ଅବଶ୍ୟ ଉତ୍‌ସାରିତ କରିଦେଇ ପାରିବ ।

'oaob.nitrkl.ac.in' images reprocessed

ଅଷ୍ଟମ ପରିଚ୍ଛେଦ

# ପ୍ରେମର ରହସ୍ୟ

ଆମର ପ୍ରଚଳିତ ବ୍ୟାଖ୍ୟାଟି ଅନୁସାରେ ନୈର୍ବ୍ୟକ୍ତିକ ପରମ ଅଦ୍ୱୈତତାର ଆରାଧନାକୁ ସମ୍ପୂର୍ଣ୍ଣ ଯଥାର୍ଥ ଭାବରେ ଭକ୍ତିର ଏକ ଯୋଗ ବୋଲି ବୁଝାଯାଇ ପାରିବ ନାହିଁ । କାରଣ ଯୋଗର ଏହି ପ୍ରକାରଗୁଡ଼ିକରେ କେବଳ ଏପରି ଏକ ପରିପୂର୍ଣ୍ଣ ଏକତ୍ୱର ଉପଲବ୍ଧି ଲାଗିହିଁ ପରମ ନୈର୍ବ୍ୟକ୍ତିକର ଅନ୍ୱେଷଣ କରାଯାଇ ପାରିବ, ଯେଉଁଥିରେ କି ସ୍ୱୟଂ ଈଶ୍ୱର ଏବଂ ଆମ ନିଜର ବ୍ୟକ୍ତିପରିଚୟଟି ମଧ୍ୟ ଅନ୍ତର୍ହିତ ହୋଇଯିବେ ଏବଂ ତେଣୁ ସେହି କ୍ଷେତ୍ରରେ ଉପାସକ ଅଥବା ଉପାସ୍ୟ ଭାବରେ ଆଉ କେହି ନଥିବେ; କେବଳ ବିଶୁଦ୍ଧ ଆନନ୍ତ୍ୟ ଓ ଏକତ୍ୱ-ଉପଲବ୍ଧିର ଆନନ୍ଦ ଏବଂ ଅନୁଭୂତିଟିହିଁ ବାକୀ ରହିଥିବ । ମାତ୍ର ସତ କଥା ହେଉଛି ଯେ ଆଧ୍ୟାତ୍ମିକ ଚେତନାର ବସ୍ତୁସତ୍ୟଗୁଡ଼ିକୁ ଆମେ କଦାପି ଏପରି ଏକ କଠିନ ନ୍ୟାୟସୂତ୍ରର ଅଧୀନ କରି ରଖିପାରିବା ନାହିଁ । ଆମେ ଯେତେବେଳେ ପ୍ରଥମେ ଅନନ୍ତତାର ଉପସ୍ଥିତିଟିକୁ ଅନୁଭବ କରିବାକୁ ଆରମ୍ଭ କରିବା, ଅର୍ଥାତ୍ ଯେତେବେଳେ ଆମ ଭିତରର ଏହି ଅନ୍ତବିଶିଷ୍ଟ ବ୍ୟକ୍ତିଭାବଟିହିଁ ସେହି ସ୍ପର୍ଶଟିକୁ ଲାଭ କରିବ, ସେତେବେଳେ ସେ ହୁଏତ ସେହି ସ୍ପର୍ଶଟିର ପ୍ରତିସ୍ପନ୍ଦନ ଜଣାଇ ପାରିବ ଏବଂ କୌଣସି ନା କୌଣସି ଶ୍ରଦ୍ଧାଭାବ ବା ଉପାସକଭାବ ଦ୍ୱାରା ସେହି ପ୍ରତିସ୍ପନ୍ଦନଟିକୁ ଅଭିବ୍ୟକ୍ତ କରିବ । ଦ୍ୱିତୀୟ କଥା ହେଉଛି ଯେ ଆମେ ପରମ ଅନନ୍ତତାକୁ ଏତେ ଅଧିକ ପରିମାଣରେ ଏକତ୍ୱରହିଁ ଏକ ଆଧ୍ୟାତ୍ମିକ ସ୍ଥିତି ହିସାବରେ ଦେଖିବା ନାହିଁ କିଂବା ତାହାକୁ ଏହି ଏକତ୍ୱର ଗୋଟାଏ ଆଧାର ତଥା ସତ୍ତ୍ୱରୂପ ମାଧ୍ୟମ ବୋଲି ଦେଖିବା ନାହିଁ; ଆମେ ବରଂ ତାହାକୁ ଆମର ଚେତନା ସମକ୍ଷରେ ରହିଥିବା ସେହି ଅନିର୍ବଚନୀୟ ପରମ ଦେବତାଙ୍କର ଏକ ଉପସ୍ଥିତିରୂପେହିଁ ଦେଖୁଥିବା; ଏବଂ ସେଭଳି କ୍ଷେତ୍ରରେ ମଧ୍ୟ ପ୍ରେମ ଓ ଆରାଧନା ପାଇଁ ଅବଶ୍ୟ ଏକ ସ୍ଥାନ ମିଳିଯିବ । ଏବଂ ଏପରିକି ଯେତେବେଳେ ଆମର ବ୍ୟକ୍ତିଭାବଟି ତାହାର ସହିତ ଏକ ଏକତ୍ୱବଦ୍ଧତା ମଧ୍ୟକୁ ଅନ୍ତର୍ହିତ ହୋଇଗଲା ପରି ମନେ ହେଉଥିବ, ତେବେ ସେତେବେଳେ ମଧ୍ୟ ବ୍ୟକ୍ତି ମଧ୍ୟରେ ରହିଥିବା

'oaob.nitrkl.ac.in' images reprocessed

ଦିବ୍ୟତା ଏକ ଏକତ୍ୱୋପଲବ୍ଧି ଦ୍ୱାରା ବସ୍ତୁଗତ ଅର୍ଥାତ୍ ସେହି ସର୍ବୋଚ୍ଚ ଦିବ୍ୟତାଟି ମଧ୍ୟକୁ ମିଳାଇ ଯାଉଥିବ ଓ ସେହି ଏକତ୍ୱ ମଧ୍ୟରେ ଅଭିଜ୍ଞତାର ଏକ ପୂର୍ଣ୍ଣ-ସମାବିଷ୍ଟକାରୀ ଅନୁଭୂତିରେ ପ୍ରେମ, ପ୍ରେମିକ ତଥା ପ୍ରେମାସ୍ପଦ ସମସ୍ତେ ବିସ୍ମୃତ ହୋଇ ରହି ଯାଉଥିବେ ସତ, ମାତ୍ର ସେଇ ଏକତ୍ୱ ଭିତରେ ସେମାନେ ତଥାପି ପ୍ରଚ୍ଛନ୍ନ ରହିଥିବେ ଏବଂ ଅବଚେତନ ଭାବରେ ତଥାପି ତିଷ୍ଠି ରହିଥିବେ । ପ୍ରେମ ଦ୍ୱାରା ଆତ୍ମାର ଯାବତୀୟ ମିଳନକୁ ଅନିବାର୍ଯ୍ୟ ଭାବରେ ଏହିପରି ଏକ ମିଳନ ହୋଇ ରହିବାକୁ ପଡ଼ିବ । ଏବଂ ଗୋଟାଏ ଅର୍ଥରେ ଆମେ ଏପରିକି ତୁଏତ ଏକଥା ମଧ୍ୟ କହିପାରିବା ଯେ, ବ୍ୟକ୍ତି-ଆତ୍ମା ତଥା ପରମ ଭଗବାନଙ୍କ ମଧ୍ୟରେ ଅଧ୍ୟାତ୍ମସମ୍ବନ୍ଧର ନାନାବିଚିତ୍ର ସମ୍ବନ୍ଧ ଅନୁଭୂତିର ଚରମ ଶୀର୍ଷରୂପେ ଏକତ୍ୱଜନିତ ଏହି ଆନନ୍ଦଟିର ଆସ୍ୱାଦନ କରିବାକୁହିଁ ପରମ ଅଦ୍ୱିତୀୟ ଏହି ବିଶ୍ୱଜଗତରେ ଅନେକ ରୂପରେ ପ୍ରକାଶିତ ହୋଇ ରହିଛନ୍ତି ।

ତଥାପି, ଦିବ୍ୟ ପ୍ରେମର ବିଚିତ୍ରତମ ଓ ନିବିଡ଼ତମ ଅନୁଭୂତିଟି କେବଳ ସେହି ନୈର୍ବ୍ୟକ୍ତିକ ପରମ ଅନନ୍ତଙ୍କର ଅନୁଧାବନ ଦ୍ୱାରାହିଁ କଦାପି ଉପଲବ୍ଧ ହୋଇପାରିବ ନାହିଁ । ସେହି ଉପଲବ୍ଧିଟି ସକାଶେ ଆମ ଆରାଧନାର ଆସ୍ପଦ ହୋଇ ରହିଥିବା ପରମ ଭଗବାନଙ୍କୁ ମଧ୍ୟ ଆମର ଅତ୍ୟନ୍ତ ନିକଟକୁ ଆମର ଏକ ବ୍ୟକ୍ତିଗତ ସମ୍ପଦରୂପେ ଆସିବାକୁ ପଡ଼ିବ । ଏକଥା ଅବଶ୍ୟ ସତ ଯେ ଆମେ ସେହି ପରମ ନୈର୍ବ୍ୟକ୍ତିକତାଙ୍କର ହୃଦୟ ଭିତରକୁ ଯାଇପାରିଲେ ସେ ଆପଣା ମଧ୍ୟରେହିଁ ବ୍ୟକ୍ତିସ୍ୱଭାବାପନ୍ନତାର ଯାବତୀୟ ସମ୍ପଦକୁ ପ୍ରକାଶିତ କରିଦେଇ ପାରିବେ; ଏବଂ ଯିଏ କେବଳ ସେହି ଅନନ୍ତ ପରମ ସାନ୍ନିଧିଟି ମଧ୍ୟରେ ପ୍ରବେଶ କରିବାକୁ ବା ତାହାକୁହିଁ ଆଲିଙ୍ଗନ କରି ପାରିବାକୁ ଆକାଙ୍କ୍ଷା ଧରି ବାହାରିଛି, ଯିଏ ତାହାରି ମଧ୍ୟରେ ତୁଏତ ଏପରି ଅନେକ ବସ୍ତୁର ଆବିଷ୍କାର କରିପାରିବ, ଯେଉଁଗୁଡ଼ିକ ବିଷୟରେ କି ସେ ଆଗରୁ ସ୍ୱପ୍ନରେ ମଧ୍ୟ କୌଣସି କଳ୍ପନା କରି ନଥିଲା । ପରମ ଦିବ୍ୟତାର ସତ୍ତା ଆମ ଲାଗି ଏପରି କେତେକେତେ ବିସ୍ମୟକୁ ଧାରଣ କରି ରଖିଥାଏ, ଯାହାକି ଆମ ସୀମାବଦ୍ଧ ବୁଦ୍ଧିର ସକଳ ଧାରଣା ତଥା କଳନାକୁ ଏକାବେଳକେ ବିମୂଢ଼ କରିଦେଇ ଯାଏ । ମାତ୍ର ଭକ୍ତିର ମାର୍ଗ ସାଧାରଣତଃ ଅନ୍ୟ ପ୍ରାନ୍ତଟିରୁହିଁ ଆପଣାର ବିଚରଣ ଆରମ୍ଭ କରିଥାଏ । ଭକ୍ତ ଦିବ୍ୟ ପରମବ୍ୟକ୍ତିତ୍ୱର ଉପାସନାରୁହିଁ ଆପଣାର ଯାବତୀୟ ସ୍ଫୁରଣା ଆରମ୍ଭ କରେ, ତାହାରି ଦ୍ୱାରାହିଁ ଆପଣାର ଧ୍ୟେୟଟି ଆଡ଼କୁ ଆପଣାକୁ ଉନ୍ମୋଚିତ ଓ କ୍ରମପ୍ରସାରିତ କରି ନେଇଥାଏ । ପରମ ଦିବ୍ୟତା କହିଲେ ଏକ ପରମ ମୂର୍ତ୍ତିସତ୍ତାକୁହିଁ ବୁଝାଇବ, ଶୁଦ୍ଧ କାଳାତୀତ ଅନନ୍ତତାର କେବଳ ଏକ ବସ୍ତୁବିଚ୍ଛିନ୍ନ ଅମୂର୍ତ୍ତ ଅସ୍ତିତ୍ୱ ଅଥବା ସ୍ଥିତିକୁ କଦାପି ବୁଝାଇବ ନାହିଁ । ତାଙ୍କ ସବୁରି ମୂଳରେ ରହିଥିବା ବସ୍ତୁଗତ ସତ୍ତ୍ୱ ବୋଲି ବୁଝାଯାଇଛି ସତ, ମାତ୍ର ସେହି ସତ୍ତ୍ୱକୁ କଦାପି ଚେତନା ଓ ଆନନ୍ଦଠାରୁ

'oaob.nitrkl.ac.in' images reprocessed

ବିଚ୍ଛିନ୍ନ କରାଯାଇ ପାରିବ ନାହିଁ; ଏବଂ ଆପଣାର ସ୍ୱକୀୟ ସତ୍ତା ତଥା ଆପଣାର ସ୍ୱକୀୟ ଆନନ୍ଦଟି ବିଷୟରେ ଯେଉଁ ସତ୍ ନିରନ୍ତର ସଚେତନ ହୋଇ ରହିଛି, ଆମେ ତାହାକୁହିଁ ଏକ ଦିବ୍ୟ ଓ ଅନନ୍ତ ବ୍ୟକ୍ତ୍ୟାତ୍ମକତା ବୋଲି ମଧ୍ୟ କହିପାରିବା, ଜଣେ ପୁରୁଷ ବୋଲି କହିପାରିବା । ପୁଣି ଚେତନା ମାତ୍ରକେହିଁ ଶକ୍ତିକୁ ବୁଝାଏ; ଅର୍ଥାତ୍ ଯେଉଁଠି ସତ୍ତାର ଅନ୍ତହୀନ ଚେତନା ବିଦ୍ୟମାନ ରହିଛି, ସେଠାରେ ସେହି ସତ୍ତାର ଅନ୍ତହୀନ ଶକ୍ତି ମଧ୍ୟ ବିଦ୍ୟମାନ ରହିଛି ଏବଂ ସେହି ଶକ୍ତିବଳରେହିଁ ଏହି ବିଶ୍ୱଜଗତରେ ସବୁକିଛି ବିଦ୍ୟମାନ ରହିଛି । ଏହି ପରମ ସତ୍ତାଟି ଦ୍ୱାରାହିଁ ସକଳ ସତ୍ତା ଅସ୍ତିତ୍ୱରେ ରହିଛନ୍ତି, ସକଳ ବସ୍ତୁ ସେହି ପରମ ଭଗବାନଙ୍କର ଆକୃତିରୂପେ ରହିଛନ୍ତି; ଯାବତୀୟ ଭାବନା ଓ କର୍ମ ଓ ଅନୁଭୂତି ଓ ପ୍ରେମ ତାଙ୍କରି ମଧ୍ୟରୁ ପ୍ରେରିତ ହୋଇ ଆସୁଛି ଓ ତାଙ୍କରି ମଧ୍ୟକୁହିଁ ପ୍ରତ୍ୟାବର୍ତ୍ତନ କରୁଛି, ସେସବୁର ଯାବତୀୟ ପରିଣାମ ପଛରେ କେବଳ ସେଇ ଉତ୍ସରୂପେ ପ୍ରତିଷ୍ଠିତ ରହିଛନ୍ତି, ସେଗୁଡ଼ିକୁ ଧାରଣ କରି ରହିଛନ୍ତି ଓ ସେଗୁଡ଼ିକର ପ୍ରଚ୍ଛନ୍ନ ଗନ୍ତବ୍ୟସ୍ଥଳ ହୋଇ ବି ରହିଛନ୍ତି । ଏହି ପରମ ଭଗବାନ ବା ପରମ ମୂର୍ତ୍ତିସତ୍ତାଙ୍କ ପାଖରେହିଁ ଯେକୌଣସି ପୂର୍ଣ୍ଣଯୋଗର ଭକ୍ତ ଆପଣାକୁ ନେଇ ଅଜାଡ଼ିଦେବ ଏବଂ ଉଦ୍ବେଳିତ ହୋଇଯିବ । ତାଙ୍କର ବିଶ୍ୱୋତ୍ତୀର୍ଣ୍ଣ ରୂପର କ୍ଷେତ୍ରରେ ତାହା ତାଙ୍କୁ ଏକ ପରମ ସମ୍ମିଳନର ଆନନ୍ଦାନୁଭୂତି ମଧ୍ୟରେ ସନ୍ଧାନ କରିବାକୁ ଯିବ, ତାଙ୍କର ବିଶ୍ୱଗତ ରୂପପ୍ରକାଶର କ୍ଷେତ୍ରରେ ତାଙ୍କର ଅନନ୍ତ ଗୁଣ ତଥା ପ୍ରତ୍ୟେକଟି ବିଭବ ମଧ୍ୟରେ ତାଙ୍କୁ ଖୋଜିବ ଏବଂ ଏକ ବିଶ୍ୱୋଦ୍ଦିଷ୍ଟ ଆନନ୍ଦ ତଥା ପ୍ରେମ ସହିତ ତାଙ୍କୁ ସମସ୍ତ ସତ୍ତା ମଧ୍ୟରେ ଖୋଜିବ; ଏବଂ ତାଙ୍କର ବ୍ୟକ୍ତିରୂପର କ୍ଷେତ୍ରରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ପ୍ରେମ ଯେତେ ଯେତେ ସମ୍ବନ୍ଧର ଅବତାରଣା କରିଥାଏ, ଭକ୍ତ ତାଙ୍କ ସହିତ ସେହି ଯାବତୀୟ ମାନବ-ସମ୍ବନ୍ଧ ମଧ୍ୟରେ ପ୍ରବିଷ୍ଟ ହୋଇ ରହିବାର ଆକାଙ୍କ୍ଷା ରଖିଥିବ ।

ଆମର ହୃଦୟ ଯେଉଁ ଆସ୍ପଦଟିର ଅଭିଳାଷ ନେଇ ବାହାରିଛି, ଆରମ୍ଭରୁହିଁ ତାହାର ଯାବତୀୟ ଓ ସମଗ୍ର ପୂର୍ଣ୍ଣତାଟିକୁ ହାସଲ କରିପାରିବା ହୁଏତ କଦାପି ସମ୍ଭବ ହୋଇ ନପାରେ । ବସ୍ତୁତଃ, ଆମର ପୂର୍ବତନ ଜୀବନଟିର ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ଆମର ବୁଦ୍ଧି, ଭାବଗତ ଦୃଷ୍ଟିକୋଣ ଓ ସଂବେଗୀ ମନ ଏକ ବୃହତ୍ତର ତଥା ସୂକ୍ଷ୍ମତର ଭୂମି ମଧ୍ୟକୁ ବିକଶିତ ହୋଇ ପାରିଥିଲେ ଯାଇ ଏହା ସମ୍ଭବ ହୋଇପାରିବ । ଆମ ଜୀବନରେ ଏକ ପ୍ରସାର ଆଣି ଦେଉଥିବା ଆମର ବୁଦ୍ଧି, ସୌନ୍ଦର୍ଯ୍ୟଗ୍ରାହୀ ତଥା ସଂବେଗୀ ମନ ଏବଂ ଆମ ଇଚ୍ଛା ତଥା କ୍ରିୟାଶୀଳ ଅନୁଭୂତିର ଅଂଶଗୁଡ଼ିକର କୃଷ୍ଟି ଦ୍ୱାରାହିଁ ଆମର ଏହି ସାଧାରଣ ଜୀବନର ଅନୁଭୂତି ଆମକୁ ସେହି ବୃହତ୍ତର ଓ ସୂକ୍ଷ୍ମତର ଭୂମିକୁ ପରିଚାଳିତ କରି ନେଇଯିବ ବୋଲି ଉଦ୍ଦିଷ୍ଟ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଯେଉଁ ପରମ ତତ୍ତ୍ୱସ୍ୱରୂପହିଁ ଆମର ଏହି ନିତ୍ୟନୈମିତ୍ତିକ ସତ୍ତାଟିକୁ ଆପଣା ଆତ୍ମ-ପ୍ରକାଶର ଯୋଗ୍ୟ ଏକ ମନ୍ଦିରରୂପେ ପ୍ରସ୍ତୁତ କରିବାରେ ଲାଗିଥିଲେ, ଏହି ନିତ୍ୟନୈମିତ୍ତିକ ସତ୍ତା ଯେପରି ଆପଣାକୁ ତାଙ୍କର ଯାବତୀୟ ସତ୍ୟ ଲାଗି ଉନ୍ମୋଚିତ କରି ଦେଇପାରିବ, ସେଥିଲାଗି ସେହି କୃଷ୍ଟି ତାହାକୁ ଅଧିକ ପ୍ରସାର ଆଣି ଦେଉଥାଏ, ଅଧିକ ସୂକ୍ଷ୍ମତା ଆଣି ମଧ୍ୟ ଦେଉଥାଏ। ଆପଣା ସତ୍ତାର ଏହିସବୁ ସ୍ତରଗୁଡ଼ିକରେ ମନୁଷ୍ୟ ସାଧାରଣତଃ ବଡ଼ ସୀମାବଦ୍ଧ ହୋଇ ରହିଥାଏ, ଏବଂ ତାହାର ସଂସ୍କୃତ, ତାହାର ପୂର୍ବତନ ବିକାଶ ଏବଂ ସମ୍ପୃକ୍ତତାଗୁଡ଼ିକ ସହିତ ଯେଉଁସବୁ ଦିବ୍ୟ ସତ୍ୟର ମୋଟାମୋଟି କିଛି ସଦୃଶତା ରହିଥାଏ, ସେ ପ୍ରଥମେ କେବଳ ସେହିଗୁଡ଼ିକୁହିଁ ଆପଣାର ବୋଧ ବୋଲି ଗ୍ରହଣ କରିପାରେ। ତେଣୁ ତାଙ୍କ ନାନା ଦିବ୍ୟ ଗୁଣ ତଥା ସ୍ୱଭାବର ନାନାବିଧ ସୀମିତ ପ୍ରକାଶ ଦ୍ୱାରାହିଁ ଭଗବାନ ପ୍ରଥମ ଅବସ୍ଥାରେ ଆମ ଆଗରେ ଆବିର୍ଭୂତ ହୋଇଥାନ୍ତି; ଯେଉଁସବୁ ବସ୍ତୁ ସାଧକ ପାଇଁ ବୋଧଗମ୍ୟ ହୋଇ ରହିଥାଏ, ସେହିଗୁଡ଼ିକର ଏକ ପରମ ରୂପାୟନରେହିଁ ସେ ଆପଣାକୁ ଆଣି ସାଧକ ଆଗରେ ଉପସ୍ଥାପିତ କରାଇଥାନ୍ତି; ସାଧକର ଇଚ୍ଛାଶକ୍ତି ଓ ହୃଦୟ ଯେଉଁସବୁ ବସ୍ତୁ ଲାଗି ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରିବାର ସାମର୍ଥ୍ୟ ରଖିଥାଏ, କେବଳ ସେହିଗୁଡ଼ିକର ପରମରୂପରେହିଁ ସେ ସାଧକ ପାଖକୁ ଆସିଥାନ୍ତି। ସାଧକ ଲାଗି ସେ ଆପଣା ଈଶ୍ୱରତ୍ୱର କେବଳ କେତୋଟି ନାମ ଓ ବିଗ୍ରହକୁହିଁ ପ୍ରକଟ କରି ଦେଇଥାନ୍ତି। ଏଗୁଡ଼ିକୁ ଯୋଗଶାସ୍ତ୍ରରେ ଇଷ୍ଟଦେବତା ବୋଲି କୁହାଯାଇଛି ଓ ଆମର ପ୍ରକୃତି ଆପଣାର ଉପାସନା ଲାଗି ଏହି ନାମ ଓ ରୂପଗୁଡ଼ିକୁହିଁ ନିର୍ବାଚନ କରି ନେଇଥାଏ। ମନୁଷ୍ୟ ଯେପରି ତାଙ୍କର ପ୍ରତ୍ୟେକଟି ଅଙ୍ଗ ଦେଇ ସେହି ପରମ ଦେବତାଙ୍କର ଉପାସନା କରିପାରିବ, ସେଥିଲାଗି ତାଙ୍କର ଅଙ୍ଗଟିକୁ ଏପରି ଭାବରେ ପ୍ରକାଶିତ କରି ଦିଆଯାଏ ଯାହାକି ତାହାର ବିଭବ ତଥା ଗୁଣଗୁଡ଼ିକର ଅନୁରୂପ ହୋଇଥାଏ ଓ ଯାହା ଉପାସକ ଲାଗି ଗୋଟିଏ ଜୀବନ୍ତ ବିଗ୍ରହରେ ପରିଣତ ହୋଇଯାଏ। ଏହିପରି ଭାବରେ ମନୁଷ୍ୟର ମନ ଆପଣାର ଉପାସ୍ୟବସ୍ତୁରୂପେ ବିଷ୍ଣୁ, ଶିବ, କୃଷ୍ଣ, କାଳୀ, ଖ୍ରୀଷ୍ଟ ଓ ବୁଦ୍ଧ ପ୍ରଭୃତି ରୂପକୁ ଗ୍ରହଣ କରି ନେଇଥାଏ। ଏପରିକି ଯେଉଁ ଏକେଶ୍ୱରବାଦୀ କୌଣସି ଏକ ରୂପାତୀତ ଈଶ୍ୱରଙ୍କର ଆରାଧନା କରୁଥାଏ, ସିଏ ମଧ୍ୟ ତାଙ୍କ ଉପରେ ଆଣି କୌଣସି ନା କୌଣସି ଗୁଣଗତ ରୂପକୁ ଲେପି ଦେଇଥାଏ; ତାଙ୍କୁ ସେ ଯେଉଁଭଳି ରୂପରେ ଦେଖେ, ତାହାରି ଅନୁରୂପ କୌଣସି ମାନସ ରୂପ ଅଥବା ପ୍ରକୃତିରୂପ ନେଇ ସେ ତାଙ୍କର ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରେ। ମାତ୍ର ପରମ ଦିବ୍ୟସତ୍ତାଙ୍କର ଏକ ଜୀବନ୍ତ ବିଗ୍ରହ ବା ସତେଅବା ଏକ ମାନସ ଠୂଳରୂପ ଦେଖିବାର ସାମର୍ଥ୍ୟ ଏହି ନିକଟବର୍ତ୍ତୀ ହେବାର ପ୍ରୟାସରେ ଏକ ବୃହତ୍ତର ନିବିଡ଼ତା ଏବଂ ମଧୁରତା ଆଣି ଦେଇ ଯାଇଥାଏ।

'oaob.nitrkl.ac.in' images reprocessed

ଭଗବତ୍ ବିଗ୍ରହର ଏହି କଳ୍ପନାଟିକୁ ବିଶ୍ୱମୟ କରି ରଖିବା, ଏକ ଅନେକୀଭୂତ ଏବଂ ସର୍ବ-ସମାବେଶକ ସମ୍ବନ୍ଧ ଦ୍ୱାରା ତାଙ୍କୁ ଅତ୍ୟନ୍ତ ନିବିଡ଼ ଭାବରେ ବ୍ୟକ୍ତିରୂପ ଓ ସ୍ଥୂଳ କରି ଧରିବା, ସମଗ୍ର ସତ୍ତାଟି ଲାଗି ତାଙ୍କୁ ସତତ ସମ୍ମୁଖରେହିଁ ବିଦ୍ୟମାନ କରି ରଖିବା ଏବଂ ଯେପରିକି ସେ ଆମର ଅତ୍ୟନ୍ତ ନିକଟରେ ଓ ଆମରି ମଧ୍ୟରେ ବାସ କରିପାରିବେ ତଥା ଆମେ ମଧ୍ୟ ତାଙ୍କରି ସହିତ ଓ ତାଙ୍କରି ମଧ୍ୟରେ ବାସ କରି ରହିପାରିବା, ସେଥିଲାଗି ତାଙ୍କରି ପାଖରେହିଁ ଆମର ସମଗ୍ର ସତ୍ତାଟିକୁ ଉଦ୍ଦିଷ୍ଟ, ଉତ୍ସର୍ଗୀକୃତ ଏବଂ ସମର୍ପିତ କରି ରଖିବା,—ଏହାହିଁ ପୂର୍ଣ୍ଣ ଭକ୍ତିଯୋଗର ଗୀତ ହୋଇ ରହିବ । ଭକ୍ତିର ଏହି ମାର୍ଗଟିରେ ମନନ ଓ ଦର୍ଶନ ଏକାନ୍ତ ଆବଶ୍ୟକ ଓ ଅପରିହାର୍ଯ୍ୟ । ଜଡ଼ ପ୍ରକୃତିରେ ଅବସ୍ଥିତ ରହିଥିବା ବସ୍ତୁଗୁଡ଼ିକ ଆଡ଼କୁ ଦୃଷ୍ଟିପାତ କଲାବେଳେ ମଧ୍ୟ ଆମକୁ ସେଗୁଡ଼ିକ ମଧ୍ୟରେ ଆମ ପ୍ରେମର ଦିବ୍ୟ ଆସ୍ପଦଟିକୁହିଁ ଦେଖିବାକୁ ପଡ଼ିବ; ମନୁଷ୍ୟ ଆଡ଼କୁ ତଥା ସକଳ ପ୍ରାଣୀଙ୍କ ଆଡ଼କୁ ଦୃଷ୍ଟିପାତ କଲାବେଳେ ସେମାନଙ୍କ ଭିତରେ କେବଳ ତାହାଙ୍କୁହିଁ ଦେଖିବାକୁ ପଡ଼ିବ ଏବଂ ସେମାନଙ୍କ ସହିତ ଆମର ସମ୍ବନ୍ଧ ମଧ୍ୟରେ ଆମେ ଯେ କେବଳ ତାଙ୍କରି ନାନା ରୂପ ସହିତ ସମ୍ବନ୍ଧବଦ୍ଧ ହୋଇ ରହିଛୁ, ସେହିଭଳି ଦେଖିବାକୁ ପଡ଼ିବ । ଏହି ଜଡ଼ସ୍ଥ ଜଗତର ସକଳ ସୀମାକୁ ଭାଙ୍ଗି ଯେତେବେଳେ ଆମେ ଆହୁରି ସେପାଖକୁ ଚାଲିଯିବା ଏବଂ ଅନ୍ୟାନ୍ୟ ଲୋକର ସତ୍ତାଗୁଡ଼ିକୁ ଜାଣିବାକୁ ପାଇବା ବା ସେମାନଙ୍କ ସହିତ ସମ୍ବନ୍ଧସ୍ଥାପନ କରିପାରିବା, ତଥାପି ସେତେବେଳେ ମଧ୍ୟ ଠିକ୍ ସେହି ସମାନ ଭାବନା ତଥା ସମାନ ଦୃଷ୍ଟିଟି ଆମର ମନୋଭୂମିରେ ଏକ ସତ୍ୟରେ ପରିଣତ ହୋଇ ରହିଥିବ । କେବଳ ଜଡ଼ଗତ ଏବଂ ବାହ୍ୟ ରୂପଟି ଲାଗି ଓ କେବଳ ଏହି ସାଧାରଣ ଖଣ୍ଡିତ ସମ୍ବନ୍ଧଟି ଲାଗିହିଁ ଆପଣାକୁ ଉନ୍ମୋଚିତ କରି ରଖିଥିବା ଓ ଅନ୍ତରସ୍ଥ ପ୍ରଚ୍ଛନ୍ନ ଭଗବତ୍ ସତ୍ତାଟିକୁ ଅବଜ୍ଞା ଦେଖାଉଥିବା ଆମର ମନ ଭିତରେ ଯେଉଁ ନିତ୍ୟନୈମିତ୍ତିକ ଅଭ୍ୟାସଟି ରହିଛି, ତାହା ସବୁକିଛିକୁ ଆପଣା ମଧ୍ୟକୁ ସ୍ୱୀକାର କରି ନେଉଥିବା ପ୍ରେମ ଓ ଆନନ୍ଦର ଏକ ଅବିଶ୍ରାନ୍ତ ଅଭ୍ୟାସ ଦ୍ୱାରା ଏହି ଅଧିକ ଗଭୀର ଓ ଅଧିକ ବିପୁଳ ବୋଧ ତଥା ଏହି ବୃହତ୍ତର ସମ୍ବନ୍ଧଟି ଲାଗି ବାଟ ଛାଡ଼ିଦେବ । ଯେଉଁ ଅଦ୍ୱିତୀୟ ପରମ ଭଗବାନଙ୍କୁ ଆମେ ଆପଣାର ସକଳ ହୃଦୟ ତଥା ଆପଣାର ସମୁଦାୟ ସତ୍ତାଟିକୁ ଦେଇ ଉପାସନା କରୁଛୁ, ଯାବତୀୟ ଦେବତାକଳ୍ପନାରେ ଆମକୁ କେବଳ ତାହାଙ୍କୁହିଁ ଦେଖିବାକୁ ପଡ଼ିବ; ସେମାନେ ହେଉଛନ୍ତି କେବଳ ତାଙ୍କରି ଦିବ୍ୟତା ବା ଭଗବତ୍ତାରହିଁ ଗୋଟିଏ ଗୋଟିଏ ରୂପ । ଆମର ଆଧ୍ୟାତ୍ମିକ ସ୍ୱୀକୃତିଟିକୁ ଏହିପରି ଭାବରେ ପ୍ରସାରିତ କରିଦେଇ ଆମେ ଏପରି ଗୋଟିଏ ସ୍ଥାନରେ ଯାଇ ପହଞ୍ଚିବା, ଯେଉଁଠାରେ କି ସବୁକିଛି ତାଙ୍କଠାରୁ କେବଳ ଅଭିନ୍ନ ହୋଇ ପରିଦୃଷ୍ଟ ହେବ ଏବଂ ଏହି ଚେତନାରୁ ଉପଲବ୍ଧ ହେଉଥିବା ଆନନ୍ଦଟିହିଁ ଆମ ଲାଗି ଏହି ବିଶ୍ୱଜଗତକୁ

'oaob.nitrkl.ac.in' images reprocessed

ଦେଖିବାର ଆମର ସ୍ୱାଭାବିକ ଏବଂ ଅବ୍ୟାହତ ସ୍ରୋତରେ ପରିଣତ ହୋଇଯିବ । ଏବଂ ସେଇଥିରୁହିଁ ତାଙ୍କର ସହିତ ସମ୍ମିଳିତ ହୋଇ ରହିବାର ବାହ୍ୟ ଅର୍ଥାତ୍ ବସ୍ତୁଗତ ବିଶ୍ୱାତ୍ମକତାଟି ସମ୍ଭୂତ ହୋଇ ଆସିପାରିବ ।

ଅନ୍ତର୍ଗତ କ୍ଷେତ୍ରରେ, ପରମ ପ୍ରେମାସ୍ପଦଙ୍କର ମୂର୍ତ୍ତିଟିକୁ ଆମର ଅନ୍ତରସ୍ଥ ଚକ୍ଷୁଟି ଲାଗି ଦୃଶ୍ୟମାନ ହୋଇ ରହିବାକୁ ପଡ଼ିବ । ସେତେବେଳେ ସେ ସତେଅବା ଆପଣାର ସଦନଟିରେ ବାସ କରୁଥିବା ପରି ଆମରି ଭିତରେ ବାସ କରି ରହିଥିବେ, ଆପଣା ସାନ୍ନିଧ୍ୟର ମଧୁରତା ଦ୍ୱାରା ଆମର ହୃଦୟକୁ ପ୍ରେରିତ କରି ରଖିଥିବେ, ଆମ ମନ ଓ ପ୍ରାଣର ସର୍ବବିଧ କ୍ରିୟାତ୍ମକତାରେ ଆମ ସତ୍ତ୍ୱାର ଶିଖରଦେଶରୁ ସେ ଆମର ସଖା, ପ୍ରଭୁ ତଥା ପ୍ରେମିକରୂପେ ଅଧିଷ୍ଠିତ ରହିଥିବେ ଏବଂ ଉପରୁ ଥାଇ ଏହି ବିଶ୍ୱଜଗତର ଭୂମି ଉପରେ ଆମକୁ ଆପଣା ସହିତ ସମ୍ମିଳିତ କରି ଦେଉଥିବେ । ଏହିପରି ଏକ ସତତ ଅନ୍ତର୍ସମ୍ମିଳନରୁ ଯେଉଁ ଆନନ୍ଦ ଜାତ ହେଉଥିବ, ତାହାକୁହିଁ ନିବିଡ଼, ଚିରସ୍ଥାୟୀ ଏବଂ ଚିର-ଅବ୍ୟାହତ କରି ରଖିବାକୁ ହେବ । ଏହି ଅନ୍ତର୍ମିଳନକୁ ଏପରି କୌଣସି ଅସାଧାରଣ ନିକଟତା ତଥା ଆରାଧନା ମଧ୍ୟରେ ସୀମିତ କରି କଦାପି ରଖାଯିବ ନାହିଁ, ଯେତେବେଳେ କି ଆମେ ଆମର ନିତ୍ୟନୈମିତ୍ତିକ କର୍ମରତତା ମଧ୍ୟରୁ ଦୂରକୁ ହଟିଯାଇ ବାସ୍ ଆପଣା ଭିତରର ଏକାନ୍ତ ନିଳୟଟିରେ ନିଷ୍କ୍ରାନ୍ତ ହୋଇ ରହିଯିବା; ଅଥବା ଜଣେ ଜଣେ ମନୁଷ୍ୟ ହିସାବରେ ଆମର କାର୍ଯ୍ୟଗୁଡ଼ିକୁ ପଛରେ ପକାଇଦେଇ ଆମେ ଏହି ସମ୍ମିଳନଟିକୁ ଲୋଡ଼ିବାକୁ ଯିବା ନାହିଁ । ଆମର ସକଳ ଭାବନା, ସକଳ ଆବେଗ, ସକଳ ଅନୁଭୂତି ଓ ସକଳ କର୍ମକୁ ସର୍ବଦା ତାଙ୍କର ସ୍ୱୀକୃତି ଅଥବା ଅସ୍ୱୀକୃତି ଲାଗି ତାଙ୍କର ସମୀପରେ ଆଣି ରଖିବାକୁ ପଡ଼ିବ; ଅଥବା ଯଦି ଆମେ ସେପର୍ଯ୍ୟନ୍ତ ସେତେଦୂର ଅଗ୍ରସର ହୋଇପାରି ନଥିବା, ତେବେ ସେଗୁଡ଼ିକୁ ଆମ ଅଭୀପ୍ସାର ଯଜ୍ଞରୂପେ ତାଙ୍କୁହିଁ ଅର୍ପିତ କରି ରଖିବାକୁ ପଡ଼ିବ, ଯେପରିକି ସେ ଅଧିକରୁ ଅଧିକ ପରିମାଣରେ ଆମ ଭିତରକୁ ଅବତରଣ କରି ଆସିପାରିବେ, ସେଗୁଡ଼ିକ ସବୁଟି ମଧ୍ୟରେ ବର୍ତ୍ତମାନ ରହିବେ ଏବଂ ତାଙ୍କର ସକଳ ସଙ୍କଳ୍ପ ତଥା ଶକ୍ତି ଦ୍ୱାରା, ତାଙ୍କର ଆଲୋକ ତଥା ଜ୍ଞାନ ଦ୍ୱାରା ଏବଂ ତାଙ୍କର ପ୍ରେମ ତଥା ଆନନ୍ଦ ଦ୍ୱାରା ସେଗୁଡ଼ିକ ଉପରେ ସଞ୍ଚରି ରହିପାରିବେ । ଏବଂ କ୍ରମେ ପରିଶେଷରେ ଆମର ସକଳ ଭାବନା, ସକଳ ଅନୁଭୂତି, ଆବେଗ ଓ କର୍ମ କେବଳ ତାଙ୍କରିଠାରୁହିଁ ପ୍ରସରି ଆସିବାକୁ ଆରମ୍ଭ କରିବ ଏବଂ ସେଗୁଡ଼ିକର କୌଣସି ଦିବ୍ୟ ବୀଜ ତଥା ଦିବ୍ୟ ରୂପରେ ରୂପାନ୍ତରିତ ହୋଇଯିବାକୁ ଲାଗିବ । ଆମର ସମୁଦାୟ ଅନ୍ତର୍ଗତ ଜୀବନଟିରେ ଆମେ ଆପଣାକୁ କେବଳ ତାଙ୍କର ଏକ ସତ୍ତ୍ୱାଂଶରୂପେ ଅନୁଭବ କରିବାକୁ ଆରମ୍ଭ କରିଥିବା ଏବଂ ଏହିପରି ଆହୁରି ଅଗ୍ରସର ହୋଇ ପରିଶେଷରେ ଆମର ଆତ୍ମା ସେହି ପରମ ଦିବ୍ୟତା ଏବଂ ଆମର ଏହି ନିଜର ଜୀବନଗୁଡ଼ିକ ମଧ୍ୟରେ ଆଉ କୌଣସି ପ୍ରକାରର

'oaob.nitrkl.ac.in' images reprocessed

ବିଭାଜନହିଁ ରହିବ ନାହିଁ । ଠିକ୍ ସେହିପରି ଯାବତୀୟ ଘଟଣାରେ ଆମେ କେବଳ ସେହି ପରମ ପ୍ରେମିକଙ୍କର ସମ୍ବନ୍ଧ ଓ ସମ୍ପର୍କଗୁଡ଼ିକୁହିଁ ପ୍ରତ୍ୟକ୍ଷ କରିବାକୁ ଆରମ୍ଭ କରିବା ଏବଂ ଆମେ ସେହି ଘଟଣାଗୁଡ଼ିକରେ ଏପରି ଗୋଟିଏ ପ୍ରକାରର ସୁଖ ଅନୁଭବ କରିବାକୁ ସମର୍ଥ ହେବା ଯେ ସେତେବେଳେ ଆମର ଦୁଃଖ, କଷ୍ଟ ଓ ଶାରୀରିକ ଯନ୍ତ୍ରଣାଗୁଡ଼ିକ ମଧ୍ୟ ତାଙ୍କର ଗୋଟିଏ ଗୋଟିଏ ଦାନରେ ପରିଣତ ହୋଇଯିବ, ଆନନ୍ଦକୁ ରୂପାନ୍ତରିତ ହୋଇଯିବ ଏବଂ ସେହି ଦିବ୍ୟ ସଂସ୍ପର୍ଶର ବୋଧଟି ଦ୍ୱାରା ବିନାଶପ୍ରାପ୍ତ ହୋଇ ସେହି ଆନନ୍ଦ ଭିତରେହିଁ ଲୀନ ହୋଇଯିବ । କାରଣ ତାଙ୍କର କରଗୁଡ଼ିକର ସ୍ପର୍ଶହିଁ ସର୍ବଦା ଏକ ନାନା ଚମତ୍କାରିତା ଦ୍ୱାରା ପରିପୂର୍ଣ୍ଣ ରୂପାନ୍ତର ସାଧନ କରି ପାରୁଥିବା ଜଣେ ରସାୟନବିତ୍ ପରି କାର୍ଯ୍ୟ କରିବାରେ ଲାଗିଥାଏ । ଏହି ଜୀବନ ଦୁଃଖ ଓ କଷଣରେ ଜର୍ଜର ହୋଇ ରହିଛି ବୋଲି କେତେକ ଲୋକ ଜୀବନକୁ ବର୍ଜନ କରିଥାନ୍ତି, ମାତ୍ର ଜଣେ ଈଶ୍ୱରପ୍ରେମୀ ଲାଗି ସେହି ଦୁଃଖ ଓ କଷଣ ତାଙ୍କର ସାକ୍ଷାତ ଲାଭ କରିବାର ଗୋଟିଏ ଗୋଟିଏ ସାଧନରେହିଁ ପରିଣତ ହୋଇଯାନ୍ତି, ତାଙ୍କର କୃପାର ଚିହ୍ନ ହୋଇ ରହନ୍ତି; ଏବଂ ଶେଷରେ ତାଙ୍କର ସ୍ୱଭାବଟି ସହିତ ଆମର ସମ୍ମିଳନଟି ସମ୍ପୂର୍ଣ୍ଣ ହୋଇ ଆସୁଥିବା ସଙ୍ଗେସଙ୍ଗେ ଯେତେବେଳେ ବିଶ୍ୱଗତ ଆନନ୍ଦଟିର ଏହି ଆବରଣଗୁଡ଼ିକ ସେହି ଆନନ୍ଦକୁ ଗୋପ୍ୟ କରି ରଖିବା ଲାଗି ଆଉ ସମର୍ଥ ହୁଅନ୍ତି ନାହିଁ, ସେତେବେଳେ ସେଗୁଡ଼ିକ ଏକାବେଳକେ ସମାପ୍ତହିଁ ହୋଇଯାଆନ୍ତି । ସେମାନେ ଆନନ୍ଦରେ ରୂପାନ୍ତରିତ ହୋଇଯାଆନ୍ତି ।

ଯେଉଁସବୁ ସମ୍ବନ୍ଧ ଦ୍ୱାରା ଏହି ସମ୍ମିଳନଟି ସଂଘଟିତ ହୋଇଥାଏ, ଏହି ମାର୍ଗରେ ସେଗୁଡ଼ିକ ପ୍ରଗାଢ଼ ଓ ପୁଲକମୟ ଭାବରେ ବ୍ୟକ୍ତିଗତ ସମ୍ବନ୍ଧହିଁ ହୋଇ ରହିଥାନ୍ତି । ଏବଂ ଯେଉଁ ସମ୍ବନ୍ଧଟି ପରିଶେଷରେ ସେହିସବୁ ସକଳ ସମ୍ବନ୍ଧକୁ ଆପଣା ଭିତରେ ଅନ୍ତର୍ଭୁକ୍ତ କରି ରଖେ, ଆପଣା ମଧ୍ୟରେ ଗ୍ରହଣ କରିନିଏ ଏବଂ ସବୁଗୁଡ଼ିକୁ ଏକତ୍ରବଦ୍ଧ କରିପାରେ, ସେଇଟି ହେଉଛି ପ୍ରେମିକ ଓ ପ୍ରେମାସ୍ପଦର ସମ୍ବନ୍ଧ; କାରଣ ସେହି ସମ୍ବନ୍ଧଟି ହେଉଛି ଯାବତୀୟ ସମ୍ବନ୍ଧ ଭିତରେ ସବୁଠାରୁ ଅଧିକ ପ୍ରଗାଢ଼ ଓ ଅଧିକ ପୁଲକମୟ ଏବଂ ତାହାହିଁ ଅନ୍ୟ ଯାବତୀୟ ସମ୍ବନ୍ଧକୁ ଆପଣାର ଉଚ୍ଚତାଗୁଡ଼ିକ ଯାଏ ବହନ କରି ନେଇଯାଏ ଏବଂ ତଥାପି ସେଗୁଡ଼ିକଠାରୁ ଆହୁରି ଅଧିକ ହୋଇ ରହିଥାଏ । ସେଇ ଆମର ଗୁରୁ ହୁଅନ୍ତି, ଆମ ପଥପ୍ରଦର୍ଶକ ହୁଅନ୍ତି ଓ ଆମକୁ ଜ୍ଞାନ ମଧ୍ୟକୁ ବାଟ କଢ଼ାଇ ନେଇଯାନ୍ତି । ଆମରି ଭିତରେ ବିକଶିତ ହେବାରେ ଲାଗିଥିବା ଆଲୋକ ଓ ଦୃଷ୍ଟିସାମର୍ଥ୍ୟର ପ୍ରତ୍ୟେକ ପଦକ୍ଷେପରେ ଆମେ କେବଳ ତାଙ୍କର ସ୍ପର୍ଶଟିକୁ ଅନୁଭବ କରୁଥାଉ; ଜଣେ କାରିଗରର ହାତ ପରି ସେଇ ଆମ ମନର ମାଟିଟିକୁ ନେଇ କେତେ କ'ଣ ଗଢ଼ିବାରେ ଲାଗିଥାନ୍ତି, ତାଙ୍କରି କଣ୍ଠର ଭାଷା ଆମ ଆଗରେ

'oaob.nitrkl.ac.in' images reprocessed

ସତ୍ୟ ଓ ସତ୍ୟବାକ୍ୟର ଉଦ୍‌ଘାଟନ କରି ଦେଉଥାଏ, ସେହି ଆମକୁ ଆଣି ଦେଉଥିବା ବସ୍ତୁଗୁଡ଼ିକ ଉଦ୍ଦେଶ୍ୟରେହିଁ ଆମେ ପ୍ରତିସ୍ପନ୍ଦନ ଜଣାଉ ଏବଂ ତାଙ୍କର ଦ୍ୟୁତିବର୍ଷାର ଝଲମଲ ଉଦ୍‌ଭାସ ଆମ ଅଜ୍ଞାନତାର ଅନ୍ଧାର ପର୍ଦ୍ଦାରେ ଗୋଡ଼ାଇବାରେ ଲାଗିଥାଏ । ଏବଂ ବିଶେଷ କରି, ମନର ଆଂଶିକ ଆଲୋକଗୁଡ଼ିକ ଯେତିକି ଯେତିକି ବିଜ୍ଞାନାଲୋକରେ ରୂପାନ୍ତରିତ ହୋଇ ଯାଉଥାନ୍ତି ଅର୍ଥାତ୍ ଅଳ୍ପତର ଅଥବା ଅଧିକତର ପରିମାଣରେ ତାହା ଆମ ଭିତରେ ଯେତିକି ସଂଘଟିତ ହେଉଥାଏ, ଠିକ୍ ସେହି ଅନୁପାତରେହିଁ ଆମେ ଆମର ଏହି ମନଟି ସତେଅବା ତାଙ୍କରି ମନରେ ରୂପାନ୍ତରିତ ହୋଇଯିବା ପରି ଅନୁଭବ କରୁଥାଉ ଏବଂ ସେ ଯେତିକି ଅଧିକ ପରିମାଣରେ ଆମରି ଭିତରେ ମନ୍ତା ଓ ଦ୍ରଷ୍ଟା ହୋଇ ରହିବାରେ ଲାଗିଥାନ୍ତି । ସେତେବେଳେ ଆମେ ଆଉ ସ୍ୱତନ୍ତ୍ର ଭାବରେ କିଛିହେଲେ ଭାବିପାରୁ ନାହିଁ, ସ୍ୱତନ୍ତ୍ର ଭାବରେ କିଛିହେଲେ ଦେଖିପାରୁ ନାହିଁ; ମାତ୍ର ସେ ଆମ ଲାଗି ଯାହା ଭାବିବାକୁ ଇଚ୍ଛା କରନ୍ତି, ଆମେ କେବଳ ସେତିକି ଭାବୁ ଓ ସେଇ ଆମ ଲାଗି ଯାହା ଦେଖନ୍ତି, ଆମେ କେବଳ ସେତିକିମାତ୍ର ଦେଖୁ । ଏବଂ ସେତେବେଳେ ସେହି ପ୍ରେମାସ୍ପଦ ଭିତରେ ଗୁରୁହିଁ ପରିପୂର୍ଣ୍ଣ ହୋଇଉଠନ୍ତି; ଆମର ଏହି ସମସ୍ତ ମନୋମୟ ସତ୍ତାଟିକୁ ଆଲିଙ୍ଗନ ଓ ଅଧିକାର କରିନେବା ପାଇଁ, ସେଇଟିକୁ ଉପଯୋଗ କରିବା ପାଇଁ ଓ କାମରେ ଲଗାଇବା ପାଇଁ ସେ ତାହାକୁ ଆପଣା ହାତରେ ଗ୍ରହଣ କରି ନିଅନ୍ତି ।

ସିଏ ହେଉଛନ୍ତି ପରମ ପ୍ରଭୁ; ମାତ୍ର ତାଙ୍କର ନିକଟବର୍ତ୍ତୀ ହେବାର ଏହି ମାର୍ଗଟିରେ ସକଳ ଦୂରତା ତଥା ସକଳ ବିଚ୍ଛିନ୍ନତା ଅନ୍ତର୍ହିତ ହୋଇଯାଏ, ସକଳ ସଙ୍କୋଚ ଓ ଭୟ ଏବଂ ରୁକ୍ଷ ଆଜ୍ଞାପାଳନର ପ୍ରବୃତ୍ତିଟି କୁଆଡ଼େ ନିରାକୃତ ହୋଇ ରହେ । କାରଣ ଏହି ମାର୍ଗରେ ଆମେ ତାଙ୍କର ଏତେ ପାଖକୁ ଚାଲିଆସୁ ଓ ତାଙ୍କ ସହିତ ସମ୍ମିଳିତ ହୋଇ ରହୁ ଯେ ଏସବୁ କଥା ସେଠାରେ ଆଦୌ ସ୍ଥାୟୀ ହୋଇ ରହିପାରନ୍ତି ନାହିଁ ଏବଂ ଆମର ସତ୍ତାଟିର ଜଣେ ପ୍ରେମିକହିଁ ସତ୍ତାଟିକୁ ଗ୍ରହଣ କରିନିଅନ୍ତି, ସ୍ୱୟଂ ତାହାର ଅଧିକାରୀ ହୋଇ ରହନ୍ତି ଏବଂ ଆପଣାର ପରମ ଇଚ୍ଛାଟି ଅନୁସାରେ ତାହାକୁ କାର୍ଯ୍ୟରେ ଲଗାନ୍ତି ଓ ତାହାକୁ ନେଇ ଯାହାକିଛି କରନ୍ତି । ଆନୁଗତ୍ୟ ବା ଆଜ୍ଞାପାଳନ ଭୃତ୍ୟର ପରିଚୟହିଁ ଦେଇଥାଏ, ମାତ୍ର ଏହି ସମ୍ବନ୍ଧଟିରେ ତାହା ସର୍ବନିମ୍ନ ସୋପାନରେ ଥାଏ, ତାହା ଦାସ୍ୟ ଭକ୍ତିର ସ୍ତରରେ ରହିଥାଏ । ଆପଣା ମାର୍ଗରେ ପରବର୍ତ୍ତୀ ସୋପାନଗୁଡ଼ିକୁ ଅଗ୍ରସର ହୋଇ ଆମେ ପ୍ରକୃତରେ କୌଣସି ଆଜ୍ଞାପାଳନ କରୁ ନାହିଁ, ମାତ୍ର ବାଦ୍ୟଯନ୍ତ୍ରର ତାରଗୁଡ଼ିକ ବାଦକର ଅଙ୍ଗୁଳିର ବୋଲ ମାନି ଚାଲୁଥିବା ପରି ଆମେ କେବଳ ତାଙ୍କର ଇଚ୍ଛାନୁସାରେ ସ୍ପନ୍ଦିତ ହେବାକୁ ଲାଗୁ । ତାଙ୍କର ଯନ୍ତ୍ର ବା ସାଧନ ହୋଇ ରହିବାକୁହିଁ ଆତ୍ମ-ସମର୍ପଣ ଓ ଆତ୍ମ-ନିବେଦନର

'oaob.nitrkl.ac.in' images reprocessed

ଏହି ଉଚ୍ଚତର ସୋପାନଟି ବୋଲି କୁହାଯାଏ । ମାତ୍ର ସେତେବେଳେ ଏହି ଯନ୍ତ୍ର ଏକ ଜୀବନ୍ତ ଯନ୍ତ୍ର ହୋଇ ରହିଥାଏ, ଏକ ଶ୍ରଦ୍ଧାପ୍ରେରିତ ଯନ୍ତ୍ର ହୋଇ ରହିଥାଏ ଏବଂ ଏହି ପ୍ରକ୍ରିୟାଟିରେ ଆଗକୁ ଯାଇ ଆମ ସତ୍ତାର ସମୁଦାୟ ପ୍ରକୃତିଟି ପରମେଶ୍ୱରଙ୍କରହିଁ କଙ୍କର ହୋଇ ରହେ, ତାଙ୍କର ଦ୍ୱାରା ଅଧିକୃତ ହୋଇ ପରମାନନ୍ଦ ଲାଭ କରେ ଏବଂ ସେହି ଦିବ୍ୟ ହାତ ଭିତରେ ଓ ଦିବ୍ୟ ସ୍ୱାମିତ୍ୱ ମଧ୍ୟରେ ପୂର୍ଣ୍ଣପ୍ରସନ୍ନ ଭାବରେ ଆପଣାକୁ ସମର୍ପିତ କରିଦେଇ ସେ ଉଲ୍ଲସିତ ହୋଇ ରହିଥାଏ । ସିଏ ତାହା ଦ୍ୱାରା ଯାହାକିଛି କରାଇବାକୁ ଇଚ୍ଛା କରୁଥାନ୍ତି, ଏକ ପୂର୍ଣ୍ଣୋତ୍ସାହ ଆନନ୍ଦ ସହିତ ସେ ସେଗୁଡ଼ିକୁ ସମ୍ପନ୍ନ କରିବାରେ ଲାଗିଥାଏ; ସେଥିଲାଗି କୌଣସି ପ୍ରଶ୍ନ ପଚାରିବାକୁ ଯାଏ ନାହିଁ । ସିଏ ତାକୁ ଯାହା ବହନ କରିବାକୁ ଇଚ୍ଛା କରନ୍ତି, ସେ ସେଗୁଡ଼ିକୁ ବହନ କରିବାରେ ଲାଗିଥାଏ; କାରଣ ସେ ସର୍ବଦା ଆପଣାର ସେହି ପ୍ରେମାସ୍ପଦ ସତ୍ତାରହିଁ ବୋଝକୁ ବହନ କରୁଥାଏ ।

ସେଇ ବନ୍ଧୁ, ସେଇ ଉପଦେଷ୍ଟା, ସାହାଯ୍ୟକାରୀ; ବିପଦରେ ଓ ଦୁଃଖରେ ସେଇ ରକ୍ଷାକର୍ତ୍ତା, ସେଇ ଶତ୍ରୁମାନଙ୍କ ହାତରୁ ବଞ୍ଚାଇ ରଖନ୍ତି; ଆମ ଲାଗି ଆମର ଯାବତୀୟ ଯୁଦ୍ଧକୁ ଲଢ଼ିବାର ବୀର ହୋଇ ରହିଥାନ୍ତି, ଅର୍ଥାତ୍ ତାଙ୍କର ରକ୍ଷାଛାଳଟି ତଳେ ରହି ଆମେ ଯୁଦ୍ଧ ଲଢ଼ୁଥାଉ; ସେଇ ହେଉଛନ୍ତି ରଥୀ, ସେଇ ଆମ ଯାବତୀୟ ପଥର କର୍ଣ୍ଣଧାର । ଏବଂ ଏଠାରେ ଆମେ ହଠାତ୍ ଏକ ଆହୁରି ଅଧିକ ନିକଟ ଅନ୍ତରଙ୍ଗତାର ଭୂମିରେ ଆସି ପହଞ୍ଚିଯାଉ; ସେଇ ଆମର ସାଥୀ, ଆମର ନିତ୍ୟସହଚର, ଜୀବନର କ୍ରୀଡ଼ାଙ୍ଗନରେ ଆମର କ୍ରୀଡ଼ାସଙ୍ଗୀ । ମାତ୍ର ଏତେଯାଏ ଆସି ମଧ୍ୟ ତଥାପି ଗୋଟିଏ ପ୍ରକାରର ବିଭାଜନ ରହିଯାଏ ଏବଂ ଯେତେ ସୁଖକର ଲାଗୁଥିଲେ ମଧ୍ୟ ତାହାକୁ ତଥାପି ଏକ ବିଭାଜନ ବୋଲିହିଁ କୁହାଯିବ । ଏବଂ ତାଙ୍କୁ ଆମର ବନ୍ଧୁ ବା ସଖା ବୋଲି କହିଲେ ମଧ୍ୟ ସେହି କ୍ଷେତ୍ରରେ କେବଳ ଭଲ ଓ ଉପକାର କରିବାର ଭାବ ଓ ଇଙ୍ଗିତଟି ଦ୍ୱାରା ତାହା ଅତିରିକ୍ତ ପରିମାଣରେ ସୀମାବଦ୍ଧ ହୋଇ ରହିଯାଏ । ଆମର ପ୍ରେମିକ ଆମକୁ ଆଘାତ ବି ଦେଇପାରନ୍ତି, ଆମକୁ ଛାଡ଼ି ଚାଲିଯାଇ ପାରନ୍ତି, ଆମ ଉପରେ କ୍ରୋଧ କରିପାରନ୍ତି ଓ ଆମ ପ୍ରତି ବିଶ୍ୱାସଘାତକତା କରୁଥିଲା ପରି ବି ମନେ ହୋଇ ପାରନ୍ତି । ମାତ୍ର ତାଙ୍କ ପ୍ରତି ଆମର ପ୍ରେମ ତଥାପି ଅତୁଟ ରହିଥାଏ ଏବଂ ଏହିସବୁ ବିରୋଧିତା ଦ୍ୱାରା ଏପରିକି ବୃଦ୍ଧି ମଧ୍ୟ ପାଇଥାଏ । ସେହିସବୁ ବିରୋଧିତା ପୁନର୍ବାର ମିଳିତ ହେବାର ତଥା ପୁନରଧିକାର ଲାଭ କରିବାର ଆନନ୍ଦଟିକୁ ସର୍ବଦା ବଢ଼ାଇହିଁ ଦେଇଥାନ୍ତି । ଏହିଗୁଡ଼ିକର ମଧ୍ୟଦେଇ ଆମର ପ୍ରେମିକ ଆମର ବନ୍ଧୁ ବି ହୋଇ ରହିଥାନ୍ତି, ଏବଂ ସେ ଯାହାକିଛି କରୁଛନ୍ତି, ତାହା ଆମ ସତ୍ତାଟିର ସେହି ପ୍ରେମିକ ତଥା ସହାୟକ ଆମ ଆତ୍ମାର ପରିପୂର୍ଣ୍ଣତା ଲାଗି ଏବଂ ଆମର

'oaob.nitrkl.ac.in' images reprocessed

ଭିତରେ ରହିଥିବା ତାଙ୍କର ଆନନ୍ଦଟି ଲାଗି ହିଁ କରିଛନ୍ତି ବୋଲି ଆମେ ପରିଶେଷରେ ଆବିଷ୍କାର କରିବାକୁ ସମର୍ଥ ହୋଇଥାଉ । ଏହିସବୁ ବିରୋଧିତା ଆମକୁ ଏକ ବୃହତ୍ତର ଅନ୍ତରଙ୍ଗତା ମଧ୍ୟକୁ ବହନ କରି ନେଇଯାଏ । ସିଏ ଆମ ସତ୍ତାର ଜନକ ତଥା ଜନନୀରୂପେ ମଧ୍ୟ ପ୍ରତିଷ୍ଠିତ ହୋଇଥାଆନ୍ତି, ତାହାର ଉତ୍ସ ତଥା ତାହାର ରକ୍ଷାକର୍ତ୍ତା ରୂପେ ଅନୁଭୂତ ହୁଅନ୍ତି, ଆମକୁ ତାଙ୍କର କୃପାମୟ କୋଳ ମଧ୍ୟରେ ସ୍ଥାନ ଦେଇଥାନ୍ତି ଏବଂ ଆମର ଯାବତୀୟ କାମନାର ପୂରଣ କରନ୍ତି । ଆମର ସକଳ ବାସନାର ଅନୁରୂପ ହୋଇ ସେଇ ସନ୍ତାନରୂପେ ଭୂମିଷ୍ଠ ହୁଅନ୍ତି ଏବଂ ସେହି ସନ୍ତାନଟିକୁ ହିଁ ଆମେ ଲାଳନ ତଥା ପ୍ରତିପାଳନ କରିବାରେ ଲାଗିଥାଉ । ଏହି ସବୁଯାକ ବିଷୟକୁ ଆମର ପ୍ରେମିକ ଆପଣାର କରି ଗ୍ରହଣ କରିନିଅନ୍ତି । ଆପଣା ନିବିଡ଼ତା ଓ ଏକରୂପତାର ଭୂମିରେ ତାଙ୍କର ପ୍ରେମ ଆପଣା ଭିତରେ ସତେଅବା ଆମର ଜନକ ଓ ଜନନୀ ପରି ଆମ ଲାଗି ସକଳ ହିତଭାବନାକୁ ଧାରଣ କରି ରହିଥାଏ ଏବଂ ସେଥିରୁ ଆମେ ଯାହା ଯେତେବେଳେ ମାଗିବାକୁ ଯାଉ, ସେ ତାହାର ପରିପୂରଣ ଲାଗି ଧ୍ୟାନ ଦେଇଥାନ୍ତି । ସେହି ଘନିଷ୍ଠତମ ବହୁପାର୍ଶ୍ୱ ସମ୍ବନ୍ଧଟି ମଧ୍ୟରେ ସବୁକିଛି ଏକୀଭୂତ ହୋଇ ରହେ ।

ଏକାବେଳକେ ଆରମ୍ଭରୁ ମଧ୍ୟ ପ୍ରେମିକ ଓ ପ୍ରେମାସ୍ପଦ ମଧ୍ୟରେ ରହିଥିବା ଏହି ନିବିଡ଼ତମ ସମ୍ବନ୍ଧଟିକୁ ଅବଶ୍ୟ ଲାଭ କରାଯାଇ ପାରେ; ମାତ୍ର ଭକ୍ତିର କେତୋଟି କେବଳ ଅଭିଭୂତଧର୍ମୀ ମାର୍ଗ ସକାଶେ ଏହା ଯେଉଁଭଳି ଏକାଙ୍ଗୀ ହୋଇପାରିବ, ପୂର୍ଣ୍ଣଯୋଗର ଯୋଗୀ ସକାଶେ ଆଦୌ ସେପରି ଏକାଙ୍ଗୀ ହେବ ନାହିଁ । ପୂର୍ଣ୍ଣ-ଯୋଗୀର ମାର୍ଗଟି ପ୍ରଥମରୁ ହିଁ ଅନ୍ୟ ସମ୍ବନ୍ଧଗୁଡ଼ିକର ରାଗ ଓ ରଙ୍ଗ ମଧ୍ୟରୁ କେତେକ ଅଂଶକୁ ଆପଣା ଭିତରକୁ ମଧ୍ୟ ଗ୍ରହଣ କରିନେବ, କାରଣ ତାହା ଜ୍ଞାନ ଓ କର୍ମର ଅନୁଧ୍ୟାୟୀ ମଧ୍ୟ ହୋଇଥିବ ଏବଂ ପରମ ଦିବ୍ୟସତ୍ତାଙ୍କୁ ଗୁରୁ, ସଖା ଓ ପ୍ରଭୁରୂପେ ଲୋଡ଼ି ବାହାରିଥିବ । ତା' ଭିତରେ ସେହି ପରମେଶ୍ୱରଙ୍କ ପ୍ରତି ପ୍ରେମ ଅଭିବୃଦ୍ଧି ଲାଭ କରୁଥିବା ସଙ୍ଗେ ସଙ୍ଗେ ତା' ସହିତ ସେହି ପରମେଶ୍ୱରଙ୍କର ଜ୍ଞାନ ମଧ୍ୟ ଅବଶ୍ୟ ଅଧିକ ପ୍ରସାରିତ ହୋଇ ଯାଉଥିବ ଏବଂ ତା'ର ସ୍ୱଭାବ ତଥା ଜୀବନକ୍ଷେତ୍ରରେ ସେହି ଦିବ୍ୟ ପରମ ଇଚ୍ଛାର କର୍ମଟି ମଧ୍ୟ ସେହିପରି ପ୍ରସାରିତ ହେବାରେ ଲାଗିଥିବ । ଦିବ୍ୟ ପରମ ପ୍ରେମିକ ଆପଣାକୁ ଆମ ଆଗରେ ଆଣି ଉନ୍ମୋଚିତ କରିଦିଅନ୍ତି ଏବଂ ଆମର ଜୀବନକୁ ଆପଣାର ଅଧିକାର ଭିତରକୁ ନେଇଯାଆନ୍ତି । ମାତ୍ର ତଥାପି ଯଥାର୍ଥ ସମ୍ବନ୍ଧଟି ସର୍ବଦା ଏପରି ଏକ ପ୍ରେମର ସମ୍ବନ୍ଧ ହୋଇ ରହିଥିବ, ଯେଉଁଥିରୁ କି ସକଳ ବସ୍ତୁ ନିଃସୃତ ଓ ପ୍ରବାହିତ ହୋଇ ଆସୁଛି; ସେହି ପ୍ରେମ ଉଲ୍ଲାସୋଚ୍ଛଳ ଓ ପରିପୂର୍ଣ୍ଣ ହୋଇ ରହିଥିବ, ଆପଣାକୁ ପରିପୂର୍ଣ୍ଣ କରିବା ଲାଗି ଶତ ପଥରେ ସନ୍ଧାନ କରି ବାହାରିଥିବ, ପାରସ୍ପରିକ ଅଧିକାରଲାଭର ସକଳ ମାର୍ଗ ଓ ମିଳନଲବ୍ଧ ଆନନ୍ଦର

'oaob.nitrkl.ac.in' images reprocessed

ନିଗୂଢ ରୂପର ଅନୁସନ୍ଧାନ କରିବାରେ ଲାଗିଥିବ । ମନର ଯାବତୀୟ ଭେଦକଳ୍ପନା, ଏହାର ଯାବତୀୟ ପ୍ରତିବନ୍ଧକ ଓ 'ଏକଥା କଦାପି ସମ୍ଭବ ନୁହେଁ' ବୋଲି କହୁଥିବା ଯାବତୀୟ ନିରୁତ୍ସାହୀ ସତର୍କୋକ୍ତି ତଥା ବୁଦ୍ଧିତର୍କଣାର ଉଦ୍ଧତାପୂର୍ଣ ଯାବତୀୟ ବିଶ୍ଳେଷଣ ଏହି ପ୍ରେମ ଦ୍ୱାରା ହୁଏତ ଉପହସିତ ହୋଇ ରହିଥିବ ଅଥବା ସେଗୁଡ଼ିକୁ ସେହି ଈପ୍ସିତ ମିଳନରହିଁ ପରୀକ୍ଷଣ, ପରୀକ୍ଷାକ୍ଷେତ୍ର ଏବଂ ପ୍ରବେଶଦ୍ୱାରରୂପେହିଁ ବ୍ୟବହାର କରାଯାଉଥିବ । ପ୍ରେମ ନାନା ମାର୍ଗରେ ଆମର ନିକଟବର୍ତ୍ତୀ ହୋଇଥାଏ; ପରମ ପ୍ରେମିକର ସୌନ୍ଦର୍ଯ୍ୟ ମଧ୍ୟରେ ଜାଗ୍ରତ ହୋଇ ଉଠିବାର ରୂପ ଧରି ଏହି ପ୍ରେମ ଆସିପାରେ, ତାଙ୍କର କୌଣସି ଏକ ଆଦର୍ଶ ମୁଖ ଅଥବା ପ୍ରତିରୂପର ସନ୍ଦର୍ଶନରେ ତାହା ଆସିପାରେ, ଏହି ପୃଥିବୀସ୍ଥ ବସ୍ତୁଗୁଡ଼ିକର ସହସ୍ର ମୁଖର ପଶ୍ଚାଦ୍ଦେଶରେ ଅବସ୍ଥିତ ରହିଥିବା ତାଙ୍କର ସ୍ୱରୂପର ଆମ ଲାଗି ଉଦ୍ଦିଷ୍ଟ ହୋଇ ଆସିଥିବା ତାଙ୍କର କେତେକେତେ ରହସ୍ୟମୟ ଇଙ୍ଗିତ ଦ୍ୱାରା ମଧ୍ୟ ସେହି ପ୍ରେମ ଆମ ପାଖକୁ ଆସିପାରେ । ହୃଦୟର କୌଣସି ଏକ ମନ୍ଥର ଅଥବା ହଠାତ୍ ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ, ଆତ୍ମାରେ ଅନୁଭୂତ ହେଉଥିବା କୌଣସି ଏକ ଅସ୍ପଷ୍ଟ ପିପାସା ଦ୍ୱାରା ଆନ୍ଦୋଳିତ ହୋଇ ଏହି ପ୍ରେମ ଆସିପାରେ; କେହିଜଣେ ଆମର ପାଖରେ ରହି ଆମକୁ ଟାଣିବାରେ ଲାଗିଛି ଅଥବା ପ୍ରେମମୟ ଭାବରେ ଆମର ଅନୁଧାବନ କରୁଛି, କିଂବା ଏପରି ଜଣେ ଆନନ୍ଦମୟ ଓ ସୌନ୍ଦର୍ଯ୍ୟମୟ କେହି ରହିଛି, ଯାହାଙ୍କୁ କି ଆମକୁ ଅବଶ୍ୟ ଆବିଷ୍କାର କରିବାକୁ ପଡ଼ିବ;—ଏହିଭଳି ଏକ ବୋଧରୁହିଁ ପ୍ରେମ ଜାଗ୍ରତ ହୋଇ ଆସିପାରେ ।

ଆମେ ଆକୁଳ ଭାବରେ ତାଙ୍କର ଅନ୍ୱେଷଣ କରିପାରୁ ଏବଂ ଅଦୃଶ୍ୟ ପ୍ରେମାସ୍ପଦଙ୍କର ଅନୁଧାବନ କରିପାରୁ । ମାତ୍ର ଯାହା ବିଷୟରେ ଆମେ ଆଦୌ କୌଣସି ଭାବନା ବି କରୁ ନଥାଉ, ସେହି ପ୍ରେମିକ ମଧ୍ୟ ସ୍ୱୟଂ ଆମର ଅନୁଧାବନ କରିପାରେ, ଏହି ସଂସାର ମଧ୍ୟରେହିଁ ଆମ ସମ୍ମୁଖରେ ଆସି ପହଞ୍ଚି ଯାଇପାରେ ଏବଂ ପ୍ରଥମତଃ ଆମେ ବୁଝୁଥାଉ ବା ନବୁଝୁଥାଉ, ସେ ଆପଣା ଲାଗିହିଁ ଆମକୁ ଆପଣାର ଅଧିକାର ମଧ୍ୟକୁ ଗ୍ରହଣ କରି ନେଇପାରେ । ଏପରିକି, ସେ ପ୍ରଥମେ ଏକ ଶତ୍ରୁରୂପେ ଆମ ପାଖକୁ ଆସିପାରେ, ପ୍ରେମଜନିତ ରୋଷ ଦ୍ୱାରା ପ୍ରେରିତ ହୋଇ ଆମ ପାଖକୁ ବି ଆସିପାରେ ଏବଂ ତାହା ସହିତ ଆମର ସର୍ବପ୍ରଥମ ସମ୍ବନ୍ଧଗୁଡ଼ିକ ପ୍ରକୃତରେ ଯୁଦ୍ଧ ଓ ସଂଗ୍ରାମରହିଁ ସମ୍ବନ୍ଧ ହୋଇ ରହିପାରେ । ଯେଉଁ କ୍ଷେତ୍ରରେ ପ୍ରଥମରୁହିଁ ପ୍ରେମ ଓ ଆକର୍ଷଣ ପ୍ରେରକ ହୋଇ ରହିଥାଏ, ସେଠାରେ ମଧ୍ୟ ପରମ ଦିବ୍ୟ ସତ୍ତା ଓ ଆତ୍ମା ମଧ୍ୟରେ ରହିଥିବା ସମ୍ବନ୍ଧମାନ ଦୀର୍ଘ ସମୟ ଲାଗି ତଥାପି ଭ୍ରାନ୍ତି ଓ ରୋଷ, ଈର୍ଷା ଓ କ୍ରୋଧ, ପ୍ରେମର ବିବାଦ ଏବଂ କଳହ, ଆଶା ଓ ନିରାଶା ଏବଂ ବିରହ ତଥା ବିୟୋଗର

'oaob.nitrkl.ac.in' images reprocessed

ବେଦନାରେ କେତେପ୍ରକାରେ ସଞ୍ଚିତ ହୋଇ ରହିପାରେ । ସେତେବେଳେ ଆମେ ହୃଦୟର ସକଳ ଆବେଗକୁ ନେଇ ତାହାର ଉପରେ ନିକ୍ଷିପ୍ତ କରି ବାହାରିପାରୁ, ଏବଂ ଏହିପରି ଭାବରେ ଅବଶେଷରେ ସେହି ଆବେଗଗୁଡ଼ିକ ଶୁଦ୍ଧ ହୋଇ ଆନନ୍ଦ ତଥା ଏକତ୍ୱର ଏକ ଐକାନ୍ତିକ ଅନୁଭୂତିରେ ପରିଣତ ହୋଇଯାଇ ପାରେ । ମାତ୍ର ସେଇଟା ମଧ୍ୟ କେବଳ ଏକ ମାରସତା ହୋଇ ରହେ; କାରଣ ଦିବ୍ୟ ପ୍ରେମର ପରମ ଆନନ୍ଦଟିର ଯାବତୀୟ ଚୂଡ଼ାନ୍ତ ଏକତ୍ୱ ଏବଂ ଯାବତୀୟ ଚିରନ୍ତନ ବୈଚିତ୍ର୍ୟକୁ ପ୍ରକାଶ କରିପାରିବା ମନୁଷ୍ୟଭାଷାର ରଚନା ଲାଗି କେବେହେଲେ ସମ୍ଭବ ହୁଏ ନାହିଁ । ସେତେବେଳେ ଆମର ଉଚ୍ଚତର ତଥା ନିମ୍ନତର ଜୀବନାଙ୍ଗଗୁଡ଼ିକ ଉଭୟେ ଏହାଦ୍ୱାରା ପରିପ୍ଲାବିତ ହୋଇ ରହନ୍ତି; ଆତ୍ମା ଯେପରି ପରିପ୍ଲାବିତ ହୋଇ ରହିଥାଏ, ମନ ଓ ପ୍ରାଣ ମଧ୍ୟ ସେହିପରି ପରିପ୍ଲାବିତ ହୋଇ ରହିଥାନ୍ତି । ଏପରିକି ଜଡ଼ ଶରୀର ମଧ୍ୟ ଏହି ଆନନ୍ଦରେ ଆପଣାର ଭାଗଟିକୁ ଗ୍ରହଣ କରି ନେଇଥାଏ, ସେହି ସ୍ପର୍ଶଟିକୁ ଅନୁଭବ କରେ ଏବଂ ଆପଣାର ସକଳ ଅଙ୍ଗପ୍ରତ୍ୟଙ୍ଗ, ଧମନୀ ଓ ନାଡ଼ୀରେ ସେହି ଅମୃତପ୍ରବାହଟି ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥାଏ । ପ୍ରେମ ଓ ଆନନ୍ଦ,—ଏଗୁଡ଼ିକ ହେଉଛି ସତ୍ତାର ଅନ୍ତିମ ଶବ୍ଦ, ତାହା ସକଳ ରହସ୍ୟର ରହସ୍ୟ ଓ ଗୁହ୍ୟତମ ଗୁହ୍ୟ ।

ଏହିପରି ଭାବରେ ବିଶ୍ୱମୟ ଏବଂ ବ୍ୟକ୍ତିଭାବାପନ୍ନ ହୋଇ, ଆପଣାର ପ୍ରଗାଢ଼ତାଗୁଡ଼ିକ ମଧ୍ୟକୁ ଉନ୍ନୀତ ହୋଇ, ସର୍ବାଧିକାରୀ, ସର୍ବଗ୍ରାହୀ ଓ ସର୍ବପରିପୂରକ ହୋଇ ଭକ୍ତି ଓ ଆନନ୍ଦର ମାର୍ଗଟି ଆମ ଲାଗି ସର୍ବୋଚ୍ଚ ମୁକ୍ତି ଆଣିଦିଏ । ଏକ ଅତିଲୌକିକ ମିଳନରେ ଏହା ଆପଣାର ସର୍ବୋଚ୍ଚ ଶିଖରରେ ଯାଇ ଉପନୀତ ହୁଏ । ମାତ୍ର ପ୍ରେମ ଲାଗି ପୂର୍ଣ୍ଣ ମିଳନଟି ମୁକ୍ତି ହୋଇ ରହିଥାଏ; ଆପଣାର ଚରମୋଚ୍ଚ କହିଲେ ସେ ଏହାକୁ ଅନ୍ୟ କୌଣସି ଅର୍ଥରେ ବୁଝେ ନାହିଁ । ଏବଂ ଏହି ମୁକ୍ତି ଆପଣା ମଧ୍ୟରେ ସର୍ବବିଧ ମୁକ୍ତିକୁହିଁ ଅନ୍ତର୍ଭୁକ୍ତ କରି ରଖିଥାଏ; ଅନେକେ ଏହାକୁ ଯେପରି ଭାବରେ ଉପଲବ୍ଧି କରିବାକୁ ମନ ବଳାଇଥାନ୍ତି, ଏହି ମୁକ୍ତିଗୁଡ଼ିକ ଅବଶେଷରେ କେବଳ ଗୋଟିକ ପରେ ଗୋଟିଏ ହୋଇ ଆସନ୍ତି ନାହିଁ ଓ ତେଣୁ କଦାପି ପରସ୍ପର ମଧ୍ୟରୁ ବହିର୍ଭୂତ ବା ବର୍ଜିତ ହୋଇ ରହି ନଥାନ୍ତି । ଆମେ ଏହି କ୍ଷେତ୍ରରେ ମନୁଷ୍ୟାତ୍ମା ସହିତ ଦିବ୍ୟତାର ପୂର୍ଣ୍ଣ ମିଳନ ଅର୍ଥାତ୍ ସାଯୁଜ୍ୟ ଲାଭ କରିଥାଉ । ଏଥିରେ ସେହିସବୁ ତତ୍ତ୍ୱ ଆପଣାକୁ ପ୍ରକଟ କରି ଦେଇଥାନ୍ତି ଯେଉଁମାନେକି ଏଠାରେ ଭେଦବୁଦ୍ଧି ଅବଲମ୍ବନ କରି ରହିଥାନ୍ତି; ମାତ୍ର ସେଠାରେ ଭେଦ କହିଲେ ଏକତ୍ୱର କେବଳ ଏକ ଅନ୍ୟତମ ରୂପକୁହିଁ ବୁଝାଇଥାଏ । ଏହିପରି ଭାବରେ ନୈକଟ୍ୟ, ସଂସ୍ପର୍ଶ ଓ ପରସ୍ପରସାନ୍ନିଧ୍ୟର ଆନନ୍ଦ, ଯାହାକୁ ଆମେ ସାମୀପ୍ୟ ଓ

'oaob.nitrkl.ac.in' images reprocessed

ସାଲୋକ୍ୟ ବୋଲି କହୁ, ପରସ୍ପରକୁ ପରସ୍ପର ମଧ୍ୟରେ ପ୍ରତିବିମ୍ବିତ କରି ରଖିବାର ଆନନ୍ଦ ଅର୍ଥାତ୍ ଯାହାକୁ ଆମେ ସାଦୃଶ୍ୟର ଆନନ୍ଦ ବୋଲି କହୁ, ଏବଂ ଆହୁରି ଅନେକ ଅଦ୍‌ଭୁତ ବସ୍ତୁ ମଧ୍ୟ ସେଠାରେ ପ୍ରକଟ ହୋଇଥାଏ, ଯାହା ଲାଗି ଭାଷା ଏପର୍ଯ୍ୟନ୍ତ କୌଣସି ନାମ ବାହାର କରିପାରି ନାହିଁ । ଏପରି କୌଣସି ବସ୍ତୁ ନାହିଁ ଯାହାକି ଈଶ୍ୱରପ୍ରେମିକ ଲାଗି ଅପହଞ୍ଚ ହୋଇ ରହିଛି ବା ତାକୁ ସେଥିରୁ ବାରିତ କରି ରଖାଯାଇଛି, କାରଣ ଈଶ୍ୱରପ୍ରେମିକ ସେହି ଦ୍ରବ୍ୟ ପରମ ପ୍ରେମିକଙ୍କରହିଁ ପ୍ରିୟପାତ୍ର ହୋଇ ରହିଛି ଏବଂ ପରମ ପ୍ରେମାସ୍ପଦଙ୍କର ଆତ୍ମାରୂପେ ବିଦ୍ୟମାନ ରହିଛି ।

'oaob.nitrkl.ac.in' images reprocessed

## ଚତୁର୍ଥ ଖଣ୍ଡ

# ଆତ୍ମ-ପରିପୂର୍ଣ୍ଣତାର ଯୋଗ

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

ପ୍ରଥମ ପରିଚ୍ଛେଦ

# ପୂର୍ଣ୍ଣଯୋଗର ମୂଳ ସିଦ୍ଧାନ୍ତ

ଆମର ଏହି ମନୁଷ୍ୟଜୀବନର କୌଣସି ଗୋଟିଏ ସାମର୍ଥ୍ୟକୁ ଅଥବା ସବୁ ସାମର୍ଥ୍ୟଗୁଡ଼ିକୁ ଆମେ ଦିବ୍ୟ ପରମ ସତ୍ତାରେ ପହଞ୍ଚିବାର ଏକ ସାଧନରୂପେ ପରିଣତ କରିଦେବା,—ଏହାହିଁ ହେଉଛି ଯୋଗର ସର୍ବମୂଳ ସିଦ୍ଧାନ୍ତ । ଯେକୌଣସି ସାଧାରଣ ଯୋଗମାର୍ଗରେ ସତ୍ତାର କୌଣସି ଗୋଟିଏ ପ୍ରଧାନ ସାମର୍ଥ୍ୟ ଅଥବା ଏହାର ସାମର୍ଥ୍ୟ-ଗୁଡ଼ିକ ମଧ୍ୟରୁ କୌଣସି ଏକ ନିର୍ଦ୍ଦିଷ୍ଟ ସମୂହକୁ ସାଧନ, ବାହନ ତଥା ମାର୍ଗରୂପେ ବ୍ୟବହାର କରାଯାଇଥାଏ । ସମନ୍ୱୟାତ୍ମକ ଏକ ଯୋଗରେ ସବୁ ସାମର୍ଥ୍ୟଗୁଡ଼ିକୁ ଏକାଠି କରି ଆଣିବାକୁ ପଡ଼େ ଏବଂ ରୂପାନ୍ତରକାରୀ ସାଧନବସ୍ତୁରୂପେ ଅନ୍ତର୍ଭୁକ୍ତ କରି ରଖାଯାଏ ।

ହଠଯୋଗରେ ସାଧନ ହେଉଛି ଶରୀର ଏବଂ ପ୍ରାଣ । ଶରୀରର ସକଳ ଶକ୍ତି ଓ ସାମର୍ଥ୍ୟକୁ ଆସନ ତଥା ଅନ୍ୟାନ୍ୟ ଶାରୀର ପ୍ରକ୍ରିୟା ଦ୍ୱାରା ଯଥାସମ୍ଭବ ଅଧିକ ସ୍ଥିର, ସଂଗୃହୀତ, ଶୁଦ୍ଧ, ଉତ୍ତୋଳିତ ତଥା ଏକାଗ୍ର କରିନେବାକୁ ହୁଏ, ଏପରିକି ଯେକୌଣସି ସୀମାର ଅତିକ୍ରମ କରି ମଧ୍ୟ ଏସବୁ କରି ଯାଇଥାଏ; ଏବଂ ଠିକ୍ ସେହିପରି ଭାବରେ ଆସନ ତଥା ପ୍ରାଣାୟାମ ଦ୍ୱାରା ପ୍ରାଣିକ ଶକ୍ତି ଓ ସାମର୍ଥ୍ୟଗୁଡ଼ିକୁ ମଧ୍ୟ ଶୁଦ୍ଧ, ଉତ୍ତୋଳିତ ଏବଂ ଏକାଗ୍ର କରି ନିଆଯାଇଥାଏ । ତା’ପରେ ଶକ୍ତିଗୁଡ଼ିକର ଏହି ଅଭିନିବେଶକୁ ଶରୀରସ୍ଥ ସେହି କେନ୍ଦ୍ରଟି ଆଡ଼କୁ ପ୍ରଧାବିତ କରି ଦିଆଯାଏ, ଯେଉଁଠାରେ କି ମନୁଷ୍ୟର ଶରୀର ମଧ୍ୟରେ ଦିବ୍ୟ ଚେତନା ଗୁପ୍ତ ହୋଇ ଆସୀନ ରହିଥାଏ । ପୃଥ୍ୱୀ-ସତ୍ତାର ସର୍ବନିମ୍ନ ସ୍ନାୟୁଚକ୍ରଟିରେ ଆପଣାର ଯାବତୀୟ ଗୁପ୍ତ ସାମର୍ଥ୍ୟ ସହିତ କୁଣ୍ଡଳୀକୃତ ହୋଇ ରହିଥିବା ସୁପ୍ତ ପ୍ରାଣ-ଶକ୍ତି ବା ପ୍ରକୃତି-ଶକ୍ତି,—କାରଣ, ମନୁଷ୍ୟଜୀବନର ଏହି ସୀମାବଦ୍ଧ କାର୍ଯ୍ୟସାଧନ ସକାଶେ ଯେତିକି ଶକ୍ତିର ପ୍ରୟୋଜନ ହୁଏ ଓ ଯେତିକି ଶକ୍ତି ଯଥେଷ୍ଟ ବୋଲି ପ୍ରତିପାଦିତ ହୁଏ, ଆମ ସାଧାରଣ କ୍ରିୟା-ଗୁଡ଼ିକରେ କେବଳ ସେତିକି ଶକ୍ତିହିଁ ସେହି କେନ୍ଦ୍ରଟିରୁ ବାହାର ଜାଗ୍ରତ କ୍ରିୟାକ୍ଷେତ୍ରଟି ମଧ୍ୟକୁ ସଞ୍ଚାରିତ ହେଉଥାଏ,—ତହିଁ ପରେ ତାହା ଅତିକ୍ରମ କରି ଜାଗ୍ରତ ଓ ଉତ୍ଥିତ

ହୋଇଆସେ ଏବଂ ଆପଣାର ଏହି ଆରୋହଣମାର୍ଗଟିରେ ଗତି କରି ଆସିବା ସଙ୍ଗେ ସଙ୍ଗେ ତାହା ଆମ ସତ୍ତାର କ୍ରମବଦ୍ଧ ପ୍ରତ୍ୟେକ ଗ୍ରନ୍ଥିଟିକୁ ମଧ୍ୟ ଜାଗ୍ରତ କରିଦିଏ; ଅର୍ଥାତ୍, ଆମର ସ୍ନାୟୁଗତ ଜୀବନ, ସଂବେଗଗୁଡ଼ିକୁ ଧାରଣ କରି ରହିଥିବା ହୃଦୟ ତଥା ଆମର ଏହି ନିତ୍ୟନୈମିତ୍ତିକ ମନୋଭୂମି, ବାକ୍, ଦୃଷ୍ଟିସାମର୍ଥ୍ୟ, ଇଚ୍ଛାଶକ୍ତି ତଥା ଉଚ୍ଚତର ଜ୍ଞାନଟିକୁ ମଧ୍ୟ ଜାଗ୍ରତ କରି ଦେଇଯାଏ ଏବଂ ସର୍ବଶେଷରେ ତାହା ମସ୍ତିଷ୍କର ମଧ୍ୟଦେଇ ମସ୍ତିଷ୍କର ଉପରେ ଅବସ୍ଥିତ ରହିଥିବା ଦିବ୍ୟ ଚେତନାର ସାକ୍ଷାତ ଲାଭ କରେ ଏବଂ ତାହାର ସହିତ ଏକରୂପ ହୋଇଯାଏ ।

ରାଜଯୋଗରେ ଆମର ମନହିଁ ଏହି କ୍ଷେତ୍ରଟିର ସାଧନରୂପେ ନିର୍ବାଚିତ ହୋଇ ରହିଥାଏ । ପ୍ରଥମେ ଆମର ଏହି ସାଧାରଣ ମନୋଭୂମିଟିକୁ ସଂଯତ କରି ଆଣିବାକୁ ହୁଏ, ଶୁଦ୍ଧ କରି ଆଣିବାକୁ ହୁଏ ଏବଂ ତାହାକୁ ଦିବ୍ୟ ସତ୍ତା ଆଡ଼କୁ ପରିଚାଳିତ କରିନେବାକୁ ହୁଏ; ତା'ପରେ ଆସନ ଏବଂ ପ୍ରାଣାୟାମର ଏକ ସଂକ୍ଷିପ୍ତ ପ୍ରକ୍ରିୟା ଦ୍ୱାରା ଆମ ସତ୍ତାର ଭୌତିକ ସାମର୍ଥ୍ୟଟିକୁ ଶାନ୍ତ କରି ଅଣାଯାଏ, ଏକାଗ୍ର କରି ଅଣାଯାଏ । ପ୍ରାଣ-ଶକ୍ତିକୁ ଏକ ଛନ୍ଦଯୁକ୍ତ ଗତିସ୍ପନ୍ଦନ ମଧ୍ୟକୁ ଉନ୍ମୋଚିତ କରି ଦିଆଯାଏ, ସେଥିରେ ଆପଣାକୁ ସ୍ଥଗିତ କରି ରଖିବାର ଏକ ଶକ୍ତିକୁ ମଧ୍ୟ ସମ୍ଭବ କରାଯାଏ, ତାହାକୁ ଆପଣା ଊର୍ଦ୍ଧ୍ୱାୟନକ୍ରିୟାର ଏକ ଉଚ୍ଚତର ସାମର୍ଥ୍ୟରୂପେ ଏକାଗ୍ର କରି ଅଣାଯାଏ । ଆପେ ଦଣ୍ଡାୟମାନ ରହିଥିବା ଶରୀର ତଥା ପ୍ରାଣର ଏହି ବୃହତ୍ତର କ୍ରିୟାତ୍ମକତା ଏବଂ ଅଭିନିବିଷ୍ଟତା ଦ୍ୱାରା ସଂପୁଷ୍ଟ ଓ ସବଳିତ ହୋଇ ଆମର ମନ ମଧ୍ୟ ଆପଣାର ଯାବତୀୟ ଅଶାନ୍ତତା, ସଂବେଗଗତ ସକଳ ଆକୁଳତା ଏବଂ ଆପଣାର ପୂର୍ବାଭ୍ୟସ୍ତ ସକଳ ଭାବନା-ତରଙ୍ଗରୁ କ୍ରମଶଃ ପରିଶୁଦ୍ଧ ହୋଇଆସେ, ବହୁମନସ୍କତା ଏବଂ ବହୁବିକ୍ଷିପ୍ତତା ମଧ୍ୟରୁ ମୁକ୍ତ ହୋଇଆସେ, ଆପଣାର ସର୍ବୋଚ୍ଚ ଅଭିନିବେଶଶକ୍ତିର ଅଧିକାରୀ ହୁଏ ଏବଂ ନିମଜ୍ଜନର ଏକ ଅଭିଭୂତି ମଧ୍ୟକୁହିଁ କ୍ରମଶଃ ସଂଗୃହୀତ ହୋଇଆସେ । ଏହି ସଂଯମସାଧନାଟି ଦ୍ୱାରା ଦୁଇଟି ଉଦ୍ଦେଶ୍ୟର ସିଦ୍ଧି ହୁଏ; ଗୋଟିଏ ହେଉଛି କାଳଗତ, ଏବଂ ଅନ୍ୟଟି କାଳାତୀତ, ଶାଶ୍ୱତ । ଏକ ଅନ୍ୟ ଏକାଗ୍ରକ୍ରିୟା ମଧ୍ୟରେ ଆପଣାକୁ କ୍ରିୟାତ୍ମକ କରି ରଖି ମନଃଶକ୍ତିରେ ଜ୍ଞାନ, କାର୍ଯ୍ୟସାଧକ ଇଚ୍ଛାଶକ୍ତି, ଗ୍ରହଣଶୀଳତାର ଗଭୀରତାଯୁକ୍ତ ଆଲୋକ ତଥା ଭାବନା-ବିକିରଣର ଶକ୍ତିଯୁକ୍ତ ଆଲୋକର ଏପରିସବୁ ଅସାଧାରଣ କ୍ଷମତାମାନ ବିକଶିତ ହୋଇଆସେ, ଯାହାକି ଆମର ଏହି ସାଧାରଣ ମନଃକ୍ଷେତ୍ରଟିର ସଂକୀର୍ଣ୍ଣ ଆୟତନଟିର ସାମର୍ଥ୍ୟ ଲାଗି ସଂପୂର୍ଣ୍ଣ ଭାବରେ ଅଜ୍ଞାତ ହୋଇ ରହିଥାଏ । ସେହି ମନଃଶକ୍ତି ଏଭଳି କେତେକେତେ ଯୋଗଲବ୍ଧ ଅଥବା ଗହନଗୁପ୍ତ ଶକ୍ତିରେ ଆସି ଉପନୀତ ହୋଇଯାଏ, ଯାହାର ଚତୁର୍ଦ୍ଦିଗରେ କି କେତେ ନା କେତେ ରହସ୍ୟର ଜାଲ ବୁଣି ରଖାହୋଇ ଥାଏ; ସେହିସବୁ ରହସ୍ୟକୁ ଆମେ କେବେହେଲେ ସଂପୂର୍ଣ୍ଣ ଅପରିହାର୍ଯ୍ୟ ବୋଲି

'oaob.nitrkl.ac.in' images reprocessed

କହିବା ନାହିଁ ସତ, ମାତ୍ର ତଥାପି ସମ୍ଭବତଃ ହିତକର ବୋଲି ନିଶ୍ଚୟ କହିପାରିବା । ମାତ୍ର ଏହି କ୍ଷେତ୍ରରେ ଆମେ ଏଇଟିକୁହିଁ ଏକମାତ୍ର ଚୂଡ଼ାନ୍ତ ଲକ୍ଷ୍ୟସିଦ୍ଧି ଏବଂ ଏକମାତ୍ର ସର୍ବ-ମହତ୍ତ୍ୱପୂର୍ଣ୍ଣ ଲାଭ ବୋଲି ଅବଶ୍ୟ ଜାଣିବା ଯେ ଏହି ସୋପାନଟିକୁ ଅତି ଶାନ୍ତ ହୋଇ ଯାଇଥିବା ଏବଂ ଏକ ଏକାଗ୍ର ସମାଧି ମଧ୍ୟରେ ଅଭିନିବିଷ୍ଟ ହୋଇ ରହିଥିବା ଆମର ମନ ଆପଣାକୁ ଦିବ୍ୟ ଚେତନା ମଧ୍ୟରେ ନେଇ ଲୀନ କରିଦେଇ ପାରେ ଏବଂ ଦିବ୍ୟ ସତ୍ତ୍ୱାଟି ସହିତ ଯାଇ ଏକରୂପ ହୋଇପାରିବା ଲାଗି ଆମର ଆତ୍ମା ମଧ୍ୟ ସକଳ ବନ୍ଧନରୁ ମୁକ୍ତ ହୋଇଯାଇ ପାରେ ।

ଯୋଗର ତ୍ରିମାର୍ଗ ମନୁଷ୍ୟର ମନୋମୟ ଅନ୍ତର୍ଜୀବନର ତିନୋଟି ଯାକ ମୁଖ୍ୟ ସାମର୍ଥ୍ୟକୁ ଆପଣାର ନିର୍ବାଚିତ ସାମର୍ଥ୍ୟରୂପେ ଗ୍ରହଣ କରି ନେଉଥାଏ । ଜ୍ଞାନ ଆମର ବୁଦ୍ଧିଗତ ବିବେକ ଏବଂ ମନୋଭୂମିର ଦୃଷ୍ଟିସାମର୍ଥ୍ୟଟିକୁ ବାଛିନିଏ, ଏବଂ ପରିଶୁଦ୍ଧି, ଏକାଗ୍ରତା ତଥା ଏକ ଈଶ୍ୱରାଭିମୁଖୀ ଅନ୍ୱେଷଣର ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳା ଦ୍ୱାରା ତାହା ସେଗୁଡ଼ିକୁ ସେହି ସର୍ବବୃହତ୍ ଜ୍ଞାନ ଓ ସର୍ବବୃହତ୍ ଦୃଷ୍ଟି ଅର୍ଥାତ୍ ଈଶ୍ୱର-ଜ୍ଞାନ ତଥା ଈଶ୍ୱର-ଦର୍ଶନ ସକାଶେ ଆପଣାର ସାଧନରେ ପରିଣତ କରିଦିଏ । ପରମ ଦିବ୍ୟତାକୁ ଦେଖିବା, ଜାଣିବା ଏବଂ ସେହି ପରମ ଦିବ୍ୟତାରେ ପରିଣତ ହୋଇଯିବାହିଁ ତାହାର ଲକ୍ଷ୍ୟ ହୋଇ ରହିଥାଏ । ଯାବତୀୟ କର୍ମ ବା କ୍ରିୟାତ୍ମକତା କର୍ମ କରୁଥିବା ବ୍ୟକ୍ତିର ଇଚ୍ଛାଶକ୍ତିକୁହିଁ ଆପଣାର ସାଧନରୂପେ ବାଛିନିଏ; ତାହା ଜୀବନକୁ ସେହି ପରମ ଦେବରୂପଙ୍କ ଉଦ୍ଦେଶ୍ୟରେହିଁ ଅର୍ପିତ ହୋଇ ରହିଥିବା ଏକ ଯଜ୍ଞଗତ ସମର୍ପଣରେ ପରିଣତ କରିଦିଏ; ଏବଂ ପରିଶୁଦ୍ଧି, ପୂର୍ଣ୍ଣ ଏକାଗ୍ରତା ତଥା ସେହି ଦିବ୍ୟ ପରମ ଇଚ୍ଛା ପାଖରେହିଁ ଆପଣାକୁ ଅନୁଗତ କରି ରଖିବାର ଏକ ନିର୍ଦ୍ଦିଷ୍ଟ ସାଧନା ଦ୍ୱାରା ଆମର ଜୀବନକୁ ମନୁଷ୍ୟର ଆତ୍ମା ଏହି ବିଶ୍ୱଜଗତର ସେହି ଦିବ୍ୟ ପରମପ୍ରଭୁଙ୍କ ସହିତ ସଂସ୍ପର୍ଶଲାଭ କରିବାର ଓ ତାଙ୍କର ସହିତ ଅଧିକରୁ ଅଧିକ ପରିମାଣରେ ଏକତ୍ୱବଦ୍ଧ ହୋଇଯିବାର ଏକ ସାଧନରୂପେ ତିଆରି କରିନିଏ । ଭକ୍ତି ଆତ୍ମାର ସଂବେଦଗତ ତଥା ସୌନ୍ଦର୍ଯ୍ୟଗ୍ରାହୀ ସାମର୍ଥ୍ୟଗୁଡ଼ିକୁହିଁ ସାଧନରୂପେ ବାଛିନିଏ ଏବଂ ଏକ ପରିପୂର୍ଣ୍ଣ ଶୁଦ୍ଧତା, ପ୍ରଗାଢ଼ତା ତଥା ଅନ୍ୱେଷଣର ଅନ୍ତସ୍ଥନ ବ୍ୟାକୁଳତାରେ ତାହା ସେଗୁଡ଼ିକୁ କେବଳ ସେହି ପରମେଶ୍ୱରଙ୍କ ଆଡ଼କୁହିଁ ମୁହାଁଇ ରଖେ, ଓ ସେହି ଦିବ୍ୟ ପରମସତ୍ତ୍ୱଙ୍କ ସହିତ ଏକତ୍ୱର କୌଣସି ଗୋଟିଏ ଅଥବା ଅନେକ ସମ୍ବନ୍ଧର ଭୂମିରେ ସେଗୁଡ଼ିକୁ ଈଶ୍ୱରାଧିକାରଲାଭର ଗୋଟିଏ ଗୋଟିଏ ସାଧନରୂପେ ତିଆରି କରି ଆଣେ ।

ଆପଣାର ପ୍ରତିଷ୍ଠାଗତ କ୍ଷେତ୍ରରେ ପ୍ରତ୍ୟେକ ଯୋଗ ସ୍ୱୟଂ ବ୍ୟବହାର କରୁଥିବା ସାଧନଟିର ବିଶେଷ ପ୍ରକୃତିଟିକୁ ମଧ୍ୟ ବହନ କରୁଥାଏ । ଏହିପରି ସବୁରେ, ହଠଯୋଗ ମନୋଜଡ-ଶାରୀରିକ ହୋଇ ରହିଥାଏ, ରାଜଯୋଗର ମାର୍ଗଟି ମାନସିକ

'oaob.nitrkl.ac.in' images reprocessed

ଏବଂ ଚୈତ୍ୟ ହୋଇ ରହିଥାଏ, ଜ୍ଞାନର ମାର୍ଗ ଚିତ୍‌ଗତ ଏବଂ ପ୍ରଜ୍ଞାତ୍ମକ ହୋଇ ରହିଥାଏ, ଭକ୍ତିର ମାର୍ଗଟି ଆଧ୍ୟାତ୍ମିକ, ସଂବେଗଧର୍ମୀ ତଥା ସୌନ୍ଦର୍ଯ୍ୟଗ୍ରାହୀ ହୋଇ ରହିଥାଏ ଏବଂ କର୍ମର ମାର୍ଗଟି ଆଧ୍ୟାତ୍ମିକ ଏବଂ ନାନା କ୍ରିୟାତ୍ମକଭାବରେ ଗତିଶୀଳ ହୋଇ ରହିଥାଏ । ଏବଂ ପ୍ରତ୍ୟେକଟି ମାର୍ଗ ଆପଣାର ସ୍ୱପ୍ରକୃତିଗତ ସାମର୍ଥ୍ୟଟିର ଖତିଟି ଦ୍ୱାରାହିଁ ପରିଗୃହୀତ ହେଉଥାଏ । ମାତ୍ର ସେହି ସବୁଯାକ ସାମର୍ଥ୍ୟକୁ ଆମେ ଆଖର ସେହି ଗୋଟିଏ ସାମର୍ଥ୍ୟ ବୋଲି ଜାଣିବା, ସବୁଗୁଡ଼ିକୁ ବସ୍ତୁତଃ କେବଳ ଆତ୍ମାରହିଁ ସାମର୍ଥ୍ୟ ବୋଲି ଜାଣିବା । ପ୍ରାଣ, ଶରୀର ଆଉ ମନର ନିତ୍ୟନୈମିତ୍ତିକ ପ୍ରକ୍ରିୟାଟିରେ ଏହି ସତ୍ୟଟି ପ୍ରକୃତିର ଅତିବିକ୍ଷିପ୍ତ, ବିସ୍ରଜନକାରୀ ଓ ବିଭେଦକ କ୍ରିୟାଟି ଦ୍ୱାରା ବେଶ୍ ଆଚ୍ଛନ୍ନ ହୋଇ ରହିଥାଏ ଏବଂ ଆମର ଯାବତୀୟ କର୍ମସ୍ଫୁରଣାରେ ତାହାହିଁ ସାଧାରଣତଃ ସ୍ଥିତ ହୋଇ ରହିଥାଏ; ଅବଶ୍ୟ ଏକଥା ସତ ଯେ ପରିଶେଷରେ ସେଠାରେ ମଧ୍ୟ ସେହି ସତ୍ୟଟି କ୍ରମଶଃ ସ୍ପଷ୍ଟ ଓ ପ୍ରତିଭାତ ହୋଇ ଆସେ । କାରଣ ଭୌତିକ ଯାବତୀୟ ଶକ୍ତିସମର୍ଥତା ଆପଣା ଭିତରେ ପ୍ରାଣିକ, ମନୋଗତ, ଚୈତ୍ୟ ତଥା ଆଧ୍ୟାତ୍ମିକ ଶକ୍ତିସମର୍ଥତାଟିକୁ ମଧ୍ୟ ପ୍ରଚ୍ଛନ୍ନ କରି ରଖିଥାଏ ଏବଂ ପରିଶେଷରେ ତାହାକୁ ସେହି ଗୋଟିଏ ପରମଶକ୍ତିର ଏହିସବୁ ଯାବତୀୟ ରୂପକୁ ଉନ୍ମୋଚିତ କରିଦେବାକୁ ପଡ଼େ । ପ୍ରାଣ-ଶକ୍ତି ମଧ୍ୟ ଶକ୍ତିର ଅନ୍ୟ ସକଳ ରୂପକୁ ଆପଣା ଭିତରେ ସଂଗୁପ୍ତ କରି ରଖିଥାଏ ଏବଂ ସେଗୁଡ଼ିକୁ କ୍ରିୟାତ୍ମକ ଭାବରେ ଉନ୍ମୋଚିତ କରିଦିଏ; ପ୍ରାଣ ତଥା ଶରୀର ଉପରେହିଁ ଆପଣାକୁ ଅବଲମ୍ବିତ କରି ରଖିଥିବା ତଥା ସେହିଗୁଡ଼ିକର ଶକ୍ତିମତ୍ତା ଏବଂ କ୍ରିୟାତ୍ମକତା ଦ୍ୱାରାହିଁ ପୁଷ୍ଟ ହେଉଥିବା ମନୋମୟ ଶକ୍ତିଟି ମଧ୍ୟ ଆପଣା ଭିତରେ ସତ୍ତାର ଚୈତ୍ୟ ତଥା ଆଧ୍ୟାତ୍ମିକ ଶକ୍ତିକୁ ଅବିକଶିତ ଅଥବା କେବଳ ଆଂଶିକ ବିକଶିତ ଭାବରେ ଧାରଣ କରି ରହିଥାଏ । ମାତ୍ର ଯେତେବେଳେ ଯୋଗ ଏଗୁଡ଼ିକ ମଧ୍ୟରୁ କୌଣସି ଶକ୍ତିଟିକୁ ଗ୍ରହଣ କରିନିଏ, ତାହାକୁ ଏହି ବିକ୍ଷିପ୍ତ ଓ ବିଶୃଙ୍ଖଳ କ୍ରିୟାଟିର ଭୂମିରୁ ଉତ୍ତୋଳିତ କରିନିଏ, ତାକୁ ଏକାଗ୍ର କରି ତାହାର ସର୍ବୋଚ୍ଚ ଭୂମିଟି ଯାଏ ଉଠାଇନିଏ, ସେତେବେଳେ ସେହି ଶକ୍ତି କେବଳ ଆତ୍ମାରହିଁ ଏକ ଶକ୍ତିରୂପେ ପ୍ରକଟ ହୋଇଉଠେ ଏବଂ ମର୍ମସ୍ଥ ଅସଲ ଏକତ୍ୱଟିକୁ ଉଦ୍‌ଘାଟିତ କରିଦିଏ । ତେଣୁ ହଠଯୋଗର ପ୍ରକ୍ରିୟାଟିରେ ମଧ୍ୟ ଶେଷକୁ ତାହାର ଏକ ଶୁଦ୍ଧ ଚୈତ୍ୟ ତଥା ଆଧ୍ୟାତ୍ମିକ ପରିଣାମ ଅବଶ୍ୟ ଉପଲବ୍ଧ ହୋଇଥାଏ ଏବଂ ରାଜଯୋଗର ପ୍ରକ୍ରିୟାଟି ବି ଆପଣାର ଚୈତ୍ୟ ସାଧନଗୁଡ଼ିକ ଦ୍ୱାରା ଏକ ଆଧ୍ୟାତ୍ମିକ ପୂର୍ଣ୍ଣଚରିତାର୍ଥତାରେ ଆସି ଉପନୀତ ହୋଇଥାଏ । ଆପଣାର ଅନ୍ୱେଷଣ ତଥା ଲକ୍ଷ୍ୟଗୁଡ଼ିକର ଦୃଷ୍ଟିରୁ ବିଚାର କଲେ ଏହି ତ୍ରିମାର୍ଗଟି ହୁଏତ ସମ୍ପୂର୍ଣ୍ଣତଃ କେବଳ ମନୋମୟ ଏବଂ ଆଧ୍ୟାତ୍ମିକ ବୋଲି ମନେ ହୋଇପାରେ ସତ, ମାତ୍ର ଏଥିରେ ଅନ୍ୟ ନାନା ମାର୍ଗର ସ୍ୱପ୍ରକୃତି ସହିତ ଅଧିକ ପରିମାଣରେ ମିଳିଯାଉଥିବା ପରିଣାମ-

'oaob.nitrkl.ac.in' images reprocessed

ଗୁଡ଼ିକ ମଧ୍ୟ ଅବଶ୍ୟ ଉପଲବ୍ଧ ହୋଇପାରେ ଏବଂ ସେହି ପରିଣାମମାନ ଏକ ସହଜ-ସ୍ୱାଭାବିକ ଏବଂ ଅନିଚ୍ଛାକୃତ ବିକାଶର ରୂପରେହିଁ ଆମ ଆଗରେ ଆସି ଉପସ୍ଥିତ ହୋଇଥାଏ । ଏବଂ, କେବଳ ଆତ୍ମାର ଶକ୍ତିହିଁ ସକଳ-ଶକ୍ତ ହୋଇଥିବାରୁ ଏବଂ ଗୋଟିଏ ମାର୍ଗରେ ଯାଇ ତାହା ଯେଉଁଠାରେ ଆପଣାର ସର୍ବୋଚ୍ଚ ସୀମାଟିରେ ପହଞ୍ଚି ପାରୁଛି, ସେଠାରେ ତାହାର ଅନ୍ୟାନ୍ୟ ଯାବତୀୟ ସମ୍ଭାବନା ମଧ୍ୟ ଏକ ବାସ୍ତବ ସତ୍ୟ ଅଥବା ଏକ ପ୍ରାରମ୍ଭିକ ସମ୍ଭାବ୍ୟ ଶକ୍ତିରୂପେ ପ୍ରକଟ ହେବାକୁ ଲାଗୁଥିବାରୁହିଁ ସେପରି ଘଟିଥାଏ । ଏହି ଏକତାହିଁ ଆମକୁ ତତ୍‌କ୍ଷଣାତ୍ ଏକ ସମନ୍ୱୟାତ୍ମକ ଯୋଗ ମଧ୍ୟ ଅବଶ୍ୟ ସମ୍ଭବ ବୋଲି ସୂଚନା ଦେଇଯାଏ ।

ତାନ୍ତ୍ରିକ ସାଧନାକୁ ଆମେ ତାହାର ସ୍ୱଭାବଟି ଦୃଷ୍ଟିରୁ ବିଚାର କରି ଗୋଟିଏ ସମନ୍ୱୟ ବୋଲି ନିଶ୍ଚୟ କହିପାରିବା । ବ୍ରହ୍ମ ଓ ଶକ୍ତି, ଆତ୍ମା ଓ ପ୍ରକୃତି ହେଉଛନ୍ତି ସତ୍ତାର ଦୁଇ ପ୍ରାନ୍ତରେ ଥିବା ଦୁଇଟି ମେରୁ, ଏବଂ ସେହି ଉଭୟର ଅନ୍ତଃମର୍ମଗତ ଏକତାଟିକୁ ଜାଣିବା ହେଉଛି ଏହି ଜୀବନର ସତ୍ୟରହସ୍ୟଟିର ଜ୍ଞାନ ଲାଭ କରିବା, —ତନ୍ତ୍ର ଏହି ବୃହତ୍ତ୍ର ବିଶ୍ୱସତ୍ୟଟିକୁହିଁ ଆପଣାର ସତ୍ୟରୂପେ ଗ୍ରହଣ କରିନେଇଛି; ତାହା ପ୍ରକୃତିକୁ ସେହି ଆତ୍ମାରହିଁ ଶକ୍ତି ବୋଲି ଜାଣିଛି ବା ବରଂ ତାହାକୁ ଶକ୍ତିରୂପୀ ଆତ୍ମା ବୋଲିହିଁ ଜାଣିପାରିଛି । ମନୁଷ୍ୟସ୍ଥ ପ୍ରକୃତିକୁ ଆତ୍ମାର ଶକ୍ତିରୂପେହିଁ ପ୍ରକଟ କରି ଆଣିବାକୁ ତାହା ଆପଣାର ପ୍ରଣାଳୀ ବୋଲି ଗ୍ରହଣ କରିଛି ଏବଂ ଆମର ସମ୍ପୂର୍ଣ୍ଣ ପ୍ରକୃତିଟିକୁହିଁ ଆଧ୍ୟାତ୍ମିକ ରୂପାନ୍ତରଟି ସକାଶେ ଏକତ୍ର କରି ଆଣିଛି । ଆପଣାର ସାଧନା-ପଦ୍ଧତିରେ ତନ୍ତ୍ର ହଠଯୋଗର ଶକ୍ତିଶାଳୀ ପ୍ରକ୍ରିୟାଟିକୁ ଅନ୍ତର୍ଗତ କରି ରଖିଛି ଏବଂ ବିଶେଷତଃ ସ୍ନାୟୁଗତ ଚକ୍ରଗୁଡ଼ିକର ଦ୍ୱାରକୁ ଉନ୍ମୁକ୍ତ କରିଦେଇ ସେହିଗୁଡ଼ିକର ମାର୍ଗରେ ଜାଗ୍ରତ ଶକ୍ତିଟିକୁ ବ୍ରହ୍ମ ସହିତ ତାହାର ସମ୍ମିଳନ ହୋଇପାରିବା ଯାଏ ତାହାକୁ ଉତ୍ତୋଳିତ କରି ନେଇଯିବାକୁହିଁ ତାହା ଆପଣାର ମାର୍ଗ ବୋଲି ସ୍ୱୀକାର କରିନେଇଛି । ଆପଣାର ପଦ୍ଧତି ମଧ୍ୟରେ ତାହା ରାଜଯୋଗର ଶୁଦ୍ଧି, ଧ୍ୟାନ ତଥା ଏକାଭିନିବେଶ ଉପରେ ମଧ୍ୟ ସୂକ୍ଷ୍ମତର ଗୁରୁତ୍ୱ ଦେଇ ରଖିଛି, ସଙ୍କଳ୍ପ-ଶକ୍ତିକୁ ଆଲମ୍ବନରୂପେ ବ୍ୟବହାର କରୁଛି; ଭକ୍ତିର ପ୍ରେରକଶକ୍ତି ଏବଂ ଜ୍ଞାନର ପଦ୍ଧତିଟିକୁ ମଧ୍ୟ ଅନ୍ତର୍ଭୁକ୍ତ କରି ରଖିଛି । ମାତ୍ର ନାନାବିଧ ବିଶେଷ ଯୋଗମାର୍ଗଗୁଡ଼ିକର ବିଭିନ୍ନ ସାମର୍ଥ୍ୟକୁ ସୁକୁଶଳ ତଥା କାର୍ଯ୍ୟସାଧକ ଭାବରେ ଏକତ୍ର କରିଆଣିହିଁ ତନ୍ତ୍ର ସେଇଠାରେ କଦାପି ଅଟକି ଯାଇ ନାହିଁ । ଆପଣାର ସମନ୍ୱୟାତ୍ମକ ପ୍ରବୃତ୍ତିଟି ଦ୍ୱାରା ତାହା ଯୋଗପଦ୍ଧତିର କ୍ଷେତ୍ରଟିକୁ ଦୁଇଟି ଦିଗରେ ବିସ୍ତୃତ କରିଦେଇ ପାରିଛି । ପ୍ରଥମତଃ, ମାନବ-ଗୁଣ, ମାନବ-ବାସନା ତଥା ମାନବ-କର୍ମର କେତେକେତେ ମୁଖ୍ୟ ସାଧନ ଓ ସାମର୍ଥ୍ୟକୁ ଦୃଢ଼ଭାବରେ ଆପଣା ହାତକୁ ନେଇଆସୁଛି ଏବଂ ସେଗୁଡ଼ିକୁ ଏକ ସଘନ ଶୃଙ୍ଖଳାର ଅଧୀନ କରି ରଖୁଛି; ଏହି ଅଧୀନ କରି ରଖିବାରେ ଆତ୍ମାକୁ

'oaob.nitrkl.ac.in' images reprocessed

ତାହାର ପ୍ରେରକଶକ୍ତିଗୁଡ଼ିକ ଉପରେ ପ୍ରଭୁତ୍ୱର ସାମର୍ଥ୍ୟ ଆଣିଦେବା ତାହାର ଏକ ପ୍ରଥମ ଲକ୍ଷ୍ୟ ହୋଇ ରହୁଛି ଏବଂ ଏଗୁଡ଼ିକୁ ଏକ ଦିବ୍ୟତର ଆଧ୍ୟାତ୍ମିକ ସ୍ତରକୁ ଉତ୍ତୋଳିତ କରି ନେଇଯିବାହିଁ ଅନ୍ତିମ ପ୍ରୟୋଜନ ହୋଇ ରହୁଛି । ପୁନଶ୍ଚ, ଯୋଗସ୍ଥ ସ୍ୱକୀୟ ଲକ୍ଷ୍ୟଗୁଡ଼ିକରେ ତାହା କେବଳ ମୁକ୍ତିକୁହିଁ ଅନ୍ତର୍ଗତ କରି ରଖୁନାହିଁ, ମାତ୍ର ଆତ୍ମାର ଶକ୍ତିଗୁଡ଼ିକର ଏକ ବିଶ୍ୱଗତ ଭୁକ୍ତିକୁ ମଧ୍ୟ ତାହା ଆପଣାର ଲକ୍ଷ୍ୟ କରି ରଖୁଛି; ଯୋଗର ବିଶେଷ ବିଶେଷ ମାର୍ଗଗୁଡ଼ିକ ମୁକ୍ତିକୁହିଁ ଆପଣାର ଏକମାତ୍ର ସର୍ବପ୍ରଧାନ ଲକ୍ଷ୍ୟରୂପେ ଗ୍ରହଣ କରି ତାହାରି ମଧ୍ୟରେହିଁ ଆପଣାକୁ ବ୍ୟାପୃତ ଓ ତତ୍ପର କରି ରଖିଛନ୍ତି ଏବଂ ଅନ୍ୟ କେତୋଟି ମାର୍ଗ ଭୁକ୍ତିକୁ ହୁଏତ ବାଟରେ ଆସି ପହଞ୍ଚି ଯାଉଥିବା ଏକ ପ୍ରାସଙ୍ଗିକ, ଆଂଶିକ ବା ଆକସ୍ମିକ ଲାଭ ବୋଲି ସ୍ୱୀକାର କରୁଛନ୍ତି ସତ, ମାତ୍ର ତାହାକୁ ଏକ ଲକ୍ଷ୍ୟ ବା ପ୍ରେରକରେ ପରିଣତ କରିବାରୁ ସର୍ବଦା ସତର୍କ ରହିଛନ୍ତି । ଏହି ଦୃଷ୍ଟିରୁ ଆମେ ତନ୍ତ୍ରକୁ ଏକ ଅଧିକ ସାହସୀ ଓ ଅଧିକ ପ୍ରଶସ୍ତ ମାର୍ଗ ବୋଲି ନିଶ୍ଚୟ କହିପାରିବା ।

ଆମେ ଅନୁସରଣ କରି ଆସିଥିବା ସମନ୍ୱୟର ପଦ୍ଧତିଟିରେ ତନ୍ତ୍ରଗତ ଆଉ ଗୋଟିଏ ସୂତ୍ର ମଧ୍ୟ ଅନୁସୃତ ହୋଇ ଆସିଛି, ଯାହାର ମୂଳଟି ଯୋଗଗତ ସମ୍ଭାବନାର ଆଉ ଗୋଟିଏ ଦୃଷ୍ଟି ମଧ୍ୟରେହିଁ ନିହିତ ହୋଇ ରହିଛି । ତନ୍ତ୍ରର ଧେୟରେ ଯାଇ ପହଞ୍ଚି ପାରିବା ଲାଗି ତାହା ବେଦାନ୍ତର ମାର୍ଗଟିରୁହିଁ ଆପଣାର ଯାତ୍ରା ଆରମ୍ଭ କରୁଛି । ତାନ୍ତ୍ରିକ ପଦ୍ଧତିଟିରେ ଶକ୍ତି ଉପରେହିଁ ସବୁଯାକ ମହତ୍ତ୍ୱ ଆରୋପିତ ହୋଇଛି, ଆତ୍ମାର ପରିଚୟ ଲାଭ କରିବା ପାଇଁ ଶକ୍ତିକୁହିଁ ଚାବିକାଠିରୂପେ ଗ୍ରହଣ କରାଯାଇଛି; ଏବଂ ଏହି ସମନ୍ୱୟଟିରେ ଆତ୍ମା ବା ତଦ୍‌ଗତତାକୁହିଁ ସବୁକିଛି ମହତ୍ତ୍ୱ ଦିଆଯାଇଛି, ଶକ୍ତିକୁ ଉନ୍ମୋଳିତ କରିନେବା ଲାଗି ତାହାହିଁ ଗୁପ୍ତ ଚାବିକାଠି ହୋଇ ରହିଛି । ତନ୍ତ୍ରର ପଦ୍ଧତି ଆପଣାର ଚରଣଟିକୁ ତଳୁ ଆରମ୍ଭ କରୁଛି ଏବଂ ଆରୋହଣର କ୍ରମରେ ତଳୁ ଶିଖରଟି ଯାଏ ସୋପାନଗୁଡ଼ିକର ନିର୍ଣ୍ଣୟ କରିଦେଇଛି । ତେଣୁ ଶରୀରର ସ୍ନାୟୁଗତ ମଣ୍ଡଳଟିରେ ଓ ତାହାର ଚକ୍ରଗୁଡ଼ିକରେହିଁ ଜାଗ୍ରତ ଶକ୍ତିର କ୍ରିୟା ଉପରେ ତାହା ସର୍ବପ୍ରାଥମିକ ଗୁରୁତ୍ୱ ଦେଉଛି; ଛଅଟିଯାକ ପଦ୍ମକୁ ଉନ୍ମୋଚିତ କରିଦେଇ ତାହା ଶକ୍ତିସ୍ଥ ସାମର୍ଥ୍ୟଟିର ବିଭିନ୍ନ ସୋପାନ ଓ ବିସ୍ତୃତିଗୁଡ଼ିକୁ ଉନ୍ମୋଚିତ କରିଦେବାର ଅଭିଳାଷ ରଖିଛି । ଆମର ସମନ୍ୱୟଟି ମନୁଷ୍ୟକୁ ଏକ ଦେହସ୍ଥ ଆତ୍ମା ଅପେକ୍ଷା ଅଧିକ ପରିମାଣରେ ଏକ ମନୋଭୂମିଗତ ଆତ୍ମାରୂପେହିଁ ସ୍ୱୀକାର କରୁଛି, ସେହି ମନର ଭୂମିରେହିଁ ଆରମ୍ଭ କରିପାରିବା ଲାଗି ମନୁଷ୍ୟର ଅବଶ୍ୟ ସାମର୍ଥ୍ୟ ରହିଛି ବୋଲି ତାହା ଅନୁମାନ କରିନେଉଛି; ମନର ଭୂମିରେ ପ୍ରଚ୍ଛନ୍ନ ହୋଇ ରହିଥିବା ଆତ୍ମା ଆପଣାକୁ ଯେତେବେଳେ ମୁହାଁମୁହିଁ ଏକ ଉଚ୍ଚତର ଅଧ୍ୟାତ୍ମଶକ୍ତି ଲାଗି ଉନ୍ମୋଚିତ କରିଦେଇ ପାରିବ, ସେତେବେଳେ ମନୁଷ୍ୟ ନିଶ୍ଚୟ

'oaob.nitrkl.ac.in' images reprocessed

ଆପଣାକୁ ଆଧ୍ୟାତ୍ମିକତାରେହିଁ ପୂର୍ଣ୍ଣସମ୍ପାଦିତ କରିଦେଇ ପାରିବ, ସେହି ଭିତରର ଶକ୍ତିମତ୍ତାଟିର ଅଧିକାରୀ ହୋଇ ଏବଂ ଆପଣାର ସମୁଦାୟ ପ୍ରକୃତିଟିକୁ ତାହାର ଦ୍ୱାରାହିଁ କ୍ରିୟାଶୀଳ କରି ରଖି ସେ ସେହି ଶକ୍ତିମତ୍ତାଟି ଦ୍ୱାରା ଆପଣାକୁ ପରିପୂର୍ଣ୍ଣ ଭାବରେ ଧାରଣ କରିପାରିବ । ତେଣୁ, ଆମର ମନଟି ଭିତରେ ଆତ୍ମାର ଯେଉଁସବୁ ଶକ୍ତି ଅବସ୍ଥିତ ରହିଛି, ତାହାର ଉପଯୋଗ କରିପାରିବା ଲାଗି ଏବଂ ଜ୍ଞାନ, କର୍ମ ତଥା ପ୍ରେମର ତ୍ରିବିଧ ଚାବିଟି ଦ୍ୱାରା ଆତ୍ମାର କୋଳପଟିକୁ ଫିଟାଇଦେବା ଲାଗିହିଁ ଆମେ ସର୍ବପ୍ରଥମ ଗୁରୁତ୍ୱ ଓ ମହତ୍ତ୍ୱ ଦେଇଛୁ । ହଠଯୋଗର ପଦ୍ଧତିଗୁଡ଼ିକୁ ଆଂଶିକ ଭାବରେ କାମରେ ଲଗାଇବା ବିଷୟରେ ଆମର ଆଦୌ କୌଣସି ଆପତ୍ତି ନଥିଲେ ମଧ୍ୟ ତଥାପି ସେଗୁଡ଼ିକୁ ନିର୍ବିଘ୍ନରେ ଛାଡ଼ି ଆସିହେବ; ଏବଂ ରାଜଯୋଗର ପଦ୍ଧତିଗୁଡ଼ିକ ଏହି କ୍ଷେତ୍ରରେ କେବଳ ଏକ ଅନୌପଚାରିକ ଉପାଦାନ ସ୍ୱଭାବରେହିଁ ପ୍ରବେଶ କରିପାରିବ । ଆମେ ସବୁଠାରୁ ଅଳପ ରାସ୍ତାରେ ଯିବା ଓ ଆଧ୍ୟାତ୍ମିକ ସାମର୍ଥ୍ୟ ତଥା ସତ୍ତାର ସର୍ବୋତ୍ତମ ବିକାଶସାଧନ କରିପାରିବା; ଏବଂ ଏହାର ଦ୍ୱାରା ମନୁଷ୍ୟଜୀବନର ସମଗ୍ର କ୍ଷେତ୍ରରେହିଁ ଏକ ପାଶମୁକ୍ତ ପ୍ରକୃତିକୁ ଆମେ ଦିବ୍ୟ ପ୍ରକୃତିରେ ପରିଣତ କରିଦେଇ ପାରିବା,—ଏହାହିଁ ଆମର ଉତ୍ପ୍ରେରକ ଅଭିପ୍ରାୟ ହୋଇ ରହିଛି ।

ଏଠାରେ ଯେଉଁ ମୂଳ ସୂତ୍ରଟି ଆମର ସମକ୍ଷରେ ରହିଛି, ସେଇଟି ହେଉଛି ଆତ୍ମସମର୍ପଣର ସୂତ୍ର, ଏହି ମନୁଷ୍ୟ-ସତ୍ତା ଆପଣାକୁ ନେଇ ସେହି ପରମ ଦିବ୍ୟତାରହିଁ ସତ୍ତା, ଚେତନା, ସାମର୍ଥ୍ୟ ତଥା ଆନନ୍ଦ ଭିତରେ ନିବେଦିତ କରିଦେଇ ପାରିବାର ସୂତ୍ର, ମନୁଷ୍ୟରୂପୀ ମନୋମୟ ସତ୍ତାଟିର ଆତ୍ମାରେ ସମ୍ମିଳିତ ହେବାର ପ୍ରତ୍ୟେକ ବିନ୍ଦୁରେ ଏକତ୍ରଯୁକ୍ତ ଓ ସମ୍ମିଳିତ ହୋଇ ରହିବାର ସୂତ୍ର । ଏହାର ଦ୍ୱାରାହିଁ ସ୍ୱୟଂ ପରମ ଦିବ୍ୟସତ୍ତା ଅପରୋକ୍ଷ ଏବଂ ଆବରଣମୁକ୍ତ ଭାବରେ ତାଙ୍କର ଏହି ନିମିତ୍ତଟିର ପ୍ରଭୁ ହୋଇ ପ୍ରତିଷ୍ଠିତ ହୋଇପାରିବେ, ତାହାକୁ ଆପଣା ଅଧିକାର ମଧ୍ୟକୁ ନେଇଯିବେ ଏବଂ ଆପଣା ସାନ୍ନିଧ୍ୟ ତଥା ପଥପ୍ରଦର୍ଶନର ଆଲୋକ ଦ୍ୱାରା ଏକ ଦିବ୍ୟ ଜୀବନଧାରଣା ଲାଗି ମନୁଷ୍ୟକୁ ପ୍ରକୃତିର ଯାବତୀୟ ଶକ୍ତିମତ୍ତାର ଭୂମିରେ ପରିପୂର୍ଣ୍ଣ କରି ଗଢ଼ିନେଇ ପାରିବେ । ଏଠାରେ ଆମେ ଯୋଗର ଲକ୍ଷ୍ୟଗୁଡ଼ିକର କ୍ଷେତ୍ରରେ ଆହୁରି ଏକ ଅଧିକତର ବିସ୍ତାରରେ ଆସି ଉପନୀତ ହୋଇଥାଉ । ମନୁଷ୍ୟର ଆତ୍ମାକୁ ତାହାର ଏହି ବର୍ତ୍ତମାନର ପ୍ରକୃତିଗତ ଅଜ୍ଞାନ ଏବଂ ସୀମାସଙ୍କୁଚନ ମଧ୍ୟରୁ ମୁକ୍ତ କରିଆଣି ତାହାକୁ ଅଧ୍ୟାତ୍ମସତ୍ତା ମଧ୍ୟକୁ ଉନ୍ମୋଚିତ କରିଦେବା, ସେହି ସର୍ବୋଚ୍ଚ ଆତ୍ମସ୍ୱରୂପ ତଥା ପରମ ଦିବ୍ୟତାଟି ସହିତ ତାହାକୁ ନେଇ ସମ୍ମିଳିତ କରିଦେବା,—ଏହାକୁହିଁ ଯାବତୀୟ ଯୋଗରେ ସାମାନ୍ୟତଃ ପ୍ରାରମ୍ଭିକ ଲକ୍ଷ୍ୟଟିରୂପେ ସ୍ୱୀକାର କରାଯାଇଛି । ମାତ୍ର ସାଧାରଣ ଭାବରେ ଦେଖିବାକୁ ମିଳେ ଯେ ଏଇଟିକୁ କେବଳ ଏକ ପ୍ରାରମ୍ଭିକ ଲକ୍ଷ୍ୟରୂପେ ଗ୍ରହଣ ନକରି ଯୋଗର ସମୁଦାୟ ତଥା ଅନ୍ତିମ ଲକ୍ଷ୍ୟ ବୋଲିହିଁ ଗ୍ରହଣ କରିନେବାର ପ୍ରସ୍ତାବ

'oaob.nitrkl.ac.in' images reprocessed

କରାଯାଇଥାଏ; ସେଥି ମଧ୍ୟରେ ଆଧ୍ୟାତ୍ମିକ ସତ୍ତାର ଉପଭୋଗଟି ଅବଶ୍ୟ ରହିଥାଏ ସତ, ମାତ୍ର ମନୁଷ୍ୟର ମନୁଷ୍ୟତା ଏବଂ ବ୍ୟକ୍ତିତ୍ୱକୁ ଆତ୍ମ-ସ୍ୱରୂପର ପରମ ନିଷ୍କଳତା ମଧ୍ୟରେ ବିଲୀନ କରିଦେଇ ଅଥବା ଆଉ ଅନ୍ୟ ଏକ ଅସ୍ତିତ୍ୱରେ ଏକ ଉଚ୍ଚତର ଭୂମିରେହିଁ ସେହି ଉପଭୋଗର ଯାବତୀୟ କଳ୍ପନା କରାଯାଇଥାଏ । ତନ୍ତ୍ରର ମାର୍ଗଟି ବିମୋଚନକୁ ଅନ୍ତିମ ଲକ୍ଷ୍ୟ ବୋଲି ଗ୍ରହଣ କରେ ସତ, ମାତ୍ର କେବଳ ତାହାକୁହିଁ ଏକମାତ୍ର ଲକ୍ଷ୍ୟ ବୋଲି କଦାପି ଗ୍ରହଣ କରେ ନାହିଁ; ଆପଣାର ମାର୍ଗରେ ତାହା ଏହି ମାନବୀୟ ଅସ୍ତିତ୍ୱଟି ମଧ୍ୟରେ ରହିଥିବା ଅଧ୍ୟାତ୍ମ ସାମର୍ଥ୍ୟ, ଆଲୋକ ତଥା ଆନନ୍ଦର ପରିପୂର୍ଣ୍ଣ ଉପଲବ୍ଧି ଏବଂ ଉପଭୋଗକୁ ମଧ୍ୟ ସ୍ୱୀକାର କରି ନେଇଥାଏ; ଏବଂ ଆପଣାର ସମ୍ମୁଖକୁ ଅନାଇ ତାହା ଏପରି ଏକ ପରମାନୁଭବର ଆଭାସ ମଧ୍ୟ ଲାଭ କରିଥାଏ, ଯେଉଁଟି ମଧ୍ୟରେ କି ପାଶମୁକ୍ତି ସହିତ ବିଶ୍ୱସ୍ଥ କ୍ରିୟାତ୍ମକତା ଏବଂ ଉପଭୋଗ ମଧ୍ୟ ଯାବତୀୟ ବିରୋଧ ଏବଂ ବିସଙ୍ଗତିକୁ ଅତିକ୍ରମ କରି ଚାଲି ଯାଇଥିବା ଏକ ଚରମ ଉପଲବ୍ଧିରେ ପରସ୍ପରସଂଯୁକ୍ତ ହୋଇ ରହିଥାଏ । ଆମ ଅଧ୍ୟାତ୍ମ ସମ୍ଭାବନାଗୁଡ଼ିକର ଏହି ଅଧିକ ବ୍ୟାପ୍ତିଯୁକ୍ତ ବିଚାରଟିରୁହିଁ ଆମେ ଆମର ଯାତ୍ରାଟିକୁ ଆରମ୍ଭ କରିଥାଉ, ମାତ୍ର ସେଇଟି ସହିତ ଆମେ ଆଉ ଏକ କଥା ଉପରେ ମଧ୍ୟ ମହତ୍ତ୍ୱ ଦେଇଥାଉ, ଯାହାକି ଏକ ପୂର୍ଣ୍ଣତର ଅର୍ଥକୁ ବହନ କରି ଆଣିଥାଏ । ମନୁଷ୍ୟ ଭିତରେ ରହିଥିବା ଆତ୍ମାକୁ ଆମେ ଗୋଟାସୁଦ୍ଧା କେବଳ ଏକ ବ୍ୟକ୍ତିସତ୍ତା ବୋଲି କଦାପି ବିଚାର କରୁ ନାହିଁ, ଯିଏକି ଏକା ଏକା ସେହି ପରମ ଦିବ୍ୟତାଟି ସହିତ ଏକ ବିଶ୍ୱାତୀତ ଏକତ୍ୱବଦ୍ଧତା ସକାଶେ ଅଗ୍ରସର ହୋଇ ବାଟ ଚାଲିଛି; ଆମେ ତାକୁ ଏକ ବିଶ୍ୱସତ୍ତା ବୋଲି ମଧ୍ୟ ସ୍ୱୀକାର କରିଥାଉ, ଯାହାର କି ସକଳ ଆତ୍ମା ତଥା ସକଳ ପ୍ରକୃତିରେ ସେହି ପରମ ଦିବ୍ୟତାଙ୍କ ସହିତ ଏକତ୍ୱବଦ୍ଧ ହୋଇ ପାରିବାର ସାମର୍ଥ୍ୟ ଅବଶ୍ୟ ରହିଛି । ଏବଂ ଏହି ବିସ୍ତୃତ ଦୃଷ୍ଟିଟିକୁ ଆମେ ତାହାର ସମ୍ପୂର୍ଣ୍ଣ କ୍ରିୟାତ୍ମକ ମହତ୍ତ୍ୱ ପ୍ରଦାନ କରି ରଖିଥାଉ । ମନୁଷ୍ୟର ଆତ୍ମା ଏକ ବ୍ୟକ୍ତି-ଆତ୍ମାରୂପେ ପାଶମୁକ୍ତ ହୋଇ ଆସିବ ଏବଂ ଆପଣାର ଅଧ୍ୟାତ୍ମ ସତ୍ତାରେ, ଅଧ୍ୟାତ୍ମ ଚେତନା ଓ ଅଧ୍ୟାତ୍ମ ଆନନ୍ଦରେ ପରମ ଦିବ୍ୟତା ସହିତ ଏକତ୍ୱଯୁକ୍ତ ହୋଇ ରହିବାର ସ୍ଥିତିଟିକୁ ଯେ ଉପଭୋଗ କରିବ, ଏହି କଥାଟି ନିଶ୍ଚୟ ସର୍ବଦା ଯୋଗର ସର୍ବପ୍ରଥମ ଉଦ୍ଦେଶ୍ୟ ହୋଇ ରହିଥିବ; ସେହି ପରମ ଦିବ୍ୟତାଙ୍କର ବିଶ୍ୱାତ୍ମକ ଏକତ୍ୱଟିର ମୁକ୍ତ ଉପଭୋଗ ତାହାର ଏକ ଦ୍ୱିତୀୟ ଉଦ୍ଦେଶ୍ୟ ହୋଇ ରହିବ । ମାତ୍ର ତାହାର ମଧ୍ୟରୁ ଏକ ତୃତୀୟ ଧ୍ୟେୟ ବା ଉଦ୍ଦେଶ୍ୟ ମଧ୍ୟ ଆବିର୍ଭୂତ ହେବ, ଅର୍ଥାତ୍ ମନୁଷ୍ୟର ଏହି ଭୂମିଟି ଉପରେ ପରମ ଦିବ୍ୟତାର ଆଧ୍ୟାତ୍ମିକ ଉଦ୍ଦେଶ୍ୟଟିର ସାଧନରେ ପୂର୍ଣ୍ଣ ସହାନୁଭୂତି ରଖି ଓ ପୂର୍ଣ୍ଣ ଅଂଶଗ୍ରହଣ କରି ଯାବତୀୟ ସକଳ ଜୀବ ଓ ସକଳ ସତ୍ତା ସହିତ ଦିବ୍ୟଭାବରେ ଏକତ୍ୱବଦ୍ଧ ହୋଇ ରହିବାର ଅର୍ଥଟିକୁ ଏକ କାର୍ଯ୍ୟକାରୀ ରୂପ ମଧ୍ୟ ଦେବାକୁ ପଡ଼ିବ । ସେତେବେଳେ

'oaob.nitrkl.ac.in' images reprocessed

ବ୍ୟକ୍ତିର ଯୋଗ ଆଉ ଆପଣାର ବିଚ୍ଛିନ୍ନତାଟି ଭିତରେ କଦାପି ବାନ୍ଧିହୋଇ ରହିବ ନାହିଁ ଏବଂ ସମୁଦାୟ ମନୁଷ୍ୟସମାଜ ଭିତରେ ଚାଲିଥିବା ଭଗବତ୍ ପ୍ରକୃତିର ସେହି ସାମୂହିକ ଯୋଗରହିଁ ଏକ ଅଂଶରେ ପରିଣତ ହୋଇଯିବ । ଉନ୍ମୋଚିତ ବ୍ୟକ୍ତିସତ୍ତା ଅଧ୍ୟାତ୍ମସତ୍ତା ତଥା ଆତ୍ମସ୍ୱରୂପରେ ପରମେଶ୍ୱରଙ୍କ ସହିତ ଏକରୂପ ହୋଇଯାଇ ଆପଣାର ପ୍ରାକୃତ ସତ୍ତାଟିରେ ମଧ୍ୟ ଏହି ମନୁଷ୍ୟଭୂମିରେ ପରମ ଦିବ୍ୟତାର ପୂର୍ଣ୍ଣ ପ୍ରସ୍ଫୁଟନ ଲାଗି କ୍ରମଶଃ ଅଧିକରୁ ଅଧିକ ପରିପୂର୍ଣ୍ଣ ହୋଇ ଉଠୁଥିବା ଏକ ଜମିଭୂମିରେହିଁ ପରିଣତ ହେବାକୁ ଲାଗିବ ।

ଏହି ପ୍ରସ୍ଫୁଟିତ ହୋଇ ଉଠିବାର ଦୁଇଟି ଭୂମି ବା ଅବସ୍ଥା ରହିଛି । ପ୍ରଥମ ଅବସ୍ଥାଟିରେ ଏହି ବିଚ୍ଛିନ୍ନତାଧର୍ମୀ ମନୁଷ୍ୟ-ଅହଂଟି ବିକଶିତ ହୋଇ ଆତ୍ମାର ଏକତ୍ୱ ମଧ୍ୟକୁ ବାହାରି ଆସିବ ଏବଂ ତା'ପରେ ଦିବ୍ୟ ପ୍ରକୃତିର ଅଧିକାରଟି ମଧ୍ୟ ପ୍ରାପ୍ତ ହୋଇ ଆସିବ; ଏହି ଅଧିକାରଟି ତାହାର ଯଥୋଚିତ ତଥା ଉଚ୍ଚତର ରୂପାୟନଗୁଡ଼ିକରେହିଁ ପ୍ରାପ୍ତ ହେବ, ମାତ୍ର ମନୋମୟ ସତ୍ତାର ଯେଉଁ ନ୍ୟୂନତର ରୂପାୟନଗୁଡ଼ିକ ବର୍ତ୍ତମାନର ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କରୁଥିବା ଦିବ୍ୟ ପ୍ରକୃତିଟିର ଅସଲ ମୂଳଲିପିଟିର ପ୍ରାମାଣ୍ୟ ଭାଷାନ୍ତର ପାଠଟି ନହୋଇ କେବଳ ଏକ ବିଭଗ୍ନ ପ୍ରତିଲିପି ମାତ୍ର ହୋଇ ରହିଛି, ତାହା ଆଉ ସେହିସବୁ ରୂପାୟନ ଦ୍ୱାରା କଦାପି ପ୍ରାପ୍ତ ହେବ ନାହିଁ । ଅନ୍ୟ କଥାରେ କହିଲେ, ଏହି କ୍ଷେତ୍ରରେ ଏପରି ଏକ ପରିପୂର୍ଣ୍ଣତା ଆମର ଧ୍ୟେୟ ହୋଇ ରହିବ, ଯାହାଦ୍ୱାରା କି ଆମର ଏହି ମନଃକଳ୍ପିତ ଅହଂଟି ଆପଣାର ସେହି ପରିପୂର୍ଣ୍ଣ ଆଧ୍ୟାତ୍ମିକ ତଥା ଅତିମାନସ ପ୍ରକୃତି ମଧ୍ୟକୁ ଉନ୍ନୀତ ହୋଇଯିବ । ତେଣୁ ଜ୍ଞାନ, ପ୍ରେମ ଓ କର୍ମର ଏହି ସମ୍ପୂର୍ଣ୍ଣ ଯୋଗଟିକୁ ଆଧ୍ୟାତ୍ମିକ ତଥା ବିଜ୍ଞାନମୟ ଆତ୍ମ-ପରିପୂର୍ଣ୍ଣତାର ଏକ ଯୋଗର କ୍ଷେତ୍ର ମଧ୍ୟକୁ ସମ୍ପ୍ରସାରିତ ହୋଇଯିବାକୁ ପଡ଼ିବ । ବିଜ୍ଞାନମୟ ଜ୍ଞାନ, ବିଜ୍ଞାନମୟ ସଂକଳ୍ପ ଓ ବିଜ୍ଞାନମୟ ଆନନ୍ଦ ଆତ୍ମା ଓ ଭଗବତ୍‌ଗତତାରହିଁ ଏକ ଅପରୋକ୍ଷ ସାଧନ ହୋଇ ରହିଥିବାରୁ ଏବଂ ସେହି ଭଗବତ୍‌ଗତତା ମଧ୍ୟକୁ ସ୍ୱୟଂ ବିକଶିତ ହୋଇଯିବା ଦ୍ୱାରାହିଁ ତାହାର ଉପଲବ୍ଧି ହୋଇ ପାରୁଥିବାରୁ ଏହି ବିକାଶଲାଭହିଁ ଆମ ଯୋଗର ସର୍ବପ୍ରଥମ ଉଦ୍ଦେଶ୍ୟ ହୋଇ ରହିବ । ବ୍ୟକ୍ତିର ଆତ୍ମାରେ ପରମ ଦିବ୍ୟତା ତାହାର ବିଜ୍ଞାନମୟ ବିକାଶପର୍ବଟିକୁ ପରିପୂର୍ଣ୍ଣ କରିଦେବା ପୂର୍ବରୁ ଆମର ମନୋମୟ ସତ୍ତାଟିକୁ ଆପଣାର ସମ୍ପ୍ରସାରଣ ଘଟାଇ ସେହି ପରମ ଦିବ୍ୟତାର ଏକତ୍ୱଟି ମଧ୍ୟରେ ପ୍ରବିଷ୍ଟ ହେବାକୁ ପଡ଼ିବ । ସେଥିପାଇଁ ଜ୍ଞାନ, କର୍ମ ତଥା ପ୍ରେମର ତ୍ରିବିଧ ମାର୍ଗଟି ଆମର ଏହି ଯୋଗଟିର ସମୁଦାୟ ସାଧନାଟିର ସର୍ବପ୍ରଧାନ ମୂଳକଥା ହୋଇ ରହିଛି; କାରଣ, ମନୋଭୂମିରେ ଅବସ୍ଥିତ ରହିଥିବା ଆତ୍ମା ସେଇଠାରେ ପହଞ୍ଚି ଊର୍ଦ୍ଧ୍ୱକୁ ସେହି ଦିବ୍ୟ ଏକତ୍ୱଟି ମଧ୍ୟକୁ ଅତିକ୍ରମ କରିଯାଇ ପାରିବ, ଆତ୍ମାକୁ ସେହି ଉଚ୍ଚତର ପ୍ରଗାଢ଼ତାଗୁଡ଼ିକର ଭୂମିକୁ ଉନ୍ନୀତ କରିଦେବା ଲାଗିହିଁ ତ୍ରିବିଧ

ମାର୍ଗଟି ପ୍ରତ୍ୟକ୍ଷ ସାଧନସ୍ୱରୂପ ହୋଇ ରହିଛି । ଠିକ୍ ସେହି କାରଣଟି ସକାଶେହିଁ ଆମର ଯୋଗକୁ ଏକ ପୂର୍ଣ୍ଣଯୋଗରେହିଁ ପରିଣତ ହେବାକୁ ପଡ଼ିବ । କାରଣ ପରମ ଅନନ୍ତତା ମଧ୍ୟରେହିଁ ନିମଜ୍ଜିତ ହୋଇ ରହିବା ଅଥବା ପରମ ଦିବ୍ୟତା ସହିତ କୌଣସି ପ୍ରକାରେ ଏକ ନିବିଡ଼ ଭାବରେ ସମ୍ମିଳିତ ହୋଇ ରହିବାହିଁ ଯଦି ଆମର ସମୁଦାୟ ଧ୍ୟେୟ ହୋଇ ରହେ, ତେବେ ଏକ ପୂର୍ଣ୍ଣଯୋଗ ଲାଗି ଆଉ ପ୍ରକୃତରେ କୌଣସି ଆବଶ୍ୟକତା ରହିବ ନାହିଁ; ଆପଣାର ପରମ ଉତ୍ସଟି ଆଡ଼କୁ ଆମର ସମୁଦାୟ ସତ୍ତାଟିକୁ ଆପେ ଉତ୍ତୋଳିତ କରି ନେଇଯିବାକୁ ମନୁଷ୍ୟକୁ ହୁଏତ ଯେଉଁ ବୃହତ୍ତର ସନ୍ତୋଷଟି ପ୍ରାପ୍ତ ହୋଇଥାଏ, କେବଳ ତାହାରି ସକାଶେହିଁ ଯାହା ତାହାର ଏକ ଆବଶ୍ୟକତା ରହିଥିବ । ମାତ୍ର ମୂଳ ଲକ୍ଷ୍ୟଟି ହାସଲ କରିବା ଲାଗି ଏହାର ଆଉ କୌଣସି ପ୍ରୟୋଜନ ନଥିବ, କାରଣ ଆମ ଆତ୍ମାର ପ୍ରକୃତିଗତ ଯେକୌଣସି ଗୋଟିଏ ସାମର୍ଥ୍ୟ ଦ୍ୱାରାହିଁ ଆମେ ଅବଶ୍ୟ ପରମ ଦିବ୍ୟତାଙ୍କର ସାକ୍ଷାତ ଲାଭ କରିପାରିବା; ଆପଣାର ଶିଖରଦେଶକୁ ଆସି ପ୍ରତ୍ୟେକଟି ସାମର୍ଥ୍ୟ ସେହି ଅନନ୍ତ ଓ ପରମ ସ୍ଥିତିକୁ ଉତ୍ତୋଳିତ ହୋଇଯାଇ ପାରିବ; ତେଣୁ ପ୍ରତ୍ୟେକଟିର ଅନୁସରଣରେହିଁ ଆମକୁ ଲକ୍ଷ୍ୟରେ ଯାଇ ପହଞ୍ଚିବାର ଏକ ଯଥେଷ୍ଟ ପଥ ଅବଶ୍ୟ ମିଳିଯିବ । ଶତ ଶତ ସଂଖ୍ୟାରେ ଅବସ୍ଥିତ ଭିନ୍ନ ଭିନ୍ନ ସକଳ ପଥ ଯେ ଶେଷକୁ ସେହି ପରମ ଶାଶ୍ୱତଙ୍କ ଠାରେ ଯାଇ ପରସ୍ପରକୁ ଭେଟିଛନ୍ତି, ସେକଥା ଆମେ ଭଲ କରି ଜାଣିଛୁ । ମାତ୍ର ଦିବ୍ୟ ଓ ଆଧ୍ୟାତ୍ମିକ ସମୁଦାୟ ପ୍ରକୃତିର ପୂର୍ଣ୍ଣ ଉପଭୋଗ ଏବଂ ଅଧିକାର ଲାଭରେହିଁ ବିଜ୍ଞାନମୟ ସତ୍ତାର ଉପଲବ୍ଧି ସମ୍ଭବ ହୋଇଥାଏ; ଏହାଦ୍ୱାରା ମନୁଷ୍ୟର ସମୁଦାୟ ପ୍ରକୃତିଟିକୁ ତାହାର ଏକ ଦିବ୍ୟ ତଥା ଆଧ୍ୟାତ୍ମିକ ଜୀବନଗତ ସାମର୍ଥ୍ୟ ମଧ୍ୟକୁହିଁ ସମ୍ପୂର୍ଣ୍ଣ ଭାବରେ ଉତ୍ତୋଳିତ କରି ନିଆଯାଏ । ତେଣୁ ଏହି ଯୋଗରେ ପୂର୍ଣ୍ଣତା ବା ସମଗ୍ରତାହିଁ ଏକ ଅତ୍ୟାବଶ୍ୟକ ସର୍ତ୍ତ ହୋଇ ରହିଥାଏ ।

ଏହା ସହିତ ଆମେ ଏକଥା ମଧ୍ୟ ଦେଖିସାରିଛୁ ଯେ ଏହି ତିନୋଟି ମଧ୍ୟରୁ ପ୍ରତ୍ୟେକଟି ମାର୍ଗକୁ ଯଦି ଏକ ନିର୍ଦ୍ଦିଷ୍ଟ ପ୍ରଶସ୍ତତା ଏବଂ ଉଦାର ଦୃଷ୍ଟିସମର୍ଥତା ସହିତ ଅନୁସରଣ କରାଯାଏ, ତେବେ ଆପଣାର ଶିଖରଦେଶରେ ପହଞ୍ଚି ତାହା ଅନ୍ୟଗୁଡ଼ିକର ନାନା ସାମର୍ଥ୍ୟକୁ ମଧ୍ୟ ଆପଣା ମଧ୍ୟକୁ ଗ୍ରହଣ କରିନେଇ ପାରେ ଏବଂ ସେଗୁଡ଼ିକର ପରିପୂର୍ଣ୍ଣତା ଲାଗି ମଧ୍ୟ ବାଟ କଢ଼ାଇ ଦେଇପାରେ । ତେଣୁ ସେଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିକରୁହିଁ ଯାତ୍ରା ଆରମ୍ଭ କରିବା ସର୍ବଦା ପର୍ଯ୍ୟାପ୍ତ ଓ ଯଥେଷ୍ଟ ହୋଇଥାଏ, ଏବଂ ଯେଉଁ ବିନ୍ଦୁଟିକୁ ଆସି ତାହା ପ୍ରଥମେ ସମାନ୍ତର ନାନା ରେଖା ପରି ଅନ୍ୟଗୁଡ଼ିକୁ ଭେଟିଥାଏ ଓ ତାପରେ ସ୍ୱୟଂ ପ୍ରସାର ଲାଭ କରି ସେଗୁଡ଼ିକ ମଧ୍ୟକୁ ମିଳାଇ ଯାଇଥାଏ, ସେହି ବିନ୍ଦୁଟିରେ ପହଞ୍ଚି ପାରିବାହିଁ ଯଥେଷ୍ଟ ହୁଏ । ଅନ୍ୟ ପକ୍ଷରେ, ଏକତ୍ର ତିନୋଟିଯାକ ବାଟରେ ଅର୍ଥାତ୍ ସଚେତନ ଆତ୍ମାରେ ରହିଥିବା

'oaob.nitrkl.ac.in' images reprocessed

ସାମର୍ଥ୍ୟର ଉନ୍ନୋଟିଯାଦ ତଳରେ ଏକାବେଳକେ ଯାତ୍ରାରମ୍ଭ କରିବାକୁ ସର୍ବଦା ଅଧିକ କଷ୍ଟକର, ଅଧିକ ଜଟିଳ ମାତ୍ର ସମ୍ପୂର୍ଣ୍ଣ ଭାବରେ ଶକ୍ତିଶାଳୀ ଏକ ପ୍ରକ୍ରିୟା ବୋଲି ବୁଝାଯାଇ ପାରିବ । ମାତ୍ର ଆମେ ପ୍ରଥମେ ଆତ୍ମପରିପୂର୍ଣ୍ଣତା-ଯୋଗର ସାଧନ ତଥା ସିଦ୍ଧିଗୁଡ଼ିକୁ ଆଲୋଚନା କରି ଦେଖିବା ଓ ତା'ପରେ ଯାଇ ଏହି ସମ୍ଭାବନାଟିର ବିସ୍ତାର କରିପାରିବା । କାରଣ ଆମେ ବେଶ୍ ଦେଖିବାକୁ ପାଇବା ଯେ ଏହି ଯୋଗଟି ବିଷୟରେ ଆଲୋଚନାଟିକୁ ମଧ୍ୟ ପୂରାପୂରି ସ୍ଥଗିତ କରି ରଖିବା ଆଦୌ ଉଚିତ ହେବ ନାହିଁ; ବରଂ ଏଥିଲାଗି ଏକ ନିର୍ଦ୍ଦିଷ୍ଟ ପ୍ରକାରେ ପ୍ରସ୍ତୁତ ହେବାକୁହିଁ ଦିବ୍ୟ କର୍ମ, ପ୍ରେମ ତଥା ଜ୍ଞାନର ବିକାଶରେ ଏକ ଅଙ୍ଗ ବୋଲି ବୁଝାଯାଇ ପାରିବ; ଏବଂ ଦିବ୍ୟ କର୍ମ, ପ୍ରେମ ତଥା ଜ୍ଞାନର ବିକାଶ ଦ୍ୱାରା ଯେ ଏହି ଯୋଗରେ ମଧ୍ୟ ଏକପ୍ରକାର ଦୀକ୍ଷାଗ୍ରହଣ ଆରମ୍ଭ ହୋଇଯିବ, ଆମେ ସେ କଥାଟିକୁ ମଧ୍ୟ ଏକ ସତ୍ୟରୂପେ ଗ୍ରହଣ କରିପାରିବା ।

'oaob.nitrkl.ac.in' images reprocessed

## ଦ୍ୱିତୀୟ ପରିଚ୍ଛେଦ

# ସମଗ୍ର ପରିପୂର୍ଣ୍ଣତା

ମାନବସତ୍ତାର ଏକ ଦିବ୍ୟ ପରିପୂର୍ଣ୍ଣତା ହେଉଛି ଆମର ଲକ୍ଷ୍ୟ । ତେଣୁ, ମନୁଷ୍ୟର ଏହି ସମଗ୍ର ପରିପୂର୍ଣ୍ଣତା ଭିତରେ ପ୍ରକୃତ ଓ ଅସଲ କେଉଁ କେଉଁ ଉପାଦାନମାନ ଅନ୍ତର୍ଭୁକ୍ତ ହୋଇ ରହିଛି, ପ୍ରଥମେ ଆମକୁ ସେଇ କଥା ଜାଣିବାକୁ ପଡ଼ିବ; ଆମ ସତ୍ତାର ଏକ ମାନବୀୟ ପରିପୂର୍ଣ୍ଣତା ନୁହେଁ, ମାତ୍ର ଏକ ଦିବ୍ୟ ପରିପୂର୍ଣ୍ଣତା କହିଲେ ପ୍ରକୃତରେ କ'ଣ ବୁଝାଇବା ଉଚିତ, ଆମକୁ ଦ୍ୱିତୀୟତଃ ସେକଥାଟି ଜାଣି ରଖିବାକୁ ପଡ଼ିବ । ପ୍ରତ୍ୟେକ ମନୁଷ୍ୟ ଭିତରେ ଆତ୍ମବିକାଶର ସାମର୍ଥ୍ୟ ରହିଛି, ତା'ର ମନ କଳନା କରି ପାରୁଥିବା ଭଳି ପରିପୂର୍ଣ୍ଣତାର ଏକ ଆଦର୍ଶ ମାନର ଅନ୍ତତଃ କିଞ୍ଚିତ୍ ପରିମାଣରେ ସମୀପବର୍ତ୍ତୀ ହୋଇପାରିବା ଲାଗି ମଧ୍ୟ ତା'ର ଶକ୍ତି ରହିଛି, ଆପଣା ଲାଗି ସେହିପରି ଏକ ମାନ ସ୍ଥିର କରି ତାହାର ଅନୁଧାବନ କରିପାରିବା ଲାଗି ଯେ ତା'ର ସାମର୍ଥ୍ୟ ରହିଛି, ମନନସମର୍ଥ ସମୁଦାୟ ମନୁଷ୍ୟସମାଜ ଲାଗି ଆମେ ଏଇଟିକୁହିଁ ଏକ ସାମାନ୍ୟ ଭୂମିରୂପେ ବେଶ୍ ଗ୍ରହଣ କରିପାରିବା । ଅବଶ୍ୟ ଏକଥା ସତ ଯେ କେବଳ ଅଳ୍ପସଂଖ୍ୟକ ଲୋକହିଁ ଏହି ସମ୍ଭାବନାଟି ଯେ ଜୀବନର ସେହି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଏକମାତ୍ର ଧ୍ୟେୟଟିକୁ ଆଣି ଯୋଗାଇ ଦେଇ ପାରିବ, ସେହି ବିଷୟରେ ଗମ୍ଭୀର ଭାବରେ କିଛି ଭାବିଥାନ୍ତି ବା କରିଥାନ୍ତି । ମାତ୍ର କେତେକ ଲୋକ ଆଦର୍ଶ କହିଲେ ସାଧାରଣତଃ ଏକ ପାର୍ଥିବ ପରିବର୍ତ୍ତନର କଳ୍ପନା କରିଥାନ୍ତି, ଏବଂ ଅନ୍ୟମାନେ ଏହାଦ୍ୱାରା ଏକ ଧର୍ମଗତ ନୂତନ ଦୀକ୍ଷାଗ୍ରହଣକୁହିଁ ବୁଝିଥାନ୍ତି ।

ପାର୍ଥିବ ପରିପୂର୍ଣ୍ଣତା କହିଲେ ବେଳେବେଳେ କୌଣସି ନା କୌଣସି ବାହ୍ୟ ଅଥବା ସମାଜସ୍ଥ ପରିବର୍ତ୍ତନର କଳ୍ପନା କରାଯାଇଥାଏ, କାମ କରି ଦେଖାଇ ଦେଇ ପାରିବାର ଏକ ବସ୍ତୁର କଳ୍ପନା କରାଯାଇଥାଏ, ଅଧିକ ବିବେକ ଓ ବୁଦ୍ଧି-ସମ୍ପନ୍ନତା ସହିତ ଆମର ସହବାସୀ ଅନ୍ୟ ମନୁଷ୍ୟ ତଥା ଆମର ପରିବେଶଟି ସହିତ ଆପଣାକୁ ସମ୍ବନ୍ଧିତ କରି ପାରିବାକୁ ବୁଝାଇଥାଏ; ଏକ ଆହୁରି ଭଲ ଓ ଅଧିକ

'oaob.nitrkl.ac.in' images reprocessed

ନିପୁଣ ନାଗରିକତା ତଥା କର୍ତ୍ତବ୍ୟସମ୍ପାଦନ, ଏକ ଅଧିକ ଭଲ, ଅଧିକ ସମ୍ପନ୍ନ, ଅଧିକ ସଦୟ ଓ ଅଧିକ ସୁଖଦ ଜୀବନଯାପନର ମାର୍ଗକୁ ବୁଝାଇଥାଏ ଏବଂ ଜୀବନରେ ପ୍ରାପ୍ତ ହେଉଥିବା ସୁଯୋଗ ଓ ଅବସରଗୁଡ଼ିକର ଅଧିକ ନ୍ୟାୟୋଚିତ ତଥା ଅଧିକ ସୁଷମତା ଏବଂ ସୁସମ୍ବନ୍ଧଯୁକ୍ତ ଉପଭୋଗକୁ ମଧ୍ୟ ବୁଝାଇଥାଏ । ଏହି ପରିପୂର୍ଣ୍ଣତା ପାଇବା ଲାଗି ଅନ୍ୟମାନେ ଏକ ଅଧିକ ଅନ୍ତର୍ଗତ ଏବଂ ଆତ୍ମନିଷ୍ଠ ଆଦର୍ଶର ପୋଷଣ କରନ୍ତି, ବୁଦ୍ଧିକୁ ଅଧିକ ପରିଚ୍ଛନ୍ନ ଓ ଉଦ୍ଭାସିତ କରିଦିଅନ୍ତି, ଆପଣାର ଇଚ୍ଛାଶକ୍ତି ଏବଂ ବିବେଚନାଶକ୍ତିରେ ମଧ୍ୟ ସ୍ୱଚ୍ଛତା ଆଣନ୍ତି, ସେଗୁଡ଼ିକୁ ଉନ୍ନୀତ କରିଦିଅନ୍ତି, ପ୍ରକୃତିରେ ଥିବା ସକଳ ଶକ୍ତି ତଥା ସାମର୍ଥ୍ୟତାକୁ ଆହୁରି ଉଚ୍ଚକୁ ଉଠାଇ ନିଅନ୍ତି ଓ ତାହାକୁ ଅଧିକ ଶୃଙ୍ଖଳାବଦ୍ଧ କରି ରଖନ୍ତି ଏବଂ ଏକ ଉଦାତ୍ତତର ନୈତିକ, ସମୃଦ୍ଧତର ସୌନ୍ଦର୍ଯ୍ୟାତ୍ମକ, ସୂକ୍ଷ୍ମତର ସଂବେଗଗତ ତଥା ଅପେକ୍ଷାକୃତ ଅଧିକ ସୁସ୍ଥ ଏବଂ ସୁଶାସନଯୁକ୍ତ ପ୍ରାଣିକ ଓ ଭୌତିକ ସତ୍ତାର ଅନୁଶୀଳନ କରୁଥାନ୍ତି । ବେଳେବେଳେ ଏସବୁଥିରୁ କେବଳ ଗୋଟାଏ ଉପାଦାନ ଉପରେ ଏତେବେଶୀ ମହତ୍ତ୍ୱ ଦିଆଯାଏ ଯେ ଅନ୍ୟ ଉପାଦାନଗୁଡ଼ିକୁ ପ୍ରାୟ ବହିଷ୍କୃତ କରି ରଖି ଦିଆଯାଇଥାଏ; ଏବଂ ବେଳେବେଳେ, ଅଧିକ ପ୍ରଶସ୍ତତାଯୁକ୍ତ ଏବଂ ଉତ୍ତମ ସନ୍ତୁଳନରେ ଥିବା ମନଗୁଡ଼ିକର କ୍ଷେତ୍ରରେ, ସମ୍ପୂର୍ଣ୍ଣ ସୌଷମ୍ୟବିଧାନକୁହିଁ ଏକ ସମଗ୍ର ପରିପୂର୍ଣ୍ଣତାରୂପେ ଚିତ୍ରିତ କରି ଯାଉଥାଏ । ବାହ୍ୟ ସାଧନ ହିସାବରେ ସେତେବେଳେ ଶିକ୍ଷାରେ ଏକ ପରିବର୍ତ୍ତନ ଆଣିବା କଥା ବୁଝାଯାଏ, ସାମାଜିକ ଅନୁଷ୍ଠାନଗୁଡ଼ିକୁ ବଦଳାଇବା କଥା ବୁଝାଯାଏ ବା ଯଥାର୍ଥ ପଥଟିରୂପେ ଏକ ଅନ୍ତର୍ଗତ ଆତ୍ମ-ପ୍ରଶିକ୍ଷଣ ଏବଂ ବିକାଶକୁହିଁ ଅଧିକ ଉପାଦେୟ ବୋଲି ଗ୍ରହଣ କରାଯାଏ । ଅଥବା, ଦୁଇଟିଯାକ ଲକ୍ଷ୍ୟକୁ ଅତି ସ୍ପଷ୍ଟ ଭାବରେ ଏକାଠି ଗୁନ୍ଥି ମଧ୍ୟ ଦିଆଯାଇ ପାରେ; ଅର୍ଥାତ୍, ଅନ୍ତରସ୍ଥ ବ୍ୟକ୍ତିର ପରିପୂର୍ଣ୍ଣତା ଏବଂ ବହିଃକ୍ଷେତ୍ରୀୟ ଜୀବନର ପରିପୂର୍ଣ୍ଣତାକୁ ସେତେବେଳେ ଏକାଠି ଯୋଡ଼ି ଗୋଟିଏ ଆଦର୍ଶ ବୋଲି ସମ୍ମୁଖରେ ଧରି ରଖାଯାଇଥାଏ ।

ମାତ୍ର କେବଳ ଏହି ବର୍ତ୍ତମାନ ଜୀବନ ଏବଂ ଏଥିରେ ପ୍ରାପ୍ତ ହେଉଥିବା ସୁଯୋଗଗୁଡ଼ିକକୁହିଁ ଉକ୍ତ ପାର୍ଥିବ ଲକ୍ଷ୍ୟଟି ଆପଣାର କ୍ଷେତ୍ର ବୋଲି ଗ୍ରହଣ କରିଥାଏ । ଅନ୍ୟ ପକ୍ଷରେ, ଧର୍ମ ଦ୍ୱାରା ଅନୁପ୍ରାଣିତ ଲକ୍ଷ୍ୟଟି ମୃତ୍ୟୁ ପରେ ଆଉ ଅନ୍ୟ ଏକ ଅସ୍ତିତ୍ୱ ଲାଗି ଆପଣାକୁ ପ୍ରସ୍ତୁତ କରି ରଖିବାକୁହିଁ . ଆପଣା ସମ୍ମୁଖସ୍ଥ ଧ୍ୟେୟ ବୋଲି ସ୍ଥିର କରି ରଖିଥାଏ; କୌଣସି ଏକ ଶୁଦ୍ଧ ସନ୍ଥଜୀବନକୁ ଆପଣାର କାମ୍ୟତମ ଆଦର୍ଶ ବୋଲି ଗ୍ରହଣ କରିଥାଏ, ଭଗବତ୍ କୃପା ଦ୍ୱାରା ଅଥବା କୌଣସି ଏକ ଶାସ୍ତ୍ର ଦ୍ୱାରା ଦର୍ଶାଇ ଦିଆଯାଇଥିବା କିଂବା ତା' ନହେଲେ ଜଣେ ଧର୍ମ ପ୍ରତିଷ୍ଠାତାଙ୍କ ଦ୍ୱାରା ପ୍ରଦତ୍ତ ହୋଇ ରହିଥିବା ଏକ ବିଧାନ ବା ନିୟମର ପାଳନ କରି ଅପୂର୍ଣ୍ଣ ତଥା ପାପମୟ ମନୁଷ୍ୟକୁ ବଦଳାଇ ଦେଇ ପାରିବାକୁ ତାହା ଆପଣାର ସାଧନ ବୋଲି ମାନିଥାଏ ।

'oaob.nitrkl.ac.in' images reprocessed

ଧର୍ମର ଏହି ଧେୟଦୃଷ୍ଟିରେ ହୁଏତ ଏକ ସାମାଜିକ ପରିବର୍ତ୍ତନ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିପାରେ; ମାତ୍ର ସେହି ପରିବର୍ତ୍ତନଟି କେବଳ ଏକ ସର୍ବସ୍ୱୀକୃତ ଧର୍ମାଦର୍ଶ ଓ ତତ୍ସମର୍ପିତ ଜୀବନଯାପନ ଦ୍ୱାରା ସମ୍ଭବ ହେବ ବୋଲି ବିଶ୍ୱାସ କରା ଯାଉଥାଏ; ସନ୍ଥମାନଙ୍କର ଏକ ଭ୍ରାତୃତ୍ୱମଣ୍ଡଳୀ ଏବଂ ପୃଥିବୀପୃଷ୍ଠରେ ସ୍ୱର୍ଗରାଜ୍ୟର ପ୍ରତିଫଳନ କରି ପାରୁଥିବା ଏକ ଭଗବତ୍ ଶାସନ ବା ଈଶ୍ୱରରାଜ୍ୟର ଆପନା ଦ୍ୱାରା ତାହା ସମ୍ଭବ ହେବ ବୋଲି ବିଶ୍ୱାସ କରା ଯାଉଥାଏ ।

ଏହିସବୁ ଦୃଷ୍ଟିରୁ ତଥା ଆପଣାର ଅନ୍ୟ ଅଂଶଗୁଡ଼ିକରେ ଆମ ସମନ୍ୱୟାତ୍ମକ ଯୋଗଟିର ଲକ୍ଷ୍ୟ ଏହାଠାରୁ ଅଧିକ ସମଗ୍ର ଓ ଅଧିକ ବ୍ୟାପ୍ତିଯୁକ୍ତ ହୋଇ ରହିବ; ଆତ୍ମ-ପରିପୂର୍ଣ୍ଣତା ଲାଗି ଏହି ବୃହତ୍ତର ଆବେଗଟିର ଏହିସବୁ ସକଳ ଉପାଦାନ ଏବଂ ସକଳ ପ୍ରବୃତ୍ତିକୁ ତାହା ଆପଣା ମଧ୍ୟରେ ନିଶ୍ଚୟ ସ୍ଥାନ ଦେବ, ସେଗୁଡ଼ିକ ମଧ୍ୟରେ ସାମଞ୍ଜସ୍ୟତା ଆଣିବ ବା ଅଧିକ ଯଥାର୍ଥ ଭାବରେ କହିଲେ ସେଗୁଡ଼ିକୁ ପରସ୍ପର ସହିତ ସମ୍ମିଳିତ ଓ ଏକତ୍ୱବଦ୍ଧ କରି ରଖିବ, ଏବଂ ସଫଳତାର ସହିତ ସେଇଟିକୁ କରି ପାରିବାକୁ ହେଲେ ତାହାକୁ ଏପରି ଏକ ସତ୍ୟକୁ ଆପଣାର ଧେୟଦୃଷ୍ଟିରେ ରଖିବାକୁ ହେବ ଯାହାକି ଆମର ଏହି ସାଧାରଣ ଧର୍ମଗତ ସ୍ୱପ୍ନଟିଠାରୁ ଅଧିକ ବ୍ୟାପକ ହୋଇଥିବ ଓ ପାର୍ଥିବ ସିଦ୍ଧାନ୍ତଟିଠାରୁ ଅଧିକ ଉଚ୍ଚ ହୋଇଥିବ । ଯାବତୀୟ ଜୀବନକୁ ଆମେ ଏକ ପ୍ରଚ୍ଛନ୍ନ ଯୋଗ ବୋଲି କହିପାରିବା; ପ୍ରକୃତି ମଧ୍ୟରେ ଯେଉଁ ଦିବ୍ୟ ତତ୍ତ୍ୱଟି ଗୁପ୍ତ ହୋଇ ରହିଛି, ତାହାକୁହିଁ ଆବିଷ୍କାର ଓ ପରିପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ପ୍ରକୃତିର ଏକ ପ୍ରଚ୍ଛନ୍ନ କ୍ରମବିକାଶ ବୋଲି କହିପାରିବା । ସ୍ମରଣ କରି ଦିଆଯାଇ ପାରେ ଯେ ମନୁଷ୍ୟର ଭୂମିଟିକୁ ଆସି, ମନୁଷ୍ୟର ଜ୍ଞାନ, ସଂକଳ୍ପ, କର୍ମ ଏବଂ ଜୀବନର ଯାବତୀୟ ସାଧନ ତାହାର ଭିତରେ ତଥା ଏହି ବିଶ୍ୱଭୁବନରେ ରହିଥିବା ପରମ ଚିଦ୍‌ଗତତାଟି ଲାଗି ଉନ୍ମୋଚିତ ହୋଇଯିବା ଫଳରେ ପ୍ରକୃତିର ସେହି ପ୍ରଚ୍ଛନ୍ନ ବିକାଶଟି ମନୁଷ୍ୟ ମଧ୍ୟରେ ଅପେକ୍ଷାକୃତ କମ୍ ପ୍ରଚ୍ଛନ୍ନ ହେବାକୁ ଆରମ୍ଭ କରେ, ଅଧିକ ଆତ୍ମ-ସଜ୍ଞାନ ଓ ସନ୍ଦୀପିତ ହୋଇଯାଏ ଏବଂ ଅଧିକ ପରିମାଣରେ ସ୍ୱରାଟ୍ ହେବାକୁ ଆରମ୍ଭ କରେ । ମନ, ପ୍ରାଣ, ଶରୀର ତଥା ଆମ ପ୍ରକୃତିର ସର୍ବବିଧ ରୂପାୟନ ଏହି ବିକାଶଟି ଲାଗି ଗୋଟିଏ ଗୋଟିଏ ସାଧନରୂପେ ଅବଶ୍ୟ ବ୍ୟବହୃତ ହୁଏ; ମାତ୍ର କେବଳ ଆପଣାଠାରୁ ଅଧିକ ବୃହତ୍ କୌଣସି ଏକ ସମ୍ପଦ ମଧ୍ୟକୁ ଆପଣାକୁ ଉନ୍ମୋଚିତ କରିଦେବା ଦ୍ୱାରାହିଁ ସେଗୁଡ଼ିକ ସେମାନଙ୍କର ଚରମ ପରିପୂର୍ଣ୍ଣତା ଲାଭ କରିବାର ସମର୍ଥ ହୋଇଥାନ୍ତି । କାରଣ, ପ୍ରଥମ କଥାଟି ହେଉଛି ଯେ ସେଗୁଡ଼ିକ କଦାପି ମନୁଷ୍ୟର ସମ୍ପୂର୍ଣ୍ଣ ପରିଚୟ ନୁହନ୍ତି; ଏବଂ ଦ୍ୱିତୀୟତଃ, ମନୁଷ୍ୟର ଯଥାର୍ଥ ପରିଚୟ କହିଲେ ପ୍ରକୃତରେ ଯେଉଁ ଅନ୍ୟ ସମ୍ପନ୍ନତାଟିକୁ ବୁଝାଇଥାଏ, ତାହାହିଁ ତାହାର ପରିପୂର୍ଣ୍ଣତା ଲାଗି ଅସଲ ଦ୍ୱାର ଓ ଅସଲ ଚାବିକାଠି ହୋଇ ରହିଥାଏ, ତାହାହିଁ ଏପରି ଏକ ଆଲୋକକୁ ବହନ କରି

'oaob.nitrkl.ac.in' images reprocessed

ନେଇଆସେ, ଯାହାକି ତା' ଲାଗି ତା' ସତ୍ତାର ସେହି ସମୁଦାୟ ଗୁଢ଼ ତଥା ବୃହତ୍ତ ସତ୍ୟଟିକୁ ଆବିଷ୍କାର କରି ଦେଇଯାଏ।

ସେତେବେଳେ ମନ ଏପରି ଏକ ବୃହତ୍ତର ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହୋଇଉଠେ, ଯାହାର କି ତାହା ବର୍ତ୍ତମାନ କେବଳ ଏକ ଅର୍ଦ୍ଧ-ଆଲୋକ ହୋଇ ରହିଛି; ପ୍ରାଣ ଏପରି ଏକ ବୃହତ୍ତର ସମର୍ଥତା ତଥା ସଫଳତା ମଧ୍ୟରେ ଆପଣାର ଯଥାର୍ଥ ତାତ୍ପର୍ଯ୍ୟଟିକୁ ଖୋଜିପାଏ, ଯାହାର କି ତାହା କେବଳ ଏକ ବାହ୍ୟ ଏବଂ ଏପର୍ଯ୍ୟନ୍ତ କେବଳ ଏକ ଅସ୍ପଷ୍ଟତାପୂର୍ଣ୍ଣ କ୍ରିୟାତ୍ମକ ରୂପ ହୋଇ ରହିଛି; ଶରୀର ମଧ୍ୟ ସତ୍ତାଗତ ଏପରି ଏକ ଶକ୍ତିମତ୍ତାର ଏକ ସାଧନରୂପେ ବ୍ୟବହୃତ ହେବାର ସର୍ବଶେଷ ଅବସରଟି ଲାଭ କରେ, ଯାହାର କି ତାହା ବର୍ତ୍ତମାନ କେବଳ ଏକ ଭୌତିକ ଅବଲମ୍ବନ ଓ ଜଡ଼ସ୍ଥ ଆରମ୍ଭବିନ୍ଦୁ ହୋଇ ରହିଛି। ସେଗୁଡ଼ିକୁ ସର୍ବପ୍ରଥମେ ସ୍ୱୟଂ ବିକଶିତ ହେବାକୁ ପଡ଼ିବ ଏବଂ ଆପଣାର ଏହି ସାଧାରଣ ଭୂମିସ୍ଥ ସମ୍ଭାବନାଗୁଡ଼ିକୁ ମଧ୍ୟ ଉପଲବ୍ଧି କରିବାକୁ ହେବ। ଆମର ଯାବତୀୟ ଏହି ସାଧାରଣ ଜୀବନଯାତ୍ରାରେ ଆମେ କେବଳ ସେହି ସମ୍ଭାବନାଗୁଡ଼ିକୁ ନେଇହିଁ ପ୍ରୟୋଗ କରିବାରେ ଲାଗିଥାଉ ଏବଂ ତାହାକୁ ଏହି ପ୍ରସ୍ତୁତିମୂଳକ ତଥା ପ୍ରୟୋଗାତ୍ମକ ଏକ ଅବସରରୂପେହିଁ ବ୍ୟବହାର କରୁଥାଉ। ମାତ୍ର ଆମର ଜୀବନକୁ ପ୍ରଥମେ ଆପଣାକୁ ସତ୍ତାର ସେହି ବୃହତ୍ତର ସତ୍ୟଟି ଉଦ୍ଦେଶ୍ୟରେ ଉନ୍ମୋଚିତ କରିଦେବାକୁ ପଡ଼ିବ, ଏକ ସମର୍ଥତର ଶକ୍ତିମତ୍ତା ଏବଂ ଏକ ଅଧିକ ଗ୍ରହଣଶୀଳ ଉପଯୋଗ ତଥା ସାମର୍ଥ୍ୟର ଏହି ବିକାଶଟି ଦ୍ୱାରା ତାହାକୁ ଚରମରୂପେ ପ୍ରସ୍ତୁତ ଏକ କ୍ରିୟାକ୍ଷେତ୍ରରୂପେ ତିଆରି ହେବାକୁ ପଡ଼ିବ, ଏବଂ ତେବେଯାଇ ଆମର ଜୀବନ ପକ୍ଷରେ ଆପଣାର ସେହି ସକଳାଙ୍ଗ ଆତ୍ମ-ପୂର୍ଣ୍ଣତାଟିକୁ ଲାଭ କରିବା ସମ୍ଭବ ହୋଇପାରିବ।

ବୁଦ୍ଧି, ସଙ୍କଳ୍ପଶକ୍ତି, ନୈତିକ ବୋଧ, ସଂବେଗ, ସୌନ୍ଦର୍ଯ୍ୟବୃତ୍ତି ତଥା ଭୌତିକ ସତ୍ତାର ସାଧନା ଏବଂ ଉନ୍ନତି ଆମର ଅନେକ କାମରେ ଆସିଥାଏ ସତ, ମାତ୍ର ପରିଶେଷରେ ସେଗୁଡ଼ିକ କେବଳ ଏକ ବୃତ୍ତ ଭିତରେହିଁ ସତତ ବୁଲିବାରେ ଲାଗିଥିବା ପରି ପ୍ରତିପାଦିତ ହୁଏ; ଏବଂ, ଏକ ବିନ୍ଦୁରେ ପହଞ୍ଚି ସେଗୁଡ଼ିକ ଆପଣାକୁ ସେହି ପରମ ଚିଦ୍‌ଗତତାର ସାମର୍ଥ୍ୟ ତଥା ସାନ୍ନିଧ୍ୟ ମଧ୍ୟକୁ ଉନ୍ମୋଚିତ କରିଦେଇ ନପାରିଲେ ଏବଂ ତାହାର ପ୍ରତ୍ୟକ୍ଷ କ୍ରିୟାଗୁଡ଼ିକୁ ଆପଣା ମଧ୍ୟକୁ ସ୍ୱୀକାର କରିନେଇ ନପାରିଲେ ସେଗୁଡ଼ିକ କଦାପି କୌଣସି ବିମୋଚନକାରୀ ଏବଂ ସନ୍ଦୀପନକାରୀ ଲକ୍ଷ୍ୟରହିଁ ଯୋଗ୍ୟ ହୋଇପାରନ୍ତି ନାହିଁ। ଏହି ପ୍ରତ୍ୟକ୍ଷ କ୍ରିୟାତ୍ମକତାଟି ଫଳରେହିଁ ସମୁଦାୟ ସତ୍ତାଟିର ଏକ ନୂତନ ଧାରାଗ୍ରହଣ ସମ୍ଭବ ହୁଏ ଏବଂ ତାହାହିଁ ଆମର ଯଥାର୍ଥ ପରିପୂର୍ଣ୍ଣତା ଲାଗି ଅପରିହାର୍ଯ୍ୟ ସର୍ତ୍ତ ହୋଇ ରହିଥାଏ। ପରମ ଚିଦ୍‌ଗତତାର ସତ୍ୟ ଏବଂ ସାମର୍ଥ୍ୟ ମଧ୍ୟକୁ ଆପଣାକୁ ବିକଶିତ କରି ନେଇଯିବା ଏବଂ ସେହି

'oaob.nitrkl.ac.in' images reprocessed

ସାମର୍ଥ୍ୟଟିର ପ୍ରତ୍ୟକ୍ଷ ନିଷ୍ପତ୍ତି ବଳରେ ଆପଣାକୁ ସ୍ୱକୀୟ ଆତ୍ମ-ପରିପୂର୍ଣ୍ଣତା ଲାଗି ଏକ ଯୋଗ୍ୟ ସାଧନପଥ କରି ରଖିବା, ଅର୍ଥାତ୍ ମନୁଷ୍ୟର ସେହି ପରମ ଦିବ୍ୟତା ମଧ୍ୟରେହିଁ ଜୀବନଧାରଣ କରିବା ତଥା ସେହି ପରମ ତଦ୍‌ଗତତାଙ୍କର ମନୁଷ୍ୟସମାଜ ଭିତରେହିଁ ଏକ ଦିବ୍ୟ ଜୀବନ ଯାପନ କରିବା,—ଆତ୍ମ-ପରିପୂର୍ଣ୍ଣତାର ଏକ ସମଗ୍ର ଯୋଗରେ ଏହାହିଁ ସିଦ୍ଧାନ୍ତ ଏବଂ ସମ୍ପୂର୍ଣ୍ଣ ଲକ୍ଷ୍ୟ ହୋଇ ରହିବ ।

ପ୍ରୟାସଟିର ଆବଶ୍ୟକତା ଦ୍ୱାରା ବାଧ୍ୟ ହୋଇ ଏହି ପରିବର୍ତ୍ତନର ପ୍ରକ୍ରିୟା ମଧ୍ୟରେ ତାହାର କ୍ରିୟାଗତ ଦୁଇଟି ପର୍ଯ୍ୟାୟ ଅବଶ୍ୟ ରହିବ । ପ୍ରଥମତଃ, ଆପଣାର ଆତ୍ମା, ମନ ଓ ହୃଦୟ ଦ୍ୱାରା ଏହି ଦିବ୍ୟ ସମ୍ଭାବନାଟି ସମ୍ବନ୍ଧରେ ସଚେତନ ହୋଇଯିବା ସଙ୍ଗେସଙ୍ଗେ ଏବଂ ଆପଣା ଜୀବନର ଯଥାର୍ଥ ଲକ୍ଷ୍ୟରୂପେ ତାହାରି ଆଡ଼କୁ ଆପଣାକୁ ପ୍ରେରିତ କରିପାରିବା ସଙ୍ଗେସଙ୍ଗେ ମନୁଷ୍ୟର ସେଥିଲାଗି ଏକ ବ୍ୟକ୍ତିଗତ ଉଦ୍ୟମ ଅବଶ୍ୟ ରହିବ; ସେ ଆପଣାକୁ ସେଇଟି ଲାଗି ପ୍ରସ୍ତୁତ କରିବ ଏବଂ ଏକ ନିମ୍ନତର କ୍ରିୟାତ୍ମକତାର ଯାବତୀୟ ଫାଶ ଭିତରୁ ମୁକୁଳି ବାହାରି ଆସିବ । ଆଧ୍ୟାତ୍ମିକ ସତ୍ୟ ଏବଂ ତାହାର ଶକ୍ତିମତ୍ତାଟି ଆଡ଼କୁ ଆପଣାକୁ ଉନ୍ମୋଚିତ କରିଦେବା ପଥରେ ଯାହାକିଛି ପ୍ରତିବନ୍ଧକ ହୋଇ ଠିଆ ହୋଇଥିବ, ସେ ଆପଣାକୁ ତାହା ଭିତରୁ ମୁକୁଳାଇ ଆଣିବ, ଯେପରିକି ଏହି ବିମୋଚନଟି ଫଳରେ ସେ ଆପଣାର ଆଧ୍ୟାତ୍ମିକ ସତ୍ତାଟିର ଅଧିକାରୀ ହୋଇ ରହିପାରିବ ଏବଂ ତାହାରି ଆତ୍ମ-ଅଭିବ୍ୟକ୍ତି ଲାଗି ଆପଣାର ପ୍ରକୃତିଗତ ଯାବତୀୟ ସ୍ଫୁରଣାକୁ ଗୋଟିଏ ଗୋଟିଏ ପାଶମୁକ୍ତ ସାଧନରୂପେ ବିନିଯୁକ୍ତ କରିଦେଇ ପାରିବ । ଏହିଭଳି ଏକ ନୂତନ ଦିକ୍‌ପରିବର୍ତ୍ତନ ଦ୍ୱାରାହିଁ ଆପଣାର ଲକ୍ଷ୍ୟଟି ବିଷୟରେ ସମ୍ପୂର୍ଣ୍ଣ ସଚେତ ହୋଇ ରହିଥିବା ଆତ୍ମ-ସଚେତନ ଯୋଗଟି ପ୍ରକୃତରେ ଆରମ୍ଭ ହୋଇଯାଇ ପାରିବ; ଏକ ନୂତନ ଜାଗରଣ ସମ୍ଭବ ହେବ ଓ ପ୍ରାଣିକ ପ୍ରେରଣାର କ୍ଷେତ୍ରରେ ଏକ ଊର୍ଦ୍ଧ୍ୱମୁଖ ପରିବର୍ତ୍ତନ ମଧ୍ୟ ଘଟିବ । ବର୍ତ୍ତମାନ ଆମ ଜୀବନର ଏହି ନିତ୍ୟନୈମିତ୍ତିକ ସ୍ୱୀକୃତ ଉଦ୍ଦେଶ୍ୟଗୁଡ଼ିକ ହୋଇ ରହିଥିବା ଏବଂ ଆମର ଏହି ମନ, ପ୍ରାଣ ତଥା ଦେହର ଏହି ବର୍ତ୍ତମାନ କ୍ରିୟାର ସାଧାରଣ ପରିଧିଟିକୁ ଅତିକ୍ରମ କରି ଆଦୌ ସେପାଖକୁ ଯାଇପାରୁ ନଥିବା ଏହି ଭୂମିଟି ଲାଗି କେବଳ ଏକ ବୁଦ୍ଧିଗତ, ନୈତିକ ବା ତତ୍ତୁଲ୍ୟ ଅନ୍ୟ ଯାବତୀୟ ଆତ୍ମ-ପ୍ରଶିକ୍ଷଣଟିହିଁ ବଳବତ୍ତର ରହିଥିବା ପର୍ଯ୍ୟନ୍ତ ଆମେ କେବଳ ପ୍ରାକୃତ ଭୂମିର ଏହି ଅସ୍ପଷ୍ଟତାପୂର୍ଣ୍ଣ ଏବଂ ତଥାପି ଅନାଲୋକିତ ହୋଇ ରହିଥିବା ଯୋଗର ଆସ୍ପୃତନଟି ଭିତରେ ଆବଦ୍ଧ ହୋଇ ରହିଥିବା, ସେପର୍ଯ୍ୟନ୍ତ ଆମେ କେବଳ ଏକ ସାଧାରଣ ମାନୁଷୀ ପରିପୂର୍ଣ୍ଣତାରହିଁ ଅନୁଧାବନ କରିବାରେ ଲାଗିଥିବା । ପରମ ଦିବ୍ୟତା ଏବଂ ସେହି ଦିବ୍ୟ ପରିପୂର୍ଣ୍ଣତା ଲାଗି ଆମ ଭିତରେ ଏକ ଆଧ୍ୟାତ୍ମିକ ବାସନା ଜନ୍ମଗ୍ରହଣ କରିବ, ଆମ ସତ୍ତାର ସମୁଦାୟ କ୍ଷେତ୍ରଟିରେ ତାଙ୍କର ସହିତ ଏକତ୍ୱବଦ୍ଧ ହୋଇ

'oaob.nitrkl.ac.in' images reprocessed

ରହିବା ଏବଂ ଆମର ସମୁଦାୟ ପ୍ରକୃତିରେ ଏକ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଆଣିଦେବା ଲାଗି ଆମ ଭିତରେ ଏକ ଆଧ୍ୟାତ୍ମିକ ବାସନା ଜନ୍ମଲାଭ କରିବ,—ଆମେ ଏହାକୁହିଁ ସେହି ପରିବର୍ତ୍ତନଟି ଲାଗି ପ୍ରକୃତ ଓ ଫଳପ୍ରଦ ସଙ୍କେତ ବୋଲି କହିପାରିବା, ଆମର ସତ୍ତା ତଥା ଜୀବନଧାରଣାରେ ଏକ ମହାନ୍ ଓ ସମଗ୍ର ପରିବର୍ତ୍ତନ ଘଟାଇବାକୁ ଯାଉଥିବା ଏକ ଅଗ୍ରଗାମୀ ସାମର୍ଥ୍ୟ ବୋଲି କହିପାରିବା ।

ବ୍ୟକ୍ତିଗତ ଉଦ୍ୟମ ଦ୍ୱାରା ଏକ ପ୍ରାରମ୍ଭିକ ପରିବର୍ତ୍ତନ ଏବଂ ପ୍ରାଥମିକ ରୂପାନ୍ତର ବେଶ୍ ସମ୍ଭବ ହୋଇପାରିବ; ଏହାଦ୍ୱାରା ଆମର ମାନସିକ ଯାବତୀୟ ଅଭିପ୍ରାୟ, ଆମର ଚରିତ୍ର ତଥା ସ୍ୱଭାବ ଅଳ୍ପ ଅଥବା ଅଧିକ ମାତ୍ରାରେ ଆଧ୍ୟାତ୍ମିକ ହୋଇଯାଇ ପାରିବ, ଆମ ପ୍ରାଣିକ ତଥା ଭୌତିକ ଜୀବନ ଉପରେ ଆମର ଏକ କର୍ତ୍ତୃତ୍ୱ ଆସିଯିବ, ତାହା କ୍ରମଶଃ ଶାନ୍ତ ହୋଇ ଆସିବ ଏବଂ ତାହାର କ୍ରିୟାରେ ମଧ୍ୟ ଏକ ପରିବର୍ତ୍ତନ ବି ଘଟିବ । ଏହି ନବଦୀକ୍ଷିତ ଆତ୍ମନିଷ୍ଠତା ବା ଅନ୍ତର୍ମୁଖତାକୁ ମନର ଭୂମିରେ ଅବସ୍ଥିତ ରହିଥିବା ଆମର ଆତ୍ମାଟି ଲାଗି ପରମ ତତ୍ତ୍ୱସତ୍ତାଙ୍କ ସହିତ କୌଣସି ପ୍ରକାରେ ସମ୍ମିଳିତ ବା ଏକତ୍ରିବଦ୍ଧ ହେବାର ଏକ ଭୂମିରୂପେ ନିଶ୍ଚୟ ବ୍ୟବହାର କରାଯାଇ ପାରିବ, ମନୁଷ୍ୟର ମନୋଭୂମି ଉପରେ ସେହି ଦିବ୍ୟ ପ୍ରକୃତିର କୌଣସି ଆଂଶିକ ପ୍ରତିଫଳନ ଲାଗି ମଧ୍ୟ ଏକ ଭୂମିରୂପେ ବ୍ୟବହାର କରାଯାଇ ପାରିବ । ଉପରୁ କୌଣସି ସାହାଯ୍ୟ ନନେଇ ଅଥବା କେବଳ ପରୋକ୍ଷ ଭାବରେ ସାହାଯ୍ୟ ନେଇ କରାଯାଉଥିବା ଆପଣାର ପ୍ରୟାସଟି ଦ୍ୱାରା ମନୁଷ୍ୟ କେବଳ ଏହି ପର୍ଯ୍ୟନ୍ତହିଁ ଯାଇ ପାରିବ; କାରଣ ସେହି ପ୍ରୟାସ କେବଳ ଆମ ମନରହିଁ ଏକ ପ୍ରୟାସ ହୋଇ ରହିଥିବ ଏବଂ ମନ କଦାପି ସ୍ଥାୟୀ ଭାବରେ ଆପଣା ସୀମାଟିର ସେପାଖକୁ ଆରୋହଣ କରିବା ଲାଗି ସମର୍ଥ ହେବ ନାହିଁ । ଖୁବ୍ ବେଶୀ ହେଲେ ତାହା କେବଳ ଆଧ୍ୟାତ୍ମିକ ଭାବ ଦ୍ୱାରା ସଞ୍ଚାରିତ ଏକ ଆଦର୍ଶ ମନୋମୟ ସ୍ଥିତି ଯାଏଁହିଁ ପହଞ୍ଚି ପାରିବ । ଏବଂ ଏହି ସୀମାଟିକୁ ଡେଇଁ ଆହୁରି ଆଗକୁ ପଳାଇଗଲେ ତାହାର ଆଉ ଆପଣା ଉପରେ କୌଣସି ନିୟନ୍ତ୍ରଣ ରହିବ ନାହିଁ, ଜୀବନ ଉପରେ ମଧ୍ୟ କୌଣସି ନିୟନ୍ତ୍ରଣ ରହିବ ନାହିଁ ଏବଂ କେବଳ ଏକ ନିମଗ୍ନ ଅଭିଭୂତାବସ୍ଥା ଅଥବା ଏକ ନିଷ୍କ୍ରିୟତାରେ ଯାଇ ପହଞ୍ଚିବାହିଁ ସାର ହେବ । ଯେତେବେଳେ ଏକ ଉଚ୍ଚତର ସାମର୍ଥ୍ୟ ମନର ଭୂମିରେ ପ୍ରବିଷ୍ଟ ହୋଇ ଆସିବ ଏବଂ ସତ୍ତାର ସକଳ କ୍ରିୟାକୁ ଆପଣା ହାତରେ ଗ୍ରହଣ କରିନେବ, ସେତିକିବେଳେ ଯାଇ କୌଣସି ବୃହତ୍ତର ପରିପୂର୍ଣ୍ଣତା ସମ୍ଭବ ହୋଇପାରିବ । ତେଣୁ ଏହି ଯୋଗର ଏକ ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚି ଆମକୁ ଅବିରତ ଭାବରେ ପ୍ରକୃତିର ଯାବତୀୟ କ୍ରିୟାକୁ ଏହି ବୃହତ୍ତର ପରମ ସାମର୍ଥ୍ୟଟିର ହାତରେ ସମର୍ପଣ କରିଦେବାକୁ ହେବ; ଏବଂ ଯେଉଁଠି ବ୍ୟକ୍ତିଗତ ପ୍ରୟାସ କାର୍ଯ୍ୟକାରୀ ହୋଇ ରହିଥିଲା,

'oaob.nitrkl.ac.in' images reprocessed

ସେଠାରେ ତାହାର ପ୍ରଭାବ, ଅଧିକାର ଏବଂ କ୍ରିୟାକୁହିଁ ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ କରିଦେବାକୁ ହେବ । ଏବଂ ଏହିପରି ଭାବରେ ପରିଶେଷରେ ଆମର ଆକାଂକ୍ଷିତ ସେହି ପରମ ଦେବୀତାହିଁ ଆମ ଯୋଗର ସାକ୍ଷାତ୍ ଅଧୀଶ୍ୱରରୂପେ ଆସି ପ୍ରତିଷ୍ଠିତ ହୋଇଯିବେ ଏବଂ ଆମ ସତ୍ତାର ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ତଥା ଆଦର୍ଶ ରୂପାନ୍ତରଟିକୁ କାର୍ଯ୍ୟକାରୀ କରିପାରିବେ ।

ଆମ ଯୋଗର ଏହି ଯେଉଁ ଦୁଇଟି ସ୍ୱରୂପ ରହିଛି, ତାହାହିଁ ତାକୁ ପରିପୂର୍ଣ୍ଣତାର ପାର୍ଥିବ ଆଦର୍ଶଟିର ସୀମାରୁ ଆହୁରି ଉପରକୁ ବହନ କରି ନେଉଛି; ଏବଂ ଯୁଗପତ୍ ଭାବରେ ତାହା ସେହି ଅଧିକ ଉଚ୍ଚ, ଅଧିକ ପ୍ରଗାଢ଼ ଅଥଚ ଅଧିକ ସଂକୀର୍ଣ୍ଣ ଧର୍ମଚାଳିତ ସୂତ୍ରଟିର ସୀମାଟିକୁ ମଧ୍ୟ ଅତିକ୍ରମ କରି ଚାଲିଯାଉଛି । ପାର୍ଥିବ ଆଦର୍ଶଟି ମନୁଷ୍ୟକୁ ସର୍ବଦା ଗୋଟିଏ ମନୋମୟ, ପ୍ରାଣପ୍ରେରିତ ତଥା ଭୌତିକ ସତ୍ତା ବୋଲିହିଁ ଦେଖିଛି ଏବଂ ବେଶ୍ ଏହି ସୀମାଗୁଡ଼ିକ ମଧ୍ୟରେହିଁ ତା' ଲାଗି ଏକ ମାନୁଷୀ ପରିପୂର୍ଣ୍ଣତା ହାସଲ କରିବାକୁ ଆପଣାର ଧ୍ୟେୟ କରି ରଖିଛି; ମନ, ପ୍ରାଣ ତଥା ଶରୀରର ପରିପୂର୍ଣ୍ଣତାକୁହିଁ ଧ୍ୟେୟ କରି ରଖିଛି, ବୁଦ୍ଧି, ଜ୍ଞାନ ସକଳ ଓ ସାମର୍ଥ୍ୟ, ନୈତିକ ଚରିତ୍ର, ଲକ୍ଷ୍ୟ ତଥା ଆଚରଣ, ସୌନ୍ଦର୍ଯ୍ୟାତ୍ମକ ଗ୍ରହଣଶୀଳତା ତଥା ସୃଜନକ୍ଷମତା, ସଂବେଗ କ୍ଷେତ୍ରରେ ଏକ ଭାରସାମ୍ୟଯୁକ୍ତ ସ୍ଥିରସ୍ଥିତି ଏବଂ ଉପଭୋଗ ତଥା ପ୍ରାଣ ଏବଂ ଦେହର କ୍ଷେତ୍ରରେ ଏକ ନିର୍ଦ୍ଦୋଷ ଅବସ୍ଥା, ନିୟମବଦ୍ଧ କ୍ରିୟା ଏବଂ ଯଥୋଚିତ କୁଶଳତାର ସମ୍ପ୍ରସାରଣ ଓ ବିଶୋଧନକୁହିଁ ଆପଣାର ଧ୍ୟେୟ କରି ରଖିଛି । ଏହି ଲକ୍ଷ୍ୟଟିକୁ ଅବଶ୍ୟ ଏକ ପ୍ରଶସ୍ତ ଏବଂ ପୂର୍ଣ୍ଣ ଲକ୍ଷ୍ୟ ବୋଲି ବୁଝାଯିବ ସତ, ମାତ୍ର ତଥାପି ଯଥେଷ୍ଟ ପରିମାଣରେ ପ୍ରଶସ୍ତ ଓ ପୂର୍ଣ୍ଣ ବୋଲି ଆଦୌ ବୁଝାଯାଇ ପାରିବ ନାହିଁ; କାରଣ ତାହା ଆମ ସତ୍ତାର ସେହି ଅନ୍ୟ ବୃହତ୍ତର ଉପାଦାନଟିକୁ ଉପେକ୍ଷିତ କରି ରଖିଛି, ଯାହାକୁ କି ଆମର ମନ ବଡ଼ ଅସ୍ପଷ୍ଟ ଭାବରେ ଏକ ଆଧ୍ୟାତ୍ମିକ ଉପାଦାନ ବୋଲି କହୁଛି ଏବଂ ତାହାକୁ ହୁଏତ ଅବିକଶିତ ଭାବରେ ଛାଡ଼ିଦେଇ ଯାଉଛି ଅଥବା ବିଶେଷ ଅବସରମାନଙ୍କରେ ଉପଲବ୍ଧ ହେଉଥିବା ବା ଏକ ଅତିରିକ୍ତ ଅନୁଭବରୂପେ ନିଷ୍ପନ୍ନ ହୋଇ ଆସୁଥିବା କେବଳ କୌଣସି ଉଚ୍ଚତର ଅନୁଭବରୂପେ ସେଗୁଡ଼ିକୁ ବଡ଼ ଅଯଥେଷ୍ଟ ଭାବରେହିଁ ପରିତୃପ୍ତ କରିପାରୁଛି । ସେ ତାହାକୁ ସେହି ମନରହିଁ କୌଣସି ଅସାଧାରଣ କେତୋଟି ବିଭବର କ୍ରିୟାତ୍ମକ ଏକ ପରିଣାମ ବୋଲି ସ୍ୱୀକାର କରୁଛି, ତାହା ଆପଣାର ଉପସ୍ଥିତି ତଥା ସ୍ଥାୟିତ୍ୱ ଲାଗି ସତେଅବା ସେହି ମନ ଉପରେହିଁ ନିର୍ଭରଶୀଳ ହୋଇ ରହିଛି ବୋଲି ମଧ୍ୟ ବିଶ୍ୱାସ କରୁଛି । ଆମ ମନୋଭୂମିର ଉଚ୍ଚତର ତଥା ବୃହତ୍ତର ଭୂମିଗୁଡ଼ିକର ବିକାଶ ଲାଗି ଆକାଂକ୍ଷା ରଖି ପାରିଲେ ତାହା ଆପଣାକୁ ଅବଶ୍ୟ ଏକ ଉଚ୍ଚ ଲକ୍ଷ୍ୟରେ ପରିଣତ କରିଦେଇ ପାରିବ ସତ, ମାତ୍ର ତାହା ତଥାପି ଯଥେଷ୍ଟ ପରିମାଣରେ ଉଚ୍ଚ ହୋଇପାରିବ ନାହିଁ; କାରଣ

'oaob.nitrkl.ac.in' images reprocessed

ତାହା ସେତେବେଳେ ମଧ୍ୟ ମନର ସେପାଖକୁ ତଥାପି କୌଣସି ଆକାଙ୍କ୍ଷା ରଖି ନଥିବ; ଆମର ବିଶୁଦ୍ଧତମ ବୁଦ୍ଧି, ଆମର ଉଜ୍ଜ୍ୱଳତମ ମାନସିକ ବୋଧି, ଆମର ଗଭୀରତମ ମନୋଗତ ବୋଧ ଏବଂ ଅନୁଭୂତି, ଆମର ସବୁଠାରୁ ଅଧିକ ଶକ୍ତିଶାଳୀ ମାନସିକ ସଂକଳ୍ପ ଓ ସାମର୍ଥ୍ୟ ଅଥବା ଆଦର୍ଶ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଯାହାର କେବଳ ଗୋଟିଏ ଗୋଟିଏ ପାଣ୍ଡୁର କିରଣପାତ ସଦୃଶ ହୋଇ ରହିଛି, ତାହା ସେପରି କୌଣସି ବସ୍ତୁ ଲାଗି ଆକାଙ୍କ୍ଷା ରଖି ନଥିବ । ତାହା ସଙ୍ଗେ ସଙ୍ଗେ ତାହାର ଧ୍ୟେୟଟି ମଧ୍ୟ ଆମର ଏହି ନିତ୍ୟନୈମିତ୍ତିକ ମାନବଜୀବନର ଏକ ପାର୍ଥିବ ପରିପୂର୍ଣ୍ଣତା ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଥିବ ।

ସମଗ୍ର ପରିପୂର୍ଣ୍ଣତାକୁ ଆପଣାର ଧ୍ୟେୟରୂପେ ମାନିଥିବା ଏକ ଯୋଗ ମନୁଷ୍ୟକୁ ମନ, ପ୍ରାଣ ଏବଂ ଶରୀର ଭିତରେ ସଂବୃତ୍ତ ହୋଇ ରହିଥିବା ଏକ ଦିବ୍ୟ ଆଧ୍ୟାତ୍ମିକ ସତ୍ତା ହିସାବରେହିଁ ଦେଖିଥାଏ; ତେଣୁ ମନୁଷ୍ୟର ଦିବ୍ୟ ପ୍ରକୃତିଟିକୁ ବିମୋଚିତ କରି ଆଣିବାକୁ ଓ ତାହାକୁ ପରିପୂର୍ଣ୍ଣ କରିବାକୁହିଁ ତାହା ଆପଣାର ଲକ୍ଷ୍ୟ ବୋଲି ଗ୍ରହଣ କରେ । ପରିପୂର୍ଣ୍ଣ ଭାବରେ ବିକାଶଲାଭ କରିଥିବା ଆଧ୍ୟାତ୍ମିକ ସତ୍ତାଟି ମଧ୍ୟରେ ଏକ ଅନ୍ତର୍ଗତ ଜୀବନଧାରଣାକୁହିଁ ତାହା ଆପଣାର ସତତ ଓ ଯଥାର୍ଥ ଜୀବନରେ ପରିଣତ କରି ରଖିବାକୁ ଆକାଙ୍କ୍ଷା ରଖିଥାଏ ଏବଂ ଅଧ୍ୟାତ୍ମଭାବ ଦ୍ୱାରା ସଂଚାଳିତ ମନୋଗତ, ପ୍ରାଣିକ ତଥା ଭୌତିକ ଯାବତୀୟ କ୍ରିୟାକୁ ସେହି ଯଥାର୍ଥ ଜୀବନରହିଁ ବହିଃସ୍ଥ ମାନବୀୟ ପ୍ରକାଶରେ ପରିଣତ କରିଦେବାକୁ ଚେଷ୍ଟା କରୁଥାଏ । ଏହି ଅଧ୍ୟାତ୍ମସତ୍ତାଟି ଯେପରି କୌଣସି ଏକ ବଡ଼ ଅସ୍ପଷ୍ଟ ଓ ଅନିର୍ଦ୍ଦେଶ୍ୟ ବସ୍ତୁରେହିଁ ପର୍ଯ୍ୟବସିତ ହୋଇ ନରହେ ବା କେବଳ ବଡ଼ ଅପୂର୍ଣ୍ଣ ଭାବରେହିଁ ଉପଲବ୍ଧ ନହୁଏ ଓ ସେହି ମାନସିକ ଅବଲମ୍ବନ ଓ ମାନସିକ ଯାବତୀୟ ସୀମାଟି ଭିତରେ ନିର୍ଭରଶୀଳ ହୋଇ ନରହିଯାଏ, ସେଥିଲାଗି ତାହା ମନର ସୀମାକୁ ଅତିକ୍ରମ କରି ଅତିମାନସ ଜ୍ଞାନ, ଅତିମାନସ ସଂକଳ୍ପ, ଅତିମାନସ ବୋଧ, ଅନୁଭୂତି ଏବଂ ସଂବୋଧି ମଧ୍ୟରେ ପ୍ରବିଷ୍ଟ ହୋଇ ପାରିବାର ବାସନା ରଖିଥାଏ, ପ୍ରାଣିକ ତଥା ଶାରୀରିକ ସକଳ କ୍ରିୟାର ଗତିଶକ୍ତିମୟ କର୍ମୋଦ୍ୟମ ତଥା ଆଧ୍ୟାତ୍ମିକ ଜୀବନର ସ୍ୱକୀୟ ସକଳ ସ୍ୱାଭାବିକ କ୍ରିୟାର କେନ୍ଦ୍ରଟି ଆଡ଼କୁ ଯାଇପାରିବା ଲାଗି ପ୍ରୟାସ କରୁଥାଏ । ପୂର୍ଣ୍ଣଯୋଗ ଜୀବନକୁ ସ୍ୱୀକାର କରୁଥାଏ ସତ, ମାତ୍ର ଏହି ପାର୍ଥିବ ଭୌତିକ ଜୀବନଚର୍ଯ୍ୟାର ପଛରେ ରହିଥିବା ସେହି ବୃହତ୍ତର ଅତିପାର୍ଥିବ କ୍ରିୟାଟି ବିଷୟରେ ମଧ୍ୟ ତାହା ସର୍ବଦା ସଚେତନ ରହିଥାଏ; ତାହା ଆପଣାକୁ ନେଇ ସେହି ପରମ ଦିବ୍ୟସତ୍ତାଙ୍କ ସହିତହିଁ ସଂଯୁକ୍ତ କରି ରଖେ, ଏହି ଯାବତୀୟ ଆଂଶିକ ଓ ନିମ୍ନତର ସ୍ଥିତି କେବଳ ସେହି ପରମ ଉତ୍ସଟି ମଧ୍ୟରୁ ସମ୍ଭୂତ ହୋଇ ଆସିଛି ବୋଲି ଜାଣିଥାଏ । ଏହା ଫଳରେ ତା' ଜୀବନର ସମୁଦାୟ କ୍ଷେତ୍ରଟି ଆପଣାର ସେହି ଆଧ୍ୟାତ୍ମିକ ମୂଳଟି ବିଷୟରେ ସଚେତନ ହେବାକୁ

'oaob.nitrkl.ac.in' images reprocessed

ସମର୍ଥ ହୁଏ ତଥା ଜ୍ଞାନ, ସଂକଳ୍ପ, ଅନୁଭୂତ, ବୋଧ ବା ଦେହର ପ୍ରତ୍ୟେକଟି କ୍ରିୟାରେ ତାହା ସେହି ଦିବ୍ୟ ସମୂଚକାଂଶ୍ ଆବେଗଟିକୁ ମଧ୍ୟ ଅନୁଭବ କରିପାରେ । ପାର୍ଥିବ ଲକ୍ଷ୍ୟ ମଧ୍ୟରେ ଯାହାକିଛି ଯଥାର୍ଥ ଓ ଅସଲ ଉପାଦାନ ରହିଛି, ପୂର୍ଣ୍ଣଯୋଗ ସେଗୁଡ଼ିକରୁ କୌଣସିଟିକୁ ବର୍ଜନ କରେ ନାହିଁ, ତାହା ସେଇଟିକୁ ଅଧିକ ବିସ୍ତାର ଆଣିଦିଏ, ଏବଂ ବର୍ତ୍ତମାନ ତା' ଭିତରୁ ସଂଗୁପ୍ତ ହୋଇ ରହିଥିବା ତା'ର ବୃହତ୍ତର ଏବଂ ଯଥାର୍ଥତର ତାତ୍ପର୍ଯ୍ୟଟିକୁ ଆବିଷ୍କାର କରି ତାହାରି ମଧ୍ୟରେ ଅବସ୍ଥାନ କରୁଥାଏ । ସେହି ଲକ୍ଷ୍ୟଟିକୁ ପୂର୍ଣ୍ଣଯୋଗ ଏକ ଅତିସୀମାବଦ୍ଧ, ପାର୍ଥିବ ଏବଂ ବିନାଶଶୀଳ ବସ୍ତୁରୁ ଅନ୍ତରଙ୍ଗ, ଦିବ୍ୟ ତଥା ଅବିନାଶୀ କେତେକେତେ ମୂଲ୍ୟର ଏକ ବସ୍ତୁରେ ରୂପାନ୍ତରିତ କରିଦିଏ ।

ଧର୍ମଗତ ଆଦର୍ଶଟି ସହିତ କେତୋଟି ବିଷୟରେ ପୂର୍ଣ୍ଣଯୋଗର ଏକ ସାମଞ୍ଜସ୍ୟ ରହିଛି ସତ, ମାତ୍ର ଏକ ବୃହତ୍ତର ବ୍ୟାପ୍ତିଯୁକ୍ତତାର ଅର୍ଥରେ ପୂର୍ଣ୍ଣଯୋଗ ଧର୍ମର ସୀମାଟିକୁ ଅତିକ୍ରମ କରି ଆହୁରି ଆଗକୁ ମଧ୍ୟ ଚାଲିଯାଉଛି । ଧର୍ମର ଆଦର୍ଶଟି ଆପଣାର ଦୃଷ୍ଟିରେ ଯେ କେବଳ ଏହି ପୃଥିବୀଟିକୁ ଛାଡ଼ିଦେଇ ବାହାରି ଯାଉଛି ତା' ନୁହେଁ, ମାତ୍ର ତାହା ଏହି ପୃଥିବୀଠାରୁ ଦୂରବର୍ତ୍ତୀ ହୋଇ ଏକ ସ୍ୱର୍ଗ ମଧ୍ୟକୁ, ଏବଂ ଏପରିକି ଯାବତୀୟ ସ୍ୱର୍ଗଲୋକକୁ ଡେଇଁ ତାହା କୌଣସି ନା କୌଣସି ପ୍ରକାରର ନିର୍ବାଣ ମଧ୍ୟକୁ ଅପସରି ଚାଲିଯାଉଛି । ପରିପୂର୍ଣ୍ଣତା ସମ୍ବନ୍ଧରେ ଧର୍ମର ଯେଉଁ ଆଦର୍ଶଟି ରହିଛି, ତାହା ଅନ୍ତର୍ଗତ ଅଥବା ବାହ୍ୟ କେବଳ ସେହିଭଳି କେତେକ ପରିବର୍ତ୍ତନ ମଧ୍ୟରେହିଁ ଆପଣାକୁ ସୀମାବଦ୍ଧ କରି ରଖିଛି, ଯାହାକି ଆତ୍ମାକୁ ମନୁଷ୍ୟର ଏହି ଜୀବନକ୍ଷେତ୍ରଟି ମଧ୍ୟରୁ ବିମୁଖ ହୋଇ ଏହା ବାହାରେ ଥିବା ଆଉ କେଉଁଠିକୁ ଚାଲିଯିବା ଲାଗି ସହାୟକରୂପେ କାର୍ଯ୍ୟ କରିପାରୁଛି । ପରିପୂର୍ଣ୍ଣତା ବିଷୟରେ ତାହାର ଯେଉଁ ସାଧାରଣ ଧାରଣାଟି ରହିଛି, ସେଥିରେ ତାହା ଏକ ଧର୍ମଗତ-ନୈତିକ ପରିବର୍ତ୍ତନ ଉପରେହିଁ ଆସ୍ଥା ରଖିଛି, ନିର୍ମମ ଭାବରେ ଆମର ଏହି କ୍ରିୟାଶୀଳ ଓ ସଂବେଗଗତ ସତ୍ତାଟି ମଧ୍ୟରୁ ସକଳ ଅଶୁଦ୍ଧତାକୁ ଦୂର କରିଦେବାରେ ଆସ୍ଥା ରଖିଛି; ଏହି ଆଦର୍ଶର ପୂର୍ଣ୍ଣତମ ପ୍ରକୃଷ୍ଟ ସିଦ୍ଧିରୂପେ ଅନେକ ସମୟରେ ତାହା ବୈରାଗ୍ୟପ୍ରେରିତ ଭାବରେ ଯାବତୀୟ ପ୍ରାଣିକ ଆବେଗକୁ କାଟି ପକାଇବାର ବା ବର୍ଜନ କରି ଆସିବାର ଉତ୍ସାହ ମଧ୍ୟ ଦେଖାଉଛି, ଏବଂ ଯେକୌଣସି ଅବସ୍ଥାରେ ହେଉ ପଛକେ, ତାହାର ଅଭିପ୍ରାୟଟି ସର୍ବଦା ପୃଥିବୀର ବାହାର ହୋଇ ରହୁଛି ଏବଂ ଏଠାରେ ଯାବତୀୟ ଧର୍ମପରାୟଣତା ଓ ଯଥାର୍ଥ ଆଚରଣର ଫଳ ବା ପରିଣାମକୁ ମଧ୍ୟ ସେ ସେହି ପୃଥିବୀର ବାହାରେହିଁ ଆଶା କରିବାରେ ଲାଗିଛି । ଜ୍ଞାନ, ସଂକଳ୍ପ ଓ ସୌନ୍ଦର୍ଯ୍ୟ-ଗ୍ରାହିତାରେ ଏକ ପରିବର୍ତ୍ତନକୁ ସ୍ୱୀକାର କଲାବେଳେ ମଧ୍ୟ ସେ ତାକୁ ମନୁଷ୍ୟଜୀବନର ଲକ୍ଷ୍ୟଗୁଡ଼ିକରୁ ଭିନ୍ନ ଆଉ ଏକ ଉଦ୍ଦେଶ୍ୟ ଆଡ଼କୁ ମୁହାଁଇ ରଖିବାର ଅର୍ଥରେହିଁ

'oaob.nitrkl.ac.in' images reprocessed

ବୁଝୁଛୁ ଏବଂ ପରିଣାମତଃ ସୌନ୍ଦର୍ଯ୍ୟଗ୍ରାହିତା, ସଂକଳ୍ପ ତଥା ଜ୍ଞାନର ପାର୍ଥିବ ଯାବତୀୟ ଉଦ୍ଦେଶ୍ୟକୁ ବର୍ଜନ କରି ଆସିବାକୁହିଁ ସଙ୍କେତ କରିଦେଉଛୁ । ଏହି ପଦ୍ଧତିଟି ଦ୍ୱାରା ବ୍ୟକ୍ତିଗତ ପ୍ରଚେଷ୍ଟା ଉପରେ ବା ଦିବ୍ୟ ପ୍ରଭାବ ଉପରେ ଗୁରୁତ୍ୱ ଦିଆଯାଇ ଥାଉ ପଛକେ, କର୍ମ ତଥା ଜ୍ଞାନ ଉପରେ ଅଥବା ଭଗବାନ୍ କୃପା ଉପରେ ଜୋର୍ ଦିଆଯାଇ ଥାଉ ପଛକେ, କୌଣସି ପାର୍ଥିବ ପଦ୍ଧତି ପରି ଆମେ ଏହାକୁ ଏକ ପରିଣତି ବୋଲି ନକହି ବରଂ ଏକ ଧର୍ମାନ୍ତର ବୋଲିହିଁ କହିବା; ମାତ୍ର ଅଷର ଏଠାରେ ଧର୍ମାନ୍ତର କହିଲେ ଆମର ମନୋଗତ ଓ ଭୌତିକ ପ୍ରକୃତିର କୌଣସି ଧର୍ମାନ୍ତର ବା ପରିବର୍ତ୍ତନକୁ ଆଦୌ ବୁଝାଏ ନାହିଁ, ମାତ୍ର ଏକ ବିଶୁଦ୍ଧ ଆଧ୍ୟାତ୍ମିକ ପ୍ରକୃତି ଏବଂ ସତ୍ତାକୁ ପରିଧାନ କରି ରହିବାକୁହିଁ ବୁଝାଏ; ଏବଂ ଏଠାରେ ଏହି ଲୋକସ୍ତରରେ ତାହା ସମ୍ଭବ ହୋଇ ରହି ନଥିବାରୁ ଏଇଟିର ଚରିତାର୍ଥତା ଲାଗି ତାହା ସେଇଟିକୁ ଆଉ ଗୋଟିଏ ଅନ୍ୟ ଲୋକକୁ ସ୍ଥାନାନ୍ତରିତ କରି ନେଇଯାଏ ଅର୍ଥାତ୍ ବିଶ୍ୱଗତ ସକଳ ଜୀବନକୁ ତ୍ୟାଗ କରି ଆସିବାକୁହିଁ ସିଦ୍ଧି ବୋଲି କହୁଥାଏ ।

ମାତ୍ର ପୂର୍ଣ୍ଣଯୋଗ ଅଧ୍ୟାତ୍ମ ସତ୍ତାକୁ ଏକ ସର୍ବଗତ ଅସ୍ତିତ୍ୱରୂପେ କଳ୍ପନା କରି ତାହାରି ଉପରେ ଆପଣାକୁ ପ୍ରତିଷ୍ଠିତ କରି ରଖିଥାଏ; ମୂଳତଃ ଅନ୍ୟ ଲୋକକୁ ଏକ ସ୍ଥାନାନ୍ତରୀକରଣ ଘଟାଇ ବା ଏକ ଜାଗତିକ ଆତ୍ମ-ବିଦାପନ କରାଇ ସେହି ଅଧ୍ୟାତ୍ମସତ୍ତାରେ ପୂର୍ଣ୍ଣତା ଆଣିବାକୁ ପଡ଼େ ନାହିଁ; ମାତ୍ର ଆପଣାର ପ୍ରାତିସ୍ୱିକ ଭୂମିରେ ଆମେ ବର୍ତ୍ତମାନ ଯାହା ହୋଇ ରହିଛୁ, ତାହାରି ମଧ୍ୟରୁ ଆମ ସତ୍ତାର ଅନ୍ତଃମର୍ମରେ ଆମକୁ ସର୍ବଦା ପ୍ରକୃତରେ ଯାହା ବୋଲି ବୁଝାଯିବ, ସେହି ସର୍ବଗତ ସତ୍ୟଟିର ଚେତନା ମଧ୍ୟକୁ ଆପଣାକୁ ବିକଶିତ କରାଇ ନେବା ଦ୍ୱାରାହିଁ ଆମେ ସେହି ପୂର୍ଣ୍ଣତାକୁ ସମ୍ଭବ କରିଦେଇ ପାରୁ । ଧର୍ମାନୁରକ୍ତ ଭକ୍ତର ବାହ୍ୟ ରୂପଟି ସ୍ଥାନରେ ଏହା ଏକ ଦିବ୍ୟ ଏକାତ୍ମମିଳନର ଆପଣାର ପୂର୍ଣ୍ଣତର ଆଧ୍ୟାତ୍ମିକ ଅନ୍ୱେଷଣଟିକୁହିଁ ସ୍ଥାନାପନ୍ନ କରିବରେ ଆଣି ପ୍ରତିଷ୍ଠିତ କରିଦିଏ । ଏକ ବ୍ୟକ୍ତିଗତ ପ୍ରୟାସରୁହିଁ ଆପଣାର ସାଧନା ଆରମ୍ଭ କରି ତାହା ଏକ ଦିବ୍ୟ ପ୍ରଭାବ ତଥା ଅଧିକାରଲାଭର ମଧ୍ୟଦେଇ ଏକ ଧର୍ମାନ୍ତର ମଧ୍ୟକୁ ଅଗ୍ରସର ହୋଇଯାଏ; ମାତ୍ର ଯଦି ଆମେ ଏହାକୁ ଏକ ଦିବ୍ୟ କୃପା ବୋଲିହିଁ କହିବା, ତେବେ ତାହା ଦ୍ୱାରା କେବଳ ଊର୍ଦ୍ଧ୍ୱଦେଶରୁ ଆସୁଥିବା କୌଣସି ରହସ୍ୟମୟ ପ୍ରବାହ ବା ସ୍ପର୍ଶ ବୋଲିହିଁ ବୁଝିବା ନାହିଁ, ମାତ୍ର ଆମେ ତାହାକୁ ଏପରି ଏକ ଦିବ୍ୟ ଉପସ୍ଥିତିର ସର୍ବତୋବ୍ୟାପ୍ତ କ୍ରିୟା ବୋଲି ବୁଝିବା, ଯାହାକୁ କି ଆମେ ଆମରି ଭିତରେ ସେହି ସର୍ବୋଚ୍ଚ ଆତ୍ମସତ୍ତାଙ୍କର ତଥା ଆମ ସତ୍ତାର ସେହି ପରମ ପ୍ରଭୁଙ୍କରହିଁ ଏକ ସାମର୍ଥ୍ୟ ଓ ଶକ୍ତିମତ୍ତାରୂପେହିଁ ଜାଣିବାକୁ ପାଉଁ, ଯିଏକି ଆମରି ଆତ୍ମା ମଧ୍ୟରେ ପ୍ରବିଷ୍ଟ ହୋଇ ତାହାକୁ ଏପରି ଭାବରେ ଅଧିକାର କରି ରହନ୍ତି ଯେ ଆମେ ତାଙ୍କୁ ଯେ କେବଳ ଆମରି ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହି ଆମ ନୈତିକ

'oaob.nitrkl.ac.in' images reprocessed

ସ୍ୱଭାବଟି ଉପରେ ଆପଣାର ଛାପ ପକାଉଥିବାର ଅନୁଭବ କରୁଛୁ ତା’ ନୁହେଁ, ମାତ୍ର ଆମେ ତାଙ୍କର ବିଧାନଟି ମଧ୍ୟରେହିଁ ଜୀବନଧାରଣ କରିଛୁ, ସେହି ବିଧାନଟିକୁ ଜାଣିଛୁ ଏବଂ ଆମ ଅଧ୍ୟାତ୍ମ ପ୍ରକୃତିର ସମୁଦାୟ ସାମର୍ଥ୍ୟଟିରୂପେହିଁ ତାହାକୁ ଅଧିକାର କରି ରହିଛୁ । ତାହାର କ୍ରିୟାଟି ଫଳରେ ଯେଉଁ ରୂପାନ୍ତରଟି କାର୍ଯ୍ୟକାରୀ ହେବ, ତଦ୍ୱାରା ଆମର ନୈତିକ ସତ୍ତାଟି ସମଗ୍ର ଭାବରେ ସେହି ଦିବ୍ୟ ପ୍ରକୃତିରହିଁ ପରମ ସତ୍ୟ ତଥା ପରମ ଋତରେ ରୂପାନ୍ତରିତ ହୋଇଯିବ, ବୁଦ୍ଧି ଦ୍ୱାରା ପ୍ରେରିତ ହେଉଥିବା ଆମର ସତ୍ତାଟି ଦିବ୍ୟ ଜ୍ଞାନର ପରମାଲୋକନକୁ ରୂପାନ୍ତରିତ ହୋଇଯିବ, ସଂବେଗପ୍ରଧାନ ସତ୍ତାଟି ଦିବ୍ୟ ପ୍ରେମ ଓ ଏକତାକୁ ରୂପାନ୍ତରିତ ହୋଇଯିବ, ଆମର ଗତିଶୀଳ ତଥା ସଂକଳ୍ପାତ୍ମକ ସତ୍ତାଟି ସେହି ଦିବ୍ୟ ସାମର୍ଥ୍ୟରହିଁ ଏକ କ୍ରିୟାକୁ ରୂପାନ୍ତରିତ ହୋଇଯିବ, ଆମର ସୌନ୍ଦର୍ଯ୍ୟଗ୍ରାହୀ ସତ୍ତାଟି ସେହି ଦିବ୍ୟ ସୌନ୍ଦର୍ଯ୍ୟର ପରିପୂର୍ଣ୍ଣ ଗ୍ରହଣ ଏବଂ ଏକ ସୃଜନାତ୍ମକ ଉପଭୋଗକୁ ରୂପାନ୍ତରିତ ହୋଇଯିବ; ଏବଂ ପରିଶେଷରେ ଆମର ପ୍ରାଣିକ ତଥା ଭୌତିକ ସତ୍ତାର ଏକ ଦିବ୍ୟ ରୂପାନ୍ତର ମଧ୍ୟ ଏଥିରୁ କେବେହେଲେ ବାହାର ହୋଇ ରହିବ ନାହିଁ । ପୂର୍ଣ୍ଣଯୋଗ ଆମର ଯାବତୀୟ ପୂର୍ବତନ ଜୀବନକୁ କେବଳ ଏହି ପରିବର୍ତ୍ତନ ଆଡ଼କୁହିଁ ଏକ ଅନିଚ୍ଛାକୃତ ତଥା ଅଚେତନ ଅଥବା ଅର୍ଦ୍ଧଚେତନ ପ୍ରସ୍ତୁତିମୂଳକ ବିକାଶରୂପେହିଁ ବିଚାର କରିଥାଏ, ଯୋଗ କହିଲେ ତାହା ଏହି ପରିବର୍ତ୍ତନଟିରହିଁ ଇଚ୍ଛାକୃତ ତଥା ସଚେତନ ପ୍ରୟାସ ଏବଂ ଉପଲବ୍ଧିକୁହିଁ ବୁଝିଥାଏ; ଏହି ପରିବର୍ତ୍ତନଟି ଦ୍ୱାରା ମନୁଷ୍ୟଜୀବନର ସକଳାଙ୍ଗ ସକଳ ଉଦ୍ଦେଶ୍ୟହିଁ ଆପଣାର ପରିପୂର୍ଣ୍ଣତା ଲାଭ କରେ, ପରିପୂର୍ଣ୍ଣତା ଲାଭ କରିବା ସଙ୍ଗେସଙ୍ଗେ ରୂପାନ୍ତରିତ ମଧ୍ୟ ହୋଇଯାଏ । ଏହି ଜଗତର ସେପାଖରେ ଅନ୍ୟ କେତେକେତେ ଜଗତରେ ଜଗଦତୀତ ସତ୍ୟ ଏବଂ ଜଗଦତୀତ ଜୀବନର ଅସ୍ତିତ୍ୱକୁ ପୂର୍ଣ୍ଣଯୋଗ ଅବଶ୍ୟ ସ୍ୱୀକାର କରେ, ମାତ୍ର ତହିଁ ସଙ୍ଗେସଙ୍ଗେ ତାହା ଏହି ପାର୍ଥିବ ଜଗତଟିକୁ ମଧ୍ୟ ସେହି ଗୋଟିଏ ଅସ୍ତିତ୍ୱରହିଁ ଏକ ଅବିଚ୍ଛିନ୍ନ ରୂପ ବୋଲି ସର୍ବଦା ସ୍ୱୀକାର କରୁଥାଏ ଏବଂ ଏହି ସଂସାରର ବ୍ୟକ୍ତିଗତ ତଥା ସାମାଜିକ ଜୀବନର ପରିବର୍ତ୍ତନକୁ ତାହାର ଦିବ୍ୟ ତାତ୍ପର୍ଯ୍ୟରହିଁ ଗୋଟିଏ ସ୍ୱର ବୋଲି ସ୍ୱୀକାର କରୁଥାଏ ।

ବିଶ୍ୱାତୀତ ପରମ ଭଗବାନଙ୍କ ଉଦ୍ଦେଶ୍ୟରେ ଆପଣାକୁ ଉନ୍ମୋଚିତ କରିଦେବା ହେଉଛି ଏହି ସମଗ୍ର ପରିପୂର୍ଣ୍ଣତା ଲାଭର ଏକ ଅତ୍ୟାବଶ୍ୟକ ସର୍ତ୍ତ, ଆପଣାକୁ ବିଶ୍ୱଗତ ପରମ ଦିବ୍ୟତାଟି ସହିତ ଏକତ୍ୱବଦ୍ଧ କରି ରଖିବା ମଧ୍ୟ ତାହାର ଆଉ ଗୋଟିଏ ଅତ୍ୟାବଶ୍ୟକ ସର୍ତ୍ତ । ଏହି ଭୂମିକୁ ଆସି ଆତ୍ମ-ପରିପୂର୍ଣ୍ଣତାର ଯୋଗ ଜ୍ଞାନ, କର୍ମ ତଥା ଭକ୍ତିର ଯୋଗଗୁଡ଼ିକ ସହିତ ଏକାବେଳକେ ମିଳି ଯାଇଥାଏ; କାରଣ, ସେହି ପରମ ସତ୍ତା, ପରମ ଚେତନା ଏବଂ ପରମ ଆନନ୍ଦଙ୍କ ସହିତ ସଂଯୁକ୍ତ ହୋଇ ନପାରିବା ଯାଏ ଏବଂ ପ୍ରତ୍ୟେକ ବସ୍ତୁ ତଥା ପ୍ରତ୍ୟେକ ଜୀବ ମଧ୍ୟରେ ଅବସ୍ଥିତ ତାଙ୍କର ସେହି ବିଶ୍ୱପ୍ରବିଷ୍ଟ

'oaob.nitrkl.ac.in' images reprocessed

ଆତ୍ମସତ୍ତାଟି ସହିତ ଏକତା ସ୍ଥାପନ କରି ନପାରିବା ଯାଏ ମନୁଷ୍ୟର ପ୍ରକୃତିକୁ ଏକ ଦିବ୍ୟ ପ୍ରକୃତିରୂପେ ବଦଳାଇ ଦେବା ବା ତାହାକୁ ଦିବ୍ୟ ଜ୍ଞାନ, ଦିବ୍ୟ ସଂକଳ୍ପ ଓ ଅସ୍ତିତ୍ୱଗତ ଦିବ୍ୟ ଆନନ୍ଦର ଏକ ସାଧନ ବା ଯନ୍ତ୍ରରୂପେ ତିଆରି କରିବା କଦାପି ସମ୍ଭବ ହେବ ନାହିଁ । ମନୁଷ୍ୟବ୍ୟକ୍ତି ସେହି ଦିବ୍ୟ ପ୍ରକୃତିକୁ କଦାପି ଏପରି ଏକ ସ୍ୱକୀୟ ଶକ୍ତିର ରୂପରେ ଉପଲବ୍ଧି କରିପାରିବ ନାହିଁ, ଯାହାକି ତାକୁ ଅନ୍ୟମାନଙ୍କଠାରୁ ପୃଥକ୍ କରି ରଖିଥିବ; ହଁ, ହୁଏତ ଏକଥା ସମ୍ଭବ ହୋଇପାରେ ଯେ ସେ ଏହାଦ୍ୱାରା ଏକ ଆତ୍ମ-ପ୍ରତ୍ୟାହୃତ ନିମଜ୍ଜନର ସ୍ଥିତିକୁ ଅବଶ୍ୟ ଲାଭ କରିପାରିବ । ମାତ୍ର ଯେପର୍ଯ୍ୟନ୍ତ ମନୁଷ୍ୟ ଏଠାରେ ଜୀବନ ଧରି ରହିଛି, ସେପର୍ଯ୍ୟନ୍ତ ଏହି ଏକତ୍ୱଲାଭ କଦାପି ଏକ ଅନ୍ତରତମ ଚିଦ୍‌ଗତ ଏକତ୍ୱ ହୋଇ ରହିପାରିବ ନାହିଁ, ଯାହାକି ମନ, ପ୍ରାଣ ତଥା ଶରୀରର ଭୂମିରେ ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ଦ୍ୱାରାହିଁ ଅଲଗା ହୋଇ ରହିଥିବ । ସମ୍ପୂର୍ଣ୍ଣ ପରିପୂର୍ଣ୍ଣତାଲାଭକୁ ଆମେ ଏହି ଚିଦ୍‌ଗତ ଏକତ୍ୱ ଦ୍ୱାରା ପ୍ରାପ୍ତ ବିଶ୍ୱ-ମନ, ବିଶ୍ୱ-ପ୍ରାଣ ତଥା ବିଶ୍ୱ-ରୂପାୟନ ସହିତ ମଧ୍ୟ ଏକତ୍ୱବଦ୍ଧ ହୋଇ ରହିବାର ଏକ ସମ୍ପଦ ବୋଲି କହିପାରିବା; ଏବଂ ବିଶ୍ୱ-ମନ, ବିଶ୍ୱ-ପ୍ରାଣ ଓ ବିଶ୍ୱ-ରୂପାୟନକୁ ଆମେ ସେହି ବିଶ୍ୱଗତ ସତ୍ତାରହିଁ ଅନ୍ୟ କେତୋଟି ସ୍ଥାୟୀ ରୂପ ବୋଲି ଜାଣିରଖିବା । ପୁନଶ୍ଚ, ଏହି ମନୁଷ୍ୟଜୀବନକୁ ମନୁଷ୍ୟ ମଧ୍ୟରେ ଅଭିବ୍ୟକ୍ତ ହୋଇ ରହିଥିବା ସେହି ପରମ ଦିବ୍ୟସ୍ୱରୂପଙ୍କରହିଁ ଏକ ଆତ୍ମପ୍ରକାଶ ବୋଲି ତଥାପି ସ୍ୱୀକାର କରାଯାଉଥିବାରୁ ଆମ ଜୀବନଟି ଉପରେ ସେହି ପୂର୍ଣ୍ଣ ଦିବ୍ୟ ପ୍ରକୃତିର ଏକ କ୍ରିୟା ଅବଶ୍ୟ ସଂଘଟିତ ହେଉଥିବ; ଏବଂ ଏହିଥିରୁହିଁ ସେହି ଅତିମାନସ ରୂପାନ୍ତରର ଆବଶ୍ୟକତାଟି ଆସି ମଧ୍ୟ ପହଞ୍ଚି ଯାଉଛି, ଯାହାକି ଆମର ଏହି ଉପରିସ୍ତରସ୍ଥ ପ୍ରକୃତିର ନାନାଦୋଷଯୁକ୍ତ କ୍ରିୟାଟିର ସ୍ଥାନରେ ଅଧ୍ୟାତ୍ମସତ୍ତାର ସ୍ୱଭାବପ୍ରବୃତ୍ତ ମୂଳ କ୍ରିୟାଟିକୁ ଆଣି ସଞ୍ଚାରିତ କରିଦେଇ ପାରିବ, ଏବଂ ସେଇ ଆଧ୍ୟାତ୍ମିକ ଆଦର୍ଶସ୍ଥିତି ଦ୍ୱାରା ଏହାର ମନୋମୟ, ପ୍ରାଣିକ ତଥା ଭୌତିକ ଅଂଶଗୁଡ଼ିକୁ ମଧ୍ୟ ଆଧ୍ୟାତ୍ମିକତା ଦ୍ୱାରା ସମ୍ପ୍ରେରିତ କରିଦେଇ ଯିବ, ସେଗୁଡ଼ିକୁ ରୂପାନ୍ତରିତ କରିଦେଇ ଯିବ । ଅର୍ଥାତ୍, ସେହି ପରମ ଦିବ୍ୟତାଟି ସହିତ ଏକ ମିଳନ ଉପଲବ୍ଧ ହେବ, ବିଶ୍ୱଗତ ଆତ୍ମସତ୍ତାଟି ସହିତ ମଧ୍ୟ ଏକ ମିଳନ ଉପଲବ୍ଧ ହେବ ଏବଂ ବିଶ୍ୱାତୀତ ସେହି ପରମ ମୂଳଟିରୁ ତଥା ଏହି ବିଶ୍ୱଗତତାର ମାଧ୍ୟମରେ ଏକ ଅତିମାନସ ଜୀବନ-କ୍ରିୟା ସମ୍ଭୂତ ହୋଇ ଆସିବ, ମାତ୍ର ତାହା ସେହି ବ୍ୟକ୍ତିରୁହିଁ ଆତ୍ମିକ ସଞ୍ଚରଣପଥ ତଥା ସ୍ୱଭାବିକ ସାଧନରୂପେ ତଥାପି ବ୍ୟବହାର କରୁଥିବ;—ଏହି ତିନୋଟିଯାକ ଉପାଦାନକୁହିଁ ଆମେ ମନୁଷ୍ୟସତ୍ତାର ସମଗ୍ର ଦିବ୍ୟ ପରିପୂର୍ଣ୍ଣତାଲାଭରେ ଯଥାର୍ଥ ସାରକଥା ବୋଲି ଜାଣିରଖିବା ।

'oaob.nitrkl.ac.in' images reprocessed

## ତୃତୀୟ ପରିଚ୍ଛେଦ

# ଆତ୍ମ-ପରିପୂର୍ଣ୍ଣତାର ମନୋବିଜ୍ଞାନ

ତେଣୁ ଏହି ଦିବ୍ୟ ଆତ୍ମ-ପରିପୂର୍ଣ୍ଣତାକୁ ଆମେ ସାରତଃ ମନୁଷ୍ୟପ୍ରକୃତିର ଦିବ୍ୟ ପ୍ରକୃତି ସହିତ ଏକ ସାଦୃଶ୍ୟ ତଥା ମୂଳଭୂତ ଏକତ୍ୱ ମଧ୍ୟକୁହିଁ ରୂପାନ୍ତରିତ ହୋଇଯିବା ବୋଲି କହିବା, ମନୁଷ୍ୟ ଭିତରେ ପରମେଶ୍ୱରଙ୍କର ଏକ ସଦୃଶ ମୂର୍ତ୍ତି ରୂପ ଦେବା ଏବଂ ତାହାର ଆଦର୍ଶ ରୂପରେଖଗୁଡ଼ିକୁ ପୂର୍ଣ୍ଣ କରି ଆଣିବା ବୋଲି ଜାଣିବା । ଏହାକୁହିଁ ସାଧାରଣତଃ ସାଦୃଶ୍ୟ-ମୁକ୍ତି ବୋଲି କୁହାଯାଇଥାଏ, ଅର୍ଥାତ୍ ଏହି ମନୁଷ୍ୟରୂପଧାରୀ ପ୍ରତୀତିଟିର ଶୃଙ୍ଖଳ ମଧ୍ୟରୁ ବାହାରି ସେହି ଦିବ୍ୟ ସାଦୃଶ୍ୟ ମଧ୍ୟକୁ ବିମୋଚିତ ହୋଇଯିବା ବୋଲି କୁହାଯାଇଥାଏ । ଅଥବା, ଗୀତାର ଭାଷା ବ୍ୟବହାର କରି ଏହାକୁ ସାଧର୍ମ୍ୟ-ଗତି ବୋଲି ମଧ୍ୟ କୁହାଯାଇ ପାରିବ; ଅର୍ଥାତ୍ ଯନ୍ତ୍ରର ବିଧାନକ୍ଷେତ୍ରରେ ସେହି ପରମ, ବିଶ୍ୱଗତ ତଥା ଅନ୍ତରଧିଷ୍ଠିତ ଦିବ୍ୟସ୍ୱରୂପଙ୍କ ସହିତ ଏକତ୍ୱ ଲାଭ କରିବା ବୋଲି କୁହାଯାଇ ପାରିବ । ଏହିଭଳି ଏକ ରୂପାନ୍ତରର କଳ୍ପନା କରିପାରିବା ଲାଗି ଏବଂ ତାହାକୁ ସମ୍ଭବ କରାଇ ପାରୁଥିବା ଆମର ମାର୍ଗଟି ବିଷୟରେ ଏକ ଯଥାର୍ଥ ଦୃଷ୍ଟି ଅର୍ଜନ କରିପାରିବା ଲାଗି ଆମକୁ ମନୁଷ୍ୟର ପ୍ରକୃତିରୂପୀ ସେହି ଜଟିଳ ବସ୍ତୁଟି ବିଷୟରେ ପ୍ରଥମେ ଏକ କାର୍ଯ୍ୟକାରୀ ଧାରଣା ତିଆରି କରିନେବାକୁ ହେବ; ଆପଣାର ବିବିଧ ତତ୍ତ୍ୱର ଅସ୍ତବ୍ୟସ୍ତ ମିଶ୍ରଣଟି ଭିତରେ ବର୍ତ୍ତମାନ ମନୁଷ୍ୟର ପ୍ରକୃତି ଯେପରି ନାନା ଭାବରେ ଛନ୍ଦି ହୋଇ ରହିଛି, ସେଇଟି ବିଷୟରେ ଏକ କାର୍ଯ୍ୟକାରୀ ଧାରଣା ତିଆରି କରିବାକୁ ହେବ, ଯେପରିକି, ସେହି ପ୍ରକୃତିର ପ୍ରତ୍ୟେକଟି ଅଂଶକୁ ଯେଉଁଭଳି ରୂପାନ୍ତରର ମଧ୍ୟଦେଇ ଗତି କରିବାକୁ ହେବ ଏବଂ ଏହି ରୂପାନ୍ତରଟି ଲାଗି କେଉଁଟି ପ୍ରକୃତରେ ସର୍ବୋତ୍କୃଷ୍ଟ ସାଧନରୂପେ ବ୍ୟବହୃତ ହୋଇପାରିବ, ସେଗୁଡ଼ିକୁ ଆମେ ସ୍ପଷ୍ଟ ଭାବରେ ଦେଖିବା ଲାଗି ସମର୍ଥ ହୋଇ ପାରିବା । ଏହି ମନନସମର୍ଥ ବିନାଶଶୀଳ ଜଡ଼ଶରୀରର ଗଣ୍ଠିଟି ଭିତରୁ ତା' ଭିତରେ ଥିବା ସେହି ପରମ ଅବିନାଶୀ ସତ୍ତାଟିକୁ କିପରି ଉନ୍ମୁକ୍ତ କରି ନିଆଯାଇ ପାରିବ, ମାନସଭାବର ସମର୍ଥ ଏହି ପ୍ରାଣପ୍ରଧାନ ପଶୁଭୂମିସ୍ଥ ମନୁଷ୍ୟ ଭିତରୁ ତା'ରି

'oaob.nitrkl.ac.in' images reprocessed

ମଧ୍ୟରେ ନିମଗ୍ନ ଅବସ୍ଥାରେ ରହିଥିବା ତା'ର ସେହି ପରମ ଦେବତ୍ୱର ସୂଚନାଗୁଡ଼ିକର ସୁଖଦାୟୀ ପୂର୍ଣ୍ଣ ସ୍ଫୁର୍ତ୍ତିଟିକୁ କିପରି ମୁକୁଳାଇ ନିଆଯାଇ ପାରିବ, ତାହାହିଁ ହେଉଛି ଏକ ମନୁଷ୍ୟସତ୍ତ୍ୱା ତଥା ମନୁଷ୍ୟଜୀବନର ଯଥାର୍ଥ ସମସ୍ୟା । ବିବର୍ତ୍ତନର ପ୍ରଥମକାଳୀନ କେତେକେତେ ସୂଚନାକୁ ଜୀବନ ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚିତ କରିଦିଏ ନାହିଁ ସତ, ମାତ୍ର ସେଗୁଡ଼ିକୁ ସେ ଅବଶ୍ୟ ବିକଶିତ କରାଇ ଆଣିଥାଏ; ଏବଂ ଯୋଗହିଁ ଜୀବନର ଏହି ଅସୁବିଧାରୂପୀ ଗଣ୍ଠିଟିର ଉନ୍ମୋଚନରୂପେ ଆସି ଆବିର୍ଭୂତ ହୁଏ ।

ଯେଉଁ ମନୋବୈଜ୍ଞାନିକ ଜଟିଳତାଟି ଏହି ସମସ୍ୟା ତଥା ଏହାର ଯାବତୀୟ ଅସୁବିଧାଗୁଡ଼ିକର ସୃଷ୍ଟି କରିଥାଏ, ପ୍ରଥମେ ଆମକୁ ତାହାର କେନ୍ଦ୍ରସ୍ଥ ରହସ୍ୟଟି ସମ୍ବନ୍ଧରେ ଯଥୋଚିତ ଜ୍ଞାନ ଲାଭ କରିବାକୁ ହେବ । ମାତ୍ର ଯେଉଁ ଚିରାଚରିତ ଓ ସାଧାରଣସ୍ୱୀକୃତ ମନୋବିଜ୍ଞାନ କେବଳ ମନ ତଥା ମାନସିକ ସକଳ ପ୍ରତ୍ୟୟସବୁର ଉପରଭାଗଟାକୁହିଁ ସେଗୁଡ଼ାକର ବିଚାର କରୁଥାଏ, ତାହା ଏହି କ୍ଷେତ୍ରରେ ଆମର ଆଦୌ କୌଣସି କାମରେ ଲାଗିପାରିବ ନାହିଁ; ଆତ୍ମ-ଅନ୍ୱେଷଣ ଏବଂ ଆତ୍ମ-ରୂପାନ୍ତରର ଏହି ପଥରେ ତାହା ଆମକୁ ଏତେଟିକିଏ ହେଲେ ବି ମାର୍ଗଦର୍ଶନ ଦେଇପାରିବ ନାହିଁ । ପ୍ରାକୃତ ବିଜ୍ଞାନ ଉପରେହିଁ ନିର୍ଭର କରି ଆପଣା ସୂତ୍ରଗୁଡ଼ିକର ନିର୍ଦ୍ଧାରଣ କରୁଥିବା ଯେଉଁ ମନୋବିଜ୍ଞାନଟି ଆମର ଏହି ଦେହଟାକୁ ଏବଂ ଆମ ପ୍ରକୃତିର ଜୀବବିଜ୍ଞାନଗତ ତଥା ଶରୀରକ୍ରିୟାସମ୍ବନ୍ଧୀ ତତ୍ତ୍ୱଗୁଡ଼ିକ ଆମ ଅନୁସନ୍ଧାନର କେବଳ ଏକ ପ୍ରଥମ ଯାତ୍ରା-ବିନ୍ଦୁ ନୁହେଁ, ମାତ୍ର ଆମର ସମୁଦାୟ ପ୍ରକୃତ ଭିତ୍ତି ବୋଲି ଘୋଷଣା କରୁଥିବା ଜଡ଼ବାଦୀ ଦୃଷ୍ଟିଭଙ୍ଗୀଟିକୁ ମାନି ନେଇଥାଏ ଏବଂ ମନୁଷ୍ୟର ମନକୁ ପ୍ରାଣ ତଥା ଶରୀର ମଧ୍ୟରୁ ଉଦ୍‌ଭୂତ ହୋଇ ଆସିଥିବା କେବଳ ଏକ ସୂକ୍ଷ୍ମ ବିବର୍ତ୍ତନ ବୋଲି ସ୍ୱୀକାର କରେ, ଆମକୁ ଯଥାର୍ଥ ବାଟଟି ଦେଖାଇ ପାରିବାରେ ତାହା ଆହୁରି କମ୍ ସହାୟକ ହୋଇଥାଏ । ମନୁଷ୍ୟର ପ୍ରକୃତି ତଥା ମନୁଷ୍ୟର ମନ ଭିତରେ ଯେଉଁ ଇତରପ୍ରାଣୀର ଭାଗଟି ରହିଛି ଏବଂ ଯେଉଁପାଏ ମନୁଷ୍ୟର ମନ ଓ ପ୍ରକୃତି ଆମ ସତ୍ତାର ଜଡ଼ସ୍ଥ ଅଂଶଟି ଦ୍ୱାରା ସୀମାବଦ୍ଧ ଓ ପ୍ରଭାବିତ ହୋଇ ରହିଥାଏ, ସେପର୍ଯ୍ୟନ୍ତ ଆମେ କେବଳ ତାହାକୁହିଁ ବାସ୍ତବ ସତ୍ତା ବୋଲି ଗ୍ରହଣ କରିନେଇ ପାରିବା । ମାତ୍ର ମନୁଷ୍ୟ ତଥା ଇତରପ୍ରାଣୀ ମଧ୍ୟରେ ରହିଥିବା ସମୁଦାୟ ପାର୍ଥକ୍ୟଟି ହେଉଛି ଯେ, ଇତରପ୍ରାଣୀର ମନୋଭୂମିଟିକୁ ଆମେ ଏପର୍ଯ୍ୟନ୍ତ ଯେଉଁପରି ଭାବରେ ଜାଣିଛୁ, ତାହା ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଆପଣାର ମୂଳସ୍ଥ ଭୂମିଗୁଡ଼ିକରୁ ବାହାରି ଚାଲିଯାଇ ପାରିବ ନାହିଁ, ଏହି ଆବରଣଟିକୁ ଭାଙ୍ଗି ବାହାରି ପାରିବ ନାହିଁ, ଶରୀରଗତ ଜୀବନ ଆତ୍ମାର ଚାରିପାଖରେ ଯେଉଁ ନିବିଡ଼ ଖୋଳଟିକୁ ବୁଣିକରି ରଖିଛି, ସେଇଟିକୁ ସେ ଲଙ୍ଘିଦେଇ ପାରିବ ନାହିଁ; ଏବଂ ତଦ୍ଦ୍ୱାରା ତାହା ବର୍ତ୍ତମାନ ଯେତିକି ହୋଇ ରହିଛି, ତାହାଠାରୁ ଆଉ ଅଧିକ କିଛି କଦାପି ହୋଇ

'oaob.nitrkl.ac.in' images reprocessed

ପାରିବ ନାହିଁ, ଆପଣାକୁ ଏକ ମୁକ୍ତତର, ବିଶାଳତର ତଥା ମହାନତର ସତ୍ତାରେ କଦାପି ପରିଣତ କରିପାରିବ ନାହିଁ । ମାତ୍ର ମନୁଷ୍ୟର ଭୂମିକୁ ଆସି ମନ ଆପଣାକୁ ଏକ ବୃହତ୍ତର ଶକ୍ତିସମ୍ପନ୍ନତାରୂପେ ଉଦ୍‌ଘାଟିତ କରି ଦେଇଥାଏ, ଏବଂ ସତ୍ତାର ସେହି ପ୍ରାଣିକ ଏବଂ ଭୌତିକ ପ୍ରକୃତିର ସୀମାଗୁଡ଼ିକ ମଧ୍ୟରୁ ମୁକୁଳି ବାହାରିଆସେ । ମାତ୍ର ଏତିକି ମଧ୍ୟ ମନୁଷ୍ୟର କଦାପି ସଂପୂର୍ଣ୍ଣ ପରିଚୟ ନୁହେଁ; ମଣିଷ ଆହୁରି ଯାହାକିଛି ହୋଇପାରିବ, ଏତିକି ମଧ୍ୟରେ ତାହା କଦାପି ସୀମାବଦ୍ଧ ନୁହେଁ । ଆପଣା ଭିତରେ ଏକ ଆହୁରି ବୃହତ୍ତର ଆଦର୍ଶ ଶକ୍ତିସମ୍ପନ୍ନତାକୁ ବିବର୍ତ୍ତିତ ଏବଂ ଉନ୍ମୋଚିତ କରି ଆଣିବା ଲାଗି ମନୁଷ୍ୟର ଏକ ସାମର୍ଥ୍ୟ ରହିଛି, ସେହି ବୃହତ୍ତର ଶକ୍ତିସମ୍ପନ୍ନତା ପୁଣି ତା' ପ୍ରକୃତିର ମନୋଗତ ପ୍ରକୃତିର ବାଡ଼ ଭିତରୁ ମଧ୍ୟ ମୁକ୍ତ ହୋଇ ବାହାରିଯାଇ ପାରୁଛି, ଏବଂ ଆପଣାର ଅତିମାନସ ରୂପାୟନଟିକୁ ଅର୍ଥାତ୍ ଏକ ଚିଦ୍‌ଗତ ସତ୍ତାର ଆଦର୍ଶ ଶକ୍ତିମତ୍ତାଟିକୁ ମଧ୍ୟ ଉଦ୍‌ଘାଟିତ କରିଦେଉଛି । ଯୋଗର ସ୍ୱରଣାକ୍ଷେତ୍ରରେ ଆମକୁ ସେହି ନିକୃଷ୍ଟ ପ୍ରକୃତି ତଥା ଉପରିଭାଗସ୍ଥ ମଣିଷଟିର ସୀମାକୁ ଅତିକ୍ରମ କରି ଆହୁରି ଅଗ୍ରସର ହୋଇଯିବାକୁ ପଡ଼ିବ ଏବଂ ପ୍ରକୃତ ମନୁଷ୍ୟଟିର ସମୁଦାୟ ପ୍ରକୃତିର କ୍ରିୟାଗୁଡ଼ିକୁ ଆବିଷ୍କାର କରିବାକୁ ପଡ଼ିବ । ଅର୍ଥାତ୍, ଆମକୁ ଏକ ଚିଦ୍‌ଗତ ଭିତ୍ତି ଦ୍ୱାରା ସବଳିତ ଏକ ମନୋଭୌତିକ ଜ୍ଞାନର ଭୂମିରେ ଯାଇ ପହଞ୍ଚିବାକୁ ପଡ଼ିବ ଓ ତାହାକୁ କାର୍ଯ୍ୟରେ ଲଗାଇ ପାରିବାକୁ ପଡ଼ିବ ।

ମନୁଷ୍ୟର ଯଥାର୍ଥ ସ୍ୱରୂପରେ ସେ ହେଉଛି ଏକ ଆତ୍ମା ବା ଏକ ଚିଦ୍‌ଗତତା, ଯିଏକି ଆପଣାର ଏକ ବ୍ୟକ୍ତିଗତ ତଥା ସାମୂହିକ ଅନୁଭୂତି ଲାଗି ଏବଂ ଏହି ବିଶ୍ୱଭୁବନରେ ଆପଣାକୁ ପ୍ରକଟ କରିପାରିବା ଲାଗି ମନ, ପ୍ରାଣ ତଥା ଶରୀରକୁ ସାଧନରୂପେ ବ୍ୟବହାର କରିବାରେ ଲାଗିଛି । ଆମର ବର୍ତ୍ତମାନ ବୋଧଶକ୍ତି ଏବଂ ଆତ୍ମ-ଚେତନା ଲାଗି ଏହି ସତ୍ୟଟି ଯେତେବେଶୀ ଅସ୍ପଷ୍ଟ ବୋଲି ପ୍ରତୀତ ହେଉଥିଲେ ମଧ୍ୟ ଆମର ଯୋଗଗତ ପ୍ରୟୋଜନଟି ସକାଶେ ଆମକୁ ଏଥିରେ ବିଶ୍ୱାସ କରିବାକୁହିଁ ପଡ଼ିବ; ଏବଂ ତା'ପରେ ଆମେ ବେଶ୍ ଦେଖିବାକୁ ପାଇବା ଯେ ଆମର କ୍ରମବର୍ଦ୍ଧମାନ ଅନୁଭୂତି ତଥା ଏକ ବୃହତ୍ତର ଆତ୍ମଜ୍ଞାନ ଆମ ବିଶ୍ୱାସଟିର ଔଚିତ୍ୟକୁ ସମ୍ପୂର୍ଣ୍ଣ ଭାବରେ ପ୍ରମାଣ କରିଦେଇ ଯାଉଛନ୍ତି । ଏହି ଆତ୍ମା ହେଉଛି ଯଥାର୍ଥତଃ ଏକ ଅନନ୍ତ ଅସ୍ତିତ୍ୱ, ଏବଂ କେବଳ ବ୍ୟକ୍ତିଗତ ଅନୁଭବର ଆସ୍ୱାଦନ ଲାଗିହିଁ ତାହା ପ୍ରାତିସ୍ୱିକ ସତ୍ତାଟି ମଧ୍ୟରେ ଆପଣାକୁ ସୀମାସଙ୍କୁଚିତ କରି ରଖିଛି । ଏକ ଅନନ୍ତସ୍ଥାନ ଚେତନାରୂପେ ତାହା ବିଭିନ୍ନ ଜ୍ଞାନ ଓ ସତ୍ତାଗତ ବିବିଧ ସାମର୍ଥ୍ୟର ଆନନ୍ଦ ସକାଶେହିଁ ଆପଣାକୁ ଅନ୍ତବିଶିଷ୍ଟ ଚେତନାର ନାନା ରୂପରେ ନିରୂପିତ କରିଦେବାରେ ଲାଗିଛି । ସେହି ଆତ୍ମା ହେଉଛି ସତ୍ତାର ଏକ ଅନନ୍ତ ଆନନ୍ଦ, ଯାହାକି ଆପଣାକୁ ଓ ଆପଣାର କେତେକେତେ ସମର୍ଥତାକୁ ପ୍ରସାରିତ ତଥା ସଙ୍କୁଚିତ କରିଦେବାରେ ଲାଗିଛି,

'oaob.nitrkl.ac.in' images reprocessed

ଆପଣାକୁ କେତେପ୍ରକାରେ ପ୍ରଚ୍ଛନ୍ନ କରି ରଖିଛି ଓ କେତେପ୍ରକାର ଅବସ୍ଥାରେ ମଧ୍ୟ ଆପଣାକୁ ପ୍ରେରିତ କରି ରଖିଛି; ଆପଣା ସତ୍ତାଗତ ଆନନ୍ଦର ବହୁବିଧ ଭୂମିକୁ ରୂପ ଦେବାରେ ଲାଗିଛି, ଏପରିକି ଏହି ପ୍ରତିସ୍ଥିତିରେ ତାହା ଆପଣାର ପ୍ରକୃତିକୁ ପ୍ରତ୍ୟକ୍ଷତଃ ଆଚ୍ଛନ୍ନ କରି ରଖିଦେଉଛି ଏବଂ ତାହାକୁ ନଷ୍ଟିକ ବି କରିରଖୁଛି । ସ୍ୱକୀୟ ସ୍ୱରୂପର ଭୂମିରେ ତାହା ପ୍ରକୃତରେ ସେହି ଚିରନ୍ତନ ସଚ୍ଚିଦାନନ୍ଦଙ୍କ ବ୍ୟତୀତ ଆଉ କିଛି ନୁହେଁ, ମାତ୍ର ବିଶ୍ୱସୃଷ୍ଟ ତଥା ବ୍ୟକ୍ତିଗତ ପ୍ରକୃତି ମଧ୍ୟକୁ ଆସି ଆମେ ତାହାକୁ ଏହିପରି ଏକ ଜଟିଳତାକୁ ଗ୍ରହଣ କରି ନେଉଥିବାର ଦେଖିବାକୁ ପାଉଛୁ; ସାନ୍ତ ଭିତରେ ଅନନ୍ତକୁ ତାହା ସଚେତଅବା ଗଣ୍ଠିଟିଏ ପକାଇ ରଖିଦେଉଛି ଏବଂ ପୁଣି ତାକୁ ସେହି ଗଣ୍ଠି ଭିତରୁ ଖୋଲି ବାହାର କରିଦେଉଛି । ଆମର ଭିତରେ ଏହି ଶାଶ୍ୱତ ସଚ୍ଚିଦାନନ୍ଦଙ୍କର ଅର୍ଥାତ୍ ଆମ ସତ୍ତାର ଏହି ପ୍ରକୃତ ଆତ୍ମାଟିର ପରିଚୟ ଲାଭ କରିବା ଏବଂ ତାହାରି ମଧ୍ୟରେହିଁ ଜୀବନ ବଞ୍ଚିବା,—ଆମେ ତାହାକୁହିଁ ଆଧ୍ୟାତ୍ମିକ ସିଦ୍ଧିର ସୁଦୃଢ଼ ଆଧାରଟି ବୋଲି ଜାଣିବା; ଆପଣାର ଯଥାର୍ଥ ପ୍ରକୃତିଟିକୁ ପ୍ରତ୍ୟକ୍ଷ ରୂପେ ପ୍ରକଟ କରିଦେଇ ତାହାକୁ ଆପଣାର ସାଧନଗୁଡ଼ିକରେ ଅର୍ଥାତ୍ ଅତିମାନସ, ମନ, ପ୍ରାଣ ଏବଂ ଏହି ଶରୀରରେ ଏକ ଦିବ୍ୟ ଜୀବନସ୍ରୋତର ସୃଷ୍ଟି କରିପାରିବା ଲାଗି ସମର୍ଥ କରିଦେବା,—ଆମେ ତାହାକୁହିଁ ଏକ ଆଧ୍ୟାତ୍ମିକ ପରିପୂର୍ଣ୍ଣତାଲାଭର କ୍ରିୟାତ୍ମକ ସିଦ୍ଧାନ୍ତ ବୋଲି ଜାଣିରଖିବା ।

ଅତିମାନସ, ମନ, ପ୍ରାଣ ଏବଂ ଶରୀର,—ପ୍ରାକୃତ ସାବୟବ କ୍ରିୟାତ୍ମକତାର ଭୂମିରେ ଆପଣାକୁ ବ୍ୟକ୍ତ କରିଦେବା ପାଇଁ ଆତ୍ମା ଏହି ଚାରୋଟି ସାଧନକୁହିଁ କାର୍ଯ୍ୟରେ ଲଗାଇଥାଏ । ଅତିମାନସ ଏକ ଅଧ୍ୟାତ୍ମଚେତନା ହୋଇ ରହିଥାଏ ଏବଂ ଆପଣାର ସ୍ୱକୀୟ ଆନନ୍ଦ ଏବଂ ସତ୍ତାର ଏକ ଆତ୍ମ-ଆଲୋକନଯୁକ୍ତ ଜ୍ଞାନ, ସଙ୍କଳ୍ପ, ବୋଧ, ସୌନ୍ଦର୍ଯ୍ୟଗ୍ରାହିତା, ଶକ୍ତିମତ୍ତା ତଥା ଆତ୍ମସୃଜନଶୀଳ ଓ ଅନାବରଣକାରୀ ସାମର୍ଥ୍ୟରୂପେ ତାହା କାର୍ଯ୍ୟ କରିବାରେ ଲାଗିଥାଏ । ଆମର ମନଟି ବି ଠିକ୍ ସେହି ଶକ୍ତିଗୁଡ଼ିକରହିଁ କ୍ରିୟା ହୋଇ ରହିଥାଏ, ମାତ୍ର ଆପଣାର ସଞ୍ଚରଣଭୂମିରେ ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଥାଏ ଏବଂ କେବଳ ଅତ୍ୟନ୍ତ ପରୋକ୍ଷ ଏବଂ ଆଂଶିକ ସ୍ତରରେ ତାହା ଆଲୋକିତ ହୋଇ ରହିଥାଏ । ଅତିମାନସ ଏକତ୍ୱ ମଧ୍ୟରେହିଁ ପ୍ରତିଷ୍ଠିତ ରହିଥାଏ ଓ ବିବିଧତା ଓ ବହୁବିଚିତ୍ରତାକୁ ନେଇ କ୍ରୀଡ଼ା କରୁଥାଏ । ମନ କେବଳ ବିବିଧତାରହିଁ ଏକ ବିଚ୍ଛିନ୍ନତାଧର୍ମୀ କ୍ରିୟା ଭିତରେ ବାସ କରୁଥାଏ; ଅବଶ୍ୟ ଏକଥା ସତ ଯେ ଏକତା ମଧ୍ୟକୁ ଉନ୍ମୋଚିତ ହୋଇଯିବାକୁ ମଧ୍ୟ ତା' ଭିତରେ ଏକ ସମ୍ଭାବନା ରହିଥାଏ । ମନ ଭିତରେ କେବଳ ଅଜ୍ଞାନ ଲାଗି ଯେ ଏକ ସାମର୍ଥ୍ୟ ରହିଥାଏ ତା' ନୁହେଁ, ମାତ୍ର, ତାହା ସର୍ବଦା କେବଳ ଆଂଶିକ ଓ ସୀମାବଦ୍ଧ ସ୍ତରରେହିଁ

'oaob.nitrkl.ac.in' images reprocessed

କାର୍ଯ୍ୟ କରୁଥିବାରୁ ତାହା ସ୍ୱଭାବତଃ ସେହି ଅଜ୍ଞାନରହିଁ ଏକ ଶକ୍ତିରୂପେ କାର୍ଯ୍ୟ କରୁଥାଏ । ଏକ ସମ୍ପୂର୍ଣ୍ଣ ନିଶ୍ଚେତନା ବା ନିର୍ଜ୍ଞାନ ମଧ୍ୟରେ ମନ ଆପଣାକୁ ହଜାଇ ନ ଦେଇପାରେ ଓ ହଜାଇ ଦେଇଥାଏ, ସେଥିମଧ୍ୟରୁ ଏକ ଆଂଶିକ ଜ୍ଞାନର ଅଜ୍ଞାନତା ମଧ୍ୟକୁ ଜାଗ୍ରତ ହୋଇଉଠେ ଏବଂ ଅଜ୍ଞାନ ମଧ୍ୟରୁ ଏକ ପୂର୍ଣ୍ଣ ଜ୍ଞାନ ଉଦ୍ଦେଶ୍ୟରେ ଅଗ୍ରସର ହେଉଥାଏ । ମନୁଷ୍ୟର ଭୂମିଟିରେ ମନ ପ୍ରକୃତିପ୍ରେରିତ ଭାବରେ ଏହି ସବୁକିଛୁ କରିପାରେ ଓ ବସ୍ତୁତଃ ସବୁକିଛୁ କରୁଥାଏ, ମାତ୍ର କେବଳ ଆପଣା ଉପରେହିଁ ନିର୍ଭର କରି ତାହା କଦାପି ଏକ ପୂର୍ଣ୍ଣ ଜ୍ଞାନର ଅଧିକାରୀ ହୋଇପାରେ ନାହିଁ । ଅତିମାନସଠାରେ ଅଜ୍ଞାନ ସକାଶେ ଆଦୌ କୌଣସି ସାମର୍ଥ୍ୟ ନାହିଁ; ଏପରିକି ଆପଣାର ପୂର୍ଣ୍ଣ ଜ୍ଞାନଟିକୁ ଏକ ବିଶେଷ କୌଣସି କ୍ରିୟାତ୍ମକତାର ସୀମାଟି ଭିତରେ ପଛରେ ରଖିଥିଲେ ମଧ୍ୟ ତାହାର ଯାବତୀୟ କ୍ରିୟାତ୍ମକତା ସେ ତାହାର ପଛରେ ରଖିଥିବା ଯଥାର୍ଥ ବସ୍ତୁଟି ଦ୍ୱାରାହିଁ ସତତ ପ୍ରେରିତ ହୋଇ ରହିଥାଏ ଏବଂ ସବୁକିଛୁ ସେହି ଆତ୍ମ-ଆଲୋକନ ଦ୍ୱାରାହିଁ ଅନୁପ୍ରାଣିତ ହୋଇ ରହିଥାଏ । ଏପରିକି ଆପଣାକୁ ଜଡ଼ଗତ ନିର୍ଜ୍ଞାନଟି ମଧ୍ୟରେ ସଂବୃତ କରି ରଖିଥିବା ଅବସ୍ଥାରେ ମଧ୍ୟ ଅତିମାନସ ସେଠାରେ ତଥାପି ଅତ୍ୟନ୍ତ ନିର୍ଭୁଲ ଭାବରେ ଏକ ପରିପୂର୍ଣ୍ଣ ସଂକଳ୍ପ ତଥା ପରିପୂର୍ଣ୍ଣ ଜ୍ଞାନରହିଁ କ୍ରିୟାଗୁଡ଼ିକୁ କରିବାରେ ଲାଗିଥାଏ । ନିମ୍ନତର ସାଧନ-ଗୁଡ଼ିକର କ୍ରିୟାରେ ମଧ୍ୟ ଅତିମାନସ ସହାୟକରୂପେ ଉପସ୍ଥିତ ରହିଥାଏ, ସେଗୁଡ଼ିକର ସକଳ କ୍ରିୟାର ଏକ ପ୍ରଚ୍ଛନ୍ନ ଅବଲମ୍ବନ ହୋଇ ତାହା ସେହି ହୃଦ୍ଦେଶରେ ବସ୍ତୁତଃ ସର୍ବଦାହିଁ ବିଦ୍ୟମାନ ରହିଥାଏ । ଜଡ଼ ଭିତରେ ତାହା ଏକ ସ୍ୱୟଂକ୍ରିୟ କ୍ରିୟା ହୋଇ ରହିଥାଏ ଏବଂ ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଗୁପ୍ତ 'ଜ୍ଞାନ'ଟିକୁ କାର୍ଯ୍ୟକାରୀ କରିବାରେ ଲାଗିଥାଏ; ପ୍ରାଣର ଭୂମିରେ ତାହା ସବୁଠାରୁ ଅଧିକ ବୋଧଗ୍ରାହ୍ୟ ଭାବରେ ସହଜାତ ପ୍ରବୃତ୍ତିର ରୂପ ଧାରଣ କରିଥାଏ, ସହଜାତ ପ୍ରବୃତ୍ତି ଦ୍ୱାରା ଚାଳିତ ଏକ ଅବଚେତନ ଅଥବା ଆଂଶିକ ଭାବରେ ଅବଚେତନ ଜ୍ଞାନ ତଥା କ୍ରିୟାତ୍ମକତା ହୋଇ ରହିଥାଏ । ମନର କ୍ଷେତ୍ରରେ ଅତିମାନସ ଆପଣାକୁ ବୋଧିରୂପେ ପ୍ରକଟ କରିଦିଏ, ଅର୍ଥାତ୍ ବୁଦ୍ଧି, ଇଚ୍ଛା, ବୋଧ ଏବଂ ସୌନ୍ଦର୍ଯ୍ୟ-ଗ୍ରାହିତାର ଏକ ଦ୍ରୁତ, ଅପରୋକ୍ଷ ଏବଂ ଆପଣାର କାର୍ଯ୍ୟଟିକୁ ଆପେ ସାଧିତ କରୁଥିବା ଆଲୋକନରୂପେ ପ୍ରକଟ କରିଦିଏ । ମାତ୍ର ଏଗୁଡ଼ିକୁ ଆମେ ଯଥାର୍ଥରେ କେବଳ ସେହି ଅତିମାନସରହିଁ ନାନା ଦୀପ୍ତି ବା ବିକିରଣ ବୋଲିହିଁ କହିପାରିବା, ଯେଉଁଗୁଡ଼ିକ କି ଅସ୍ପଷ୍ଟତର ଉପାଦାନଗୁଡ଼ିକର ସେହି ସୀମାବଦ୍ଧ କ୍ରିୟାତ୍ମକତାଟି ସହିତ ଆପଣାକୁ ଅନୁକୂଳିତ କରି ରଖିଥାନ୍ତି । ଆପଣାର ସ୍ୱକୀୟ ସ୍ୱଭାବଗତ ପ୍ରକୃତିରେ ଅତିମାନସ ବିଜ୍ଞାନମୟ ହୋଇ ରହିଥାଏ, ମନ, ପ୍ରାଣ ଓ ଦେହ ସକାଶେ ଅତିଚେତନ ହୋଇ ରହିଥାଏ । ଅତିମାନସ ବା ବିଜ୍ଞାନ ହେଉଛି ଆତ୍ମାର, ଅର୍ଥାତ୍

ଆପଣାର ସ୍ୱଭାବ ସତ୍ସ୍ୱରୂପରେ ସ୍ଥିତ ଆତ୍ମାରହିଁ ଏକ ସ୍ୱଭାବସିଦ୍ଧ, ସଚେତନଯୁକ୍ତ ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ କ୍ରିୟା ।

ପ୍ରାଣ ହେଉଛି ଆତ୍ମାର ଗୋଟିଏ ଶକ୍ତି, ଯାହାକି ମନ ଏବଂ ଶରୀରର କ୍ରିୟାର ଅଧୀନ ହୋଇ ରହିଛି, ମନୋମୟତା ତଥା ଦେହଗତତା ମଧ୍ୟଦେଇ ଆପଣାକୁ ଚରିତାର୍ଥ କରୁଛି ଏବଂ ସେମାନଙ୍କ ଭିତରେ ଏକ ସଂଯୋଜକ ପର୍ବ ହୋଇ କାର୍ଯ୍ୟ କରୁଛି । ଏହାର ଆପଣାର ଏକ ସ୍ୱକୀୟ ସ୍ୱଭାବଗତ କ୍ରିୟାତ୍ମକତା ରହିଛି ସତ, ମାତ୍ର କୌଣସିଠାରେ ମଧ୍ୟ ତାହା ମନ ଏବଂ ଶରୀରଠାରୁ ସ୍ୱତନ୍ତ୍ର ରହି କାର୍ଯ୍ୟ କରୁ ନାହିଁ । କ୍ରିୟାଶୀଳ ଆତ୍ମାର ଯାବତୀୟ ଶକ୍ତିମତ୍ତା ସତ୍ତା ଏବଂ ଚେତନା ଏହି ଦୁଇଟି ଭୂମିରେହିଁ କାର୍ଯ୍ୟ କରିବାରେ ଲାଗିଛି; ସତ୍ତାର ଆତ୍ମ-ରୂପାୟନ ଏବଂ ଚେତନାର ଲୀଳା ତଥା ଆତ୍ମ-ଉପଲବ୍ଧି ଲାଗି ତାହା କାର୍ଯ୍ୟ କରୁଛି, ସତ୍ତାର ଆନନ୍ଦ ତଥା ଚେତନାର ଆନନ୍ଦ ଲାଗି ତାହା କାର୍ଯ୍ୟ କରିବାରେ ଲାଗିଛି । ଆମର ଏହି ବର୍ତ୍ତମାନ ଅବସ୍ଥାରେ ଆମେ ସତ୍ତାର ଯେଉଁ ନିମ୍ନତର ସ୍ଥିତଟିରେ ବାସ କରୁଛୁ, ସେଠାରେ ଆତ୍ମାର ପ୍ରାଣିକ ଶକ୍ତି ମନ ଓ ଜଡ଼ ଏହି ଦୁଇ ଭୂମିର ମଧ୍ୟରେ ଅବସ୍ଥିତ ରହି କାର୍ଯ୍ୟ କରୁଛି, ଜଡ଼ୋପାଦାନର ରୂପାୟନଗୁଡ଼ିକୁ ଧାରଣ କରି ରଖିଛି ଓ ସେଗୁଡ଼ିକୁ ନିର୍ମାଣ ବି କରୁଛି; ତାହା ଏକ ଭୌତିକ ଶକ୍ତିର ରୂପରେ କାର୍ଯ୍ୟ କରୁଛି, ମନଶ୍ଚେତନାର ରୂପାୟନଗୁଡ଼ିକୁ ତଥା ମନୋମୟ ସାମର୍ଥ୍ୟର ଯାବତୀୟ କ୍ରିୟାକୁ ଧାରଣ କରି ରଖିଛି, ମନ ତଥା ଶରୀରର ପାରସ୍ପରିକ କ୍ରିୟାଟିକୁ ଧାରଣ କରି ରହିଛି ଏବଂ ଏକ ସମ୍ବେଦକ ତଥା ସ୍ନାୟବିକ ଶକ୍ତିରୂପେ ମଧ୍ୟ କାର୍ଯ୍ୟ କରୁଛି । ଯାହାକୁ ଆମେ ପ୍ରାଣ ବୋଲି କହୁଛୁ, ତାହା ହେଉଛି ସେହି ଚେତନ ସତ୍ତାର ଏପରି ଏକ ଶକ୍ତି ଯାହାକି ଆମର ଏହି ସାଧାରଣ ମାନବଜୀବନର ଉଦ୍ଦେଶ୍ୟ ସାଧନ ଲାଗି ଜଡ଼ତ୍ୱ ମଧ୍ୟରୁ ପ୍ରକଟ ହୋଇ ଆସୁଛି, ଏହାର ଭିତରୁ ଓ ଏହାର ମଧ୍ୟରେହିଁ ମନ ତଥା ଉଚ୍ଚତର ଶକ୍ତିଗୁଡ଼ିକୁ ମଧ୍ୟ ଉନ୍ମୋଚିତ କରିଦେଉଛି ଏବଂ ସ୍ଥୂଳ ଜୀବନକ୍ଷେତ୍ରରେ ସେଗୁଡ଼ିକର ସୀମିତ କ୍ରିୟାଟିକୁ ଧାରଣ କରି ରଖିଛି; ଠିକ୍ ସେହିପରି, ଆମେ ଯାହାକୁ ମନ ବୋଲି କହୁଛୁ, ସେଇଟି ମଧ୍ୟ ସେହି ଚେତନ ସତ୍ତାର ଏପରି ଏକ ଶକ୍ତି ଯାହାକି ଶରୀର ମଧ୍ୟରେ ଆପଣାର ସ୍ୱକୀୟ ଚେତନାର ଅଭିବ୍ୟକ୍ତି ଲାଗି ଜାଗ୍ରତ ହୋଇ ଉଠୁଛି ଏବଂ ଆପଣାର ଏକାବେଳକେ ଚତୁର୍ଦ୍ଦିଗରେ ରହିଥିବା ଅବଶିଷ୍ଟ ସକଳ ସତ୍ତାଟି ବିଷୟରେ ମଧ୍ୟ ଚେତନ ହୋଇପାରୁଛି । ପ୍ରାଣ ଓ ଶରୀର ତା' ଲାଗି ଯେଉଁ ସୀମିତ କାର୍ଯ୍ୟଟିକୁ ନିର୍ଦ୍ଧାରିତ କରି ଦେଇଛନ୍ତି, ପ୍ରଥମେ ତାହା ତାହାର ଭିତରେ ରହିହିଁ କ୍ରିୟା କରୁଛି; ମାତ୍ର କେତୋଟି ଦିଗ୍‌ରେ ଏବଂ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ପହଞ୍ଚି ତାହା ଏହି ଘେରଟି ଭିତରୁ ବାହାର ଯାଇପାରେ ଏବଂ ଆଂଶିକ ଭାବରେ ସେହି ବାହାରେ ରହି ମଧ୍ୟ କ୍ରିୟା କରିପାରୁଛି । ମାତ୍ର କେବଳ ଏତିକିହିଁ

'oaob.nitrkl.ac.in' images reprocessed

ଆମେ କଦାପି ପ୍ରାଣର ଅଥବା ମନର ସମୁଦାୟ ଶକ୍ତି ବୋଲି କହିପାରିବା ନାହିଁ; ସେଗୁଡ଼ିକର ଆପଣାର ସ୍ୱକୀୟ ପ୍ରକାରର ଚେତନ ସତ୍ତାର ସ୍ତରମାନ ମଧ୍ୟ ରହିଛି, ଯେଉଁଗୁଡ଼ିକ କି ଏହି ଜଡ଼ସ୍ଥ ସ୍ତରଟିଠାରୁ ଭିନ୍ନ ହୋଇ ରହିଛି ଏବଂ ସେହିସବୁ ସ୍ତରରେ ସେମାନେ ଆପଣାର ସ୍ୱାଭାବିକ କ୍ରିୟାତ୍ମକତାରେ ଅଧିକ ମୁକ୍ତ ହୋଇ ରହିଛନ୍ତି । ସ୍ୱୟଂ ଜଡ଼ତତ୍ତ୍ୱ ବା ଶରୀରକୁ ମଧ୍ୟ ଆତ୍ମାରୂପୀ ତତ୍ତ୍ୱଟିର ଏକ ପରିସୀମିତ ରୂପାୟନ ବୋଲି କୁହାଯାଇ ପାରିବ, ଯେଉଁଥିରେ କି ପ୍ରାଣ, ମନ ଏବଂ ଆତ୍ମା ସଂବୃତ ତଥା ଆତ୍ମଗୁପ୍ତଭାବରେ ବିଦ୍ୟମାନ ରହିଛନ୍ତି ଏବଂ ଆପଣାକୁ ବହିର୍ମୁଖ କରି ରଖିଥିବା ଆପଣାର ସ୍ୱକୀୟ କ୍ରିୟାଟି ମଧ୍ୟରେ ନିମଜ୍ଜିତ ହୋଇ ରହିବା ଦ୍ୱାରା ଆତ୍ମବିସ୍ମୃତ ବି ହୋଇ ରହିଛନ୍ତି; ମାତ୍ର ତଥାପି ଏକ ଅନିବାର୍ଯ୍ୟ ବିବର୍ତ୍ତନ ଦ୍ୱାରା ଏଇଟି ଭିତରୁ ବାହାରି ଆସିବେ ବୋଲି ମଧ୍ୟ ନିୟତିନିର୍ଦ୍ଦିଷ୍ଟ ହୋଇ ରହିଛନ୍ତି । ମାତ୍ର ଆପଣାକୁ ଉପାଦାନଗତ ନାନା ସୂକ୍ଷ୍ମତର ରୂପରେ ବିଶୋଧିତ କରିଦେବା ଲାଗି ଜଡ଼ର ମଧ୍ୟ ସାମର୍ଥ୍ୟ ରହିଛି, ଯେଉଁଥିରେ କି ତାହା ଅଧିକ ପ୍ରତ୍ୟକ୍ଷ ରୂପରେ ପ୍ରାଣ, ମନ ତଥା ଆତ୍ମାର ଏକ ଘନତାଯୁକ୍ତ ଆକାରରେ ପରିଣତ ହୋଇଯାଇ ପାରୁଛି । ତା'ର ଏହି ସ୍ଥୂଳ ଭୌତିକ ଶରୀରଟି ବ୍ୟତୀତ ସ୍ୱୟଂ ମନୁଷ୍ୟର ମଧ୍ୟ ତାକୁ ଆବୃତ କରି ରଖିଥିବା ଗୋଟିଏ ପ୍ରାଣମୟ କୋଷ ରହିଛି, ଏକ ମନୋମୟ ଶରୀର ରହିଛି, ଆନନ୍ଦ ତଥା ବିଜ୍ଞାନର ମଧ୍ୟ ଗୋଟିଏ ଶରୀର ରହିଛି । ମାତ୍ର ପ୍ରତ୍ୟେକ ଜଡ଼ ଓ ପ୍ରତ୍ୟେକ ଶରୀର ଭିତରେ ଏହିସବୁ ଉଚ୍ଚତର ତତ୍ତ୍ୱର ଗୁପ୍ତ ସାମର୍ଥ୍ୟମାନ ଅନ୍ତର୍ନିହିତ ହୋଇ ରହିଛି; ଜଡ଼କୁ ଆମେ ପ୍ରାଣରହିଁ ଏକ ସଂରଚନ ବୋଲି ଜାଣିବା, ଯାହାର କି ତାହାକୁ ପ୍ରେରିତ କରି ରଖିଥିବା ବିଶ୍ୱାତ୍ମାଟି ବ୍ୟତୀତ ସ୍ୱତନ୍ତ୍ର ଭାବରେ ଆଦୌ କୌଣସି ଯଥାର୍ଥ ଅସ୍ତିତ୍ୱ ନାହିଁ, ସେହି ବିଶ୍ୱଗତ ଆତ୍ମାହିଁ ତାହାକୁ ତାହାର ଶକ୍ତି ଓ ସ୍ଥୂଳ ସତ୍ତାଟିକୁ ପ୍ରଦାନ କରି ରଖିଛି ।

ଏହିସବୁ ହେଉଛି ଆତ୍ମା ଓ ତାହାର ସାଧନଗୁଡ଼ିକର ସ୍ୱଭାବ । ମାତ୍ର ଏହି ଆତ୍ମାର କ୍ରିୟାଗୁଡ଼ିକୁ ବୁଝିବାକୁ ହେଲେ ଏବଂ ଆମର ଜୀବନ ସତେଅବା ଗୋଟାଏ ନଟୁ ପରି ବୁଲିବାରେ ଲାଗିଥିବା ଏହି ପ୍ରତିଷ୍ଠିତ ଗୁଳାଟି ଭିତରୁ ସେହି ଆତ୍ମାର ସାଧନଗୁଡ଼ିକୁ ଉନ୍ମୋଚିତ କରିନେବା ପାଇଁ ଆମକୁ ଏକ ଭେଦୋନ୍ମୋଚକ ଶକ୍ତି ଆଣି ଦେଇପାରିବା ଭଳି ଉପଯୁକ୍ତ ଜ୍ଞାନର ଅଧିକାରୀ ହେବାକୁ ହେଲେ ଆମକୁ ଏହି କଥାଟି ଅବଶ୍ୟ ଦେଖି ପାରିବାକୁ ହେବ ଯେ ଆତ୍ମା ଆପଣାର ଯାବତୀୟ କ୍ରିୟାତ୍ମକତାକୁ ଆପଣା ସତ୍ତାର ଦୁଇଟି ଯମଜ ବିଭାବ ଉପରେହିଁ ଆଧାରିତ କରି ରଖିଛି; ସେଥିରୁ ଗୋଟିଏ ହେଉଛି ପୁରୁଷ, ଓ ଆରଟି ହେଉଛି ପ୍ରକୃତି । ଏହି ଦୁଇଟିଯାକ ସେହି ଗୋଟିଏ ସତ୍ୟରହିଁ ଦୁଇଟି ପାଖ ହୋଇଥିଲେ ମଧ୍ୟ ଏବଂ ସେହି ଗୋଟିଏ ଚେତନାମୟ ସତ୍ତାରହିଁ ଏ ମେରୁ ଓ ସେ ମେରୁ ପରି ହୋଇ ରହିଥିଲେ

'oaob.nitrkl.ac.in' images reprocessed

ମଧ୍ୟ ଆମକୁ ଶକ୍ତିସମ୍ପନ୍ନତାର କ୍ଷେତ୍ରରେ ଦୁଇଟିଯାକକୁ ପରସ୍ପରଠାରୁ ଭିନ୍ନ ଓ ପୃଥକ୍‌ରୂପେ ବିଚାର କରିବାକୁ ପଡ଼ିବ; କାରଣ ଚେତନାର ବ୍ୟାବହାରିକ କ୍ଷେତ୍ରରେ ସେହି ଭେଦଟି ଅବଶ୍ୟ ବିଦ୍ୟମାନ ରହିଛି । ପୁରୁଷ ହେଉଛି ଆତ୍ମା, ଓ ଆପଣା ପ୍ରକୃତିର ଯାବତୀୟ କ୍ରିୟାତ୍ମକତା ବିଷୟରେ ତାହାର ସମ୍ପୂର୍ଣ୍ଣ ଜ୍ଞାନ ରହିଛି, ଆପଣାର ସତ୍ତାଟି ଦ୍ୱାରା ପୁରୁଷ ସେଗୁଡ଼ିକୁ ଧାରଣ କରି ରଖିଛି, ଆପଣା ସତ୍ତ୍ୱଗତ ଆନନ୍ଦଟି ମଧ୍ୟରେ ସେ ସେଗୁଡ଼ିକୁ ଉପଭୋଗ କରିବାରେ ଲାଗିଛି ଅଥବା ସେଗୁଡ଼ିକର ଉପଭୋଗକୁ ପ୍ରତ୍ୟାଖ୍ୟାନ ମଧ୍ୟ କରିପାରୁଛି । ପ୍ରକୃତି ହେଉଛି ସେହି ପୁରୁଷରହିଁ ଶକ୍ତି, ଏବଂ ସେ ତାହାର ଶକ୍ତିର ଏପରି ଏକ କ୍ରିୟାତ୍ମକତା ଏବଂ ପ୍ରକ୍ରିୟା ମଧ୍ୟ ହୋଇ ରହିଛି ଯାହାକି ସତ୍ତାର ନାମ ତଥା ରୂପଟିକୁ ନିର୍ଣ୍ଣୟ କରି ଦେଉଛି, ଚେତନା ତଥା ଜ୍ଞାନର ଯାବତୀୟ କ୍ରିୟାକୁ ବିକଶିତ କରି ଆଣୁଛି, ଆପଣାକୁ ଇଚ୍ଛା ଓ ଆବେଗ ରୂପରେ, ସାମର୍ଥ୍ୟ ଓ ଶକ୍ତିମତ୍ତା ରୂପରେ ନିକ୍ଷିପ୍ତ କରି ରଖିଛି ଏବଂ ଆନନ୍ଦର ଉପଭୋଗ ମଧ୍ୟରେ ଆପଣାକୁ ଚରିତାର୍ଥ କରିବାରେ ଲାଗିଛି । ପ୍ରକୃତି ହେଉଛି ମାୟା, ପ୍ରକୃତି ହେଉଛି ଶକ୍ତି । ଆପଣାର ବାହ୍ୟତମ ଦିଗଟିରେ ଯେଉଁଠି ସେ ପୁରୁଷର ଠିକ୍ ବିପରୀତ ଏକ ତତ୍ତ୍ୱ ପରି ମନେହେଉଛି, ସେହି ଦିଗରୁ ଦୃଷ୍ଟିପାତ କଲେ ଆମେ ତାହାକୁ ପ୍ରକୃତି ବୋଲି ଜାଣୁଛୁ; ତାକୁ ଏକ ଜଡ଼ ଏବଂ ଯାନ୍ତ୍ରିକ ସ୍ୱୟଂଚାଳିତ ଗୋଟିଏ କ୍ରିୟା ବୋଲି ଜାଣୁଛୁ । ସେଠାରେ ତାହା ସମ୍ପୂର୍ଣ୍ଣ ଅଚେତନ ହୋଇ ରହିଛି, ଅଥବା କେବଳ ପୁରୁଷର ଆଲୋକଟି ଦ୍ୱାରାହିଁ ସଚେତନ ହୋଇପାରୁଛି; ପ୍ରକୃତିର କ୍ରିୟାଟି ମଧ୍ୟରେ ପୁରୁଷ ଯେଉଁ ଆତ୍ମିକ ପ୍ରକାଶଟିକୁ ଆଣିଦେଉଛି, ତାହାର ବିଭିନ୍ନ କୋଟୀ ଦ୍ୱାରା, ଅର୍ଥାତ୍ ପ୍ରାଣିକ, ମାନସିକ ତଥା ଅତିମାନସ କୋଟୀ ଦ୍ୱାରାହିଁ ପ୍ରକୃତି ମଧ୍ୟରେ ଯାହାକିଛି ଉନ୍ମୋଚନ ସମ୍ଭବ ହୋଇପାରୁଛି । ପ୍ରକୃତିର ଅନ୍ତର୍ଗତ ଦିଗଟିରୁ ଯଦି ଆମେ ତାହା ଉପରେ ଦୃଷ୍ଟିପାତ କରିବାକୁ ଯିବା, ଅର୍ଥାତ୍ ଯେଉଁଠି ସେ ପୁରୁଷ ସହିତ ଏକତ୍ୱବଦ୍ଧ ହେବା ଲାଗି ତାହାର ନିକଟତର ହୋଇ ଆସୁଛି, ଯଦି ଆମେ ସେହି ଭୂମିରେ ତାହାକୁ ଅବଲୋକନ କରିବା, ତେବେ ଆମେ ତାକୁ ମାୟା ବୋଲି ଜାଣିବା, ତାକୁ ଆମେ ସତ୍ତା ତଥା ସମ୍ଭୂତିର ଇଚ୍ଛା ବୋଲି ଜାଣିବା ଅଥବା ସକଳ ସତ୍ତା ତଥା ସମ୍ଭୂତିକୁ ବିଲୁପ୍ତ କରିଦେବାର ଇଚ୍ଛା ବୋଲି ମଧ୍ୟ ଜାଣିବା । ଚେତନା ଲାଗି ପ୍ରତ୍ୟକ୍ଷ ହେଉଥିବା ସତ୍ତା ତଥା ସମ୍ଭୂତିର ଅଥବା ସେଗୁଡ଼ିକର ବିଲୁପ୍ତିର ଯାବତୀୟ ପରିଣାମ ମଧ୍ୟ ଏହି ଇଚ୍ଛା ବା ସଂକଳ୍ପଟି ସହିତ ଯୁକ୍ତ ହୋଇ ରହିଥିବାର ଜାଣିବାକୁ ପାଇବା । ସେହି ଇଚ୍ଛାକୁ ଆମେ ଆବୃତ୍ତ ତଥା ବିବର୍ତ୍ତନର, ଅଭିବ୍ୟକ୍ତିର ତଥା ଅନଭିବ୍ୟକ୍ତିର ତଥା ଆତ୍ମାର ଆତ୍ମ-ଗୋପନ ତଥା ଆତ୍ମ-ଆବିଷ୍କାରର ମଧ୍ୟ ଏକ ଇଚ୍ଛା ବୋଲି ଜାଣିବାକୁ ପାଇବା । ଏହି ଦୁଇଟିଯାକରୁହିଁ ଆମେ ଯଥାର୍ଥରେ ସେହି ଅଭିନ୍ନ ଗୋଟିଏ ବସ୍ତୁ ଅର୍ଥାତ୍ ଶକ୍ତିରହିଁ ଦୁଇଟି ଦିଗ

'oaob.nitrkl.ac.in' images reprocessed

ବୋଲି ଜାଣିରଖିବା, ତାହାଙ୍କୁ ସେହି ଆତ୍ମାରହିଁ ସତ୍ତାଗତ ସାମର୍ଥ୍ୟ ବୋଲି ଜାଣିବା, ଯାହାକି ଅତିଚେତନ, ଚେତନ ଅଥବା ଅବଚେତନ ଭାବରେ ହେଉ ପଛକେ, ଏକ ତଥାପ୍ରଖ୍ୟାତ ନିଶ୍ଚେତନା ମଧ୍ୟରେ ବସ୍ତୁତଃ ସେହି ଆତ୍ମାରହିଁ ଜ୍ଞାନ-ଶକ୍ତି, ଇଚ୍ଛା-ଶକ୍ତି ଏବଂ କ୍ରିୟା-ଶକ୍ତିରୂପେ କାର୍ଯ୍ୟ କରିବାରେ ଲାଗିଛି । ବସ୍ତୁତଃ ତାହାର ଏହିସବୁ ଗତିସ୍ପନ୍ଦନ ଯୁଗପତ୍ ଭାବରେ ଓ ସେହି ଗୋଟିଏ ଆତ୍ମା ଭିତରେହିଁ ସହାବସ୍ଥିତ ହୋଇ ରହିଛି । ଆପଣାର ଏହି ଶକ୍ତି ଦ୍ୱାରା ଆତ୍ମା ଆପଣା ମଧ୍ୟରେ ସକଳ ବସ୍ତୁର ସୃଜନ କରୁଛି, ଆପଣା ଅଭିବ୍ୟକ୍ତିର ରୂପାୟନ ମଧ୍ୟରେ ତଥା ତାହାର ପଛରେ ତାହା ଆପଣାର ଯାବତୀୟ ପରିଚୟକୁ ଲୁକ୍କାୟିତ କରିଦେଉଛି ଓ ଆବିଷ୍କାର କରିବାରେ ଲାଗିଛି ।

ଆପଣା ପ୍ରକୃତିର ଏହି ସାମର୍ଥ୍ୟଟି ଦ୍ୱାରା ପୁରୁଷ ଆପଣାର ଇଚ୍ଛାନୁସାରେହିଁ ଯେକୌଣସି ସ୍ଥିତିକୁ ଗ୍ରହଣ କରିପାରୁଛି ଓ ଯେକୌଣସି ଆତ୍ମ-ରୂପାୟନର ଅନୁରୂପ ସତ୍ତାଗତ ବିଧାନ ଏବଂ ରୂପଟିକୁ ଅନୁସରଣ ମଧ୍ୟ କରିପାରୁଛି । ଆତ୍ମ-ଅସ୍ତିତ୍ୱର ସ୍ୱକୀୟ ସାମର୍ଥ୍ୟଟିର ଭୂମିରେ ତାହା ସନାତନ ଆତ୍ମା ଏବଂ ଚିଦ୍‌ଗତିତାରୂପେ ପ୍ରତିଷ୍ଠିତ ରହିଛି, ଆପଣାର ରୂପାୟନଗୁଡ଼ିକର ସ୍ତରରୁ ଊର୍ଦ୍ଧ୍ୱ ହୋଇ ରହିଛି ଏବଂ ସେଗୁଡ଼ିକର ନିୟନ୍ତ୍ରଣ ଓ ଶାସନ କରୁଛି । ବିଶ୍ୱଗତ ଆତ୍ମା ଓ ଚିଦ୍‌ଗତତାରୂପେ ତାହା ଆପଣା ଅସ୍ତିତ୍ୱର ସମ୍ଭୂତିଗତ ସାମର୍ଥ୍ୟରେହିଁ ବିକାଶଲାଭ କରିଛି, ଅନନ୍ତରୂପେହିଁ ସାନ୍ତ ମଧ୍ୟରେ ଅବସ୍ଥିତ ରହିଛି; ବ୍ୟକ୍ତିଭାବାପନ୍ନ ଆତ୍ମା ଓ ଚିଦ୍‌ଗତତାରୂପେ ତାହା ଆପଣା ସମ୍ଭୂତିର କୌଣସି ଏକ ନିର୍ଦ୍ଦିଷ୍ଟ ଧାରାଟିର ବିକାଶ ମଧ୍ୟରେହିଁ ଆପଣାକୁ ନିମଗ୍ନ କରି ରଖିଛି; ଅନନ୍ତତା ମଧ୍ୟରେ ପରିବର୍ତ୍ତନକ୍ଷମ ସାନ୍ତ ହୋଇ ରହିଥିବା ପରି ଦେଖାଯାଉଛି । ତାହା ଇଚ୍ଛା କଲେ ଏକାଧାରରେ ଏହି ସବୁକିଛି ହୋଇପାରିବ, ଶାଶ୍ୱତ ଚିଦ୍‌ଗତତାରୂପେ ଏହି ବିଶ୍ୱ ମଧ୍ୟରେ ବିଶ୍ୱପ୍ରବିଷ୍ଟ ହୋଇ ରହିପାରିବ, ଏହି ବିଶ୍ୱର ଯାବତୀୟ ସତ୍ତା ମଧ୍ୟରେ ବ୍ୟକ୍ତିଭାବ ଗ୍ରହଣ କରି ମଧ୍ୟ ରହିପାରିବ । ଏହିପରି ଭାବରେ ତାହା ଏହି ତିନୋଟିଯାକ ରୂପରୁ କୌଣସି ଗୋଟିକ ମଧ୍ୟରେହିଁ ଆପଣାର ଚେତନାକୁ ସ୍ଥାପିତ କରି ରଖି ପ୍ରକୃତିର କ୍ରିୟାଟିକୁ ଅସ୍ୱୀକାର କରିପାରିବ, ତାହାକୁ ଆପଣାର ନିୟନ୍ତ୍ରଣରେ ରଖିପାରିବ, ସେଇଟି ପ୍ରତି ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରିବ; ସେହି ଗୋଟିକୁ ଛାଡ଼ିଦେଇ ଅନ୍ୟ ଦୁଇଟିଯାକ ରୂପକୁ ଆପଣାର ପଛରେ କିଂବା ଆପଣାଠାରୁ ଦୂରବର୍ତ୍ତୀ କରି ରଖିପାରିବ ଓ ଆପଣାକୁ ଶୁଦ୍ଧ ସନାତନ ସତ୍ତା, ଆପଣାକୁ ଆପେ ଧାରଣ କରି ରଖିଥିବା ବିଶ୍ୱଗତ ସତ୍ତା ବା ଅବିମିଶ୍ରିତ ବ୍ୟକ୍ତିସତ୍ତାରୂପେ ମଧ୍ୟ ଜାଣିପାରିବ । ଆପଣା ପ୍ରକୃତିର ରୂପାୟନଟି ଯାହା ହୋଇଥାଉ ପଛକେ, ଆତ୍ମା ଆପଣାକୁ ଠିକ୍ ସେହି ରୂପରେହିଁ ପରିଣତ କରି ଦେଇଥିବା ପରି ବେଶ୍ ବୋଧ ହୋଇପାରିବ ଏବଂ ଆପଣା ଚେତନାର ସେହି ସମ୍ମୁଖଭାଗସ୍ଥ କ୍ରିୟାଶୀଳ ଭାଗଟିରେ

'oaob.nitrkl.ac.in' images reprocessed

ଆପଣାକୁ ଠିକ୍ ସେହି ରୂପରେହିଁ ମଧ୍ୟ ଦେଖି ପାରୁଥିବ । ମାତ୍ର ତାହା ବାହାରୁ ଯାହା ବୋଲି ପ୍ରତୀତ ହେଉଥିବ, କେବଳ ତାହାହିଁ କଦାପି ତାହାର ସମ୍ପୂର୍ଣ୍ଣ ପରିଚୟ ହୋଇପାରିବ ନାହିଁ; ଆହୁରି ଅଧିକ ଯେଉଁ କେତେ କ'ଣ ହୋଇପାରିବା ଲାଗି ତାହାର ସର୍ବଦା ସାମର୍ଥ୍ୟ ରହିଛି, ସେଗୁଡ଼ିକୁ ମଧ୍ୟ ଆମେ ତା'ର ପରିଚୟଟି ମଧ୍ୟରେ ଅନ୍ତର୍ଭୁକ୍ତ କରି ରଖିବା; ଏପର୍ଯ୍ୟନ୍ତ ତାହାର ଯାହାକିଛି ସଂଗୋପିତ ହୋଇ ରହିଛି, ସେହି ସବୁଗୁଡ଼ିକୁ ମଧ୍ୟ ଆମେ ପ୍ରଚ୍ଛନ୍ନ ଭାବରେ କେବଳ ଥିଲ ବୋଲି ଜାଣିବା । କାଳସ୍ଥ ଆପଣାର କୌଣସି ବିଶେଷ ଆତ୍ମ-ରୂପାୟନ ମଧ୍ୟରେ ତାହା କଦାପି ଅଟଳ ଭାବରେ ବାନ୍ଧି ହୋଇ ରହି ନାହିଁ, ତାହା ସବୁବେଳେ ତାହାର ବାଡ଼କୁ ଭାଙ୍ଗି ବାହାରିଯାଇ ପାରୁଛି, ତାହାକୁ ଅତିକ୍ରମି ଯାଇ ପାରୁଛି; ତାହାକୁ ଭାଙ୍ଗିଦେଇ ପାରୁଛି, ତାହାକୁ ବିକଶିତ କରାଇ ପାରୁଛି, ସେଗୁଡ଼ିକ ମଧ୍ୟରୁ ନିର୍ବାଚନ କରିନେଇ ପାରୁଛି, ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିପାରୁଛି, ନୂଆ ପ୍ରକାରେ ସୃଷ୍ଟି କରିପାରୁଛି ବା ଆପଣା ଭିତରୁ ଏକ ବୃହତ୍ତର ଆତ୍ମ-ରୂପାୟନକୁ ଉନ୍ମୋଚିତ କରିଆଣି ପାରୁଛି । ଆପଣା ଚେତନାର ସମୁଦାୟ କ୍ରିୟାଶୀଳ ଇଚ୍ଛାଟି ଦ୍ୱାରା ପ୍ରେରିତ ହୋଇ ଆପଣାର ସାଧନଗୁଡ଼ିକର ଭୂମିରେ ତାହା ଆପଣାକୁ ଯାହା ବୋଲି ବିଶ୍ୱାସ କରୁଛି, ତାହା ତାହାହିଁ ହେଉଛି ବା ହେବା ଲାଗି ପ୍ରବୃତ୍ତି ଦେଖାଉଛି; ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ : ଅପେ ଯାହା ହୋଇପାରିବ ବୋଲି ବିଶ୍ୱାସ କରୁଛି ଏବଂ ଯାହା ହେବା ଲାଗି ତାହା ମଧ୍ୟରେ ପୂର୍ଣ୍ଣ ଶ୍ରଦ୍ଧା ରହିଛି, ଆପଣାର ପ୍ରକୃତିରେ ତାହା ସେହି ରୂପରେହିଁ ପରିବର୍ତ୍ତିତ ହୋଇଯାଉଛି, ସେହିକଳି ବିବର୍ତ୍ତିତ ହୋଇ ଆସୁଛି, ତାହାକୁହିଁ ଆବିଷ୍କାର କରୁଛି ।

ଆପଣାର ପ୍ରକୃତି ଉପରେ ପୁରୁଷର ଏହି ଶକ୍ତିସମ୍ପନ୍ନତାକୁ ଆମେ ଆତ୍ମ-ପରିପୂର୍ଣ୍ଣତାର ଯୋଗରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ବୋଲି ଜାଣିରଖିବା । ଏହି ଶକ୍ତିସମ୍ପନ୍ନତାଟି ନଥିଲେ ଆମେ ସଚେତନ ପ୍ରୟାସ ଏବଂ ଆକାଂକ୍ଷା ଦ୍ୱାରା ଆମର ଏହି ବର୍ତ୍ତମାନର ଅପୂର୍ଣ୍ଣ ମନୁଷ୍ୟସତ୍ତାର ସୁନିର୍ଦ୍ଦିଷ୍ଟ ଗୁଳାଟି ଭିତରୁ କଦାପି ବାହାରି ଯାଇ ପାରୁ ନଥାନ୍ତେ; ଯେକୌଣସି ପରିପୂର୍ଣ୍ଣତାର ଅଭିଳାଷ କଲାବେଳେ ଆମକୁ ସେଥିଲାଗି କେବଳ ପ୍ରକୃତିହିଁ ତା' ଆପଣାର ଧୀର ବା ଦ୍ରୁତ ବିବର୍ତ୍ତନ-ପ୍ରକ୍ରିୟାଟିରେ ସେଇଟିକୁ ପ୍ରକୃତରେ ସମ୍ଭବ କରିପାରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିବାକୁ ପଡ଼ିଥାନ୍ତା । ସତ୍ତାର ନିମ୍ନତର ରୂପାୟନଗୁଡ଼ିକର କ୍ଷେତ୍ରରେ ଆତ୍ମା ପ୍ରକୃତି ପାଖରେ ଏହି ସମ୍ପୂର୍ଣ୍ଣ ଭାବରେ ଅଧୀନସ୍ଥ ଓ ନିର୍ଭରଶୀଳ ହୋଇ ରହିବାର ଅବସ୍ଥାଟିକୁ ସ୍ୱୀକାର କରିନିଏ, ମାତ୍ର ଉନ୍ନତତାର ସୋପାନଟିରେ ଅଧିକ ଉଚ୍ଚକୁ ଉଠି ଯାଉଥିବା ସଙ୍ଗେସଙ୍ଗେ ତାହା ଆପଣା ମଧ୍ୟରେ ଏପରି ଏକ ଶକ୍ତିମତ୍ତା ବର୍ତ୍ତମାନ ରହିଛି ବୋଲି ସଚେତନ ହୋଇଉଠେ, ଯାହାଦ୍ୱାରା କର୍ତ୍ତାରୂପେ ପ୍ରକୃତିକୁ ନିର୍ଦ୍ଦେଶ

'oaob.nitrkl.ac.in' images reprocessed

ଦେଇ ପାରିବାର ସାମର୍ଥ୍ୟ ରଖିଥାଏ । ମାତ୍ର କେବଳ ଆତ୍ମ-ଜ୍ଞାନର ଭୂମିରେ ଆସି ପହଞ୍ଚିଯିବା ପରେ ଯାଇ ଏହି ସ୍ୱତନ୍ତ୍ର ଇଚ୍ଛାଶକ୍ତି ଏବଂ ନିୟନ୍ତ୍ରଣର ସାମର୍ଥ୍ୟ ଏକ ସମ୍ପୂର୍ଣ୍ଣ ସତ୍ୟରେ ପରିଣତ ହୁଏ । ଏହି ପରିବର୍ତ୍ତନଟି ପ୍ରକୃତିର ଏକ ପ୍ରକ୍ରିୟା ଦ୍ୱାରାହିଁ ସମ୍ପନ୍ନ ହୋଇଥାଏ; ତେଣୁ ଆପଣା ଖିଆଲରେହିଁ ଚାଲୁଥିବା କୌଣସି ଯାଦୁବିଦ୍ୟା ଦ୍ୱାରା ନୁହେଁ, ମାତ୍ର ଏକ ସୁବ୍ୟବସ୍ଥିତ ବିକାଶଧାରା ତଥା ବୋଧଗମ୍ୟ ପଦ୍ଧତି ଦ୍ୱାରା ସମ୍ପନ୍ନ ହୋଇଥାଏ । ଯେତେବେଳେ ପୂର୍ଣ୍ଣ ପ୍ରଭୁତ୍ୱ ପ୍ରାପ୍ତ ହୋଇଯାଏ, ସେତେବେଳେ ଆପଣାକୁ କାର୍ଯ୍ୟକାରୀ କରାଉଥିବାର ଦ୍ରୁତତା ସକାଶେ ଏହି ପ୍ରକ୍ରିୟାଟି ଆମ ବୁଦ୍ଧି ପାଇଁ ସତେଅବା ଏକ ଅଲୌକିକ ଘଟଣା ବୋଲି ମନେ ହୋଇପାରେ, ମାତ୍ର ତାହା ତଥାପି ସେହି ପରମ ତଦ୍‌ଗତତାର ସତ୍ୟବିଧାନଟି ଦ୍ୱାରାହିଁ ଅଗ୍ରସର ହେଉଥାଏ; ସେତେବେଳେ ଆମର ଭିତରେ ରହିଥିବା ପରମ ଦେବୀତା ଆମର ଇଚ୍ଛାଶକ୍ତି ଏବଂ ସତ୍ତାକୁ ତାଙ୍କର ସହିତ ନିବିଡ଼ ଭାବରେ ସମ୍ମିଳିତ କରାଇ ରଖି ଆମର ଯୋଗଟିକୁ ଆପଣା ହାତରେ ଗ୍ରହଣ କରନ୍ତି ଏବଂ ପ୍ରକୃତିର ସର୍ବଶକ୍ତିମାନ୍ ପ୍ରଭୁରୂପେ କାର୍ଯ୍ୟ କରିବାରେ ଲାଗନ୍ତି । କାରଣ ସେହି ପରମ ଦେବୀତା ହେଉଛନ୍ତି ଆମର ସର୍ବୋଚ୍ଚ ଆତ୍ମା, ସକଳ ପ୍ରକୃତିର ଆତ୍ମା, ସେଇ ଶାଶ୍ୱତ ଓ ବିଶ୍ୱବ୍ୟାପ୍ତ ପୁରୁଷ ।

ସତ୍ତାର ଯେକୌଣସି ଭୂମିରେ ପୁରୁଷ ଆପଣାକୁ ପ୍ରତିଷ୍ଠିତ ରଖିପାରେ, ସତ୍ତାର ଯେକୌଣସି ତତ୍ତ୍ୱକୁ ବି ଆପଣା ଶକ୍ତିର ତାତ୍କାଳିକ ନାୟକରୂପେ ଗ୍ରହଣ କରିନେଇ ତାହାର ଚେତନ କାର୍ଯ୍ୟର ଆପଣାର ତଦନୁରୂପ ପ୍ରଣାଳୀଟିର କ୍ରିୟାରେ ଅବଶ୍ୟ ଅବସ୍ଥାନ କରିପାରେ । ପୁରୁଷ ସ୍ୱୟଂସ୍ଥିତ ସତ୍ତାର ଅନନ୍ତ ଏକତ୍ୱର ତତ୍ତ୍ୱଟି ମଧ୍ୟରେ ଅବସ୍ଥିତ ହୋଇ ରହିପାରେ ଏବଂ ସକଳ ଚେତନା, ଶକ୍ତି, ଆନନ୍ଦ, ଜ୍ଞାନ, ସଂକଳ୍ପ ଏବଂ କ୍ରିୟାକୁ ଏହି ମୂଳ ସତ୍ତ୍ୱ ଅଥବା ସତ୍ୟରହିଁ ଗୋଟିଏ ଗୋଟିଏ ଚେତନ ରୂପ ବୋଲି ଜାଣିବାକୁ ସମର୍ଥ ହୋଇପାରେ । ସେ ସେହି ଅନନ୍ତ ଚେତନ ଶକ୍ତି ଅର୍ଥାତ୍ ତପସ୍‌ର ତତ୍ତ୍ୱ ମଧ୍ୟରେ ଅବସ୍ଥାନ କରିପାରେ ଏବଂ ସତ୍ତାଗତ ଏକ ଅନନ୍ତ ଆନନ୍ଦର ଉପଭୋଗ ଲାଗି ତାହା ଆପଣାର ସ୍ୱୟଂଭୂ ସତ୍ତାଟି ମଧ୍ୟରୁ ଜ୍ଞାନ, କ୍ରିୟା ତଥା ଗତିଶୀଳ ଆତ୍ମିକ କ୍ରିୟାର ଯାବତୀୟ ପରିଣାମକୁ ପ୍ରକଟ କରିଦେବାରେ ଲାଗିଛି ବୋଲି ସଞ୍ଜନ ହୋଇପାରେ । ପୁରୁଷ ଇଚ୍ଛା କଲେ ଅନନ୍ତ ସ୍ୱୟଂସ୍ଥିତ ଆନନ୍ଦର ତତ୍ତ୍ୱଟିରେ ମଧ୍ୟ ଅବସ୍ଥାନ କରିପାରେ ଏବଂ ସେହି ଦିବ୍ୟ ପରମ ଆନନ୍ଦହିଁ ଆପଣାର ଶକ୍ତି ଦ୍ୱାରା ଓ ଆପଣାର ସ୍ୱୟଂଭୂ ସତ୍ତାଟି ମଧ୍ୟରୁ ସତ୍ତାଗତ ଯାହାକିଛି ସମସ୍ତସତ୍ତାର ସୃଜନ କରିପାରୁଛି ବୋଲି ଜାଣିବାକୁ ସମର୍ଥ ହୋଇପାରେ । ଏହି ତିନୋଟି ଯାକ ସ୍ଥିତିରେ ଏକତ୍ୱର ଚେତନାଟିହିଁ ନିୟାମକ ହୋଇ ରହିଥାଏ, ଆତ୍ମା ସେହି ଶାଶ୍ୱତତା, ବିଶ୍ୱାତ୍ମକତା ଏବଂ ଏକତ୍ୱ ବିଷୟରେ ସବାତ୍ମସମ୍ପନ୍ନ ହୋଇ ଅବସ୍ଥାନ କରୁଥାଏ; ଏବଂ ସେହି କ୍ଷେତ୍ରରେ ଯାହାକିଛି ବିବିଧତା ବା ବୈଚିତ୍ର୍ୟ ଥାଏ, ତାହା

'oaob.nitrkl.ac.in' images reprocessed

କଦାପି ବିଚ୍ଛିନ୍ନତାଧର୍ମୀ ହୋଇ ରହି ନଥାଏ, ମାତ୍ର କେବଳ ସେହି ଏକତ୍ୱରହିଁ ଅନେକବିଧ ବିଗ୍ରହ ହୋଇ ରହିଥାଏ । ଏହା ଅତିମାନସର ଚକ୍ରଟିରେ ମଧ୍ୟ ଅବସ୍ଥାନ କରିପାରେ, ଏପରି ଏକ ଜ୍ୟୋତିର୍ମୟ ଅନନ୍ତସ୍ୱାମକ ଜ୍ଞାନ, ଶକ୍ତି ଓ କ୍ରିୟା ମଧ୍ୟରେ ଅବସ୍ଥାନ କରିପାରେ, ଯାହାକି ଚେତନ ସତ୍ତାଗତ ପରିପୂର୍ଣ୍ଣ ଆନନ୍ଦର କୌଣସି ନା କୌଣସି ସୁଷମନ୍ତ ଅବସ୍ଥାକୁ ବିକଶିତ କରାଇ ଆଣିଥାଏ । ଭିତରର ବିଜ୍ଞାନମୟ ଭୂମିଟିରେ ଏକତ୍ୱହିଁ ଭୂମି ହୋଇ ରହିଥାଏ, ମାତ୍ର ତାହା ବହୁଧତା ଓ ବୈଚିତ୍ର୍ୟରୁ ଆପଣାର ଆନନ୍ଦଟିକୁ ଆହରଣ କରୁଥାଏ । ଚେତନାର ଏହି ଯାବତୀୟ ଭୂମି ଆମର ବର୍ତ୍ତମାନ ପ୍ରକୃତିକୁ ଅତିକ୍ରମ କରି ଅବସ୍ଥିତ ରହିଛି, ଆମର ଏହି ଜାଗ୍ରତ-ନୈମିତ୍ତିକ ମନୋଭୂମିଟି ସକାଶେ ତାହା ଅତିଚେତନ ହୋଇ ରହିଛି । ଆମର ଏହି ମନୋଭୂମି ସତ୍ତାର ଏକ ନିମ୍ନତର ମଣ୍ଡଳର ଅନ୍ତର୍ଗତ ହୋଇ ରହିଛି ।

ଆତ୍ମା ଓ ପ୍ରକୃତି ମଝିରେ ଯେଉଁଠି ଏକ ଆବରଣ ପଡ଼ି ରହିଯାଏ, ଅତି-ମାନସରେ ରହିଥିବା ଆତ୍ମା ଏବଂ ମନ, ପ୍ରାଣ ତଥା ଦେହ ମଧ୍ୟରେ ରହୁଥିବା ଆତ୍ମାଟି ମଧ୍ୟରେ ଯେଉଁଠି ଏକ ପାଚେରି ଠିଆହୋଇ ରହେ, ସେହିଠାରେହିଁ ଏହି ନିମ୍ନତର ସତ୍ତାଟିର ଆରମ୍ଭ ହୁଏ । ଯେଉଁଠି ଏପରି କୌଣସି ପର୍ଦ୍ଦା ପଡ଼ି ନଥାଏ, ସେଠାରେ ଏହିସବୁ ନୈମିତ୍ତିକ ସତ୍ତା ବର୍ତ୍ତମାନ ଆମ ଭିତରେ ଯାହା ହୋଇ ରହିଛନ୍ତି, ତାହା କଦାପି ହୋଇ ରହି ନଥାନ୍ତି, ସେତେବେଳେ ସେମାନେ ଅତିମାନସ ଏବଂ ମନର ଏକତ୍ୱବନ୍ଧ କ୍ରିୟାଟିର ଏକ ସନ୍ଦୀପିତ ସ୍ୱର ହୋଇ ରହିଥାନ୍ତି । ଯେତେବେଳେ ମନ ଆପେ ବିଚ୍ଛିନ୍ନ ହୋଇ ଯାଇଥିବା ଆଲୋକଟି ଦ୍ୱାରାହିଁ ଆପଣାକୁ ପ୍ରେରିତ କରି ରଖିବାକୁ ଲାଗିଯାଏ, ସେତିକିବେଳେହିଁ ତାହା ସିଏ ଆପେ ସ୍ୱତନ୍ତ୍ର ଭାବରେ ଆପଣାର ଯାବତୀୟ କ୍ରିୟାକୁ କରୁଛି ବୋଲି ଏକ ଭ୍ରମ ଭିତରେ ଆସି ପଡ଼ିଯାଏ ଏବଂ ଆପଣାର ସ୍ୱକୀୟ ସ୍ୱତନ୍ତ୍ର ପ୍ରକ୍ରିୟା ତଥା ସମ୍ଭୋଗର ନାନା ସମ୍ଭାବନା ମଧ୍ୟରେ ଆପଣାକୁ ନିମଜ୍ଜିତ କରିପକାଏ । ଯେତେବେଳେ ଆତ୍ମା ମନୋମୟ ଚକ୍ରଟିରେ ଅବସ୍ଥାନ କରୁଥାଏ, ମାତ୍ର ତଥାପି ପ୍ରାଣ ଓ ଶରୀରର ଅଧୀନ ହୋଇ ପଡ଼ି ନଥାଏ ଏବଂ ସେଗୁଡ଼ିକୁ ଆପଣାର ସାଧନରୂପେ ବ୍ୟବହାର କରୁଥାଏ, ସେତେବେଳେ ତାହା ଆପଣାକୁ ଏକ ମନୋମୟ ସତ୍ତା ବୋଲି ଜାଣିଥାଏ; ଦେହ-ମନ ଭିତରେ ରହୁଥିବା ସଦୃଶ ଅନ୍ୟାନ୍ୟ ସତ୍ତା ତଥା ସାମର୍ଥ୍ୟ ସହିତ ଆପଣାର ସମ୍ବନ୍ଧଟି ଦ୍ୱାରା ଅବଶ୍ୟତ ଭାବରେ ପରିବର୍ତ୍ତିତ ହେବାରେ ଲାଗିଥିବା ଆପଣାର ବ୍ୟକ୍ତିଗତ ଜ୍ଞାନ, ଇଚ୍ଛା ତଥା ଗତ୍ୟାତ୍ମକତା ଅନୁସାରେହିଁ ତାହା ଆପଣାର ମନୋମୟ ଜୀବନ, ସାମର୍ଥ୍ୟ ଏବଂ ସତରୂପଗୁଡ଼ିକୁ ଅର୍ଥାତ୍ ସୂକ୍ଷ୍ମ ମନୋମୟ ଉପାଦାନର ମୂର୍ତ୍ତି ରୂପାୟନଗୁଡ଼ିକୁ କାର୍ଯ୍ୟକାରୀ କରୁଛି ବୋଲି ଜାଣିଥାଏ । ଯେତେବେଳେ ଆତ୍ମା ପ୍ରାଣର ଚକ୍ର ମଧ୍ୟରେ ବାସ କରୁଥାଏ, ସେତେବେଳେ ଆପଣାକୁ ତାହା ଏହି ବାସନାମୟ ପ୍ରାଣରହିଁ ଏକ

ସତ୍ତାରୂପେ ଜାଣିଥାଏ; ଅନେକ ବ୍ୟକ୍ତିତ୍ୱବିଶିଷ୍ଟ ପ୍ରାଣସତ୍ତା ମଧ୍ୟଦେଇ କାର୍ଯ୍ୟ କରୁଥିବା ଏକ ବିଶ୍ୱଗତ ପ୍ରାଣ-ଆତ୍ମାର ଆବଶ୍ୟକତାନୁରୂପ ହୋଇ ତଦ୍‌ଲୋକ ପରିବର୍ତ୍ତନଯୁକ୍ତ ନାନା ପରିବେଶ ମଧ୍ୟରେ ତାହା ଆପଣାର ବାସନାଚୟ ଦ୍ୱାରା କ୍ରିୟା ତଥା ଚେତନାକୁ କାର୍ଯ୍ୟକାରୀ କରୁଛି ବୋଲି ଜାଣିଥାଏ । ଏବଂ ଯେତେବେଳେ ସେହି ଆତ୍ମା ଜଡ଼ର ତତ୍ତ୍ୱଟି ମଧ୍ୟରେ ବାସ କରୁଥାଏ, ସେତେବେଳେ ଆପଣାକୁ ତାହା ଜଡ଼ରହିଁ ଏକ ଚେତନା ବୋଲି ଜାଣିଥାଏ; ଜଡ଼ସ୍ଥ ସତ୍ତା ମଧ୍ୟରେ ରହିଥିବା ଏକ ତଦ୍‌ଲୋକ ବିଧାନ ଅନୁସାରେ ତାହା କାର୍ଯ୍ୟ କରିବାରେ ଲାଗିଛି ବୋଲି ଜାଣିଥାଏ । ଆପଣାକୁ ତାହା ଯେଉଁ ଅନୁପାତରେ ଜ୍ଞାନ ଆଡ଼କୁ ଟଳାଇ ରଖିବାରେ ଲାଗିଥାଏ, ସେହି ଅନୁପାତରେହିଁ ତାହା ଆପଣା ବିଷୟରେ ଅଳ୍ପବହୁତ ଆପଣାର ପ୍ରକୃତିଟିକୁ ଅବଲୋକନ କରି ରହିଥିବା, ପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥିବା ଓ ସେହି ପ୍ରକୃତିକୁ ଆପଣା ଭିତରେ କ୍ରିୟା କରିବାକୁ ଦେଉଥିବା ଏକ ମନୋମୟ, ଏକ ପ୍ରାଣମୟ ଓ ଏକ ଅନ୍ନମୟ ପୁରୁଷ ବୋଲି ସଜ୍ଞାନ ହୋଇ ଯାଉଥାଏ; ମାତ୍ର ଯେଉଁଠି ତାହା ଅଜ୍ଞାନ ଆଡ଼କୁହିଁ ଟଳିକରି ରହେ, ସେଠାରେ ତାହା ଆପଣାକୁ ଏକ ଅହଂ ବୋଲି ଜାଣୁଥାଏ, ମନୋମୟ ପ୍ରକୃତି, ପ୍ରାଣମୟ ପ୍ରକୃତି ଅଥବା ଅନ୍ନମୟ ପ୍ରକୃତି ସହିତ ତଦାତ୍ମକ ହୋଇ ରହିଥିବା ଏକ ଅହଂ ବୋଲି ଜାଣୁଥାଏ, ଆପଣାକୁ ପ୍ରକୃତିରହିଁ ଏକ ବିରଚନା ବୋଲି ଜାଣୁଥାଏ । ମାତ୍ର ଜଡ଼ଗତ ସତ୍ତାର ସ୍ୱାଭାବିକ ପ୍ରବୃତ୍ତିଟି ଆତ୍ମାର ଶକ୍ତିଟିକୁ ସ୍ଥୂଳ ରୂପାୟନ ତଥା ଜଡ଼ଗତ ଗତିସ୍ପନ୍ଦନର କ୍ରିୟାଟି ଭିତରେ ନିମଜ୍ଜିତ ହୋଇ ରହିବାକୁ ବାଟ କଢ଼ାଇ ନେଇଯାଏ, ଏବଂ ପରିଣାମରେ ଚେତନ ସତ୍ତାଟି ଆତ୍ମବିସ୍ମୃତ ହୋଇ ରହେ । ଏକ ଆପାତ ନିଶ୍ଚେତନାରୁହିଁ ଜଡ଼ମୟ ବିଶ୍ୱଜଗତ ଜନ୍ମଲାଭ କରେ ।

ଏହି ସବୁଯାକ ଭୂମିରେ ବିଶ୍ୱଗତ ପରମ ପୁରୁଷ ଏକପ୍ରକାର ଯୁଗପତ୍‌ ଭାବରେ ବିଦ୍ୟମାନ ରହିଥାଏ ଏବଂ ଏହିସବୁ ପ୍ରତ୍ୟେକ ତତ୍ତ୍ୱର ଆଧାର ଉପରେ ତାହା ଏପରି ଏକ ଜଗତ ବା ଜଗତ୍‌କ୍ରମର ନିର୍ମାଣ କରେ, ଯେଉଁଥିରେ ବାସ କରୁଥିବା ପ୍ରାଣୀମାନେ ସେହି ତତ୍ତ୍ୱଟିର ପ୍ରକୃତି ଅନୁସାରେହିଁ ଜୀବନଧାରଣ କରି ରହିଥାନ୍ତି । ପିଣ୍ଡରୂପୀ ମନୁଷ୍ୟ ଆପଣାର ସତ୍ତାଟି ଭିତରେ ଏହିସବୁ ଯାବତୀୟ ଭୂମିକୁ ଧାରଣ କରିଥାଏ, ତା'ର ଅବଚେତନଠାରୁ ଆରମ୍ଭ କରି ଅତିଚେତନ ଜୀବନଯାଏ ଏହିସବୁ ଭୂମି ବିସ୍ତୃତ ହୋଇ ରହିଥାଏ । ଖାଲି ଏହି ଜଡ଼ସ୍ଥ ଜଗତଟିକୁହିଁ ଜାଣିବାରେ ସମର୍ଥ ହେଉଥିବା ତା'ର ଏହି ଭୌତିକ ଓ ଜଡ଼ୀଭୂତ ମନ ଏବଂ ଇନ୍ଦ୍ରିୟଗୁଡ଼ିକରୁ ଯେଉଁସବୁ ପ୍ରଚ୍ଛନ୍ନ ଜଗତ ଗୁପ୍ତ ହୋଇ ରହିଛି, ଏକ କ୍ରମବିକାଶମାନ ଯୋଗଶକ୍ତି ଦ୍ୱାରା ମନୁଷ୍ୟ ସେଗୁଡ଼ିକ ବିଷୟରେ ସଚେତନ ହୋଇଉଠେ; ଏବଂ ତା'ପରେ ସେ ଏହି କଥାଟି ଉପଲବ୍ଧି କରିବାକୁ ଆରମ୍ଭ କରେ ଯେ ତା'ର ଏହି

'oaob.nitrkl.ac.in' images reprocessed

ଭୌତିକ ବା ଜଡ଼ଗତ ଜୀବନଟି ଅନ୍ୟ ସବୁଟିଠାରୁ ବିଚ୍ଛିନ୍ନ ହୋଇ କେବଳ ଆପଣା ମଧ୍ୟରେ ଆପେ ଅବସ୍ଥିତ ହୋଇ ରହି ନାହିଁ; ମାତ୍ର ସେହିସବୁ ଉଚ୍ଚତର ଭୂମିଗୁଡ଼ିକ ସହିତ ମଧ୍ୟ ତାହାର ନିରନ୍ତର ସମ୍ବନ୍ଧ ରହିଛି ଏବଂ ସେହି ଉଚ୍ଚତର ଲୋକଲୋକର ଭୂମିର ଶକ୍ତିମାନେ ଓ ସତ୍ତାସବୁ ତା' ଉପରେ ନିରନ୍ତର କ୍ରିୟା କରିବାରେ ଲାଗିଛନ୍ତି । ସିଏ ବାସ କରୁଥିବା ଏହି ଜଡ଼ସ୍ଥ ବିଶ୍ୱଜଗତଟି ଯେପରି ଅନ୍ୟ ସବୁଟିଠାରୁ ବିଚ୍ଛିନ୍ନ ହୋଇ କେବଳ ଆପଣା ଭିତରେ ଆପେ ଅବସ୍ଥିତ ହୋଇ ରହି ନାହିଁ, ଠିକ୍ ସେହିପରି । ଆପଣାକୁ ଉନ୍ମୋଚିତ କରି ଦେଇପାରିଲେହିଁ ସେ ଆପଣା ଭିତରେ ଏହିସବୁ ଉଚ୍ଚତର ଭୂମିର କ୍ରିୟାଟିରେ ଅଭିବୃଦ୍ଧି ଘଟାଇ ପାରିବ ଏବଂ ଅନ୍ୟ ନାନା ଜଗତର ଜୀବନଟିରେ କୌଣସି ନା କୌଣସି ପ୍ରକାରରେ ଭାଗ ନେଇ ପାରିବାର ଅଧିକାରୀ ହୋଇପାରିବ । ତାହାର ମୃତ୍ୟୁ ଅନ୍ତେ, ଅଥବା ମୃତ୍ୟୁ ଏବଂ ଏକ ସ୍ଥୂଳ ଶରୀରରେ ପୁନର୍ବାର ଜନ୍ମଗ୍ରହଣ କରିବାର ମଧ୍ୟବର୍ତ୍ତୀ ପର୍ଯ୍ୟାୟଟିରେ ସେ ସେହିସବୁ ଅନ୍ୟ ଜଗତରେ ଅବଶ୍ୟ ଯାଇ ବାସ କରିପାରିବ, ସେଗୁଡ଼ିକ ତା' ସ୍ୱକୀୟସମ୍ପନ୍ନତାର ଗୋଟିଏ ଗୋଟିଏ ଧାମ ହୋଇ ନିଶ୍ଚୟ ରହିପାରିବ । ମାତ୍ର ତା' ନିଜ ଭିତରେ ସେହି ଉଚ୍ଚତର ଶକ୍ତିମନ୍ତଗୁଡ଼ିକର ବିକାଶ ଘଟାଇବା, ଆପଣା ଭିତରେ ପ୍ରାଣର ଏକ ବୃହତ୍ତର ଶକ୍ତି, ମନର ଏକ ଶୁଦ୍ଧତର ଦୀପ୍ତି, ଅତିମାନସର ଆଲୋକନ, ଏବଂ ଆତ୍ମାର ସେହି ଅନନ୍ତ ସତ୍ତା, ଚେତନା ତଥା ଆନନ୍ଦକୁ ବିକଶିତ କରାଇ ଆଣିବା,—ମନୁଷ୍ୟର ଯାବତୀୟ ସାମର୍ଥ୍ୟ ମଧ୍ୟରେ ଏଇଟି ହେଉଛି ତା'ର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସାମର୍ଥ୍ୟ । ଏକ ଆରୋହଧର୍ମୀ ଉତ୍କ୍ରମ ଦ୍ୱାରା ସେ ଆପଣା ମନୁଷ୍ୟଭୂମିର ଏହି ଅପୂର୍ଣ୍ଣତାଟିକୁ ସେହି ବୃହତ୍ତର ପରିପୂର୍ଣ୍ଣତାଟି ଆଡ଼କୁ ନିଶ୍ଚୟ ବିକଶିତ କରାଇ ନେଇପାରିବ ।

ମାତ୍ର ତାହାର ଲକ୍ଷ୍ୟ ଯାହା ହୋଇଥାଉ ବା ତାହାର ଆକାଂକ୍ଷା ଯେତେ ଉଚ୍ଚକୁ ଉଠିବା ଲାଗି ମନ କରୁଥାଉ ପଛକେ, ତାକୁ ଆପଣାର ଏହି ବର୍ତ୍ତମାନ ଅପୂର୍ଣ୍ଣତାର ବିଧାନଟିରୁହିଁ ଯାବତୀୟ ଯାତ୍ରା ଆରମ୍ଭ କରିବାକୁ ହେବ, ସେହି ସ୍ଥିତିଟିକୁହିଁ ପୂର୍ଣ୍ଣରୂପେ ବିଚାରକୁ ନେବାକୁ ହେବ ଏବଂ ସେଇଟିକୁ କିପରି ଏକ ସମ୍ଭାବ୍ୟ ପରିପୂର୍ଣ୍ଣତାର ବିଧାନରେ ପରିବର୍ତ୍ତିତ କରାଯାଇ ପାରିବ, ତାହା ଦେଖିବାକୁ ପଡ଼ିବ । ଜଡ଼ସ୍ଥ ବିଶ୍ୱର ନିଶ୍ଚେତନାରୁହିଁ ତା'ସତ୍ତାର ବର୍ତ୍ତମାନ ବିଧାନଟିର ଉଦ୍ଗମ ହୋଇଛି; ଆତ୍ମା ସ୍ଥୂଳ ରୂପାୟନ ମଧ୍ୟରେ ସଂବୃତ ହୋଇ ରହିବାରୁ ଏବଂ ଜଡ଼ଗତ ପ୍ରକୃତିଟିର ଅଧୀନ ହୋଇ ପଡ଼ିବାରୁହିଁ ତା'ର ସେହି ବର୍ତ୍ତମାନ ବିଧାନଟି ନିରୂପଣ କରିଛି । ଏବଂ, ଏହି ଜଡ଼ ମଧ୍ୟରେ ପ୍ରାଣ ଓ ମନ ଆପଣାର ସାମର୍ଥ୍ୟଗୁଡ଼ିକର ବିକାଶ କରିଥିଲେହେଁ ସେମାନେ ତଥାପି ସୀମା ଭିତରେ ଆବଦ୍ଧ ହୋଇ ରହିଛନ୍ତି ଏବଂ

'oaob.nitrkl.ac.in' images reprocessed

ନିମ୍ନତର ଉପାଦାନଟିର ନିୟମଟି ମଧ୍ୟରେ ବାନ୍ଧି ହୋଇ ପଡ଼ିଛନ୍ତି; ଏବଂ ତା’ର ଏହି ବ୍ୟାବହାରିକ ଉପରିସ୍ତରସ୍ଥ ଚେତନା ଅଜ୍ଞାନବଶ ଭାବରେ ତାହାକୁହିଁ ଆପଣାର ମୂଳ ତତ୍ତ୍ୱ ବା ଉପାଦାନ ବୋଲି ଦେଖୁଛି । ମନୁଷ୍ୟ ସ୍ୱୟଂ ଏକ ଦେହଧାରୀ ମନୋମୟ ସତ୍ତାରୂପେ ବିଚରଣ କରୁଥିଲେହେଁ ତା’ ଭିତରେ ରହିଥିବା ମନକୁ ଶରୀର ତଥା ଭୌତିକ ଜୀବନର ଶାସନଟିକୁ ବହନ କରିବାକୁ ପଡ଼ୁଛି; ଏବଂ କେବଳ ଅଲ୍ପବହୁତ ଅନେକ ଶକ୍ତିପ୍ରୟାସ ଓ ଏକାଗ୍ର ଅଭିନିବେଶ ଦ୍ୱାରାହିଁ ସେ ହୁଏତ ପ୍ରାଣ ଓ ଦେହକୁ ସଚେତନ ଭାବରେ ଆପଣାର ନିୟନ୍ତ୍ରଣରେ ରଖିବାକୁ ସମର୍ଥ ହେଉଛି । ସେହି ନିୟନ୍ତ୍ରଣଶକ୍ତିରେ ବୃଦ୍ଧିସାଧନ କରିହିଁ ସେ ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୋଇପାରିବ ଏବଂ କେବଳ ଆପଣାର ଆତ୍ମା ଭିତରେ ରହିଥିବା ଶକ୍ତିମତ୍ତାଟିର ବିକାଶ ଦ୍ୱାରାହିଁ ସେ ସେହି ପରିପୂର୍ଣ୍ଣତାରେ ଯାଇ ପହଞ୍ଚି ପାରିବ । ତା’ ଭିତରେ ଯେଉଁ ପ୍ରକୃତି-ଶକ୍ତି କାର୍ଯ୍ୟ କରୁଛି, ତାହାକୁ ଅଧିକରୁ ଅଧିକ ସମ୍ପୂର୍ଣ୍ଣ ଭାବରେ ଆତ୍ମାରହିଁ ଏକ ଚେତନ ନିୟମରେ ରୂପାୟିତ ହେବାକୁ ପଡ଼ିବ, ସେହି ତଦ୍‌ଗତତାରହିଁ ଯାବତୀୟ ଇଚ୍ଛା ତଥା ଜ୍ଞାନର ଏକ ଚେତନ ଅଭିବ୍ୟକ୍ତିରେ ପରିଣତ ହେବାକୁ ପଡ଼ିବ । ପ୍ରକୃତିକୁ କେବଳ ସେହି ପୁରୁଷରହିଁ ଶକ୍ତିରୂପେ ଆପଣାକୁ ପ୍ରକାଶିତ କରିଦେବାକୁ ପଡ଼ିବ ।

'oaob.nitrkl.ac.in' images reprocessed

## ଚତୁର୍ଥ ପରିଚ୍ଛେଦ

# ମାନସସତ୍ତାର ପରିପୂର୍ଣ୍ଣତା

ଏହିସବୁ ଅବସ୍ଥାରେ ଆତ୍ମ-ପରିପୂର୍ଣ୍ଣତା ଲାଗି କରାଯାଉଥିବା ଯୋଗର ମୂଳଭୂତ ବସ୍ତୁଟି ଏହାହିଁ ହୋଇ ରହିବ ଯେ ମନୁଷ୍ୟର ମାନସିକ, ପ୍ରାଣଗତ ତଥା ଭୌତିକ ପ୍ରକୃତିଟି ସହିତ ତା' ଆତ୍ମାର ବର୍ତ୍ତମାନ ଯେଉଁସବୁ ସମ୍ବନ୍ଧ ରହିଛି, ସେଇଟିକୁ ଏକାବେଳକେ ଓଲଟାଇ ଦେବାକୁ ପଡ଼ିବ । ମନୁଷ୍ୟ ବର୍ତ୍ତମାନ ଅବସ୍ଥାରେ କେବଳ ଆଂଶିକ ଭାବରେହିଁ ଏକ ଆତ୍ମ-ଚେତନାଯୁକ୍ତ ଆତ୍ମା ହୋଇ ରହିଛି ଓ ମନ, ପ୍ରାଣ ତଥା ଦେହ ଦ୍ୱାରା ତାହା ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଛି, ସେହିଗୁଡ଼ିକର ଅଧୀନ ହୋଇ ରହିଛି; ତାହାକୁ ଏକ ସମ୍ପୂର୍ଣ୍ଣ ଭାବରେ ଆତ୍ମ-ଚେତନାଯୁକ୍ତ ଆତ୍ମାରେ ପରିଣତ ହେବାକୁ ପଡ଼ିବ, ତା'ର ମନ, ପ୍ରାଣ ଓ ଦେହ ଉପରେ ତାହାକୁ ସ୍ୱୟଂ ପ୍ରଭୁରୂପେ ପ୍ରତିଷ୍ଠିତ ହେବାକୁ ପଡ଼ିବ । ପରିପୂର୍ଣ୍ଣ ଭାବରେ ଆତ୍ମ-ଚେତନାଯୁକ୍ତ ହୋଇ ରହିଥିବା ଆତ୍ମା କେବେହେଲେ ମନ, ପ୍ରାଣ ତଥା ଦେହର ଦାବିଗୁଡ଼ିକ ଦ୍ୱାରା ଆବଦ୍ଧ ହୋଇପଡ଼ିବ ନାହିଁ; ତାହା ଆପଣାର ସାଧନଗୁଡ଼ିକଠାରୁ ଅଧିକ ଶକ୍ତିସମ୍ପନ୍ନ ହୋଇ ରହିବ, ସେଗୁଡ଼ିକର ସ୍ୱାଧୀନ ଅଧିକାରୀ ହୋଇ ରହିବ । ଆପଣା ସତ୍ତାର ପ୍ରଭୁରୂପେ ପ୍ରତିଷ୍ଠିତ ହୋଇ ପାରିବାକୁ ମନୁଷ୍ୟ ଯେଉଁ ପ୍ରୟାସଟି କରି ଆସିଛି, ତାହାହିଁ ତା'ର ଅତୀତର ସକଳ ଆଧ୍ୟାତ୍ମିକ, ବୌଦ୍ଧିକ ତଥା ନୈତିକ ପ୍ରଚେଷ୍ଟାର ଏକ ବୃହତ୍ତ୍ୱ ସ୍ତରର ଯଥାର୍ଥ ତାତ୍ପର୍ଯ୍ୟ ହୋଇ ରହିଛି ।

ସ୍ୱତନ୍ତ୍ରତା ତଥା ପ୍ରଭୁତାର କୌଣସି ପ୍ରକୃତ ଓ ସମ୍ପୂର୍ଣ୍ଣ ଯାଥାର୍ଥ୍ୟ ସହିତ ଆପଣା ସତ୍ତାଟିର ଅଧିକାରୀ ହୋଇ ରହି ପାରିବାକୁ ହେଲେ ମନୁଷ୍ୟକୁ ଅପଣାର ସର୍ବୋଚ୍ଚ ଆତ୍ମସତ୍ତାଟିକୁ ଆବିଷ୍କାର କରିବାକୁ ପଡ଼ିବ, ଅର୍ଥାତ୍ ତା' ଭିତରେ ରହିଥିବା ସେହି ଯଥାର୍ଥ ମନୁଷ୍ୟ ଅର୍ଥାତ୍ ସର୍ବୋଚ୍ଚ ପୁରୁଷଟିର ଆବିଷ୍କାର କରିବାକୁ ହେବ, ଯିଏକ ସକଳ ବନ୍ଧନରୁ ମୁକ୍ତ ହୋଇ ରହିଛି ଏବଂ ଆପଣା ଅବିଚ୍ଛେଦ୍ୟ ଶକ୍ତିର ପ୍ରଭୁରୂପେ ପ୍ରତିଷ୍ଠିତ ହୋଇ ରହିଛି । ଅର୍ଥାତ୍, ସେ ଆଉ ତା'ର ଏହି ମନୋଗତ, ପ୍ରାଣିକ ଏବଂ

'oaob.nitrkl.ac.in' images reprocessed

ଜଡ଼ସ୍ଥ ଅହଂଟି ହୋଇ ରହିବ ନାହିଁ; କାରଣ ସେହି ଅହଂଟି ସର୍ବଦା କେବଳ ମନୋମୟ, ପ୍ରାଣଗତ ଏବଂ ଭୌତିକ ପ୍ରକୃତି ଦ୍ୱାରାହିଁ ସୃଷ୍ଟ ହେଉଛି, ତାହାର ନିମିତ୍ତ ହୋଇ ରହିଛି, ତାହାର ଅଧୀନ ହୋଇ ରହିଛି । ଏହି ଅହଂ କଦାପି ତା'ର ଯଥାର୍ଥ ଆତ୍ମ-ପରିଚୟ ନୁହେଁ; ଏଇଟି ହେଉଛି ସେହି ପ୍ରକୃତିରହିଁ ଏକ ସାଧନ ବା ନିମିତ୍ତ ମାତ୍ର, ଯାହାଦ୍ୱାରା କି ସେ ମନ, ପ୍ରାଣ ତଥା ଦେହର ଭୂମିରେ ସୀମା ଦ୍ୱାରା ସୂଚିତ ଏବଂ ବିଚ୍ଛିନ୍ନ ଏକ ବ୍ୟକ୍ତିସତ୍ତାର ବୋଧଟିକୁ ବିକଶିତ କରି ଆଣିଛି । ଏହି ନୈମିତ୍ତିକତାଟି ଦ୍ୱାରାହିଁ ସେ ଏହି ଜଡ଼ ଜଗତରେ ସଚେତନ ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ହୋଇ ରହିଥିବା ପରି କାର୍ଯ୍ୟ କରିବାରେ ଲାଗିଛି । ପ୍ରକୃତି ଦ୍ୱାରାହିଁ ବିକଶିତ ହୋଇ ଆସିଥିବା କେତୋଟି ଅଭ୍ୟସ୍ତ ପ୍ରସୀମନକାରୀ ପରିବେଶ ମଧ୍ୟରେହିଁ ସେହି କ୍ରିୟା ସଂଘଟିତ ହେଉଛି । ଆତ୍ମା ଆପଣାକୁ ଅହଂଟି ସହିତ ଏକାତ୍ମକ କରି ରଖିବାକୁହିଁ ସାଧନରୂପେ ବ୍ୟବହାର କରି ପ୍ରକୃତି ଏହି କାର୍ଯ୍ୟଟିରେ ସମ୍ମତି ଦେବା ଲାଗି ଆତ୍ମାକୁ ପ୍ରବର୍ତ୍ତାଇବାରେ ଲାଗିଛି, ଏବଂ ଏହିସବୁ ଅଭ୍ୟସ୍ତ ପ୍ରସୀମନକାରୀ ପରିବେଶକୁ ସ୍ୱୀକାର କରିନେବାକୁ ତାହାକୁ ପ୍ରବର୍ତ୍ତନା ଦେଉଛି । ଏହି ଏକାତ୍ମକତାଟି ଅକ୍ଷୁଣ୍ଣ ରହିଥିବା ପର୍ଯ୍ୟନ୍ତ ଆତ୍ମା ଆପଣାକୁ ଏହି ଅଭ୍ୟାସଗତ ବୃତ୍ତି ଏବଂ ସଂକୀର୍ଣ୍ଣ କ୍ରିୟାଟି ମଧ୍ୟରେ ସ୍ୱୟଂ ବନ୍ଦୀ କରି ରଖିଦେଉଛି; ଏବଂ ଏହି ଭୂମିଟିକୁ ଅତିକ୍ରମ କରି ବାହାରି ନଯିବା ପର୍ଯ୍ୟନ୍ତ ଆତ୍ମା ଆପଣା ବ୍ୟକ୍ତି-ଜୀବନର ପରିସରଟିକୁ ପାଶମୁକ୍ତ ଭାବରେ ଆଦୌ କାମରେ ଲଗାଇ ପାରୁ ନାହିଁ; ଏକ ଯଥାର୍ଥ ଆତ୍ମ-ଅତିକ୍ରମଣର ସମ୍ଭାବନା ତ ଆହୁରି ଦୂରର କଥା ହୋଇ ରହିଛି ! ଏହି କାରଣରୁହିଁ, ଯେଉଁ ବାହ୍ୟ ଅହଂବୋଧଟି ଦ୍ୱାରା ଆମେ ମନ, ପ୍ରାଣ ଏବଂ ଦେହର କ୍ରିୟାଟି ସହିତ ଏକାତ୍ମ ଭାବରେ ଜଡ଼ିତ ହୋଇ ରହିଛୁ, ସେଇଟିରୁ ଆପଣାକୁ ପ୍ରତ୍ୟାହୃତ କରିଆଣି ଅନ୍ତର୍ଗତ ଭାବରେ ଆତ୍ମାଟି ମଧ୍ୟରେ ବାସ କରିବାହିଁ ଯୋଗରେ ଏକ ଅତି ମହତ୍ତ୍ୱପୂର୍ଣ୍ଣ ସାଧନା ହୋଇ ରହିଛି । ଆତ୍ମାର ସ୍ୱାତନ୍ତ୍ର୍ୟ ଏବଂ ପ୍ରଭୁତ୍ୱ ଆଡ଼କୁ ଅଗ୍ରସର ହୋଇ ପାରିବାକୁ ହେଲେ ଏକ ବହିର୍ମୁଖ ଅହଂବୋଧରୁ ମୁକ୍ତିଲାଭ କରିବାକୁହିଁ ଆମେ ସର୍ବପ୍ରଥମ ପଦକ୍ଷେପ ବୋଲି ଜାଣି ରଖିବା ।

ଯେତେବେଳେ ଆମେ ଏହିପରି ଭାବରେ ଆପଣାକୁ ଆତ୍ମା ଭିତରକୁ ପ୍ରତ୍ୟାହାର କରି ନେଇଆସୁ, ସେତେବେଳେ ଆମେ ନିଜକୁ ଆଉ ମନ ବୋଲି ଦେଖୁ ନାହିଁ; ଆମେ ସେତେବେଳେ ନିଜକୁ ଏକ ମନୋମୟ ସତ୍ତା ବୋଲି ଦେଖୁ, ଯିଏକି ଏହି ଶରୀରସ୍ଥ ମନଟିର କ୍ରିୟା ପଛରେ ଠିଆହୋଇ ରହିଥାଏ । ଏହି ମନୋମୟ ସତ୍ତାକୁ ଆମେ କଦାପି ଏକ ମନୋମୟ ଓ ପ୍ରାଣିକ ବ୍ୟକ୍ତିତ୍ୱ ବୋଲି କହିପାରିବା ନାହିଁ, କାରଣ ବ୍ୟକ୍ତିତ୍ୱ ହେଉଛି ସେହି ପ୍ରକୃତିରହିଁ ଏକ ରଚନା;—ଏହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ଆମେ ଏକ ମନୋମୟ ପୁରୁଷକୁ ଦେଖିବାକୁ ପାଇବା । ଆମର ଭିତରେ ଆମେ ଏପରି ଏକ ସତ୍ତା ବିଷୟରେ ସଜ୍ଞାନ ହୋଇଉଠିବା, ଯିଏକି ଆତ୍ମ-ଜ୍ଞାନ ଏବଂ ବିଶ୍ୱ-ଜ୍ଞାନର ଉପଲବ୍ଧି ଲାଗି ମନକୁ ଏକ ଭୂମିକାରୂପେ ଗ୍ରହଣ କରନ୍ତି ଏବଂ ଆପଣାକୁ ଆତ୍ମ-ଅନୁଭୂତ ତଥା ବିଶ୍ୱ-ଅନୁଭୂତ ଲାଭ କରିବା ସକାଶେ ଏବଂ ଏକ ଅନ୍ତର୍ଗାମୀ କ୍ରିୟା ତଥା ଏକ ବହିର୍ଗାମୀ କ୍ରିୟା ସକାଶେ ଆପଣାକୁ ଜଣେ ବ୍ୟକ୍ତି ବୋଲି କହନ୍ତି; ମାତ୍ର ତଥାପି ମନ, ପ୍ରାଣ ଏବଂ ଦେହରୁ ଭିନ୍ନ ହୋଇ ରହନ୍ତି । ପ୍ରାଣିକ କ୍ରିୟା ଏବଂ ଜଡ଼ସ୍ଥ ସତ୍ତାଠାରୁ ଏହି ପାର୍ଥକ୍ୟବୋଧଟି ବଡ଼ ସ୍ପଷ୍ଟଭାବରେ ପରିଲକ୍ଷିତ ହେଉଥିବ; କାରଣ ପୁରୁଷ ଆପଣାର ମନଟିକୁ ପ୍ରାଣ ଓ ଦେହ ମଧ୍ୟରେ ସକ୍ରିୟ ହୋଇ ରହି-ଥିବାର ଅନୁଭବ କରୁଥିଲେ ମଧ୍ୟ ସେ ତଥାପି ଏହି କଥାଟି ବିଷୟରେ ସଜ୍ଞାନ ହୋଇ ରହିଥିବ ଯେ ଏହି ସ୍ଥୂଳ ପ୍ରାଣ ତଥା ଶରୀର ଏପରିକି ସମାପ୍ତ ଓ ବିନଷ୍ଟ ହୋଇଗଲେ ମଧ୍ୟ ସେ ତଥାପି ଆପଣାର ମନୋମୟ ସତ୍ତାଟିରେ ଅବଶ୍ୟ ଅବସ୍ଥିତ ରହିଥିବ । ମାତ୍ର ମନଠାରୁ ଆପଣାକୁ ଭିନ୍ନ ବୋଲି ମନେ କରିବା ଏହାଠାରୁ ଅଧିକ କଷ୍ଟକର ଏବଂ ସେହି ପାର୍ଥକ୍ୟଟି ଆଦୌ ସେତେଦୂର ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହୁଏ ନାହିଁ । ମାତ୍ର ତଥାପି ସେହି ପାର୍ଥକ୍ୟବୋଧ ଅବଶ୍ୟ ଅବସ୍ଥିତ ରହିଥାଏ, ଏହି ମନୋମୟ ପୁରୁଷ ବାସ କରୁଥିବା ଉଚ୍ଚକୋଟିର ଅନ୍ତର୍ବୋଧ ମଧ୍ୟରୁ ଯେକୌଣସିଟି ଅଥବା ସବୁଗୁଡ଼ିକ ଦ୍ୱାରା ତାହା ପ୍ରତିପାଦିତ ହେଉଥାଏ, ସେହି ଅନ୍ତର୍ବୋଧଗୁଡ଼ିକ ଦ୍ୱାରାହିଁ ସେ ଆପଣାର ସ୍ୱକୀୟ ବୃହତ୍ତର ଅସ୍ତିତ୍ୱଟି ସମ୍ବନ୍ଧରେ ସଚେତନ ହୋଇଯାଏ ।

ଆପଣାର ପ୍ରଥମ ଅନ୍ତର୍ବୋଧଟି ଦ୍ୱାରା ସେ ଆପଣାକୁ ମନର ଯାବତୀୟ କ୍ରିୟାର ଜଣେ ଅବଲୋକନକାରୀରୂପେ ଅନୁଭବ କରିବାକୁ ଲାଗେ, ମନର ସକଳ କ୍ରିୟା ତା' ଆପଣା ଭିତରେ ଚାଲିଥାଏ ସତ, ମାତ୍ର ତଥାପି ତାହାର ସମ୍ମୁଖରେ ତା'ର ଅବଲୋକନକାରୀ ଜ୍ଞାନଟି ଲାଗି ତାହା ସତେଅବା ଏକ ବସ୍ତୁ ପରି ଅନୁଭୂତ ହେବାକୁ ଲାଗେ । ଏହି ଆତ୍ମ-ସଜ୍ଞାନତା ହେଉଛି ସେହି ସାକ୍ଷୀ ପୁରୁଷଙ୍କର ଅନ୍ତର୍ବୋଧାତ୍ମକ ଚେତନା । ସାକ୍ଷୀ ପୁରୁଷଙ୍କୁ ଆମେ ଏକ ଶୁଦ୍ଧ ଚେତନାମୟତା ବୋଲି ଜାଣିବା, ଯାହାକି ପ୍ରକୃତି ଉପରେ ଦୃଷ୍ଟିପାତ କରିବାରେ ଲାଗିଥାଏ, ପ୍ରକୃତିକୁ ତାହା ଚେତନା ଉପରେ ପ୍ରତିଫଳିତ ତଥା ସେହି ଚେତନା ଦ୍ୱାରାହିଁ ସନ୍ଦୀପିତ ଏକ କ୍ରିୟାରୂପେ ସନ୍ଦର୍ଶନ କରେ ଏବଂ ସ୍ୱୟଂ ପ୍ରକୃତିକୁ ଚେତନାଠାରୁ ଭିନ୍ନ ବୋଲି ଦେଖୁଥାଏ । ମନୋମୟ ପୁରୁଷଙ୍କୁ ପ୍ରକୃତି କେବଳ ଏକ କ୍ରିୟାରୂପେହିଁ ପରିଦୃଷ୍ଟ ହୁଏ; ଭେଦନିରୂପଣ କରୁଥିବା ଓ ସଂଯୋଜିତ କରି ରଖୁଥିବା ବିଚାରର, ସଙ୍କଳ୍ପର, ଇନ୍ଦ୍ରିୟସମ୍ବେଦନର, ସଂବେଗର, ସ୍ୱଭାବ ତଥା ଚରିତ୍ରର ଏବଂ ଅହଂଗତ ଅନୁଭବର ଏକ ଜଟିଳ କ୍ରିୟାରୂପେ ପରିଦୃଷ୍ଟ ହୁଏ, ଯାହାକି ସ୍ଥୂଳ ଶରୀରଟି ସହିତ ଲାଗି ରହିଥିବା

'oaob.nitrkl.ac.in' images reprocessed

ପରିବେଶଗୁଡ଼ିକରେ ପ୍ରାଣିକ ନାନା ଆବେଗ, ଆବଶ୍ୟକତା ତଥା କାମନାର ଏକ ଭିତ୍ତି ଉପରେ ଆପଣାକୁ କାର୍ଯ୍ୟକାରୀ କରି ରଖିଥାଏ । ମାତ୍ର ସେଗୁଡ଼ିକ ଦ୍ୱାରା ଏହା କେବେହେଲେ ସୀମାବଦ୍ଧ ହୋଇପଡ଼େ ନାହିଁ; କାରଣ ଏହା ସେଗୁଡ଼ିକୁ କେବଳ ନାନା ନୂତନ ଢଙ୍ଗ ଆଣି ଯୋଗାଇଦିଏ ଓ କେତେକେତେ ବୈଚିତ୍ର୍ୟ, ବିଶୋଧନ ଏବଂ ବିସ୍ତାର ଯେ ଦେଇଥାଏ ତା' ନୁହେଁ, ମାତ୍ର ଏହା ଭାବନା ତଥା କଳ୍ପନା ଭିତରେ ମଧ୍ୟ କାର୍ଯ୍ୟ କରିପାରେ, ଆହୁରି ଅଧିକ ସୂକ୍ଷ୍ମ ଏବଂ ସ୍ଥିତିସ୍ଥାପକ କେତେକେତେ ବସ୍ତୁସୃଷ୍ଟିର ଏକ ମନୋମୟ ଜଗତରେ ମଧ୍ୟ କାର୍ଯ୍ୟ କରିପାରେ । ମାତ୍ର, ମନୋମୟ ପୁରୁଷ ଏହି ଯେଉଁ ବର୍ତ୍ତମାନ ସ୍ଥିତି ମଧ୍ୟରେ ବାସ କରି ରହିଛି, ସେ ତାହାଠାରୁ ଅଧିକ ବ୍ୟାପ୍ତ ଓ ବୃହତ୍ତର ଆଉ ଏକ ସତ୍ତାର ମଧ୍ୟ ଅନ୍ତର୍ବୋଧ ଲାଭ କରିଥାଏ; ଅନୁଭବର ଏପରି ଏକ ବିସ୍ତାର ଉପରେ ଦୃଷ୍ଟିପାତ କରିପାରେ, ଯିଏ ସ୍ୱୟଂ ଯାହାର କି କେବଳ ଏକ ପୂର୍ବଗ୍ରହଗ୍ରସ୍ତ ଯୋଜନା ବା ଏକ ଅଳ୍ପପରିସର କେବଳ ଉପରି-ସ୍ତରୀୟ ଏକ ନିର୍ବାଚନ ପରିହିଁ ଦିଶିବାକୁ ଲାଗେ । ଏହି ଅନ୍ତର୍ବୋଧଟି ଦ୍ୱାରା ତାହା ଏକ ଅନ୍ତଃସତ୍ତାର ଦ୍ୱାରଦେଶରେ ଆସି ଦଣ୍ଡାୟମାନ ହୋଇଯାଏ ଏବଂ ତଦ୍ଦ୍ୱାରା ତାହାର ଏହି ଉପରିସ୍ତରୀୟ ମନୋଭୂମିଟିର ତୁଳନାରେ ଏକ ଅଧିକ ପ୍ରସାରଯୁକ୍ତ ସମ୍ଭାବନା ତା'ର ଆତ୍ମଜ୍ଞାନର କ୍ଷେତ୍ରରେ ଆସି ଉନ୍ମୋଚିତ ହୋଇଯାଏ । ସର୍ବଶେଷ ତଥା ବୃହତ୍ତମ ଅନ୍ତର୍ବୋଧଟିରୂପେ ସେ ଅନ୍ତର୍ଗତ ଭାବରେ ଏପରି ଏକ ସମ୍ପଦ ବିଷୟରେ ସଜ୍ଞାନ ହୋଇଉଠେ, ଯାହାକୁ କି ସେ ଅଧିକ ମୂଳଭୂତ ଭାବରେହିଁ ଆପଣାର ଯଥାର୍ଥ ପରିଚୟ ବୋଲି ଅନୁଭବ କରେ; ସ୍ଥୂଳ ପ୍ରାଣ ତଥା ଶରୀରଠାରୁ ମନ ଯେତିକି ଉପରେ ରହିଛି, ଏହି ସମ୍ପଦଟିକୁ ସେ ମନଠାରୁ ଠିକ୍ ସେତିକି ଉପରେ ରହିଥିବାର ଅନୁଭବ କରିଥାଏ । ଏହି ଅନ୍ତର୍ଗତ ସଜ୍ଞାନତାକୁ ଆମେ ତା'ର ଅତିମାନସ ଏବଂ ତଦ୍‌ଗତ ପ୍ରକୃତି ବିଷୟରେ ତା'ର ଅନ୍ତର୍ବୋଧ ବା ସମ୍ବୁଦ୍ଧ ଜ୍ଞାନ ବୋଲି କହିପାରିବା ।

ଉପରିସ୍ତରସ୍ଥ ଯେଉଁ ସ୍ଥିତିଟିରୁ ମନୋମୟ ପୁରୁଷ ଆପଣାକୁ ପ୍ରତ୍ୟାହୃତ କରିନେଇଛି, ତାହା ଯେକୌଣସି ସମୟରେ ଆପଣାକୁ ଆଣି ପୁଣି ତାହାର ମଧ୍ୟରେ ସଂଶ୍ଳିଷ୍ଟ କରି ରଖିପାରେ; ମନ, ପ୍ରାଣ ତଥା ଦେହର ଯନ୍ତ୍ରଗଠନଟି ସହିତ ବେଶ୍ କିଛି ସମୟ ଲାଗି ସମ୍ପୂର୍ଣ୍ଣ ଏକାତ୍ମକ ହୋଇ ବାସ କରିପାରେ ଏବଂ ସେଇଠି ନିମଜ୍ଜିତ ରହି ଆପଣାର ସ୍ୱଭାବସାଧାରଣ ସ୍ଥିତିଟିର ପୁନରାବୃତ୍ତି କରିପାରେ । ମାତ୍ର, ଯେତେବେଳେ ସେ ଥରେ ସ୍ୱୟଂ ଏଇଟିରୁ ପୃଥକ୍ ହୋଇ ରହିବାର ସ୍ଥିତିଟିକୁ ସମ୍ପନ୍ନ କରି ଦେଇଥାଏ ଏବଂ କିଛି ସମୟ ଲାଗି ସେହି ସ୍ଥିତିଟିରେ ଅବସ୍ଥାନ କରି ସାରିଥାଏ, ତେବେ ସେ ଆଗରୁ ଯେପରି ହୋଇ ରହିଥିଲା, ବର୍ତ୍ତମାନ ଆପଣା

'oaob.nitrkl.ac.in' images reprocessed

ପାଖରେ କଦାପି ଠିକ୍ ତାହାହିଁ ହୋଇ ରହିପାରେ ନାହିଁ । ବାହ୍ୟ ବିସ୍ତାର ମଧ୍ୟରେ ଲୁପ୍ତ ହୋଇ ରହିବାର ସ୍ଥିତିଟି ବର୍ତ୍ତମାନ କେବଳ ବାରବାର ଘଟିବାରେ ଲାଗିଥିବା ଏକ ଏପରି ଆତ୍ମବିସ୍ମୃତିର ରୂପ ଧାରଣ କରିନିଏ, ଯାହାମଧ୍ୟରୁ ପଳାଇ ହଟିଯାଇ ପୁଣି ଆପଣା ଭିତରେ ଏବଂ ଶୁଦ୍ଧ ଆତ୍ମ-ଅନୁଭବ ମଧ୍ୟରେ ପ୍ରବେଶ କରିବାର ପ୍ରବୃତ୍ତିଟି ତା' ଭିତରେ ସର୍ବଦା ବଳବତ୍ତର ହୋଇ ରହିଥାଏ । ଏଠାରେ ଏକଥାଟି ମଧ୍ୟ ଉଲ୍ଲେଖ କରି ଯାଇପାରେ ଯେ ପୁରୁଷ ତା' ଲାଗି ଆତ୍ମ-ଅନୁଭବର ତା'ର ଏହି ବର୍ତ୍ତମାନ ସ୍ଥୂଳବତ୍ ରୂପଟିକୁ ସୃଷ୍ଟି କରି ରଖିଥିବା ଏହି ବାହ୍ୟ ଚେତନାଟିର ଉତ୍ୟାନୈମିତ୍ତିକ ବିସ୍ତାରଟିରୁ ଅପସରି ଯାଇ ଦୂରକୁ ଅନ୍ୟ ସ୍ଥିତି ଗ୍ରହଣ କରିବାର ସାମର୍ଥ୍ୟ ଲାଭ କରିଥାଏ । ଅନ୍ତର୍ବୋଧ ଦ୍ୱାରା ସେ ଆପଣାକୁ ଶରୀର ମଧ୍ୟରେ ରହିଥିବା ଏକ ଆତ୍ମା ବୋଲି ଅନୁଭବ କରିପାରେ, ସେହି ଆତ୍ମା ଆପଣାର ବିସ୍ତାରକତାରୂପେ ପ୍ରାଣକୁ ଏବଂ ସେହି ବିସ୍ତାରକତାର ଆଲୋକରୂପେ ମନକୁ ଉପସ୍ଥାପିତ କରି ରଖିଛି ବୋଲି ଅନୁଭବ କରିପାରେ । ଏହି ଶରୀରସ୍ଥ ଆତ୍ମାଟି ହେଉଛି ଅନ୍ନମୟ ପୁରୁଷ, ଯିଏକି ଏକ ବିଶେଷ ସ୍ତରରେ ପ୍ରାଣ ଓ ମନକୁ ଭୌତିକ ଅନୁଭବ ଲାଗି କାମରେ ଲଗାଇଥାଏ ଏବଂ ଆଉ ସବୁକିଛିକୁ ସେତେବେଳେ ସେହି ଭୌତିକ ଅନୁଭବରହିଁ ଏକ ପରିଣାମରୂପେ ବିଚାର କରି ଯାଉଥାଏ; ଯିଏକି ଶରୀରଟିର ଜୀବନକୁ ଅତିକ୍ରମ କରି ଆଉ କିଛି ହେଲେ ଦେଖେ ନାହିଁ । ଏବଂ ଆପଣାର ଏହି ଭୌତିକ ବ୍ୟକ୍ତିସ୍ୱାତନ୍ତ୍ର୍ୟଭାବ ସେପାଖରେ ପ୍ରକୃତରେ ଆଉକିଛି ରହିଛି ବୋଲି ସେ ଯେତେଦୂର ଅନୁଭବ କରୁଥାଏ, ସେତେବେଳେ ମଧ୍ୟ କେବଳ ଭୌତିକ ବିଶ୍ୱଜଗତଟି ବିଷୟରେ ସଜ୍ଞାନ ରହିଥାଏ ଏବଂ ଖୁବ୍ ବେଶୀ ହେଲେ ଜଡ଼ସ୍ଥ ପ୍ରକୃତିର ଅଂଶଟି ସହିତ ଆପଣାର ଏକତ୍ୱଟିକୁ ଅନୁଭବ କରୁଥାଏ । ମାତ୍ର ସେ ଅନ୍ତର୍ବୋଧ ଦ୍ୱାରା ଆପଣାକୁ ପ୍ରାଣର ଏକ ଆତ୍ମା ବୋଲି ମଧ୍ୟ ଅନୁଭବ କରିପାରିବ; ସେ କାଳସ୍ଥ ସମୂହର ଏକ ବୃହତ୍ ଗତିସ୍ପନ୍ଦନ ସହିତ ଆପଣାକୁ ଏକାତ୍ମ କରି ରଖିପାରିବ ଯାହାକି ଶରୀରକୁ ଏକ ରୂପାତ୍ମକ ଅଥବା ଇନ୍ଦ୍ରିୟବୋଧରୁ ଜାତ ଏକ ମୌଳିକ ସ୍ତରରୂପରୂପେ ଆଣି ଉପସ୍ଥାପିତ କରି ଦେଉଥିବ ଏବଂ ମନକୁ ପ୍ରାଣିକ ଅନୁଭୂତିର ଏକ ଚେତନାଯୁକ୍ତ ବିସ୍ତାରକତାରୂପେ ଉପସ୍ଥାପିତ କରୁଥିବ । ପ୍ରାଣସ୍ଥ ଏହି ଆତ୍ମାକୁ ଆମେ ପ୍ରାଣମୟ ପୁରୁଷ ବୋଲି କହିବା, ଯାହାକି ଏହି ଭୌତିକ ଶରୀରଟିର ଅବଧି ଏବଂ ସୀମାଗୁଡ଼ିକର ସେପାଖକୁ ମଧ୍ୟ ଦୃଷ୍ଟିପାତ କରିବାକୁ ସମର୍ଥ ହେଉଥିବ, ଏହିସବୁର ପୃଷ୍ଠଦେଶରେ ତଥା ସମ୍ମୁଖରେ ପ୍ରାଣର ଏକ ଶାଶ୍ୱତତାକୁ ଅନୁଭବ କରୁଥିବ ଏବଂ ଏକ ବିଶ୍ୱଗତ ପ୍ରାଣସଙ୍ଘ ସହିତ ଆପଣାକୁ ଏକାତ୍ମ ବୋଲି ଜାଣିଥିବ ସତ, ମାତ୍ର ଏହି କାଳ ମଧ୍ୟରେହିଁ ସଂଘଟିତ ହେଉଥିବା ଏକ ବହିସ୍ପନ୍ଦନ ପ୍ରାଣିକ ସମୂହର ସେପାଖକୁ ଆଦୌ ଦୃଷ୍ଟି ନିକ୍ଷେପ କରିପାରୁ ନଥିବ । ଏହି ଉଚ୍ଚକୋଟିହାନ ପୁରୁଷକୁ ଆମେ ସେହି ପରମ

'oaob.nitrkl.ac.in' images reprocessed

ଚିଦ୍‌ଗତତାରହିଁ ଆତ୍ମିକ ରୂପ ବୋଲି ଜାଣିବା; ଏହି ରୂପଗୁଡ଼ିକ ସାହାଯ୍ୟରେହିଁ ସେ ଆପଣା ବିଶ୍ୱାତ୍ମକ ସତ୍ତାର ଏହି ଉନ୍ନେଞ୍ଚତ ଭୂମି ବା ତତ୍ତ୍ୱ ମଧ୍ୟରୁ ଯେକୌଣସିଟି ସହିତ ଆପଣାର ଚେତନାମୟ ସତ୍ତାଟିକୁ ନେଇ ଏକୀଭୂତ କରି ରଖେ ଏବଂ ତାହାରି ଆଧାର ଉପରେହିଁ ଆପଣାର କ୍ରିୟାଟିକୁ ସ୍ଥାପିତ କରି ରଖିଥାଏ ।

ମାତ୍ର ତା' ଆପଣାର ସ୍ୱଭାବ ଦୃଷ୍ଟିରୁ ବିଚାର କରି ଦେଖିଲେ ମଣିଷ ହେଉଛି ଏକ ମନୋମୟ ସତ୍ତା । ପୁନଶ୍ଚ, ସେହି ମନୋଭୂମିକୁହିଁ ଆମେ ମନୁଷ୍ୟର ଉପସ୍ଥିତ ଉଚ୍ଚତମ ସ୍ଥିତି ବୋଲି କହିବା, ଯେଉଁଠାରେ କି ସେ ଆପଣାର ଯଥାର୍ଥ ସ୍ୱରୂପଟିର ନିକଟତମ ହୋଇ ରହିଛି ଏବଂ ଅନେକ ଅଧିକ ପରିମାଣରେ ଚିଦ୍‌ଗତତା ବିଷୟରେ ସଜ୍ଞାନ ହୋଇ ରହିଛି । ଏହି ବାହ୍ୟ ତଥା ଉପରିଭାଗସ୍ଥ ଅଭିବ୍ୟକ୍ତି ମଧ୍ୟରେ ଆପଣାକୁ ସଂଶ୍ଳିଷ୍ଟ କରି ରଖି ସେ କଦାପି ଆପଣା ପରିପୂର୍ଣ୍ଣତାରେ ଯାଇ ପହଞ୍ଚି ପାରିବ ନାହିଁ, ଅଥବା ପ୍ରାଣଗତ ଆତ୍ମା କିଂବା ଶରୀରସ୍ଥ ଆତ୍ମା ଭିତରେ ଆପଣାକୁ ସ୍ଥାୟୀ ଭାବରେ ନେଇ ରଖିଦେଲେ ସେହି ପରିପୂର୍ଣ୍ଣତା ଉପଲବ୍ଧ ହେବ ନାହିଁ; ମାତ୍ର ସେଥିଲାଗି ତାକୁ ସେହି ଉନ୍ନେଞ୍ଚତ ମାନସିକ ଅନ୍ତର୍ବୋଧ ଲାଗି ନିଶ୍ଚିତ ଆଗ୍ରହ ରଖିବାକୁ ପଡ଼ିବ, ଯାହାଦ୍ୱାରା କି ସେ ଅବଶେଷରେ ଆପଣାକୁ ଏହି ଜଡ଼ସ୍ଥ, ପ୍ରାଣିକ ତଥା ମାନସିକ ସୋପାନଗୁଡ଼ିକରୁ ଉପରକୁ ଉଠାଇ ନେଇଯାଇ ପାରିବ । ଏହି ଅବିଚଳ ଆଗ୍ରହ ହୁଏତ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ରୂପ ଗ୍ରହଣ କରିପାରିବେ; ପ୍ରତ୍ୟେକଟିରେ ଆପଣାର ଏକ ସ୍ୱକୀୟ ଲକ୍ଷ୍ୟ ରହିଥିବ, ଏବଂ ଅଗ୍ରସର ହେବାର ଏକ ସ୍ୱକୀୟ ମାର୍ଗ ମଧ୍ୟ ରହିଥିବ । ଏଇଟି ବେଶ୍ ସମ୍ଭବ ଯେ ସେହି ଆଗ୍ରହଟିକୁ ସେ ଏପରି ଏକ ଢଙ୍ଗ ଓ ବାଟରେ ଟାଣି ନେଇଯିବ, ଯାହାକି ତାକୁ ଏହି ପ୍ରକୃତିଗତ ଜୀବନଟିଠାରୁ ଦୂରକୁ ଦୂରକୁ ନେଇ ଚାଲି ଯାଉଥିବ; ଏହାଦ୍ୱାରା ସେ ମନ, ପ୍ରାଣ ତଥା ଶରୀରଠାରୁ ଆପଣାକୁ ଅନାସକ୍ତ କରି ରଖିବ, ଆପଣାକୁ ପ୍ରତ୍ୟାହୃତ କରି ରଖିବ । ଏପରି କରି ସେ ଅଧିକରୁ ଅଧିକ ପରିମାଣରେ ସାକ୍ଷୀ ପୁରୁଷ ହୋଇ ରହିବାକୁହିଁ ଚେଷ୍ଟା କରିବ, କେବଳ ଦୂରରୁ ଥାଇ ପ୍ରକୃତିର କ୍ରିୟାଟି ଉପରେ ଦୃଷ୍ଟିପାତ କରୁଥିବ, ସେଥିରେ କୌଣସି ଆଗ୍ରହ ରଖିବ ନାହିଁ, ସେଗୁଡ଼ିକ ଲାଗି ଆପଣାର ଅନୁମତି ବା ସହମତି ଦେଉ ନଥିବ, ସମୁଦାୟ କ୍ରିୟାଟିକୁ ବଡ଼ ଉଦାସୀନ ଭାବରେ ବର୍ଜନ କରି ରହିଥିବ ଏବଂ ଆପଣାକୁ ଶୁଦ୍ଧ ଚେତନାରହିଁ ଜୀବନବିଚରଣ ମଧ୍ୟକୁ ପ୍ରତ୍ୟାହୃତ କରି ଆଣୁଥିବ । ସାଂଖ୍ୟ-ଦର୍ଶନରେ ଏହି ସ୍ଥିତିକୁହିଁ ମୋକ୍ଷ ବୋଲି କୁହାଯାଇଛି । ଅଥବା, ସେ ଆପଣା ଭିତରେ ଅନ୍ତର୍ବୋଧ ଦ୍ୱାରା ଅନୁଭୂତ ହେଉଥିବା ସେହି ବୃହତ୍ତର ଜୀବନଟି ଭିତରକୁ ମଧ୍ୟ ଚାଲିଯାଇ ପାରିବ, ଉପରିସ୍ତରର ଏହି ମନୋଭୂମିଟିକୁ ଛାଡ଼ି ସେ ହୁଏତ ଏକ ସ୍ୱପ୍ନାବସ୍ଥା ବା ସୁଷୁପ୍ତିର ଅବସ୍ଥା ଭିତରକୁ ଚାଲିଯାଇ ପାରିବ, ଯାହାକି ତାକୁ

ଚେତନାର ଉଚ୍ଚସ୍ତରର ଅଧିକ ପ୍ରଶସ୍ତ ବା ଅଧିକ ଉଚ୍ଚ କେତେକେତେ ଭୂମି-ବିସ୍ତାରରେ ନେଇ ପ୍ରତିଷ୍ଠ କରାଇ ଦେଉଥିବ । ଏହାପରୁ ସ୍ୱର୍ଗ ମଧ୍ୟକୁ ଉଠିଯାଇ ସେ ହୁଏତ ଏହି ପାର୍ଥିବ ପ୍ରକୃତିକୁ ଆପଣା ଉପରୁ ଝେଡ଼ାଇ ପକାଇବ । ଏପରିକି, ପ୍ରାଚୀନ କାଳରେ ଯେମିତି ଅନୁମାନ କରାଯାଉଥିଲା, ମନୁଷ୍ୟ ଏପରିସବୁ ଅତିମାନସିକ ଲୋକେ ଲୋକରେ ଯାଇ ପହଞ୍ଚି ପାରିବ, ଯେଉଁଠାରୁ କି ସେ ପୁନର୍ବାର ଏହି ପାର୍ଥିବ ଚେତନା ମଧ୍ୟକୁ ଆଉ ଲେଉଟି ଆସି ପାରିବ ନାହିଁ ଅଥବା ଯେଉଁଠାରୁ ଲେଉଟି ଆସିବା ଆଉ ତା' ଲାଗି କଦାପି ବାଧ୍ୟତାମୂଳକ ହୋଇ ରହିବ ନାହିଁ । ମାତ୍ର ମନୋମୟ ସତ୍ତା ସେହି ଅଧ୍ୟାତ୍ମସତ୍ତା ମଧ୍ୟକୁ ଉନ୍ନୀତ ହୋଇଯାଇ ପାରିଲେହିଁ ଏହିଭଳି ଏକ ବିମୋଚନ ଏକ ନିର୍ଦ୍ଦିଷ୍ଟ ଏବଂ ନିଶ୍ଚିତ ପରିଣାମରେ ଯାଇ ପହଞ୍ଚି ପାରିବ; ଏବଂ ସକଳ ମନୋଭୂମିରୁ ଦୂରବର୍ତ୍ତୀ ଏବଂ ଊର୍ଦ୍ଧ୍ୱବର୍ତ୍ତୀ ହୋଇ ଉଠିଯାଇ ଅନ୍ୟଆଡ଼େ ଦୃଷ୍ଟିପାତ କରିପାରିଲେ ଯାଇ ସେ ସେହି ଅଧ୍ୟାତ୍ମସତ୍ତାଟି ବିଷୟରେ ସଜ୍ଞାନ ହୋଇପାରିବ । ଶୁଦ୍ଧ ସତ୍ତାରେ ଆପଣାକୁ ନିମଜ୍ଜିତ କରିଦେଇ ଅଥବା ବିଶ୍ୱାତୀତ ସତ୍ତାରେ ଏକ ଅଂଶଗ୍ରହଣ କରି ଏହି ପାର୍ଥିବ ଅସ୍ତିତ୍ୱକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରିପାରିବା ଲାଗି ଆମେ ତାହାକୁହିଁ ଆମକୁ ପ୍ରଦତ୍ତ ହୋଇ ରହିଥିବା ସୁବିଧାଟିଏ ବୋଲି ଜାଣିବା ।

କେବଳ ପ୍ରକୃତିଠାରୁ ଆପଣାକୁ ଅଲଗା କରି ରଖିହିଁ ମୁକ୍ତିଲାଭ କରିବା ଯଦି ଆମର ଧ୍ୟେୟ ହୋଇ ନଥାଏ, ବରଂ ପ୍ରକୃତି ଉପରେ ପରିପୂର୍ଣ୍ଣ ପ୍ରଭୁତ୍ୱ ଲାଭ କରିବାହିଁ ଯଦି ଧ୍ୟେୟ ହୋଇଥାଏ, ତେବେ ଏହିଭଳି ଏକ ଆତ୍ମହିଁ ଆମ ଲାଗି କଦାପି ଯଥେଷ୍ଟ ହେବ ନାହିଁ । ଆମକୁ ପ୍ରକୃତିଗତ ଆମ ମନୋଗତ, ପ୍ରାଣିକ ତଥା ଜଡ଼ୀୟ କ୍ରିୟାଦି ଉପରେ ଦୃଷ୍ଟିପାତ କରି ପାରିବାକୁ ହେବ, ତାହାର ବନ୍ଧନଟିର ଗ୍ରନ୍ଥିଗୁଡ଼ିକୁ ଖୋଜି ବାହାର କରିବାକୁ ପଡ଼ିବ, ସେଗୁଡ଼ିକରୁ ମୁକ୍ତ ହୋଇପାରିବା ଲାଗି ସେହିସବୁ ଗ୍ରନ୍ଥିକୁ ଖୋଲିବାର ସୂତ୍ରଗୁଡ଼ିକୁ ପାଇବାକୁ ହେବ, ତାହାର ଅପୂର୍ଣ୍ଣତାର ଅସଲ କାରଣଟିକୁ ବାହାର କରିବାକୁ ହେବ ତଥା ପରିପୂର୍ଣ୍ଣତାର ସୂତ୍ରଟିକୁ ଆମର ହସ୍ତଗତ କରିବାକୁ ପଡ଼ିବ । ଯେତେବେଳେ ଅନ୍ତର୍ଚେତନାସ୍ଥ ଆତ୍ମା ଅର୍ଥାତ୍ ସାକ୍ଷୀ ପୁରୁଷ ପ୍ରକୃତି ଭିତରେ ରହିଥିବା ଆପଣାର କ୍ରିୟାଦି ପାଖରୁ ଅପସରି ଆସି ତାହା ଆଡ଼କୁ ଦୃଷ୍ଟି ନିକ୍ଷେପ କରିପାରିବ, ସେତେବେଳେ ସେ ଦେଖି ଦେଖିବାକୁ ପାଇବ ଯେ ଯେଉଁ କର୍ମ ଆପଣାର ଯାନ୍ତ୍ରିକ ପ୍ରବୃତ୍ତିର ବଳରେହିଁ ତା'ର ଆପଣାର ଅବଚେତନଟି ମଧ୍ୟରୁ ଉଦ୍‌ଭୂତ ହୋଇ ଆସୁଛି, ଗତିସ୍ପନ୍ଦନରହିଁ ଏକ ଅବିଚ୍ଛିନ୍ନତା ବଳରେ ଉଦ୍‌ଭୂତ ହୋଇ ଆସୁଛି; ମନୋଗତତା, ପ୍ରାଣାବେଗ ତଥା ଏକ ଅନିଚ୍ଛାକୃତ ଭୌତିକ ଯାନ୍ତ୍ରିକ କ୍ରିୟାର ସ୍ୱାତନ୍ତ୍ର୍ୟ ବଳରେହିଁ ଉଦ୍‌ଭୂତ ହୋଇ ଆସୁଛି । କ୍ରମେ ଅନୁଭବ

'oaob.nitrkl.ac.in' images reprocessed

ବ୍ୟାପାରଟି ଆମକୁ ସତେଅବା ଏକ ସ୍ୱୟଂଚାଳିତ ଯନ୍ତ୍ରରହିଁ ପୁନଃପୁନଃ ଆବର୍ତ୍ତିତ ହେଉଥିବା ଏକ କ୍ରିୟା ପରି ପ୍ରତୀତ ହେବାକୁ ଲାଗିବ; ଅବଶ୍ୟ ଏକଥା ସତ ଯେ ସେହି କ୍ରିୟାର ସମଷ୍ଟିଗତ ପରିଣାମଟି ସତତ ଏକ ସୃଜନ, ବିକାଶ ତଥା ବିବର୍ତ୍ତନ ଆଡ଼କୁ ଆଗେଇହିଁ ଚାଲିଥିବ । ସତେଅବା ଭଉଁରି ଭିତରେ ପଡ଼ିଯାଇଥିଲା ପରି ତାହା ଆପଣାର ଅହଂବୋଧଟି ଦ୍ୱାରାହିଁ ଏଇଟି ସହିତ ଲିପ୍ତ ହୋଇ ରହିଥିଲା, ଯାନ୍ତ୍ରିକତାର ଆବର୍ତ୍ତନଟି ମଧ୍ୟରେ ଖାଲି ଭଉଁରି ବୁଲି ଆଗକୁ ଆଗକୁ ଚାଲିଯିବାରେ ଲାଗିଥିଲା ! ତାହାର ମନୋଗତ, ପ୍ରାଣିକ ତଥା ଭୌତିକ ବ୍ୟକ୍ତିତ୍ୱଟିକୁ ଯଦି ଥରେ ପ୍ରକୃତିର କ୍ରିୟା ଭିତରେ ଗୋଟାପୁଞ୍ଜା ଜଡ଼ିତ ହୋଇ ପଡ଼ିଥିବା ତଥା ଆପଣାକୁ ସେହି କ୍ରିୟାଟିର ଏକ ଅଙ୍ଗ ବୋଲି ଭାବୁଥିବା ଆତ୍ମାଟି ଦ୍ୱାରା ନଦେଖି ଏହି ସ୍ଥିର ଓ ଅନାସକ୍ତ ଦୃଷ୍ଟିରେ ଦେଖିପାରିବା ସମ୍ଭବ ହୋଇଯାଏ, ତେବେ ଏହାର ସ୍ୱାଭାବିକ ରୂପଟି ଏହିଭଳି ଦୃଷ୍ଟିଗୋଚର ହେବାକୁ ଲାଗେ ଯେ ଏହା ସମ୍ପୂର୍ଣ୍ଣ ଭାବରେ ସେହି ପ୍ରକୃତିରହିଁ ଯାନ୍ତ୍ରିକତା ଦ୍ୱାରା ନିୟନ୍ତ୍ରିତ-ନିର୍ଦ୍ଦିଷ୍ଟ ହୋଇ ରହିଛି ବା ତାହାର ନିର୍ଦ୍ଧାରଣରହିଁ ଏକ ପ୍ରବାହ ହୋଇ ରହିଛି, ଯାହା ପାଖରେ କି ସେ ଆପଣାର ଚେତନାର ନେ୍ୟାତିଟିକୁ ସମର୍ପିତ କରି ରଖିଛି ।

ମାତ୍ର ଆହୁରି ଆଗକୁ ଅନାଇ ପାରିଲେ ଆମେ ଦେଖିବାକୁ ପାଇବା ଯେ ଏହି ନିୟନ୍ତ୍ରଣଟି ଆଗରୁ ଯେପରି ସମ୍ପୂର୍ଣ୍ଣ ବୋଲି ପ୍ରତୀତ ହେଉଥିଲା, ତାହା ଆଦୌ ସେତେଦୂର ସମ୍ପୂର୍ଣ୍ଣ ନୁହେଁ; ପ୍ରକୃତିର ସକଳ କ୍ରିୟା ସତତ ସମ୍ଭବ ହୋଇପାରୁଛି ଓ ଆପଣାର ଏହି ସ୍ୱରୂପଟିରେ ରହିପାରିଛି, କାରଣ ତା' ପଛରେ ପୁରୁଷର ସମ୍ମତି ବିଦ୍ୟମାନ ରହିଛି । ଅବଲୋକନକାରୀ ପୁରୁଷ ଏକଥାଟି ବେଶ୍ ଦେଖିବାକୁ ପାଏ ଯେ ପ୍ରକୃତିର ଯାବତୀୟ କ୍ରିୟା ସେଇ ନିଜେ ଧାରଣ କରି ରଖିଛି, ଗୋଟିଏ ଅର୍ଥରେ ଦେଖିଲେ ସେହି କ୍ରିୟାକୁ ସେଇ ପୂର୍ଣ୍ଣ କରୁଛି ଏବଂ ଆପଣାର ଚେତନ ସତ୍ତାଟି ଦ୍ୱାରା ତାହାର ଭିତରେ ସଞ୍ଚରି ରହିଛି । ସେ ଏକଥାଟିକୁ ଆବିଷ୍କାର କରିପାରେ ଯେ ସେ ନିଜେ ନଥିଲେ ସେହି କ୍ରିୟାଟି ମଧ୍ୟ କଦାପି ସ୍ଥାୟୀ ହୋଇ ରହିପାରନ୍ତା ନାହିଁ; ଏବଂ ଯେଉଁଠାରେ ସେ ବାରବାର ଆପଣାର ଅନୁମତିଟିକୁ ପ୍ରତ୍ୟାହୃତ କରି ରଖିନେଉଛି, ସେଠାରେ ଅଭ୍ୟସ୍ତ କ୍ରିୟାଟି ମଧ୍ୟ କ୍ରମଶଃ କ୍ଷୀଣ ହୋଇ ଆସୁଛି, ଟଳି ଯାଉଛି, ଓ ତା'ପରେ ବନ୍ଦ ହୋଇଯାଉଛି । ଠିକ୍ ଏହିପରି ଭାବରେହିଁ ତା'ର ସମୁଦାୟ ସକ୍ରିୟ ମନଟିକୁ ସମ୍ପୂର୍ଣ୍ଣ ଭାବରେ ଶାନ୍ତ କରି ଦିଆଯାଇ ପାରିବ । ତଥାପି ତା' ଭିତରେ ଏପରି ଏକ ନିଷ୍କ୍ରିୟ ମନ ବି ରହିଛି, ଯାହାକି ସତେଅବା ଯନ୍ତ୍ରଚାଳିତ ପରି କ୍ରିୟା କରୁଥିବ; ମାତ୍ର କ୍ରିୟାର ଭୂମିଟି ଉପରୁ ଆପଣା ଭିତରକୁ ଅପସରି ଆସିଲେ ଏଇଟିକୁ ମଧ୍ୟ ଶାନ୍ତ କରି ଦିଆଯାଇ ପାରିବ । ଏବଂ ସେତେବେଳେ ମଧ୍ୟ

'oaob.nitrkl.ac.in' images reprocessed

ସ୍ତରରେ କିଛିଟା ତା'ର ସବୁଠାରୁ ଅଧିକ ଯନ୍ତ୍ରବତ୍ ଭାଗଗୁଡ଼ିକରେ ତଥାପି ଲାଗି ରହିଥିବ; ମାତ୍ର ସେଇଟିକୁ ମଧ୍ୟ ଶାନ୍ତ ଓ ବନ୍ଦ କରି ଦିଆଯାଇ ପାରିବ । ସେତେବେଳେ ଏପରି ଦୃଷ୍ଟିଗୋଚର ହେବ ଯେ ଆପଣାର ପ୍ରକୃତିଟି ଉପରେ ସେ କେବଳ ଭର୍ତ୍ତା ପୁରୁଷ ହୋଇ ରହି ନାହିଁ, ମାତ୍ର କେତେକାଂଶରେ ଆପଣା ପ୍ରକୃତିର ପ୍ରଭୁ ହୋଇ ରହିଛି, ଈଶ୍ୱର ହୋଇ ରହିଛି । ଅନୁମତି ପ୍ରଦାନ କରୁଥିବା ଏହି ନିସ୍ପୃହଣଟି ବିଷୟରେ ଏକ ସଚେତନତା, ଆପଣା ସମ୍ମତିର ଏହି ଆବଶ୍ୟକତାହିଁ ତା'ର ଅହଂବୋଧର କ୍ଷେତ୍ରରେ ଆପଣାକୁ ଏକ ଆତ୍ମା ବା ମନୋମୟ ସତ୍ତା ବୋଲି କଳ୍ପନା କରିବାକୁ ପ୍ରେରିତ କରି ରଖିଥିଲା, ଆପଣାର ମୁକ୍ତ ଇଚ୍ଛାରେ ସେ ଆପଣାର ଯାବତୀୟ ସମ୍ଭୂତିକୁ ସ୍ୱୟଂ ନିର୍ଣ୍ଣୟ କରୁଛି ବୋଲି ଭାବିବାକୁ ତାକୁ ପ୍ରବର୍ତ୍ତାଇଥିଲା । ମାତ୍ର ଏଠାରେ ମୁକ୍ତ ଇଚ୍ଛା କହିଲେ କେବଳ ଏକ ଅପୂର୍ଣ୍ଣ ଓ ପ୍ରାୟ ଏକ ଭ୍ରାନ୍ତ କଥାକୁହିଁ ବୁଝାଉଛି, କାରଣ ପ୍ରକୃତ ଇଚ୍ଛାଟି ଏହି କ୍ଷେତ୍ରରେ ସ୍ୱୟଂ ପ୍ରକୃତିରହିଁ ଏକ ଯାନ୍ତ୍ରିକତା ହୋଇ ରହିଛି ଏବଂ ପ୍ରତ୍ୟେକଟି ଇଚ୍ଛା ପରସ୍ପରଠାରୁ ଭିନ୍ନ ଭାବରେ ଅତୀତ କ୍ରିୟାର ପ୍ରବାହ ତଥା ତାହା ଦ୍ୱାରା ସୃଷ୍ଟ ହୋଇଥିବା ଅବସ୍ଥାଗୁଡ଼ିକର ସମଷ୍ଟି ଦ୍ୱାରାହିଁ ନିରୂପିତ ହେବାରେ ଲାଗିଛି; ଅବଶ୍ୟ ଏକଥା ସତ ଯେ ସେହି ପ୍ରବାହ ତଥା ସମଷ୍ଟିର ପରିଣାମଟି ପ୍ରତି କ୍ଷଣରେ ଏକ ନୂତନ ବିକାଶ ଓ ନୂତନ ରୂପାୟନରୂପେ ଆବିର୍ଭୂତ ହେଉଥିବାରୁ ଏହା ହୁଏତ ପ୍ରତି କ୍ଷଣରେ ମୌଳିକ ତଥା ବିଶୁଦ୍ଧ ଭାବରେ ସୃଷ୍ଟି କରି ପାରୁଥିବା ଏକ ସ୍ୱୟଂଜାତ ଇଚ୍ଛା ବୋଲି ବି ପ୍ରତୀତ ହୋଇପାରିବ । ପୁରୁଷ ବର୍ତ୍ତମାନ ଏକଥାଟିକୁ ଜାଣିବାରେ ସମର୍ଥ ହୋଇଯାଏ ଯେ ପ୍ରକୃତି ଯାହାକିଛି କରୁଥିଲା, ସେ ଏପର୍ଯ୍ୟନ୍ତ ପଛରୁ ଥାଇ ସେଇଥିଲାଗି କେବଳ ଏକ ସମ୍ମତିହିଁ ଦେଉଥିଲା । ପ୍ରକୃତି ଉପରେ ପୂର୍ଣ୍ଣ ଶାସନ କରିପାରିବା ଲାଗି ତା'ର ଉପଯୁକ୍ତ ସାମର୍ଥ୍ୟ ରହିଛି ବୋଲି ମଧ୍ୟ ଆଦୌ ପ୍ରତୀତ ହୁଏ ନାହିଁ, କେବଳ କେତୋଟି ପୂର୍ବନିରୂପିତ ସମ୍ଭାବନା ମଧ୍ୟରୁହିଁ ତାହାକୁ ବଛାବଛି କରିନେବାକୁହିଁ ହୋଇଥାଏ । ପ୍ରକୃତି ମଧ୍ୟରେ ତାହାର ଅଜ୍ଞାତ ଆବେଗଟି ମଧ୍ୟରୁ ଜନ୍ମଲାଭ କରିଥିବା ଏକ ପ୍ରତିବୋଧଶକ୍ତି ବିଦ୍ୟମାନ ଥାଏ, ଏବଂ ସେ ସୃଷ୍ଟ କରି ରଖିଥିବା କେତୋଟି ସଞ୍ଚିତ ଅବସ୍ଥାର ସମଷ୍ଟି ମଧ୍ୟରୁ ଜାତ ହୋଇଥିବା ଆନ୍ତର ଏକ ବୃହତ୍ତର ପ୍ରତିବୋଧଶକ୍ତି ମଧ୍ୟ ତା' ସାଙ୍ଗକୁ ମହଜୁଦ ରହିଥାଏ ଏବଂ ଏହିଗୁଡ଼ିକୁ ଆଣି ପ୍ରକୃତି ପୁରୁଷ ଆଗରେ କେତୋଟି ସ୍ଥାୟୀ ବିଧାନରୂପେ ଉପସ୍ଥାପିତ କରି ଦେଉଥାଏ ଏବଂ ସେଗୁଡ଼ିକୁ ପାଳନ କରିବା ଅନିବାର୍ଯ୍ୟ ବୋଲି ସୂଚିତ କରୁଥାଏ । ପ୍ରକୃତିର କ୍ରିୟାଗତ ବ୍ୟବସ୍ଥାରେ ପୁରୁଷ କୌଣସି ମୌଳିକ ପରିବର୍ତ୍ତନ ଆଣିପାରେ ନାହିଁ, ପ୍ରକୃତିର ଉପସ୍ଥିତ ଗତିସ୍ପନ୍ଦନଟିର ଭିତରୁ ଥାଇ ସେ ତା' ଉପରେ ଆପଣାର ଇଚ୍ଛାଟିକୁ ଲାଗୁ କରିପାରେ ନାହିଁ; କିଂବା, ମନୋଭୂମିଟି ଉପରେ ଦଣ୍ଡାୟମାନ ହୋଇ ରହିଥିବା ଅବସ୍ଥାରେ ସେ ପ୍ରକୃତି ଉପରେ

'oaob.nitrkl.ac.in' images reprocessed

ଆପଣାର ଏକ ଯଥାର୍ଥ ଭାବରେ ମୁକ୍ତ ନିୟନ୍ତ୍ରଣ ସମ୍ଭବ କରିପାରିବା ଲାଗି ପ୍ରକୃତିର ବାହାରକୁ ବା ତାହାର ଊର୍ଦ୍ଧ୍ୱକୁ ଆଦୌ ଚାଲିଯାଇ ପାରେ ନାହିଁ । ଏହି କ୍ଷେତ୍ରରେ ଦୁଇଆଡ଼ୁ ଦୁଇଟି ନିର୍ଭରଶୀଳତା କାର୍ଯ୍ୟ କରୁଥାଏ; ପୁରୁଷର ସମ୍ମତି ଉପରେ ପ୍ରକୃତି ନିର୍ଭର କରୁଥାଏ ଏବଂ ପ୍ରକୃତିର କ୍ରିୟାଗତ ବିଧାନ, ଶକ୍ତି ତଥା ସୀମାଗୁଡ଼ିକ ଉପରେ ପୁରୁଷ ମଧ୍ୟ ନିର୍ଭର କରି ରହିଥାଏ । ଅର୍ଥାତ୍, ମୁକ୍ତ-ଇଚ୍ଛାର ଏକ ବୋଧ ଦ୍ୱାରା ବ୍ୟାକୃତି ଅସ୍ୱୀକୃତ ହୋଇ ରହିଥାଏ ଏବଂ ପ୍ରକୃତିରେ ଘଟିଥିବା ବ୍ୟାକୃତିର ବାସ୍ତବ ସ୍ଥିତିଟି ମୁକ୍ତ ବା ସ୍ୱତନ୍ତ୍ର ଇଚ୍ଛାକୁ ପଙ୍ଗୁ କରି ରଖିଥାଏ । ପ୍ରକୃତି ଯେ କେବଳ ତାହାର ଶକ୍ତି ବ୍ୟତୀତ ଆଉ କିଛି ନୁହେଁ, ପୁରୁଷ ଏବିଷୟରେ ନିଶ୍ଚିତ ରହିଥାଏ; ମାତ୍ର ତଥାପି ସେ ସେହି ପ୍ରକୃତିର ଅଧୀନ ହୋଇ ରହିଥିବା ପରି ମନେ ହେଉଥାଏ । ପୁରୁଷ ଅନୁମନ୍ତା ହୋଇ ରହିଥାଏ ସତ, ମାତ୍ର ଈଶ୍ୱରରୂପେ ପ୍ରତିଷ୍ଠିତ ହୋଇ ପାରିଥିବା ପରି ଆଦୌ ମନେ ହେଉ ନଥାଏ ।

ତଥାପି, କେଉଁଠି ନା କେଉଁଠି ଏକ ପରମ ନିୟନ୍ତ୍ରଣ ଅବଶ୍ୟ ରହିଛି, ନିୟନ୍ତ୍ରଣକାରୀ ଈଶ୍ୱରରୂପେ ଜଣେ ପ୍ରକୃତରେ ପ୍ରତିଷ୍ଠିତ ରହିଛନ୍ତି । ସେ ଏହି ସତ୍ୟଟିକୁ ଅନୁଭବ କରିପାରୁଛି ଏବଂ ବେଶ୍ ଭଲ କରି ଜାଣିଛି ଯେ ଯଦି ସେ ସେହି ଈଶ୍ୱରଙ୍କର ସନ୍ଧାନ ପାଇପାରିବ, ତେବେ ସେ ଯଥାର୍ଥ ନିୟନ୍ତ୍ରଣ କରିବାକୁ ଅବଶ୍ୟ ସମର୍ଥ ହୋଇଯିବ; ସେତେବେଳେ ପ୍ରକୃତିର ଇଚ୍ଛାଟି ସମ୍ମୁଖରେ କେବଳ ସେହି ନିଷ୍କ୍ରିୟ ଓ ଅନୁମନ୍ତା ସାକ୍ଷୀ ବା ଭର୍ତ୍ତା ହୋଇ ରହିଥିବା ଆତ୍ମାଟିରୂପେ ଅବସ୍ଥିତ ନରହି ସେ ପ୍ରକୃତିକୁ ମୁକ୍ତ ଓ ଶକ୍ତିମନ୍ତ ଭାବରେ ଆପଣାର ସାଧନରୂପେ ବ୍ୟବହାର କରିପାରିବ, ତା'ର ଗତିସ୍ପନ୍ଦନଗୁଡ଼ିକୁ ସେ ସ୍ୱୟଂ ନିରୂପିତ କରିପାରିବ । ମାତ୍ର ଏହି ନିୟନ୍ତ୍ରଣଶକ୍ତିଟି ତାକୁ ମନର ଭୂମିରେ ମିଳିବ ନାହିଁ, ସେଇଟି ଅନ୍ୟ ଏକ ଭୂମି ବା ସ୍ଥିତିରେ ଯାଇ ଉପଲବ୍ଧ ହୋଇପାରିବ । ବେଳେବେଳେ ସେ ଏହି ନିୟନ୍ତ୍ରଣଟିକୁ ପ୍ରକୃତରେ କାମରେ ଲଗାଉଥିବା ପରି ଅନୁଭବ କରୁଥାଏ ସତ, ମାତ୍ର କେବଳ ଏକ ଗତିପଥ ବା ସାଧନରୂପେହିଁ ଏପରି ଅନୁଭବ କରୁଥାଏ, ଏହି ସାମର୍ଥ୍ୟଟି ଉପରୁ ଆଉ କେଉଁଠୁ ତା' ପାଖକୁ ଆସୁଥାଏ । ସେଇଥିରୁ ଏକଥା ସ୍ପଷ୍ଟ ହୋଇଯାଉଛି ଯେ ଏଇଟି ହେଉଛି ଏକ ଅତିମାନସ ସାମର୍ଥ୍ୟ, ସେହି ପରମ ତଦ୍‌ଗତତାରହିଁ ଏକ ସାମର୍ଥ୍ୟ, ତା'ର ମନୋମୟ ସତ୍ତାଟିଠାରୁ ଅଧିକ ବୃହତ୍ତର ଏକ ପରମ ସତ୍ତାର ସାମର୍ଥ୍ୟ; ଏହି ସତ୍ତାଟି ଯେ ସର୍ବୋଚ୍ଚ ଶିଖରରେ ଅବସ୍ଥିତ ରହିଛି ଏବଂ ତା' ଚେତନ ସତ୍ତାର ନିଭୃତ ଅନ୍ତରଟି ମଧ୍ୟରେ ଯେ ବିଦ୍ୟମାନ ରହିଛି, ସେ ସ୍ୱୟଂ ସେକଥାଟି ଆଗରୁ ଜାଣିଥାଏ । ତେଣୁ ସେହି ନିୟନ୍ତ୍ରଣ ଓ ପ୍ରଭୁତ୍ୱ ଲାଭ କରିବାକୁ ହେଲେ ତାକୁ ସେହି ପରମ ତଦ୍‌ଗତତାଙ୍କ ସହିତହିଁ ଏକ ଏକାତ୍ମତାରେ ପ୍ରବିଷ୍ଟ ହେବାକୁ ପଡ଼ିବ । ଆପଣାର

'oaob.nitrkl.ac.in' images reprocessed

ମନଶ୍ଚେତନା ମଧ୍ୟରେ ଏକପ୍ରକାର ପ୍ରତିଫଳନ ଏବଂ ପରିଗ୍ରହଣ ଦ୍ୱାରା ସେ ନିଷ୍କ୍ରିୟ ଭାବରେ ଏକଥାଟିକୁ ବେଶ୍ କରିପାରିବ; ମାତ୍ର ସେତେବେଳେ ସେ କେବଳ ଗୋଟାଏ ଗ୍ରାହୀହିଁ ହୋଇ ରହିଥିବ, ଏକ ସଞ୍ଚାରମାର୍ଗ ବା ସାଧନମାତ୍ର ହୋଇ ରହିଥିବ, ସେହି ଶକ୍ତିଟିର ଅଧିକାରୀ ହୋଇ ନଥିବ ଅଥବା ସେଥିରେ କୌଣସି ଅଂଶ ଗ୍ରହଣ କରିପାରୁ ନଥିବ । ଅନ୍ତର୍ଗତ ଆଧ୍ୟାତ୍ମ ପ୍ରବୃତ୍ତି ମଧ୍ୟରେ ନିଜର ମନୋଭୂମିକୁ ନିମଜ୍ଜିତ କରି ରଖି ସେ ଏକାତ୍ମତାରେ ଆସି ପହଞ୍ଚି ପାରିବ ସତ, ମାତ୍ର ସେତେବେଳେ ଏକାତ୍ମକ ହେବାର ଏକ ଅଭିଭୂତ ଅବସ୍ଥା ମଧ୍ୟରେହିଁ ସଚେତନ ଯାବତୀୟ କ୍ରିୟା ଏକାବେଳକେ ବନ୍ଦ ହୋଇଯିବ । ପ୍ରକୃତିର ସକ୍ରିୟ ପ୍ରଭୁରୂପେ ପ୍ରତିଷ୍ଠିତ ହୋଇ ପାରିବାକୁ ହେଲେ ତାକୁ ନିଶ୍ଚିତ ଭାବରେ କୌଣସି ଉଚ୍ଚତର ଅତିମାନସ ସ୍ଥିତକୁ ଉତ୍ତୋଳିତ ହୋଇଯିବାକୁ ପଡ଼ିବ, ଯେଉଁଠାରେ କି ନିସ୍ତ୍ରୈଗୁଣ୍ୟ ଆତ୍ମାଟି ସହିତ କେବଳ ଏକ ନିଷ୍କ୍ରିୟ ଏକାତ୍ମକତା ନୁହେଁ, ମାତ୍ର ଏକ ସକ୍ରିୟ ଏକାତ୍ମକତା ମଧ୍ୟ ସମ୍ଭବ ହୋଇଯିବ । ତେଣୁ ଏହି ବୃହତ୍ତର ଆସ୍ଥାନଟିକୁ ଅର୍ଥାତ୍ ସ୍ତରଟିର ଏହି ସ୍ଥିତିଟିକୁ ଉତ୍ତୋଳିତ ହୋଇ ପାରିବାର ମାର୍ଗଟିକୁ ଖୋଜି ବାହାର କରିବା,—ଏହାହିଁ ତା'ର ପରିପୂର୍ଣ୍ଣତା ଲାଗି ଏକମାତ୍ର ସର୍ତ୍ତ ହୋଇ ରହିଥିବ ।

ପ୍ରକୃତିର ଭୂମିରେ ରହିଥିବା ଅଜ୍ଞାନହିଁ ଏହି ଅବରୋହଣଟିକୁ ପ୍ରକୃତରେ କଷ୍ଟକର କରିପକାଏ । ସିଏ ହେଉଛି ପୁରୁଷ, ମନୋମୟ ତଥା ଜଡ଼ଗତ ପ୍ରକୃତିର ସାକ୍ଷୀ; ମାତ୍ର ସେ ଜ୍ଞାତା ନୁହେଁ, ଅର୍ଥାତ୍ ନିଜ ବିଷୟରେ ତଥା ପ୍ରକୃତି ବିଷୟରେ ସେ ଏପର୍ଯ୍ୟନ୍ତ ପୂର୍ଣ୍ଣ ଜ୍ଞାନର ଅଧିକାରୀ ହୋଇ ନାହିଁ । ମନୋଭୂମିରେ ଅବସ୍ଥିତ ଜ୍ଞାନ ତା' ଚେତନାଟି ଦ୍ୱାରା ଆଲୋକିତ ହେଉଛି, ସେ ଜଣେ ମନୋମୟ ଜ୍ଞାତା ହୋଇ ଅବଶ୍ୟ ରହିଛି ସତ, ମାତ୍ର ଏହା ଯେ ଯଥାର୍ଥ ଜ୍ଞାନ ନୁହେଁ, ଏକଥାଟି ସେ ବେଶ ଜାଣିପାରୁଛି; ତାହାର ସକଳ ଜ୍ଞାନ ଯେ ଏକ ଖଣ୍ଡିତ ଅନ୍ୱେଷଣ ଓ ଆଂଶିକ ଆବିଷ୍କାର ହୋଇ ରହିଛି, ମନର ଅତୀତ ହୋଇ ରହିଥିବା ଏକ ବୃହତ୍ତର ଆଲୋକର ଏକ ଗୌଣ ଓ ଅନିଶ୍ଚିତ ପ୍ରତିବିମ୍ବ ହୋଇ ରହିଛି ଏବଂ କାର୍ଯ୍ୟ କରିବା ଲାଗି ଏକ ଉପଯୋଗୀ ଅଥଚ ସଙ୍କୀର୍ଣ୍ଣ ସାଧନମାତ୍ର ହୋଇ ରହିଛି ଏବଂ ସେହି ବୃହତ୍ତର ଆଲୋକଟିହିଁ ଯେ ଯଥାର୍ଥ ଜ୍ଞାନ ହୋଇ ରହିଛି, ସେ ଏକଥା ବେଶ୍ ଜାଣିପାରୁଛି । ଏହି ଆଲୋକଟି ହେଉଛି ପରମ ତଦ୍‌ଗତତାରହିଁ ଆତ୍ମଜ୍ଞାନ ତଥା ସର୍ବଜ୍ଞାନ । ସତ୍ତ୍ୱର ଏହି ମନୋଗତ ଭୂମିଟିରେ ଥାଇ ମଧ୍ୟ ସେ ମୂଳଭୂତ ଆତ୍ମଜ୍ଞାନଟିରେ ବେଶ୍ ପହଞ୍ଚିଯାଇ ପାରିବ; ମନୋମୟ ଆତ୍ମାରେ ତାହାର ପ୍ରତିଫଳନ ଦ୍ୱାରା ବା ତଦ୍‌ଗତତା ମଧ୍ୟରେ ନିମଜ୍ଜିତ ହୋଇ ରହିବା ଦ୍ୱାରା ବେଶ୍ ପହଞ୍ଚିଯାଇ ପାରିବ । କିମ୍ବା ପ୍ରାଣମୟ ଆତ୍ମା ଅଥବା ଅନ୍ନମୟ ଆତ୍ମାରେ ଏକ ଅନୀଶ୍ୱରଭାବର ପ୍ରତିଫଳନ ଅଥବା ନିମଜ୍ଜନ ଦ୍ୱାରା ମଧ୍ୟ ସେଠାରେ ଯାଇ ବେଶ୍ ପହଞ୍ଚିହେବ । ମାତ୍ର ଏକ ଯଥାର୍ଥ

'oaob.nitrkl.ac.in' images reprocessed

ଫଳପ୍ରଦ ଆତ୍ମଜ୍ଞାନ ମଧ୍ୟରେ ଅଂଶଗ୍ରହଣ କରିବାକୁ ହେଲେ ଏବଂ ଏହି ମୂଳଭୂତ ଆତ୍ମଜ୍ଞାନକୁହିଁ ଏହାର ନିଷ୍ପତ୍ତିର ଆତ୍ମାରୂପେ ପ୍ରତିଷ୍ଠିତ କରି ପାରିବାକୁ ହେଲେ ତାକୁ ଉନ୍ନୀତ ହୋଇ ଅତିମାନସ ପର୍ଯ୍ୟନ୍ତ ଯିବାକୁ ପଡ଼ିବ । ଆପଣା ସତ୍ତାର ଅଧୀଶ୍ୱର ହୋଇ ପାରିବାକୁ ହେଲେ ତାକୁ ଆତ୍ମା ତଥା ପ୍ରକୃତି ଉଭୟରହିଁ 'ଜ୍ଞାତା ଈଶ୍ୱରଃ' ହୋଇ ରହିବାକୁ ପଡ଼ିବ । ଏହି କାର୍ଯ୍ୟଟିକୁ ଆଂଶିକ ଭାବରେ ମନର ଏକ ଉଚ୍ଚତର ସ୍ତରରେ ସମ୍ପନ୍ନ କରାଯାଇ ପାରିବ, ଯେଉଁଠାରେ କି ମନ ପ୍ରତ୍ୟକ୍ଷ ଭାବରେ ଅତିମାନସ ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରିବ; ମାତ୍ର ବସ୍ତୁତଃ ତଥା ସମ୍ପୂର୍ଣ୍ଣତଃ ଏହି ପରିପୂର୍ଣ୍ଣତା କଦାପି ମନୋମୟ ସତ୍ତାର ଏକ ସମ୍ପଦ ନୁହେଁ, ଏଇଟି ହେଉଛି ବିଜ୍ଞାନମୟ ପୁରୁଷର ସମ୍ପଦ । ମନୋମୟ ପୁରୁଷକୁ ତା'ଠାରୁ ବୃହତ୍ତର ବିଜ୍ଞାନମୟ ପୁରୁଷ ମଧ୍ୟକୁ ଏବଂ ତା'ପରେ ବିଜ୍ଞାନମୟ ପୁରୁଷକୁ ମଧ୍ୟ ଆନନ୍ଦମୟ ପୁରୁଷ ମଧ୍ୟକୁ ଉନ୍ନୀତ କରି ନେଇଯିବା ହେଉଛି ଏହି ପରିପୂର୍ଣ୍ଣତା ଲାଭର ସର୍ବୋତ୍ତମ ପଥ ।

ମାତ୍ର, ଏହି ପରିପୂର୍ଣ୍ଣତା ତ ଦୂରର କଥା, ଆମର ବର୍ତ୍ତମାନ ପ୍ରକୃତିଟିରେ ଆମୂଳ ପରିବର୍ତ୍ତନ ସମ୍ଭବ କରି ନପାରିବା ପର୍ଯ୍ୟନ୍ତ ଏବଂ ଯେଉଁସବୁ କେତେକେତେ ନିୟମ ଏହି ପ୍ରକୃତିର ମନୋଗତ, ପ୍ରାଣିକ ଏବଂ ଭୌତିକ ସତ୍ତାର ଜଟିଳ ଗ୍ରନ୍ଥିଟିର ଅପରିବର୍ତ୍ତନୀୟ ନିୟମ ବୋଲି ପ୍ରତୀତ ହେଉଛନ୍ତି, ସେଗୁଡ଼ିକୁ ପରିତ୍ୟାଗ କରି ନଆସିବା ପର୍ଯ୍ୟନ୍ତ ଆଦୌ କୌଣସି ପରିପୂର୍ଣ୍ଣତା ସମ୍ଭବ ହେବ ନାହିଁ । ଏକ ନିର୍ଦ୍ଦିଷ୍ଟ ତଥା ସୀମିତ ଉଦ୍ଦେଶ୍ୟର ପୂରଣ ଲାଗି, ଅର୍ଥାତ୍ ଅସ୍ଥାୟୀ ଭାବରେ ପ୍ରାଣଧାରୀ ଶରୀର ଭିତରେ ରହିଥିବା ମନୋଗତ ଅହଂଟିର ପୋଷଣ, ରକ୍ଷଣ, ତାହା ଉପରେ ଆମର ଅଧିକାରଲାଭ, ତାହାର ଅଭିବୃଦ୍ଧି, ଉପଭୋଗ, ଅନୁଭୂତି, ଆବଶ୍ୟକତା ଲାଗିହିଁ ସେହି ଗ୍ରନ୍ଥିର ନିୟମଟି ସୃଷ୍ଟ ହୋଇଛି । ଏହାର ପରିଣାମସ୍ୱରୂପ ଏଥିରୁ କେତୋଟି ଅନ୍ୟ ପ୍ରୟୋଜନ ବି ସିଦ୍ଧ ହୋଇଯାଉଛି ସତ, ମାତ୍ର ଏହାକୁହିଁ ଆମେ ତାହାର ତାତ୍କାଳିକ ତଥା ମୂଳନିର୍ଦ୍ଧାରକ ଲକ୍ଷ୍ୟ ଏବଂ ପ୍ରୟୋଜନ ବୋଲି ଜାଣିବା । ଏକ ଉଚ୍ଚତର ପ୍ରୟୋଜନ ଏବଂ ମୁକ୍ତତର ନୈମିତ୍ତିକତାରେ ପହଞ୍ଚି ପାରିବାକୁ ହେଲେ ଏହି ଗ୍ରନ୍ଥିଟିକୁ କେତେକାଂଶରେ ଛିନ୍ନଭିନ୍ନ କରିଦେବାକୁ ପଡ଼ିବ, ସେଇଟିକୁ ଅତିକ୍ରମ କରିଯିବାକୁ ହେବ ଏବଂ ତାହାକୁ ନିସ୍ତାର ଏକ ବୃହତ୍ତର ସମଞ୍ଜସତାରେ ରୂପାନ୍ତରିତ କରିଦେବାକୁ ହେବ । ଏଠାରେ ପୁରୁଷ ଦେଖିବାକୁ ସମର୍ଥ ହୁଏ ଯେ ଯେଉଁ ନିୟମଟିର ରଚନା କରାଯାଇଛି, ସେଇଟି ହେଉଛି ଆତ୍ମା ଓ ଅନାତ୍ମା ଅର୍ଥାତ୍ ଆତ୍ମଗତ ସତ୍ତା ଏବଂ ବାହ୍ୟ ବିଶ୍ୱଜଗତ ବିଷୟରେ ରହିଥିବା ଏକ ପ୍ରଥମ ଅବ୍ୟବସ୍ଥିତ ଚେତନାକୁ କେତୋଟି ସଂସ୍କାରଗତ ମାତ୍ର ତଥାପି ବିକାଶଶୀଳ ଅନୁଭୂତିକୁ ବାନ୍ଧି ନେଇ କେତେକାଂଶରେ ସ୍ଥାୟୀ ତଥା କେତେକାଂଶରେ ଅସ୍ଥାୟୀ ଭାବରେ ନିର୍ଦ୍ଧାରିତ କରାଯାଇଥିବା ଏକ ନିୟମ ବ୍ୟତୀତ ପ୍ରକୃତରେ ଆଉ କିଛି ନୁହେଁ । ପରସ୍ପର ଉପରେ

'oaob.nitrkl.ac.in' images reprocessed

କ୍ରିୟା କରୁଥିବା ମନ, ପ୍ରାଣ ଓ ଶରୀରକୁ ଏହି ନିର୍ଦ୍ଧାରିତ ନିୟମଟିକୁ ପରିତୃପ୍ତ କରୁଥାନ୍ତି; ଏହି କ୍ଷେତ୍ରରେ ସେମାନଙ୍କ ଭିତରେ କେତେବେଳେ ସମନ୍ୱୟତା ଓ ସଙ୍ଗତି ରହିଥାଏ, ମାତ୍ର ପୁଣି କେତେବେଳେ ବିରୋଧ ଓ ବୈଷମ୍ୟ ମଧ୍ୟ ରହିଥାଏ, ପାରସ୍ପରିକ ହସ୍ତକ୍ଷେପ ରହିଥାଏ, ପରସ୍ପରର କ୍ରିୟାକୁ ସୀମାବଦ୍ଧ କରି ପକାଇବାର ଏକ ଆଚରଣ ମଧ୍ୟ ରହିଥାଏ । ଖାସ୍ ମନର ବିଭିନ୍ନ କ୍ରିୟାତ୍ମକତା ଭିତରେ ଠିକ୍ ସେହିପରି ଭାବରେ ସାମଞ୍ଜସ୍ୟତା ତଥା ବିସଙ୍ଗତି ଏକ ମିଶ୍ରଣ ପରି ହୋଇ ରହିଥାଏ, ଖାସ୍ ପ୍ରାଣର ବିଭିନ୍ନ କ୍ରିୟାତ୍ମକତା ତଥା ଜଡ଼ସ୍ଥ ପ୍ରକୃତିର ବିଭିନ୍ନ କ୍ରିୟାତ୍ମକତା ଭିତରେ ମଧ୍ୟ ଆମକୁ ଠିକ୍ ତାହାହିଁ ଦେଖିବାକୁ ମିଳିଥାଏ । ଅର୍ଥାତ୍, ସମୁଦାୟ ସ୍ଥିତିଟି ସତେଅବା ଗୋଟାଏ ପ୍ରକାରର ବିଶୃଙ୍ଖଳାପୂର୍ଣ୍ଣ ଶୃଙ୍ଖଳାବଦ୍ଧତା ହୋଇ ରହିଥାଏ; ସର୍ବଦା ଆମର ଚତୁର୍ଦ୍ଦିଗରୁ ଆମକୁ ଘେରି ରହିଥିବା ଏବଂ ଆଚ୍ଛନ୍ନ କରି ରଖିଥିବା ଏକ ଅବ୍ୟବସ୍ଥାରୁହିଁ ବିବର୍ତ୍ତିତ ହୋଇ ଆସିଥିବା ଓ ପରିକଳ୍ପିତ ହୋଇଥିବା ଏକ ବ୍ୟବସ୍ଥା ହୋଇ ରହିଥାଏ ।

ପୁରୁଷକୁ ପ୍ରଥମେ ଏହି ଅସୁବିଧାଟିର ସମ୍ମୁଖୀନ ହେବାକୁ ପଡ଼ିଥାଏ; ଅର୍ଥାତ୍ ପ୍ରକୃତିର ଏକ ନାନାଭାବେ ମିଶ୍ରିତ ଓ ଅବ୍ୟବସ୍ଥିତ କ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏହି କ୍ରିୟାଟି ଭିତରେ ସ୍ପଷ୍ଟ ଅଗ୍ର-ଗମନ ବୋଲି କିଛି ନଥାଏ, ପରିଷ୍କାର କୌଣସି ଉଦ୍ଦେଶ୍ୟ ନଥାଏ, ଦୃଢ଼ ନୈମିତ୍ତିକତା ନଥାଏ; କେବଳ ଏହି ଅନୁଭୂତ ଲାଗି ଏକ ପ୍ରଚେଷ୍ଟାହିଁ ରହିଥାଏ ଏବଂ ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାରେ ଏକ ସାଧାରଣ ଓ ଆପେକ୍ଷିକ ସଫଳତାହିଁ ପ୍ରାପ୍ତ ହୋଇଥାଏ । କୌଣସି କୌଣସି ସ୍ତରରେ ଆପଣାକୁ ଅନୁକୂଳିତ କରି ପାରିବାରେ ଏକ ସ୍ୱସ୍ତିଦାୟୀ ଫଳ ମିଳି ଯାଇଥାଏ, ମାତ୍ର ସେହି କ୍ଷେତ୍ରରେ ତଥାପି ରହିଥିବା ଏକ ଅପୂର୍ଣ୍ଣତା ଓ ଅସନ୍ତୋଷଜନକ ଭାବ ଦୁଃଖ ମଧ୍ୟ ଭୋଗିବାକୁ ପଡ଼ିଥାଏ । ଏହି ମିଶ୍ରିତ ଏବଂ ଅବ୍ୟବସ୍ଥିତ କ୍ରିୟାରେ ଆବଶ୍ୟକ ସଂଶୋଧନ ଆଣିବାକୁ ପଡ଼ିବ ଏବଂ ଶୁଦ୍ଧୀକରଣକୁହିଁ ଆତ୍ମ-ପରିପୂର୍ଣ୍ଣତାର ଏକ ମହତ୍ତ୍ୱପୂର୍ଣ୍ଣ ସାଧନ ବୋଲି ଜାଣି ରଖିବାକୁ ହେବ । ଏଠାରେ ରହିଥିବା ଯାବତ ଅଶୁଦ୍ଧତା ଏବଂ ଅସନ୍ତୋଷତାରୁହିଁ ବିବିଧ ପ୍ରକାରର ସୀମାବଦ୍ଧତା ଓ ବନ୍ଧନ ଜନ୍ମଲାଭ କରିଥାଏ । ମାତ୍ର ତଥାପି ଏହି ବନ୍ଧନର ଦୁଇ ବା ତିନୋଟି ଅଧିକ ଗଣ୍ଠି ମଜବୁତ ରହିଥାଏ ଏବଂ ସେଇଥିରୁହିଁ ଅନ୍ୟ ବନ୍ଧନଗୁଡ଼ିକ ଉଦ୍ଭୂତ ହୋଇ ଆସନ୍ତି । ଏହି କ୍ଷେତ୍ରରେ ଅହଂକୁହିଁ ଆମେ ସର୍ବପ୍ରଧାନ ଗଣ୍ଠିଟି ବୋଲି ଜାଣି ରଖିବା । ଏହି ଗଣ୍ଠିଗୁଡ଼ିକ ଭିତରୁ ବାହାରି ଆସିବାକୁ ପଡ଼ିବ; ଏବଂ ଆମକୁ ଏହି ବିମୋଚନଟି ଆଣି ନଦେବା ପର୍ଯ୍ୟନ୍ତ ଆମର ଶୁଦ୍ଧୀକରଣ କଦାପି ସମ୍ପୂର୍ଣ୍ଣ ହେବ ନାହିଁ । ପୁଣି, କେତେକ ପରିମାଣରେ ଏକ ଶୁଦ୍ଧୀକରଣ ଏବଂ ବିମୋଚନ ଅର୍ଜିତ ହୋଇଗଲେ ପରେ ମଧ୍ୟ ଏହି ଶୁଦ୍ଧୀକୃତ ସାଧନଗୁଡ଼ିକୁ ଏକ ଉଚ୍ଚତର ଧ୍ୟେୟ ତଥା ପ୍ରୟୋଜନର ଅଧୀନକୁ ଆଣି,

'oaob.nitrkl.ac.in' images reprocessed

କର୍ମର ଏକ ବୃହତ୍ତର, ବାସ୍ତବ ତଥା ପରିପୂର୍ଣ୍ଣ ବ୍ୟବସ୍ଥାରୂପେ ପରିବର୍ତ୍ତିତ କରିଦେବା ତଥାପି ବାକି ରହିଥିବ । ଏହି ପରିବର୍ତ୍ତନ ବା ନୂତନ ଦୀକ୍ଷାଗ୍ରହଣଟି ଦ୍ୱାରା ସତ୍ତ୍ୱ ପ୍ରଶାନ୍ତତା, ସାମର୍ଥ୍ୟ ଏବଂ ଜ୍ଞାନଗତ ପୂର୍ଣ୍ଣତାର ଏକ ନିର୍ଦ୍ଦିଷ୍ଟ ପରିପୂର୍ଣ୍ଣତାରେ ଆସି ନିଶ୍ଚିତ୍ତ ପହଞ୍ଚିଯାଇ ପାରିବ, ଏପରିକି ଏକ ବୃହତ୍ତର ପ୍ରାଣିକ କ୍ରିୟା ଏବଂ ପରିପୂର୍ଣ୍ଣତର ଦେହଗତ ଅସ୍ତିତ୍ୱରେ ମଧ୍ୟ ଆସି ପହଞ୍ଚି ପାରିବ । ଏହି ପରିପୂର୍ଣ୍ଣତାର ଗୋଟିଏ ପରିଣାମସ୍ୱରୂପ ଏକ ବୃହତ୍ତର ଓ ପୂର୍ଣ୍ଣତାପ୍ରାପ୍ତ ଆନନ୍ଦର ଉପଲବ୍ଧି ହେବ । ଏଣୁ ଏହି ଶୁଦ୍ଧି, ମୁକ୍ତି, ସିଦ୍ଧି ଓ ଭୁକ୍ତିକୁ ଆମେ ଯୋଗକୁ ଆକାର ଦେଇ ରଖିଥିବା ଗୁରୁତ୍ୱ ଉପାଦାନ ବୋଲି ଜାଣିରଖିବା ।

ମାତ୍ର ଯଦି ପୁରୁଷ କେବଳ ବ୍ୟକ୍ତିଗତ ସତ୍ତ୍ୱଟି ଉପରେହିଁ ଜୋର୍ ଦେବାରେ ଲାଗିଥାଏ, ତେବେ ଏହି ପରିପୂର୍ଣ୍ଣତା କଦାପି ଉପଲବ୍ଧ ହେବ ନାହିଁ, ଆପଣାର ସମ୍ପୂର୍ଣ୍ଣ ବୃହତ୍ତ୍ୱରେ ତାହା କଦାପି ଦୃଢ଼ଲବ୍ଧ ଓ ସମ୍ପୂର୍ଣ୍ଣ ହୋଇ ରହିପାରିବ ନାହିଁ । ତେଣୁ ଖାଲି ଭୌତିକ, ପ୍ରାଣିକ ଏବଂ ମନୋଗତ ଅହଂଟି ସହିତ ଆପଣାର ଏକାତ୍ମକତାକୁ ବର୍ଜନ କରି ଆସିଲେ ତାହା କେବେହେଲେ ଯଥେଷ୍ଟ ହେବ ନାହିଁ, ପୁରୁଷକୁ ଆତ୍ମାର କ୍ଷେତ୍ରରେ ଏକ ବିଚ୍ଛିନ୍ନତାଧର୍ମୀ ବ୍ୟକ୍ତିତ୍ୱବାପନ୍ନତା ନୁହେଁ, ମାତ୍ର ଏକ ଯଥାର୍ଥ ଓ ବିଶ୍ୱାତ୍ମକ ବ୍ୟକ୍ତିତ୍ୱବାପନ୍ନତାର ଉପଲବ୍ଧି କରିବାକୁ ପଡ଼ିବ । ନିମ୍ନତର ପ୍ରକୃତିର ଭୂମିରେ ମନୁଷ୍ୟ ଏକ ଅହଂରେ ପର୍ଯ୍ୟବସିତ ହୋଇ ରହିଥାଏ ଏବଂ ଆପଣାର କଳ୍ପନାରେ ନିଜ ଭିତରେ ତଥା ଅନ୍ୟ ଯାବତୀୟ ଅସ୍ତିତ୍ୱ ଭିତରେ ଗୋଟିଏ ଅତି ସ୍ପଷ୍ଟ ବିଭେଦକ ଗାର ଟାଣିକରି ରଖିଥାଏ । ଅହଂକୁ ସେ ଆତ୍ମସତ୍ତ୍ୱ ବୋଲି ମଣୁଥାଏ, ଏବଂ ଅବଶିଷ୍ଟ ଆଉସବୁକୁ ଅନ୍ୟ-ସତ୍ତ୍ୱ ବୋଲି ମଣୁଥାଏ, ତା' ସତ୍ତ୍ୱରୁ ବାହାର ବୋଲି ଅନୁଭବ କରୁଥାଏ । ଆପଣା ତଥା ବିଶ୍ୱଜଗତ ବିଷୟରେ ଏହି କଳ୍ପନାଟିରୁହିଁ ତା'ର ସମଗ୍ର କ୍ରିୟାଟି ପ୍ରେରିତ ହେଉଥାଏ, ତାହାରି ଉପରେ ଭିତ୍ତି କରି ରହିଥାଏ । ମାତ୍ର ସେହି କଳ୍ପନାଟିକୁ ବସ୍ତୁତଃ କେବଳ ଏକ ଭ୍ରମ ବୋଲିହିଁ ବୁଝାଯିବ । ମନୋଗତ ଧାରଣା ମଧ୍ୟରେ ତଥା ମାନସିକ ଏବଂ ଅନ୍ୟାନ୍ୟ କ୍ରିୟାରେ ସେ ଆପଣାକୁ କେବଳ ବ୍ୟକ୍ତିଟିଏ କରି ରଖି ଅନ୍ୟମାନଙ୍କଠାରୁ ଯେତେ ତୀକ୍ଷ୍ଣ ଭାବରେ ଅଲଗା କରି ରଖିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେ ପ୍ରକୃତରେ ବିଶ୍ୱସତ୍ତ୍ୱଠାରୁ ଅବିଚ୍ଛିନ୍ନ ହୋଇ ରହିଥାଏ, ତାହାର ନିଜ ଶରୀରଟି ମଧ୍ୟ ବିଶ୍ୱଗତ ଶକ୍ତିମାନ ତଥା ବିଶ୍ୱଗତ ଜଡ଼ଟି ସହିତ ଅବିଚ୍ଛିନ୍ନ ଭାବରେ ଯୋଡ଼ା ହୋଇ ରହିଥାଏ, ତା'ର ପ୍ରାଣ ବିଶ୍ୱ-ପ୍ରାଣ ସହିତ, ତା'ର ମନ ବିଶ୍ୱ-ମନ ସହିତ ଯୁକ୍ତ ହୋଇ ରହିଥାଏ ଏବଂ ତା'ର ଆତ୍ମା ଓ ଚିଦ୍‌ଗତତା ସମଗ୍ର ବିଶ୍ୱର ଆତ୍ମା ଏବଂ ଚିଦ୍‌ଗତତାଠାରୁ ଅବିଚ୍ଛିନ୍ନ ହୋଇ ରହିଥାଏ । ବରଂ ବିଶ୍ୱସତ୍ତ୍ୱ ତା' ଉପରେ ସତତ କାର୍ଯ୍ୟ କରୁଥାଏ, ତାହାକୁ ଆକ୍ରମଣ କରୁଥାଏ, ଅଧିକାର କରି ନେଉଥାଏ, ପ୍ରତ୍ୟେକ ମୁହୂର୍ତ୍ତରେ

'oaob.nitrkl.ac.in' images reprocessed

ଆପଣାକୁ ତା' ଭିତରେ ନାନା ଆକାର ଦେବାରେ ଲାଗିଥାଏ; ଏବଂ ଏହାର ପ୍ରତିକ୍ରିୟାସ୍ୱରୂପ ସେ ନିଜେ ମଧ୍ୟ ବସ୍ତୁସତ୍ତା ଉପରେ କାର୍ଯ୍ୟ କରୁଥାଏ, ତାହାକୁ ଅତିକ୍ରମ କରୁଥାଏ, ଆପଣାକୁ ନେଇ ତା' ଉପରେ ଲଦି ଦେବାକୁ ଉଦ୍ୟମ କରୁଥାଏ, ତାହାକୁ ନାନା ଆକାର ଦେଉଥାଏ, ତାହାର ଅତିକ୍ରମ ଓ ଶାସନଟିକୁ ସଫଳ କରିଦେବାରେ ଲାଗିଥାଏ ଓ ତାହାର ସାଧନଗୁଡ଼ିକୁ ନିଜ କାମରେ ବ୍ୟବହାର କରିବାକୁ ବି ଚେଷ୍ଟା କରୁଥାଏ ।

ଏହି ସଂଘର୍ଷଟିକୁ ଆମେ ଆଧାରଭୂତ ଏକତାଟିରହିଁ ପରିଣାମ ବୋଲି ଜାଣିବା; ମୂଳସ୍ଥ ବିଚ୍ଛେଦଟିର ପ୍ରୟୋଜନରୁହିଁ ସେହି ଏକତା ଏକ ଦ୍ୱନ୍ଦ୍ୱ ବା ସଂଘର୍ଷର ରୂପ ଧାରଣ କରିଥାଏ । ମନହିଁ ସେହି ଏକତାକୁ ଦୁଇ ଭାଗ କରି ବାଣ୍ଟି ଦେଇଥାଏ ଏବଂ ସେମାନେ ସେହି ଏକତାଟିର ପୁନଃପ୍ରତିଷ୍ଠା କରିବା ଲାଗି ପରସ୍ପର ଉଦ୍ଦେଶ୍ୟରେ ଧାବିତ ହୋଇ ରହିଥାନ୍ତି ଏବଂ ଦୁଇଟିଯାକ ଖଣ୍ଡରୁ ପ୍ରତ୍ୟେକଟି ଆପଣାଠାରୁ ବିଚ୍ଛିନ୍ନ ହୋଇ ଯାଇଥିବା ଖଣ୍ଡଟିକୁ ଆବୃତ କରି ଆପଣା ମଧ୍ୟରେ ଗ୍ରହଣ କରିନେବାର ପ୍ରୟାସ କରିବାରେ ଲାଗିଥାନ୍ତି । ଏହି ବସ୍ତୁଜଗତ ସତେଅବା ସବୁବେଳେ ବ୍ୟକ୍ତି-ମନୁଷ୍ୟକୁ ଗିଳି ପକାଇବା ଲାଗି ଚେଷ୍ଟା କରୁଥିବା ପରି ମନେ ହେଉଥାଏ, ଅନନ୍ତ ସାନ୍ତକୁ ପୁଣି ଆପଣା ଭିତରେ ସମ୍ମିଳିତ କରିନେବା ଲାଗି ଉଦ୍ୟମ କରୁଥିବା ପରି ବୋଧ ହେଉଥାଏ; ସାନ୍ତ ଏହି ଗ୍ରାସଟି ଭୟରୁ ଆପଣାକୁ ରକ୍ଷା କରିବାରେହିଁ ଲାଗିଥାଏ ଏବଂ ଏପରିକି ଆକ୍ରମଣ ଦ୍ୱାରା ମଧ୍ୟ ତାହାର ପ୍ରତ୍ୟୁତ୍ତର ଦେଉଥାଏ । ମାତ୍ର ପ୍ରକୃତ ସତ୍ୟଟି ହେଉଛି ଯେ ଏହି ଆପାତ ସଂଘର୍ଷଟିର ମାଧ୍ୟମରେ ବସ୍ତୁ-ସତ୍ତା ମନୁଷ୍ୟ ଭିତରେ ଆପଣାର ଉଦ୍ଦେଶ୍ୟଟିକୁହିଁ କାର୍ଯ୍ୟକାରୀ କରିବାରେ ଲାଗିଥାଏ; ଅବଶ୍ୟ ଏକଥା ସତ ଯେ କେବଳ ଉପରିସ୍ତରଟାରେହିଁ ଚେତନ ହୋଇ ରହିଥିବା ମନଟିକୁ ଦେଇ ମନୁଷ୍ୟ ଏହି ଉଦ୍ଦେଶ୍ୟଟିର ସ୍ୱରୂପଟି ଏବଂ ସତ୍ୟକୁ ଆଦୌ ହୃଦୟଙ୍ଗମ କରିପାରେ ନାହିଁ । ସେହି ଉଦ୍ଦେଶ୍ୟଟି କେବଳ ବଡ଼ ଅସ୍ପଷ୍ଟ ଭାବରେ ଏକ ଆଧାରଗତ ଅବଚେତନ ଏକତା ମଧ୍ୟରେ ଧୃତ ହୋଇ ରହିଥାଏ, କେବଳ ଏକ ଅଧିଶାସକ ଅତିଚେତନ ଏକତା ମଧ୍ୟରେ ତାହାର କୌଣସି ଜ୍ୟୋତିର୍ମୟ ଜ୍ଞାନ ଉପଲବ୍ଧ ହୋଇପାରେ । ଆପଣାର ଅହଂଟିକୁ ସମ୍ପ୍ରସାରିତ କରିବାର ଏକ ଆବେଗ ଦ୍ୱାରା ତାଡ଼ିତ ହୋଇ ମଧ୍ୟ ମନୁଷ୍ୟ ସେହି ଏକତା ଆଡ଼କୁ ଅଗ୍ରସର ହୋଇଥାଏ, ତାହାର ଅହଂଟି ଯଥାଶକ୍ତି ଅଧିକ ଉପଯୁକ୍ତ ଭାବରେ ଅନ୍ୟ ଅହଂଗୁଡ଼ିକ ସହିତ ଆପଣାକୁ ଏକାତ୍ମକ କରି ଲଏ, ସେ ବସ୍ତୁଜଗତର ଯେତିକିସବୁ ଅଂଶକୁ ସେ ଦୈହିକ, ପ୍ରାଣିକ ତଥା ମନୋଗତ ଭାବରେ ଆପଣାର କାମରେ ଲଗାଇପାରେ ଓ ଆପଣାର ଅଧିକାରକୁ ଆଣିପାରେ, ସେଗୁଡ଼ିକ ସହିତ ମଧ୍ୟ ସେ ଏକାତ୍ମକ ହୋଇଯାଏ । ମନୁଷ୍ୟ ଯେଉଁପରି ଭାବରେ

'oaob.nitrkl.ac.in' images reprocessed

ଆପଣା ସତ୍ତାକୁ ଜାଣିବାକୁ ଏବଂ ସେଇଟି ଉପରେ ପ୍ରଭୁତ୍ୱଲାଭ କରିବାକୁ ଉଦ୍ଦେଶ୍ୟ ରଖିଥାଏ, ଠିକ୍ ସେହିପରି ସେ ତା'ର ପ୍ରାକୃତିକ ପାରିପାର୍ଶ୍ୱିକ ପୃଥିବୀଟିକୁ ମଧ୍ୟ ଜାଣିବାକୁ ଓ ସେଇଟି ଉପରେ ପ୍ରଭୁତ୍ୱଲାଭ କରିବାକୁ ଲକ୍ଷ୍ୟ ରଖିଥାଏ; ଏହି ଜଗତର ସକଳ ବସ୍ତୁ, ସକଳ ସାଧନ ଓ ସକଳ ଜୀବଙ୍କୁ ମଧ୍ୟ ଜାଣିବା ଲାଗି ଓ ଅଧିକାର କରିବା ଲାଗି ଚାହୁଁଥାଏ । ଏକ ଅହଂପ୍ରଣୋଦିତ ଅଧିକାରଲାଭ ଦ୍ୱାରାହିଁ ସେ ପ୍ରଥମେ ତାହାର ଏହି ଉଦ୍ଦେଶ୍ୟଟିକୁ ଚରିତାର୍ଥ କରିବାକୁ ଚେଷ୍ଟା କରେ, ମାତ୍ର ବିକାଶର ପଥରେ ଆଗକୁ ଯାଉଥିବା ସଙ୍ଗେସଙ୍ଗେ ତା' ଭିତରେ ସେହି ପ୍ରଚ୍ଛନ୍ନ ହୋଇ ରହିଥିବା ଏକତ୍ୱଟିରୁ ଜାତ ସହାନୁଭୂତିର ଉପାଦାନଟି ଅଭିବୃଦ୍ଧି ଲାଭ କରିବାକୁ ଲାଗେ ଏବଂ ସେ ଅଧିକରୁ ଅଧିକ ପ୍ରସାରଲାଭ କରୁଥିବା ଏକ ସହଯୋଗର ଧାରଣାରେ ଆସି ଉପନୀତ ହୁଏ, ଅନ୍ୟ ପ୍ରାଣୀମାନଙ୍କ ସହିତ ତା'ର ଏକତ୍ୱଟି ବିଷୟରେ ଅଧିକରୁ ଅଧିକ ସଚେତନତା ଲାଭ କରେ, ବିଶ୍ୱ-ପ୍ରକୃତି ଓ ବିଶ୍ୱଗତ ସତ୍ତା ସହିତ ସୌଷମ୍ୟଯୁକ୍ତ ହୁଏ ।

ତାହାର ପ୍ରୟାସଟି ଯେ ଏପରି ଅପୂର୍ଣ୍ଣ ହୋଇ ରହିଛି, ବସ୍ତୁତଃ ତା'ର ଜୀବନ ଓ ପ୍ରକୃତି ଯେ ଏପରି ଅପୂର୍ଣ୍ଣ ହୋଇ ରହିଛି, ତାହା ଏହି ବିଚ୍ଛିନ୍ନ ହୋଇ ରହିବାରୁ ଏବଂ ସେଥିରୁ ଉପୁଜୁଥିବା ସଂଘର୍ଷରୁ, ଜ୍ଞାନର ଅଭାବରୁ, ସମଞ୍ଜସତାର ଅଭାବରୁ ଏବଂ ଏକତ୍ୱର ଅଭାବରୁହିଁ ଜନ୍ମଲାଭ କରୁଛି ବୋଲି ମନ ଭିତରେ ରହିଥିବା ସାକ୍ଷୀ ପୁରୁଷ ଦେଖିବାକୁ ସମର୍ଥ ହୋଇଥାଏ । ତେଣୁ ଆପଣାର ବିଚ୍ଛିନ୍ନତାଧର୍ମୀ ବ୍ୟକ୍ତିତ୍ୱଟି ମଧ୍ୟରୁ ବିକଶିତ ହୋଇ ବାହାରି ଆସିବା, ଆପଣାକୁ ବିଶ୍ୱାତ୍ମକ କରି ରଖିବା ଏବଂ ଏହି ବିଶ୍ୱଜଗତ ସହିତ ଏକରୂପ କରି ରଖିବାହିଁ ଅତ୍ୟାବଶ୍ୟକ ହୁଏ । ଆମର ଆତ୍ମା ଆମ ମନୋଭୂମିରେ ଅବସ୍ଥିତ ରହିଥିବା ଆତ୍ମାଟିକୁ ବିଶ୍ୱଗତ ପରମ ମନଟି ସହିତ ଏକରୂପ କରିଦେଇ ପାରିଲେ ଯାଇ ଏହି ଏକତା ଉପଲବ୍ଧ ହୁଏ, ଆମର ପ୍ରାଣସ୍ଥ ଆତ୍ମାଟିକୁ ବିଶ୍ୱସ୍ଥ ପ୍ରାଣ-ଆତ୍ମା ତଥା ଶରୀରସ୍ଥ ଆତ୍ମାଟିକୁ ଜଡ଼ପ୍ରକୃତିର ବିଶ୍ୱଗତ ଆତ୍ମାଟି ସହିତ ଏକରୂପ କରିଦେଇ ପାରିଲେ ତାହା ଉପଲବ୍ଧ ହୋଇଥାଏ । ଯେତେବେଳେ ଏହା କରିପାରିବା ସମ୍ଭବ ହୋଇଯାଏ, ସେତେବେଳେ ଯେଉଁ ସାମର୍ଥ୍ୟ, ପ୍ରଗାଢ଼ତା, ଗଭୀରତା, ପୂର୍ଣ୍ଣତା ଓ ସ୍ଥାୟିତ୍ୱ ସହିତ ଏଇଟିକୁ କରାଯାଇ ପାରେ, ଠିକ୍ ସେହି ଅନୁପାତରେହିଁ ପ୍ରାକୃତ କ୍ରିୟାଟିର କ୍ଷେତ୍ରରେ ତାହାର ପରିଣାମଗୁଡ଼ିକ ମଧ୍ୟ ମହାନ୍ ହେବାକୁ ଆରମ୍ଭ କରେ । ବିଶେଷ ଭାବରେ ଏକ ଅପରୋକ୍ଷ ଏବଂ ଗଭୀର ସହାନୁଭୂତି ବିକଶିତ ହୋଇଆସେ, ମନ ମନ ସହିତ ତଥା ପ୍ରାଣ ପ୍ରାଣ ସହିତ ଭାବବୈଭବର ସମ୍ମିଳିତ ହେବାକୁ ଲାଗେ, ଶରୀର ଆଉ ପର ବିଚ୍ଛିନ୍ନ ହୋଇ ରହିବାକୁ ଅତି ଜିଦ୍ ଧରି ବସେ ନାହିଁ; ଏବଂ ଅପରୋକ୍ଷ ମନୋଗତ ତଥା ଅନ୍ୟାନ୍ୟ ପାରସ୍ପରିକ ସଂଯୋଗ ଓ କ୍ରମବର୍ଦ୍ଧମାନ ପାରସ୍ପରିକ କ୍ରିୟାର ସାମର୍ଥ୍ୟ

ମଧ୍ୟ ଉପଗତ ହୋଇଯାଏ, ଯାହାକି ଶରୀରସ୍ଥ ମନ ବ୍ୟବହାର କରି ଆସିଥିବା ସଚେତନ ସାଧନଗୁଡ଼ିକର ଏପର୍ଯ୍ୟନ୍ତ ଏକ ବୃହତ୍ତର ଅଂଶ ହୋଇ ରହିଥିବା ସେହି ଅପୂର୍ଣ୍ଣ ଓ ପରୋକ୍ଷ ସଂଯୋଗ ତଥା କ୍ରିୟାଟିକୁ ସମ୍ପୂର୍ଣ୍ଣଭାବେ ସହାୟତା କରିବାକୁ ଲାଗେ । ମାତ୍ର ପୁରୁଷ ଏକଥାଟିକୁ ତଥାପି ଦେଖି ପାରୁଥାଏ ଯେ ଯେପର୍ଯ୍ୟନ୍ତ ଆମର ମନୋଗତ, ପ୍ରାଣିକ ଏବଂ ଭୌତିକ ପ୍ରକୃତିଟିକୁ ସ୍ୱୟଂସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରାଯାଉଥିବ, ସେପର୍ଯ୍ୟନ୍ତ ଅବଶ୍ୟ ଅଭାବ ରହିବ, କୌଣସି ନା କୌଣସି ଅପୂର୍ଣ୍ଣତା ଅବଶ୍ୟ ରହିବ, କ୍ରିୟାରେ ମଧ୍ୟ କଦାପି ବ୍ୟବସ୍ଥିତତା ଆସିବ ନାହିଁ; କାରଣ ପ୍ରକୃତିର ଉକ୍ତ ନୋଟିଯାକ ଗୁଣ ସେପର୍ଯ୍ୟନ୍ତ ସଚେତନ ସମ୍ବନ୍ଧିତ ଏବଂ ବଡ଼ ଅକ୍ଷମ ଭାବରେ ପରସ୍ପର ଉପରେ କ୍ରିୟା କରିବାରେ ଲାଗିଥିବେ । ଏହି ସୀମାବନ୍ଧନଟିକୁ ପାର ହୋଇଯିବାକୁ ହେଲେ ବିଶ୍ୱାତ୍ମକତାର ଭୂମିରେ ମଧ୍ୟ ତାକୁ ଅତିମାନସ ଏବଂ ଆଧ୍ୟାତ୍ମିକ ଯାଏ ଉତ୍ତୋଳିତ ହୋଇଯିବାକୁ ପଡ଼ିବ, ଏହି ବସ୍ତୁ ଅତିମାନସ ଆତ୍ମା ଅର୍ଥାତ୍ ବିଶ୍ୱାତ୍ମକ ଚିଦ୍‌ଗତଚୋଟି ସହିତ ଏକାତ୍ମ ହୋଇ ରହିବାକୁ ପଡ଼ିବ । ଏହାଫଳରେ ସେ ଆପଣା ଭିତରେ ଓ ଏହି ବିଶ୍ୱରେ ଏପରି ଏକ ବୃହତ୍ତର ଆଲୋକ ଏବଂ ଏକ ବୃହତ୍ତର ଉଚ୍ଚତର ବ୍ୟବସ୍ଥା ମଧ୍ୟରେ ଆସି ଉପନୀତ ହୋଇଯିବ, ଯାହାକି ସେହି ଦିବ୍ୟ ସଚ୍ଚିଦାନନ୍ଦଙ୍କରହିଁ ଏକ ସ୍ୱଭାବଗତ କ୍ରିୟା ହୋଇ ରହିଥିବ । ଏହି କ୍ଷେତ୍ରକୁ ଆସି ସେ କେବଳ ଆପଣାରହିଁ ପ୍ରାକୃତ ସତ୍ତାଟି ଉପରେ ନୁହେଁ, ମାତ୍ର ଏପରିକି, ତାହାର ମଧ୍ୟରେ ସଂଘଟିତ ହେଉଥିବା ସେହି ପରମ ଚିଦ୍‌ଗତତାର କ୍ରିୟାଟିର ବାସ ତଥା ବ୍ୟାପ୍ତିଟି ଭିତରେ, ସେ ବାସ କରୁଥିବା ତା'ର ଚତୁଃପାର୍ଶ୍ୱସ୍ଥ ଏହି ପୃଥିବୀଟି ଉପରେ ମଧ୍ୟ ସେ ସେହି ଆଲୋକ ଏବଂ ସେହି ଶାସନଟିର ପ୍ରଭାବଟିକୁ ଆଣି ସଞ୍ଚାରିତ କରିଦେବାରେ ସମର୍ଥ ହୋଇପାରିବ । ସେତେବେଳେ ସେ ସ୍ୱରାଟ୍ ହେବ, ଆତ୍ମ-ଶାସିତା ଓ ଆତ୍ମ-ଶାସ୍ତାରୂପେ ପ୍ରତିଷ୍ଠିତ ହେବ; ଏବଂ ଏହି ଆଧ୍ୟାତ୍ମିକ ଏକତ୍ୱ ତଥା ଅତିକମଣଟି ଦ୍ୱାରା ସେ ସମ୍ରାଟ୍ ହେବାକୁ ମଧ୍ୟ ଆରମ୍ଭ କରିବ, ଅର୍ଥାତ୍ ଆପଣା ସତ୍ତାର ଚତୁଃପାର୍ଶ୍ୱସ୍ଥ ଜଗତଟିର ମଧ୍ୟ ନେତା ଏବଂ ପ୍ରଭୁରୂପେ ପ୍ରତିଷ୍ଠିତ ହୋଇଯିବ ।

ଆତ୍ମ-ବିକାଶର ଏହି ମାର୍ଗଧାରାଟିରେ ଜଣେ ଜଣେ ଆମ୍ଭ ସମୁଦାୟ ପୂର୍ଣ୍ଣ-ଯୋଗଟିର ଧ୍ୟେୟଟିକୁ ହାସଲ କରିପାରନ୍ତି ବୋଲି ଦେଖିବାକୁ ପାଇବ, ଅର୍ଥାତ୍ ଆପଣା ଭିତରେ ଏବଂ ଆପଣାର ବହିର୍ମୁଖ ବ୍ୟକ୍ତିଭାବଟି ମଧ୍ୟରେ ସେ ସେହି ସଚେତନ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇପାରନ୍ତି ବୋଲି ଉପଲବ୍ଧି କରିବ । ସେ ଏହି ଜଗତ ମଧ୍ୟରେ ଅଦ୍ୱିତୀୟ ଧରି ରହିଥିବା ପର୍ଯ୍ୟନ୍ତ ଏହି ପରିପୂର୍ଣ୍ଣତା ତା' ମଧ୍ୟରୁ ଏପରି ଏକ ପ୍ରଭାବ ଓ କ୍ରିୟା ଆକାରରେ ବିକୀର୍ଣ୍ଣ ହେବାକୁ ଲାଗିବ,— କାରଣ ଏହି ବିକୀର୍ଣ୍ଣ ହେବାକୁହିଁ ଆମେ ବସ୍ତୁଗତ ଶେଷ ତାହାର ସକଳ ପ୍ରାଣୀଙ୍କ

ସହିତ ତା'ର ଏକତ୍ୱର ପ୍ରୟୋଜନଟି ବୋଲି ଜାଣି ରଖିବା,—ଯାହାକି ଚତୁଷ୍ପାର୍ଶ୍ୱରେ ରହିଥିବା ସମର୍ଥ ସମସ୍ତଙ୍କୁହିଁ ଠିକ୍ ସେହି ପରିପୂର୍ଣ୍ଣତାଟି ଆଡ଼କୁ ଉତ୍ତୋଳିତ ବା ଅଗ୍ରସର ହୋଇଯିବାକୁ ସହାୟତା କରିପାରିବ; ଏବଂ ଅବଶିଷ୍ଟ ଅନ୍ୟମାନଙ୍କ ଲାଗି ମଧ୍ୟ ତାହା ଏପରି ଏକ ପ୍ରଶସ୍ତ ଓ ବିସ୍ତୃତ ଆକାର ଧରି ବଳିଷ୍ଠ ହେବ,—କାରଣ କେବଳ ଏହି ଆତ୍ମ-ଶାସ୍ତ୍ର ଓ ପ୍ରଭୁତ୍ୱପ୍ରତିଷ୍ଠିତ ମନୁଷ୍ୟହିଁ ଯଥାର୍ଥ ଭାବରେ ସେହି ସାହାଯ୍ୟଟି କରିପାରିବ,—ଯାହାକି ମନୁଷ୍ୟଜାତିକୁ ଏହି ପୂର୍ଣ୍ଣ ଚରିତାର୍ଥତାଟି ଆଡ଼କୁ ଏବଂ ସେମାନଙ୍କର ବ୍ୟକ୍ତିଗତ ତଥା ସାମୂହିକ ଜୀବନରେ ଏକ ବୃହତ୍ତର ଦିବ୍ୟ ସତ୍ୟର କୌଣସି ଆଦର୍ଶ ବା ପ୍ରତିରୂପ ଆଡ଼କୁ ଅଗ୍ରସର ହୋଇଯିବାରେ ସାହାଯ୍ୟ କରିପାରିବ । ଆପେ ଆରୋହଣ କରି ଯାଇଥିବା ସେହି ପରମ ସତ୍ୟରହିଁ ସେ ଏକ ଆଲୋକ ଓ ଏକ ଶକ୍ତିମନ୍ତ୍ର ହୋଇ ରହିବ, ଏବଂ ଅନ୍ୟମାନଙ୍କର ଆରୋହଣ ଲାଗି ମଧ୍ୟ ଏକ ନିମିତ୍ତ ପରି କାର୍ଯ୍ୟ କରିବ ।

'oaob.nitrkl.ac.in' images reprocessed

## ପଞ୍ଚମ ପରିଚ୍ଛେଦ

# ଆତ୍ମାର ସାଧନଯନ୍ତ୍ର

ଆମ ଯୋଗ ଲାଗି ଯଦି ଏକ ସୁସ୍ଥିର ପରିପୂର୍ଣ୍ଣତାର ଉପଲବ୍ଧି କରିବାକୁ ହୁଏ, ତେବେ ତାହାର ପ୍ରଥମ ଆବଶ୍ୟକତାସ୍ୱରୂପ ବର୍ତ୍ତମାନ ନାନା ଛନ୍ଦସ୍ୱନତାର ଏକ ସଙ୍ଗୀତ ସୃଷ୍ଟି କରି ରଖିବା ଲାଗି ଆମର ଯୋଗ ଯେଉଁସବୁ ସାଧନକୁ କାମରେ ଲଗାଉଛି, ସେଗୁଡ଼ିକର ଯାବତୀୟ କ୍ରିୟାରେ ଏକ ଶୁଦ୍ଧୀକରଣ ଘଟାଇବାକୁ ପଡ଼ିବ । ସ୍ୱୟଂ ଅସଲ ସତ୍ତ୍ୱଟିର, ଅର୍ଥାତ୍ ମନୁଷ୍ୟ ଭିତରେ ଅବସ୍ଥିତ ଈଶ୍ୱରବା ଆତ୍ମାର ବା ଜୀବ ସତ୍ୟଟିର ପ୍ରକୃତରେ କୌଣସି ଶୁଦ୍ଧୀକରଣ ଲଗି କୌଣସି ଅଶୋଧତା ନଥାଏ, ତାହା ସର୍ବଦା ଶୁଦ୍ଧ ରହିଥାଏ, ଆପଣା ସାଧନଗୁଡ଼ିକର ବା ଆପଣା କ୍ରିୟାଶୀଳତାର କ୍ଷେତ୍ରରେ ମନ, ହୃଦୟ ଓ ଶରୀରର ଯାବତୀୟ ସ୍ଖଳନର ସକଳ ଦୋଷ ଏବଂ ଅସାର ଆତ୍ମାଟିକୁ କଦାପି ସ୍ପର୍ଶ କରନ୍ତି ନାହିଁ; ଉପନିଷଦ୍‌ର ଭାଷାରେ କହିବାକୁ ଗଲେ, ଆମ ଚକ୍ଷୁର ଦୃଷ୍ଟିଗତ କୌଣସି ଦୋଷ ଯେପରି ସୂର୍ଯ୍ୟକୁ କଦାପି ସ୍ପର୍ଶ ବା କଳୁଷିତ କରିପାରନ୍ତି ନାହିଁ, ଠିକ୍ ସେହିପରି । ଆମର ମନ, ହୃଦୟ, ପ୍ରାଣିକ ବାସନାର ଆତ୍ମା ଏବଂ ଶରୀରସ୍ଥ ପ୍ରାଣ,—ଏହିଗୁଡ଼ିକହିଁ ଯାବତୀୟ ଅଶୁଦ୍ଧତାର ଆସ୍ଥାନ ହୋଇ ରହିଥାନ୍ତି; ତେଣୁ ଯଦି ଆତ୍ମାର କ୍ରିୟାକୁ ଏକ ପୂର୍ଣ୍ଣ ବା ଦୋଷମୁକ୍ତ କ୍ରିୟାରେ ପରିଣତ କରିବାକୁ ହୁଏ ଏବଂ ବର୍ତ୍ତମାନ ତାହା ଯେପରି ନିମ୍ନତର ପ୍ରକୃତିର ପ୍ରମାଦପୂର୍ଣ୍ଣ ବେଳେବେଳେ ସୁଖକୁ ଆପଣାର ଅଲବଦ୍ଧତ ସ୍ୱୀକୃତ ଦେଇ ରଖିଛି, ତାହାର ଯାବତୀୟ ଚକ୍ରରୁ ଯଦି ଆତ୍ମାକୁ ମୁକ୍ତ ରଖିବାକୁ ହୁଏ, ତେବେ ଆସ୍ଥାନସ୍ଥ ସେହିଗୁଡ଼ିକରେହିଁ ସଂଶୋଧନ ଆଣିବାକୁ ପଡ଼ିବ । ସାଧାରଣତଃ ଏକ ଅଭ୍ୟାସ୍ତ ଶୁଦ୍ଧତାକୁହିଁ ଶୁଚି ବୋଲି ବୁଝା ଯାଇଥାଏ; ଯେଉଁସବୁ କାର୍ଯ୍ୟ, ଅନୁଭୂତି, ଧାରଣା ବା ଇଚ୍ଛାକୁ ଆମେ ଭୁଲ୍ ବୋଲି ଭାବୁଛୁ, ଠିକ୍ ସେହିଗୁଡ଼ିକୁହିଁ ଅବରତ ନିଷିଦ୍ଧ ବା ଦମିତ କରି ରଖି ହୁଏ ଏବମ୍ପ୍ରକାର ପାପମୁକ୍ତତା ହାସଲ କରିବାକୁହିଁ ଆମେ ଶୁଚି ବୋଲି କଳ୍ପନା କରିଥାଉ; ଅଥବା, ତା' ନହେଲେ, ସେହି ସଙ୍କୋଚ ଅସ୍ୱାଭାବିକ ବା ନିଷ୍କ୍ରିୟ ଅଶୁଚିହୀନତା, ସମଗ୍ର ଜଗତକୁ ଈଶ୍ୱରମୟ ବୋଲି ଦେଖିବା, ନିଷ୍କ୍ରିୟତା ଏବଂ ନାନାଭାବେ ଜଡ଼ିତ

'oaob.nitrkl.ac.in' images reprocessed

ହେଉଥିବା ଆମର ଏହି ମନ ଏବଂ ବାସନା-ଆତ୍ମାକୁ ସମ୍ପୂର୍ଣ୍ଣ ଭାବରେ ଶାନ୍ତ କରିଦେବାକୁ ମଧ୍ୟ ଆମେ ଶୁଦ୍ଧି ବୋଲି ଭାବିଥାଉ । ନିବୃତ୍ତିମାର୍ଗୀ ସାଧନାସବୁ ଏହାକୁହିଁ ପରମ ଶାନ୍ତି ଉପଲବ୍ଧି କରିବାର ଉପାୟ ବୋଲି କହିଥାନ୍ତି, କାରଣ ଏହି ଅବସ୍ଥାଟିରେ ଆତ୍ମା ଆପଣାର ନିର୍ମଳ ଓ ପୂର୍ଣ୍ଣଶୁଦ୍ଧ ଯଥାର୍ଥ ସାରତତ୍ତ୍ୱର ସନାତନ ଶୁଦ୍ଧସ୍ୱରୂପରେ ଆବିର୍ଭୂତ ହେବାକୁ ଲାଗେ । ଏତିକି ଉପଲବ୍ଧି ସାଧିତ ହୋଇଗଲେ ତା'ପରେ ଆଉ କିଛି ଉପଭୋଗ କରିବାକୁ ବା ସମ୍ପନ୍ନ କରିବାକୁ ନଥିବ ବୋଲି କୁହା ଯାଇଥାଏ । ମାତ୍ର ପୂର୍ଣ୍ଣଯୋଗରେ ଆମ ସମ୍ମୁଖରେ ଏକ ଅଧିକ କଠିନ ସମସ୍ୟା ବିଦ୍ୟମାନ ରହିଥାଏ; ସତ୍ତାଗତ ପୂର୍ଣ୍ଣ ଆନନ୍ଦ, ଅନ୍ତରାତ୍ମାର ଯାବତୀୟ ସାଧନର ପ୍ରକୃତି ଏବଂ ଚିଦ୍‌ଗତତାର ମୂଳ ପ୍ରକୃତିଟି ଉପରେ ଆଧାରିତ ଏକ ସମଗ୍ର, ବିଶ୍ୱମସ୍ଥାନ ଏବଂ ଏପରିକି ଏକ ଅଧିକତର-ପରିମାଣ ଓ ଅଧିକ ଶକ୍ତିଶାଳୀ କ୍ରିୟାତ୍ମକତାର କଠିନ ସମସ୍ୟାଟି ଦଣ୍ଡାୟମାନ ରହିଥାଏ । ମନ, ହୃଦୟ, ପ୍ରାଣ ଓ ଦେହ,—ଏମାନଙ୍କୁ ସମସ୍ତଙ୍କୁ ସେହି ପରମ ଦିବ୍ୟପୁରୁଷଙ୍କର କାର୍ଯ୍ୟଗୁଡ଼ିକୁ କରିବାକୁ ପଡ଼ିବ; ସେମାନେ ବର୍ତ୍ତମାନ ଯାହାସବୁ କରୁଛନ୍ତି, ସେସବୁ ସମେତ ଆହୁରି ଅନେକ ଅଧିକ କରିବାକୁ ପଡ଼ିବ; ମାତ୍ର ସେଗୁଡ଼ିକୁ ଦିବ୍ୟ ଭାବରେ କରିବାକୁ ପଡ଼ିବ, ଏବଂ ସେମାନେ ବର୍ତ୍ତମାନ ସେହି କାର୍ଯ୍ୟଗୁଡ଼ିକୁ ଦିବ୍ୟ ଭାବରେ କରୁ ନାହାନ୍ତି । ସାଧକର ସମ୍ମୁଖରେ ସମସ୍ୟାଟି ପ୍ରଥମେ ଏହିଭଳି ଏକ ରୂପ ନେଇ ଆବିର୍ଭୂତ ହେବ ଏବଂ ପୂର୍ଣ୍ଣଯୋଗର ସାଧକକୁ ସେହି ସମସ୍ୟାଟିର ସମ୍ମୁଖୀନ ହେବାକୁହିଁ ପଡ଼ିବ; ଅର୍ଥାତ୍ ସେ ଯେ କୌଣସି ଅଭାବାତ୍ମକ, ନିଷେଧାଗ୍ରସ୍ତ, ନିଷ୍କ୍ରିୟ ବା ନିବୃତ୍ତିମୂଳକ ଶୁଦ୍ଧତାକୁ ଆପଣାର ଧ୍ୟେୟ କରି ରଖି ନାହିଁ ଏବଂ ଏକ ଭାବାତ୍ମକ, ସ୍ୱୀକାରାତ୍ମକ ତଥା ସକ୍ରିୟ ଶୁଦ୍ଧତାକୁହିଁ ଧ୍ୟେୟରୂପେ ଗ୍ରହଣ କରିଛି, ତାକୁ ଏହି ପ୍ରଶ୍ନଟିର ସମ୍ମୁଖୀନ ହେବାକୁ ପଡ଼ିବ । ଏକ ଦିବ୍ୟ ନିବୃତ୍ତିମୂଳକତା ଦ୍ୱାରା ତାହାକୁ ପରମାତ୍ମାଙ୍କର ପରମପବିତ୍ର ସନାତନ ସ୍ୱରୂପଟିର ଉପଲବ୍ଧି ହୋଇଥାଏ; ଏକ ଦିବ୍ୟ କ୍ରିୟାଶୀଳତା ସେହି ଉପଲବ୍ଧିଟି ସହିତ ଅନ୍ତରାତ୍ମା, ମନ ତଥା ଶରୀରର ଯଥାର୍ଥ, ଶୁଦ୍ଧ ଏବଂ ସ୍ଖଳନରହିତ କ୍ରିୟାଟିକୁ ଆଣି ସଂଯୁକ୍ତ କରି ଦେଇଥାଏ ।

ପୁନଶ୍ଚ, ଏହି ସର୍ବାଙ୍ଗୀନ ସିଦ୍ଧିଟି ଆମଠାରୁ ଯେଉଁ ଶୁଦ୍ଧତାଟିର ଦାବି କରିଥାଏ, ତାହାକୁ ଆମେ ଯାବତୀୟ ଜଟିଳ ସାଧନଗୁଡ଼ିକର ଓ ପ୍ରତ୍ୟେକଟି ସାଧନର ସବୁଯାକ ଭାଗର ପୂର୍ଣ୍ଣ ଶୁଦ୍ଧି ବୋଲିହିଁ ଜାଣିବା । ଏକ ନୈତିକତା ଦ୍ୱାରା ପ୍ରେରିତ ହେଉଥିବା ଆମର ପ୍ରକୃତିଟି ଆମଠାରୁ ଯେଉଁ ସଙ୍କୀର୍ଣ୍ଣତର ନୈତିକ ଶୁଦ୍ଧୀକରଣର ଦାବି କରୁଥାଏ, ଆଖିର ଏଇଟିକୁ ଆମେ କଦାପି ତା' ସହିତ ଏକାଠି ମିଶାଇ ଦେବା ନାହିଁ । ନୈତିକତାର ଶାସନ କେବଳ ବାସନା-ଆତ୍ମାଟିକୁ ନେଇହିଁ କାରବାର କରେ, ଆମ ସତ୍ତାର ସକ୍ରିୟ ଓ ବାହ୍ୟ ଗତିସଚଳ ଭାଗଟିକୁ ନେଇ କାରବାର କରେ,

'oaob.nitrkl.ac.in' images reprocessed

ନୈତିକ ଓ ଧର୍ମାଚରଣ ଉଭୟେ ତାହାର ଶେଷ ସୀମାବଦ୍ଧ ହୋଇ ରହିଥାଏ । କେତୋଟି କର୍ମ, କେତୋଟି ବାସନା, ଆବେଗ ଓ ପ୍ରବୃତ୍ତିକୁ ତାହା ନିଷିଦ୍ଧ ଓ ଅନୁକୂଳ କରି ରଖେ ଏବଂ କର୍ମ ଉଭୟେ ସତ୍ୟପରତା, ପ୍ରେମ, ଦୟା, କରୁଣା ଓ ଇନ୍ଦ୍ରିୟସଂଯମ ପ୍ରଭୃତି କେତେକ ବିଶେଷ ଗୁଣକୁ ପୋଷଣ କରି ରଖିବାର ଶିକ୍ଷା ଦେଇଥାଏ । ଯେତେବେଳେ ଏତକ ହାସଲ ହୋଇଯାଏ, ପୁଣି ଧର୍ମର ଏକ ନିଶ୍ଚିତ ଭିତ୍ତି ଉପରେ ହୋଇଯାଏ ଏବଂ ଏକ ଶୃଙ୍ଖଳୀକୃତ ଇଚ୍ଛା ଏବଂ ଧର୍ମର ଏକ ଦୋଷମୁକ୍ତ ଅଭ୍ୟାସ ସମ୍ଭବ ହୋଇଯାଏ, ସେତେବେଳେ ତାହା ଲାଗି ଗୁରୁ କାମ ସରିଯାଏ । ମାତ୍ର ଅପେକ୍ଷିତ ଭଲ ଓ ମନ୍ଦର ସୀମାଟିକୁ ଅତିକ୍ରମ କରି ପୂର୍ଣ୍ଣ ପବିତ୍ର ସିଦ୍ଧିକୁ ସେହି ପରମ ଉଦ୍‌ଗତତାର ଶାଶ୍ୱତ ବିଶୁଦ୍ଧତାର ଏକ ବୃହତ୍ତର ଭୂମିରେ ଯାଇ ଅବସ୍ଥାନ କରିବାକୁ ହୋଇଥାଏ । ତତ୍ପର ହୋଇ ଯେକୌଣସି ଏକ ଦଶାକୁ ସିଦ୍ଧାନ୍ତରେ ଆସି ପହଞ୍ଚିବାକୁ ଦରକାର ଯାହାଦ୍ୱାରା ବୁଦ୍ଧି ହୁଏତ ସ୍ୱଭାବତଃ ସେହିଭଳି କଳ୍ପନା କରିବାକୁ ବାହାରିଯିବ, ଭଲ ଓ ମନ୍ଦର ସୀମାଟିକୁ ଅତିକ୍ରମ କରିଯିବା କଥାଟି ବୁଝାଯିବା ଦ୍ୱାରା ଏଠାରେ କଦାପି ଏପରି ବୁଝାଯାଉ ନାହିଁ ଯେ ସବୁ ସାଧକ ସମ୍ପୂର୍ଣ୍ଣ ଉଦାସୀନ ରହି ଭଲ ଓ ମନ୍ଦ ଉଭୟଟିରେ ସଂଶ୍ଳିଷ୍ଟ ରହିବ ଏବଂ ଭଲ ଆଉ ମନ୍ଦ ଉଭୟରେ ଆଦୌ କୌଣସି ପାର୍ଥକ୍ୟ ନାହିଁ ବୋଲି ଘୋଷଣା କରିବ । ଏପରି ଏକ ଘୋଷଣା ଦ୍ୱାରା ବ୍ୟକ୍ତିଗତ ଧର୍ମ କରିବାର ଭୂମିରେ ସ୍ପଷ୍ଟତଃ ଏକ ଅସତ୍ୟଭରି ଘୋଷଣା କରାଯିବ ଏବଂ ତଦ୍ୱାରା ହୁଏତ ଏହି ଅପୂର୍ଣ୍ଣ ମନୁଷ୍ୟପ୍ରକୃତିର ଏକ ନିର୍ଦ୍ଦିଷ୍ଟ ନୀଚବୃତ୍ତିକୁ ପଣ୍ଡ ଯୋଗାଇ ରଖିବାହିଁ ସାର ହେବ । ସେହି ଘୋଷଣାଟି ଦ୍ୱାରା ଏଠାରେ ଏକଥା ମଧ୍ୟ ଆଦୌ ବୁଝାଯାଉ ନାହିଁ ଯେ ଦୁଃଖ ଓ ସୁଖ ପରି ଭଲ ଓ ମନ୍ଦ ମଧ୍ୟ ଏହି ଜଗତରେ ପରସ୍ପର ସହିତ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ ହୋଇ ରହିଥିବାରୁ,—ଏହି ଉକ୍ତିଟି ଏକ ସାଧାରଣ ନିୟମ ହିସାବରେ ଯେତେ ସମ୍ଭବ ଓ ବର୍ତ୍ତମାନ ମୁହୂର୍ତ୍ତଟିରେ ଯେତେ ସତ ହୋଇଥିଲେ ମଧ୍ୟ, ମନୁଷ୍ୟଙ୍କର ସେହି ବୃହତ୍ତର ଉଦ୍‌ଗତ ବିବର୍ତ୍ତନଟିର କ୍ଷେତ୍ରରେ ମଧ୍ୟ ଯେ ତାହା ଅବଶ୍ୟ ସତ ହେବ, ସେକଥା ଆଦୌ କହିହେବ ନାହିଁ;—ଆପଣାକୁ ମୁକ୍ତ କରି ପାରିଥିବା ବ୍ୟକ୍ତି କେବଳ ଆତ୍ମା ଉଭୟଙ୍କୁ ଧ୍ୱଂସ କରିବ ଏବଂ ଅବଶ୍ୟମ୍ଭାବୀ ଭାବରେ କେବଳ ଅପୂର୍ଣ୍ଣତା ଦ୍ୱାରାହିଁ ପଙ୍କିଳ ହୋଇ ରହିଥିବା ଏକ ପ୍ରକୃତିର ଜାଡ଼୍ୟ ଉପରକୁ ଅବାରିତ କ୍ରିୟାଶୀଳତା ମଧ୍ୟରୁ ଦୂରକୁ ବାହାରିଯିବ ଓ ସେଇଠି ଠିଆହୋଇ ରହିବ । ସକଳ କର୍ମାଚରଣର ଏକ ଚରମ ନିଷ୍ପତ୍ତିସାଧନରେ ଆସି ପହଞ୍ଚିବା ଲାଗି ଏକ ମଧ୍ୟବର୍ତ୍ତୀ ସୋପାନରୂପେ ଏହାର ଯାହାକିଛି ସମ୍ଭାବନା ରହିଥିଲେ ମଧ୍ୟ ଏକଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ କ୍ରିୟାଶୀଳ ପରିପୂର୍ଣ୍ଣତା ଲାଭ କରିବାର କ୍ଷେତ୍ରରେ ଏହା କଦାପି ଏକ ପରାମର୍ଶ ହୋଇ ରହିପାରିବ ନାହିଁ । ମାତ୍ର କେବଳ

'oaob.nitrkl.ac.in' images reprocessed

ଏହି ଅର୍ଥରେହିଁ ସେପରି କୁହାଯାଇଛି ଯେ କ୍ରିୟାଶୀଳ ସମସ୍ତ ପରିପୂର୍ଣ୍ଣତାର ସିଦ୍ଧ ଗତିଶୀଳ ଭାବରେ ସର୍ବଦା ସେହି ଦିବ୍ୟ ପରମ ଚିଦ୍‌ଗତତାର ବିଶ୍ୱାତୀତ ସାମର୍ଥ୍ୟର କ୍ରିୟାତ୍ମକତା ଭିତରେହିଁ ଅବସ୍ଥିତ ହୋଇ ରହିବ; ତାହାକୁ ସେ ଏକ ବିଶ୍ୱଗତ ପରମ ଇଚ୍ଛା ବୋଲିହିଁ ଗ୍ରହଣ କରିବ, ଯିଏକି କର୍ମପ୍ରବୃତ୍ତି ହୋଇ ଅତିମାନସ ମଧ୍ୟଦେଇ ତାହାର ମଧ୍ୟରେ ବ୍ୟକ୍ତିତ୍ୱାପନ୍ନ ହୋଇ ରହିଛି । ତେଣୁ ତାହାର ଯାବତୀୟ କର୍ମ କେବଳ ଏକ ଶାଶ୍ୱତ ଜ୍ଞାନ, ଶାଶ୍ୱତ ସତ୍ୟ, ଶାଶ୍ୱତ ଶକ୍ତିସମ୍ପନ୍ନତା, ଶାଶ୍ୱତ ପ୍ରେମ ତଥା ଶାଶ୍ୱତ ଆନନ୍ଦରହିଁ କର୍ମ ହୋଇ ରହିବ । ମାତ୍ର, ସେ ଯାହାକିଛି କାର୍ଯ୍ୟ କରୁଥିବ, ସେଥିରେ ସେହି ସତ୍ୟ, ଜ୍ଞାନ, ଶକ୍ତିସମ୍ପନ୍ନତା, ପ୍ରେମ ଓ ଆନନ୍ଦହିଁ ସମଗ୍ର ମୂଳ ଭାବ ହୋଇ ରହିଥିବ ଏବଂ ସେହି କାର୍ଯ୍ୟର ବିଶେଷ ରୂପଟି ଉପରେ ସେଗୁଡ଼ିକ କଦାପି ନିର୍ଭରଶୀଳ ହୋଇ ରହି ନଥିବ । ତାହାର ଭିତରର ଭାବାତ୍ମକ କ୍ଷେତ୍ରଟିରୁହିଁ ସେମାନେ ତାହାର କର୍ମଟିର ନିର୍ଦ୍ଧାରଣ କରି ଦେଉଥିବେ, ଓ ତାହାର କର୍ମ କଦାପି ଭାବାତ୍ମକତାର ନିର୍ଦ୍ଧାରଣ କରୁ ନଥିବ ବା ତାହାକୁ କର୍ମ କରିବାର କୌଣସି ଅପରିବର୍ତ୍ତନୀୟ ମାନ ଅଥବା ଅନମନୀୟ ଗ୍ରନ୍ଥିଟି ଭିତରେ କଦାପି ଅଧୀନ କରି ରଖି ନଥିବ । ତା' ଭିତରେ ଚରିତଗତ ନିଷ୍ଠ ଅଭ୍ୟସ୍ତତାର କୌଣସି ପ୍ରଭୁତ୍ୱ ଆଦୌ କାର୍ଯ୍ୟ କରୁ ନଥିବ; ମାତ୍ର ଏକ ଚିଦ୍‌ଗତ ସତ୍ତା ଓ ଚିଦ୍‌ଗତ ଇଚ୍ଛାହିଁ ନିର୍ଣ୍ଣୟାତ୍ମକ ହୋଇ ରହିଥିବ ଏବଂ ଖୁବ୍ ବେଶୀ ହେଲେ କର୍ମ ଲାଗି ଏକ ସ୍ୱତନ୍ତ୍ର ଏବଂ ନମନୀୟ ସ୍ୱଭାବାତ୍ମକ ଗ୍ରନ୍ଥିଟିଏହିଁ ମହଜୁଦ ରହିଥିବ । ତାହାର ଜୀବନ ସେହି ଶାଶ୍ୱତ କେତେକେତେ ଉତ୍ସରୁହିଁ ସିଧା ଗୋଟିଏ ସ୍ରୋତ ହୋଇ ପ୍ରବାହିତ ହୋଇ ଆସୁଥିବ, କୌଣସି ଅସ୍ଥାୟୀ ମାନସୀ ଗ୍ରନ୍ଥି ଅନୁସାରେ କଟା ହୋଇଥିବା ଏକ ରୂପାୟନ ହୋଇ କଦାପି ରହି ନଥିବ । ତାହାର ପରିପୂର୍ଣ୍ଣତା ଏକ ସାତ୍ତ୍ୱିକ ଶୁଦ୍ଧତା ହୋଇ ରହିବ ନାହିଁ, ମାତ୍ର ତାହା ପ୍ରକୃତିର ତିନୋଟିଯାକ ଗୁଣକୁ ପାରି ହୋଇ ଆହୁରି ଆଗକୁ ଚାଲିଯିବ; ତାହା ଅଧ୍ୟାତ୍ମ ଜ୍ଞାନ, ଅଧ୍ୟାତ୍ମ ଶକ୍ତି, ଅଧ୍ୟାତ୍ମ ଆନନ୍ଦ, ଏକତ୍ୱ ଏବଂ ଏକତ୍ୱଜନିତ ସୌଷମ୍ୟର ଏକ ପରିପୂର୍ଣ୍ଣତା ହୋଇ ରହିବ । ତାହାର ଯାବତୀୟ କର୍ମର ବାହ୍ୟ ପରିପୂର୍ଣ୍ଣତାଟି ଏହି ଅନ୍ତର୍ଗତ ଆଧ୍ୟାତ୍ମିକ ବିଶ୍ୱାତୀତତା ଏବଂ ବିଶ୍ୱଗତତାର ଆତ୍ମପ୍ରକାଶରୂପେ ମୁକ୍ତ ଭାବରେ ରୂପାୟିତ ହେବାରେ ଲାଗିଥିବ । ଏହି ପରିବର୍ତ୍ତନଟି ସକାଶେ ତାକୁ ବର୍ତ୍ତମାନ ଆମର ଏହି ମନୋଭୂମି ପାଇଁ ଅତିଚେତନ ହୋଇ ରହିଥିବା ଚିଦ୍‌ଗତତା ତଥା ଅତିମାନସର ଶକ୍ତିଟିକୁ ଆପଣା ଭିତରେ ସଚେତନ କରି ଆଣିବାକୁ ପଡ଼ିବ । ମାତ୍ର ତା'ର ବର୍ତ୍ତମାନର ମନୋଗତ, ପ୍ରାଣିକ ଏବଂ ଭୌତିକ ସତ୍ତାଟି ତାହାର ଏହି ବାସ୍ତବ ଭୂମିର ନିମ୍ନତର କ୍ରିୟାତ୍ମକତାରୁ ମୁକ୍ତ ହୋଇ ନଆସିବା ପର୍ଯ୍ୟନ୍ତ ତାହା ଭିତରେ ସେଇଟି କଦାପି କାର୍ଯ୍ୟକାରୀ

'oaob.nitrkl.ac.in' images reprocessed

ହେବ ନାହିଁ । ତେଣୁ ସର୍ବପ୍ରଥମେ ଏହି ବଶୀକରଣ ଆବଶ୍ୟକ ହୋଇ ରହିଥିବ ।

ଅନ୍ୟ ଭାଷାରେ କହିଲେ, କେବଳ ବାହ୍ୟ ଗତ୍ୟାତ୍ମକ ସ୍ୱଭାବର ନିୟନ୍ତ୍ରଣ, ସେଗୁଡ଼ିକର ନିଷ୍ପନ୍ନ, ଅନ୍ୟ କ୍ରିୟାଗୁଡ଼ିକର ନିରୋଧ ବା ଚରିତ୍ରଗତ କୌଣସି ନିର୍ଦ୍ଦିଷ୍ଟ ରୂପ ବା କୌଣସି ନିର୍ଦ୍ଦିଷ୍ଟ ମାନସିକ ଓ ନୈତିକ ସାମର୍ଥ୍ୟର ଉନ୍ମୋଚନର କୌଣସି ସୀମାବଦ୍ଧ ଅର୍ଥରେ ଆମେ ଏହି ବଶୀକରଣକୁ ବୁଝିବାର ଚେଷ୍ଟା କରିବା ନାହିଁ । ଏସବୁ ହେଉଛି ଅସଲ ସତ୍ତାଟିରୁ ନିର୍ଗତ ହୋଇ ଆସିଥିବା ସତ୍ତାଟିର କେତୋଟି ଅପ୍ରଧାନ ଲକ୍ଷଣ ମାତ୍ର, ସେଗୁଡ଼ିକୁ ଆମେ କୌଣସି ମୂଳଭୂତ ସାମର୍ଥ୍ୟ ବା ସର୍ବପ୍ରାଥମିକ ଶକ୍ତି ବୋଲି କଦାପି କହିବା ନାହିଁ । ଆମ ପ୍ରକୃତିର ସର୍ବପ୍ରାଥମିକ ସାମର୍ଥ୍ୟଗୁଡ଼ିକୁ ଆମେ ଏକ ପ୍ରଶସ୍ତତର ମନୋବୈଜ୍ଞାନିକ ଦୃଷ୍ଟିରେ ଦେଖିବାକୁ ଅବଶ୍ୟ ଚେଷ୍ଟା କରିବା । ଆମ ସତ୍ତାର ନିର୍ମିତ ଭାଗଗୁଡ଼ିକୁ ଆମେ ଅଲଗା କରି ବାଛି ରଖିବା, ସେଗୁଡ଼ିକ ମଧ୍ୟରେ ରହିଥିବା ଅଶୁଦ୍ଧତା ତଥା ପ୍ରମାଦଯୁକ୍ତ କ୍ରିୟାଜନିତ ଦୋଷଟିକୁ ଆବିଷ୍କାର କରିବା ଓ ସେଇଟିକୁ ସଂଶୋଧିତ କରିଦେବା ଏବଂ ନିଶ୍ଚିତ ହୋଇ ରହିଥିବା ଯେ ତା'ପରେ ଆଉ ସବୁକିଛି ସ୍ୱାଭାବିକ ଭାବରେ ହିଁ ଠିକ୍ ହୋଇଯିବ । ଆମକୁ ଅଶୁଦ୍ଧତାର ସେହି ଲକ୍ଷଣଗୁଡ଼ିକର ଆଦୌ କୌଣସି ଚିକିତ୍ସା ହିଁ କରିବାକୁ ପଡ଼ିବ ନାହିଁ; ଅଥବା ଯଦି କରିବାକୁ ପଡ଼ିବ, ତେବେ କେବଳ ଗୌଣ ଭାବରେ ଏକ ସାମାନ୍ୟ ସହାୟକ ସାଧନରୂପେ ତାହା କରିବାକୁ ପଡ଼ିବ; ମାତ୍ର ଏକ ଗଭୀରତର ନିଦାନନିରୂପଣ କରିସାରିବା ପରେ ତାହାର ମୂଳ ଚେରଗୁଡ଼ିକ ଉପରେ ହିଁ କୁଠାରାଘାତ କରିବାକୁ ପଡ଼ିବ । ସେତେବେଳେ ଆମେ ଦୁଇ ପ୍ରକାରର ଦୁଇଟି ଅଶୁଦ୍ଧତା ରହିଛି ବୋଲି ଦେଖିବାକୁ ପାଇବା ଏବଂ ସେହି ଦୁଇଟି ଯାକକୁ ଆମର ସମୁଦାୟ ଅଶୁଦ୍ଧିର ମୂଳ ବୋଲି ଜାଣିବା । ଗୋଟିଏ ହେଉଛି ଆମ ସୂକ୍ଷ୍ମ କରଣଗୁଡ଼ିକର ପ୍ରକୃତଟିରୁ ଜାତ ହୋଇଥିବା ଏକ ଦୋଷ, ଅର୍ଥାତ୍ ଭେଦମୂଳକ ଅଜ୍ଞାନର ସ୍ୱରୂପରୁ ହିଁ ଉତ୍ପନ୍ନ ହୋଇଥିବା ଦୋଷ; ଆମ ନୈମିତ୍ତିକ ସତ୍ତାର ପ୍ରତ୍ୟେକ ଭାଗଟିର ବିଶିଷ୍ଟ କ୍ରିୟାକୁ ଆମେ ଯେଉଁ ମୂଳତଃ ଅଯଥାର୍ଥ ଏବଂ ଅଜ୍ଞାନମୟ ରୂପଟିକୁ ଦେଇ ଦେଇଥାଉ, ତାହାହିଁ ଏହି ତ୍ରୁଟି ବା ଅଶୁଦ୍ଧତାର ସ୍ୱରୂପ ହୋଇ ରହିଥାଏ । ଅନ୍ୟ ଅଶୁଦ୍ଧତାଟି ଏକ ବୃତ୍ତିନିକର କ୍ରମାଗତ ପ୍ରକ୍ରିୟାଟିରୁ ହିଁ ଜନ୍ମଗ୍ରହଣ କରିଥାଏ, ଯେଉଁଠାରେ କି ପ୍ରାଣ ଦେହର କ୍ଷେତ୍ରରେ ଆବଦ୍ଧ ହୋଇ ଆସେ ଏବଂ ତାହାର ଉପରେ ହିଁ ନିର୍ଭର କରି ରହିଥାଏ, ମନ ପ୍ରାଣ ତଥା ଦେହ ଉଭୟ କ୍ଷେତ୍ରରେ ଆବଦ୍ଧ ହୋଇ ଆସେ ଏବଂ ତାହାର ଉପରେ ହିଁ ନିର୍ଭରଶୀଳ ରହିଥାଏ, ଏତମାନଙ୍କ ମନ ଭିତରେ ଜନ୍ମଲାଭ କରେ ମାତ୍ର ମନର ଶାସକ ହୋଇ ରହିବା ପରିବର୍ତ୍ତେ ତାହାର ସହାୟକ ହୋଇ ରହିଥାଏ ଏବଂ ସ୍ୱୟଂ ଆତ୍ମା ମଧ୍ୟ ମନୋମୟ ସତ୍ତାର

'oaob.nitrkl.ac.in' images reprocessed

ସେହି ଶରୀରଗତ ଜୀବନର କେବଳ ଏକ ପରିବେଶରୂପେହିଁ ପ୍ରତୀତ ହେଉଥାଏ ଏବଂ ନିମ୍ନସ୍ଥ ଅପୂର୍ଣ୍ଣତାଗୁଡ଼ିକରେ ଚିତ୍‌ଗତତାକୁ ଆବୃତ କରି ରଖିଦିଏ । ଉଚ୍ଚତର ସ୍ତରଗୁଡ଼ିକ ନିମ୍ନତର ସ୍ତରଗୁଡ଼ିକ ଉପରେ ଏହିପରି ନିର୍ଭରଶୀଳ ହୋଇ ରହିବାରୁହିଁ ଆମ ପ୍ରକୃତିର ଦ୍ୱିତୀୟ ତ୍ରୁଟିଟି ନିଷ୍ପନ୍ନ ହୁଏ; ଏହି କ୍ଷେତ୍ରରେ ନାନାପ୍ରକାରର କାର୍ଯ୍ୟ ପରସ୍ପର ସହିତ ଆସି ଗୋଳାଆମିଶା ହୋଇଯାଏ, ଯାହାଫଳରେ କି ନିମ୍ନତର ସାଧନର ଅଶୁଦ୍ଧ କ୍ରିୟାତ୍ମକତାଟି ଉଚ୍ଚତର ସାଧନର କ୍ରିୟାତ୍ମକତା ଭିତରେ ଆସି ପ୍ରବେଶ କରି ପକାଏ ଏବଂ ସେଥିରେ ବିମୂଢ଼ତା, ଭ୍ରାନ୍ତ ଦିଗ୍‌ଦର୍ଶନ ଏବଂ ଦୃଷ୍ଟିଗତ ଅନିଶ୍ଚିତତାର ଆତୁର ଗୋଟିଏ ଅପୂର୍ଣ୍ଣତାକୁ ଆଣି ଯୋଡ଼ି ଦେଇଯାଏ ।

ତେଣୁ ଉପଭୋଗ ଏବଂ ଅଧିକାରଲାଭ ହେଉଛି ଜୀବନତତ୍ତ୍ୱ ଅର୍ଥାତ୍ ପ୍ରାଣିକ ଶକ୍ତିର ପ୍ରକୃତ କ୍ରିୟା; ଏହି ଦୁଇଟିଯାକକୁ ସମ୍ପୂର୍ଣ୍ଣ ଭାବରେ ଉଚିତ ବା ନ୍ୟାୟସଙ୍ଗତ ବୋଲି ବୁଝାଯିବ, କାରଣ ପରମ ଆତ୍ମା ଆନନ୍ଦ ଲାଗିହିଁ ଏହି ବିଶ୍ୱଜଗତର ସୃଷ୍ଟି କରିଛନ୍ତି, ଅର୍ଥାତ୍ ସେହି ପରମ ଏକ ଦ୍ୱାରା ଅନେକର ଉପଭୋଗ ଓ ତାହା ଉପରେ ଅଧିକାରଲାଭ, ଅନେକ ଦ୍ୱାରା ପରମ ଏକର ଉପଭୋଗ ଓ ତାହା ଉପରେ ଅଧିକାର-ଲାଭ ଏବଂ ଅନେକ ଦ୍ୱାରା ଅନେକର ଉପଭୋଗ ଓ ତାହା ଉପରେ ଅଧିକାରଲାଭ ଲାଗି ମଧ୍ୟ ସେ ଏହି ଜଗତର ସୃଷ୍ଟି କରିଛନ୍ତି । ମାତ୍ର,—ଏବଂ ଏଇଟିକୁ ଆମେ ପ୍ରଥମ ପ୍ରକାରର ଦୋଷଟିର ଏକ ଉଦାହରଣ ବୋଲି କହିପାରିବା,—ବିଚ୍ଛିନ୍ନତାଧର୍ମୀ ଅଜ୍ଞାନ ଏହି ଆନନ୍ଦକୁ କାମନା ଏବଂ ବାସନାର ଏକ ରୂପ ଆଣି ଦେଇଯାଏ, ଏହି କାମନା ଏବଂ ବାସନା ସକଳ ଉପଭୋଗ ତଥା ଅଧିକାରଲାଭକୁ କଳୁଷିତ କରିଦିଅନ୍ତି ଏବଂ ଏଇଟି ଉପରେ ଏହାର ବିରୋଧୀ ରୂପଗୁଡ଼ିକୁ ଅର୍ଥାତ୍ ଅଭାବ ଏବଂ ଦୁଃଖକୁ ଆଣି ଲଦିଦିଅନ୍ତି । ପୁଣି, ମନ ଆପେ ବିବର୍ତ୍ତିତ ହୋଇ ଆସିଥିବା ସେହି ପ୍ରାଣ ଭିତରେ ବଦ୍ଧ ହୋଇ ପଡ଼ିଥିବାରୁ, ଏହି କାମନା ଏବଂ ବାସନା ମାନସିକ ସଂକଳ୍ପ ତଥା ମାନସିକ ଜ୍ଞାନର କ୍ରିୟାଟି ଭିତରେ ମଧ୍ୟ ଆସି ପଶିଯାଆନ୍ତି । ତାହାଫଳରେ ସଂକଳ୍ପ କାମନାର ଏକ ସଂକଳ୍ପରେ ପରିଣତ ହୋଇଯାଏ, ବୁଦ୍ଧି ଦ୍ୱାରା ଚାଳିତ ଏକ ସଂକଳ୍ପ ଏବଂ ବୁଦ୍ଧିସମ୍ପନ୍ନ କାର୍ଯ୍ୟସାଧନର ଏକ ବିବେଚନାସମର୍ଥ ଶକ୍ତି ହୋଇପାରିବା ପରିବର୍ତ୍ତେ ବାସନାରହିଁ ଏକ ଶକ୍ତିରେ ପରିଣତ ହୋଇଯାଏ; ଏବଂ ତାହା ବିଚାର ଏବଂ ବିବେକକୁ ଏପରି ଭାବରେ ବିକୃତ କରିପକାଏ, ଯାହାଫଳରେ କି ଆମେ ଆମର ବାସନା ତଥା ପୂର୍ବଧାରଣାଗୁଡ଼ିକ ଦ୍ୱାରାହିଁ ପ୍ରେରିତ ହୋଇ ବିଚାର ଏବଂ ବିବେଚନା କରିବାକୁ ଲାଗୁ; ଏକ ଶୁଦ୍ଧ ବିଚାରର ନିଷ୍ପକ୍ଷ ନିରପେକ୍ଷତା ଦ୍ୱାରା ପରିଚାଳିତ ହୋଇପାରୁ ନାହିଁ ଏବଂ କେବଳ ସତ୍ୟକୁହିଁ ସ୍ପଷ୍ଟଭାବରେ ଜାଣିବାକୁ ଏବଂ ତାହାର କ୍ରିୟାଗୁଡ଼ିକର ଲକ୍ଷ୍ୟସବୁକୁ ଯଥାର୍ଥ ଭାବରେ ବୁଝିବାକୁ ଆଗ୍ରହ ରଖିଥିବା ବୁଦ୍ଧିଗତ ଯଥାର୍ଥତା ଦ୍ୱାରା ପ୍ରେରିତ ହୋଇପାରୁ ନାହିଁ । ଏଇଟିକୁ ଆମେ

'oaob.nitrkl.ac.in' images reprocessed

ମିଶ୍ରିତ ହୋଇ ପଡ଼ିବାର ଏକ ଉଦାହରଣ ବୋଲି ଜାଣିବା । ଏହି ଦୁଇଟିଯାକ ପ୍ରକାରର ଦୋଷ, ଅର୍ଥାତ୍ କ୍ରିୟାର ଅଶୁଦ୍ଧ ରୂପ ଏବଂ କ୍ରିୟାର ଅନୁଚିତ ମିଶ୍ରଣ,— ଏଗୁଡ଼ିକ କେବଳ ଏହି ବିଶେଷ ଦୃଷ୍ଟାନ୍ତଗୁଡ଼ିକ ଭିତରେହିଁ ସୀମାବଦ୍ଧ ହୋଇ ରହି ନାହାନ୍ତି, ସେଗୁଡ଼ିକ ପ୍ରତ୍ୟେକ ସାଧନ ଭିତରେ ରହିଛନ୍ତି ଏବଂ ସେଗୁଡ଼ିକର କ୍ରିୟାତ୍ମକତାର ପ୍ରତ୍ୟେକ ମିଶ୍ରଣ ଭିତରେହିଁ ରହିଛନ୍ତି । ଆମ ପ୍ରକୃତିର ସମୁଦାୟ ବ୍ୟବସ୍ଥାଟି ଉପରେ ବ୍ୟାପ୍ତ ହୋଇ ରହିଛନ୍ତି । ଆମ ଜନ୍ମଗତ ସାଧନରୂପୀ ପ୍ରକୃତିଟିରେ ସେଗୁଡ଼ିକ ଗୋଟିଏ ଗୋଟିଏ ମୌଳିକ ତ୍ରୁଟି ହୋଇ ରହିଛନ୍ତି; ଏବଂ ଯଦି ଆମେ ସେଗୁଡ଼ିକୁ ଠିକ୍ ଭାବରେ ବ୍ୟବସ୍ଥିତ କରିଦେଇ ପାରିବା, ତେବେ ଆମର ନୈମିତ୍ତିକ ସତ୍ତ୍ୱଟିକୁ ଆମେ ଏକ ଶୁଦ୍ଧାବସ୍ଥାକୁ ନେଇଆସି ପାରିବା; ଏକ ଶୁଦ୍ଧ ସଙ୍କଳ୍ପ ଏବଂ ସଂବେଗର ଏକ ଶୁଦ୍ଧ ହୃଦୟର ସ୍ପଷ୍ଟତାକୁ ଉପଭୋଗ କରିପାରିବା, ଆମ ପ୍ରାଣିକତାର ଶୁଦ୍ଧ ଉପଭୋଗ କରିପାରିବା, ଏକ ଶୁଦ୍ଧ ଶରୀରର ମଧ୍ୟ ଉପଭୋଗ କରିପାରିବା । ସେଇଟିକୁ ପ୍ରକୃତରେ ଏକ ପ୍ରାରମ୍ଭିକ ବା ମାନବୀୟ ପରିପୂର୍ଣ୍ଣତା ବୁଝାଯିବ; ମାତ୍ର ସେଇଟିକୁ ଏକ ଭିତ୍ତିରୂପେ ମଧ୍ୟ ବ୍ୟବହାର କରିହୋଇ ପାରିବ ଏବଂ ଆପଣାର ଆତ୍ମ-ସିଦ୍ଧିର ପ୍ରୟାସରେ ତାହା ଆପଣାକୁ ସେହି ବୃହତ୍ତର ଅର୍ଥାତ୍ ଦିବ୍ୟ ପରିପୂର୍ଣ୍ଣତା ମଧ୍ୟକୁ ଉନ୍ମୋଚିତ କରିଦେଇ ପାରିବ ।

ମନ, ପ୍ରାଣ ଓ ଦେହ ହେଉଛନ୍ତି ଆମ ଜନ୍ମଗତ ପ୍ରକୃତିର ତିନୋଟି ସାମର୍ଥ୍ୟ । ମାତ୍ର ଆମେ ସେଗୁଡ଼ିକୁ ପରସ୍ପରଠାରୁ ସମ୍ପୂର୍ଣ୍ଣ ଅଲଗା ଭାବରେ ଅଡେଇ ଦେଇ କରିପାରିବା ନାହିଁ, କାରଣ ପ୍ରାଣ ଏକ ମଧ୍ୟବର୍ତ୍ତୀ ସଂଯୋଜକରୂପେହିଁ କାର୍ଯ୍ୟ କରୁଥାଏ; ପ୍ରାଣ ଦେହକୁ ଆପଣାର ସ୍ୱଭାବଟି ଯୋଗିଦିଏ ଏବଂ ଅନେକ ପରିମାଣରେ ଆମ ମନୋଭୂମିଟିକୁ ମଧ୍ୟ ଆପଣାର ସ୍ୱଭାବଟି ଦ୍ୱାରା ପ୍ରଭାବିତ କରି ରଖେ । ଆମର ଶରୀର ହେଉଛି ଏକ ପ୍ରାଣଯୁକ୍ତ ଶରୀର, ଶରୀରର ଯାବତୀୟ କ୍ରିୟାରେ ପ୍ରାଣର ଶକ୍ତି ଓତପ୍ରୋତ ଭାବରେ ମିଶି ରହିଥାଏ ଏବଂ ତାହାର ନିରୂପଣ କରି ଦେଉଥାଏ । ଆମର ମନକୁ ମଧ୍ୟ ଅନେକ ପରିମାଣରେ ଏକ ପ୍ରାଣପ୍ରଧାନ ମନ ବୋଲି ବୁଝାଯିବ, ଦୈହିକ ସଂବେଦନର ଏକ ମନ ବୋଲି ବୁଝାଯିବ । କେବଳ ଆପଣାର ଉଚ୍ଚତର କ୍ରିୟାଗୁଡ଼ିକର କ୍ଷେତ୍ରରେହିଁ ତାହାକୁ ସାଧାରଣତଃ ପ୍ରାଣର ଅଧୀନ ଏକ ଭୌତିକ ମନୋଗତତାର ଯାବତୀୟ କ୍ରିୟାଠାରୁ କୌଣସି ବୃହତ୍ତର କ୍ରିୟାର ସମର୍ଥ ବୋଲି ବୁଝାଯାଇ ପାରିବ । ଆମେ ଏହାକୁ ଏହିପରି ଗୋଟିଏ ଅବରୋହ କ୍ରମରେ ରଖି ବର୍ଣ୍ଣନା କରିପାରିବା । ପ୍ରଥମତଃ, ଆମ ପାଖରେ ଏକ ଦେହ ରହିଛି, ଭୌତିକ ପ୍ରାଣ-ଶକ୍ତିହିଁ ଏହି ଦେହକୁ ଧାରଣ କରି ରଖିଛି; ଭୌତିକ ପ୍ରାଣର ଏକ ପ୍ରବାହ ସମୁଦାୟ ସ୍ନାୟୁମଣ୍ଡଳଟି ମଧ୍ୟରେ ପ୍ରବାହିତ ହେବାରେ ଲାଗିଛି ଏବଂ ଆମ ଦେହଗତ ଯାବତୀୟ କ୍ରିୟାରେ ଆପଣାର ଛାପଟିକୁ ଆଣି ଲଗାଇ ଦେଉଛି, ଯାହାଫଳରେ ତ ସବୁକଛି

ଏକ ପ୍ରାଣବନ୍ତ ଶରୀରର କ୍ରିୟାଟିର ସ୍ୱଭାବଗୁଡ଼ିକ ଧାରଣ କରି ରହିଛି ଏବଂ ଆଦୌ ଏକ ଜୀବନହୀନ ଓ ଯନ୍ତ୍ରଚାଳିତ ଶରୀର ପରି ବୋଧ ହେଉ ନାହିଁ । ପ୍ରାଣ ଏବଂ ଶରୀରସତ୍ତା ଦୁହେଁ ମିଶି ଏହି ସ୍ଥୂଳ ଶରୀରଟିକୁ ଗଢ଼ିଛନ୍ତି । ଏଇଟି କେବଳ ବାହ୍ୟ ଯନ୍ତ୍ରଟି ହୋଇ ରହିଛି, ପ୍ରାଣର ସ୍ନାୟୁଗତ ସାମର୍ଥ୍ୟଟି ଶରୀରର ରୂପାୟନଟି ଉପରେ ସ୍ଥୂଳ-ଭୌତିକ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା କାର୍ଯ୍ୟ କରିବାରେ ଲାଗିଛି । ତା'ପରେ ଅନ୍ତରସ୍ଥ ସାଧନ ଅର୍ଥାତ୍ ଅନ୍ତଃକରଣ ରହିଛି, ସଚେତନ ମନୋଭୂମିର କ୍ଷେତ୍ରଟି ରହିଛି । ପୁରାତନ ଦର୍ଶନରେ ଏହି ଅନ୍ତର୍ଗତ ସାଧନଟିକୁ ଚାରୋଟି ସମର୍ଥତାରେ ବିଭକ୍ତ କରାଯାଇଛି : ଗୋଟିଏ ହେଉଛି ଚିତ୍ତ ଅର୍ଥାତ୍ ଆଧାରଭୂତ ମାନସିକ ଚେତନା, ଦ୍ୱିତୀୟଟି ହେଲା ମନ ଅର୍ଥାତ୍ ଇନ୍ଦ୍ରିୟକୁ ଆଶ୍ରୟ କରି ରହିଥିବା ମନ, ତୃତୀୟଟି ବୁଦ୍ଧି ଓ ଚତୁର୍ଥଟି ଅହଙ୍କାର । ଏହିପରି ଏକ ଶ୍ରେଣୀବିଭାଗ ଆରମ୍ଭବିନ୍ଦୁରୂପେ ଆମର ଅନେକ କାମରେ ଆସିପାରେ; ଅବଶ୍ୟ ଏକଥା ସତ ଯେ ଏକ ବୃହତ୍ତର କ୍ରିୟାତ୍ମକ ପ୍ରୟୋଜନ ଲାଗି ଆମକୁ ଏଥିରେ ଆହୁରି ଅଧିକ ପାର୍ଥକ୍ୟନିରୂପଣ କରିବାକୁ ପଡ଼ିବ । ଏହି ମନୋଭୂମିଟିରେ ପ୍ରାଣ-ଶକ୍ତି ବ୍ୟାପ୍ତ ହୋଇ ରହିଛି ଏବଂ ସେହି ପ୍ରାଣ-ଶକ୍ତି ଏଠାରେ ସୂକ୍ଷ୍ମ ପ୍ରାଣମୟ ଚେତନା ଲାଗି ତଥା ପ୍ରାଣ ଉପରେ ସୂକ୍ଷ୍ମ କ୍ରିୟା ଲାଗି ଏକ ଯନ୍ତ୍ର ପରି ହୋଇ ରହିଛି । ଇନ୍ଦ୍ରିୟଗତ ମନ ଏବଂ ଆଧାରଗତ ଚେତନାର ପ୍ରତ୍ୟେକଟି ତନ୍ତୁ ଏହି ସୂକ୍ଷ୍ମ ପ୍ରାଣ-ଶକ୍ତିର କ୍ରିୟାତ୍ମକତା ଦ୍ୱାରା ଅନ୍ତଃସଞ୍ଚାରିତ ହୋଇ ରହିଛି; ଏହା ଏକ ସ୍ନାୟୁଗତ ବା ପ୍ରାଣିକ ତଥା ଭୌତିକ ମନୋଭୂମି ହୋଇ ରହିଛି । ଏପରିକି ବୁଦ୍ଧି ଓ ଅହଂ ମଧ୍ୟ ଏହି ପ୍ରାଣ ଦ୍ୱାରାହିଁ ଅଭିଭୂତ ହୋଇ ରହନ୍ତି; ମାତ୍ର ଏକଥା ମଧ୍ୟ ସତ ଯେ ମନକୁ ଏହି ପ୍ରାଣିକ, ସ୍ନାୟୁଗତ ଓ ଭୌତିକ ମନୋଗତତାର ଅଧୀନତାରୁ ଅତିକ୍ରାନ୍ତ କରାଇ ଉପରକୁ ନେଇଯିବାକୁ ମଧ୍ୟ ବୁଦ୍ଧି ଓ ଅହଂ ଭିତରେ ସମର୍ଥତା ରହିଛି । ଏହି ମିଶ୍ରଣଟି ଫଳରେ ଆମ ଭିତରେ ସମ୍ବେଦନସମର୍ଥ ବାସନା-ଆତ୍ମାଟି ଜନ୍ମଲାଭ କରୁଛି ଏବଂ ତାହାହିଁ ଏକ ଉଚ୍ଚତର ମାନବୀୟ ପରିପୂର୍ଣ୍ଣତା ତଥା ତା'ଠାରୁ ଆହୁରି ବୃହତ୍ ଏକ ଦିବ୍ୟ ପରିପୂର୍ଣ୍ଣତା ସକାଶେ ସର୍ବପ୍ରଧାନ ଅନ୍ତରାୟ ହୋଇ ରହୁଛି । ପରିଶେଷରେ, ଆମର ଏହି ବର୍ତ୍ତମାନର ଚେତନ ମନର ଭୂମିଟି ଉପରେ ଏକ ପ୍ରଚ୍ଛନ୍ନ ଅତିମାନସ ଅବସ୍ଥିତ ରହିଛି, ଯାହାକୁ କି ଆମେ ସେହି ପରିପୂର୍ଣ୍ଣତାର ପ୍ରକୃତ ସାଧନ ଏବଂ ସ୍ୱକୀୟ ଧାମ ବୋଲି ଜାଣି ରଖିବା ।

ଚିତ୍ତ ଅର୍ଥାତ୍ ଆଧାରଭୂତ ଚେତନାଟି ଅଧିକାଂଶତଃ ଅବଚେତନ ରହିଛି; ଏହାର ପ୍ରକଟ ଏବଂ ଅପ୍ରକଟ ଦୁଇ ପ୍ରକାରର କ୍ରିୟା ରହିଛି, ସେଥି ଭିତରୁ ଗୋଟିଏ ନିଷ୍କ୍ରିୟ ବା ଗ୍ରହଣଶୀଳ ହୋଇ ରହିଛି ଓ ଆରଟି ସକ୍ରିୟ ବା ପ୍ରତିକ୍ରିୟାସମର୍ଥ ଏବଂ ରଚନାସମର୍ଥ ହୋଇ ରହିଛି । ଏକ ନିଷ୍କ୍ରିୟ ସାମର୍ଥ୍ୟରୂପେ ତାହା ଯାବତୀୟ ବାହ୍ୟ ସ୍ପର୍ଶକୁ ଗ୍ରହଣ କରୁଛି, ଅନେକ ସମୟରେ ମନ ମଧ୍ୟ ସେହି ସ୍ପର୍ଶଗୁଡ଼ିକ ବିଷୟରେ

'oaob.nitrkl.ac.in' images reprocessed

ସଜ୍ଞାନ ରହିପାରୁ ନାହିଁ, ଅନ୍ୟମନସ୍କ ରହିଯାଉଛୁ; ତଥାପି ସେଗୁଡ଼ିକୁ ନେଇ ଏକ ନିଷ୍କ୍ରିୟ ଅବଚେତନ ସ୍ମୃତିର ବିଶାଳ ଭଣ୍ଡାର ଭିତରେ ସାଇତି ରଖୁଛୁ, ଏବଂ ଏକ ସକ୍ରିୟ ସ୍ମୃତି ପରି ହୋଇ ରହିଥିବା ମନ ସେହି ଭଣ୍ଡାରଟିରୁ ସେଗୁଡ଼ିକୁ ଆହରଣ କରିପାରୁଛି । ମାତ୍ର ମନ ସେହି ସମୟରେ ଯେଉଁଗୁଡ଼ିକୁ ନିରୀକ୍ଷଣ କରିଥିଲା ଓ ବୁଝିଥିଲା, ସାଧାରଣତଃ ସେ କେବଳ ସେହିଗୁଡ଼ିକରହିଁ ଆହରଣ କରିପାରୁଛି; ଯେଉଁଗୁଡ଼ିକୁ ସେ ଭଲ କରି ନିରୀକ୍ଷଣ କରିଥିଲା ଓ ଯତ୍ନର ସହିତ ବୁଝିଥିଲା, ତାହାକୁ ଅଧିକ ସହଜରେ ଆହରଣ କରୁଛି ଏବଂ ଯାହାକୁ ଯତ୍ନର ସହିତ ଦେଖି ନଥିଲା ଓ ଭଲ କରି ବୁଝି ନଥିଲା, ସେ ତାହାକୁ କମ୍ ସହଜରେ ଆହରଣ କରିପାରୁଛି । ମାତ୍ର ତହିଁ ସଙ୍ଗେ ସଙ୍ଗେ ଚେତନା ଭିତରେ ଏପରି ଏକ ଶକ୍ତି ରହିଛି, ଯାହାକି, ମନ ଯାହାକୁ ଆଦୌ ନିରୀକ୍ଷଣ କରି ନଥିଲା, ଯାହା ପ୍ରତି କୌଣସି ଧ୍ୟାନ ଦେଇ ନଥିଲା ବା ଏପରିକି ସଚେତନ ଭାବରେ ଆଦୌ ଅନୁଭବହିଁ କରି ନଥିଲା, ସେଗୁଡ଼ିକୁ ମଧ୍ୟ ସେହି ମନର ବ୍ୟବହାର ଲାଗି ସକ୍ରିୟ ମନଟି ପାଖକୁ ପ୍ରେରଣ କରିଦେଉଛି । ଆମ ଦେଖିବାକୁ କେବଳ କେତେକ ଅସାଧାରଣ ଅବସ୍ଥାରେହିଁ ଏହି ସାମର୍ଥ୍ୟଟି କାର୍ଯ୍ୟ କରୁଛି; ଯେତେବେଳେ ଅବଚେତନ ସ୍ତରର କେତେକ ଅଂଶ ସତେଅବା ଉପରିଭାଗକୁ ଆସିଯାଉଛି, ବା ଆମ ଭିତରେ ରହିଥିବା ପ୍ରଚ୍ଛନ୍ନ ସତ୍ତାଟି ଦ୍ୱାରଦେଶରେ ଆସି ପହଞ୍ଚିଯାଉଛି ଏବଂ ବାହ୍ୟ ଜଗତଟି ସହିତ ଆମର ଯାବତୀୟ ପ୍ରତ୍ୟକ୍ଷ ସମ୍ପର୍କ ଓ ଆଦାନପ୍ରଦାନ ଘଟୁଥିବା ଏବଂ ଆମକୁ ନେଇ ଆମର ଯାବତୀୟ ଅନ୍ତର୍ଗତ କ୍ରିୟାଶୀଳତା ଉପରିଭାଗରେ ଆସି ବିକଶିତ ହୋଇ ଉଠୁଥିବା ଆମ ମନୋଭୂମିର ସେହି ବହିଃ-ସଦନଟିରେ ତାହା କିୟତ୍କାଳ ଲାଗି କେତେକ ଭୂମିକାରେ ଆସି ଅବତୀର୍ଣ୍ଣ ହେଉଛି, ସେହିସବୁ ସମୟରେହିଁ ତାହା ଆମ ଭିତରେ କାର୍ଯ୍ୟ କରୁଛି । ସ୍ମୃତିର ଏହି କାର୍ଯ୍ୟଟି ସମ୍ପୂର୍ଣ୍ଣ ମନୋଗତ କ୍ରିୟାଟି ଲାଗି ସର୍ବଦା ଏପରି ମୌଳିକ ଭାବରେ ଆବଶ୍ୟକ ହୋଇ ରହିଥାଏ ଯେ ଅନେକ ସମୟରେ 'ସ୍ମୃତିହିଁ ମନୁଷ୍ୟ' ବୋଲି କୁହାଯାଇଥାଏ । ଏପରିକି ଏହି ଅବଚେତନ ସ୍ତର ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଦେହଗତ ତଥା ପ୍ରାଣଗତ ଅବମାନସିକ କ୍ରିୟାର କ୍ଷେତ୍ରରେ ମଧ୍ୟ, ଚେତନ ମନର ନିୟନ୍ତ୍ରଣରେ ରହି ନଥିଲେ ସୁଦ୍ଧା ଏକ ପ୍ରାଣିକ ତଥା ଭୌତିକ ସ୍ମରଣଶକ୍ତି ଅବଶ୍ୟ ଅବସ୍ଥିତ ରହିଛି । ଆମର ପ୍ରାଣିକ ତଥା ଶାରୀରିକ ଅଭ୍ୟାସଗୁଡ଼ିକ ମୁଖ୍ୟତଃ ଏହି ଅବମାନସିକ ସ୍ମୃତିଶକ୍ତି ଦ୍ୱାରାହିଁ ଗଠିତ ହେଉଛି । ଏବଂ ଏଇଥିଲାଗି ଚେତନ ମନ ତଥା ଇଚ୍ଛାଶକ୍ତିର ଏକ ଅଧିକ ଶକ୍ତିଶାଳୀ କ୍ରିୟା ଦ୍ୱାରା ଏଗୁଡ଼ିକୁ ଏକ ଅନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ମଧ୍ୟ ବଦଳାଇ ଦିଆଯାଇ ପାରୁଛି; ମାତ୍ର ଏକଥାଟି ସେତେବେଳେ ଯାଇ ସମ୍ଭବ ହେଉଛି, ଯେତେବେଳେ ଚେତନ ମନ ଏବଂ ସଙ୍କଳ୍ପ ବାରମ୍ବାର ତର ପ୍ରାଣିକ ତଥା ଭୌତିକ କ୍ରିୟାର ଏକ ନୂତନ ଅଭ୍ୟାସଟି ଲାଗି ଅବଚେତନ ତର

'oaob.nitrkl.ac.in' images reprocessed

ପାଖକୁ ଚିତ୍ତଗତତା ବା ଆତ୍ମାର ସଂକଳ୍ପଟିକୁ ବହନ କରି ଆଣିବାର ଆବଶ୍ୟକ ସାଧନଟିକୁ ଆବିଷ୍କାର କରିନେଇ ପାରୁଛନ୍ତି । ଏପରିକି, ଆମର ପ୍ରାଣ ତଥା ଶରୀରର ସମୁଦାୟ ରଚନାଟିକୁ ମଧ୍ୟ ଆମେ ଅଭ୍ୟାସର ଏକ ଗୋଷ୍ଠୀ ବା ବିଡ଼ାଟିଏ ବୋଲି ବର୍ଣ୍ଣନା କରିପାରିବା, ଯାହାକି ଆମର ପ୍ରକୃତିଗତ ଅତୀତ ବିକାଶଟି ଦ୍ୱାରା ତିଆରି ହୋଇ ଆସିଛି ଏବଂ ଏହି ପ୍ରଚ୍ଛନ୍ନ ଚେତନାର ଅବିରାମ ସ୍ମୃତିଟି ଦ୍ୱାରା ଏକାନ୍ତ ସୁରକ୍ଷିତ ହୋଇ ରହିଛି । କାରଣ, ପ୍ରାଣ ତଥା ଶରୀର ପରି ଚିତ୍ ଅର୍ଥାତ୍ ଚେତନାର ମୌଳିକ ଉପାଦାନଟି ମଧ୍ୟ ବିଶ୍ୱପ୍ରକୃତିରେ ସର୍ବତ୍ର ବ୍ୟାପ୍ତ ହୋଇ ରହିଛି, ମାତ୍ର ଜଡ଼ସ୍ଥ ପ୍ରକୃତିଟି ମଧ୍ୟରେ ତାହା ଅବଚେତନ ଓ ଯନ୍ତ୍ରବତ୍ ହୋଇ ରହିଛି ।

ମାତ୍ର ବସ୍ତୁତଃ ମନ ବା ଅନ୍ତର୍ଗତ ସାଧନଯନ୍ତ୍ରଟିର ଯାବତୀୟ କ୍ରିୟା ଏହି ଚିତ୍ ବା ମୌଳିକ ଚେତନାଟିରୁହିଁ ଉଦ୍ଭୂତ ହୋଇ ଆସୁଛି, ଏବଂ ଏହି ଚେତନା ଆମର ସକ୍ରିୟ ମନୋଭୂମିଟି ଲାଗି ଅଂଶତଃ ଚେତନ ଓ ଅଂଶତଃ ଅବଚେତନ ବା ଅନ୍ତଃପ୍ରଚ୍ଛନ୍ନ ହୋଇ ରହିଛି । ଏହି ଚେତନାଟି ଉପରେ ଯେତେବେଳେ ବାହ୍ୟ ଜଗତ୍ସ୍ପର୍ଶଗୁଡ଼ିକର ଆଘାତ ଆସି ବାଜୁଛି, ଅଥବା ଯେତେବେଳେ ଏହା ଆତ୍ମଗତ ଅନ୍ତର୍ଗତ ସତ୍ତାଟିର ମନନସମର୍ଥ ଶକ୍ତିଗୁଡ଼ିକ ଦ୍ୱାରା ପ୍ରେରିତ ହେଉଛି, ସେତେବେଳେ ଏହା କେତେକ ଅଭ୍ୟସ୍ତ କ୍ରିୟାକୁ ଉପରିଭାଗକୁ କ୍ଷିପ୍ତ କରିଦେଉଛି ଏବଂ ଆମ ବିବର୍ତ୍ତନଟି ଦ୍ୱାରାହିଁ ଏହି କ୍ରିୟାଗୁଡ଼ିକର ଗୁଚ୍ଛଟି ନିର୍ଦ୍ଧାରିତ ହୋଇ ରହିଛି । ଆମର ସଂବେଗଗତ ମନକୁ ଆମେ ଏହି କ୍ରିୟାଗୁଡ଼ିକର ନାନା ରୂପ ମଧ୍ୟରୁ ଗୋଟିଏ ରୂପ ବୋଲି କହିପାରିବା, ଏବଂ ସୁବିଧା ଲାଗି ସଂକ୍ଷେପରେ ସେହି ମନଟିକୁ ଆମେ ହୁଏତ ହୃଦୟ ବୋଲି ବି କହିପାରିବା । ଆମର ସଂବେଗଗୁଡ଼ିକୁ ଆମେ ପ୍ରତିକ୍ରିୟା ଓ ପ୍ରତିସ୍ପନ୍ଦନର ସେହିସବୁ ତରଙ୍ଗ ବୋଲି ଜାଣିବା, ଯାହାକୁ ଆମେ ଚିତ୍ତବୃତ୍ତି ବୋଲି କହୁବା ଏବଂ ଯାହାକି ସେହି ଆଧାରଭୂତ ଚେତନାଟିରୁ ଉତ୍ଥିତ ହୋଇ ଆସିଥାନ୍ତି । ସେଗୁଡ଼ିକର କ୍ରିୟାଟି ମଧ୍ୟ ଅଧିକାଂଶତଃ ଅଭ୍ୟାସ ଏବଂ ଏକ ସଂବେଗମୟ ସ୍ମୃତି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ସେଗୁଡ଼ିକ ଆଦୌ କୌଣସି ଅଲଂଘ୍ୟ ସତ୍ୟ ନୁହନ୍ତି, କୌଣସି ଅଟଳ ନିୟମ ନୁହନ୍ତି; ଆମର ସଂବେଗମୟ ସତ୍ତାଟିର ଏପରି ଗୋଟିଏ ବି ନିୟମ ନାହିଁ ଯାହାକୁ କି ଆମେ ବସ୍ତୁତଃ ଆମ ଲାଗି ଅନିବାର୍ଯ୍ୟ ବୋଲି କହିପାରିବା ଅଥବା ଯାହାର ଅଧୀନ ହୋଇ ରହିବା ବ୍ୟତୀତ ଆମ ପାଖରେ ପ୍ରକୃତରେ କୌଣସି ଅନ୍ୟ ଗତିହିଁ ନାହିଁ । ମନ ଉପରେ ଆସି ବାଜୁଥିବା କେତେକ ବିଶେଷ ବାହ୍ୟସ୍ପର୍ଶ ଉଦ୍ଦେଶ୍ୟରେ ଦୁଃଖର ପ୍ରତିସ୍ପନ୍ଦନ ଜଣାଇବା ଲାଗି ଆମେ ଆଦୌ ବାଧ୍ୟ ନୋହୁଁ, ଆଉ କେତେକ ବାହ୍ୟସ୍ପର୍ଶ ଲାଗି କ୍ରୋଧର ପ୍ରତିସ୍ପନ୍ଦନ ଜଣାଇବାକୁ ମଧ୍ୟ ବାଧ୍ୟ ନୋହୁଁ; ପୁଣି ଅନ୍ୟ ଆଉ କେତେଗୁଡ଼ିକ ଉଦ୍ଦେଶ୍ୟରେ ଘୃଣା ବା ଅଶ୍ରଦ୍ଧା ପ୍ରକାଶ କରିବାକୁ ବାଧ୍ୟ ନୋହୁ ଏବଂ ଅନ୍ୟଗୁଡ଼ିକ ଉଦ୍ଦେଶ୍ୟରେ ଶ୍ରଦ୍ଧା ବା ପ୍ରେମର ପ୍ରତିସ୍ପନ୍ଦନ

ଜଣାଇବାକୁ ମଧ୍ୟ ବାଧ୍ୟ ନୋହୁଁ । ଏସବୁ ବସ୍ତୁକୁ ଆମେ ଆମ ସଂବେଦନମୂଳକ ମନୋଭୂମିର କେବଳ କେତେଗୁଡ଼ିଏ ଅଭ୍ୟାସ ବୋଲି ହିଁ ଜାଣିପାରିବା; ଆମ୍ଭର ଚେତନ ଇଚ୍ଛା ଦ୍ୱାରା ସେଗୁଡ଼ିକୁ ଅବଶ୍ୟ ପରିବର୍ତ୍ତିତ କରାଯାଇ ପାରିବ, ସେଗୁଡ଼ିକୁ ନିରୁଦ୍ଧ କରି ରଖାଯାଇ ପାରିବ ଏବଂ ଆମେ ଦୁଃଖ, କ୍ରୋଧ, ଘୃଣା ତଥା ରୁଚି ଓ ଅରୁଚିର ଦ୍ୱନ୍ଦ୍ୱଟିର ଅଧୀନ ହୋଇ ରହିବାରୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଉପରକୁ ଉଠିଯାଇ ପାରିବା । ଆମର ସଂବେଦନମୟ ମନର କ୍ଷେତ୍ରରେ ଆମେ ଯେତେବେଳ ଯାଏ ତାହାର ଯନ୍ତ୍ରବତ୍ କ୍ରିୟାଟିର ଅଧୀନ ହୋଇ ରହିବାରେ ଲାଗିଥିବା, କେବଳ ସେତେବେଳ ଯାଏଁ ହିଁ ଆମେ ଏସବୁର ଅଧୀନ ହୋଇ ରହିଥିବା । ସେହି କ୍ରିୟାଟିର କବଳ ଭିତରୁ ମୁକ୍ତ ବାହାରି ଆସିପାରିବା ପ୍ରକୃତରେ ବଡ଼ କଷ୍ଟକର, କାରଣ ଆମର ଅତୀତ ଅଭ୍ୟସ୍ତତାଟି ଆମ ଉପରେ ପ୍ରକୃତରେ ବଡ଼ ବଳୀୟାନ୍ ହୋଇ ରହିଥାଏ ଏବଂ ବିଶେଷ କରି ଆମ ମନର ପ୍ରାଣିକ ସ୍ତର ଅର୍ଥାତ୍ ସ୍ନାୟୁଗତ ପ୍ରାଣପ୍ରଧାନ ମନ ବା ସୂକ୍ଷ୍ମ ପ୍ରାଣଟି ଆମକୁ ଅତ୍ୟନ୍ତ ଦୃଢ଼ଭାବରେ ଜାବୁଡ଼ି କରି ଧରିଥାଏ । ସଂବେଦନମୟ ମନର ଏହି ପ୍ରକୃତିଟି ତଳର କେବଳ ଏକ ପ୍ରତିଚ୍ଛବି ମାତ୍ର ହିଁ ହୋଇ ରହିଥାଏ, ଏବଂ ଏଥିରେ ତାହା ସ୍ନାୟୁଗତ ପ୍ରାଣସଂବେଦନ ଏବଂ ସୂକ୍ଷ୍ମ ପ୍ରାଣର ପ୍ରତିସ୍ପନ୍ଦନଗୁଡ଼ିକ ଉପରେ ଏକ ପ୍ରକାର ଘନିଷ୍ଠ ଭାବରେ ନିର୍ଭର କରେ ଏବଂ ତାହାର ଏହି ପ୍ରକୃତିଟି ଏପରି ଏକ ବିଶିଷ୍ଟ ସ୍ୱଭାବର ହୋଇ ରହିଥାଏ ଯେ କେତେକ ସ୍ଥଳରେ ତାହାକୁ ଚିତ୍ତ ଏବଂ ପ୍ରାଣ ବୋଲି ବୁଝାଯାଏ, ହୃଦୟ ବା ପ୍ରାଣ-ଆତ୍ମା ବୋଲି ବୁଝାଯାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରାଣିକ ବାସନା ଏବଂ ପ୍ରତିସ୍ପନ୍ଦନମୂଳକ ଚେତନାର ମିଶ୍ରଣଟି ଆମ ଭିତରେ ସେହି ବାସନା-ଆତ୍ମାଟିକୁ ସୃଷ୍ଟି କରି ରଖିଛି, ଏହାକୁ ଆମେ ତାହାର ଏକ ସର୍ବାଧିକ ପ୍ରତ୍ୟକ୍ଷ ଭାବରେ ଉତ୍ତେଜକ ଏବଂ ଉଗ୍ରଶାଳୀ ଭାବରେ ଅଦମ୍ୟ କ୍ରିୟା ବୋଲି ଅବଶ୍ୟ କହିପାରିବା । ଏବଂ ତଥାପି ଆମ ଭିତରେ ସଂବେଦନମୟ ଯେଉଁ ଯଥାର୍ଥ ଆତ୍ମା ରହିଛି, ଯେଉଁ ଯଥାର୍ଥ ଚୈତ୍ୟ ଆତ୍ମାଟି ରହିଛି, ତାହା କଦାପି ଏକ ବାସନା-ଆତ୍ମା ନୁହେଁ; ମାତ୍ର ତାହା ହେଉଛି ଶୁଦ୍ଧ ପ୍ରେମ ଓ ଶୁଦ୍ଧ ଆନନ୍ଦର ଏକ ଆତ୍ମା । ମାତ୍ର, ଆମ ଯଥାର୍ଥ ସତ୍ତାର ଅବଶିଷ୍ଟ ସକଳ ସ୍ତର ପରି, ଯେତେବେଳେ କାମନାମୟ ଜୀବନ ଦ୍ୱାରା ସୃଷ୍ଟ ହୋଇଥିବା ବିକୃତିଟିକୁ ଉପରସ୍ତରରୁ ଘୁଞ୍ଚାଇ ଦିଆଯାଇ ପାରିବ ଏବଂ ଯେତେବେଳେ ତାହା ଆଉ ଆମ ସତ୍ତାର ଏକ ବିଶିଷ୍ଟ ଲକ୍ଷଣ ହୋଇ ରହିବ ନାହିଁ, ସେତେବେଳେ ଯାଇ ସେହି ଶୁଦ୍ଧ ଚୈତ୍ୟ ଆତ୍ମାଟି ଆବିର୍ଭୂତ ହୋଇ ଆସିପାରିବ । ସେହିଟିକୁ ସମ୍ପନ୍ନ କରି ପାରିବାକୁ ଆମେ ଆମର ଶୁଦ୍ଧି, ମୁକ୍ତି ତଥା ସିଦ୍ଧିର ଏକ ଅବଶ୍ୟକ ଅଙ୍ଗ ବୋଲି ଜାଣିବା ।

ଆମର ଶୁଦ୍ଧ ସଂବେଦନାତ୍ମକ ମନୋଭୂମିରେହିଁ ସୂକ୍ଷ୍ମ ପ୍ରାଣର ସ୍ନାୟୁଗତ କ୍ରିୟାଟି ସବୁଠାରୁ ଅଧିକ ସ୍ପଷ୍ଟଭାବରେ ଅନୁଭୂତ ହୋଇଥାଏ । ଏହି ସ୍ନାୟୁଗତ

'oaob.nitrkl.ac.in' images reprocessed

ମନୋଭୂମିହିଁ ବସ୍ତୁତଃ ଅନ୍ତର୍ଗତ ସାଧନଟିର ସକଳ କ୍ରିୟାର ଅନୁଧାବନ କରେ ଏବଂ ଇନ୍ଦ୍ରିୟସଂବେଦନଟିକୁ ଛାଡ଼ିଦେଲେ ବ୍ୟାପାରଗୁଡ଼ିକର ଏକ ବୃହତ୍ତର ଅଂଶ ହୋଇ ରହିଥିବା ପରି ମନେହୁଏ । ଆମର ସଂବେଗଗୁଡ଼ିକହିଁ ଏହାଦ୍ୱାରା ବିଶେଷ ଭାବରେ ଆକ୍ରାନ୍ତ ହୋଇ ରହିଥାନ୍ତି ଏବଂ ସେଗୁଡ଼ିକ ଉପରେ ସର୍ବଦା ସେହି ପ୍ରାଣରହିଁ ମୋହର ବସି ରହିଥାଏ; ଅର୍ଥାତ୍ ଏପରିକି ଭୟ ମଧ୍ୟ ଏକ ସଂବେଗ ହୋଇ ରହିବା ଅପେକ୍ଷା ଅଧିକତର ପରିମାଣରେ ଏକ ସ୍ନାୟୁଗତ ସଂବେଦନହିଁ ହୋଇ ରହିଥାଏ; କ୍ରୋଧ ମୁଖ୍ୟତଃ ବା ଅନେକ ସମୟରେ ଏକ ସଂବେଦନମୂଳ ପ୍ରତିସ୍ପନ୍ଦନହିଁ ହୋଇ ରହିଥାଏ ଏବଂ ସଂବେଗରୂପେ ଉକୁଟି ଆସିବାରେ ଲାଗିଥାଏ । ଏଗୁଡ଼ିକୁ ଛାଡ଼ିଦେଲେ ଅନ୍ୟ ଅନୁଭୂତିଗୁଡ଼ିକ ଅଧିକାଂଶତଃ ହୃଦୟର ବ୍ୟାପାର ହୋଇ ରହିଥାନ୍ତି, ଅଧିକ ଅନ୍ତରସ୍ଥ ହୋଇ ରହିଥାନ୍ତି; ମାତ୍ର ସେଗୁଡ଼ିକ ସୂକ୍ଷ୍ମ ପ୍ରାଣର ସ୍ନାୟୁଗତ ତଥା ଭୌତିକ ଲାଳସା ଅଥବା ବହିର୍ମୁଖୀ ଆବେଗଗୁଡ଼ିକ ସହିତ ଯାଇ ଆପଣାର ସମ୍ବନ୍ଧ ଯୋଡ଼ି ଦିଅନ୍ତି । ପ୍ରେମ ହେଉଛି ହୃଦୟର ଗୋଟିଏ ସଂବେଗ ଏବଂ ତାହା ଅବଶ୍ୟ ଏକ ଶୁଦ୍ଧ ଅନୁଭୂତି ହୋଇ ରହିପାରେ; ମାତ୍ର ହୃଦୟସ୍ଥ ଏହି ପ୍ରେମ ଆପଣାକୁ ଅତ୍ୟନ୍ତ ସହଜରେ ଶରୀର ଭିତରେ ରହିଥିବା ଏକ ପ୍ରାଣିକ ବାସନା ସହିତ ନେଇ ଗଁଠାଇ ଦେଇଥାଏ । ଏକଥା ସତ ଯେ ଯାବତୀୟ ମନୋଗତତା, ଆମର ମନ ଏହି ଶରୀର ଭିତରେ ବାସ କରୁଥିବାରୁ, ଶରୀରର ଉପାଦାନଟିରେ କୌଣସି ନା କୌଣସି ପ୍ରକାରର ପ୍ରାଣିକ ପ୍ରଭାବ ଏବଂ ପ୍ରତିସ୍ପନ୍ଦନ ଅବଶ୍ୟ ଉତ୍ପନ୍ନ କରିବ ଏବଂ ଏପରିକି ଆମର ଭାବନା ମଧ୍ୟ ଏହିଭଳି ପ୍ରଭାବ ଓ ପ୍ରତିସ୍ପନ୍ଦନ ଉତ୍ପନ୍ନ କରିଥାଏ; ମାତ୍ର ଏହାର ଆଦୌ କୌଣସି କାରଣ ନାହିଁ ଯେ ସେଥିଲାଗି ସେଗୁଡ଼ିକ କେବଳ ଏକ ଭୌତିକ ପ୍ରକୃତିରହିଁ ହୋଇ ରହିବ । ଭୌତିକ ବାସନାର ଅଧୀନ ହୋଇ ରହିବାକୁ କାମ ବୋଲି କୁହାଯାଇଥାଏ ଏବଂ ଏହି ଭୌତିକ ଉପାଦାନଟିକୁ ସକଳ କାମମୟତାରୁ ଅବଶ୍ୟ ଶୁଦ୍ଧ କରି ରଖାଯାଇ ପାରେ, ତାହାକୁ ଏକ ପ୍ରେମରେହିଁ ପରିଣତ କରି ରଖାଯାଇ ପାରେ ଯାହାକି ଶରୀରକୁ ଏକ ଭୌତିକ ତଥା ଏକ ମାନସିକ ଏବଂ ହୃଦ୍‌ଗତ ନିକଟତା ଲାଗି ମଧ୍ୟ ବ୍ୟବହାର କରିପାରେ । ମାତ୍ର ପ୍ରେମ ଏସବୁଥିରୁ ଆପଣାକୁ ଏକାବେଳକେ ଅଲଗା ମଧ୍ୟ କରି ରଖିପାରେ, ଏପରିକି ସର୍ବୋପତମ ଦୈହିକ ଉପାଦାନଟିରୁ ଆପଣାକୁ ଅଲଗା କରି ରଖିପାରେ, ଅଥବା କେବଳ ତାହାର ଏକ ଛୁସ୍ଥାଟି ବ୍ୟତୀତ ଆପଣାକୁ ସବୁକିଛିରୁ ପୃଥକ୍ କରି ରଖିପାରେ ଏବଂ ଆପଣାକୁ ଆତ୍ମା ସହିତ ଆତ୍ମାର ଓ ଚୈତ୍ୟସତ୍ତା ସହିତ ଚୈତ୍ୟସତ୍ତାର ମିଳନ ଲାଗି ଏକ ନିଷ୍ଠିତ ସ୍ଫୁରଣାରେ ପରିଣତ କରି ଦେଇପାରେ । ତଥାପି ସଂବେଗକୁ ଆମେ କଦାପି ସଂବେଦନପ୍ରଧାନ ମନର ଧର୍ମ ବୋଲି କହିବା ନାହିଁ; ମାତ୍ର ସଚେତନ ସ୍ନାୟୁଗତ ପ୍ରତିସ୍ପନ୍ଦନ ଓ ସ୍ନାୟୁଗତ ଅନୁଭୂତି, ସ୍ଥୂଳ ଇନ୍ଦ୍ରିୟ ତଥା ଶରୀରକୁ କୌଣସି କାର୍ଯ୍ୟରେ

'oaob.nitrkl.ac.in' images reprocessed

ନେଇ ଲଗାଇବାର ଆବେଗ ଏବଂ ସଚେତନ ପ୍ରାଣଗତ କାମନା ଓ ବାସନାକୁହିଁ ଆମେ ତାହାର ଧର୍ମ ବୋଲି କହୁବା । ଏହି କ୍ଷେତ୍ରରେ ଗୋଟିଏ ପାଖରେ ଗ୍ରହଣଶୀଳ ପ୍ରତିସ୍ପନ୍ଦନ ରହିଛି ଓ ଆଉ ଗୋଟିଏ ପାଖରେ ଗତିଶୀଳ ପ୍ରତିକ୍ରିୟାଜ୍ଞାପନ ରହିଛି । ଯେତେବେଳେ ଉଚ୍ଚତର ମନଟି ସଚେତଥିବା ଏବଂ ଯବ ପବ ସେଗୁଡ଼ିକର ଅଧୀନ ହୋଇ ରହି ନଥାଏ, ମାତ୍ର ସେଗୁଡ଼ିକର କ୍ରିୟାକୁ ନିୟନ୍ତ୍ରଣ କରି ପାରୁଥାଏ, ସେଗୁଡ଼ିକୁ ଆପଣାର ନିୟମବଦ୍ଧ କରି ରଖି ପାରୁଥାଏ, ସେତେବେଳେ ଯାଇ ସେଗୁଡ଼ିକର ଯଥାର୍ଥ ଓ ସୁସଙ୍ଗତ ବ୍ୟବହାର ସମ୍ଭବ ହୋଇପାରେ । ମାତ୍ର ଯେତେବେଳେ ଆତ୍ମାର ଚେତନ ଇଚ୍ଛା ଦ୍ୱାରା ସେମାନଙ୍କର ଏକ ଉର୍ଦ୍ଧ୍ୱ ରୂପାନ୍ତର ସମ୍ଭବ ହୋଇଯାଏ, ସେତେବେଳେ ଅନ୍ତର ଭୂତ ଏକ ସ୍ଥିର ଉପଲବ୍ଧି ହୁଏ, କାରଣ ସେତେବେଳେ ସେହି ଇଚ୍ଛାଟି ସୂକ୍ଷ୍ମ ପ୍ରାଣକୁ ତାହାର ବିଶିଷ୍ଟ କ୍ରିୟାଟିର ଅନ୍ଧ ବା କାମନାମୟ ରୂପ ନୁହେଁ, ମାତ୍ର ତାହାର ଯଥାର୍ଥ ରୂପଟିକୁ ପ୍ରଦାନ କରେ ।

ଆମର ସାଧାରଣ ଚେତନାଟିରେ ଇନ୍ଦ୍ରିୟାଶ୍ରୟୀ ମନ ଯେଉଁ ଭଳି ବାହ୍ୟ ସ୍ପର୍ଶଗୁଡ଼ିକୁ ଗ୍ରହଣ କରୁଥିବା ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ଉପରେ ନିର୍ଭର କରି ରହୁଥାଏ ଏବଂ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଗୁଡ଼ିକ ଆଡ଼କୁ ଉଦ୍ଦିଷ୍ଟ ହୋଇ ରହିଥିବା କ୍ରିୟାଟି ଯେଉଁଭଳି ତାହା ଶରୀରର କର୍ମେନ୍ଦ୍ରିୟଗୁଡ଼ିକ ଉପରେ ନିର୍ଭର କରୁଥାଏ । ଇନ୍ଦ୍ରିୟଙ୍କର ଉପରିଭାଗସ୍ଥ ତଥା ବାହ୍ୟ କ୍ରିୟାଗୁଡ଼ିକ ଆପଣାର ପ୍ରକୃତିରେ ଭୌତିକ ଏବଂ ସ୍ନାୟୁଗତ ହୋଇ ରହିଥାଏ ଏବଂ ଏଗୁଡ଼ିକୁ ଅତି ସହଜରେ କେବଳ ଏକ ସ୍ନାୟବିକ କ୍ରିୟାରହିଁ ପରିଣାମ ବୋଲି ବିଚାର କରି ଯାଇପାରେ । ପ୍ରାଚୀନ ଶାସ୍ତ୍ରମାନଙ୍କରେ ସେଗୁଡ଼ିକୁ କେବେ କେବେ 'ପ୍ରାଣାଃ' ବା ସ୍ନାୟୁଗତ ବା ପ୍ରାଣିକ କ୍ରିୟା ବୋଲି କୁହାଯାଇଛି । ମାତ୍ର ତଥାପି ସ୍ନାୟୁଗତ ଉପାଦାନହିଁ ସେଗୁଡ଼ିକ ବିଷୟରେ ସମ୍ପୂର୍ଣ କିଂବା ଅସଲ କଥା ନୁହେଁ; ଏହିରୂପରେ ଚେତନା ବା ଚେତନ କ୍ରିୟା ହେଉଛି ଅସଲ କଥା, ଯାହାକି ଇନ୍ଦ୍ରିୟ ଏବଂ ସ୍ନାୟୁଗତ ସ୍ପର୍ଶଟିକୁ ଆପଣାର କାମରେ ଲଗାଉଛି ଏବଂ ଏହି ସ୍ନାୟୁଗତ ସ୍ପର୍ଶଟି ଇନ୍ଦ୍ରିୟର ମାଧ୍ୟମରେହିଁ ପ୍ରାପ୍ତ ହେଉଛି । ମନଃ, ଅର୍ଥାତ୍ ଇନ୍ଦ୍ରିୟାଶ୍ରୟୀ ମନ ଏକ କ୍ରିୟାରୂପେ ମୂଳରୂପ ଚେତନାଟିରୁହିଁ ଉଦ୍ଭୂତ ହୋଇ ଆସୁଛି; ଏବଂ ଯାହାକୁ ଆମେ ଇନ୍ଦ୍ରିୟ ବୋଲି କହୁଥାଉ, ତାହାର ସମୁଦାୟ ସାରତତ୍ତ୍ୱଟି ଏହି କ୍ରିୟାରେହିଁ ନିହିତ ହୋଇ ରହିଛି । ଦର୍ଶନ, ଶ୍ରବଣ, ସ୍ୱାଦଗ୍ରହଣ, ଘ୍ରାଣ ତଥା ସ୍ପର୍ଶ;—ଏଗୁଡ଼ିକ ଯଥାର୍ଥରେ ମନରହିଁ ଧର୍ମ, ଶରୀରର ଧର୍ମ ନୁହନ୍ତି । ମାତ୍ର ଏହି କ୍ଷେତ୍ରରେ ଆମେ ସାଧାରଣତଃ ଯେଉଁ ଇନ୍ଦ୍ରିୟ-ମନକୁ କାମରେ ଲଗାଉଥାଉ, ତାହା ଆପଣାକୁ ସ୍ନାୟୁମଣ୍ଡଳ ଏବଂ ଭୌତିକ ଇନ୍ଦ୍ରିୟଗୁଡ଼ିକର ମାଧ୍ୟମରେ ଗ୍ରହଣ କରୁଥିବା ବାହ୍ୟ ସ୍ପର୍ଶଗୁଡ଼ିକର ଏକ ରୂପରେ ଭଳି

ଇନ୍ଦ୍ରିୟାନୁଭବରେ ରୂପାନ୍ତରିତ କରିଦେବାରେହିଁ ସୀମିତ କରି ରଖିଥାଏ । ମାତ୍ର ଅନ୍ତରତର ମନସ୍ ଭିତରେ ଏକ ସୂକ୍ଷ୍ମ ଦୃଷ୍ଟି ଓ ସୂକ୍ଷ୍ମ ଶ୍ରବଣଶକ୍ତି ରହିଛି; ଆପଣାର ଏପରି ଏକ ସ୍ପର୍ଶଶକ୍ତି ରହିଛି ଯାହାକି ଭୌତିକ ଇନ୍ଦ୍ରିୟଗୁଡ଼ିକ ଉପରେ ଆଦୌ ନିର୍ଭରଶୀଳ ହୋଇ ରହି ନାହିଁ । ଏବଂ ଏହାର ଯେ ବସ୍ତୁଗୁଡ଼ିକ ସହିତ ପ୍ରତ୍ୟକ୍ଷ ମନଃସଂଯୋଗର ଏକ ଶକ୍ତି ରହିଛି ତା' ନୁହେଁ,—ଏବଂ ଆପଣା କ୍ରିୟାର ଶିଖର ସୀମାରେ ପହଞ୍ଚି ତାହା ଭୌତିକ ପ୍ରକୃତିର ମଧ୍ୟରେ ରହିଥିବା ତଥା ତାହାର ସୀମାଅତିକ୍ରମ କରି ରହିଥିବା ବସ୍ତୁର ଅନ୍ତର୍ନିହିତ ତତ୍ତ୍ୱଗୁଡ଼ିକର ବୋଧଟିକୁ ମଧ୍ୟ ପ୍ରାପ୍ତ କରାଇ ଆଣିଥାଏ,—ମାତ୍ର ମନ ସହିତ ମନର ମଧ୍ୟ ସିଧା ସମ୍ପର୍କ ତଥା ଆଦାନପ୍ରଦାନ ସ୍ଥାପନ କରିଦେବାର ଏକ ସାମର୍ଥ୍ୟ ରହିଛି । ଇନ୍ଦ୍ରିୟସ୍ପର୍ଶଗୁଡ଼ିକର ପ୍ରଭାବକ୍ଷେତ୍ର, ମୂଲ୍ୟ ତଥା ପ୍ରଗାଢ଼ତାଗୁଡ଼ିକୁ ପରିବର୍ତ୍ତିତ, ସଂଶୋଧିତ ଏବଂ ନିରୁଦ୍ଧ କରିଦେବା ଲାଗି ମଧ୍ୟ ମନର ସମର୍ଥତା ରହିଛି । ମନର ଏହିସବୁ ସାମର୍ଥ୍ୟକୁ ଆମେ ସାଧାରଣତଃ କାମରେ ଲଗାଉ ନାହିଁ ବା ସେଗୁଡ଼ିକର ବିକାଶ ମଧ୍ୟ କରୁ ନାହିଁ; ତେଣୁ ସେମାନେ ପ୍ରାୟ ଅନ୍ତଃପ୍ରଚ୍ଛନ୍ନ ହୋଇ ରହିଥାନ୍ତି । ବେଳେବେଳେ ସେଗୁଡ଼ିକ ଏକ ଅନିୟମିତ ଏବଂ ହଠାତ୍ କ୍ରିୟାରେ ବାହାରକୁ ପ୍ରେରିତ ଓ ଆବିର୍ଭୂତ ହୋଇ ଆସନ୍ତି, ଅନ୍ୟମାନଙ୍କ ତୁଳନାରେ କେତେକଙ୍କର ମନରେ ଅପେକ୍ଷାକୃତ ଅଧିକ ଶୀଘ୍ରତା ସହିତ ଆବିର୍ଭୂତ ହୋଇଥାନ୍ତି; ଅଥବା ସତ୍ତାର କେତୋଟି ଅସ୍ୱାଭାବିକ ସ୍ଥିତିରେ ଉପରିଭାଗରେ ଆସି ଦୃଷ୍ଟିଗୋଚର ହୁଅନ୍ତି । ସେଗୁଡ଼ିକହିଁ ଦୂର ଦର୍ଶନ, ଦୂର ଶ୍ରବଣ, ଭାବନା ତଥା ଆବେଗର ସ୍ଥାନାନ୍ତରୀକରଣ, ଦୂର ଜ୍ଞାନ ଏବଂ ଗୁପ୍ତବିଦ୍ୟାଗତ ଅପେକ୍ଷାକୃତ ଅଧିକ ସାଧାରଣ ସାମର୍ଥ୍ୟଗୁଡ଼ିକର ଭିତ୍ତି ହୋଇ ରହିଥାନ୍ତି । ଏଠାରେ ଯେଉଁଗୁଡ଼ିକୁ ଗୁପ୍ତବିଦ୍ୟାର ସାମର୍ଥ୍ୟ ବା ଗୁହ୍ୟ ସାମର୍ଥ୍ୟ ବୋଲି କୁହାଯାଉଛି, ସେଗୁଡ଼ିକୁ ଆମେ ଅଧିକ ଯଥାର୍ଥ ଭାବରେ ଓ କମ୍ ରହସ୍ୟମୟ କରି ବର୍ତ୍ତମାନ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ମନରହିଁ ନାନା ସାମର୍ଥ୍ୟ ବୋଲି କହିପାରିବା । ସମ୍ମୋହନ ତଥା ଆହୁରି ଅନ୍ୟ ଅନେକ ଜାତିର ବ୍ୟାପାରଟି ଏହି ପ୍ରଚ୍ଛନ୍ନ ଇନ୍ଦ୍ରିୟ ମନଟି ଉପରେହିଁ ନିର୍ଭର କରି ରହିଛି । ଏକଥା ଆଦୌ କୁହାଯାଉ ନାହିଁ ଯେ କେବଳ ଏହି ଗୋଟିକହିଁ ଏହି ବ୍ୟାପାରଟିର ଯାବତୀୟ ଉପାଦାନଟିକୁ ରଚନା କରୁଛି; ମାତ୍ର ଆଧାରରୂପେ ପ୍ରଥମ ସାଧନ ହିସାବରେ ତାହା ଯାବତୀୟ ସମ୍ପର୍କସ୍ଥାପନ, ଆଦାନପ୍ରଦାନ ଓ ପ୍ରତିସ୍ପନ୍ଦନକୁ ଧାରଣ କରି ରଖିଛି; ଅବଶ୍ୟ ଏକଥା ସତ ଯେ ପ୍ରକୃତ କ୍ରିୟାର ଅଧିକତର ଭାଗଟି ଏକ ଅନ୍ତର୍ଗତ ବୁଦ୍ଧି ଦ୍ୱାରାହିଁ ସମ୍ପନ୍ନ ହେଉଛି । ଭୌତିକ ମନ ଓ ଅତିଭୌତିକ ମନ,—ମନର ଭୂମିଟିକୁ ଆମେ ଏହି ଦ୍ୱିବିଧ ଅର୍ଥରେ ଗ୍ରହଣ କରିପାରିବା ଏବଂ ଦ୍ୱିବିଧ କ୍ଷେତ୍ରରେ ତାହାର ବ୍ୟବହାର ମଧ୍ୟ କରିପାରିବା ।

'oaob.nitrkl.ac.in' images reprocessed

ବୁଦ୍ଧି ହେଉଛି ଚେତନ ସତ୍ତାର ଗୋଟିଏ ରଚନା, ଯାହାକି ଆଧାରଭୂତ ଜଡ଼ରୁ ଉତ୍ପନ୍ନ ହୋଇ ଆପଣାର ପ୍ରାରମ୍ଭିକ ରୂପଗୁଡ଼ିକୁ ସର୍ବଦା ଅତିକ୍ରମ କରି ରହିଥାଏ । ଆମେ ଏଇଟିକୁ ଜ୍ଞାନ ତଥା ଇଚ୍ଛାଶକ୍ତି ଦ୍ୱାରା ସଂଯୁକ୍ତ ବୁଦ୍ଧି ବୋଲି କହିପାରିବା । ବୁଦ୍ଧି ମନ, ପ୍ରାଣ ଓ ଦେହର ଅବଶିଷ୍ଟ ଯାବତୀୟ କ୍ରିୟାଟିକୁ ଗ୍ରହଣ କରିନଏ ଏବଂ ସେହିଗୁଡ଼ିକ ସହିତ ନାନା ସମ୍ପର୍କରେ ଯୁକ୍ତ ହୋଇ ରହେ । ଆପଣା ପ୍ରକୃତିର କ୍ଷେତ୍ରରେ ଆମେ ଏହାକୁ ଏକ ମନୋମୟ କ୍ରିୟାତ୍ମକତାର ନିମ୍ନତର ରୂପରେ ପରିଣତ ହୋଇ ରହିଥିବା ଭାବନା-ସାମର୍ଥ୍ୟ ଓ ଇଚ୍ଛା-ସାମର୍ଥ୍ୟ ବୋଲି କହିପାରିବା । ଏହି ବୁଦ୍ଧିର କ୍ରିୟାରେ ଆମେ ହୁଏତ କ୍ରମାନୁବର୍ତ୍ତୀ ତିନୋଟି ସୋପାନର ନିରୂପଣ କରିଦେଇ ପାରିବା । ସର୍ବପ୍ରଥମ ପର୍ଯ୍ୟାୟଟିରେ ଏଠାରେ ଏକ ନିମ୍ନତର ଇନ୍ଦ୍ରିୟସଜ୍ଞାନ ବୋଧ ଅବସ୍ଥିତ ରହିଥାଏ, ଯାହାକି ଇନ୍ଦ୍ରିୟ-ମନ, ସ୍ମୃତିଶକ୍ତି, ହୃଦୟ ତଥା ସଂବେଦନାତ୍ମକ ମନର ସନ୍ଦେଶଗୁଡ଼ିକୁ କେବଳ ଗ୍ରହଣ କରୁଥାଏ, ଲିପିବଦ୍ଧ କରି ରଖେ, ସେଗୁଡ଼ିକୁ ବୁଝେ ଓ ସେଗୁଡ଼ିକ ପ୍ରତି ପ୍ରତିସ୍ପନ୍ଦନ ଜଣାଏ । ସେଗୁଡ଼ିକର ମାଧ୍ୟମରେ ଏହା ଏକ ପ୍ରାଥମିକ ଭାବନାସମର୍ଥ ମନକୁ ଗଠନ କରିଆଣେ, ଯାହା ସେଗୁଡ଼ିକର ଦଉ ତଥ୍ୟଟିଠାରୁ ବାହାରକୁ ଯାଇପାରେ ନାହିଁ, ମାତ୍ର ଆପଣାକୁ ସେହିଗୁଡ଼ିକର ଗ୍ରନ୍ଥଟିର ଅଧୀନ କରି ରଖେ, ସେଗୁଡ଼ିକର ପୁନରାବୃତ୍ତିଗୁଡ଼ିକୁହିଁ ଗୁମ୍ଫିତ କରିବାରେ ଲାଗିଥାଏ, ସେଗୁଡ଼ିକ ଦ୍ୱାରା ପ୍ରସ୍ତାବିତ ଭାବନା ତଥା ଇଚ୍ଛାର ସେହି ଅଭ୍ୟସ୍ତ ବୃତ୍ତଟି ମଧ୍ୟରେହିଁ ଆବର୍ତ୍ତିତ ହେବାରେ ଲାଗିଥାଏ; ବା, ତାହାର ଅବବୋଧ ଅଥବା ବୋଧଟି ସମକ୍ଷରେ ପ୍ରସ୍ତୁତ କରି ରଖି ଦିଆଯାଉଥିବା ନୂତନ ଉଦ୍ଭାବନଗୁଡ଼ିକର ଅନୁସରଣ ବି କରିବାରେ ଲାଗିଥାଏ । ଏବଂ ଏହି କ୍ଷେତ୍ରଟିରେ ବୁଦ୍ଧି ପ୍ରାଣର ପ୍ରସ୍ତାବଗୁଡ଼ିକରହିଁ ଏକାନ୍ତ ଆଜ୍ଞାନୁବର୍ତ୍ତୀ ହୋଇ ରହିଥାଏ । ଏହି ପ୍ରାଥମିକ ସ୍ତରର ବୋଧଶକ୍ତିଟିକୁ ଆମେ ସମସ୍ତେ ପ୍ରଚୁର ପରିମାଣରେ ବ୍ୟବହାର କରିଆଉ; ମାତ୍ର ଏହାର ସୀମାଟିକୁ ଅତିକ୍ରମ କରି ବୁଦ୍ଧିର ଏକ ସଜାଇ ରଖି ପାରୁଥିବା ଓ ନିର୍ବାଚନ କରି ପାରୁଥିବା ବିବେକଶକ୍ତି ଓ ସଂକଳ୍ପଶକ୍ତି ରହିଛି, ଯାହାକି ଆପଣାର କ୍ରିୟାକ୍ଷେତ୍ରଟିରେ ଜୀବନଗତ ଏକ ବୁଦ୍ଧିପ୍ରେରିତ ବୋଧର ବ୍ୟବହାର ଲାଗି ଜ୍ଞାନ ତଥା ସଂକଳ୍ପର ଏକ ସମ୍ଭାବ୍ୟ, ପର୍ଯ୍ୟାପ୍ତ ଏବଂ ସ୍ଥାୟୀ ବ୍ୟବସ୍ଥାବଦ୍ଧତା ଲାଭ କରିବାର ପ୍ରୟାସଟିକୁହିଁ ଆପଣାର ଧ୍ୟେୟ କରି ରଖିଥାଏ ।

ଆପଣା ପ୍ରକୃତିରେ ଅଧିକ ଶୁଦ୍ଧ ଭାବରେ ବୌଦ୍ଧିକ ହୋଇ ରହିଥିଲେ ମଧ୍ୟ ଏହି ଗୌଣ ଏବଂ ମଧ୍ୟବର୍ତ୍ତୀ ବୁଦ୍ଧିର ଅଭିପ୍ରାୟଟି ବସ୍ତୁତଃ ବ୍ୟାବହାରିକ ହୋଇ ରହିଥାଏ । ଏହା ଏକ ବିଶେଷ ପ୍ରକାରର ବୁଦ୍ଧିଗତ ରଚନା, ଗଢ଼ଣ ବା ନିୟମର ନିର୍ମାଣ କରିଥାଏ, ଏବଂ କୌଣସି ଏକ ପ୍ରକାରର ବୁଦ୍ଧିପ୍ରେରିତ ଇଚ୍ଛାକୁ ଉଦ୍ଦେଶ୍ୟ ରୂପେ ଆଖି ଆଗରେ ରଖି ଅନ୍ତରସ୍ଥ ତଥା ବାହ୍ୟ ଜୀବନକୁ ତାହାରି ସକାଶେ ଏକ

'oaob.nitrkl.ac.in' images reprocessed

ନିର୍ଦ୍ଦିଷ୍ଟ ପରିମାଣର ପ୍ରଭୁତ୍ୱ ତଥା ଶାସନସାମର୍ଥ୍ୟ ସହିତ ବ୍ୟବହାର କରିପାରିବା ଲାଗି ତାହା ସେହି ଜୀବନଟିକୁ ଯୁକ୍ତ ଗଢ଼ଣଟି ଭିତରେ ଆଣି ଢାଳି ଦେଇଥାଏ । ଏହି ବିବେକଗୁଡ଼ିକହିଁ ଆମର ଏହି ବୁଦ୍ଧିପ୍ରସୂତ ନିତ୍ୟନୈମିତ୍ତିକ ସତ୍ତାଟିକୁ ଆମର ଏକ ନିର୍ଦ୍ଦିଷ୍ଟ ସୌନ୍ଦର୍ଯ୍ୟବୋଧଗତ ଓ ନୈତିକ ମାନଦଣ୍ଡଗୁଡ଼ିକୁ ଆଣି ଯୋଗାଇ ଦେଇଥାଏ, ଆମ ମତାମତର ଗଢ଼ଣଗୁଡ଼ିକୁ ଏବଂ ବିଗ୍ରହ ତଥା ଧ୍ୟେୟ ବିଷୟରେ ଆମର ପ୍ରତିଷ୍ଠିତ ଆଦର୍ଶଗୁଡ଼ିକୁ ଆଣି ଯୋଗାଇ ଦେଇଥାଏ । ଏଇଟି ବେଶ୍ ଅନେକ ପରିମାଣରେ ବିକାଶଲାଭ କରିଥାଏ ଏବଂ ସକଳ ମନୁଷ୍ୟଙ୍କ ଭିତରେ ଏକମାତ୍ର ବିକଶିତ ବୁଦ୍ଧିରୂପେ ସର୍ବପ୍ରଥମ ସ୍ଥାନଟିକୁ ଗ୍ରହଣ କରିଥାଏ । ମାତ୍ର ଏହାକୁ ଅତିକ୍ରମ କରି ଆହୁରି ଏକ ବୁଦ୍ଧି ରହିଛି, ଅର୍ଥାତ୍ ବୁଦ୍ଧିର ଏକ ଉଚ୍ଚତମ କ୍ରିୟା ରହିଛି, ଯାହାକି ନିଷ୍କାମ ଭାବରେ କେବଳ ଶୁଦ୍ଧ ସତ୍ୟ ଏବଂ ଯଥାର୍ଥ ଜ୍ଞାନର ଅନୁଧାବନରେହିଁ ଆପଣାକୁ ତତ୍ପର କରି ରଖିଛି । ଏହି ଜୀବନ, ଯାବତୀୟ ବସ୍ତୁ ଏବଂ ଆମର ଏହି ଆପାତ ଆତ୍ମସତ୍ତାଗୁଡ଼ିକର ପଛରୁ ଏହା ପ୍ରକୃତ ସତ୍ୟଟିକୁ ଆବିଷ୍କାର କରିପାରିବା ଲାଗି ବାଟ ଖୋଜୁଛି, ଏବଂ ଆପଣାର ଇଚ୍ଛାକୁ ସେହି ସତ୍ୟଟିର ବିଧାନଟି ପାଖରେ ଅଧୀନ କରି ରଖିବାକୁ ଚାହୁଁଛି । ଏକଥା ସତ ଯେ କେବଳ ଅଳ୍ପସଂଖ୍ୟକ ମାତ୍ର କେତେକ ବ୍ୟକ୍ତିହିଁ ଆମ ଭିତରୁ ଏହି ଉଚ୍ଚତମ ବୁଦ୍ଧିଟିକୁ ଶୁଦ୍ଧ ଭାବରେ କାର୍ଯ୍ୟରେ ଲଗାଇ ପାରୁଛନ୍ତି, ମାତ୍ର ତାହା କରିପାରିବାର ପ୍ରଚେଷ୍ଟାଟି ଆମ ଅନ୍ତଃକରଣ ଅର୍ଥାତ୍ ଅନ୍ତର୍ଗତ ସାଧନଟିରହିଁ ସର୍ବୋଚ୍ଚ ସାମର୍ଥ୍ୟ ହୋଇ ରହିଛି ।

ବୁଦ୍ଧିକୁ ଆମେ ପ୍ରକୃତରେ ଦୁଇଟି ତତ୍ତ୍ୱ ମଧ୍ୟରେ ଅବସ୍ଥିତ ଏକ ଅନ୍ତର୍ବର୍ତ୍ତୀ ତତ୍ତ୍ୱ ବୋଲି କହିପାରିବା; ଏହାର ଗୋଟିଏ ପାଖରେ ଏକ ଅଧିକ ଉଚ୍ଚତର ସତ୍ୟ-ମନ ବିଦ୍ୟମାନ ରହିଛି, ଯାହାକି ବର୍ତ୍ତମାନ ଆମର ସକ୍ରିୟ ଅଧିକାରକୁ ଆସି ନାହିଁ ଓ ଯାହା ପରମ ଚିଦ୍‌ଗତତାର ଏକ ଅପରୋକ୍ଷ ସାଧନରୂପେ କାର୍ଯ୍ୟ କରୁଛି; ଏବଂ ଅନ୍ୟ ପାଖରେ ଶରୀର ମଧ୍ୟରେ ବିବର୍ତ୍ତିତ ହୋଇ ଆସୁଥିବା ମନୁଷ୍ୟ-ମନର ଭୌତିକ ବା ଜଡ଼ସ୍ଥ ଜୀବନଟି ଅବସ୍ଥିତ ରହିଛି । ଏହାର ବୁଦ୍ଧିଗତ ତଥା ସଂକଳ୍ପଗତ ସାମର୍ଥ୍ୟ-ଗୁଡ଼ିକ ଏହି ବୃହତ୍ତର ଅପରୋକ୍ଷ ସତ୍ୟ-ମନ ବା ଅତିମାନସରୁ ଆହୃତ ହୋଇ ଅସିଛି । ଆପଣାର ମନୋଗତ କ୍ରିୟାଟିକୁ ବୁଦ୍ଧି ଅହଂଗତ ବୋଧଟିର ଚାରିପାଖରେ ନେଇ ଠୁଳ କରି ରଖିଛି; ମୁଁ ହେଉଛି ଏହି ମନ, ପ୍ରାଣ ଓ ଶରୀର ବା ମୁଁ ହେଉଛି ଏକ ମନୋମୟ ସତ୍ତା ଯାହାକି ଏଗୁଡ଼ିକର କ୍ରିୟାଟି ଦ୍ୱାରା ନିରୂପିତ ହେବାରେ ଲାଗିଛି;—ଏହି ବୋଧଟିର ଚାରିପାଖରେ ନେଇ ଠୁଳ କରି ରଖିଛି । ଅହଂର ଏହି ଭାବନାଟି ଆମେ ଯାହାକୁ ଅହଂସର୍ବସ୍ୱତା ବୋଲି କହୁ, ତାହାରି ଦ୍ୱାରା ସୀମାବଦ୍ଧ ହୋଇ ରହିଥାଉ ବା ଆମ ଚତୁର୍ଦ୍ଦିଗସ୍ଥ ଜୀବନ ପ୍ରତି ରହିଥିବା ଏକ ସହାନୁଭୂତି ଦ୍ୱାରା ପ୍ରସାରଯୁକ୍ତ ହୋଇ ରହିଥାଉ ପଛକେ, ଆମର ବୁଦ୍ଧି କେବଳ ଏହି ଅହଂ-

'oaob.nitrkl.ac.in' images reprocessed

ସ୍ୱଭାବଟିରହିଁ ପରିଚର୍ଯ୍ୟା କରିବାରେ ଲାଗିଛୁ । ଏହା ଫଳରେ ଏକ ଅହଂବୋଧ ଜନ୍ମଲାଭ କରୁଛି ଯାହାକି ଶରୀର, ବ୍ୟକ୍ତିଭାବାପନ୍ନ ପ୍ରାଣ ତଥା ମନୋଗତ ପରିସ୍ପନ୍ଦନଗୁଡ଼ିକର ଭେଦଧର୍ମୀ ନିଷ୍ପତ୍ତି ଉପରେ ଭରଦେଇ ରହିଛି; ଏବଂ ବୁଦ୍ଧିଟି ମଧ୍ୟରେ ରହିଥିବା ଅହଂଭାବନା ଏହି ଅହଂଟିର ଶରୀର, ଚରିତ୍ର ତଥା ବ୍ୟକ୍ତିତ୍ୱଟିର ଯାବତୀୟ ନିଷ୍ପତ୍ତିର ଏକ କେନ୍ଦ୍ରରେ ପରିଣତ ହୋଇଯାଉଛି । ନିମ୍ନ ସ୍ତରର ବୋଧ ତଥା ମଧ୍ୟବର୍ତ୍ତୀ ବୁଦ୍ଧିଟି ଅନୁଭୂତିଲାଭ ଏବଂ ଆତ୍ମପ୍ରସାରଣ ଲାଗି ରହିଥିବା ଏହାର ବାସନାଟି ହାତରେ ଏକ ସାଧନରୂପେ ବ୍ୟବହୃତ ହେଉଛି । ମାତ୍ର ଯେତେବେଳେ ସେହି ଉଚ୍ଚତମ ବୁଦ୍ଧି ତଥା ଉଚ୍ଚତମ ସଙ୍କଳ୍ପର ବିକାଶ ସମ୍ଭବ ହେଉଛି, ଯେତେବେଳେ ଆମେ ମଧ୍ୟ ସେହି ତତ୍ତ୍ୱଟି ଆଡ଼କୁ ମୁହାଁ କରି ଅଗ୍ରସର ହୋଇପାରୁଛୁ, ଏହି ବାହ୍ୟ ବସ୍ତୁଗୁଡ଼ିକ ସେହି ଉଚ୍ଚତର ଆଧ୍ୟାତ୍ମିକ ଚେତନାର ଯେଉଁ ବ୍ୟଞ୍ଜନାଟିକୁ ବହନ କରି ରହିଛନ୍ତି । ସେତେବେଳେ, ବର୍ତ୍ତମାନ ଯାହା କେବଳ ଏକ 'ମୁଁ' ବୋଲି ଦେଖା ଯାଉଛି, ତାହା କେବଳ ସେହି ପରମ ଆତ୍ମସତ୍ତା, ପରମ ଚିଦ୍‌ଗତତା ଓ ପରମ ଦିବ୍ୟତାରହିଁ ଏକ ମନୋମୟ ପ୍ରତିଫଳନରୂପେ ପରିଦୃଷ୍ଟ ହୋଇପାରୁଛି; ସେହି ବିଶ୍ୱାତୀତ ଏବଂ ବିଶ୍ୱଗତ ତଥା ଆପଣାର ଅନେକତା ଭିତରେ ମଧ୍ୟ ବ୍ୟଷ୍ଟିରୂପ ହୋଇ ରହିଥିବା ସେହି ଏକ ଅସ୍ତିତ୍ୱରହିଁ ଏକ ମନୋମୟ ପ୍ରତିଫଳନରୂପେ ଦୃଷ୍ଟିଗୋଚର ହେଉଛି । ଯେଉଁ ଚେତନାଟି ମଧ୍ୟରେ ଏହିସବୁ ବସ୍ତୁ ପରସ୍ପର ସହିତ ସମ୍ମିଳିତ ହୋଇ ରହିଛନ୍ତି, ସେହି ଗୋଟିଏ ସତ୍ତାରହିଁ ଭିନ୍ନ ଭିନ୍ନ ବିଗ୍ରହରୂପେ ପରିଣତ ହୋଇ ଯାଉଛନ୍ତି ଏବଂ ଆପଣାର ଯଥାର୍ଥ ସମ୍ଭାବନତାଗୁଡ଼ିକୁ ଗ୍ରହଣ କରି ପାରୁଛନ୍ତି, ସେତେବେଳେ ଏହିସବୁ ଯାବତୀୟ ଭୌତିକ ଏବଂ ମନୋଗତ ଆବରଣ ମଧ୍ୟରୁ ସେହି ଚେତନାଟିକୁ ଉଦ୍‌ଘାଟିତ କରିଆଣିବା ସମ୍ଭବ ହୋଇଯାଉଛି । ଏବଂ ଯେତେବେଳେ ଆମେ ଅତିମାନସର ଭୂମିଟିରେ ଆସି ପହଞ୍ଚି ଯାଉଛୁ, ସେତେବେଳେ ବୁଦ୍ଧିର ସାମର୍ଥ୍ୟଗୁଡ଼ିକ କଦାପି ବିନଷ୍ଟ ବା ବିଲୁପ୍ତ ହୋଇଯାଉ ନାହିଁ, ମାତ୍ର ସେଗୁଡ଼ିକୁ ସବୁଟିକୁ ନେଇ ସେଗୁଡ଼ିକର ଅତିମାନସର ମୂଲ୍ୟଗୁଡ଼ିକରେହିଁ ରୂପାନ୍ତରିତ କରିଦେବାକୁ ପଡ଼ୁଛି । ମାତ୍ର ଅତିମାନସର ବିବେଚନ ଏବଂ ବୁଦ୍ଧିର ନୂତନ ଦୀକ୍ଷାଗ୍ରହଣ, —ଏଗୁଡ଼ିକ ହେଉଛି ସେହି ଉଚ୍ଚତର ସିଦ୍ଧି ବା ଦିବ୍ୟ ପରିପୂର୍ଣ୍ଣତାଲାଭର ସମସ୍ୟାଟିର ବ୍ୟାପାର । ବର୍ତ୍ତମାନ ଆମକୁ ପ୍ରଥମେ ମନୁଷ୍ୟର ଏହି ନିତ୍ୟନୈମିତ୍ତିକ ସତ୍ତାଟିର ବିଶୁଦ୍ଧୀକରଣ ବିଷୟରେହିଁ ବିଚାର କରିବାକୁ ହେବ; ଉଚ୍ଚତର ଯେକୌଣସି ଦୀକ୍ଷାଗ୍ରହଣ ବା ରୂପାନ୍ତର ଲାଗି ଏହି ଶୁଦ୍ଧୀକରଣକୁ ଆମେ ସର୍ବଦା ଏକ ପୂର୍ବପସ୍ତୁତି ବୋଲି ଜାଣିବା, ଏବଂ ଏହି ଶୁଦ୍ଧୀକରଣହିଁ ଆମକୁ ଏହି ନିମ୍ନତର ପ୍ରକୃତିଟି ମଧ୍ୟରୁ ଆମର ବନ୍ଧନମୁକ୍ତି ଲାଗି ବାଟ କଢ଼ାଇନେବ ।

'oaob.nitrkl.ac.in' images reprocessed

ଷଷ୍ଠ ପରିଚ୍ଛେଦ

# ଶୁଦ୍ଧୀକରଣ—ନିମ୍ନତର ମନର

ଏହିସବୁ ସାଧନଗୁଡ଼ିକର ଜଟିଳ ସ୍ଥିତିଟିକୁ ବୁଝି ଆମକୁ ସେଗୁଡ଼ିକର ଶୁଦ୍ଧୀକରଣ ଆରମ୍ଭ କରିବାକୁ ହେବ । ଏବଂ ତାହା ସମ୍ଭବ କରିବାର ସର୍ବୋତ୍ତମ ମାର୍ଗରୂପେ ଆମକୁ ପ୍ରତ୍ୟେକଟି ସାଧନ ଭିତରେ ବିଦ୍ୟମାନ ରହିଥିବା ଦୁଇ ପ୍ରକାରର ମୌଳିକ ଦୋଷଗୁଡ଼ିକ ଉପରେ ଆପଣାର ଦୃଷ୍ଟି ନିବଦ୍ଧ କରି ରଖିବାକୁ ପଡ଼ିବ, ସେଗୁଡ଼ିକର ମୂଳ ସ୍ୱରୂପଟିକୁ ସ୍ପଷ୍ଟଭାବରେ ବୁଝିବାକୁ ପଡ଼ିବ ଏବଂ ସେଗୁଡ଼ିକୁ ଠିକ୍ କରିବାକୁ ହେବ । ମାତ୍ର ଆମେ ପ୍ରକୃତରେ କେଉଁଠିଠାରୁ ଆରମ୍ଭ କରିବା, ଆମ ଆଗରେ ଏହି ପ୍ରଶ୍ନଟି ମଧ୍ୟ ରହିଛି । କାରଣ, ଏହି କ୍ଷେତ୍ରରେ ଆମର ସାଧନଗୁଡ଼ିକ ପରସ୍ପର ସହିତ ଅତିରିକ୍ତ ଭାବରେ ଛନ୍ଦିହୋଇ ରହିଛି, ସେଥିମଧ୍ୟରୁ ଗୋଟିକର ସମ୍ପୂର୍ଣ୍ଣ ବିଶୁଦ୍ଧୀକରଣ ଅନ୍ୟଗୁଡ଼ିକର ବିଶୁଦ୍ଧୀକରଣ ଉପରେ ମଧ୍ୟ ନିର୍ଭରଶୀଳ ହୋଇ ରହିଛି; ଏବଂ ସେଇଥିରୁହିଁ ଯାବତୀୟ ଅଡ଼ୁଆ ଓ ଅସୁବିଧା ଆସି ଦେଖାଦେଉଛି, ନୈରାଶ୍ୟ ଆସି ପହଞ୍ଚୁଛି ଓ ବାଉଳା ହୋଇଯିବା ପରି ମନେହେଉଛି । ଉଦାହରଣସ୍ୱରୂପ, ଯେତେବେଳେ ଆମେ ଆମର ବୁଦ୍ଧିଟି ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇଗଲା ବୋଲି ବିଚାରୁଛୁ, ଆମେ ସଙ୍ଗେସଙ୍ଗେ ଦେଖିବାକୁ ପାଉଛୁ ଯେ ତାହା ତଥାପି ଆକ୍ରମଣ ଲାଗି ଉନ୍ମୁକ୍ତ ହୋଇ ରହିଛି, ତାହା ତଥାପି ମେଘଗ୍ରାସରେ ପଡ଼ିଯିବାର ସମ୍ପୂର୍ଣ୍ଣ ଭୟ ରହିଛି; କାରଣ ଆମ ହୃଦୟର ଆବେଗଗୁଡ଼ିକ, ଆମର ସଂକଳ୍ପ ଏବଂ ଆମର ସଂବେଦନଧର୍ମୀ ମନ ମଧ୍ୟ ତଥାପି ନିମ୍ନତର ପ୍ରକୃତିଟିର ନାନା ଅଶୁଦ୍ଧତା ଦ୍ୱାରା ଆକ୍ରାନ୍ତ ହୋଇ ରହିଛନ୍ତି, ସେମାନେ ପଛରୁ ଫେରିଯାଇ ପୁଣି ସନ୍ଦୀପିତ ବୁଦ୍ଧିଟି ଭିତରେ ପ୍ରବିଷ୍ଟ ହୋଇ ଯାଉଛନ୍ତି ଏବଂ ତାହାକୁ ଆମର ଆକାଙ୍କ୍ଷିତ ଶୁଦ୍ଧ ସତ୍ୟଟିର ପ୍ରତିବିମ୍ବଟିକୁ ଗ୍ରହଣ କରି ପାରିବାକୁ ନିବୃତ୍ତ କରି ରଖିଛନ୍ତି । ମାତ୍ର ଏହି କ୍ଷେତ୍ରରେ ଆମର ଏପରି ଏକ ସୁବିଧା ମଧ୍ୟ ରହିଛି ଯେ ଯଦି ଗୋଟିଏ ବଡ଼ ବା ଗୁରୁତ୍ୱପୂର୍ଣ୍ଣ ସାଧନରେ ଯଥେଷ୍ଟ ପରିମାଣରେ ଏକ ଶୁଦ୍ଧି ଆଣିବା ସମ୍ଭବ ହୋଇ ଯାଉଛି, ତେବେ ତାହାକୁ ଅନ୍ୟ ସାଧନଗୁଡ଼ିକର ବିଶୁଦ୍ଧୀକରଣ ଲାଗି ମଧ୍ୟ କାର୍ଯ୍ୟରେ

'oaob.nitrkl.ac.in' images reprocessed

ଲଗାଯାଇ ପାରୁଛି; ଦୃଢ଼ ଭାବରେ ଗୃହୀତ କୌଣସି ପଦକ୍ଷେପ ଅନ୍ୟ ପଦକ୍ଷେପ-ଗୁଡ଼ିକୁ ଅପେକ୍ଷାକୃତ ଅଧିକ ସହଜ କରିଦେଉଛି ଏବଂ ଅନେକାନେକ ଅସୁବିଧାରୁ ନିଷ୍କୃତି ପାଇବା ଲାଗି ଆମକୁ ବାଟ ଦେଖାଇ ଦେଉଛି । ତେବେ କେଉଁ ସାଧନଟିର ବିଶୁଦ୍ଧୀକରଣ କଲେ ଓ କେଉଁଟିରେ ପରିପୂର୍ଣ୍ଣତା ଆଣିପାରିଲେ ସବୁଠାରୁ ଅଧିକ ସହଜରେ ଏବଂ ଅଧିକ ଫଳପ୍ରଦ ଭାବରେ ଅନ୍ୟଗୁଡ଼ିକରେ ମଧ୍ୟ ପରିପୂର୍ଣ୍ଣତା ଆଣିବା ସମ୍ଭବ ହୋଇପାରିବ, ଅଥବା ଏକ ଅଧିକତମ ଶକ୍ତିଶାଳୀ ସତ୍ୱରତା ସହିତ ତାହା ଅନ୍ୟଗୁଡ଼ିକର ପରିପୂର୍ଣ୍ଣତା ଆଣିବାରେ ସହାୟକରୂପେ କାର୍ଯ୍ୟ କରିପାରିବ ?

ଆମେସବୁ ମୂଳତଃ ସେହି ଚିଦ୍‌ଗତକା ଯାହାଙ୍କ ମନର ଆବରଣ ଭିତରେ ଆବୃତ ହୋଇ ରହିଛି, ଆମେ ହେଉଛୁ ମୂଳତଃ ସେହି ଆତ୍ମା ଯାହାଙ୍କ ଏକ ପ୍ରାଣଧାରୀ ଜଡ଼ ଶରୀର ମଧ୍ୟରେ ଏକ ମନୋମୟ ସତ୍ତାରୂପେ ଏହି ଭୂମିରେ ବିବର୍ତ୍ତିତ ହୋଇଛି; ତେଣୁ ଆମକୁ ସ୍ୱଭାବତଃ ଏହି ମନ ବା ଅନ୍ତଃକରଣ ମଧ୍ୟରେହିଁ ଆମେ ଖୋଜୁଥିବା ସେହି ସାଧନଟିର ଅନ୍ୱେଷଣ କରିବାକୁ ପଡ଼ିବ । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଉଦ୍‌ଭିଦ ଏବଂ ଇତରପ୍ରାଣୀର ଭୂମିଟି ପରି ଜଡ଼ସ୍ଥ ବା ସ୍ନାୟୁଗତ ପ୍ରକୃତିଟି ଦ୍ୱାରା ତା' ଲାଗି ସେଉଁସବୁ କ୍ରିୟା ସମ୍ପାଦିତ ହୋଇପାରୁ ନାହିଁ, ମନୁଷ୍ୟକୁ ଆପଣାର ମନୋଭୂମିରେ ବୁଦ୍ଧି ତଥା ବୁଦ୍ଧି ଦ୍ୱାରା ପ୍ରେରିତ ସଂକଳ୍ପ ଦ୍ୱାରାହିଁ ତାହା କରିବାକୁ ହେବ ବୋଲି ସର୍ବଦା ଅଭିପ୍ରେତ ହୋଇ ରହିଛି । ଆଉ କୌଣସି ଉଚ୍ଚତର ଅତିମାନସ ଶକ୍ତିର ବିବର୍ତ୍ତନ ଓ ଆବିର୍ଭାବ ସମ୍ଭବ ହେବା ପର୍ଯ୍ୟନ୍ତ ଆମର ଯାବତୀୟ କାର୍ଯ୍ୟସାଧନରେ ଏହି ବୁଦ୍ଧି ଦ୍ୱାରା ପ୍ରେରିତ ସଂକଳ୍ପ ବା ଇଚ୍ଛାଶକ୍ତିହିଁ ଆମର ପ୍ରଧାନ ସାମର୍ଥ୍ୟ ହୋଇ ରହିଥିବ; ଏବଂ ତେଣୁ ସେଇଟିକୁ ଶୁଦ୍ଧ କରିବାହିଁ ଯେ ଆମର ସର୍ବପ୍ରଥମ ଆବଶ୍ୟକତା, ସେକଥା ଆମେ ଅବଶ୍ୟ ବୁଝିପାରିବା । ଆମର ବୁଦ୍ଧି ତଥା ସଂକଳ୍ପ ଅରେ ସେଗୁଡ଼ିକୁ ସୀମାବଦ୍ଧ କରି ରଖିଥିବା ଯାବତୀୟ ବସ୍ତୁରୁ ଉତ୍ତମରୂପେ ଶୁଦ୍ଧ ହୋଇଯାଇ ପାରିଲେ, ସେଗୁଡ଼ିକୁ ଏକ ଭ୍ରମପୂର୍ଣ୍ଣ କ୍ରିୟା ଏବଂ ଭ୍ରମାତ୍ମକ ଦିଗ୍‌ଦର୍ଶନ ଦ୍ୱାରା ସନ୍ତାପିତ କରି ରଖିଥିବା ଯାବତୀୟ କାରଣ ଭିତରୁ ସେଗୁଡ଼ିକୁ ଶୁଦ୍ଧ କରି ଆଣିପାରିଲେ ସେଗୁଡ଼ିକରେ ପରିପୂର୍ଣ୍ଣତା ଆଣିବା ପ୍ରକୃତରେ ଅନେକ ସୁଗମ ଓ ସହଜ ହୋଇଯିବ । ସେମାନେ ଯେପରି ସତ୍ୟର ସଙ୍କେତଗୁଡ଼ିକ ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରିବେ, ଆପଣାକୁ ଯଥାର୍ଥ ଭାବରେ ବୁଝିବାକୁ ସମର୍ଥ ହେବେ ଏବଂ ଅବଶିଷ୍ଟ ସତ୍ତାକୁ ମଧ୍ୟ ବୁଝିବେ, ଆପଣାର ଯାବତୀୟ କର୍ମକୁ ସ୍ପଷ୍ଟ ଭାବରେ ଏବଂ ଏକ ସୂକ୍ଷ୍ମ ତଥା ବିସ୍ତୃତସମ୍ପନ୍ନ ଯଥାର୍ଥତା ସହିତ ଦେଖିପାରିବେ, ଏବଂ କୌଣସି ପ୍ରକାର କୁଣ୍ଠିତତା, ଉଦ୍ଭ୍ରାନ୍ତତାପୂର୍ଣ୍ଣ ଭୁଲ୍ ବା ସ୍ଖଳନକାରୀ ବିଚ୍ୟୁତି ବ୍ୟତୀତ ଆପଣାର କାର୍ଯ୍ୟଟିକୁ କରିବାର ଯଥାର୍ଥ ପଥଟିକୁ ପାଇଯିବେ, ସେଥିଲାଗି ସେମାନଙ୍କୁ ସମର୍ଥ

'oaob.nitrkl.ac.in' images reprocessed

କରିବା ଅନେକ ପରିମାଣରେ ସହଜ ହୋଇଯିବ । ପରିଶେଷରେ ସେମାନଙ୍କର ପ୍ରତିସ୍ପନ୍ଦନଟି ମଧ୍ୟ ଅତିମାନସର ପରିପୂର୍ଣ୍ଣ ବିବେକଦୃଷ୍ଟି, ସଂବୋଧି, ଅନ୍ତଃପ୍ରେରଣା ଓ ସତ୍ୟୋଦ୍‌ଘାଟନଗୁଡ଼ିକ ଆଡ଼କୁ କ୍ରମଶଃ ଉନ୍ମୋଚିତ ହୋଇଯିବ ଏବଂ ଅଧିକରୁ ଅଧିକ ସନ୍ଦୀପନଯୁକ୍ତ ଏବଂ ଏପରିକି ଭ୍ରାନ୍ତିଶୂନ୍ୟ ଏକ କ୍ରିୟା ଦ୍ୱାରା ଅଗ୍ରସର ହୋଇଯାଇ ପାରିବ । ମାତ୍ର, ଅନ୍ତଃକରଣର ଅନ୍ୟ ନିମ୍ନତର ଅଂଶଗୁଡ଼ିକରେ ତାହାର ଯେଉଁ ପ୍ରକୃତିଗତ ବାଧାମାନ ରହିଛି, ପ୍ରଥମେ ସେଗୁଡ଼ିକୁ ଦୂର କରି ନଦେଲେ ଏହି ଶୁଦ୍ଧୀକରଣ ଆଦୌ ସମ୍ଭବ ହେବ ନାହିଁ । ଏବଂ ଅନ୍ତଃକରଣର ସମଗ୍ର କ୍ରିୟାତ୍ମକତାଟି ମଧ୍ୟରେ ଯେଉଁ ମୁଖ୍ୟ ପ୍ରକୃତିଗତ ବାଧାଟି ସର୍ବତ୍ର ବ୍ୟାପି କରି ରହିଛି, ଅର୍ଥାତ୍ ଆମର ଇନ୍ଦ୍ରିୟସଂବେଦନ, ମନଃସଂବେଦନ, ସଂବେଗ, ଗତିଶୀଳ ଆବେଗ, ବୁଦ୍ଧି ତଥା ଇଚ୍ଛାଶକ୍ତି ମଧ୍ୟରେ ଯେଉଁ ପ୍ରତିବନ୍ଧକଟି ସର୍ବତ୍ର ବିଦ୍ୟମାନ ରହିଛି, ସେଇଟି ହେଉଛି ସୂକ୍ଷ୍ମ ପ୍ରାଣର ଏହି କେନ୍ଦ୍ରଟିରେ ମିଶ୍ରିତ ହୋଇ ରହିବା ଏବଂ ଅତ୍ୟନ୍ତ ପ୍ରବଳତା ସହିତ ଆପଣାର ଦାବିଗୁଡ଼ିକୁ ଚରିତାର୍ଥ କରିବା ଲାଗି ଇଚ୍ଛା କରିବା । ତେଣୁ ଆମକୁ ଏଇଟିରହିଁ ସମ୍ମୁଖୀନ ହେବାକୁ ପଡ଼ିବ, ଏତେବେଶୀ ପ୍ରତିପତ୍ତିଶାଳୀ ହୋଇ ରହିଥିବା ଏହାର ମିଶ୍ରଣଟିର ନିରାକରଣ କରିବାକୁ ପଡ଼ିବ, ତାହାର ଦାବିଟିକୁ ଖଣ୍ଡନ କରିବାକୁ ହେବ; ସ୍ୱୟଂ ସେଇଟିକୁ ଶାନ୍ତ କରି ଆଣିବାକୁ ଏବଂ ଶୁଦ୍ଧତା ଲାଗି ପ୍ରସ୍ତୁତ କରି ଆଣିବାକୁ ହେବ ।

ପୂର୍ବରୁ କୁହାଯାଇ ସାରିଛି ଯେ ପ୍ରତ୍ୟେକ ସାଧନଟିର ଏକ ଯଥାନିବଦ୍ଧ ଓ ଯଥୋପଯୁକ୍ତ କ୍ରିୟା ରହିଛି ଏବଂ ତାହାର ସେହି ଯଥୋପଯୁକ୍ତ କ୍ରିୟାଟିର ଏକ ବିକୃତରୂପ ଅର୍ଥାତ୍ ପ୍ରମାଦଯୁକ୍ତ ସିଦ୍ଧାନ୍ତ ମଧ୍ୟ ରହିଛି । ଶୁଦ୍ଧ ଅଧିକାରଲାଭ ଏବଂ ଭୋଗ ହେଉଛି ସୂକ୍ଷ୍ମ ପ୍ରାଣର ଯଥୋପଯୁକ୍ତ କ୍ରିୟା । ଭାବନା, ଇଚ୍ଛା, କ୍ରିୟା, ଗତିଶୀଳ ଆବେଗ, କର୍ମଗୁଡ଼ିକର ପରିଣାମ, ସଂବେଗ, ବୋଧ, ସଂବେଦନ ପ୍ରଭୃତିକୁ ଭୋଗ କରିବା ଏବଂ ସେଗୁଡ଼ିକୁ ସାଧନରୂପେ ବ୍ୟବହାର କରି ନାନା ବସ୍ତୁ, ବ୍ୟକ୍ତି, ଜୀବନ ତଥା ଜଗତକୁ ଭୋଗ କରିବା,—ଏହି କ୍ରିୟାତ୍ମକତାଟି ଲାଗିହିଁ ଏହି ପ୍ରାଣ ଆମକୁ ଏକ ମନୋଭୌତିକ ଭୂମି ଯୋଗାଇ ଦେଇଥାଏ । ଯେତେବେଳେ, ଆମେ ଯାହାକିଛି ଭୋଗ କରୁଛୁ, ତଦ୍ଦ୍ୱାରା ଆମେ ଖାଲି ଜଗତଟିରହିଁ ଭୋଗ କରୁ ନାହୁଁ ବା ଜଗତ ଲାଗି ମଧ୍ୟ ଜଗତର ଭୋଗ କରୁ ନାହୁଁ, ମାତ୍ର ଜଗତ ମଧ୍ୟରେ ବିଦ୍ୟମାନ ରହିଥିବା ପରମେଶ୍ୱରଙ୍କରହିଁ ଆସ୍ୱାଦ ଲାଭ କରୁଛୁ, ଯେତେବେଳେ ଆମେ ବସ୍ତୁଗୁଡ଼ିକୁ ଭୋଗ କରୁ ନାହୁଁ, ମାତ୍ର ଯେତେବେଳେ ବସ୍ତୁଗୁଡ଼ିକ ମଧ୍ୟରେ ବର୍ତ୍ତମାନ ରହିଥିବା ଚିଦ୍‌ଗତତାର ପରମ ଆନନ୍ଦହିଁ ଆମର ଯାବତୀୟ ଭୋଗ ତଥା ଆସ୍ୱାଦର ପ୍ରକୃତ ତଥା ସର୍ବମୂଳ ବସ୍ତୁ ହୋଇ ରହିଛି, ଯେତେବେଳେ ଆମେ ବସ୍ତୁଗୁଡ଼ିକୁ ଚିଦ୍‌ଗତତାରହିଁ ରୂପ ତଥା ପ୍ରତୀକରୂପେ ଏବଂ ସେହି ଆନନ୍ଦସାଗରରେ ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ତରଙ୍ଗରୂପେ ଉପଭୋଗ କରୁଛୁ, କେବଳ ସେତିକିବେଳେ ଯାଇ ଜଗତର ଯଥାର୍ଥ ଓ ପୂର୍ଣ୍ଣ ଉପଭୋଗ ଉପଲବ୍ଧ ହୋଇପାରିବ । ମାତ୍ର ଯେତେବେଳେ ଆମେ ଆମର ଏହି ପ୍ରଚ୍ଛନ୍ନ ଚିଦ୍‌ଗତ ସତ୍ତାଟିକୁ ଉପଲବ୍ଧି କରି ତାହାକୁ ଆପଣାର ଜୀବନାଙ୍ଗଗୁଡ଼ିକରେ ପ୍ରତିଫଳିତ କରିପାରିବା, ସେତିକିବେଳେ ଯାଇ ଆମେ ସେହି ଆନନ୍ଦର ଅଧିକାରୀ ହୋଇପାରିବା; ଯେତେବେଳେ ଆମେ ସେହି ଅତିମାନସ ବିସ୍ତାରଗୁଡ଼ିକ ଆଡ଼କୁ ଆରୋହଣ କରି ଯାଇପାରିବା, ସେତିକିବେଳେ ଯାଇ ସେହି ଆନନ୍ଦଟିକୁ ସମ୍ପୂର୍ଣ୍ଣ ଭାବରେ ଲାଭ କରିପାରିବା । ବର୍ତ୍ତମାନର ଏହି ମଧ୍ୟବର୍ତ୍ତୀ ଅବସ୍ଥାରେ ଆମେ ଏହି ବସ୍ତୁଗୁଡ଼ିକର କେବଳ ଏକ ଯଥୋଚିତ, ସ୍ୱୀକାରସାପେକ୍ଷ ଏବଂ ସର୍ବଥା ବୈଧ ମାନବୀୟ ଉପଭୋଗହିଁ କରିବାକୁ ସମର୍ଥ ହୋଇପାରିବା; ଭାରତୀୟ ମନୋବିଦ୍ୟାର ଭାଷାରେ ଏହି ଉପଭୋଗ ଆପଣା ପ୍ରକୃତିରେ ପ୍ରଧାନତଃ ଏକ ସାତ୍ତ୍ୱିକ ଉପଭୋଗହିଁ ହୋଇ ରହିବ । ଏଇଟି ଏପରି ଏକ ଆଲୋକନଯୁକ୍ତ ଉପଭୋଗ ହୋଇ ରହିବ ଯାହାକି ମୁଖ୍ୟତଃ ବୋଧଗ୍ରାହୀ, ସୌନ୍ଦର୍ଯ୍ୟକାମୀ ଏବଂ ସଂବେଗପ୍ରଧାନ ମନଟି ଦ୍ୱାରା ଓ କେବଳ ଏକ ଗୌଣ ରୂପରେ ଆମର ସଂବେଦନାତ୍ମକ, ସ୍ନାୟୁଗତ ଏବଂ ଭୌତିକ ସତ୍ତାଟି ଦ୍ୱାରା ପ୍ରାପ୍ତ ହୋଇପାରିବ; ମାତ୍ର ଏହି ସକଳ ଭୋଗ ବୁଦ୍ଧିର ସ୍ପଷ୍ଟ ଶାସନଟିର ଅଧୀନ ହୋଇ ରହିଥିବ, ଅର୍ଥାତ୍ ଯଥାର୍ଥ ବୁଦ୍ଧିଗତ ବିବେକ, ଯଥାର୍ଥ ସଂକଳ୍ପ, ଜୀବନର ଅଭିଘାତଗୁଡ଼ିକର ଯଥାର୍ଥ ଗ୍ରହଣ, ଯଥାର୍ଥ ଶୃଙ୍ଖଳା, ସତ୍ତାର ଯଥାର୍ଥ ଅନୁଭୂତି ତଥା ବସ୍ତୁଗୁଡ଼ିକର ବିଧାନ, ଆଦର୍ଶ ତାତ୍ପର୍ଯ୍ୟ, ସୌନ୍ଦର୍ଯ୍ୟ ତଥା ଉପଯୋଗର ଅଧୀନ ହୋଇ ରହିଥିବ । ମନ ସେଗୁଡ଼ିକୁ ଉପଭୋଗ କରିବାର ଶୁଦ୍ଧ ରସଟିକୁ ଗ୍ରହଣ କରିନେବ ଏବଂ ଯାହାକିଛି ବିଶୃଙ୍ଖଳ, ବିକ୍ଷୁବ୍ଧ ଏବଂ ବିକୃତ ହୋଇ ରହିଥିବ, ତାହାକୁ ଛାଡ଼ି ଦେଇଯିବ । ସ୍ୱଚ୍ଛ ଏବଂ ନିର୍ମଳ ରସକୁ ମନ ଏହି ଯେଉଁପରି ଭାବରେ ଗ୍ରହଣ କରିଥାଏ, ତାହା ମଧ୍ୟକୁ ସୂକ୍ଷ୍ମ ପ୍ରାଣକୁ ଜୀବନର ପୂର୍ଣ୍ଣ ବୋଧଟିକୁ ନେଇ ଆସିବାକୁ ପଡ଼େ, ସମସ୍ତ ସତ୍ତାଟି ଦ୍ୱାରା ତାହାର ଅଧିକାରଯୁକ୍ତ ଉପଭୋଗଟିକୁ ମଧ୍ୟ ବହନ କରି ଆଣିବାକୁ ପଡ଼େ; କାରଣ ତା' ନହେଲେ ମନର ରସଗ୍ରହଣ କଦାପି ଯଥେଷ୍ଟ ପରିମାଣରେ ମୂର୍ତ୍ତ ହୋଇପାରେ ନାହିଁ, ତାହା ଏପରି ସୂକ୍ଷ୍ମ ହୋଇ ରହେ ଯେ ତାହା ଦେହସ୍ଥ ଆତ୍ମାକୁ ସମ୍ପୂର୍ଣ୍ଣରୂପେ ସନ୍ତୁଷ୍ଟ କରିପାରେ ନାହିଁ । ତେଣୁ ଭୋଗରେ ଆପଣାର ଏହି ଅବଦାନଟି ହେଉଛି ତାହାର ବିଶେଷ କାର୍ଯ୍ୟ ।

ଏହି କ୍ଷେତ୍ରରେ ଯେଉଁ ବିକୃତିଟି ପ୍ରବେଶ କରି ଶୁଦ୍ଧତାକୁ ବାରିତ କରି ରଖିଦିଏ, ତାହାକୁ ଆମେ ପ୍ରାଣିକ ବାସନାରହିଁ ଏକ ରୂପ ବୋଲି ଜାଣିବା; ଯେଉଁ ସର୍ବଶ୍ରେଷ୍ଠ ବିକୃତିଟିକୁ ଆମର ସତ୍ତା ଲାଗି ଆମେ ସୂକ୍ଷ୍ମ ପ୍ରାଣିକତାର ଅବଦାନ ବୋଲି କହିବା, ତାହା ହେଉଛି କାମନା । ଆମ ପାଖରେ ଯେଉଁ ବସ୍ତୁଟିର ଅଭାବ ରହିଛି

'oaob.nitrkl.ac.in' images reprocessed

ବୋଲି ଆମେ ଅନୁଭବ କରୁଛୁ, ସେଇଟିକୁ ଆମର ହସ୍ତଗତ କରିବାର ପ୍ରାଣିକ ଆକାଙ୍‌କ୍ଷାଟିକୁହିଁ ଆମେ କାମନା ବା ବାସନା ବୋଲି କହିବା, ଏହାକୁ ଆମେ ସୀମାବଦ୍ଧ ପ୍ରାଣର ଅଧିକାରଲାଭ ଏବଂ ପରିତର୍ପଣ ଲାଗି ଏକ ସହଜାତ ପ୍ରବୃତ୍ତି ବୋଲି କହିବା । ବାସନାରୁ ଏକ ଅଭାବବୋଧର ସୃଷ୍ଟି ହୁଏ; ପ୍ରଥମେ କ୍ଷୁଧା, ପିପାସା ଓ କାମବାସନାର ସରଳତର ପ୍ରାଣିକ ଆକାଙ୍‌କ୍ଷା ଜନ୍ମ ଲାଭ କରେ, ତା'ପରେ ମନର ଏହିସବୁ ସୂକ୍ଷ୍ମପ୍ରାଣିକ କ୍ଷୁଧା, ତୃଷ୍ଣା ଏବଂ କାମବାସନାର ଉଦ୍‌ଭବ ହୁଏ, ଯାହାକି ଆମର ସତ୍ତାଟିକୁ ଅଧିକ ପରିମାଣରେ, ଅଧିକ ତୀବ୍ର ଭାବରେ ଓ ଅଧିକ ବ୍ୟାପକ ହୋଇ ଜର୍ଜର କରି ରଖିଥାଏ । ଏହି କ୍ଷୁଧା ଏକ ଅନନ୍ତ କ୍ଷୁଧା ହୋଇ ରହିଥାଏ, କାରଣ ତାହା ଏକ ଅନନ୍ତ ସତ୍ତାରହିଁ କ୍ଷୁଧା ହୋଇ ରହିଥାଏ; ସେହି ତୃଷ୍ଣା ବା ପିପାସା କୌଣସି ନା କୌଣସି ତୃପ୍ତି ଦ୍ୱାରା କେବଳ କେତେ ସମୟ ଲାଗିହିଁ ଶାନ୍ତ ହୋଇଯାଏ, ମାତ୍ର ଆପଣାର ପ୍ରକୃତିରେ ଅତର୍ପଣୀୟ ହୋଇ ରହିଥାଏ । ସୂକ୍ଷ୍ମ ପ୍ରାଣ ସଂବେଦନାତ୍ମକ ମନଟି ଉପରେ ଆସି ଆକ୍ରମଣ କରେ ଏବଂ ସେଥିରେ କେତେକେତେ ସଂବେଦନର ଏକ ଅଶାନ୍ତ ତୃଷା ଆଣି ଜାଗ୍ରତ କରିଦିଏ; ଗତିଶୀଳ ମନଟିକୁ ତାହା ପ୍ରଭୁତ୍ୱ, ଅଧିକାର, ଆଧିପତ୍ୟ ଏବଂ ସଫଳତାର ଲୋଭ ଦ୍ୱାରା ଏବଂ ପ୍ରତ୍ୟେକ ଆବେଗକୁ ପରିପୂର୍ଣ୍ଣ କରିଦେବାର କାମନା ଦ୍ୱାରା ଆକ୍ରାନ୍ତ କରି ରଖେ; ସଂବେଗମୟ ମନକୁ ରୁଚି ଏବଂ ଅରୁଚି ତଥା ରାଗ ଏବଂ ଦ୍ୱେଷର ଭାବଗୁଡ଼ିକୁ ତୃପ୍ତ କରିବାର କାମନା ଦ୍ୱାରା ପରିପୂର୍ଣ୍ଣ କରିଦିଏ, ଭୟଜନିତ କେତେ ଜୁଗୁପ୍ସା ଓ ଆତଙ୍କ ଏବଂ ଆଶାଜନିତ କେତେ ଆୟାସ ଓ ନୈରାଶ୍ୟକୁ ଜନ୍ମ ଦେଇଥାଏ, ଶୋକର ଯନ୍ତ୍ରଣାଗୁଡ଼ିକୁ ଓ ହର୍ଷର କ୍ଷଣସ୍ଥାୟୀ କେତେକେତେ ଜ୍ୱରକୁ ଏବଂ ସେଗୁଡ଼ିକର ଉତ୍ତେଜନାଗୁଡ଼ିକୁ ଆଣି ଆମ ଉପରେ ଲଦିଦିଏ; ବୁଦ୍ଧି ଓ ବୁଦ୍ଧିପ୍ରେରିତ ସଂକଳ୍ପକୁ ଏହି ଯାବତୀୟ ବସ୍ତୁର ସହାୟିକାଟି କରି ରଖି ସେଗୁଡ଼ିକୁ ସେହିଗୁଡ଼ିକର ପ୍ରକାରର ନାନା ବିକୃତ ଏବଂ ପଙ୍ଗୁ ସାଧନରେହିଁ ପରିଣତ କରିଦିଏ; ଅର୍ଥାତ୍, ସଂକଳ୍ପକୁ ଏକ ବାସନା ଦ୍ୱାରା ପୀଡ଼ିତ ସଂକଳ୍ପ ଏବଂ ବୁଦ୍ଧିକୁ ସୀମାବଦ୍ଧ, ଧୈର୍ଯ୍ୟହୀନ ଓ ଅଗ୍ରପୂର୍ବାନୁଷ୍ଠିତ କେତେକେତେ ବିଶ୍ବର ତଥା ମତର ଏକ ପକ୍ଷପାତୀ, ସ୍ଖଳନଶୀଳ ଓ ଉତ୍ସୁକ ଅନୁଧାବକରେ ପରିଣତ କରିଦିଏ । ଆମର ଯାବତୀୟ ଦୁଃଖ, ନୈରାଶ୍ୟ ତଥା ଜର୍ଜରତାର ମୂଳରେ ସେହି ବାସନାହିଁ ରହିଥାଏ; କାରଣ ଏଥିରେ ବିଷୟବସ୍ତୁର ପଛରେ ଦଉଡ଼ିବାର ଏବଂ ସେଥିରୁ ସନ୍ତୋଷ ଲାଭ କରିବାର ଏକ ଜ୍ୱରଗ୍ରସ୍ତ ହର୍ଷଭାବ ରହିଥିଲେ ମଧ୍ୟ, ତଥାପି ତାହା ସତ୍ତାକୁ ସର୍ବଦା ଆୟାସକ୍ଲିଷ୍ଟ କରି ରଖିଥିବାରୁ ତାହା ଆପଣାର ଅନୁଧାବନ ତଥା ଆପଣାର ଫଳପ୍ରାପ୍ତି ମଧ୍ୟକୁ ଏକ ଶ୍ରମ, କ୍ଷୁଧା ଓ ସଂଘର୍ଷକୁ ବହନ କରି ନେଇଆସେ, ଏକ ସତ୍ୱର କ୍ଳାନ୍ତିବୋଧର ଅଧୀନ ହୋଇ ରହେ, ଏକ ସୀମାବଦ୍ଧତା ଅନୁଭବ କରିବାକୁ ଲାଗେ, ଆପଣାର

'oaob.nitrkl.ac.in' images reprocessed

ସଫଳ ଭାବରେ ତଥାପି ଅସନ୍ତୁଷ୍ଟ ହୋଇ ଅତିଶୀଘ୍ର ନିରାଶ ହୋଇଯାଏ, ଅବିଶ୍ରାନ୍ତ ଭାବରେ ଏକ ବ୍ୟାଧିତ ଉତ୍ତେଜନାର ଶିକାର ହୋଇ ରହେ, କ୍ଲେଶ ଓ ଅଶାନ୍ତି ମଧ୍ୟରେ ଜର୍ଜର ହୋଇ ରହେ । ଏହି ବାସନାରୁ ନିଷ୍କୃତିଲାଭକୁହିଁ ଆମେ ସୂକ୍ଷ୍ମ ପ୍ରାଣର ଏକ ସୁନ୍ଦର ତଥା ଅପରିହାର୍ଯ୍ୟ ଶୁଦ୍ଧୀକରଣ ବୋଲି ଜାଣିବା; କାରଣ କେବଳ ଏହାରି ଦ୍ୱାରାହିଁ ଆମର ଯାବତୀୟ ସାଧନ ସହିତ ବ୍ୟାପକ ଭାବରେ ମିଶ୍ରିତ ହୋଇ ରହିଥିବା ସେହି ବାସନାମୟ ଆତ୍ମାଟିର ଜାଗାରେ ଆମେ ସ୍ଥିର ଆନନ୍ଦର ଏକ ମନୋମୟ ଆତ୍ମାର ପ୍ରତିଷ୍ଠା କରିପାରିବା; ଆପଣାର ସତ୍ତା, ବିଶ୍ୱଜଗତ ଏବଂ ପ୍ରକୃତି ଉପରେ ତାହାର ନିର୍ମଳ ଏବଂ ବିଶୁଦ୍ଧ ପ୍ରଭୁତ୍ୱଟିକୁ ସ୍ଥାପିତ କରିପାରିବା । ଏହି ମନୋମୟ ପୁରୁଷ ଏବଂ ତାହାର ଏହି ପ୍ରଭୁତ୍ୱକୁହିଁ ଆମେ ମାନସିକ ଜୀବନ ଏବଂ ତାହାର ପୂର୍ଣ୍ଣତାଟିର ସ୍ଫଟିକ ତୁଲ୍ୟ ସ୍ୱଚ୍ଛ ଆଧାର ବୋଲି ଜାଣିବା ।

ସୂକ୍ଷ୍ମ ପ୍ରାଣ ଯାବତୀୟ ଉଚ୍ଚତର କ୍ରିୟାରେ ହସ୍ତକ୍ଷେପ କରି ତାହାକୁ ବିକୃତ କରିଦେବାକୁ ଇଚ୍ଛା କରୁଥାଏ; ମାତ୍ର ଜଡ଼ ମଧ୍ୟରୁ ଆପଣାର ଆବିର୍ଭୂତ ହୋଇ ଆସିବା ସମୟରେ ପ୍ରାଣ ଦେହ ଭିତରେ ଯେଉଁ ଭୌତିକ କ୍ରିୟାଗୁଡ଼ିକୁ ବିବର୍ତ୍ତିତ କରାଇ ଆଣିଛି, ତାହାରି ପ୍ରକୃତିଟିର ହସ୍ତକ୍ଷେପ ଫଳରେ ଓ ସେଇଟି ଦ୍ୱାରା ସ୍ୱୟଂ ବିକୃତ ହୋଇ ପଡ଼ିବାରୁହିଁ ପ୍ରାଣର ଦୋଷଟି ଜନ୍ମଲାଭ କରିଥାଏ । ତାହାହିଁ ଶରୀର ମଧ୍ୟରେ ରହିଥିବା ବ୍ୟକ୍ତିର ଜୀବନକୁ ବୃହତ୍ତର ବିଶ୍ୱଜଗତର ଜୀବନରୁ ବିଚ୍ଛିନ୍ନ କରି ପକାଇଛି ଏବଂ ତାହା ଉପରେ ଅଭାବ, ସୀମାବଦ୍ଧତା, କ୍ଷୁଧା, ତୃଷ୍ଣା, ଯାହା ନାହିଁ ତାହାକୁ ପାଇବା ଲାଗି ତୀବ୍ର ବ୍ୟଗ୍ରତା, ଅନ୍ଧ ପରି ହୋଇ ଚିରକାଳ ଲାଗି ଭୋଗର ଅନୁଧାବନ ଏବଂ ନାନାପ୍ରକାରେ ବାଧାପ୍ରାପ୍ତ ଏବଂ ପରାହତ ହୋଇ ପଡ଼ୁଥିବା ପ୍ରାପ୍ତିର ଆବଶ୍ୟକତାର ସ୍ୱଭାବଟିକୁ ମୋହର ପରି ଆଣିମାରିଦେଇଛି । ବସ୍ତୁଗୁଡ଼ିକର ନିରାଟ ଭୌତିକ ବ୍ୟବସ୍ଥାରେ ଅତି ସହଜରେ ନିୟନ୍ତ୍ରିତ ଏବଂ ସୀମିତ ହୋଇଯାଇ ତାହା ଆପଣାକୁ ସୂକ୍ଷ୍ମ ପ୍ରାଣଟି ମଧ୍ୟରେ ବିପୁଳ ଭାବରେ ବିସ୍ତାରିତ କରିଦେଉଛି ଏବଂ ମନର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଏପରି ଏକ ବସ୍ତୁରେ ପରିଣତ ହୋଇଯାଉଛି, ଯାହାକୁ କି ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ରଖିବା ବଡ଼ କଷ୍ଟକର ହୋଇପଡ଼ୁଛି, ଯାହା ଆଦୌ ତୃପ୍ତ ହୋଇପାରୁ ନାହିଁ, କୌଣସି ନିୟମନ ମାନୁ ନାହିଁ ଏବଂ କେତେକେତେ ବିଶୃଙ୍ଖଳା ଓ ବ୍ୟାଧିର ଉତ୍ପାଦ କରିବାରେ ବ୍ୟସ୍ତ ହୋଇ ରହୁଛି । ପୁନଶ୍ଚ, ସୂକ୍ଷ୍ମ ପ୍ରାଣ ସ୍ଥୂଳ ଜୀବନଟି ଉପରେ ଭରାଦେଇ ଠିଆହୋଇଛି, ସ୍ଥୂଳ ସତ୍ତାର ସ୍ନାୟୁଗତ ସତ୍ତାଟି ଦ୍ୱାରା ଆପଣାକୁ ସୀମିତ କରି ରଖିଦେଉଛି; ଏବଂ ତା' ଫଳରେ ମନର କ୍ରିୟାଗୁଡ଼ିକୁ ମଧ୍ୟ ବଡ଼ ସୀମାବଦ୍ଧ କରି ପକାଉଛି ଏବଂ ଶରୀର ଉପରେ ଆପଣାର ନିର୍ଭରଶୀଳତା ଏବଂ ଅବସାଦ, ଅସମର୍ଥତା, ବ୍ୟାଧି, ବିଶୃଙ୍ଖଳା, ଉନ୍ମତ୍ତତା ତଥା ସ୍ଥୂଳ ମନୋଭୂମିଟିର କ୍ରିୟାଗତ ଯାବତୀୟ କ୍ଷୁଦ୍ରତା, ଅନିଶ୍ଚିତତା ଏବଂ

'oaob.nitrkl.ac.in' images reprocessed

ଏପରିକି ତାହାର ସମ୍ଭାବ୍ୟ ବିଳମ୍ବପ୍ରାପ୍ତି ମଧ୍ୟରେ ଏକ ସଂଯୋଜକ ପରି କାମ କରିବାରେ ଲାଗୁଛି । ଆପଣାର ବଳରେ ବଳୀୟାନ୍ ହୋଇ ରହିଥିବା ଏକ ବସ୍ତୁରେ ପରିଣତ ହେବା ପରିବର୍ତ୍ତରେ, ଚେତନ ଆତ୍ମାର ଏକ ସ୍ୱଚ୍ଛ ସାଧନ ହେବା ପରିବର୍ତ୍ତେ ଏବଂ ମୁକ୍ତ ଭାବରେ ପ୍ରାଣ ତଥା ଶରୀରକୁ ଆପଣାର ନିୟନ୍ତ୍ରଣକୁ ଆଣି ସେଗୁଡ଼ିକୁ ଆପଣା କାର୍ଯ୍ୟରେ ଲଗାଇବା ଏବଂ ପରିପୂର୍ଣ୍ଣ କରିପାରିବା ପରିବର୍ତ୍ତେ ଆମର ମନ ଏହା ଫଳରେ ଏକ ମିଶ୍ରିତ ଗଠନରୂପେ ଦେଖାଦେବାକୁ ଆରମ୍ଭ କରେ; ତାହା ପ୍ରଧାନତଃ ଏକ ଜଡ଼ଗତ ବା ସ୍ଥୂଳ ମନୋମୟତା ହୋଇ ରହିଯାଏ, ଆପଣାର ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ସୀମାବଦ୍ଧ ରହିଯାଏ ଏବଂ ପ୍ରାଣ ତଥା ଶରୀରର ଦାବି ଏବଂ ପ୍ରତିବନ୍ଧକଗୁଡ଼ିକର ଅଧୀନ ହୋଇ ରହେ । କେବଳ ଏକ ବ୍ୟାବହାରିକ ଓ ଅନ୍ତର୍ଗତ ବିଶ୍ଳେଷଣର ମନୋବୈଜ୍ଞାନିକ କ୍ରିୟା ଦ୍ୱାରାହିଁ ଏହି ଦଶାରୁ ରକ୍ଷା ପାଇବା ସମ୍ଭବ ହୋଇପାରେ, ଏହି ବିଶ୍ଳେଷଣ ଆମର ମନଃସାମର୍ଥ୍ୟଟି ଏକ ଭିନ୍ନ ଓ ସ୍ୱତନ୍ତ୍ର ସାମର୍ଥ୍ୟ ବୋଲି ଆମକୁ ସଜ୍ଞାନ କରି ଦେଇପାରେ ଏବଂ ତାହା ଫଳରେ ଆମେ ତାହାର ଏକ ମୁକ୍ତ କ୍ରିୟାତ୍ମକତା ଲାଗି ତାହାକୁ ଅଲଗା କରି ରଖିବାରେ ସମର୍ଥ ହୋଇଯାଉ; ସୂକ୍ଷ୍ମ ତଥା ସ୍ଥୂଳ ପ୍ରାଣଟି ମଧ୍ୟରେ ରହିଥିବା ଭେଦଟିକୁ ମଧ୍ୟ ବାରି ନେଇପାରୁ ଏବଂ ସେଗୁଡ଼ିକୁ ଆଉ ପରି ମନକୁ ନିର୍ଭରଶୀଳ କରି ରଖିବାର ଏକ ଶୃଙ୍ଖଳରୂପେ ନୁହେଁ, ମାତ୍ର ବୁଦ୍ଧି ଭିତରେ ରହିଥିବା ପରମ ଈଶ୍ୱର ଓ ପରମ ଇଚ୍ଛାଟିକୁ ସଞ୍ଚରିତ କରିଦେଇ ପାରିବାର ଏକ ସାଧନମାର୍ଗରୂପେ ବ୍ୟବହାର କରିପାରୁ, ସେଗୁଡ଼ିକୁ ବୁଦ୍ଧିର ପରାମର୍ଶ ଓ ଆଦେଶଗୁଡ଼ିକ ଲାଗି ଅନୁଗତ କରି ରଖୁ; ସେତେବେଳେ ପ୍ରାଣ ମଧ୍ୟ ସ୍ଥୂଳ ଜୀବନଟି ଉପରେ ମନର ପ୍ରତ୍ୟକ୍ଷ ନିୟନ୍ତ୍ରଣଟିକୁ ସ୍ଥାପିତ କରି ରଖିବାରେ ଏକ ପୂର୍ଣ୍ଣସମ୍ମତ ସାଧନରେ ପରିଣତ ହୋଇଯାଏ । ଏହି ନିୟନ୍ତ୍ରଣଟି ଆମର ଅଭ୍ୟସ୍ତ କ୍ରିୟାଭୂମିଟି ଲାଗି ଯେତେ ଅସ୍ୱାଭାବିକ ବୋଲି ମନେହେଲେ ବି ଏହା ଯେ କେବଳ ସମ୍ଭବ ତା' ନୁହେଁ, ମାତ୍ର ଅନ୍ତରସ୍ଥ ଆତ୍ମସତ୍ତାଟି ଯେତେବେଳେ ଆମର ସମୁଦାୟ ସତ୍ତାଟିର ପ୍ରତ୍ୟକ୍ଷ ନେତୃତ୍ୱ ଓ ଚାଳନାକୁ ଆପଣା ହାତରେ ଗ୍ରହଣ କରିନେବ, ସେତେବେଳେ ତାହାକୁ ଏହି ଭୂମିର ସ୍ୱାଭାବିକ କ୍ରିୟାରେ ପରିଣତ ହେବାକୁହିଁ ପଡ଼ିବ । ଏଇଟି ଯେ ସମ୍ଭବ, ତାହା ବର୍ତ୍ତମାନ ମଧ୍ୟ କେତେକ ପରିମାଣରେ ସମ୍ମୋହନର କ୍ଷେତ୍ରଟିରେ ଦୃଷ୍ଟିଗୋଚର ହୋଇଥାଏ; ଅବଶ୍ୟ ଏକଥା ସତ ଯେ ଏହିସବୁ ବ୍ୟାପାର ବର୍ତ୍ତମାନ କେବଳ ଅସୁସ୍ଥ ଓ ଅସ୍ୱାଭାବିକହିଁ ରହିଛି; କାରଣ ସେହି କ୍ଷେତ୍ରରେ ଏକ ବହିର୍ଗତ ବିଜାତୀୟ ଇଚ୍ଛାଟିରହିଁ ପ୍ରବର୍ତ୍ତନ ଓ ଆଦେଶଗୁଡ଼ିକ କାର୍ଯ୍ୟକାରୀ ହେଉଛି । କେବଳ ଅତିମାନସର ସୋପାନଟିରୁହିଁ ଏହି ନିୟନ୍ତ୍ରଣଟିକୁ ପରିପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯାଇ ପାରିବ, କାରଣ କେବଳ ସେହିଠାରେହିଁ ସେହି ଯଥାର୍ଥ ଓ କାର୍ଯ୍ୟସାଧକ ପରମ ଈଶ୍ୱର ତଥା

'oaob.nitrkl.ac.in' images reprocessed

ପରମ ସଂକଳ୍ପ ଅଧିଷ୍ଠିତ ହୋଇ ରହିଛନ୍ତି; ଏବଂ ଅଧ୍ୟାତ୍ମଭାବ ଦ୍ୱାରା ଅନୁପ୍ରେରିତ ହୋଇ ରହିଥିଲେ ମଧ୍ୟ ଏହି ମନୋଭୂମିସ୍ଥ ଭାବନା-ମନଟି କେବଳ ଏକ ଅତି ସୀମିତଶକ୍ତି ପ୍ରତିନିଧି ହୋଇ ରହିଛି, ଅବଶ୍ୟ ଏକଥା ସତ ଯେ ତାହାକୁ ଏକ ଅତ୍ୟନ୍ତ ଶକ୍ତିଶାଳୀ ପ୍ରତିନିଧିରୂପେ ବି ବେଶ୍ ତିଆରି କରାଯାଇ ପାରିବ ।

ଅନେକ ସମୟରେ ବାସନାକୁହିଁ ମାନବୀୟ ଜୀବନଧାରଣାର ଯଥାର୍ଥ ପ୍ରେରକଶକ୍ତି ବୋଲି ମନେ କରାଯାଇଥାଏ ଏବଂ କୁହାଯାଇଥାଏ ଯେ ବାସନାଟିକୁ କାଢ଼ି ଫୋପାଡ଼ି ଦେଲେ ତଦ୍ୱାରା ଜୀବନର ଉତ୍ସଗୁଡ଼ିକୁହିଁ ବନ୍ଦ କରିଦେବା ପରି ହେବ; ବାସନାର ତର୍ପଣକୁହିଁ ମନୁଷ୍ୟର ଏକମାତ୍ର ଭୋଗ ବା ସୁଖ ବୋଲି ଗ୍ରହଣ କରି ନିଆଯାଏ ଏବଂ କୁହାଯାଏ ଯେ ଏହି ବାସନାଟିକୁ ବିଲୁପ୍ତ କରିଦେବା ଦ୍ୱାରା ଏକ ନିବୃତ୍ତିମୂଳକ ବୈରାଗ୍ୟବାଦ ଦ୍ୱାରାହିଁ ଜୀବନର ଆବେଗଟିକୁ କେବଳ ନିର୍ବାପିତ କରିଦେବାହିଁ ସାର ହେବ । ମାତ୍ର ସଂକଳ୍ପ ବା ଇଚ୍ଛା ହେଉଛି ଆତ୍ମାର କ୍ଷେତ୍ରରେ ଆମ ଜୀବନର ଯଥାର୍ଥ ପ୍ରେରକଶକ୍ତି; ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ ବସିଥିବା ଶରୀର ଜୀବନ ତଥା ସ୍ଥୂଳ ମନର କ୍ଷେତ୍ରରେ ବାସନା ହେଉଛି ସେହି ଇଚ୍ଛାର ଏକ ବିକୃତ ସଂସ୍କରଣ ମାତ୍ର । ଏହି ଜଗତକୁ ଅଧିକାରକୁ ଆଣି ତାହାକୁ ଭୋଗ କରିବା ଲାଗି ଆତ୍ମାର ଯେଉଁ ମର୍ମଗତ ପ୍ରବୃତ୍ତିଟି ରହିଛି, ତାହା କେବଳ ଆନନ୍ଦ ପ୍ରାପ୍ତ କରିବାର ଏକ ଇଚ୍ଛାରେହିଁ ନିହିତ ହୋଇ ରହିଛି; ଏବଂ ଆମର ବାସନା ଭିତରେ ତୃପ୍ତିରୂପୀ ଯେଉଁ ଭୋଗଟି ରହିଛି, ତାହାକୁ ଆମେ ସେହି ଆନନ୍ଦ ଲାଗି ରହିଥିବା ଇଚ୍ଛାରହିଁ ଏକ ପ୍ରାଣିକ ତଥା ସ୍ଥୂଳ ଅଧଃପତନ ବୋଲି ଜାଣିବା । ଏକଥାଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯେ ଆମେ ଶୁଦ୍ଧ ଇଚ୍ଛା ଏବଂ ବାସନା ମଧ୍ୟରେ ରହିଥିବା ଅନ୍ତରଟିକୁ ବାରିନେବା ଲାଗି ସମର୍ଥ ହେବା, ଆନନ୍ଦ ଲାଗି ଯେଉଁ ଅନ୍ତର୍ଗତ ଇଚ୍ଛାଟି ରହିଛି ଓ ମନ ତଥା ଶରୀର ଭିତରେ ଯେଉଁ ବାହ୍ୟ କାମୁକତା ଏବଂ କାମନାଟି ରହିଛି, ଉଭୟଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣି ରଖିବା । ଆମ ସତ୍ତାର ଅନୁଭୂତକ୍ଷେତ୍ରରେ ଏହି ବ୍ୟାବହାରିକ ଭେଦଟିକୁ ନିରୂପଣ କରିବାରେ ଯଦି ଆମେ ସମର୍ଥ ନହେବା, ତେବେ ଆମ ଆଗରେ କେବଳ ଦୁଇଟି ବାଟହିଁ ଖୋଲା ରହିଥିବ; ଅର୍ଥାତ୍ ଜୀବନର ହତ୍ୟା କରି ଦେଉଥିବା ବୈରାଗ୍ୟ ଏବଂ ଜୀଇ ରହିବାର ସ୍ଥୂଳ ଇଚ୍ଛାଟି ମଧ୍ୟରୁ ଆମକୁ କୌଣସି ଗୋଟିଏକୁ ବାଛିନେବାକୁ ପଡ଼ିବ, ଅଥବା ଏହି ଦୁଇଟି ମଧ୍ୟରେ ଏକ ଅସ୍ୱସ୍ତିମୟ, ଅନିଶ୍ଚିତ ଏବଂ ଅସ୍ଥାୟୀ ସାଲିସ୍‌ଟିଏ କରିନେବାକୁ ପଡ଼ିବ । ଅଧିକତର ସଂଖ୍ୟାର ମଣିଷ ପ୍ରକୃତରେ ତାହାହିଁ କରିଆନ୍ତି; ଖୁବ୍ ଅଳ୍ପସଂଖ୍ୟକ ଲୋକ ଜୀବନ ଲାଗି ରହିଥିବା ମୂଳପ୍ରବୃତ୍ତିଟିକୁ ପାଦରେ ଦଳିଦେଇ ଯତି ଓ ବୈରାଗୀ ଭଳି ଏକ ପରିପୂର୍ଣ୍ଣତା ପାଇଁ ଶ୍ରମପ୍ରୟାସ କରୁଥାନ୍ତି; ଏବଂ ଅନେକ ଲୋକ ଜୀବନ ବଞ୍ଚିବାର ସ୍ଥୂଳଇଚ୍ଛାଟିକୁହିଁ ଅନୁସରଣ କରୁଥାନ୍ତି, ଅବଶ୍ୟ

'oaob.nitrkl.ac.in' images reprocessed

ଏକଥା ସତ ଯେ ସମାଜ ସେମାନଙ୍କ ଉପରେ ଯେଉଁସବୁ କଟକଣାକୁ ଲଦିକରି ରଖିଥାଏ ଅଥବା ସମାଜସ୍ଥ ଜଣେ ସାଧାରଣ ମନୁଷ୍ୟ ଯେଉଁସବୁ କଟକଣାକୁ ଆପଣାର ନିଜର ମନ ଓ କାର୍ଯ୍ୟଟି ଉପରେ ଲଦିକରି ରଖିବା ଲାଗି ତାଲିମ ପାଇଥାଏ, ସେଗୁଡ଼ିକ ଦ୍ୱାରା ସେମାନେ ଆପଣାର ସେହି ଅନୁସରଣଟିରେ କିଞ୍ଚିତ୍ ନିୟନ୍ତ୍ରଣ ଆଣିଥାନ୍ତି । ଅନ୍ୟମାନେ ଗୋଟିଏ ପାଖରେ ଏକ ନୈତିକ ଶାସନଯୁକ୍ତ କଠୋର ଜୀବନ ଏବଂ ଅନ୍ୟ ପାଖରେ ବାସନାଶୀଳ ମନୋମୟ ତଥା ପ୍ରାଣପ୍ରେରିତ ଆତ୍ମସତ୍ତାର ସଂଯମଯୁକ୍ତ ତୃପ୍ତିସାଧନ ମଧ୍ୟରେ ଏକ ଭାରସାମ୍ୟ ତିଆରି କରି ରଖିଥାନ୍ତି ଏବଂ ଏହି ଭାରସାମ୍ୟଟି ମଧ୍ୟରେହିଁ ଏକ ସୁସ୍ଥ ମନ ତଥା ସୁସ୍ଥ ମନୁଷ୍ୟଜୀବନର ଆଦର୍ଶ ମଧ୍ୟମମାର୍ଗଟି ରହିଛି ବୋଲି ଦେଖିବାରେ ଲାଗିଥାନ୍ତି । ମାତ୍ର ଆମେ ଯେଉଁ ପରିପୂର୍ଣ୍ଣତାର ସନ୍ଧାନ କରୁଛୁ, ଏହିସବୁ ମାର୍ଗର କୌଣସିଟି ମଧ୍ୟ ଆମକୁ ସେହି ପରିପୂର୍ଣ୍ଣତାଟି ଆଣି ଦେଇ ପାରନ୍ତି ନାହିଁ, ଅର୍ଥାତ୍ ଆମ ଜୀବନକ୍ଷେତ୍ରରେ ଆମର ଇଚ୍ଛା ଉପରେ ସେହି ଦିବ୍ୟ ଶାସନର ପ୍ରତିଷ୍ଠା କରିପାରନ୍ତି ନାହିଁ । ପ୍ରାଣ ବା ପ୍ରାଣପ୍ରେରିତ ସତ୍ତାଟିକୁ ପାଦତଳେ ଦଳି ସମ୍ପୂର୍ଣ୍ଣ ମକଚିଦେବା ଦ୍ୱାରା କେବଳ ଜୀବନର ସେହି ଶକ୍ତିଟିକୁ ଏକାବେଳକେ ହତ୍ୟା କରିଦେବାହିଁ ସାର ହୁଏ, ଯାହାଦ୍ୱାରା କି ମନୁଷ୍ୟସ୍ଥ ଦେହଧାରୀ ଆତ୍ମାର ଅଧିକତର କ୍ରିୟାତ୍ମକତା ଆପଣାକୁ ପୃଷ୍ଟ କରି ରଖିଥାଏ । କେବଳ ସ୍ଥୂଳ ଇଚ୍ଛାଟିକୁହିଁ ବଞ୍ଚିବା ଲାଗି ବାଟ ଛାଡ଼ିଦେବା ଦ୍ୱାରା କେବଳ ଅପୂର୍ଣ୍ଣତାରେହିଁ ତୃପ୍ତ ହୋଇ ରହିବା ସାର ହୁଏ; ଏବଂ ଦୁହିଁଙ୍କ ଭିତରେ ଗୋଟାଏ ସାଲିସ୍ କରି ପକାଇବା ଦ୍ୱାରା କେବଳ ଅଧାବାଟରେହିଁ ଲଟକି ରହିବାକୁ ପଡ଼େ, ଜଗତ କିଂବା ଜଗଦତୀତ ସ୍ୱର୍ଗ କୌଣସିଟି ଉପଲବ୍ଧ ହୁଏ ନାହିଁ । ମାତ୍ର ଯଦି ଆମେ ବାସନା ଦ୍ୱାରା କୌଣସି ପ୍ରକାରେ ବିକୃତ ହୋଇ ପଡ଼ି ନଥିବା ଶୁଦ୍ଧ ଇଚ୍ଛାଟିର ଭୂମିରେ ଯାଇ ପ୍ରବିଷ୍ଟ ହୋଇପାରୁ,—ଏହି ଇଚ୍ଛାଟିକୁ ଆମେ କେବଳ ଲମ୍ଫପ୍ରଦାନ କରିବାରେ ଲାଗିଥିବା, ଧୂଆଁରେ ଶ୍ୱାସରୁଦ୍ଧ ହୋଇ ରହିଥିବା, ଶୀଘ୍ର କ୍ଲାନ୍ତ ଓ ପରାହତ ହୋଇ ପଡ଼ୁଥିବା ବାସନାର ବହ୍ନିଟିଠାରୁ ଅନେକ ଅଧିକ ପରିମାଣରେ ମୁକ୍ତ, ଶାନ୍ତ, ସ୍ଥାୟୀ ଓ କାର୍ଯ୍ୟସାଧକ ଏକ ସାମର୍ଥ୍ୟ ବୋଲି ଦେଖିବାକୁ ପାଇବା,—ବାସନାର କୌଣସି ବିକ୍ଷୋଭ ଦ୍ୱାରା ଜର୍ଜର ଅଥବା ସୀମିତ ହୋଇ ନଥିବା ସେହି ଆନନ୍ଦକାମୀ ଅନ୍ତର୍ଗତ ଇଚ୍ଛାଟିରେ ଯାଇ ଯଦି ଆମେ ପ୍ରବେଶ କରିପାରୁ, ତେବେ ଆମେ ପ୍ରାଣଶକ୍ତିକୁ ମନ ଉପରେ ଏପରି ଏକ ଦୌରାତ୍ମ୍ୟକାରୀ ଉତ୍ପୀଡ଼କ ଓ ଶତ୍ରୁ ହୋଇ ରହିବାର ତାହାର ଏହି ଭୂମିକାଟିରୁ ବାହାର କରି ଆଣି ଏକ ଆଦେଶପାଳନକାରୀ ସାଧନରେ ରୂପାନ୍ତରିତ କରିଦେଇ ପାରିବା । ଆମେ ଇଚ୍ଛା କରୁଥିଲେ ଏହି ବୃହତ୍ତର ବସ୍ତୁଗୁଡ଼ିକୁ ମଧ୍ୟ ବାସନା ବୋଲି କହିପାରୁ; ମାତ୍ର ତା'ହେଲେ ଆମକୁ ଅବଶ୍ୟ କଳ୍ପନା କରିବାକୁ ପଡ଼ିବ ଯେ ଏହି ପ୍ରାଣଭୂମିସ୍ଥ ବାସନାଠାରୁ ଭିନ୍ନ ହୋଇ

'oaob.nitrkl.ac.in' images reprocessed

ଯେଉଁ ଅନ୍ୟ ବାସନା ମଧ୍ୟ ରହିଛି, ଏପରି ଯେଉଁ ପ୍ରାଣ-ଚାଳନା ରହିଛି, ଯାହା ଅନ୍ୟ ତଥା ଜନ୍ମଗତ ଚାଳନାବ୍ୟାପାରଟି ଯାହାର ଏକ ଅଙ୍ଗ ରୂପ ପରି ହୋଇ ରହିଛି ଏବଂ ଯାହା ମଧ୍ୟକୁ ଏଇଟିକୁ ଦିନେ ନା ଦିନେ ରୂପାନ୍ତରିତ ହୋଇଯିବାକୁ ପଡ଼ିବ । ଏଥିର ସ୍ୱଭାବ ତଥା ଅନ୍ତର୍ଗତ ହିସାବରେ ପରସ୍ପରଠାରୁ ସମ୍ପୂର୍ଣ୍ଣ ସ୍ତରରେ ପୃଥକ୍ ହୋଇ ରହିଥିବା ବସ୍ତୁଗୁଡ଼ିକ ସକାଶେ ଭିନ୍ନ ଭିନ୍ନ ନାମ ଦେବା ହିଁ ସର୍ବଦା ଅଧିକ ସଙ୍ଗତ ବୋଲି ବୁଝାଯିବ ।

ପ୍ରାଣକୁ ସକଳ ବାସନାରୁ ମୁକ୍ତ କରିବା ଏବଂ ତାହା ସଙ୍କେତରେ ପ୍ରାସଙ୍ଗିକ ରୂପରେ ଆମ ପ୍ରକୃତିର ଏହି ସାଧାରଣ ସ୍ଥିତିଟିକୁ ଓଲଟାଇ ଦେଇ ପ୍ରାଣମୟ ସତ୍ତାକୁ ଏକ ହିତ୍ୱବେଳନଭଙ୍ଗ ଦ୍ରବ୍ୟଶାଳୀ ସ୍ୱାମିତ୍ୱରୁ ମୁକ୍ତ ଓ ଅନାସକ୍ତ ମନର ଏକ ଅନୁଗତ ସାଧନରେ ରୂପାନ୍ତରିତ କରିଦେବା,—ଶୁଦ୍ଧ ହେବାର ମାର୍ଗରେ ଏଇଟିକୁହିଁ ଆମେ ପ୍ରଥମ ପଦକ୍ଷେପ ବୋଲି ଜାଣିବା । ମୂଳ ସ୍ଥାନରେ ଏହି ବିକୃତିଟି ଅବଲୁପ୍ତ ହୋଇଗଲେ ଅନ୍ତଃକରଣର ଅବଶିଷ୍ଟ ଅନ୍ତଃବର୍ତ୍ତୀ ଉପାଦାନର ଶୁଦ୍ଧି କ୍ରମେ ସହଜ ହୋଇ ଆସିବ; ଏବଂ ସେହି ଶୁଦ୍ଧୀକରଣଟି ସମ୍ପୂର୍ଣ୍ଣ ହୋଇପାରିଲେ, ସେହି ଅନ୍ୟଗୁଡ଼ିକର ଶୁଦ୍ଧୀକରଣକୁ ମଧ୍ୟ ସହଜରେ ପରିପୂର୍ଣ୍ଣ କରାଯାଇ ପାରିବ । ଏହି ଅନ୍ତଃବର୍ତ୍ତୀ ସ୍ତରଗୁଡ଼ିକ ଭିତରେ ଆମେ ସଂବେଗୀ ମନଟିକୁ ବୁଝିବା, ସଂବେଦନ ଲାଭ କରୁଥିବା ଗ୍ରହଣଶୀଳ ମନଟିକୁ ବୁଝିବା ଏବଂ ସେହି ସକ୍ରିୟ ସଂବେଦନପର ମନ ବା ଗତିଶୀଳ ଆବେଗର ମନଟିକୁ ବୁଝିବା । ଏକ ଅଦ୍ଭୁତ ଢଙ୍ଗରେ ବନ୍ଧା ହୋଇ ରହିଥିବା ପାରସ୍ପରିକ କ୍ରିୟା ଓ ପ୍ରତିକ୍ରିୟା ମଧ୍ୟରେହିଁ ସେମାନେ ଏକାନ୍ତ ଅବଲମ୍ବିତ ହୋଇ ରହିଛନ୍ତି । ସଂବେଗୀ ମନର ବିକୃତ ରାଗ-ଦ୍ୱେଷ ଅର୍ଥାତ୍ ସଂବେଗଗତ ଆକର୍ଷଣ ତଥା ବିକର୍ଷଣର ଦ୍ୱନ୍ଦ୍ୱଟି ଉପରେହିଁ ଆଧାରିତ ରହିଥାଏ । ସଂବେଗ ତଥା ସଂବେଦନ ମଧ୍ୟରେ ଅବସ୍ଥିତ କାମନାମୟ ପ୍ରାଣ ଏହିସବୁ ଆକର୍ଷଣ ଓ ବିକର୍ଷଣକୁ ଅଭ୍ୟସ୍ତ ଭାବରେ ଯେଉଁ ପ୍ରତିପାଦନ କରାଇଥାଏ, ସେଇଥିରୁହିଁ ଆମ ସଂବେଗଗୁଡ଼ିକର ଜଟିଳତା ଏବଂ ଆତ୍ମା ଉପରେ ସେଗୁଡ଼ିକର ଉତ୍ପୀଡ଼ନ ଜନ୍ମଲାଭ କରିଥାଏ । ଭଲ ପାଇବା ଓ ଘୃଣା କରିବା, ଆଶା କରିବା ଓ ଭୟ କରିବା ତଥା ଦୁଃଖ ପାଇବା ଓ ସୁଖ ଅନୁଭବ କରିବା,—ସମସ୍ତଙ୍କର ମୂଳ ଏହି ଗୋଟିଏ ଜାଗାରେ ରହିଥାଏ । ଆମର ପ୍ରକୃତି, ଅର୍ଥାତ୍ ଆମ ସତ୍ତାଟିର ପ୍ରଥମ ସଂସ୍କାର ବା ତା' ନହେଲେ ଗଠିତ ହୋଇ ଆସିଥିବା (ଅନେକ ସମୟରେ ବିକୃତ) ଆମର ଅଭ୍ୟାସ ଅର୍ଥାତ୍ ଆମ ସତ୍ତାଟିର ଦ୍ୱିତୀୟ ସଂସ୍କାର ଯାହାକିଛି ବସ୍ତୁକୁ ଆମ ମନର ସମକ୍ଷରେ ସୁଖକର ବା ପ୍ରିୟ ବୋଲି ଆଣି ଉପସ୍ଥାପିତ କରାଏ, ଆମେ ତାହାର ପ୍ରତି ଆକୃଷ୍ଟ ହେଉ, ତାକୁ ଭଲ ପାଉ, ତା'ର ସ୍ୱାଗତ କରୁ, ତାହାର ଲାଗି ଆଶା ପୋଷଣ କରୁ ଓ ସେଇଥିରେହିଁ ଆନନ୍ଦ ଅନୁଭବ କରୁ; ଏବଂ ତାହା ଆମ ସମକ୍ଷରେ

'oaob.nitrkl.ac.in' images reprocessed

ଯାହାକିଛି ବସ୍ତୁକୁ ଅସୁଖକର ବା ଅପ୍ରିୟ ବୋଲି ଆଣି ଉପସ୍ଥାପିତ କରି ଦେଉଥାଏ, ଆମେ, ତାକୁ ଘୃଣା କରୁ, ଖରାପ ବୋଲି କହୁ, ଭୟ କରୁ, ତା' ପାଖରୁ ଦୂରକୁ ଚାଲିଯିବାକୁ ଚାହୁଁ ଓ ତାହାକୁ ନେଇ ଦୁଃଖ ଅନୁଭବ କରୁ । ସଂବେଗମୟ ପ୍ରକୃତିର ଏହି ଅଭ୍ୟାସଟି ବୁଦ୍ଧିପ୍ରେରିତ ଇଚ୍ଛାର ପଥଟିରେ ମଧ୍ୟ ଅନ୍ତରାୟ ହୋଇ ଠିଆହେବାକୁ ଆସେ ଏବଂ ଅନେକ ସମୟରେ ତାକୁ ସଂବେଗୀ ସତ୍ତାର ଏକ ପରିକରରେହିଁ ପରିଣତ କରି ରଖେ ବା ଅନ୍ତତଃ ତାକୁ ଆପଣାର ସ୍ୱତନ୍ତ୍ର ନିର୍ଣ୍ଣୟ କରି ପାରିବାରୁ ଓ ପ୍ରକୃତିର ଶାସନ କରିବାରୁ ନିବୃତ୍ତ କରି ରଖେ । ଏହି ବିକୃତିରେ ଯେକୌଣସି ପ୍ରକାରେ ଏକ ସଂଶୋଧନ ଆଣିବାକୁହିଁ ପଡ଼ିବ । ସୂକ୍ଷ୍ମ ପ୍ରାଣଟି ମଧ୍ୟରୁ କାମନାକୁ ଏବଂ ସଂବେଗଗତ ମନଟି ଭିତରେ ରହିଥିବା ତାହାର ମିଶ୍ରଣକୁ ଦୂର କରିଦେଇ ପାରିଲେ ସଂଶୋଧନର ଏହି କାର୍ଯ୍ୟଟି ଆମ ଲାଗି ସହଜ ହୋଇଯାଏ । କାରଣ ସେତେବେଳେ ହୃଦୟକୁ ବାନ୍ଧି ରଖିଥିବା ଦୃଢ଼ ଗଣ୍ଠି ସ୍ୱରୂପ ସେହି ଆସକ୍ତି କ୍ରମଶଃ ଶିଥିଳ ହୋଇଯାଇ ହୃଦୟର ତନ୍ତ୍ରୀଗୁଡ଼ିକରୁ ଅଲଗା ହୋଇଯାଏ; ରାଗ-ଦ୍ୱେଷର ଅନିଚ୍ଛାକୃତ ଓ ଯାନ୍ତ୍ରିକ ଅଭ୍ୟାସଟି ତଥାପି ଜାରି ରହିଥାଏ ସତ, ମାତ୍ର ଆସକ୍ତି ଦ୍ୱାରା ତାହାକୁ ଆଉ ଦୃଢ଼ ଓ ଅନମନୀୟ କରାଯାଇ ପାରୁ ନଥିବାରୁ ଇଚ୍ଛାଶକ୍ତି ତଥା ବୁଦ୍ଧି ବଡ଼ ସହଜରେ ତାହାର ସମ୍ମୁଖୀନ ହୋଇପାରନ୍ତି ଓ ଆବଶ୍ୟକ ପ୍ରତିବିଧାନ ମଧ୍ୟ କରିପାରନ୍ତି । ଅଶାନ୍ତ ହୃଦୟକୁ ଆପଣାର ବଶରେ ଆଣି ରାଗ-ଦ୍ୱେଷର ଅଭ୍ୟସ୍ତତା ମଧ୍ୟରୁ ତାହାକୁ ମୁକ୍ତ କରିବା ମଧ୍ୟ ସମ୍ଭବ ହୋଇଯାଏ ।

ମାତ୍ର ତା'ହେଲେ ଯଦି ଏକଥାଟି ସମ୍ଭବ ହୋଇଯାଏ, ତେବେ ହୁଏତ ଏପରି ବିଚାର କରାଯାଇ ପାରେ ଯେ ବାସନାର କ୍ଷେତ୍ରରେ ସାଧାରଣତଃ ଯେପରି ହୋଇଥାଏ, ଏଠାରେ ମଧ୍ୟ ଏହା ଫଳରେ ସଂବେଗୀ ସତ୍ତାଟିର କେବଳ ମୃତ୍ୟୁ ଘଟିବାହିଁ ସାର ହେବ । ହଁ, ଯଦି କେବଳ ବିକୃତିଟିକୁ ଦୂର କରି ଦିଆଯାଏ ଏବଂ ତାହାର ସ୍ଥାନାପନ୍ନ ଭାବରେ ସଂବେଗୀ ମନର ଉଚିତ କ୍ରିୟାଟିକୁ ପ୍ରତିଷ୍ଠିତ କରା ନଯାଏ, ତେବେ ନିଶ୍ଚୟ ଠିକ୍ ତାହାହିଁ ଘଟିବ । ସେହି ଅବସ୍ଥାରେ ମନ କେବଳ ଶୂନ୍ୟ ଉଦାସୀନତାର ଏକ ପକ୍ଷମୁକ୍ତ ଅବସ୍ଥା ମଧ୍ୟକୁହିଁ ଅତିକ୍ରମ କରିଯିବ ବା ଏପରି ଏକ ଶାନ୍ତିମୟ ନିଷ୍କ୍ରିୟତାର ଏକ ଆଲୋକିତ ଅବସ୍ଥା ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯିବ ଯେଉଁଠାରେ କି ସଂବେଗର ଆଦୌ କୌଣସି ସ୍ପନ୍ଦନ ବା ତରଙ୍ଗ ମଧ୍ୟ ଉପସ୍ଥିତ ନଥିବ । ପ୍ରଥମ ଅବସ୍ଥାଟିକୁ ଆମେ କୌଣସି ପ୍ରକାରେ କାମ୍ୟ ବୋଲି କହିବା ନାହିଁ, ଏବଂ ଦ୍ୱିତୀୟଟି ହୁଏତ ଏକ ନିବୃତ୍ତିମୂଳକ ସାଧନାର ସିଦ୍ଧି ହୋଇ ରହିପାରିବ; ମାତ୍ର ପ୍ରେମକୁ ବର୍ଜନ କରୁ ନଥିବା ଏବଂ ଆନନ୍ଦର ବିବିଧ ଗତିସ୍ପନ୍ଦନକୁ ଆଦୌ ପରିହାର କରୁ ନଥିବା ସମଗ୍ର ପରିପୂର୍ଣ୍ଣତାର ଯୋଜନାଟି ଭିତରେ ଆମେ

'oaob.nitrkl.ac.in' images reprocessed

ଏହାକୁ କେବଳ ଏକ ପର୍ଯ୍ୟାୟ ବୋଲିହିଁ କହିବା, ଯାହାକୁ କି ଅତିକ୍ରମ କରି ଆଗକୁ ଚାଲିଯିବାକୁ ପଡ଼ିବ; ଆମେ ତାହାକୁ ଯଥାର୍ଥ କର୍ମମଗ୍ନତା ଲାଗି ଏକ ପ୍ରଥମ ଭୂମିରୂପେ ସ୍ୱୀକୃତ ହୋଇଥିବା ଏକ ପ୍ରାରମ୍ଭିକ କର୍ମରହିତତା ବୋଲି କହିପାରିବା । ଯେକୌଣସି ସାଧାରଣ ମଣିଷ ଲାଗି ଆକର୍ଷଣ ଓ ବିକର୍ଷଣ, ଭଲ ଲାଗିବା ଓ ଭଲ ନଲାଗିବା ହେଉଛି ଗୋଟିଏ ଗୋଟିଏ ଆବଶ୍ୟକ ଯାନ୍ତ୍ରିକ କ୍ରିୟା; ତାହାର ଚତୁର୍ଦ୍ଦିଗସ୍ଥ ଜଗତ ତା' ଉପରେ ଯେଉଁ ପ୍ରକାରେ ପ୍ରୀତିକର ତଥା ଭୟଙ୍କର ଓ ସହାୟକ ତଥା ବାଧକ ଆଘାତ କରିବାରେ ଲାଗିଥାଏ, ସେଗୁଡ଼ିକ ଭିତରୁ ସ୍ୱାଭାବିକ ଓ ସହଜପ୍ରେରିତ ଭାବରେ ଏକ ନିର୍ବାଚନ କରିପାରିବା ଲାଗି ଏହି ରାଗ-ଦ୍ୱେଷ ପ୍ରଭୃତି ତତ୍ତ୍ୱ ଏକ ପ୍ରଥମ ସିଦ୍ଧାନ୍ତର କାର୍ଯ୍ୟ କରିଥାଆନ୍ତି । ଏହିଟିକୁହିଁ ସାମଗ୍ରୀରୂପେ ଗ୍ରହଣ କରି ବୁଦ୍ଧି ଆପଣାର କାର୍ଯ୍ୟ ଆରମ୍ଭ କରିଥାଏ; ଏବଂ ଆମ ଭିତରେ ଯାହାକିଛି ପ୍ରକୃତିଗତ ଓ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ରହିଛି, ଏକ ଅଧିକ ବିଜ୍ଞତାପୂର୍ଣ୍ଣ ବିବେକସମର୍ଥିତ ଓ ସ୍ୱେଚ୍ଛାକୃତ ନିର୍ବାଚନ ଦ୍ୱାରା ସେଗୁଡ଼ିକରେ ସଂଶୋଧନ ଆଣିବାର ଚେଷ୍ଟା କରେ । କାରଣ ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ ଯେଉଁ ବସ୍ତୁଟି ଆମକୁ ସୁଖକର ମନେହୁଏ, ତାହାହିଁ ସବୁବେଳେ ଯଥାର୍ଥ, ଅଧିକ ବାଞ୍ଛନୀୟ ଓ କାମ୍ୟ ହୋଇ ରହି ନଥାଏ, କିଂବା ଅସୁଖକର ଓ ଅପ୍ରିୟ ବସ୍ତୁହିଁ ସବୁବେଳେ ଅସତ୍ୟ, ବର୍ଜନୀୟ ଓ ଅସ୍ୱୀକାର୍ଯ୍ୟ ହୋଇ ରହି ନଥାଏ । ଆମକୁ ପ୍ରେୟଃ ଓ ଶ୍ରେୟଃକୁ ପରସ୍ପର-ଠାରୁ ଅଲଗା କରି ଦେଖି ପାରିବାକୁ ହେବ ଏବଂ ସଂବେଗଗତ କୌଣସି ଖିଆଲ ନୁହେଁ, ମାତ୍ର ସମ୍ୟକ୍ ବୁଦ୍ଧିହିଁ ଆମ ଭିତରେ ଯାହାକିଛି ନିର୍ବାଚନର କାର୍ଯ୍ୟ କରୁଥିବ । ମାତ୍ର ଯେତେବେଳେ ସଂବେଗମୂଳକ ପ୍ରବର୍ତ୍ତନାଟିକୁ ପଛକୁ ଅପସରାଇ ଦିଆଯାଇ ପାରିବ ଏବଂ ଏକ ସମାଲୋଚକ ନିର୍ଲିପ୍ତତା ମଧ୍ୟରେ ହୃଦୟ ଶାନ୍ତ ହୋଇ ରହିପାରିବ, ସେତେବେଳେ ଯାଇ ସମ୍ୟକ୍ ବୁଦ୍ଧି ଏହି ନିର୍ବାଚନର କାର୍ଯ୍ୟଟିକୁ ଅଧିକ ଭଲ ଭାବରେ କରିବାକୁ ସମର୍ଥ ହେବ । ସେତେବେଳେ ହୃଦୟର ସମ୍ୟକ୍ କ୍ରିୟାତ୍ମକତାଟିକୁ ମଧ୍ୟ ଉପରିଭାଗକୁ ନେଇ ଆସିହେବ; କାରଣ ଆମେ ସେତେବେଳେ ଏକଥାଟି ନିଶ୍ଚୟ ଆବିଷ୍କାର କରିପାରିବା ଯେ ସଂବେଗ ଦ୍ୱାରା ଗ୍ରସ୍ତ ଏହି ବାସନା-ଆତ୍ମାର ପଛରେ ପ୍ରେମମୟ, ସ୍ୱଚ୍ଛ ପୁଲକମୟ ଏବଂ ଆନନ୍ଦସ୍ୱରୂପ ଆତ୍ମାଟି ଆମ ଲାଗି ସର୍ବଦାହିଁ ଅପେକ୍ଷା କରି ରହିଥିଲା; ଏକ ଶୁଦ୍ଧ ଚୈତ୍ୟ ସତ୍ତା ଅପେକ୍ଷା କରି ରହିଥିଲା, ଯେ ଏପର୍ଯ୍ୟନ୍ତ କ୍ରୋଧ, ଭୟ, ଘୃଣା ଓ ଜୁଗୁପ୍ସାର ବିକୃତିଗୁଡ଼ିକ ଦ୍ୱାରା ଆଚ୍ଛନ୍ନ ହୋଇ ରହିଥିଲା ଏବଂ ତେଣୁ ଏକ ରାଗ-ଦ୍ୱେଷରହିତ ପ୍ରେମ ଓ ଆନନ୍ଦ ଦ୍ୱାରା ଏହି ଜଗତକୁ ଆବେଷ୍ଟିତ କରିପାରୁ ନଥିଲା । ମାତ୍ର ଶୁଦ୍ଧ ହୃଦୟ କ୍ରୋଧରୁ ମୁକ୍ତ ହୋଇ ଆସିଥାଏ, ଭୟ ଓ ଘୃଣାରୁ ମୁକ୍ତ ହୋଇ ରହିଥାଏ, ସକଳପ୍ରକାର ସଙ୍କୁଚନ ତଥା ବିକର୍ଷଣରୁ ମଧ୍ୟ ମୁକ୍ତିଲାଭ କରିଥାଏ; ତାହା ଏକ ବିଶ୍ୱବ୍ୟାପୀ



'oaob.nitrkl.ac.in' images reprocessed

ପ୍ରେମର ଅଧିକାରୀ ହୋଇ ରହିଥାଏ; ଏହି ବିଶ୍ୱଜଗତରେ ପରମେଶ୍ୱର ତାହା ଲାଗି ଯେଉଁ ବୈଚିତ୍ର୍ୟମୟ ଆନନ୍ଦଟିକୁ ଆଣି ଦେଇଥାନ୍ତି, ସେ ତାହାକୁ ଏକ ଅବିକ୍ଷୁବ୍ଧ ମଧୁରତା ଓ ସ୍ୱଚ୍ଛତା ସହିତ ଗ୍ରହଣ କରିବା ଲାଗି ସମର୍ଥ ହୋଇ ରହିଥାଏ । ମାତ୍ର ତାହା କଦାପି ସେହି ପ୍ରେମ ଓ ଆନନ୍ଦର ଏକ ଦୁର୍ବଳ ଦାସ ହୋଇପଡ଼େ ନାହିଁ; ସେ କୌଣସି କାମନା କରେ ନାହିଁ, କର୍ମର ମାଲିକରୂପେ ଆପଣାକୁ କାହା ଉପରେ ଲଦିଦେବାକୁ ସେ କୌଣସି ଚେଷ୍ଟା କରେ ନାହିଁ । କର୍ମ ଲାଗି ଆବଶ୍ୟକ ହେଉଥିବା ନିର୍ବାଚନପ୍ରକ୍ରିୟାଟିକୁ ମୁଖ୍ୟତଃ ବୁଦ୍ଧି ହାତରେ ଛାଡ଼ିଦିଆ ହୋଇଥାଏ; ଏବଂ ଯେତେବେଳେ ବୁଦ୍ଧିର ସୀମାତିକ୍ରମ କରିବା ସମ୍ଭବ ହୁଏ, ସେତେବେଳେ ତାହା ସେହି ଅତିମାନସ ସଂକଳ୍ପ, ଜ୍ଞାନ ତଥା ଆନନ୍ଦ ମଧ୍ୟରେ ଅବସ୍ଥାନ କରୁଥିବା ଆତ୍ମାରହିଁ କାର୍ଯ୍ୟ ହୋଇ ରହିଥାଏ ।

ଗ୍ରହଣଶୀଳ ସଂବେଦନାତ୍ମକ ମନଟି ସଂବେଗଗୁଡ଼ିକର ସ୍ନାୟୁଗତ ମନୋମୟ ଆଧାର ହୋଇ ରହିଥାଏ; ବସ୍ତୁଗୁଡ଼ିକର ଆଘାତକୁ ତାହା ମନୋମୟ ରୂପରେ ଗ୍ରହଣ କରେ ଏବଂ ମାନସିକ ସୁଖାନୁଭୂତି ତଥା ଦୁଃଖାନୁଭୂତିର ରୂପରେ ସେଗୁଡ଼ିକୁ ଆପଣାର ପ୍ରତିବେଦନ ଜଣାଇଥାଏ । ଏବଂ ସେଇଥିରୁହିଁ ସଂବେଗଗତ ରାଗ ତଥା ଦ୍ୱେଷଜନିତ ଦ୍ୱନ୍ଦ୍ୱଟି ଜନ୍ମଲାଭ କରେ । ହୃଦୟସ୍ଥ ଯାବତୀୟ ସଂବେଗର ସ୍ନାୟବିକ ମନରେ ଏକ ସହାନୁରୂପ ପ୍ରତିକ୍ରିୟା ମଧ୍ୟ ହୋଇଥାଏ, ତାହା ସବୁବେଳେ ସେଗୁଡ଼ିକର ଅନୁରୂପହିଁ ହୁଏ; ଏବଂ ଏକଥାଟି ଆମେ ପ୍ରାୟ ସବୁ ସମୟରେ ଦେଖିବାକୁ ପାଇଥାଉ ଯେ ଯେତେବେଳେ ହୃଦୟସ୍ଥ ଯାବତୀୟ ଦ୍ୱନ୍ଦ୍ୱର ମୂଳଭୂତ ସକଳ ଇଚ୍ଛାରୁ ମୁକ୍ତ ହୋଇଯାଏ, ସେତେବେଳେ ମଧ୍ୟ ସ୍ନାୟବିକ ମନର ନାନା ବିକ୍ଷୋଭର ଏକ ଚେର ତଥାପି ବଞ୍ଚିକରି ରହିଥାଏ; ଅଥବା, ଆମର ସ୍ଥୂଳ ମନରେ ତାହାର ଏପରି ଏକ ସ୍ମୃତି ବଞ୍ଚିକରି ରହିଯାଏ, ଯାହାକୁକି ବୁଦ୍ଧିର ସଂକଳ୍ପଟି ଦ୍ୱାରା ଯେତିକି ଦୂରକୁ ହଟାଇ ଦିଆଯାଉଥାଏ, ତାହା ସେତିକି ଅଧିକ ଦୂରକୁ ହଟିଯାଇ କେବଳ ଏକ ଭୌତିକ ରୂପ ଧାରଣ କରିବାରେ ଲାଗିଥାଏ । ପରିଶେଷରେ ତାହା ବାହାରୁ ଆସୁଥିବା କେବଳ ଏକ ଇଙ୍ଗିତମାତ୍ର ହୋଇ ରହିଯାଏ; ଏବଂ ଶୁଦ୍ଧ ହୃଦୟ ଆଗରୁ ଉପଲବ୍ଧି କରି ସାରିଥିବା ପୂର୍ଣ୍ଣ ଶୁଦ୍ଧି ସେଗୁଡ଼ିକୁ ଆନନ୍ଦର ସେହି ଆଲୋକମୟ ବିଶ୍ୱବ୍ୟାପ୍ତତା ମଧ୍ୟକୁ ନେଇ ମୁକ୍ତ କରି ନଦେବା ପର୍ଯ୍ୟନ୍ତ ସେଗୁଡ଼ିକ ଉଦ୍ଦେଶ୍ୟରେ ମନର ସ୍ନାୟବିକ ତନ୍ତୁଗୁଡ଼ିକ ତଥାପି ବେଳେ-ବେଳେ ପ୍ରତିସ୍ପନ୍ଦନ ଜଣାଇବାରେ ଲାଗିଥାନ୍ତି । ସକ୍ରିୟ ଏବଂ ଶକ୍ତିଶାଳୀ ଆବେଗାତ୍ମକ ମନକୁ ଆମେ ପ୍ରତିସ୍ପନ୍ଦନରୂପୀ କ୍ରିୟାଟିର ଅନ୍ତର ସାଧନ ଓ ବାହକ ବୋଲି ଜାଣିବା; ଅଶୁଦ୍ଧ ସଂବେଗଗତ ତଥା ସଂବେଦନଗତ ମନୋମୟତା ଏବଂ ପ୍ରାଣର ବାସନାଟିର ଇଙ୍ଗିତର ଅଧୀନ ହୋଇପଡ଼ୁଥିବା ଦ୍ୱାରାହିଁ ଏଥିରେ ବିକୃତି

'oaob.nitrkl.ac.in' images reprocessed

ଘଟିଥାଏ, ଶୋକ, ଭୟ, ଘୃଣା, ଇଚ୍ଛା, କାମବାସନା, ଲାଳସା ତଥା ଅନ୍ୟ ଯାବତୀୟ ଅଶାନ୍ତ ବୃତ୍ତି ଦ୍ୱାରା ପ୍ରେରିତ କାର୍ଯ୍ୟର ଆବେଗଗୁଡ଼ିକର ଦାସ ହୋଇ-ପଡ଼ିବା ଦ୍ୱାରା ଏହି ବିକୃତି ଜନ୍ମଲାଭ କରିଥାଏ । ବଳ, ଶୌର୍ଯ୍ୟ ଏବଂ ସ୍ୱଭାବଗତ ସାମର୍ଥ୍ୟ ଦ୍ୱାରା ସମ୍ପନ୍ନ ଏକ ଶୁଦ୍ଧ କ୍ରିୟାଶୀଳ ଶକ୍ତି ହୋଇ ରହିଥିବାବେଳେ ତାହା ଯଥାର୍ଥ ଭାବରେ ଆପଣାର କାର୍ଯ୍ୟ କରୁଥାଏ; ସେତେବେଳେ ତାହା ଆପଣା ଲାଗି କୌଣସି କାର୍ଯ୍ୟ କରେ ନାହିଁ, ନିମ୍ନତର ସାଧନଗୁଡ଼ିକର ହୁକୁମ ମାନି କାର୍ଯ୍ୟ କରେ ନାହିଁ, ମାତ୍ର ଶୁଦ୍ଧ ବୁଦ୍ଧି ତଥା ସଂକଳ୍ପ ଅଥବା ସେହି ଅନ୍ତମାନସ ପୁରୁଷଟିର ଆଦେଶଟିକୁ ଅଗ୍ରସର କରାଇ ନେବାକୁହିଁ ଏକ ନିଷ୍ପକ୍ଷ ମାର୍ଗରୂପେ କାର୍ଯ୍ୟ କରୁଥାଏ । ଏହିସବୁ ବିକୃତି ଭିତରୁ ମୁକ୍ତିଲାଭ କରି ଆମେ ଯେତେବେଳେ ଆପଣାର ମନକୁ କାର୍ଯ୍ୟର ଏହି ଯଥାର୍ଥତର ରୂପଗୁଡ଼ିକ ଲାଗି ନିର୍ମଳ କରିଦେଇ ପାରୁ, ସେତେବେଳେ ନିମ୍ନତର ମନୋଭୂମିଟି ମଧ୍ୟ ଶୁଦ୍ଧ ହୋଇଯାଏ ଏବଂ ପୂର୍ଣ୍ଣତାର ଉପଲବ୍ଧି ଲାଗି ପ୍ରସ୍ତୁତ ହୋଇଯାଏ । ଆମେ କେତେଦୂର ଏକ ଶୁଦ୍ଧ ଏବଂ ସନ୍ଦୀପନଯୁକ୍ତ ବୁଦ୍ଧିର ଅଧିକାରୀ ହୋଇପାରିଛୁ, ସେହି ପୂର୍ଣ୍ଣତାପ୍ରାପ୍ତି ତାହାରି ଉପରେହିଁ ନିର୍ଭର କରେ; କାରଣ ମନର ଭୂମିରେ ବୁଦ୍ଧିହିଁ ସର୍ବପ୍ରଧାନ ସାମର୍ଥ୍ୟ ହୋଇ ରହିଥାଏ ଏବଂ ପୁରୁଷର ସର୍ବପ୍ରଧାନ ମନୋମୟ ସାଧନଟିରୂପେ କାର୍ଯ୍ୟ କରୁଥାଏ ।

'oaob.nitrkl.ac.in' images reprocessed

### ସପ୍ତମ ପରିଚ୍ଛେଦ

## ଶୁଦ୍ଧୀକରଣ—ବୁଦ୍ଧି ଓ ସଂକଳ୍ପର

ବୁଦ୍ଧିକୁ ଶୁଦ୍ଧ କରିବାକୁ ହେଲେ ଆମକୁ ପ୍ରଥମେ ଏହାର ଅପେକ୍ଷାକୃତ ଜଟିଳ ସଂରଚନାଟିକୁ ବୁଝିବାକୁ ପଡ଼ିବ । ଏବଂ ପ୍ରଥମେ ଆମକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ମନଃ ଏବଂ ବୁଦ୍ଧି ମଧ୍ୟରେ ରହିଥିବା ପ୍ରଭେଦଟିକୁ ଜାଣି ରଖିବାକୁ ହେବ । ସାଧାରଣ ଭାଷାରେ ସାଧାରଣତଃ ଏହି ପ୍ରଭେଦଟିକୁ ଉପେକ୍ଷାହିଁ କରି ଯାଇଥାଏ । ମନଃ ହେଉଛି ଇନ୍ଦ୍ରିୟଗୁଡ଼ିକ ଉପରେ ଆପଣାକୁ ଅଧିଷ୍ଠିତ କରି ରଖିଥିବା ମନ । ମନୁଷ୍ୟର ପ୍ରଥମସ୍ତରୀୟ ମନୋଭୂମିଟିକୁ ଆମେ କଦାପି ବୁଦ୍ଧି ଓ ସଂକଳ୍ପ ଦ୍ୱାରା ଯୁକ୍ତ ଏକ ବସ୍ତୁ ବୋଲି କହିପାରିବା ନାହିଁ; ଏହା ହେଉଛି ଏକ ନିରାଟ ପ୍ରାଣୀସ୍ତରୀୟ ମନ, ଏକ ସ୍ଥୂଳ ଓ ଇନ୍ଦ୍ରିୟ-ଆଶ୍ରିତ ମନ; ବାହ୍ୟ ଜଗତ ତାହା ଉପରେ ଯେଉଁସବୁ ଛାପ ବସାଇ ଦେଇଯାଏ ଏବଂ ତାହାର ଆପଣାର ଯେଉଁ ଶରୀରସ୍ଥ ଚେତନାଟି ଏହିଭଳି ଅନୁଭୂତର ବାହ୍ୟ ଉତ୍ତେଜନଗୁଡ଼ିକ ପ୍ରତି ଆପଣାର ପ୍ରତିସ୍ପନ୍ଦନ ଜଣାଇଥାଏ, ସେହି ସବୁଗୁଡ଼ିକୁହିଁ ଆମେ କେବଳ ଏହିପରି ଏକ ମନ ବୋଲି କହିବା । ଏହି କ୍ଷେତ୍ରରେ ବୁଦ୍ଧି କେବଳ ଏକ ଗୌଣ ସାମର୍ଥ୍ୟରୂପେ ଆବିର୍ଭୂତ ହୋଇଥାଏ; ବିବର୍ତ୍ତନର କ୍ରମଟିରେ ତାହା ପ୍ରଥମ ସ୍ଥାନ ଅଧିକାର କରିଥାଏ ସତ, ମାତ୍ର ତଥାପି ଆପେ ବ୍ୟବହାର କରୁଥିବା ନିମ୍ନତର ସାଧନଟି ଉପରେ ତାହା ଏକାନ୍ତ ନିର୍ଭରଶୀଳ ହୋଇ ରହିଥାଏ । ଆପଣାର କ୍ରିୟା ଲାଗି ତାହା ଇନ୍ଦ୍ରିୟ-ମନ ଉପରେ ନିର୍ଭର କରୁଥାଏ ଏବଂ ଭୌତିକ ଅର୍ଥାତ୍ ଇନ୍ଦ୍ରିୟଗତ ଭୂମିଟିରୁ ଆପଣା ଜ୍ଞାନ ଓ କ୍ରିୟାର କେବଳ ଏକ କଷ୍ଟସାଧ୍ୟ, ଦୀର୍ଘପଥସାପେକ୍ଷ ଏବଂ ବରଂ ନାନା ସ୍ଖଳନଯୁକ୍ତ ପ୍ରସାରଣ ଦ୍ୱାରାହିଁ ତାହା ଆପଣାର ଉଚ୍ଚତର ଭୂମିଟିରେ ଯାହାକିଛି କରିବାକୁ ସମର୍ଥ ହୁଏ କରୁଥାଏ । ମନୁଷ୍ୟ-ମନର ସଚରାଚର ସାଧାରଣ ପ୍ରକାରଟି କହିଲେ ଆମେ ସବଦା ଏହି ଅର୍ଦ୍ଧ-ଆଲୋକିତ ସ୍ଥୂଳ ଅର୍ଥାତ୍ ଇନ୍ଦ୍ରିୟାଶ୍ରୟୀ ମନୋଭୂମିକୁହିଁ ବୁଝିବା ।

'oaob.nitrkl.ac.in' images reprocessed

ବସ୍ତୁତଃ ମନସ୍ ସେହି ବାହ୍ୟ ଚେତନାର କ୍ଷେତ୍ରଟିରୁହିଁ ବିକଶିତ ହୋଇ ଆସିଥାଏ; ବାହ୍ୟ ସ୍ପର୍ଶଗୁଡ଼ିକ ଚେତନାର ଯେଉଁ ଅଶୋଧିତ ସାମଗ୍ରୀଗୁଡ଼ିକୁ ଉତ୍ତେଜିତ ତଥା ଜାଗ୍ରତ କରାଇ ଆଣିଥାନ୍ତି, ସେହିଗୁଡ଼ିକର ଏକ ପ୍ରଥମ ସଂଘଟିତରୂପେହିଁ ମନଃର ଆବିର୍ଭାବ ହୋଇଥାଏ । ଆମର ଭୌତିକ ପରିଚୟଟିକୁ ବର୍ଣ୍ଣନା କରିବାକୁ ଯାଇ ଆମେ ତାହାକୁ ଜଡ଼ରେ ଶୋଇ ରହିଥିବା ଏକ ଆତ୍ମା ବୋଲି କହିବା ଯାହାକି ଏକ ଜୀବନ୍ତ ଶରୀରର ଆଂଶିକ ଜାଗ୍ରତାବସ୍ଥାରୂପେ ବିବର୍ତ୍ତିତ ହୋଇ ଆସିଛି, ଅଧିକ ବା ଅଳ୍ପ ପରିମାଣରେ ଜୀବନ୍ତ ଏବଂ ଯେଉଁ ବାହ୍ୟ ପୃଥିବୀଟିରେ ଆମେ ଆମର ଚେତନ ସତ୍ତାଟିକୁ ବିକଶିତ କରାଇ ଆଣୁଛୁ, ତାହାର ବାହ୍ୟ ଅଭିଘାତଗୁଡ଼ିକ ପ୍ରତି ସଜାଗ ହୋଇ ରହିଥିବା ବାହ୍ୟ ଚେତନାର ଏକ ଅଶୋଧିତ ଉପାଦାନ ଦ୍ୱାରା ବ୍ୟାପ୍ତ ହୋଇ ରହିଛି । ଇତରପ୍ରାଣୀ ମଧ୍ୟରେ ବହିର୍ମୁଖୀ ଚେତନାର ଏହି ସାମଗ୍ରୀଟି ଆପଣାକୁ ଅନୁଭବ ଏବଂ କ୍ରିୟା କରି ପାରୁଥିବା ମନର ଏକ ସୁବ୍ୟବସ୍ଥିତ ମାନସେନ୍ଦ୍ରିୟ ବା ମାନସ ସାଧନରୂପେ ସଂଘଟିତ କରି ଆଣୁଛି । ବସ୍ତୁତଃ ଇନ୍ଦ୍ରିୟବୋଧ କହିଲେ ଆମେ ଦେହସ୍ଥ ଚେତନାର ତା'ର ଆପଣାର ପରିବେଶଗୁଡ଼ିକ ସହିତ ସେହି ମନୋଗତ ସଂସ୍ପର୍ଶଟିକୁହିଁ ବୁଝିବା । ଏହି ସଂସ୍ପର୍ଶଟି ମର୍ମତଃ ସର୍ବଦା ଏକ ମାନସିକ ବ୍ୟାପାର ହୋଇ ରହିଥାଏ ସତ, ମାତ୍ର ପ୍ରକୃତରେ ତାହା ପ୍ରଧାନତଃ ପଦାର୍ଥ ଓ ସେମାନଙ୍କର ଗୁଣଗୁଡ଼ିକ ସହିତ ସମ୍ବନ୍ଧସ୍ଥାପନ କରୁଥିବା କେତୋଟି ସ୍ଥୂଳ ଇନ୍ଦ୍ରିୟର ବିକାଶ ଉପରେହିଁ ନିର୍ଭର କରୁଥାଏ, ଆପଣା ଉପରେ ଆସି ପଡ଼ୁଥିବା ସେହି ପଦାର୍ଥ ଓ ଗୁଣସବୁର ପ୍ରତିରୂପଗୁଡ଼ିକୁ ତାହା ଅପଣା ଅଭ୍ୟାସର ବଶବର୍ତ୍ତୀ ହୋଇ ସେମାନଙ୍କର ମାନସିକ ମୂଲ୍ୟଗୁଡ଼ିକୁ ପ୍ରଦାନ କରିବାକୁ ସମର୍ଥ ହୋଇଥାଏ । ଆମେ ଯାହାକୁ ଆମର ଇନ୍ଦ୍ରିୟ ବୋଲି କହୁ, ସେଥିରେ ଏକ ଦ୍ୱିବିଧ ଉପାଦାନ ରହିଛି; ଗୋଟିଏ ହେଉଛି ଆମ ଇନ୍ଦ୍ରିୟଗୁଡ଼ିକ ଉପରେ କୌଣସି ପଦାର୍ଥର ଯେଉଁ ସ୍ଥୂଳ-ପ୍ରାଣମୟ ଛାପଟି ଆସି ପଡ଼ିଥାଏ, ଏବଂ ଦ୍ୱିତୀୟଟି ହେଉଛି ମନୋମୟ ପ୍ରାଣଟି ଦ୍ୱାରା ଆମେ ସେହି ଛାପଟିକୁ ଯେଉଁ ମୂଲ୍ୟଟି ପ୍ରଦାନ କରିଥାଉ । ଏହି ଦୁଇଟିଯାକ ଉପାଦାନ ଏକତ୍ରହିଁ ଆମର ଯାବତୀୟ ଦେଖିବା, ଶୁଣିବା, ଘ୍ରାଣ କରିବା, ସ୍ୱାଦ ଗ୍ରହଣ କରିବା ତଥା ସ୍ପର୍ଶାନୁଭବ କରିବାର ସଂବେଦନଗୁଡ଼ିକୁ ଗଠନ କରି ରଖିଥାନ୍ତି ଓ ଏହି ବିବିଧ ପ୍ରକାରର ସଂବେଦନଗୁଡ଼ିକ ଲାଗି ସେଗୁଡ଼ିକ, ଏବଂ ମୁଖ୍ୟତଃ ସ୍ପର୍ଶ, ଆରମ୍ଭ-ବିନ୍ଦୁ ବା ସଂଗ୍ରହର ପ୍ରଥମ ସାଧନରୂପେ କାର୍ଯ୍ୟ କରୁଥାନ୍ତି । ମାତ୍ର ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ଉପରେ ନିର୍ଭର ନକରି ଏକ ସିଧା ସଂକ୍ରମଣ ଦ୍ୱାରାହିଁ ମନ ଇନ୍ଦ୍ରିୟଗୁଡ଼ିକ ଉପରେ ଆସି ପଡ଼ୁଥିବା ପ୍ରଭାବଗୁଡ଼ିକୁ ଗ୍ରହଣ କରିପାରେ ଓ ସେଗୁଡ଼ିକର ପରିଣାମ ମଧ୍ୟ ବାହାର କରିପାରେ । ନିମ୍ନତର ସୃଷ୍ଟିରେ ଏଇଟି ଅଧିକ ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହୋଇଥାଏ । ଏହି ପ୍ରତ୍ୟକ୍ଷ ବୋଧଟି ଲାଗି ମନୁଷ୍ୟ ଭିତରେ ପ୍ରକୃତରେ ଏକ ବୃହତ୍ତର ସମର୍ଥତା ରହିଛି ସତ,

'oaob.nitrkl.ac.in' images reprocessed

ଅର୍ଥାତ୍ ତା'ର ମନ ଭିତରେ ଏକ ଷଷ୍ଠ ଇନ୍ଦ୍ରିୟର ସାମର୍ଥ୍ୟ ରହିଛି ସତ, ତଥାପି ସେ କେବଳ ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ଉପରେ ଏବଂ ତାହାର ପରିପୂରକରୂପେ ବୁଦ୍ଧିବୃତ୍ତି କ୍ରିୟାଟି ଉପରେ ଐକାନ୍ତିକ ଭାବରେ ଆସ୍ଥା ରଖିଆସିଛି ଏବଂ ସେହି ସାମର୍ଥ୍ୟଟିକୁ ଅକାର୍ଯ୍ୟକାରୀ କରି ରଖିଦେଇଛି ।

ତେଣୁ ମନଃକୁ ଆମେ ପ୍ରଥମତଃ ଇନ୍ଦ୍ରିୟାନୁଭୂତିର ଏକ ସଂଗଠକ ବୋଲି କହିବା; ତାହା ସଙ୍ଗେସଙ୍ଗେ ମନ ଦେହସ୍ଥ ଚେତନାଟିରେ ସଂଘଟିତ ହେଉଥିବା ଇଚ୍ଛାଶକ୍ତିର ସ୍ୱାଭାବିକ ପ୍ରତିକ୍ରିୟାଗୁଡ଼ିକୁ ମଧ୍ୟ ସଂଗଠିତ କରି ରଖେ ଏବଂ ଶରୀରକୁ ଏକ ସାଧନଯନ୍ତ୍ରରୂପେ କାମରେ ଲଗାଏ, ଅର୍ଥାତ୍, ସାଧାରଣତଃ ଯେପରି କୁହା ଯାଇଥାଏ, ତାହା କର୍ମେନ୍ଦ୍ରିୟଗୁଡ଼ିକୁ ଆପଣାର କାମରେ ଲଗାଏ । ଏହି ସ୍ୱାଭାବିକ କ୍ରିୟାଟିରେ ମଧ୍ୟ ଏକ ଦ୍ୱିବିଧ ଉପାଦାନ ରହିଛି; ସେଥିରେ ଏକ ସ୍ଥୂଳ ପ୍ରାଣମୟ ଆବେଗ ରହିଛି ଏବଂ ଦ୍ୱିତୀୟତଃ ସେଇଟିର ପଛରେ ସହଜାତ ପ୍ରବୃତ୍ତିମୂଳକ ସଂକଳ୍ପାତ୍ମକ ଆବେଗର ଏକ ମନୋମୟ-ପ୍ରାଣିକ ସାମର୍ଥ୍ୟଗତ ମୂଳ ମଧ୍ୟ ରହିଛି । ତାହାହିଁ ଯାବତୀୟ ପ୍ରାଥମିକ ବୋଧ ତଥା କ୍ରିୟାର ସମୂହସ୍ମୃତିଟିକୁ ଗଠନ କରିଥାଏ ଓ ଏଇଟି ଯାବତୀୟ ବିକଶମାନ ପ୍ରାଣୀଜୀବନରେ ଏକ ସାମାନ୍ୟ ସୂତ୍ର ହୋଇ ରହିଥାଏ । ମାତ୍ର ତା' ସହିତ ସେହି ମନଃ ବା ଇନ୍ଦ୍ରିୟସ୍ଥ ମନରେ ଏକ ପରିଣାମଶୀଳ ପ୍ରଥମ ଭାବନା-ଉପାଦାନ ମଧ୍ୟ ରହିଥାଏ ଯାହାକି ପ୍ରାଣୀଜୀବନର ଯାବତୀୟ କ୍ରିୟାତ୍ମକତାରେ ଆନୁଷଙ୍ଗିକ ଭାବରେ ରହିଥାଏ । ଠିକ୍ ଯେପରି ପ୍ରାଣଧାରୀ ଶରୀର ମଧ୍ୟରେ ଏକ ତତ୍ତ୍ୱ ଅର୍ଥାତ୍ ଚେତନାର ଏକ ନିର୍ଦ୍ଦିଷ୍ଟ ବ୍ୟାପ୍ତିଶୀଳ ଓ ଅଧିକାରୀ କ୍ରିୟା ଅବସ୍ଥିତ ଥାଏ ଓ ତାହା କ୍ରମଶଃ ଏହି ଇନ୍ଦ୍ରିୟସ୍ଥ ମନରେ ପରିଣତ ହୋଇଯାଏ, ଠିକ୍ ସେହିପରି ଇନ୍ଦ୍ରିୟସ୍ଥ ମନଟି ଭିତରେ ମଧ୍ୟ ଏପରି ଏକ ନିର୍ଦ୍ଦିଷ୍ଟ ବ୍ୟାପ୍ତିଶୀଳ ଓ ଅଧିକାରୀ ସାମର୍ଥ୍ୟ ରହିଥାଏ, ଯିଏକି ମନୋଗତ ଭାବରେ ଇନ୍ଦ୍ରିୟଦତ୍ତ ତଥ୍ୟଗୁଡ଼ିକୁ ବ୍ୟବହାର କରେ, ସେଗୁଡ଼ିକୁ ଅବବୋଧ ଏବଂ ପ୍ରଥମ ଧାରଣାରୂପେ ଉଲ୍ଟାଇ ଦିଏ, ଗୋଟିଏ ଅନୁଭୂତିର ଖିଅକୁ ନେଇ ଆଉଗୋଟିଏ ଅନୁଭୂତି ସହିତ ଯୋଡ଼ି ଦେଇପାରେ ଏବଂ କୌଣସି ନା କୌଣସି ପ୍ରକାରେ ଇନ୍ଦ୍ରିୟାନୁଭବର ଆଧାର ଉପରେହିଁ ଭାବୁଥାଏ, ଅନୁଭବ କରୁଥାଏ ଓ ସଂକଳ୍ପ ମଧ୍ୟ କରୁଥାଏ ।

ଇନ୍ଦ୍ରିୟ, ସ୍ମୃତିଶକ୍ତି, ସଂସ୍କାର, ପ୍ରଥମ ଧାରଣା ଓ ସେଥିରୁ ନିଷ୍ପାଦିତ ହେଉଥିବା ସାଧାରଣ ଅନୁମାନ ବା ଗୌଣ ବିଚାରଗୁଡ଼ିକ ଉପରେ ଆଧାରିତ ରହିଥିବା ସଂବେଦନଧର୍ମୀ ଭାବନା-ମନଟି ବିକଶିତ ପ୍ରାଣୀଜୀବନ ଏବଂ ମନୋଭୂମି ମଧ୍ୟରେ ଏକ ସାଧାରଣ ସାମର୍ଥ୍ୟ ହୋଇ ରହିଛି । ବସ୍ତୁତଃ ମନୁଷ୍ୟହିଁ ତାହାକୁ ବିପୁଳ ଭାବରେ ବିକଶିତ କରାଇ ଆଣିଛି, ତାହାକୁ ଏପରି ଏକ ବିସ୍ତାର ଓ ଜଟିଳ ବହୁମୁଖିତା ଆଣିଦେଇଛି, ଯାହାକି ଇତରପ୍ରାଣୀର କ୍ଷେତ୍ରରେ ଆଦୌ ସମ୍ଭବ ହୋଇ

'oaob.nitrkl.ac.in' images reprocessed

ନଥାନ୍ତା; ମାତ୍ର ତଥାପି ଯଦି ସେ ଏହିଠାକୁ ଆସିହିଁ ଏଠାରେ ଅଟକି ଯାଆନ୍ତା, ତେବେ ସେ ଆପଣାକୁ ମହାଶକ୍ତିଶାଳୀ କରି ରଚିଥିବା କେବଳ ଏକ ଇତରପ୍ରାଣୀ ହୋଇ ରହନ୍ତା । ମାତ୍ର ସେ ଇତରପ୍ରାଣୀର ଏହି ଆୟତନ ଓ ଉଚ୍ଚତାଟିକୁ ପାର ହୋଇ ପ୍ରକୃତରେ ଆହୁରି ଆଗକୁ ଚାଲିଯାଇଛି, କାରଣ ଅଧିକତର ବା ଅଳ୍ପତର ଯେଉଁ ପରିମାଣରେ ହେଉ ପଛକେ, ସେ ଆପଣା ଭାବନା ଓ ବସ୍ତୁର କ୍ରିୟାଟିକୁ ତା' ଇନ୍ଦ୍ରିୟସ୍ଥିତ ମନଠାରୁ ମୁକ୍ତ ଓ ପୃଥକ୍ କରିଦେଇ ପାରୁଛି, ଇନ୍ଦ୍ରିୟସ୍ଥିତ ମନଟି ଭିତରୁ ଆପଣାକୁ ପଛକୁ ଅପସରାଇ ନେଇପାରୁଛି, ତାହାର ଦତ୍ତ ତଥ୍ୟଗୁଡ଼ିକ ଉପରେ ଦୃଷ୍ଟିପାତ କରୁଛି ଏବଂ ସେଇଟିଠାରୁ ଅଲଗା ହୋଇ ଯାଇଥିବା ଏବଂ ଅଂଶତଃ ମୁକ୍ତ ରହିଥିବା ଏକ ବୁଦ୍ଧି ଦ୍ୱାରାହିଁ ଊର୍ଦ୍ଧ୍ୱରୁ ସେଇଟି ଉପରେ କ୍ରିୟା କରିପାରୁଛି । ଇତରପ୍ରାଣୀର ବୁଦ୍ଧି ଓ ଇଚ୍ଛାଟି ଇନ୍ଦ୍ରିୟ-ମନର ବାଡ଼ଟି ମଧ୍ୟରେହିଁ ଛନ୍ଦିହୋଇ ରହିଯାଇଛି, ଏବଂ ତେଣୁ ସମ୍ପୂର୍ଣ୍ଣଭାବରେ କେବଳ ଏହାର ଦ୍ୱାରା ଶାସିତ ହେଉଛି ଏବଂ କେତେକେତେ ସଂବେଦନ, ଇନ୍ଦ୍ରିୟାବବୋଧ ଏବଂ ଆବେଗର ସ୍ରୋତ ତାକୁ କୁଆଡ଼େ ନା କୁଆଡ଼େ ଭସାଇ ନେଇଯାଉଛି; ଅର୍ଥାତ୍ ଇତରପ୍ରାଣୀର ବୁଦ୍ଧି ଓ ଇଚ୍ଛା ସହଜାତ ମୂଳପ୍ରବୃତ୍ତିଟିର ଅଧୀନ ହୋଇ ରହିଛି । ମନୁଷ୍ୟ ଏକ ବୁଦ୍ଧି ଓ ସଂକଳ୍ପଶକ୍ତିକୁ କାମରେ ଲଗାଇ ପାରୁଛି, ବୁଦ୍ଧିମତ୍ତା ସହିତ ସଂକଳ୍ପସମର୍ଥ ଏପରି ଏକ ମନର ବ୍ୟବହାର କରିପାରୁଛି, ଯାହାକି ଆପଣା ଉପରେ ଦୃଷ୍ଟିପାତ କରିପାରୁଛି, ଭାବିପାରୁଛି ଓ ସବୁକିଛୁକୁ ନିରୀକ୍ଷଣ ମଧ୍ୟ କରିପାରୁଛି, ଯାହାକି ଇନ୍ଦ୍ରିୟ-ମନଟି ଭିତରେ ଆଉ ମୋଟେ ଛନ୍ଦିହୋଇ ରହି ନାହିଁ, ମାତ୍ର ଆପଣାର ସୁନିଜସ୍ୱ ଅଧିକାରବଳରେହିଁ ତା'ର ଊର୍ଦ୍ଧ୍ୱରୁ ତଥା ପଛରୁ କାମ କରିପାରୁଛି, ଏକ ନିର୍ଦ୍ଦିଷ୍ଟ ତଟସ୍ଥତା ଏବଂ ସ୍ୱତନ୍ତ୍ରତା ସହିତ କାର୍ଯ୍ୟ କରିପାରୁଛି । ମନୁଷ୍ୟ ମନନଶୀଳ, ଏବଂ ତା' ପାଖରେ ବୁଦ୍ଧିପ୍ରେରିତ ସଂକଳ୍ପର ଏକ ବିଶେଷ ସ୍ୱତନ୍ତ୍ରତା ଅବଶ୍ୟ ରହିଛି । ଆପଣା ଭିତରେ ସେ ବୁଦ୍ଧିକୁ ମୁକ୍ତ କରିଦେଇ ପାରିଛି ଏବଂ ତାହାକୁ ଏକ ପୃଥକ ଶକ୍ତିରେ ପରିଣତ କରିଦେଇ ପାରିଛି ।

ମାତ୍ର ଏହି ବୁଦ୍ଧି କହିଲେ ପ୍ରକୃତରେ କ'ଣ ବୁଝାଇବ ? ଯୋଗଗତ ଜ୍ଞାନର ଦୃଷ୍ଟିକୋଣରୁ ଆମେ ତାହାକୁ ହୁଏତ ସେହି ଆତ୍ମାରହିଁ ଗୋଟିଏ ସାଧନ ବୋଲି କହିପାରିବା, ପ୍ରକୃତି ଭିତରେ ଅବସ୍ଥିତ ରହିଥିବା ସେହି ଅନ୍ତର୍ଗତ ଚେତନ ସତ୍ତା ଅର୍ଥାତ୍ ସେହି ପୁରୁଷରହିଁ ଏକ ସାଧନ ବୋଲି କହିପାରିବା, ସେହି ବୁଦ୍ଧି ଦ୍ୱାରାହିଁ ପୁରୁଷ ଆପଣା ଉପରେ ଓ ଆପଣାର ପରିବେଶଟି ଉପରେ କୌଣସି ପ୍ରକାରର ଏକ ଚେତନାଯୁକ୍ତ ଓ ବିଧିବଦ୍ଧ ଅଧିକାର ଲାଭ କରିପାରୁଛି ବୋଲି କହିପାରିବା । ଶରୀର ଓ ମନଃର ଯାବତୀୟ କ୍ରିୟାଟିର ପଛରେ ଏହି ଆତ୍ମା ବା ପୁରୁଷ ଅବସ୍ଥିତ ରହିଛି; ମାତ୍ର ଜୀବନର ଜନ୍ମଭର ରୂପାୟନପର୍ବଗୁଡ଼ିକରେ ତାହା

'oaob.nitrkl.ac.in' images reprocessed

ଅନେକତଃ ଅବଚେତନ, ସୁପ୍ତ ବା ଅର୍ଦ୍ଧଜାଗ୍ରତ ଅବସ୍ଥାରେ ରହିଛି, ପ୍ରକୃତର ଯାବତୀୟ ଯାନ୍ତ୍ରିକ କ୍ରିୟା ଭିତରେ ମଗ୍ନ ହୋଇ ରହିଛି । ମାତ୍ର ଜୀବନର ଊର୍ଦ୍ଧ୍ୱ ସୋପାନକ୍ରମରେ ଉପରକୁ ଉଠି ଯାଉଥିବା ସଙ୍ଗେ ସଙ୍ଗେ ତାହା ଅଧିକରୁ ଅଧିକ ଜାଗ୍ରତ ହୋଇ ଉଠୁଛି ଏବଂ ଅଧିକରୁ ଅଧିକ ପୁରୋଭାଗକୁ ଆସିଯାଉଛି । ବୁଦ୍ଧିର କ୍ରିୟାଟି ଦ୍ୱାରା ସଫଳତ ହୋଇ ଏହା ଏକ ସମ୍ପୂର୍ଣ୍ଣ ଜାଗରଣର ପ୍ରକ୍ରିୟା ଆରମ୍ଭ କରିଦେଉଛି । ମନର ନିମ୍ନତର କ୍ରିୟାଗୁଡ଼ିକରେ ଆତ୍ମା ପ୍ରକୃତିର ଅଧିକାରୀ ହୋଇ ରହିବା ଅପେକ୍ଷା ଅଧିକତର ଭାବରେ ତାହାର ବୋଲଗୁଡ଼ାକୁହିଁ ମାନିବାରେ ଲାଗିଛି; କାରଣ, ଯେଉଁ ଯନ୍ତ୍ରବ୍ୟବସ୍ଥାଟି ଦ୍ୱାରା ତାହା ଏକ ଚେତନ ଶରୀରସ୍ଥ ଅନୁଭୂତି ଲାଗି ସମର୍ଥ ହୋଇପାରିଛି, ସେଠାରେ ତାହା ସମ୍ପୂର୍ଣ୍ଣ ଭାବରେ କେବଳ ତାହାରହିଁ ଦାସ ହୋଇ ରହିଛି । ମାତ୍ର, ବୁଦ୍ଧିର ସ୍ତରକୁ ଆସି ଆମେ ତଥାପି ଏକ ପ୍ରାକୃତ ଯନ୍ତ୍ରବିଧାନ ଦ୍ୱାରା ଚାଳିତ ହେଉଛୁ ସତ, ତଥାପି ଏପରି ଏକ ସାମର୍ଥ୍ୟକୁ ଲାଭ କରିପାରୁଛୁ ଯାହାଦ୍ୱାରା କି, ପୁରୁଷ ଯେପରି ପ୍ରକୃତିକୁ ବୁଝିବ, ତାହାକୁ ଅଧିକାର କରିପାରିବ ଓ ତାହାର ନିୟାମକ ପ୍ରଭୁ ହୋଇ ରହିପାରିବ, ସେଥିଲାଗି ପ୍ରକୃତି ପୁରୁଷକୁ ସାହାଯ୍ୟ କରୁଥିବା ପରି ଓ ତାକୁ ସେଥିଲାଗି ଅନୁକୂଳ ସାଧନମାନ ଆଣି ଯୋଗାଇ ଦେଉଥିବା ପରି ମନେହେଉଛି ।

ମାତ୍ର ଏହି ବୁଝିବା ତଥାପି ଅସମ୍ପୂର୍ଣ୍ଣ ରହିଯାଉଛି, ଏହି ଅଧିକାରଲାଭ ଓ ନିୟାମକତ୍ୱ ତଥାପି ଅଧା ହୋଇ ରହିଛି, କାରଣ ଆମ ଭିତରେ କାର୍ଯ୍ୟ କରୁଥିବା ବୁଦ୍ଧି ତଥାପି ଅର୍ଦ୍ଧପରିଣତ ହୋଇ ରହିଛି, କେବଳ ଅର୍ଦ୍ଧବିକଶିତ ଓ ଅର୍ଦ୍ଧଗଠିତ ରହିଛି, ଅଥବା, ଆପଣା ପ୍ରକୃତିରେ ତାହା କେବଳ ଏକ ଅନ୍ତଃବର୍ତ୍ତୀ ସାଧକ ହୋଇ ରହିଛି; ଏବଂ ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ନିୟାମକତ୍ୱର ଅଧିକାରୀ ହେବାକୁ ହେଲେ ଆମକୁ ପ୍ରଥମେ ବୁଦ୍ଧିଠାରୁ ଅଧିକ ଉଚ୍ଚ ଆଉ କୌଣସି ସୋପାନକୁ ଉଠିପାରିବା ଲାଗି ଅବଶ୍ୟ ସମର୍ଥ ହେବାକୁ ପଡ଼ିବ । ତଥାପି ବୁଦ୍ଧିକୁ ଆମେ ଅବଶ୍ୟ ଏପରି ଏକ ସାଧନ ବୋଲି କହିବା ଠିକ୍ ଆମକୁ ଏହିପରି ଏକ ସତ୍ୟାନ୍ୱେଷାରେ ଆଣି ପହଞ୍ଚାଇ ଦେଉଛି ଯେ ଆମରି ଭିତରେ ଏହି ଇତରପ୍ରାଣୀର ଜୀବନଟି ଅପେକ୍ଷା ଆହୁରି ବୃହତ୍ ଏକ ସାମର୍ଥ୍ୟ ମଧ୍ୟ ଅବସ୍ଥିତ ରହିଛି; ଆମର ଇନ୍ଦ୍ରିୟ-ମନ ଯେଉଁ ପ୍ରଥମ ସତ୍ୟ ବା ପ୍ରତିଭାସଗୁଡ଼ିକୁ ଆପଣା ଅବବୋଧ ଭିତରକୁ ଆଣିପାରୁଛି, ସେଗୁଡ଼ିକଠାରୁ ଅଧିକ ବୃହତ୍ ଏକ ସତ୍ୟ ଅବସ୍ଥିତ ରହିଛି । ସେହି ପଥଟିରେ ଅଗ୍ରସର ହୋଇ ଆମେ ସେହି ସତ୍ୟଟିରେ ଯାଇ ପହଞ୍ଚିବାର ପ୍ରୟାସ କରିପାରିବା, କ୍ରିୟାତ୍ମକତା ତଥା ନିୟନ୍ତ୍ରଣର ଏକ ବୃହତ୍ତର ଓ ସଫଳତର ସାମର୍ଥ୍ୟ ଲାଭ କରିବା ଉଦ୍ଦେଶ୍ୟରେ ଉଦ୍ୟମ କରିପାରିବା, ଆମ ଆପଣା ପ୍ରକୃତିର ତଥା ଆମ ଚତୁର୍ଦ୍ଦିଗରେ ରହିଥିବା ବସ୍ତୁଗୁଡ଼ିକର ପ୍ରକୃତିର ଏକ ଅଧିକ ପ୍ରଭାବଶାଳୀ ଶାସନ

'oaob.nitrkl.ac.in' images reprocessed

ଲାଗି ସମର୍ଥ ହୋଇପାରିବା; ଏକ ଉଚ୍ଚତର ଜ୍ଞାନ, ଉଚ୍ଚତର ସାମର୍ଥ୍ୟ, ଏକ ଉଚ୍ଚତର ଓ ବୃହତ୍ତର ଭୁକ୍ତି ଏବଂ ଏକ ଅଧିକ ଉଦ୍ଭାସିତ ସତ୍ତାଭୂମି ଲାଗି ସମର୍ଥ ହୋଇପାରିବା । ତେବେ ଏହି ପ୍ରବୃତ୍ତିର ଅନ୍ତିମ ଲକ୍ଷ୍ୟଟି ପୁଣି କ'ଣ ? ପୁରୁଷ ଆପଣା ବିଷୟରେ ତଥା ବସ୍ତୁଗୁଡ଼ିକ ବିଷୟରେ ସର୍ବୋଚ୍ଚ ତଥା ସମ୍ପୂର୍ଣ୍ଣ ସତ୍ୟଟିର ଅଧିକାରୀ ହେବ, ଆତ୍ମା ବା ଆତ୍ମସତ୍ତା ତଥା ପ୍ରକୃତି ବିଷୟରେ ବୃହତ୍ତମ ସତ୍ୟଟିର ଅଧିକାରୀ ହେବ; ଏବଂ ଏପରି ଏକ କ୍ରିୟାତ୍ମକତା ଏବଂ ସତ୍ତାଗତ ସ୍ଥିତି ଲାଗି ସମର୍ଥ ହେବ, ଯାହାକି ସେହି ପରମ ସତ୍ୟର ଏକ ପରିଣାମରୂପେ ଉପଲବ୍ଧ ହେବ ବା ସେହି ପରମସତ୍ୟଟି ସହିତ ଏକାତ୍ମକ ହୋଇ ରହିବ, ସେ ଏହି ବୃହତ୍ତର ଜ୍ଞାନଟିର ଲାଭ କରିବ, ଆପେ ଉନ୍ମୋଚିତ ହୋଇ ଯାଉଥିବା ସେହି ବୃହତ୍ତମ ସତ୍ତା ତଥା ଚେତନାଟିର ଉପଭୋଗ ଲାଗି ଅଧିକାରୀ ହୋଇପାରିବ;—ନିଶ୍ଚିତ ଭାବରେ ଏହାହିଁ ପୁରୁଷ ଲାଗି ସେହି ଅନ୍ତିମ ଲକ୍ଷ୍ୟ ହୋଇ ରହିବ ।

ତେଣୁ, ଆମର ଆତ୍ମସତ୍ତା ବା ପରମ ଚିଦ୍‌ଗତତାର ସମୁଦାୟ ସତ୍ୟଟିର ପରିଚୟ ଲାଭ କରିବା, ଆମର ପାଶମୁକ୍ତ ଓ ପୂର୍ଣ୍ଣ ସତ୍ତାଟିର ଜ୍ଞାନ, ବୃହତ୍ତା ଏବଂ ଆନନ୍ଦର ଉପଲବ୍ଧି କରିବା,—ଏହାହିଁ ବୁଦ୍ଧିର ଶୁଦ୍ଧୀକରଣ, ବନ୍ଧନମୋଚନ ଏବଂ ପରିପୂର୍ଣ୍ଣତାଲାଭର ଉଦ୍ଦେଶ୍ୟ ହୋଇ ରହିବା ଉଚିତ । ମାତ୍ର ସାଧାରଣ ଧାରଣାରେ ଏହାକୁ ପୁରୁଷ ଦ୍ୱାରା ପ୍ରକୃତି ଉପରେ ପୂର୍ଣ୍ଣ ଅଧିକାରପ୍ରାପ୍ତି ବୋଲି ବୁଝାଯାଏ ନାହିଁ, ପ୍ରକୃତିର ବର୍ଜନ କରିବାକୁହିଁ ବୁଝାଯାଏ । ପ୍ରକୃତିର କ୍ରିୟାଟିକୁ ଅପସାରିତ କରିଦେଇହିଁ ଆମେ ଆତ୍ମାର ଉପଲବ୍ଧି କରିପାରିବା ବୋଲି କୁହାଯାଏ । ଆମର ଇନ୍ଦ୍ରିୟ-ମନଟି ଆମକୁ କେବଳ ପ୍ରତିଭାସଗୁଡ଼ିକୁ ଆଣିଦେଇ ପାରୁଛି ଓ ଏହି ପ୍ରତିଭାସଗୁଡ଼ିକ ମଧ୍ୟରେହିଁ ଆତ୍ମା ପ୍ରକୃତିର ଅଧୀନ ହୋଇ ରହିଛି, ଏହି ଜ୍ଞାନଟିକୁ ଲାଭ କରିବା ସଙ୍ଗେ ସଙ୍ଗେ ବୁଦ୍ଧି ଯେପରି ସେଗୁଡ଼ିକ ପଛରୁ ଆହୁରି ଅନେକ କେତେକେତେ ସତ୍ୟର ଆବିଷ୍କାର କରିବାକୁ ସମର୍ଥ ହୁଏ, ଠିକ୍ ସେହିପରି ଆତ୍ମାକୁ ମଧ୍ୟ ଏହିପରି ଏକ ଜ୍ଞାନରେ ଆସି ଉପନୀତ ହେବାକୁ ହୁଏ ଯେ ପ୍ରକୃତିର କ୍ଷେତ୍ରଟି ଉପରେ ପ୍ରୟୋଜିତ କରି ରଖା ଯାଇଥିବା ବୁଦ୍ଧି ମଧ୍ୟ ଆମକୁ କେବଳ କେତୋଟି ପ୍ରତିଭାସହିଁ ଆଣି ଦେଇପାରିବ ଏବଂ ଆମର ଦାସତାକୁ କେବଳ ଆହୁରି ବଢ଼ାଇ ଦେବାରେହିଁ ସାହାଯ୍ୟ କରିବ; ସେହି ପ୍ରତିଭାସଗୁଡ଼ିକ ପଛରୁ ଆତ୍ମାକୁ ପରମାତ୍ମ-ସତ୍ତାଙ୍କର ଶୁଦ୍ଧ ସତ୍ୟଟିକୁହିଁ ଆବିଷ୍କାର କରିବାକୁ ପଡ଼େ । ଆତ୍ମା ଏପରି ଏକ ତତ୍ତ୍ୱ, ଯାହାକୁ କି ଆମେ ପ୍ରକୃତିଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି କହିବା ଏବଂ ଆମର ବୁଦ୍ଧିକୁ ପ୍ରକୃତିର ଯାବତୀୟ ବସ୍ତୁ ମଧ୍ୟରେ ଲିପ୍ତ ହୋଇ ରହିବାରୁ ଏବଂ ଆପଣାକୁ ତାହାର ଭିତରେ ଧରି ରଖିବାରୁ ଶୁଦ୍ଧ କରି ଆଣିବାକୁ ପଡ଼ିବ, କେବଳ ସେହିପରି କରିପାରିଲେ ଯାଇ ତାହା ସେହି ବସ୍ତୁଗୁଡ଼ିକରୁ ଶୁଦ୍ଧ ଆତ୍ମା ବା ଶୁଦ୍ଧ ଚିଦ୍‌ଗତତାକୁ

'oaob.nitrkl.ac.in' images reprocessed

ଅଲଗା କରି ରଚ୍ଛିପାରିବ ଓ ତାହାକୁ ସେଥିରୁ ଅଲଗା କରିନେଇ ପାରିବ । ସେହି ଶୁଦ୍ଧ ଆତ୍ମା ଏବଂ ତଦ୍‌ଗତତାର ଜ୍ଞାନହିଁ ଏକମାତ୍ର ଯଥାର୍ଥ ଜ୍ଞାନ, ଶୁଦ୍ଧ ଆତ୍ମା ଏବଂ ତଦ୍‌ଗତତାର ଆନନ୍ଦହିଁ ଏକମାତ୍ର ଆଧ୍ୟାତ୍ମିକ ଆସ୍ୱାଦଲାଭ, ଶୁଦ୍ଧ ଆତ୍ମା ଏବଂ ତଦ୍‌ଗତତାର ଚେତନା ଓ ସତ୍ତା ହେଉଛି ଏକମାତ୍ର ଯଥାର୍ଥ ଚେତନା ଓ ଯଥାର୍ଥ ସତ୍ତା । ସକଳ କ୍ରିୟାତ୍ମକତା ଓ ସକଳ ଇଚ୍ଛାକୁ ଆପଣାକୁ ନିଷ୍ପନ୍ଦିତ କରି ଆଣିବାକୁ ପଡ଼ିବ, କାରଣ ଯାବତୀୟ କ୍ରିୟା ହେଉଛି କେବଳ ପ୍ରକୃତିରହିଁ କ୍ରିୟା, ଆମର ଇଚ୍ଛାଟିକୁ ସେହି ଶୁଦ୍ଧ ଆତ୍ମା ଓ ତଦ୍‌ଗତତାରେ ପରିଣତ କରିଦେବାର ଅର୍ଥ ହେଉଛି କ୍ରିୟାତ୍ମକ ହେବାର ଯାବତୀୟ ଇଚ୍ଛାକୁ ନିଷ୍ପନ୍ଦିତ କରି ରଖିବା ।

ଏକଥାରେ କୌଣସି ସନ୍ଦେହ ନାହିଁ ଯେ ସେହି ପରମାତ୍ମସତ୍ତାରହିଁ ସତ୍ତା, ଚେତନା, ଆନନ୍ଦ ତଥା ସାମର୍ଥ୍ୟର ଅଧିକାରୀ ହୋଇପାରିଲେ ଯାଇ ଆମେ ପରିପୂର୍ଣ୍ଣତାର ଅଧିକାରୀ ହୋଇପାରିବା; କାରଣ କେବଳ ଆପଣାର ସତ୍ୟଟିକୁ ଜାଣି, ଆପଣାର ସତ୍ୟଟିର ଅଧିକାରୀ ହୋଇ ଓ ଆପଣାର ସତ୍ୟଟି ଭିତରେ ଜୀବନଧାରଣ କରିହିଁ ଆତ୍ମା ମୁକ୍ତ ଓ ପରିପୂର୍ଣ୍ଣ ହୋଇପାରିବ । ମାତ୍ର ଆମେ ଏହି ସତ୍ୟଟିକୁ ଗ୍ରହଣ କରିନେଇଛୁ ଯେ ପ୍ରକୃତି ହେଉଛି ସେହି ପରମ ତଦ୍‌ଗତତାରହିଁ ଏକ ଚିରନ୍ତନ କ୍ରିୟା ତଥା ଚିରନ୍ତନ ଅଭିବ୍ୟକ୍ତି; ପ୍ରକୃତି ସଇତାନର କୌଣସି ଜାଲ ବା ଫାଶ ନୁହେଁ, ବାସନା, ଇନ୍ଦ୍ରିୟବୋଧ, ପ୍ରାଣ ଓ ମନୋମୟ ଇଚ୍ଛା ତଥା ମନୋମୟ ବୁଦ୍ଧି ଦ୍ୱାରା ରଚିତ ହୋଇଥିବା ଓ ଆମକୁ ଭ୍ରାନ୍ତ ପଥରେ ନେଇଯାଉଥିବା ପ୍ରତିରୂପ-ଗୁଡ଼ିକର କେବଳ ଏକ ସମଷ୍ଟିମାତ୍ର ନୁହେଁ । ଅପର ପକ୍ଷରେ ଏଗୁଡ଼ିକୁ ଆମେ ଗୋଟିଏ ଗୋଟିଏ ଇଙ୍ଗିତ ଓ ସଙ୍କେତ ବୋଲିହିଁ କହିବା, ଏବଂ ସେଗୁଡ଼ିକର ପଛରେ ପରମ ତଦ୍‌ଗତତାରହିଁ ଏକ ସତ୍ୟ ଅଧିଷ୍ଠିତ ରହିଛି, ସେଗୁଡ଼ିକୁ ଅତିକ୍ରମ କରି ରହିଛି ଓ ସେଗୁଡ଼ିକୁ ଆପଣା କାମରେ ଲଗାଉଛି । ଆମେ ସ୍ୱୀକାର କରିନେଇଛୁ ଯେ ଏପରି ଏକ ଅନ୍ତର୍ନିହିତ ଆଧ୍ୟାତ୍ମିକ ବିଜ୍ଞାନ ଓ ସଂକଳ୍ପ ଅବଶ୍ୟ ରହିଛି, ଯାହାର ସାହାଯ୍ୟରେ କି ସବୁରି ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ପରମ ଆତ୍ମସତ୍ତା ପ୍ରକୃତି ମଧ୍ୟରେ ରହିଥିବା ଆପଣାର ସ୍ୱକୀୟ ସତ୍ୟଟିକୁ ଜାଣୁଛି, ସଂକଳ୍ପ କରୁଛି, ଆପଣାର ସ୍ୱକୀୟ ସତ୍ତାଟିକୁ ପ୍ରକାଶିତ କରିଦେଉଛି ଓ ତାହାର ଶାସନ ମଧ୍ୟ କରୁଛି । ତାହାର ଉପଲବ୍ଧି କରିପାରିବା, ତାହାର ସହିତ ମିଳିତ ହୋଇପାରିବା ଓ ତାହାର ଭିତରେ ଅଂଶଗ୍ରହଣ କରିପାରିବା ମଧ୍ୟ ଆମ ପରିପୂର୍ଣ୍ଣତାଲାଭର ଏକ ଅଙ୍ଗ ହୋଇ ଅବଶ୍ୟ ରହିବା ଉଚିତ । ତେଣୁ, ଆମର ଆତ୍ମସତ୍ତାର ସ୍ୱକୀୟ ସତ୍ୟଟିରେ ଯାଇ ଉପନୀତ ହେବା ନିଶ୍ଚୟ ଆମ ବୁଦ୍ଧିଗତ ଶୁଦ୍ଧୀକରଣର ଲକ୍ଷ୍ୟ ହୋଇ ରହିବ, ମାତ୍ର ପ୍ରକୃତି ଭିତରେ ରହିଥିବା ଆମ ସତ୍ତାର ସର୍ବୋଚ୍ଚ ସତ୍ୟଟିର ଅଧିକାରଲାଭ କରିବା ମଧ୍ୟ ତାହାର ଲକ୍ଷ୍ୟ ହୋଇ ରହିବ । ସେଇଟିକୁ ସମ୍ଭବ କରି ପାରିବାକୁ ହେଲେ, ଆମର

'oaob.nitrkl.ac.in' images reprocessed

ବୁଦ୍ଧିକୁ ଯାହାକରୁ ଇନ୍ଦ୍ରିୟ-ମନଟିର ଅଧୀନ କରି ରଖିଛୁ, ଆମକୁ ବୁଦ୍ଧିକୁ ସେସବୁଥିରୁ ଶୁଦ୍ଧ କରି ଆଣିବାକୁ ପଡ଼ିବ; ଏବଂ ପରେ ତାହା ସାଧ୍ୟ ହୋଇଗଲେ ତାହାର ଆପଣା ସୀମାଗତ ସଙ୍କୁଚନଗୁଡ଼ିକ ମଧ୍ୟରୁ ଶୁଦ୍ଧ କରି ଆଣିବାକୁ ପଡ଼ିବ ଏବଂ ତାହାର ନିମ୍ନତର ମାନସ ବୁଦ୍ଧି ତଥା ଇଚ୍ଛାବୃତ୍ତିକୁ ଏକ ଆଧ୍ୟାତ୍ମିକ ଇଚ୍ଛାବୃତ୍ତି ଏବଂ ଜ୍ଞାନର ବୃହତ୍ତର କ୍ରିୟାରେ ରୂପାନ୍ତରିତ କରିଦେବାକୁ ପଡ଼ିବ ।

ଇନ୍ଦ୍ରିୟ-ମନର ସୀମାଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ବୁଦ୍ଧି ଆପଣାକୁ ଗତିଶୀଳ କରି ରଖିବାର ପ୍ରୟାସଟି ମନୁଷ୍ୟର ଏହି ବିବର୍ତ୍ତିତସ୍ତରଟିରେ ଆଗରୁ ଅଧାଅଧି ସିଦ୍ଧ ହୋଇସାରିଛି; ତାହା ମନୁଷ୍ୟ ଭିତରେ ପ୍ରକୃତିର ସାଧାରଣ କ୍ରିୟାତ୍ମକତାଟିର ଏକ ଅଙ୍ଗ ହୋଇ ରହିଛି । ମନୁଷ୍ୟ ଭିତରେ ସଂଘଟିତ ହେଉଥିବା ଭାବନା-ମନ, ବୁଦ୍ଧି ତଥା ସଂକଳ୍ପର ମୌଳିକ କ୍ରିୟାଟି ଏକ ପରବଶ କ୍ରିୟା ହୋଇ ରହିଛି । ଏହା ଇନ୍ଦ୍ରିୟଗୁଡ଼ିକର ପ୍ରମାଣକୁ ଗ୍ରହଣ କରିନେଉଛି, ପ୍ରାଣଗତ ବାସନା, ସହଜାତ ପ୍ରବୃତ୍ତି, କାମନା, ସଂବେଗ ତଥା ଗତିଶୀଳ ଇନ୍ଦ୍ରିୟ-ମନର ଯାବତୀୟ ଆବେଗର ଆଦେଶ ଓ ଆଜ୍ଞାଗୁଡ଼ିକୁ ଗ୍ରହଣ କରିନେଉଛି ଏବଂ ସେଗୁଡ଼ିକରେ କେବଳ ଏକ ବ୍ୟବସ୍ଥିତ ବୋଧଜ୍ଞାନ ଏବଂ କାର୍ଯ୍ୟସାଧକ ସଫଳତା ଆଣିଦେବାକୁହିଁ ଚେଷ୍ଟା କରୁଛି । ମାତ୍ର, ଯେଉଁ ମନୁଷ୍ୟର ବୁଦ୍ଧି ତଥା ଇଚ୍ଛାଶକ୍ତି କେବଳ ସେହି ନିମ୍ନତର ମନଟି ଦ୍ୱାରାହିଁ ପରିଚାଳିତ ହେଉଛି ଏବଂ ତାହାରି ଅଧୀନ ହୋଇ ରହିଛି, ତାହାର ମନୁଷ୍ୟପ୍ରକୃତି ଏକ ନିମ୍ନତର ସ୍ତରର ପ୍ରକୃତି ହୋଇ ରହିଛି ଏବଂ ଆମ ଚେତନ ସତ୍ତାର ଯେଉଁ ଅଂଶଟି ଏହି ଅଧୀନତାଟି ଲାଗି ଆପଣାର ସମ୍ମତି ଦେଇଦେଉଛି, ସେଇଟିକୁ ଆମେ ଆମ ମନୁଷ୍ୟପଣର ସର୍ବନିମ୍ନ ସ୍ତରଟି ବୋଲିହିଁ କହିବା । ଆମ ବୁଦ୍ଧିର ଉଚ୍ଚତର କ୍ରିୟାଟି ହେଉଛି ସେହି ନିମ୍ନତର ମନଟିର ସୀମାକୁ ଅତିକ୍ରମ କରିବା ଓ ସେଇଟିକୁ ଆପଣାର ନିୟନ୍ତ୍ରଣରେ ରଖିବା; ବସ୍ତୁତଃ ତାହାର କବଳରୁ ନିଷ୍କୃତି ଲାଭ କରିବା ଅର୍ଥରେହିଁ ଆମେ ଏକଥାଟିକୁ ବୁଝିବା ନାହିଁ, ମାତ୍ର ଯେଉଁସବୁ କ୍ରିୟାର ତାହା ଏକ ପ୍ରାଥମିକ ସଙ୍କେତ ସଦୃଶ ହୋଇ ରହିଛି, ସେହିସବୁ କ୍ରିୟାକୁ ସଂକଳ୍ପ ଓ ବୁଦ୍ଧିର ଉଚ୍ଚତର ଭୂମିଟିକୁହିଁ ଉନ୍ନୀତ କରି ନେଇଯିବା ବୋଲି ବୁଝିବା । ଯେଉଁ ଭାବନାଟି ଆମର ଇନ୍ଦ୍ରିୟ-ମନ ବହନ କରି ଆଣୁଥିବା ସଂସ୍ପର୍ଶଗୁଡ଼ିକୁ ବ୍ୟବହାର କରିବାରେ ଲାଗିଛି, ତାହା ସେହି ସଂସ୍ପର୍ଶଗୁଡ଼ିକୁ ଅତିକ୍ରମ କରି ରହିଛି ଏବଂ ତାହା ଏପରିସବୁ ସତ୍ୟରେ ଆସି ଉପନୀତ ହୋଇପାରୁଛି, ଯାହାକୁ କି ସେଗୁଡ଼ିକ କଦାପି ତା' ପାଖରେ ଆଣି ଯୋଗାଇ ଦେଇ ନାହାନ୍ତି । ଆମର ଭାବନା ବସ୍ତୁର କେତେକେତେ ଶୁଦ୍ଧ ଧାରଣାମୂଳକ ସତ୍ୟ ତଥା ଦର୍ଶନ ଏବଂ ବିଜ୍ଞାନର କେତେକେତେ ସତ୍ୟ ପାଖରେ ଆସି ଉପନୀତ ହୋଇପାରୁଛି; ଏକ ଭାବନାଶୀଳ, ଅନ୍ୱେଷଣକ୍ଷମ ଓ ଦର୍ଶନାନୁରାଗୀ ମନ ଇନ୍ଦ୍ରିୟସଂସ୍ପର୍ଶର ସେହି ପ୍ରଥମ ମନଃସ୍ତରଟିକୁ ଅତିକ୍ରମ କରିଯାଉଛି, ତାହାକୁ

'oaob.nitrkl.ac.in' images reprocessed

ସଂଶୋଧିତ କରିଦେଇ ପାରୁଛି ଓ ତାହା ଉପରେ ପ୍ରଭାବ ପକାଇ ପାରୁଛି । ଆମର ବୁଦ୍ଧିପ୍ରେରିତ ଇଚ୍ଛା ଏହିସବୁ ଆବେଗଧର୍ମୀ ଓ ପ୍ରତିକ୍ରିୟାମୂଳ ସଂବେଦନାଶ୍ରୟୀ ମନୋଭୂମିଟିକୁ, ପ୍ରାଣଗତ ସକଳ କାମନାକୁ ତଥା ସଂବେଗମୟ ବାସନାର ମନଟିକୁ ଆପଣା ହାତରେ ଗ୍ରହଣ କରିନେଇ ପାରୁଛି, ଏବଂ ଏକ ବୃହତ୍ତର ଜ୍ଞାନପ୍ରେରିତ ମନ ସେଗୁଡ଼ିକୁ ଆପଣାର ଅଧୀନକୁ ନେଇଆସୁଛି, ସେଗୁଡ଼ିକୁ ସଂଶୋଧିତ ଓ ନିୟନ୍ତ୍ରିତ କରି ରଖିପାରୁଛି; ଯଥାର୍ଥ ଆବେଗ, ଯଥାର୍ଥ ବାସନା, ଯଥାର୍ଥ ସଂବେଗ ଓ ଯଥାର୍ଥ କ୍ରିୟାର ଏକ ବିଧାନର ଆବିଷ୍କାର କରି ତାହା ସେଇଟିକୁ ନେଇ ସେଗୁଡ଼ିକ ଉପରେ ଲଗୁ କରିଦେଉଛି । ଆମର ବୁଦ୍ଧି ବଡ଼ ଅଶୋଧିତ ଭାବରେ ଉପଭୋଗ କରୁଥିବା ଆମର ସେହି ଗ୍ରହଣଶୀଳ ତଥା ସଂବେଦନଗତ ମନଟିକୁ, ସଂବେଗଗତ ମନଟିକୁ ଏବଂ ପ୍ରାଣିକ ମନଟିକୁ ଗ୍ରହଣ କରିନେଉଛି ଏବଂ ଏକ ଗମ୍ଭୀରତର ଓ ପ୍ରସନ୍ନତର ସୌନ୍ଦର୍ଯ୍ୟବୋଧୀ ମନ ସେଗୁଡ଼ିକୁ ଆପଣା ବଶକୁ ଆଣି ସଂଶୋଧିତ ଓ ନିୟନ୍ତ୍ରିତ କରିଦେଇ ପାରୁଛି; ଯଥାର୍ଥ ଆନନ୍ଦ ଏବଂ ସୌନ୍ଦର୍ଯ୍ୟର ଏକ ବିଧାନକୁ ଆବିଷ୍କାର କରି ତାହା ସେଇଟିକୁ ନେଇ ସେଗୁଡ଼ିକ ଉପରେ ଲଗୁ କରିଦେଉଛି । ବୁଦ୍ଧି, ଭାବନା ତଥା ସଂକଳ୍ପର ସମର୍ଥ ମନୁଷ୍ୟର ଏକ ସାଧାରଣ ସମର୍ଥତା ଏହିସବୁ ନୂତନ ରୂପାୟନଗୁଡ଼ିକୁ କାମରେ ଲଗାଉଛି, ଶାସନକ୍ଷମ ବୁଦ୍ଧି, କଳ୍ପନା, ବିଚାରଶୀଳତା, ସ୍ମୃତି, ସଂକଳ୍ପବଳ, ବିବେକଶୀଳ ବିଚାରଣା ଏବଂ ଆଦର୍ଶ ଅନୁଭବଶକ୍ତି ଦ୍ୱାରା ଯୁକ୍ତ ହୋଇ ରହିଥିବା ଏକ ଆତ୍ମାର କ୍ଷେତ୍ରରେହିଁ ସେଗୁଡ଼ିକ କାମରେ ଲଗୁଛି ଏବଂ ତାହା ସେଗୁଡ଼ିକୁ ଜ୍ଞାନ, ଆତ୍ମବିକାଶ, ଅନୁଭୂତି, ଆବିଷ୍କାର, ସୃଜନ ତଥା କାର୍ଯ୍ୟସାଧନ ଲାଗି କାମରେ ଲଗାଉଛି, ଏବଂ ପ୍ରକୃତି ମଧ୍ୟରେ ଅବସ୍ଥିତ ରହିଥିବା ଆତ୍ମାର ଜୀବନଟିକୁ ଏକ ଉଚ୍ଚତର ବସ୍ତୁରେ ପରିଣତ କରିବା ସକାଶେହିଁ ଆକାଂକ୍ଷା ରଖିଛି, ଉଦ୍ୟମ କରୁଛି ଏବଂ ଅନ୍ତର୍ଗତ ଭାବରେ ତାହାର ଉପଲବ୍ଧି କରୁଛି । ସେତେବେଳେ ସତ୍ତା ଉପରେ ଆଦିମ ବାସନା-ଆତ୍ମାଟିର ଆଉ କୌଣସି ଶାସନ ଚଳୁ ନାହିଁ । ତାହା ତଥାପି ଏକ ବାସନା-ଆତ୍ମା ହୋଇ ରହୁଛି ସତ, ମାତ୍ର ଏକ ଉଚ୍ଚତର ଶକ୍ତି ଦ୍ୱାରାହିଁ ଅବଦମିତ ଓ ଶାସିତ ହୋଇ ରହୁଛି; ଆପଣା ଭିତରେ ସତ୍ୟ, ସଂକଳ୍ପ, ଶିବ ତଥା ସୌନ୍ଦର୍ଯ୍ୟର ଦେବବିଗ୍ରହଗୁଡ଼ିକୁ ଅଭିବ୍ୟକ୍ତ କରି ରଖିଥିବା ଏବଂ ଜୀବନକୁ ସେହିମାନଙ୍କର ଅଧୀନ କରି ରଖିବାକୁ ଚେଷ୍ଟା କରୁଥିବା ଏକ ସମ୍ପଦ ଦ୍ୱାରାହିଁ ତାହା ଶାସିତ ହୋଇ ରହୁଛି । ଅଶୋଧିତ ବାସନା-ଆତ୍ମା ଓ ମନ ଆପଣାକୁ ଏକ ଆଦର୍ଶ ଆତ୍ମା ତଥା ମନରେ ରୂପାନ୍ତରିତ କରିଦେବାକୁ ଉଦ୍ୟମ କରୁଛି; ଏବଂ ଏହି ବୃହତ୍ତର ଚେତନ ସତ୍ତାର କୌଣସି ନା କୌଣସି ପ୍ରଭାବଶାଳୀତା ତଥା ସମଞ୍ଜସତା ଏହି କ୍ଷେତ୍ରରେ ଯେଉଁ ପରିମାଣରେ ଉପଲବ୍ଧ ଓ ପ୍ରତିଷ୍ଠିତ ହୋଇପାରୁଛି, ଆମର

'oaob.nitrkl.ac.in' images reprocessed

ମାନବତା ଠିକ୍ ସେହି ପରିମାଣରେ ବିକଶିତ ହୋଇ ଆସିପାରିଛି ବୋଲି ଜାଣି ରଖିବାକୁ ହେବ ।

ମାତ୍ର ବୁଦ୍ଧିର ଏହି ନିଷ୍ପତ୍ତିକୁ ତଥାପି ବଡ଼ ଅପୂର୍ଣ୍ଣ ବୋଲି କୁହାଯିବ । ଆମେ ଦେଖିପାରିବା ଯେ ଆମେ ଯେଉଁ ଅନୁପାତରେ ଦୁଇପ୍ରକାର ପରିପୂର୍ଣ୍ଣତାରେ ଆସି ପହଞ୍ଚି ପାରିବା, ଆମର ବୁଦ୍ଧି ମଧ୍ୟ ଠିକ୍ ସେହି ଅନୁପାତରେ ଏକ ବୃହତ୍ତର ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୋଇଯାଇ ପାରିବ; ପ୍ରଥମତଃ, ଆମକୁ ନିମ୍ନତର ପ୍ରଭାବ ଓ ପ୍ରବର୍ତ୍ତନା-ଗୁଡ଼ିକର ନିୟନ୍ତ୍ରଣ ମଧ୍ୟରୁ ଅଧିକରୁ ଅଧିକ ପରିମାଣରେ ମୁକ୍ତ ହୋଇ ଆସିବାକୁ ପଡ଼ିବ, ଏବଂ ଦ୍ୱିତୀୟତଃ, ଏପରି ଏକ ଆପେ-ବର୍ତ୍ତିମାନ ପରମ ସତ୍ତା, ଆଲୋକ, ସାମର୍ଥ୍ୟ ତଥା ଆନନ୍ଦର ଉତ୍ସରେଉତ୍ସର ଆବିଷ୍କାର କରି ପାରିବାକୁ ହେବ, ଯାହାକି ଆମର ଏହି ନିତ୍ୟନୈମିତ୍ତିକ ମାନବଭୂମିଟିକୁ ଅତିକ୍ରମ କରି ରହିଛି ଓ ଯାହା ଭିତରେ ଏହି ଭୂମିଟିକୁ ରୂପାନ୍ତରିତ କରିଦେବା ଲାଗି ପୂର୍ଣ୍ଣ ସାମର୍ଥ୍ୟ ରହିଛି । ନୈତିକତା ଦ୍ୱାରା ପ୍ରେରିତ ହୋଇ ରହିଥିବା ଆମର ମନଟି ଯେଉଁ ଅନୁପାତରେ ଆପଣାକୁ ବାସନା, ଇନ୍ଦ୍ରିୟସଂବେଦନର ନାନା ପ୍ରବର୍ତ୍ତନା, ଆବେଗ ଏବଂ ଅଭ୍ୟାସଗତ ଅନ୍ୟମୂଳକ ନିଷ୍ପତ୍ତିରୁ ମୁକ୍ତ କରିନେଇ ପାରିବ ଏବଂ ଆପେ ସିଦ୍ଧକାମ ହୋଇ ବାସ କରିପାରିବା ଭଳି ଓ ତାହାକୁହିଁ ଆପଣାର ଯାବତୀୟ ନିଷ୍ପତ୍ତିର ଭିତ୍ତିରେ ପରିଣତ କରି ରଖିବା ଭଳି ପରମ ଶିବ, ପ୍ରେମ, ବଳ ତଥା ଶୁଦ୍ଧତାର ଏକ ଆତ୍ମ-ସତ୍ତାକୁ ଆବିଷ୍କାର କରିନେଇ ପାରିବ, ତାହା ସେହି ଅନୁପାତରେହିଁ ଆପଣାର ପରିପୂର୍ଣ୍ଣତା ଲାଭ କରିବ । ଆମର ସୌନ୍ଦର୍ଯ୍ୟବୋଧୀ ମନଟି ଯେଉଁ ଅନୁପାତରେ ଆପଣାକୁ ଆପଣାର ଯାବତୀୟ ସ୍ଥୂଳତର ସୁଖାନୁଧାବନ ମଧ୍ୟରୁ ମୁକ୍ତ କରି ଆଣିପାରିବ, ସୌନ୍ଦର୍ଯ୍ୟବୋଧୀ ବୁଦ୍ଧିର ପାରମ୍ପରିକ ବାହ୍ୟ ବିଧାନଗୁଡ଼ିକରୁ ମୁକୁଳି ଆସିପାରିବ, ଏବଂ ସୌନ୍ଦର୍ଯ୍ୟବୋଧର ସାମଗ୍ରୀଟିକୁ ଆପଣାର ଆଲୋକ ତଥା ଆନନ୍ଦଟିକୁ ଆଣି-ଦେଇ ପାରୁଥିବା ସେହି ଶୁଦ୍ଧ ଓ ଅନନ୍ତ ପରମ ସୌନ୍ଦର୍ଯ୍ୟ ତଥା ଆନନ୍ଦର ଏକ ଆପେ-ବର୍ତ୍ତିମାନ ଆତ୍ମସତ୍ତା ଓ ତଦ୍‌ଗତତାର ଆବିଷ୍କାର କରିପାରିବ, ତାହା ସେହି ଅନୁପାତରେହିଁ ଆପଣାର ପରିପୂର୍ଣ୍ଣତା ଲାଭ କରିବ । ଆମର ଜ୍ଞାନଯୁକ୍ତ ମନ ଯେତେବେଳେ ଯାବତୀୟ ବାହ୍ୟ ସମ୍ପର୍କ, ସିଦ୍ଧାନ୍ତ ଓ ସଂସ୍କାରଗତ ମତରୁ ବାହାରି ଯାଇ ପାରିବ ଏବଂ ଇନ୍ଦ୍ରିୟ ତଥା ବୁଦ୍ଧିର ଯାବତୀୟ କୃତିକୁ ତଥା ଯାବତୀୟ ଆତ୍ମ-ଅନୁଭବ ଏବଂ ବିଶ୍ୱ-ଅନୁଭବକୁ ଆଲୋକିତ କରିଦେଇ ପାରୁଥିବା ଆତ୍ମ-ଜ୍ଞାନ ତଥା ସମ୍ବୋଧିର ଏକ ଆଲୋକକୁ ଆବିଷ୍କାର କରିପାରିବ, ସେତେବେଳେ ଯାଇ ତାହା ପୂର୍ଣ୍ଣତାପ୍ରାପ୍ତ ହୋଇଯିବ । ଆମର ସଂକଳ୍ପଶକ୍ତି ଯେତେବେଳେ ଆପଣା ଆବେଗଗୁଡ଼ିକରୁ ବାହାରିଯାଇ ସେଗୁଡ଼ିକର ପଛକୁ ଚାଲିଯିବ, ଆପଣାକୁ କାର୍ଯ୍ୟରେ ପରିଣତ କରିବାର ନିତ୍ୟନୈମିତ୍ତିକ ଶୈଳୀଟି ଭିତରୁ ବାହାରି ପଛକୁ ଚାଲିଯାଇ

'oaob.nitrkl.ac.in' images reprocessed

ପାରିବ ଏବଂ ଏକ ବୋଧିଯୁକ୍ତ ତଥା ପ୍ରକାଶମୟ କ୍ରିୟା ଏବଂ ଏକ ମୂଳଭୂତ ସୌଷମ୍ୟଯୁକ୍ତ ସୃଜନର ଉତ୍ସସ୍ୱରୂପ ହୋଇ ରହିଥିବା ପରମ ଚିଦ୍‌ଗତତାର ଏକ ଅନ୍ତର୍ଗତ ଶକ୍ତିମତ୍ତାକୁ ଆବିଷ୍କାର କରିପାରିବ, ସେତେବେଳେ ଯାଇ ତାହା ପରିପୂର୍ଣ୍ଣତା ଲାଭ କରିବ । ଏହି ପୂର୍ଣ୍ଣତାପ୍ରାପ୍ତିର ଯାବତୀୟ କ୍ରିୟା ଜନ୍ମ ପ୍ରକୃତିର ସକଳ ପ୍ରବୃତ୍ତି ମଧ୍ୟରୁ ଆପଣାକୁ ବାହାର କରି ରଖିଥାଏ ଏବଂ ବୁଦ୍ଧି ମଧ୍ୟରେ ଅବସ୍ଥିତ ହୋଇ ରହିଥିବା ସେହି ପରମ ଚିଦ୍‌ଗତତା ଓ ପରମାତ୍ମାଙ୍କର ସତ୍ତା, ଶକ୍ତିମତ୍ତା, ଜ୍ଞାନ ତଥା ଆନନ୍ଦକୁହିଁ ଶୁଦ୍ଧ ଓ ଶକ୍ତିଶାଳୀ ଭାବରେ ପ୍ରତିଫଳିତ କରିଦେବା ଲାଗି ଅଗ୍ରସର ହୋଇ ଯାଉଥାଏ ।

ଏହି ଦ୍ୱିବିଧ କ୍ରିୟାଟିକୁ ଯଥାସମ୍ଭବ ଅଧିକରୁ ଅଧିକ ପୂର୍ଣ୍ଣ କରିଦେବା ହେଉଛି ଆତ୍ମ-ପରିପୂର୍ଣ୍ଣତାର ଯୋଗର ଉଦ୍ଦେଶ୍ୟ । ବୁଦ୍ଧି ଭିତରେ ବାସନାର ଯାବତୀୟ ମିଶ୍ରଣକୁହିଁ କେବଳ ଏକ ଅଶୁଦ୍ଧତା ବୋଲି ବୁଝାଯିବ । ବାସନାର ରଙ୍ଗରେ ରଞ୍ଜିତ ହୋଇ ରହିଥିବା ବୁଦ୍ଧି ହେଉଛି କେବଳ ଏକ ଅଶୁଦ୍ଧ ବୁଦ୍ଧି ଏବଂ ତାହା ଯଥାର୍ଥ ସତ୍ୟକୁ କେବଳ ବିକୃତହିଁ କରିଦିଏ; ବାସନାର ରଙ୍ଗରେ ରଞ୍ଜିତ ହୋଇ ରହିଥିବା ସଙ୍କଳ୍ପ ହେଉଛି କେବଳ ଏକ ଅଶୁଦ୍ଧ ସଂକଳ୍ପ, ଏବଂ ଆତ୍ମାର ଯାବତୀୟ କ୍ରିୟା ଉପରେ ତାହା ବିକୃତି, ଦୁଃଖ ଏବଂ ଅପରିପୂର୍ଣ୍ଣତାର ମୋହରଟିକୁ ନେଇ ବସାଇ ଦେଇଥାଏ । କାମନାମୟ ଆତ୍ମାର ସଂବେଗଗୁଡ଼ିକର ଯାବତୀୟ ମିଶ୍ରଣକୁ କେବଳ ଏକ ଅଶୁଦ୍ଧତା ବୋଲିହିଁ ବୁଝାଯିବ ଏବଂ ତାହା ଠିକ୍ ସେହିପରି ଭାବରେହିଁ ଜ୍ଞାନ ଓ କ୍ରିୟା ଉଭୟକୁ ବିକୃତ କରିପକାଏ । ଇନ୍ଦ୍ରିୟଗତ ଯାବତୀୟ ସଂବେଦନ ତଥା ଆବେଗ ପାଖରେ ବୁଦ୍ଧିର ଅଧୀନ ହୋଇ ରହିବାକୁ ମଧ୍ୟ କେବଳ ଏକ ଅଶୁଦ୍ଧତା ବୋଲି ବୁଝାଯିବ । ତେଣୁ ଭାବନା ତଥା ସଙ୍କଳ୍ପକୁ ବାସନା ମଧ୍ୟରୁ ପଛକୁ ଅପସରି ଯାଇ ଠିଆହେବାକୁ ପଡ଼ିବ, ବିକ୍ଷୋଭକାରୀ ଯାବତୀୟ ସଂବେଗ, ଆମକୁ ପଥଚ୍ୟୁତ କରି ପକାଉଥିବା ବା ଆମ ଉପରେ ପ୍ରଭୁ ହୋଇ ବସିବାକୁ ଇଚ୍ଛା କରୁଥିବା ଆବେଗରୁ ମଧ୍ୟ ପଛକୁ ହଟିଯିବାକୁ ପଡ଼ିବ ଏବଂ କେବଳ ଆପଣାର ଅଧିକାର ବଳରେହିଁ କାର୍ଯ୍ୟ କରିବାକୁ ହେବ; ବାସନା ତଥା ମନୋମୟ ଇଚ୍ଛା ତଥା ଆବେଗର ସ୍ଥାନ ଅଧିକାର କରିପାରିବା ଭଳି ଏକ ବୃହତ୍ତର ପଥପ୍ରଦର୍ଶକ, ଏକ ପରମ ସଙ୍କଳ୍ପ ବା ଦିବ୍ୟ ଶକ୍ତିମତ୍ତାର ଆବିଷ୍କାର କରିପାରିବା ପର୍ଯ୍ୟନ୍ତ ଅଥବା ଆପଣାକୁ ସେହି ଶକ୍ତିର କ୍ରିୟାଟି ମଧ୍ୟରେ ପ୍ରକାଶିତ କରି ଦେଉଥିବା ଏକ ଆନନ୍ଦ ବା ଚିଦ୍‌ଗତତାର ଏକ ଶୁଦ୍ଧ ଆନନ୍ଦ ଏବଂ ସନ୍ଦୀପିତ ଆଧ୍ୟାତ୍ମିକ ଜ୍ଞାନର ଆବିଷ୍କାର କରିପାରିବା ପର୍ଯ୍ୟନ୍ତ ସେମାନଙ୍କୁ ଏହିପରି ପଛକୁ ଘୁଞ୍ଚିଯିବାକୁ ହେବ ଓ ଆପଣାର ଅଧିକାରରେହିଁ କାର୍ଯ୍ୟ କରି ପାରିବାକୁ ହେବ । ଏକ ସମ୍ପୂର୍ଣ୍ଣ ଆତ୍ମ-ଶାସନ ଅର୍ଥାତ୍ ଶମ, ସମତା ଓ ଶାନ୍ତି ବ୍ୟତୀତ କଦାପି ସମ୍ଭବ ହେଉ ନଥିବା ଏହି ପୂର୍ଣ୍ଣ ଆସକ୍ତିରହିତତାକୁହିଁ ଆମେ ବୁଦ୍ଧିର

'oaob.nitrkl.ac.in' images reprocessed

ଶୁଦ୍ଧୀକରଣ ଲାଗି ନିଷ୍ଠିତତମ ପଦକ୍ଷେପଟି ବୋଲି ଜାଣିରଖିବା । କେବଳ ଏକ ସ୍ଥିର, ସମତାଯୁକ୍ତ ତଥା ଆସକ୍ତିରହିତ ମନହିଁ ସେହି ଶାନ୍ତିର ପ୍ରତିଫଳନ କରିପାରିବ ବା ମୁକ୍ତ ଆତ୍ମାର କର୍ମ ଲାଗି ଉପଯୁକ୍ତ ଆଧାରଟିକୁ ଯୋଗାଇଦେଇ ପାରିବ ।

ସ୍ୱୟଂ ବୁଦ୍ଧି ମଧ୍ୟ ଏକ ବିମିଶ୍ରିତ ଓ ଅଶୁଦ୍ଧ କର୍ମର ଭାର ଦ୍ୱାରା ଭାରାକ୍ରାନ୍ତ ହୋଇ ରହିଛି । ଯେତେବେଳେ ଆମେ ତାହାର ବାସ୍ତବ ରୂପଗୁଡ଼ିକରେହିଁ ତାହାର ବିଶ୍ଳେଷଣ କରି ବସିବା, ସେତେବେଳେ ଆମେ ଦେଖିବାକୁ ପାଇବା ଯେ ତାହାର କ୍ରିୟାରେ ପ୍ରକୃତରେ ତିନୋଟି ଅବସ୍ଥା ତିନୋଟି କ୍ରମୋଚ୍ଚ ସୋପାନରୂପେ ନିହିତ ହୋଇ ରହିଛି । ପ୍ରଥମତଃ, ଆପଣାର ନିମ୍ନତମ ଆଧାରଟିରେ ବୁଦ୍ଧି ଏକ ଅଭ୍ୟାସଗତ ବା ପାରମ୍ପରିକ କ୍ରିୟା ହୋଇ ରହିଛି, ଯାହାକି ଉଚ୍ଚତର ବିଚାରଣା ଏବଂ ଇନ୍ଦ୍ରିୟ-ମନ ମଧ୍ୟରେ ସଙ୍କେତଅବା ଗୋଟିଏ ସେତୁ ପରି ହୋଇ ରହିଛି, ଏକପ୍ରକାର ଚଳମାନ ବୋଧଶକ୍ତି ହୋଇ ରହିଛି । ସେହି ବୋଧଟି ସ୍ୱୟଂ ଇନ୍ଦ୍ରିୟଗୁଡ଼ିକର ସେହି ସାକ୍ଷୀଟି ଉପରେ ତଥା କର୍ମର ସେହି ନିୟମଟି ଉପରେ ଆଶ୍ରିତ ହୋଇ ରହିଛି, ଯାହାକୁ କି ଆମର ତର୍କବୁଦ୍ଧି ଜୀବନ ବିଷୟରେ ଇନ୍ଦ୍ରିୟ-ମନର ଅନୁଭୂତି ତଥା ମନୋବୃତ୍ତିଟିର ଆଧାର ଉପରେ ନିର୍ଦ୍ଧାରିତ କରିଦେବାରେ ଲାଗିଛି । ତାହା ସ୍ୱୟଂ କୌଣସି ଶୁଦ୍ଧ ଭାବନା ବା ଇଚ୍ଛାକୁ ଗଢ଼ିବା ଲାଗି ଆଦୌ ସମର୍ଥ ହେଉ ନାହିଁ; ମାତ୍ର ତାହା ଉଚ୍ଚତର ବୁଦ୍ଧିର କ୍ରିୟାଗୁଡ଼ିକୁ ଗ୍ରହଣ କରିନେଇ ସେଗୁଡ଼ିକୁ ସ୍ୱକୀୟ ମତ ଓ ଅଭିମତର ମୁଦ୍ରା, ଚିନ୍ତାର ସ୍ୱୀକୃତ ମାନଦଣ୍ଡ ବା କର୍ମର ବିଧାନରୂପେ ପରିଣତ କରିଦେଉଛି । ଯେତେବେଳେ ଆମେ ବିଚାରଶୀଳ ମନର ଏକପ୍ରକାର ବ୍ୟାବହାରିକ ବିଶ୍ଳେଷଣ କରିବାକୁ ଯାଉଛୁ, ସେଥିରୁ ଏହି ବୋଧଶକ୍ତିଟିକୁ ବାଦ୍ ଦେଇ ଦେଉଛୁ ଏବଂ ତାହାର ପଛରେ ଉଚ୍ଚତର ବୁଦ୍ଧିକୁ ମୁକ୍ତ, ସାକ୍ଷୀ ଓ ଶାନ୍ତରୂପରେ ଧାରଣ କରି ରହୁଛୁ, ସେତେବେଳେ ଆମେ ବେଶ୍ ଜାଣିପାରୁଛୁ ଯେ ଏହି ଚଳନ୍ତି ବୋଧଶକ୍ତିଟି କେବଳ ଏକ ବ୍ୟର୍ଥ ବୃତ୍ତ ମଧ୍ୟରେହିଁ ଆବର୍ତ୍ତିତ ହେବାରେ ଲାଗିଛି, ଆପଣାର ଯାବତୀୟ ପୂର୍ବଗଠିତ ମତଗୁଡ଼ାକୁ ଏବଂ ବସ୍ତୁଗୁଡ଼ିକର ବାହ୍ୟ ସ୍ପର୍ଶଗୁଡ଼ିକ ପ୍ରତି ଆପଣାର ପ୍ରତିକ୍ରିୟାଗୁଡ଼ିକୁହିଁ କେବଳ ଦୋହରାଇବାରେ ଲାଗିଛି, ମାତ୍ର ତଥାପି କୌଣସି ଶକ୍ତିଶାଳୀ ଅନୁକୂଳନ ତଥା କର୍ମୋଦ୍ୟମ ସମ୍ଭବ କରିପାରୁ ନାହିଁ । ଉଚ୍ଚତର ବୁଦ୍ଧି ତାକୁ ଏଥିଲାଗି ଆପଣାର ଅନୁମତି ଦେଉ ନାହିଁ ବୋଲି ଅଧିକରୁ ଅଧିକ ଅନୁଭବ କରିବା ସଙ୍ଗେସଙ୍ଗେ ତାହା ସ୍ୱୟଂ ଟଳିଯିବାକୁ ଆରମ୍ଭ କରୁଛି, ଆପଣା ଉପରେ ବିଶ୍ୱାସ ହରାଇ ବସୁଛି, ଆପଣାର ରୂପାୟନ ତଥା ଯାବତୀୟ ଅଭ୍ୟସ୍ତତାରୁ ବିଶ୍ୱାସ ହଟାଇ ଦେଉଛି, ବୁଦ୍ଧିର କ୍ରିୟାଟି ଉପରେହିଁ ଅବିଶ୍ୱାସ କରିବାକୁ ଆରମ୍ଭ କରୁଛି ଏବଂ ଦୁର୍ବଳତା ଭିତରେ ନିସ୍ତବ୍ଧ ହୋଇ ପଡ଼ିରହୁଛି । ଏହି ଚଳମାନ, ଧାବମାନ, ଆବର୍ତ୍ତମାନ ଓ ସତତ ପୁନରାବୃତ୍ତ

'oaob.nitrkl.ac.in' images reprocessed

ଭାବନା-ମନଟିକୁ ଶାନ୍ତ କରି ଆଣିବାକୁ ଆମେ ଭାବନାଶକ୍ତିକୁ ସେହି ନୀରବ କରି ଆଣିବାର ମୁଖ୍ୟ ଅଙ୍ଗ ବୋଲି କହିବା, ଯାହାକି ଯୋଗର ଫଳପ୍ରଦ ସାଧନା-ଗୁଡ଼ିକରେ ଏକ ଅନ୍ୟତମ ସାଧନା ହୋଇ ରହିଆସିଛି ।

ମାତ୍ର, ସ୍ୱୟଂ ଉଚ୍ଚତର ବୁଦ୍ଧିରେ ମଧ୍ୟ ଗତିଶୀଳ ଏବଂ ପ୍ରୟୋଜନଧର୍ମୀ ବୌଦ୍ଧିକତାର ଏକ ପ୍ରଥମ ସୋପାନ ରହିଛି, ଯେଉଁଥିରେ କି ସୃଜନ, କର୍ମ ଏବଂ ଇଚ୍ଛା ପ୍ରକୃତ ପ୍ରେରକ ହୋଇ ରହିଛନ୍ତି ଏବଂ ମୁଖ୍ୟତଃ କାର୍ଯ୍ୟସାଧନର କ୍ଷେତ୍ରରେ କାମରେ ଲାଗିବା ଭଳି ଆଧାରଭୂତ କେତୋଟି ଧାରଣା ତଥା ପ୍ରସ୍ତାବର ରଚନା ଲାଗି ଭାବନା ତଥା ଜ୍ଞାନକୁ ସାଧନରୂପେ କାମରେ ଆଣି ଲଗାଯାଉଛି । ଏହି ପ୍ରୟୋଜନଧର୍ମୀ ବିଚାରଣା ସତ୍ୟକୁ କେବଳ ବୁଦ୍ଧିରହିଁ ଏକ ରୂପାୟନ ବୋଲି ଭାବୁଛି, ବାହ୍ୟ ତଥା ଅନ୍ତରସ୍ଥ ଜୀବନର ନିଷ୍ପତ୍ତି ସକାଶେହିଁ ତାହାକୁ ଗୋଟିଏ ସାଧନ ବୋଲି ଭାବୁଛି । ବ୍ୟକ୍ତିଗତ ଭାବରେ ଫଳଦାୟକ ସତ୍ୟର ସର୍ଜନା ଅପେକ୍ଷା ନୈର୍ବ୍ୟକ୍ତିକ ଭାବରେ ପରମ ସତ୍ୟକୁ ପ୍ରତିବିମ୍ବିତ କରିପାରିବା ଲାଗି ଚେଷ୍ଟା କରୁଥିବା ତଥାପି ଉଚ୍ଚତର ସେହି ସତ୍ୟଟିରୁ ଯେତେବେଳେ ଆମେ ଏଇଟିକୁ ଅଲଗା କରିଦେଉଛୁ, ସେତେବେଳେ ଆମେ ଜାଣିବାକୁ ପାଉଛୁ ଯେ ଏହି ପ୍ରୟୋଜନଧର୍ମୀ ବିଚାରଣାଶକ୍ତିଟି ଗତିଶୀଳ ଜ୍ଞାନ ଦ୍ୱାରା ଅନୁଭବକୁ ଉତ୍ପନ୍ନ, ବିକଶିତ ତଥା ବିସ୍ତୃତ କରିପାରୁଛି ସତ, ମାତ୍ର ଆପେ ଠିଆହୋଇ ପାରିବା ଲାଗି ତାହା ସେହି ରୂଢ଼ିଗତ ବୋଧଶକ୍ତି ଉପରେହିଁ ଆଶ୍ରିତ ହୋଇ ରହୁଛି ତଥା ଜୀବନ ଓ ଅଭିବ୍ୟକ୍ତି ଉପରେହିଁ ତାହାକୁ ଆପଣାର ସମସ୍ତ ବଳ ଦେବାକୁ ପଡ଼ୁଛି । ତେଣୁ ସ୍ୱକ୍ଷେତ୍ରରେ ତାହା ଜୀବନ ତଥା କର୍ମର ପ୍ରେରଣା ଦେଉଥିବା ସଙ୍କଳ୍ପ ସହିତ ଯୁକ୍ତ ରହିଥିବା ଏକ ମନ ହୋଇ ରହିଛି, ଏକ ଜ୍ଞାନଯୁକ୍ତ ମନ ଅପେକ୍ଷା ଅଧିକତର ଭାବରେ ଏକ ସଙ୍କଳ୍ପଯୁକ୍ତ ମନ ହୋଇ ରହିଛି; ତାହା ପ୍ରକୃତରେ କୌଣସି ନିଶ୍ଚିତ, ସତତ ତଥା ଚିରନ୍ତନ ପରମ ସତ୍ୟରେ ବାସ କରୁ ନାହିଁ, ସେହି ସତ୍ୟର ସତତ ଅଗ୍ରସର ଓ ପରିବର୍ତ୍ତିତ ହୋଇ ଯାଉଥିବା ବିଭାବଗୁଡ଼ିକରେହିଁ ବାସ କରି ରହିଛି, ଯାହାକି ଆମ ଜୀବନର ତଥା ସତତପରିଣତିର ସତତ ବଦଳି ଯାଉଥିବା ରୂପାୟନଗୁଡ଼ିକ ଲାଗି ବେଶ୍ କାମରେ ଲାଗିପାରୁଛି ବା ଖୁବ୍ ବେଶୀ ହେଲେ ଜୀବନର ବୃଦ୍ଧି ଏବଂ ଅଗ୍ରଗତିରେ ସାହାଯ୍ୟ କରିପାରୁଛି । କେବଳ ଆପଣା ସାମର୍ଥ୍ୟ ଭିତରେ ଏହି ପ୍ରୟୋଜନଧର୍ମୀ ମନ ଆମକୁ କୌଣସିପ୍ରକାର ଦୃଢ଼ ଭିତ୍ତି ଆଣି ଯୋଗାଇ ଦେଇ ପାରିବ ନାହିଁ, ଆମକୁ କୌଣସି ନିଶ୍ଚିତ ଲକ୍ଷ୍ୟଟିଏ ଆଣି ଦେଇ ପାରିବ ନାହିଁ । କାରଣ ତାହା କେବଳ ତାତ୍କାଳିକତାର ସତ୍ୟଟି ଭିତରେହିଁ ଅବସ୍ଥାନ କରୁଥାଏ, ଶାଶ୍ୱତତାର କୌଣସି ସତ୍ୟରେ ବାସ କରୁ ନଥାଏ । ମାତ୍ର ଏହି ରୂଢ଼ିଗତ ବୋଧଟି ଉପରେ ନିର୍ଭରଶୀଳ ହୋଇ ରହିବାରୁ ଥରେ ଶୁଦ୍ଧ ହୋଇ

'oaob.nitrkl.ac.in' images reprocessed

ଆସିପାରଲେ ତାହା ଏକ ମହାନ୍ ସ୍ରଷ୍ଟାରୂପେ ପ୍ରତିଷ୍ଠିତ ହୋଇପାରିବ ଏବଂ ଉଚ୍ଚତମ ମନୋମୟ ବୁଦ୍ଧି ସହିତ ଯୁକ୍ତ ହୋଇପାରିଲେ ତାହା ଜୀବନରେ ସେହି ପରମ ସତ୍ୟଟିକୁ କାର୍ଯ୍ୟକାରୀ କରିବା ଲାଗି ଏକ ଶକ୍ତିଶାଳୀ ବାହନ ଏବଂ ସାହାଯ୍ୟକାରୀରୂପେ ଅବଶ୍ୟ କାମ ଦେଇପାରିବ । ସେତେବେଳେ ତାହାର କ୍ରିୟାତ୍ମକତାର ମୂଲ୍ୟ କେବଳ ସେହି ଉଚ୍ଚତମ ସତ୍ୟାନ୍ବେଷୀ ବୁଦ୍ଧିରହିଁ ମୂଲ୍ୟ ଓ ସାମର୍ଥ୍ୟଟି ଉପରେ ନିର୍ଭର କରି ରହିବ । ମାତ୍ର ଏକାକୀ ଆପଣା ବଳରେହିଁ ଆପଣାକୁ ଚାଳିତ କରୁଥିବା ପର୍ଯ୍ୟନ୍ତ ତାହା କାଳ ହାତରେ କେବଳ ଏକ ଖେଳନା ହୋଇ ରହିଥିବ ଏବଂ ପ୍ରାଣସାମର୍ଥ୍ୟ ହାତରେ କେବଳ ଏକ କ୍ରୀତଦାସ ହୋଇ ରହିଥିବ । ସେହି ପରମ ମୀରବତାର ଆକାଂକ୍ଷା ଧରି ବାଟ ଚାଲୁଥିବା ବ୍ୟକ୍ତିକୁ ଏଇଟିକୁ ଆପଣାଠାରୁ କାଢ଼ି ଫିଙ୍ଗିଦେବାକୁ ପଡ଼ିବ; ସମଗ୍ର ପରମ ତତ୍ତ୍ୱର ସନ୍ଧାନ କରୁଥିବା ବ୍ୟକ୍ତିକୁ ଏହାର ସୀମାଟିକୁ ପାରି ହୋଇ ବାହାରିଯିବାକୁ ପଡ଼ିବ, ପ୍ରାଣ ମଧ୍ୟରେହିଁ ଆପଣାକୁ ଅଭିପ୍ରେତ କରି ରଖିଥିବା ଏହି ଭାବନାତ୍ମକ ମନଟି ସ୍ଥାନରେ ଏକ ବୃହତ୍ତର କାର୍ଯ୍ୟ-ସମ୍ପାଦନକାରୀ ଆଧ୍ୟାତ୍ମିକ ସଙ୍କଳ୍ପ ଅର୍ଥାତ୍ ଆତ୍ମାର ସେହି ପରମ ସତ୍ୟ-ସଙ୍କଳ୍ପର ପ୍ରତିଷ୍ଠା କରିବାକୁ ହେବ, ଏଇଟି ଦ୍ୱାରା ସେଇଟିକୁ ରୂପାନ୍ତରିତ କରିବାକୁ ପଡ଼ିବ ।

ବୁଦ୍ଧିଗତ ସଙ୍କଳ୍ପ ଏବଂ ବିବେଚନାଟିର ଉତ୍ତମ ଏବଂ ସର୍ବଶାଳୀନ ଅବସ୍ଥା ହେଉଛି ଏପରି ଏକ ବୁଦ୍ଧିର ଅବସ୍ଥା, ଯାହାକି କୌଣସି ଏକ ବିଶ୍ୱଗତ ସତ୍ୟର ଅନ୍ବେଷଣ କରୁଥାଏ ବା ଏକ ଆହୁରି ଉଚ୍ଚତର ଆପେ-ବର୍ତ୍ତମାନ ସତ୍ୟର ସେହି ସତ୍ୟଟି ସକାଶେହିଁ ସନ୍ଧାନ କରୁଥାଏ ଏବଂ ସେହି ସତ୍ୟଟି ମଧ୍ୟରେ ଜୀବନ ବଞ୍ଚିବାକୁ ଚେଷ୍ଟା କରୁଥାଏ । ଏହାକୁ ଆମେ ପ୍ରଥମେ ଏକ ଜ୍ଞାନଯୁକ୍ତ ମନ ବୋଲି କହିବା ଓ କେବଳ ତା'ପରେ ଯାଇ ଇଚ୍ଛା ଦ୍ୱାରା ପ୍ରେରିତ ଏକ ମନ ବୋଲି କହିପାରିବା । ସ୍ୱକୀୟ ପ୍ରବୃତ୍ତିଗତ ଅନ୍ତଃସ୍ୱଭାବରେ ତାହା ଅନେକ ସମୟରେ ଇଚ୍ଛା ବା କର୍ମ-ପ୍ରବୃତ୍ତି ଲାଗି ଏକାବେଳକେ ଅସମର୍ଥ ହୋଇପଡ଼େ, କେବଳ ଜାଣିବାର ଇଚ୍ଛାଟି ଯାହା ବାକୀ ରହି ଯାଇଥାଏ । କର୍ମ ଲାଗି ତାହା ପ୍ରୟୋଜନଧର୍ମୀ ମନଟିର ସାହାଯ୍ୟ ଉପରେ ନିର୍ଭରଶୀଳ ହୋଇ ରହିଥାଏ ଏବଂ ସେଥିଲାଗି କର୍ମ କରିବା ସମୟରେ ମନୁଷ୍ୟ ଆପଣାର ଉଚ୍ଚତମ ଜ୍ଞାନଟି ଦ୍ୱାରା ଅଧିକୃତ ସତ୍ୟର ପବିତ୍ରତାରୁ ତଳକୁ ଖସିଆସି ତାହାର ଏକ ମିଶ୍ରିତ, ନିମ୍ନତର, ଅସ୍ଥିର ଏବଂ ଅଶୁଦ୍ଧ କ୍ରିୟାନ୍ୱିତତା ମଧ୍ୟରେ ଗ୍ରସ୍ତ ହୋଇ ପଡ଼ିବାରେ ଲାଗିଥାଏ । ଜ୍ଞାନ ଓ କର୍ମେଚ୍ଛା ମଧ୍ୟରେ ଏହି ବିଷମତା, ଏପରିକି ଯେତେବେଳେ ତାହା ଏକ ପରସ୍ପରବିରୋଧରେ ପରିଣତ ହୋଇ ନଥାଏ, ସେତେବେଳେ ମଧ୍ୟ ମନୁଷ୍ୟ-ବୁଦ୍ଧିର ପ୍ରଧାନତମ ତ୍ରୁଟିଗୁଡ଼ିକ ମଧ୍ୟରେ ଅନ୍ୟତମ ହୋଇ ରହିଥାଏ । ମାତ୍ର ମନୁଷ୍ୟର ଯାବତୀୟ ଭାବନା ଭିତରେ ଏଇଟି ବ୍ୟତୀତ ଅନ୍ୟ ଅନ୍ତର୍ନିହିତ ନାନା ସୀମାବଦ୍ଧତା ମଧ୍ୟ ବର୍ତ୍ତିତ ଥାଏ । ଏହି ଉଚ୍ଚତମ

ବୁଦ୍ଧିଟି ମନୁଷ୍ୟ ଭିତରେ ତା'ର ସ୍ୱକୀୟ ବିଶୁଦ୍ଧତାରେ ଆଦୌ କାର୍ଯ୍ୟ କରେ ନାହିଁ; ତାହାକୁ ନିମ୍ନତର ମନୋଭୂମିସ୍ଥ କେତେକେତେ ଦୋଷର ଆକ୍ରମଣ ସହିବାକୁ ପଡ଼େ, ସତତ ବାରବାର ତାହାର ଦ୍ୱାରା ଆଚ୍ଛନ୍ନ ହୋଇପଡ଼େ, ବିକୃତ ହୋଇପଡ଼େ, ଆବରଣ ଭିତରେ ରହିଯାଏ ଏବଂ ଆପଣାର ଯଥୋଚିତ କ୍ରିୟାତ୍ମକତାର ଭୂମିରେ ପଥଭ୍ରଷ୍ଟ ଅଥବା ପଙ୍ଗୁ ହୋଇ ରହିଥାଏ । ମାନସିକ ଅଧଃପତନରୁ ଯଥାସମ୍ଭବ ଶୁଦ୍ଧତା ଲାଭ କରିବା ପରେ ମଧ୍ୟ ମନୁଷ୍ୟର ବୁଦ୍ଧି ତଥାପି ଏପରି ଏକ ସାମର୍ଥ୍ୟ ହୋଇ ରହିଥାଏ, ଯାହାକି ସତ୍ୟର ଅନ୍ୱେଷଣହିଁ କରୁଥାଏ, ମାତ୍ର କଦାପି ସମ୍ପୂର୍ଣ୍ଣ ଅଥବା ପ୍ରତ୍ୟକ୍ଷ ଭାବରେ ତାହାର ଅଧିକାରୀ ହୋଇପାରେ ନାହିଁ । ତାହା ସେହି ଚିଦ୍‌ଗତତାର ସତ୍ୟଟିକୁ କେବଳ ପ୍ରତିଫଳିତ କରାଇପାରେ ଏବଂ ତାହାକୁ ଏକ ନିର୍ଦ୍ଦିଷ୍ଟସୀମାଯୁକ୍ତ ମନୋଗତ ମୂର୍ତ୍ତି ଏବଂ ଏକ ସ୍ୱତନ୍ତ୍ର ମନୋମୟ ଶରୀର ଦେଇ ଆପଣାର ନିଜର କରି ରଖିବା ଲାଗି ଚେଷ୍ଟା କରିପାରେ । ମାତ୍ର ତାହା କୌଣସି ସମଗ୍ର ପ୍ରତିଫଳନ ବି କରାଇ ପାରେ ନାହିଁ, ମାତ୍ର କେବଳ ଏକ ଅନିଶ୍ଚିତ ସମଗ୍ରତାକୁ ଅଥବା ସୀମାବଦ୍ଧ କେତେକେତେ ଏକକର ଏକ ସମଷ୍ଟିକୁହିଁ ସମଗ୍ରତା ବୋଲି ଆବୋରି ବସିବାକୁ ଯାଏ । ପ୍ରଥମେ ତାହା କୌଣସି ଗୋଟିଏ ବା ଅନ୍ୟ ଆଂଶିକ ପ୍ରତିଫଳନକୁ ଆପଣାର କରଗତ କରିଆଣେ ଏବଂ ତାହାକୁ ଆପଣା ବୁଦ୍ଧିଗତ ମନର ଅଭ୍ୟାସର ଅଧୀନ କରି ରଖି ଏକ ଅପରିବର୍ତ୍ତନୀୟ ସ୍ୱମତରେ ପରିଣତ କରିଦିଏ ଓ ତାହାର ମଧ୍ୟରେ ବନ୍ଦୀ ହୋଇ ରହେ; ଏହିପରି ଭାବରେ ସେ ଯେଉଁ ବିଶେଷ ଦୃଷ୍ଟିକୋଣଟି ତିଆରି କରି ରଖିଥାଏ, ଯାବତୀୟ ନୂତନ ସତ୍ୟକୁ ମଧ୍ୟ ତାହା ଖାସ୍ ସେଇଟି ଅନୁସାରେ ବିଚାର କରୁଥାଏ ଏବଂ ତେଣୁ ସେହି ନୂତନ ସତ୍ୟଟି ଉପରେ ମଧ୍ୟ ଏକ ସଙ୍କୁଚନକାରୀ ପୂର୍ବନିର୍ଣ୍ଣୟର ରଙ୍ଗ ଆଣି ବୋଳିଦିଏ । ତାହାକୁ ମତ ଭିତରେ ବାନ୍ଧିହୋଇ ରହିବାର ଏହି ଅଭ୍ୟାସଟିରୁ ଯେତେ ବେଶୀ ସମ୍ଭବ ମୁକ୍ତ କରିଦେଲେ ମଧ୍ୟ ତାହା ତଥାପି କୌଣସି ଅନ୍ୟ ମତର ରଜ୍ଜୁ ଭିତରେ ଆସି ବାନ୍ଧିହୋଇ ଯାଉଥାଏ; ପ୍ରତ୍ୟେକ ନୂତନ ସତ୍ୟକୁ ସତ୍ୱର କାର୍ଯ୍ୟକାରୀ କରିବା ଲାଗି ତା'ର ପ୍ରୟୋଜନଧର୍ମୀ ମନ ଯେଉଁ ଦାବି କରିବାରେ ଲାଗିଥାଏ, ସେଇଥିରେ ଆସି ବାନ୍ଧିହୋଇ ଯାଉଥାଏ; ଏବଂ ତାହାର ଫଳରେ କୌଣସି ବୃହତ୍ତର ସତ୍ୟ ଆଡ଼କୁ ଅଗ୍ରସର ହେବା ଲାଗି ତାକୁ ଆଉ ମୋଟେ ସମୟ ମିଳେ ନାହିଁ, ତେଣୁ କୌଣସି ସତ୍ୟକୁ କାର୍ଯ୍ୟକାରୀ କରିବାର ଶକ୍ତି ଦ୍ୱାରା ସେ ଆଗରୁ ଯାହାକିଛି ନିର୍ଣ୍ଣୟରେ ଆସି ପହଞ୍ଚିଥାଏ, ଯାହାକିଛି ଜାଣିଥାଏ ଅଥବା ଯେପରି ଭାବରେ ଜୀବନ ବଞ୍ଚିଥାଏ, ତାହାର ଅନୁସାରେହିଁ ତାହାର ମୂଲ୍ୟଟିକୁ ବି ନିରୂପଣ କରି ଦେଉଥାଏ । ମାତ୍ର ଏହିସବୁ ଶୃଙ୍ଖଳ ମଧ୍ୟରୁ ଆପଣାକୁ ମୁକ୍ତ କରିଆଣି ଆମର ବୁଦ୍ଧି ସେହି ପରମସତ୍ୟର ଏକ ଶୁଦ୍ଧ ଓ ନମନୀୟ ଦର୍ପଣରେ ବେଶ୍ ପରିଣତ ହୋଇପାରିବ, ଆଲୋକ ପରେ

'oaob.nitrkl.ac.in' images reprocessed

ଅନେକର ଉପଲବ୍ଧି କରି ଯାଉଥିବ, ଗୋଟିଏ ଉପଲବ୍ଧିରୁ ଆଉ ଗୋଟିଏ ଉପଲବ୍ଧିକୁ ଆରୋହଣ କରି ଯାଉଥିବ । ସେତେବେଳେ କେବଳ ଆପଣାର ସ୍ୱଭାବଗତ ସୀମାଗୁଡ଼ିକ ମଧ୍ୟରେହିଁ ସୀମିତ ରହିବ ।

ଏହି ସ୍ୱଭାବଗତ ସୀମା କହିଲେ ଆମେ ମୁଖ୍ୟତଃ ଦୁଇ ପ୍ରକାରର ସୀମାକୁ ବୁଝିବା । ପ୍ରଥମ କଥାଟି ହେଉଛି ଯେ ବୁଦ୍ଧିର ଯାବତୀୟ ଉପଲବ୍ଧି ହେଉଛି କେବଳ ମନୋଭୂମିର ଉପଲବ୍ଧି; ଏବଂ ତେଣୁ ଖାସ୍ ପରମ ସତ୍ୟରେ ଯାଇ ପହଞ୍ଚିବାକୁ ହେଲେ ଆମକୁ ଏହି ମନୋଗତ ବୁଦ୍ଧିର ଆସ୍ଥାନଟିକୁ ପାର ହୋଇଯିବାକୁ ପଡ଼ିବ । ପୁନଶ୍ଚ, ମନର ସ୍ୱପ୍ରକୃତଟି ଏପରି ଭାବରେ ଗଢ଼ା ହୋଇଥାଏ ଯେ ତାହା ବୁଦ୍ଧିକୁ କଦାପି ଆପଣାର ବଧିତ ସତ୍ୟଗୁଡ଼ିକର ଏକ ଯଥାର୍ଥ ଏକୀକରଣ ମଧ୍ୟ ସମ୍ଭବ ହେବାକୁ ଦିଏ ନାହିଁ । ତାହା ସେହି ସତ୍ୟଗୁଡ଼ିକୁ କେବଳ ପାଖପାଖି କରି ରଖି ଦେଇପାରେ, ସେଗୁଡ଼ିକ ମଧ୍ୟରେ ରହିଥିବା ବିରୋଧଗୁଡ଼ିକୁ ଦେଖିବାରେ ଲାଗେ ଏବଂ ସେଗୁଡ଼ିକ ମଧ୍ୟରେ କେବଳ ଏକ ଆଂଶିକ, କାର୍ଯ୍ୟକାରୀ ଓ ବ୍ୟାବହାରିକ ସଂଯୋଜନ ସମ୍ଭବ କରିବାକୁ ଚେଷ୍ଟା କରେ । ମାତ୍ର ଅବଶେଷରେ ତାହା ସତ୍ୟର ବିଭାବଗୁଡ଼ିକୁ ଅନନ୍ତ ବୋଲି ଆବିଷ୍କାର କରେ, ଆପଣାର ବୁଦ୍ଧିଗତ ସୂତ୍ରରୂପଗୁଡ଼ିକରୁ କୌଣସିଟି ସମ୍ପୂର୍ଣ୍ଣ ଭାବରେ ଯଥାର୍ଥ ନୁହେଁ ବୋଲି ଜାଣେ; କାରଣ ତଦ୍‌ଗତତା ହେଉଛି ଏକ ଅନନ୍ତ ବସ୍ତୁ, ସେହି ତଦ୍‌ଗତତା ମଧ୍ୟରେ ସବୁକିଛିକୁ ସତ୍ୟ ବୋଲି ବୁଝାଯାଇ ପାରିବ ଏବଂ ମନର କୌଣସି ସାମର୍ଥ୍ୟ ଆମକୁ ତଦ୍‌ଗତତାର ସମସ୍ତ ସତ୍ୟଟିକୁ ଆଣି କଦାପି ଦେଇପାରିବ ନାହିଁ ବୋଲି ସେ ଉପଲବ୍ଧି କରିଥାଏ । ତେଣୁ ସେତେବେଳେ ବୁଦ୍ଧି ହୁଏତ ଏକାବେଳକେ ଅନେକ ପ୍ରତିଫଳନର ଏକ ସ୍ୱଚ୍ଛ ଦର୍ପଣରେ ପରିଣତ ହୋଇଯାଏ, ତା' ଉପରେ ଆସି ପଡ଼ୁଥିବା ସବୁଯାକ ସତ୍ୟକୁ ପ୍ରତିଫଳିତ କରାଇଦିଏ; ମାତ୍ର ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଲାଗି ଅସମର୍ଥ ହୋଇ ରହେ, ଏବଂ ଯେତେବେଳେ ତାହାକୁ ଆଣି କାମରେ ଲଗାଯାଏ, ତେବେ ସେ ହୁଏତ କୌଣସି ମୀମାଂସାରେ ଆସି ପହଞ୍ଚି ପାରେ ନାହିଁ ବା କେବଳ ଏକ ଅସ୍ତ୍ରଜକତାରେହିଁ ପରିଣତ ହୋଇଯାଏ । ଅଥବା, ତା' ନହୋଇ ଯାଇଲେ, ତାହା ସେଗୁଡ଼ିକ ମଧ୍ୟରୁ କେତୋଟି ସତ୍ୟକୁ ବାଛିନିଏ ଏବଂ ପ୍ରକୃତ ସତ୍ୟଟିକୁ ଏକାବେଳକେ ଭିନ୍ନ ବୋଲି ଜାଣିଥିଲେ ତାହା ସେହି ଆଂଶିକତାଟାକୁହିଁ ସମୁଦାୟ ସତ୍ୟ ବୋଲି ଛଳନା କରି କାର୍ଯ୍ୟ କରିବାକୁ ବାଧ୍ୟ ହେଉଥାଏ । ଅଜ୍ଞାନଗତ ଏକ ଅସହାୟ ସୀମାବଦ୍ଧତା ମଧ୍ୟରେହିଁ ତାହା କାର୍ଯ୍ୟ କରୁଥାଏ; ଅବଶ୍ୟ ଏକଥା ସତ ଯେ ଆପଣାର କାର୍ଯ୍ୟଟିଠାରୁ କୌଣସି ଯଥାର୍ଥ ସତ୍ୟକୁ ତାହା ଅନେକ ଅଧିକ ବୃହତ୍ତ୍ୱ ବୋଲି ହୁଏତ ବିଶ୍ୱାସ ମଧ୍ୟ କରୁଥାଏ । ଅନ୍ୟ ପକ୍ଷରେ ତାହା ଜୀବନ ତଥା ଭାବନା ପାଖରୁ ବିମୁଖ ହୋଇ ଚାଲି ଯାଇପାରେ, ଏବଂ ଆପଣାକୁ ଅତିକ୍ରମ କରିଯାଇ ଆପଣା ଲାଗି ଅପାର ହୋଇ ରହିଥିବା ସତ୍ୟଟିକୁ

'oaob.nitrkl.ac.in' images reprocessed

ପାଇବା ଲାଗି ଇଚ୍ଛା କରିପାରେ । ପ୍ରକୃତ ସତ୍ୟର କେବଳ କୌଣସି ଭାବ, କୌଣସି ସିଦ୍ଧାନ୍ତ, କୌଣସି ପ୍ରତୀକ ଅଥବା ସଙ୍କେତକୁହିଁ ଜାବୁଡ଼ି ଧରି ଏବଂ ତାହାକୁହିଁ ଆପଣାର ପରମ, ସର୍ବାଳିଙ୍ଗନକାରୀ ତଥା ସର୍ବବର୍ଜନକାରୀ ଉପଲବ୍ଧି ଭୂମି ଯାଏ ଠେଲିନେଇ ସେ ଏକଥାଟି କରିବାକୁ ଅଗ୍ରସର ହୋଇପାରେ; କିଂବା, ଯେଉଁ ଅନିର୍ଦ୍ଦେଶ୍ୟ ପରମ ସତ୍ତା ବା ପରମ ଅସତ୍ତାର ଧାରଣାଟି ପାଖରୁ ସକଳ ଜୀବନ ତଥା ଭାବନା ଖସିପଡ଼ି ବିଲୁପ୍ତ ହୋଇଯାଆନ୍ତି, ସେହିପରି ଏକ ଧାରଣାଟିକୁ ହସ୍ତଗତ କରି ଅଥବା ତାହାର ଉପଲବ୍ଧି କରି ମଧ୍ୟ ସେ ତାହା କରିପାରେ । ସେତେବେଳେ ବୁଦ୍ଧି ଆପଣାକୁ ଏକ ସନ୍ଦୀପନମୟ ନିଦ୍ରା ଭିତରେ ନେଇ ନିକ୍ଷିପ୍ତ କରିଦିଏ ଏବଂ ତେଣେ ଆତ୍ମା ମଧ୍ୟ ତଦ୍‌ଗତ ସତ୍ତାର କୌଣସି ଏକ ଅନିର୍ବଚନୀୟ ଶିଖରଦେଶକୁ ପାର ହୋଇ ଯାଇଥାଏ ।

ତେଣୁ, ବୁଦ୍ଧିର ସମ୍ମୁଖୀନ ହେବାକୁ ଯାଇ ଆମକୁ ଏହିସବୁ ପଥରୁ କୌଣସି ଗୋଟିକୁ ବାଛିନେବାକୁ ହେବ, ବା ତା' ନହେଲେ ଏହି ମନୋମୟ ଭୂମିଟି ଉପରୁ ଆଧ୍ୟାତ୍ମିକ ବିଜ୍ଞାନମୟତା ମଧ୍ୟକୁ ଉତ୍ତୋଳିତ କରିନେବାର ଏବଂ ସେହି ସ୍ୱର୍ଗୀୟ ଆଲୋକ ତଥା ସାମର୍ଥ୍ୟଟିର ଅନ୍ତଃସ୍ଥଳରେ ପ୍ରକୃତରେ ଆମେ ଆଉ କ'ଣସବୁ ଆବିଷ୍କାର କରିବା, ତାହା ପରୀକ୍ଷା କରି ଦେଖିବାର ଅତ୍ୟନ୍ତ ବିରଳ ସାହସିକତାଟିକୁ ପ୍ରୟୋଗ କରିବାକୁ ହେବ । ଏହି ବିଜ୍ଞାନଟି ମଧ୍ୟରେ ଦିବ୍ୟ ପରମ ଜ୍ଞାନ-ଇଚ୍ଛାର ସୂର୍ଯ୍ୟ ଅବସ୍ଥିତ ରହିଛି, ପରମ ଚେତନ ସତ୍ତାର ସ୍ୱର୍ଗଲୋକରେ ପ୍ରଜ୍ୱଳିତ ହୋଇ ରହିଛି, ଯାହା ପାଖରେ କି ମନୋମୟ ବୁଦ୍ଧି ଏବଂ ମନୋମୟ ଇଚ୍ଛା କେବଳ କେତୋଟି ବିକୀର୍ଣ୍ଣ ତଥା ବିକ୍ଷିପ୍ତ କିରଣ ଓ ପ୍ରତିଫଳନର ଏକ କେନ୍ଦ୍ରମାତ୍ର ହୋଇ ରହିଛନ୍ତି । ତାହାହିଁ ପରମ ଦିବ୍ୟ ଏକତ୍ୱଟିକୁ ଧରି ରଖିଛି ଏବଂ ତଥାପି, ଅଥବା, ବରଂ ସେହି କାରଣରୁହିଁ ଏହି ଅନେକତା ଓ ବିବିଧତାକୁ ଶାସନ କରିବାର ସାମର୍ଥ୍ୟଟି କେବଳ ତାହାର ପାଖରେ ରହିଛି; ସେହି ବିଜ୍ଞାନ ମଧ୍ୟରେ ଯାହାକିଛି ଉନ୍ମୋଚନ, ଆତ୍ମ-ସୀମନ ଓ ସଂଯୋଜନ ଘଟୁଥିବ, ତାହା କଦାପି ଅଜ୍ଞାନ ଦ୍ୱାରା ତା' ଉପରେ ଆଣି ଲଦି ଦିଆଯାଉ ନାହିଁ, ମାତ୍ର ଆପେ ଆପଣାକୁ ଅଧିକାର କରି ରହିଥିବା ଦିବ୍ୟ ପରମଜ୍ଞାନର ଏକ ସାମର୍ଥ୍ୟ ଦ୍ୱାରାହିଁ ତାହା ଆତ୍ମ-ବିକଶିତ ହୋଇଚାଲିଛି । ଯେତେବେଳେ ବିଜ୍ଞାନମୟତାର ଉପଲବ୍ଧି ସମ୍ଭବ ହୋଇଯିବ, ସେତେବେଳେ ମନୁଷ୍ୟସତ୍ତାକୁ ଏକ ଦିବ୍ୟ ସତ୍ତାରେ ପରିଣତ କରିଦେବା ପାଇଁ ତାହାକୁ ସମୁଦାୟ ପ୍ରକୃତିଟି ଉପରେ ମଧ୍ୟ ପ୍ରୟୋଗ କରାଯାଇ ପାରିବ । ଏକଥା ସତ ଯେ ବିଜ୍ଞାନ ମଧ୍ୟକୁ ସଙ୍ଗେସଙ୍ଗେ ଆରୋହଣ କରିଯିବା କଦାପି ସମ୍ଭବ ହେବ ନାହିଁ; କାରଣ ଯଦି ତାହା ହୋଇ ପାରୁଥାନ୍ତା, ତେବେ ସତେଅବା ତୀର ପରି ପ୍ରଚଣ୍ଡ ଲମ୍ଫରେ ସଙ୍ଗେସଙ୍ଗେ ଏକ ଊର୍ଦ୍ଧ୍ୱଧାବନ ସମ୍ଭବ ହୋଇଯାନ୍ତା, 'ସୂର୍ଯ୍ୟସ୍ୟ ଦ୍ୱାରା' ଅର୍ଥାତ୍

'oaob.nitrkl.ac.in' images reprocessed

ସୂର୍ଯ୍ୟଙ୍କର ଦ୍ୱାରଗୁଡ଼ିକୁ ଖୋଲିଦେଇ ବା ତାହାର ଭିତରେ ଗଳି ପୂରିଯିବା ବେଶ୍ ସମ୍ଭବ ହୁଏନ୍ତା ଏବଂ ନିକଟ ଭବିଷ୍ୟତରେ ବି ସେଠାରୁ ପୁଣି ଲେଉଟି ଆସିବା ଲାଗି ଆଦୌ କୌଣସି ସମ୍ଭାବନାହିଁ ନଥାନ୍ତା । ଆମକୁ ଏହି କ୍ଷେତ୍ରରେ କାର୍ଯ୍ୟତଃ ଏକ ଅନ୍ତର୍ବୋଧୀ ଅଥବା ଆଲୋକିତ ମନର ଏକ ସଂଯୋଜକ ବା ସେତୁ ବାନ୍ଧି ରଖିବାକୁ ପଡ଼ିବ; ଏହି ମନକୁ ଆମେ ପ୍ରତ୍ୟକ୍ଷ ବିଜ୍ଞାନ ବୋଲି କଦାପି କହିବା ନାହିଁ ସତ, ମାତ୍ର ଏଇଟି ଭିତରେ ବିଜ୍ଞାନର ଏକ ସର୍ବପ୍ରଥମ ଗୌଣ ରୂପ ଅବଶ୍ୟ ମୂର୍ତ୍ତି ହୋଇ ଆସିପାରିବ । ଏହି ଆଲୋକିତ ମନ ପ୍ରଥମ ଅବସ୍ଥାରେ ଏକ ମିଶ୍ର ସାମର୍ଥ୍ୟହିଁ ହୋଇ ରହିଥିବ; ଆମକୁ ତାହାର ଯାବତୀୟ ମନୋମୟ ନିର୍ଭରଶୀଳତା ଏବଂ ମାନସିକ ରୂପାୟନରୁ ତାହାକୁ ଶୁଦ୍ଧ କରି ଆଣିବାକୁ ପଡ଼ିବ, ଯେପରିକି ଯାବତୀୟ ଇଚ୍ଛା ତଥା ଯାବତୀୟ ଭାବନାକୁ ଏକ ସନ୍ଦୀପନଯୁକ୍ତ ଭେଦବିବେକ, ଅନ୍ତର୍ବୋଧ, ଅନ୍ତଃପ୍ରେରଣା ଏବଂ ସତ୍ୟୋଦ୍‌ଘାଟନ ଦ୍ୱାରା ତତ୍ତ୍ୱ-ଦୃଷ୍ଟି ଏବଂ ସତ୍ୟଦର୍ଶୀ ସଙ୍କଳ୍ପରେ ରୂପାନ୍ତରିତ କରି ଦିଆଯାଇ ପାରିବ । ତାହାହିଁ ବୁଦ୍ଧିର ସର୍ବଶେଷ ଶୁଦ୍ଧୀକରଣ ହେବ ଏବଂ ତହିଁ ସଙ୍ଗେସଙ୍ଗେ ବିଜ୍ଞାନସିଦ୍ଧି ଲାଗି ଏକ ପ୍ରସ୍ତୁତି ମଧ୍ୟ ସମ୍ଭବ ହୋଇଯିବ ।

'oaob.nitrkl.ac.in' images reprocessed

## ଅଷ୍ଟମ ପରିଚ୍ଛେଦ

# ଆତ୍ମାର ମୁକ୍ତି

ମନୋମୟ ସତ୍ତ୍ୱ ଓ ସୂକ୍ଷ୍ମ ପ୍ରାଣର ବିଶୁଦ୍ଧୀକରଣ,—ସ୍ଥୂଳଭୌତିକ ଶୁଦ୍ଧି ଅର୍ଥାତ୍ ଶରୀର ତଥା ସ୍ଥୂଳ ପ୍ରାଣର ଶୁଦ୍ଧିର ପ୍ରଶ୍ନଟିକୁ ଆମେ ବର୍ତ୍ତମାନ ଆଲୋଚନା କରିବା ନାହିଁ; ଅବଶ୍ୟ ଏକଥା ସମ୍ପୂର୍ଣ୍ଣ ସତ ଯେ ଏକ ସମ୍ପୂର୍ଣ୍ଣ ପରିପୂର୍ଣ୍ଣତାର ଉପଲବ୍ଧି ସକାଶେ ସେଇଟିର ମଧ୍ୟ ସମାନ ଭାବରେ ଆବଶ୍ୟକତା ରହିଛି;—ଆଧ୍ୟାତ୍ମିକ ବିମୋଚନ ସକାଶେ ଆବଶ୍ୟକ ଭୂମିଟିକୁ ତିଆରି କରିଦେଇଯାଏ । ମୁକ୍ତି ପାଇବାକୁ ହେଲେ ଶୁଦ୍ଧିର ସର୍ତ୍ତଟିକୁ ପ୍ରଥମେ ପୂରଣ କରିବାକୁ ହୁଏ । ଯାବତୀୟ ଶୁଦ୍ଧିହିଁ ଆମକୁ ଏକ ବିମୋଚନ ଆଣିଦିଏ, ଏକ ମୁକ୍ତିକୁ ସମ୍ଭବ କରାଏ; କାରଣ ଶୁଦ୍ଧି ଦ୍ୱାରା ଆମେ ଆମକୁ ସୀମିତ, ପାଶବଦ୍ଧ ଓ ଆଚ୍ଛନ୍ନ କରି ରଖି ଦେଇଥିବା କେତେକେତେ ଅପୂର୍ଣ୍ଣତା ତଥା ଅଜ୍ଞତାକୁ ଆପଣା ଭିତରୁ କାଢ଼ି ଫୋପାଡ଼ି ଦେଇପାରୁ । ବାସନା ମଧ୍ୟରୁ ଶୁଦ୍ଧ ହୋଇପାରିଲେ ସୂକ୍ଷ୍ମ ପ୍ରାଣ ମୁକ୍ତ ହୋଇଯାଏ, ଅଶୁଦ୍ଧ ସଂବେଗ ତଥା ବିକ୍ଷୋଭକାରୀ ଯାବତୀୟ ପ୍ରତିକ୍ରିୟାରୁ ଶୁଦ୍ଧ ହୋଇ ଆସିଲେ ହୃଦୟ ମୁକ୍ତ ହୋଇଯାଏ, ଇନ୍ଦ୍ରିୟ-ମନର ଆଚ୍ଛନ୍ନକାରୀ ସୀମାସଙ୍କୁଚିତ ଭାବନା ମଧ୍ୟରୁ ଶୁଦ୍ଧ ହୋଇ ଆସିଲେ ବୁଦ୍ଧି ବିମୋଚିତ ହୋଇଯାଏ; କେବଳ ଏକ ବୁଦ୍ଧି-ସର୍ବସ୍ୱତାରୁ ଶୁଦ୍ଧ ହୋଇ ଆସିଲେ ବିଜ୍ଞାନମୟ ମୁକ୍ତି ଉପଲବ୍ଧ ହୋଇଆସେ । ମାତ୍ର ଏସବୁ ମୁକ୍ତି ହେଉଛି କେବଳ ସାଧନଯନ୍ତ୍ରସ୍ଥ ମୁକ୍ତି । ଯଥାର୍ଥ ମୁକ୍ତି ବା ଆତ୍ମାର ମୁକ୍ତି ସ୍ୱପ୍ରକୃତିରେ ଏଇଟିଠାରୁ ଅଧିକ ବିଶାଳ ଓ ଅଧିକ ମୌଳିକ । ମର୍ତ୍ତ୍ୟତାର ନାନା ସୀମା ଭିତରୁ ବାହାରିଯାଇ ପରମ ଚିଦ୍‌ଗତତାର ସେହି ସୀମାହୀନ ଅମରତ୍ୱ ମଧ୍ୟକୁ ଉନ୍ମୋଚିତ ହୋଇଯିବାକୁହିଁ ଆମେ ସେହି ଯଥାର୍ଥ ମୁକ୍ତି ବୋଲି କହିପାରିବା ।

ବିଶ୍ୱରର କେତୋଟି ମାର୍ଗ ଅନୁସାରେ ମୁକ୍ତି କହିଲେ ସକଳ ପ୍ରକୃତିକୁ କାଟି ଫୋପାଡ଼ି ଦେବାକୁ ବୁଝାଏ, ଶୁଦ୍ଧ ସତ୍ତ୍ୱାର ଏକ ନୀରବ ସ୍ଥିତି ଲାଭ କରିବାକୁ ବୁଝାଏ, ଏକ ନିର୍ବାଣ ବା ନିର୍ବାପନକୁ ବୁଝାଏ, ଏବଂ ଏହି ପ୍ରାକୃତ ଅସ୍ତିତ୍ୱଟିକୁ ସକଳ ସଙ୍ଗର

'oaob.nitrkl.ac.in' images reprocessed

ଅଜ୍ଞାତ କୌଣସି ପରମ ନିର୍ବିଶେଷତା ମଧ୍ୟରେ ନେଇ ବିଲୀନ କରିଦେବାକୁ ବୁଝାଏ ଅର୍ଥାତ୍ ମୋକ୍ଷ ପାଇବାକୁହିଁ ବୁଝାଏ । ମାତ୍ର ସେହିପରି ଏକ ଆତ୍ମଲୀନ ତଥା ଆତ୍ମ-ନିମଜ୍ଜିତ ଆନନ୍ଦ, ସକଳନିସ୍ତାରହିତ ଶାନ୍ତିର ଏକ ବିଶାଳ ବିସ୍ତାର, ଏବଂ ସେହି ପରମ ନିର୍ବିଶେଷ ମଧ୍ୟରେ ନେଇ ଆପଣାକୁ ନିର୍ବାପିତ କରିଦେବା ବା ଆପଣାକୁ ନେଇ ବୁଡ଼ାଇଦେବା ଦ୍ୱାରା ଲାଭ କରାଯାଉଥିବା ଏକ ମୁକ୍ତି;—ଏସବୁ କଦାପି ଆମର ଧ୍ୟେୟ ନୁହେଁ । ଏହି ପ୍ରକାରର ଯାବତୀୟ ଅନୁଭବରେ ଯେଉଁ ଅନ୍ତର୍ଗତ ପରିବର୍ତ୍ତିନଟି ଏକ ସାଧାରଣ ସମ୍ପଦ ହୋଇ ରହିଛି, ପରିପୂର୍ଣ୍ଣତାଲାଭ ସକାଶେ ସର୍ବମୂଳ ଆବଶ୍ୟକତାଟି ହୋଇ ରହିଛି ଏବଂ ତଦ୍‌ଗତ ମୁକ୍ତି ଲାଗି ଅପରିହାର୍ଯ୍ୟ ହୋଇ ରହିଛି, ମୁକ୍ତିର ବିସ୍ତୃତିଟିକୁ ଆମେ କେବଳ ସେହି ତାତ୍ପର୍ଯ୍ୟଟି ଦେଇହିଁ ଦେଖିବାକୁ ଚେଷ୍ଟା କରିବା । ସେତେବେଳେ ଆମେ ଅବଶ୍ୟ ଦେଖିବାକୁ ପାଇବା ଯେ ଏଥିରେ ସର୍ବଦା ଦୁଇଟି ବିଷୟ ନିହିତ ହୋଇ ରହିଛି; ଗୋଟିଏ ବର୍ଜନ ରହିଛି ଓ ଗୋଟିଏ ଗ୍ରହଣ ରହିଛି, ଗୋଟିଏ ଅଭାବାତ୍ମକ ଦିଗ ରହିଛି ଓ ଆଉ ଗୋଟିଏ ଭାବାତ୍ମକ ଦିଗ ରହିଛି । ମୁକ୍ତିର ଅଭାବାତ୍ମକ ଗତିସ୍ପନ୍ଦନଟି ହେଉଛି ଆପଣା ସତ୍ତାର ନିମ୍ନତର ପ୍ରକୃତିଟିର ପ୍ରଧାନ ବନ୍ଧନଗୁଡ଼ିକରୁ ବା ମୁଖ୍ୟ ଗ୍ରନ୍ଥିଗୁଡ଼ିକରୁ ଏକ ବିମୋଚନ ଲାଭ କରିବା; ଏବଂ ଏହାର ଭାବାତ୍ମକ ଦିଗଟି ହେଉଛି ସେହି ଉଚ୍ଚତର ତଦ୍‌ଗତ ଜୀବନଟି ମଧ୍ୟକୁ ଉନ୍ମୋଚିତ ବା ବିକଶିତ ହୋଇଯିବା । ମାତ୍ର ଏହି ମୁଖ୍ୟ ଗ୍ରନ୍ଥିଗୁଡ଼ିକ କହିଲେ ଆମେ ପ୍ରକୃତରେ କେଉଁସବୁ କଥାକୁ ବୁଝିବା, ମନ, ହୃଦୟ ଏବଂ ସୂକ୍ଷ୍ମ ପ୍ରାଣ-ସାମର୍ଥ୍ୟର ସାଧନଯନ୍ତ୍ରସ୍ଥ ଗ୍ରନ୍ଥିଗୁଡ଼ିକରୁ ଅଧିକ ଗଭୀର ଏହି ଅନ୍ୟ ମୋଡ଼ା ଓ ଭଙ୍ଗା କହିଲେ ପ୍ରକୃତରେ କ'ଣ ସବୁକୁ ବୁଝାଇବ ? ଗୀତା ଆମ ଲାଗି ଏହିଗୁଡ଼ିକ ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଖାଇ ଦେଇଛି, ତାହାର ଉପରେ ଅତ୍ୟଧିକ ମହତ୍ତ୍ୱ ଓ ବଳ ଦେଇ ସତତ କେତେବାର କରି ଆମକୁ ଠିକ୍ ସେହିଗୁଡ଼ିକ ବିଷୟରେ କହିଛି । ଏହି ଗ୍ରନ୍ଥିଗୁଡ଼ିକ ହେଉଛନ୍ତି ଚାରୋଟି : ବାସନା, ଅହଂ, ଦ୍ୱନ୍ଦ୍ୱ ଏବଂ ପ୍ରକୃତିର ତିନୋଟି ଗୁଣ । କାରଣ, ବାସନାରହିତ, ଅହଂମୁକ୍ତ, ମନ, ଆତ୍ମା ତଥା ତଦ୍‌ଗତତାର କ୍ଷେତ୍ରରେ ସମତାଯୁକ୍ତ ଏବଂ ନିସ୍ତ୍ରୈଗୁଣ୍ୟ ହୋଇ ପାରିବାକୁହିଁ ଗୀତାର ବିଚାରରେ ମୁକ୍ତି ବୋଲି କୁହାଯାଇଛି । ଆମେ ଇଚ୍ଛାକଲେ ଏହି ବର୍ଣ୍ଣନଟିକୁ ବେଶ୍ ଗ୍ରହଣ କରିନେଇ ପାରିବା, କାରଣ ସବୁ ସାରବିଷୟଗୁଡ଼ିକ ଏହାର ବିଶାଳତାଟି ମଧ୍ୟରେ ଅନ୍ତର୍ଗତ ହୋଇ ରହିଛି । ଅନ୍ୟ ପକ୍ଷରେ, ଆପଣାର ଆତ୍ମାରେ ବିଶ୍ୱାତ୍ମକ ହୋଇ ରହିବା, ତଦ୍‌ଗତ ଭୂମିରେ ବିଶ୍ୱାତୀତ ଭାବରେ ପରମେଶ୍ୱରଙ୍କ ସହିତ ଏକ ହୋଇ ରହିବା, ସେହି ଉଚ୍ଚତମ ଦିବ୍ୟ ପ୍ରକୃତିର ଅଧିକାରୀ ହୋଇ ରହିବା ବା ଅନ୍ୟଭାବରେ କହିଲେ ସ୍ୱୟଂ ସେହି ପରମେଶ୍ୱରଙ୍କ ପରିହିଁ ହେବା ଅର୍ଥାତ୍ ଆମ ସତ୍ତାର ବିଧାନଭୂମିରେ ତାଙ୍କର ସହିତ ଏକ ହୋଇ ରହିବାକୁହିଁ ମୁକ୍ତିର ଭାବାତ୍ମକ ଅର୍ଥ ବୋଲି କୁହାଯିବ । ଆମେ ଏହାକୁହିଁ ମୁକ୍ତିର

'oaob.nitrkl.ac.in' images reprocessed

ସମୁଦାୟ ଏବଂ ସମ୍ପୂର୍ଣ୍ଣ ଅର୍ଥଟି ବୋଲି ଜାଣିବା, ଏହାକୁହିଁ ଆତ୍ମାର ସମସ୍ତତା ବା ପରିପୂର୍ଣ୍ଣ ମୁକ୍ତି ବୋଲି ଜାଣିବା ।

ସୂକ୍ଷ୍ମ ପ୍ରାଣର କାମନାରୂପୀ ଅଶୁଦ୍ଧିଟିକୁ ଦୂର କରିବା ବିଷୟରେ ଆମେ ଆଗରୁ ଆଲୋଚନା କରିସାରିଛୁ । ସ୍ଥୂଳ ପ୍ରାଣର ଲାଳସା ତ ଏହି କାମନାରହିଁ ବହିର୍ବର୍ତ୍ତିନାତ୍ମକ, ବା ଅନ୍ୟପ୍ରକାରେ କହିଲେ, ବ୍ୟାବହାରିକ ଭିତ୍ତିଟି ପରି ହୋଇ ରହିଥାଏ । ମାତ୍ର ଏଇଟି ହେଉଛି ମାନସିକ ତଥା ସୂକ୍ଷ୍ମପ୍ରାଣିକ ପ୍ରକୃତିର ବ୍ୟାପାର, ଆଧ୍ୟାତ୍ମିକ କାମନାରହିତତା କହିଲେ ଆହୁରି ଅଧିକ ବିଶାଳ ଏବଂ ଅଧିକ ମୌଳିକ ଏକ ଅର୍ଥକୁ ବୁଝାଇଥାଏ । କାରଣ ବାସନା ଭିତରେ ସର୍ବଦା ଦୁଇଟି ଗଣ୍ଠି ପଡ଼ିଥାଏ; ପ୍ରାଣର ଭୂମିରେ ତଳ ଗଣ୍ଠିଟି ପଡ଼ିଥାଏ, ଅର୍ଥାତ୍ ସେଠାରେ ତାହା ସାଧନସ୍ତସ୍ୱସ୍ୱ ଏକ ବାସନା ହୋଇ ରହିଥାଏ; ଏବଂ ସ୍ୱୟଂ ଆତ୍ମାଟି ଭିତରେ ମଧ୍ୟ ଆଉ ଗୋଟିଏ ସୂକ୍ଷ୍ମ ଗଣ୍ଠି ପଡ଼ି ରହିଥାଏ ଓ ବୁଦ୍ଧି ତାହାର ପ୍ରଥମ ଅବଲମ୍ବନ ବା ପ୍ରଥମ ପ୍ରତିଷ୍ଠା ହୋଇ ରହିଥାଏ ଓ ଏହାହିଁ ଆମ ବନ୍ଧନଜାଲଟିର ଅନ୍ତରତମ ମୂଳ ହୋଇ ରହିଥାଏ । ତଳଆଡ଼ୁ ଅନାଇ ଦେଖିଲାବେଳେ, ଏହି ବାସନା ଆମକୁ ପ୍ରାଣଶକ୍ତିରହିଁ ଏକ ଲାଳସାରୂପେ ଦେଖା ଯାଇଥାଏ, ଯାହାକି ସଂବେଗଗୁଡ଼ିକର ଭୂମିରେ ଏକ ସୂକ୍ଷ୍ମରୂପ ଧାରଣ କରି ହୃଦୟର ଏକ ଲାଳସାରେ ପରିଣତ ହୋଇଯାଏ ଏବଂ ବୁଦ୍ଧିର ଭୂମିରେ ଆହୁରି ସୂକ୍ଷ୍ମତର ହୋଇ ବୁଦ୍ଧି ମଧ୍ୟରେ ଥିବା ସୌନ୍ଦର୍ଯ୍ୟବୋଧୀ, ନୈତିକତା ଦ୍ୱାରା ପ୍ରେରିତ, ଗତିଶୀଳ ଅଥବା ତର୍କାଶ୍ରୟୀ ପ୍ରବୃତ୍ତିଟିର ଏକ ଲାଳସା, ଅଭିରୁଚି ବା ଉତ୍ସୁକତାର ରୂପ ଧାରଣ କରିଥାଏ । ଜଣେ ସାଧାରଣ ମନୁଷ୍ୟ ସକାଶେ ଏହି ଲାଳସାଟି ଅତ୍ୟନ୍ତ ଆବଶ୍ୟକ ଓ ମହତ୍ତ୍ୱପୂର୍ଣ୍ଣ; ନିମ୍ନତର ହେଉ ଅଥବା ଉଚ୍ଚତର ହେଉ, କୌଣସି ନା କୌଣସି ପ୍ରକାରର ଲାଳସା, ଅଭିରୁଚି ବା ଉତ୍ସୁକତାର ପରିଚର୍ଯ୍ୟା ମଧ୍ୟରେ ଆପଣାର ଯାବତୀୟ କ୍ରିୟାକୁ ଗଣ୍ଠି ପକାଇ ରଖି ନପାରିଲେ ସେ କେବେହେଲେ ଜଣେ ବ୍ୟକ୍ତି ହିସାବରେ ଆପଣାର ଜୀବନଟିକୁ ବଞ୍ଚିପାରେ ନାହିଁ ବା ଆପଣାର କୌଣସି କାର୍ଯ୍ୟ କରିପାରେ ନାହିଁ । ମାତ୍ର ଯେତେବେଳେ ଆମେ ଉପରେ ରହି ବାସନା ଆଡ଼କୁ ଦୃଷ୍ଟିପାତ କରିବା ଲାଗି ସମର୍ଥ ହୋଇଯାଉ, ସେତେବେଳେ ଆମେ ଦେଖିବାକୁ ପାଉ ଯେ ଚିଦ୍‌ଗତ ଏକ ସଂକଳ୍ପ ବା ଇଚ୍ଛାଶକ୍ତିହିଁ ଏହି ସାଧନସ୍ତସ୍ୱସ୍ୱ ବାସନାଟିର ଯଥାର୍ଥ ଆଶ୍ରୟ ଓ ଅବଲମ୍ବନ ହୋଇ ରହିଛି । ଏହି କ୍ଷେତ୍ରରେ ଏକ ସଂକଳ୍ପ, ତପଃ ବା ଶକ୍ତି କାର୍ଯ୍ୟ କରିବାରେ ଲାଗିଛି ଯାହାଦ୍ୱାରା କି ପ୍ରଚ୍ଛନ୍ନ ଆତ୍ମା ଆପଣାର ବାହ୍ୟ ଅଙ୍ଗଗୁଡ଼ିକ ଉପରେ ସେମାନଙ୍କର ଯାବତୀୟ କ୍ରିୟାକୁ ନେଇ ଲଦିଦେଉଛି, ଏବଂ ଏଥିରୁ ଏପରି ଏକ ସତ୍ତାଗତ ସକ୍ରିୟ ଆନନ୍ଦ ଆହରଣ କରୁଛି ଯେଉଁଥିରେ କି ସେହି ଅଙ୍ଗଗୁଡ଼ିକ ଆଦୌ ସଚେତନ ଭାବରେ ଅଂଶଗ୍ରହଣ କରିବାକୁ ସମର୍ଥ ହେଉଥିଲେ ମଧ୍ୟ କେବଳ ଅତ୍ୟନ୍ତ ଅସ୍ପଷ୍ଟ ଓ ଅପୂର୍ଣ୍ଣ ଭାବରେହିଁ

'oaob.nitrkl.ac.in' images reprocessed

ତାହା କରି ପାରୁଛନ୍ତି । ଏହି ତପଃକୁ ଆମେ ସେହି ବିଶ୍ୱାତୀତତାରହିଁ ଇଚ୍ଛା ବୋଲି କହିବା ଯିଏକି ବିଶ୍ୱର ଗତିସ୍ପନ୍ଦନଟିକୁ ସୃଷ୍ଟି କରୁଛି, ତାକୁ ଆମେ ସେହି ବିଶ୍ୱାତ୍ମାରହିଁ ଇଚ୍ଛା ବୋଲି କହିବା ଯିଏକି ବିଶ୍ୱରୂପୀ ଗତିସ୍ପନ୍ଦନଟିର ଅବଲମ୍ବନ ହୋଇ ରହିଛି ଓ ତାହାକୁ ପ୍ରେରିତ କରି ରଖିଛି, ସେହି ମୁକ୍ତ ବ୍ୟକ୍ତି-ଆତ୍ମାରହିଁ ଇଚ୍ଛା ବୋଲି କହିବା ଯିଏକି ଏହି ବିଶ୍ୱର ବହୁରୂପତାର ଆତ୍ମାରୂପୀ କେନ୍ଦ୍ରରୂପେ ଅବସ୍ଥିତ ରହିଛି । ଏହି ଇଚ୍ଛାଟି କେବଳ ଅବିଭକ୍ତ ଗୋଟିଏ ଇଚ୍ଛା ହୋଇ ରହିଛି, ଏହି ସବୁଗୁଡ଼ିକ ମଧ୍ୟରେ ଏକାଧାରରେ ମୁକ୍ତ ହୋଇ ରହିଛି; ସର୍ବବ୍ୟାପ୍ତ, ସୌଷମ୍ୟଯୁକ୍ତ ଓ ଏକତ୍ୱବଦ୍ଧ ହୋଇ ରହିଛି । ଆମେ ଯେତେବେଳେ ତଦ୍‌ଗତତାର ଭୂମିରେହିଁ ବାସ କରିପାରୁଛୁ ଓ କ୍ରିୟାତ୍ମକ ହୋଇପାରୁଛୁ, ସେତେବେଳେ ଏହି ଇଚ୍ଛାକୁ ଏକ ପ୍ରୟାସମୁକ୍ତ ଓ କାମନାରହିତ ଇଚ୍ଛାରୂପେ ପ୍ରତ୍ୟକ୍ଷ କରୁଛୁ, ତାହାକୁ ଏକ ସ୍ୱତଃସ୍ଫୂର୍ତ୍ତି ଓ ଆଲୋକନଯୁକ୍ତ ଇଚ୍ଛାରୂପେ ପ୍ରତ୍ୟକ୍ଷ କରୁଛୁ, ସତ୍ତ୍ୱାଗତ ସେହି ଆଧ୍ୟାତ୍ମିକ ଆନନ୍ଦରହିଁ ଏକ ଆତ୍ମପରିପୂର୍ତ୍ତିକାଂକ୍ଷୀ ଓ ଆତ୍ମଅଧିକାରଯୁକ୍ତ, ଏକ ପୂର୍ଣ୍ଣତୃପ୍ତ ତଥା ଆନନ୍ଦମୟ ଇଚ୍ଛାରୂପେ ପ୍ରତ୍ୟକ୍ଷ କରୁଛୁ ।

ମାତ୍ର ଯେଉଁ ମୁହୂର୍ତ୍ତରେ ବ୍ୟକ୍ତିର ଆତ୍ମା ଆପଣା ସତ୍ତ୍ୱାର ବିଶ୍ୱଗତ ତଥା ବିଶ୍ୱାତୀତ ସତ୍ୟଟିରୁ ଛୁଟିଆସି ଅହଂ ଆଡ଼କୁ ଢଳିବାକୁ ଆରମ୍ଭ କରେ, ଏହି ସଂକଳ୍ପଶକ୍ତିକୁ ଆପଣାର ଏକ ବସ୍ତୁ, ଏକ ପୃଥକ୍ ବ୍ୟକ୍ତିଗତ ଶକ୍ତିରେ ପରିଣତ କରିବାକୁ ଚେଷ୍ଟା କରେ, ସେହି ମୁହୂର୍ତ୍ତରେହିଁ ସେହି ସଂକଳ୍ପଶକ୍ତିର ସ୍ୱରୂପଟି ବଦଳିଯାଏ । ସେତେବେଳେ ତାହା ଏକ ଉଦ୍ୟମ, ଏକ ଆୟାସ ଓ ଏକ ଶକ୍ତିଯୁକ୍ତ ତାପର ରୂପ ଧାରଣ କରିନିଏ, ଯାହାକି ଆପଣାର କାର୍ଯ୍ୟସିଦ୍ଧି ଏବଂ ଅଧିକାରଲାଭର ଆବେଶମୟ କେତେକେତେ ହର୍ଷ ସହିତ ଯୁକ୍ତ ହୋଇ ରହିପାରେ, ମାତ୍ର ଯାହା ସହିତ ଆପଣାର ଦୁଃଖଦ ପ୍ରତିକ୍ରିୟା ତଥା ଶ୍ରମଜନିତ କ୍ଲେଶ ମଧ୍ୟ ଯୋଡ଼ି ହୋଇ ରହିଥାଏ । ଏହି ଆୟାସଟିହିଁ ପ୍ରତ୍ୟେକ ସାଧନଟି ମଧ୍ୟରେ କାମନା, ଇଚ୍ଛା ବା ଲାଲସାରୂପୀ ଏକ ବୌଦ୍ଧିକ, ସଂବେଗଗତ, ଗତିଶୀଳ, ସଂବେଦନାତ୍ମକ ଅଥବା ପ୍ରାଣିକ ଇଚ୍ଛାରେ ପରିଣତ ହୋଇଯାଏ । ଯେତେବେଳେ ସ୍ୱୟଂ ସାଧନଗୁଡ଼ିକ ମଧ୍ୟ ଆପଣା ଆପଣାର ଆପାତ ସଂକଳ୍ପଟିରୁ ତଥା ବିଶେଷ ବିଶେଷ କାମନାଗୁଡ଼ିକରୁ ଶୁଦ୍ଧ ହୋଇ ଆସନ୍ତି, ସେତେବେଳେ ମଧ୍ୟ ଏହି ଅପୂର୍ଣ୍ଣ ତପଃ ତଥାପି ଅବଶେଷ ରହି ଯାଇପାରେ; ଏବଂ ଯେପର୍ଯ୍ୟନ୍ତ ତାହା ଅନ୍ତର୍ଗତ କ୍ରିୟାଟିର ଉତ୍ସମୂଳଟିକୁ ସଂଗୁପ୍ତ କରି ରଖିଥାଏ ବା ତାହାର ବିଶିଷ୍ଟ ରୂପଟିକୁ ବିକୃତ କରି ପକାଇଥାଏ, ସେପର୍ଯ୍ୟନ୍ତ ଆତ୍ମା ତଥାପି ମୁକ୍ତିର ଆନନ୍ଦକୁ ଉପଲବ୍ଧି କରିପାରେ ନାହିଁ, ଅଥବା, କେବଳ ଯାବତୀୟ କ୍ରିୟାରୁ ନିବୃତ୍ତ ହୋଇ ରହିହିଁ ତାହାର ଉପଲବ୍ଧି କରିବାକୁ ସମର୍ଥ ହୋଇଥାଏ । ଏପରିକି, ଯଦି ଏହି ସଂକଳ୍ପଶକ୍ତିଟିକୁ ଦୃଷ୍ଟି ରହିବାକୁ ଦିଆଯାଏ, ତେବେ ତାହା

'oaob.nitrkl.ac.in' images reprocessed

ପ୍ରାଣିକ ତଥା ଅନ୍ୟ ବାସନାଗୁଡ଼ିକୁ ପୁନର୍ବାର ପ୍ରଜ୍ୱଳିତ କରିଦିଏ ବା ଅନ୍ତତଃ ସତ୍ତା ଉପରେ ସେଗୁଡ଼ିକର ସ୍ମୃତିକୁ ଜାଗ୍ରତ କରି ଦେଉଥିବା ଏକ ଗ୍ରନ୍ଥି ବିସ୍ତାର କରି ରଖେ । କାମନାର ଏହି ଚିତ୍‌ଗତ ବୀଜ ବା ମୂଳଟିକୁ ମଧ୍ୟ ବହିଷ୍କୃତ କରି ରଖିବାକୁ ପଡ଼ିବ, ପରିହାର କରିବାକୁ ପଡ଼ିବ, କାଟି ଫିଙ୍ଗିଦେବାକୁ ହେବ । ସାଧକକୁ ହୁଏତ ଏକ ନିସ୍ପୃହାମୟ ଶାନ୍ତି ଓ ପରିପୂର୍ଣ୍ଣ ଅନ୍ତର୍ଗତ ନିଶ୍ଚଳତା ବରଣ କରିନେବାକୁ ହେବ, ଅଥବା ସେହି ବିଶ୍ୱମୟ ଇଚ୍ଛା ଅର୍ଥାତ୍ ଦିବ୍ୟ ଶକ୍ତିର ତପସ୍ ସହିତ ଏକତ୍ୱ ଲଭ କରି ତାହାରି ମଧ୍ୟରେହିଁ ଆପଣାର ବ୍ୟକ୍ତିଗତ କର୍ମୋଦ୍ୟମ ଅର୍ଥାତ୍ ସଙ୍କଳ୍ପାରମ୍ଭକୁ ନେଇ ଲୀନ କରିଦେବାକୁ ହେବ । ଏହି କ୍ଷେତ୍ରରେ ନିଷ୍କ୍ରିୟ ମାର୍ଗଟି ହେଉଛି ଯେ ସାଧକ ଆପଣାର ଅନ୍ତଃଭୂମିରେ ନିଶ୍ଚଳ ହୋଇଯିବ, ନିଶ୍ଚେଷ୍ଟ ଓ ଅନାସ୍ତ ହୋଇଯିବ, ନିରପେକ୍ଷ ଏବଂ ନିବୃତ୍ତ ହୋଇ ରହିବ । ସକ୍ରିୟ ମାର୍ଗଟି ହେଉଛି ଯେ ସେ ଆପଣାର ମନୋଭୂମିରେ ଏହିପରି ଭାବରେ ନିଶ୍ଚଳ ଏବଂ ନୈର୍ବ୍ୟକ୍ତିକ ହୋଇଯିବ, ମାତ୍ର ଆପଣାର ବିଶୁଦ୍ଧୀକୃତ ସାଧନଗୁଡ଼ିକର ମାଧ୍ୟମରେ ସେ ସେହି ସର୍ବୋଚ୍ଚ ପରମ ସଙ୍କଳ୍ପକୁହିଁ ତାଙ୍କର ଶୁଦ୍ଧ ଆଧ୍ୟାତ୍ମିକ ରୂପରେ ଆପଣାର କ୍ରିୟା କରିବା ଲାଗି ବାଟ ଛାଡ଼ିଦେବ । ସେତେବେଳେ, ଯଦି ଆତ୍ମା ଅଧ୍ୟାତ୍ମଭାବ ଦ୍ୱାରା ସମ୍ବୃତ ହୋଇ ରହିଥିବା ମନୋଭୂମିଟିର ସ୍ତରରେ ଅବସ୍ଥିତ ହୋଇ ରହେ, ତେବେ ତାହା କେବଳ ଏକ ନିମିତ୍ତମାତ୍ର ହୋଇ ରହିବ, ମାତ୍ର ସ୍ୱୟଂ ନିଷ୍କ୍ରିୟ ହୋଇ ରହିବ, ସର୍ବାରମ୍ଭ-ପରିତ୍ୟାଗୀ ହୋଇ ରହିବ । ମାତ୍ର ଯଦି ତାହା ସେହି ଭୂମିଟିରୁ ବିଜ୍ଞାନର ଭୂମିକୁ ଉତ୍ତୋଳିତ ହୋଇଯାଏ, ତେବେ ଦିବ୍ୟ କର୍ମର ଆନନ୍ଦମୟତା ମଧ୍ୟରେ ତଥା ଦିବ୍ୟ ଆନନ୍ଦର ଉଲ୍ଲାସଟି ମଧ୍ୟରେ ଏକାଧାରରେ ଏକ ସାଧନ ବା ନିମିତ୍ତ ହୋଇ ରହିବ ଏବଂ ଅଂଶଗ୍ରହଣ ବି କରିପାରିବ; ଆପଣା ମଧ୍ୟରେ ସେ ପ୍ରକୃତି ଏବଂ ପୁରୁଷଙ୍କୁ ଏକରୂପ କରିଦେଇ ପାରିବ ।

ଏହି ଅହଂବୃତ୍ତି ଅର୍ଥାତ୍ ସତ୍ତାର ଏହି ବିଭେଦଧର୍ମୀ ବୃତ୍ତିକୁହିଁ ଅଜ୍ଞାନ ଏବଂ ପାଶବଦ୍ଧତାର ଯାବତୀୟ ବିମୂଢ଼ ପ୍ରୟାସର ଅବଲମ୍ବନ ବୋଲି କୁହାଯିବ । ଅହଂ-ବୋଧରୁ ମୁକ୍ତ ହୋଇ ନଥିବା ପର୍ଯ୍ୟନ୍ତ କୌଣସି ଯଥାର୍ଥ ମୁକ୍ତି କଦାପି ସମ୍ଭବ ହୁଏ ନାହିଁ । ଏହି ବୃତ୍ତିକୁହିଁ ଅହଂର ଆସ୍ଥାନ ବୋଲି କୁହାଯାଇଛି । ଭେଦ ନିରୂପଣ କରି ବାହାରିଥିବା ମନ ତଥା ବୁଦ୍ଧିର ଏକ ଅଜ୍ଞାନହିଁ ଭ୍ରମାତ୍ମକ ଭାବରେ ଭେଦର ନିରୂପଣ କରିବସନ୍ତି ଏବଂ ମନ, ପ୍ରାଣ ତଥା ଦେହର ବ୍ୟକ୍ତିଭାବଟିକୁ ବିଭିନ୍ନତାଧର୍ମୀ ସତ୍ତାର ଏକ ସତ୍ୟ ବୋଲି ଭ୍ରମ କରିପକାନ୍ତି ଏବଂ ତାହା ଫଳରେ ସକଳ ସତ୍ତାକୁ ଅଭିନ୍ନ ବୋଲି ଘୋଷଣା କରୁଥିବା ସେହି ବୃହତ୍ତର ସମନ୍ୱୟକାରୀ ସତ୍ୟଟିରୁ ଦୂରବର୍ତ୍ତୀ ହୋଇ ବୁଲିଯାଆନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅନ୍ତତଃ ମନୁଷ୍ୟ ମଧ୍ୟରେ ଏହି ଅହଂ-ଧାରଣାଟିହିଁ ଏକ ବିଭେଦମୂଳ ଅଜ୍ଞାନର ମିଥ୍ୟାଟିକୁ ସବୁଠାରୁ

'oaob.nitrkl.ac.in' images reprocessed

ଅଧିକ ବଳବତ୍ତର ସଂହତ ଧାରଣ କରି ରହିଥାଏ; ତେଣୁ, ଏହି ଧାରଣାଟିର କବଳ ମଧ୍ୟରୁ ମୁକ୍ତ ହୋଇ ଆସିବା, ଏକତ୍ୱର ସେହି ବିପରୀତ ଧାରଣାଟି ଉପରେ ଅର୍ଥାତ୍ ଗୋଟିଏ ଆତ୍ମା, ଗୋଟିଏ ଚିଦ୍‌ଗତତା ତଥା ପ୍ରକୃତି ମଧ୍ୟରେ ଅବସ୍ଥିତ ରହିଥିବା ସେହି ଗୋଟିଏ ସତ୍ତାର ଧାରଣା ଉପରେହିଁ ଏକାଗ୍ର ହୋଇ ରହିବା,—ଆମେ ଏଇଟିକୁ ଏହାର ଏକ ଫଳଦାୟକ ପ୍ରତିବିଧାନ ବୋଲି ଅବଶ୍ୟ କହିପାରିବା, ମାତ୍ର କେବଳ ଏହି ଗୋଟିକୁହିଁ ଚୂଡ଼ାନ୍ତ ଭାବରେ ଫଳଦାୟକ ବୋଲି କହିପାରିବା ନାହିଁ । କାରଣ ଏହି ଅହଂବୃତ୍ତିକୁହିଁ ଆପଣାର ଅବଲମ୍ବନ କରି ରଖିଥିଲେହେଁ ଅହଂ ଇନ୍ଦ୍ରିୟ-ମନର ଅର୍ଥାତ୍ ପ୍ରାଣ ତଥା ଶରୀରର ନିତ୍ୟନୈମିତ୍ତିକ କ୍ରିୟାତ୍ମକତାଟିରେହିଁ ଆପଣାର ଏକ ବିଶେଷ ଅନମନୀୟତା ବା ସ୍ଥାୟୀ ହୋଇ ରହିବାର ଅତ୍ୟାଗ୍ରହ ଲାଗି ଆପଣାର ସବୁଠାରୁ ଅଧିକ ଶକ୍ତିଶାଳୀ ସାଧନର ଆବିଷ୍କାର କରିଥାଏ । ଏହି ସାଧନଗୁଡ଼ିକର ବିଶୁଦ୍ଧୀକରଣ ସମ୍ଭବ ନହେବା ପର୍ଯ୍ୟନ୍ତ ଆମ ଭିତରୁ ଅହଂଧାରଣାଟିକୁ ବାହାର କରି ଫୋପାଡ଼ି ଦେବା ସମ୍ପୂର୍ଣ୍ଣ ଭାବରେ ଆଦୌ ସମ୍ଭବ ହୁଏ ନାହିଁ ବା ସେଥିରୁ କଦାପି ସମ୍ପୂର୍ଣ୍ଣ ଫଳ ପ୍ରାପ୍ତ ହୁଏ ନାହିଁ । କାରଣ, ସେଗୁଡ଼ିକର କ୍ରିୟା ଅବିରତ ଅହଂଗ୍ରସ୍ତ ଏବଂ ବିଭେଦମୂଳକ ହୋଇ ରହିଥିବା ହେତୁ ସେଗୁଡ଼ିକ ଆମ ବୁଦ୍ଧିକୁ ମଧ୍ୟ ହରଣ କରି ନେଇଯାନ୍ତି; ଗୀତାର ଭାଷାରେ ସମୁଦ୍ର ଭିତରେ ତୋଫାନ ଆସି ନୌକାକୁ ଉଡ଼ାଇ ନେଲା ପରି ହରଣ କରି ନେଇଯାଆନ୍ତି । ବୁଦ୍ଧି ମଧ୍ୟରେ ଅବସ୍ଥିତ ଜ୍ଞାନଟିକୁ ଏମାନେ ସତତ ତମସାଚ୍ଛନ୍ନ କରି ରଖିବାରେ ଲାଗିଥାନ୍ତି ଅଥବା ଅନ୍ତତଃ କେତେ ସମୟ ସକାଶେ ବିଲୁପ୍ତ କରି ଦିଅନ୍ତି, ଏବଂ ସେହି କାରଣରୁ ଏହି ଜ୍ଞାନଟିକୁ ଆମକୁ ପୁନଃପ୍ରାପ୍ତ କରିବାକୁ ପଡ଼ିଥାଏ ଓ ସେଥିଲାଗି ଆମକୁ ପ୍ରାୟ ଏକ ଅସମ୍ଭବ କଠୋର ପ୍ରୟାସହିଁ କରିବାକୁ ହୁଏ । ମାତ୍ର ନିମ୍ନତର ସାଧନଯନ୍ତ୍ରଗୁଡ଼ିକ ଯଦି ଅହଂପ୍ରେରିତ ବାସନା, ଇଚ୍ଛା, ସଂକଳ୍ପ, ଅହଂଗ୍ରସ୍ତ ଅତ୍ୟାକୁଳତା ଓ ଅହଂଗ୍ରସ୍ତ ସଂବେଗ ମଧ୍ୟରୁ ଶୁଦ୍ଧ ହୋଇ ଆସିଥାଏ ଏବଂ ସ୍ୱୟଂ ବୁଦ୍ଧି ମଧ୍ୟ ଆପଣାର ଅହଂକଳ୍ପିତ ଧାରଣା ଓ ଅଭିରୁଚିଟି ମଧ୍ୟରୁ ଶୁଦ୍ଧ ହୋଇ ଆସିଥାଏ, ତେବେ ଏକତ୍ୱରୂପୀ ସେହି ଅଧ୍ୟାତ୍ମସତ୍ୟର ଜ୍ଞାନଟି ଆପଣା ଲାଗି ଏକ ସୁଦୃଢ଼ ଆଧାର ପାଇବାରେ ସମର୍ଥ ହୋଇଯାଏ । ସେପର୍ଯ୍ୟନ୍ତ ଅହଂ ନାନାବିଧ ପ୍ରକାରର ଛଦ୍ମ ରୂପ ଧାରଣ କରିବାରେ ଲାଗିଥାଏ ଏବଂ ଆମେ ତାହାର କବଳରୁ ମୁକ୍ତ ହୋଇ ଆସିଲୁଣି ବୋଲି କେତେ କଳ୍ପନା କରିବାରେ ଲାଗିଥାଉ; ମାତ୍ର ପ୍ରକୃତ କ୍ଷେତ୍ରରେ ଆମେ କେବଳ ତାହାର ନାନା ଅନ୍ୟରୂପେହିଁ କାର୍ଯ୍ୟ କରିବାରେ ତତ୍ପର ହୋଇ ରହିଥାଉ । ସେତେବେଳେ ଆମେ ଯାହାକିଛି ହାସଲ କରିବାରେ ସମର୍ଥ ହୋଇଥାଉ, ତାହାକୁ କେବଳ ଏକ ବୁଦ୍ଧିଗତ ସନ୍ତୁଳିତ ଅବସ୍ଥା ବୋଲିହିଁ କୁହାଯିବ, ଏବଂ ତାହାକୁ କଦାପି ଯଥାର୍ଥ ଚିଦ୍‌ଗତ ମୁକ୍ତି ବୋଲି କୁହାଯାଇ ପାରିବ ନାହିଁ । ପୁନଶ୍ଚ, କେବଳ ଅହଂର ସକ୍ରିୟ ବୋଧଟିକୁ ବାହାର କରି

'oaob.nitrkl.ac.in' images reprocessed

ଫିଙ୍ଗିଦେଲେହିଁ ତାହା ଆଦୌ ଯଥେଷ୍ଟ ହେବ ନାହିଁ; ତଦ୍ୱାରା ହୁଏତ ଆମର ମନୋଭୂମିରେ କେବଳ ଏକ କ୍ରିୟାରହିତ ଅବସ୍ଥା ସମ୍ଭବ ହୋଇପିବ, ଯେଉଁ ସ୍ଥାନରେ ଏକ କ୍ରିୟାଶୀଳ ଅହଂପ୍ରେରଣା ରହିଥିଲା, ପୃଥକ୍ ସତ୍ତାର ଏକ ବିଶେଷ ପ୍ରକାରର ନିଷ୍କ୍ରିୟ ଓ ନିର୍ଜୀବ ଶାନ୍ତଭାବହିଁ ତାହାର ସ୍ଥାନ ପୂରଣ କରିବାକୁ ଆସିବ; ମାତ୍ର ସେଇଟିକୁ ମଧ୍ୟ ଆମେ ଯଥାର୍ଥ ମୁକ୍ତି ବୋଲି ଆଦୌ କହିପାରିବା ନାହିଁ। ଅହଂଭାବନା ସ୍ଥାନରେ ଆମକୁ ସେହି ବିଶ୍ୱାତୀତ ପରମ ଦିବ୍ୟତାଙ୍କ ସହିତ ତଥା ବିଶ୍ୱଗତ ସଦ୍ବସ୍ତୁ ସହିତ ଏକତ୍ୱାନୁଭବକୁହିଁ ଆଣି ସ୍ଥାପିତ କରିବାକୁ ପଡ଼ିବ।

ଏହି ଏକତ୍ୱାନୁଭବର ସ୍ଥାପନା କରିବା ପଛରେ ଏହି ଆବଶ୍ୟକ କାରଣଟି ରହିଛି ଯେ ବୁଦ୍ଧିହିଁ ଏହି କ୍ଷେତ୍ରରେ ଅହଂକାରର ବିଚିତ୍ର ଲୀଳାଟି ମଧ୍ୟରେ ପ୍ରତିଷ୍ଠା ବା ମୁଖ୍ୟ ଆଧାର ହୋଇ ଅବସ୍ଥିତ ରହିଛି। ମାତ୍ର ଆପଣାର ଉଦ୍‌ଗମ କ୍ଷେତ୍ରରେ ଏହି ଅହଙ୍କାରକୁ ଆମେ ଆମ ଅଧ୍ୟାତ୍ମସତ୍ତାସ୍ଥ ଏକ ସତ୍ୟରହିଁ ଗୋଟିଏ ପତନ ବା ବିକୃତ ରୂପ ବୋଲିହିଁ କହିପାରିବା। ସତ୍ତାର ସେହି ସତ୍ୟଟିକୁ ଆମେ ଏହିପରି ବୋଲି ଜାଣିବା ଯେ ଏକ ବିଶ୍ୱାତୀତ ସତ୍ତା ବିଦ୍ୟମାନ ରହିଛି, ଏକ ସର୍ବୋଚ୍ଚ ଆତ୍ମା ଅର୍ଥାତ୍ ଚିଦ୍‌ଗତତା, ସତ୍ତାର ଏକ କାଳାତୀତ ଆତ୍ମା, ଏକ ପରମ ଶାଶ୍ୱତତା ବା ପରମ ଦିବ୍ୟତା ବିଦ୍ୟମାନ ରହିଛି; ଅଥବା, ପ୍ରଚଳିତ ମନୋଭୂମିଗତ ଧାରଣାଗୁଡ଼ିକରେ ଯାହାକୁ ଭଗବତ୍ ରୂପ ବୋଲି କଳ୍ପନା କରାଯାଉଛି, ସେହି କଳ୍ପନାର ତ୍ରୁଟ୍ୟାତ୍ମକ ନିରୂପଣରେ ଆମେ ଏହାକୁ ଏକ ଅତି-ଭାଗବତ ଅଥବା ପରମ ଦିବ୍ୟ ସତ୍ତା ବୋଲି ମଧ୍ୟ କହିପାରିବା। ଏହି ସତ୍ତା ଏହି ଭୂମିରେ ମଧ୍ୟ ଅନ୍ତର୍ନିହିତ ହୋଇ ରହିଛି, ସବୁଟିକୁ ଆପଣା ଭିତରେ ଧାରଣ କରି ରହିଛି, ସକଳ କର୍ମର ପୁରୋଧା ହୋଇ ରହିଛି, ସର୍ବ-ନିୟାମକ ହୋଇ ରହିଛି, ଏକ ବିରାଟ ବିଶ୍ୱାତ୍ମକ ଚିଦ୍‌ଗତତା ହୋଇ ରହିଛି; ଏବଂ ବ୍ୟକ୍ତି ମଧ୍ୟ ସେହି ପରମ ଶାଶ୍ୱତରହିଁ ସତ୍ତାଗତ ଏକ ଚେତନ ସାମର୍ଥ୍ୟରୂପେ ଅବସ୍ଥିତ ରହିଛି, ତାହାରି ସହିତ ନାନା ସମ୍ବନ୍ଧରେ ଯୁକ୍ତ ହୋଇ ରହିବା ଲାଗି ତା' ମଧ୍ୟରେ ଚିରନ୍ତନ ସାମର୍ଥ୍ୟ ରହିଛି; ମାତ୍ର ଆପଣାର ସ୍ୱକୀୟ ଶାଶ୍ୱତ ଅସ୍ତିତ୍ୱରୂପୀ ସତ୍ୟଟିର ଅନ୍ତଃକ୍ଷେତ୍ରରେ ମଧ୍ୟ ସେ ତାହା ସହିତ ଏକରୂପ ହୋଇ ରହିଛି। ଏହି ସତ୍ୟଟିକୁ ବୁଦ୍ଧି ବୁଝିପାରିବ; ଏବଂ ଥରେ ବୁଦ୍ଧିରେ ଶୁଦ୍ଧତା ଆସିଗଲେ ସେ ତାହାକୁ ପ୍ରତିବିମ୍ବିତ କରିପାରିବ, ସାଧନଗୁଡ଼ିକ ଯାଏ ତାହାକୁ ପ୍ରେରିତ କରିଦେଇ ପାରିବ, ତାହାକୁ ତାହାର ଏକ ନିଷ୍ପାଦିତ ରୂପରେ ଧାରଣ ବି କରିପାରିବ; ମାତ୍ର କେବଳ ଚିଦ୍‌ଗତତାର ଭୂମିରେହିଁ ସେହି ସତ୍ୟଟିର ସମ୍ପୂର୍ଣ୍ଣ ଉପଲବ୍ଧି ସମ୍ଭବ ହେବ, ସେଇଟିକୁ ଜୀବନରେ ଅବତୀର୍ଣ୍ଣ କରାଯାଇ ପାରିବ, ଫଳବାନ୍ କରାଯାଇ ପାରିବ। ଯେତେବେଳେ ଆମେ ଚିଦ୍‌ଗତତାର ଭୂମିରେ ଜୀବନ ବଞ୍ଚିବାକୁ ଶିଖିଯାଉ, ସେତେବେଳେ ଆମେ ଆମ ସତ୍ତାର ଏହି ଯଥାର୍ଥ ସତ୍ୟଟିକୁ କେବଳ ଯେ ଜାଣିବାକୁ ସମର୍ଥ ହେଉ ତା' ନୁହେଁ,

'oaob.nitrkl.ac.in' images reprocessed

ଆମେ ଠିକ୍ ସେହି ସତ୍ୟରେହିଁ ପରିଣତ ହୋଇଯାଉ । ସେତେବେଳେ ସେହି ଚିଦ୍‌ଗତତା ଓ ଚିଦ୍‌ଗତତାର ଆନନ୍ଦ ମଧ୍ୟରେ ବ୍ୟକ୍ତି ଏହି ବିଶ୍ୱମୟ ଅସ୍ତିତ୍ୱ ସହିତ ଆପଣାର ଏକତ୍ୱଟିକୁ ଅନୁଭବ କରେ, କାଳାତୀତ ସେହି ପରମ ଦେବ୍ୟତାଙ୍କ ସହିତ ଆପଣାର ଏକତ୍ୱଟିକୁ ଅନୁଭବ କରେ ତଥା ଅନ୍ୟ ସକଳ ପ୍ରାଣୀଙ୍କ ସହିତ ମଧ୍ୟ ଆପଣାର ଏକତ୍ୱଟିକୁ ଅନୁଭବ କରେ; ଏବଂ ଅହଂରୁ ଏକ ଆଧ୍ୟାତ୍ମିକ ମୁକ୍ତି ଲାଭ କରିବା କହିଲେ ପ୍ରକୃତରେ ତାହାକୁହିଁ ବୁଝାଇଥାଏ । ମାତ୍ର ଯେଉଁ ମୁହୂର୍ତ୍ତରେ ଆତ୍ମା ମନୋଗତ ସୀମିତତାଟି ଆଡ଼କୁ ଆଉଜି ପଡ଼େ, ସେତେବେଳେ ଆଧ୍ୟାତ୍ମିକ ଅର୍ଥରେ ଏକ ବିଚ୍ଛିନ୍ନ ହୋଇ ପଡ଼ିବାର ସୂତ୍ରପାତ ହୁଏ; ଏହି ବିଚ୍ଛିନ୍ନ ହୋଇ ପଡ଼ିବାରେ ଏହାର ସ୍ୱକୀୟ ଆନନ୍ଦମାନ ଉପଲବ୍ଧ ହୁଏ ସତ, ମାତ୍ର ଯେକୌଣସି ମୁହୂର୍ତ୍ତରେ ତାହା ପୁଣି ସମ୍ପୂର୍ଣ୍ଣ ଭାବରେ ସେହି ଅହଂବୋଧ, ଅଜ୍ଞାନ ତଥା ଏକତ୍ୱର ବିସ୍ମରଣ ମଧ୍ୟରେ ପତିତ ହେବାର ଆଶଙ୍କା ବି ରହିଥାଏ । ବିଚ୍ଛିନ୍ନତାର ଏହି ପ୍ରବୃତ୍ତିଟିରୁ ନିସ୍ତାର ପାଇବା ଲାଗି ପରମ ଦେବ୍ୟତାର ଶୁଦ୍ଧ କଳ୍ପନା ଓ ତାହାର ଉପଲବ୍ଧି ଭିତରେ ଯାଇ ବୁଡ଼ି ରହିବା ଲାଗି ଏକ ଉଦ୍ୟମ ବେଶ୍ କରାଯାଇଥାଏ, ଏବଂ ଆଧ୍ୟାତ୍ମିକ ବୈରାଗ୍ୟର କେତୋଟି ମାର୍ଗରେ ତାହା ସମୁଦାୟ ବ୍ୟକ୍ତିସତ୍ତାଟିକୁ ବିଲୁପ୍ତ କରିଦେବା ଲାଗି ଏବଂ ସେହି ନିମଗ୍ନ ହୋଇ ରହିବାର ଅଭିଭୂତ ଅବସ୍ଥାରେ ପରମ ଦେବ୍ୟତା ସହିତ ରହିଥିବା ବ୍ୟକ୍ତିଗତ ତଥା ବିଶ୍ୱଗତ ଯାବତୀୟ ସମ୍ବନ୍ଧକୁ କାଟି ଫୋପାଡ଼ିଦେବା ଲାଗି ଏକ ଶ୍ରମ ଓ ଆଗ୍ରହରୂପେ ପ୍ରକାଶ ପାଇଥାଏ; ଆଉ କେତେକ ମାର୍ଗରେ ତାହା ଏକାବେଳକେ ନିବୃତ୍ତ ଓ ନିମଗ୍ନ ହୋଇ ତାଙ୍କର ଭିତରେହିଁ ଅବସ୍ଥାନ କରିବାକୁ ତଥା ଏହି ଜଗତଟି ମଧ୍ୟରେ ଆଦୌ ନରହିବାକୁହିଁ ବୁଝାଇଥାଏ ବା ଅବିରତ ନିମଜ୍ଜିତ ଏବଂ ଅଭିପ୍ରେତ ଭାବରେ ତାଙ୍କର ସାନ୍ନିଧ୍ୟ ମଧ୍ୟରେ ବାସ କରିବାକୁ ବୁଝାଇଥାଏ, ଅର୍ଥାତ୍ ଏକ ସାଯୁଜ୍ୟ, ସାଲୋକ୍ୟ ଅଥବା ସାମୀପ୍ୟ ମୁକ୍ତିକୁହିଁ ବୁଝାଇଥାଏ । ମାତ୍ର ପୂର୍ଣ୍ଣଯୋଗ ଲାଗି ଯେଉଁ ପଥଟିର ପ୍ରସ୍ତାବ ଦିଆଯାଏ, ତଦ୍ଦ୍ୱାରା ଆମର ସମୁଦାୟ ସତ୍ତାଟିକୁ ଉତ୍ତୋଳିତ କରିନେଇ ତାଙ୍କର ପାଖରେ ନେଇ ସମର୍ପିତ କରିଦେବାର କଥା କୁହାଯାଏ; ତଦ୍ଦ୍ୱାରା ଆମେ ଯେ କେବଳ ଆମ ଆଧ୍ୟାତ୍ମିକ ଅସ୍ତିତ୍ୱର ଭୂମିରେହିଁ ତାଙ୍କ ସହିତ ଏକତ୍ୱ ଲାଭ କରୁ ତା' ନୁହେଁ, ମାତ୍ର ଆମେ ତାଙ୍କର ଭିତରେ ଯାଇ ବାସ କରିବାକୁ ମଧ୍ୟ ସମର୍ଥ ହୋଇଯାଉ, ସିଏ ଆସି ଆମର ଭିତରେ ବାସ କରି ରହନ୍ତି,—ଯାହା ଫଳରେ କି ଆମର ଏହି ସମୁଦାୟ ପ୍ରକୃତିଟି ତାଙ୍କର ଉପସ୍ଥିତିଟି ଦ୍ୱାରା ପରିପୂର୍ଣ୍ଣ ହୋଇ ରହେ ଏବଂ ସେହି ଦେବ୍ୟ ପ୍ରକୃତିରେହିଁ ପରିବର୍ତ୍ତିତ ହୋଇଯାଏ । ସେହି ପରମ ଦେବ୍ୟସ୍ୱରୂପଙ୍କ ସହିତ ଆମେ ଗୋଟିଏ ଆତ୍ମା, ଗୋଟିଏ ଚେତନା, ଗୋଟିଏ ପ୍ରାଣ ଓ ଗୋଟିଏ ଉପାଦାନରେ ପରିଣତ ହୋଇଯାଉ ଏବଂ ଯୁଗପତ୍ ଭାବରେ

'oaob.nitrkl.ac.in' images reprocessed

ଆମେ ସେହି ଏକତ୍ୱଟି ମଧ୍ୟରେ ଜୀବନଧାରଣ କରୁ, ବିଚରଣ କରୁ ତଥା ତାହାର ବିଚିତ୍ର ଆନନ୍ଦଟିର ଆସ୍ୱାଦଟିକୁ ମଧ୍ୟ ଲାଭ କରିବାକୁ ସମର୍ଥ ହେଉ । ଆମର ଏହି ସୋପାନଟିରେ ଅହଂକୁ ସମଗ୍ର ଭାବରେ ବିମୋଚିତ ହୋଇ ସେହି ଦିବ୍ୟ ଚିଦ୍‌ଗତତା ମଧ୍ୟରେ ପ୍ରବିଷ୍ଟ ହୋଇପାରିବା କେବଳ ଏକ ଆପେକ୍ଷିକ ଭାବରେହିଁ ଉପଲବ୍ଧ ହୋଇପାରିବ; ମାତ୍ର ଆମେ ଯେତିକି ଯେତିକି ସେହି ବିଜ୍ଞାନମୟତା ଆଡ଼କୁ ଅଧିକରୁ ଅଧିକ ଉନ୍ମୋଚିତ ହୋଇ ଯାଉଥିବା ଓ ଆରୋହଣ କରି ଯାଉଥିବା, ସେହି ଉପଲବ୍ଧିଟି ମଧ୍ୟ ସେତିକି ସେତିକି ପୂର୍ଣ୍ଣଚରିତାର୍ଥ ହେବାକୁ ଆରମ୍ଭ କରୁଥିବ । ବିମୋଚିତ ଓ ପୂର୍ଣ୍ଣମୁକ୍ତ ପରିପୂର୍ଣ୍ଣତା କହିଲେ ସର୍ବଦା ଏହାକୁହିଁ ବୁଝାଇବ ।

ଅହଂର ପାଶରୁ ମୁକ୍ତ ହୋଇଯିବା ତଥା ବାସନାର ପାଶରୁ ମୁକ୍ତ ହୋଇଯିବା ଦୁହେଁଯାକ ମିଶି ଆମର ଅସଲ ଆଧ୍ୟାତ୍ମିକ ମୁକ୍ତିଟି ଲାଗି ମୂଳଦୁଆଟିକୁ ତିଆରି କରିଦେବେ । ବିଶ୍ୱଜଗତରେ ମୁଁ ହେଉଛି ଆପେ ଆପଣାଛୁଏଁ ଅଲଗା ହୋଇ ଅବସ୍ଥିତ ରହିଥିବା ଏକ ସତ୍ତା, ଯେତେବେଳେ ଆମେ ଏହି ବୋଧ, ଏହି ଧାରଣା ଓ ଏହି ଅନୁଭୂତିଟିକୁ ନେଇ ବାସ କରୁଥିବା ଏବଂ ଆମର ଚେତନା ତଥା ଯାବତୀୟ ସମର୍ଥତାକୁ ମଧ୍ୟ ସେହି ଅନୁଭୂତିର ଗ୍ରନ୍ଥିଟି ଭିତରେ ନେଇ ଢାଳିଦେବାକୁ ଚେଷ୍ଟା କରୁଥିବା, ସେତେବେଳେ ତାହାହିଁ ଆମର ଯାବତୀୟ ଯାତନା, ଅଜ୍ଞାନତା ଏବଂ ଅନର୍ଥଗୁଡ଼ିକର ମୂଳ ହୋଇ ରହିଥିବ । ଏପରି ଘଟିବ, କାରଣ କାର୍ଯ୍ୟତଃ ଏବଂ ଜ୍ଞାନତଃ ତାହା ଆମ ଲାଗି ବସ୍ତୁଗୁଡ଼ିକର ସମୁଦାୟ ଯଥାର୍ଥ ସତ୍ୟଟିକୁ କେବଳ ଏକ ଭ୍ରମବଶତାରେହିଁ ପରିଣତ କରିଦେବ । ତାହା ଆମର ସତ୍ତାକୁ ସୀମାବଦ୍ଧ କରି ରଖିବ, ଚେତନାକୁ ସୀମାବଦ୍ଧ କରି ରଖିବ, ଆମ ସତ୍ତାର ସାମର୍ଥ୍ୟଟିକୁ ସୀମାବଦ୍ଧ କରି ପକାଇବ, ସତ୍ତାଗତ ଆନନ୍ଦକୁ ମଧ୍ୟ ସୀମାବଦ୍ଧ କରି ପକାଇବ । ଆପଣା ସତ୍ତାର କ୍ଷେତ୍ରରେ ସୀମାବଦ୍ଧ ହୋଇ ରହିଥିବା ଏବଂ ଆପଣାର ପରିବେଶ ମଧ୍ୟରେ ଆପଣାକୁ ଆପେ ବିଚ୍ଛିନ୍ନ କରି ରଖିଥିବା ଆତ୍ମା ଏହି ଅବସ୍ଥାରେ ଆପଣାକୁ ଆଉ କଦାପି ଆପଣାର ଅନ୍ତରାତ୍ମାଟି ସହିତ, ପରମେଶ୍ୱରଙ୍କ ସହିତ, ବିଶ୍ୱଜଗତ ସହିତ ଓ ଆପଣାର ଚତୁଃପାର୍ଶ୍ୱଟି ସହିତ ଏକ ତଥା ସୌଷମ୍ୟଯୁକ୍ତ ହୋଇ ରହିଥିବା ପରି ଅନୁଭବ କରିପାରିବ ନାହିଁ, ମାତ୍ର ଅନ୍ୟ ପକ୍ଷରେ ତାହା ବରଂ ବିଶ୍ୱ ସହିତ ଆପଣାକୁ ଅସମଞ୍ଜସ ବୋଲି ଦେଖୁଥିବ, ଆପଣାର ସୋଦର-ଆତ୍ମା ପରି ଅବସ୍ଥିତ ରହିଥିବା ଅନ୍ୟ ଜୀବ ଓ ସତ୍ତାଗୁଡ଼ିକ ସହିତ କେତେ ଦ୍ୱନ୍ଦ୍ୱ ଓ ବିସଙ୍ଗତି ଅନୁଭବ କରୁଥିବ ଏବଂ ସେମାନଙ୍କୁ ସେ ସତେଅବା ଅନ୍ୟ-ଆତ୍ମା ବା ଆତ୍ମାହୀନ ବୋଲି ଭାବୁଥିବ । ଏବଂ ଯେପର୍ଯ୍ୟନ୍ତ ଏହି ବିସଙ୍ଗତି ଏବଂ ଅସମଞ୍ଜସତା ଲାଗି ରହିଥିବ, ଆତ୍ମା କଦାପି ଆପଣାର ଜଗତଟିକୁ ଆପଣା ଭିତରେ ଧରିରଖି ପାରିବ ନାହିଁ ଏବଂ ବିଶ୍ୱଗତ ଜୀବନର କୌଣସି ଆସ୍ୱାଦ ପାଇ ପାରିବ ନାହିଁ; ମାତ୍ର ଅପର ପକ୍ଷରେ ଅସ୍ୱସ୍ତ ହୋଇ

'oaob.nitrkl.ac.in' images reprocessed

ରହିଥିବ, ସଦା ଉଦ୍‌ବ୍ୟାକୁଳ ହୋଇ ରହିଥିବ, ଯାବତୀୟ ପ୍ରକାର ବ୍ୟାଧିରେ ଗ୍ରସ୍ତସନ୍ତ୍ରସ୍ତ ହୋଇ ରହିଥିବ ଏବଂ ଆପଣାର ସୁରକ୍ଷା ତଥା ବୃଦ୍ଧିସାଧନ କରିବା ପାଇଁ ଓ ଆପଣାର ପରିବେଶଟିକୁ ଆପଣା ହାତରେ ରଖିବା ଲାଗି କେତେ ବ୍ୟସ୍ତସନ୍ତ ହୋଇ ସଂଗ୍ରାମ କରିବାରେ ଲାଗିଥିବ । କାରଣ ଆପଣାର ପୃଥିବୀଟିକୁ ଆପଣା ଆୟତ୍ତ ଓ ଅଧିକାରରେ ରଖିବା ହେଉଛି ଅନନ୍ତ ଆତ୍ମାର ପ୍ରକୃତ ଏବଂ ତାହାହିଁ ସକଳ ସତ୍ତାର ଆବଶ୍ୟକ ପ୍ରବୃତ୍ତି ଓ ଆକାଙ୍‌କ୍ଷା । ଏହି ପ୍ରୟାସ ଓ ଶ୍ରମଟିରୁ ତାକୁ ଯେଉଁ ସନ୍ତୋଷ ଉପଲବ୍ଧ ହୋଇଥାଏ, ତାହା ବଡ଼ ସୀମିତ, ବିକୃତ ଓ ଅସନ୍ତୋଷକାରୀ ହୋଇ ରହିଥାଏ । କାରଣ ତାହାକୁ ଯେଉଁ ଏକମାତ୍ର ପ୍ରକୃତ ସନ୍ତୋଷ ମିଳିଥାଏ, ସେଇଟି ହେଉଛି ଆପଣାର ଅଭିବୃଦ୍ଧି ସାଧନ କରିବାର ସନ୍ତୋଷ, ଅଧିକରୁ ଅଧିକ ପରିମାଣରେ ଆପଣା ଆଡ଼କୁ ବାହୁଡ଼ି ଆସିବାର ସନ୍ତୋଷ, କେତେକ ପରିମାଣରେ ସମଞ୍ଜସତା ଓ ସୌଷମ୍ୟ ଉପଲବ୍ଧି କରିବାର ସନ୍ତୋଷ, ସଫଳ ଆତ୍ମ-ସୃଜନ ଓ ଆତ୍ମ-ଉପଲବ୍ଧିର ସନ୍ତୋଷ, ମାତ୍ର ଅହଂଗତ ଚେତନାଟିକୁ ଅବଲମ୍ବନ କରି ରହି ସେ ଏହିସବୁ ବସ୍ତୁରୁ ଯେଉଁ ସ୍ୱଳ୍ପପରିମାଣ ଅଂଶଟି ପ୍ରାପ୍ତ ହୋଇଥାଏ, ସେଇଟି ସର୍ବଦା ଅତି ସୀମାବଦ୍ଧ, ଅନିଶ୍ଚିତ, ଅପୂର୍ଣ୍ଣ ଓ କ୍ଷଣସ୍ଥାୟୀ ହୋଇ ରହିଥାଏ । ସେ ତା'ର ଆପଣା ଆତ୍ମାଟି ସହିତ ମଧ୍ୟ ନିରନ୍ତର ଯୁଦ୍ଧ କରିବାରେ ଲାଗିଥାଏ;—କାରଣ, ପ୍ରଥମତଃ, ବର୍ତ୍ତମାନ ଆଉ ଆପଣା ସ୍ୱକୀୟ ସତ୍ତାର କେନ୍ଦ୍ରସ୍ଥ ସମନ୍ୱୟକାରୀ ସତ୍ୟଟିର ଅଧିକାରୀ ହୋଇ ରହି ନଥିବାରୁ ତାହା ଆପଣାର ପ୍ରକୃତିଗତ ଜୀବନାଙ୍ଗଗୁଡ଼ିକୁ ମଧ୍ୟ ଯଥାର୍ଥ ଭାବରେ ଆପଣାର ନିୟନ୍ତ୍ରଣରେ ଆଦୌ ରଖିପାରେ ନାହିଁ ବା ସେଗୁଡ଼ିକର ପ୍ରବୃତ୍ତି, ସାମର୍ଥ୍ୟ ତଥା ଦାବିଗୁଡ଼ିକରେ କୌଣସି ସଂଗତି ଆଣିପାରେ ନାହିଁ; ସୌଷମ୍ୟର ରହସ୍ୟଟି ତା' ଲାଗି ଅଜ୍ଞାତ ହୋଇ ରହିଥାଏ, କାରଣ ଆପଣାର ଏକତ୍ୱ ତଥା ଆତ୍ମ-ଉପଲବ୍ଧିର ରହସ୍ୟଟି ବିଷୟରେ ମଧ୍ୟ ସେ କିଛି ଜାଣି ନଥାଏ । ଏବଂ ଦ୍ୱିତୀୟତଃ ଆପଣାର ସର୍ବୋଚ୍ଚ ଆତ୍ମସତ୍ତାଟିର ଅଧିକାରୀ ହୋଇ ନଥିବାରୁ ସେଥିଲାଗି ତାହାର ଅଭିମୁଖରେ ଅଗ୍ରସର ହେବା ପାଇଁ ତାକୁ ସଂଗ୍ରାମ କରିବାକୁ ପଡ଼ିଥାଏ ଏବଂ ଆପଣାର ସର୍ବୋଚ୍ଚ ଆତ୍ମସତ୍ତାଟି ଅଧିକାରକୁ ନଆସିବା ଯାଏ ସେ କୌଣସି ଶାନ୍ତି ପାଇପାରେ ନାହିଁ । ଏହିସବୁରୁ ଏହି ଅର୍ଥଟି ପ୍ରକାଶ ପାଏ ଯେ ସେ ଏପର୍ଯ୍ୟନ୍ତ ପରମେଶ୍ୱରଙ୍କ ସହିତ ଏକ ହୋଇ ନାହିଁ; କାରଣ ପରମେଶ୍ୱରଙ୍କ ସହିତ ଏକ ହୋଇଯାଇ ପାରିଲେ ଆପଣା ସହିତ ମଧ୍ୟ ଏକତ୍ୱର ଉପଲବ୍ଧି ହୁଏ, ଏହି ବିଶ୍ୱଜଗତ ସହିତ ତଥା ଯାବତୀୟ ସତ୍ତା ସହିତ ଏକତ୍ୱର ଉପଲବ୍ଧି ହୋଇଯାଏ । ଏହି ଏକତ୍ୱକୁହିଁ ଆମେ ଏକ ଯଥାର୍ଥ ତଥା ଦିବ୍ୟ ଅସ୍ତିତ୍ୱର ପ୍ରକୃତ ରହସ୍ୟ ବୋଲି ଜାଣିବା । ମାତ୍ର ଅହଂ କଦାପି ଏଇଟିକୁ ଲାଭ କରିପାରିବ ନାହିଁ, କାରଣ ପ୍ରକୃତିଗତ ଭାବରେହିଁ ତାହା ବିଚ୍ଛିନ୍ନତାଧର୍ମୀ ହୋଇ ରହିଥିବ ଏବଂ ଏପରିକି ଆମ ନିଜ

ଦୃଷ୍ଟିରୁ ବିସ୍ତୃତ କରି ଦେଖିଲେ ମଧ୍ୟ, ଆମ ନିଜର ମନୋଗତ ଅସ୍ତିତ୍ୱଟି ଲାଗି ତାହା ଏକତ୍ୱର ଏକ ଭ୍ରମମୟ କେନ୍ଦ୍ର ହୋଇ ରହିଥିବ; କାରଣ ଅତ୍ୟନ୍ତ କ୍ଷଣସ୍ଥାୟୀ ଏକ ମାନସିକ, ପ୍ରାଣିକ ଏବଂ ଶାରୀରିକ ବ୍ୟକ୍ତିକେନ୍ଦ୍ର ସହିତହିଁ ଆପଣାକୁ ଏକାତ୍ମକ କରି ରଖି ତାହା ତାହାରି ମଧ୍ୟରେ ଆମ ସତ୍ତାର ଏକତାଟିକୁ ଆବିଷ୍କାର କରିବାର ଚେଷ୍ଟା କରୁଥିବ, ଆମ ସମଗ୍ର ଅସ୍ତିତ୍ୱଟିର ଶାଶ୍ୱତ ଆତ୍ମାଟି ସହିତ ତାହା କଦାପି ଏକାତ୍ମକ ହେବାକୁ ଚେଷ୍ଟା କରୁ ନଥିବ । କେବଳ ତଦ୍‌ଗତ ଆତ୍ମସତ୍ତାଟି ମଧ୍ୟରେହିଁ ଆମେ ଯଥାର୍ଥ ଏକତାଟିର ଅଧିକାରୀ ହୋଇପାରିବା; କାରଣ ସେହି କ୍ଷେତ୍ରରେ ବ୍ୟକ୍ତି ଆପଣାକୁ ଆପଣାର ସ୍ୱକୀୟ ସମଗ୍ର ସତ୍ତାଟି ମଧ୍ୟକୁ ସମ୍ପ୍ରସାରିତ କରି ନେଇଥିବ ଏବଂ ସେଠାରେ ବିଶ୍ୱଗତ ଅସ୍ତିତ୍ୱ ସହିତ ଆପଣାକୁ ଏକ ବୋଲି ଆବିଷ୍କାର କରିବ, ଏହି ବିଶ୍ୱକୁ ଅତିକ୍ରମ କରି ଯାଉଥିବା ପରମ ଦିବ୍ୟତା ସହିତ ମଧ୍ୟ ଆପଣାକୁ ଏକ ବୋଲି ଆବିଷ୍କାର କରିନେବ ।

ଏହି ମିଥ୍ୟାମୟ ଅହଂପ୍ରବୃତ୍ତି ତଥା ବିଭେଦଧର୍ମୀ ଜୀବନଯାତ୍ରାରୁହିଁ ଆମ୍ଭର ଯାବତୀୟ କ୍ଳେଶ ଏବଂ ଯାତନା ଉଦ୍‌ଭୂତ ହୋଇଥାଏ । ଆପଣାର ମୁକ୍ତ ଆତ୍ମ-ଅସ୍ତିତ୍ୱଟିର ଅଧିକାରୀ ହୋଇପାରି ନଥିବା ଅର୍ଥାତ୍ ଅନାତ୍ମବାନ୍ ଆତ୍ମା ସ୍ୱଚେତନାରେ ସୀମାବଦ୍ଧ ହୋଇ ରହିଥିବାରୁ ଆପଣାର ଜ୍ଞାନରେ ମଧ୍ୟ ସୀମାବଦ୍ଧ ହୋଇ ରହିଥାଏ ଏବଂ ଏହି ସୀମାବଦ୍ଧ ଜ୍ଞାନଟି ସବୁକିଛିକୁ ଏକ ମିଥ୍ୟାରେହିଁ ପରିଣତ କରି ଦେଉଥିବା ଏକ ଜ୍ଞାନର ରୂପ ଧାରଣ କରେ । ଏକ ଯଥାର୍ଥ ଜ୍ଞାନର କ୍ଷେତ୍ରକୁ ବାହାରି ଆସିବା ଲାଗି ସଂଗ୍ରାମ କରିବା ତା' ଲାଗି ଅନିବାର୍ଯ୍ୟ ହୋଇପଡ଼େ, ମାତ୍ର ବିଚ୍ଛିନ୍ନତାଧର୍ମୀ ମନଟି ଭିତରେ ଛପି ରହିଥିବା ଅହଂ କେବଳ ଜ୍ଞାନର କେତେଟା ଆଡ଼ମ୍ବର ବା କେତେଟା ଖଣ୍ଡରେହିଁ ବେଶ୍ ସନ୍ତୁଷ୍ଟ ହୋଇ ରହିଥାଏ, ସେଇ ଖଣ୍ଡଗୁଡ଼ାକୁ ଏକାଠି କରି ସେ ଆପଣା ଲାଗି କୌଣସି ନା କୌଣସି ଅତ୍ୟନ୍ତ ଅପୂର୍ଣ୍ଣ ସମଗ୍ର ଧାରଣା ଗୁନ୍ଥି ରଖିବା ଲାଗି ଚେଷ୍ଟା କରେ ଓ ତାହାରି ଦ୍ୱାରା ଆପଣାକୁ ପରିଚାଳିତ କରେ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ ଏହି ତଥାକଥିତ ଜ୍ଞାନହିଁ ତାକୁ ଭଣ୍ଡାର କରିଦିଏ; ତେଣୁ ଏଇଟିକୁହିଁ ଛାଡ଼ି ଆସିବାକୁ ହୁଏ ଏବଂ ଏକମାତ୍ର ଯାହାକୁ ଜାଣିବାକୁହିଁ ଜ୍ଞାନ ବୋଲି ବୁଝାଯାଇ ପାରିବ, ନୂଆ କରି ପ୍ରସ୍ତୁତ ହୋଇ ତାହାରି ଅନୁଧାବନ କରିବାକୁ ପଡ଼େ । ଜ୍ଞାନର ସେହି ଏକମାତ୍ର ଆସ୍ପଦ ହେଉଛି ସେହି ପରମ ଦିବ୍ୟତା, ପରମ ଆତ୍ମସତ୍ତା ଓ ପରମ ତଦ୍‌ଗତତା, ଯାହାଙ୍କ ମଧ୍ୟରେ ପ୍ରବିଷ୍ଟ ହୋଇହିଁ ବିଶ୍ୱଗତ ସତ୍ତା ତଥା ବ୍ୟକ୍ତିସତ୍ତା ଅବଶେଷରେ ଆପଣାର ଯଥାର୍ଥ ଭିତ୍ତିଟିକୁ ଏବଂ ଯଥାର୍ଥ ସୌଷମ୍ୟଗୁଡ଼ିକୁ ଆବିଷ୍କାର କରିନେବାରେ ସମର୍ଥ ହୁଅନ୍ତି । ପୁନଶ୍ଚ, ଆପଣାର ସାମର୍ଥ୍ୟକ୍ଷେତ୍ରରେ ବଡ଼ ସୀମାବଦ୍ଧ ହୋଇ ରହିଥିବାରୁ, ଅହଂରୂପୀ କାରାଗାର ମଧ୍ୟରେ ଅବରୁଦ୍ଧ ହୋଇ ରହିଥିବା ଆତ୍ମା ନାନା ଅସମର୍ଥତାରେ ପରିପୂର୍ଣ୍ଣ ହୋଇ

'oaob.nitrkl.ac.in' images reprocessed

ରହିଥାଏ । ଅଯଥାର୍ଥ ଜ୍ଞାନଟି ପଛକୁ ସତ୍ତାର ଅଯଥାର୍ଥ ସଂକଳ୍ପ, ଅଯଥାର୍ଥ ନାନା ପ୍ରବୃତ୍ତି ତଥା ନାନା ଆବେଗ ମଧ୍ୟ ଆସି ପହଞ୍ଚିଯାଏ; ଏବଂ ମନୁଷ୍ୟ ଭିତରେ ଯେଉଁ ପାପର ବୋଧଟି ଦେଖିବାକୁ ମିଳେ, ତାହାର ମୂଳଟି ଏହି ଅଯଥାର୍ଥତାର ଗାଢ଼ ଅନୁଭବଟି ମଧ୍ୟରେହିଁ ନିହିତ ହୋଇ ରହିଥାଏ । ଆପଣା ପ୍ରକୃତିର ଏହି ଅଭାବଟିକୁ ଏହା ଆଚରଣର ଏପରି ନାନା ମାନ ଦ୍ୱାରା ସୁଧାରି ଦେବାକୁ ଚେଷ୍ଟା କରୁଥାଏ, ଯାହାକି ତାହାକୁ ପୁଣ୍ୟବିଷୟକ ଅହଂପ୍ରେରିତ ଚେତନା ଏବଂ ପୁଣ୍ୟବୃତ୍ତିର ଏକ ଆତ୍ମତର୍ପଣ ଦ୍ୱାରା ପାପବିଷୟକ ଅହଂପ୍ରେରିତ ଚେତନା ଏବଂ ପାପବୃତ୍ତିର ଯାବତୀୟ ତର୍ପଣକୁ ଅର୍ଥାତ୍ ସାତ୍ତ୍ୱିକ ଅହଂଗତତା ଦ୍ୱାରା ରାଜସିକ ଅହଂଗତତାକୁ ଦୂର କରିବାରେ ସାହାଯ୍ୟ କରିପାରିବ । ମାତ୍ର ପାପର ଏହି ମୂଳଭାବନାଟିକୁ ନିରାକୃତ କରିବାକୁ ପଡ଼ିବ, ଅର୍ଥାତ୍ ତା'ର ସତ୍ତା ତଥା ସଂକଳ୍ପ ଯେ ଦିବ୍ୟ ପରମ ସତ୍ତା ତଥା ଦିବ୍ୟ ପରମ ସଂକଳ୍ପରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି, ତାହାର ନିରାକରଣ କରିବାକୁ ପଡ଼ିବ; ଯେତେବେଳେ ସେ ଦିବ୍ୟ ପରମ ସଂକଳ୍ପ ଏବଂ ପରମ ସତ୍ତାଟି ସହିତ ପୁଣି ଏକତ୍ୱବଦ୍ଧ ହୋଇଯାଇ ପାରିବ, ସେତେବେଳେ ତାହା ପାପ ଓ ପୁଣ୍ୟ ଉଭୟର ସୀମାକୁ ଅତିକ୍ରମ କରି ସ୍ୱକୀୟ ଦିବ୍ୟ ପ୍ରକୃତିର ସେହି ଅନନ୍ତ ଓ ଆପେ-ବର୍ତ୍ତିମାନ ବିଶୁଦ୍ଧତା ଏବଂ ନିରାପତ୍ତା ମଧ୍ୟରେ ପ୍ରବିଷ୍ଟ ହୋଇପାରିବ । ଆପଣାର ଅପୂର୍ଣ୍ଣ ଜ୍ଞାନଟିକୁ ବ୍ୟବସ୍ଥାବଦ୍ଧ କରି ରଖି ତଥା ଆପଣାର ଅର୍ଦ୍ଧ-ଆଲୋକିତ ସଂକଳ୍ପ ଓ ସାମର୍ଥ୍ୟକୁ ନିୟନ୍ତ୍ରିତ କରି ରଖି ଏବଂ ସେଗୁଡ଼ିକୁ ବୁଦ୍ଧିର କୌଣସି ନା କୌଣସି କ୍ରମବଦ୍ଧ ପ୍ରୟାସ ଦ୍ୱାରା ସଞ୍ଚାଳିତ କରି ଆପଣାର ଦୁର୍ବଳତାଗୁଡ଼ିକୁ ସେ ସୁଧାରି ନେବାର ଚେଷ୍ଟା କରୁଥାଏ; ମାତ୍ର ତଦ୍ୱାରା ପ୍ରାପ୍ତ ଫଳଟି ସର୍ବଦା ଏତିକି ହୁଏ ଯେ ତା'ର କର୍ମଶକ୍ତିର ମାର୍ଗ ତଥା ମାନଦଣ୍ଡ ଅତ୍ୟନ୍ତ ସୀମାବଦ୍ଧ, ଅନିଶ୍ଚିତ, ଭଙ୍ଗୁର ଏବଂ ସ୍ଖଳନପୂର୍ଣ୍ଣ ହୋଇ ରହିଥାଏ । କେବଳ ସେହି ଭୂମାର ପ୍ରଶସ୍ତ ଏକତ୍ୱ ମଧ୍ୟକୁ ଫେରି ଆସିବା ଦ୍ୱାରାହିଁ ତା' ପ୍ରକୃତିର କ୍ରିୟାଟି ସେହି ଅନନ୍ତ ପରମ ସତ୍‌ଗତତାର ସାଧନଟିରୂପେ ପରିପୂର୍ଣ୍ଣ ଭାବରେ ଗଢ଼ି କରିବାକୁ ସମର୍ଥ ହୁଏ ଏବଂ ଆପଣା ଅସ୍ତିତ୍ୱର ସେହି ସଙ୍କୋଚ କେନ୍ଦ୍ରଟିରୁ ଆପଣାକୁ କାର୍ଯ୍ୟକାରୀ କରି ରଖିଥିବା ବିମୋଚିତ ଆତ୍ମାର ପରମ ଋତ, ସତ୍ୟ ଏବଂ ଶକ୍ତିମତ୍ତାର ପଥଟିକୁ ଅନୁସରଣ କରିବାରେ ଲାଗେ । ପୁନଶ୍ଚ, ସତ୍ତାଗତ ଆନନ୍ଦର କ୍ଷେତ୍ରଟିରେ ସୀମାବଦ୍ଧ ହୋଇ ରହିଥିବାରୁ ଏହା ଆତ୍ମାର ସେହି ଦୃଢ଼ଭାବରେ ଅବସ୍ଥିତ, ସ୍ୱୟଂସ୍ଥିତ ତଥା ପୂର୍ଣ୍ଣ ଆନନ୍ଦକୁ ଆପଣା ଅଧିକାରକୁ ଆଣିପାରେ ନାହିଁ, ଏହି ଜଗତକୁ ନିରନ୍ତର ଗତିମାନ୍ କରି ରଖିଥିବା ବିରାଟ ବିଶ୍ୱର ସେହି ଆନନ୍ଦଟିକୁ ମଧ୍ୟ ତାହା ନିଜସ୍ୱ କରିପାରେ ନାହିଁ, ମାତ୍ର ନିରନ୍ତର କେବଳ ସୁଖ ଓ ଦୁଃଖ, ହର୍ଷ ଏବଂ ଶୋକରୁ ଏକ ମିଶ୍ରିତ ଏବଂ ସତତ-ପଳାୟମାନ ଏକ ପୂର୍ବପରତା ମଧ୍ୟରେହିଁ ବିଚରଣ କରିବାକୁ ସମର୍ଥ ହୋଇଥାଏ;

'oaob.nitrkl.ac.in' images reprocessed

ଅଥବା ତାକୁ ଚେତନ ବୋଲି ପ୍ରତୀତ ହେଉଥିବା କୌଣସି ନିଶ୍ଚେତନା ବା ନିରପେକ୍ଷ ଉଦାସୀନତା ମଧ୍ୟରେହିଁ ଆଶ୍ରୟ ନେବାକୁ ବାଧ୍ୟ ହୁଏ । ଅହଂ ଦ୍ୱାରା ଘେରି ହୋଇ ରହିଥିବା ମନ ଏହାଠାରୁ ଭିନ୍ନ ଆଉ କିଛିହେଲେ କରିପାରିନ୍ତା ନାହିଁ, ଏବଂ ଯେଉଁ ଆତ୍ମା ଆପଣାକୁ ଅହଂରୂପେ ବହିର୍ମୁଖ କରି ରଖିଛି, ତାହା ଜୀବନର ଏହି ଅସନ୍ତୋଷମୟ, ଅପ୍ରଧାନ, ଅପୂର୍ଣ୍ଣ, ଅନେକ ସମୟରେ ବିକୃତ, ବିକ୍ଷୁବ୍ଧ ବା ନିଃସାର ନାନା ଉପଭୋଗ ମଧ୍ୟରେହିଁ ଗ୍ରସ୍ତ ହୋଇ ରହିଥାଏ; ତଥାପି ଚିଦ୍‌ଗତ ତଥା ବିଶ୍ୱମୟ ଆନନ୍ଦଟି ଅନୁକ୍ଷଣ ସେହି ଭିତରେ, ତା'ର ନିଜ ଆତ୍ମା ଓ ଚିଦ୍‌ଗତତା ମଧ୍ୟରେ ଅର୍ଥାତ୍ ପରମେଶ୍ୱର ଏବଂ ଜଗତ ସହିତ ତା'ର ପ୍ରଚ୍ଛନ୍ନ ଏକତାଟି ମଧ୍ୟରେ ବିଦ୍ୟମାନ ରହିଥାଏ । ତେଣୁ ଅହଂର ଶୃଙ୍ଖଳଟିକୁ ଛଡ଼ାଇଦେଇ ପଛକୁ ଅର୍ଥାତ୍ ସେହି ମୁକ୍ତ ଆତ୍ମା ଅର୍ଥାତ୍ ବିନାଶହୀନ ଚିଦ୍‌ଗତ ସତ୍ତାଟିରେ ଯାଇ ପ୍ରବେଶ କରିବା,—ଆମେ ଏହାକୁହିଁ ଆତ୍ମାର ଆପଣାର ସ୍ୱକୀୟ ଶାଶ୍ୱତ ଦିବ୍ୟତା ମଧ୍ୟକୁ ଫେରିଆସିବା ବୋଲି କହିବା ।

ସେହି ଅପୂର୍ଣ୍ଣ ଓ ବିଚ୍ଛିନ୍ନତାଧର୍ମୀ ସତ୍ତାଟିକୁ ଧାରଣ କରିବାର ଇଚ୍ଛାକୁ ଆମେ ଏକ ମିଥ୍ୟାମୟ ତପଃ ବୋଲି ଜାଣିବା, ଯାହାକି ପ୍ରକୃତି ମଧ୍ୟରେ ଅବସ୍ଥିତ ରହିଥିବା ଆତ୍ମାକୁ ଆପଣାକୁ ଏକ ଆୟତନସିଦ୍ଧ ବ୍ୟକ୍ତିସତ୍ତାରେ ପରିଣତ କରି ରଖିବାର ପ୍ରୟାସ କରିବା ଲାଗି ପ୍ରବର୍ତ୍ତନା ଦେଇଥାଏ; ଆପଣାର ସତ୍ତା, ଚେତନା, ସତ୍ତାଗତ ସାମର୍ଥ୍ୟ ଏବଂ ଆନନ୍ଦକୁ ଏକ ବିଚ୍ଛିନ୍ନତାବୋଧକ ଅର୍ଥରେ ବ୍ୟକ୍ତିଗତ କରି ରଖିବାର ପ୍ରୟାସ ଲାଗି ତାହାକୁ ପ୍ରେରଣା ଦେଇଥାଏ, ଏହିସବୁ ବସ୍ତୁକୁ ତା' ନିଜର ସମ୍ପତ୍ତି କରି ରଖିବା ଏବଂ ପରମେଶ୍ୱରଙ୍କର ଅଥବା ବିଶ୍ୱଗତ ଏକତ୍ୱର ନୁହେଁ, ମାତ୍ର ତାହାକୁ ଆପଣାରହିଁ ଅସ୍ତିତ୍ୱ ବୋଲି ଦମ୍ଭ କରି ସେଗୁଡ଼ିକୁ ଧାରଣ କରି ରଖିବା ଲାଗି ପ୍ରୟାସ କରିବାକୁ ତାକୁ ପ୍ରେରଣା ଦେବାରେ ଲାଗିଥାଏ । ଏହି ମିଥ୍ୟାମୟ ତପଃ ଓ ସଂକଳ୍ପହିଁ ତାହାକୁ ଏହିପରି ଏକ ଭୁଲ୍ ବାଟରେ ଚାଳିତ କରିନିଏ ଏବଂ ଅହଂର ଉଦ୍‌ଭବ କରାଏ । ତେଣୁ ଏହି ମୂଳଭୂତ କାମନାଟିରୁହିଁ ବାହୁଡ଼ି ଆସିବା ଏବଂ ତାହା ପଛରେ ରହିଥିବା କାମନାରହିତ ସଂକଳ୍ପଶକ୍ତିକୁ ଲାଭ କରିପାରିବା ହେଉଛି ଅତ୍ୟାବଶ୍ୟକ ଓ ଅସଲ କଥା, କାରଣ ତାହାରି ସତ୍ତାଗତ ସମ୍ପୂର୍ଣ୍ଣ ଉପଭୋଗ ଏବଂ ଜୀବନସମ୍ବନ୍ଧୀ ସକଳ ସଂକଳ୍ପ ସର୍ବଦା ଏକ ମୁକ୍ତ, ବିଶ୍ୱଗତ ତଥା ଏକତ୍ୱବିଧାୟକ ପରମ ଆନନ୍ଦରହିଁ ଉପଭୋଗ ଓ ସଂକଳ୍ପ ହୋଇ ରହିଥାଏ । ବାସନାର ପ୍ରକୃତି ଭିତରେ ଯେଉଁ ସଂକଳ୍ପଟି ବାନ୍ଧି ହୋଇ ରହିଥାଏ, ସେଥିରୁ ମୁକ୍ତି ତଥା ଅହଂର କବଳରୁ ମୁକ୍ତି,—ଏ ଦୁଇଟିଯାକ ବସ୍ତୁକୁ ଆମେ ସେହି ଗୋଟିଏ କଥା ବୋଲି ଜାଣିବା; ଏବଂ କାମନାତ୍ମକ ସଂକଳ୍ପ ତଥା ଅହଂର ସେହି ଦୁଃଖବିଧାୟକ ବିଲୋପସାଧନଟି ଦ୍ୱାରା ଯେଉଁ ଏକତ୍ୱ ସମ୍ଭବ ହୋଇଥାଏ, ଆମେ ତାହାକୁହିଁ ଆମ ମୁକ୍ତିର ସାର ବୋଲି ଜାଣିବା ।

'oaob.nitrkl.ac.in' images reprocessed

ନବମ ପରିଚ୍ଛେଦ

# ପ୍ରକୃତିର ମୁକ୍ତି

ଆମ ସତ୍ତାର ଦୁଇଟି ପାଖ ରହିଛି; ଗୋଟିଏ ପାଖରେ ଅନୁଭବସମର୍ଥ ଚେତନ ଆତ୍ମା ରହିଛି ଏବଂ ଅନ୍ୟ ପାଖଟିରେ କ୍ରିୟାଶୀଳା ପ୍ରକୃତି ରହିଛି, ଯାହାକି ଅବିରତ ଓ ବୈଚିତ୍ର୍ୟପୂର୍ଣ୍ଣ ଭାବରେ ଆତ୍ମାକୁ ଆପଣାର ଅନୁଭବଗୁଡ଼ିକୁ ପ୍ରଦାନ କରିବାରେ ଲାଗିଛି;—ଏହି ଦୁହେଁଯାକହିଁ ପରସ୍ପର ସହିତ ମିଳିତ ହୋଇ ଆମ ଆନ୍ତର ସ୍ଥିତିର ଯାବତୀୟ ବୃତ୍ତି ଏବଂ ତାହାର ପ୍ରତିସ୍ପନ୍ଦନଗୁଡ଼ିକୁ ନିର୍ଦ୍ଧାରିତ କରି ଦେଉଛନ୍ତି । ପ୍ରକୃତି ଯାବତୀୟ ଘଟଣାର ସ୍ୱରୂପ ତଥା ଅନୁଭବଗତ ସାଧନଗୁଡ଼ିକର ଯାବତୀୟ ରୂପକୁ ପୁରୁଷର ସମ୍ମୁଖରେ ଆଣି ଉପସ୍ଥାପିତ କରିଦେଉଛି, ଏବଂ ପୁରୁଷ ବା ଆତ୍ମା ଅନୁଭବଗୁଡ଼ିକର ସମ୍ମୁଖୀନ ହୋଇ ହୁଏତ ଏହି ଘଟଣାଗୁଡ଼ିକ ପ୍ରତି ପ୍ରକୃତି ଦ୍ୱାରା ନିର୍ଦ୍ଧାରିତ ପ୍ରତିସ୍ପନ୍ଦନଟିକୁ ଆପଣାର ସମ୍ମତି ଜ୍ଞାପନ କରୁଛି, ଅଥବା ତା' ନହେଲେ ସେ ତାହାଠାରୁ ଭିନ୍ନ ଆଉ କୌଣସି ପ୍ରତିସ୍ପନ୍ଦନକୁ ନିର୍ଦ୍ଧାରିତ କରିବା ଲାଗି ଇଚ୍ଛା କରୁଛି ଏବଂ ସେଇଟିକୁ ଆଣି ପ୍ରକୃତି ଉପରେ ଲଦି ଦେଉଛି । ସାଧନଗୁଡ଼ିକର ଅହଂଗତ ଚେତନା ଏବଂ କାମନାତ୍ମକ ସଂକଳ୍ପଶକ୍ତିକୁ ଦିଆହୋଇ ରହିଥିବା ସ୍ୱୀକୃତିକୁ ଆମେ ଅନୁଭବର ନିମ୍ନତର ଭୂମିଗୁଡ଼ିକୁ ଓହ୍ଲାଇ ଆସିବା ଲାଗି ସେହି ଆତ୍ମାରହିଁ ପ୍ରାରମ୍ଭିକ ସମ୍ମତି ବୋଲି ଜାଣିବା । ଏହି ଭୂମିଗୁଡ଼ିକୁ ଆସି ଆତ୍ମା ଆପଣା ସତ୍ତାର ଦିବ୍ୟ ପ୍ରକୃତିଟିକୁ ପାସୋରି ପକାଏ; ତେଣୁ ଅହଂଚେତନା ତଥା କାମନାମୟ ସଂକଳ୍ପର ପରିହାର କରି ମୁକ୍ତ ଆତ୍ମାର ତଥା ସତ୍ତାର ଦିବ୍ୟାନନ୍ଦମୟ ସଂକଳ୍ପଶକ୍ତିକୁ ପୁନର୍ବାର ପ୍ରାପ୍ତ କରିବାରେହିଁ ଆତ୍ମାର ମୁକ୍ତି ନିହିତ ହୋଇ ରହିଛି । ମାତ୍ର ଅନ୍ୟ ପକ୍ଷରେ, ଏହି ଜଟିଳ ମିଶ୍ରଣଟି ଲାଗି ସ୍ୱୟଂ ପ୍ରକୃତିର ଅବଦାନଟି ମଧ୍ୟ ଅବଶ୍ୟ ରହିଛି; ଯେତେବେଳେ ଥରେ ଆତ୍ମାର ସେହି ପ୍ରଥମ ସମ୍ମତିଟି ମିଳିଯାଏ ଏବଂ ତାହାକୁହିଁ ସମୁଦାୟ ବାହ୍ୟ କର୍ମବ୍ୟାପାରର ନିୟମରେ ପରିଣତ କରି ରଖାଯାଏ, ସେତେବେଳେ ପ୍ରକୃତି ତା'ର କ୍ରିୟା ତଥା ରଚନାଗୁଡ଼ିକ ବିଷୟରେ ଆତ୍ମାର ଯେଉଁ ଅନୁଭବଟି ହେଉଥାଏ, ସେଇଟି ଉପରେ ଆପଣାର ଅବଦାନଟିକୁ ବି ନେଇ ଆରୋପିତ

'oaob.nitrkl.ac.in' images reprocessed

କରିଦିଏ । ପ୍ରକୃତିର ଦୁଇଟି ମୌଳିକ ଅବଦାନ ରହିଛି; ଗୋଟିଏ ହେଉଛି ଗୁଣ ଓ ଆଉ ଗୋଟିଏ ହେଉଛି ଦ୍ୱନ୍ଦ୍ୱ । ପ୍ରକୃତିର ଯେଉଁ ନିମ୍ନତର କ୍ରିୟାତ୍ମକତାର ଭୂମିଟିରେ ଆମେସବୁ ବାସ କରୁଛୁ, ସେଇଟି ମଧ୍ୟରେ ଏପରି କେତୋଟି ମୂଳଭୂତ ଗୁଣାତ୍ମକ ସ୍ଥିତି ରହିଛି ଯାହାକି ପ୍ରକୃତିର ନିମ୍ନତରତାଟି ଲାଗି ଆଧାର ପରି କାର୍ଯ୍ୟ କରୁଛି । ମନ, ପ୍ରାଣ ତଥା ଶରୀରରୂପୀ ଆପଣା ପ୍ରକୃତିର ଶକ୍ତିଗୁଡ଼ିକ ସହିତ ଯୁକ୍ତ ହୋଇ ରହିଥିବା ଆତ୍ମାଟି ଉପରେ ଏହି ଗୁଣଗୁଡ଼ିକର ସତତ ପ୍ରଭାବ ପଡ଼ିବା ଫଳରେ ଆତ୍ମାକୁ ମଧ୍ୟ ଏକ ବିଭକ୍ତ ଓ ବିଷମତାପୂର୍ଣ୍ଣ ଅନୁଭବ ପ୍ରାପ୍ତ ହେବାରେ ଲାଗିଛି, ତାହା ଭିତରେ କେତେକେତେ ବିପରୀତ ବସ୍ତୁର ଦ୍ୱନ୍ଦ୍ୱ ସୃଷ୍ଟି ହୋଇଯାଉଛି, ତାହାର ଯାବତୀୟ ଅନୁଭବରେ ଏକ ଉଦ୍‌ବେଳନ ଉତ୍ପନ୍ନ ହେଉଛି, ଏବଂ ତାହା ପରସ୍ପରର ବିପରୀତ ବା ବିରୋଧୀ ହୋଇ ରହିଥିବା କେତେକେତେ ସ୍ଥାୟୀ ଯୁଗଳତା ମଧ୍ୟରେ ସତତ ଆନ୍ଦୋଳିତ ହେବାରେ ଲାଗିଛି ଅଥବା ପରସ୍ପରସଂଯୁକ୍ତ କେତେ ଭାବାତ୍ମକତା ଏବଂ ଅଭାବାତ୍ମକତା ଅର୍ଥାତ୍ ଦ୍ୱୈତତାର ଏକ ମିଶ୍ରଣ ଭଳି ହୋଇ ରହିଛି । ତେଣୁ ଅହଂ ତଥା କାମନାମୟ ଇଚ୍ଛା ମଧ୍ୟରୁ ସଂପୂର୍ଣ୍ଣ ଭାବରେ ମୁକ୍ତ ହୋଇ ଆସିପାରିଲେ ତଦ୍ୱାରା ଆତ୍ମା ଅପରା ପ୍ରକୃତିର ଗୁଣଗୁଡ଼ିକର ଅତୀତ ହୋଇ ରହିବାର ଏକ ସ୍ଥିତିରେ ଆସି ଅବଶ୍ୟ ପହଞ୍ଚି ପାରିବ, ଅର୍ଥାତ୍ 'ନୈଗୁଣ୍ୟାତୀତ୍ୟ'ର ଅବସ୍ଥାଟିକୁ ପ୍ରାପ୍ତ ହେବ, ଯାହା ଫଳରେ କି ଏହି ମିଶ୍ରିତ ତଥା ବିସଙ୍ଗତିମୟ ଅନୁଭବରୁ ଆମକୁ ନିଷ୍କୃତି ମିଳିଯିବ, ଏବଂ ପ୍ରକୃତିର ଦ୍ୱନ୍ଦ୍ୱମୟ କ୍ରିୟାଟିର ଅନ୍ତ ହୋଇଯିବ, ଅଥବା ତାହାର ସମାଧାନ ହୋଇଯିବ । ମାତ୍ର ପ୍ରକୃତିରୂପୀ ଏହି ପାଶଟିରେ ମଧ୍ୟ ପ୍ରକୃତରେ ଦୁଇ ପ୍ରକାରର ମୁକ୍ତି ରହିଛି । ଚିଦ୍‌ଗତତାର ଏକ ସଂପୂର୍ଣ୍ଣ ନିଶ୍ଚଳ ଏବଂ କ୍ରିୟାରହିତ ଆନନ୍ଦ ମଧ୍ୟରେ ପ୍ରବିଷ୍ଟ ହୋଇ ପ୍ରକୃତିର ହାତରୁ ମୁକ୍ତ ହୋଇ ଆସିବାଟିକୁ ଆମେ ସେହି ମୁକ୍ତି ବା ନିଷ୍କୃତିର ପ୍ରଥମ ପ୍ରକାରଟି ବୋଲି କହିବା । ପ୍ରକୃତିଠାରୁ ମୁକ୍ତ ହୋଇ ଆସିବାର ଆଉ ଏକ ଊର୍ଦ୍ଧ୍ୱତର ରୂପ ମଧ୍ୟ ରହିଛି, ଯାହାଦ୍ୱାରା କି ପ୍ରକୃତି ଏକ ଦିବ୍ୟ ଗୁଣସ୍ଥତା ତଥା ବିଶ୍ୱଗତ ଅନୁଭୂତି ପ୍ରାପ୍ତ କରିବାର ଏକ ଆଧ୍ୟାତ୍ମିକ ଶକ୍ତିରେହିଁ ପରିଣତ ହୋଇଯାଏ; ଏହି ଦ୍ୱିତୀୟ ପ୍ରକାରର ମୁକ୍ତି ପରମ ଶାନ୍ତିକୁ ଜ୍ଞାନ, ଶକ୍ତି, ଆନନ୍ଦ ତଥା ପ୍ରଭୁତ୍ୱଶାଳିତାର ସେହି ପରମ କ୍ରିୟାଶୀଳ ଆନନ୍ଦଟି ଦ୍ୱାରା ପରିପୂର୍ଣ୍ଣ କରିଦିଏ । ଅର୍ଥାତ୍ ସର୍ବୋଚ୍ଚ ପରମ ଚିଦ୍‌ଗତତା ଏବଂ ତାହାର ପରା ପ୍ରକୃତିର ଦିବ୍ୟ ଏକତ୍ୱକୁହିଁ ଆମେ ସମଗ୍ର ଓ ପୂର୍ଣ୍ଣ ମୁକ୍ତି ବୋଲି ଜାଣିବା ।

ପ୍ରକୃତି ଚିଦ୍‌ଗତତାରହିଁ ଏକ ଶକ୍ତି ହୋଇ ରହିଥିବାରୁ ତାହାର କ୍ରିୟାଟି ମୂଳତଃ ଗୁଣରୂପହିଁ ହୋଇ ରହିଥାଏ । ଆମେ ହୁଏତ ପ୍ରାୟ ଏପରି ବି କହିପାରିବା ଯେ ପ୍ରକୃତି ହେଉଛି ଅନନ୍ତଗୁଣ ଆତ୍ମାରହିଁ ସତ୍ତାତ୍ମକ ଶକ୍ତି ଏବଂ କ୍ରିୟାତ୍ମକତାର ଭୂମିରେ କେବଳ ତାହାର ଏକ ବିକାଶ । ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ଆମେ

'oaob.nitrkl.ac.in' images reprocessed

ତାହାକୁ କେବଳ ପ୍ରକୃତିର ବାହ୍ୟ ତଥା ଅପେକ୍ଷାକୃତ ସ୍ଥୂଳରେ ଅଧିକ ପରିମାଣରେ ଯାନ୍ତ୍ରିକ ହୋଇ ରହିଥିବା ନାନା ବିଷୟ ବୋଲି କହିବା । ମାତ୍ର ଗୁଣର ଏହି ଲୀଳାଟି ହେଉଛି ସଂସାର କଥା; ଏବଂ ଆଉ ଯାହାକିଛି ରହିଲା, ତାହା ହେଉଛି ତାହାର ଏକ ପରିଣାମ, ତାହାର ଏକ ଯାନ୍ତ୍ରିକ ସଂଯୋଜନ ମାତ୍ର । ତେଣୁ ଆମେ ଯଦି ଥରେ ସେହି ମୂଳଭୂତ ଶକ୍ତିମୟୀ ତଥା ଗୁଣଟିକୁ ଧରି ନେଇପାରିବା, ତେବେ ଆଉ ସବୁକିଛି କେବଳ ସେହି ଅନୁଭବଗ୍ରାହୀ ପୁରୁଷରହିଁ ନିୟନ୍ତ୍ରଣର ଅଧୀନ ହୋଇ ରହିବ । ମାତ୍ର ବସ୍ତୁଗୁଡ଼ିକର ଜନ୍ମତର ପ୍ରକୃତିଟିର ଭୂମିରେ ଅନନ୍ତ ଗୁଣର ଲୀଳାଟି ଏକ ସୀମିତ ପରିମାଣ ଓ ଏକ ବିଭକ୍ତ ଏବଂ ଦ୍ୱନ୍ଦ୍ୱରତ କ୍ରିୟାତ୍ମକତାର ଅଧୀନ ହୋଇ ରହିଥାଏ; ନାନା ବିରୋଧ ତଥା ବିଷମତାର ଏପରି ଏକ ବ୍ୟବସ୍ଥାର ଅଧୀନ ହୋଇ ରହିଥାଏ, ଯାହା ମଧ୍ୟରେ କି ସମତା ତଥା ସଙ୍ଗତିର କୌଣସି ନା କୌଣସି ବ୍ୟାବହାରିକ ଗତିଶୀଳ ବ୍ୟବସ୍ଥାକୁ ଆବିଷ୍କାର କରିନେବାକୁ ହୁଏ ଏବଂ ତାହାକୁହିଁ କାର୍ଯ୍ୟକାରୀ କରି ରଖିବାକୁ ପଡ଼ିଥାଏ; ସଂଗ୍ରଥିତ ବିଷମତାଗୁଡ଼ିକୁ, ଦ୍ୱନ୍ଦ୍ୱସୃଷ୍ଟିକାରୀ ଗୁଣଗୁଡ଼ିକୁ ତଥା ଅନୁଭବର ନାନା ବିଭିନ୍ନଧର୍ମୀ ସାମର୍ଥ୍ୟ ତଥା ସ୍ୱାର୍ଥଗୁଡ଼ିକୁ କୌଣସି ପ୍ରକାରର ଏକ କେବଳ କାମ ଚଳି ପାରୁଥିବା, ଆଂଶିକ ଏବଂ ଅଧିକାଂଶତଃ ଅନିଶ୍ଚିତ ହୋଇ ରହିଥିବା ପରସ୍ପରସମ୍ମତି ଭିତରେ ଅର୍ଥାତ୍ ଏକ ଅସ୍ଥିର ଏବଂ ପରିବର୍ତ୍ତନଶୀଳ ସମତାବସ୍ଥାରେ ବାନ୍ଧି କରି ରଖି ସମ୍ଭବ ହେଉଥିବା ଏହି କ୍ରୀଡ଼ାଟି ତିନୋଟି ଗୁଣାତ୍ମକତାର ଭୂମିରେ ଏକ ମୌଳିକ କ୍ରିୟା ଦ୍ୱାରାହିଁ କର୍ଯ୍ୟାନ୍ୱିତ ହେବାରେ ଲାଗିଥାଏ; ଏହି ତିନୋଟିଯାକ ଗୁଣହିଁ ପ୍ରକୃତିର ଯାବତୀୟ ବିରଚନାରେ ପରସ୍ପର ସହିତ ଦ୍ୱନ୍ଦ୍ୱରତ ହୋଇ ରହିଥାନ୍ତି, ସମ୍ମିଳିତ ବି ହୋଇ ରହିଥାନ୍ତି । ସାଂଖ୍ୟ ମତରେ ଏହି ତିନୋଟିଯାକ ଗୁଣକୁ ସତ୍ତ୍ୱ, ରଜଃ ଓ ତମଃ* ବୋଲି କୁହାଯାଇଛି; ଏବଂ ଭାରତୀୟ ଯାବତୀୟ ଦର୍ଶନମତ ଏବଂ ସକଳ ଯୋଗମାର୍ଗ ଏହି ପ୍ରୟୋଜନଟିର କ୍ଷେତ୍ରରେ ସାଂଖ୍ୟର ମତଟିକୁହିଁ ସ୍ୱୀକାର କରି ନେଇଥାନ୍ତି । ତମଃ ହେଉଛି ଜାଡ୍ୟର ତତ୍ତ୍ୱ, ଜାଡ୍ୟର ସାମର୍ଥ୍ୟ; ରଜଃ ଗତିଶୀଳତା, ପ୍ରବଳ ଇଚ୍ଛା, ଉଦ୍ୟମ, ସଂଘର୍ଷ ଓ 'ଆରମ୍ଭ'ର ତତ୍ତ୍ୱ; ଏବଂ ସତ୍ତ୍ୱ ହେଉଛି ସନ୍ତୁଳନ, ସମତା ତଥା ସମଞ୍ଜସତାର ତତ୍ତ୍ୱ । ତତ୍ତ୍ୱଦର୍ଶନରେ ଏହି ଶ୍ରେଣୀବିଭାଗର କିଭଳି ମହତ୍ତ୍ୱ ବା ମୂଲ୍ୟ ରହିଛି, ଆମେ ଏଠାରେ ତାହାର କୌଣସି ଆଲୋଚନା କରିବା ନାହିଁ; ମାତ୍ର ଏହାର ମନୋବୈଜ୍ଞାନିକ ଏବଂ ଆଧ୍ୟାତ୍ମିକ ବିଷୟଟିର ଭୂମିରେ ଏହାର ଅପାର

---

* କର୍ମଯୋଗରେ ଏହି ପ୍ରକରଣଟିର ଆଲୋଚନା କରାଯାଇଛି; ପ୍ରକୃତିର ସାଧାରଣ ରୂପ ଏବଂ ସତ୍ତାର ପୂର୍ଣ୍ଣ ମୁକ୍ତିର ଦୃଷ୍ଟିକୋଣରୁହିଁ ଏଠାରେ ଏହାର ଏକ ପୁନଃନିରୂପଣ କରାଯାଉଛି ।

'oaob.nitrkl.ac.in' images reprocessed

ବ୍ୟାବହାରିକ ମହତ୍ତ୍ୱ ରହିଛି, କାରଣ ଏହି ତିନୋଟିଯାକ ଗୁଣ ସକଳ ବସ୍ତୁରେ ପ୍ରବେଶଲାଭ କରୁଛନ୍ତି, ସେଠାରେ ପରସ୍ପର ସହିତ ସଂଯୁକ୍ତ ହୋଇ ବସ୍ତୁଗୁଡ଼ିକୁ ସେମାନଙ୍କର ସକ୍ରିୟ ପ୍ରକୃତିର ବିଶିଷ୍ଟ ଅଭିବ୍ୟକ୍ତିର ଢଗଟିକୁ ନିର୍ଣ୍ଣୟ କରି ଦେଉଛନ୍ତି, ସେମାନଙ୍କର ପରିଣାମ ତଥା କାର୍ଯ୍ୟଧାରା ରୂପଟିକୁ ନିର୍ଦ୍ଧାରିତ କରୁଛନ୍ତି । ଏବଂ ଆମ ଅନ୍ତରର ଅନୁଭବକ୍ଷେତ୍ରଟିରେ ସେଗୁଡ଼ିକର ଅସମ କ୍ରିୟାଟି ଆମର ସକ୍ରିୟ ବ୍ୟକ୍ତିତ୍ୱ, ଆମ ସ୍ୱଭାବ ତଥା ଆମର ପ୍ରକୃତିଗତ ବୈଶିଷ୍ଟ୍ୟର ଏବଂ ଯେକୌଣସି ଅନୁଭବ ଉଦ୍ଦେଶ୍ୟରେ ଆମ ମନୋବୈଜ୍ଞାନିକ ପ୍ରତି-ସ୍ପନ୍ଦନଟିର ବିଶେଷ ସ୍ୱରୂପଟିକୁ ଗଠନ କରି ଦେଉଥିବା ସାମର୍ଥ୍ୟ ହୋଇ ରହିଛି । ଆମ ଭିତରେ ସଂଘଟିତ ହେଉଥିବା କ୍ରିୟା ତଥା ଅନୁଭବର ଯାବତୀୟ ସ୍ୱଭାବ ପ୍ରକୃତିର ଏହି ତିନୋଟି ଗୁଣର ତୁଳନାତ୍ମକ ପ୍ରଧାନତା ତଥା ଏଗୁଡ଼ିକର ଆନୁପାତିକ ପରସ୍ପରପ୍ରତିକ୍ରିୟାଟି ଦ୍ୱାରାହିଁ ନିରୂପିତ ହୋଇଯାଉଛି । ବ୍ୟକ୍ତିତ୍ୱଟି ମଧ୍ୟରେ ଅବସ୍ଥାନ କରୁଥିବା ଆତ୍ମା ସତେଅବା ସେହିଗୁଡ଼ିକର ଛାଞ୍ଚ ଭିତରେ ଢଳେଇ ହୋଇଯିବାକୁ ବାଧ୍ୟ ହେଉଛି; ଏବଂ ଏକଥାଟି ମଧ୍ୟ ସତ ଯେ ସେଗୁଡ଼ିକ ଉପରେ କୌଣସି ମୁକ୍ତ ନିୟନ୍ତ୍ରଣ ସାବ୍ୟସ୍ତ କରିବା ଅପେକ୍ଷା ତାହା ବରଂ ଅଧିକତର ଭାବରେ ସ୍ୱୟଂ ସେଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେବାରେ ଲାଗିଥାଏ । ଆତ୍ମା ସେତେବେଳେ ଯାଇ ମୁକ୍ତ ହୋଇପାରିବ, ଯେତେବେଳେ କି ତାହା ଏଗୁଡ଼ିକର ଅସମ କ୍ରିୟା ଏବଂ ଏଗୁଡ଼ିକର ଅଯଥେଷ୍ଟ ମିଳନ, ସଂଯୋଜନ ଏବଂ ଅନିଶ୍ଚିତ ବୈଷମ୍ୟଗୁଡ଼ିକର କଷ୍ଟପ୍ରଦ କଳହଟିର ସ୍ଥିତିରୁ ଉପରକୁ ଉଠି ଯାଇପାରେ, ଓ ତାହାକୁ ପରିତ୍ୟାଗ କରିପାରେ । ସେଥିଲାଗି ସେ ହୁଏତ ଏଗୁଡ଼ିକର କ୍ରିୟାର ଅର୍ଦ୍ଧ-ବ୍ୟବସ୍ଥିତ ଅବସ୍ଥାଟି ମଧ୍ୟରୁ ମୁକ୍ତ ହୋଇ ପୂର୍ଣ୍ଣ ଶାନ୍ତି ଏବଂ ନିଷ୍କଳତାର ଆଶ୍ରୟ ନେଇପାରେ ଅଥବା ପ୍ରକୃତିର ଏହି ନିମ୍ନତର ପ୍ରବୃତ୍ତିରୁ ଉପରକୁ ଉଠିଯାଇ ଏହିସବୁ ଗୁଣର କ୍ରିୟା ଉପରେ ଉଚ୍ଚତର ନିୟନ୍ତ୍ରଣ ସ୍ଥାପନ କରିପାରେ ବା ସେଗୁଡ଼ିକୁ ରୂପାନ୍ତରିତ ବି କରି ଦେଇପାରେ । ଅର୍ଥାତ୍, ହୁଏତ ଏହିସବୁ ଗୁଣରୁ ଏକାବେଳକେ ରହିତ ହୋଇ-ଯିବାକୁ ହେବ ଅଥବା ଏଗୁଡ଼ିକୁ ଅତିକ୍ରମ କରି ଉପରକୁ ଉଠିଯିବାକୁ ପଡ଼ିବ ।

ଆମ ପ୍ରାକୃତ ସତ୍ତାର ପ୍ରତ୍ୟେକଟି ଭାଗରେ ଏହି ଗୁଣଗୁଡ଼ିକର ପ୍ରଭାବ ପଡ଼ିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଗୁଡ଼ିକର ପ୍ରବଳତମ ଆପେକ୍ଷିକ ପ୍ରଭୁତ୍ୱ ସତ୍ତାର ତିନୋଟିଯାକ ବିଭିନ୍ନ ଅଙ୍ଗ ଅର୍ଥାତ୍ ମନ, ପ୍ରାଣ ତଥା ଶରୀର ଉପରେହିଁ ରହିଥାଏ । ତମଃ, ଅର୍ଥାତ୍ ଜଡ଼ତାର ଶକ୍ତି ଜଡ଼ ପ୍ରକୃତିରେ ଏବଂ ଆମର ଭୌତିକ ସତ୍ତାରେ ସବୁଠାରୁ ଅଧିକ ପ୍ରବଳ ହୋଇଥାଏ । ଏହି ତତ୍ତ୍ୱଟିର କ୍ରିୟା ଦୁଇପ୍ରକାରେ ହୁଏ, ଶକ୍ତିସମ୍ବନ୍ଧୀ ଜଡ଼ତାରୂପେ ହୁଏ ଏବଂ ଜ୍ଞାନସମ୍ବନ୍ଧୀ ଜଡ଼ତାରୂପେ ବି ହୁଏ । ଯେକୌଣସି ବସ୍ତୁ ବା ବ୍ୟକ୍ତି ଉପରେ ତାମସିକ ନିୟନ୍ତ୍ରଣର ସର୍ବପ୍ରଧାନତା

'oaob.nitrkl.ac.in' images reprocessed

ରହିଥାଏ, ତାହାର ଶକ୍ତି ମନ୍ଦ କ୍ରିୟା ଏବଂ ନିଷ୍କ୍ରିୟତା ଆଡ଼କୁ ଅଥବା ତା' ନହେଲେ ଏପରି ଏକ ଯାନ୍ତ୍ରିକ କ୍ରିୟା ଆଡ଼କୁ ପ୍ରବୃତ୍ତ ହେବାରେ ଲାଗିଥାଏ, ଯାହା ଉପରେ କି ତାହାର କୌଣସି ଅଧିକାର ନଥାଏ, ମାତ୍ର ତାହା ସ୍ୱୟଂ ଏପରି ନାନା ଅନ୍ଧକାରମୟ ଶକ୍ତି ଦ୍ୱାରା ଅଧିକୃତ ହୋଇ ରହିଥାଏ, ଯାହାକି ତାକୁ କ୍ରିୟାଶକ୍ତିର ଏକ ଯାନ୍ତ୍ରିକ ଚକ୍ର ଭିତରେ ପକାଇ ବୁଲାଇବାରେ ଲାଗିଥାନ୍ତି । ସେହିପରି ଭାବରେ ଆପଣାର ଚେତନାରେ ମଧ୍ୟ ତାହା ନିଶ୍ଚେତନା, ଆବୃତ ଅବଚେତନା ଅଥବା ଏକ କୁଣ୍ଠାମୟ, ମନ୍ଦ ବା କୌଣସି ପ୍ରକାରର ଏକ ଯାନ୍ତ୍ରିକ ସଚେତନ କ୍ରିୟା ଆଡ଼କୁ ମୋଡ଼ି ହୋଇ ବୁଲିଯାଏ; ସେହି କ୍ରିୟାଟିର ଆପଣା ଶକ୍ତି ବିଷୟରେ ଆଦୌ କୌଣସି ସଚେତନ ବୋଧ ନଥାଏ, ମାତ୍ର ତାହା ଏପରି ଏକ ବୋଧ ଦ୍ୱାରା ପରିଚାଳିତ ହେଉଥାଏ, ଯାହାକି ତାହାକୁ ଆପଣାଠାରୁ ବାହ୍ୟ କିଂବା ଅନ୍ତତଃ ତା'ର ସକ୍ରିୟ ସଞ୍ଚାଳନତାଠାରୁ ଗୁପ୍ତ ହୋଇ ରହିଥିବା ପରି ମନେ ହେଉଥାଏ । ଏହିପରି ଭାବରେ, ଆମ ଶରୀରର ମୂଳ ତତ୍ତ୍ୱଟି ଆପଣାର ସ୍ୱଭାବରେ ଜଡ଼ ଓ ଅବଚେତନ ହୋଇ ରହିଥାଏ, କେବଳ ଏକ ଯାନ୍ତ୍ରିକ ଏବଂ ଅଭ୍ୟାସଗତ ସ୍ୱୟଂଚାଳିତ କ୍ରିୟାଟି ବ୍ୟତୀତ ତାହା ଆଉ କିଛିହେଲେ କରିପାରେ ନାହିଁ; ଅନ୍ୟ ପ୍ରତ୍ୟେକ ସାଧନ ପରି ତା' ଭିତରେ ବି କ୍ରିୟାର ତତ୍ତ୍ୱ ବା ରଜୋଗୁଣ ଏବଂ ତାହାର ସ୍ଥିତି ତଥା କ୍ରିୟାର ସମତାବସ୍ଥାର ତତ୍ତ୍ୱ ଅର୍ଥାତ୍ ସତ୍ତ୍ୱଗୁଣ ଦୁଇଟିଯାକ ବିଦ୍ୟମାନ ରହିଥିଲେ ମଧ୍ୟ, ପ୍ରତିସ୍ପନ୍ଦନ ଜଣାଇବାର ଏକ ଅନ୍ତର୍ନିହିତ ତତ୍ତ୍ୱ ଏବଂ ଏକ ପ୍ରଚ୍ଛନ୍ନ ଚେତନା ବିଦ୍ୟମାନ ରହିଥିଲେହେଁ, ତଥାପି ପ୍ରାଣଶକ୍ତିହିଁ ତାହାର ରାଜସିକ କ୍ରିୟାଗୁଡ଼ିକର ଏକ ଅତ୍ୟନ୍ତ ବୃହତ୍ ଭାଗର ସଞ୍ଚାଳନ କରୁଥାଏ ଏବଂ ଆପଣାର ସବୁଯାକ ପ୍ରକଟ ଚେତନା ତାକୁ ମନୋମୟ ସତ୍ତ୍ୱରୁହିଁ ପ୍ରାପ୍ତ ହୋଇଥାଏ । ପ୍ରାଣିକ ପ୍ରକୃତି ଉପରେହିଁ ରଜୋଗୁଣରେ ପ୍ରବଳତମ ପ୍ରଭୁତ୍ୱ ରହିଥାଏ । ଆମ ଭିତରେ ରହିଥିବା ପ୍ରାଣର ତତ୍ତ୍ୱକୁହିଁ ଆମେ ସବୁଠାରୁ ପ୍ରବଳ ଏବଂ କ୍ରିୟାଶୀଳ ଚାଳକ-ଶକ୍ତି ବୋଲି ଜାଣିବା ସତ, ମାତ୍ର ପାର୍ଥିବ ପ୍ରାଣୀମାନଙ୍କ ଭିତରେ ଏହି ପ୍ରାଣିକ ଶକ୍ତି କାମନାଶକ୍ତିରହିଁ ଅଧିକାରରେ ରହିଥାଏ; ତେଣୁ ରଜୋଗୁଣ ଆପଣାକୁ ସର୍ବଦା କ୍ରିୟା ଓ ବାସନା ଆଡ଼କୁ ଧାବିତ କରି ରଖିଥାଏ, ବାସନା ବା କାମନାହିଁ ମନୁଷ୍ୟ ଓ ଇତରପ୍ରାଣୀର ଅଧିକାଂଶ ଗତି ଓ କ୍ରିୟାର ସବଳତମ ପ୍ରବର୍ତ୍ତକ ହୋଇ ରହିଥାଏ; ତାହା ଏତେବେଶୀ ପ୍ରାଧାନ୍ୟ ବିସ୍ତାର କରି ରହିଥାଏ ଯେ ଅନେକେ ଏହି କାମନାକୁହିଁ ସକଳ କ୍ରିୟା ଓ ଏପରିକି ଆମର ଏହି ସତ୍ତ୍ୱଟିର ମଧ୍ୟ ଜନକ ବୋଲି ବିଚାର କରିଥାନ୍ତି । ପୁନଶ୍ଚ, ନିଶ୍ଚେତନା ଏବଂ ଯନ୍ତ୍ରବତ୍ ଧାବିତ ହୋଇ ରହିଥିବା ଏକ ଜଡ଼ତ୍ୱର ତତ୍ତ୍ୱରୁହିଁ ଆପଣାର କାର୍ଯ୍ୟଟିକୁ ଆରମ୍ଭ କରୁଥିବା ଏହିପରି ଏକ ଜଡ଼ପ୍ରାକୃତ ଜଗତରେ ରଜଃ ଆପଣାକୁ ସଞ୍ଚାରିତ କରୁଥିବାରୁ ତାହାକୁ ଏକ ଅତ୍ୟନ୍ତ ବିପରୀତ ଶକ୍ତିର ସମ୍ମୁଖୀନ ହୋଇହିଁ

'oaob.nitrkl.ac.in' images reprocessed

ଆପଣାର କାର୍ଯ୍ୟ କରିବାକୁ ପଡ଼ିଥାଏ; ତେଣୁ ତାହାର ସମୁଦାୟ କ୍ରିୟାଟି ଏପରି ଏକ ପ୍ରୟାସ ତଥା ସଂଗ୍ରାମର ବା ଅଧିକାରଲାଭ ସକାଶେ ଏପରି ଏକ ଆକ୍ରାନ୍ତ ଏବଂ ବାଧାପ୍ରାପ୍ତ ସଂଘର୍ଷର ରୂପ ଗ୍ରହଣ କରିନିଏ, ଯାହାକି ଆପଣାର ପ୍ରତ୍ୟେକ ପଦକ୍ଷେପରେ ଏକ ସୀମାବଦ୍ଧକାରୀ ଅସମର୍ଥତା, ନୈରାଶ୍ୟ ଏବଂ ଯାତନାରେ ପୀଡ଼ିତ ହୋଇ ରହିଥାଏ; ଏପରିକି ତାହାର ପ୍ରାପ୍ତ ତଥାକଥିତ ସଫଳତାଗୁଡ଼ିକ ମଧ୍ୟ ଅନିଶ୍ଚିତପ୍ରାୟ ହୋଇ ରହିଥାଏ, ପ୍ରୟାସର ପ୍ରତିକ୍ରିୟାଟି ଦ୍ୱାରା ସୀମାବଦ୍ଧ ତଥା ନଷ୍ଟବିନଷ୍ଟ ହୋଇପଡ଼େ, ଏବଂ ସେହି କାରଣରୁ ପରେ ଆମକୁ ସେଗୁଡ଼ିକର ଅପାରଗତା ତଥା କ୍ଷଣସ୍ଥାୟିତାର ମଧ୍ୟ ଆସ୍ୱାଦ ଗ୍ରହଣ କରିବାକୁ ହୋଇଥାଏ । ଆମର ମନୋଭୂମିରେହିଁ ସତ୍ତ୍ୱତତ୍ତ୍ୱଟିର ସବୁଠାରୁ ଅଧିକ ପ୍ରଭୁତ୍ୱ ରହିଥାଏ; ରାଜସିକ ପ୍ରାଣଶକ୍ତି ଦ୍ୱାରା ପ୍ରାଦୁର୍ଭୂତ ହୋଇ ରହିଥିବା ଆମ ମନର ସେହି ନିମ୍ନତର ଭାଗଗୁଡ଼ିକରେ ଯେତେ ନୁହେଁ, ଆମ ବୁଦ୍ଧିରେ ତଥା ବୁଦ୍ଧି ଦ୍ୱାରା ପ୍ରେରିତ ଇଚ୍ଛାଟିର କ୍ଷେତ୍ରରେହିଁ ସର୍ବାଧିକ ପରିମାଣରେ ରହିଥାଏ । ବୁଦ୍ଧି, ବିଚାରଶକ୍ତି ଓ ବୁଦ୍ଧିପ୍ରେରିତ ଇଚ୍ଛା ସେମାନଙ୍କର ସର୍ବପ୍ରଧାନ ପ୍ରେରକତତ୍ତ୍ୱଟିର ପ୍ରକୃତିଟି ଦ୍ୱାରା ସନ୍ତୁଳନରହିଁ ଏକ ସତତ ପ୍ରୟାସ ଆଡ଼କୁ ଆପଣାକୁ ପରିଚାଳିତ କରି ରଖିଥାନ୍ତି; ଜ୍ଞାନ ଦ୍ୱାରା, ବୋଧଯୁକ୍ତ ଇଚ୍ଛାର ଏକ ଶକ୍ତି ଦ୍ୱାରା, ପ୍ରାକୃତ ସକଳ ସଙ୍ଘଟନ ଏବଂ ଅନୁଭୂତିର ନାନାପ୍ରକାରେ ଦ୍ୱନ୍ଦ୍ୱରତ ଉପାଦାନଗୁଡ଼ିକ ମଧ୍ୟରେ ଏକ ସମତାବସ୍ଥା, କୌଣସି ନା କୌଣସି ସ୍ଥାୟିତା, ନିୟମବଦ୍ଧତା ଏବଂ ସମଞ୍ଜସତା ଲାଗି ସତତ ପ୍ରୟାସ ଆଡ଼କୁ ଆପଣାକୁ ପରିଚାଳିତ କରି ରଖିଥାନ୍ତି । ଏହି ସନ୍ତୋଷଟିକୁ ସତ୍ତ୍ୱଗୁଣ ନାନାପ୍ରକାରେ ତଥା ଅଧିକାରଲାଭର ନାନା ମାତ୍ରାରେ ଉପଲବ୍ଧି କରିଥାଏ । ସନ୍ତୁଳନ, ସମତା ଏବଂ ସମଞ୍ଜସତାର ଉପଲବ୍ଧି ଆମକୁ ସର୍ବଦା ଏକ ଆପେକ୍ଷିକ ଅଥଚ ଅଳ୍ପ ଅଥବା ବହୁତ ପରିମାଣରେ ପ୍ରଗାଢ଼ ତଥା ତୃପ୍ତିଦାୟକ ସ୍ୱସ୍ତି, ସୁଖ, ପ୍ରଭୁତ୍ୱ-ଅର୍ଜନ ଏବଂ ସୁରକ୍ଷିତତାର ବୋଧ ଆଣି ଦେଇଥାଏ; ରାଜସିକ କାମନା ଏବଂ ଅତିପ୍ରବଳ ଇଚ୍ଛାର ତୃପ୍ତି ଅତ୍ୟନ୍ତ ଅସୁରକ୍ଷିତ ଭାବରେ ଆମକୁ ଅଶାନ୍ତ ଏବଂ ଉଗ୍ର ନାନା ସୁଖ ଆଣି ଦେଇଥାନ୍ତି, ଏସବୁର ବୋଧକୁ ଆମେ ତାହାଠାରୁ ଏକାନ୍ତ ଭିନ୍ନ ବୋଲି କହିପାରିବା । ଆଲୋକ ଓ ପ୍ରସନ୍ନତାବୋଧ ହେଉଛି ସାତ୍ତ୍ୱିକ ଗୁଣର ଲକ୍ଷଣ । ଶରୀର ମଧ୍ୟରେ ପ୍ରାଣଧାରଣ କରି ରହିଥିବା ମନୋମୟ ସତ୍ତାର ସମଗ୍ର ପ୍ରକୃତିଟି ଏହି ତିନୋଟିଯାକ ଗୁଣ ଦ୍ୱାରାହିଁ ନିରୂପିତ ହୋଇଥାଏ ।

ମାତ୍ର ଆମ ସତ୍ତାଟିର ସମଗ୍ର ବ୍ୟବସ୍ଥାଟିର ପ୍ରତ୍ୟେକ ଭାଗରେ ଏଗୁଡ଼ିକ କେବଳ ଗୋଟିଏ ଗୋଟିଏ ପ୍ରଧାନ ଶକ୍ତିରୂପେ କାର୍ଯ୍ୟ କରିଥାନ୍ତି । ଆମର ଏହି ଜଟିଳ ମନୋମୟ ଗଠନଟିର ପ୍ରତ୍ୟେକ ତନ୍ତୁ ଏବଂ ପ୍ରତ୍ୟେକ ଅଙ୍ଗରେ ଏହି ତିନୋଟିଯାକ ଗୁଣ ପରସ୍ପର ସହିତ ସମ୍ମିଳିତ ଓ ସଂଯୁକ୍ତ ହୋଇ ରହିଥାନ୍ତି ତଥା ସଂଘର୍ଷଯୁକ୍ତ

'oaob.nitrkl.ac.in' images reprocessed

ହୋଇ ରହିଥାନ୍ତି । ଆମ ମନର ସ୍ୱଭାବଟି ସେଇମାନଙ୍କ ଦ୍ୱାରା ଗଠିତ ହୁଏ, ଆମର ବିଚାରବୁଦ୍ଧି, ଆମର ସଂକଳ୍ପଶକ୍ତି ତଥା ଆମର ନୈତିକ, ସୌନ୍ଦର୍ଯ୍ୟବୋଧଗତ, ସଂବେଗପ୍ରେରିତ, ଗତିଶୀଳ ତଥା ସଂବେଦନାତ୍ମକ ସତ୍ତାର ସ୍ୱଭାବଟି ମଧ୍ୟ ସେଇମାନଙ୍କ ଦ୍ୱାରା ଗଠିତ ହୁଏ । ତମଃ ଆମର ପ୍ରକୃତିକୁ ଆକ୍ରାନ୍ତ କରି ରଖିଥିବା ଯାବତୀୟ ଅଜ୍ଞାନ, ଜାଡ୍ୟ, ଦୁର୍ବଳତା ଓ ଅସମର୍ଥତାକୁ ବହନ କରି ଆଣିଥାଏ; ତମସାଚ୍ଛନ୍ନ ବିଚାରଣା, ନିର୍ଜ୍ଞାନ, ଅବୁଦ୍ଧି, ଅଭ୍ୟସ୍ତ ବିଚାର ଓ ଯାନ୍ତ୍ରିକ ଧାରଣାଗୁଡ଼ିକ ପ୍ରତି ଏକ ଆସକ୍ତି, ଚିନ୍ତା କରିବାର ତଥା ଜାଣିବାର ଅନିଚ୍ଛା, କ୍ଷୁଦ୍ର ମନ, ନୂତନ ବିଚାର ପ୍ରତି ଆପଣାର ଦ୍ୱାରକୁ ବନ୍ଦ କରି ରଖିବା, ମାନସିକ ଅଭ୍ୟାସର ଘୋଡ଼ାଟାପୁ ପରି ଘୂରିଆଡ଼େ ଭଗ୍ନ ହୋଇ ବିଚରଣ କରିବା ଏବଂ ଆମର ଜୀବନଧାରଣାର କ୍ଷେତ୍ରରେ କେତେକେତେ ଅନ୍ଧକାରମୟ ଓ ଧୂସର ଅସ୍ପଷ୍ଟ ସ୍ଥାନଗୁଡ଼ିକୁ ବହନ କରି ଆଣିଥାଏ । ତମଃ ଇଚ୍ଛାକୁ ଶକ୍ତିହୀନ କରିପକାଏ, ବିଶ୍ୱାସ, ଆତ୍ମବିଶ୍ୱାସ ତଥା କର୍ମାରମ୍ଭଶକ୍ତିର ଅଭାବ ଘଟାଏ, କର୍ମ ପ୍ରତି ବିମୁଖତା ଆଣିଦିଏ, ଯାବତୀୟ ପ୍ରୟାସ ତଥା ଅଭୀପ୍ସାକୁ ସଙ୍କୁଚିତ କରାଇ ରଖେ, ଆତ୍ମଭାବନାକୁ ଦରିଦ୍ର ଏବଂ କ୍ଷୁଦ୍ର କରିପକାଏ; ଏବଂ ଆମର ନୀତିଗତ ଏବଂ ଗତ୍ୟାତ୍ମକ ଜୀବନକ୍ଷେତ୍ରରେ ଜଡ଼ତା, ଭୀରୁତା, ନୀଚତା ଓ ଆଳସ୍ୟର ସୃଷ୍ଟି କରେ, କ୍ଷୁଦ୍ର ଓ ହୀନ ନାନା ଉଦ୍ଦେଶ୍ୟ ପାଖରେ ଆମକୁ ଗୋଟାସୁଦ୍ଧା ଅଧୀନ କରି ରଖେ, ଆମର ନିମ୍ନତର ପ୍ରକୃତି ପାଖରେ ବଡ଼ ଦୁର୍ବଳ ଭାବରେ ବଶ୍ୟତାସ୍ୱୀକାର କରି ରହିବା ଲାଗି ଆମକୁ ପ୍ରରୋଚନା ଦିଏ । ଆମର ସଂବେଗଗତ ପ୍ରକୃତିକ୍ଷେତ୍ରରେ ତମଃ ସଂବେଦନଶୂନ୍ୟତା ଓ ଉଦାସୀନତା ଆଣିଦିଏ, ସହାନୁଭୂତି-ଶୀଳତା ଓ ଉନ୍ମୁକ୍ତତାର ଅଭାବ ଘଟାଏ, ଆମର ଆତ୍ମାଟିକୁ କଳା ଦେଇ ରଖେ, ହୃଦୟକୁ ନିର୍ମମ କରିଦିଏ, ଆମକୁ ଶୀଘ୍ର ନିଃଶେଷିତ ହୋଇ ଯାଉଥିବା ସ୍ନେହର ଅଧୀନ କରି ରଖେ ଏବଂ ଆମର ଅନୁଭବଶକ୍ତି ଭିତରେ ମନ୍ଦତା ଭରିଦିଏ । ଆମର ସୌନ୍ଦର୍ଯ୍ୟଗ୍ରାହୀ ଏବଂ ସଂବେଦନଗତ ପ୍ରକୃତିଟିରେ ତମଃ ସୌନ୍ଦର୍ଯ୍ୟବୃତ୍ତିକୁ ଜଡ଼ କରିପକାଏ, ଆମ ପ୍ରତିସ୍ପନ୍ଦନର ପରିଧିଟିକୁ ସୀମାବଦ୍ଧ କରି ରଖେ, ସୌନ୍ଦର୍ଯ୍ୟ ପ୍ରତି ଆମର ସକଳ ଗ୍ରହଣଶୀଳତାକୁ ହରଣ କରିନିଏ; ଏବଂ ଯେଉଁସବୁ ବସ୍ତୁ ମନୁଷ୍ୟ ଭିତରେ ଏକ ସ୍ଥୂଳ, ତାମସିକ ଏବଂ ଅସଂସ୍କୃତ ଭାବନାକୁ ଉତ୍ପନ୍ନ କରେ, ସେହିଗୁଡ଼ିକୁହିଁ ବହନ କରି ନେଇଆସେ । ରଜୋଗୁଣ ଆମର ସ୍ୱାଭାବିକ ସକ୍ରିୟ ପ୍ରକୃତିଟିକୁ ଆପଣାର ଶୁଭ ଓ ଅଶୁଭ ଦୁଇଟିଯାକ ତତ୍ତ୍ୱ ଦ୍ୱାରା ସଂଚାଳିତ କରିଦିଏ, ଯଥେଷ୍ଟ ପରିମାଣରେ ଏକ ସାତ୍ତ୍ୱିକ ଉପାଦାନ ଦ୍ୱାରା ଶୁଦ୍ଧୀକୃତ ନହୋଇ ପାରିଲେ ତାହା ଅହଙ୍କାର, ସ୍ୱେଚ୍ଛାଚାରିତା ଓ ଦୁଃସ୍ୱପ୍ନତା, ବୁଦ୍ଧିର ବିକୃତି, ଅନମନୀୟ ବା ଅତିରଞ୍ଜିତ ଚିନ୍ତା ତଥା ପୂର୍ବଗ୍ରହ ଆଡ଼କୁ ପ୍ରବୃତ୍ତ ହୋଇ ରହେ, ଆପଣା ମତଟି ଲାଗି ଆସକ୍ତ କରାଇ ରଖେ, ଭୁଲ୍‌ଗୁଡ଼ାକୁ କାମୁଡ଼ି ରହିବାକୁ ପ୍ରବର୍ତ୍ତିନା ଦିଏ; ଆମର ବୁଦ୍ଧିକୁ ସତ୍ୟ ପାଖରେ ନୁହେଁ, ମାତ୍ର

ଆମର ବାସନା ଏବଂ ବ୍ୟକ୍ତିଗତ ଅଭିରୁଚିଗୁଡ଼ିକର ଅଧୀନ କରି ରଖେ, ମତାନ୍ଧ ଓ ସମ୍ପ୍ରଦାୟାସକ୍ତ ମନର ସୃଷ୍ଟି କରେ; ସ୍ୱେଚ୍ଛାଚାର, ଗର୍ବ, ଔଦ୍ଧତ୍ୟ, ସ୍ୱାର୍ଥପରତା, ମହତ୍ତ୍ୱାକାଂକ୍ଷା, କାମୁକତା, ଲୋଭ, ନିଷ୍ଠୁରତା, ଘୃଣା, ବିଦ୍ୱେଷ, ପ୍ରେମ ନାମରେ ନାନା ଅହଂକାର, ଯାବତୀୟ ପାପ ତଥା ଅତ୍ୟାତୁରତା, ସୌନ୍ଦର୍ଯ୍ୟବୃତ୍ତିର କେତେଭଳି ଅତିରଞ୍ଜନ ଏବଂ ସଂବେଦନଗତ ତଥା ପ୍ରାଣିକ ସତ୍ତାର ନାନା ବ୍ୟାଧିତତା ଏବଂ ବିକୃତତାକୁ ପ୍ରଶ୍ରୟ ଦେବାରେ ଲାଗିଥାଏ । ଆପଣାର ସ୍ୱାଭାବିକ ପ୍ରବୃତ୍ତିଗୁଡ଼ିକ ବଳରେ ତମଃ ମନୁଷ୍ୟପ୍ରକୃତିକୁ ଅସଂସ୍କୃତ, ଜଡ଼ ଏବଂ ଅଜ୍ଞାନମୟ କରିପକାଏ; ରଜୋଗୁଣ କର୍ମମୟତା, ଅତ୍ୟାତୁରତା ଓ ବାସନାର ପ୍ରଶ୍ୱାସଟି ଦ୍ୱାରା ଚାଳିତ ପ୍ରାଣବନ୍ତ, ଚଞ୍ଚଳ ଏବଂ କ୍ରିୟାଶୀଳ ମନୁଷ୍ୟର ସୃଷ୍ଟି କରେ । ସତ୍ତ୍ୱ ଏକ ଉଚ୍ଚତର କୋଟୀର ମନୁଷ୍ୟକୁ ଜନ୍ମ ଦେଇଥାଏ । ସତ୍ତ୍ୱର ଅବଦାନଗୁଡ଼ିକ ହେଉଛି ଯେ ତାହା ମନକୁ ବିଚାରଶୀଳ ଓ ସ୍ଥିରସାମ୍ୟଯୁକ୍ତ କରେ, ନିଷ୍ପକ୍ଷ ଭାବରେ ସତ୍ୟର ଅନୁସନ୍ଧାନ କରୁଥିବା ମୁକ୍ତ ବୁଦ୍ଧିର ପରିଚ୍ଛନ୍ନତା ଆଣିଦିଏ, ଆମର ଇଚ୍ଛାଶକ୍ତିକୁ ବିବେକବୁଦ୍ଧି ଦ୍ୱାରା ପରିଚାଳିତ କରି ରଖେ, ନୈତିକ ଭାବନା ଦ୍ୱାରା ପରିଚାଳିତ କରି ରଖେ; ଆମକୁ ଆତ୍ମ-ସଂଯମ, ସମତା, ଶାନ୍ତତା, ପ୍ରେମ, ସହାନୁଭୂତି, ମାର୍ଜିତତା, ମିତାଚାର ଆଣିଦିଏ, ଆମର ସୌନ୍ଦର୍ଯ୍ୟଗ୍ରାହୀ ତଥା ସଂବେଗୀ ମନକୁ ସୁରୁଚିବନ୍ତ କରେ, ଆମର ସଂବେଦନାତ୍ମକ ସତ୍ତାରେ ସୁକୋମଳତା, ସମୁଚିତ ଗ୍ରହଣଶୀଳତା, ମିତବ୍ୟବହାର ଏବଂ ସମଦୃଷ୍ଟିତା ଆଣିଦିଏ ଏବଂ ଆମର ପ୍ରାଣିକ କ୍ଷେତ୍ରଟିକୁ ସେହି ପ୍ରଭୁତ୍ୱଶାଳୀ ବୁଦ୍ଧିର ଅଧୀନ କରି ରଖେ, ତାହାର ଦ୍ୱାରା ସଂଶାସିତ କରି ରଖେ । ଜଣେ ସାତ୍ତ୍ୱିକ ମନୁଷ୍ୟର ପୂର୍ଣ୍ଣ ନିଦର୍ଶନ ଦାର୍ଶନିକରୂପେ, ସନ୍ଥ ଓ ଜ୍ଞାନୀରୂପେ ଆପଣାକୁ ପ୍ରକଟ କରିଥାଏ; ରାଜସିକ ମନୁଷ୍ୟ ରାଜନୀତିଜ୍ଞ ହୁଏ, ଯୋଦ୍ଧା ହୁଏ, ଶକ୍ତି-ଶାଳୀ କର୍ମବୀର ହୁଏ । ମାତ୍ର ଅଧିକତର ବା ଅଳ୍ପତର ଯେକୌଣସି ପରିମାଣରେ ହେଉ ପଛକେ, ସବୁ ମଣିଷ ଭିତରେ ଏହି ତିନୋଟିଯାକ ଗୁଣ ଏକାଠି ମିଶିକରି ରହିଥାଏ, ଏକ ଅନେକାନ୍ତ ବ୍ୟକ୍ତିତ୍ୱ କାର୍ଯ୍ୟ କରୁଥାଏ ଏବଂ ଅଧିକାଂଶଙ୍କ ଭିତରେ ଗୋଟିଏ ଗୁଣର ପ୍ରାଧାନ୍ୟରୁ ଆଉ ଗୋଟିଏ ଗୁଣର ପ୍ରଧାନତା ଆଡ଼କୁ ସର୍ବଦା ଅନେକ ପରିମାଣରେ ଏକ ନିତ୍ୟ ପରିବର୍ତ୍ତନ ଓ ପଟବଦଳା ଲାଗି ରହିଥାଏ । ଏପରିକି, ଆପଣା ପ୍ରକୃତିର ନିୟାମକ ରୂପଟିର କ୍ଷେତ୍ରରେ ମଧ୍ୟ ଅଧିକାଂଶ ମନୁଷ୍ୟ ଏକ ମିଶ୍ରିତ ପ୍ରକାରର ହୋଇ ରହିଥାନ୍ତି । ତିନୋଟିଯାକ ଗୁଣ ଏକାଠି ବୁଣାହୋଇ ଯେଉଁ ଜଟିଳ ବସ୍ତୁଟିକୁ ତିଆରି କରି ରଖିଥାନ୍ତି, ଆମ ଜୀବନର ଯାବତୀୟ ବର୍ଣ୍ଣାଢ୍ୟତା ଏବଂ ବିବିଧତା ତାହାରି ଦ୍ୱାରା ତିଆରି ହୋଇ ରହିଥାଏ ।

ମାତ୍ର ଜୀବନର ଏହି ବିପୁଳ ବିବିଧତାରୁ, ଏପରିକି ମନ ତଥା ପ୍ରକୃତିର ଏକ ସାତ୍ତ୍ୱିକ ସନ୍ତୁଳନରୁ ମଧ୍ୟ ଆଧ୍ୟାତ୍ମିକ ପରିପୂର୍ଣ୍ଣତା କଦାପି ଉପଲବ୍ଧ ହୁଏ ନାହିଁ । ଏକ

'oaob.nitrkl.ac.in' images reprocessed

ଆପେକ୍ଷିକ ପରିପୂର୍ଣ୍ଣତାର ସମ୍ଭାବନା ଅବଶ୍ୟ ଉପଲବ୍ଧ ହୁଏ ସତ; ମାତ୍ର ତାହାକୁ ଆମେ କେବଳ ଏକ ଅସମ୍ପୂର୍ଣ୍ଣତାରହିଁ ପରିପୂର୍ଣ୍ଣତା ବୋଲି କହିବା, କୌଣସି ନିର୍ଦ୍ଦିଷ୍ଟ ମାତ୍ରାର ଏକ ଆଂଶିକ ଉଚ୍ଚତା ଓ ଶକ୍ତିଶାଳିତା ବୋଲି କହିବା, ଏକ ନିର୍ଦ୍ଦିଷ୍ଟ ପରିମାଣର ସମୁଚ୍ଚତା ଓ ମହାନତା ବୋଲି କହିବା, ଉପରୁ ଆଣି ଲଦି ଦିଆଯାଇ ଥିବା ଏବଂ ବଡ଼ ଅନିଶ୍ଚିତ ଭାବରେ ବିଧୃତ ହୋଇ ରହିଥିବା ଭାରସାମ୍ୟ ବୋଲି କହିପାରିବା । ଏଥିରୁ ଏକ ଆପେକ୍ଷିକ ପ୍ରଭୁତ୍ୱଲାଭ ସମ୍ଭବ ହୋଇଯାଏ ସତ, ମାତ୍ର ଏହାକୁ କେବଳ ଦେହ ଉପରେ ପ୍ରାଣର ଅଥବା ପ୍ରାଣ ଉପରେ ମନର ଏକ ପ୍ରଭୁତ୍ୱଲାଭ ବୋଲି ବୁଝାଯିବ ସିନା, ମାତ୍ର ସାଧନଗୁଡ଼ିକ ଉପରେ ସେହି ପରିମୁକ୍ତ ଓ ଆତ୍ମ-ଅଧିକାରଯୁକ୍ତ ଚିଦ୍‌ଗତତାର ମୁକ୍ତ ଅଧିକାରଲାଭ ବୋଲି କଦାପି ବୁଝାଯିବ ନାହିଁ । ଆଧ୍ୟାତ୍ମିକ ପରିପୂର୍ଣ୍ଣତାରେ ଯାଇ ପହଞ୍ଚିବାକୁ ହେଲେ ଗୁଣଗୁଡ଼ିକୁ ପାରି ହୋଇ ଚାଲିଯିବାକୁ ପଡ଼ିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତମୋଗୁଣ ଉପରେ ବିଜୟ ହାସଲ କରିବାକୁ ହେବ; କାରଣ ଜଡ଼ତା ଏବଂ ଅଜ୍ଞାନ ଏବଂ ଅସମର୍ଥତା କଦାପି ଏକ ଯଥାର୍ଥ ପରିପୂର୍ଣ୍ଣତାର ଉପାଦାନରୂପେ ବ୍ୟବହୃତ ହୋଇ ପାରିବ ନାହିଁ । ମାତ୍ର ଉତ୍ତରୋତ୍ତର ଅଧିକବିକଶିତ ହେବାରେ ଲାଗିଥିବା ଏକ ସାତ୍ତ୍ୱିକ ସତ୍ତାର ସହାୟତାରେ ରଜୋଗୁଣର ଶକ୍ତି ଦ୍ୱାରାହିଁ ଆମେ ଆମ ପ୍ରକୃତିର ତମୋଗୁଣକୁ ଜୟ କରିପାରିବା । ରଜୋଗୁଣଟି ଉପରେ ମଧ୍ୟ ବିଜୟ ହାସଲ କରିବାକୁ ପଡ଼ିବ; କାରଣ ଅହଂବାଦିତା, ବ୍ୟକ୍ତିକେନ୍ଦ୍ରିତ ବାସନା ଏବଂ କେବଳ ସ୍ୱାର୍ଥରହିଁ ଅନୁଧାବନ କରୁଥିବା ଅତ୍ୟାତୁରତାକୁ ଆମେ କଦାପି ଏକ ଯଥାର୍ଥ ପୂର୍ଣ୍ଣତାଲାଭର ଗୋଟିଏ ଗୋଟିଏ ଉପାଦାନ ବୋଲି କହିପାରିବା ନାହିଁ । ମାତ୍ର ଯେତେବେଳେ ସତ୍ତ୍ୱଗୁଣର ଶକ୍ତି ଆମର ସତ୍ତାଟିକୁ ଆଲୋକିତ କରିଦେଇ ପାରିବ, ଯେତେବେଳେ ତାହା କର୍ମକୁ ସୀମାବଦ୍ଧ କରି ରଖୁଥିବା ତମୋଗୁଣଟିକୁ ମଧ୍ୟ ଆଲୋକିତ କରିଦେଇ ପାରିବ, ସେତିକିବେଳେ ଯାଇ ରଜୋଗୁଣ ଉପରେ ବିଜୟ ସମ୍ଭବ ହେବ । ସ୍ୱୟଂ ସତ୍ତ୍ୱଗୁଣ ମଧ୍ୟ ଆମକୁ ସେହି ଉଚ୍ଚତମ ବା ସମଗ୍ର ପୂର୍ଣ୍ଣତାଟିକୁ ଆଣି ଦେଇ ପାରିବ ନାହିଁ । ସତ୍ତ୍ୱ ସର୍ବଦା ଆମର ଏହି ସୀମାଙ୍କିତ ପ୍ରକୃତିଟି ମଧ୍ୟରେହିଁ ଏକ ଗୁଣ ହୋଇ ରହିଛି, ସାତ୍ତ୍ୱିକ ଜ୍ଞାନ କେବଳ ଏକ ସୀମାବଦ୍ଧ ମନୋଭୂମିରହିଁ ଆଲୋକ ହୋଇ ରହିଛି, ସାତ୍ତ୍ୱିକ ଇଚ୍ଛା କେବଳ ଏକ ସୀମାବଦ୍ଧ ବୁଦ୍ଧିପ୍ରେରିତ ସାମର୍ଥ୍ୟରହିଁ ଶାସନ ହୋଇ ରହିଛି । ପୁନଶ୍ଚ, ପ୍ରକୃତିର ଭୂମିରେ ସତ୍ତ୍ୱ କଦାପି ଏକାକୀ କୌଣସି କାର୍ଯ୍ୟ କରିପାରିବ ନାହିଁ; ସକଳ କାର୍ଯ୍ୟ ଲାଗି ତାହାକୁ ରଜୋଗୁଣଟି ଉପରେ ମଧ୍ୟ ନିର୍ଭର କରିବାକୁ ହେବ, ଯାହାଫଳରେ କି ସ୍ୱୟଂ ସାତ୍ତ୍ୱିକ କର୍ମ ମଧ୍ୟ ସର୍ବଦା ରଜୋଗୁଣସ୍ଥ ଅପୂର୍ଣ୍ଣତାଗୁଡ଼ିକ ଲାଗି ଉନ୍ମୁକ୍ତ ରହିଥିବ । ଅହଂପ୍ରେରଣା, ବିମୂଢ଼ତା, ଅସଙ୍ଗତି, ଏକଦେଶୀ ପ୍ରବୃତ୍ତି, ଆପଣା ସୀମାଗୁଡ଼ିକର ଉଗ୍ର

'oaob.nitrkl.ac.in' images reprocessed

ରୂପରେ ଆପଣାକୁ ଅତିରଞ୍ଜିତ କରି ପକାଉଥିବା ସୀମିତ ଏବଂ ଅତିରଞ୍ଜିତ ସଂକଳ୍ପ;—ଏଗୁଡ଼ାକ ସନ୍ଥ, ଦାର୍ଶନିକ ଓ ଜ୍ଞାନୀର ମନଟି ପଛରେ ମଧ୍ୟ ସତତ ଧାବିତ ହୋଇ ରହିଥାନ୍ତି । ରାଜସିକ ତଥା ତାମସିକ ଅହଂବାଦିତା ପରି ଏକ ସାତ୍ତ୍ୱିକ ଅହଂବାଦିତା ମଧ୍ୟ ରହିଛି, ଆପଣାର ଉଚ୍ଚତମ ରୂପରେ ତାହା ଜ୍ଞାନ ବା ପୁଣ୍ୟର ଏକ ଅହଂବାଦିତା ହୋଇ ରହିଛି; ମାତ୍ର ଯେକୌଣସି ମାର୍କାର ହୋଇଥାଉ ପଛକେ, ମନର ଏହି ଅହଂବାଦିତାକୁ ଆମେ କଦାପି ଯଥାର୍ଥ ବିମୋଚନ ବା ମୁକ୍ତିଲାଭର ସହଚର ବୋଲି ସ୍ୱୀକାର କରିପାରିବା ନାହିଁ । ତେଣୁ ଆମକୁ ତିନୋଟିଯାକ ଗୁଣକୁ ପାରହୋଇ ଯିବାକୁ ପଡ଼ିବ । ସତ୍ତ୍ୱଗୁଣ ଆମକୁ ହୁଏତ ଆଲୋକର ନିକଟବର୍ତ୍ତୀ କରାଇ ଆଣିବ; ମାତ୍ର ଆମେ ଯେତେବେଳେ ସେହି ଦିବ୍ୟ ପ୍ରକୃତିର ଆଲୋକମୟ ଶରୀରଟି ମଧ୍ୟରେ ପ୍ରବେଶ କରିବାକୁ ସମର୍ଥ ହେବା, ସେତେବେଳେ ତାହାର ସେହି ସୀମିତ ସ୍ୱଚ୍ଛତାଟି ମଧ୍ୟ ଆମ ଉପରୁ ତଳକୁ ଖସି ପଡ଼ିବ ।

ଆମ ନିମ୍ନତର ପ୍ରକୃତିର କ୍ରିୟାଭୂମିଟିରୁ ଆପଣାକୁ ପ୍ରତ୍ୟାହାର କରିନେବାରେହିଁ ସାଧାରଣତଃ ଏହି ଅତିକ୍ରମଣ ସମ୍ଭବ ହେବ ବୋଲି ଅଭିଳାଷ ରଖା ଯାଇଥାଏ । ସେହି ପ୍ରତ୍ୟାହାର ଆମ ଭିତରେ ନିଷ୍କ୍ରିୟତା ଆଡ଼କୁ ଏକ ପ୍ରବୃତ୍ତିକୁ ବିକଶିତ କରିବା ସକାଶେ ଅତ୍ୟଧିକ ଜୋର୍ ଦେଇଥାଏ । ଆପଣାକୁ ପ୍ରଗାଢ଼ ଭାବରେ ପ୍ରତିଷ୍ଠିତ କରି ରଖିବାକୁ ଯାଇ ସତ୍ତ୍ୱଗୁଣ ରଜୋଗୁଣର ପାଶରୁ ମୁକ୍ତ ହୋଇ ଆସିବା ଲାଗି ଚେଷ୍ଟା କରିଥାଏ ଏବଂ ସେଥିଲାଗି ନିଷ୍କ୍ରିୟ ହୋଇ ରହିବାର ତାମସିକ ତତ୍ତ୍ୱଟିର ସାହାଯ୍ୟ ନେଇଥାଏ । ସେହି କାରଣରୁହିଁ ଏକ ବିଶେଷ ପ୍ରକାରେ ବିକଶିତ ହୋଇ ଆସିଥିବା ଅତିଶୟ ସତ୍ତ୍ୱଗୁଣସମ୍ପନ୍ନ ବ୍ୟକ୍ତିମାନେ ସଘନ ଭାବରେ ଅନ୍ତର୍ଗତ ସତ୍ତାଟି ମଧ୍ୟରେହିଁ ଅବସ୍ଥାନ କରୁଥାନ୍ତି, ମାତ୍ର କର୍ମମୟ ବାହ୍ୟ ଜୀବନକ୍ଷେତ୍ରରେ ଆପଣାକୁ କୃତକୃ ସନ୍ନିସ୍ଥ କରାଇବାକୁ ମନ କରନ୍ତି, ଅଥବା ସେଠାରେ ବଡ଼ ଅପାରଗ ଏବଂ ଅଫଳପ୍ରଦ ହୋଇ ରହିଥାନ୍ତି । ମୁକ୍ତିର ଅନ୍ୱେଷଣ କରୁଥିବା ବ୍ୟକ୍ତି ଏହି ଦିଗରେ ଆହୁରି ଆଗକୁ ଯିବା ଲାଗି ପ୍ରବୃତ୍ତ ହୁଏ, ଆପଣାର ପ୍ରାକୃତ ସତ୍ତାଟି ଉପରେ ଏକ ଆଲୋକଯୁକ୍ତ ତମୋଗୁଣକୁ ଆଣି ଲଦିଦେବାର ପ୍ରୟାସ କରେ, ଏହା ରକ୍ଷାକାରୀ ଆଲୋକଟି ହେତୁ ଏକ ଅପାରଗତା ନହୋଇ ଅଧିକ ପରିମାଣରେ ଏକ କର୍ମରହିତତାରେହିଁ ପରିଣତ ହୋଇ ରହିଥିବା ସେହି ତମୋଗୁଣଟିକୁ ଆଣି ଲଦିଦେବାର ପ୍ରୟାସ କରେ ଏବଂ ସତ୍ତ୍ୱଗୁଣକୁ ଚିଦ୍‌ଗତତାର ଆଲୋକ ମଧ୍ୟରେ ଆପଣାକୁ ବିଲୀନ କରିଦେବା ଲାଗି ବାଟ ଛାଡ଼ିଦିଏ । ଶରୀର ଉପରେ ଏକ ଶାନ୍ତ ନିବୃତ୍ତିଭାବ ଏବଂ ନିଶ୍ଚଳତାକୁ ଆଣି ଲଦି ଦିଆହୁଏ, କାମନା ତଥା ଅହଂର ସନ୍ନିସ୍ଥ ପ୍ରାଣ-ଆତ୍ମାଟି ଉପରେ ତଥା ବାହ୍ୟ ମନଟି ଉପରେ ସେଗୁଡ଼ିକୁ ଆଣି ଲଦି ଦିଆହୁଏ; ଏବଂ ତେଣେ ସାତ୍ତ୍ୱିକ ପ୍ରକୃତି ଧ୍ୟାନର ଏକାନ୍ତତା ଦ୍ୱାରା, ସବୁ ତ୍ୟାଗ କରି କେବଳ ଭଜନ-ଆରାଧନାରେହିଁ ଆପଣାକୁ

'oaob.nitrkl.ac.in' images reprocessed

ନିବେଶିତ କରି ରଖିବା ଦ୍ୱାରା ଏବଂ ସେହି ସଙ୍କୋଚ ସତ୍ତ୍ୱାଙ୍କ ଆଡ଼କୁହିଁ ନିବଦ୍ଧଦୃଷ୍ଟି ହୋଇ ରହିଥିବା ଏକ ଇଚ୍ଛା ଦ୍ୱାରା ଆପଣାକୁ ତଦ୍‌ଗତତା ମଧ୍ୟରେ ନିମଜ୍ଜିତ କରି ରଖିବାର ଚେଷ୍ଟା କରିବାରେ ଲାଗିଥାଏ । ଏକ ନିବୃତ୍ତିମୂଳକ ମୁକ୍ତିଲାଭ ସକାଶେ ଏହା ଯଥେଷ୍ଟ ହେଲେ ହୋଇପାରେ, ମାତ୍ର ଏକ ସମଗ୍ର ପରିପୂର୍ଣ୍ଣତାର ମୁକ୍ତି ଲାଗି ତାହା କଦାପି ଯଥେଷ୍ଟ ହେବ ନାହିଁ । କାରଣ ଏହି ମୁକ୍ତିଟି ଆପଣାକୁ ଏକ ନିଷ୍କ୍ରିୟତା ଉପରେହିଁ ନିର୍ଭରଶୀଳ କରି ରଖିଛି, ଏବଂ ତେଣୁ ସମ୍ପୂର୍ଣ୍ଣ ଭାବରେ ସ୍ୱସଂସ୍ଥିତ ଓ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଆତ୍ମା କର୍ମ ଆଡ଼କୁ ପ୍ରବୃତ୍ତ ହେବା ମାତ୍ରକେ ତାହା ଦେଖିବାକୁ ପାଉଛି ଯେ ପ୍ରକୃତିର କ୍ରିୟାତ୍ମକତାଟି ତଥାପି ସେହି ପୁରାତନ ଅପୂର୍ଣ୍ଣ ଗତିସ୍ପନ୍ଦନଟି ଭିତରେହିଁ କଳିହୋଇ ରହିଛି । ନିଷ୍କ୍ରିୟତା ଦ୍ୱାରା ଆତ୍ମା ଲାଗି ପ୍ରକୃତିର ପାଶ ମଧ୍ୟରୁ ଏକ ମୁକ୍ତି ଅବଶ୍ୟ ଉପଲବ୍ଧ ହୋଇଥାଏ; ମାତ୍ର କର୍ମ କରୁଥିବାବେଳେ ହେଉ ଅଥବା ନିଷ୍କ୍ରିୟ ରହିବାବେଳେ ହେଉ, ଏହି ପ୍ରକୃତି ମଧ୍ୟରେହିଁ ଅବସ୍ଥିତ ରହିଥିବା ପୂର୍ଣ୍ଣ ତଥା ସ୍ୱସଂସ୍ଥିତ ଆତ୍ମାର ମୁକ୍ତି ସେଥିରୁ କଦାପି ଉପଲବ୍ଧ ହୁଏ ନାହିଁ । ଏହିପରି ଏକ ମୁକ୍ତି ଏବଂ ପୂର୍ଣ୍ଣତା କ'ଣ ପ୍ରକୃତରେ ସମ୍ଭବ ଏବଂ ଏହି ପରିପୂର୍ଣ୍ଣ ମୁକ୍ତି ଲାଭ କରିବାକୁ ହେଲେ କେଉଁସବୁ ସର୍ତ୍ତ ପୂରଣ କରିବାକୁ ହେବ, ତେଣୁ ବର୍ତ୍ତମାନ ଏହି ପ୍ରଶ୍ନଟିହିଁ ଆମ ସମ୍ମୁଖରେ ଆସି ଉପସ୍ଥିତ ହେଉଛି ।

ଏହି ମୁକ୍ତିଟି ଆଦୌ ସମ୍ଭବ ହୋଇପାରିବ ନାହିଁ ବୋଲି ସାଧାରଣତଃ ଧାରଣା କରାଯାଇଥାଏ; କାରଣସ୍ୱରୂପ କୁହାଯାଇଥାଏ ଯେ ଯାବତୀୟ କର୍ମ ହେଉଛି କେବଳ ସେହି ନିମ୍ନତର ଗୁଣଗୁଡ଼ିକର କର୍ମ, ତେଣୁ ଅବଶ୍ୟ ଦୋଷଯୁକ୍ତ (ସଦୋଷଂ); ସେଗୁଡ଼ିକ ସେହି ଗୁଣଗୁଡ଼ିକରହିଁ କ୍ରିୟା, ବିଷମତା, ଭାରସାମ୍ୟହୀନତା ତଥା ଚଞ୍ଚଳ ସଂଘର୍ଷମୟତାରୁହିଁ ଉତ୍ପନ୍ନ ହେବାରେ ଲାଗିଛି । ମାତ୍ର ଯେତେବେଳେ ଏହି ଅସମ ଗୁଣଗୁଡ଼ିକ ପରିପୂର୍ଣ୍ଣ ସମତାର ଏକ ଅବସ୍ଥାରେ ଆସି ପହଞ୍ଚି ଯାଉଛି, ସେତେବେଳେ ପ୍ରକୃତିର ଯାବତୀୟ କ୍ରିୟା ବନ୍ଦ ହୋଇଯାଉଛି ଏବଂ ଆତ୍ମା ଆପଣାର ନିଶ୍ଚଳ ଶାନ୍ତି ମଧ୍ୟରେ ବିଶ୍ରାମ ଲଭୁଛି । ଆମେ ହୁଏତ ଏପରି ବି କହିପାରିବା ଯେ ଦିବ୍ୟ ପରମସତ୍ତ୍ୱା ହୁଏତ ତାହାର ସେହି ଶାନ୍ତିଟି ମଧ୍ୟରେ ଅଧିଷ୍ଠିତ ହୋଇ ରହିପାରିବ ବା ପ୍ରକୃତିର ସାଧନଗୁଡ଼ିକ ମାଧ୍ୟମରେ ପ୍ରକୃତି ମଧ୍ୟରେ କାର୍ଯ୍ୟ କରିପାରିବ; ମାତ୍ର ଏହିପରି କାର୍ଯ୍ୟ କରିବାକୁ ହେଲେ ତାକୁ ଯେକୌଣସି ପ୍ରକାରେ ସେହି ପ୍ରକୃତିରହିଁ ସଂଘର୍ଷ ତଥା ଅପୂର୍ଣ୍ଣତାର ରୂପଟିକୁ ମଧ୍ୟ ଧାରଣ କରିବାକୁ ପଡ଼ିବ । ଏହି କଥାଟି ମାନବାତ୍ମା ଭିତରେ ସେହି ପରମ ଦିବ୍ୟତାର ସାଧାରଣ ପ୍ରତିନିଧିରୂପୀ କର୍ମଟି ବିଷୟରେ ହୁଏତ ସତ୍ୟ ହୋଇପାରେ, କାରଣ ସେତେବେଳେ ପରମ ଦିବ୍ୟତା ଦେହଧାରୀ ଅପୂର୍ଣ୍ଣ ମନୋମୟ ସତ୍ତ୍ୱାରେ ପୁରୁଷ ଏବଂ ପ୍ରକୃତିର ବର୍ତ୍ତମାନ ସମ୍ବନ୍ଧଗୁଡ଼ିକର ଭୂମିରେ କାର୍ଯ୍ୟ କରୁଆନ୍ତି; ମାତ୍ର ତାଙ୍କର ପୂର୍ଣ୍ଣତାମୟୀ ଦିବ୍ୟ ପ୍ରକୃତି ସହିତ ସମ୍ବନ୍ଧଗୁଡ଼ିକ ବିଷୟରେ

'oaob.nitrkl.ac.in' images reprocessed

ଏକଥା ଆଦୌ ସତ୍ୟ ହୋଇପାରିବ ନାହିଁ । ଗୁଣଗୁଡ଼ିକର ସଂଘର୍ଷ ଜନ୍ମ ପ୍ରକୃତିର ଅପୂର୍ଣ୍ଣତା ମଧ୍ୟରେହିଁ ପରମେଶ୍ୱରଙ୍କର ଦିବ୍ୟ ପ୍ରକୃତିର କେବଳ ଏକ ପ୍ରକାର ଅତି ଅପୂର୍ଣ୍ଣ ପ୍ରତିନିଧିତ୍ୱହିଁ କରୁଥାଏ; ଏହି ତିନୋଟିଯାକ ଗୁଣ ପ୍ରକୃତିରେ ଯାହାର ପ୍ରତିନିଧିତ୍ୱ କରୁଥାଏ, ତାହାକୁ ଆମେ ପରମେଶ୍ୱରଙ୍କର ତିନୋଟି ମୂଳଭୂତ ସାମର୍ଥ୍ୟ ବୋଲି ଜାଣିବା, ଯାହାକି କେବଳ କ୍ରିୟାରହିତତାର ଏକ ପରିପୂର୍ଣ୍ଣ ସମତାବସ୍ଥା ମଧ୍ୟରେ ଅବସ୍ଥିତ ରହି ନାହିଁ, ମାତ୍ର ଦିବ୍ୟ କ୍ରିୟାର ଏକ ପରିପୂର୍ଣ୍ଣ ସର୍ବସମ୍ମତ ଭିତରେ ମଧ୍ୟ ଏକତ୍ୱବଦ୍ଧ ହୋଇ ରହିଛି । ଚିଦ୍‌ଗତ ସତ୍ତା ମଧ୍ୟରେ ପ୍ରବେଶ କରି ତମୋଗୁଣ ଏକ ଦିବ୍ୟ ଶାନ୍ତିର ରୂପ ଧାରଣ କରି ନେଇଥାଏ; ସେହି ଶାନ୍ତିକୁ ଆମେ ଜଡ଼ତା ଅଥବା କର୍ମ ଲାଗି ଏକ ଅସମର୍ଥତା ବୋଲି ଆଦୌ କହିପାରିବା ନାହିଁ, ଆମେ ଏହାକୁ ଏକ ପୂର୍ଣ୍ଣ ଶକ୍ତି ବୋଲି କହିବା ଯାହାକି ଆପଣା ମଧ୍ୟରେ ଆପଣାର ସମସ୍ତ ସାମର୍ଥ୍ୟକୁ ଧାରଣ କରି ରଖିଥାଏ ଏବଂ ଏପରିକି ସବୁଠାରୁ ଅଧିକ ବିଶାଳ ଓ ବୃହତ୍ କ୍ରିୟାତ୍ମକତାକୁ ମଧ୍ୟ ନିୟନ୍ତ୍ରିତ କରିବାକୁ ତଥା ଶାନ୍ତିର ବିଧାନଟିର ଅନୁଗତ କରି ରଖିବାକୁ ସମର୍ଥ ହୋଇଥାଏ । ସେଠାରେ ରଜୋଗୁଣ ମଧ୍ୟ ଚିଦ୍‌ଗତତାର ଏକ ଆପଣାକୁ ଆପେ କାର୍ଯ୍ୟକାରୀ କରୁଥିବା ଏବଂ ସକଳ କର୍ମର ଆରମ୍ଭ କରି ପାରୁଥିବା ବିଶୁଦ୍ଧ ସଙ୍କଳ୍ପଶକ୍ତିରେ ପରିଣତ ହୋଇଯାଏ; ଏହି ସଙ୍କଳ୍ପଶକ୍ତିକୁ ଆମେ ବାସନା ବୋଲି କହିବା ନାହିଁ, କେବଳ ଏକ ପ୍ରଚେଷ୍ଟା ବା ଉଦ୍ୟମରତ ଆତୁରତା ବୋଲି କହିପାରିବା ନାହିଁ, ମାତ୍ର ତାହାକୁ ଆମେ ସତ୍ତାଗତ ସେହି ପରିପୂର୍ଣ୍ଣ ଶକ୍ତି ବୋଲିହିଁ କହିବା ଯିଏକି ସର୍ବଦା ଏକ ଅନ୍ତହୀନ, ଅକ୍ଷୁବ୍ଧ ତଥା ଆନନ୍ଦପୂର୍ଣ୍ଣ କର୍ମ କରିବାର ସାମର୍ଥ୍ୟଟିକୁ ବହନ କରିଥାଏ । ଏଠାରେ ସତ୍ତ୍ୱଗୁଣ ମଧ୍ୟ କେବଳ ଏକ ମିଶ୍ରଣଯୁକ୍ତ ମାନସିକ ପ୍ରକାଶମାତ୍ର ହୋଇ ରହେ ନାହିଁ, ତାହା ଦିବ୍ୟ ସତ୍ତାର ସେହି ସ୍ୱୟଂସ୍ଥିତ ଜ୍ୟୋତିରେହିଁ ପରିଣତ ହୋଇଯାଏ, ଯାହାକୁ କି ଆମେ ସତ୍ତାଗତ ପୂର୍ଣ୍ଣ ଶକ୍ତିର ସାରତତ୍ତ୍ୱ ବୋଲି ଜାଣିବା ଏବଂ ଯାହା ଦିବ୍ୟ ଶାନ୍ତି ତଥା ଦିବ୍ୟ କର୍ମସଙ୍କଳ୍ପ ଉଭୟଙ୍କୁହିଁ ସେହି ଏକତ୍ୱମୟ ସ୍ୱରୂପଟିକୁ ଆଲୋକିତ କରି ରଖିଥାଏ । ସାଧାରଣ ମୁକ୍ତ ଦିବ୍ୟ କର୍ମରହିତତା ମଧ୍ୟରେହିଁ ସେହି ନିଶ୍ଚଳ ଦିବ୍ୟ ଆଲୋକଟିକୁ ଲାଭ କରେ, ମାତ୍ର ଏହି ବୃହତ୍ତର ନିତ୍ୟାତ୍ମକ ଏକତ୍ୱହିଁ ସମଗ୍ର ପରିପୂର୍ଣ୍ଣତାର ଧ୍ୟେୟ ହୋଇ ରହିବ ।

ପ୍ରକୃତିର ଭୂମିରେ ଏହି ମୁକ୍ତିଟି ଉପଗତ ହୋଇ ଆସିବା ସଙ୍ଗେସଙ୍ଗେ ପ୍ରକୃତି ଭିତରେ ରହିଥିବା ଯାବତୀୟ ଦ୍ୱନ୍ଦ୍ୱର ଚିଦ୍‌ଗତ ବ୍ୟଞ୍ଜନାଟି ମଧ୍ୟ ଅବଶ୍ୟ ଉନ୍ମୋଚିତ ହୋଇ ଆସିବ । ନିମ୍ନତର ପ୍ରକୃତିରେ ଏହି ଦ୍ୱନ୍ଦ୍ୱସବୁ ସାତ୍ତ୍ୱିକ, ରାଜସିକ ତଥା ତାମସିକ ଅହଂର ରୂପାୟନଗୁଡ଼ିକ ଦ୍ୱାରା ଗ୍ରସ୍ତ ହୋଇ ରହିଥିବା ଆତ୍ମାଟି ଉପରେ ଗୁଣସମୂହର ଯାବତୀୟ କ୍ରିୟାର ଏକ ଅନିବାର୍ଯ୍ୟ ପରିଣାମ ହୋଇ ରହିଥାନ୍ତି । ଅଜ୍ଞାନ ଭିତରେହିଁ ଏହି ଦ୍ୱୈତତା ବା ଦ୍ୱନ୍ଦ୍ୱର ଅସଲ ଗଣ୍ଠିଟି ଯାଇ ପଡ଼ିଥାଏ,

'oaob.nitrkl.ac.in' images reprocessed

କାରଣ ସେହି ଅଜ୍ଞାନ ବସ୍ତୁଗୁଡ଼ିକର ଚିଦ୍‌ଗତ ସତ୍ୟଟିକୁ ଆଦୌ ଧାରଣ କରି ରଖି ପାରେ ନାହିଁ ଏବଂ କେବଳ ଅପୂର୍ଣ୍ଣ ପ୍ରତୀତିଗୁଡ଼ିକରେହିଁ ଅଭିନିବେଶିତ ହୋଇ ରହିଥାଏ; ସେହି ପ୍ରତୀତିଗୁଡ଼ିକର ଅନ୍ତର୍ଗତ ସତ୍ୟଟି ଉପରେ ଅଧିକାରଲାଭ କରି ସେ ସେଗୁଡ଼ିକର ସମ୍ମୁଖୀନ ହୁଏ ନାହିଁ, ମାତ୍ର କେବଳ ଏକ ସଂଘର୍ଷ ମଧ୍ୟରେହିଁ ସେଗୁଡ଼ିକର ସମ୍ମୁଖୀନ ହେଉଥାଏ; ଆକର୍ଷଣ ଓ ବିକର୍ଷଣ, ସାମର୍ଥ୍ୟ ଓ ଅସାମର୍ଥ୍ୟ, ରୁଚି ଓ ଅରୁଚି, ସୁଖ ଓ ଦୁଃଖ, ଆନନ୍ଦ ଓ ନିରାନନ୍ଦ ଏବଂ ସ୍ୱୀକାର ଓ ବିରୋଧର ଏକ ସତତ ପରିବର୍ତ୍ତନମୟ ଭାରସାମ୍ୟ ମଧ୍ୟରେ ତାହା ସେଗୁଡ଼ିକର ସମ୍ମୁଖୀନ ହୁଏ । ଏହିପରି ଭାବରେ ସମୁଦାୟ ଜୀବନଟି ଆମ ଆଗରେ କେବଳ ଏହିସବୁ ବସ୍ତୁର ଏକ ମହାପାଶରୂପେ ଉପସ୍ଥାପିତ ହେବାରେ ଲାଗିଥାଏ, ସୁଖକର ଓ ଅସୁଖକର, ସୁନ୍ଦର ଓ ଅସୁନ୍ଦର, ସତ୍ୟ ଓ ମିଥ୍ୟା, ସୌଭାଗ୍ୟ ଓ ଦୁର୍ଭାଗ୍ୟ, ସଫଳତା ଓ ବିଫଳତା ତଥା ଶୁଭ ଓ ଅଶୁଭର ଏକ ଗ୍ରନ୍ଥି ଅର୍ଥାତ୍ ପ୍ରକୃତିର ସେହି ଦ୍ୱୈତାତ୍ମକ ଜଟିଳ ଜାଲରୂପେହିଁ ଉପସ୍ଥାପିତ ହେବାରେ ଲାଗିଥାଏ । ଆପଣାର ରୁଚି ତଥା ଅରୁଚିଗୁଡ଼ିକ ପ୍ରତି ଆସକ୍ତି ଆତ୍ମାକୁ ଶୁଭ ଓ ଅଶୁଭ ତଥା କେତେକେତେ ଆନନ୍ଦ ଓ ନିରାନନ୍ଦର ଏହି ଜାଲଟି ଭିତରେ ଆଣି ବାନ୍ଧି ରଖିଦିଏ । ମୁକ୍ତିକାମୀ ସାଧକ ଏହି ଆସକ୍ତିରୁ ନିଷ୍କୃତି ଲାଭ କରେ, ଆପଣାର ଆତ୍ମାକୁ ଦ୍ୱୈତତାଗୁଡ଼ିକରୁ ବାହାର କରି ଫିଙ୍ଗିଦିଏ; ମାତ୍ର ଏହି ଦ୍ୱୈତତାଗୁଡ଼ିକହିଁ ଜୀବନର ଯାହାକିଛି କର୍ମ, ଉପାଦାନ ଏବଂ ଗଠନ ବୋଲି ପ୍ରତୀତ ହେଉଥିବାରୁ, ଏହି ମୁକ୍ତିଟିକୁ ଲାଭ କରିବା ସକାଶେ ଜୀବନର ବର୍ଜନ କରିବାକୁହିଁ ହୁଏତ ସବୁଠାରୁ ଅଧିକ ସହଜ ପନ୍ଥା ବୋଲି ମନେ ହୋଇପାରେ; ଏହି ବର୍ଜନ ବା ପ୍ରତ୍ୟାହାର, ଶରୀରରେ ରହିଥିବା ଅବସ୍ଥାରେ ସେପରି କରିବା ଯେତେ ଦୂର ସମ୍ଭବ ହେବ, କର୍ମଗୁଡ଼ିକର ବାହ୍ୟ ଓ ଭୌତିକ ତ୍ୟାଗ ହୋଇପାରେ, ଅଥବା ସକଳ କର୍ମରୁ ଏକ ଅନ୍ତର୍ଗତ ନିବୃତ୍ତି ମଧ୍ୟ ହୋଇପାରେ ବା ପ୍ରକୃତିର ଯାବତୀୟ କର୍ମ ଲାଗି ଅନୁମତି ଦେବାକୁ ଏକ ନାସ୍ତି ବି ହୋଇପାରେ କିଂବା ମୁକ୍ତିଦାୟକ ଏକ ବିରକ୍ତି ଅର୍ଥାତ୍ ବୈରାଗ୍ୟ ମଧ୍ୟ ହୋଇପାରେ । ଏହିପରି ଭାବରେ ଆତ୍ମା ପ୍ରକୃତିଠାରୁ ପୃଥକ୍ ହୋଇହିଁ ରହିଯାଏ । ସେତେବେଳେ ଆତ୍ମା ଉଦାସୀନ ଭାବରେ କେବଳ ନିରୀକ୍ଷଣହିଁ କରୁଥାଏ, ପ୍ରାକୃତ ସତ୍ତାରେ ରହିଥିବା ଗୁଣଗୁଡ଼ିକର ସଂଘର୍ଷଟି ଉପରେ ଦୃଷ୍ଟିପାତ କରୁଥାଏ, ମନ ଓ ଶରୀରର ଯାବତୀୟ ସୁଖାବେଶ ଓ ଦୁଃଖାବେଶକୁ ଆବେଶଶୂନ୍ୟ ସାକ୍ଷୀରୂପେ ଚାହିଁ ଦେଖୁଥାଏ । ଅଥବା, ତାହା ବହିଃସ୍ଥ ମନଟି ଉପରେ ମଧ୍ୟ ଆପଣାର ଏହି ଉଦାସୀନତାଟିକୁ ଆଣି ଲଦିଦେବାରେ ସମର୍ଥ ହୋଇଯାଏ ଓ ଆସକ୍ତିମୁକ୍ତ ସାକ୍ଷୀର ତଟସ୍ଥ ଶାନ୍ତି ଓ ତଟସ୍ଥ ପ୍ରସନ୍ନତା ସହିତ ବିଶ୍ୱବିସ୍ତାର ଅବଲୋକନ କରୁଥାଏ, ଯାହା ଭିତରେ କି ସେ ବର୍ତ୍ତମାନ ଆଉ କୌଣସି ପ୍ରକାର ସକ୍ରିୟ ଅନ୍ତର୍ଗତ ଅଂଶଗ୍ରହଣ କରୁ ନଥାଏ । ଏହି

'oaob.nitrkl.ac.in' images reprocessed

ସ୍ୱରଣୀଟିର ଶେଷରେ ଜନ୍ମର ପରିତ୍ୟାଗ ଉପଲବ୍ଧ ହୁଏ, ନିଷ୍କଳ ଆତ୍ମା ଭିତରକୁ ଏକ ପ୍ରସ୍ଥାନ ଅର୍ଥାତ୍ ମୋକ୍ଷ ଉପଲବ୍ଧ ହୁଏ ।

ମାତ୍ର ଏହି ବର୍ଜନହିଁ ମୁକ୍ତିଲାଭର ସର୍ବଶେଷ ସମ୍ଭାବ୍ୟ କଥା ନୁହେଁ । ବୈରାଗ୍ୟକୁ ଅବଲମ୍ବନ କରି ରହିଥିବା ଏହି ମୁମୁକ୍ଷୁ ଯେତେବେଳେ ସ୍ୱୟଂ ଅତିକ୍ରାନ୍ତ ହୋଇଯାଏ, ସେତିକବେଳେହିଁ ପୂର୍ଣ୍ଣ ମୁକ୍ତିର ଉପଲବ୍ଧି ହୁଏ । ସେତେ-ବେଳେ ଆତ୍ମା ପ୍ରକୃତିର ଯାବତୀୟ ନିମ୍ନତର କ୍ରିୟାରେ ଲିପ୍ତ ହୋଇ ରହିବା ତଥା ପରମେଶ୍ୱରଙ୍କର ବିଶ୍ୱକ୍ରିୟାଟି ପ୍ରତି କୌଣସି ପ୍ରକାର ଘୃଣା ପ୍ରକାଶ କରିବା ଉଭୟଟିରୁହିଁ ମୁକ୍ତ ହୋଇଯିବ । ଯେତେବେଳେ ତଦ୍‌ଗତ ବିଜ୍ଞାନମୟତା ପ୍ରକୃତିର ଯାବତୀୟ କର୍ମର ଏକ ଅତିମାନସ ଜ୍ଞାନ ଦ୍ୱାରା ସମ୍ପନ୍ନ ହୋଇ ଏବଂ ତେଣୁ ତାହାକୁ ସ୍ୱୀକାର କରିନେଇ ତଥା ତାହାକୁ ଆରମ୍ଭ କରିବାର ଅତିମାନସ ଓ ଜ୍ୟୋତିର୍ମୟ ସଂକଳ୍ପ ଦ୍ୱାରା ଯୁକ୍ତ ହୋଇ କାର୍ଯ୍ୟ କରିପାରିବ, ସେତିକବେଳେ ଏହି ମୁକ୍ତି ଆପଣାର ସମ୍ପୂର୍ଣ୍ଣତା ଲାଭ କରିବ । ବିଜ୍ଞାନମୟତା ପ୍ରକୃତି ଭିତରେ ଆଧ୍ୟାତ୍ମିକ ତାତ୍ପର୍ଯ୍ୟଟିକୁ ଆବିଷ୍କାର କରିନେବ, ବସ୍ତୁଗୁଡ଼ିକରେ ପରମେଶ୍ୱରଙ୍କୁ ଆବିଷ୍କାର କରିବ, ଯେତେ ବିପରୀତ ହୋଇ ଦେଖା ଯାଉଥିଲେ ମଧ୍ୟ ସକଳ ବସ୍ତୁରେ ମଙ୍ଗଳମୟ ଆତ୍ମାଟିକୁ ଖୋଜିନେଇ ପାରିବ; ସେତେବେଳେ ସେହି ଆତ୍ମା ବସ୍ତୁଗୁଡ଼ିକ ମଧ୍ୟରେ ତଥା ବସ୍ତୁଗୁଡ଼ିକ ମଧ୍ୟରୁ ବିମୋଚିତ ହୋଇଯିବ, ଅପୂର୍ଣ୍ଣ ଅଥବା ବିପରୀତାଭାସୀ ରୂପାୟନଗୁଡ଼ିକର ଯାବତୀୟ ବିକୃତି ତଳକୁ ଖସିପଡ଼ିବ ବା ଆପଣାର ଉଚ୍ଚତର ଦିବ୍ୟ ସତ୍ୟକୁ ରୂପାନ୍ତରିତ ହୋଇଯିବ;—ଗୁଣଗୁଡ଼ିକ ଯେପରି ସେମାନଙ୍କର ଦିବ୍ୟ ତତ୍ତ୍ୱର ଭୂମିଟିକୁ ଫେରିଯାଆନ୍ତି, ଠିକ୍ ସେହିପରି;—ଏବଂ ଆତ୍ମା ସେତେବେଳେ ଏକ ବିଶ୍ୱାତ୍ମକ, ଅନନ୍ତ ଓ ପରମ ସତ୍ୟ, ଶିବ, ସୁନ୍ଦର ତଥା ଆନନ୍ଦ ଭିତରେ ଅବସ୍ଥାନ କରିବାକୁ ଲାଗିବ, ଯାହାକି ସେହି ଅତିମାନସ ବା ଆଦର୍ଶ ଦିବ୍ୟ ପ୍ରକୃତିରୂପେ ସଦାବିଦ୍ୟମାନ ରହିଛି । ସେତେବେଳେ ପ୍ରକୃତିର ମୁକ୍ତି ଓ ଆତ୍ମାର ମୁକ୍ତି ପରସ୍ପର ସହିତ ଅଭିନ୍ନ ହୋଇ ରହିବେ ଏବଂ ଏହି ସମଗ୍ର ମୁକ୍ତିଟି ଭିତରେହିଁ ସମଗ୍ର ପରିପୂର୍ଣ୍ଣତାଟି ପ୍ରତିଷ୍ଠିତ ହୋଇ ରହିବ ।

'oaob.nitrkl.ac.in' images reprocessed

ଦଶମ ପରିଚ୍ଛେଦ

# ପୂର୍ଣ୍ଣତାର ଉପାଦାନ

ଯେତେବେଳେ ଆତ୍ମା ସାଧନାତ୍ମକ ପ୍ରକୃତିର ଅସତ୍ୟମୟ ତଥା ସଂଶୟପୂର୍ଣ୍ଣ ନିଷ୍ପତ୍ତି ମଧ୍ୟରୁ ଶୁଦ୍ଧ ହୋଇଆସେ ଏବଂ ଆପଣାର ସ୍ୱୟଂସ୍ଥିତ ସତ୍ତା, ଚେତନା, ସାମର୍ଥ୍ୟ ଏବଂ ଆନନ୍ଦ ମଧ୍ୟକୁ ବିମୋଚିତ ହୋଇଯାଏ, ଏବଂ ଯେତେବେଳେ ସ୍ୱୟଂ ପ୍ରକୃତି ମଧ୍ୟ ସଂଘର୍ଷଲିପ୍ତ ଗୁଣ ତଥା ଦ୍ୱୈତତାଗୁଡ଼ିକର ଏହି ନିମ୍ନତର ନିୟମର ଫାଶ ଭିତରୁ ମୁକ୍ତ ହୋଇଯାଏ ଓ ଦିବ୍ୟ ପ୍ରଶାନ୍ତ ତଥା ଦିବ୍ୟ ନିୟମର ଉଚ୍ଚ ସତ୍ୟଟି ମଧ୍ୟରେ ପ୍ରବେଶ କରେ, ସେତିକିବେଳେ ଯାଇ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ସମ୍ଭବ ହେବାକୁ ଲାଗେ । ଶୁଦ୍ଧୀକରଣ ଏବଂ ସ୍ୱତନ୍ତ୍ରତା ଏହି ଦୁଇଟିକୁହିଁ ଆମେ ପରିପୂର୍ଣ୍ଣତାଲାଭର ଅପରିହାର୍ଯ୍ୟ ପୂର୍ବସର୍ତ୍ତ ବୋଲି ଜାଣିବା । ଦିବ୍ୟ ସତ୍ତାର ପ୍ରକୃତିଟି ସହିତ ଏକରୂପତା ଅର୍ଜନ କରିବା ଲାଗି ବିକଶିତ ହୋଇଉଠିବାହିଁ ଏକ ଆଧ୍ୟାତ୍ମିକ ଆତ୍ମ-ପରିପୂର୍ଣ୍ଣତାର ଯଥାର୍ଥ ଅର୍ଥ ହୋଇପାରିବ, ଏବଂ ତେଣୁ ଦିବ୍ୟ ସତ୍ତା ବିଷୟରେ ଆମର କଳ୍ପନାଟି ଅନୁସାରେ ତାହାହିଁ ଏହି ପରିପୂର୍ଣ୍ଣତା ଲାଗି ଆମ ସାଧନାରେ ପ୍ରକୃତ ଧ୍ୟେୟ, ଉଦ୍ୟମ ତଥା ପଦ୍ଧତି ହୋଇ ରହିବ । ଆବେଗଶୂନ୍ୟ, ନୈର୍ବ୍ୟକ୍ତିକ ଓ ଆତ୍ମଚେତନାଯୁକ୍ତ ପରମ ନିର୍ବିଶେଷତାକୁହିଁ ମାୟାବାଦୀ ସତ୍ତାର ସର୍ବୋଚ୍ଚ ବା ଅଧିକ ଯଥାର୍ଥ ସ୍ତରରେ କହିଲେ ଏକମାତ୍ର ଯଥାର୍ଥ ସତ୍ୟ ବୋଲି କହିଥାଏ, ଏବଂ ତେଣୁ ଆପଣାକୁ ତଦ୍‌ଗତତାର ଏକ ଆବେଗଶୂନ୍ୟ ଶାନ୍ତି, ନୈର୍ବ୍ୟକ୍ତିକତା ଏବଂ ଶୁଦ୍ଧ ଆତ୍ମଚେତନା ମଧ୍ୟକୁ ବିକଶିତ କରାଇ ନେବାକୁହିଁ ସେ ପରିପୂର୍ଣ୍ଣତା ବୋଲି ଜାଣିଥାଏ ଓ ବିଶ୍ୱ-ସତ୍ତା ତଥା ବ୍ୟକ୍ତି-ସତ୍ତାକୁ ବର୍ଜନ କରି ନିଶ୍ଚଳ ଆତ୍ମଜ୍ଞାନ ମଧ୍ୟରେ ବିଶ୍ରାନ୍ତି ଲାଭ କରିବାକୁହିଁ ସେ ମାର୍ଗ ବୋଲି ଗ୍ରହଣ କରି ନେଇଥାଏ । ବୌଦ୍ଧମାର୍ଗୀ ଚରମ ସତ୍ୟ କହିଲେ ସତ୍ତାର ଅସ୍ୱୀକାର କରିବାକୁ ବୁଝିଥାଏ, ସତ୍ତାର କ୍ଷଣଭଙ୍ଗୁରତା ଏବଂ ଦୁଃଖମୟତା ତଥା କାମନାର ବିନାଶକାରୀ ନିଃସାରତାର ବୋଧ, ଅହଂକାର ତଥା ତାହାକୁ ଧାରଣ କରି ରଖିଥିବା ବିଚାରସଂସ୍କାରର ଓ କର୍ମଶୃଙ୍ଖଳାର ବିଲୟକୁହିଁ ସେ ସମ୍ପୂର୍ଣ୍ଣ ମାର୍ଗ ବୋଲି ଗ୍ରହଣ କରିଥାଏ । ସର୍ବୋଚ୍ଚ ସତ୍ତା ବିଷୟରେ ରହିଥିବା ଅନ୍ୟ

'oaob.nitrkl.ac.in' images reprocessed

ଧାରଣାଗୁଡ଼ିକ ଅବଶ୍ୟ ଏତେଦୂର ନକାରାତ୍ମକ ନୁହନ୍ତି; ଆପଣାର ବିସ୍ତୃତି ଅନୁସାରେ ପ୍ରତ୍ୟେକେ ପରମ ଦିବ୍ୟତାର କୌଣସି ନା କୌଣସି ସାଦୃଶ୍ୟ ଆଡ଼କୁ ଅଗ୍ରସର ହୋଇଯାନ୍ତି ଏବଂ ଆପଣା ଲାଗି ବାଟଟିଏ ଖୋଜି ବାହାର କରନ୍ତି; ଉଦାହରଣସ୍ୱରୂପ ଆମେ ଏଠାରେ ଭକ୍ତର ପ୍ରେମ ଓ ପୂଜାର ଉଲ୍ଲେଖ କରିପାରିବା ଏବଂ ପ୍ରେମ ଦ୍ୱାରା ପରମେଶ୍ୱରଙ୍କ ସହିତ ଏକ ସାଦୃଶ୍ୟର ବିକାଶ କରିବାର ଉଲ୍ଲେଖ କରିପାରିବା । ମାତ୍ର ପୂର୍ଣ୍ଣ ବା ସମଗ୍ର ଯୋଗ ଲାଗି ପରିପୂର୍ଣ୍ଣତା କହିଲେ ଏପରି ଏକ ଦିବ୍ୟ ତଦ୍‌ଗତତା ତଥା ଦିବ୍ୟ ପ୍ରକୃତିକୁ ବୁଝାଇବ ଯାହା ମଧ୍ୟରେ କି ଏହି ଜଗତ ମଧ୍ୟରେ ଏକ ଦିବ୍ୟ ସମ୍ବନ୍ଧ ତଥା ଦିବ୍ୟ କର୍ମ ଲାଗି ଏକ ସ୍ୱୀକୃତି ମଧ୍ୟ ରହିଥିବ; ଆପଣାର ପୂର୍ଣ୍ଣ ତାତ୍ପର୍ଯ୍ୟଟିର କ୍ଷେତ୍ରରେ ଏହା ସମୁଦାୟ ପ୍ରକୃତିଟିକୁ ଦିବ୍ୟ ପ୍ରକୃତିରେ ପରିଣତ କରିଦେବାକୁ ମଧ୍ୟ ବୁଝାଇବ, ଏହି ପ୍ରକୃତିଟିର ସତ୍ତା ଓ କର୍ମଗତ ସକଳ ମିଥ୍ୟା ଗ୍ରନ୍ଥିକୁ ବର୍ଜନ କରି ଆସିବାକୁ ବୁଝାଇବ, ମାତ୍ର ତା' ବୋଲି ଆମ ସତ୍ତାର କୌଣସି ଭାଗ ଅଥବା ଆମ କ୍ରିୟାର କୌଣସି କ୍ଷେତ୍ରକୁ ବର୍ଜନ ବା ପରିତ୍ୟାଗ କରିବାକୁ କଦାପି ବୁଝାଇବ ନାହିଁ । ତେଣୁ ପରିପୂର୍ଣ୍ଣତା ଆଡ଼କୁ ଆମର ଅଗ୍ରସର ହେବାଟି ଅବଶ୍ୟ ଏକ ବୃହତ୍ତ ଏବଂ ଅନେକମୁଖୀ ଗତିସ୍ପନ୍ଦନ ହୋଇ ରହିବ, ଏବଂ ତାହାର ପରିଣାମ ତଥା କ୍ରିୟାତ୍ମକତାଗୁଡ଼ିକର କ୍ଷେତ୍ରରେ ମଧ୍ୟ ଅନ୍ତହୀନ ଓ ବହୁବିଧ ବ୍ୟାପ୍ତି ସବୁବେଳେ ରହିଥିବ । କୌଣସି ସୂତ୍ର ଅଥବା ପଦ୍ଧତି ଖୋଜି ବାହାର କରିବା ଲାଗି ଆମକୁ ସିଦ୍ଧିର କେତୋଟି ସାରଭୂତ ମୌଳିକ ଉପାଦାନ ଏବଂ ଆବଶ୍ୟକ ସାଧନ ଉପରେ ଆପଣାର ଧ୍ୟାନକୁ ନିର୍ଦ୍ଦିଷ୍ଟ କରି ରଖିବାକୁ ହେବ; କାରଣ ଯଦି ଏଗୁଡ଼ିକ ସୁରକ୍ଷିତ ଭାବରେ ଉପଲବ୍ଧ ହୋଇ-ଯାଆନ୍ତି, ତେବେ ଅବଶିଷ୍ଟ ସବୁକିଛି ଏଗୁଡ଼ିକର କେବଳ ଏକ ସ୍ୱାଭାବିକ ବିକାଶ ବା ଏଗୁଡ଼ିକର କ୍ରିୟାର ଏକ ବିଶେଷ ପରିଣାମ ବୋଲିହିଁ ପରିଦୃଷ୍ଟ ହେବାକୁ ଲାଗିବ । ଏହିସବୁ ଉପାଦାନକୁ ଆମେ ଛଅଟି ଭାଗରେ ବିଭକ୍ତ କରିପାରିବା; ଏହି ଭାଗଗୁଡ଼ିକ ପରସ୍ପର ଉପରେ ଅନେକ ପରିମାଣରେ ଅବଶ୍ୟ ନିର୍ଭରଶୀଳ ହୋଇ ରହିବେ ସତ, ମାତ୍ର ତଥାପି ଏକ ବିଶେଷ ଦୃଷ୍ଟିରୁ ବିଚାର କଲେ ସେଗୁଡ଼ିକ ଉପଲବ୍ଧ ହେବାର କ୍ରମରେ ବଡ଼ ସ୍ୱାଭାବିକ ଭାବରେ ପୂର୍ବାପର ହୋଇହିଁ ରହିବେ । ଉପଲବ୍ଧିର ଏହି ପ୍ରକ୍ରିୟାଟି ଆତ୍ମାର ଏକ ମୌଳିକ ସମତାରୁ ଆରମ୍ଭ ହେବ ଏବଂ ଉପରକୁ ଉଠି ଯାଉଯାଉ ଏପରି ଏକ ଅବସ୍ଥାରେ ଆସି ପହଞ୍ଚିବ, ଯେଉଁଠାରେ କି ବ୍ରାହ୍ମୀ ଏକତାର ବିଶାଳ ବିସ୍ତାର ମଧ୍ୟରେ ଆମର ପୂର୍ଣ୍ଣତାପ୍ରାପ୍ତ ସତ୍ତାଟି ଦ୍ୱାରା ପରମ ଦିବ୍ୟତାଙ୍କର ଆଦର୍ଶ କର୍ମଟି ସମ୍ପନ୍ନ ହୋଇ ପାରୁଥିବ ।

ଏହି କ୍ରମଟିର ପ୍ରଥମ ଆବଶ୍ୟକତାରୂପେ ଆତ୍ମା ଆପଣାର ମର୍ମଗତ ତଥା ପ୍ରାକୃତ ଉଭୟ ସତ୍ତାରେ ଏପରି ଏକ ଆଧାରଭୂତ ସମସ୍ଥିତିର ଉପଲବ୍ଧି କରିବ, ଯେଉଁଠାରୁ କି ତାହା ପ୍ରକୃତିର ଯାବତୀୟ ବସ୍ତୁ, ଯାବତୀୟ ସ୍ପର୍ଶାଘାତ ଓ ଯାବତୀୟ

'oaob.nitrkl.ac.in' images reprocessed

କ୍ରିୟାତ୍ମକତାକୁ ଅବଲୋକନ କରିପାରିବ ଓ ସେଗୁଡ଼ିକର ସମ୍ମୁଖୀନ ହୋଇପାରିବ । ଆପଣାକୁ ଏକ ପରିପୂର୍ଣ୍ଣ ସମତା ମଧ୍ୟକୁ ବିକଶିତ କରିନେଇ ଆମେ ଏହି ସ୍ଥିତିଟିରେ ଯାଇ ପହଞ୍ଚି ପାରିବା । ଆତ୍ମା, ଚିଦ୍‌ଗତତା ବା ବ୍ରହ୍ମ ସବୁକିଛୁ ମଧ୍ୟରେହିଁ ସେହି ଏକ ହୋଇ ରହିଛି ଏବଂ ତେଣୁ ତାହା ସବୁରି ପ୍ରତି କେବଳ ସମାନହିଁ ହୋଇ ରହିଛି, ଗୀତାରେ,—ଯେଉଁଠି କି ସମତାର ଏହି ବିଗ୍ରହଟିକୁ ପୂର୍ଣ୍ଣଭାବରେ ବିକଶିତ କରି ଅଣାଯାଇଛି ଏବଂ ସମତାର ଅନ୍ତତଃ ଗୋଟିଏ ଦିଗ ବିଷୟରେ ଯେଉଁଠି ଆପଣାର ଅନୁଭବଟିକୁ ମଧ୍ୟ ନିର୍ଦେଶିତ କରି ଦିଆଯାଇଛି,—କୁହାଯାଇଥିବା ପରି ଆମେ ଏହାକୁ 'ସମଂ ବ୍ରହ୍ମ' ବୋଲି କହିପାରିବା । ଏପରିକି ଆପଣାର ଗୋଟିଏ ଶ୍ଳୋକରେ ଗୀତା ସମତା ଏବଂ ଯୋଗକୁ ସେହି ଗୋଟିଏ ବସ୍ତୁ ବୋଲି ଘୋଷଣା କରିଛି, 'ସମତ୍ୱଂ ଯୋଗ ଉଚ୍ୟତେ' ବୋଲି କହିଛି । ଅର୍ଥାତ୍, ସମତା ହେଉଛି ବ୍ରହ୍ମ ସହିତ ଏକତ୍ୱବିଦ୍ଧ ହେବାର ଚିହ୍ନ, ସ୍ୱୟଂ ବ୍ରହ୍ମରେ ପରିଣତ ହେବାର ଚିହ୍ନ, ପରମ ଅନନ୍ତଙ୍କ ମଧ୍ୟରେ ସତ୍ତାର ଏକ ଅବିଚଳ ଚିଦ୍‌ଗତ ସ୍ଥିତି ମଧ୍ୟକୁ ବିକଶିତ ହୋଇଯିବାର ଏକ ସଙ୍କେତ । ଏହାର ମହତ୍ତ୍ୱଟି ବିଷୟରେ କୌଣସି ଅତିରଞ୍ଜନ ସମ୍ଭବ ନୁହେଁ; କାରଣ ଆମେ ଯେ ଆମ ପ୍ରକୃତିର ଅହଂପ୍ରେରିତ ନିରୂପଣଗୁଡ଼ିକର ସୀମାଟିକୁ ପାର ହୋଇ ଯାଇଛୁ, ଯାବତୀୟ ଦ୍ୱୈତତା ପ୍ରତି ଆପଣାର ଦାସତାମୟ ପ୍ରତିସ୍ପନ୍ଦନଗୁଡ଼ିକ ଉପରେ ଯେ ଆମେ ବିଜୟ ଲାଭ କରିପାରିଛୁ, ଗୁଣତ୍ରୟର ସତତଚଞ୍ଚଳ ବିକ୍ଷୋଭଟିକୁ ଆମେ ଉତ୍ତୀର୍ଣ୍ଣ ହୋଇଯାଇଛୁ ଏବଂ ଯଥାର୍ଥ ବିମୋଚନର ନିଶ୍ଚଳତା ଏବଂ ଶାନ୍ତି ମଧ୍ୟରେ ଯେ ଆମେ ପ୍ରବିଷ୍ଟ ହୋଇପାରିଛୁ, ସମତା ହେଉଛି ତାହାରି ସଙ୍କେତ । ସମତାକୁ ଆମେ ଚେତନାରହିଁ ଏକ ସ୍ଥିତି ବୋଲି କହିବା, ଯାହାକି ଆମ ସତ୍ତା ଓ ପ୍ରକୃତିର ସମୁଦାୟ କ୍ଷେତ୍ରଟିକୁ ସେହି ପରମ ଅନନ୍ତସତ୍ତାର ଶାଶ୍ୱତ ଶାନ୍ତିକୁ ବହନ କରି ନେଇଆସେ । ପୁନଶ୍ଚ, ଏହାହିଁ ହେଉଛି ଏକ ସୁଦୃଢ଼ ଏବଂ ପୂର୍ଣ୍ଣ ଭାବରେ ଦିବ୍ୟ କର୍ମର ଆବଶ୍ୟକ ସର୍ତ୍ତ; ସେହି ସମତାର ଶାଶ୍ୱତ ଶାନ୍ତି ଉପରେହିଁ ପରମ ଅନନ୍ତ ସତ୍ତାର ବିଶ୍ୱ-କ୍ରିୟାଟିର ଦୃଢ଼ତା ଏବଂ ବିଶାଳତା ଆଧାରିତ ହୋଇ ରହିଛି, ସେହି ବିଶାଳତା ଏହି ଶାନ୍ତିଟିକୁ କଦାପି ଭଙ୍ଗ କରିଦେଇ ନାହିଁ କିଂବା କେବେହେଲେ ସେଥିରୁ ବିଚ୍ୟୁତ ହୋଇପଡ଼ି ନାହିଁ । ପୁନଶ୍ଚ, ତାହାହିଁ ପରିପୂର୍ଣ୍ଣ ଚିଦ୍‌ଗତ କ୍ରିୟାର ମଧ୍ୟ ଅବଶ୍ୟ ସ୍ୱଭାବ ହୋଇ ରହିବ; ଆତ୍ମା, ବୋଧଭୂମି, ମନ, ହୃଦୟ ତଥା ପ୍ରାକୃତ ଚେତନାରେ,—ଏପରିକି ସ୍ଥୂଳତମ ଭୌତିକ ଚେତନାରେ ମଧ୍ୟ,—ସକଳ ବସ୍ତୁ ପ୍ରତି ସମ ତଥା ଏକ ହୋଇ ରହିବା ଏବଂ କରଣୀୟ କାର୍ଯ୍ୟଟି ପ୍ରତି ସେଗୁଡ଼ିକର ବାହ୍ୟ ଅନୁକୂଳତା ଯେପରି ହୋଇଥାଉ ପଛକେ, ସେଗୁଡ଼ିକର ଯାବତୀୟ କ୍ରିୟାକୁ ସର୍ବଦା ଏବଂ ଅକ୍ଷୁବ୍ଧ ଭାବରେ ଦିବ୍ୟ ସମତା ଏବଂ ଶାନ୍ତି ଦ୍ୱାରା ପୂର୍ଣ୍ଣ କରି ରଖିବାହିଁ ତାହାର ଅନ୍ତରତମ ବିଧାନ ହୋଇ ରହିବା ଉଚିତ । ଏହାକୁ ଆମେ ତୁଏତ ସମତାର

'oaob.nitrkl.ac.in' images reprocessed

ନିଷ୍କ୍ରିୟ ବା ମୌଳିକ, ଆଧାରଗତ ଅଥବା ଗ୍ରହଣକ୍ଷମ ଦିଗଟି ବୋଲି କହିପାରିବା, ମାତ୍ର ଏଇଟି ବ୍ୟତୀତ ତାହାର ଏକ ସକ୍ରିୟ ତଥା ପ୍ରଭୁତ୍ୱସମ୍ପନ୍ନ ଦିଗ ମଧ୍ୟ ରହିଛି, ଏକ ସମ ଆନନ୍ଦାନୁଭବ ରହିଛି, ଯାହାକି, ଯେତେବେଳେ ସମତାର ଶାନ୍ତି ପ୍ରତିଷ୍ଠିତ ହୋଇଯିବ ଏବଂ ଯାହାକୁ ଆମେ ଏହାର ପୂର୍ଣ୍ଣତାର ଆନନ୍ଦମୟ ପୃଷ୍ଠ ବୋଲି କହି ପାରିବା, କେବଳ ସେତିକବେଳେ ସମ୍ଭବ ହୋଇପାରିବ ।

ମନୁଷ୍ୟପ୍ରକୃତିର ଯାବତୀୟ ସକ୍ରିୟ ଭାଗଗୁଡ଼ିକୁ ସେଗୁଡ଼ିକର, ଶକ୍ତିର ସେହି ସର୍ବୋଚ୍ଚ ସ୍ଥିତି ବା କାର୍ଯ୍ୟକାରୀ ପ୍ରକଟିଯାଏ ଉନ୍ନୀତ କରିନେବା, ଯେଉଁଠାରେ କି ସେମାନେ ମୁକ୍ତ, ପୂର୍ଣ୍ଣ, ତତ୍‌ଗତ ତଥା ଦିବ୍ୟ କ୍ରିୟାର ଗୋଟିଏ ଗୋଟିଏ ଯଥାର୍ଥ ସାଧନର ଦିବ୍ୟ ସ୍ୱରୂପରୂପେ ରୂପାନ୍ତରିତ ହୋଇଯିବାର ସାମର୍ଥ୍ୟ ଲାଭ କରିପାରିବେ, ଏଇଟି ହେଉଛି ପରିପୂର୍ଣ୍ଣତାର ପରବର୍ତ୍ତୀ ଆବଶ୍ୟକତା । ବ୍ୟାବହାରିକ ଦୃଷ୍ଟିରୁ ବିଗ୍ଭର କରି ଆମେ ଏଠାରେ ଆମର ବୋଧଶକ୍ତି, ହୃଦୟ, ପ୍ରାଣ ତଥା ଶରୀରକୁ ଆମ ପ୍ରକୃତିର ଗ୍ଭରୋଟି ଅଙ୍ଗରୂପେ ଗ୍ରହଣ କରିପାରିବା, ଯେଉଁଗୁଡ଼ିକୁ କି ଏହିପରି ଭାବରେ ପ୍ରସ୍ତୁତ କରି ଆଣିବାକୁ ହେବ, ଏବଂ ଆମକୁ ସେଗୁଡ଼ିକର ପୂର୍ଣ୍ଣତାକୁ ଗଠନ କରୁଥିବା ଅବସ୍ଥା-ଗୁଡ଼ିକୁ ଖୋଜି ବାହାର କରିବାକୁ ହେବ । ଏହାଛଡ଼ା, ଆମ ଭିତରେ ଚରିତ୍ର ଏବଂ ଆନ୍ତରିକ ପ୍ରକୃତି ଅର୍ଥାତ୍ ସ୍ୱଭାବର କ୍ରିୟାଶୀଳ ଶକ୍ତି ବା ବୀର୍ଯ୍ୟ ରହିଛି, ଯାହାକି ଆମ ସାଧନଗୁଡ଼ିକର ଶକ୍ତିକୁ କ୍ରିୟାର ଭୂମିରେ ସଫଳ କରାଇ ଦେଉଛି, ସେଗୁଡ଼ିକୁ ସେଗୁଡ଼ିକର ବୈଶିଷ୍ଟ୍ୟ ଓ ଦିଗ ଆଣି ଦେଉଛି; ଏହି ବୀର୍ଯ୍ୟକୁ ତାହାର ଯାବତୀୟ ସୀମାସଙ୍କୋଚ ଭିତରୁ ମୁକ୍ତ କରି ଆଣିବାକୁ ପଡ଼ିବ, ତାହାକୁ ବୃହତ୍, ଅଖଣ୍ଡ ବା ନିଖୁଣ କରି ପାରିବାକୁ ହେବ, ଯେପରିକି ଆମ ଭିତରର ସମୁଦାୟ ମନୁଷ୍ୟତ୍ୱଟି ଏକ ଦିବ୍ୟ ମାନବତାର ଆଧାରରେ ପରିଣତ ହୋଇପାରିବ; ସେତେବେଳେ ପୁରୁଷ ଅର୍ଥାତ୍ ଆମ ଭିତରେ ରହିଥିବା ପ୍ରକୃତ ମନୁଷ୍ୟ ଅର୍ଥାତ୍ ସେହି ଦିବ୍ୟ ଆତ୍ମା ଏହି ମନୁଷ୍ୟରୂପୀ ଯନ୍ତ୍ରଟି ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କରିବ, ଏବଂ ମନୁଷ୍ୟାକୃତି ଏହି ପାତ୍ରଟି ମଧ୍ୟଦେଇ ପ୍ରକାଶିତ ହୋଇ ଉଠିବ । ଆପଣାର ପୂର୍ଣ୍ଣତା-ପ୍ରାପ୍ତ ପ୍ରକୃତିକୁ ଦିବ୍ୟ କରିପାରିବା ଲାଗି ଆମକୁ ଆମର ଏହି ସୀମାବଦ୍ଧ ମନୁଷ୍ୟଶକ୍ତିର ସ୍ଥାନରେ ପ୍ରତିଷ୍ଠିତ କରି ରଖିବା ଲାଗି ଦିବ୍ୟ ଶକ୍ତିର ଆବାହନ କରି ଆଣିବାକୁ ପଡ଼ିବ, ଯେପରିକି ଏହି ମନୁଷ୍ୟଶକ୍ତି ଏକ ବୃହତ୍ତର ଅନନ୍ତଶକ୍ତି ଅର୍ଥାତ୍ ଦୈବୀ ପ୍ରକୃତି ବା ଭଗବତୀ ଶକ୍ତିର ପ୍ରତିରୂପରେ ନବଗଠିତ ହୋଇପାରିବ, ତାହାରି ଦ୍ୱାରା ଆପଣାକୁ ପୂର୍ଣ୍ଣ କରି ରଖିପାରିବ । ଯେତିକି ପରିମାଣରେ ଆମେ ଆପଣାକୁ ସେହି ଶକ୍ତିର ତଥା ଆମ ସତ୍ତା ଓ ଆମ ଯାବତୀୟ କର୍ମର ଅଧିକାରୀ ସେହି ପରମ ପ୍ରଭୁଙ୍କର ପ୍ରଥମେ ପରିଗ୍ଭଳନା ଓ ତା'ପରେ ତାହାର ପ୍ରତ୍ୟକ୍ଷ କ୍ରିୟାଟି ପାଖରେ ନେଇ ସମର୍ପଣ କରିଦେଇ ପାରିବା, ଆମର ସିଦ୍ଧି ଓ ଆମ ପରିପୂର୍ଣ୍ଣତା ସେତିକି ପରିମାଣରେ

'oaob.nitrkl.ac.in' images reprocessed

ବୃଦ୍ଧିପ୍ରାପ୍ତ ହୋଇ ଯାଉଥିବ; ଏବଂ ଏହି ଉଦ୍ଦେଶ୍ୟଟିର ସାଧନ ଲାଗି ବିଶ୍ୱାସ ହେଉଛି ଅସଲ କଥା, ପରିପୂର୍ଣ୍ଣତା ଲାଗି ଆମର ଅଭୀପ୍ସାକ୍ଷେତ୍ରରେ ବିଶ୍ୱାସକୁହିଁ ଆମେ ସେହି ମହାନ୍ ସଙ୍କଳ୍ପ-ଶକ୍ତି ବୋଲି ଜାଣିବା । ଏହି କ୍ଷେତ୍ରରେ ତାହା ପରମେଶ୍ୱରଙ୍କ-ଠାରେ ଓ ଶକ୍ତି ଉପରେ ବିଶ୍ୱାସକୁହିଁ ବୁଝାଇବ ଏବଂ ଆମର ବୋଧଶକ୍ତି ତଥା ହୃଦୟରେହିଁ ସେହି ବିଶ୍ୱାସ ବା ଶ୍ରଦ୍ଧାର ଆରମ୍ଭ ହେବ ସତ, ମାତ୍ର ତାହା କ୍ରମେ ଆମର ସମୁଦାୟ ପ୍ରକୃତିଟିକୁହିଁ ଅଧିକାର କରିନେବ, ତା'ର ସକଳ ଚେତନା ଓ ଗତ୍ୟାତ୍ମକ ପ୍ରେରକଶକ୍ତିକୁ ଅଧିକାର କରିନେବ । ପରିପୂର୍ଣ୍ଣତାର ଏହି ଦ୍ୱିତୀୟ ଉପାଦାନଟିରେ ଏହି ଚାରୋଟିଯାକ ବସ୍ତୁକୁହିଁ ଆମେ ସର୍ବମୂଳ ବୋଲି ଜାଣିବା : ସାଧନାତ୍ମକ ପ୍ରକୃତିର ସକଳ ଅଙ୍ଗଗୁଡ଼ିକର ପୂର୍ଣ୍ଣ ଶକ୍ତିର ପରିଚୟ ପାଇବାକୁ ହେବ, ଆତ୍ମାର ପ୍ରକୃତିରେ ପରିପୂର୍ଣ୍ଣ ଗତ୍ୟାତ୍ମକତା ସମ୍ଭବ କରିବାକୁ ପଡ଼ିବ, ଆମର ଜୀବନାଙ୍ଗଗୁଡ଼ିକୁ ଦିବ୍ୟଶକ୍ତିର କ୍ରିୟାରେ ରୂପାନ୍ତରିତ କରିଦେବାକୁ ପଡ଼ିବ, ଏବଂ ସେହି ରୂପାନ୍ତରଟିକୁ ଆବାହନ କରି ଆଣିବା ଲାଗି ଓ ତାହାକୁ ଧାରଣ କରି ରଖିପାରିବା ଲାଗି ଆମର ଯାବତୀୟ ଜୀବନାଙ୍ଗରେ ପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ ରଖିବାକୁ ପଡ଼ିବ; ଅର୍ଥାତ୍ ଏହି ଉପାଦାନଟିରେ ଆମେ ଶକ୍ତି, ବୀର୍ଯ୍ୟ, ଦୈବୀ ପ୍ରକୃତି ଏବଂ ଶ୍ରଦ୍ଧାକୁହିଁ ସର୍ବମୂଳ ସାରକଥା ବୋଲି ଜାଣିବା ।

ମାତ୍ର, ଯେପର୍ଯ୍ୟନ୍ତ ଏହି ବିକାଶଟି କେବଳ ଆମର ଏହି ସାଧାରଣ ପ୍ରକୃତିଟିର ଉଚ୍ଚତମ ସ୍ତରଟିରେହିଁ ସଂଘଟିତ ହେବାରେ ଲାଗିଥିବ, ସେପର୍ଯ୍ୟନ୍ତ ଆମକୁ ହୁଏତ ପରିପୂର୍ଣ୍ଣତାର କେବଳ ଏକ ପ୍ରତିବିମ୍ବିତ ଓ ସୀମିତ ପ୍ରତିରୂପହିଁ ପ୍ରାପ୍ତ ହେଉଥିବ, ସେହି ପ୍ରତିରୂପଟି କେବଳ ଆମ ମନ, ପ୍ରାଣ ଓ ଦେହସ୍ଥ ଆତ୍ମାଟିର ସେହି ନିମ୍ନତର ରୂପଗୁଡ଼ିକରେ ପରିଣତ ହୋଇ ଯାଉଥିବ; ମାତ୍ର ଦିବ୍ୟ ବିଜ୍ଞାନ ଏବଂ ତାହାର ଶକ୍ତିର ଉଚ୍ଚତମ ଅବସ୍ଥାଗୁଡ଼ିକର ରୂପରେ ଆମକୁ ଯେଉଁ ଦିବ୍ୟ ପୂର୍ଣ୍ଣତା ପ୍ରାପ୍ତ ହୋଇପାରନ୍ତା, ଆମେ କଦାପି ସେଇଟିର ଅଧିକାରୀ ହୋଇପାରିବା ନାହିଁ । ଏହିସବୁ ନିମ୍ନତର ତନ୍ତ୍ରକୁ ପାର ହୋଇଯାଇ ଅତିମାନସ ବିଜ୍ଞାନମୟତାରେହିଁ ଆମକୁ ସେହି ସମ୍ପଦର ଅଧିକାରଟି ମିଳିଯାଇ ପାରିବ । ତେଣୁ ଆମର ମନୋମୟ ସତ୍ତାଟିକୁ ବିଜ୍ଞାନମୟ ସତ୍ତାଟି ମଧ୍ୟକୁ ବିବର୍ତ୍ତିତ କରି ନେଇଯିବାହିଁ ସିଦ୍ଧି ବା ପରିପୂର୍ଣ୍ଣତାଲାଭର ପରବର୍ତ୍ତୀ ସୋପାନ ହୋଇ ରହିବ । ମନୋମୟ ସୀମାବାଡ଼ଗୁଡ଼ିକୁ ଲଙ୍ଘିଦେଇ ସେପାଖକୁ ବାହାରିଗଲେ, ମାନସିକ କେତେକେତେ ପ୍ରତିଫଳନର ଉଜ୍ଜ୍ୱଳ ଢାଙ୍କୁଣିଟି ଦ୍ୱାରା ବର୍ତ୍ତମାନ ଆମ ପାଖରୁ ଲୁକ୍‌କାୟିତ ହୋଇ ରହିଥିବା ଆମ ସତ୍ତାଟିର ପରବର୍ତ୍ତୀ ଉଚ୍ଚତର ସୋପାନ ବା କ୍ଷେତ୍ରଟି ଲାଗି ଉପରକୁ ଗୋଟିଏ ପାଦ ପକାଇ ପାରିଲେ ଏବଂ ଆମେ ମନୋମୟ କ୍ଷେତ୍ରଟିରେ ଯାହାକିଛି ହୋଇ ରହିଛୁ, ସେସବୁକୁ ଏହି ଉଚ୍ଚତର ଚେତନାଟିର ଭୂମିକୁ ରୂପାନ୍ତରିତ କରିଦେଲେ ଯାଇ ଏହି ବିବର୍ତ୍ତନଟି

'oaob.nitrkl.ac.in' images reprocessed

ପ୍ରକୃତରେ ସମ୍ଭବ ହୋଇଯିବ । ବିଜ୍ଞାନମୟ ଭୂମିଟିରେ ମଧ୍ୟ ଏକାଧିକ କେତୋଟି ସୋପାନ ଅବସ୍ଥିତ ରହିଛି ଏବଂ ତା' ଭିତରୁ ଉଚ୍ଚତମ ସୋପାନଟିରେ ପୂର୍ଣ୍ଣ ତଥା ଅନନ୍ତ ଆନନ୍ଦ ମଧ୍ୟକୁହିଁ ବାଟ ଫିଟିଯାଇଛି । ପରେ ବିଜ୍ଞାନକୁ ଆବାହନ କରି ଆଣି ତାହାକୁ ସଫଳ ଭାବରେ କାର୍ଯ୍ୟକାରୀ କରିପାରିଲେ ତାହା ଉତ୍ତରୋତ୍ତର ଭାବରେ ବୁଦ୍ଧି, ଇଚ୍ଛାଶକ୍ତି, ଇନ୍ଦ୍ରିୟ-ମନ, ହୃଦୟ ତଥା ପ୍ରାଣିକ ଓ ସଂବେଦନାତ୍ମକ ସତ୍ତା ସବୁଗୁଡ଼ିକୁ ଆପଣା ହାତରେ ଗ୍ରହଣ କରିନେବ ଏବଂ ଏକ ଜ୍ୟୋତିର୍ମୟ ଏବଂ ସୌଷମ୍ୟବିଧାୟକ ରୂପାନ୍ତର ଦ୍ୱାରା ସେଗୁଡ଼ିକୁ ଏକ ଦିବ୍ୟ ଅସ୍ତିତ୍ୱର ସତ୍ୟ, ଶକ୍ତିମତ୍ତା ତଥା ଆନନ୍ଦରେ ପରିଣତ କରିଦେଇ ପାରିବ । ଆମର ସମୁଦାୟ ବୁଦ୍ଧିଗତ, ଇଚ୍ଛାପ୍ରେରିତ, ଗତ୍ୟାତ୍ମକ, ନୈତିକ, ସୌନ୍ଦର୍ଯ୍ୟଗ୍ରାହୀ, ସଂବେଦନାତ୍ମକ, ପ୍ରାଣିକ ତଥା ଦୈହିକ ସତ୍ତାକୁ ତାହା ସେହି ଆଲୋକ ଏବଂ ଶକ୍ତିମତ୍ତା ମଧ୍ୟକୁ ଉତ୍ତୋଳିତ କରି ନେଇଯିବ ଏବଂ ସେଗୁଡ଼ିକୁ ସେମାନଙ୍କର ସ୍ୱକୀୟ ସର୍ବୋଚ୍ଚ ସମ୍ଭାବନାରେ ରୂପାନ୍ତରିତ କରିଦେବ । ଆମର ଏହି ଦୈହିକ ସୀମାଗୁଡ଼ିକର ବାଧାଟିକୁ ଅତିକ୍ରମ କରିଯିବା ଲାଗି ତା' ଭିତରେ ପ୍ରକୃତ ସାମର୍ଥ୍ୟ ରହିଛି ଏବଂ ଏକ ପରିପୂର୍ଣ୍ଣତର ଏବଂ ଏକ ଦିବ୍ୟ ସାଧନରୂପେ ବ୍ୟବହୃତ ହୋଇ ପାରୁଥିବା ଶରୀରକୁ ବିକଶିତ କରାଇ ଆଣିବାର ସାମର୍ଥ୍ୟ ମଧ୍ୟ ରହିଛି । ଏହି ବିଜ୍ଞାନର ଆଲୋକହିଁ ଅବଚେତନର ଯାବତୀୟ କ୍ଷେତ୍ରକୁ ଉନ୍ମୋଚିତ କରିଦେବ, ଆପଣାର କିରଣଜାଲକୁ ଅବଚେତନ ଉପରେ ନିକ୍ଷିପ୍ତ କରାଇ ତା' ମଧ୍ୟକୁ ଆପଣାର ଜ୍ୟୋତିର୍ବନ୍ୟାଟିକୁ ପ୍ରବାହିତ କରି ଆଣିବ ଏବଂ ତାହାର ଅସ୍ପଷ୍ଟ ସକଳ ସଙ୍କେତ ଏବଂ ପ୍ରତ୍ୟାହୃତ ହୋଇ ରହିଥିବା ରହସ୍ୟଗୁଡ଼ିକୁ ସମାଲୋକିତ କରିଦେବ । ମାନସଭୂମିର ସର୍ବୋଚ୍ଚ ଗାରଟିରେ ମଧ୍ୟ ଆମକୁ କେବଳ ଯେଉଁ କ୍ଷୀଣତର ଆଲୋକଟିର ପ୍ରତିଫଳନହିଁ ପ୍ରାପ୍ତ ହେବାରେ ଲାଗିଛି, ବିଜ୍ଞାନମୟତା ଆମକୁ ପରମ ଅନନ୍ତଙ୍କର ତା'ଠାରୁ ଅନେକ ବୃହତ୍ତର ଏକ ଆଲୋକ ମଧ୍ୟରେ ଆଣି ପ୍ରବିଷ୍ଟ କରାଇଦେବ । ଏକ ଦିବ୍ୟତର ଜୀବନର ଅର୍ଥରେ ବ୍ୟକ୍ତିର ଆତ୍ମା ତଥା ବ୍ୟକ୍ତି-ପ୍ରକୃତିକୁ ପୂର୍ଣ୍ଣ କରି ଗଠିତ କରିଆଣି ଆମ ସତ୍ତାର ସକଳ ବୈଚିତ୍ର୍ୟକୁ ଏକ ପରିପୂର୍ଣ୍ଣ ସମଞ୍ଜସତାରେ ପରିଣତ କରିଦେବା ସଙ୍ଗେସଙ୍ଗେ ତାହା ଆପଣାର ଆଦି ଉତ୍ସ ସେହି ପରମ ଏକତ୍ୱଟି ଉପରେହିଁ ଆପଣାର ଯାବତୀୟ କାର୍ଯ୍ୟକୁ ଆଧାରିତ କରି ରଖିବ ଏବଂ ସବୁକିଛିକୁ ସେହି ପରମ ଏକତ୍ୱ ମଧ୍ୟକୁହିଁ ବହନ କରି ନେଇଯିବ । ଅସ୍ତିତ୍ୱର ଦୁଇଟି ଚିରନ୍ତନ ବିଭାବରୂପେ ଅବସ୍ଥିତ ରହିଥିବା ବ୍ୟକ୍ତିଭାବ ଏବଂ ନୈର୍ବ୍ୟକ୍ତିକତା ଦୁଇଟିଯାକ ଏହି ବିଜ୍ଞାନର ନିଷ୍ପତ୍ତି ଦ୍ୱାରା କେବଳ ସେହି ପୁରୁଷୋତ୍ତମଙ୍କର ଅଧ୍ୟାତ୍ମ ସତ୍ତା ଏବଂ ପରମପ୍ରକୃତିରୂପୀ ଦେହରେ ଏକ ଓ ଅଭିନ୍ନ ହୋଇ ରହିବେ ।

ଆଧ୍ୟାତ୍ମିକ ପ୍ରକୃତିର ଏହି ବିଜ୍ଞାନମୟ ସିଦ୍ଧିକୁ ଏଇଠି ଏହି ଦେହରେହିଁ ଉପଲବ୍ଧି କରିବାକୁ ପଡ଼ିବ; ଏହି ଭୌତିକ ଜଗତରେ ରହିଥିବା ଜୀବନଟିକୁହିଁ

ସେହି ସିଦ୍ଧି ଆପଣାର ଏକ କ୍ଷେତ୍ରରୂପେ ସ୍ୱୀକାର କରିନଏ, ଅବଶ୍ୟ ଏକଥା ସତ୍ୟ ଯେ ବିଜ୍ଞାନମୟତା ଆମ ଲାଗି ଏହି ଭୌତିକ ଜଗତର ଅତୀତ ହୋଇ ରହିଥିବା ଆନ୍ତର କେତେକେତେ ଭୂମି ଓ ଜଗତର ଅଧିକାରକୁ ମଧ୍ୟ ଉନ୍ମୋଚିତ କରିଦିଏ । ତେଣୁ ସ୍ଥୂଳ ଶରୀରଟିକୁ ଆମେ କର୍ମର ଏକ ଆଧାର ବୋଲି ଜାଣିବା, ଆମେ ତାହାକୁ 'ପ୍ରତିଷ୍ଠା' ବୋଲି ଜାଣିବା; ସେଇଟିକୁ ଆମେ ହୀନ ଦୃଷ୍ଟିରେ କଦାପି ଦେଖି ପାରିବା ନାହିଁ, ତାହାର ଅବହେଳା କରିପାରିବା ନାହିଁ କିଂବା ଆଧ୍ୟାତ୍ମିକ ପରିବର୍ତ୍ତନରୁ ସେଇଟିକୁ ବାହାର କରି ରଖିପାରିବା ନାହିଁ । ଏକ ପରିପୂର୍ଣ୍ଣ ଦିବ୍ୟ ଜୀବନର ବାହ୍ୟ ସାଧନରୂପେ ଶରୀରକୁ ପୂର୍ଣ୍ଣସିଦ୍ଧ କରି ରଖିବା ମଧ୍ୟ ଅନିବାର୍ଯ୍ୟତଃ ସେହି ବିଜ୍ଞାନମୟ ରୂପାନ୍ତରର ଗୋଟିଏ ଅଂଶ ହୋଇ ରହିବ । ବିଜ୍ଞାନମୟ ପୁରୁଷର ବିଧାନଟିକୁ ଏବଂ ବିଜ୍ଞାନମୟ ପୁରୁଷ ଯାହା ଭିତରକୁ ଉନ୍ମୋଚିତ ହୋଇଯାଇଛି, ସେହି ଆନନ୍ଦମୟ ପୁରୁଷର ବିଧାନଟିକୁ ଏହି ଭୌତିକ ଚେତନା ଓ ତାହାର ଉପାଙ୍ଗଗୁଡ଼ିକ ମଧ୍ୟକୁ ପ୍ରବର୍ତ୍ତିତ କରାଇ ଆଣିପାରିଲେ ଯାଇ ସେହି ପରିବର୍ତ୍ତନଟି ସମ୍ଭବ ହେବ । ଏହି କ୍ରିୟାଟିକୁ ତାହାର ସମ୍ଭାବ୍ୟ ସର୍ବୋଚ୍ଚ ପରିଣାମଟିଏ ଯାଏ ବହନ କରି ନେଇପାରିଲେ ତାହା ଆମର ସମୁଦାୟ ଭୌତିକ ଚେତନାକୁ ଆଧ୍ୟାତ୍ମିକ କରିଦେଇ ପାରିବ, ତାହାକୁ ଆଲୋକିତ ବି କରିଦେଇ ପାରିବ ଏବଂ ଶରୀରର ନିୟମଟିକୁ ମଧ୍ୟ ଦିବ୍ୟ ନିୟମରେ ପରିଣତ କରିଦେଇ ପାରିବ । କାରଣ, ସ୍ଥୂଳଭାବରେ ଦୃଶ୍ୟମାନ ଏବଂ ଇନ୍ଦ୍ରିୟବୋଧ୍ୟ ଗଠନଟିର ସ୍ଥୂଳ ଓ ଭୌତିକ କୋଷଟିର ପଛକୁ ମନୋମୟ ସତ୍ତାର ଏକ ସୂକ୍ଷ୍ମ ଶରୀର ତଥା ବିଜ୍ଞାନମୟ ଓ ଆନନ୍ଦମୟ ଆତ୍ମାର ଏକ ଉଦ୍‌ଗତ ବା କାରଣ-ଶରୀର ମଧ୍ୟ ଅବସ୍ଥିତ ରହିଛି, ଯାହାକି ଏହି ସ୍ଥୂଳ ଶରୀରଟିକୁ ପ୍ରଚ୍ଛନ୍ନ ଭାବରେ ଧାରଣ କରି ରଖିଛି ଏବଂ ଏକ ଉତ୍କୃଷ୍ଟତର ସୂକ୍ଷ୍ମ ଚେତନା ଦ୍ୱାରାହିଁ ଯାହାର ଆବିଷ୍କାର କରାଯାଇ ପାରିବ; ତାହାର ମଧ୍ୟରେହିଁ ଆଧ୍ୟାତ୍ମିକ ଦେହଧାରଣର ସକଳ ପରିପୂର୍ଣ୍ଣତା ଉପଲବ୍ଧ ହୋଇପାରିବ, ଏବଂ ଏପର୍ଯ୍ୟନ୍ତ ଅପ୍ରକଟ ରହିଥିବା ଶରୀରର ଏକ ଦିବ୍ୟ ନିୟମ ମଧ୍ୟ ପ୍ରକଟ ହୋଇଯାଇ ପାରିବ । ସୂକ୍ଷ୍ମ ଶରୀରଟିର କୌଣସି ବିଧାନକୁ ଉନ୍ମୋଚିତ କରିଦେଇ ଅର୍ଥାତ୍ ଅଧ୍ୟାତ୍ମ ଶରୀରର ବିଧାନଟିକୁ କେତେକାଂଶରେ ଆବାହନ କରିଆଣି କେହି କେହି ଯୋଗୀ ଆପଣାର ଅଧିକାଂଶ ଶାରୀରିକ ସିଦ୍ଧିଗୁଡ଼ିକୁ ଅର୍ଜନ କରିଥାନ୍ତି । ଏହାର ସାଧାରଣ-ଅନୁସୃତ ପଦ୍ଧତି ଅନୁସାରେ ହଠଯୋଗର ପ୍ରକ୍ରିୟାଗୁଡ଼ିକ ଦ୍ୱାରା ଚକ୍ରଗୁଡ଼ିକୁ ଉନ୍ମୁକ୍ତ କରିଦେବାକୁ ହୁଏ (ଏହା କେତେକ ପରିମାଣରେ ରାଜଯୋଗରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଛି ।) ଅଥବା ତାନ୍ତ୍ରିକ ସାଧନାର ରୀତିଗୁଡ଼ିକ ଦ୍ୱାରା ସେହି ଚକ୍ରଗୁଡ଼ିକୁ ଖୋଲି ଦିଆଯାଏ । ପୂର୍ଣ୍ଣଯୋଗରେ କେତେକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ଇଚ୍ଛା କଲେ ସେଗୁଡ଼ିକର ଉପଯୋଗ କରାଯାଇ ପାରିବ ସତ, ମାତ୍ର ଏଥିଲାଗି ତାହା ଆଦୌ ଅପରିହାର୍ଯ୍ୟ ନୁହେଁ । କାରଣ, ଉନ୍ନତର ଜୀବନଟିକୁ

'oaob.nitrkl.ac.in' images reprocessed

ବଦଳାଇ ଦେବା ଲାଗି ଉଚ୍ଚତର ସତ୍ତାଟିର ଯେଉଁ ସାମର୍ଥ୍ୟ ରହିଛି, ପୂର୍ଣ୍ଣଯୋଗରେ ତାହାରି ଉପରେ ଅଧିକ ଆସ୍ଥା ସ୍ଥାପନ କରାଯାଇଥାଏ; ନିମ୍ନରୁ ଉପରଆଡ଼କୁ ନୁହେଁ, ମାତ୍ର ମୁଖ୍ୟତଃ ଉପରୁ ନିମ୍ନଆଡ଼କୁ କାର୍ଯ୍ୟ କରୁଥିବା ଏକ କ୍ରିୟାତ୍ମକତାକୁ ବାଛି ନିଆଯାଏ ଏବଂ ସେହି କାରଣରୁ ଯୋଗର ଏହି ଭାଗଟିରେ ସାଧନଗୁଡ଼ିକରେ ପରିବର୍ତ୍ତନ ଘଟାଇବା ଲାଗି ବିଜ୍ଞାନର ଉଚ୍ଚତର ଶକ୍ତିଟିର ବିକାଶ ହେବା ପର୍ଯ୍ୟନ୍ତ ଆମକୁ ଅବଶ୍ୟ ପ୍ରତୀକ୍ଷା କରିବାକୁ ପଡ଼ିବ ।

ସେତେବେଳେ ବିଜ୍ଞାନର ଭୂମି ଉପରେ ସତ୍ତାର ପୂର୍ଣ୍ଣ କର୍ମ ତଥା ଉପଭୋଗହିଁ ଅବଶେଷ ରହିଯିବ, କାରଣ କେବଳ ସେତିକବେଳେ ଯାଇ ତାହା ସମ୍ପୂର୍ଣ୍ଣରୂପେ ସମ୍ଭବ ହୋଇପାରିବ । ସେତେବେଳେ ପୁରୁଷ ଆପଣା ଅନନ୍ତ ସତ୍ତାର ବିବିଧତାଗୁଡ଼ିକୁ ପ୍ରକଟ କରିବା ଲାଗି, ଜ୍ଞାନ, କର୍ମ ତଥା ସମ୍ଭୋଗ ଲାଗି ଆପଣାକୁ ବିଶ୍ୱମୟ ରୂପାୟନରେ ବ୍ୟକ୍ତ କରିଦେବାକୁ ଆରମ୍ଭ କରିବ; ବିଜ୍ଞାନହିଁ ଅଧ୍ୟାତ୍ମଜ୍ଞାନର ପୂର୍ଣ୍ଣତାକୁ ବହନ କରି ଆଣିବ ଏବଂ ତାହାରି ଭିତ୍ତି ଉପରେ ତାହା ଦିବ୍ୟ କର୍ମକୁ ପ୍ରତିଷ୍ଠିତ କରିବ ଏବଂ ଜଗତ ତଥା ଜୀବନର ଉପଭୋଗକୁ ସତ୍ୟର ବିଧାନ ଓ ସେହି ଚିଦ୍‌ଗତତାରହିଁ ପୂର୍ଣ୍ଣମୁକ୍ତତା ଏବଂ ପରିପୂର୍ଣ୍ଣତାର ଛାଞ୍ଚରେ ନେଇ ଢାଳିଦେବ । ମାତ୍ର, ବର୍ତ୍ତମାନ ଆମ ଜୀବନର ସ୍ଥିତିଟି ଯେପରି ହୋଇ ରହିଛି, ସେତେବେଳେ ସେହି କର୍ମ ବା ସେହି ଉପଭୋଗ ଗୁଣଗୁଡ଼ିକରହିଁ କଦାପି ଏକ ନିମ୍ନତର କ୍ରିୟା ହୋଇ ରହିବ ନାହିଁ ବା ଫଳରେ ମୁଖ୍ୟତଃ ରାଜସିକ ବାସନାତୃପ୍ତିର କେବଳ ଏକ ଅହଂକାରମୟ ଉପଭୋଗ ହୋଇ ମଧ୍ୟ ରହିବ ନାହିଁ । ସେତେବେଳେ ଯାହାକିଛି ବାସନା ରହିବ, ଯଦି ତାହାକୁ ବାସନା ବୋଲିହିଁ ଅଭିହିତ କରାଯାଏ, ତେବେ ତାହା ଦିବ୍ୟ ବାସନା ହୋଇ ରହିବ, ଆପଣାର ପରମ ମୁକ୍ତି ଓ ପରମ ପୂର୍ଣ୍ଣତା ମଧ୍ୟରେ ପୂର୍ଣ୍ଣତାପ୍ରାପ୍ତ ପ୍ରକୃତି ଏବଂ ତାହାର ଯାବତୀୟ ଉପାଙ୍ଗଗୁଡ଼ିକର କ୍ରିୟାକୁ ଉପଭୋଗ କରୁଥିବା ସେହି ପୁରୁଷଙ୍କରହିଁ ଆନନ୍ଦସଙ୍କଳ୍ପ ହୋଇ ରହିବ । ପରମା ପ୍ରକୃତି ଆମର ଏହି ସମ୍ପୂର୍ଣ୍ଣ ମାନବପ୍ରକୃତିଟିକୁ ଆପଣାର ଉଚ୍ଚତର ଦିବ୍ୟ ସତ୍ୟଟି ମଧ୍ୟକୁ ଗ୍ରହଣ କରିନେବ, ଏବଂ ତାହାର ଯାବତୀୟ କ୍ରିୟାର ଅଧିଷ୍ଠାତା ଓ ଶାସ୍ତା ହୋଇ ରହିଥିବା ସେହି ଆନନ୍ଦମୟ ଈଶ୍ୱର, ସକଳ ଜୀବନ ତଥା ସକଳ କର୍ମର ପରମ ପ୍ରଭୁ ଏବଂ ଆନନ୍ଦମୟ ସେହି ପରମ ଚିଦ୍‌ଗତତା ପାଖରେହିଁ ଆପଣା କ୍ରିୟା ଏବଂ ସତ୍ତାର ବିଶ୍ୱାତ୍ମକ ଉପଭୋଗଟିକୁ ଅର୍ପିତ କରି ରଖି ପ୍ରକୃତି ଆପଣାର ଯାବତୀୟ କର୍ମ କରିବ । ବ୍ୟକ୍ତି-ଆତ୍ମା ଏହି କର୍ମ ତଥା ଅର୍ପଣର ବାହନ ହୋଇ ରହିବ, ଏକାଧାରରେ ଈଶ୍ୱରଙ୍କ ସହିତ ତଥା ପ୍ରକୃତି ସହିତ ରହିଥିବା ଆପଣାର ଏକତ୍ୱଟିକୁ ଉପଲବ୍ଧି କରିପାରିବ, ଅନନ୍ତ ଓ ସାନ୍ତ ଉଭୟ ସହିତ ଆପଣାର ଯାବତୀୟ ସମ୍ବନ୍ଧର ସ୍ୱାଦଲାଭ କରିବ, ବିଶ୍ୱଗତ ପରମ ପୁରୁଷ ଏବଂ ପରମା ପ୍ରକୃତିର ଏକତ୍ୱର ଭୂମି ଉପରେ

'oaob.nitrkl.ac.in' images reprocessed

ପରମେଶ୍ୱରଙ୍କ ସହିତ, ବିଶ୍ୱଜଗତ ସହିତ ଏବଂ ବିଶ୍ୱଜଗତସ୍ଥ ସକଳ ଜୀବଙ୍କ ସହିତ ଆପଣାର ଯାବତୀୟ ସମ୍ବନ୍ଧକୁ ଉପଭୋଗ କରିପାରିବ ।

ସଚ୍ଚିଦାନନ୍ଦ ଅର୍ଥାତ୍ ସନାତନ ପରଂବ୍ରହ୍ମଙ୍କର ଆଧ୍ୟାତ୍ମ ସତ୍ତା, ଆଧ୍ୟାତ୍ମ ଚେତନା ତଥା ଆଧ୍ୟାତ୍ମ ଆନନ୍ଦର ଯାବତୀୟ ପରିପୂର୍ଣ୍ଣତାର ମୂଳଭିତ୍ତି ହୋଇ ରହିଥିବା ସେହି ପରମାନନ୍ଦର ଦିବ୍ୟ ତତ୍ତ୍ୱଟି ମଧ୍ୟକୁହିଁ ସକଳ ବିଜ୍ଞାନମୟ ବିବର୍ତ୍ତନ ଉନ୍ମୋଚିତ ହୋଇ ଯାଇଥାଏ । ପ୍ରଥମେ ମାନସ ଅନୁଭୂତିରେହିଁ ପ୍ରତିଫଳନ ଦ୍ୱାରା ସେହି ଆନନ୍ଦଟି ପ୍ରାପ୍ତ ହୋଇଥାଏ, ପରବର୍ତ୍ତୀ କାଳରେ ତାହାହିଁ ଏକ ବୃହତ୍ତର ପରିପୂର୍ଣ୍ଣତା ତଥା ଅପରୋକ୍ଷତା ସହିତ ଚିଦ୍ଘନରୂପେ ଉପଲବ୍ଧ ହୋଇ ଆସିବ; ଏବଂ ବିଜ୍ଞାନ ଦ୍ୱାରାହିଁ ତାହା ସମ୍ଭବ ହେବ । ସିଦ୍ଧ ବା ପୂର୍ଣ୍ଣତାପ୍ରାପ୍ତ ଆତ୍ମା ଏହି ବ୍ରାହ୍ମୀ ଚେତନା ମଧ୍ୟରେହିଁ ପୁରୁଷୋତ୍ତମଙ୍କ ସହିତ ଏକତ୍ୱଯୁକ୍ତ ହୋଇ ଅବସ୍ଥାନ କରିବ, ସେ ସର୍ବମୟ ବ୍ରହ୍ମ ଅର୍ଥାତ୍ 'ସର୍ବଂ ବ୍ରହ୍ମ'ରେ ଚେତନାମୟ ହୋଇ ରହିବ, ସତ୍ତା ତଥା ଗୁଣରେ ଅନନ୍ତ ହୋଇ ରହିଥିବା ବ୍ରହ୍ମ ଅର୍ଥାତ୍ 'ଅନନ୍ତଂ ବ୍ରହ୍ମ'ରେ ଚେତନାମୟ ହୋଇ ରହିବ, ସ୍ୱୟଂସ୍ଥ ଚେତନା ଏବଂ ବିଶ୍ୱାତ୍ମକ ଜ୍ଞାନରୂପେ ଅବସ୍ଥିତ ସେହି ବ୍ରହ୍ମରେ ଅର୍ଥାତ୍ 'ଜ୍ଞାନଂ ବ୍ରହ୍ମ'ରେ ଚେତନାମୟ ହୋଇ ରହିବ, ସ୍ୱୟଂସ୍ଥ ଆନନ୍ଦ ଏବଂ ତାହାର ସତ୍ତାଗତ ବିଶ୍ୱମୟ ଆନନ୍ଦରୂପୀ ବ୍ରହ୍ମ ଅର୍ଥାତ୍ 'ଆନନ୍ଦଂ ବ୍ରହ୍ମ'ରେ ଚେତନାମୟ ହୋଇ ରହିବ । ସମୁଦାୟ ବ୍ରହ୍ମାଣ୍ଡକୁ ସେ କେବଳ ପରମ ଏକଙ୍କରହିଁ ବ୍ୟକ୍ତରୂପ ବୋଲି ଅନୁଭବ କରିବ, ସକଳ ଗୁଣ ଏବଂ କର୍ମକୁ ତାଙ୍କର ବିଶ୍ୱବ୍ୟାପୀ ଅନନ୍ତ ଶକ୍ତିସମ୍ପନ୍ନତାରହିଁ ଲୀଳାରୂପେ ଅନୁଭବ କରିବ, ଯାବତୀୟ ଜ୍ଞାନ ଏବଂ ସଚେତନ ଅନୁଭୂତିକୁ ସେହି ଚେତନାରହିଁ ଏକ ପ୍ରବାହ ବା ଉତ୍ସରଣ ବୋଲି ଅନୁଭବ କରିବ ଏବଂ ଏହି ସବୁକିଛୁକୁ ସେ କେବଳ ସେହି ଅଦ୍ୱିତୀୟ ଆନନ୍ଦର ଭୂମିରେହିଁ ଅନୁଭବ କରୁଥିବ । ତା'ର ଭୌତିକ ସତ୍ତା ସକଳ ଜଡ଼ପ୍ରକୃତି ସହିତ ଏକ ହୋଇ ରହିଥିବ, ତା'ର ପ୍ରାଣିକ ସତ୍ତା ବିଶ୍ୱସ୍ଥ ପ୍ରାଣ ସହିତ ଏକ ହୋଇ ରହିଥିବ, ତା'ର ମନ ବିଶ୍ୱ-ମନ ସହିତ ଏକ ହୋଇ ରହିଥିବ, ତା'ର ଚିଦ୍ଗତ ଜ୍ଞାନ ଓ ସଙ୍କଳ୍ପ ଦିବ୍ୟ ଜ୍ଞାନ ତଥା ସଙ୍କଳ୍ପର ସ୍ୱରୂପଟି ସହିତ ତଥା ସେଗୁଡ଼ିକର ଏହିସବୁ ବାହନ ମଧ୍ୟଦେଇ ପ୍ରବାହିତ ହେଉଥିବା ରୂପଗୁଡ଼ିକ ସହିତ ଏକ ହୋଇ ରହିବ, ତା'ର ଆତ୍ମା ସର୍ବଭୂତରେ ରହିଥିବା ସେହି ଗୋଟିଏ ଆତ୍ମା ସହିତ ଏକ ହୋଇ ରହିବ । ବିଶ୍ୱ-ସତ୍ତାର ଯାବତୀୟ ବୈଚିତ୍ର୍ୟ ତା' ଲାଗି କେବଳ ସେହି ଏକତାରେହିଁ ପରିବର୍ତ୍ତିତ ହୋଇଯିବ ଏବଂ ତାହାର ଚିଦ୍ଗତ ତାତ୍ପର୍ଯ୍ୟର ରହସ୍ୟଟି ମଧ୍ୟ ଉଦ୍ଘାଟିତ ହୋଇ ଆସିବ । କାରଣ, ଏହି ଚିଦ୍ଗତ ଆନନ୍ଦ ଓ ସତ୍ତା ମଧ୍ୟରେ ଅବସ୍ଥିତ ରହି ସେ ସକଳ ଅସ୍ତିତ୍ୱର ଉଦ୍ଗମ, ଆଧାର, ଅନ୍ତର୍ବାସୀ, ଆତ୍ମା ତଥା ନିର୍ମାଣକାରୀ ଶକ୍ତି ହୋଇ ରହିଥିବା ସେହି ପରମ 'ତତ୍'ଙ୍କ ସହିତହିଁ ଏକ ହୋଇ ରହିବ । ଏହାକୁହିଁ ଆତ୍ମ-ପରିପୂର୍ଣ୍ଣତାର ସର୍ବୋଚ୍ଚ ଉପଲବ୍ଧି ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

ଏକାଦଶ ପରିଚ୍ଛେଦ

# ସମତାର ପୂର୍ଣ୍ଣତା

ପରିପୂର୍ଣ୍ଣ ସମତାର ଉପଲବ୍ଧି ହେଉଛି ଆଧ୍ୟାତ୍ମିକ ସିଦ୍ଧିର ସର୍ବପ୍ରଥମ ଆବଶ୍ୟକତା । ଏହି ସିଦ୍ଧି ଶବ୍ଦଟିକୁ ଆମେ ଯେଉଁ ଅର୍ଥରେ ଯୋଗରେ ବ୍ୟବହାର କରିଥାଉ, ତାହାଦ୍ୱାରା ଆମେ ଏକ ନିମ୍ନତର ଅଦିବ୍ୟ ପ୍ରକୃତି ମଧ୍ୟରୁ ଏକ ଉଚ୍ଚତର ଦିବ୍ୟ ପ୍ରକୃତିକୁ ବିକାଶଲାଭ କରିବାକୁହିଁ ବୁଝିଥାଉ । ଜ୍ଞାନର ପରିଭାଷାରେ କହିଲେ ଏହା ଉଚ୍ଚତର ଆତ୍ମାର ସତ୍ତାଟିର ଏକ ପରିଗ୍ରହଣକୁ ବୁଝାଇଥାଏ ଓ ଅନ୍ଧକାରମୟ ତଥା ଖଣ୍ଡିତ ନିମ୍ନତର ଆତ୍ମସତ୍ତାଟିକୁ କାଢ଼ି ଫିଙ୍ଗିଦେବାକୁହିଁ ବୁଝାଇଥାଏ, ଅଥବା ଆମର ଅପୂର୍ଣ୍ଣ ସ୍ଥିତିଟିକୁ ଆମର ଯଥାର୍ଥ ଏବଂ ଚିଦ୍‌ଗତ ବ୍ୟକ୍ତିତ୍ୱଟିର ଅଖଣ୍ଡିତ ତଥା ଆଲୋକମୟ ପୂର୍ଣ୍ଣତା ମଧ୍ୟକୁ ରୂପାନ୍ତରିତ କରିଦେବାକୁ ବୁଝାଇଥାଏ । ଭକ୍ତି ତଥା ଆରାଧନାର ଭାଷାରେ କହିଲେ ତାହା ସେହି ପରମ ଦିବ୍ୟତାରହିଁ ସତ୍ତାଗତ ସ୍ୱଭାବ ଅଥବା ବିଧାନଟିର ଏକ ସାଦୃଶ୍ୟ ମଧ୍ୟକୁ ଅଭିବୃଦ୍ଧି ଲାଭ କରିବାକୁ ବୁଝାଇଥାଏ; ଯାହାଙ୍କ ଲାଗି ଆମର ଅଭୀପ୍‌ସା ରହିଛି, ତାଙ୍କରି ସହିତ ସମ୍ମିଳିତ ହୋଇ ପାରିବାକୁ ବୁଝାଇଥାଏ । କାରଣ ଯଦି ଏହି ସାଦୃଶ୍ୟଟି ନଥାଏ, ସତ୍ତାଗତ ବିଧାନର ଏହି ଏକତ୍ୱଟି ଅନୁପସ୍ଥିତ ରହିଥାଏ, ତେବେ ସେହି ବିଶ୍ୱାତୀତ ତଥା ବିଶ୍ୱମୟ ଏବଂ ଏହି ବ୍ୟକ୍ତିସ୍ଥ ଆତ୍ମା ମଧ୍ୟରେ ଆଉ କୌଣସି ଏକତ୍ୱ କଦାପି ସମ୍ଭବ ହୁଏ ନାହିଁ । ସର୍ବୋଚ୍ଚ ଦିବ୍ୟ ପ୍ରକୃତି ସମତା ଉପରେହିଁ ପ୍ରତିଷ୍ଠିତ ହୋଇ ରହିଛି । ସର୍ବୋଚ୍ଚ ପରମସତ୍ତା କହିଲେ ଆମେ ତାହାକୁ ଏକ ଶୁଦ୍ଧ ଓ ନିଶ୍ଚଳ ପରମାତ୍ମସତ୍ତା ତଥା ଚିଦ୍‌ଗତତା ଅଥବା ଏହି ବିଶ୍ୱମୟ ଅସ୍ତିତ୍ୱର ଦିବ୍ୟ ପରମ କର୍ତ୍ତା ଯେପରି ଦେଖୁଥାଉ ପଛକେ, ତାହାଙ୍କ ସ୍ୱରୂପରେ ଏହି ଉକ୍ତିଟିହିଁ ସତ୍ୟ ବୋଲି ଜାଣିବାକୁ ହେବ । ଶୁଦ୍ଧ ପରମାତ୍ମସତ୍ତା ସମ ଓ ଅବିଚଳ ହୋଇ ରହିଛି, ଏକ ନିରପେକ୍ଷ ଶାନ୍ତିମୟତାରେ ତାହା ଏହି ବ୍ରହ୍ମାଣ୍ଡଗତ ଜୀବନ ମଧ୍ୟରେ ରହିଥିବା ଯାବତୀୟ ସଂଘଟନ ଏବଂ ସମ୍ବନ୍ଧର ଅବଲୋକନ କରିବାରେ ଲାଗିଛି । ସେଗୁଡ଼ିକ ପ୍ରତି ତାହାର ଆଦୌ କୌଣସି ବିରକ୍ତି ନାହିଁ; କାରଣ ବିରକ୍ତିକୁ କଦାପି ସମତା ବୋଲି କୁହାଯାଇ ପାରିବ ନାହିଁ, ଅଥବା ବିଶ୍ୱମୟ ଅସ୍ତିତ୍ୱ ପ୍ରତି

'oaob.nitrkl.ac.in' images reprocessed

ପରମାତ୍ମାର ମନୋବୃତ୍ତି ଯଦି ଏହାହିଁ ହୋଇଥାନ୍ତା, ତେବେ ଏହି ବିଶ୍ୱବ୍ରହ୍ମାଣ୍ଡର କଦାପି ସୃଷ୍ଟିହିଁ ହୋଇପାରି ନଥାନ୍ତା ବା ଆପଣାର ଆବର୍ତ୍ତନଗୁଡ଼ିକରେ ତାହା କଦାପି ଅଗ୍ରସରହିଁ ହୋଇପାରି ନଥାନ୍ତା । ପରମାତ୍ମାର ସେହି ବୃତ୍ତିଟିକୁ ଆମେ ତଥାପି ଏକ ଅନାସକ୍ତ ବୋଲି କହିପାରିବା, ଏକ ସମତାଯୁକ୍ତ ଅବଲୋକନର ଶାନ୍ତି ବୋଲି କହିବା; ଯେଉଁସବୁ ପ୍ରତିକ୍ରିୟା ବାହ୍ୟ ପ୍ରକୃତିଟି ମଧ୍ୟରେ ଛଦ୍ମହୋଇ ରହିଥିବା ଆତ୍ମାକୁ ଉତ୍ପୀଡ଼ିତ କରି ରଖିଥାଏ, ବା ତାହାକୁ ଅକ୍ଷମ କରି ପକାଇବା ଭଳି ଦୁର୍ବଳତା ହୋଇ ରହିଥାଏ, ସେହିସବୁ ପ୍ରତିକ୍ରିୟାରୁ ଊର୍ଦ୍ଧ୍ୱସ୍ଥ ହୋଇ ରହିବା ବୋଲି କହିବା; ଏହିଗୁଡ଼ିକୁହିଁ ଆମେ ସେହି ପ୍ରଶାନ୍ତ ଅନନ୍ତ ବ୍ରହ୍ମଙ୍କର ପବିତ୍ରତାର ଅସଲ ସାରତତ୍ତ୍ୱ ବୋଲି ଜାଣିବା ଏବଂ ଜଗତର ବହୁମୁଖୀ ଗତିସ୍ପନ୍ଦନ ଲାଗି ତାହାର ତଟସ୍ଥ ସ୍ୱୀକୃତି ଏବଂ ସମର୍ଥନ ଲାଗି ଆବଶ୍ୟକ ସର୍ତ୍ତ ବୋଲି ଜାଣିରଖିବା । ମାତ୍ର ସର୍ବୋଚ୍ଚ ପରମଙ୍କର ଯେଉଁ ଶକ୍ତି ଏହିସବୁ ଗତି ଓ ଗୃଳନାର ନିୟନ୍ତ୍ରଣ ତଥା ବିକାଶ କରିବାରେ ଲାଗିଛି, ସେଥିରେ ମଧ୍ୟ ଆମେ ଠିକ୍ ଏହି ସମତାକୁ ଏକ ମୂଳଭୂତ ସର୍ତ୍ତ ବୋଲି ଜାଣିବା ।

ସକଳ ବସ୍ତୁର ପରମ କର୍ତ୍ତା ସେହି ବସ୍ତୁଗୁଡ଼ିକର ପ୍ରତିକ୍ରିୟାଗୁଡ଼ିକ ଦ୍ୱାରା କଦାପି ପ୍ରଭାବିତ ବା ବିକ୍ଷୁବ୍ଧ ହେବେ ନାହିଁ; ଯଦି ସେ ସେପରି ହୋଇ ପଡ଼ନ୍ତେ, ତେବେ ସେଗୁଡ଼ିକର ପ୍ରଭୁ ହୋଇ ନରହି ସେସବୁର ଅଧୀନ ହୋଇ ପଡ଼ନ୍ତେ, ଆପଣାର ସାର୍ବଭୌମ ଇଚ୍ଛା ତଥା ପ୍ରଜ୍ଞାଟି ଅନୁସାରେ ଏବଂ ସେଗୁଡ଼ିକର ଯାବତୀୟ ସମ୍ବନ୍ଧ ପଛରେ ଯେଉଁ ସତ୍ୟଟି ନିହିତ ହୋଇ ରହିଛି, ତାହାର ଅନ୍ତର୍ଗତ ସତ୍ୟ ଏବଂ ପ୍ରୟୋଜନ ଅନୁସାରେ ସେଗୁଡ଼ିକର ବିକାଶସାଧନ କରିବା ଲାଗି ସେ ଆଉ ମୁକ୍ତ ରହିପାରି ନଥାନ୍ତେ; ମାତ୍ର ବରଂ କେବଳ ସାମୟିକ ଆକସ୍ମିକତା ଏବଂ ଘଟଣାର ଦାବିଟି ଅନୁସାରେହିଁ କାର୍ଯ୍ୟ କରିବାକୁ ବାଧ୍ୟ ହେଉଥାନ୍ତେ । ସକଳ ବସ୍ତୁର ଯଥାର୍ଥ ସତ୍ୟଟି ସେମାନଙ୍କର ଗଭୀରତାଗୁଡ଼ିକର ପ୍ରଶାନ୍ତି ମଧ୍ୟରେହିଁ ରହିଛି, ଉପରିଭାଗର ଏହି ସତତପରିବର୍ତ୍ତନଶୀଳ ଓ ସତତଧାବମାନ ତରଙ୍ଗରୂପରେ ଆମେ କଦାପି ସେହି ସତ୍ୟଟିକୁ ଦେଖିବାକୁ ପାଇବା ନାହିଁ । ସେହି ସର୍ବୋଚ୍ଚ ଓ ଚେତନ ପରମ ସତ୍ତାହିଁ ଆପଣାର ଦିବ୍ୟ ଜ୍ଞାନ, ଦିବ୍ୟ ଇଚ୍ଛା ଏବଂ ଦିବ୍ୟ ପ୍ରେମର ଭୂମିରେ ସେହି ବସ୍ତୁଗୁଡ଼ିକର ବିବର୍ତ୍ତନକୁ ନିୟନ୍ତ୍ରଣ କରିବାରେ ଲାଗିଛି ଏବଂ ଆମର ଏହି ଅଜ୍ଞାନଟାକୁହିଁ ତାହା ଅନେକ ସମୟରେ ଗୋଟାଏ କ୍ରୂର ଅବ୍ୟବସ୍ଥା ଏବଂ ପଥଚ୍ୟୁତ ପରି ପ୍ରତୀତ ହେବାରେ ଲାଗିଛି ! ସେହି ଗଭୀରତାଗୁଡ଼ିକ ମଧ୍ୟରୁ ବସ୍ତୁଗୁଡ଼ିକର ବିବର୍ତ୍ତିତ ହୋଇ ଆସିବାକୁ ସେ ନିୟନ୍ତ୍ରଣ କରିବାରେ ଲାଗିଛି ଏବଂ ଉପରିଭାଗଟାର କୋଳାହଳ ତାଙ୍କୁ ଆଦୌ ବିଚଳିତ କରି ଦେଇ ନାହିଁ । ଆମର ଅନ୍ଧ-ଅଣ୍ଡାଳିବା ବା ଆମର ଅତ୍ୟାତୁରତାଗୁଡ଼ିକରେ ଦିବ୍ୟ ପ୍ରକୃତି ଆଦୌ କୌଣସି ଅଂଶଗ୍ରହଣ କରୁ ନାହିଁ;

'oaob.nitrkl.ac.in' images reprocessed

ଯେତେବେଳେ ଆମେ ପରମେଶ୍ୱର ନିଜେ ହେଲେ, କୃପାନୁଗ୍ରହ କଲେ ଅଥବା ମନୁଷ୍ୟରୂପ ଧାରଣ କରି କଷ୍ଟ ସହିଲେ ବୋଲି କହୁଛୁ, ଆମେ ସେତେବେଳେ କେବଳ ଏକ ମାନୁଷୀ ଭାଷାରହିଁ ବ୍ୟବହାର କରୁଛୁ, ଯାହାକି ଆମେ ପ୍ରକାଶ କରିବାକୁ ଇଚ୍ଛା କରୁଥିବା ଏକ ଗଭୀରସ୍ପନ୍ଦନର ଅନ୍ତର୍ଗତ ତାତ୍ପର୍ଯ୍ୟଟିକୁ ଏକାବେଳକେ ଭୁଲ ଭାବରେ ତର୍ଜମା କରିବାରେ ଲାଗିଛି । ଏହି ପ୍ରାତିଭାସିକ ମନର ସୀମାକୁ ଡେଇଁ ଯେତେବେଳେ ଆମେ ତଦ୍‌ଗତ ସତ୍ତାର ଶିଖରଗୁଡ଼ିକ ଉପରକୁ ଉଠିଯାଇ ପାରୁଛୁ, ସେତିକବେଳେ ଯାଇ ଆମେ ସେଗୁଡ଼ିକର ଯଥାର୍ଥ ସତ୍ୟଟିକୁ କେତେକାଂଶରେ ଦେଖିପାରିବାକୁ ସମର୍ଥ ହେଉଛୁ । କାରଣ ଆମେ ସେତିକବେଳେ ଅନୁଭବ କରିପାରୁଛୁ ଯେ ଆତ୍ମାର ନିଶ୍ଚଳତା ମଧ୍ୟରେ ହେଉ ଅଥବା ବିଶ୍ୱବ୍ରହ୍ମାଣ୍ଡର ତାହାର ଯାବତୀୟ କ୍ରିୟାତ୍ମକତାର କ୍ଷେତ୍ରରେ ହେଉ, ପରମ ଦେବୀତା ଅନୁକ୍ଷଣ ସେହି ସଚ୍ଚିଦାନନ୍ଦହିଁ ହୋଇ ରହିଛି, ଏକ ଅନନ୍ତ ସତ୍ତା ଓ ଅନନ୍ତ ଚେତନା ହୋଇ ରହିଛି, ଚେତନ ସତ୍ତାର ଏକ ଆତ୍ମପ୍ରତିଷ୍ଠ ଶକ୍ତିମତ୍ତା ହୋଇ ରହିଛି, ଆପଣାର ସମଗ୍ର ସତ୍ତାରେ ଏକ ଅନନ୍ତ ଆନନ୍ଦରୂପ ହୋଇ ରହିଛି । ସେତେବେଳେ ଆମେ ସ୍ୱୟଂ ଏକ ସମତାଯୁକ୍ତ ଜ୍ୟୋତି, ଶକ୍ତି ତଥା ଆନନ୍ଦ ମଧ୍ୟରେ ଅବସ୍ଥାନ କରିବାକୁ ଆରମ୍ଭ କରୁଛୁ; ସେହି ଜ୍ୟୋତି, ଶକ୍ତି ତଥା ଆନନ୍ଦକୁ ଆମେ ଆତ୍ମା ତଥା ବସ୍ତୁଚୟ ମଧ୍ୟରେ ବିଦ୍ୟମାନ ରହିଥିବା ସେହି ଦିବ୍ୟ ଜ୍ଞାନ, ଦିବ୍ୟ ସଂକଳ୍ପ ତଥା ଦିବ୍ୟ ଆନନ୍ଦରହିଁ ମନୋଭୂମିଗତ ଅନୁବାଦନ ବୋଲି କହିପାରିବା ଯାହାକି ସେହି ଅନନ୍ତ ଉତ୍ସଗୁଡ଼ିକରୁ କ୍ରିୟାଶୀଳ ବିଶ୍ୱାତୀତ ସ୍ରୋତରୂପେ ପ୍ରବାହିତ ହୋଇ ଆସିବାରେ ଲାଗିଛି । ସେହି ଜ୍ୟୋତି, ଶକ୍ତି ଏବଂ ଆନନ୍ଦର ପ୍ରଭାବରୁ ଆମ ଭିତରେ ରହିଥିବା ଏକ ପ୍ରଚ୍ଛନ୍ନ ଆତ୍ମସତ୍ତା ଓ ତଦ୍‌ଗତତା ମନ ଦ୍ୱାରା ପ୍ରସ୍ତୁତ ଜୀବନବିଷୟକ ଅନୁଭବଗୁଡ଼ିକର ବିବରଣର ଦ୍ୱୈତାର୍ଥକ ଲିପିଗୁଡ଼ିକୁ ଗ୍ରହଣ କରିନଏ ଏବଂ ତାହାକୁ ସର୍ବଦା ଆପଣା ପରିପୂର୍ଣ୍ଣ ଅନୁଭବର ଆହାରସାମଗ୍ରୀରେ ରୂପାନ୍ତରିତ କରି ଦେଉଥାଏ; ଏବଂ ବର୍ତ୍ତମାନ ମଧ୍ୟ ଯଦି ଆମ ଭିତରେ ସେହି ପ୍ରଚ୍ଛନ୍ନ ବୃହତ୍ତର ଅଧିବୃତ୍ତି ବିରାଜମାନ ନଥାନ୍ତା, ତେବେ ଆମେ ବିଶ୍ୱଶକ୍ତିର ସ୍ପର୍ଶଟିକୁ କଦାପି ସହ୍ୟ କରିପାରୁ ନଥାନ୍ତୁ ବା ଏହି ବୃହତ୍ ତଥା ବିପଦମୟ ପୃଥିବୀରେ ଜୀବନଧାରଣ ବି କରିପାରୁ ନଥାନ୍ତୁ । ଆମ ଆତ୍ମା ତଥା ପ୍ରକୃତିର ଉପଲବ୍ଧ ଏକ ପରିପୂର୍ଣ୍ଣ ସମତାକୁ ଆମେ ଏପରି ଏକ ସାଧନ ବୋଲି କହିପାରିବା, ଯାହା ଦ୍ୱାରା କି ଆମେ ବିକ୍ଷୁବ୍ଧ ଓ ଅଜ୍ଞାନଗ୍ରସ୍ତ ବାହ୍ୟଚେତନାଟି ମଧ୍ୟରୁ ସ୍ୱର୍ଗର ଏହି ଅନ୍ତଃରାଜ୍ୟଟି ମଧ୍ୟକୁ ଫେରିଆସି ପାରିବା ଏବଂ ତଦ୍‌ଗତତାର ଶାଶ୍ୱତ ରାଜ୍ୟଗୁଡ଼ିକର,—'ରାଜ୍ୟଂ ସମୃଦ୍ଧଂ'—ଅଧିକାରୀ ହୋଇପାରିବା, ଅର୍ଥାତ୍ ମହତ୍ତ୍ୱ, ଆନନ୍ଦ ତଥା ଶାନ୍ତିର ଅଧିକାରୀ ହୋଇପାରିବା । ଯୋଗରେ ଏହି ଆତ୍ମ-ସିଦ୍ଧିମୂଳକ ଧ୍ୟେୟଟି ଦ୍ୱାରା ଆମଠାରୁ ସମତାର ଯେଉଁ ସାଧନାଟିର ଦାବି କରାଯାଉଛି,

'oaob.nitrkl.ac.in' images reprocessed

ଆପଣାକୁ ଦିବ୍ୟ ପ୍ରକୃତି ମଧ୍ୟକୁ ଉତ୍ତୋଳିତ କରି ନେଇଯିବାକୁହିଁ ଆମେ ତାହାର ସମ୍ପୂର୍ଣ୍ଣ ଫଳ ଏବଂ ସମୁଦାୟ ଅବସରଟି ବୋଲି ଜାଣିରଖିବା ।

ଆମ ସତ୍ତାର ସମଗ୍ର ଉପାଦାନଟିକୁ ବିକ୍ଷୋଭମୟ ମନୋଭୂମିର ତାହାର ବର୍ତ୍ତମାନ ଉପାଦାନଟିରୁ ଆତ୍ମାର ଉପାଦାନରେ ବଦଳାଇ ଦେବାକୁ ହେଲେ ଆତ୍ମାର ଏକ ପରିପୂର୍ଣ୍ଣ ସମତା ଏବଂ ଶାନ୍ତିକୁହିଁ ଆମେ ସେଥିଲାଗି ଅପରିହାର୍ଯ୍ୟ ବୋଲି ଜାଣିବା । ଆମର ଏହି ବର୍ତ୍ତମାନର ଅବ୍ୟବସ୍ଥିତ ଓ ଅଜ୍ଞାନମୟ କ୍ରିୟାତ୍ମକତାଟି ସ୍ଥାନରେ ଯଦି ଆମେ ଆପଣା ପ୍ରକୃତିର ଆପେ ଶାସନ କରୁଥିବା ଏବଂ ବିଶ୍ୱଗତ ସତ୍ତା ସହିତ ଏକତାନ ହୋଇ ରହିଥିବା ଏକ ପାଶମୁକ୍ତ ଚିଦ୍‌ଗତତାର ଆତ୍ମ-ଅଧିକାରଯୁକ୍ତ ତଥା ସନ୍ଦୀପିତ କର୍ମଗୁଡ଼ିକର ପ୍ରତିଷ୍ଠା କରିବାର ଆକାଂକ୍ଷା ରଖିଥାଉ, ତେବେ ସେଥିଲାଗି ମଧ୍ୟ ଏହି ସମତାର ଉପଲବ୍ଧି ଠିକ୍ ସେହିପରି ଅପରିହାର୍ଯ୍ୟ ହୋଇ ରହିବ । ଯଦି ଆମ ଭିତରେ ଆତ୍ମାର ସମତା ନଥାଏ ଏବଂ ପ୍ରକୃତିର ପ୍ରେରକ-ଶକ୍ତିଗୁଡ଼ିକର କ୍ଷେତ୍ରରେ ମଧ୍ୟ ଯଦି ଏକ ସମତା ନଥାଏ, ତେବେ ଯେକୌଣସି ଦିବ୍ୟ କ୍ରିୟା ଓ ଏପରିକି ପୂର୍ଣ୍ଣ ଭାବରେ ଦୋଷମୁକ୍ତ ଏକ ମାନୁଷୀ କ୍ରିୟା ମଧ୍ୟ କେବଳ ଅସମ୍ଭବହିଁ ହୋଇ ରହିବ । ପରମେଶ୍ୱର ସମସ୍ତଙ୍କ ଲାଗି ସମ ହୋଇ ରହିଛନ୍ତି, ତାଙ୍କର ବ୍ରହ୍ମାଣ୍ଡଟିକୁ ସେ ପକ୍ଷପାତହୀନ ଭାବରେ ଧାରଣ କରି ରଖିଛନ୍ତି; ସବୁକିଛିକୁ ସେ ସମ ଆଖିରେ ଦେଖୁଛନ୍ତି, ବିକଶମାନ ଯେଉଁ ସତ୍ତାଟିକୁ ସେ ତାହାର ଅସ୍ତିତ୍ୱଗତ ଗଭୀର ମଧ୍ୟରୁ ବାହାର କରି ଆଣିଛନ୍ତି, ତାହାର ବିଧାନଟି ଲାଗି ଆପଣାର ସ୍ୱୀକୃତି ଦେଉଛନ୍ତି; ଯାହାକିଛି ସହନ କରିବା ଆବଶ୍ୟକ ହେଉଛି, ତାହାକୁ ସେ ସହନ କରୁଛନ୍ତି, ଯାହାକୁ ଦବାଇଦେବା ଆବଶ୍ୟକ ହେଉଛି ତାହାକୁ ଦବାଇ ଦେଉଛନ୍ତି ଏବଂ ଯାହାକୁ ଉତ୍ତୋଳିତ କରିନେବା ଆବଶ୍ୟକ ହେଉଛି, ତାହାକୁ ଉତ୍ତୋଳିତ କରି ନେଉଛନ୍ତି; ଯାବତୀୟ କାରଣ ଏବଂ ଯାବତୀୟ ପରିଣାମ ବିଷୟରେ ଏକ ପରିପୂର୍ଣ୍ଣ ତଥା ସମତାପୂର୍ଣ୍ଣ ବୋଧ ସହିତ ଏବଂ ସକଳ ପ୍ରତିଭାସର ଆଧ୍ୟାତ୍ମିକ ତଥା ବ୍ୟାବହାରିକ ଅର୍ଥଟିକୁ କାର୍ଯ୍ୟକାରୀ କରିବାକୁ ଯାଇ ସେ ସୃଜନ, ପାଳନ ତଥା ସଂହାର କରିବାରେ ଲାଗିଛନ୍ତି । ବାସନାର କୌଣସିପ୍ରକାର ବିକ୍ଷୁବ୍ଧ ଆବେଗର ବୋଲି ମାନି ଭଗବାନ କଦାପି ସୃଷ୍ଟି କରୁ ନାହାନ୍ତି, ପକ୍ଷପାତପୂର୍ଣ୍ଣ ରୁଚିଅରୁଚି ପ୍ରତି କୌଣସିପ୍ରକାରେ ଆସକ୍ତ ରହି ସେ କଦାପି ଏହି ସୃଷ୍ଟିର ଧାରଣ ବା ପାଳନ କରୁ ନାହାନ୍ତି କିଂବା କୌଣସିପ୍ରକାର କୋପ, ବିରକ୍ତି ବା ଘୃଣାର ଉତ୍ତେଜନାରେ ପଡ଼ି କଦାପି ସଂହାର କରୁ ନାହାନ୍ତି । ଦିବ୍ୟ ସତ୍ତା ବଡ଼ ଓ ସାନ, ଉଚିତ ଓ ଅନୁଚିତ ତଥା ଅଜ୍ଞାନମୟ ଓ ବିଜ୍ଞ ସମସ୍ତଙ୍କ ସହିତ କେବଳ ସେହି ପରମ ଆତ୍ମାରୂପେହିଁ ବ୍ୟବହାର କରୁଛି ଯିଏକି ସତ୍ତାଟି ସହିତ ଗଭୀର ଭାବରେ ଅନ୍ତରଙ୍ଗ ଓ ଏକ ହୋଇ ରହିଛନ୍ତି ଏବଂ ପ୍ରତ୍ୟେକର ପ୍ରକୃତି ଏବଂ ପ୍ରୟୋଜନ ଅନୁସାରେ ଏକ

'oaob.nitrkl.ac.in' images reprocessed

ପରିପୂର୍ଣ୍ଣ ଜ୍ଞାନ ଓ ଶକ୍ତି ସହିତ ଯଥାନୁପାତିକ ଭାବରେ ପ୍ରତ୍ୟେକକୁ ପରିଚାଳିତ କରି ନେଉଛନ୍ତି । ମାତ୍ର ଏହି ସମସ୍ତଙ୍କର ମଧ୍ୟଦେଇ ସେ ବସ୍ତୁଗୁଡ଼ିକୁ ଯୁଗଯୁଗବ୍ୟାପୀ ବିବର୍ତ୍ତନଚକ୍ରଟିର ମୂଳରେ ବିଦ୍ୟମାନ ରହିଥିବା ଆପଣାର ଲକ୍ଷ୍ୟଟି ଅନୁସାରେହିଁ ସଂଚାଳିତ କରିବାରେ ଲାଗିଛନ୍ତି ଏବଂ ବିବର୍ତ୍ତନର ପ୍ରକ୍ରିୟାଟିରେ ଆତ୍ମାକୁ ତାହାର ପ୍ରଚ୍ଛାଦ୍ୟମାନ ପ୍ରକୃତି ଏବଂ ପରିବୃତ୍ତିଟି ଦ୍ୱାରା ଊର୍ଦ୍ଧ୍ୱ ଆଡ଼କୁ ଅର୍ଥାତ୍ ସର୍ବଦା ଉଚ୍ଚରୁ ଉଚ୍ଚତର ବିକାଶ ଆଡ଼କୁ ଉଠାଇ ନେଇ ଯାଉଛନ୍ତି ଏବଂ ତାହାହିଁ ଏହି ବିଶ୍ୱରେ କାର୍ଯ୍ୟ କରୁଥିବା ପ୍ରେରଣାଟିର ଆଶୟ ହୋଇ ରହିଛି । ଆପଣାକୁ ପରିପୂର୍ଣ୍ଣ କରିବା ଲାଗି ଇଚ୍ଛା କରୁଥିବା ଯେଉଁ ବ୍ୟକ୍ତି ଆପଣା ସଂକଳ୍ପର କ୍ଷେତ୍ରରେ ପରମ ଦିବ୍ୟତା ସହିତ ଏକରୂପ ହେବାକୁ ଲୋଡ଼ୁଛି ଏବଂ ଆପଣାର ପ୍ରକୃତିକୁ ଦିବ୍ୟ ଉଦ୍ଦେଶ୍ୟର ପରିପୂରଣ ଲାଗି ଏକ ସାଧନ ହେବାର ଅଭିଳାଷ ରଖିଛି, ତାହାକୁ ଏହି ମାନବ-ଭୂମିଗତ ଅଜ୍ଞାନର ଅହଂପ୍ରେରିତ ଓ ପକ୍ଷପାତଯୁକ୍ତ ବିଚାର ତଥା ପ୍ରେରଣାଗୁଡ଼ିକରୁ ବାହାରି ଆସିବା ଲାଗି ଆପଣାକୁ ପ୍ରସାରିତ କରିଦେବାକୁ ପଡ଼ିବ ଏବଂ ଆପଣାକୁ ଏହି ପରମ ସମତାର ଏକ ପ୍ରତିରୂପ କରି ଗଢ଼ିବାକୁ ପଡ଼ିବ ।

ପୂର୍ଣ୍ଣଯୋଗର ଜଣେ ସାଧକ ଲାଗି କର୍ମରେ ଏହି ସମସ୍ଥିତିର ଅର୍ଜନ କରିବାର ଏକ ବିଶେଷ ଆବଶ୍ୟକତା ରହିଛି । ପ୍ରଥମତଃ, ଦିବ୍ୟ କର୍ମର ବିଧାନଟି ଉପରେ କୌଣସି ପକ୍ଷାନୁସକ୍ତ ଇଚ୍ଛା ଅଥବା କୌଣସି ବ୍ୟକ୍ତିଗତ କାମନାକାଙ୍‌କ୍ଷାର ଉଗ୍ର ଦାବି-ଗୁଡ଼ିକୁ ନେଇ ଲଦିଦେବାର କୌଣସିପ୍ରକାର ଅପପ୍ରୟାସ ନକରି ତାକୁ ସେହି ସମତାଯୁକ୍ତ ଅନୁମତି ଏବଂ ସମବୁଦ୍ଧିର ବିକାଶ କରିବାକୁ ପଡ଼ିବ, ଯାହାକି ସେହି ବିଧାନଟି ପ୍ରତି ପ୍ରତିସ୍ପନ୍ଦନ ଜଣାଇ ପାରିବ । ଯେଉଁ ଜ୍ଞାନପୂର୍ଣ୍ଣ ନୈର୍ବ୍ୟକ୍ତିକତା ଓ ପ୍ରଶାନ୍ତ ସମତା ଓ ବିଶ୍ୱାତ୍ମକତା ସକଳ ବସ୍ତୁକୁ ସେହି ପରମ ଦିବ୍ୟତା ଓ ଏକମେବ ସତ୍ତାର ଅଭିବ୍ୟକ୍ତି ବୋଲି ପ୍ରତ୍ୟକ୍ଷ କରିପାରେ, ସେ ବସ୍ତୁଗୁଡ଼ିକର ଗତିବିଧିରେ କଦାପି କ୍ରୁଦ୍ଧ ହୋଇପଡ଼େ ନାହିଁ, ବିକ୍ଷୁବ୍ଧ ବା ଅଧୀର ହୋଇଯାଏ ନାହିଁ; କିଂବା ଅନ୍ୟ ପକ୍ଷରେ ଉତ୍ତେଜିତ ହୋଇପଡ଼େ ନାହିଁ, ଅତ୍ୟୁତ୍ସୁକ ହୁଏ ନାହିଁ ବା ଅବିବେକୀ ଭାବରେ ଅତିବ୍ୟଗ୍ର ବି ହୁଏ ନାହିଁ; ମାତ୍ର ବିଧାନଟିର ପାଳନ ଯେ ଅବଶ୍ୟ କରିବାକୁ ପଡ଼ିବ, ସେ ତାହା ହୃଦୟଙ୍ଗମ କରିପାରେ, ସମୟର ଗତିବେଗକୁ ସମ୍ମାନ ଦେଖାଏ, ସହାନୁଭୂତି ସହିତ ସକଳ ବସ୍ତୁ ତଥା ସତ୍ତାର ବାସ୍ତବ ଭୂମିଟିକୁ ନିରୀକ୍ଷଣ କରି ଦେଖିପାରେ ଓ ବୁଝିପାରେ; ପୁନଶ୍ଚ, ବର୍ତ୍ତମାନର ପ୍ରତୀତି ପଛରେ ରହିଥିବା ସେଗୁଡ଼ିକର ଅନ୍ତର୍ନିହିତ ତାତ୍ପର୍ଯ୍ୟ-ଗୁଡ଼ିକୁ ମଧ୍ୟ ସେ ଦେଖିବାକୁ ଉଦ୍ୟତ ରହିଥାଏ ଏବଂ ଅନାଗତ ସମ୍ମୁଖ ଆଡ଼କୁ ଅନାଇ ସେଗୁଡ଼ିକର ଦିବ୍ୟ ସମ୍ଭାବନାଗୁଡ଼ିକୁ ଉନ୍ମୋଚିତ ହୋଇ ଯାଉଥିବାର ବି ଦେଖିଥାଏ;—ଆପଣାକୁ ପରମ ଦିବ୍ୟସତ୍ତାଙ୍କର ଗୋଟିଏ ଗୋଟିଏ ପରିପୂର୍ଣ୍ଣ ସାଧନରୂପେ ପ୍ରସ୍ତୁତ କରି ରଖି ଯେଉଁମାନେ କର୍ମ କରିବାକୁ ଇଚ୍ଛା କରିବେ,

'oaob.nitrkl.ac.in' images reprocessed

ସେମାନଙ୍କଠାରୁ ସର୍ବପ୍ରଥମେ ଏହି କଥାଟିରହିଁ ଦାବି କରାଯାଇଥାଏ । ମାତ୍ର ଏହି ନୈର୍ବ୍ୟକ୍ତିକ ସମତାକୁ ଆମେ କେବଳ ଏକ ଆଧାର ବୋଲହିଁ କହିବା । ମନୁଷ୍ୟକୁ ଆମେ ଏପରି ଏକ ବିବର୍ତ୍ତନର କ୍ରମରେ ବ୍ୟବହୃତ ହେଉଥିବା ଗୋଟିଏ ଜମିଈ ବୋଲି ଜାଣିବା, ଯାହାକି ପ୍ରଥମ ପର୍ଯ୍ୟାୟରେ ଘଟୁଥିବା ସଂଗ୍ରାମ ଓ ସଂଘର୍ଷରହିଁ ଏକ ମୁଖା ପିନ୍ଧି ଆମ ଆଗରେ ଆବିର୍ଭୂତ ହୋଇଥାଏ, ମାତ୍ର କ୍ରମଶଃ ଅଧିକରୁ ଅଧିକ ପରିମାଣରେ ଆପଣାର ଯଥାର୍ଥତର ତଥା ଗଭୀରତର ଅର୍ଥରେ ଅର୍ଥାତ୍ ଏକ ସ୍ୱତନ୍ତ୍ର ବାଞ୍ଛିତପୂର୍ଣ୍ଣ ଅନୁକୂଳନପ୍ରକ୍ରିୟାରୂପେହିଁ ବିକଶିତ ହୋଇଆସେ ଏବଂ ଉତ୍ତରୋତ୍ତର ଭାବରେ ଏକ ବିଶ୍ୱଗତ ସୌଷମ୍ୟର ଗଭୀରତମ ସତ୍ୟ ତଥା ତାତ୍ପର୍ଯ୍ୟଟିକୁ ଗ୍ରହଣ କରିନେବାକୁ ବାଧ୍ୟ ହୁଏ । ସେହି ଗଭୀର ସତ୍ୟ ଓ ତାତ୍ପର୍ଯ୍ୟ ବର୍ତ୍ତମାନ ଏହି ଅନୁକୂଳନପ୍ରକ୍ରିୟା ଏବଂ ସଂଗ୍ରାମ ମଧ୍ୟରେ କେବଳ ଅନ୍ତର୍ନିହିତ ହୋଇହିଁ ରହିଛି । ଏହି ବିବର୍ତ୍ତନର ଗତିଟିକୁ ତ୍ୱରାନ୍ୱିତ କରିଦେବା ଲାଗି ପରିପୂର୍ଣ୍ଣ ମନୁଷ୍ୟ-ଆତ୍ମାକୁ ସର୍ବଦା ଏକ ଜମିଈ ହୋଇ ରହିବାକୁ ପଡ଼ିବ । ଏବଂ ସେଥିଲାଗି ଆପଣା ଭିତରେ ଦିବ୍ୟ ସଂକଳ୍ପର ସ୍ୱୀକୃତିକୁ ବହନ କରି କାର୍ଯ୍ୟ କରୁଥିବା ଏକ ଦିବ୍ୟ ଶକ୍ତିକୁ ଯେକୌଣସି ମାତ୍ରାରେ ହେଉ ପଛକେ, ତା'ର ପ୍ରକୃତି ମଧ୍ୟରେ ଅବଶ୍ୟ ଉପସ୍ଥିତ ରହିବାକୁ ପଡ଼ିବ । ମାତ୍ର ଆପଣାର କାର୍ଯ୍ୟଟିକୁ ପୂର୍ଣ୍ଣଭାବରେ ସିଦ୍ଧ କରିବାକୁ ହେଲେ, ସେହି କାର୍ଯ୍ୟରେ ସ୍ଥାୟୀ ଓ ଅବିଚଳ ହୋଇ ରହିବାକୁ ହେଲେ ଏବଂ ଯଥାର୍ଥରେ ଦିବ୍ୟ ହୋଇ ରହିବାକୁ ହେଲେ, ସେହି ଶକ୍ତିକୁ ଏକ ଚିଦ୍‌ଗତ ସମତାକୁ ଆଧାର କରିହିଁ ଅଗ୍ରସର ହେବାକୁ ପଡ଼ିବ, ସକଳ ସତ୍ତା ସହିତ ଆପଣାକୁ ଶାନ୍ତ, ନୈର୍ବ୍ୟକ୍ତିକ ଏବଂ ସମଭାବରେ ଏକାତ୍ମକ କରି ରଖିବାକୁ ପଡ଼ିବ, ସକଳପ୍ରକାର ଶକ୍ତିମତ୍ତାକୁ ଯଥାର୍ଥ ଭାବରେ ବୁଝିବାକୁ ପଡ଼ିବ । ବିଶ୍ୱଜଗତର ଅଗଣିତ କ୍ରିୟାତ୍ମକତା ଭିତରେ ପରମ ଦିବ୍ୟତା ଏକ ପ୍ରଭୂତ ଶକ୍ତିଶାଳିତା ଦ୍ୱାରା କାର୍ଯ୍ୟ କରୁଛି ସତ, ମାତ୍ର ଏକ ଅବିଚଳ ଏକତା, ସ୍ୱତନ୍ତ୍ରତା ଏବଂ ପ୍ରଶାନ୍ତିରହିଁ ସହାୟକ ଆଲୋକ ତଥା ସାମର୍ଥ୍ୟଟି ଦ୍ୱାରା ତାହା ସେହି କାର୍ଯ୍ୟ କରୁଛି । ପୂର୍ଣ୍ଣତାପ୍ରାପ୍ତ ଆତ୍ମାର ଦିବ୍ୟ ଯାବତୀୟ କର୍ମରେ ମଧ୍ୟ ତାହାହିଁ ସ୍ଥିତ ହୋଇ ଅବଶ୍ୟ ରହିବ । ଏବଂ କର୍ମର କ୍ଷେତ୍ରରେ ଏହି ପରିବର୍ତ୍ତିତ ସ୍ଥିତିଟିକୁ ସମ୍ଭବ କରିବାକୁ ହେଲେ ସତ୍ତାର ସମତାକୁହିଁ ଆମେ ଆବଶ୍ୟକ ସର୍ତ୍ତଟି ବୋଲି ଜାଣିରଖିବା ।

ମାତ୍ର ଏପରିକି ଯେକୌଣସି ମାନୁଷୀ ସିଦ୍ଧିକୁ ମଧ୍ୟ ସମତାକୁହିଁ ଆପଣାର ଏକ ଅନ୍ୟତମ ମୁଖ୍ୟ ଉପାଦାନରୂପେ ଅବଶ୍ୟ ଗ୍ରହଣ କରିବାକୁ ପଡ଼ିବ ଏବଂ ଏପରିକି ଆପଣାର ଅସଲ ପରିବେଶଟିରୂପେ ଗ୍ରହଣ କରିବାକୁ ପଡ଼ିବ । ଆପଣାର ସେହି ନାମଟିକୁ ସାର୍ଥକ କରିବାକୁ ହେଲେ ଯେକୌଣସି ମାନୁଷୀ ସିଦ୍ଧି ଆପଣା ଆଗରେ ସର୍ବଦା ଦୁଇଟି ଲକ୍ଷ୍ୟ ଅବଶ୍ୟ ରଖିଥିବ; ଗୋଟିଏ ହେଉଛି ଆପଣା ଉପରେ ପୂର୍ଣ୍ଣ

'oaob.nitrkl.ac.in' images reprocessed

କରୁଛନ୍ତି ଏବଂ ଆଉଟି ହେଉଛୁ ପାରିପାର୍ଶ୍ୱିକ ପରିବେଶଗୁଡ଼ିକ ଉପରେ ମଧ୍ୟ କରୁଛନ୍ତି; ଆମର ଏହି ମାନୁଷୀ ପ୍ରକୃତିଟି ଦ୍ୱାରା ଏହି ଦୁଇଟିଯାକ ଶକ୍ତି ଯେତେଦୂର ଅଧିକ ପରିମାଣରେ ହାସଲ କରିବା ସମ୍ଭବ ହୋଇପାରିବ, ସେ ସେଗୁଡ଼ିକୁ ସେହି ସର୍ବାଧିକ ମାତ୍ରାରେହିଁ ହାସଲ କରିବାର ଅଭିଳାଷ ରଖିଥିବ । ପ୍ରାଚୀନ ପରିଭାଷାରେ କହିବାକୁ ଗଲେ ସ୍ୱରାଟ୍ ଏବଂ ସମ୍ରାଟ୍ ହୋଇପାରିବାହିଁ ଆତ୍ମସିଦ୍ଧିର କ୍ଷେତ୍ରରେ ମନୁଷ୍ୟର ସର୍ବବୃହତ୍ତର ଆକାଙ୍‌କ୍ଷା ହୋଇ ରହିବ । ମାତ୍ର ଯଦି ସେ ନିମ୍ନତର ପ୍ରକୃତିର ଆକ୍ରମଣର ଅଧୀନ ହୋଇ ରହିଥିବ, ଶୋକ ଏବଂ ଆନନ୍ଦର ବିକ୍ଷୋଭ ପାଖରେ, ସୁଖ ଓ ଦୁଃଖାନୁଭବର ତୀବ୍ର ଜ୍ୱାଳାମୟ ସ୍ପର୍ଶଟି ପାଖରେ, ଆପଣାର ସଂବେଗ ଏବଂ ପ୍ରବଳାବେଗଗୁଡ଼ିକର ଆନ୍ଦୋଳନ ପାଖରେ, ଆପଣା ବ୍ୟକ୍ତିଗତ ରୁଚି ଓ ଅରୁଚି-ଗୁଡ଼ିକର ଦାସତ୍ୱ ପାଖରେ, ଆପଣା ବାସନା ଏବଂ ଆସକ୍ତିର ଦୃଢ଼ ଜଞ୍ଜିରଗୁଡ଼ିକ ପାଖରେ, ଏକ ବ୍ୟକ୍ତିସୀମିତ ସଂବେଗଗତ ପକ୍ଷପାତିତା ଦ୍ୱାରା ପୂର୍ଣ୍ଣ ବିଚାର ତଥା ମତାମତର ସଂକୀର୍ଣ୍ଣତା ପାଖରେ, ଏବଂ ଆପଣା ଅହଂକେନ୍ଦ୍ରତାର ଶତଶତ ସକଳ ସ୍ପର୍ଶ ଓ ତା'ର ଭାବନା, ଅନୁଭୂତି ତଥା କର୍ମ ଉପରେ ଏହାର ଆନୁଷଙ୍ଗିକ ଗ୍ରାସଟି ପାଖରେ ଯଦି ସେ ଅଧୀନ ହୋଇ ରହିଥିବ, ତେବେ ସ୍ୱରାଟ୍ ହୋଇପାରିବା ତା' ଲାଗି କଦାପି ସମ୍ଭବ ହେବ ନାହିଁ । ଏହି ସବୁଗୁଡ଼ିକକୁ ଆମେ କେବଳ ସେହି ନିମ୍ନତର ଆତ୍ମସତ୍ତାଟି ପାଖରେ ଦାସ ହୋଇ ରହିବା ବୋଲି କହିପାରିବା ଏବଂ ଆପଣା ପ୍ରକୃତିର ସମ୍ରାଟ୍ ହୋଇ ପାରିବାକୁ ହେଲେ ମନୁଷ୍ୟ ଭିତରେ ରହିଥିବା ବୃହତ୍ତର 'ମୁଁ'ଟିକୁ ତାହାକୁ ଆପଣାର ପଦତଳେ ଆଣି ରଖିବାକୁ ପଡ଼ିବ । ସେଗୁଡ଼ିକ ଉପରେ ବିଜୟ ହାସଲ କରିବା ହେଉଛି ସ୍ୱରାଟ୍ ହେବାର ଅତ୍ୟାବଶ୍ୟକ ସର୍ତ୍ତ; ମାତ୍ର ସେହି ବିଜୟଟିକୁ ହାସଲ କରିପାରିବା ଲାଗି ପୁଣି ସମତାକୁହିଁ ଅତ୍ୟାବଶ୍ୟକ ସର୍ତ୍ତ ଓ ସମଗ୍ର ପ୍ରକ୍ରିୟାଟିର ମୂଳକଥା ବୋଲି ସ୍ୱୀକାର କରିବାକୁ ହେବ । ଏହିସବୁ ବନ୍ଧନରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇଯିବା,—ଯଦି ସମ୍ଭବ ହୁଏ, ନଚେତ୍ ସେଗୁଡ଼ିକୁ ନିଜର ଅଧୀନ କରି ରଖିବା ଓ ସେଗୁଡ଼ିକରୁ ଉଚ୍ଚତର ହୋଇ ରହିବା,—ଏହାକୁହିଁ ସମତା ବୋଲି ବୁଝାଯିବ । ପୁଣି, ଯିଏ ସ୍ୱରାଟ୍ ହୋଇପାରି ନାହିଁ, ସିଏ କଦାପି ସମ୍ରାଟ୍ ବା ଆପଣା ପରିବେଶଗୁଡ଼ିକର ନିୟାମକ ମଧ୍ୟ ହୋଇପାରିବ ନାହିଁ । ଏହି ବାହ୍ୟ ପ୍ରଭୁତ୍ୱଲାଭ ସକାଶେ ଯେଉଁ ଜ୍ଞାନ, ସଂକଳ୍ପ ତଥା ସାମଞ୍ଜସ୍ୟଭାବର ପ୍ରୟୋଜନ ରହିଛି, ତାହା କେବଳ ଅନ୍ତର୍ଗତ ବିଜୟଟିର ଏକ ମସ୍ତକମଣ୍ଡନ ବା ପୁରସ୍କାରରୂପେହିଁ ଉପଗତ ହୋଇପାରିବ । ଆପଣାକୁ ଆପଣାର ଅଧିକାରରେ ରଖିଥିବା ଯେଉଁ ଆତ୍ମା ଓ ମନ ଏକ ନିଷ୍ପକ୍ଷ ସମତାଭାବ ସହିତ ପରମ ସତ୍ୟ, ପରମ ଋତ ତଥା ବିଶ୍ୱଗତ ବୃହତ୍ତ୍ୱର ଅନୁଶୀଳନ କରିପାରିବ, କେବଳ ସେଇ ଏହି ପୁରସ୍କାରଟିକୁ ଲାଭ କରିପାରିବ ଏବଂ ଏହି ସତ୍ୟ, ଋତ ଓ ବୃହତ୍ତ୍ୱର ଭୂମିକାରେହିଁ ସେହି ପ୍ରଭୁତ୍ୱ ଉପଲବ୍ଧ ହୋଇପାରିବ ।

'oaob.nitrkl.ac.in' images reprocessed

ଆମ ଅପୂର୍ଣ୍ଣତାଟି ଆଗରେ ଏମାନେ ଯେଉଁ ମହାନ୍ ଆଦର୍ଶଟିକୁ ଆଣି ରଖି ଦେଇଥାନ୍ତି, ସ୍ୱରାଟ୍ ଆତ୍ମା ସେହି ଆଦର୍ଶଟିର ମଧ୍ୟ ସର୍ବଦା ଅନୁସରଣ କରୁଥାଏ; ମାତ୍ର ତାହା ଅନ୍ୟ ସବୁକିଛିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବୁଝିଥାଏ ଏବଂ ପୂର୍ଣ୍ଣ ଅବକାଶ ଦେଇ ରଖିଥାଏ, ଯାହା ସେଗୁଡ଼ିକର ବିରୋଧ କରୁଥିବା ପରି ଏବଂ ସେଗୁଡ଼ିକର ଅଭିବ୍ୟକ୍ତିରେ ପ୍ରତିବନ୍ଧକ ହୋଇ ଠିଆ ହୋଇଥିବା ପରି ମନେ ହେଉଥାଏ । ଯେଉଁଠି ଆମେ କେବଳ ଏକ ସୀମିତ ସିଦ୍ଧିହିଁ ଅର୍ଜନ କରିପାରୁଛୁ, ଆମର ସେହି ବାସ୍ତବକ୍ଷେତ୍ରୀୟ ମାନୁଷୀ ମନୋଭୂମିର ସୋପାନଟିରେ ମଧ୍ୟ ଠିକ୍ ଏହି ବିଧାନଟିହିଁ ସତ୍ୟ ହୋଇ ରହିଥାଏ । ମାତ୍ର ଯୋଗର ଆଦର୍ଶ ସ୍ୱରାଜ୍ୟ ଏବଂ ସାମ୍ରାଜ୍ୟର ଏହି ଦୁଇଟିଯାକ ଧ୍ୟେୟକୁ ଉତ୍ତୋଳିତ କରିନିଏ ଓ ସେଗୁଡ଼ିକୁ ବୃହତ୍ତର ଆଧ୍ୟାତ୍ମିକ ଭୂମିଟି ଉପରେ ନେଇ ଅବସ୍ଥାପିତ କରି ରଖେ । ସେହିଠାରେହିଁ ସେହି ଧ୍ୟେୟ ଆପଣାର ପୂର୍ଣ୍ଣ ଶକ୍ତିମତ୍ତା ଅର୍ଜନ କରେ ଏବଂ ତଦ୍‌ଗତତାର ଦିବ୍ୟତର ଉଚ୍ଚତାଗୁଡ଼ିକ ଆଡ଼କୁ ଉନ୍ମୋଚିତ ହୋଇଯାଏ; କାରଣ ସେହି ପରମ ଅନନ୍ତଙ୍କ ସହିତ ଏକରୂପତା ଲାଭ କରି ଓ ସାନ୍ତ ଯାବତୀୟ ବସ୍ତୁ ଉପରେ ଏକ ଆଧ୍ୟାତ୍ମିକ ଶକ୍ତିକୁ କାର୍ଯ୍ୟ କରିବାକୁ ଦେଇହିଁ ଆମର ସତ୍ତା ଓ ଆମ ପ୍ରକୃତିର କୌଣସି ଉଚ୍ଚତମ ସମଗ୍ର ପୂର୍ଣ୍ଣତା ଆପଣା ଲାଗି ଏକ ସହଜସ୍ୱାଭାବିକ ଆଧାର ପ୍ରାପ୍ତ କରିବାକୁ ସମର୍ଥ ହୋଇଥାଏ ।

କେବଳ ଆତ୍ମାର ଭୂମିରେ ନୁହେଁ, ପ୍ରକୃତିର ଭୂମିରେ ମଧ୍ୟ ଏକ ପରିପୂର୍ଣ୍ଣ ସମତାର ଉପଲବ୍ଧିକୁ ଆମେ ଆତ୍ମପରିପୂର୍ଣ୍ଣତାଯୋଗର ଏକ ସର୍ତ୍ତ ବୋଲି କହିବା । ଆମର ସଂବେଗମୟ ତଥା ପ୍ରାଣିକ ସତ୍ତା ଉପରେ ବିଜୟଲାଭ କରିବାକୁହିଁ ଅବଶ୍ୟ ସେହି ସମତାଲାଭର ସର୍ବପ୍ରଥମ ପଦକ୍ଷେପ ବୋଲି ବୁଝାଯିବ, କାରଣ ସେହି ସଂବେଗମୟ ଏବଂ ପ୍ରାଣିକ ସତ୍ତା ଭିତରେହିଁ ପ୍ରବଳତମ ବିକ୍ଷୁବ୍ଧତା, ଅସମତା ଏବଂ ଦାସତ୍ୱର ଦୁର୍ଦ୍ଦାନ୍ତତମ ଯାବତୀୟ ଶକ୍ତି ତଥା ଆମ ଅପୂର୍ଣ୍ଣତାର ସର୍ବାଧିକ ଅତ୍ୟାଗ୍ରହୀ ଦାବିଟିର ବୀଜଗୁଡ଼ିକ ନିହିତ ହୋଇ ରହିଛି । ବିଶୁଦ୍ଧୀକରଣ ଏବଂ ସ୍ୱତନ୍ତ୍ରତା ଦ୍ୱାରାହିଁ ଆମ ପ୍ରକୃତିର ଏହିସବୁ ଭାଗରେ ସମତା ସମ୍ଭବ ହୋଇପାରିବ । ଆମେ ହୁଏତ ଏକଥା ବି କହିପାରିବା ଯେ ସମତାରୁହିଁ ଆମକୁ ସ୍ୱାତନ୍ତ୍ର୍ୟ ପାଇବାର ଏକ ନିଦର୍ଶନ ମିଳିଯିବ । ପ୍ରାଣିକ ବାସନାର ପ୍ରବଳାବେଗଗୁଡ଼ିକର ଆଧିପତ୍ୟରୁ ତଥା ଆତ୍ମା ଉପରେ ବାସନାଗୁଡ଼ିକର ପ୍ରଚଣ୍ଡ ପ୍ରଭୁତ୍ୱରୁ ମୁକ୍ତ ହେବାର ଅର୍ଥ ହେଉଛି ଏକ ଶାନ୍ତ ତଥା ସମତାଯୁକ୍ତ ହୃଦୟର ଅଧିକାରୀ ହେବା ଏବଂ ଏକ ବିଶ୍ୱଗତ ତଦ୍‌ଗତତାର ପ୍ରସାରଯୁକ୍ତ ତଥା ସମତାପୂର୍ଣ୍ଣ ଦୃଷ୍ଟିଟି ଦ୍ୱାରା ଅନୁଶାସିତ ହୋଇ ରହିଥିବା ଏକ ପ୍ରାଣ-ତତ୍ତ୍ୱର ଉପଲବ୍ଧି କରିବା । କାମନା ବା ବାସନାକୁ ଆମେ ପ୍ରାଣରହିଁ ଏକ ଅଶୁଦ୍ଧତା ବୋଲି କହିବା ଏବଂ ତାକୁ ଦାସତ୍ୱରେ ବାନ୍ଧି ରଖିଥିବା ଏକ ଶୃଙ୍ଖଳ ବୋଲି କହିବା । ଏବଂ ମୁକ୍ତ ପ୍ରାଣ କହିଲେ ଆମେ ଏପରି ଏକ ସନ୍ତୁଷ୍ଟ ଓ ତୃପ୍ତ

'oaob.nitrkl.ac.in' images reprocessed

ପ୍ରାଣ-ଆତ୍ମାକୁ ବୁଝିବା, ଯାହାକି ସମ୍ପୂର୍ଣ୍ଣ ଭାବରେ କାମନାମୁକ୍ତ ରହି ବାହ୍ୟ ବସ୍ତୁଗୁଡ଼ିକୁ ସ୍ପର୍ଶ କରିପାରୁଛି ଏବଂ ଏକ ସମତାଯୁକ୍ତ ପ୍ରତିସ୍ପନ୍ଦନ ଦ୍ୱାରା ସେମାନଙ୍କୁ ଗ୍ରହଣ କରିପାରୁଛି । ସେତେବେଳେ, ରୁଚି ଏବଂ ଅରୁଚିର ଦାସତ୍ୱମୟ ଦ୍ୱନ୍ଦ୍ୱଟିରୁ ମୁକ୍ତ ଓ ଉଦ୍ବେଳିତ ହୋଇଯାଇ, ସୁଖ ତଥା ଦୁଃଖାନୁଭବର ପ୍ରବଳ ଦାବିଗୁଡ଼ିକ ପ୍ରତି ତଟସ୍ଥ ରହି, ଯାହା ସୁଖକର, ତାହା ଦ୍ୱାରା କୌଣସିପ୍ରକାରେ ଉତ୍ତେଜିତ ନହୋଇ ଓ ଯାହା ଅସୁଖକର, ତାହା ଦ୍ୱାରା କୌଣସିପ୍ରକାରେ ସନ୍ତାପିତ ନହୋଇ ଓ ତାହାର କବଳରେ ନପଡ଼ି, ରୁଚିକର ସଂସ୍ପର୍ଶଗୁଡ଼ିକୁ ଆସକ୍ତ ଭାବରେ ଜାବୁଡ଼ି ନଧରି ବା ଯେଉଁ ସଂସ୍ପର୍ଶଗୁଡ଼ିକ ପ୍ରତି ତାହାର ଘୃଣାଭାବ ରହିଛି, ତାହାକୁ ଉଗ୍ର ଭାବରେ ହଟାଇ ନଦେଇ ସେ ଅନୁଭବଗତ ମୂଲ୍ୟର ଏକ ମହତ୍ତର ବ୍ୟବସ୍ଥା ଆଡ଼କୁ ଉନ୍ମୁକ୍ତ ହୋଇଯିବ । ଭୟ ଅଥବା ମିନତି ଜଣାଇ ସଂସାରରେ ତା' ପାଖକୁ ଯାହାକିଛି ଆସିବ, ସେଗୁଡ଼ିକୁ ସେ ଉଚ୍ଚତର ତତ୍ତ୍ୱଗୁଡ଼ିକର ସମ୍ମୁଖରେ ଅର୍ଥାତ୍ ଚିଦ୍‌ଗତତାର ଆଲୋକ ଏବଂ ଶାନ୍ତ ଆନନ୍ଦର ସ୍ପର୍ଶଟି ମଧ୍ୟରେ ରହିଥିବା ବା ସେଇଟି ଦ୍ୱାରା ପରିବର୍ତ୍ତିତ ହୋଇ ଯାଇଥିବା ବୁଦ୍ଧି ତଥା ହୃଦୟର ସମ୍ମୁଖରେ ଆଣି ବସ୍ତୁଗର୍ଥ ଉପସ୍ଥିତ କରାଇ ଦେଉଥିବ । ଏହିପରି ଭାବରେ ଶାନ୍ତ ହୋଇଯାଇ, ଚିଦ୍‌ଗତତାର ଅଧିକାରକୁ ଆସି ଏବଂ ଆମ ଭିତରେ ରହିଥିବା ଅଧିକ ଗଭୀର ଓ ଅଧିକ ସୂକ୍ଷ୍ମ ଆତ୍ମାଟି ଉପରେ ଆପଣାର ପ୍ରଭୁତ୍ୱକୁ ଆଣି ଲଦିଦେବାର କୌଣସି ଚେଷ୍ଟା ନକରି ଏହି ପ୍ରାଣମୟ ଆତ୍ମାଟି ସ୍ୱୟଂ ଅଧ୍ୟାତ୍ମ ଦ୍ୱାରା ପୂର୍ଣ୍ଣପ୍ରେରିତ ହୋଇ ଉଠିବ ଏବଂ ବିଶ୍ୱବସ୍ତୁ ସହିତ ଚିଦ୍‌ଗତତାର ଉଦ୍ୟତର ସମ୍ପର୍କବ୍ୟବହାରର କ୍ଷେତ୍ରରେ ଏକ ସ୍ୱଚ୍ଛ ଏବଂ ଉଦାର ସାଧନରୂପେ କାର୍ଯ୍ୟ କରିବାକୁ ଲାଗିବ । ଏଠାରେ ବୈରାଗ୍ୟ-ପୀଡ଼ିତ ହୋଇ ପ୍ରାଣିକ ଆବେଗ ଏବଂ ଏହାର ସହଜାତ ଉପଯୋଗ ତଥା କ୍ରିୟାଗୁଡ଼ିକୁ ସଂହାର କରିଦେବାର ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ; କାରଣ ଏହି କ୍ଷେତ୍ରରେ ତାହାର ସଂହାର ବା ଉଚ୍ଛେଦସାଧନ ଦାବି କରାଯାଉ ନାହିଁ, ଏଠାରେ ତାହାର ରୂପାନ୍ତରହିଁ ଦାବି କରାଯାଉଛି । ଉପଭୋଗ କରିବା ହେଉଛି ପ୍ରାଣର କାର୍ଯ୍ୟ, ମାତ୍ର ଏକ ଅନ୍ତର୍ଗତ ଆଧ୍ୟାତ୍ମିକ ଆନନ୍ଦକୁହିଁ ଆମେ ସତ୍ତାର ପ୍ରକୃତ ଉପଭୋଗ ବୋଲି କହିବା; ଆମର ପ୍ରାଣିକ, ସଂବେଗଗତ ବା ମାନସିକ ସୁଖଲାଭ ପରି ତାହା ସୀମିତ ଓ ସଦାଅଶାନ୍ତ ହୋଇ କଦାପି ରହି ନଥାଏ, ସେଗୁଡ଼ିକ ବର୍ତ୍ତମାନ ଯେପରି ସ୍ଥୂଳ ମନଟିର ପ୍ରାଦୁର୍ଭାବ ଦ୍ୱାରା ଅଧଃପତିତ ହୋଇ ରହିଛନ୍ତି, ତାହା କଦାପି ସେପରି ହୋଇ ରହି ନଥାଏ; ମାତ୍ର ତାହା ବିଶ୍ୱାତ୍ମକ ଓ ଗଭୀରତାଯୁକ୍ତ ହୋଇ ରହିଥାଏ, ଆତ୍ମା ତଥା ସକଳ ଅସ୍ତିତ୍ୱର ଏକ ଶାନ୍ତିମୟ ପରମୋଲ୍ଲାସ ମଧ୍ୟରେ ପୁଞ୍ଜୀଭୂତ ସଘନରୂପ ହୋଇ ରହିଥାଏ । ଅଧିକାରଲାଭ ହେଉଛି ପ୍ରାଣର କାର୍ଯ୍ୟ, ଏହି ଅଧିକାର ଲାଭ ଦ୍ୱାରାହିଁ ଆତ୍ମା ବସ୍ତୁଗୁଡ଼ିକର ଉପଭୋଗ କରିବାକୁ ସମର୍ଥ ହୋଇଥାଏ; ମାତ୍ର

'oaob.nitrkl.ac.in' images reprocessed

ଏହା ହେଉଛି ଏକ ଯଥାର୍ଥ ଅଧିକାରଲାଭ, ଏହା ଏକ ବିଶାଳ ଏବଂ ଅନ୍ତର୍ଗତ ବସ୍ତୁ; ଯେଉଁ ବାହ୍ୟ ଅଧିକାରଲାଭ, ଆମକୁ ଆମେ ଅଧିକାର କରିଥିବା ବସ୍ତୁଟିର ଦାସ କରି ରଖେ, ତାହା ଉପରେ ଏହା ଆଦୌ ନିର୍ଭର କରେ ନାହିଁ । ଯାବତୀୟ ବାହ୍ୟ ଅଧିକାରଲାଭ ତଥା ଉପଭୋଗ କେବଳ ସେହି ଆଧ୍ୟାତ୍ମିକ ଆନନ୍ଦରହିଁ ଆପଣା ଜଗତ୍‌ସତ୍ତାର ରୂପାୟନ ଏବଂ ପ୍ରତିଭାସଗୁଡ଼ିକ ସହିତ ଏକ ତୃପ୍ତ ଓ ସମତାଯୁକ୍ତ ଲୀଳାରହିଁ ଏକ ସାଧନ ହୋଇ ରହିବ । ଅହଂପ୍ରେରିତ ଭାବରେ ଯେଉଁ ଅଧିକାର ଲାଭକୁ ସାବ୍ୟସ୍ତ କରାଯାଇଥାଏ, ଅର୍ଥାତ୍ ଭଗବାନଙ୍କ ଉପରେ ତଥା ଜୀବଚୟ ଏବଂ ଜଗତ ଉପରେ ଅହଂର ଅଧିକାରର ଅର୍ଥରେ ବସ୍ତୁଗୁଡ଼ିକୁ ଆପଣାର ବସ୍ତୁ ବା ଧନ ବୋଲି କହିବାର ବୃତ୍ତି ବା ପରିଗ୍ରହକୁ ଆମକୁ ପରିତ୍ୟାଗହିଁ କରିବାକୁ ପଡ଼ିବ, ଯେପରିକି ଏହି ବୃହତ୍ତର ବସ୍ତୁ, ଏହି ବିଶାଳ, ବିଶ୍ୱଗତ ଏବଂ ପୂର୍ଣ୍ଣତାଯୁକ୍ତ ଜୀବନ ଆମ ଲାଗି ଉପଲବ୍ଧ ହୋଇପାରିବ । ତ୍ୟକ୍ତେନ ଭୁଞ୍ଜୀଥାଃ,—ଅର୍ଥାତ୍ କାମନା ଏବଂ ଅଧିକାରଲାଭର ଅହଙ୍କାରମୟ ଭାବଟିକୁ ଛାଡ଼ି ଆସିପାରିଲେହିଁ ଆତ୍ମା ଦିବ୍ୟ ଭାବରେ ଆପଣା ସତ୍ତାଟିର ତଥା ଏହି ବିଶ୍ୱର ଉପଭୋଗ କରିପାରିବ ।

ଠିକ୍ ସେହିପରି ଭାବରେ ଏକ ମୁକ୍ତ ହୃଦୟ କହିଲେ ଆମେ ଯାବତୀୟ ଭାବ ତଥା ଭାବୋଚ୍ଛାଟନର ବାତ୍ୟା ଓ ଝଡ଼ରୁ ମୁକ୍ତ ହୋଇ ଆସିଥିବା ଏକ ହୃଦୟକୁ ବୁଝିବା; ଯେଉଁ ହୃଦୟ ସମତାର ଉପଲବ୍ଧି କରିଥାଏ, ଦୁଃଖ, କ୍ରୋଧ, ଘୃଣା ତଥା ଭୟର ଆକ୍ରମକ ଆଘାତ, ପ୍ରେମଜନିତ ଅସମତା, ହର୍ଷଜନିତ ବିକ୍ଷୋଭ ଏବଂ ଦୁଃଖଜନିତ ଯାତନା, ଏସବୁ ତା'ଠାରୁ କୁଆଡ଼େ ଦୂର ହୋଇଯାନ୍ତି ଏବଂ ତାହାକୁ ଏକ ବିଶାଳ, ପ୍ରଶାନ୍ତ, ସମତାଯୁକ୍ତ, ସନ୍ଦୀପିତ ଏବଂ ଦିବ୍ୟ ବସ୍ତୁରୂପେ ଛାଡ଼ିଦେଇଯାନ୍ତି । ଏହିସବୁ ବସ୍ତୁ ଆମ ସତ୍ତାର ଅସଲ ପ୍ରକୃତିଟି ଲାଗି ଆଦୌ ଅନିବାର୍ଯ୍ୟ ନୁହନ୍ତି; ମାତ୍ର ଆମର ଏହି ବାହ୍ୟ କ୍ରିୟାଶୀଳ ମନୋମୟ ତଥା ପ୍ରାଣିକ ପ୍ରକୃତି ଯେଭଳି ଭାବରେ ଗଢ଼ାହୋଇ ରହିଛନ୍ତି ଏବଂ ଆପଣାର ପରିବେଶଗୁଡ଼ିକ ସହିତ ଏମାନଙ୍କର ଯେଉଁଭଳି ସଂଯୋଗ ରହିଛି, ଏଗୁଡ଼ିକ କେବଳ ସେଇଥିରୁହିଁ ସୃଷ୍ଟ ହୋଇଛନ୍ତି । ଆମର ଯେଉଁ ଅହଂବୋଧ ଆମକୁ ଏପରି ଗୋଟିଏ ଗୋଟିଏ ପୃଥକ୍ ଓ ବିଚ୍ଛିନ୍ନ ସତ୍ତାରୂପେ କ୍ରିୟାଶୀଳ ହୋଇ ରହିବାକୁ ପ୍ରବର୍ତ୍ତନା ଦେଉଥାଏ ଯାହାକି ସେମାନଙ୍କର ବିଚ୍ଛିନ୍ନ ଦାବି ତଥା ଅନୁଭୂତିକୁହିଁ ବିଶ୍ୱର ଯାବତୀୟ ମୂଲ୍ୟର କଷଟି କରି ରଖିଥାଏ, ତାହାକୁହିଁ ଆମେ ହୃଦୟର ଏହିସବୁ ଅଶୁଦ୍ଧି କିମ୍ବା ସକାଶେ ଦାୟୀ ବୋଲି କହିବା । ଆମ ନିଜ ଭିତରେ ତଥା ବିଶ୍ୱାତ୍ମାର ଭୂମିରେ ଆମେ ଯେତେବେଳେ ପରମ ଦିବ୍ୟଜାତି ସହିତ ଏକତ୍ୱବଦ୍ଧ ହୋଇ ରହିଥାଉ, ସେତେବେଳେ ଏହି ଅପୂର୍ଣ୍ଣତାସବୁ ଆମକୁ ଛାଡ଼ି ଚାଲିଯାନ୍ତି ଏବଂ ଅନ୍ତରସ୍ଥ ଚିଦ୍‌ଗତ ଅସ୍ତିତ୍ୱର ପ୍ରଶାନ୍ତ, ସମତାଯୁକ୍ତ ବଳ ଏବଂ ଆନନ୍ଦ ମଧ୍ୟରେ

'oaob.nitrkl.ac.in' images reprocessed

କୁଆଡ଼େ ଅନ୍ତର୍ହିତ ହୋଇଯାଆନ୍ତି । ସେହି ଭାଗବତ ସତ୍ତାଟି ଆମ ଭିତରେ ସର୍ବଦା ବିଦ୍ୟମାନ ରହିଥାଏ ଏବଂ ଆସୁଥିବା ସଂସ୍ପର୍ଶଗୁଡ଼ିକ ତାହା ପାଖରେ ଆସି ପହଞ୍ଚିବା ପୂର୍ବରୁ ଆପଣା ସତ୍ତାଗତ ଆନନ୍ଦର ପ୍ରଚ୍ଛନ୍ନ ସାଧନରୂପେ କାର୍ଯ୍ୟ କରୁଥିବା ଏକ ଅନ୍ତଃସ୍ଥ ଚୈତ୍ୟ ଆତ୍ମାର ମାର୍ଗରେ ସେଗୁଡ଼ିକୁ ଆସିବାକୁ ଦେଇ ତାହା ସେଗୁଡ଼ିକୁ ରୂପାନ୍ତରିତ କରି ଦେଉଥାଏ । ହୃଦୟ ମଧ୍ୟରେ ସମତାର ଉପଲବ୍ଧି କରି ଆମେ ଉପରିଭାଗସ୍ଥ ସେହି ବିକ୍ଷୁବ୍ଧ କାମନା-ଆତ୍ମାଟି ମଧ୍ୟରୁ ବାହାରି ଚାଲିଯାଇପାରୁ, ଏହି ଗଭୀରତର ସତ୍ତାଟିର ଦ୍ୱାରଗୁଡ଼ିକୁ ଖୋଲିଦେଉ, ତାହାର ପ୍ରତିସ୍ପନ୍ଦନଗୁଡ଼ିକୁ ପ୍ରକଟ କରିଆଣୁ ଏବଂ ଆମ ସଂବେଗମୟ ସତ୍ତାଟିକୁ ଯାହାକିଛୁ ପ୍ରଲୋଭିତ କରିବାକୁ ଆସୁଥାଏ, ସେଗୁଡ଼ିକ ଉପରେ ସେଗୁଡ଼ିକର ଯଥାର୍ଥ ଦିବ୍ୟ ମୂଲ୍ୟକୁ ଆଣି ଆରୋପିତ କରିଦେଉ । ଏହି ପରିପୂର୍ଣ୍ଣତାଟି ଫଳରେ ଆଧ୍ୟାତ୍ମିକ ଅନୁଭୂତିର ଏକ ମୁକ୍ତ, ସୁଖପୂର୍ଣ୍ଣ, ସମତାଯୁକ୍ତ ତଥା ସର୍ବପ୍ରେମୀ ହୃଦୟ ଉପଲବ୍ଧ ହୋଇ ଆସିଥାଏ ।

ଏହି ସିଦ୍ଧିଟି ମଧ୍ୟରେ କଠୋର ବୈରାଗ୍ୟପ୍ରେରିତ ଭାବରେ ଆପଣାର ଯାବତୀୟ ହୃଦୟବୃତ୍ତିକୁ ଜଡ଼ କରି ରଖିଦେବାର ମଧ୍ୟ ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ । କାରଣ, ଏହାକୁ ଆମ ସଂବେଗମୟ ପ୍ରକୃତିର ଏକ ସଂହାର ବୋଲି ଆଦୌ କୁହାଯିବ ନାହିଁ, ଏହାକୁ ଏକ ରୂପାନ୍ତର ବୋଲି କୁହାଯିବ । ଆମର ଏହି ବାହ୍ୟ ପ୍ରକୃତିଟିର ଭୂମି ଉପରେ ଆମ ଆଗରେ ଯାହାକିଛି ନାନାପ୍ରକାର ବିକୃତ ଓ ଅପୂର୍ଣ୍ଣ ରୂପରେ ଆସି ଆବିର୍ଭୂତ ହୋଇଥାଏ, ସେଗୁଡ଼ିକର ମଧ୍ୟ ଏକ ତାତ୍ପର୍ଯ୍ୟ ଏବଂ ପ୍ରୟୋଜନ ଅବଶ୍ୟ ରହିଛି; ଏବଂ ଆମେ ଦିବ୍ୟ ସତ୍ତାର ବୃହତ୍ତର ସତ୍ୟଟି ମଧ୍ୟକୁ ଫେରିଯାଇ ପାରିଲେ ଯାଇ ତାହାର ପରିଚୟ ପାଇଥାଉ । ପ୍ରେମର କଦାପି ଉଚ୍ଛେଦ ହେବ ନାହିଁ, ମାତ୍ର ତାହା ପରିପୂର୍ଣ୍ଣତା ଲାଭ କରିବ, ଆପଣାର ପରିବ୍ୟାପ୍ତତମ ସାମର୍ଥ୍ୟ ମଧ୍ୟକୁ ପ୍ରସାରିତ ହୋଇଯିବ, ଆପଣାର ଚିଦ୍‌ଗତ ଉଲ୍ଲାସମୟତାର ଗଭୀରତାକୁ ସ୍ପର୍ଶ କରିବ, ଈଶ୍ୱରପ୍ରେମ, ମନୁଷ୍ୟ ପ୍ରତି ପ୍ରେମ ଏବଂ ଆତ୍ମବତ୍ ତଥା ଭଗବାନଙ୍କର ସତ୍ତା ଏବଂ ଶକ୍ତିରୂପେ ସକଳ ବସ୍ତୁ ଲାଗି ପ୍ରେମରେ ତାହା ରୂପାନ୍ତରିତ ହୋଇଯିବ । ତାହା ଏକ ବିଶାଳ ବିଶ୍ୱପ୍ରେମରେ ରୂପାନ୍ତରିତ ହୋଇଯିବ, ବୈଚିତ୍ର୍ୟମୟ ସମ୍ବନ୍ଧ ଲାଗି ତାହା ଆଦୌ ଅସମର୍ଥ ହୋଇ ରହିବ ନାହିଁ; ତାହା ଅତିକ୍ଷୁଦ୍ର ନାନା ହର୍ଷ, ଶୋକ ତଥା ଅନମନୀୟ ଜିଦ୍‌ଗୁଡ଼ାକୁ ନେଇ କେବଳ ଦାବି କରିବାରେ ଲାଗିଥିବା ଅହଂକାରମୟ ଏବଂ ସ୍ୱାର୍ଥତାଡ଼ିତ ପ୍ରେମର ସ୍ଥାନଟିକୁ ଆସି ଅଧିକାର କରିନେବ । ସେହି ସ୍ୱାର୍ଥପ୍ରଣୋଦିତ ପ୍ରେମ ଯେଉଁସବୁ କ୍ରୋଧ, ଈର୍ଷା, ଚରିତାର୍ଥତା, ମିଳନ ଲାଗି ଉନ୍ମତ୍ତପ୍ରାୟ ଧାବନ ଏବଂ ଅବସାଦ, ସମ୍ବନ୍ଧଚ୍ୟୁତି ଓ ବିରହର କେତେକେତେ ଗତିସ୍ପନ୍ଦନର ଯାବତୀୟ ଚିରବିଚିତ୍ର ଜାଲଟି ଦ୍ୱାରା ସଦାପୀଡ଼ିତ ହୋଇ ରହିଥାଏ, ଆଜି ଆମେ ସେହିଗୁଡ଼ିକ ଉପରେହିଁ ଏତେବେଶୀ ମହତ୍ତ୍ୱ ଦେବାରେ ଲାଗିଛୁ ।

'oaob.nitrkl.ac.in' images reprocessed

ଦୁଃଖର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ ସତ, ମାତ୍ର ଏକ ବିଶ୍ୱାତ୍ମକ ତଥା ସମତାଯୁକ୍ତ ପ୍ରେମ ଓ ସହାନୁଭୂତି ଆସି ତାହାର ସ୍ଥାନ ଅଧିକାର କରିବ; ସେହି ସହାନୁଭୂତି ମଧ୍ୟରେ ଦୁଃଖରେ ଦୁଃଖ ଅନୁଭବ କରିବାର କୌଣସି ପ୍ରବୃତ୍ତି ରହିବ ନାହିଁ, ମାତ୍ର ସ୍ୱୟଂ ମୁକ୍ତ ହୋଇ ଆସିଥିବା ଏପରି ଏକ ଶକ୍ତିମନ୍ତ୍ରରୂପେ ତାହା ରହିଥିବ, ଯାହାକି ଦୁଃଖମୁକ୍ତ କରି ରଖିପାରିବ, ସାହାଯ୍ୟ କରିପାରିବ, ବିମୋଚିତ କରିଦେଇ ପାରିବ । ମୁକ୍ତ ଆତ୍ମା ଲାଗି କ୍ରୋଧ ବା ଘୃଣା କଦାପି ସମ୍ଭବ ହେବ ନାହିଁ; ମାତ୍ର ଦିବ୍ୟ ପରମସତ୍ତ୍ୱର ଯେଉଁ ପ୍ରବଳ ରୁଦ୍ରଶକ୍ତି ଘୃଣାମୁକ୍ତ ହୋଇ ଯୁଦ୍ଧ ଲଢ଼ିପାରିବ ଏବଂ କ୍ରୋଧମୁକ୍ତ ହୋଇ ଧ୍ୱଂସ କରିପାରିବ, ତା' ଭିତରେ ସେଇଟି ନିଶ୍ଚୟ ପ୍ରକଟ ହୋଇ ପାରୁଥିବ । କାରଣ, ସେ ଯାହାକିଛି ଧ୍ୱଂସ କରୁଛି, ସେଇଟି ସର୍ବଦା ତା' ନିଜର ଏକ ଅଂଶ ବା ଅଭିବ୍ୟକ୍ତି ବୋଲି ପୂର୍ଣ୍ଣ ସଜ୍ଞାନ ରହିଥିବ ଏବଂ ତେଣୁ ଯେଉଁମାନଙ୍କ ଭିତରେ ଏଗୁଡ଼ିକ ମୂର୍ତ୍ତିରୂପ ଧାରଣ କରିଛି, ସେମାନଙ୍କ ପ୍ରତି ଆପଣାର ସହାନୁଭୂତି ତଥା ବୋଧଭୂମିରେ ସେ ଅପରିବର୍ତ୍ତିତ ରହିଥିବ । ଆମର ସମୁଦାୟ ସଂବେଦମୟ ପ୍ରକୃତିରେ ଏହି ଉଚ୍ଚ ବିମୋଚନକାରୀ ରୂପାନ୍ତରଟି ସଂଘଟିତ ହେବ; ମାତ୍ର ଏହି ରୂପାନ୍ତରଟି ସଂଘଟିତ ହୋଇପାରିବା ଲାଗି ଏକ ପରିପୂର୍ଣ୍ଣ ସମତାର ଉପଲବ୍ଧିକୁହିଁ ଆମେ ଏକ ଅନିବାର୍ଯ୍ୟ ଓ ଫଳପ୍ରଦ ସର୍ତ୍ତ ବୋଲି ଜାଣି ରଖିଥିବା ।

ଆମ ସତ୍ତ୍ୱର ଅବଶିଷ୍ଟ ଅଂଶଟିରେ ମଧ୍ୟ ଠିକ୍ ସେହି ସମତାଟିକୁ ଆଣିବାକୁ ପଡ଼ିବ । ଆମର ସମୁଦାୟ ଗତିଶୀଳ ସତ୍ତ୍ୱଟି ବର୍ତ୍ତମାନ ଯାହାକିଛି କରୁଛି, ତାହା କେବଳ ଅସମ କେତେକେତେ ଆବେଗ ତଥା ନିମ୍ନତର ଅଜ୍ଞାନଗ୍ରସ୍ତ ପ୍ରକୃତିର ପ୍ରଭାବରେ ପଡ଼ିହିଁ କରୁଛି । ଆମେ ଏହି ଆବେଗଗୁଡ଼ିକର ବୋଲି ମାନୁଛୁ ବା କେତେକାଂଶରେ ସେଗୁଡ଼ିକୁ ଆପଣାର ନିୟନ୍ତ୍ରଣରେ ରଖୁଛୁ, ବା ଏଗୁଡ଼ିକ ଉପରେ ଆପଣାର ତର୍କବୁଦ୍ଧି, ଏକ ବିଶୋଧକ ସୌନ୍ଦର୍ଯ୍ୟବୋଧ, ସୌନ୍ଦର୍ଯ୍ୟଗ୍ରାହୀ ମନ ତଥା ନିୟମନକାରୀ ନୈତିକ ବିଧିବିଧାନଗୁଡ଼ିକର ପ୍ରଭାବ ପକାଇ ଏଗୁଡ଼ିକୁ କିଞ୍ଚିତ୍ ପରିବର୍ତ୍ତିତ ଓ ସଂଶୋଧିତ କରି ରଖିବାର ଚେଷ୍ଟା କରୁଛୁ । ଆମ ପ୍ରୟାସଟିର ମିଶ୍ର ପରିଣାମଟି ରୂପେ ଆମ ଭିତରେ ଠିକ୍ ଓ ଭୁଲ୍, ଉପକାରୀ ଓ ଅନିଷ୍ଟକାରୀ ତଥା ସୌଷମ୍ୟଯୁକ୍ତ ଓ ସୌଷମ୍ୟହୀନ କେତେକେତେ କ୍ରିୟାତ୍ମକତାର ଏକ ଅଦ୍ଭୁଆ ସୂତ୍ରହିଁ ଉତ୍ପନ୍ନ ହେବାରେ ଲାଗିଥାଏ; ମାନବୀୟ ବୁଦ୍ଧି ଓ ଅବୁଦ୍ଧି, ପୁଣ୍ୟ ଓ ପାପ, ମାନ ଓ ଅପମାନ, ଉଚ୍ଚ ଓ ନୀଚ ତଥା ଲୋକ-ସମର୍ଥିତ ଓ ଲୋକ-ଅସମର୍ଥିତ ସତତ ବଦଳି ଯାଉଥିବା କେତେକେତେ ମାନଦଣ୍ଡ ସ୍ଥାପିତ ହୋଇଯାଏ; ଆତ୍ମ-ପ୍ରଶଂସା ଓ ଆତ୍ମ-ନିନ୍ଦା ଅଥବା ଆତ୍ମ-ପରିତୃପ୍ତି ଓ ଆତ୍ମ-ଘୃଣା ଏବଂ ପଶ୍ଚାତ୍ତାପ, ଲଜ୍ଜା ଓ ନୈତିକ ନିର୍ଗଣାର କେତେକେତେ ସନ୍ତପ୍ତତା ଆସି ଦେଖାଦିଏ । ଆମର ଆଧ୍ୟାତ୍ମିକ ବିବର୍ତ୍ତନ ସକାଶେ ଏସବୁର ଯେ ବର୍ତ୍ତମାନ ଅତ୍ୟନ୍ତ ଆବଶ୍ୟକତା ରହିଛି, ସେଥିରେ କୌଣସି ସନ୍ଦେହ

'oaob.nitrkl.ac.in' images reprocessed

ନାହିଁ । ମାତ୍ର ଉଚ୍ଚତର ପରିପୂର୍ଣ୍ଣତାଟିକୁ ଲୋଡ଼ୁଥିବା ସାଧକ ଏହିସବୁ ଦ୍ୱୈତତା ମଧ୍ୟରୁ ଆପଣାକୁ ପ୍ରତ୍ୟାହାର କରି ନେଇଆସିବ, ସେଗୁଡ଼ିକୁ ଏକ ସମ ଚକ୍ଷୁରେ ଦେଖିବ ଏବଂ ସେହି ସମତା ଦେଇ ଗତ୍ୟାତ୍ମକ ତପଃ ବା ଅଧ୍ୟାତ୍ମଶକ୍ତିର ଏପରି ଏକ ପକ୍ଷପାତମୁକ୍ତ ବିଶ୍ୱାତ୍ମକ କ୍ରିୟାଭୂମିରେ ଆସି ପହଞ୍ଚିବ, ଯେଉଁଠାରେ କି ତାହାର ଆପଣା ଶକ୍ତି ଓ ଇଚ୍ଛା ଦିବ୍ୟ କ୍ରିୟାତ୍ମକତାର ଏକ ବୃହତ୍ତର ଶାନ୍ତ ରହସ୍ୟର ଶୁଦ୍ଧ ଏବଂ ଉପଯୁକ୍ତ ଗୋଟିଏ ଗୋଟିଏ ସାଧନରେ ପରିଣତ ହୋଇଯାଇ ପାରିବ । ଏହି ଗତିଶୀଳ ସମତାଟିକୁ ଭୂମିରୂପେ ବ୍ୟବହାର କରି ଆମର ସାଧାରଣ ମାନସିକ ମାନଗୁଡ଼ିକ କ୍ରମଶଃ ଅତିକ୍ରାନ୍ତ ହୋଇଯିବ । ତା' ସଂକଳ୍ପର ଚକ୍ଷୁଟି ଆହୁରି ସେପାଖକୁ ଦିବ୍ୟ ସତ୍ତ୍ୱର ଏକ ଶୁଦ୍ଧତା ଯାଏ ଦେଖିବାକୁ ଅବଶ୍ୟ ସମର୍ଥ ହେବ, ଦିବ୍ୟ ଜ୍ଞାନ ଦ୍ୱାରା ପରିଚାଳିତ ହେଉଥିବା ଦିବ୍ୟ ଇଚ୍ଛା-ଶକ୍ତିର ଅଭିପ୍ରାୟଟି ଯାଏ ଦେଖିବାକୁ ସମର୍ଥ ହେବ ଏବଂ ତାହାର ପୂର୍ଣ୍ଣତାପ୍ରାପ୍ତ ପ୍ରକୃତି ସେହି ଦିବ୍ୟ ଇଚ୍ଛା-ଶକ୍ତିରହିଁ ଗୋଟିଏ ଯନ୍ତ୍ର ହୋଇ ରହିବ । ସଂବେଗଗତ ପ୍ରାଣିକ ଆବେଗ ଏବଂ ବ୍ୟକ୍ତିକେନ୍ଦ୍ରିକ ନୈଷ୍ଠିକ ଅଗ୍ରରୁଚିଗୁଡ଼ିକର ଅଧୀନ ହୋଇ ରହିଥିବା ଗତିଶୀଳ ଅହଂଟି ଯେତେବେଳଯାଏ ତା'ର କର୍ମରେ ଆସି ହସ୍ତକ୍ଷେପ କରୁଥିବ, ସେପର୍ଯ୍ୟନ୍ତ ସେହି ଯନ୍ତ୍ର ହୋଇ ରହିବା ସମ୍ପୂର୍ଣ୍ଣ ଭାବରେ ଅସମ୍ଭବ ହୋଇ ରହିଥିବ । ତେଣୁ ଆମର ସଂକଳ୍ପକ୍ଷେତ୍ରରେ ପରିପୂର୍ଣ୍ଣ ସମତା ଅର୍ଜନ କରିହିଁ ସେହି ଶକ୍ତି ଦ୍ୱାରା ଆମେ ନିମ୍ନତର କର୍ମାବେଗର ଏହିସବୁ ଗଣ୍ଠିକୁ ଛିଣ୍ଡାଇଦେଇ ପାରିବା । ଏହି ସମତା ନିମ୍ନତର ଆବେଗଗୁଡ଼ିକୁ ଆଦୌ କୌଣସି ପ୍ରତ୍ୟୁତ୍ତର ଜଣାଇବ ନାହିଁ; ମାତ୍ର ମନର ଉପରେ ଅବସ୍ଥିତ ରହିଥିବା ସେହି ପରମ ଆଲୋକଟିରୁ ଆସୁଥିବା ଦୃଷ୍ଟିସମର୍ଥ ଏକ ବୃହତ୍ତର ପ୍ରେରଣା ଲାଗି ତାହା ଜାଗ୍ରତ ଭାବରେ ପ୍ରତୀକ୍ଷା କରି ରହିବ । ତାହା ବୁଦ୍ଧିପ୍ରେରିତ ବିଚାରଶକ୍ତିଟି ଦ୍ୱାରା ବିଚାର କରିବ ନାହିଁ ବା ଶାସନ କରିବ ନାହିଁ, ମାତ୍ର ଦୃଷ୍ଟିର ଏକ ଊର୍ଦ୍ଧ୍ୱତର ଭୂମିରୁ ଆଲୋକନ ଏବଂ ମାର୍ଗଦର୍ଶନ ଲାଗି ଅପେକ୍ଷା କରି ରହିବ । ଏହି ଊର୍ଦ୍ଧ୍ୱଗତିରେ ଅତିମାନସ ସତ୍ତା ଆଡ଼କୁ ଅଗ୍ରସର ହୋଇ ଯାଉଥିବା ସଙ୍ଗେସଙ୍ଗେ ଓ ତେଣେ ଅନ୍ତର ଭିତରେ ସେହି ଚିଦାଗତ ବିଶାଳତା ମଧ୍ୟକୁ ପ୍ରସାରିତ ହୋଇ ଯାଉଥିବା ସଙ୍ଗେସଙ୍ଗେ ଗତିଶୀଳ ପ୍ରକୃତିଟିରେ ମଧ୍ୟ ରୂପାନ୍ତର ଘଟିବ, ସଂବେଗଗତ ଏବଂ ପ୍ରାଣିକ ପ୍ରକୃତି ପରି ସେଇଟି ମଧ୍ୟ ଅଧ୍ୟାତ୍ମମୟ ହୋଇଯିବ ଏବଂ ଦିବ୍ୟ ପ୍ରକୃତିର ଏକ ସାମର୍ଥ୍ୟରୂପେ ବିକଶିତ ହୋଇ ଆସିବ । ଏହି ନୂତନ ବିସ୍ତାର ଭୂମିଟିରେ ସାଧନଗୁଡ଼ିକ କେତେବାର ଝୁଣ୍ଟିବେ ଓ ପଡ଼ିବେ, କେତେ ଭୁଲ କରିବେ ଏବଂ ଆପଣାକୁ ଅନୁକୂଳିତ କରିବାରେ କେତେ ଅପୂର୍ଣ୍ଣତାର ପ୍ରମାଣ ଦେବେ; ମାତ୍ର ଅଧିକରୁ ଅଧିକ ସମତା ଅର୍ଜନ କରୁଥିବା ଆତ୍ମା ଏଥିରେ ଖୁବ୍ ବେଶୀ ବିଚଳିତ ହେବ ନାହିଁ, ଏଗୁଡ଼ିକୁ ନେଇ ଦୁଃଖ କରିବ ନାହିଁ; କାରଣ

'oaob.nitrkl.ac.in' images reprocessed

ଆପଣାର ଆତ୍ମା ମଧ୍ୟରେ ତଥା ମନର ଉପରେ ରହିଥିବା ସେହି ପରମ ଆଲୋକ ତଥା ପରମ ସାମର୍ଥ୍ୟ ମଧ୍ୟକୁ ମୁକ୍ତିଲାଭ କରି ଏକ ଦୃଢ଼ ବିଶ୍ୱାସର ସହିତ ତାହା ଆପଣାର ପଥଟିରେ ଅଗ୍ରସର ହୋଇ ଯାଉଥିବ, ଏବଂ ଅଧିକରୁ ଅଧିକ ଶାନ୍ତତା ସହିତ ରୂପାନ୍ତରପ୍ରକ୍ରିୟାଟିର ସକଳ ଉତ୍ଥାନପତନ ଏବଂ ପୂର୍ତ୍ତିଟି ଲାଗି ପ୍ରତୀକ୍ଷା କରି ରହିଥିବ । "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱା ସର୍ବ-ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ,"––ଗୀତାରେ ପରମ ଭଗବାନଙ୍କର ପ୍ରଦତ୍ତ ଏହି ପ୍ରତିଶ୍ରୁତିହିଁ ତା'ର ସଂକଳ୍ପର ଆଶ୍ରୟ ହୋଇ ରହିବ ।

ପ୍ରକୃତି ମଧ୍ୟରେ ରହିଥିବା ସାଧନଗୁଡ଼ିକର ପୂର୍ଣ୍ଣତା ଆଣିବାରେ ମନନସମର୍ଥ ମନର ସମତା ମଧ୍ୟ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭାଗ ନେଇ ରହିବ । ବର୍ତ୍ତମାନ ବଡ଼ ଆକର୍ଷକ ଭାବରେ ଆମେ ଆମର ବୁଦ୍ଧିପ୍ରେରିତ ଅଭିରୁଚି, ବିଶ୍ୱାସ, ମତାମତ, କଳ୍ପନା ଏବଂ ସ୍ମୃତିର ସୀମାବଦ୍ଧତାଯୁକ୍ତ ସଂସ୍କାରଶିଅଗୁଡ଼ିକ ପ୍ରତି ଆସକ୍ତ ହୋଇ ରହିଛୁ ଓ ଆପେଆପେ ସେହିଗୁଡ଼ିକୁହିଁ ଉଚିତ ବୋଲି ଘୋଷଣା କରିବାରେ ଲାଗିଛୁ; ଏହିଗୁଡ଼ାକହିଁ ଆମ ମନୋଭୂମିର ମୂଳଦୁଆ ହୋଇ ରହିଛି । ଅଭ୍ୟାସର ଦାସ ହୋଇ ରହିଥିବା ମନର ତାତ୍କାଳିକ ପୁନରାବୃତ୍ତିଗୁଡ଼ିକ ପ୍ରତି, ଆମର ପ୍ରୟୋଜନଧର୍ମୀ ମନର ଅତ୍ୟାଗ୍ରହଗୁଡ଼ିକ ପ୍ରତି ଏବଂ ଏପରିକି ଆମର ବୁଦ୍ଧିଗୃହୀତ ସତ୍ୟ-ମନଟିର ସୀମାଗୁଡ଼ାକ ପ୍ରତି ଆମେ ଭାରି ଆସକ୍ତ ହୋଇ ରହିଛୁ । ଅନ୍ୟ ଆସକ୍ତିଗୁଡ଼ିକ ପରି ଏଗୁଡ଼ିକୁ ମଧ୍ୟ ଯିବାକୁ ପଡ଼ିବ ଏବଂ ଏକ ସମତାଯୁକ୍ତ ଦୃଷ୍ଟିର ନିରପେକ୍ଷତା ପାଖରେ ନତମସ୍ତକ ହେବାକୁ ପଡ଼ିବ । ସମତାପ୍ରାପ୍ତ ଭାବନା-ମନ ଜ୍ଞାନ ଓ ଅଜ୍ଞାନ, ସତ୍ୟ ଓ ଅସତ୍ୟ, ଆମ ଚେତନାର ସୀମାବଦ୍ଧ ପ୍ରକୃତି ଓ ଆମ ବୁଦ୍ଧି ତଥା ତର୍କସରଣୀ ଏବଂ ପ୍ରତ୍ୟକ୍ଷବୋଧ ଲାଗି ରହିଥିବା ତାହାର ଯନ୍ତ୍ରନିଷ୍ଠ ସାମର୍ଥ୍ୟର ପକ୍ଷପାତିତା ଦ୍ୱାରା ସୃଷ୍ଟ ହୋଇଥିବା ଦ୍ୱୈତତାଗୁଡ଼ିକ ଉପରେ ଆପଣାର ଦୃଷ୍ଟି ନିକ୍ଷେପ କରିବାକୁ ସମର୍ଥ ହେବ, ସୂତାଗୋଛାଟିର ଦୁଇଟିରୁ କୌଣସି ଗୋଟିଏ ଖିଅ ଦ୍ୱାରା ବାନ୍ଧହୋଇ ନପଡ଼ି ତାହା ଦୁଇଟିଯାକକୁ ସ୍ୱୀକାର କରିନେବ ଏବଂ ଏକ ଜ୍ୟୋତିଃପ୍ରେରିତ ଅତିକ୍ରମଣ ଲାଗି ଅପେକ୍ଷା କରି ରହିବ । ଅଜ୍ଞାନ ମଧ୍ୟରେ ମଧ୍ୟ ତାହା ଅବରୁଦ୍ଧ ହୋଇ ରହିଥିବା ଏବଂ ମୁକ୍ତ ହେଉଥିବା ବା ସେଥିଲାଗି ଅପେକ୍ଷା କରି ରହିଥିବା ଜ୍ଞାନର ପ୍ରତ୍ୟକ୍ଷ କରିବ, ଅସତ୍ୟ ମଧ୍ୟରେ ଆପଣାର ବାଟ ଭୁଲି ଯାଇଥିବା ବା ଅନ୍ଧ ପରି ବାଟ ଅଣ୍ଡାଳୁଥିବା ମନ ଦ୍ୱାରା ନାନା ବିଭ୍ରାନ୍ତିକାରୀ ରୂପରେ ଯାଇ ଫୋପଡ଼ାହୋଇ ରହିଥିବା ଏକ କ୍ରିୟାଶୀଳ ସତ୍ୟରହିଁ ପ୍ରତ୍ୟକ୍ଷ କରିବ । ଏବଂ ଅନ୍ୟ ପକ୍ଷରେ, ଏହା ଆପଣାର ଲବ୍ଧ ଜ୍ଞାନଟି ମଧ୍ୟରେହିଁ ଆପଣାକୁ କଦାପି ବାନ୍ଧି କରି ବା ସୀମାବଦ୍ଧ କରି ରଖିବ ନାହିଁ କିଂବା ନୂତନ ଆଲୋକନ ଲାଗି ଅଗ୍ରସର ହୋଇଯିବାକୁ ସେହି ଜ୍ଞାନ ଦ୍ୱାରା କୌଣସିପ୍ରକାରେ କ୍ଷାନ୍ତ ହୋଇ ରହିବ ନାହିଁ; ଏବଂ କୌଣସି ସତ୍ୟକୁ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟରେ ଲଗାଉଥିଲେ ମଧ୍ୟ ସେ

'oaob.nitrkl.ac.in' images reprocessed

ତାହାକୁ କଦାପି ଅତ୍ୟୁଗ୍ର ଭାବରେ ହାତରେ ଜାକୁଡ଼ି ଧରିବ ନାହିଁ କିଂବା ତାହାର ତତ୍କାଳୀନ ସୂତ୍ରଗୁଡ଼ିକ ଭିତରେହିଁ ତାହାକୁ ଉତ୍ପୀଡ଼ିକ ପରି ବାନ୍ଧି ରଖିବ ନାହିଁ । ଭାବନାଶୀଳ ମନର ଏହି ପୂର୍ଣ୍ଣ ସମତାଭାବକୁ ଆମେ ପ୍ରକୃତରେ ଅପରିହାର୍ଯ୍ୟ ବୋଲି କହିବା, କାରଣ ଆମର ଏହି ସମାଲୋଚନା ଯେଉଁ ବୃହତ୍ତର ଆଲୋକଟିକୁ ନଜର ଧେୟ କରି ରଖିଛୁ, ତାହା ହେଉଛି ଆଧ୍ୟାତ୍ମିକ ଜ୍ଞାନର ଏକ ଉଚ୍ଚତର ଭୂମିର ଆଲୋକ । ଏହି ସମତାକୁ ଆମେ ସବୁଠାରୁ ଅଧିକ ସୂକ୍ଷ୍ମ ଓ ସବୁଠାରୁ ଅଧିକ କଠିନ ବୋଲି କହିବା ଏବଂ ମନୁଷ୍ୟର ମନ ସବୁଠାରୁ କମ୍ ପରିମାଣରେହିଁ ଏହାର ଅନୁଶୀଳନ କରିଥାଏ । ଅତିମାନସ ଆଲୋକଟି ଆସି ଊର୍ଦ୍ଧ୍ୱାକାଂକ୍ଷିତ ମନଟି ଉପରେ ପୂର୍ଣ୍ଣଭାବରେ ନପଡ଼ିବା ପର୍ଯ୍ୟନ୍ତ ଏହି ସମତାଟିର ପୂର୍ଣ୍ଣ ଉପଲବ୍ଧି ଅସମ୍ଭବ ହୋଇ ରହିଥିବ । ମାତ୍ର ମନୋମୟ ସାମଗ୍ରୀଟି ଉପରେ ସେହି ଆଲୋକଟି ମୁକ୍ତ ଭାବରେ କାର୍ଯ୍ୟ କରିବାକୁ ସମର୍ଥ ହେବା ପୂର୍ବରୁ ଆମ ବୁଦ୍ଧିର କ୍ଷେତ୍ରରେ ସମତାର ସ୍ଥାପନା ଲାଗି ଅଧିକରୁ ଅଧିକ ସଂକଳ୍ପର ଆବଶ୍ୟକତା ରହିଛି । ଏହି ସମତା କହିଲେ ବୁଦ୍ଧିର ଅନ୍ୱେଷଣଗୁଡ଼ିକୁ ଏବଂ ତାହାର ବିଶ୍ୱଗତ ଉଦ୍ଦେଶ୍ୟଗୁଡ଼ିକର ପରିହାରକୁ କଦାପି ବୁଝାଉ ନାହିଁ, ଏକ ଉଦାସୀନତା ବା ପକ୍ଷନିରପେକ୍ଷ ସଂଶୟ-ବାଦକୁ ମଧ୍ୟ ବୁଝାଉ ନାହିଁ କିଂବା ସେହି ପରମ ଅନିର୍ବଚନୀୟଙ୍କର ନୀରବତା ମଧ୍ୟରେହିଁ ଯାବତୀୟ ଭାବନାକୁ ଶାନ୍ତ କରିଦେବାକୁ ଆଦୌ ବୁଝାଉ ନାହିଁ । ମାନସିକ ଭାବନାକୁ ଶାନ୍ତ କରି ଆଣିବା ହୁଏତ ସାଧନାର ଏକ ଅଂଶ ହୋଇପାରେ; ଯେତେବେଳେ ମନକୁ ତାହାର ନିଜର ଆଂଶିକ କ୍ରିୟାତ୍ମକତାଗୁଡ଼ିକରୁ ମୁକ୍ତ କରି ଆଣିବାହିଁ ଉଦ୍ଦେଶ୍ୟ ହୋଇ ରହିଥାଏ, ସେତେବେଳେ ତାହା ସାଧନାର ଏକ ଅଂଶ ହୋଇ ରହିପାରେ, ଯାହାଫଳରେ କି ମନ ଜ୍ଞାନର ଏକ ଉଚ୍ଚତର ଆଲୋକ ତଥା ଜ୍ଞାନ ଲାଗି ଏକ ସମତାଯୁକ୍ତ ବାହନରେ ପରିଣତ ହୋଇ ଯାଇପାରେ । ମାତ୍ର ଏହି ମନୋଗତ ସାମଗ୍ରୀଟିର ଏକ ରୂପାନ୍ତର ମଧ୍ୟ ସାଧନ କରିବାକୁ ହେବ; ତା' ନହେଲେ ଉଚ୍ଚତର ଆଲୋକଟି ମନ ଉପରେ ପୂର୍ଣ୍ଣ ପ୍ରଭୁତ୍ୱ ଲାଭ କରିପାରିବ ନାହିଁ ଏବଂ ମନୁଷ୍ୟ ମଧ୍ୟରେ ଦିବ୍ୟ ଚେତନାର ବ୍ୟବସ୍ଥିତ କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରିବା ସକାଶେ ମଧ୍ୟ ତାହା ଏକ ଶକ୍ତିଶାଳୀ ସ୍ୱରୂପ ଧାରଣ କରିପାରିବ ନାହିଁ । ପରମ ଅନିର୍ବଚନୀୟର ନୀରବତାକୁ ଆମେ ନିଶ୍ଚୟ ଦିବ୍ୟ ସତ୍ତାର ଏକ ସତ୍ୟ ବୋଲି କହିପାରିବା ସତ, ମାତ୍ର ସେହି ନୀରବତା ମଧ୍ୟରୁ ଯେଉଁ ପରମ ଶବ୍ଦ ଉଦ୍‌ଗତ ହୋଇ ଆସୁଛି, ସେଇଟିକୁ ମଧ୍ୟ ସମାନଭାବରେ ଏକ ସତ୍ୟ ବୋଲି କୁହାଯିବ, ଏବଂ ପ୍ରକୃତର ଚେତନ ରୂପାୟନରେ ଏହି ପରମ ଶବ୍ଦକୁହିଁ ଏକ ମୂର୍ତ୍ତି ରୂପ ଦେବାକୁ ପଡ଼ିବ ।

ମାତ୍ର, ଅବଶେଷରେ, ପ୍ରକୃତରେ ସମତାର ଏହି ଯାବତୀୟ ସ୍ଥାପନାକୁ ଆମେ ସେହି ଉଚ୍ଚତମ ସମତା ସମୁଦାୟ ସତ୍ତାଟିକୁ ଯେପରି ଆପଣାର ଅଧିକାରକୁ

ନେଇପାରିବ ଏବଂ ଏକ କ୍ରମଶଃ ବର୍ଦ୍ଧନଶୀଳ ପୂର୍ଣ୍ଣତା ମଧ୍ୟରେ ପରମ ଦିବ୍ୟତାର ଆଲୋକ, ସାମର୍ଥ୍ୟ ଏବଂ ଆନନ୍ଦ ମନୁଷ୍ୟ ଭିତରେ ଆପଣାକୁ ବ୍ୟକ୍ତ କରିଦେଇ ପାରୁଥିବା ଏକ ବ୍ୟାପକ ପରିବେଶ ଯେପରି ସୃଷ୍ଟି କରିଦେଇ ପାରିବ, ତାହାରି ଲାଗିହିଁ ଏକ ପ୍ରସ୍ତୁତି ବୋଲି କହିପାରିବା । ସେହି ସମତା ହେଉଛି ପରମ ସଚ୍ଚିଦା-ନନ୍ଦଙ୍କର ଏକ ସନାତନ ସମତା । ଏହି ସମତା ହେଉଛି ସେହି ଆପେ-ବର୍ତ୍ତିମାନ ଅନନ୍ତ ସତ୍ତାଙ୍କରହିଁ ସମତା, ସେହି ସନାତନ ଚିଦ୍‌ଗତତାର ସମତା; ମାତ୍ର ମନ, ହୃଦୟ, ଇଚ୍ଛା, ପ୍ରାଣ ଓ ଭୌତିକ ସତ୍ତାକୁ ଏହି ସମତା ଆପଣା ଛାଞ୍ଚରେ ପକାଇ ଅନୁରୂପ କରି ଗଢ଼ିବ । ଏହି ସମତା ହେଉଛି ସେହି ଅନନ୍ତ ଚିଦ୍‌ଗତ ଚେତନାର ସମତା, ଯାହାକି ଏକ ଦିବ୍ୟ ଜ୍ଞାନର ଆନନ୍ଦମୟ ପ୍ରବାହ ତଥା ତାହାର ତୃପ୍ତ ତରଙ୍ଗଗୁଡ଼ିକୁ ଆପଣା ମଧ୍ୟରେ ଧାରଣ କରି ରଖିବ ଏବଂ ସ୍ୱୟଂ ସେଗୁଡ଼ିକର ଆଧାର ହୋଇ ରହିବ । ଏହା ହେଉଛି ଦିବ୍ୟ ତପଃର ସମତା, ଯାହାକି ସମଗ୍ର ପ୍ରକୃତିରେ ଦିବ୍ୟ ସଙ୍କଳ୍ପର ଜ୍ୟୋତିର୍ମୟ କ୍ରିୟାଟିକୁ ଆରମ୍ଭ କରିବ । ଏହା ହେଉଛି ଦିବ୍ୟ ଆନନ୍ଦର ସମତା ଯାହାକି ବିଶ୍ୱମୟ ଦିବ୍ୟ ଆନନ୍ଦ ଏବଂ ବିଶ୍ୱମୟ ପ୍ରେମର ତଥା ବିଶ୍ୱମୟ ସୌନ୍ଦର୍ଯ୍ୟର ଏକ ଅପାର ରସଶକ୍ତିର ଲୀଳାଟି ଲାଗି ଏକ ଆଧାରର ସ୍ଥାପନା କରି ରଖିବ । ପରମ ଅନନ୍ତଙ୍କର ସେହି ଆଦର୍ଶ ସମତାଯୁକ୍ତ ଶାନ୍ତି ଏବଂ ସ୍ଥିରତା ଆମ ପୂର୍ଣ୍ଣତାପ୍ରାପ୍ତ ସତ୍ତାର ପରିବ୍ୟାପ୍ତ ବ୍ୟୋମ ପରି ହୋଇ ରହିବ, ମାତ୍ର ସେହି ପରମ ଅନନ୍ତଙ୍କର ଆଦର୍ଶ, ସମତାଯୁକ୍ତ ତଥା ପୂର୍ଣ୍ଣ କ୍ରିୟା, ଯାହାକି ପ୍ରକୃତିର ମଧ୍ୟଦେଇ ବିଶ୍ୱଜଗତର ଯାବତୀୟ ସମ୍ବନ୍ଧ ଉପରେ କାର୍ଯ୍ୟକାରୀ ହୋଇ ରହିବ, ଆମ ସତ୍ତାର ଭୂମିରେ ତାଙ୍କର ଶକ୍ତିରହିଁ ଏକ ଅବିକ୍ଷୁବ୍ଧ ଉତ୍ପ୍ଲାବନ ହୋଇ ରହିବ । ପୂର୍ଣ୍ଣଯୋଗର ପରିଭାଷାରେ ଆମେ ଏହାକୁହିଁ ସମତାର ପ୍ରକୃତ ଅର୍ଥ ବୋଲି ଜାଣିବା ।

'oaob.nitrkl.ac.in' images reprocessed

ଦ୍ୱାଦଶ ପରିଚ୍ଛେଦ

# ସମତାର ମାର୍ଗ

ପୂର୍ଣ୍ଣ ତଥା ସମଗ୍ର ସମତାର ବର୍ଣ୍ଣନରୁ ଏକଥାଟି ସ୍ପଷ୍ଟ ହୋଇଯିବ ଯେ ସମତାର ଦୁଇଟି ଦିଗ ରହିଛି । ତେଣୁ ଦୁଇଟି ପୂର୍ବାପର ଗତିସ୍ପନ୍ଦନ ଦ୍ୱାରା ଆମ ଏହି ସମତାର ଉପଲବ୍ଧି କରିବାକୁ ପଡ଼ିବ । ଗୋଟିଏ ଆମକୁ ନିମ୍ନତର ପ୍ରକୃତି କ୍ରିୟାଟିରୁ ମୁକ୍ତ କରି ଆଣିବ ଏବଂ ଆମକୁ ଦିବ୍ୟ ସତ୍ତାର ନିଶ୍ଚଳ ଶାନ୍ତି ମଧ୍ୟରେ ନେଇ ପ୍ରବିଷ୍ଟ କରାଇଦେବ; ଏବଂ ଅନ୍ୟଟି ଆମକୁ ଉଚ୍ଚତର ପ୍ରକୃତିର ପୂର୍ଣ୍ଣ ସତ୍ତା ଏବଂ ପୂର୍ଣ୍ଣ ଶକ୍ତିମତ୍ତା ମଧ୍ୟକୁ ବିମୋଚିତ କରିଦେବ ଏବଂ ଏକ ଦିବ୍ୟ ତଥା ଅନନ୍ତ ଜ୍ଞାନ, କର୍ମ ସଂକଳ୍ପ ଓ ଆନନ୍ଦର ସେହି ସମତାସ୍ଥିତି ଓ ବିଶ୍ୱାତ୍ମକତା ମଧ୍ୟକୁ ପ୍ରବିଷ୍ଟ କରାଇନେବ ପ୍ରଥମଟିକୁ ଆମେ ଏକ ନିଷ୍କ୍ରିୟ ବା ଅଭାବାତ୍ମକ ସମତା ବୋଲି କହିପାରିବା ଅର୍ଥାତ୍ ସବୁକିଛିକୁ ଗ୍ରହଣ କରି ନେଉଥିବା ଏକ ସମତା ବୋଲି କହିପାରିବା ଯାହାକି ନିର୍ବିକାର ଭାବରେ ଜଗତର ଅଭିଘାତ ତଥା ପ୍ରତିଭାସଗୁଡ଼ିକର ସମ୍ମୁଖୀନ ହୁଏ ଏବଂ ସେଗୁଡ଼ିକ ଦ୍ୱାରା ଆମ ଉପରେ ଆଣି ଲଦି ଦିଆଯାଉଥିବା ବାହ୍ୟ ବି... ଏବଂ ପ୍ରତିକ୍ରିୟାଗୁଡ଼ିକର ଯାବତୀୟ ଦ୍ୱନ୍ଦ୍ୱକୁ ଅସତ୍ୟ ବୋଲି ପ୍ରତିପାଦିତ କରି ଦେଉଥାଏ । ଦ୍ୱିତୀୟ ସମତାଟି ହେଉଛି ଏକ ସକ୍ରିୟ ତଥା ଭାବାତ୍ମକ ସମତା; ଏହି ସମତା ଜଗତର ପ୍ରତିଭାସଗୁଡ଼ିକୁ ଗ୍ରହଣ କରିନିଏ ସତ, ମାତ୍ର କେବଳ ସେହି ଏକ ଦିବ୍ୟ ସତ୍ତାଙ୍କରହିଁ ଅଭିବ୍ୟକ୍ତିରୂପେ ସେଗୁଡ଼ିକୁ ଗ୍ରହଣ କରିନିଏ, ଆମ ଭିତରେ ଅବସ୍ଥିତ ଦିବ୍ୟ ପ୍ରକୃତିଟି ମଧ୍ୟରୁ ପ୍ରେରିତ ହୋଇ ଆସୁଥିବା ଏକ ସମତା ଦ୍ୱାରା ସେଗୁଡ଼ିକ ପ୍ରତି ପ୍ରତିସ୍ପନ୍ଦନ ଜଣାଏ ଏବଂ ସେଗୁଡ଼ିକୁ ଏହାର ଦିବ୍ୟ ମୂଲ୍ୟରୂପରେ ରୂପାନ୍ତରିତ କରିଦିଏ । ପ୍ରଥମ ସମତାଟି ସେହି ଏକ ବ୍ରହ୍ମଙ୍କର ଶାନ୍ତି ଭିତରେ ଅବସ୍ଥାନ କରୁଥାଏ ଏବଂ କ୍ରିୟାଶୀଳ ଅଜ୍ଞାନର ପ୍ରକୃତିଟିକୁ ଆପଣା ମଧ୍ୟରୁ ଦୂର କରିଦିଏ । ଦ୍ୱିତୀୟଟି ସେହି ଶାନ୍ତି ମଧ୍ୟରେ ଅବସ୍ଥାନ କରୁଥାଏ, ମାତ୍ର ତାହା ପରମ ଦିବ୍ୟସ୍ୱରୂପଙ୍କର ଆନନ୍ଦ ଭିତରେ ମଧ୍ୟ ଅବସ୍ଥାନ କରୁଥାଏ ଏବଂ ପ୍ରକୃତି ମଧ୍ୟରେ ଅବସ୍ଥିତ ଆତ୍ମାର ଜୀବନଟି ଉପରେ ଦିବ୍ୟ ଜ୍ଞାନ, ଦିବ୍ୟ ସାମର୍ଥ୍ୟ ତଥା ଦିବ୍ୟସତ୍ତାଗତ ଆନନ୍ଦ

'oaob.nitrkl.ac.in' images reprocessed

ନିଦର୍ଶନଗୁଡ଼ିକୁ ଆଣି ଲଦି ଦେଉଥାଏ । ଗୋଟିଏ ମୂଳ ଓ ସାଧାରଣ ସିଦ୍ଧାନ୍ତ ଦ୍ୱାରା ଏକୀଭୂତ ହୋଇ ରହିଥିବା ସମତାର ଏହି ଦ୍ୱିବିଧ ସ୍ଥିତି ଓ ପ୍ରବୃତ୍ତିହିଁ ପୂର୍ଣ୍ଣଯୋଗରେ ସମତାର ମାର୍ଗଟିକୁ ନିରୂପଣ କରିଦେବ ।

ଭିନ୍ନ ଭିନ୍ନ ତିନୋଟି ତତ୍ତ୍ୱ ବା ମନୋବୃତ୍ତିରୁ ଏକ ନିଷ୍କ୍ରିୟ ଅର୍ଥାତ୍ ସମ୍ପୂର୍ଣ୍ଣ ଭାବରେ ଗ୍ରହଣଶୀଳ ସମତାର ଉପଲବ୍ଧି କରିବାର ପ୍ରୟାସଟି ଆରମ୍ଭ ହୋଇ ପାରିବ । ଏହି ତିନୋଟିଯାକ ତତ୍ତ୍ୱର ପରିଣାମ ବା ଅନ୍ତିମ ଫଳ ସେହି ଗୋଟିଏ ହୋଇଥାଏ; ଏହି ତତ୍ତ୍ୱଗୁଡ଼ିକ ହେଉଛି ସହନଶୀଳତା, ଉଦାସୀନତା ଏବଂ ନତିସ୍ୱୀକାର । ସହନଶୀଳତାର ନୀତିଟି ଏହି ପ୍ରାତିଭାସିକ ପ୍ରକୃତିର ସକଳ ସଂସ୍ପର୍ଶ, ସକଳ ପ୍ରଭାବ ତଥା ଇଙ୍ଗିତକୁ ସହିନେବା ଲାଗି ଆମ ଭିତରେ ରହିଥିବା ଚିଦ୍‌ଗତତାର ବଳଟି ଉପରେ ଆସ୍ଥା ରଖିଥାଏ । ପ୍ରାତିଭାସିକ ପ୍ରକୃତି ଆମକୁ ଆମର ପ୍ରତ୍ୟେକ ଦିଗରୁ ଘେରିକରି ରହିଛି; ମାତ୍ର ଆମର ଆତ୍ମା ତାହାର ସେହି ପ୍ରଭାବ ବା ଇଙ୍ଗିତ ପ୍ରଭୃତି ଦ୍ୱାରା କେବେହେଲେ ପରାଭୂତ ହୋଇପଡ଼ୁ ନାହିଁ କିଂବା ସେଗୁଡ଼ିକର ସଂବେଗଗତ, ସଂବେଦନଗତ, ଗତିଶୀଳ ତଥା ବୁଦ୍ଧିପ୍ରେରିତ ପ୍ରତିକ୍ରିୟାଗୁଡ଼ିକୁ ସହିନେବା ଲାଗି ଆଦୌ କୌଣସିପ୍ରକାରେ ବାଧ୍ୟ ହେଉ ନାହିଁ । ମାତ୍ର ନିମ୍ନତର ପ୍ରକୃତିର ବାହ୍ୟ ମନଟି ଭିତରେ ସେହି ବଳଟିର ଅଭାବ ରହିଛି । ବାହ୍ୟ ମନଟିର ବଳ କହିଲେ ଚେତନାର କେବଳ ଏକ ଅତିସୀମାବଦ୍ଧ ସାମର୍ଥ୍ୟକୁହିଁ ବୁଝାଇବ; ସଂସାର ଏହି ସ୍ତରଟିରେ ଚେତନା ତଥା ଶକ୍ତିର ଯେଉଁ ବୃହତ୍ତର ଭଉଁରି ଏହି ସାମର୍ଥ୍ୟଟିକୁ ଚାରିପାଖରୁ ଘେରିକରି ରହିଛି, ସେଥିରୁ ଯାହାକିଛି ଆସି ତାହା ଉପରେ ଆବୋରି ହୋଇ ପଡ଼ୁଛି, ତାହାକୁ ଆପଣାର ଯଥାସମ୍ଭବ ଶକ୍ତି ପ୍ରୟୋଗ କରି ସେଇଟିର ସମ୍ମୁଖୀନ ହେବାକୁ ପଡ଼ୁଛି । ଏହି ବିଶ୍ୱଜଗତରେ ବାହ୍ୟ ମନ ଯେ ଆପଣାକୁ ଆଦୌ ବଞ୍ଚାଇ ରଖିପାରୁଛି ଏବଂ ଆପଣାର ବ୍ୟକ୍ତିସତ୍ତାର ଅସ୍ତିତ୍ୱଟିକୁ ଆଦୌ ଘୋଷଣା କରିପାରୁଛି, ତାହା ବସ୍ତୁତଃ ତାହା ଭିତରେ ରହିଥିବା ସେହି ଚିଦ୍‌ଗତତାର ବଳଟି ପାଇଁହିଁ ସମ୍ଭବ ହେଉଛି; ମାତ୍ର ବାହ୍ୟ ମନ ସେହି ବଳର ସମୁଦାୟ ଅଂଶଟିକୁ ବା ସେହି ଶକ୍ତିମତ୍ତାର ଅନନ୍ତତାକୁ ବାହାରକୁ କେଇଆସି ପାରୁ ନାହିଁ ଏବଂ ତେଣୁ ଜୀବନର ଆକ୍ରମଣଗୁଡ଼ିକର ସମ୍ମୁଖୀନ ହୋଇପାରୁ ନାହିଁ; ଯଦି ସେ ତାହା କରି ପାରୁଥାନ୍ତା, ତେବେ ତାହା ତତ୍‌କ୍ଷଣାତ୍ ସମତାଯୁକ୍ତ ହୋଇପାରନ୍ତା ଏବଂ ଆପଣା ଜଗତର ପ୍ରଭୁ ହୋଇ ବସନ୍ତା । ବସ୍ତୁତଃ, ଏହା କେବଳ ଯେଉଁଭଳି ପାରୁଛି, ସେହିଭଳି ଭାବରେହିଁ ଅବସ୍ଥାଟିର ସମ୍ମୁଖୀନ ହେଉଛି । ତାହା କେତୋଟି ବିଶେଷ ଅଭିଘାତ ବା ସଂସ୍ପର୍ଶର ସମ୍ମୁଖୀନ ହେଉଛି ଏବଂ ସେଗୁଡ଼ିକୁ ଅପୂର୍ଣ୍ଣ ଅଥବା ପୂର୍ଣ୍ଣ ଭାବରେ, ମାତ୍ର କେତେକ ସମୟ ଲାଗି ବା ଚିରକାଳ ଲାଗି ନିଜସ୍ୱରେ ପରିଣତ କରିଦେବାକୁ, ସେଗୁଡ଼ିକୁ ଆପଣାର ସମତୁଲ କରି ଦେଖିବାକୁ ବା ସେଗୁଡ଼ିକୁ ଆପଣାର ବଶରେ ଆଣିବାକୁ

'oaob.nitrkl.ac.in' images reprocessed

ସମର୍ଥ ହେଉଛି; ଏବଂ ତା'ପରେ ଠିକ୍ ସେହି ମାତ୍ରାରେ ହର୍ଷ, ସୁଖ, ସନ୍ତୋଷ, ରୁଚିକରତା ଓ ପ୍ରେମ ପ୍ରଭୃତି ସଂବେଗଗତ ଓ ସଂବେଦନଗତ ପ୍ରତିକ୍ରିୟାମାନ ଲାଭ କରିପାରୁଛି ଅଥବା ଗ୍ରହଣ କରିବା, ସମର୍ଥନ କରିବା, ବୁଝିବା, ଜାଣିବା, କୌଣସି ପ୍ରତି ଏକ ଅନୁରୁଚି ଦେଖାଇବା ପ୍ରଭୃତି ବୁଦ୍ଧିପ୍ରେରିତ ଏବଂ ମନୋମୟ ପ୍ରତିକ୍ରିୟା-ଗୁଡ଼ିକୁ ଲାଭ କରୁଛି; ଏବଂ ସେହିସବୁ ପ୍ରତିକ୍ରିୟାକୁ ତାହାର ସଂକଳ୍ପଶକ୍ତି ଆକର୍ଷଣ ଏବଂ କାମନା ସହିତ ତଥା ସେଗୁଡ଼ିକୁ ଚିରସ୍ଥାୟୀ କରି ରଖିବା, ସେଗୁଡ଼ିକର ପୁନରାବୃତ୍ତି କରିବା, ସେଗୁଡ଼ିକୁ ଉତ୍ପନ୍ନ କରିବା ଏବଂ ଆୟତ୍ତରେ ରଖିବା ଏବଂ ସେଗୁଡ଼ିକୁ ଆପଣା ଜୀବନର ସୁଖକର ଅଭ୍ୟାସରେ ପରିଣତ କରି ରଖିବାର ଏକ ପ୍ରଚେଷ୍ଟା ସହିତ ଧରିରଖୁଛି । ତାହା ଅନ୍ୟ ଅଭିଘାତଗୁଡ଼ିକର ମଧ୍ୟ ସମ୍ମୁଖୀନ ହେଉଛି, ମାତ୍ର ସେଗୁଡ଼ିକ ଉପରେ ତା'ର ଆପଣା ବଳ ମୋଟେ ପାଇବ ନାହିଁ ବୋଲି ଜାଣୁଛି; ବା ସେଗୁଡ଼ିକୁ ଆପଣାଠାରୁ ଅତ୍ୟନ୍ତ ଭିନ୍ନ, ଅମେଳ ଅଥବା ଏତେ ଦୁର୍ବଳ ହୋଇ ରହିଥିବାର ଅନୁଭବ କରିପାରୁଛି ଯେ ସେଗୁଡ଼ିକ ତାକୁ ପ୍ରକୃତରେ କୌଣସି ସନ୍ତୋଷ ଦେଇପାରିବ ବୋଲି ସେ ବିଶ୍ୱାସ କରୁ ନାହିଁ । ଏଗୁଡ଼ିକୁ ସେ ନିଜସ୍ୱରେ ପରିଣତ କରିପାରୁ ନାହିଁ, ଆପଣାର ସମତୁଲ କରିପାରୁ ନାହିଁ ବା ସହ୍ୟ କରିପାରୁ ନାହିଁ; ଏବଂ ତେଣୁ ଦୁଃଖ, ଯନ୍ତ୍ରଣା, କଷ୍ଟ, ଅସନ୍ତୋଷ, ଅରୁଚି, ଅସ୍ୱୀକୃତି, ବର୍ଜନ, ବୁଝିବାର ଅଥବା ଜାଣିବାର ଅକ୍ଷମତା ଏବଂ ପ୍ରବେଶ କରାଇଦେବା ଲାଗି ଅନିଚ୍ଛା ଦ୍ୱାରାହିଁ ସେ ସେଗୁଡ଼ିକ ପ୍ରତି ଆପଣାର ପ୍ରତିକ୍ରିୟା ଜଣାଇଥାଏ । ସେଗୁଡ଼ିକ ବିରୁଦ୍ଧରେ ସେ ଆପଣାକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରେ, ସେଗୁଡ଼ିକ ପାଖରୁ ପଳାଇ ଯିବାକୁ ବାଟ ଖୋଜୁଥାଏ, ସେଗୁଡ଼ିକର ପୁନରାବୃତ୍ତିକୁ ଏଡ଼ାଇଦେବା ଲାଗି ବା ଯଥାସମ୍ଭବ କମ୍ କରି ରଖିବାକୁ ଚେଷ୍ଟା କରେ, ସେଗୁଡ଼ିକ ସମ୍ବନ୍ଧରେ ଭୟ, କ୍ରୋଧ, ଜୁଗୁପ୍ସା, ତ୍ରାସ, ଘୃଣା, ବିରକ୍ତି ଏବଂ ଲଜ୍ଜାର ନାନା ପ୍ରକାଶ କରୁଥାଏ, ସେଗୁଡ଼ିକରୁ ମୁକ୍ତ ହୋଇ ଆସିବା ଲାଗି ସହର୍ଷ ପ୍ରସ୍ତୁତ ହୋଇ ରହିଥାଏ । ମାତ୍ର ତଥାପି ତାହା ସେଗୁଡ଼ିକରୁ ମୁକ୍ତ ହୋଇ ବାହାରି ଆସିପାରେ ନାହିଁ; କାରଣ ତାହା ସେଗୁଡ଼ିକର କାରଣ ସହିତ ବାନ୍ଧିହୋଇ ରହିଥାଏ, ସେହି କାରଣଗୁଡ଼ିକୁ ସ୍ୱୟଂ ଡାକି ଆଣୁଥାଏ, ଏବଂ ତେଣୁ ସେଗୁଡ଼ିକର ପରିଣାମଗୁଡ଼ିକ ସହିତ ମଧ୍ୟ ବାନ୍ଧିହୋଇ ରହିଥାଏ । କାରଣ ଏହିସବୁ ଅଭିଘାତ ଜୀବନର ଏକ ଅଂଶ ହୋଇ ରହିଥାଏ, ଆମ କାମନା-କାଙ୍କ୍ଷାର ବସ୍ତୁଗୁଡ଼ିକ ସହିତ ଛନ୍ଦିହୋଇ ରହିଥାଏ, ଏବଂ ସେଗୁଡ଼ିକର ସମ୍ମୁଖୀନ ହେବାର ଅସମର୍ଥତାଟି ମଧ୍ୟ ଆମ ପ୍ରକୃତିର ଅପୂର୍ଣ୍ଣତାରହିଁ ଅଂଶ ହୋଇ ରହିଥାଏ । ପୁଣି, ଆଉ କେତେକ ଅନ୍ୟ ଅଭିଘାତକୁ ଆମର ଏହି ସାଧାରଣ ମନ ଦବାଇ ଦେବାରେ ଅଥବା ନିଃଶକ୍ତ କରିଦେବାରେ ମଧ୍ୟ ସଫଳ ହୋଇଥାଏ ଏବଂ ଏଗୁଡ଼ିକ ପ୍ରତି ତାହା ସ୍ୱଭାବତଃ ଉଦାସୀନ ହୋଇ ରହିଥାଏ, ସଂବେଦନଶୂନ୍ୟ ହୋଇଯାଏ

'oaob.nitrkl.ac.in' images reprocessed

ବା ସେଗୁଡ଼ିକ ପ୍ରତି ଏପରି ଏକ ସହିଷ୍ଣୁତା ଦେଖାଏ ଯାହାକୁ କି ଆମେ ଭାବାତ୍ମକ ଅର୍ଥରେ ଏକ ଗ୍ରହଣ କରିନେବା ବା ଉପଭୋଗ କରିବା ବୋଲି କହିପାରିବା ନାହିଁ ଅଥବା ବର୍ଜନ କରିବା କିଂବା କଷ୍ଟଭୋଗ କରିବା ବୋଲି ମଧ୍ୟ କହିପାରିବା ନାହିଁ । ବସ୍ତୁ, ବ୍ୟକ୍ତି, ଘଟଣା, ବିଗ୍ରହ ବା କର୍ମ,—ଏହି ମନଟି ଆଗରେ ଯାହାକିଛି ଆସି ଉପସ୍ଥିତ ହୁଏ, ମନ ସର୍ବଦା ଏହି ତିନୋଟିପ୍ରକାର ପ୍ରତିକ୍ରିୟା ଜଣାଇହିଁ ସେଗୁଡ଼ିକର ସମ୍ମୁଖୀନ ହୋଇଥାଏ । ତଥାପି, ଏଗୁଡ଼ିକୁ ଏକ ସାଧାରଣ ସୂତ୍ର ବୋଲି ସ୍ୱୀକାର କରିନେଲେ ମଧ୍ୟ ଏଗୁଡ଼ିକ କଦାପି ସମ୍ପୂର୍ଣ୍ଣ ଭାବରେ ଅନିବାର୍ଯ୍ୟ ନୁହନ୍ତି; ସେମାନେ ଆମ ଲାଗି ଅଭ୍ୟାସଗତ ପରିମାଣନମର କେବଳ ଏକ ଯୋଜନା ବା ସୂତ୍ର ଆଣି ଯୋଗାଇ ଦିଅନ୍ତି, ଯାହାକି ସମସ୍ତଙ୍କ ଲାଗି କଦାପି ଏକାଭଳି ହୋଇ ରହି ନଥାଏ ବା ଏପରିକି ସେହି ଗୋଟିଏ ମନ ଲାଗି ମଧ୍ୟ ବିଭିନ୍ନ ସମୟରେ କିଂବା ଭିନ୍ନଭିନ୍ନ ଅବସ୍ଥାରେ ତାହା ଠିକ୍ ସେହିପରି ହୋଇ ରହେ ନାହିଁ । ସେହି ଗୋଟିଏ ଅଭିଘାତ ସେହି ମନ ଭିତରେ କୌଣସି ଏକ ସମୟରେ ସୁଖକର ବା ସକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିପାରେ ଏବଂ ଅନ୍ୟ ସମୟରେ ବିରୋଧୀ ବା ନକାରାତ୍ମକ ଅଥବା ଉଦାସୀନ ବା ନିରପେକ୍ଷ ପ୍ରତିକ୍ରିୟା ମଧ୍ୟ ସୃଷ୍ଟି କରିପାରେ ।

ପ୍ରବୁଦ୍ଧ ହେଉଥିବା ଆତ୍ମା ଏହିସବୁ ପ୍ରତିକ୍ରିୟା ଉପରେ ଏକ ଶକ୍ତିଯୁକ୍ତ ଓ ସମତାପୂର୍ଣ୍ଣ ସହନଶୀଳତାର ବାଧକ ତଥା ପ୍ରତିରୋଧକ ଶକ୍ତିଟିର ପ୍ରୟୋଗ କରି ଆପଣାର ସାଧନା ଆରମ୍ଭ କରିପାରେ । ଅପ୍ରୀତିକର ଅଭିଘାତଗୁଡ଼ିକର କବଳରୁ ଆପଣାକୁ ବଞ୍ଚାଇ ରଖିବା, ସେଗୁଡ଼ିକୁ ବର୍ଜନ କରିବା ବା ସେଗୁଡ଼ିକ ପାଖରୁ ବାହାରି ପଳାଇବା ଲାଗି କୌଣସି ଚେଷ୍ଟା ନକରି ସେ ସେଗୁଡ଼ିକର ସମ୍ମୁଖୀନ ହୋଇପାରେ ଏବଂ ଅଧ୍ୟବସାୟ, ସହିବାର ସାହସ, ଅଧିକରୁ ଅଧିକ ପରିମାଣରେ ଏକ ସମତା ଅଥବା କଠୋର ବା ଶାନ୍ତ ସ୍ୱୀକୃତିର ଏକ ଭାବନା ସହିତ ସେଗୁଡ଼ିକୁ ସହ୍ୟ କରିନେବା ଲାଗି ଆପଣାକୁ ଶିକ୍ଷା ଦେଇପାରେ । ଏହି ଦୃଷ୍ଟି ବା ଏହି ସାଧନାଟିରୁ ତିନୋଟି ଫଳ ମିଳେ, ବସ୍ତୁଗୁଡ଼ିକ ସହିତ ରହିଥିବା ସମ୍ବନ୍ଧକ୍ଷେତ୍ରରେ ଆତ୍ମାର ତିନୋଟି ସାମର୍ଥ୍ୟ ଉପଲବ୍ଧି ହୁଏ । ପ୍ରଥମତଃ, ଏକଥାଟି ଦୃଷ୍ଟିଗୋଚର ହେବାକୁ ଲାଗେ ଯେ ଆଗରୁ ଯାହା ଅସହ୍ୟ ବୋଲି ଲାଗୁଥିଲା, ସେଇଟିକୁ ସହିବା କ୍ରମଶଃ ସହଜ ହୋଇଆସେ; ଅଭିଘାତଟିର ସମ୍ମୁଖୀନ ହେବାକୁ ଯାଉଥିବା ଶକ୍ତିର ଗାରଟି କ୍ରମଶଃ ଉପରକୁ ଉଠିବାରେ ଲାଗେ, ଅର୍ଥାତ୍ ଅପ୍ରୀତିକର ପ୍ରତିକ୍ରିୟାଗୁଡ଼ିକର ସମୁଦାୟ ଭଗିଣୀଟିର କ୍ଷେତ୍ରରେ କଷ୍ଟ, ବେଦନା, ଶୋକ, ଘୃଣା କିଂବା ଅନ୍ୟ କୌଣସି ପ୍ରକାର ସ୍ୱର ଉତ୍ପନ୍ନ କରିପାରିବା ଲାଗି ଅଭିଘାତଟି ଲାଗି ଅଥବା ତାହାର ପ୍ରଲମ୍ବିତ ସଙ୍ଘଟନଟି ଲାଗି ସର୍ବଦା ଅଧିକରୁ ଅଧିକ ଶକ୍ତିର ପ୍ରୟୋଜନ ହେଉଥାଏ । ଦ୍ୱିତୀୟତଃ, ଏକଥାଟି ମଧ୍ୟ ଦେଖାଯାଏ ଯେ ଚେତନ ପ୍ରକୃତି ଆପଣାକୁ ଦୁଇଟି

'oaob.nitrkl.ac.in' images reprocessed

ଭାଗରେ ବିଭକ୍ତ କରିପକାଏ; ଗୋଟିଏ ସାଧାରଣ ମନୋମୟ ତଥା ସଂବେଗଗତ ପ୍ରକୃତି ହୋଇ ରହିଥାଏ, ଯେଉଁଟିରେ କି ଅଭ୍ୟାସଗତ ସକଳ ପ୍ରତିକ୍ରିୟା ସଂଘଟିତ ହେଉଥାଏ ଏବଂ ଆରଟି ଉଚ୍ଚତର ସଙ୍କଳ୍ପଶକ୍ତି ତଥା ବୁଦ୍ଧି ଦ୍ୱାରା ପ୍ରେରିତ ହେଉଥିବା ପ୍ରକୃତି ହୋଇ ରହିଥାଏ, ଯାହାକି ଏହି ନିମ୍ନତର ପ୍ରକୃତିଟିର ଅବଲୋକନ କରୁଥାଏ, ମାତ୍ର ସେଇଟି ଦ୍ୱାରା କୌଣସିପ୍ରକାରେ ବିକ୍ଷୁବ୍ଧ ଏବଂ ଆନ୍ଦୋଳିତ ହୋଇପଡ଼ୁ ନଥାଏ, ଏଇଟିକୁ ଆପଣାର ବୋଲି ଗ୍ରହଣ କରି ନେଉ ନଥାଏ, ସେଇଟିକୁ ନିଜର ସମ୍ମତି ବା ଅନୁମତି ଦେଉ ନଥାଏ ବା ସେଥିରେ କୌଣସି ଅଂଶଗ୍ରହଣ କରୁ ନଥାଏ । ଏହା ଫଳରେ ନିମ୍ନତର ପ୍ରକୃତି ଆପଣା ପ୍ରତିକ୍ରିୟାଗୁଡ଼ିକର ବଳ ତଥା ଶକ୍ତିଟିକୁ କ୍ରମଶଃ ହରାଇବାକୁ ଲାଗେ, ଉଚ୍ଚତର ବୁଦ୍ଧି ତଥା ସଙ୍କଳ୍ପ ପାଖରୁ ଆସୁଥିବା ସ୍ଥିରତା ଓ ଶକ୍ତିମତ୍ତାର ପ୍ରସ୍ତାବନାଗୁଡ଼ିକ ପାଖରେ ମୁଣ୍ଡ ନୁଆଁଇ ଆଣେ, ଏବଂ କ୍ରମେ ଏହିପରି ଭାବରେ ସେହି ସ୍ଥିରଚିତ୍ତତା ଏବଂ ଶକ୍ତିହିଁ ଆମର ମନୋମୟ ଏବଂ ସଂବେଗମୟ ସତ୍ତାକୁ, ଏପରିକି ଆମର ସଂବେଦନଗତ, ପ୍ରାଣିକ ଓ ଦୈହିକ ସତ୍ତାଟିକୁ ମଧ୍ୟ ଆପଣାର ଅଧିକାରକୁ ନେଇଯାଏ । ଏଇଥିରୁ ତୃତୀୟ ସାମର୍ଥ୍ୟ ଅର୍ଥାତ୍ ପରିଣାମଟିର ଆବିର୍ଭାବ ହୁଏ; ଅର୍ଥାତ୍ ନିମ୍ନତର ପ୍ରକୃତିଟିକୁ ଏହିପରି ଭାବରେ ସହିନେବା ଦ୍ୱାରା, ତା' ଉପରେ ପ୍ରଭୁତ୍ୱ ଅର୍ଜନ କରିବା ଦ୍ୱାରା, ତାହାଠାରୁ ଆପଣାକୁ ଅଲଗା କରି ରଖିବା ଦ୍ୱାରା ଏବଂ ତାହାକୁ ବର୍ଜନ କରି ଆସିବା ଦ୍ୱାରା ସେହି ନିତ୍ୟନୈମିତ୍ତିକ ପ୍ରତିକ୍ରିୟାଗୁଡ଼ିକରୁ ମୁକ୍ତ ହୋଇପାରିବା ଲାଗି ଏବଂ ଇଚ୍ଛା ହେଲେ ଚିଦ୍‌ଗତତାର ବଳଟି ଦ୍ୱାରାହିଁ ଆମର ସକଳପ୍ରକାର ଅନୁଭବକୁ ପୁନର୍ବାର ଏକ ନୂଆ ଛାଞ୍ଚ ଭିତରେ ଆଣି ଢାଳିବାର ଏକ ସାମର୍ଥ୍ୟ ଉପଲବ୍ଧ ହୋଇଆସେ । କେବଳ ଅପ୍ରୀତିକର ପ୍ରତିକ୍ରିୟାଗୁଡ଼ିକର କ୍ଷେତ୍ରରେ ନୁହେଁ, ପ୍ରୀତିକର ବା ସୁଖକର ପ୍ରତିକ୍ରିୟାଗୁଡ଼ିକର କ୍ଷେତ୍ରରେ ମଧ୍ୟ ଏହି ବିଧିଟିର ପ୍ରୟୋଗ କରାଯାଇଥାଏ; ଆତ୍ମା ଆପଣାକୁ ସେହି ପ୍ରତିକ୍ରିୟାଗୁଡ଼ିକର ହାତରେ ନେଇ ସମର୍ପି ଦେବାକୁ ବା ସେହିଗୁଡ଼ିକର ସ୍ରୋତ ଉପରେ ଭାସି ଚାଲିଯିବାକୁ ନାସ୍ତି କରିଦିଏ; ଆନନ୍ଦ ଓ ସୁଖାନୁଭବକୁ ବହନ କରି ଆଣୁଥିବା ଅଭିଘାତଗୁଡ଼ିକୁ ସେ ସ୍ଥିର ଭାବରେ ସହ୍ୟ କରେ, ସେଗୁଡ଼ିକ ଦ୍ୱାରା ଉତ୍ତେଜିତ ହେବାକୁ ମନା କରିଦିଏ, ଏବଂ ସୁଖକର ବସ୍ତୁଗୁଡ଼ିକ ପଛରେ ଉତ୍କଣ୍ଠିତ ଓ ବ୍ୟଗ୍ର ହୋଇ ଧାଇଁବାରେ ମନକୁ ଯେଉଁ ଆନନ୍ଦ ମିଳୁଥାଏ, ତାହା ସ୍ଥାନରେ ସେ ଚିଦ୍‌ଗତତାର ଶାନ୍ତିକୁ ଆଣି ପ୍ରତିଷ୍ଠିତ କରିଦିଏ । ଚିନ୍ତନାତ୍ମକ ମନଟି ଉପରେ ମଧ୍ୟ ଏହି ବିଧିଟିର ପ୍ରୟୋଗ କରାଯାଇପାରେ; ଅର୍ଥାତ୍ ଏଇଟି ଦ୍ୱାରା ମନ ଜ୍ଞାନକୁ ତଥା ତାହାର ସୀମିତତାଗୁଡ଼ିକୁ ଶାନ୍ତ ଭାବରେ ଗ୍ରହଣ କରି ନେଇପାରେ, ତଦ୍ଦ୍ୱାରା ସେ ଆକର୍ଷଣଯୁକ୍ତ ଏଇ ବିଚାର-ଇଙ୍ଗିତଟି ଦ୍ୱାରା ମୋହିତ ହୋଇ ଭାସିଯିବାକୁ ଅଥବା ସେହି ଅନଭ୍ୟସ୍ତ ବା ଅସ୍ୱାଦୁକର ବିଚାର-ଇଙ୍ଗିତଟି ପ୍ରତି ରହିଥିବା ଘୃଣା ଦ୍ୱାରା

'oaob.nitrkl.ac.in' images reprocessed

ଦୂରକୁ ହଟି ସ୍ୱଳିସିବାକୁ ନାହିଁ କରି ଦେଇପାରେ ଏବଂ ଏକ ଅନାସକ୍ତ ସାକ୍ଷୀଭାବ-ଯୁକ୍ତ ହୋଇ ପରମସତ୍ୟର ପ୍ରତୀକ୍ଷା କରିପାରେ । ସେହି ସାକ୍ଷୀଭାବଟିହିଁ ଶାନ୍ତିମନ୍ତ, କାମନାଶୂନ୍ୟ ଏବଂ ପ୍ରଭୁତ୍ୱଯୁକ୍ତ ସଙ୍କଳ୍ପ ଓ ବୁଦ୍ଧିର ଆଧାର ଉପରେ ସତ୍ୟକୁ ବିକଶିତ ହେବାକୁ ବାଟ ଛାଡ଼ିଦିଏ । ଏହିପରି ଭାବରେ ଆତ୍ମା କ୍ରମଶଃ ସକଳ ବସ୍ତୁ ପ୍ରତି ସମଦୃଷ୍ଟି ହେବାକୁ ଆରମ୍ଭ କରେ, ଆପଣାର ପ୍ରଭୁ ହୁଏ, ମନ ଭିତରେ ଏକ ସବଳ ପ୍ରତିରୋଧଶକ୍ତି ତଥା ତଦ୍‌ଗତତାର ଏକ ଅବିକ୍ଷୁବ୍ଧ ଓ ସ୍ୱଚ୍ଛ ଶାନ୍ତି ସହିତ ତାହା ଜାଗତିକ ଅଭିଘାତଗୁଡ଼ିକର ସମ୍ମୁଖୀନ ହେବାକୁ ସମର୍ଥ ହୁଏ ।

ଦ୍ୱିତୀୟ ମାର୍ଗଟିକୁ ଆମେ ତଟସ୍ଥ ଉଦାସୀନତାର ମାର୍ଗ ବୋଲି କହିବା । ଏହି ମାର୍ଗଟି ବସ୍ତୁଗୁଡ଼ିକର ଆକର୍ଷଣ ବା ବିକର୍ଷଣକୁ ଏକାବେଳକେ ବିସର୍ଜନ କରିଦିଏ, ସେଗୁଡ଼ିକ ଲାଗି ଏକ ସନ୍ଦୀପନଯୁକ୍ତ ବିଚାରହୀନ ଦୃଷ୍ଟିର ଅନୁଶୀଳନ କରେ, ସେଗୁଡ଼ିକୁ ନପିଙ୍କ କରି ରଖିବା ଲାଗି ଏକ ପରିତ୍ୟାଗବୃତ୍ତିର ଏବଂ ସେଗୁଡ଼ିକ ସହିତ ସକଳ ସମ୍ବନ୍ଧ ଛିନ୍ନ କରିଦେବାର ଓ ସେଗୁଡ଼ିକୁ ପ୍ରୟୋଗ ନକରିବାର ଅଭ୍ୟାସଟିକୁ ବିକଶିତ କରାଇଆଣେ । ଏହି ଦୃଷ୍ଟିଟି ଲାଗି ସଙ୍କଳ୍ପଶକ୍ତିର ପ୍ରୟୋଜନ ରହିଥିଲେ ମଧ୍ୟ ତାହା ସଙ୍କଳ୍ପଶକ୍ତି ଉପରେ ଜ୍ଞାନ ଅପେକ୍ଷା ଅପେକ୍ଷାକୃତ କମ୍ ନିର୍ଭର କରିଥାଏ । ଏହି ଦୃଷ୍ଟି ମନୋଜାତ ଆବେଗଗୁଡ଼ିକୁ ବାହ୍ୟ ମନୋଭୂମିସ୍ଥ ଭ୍ରମଟିରୁହିଁ ଉତ୍ପନ୍ନ ହୋଇ ଆସିଥିବା ବସ୍ତୁରୂପେ, ଏକାଗ୍ର ଓ ସମତାଯୁକ୍ତ ଆତ୍ମାର ଅବିଚଳ ସତ୍ୟଟି ଲାଗି ଅଯୋଗ୍ୟ ହୋଇ ରହିଥିବା କେତୋଟି ନିମ୍ନସ୍ତରୀୟ ଗତିସ୍ପନ୍ଦନରୂପେ ଅଥବା ଜ୍ଞାନୀର ଶାନ୍ତ ଓ ନିରୀକ୍ଷଣସମର୍ଥ ସଙ୍କଳ୍ପ ତଥା ରାଗମୁକ୍ତ ବୁଦ୍ଧିର କେବଳ ବର୍ଜନଯୋଗ୍ୟ ଏକ ପ୍ରାଣିକ ଏବଂ ସଂବେଗଗତ ଉଦ୍‌ବେଳନରୂପେହିଁ ପ୍ରତ୍ୟକ୍ଷ କରିଥାଏ । ଏହା ମନ ଭିତରୁ ସକଳ ବାସନାକୁ ଦୂରୀଭୂତ କରିଦିଏ, ବସ୍ତୁଗୁଡ଼ିକରେ ଏହିସବୁ ଦ୍ୱନ୍ଦ୍ୱାତ୍ମକ ମୂଲ୍ୟର ଆରୋପ କରୁଥିବା ଅହଂକୁ ପରିତ୍ୟାଗ କରେ ଏବଂ ବାସନା ସ୍ଥାନରେ ଏକ ତଟସ୍ଥ ତଥା ଉଦାସୀନ ଶାନ୍ତଭାବର ପ୍ରତିଷ୍ଠା କରେ ଏବଂ ଅହଂଟି ସ୍ଥାନରେ ଜାଗତିକ ଯାବତୀୟ ଅଭିଘାତ ସତ୍ତ୍ୱେ ଅବିକ୍ଷୁବ୍ଧ, ଅନୁତ୍ତେଜିତ ବା ଅବିଚଳିତ ରହିଥିବା ଶୁଦ୍ଧ ଆତ୍ମାକୁ ଆଣି ପ୍ରତିଷ୍ଠିତ କରିଦିଏ । ଏବଂ କେବଳ ସଂବେଗପ୍ରେରିତ ମନଟି ଯେ ଶାନ୍ତ ହୋଇଆସେ ତା' ନୁହେଁ, ମାତ୍ର ବୁଦ୍ଧି ଦ୍ୱାରା ପ୍ରେରିତ ସତ୍ତ୍ୱଟି ମଧ୍ୟ ଅଜ୍ଞାନଜଡ଼ିତ ସକଳ ଭାବନାକୁ ବର୍ଜନ କରିଦିଏ ଏବଂ ଏକ ନ୍ୟୂନତର ଜ୍ଞାନର ସ୍ୱାର୍ଥସୀମାଟି ଭିତରୁ ବାହାରି ସେହି ଶାଶ୍ୱତ ଏବଂ ପରିବର୍ତ୍ତନହୀନ ଏକସତ୍ୟଟି ମଧ୍ୟକୁ ପାରି ହୋଇ ଉଠିଯାଏ । ଏହି ମାର୍ଗଟିରେ ମଧ୍ୟ ତିନୋଟି ପରିଣାମ ବା ଶକ୍ତିର ବିକାଶ ହୋଇଥାଏ, ଯେଉଁଗୁଡ଼ିକ ଦ୍ୱାରା ସେ ଶାନ୍ତିକୁ ଆରୋହଣ କରିଯାଏ ।

'oaob.nitrkl.ac.in' images reprocessed

ପ୍ରଥମେ, ଏକଥାଟି ଦୃଷ୍ଟିଗୋଚର ହେବାକୁ ଲଗେ ଯେ କେବଳ ସ୍ୱେଚ୍ଛାପ୍ରେରିତ ହୋଇହିଁ ମନ ଏହି ଜୀବନର କ୍ଷୁଦ୍ର ସୁଖ ତଥା ଦୁଃଖ ଭିତରେ ବାନ୍ଧିହୋଇ ରହିଛି ଏବଂ ପ୍ରକୃତରେ ଦେଖିଲେ, ଯଦି ଆତ୍ମା କେବଳ ବାହ୍ୟ ଓ କ୍ଷଣସ୍ଥାୟୀ ନାନା ବସ୍ତୁ ଦ୍ୱାରା ଅସହାୟ ଭାବରେ ନିୟନ୍ତ୍ରିତ ହେବାର ଆପଣାର ଅଭ୍ୟାସଟିକୁ ଛାଡ଼ିଦେବା ପାଇଁ ଠିକ୍ କରୁଛି, ତେବେ ତାହା ଉପରେ ଅନ୍ତର୍ଗତ କୌଣସି ପ୍ରଭୁତ୍ୱ ରଖିବା ଲଗି ସେଗୁଡ଼ିକର ଆଉ କୌଣସି ସାମର୍ଥ୍ୟ ରହିବ ନାହିଁ । ଦ୍ୱିତୀୟରେ, ଏଠାରେ ମଧ୍ୟ ବେଶ୍ ଏକ ବିଭାଜନ କରାଯାଇ ପାରିବ ବୋଲି ଦେଖାଯାଉଛି; ସେହି ପୁରାତନ ଅଭ୍ୟସ୍ତ ସଂସ୍ପର୍ଶ ଓ ଅଭିଘାତଗୁଡ଼ିକର ତଥାପି ଅଧୀନ ହୋଇ ରହିଥିବା ନିମ୍ନତର ବା ବାହ୍ୟ ମନ ଏବଂ ଆତ୍ମାର ଅନାକୁଳ ଶାନ୍ତ ଅବସ୍ଥା ମଧ୍ୟରେ ବାସ କରିବା ଲଗି ପଶ୍ଚାଦ୍‌ଦେଶରେ ଦଣ୍ଡାୟମାନ ହୋଇ ରହିଥିବା ସେହି ଉଚ୍ଚତର ବୁଦ୍ଧି ଏବଂ ସଂକଳ୍ପଶକ୍ତି ମଧ୍ୟରେ ଏକ ମନୋବୈଜ୍ଞାନିକ ବିଭାଜକ ଗାର ଟାଣି ଦିଆଯାଇ ପାରିବ ବୋଲି ଦେଖାଯାଉଛି । ଅର୍ଥାତ୍, ଅନ୍ୟ ଭାଷାରେ କହିଲେ, ଆମ ଭିତରେ ଏପରି ଏକ ଅନ୍ତର୍ଗତ ତଟସ୍ଥ ଶାନ୍ତ ବିକାଶଲାଭ କରିଥାଏ, ଯାହାକି ନିମ୍ନତର ଜୀବନାଙ୍ଗଗୁଡ଼ିକର ଯାବତୀୟ ବିକ୍ଷୋଭକୁ ଅବଲୋକନ କରୁଥିଲେ ମଧ୍ୟ ସେହି ବିକ୍ଷୋଭଟିରେ କୌଣସି ଭାଗ ନିଏ ନାହିଁ ବା ତାହାକୁ କୌଣସି ସମ୍ମତି ଦିଏ ନାହିଁ । ପ୍ରଥମେ ପ୍ରଥମେ ଅନେକ ସମୟରେ ଏହି ଉଚ୍ଚତର ବୁଦ୍ଧି ଓ ସଂକଳ୍ପଶକ୍ତିଟି ଆଚ୍ଛାଦିତ ବା ଆକ୍ରାନ୍ତ ହୋଇ ରହିପାରେ, ନିମ୍ନତର ଅଙ୍ଗଗୁଡ଼ିକର ଉତ୍ତେଜନାରେ ପଡ଼ି ମନ ବାଟ ହୁଡ଼ି ଯାଇପାରେ; ମାତ୍ର ଶେଷରେ ଏହି ଶାନ୍ତ ଅଜେୟ ଏବଂ ସ୍ଥାୟୀ ହୋଇ ରହିବାକୁ ଲଗେ, ତୀବ୍ରତମ ଅଭିଘାତ ଦ୍ୱାରା ମଧ୍ୟ ଦୋହଲି ଯାଏ ନାହିଁ,— 'ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ' । ଶାନ୍ତ ଅନ୍ତରସ୍ଥ ଆତ୍ମା ବାହ୍ୟ ମନର ଯାବତୀୟ ବିକ୍ଷୋଭକୁ ଏକ ଆସକ୍ତିରହିତ ଊର୍ଦ୍ଧ୍ୱସ୍ଥିତା ସହିତ ଦେଖିବାକୁ ଲଗେ, ଅଥବା ସେ ତାହାକୁ ଏକ ସାମୟିକ ଏବଂ ଅସଂଶ୍ଳିଷ୍ଟ ଅନୁଗ୍ରାହିତା ସହିତ ଦେଖୁଥାଏ, ଯାହାକି ସାଧାରଣତଃ ଏକ ଶିଶୁର ସାନ ସାନ ହରଷ ଏବଂ ଦୁଃଖ ପ୍ରତି ପ୍ରକାଶ କରାଯାଇଥାଏ; ସେ ସେଗୁଡ଼ିକୁ ଆପଣାର ନିଜର କୌଣସି ବସ୍ତୁ ପରି ଦେଖେ ନାହିଁ ଅଥବା ତାହା କୌଣସି ସ୍ଥାୟୀ ବାସ୍ତବିକତା ଉପରେ ଆଧାରିତ ହୋଇ ରହିଛି ବୋଲି ସ୍ୱୀକାର କରେ ନାହିଁ । ଏବଂ ଶେଷରେ ବାହ୍ୟ ମନ ମଧ୍ୟ କ୍ରମେ କ୍ରମେ ଏହି ଶାନ୍ତ ଭାବ ଏବଂ ଆସକ୍ତିହୀନ ପ୍ରଶାନ୍ତିକୁ ସ୍ୱୀକାର କରିନିଏ; ଯେଉଁସବୁ ବସ୍ତୁ ତାକୁ ଆଗରୁ ଆକର୍ଷିତ କରି ନେଉଥିଲେ ଏବଂ ଯେଉଁସବୁ ଦୁଃଖ ଓ ଯନ୍ତ୍ରଣା ଉପରେ ତାହାର ଏକ ଅବାସ୍ତବ ଅତ୍ୟଧିକ ମହତ୍ତ୍ୱ ଦେବାର ଅଭ୍ୟାସ ରହି ଆସିଥିଲା, ବର୍ତ୍ତମାନ ସେ ସେଗୁଡ଼ିକ ଦ୍ୱାରା ଆଉ ଆକର୍ଷିତ ହୁଏ ନାହିଁ ବା ବିକ୍ଷୁବ୍ଧ ହୋଇପଡ଼େ ନାହିଁ । ଏହିପରି ଭାବରେ ତୃତୀୟ ସାମର୍ଥ୍ୟଟି ଉପଲବ୍ଧ ହୋଇ ଆସେ, ବିଶାଳ ଶାନ୍ତି ଏବଂ

'oaob.nitrkl.ac.in' images reprocessed

ନିଷ୍କଳତାର ଏକ ସର୍ବବ୍ୟାପୀ ଶକ୍ତିମୟତା ଆସି ପହଞ୍ଚେ, ଆମ ଉପରେ ଲଦାହୋଇ ରହିଥିବା ଅତି-ଅବାସ୍ତବିକ ଆତ୍ମ-ପୀଡ଼ନକାରୀ ପ୍ରକୃତିର ଏହି ଅବରୋଧଟିରୁ ମୁକ୍ତ ହୋଇଯିବାର ଏକ ଆନନ୍ଦାନୁଭବ ଉପଲବ୍ଧ ହୁଏ, ସନାତନ ତଥା ଅନନ୍ତ ବ୍ରହ୍ମଙ୍କର ସଂସ୍ପର୍ଶଲାଭ କରିବାର ସେହି ଗଭୀର, ଅବିଚଳିତ ଏବଂ ନିରତିଶୟ ସୁଖ ଲବ୍ଧ ହୋଇଆସେ, ଯାହାକି ଆପଣାର ଚିରନ୍ତନତା ଦ୍ୱାରା ଆପଣାକୁ ଅନିତ୍ୟ ବସ୍ତୁଗୁଡ଼ିକର ସଂଘାତ ଓ ବିକ୍ଷୋଭର ସ୍ଥାନାପନ୍ନ ଭାବରେ ଆଣି ପ୍ରତିଷ୍ଠିତ କରିଦିଏ;—'ବ୍ରହ୍ମ-ସଂସ୍ପର୍ଶମ୍ ଅତ୍ୟନ୍ତଂ ସୁଖମ୍ ଅଶ୍ନୁତେ'। ଆତ୍ମା ଆତ୍ମସତ୍ତାର ଆନନ୍ଦରେ ସୁପ୍ରତିଷ୍ଠିତ ହୋଇ ରହେ, 'ଆତ୍ମରତିଃ' ହୋଇଯାଏ, ପରମାତ୍ମାଙ୍କର ଅଖଣ୍ଡ ତଥା ଅନନ୍ତ ଆନନ୍ଦରେ ପ୍ରତିଷ୍ଠିତ ହୁଏ ଏବଂ ଆଗ ପରି ଆଉ ବାହ୍ୟ ସ୍ପର୍ଶ ଏବଂ ସେଗୁଡ଼ିକର ଦୁଃଖସୁଖର ପଛରେ ଧାବମାନ ହୋଇ ରହେ ନାହିଁ। ଜଗତକୁ ସେ ଏପରି ଏକ ନାଟକ ବା ଅଭିନୟର ଦର୍ଶକ ପରି ଦେଖିବାକୁ ଲାଗେ, ଯେଉଁଥିରେ ଅଂଶଗ୍ରହଣ କରିବା ଲାଗି ସେ ଆଉ କୌଣସିପ୍ରକାରେ ବାଧ୍ୟ ହୁଏ ନାହିଁ।

ତୃତୀୟ ମାର୍ଗଟି ହେଉଛି ନତ ହୋଇ ରହିବାର ମାର୍ଗ; ଏଇଟି ହୁଏତ ଖ୍ରୀଷ୍ଟିଆନ୍ ଧର୍ମର ସେହି ଅକୁଣ୍ଠ ସହିଷ୍ଣୁଭାବରୂପେ ଆପଣାକୁ ପ୍ରକଟ କରିପାରେ, ଯାହାକି ପରମେଶ୍ୱରଙ୍କ ଇଚ୍ଛା ଉପରେହିଁ ଆପଣାକୁ ଛାଡ଼ିଦେବା ଉପରେ ଭିତ୍ତି କରି ରହିଥାଏ। ଅଥବା, ଏହା କାଳର ଭୂମି ଉପରେ ସେହି ବିଶ୍ୱାତ୍ମକ ପରମ ଇଚ୍ଛାର ଏକ ଅଭିବ୍ୟକ୍ତିରୂପେ ସକଳ ବସ୍ତୁ ତଥା ସକଳ ଘଟଣାକୁ ଅହଂମୁକ୍ତ ହୋଇ ଗ୍ରହଣ କରିନେବାରେ ଆପଣାକୁ ପ୍ରକାଶ କରିପାରେ, ଅଥବା, ସେହି ପରମ ଦିବ୍ୟସତ୍ତା ଅର୍ଥାତ୍ ସେହି ପରମ ପୁରୁଷଙ୍କ ପାଖରେ ବ୍ୟକ୍ତିର ପରିପୂର୍ଣ୍ଣ ସମର୍ପଣକୁ ମଧ୍ୟ ବୁଝାଇପାରେ। ପ୍ରଥମ ମାର୍ଗଟି ଯେପରି ସଂକଳ୍ପର ଏକ ମାର୍ଗ ହୋଇ ରହିଥିଲା, ଏବଂ ଦ୍ୱିତୀୟଟି ଯେପରି ଜ୍ଞାନ ଓ ବୋଧସମର୍ଥ ବୁଦ୍ଧିର ମାର୍ଗ ହୋଇ ରହିଥିଲା, ଠିକ୍ ସେହିପରି ଏଇଟିକୁ ଆମେ ଭାବମୟ ପ୍ରକୃତି ଓ ହୃଦୟର ମାର୍ଗ ବୋଲି କହିପାରିବା ଏବଂ ଭକ୍ତିର ତତ୍ତ୍ୱଟି ସହିତ ଏହି ମାର୍ଗଟିର ଏକ ନିବିଡ଼ ସମ୍ପର୍କ ରହିଛି। ଏହି ମାର୍ଗଟିରେ ଶେଷଯାଏ ଯାଇପାରିଲେ ଏଇଟିରେ ମଧ୍ୟ ଆମେ ଏକ ପରିପୂର୍ଣ୍ଣ ସମତାର ଠିକ୍ ସେହି ପରିଣାମଟିରେ ଆସି ପହଞ୍ଚିଯାଉ। କାରଣ ଅହଂର ଗଣ୍ଠି କ୍ରମେ ଢ଼ିଲା ହୋଇଆସେ, ବ୍ୟକ୍ତିକେନ୍ଦ୍ରିକ ଯାବତୀୟ ଦାବି ଅନ୍ତର୍ହିତ ହୋଇଯିବାକୁ ଆରମ୍ଭ କରେ; ଆମେ ଯେ ଆଉ ପ୍ରୀତିକର ବସ୍ତୁଗୁଡ଼ିକଜନିତ ଆନନ୍ଦ ବା ଅପ୍ରୀତିକର ବସ୍ତୁଗୁଡ଼ିକଜନିତ ଦୁଃଖ ସହିତ ବାନ୍ଧିହୋଇ ରହୁ ନାହୁଁ, ସେକଥାଟିକୁ କ୍ରମେ ଆବିଷ୍କାର କରିପାରୁ; ସେଗୁଡ଼ିକୁ ଆମେ ଉତ୍ସୁକତାପୂର୍ଣ୍ଣ ସ୍ୱୀକୃତି ଅଥବା କ୍ଷୋଭମୟ ପରିବର୍ଜନ ବ୍ୟତୀତ ସହ୍ୟ କରିନେଉ, ସେଗୁଡ଼ିକୁ ନେଇ ଆମ ସତ୍ତାର ପରମ ପ୍ରଭୁଙ୍କ ଜିମା କରିଦେଉ; ବ୍ୟକ୍ତିଗତ ଭାବରେ ଆମ ଉପରେ ସେଗୁଡ଼ିକର କିଭଳି ପରିଣାମ

'oaob.nitrkl.ac.in' images reprocessed

ହୋଇଥାଏ, ସେହି ସମ୍ବନ୍ଧରେ ଅଧିକରୁ ଅଧିକ କମ୍ ଚାଳିତ ହୋଇ ରହି ଏବଂ ସେହି ପରମେଶ୍ୱରଙ୍କ ଆଡ଼କୁ ଅଗ୍ରସର ହେବାକୁ, ବା ସେହି ବିଶ୍ୱମୟ ତଥା ଅନନ୍ତ ପରମସତ୍ତାଙ୍କ ସହିତ ସଂସ୍ପର୍ଶଯୁକ୍ତ ଓ ଏକଚ୍ଛନ୍ଦ ହୋଇ ରହିବାକୁ ବା ସେହି ଦିବ୍ୟ ସତ୍ତାଙ୍କ ସହିତ ସମ୍ମିଳିତ ହୋଇଯିବାକୁ , ତାଙ୍କର ବାହନ, ତାଙ୍କର ସାଧନ, ତାଙ୍କର ସେବକ ଓ ତାଙ୍କର ପ୍ରେମୀ ହୋଇ ରହିବାକୁହିଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବିଷୟ ବୋଲି ଗ୍ରହଣ କରିନେଉ; ତାଙ୍କୁହିଁ ତଥା ତାଙ୍କ ସହିତ ରହିଥିବା ଆମର ଯାବତୀୟ ସମ୍ବନ୍ଧକୁ ନେଇ ଆମେ ଆନନ୍ଦିତ ହୋଇ ରହିଥାଉ, ଏବଂ ଅନ୍ୟ କୌଣସି ବିଷୟକୁହିଁ ଆମ ଆନନ୍ଦ ଅଥବା ଦୁଃଖର କାରଣ ବୋଲି ଆଦୌ ଅନୁଭବ କରୁ ନଥାଉ । ଏହି ସୋପାନଟିରେ ମଧ୍ୟ କେତେ ସମୟ ସକାଶେ ଅଭ୍ୟସ୍ତ ସଂବେଗଗୁଡ଼ିକ ଦ୍ୱାରା ଚାଳିତ ନିମ୍ନତର ମନ ଏବଂ ପ୍ରେମ ଓ ଆତ୍ମଦାନର ଉଚ୍ଚତର ଚୈତ୍ୟ ମନଟି ଭିତରେ ଏକ ବିଭାଜନ ରହିଯାଇପାରେ; ମାତ୍ର ପରିଶେଷରେ ସେହି ନିମ୍ନତର ମନକୁହିଁ ନତମସ୍ତକ ହେବାକୁ ହୁଏ, ବଦଳି ଯିବାକୁ ଓ ରୂପାନ୍ତରିତ ହୋଇଯିବାକୁ ହୁଏ, ପରମ ଦିବ୍ୟତାର ପ୍ରେମ, ପୁଲକ ଏବଂ ଆନନ୍ଦ ମଧ୍ୟରେ ବିଲୀନ ହୋଇଯିବାକୁ ହୁଏ ଏବଂ ତା'ପରେ ତା'ର ଆଉ ଅନ୍ୟ କୌଣସି ଆଗ୍ରହ ବା ଆକର୍ଷଣ ବି ରହେ ନାହିଁ । ସେତେବେଳେ ଅନ୍ତର ଭିତରେ ସବୁକିଛି ସେହି ଏକତ୍ରସମ୍ମିଳନର ସମତାଯୁକ୍ତ ଶାନ୍ତି ଓ ଆନନ୍ଦମୟତାରେ ପରିଣତ ହୋଇଯାଏ, ସକଳ ବୋଧର ଅତୀତ ସେହି ଗୋଟିଏ ନିଶ୍ଚଳ ଆନନ୍ଦରେ ପରିଣତ ହୋଇଯାଏ; ଆମ ଅଧ୍ୟାତ୍ମସତ୍ତାର ଗଭୀରରେ ନିମ୍ନତର ବସ୍ତୁଗୁଡ଼ିକର କୌଣସି ପ୍ରଲୋଭନ ଦ୍ୱାରା କୌଣସିପ୍ରକାରେ ଦୂଷିତ ନହୋଇ ସ୍ଥାୟୀରୂପେ ବିରାଜମାନ କରୁଥିବା ଶାନ୍ତିରେ ପରିଣତ ହୋଇଯାଏ ।

ଅଲଗା ଅଲଗା ସ୍ଥାନରୁ ଆପଣାର ଯାତ୍ରାଟିକୁ ଆରମ୍ଭ କରୁଥିଲେ ମଧ୍ୟ ଏହି ତିନୋଟିଯାକ ମାର୍ଗ ଗୋଟିଏ ବିନ୍ଦୁରେ ଆସି ମିଳିତ ହୋଇ ଯାଇଛନ୍ତି; ପ୍ରଥମତଃ, ବାହ୍ୟ ବସ୍ତୁଗୁଡ଼ିକର ସକଳ ସ୍ପର୍ଶ ଲାଗି (ବାହ୍ୟ-ସ୍ପର୍ଶାନ୍) ମନର ସ୍ୱାଭାବିକ ପ୍ରତିକ୍ରିୟାଗୁଡ଼ିକୁ ସେମାନେ ସମସ୍ତେ ନିଷିଦ୍ଧ କରି ରଖନ୍ତି, ଏବଂ ଦ୍ୱିତୀୟରେ ପ୍ରକୃତିର ବାହ୍ୟ କ୍ରିୟାଟିଠାରୁ ସେମାନେ ସମସ୍ତେ ଆତ୍ମା ବା ଚିଦ୍‌ଗତତାକୁ ଅଲଗା କରି ଦର୍ଶାଇ ଦିଅନ୍ତି । ମାତ୍ର, ଯଦି ଆମେ ଏପରି ଏକ ଅଧିକ କ୍ରିୟାଶୀଳ ସମତା ଅର୍ଜନ କରି ପାରିବା, ଯାହାଦ୍ୱାରା କି ଆମେ କେବଳ ଜଗତଠାରୁ ଆପଣାକୁ ପ୍ରତ୍ୟାହାର କରି ଆଣିବା ନାହିଁ ଅଥବା ଏକ ଆସକ୍ତିହୀନ ଓ ତଟସ୍ଥ ଶାନ୍ତଭାବ ଦ୍ୱାରା ତାହାର ସମ୍ମୁଖୀନ ହେବା ନାହିଁ, ମାତ୍ର ଆମେ ଏହି ଜଗତକୁ ଲେଉଟିଆସି ପାରିବା ଏବଂ ଶାନ୍ତ ତଥା ସମତାଯୁକ୍ତ ପରମ ଚିଦ୍‌ଗତତାର ସାମର୍ଥ୍ୟରେହିଁ ତାହାର ଅଧିକାରୀ ହୋଇପାରିବା, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆମର ପୂର୍ଣ୍ଣତା ତଦ୍ୱାରା ବୃହତ୍ତର ଏବଂ ଅଧିକ ବ୍ୟାପକ ଭାବରେ ପୂର୍ଣ୍ଣ ହୋଇପାରିବ । ଏଇଟି ଅବଶ୍ୟ ସମ୍ଭବ,

'oaob.nitrkl.ac.in' images reprocessed

କାରଣ ଏହି ଜଗତ, ପ୍ରକୃତି ଓ କର୍ମ ଏଗୁଡ଼ିକ ପ୍ରକୃତରେ ଆଦୌ ଗୋଟିଏ ଗୋଟିଏ ଅଲଗା ବସ୍ତୁ ନୁହନ୍ତି, ମାତ୍ର ସେମାନେ ହେଉଛନ୍ତି ସେହି ପରମାତ୍ମସତ୍ତା, ପରମ ସର୍ବାତ୍ମା ଏବଂ ପରମ ଦିବ୍ୟତାରହିଁ ଗୋଟିଏ ଗୋଟିଏ ଅଭିବ୍ୟକ୍ତି । ଆମର ଏହି ନିତ୍ୟନୈମିତ୍ତିକ ମନର ପ୍ରତିକ୍ରିୟାଗୁଡ଼ିକୁ ଆମେ ଦିବ୍ୟ ମୂଲ୍ୟସମ୍ପଦଗୁଡ଼ିକର କେବଳ ଏକ ଅଧଃପତନ ବୋଲିହିଁ କହିବା ଏବଂ ଏହି ଅଧଃପତନଟି ଘଟି ନଥିଲେ ସେମାନେ ଆମ ଆଗରେ ଏହି ସତ୍ୟଟିକୁ ଅବଶ୍ୟ ପ୍ରକଟ କରି ଦେଉଥାନ୍ତେ । ସେହି ପ୍ରତିକ୍ରିୟା-ଗୁଡ଼ିକୁ ଆମେ କେବଳ ଏକ ମିଥ୍ୟାମସୃତା ବା ଅଜ୍ଞାନ ବୋଲି କହିବା ଯାହାକି ସେଗୁଡ଼ିକର କ୍ରିୟାଟିକୁ ଏକାବେଳକେ ବଦଳାଇ ଦିଅନ୍ତି; ଏକ ଚକ୍ଷୁସ୍ମାନ ଜଡ଼ତ୍ୱ ନିର୍ଜ୍ଞାନତା ମଧ୍ୟରେ ପରମାତ୍ମା ଆପଣାକୁ ସଂବୃତ କରି ରଖିଥିବାରୁହିଁ ସେହି ଅଜ୍ଞାନଟି ଜନ୍ମଲାଭ କରିଥାଏ । ଥରେ ପରମ ଆତ୍ମସତ୍ତା ବା ପରମେଶ୍ୱରଙ୍କର ପୂର୍ଣ୍ଣ ଚେତନାଟି ମଧ୍ୟକୁ ଫେରି ଆସିଲେ ଆମେ ସେତେବେଳେ ବସ୍ତୁଗୁଡ଼ିକ ଉପରେ ଏକ ଯଥାର୍ଥ ଦିବ୍ୟ ମୂଲ୍ୟ ନ୍ୟସ୍ତ କରିଦେଇ ପାରିବା, ସେଗୁଡ଼ିକୁ ଗ୍ରହଣ କରିପାରିବା ଏବଂ ସେଗୁଡ଼ିକ ଉପରେ ପରମ ଚିଦ୍‌ଗତତାର ଶାନ୍ତି, ଆନନ୍ଦ, ଜ୍ଞାନ ତଥା ଦର୍ଶନକ୍ଷମ ସଂକଳ୍ପ ସହିତ ନିଷ୍ପନ୍ନ କାର୍ଯ୍ୟ କରିପାରିବା । ଯେତେବେଳେ ସେଇଟି ସମ୍ଭବ ହୋଇଯିବ, ସେତେ-ବେଳେ ଆତ୍ମା ଏହି ବିଶ୍ୱଜଗତକୁ ନେଇ ଏକ ସମତାଯୁକ୍ତ ଆନନ୍ଦ ଅନୁଭବ କରିବାକୁ ଆରମ୍ଭ କରିବ, ଯାବତୀୟ ଶକ୍ତିସମ୍ପନ୍ନତାର ସମ୍ମୁଖୀନ ହେଉଥିବା ଏକ ସମତାଯୁକ୍ତ ସଂକଳ୍ପର ଅଧିକାରୀ ହେବ, ଏହି ଦିବ୍ୟ ଅଭିବ୍ୟକ୍ତିଟିର ଯାବତୀୟ ପ୍ରତିରୂପସବୁର ପଛରେ ଅବସ୍ଥିତ ରହିଥିବା ଚିଦ୍‌ଗତ ସତ୍ୟଟିକୁ ଅଧିକାର କରି ନେଉଥିବା ଏକ ସମତାଯୁକ୍ତ ଜ୍ଞାନର ଉପଲବ୍ଧି କରିପାରିବ । ପରମ ଦିବ୍ୟତା ଏହି ଜଗତକୁ ଯେପରି ଅଧିକାର କରି ରହିଛି, ଆତ୍ମା ମଧ୍ୟ ସେତେବେଳେ ତାହାକୁ ସେହିପରି ଭାବରେ ଅଧିକାର କରି ରହିବ; ଅର୍ଥାତ୍, ଅନନ୍ତ ଆଲୋକ, ସାମର୍ଥ୍ୟ ଏବଂ ଆନନ୍ଦର ପରିପୂର୍ଣ୍ଣତା ମଧ୍ୟରେ ତାହାକୁ ଅଧିକାର କରି ରହିବ ।

ତେଣୁ, ନିଷେଧାତ୍ମକ ଏବଂ ନିଷ୍କ୍ରିୟ ସମତାଟିର ବଦଳରେ ଭାବାତ୍ମକ ତଥା ସକ୍ରିୟ ସମତାର ଏକ ଯୋଗ ଦ୍ୱାରା ଏହି ଯାବତୀୟ ଜଗତ ତଥା ଜୀବନ ସମ୍ବନ୍ଧରେ ବିଚାର କରାଯାଇ ପାରିବ । ଏଥିଲାଗି ପ୍ରଥମେ ଏକତ୍ୱର ଏକ ନୂତନ ଜ୍ଞାନ ଦରକାର, ଅର୍ଥାତ୍ ସକଳ ବସ୍ତୁକୁ ଆପଣା ପରି, ସକଳ ବସ୍ତୁକୁ ଭଗବାନଙ୍କ ମଧ୍ୟରେ ଏବଂ ସକଳ ବସ୍ତୁରେ ଭଗବାନଙ୍କୁ ଦେଖିପାରିବା ସକାଶେ ଏକ ଏକତ୍ୱଜ୍ଞାନ ଦରକାର । ସେଥିରୁ ସକଳ ପ୍ରତିରୂପସବୁ ସମାନ ଭାବରେ ଗ୍ରହଣ କରିନେବା ଲାଗି ଏକ ସଂକଳ୍ପ ଜାତ ହେବ, ସକଳ ଘଟଣ, ସଙ୍ଘଟନ, ସକଳ ବ୍ୟକ୍ତି ଓ ସାମର୍ଥ୍ୟକୁ କେବଳ ସେହି ପରମ ଆତ୍ମସତ୍ତାଙ୍କରହିଁ ମୁଖାବରଣ ପରି, ସେହି ଗୋଟିଏ ଶକ୍ତିମତ୍ତାର ବିବିଧ ଗତିସ୍ପନ୍ଦନ ପରି, କାର୍ଯ୍ୟକାରୀ ହୋଇ ରହିଥିବା ସେହି ଗୋଟିଏ ଶକ୍ତିରହିଁ

'oaob.nitrkl.ac.in' images reprocessed

ପରିଣାମ ଏବଂ ସେହି ଏକ ଦିବ୍ୟ ପ୍ରଜ୍ଞା ଦ୍ୱାରା ଶାସିତ ହେଉଥିବା ନାନା ବ୍ୟାପାର ରୂପେ ଗ୍ରହଣ କରିନେବା ଲାଗି ଏକ ସଂକଳ୍ପ ଜାତ ହେବ । ଏବଂ ଉଚ୍ଚତର ଜ୍ଞାନର ସଂକଳ୍ପମୟ ଏହି ଭିତ୍ତି ଉପରେ ଏକ ବିକ୍ଷୋଭଶୂନ୍ୟ ଆତ୍ମା ତଥା ମନ ସହିତ ସବୁକିଛିର ସମ୍ମୁଖୀନ ହେବା ଲାଗି ଏକ ବଳ ବିକଶିତ ହୋଇ ଆସିବ । ଅର୍ଥାତ୍ ମୋ ନିଜକୁ ନେଇ ବିଶ୍ୱଜଗତର ଆତ୍ମାଟି ସହିତ ଏକାତ୍ମ କରି ରଖିବାକୁ ହେବ, ସକଳ ପ୍ରାଣୀଙ୍କ ସହିତ ଏକତ୍ୱର ଏକ ଅନୁଭୂତି ଏବଂ ଦୃଷ୍ଟି ଅର୍ଜନ କରିବାକୁ ହେବ; ସକଳ ଶକ୍ତି, ଶକ୍ତିମତ୍ତା ଏବଂ ପରିଣାମକୁ ମୋ ନିଜର ଆତ୍ମସତ୍ତାର ଏହି ଶକ୍ତିମତ୍ତାଟିର ଗତିସ୍ପନ୍ଦନ ପରି ଅନୁଭବ କରିବାକୁ ହେବ ଏବଂ ତେଣୁ ଅନ୍ତରଙ୍ଗ ଭାବରେ ମୋ ନିଜର ବୋଲି ଅନୁଭବ କରିବାକୁ ହେବ; ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିବା ଉଚିତ ଯେ ସେସବୁଗୁଡ଼ିକୁ ମୁଁ ମୋର ଅହଂସତ୍ତାର ବୋଲି କଦାପି ଅନୁଭବ କରିବି ନାହିଁ, ବରଂ ସେହି ଅହଂସତ୍ତାକୁ ହିଁ ତ ଚୁପ୍ କରିଦେବାକୁ ପଡ଼ିବ, ବିଲୁପ୍ତ କରିଦେବାକୁ ହେବ, ଆପଣା ଭିତରୁ କାଢ଼ି ଫିଙ୍ଗିଦେବାକୁ ହେବ; ତା' ନହେଲେ ଏହି ପରିପୂର୍ଣ୍ଣତା କଦାପି ଆସିବ ନାହିଁ । ତେଣୁ ଆତ୍ମସତ୍ତା କହିଲେ ଏଠାରେ ଏକ ବୃହତ୍ତର ନୈର୍ବ୍ୟକ୍ତିକ ବା ବିଶ୍ୱଗତ ଆତ୍ମସତ୍ତାର କଥା ବୁଝାଯାଉଛି, ଯାହା ସହିତ କି ମୁଁ ବର୍ତ୍ତମାନ ଏକ ହୋଇ ରହିଛି । କାରଣ ବର୍ତ୍ତମାନ ମୋର ବ୍ୟକ୍ତିତ୍ୱ ସେହି ବିଶ୍ୱଗତ ଆତ୍ମସତ୍ତାରହିଁ କ୍ରିୟାର ଏକ କେନ୍ଦ୍ରରୂପେ ପରିଣତ ହୋଇ ରହିଛି, ମାତ୍ର ସେହି କେନ୍ଦ୍ରଟି ଅନ୍ୟ ସକଳ ବ୍ୟକ୍ତିତ୍ୱ ସହିତ ମଧ୍ୟ ଅନ୍ତରଙ୍ଗ ସମ୍ବନ୍ଧରେ ଯୋଡ଼ାହୋଇ ରହିଛି, ସେଗୁଡ଼ିକ ସହିତ ଏକତ୍ୱବଦ୍ଧ ହୋଇ ରହିଛି; କେବଳ ଅନ୍ୟ ବ୍ୟକ୍ତିତ୍ୱ ନୁହେଁ, ଆମ ଲାଗି କେବଳ ନୈର୍ବ୍ୟକ୍ତିକ ବସ୍ତୁ ଓ ଶକ୍ତିମାତ୍ର ହୋଇ ରହିଥିବା ଅନ୍ୟ ଯାବତୀୟ ପଦାର୍ଥ ସହିତ ତାହା ଯୁକ୍ତ ଓ ଏକତ୍ୱବଦ୍ଧ ହୋଇ ରହିଛି; ମାତ୍ର ସେହି ଯାବତୀୟ ପଦାର୍ଥ ମଧ୍ୟ ସେହି ଏକ ନୈର୍ବ୍ୟକ୍ତିକ ପରମ ପୁରୁଷ, ପରମେଶ୍ୱର, ଆତ୍ମା ତଥା ପରମ ତଦ୍‌ଗତତାରହିଁ ଗୋଟିଏ ଗୋଟିଏ ସାମର୍ଥ୍ୟ ହୋଇ ରହିଛନ୍ତି । ମୋ ବ୍ୟକ୍ତିତ୍ୱ କହିଲେ କେବଳ ତାଙ୍କରି ବ୍ୟକ୍ତିତ୍ୱକୁହିଁ ବୁଝାଉଛି ଏବଂ ସେତେବେଳେ ତାହା ଆଉ ବିଶ୍ୱଗତ ସତ୍ତାଠାରୁ ଅଲଗା ହୋଇ ରହୁ ନାହିଁ, ସେଇଟି ସହିତ ଏହାର କୌଣସି ଅସଙ୍ଗତି ମଧ୍ୟ ରହୁ ନାହିଁ; ଏହା ସ୍ୱୟଂ ବିଶ୍ୱାତ୍ମକ ଓ ବିଶ୍ୱଗତ ହୋଇଯାଉଛି, ବିଶ୍ୱଗତ ପରମ ଆନନ୍ଦକୁ ଜାଣୁଛି; ଏବଂ ଯାହାକିଛି ଜାଣୁଛି, ଯାହାକିଛି ଉପରେ କ୍ରିୟା କରୁଛି ବା ଯାହାକିଛି ଭୋଗ କରୁଛି, ସେ ସେହି ସବୁଟି ସହିତ ଏକାତ୍ମ ହୋଇ ରହୁଛି, ସେଗୁଡ଼ିକୁ ଭଲ ପାଉଛି । କାରଣ ବିଶ୍ୱ ସମ୍ବନ୍ଧରେ ସମତ୍ୱଯୁକ୍ତ ଜ୍ଞାନଟିକୁ ଲାଭ କରିବା ସଙ୍ଗେସଙ୍ଗେ ଏବଂ ସମତ୍ୱଯୁକ୍ତ ସଂକଳ୍ପ ସହିତ ବିଶ୍ୱଜଗତକୁ ସ୍ୱୀକାର କରିନେବା ସଙ୍ଗେସଙ୍ଗେ ପରମ ଦିବ୍ୟତାର ବିଶ୍ୱଗତ ଯାବତୀୟ ପ୍ରକାଶରୂପରେ ଏକ ସମତ୍ୱଯୁକ୍ତ ଆନନ୍ଦ ମଧ୍ୟ ଆମ ଲାଗି ଅବଶ୍ୟ ଉପଲବ୍ଧ ହୋଇ ଆସିବ ।

'oaob.nitrkl.ac.in' images reprocessed

ଏଠାରେ ମଧ୍ୟ ଏହି ବିଧି ବା ମାର୍ଗଟିର ଉନ୍ନୋଟି ପରିଣାମ ବା ଶକ୍ତିର ବର୍ଣ୍ଣନା କରିପାରିବା । ପ୍ରଥମତଃ, ଆମେ ଆପଣାର ଆତ୍ମାରେ ତଥା ଅଧ୍ୟାତ୍ମଜୀବନର ଅନୁକୂଳ କ୍ରିୟା କରି ପାରୁଥିବା ଆମର ଉଚ୍ଚତର ବୁଦ୍ଧି ଏବଂ ସଂକଳ୍ପଶକ୍ତିରେ ବିଶ୍ୱଜଗତକୁ ସମତାଯୁକ୍ତ ଭାବରେ ସ୍ୱୀକାର କରିନେବାର ଏହି ଶକ୍ତିଟିକୁ ବିକଶିତ କରି ଆଣିଥାଉ । ମାତ୍ର ଆମେ ଏକଥାଟି ମଧ୍ୟ ଦେଖିବାକୁ ପାଉ ଯେ ଏହି ସାଧାରଣ ଦୃଷ୍ଟିଟିକୁ ଗ୍ରହଣ କରିନେବା ଲାଗି ପ୍ରକୃତିକୁ ପ୍ରବର୍ତ୍ତାଇ ପାରିଲେ ବି ଆମ ଭିତରେ ଉଚ୍ଚତର ବୁଦ୍ଧି ତଥା ସଂକଳ୍ପଶକ୍ତି ଏବଂ ପୃଥିବୀକୁ ଦେଖିବାର ଓ ତା'ର ଅଭିଘାତ-ଗୁଡ଼ିକ ଲାଗି ଆପଣାର ପ୍ରତିକ୍ରିୟା ଜଣାଇବାର ଆପଣାର ସେହି ପୁରୁଣା ଅହଂପ୍ରେରିତ ମାର୍ଗଟିକୁ କାମୁଡ଼ି ରହିଥିବା ନିମ୍ନତର ମନୋମୟ ସତ୍ତାଟି ମଧ୍ୟରେ ତଥାପି ଏକ ସଂଘର୍ଷ ଲାଗି ରହିଥାଏ । ତା'ପରେ ଆମେ ଦେଖିବାକୁ ପାଇବା ଯେ ଏହି ଦୁଇଟିଯାକ ପ୍ରଥମେ ବଡ଼ ଅସ୍ତବ୍ୟସ୍ତ ଭାବରେ ମନୁଷ୍ୟର ସହିତ ଗୋଳାଆମିଶା ହୋଇ ରହିଥିଲେ ମଧ୍ୟ, ଗୋଟିକ ପରେ ଗୋଟିଏ ଆସି ଦେଖା ଦେଉଥିଲେ ମଧ୍ୟ, ଗୋଟିଏ ଆରଟି ଉପରେ କାର୍ଯ୍ୟକାରୀ ହୋଇ ପ୍ରଭୁତ୍ୱ ଲାଗି ଚେଷ୍ଟା କଲେ ମଧ୍ୟ ତଥାପି ଏଦୁଇଟିକୁ ଆମେ ପରସ୍ପରଠାରୁ ପୃଥକ୍ କରି ରଖିପାରିବା, ଉଚ୍ଚତର ତଦ୍‌ଗତ ପ୍ରକୃତିଟିକୁ ନିମ୍ନତର ମାନସିକ ପ୍ରକୃତିଟିଠାରୁ ମୁକ୍ତ କରି ଆଣିପାରିବା । ମାତ୍ର ଏହି ପର୍ଯ୍ୟାୟଟିରେ, ମନ ତଥାପି ଦୁଃଖ, ବିକ୍ଷୋଭ ତଥା ଏକ ନିମ୍ନତର ହର୍ଷ ଓ ସୁଖର ପ୍ରତିକ୍ରିୟାଗୁଡ଼ିକର ଅଧୀନ ହୋଇ ରହିଥିବାବେଳେ, ପୂର୍ଣ୍ଣଯୋଗର ସାଧକ ସମ୍ମୁଖରେ ଏକ ଅତ୍ୟନ୍ତ ବଡ଼ ଅସୁବିଧା ଆସି ଉପସ୍ଥିତ ହୋଇଯାଏ, ଅନ୍ୟତ୍ର ତୀକ୍ଷ୍ଣ ଭାବରେ ବ୍ୟକ୍ତିପ୍ରଧାନ ହୋଇ ରହିଥିବା ଯୋଗସାଧନାରେ ଏହି ଅସୁବିଧାଟି ଠିକ୍ ସେହିପରି ପ୍ରବଳ ଭାବରେ ଆଦୌ କାର୍ଯ୍ୟ କରୁ ନଥାଏ । କାରଣ, ମନ ଯେ କେବଳ ଆପଣାରି ସମସ୍ୟା ଏବଂ ଅସୁବିଧାଗୁଡ଼ାକୁ ଅନୁଭବ କରୁଥାଏ ତା' ନୁହେଁ, ମାତ୍ର ତାହା ଅନ୍ୟମାନଙ୍କର ସୁଖ ଓ ଦୁଃଖରେ ମଧ୍ୟ ଆପଣାକୁ ଭାଗୀ କରିଥାଏ, ତୀବ୍ର ସହାନୁଭୂତି ସହିତ ସେଗୁଡ଼ିକ ପ୍ରତି ସ୍ପନ୍ଦିତ ହେଉଥାଏ, ଏକ ସୂକ୍ଷ୍ମ ଗ୍ରହଣଶୀଳତା ସହିତ ସେସବୁର ସ୍ପର୍ଶାଘାତକୁ ଅନୁଭବ କରୁଥାଏ, ସେଗୁଡ଼ିକୁ ଆପଣ ରୂପେ ପରିଣତ କରିନିଏ; କେବଳ ସେତିକି ନୁହେଁ, ଅନ୍ୟମାନଙ୍କର ଅସୁବିଧାତକ ଆସି ଆମ ନିଜ ଅସୁବିଧାଗୁଡ଼ିକ ସହିତ ଯୋଡ଼ି ହୋଇଯାଏ ଏବଂ ପୂର୍ଣ୍ଣତାର ବିରୁଦ୍ଧାଚରଣ କରୁଥିବା ଶକ୍ତିସବୁ ପୂର୍ବାପେକ୍ଷା ଅଧିକ ପ୍ରବଳ ଭାବରେ କାର୍ଯ୍ୟକାରୀ ହୋଇ ଉଠନ୍ତି, କାରଣ ସେମାନେ ଏହି ଗତିସ୍ପନ୍ଦନଟିକୁ ସେମାନଙ୍କର ସାମ୍ରାଜ୍ୟଟି ମଧ୍ୟରୁ କୌଣସି ଏକାକୀ ଓ ଏକକ ଆତ୍ମାର ଖସି ପଳାଇଯିବା ନୁହେଁ, ମାତ୍ର ସେମାନଙ୍କର ବିଶ୍ୱବ୍ୟାପୀ ସମୁଦାୟ ସାମ୍ରାଜ୍ୟଟିକୁ ଜୟ କରିନେବାର ଏକ ଧୃଷ୍ଟତା ବୋଲି ଅନୁଭବ କରନ୍ତି । ମାତ୍ର ପରିଶେଷରେ, ଆମେ ଏକଥାଟି ମଧ୍ୟ ଦେଖିବାକୁ ପାଉ ଯେ ଏହିସବୁ ଅସୁବିଧାକୁ

'oaob.nitrkl.ac.in' images reprocessed

ଅତିକ୍ରମ କରିଯିବା ଲାଗି ଏକ ସାମର୍ଥ୍ୟ ମଧ୍ୟ ଆବିର୍ଭୂତ ହୁଏ; ଉଚ୍ଚତର ବୁଦ୍ଧି ଓ ସଂକଳ୍ପଶକ୍ତି ଆପଣାକୁ ଆଣି ନିମ୍ନତର ମନ ଉପରେ ପ୍ରତିଷ୍ଠିତ କରି ରଖନ୍ତି ଯାହାଫଳରେ କି ସେହି ମନ ଆଧ୍ୟାତ୍ମିକ ପ୍ରକୃତିର ବିଶାଳ ପ୍ରତିରୂପଗୁଡ଼ିକରେ ପରିବର୍ତ୍ତିତ ହୋଇଯାଏ, ତାହାର ଆପଣାର ରୂପାନ୍ତରଟି ଦ୍ୱାରା ନିଃଶେଷିତ ହୋଇଯିବା ପର୍ଯ୍ୟନ୍ତ ସକଳ ବିକ୍ଷୋଭ, ପ୍ରତିବନ୍ଧକ ତଥା ଅସୁବିଧାଗୁଡ଼ିକୁ ଅନୁଭବ କରିବା, ସେଗୁଡ଼ିକର ସମ୍ମୁଖୀନ ହେବା ଓ ସେଗୁଡ଼ିକୁ ଅତିକ୍ରମ କରିଯିବାରେ ମଧ୍ୟ ମନ ଏପରିକି ଏକ ଆନନ୍ଦ ବି ଅନୁଭବ କରିବାକୁ ଲାଗେ । ସେତେବେଳେ ସମୁଦାୟ ସତ୍ତା ସ୍ୱୟଂ ସେହି ପରମ ଚିଦ୍‌ଗତତା ଏବଂ ତାହାର ଅଭିବ୍ୟକ୍ତିର ଚରମ ଶକ୍ତିମତ୍ତା, ବିଶ୍ୱମୟ ଶାନ୍ତି ଓ ପୁଲକଭାବ ତଥା ତାହାର ସର୍ବଦର୍ଶୀ ଆନନ୍ଦ ଓ ସଂକଳ୍ପ ମଧ୍ୟରେ ଆସି ଅବସ୍ଥାନ କରେ ।

ସମତାର ଏହି ଭାବାତ୍ମକ ପଦ୍ଧତିଟି ପ୍ରକୃତରେ କିଭଳି କାର୍ଯ୍ୟ କରିଥାଏ, ସେଇଟି ଦେଖିପାରିବା ଲାଗି ଜ୍ଞାନ, ଇଚ୍ଛା ତଥା ଅନୁଭୂତିରୂପୀ ସେହି ତିନୋଟି ଶକ୍ତିମତ୍ତାର କ୍ଷେତ୍ରରେ ରହିଥିବା ଏହି ପଦ୍ଧତିଟିର ତତ୍ତ୍ୱଟିକୁ ଆମେ ଏଠାରେ ଅତ୍ୟନ୍ତ ସଂକ୍ଷେପରେ ଆଲୋଚନା କରିପାରିବା । ସକଳ ସଂବେଗ, ଅନୁଭୂତି ଏବଂ ଇନ୍ଦ୍ରିୟ-ବୋଧକୁ ଆମେ କେବଳ ଆତ୍ମାରହିଁ ଏକ ସାଧନ ବୋଲି କହିପାରିବା ଯାହାକି ପ୍ରକୃତି ମଧ୍ୟରେ ଅବସ୍ଥିତ ରହିଥିବା ପରମାତ୍ମାଙ୍କର ଅଭିବ୍ୟକ୍ତିଗୁଡ଼ିକର ସମ୍ମୁଖୀନ ହେଉଥାଏ ଏବଂ ସେଗୁଡ଼ିକ ଉପରେ କାର୍ଯ୍ୟସାଧକ ମୂଲ୍ୟଚୟର ଆରୋପ କରୁଥାଏ । ମାତ୍ର ଆତ୍ମା ଯାହାକିଛି ଅନୁଭବ କରୁଥାଏ, ତାହାକୁ ଆମେ କେବଳ ଏକ ବିଶ୍ୱାତ୍ମକ ଆନନ୍ଦ ବୋଲିହିଁ କହିପାରିବା; ଆମେ ଆଗରୁ ଯେପରି ଆଲୋଚନା କରିସାରିଛୁ, ଅନ୍ୟ ପକ୍ଷରେ ନିମ୍ନତର ମନଟି ଭିତରେ ରହିଥିବା ଆତ୍ମାଟିହିଁ ଏହାକୁ ଦୁଃଖ, ସୁଖ ଏବଂ ତଟସ୍ଥ ଉଦାସୀନଭାବର ତିନୋଟିଯାକ ପରିବର୍ତ୍ତନଶୀଳ ମୂଲ୍ୟ ଆଣି ଦେଇଥାଏ, ଯେଉଁମାନେ କି ଆପଣାର ଅଳ୍ପ ଓ ବହୁତ ମାତ୍ରାର ତାରତମ୍ୟ ଦ୍ୱାରା ପରସ୍ପର ଉପରେ ଆପଣାର ପୁଟଟିକୁ ନେଇ ବୋଳି ଦେଇଥାନ୍ତି ଏବଂ ସେହି ତାରତମ୍ୟ ଏହି କଥାଟି ଉପରେ ନିର୍ଭର କରୁଥାଏ ଯେ ବ୍ୟକ୍ତିଭାବାପନ୍ନ ଚେତନା ଆପଣାକୁ ଏକ ବିଶ୍ୱଜନ-କାରୀ ବୈୟକ୍ତିକ ରୂପାୟନ ଦେଇ ଯେଉଁ ବୃହତ୍ତର ସତ୍ତାଟିକୁ ଆପଣାର ବାହାର କରି ରଖିଛି ତଥା ଯାହାକୁ ଆପଣାର ଅନୁଭବଟି ପାଖରେ ସତେଅବା 'ଅନ୍ୟ' ବା ପର କରି ରଖିଛି, ସେହି ସମୁଦାୟ ସତ୍ତାଟିରୁ ତା' ଉପରକୁ ଆସୁଥିବା ସକଳ ଆଘାତର ସମ୍ମୁଖୀନ ହେବାକୁ, ସେଗୁଡ଼ିକୁ ଜାଣିବାକୁ, ହଜମ କରିବାକୁ, ସେଗୁଡ଼ିକୁ ଆପଣାର ତୁଲ୍ୟ କରିପାରିବାକୁ ଓ ସେଗୁଡ଼ିକ ଉପରେ ପ୍ରଭୁତ୍ୱ ଲାଭ କରିବାକୁ ସେଥିରେ ପ୍ରକୃତରେ କେତେଦୂର ଶକ୍ତି ମହଜୁଦ ରହିଛି । ମାତ୍ର, ଆମ ଭିତରେ ଏକ ବୃହତ୍ତର

'oaob.nitrkl.ac.in' images reprocessed

ଆତ୍ମା ବରିଜତ ରହିଥିବାରୁ ଏକ ପ୍ରଚ୍ଛନ୍ନ ଆତ୍ମା ସର୍ବଦା ଏହିସବୁ ବସ୍ତୁରେ ଆନନ୍ଦ ଲାଭ କରୁଛି, ତାହାକୁ ଆସି ସ୍ପର୍ଶ କରୁଥିବା ସବୁକିଛିରୁ ତାହା ଶକ୍ତି ଆହରଣ କରୁଛି ଏବଂ ତଦ୍ଵାରା ଆପଣାର ବୃଦ୍ଧିସାଧନ କରୁଛି; ପ୍ରତିକୂଳ ତଥା ଅନୁକୂଳ ଉଭୟ ପ୍ରକାରର ଅନୁଭୂତିରୁହିଁ ଲାଭବାନ୍ ହେଉଛି । ଏହି ପ୍ରଚ୍ଛନ୍ନ ଆତ୍ମାଟି ବାହ୍ୟ କାମନା-ଆତ୍ମାଟି ଲାଗି ମଧ୍ୟ ଆପଣାକୁ ଅନୁଭୂତ କରାଇ ପାରୁଛି, ଏବଂ ବସ୍ତୁତଃ ସେହି କାରଣରୁହିଁ ଜୀବନଟିକୁ ବଞ୍ଚିବାରେ ଆମକୁ ଏକ ଆନନ୍ଦ ମିଳୁଛି ଏବଂ ଏପରିକି ସଂଗ୍ରାମରେ, ଦୁଃଖ ସହିବାରେ ଏବଂ ଜୀବନର କଠୋରତର ଅନୁରଙ୍ଗଗୁଡ଼ିକରେ ମଧ୍ୟ ଅମେ ଏକ ପ୍ରକାରର ଆନନ୍ଦ ଅନୁଭବ କରିପାରୁଛୁ । ମାତ୍ର ବିଶ୍ଵଗତ ଆନନ୍ଦଟିକୁ ଯଥାର୍ଥରେ ପାଇବାକୁ ହେଲେ ଆମର ଯାବତୀୟ ଜୀବନାଙ୍ଗଗୁଡ଼ିକୁ ବସ୍ତୁଗୁଡ଼ିକର କୌଣସି ଆଂଶିକ ବା ବିକାରଗ୍ରସ୍ତ ଆନନ୍ଦ ନୁହେଁ, ବସ୍ତୁଗୁଡ଼ିକର ମର୍ମଗତ ଆନନ୍ଦଟିକୁ ମଧ୍ୟ ଗ୍ରହଣ କରି ଶିଖିବାକୁ ହେବ । ଯାବତୀୟ ବସ୍ତୁରେ ଆନନ୍ଦର ଏକ ତତ୍ତ୍ଵ ରହିଛି, ଏବଂ ଆମର ବୋଧଶକ୍ତି ତାହାକୁ ଅଧିଗମି ପାରିବ, ଆମର ସୌନ୍ଦର୍ଯ୍ୟଗ୍ରାହିତା ତାହାକୁ ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ରସରୂପେ ଆସ୍ଵାଦନ କରିପାରିବ; ମାତ୍ର ସେପରି ନକରି ଆମର ଜୀବନାଙ୍ଗଗୁଡ଼ିକ ସେହି ବସ୍ତୁଗୁଡ଼ିକ ଉପରେ ସାଧାରଣତଃ ନାନା ସ୍ଵେଚ୍ଛାପ୍ରଣୋଦିତ, ଅସମ ତଥା ବିପରୀତ ମୂଲ୍ୟକୁ ନେଇ ଲଦି ଦେଇଥାନ୍ତି । ତେଣୁ ସେମାନଙ୍କୁ ଆତ୍ମାର ଆଲୋକରେହିଁ ବସ୍ତୁଗୁଡ଼ିକୁ ଦେଖିପାରିବାର ବାଟଟି ଦେଖାଇବାକୁ ହେବ, ଏହିସବୁ ଅସ୍ଥାୟୀ ମୂଲ୍ୟକୁ ଯଥାର୍ଥ, ସମତାଯୁକ୍ତ, ସାରଭୂତ ଏବଂ ଆଧ୍ୟାତ୍ମିକ ରସରେ ରୂପାନ୍ତରିତ କରିଦେବା ଲାଗି ପ୍ରେରିତ କରି ରଖିବାକୁ ହେବ । ଆମ ଭିତରେ ରହିଥିବା ପ୍ରାଣତତ୍ତ୍ଵଟି ଆନନ୍ଦତତ୍ତ୍ଵର ଏହି ଗ୍ରହଣ ଅର୍ଥାତ୍ ଏହି ରସଗ୍ରହଣକୁ ଏପରି ଏକ ପ୍ରବଳ ଅଧିକାରକାମୀ ଉପଭୋଗ ବା ଭୋଗର ରୂପ ଆଣି ଦେଇ ଦେଉଛି, ଯାହାକି ସମୁଦାୟ ପ୍ରାଣସତ୍ତାଟିକୁ ଆପଣା ଦ୍ଵାରାହିଁ ସ୍ଥିତ କରି ପକାଉଛି ଏବଂ କେବଳ ଆପଣାକୁହିଁ ସ୍ଵୀକାର କରିନେଇ ଆପଣା ଭିତରୁହିଁ ଆନନ୍ଦ ଆସ୍ଵାଦନ କରିବା ଲାଗି ତାହାକୁ ପ୍ରେରିତ କରି ରଖୁଛି । ମାତ୍ର ସେହି କ୍ଷେତ୍ରଟିରେ ବାସନାର ବାଧାଟି ରହିଥିବାରୁ ସାଧାରଣତଃ ତାହା ଆପଣା କାର୍ଯ୍ୟସାଧନର ସମକକ୍ଷ ହୋଇପାରୁ ନାହିଁ, ମାତ୍ର ତାହାକୁ ଜନ୍ମତର ଦ୍ଵନ୍ଦୋଟି ରୂପରେ ପରିଣତ କରିଦେଉଛି; ତାହାକୁ ସୁଖ-ଭୋଗ, ଦୁଃଖ-ଭୋଗ ଏବଂ ସୁଖ-ଦୁଃଖ-ବର୍ଜନ ଅର୍ଥାତ୍ ଆମେ ଯାହାକୁ ସଂବେଦନ-ଶୂନ୍ୟତା ବା ଉଦାସୀନତା ବୋଲି କହୁ, ସେଇଥିରେ ପରିଣତ କରିଦେଉଛି । ପ୍ରାଣ ବା ପ୍ରାଣମୟ ସତ୍ତାକୁ ବାସନା ତଥା ବାସନାଗତ ଅସମତାଗୁଡ଼ିକ ମଧ୍ୟରୁ ମୁକ୍ତ କରି ଆଣିବାକୁ ପଡ଼ିବ, ଏବଂ ବୁଦ୍ଧି ଓ ସୌନ୍ଦର୍ଯ୍ୟଶକ୍ତି ଯେଉଁ ରସଟିକୁ ଅନୁଭବ କରିଥାନ୍ତି, ସେଇଟିକୁ ଗ୍ରହଣ କରିନେଇ ଶୁଦ୍ଧ ଭୋଗର ରୂପ ଦେବାକୁ ପଡ଼ିବ । ସେତେବେଳେ ଉପାସ୍ୟ ପଦକ୍ଷେପଟି ଲାଗି ସାଧନଗୁଡ଼ିକରେ ଆଉ କୌଣସି ବାଧା ରହିବ ନାହିଁ, ଏବଂ

'oaob.nitrkl.ac.in' images reprocessed

ସେହି ପଦକ୍ଷେପଟି ଦ୍ୱାରାହିଁ ସବୁକିଛି କେବଳ ସେହି ଆଧ୍ୟାତ୍ମିକ ପରମ ଆନନ୍ଦର ପରିପୂର୍ଣ୍ଣ ଓ ଶୁଦ୍ଧ ଅଭିଭୂତି ମଧ୍ୟକୁ ପରିବର୍ତ୍ତିତ ହୋଇଯିବ ।

ପୁନଶ୍ଚ, ଜ୍ଞାନର କ୍ଷେତ୍ରରେ ମନର ବସ୍ତୁଗୁଡ଼ିକ ପ୍ରତି ତିନି ପ୍ରକାରର ପ୍ରତିକ୍ରିୟା ରହିଛି; ଅଜ୍ଞାନ, ଭ୍ରମ ଓ ସତ୍ୟ ଜ୍ଞାନ ଏହିପରି ତିନୋଟି ପ୍ରତିକ୍ରିୟା ରହିଛି । ଭାବାତ୍ମକ ସମତା ପ୍ରଥମେ ସେହି ତିନୋଟିଯାକକୁ ଏପରି ଏକ ଆତ୍ମ-ଅଭିବ୍ୟକ୍ତିର ତିନୋଟି ଗତି-ସ୍ପନ୍ଦନରୂପେ ସ୍ୱୀକାର କରିନେବ, ଯାହାକି ଅଜ୍ଞାନ ମଧ୍ୟରୁ ବିବର୍ତ୍ତିତ ହୋଇ ଆସୁଛି ଏବଂ ସକଳ ଭ୍ରମର କାରଣ ହୋଇ ରହିଥିବା ଆଂଶିକ ବା ବିକାରଯୁକ୍ତ ଜ୍ଞାନର ମଧ୍ୟଦେଇ ଯଥାର୍ଥ ଜ୍ଞାନରେ ଯାଇ ଉପନୀତ ହେଉଛି । ମନର ଅଜ୍ଞାନ କହିଲେ ତାହାର ମନୋ-ବୈଜ୍ଞାନିକ ଅର୍ଥରେ ଯାହା ବୁଝାଏ, ଭାବାତ୍ମକ ସମତା ମଧ୍ୟ ତଦ୍ଦ୍ୱାରା ଠିକ୍ ତାହାହିଁ ବୁଝିବ; ଅର୍ଥାତ୍ ତାକୁ ଚେତନା ଉପାଦାନର ଏପରି ଏକ ଆଚ୍ଛନ୍ନ, ଆବୃତ ବା ଆବରଣ ଦ୍ୱାରା ଗୁଡ଼ାହୋଇ ରହିଥିବା ଅବସ୍ଥା ବୋଲି ବୁଝିବ, ଯାହା ଭିତରେ କି ସତେଅବା ଏକ ଅନ୍ଧକାରମୟ କୋଷ ପରି ସେହି ସର୍ବଜ୍ଞାତା ପରମାତ୍ମସତ୍ତାର ଜ୍ଞାନଟି ଲୁକ୍କାୟିତ ହୋଇ ରହିଛି । ସେ ତାହା ଉପରେ ମନକୁ ଏକାଗ୍ର କରି ରଖିବ ଏବଂ ପୂର୍ବରୁ ଜ୍ଞାତ ହୋଇ ରହିଥିବା ସମ୍ବନ୍ଧିତ ସତ୍ୟଗୁଡ଼ିକ ସାହାଯ୍ୟରେ ବୁଦ୍ଧି ଦ୍ୱାରା ଅଥବା ଏକ ସଂବୋଧିଗତ ଅଭିନିବେଶ ଦ୍ୱାରା ଅଜ୍ଞାନର ପର୍ଦ୍ଦାଗୁଡ଼ିକ ମଧ୍ୟରୁ ଜ୍ଞାନକୁ ମୁକ୍ତ କରି ଆଣିବ । କେବଳ ଜ୍ଞାତଟି ମଧ୍ୟରେହିଁ ଏହା କଦାପି ଲିପ୍ତ ହୋଇ ରହିବ ନାହିଁ ବା ସବୁକିଛିକୁ କେବଳ ଜ୍ଞାତର ଗଠନାସୂତ୍ର ମଧ୍ୟରେ ଖୁନ୍ଦିକରି ପୁରାଇବାର ଚେଷ୍ଟା କରିବ ନାହିଁ, ମାତ୍ର ସକଳ ସମ୍ଭାବନା ଲାଗି ଉନ୍ମୁକ୍ତ ହୋଇ ରହିଥିବା ଏକ ସମତାଯୁକ୍ତ ମନରେ ଜ୍ଞାତ ତଥା ଅଜ୍ଞାତ ଉଭୟ ଉପରେ ଅଭିନିବେଶିତ ହୋଇ ରହିବ । ଠିକ୍ ସେହିପରି ଭାବରେ ତାହା ଭ୍ରମର ବି ସମ୍ମୁଖୀନ ହେବ; ସେ ସତ୍ୟ ଏବଂ ଭ୍ରାନ୍ତିର ଅଡ଼ୁଆ ହୋଇ ରହିଥିବା ଜାଲଟିକୁ ସ୍ୱୀକାର କରିନେବ ସତ, ମାତ୍ର ଆପଣାକୁ କୌଣସି ଏକ ନିର୍ଦ୍ଦିଷ୍ଟ ମତ ଭିତରେ ବାନ୍ଧି ରଖିବ ନାହିଁ; ବରଂ ସେ ଯାବତୀୟ ମତ ପଛରେ ରହିଥିବା ସତ୍ୟର ଉପାଦାନଟିରହିଁ ସନ୍ଧାନ କରୁଥିବ, ଭ୍ରମଟି ଭିତରେ ଛପି ରହିଥିବା ଜ୍ଞାନଟିର ସନ୍ଧାନ କରୁଥିବ । କାରଣ ସକଳ ଭ୍ରାନ୍ତିକୁ ଆମେ ସତ୍ୟରହିଁ ଭୁଲ୍ ବୁଝାଯାଇଥିବା କୌଣସି ନା କୌଣସି ଅଂଶଗୁଡ଼ିକର ଏକ ବିକୃତ ରୂପ ବୋଲି କହିବା ଏବଂ ସେହି ଭ୍ରାନ୍ତି ଆପଣାର ଶକ୍ତିଟିକୁ ଆପଣାର ମିଥ୍ୟା-ବୋଧଟିରୁ ନୁହେଁ, ମାତ୍ର ସେହି ସତ୍ୟରୁହିଁ ଲାଭ କରିଥାଏ ବୋଲି ଜାଣି ରଖିବା । ନିରୂପିତ ସତ୍ୟଗୁଡ଼ିକୁ ତାହା ସ୍ୱୀକାର କରିନେବ ସତ, ମାତ୍ର ସେଗୁଡ଼ିକ ମଧ୍ୟରେ ବି ଆପଣାକୁ କଦାପି ସୀମାବଦ୍ଧ କରି ରଖିବ ନାହିଁ; ସେ ସର୍ବଦା ନୂତନ ଜ୍ଞାନ ଲାଗିହିଁ ପ୍ରସ୍ତୁତ ରହିଥିବ ଏବଂ ଅଧିକରୁ ଅଧିକ ସମଗ୍ର, ଅଧିକରୁ ଅଧିକ ପ୍ରସାରିତ, ସମନ୍ୱୟକାରୀ ଏବଂ ଐକ୍ୟବିଧାୟକ ପ୍ରଜ୍ଞାର ଅନୁସନ୍ଧାନ କରିବାରେ ଲାଗିଥିବ ।

'oaob.nitrkl.ac.in' images reprocessed

କେବଳ ଆଦର୍ଶ ଅତିମାନସର ସୋପାନଟିକୁ ଉଠିଯାଇ ପାରିଲେହିଁ ଏଇଟି ସଂପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇପାରିବ ଏବଂ ତେଣୁ ସତ୍ୟର ସମତାଦୃଷ୍ଟିସମ୍ପନ୍ନ ସାଧକ ବୁଦ୍ଧି ବା ତାହାର କ୍ରିୟାତ୍ମକ ଅଙ୍ଗଗୁଡ଼ିକରେ କଦାପି ବାନ୍ଧିହୋଇ ରହିବ ନାହିଁ ବା ସେଇଠାରେହିଁ ସବୁକିଛି ସରିଗଲା ବୋଲି କଦାପି ଭାବିବ ନାହିଁ; ମାତ୍ର ସେ ଆହୁରି ଉପରକୁ ଉଠିଯିବା ଲାଗି ପ୍ରସ୍ତୁତ ରହିବ; ଆରୋହଣର ପ୍ରତ୍ୟେକ ସୋପାନ ଏବଂ ତା' ସତ୍ତାର ପ୍ରତ୍ୟେକ ସାମର୍ଥ୍ୟର ଅବଦାନଗୁଡ଼ିକୁ ସେ ସ୍ୱୀକାର କରୁଥିବ ସତ, ମାତ୍ର ସେଗୁଡ଼ିକୁ ଏକ ଉଚ୍ଚତର ସତ୍ୟର ଭୂମିକୁ ଉତ୍ତୋଳିତ କରିନେବାକୁହିଁ ସ୍ୱୀକାର କରୁଥିବ । ସେ ସବୁକିଛିକୁ ଅବଶ୍ୟ ଗ୍ରହଣ କରିନେବ, ମାତ୍ର କେଉଁଠି ଭିତରେ ପଡ଼ିରହିବ ନାହିଁ; କୌଣସି ବସ୍ତୁ ଯେତେ ଅପୂର୍ଣ୍ଣ ହୋଇଥିଲେ ବା ତ୍ରୁଟିଗତ ବିକୃତିର ଯେତେ ବଡ଼ ବିଧ୍ୱଂସକ ହୋଇଥିଲେ ମଧ୍ୟ ସେ କଦାପି ଘୃଣା ସହିତ ତା' ପାଖରୁ ପଳାଇ ଆସିବ ନାହିଁ । ମାତ୍ର ତାହା ସଙ୍ଗେସଙ୍ଗେ ସେ ପରମ ସତ୍ୟ-ଆତ୍ମାର ମୁକ୍ତ କ୍ରିୟାଶୀଳତାରେ ହାନି ପହଞ୍ଚାଉଥିବା କୌଣସି ବିଷୟକୁ ଆପଣା ଉପରେ କଦାପି ଅଧିକାର ବିସ୍ତାର କରିବାକୁ ଦେବ ନାହିଁ । ଉଚ୍ଚତର ଅତିମାନସ ଏବଂ ଆଧ୍ୟାତ୍ମିକ ଜ୍ଞାନର ଭୂମିକୁ ଆରୋହଣ କରିଯିବାକୁ ହେଲେ ବୁଦ୍ଧିର ସମତାକୁହିଁ ଆମେ ସର୍ବପ୍ରଧାନ ସର୍ତ୍ତଟିରୂପେ ଗ୍ରହଣ କରିବା ।

ଆମ ଭିତରେ ଅବସ୍ଥିତ ସଂକଳ୍ପଶକ୍ତିକୁ ଆମେ ଆମ ସତ୍ତାର ଏପରି ଏକ ଶକ୍ତି ବୋଲି ଜାଣିବା, ଯାହାକି ତାହାର ଅଙ୍ଗଗୁଡ଼ିକ ମଧ୍ୟରୁ ସବୁଠାରୁ ଅଧିକ ସାଧାରଣ ଭାବରେ ଶକ୍ତିଶାଳୀ ହୋଇ ରହିଥାଏ;—ଆମ ଭିତରେ ଜ୍ଞାନର ସଂକଳ୍ପ ରହିଛି, ପ୍ରାଣର ସଂକଳ୍ପ ରହିଛି, ସଂବେଗଗତ ଏକ ସଂକଳ୍ପ ମଧ୍ୟ ରହିଛି, ଅର୍ଥାତ୍ ଆମ ପ୍ରକୃତିର ପ୍ରତ୍ୟେକ ଭାଗରେ ଏକ ସଂକଳ୍ପଶକ୍ତି କାର୍ଯ୍ୟ କରୁଛି;—ଆପଣାର ଏହି ଶକ୍ତିଶାଳିତା ସକାଶେ ଆମ ଭିତରେ ତାହା ଅନେକପ୍ରକାର ରୂପ ନେଇଥାଏ ଏବଂ ବସ୍ତୁଗୁଡ଼ିକର ବାହ୍ୟ ସ୍ପର୍ଶଗୁଡ଼ିକୁ ନାନାପ୍ରକାରେ ପ୍ରତିସ୍ପନ୍ଦନ ଜଣାଇଥାଏ । ଅର୍ଥାତ୍, ଅସମର୍ଥତା, ଶକ୍ତିଗତ ସୀମିତତା, ପ୍ରଭୁତ୍ୱ, ବା ଯଥାର୍ଥ ସଂକଳ୍ପ, ଅଯଥାର୍ଥ କିଂବା ବିକୃତ ସଂକଳ୍ପ, ତଟସ୍ଥ ପ୍ରବୃତ୍ତି,—ଏବଂ ନୈତିକତା ଦ୍ୱାରା ପରିଚାଳିତ ମନର ଭୂମି ଉପରେ ତାହା ପୁଣ୍ୟ, ପାପ ଏବଂ ନୈତିକତାନିରପେକ୍ଷ ପ୍ରବୃତ୍ତି ହୋଇ ରହିଥାଏ,—ତଥା ତଦ୍ଭିନ୍ନ ଅନ୍ୟ ନାନାବିଧ ପ୍ରତିସ୍ପନ୍ଦନ ଜଣାଇଥାଏ । ଆପଣାର ଯାତ୍ରାରମ୍ଭଭୂମିରୂପେ ଭାବାର୍ଥକ ସମତା ଏଗୁଡ଼ିକୁ ମଧ୍ୟ ସାମୟିକ ପ୍ରୟୋଜନ ରହିଥିବା ନାନା ମୂଲ୍ୟର ଏକ ଜାଲରୂପେ ଗ୍ରହଣ କରି ନେଇଥାଏ; ମାତ୍ର ସେଗୁଡ଼ିକୁ ତାକୁ ବିଶ୍ୱାତ୍ମକ ପ୍ରଭୁତ୍ୱ, ପରମସତ୍ୟର ସଂକଳ୍ପ ଏବଂ ବିଶ୍ୱାତ୍ମକ ରୀତିରେ ରୂପାନ୍ତରିତ କରିଦେବାକୁ ପଡ଼େ, କ୍ରିୟାଶୀଳ ଦିବ୍ୟ ପରମସଂକଳ୍ପର ସ୍ୱାତନ୍ତ୍ର୍ୟରେହିଁ ରୂପାନ୍ତରିତ କରିଦେବାକୁ ପଡ଼େ । ଆପଣାର ଯାନ୍ତ୍ର

'oaob.nitrkl.ac.in' images reprocessed

ଝୁଣ୍ଟିବାରେ ସମତାଯୁକ୍ତ ସଂକଳ୍ପ ଅବସନ୍ନ ହୋଇପଡ଼େ ନାହିଁ, କୌଣସି ଦୁଃଖ ବା ନୈରାଶ୍ୟ ଅନୁଭବ କରେ ନାହିଁ; ଯଦି ସଂସ୍କାରାଧୀନ ମନର ଭୂମିଟି ଉପରେ ଏହିସବୁ ପ୍ରତିକ୍ରିୟା ଦେଖା ଦେଉଥାଏ, ତେବେ ସେଗୁଡ଼ିକରୁ ଏକ ଅପୂର୍ଣ୍ଣତାରହିଁ କେତେଦୂର ସୂଚନା ମିଳୁଛି ଓ ଏଥିରେ ପ୍ରକୃତରେ କଣର ଏକ ସଂଶୋଧନ ସମ୍ଭବ କରାଇବାକୁ ପଡ଼ିବ, ତାକୁ କେବଳ ସେତିକି ଦେଖିବାକୁ ପଡ଼େ । କାରଣ ସେଗୁଡ଼ିକ ସର୍ବଦା ଗୋଟିଏ ଗୋଟିଏ ସୂଚକ ମାତ୍ର ହୋଇହିଁ ରହି ନଥାନ୍ତି, ସେମାନେ ପ୍ରତିକାର ଲାଗି ମଧ୍ୟ ଏକ ଇଙ୍ଗିତ ଦେଖାଇ ଦେଉଥାନ୍ତି । ଏବଂ ଏହିପରି ଭାବରେହିଁ ସମତାଯୁକ୍ତ ବୁଦ୍ଧି ସେଗୁଡ଼ିକୁ ପାର ହୋଇଯିବ ଏବଂ ଏକ ଶାନ୍ତ ଓ ସମତାଯୁକ୍ତ ମାର୍ଗଦର୍ଶନର ଭୂମିରେ ଯାଇ ଉପନୀତ ହେବ । ତାହା ବେଶ୍ ଦେଖିପାରିବ ଯେ ଅନୁଭୂତି ଲାଗି ଏବଂ ଲକ୍ଷ୍ୟସିଦ୍ଧିର ଅନ୍ତିମ ସୋପାନଗୁଡ଼ିକରେ ଏହି ଝୁଣ୍ଟିବା ଓ ପଡ଼ିବାଗୁଡ଼ିକର ଅବଶ୍ୟ ଏକ ଆବଶ୍ୟକତା ରହିଛି । ଆମ ଭିତରେ ତଥା ବିଶ୍ୱଜଗତରେ ଯାହାକିଛି ଘଟୁଛି, ସେଗୁଡ଼ିକର ପଛରେ ଓ ସେଗୁଡ଼ିକ ମଧ୍ୟରେ ସମତାଯୁକ୍ତ ବୁଦ୍ଧି ଦିବ୍ୟ ତାତ୍ପର୍ଯ୍ୟ ଏବଂ ଦିବ୍ୟ ମାର୍ଗଦର୍ଶନଟିରହିଁ ସନ୍ଧାନ କରି ବାହାରିଥିବ । ତା' ଉପରେ ଆସି ଲଦା ହୋଇଥିବା ସକଳ ସୀମା ଓ ବାଡ଼କୁ ପାର ହୋଇଯାଇ ସେ ବିଶ୍ୱଶକ୍ତିର ସେହି ସ୍ୱେଚ୍ଛାକୃତ ଆତ୍ମ-ପରିସୀମନଟିକୁ ଦେଖି ପାରୁଥିବ, ଯାହା ଦ୍ୱାରା କି ସେହି ଶକ୍ତି ଆପଣାର ପଦକ୍ଷେପ ଏବଂ ସୋପାନକ୍ରମଟିକୁ ନିୟନ୍ତ୍ରିତ କରିବାରେ ଲାଗିଛି;—ଏହି ପଦକ୍ଷେପ ଓ କ୍ରମ ଆମର ଅଜ୍ଞାନଟି ଉପରେ ବାହାରୁ ଆଣି ଲଦି ଦିଆଯାଇଥିବା ପରି ପ୍ରତୀତ ହେଉଛି, ମାତ୍ର ଦିବ୍ୟ ଆତ୍ମଜ୍ଞାନର ଭୂମିରେ ତାହା ସ୍ୱେଚ୍ଛାପୂର୍ବକହିଁ ଆପଣା ଉପରେ ଲଦା ହୋଇ ରହିଛି;—ଏବଂ ଏହିଭଳି ଭାବରେ ଅତିକ୍ରମ କରିଯାଇ ସମତାଯୁକ୍ତ ବୁଦ୍ଧି ସେହି ପରମ ଦିବ୍ୟତାଙ୍କର ଅପାର ଶକ୍ତିମତ୍ତାଟି ସହିତ ଏକତ୍ୱବଦ୍ଧ ହୋଇ ରହିବ । ସକଳ ଶକ୍ତିମତ୍ତା ଏବଂ କର୍ମକୁ ତାହା ସେହି ଏକ ପରମ ଅସ୍ତିତ୍ୱର ଶକ୍ତିମତ୍ତାରୂପେହିଁ ପ୍ରତ୍ୟକ୍ଷ କରିବ ଏବଂ ସେଗୁଡ଼ିକର ବିକୃତିଗୁଡ଼ିକୁ ସେହି ଗତିସ୍ପନ୍ଦନଟି ସକାଶେ ଆବଶ୍ୟକ ହୋଇଥିବା ଶକ୍ତିଗୁଡ଼ିକର ଅପୂର୍ଣ୍ଣତା ବୋଲି ଜାଣିବ; ଏକ ବିକାଶଶୀଳ ଗତିସ୍ପନ୍ଦନ ମଧ୍ୟରେ ସେଗୁଡ଼ିକୁ ସେ ଅନିବାର୍ଯ୍ୟ ବୋଲି ଗ୍ରହଣ କରିବ । ତେଣୁ ସକଳ ଅପରିପୂର୍ଣ୍ଣତା ପ୍ରତି ସେ ଉଦାରତା ରଖିବ, ଏପରିକି ଏକ ବିଶ୍ୱାତ୍ମକ ପୂର୍ଣ୍ଣତା ଆଡ଼କୁ ଅବିଚଳିତ ଭାବରେ ରୂପ ଦେବାରେ ଲାଗିଥିଲେ ମଧ୍ୟ ସେ ଅପୂର୍ଣ୍ଣତା-ଗୁଡ଼ିକୁ ଉଦାରତା ସହିତ ଦେଖିବ । ଏହି ସମତା ପ୍ରକୃତିକୁ ସେହି ଦିବ୍ୟ ତଥା ବିଶ୍ୱାତ୍ମକ ସଂକଳ୍ପର ମାର୍ଗଦର୍ଶନ ଲାଗି ଉନ୍ମୁକ୍ତ କରି ଦେଇଯିବ ଏବଂ ତାକୁ ସେହି ଅତିମାନସ କ୍ରିୟାଟି ଲାଗି ପ୍ରସ୍ତୁତ କରି ରଖିବ, ଯେଉଁଠାରେ କି ଆମରି ଭିତରେ ରହିଥିବା ଆତ୍ମାର ଶକ୍ତି ସେହି ସର୍ବୋଚ୍ଚ ପରମାତ୍ମାର ଶକ୍ତିଟି ଦ୍ୱାରା ଜ୍ୟୋତିର୍ମୟ ଭାବରେ ପରିପୂର୍ଣ୍ଣ ହୋଇ ରହେ, ତାହାରି ସହିତ ଏକରୂପ ହୋଇଯାଏ ।

'oaob.nitrkl.ac.in' images reprocessed

ପ୍ରକୃତିର ଆବଶ୍ୟକତା ଅନୁସାରେ ଏବଂ ଅନ୍ତର୍ଗତ ଚିଦ୍‌ଗତତା ଅର୍ଥାତ୍ ଅନ୍ତର୍ଯାମୀଙ୍କର ମାର୍ଗଦର୍ଶନ ଅନୁସାରେ ପୂର୍ଣ୍ଣଯୋଗ ନିଷ୍କ୍ରିୟ ତଥା ସକ୍ରିୟ ଦୁଇଟିଯାକ ପଦ୍ଧତିର ଉପଯୋଗ କରିବ । କେବଳ ନିଷ୍କ୍ରିୟ ମାର୍ଗଟି ମଧ୍ୟରେ ଏହା ଆପଣାକୁ ସୀମାବଦ୍ଧ କରି ରଖିବ ନାହିଁ, କାରଣ ତଦ୍ଦ୍ୱାରା ପରିଣାମତଃ କେବଳ କୌଣସି ଏକ ପ୍ରକାରର ବ୍ୟକ୍ତିସୀମିତ ନିବୃତ୍ତିମୂଳକ ମୁକ୍ତିହିଁ ଉପଲବ୍ଧ ହେବ, ଏବଂ ଏକ କ୍ରିୟାଶୀଳ ତଥା ବିଶ୍ୱାତ୍ମକ ଚିଦ୍‌ଗତ ସତ୍ତାକୁ ସାଧନାଭୂମିରୁ ନିଷିଦ୍ଧ କରି ରଖାଯିବ; ଏବଂ ପୂର୍ଣ୍ଣ-ଯୋଗର ଉଦ୍ଦେଶ୍ୟଗତ ସମଗ୍ରତାଟି ସହିତ ଏହାର ଆଦୌ କୌଣସି ସଙ୍ଗତି ରହିବ ନାହିଁ । ପୂର୍ଣ୍ଣଯୋଗ ସହନଶୀଳତାର ପ୍ରଣାଳୀଟିକୁ କାମରେ ଲଗାଇବ, ମାତ୍ର କେବଳ କୌଣସି ପ୍ରକାରର ଅନାସକ୍ତ ଶକ୍ତିସମ୍ପନ୍ନତା ଏବଂ ଶାନ୍ତିମଗ୍ନତାକୁ ନେଇ ତାହା କଦାପି ଅଧବାଟରେ ଅଟକି ଯିବ ନାହିଁ; ବରଂ ତାହା ଏକ ଭାବାତ୍ମକ ଶକ୍ତିସମ୍ପନ୍ନତା ତଥା ପ୍ରଭୁତ୍ୱଲାଭ ଆଡ଼କୁ ଅଗ୍ରସର ହୋଇଯିବ, ଯେତେବେଳେ କି ସହନଶୀଳତାର ଆଉ କୌଣସି ପ୍ରୟୋଜନ ନଥିବ, କାରଣ ସେତେବେଳେ ଆତ୍ମା ଶାନ୍ତ, ଶକ୍ତିଶାଳୀ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ବିଶ୍ୱାତ୍ମକ ଶକ୍ତିମତ୍ତାର ଅଧିକାରୀ ହୋଇ ରହିଥିବ ଏବଂ ବଡ଼ ସହଜ ଏବଂ ସୁଖକର ଭାବରେ ସେହି ଏକତ୍ୱ ତଥା ଆନନ୍ଦ ଭିତରେ ଆପଣାର ଯାବତୀୟ ପ୍ରତିକ୍ରିୟାକୁ ନିର୍ଦ୍ଧାରିତ କରିଦେଇ ପାରୁଥିବ । ତଟସ୍ଥ ଉଦାସୀନତାର ମାର୍ଗଟିକୁ ମଧ୍ୟ ତାହା କାମରେ ଲଗାଇବ, ମାତ୍ର ଏହି ମାର୍ଗରେ ଯାଇ ଶେଷରେ ସକଳ ବସ୍ତୁ ପ୍ରତି ଏକ ବିଲଗ ଉଦାସୀନତାରେ ପହଞ୍ଚି ଯିବ ନାହିଁ; ବରଂ ଏକ ଉଚ୍ଚାବସ୍ଥିତ ତଟସ୍ଥ ଜୀବନ-ସ୍ୱୀକୃତି ଆଡ଼କୁ ଅଗ୍ରସର ହୋଇ ଚାଲିଯିବ ଯାହାକି ସକଳ ଅନୁଭବକୁ ସମତାଯୁକ୍ତ ଆତ୍ମାର ବୃହତ୍ତର ମୂଲ୍ୟଗୁଡ଼ିକରେ ରୂପାନ୍ତରିତ କରିଦେବା ଲାଗି ଯଥେଷ୍ଟ ଶକ୍ତି ରଖିଥିବ । ସବୁକିଛୁକୁ ନୀରବରେ ସହ୍ୟ କରିଯିବାର ଏବଂ ନତ ହୋଇ ସ୍ୱୀକାର କରିନେବାର ମାର୍ଗଟିକୁ ମଧ୍ୟ ସେ ସାମୟିକ ଭାବରେ କାମରେ ଲଗାଇବ, ମାତ୍ର ଆପଣାର ବ୍ୟକ୍ତିସତ୍ତାଟିକୁ ସେହି ପରମ ଦିବ୍ୟସତ୍ତା ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖି ତାହା ସେହି ସର୍ବାଧିକାରୀ ଆନନ୍ଦରହିଁ ଉପଲବ୍ଧି କରିବ, ଯେଉଁଥିରେ କି ନୀରବ ସହିଷ୍ଣୁତାର ଆଉ କୌଣସି ପ୍ରୟୋଜନ ନଥିବ; ବିଶ୍ୱାତ୍ମକ ସତ୍ତା ସହିତ ପରିପୂର୍ଣ୍ଣ ସୌଷମ୍ୟର ଉପଲବ୍ଧି କରିବ, ଯାହାକୁ କେବଳ ଏକ ନୀରବ ସମ୍ମତି ବୋଲି କଦାପି ବୁଝାଯାଇ ପାରିବ ନାହିଁ, ମାତ୍ର ଯାହାକୁ କେବଳ ସର୍ବଗ୍ରାସୀ ଏକତ୍ୱ ବୋଲିହିଁ ବୁଝାଯିବ; ତା'ର ଏହି ପ୍ରାକୃତ ସତ୍ତାଟି ସେହି ପରମ ଦିବ୍ୟସତ୍ତାଟି ପାଖରେ ଏକ ପରିପୂର୍ଣ୍ଣ ଓ ପୂର୍ଣ୍ଣପ୍ରସ୍ତୁତ ନିମିତ୍ତ ହୋଇ ରହିବ, ତାହାରିହିଁ ଅଧୀନ ହୋଇ ରହିବ, ଯାହାଦ୍ୱାରା କି ସେହି ପରମ ଦିବ୍ୟସତ୍ତା ମଧ୍ୟ ବ୍ୟକ୍ତିର ଆତ୍ମା ଦ୍ୱାରା ବିଧୃତ ହୋଇ ରହିପାରିବେ । ଭାବାତ୍ମକ ମାର୍ଗଟିକୁ ତାହା ପୂର୍ଣ୍ଣ ଭାବରେ କାର୍ଯ୍ୟରେ ଲଗାଇବ; ମାତ୍ର ତଥାପି ବସ୍ତୁଗୁଡ଼ିକର ଏପରି କୌଣସିପ୍ରକାର କେବଳ-

ବ୍ୟକ୍ତିଗତ ସ୍ୱୀକୃତିର ସୀମାକୁ ପାରହୋଇ ଚାଲିଯିବ, ଯାହାର ଜୀବନକୁ କେବଳ ପୂର୍ଣ୍ଣତାପ୍ରାପ୍ତ ବ୍ୟକ୍ତିଗତ ଜ୍ଞାନ, ସାମର୍ଥ୍ୟ ଓ ଆନନ୍ଦର ଏକ କ୍ଷେତ୍ରରେ ପରିଣତ କରି ରଖିବାକୁହିଁ କାର୍ଯ୍ୟ କରୁଥିବ ବା ଅଭିପ୍ରାୟ ରଖିଥିବ । ବ୍ୟକ୍ତିଗତ ଜ୍ଞାନ ଆଦି ସେ ଅବଶ୍ୟ ଲାଭ କରିବ, ମାତ୍ର ସେହି ଏକତ୍ୱଟିକୁ ମଧ୍ୟ ଲାଭ କରିବ, ଯାହା ଦ୍ୱାରା କି ସେ ଅନ୍ୟମାନଙ୍କର ଅସ୍ତିତ୍ୱଟି ମଧ୍ୟରେ ସେମାନଙ୍କର କଲ୍ୟାଣ ଲାଗିହିଁ ଯାଇ ବାସ କରିପାରିବ; ସେ କେବଳ ନିଜ ଲାଗିହିଁ ଜୀବନଧାରଣ କରିବ ନାହିଁ ଏବଂ ସେ ନିଜେ ଯେଉଁ ପୂର୍ଣ୍ଣତାଟିକୁ ଲାଭ କରିପାରିଛି, ସେହି ଆଡ଼କୁ ଅଗ୍ରସର ହେବାରେ ଅନ୍ୟମାନଙ୍କୁ ମଧ୍ୟ ସାହାଯ୍ୟ କରିବ, ସେମାନଙ୍କ ସକାଶେ ଏକ ସାଧନ, ଏକ ସଂଯୋଜିତ ତଥା ସହାୟକ ଶକ୍ତି ହୋଇ ରହିଥିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ପରମ ଦିବ୍ୟସ୍ୱରୂପଙ୍କ ଲାଗିହିଁ ଜୀବନ ବଞ୍ଚୁଥିବ, ମାତ୍ର ଜଗତ୍-ସତ୍ତାକୁ ପରିତ୍ୟକ୍ତ କରି ରଖି ନଥିବ, ଏ ଲୋକ ବା ସେ ଲୋକ ପ୍ରତି ଆସକ୍ତ ହୋଇ ରହି ନଥିବ, କିଂବା ବିଶ୍ୱାତୀତ ଆଉ କୌଣସି ମୁକ୍ତିର ଲାଳସା ମଧ୍ୟ ରଖି ନଥିବ; ମାତ୍ର ଆପଣାର ସକଳ ଭୂମିରେ ସବୁରି ମଧ୍ୟରେ ରହିଥିବା ପରମ ଦିବ୍ୟତାଟି ସହିତ ସମାନ ଭାବରେ ଏକ ହୋଇ ରହିଥିବ ଏବଂ ଶୁଦ୍ଧ ଆତ୍ମସତ୍ତାରେ ହେଉ ବା ତାହାର ଅଭିବ୍ୟକ୍ତ ରୂପଟି ମଧ୍ୟରେ ହେଉ, ସମାନ ଭାବରେ ସେହି ଦିବ୍ୟସତ୍ତାରେହିଁ ଜୀବନ ବଞ୍ଚିବାକୁ ସମର୍ଥ ହୋଇଥିବ ।

'oaob.nitrkl.ac.in' images reprocessed

ତ୍ରୟୋଦଶ ପରିଚ୍ଛେଦ

# ସମତାର କ୍ରିୟା

ପୂର୍ବବର୍ତ୍ତୀ ଅଧ୍ୟାୟଟିରେ ସମତାର ଯେଉଁସବୁ ଭେଦନିରୂପଣ କରାଯାଇଛି, ସମତାର ସ୍ଥିତିଟି କହିଲେ ପ୍ରକୃତରେ କ'ଣ ବୁଝାଏ, ସେଥିରୁ ତାହା ଅବଶ୍ୟ ଯଥେଷ୍ଟ ଭାବରେ ସ୍ପଷ୍ଟ ହୋଇ ଯାଇଥିବ । ସମତା କହିଲେ ଖାଲି କୌଣସି ନୀରବ ସ୍ୱୀକୃତି ବା ଉଦାସୀନତାକୁ ବୁଝାଏ ନାହିଁ, ଅନୁଭୂତିର କ୍ଷେତ୍ରରୁ ଆପଣାକୁ ପ୍ରତ୍ୟାହୃତ କରି ନେଇଯିବାକୁ ବୁଝାଏ ନାହିଁ; ମାତ୍ର ମନ ତଥା ପ୍ରାଣର ବର୍ତ୍ତମାନ ପ୍ରତିକ୍ରିୟାଗୁଡ଼ିକ ଅପେକ୍ଷା ଏକ ଉଚ୍ଚତର ସ୍ଥିତିକୁ ବୁଝାଏ । ସମତାକୁ ଆମେ ଜୀବନ ଉଦ୍ଦେଶ୍ୟରେ ଆପଣାର ପ୍ରତ୍ୟୁତ୍ତର ଜଣାଇବାର ଆଧ୍ୟାତ୍ମିକ ମାର୍ଗଟି ବୋଲି କହିବା, ଅଥବା, ବରଂ ଆଧ୍ୟାତ୍ମିକ ରୀତିରେହିଁ ଜୀବନକୁ ଗ୍ରହଣ କରିନେଇ ଆତ୍ମା ତଥା ତଦ୍‌ଗତତାର କ୍ରିୟାଟି ଲାଗି ତାହାକୁ ଏକ ପରିପୂର୍ଣ୍ଣ ରୂପାୟନରେ ପରିଣତ ହେବା ସକାଶେ ବାଧ୍ୟ କରିବା ବୋଲି କହିପାରିବା । ସମତା ହେଉଛି ଜୀବନ ଉପରେ ଆତ୍ମାର ପ୍ରଭୁତ୍ୱଲାଭ କରିବାର ପ୍ରଥମ ରହସ୍ୟ । ଯେତେବେଳେ ଆମେ ପୂର୍ଣ୍ଣ ଭାବରେ ତାହାର ଅଧିକାରୀ ହୋଇପାରୁ, ସେତେବେଳେ ଆମେ ଦିବ୍ୟ ଆଧ୍ୟାତ୍ମିକ ପ୍ରକୃତିର ଖାସ୍ ଭୂମିଟି ଭିତରକୁ ପ୍ରବେଶାଧିକାର ପାଇଯାଉ । ଶରୀରବଦ୍ଧ ମନୋମୟ ସତ୍ତା ପ୍ରାଣକୁ ବାଧ୍ୟ ଓ ଜୟ କରିବା ଲାଗି କେତେ ଚେଷ୍ଟା କରୁଥାଏ ସତ, ମାତ୍ର ପ୍ରତ୍ୟେକ ପଦରେ ସ୍ୱୟଂ ତାହାର ଦ୍ୱାରାହିଁ ବାଧ୍ୟ ହେବାରେ ଲାଗିଥାଏ, କାରଣ ପ୍ରାଣିକ ଆତ୍ମାର ବାସନା-ପ୍ରେରିତ ପ୍ରତିକ୍ରିୟାଗୁଡ଼ିକ ପାଖରେହିଁ ତାହା ନତଶିର ହୋଇ ରହିଥାଏ । ତେଣୁ ପ୍ରଭୁତ୍ୱଲାଭର ପ୍ରଥମ ସର୍ତ୍ତରୂପେ ସମତା ଅର୍ଜନ କରିବାକୁ ପଡ଼େ, ବାସନାଗତ କୌଣସି ରୂପରେ ପରାଭୂତ ହୋଇ ନପଡ଼ିବାରେ ସମର୍ଥ ହେବାକୁ ପଡ଼େ, ଆତ୍ମ-ସାମ୍ରାଜ୍ୟର ସ୍ଥାପନ ହେଉଛି ଏହାର ମୂଳ ଭିତ୍ତି । ମାତ୍ର କେବଳ ଏକ ମନୋମୟ ସମତା, ତାହା ଯେତେ ମହାନ୍ ହୋଇଥିଲେ ମଧ୍ୟ, ତାହା ନୀରବରେ ନିବୃତ୍ତ ଭାବରେ ସମ୍ପନ୍ନ ହୋଇଯିବାର ପ୍ରବୃତ୍ତିଟି ଦ୍ୱାରା ସଦାବ୍ୟାହତ ହୋଇ ରହିଥାଏ । ସଂକଳ୍ପ ତଥା କ୍ରିୟାର କ୍ଷେତ୍ରରେ ଆପଣାକୁ ସୀମା ଦ୍ୱାରା ବାନ୍ଧିରଖି ତାହାକୁ

'oaob.nitrkl.ac.in' images reprocessed

ବାସନାର କବଳରୁ ବଞ୍ଚାଇ ରଖିବାକୁ ହୁଏ । କେବଳ ଆତ୍ମାହିଁ ଏପରି ଗୋଟିଏ ସତ୍ତା, ଯାହାକି ସଂକଳ୍ପର ଉଦାତ୍ତ ଅକ୍ଷୁବ୍ଧ କ୍ଷିପ୍ରତାଗୁଡ଼ିକୁ ତଥା ଅସୀମ ଧୈର୍ଯ୍ୟଶକ୍ତିକୁ ଏକାଠି ଧାରଣ କରି ରଖିପାରେ, କେବଳ ଆତ୍ମାହିଁ ଏକ ମନ୍ଦ ଏବଂ ସ୍ୱେଚ୍ଛାପ୍ରେରିତ ତଥା କ୍ଷିପ୍ର ଏବଂ ଉଗ୍ର କର୍ମରେ ସମାନ ଭାବରେ ସମଯୋଗ୍ୟ ହୋଇ ରହିପାରେ, ନିରାପଦ ଭାବରେ ଘାରି ହୋଇଥିବା ଓ ସୀମାଙ୍କିତ ହୋଇ ରହିଥିବା ଅଥବା ବିଶାଳ ତଥା ବୃହତ୍ତ୍ କର୍ମରେ ସମାନ ଭାବରେ ଦୃଢ଼ସ୍ଥିତ ହୋଇ ରହିପାରେ । ବିଶ୍ୱକ୍ଷେତ୍ରର ସଂକୀର୍ଣ୍ଣତମ ବୃତ୍ତିଟି ଭିତରେ ତାହା କ୍ଷୁଦ୍ରତମ କର୍ମଟିକୁ ସ୍ୱୀକାର କରି ନେଇପାରେ, ମାତ୍ର ତାହା ଅତ୍ରିକକତାର ପୃଷ୍ଠି ଉପରେ ରହି ମଧ୍ୟ କାର୍ଯ୍ୟ କରିପାରେ ଏବଂ ସମୁଚିତ ବୋଧ ତଥା ସୃଜନଶୀଳ ସାମର୍ଥ୍ୟ ସହିତ ତାହା କରିପାରେ । ଆତ୍ମା ଏସବୁ ପ୍ରକୃତିରେ କରିପାରେ, କାରଣ ଆପଣାର ଅସକ୍ତିହୀନ ଅଥଚ ଅନ୍ତରଙ୍ଗ ସ୍ୱୀକୃତିଟି ଦ୍ୱାରା ତାହା ଉଭୟଟି ମଧ୍ୟକୁ ଏକ ଅନନ୍ତ ପ୍ରଶାନ୍ତି, ଜ୍ଞାନ, ସଂକଳ୍ପ ଏବଂ ଶକ୍ତିମତ୍ତା ବହନ କରି ଆଣିପାରେ । ଏହା ସେହି ଆସକ୍ତିହୀନତାର ଅଧିକାରୀ ହୋଇଥାଏ, କାରଣ ଆପଣାର ଭୂମିବିସ୍ତାରଟି ମଧ୍ୟରେ ଗ୍ରହଣ କରି ନେଉଥିବା ଯାବତୀୟ ଘଟଣା, ରୂପାୟନ, ଧାରଣା ଏବଂ ଗତିସ୍ପନ୍ଦନଠାରୁ ତାହା ସତତ ଊର୍ଦ୍ଧ୍ୱରେ ରହିଥାଏ; ଏବଂ ଆତ୍ମା ସେହି ଅନ୍ତରଙ୍ଗ ସ୍ୱୀକୃତିର ସମର୍ଥ ହୋଇଥାଏ, କାରଣ ତାହା ସକଳ ବସ୍ତୁ ସହିତ ତଥାପି ଅଭିନ୍ନ ହୋଇ ରହିଥାଏ । ଯଦି ଆମ ପାଖରେ ଏହି ପାଶମୁକ୍ତ ଏକତ୍ୱର (ଏକତ୍ୱମ୍ ଅନୁପଶ୍ୟତଃ) ଅଭାବ ଥାଏ, ତେବେ ତଦ୍‌ଗତ ସମତା ଅର୍ଜନ କରିବା ଲାଗି ତଥାପି ବିଳମ୍ବ ରହିଥାଏ ।

ସାଧକଠାରେ ଏହି ପରିପୂର୍ଣ୍ଣ ସମତାଟି ରହିଛି କି ନାହିଁ, ଏହି ବାଟରେ ସେ ପ୍ରକୃତରେ କେତେଦୂର ଅଗ୍ରସର ହୋଇପାରିଛି, ଅଥବା କେଉଁଠି କୌଣସି ତ୍ରୁଟି ରହିଛି, ଏକଥାଟି ଭଲ ଭାବରେ ଦେଖିବା ଏବଂ ଅବିଚଳିତ ଭାବରେ ତା'ର ପ୍ରକୃତି ଉପରେ ଆପଣାର ସଂକଳ୍ପଶକ୍ତିର ପ୍ରୟୋଗ କରିବା ବା ସେହି ତ୍ରୁଟି ତଥା ତାହାର କାରଣଗୁଡ଼ିକରୁ ତାକୁ ମୁକ୍ତ କରିଦେବା ଲାଗି ପୁରୁଷର ସଂକଳ୍ପକୁ ଆବାହନ କରି ଆଣିବା ହେଉଛି ତାହାର ପ୍ରଥମ କର୍ତ୍ତବ୍ୟ । ତା'ର ଚ୍ଛୁଟୋଟି କଥା ଅବଶ୍ୟ ରହିବା ଦରକାର । ପ୍ରଥମଟି ହେଉଛି ସମତା; ଏଠାରେ ସମତା କହିଲେ ଆମେ ଶବ୍ଦଟିର ମୂର୍ତ୍ତିତମ ବ୍ୟାବହାରିକ ଅର୍ଥରେ ତାହାକୁ ବୁଝିବା ଲାଗି ଚେଷ୍ଟା କରିବା । ସମତା, ଅର୍ଥାତ୍ ଆପଣାର ମାନସିକ, ପ୍ରାଣିକ ତଥା ଭୌତିକ ରୁଚି-ଅରୁଚି ଅଥବା ଅଗ୍ରରୁଚିଗୁଡ଼ିକର ବନ୍ଧନରୁ ମୁକ୍ତ ହୋଇ ଆସିବା; ଆପଣା ଭିତରେ ଏବଂ ଆପଣାର ଚତୁର୍ଦ୍ଦିଗରେ ରହିଥିବା ପରମେଶ୍ୱରଙ୍କର ଯାବତୀୟ କରଣିକୁ ସମ ଭାବରେ ସ୍ୱୀକାର କରିନେବା । ଦ୍ୱିତୀୟ କଥାଟି ହେଉଛି ଶାନ୍ତି, ଅର୍ଥାତ୍ ଆପଣାକୁ ଏକ ଦୃଢ଼ ଶାନ୍ତଭାବ ମଧ୍ୟରେ ଅବସ୍ଥିତ କରି ରଖାଇବା ଏବଂ ସକଳ ଉଦ୍‌ବେଳନ ତଥା

'oaob.nitrkl.ac.in' images reprocessed

ବିକ୍ଷୁବ୍ଧତାରୁ ମୁକ୍ତ ରହିବା । ତୃତୀୟଟି ହେଉଛି ସୁଖ, ଅର୍ଥାତ୍ ଏକ ଭାବାତ୍ମକ ଅନ୍ତର୍ଗତ ଆଧ୍ୟାତ୍ମିକ ସୁଖ ଏବଂ ପ୍ରାକୃତ ସତ୍ତାର ଏକ ଆଧ୍ୟାତ୍ମିକ ସହଜଭାବ, ଯାହାକି କୌଣସି କାରଣରୁ ମଧ୍ୟ ଊଣା ହୋଇଯାଇ ନଥିବ । ଏବଂ ଚତୁର୍ଥ କଥାଟି ହେଉଛି ଆତ୍ମାର ଏକ ସ୍ୱଚ୍ଛ ହର୍ଷଭାବ ଏବଂ ହାସ୍ୟମୟତା, ଯାହାକି ଆପଣାକୁ ସମଗ୍ର ଜୀବନ ଓ ସମଗ୍ର ଅସ୍ତିତ୍ୱ ଉପରେ ସଂପ୍ରସାରିତ କରି ରଖି ପାରୁଥିବ । ସମ ହେବା, ଅର୍ଥାତ୍ ଅନନ୍ତ ହେବା, ବିଶ୍ୱପ୍ରବିଷ୍ଟ ହେବା, ଆପଣାକୁ କୌଣସିପ୍ରକାର ସୀମା ଭିତରେ ବାନ୍ଧି ନରଖିବା, ମନ ଅଥବା ପ୍ରାଣର ଏ ରୂପଟି ବା ସେ ରୂପଟି ସହିତ କିଂବା ତାହାର ଖଣ୍ଡିତ ଅନୁଭୂତି ଓ ବାସନାଗୁଡ଼ିକ ସହିତ ଆପଣାକୁ କୌଣସିପ୍ରକାରେ ବାନ୍ଧି ନରଖିବା । ମାତ୍ର ଯେହେତୁ ମନୁଷ୍ୟ ତାହାର ବର୍ତ୍ତମାନର ସାଧାରଣ ପ୍ରକୃତିଟିରେ ତାହାର ମନୋଗତ ଏବଂ ପ୍ରାଣିକ ରୂପାୟନଗୁଡ଼ିକ ଦ୍ୱାରା ଜୀବନ ବଞ୍ଚୁଛି, ଆପଣା ଆତ୍ମାର ସ୍ୱତନ୍ତ୍ରତା ମଧ୍ୟରେ ଜୀବନଧାରଣ କରୁ ନାହିଁ, ତେଣୁ ସେଗୁଡ଼ିକ ପ୍ରତି ଆସକ୍ତ ଏବଂ ସେଗୁଡ଼ିକ ତାକୁ ନେଇ ଯେଉଁସବୁ ବାସନା ଏବଂ ଅଭିରୁଚିର ଜାଲରେ ପକାଇ ଦିଅନ୍ତି, ସେଇଟି ମଧ୍ୟ ତାହାର ସାଧାରଣ ଜୀବନସ୍ଥିତି ହୋଇ ରହିଛି । ସେଗୁଡ଼ିକୁ ସ୍ୱୀକାର କରିନେବା ବ୍ୟତୀତ ପ୍ରଥମେ ଆଉ କୌଣସି ପଥ ନାହିଁ; ସେଗୁଡ଼ିକର ସୀମା-ଗୁଡ଼ିକୁ ପାର ହୋଇଯିବା ଅତିମାତ୍ରାରେ କଷ୍ଟକର, ଏବଂ ସମ୍ଭବତଃ, ଆମେ ଯେପର୍ଯ୍ୟନ୍ତ ଏହି ମନକୁହିଁ ଆମ କ୍ରିୟାର ସର୍ବମୁଖ୍ୟ ସାଧନରୂପେ ବ୍ୟବହାର କରିବାକୁ ବାଧ୍ୟ ହେଉଥିବା, ସେପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ଭାବରେ ସମ୍ଭବ ବି ହେବ ନାହିଁ । ତେଣୁ, ସେଗୁଡ଼ିକ ମଧ୍ୟରେ ଯେଉଁ ଦଂଶନଶକ୍ତି ରହିଛି, ଯେଉଁ ନାହୁଡ଼ଟି ରହିଛି, ଅନ୍ତତଃ ସେଇଟିକୁ ବାହାର କରିନେବା ହେଉଛି ସର୍ବପ୍ରଥମ ଆବଶ୍ୟକତା; ସେଗୁଡ଼ିକ ଆମର ଉପରେ ଗୁଡ଼ାଇ ହୋଇ ରହିଥିଲେ ମଧ୍ୟ ସେଗୁଡ଼ିକ ଯେପରି ଆଉ ପ୍ରବଳ ହୋଇ ନପାରିବେ, ଆପଣାର ବର୍ତ୍ତମାନର ଅହଂକାରଟିକୁ ଛାଡ଼ିଦେବେ, ଆମ ପ୍ରକୃତିଟି ଉପରେ ଏହାଠାରୁ ଅଧିକ ତୀବ୍ର ଓ ଜ୍ୱାଳାମୟ ଭାବରେ ଆଉ କୌଣସି ଦାବି କରିବାକୁ ଆସିବେ ନାହିଁ, ତାହାହିଁ ସର୍ବପ୍ରଥମ ଆବଶ୍ୟକତା ।

ଏହି ବିଷୟଟିକୁ ଆମେ ସାଧ୍ୟ କରି ପାରିଲୁଣି କି ନାହିଁ, ଆମର ମନ ତଥା ଆତ୍ମାରେ ଏକ ଅବିଚଳିତ ଶାନ୍ତି ବିଦ୍ୟମାନ ରହିବାକୁହିଁ ଆମେ ତାହାର କଷଟି ବୋଲି ଜାଣିବା । ସାଧକ ମନର ପଛରେ ରହି ସଚେତଥିବା ସେହି ସାକ୍ଷୀ ତଥା ଅକଲ୍ପମୟ ପୁରୁଷଟି ପରି ସବୁ ଦେଖୁଥିବ; ଅଥବା, ତା'ଠାରୁ ଆହୁରି ଭଲ ହେବ, ସେଥିଲାଗି ପ୍ରସ୍ତୁତ ହୋଇଯିବା ସଙ୍ଗେସଙ୍ଗେ ସେ ସେହି ମନର ଉପରେ ଅବସ୍ଥିତ ରହି ସବୁ ଦେଖୁଥିବ, ଏବଂ ଆପଣାର ମନରେ ଉତ୍ପନ୍ନ ହେଉଥିବା ଅଶାନ୍ତି, ଚିନ୍ତା, ଶୋକାକୁଳତା, ବିଦ୍ରୋହିତା ଏବଂ ବିକ୍ଷୁବ୍ଧତାର ଏତେଟିକିଏ ବି ଲକ୍ଷଣ ବା ପ୍ରସଙ୍ଗକୁ ଆପଣାଠାରୁ ଦୂର କରି ଦେଉଥିବ । ଏହିସବୁ ଆସି ପହଞ୍ଚିବା ମାତ୍ରକେ, ସେ

'oaob.nitrkl.ac.in' images reprocessed

ତତ୍‌କ୍ଷଣାତ୍ ସେଗୁଡ଼ିକ କେଉଁଠାରୁ ଆସିଲେ ତାହା ଜାଣିବାକୁ ଚେଷ୍ଟା କରିବ, ସେଗୁଡ଼ିକ ସୃଷ୍ଟି କରିଥିବା ତ୍ରୁଟିକୁ, ଅହଂପ୍ରେରିତ ଯାବତୀୟ ଦାବିର ଦୋଷଟିକୁ ତଥା ସେଗୁଡ଼ିକ ଉଦ୍‌ଭୂତ ହୋଇ ଆସୁଥିବା ସେହି ପ୍ରାଣିକ ବାସନା, ସଂବେଗ ବା ଭାବନାକୁ ସଙ୍ଗେସଙ୍ଗେ ଖୋଜି ବାହାର କରିବ; ଏବଂ ଏହାକୁ ସେ ଆପଣାର ସଂକଳ୍ପ-ଶକ୍ତି, ତା'ର ଅଧ୍ୟାତ୍ମପ୍ରେରିତ ବୁଦ୍ଧି ଏବଂ ତା' ସତ୍ତାର ପରମପ୍ରଭୁଙ୍କ ସହିତ ତା' ଆତ୍ମିକ ସତ୍ତାର ଏକତ୍ୱଟି ଦ୍ୱାରା କ୍ଷୀଣ ଓ ନିସ୍ତେଜ କରି ରଖିବ । କୌଣସି ପରିସ୍ଥିତିରେ ମଧ୍ୟ ସେ ସେଗୁଡ଼ିକ ଲାଗି କୌଣସି ବାହାନା ଖୋଜି ଯିବ ନାହିଁ; ସେହି ବାହାନା ଯେତେ ବେଶୀ ସ୍ୱାଭାବିକ ଏବଂ ଦେଖିବାକୁ ଯୁକ୍ତିଯୁକ୍ତ ଓ ସତ୍ୟସୂଚକ ହୋଇଥାଉ ପଛକେ, କୌଣସି ପ୍ରକାର ଅନ୍ତର୍ଗତ ବା ବାହ୍ୟ କାରଣ ତାହାକୁ ଉଚିତ ବୋଲି ଦେଖାଇବାକୁ ଚେଷ୍ଟା କରୁଥାଉ ପଛକେ, ସେ ତାହାକୁ କଦାପି ଅଙ୍ଗୀକାର କରିନେବ ନାହିଁ । ଯଦି ତା' ସତ୍ତାର ପ୍ରାଣାଂଶହିଁ ଏହିପରି ବିକ୍ଷୁବ୍ଧ ହେଉଥିବ ବା କୋଳାହଳ କରିବାରେ ଲାଗିଥିବ, ତେବେ ସେ ଆପଣାକୁ ସେହି ବିକ୍ଷୁବ୍ଧ ପ୍ରାଣଠାରୁ ଅଲଗା କରିଦେବ, ବୁଦ୍ଧି ମଧ୍ୟରେହିଁ ତା'ର ଉଚ୍ଚତର ପ୍ରକୃତିଟିକୁ ଆସୀନ କରି ରଖିବ ଏବଂ ବୁଦ୍ଧି ଦ୍ୱାରାହିଁ ତା' ଭିତରେ ରହିଥିବା ବାସନାତ୍ମାଟିକୁ ମଣ କରିନେବ, ତାହାର ଦାବିଟିକୁ ପରିତ୍ୟାଗ କରିବ । ଠିକ୍ ସେହିପରି ଯଦି ତା'ର ସଂବେଗପୀଡ଼ିତ ହୃଦୟଟାହିଁ ଏହିପରି ବିକ୍ଷୁବ୍ଧ ହୋଇ ରହିଥିବ ବା ଏହିପରି କୋଳାହଳ କରିବାରେ ଲାଗିଥିବ, ସେହି କ୍ଷେତ୍ରରେ ମଧ୍ୟ ସେ ତାହାହିଁ କରିବ । ମାତ୍ର ଅନ୍ୟ ପକ୍ଷରେ, ଯଦି ସ୍ୱୟଂ ତା'ର ସଂକଳ୍ପଶକ୍ତି ଓ ବୁଦ୍ଧିହିଁ ଏହି ଦୋଷରେ ଦୂଷିତ ହୋଇ ରହିଥିବ, ତେବେ ଉପଦ୍ରବଟିକୁ ଆପଣା କାବୁରେ ଆଣିବା ଅଧିକ କଷ୍ଟକର ହେବ, କାରଣ ସେତେବେଳେ ତା'ର ପ୍ରଧାନ ସହାୟକ ଓ ସାଧନଟିହିଁ ଦିବ୍ୟ ପରମ ଇଚ୍ଛା ବିରୁଦ୍ଧରେ କରାଯାଇଥିବା ବିଦ୍ରୋହଟିରେ ବିଦ୍ରୋହୀମାନଙ୍କର ସଙ୍ଗୀ ହୋଇ ରହିଥିବ ଏବଂ ତେଣୁ ନିମ୍ନତର ଜୀବନାଙ୍ଗଗୁଡ଼ିକର ସେହି ପୁରାତନ ପାପସବୁ ଏହି ସମ୍ମତିଟିର ଫାଇଦା ନେଇ ତଳକୁ ହୋଇ ରହିଥିବା ଆପଣାର ଶିରଗୁଡ଼ିକୁ ପୁନର୍ବାର ଉପରକୁ ଉଠାଇବାକୁ ଆରମ୍ଭ କରିବେ । ତେଣୁ ଗୋଟିଏ ମୁଖ୍ୟ କଥା ଉପରେ ସର୍ବଦା ଅଟଳ ଓ ଅତୁଟ ରହିବାକୁ ପଡ଼ିବ; ଅର୍ଥାତ୍ ଆମ ଜୀବନର ସେହି ପରମକର୍ତ୍ତାଙ୍କ ପାଖରେ ଆପଣାକୁ ସମର୍ପିତ କରି ରଖିବାକୁ ପଡ଼ିବ, ଆମର ଅନ୍ତର ଭିତରେ ତଥା ଜଗତ ଭିତରେ ରହିଥିବା ସେହି ସର୍ବୋଚ୍ଚ ପରମାତ୍ମସତ୍ତା ଏବଂ ବିଶ୍ୱମୟ ପରମ ଭଗବତ୍ତା ପାଖରେ ନେଇ ଆପଣାକୁ ଦେଇଦେବାକୁ ହେବ । ଏହି ସର୍ବପ୍ରଧାନ ବିଷୟଟିରେ ଏକାଗ୍ର ରହି ବୁଦ୍ଧିକୁ ଆପଣାର ଯାବତୀୟ ହୀନତର ଆଗ୍ରହ ଏବଂ ଅଭିରୁଚିଗୁଡ଼ିକୁ ନିରୁତ୍ସାହିତ କରି ରଖିବାକୁ ପଡ଼ିବ, ଏବଂ ସମଗ୍ର ସତ୍ତାଟିକୁ ଏହା ଶିଖାଇବାକୁ ପଡ଼ିବ ଯେ ତର୍କବିଚାର, ବ୍ୟକ୍ତିଗତ ଇଚ୍ଛା, ହୃଦୟସ୍ଥ ଅଥବା ପ୍ରାଣସ୍ଥ

'oaob.nitrkl.ac.in' images reprocessed

କାମନା-ଆତ୍ମା ଯେକୌଣସିଟିର ଜରିଆରେ ଆପଣାର ଦାବିଟିକୁ ବାଢ଼ି ରଖୁଥିଲେ ମଧ୍ୟ ଅହଂର ପ୍ରକୃତରେ କୌଣସି ଯଥାର୍ଥ ଦାବି ନାହିଁ ଏବଂ ସକଳପ୍ରକାର ଦୁଃଖ, ବିଦ୍ରୋହ, ଧୈର୍ଯ୍ୟର ଅଭାବ ତଥା ବିକ୍ଷୋଭକୁ ଆମେ ସତ୍ତାର କେବଳ ସେହି ପରମ-କର୍ତ୍ତାଙ୍କ ବିରୁଦ୍ଧରେହି ଏକ ହିଂସାଚରଣ ବୋଲି କହିପାରିବା ।

ଏହି ପରିପୂର୍ଣ୍ଣ ଆତ୍ମ-ସମର୍ପଣହିଁ ସାଧକର ସର୍ବପ୍ରଧାନ ନିର୍ଭରଭୂମି ହୋଇ ରହିବ, କାରଣ ଏହାହିଁ ହେଉଛି ଏକମାତ୍ର ପନ୍ଥା, ଯାହା ଦ୍ୱାରା କି ପରମ ନିଶ୍ଚଳତା ଏବଂ ଶାନ୍ତି ଉପଲବ୍ଧ ହୋଇପାରିବ । ଅବଶ୍ୟ ଯାବତୀୟ କର୍ମ ପ୍ରତି ପୂର୍ଣ୍ଣ ନିବୃତ୍ତିଭାବ ଏବଂ ଉଦାସୀନତା ଅବଲମ୍ବନ କରି ରହିବା ହେଉଛି ଏଥିଲାଗି ଆଉ ଏକ ପନ୍ଥା, ଏବଂ ପୂର୍ଣ୍ଣଯୋଗୀ ସେହି ବାଟଟିକୁ ତ୍ୟାଗ କରି ଆସିବ । ପରେ ଅଶାନ୍ତି ଆସିଲେ ତାହା ସତେଅବା ଲାଗିହିଁ ରହିଥାଏ, ଏବଂ ଏହି ଶୁଦ୍ଧୀକରଣ ଏବଂ ପୂର୍ଣ୍ଣତାପ୍ରାପ୍ତି ଲାଗି ଯେ ଦୀର୍ଘ କାଳ ଦେବାକୁ ପଡ଼େ, ସେଇଥିରେହିଁ ହତୋତ୍ସାହିତ କିଂବା ଅଧୈର୍ଯ୍ୟ ହୋଇପଡ଼ିବା ଲାଗି ଯେପରି ଆପଣାକୁ କେବେହେଲେ ଛାଡ଼ି ନଦିଆଯାଏ ! ଅଶାନ୍ତି ବାରବାର ଲେଉଟି ଆସେ, କାରଣ ପ୍ରକୃତି ମଧ୍ୟରେ ତଥାପି କୌଣସି ଉପାଦାନ ରହିଥାଏ, ଯାହାକି ସେହି ଅଶାନ୍ତି ପ୍ରତି ପ୍ରତିସ୍ପନ୍ଦନ ଜଣାଉଥାଏ; ଏବଂ ଅଶାନ୍ତିର ପୁନରାବିର୍ଭାବ ଭିତରେ ତ୍ରୁଟିଟି ରହିଛି ବୋଲି ପ୍ରକଟ ହୋଇଯିବାରେ ସହାୟତା କରେ, ସାଧକକୁ ସତର୍କ କରିଦିଏ ଏବଂ ଅଶାନ୍ତିର ନିରାକରଣ ଲାଗି ସଂକଳ୍ପଗତ ଏକ ଅଧିକ ସନ୍ଦୀପିତ ତଥା ସଙ୍ଗତିମୟ କ୍ରିୟାକୁ ସମ୍ଭବ କରାଇବାରେ ସାହାଯ୍ୟ କରେ । ଯେତେବେଳେ ଅଶାନ୍ତିଟି ଅତ୍ୟଧିକ ବଳଯୁକ୍ତ ହୋଇ ରହିଥାଏ ଓ ତା'ର ନିରାକରଣ କରିବା ଲାଗି ବଳ ନପାଇଲା ପରି ଲାଗେ, ତେବେ ତାହାକୁ ସେହିପରି ଅତିକ୍ରାନ୍ତ ହୋଇଯିବାକୁ ଦେବାକୁ ହୁଏ ଏବଂ ତାହାର ପ୍ରତ୍ୟାବର୍ତ୍ତନକୁ ଅଧ୍ୟାତ୍ମଭାବ ଦ୍ୱାରା ସମ୍ପ୍ରେରିତ ବୁଦ୍ଧିର ଏକ ବୃହତ୍ତର ସତର୍କତା ଏବଂ ଦୃଢ଼ତା ଦ୍ୱାରା ନିରୁତ୍ସାହିତ କରି ରଖିବାକୁ ପଡ଼େ । ଏହିପରି ଭାବରେ ଅବିରତ ଉଦ୍ୟମ ଲାଗି ରହିଥିଲେ, ଏହିସବୁ ବସ୍ତୁର ଶକ୍ତି କ୍ରମଶଃ ହ୍ରାସ ହେବାରେ ଲାଗିଛି ବୋଲି ଜଣା ପଡ଼ିବାକୁ ଲାଗେ, ଆପଣାର ପୁନରାବୃତ୍ତି ବେଳେ ସେଗୁଡ଼ିକ କ୍ରମଶଃ ଅଧିକରୁ ଅଧିକ ବାହ୍ୟ ଏବଂ ଅଳ୍ପକାଳ-ସ୍ଥାୟୀ ହୋଇ ଆସୁଛନ୍ତି ବୋଲି ଦେଖାଯାଏ; ଏବଂ ପରିଶେଷରେ ସ୍ଥିରତାହିଁ ସତ୍ତାର ବିଧାନ ହୋଇ ରହେ । ମନୋମୟ ବୁଦ୍ଧିହିଁ ଆମର ସର୍ବପ୍ରଧାନ ସାଧନ ହୋଇ ରହିଥିବା ଯାଏ ଏହି ବିଧାନଟିହିଁ କାମ ଦେଉଥାଏ ଓ ସ୍ଥିର ରହିଥାଏ; ମାତ୍ର ଯେତେବେଳେ ଅତିମାନସ ଆସି ହୃଦୟ ଓ ମନର ଅଧିକାରୀ ହୋଇ ରହିଯିବ, ସେତେବେଳେ ଆଉ ଅଶାନ୍ତି ଆସିବ ନାହିଁ, ଦୁଃଖ ବା ଉଦ୍‌ବେଳନ କିଛି ଆସିପାରିବ ନାହିଁ । କାରଣ, ଆପଣା ସହିତ ତାହା ଆଲୋକପୂର୍ଣ୍ଣ ଶକ୍ତିସମ୍ପନ୍ନତାର ଏପରି ଏକ ତଦ୍‌ଗତ ପ୍ରକୃତିକୁ ବହନ କରି ଆଣିବ, ଯେଉଁଥିରେ କି ଏସବୁ ବସ୍ତୁ ଲାଗି ଆଉ



'oaob.nitrkl.ac.in' images reprocessed

କୌଣସି ସ୍ଥାନ ନଥିବ । ସେତେବେଳେ ଯେଉଁ ସ୍ପନ୍ଦନ ଓ ସଂବେଗଗୁଡ଼ିକ ଜାତ ହେଉଥିବ, ତାହା ସେହି ଦିବ୍ୟ ଏକତ୍ୱର ଆନନ୍ଦମୟ ପ୍ରକୃତିଟିରହିଁ ସମ୍ପଦ ହୋଇ ରହିଥିବ ।

ଯେତେବେଳେ ଯାହାକିଛି ଘଟି ପଡ଼ୁକେ, ସମୁଦାୟ ସତ୍ତାଟିରେ ପ୍ରତିଷ୍ଠିତ ହୋଇ ରହିଥିବା ଶାନ୍ତିଟି ଅବଚଳିତ ଭାବରେ ଠିକ୍ ତାହାହିଁ ହୋଇ ରହିବ; ସ୍ୱାସ୍ଥ୍ୟରେ ଏବଂ ରୋଗରେ, ସୁଖରେ ଏବଂ ଦୁଃଖରେ ଏବଂ ଏପରିକି ତୀବ୍ରତମ ଦୁଃଖରେ, ଆମ ନିଜର ତଥା ଆମର ପ୍ରିୟଜନମାନଙ୍କର ସୌଭାଗ୍ୟରେ ଏବଂ ଦୁର୍ଭାଗ୍ୟରେ, ସଫଳତାରେ ଓ ବିଫଳତାରେ, ମାନରେ ଓ ଅପମାନରେ, ପ୍ରଶଂସା ଓ ନିନ୍ଦାରେ, ଆମ ପ୍ରତି କରାଯାଉଥିବା ନ୍ୟାୟରେ ଓ ଅନ୍ୟାୟରେ, ଅର୍ଥାତ୍ ଏହି ମନଟାକୁ ସାଧାରଣତଃ ଆସି ପ୍ରଭାବିତ କରୁଥିବା ଯାବତୀୟ ବ୍ୟାପାରରେ ମଧ୍ୟ ସେହି ଶାନ୍ତି ସେହିପରି ରହିଥିବ । ଯଦି ଆମେ ସର୍ବତ୍ର କେବଳ ଏକତାହିଁ ଦେଖିବା, ସବୁକିଛି କେବଳ ସେହି ଦିବ୍ୟ ଇଚ୍ଛାଟି ଦ୍ୱାରା ସମ୍ଭବ ହେଉଛି ବୋଲି ଯଦି ଆମେ ଅନୁଭବ କରୁଥିବା, ସମସ୍ତଙ୍କ ଭିତରେ ସେହି ଭଗବାନଙ୍କୁହିଁ ଦେଖିବା, ଅର୍ଥାତ୍ ଆମର ଶତ୍ରୁମାନଙ୍କ ଭିତରେ ବା ଜୀବନର ଖେଳପଡ଼ିଆରେ ଆମର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ତଥା ଆମର ବନ୍ଧୁମାନଙ୍କ ଭିତରେ ସେହି ଭଗବାନଙ୍କୁହିଁ ଦେଖିପାରିବା, ଯେଉଁସବୁ ଶକ୍ତି ଆମର ବିରୋଧ ଓ ପ୍ରତିରୋଧ କରୁଛନ୍ତି ଏବଂ ଯେଉଁସବୁ ଶକ୍ତି ଆମର ଅନୁକୂଳ ହୋଇ ରହିଛନ୍ତି ଓ ଆମକୁ ସାହାଯ୍ୟ କରୁଛନ୍ତି, ଉଭୟ ଭିତରେ ଯଦି ଆମେ ଭଗବାନଙ୍କୁ ଦେଖିବା, ଯଦି ଯାବତୀୟ ଶକ୍ତିସମ୍ପନ୍ନତା, ବଳ ଏବଂ ସଂଘଟନରେ ସେହି ଭଗବାନଙ୍କୁହିଁ ଦେଖିପାରିବା, ଏବଂ ତାହା ସଙ୍ଗେସଙ୍ଗେ ଯଦି ଆମେ ଏହି ସବୁକିଛି ଆମର ଆତ୍ମାଠାରୁ ଅବିଚ୍ଛିନ୍ନ ଓ ଅବିଭକ୍ତ ହୋଇ ରହିଛି ବୋଲି ଅନୁଭବ କରିପାରିବା, ଆମର ବିଶ୍ୱଗତ ସତ୍ତାଟି ମଧ୍ୟରେ ସକଳ ଜଗତ ଆମ ସହିତ ଏକାତ୍ମକ ହୋଇ ରହିଥିବାର ଅନୁଭବ କରିପାରିବା, ତେବେ ହୃଦୟ ତଥା ମନ ଲାଗି ଏହି ଶାନ୍ତିମୟ ଦୃଷ୍ଟିଟି ଅନେକ ପରିମାଣରେ ସହଜତର ହୋଇ ଆସିବ । ମାତ୍ର, ସେହି ବିଶ୍ୱାନୁବନ୍ଧ ଦୃଷ୍ଟିଟିକୁ ଲାଭ କରି ତାହାରି ମଧ୍ୟରେ ସୁପ୍ରତିଷ୍ଠ ହୋଇପାରିବା ପୂର୍ବରୁ ମଧ୍ୟ ଆମକୁ ଆମ ଶକ୍ତିଟି ଭିତରେ ରହିଥିବା ସକଳ ସାଧନ ଦ୍ୱାରା ଏହି ଗ୍ରହଣସମର୍ଥ ଏବଂ କ୍ରିୟାଶୀଳ ସମତା ତଥା ଶାନ୍ତ ଅବସ୍ଥାଟି ଲାଗିହିଁ ଆଗ୍ରହୀ ହୋଇ ରହିବାକୁ ପଡ଼ିବ । ଏପରିକି ଏହାର ମାତ୍ର ଅଳ୍ପ କିଛି ଅଂଶ,—'ସ୍ୱଳ୍ପମ୍ ଅପି ଅସ୍ୟ ଧର୍ମସ୍ୟ'— ଉପଲବ୍ଧି କରିପାରିଲେ ମଧ୍ୟ ତାହା ପୂର୍ଣ୍ଣତାପ୍ରାପ୍ତି ଦିଗରେ ଏକ ବୃହତ୍ତର ପଦକ୍ଷେପରୂପେ ଅବଶ୍ୟ କାର୍ଯ୍ୟ କରିବ । ଏଥିରେ ଏକ ପ୍ରାଥମିକ ଦୃଢ଼ତା ଲାଭ କରିବାକୁହିଁ ଆମେ ମୁକ୍ତିଯୁକ୍ତ ପୂର୍ଣ୍ଣତା ଲାଗି ଏକ ଆରମ୍ଭ-ପାଦ ବୋଲି କହିପାରିବା, ସେହି ଦୃଢ଼ତାଟି ପରିପୂର୍ଣ୍ଣ ହୋଇଗଲେ ସ୍ଥିତିର ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣ ନିଶ୍ଚିତ ଭାବରେ ଏକ ଦ୍ରୁତ ପ୍ରଗତି ସମ୍ଭବ ହୋଇପିବ । କାରଣ ଏହିଟି ବ୍ୟତୀତ ଆମ ପାଖରେ ଆଉ କୌଣସି ଦୃଢ଼ ଭୂମି ରହିବ ନାହିଁ; ଏବଂ ସେଇଟିର ସ୍ପଷ୍ଟ ଅଭାବ ରହିଥିଲେ ଆମେ ତଳକୁ ଖସିଆସି ପୁଣି ସେହି ବାସନା, ଅହଂ, ଦ୍ୱନ୍ଦ୍ୱମୟତା ଏବଂ ଅଜ୍ଞାନର ସେହି ନିମ୍ନତର ସ୍ଥିତିଟିରେହିଁ ପଡ଼ିପିବାରେ ଲାଗିଥିବା ।

ଏହି ସ୍ଥିର ଅବସ୍ଥାଟି ଥରେ ଉପଲବ୍ଧ ହୋଇଗଲେ ପ୍ରାଣ ତଥା ମନର ସ୍ୱତନ୍ତ୍ର ଅଭିରୁଚିଗୁଡ଼ିକର ଶାନ୍ତିଭଙ୍ଗ କରିବାର ଆଉ କୌଣସି ସାମର୍ଥ୍ୟ ରହିବ ନାହିଁ; ସେତେବେଳେ ତାହା ମନର କେବଳ ଏକ ଔପଚାରିକ ଅଭ୍ୟାସହିଁ ହୋଇ ରହିବ । ପ୍ରାଣ ଦ୍ୱାରା ପ୍ରେରିତ ହୋଇ ଏଇଟିକୁ ଗ୍ରହଣ କରିବା ବା ସେଇଟିକୁ ବର୍ଜନ କରିବା, ସେଇଟି ଅପେକ୍ଷା ଏଇଟି ଘଟିବା ଲାଗି ସ୍ୱାଗତ ଜଣାଇବାକୁ ଅଧିକତର ପରିମାଣରେ ପ୍ରସ୍ତୁତ ହୋଇ ରହିବା, ମନର ପ୍ରବର୍ତ୍ତନା ଦ୍ୱାରା ପ୍ରେରିତ ହୋଇ ଏଇଟିକୁ ଗ୍ରହଣ କରିବା ବା ସେଇଟିକୁ ବର୍ଜନ କରିବା, ସେହି ଅପେକ୍ଷାକୃତ ଅଳ୍ପ ଅନୁକୂଳ ବସ୍ତୁର ବା ସତ୍ୟଟିଠାରୁ ଅଧିକ ଅନୁକୂଳ ଏହି ବସ୍ତୁର ବା ସତ୍ୟଟିକୁ ଅଧିକ ଗ୍ରହଣୀୟ ବୋଲି ମନେ କରିବା, ସେହି ଅନ୍ୟ ପରିଣାମଟିକୁ ଛାଡ଼ି ଏହି ପରିଣାମଟି ଉପରେ ଆପଣାର ଇଚ୍ଛାଶକ୍ତିକୁ ଏକାଗ୍ର ଓ ନିବଦ୍ଧ କରି ରଖିବା;—ସେତେବେଳେ ଏସବୁ କେବଳ ଏକ ବୁଦ୍ଧିଗତ ଯାନ୍ତ୍ରିକ କ୍ରିୟା ହୋଇ ରହିଯାଏ ଏବଂ ଆମ ଜୀବନର ପରମକର୍ତ୍ତା ଶକ୍ତିକୁ ଯେଉଁ ଦିଗଟିକୁ ମୁହାଁଇ ରଖିବାକୁ ଇଚ୍ଛା କରୁଛନ୍ତି ଅଥବା ବର୍ତ୍ତମାନ ଲାଗି ଯେଉଁ ଆଡ଼କୁ ପ୍ରବୃତ୍ତ କରାଇବାକୁ ଚାହୁଁଛନ୍ତି, ଆମକୁ ତାହାର ଏକ ସଙ୍କେତ ଦେବା ଲାଗି ତାହା ତଥାପି ଆବଶ୍ୟକ ହୋଇ ରହିଥାଏ । ମାତ୍ର ଆଗରୁ ଏହା ଭିତରେ ଯେଉଁ ପ୍ରବଳ ଅହଂପ୍ରେରିତ ଇଚ୍ଛା, ଅସହିଷ୍ଣୁ ବାସନା ଏବଂ ଅନମନୀୟ ଉଗ୍ର ରୁଚିର ଯେଉଁ ବଳବତି ରହିଥିଲା, ତାହା ସେଇଟିକୁ ହରାଇ ବସେ । ଏହି ପ୍ରତିକ୍ରିୟାଗୁଡ଼ିକ ଏକ କ୍ଷୀଣ ରୂପରେ କିଛି ସମୟ ପର୍ଯ୍ୟନ୍ତ ହୁଏତ ଅବଶ୍ୟ ରହିବେ; ମାତ୍ର ସମତାଜନିତ ସ୍ଥିରତାଟି ବୃଦ୍ଧି ପାଉଥିବା ସଙ୍ଗେସଙ୍ଗେ ଓ ଗଭୀରତର, ଅଧିକ ମୂଳଭୂତ ତଥା ଘନ ହୋଇ ଯାଉଥିବା ସଙ୍ଗେସଙ୍ଗେ ସେମାନେ ଅନ୍ତର୍ହିତ ହୋଇପିବେ, ମନ ଓ ପ୍ରାଣର ସାମଗ୍ରୀଟିକୁ ଆଉ ଆପଣାର ରଙ୍ଗରେ ରଙ୍ଗାଇ ପାରିବେ ନାହିଁ, ଅଥବା ବାହ୍ୟତମ ଭୌତିକ ମନର ଭୂମିଟି ଉପରେ କେବଳ ସ୍ପର୍ଶରୂପେହିଁ ଅନୁଭୂତ ହେଉଥିବେ, ମାତ୍ର ଭିତରକୁ ଭେଦ କରିପାରିବେ ନାହିଁ, ଏବଂ ସର୍ବଶେଷକୁ ସେହି ପୁନରାବୃତ୍ତି ଅର୍ଥାତ୍ ମାନସିକ ବାହ୍ୟତର ତୋରଣଦେଶରେ ସେଗୁଡ଼ିକର ଆବିର୍ଭାବଟି ମଧ୍ୟ କ୍ରମେ ବନ୍ଦ ହୋଇପିବ । ତା'ପରେ ଏହି କଳ୍ପନାଟି ଏକ ଜୀବନ୍ତ ବାସ୍ତବସତ୍ୟରୂପେ ଉପଲବ୍ଧ ହୋଇପିବ ଯେ ଆମ ଭିତରେ ସବୁକିଛି ଆମ ଜୀବନର ସେହି ପରମକର୍ତ୍ତାଙ୍କ ଦ୍ୱାରାହିଁ ସମ୍ପନ୍ନ ହେଉଛି ଓ ପରିଚାଳିତ ହେଉଛି; 'ଯଥା ପ୍ରଯୁକ୍ତୋଽସ୍ମି ତଥା କରୋମି'ର ଯେଉଁ କଳ୍ପନାଟି ଆଗରୁ ଆମ ପାଖରେ କେବଳ ଏକ ବଳିଷ୍ଠ ବିଶ୍ୱାସ ଏବଂ

ଖଣ୍ଡାସମାନ ହୋଇ ରହିଥିଲା ଏବଂ କେବଳ ସମସ୍ତ ସମସ୍ତରେ ବଡ଼ ଗୌଣ ଭାବରେ ଆମ ବ୍ୟକ୍ତିଗତ ପ୍ରକୃତିର ଯାବତୀୟ ସମୂହଟିର ପଛରେ ଦିବ୍ୟ କ୍ରିୟାଟିର ଯେ କେତୋଟି ଝଲକମାନ ଦେଖି ଯାଉଥିଲା, ବର୍ତ୍ତମାନ ତାହା ଏକ ଜୀବନମୟ ବାସ୍ତବତାରେ ପରିଣତ ହୋଇଯିବ । ବର୍ତ୍ତମାନ ପ୍ରତ୍ୟେକଟି ଗତିସ୍ପନ୍ଦନ ସେହି ପରମ ପୁରୁଷଙ୍କରହିଁ ସଙ୍କେତ ଅନୁସାରେ ଆମ ଭିତରେ କାର୍ଯ୍ୟ କରୁଥିବା ଦିବ୍ୟ ସାମର୍ଥ୍ୟ ଅର୍ଥାତ୍ ସେହି ଶକ୍ତି ଦ୍ୱାରା ପ୍ରଦତ୍ତ ହୋଇଥିବା ଏକ ରୂପ ବୋଲି ଦେଖାଯିବ; ଏଥିରେ ଆଦୌ ସନ୍ଦେହ ନାହିଁ ଯେ ତାହା ତଥାପି ବ୍ୟକ୍ତିଭାବାପନ୍ନ ହୋଇ ରହିଥିବ, ନ୍ୟୂନତର ମନୋମୟ ରୂପାୟନଟି ମଧ୍ୟରେ ତଥାପି କ୍ଷୁଦ୍ରାକୃତି ହୋଇ ରହିଥିବ, ମାତ୍ର ମୂଳତଃ ତାହା ଅହଂ ଦ୍ୱାରା ପରିଚାଳିତ ହେଉ ନଥିବ; ତାହାକୁ ଆମେ ନିଶ୍ଚୟ ଏକ ଅପୂର୍ଣ୍ଣତାଯୁକ୍ତ ରୂପାୟନ ବୋଲି କହିପାରିବା, ମାତ୍ର ଏକ ସ୍ପଷ୍ଟ ବିକୃତି ବୋଲି ଆଦୌ କହିବା ନାହିଁ । ଏବଂ ତା'ପରେ ଆମକୁ ଏହି ସୋପାନଟିକୁ ପାରିହୋଇ ମଧ୍ୟ ଆଗକୁ ଯିବାକୁ ପଡ଼ିବ । କାରଣ ପୂର୍ଣ୍ଣସିଦ୍ଧିପ୍ରାପ୍ତ କ୍ରିୟା ବା ଅନୁଭୂତି କଦାପି କୌଣସି ପ୍ରକାରର ମନୋଗତ ଅଥବା ପ୍ରାଣିକ ଅଭିରୁଚି ଦ୍ୱାରା ନିରୂପିତ ହେବ ନାହିଁ, ତାହା ସେହି ଉନ୍ମୋଚନକାରୀ ଏବଂ ପ୍ରେରଣାସମ୍ପନ୍ନ ଅଧ୍ୟାତ୍ମ ସଂକଳ୍ପଟି ଦ୍ୱାରାହିଁ ନିରୂପିତ ହେବ; ଏବଂ ତାହାକୁହିଁ ଆମେ ଭାଗବତୀ ଶକ୍ତିର ସାକ୍ଷାତ୍ ଏବଂ ସତ୍ୟମୟ ସଞ୍ଚାଳନ ବୋଲି ଜାଣିବା । ମୋତେ ଯେପରି ଭାବରେ କର୍ମରେ ନିୟୋଜିତ କରାଯାଉଛି, ମୁଁ ଠିକ୍ ସେହିପରି ଭାବରେ କାର୍ଯ୍ୟ କରୁଛି ବୋଲି କହିଲାବେଳେ ମୁଁ ତଥାପି ଏହି କ୍ଷେତ୍ରଟିରେ ଏକ ସୀମାବଦ୍ଧକାରୀ ବ୍ୟକ୍ତିଗତ ଉପାଦାନ ଏବଂ ମାନସିକ ପ୍ରତିନିଧିତ୍ୱର ଆରୋପ କରି ଦେଉଛି । ମାତ୍ର ଅସଲ କଥା ହେଉଛି ଯେ କେବଳ ସେହି ପରମକର୍ତ୍ତାହିଁ ମୋତେ ତାଙ୍କର ସାଧନଟି ପରି ବ୍ୟବହାର କରି ତାଙ୍କର ଆପଣା କାର୍ଯ୍ୟଟିକୁ ସ୍ୱୟଂ କରିଯିବେ; ଏବଂ ସେଥିରେ କୌଣସିପ୍ରକାର ସୀମା ଟାଣି ରଖିବାକୁ, ହସ୍ତକ୍ଷେପ କରିବାକୁ ଏବଂ କୌଣସିପ୍ରକାର ଅପୂର୍ଣ୍ଣତାଯୁକ୍ତ କ୍ରିୟାର କାରଣ ହେବାକୁ ମଧ୍ୟ ମୋ ଭିତରେ ମୋ ନିଜର ମାନସିକ କିଂବା ଅନ୍ୟ କୌଣସିପ୍ରକାରର କୌଣସି ଅଭିରୁଚି କଦାପି କାର୍ଯ୍ୟ କରୁ ନଥିବ । ଅତିମାନସ ପରମସତ୍ତାର ଯାବତୀୟ ଉନ୍ମୋଚନ ଲାଗି ଏବଂ ସବୃତ ଭାବରେ ତାହାର ଉନ୍ମୋଚନ ସକାଶେ କାର୍ଯ୍ୟ କରୁଥିବା ପରମ ସଂକଳ୍ପଟିର ଉନ୍ମୋଚନ ଲାଗି ମନକୁ ଏକ ନୀରବ ଜ୍ୟୋତିର୍ମୟ ବାହନରେ ପରିଣତ ହୋଇଯିବାକୁ ପଡ଼ିବ । ସେତେବେଳେ ଯାଇ କର୍ମ ସେହି ସର୍ବୋଚ୍ଚ ପରମସତ୍ତା ଏବଂ ପରମ ସତ୍ୟର କର୍ମରେ ପରିଣତ ହୋଇଯାଇ ପାରିବ, ତାହା ଆଉ ଏହି ମନୋଭୂମିଟି ଉପରେ ତାହାର କୌଣସି ସୀମିତ ଅନୁଲିଖନ ବା ମିଥ୍ୟାଲିଖନ ହୋଇ ରହିବ ନାହିଁ । ସେତେବେଳେ ଯାହାକିଛି ସୀମିତତା, ନିର୍ବାଚନ ଅଥବା ସମ୍ବନ୍ଧର ଆରୋପ ହେଉଥିବ, ତାହା କେବଳ ସେହି ପରମ ଦିବ୍ୟସ୍ୱରୂପଙ୍କ

'oaob.nitrkl.ac.in' images reprocessed

ଦ୍ୱାରହିଁ ଆମ୍ବ-ଆରୋପିତ ହେବାରେ ଲଗିଥିବ, ତାଙ୍କର ଆପଣାର କୌଣସି ଉଦ୍ଦେଶ୍ୟର ସାଧନ ଲଗି ତାହା ସେହି ସମସ୍ତିରେ ବ୍ୟକ୍ତିର ଭୂମି ଉପରେ ତାଙ୍କର ନିଜ ଉପରେହିଁ ଆରୋପିତ ହେଉଥିବ । ସେହି ଆରୋପ ବାନ୍ଧି ଦେଉ ନଥିବ, ଆପଣାକୁ ଚୂଡ଼ାନ୍ତ ବୋଲି ସିଦ୍ଧ କରୁ ନଥିବ କିଂବା ମନର କୌଣସି ଅଜ୍ଞାନଯୁକ୍ତ ନିରୂପଣ ହୋଇ ରହି ନଥିବ । ସେତେବେଳେ ଭାବନା ଏବଂ ସଂକଳ୍ପ ଏକ ଜ୍ୟୋତିର୍ମୟ ପରମ ଅନନ୍ତତା ମଧ୍ୟରୁ ନିର୍ଦ୍ଦେଶିତ ହୋଇ ଆସୁଥିବା ଏକ କ୍ରିୟାରେ ପରିଣତ ହୋଇଯିବ, ଏକ ରଚନା ହିସାବରେ ତାହା ଅନ୍ୟ ରଚନାଗୁଡ଼ିକୁ କଦାପି ବର୍ଜନ କରୁ ନଥିବ; ମାତ୍ର ବରଂ ଆପଣା ସମ୍ବନ୍ଧତତାର କ୍ଷେତ୍ରକୁ ସେଗୁଡ଼ିକୁ ପ୍ରତ୍ୟେକର ଯଥୋଚିତ ସ୍ଥାନରେ ନେଇ ରଖି ଦେଉଥିବ, ଏପରିକି ସେଗୁଡ଼ିକୁ ଆବେଷ୍ଟିତ କରି ପକାଉଥିବ ବା ରୂପାନ୍ତରିତ କରି ଦେଉଥିବ ଏବଂ ଦିବ୍ୟ ଜ୍ଞାନ ତଥା କର୍ମର ବୃହତ୍ତର କେତେକେତେ ରୂପାୟନ ଆଡ଼କୁ ଅଗ୍ରସର ହୋଇ ଯାଉଥିବ ।

ଏହି ସମତା ଫଳରେ ଯେଉଁ ସ୍ଥିରତା ଉପଲବ୍ଧ ହୋଇଥାଏ, ଶାନ୍ତିହିଁ ତାହାର ସ୍ୱରୂପ ହୋଇ ରହିଥାଏ ଅର୍ଥାତ୍ ତାହା ସକଳପ୍ରକାର ଚଞ୍ଚଳତା, ଦୁଃଖ ତଥା ଉଦ୍‌ବେଗର ଅଭାବରୂପେହିଁ ପ୍ରକଟ ହୋଇଥାଏ । ସମତାଟି ଅଧିକ ପ୍ରଗାଢ଼ ହେବା ସଙ୍ଗେସଙ୍ଗେ ତାହା ଭାବାତ୍ମକ ସୁଖାନୁଭୂତି ଏବଂ ଚିଦ୍‌ଗତ ସହଜଶାନ୍ତିର ଏକ ପୂର୍ଣ୍ଣତର ସାମଗ୍ରୀରେ ପରିଣତ ହୋଇଆସେ । ଏହାକୁହିଁ ଆମେ ସ୍ୱୟଂ ଆପଣାକୁ ନେଇ ଚିଦ୍‌ଗତତାର ଆପଣାର ଆନନ୍ଦ ବୋଲି କହିପାରିବା; ଆପଣାର ପରମ ଅସ୍ତିତ୍ୱଟି ଲଗି ତାହା କୌଣସି ବାହ୍ୟ ଆଧାର ଉପରେ ଆଶ୍ରୟ କରି ରହେ ନାହିଁ । ଏହି ଅବସ୍ଥାଟିକୁ ଗୀତାରେ ନିରାଶ୍ରୟ ବୋଲି କୁହାଯାଇଛି, 'ଅନ୍ତଃସୁଖୋଽନ୍ତରାରାମଃ' ବୋଲି କୁହାଯାଇଛି, 'ବ୍ରହ୍ମସଂସ୍ପର୍ଶମ୍ ଅତ୍ୟନ୍ତଂ ସୁଖମ୍ ଅଶ୍ନୁତେ' ବୋଲି କୁହାଯାଇଛି । ସେତେବେଳେ ଏହାକୁ କେହି ବିଚଳିତ କରିପାରେ ନାହିଁ; ଏବଂ ଆହୁରି ଅଗ୍ରସର ହୋଇ ତାହା ଆତ୍ମା ଦ୍ୱାରା ବାହ୍ୟ ବସ୍ତୁଗୁଡ଼ିକର ଅବଲୋକନର କ୍ଷେତ୍ରରେ ମଧ୍ୟ ଆପଣାକୁ ପ୍ରସାରିତ କରିଦିଏ, ସେଗୁଡ଼ିକ ଉପରେ ମଧ୍ୟ ଏହି ସ୍ଥିର ଚିଦ୍‌ଗତ ଆନନ୍ଦଟିର ବିଧାନକୁ ଆଣି ଲଗୁ କରିଦିଏ । କାରଣ ତାହାର ଭୂମିଟି ତଥାପି ସ୍ଥିର ହୋଇ ରହିଥାଏ, ତାହା ଏକ ସମତାଯୁକ୍ତ, ଶାନ୍ତ ଓ ଅହୈତୁକ ଆନନ୍ଦ ହୋଇ ରହିଥାଏ । ଏବଂ ଅତିମାନସ ଆଲୋକଟି ସମ୍ମିଳିତ କରିବା ସଙ୍ଗେସଙ୍ଗେ ଏକ ବୃହତ୍ତର ଆନନ୍ଦର ଆବିର୍ଭାବ ହୋଇଆସେ । ଆମର ଆତ୍ମା ଯାହାକିଛି ହୋଇ ରହିଛି, ଯାହାକିଛି ହେବାରେ ଲଗିଛି, ଦେଖୁଛି ବା ଅନୁଭବ କରୁଛି, ସେହି ସବୁଟି ମଧ୍ୟରେ ତାହାକୁ ଯେଉଁ ବିପୁଳ ଆନନ୍ଦାନୁଭୂତିଟି ଉପଲବ୍ଧ ହୋଇଥାଏ, ଏହି ଆନନ୍ଦଟି ତାହାର ଆଧାରରୂପେ କାର୍ଯ୍ୟ କରେ; ଯେଉଁ ପରମ ଶକ୍ତି ଜ୍ୟୋତିଃପ୍ରେରିତ ଭାବରେ ସେହି ପରମ ଦିବ୍ୟତାରହିଁ କାର୍ଯ୍ୟ କରିବାରେ ଲଗିଛି ଓ ତାଙ୍କର ପରମ

'oaob.nitrkl.ac.in' images reprocessed

ଆନନ୍ଦକୁହିଁ ସକଳ ଲୋକରେ ଗ୍ରହଣ କରୁଛୁ, ଏହି ଆନନ୍ଦ ସେହି ପରମଶକ୍ତିର ହାସ୍ୟକୁ ପୂର୍ଣ୍ଣପ୍ରକଟିତ କରାଇ ଆଣିବାର ଭୂମିରୂପେ ବି କାର୍ଯ୍ୟ କରିଥାଏ ।

ଦିବ୍ୟ ଆନନ୍ଦମୟ ଶକ୍ତିର ଭୂମିଟି ଉପରେ ସମତାର ପୂର୍ଣ୍ଣତାଯୁକ୍ତ କ୍ରିୟାଟି ବସ୍ତୁଗୁଡ଼ିକର ଯାବତୀୟ ମୂଲ୍ୟରେ ଏକ ରୂପାନ୍ତର ଆଣିଦିଏ । ବାହ୍ୟ କ୍ରିୟାଟି ଆଗରୁ ଯେପରି ଥିଲା, ବର୍ତ୍ତମାନ ତାହା ହୁଏତ ଠିକ୍ ସେହିଭଳି ହୋଇ ରହିପାରେ ଅଥବା ବଦଳି ଯାଇପାରେ; ପରମ ଇଚ୍ଛାଗତତା ତାହାକୁ ଯେଉଁଭଳି ନିର୍ଦ୍ଦେଶ ଦିଏ ଓ ଜଗତ ଲାଗି ଯେଉଁ କାର୍ଯ୍ୟଗୁଡ଼ିକ କରିବାର ଆବଶ୍ୟକତା ରହିଥାଏ, ସେହି ଅନୁସାରେହିଁ ତାହାର ନିର୍ଣ୍ଣୟ ହୋଇଥାଏ; ମାତ୍ର ସମୁଦାୟ ଅନ୍ତରସ୍ଥ କ୍ରିୟାଟି ଅନ୍ୟ ପ୍ରକାରର ହୋଇଯାଏ । ଜ୍ଞାନ, କର୍ମ, ଭକ୍ତି, ସୃଷ୍ଟି ତଥା ରୂପାୟନଗତ ଆପଣାର ଭିନ୍ନଭିନ୍ନ ସାମର୍ଥ୍ୟର କ୍ଷେତ୍ରରେ ଶକ୍ତି ଜୀବନର ଭିନ୍ନଭିନ୍ନ ଲକ୍ଷ୍ୟର ସାଧନ ଲାଗି ଆପଣାକୁ ନିୟୋଜିତ କରି ରଖିଥାଏ ସତ, ମାତ୍ର ଏକ ସମ୍ପୂର୍ଣ୍ଣ ଭିନ୍ନ ଭାବରେ ସେ ତାହା କରୁଥାଏ; ସେଗୁଡ଼ିକ ସେତେବେଳେ ଏଭଳି ଗୋଟିଏ ଗୋଟିଏ ଲକ୍ଷ୍ୟ, ଫଳ ତଥା କର୍ମପଦ୍ଧତି ହୋଇ ରହିଥାନ୍ତି, ଯାହାକୁ କି ପରମ ଦିବ୍ୟସତ୍ତା ଆପଣାର ଊର୍ଦ୍ଧ୍ୱସ୍ଥ ଆଲୋକଟି ଦ୍ୱାରା ନିର୍ଦ୍ଧାରିତ କରି ଦେଉଥାନ୍ତି; ସେଗୁଡ଼ିକ ଏପରି କୌଣସି ବସ୍ତୁ ହୋଇ ରହି ନଥାନ୍ତି, ଆପଣାର କୌଣସି ଅଲଗା ସ୍ୱାର୍ଥର ସିଦ୍ଧି ଲାଗି ଅହଂ ଯାହାର ଦାବି କରିବାରେ ଲାଗିଥାଏ । ସତ୍ତାର ପରମକର୍ତ୍ତାଙ୍କ ଦ୍ୱାରା ବିହିତ ହୋଇ ଯାହାକିଛି ଉପଲବ୍ଧ ହେଉଥାଏ, ମନ, ହୃଦୟ, ପ୍ରାଣିକ ସତ୍ତା ଏବଂ ସ୍ୱୟଂ ଶରୀର ମଧ୍ୟ ସେତେବେଳେ ସେଇଥିରେ ସନ୍ତୁଷ୍ଟ ହୋଇ ରହନ୍ତି ଏବଂ ତାହାରି ମଧ୍ୟରେହିଁ ଏକ ସୂକ୍ଷ୍ମତମ ଅଥଚ ପୂର୍ଣ୍ଣତମ ଅଧ୍ୟାତ୍ମଭାବପ୍ରେରିତ ସନ୍ତୋଷ ଏବଂ ଆନନ୍ଦ ଲାଭ କରନ୍ତି । ମାତ୍ର ଊର୍ଦ୍ଧ୍ୱସ୍ଥ ଦିବ୍ୟ ଜ୍ଞାନ ତଥା ସଙ୍କଳ୍ପ ଆହୁରି ଆଗକୁ ରହିଥିବା ଆପଣାର ଅନ୍ୟ ଲକ୍ଷ୍ୟଗୁଡ଼ିକ ଉଦ୍ଦେଶ୍ୟରେ କାର୍ଯ୍ୟ କରି ଯାଉଥାନ୍ତି । ଏଠାକୁ ଆସି ସଫଳତା ଏବଂ ବିଫଳତା ଉଭୟେ ସେମାନଙ୍କର ବର୍ତ୍ତମାନ ଅର୍ଥଟିକୁ ହରାଇ ବସନ୍ତି । ସେତେବେଳେ ବିଫଳତା ଘଟିବାର ଆଉ ପ୍ରଶ୍ନହିଁ ନଥାଏ; କାରଣ ଯାହାକିଛି ଘଟେ, ତାହା କେବଳ ସର୍ବଲୋକର ସେହି ପରମକର୍ତ୍ତାଙ୍କର ଅଭିପ୍ରାୟରୂପେହିଁ ଘଟେ; କିନ୍ତୁ ହେଲେ ସର୍ବାନ୍ତିମ ବା ଚୂଡ଼ାନ୍ତ ଭାବରେ ଘଟେ ନାହିଁ, ମାତ୍ର ତାଙ୍କର ଗୁରଣାପଥରେ ଏକ ପଦକ୍ଷେପ ରୂପେହିଁ ଘଟେ; ଏବଂ ଯଦି ଉପରକୁ ଦେଖିବାକୁ ତାହା ଏକ ବିରୋଧ, ଏକ ପରାଜୟ, ଏକ ଖଣ୍ଡନ ଅଥବା ଏପରିକି ନମିତ୍ତରୂପୀ ସତ୍ତାଟିର ସମ୍ମୁଖରେ ସ୍ଥିରୀକୃତ ହୋଇ ରହିଥିବା ଲକ୍ଷ୍ୟଟିର ଏକ ସମ୍ପୂର୍ଣ୍ଣ ଖଣ୍ଡନ ବୋଲି ମନେ ହେଉଥାଏ, ତେବେ ତାହା କେବଳ ଉପରକୁହିଁ ସେହିଭଳି ଦେଖାଯାଉଥାଏ; ଏବଂ ଏଥିରେ ସଂଶୟର ଆଦୌ କୌଣସି ଅବକାଶ ନାହିଁ ଯେ ଏକ ପରବର୍ତ୍ତୀ ପର୍ଯ୍ୟାୟରେ ତାହାହିଁ ତାଙ୍କର କ୍ରିୟାର ସମ୍ପୂର୍ଣ୍ଣ ସଙ୍ଗତିରେ ଆପଣାର ଉପଯୁକ୍ତ ସ୍ଥାନରେ ଅବଶ୍ୟ ଆସି ଆବିର୍ଭୂତ ହୁଏ ।

'oaob.nitrkl.ac.in' images reprocessed

ହୁଏତ ଏପରି ମଧ୍ୟ ହୋଇପାରେ ଯେ ଏକ ପୂର୍ଣ୍ଣତର ଅତିମାନସ ଦିବ୍ୟ ଦୃଷ୍ଟି ତାହାର ପ୍ରୟୋଜନଟିକୁ ଏବଂ ସର୍ବଶେଷ ପରିଣାମଟି ସହିତ ତାହାର ଯଥାର୍ଥ ସମ୍ବନ୍ଧକୁ ତତ୍କ୍ଷଣାତ୍ ଅଥବା ପୂର୍ବରୁ ବି ଦେଖିବାକୁ ସମର୍ଥ ହୋଇପାରେ; ତାହା ଅନ୍ତିମ ପରିଣାମଟିର ଏକେବେଳକେ ବିପରୀତ ଏବଂ ଏପରିକି ହୁଏତ ଏହାର ସୁସ୍ପଷ୍ଟ ଖଣ୍ଡନ ବୋଲି ପ୍ରତୀତ ହେଉଥିଲେ ମଧ୍ୟ ତାହା ତଥାପି ସେପରି ଦେଖିବାକୁ ସମର୍ଥ ହୋଇପାରେ । ଅଥବା, ଯେତେବେଳେ ଯଥେଷ୍ଟ ଆଲୋକ ପ୍ରାପ୍ତ ହେଉ ନଥାଏ,—ଯଦି ଲକ୍ଷ୍ୟଟିକୁ, କ୍ରିୟାର ଗତିପଥଟିକୁ ଏବଂ ପରିଣାମଟିର ସୋପାନଗୁଡ଼ିକୁ ବୁଝିବାରେ କୌଣସି ଭୁଲ୍ ରହି ଯାଇଥାଏ, ତେବେ ସ୍ଥିତିଟିରେ ପ୍ରକୃତରେ ଏକ ସଂଶୋଧନ କରିବା ଲାଗି ବିଫଳତାଟି ଆସି ପହଞ୍ଚିଥାଏ ଏବଂ ତାହାକୁ ସ୍ୱୀକାର କରିନେବାବେଳେ କୌଣସିପ୍ରକାରେ ନିରୁତ୍ସାହିତ ହେବାକୁ ପଡ଼େ ନାହିଁ କିଂବା ସଂକଳ୍ପରେ ବିଚଳିତ ହୋଇଯିବାକୁ ମଧ୍ୟ ପଡ଼େ ନାହିଁ । ବିଫଳତା ବୋଲି ଯେ ବସ୍ତୁତଃ ଆଦୌ କୌଣସି ପଦାର୍ଥ ନାହିଁ, ପରିଶେଷରେ ତାହାହିଁ ଦେଖିବାକୁ ମିଳେ ଏବଂ ଯାବତୀୟ ଘଟଣାକୁ ଈଶ୍ୱରେଚ୍ଛାର ବିଭିନ୍ନ ପଦକ୍ଷେପ ଏବଂ ରୂପାୟନ ବୋଲି ଗ୍ରହଣ କରି ଆତ୍ମା ସେଥିରେ ଏକ ସମତାଯୁକ୍ତ ନିଷ୍କ୍ରିୟ ବା କ୍ରିୟାଶୀଳ ଆନନ୍ଦ ନେବାକୁ ଆରମ୍ଭ କରେ । ସୌଭାଗ୍ୟ ଏବଂ ଦୁର୍ଭାଗ୍ୟ, ରୁଚିକର ଏବଂ ଅରୁଚିକର ଅର୍ଥାତ୍ ମଙ୍ଗଳ ଅମଙ୍ଗଳ ଓ ପ୍ରିୟ ଅପ୍ରିୟର ପ୍ରତ୍ୟେକ ରୂପର କ୍ଷେତ୍ରରେ ମଧ୍ୟ ବିବର୍ତ୍ତନର ଏହି ଶୈଳୀଟି ଦେଖିବାକୁ ମିଳିଥାଏ ।

ଘଟଣାଗୁଡ଼ିକ ପରି ବ୍ୟକ୍ତିମାନଙ୍କର କ୍ଷେତ୍ରରେ ମଧ୍ୟ ସମତା ଆମର ଦୃଷ୍ଟି ଓ ମନୋବୃତ୍ତିରେ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିଥାଏ । ସମତାଯୁକ୍ତ ମନ ତଥା ସମତାଯୁକ୍ତ ଭାବର ଫଳସ୍ୱରୂପ ସକଳ ବ୍ୟକ୍ତି, ବସ୍ତୁ, ଦୃଷ୍ଟିକୋଣ ତଥା କ୍ରିୟା ପ୍ରତି ଏକ ଈଶ୍ୱରୋଚିତ ଉଦାର ମନୋଭାବ ତଥା ଅନ୍ତର୍ଗତ ସହିଷ୍ଣୁତାଭାବ ଉପଲବ୍ଧ ହୋଇଥାଏ; କାରଣ ସ୍ୱୟଂ ପରମେଶ୍ୱର ଯେ ସକଳ ସତ୍ତା ଓ ପ୍ରାଣୀଙ୍କ ମଧ୍ୟରେ ଉପସ୍ଥିତ ଅଛନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତି ଯେ ତା'ର ସ୍ୱଭାବ ଏବଂ ସେହି ସ୍ୱଭାବଟିର ବର୍ତ୍ତମାନ ରୂପାୟନଗୁଡ଼ିକ ଅନୁସାରେ କାର୍ଯ୍ୟ କରୁଛି, ସେହି କଥାଟିର ଅନୁଭବ ସମ୍ଭବ ହୋଇଆସେ । ଯେତେବେଳେ ଭାବାତ୍ମକ ସମତାଯୁକ୍ତ ଆନନ୍ଦଟି ଉପଲବ୍ଧ ହୁଏ, ସେତେବେଳେ ଏହା ଅଧିକ ଗଭୀର ହୋଇ ଏକ ସହାନୁଭୂତିପୂର୍ଣ୍ଣ ବୁଝିବାଶକ୍ତି ଏବଂ ପରିଶେଷରେ ଏକ ସମତାଯୁକ୍ତ ବିଶ୍ୱ-ପ୍ରେମରେ ପରିଣତ ହୋଇଯାଏ । ଆଧ୍ୟାତ୍ମିକ ସଂକଳ୍ପଶକ୍ତି ଦ୍ୱାରା ନିର୍ଦ୍ଧାରିତ ଜୀବନଗତ ପ୍ରୟୋଜନ ଅନୁସାରେ ଆମର ଅନ୍ତର୍ଗତ ମନୋବୃତ୍ତିଟି ବାହ୍ୟ ଜଗତ ସହିତ ଯେଉଁସବୁ ନାନାବିଧ ସମ୍ବନ୍ଧ ସ୍ଥାପିତ କରୁଥାଏ ବା ଯେଉଁ ବିଭିନ୍ନ ରୂପ ଧାରଣ କରୁଥାଏ, ସେଥିରେ ଉକ୍ତ ଉଦାରତା ଅଥବା ସହିଷ୍ଣୁତା କୌଣସିପ୍ରକାର ବାଧା ସୃଷ୍ଟି କରନ୍ତି ନାହିଁ; ଠିକ୍ ସେହିପରି ଭାବରେ ସେହି

'oaob.nitrkl.ac.in' images reprocessed

ସଂକଳ୍ପଶକ୍ତି ଦ୍ୱାରା ନିର୍ଦ୍ଧାରିତ ହେଉଥିବା ପ୍ରୟୋଜନ ତଥା ଉଦ୍ଦେଶ୍ୟଗୁଡ଼ିକର ସାଧନ ଲାଗି ସେହି ଅନ୍ୟ ପ୍ରକାର, ଦୃଷ୍ଟିକୋଣ ଏବଂ କାର୍ଯ୍ୟଟି ବଦଳରେ ଏହି ଅମୁକ ପ୍ରକାର, ଦୃଷ୍ଟିକୋଣ ଏବଂ କାର୍ଯ୍ୟଟିକୁ ଦୃଢ଼ତାର ସହିତ ଅଗ୍ରସର କରାଇ ନେବାରେ, ଅଥବା ଯେଉଁସବୁ ଶକ୍ତି ବିଧିନିର୍ଦ୍ଦିଷ୍ଟ ପ୍ରକ୍ରିୟାଟିର ମାର୍ଗରେ ନାନା ବାଧା ଆଣି ପହଞ୍ଚାଇବାକୁ ପ୍ରବୃତ୍ତ ହୋଇ ରହିଥାନ୍ତି, ସେଗୁଡ଼ିକ ବିରୁଦ୍ଧରେ ଏକ ଶକ୍ତିଶାଳୀ ବାହ୍ୟ ବା ଅନ୍ତର୍ଗତ ପ୍ରତିରୋଧ, ବିରୋଧ ବା ପ୍ରତିକାର କରିବାରେ ମଧ୍ୟ ସେମାନେ କୌଣସିପ୍ରକାରେ ବାଧକ ହୁଅନ୍ତି ନାହିଁ । ଏବଂ ଏହି କ୍ଷେତ୍ରରେ ପ୍ରୟୋଜନ ହେଲେ ରୁଦ୍ରର ଶକ୍ତିଟି ମଧ୍ୟ ଉଗ୍ରଧାବିତ ହୋଇ ଆସିପାରେ, ବଳାତ୍କାର କରି ପରି ମାନବୀୟ ତଥା ଅନ୍ୟ ବାଧାଗୁଡ଼ିକ ଉପରେ କାର୍ଯ୍ୟ କରିପାରେ ବା ସେଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଇ ପାରେ; କାରଣ ସେତେବେଳେ ସେହି ମାନବ-ବ୍ୟକ୍ତି ତଥା ବିଶ୍ୱଗତ ଉଦ୍ଦେଶ୍ୟ ଉଭୟଙ୍କ ଲାଗିହିଁ ସେହିପରି ଏକ ଆବଶ୍ୟକତା ଆସି ଉପସ୍ଥିତ ହୋଇଥାଏ । ମାତ୍ର ଅପେକ୍ଷାକୃତ ଭାବରେ ଦେଖିଲେ, ଅଧିକତର ଉପରିଭାଗରେହିଁ ସଂଘଟିତ ହେଉଥିବା ଏହିସବୁ ରୂପାୟନରେ ସମତାଯୁକ୍ତ ଅନ୍ତରତମ ଦୃଷ୍ଟିର ମୂଳ ଭାବଟି କଦାପି ବଦଳି ଯାଏ ନାହିଁ କିଂବା କ୍ଷୀଣ ହୋଇଯାଏ ନାହିଁ । ଚିଦ୍‌ଗତତା ଅର୍ଥାତ୍ ଭୂମିସ୍ଥ ଆତ୍ମାଟି ଯାହା ଥିଲା ଠିକ୍ ସେହିପରି ରହିଥାଏ; ଏପରିକି ଜ୍ଞାନ, ସଂକଳ୍ପ, କ୍ରିୟା ତଥା ପ୍ରେମର ଶକ୍ତି ଆପଣାର କାର୍ଯ୍ୟଟିକୁ କରୁଥିଲେ ଏବଂ ଆପଣାର କାର୍ଯ୍ୟଟି ଲାଗି ଆବଶ୍ୟକ ହେଉଥିବା ବିବିଧ ରୂପ ଗ୍ରହଣ କରୁଥିଲେ ମଧ୍ୟ ଆତ୍ମା ଯାହା ଥିଲା ଠିକ୍ ସେହିପରି ରହିଥାଏ । ଏବଂ ସର୍ବଶେଷରେ ସବୁକିଛି ଭଗବାନଙ୍କର ସତ୍ତାରେ ତଥା ଜ୍ୟୋତିର୍ମୟ, ଚିଦ୍‌ଗତ, ଏକମେବ ଏବଂ ବିଶ୍ୱବ୍ୟାପ୍ତ ଶକ୍ତି ମଧ୍ୟରେ ସକଳ ବ୍ୟକ୍ତି, ଶକ୍ତି ଏବଂ ବସ୍ତୁଗୁଡ଼ିକ ସହିତ ଏକ ଜ୍ୟୋତିର୍ମୟ ଚିଦ୍‌ଗତ ଏକତ୍ୱର ରୂପ ଧାରଣ କରିନିଏ । ସେହି ବିଶ୍ୱବ୍ୟାପ୍ତ ଏକମେବ ଶକ୍ତି ମଧ୍ୟରେ ବ୍ୟକ୍ତିର ଆପଣା କାର୍ଯ୍ୟଟି ସମସ୍ତଙ୍କର କାର୍ଯ୍ୟର ଏକ ଅଭେଦ୍ୟ ଅଙ୍ଗରେ ପରିଣତ ହୋଇଯାଏ, ସେଥିରୁ ଆଉ କୌଣସିପ୍ରକାରେ ବିଭକ୍ତ ବା ବିଚ୍ଛିନ୍ନ ହୋଇ ରହେ ନାହିଁ, ମାତ୍ର ପ୍ରତ୍ୟେକଟି ସମ୍ବନ୍ଧକୁ ସେ ସମ୍ପୂର୍ଣ୍ଣ ଭାବରେ ତାଙ୍କ ବିଶ୍ୱାତ୍ମକ ଏକତ୍ୱର ବହିର୍ମୁଖୀ ଯାବତୀୟ ଭୂମି ଉପରେ ସେହି ଭଗବାନଙ୍କ ସହିତହିଁ ଏକ ସମ୍ବନ୍ଧରୂପେ ଅନୁଭବ କରେ । ଏହି ପୂର୍ଣ୍ଣତା ବା ବିପୁଳତାକୁ ଆମେ ଆମର ବିଶ୍ଳେଷଣଧର୍ମୀ ମନୋଗତ ବୁଦ୍ଧିଟି ଦ୍ୱାରା କ୍ୱଚିତ୍ ବର୍ଣ୍ଣନା କରିପାରିବା; କାରଣ ତାହା ତାହାର ଯାବତୀୟ ବିରୋଧଗୁଡ଼ିକୁ ଆଣି କାମରେ ଲଗାଏ, ମାତ୍ର ତଥାପି ସେଗୁଡ଼ିକୁ ଧରିପାରେ ନାହିଁ । ଆମର ଏହି ଅତିସୀମାବଦ୍ଧ ମାନସଭୂମିର ମନୋବିଜ୍ଞାନର ଭାଷାରେ ମଧ୍ୟ ଆମେ ତାହାକୁ ପ୍ରକାଶ କରିପାରିବା ନାହିଁ । ଏଇଟି ହେଉଛି ଚେତନାଗତ ଅନ୍ୟ ଏକ ରାଜ୍ୟର ସମ୍ପଦ, ଆମ ସତ୍ତାର ଅନ୍ୟ ଏକ ଭୂମିର ସମ୍ପଦ ।

'oaob.nitrkl.ac.in' images reprocessed

## ଚତୁର୍ଦ୍ଦଶ ପରିଚ୍ଛେଦ

# ସାଧନଗୁଡ଼ିକର ଶକ୍ତି

ଆମର ଏହି ସାଧାରଣ ପ୍ରକୃତିଟିର ସାଧନତତ୍ତ୍ୱର ସାମର୍ଥ୍ୟକୁ ସମୁନ୍ନତ, ବିସ୍ତୃତ ଏବଂ ବିଶୁଦ୍ଧ କରିଦେବା ହେଉଛି ଆତ୍ମ-ପରିପୂର୍ଣ୍ଣତା-ଯୋଗର ଦ୍ୱିତୀୟ ଅଙ୍ଗ । ଏହି ଦ୍ୱିତୀୟ ପୂର୍ଣ୍ଣତାର ଅନୁଶୀଳନଟି ଯେ ମନ ଓ ଚିଦ୍‌ଗତତାର ସମତାଟି ସୁଦୃଢ଼ ଭାବରେ ହାସଲ ହୋଇଯିବା ପର୍ଯ୍ୟନ୍ତ ଅବଶ୍ୟ ଅପେକ୍ଷା କରି ରହିବ, ସେପରି ଆଦୌ କୌଣସି ଆବଶ୍ୟକତା ନାହିଁ; ମାତ୍ର ଏକଥା ମଧ୍ୟ ସତ ଯେ କେବଳ ସେହିଭଳି ଏକ ଦୃଢ଼ତା ଉପରେହିଁ ତାହା ସମ୍ପୂର୍ଣ୍ଣତା ଲାଭ କରିପାରିବ ଏବଂ ଦିବ୍ୟ ମାର୍ଗଦର୍ଶନର ପୂର୍ଣ୍ଣ ସୁରକ୍ଷା ମଧ୍ୟରେ କାର୍ଯ୍ୟ କରିପାରିବ । ଆମର ପ୍ରକୃତିକୁ ଦିବ୍ୟତାର ଯାବତୀୟ କାର୍ଯ୍ୟ ଲାଗି ଏକ ଯୋଗ୍ୟ ସାଧନରୂପେ ତିଆରି କରି ରଖିବା ହେଉଛି ଏହି ଅନୁଶୀଳନର ଲକ୍ଷ୍ୟ । କେବଳ ଶକ୍ତି ଦ୍ୱାରାହିଁ ସକଳ କାର୍ଯ୍ୟ ସମ୍ଭବ ହେଉଛି; ଏବଂ, ପୂର୍ଣ୍ଣଯୋଗରେ କର୍ମକୁ ପରିତ୍ୟାଗ କରିବାର ଆଦୌ କୌଣସି କଳ୍ପନା ନଥିବାରୁ ଏବଂ ବରଂ ଦିବ୍ୟ ଚେତନାରୁ ଅନୁପ୍ରେରିତ ହୋଇ ଏବଂ ସର୍ବୋଚ୍ଚ ମାର୍ଗଦର୍ଶନ ଦ୍ୱାରା ପରିଚାଳିତ ହୋଇ ସକଳ କାର୍ଯ୍ୟ କରିବାର କଳ୍ପନା ରହିଥିବାରୁ, ଆମକୁ ଯେ କେବଳ ମନ, ପ୍ରାଣ ଓ ଦେହରୂପୀ ସାଧନଗୁଡ଼ିକର ସ୍ୱଭାବଗତ ସାମର୍ଥ୍ୟଗୁଡ଼ିକୁ ସେଗୁଡ଼ିକର ଯାବତୀୟ ଦୋଷଗୁଡ଼ିକରୁ ବିଶୁଦ୍ଧ କରି ଆଣିବାକୁ ପଡ଼ିବ ତା’ ନୁହେଁ, ମାତ୍ର ସେଗୁଡ଼ିକୁ ଏହି ବୃହତ୍ତର କ୍ରିୟାତ୍ମକତାଟିର ସମକକ୍ଷ କରି ଉନ୍ନୀତ ବି କରିନେବାକୁ ପଡ଼ିବ । ପରିଶେଷରେ ସେଗୁଡ଼ିକୁ ଏକ ଚିଦ୍‌ଗତ ଏବଂ ଅତିମାନସ ରୂପାନ୍ତର ମଧ୍ୟଦେଇ ଗତି କରିବାକୁ ପଡ଼ିବ ।

ଆତ୍ମ-ପରିପୂର୍ଣ୍ଣତାର ସାଧନାର ଏହି ଦ୍ୱିତୀୟ ଭାଗଟିରେ ଚାରୋଟି ଅଙ୍ଗ ରହିଛି ଏବଂ ପ୍ରଥମଟି ହେଉଛି ସମ୍ୟକ୍ ଶକ୍ତିର ଅଙ୍ଗ, ଅର୍ଥାତ୍ ବୁଦ୍ଧି, ହୃଦୟ, ପ୍ରାଣିକ ମନ ତଥା ଦେହର ସମ୍ୟକ୍ ବା ଯଥୋଚିତ ସ୍ଥିତି । ବର୍ତ୍ତମାନ ଏଠାରେ ଏହି ଚାରୋଟି ଭିତରୁ କେବଳ ସର୍ବଶେଷଟିର ଏକ ପ୍ରାଥମିକ ପୂର୍ଣ୍ଣତା ବିଷୟରେହିଁ କିଛିଟା ସୂଚନା ଦେବା ସମ୍ଭବ ହେବ; କାରଣ କେବଳ ଅତିମାନସ ତଥା ସତ୍ତାର ଅବଶିଷ୍ଟ

'oaob.nitrkl.ac.in' images reprocessed

ସ୍ତରଟି ଉପରେ ପଡ଼ିଥିବା ତାହାର ପ୍ରଭାବଟି ବିଷୟରେ ମୁଁ ଆଲୋଚନା କରିସାରିବା ପରେ ଯାଇ ସମ୍ପୂର୍ଣ୍ଣ ସିଦ୍ଧିଟି ବିଷୟରେ ଆଲୋଚନା କରାଯାଇ ପାରିବ । ଶରୀରକୁ ଆମେ ଯେ ଯାବତୀୟ କ୍ରିୟାର ଭୌତିକ ଅଂଶଟିରେ କେବଳ ଏକ ଆବଶ୍ୟକ ବହିଃସାଧନ ବୋଲି କହୁଥିବା ତା' ନୁହେଁ, ମାତ୍ର ଏହି ଜୀବନର କେତେକେତେ ଉଦ୍ଦେଶ୍ୟସାଧନ ଲାଗି ଅନୁଷ୍ଠିତ ହେଉଥିବା ଯାବତୀୟ ଅନ୍ତର୍ଗତ କ୍ରିୟାଟି ଲାଗି ଏକ ଆଧାର ବା ଆସ୍ଥାନ ବୋଲି ମଧ୍ୟ କହିପାରିବା । ମନ ଅଥବା ଚିଦ୍‌ଗତତାର ଯାବତୀୟ କାର୍ଯ୍ୟରେ ଜଡ଼ଚେତନା ମଧ୍ୟରେ ତାହାର ଏକ ସ୍ପନ୍ଦନ ମଧ୍ୟ ଜାତ ହୋଇଥାଏ; ଏକ ପ୍ରକାରର ଗୌଣ ଦେହଗତ ସଙ୍କେତରୂପେ ତାହା ସେଠାରେ ଆପଣାକୁ ଅଙ୍କିତ କରି ରଖେ ଏବଂ ଭୌତିକ ସାଧନଟିର ମାଧ୍ୟମରେ ଜଗତ ସମକ୍ଷରେ ଆପଣାକୁ ଅନ୍ତତଃ କେତେକାଂଶରେ ପ୍ରକାଶିତ ବି କରିଦିଏ । ମାତ୍ର ମନୁଷ୍ୟପ୍ରକୃତିର ସାମର୍ଥ୍ୟଗତ କେତେକ ସ୍ୱାଭାବିକ ସୀମା ମଧ୍ୟ ରହିଛି ଏବଂ ତାହା ସେଗୁଡ଼ିକୁ ଆପଣା ସତ୍ତାର ଉଚ୍ଚତର ଭାଗଗୁଡ଼ିକର କ୍ରୀଡ଼ାଟି ଉପରେ ବି ନେଇ ଲଦି ଦେଇଥାଏ । ଦ୍ୱିତୀୟତଃ, ତାହାର ଏକ ସ୍ୱକୀୟ ଅବଚେତନ ଚେତନା ମଧ୍ୟ ରହିଛି, ଯାହା ଭିତରେ କି ତାହା ସତେଅବା ଏକ ଅନମନୀୟ ନିଷ୍ଠା ଓ ଅନୁଗତତା ସହିତ ମନୋମୟ ତଥା ପ୍ରାଣିକ ସତ୍ତାର ପୂର୍ବତନ ଅଭ୍ୟାସ ଓ ପୂର୍ବତନ ପ୍ରକୃତିଟିକୁ ସଞ୍ଚିତ କରି ରଖିଥାଏ ଏବଂ ଯାହାକି ସ୍ୱପ୍ରକୃତି ଦ୍ୱାରା ପ୍ରେରିତ ହୋଇ ଯେକୌଣସିପ୍ରକାର ଊର୍ଦ୍ଧ୍ୱାଭିମୁଖୀ ପରିବର୍ତ୍ତନର ବିରୋଧ ବା ପଥରୋଧ ମଧ୍ୟ କରିବାକୁ ବାହାରିଥାଏ ବା ଅନ୍ତତଃ ଏହି ପରିବର୍ତ୍ତନକୁ ସମୁଦାୟ ପ୍ରକୃତିଟିର ଏକ ମୌଳିକ ପରିବର୍ତ୍ତନରେ ପରିଣତ ହେବାକୁ ନିବୃତ୍ତ କରି ରଖେ । ଏକଥାଟି ସ୍ପଷ୍ଟ ହୋଇଯିବା ଉଚିତ ଯେ ଆମକୁ ଏକ ଦିବ୍ୟତର ଶକ୍ତିମତ୍ତାର ବଳ ଦ୍ୱାରା ପରିଚାଳିତ ହେଉଥିବା ଏବଂ ତାହାର ସ୍ୱଭାବଟିକୁ ପରିପୁଷ୍ଟି କରି ଦେଉଥିବା ଏକ ମୁକ୍ତ ଦିବ୍ୟ ବା ଚିଦ୍‌ଗତ ତଥା ଅତିମାନସ କ୍ରିୟାର ଅଧିକାରୀ ହେବାକୁ ହେଲେ ଶରୀରସ୍ଥ ପ୍ରକୃତିର ଏହି ବହିଃସ୍ୱଭାବଟିର କ୍ଷେତ୍ରରେ ମଧ୍ୟ ବେଶି ପୂର୍ଣ୍ଣ ବୋଲି ବୁଝାଯାଇ ପାରୁଥିବା ଏକ ରୂପାନ୍ତରକୁ ସମ୍ଭବ କରିବାକୁ ପଡ଼ିବ । ପୂର୍ଣ୍ଣତାର ସନ୍ଧାନୀମାନେ ମନୁଷ୍ୟର ଭୌତିକ ସତ୍ତାକୁ ସର୍ବଦା ଏକ ପ୍ରବଳ ପ୍ରତିବନ୍ଧକ ବା ବାଧାରୂପେହିଁ ଅନୁଭବ କରି ଆସିଛନ୍ତି ଏବଂ ବିରାଗ, ବର୍ଜନ ବା ଘୃଣା ସହିତ ଶରୀର ପାଖରୁ ବିମୁଖ ହୋଇ ରହିବା ସତେଅବା ଏକ ରୀତି ହୋଇ ରହିଆସିଛି ଏବଂ ଶରୀର ଓ ଭୌତିକ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ଅଥବା ଯଥାସମ୍ଭବ ଅଧିକ ପରିମାଣରେ ଦବାଇ ରଖିବାରହିଁ ଏକ ଅଭିଳାଷ ପ୍ରକଟ କରାଯାଇ ଆସିଛି । ମାତ୍ର ପୂର୍ଣ୍ଣଯୋଗ ଲାଗି ଆମେ ଏଇଟିକୁ କଦାପି ଏକ ପଦ୍ଧତି ବୋଲି ଗ୍ରହଣ କରିପାରିବା ନାହିଁ । ଆମର ଯାବତୀୟ କ୍ରିୟାତ୍ମକତାର ସମଗ୍ରତା ଲାଗି ଆବଶ୍ୟକ ହେଉଥିବା ଏକ ସାଧନରୂପେ ଆମକୁ ଆମ ଶରୀରଟି ଦିଆଯାଇଛି ଏବଂ ଏହି ସାଧନଟିକୁ ଆମକୁ

'oaob.nitrkl.ac.in' images reprocessed

କାମରେ ଲଗାଇବାକୁ ପଡ଼ିବ; ଆମେ ସେଇଟିକୁ ଅବହେଳିତ କରି ରଖିବା ନାହିଁ, ତାହାକୁ ଆଘାତ ଦେବା ନାହିଁ, ଦବାଇ ରଖିବା ନାହିଁ କିଂବା ତାହାର ବିନାଶ କରିବା ନାହିଁ । ଯଦି ଆମର ଏହି ଶରୀର ସେହି କାର୍ଯ୍ୟଟି ଲାଗି ଉପଯୁକ୍ତ ହୋଇ ତିଆରି ହୋଇ ନାହିଁ, ଧରା ନଦେଇ ବିରୋଧୀ ହୋଇ ରହିଛି, ଆମର ବୋଲ ମାନୁ ନାହିଁ, ତେବେ ଆମର ପ୍ରାଣିକ ସତ୍ତା, ହୃଦୟ, ମନ ଏବଂ ବୁଦ୍ଧି ପ୍ରଭୃତି ଅନ୍ୟ ଅଙ୍ଗଗୁଡ଼ିକ ବିଷୟରେ ମଧ୍ୟ ଠିକ୍ ସେହି କଥା କୁହାଯାଇ ପାରିବ । ସେଗୁଡ଼ିକ ପରି ଏହି ଦେହଟିରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡ଼ିବ, ଦେହକୁ ମଧ୍ୟ ପୁଣି କରି ଗଢ଼ିବାକୁ ହେବ ଏବଂ ତାହାକୁ ରୂପାନ୍ତର ମଧ୍ୟଦେଇ ନେଇଯିବାକୁ ପଡ଼ିବ । ଏକ ନୂତନ ପ୍ରାଣ, ନୂତନ ହୃଦୟ ଏବଂ ନୂତନ ମନର ଉପଲବ୍ଧି କଲା ପରି ଆମକୁ ଏକ ନିର୍ଦ୍ଦିଷ୍ଟ ଅର୍ଥରେ ଆମ ଲାଗି ଏକ ନୂତନ ଦେହର ମଧ୍ୟ ନିର୍ମାଣ କରିବାକୁ ପଡ଼ିବ ।

ଶରୀରକୁ ନେଇ ଆପଣାର ସର୍ବପ୍ରଥମ କ୍ରିୟାରୂପେ ସଂକଳ୍ପଶକ୍ତି ନିର୍ମୋହର ଭାବରେ ଶରୀର ଉପରେ ତାହାର ସମୁଦାୟ ସତ୍ତା, ସମୁଦାୟ ଚେତନା, ସମୁଦାୟ ସାମର୍ଥ୍ୟ ତଥା ସମଗ୍ର ବାହ୍ୟ ତଥା ଅନ୍ତର୍ଗତ କ୍ରିୟାର ଏକ ନୂତନ ଅଭ୍ୟାସକୁ ଆଣି ପକାଇବାର ଚେଷ୍ଟା କରିବ । ପ୍ରଥମେ ଉଚ୍ଚତର ସାଧନଗୁଡ଼ିକର ହାତରେ ମାତ୍ର ଶେଷରେ ଆତ୍ମା ତଥା ତାହାର ନିୟାମକ ଏବଂ ପ୍ରେରକ ଶକ୍ତିର ହାତରେ ସମ୍ପୂର୍ଣ୍ଣ ଭାବରେ ଗୋଟିଏ ସମ୍ମତ ଯନ୍ତ୍ର ହୋଇ ରହିବା ଲାଗି ମଧ୍ୟ ତାହାକୁ ଶିଖାଇବାକୁ ପଡ଼ିବ । ଶରୀର ଯେପରି ସ୍ୱକୀୟ କ୍ଷୁଦ୍ର ସୀମାଗୁଡ଼ିକୁ ଉତ୍କୃଷ୍ଟତର ଅଙ୍ଗଗୁଡ଼ିକ ଉପରେ ଆଣି ଲଦି ନଦିଏ, ମାତ୍ର ତାହା ଯେପରି ଆପଣାର କ୍ରିୟା ଏବଂ ପ୍ରତିସ୍ପନ୍ଦନଗୁଡ଼ିକୁ ସେସବୁର ଦାବି ଅନୁସାରେ ଢାଳିକରି ରଖେ ବା ଏପରି ବି କୁହାଯାଇ ପାରିବ ଯେ ଏକ ଉଚ୍ଚତର ସ୍ୱରର ତଥା ଉଚ୍ଚତର କୋଟୀର ପ୍ରତିସ୍ପନ୍ଦନଗୁଡ଼ିକର ବିକାଶ କରାଇପାରେ, ସେଥିଲାଗି ଶରୀରକୁ ଅନୁରୂପ ଭାବରେ ମଣ କରି ରଖିବାକୁ ପଡ଼ିବ । ବର୍ତ୍ତମାନ ସ୍ଥିତିରେ ପରମେଶ୍ୱରଙ୍କର ଏହି ମନୁଷ୍ୟରୂପୀ ବୀଣାଯନ୍ତ୍ରଟିରେ ଯେଉଁ ସଙ୍ଗୀତର ସୃଷ୍ଟି ହେଉଛି, ସେଥିରେ ଏହି ଶରୀର ଏବଂ ଶାରୀର ଚେତନାର ସ୍ୱରଟିରହିଁ ଏକ ବହୁତ ବଡ଼ ନିୟାମକ ଶକ୍ତି ରହିଛି । ଚିଦ୍‌ଗତତା, ଚୈତ୍ୟ ଆତ୍ମା ତଥା ଆମ ଶାରୀର ଜୀବନଟିର ପଛରେ ରହିଥିବା ବୃହତ୍ତର ଜୀବନଟିରୁ ଆମେ ଯେଉଁସବୁ ସଙ୍ଗୀତରାଗ ଲାଭ କରିପାରୁଛୁ, ତାହା ପ୍ରକୃତରେ ସମ୍ପୂର୍ଣ୍ଣ ମୁକ୍ତ ଭାବରେ ଆମ ପାଖରେ ଆସି ପହଞ୍ଚି ପାରୁ ନାହିଁ, ସେହି ସ୍ୱରଗୁଡ଼ିକ ପ୍ରକୃତରେ ଆପଣାର ଉଚ୍ଚାଙ୍ଗ, ଶକ୍ତିଶାଳୀ ଏବଂ ଉପଯୁକ୍ତ ମୂର୍ଚ୍ଛନାଗୁଡ଼ିକୁ ଆଦୌ ବିକଶିତ କରିପାରୁ ନାହାନ୍ତି । ଏହି ସ୍ଥିତିଟିକୁ ଆମକୁ ଓଲଟାଇ ଦେବାକୁ ପଡ଼ିବ; ଆମର ଶରୀର ତଥା ଶାରୀର ଚେତନାକୁହିଁ ଏହିସବୁ ଉଚ୍ଚତର ମୂର୍ଚ୍ଛନାକୁ ଗ୍ରହଣ କରିନେବାର ଓ ସେଗୁଡ଼ିକ ଅନୁସାରେ ଆପଣାକୁ ତିଆରି କରିବାର ଅଭ୍ୟାସଟିକୁ ବିକଶିତ କରାଇବାକୁ

'oaob.nitrkl.ac.in' images reprocessed

ପଡ଼ିବ ଏବଂ ସେ ଦୁହେଁ ନୁହନ୍ତି, ମାତ୍ର ଆମ ପ୍ରକୃତିର ଉତ୍କୃଷ୍ଟତର ଭାଗଗୁଡ଼ିକୁହିଁ ଆମ ଜୀବନ ତଥା ଆମ ସତ୍ତାର ସଙ୍ଗୀତଟିକୁ ନିରୂପିତ କରିଦେବାକୁ ପଡ଼ିବ ।

ଏହି ପରିବର୍ତ୍ତନଟି ଦିଗରେ ପ୍ରଥମ ପଦକ୍ଷେପଟି ହେଉଛି ଯେ ଆମର ମନ ତଥା ମନର ଭାବନା ଏବଂ ସଂକଳ୍ପ ଆମର ଶରୀର ତଥା ପ୍ରାଣକୁ ନିୟନ୍ତ୍ରିତ କରି ରଖିବା ଲାଗି ସମର୍ଥ ହେବେ । ସେହି ନିୟନ୍ତ୍ରଣସାମର୍ଥ୍ୟଟିକୁ ଏକ ଅତ୍ୟଧିକ ଉଚ୍ଚ ସ୍ତର ଯାଏ ବର୍ଦ୍ଧିତ କରି ନେଇଯିବାର ଅଭିପ୍ରାୟଟିହିଁ ଯାବତୀୟ ଯୋଗରେ ନିହିତ ହୋଇ ରହିଛି । ମାତ୍ର ତା'ପରେ ସ୍ୱୟଂ ମନ ମଧ୍ୟ ଆତ୍ମା ବା ଚିଦ୍‌ଗତତା ଲାଗି ବାଟ ଛାଡ଼ିଦେବ, ସେହି ଆଧ୍ୟାତ୍ମିକ ସାମର୍ଥ୍ୟ, ଅତିମାନସ ତଥା ଅତିମାନସ ଶକ୍ତି ଲାଗି ବାଟ ଛାଡ଼ିଦେବ । ଏବଂ ସର୍ବଶେଷରେ ଶରୀର ଏପରି ଏକ ପରିପୂର୍ଣ୍ଣ ଶକ୍ତି ଅର୍ଜନ କରିବ, ଯାହା ଦ୍ୱାରା କି ସେ ଆତ୍ମା ତା' ପାଖକୁ ବହନ କରି ଆଣୁଥିବା ଯାବତୀୟ ସାମର୍ଥ୍ୟକୁ ଧରି ରଖିବାକୁ ସମର୍ଥ ହେବ, ତାହାକୁ ବିକ୍ଷିପ୍ତ କରି ନଦେଇ, ତାହାକୁ ହଜାଇ ନଦେଇ ବା ସ୍ୱୟଂ ଭାଙ୍ଗିରୁଜି ନଯାଇ ତାହାର କ୍ରିୟାଟିକୁ ଧାରଣ କରି ରଖିପାରିବ । ଆଧ୍ୟାତ୍ମିକ ମନ, ଉଚ୍ଚତର ମନ ଅଥବା ପ୍ରାଣର ଯେତେବେଶୀ ପ୍ରବଳ ଶକ୍ତି ତା' ଭିତରେ ଭରି ଦିଆଯାଉ ପଛକେ, ତଥାପି ସେ ଯେପରି ତାହାକୁ ଧାରଣ କରିପାରିବ ଏବଂ ଯେପରି ସେହି ଶକ୍ତିଟି ଦ୍ୱାରା ଶକ୍ତିଶାଳୀ ଭାବରେ ବ୍ୟବହୃତ ମଧ୍ୟ ହୋଇପାରିବ ଏବଂ ସେହି ପ୍ରବଳ ଅନ୍ତଃପ୍ରବାହ ବା ଗୃପଟି ଦ୍ୱାରା ଶରୀର-ଯନ୍ତ୍ରର କୌଣସି ଭାଗ ଯେପରି କୌଣସିପ୍ରକାରେ ବିକ୍ଷୋଭିତ, ଅସ୍ତବ୍ୟସ୍ତ, ଭଗ୍ନ ବା ନଷ୍ଟ ହୋଇ ନଯାଏ, ଶରୀର ଭିତରେ ସେହିଭଳି ସାମର୍ଥ୍ୟ ରହିଥିବା ଦରକାର । ଉଦାହରଣସ୍ୱରୂପ, ଯେଉଁମାନେ ଉଚିତ ପ୍ରସ୍ତୁତି ନଥାଇ, ଅନୁପଯୁକ୍ତ ସାଧନଗୁଡ଼ିକ ଦ୍ୱାରା ଅବିବେକୀ ଭାବରେ ଯୋଗାଭ୍ୟାସ କରିବାର ଚେଷ୍ଟା କରିଥାଆନ୍ତି ବା ଯେଉଁ ଶକ୍ତିଟିକୁ ଧାରଣ କରିପାରିବା ଲାଗି ସେମାନେ ବୌଦ୍ଧିକ, ନୈତିକ ଓ ପ୍ରାଣିକ ଦୃଷ୍ଟିରୁ ଅଯୋଗ୍ୟ ହୋଇ ରହିଥାଆନ୍ତି, ନବୁଝି ନବିଚାରି ଅତ୍ୟୁତ୍ସୁକତା ଦେଖାଇ ଯେଉଁମାନେ ସେହି ଶକ୍ତିର ଆବାହନ କରିଥାଆନ୍ତି, ସେମାନଙ୍କର ମସ୍ତିଷ୍କ, ପ୍ରାଣିକ ସ୍ୱାସ୍ଥ୍ୟ ଅଥବା ନୀତିଗତ ସ୍ୱଭାବ ଅନେକ ସମୟରେ ବଡ଼ କ୍ଷତବିକ୍ଷତ ହୋଇ ପଡ଼ିଥାଏ । ଏବଂ ଏହିପରି ଭାବରେ ଉଚ୍ଚତର ଶକ୍ତିଟି ଦ୍ୱାରା ପୂର୍ଣ୍ଣ ହୋଇଯାଇ ପାରିଲେ ମଧ୍ୟ ଶରୀରର ଏଥିଲାଗି ବି ଯଥେଷ୍ଟ କ୍ଷମତା ଅବଶ୍ୟ ରହିଥିବା ଦରକାର ଯେ ସିଏ ବର୍ତ୍ତମାନ ଆମ ଲାଗି ଅସାଧାରଣ ହୋଇ ରହିଥିବା ସେହି ଆଧ୍ୟାତ୍ମିକ ବା କୌଣସି ଅନ୍ୟ ପ୍ରକାରର କାରଣ-ଶକ୍ତିଟିର ସଂକଳ୍ପ ଅନୁସାରେ ଆପଣାକୁ ସ୍ୱାଭାବିକ ଓ ସ୍ୱୟଂକ୍ରିୟ ଭାବରେ ଉଚିତ ରୀତିରେ କାର୍ଯ୍ୟକାରୀ କରିପାରିବ; ଏପରି କରି ସେହି ଶକ୍ତିର ଉଦ୍ଦେଶ୍ୟ ତଥା ପ୍ରେରଣାବଳଟିକୁ ଆଦୌ ବିକୃତ ଏବଂ କ୍ଷୀଣ କରି ପକାଇବ ନାହିଁ ବା ତାହାକୁ କୌଣସିପ୍ରକାର ମିଥ୍ୟା-ରୂପରେ ପରିଣତ

'oaob.nitrkl.ac.in' images reprocessed

କରିଦେବ ନାହିଁ । ଭୌତିକ ଚେତନା, ଭୌତିକ ସାମର୍ଥ୍ୟକ୍ଷେତ୍ର ଏବଂ ଭୌତିକ ଯନ୍ତ୍ରଟିରେ ଏହି ଧାରଣଶକ୍ତିଟି ଉପସ୍ଥିତ ରହିବାକୁହିଁ ଆମେ ଶରୀରର ସର୍ବୋତ୍ତମ ସିଦ୍ଧି ବା ପର୍ଯ୍ୟାପ୍ତତା ବୋଲି ଜାଣିରଖିବା ।

ଏହିସବୁ ପରିବର୍ତ୍ତନ ଫଳରେ ଶରୀର ଚିତ୍‌ଗତତାର ଏକ ପରିପୂର୍ଣ୍ଣ ସାଧନରେ ପରିଣତ ହୋଇ ଆସିବ । ଏହି ଶରୀରଟିର କ୍ଷେତ୍ରରେ ତଥା ଶରୀରଟିର ମାଧ୍ୟମରେ ଚିତ୍‌ଗତ ଶକ୍ତି ଯାହାକିଛି ଇଚ୍ଛା କରିବ ଓ ଯେପରି ଇଚ୍ଛା କରିବ, ତାହା କରିବାକୁ ସମର୍ଥ ହେବ । ତାହା ମନର, ଅଥବା, ଏକ ଉଚ୍ଚତର ସୋପାନରେ, ଅତିମାନସର ଅସୀମ କ୍ରିୟାର ସଞ୍ଚାଳନ କରିବାକୁ ସମର୍ଥ ହୋଇଯିବ ଏବଂ ଶରୀର କ୍ଳାନ୍ତି, ଅସାମର୍ଥ୍ୟ, ଅପଟୁତା ବା ମିଥ୍ୟାଗ୍ରସ୍ତତାର କୌଣସି କାରଣ ଦେଖାଇ ସେହି କ୍ଷେତ୍ରରେ କୌଣସିପ୍ରକାର ବିଶ୍ୱାସଘାତକତା କରିବାକୁ ଯିବ ନାହିଁ । ସେହି ଶକ୍ତି ଶରୀର ମଧ୍ୟରେ ପ୍ରାଣଶକ୍ତିର ପରିପୂର୍ଣ୍ଣ ଧାରଟିକୁ ପ୍ରବାହିତ କରିବାରେ ଏବଂ ପୂର୍ଣ୍ଣତାପ୍ରାପ୍ତ ପ୍ରାଣସତ୍ତାର ଏକ ପ୍ରସାରଯୁକ୍ତ କର୍ମ ତଥା ଆନନ୍ଦକୁ ସମ୍ଭବିତ କରିଦେବାରେ ମଧ୍ୟ ସମର୍ଥ ହୋଇଯିବ; ମାତ୍ର ଆମର ନିତ୍ୟନୈମିତ୍ତିକ ପ୍ରାଣଗତ ସହଜାତ ପ୍ରବୃତ୍ତି ତଥା ପ୍ରାଣାବେଗ ଏବଂ ସେଗୁଡ଼ିକ କାମରେ ଲଗାଇବାକୁ ବାଧ୍ୟ ହେଉଥିବା ଅପୂର୍ଣ୍ଣ ଶରୀର-ଯନ୍ତ୍ରଟି ମଧ୍ୟରେ ଯେଉଁ କଳହ ଏବଂ ବିଷମତାର ସମ୍ଭାବନା ଉତ୍ପନ୍ନ ହୋଇଥାଏ, ଏ କ୍ଷେତ୍ରରେ ତାହା ଆଦୌ ଉତ୍ପନ୍ନ ହେବ ନାହିଁ । ଏବଂ ସେହି ଅଧ୍ୟାତ୍ମଶକ୍ତି ଅଧ୍ୟାତ୍ମଭାବ ଦ୍ୱାରା ସଞ୍ଚାରିତ ହୋଇ ରହିଥିବା ଚୈତ୍ୟ ସତ୍ତାର ମଧ୍ୟ ଏକ ପୂର୍ଣ୍ଣ କ୍ରିୟାର ସଞ୍ଚାଳନା ଲାଗି ସମର୍ଥ ହୋଇଯିବ ଓ ତାହା ଶରୀରର ନିମ୍ନତର ସହଜାତ ପ୍ରବୃତ୍ତିଗୁଡ଼ିକ ଦ୍ୱାରା କୌଣସିପ୍ରକାରେ ମିଥ୍ୟାଗ୍ରସ୍ତ ହୋଇପଡ଼ିବ ନାହିଁ, ସ୍ଖଳିତ ବା ଦୂଷିତ ବି ହୋଇପଡ଼ିବ ନାହିଁ; ଏହିପରି ଭାବରେ ତାହା ଭୌତିକ କ୍ରିୟା ତଥା ଅଭିବ୍ୟକ୍ତିକୁ ସେହି ଉଚ୍ଚତର ଚୈତ୍ୟ ଜୀବନର ଏକ ମୁକ୍ତ ସ୍ୱରୂପେ ବ୍ୟବହାର ମଧ୍ୟ କରିପାରିବ । ଏବଂ ସ୍ୱୟଂ ଶରୀରଟି ମଧ୍ୟରେ ଧାରଣ କରି ରଖିଥିବା ଶକ୍ତିଟିର ଏକ ବୃହତ୍ତର ତଥା ବହିର୍ଗତ ହେଉଥିବା ଏବଂ କାର୍ଯ୍ୟସଞ୍ଚାଳନ କରୁଥିବା ଶକ୍ତିଟିର ଏକ ପରିପୂର୍ଣ୍ଣ ବଳ, ଶକ୍ତିମତ୍ତା ଏବଂ ପ୍ରେରଣାର ଉପସ୍ଥିତ ବିଦ୍ୟମାନ ହୋଇ ଆସିବ; ସ୍ନାୟୁଗତ ଓ ଭୌତିକ ସତ୍ତା କ୍ରମଶଃ ହାଲୁକା ହୋଇଆସିବ, ସ୍ଫୂର୍ତ୍ତିରେ ଭରିଯିବ, ସମୁଦାୟ ଦେହଯନ୍ତ୍ର ଓ ତାହାକୁ ସଞ୍ଚାଳିତ କରି ରଖିଥିବା ସାଧନଗୁଡ଼ିକରେ ଏକ ଧାରଣ ତଥା ପ୍ରତିସ୍ପନ୍ଦନସମର୍ଥ ଶକ୍ତି ମଧ୍ୟ ଉତ୍ପନ୍ନ ହୋଇ ଆସିବ ।* ଆପଣାର ବଳିଷ୍ଠତମ ଓ ସର୍ବୋତ୍ତମ ସ୍ଥିତିରେ ମଧ୍ୟ ଶରୀର ବର୍ତ୍ତମାନ ଏସବୁ ଲାଗି ଅସମର୍ଥ ହୋଇ ରହିଛି ।

* ମହତ୍ତ୍ୱ, ବଳ, ଲଘୁତା, ଧାରଣ-ସାମର୍ଥ୍ୟ ।

ଏହି ଶକ୍ତିଟି ମୂଳତଃ ଏକ ବାହ୍ୟ, ଭୌତିକ ବା ମାଂସପେଶୀଗତ ବଳ ହୋଇ ରହିବ ନାହିଁ, ମାତ୍ର ଏହା ଆପଣା ପ୍ରକୃତିରେ ପ୍ରଥମତଃ ଏକ ଅସୀମ ପ୍ରାଣିକ ଶକ୍ତି ହେବ, ଏବଂ ଦ୍ୱିତୀୟତଃ, ଏହି ପ୍ରାଣିକ ଶକ୍ତିକୁ ଧାରଣ କରି ଓ ତାହାକୁ କାର୍ଯ୍ୟରେ ଲଗାଇ ଶରୀର ମଧ୍ୟରେ କାର୍ଯ୍ୟ କରୁଥିବା ଏକ ଉଚ୍ଚତର ବା ସର୍ବୋଚ୍ଚ ସଂକଳ୍ପଶକ୍ତି ହୋଇ ରହିବ । ଶରୀର ବା ରୂପଟି ମଧ୍ୟରେ ପ୍ରାଣିକ ଶକ୍ତିର କ୍ରୀଡ଼ା ହେଉଛି ଯାବତୀୟ କ୍ରିୟାର ସର୍ତ୍ତ; ଏପରିକି ସବୁଠାରୁ ଅଧିକ ଜଡ଼ ବୋଲି ପ୍ରତୀତ ହେଉଥିବା ଭୌତିକ କ୍ରିୟାର ମଧ୍ୟ ସର୍ତ୍ତ । ପ୍ରାଚୀନ ମନୀଷୀମାନେ ଏହାକୁ ଯେପରି ଭାବରେ ଜାଣିଥିଲେ, ଏହି ବିଶ୍ୱଗତ ପ୍ରାଣଶକ୍ତିହିଁ ନାନାବିଧ ରୂପ ଧାରଣ କରି ବିଦ୍ୟୁତ୍‌-ଅଣୁ, ପରମାଣୁ ଓ ଗ୍ୟାସ୍‌ରୁ ଆରମ୍ଭ କରି ଧାତୁ, ଉଦ୍‌ଭିଦ ଓ ଇତରପ୍ରାଣୀ ସମେତ ମନୁଷ୍ୟ ପର୍ଯ୍ୟନ୍ତ ଯାବତୀୟ ଭୌତିକ ପଦାର୍ଥରେ ଜଡ଼ଶକ୍ତିକୁ ଧାରଣ କରି ରଖିଛି ଓ ତାହାର ସଞ୍ଚାଳନ କରିବାରେ ଲାଗିଛି । ଏହି ପ୍ରାଣିକ ଶକ୍ତି ଯେପରି ଅଧିକ ମୁକ୍ତ ଏବଂ ବଳଯୁକ୍ତ ଭାବରେ ଶରୀର ମଧ୍ୟରେ କାର୍ଯ୍ୟ କରିପାରିବ, ତାହାହିଁ ଜ୍ଞାତସାରରେ ଅଥବା ଅଜ୍ଞାତସାରରେ ଶରୀରର ବା ଶରୀରରେ ଏକ ବୃହତ୍ତର ପରିପୂର୍ଣ୍ଣତା ଅର୍ଜନ କରିବାର ପ୍ରୟାସ କରି ଆସିଥିବା ସମସ୍ତଙ୍କର ଉଦ୍ୟମ ହୋଇ ରହିଛି । ଶାରୀରିକ ବ୍ୟାୟାମ ଏବଂ ଅନ୍ୟାନ୍ୟ ଉପାୟରେ ସାଧାରଣ ମଣିଷ ଯାନ୍ତ୍ରିକ ଭାବରେ ତାହାକୁହିଁ ହାସଲ କରିବାକୁ ଚେଷ୍ଟା କରିଥାଏ; ଯେତେ ବୃହତ୍ତର ପରିସରରେ ଏବଂ ଅଧିକ ସ୍ଥିତିସ୍ଥାପକତା ସହିତ ହେଲେ ମଧ୍ୟ ହଠଯୋଗ ତଥାପି ସେହି ଯାନ୍ତ୍ରିକ ଭାବରେହିଁ ଆସନ ତଥା ପ୍ରାଣାୟାମ ଦ୍ୱାରା ସେହି ଚେଷ୍ଟା କରିଥାଏ । ମାତ୍ର ଆମର ଉଦ୍ଦେଶ୍ୟଟିର ସାଧନ ଲାଗି ଅପେକ୍ଷାକୃତ ଅଧିକ ସୂକ୍ଷ୍ମ, ଅଧିକ ମୂଳଭୂତ ଏବଂ ଅଧିକ ଅନୁକୂଳନସମର୍ଥ କେତୋଟି ଉପାୟ ଦ୍ୱାରା ତାହା ଅର୍ଜନ କରାଯାଇ ପାରିବ । ପ୍ରଥମତଃ ମନରେ ରହିଥିବା ଏକ ଇଚ୍ଛା ଆମେ ଶକ୍ତି ଆହରଣ କରୁଥିବା ସେହି ବିଶ୍ୱବ୍ୟାପ୍ତ ବିରାଟ ପ୍ରାଣଶକ୍ତିଟି ଆଡ଼କୁ ଆପଣାକୁ ପ୍ରଶସ୍ତ ଭାବରେ ଉନ୍ମୁକ୍ତ କରିଦେବ, ଶକ୍ତିଶାଳୀ ଭାବରେ ଆପଣା ମଧ୍ୟକୁ ତାହାର ଆବାହନ କରି ଆଣିବ ଏବଂ ତାହାର ବଳିଷ୍ଠତର ଉପସ୍ଥିତି ଏବଂ ଅଧିକ ଶକ୍ତିଶାଳୀ କ୍ରିୟାଟିକୁ ଶରୀର ମଧ୍ୟରେ ପ୍ରତିଷ୍ଠାପିତ କରି ରଖିବ । ଦ୍ୱିତୀୟତଃ, ମନରେ ରହିଥିବା ଏକ ଇଚ୍ଛା ଆପଣାକୁ ଅଧିକତର ଭାବରେ ଚିଦ୍‌ଗତତା ଓ ତାହାର-ଶକ୍ତିମତ୍ତାଟି ଲାଗି ଉନ୍ମୁକ୍ତ କରିଦେବ ଏବଂ ଊର୍ଦ୍ଧ୍ୱଦେଶରୁ ଏକ ଉଚ୍ଚତର ପ୍ରାଣିକ ଶକ୍ତି ଅର୍ଥାତ୍ ଏକ ଅତିମାନସ ପ୍ରାଣଶକ୍ତିର ଆବାହନ କରିଆଣିବ; ଓ ତୃତୀୟତଃ ଏବଂ ସର୍ବଶେଷ ପଦକ୍ଷେପରୂପେ ଚିଦ୍‌ଗତତା ମଧ୍ୟରେ ଅବସ୍ଥିତ ରହିଥିବା ସେହି ସର୍ବୋଚ୍ଚ ଅତିମାନସ ସଂକଳ୍ପଟି ଏହି ଶରୀର ମଧ୍ୟରେ ଆସି ପ୍ରବେଶ କରିବ ଏବଂ ଶରୀରକୁ ପରିପୂର୍ଣ୍ଣ ଭାବରେ ଗଢ଼ିବାର କାର୍ଯ୍ୟଟିକୁ ପ୍ରତ୍ୟକ୍ଷ ଭାବରେ ଆପଣା ହାତକୁ ନେଇଯିବ । ବସ୍ତୁତଃ, ସର୍ବଦା ସେହି ଅନ୍ତରିକ୍ଷ

'oaob.nitrkl.ac.in' images reprocessed

ଏକ ସଂକଳ୍ପହିଁ ପ୍ରାଣରୂପୀ ସାଧନଟିକୁ ପରିଚାଳିତ କରୁଥାଏ ଓ ତାହାକୁ କାର୍ଯ୍ୟକ୍ଷମ କରି ରଖିଥାଏ; ଏପରିକି ଶୁଦ୍ଧ ଭୌତିକ ବୋଲି ପ୍ରଖ୍ୟାତ ହେଉଥିବା ସାଧନଗୁଡ଼ିକୁ ବ୍ୟବହାର କରୁଥିବା ସମୟରେ ମଧ୍ୟ କେବଳ ତାହାହିଁ ହୋଇ ରହିଥାଏ । ମାତ୍ର ପ୍ରଥମେ ତାହା ଯନ୍ତ୍ରର ସ୍ଥିତି ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଥାଏ । ଯେତେବେଳେ ଆମେ ଆହୁରି ଉଚ୍ଚକୁ ଉଠି ଯାଇପାରୁ, ସେତେବେଳେ ସମ୍ବନ୍ଧଟି କ୍ରମେ ଓଲଟି ଯିବାକୁ ଲାଗେ; ସେତେବେଳେ ତାହା ଆପଣା ଶକ୍ତିବଳରେହିଁ କାର୍ଯ୍ୟ କରିବାକୁ ସମର୍ଥ ହୁଏ ଅର୍ଥାତ୍ ଅବଶିଷ୍ଟ ଅନ୍ୟଗୁଡ଼ିକୁ ଏକ ଅଧୀନସ୍ଥ ନୈମିତ୍ତିକତା ରୂପେ କାର୍ଯ୍ୟରେ ଲଗାଇବାର କ୍ଷମତା ଅର୍ଜନ କରେ ।

ଅଧିକାଂଶ ମନୁଷ୍ୟ ଦେହରେ ରହିଥିବା ଏହି ପ୍ରାଣିକ ଶକ୍ତିଟି ବିଷୟରେ ଆଦୌ ସଚେତନ ନଥାନ୍ତି ଏବଂ ତେଣୁ ତାହା ପ୍ରେରିତ କରି ରଖିଥିବା ଓ ଆପଣାର ବାହନରୂପେ ବ୍ୟବହାର କରୁଥିବା ଅପେକ୍ଷାକୃତ ଅଧିକ ଜଡ଼ରୂପ ଶକ୍ତିଟିରୁ ତାହାକୁ ପୃଥକ୍ କରି ଅନୁଭବ କରିପାରନ୍ତି ନାହିଁ । ମାତ୍ର ଯୋଗାଭ୍ୟାସ ଦ୍ୱାରା ଚେତନା ଅଧିକରୁ ଅଧିକ ସୂକ୍ଷ୍ମ ହୋଇ ଆସିବା ସଙ୍ଗେସଙ୍ଗେ ଆମେ ଆମ ଚତୁର୍ଦ୍ଦିଗରେ ଅବସ୍ଥିତ ପ୍ରାଣମୟ ଶକ୍ତିସମୁଦ୍ରଟି ବିଷୟରେ ସଚେତନ ଓ ସଜ୍ଞାନ ହୋଇଉଠୁ, ତାହାକୁ ଆମର ମନୋମୟ ଚେତନାଟି ଦ୍ୱାରା ଅନୁଭବ କରିପାରୁ, ଏକ ମନୋମୟ ବୋଧ ସହିତ ତାହାକୁ ମୂର୍ତ୍ତିରୂପେ ଅନୁଭବ କରୁ, ତାହାର ଗତିପଥ ତଥା ଗତିସ୍ପନ୍ଦନଗୁଡ଼ିକୁ ଅନୁଭବ କରୁ ଏବଂ ସଂକଳ୍ପଶକ୍ତିର ସାହାଯ୍ୟରେ ତାହାକୁ ପ୍ରତ୍ୟକ୍ଷ ଭାବରେ ପରିଚାଳିତ କରିପାରୁ, ତାହା ଉପରେ କାର୍ଯ୍ୟ ମଧ୍ୟ କରିବାକୁ ସମର୍ଥ ହେଉ । ମାତ୍ର ଏହିପରି ଭାବରେ ସେଇଟି ବିଷୟରେ ସଜ୍ଞାନ ହୋଇ ଉଠିବା ଯାଏ ଆମକୁ ସେହି ଶକ୍ତିଟି ପ୍ରକୃତରେ ଅବସ୍ଥିତ ରହିଛି ଏବଂ ଏହି ପ୍ରାଣଶକ୍ତି ଉପରେ ଆହୁରି ଅଧିକ କ୍ଷମତା ତଥା ବ୍ୟବହାରସାମର୍ଥ୍ୟ ବିକଶିତ କରିପାରିବା ଲାଗି ଆମ ଇଚ୍ଛାଶକ୍ତିର ମଧ୍ୟ ସାମର୍ଥ୍ୟ ରହିଛି ବୋଲି ଆମକୁ ଏକ କାର୍ଯ୍ୟକ୍ଷେତ୍ରଗତ ବା ଅନ୍ତତଃ ଏକ ବ୍ୟାବହାରିକ ବିଶ୍ୱାସ ଅବଶ୍ୟ ହାସଲ୍ କରିବାକୁ ପଡ଼ିବ । ଶରୀରର ଅବସ୍ଥା ତଥା ସ୍ଥିତି ଉପରେ ଆପଣାର ସଂକଳ୍ପକୁ ଆଣି ଅଧିଷ୍ଠିତ କରି ରଖିବା ଲାଗି ଆମ ମନର ଯେ ଏକ ଶକ୍ତି ରହିଛି, ସେହିଭଳି ଏକ ଶ୍ରଦ୍ଧା ରହିବା ଏକାନ୍ତ ଆବଶ୍ୟକ; ଯେଉଁମାନେ ବିଶ୍ୱାସ, ଇଚ୍ଛାଶକ୍ତି ଏବଂ ମାନସ କ୍ରିୟା ଦ୍ୱାରା ରୋଗର ଆରୋଗ୍ୟ କରିଥାନ୍ତି, ଏଠାରେ ସେହିମାନଙ୍କର ଶ୍ରଦ୍ଧା ଭଳି ଏକ ଶ୍ରଦ୍ଧାର କଥା କୁହାଯାଉଛି । ମାତ୍ର କେବଳ ଏଇଥିଲାଗି ବା ଅନ୍ୟ କୌଣସି ସୀମାବଦ୍ଧ ଉପଯୋଗ ଲାଗି ଯେ ଆମେ ଏହି ନିୟନ୍ତ୍ରଣଟିକୁ ଲାଭ କରିବାକୁ ଚେଷ୍ଟା କରିବା ତା' ନୁହେଁ, ମାତ୍ର ବ୍ୟାପକ ଭାବରେ ଏକ ବାହ୍ୟ ତଥା କ୍ଷୁଦ୍ରତର ସାଧନ ଉପରେ ଅନ୍ତର୍ଗତ ତଥା ବୃହତ୍ତର ଆଉ ଗୋଟିଏ ସାଧନର ନ୍ୟାଯ୍ୟତଃ ରହିଥିବା ଶକ୍ତିରୂପେହିଁ ଆମେ ତାହାକୁ ପାଇବା ଲାଗି ଚେଷ୍ଟା

'oaob.nitrkl.ac.in' images reprocessed

କରିବା । ଏହି ଶ୍ରଦ୍ଧାଟି ସହିତ ଆମ ମନର ଅତୀତ-ସଂସ୍କାରଗତ ଅଭ୍ୟାସଗୁଡ଼ିକର କେତେ ସଂଘର୍ଷ ଲାଗିବ, ଆମର ଏହି ବର୍ତ୍ତମାନସ୍ଥ ଅପୂର୍ଣ୍ଣ ବ୍ୟବସ୍ଥାଟିରେ ତାହା ସାଧାରଣତଃ ଯେଉଁ ଆପେକ୍ଷିକ ଅସହାୟତାର ଅନୁଭୂତିଟି ଲାଭ କରିଥାଏ, ତାହାର ବାସ୍ତବ ଅଭିଜ୍ଞତା ଏହି କ୍ଷେତ୍ରରେ ଆସି କେତେ ପ୍ରତିରୋଧ କରିବ; ଏବଂ ଶରୀର ତଥା ଭୌତିକ ଚେତନା ଉପରେ ରହିଥିବା ଆମର ସେହି ବିରୋଧୀ ବିଶ୍ୱାସଟି ମଧ୍ୟ କେତେ କନ୍ଦଳ ଲଗାଇ ବସିବ । ମାତ୍ର ଆମେ ଅବିଚଳ ଭାବରେ ଅଗ୍ରସର ହୋଇଯିବା ସଙ୍ଗେସଙ୍ଗେ ଓ ଆମର ଅନୁଭୂତି ଆଗରେ ଏହି ଶକ୍ତିଟି ଆପଣାର ନାନା ପ୍ରମାଣ ଦେଇ ଯାଉଥିବାର ଆବିଷ୍କାର କରିବା ସଙ୍ଗେସଙ୍ଗେ ମନରେ ରହିଥିବା ସେହି ଶ୍ରଦ୍ଧାଟି ମଧ୍ୟ ଅଧିକ ଦୃଢ଼ ଭାବରେ ଆପଣାକୁ ପ୍ରତିଷ୍ଠିତ କରି ରଖିପାରିବ ଏବଂ ଆପଣା ଶକ୍ତିରେ ଉତ୍ତରୋତ୍ତର ବୃଦ୍ଧିପ୍ରାପ୍ତ ହୋଇ ଯାଉଥିବ । ଶରୀର ଉପରେ ରହି ଆସିଥିବା ସେହି ବିରୋଧୀ ବିଶ୍ୱାସଟି ମଧ୍ୟ ବଦଳିଯିବ; ତାହା ପ୍ରଥମେ ଯେଉଁସବୁ କଥାକୁ ଅସ୍ୱୀକାର କରୁଥିଲା, ସେଗୁଡ଼ିକୁ ସ୍ୱୀକାର କରିନେବାକୁ ଆରମ୍ଭ କରିବ; ଏବଂ ଆପଣା ଅଭ୍ୟାସଗୁଡ଼ିକର କ୍ଷେତ୍ରରେ କେବଳ ଯେ ଏହି ନୂତନ ନିୟନ୍ତ୍ରଣଟିକୁ ସ୍ୱୀକାର କରିନେବ ତା' ନୁହେଁ, ମାତ୍ର ସେହି ଉଚ୍ଚତର ଶକ୍ତିର ନିଯୁକ୍ତି ଲାଗି ସ୍ୱୟଂ ଉଚ୍ଚ ଶକ୍ତିଟିକୁ ଆବାହନ କରିଆଣିବ । ପରିଶେଷରେ ଆମେ ଏହି ସତ୍ୟଟିକୁ ମଧ୍ୟ ଉପଲବ୍ଧି କରିପାରିବା ଯେ ଆମେ ଯେଉଁ ସତ୍ତାଟିକୁ ଆପଣାର ସତ୍ତା ବୋଲି କହୁଛୁ, ତାହା, ତାହା ଭିତରେ ଯାହାକିଛି ହେବାର ଶ୍ରଦ୍ଧା ବିଦ୍ୟମାନ ରହିଛି ଏବଂ ଯାହାକିଛି ହେବା ଲାଗି ତାହା ସଂକଳ୍ପବଦ୍ଧ ହୋଇପାରୁଛି, ଠିକ୍ ତାହାହିଁ ହୋଇ ରହିଛି ବା ତାହା ଠିକ୍ ତାହାହିଁ ହୋଇପାରିବ । କାରଣ ଶ୍ରଦ୍ଧା କହିଲେ ଆମେ କେବଳ ଏକ ସଂକଳ୍ପଶକ୍ତିକୁ ବୁଝିବା, ଯାହାକି ଏକ ଉଚ୍ଚତର ସତ୍ୟକୁହିଁ ଆପଣାର ଧ୍ୟେୟ କରି ରଖିଛି । ସେତେବେଳେ ଆମେ ଆମର ସମ୍ଭାବନାପଥରେ ଆଉ କୌଣସିପ୍ରକାର ସୀମା ନିର୍ଦ୍ଦିଷ୍ଟ କରି ରଖିବା ନାହିଁ ବା ଆମର ଭିତରେ ନିହିତ ହୋଇ ରହିଥିବା ପରମ ଆତ୍ମସତ୍ତାଟିର ସମ୍ଭାବ୍ୟ ସର୍ବଶକ୍ତିମତ୍ତାକୁ ଆଉ କଦାପି ଅସ୍ୱୀକାର କରି ବାହାରିବା ନାହିଁ, ମନୁଷ୍ୟରୂପୀ ସାଧନଟି ମଧ୍ୟରେ କାର୍ଯ୍ୟ କରୁଥିବା ଦିବ୍ୟ ପରମ ସାମର୍ଥ୍ୟଟିକୁ ଆଉ କଦାପି ଅସ୍ୱୀକାର କରିବା ନାହିଁ । ଅବଶ୍ୟ ଏକଥା ସତ ଯେ ଉଚ୍ଚ ସିଡ଼ିର ଏକ ପରବର୍ତ୍ତୀ ଅବସ୍ଥାରେହିଁ ଏହି ଅବସ୍ଥାଟି, ଅନ୍ତତଃ ଏକ ବ୍ୟାବହାରିକ ସାମର୍ଥ୍ୟରୂପେ, ଉପଲବ୍ଧ ହୋଇପାରିବ ।

କେବଳ ଭୌତିକ ଏବଂ ପ୍ରାଣିକ ଶକ୍ତିର ନିଯୁକ୍ତି ଲାଗିହିଁ ପ୍ରାଣ ଏକ ଶକ୍ତିମତ୍ତାରୂପେ ଅବସ୍ଥିତ ରହି ନାହିଁ, ପ୍ରାଣ ମାନସିକ ତଥା ଚିଦ୍‌ଗତ ନିଯୁକ୍ତି ଲାଗି ମଧ୍ୟ ଅବଲମ୍ବନ ହୋଇ ରହିଛି । ତେଣୁ କେବଳ ସେହି ନିମ୍ନତର ସ୍ତରର ଅଥଚ ତଥାପି ଆବଶ୍ୟକ ହେଉଥିବା ଉପଯୋଗଟି ଲାଗି ପ୍ରାଣିକ ଶକ୍ତିର ପୂର୍ଣ୍ଣ ତଥା ମୁକ୍ତ

'oaob.nitrkl.ac.in' images reprocessed

ଭାବେ କ୍ରିୟାତ୍ମକ ହେବାର ଯେ ପ୍ରୟୋଜନ ରହିଛି ତା’ ନୁହେଁ, ମାତ୍ର ଆମର ଏହି ଅନେକଭୂମି ମନୁଷ୍ୟପ୍ରକୃତିର ନୈମିତ୍ତିକ କ୍ଷେତ୍ରଟିରେ ମନ, ଅଧିମାନସ ତଥା ଆତ୍ମାର ମୁକ୍ତ ଓ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇପାରିବା ଲାଗି ମଧ୍ୟ ପ୍ରାଣର ପ୍ରୟୋଜନ ରହିଛି । ପ୍ରାଣଶକ୍ତି ତଥା ତାହାର କ୍ରିୟାତ୍ମକତାଗୁଡ଼ିକ ଉପରେ ପ୍ରଭୁତ୍ୱ ଲାଭ କରିବା ପାଇଁ ପ୍ରାଣାୟାମର ଯେଉଁ ଅଭ୍ୟାସ କରାଯାଇଥାଏ, ଆମେ ଏହାକୁହିଁ ତାହାର ମୁଖ୍ୟ ତାତ୍ପର୍ଯ୍ୟଟି ବୋଲି ଜାଣିବା; ଏହି ପ୍ରାଣାୟାମ-ସାଧନା କେତେକ ଯୋଗ-ମାର୍ଗରେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଅଙ୍ଗ ହୋଇ ରହିଛି । ପୂର୍ଣ୍ଣ-ଯୋଗର ସାଧକକୁ ମଧ୍ୟ ସେହି ପ୍ରଭୁତ୍ୱଟିର ଉପଲବ୍ଧି କରିବାକୁ ପଡ଼ିବ; ମାତ୍ର ସେ ଅନ୍ୟ ଉପାୟରେ ମଧ୍ୟ ତାହା ଉପଲବ୍ଧି କରିପାରିବ ଏବଂ ଯେକୌଣସି ପରିସ୍ଥିତିରେ ମଧ୍ୟ ସେ ଏହି ଉପଲବ୍ଧିଟିକୁ ହାସଲ କରିବା ପାଇଁ ବା ଧରିରଖି ପାରିବା ପାଇଁ କୌଣସିପ୍ରକାର ଶାରୀରିକ ଅଥବା ଶ୍ୱାସପ୍ରଶ୍ୱାସଗତ ବ୍ୟାୟାମ ଉପରେ ନିର୍ଭର କରି ରହିବ ନାହିଁ; କାରଣ ତଦ୍ୱାରା ସଙ୍ଗେସଙ୍ଗେ ପ୍ରକୃତିରେ ଏକ ସୀମାବଦ୍ଧତା ଏବଂ ଅଧୀନସ୍ଥତା ଆସି ପହଞ୍ଚିଯିବ । ପ୍ରକୃତିର ନୈମିତ୍ତିକତାଟିକୁ ପୁରୁଷ ବଡ଼ ସ୍ଥିତିସ୍ଥାପକ ଭାବରେ କାର୍ଯ୍ୟରେ ଲଗାଇବ, ମାତ୍ର ତାହା ଯେପରି ପୁରୁଷ ଉପରେ ଏକ ଦୃଢ଼ ନିୟନ୍ତ୍ରଣର ରୂପ ଧାରଣ କରି ନବସେ, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ପ୍ରାଣଶକ୍ତିର ଆବଶ୍ୟକତାଟି ତଥାପି ବଳବତ୍ତର ରହିଥିବ ଏବଂ ଆତ୍ମ-ଅଧ୍ୟୟନ ତଥା ଅନୁଭବ ଦ୍ୱାରାହିଁ ଏହି ଆବଶ୍ୟକତା ଆମ ଆଗରେ ଅବଶ୍ୟ ସ୍ପଷ୍ଟ ହୋଇଯିବ । ବୈଦିକ ପ୍ରତୀରୂପ-ଭାଷାରେ ପ୍ରାଣଶକ୍ତିକୁ ଦେହସ୍ଥ ମନ ଏବଂ ସଙ୍କଳ୍ପର ଅଶ୍ୱ ଏବଂ ବାହନ ବୋଲି କୁହାଯାଇଛି । ଯଦି ମନ ବଳ, ବେଗ ତଥା ସମସ୍ତ ଶକ୍ତିବୈପୁଲ୍ୟରେ ପରିପୂର୍ଣ୍ଣ ହୋଇ ରହିପାରିବ, ତେବେ ତାହା ଆପଣା କ୍ରିୟାର ଯାବତୀୟ ପଥରେ ପୂର୍ଣ୍ଣ ଏବଂ ଅବ୍ୟାହତ ଭାବରେ ଗତି କରି ଚାଲିଯାଇ ପାରିବ । ମାତ୍ର ସେହି ମନ ଯଦି ପଙ୍ଗୁ ହୋଇ ରହିଥାଏ, ଶୀଘ୍ର କ୍ଳାନ୍ତ ହୋଇ ପଡ଼ୁଥାଏ, ମନ୍ଦଗତି ବା ଦୁର୍ବଳ ହୋଇ ରହିଥାଏ, ତେବେ ଇଚ୍ଛା ବା ସଙ୍କଳ୍ପ ଆପଣାକୁ କାର୍ଯ୍ୟକାରୀ କରିବାର କ୍ଷେତ୍ରରେ ତଥା ମାନସିକ କ୍ରିୟା ମଧ୍ୟରେ ଏକ ଅସମର୍ଥତା ଆସି ପହଞ୍ଚେ । ଆପଣାକୁ ପ୍ରଥମେ କାର୍ଯ୍ୟକାରୀ କରୁଥିବା ପର୍ଯ୍ୟାୟଟିରେ ଅଧିମାନସର କ୍ଷେତ୍ରରେ ମଧ୍ୟ ଠିକ୍ ଏହି ନିୟମଟି ପ୍ରଯୁଜ୍ୟ ହୋଇଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏପରି କେତେକ ଅବସ୍ଥା ତଥା କ୍ରିୟା ମଧ୍ୟ ଅବଶ୍ୟ ରହିଛି, ଯେତେବେଳେ କି ମନ ପ୍ରାଣିକ ଶକ୍ତିକୁ ଆପଣା ମଧ୍ୟରେ ଗ୍ରହଣ କରିନିଏ ଏବଂ ତଥାପି ସେହି ନିର୍ଭରତାଟି ଆଦୌ ଅନୁଭୂତ ହୁଏ ନାହିଁ । ମାତ୍ର ତଥାପି ସେହି ଶକ୍ତିଟି ସେଠାରେ ଅବଶ୍ୟ ଉପସ୍ଥିତ ରହିଥାଏ; ଅବଶ୍ୟ ଏକଥା ସତ ଯେ ତାହା ଶୁଦ୍ଧ ମନୋଗତ ଶକ୍ତିଟି ମଧ୍ୟରେହିଁ ସମ୍ବୃତ ହୋଇ ରହିଥାଏ । ଯେତେବେଳେ ଅଧିମାନସ ପୂର୍ଣ୍ଣ ଭାବରେ ଶକ୍ତିଶାଳୀ



'oaob.nitrkl.ac.in' images reprocessed

ହୋଇଉଠେ, ସେତେବେଳେ ତାହା ପ୍ରାଣଶକ୍ତିକୁ ନେଇ ଯାହା ଇଚ୍ଛା କରେ ତାହା କରିବାକୁ ସମର୍ଥ ହୁଏ; ଏବଂ ଆମେ ଦେଖିବାକୁ ପାଉ ଯେ ଏହି ପ୍ରାଣଶକ୍ତି ଅବଶେଷରେ ଏକପ୍ରକାର ଅତିମାନସ ମଧ୍ୟକୁ ଅଧିପ୍ରେରିତ ହୋଇ ଯାଇଥିବା ପ୍ରାଣକୁ ରୂପାନ୍ତରିତ ହୋଇଯାଏ, ଯାହାକି ସେହି ବୃହତ୍ତର ଚେତନାଟିର ଏକ ସ୍ଥୂଳକଶକ୍ତି ମାତ୍ର ହୋଇ ରହିଥାଏ । ମାତ୍ର ଯୋଗ-ସିଦ୍ଧିର ଏକ ପରବର୍ତ୍ତୀ ଅବସ୍ଥାରେ ଯାଇ ଏସବୁର ଆବିର୍ଭାବ ହୋଇଥାଏ ।

ତା'ପରେ, ଆମ ଭିତରେ ଚୈତ୍ୟ ପ୍ରାଣ, ପ୍ରାଣମୟ ମନ ବା କାମନାପୂରିତ ଆତ୍ମା ମଧ୍ୟ ରହିଥାଏ ଏବଂ ଏଇଟି ମଧ୍ୟ ଆପଣାର ପୂର୍ଣ୍ଣତା ଲାଗି ଦାବି କରିବାରେ ଲାଗିଥାଏ । ଏଠାରେ ମଧ୍ୟ ସର୍ବପ୍ରଥମେ ମନ ପ୍ରାଣିକ ସାମର୍ଥ୍ୟ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିବା ଆବଶ୍ୟକ ହୋଇଥାଏ, ଅର୍ଥାତ୍ ସେଥିରେ ଆପଣାର ସମଗ୍ର କାର୍ଯ୍ୟଟିକୁ ସମ୍ପନ୍ନ କରିବାର, ଆମ ଅନ୍ତର୍ଗତ ଚୈତ୍ୟ ପ୍ରାଣକୁ ଏହି ଜୀବନରେ ଚରିତାର୍ଥ କରିବା ଲାଗି ଯେଉଁ ପ୍ରେରଣା ଏବଂ ଶକ୍ତିଗୁଡ଼ିକ ଦିଆଯାଇଛି, ସେଗୁଡ଼ିକୁ ଆପଣା ଅଧିକାରକୁ ଆଣିବାର, ସେଗୁଡ଼ିକୁ ଧାରଣ କରି ରଖିବାର ଏବଂ କ୍ଷମତା, ସ୍ୱତନ୍ତ୍ରତା ଏବଂ ପୂର୍ଣ୍ଣତା ସହିତ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ଏକ ସାଧନରୂପେ କାର୍ଯ୍ୟ କରିବାର ଶକ୍ତି ଆବଶ୍ୟକ ହୋଇଥାଏ । ଆପଣାର ପରିପୂର୍ଣ୍ଣତା ଲାଗି ଆମେ ଯେତେଗୁଡ଼ିଏ କଥା ଆବଶ୍ୟକ କରିଥାଉ, ସେଥିରୁ ଅନେକଗୁଡ଼ିଏ, ଅର୍ଥାତ୍ ସାହସ, ଜୀବନରେ କାର୍ଯ୍ୟକାରୀ ହେଉଥିବା ସଂକଳ୍ପଶକ୍ତି, ଆମେ ବର୍ତ୍ତମାନ ଯାହାସବୁକୁ ଚରିତ୍ରର ଶକ୍ତି ଏବଂ ବ୍ୟକ୍ତିତ୍ୱର ଶକ୍ତି ବୋଲି କହୁଛୁ ସେଗୁଡ଼ିକ,—ଏଗୁଡ଼ିକ ସମସ୍ତେ ଆପଣାର ପୂର୍ଣ୍ଣତମ ବଳ ଏବଂ ଶକ୍ତିମୟ କ୍ରିୟାତ୍ମକତାର ଉତ୍ପତ୍ତି ଲାଗି ଅନେକ ପରିମାଣରେ ଏହି ଚୈତ୍ୟ-ପ୍ରାଣର ପୂର୍ଣ୍ଣତା ଉପରେହିଁ ନିର୍ଭର କରୁଥାନ୍ତି । ମାତ୍ର ଏହି ପୂର୍ଣ୍ଣତାଟି ସଙ୍ଗେସଙ୍ଗେ ଚୈତ୍ୟ-ପ୍ରାଣମୟ ସତ୍ତାରେ ଏକ ପ୍ରତିଷ୍ଠିତ ପ୍ରସନ୍ନତା, ନିର୍ମଳତା ଏବଂ ଶୁଦ୍ଧତା ଅବଶ୍ୟ ରହିଥିବା ଦରକାର । ଏହି ଗତିଶୀଳତାଟି କଦାପି ଅଶାନ୍ତ, ଅତିବ୍ୟାକୁଳ ଏବଂ ଝଡ଼ପ୍ରାପ୍ତ ହେବା ଉଚିତ ନୁହେଁ, ଆବେଶମୟ ଅଥବା ଅଶୋଧିତ ଭାବରେ ଉଗ୍ର ହେବା ବି ଉଚିତ ନୁହେଁ । ଏକଥାରେ କୌଣସି ସନ୍ଦେହ ନାହିଁ ଯେ ଆମ ଭିତରେ ଏହି ପ୍ରାଣଶକ୍ତି ଅବଶ୍ୟ ରହିଥିବା ଦରକାର, ତା' ଭିତରେ ତାହାର କ୍ରିୟାଜନିତ ଉତ୍ତାପ ମଧ୍ୟ ଅବଶ୍ୟ ରହିବା ଦରକାର; ମାତ୍ର ଏହି ଶକ୍ତି ଏକ ନିର୍ମଳ, ପ୍ରସନ୍ନ ଓ ଶୁଦ୍ଧ ଶକ୍ତି ହୋଇ ରହିବା ଦରକାର, ଏବଂ ଏହି ଆନନ୍ଦଟି ଏକ ସୁସ୍ଥିର, ଦୃଢ଼ପ୍ରତିଷ୍ଠ ଏବଂ ବିଶୁଦ୍ଧ ଆନନ୍ଦ ହୋଇ ରହିଥିବା ଦରକାର । ଏବଂ ଆପଣା ପୂର୍ଣ୍ଣତାର ଏକ ତୃପ୍ତିମୟ ସର୍ତ୍ତିଟିରୂପେ ତାହା ଏକ ପରିପୂର୍ଣ୍ଣ ସମତା ମଧ୍ୟରେହିଁ ପ୍ରତିଷ୍ଠିତ ହୋଇ ରହିଥିବା ଦରକାର । ସେଥିଲାଗି କାମନାପୂରିତ ଆତ୍ମାଟିକୁ ଆପଣାର ଯାବତୀୟ କାମନାର କୋଳାହଳ, ପ୍ରବଳାଗ୍ରହ ତଥା ବୈଷମ୍ୟକୁ ପରିତ୍ୟାଗ କରି ବାହାରି

'oaob.nitrkl.ac.in' images reprocessed

ଆସିବାକୁ ପଡ଼ିବ, ଯେପରିକି ଏହାର ବାସନାଗୁଡ଼ିକ ନ୍ୟାସ୍ତ, ସ୍ୱରସାମ୍ୟ ଏବଂ ସମ୍ୟକ୍ ମାର୍ଗରେହିଁ ଆପଣାର ତର୍ପଣ ଲାଭ କରିପାରିବ; ତାହାକୁ ସେହି ବାସନାଗୁଡ଼ିକରୁ ଓ କ୍ରମେ ବାସନାର ସ୍ୱଭାବଟିରୁ ମଧ୍ୟ ସର୍ବଥା ମୁକ୍ତ କରି ରଖିବାକୁ ପଡ଼ିବ ଏବଂ ସେଗୁଡ଼ିକୁ ଦିବ୍ୟ ପରମ ଆନନ୍ଦର ଆବେଗଗୁଡ଼ିକରେ ବଦଳାଇ ଦେବାକୁ ପଡ଼ିବ । ଏହି ଉଦ୍ଦେଶ୍ୟଟିର ସିଦ୍ଧିଟି ଲାଗି ତାହା କୌଣସିପ୍ରକାର ଦାବି କରିବାକୁ ଯିବ ନାହିଁ ଅଥବା ଆପଣାକୁ ନେଇ ହୃଦୟ, ମନ ଅଥବା ଆତ୍ମା ଉପରେ ଲଦିଦେବାର କୌଣସି ଚେଷ୍ଟା କରିବ ନାହିଁ; ମାତ୍ର ସ୍ଥିର ହୋଇ ଯାଇଥିବା ଏକ ମନ ଏବଂ ଶୁଦ୍ଧ ହୋଇ ପାରିଥିବା ଏକ ହୃଦୟକୁ ବାହନ କରି ଚିଦ୍‌ଗତତାର କ୍ଷେତ୍ରଟି ମଧ୍ୟରୁ ତା' ପାଖକୁ ଯେଉଁ ଆବେଗ ଅଥବା ଆଦେଶ ପ୍ରେରିତ ହୋଇ ଆସୁଥିବ, ସେ ତାହାକୁ ଏକ ବଳଯୁକ୍ତ ନିଷ୍କ୍ରିୟ ଅଥବା ସକ୍ରିୟ ସମତାଭାବ ଦ୍ୱାରା ଗ୍ରହଣ କରିବାକୁ ଅବଶ୍ୟ ସମର୍ଥ ହେଉଥିବ । ଏବଂ ଆମ ସତ୍ତାର ପରମ ପ୍ରଭୁ ତାହାକୁ ସେହି ଆବେଗଗତ ଯାହାକିଛି ପରିଣାମ ଆଣି ଦେବେ, ଅଳ୍ପ ହେଉ ବା ବହୁତ ହେଉ, ପୂର୍ଣ୍ଣ ପରିମାଣରେ ହେଉ ଅଥବା କିଛି ନହେଉ ପଛକେ, ତାହା ଲାଗି ସେ ଯାହାକିଛି ଉପଭୋଗକୁ ଉପଲବ୍ଧ କରାଇବେ, ସେ ତାହାକୁ ଅବଶ୍ୟ ସ୍ୱୀକାର କରିନେବ । ଏବଂ ତହିଁ ସଙ୍ଗେସଙ୍ଗେ, ଏହି ଅଧିକାରଲାଭ ତଥା ଏହି ଉପଭୋଗ ତାହାର ବିଧାନ, କର୍ମ, ଉପଯୋଗ ତଥା ସ୍ୱଧର୍ମ ହୋଇ ରହିଥିବ । ତାହାର ସଂହାର ଅଥବା ଦମନ ଆଦୌ ଅଭିପ୍ରେତ ହୋଇ ରହି ନାହିଁ; ଆପଣାର ଗ୍ରହଣଶକ୍ତିରେ ତାକୁ ମନ୍ଦ ବା କୁଣ୍ଠାଗ୍ରସ୍ତ କରି ରଖିବା, ତାକୁ ବିଷଣ୍ଣ, ଅବଦମିତ, ବିକ୍ଷତ, ଜଡ଼ କିଂବା ଅକିଞ୍ଚନ କରି ରଖିବା ମଧ୍ୟ କଦାପି ତାହାର ଅଭୀଷ୍ଟ ନୁହେଁ । ତାହା ମଧ୍ୟରେ ଅଧିକାରଲାଭର ପୂର୍ଣ୍ଣ ଶକ୍ତି ରହିଥିବା ଦରକାର, ଉପଭୋଗର ଏକ ହରଷିତ ଶକ୍ତି ରହିଥିବା ଦରକାର ଏବଂ ଦିବ୍ୟ ଓ ଶୁଦ୍ଧ ଆବେଗ ତଥା ଉଲ୍ଲାସ ଲାଗି ଏକ ଉଲ୍ଲାସମୟ ଶକ୍ତି ରହିଥିବା ଦରକାର । ତାହା ଉପଭୋଗ କରିବାର ଯେଉଁ ସାମର୍ଥ୍ୟଟିକୁ ଲାଭ କରିବ, ତାହା ମୂଳତଃ ଏକ ଚିଦ୍‌ଗତ ଆନନ୍ଦହିଁ ହୋଇ ରହିବ; ମାତ୍ର ଏହା ଏପରି ଏକ ଆନନ୍ଦ ହୋଇ ରହିବ ଯାହାକି ମାନସିକ, ସଂବେଗଗତ, ଗତିଶୀଳ, ପ୍ରାଣିକ ତଥା ଭୌତିକ ଯାବତୀୟ ଆନନ୍ଦକୁ ଆପଣା ମଧ୍ୟକୁ ଗ୍ରହଣ କରିନେବ ଏବଂ ସେଗୁଡ଼ିକୁ ରୂପାନ୍ତରିତ କରିଦେଇ ପାରୁଥିବ । ତେଣୁ ଏସବୁ ସକାଶେ ତା' ଭିତରେ ଏକ ସମଗ୍ର ସାମର୍ଥ୍ୟ ଅବଶ୍ୟ ରହିଥିବ ଏବଂ କୌଣସିପ୍ରକାର ଅସାମର୍ଥ୍ୟ ବା କ୍ଳାନ୍ତି ବା ବୃହତ୍ ପ୍ରଗାଢ଼ତାଗୁଡ଼ିକୁ ବହନ କରିପାରିବା ଲାଗି ଏକ ଅକ୍ଷମତା ଦ୍ୱାରା ଆତ୍ମା, ମନ, ହୃଦୟ, ସଂକଳ୍ପ ଏବଂ ଦେହର ଭୂମିରେ ତାହା ଯେପରି କୌଣସି ବ୍ୟର୍ଥତା ଆଣି ଦେଉ ନଥିବ । ପୂର୍ଣ୍ଣତା, ପ୍ରସନ୍ନତା, ସମତା ତଥା ଭୋଗସାମର୍ଥ୍ୟ,—ଆମେ ଏହିଗୁଡ଼ିକୁହିଁ ଚୈତ୍ୟ ପ୍ରାଣର ଚତୁର୍ବିଧ ପରିପୂର୍ଣ୍ଣତା ବୋଲି ଜାଣିବା ।

'oaob.nitrkl.ac.in' images reprocessed

ପରିପୂର୍ଣ୍ଣତା ଆବଶ୍ୟକ କରୁଥିବା ପରବର୍ତ୍ତୀ ସାଧନଟିରୂପେ ଆମେ ଚରିତ୍ର ଉଲ୍ଲେଖ କରିପାରିବା; ଏବଂ ଏହି ଶବ୍ଦଟିର ସମ୍ପୂର୍ଣ୍ଣ ଅର୍ଥପରିସର ମଧ୍ୟରେ ଆମେ ଆମର ସଂବେଗପ୍ରେରିତ ତଥା ଶୁଦ୍ଧ ଚୈତ୍ୟ ସତ୍ତାଟିକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରିବା । ମନୁଷ୍ୟର ଏହି ହୃଦୟସ୍ଥ ଏବଂ ଚୈତ୍ୟ ପୁରୁଷ ପ୍ରାଣର ସହଜାତ ପ୍ରବୃତ୍ତିଗୁଡ଼ିକର ତନ୍ତୁଜାଲରେ ସତେଅବା ଚରିହୋଇ ରହିଛନ୍ତି, ସଂବେଗ ଏବଂ ଚୈତ୍ୟ ସ୍ପନ୍ଦନଗୁଡ଼ିକର ମିଶ୍ରିତ ଏବଂ ସଦାପରିବର୍ତ୍ତିତ କେତେ ରଙ୍ଗରେ ତିଆରି ହୋଇ ରହିଛନ୍ତି । ଏହି ସଂବେଗ ତଥା ଚୈତ୍ୟ ସ୍ପନ୍ଦନ ଭଲ ଓ ମନ୍ଦ, ସୁଖଦାୟକ ଓ ଦୁଃଖଦାୟକ, ତୃପ୍ତ ଓ ଅତୃପ୍ତ, ବିକ୍ଷୋଭିତ ଏବଂ ଶାନ୍ତ ତଥା ତୀବ୍ର ଓ ମନ୍ଥର ଏହିପରି ଦୁଇପ୍ରକାରର ହୋଇଥାନ୍ତି । ଏହି ସବୁଗୁଡ଼ିକ ଦ୍ୱାରା ଏପରି ଭାବରେ ଆଲୋଡ଼ିତ ଏବଂ ଆକ୍ରାନ୍ତ ହୋଇ ପଡ଼ୁଥିବାରୁ ଆମର ଚରିତ୍ର କେବେହେଲେ କୌଣସିପ୍ରକାର ଯଥାର୍ଥ ଶାନ୍ତିର ପରିଚୟ ପାଇପାରେ ନାହିଁ, ଆପଣାର ଯାବତୀୟ ଶକ୍ତିଗୁଡ଼ିକର ଏକ ସ୍ଥାୟୀ ପରିପୂର୍ଣ୍ଣତା ପ୍ରାପ୍ତ କରିବାରେ ମଧ୍ୟ ସମର୍ଥ ହୁଏ ନାହିଁ । ବିଶୁଦ୍ଧୀକରଣ ଦ୍ୱାରା, ସମତା ଦ୍ୱାରା, ଜ୍ଞାନର ଆଲୋକ ଦ୍ୱାରା ଏବଂ ସଂକଳ୍ପଶକ୍ତିରେ ସୌଷମ୍ୟ ସମ୍ଭବ କରିପାରିବା ଦ୍ୱାରା ସେହି ଚରିତ୍ରକୁ ଏକ ଶାନ୍ତିପୂର୍ଣ୍ଣ ପ୍ରଗାଢ଼ତା ଏବଂ ପରିପୂର୍ଣ୍ଣତା ମଧ୍ୟକୁ ଅଣାଯାଇ ପାରେ । ଏହି ପରିପୂର୍ଣ୍ଣତାର ପ୍ରଥମ ଦୁଇଟି ଉପାଦାନକୁ ଆମେ ଏକ ପକ୍ଷରେ ଏକ ସମୁଚ୍ଚ ତଥା ବିଶାଳ ମଧୁରତା, ଉନ୍ମୁକ୍ତତା, କୋମଳତା, ସ୍ଥିରତା ଓ ନିର୍ମଳତା ବୋଲି କହିପାରିବା ଏବଂ ଅନ୍ୟ ପକ୍ଷରେ ଏକ ପ୍ରବଳ ତଥା ଉତ୍ସାହମୟ ଶକ୍ତି ଏବଂ ତୀବ୍ରତା ବୋଲି କହିପାରିବା । ଆମ ସାଧାରଣ ମନୁଷ୍ୟସ୍ୱଭାବ ତଥା କ୍ରିୟା ପରି ଦିବ୍ୟ ସ୍ୱଭାବରେ ଏବଂ ଦିବ୍ୟ କ୍ରିୟାରେ ଆମେ ସର୍ବଦା ଦୁଇଟି ସରି ଦେଖିବାକୁ ପାଇବା; ଅର୍ଥାତ୍ ମାଧୁର୍ଯ୍ୟ ଏବଂ ବଳ, ମୃଦୁତା ଏବଂ ଶକ୍ତିମୟତା, ସୌମ୍ୟ ଏବଂ ରୌଦ୍ର, ଧାରଣ, ସହନ ତଥା ସମସ୍ୱର କରି ରଖୁଥିବା ଶକ୍ତି ଏବଂ ଆପଣା ଅଧିକାରଟିକୁ ଜାରି କରି ରଖୁଥିବା ଏବଂ ଆମକୁ ତାହାର ମଧ୍ୟରେ ବାଧ୍ୟ କରି ରଖୁଥିବା ଶକ୍ତି, ବିଷ୍ଣୁ ଏବଂ ଈଶାନ ଓ ଶିବ ଏବଂ ରୁଦ୍ର,—ଏହିପରି ଦୁଇଟି ଖିଅ ଦେଖିବାକୁ ପାଇବା । ଏକ ପରିପୂର୍ଣ୍ଣ ବିଶ୍ୱ-କ୍ରିୟା ଲାଗି ଦୁଇଟିଯାକର ସମାନ ପ୍ରୟୋଜନ ରହିଛି । ହୃଦୟସ୍ଥ ମଧ୍ୟରେ ରୁଦ୍ରଶକ୍ତିର ବିକୃତିଗୁଡ଼ିକ କହିଲେ ଆମେ ଆମକୁ ଝଡ଼ ପରି ଉଡ଼ାଇ ନେବାକୁ ଇଚ୍ଛା କରୁଥିବା ପ୍ରବଳ ଆବେଗ, କ୍ରୋଧ, ଭୟଙ୍କରତା, କର୍କଶତା, କଠିନତା, ନୃଶଂସତା, ନିଷ୍ଠୁରତା, ଅହଂ ଦ୍ୱାରା ପ୍ରେରିତ ଆକାଙ୍କ୍ଷାଭିମାନ, ଏବଂ ହିଂସା ତଥା ଆଧିପତ୍ୟ ବିସ୍ତାର କରି ରହିବା ଲାଗି ଏକ ଆସକ୍ତି ବୋଲି ବୁଝିବା । ଏକ ସ୍ଥିରତାଯୁକ୍ତ, ନିର୍ମଳ ତଥା ମଧୁର ଚୈତ୍ୟ ସତ୍ତାକୁ କୁସୁମିତ କରିଆଣି ଏହିସବୁ ତଥା ଅନ୍ୟ ଯାବତୀୟ ମନୁଷ୍ୟସୁଲଭ ବିକୃତିଗୁଡ଼ିକରୁ ଆମକୁ ମୁକ୍ତିଲାଭ କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ମାତ୍ର ଅନ୍ୟ ପକ୍ଷରେ ଶନ୍ତ ଲାଗି ଅସମର୍ଥତାକୁ ମଧ୍ୟ ଏକ ଅପୂର୍ଣ୍ଣତା ବୋଲି ବୁଝାଯିବା ଯେତେବେଳେ ଆମର ସଂବେଗଗତ ଏବଂ ଚୈତ୍ୟ ଜୀବନରେ ଆତ୍ମ-ପ୍ରତଷ୍ଠାର ଶନ୍ତ ଓ କ୍ଷମତାଟିକୁ ଦବାଇ ଦଆଯାଇଥିବ ଅଥବା ଅନୁତ୍ସାହିତ କର ରଖାଯାଇଥିବ, ସେତେବେଳେ ତାହାର ଅନ୍ତ୍ୟପରଣାମରୂପେ ଆମକୁ ଏକ ଚରିତ୍ର-ଶିଥିଳତା, ଦୁର୍ବଳତା, ସ୍ନେହାସକ୍ତ, ଗୋଟିଏ ପ୍ରକାରର ଦୃଢ଼ତାହୀନତା ଏବଂ ପଙ୍ଗୁତା ଅଥବା ଜଡ଼ ନଷ୍କ୍ରିୟତାହିଁ ଉପଲବ୍ଧ ହେବ । କିଂବା, କେବଳ ଏକ ସହବାଣନ୍ତର ସମର୍ଥ ହୋଇ ରହିଥିବା ବା କେବଳ ପ୍ରେମ, ଉଦାରତା, ସହିଷ୍ଣୁତା, ଧୀରତା, ନମ୍ରତା ଏବଂ ସହନଶୀଳତାଯୁକ୍ତ ହୃଦୟର କର୍ଷଣ କରବାକୁ ମଧ୍ୟ ସମଗ୍ର ପରପୂର୍ଣ୍ଣତା ବୋଲି କଦାପି ବୁଝାଯିବ ନାହିଁ । ଏକ ଆତ୍ମ-ପ୍ରତଷ୍ଠ, ସୁସ୍ଥିର ଏବଂ ଅହଂମୁକ୍ତ ରୁଦ୍ରଶନ୍ତ, ଯାହାକ ଚୈତ୍ୟ ଶନ୍ତସମ୍ପନ୍ନତା ଦ୍ୱାରା ମଣ୍ଡିତ ହୋଇ ରହିଥିବ, ଏପର ଏକ ସବଳ ହୃଦୟର ଶନ୍ତ, ଯାହାକ କୌଣସିପ୍ରକାର କୁଣ୍ଠା ନରଖି ଏକ ଅଦମ୍ୟ ତଥା ବାହାରୁ କଠୋର ବୋଲି ଦେଖା ଯାଉଥିବା କର୍ମକୁ, ଅଥବା ଆବଶ୍ୟକତା ପଡ଼ିଲେ କୌଣସି ପ୍ରଚଣ୍ଡ ହିଂସାଚରଣକୁ ମଧ୍ୟ ସ୍ୱୀକାର କରନେବାକୁ ସମର୍ଥ ହେଉଥିବ;—ଆମେ ଏହାକୁ ପରପୂର୍ଣ୍ଣତାର ସେହି ଅନ୍ୟ ପାଖଟି ବୋଲି କହିପାରବା । ବଳ, ଶନ୍ତ ଏବଂ ସାମର୍ଥ୍ୟର ଏକ ଅପରମିତ ତେଜ, ଯିଏକ ହୃଦୟର ମଧୁରତା ତଥା ନର୍ମଳତା ସହିତ ସୌମ୍ୟଦଦ୍ଧ ହୋଇ ପାରୁଥିବ ଏବଂ କର୍ମରେ ତାହା ସହିତ ଏକରୂପ ହୋଇ ପାରୁଥିବ;—ଅର୍ଥାତ୍ ସୋମଙ୍କର ସୁଧାମୟ ଚନ୍ଦ୍ରାଲୋକର ମଣ୍ଡଳ ଭିତରୁ ଉଦ୍‌ଭୂତ ହୋଇ ଆସୁଥିବା ଇନ୍ଦ୍ରଙ୍କର ବଦ୍ୟୁତ୍‌କୁହିଁ ଆମେ ସେହି ଦ୍ୱିଶାଖାଯୁକ୍ତ ପରପୂର୍ଣ୍ଣତା ବୋଲି ଜାଣିବା । ଏବଂ, ସୌମ୍ୟତ୍ୱ ଏବଂ ତେଜ ଏହି ଦୁଇଟିଯାକ ଶନ୍ତକୁ ଅନ୍ତର୍ଗତ ପ୍ରକୃତ ତଥା ଚୈତ୍ୟ ପୁରୁଷର ସୁଦୃଢ଼ ସମତାଟି ଉପରେହିଁ ଆପଣାର ଅସ୍ତିତ୍ୱ ତଥା କର୍ମର ଆଧାରଟିକୁ ସ୍ଥାପିତ କର ରଖିବାକୁ ହେବ । ଏବଂ ଏଥିଲାଗି ଚୈତ୍ୟ ପୁରୁଷକୁ ଯାବତୀୟ ଅଶୋଧିତତାରୁ ତଥା ହୃଦୟର ଜ୍ୟୋତ ବା ଶନ୍ତର ଯାବତୀୟ ଅଭରସ୍ଥତା ଅଥବା ଅଭାବରୁ ମୁକ୍ତ ହୋଇ ଆସିବାକୁ ପଡ଼ିବ ।

ହୃଦୟରେ ଶ୍ରଦ୍ଧା ରଖିବା, ବଶ୍ୱକଲ୍ୟାଣରେ ଶ୍ରଦ୍ଧା ରଖିବା ଏବଂ ସେଥିଲାଗି ଆପଣାର ସଂକଳ୍ପକୁ ପ୍ରେରତ କର ରଖିବା ଏବଂ ବଶ୍ୱଗତ ଆନନ୍ଦଟି ଲାଗି ଆପଣାର ଦ୍ୱାରଟିକୁ ଉନ୍ମୁକ୍ତ କର ରଖିବା ହେଉଛି ଆଉ ଗୋଟିଏ ଆବଶ୍ୟକ ଉପାଦାନ । ଆମର ଶୁଦ୍ଧ ଚୈତ୍ୟ ସତ୍ତାଟି ମୂଳତଃ ସେହି ଆନନ୍ଦରହିଁ ଏକ ସମ୍ପଦ; ବଶ୍ୱମୟ ହୋଇ ରହିଥିବା ସେହି ଆନନ୍ଦ-ଅଂଶାରୁହିଁ ତାହା ଉଦ୍‌ଭୂତ ହୋଇ ଅସିଛି । ମାତ୍ର ସଂବେଗ ଦ୍ୱାରା ପ୍ରେରତ ଉପରସ୍ଥଗତ ନକଲି ହୃଦୟଟି ବଶ୍ୱର ଦ୍ୱନ୍ଦ୍ୱାତ୍ମକ ଯାବତୀୟ ପ୍ରତସ୍ପର୍ଶଟି ଦ୍ୱାରା ଗ୍ରସ୍ତପ୍ରାୟ ହୋଇ ରହିଛି ଏବଂ ଦୁଃଖ, ଭୟ, ବଷଣ୍ଣତା, ଅତ୍ୟାବେଗ ତଥା କ୍ଷଣିକ ଏବଂ ଖଣ୍ଡିତ କେତେକେତେ ଆନନ୍ଦ ଦ୍ୱାରା ସର୍ବଦା ବଭ୍ରସ୍ତ ହେବାରେ

'oaob.nitrkl.ac.in' images reprocessed

ଲଗିଛୁ । ପରିପୂର୍ଣ୍ଣତା ଲାଗି ଆମର ଏକ ସମତାଯୁକ୍ତ ହୃଦୟ ଆବଶ୍ୟକ ସତ, ମାତ୍ର ଏହା କେବଳ ଏକ ନିଷ୍କ୍ରିୟ ସମତା ହୋଇ ରହିଲେ ମୋଟେ କାମ ଚଳିବ ନାହିଁ । ଆମର ସକଳ ଅନୁଭୂତି ପଛରେ ଏକ ମଙ୍ଗଳକାରୀ ଦିବ୍ୟ ଶକ୍ତି ଲୁଚିରହିଛି ବୋଲି ଅନୁଭବ କରିବାକୁ ହେବ, ଜଗତର ଯାବତୀୟ ହଳାହଳକୁ ଅମୃତରେ ପରିଣତ କରିଦେଇ ପାରିବା ଭଳି ଏକ ଶ୍ରଦ୍ଧା ଓ ସଂକଳ୍ପ-ବୋଧକୁ ଏହି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ରହିବାକୁ ପଡ଼ିବ; ସେହି ଶ୍ରଦ୍ଧା ଓ ସଂକଳ୍ପ ଯାବତୀୟ ବିପଦ ପଛରେ ପ୍ରଚ୍ଛନ୍ନ ରହିଥିବା ଏକ ଅଧିକ ସୁଖଦାୟୀ ଆଧ୍ୟାତ୍ମିକ ଅଭିପ୍ରାୟକୁ ଅନୁଭବ କରି ପାରୁଥିବ, ଯାବତୀୟ ଦୁଃଖ ପଛରେ ପ୍ରେମର ରହସ୍ୟଟିକୁ ଠିହରାଇ ନେଉଥିବ, ବେଦନାର ବୀଜଟି ମଧ୍ୟରେ ଲୁକ୍‌କାୟିତ ହୋଇ ରହିଥିବା ଦିବ୍ୟ ଶକ୍ତି ତଥା ଆନନ୍ଦର ଫୁଲଟିକୁ ଦେଖିବା ଲାଗି ସମର୍ଥ ହେଉଥିବ । ଆମର ହୃଦୟ ତଥା ଏହି ବ୍ୟକ୍ତ ସମ୍ପୂର୍ଣ୍ଣ ଚୈତ୍ୟ ସତ୍ତାଟି ଯେପରି ସେହି ପ୍ରଚ୍ଛନ୍ନ ଦିବ୍ୟ ଆନନ୍ଦଟି ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରିବ ଏବଂ ଆପଣାକୁ ଏହି ସତ୍ୟମୟ ଓ ମୂଳଭୂତ ସାରୋପାଦାନରେ ପରିବର୍ତ୍ତିତ କରିଦେଇ ପାରିବ, ସେଥିଲାଗି ଏହି କଲ୍ୟାଣ-ଶ୍ରଦ୍ଧାହିଁ ଆବଶ୍ୟକ । ଏହି ଶ୍ରଦ୍ଧା ଓ ସଂକଳ୍ପଟି ପଛେପଛେ ପ୍ରେମ ଲାଗି ମଧ୍ୟ ଏକ ଅପରିମେୟ ପ୍ରଶସ୍ତତମ ଏବଂ ପ୍ରଗାଢ଼ତମ ସାମର୍ଥ୍ୟ ରହିଥିବା ଏକାନ୍ତ ଆବଶ୍ୟକ ଏବଂ ସେଇଟି ଏଇଟି ମଧ୍ୟକୁ ଆପଣାକୁ ଉନ୍ମୁକ୍ତ କରିଦେଇ ପାରୁଥିବା ଆବଶ୍ୟକ । କାରଣ ପ୍ରେମହିଁ ହେଉଛି ହୃଦୟର ସର୍ବମୁଖ୍ୟ ଧନ୍ଦା, ଏହାର ଯଥାର୍ଥ କାର୍ଯ୍ୟ । ଏହି ହୃଦୟହିଁ ପୂର୍ଣ୍ଣ ସମ୍ମିଳନ ତଥା ଏକତ୍ୱପ୍ରାପ୍ତିର ଏକ ସାଧନରୂପେ ବ୍ୟବହୃତ ହେବା ଲାଗି ନିସ୍ବତ-ନିର୍ଦ୍ଦିଷ୍ଟ ହୋଇ ଆସିଛି । କାରଣ, କେବଳ ଆମର ବୁଝିବା ଶକ୍ତି ବା ବୁଦ୍ଧିଟା ଦେଇ ଏହି ଜଗତ ମଧ୍ୟରେ ରହିଥିବା ଏକତ୍ୱଟିକୁ ଦେଖିବାକୁ ବାହାରିଲେ ତାହା କେବେ-ହେଲେ ଯଥେଷ୍ଟ ହେବ ନାହିଁ; ସେହି ଏକତ୍ୱଟିକୁ ହୃଦୟ ଦେଇ ଅନୁଭବ ବି କରିବାକୁ ପଡ଼ିବ, ଚୈତ୍ୟ ସତ୍ତା ଦେଇ ମଧ୍ୟ ଅନୁଭବ କରିବାକୁ ପଡ଼ିବ । ଏବଂ ଏହାର ଅର୍ଥ ହେଉଛି ଯେ ସେହି ପରମୈକ ସତ୍ତାଙ୍କ ମଧ୍ୟରେ ରହିଥିବା ଏକତ୍ୱଟିର ପରିଚୟ ପାଇବାକୁ ପଡ଼ିବ, ତାଙ୍କରି ମଧ୍ୟରେ ଅବସ୍ଥିତ ରହିଥିବା ଏହି ପୃଥିବୀସ୍ଥ ସକଳ ସତ୍ତାରେ ମଧ୍ୟ ତାହାକୁ ଅନୁଭବ କରିବାକୁ ହେବ; ଅର୍ଥାତ୍ ପରମେଶ୍ୱର ତଥା ଯାବତୀୟ ସତ୍ତା ଓ ଯାବତୀୟ ପ୍ରାଣୀଙ୍କୁ ଭଲ ପାଇ ପାରିବାକୁ ହେବ । ସକଳ ବସ୍ତୁ ଭିତରେ ସେହି ଏକ ପରମ ଦିବ୍ୟସତ୍ତା ଅବସ୍ଥିତ ରହି ଯେ ଏହି ବିଶ୍ୱଜଗତକୁ ପରିଚାଳିତ କରି ନେଉଛି, ଏହି ଅନୁଭବଟି ଉପରେହିଁ ମଙ୍ଗଳ ଉପରେ ହୃଦୟର ଶ୍ରଦ୍ଧା ତଥା ମଙ୍ଗଳ ଲାଗି ତା'ର ସଂକଳ୍ପ ଆପଣାକୁ ଆଧାରିତ କରି ରଖିବ । ସକଳ ଅସ୍ତିତ୍ୱରେ ଯେ ସେହି ଏକ ପରମ ଦିବ୍ୟତା ବା ସେଇ ଗୋଟିଏ ପରମ ଆତ୍ମସତ୍ତା ବିଦ୍ୟମାନ ରହିଛି, ହୃଦୟର ଏହି ଦୃଷ୍ଟି ତଥା ଚୈତ୍ୟ ଏବଂ ସଂବେଗଗତ ବୋଧଟି

'oaob.nitrkl.ac.in' images reprocessed

ଉପରେହିଁ ସକଳ ବିଶ୍ୱପ୍ରେମ ଆଧାରିତ ହୋଇ ରହିବ । ସେତେବେଳେ ସୃଷ୍ଟିଗତ ଉପାଦାନ ପରସ୍ପର ସହିତ ଏକତ୍ୱବଦ୍ଧ ହୋଇ ଆସିବେ ଏବଂ ଶୁଭ ତଥା ମଙ୍ଗଳ ଲାଗି ସଂଗ୍ରାମ କରୁଥିବା ରୁଦ୍ରଶକ୍ତି ମଧ୍ୟ ବିଶ୍ୱପ୍ରେମରୂପୀ ଶକ୍ତିର ଆଧାର ଉପରେ ଆପଣାର କାର୍ଯ୍ୟରେ ପ୍ରବୃତ୍ତ ହୋଇପାରିବ । ଏହି ପ୍ରେମ-ସାମର୍ଥ୍ୟକୁହିଁ ଆମେ ହୃଦୟର ସର୍ବୋଚ୍ଚ ତଥା ଶ୍ରେଷ୍ଠତାରୁ ଅଧିକ ସ୍ୱଭାବଗତ ପରିପୂର୍ଣ୍ଣତା ବୋଲି ଜାଣିବା ।

ସର୍ବଶେଷ ପରିପୂର୍ଣ୍ଣତାଟି ହେଉଛି ବୁଦ୍ଧି ଓ ଭାବନାସମର୍ଥ ମନର ପରିପୂର୍ଣ୍ଣତା । ଏହି କ୍ଷେତ୍ରରେ ବୁଦ୍ଧିର ସ୍ପଷ୍ଟତା ଏବଂ ଶୁଦ୍ଧତା ପ୍ରଥମେ ଆବଶ୍ୟକ । ଏହି ମନକୁ ପ୍ରାଣପ୍ରଧାନ ସତ୍ତାଟିର ଦାବିଗୁଡ଼ିକ ମଧ୍ୟରୁ ମୁକ୍ତ କରି ଆଣିବାକୁ ପଡ଼ିବ, କାରଣ ପ୍ରାଣିକ ସତ୍ତାହିଁ ସତ୍ୟର ସ୍ଥାନରେ ମନର ବାସନାଟାକୁ ନେଇ ସର୍ବଦା ଲଦି ରଖିବାକୁ ଚାହିଁଥାଏ । ମନକୁ ନାନାଭାବେ ବିକ୍ଷୁବ୍ଧ ହୋଇ ରହିଥିବା ସଂବେଗମୟ ସତ୍ତାର ଦାବିଗୁଡ଼ିକର କବଳରୁ ମଧ୍ୟ ମୁକ୍ତ କରି ଆଣିବାକୁ ପଡ଼ିବ, କାରଣ ସେହି ସଂବେଗମୟ ସତ୍ତାହିଁ ଅସଲ ସତ୍ୟଟିକୁ ସଂବେଗଗୁଡ଼ିକର ଯାବତୀୟ ରଙ୍ଗ ତଥା ଆକାର ଦ୍ୱାରା ରଙ୍ଗାଇ ଦେବାକୁ, ବିକୃତ କରିଦେବାକୁ, କେତେପ୍ରକାର ସୀମା ଭିତରେ କଳି ରଖିବାକୁ ଓ ତାହାକୁ ଏକ ମିଥ୍ୟା ରୂପ ଦେବାକୁ କେତେଭଳି ଚେଷ୍ଟା କରିବାରେ ଲାଗିଥାଏ । ଏହି ବୁଦ୍ଧିକୁ ସ୍ୱୟଂ ଆପଣାର ଦୋଷଗୁଡ଼ିକ ଭିତରୁ ମଧ୍ୟ ମୁକ୍ତ ହୋଇ ଆସିବାକୁ ପଡ଼ିବ, ଅର୍ଥାତ୍ ଭାବନା-ସାମର୍ଥ୍ୟର ଜଡ଼ତା, ଜ୍ଞାନ ଲାଗି ଆପଣାକୁ ଉନ୍ମୋଚିତ କରିଦେବାରେ କେତେପ୍ରକାର ପ୍ରତିବନ୍ଧକମୟ ସଂକୀର୍ଣ୍ଣତା ଏବଂ ଅନଚ୍ଛକତା, ଭାବନାକ୍ଷେତ୍ରରେ ବୁଦ୍ଧିଗତ ଅଯଥାର୍ଥତା ଓ ଅସାବଧାନତା, ଆପଣାର ପୂର୍ବନିବଦ୍ଧ ଧାରଣା ଏବଂ ବିଶେଷ ରୁଚି ଲାଗି ଆସକ୍ତି, ବୁଦ୍ଧିରେ ବିଦ୍ୟମାନ ରହିଥିବା ଅହଂପ୍ରେରିତ ଇଚ୍ଛା ଏବଂ ଜ୍ଞାନପ୍ରାପ୍ତିଗତ ସଂକଳ୍ପର ଭ୍ରମାତ୍ମକ ନିର୍ଦ୍ଧାରଣ; —ଏହିଗୁଡ଼ିକରୁ ମୁକ୍ତ ହୋଇ ଆସିବାକୁ ପଡ଼ିବ । ସେହି ବୁଦ୍ଧି ଯେପରି ସତ୍ୟରହିଁ ଏକ ସ୍ୱଚ୍ଛ ଅଦୂଷିତ ଦର୍ପଣ ହୋଇ ରହିପାରିବ, ସତ୍ୟର ସାର, ସତ୍ୟର ଯାବତୀୟ ରୂପାୟନ, ମାତ୍ରା ତଥା ସମ୍ବନ୍ଧଗୁଡ଼ିକ ଲାଗି ଏକ ପରିଷ୍କାର ଦର୍ପଣ, ଏକ ସମୁଚିତ ପରିମାପକ, ସମସ୍ତସତ୍ତା ସମ୍ଭବ କରିବା ଲାଗି ଏକ ମାର୍ଜିତ ତଥା ସୂକ୍ଷ୍ମ ସାଧନ ଏବଂ ଏକ ସକଳାଙ୍ଗ ବୁଦ୍ଧି ହୋଇ ରହିପାରିବ, ତାହାହିଁ ତାହାର ଏକମାତ୍ର ସଂକଳ୍ପ ହୋଇ ରହିବା ଉଚିତ । ତେବେଯାଇ ଏହି ପରିଚ୍ଛନ୍ନ ଓ ବିଶୁଦ୍ଧ ବୁଦ୍ଧି ଆଲୋକର ଏକ ପ୍ରଶାନ୍ତ ବସ୍ତୁରେ ପରିଣତ ହୋଇଯାଇ ପାରିବ, ପରମ ସତ୍ୟରୂପୀ ସୂର୍ଯ୍ୟରୁ ନିର୍ଗତ ହୋଇ ଆସୁଥିବା ଏକ ଶୁଦ୍ଧ ଏବଂ ଶକ୍ତିଶାଳୀ ପ୍ରଭାମୟତାରେ ଜଳିଉଠି ପାରିବ । ମାତ୍ର ଏହାକୁ ମଧ୍ୟ କେବଳ ଏକ ଘନୀଭୂତ, ଶୁଷ୍କ ଏବଂ ଶ୍ୱେତ ଆଲୋକଯୁକ୍ତ ଏକ ବସ୍ତୁ ବା ନିର୍ମିତ ହୋଇ ରହିବାକୁ ପଡ଼ିବ ନାହିଁ, ମାତ୍ର ତାହା ଯାବତୀୟ ବର୍ଣ୍ଣଯୁକ୍ତ ବୋଧକୁ ଲାଭ କରିବାରେ ସମର୍ଥ ହୋଇ ରହିବ, ନମନୀୟ,

'oaob.nitrkl.ac.in' images reprocessed

ସମ୍ପୃକ୍ତ ତଥା ସ୍ଥିତିସ୍ଥାପକ ହୋଇ ରହିଥିବ, ସକଳ ତେଜରେ ଦେଦୀପ୍ୟମାନ ତଥା ସତ୍ୟାଭିବ୍ୟକ୍ତିର ଯାବତୀୟ ସର୍ବବିଧ ରଙ୍ଗ ଦ୍ୱାରା ନାନାବର୍ଣ୍ଣମୟ ଏବଂ ତାହାର ସକଳ ରୂପାୟନଗୁଡ଼ିକ ପ୍ରତି ଉନ୍ମୋଚିତ ହୋଇ ରହିଥିବ । ଏବଂ ଏହିଭଳି ସମ୍ପନ୍ନ ହୋଇ ତାହା ଆପଣାକୁ ସକଳ ସୀମାବଦ୍ଧତାରୁ ମୁକ୍ତ କରି ଆଣିବ, ଜ୍ଞାନଗତ ଏଇଟି ବା ସେଇଟି କୌଣସି ବିଶେଷ ବୃତ୍ତି, ରୂପାୟନ ଅଥବା କ୍ରିୟାତ୍ମକତା ମଧ୍ୟରେ ଆଉ ବନ୍ଦୀ ହୋଇ ରହିବ ନାହିଁ; ମାତ୍ର ଏପରି ଏକ ଜମିଭରେ ପରିଣତ ହୋଇଯାଇ ପାରିବ, ଯାହାକି ପୁରୁଷ ତା'ଠାରୁ ଯେଉଁ କର୍ମର ଦାବି କରିବ, ସେଥିଲାଗି ପ୍ରସ୍ତୁତ ଓ ସମର୍ଥ ହୋଇ ରହିଥିବ । ବିଶୁଦ୍ଧି, ପ୍ରକାଶ, ବିଚାର-ବୋଧ ଏବଂ ସର୍ବଜ୍ଞାନ-ସାମର୍ଥ୍ୟ,— ଏହାକୁହିଁ ଆମେ ଜ୍ଞାନନାସମର୍ଥ ବୁଦ୍ଧିର ଚତୁର୍ବିଧ ପରିପୂର୍ଣ୍ଣତା ବୋଲି ଜାଣିରଖିବା ।

ଆମ ଜୀବନର ଏହି ସାଧାରଣ ସାଧନଗୁଡ଼ିକ ଏହିପରି ଭାବରେ ପରି-ପୂର୍ଣ୍ଣତାପ୍ରାପ୍ତ ହୋଇ ଆପଣା ଆପଣାର ସ୍ୱକୀୟ ରୀତିରେ କାର୍ଯ୍ୟ କରିବାକୁ ଲାଗିବେ; ସେମାନେ ପରସ୍ପରର କ୍ଷେତ୍ରରେ ଆଦୌ ଅଯଥା ହସ୍ତକ୍ଷେପ କରିବେ ନାହିଁ ଏବଂ ଆମ ପ୍ରାକୃତ ସତ୍ତାର ଏକ ସୌଷମ୍ୟବଦ୍ଧ ସମଗ୍ରତାରେ ସେହି ପୁରୁଷରହିଁ ଅପ୍ରତିହତ ସଂକଳ୍ପଟିକୁ ପୂର୍ଣ୍ଣ କରିବାରେ ଲାଗିବେ । ଆପଣାର କାର୍ଯ୍ୟକ୍ଷମତାରେ, ଆପଣା କ୍ରିୟାତ୍ମକତାର ଶକ୍ତି-ସାମର୍ଥ୍ୟରେ ତଥା ସମ୍ପୂର୍ଣ୍ଣ ପ୍ରକୃତିର କ୍ଷେତ୍ରଟି ମଧ୍ୟରେ ରହିଥିବା ଏକ ବିଶେଷ ମହାନତାରେ ଏହି ପୂର୍ଣ୍ଣତାକୁ ନିରନ୍ତର ଉନ୍ନୀତ ହୋଇ ଚାଲିଯିବାକୁ ପଡ଼ିବ । ସେତେବେଳେ ସେମାନେ ସେମାନଙ୍କର ସ୍ୱକୀୟ ଅତିମାନସ କ୍ରିୟାଟି ମଧ୍ୟକୁ ରୂପାନ୍ତରିତ ହୋଇଯିବା ଲାଗି ମଧ୍ୟ ପ୍ରସ୍ତୁତ ହୋଇଯିବେ, ଯେଉଁଠାରେ କି ସେମାନେ ସମଗ୍ର ପୂର୍ଣ୍ଣତାପ୍ରାପ୍ତ ପ୍ରକୃତିଟିର ଏକ ଅଧିକ ପରିପୂର୍ଣ୍ଣ, ଅଧିକ ଏକତାଯୁକ୍ତ ଏବଂ ଜ୍ୟୋତିର୍ମୟ ଅଧ୍ୟାତ୍ମସତ୍ୟର ଆବିଷ୍କାର କରିବା ଲାଗି ସମର୍ଥ ହୋଇଯିବେ । ସାଧନଗୁଡ଼ିକର ଏହି ପରିପୂର୍ଣ୍ଣତାକୁ ଆମେ କେଉଁ ଉପାୟରେ ଲାଭ କରିପାରିବା, ସେବିଷୟଟିର ବିଚାର ଆମେ ପରେ ଅବଶ୍ୟ କରିବା; ମାତ୍ର ବର୍ତ୍ତମାନ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ଏଥିଲାଗି ପ୍ରଧାନ ପ୍ରଧାନ ସର୍ତ୍ତଗୁଡ଼ିକ ହେଉଛି ସଂକଳ୍ପ, ଆତ୍ମ-ନିରୀକ୍ଷଣ ଓ ଆତ୍ମଜ୍ଞାନ ଏବଂ ଆତ୍ମ-ସଂଶୋଧନ ତଥା ଆତ୍ମ-ରୂପାନ୍ତର ଲାଗି ଏକ ସତତ ଅଭ୍ୟାସ । ପୁରୁଷର ସେହି ସାମର୍ଥ୍ୟ ସବୁବେଳେ ରହିଛି; କାରଣ ଅନ୍ତରସ୍ଥ ସେହି ଚିଦ୍‌ଗତତାହିଁ ଆପଣା ପ୍ରକୃତିର କ୍ରିୟାତ୍ମକତାଟିକୁ ସର୍ବଦା ବଦଳାଇ ଦେଇପାରିବ, ତାହାକୁ ପରିପୂର୍ଣ୍ଣ ବି କରିଦେଇ ପାରିବ । ମାତ୍ର, ଏକ ସ୍ୱଚ୍ଛ ଏବଂ ଜାଗରୂକ ଅନ୍ତର୍ଲୋକନ ଦ୍ୱାରାହିଁ ଆମର ମନୋମୟ ସତ୍ତାଟିକୁ ସେଥିଲାଗି ବାଟ ଫିଟାଇ ଦେବାକୁ ପଡ଼ିବ; ଏପରି ଏକ ଅନୁସନ୍ଧାନଧର୍ମୀ ତଥା ସୂକ୍ଷ୍ମ ଆତ୍ମ-ଜ୍ଞାନ ମଧ୍ୟକୁ ଆପଣାକୁ ଉନ୍ମୋଚିତ କରିଦେବ, ଯାହାକି ତାକୁ ତା'ର ପ୍ରକୃତିଗତ ସାଧନଗୁଡ଼ିକ

'oaob.nitrkl.ac.in' images reprocessed

ବିଷୟରେ ଯଥାର୍ଥ ବୋଧଟି ଆଣିଦେବ, ଏବଂ ସେଗୁଡ଼ିକ ଉପରେ ତାକୁ ଉଚ୍ଚତର ପ୍ରଭୁତ୍ୱ ଆଣିଦେବ, ଆତ୍ମ-ସଂଶୋଧନ ଏବଂ ଆତ୍ମ-ରୂପାନ୍ତର ସକାଶେ ଏକ ସଜାଗ ତଥା ସାଗ୍ରହ ସଂକଳ୍ପ ଆଣି ଦେଇଥିବ। କାରଣ, ପରିଶେଷରେ ପ୍ରକୃତିକୁ, ଯେତେ ଆସ୍ପୃହାସକର ଭାବରେ ଅଥବା ଯେକୌଣସିପ୍ରକାର ଆରମ୍ଭକାଳୀନ ଅଥବା ପ୍ରଲମ୍ବିତ ପ୍ରତିରୋଧ ସହିତ ହେଉ ପଛକେ, ଏହି ସଂକଳ୍ପଟିର ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇବାକୁହିଁ ପଡ଼ିବ। ସେହି ଆତ୍ମ-ଜ୍ଞାନ ତାକୁ ଏପରି ଏକ ଅବିଚଳିତ ଅଭ୍ୟାସ ଆଣିଦେବ, ଯାହାକି ସକଳ ଦୋଷ ତଥା ବିକାରକୁ ଅନୁକ୍ଷଣ ଦୂରକୁ ଫିଙ୍ଗିଦେବାରେ ଲାଗିଥିବ ଏବଂ ସେଗୁଡ଼ିକର ସ୍ଥାନରେ ସମ୍ୟକ୍ ସ୍ଥିତି ତଥା ଏକ ସମ୍ୟକ୍ ଏବଂ ପରିବର୍ଦ୍ଧିତ କ୍ରିୟାକୁ ଆଣି ପ୍ରତିଷ୍ଠିତ କରି ଦେଉଥିବ। ଆମର ଏହି ମନୋମୟ ସତ୍ତାରୂପଗୁଡ଼ିକ ତୁଳନାରେ ଏକ ବୃହତ୍ତର ଶକ୍ତି ଏକ ଅଧିକ ସହଜ ଏବଂ ଅଧିକ ଦ୍ରୁତ ରୂପାନ୍ତର ସମ୍ଭବ କରିପାରିବା ଲାଗି ଯେପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଭାବରେ ହସ୍ତକ୍ଷେପ କରିବାକୁ ନଆସିଛି, ସେତେବେଳଯାଏ ତପସ୍ୟା, ଧୈର୍ଯ୍ୟ ଓ ଶ୍ରଦ୍ଧାସମ୍ପନ୍ନତା ତଥା ସମ୍ୟକ୍ ଜ୍ଞାନ ଓ ସମ୍ୟକ୍ ସଂକଳ୍ପହିଁ ଆମର ଆବଶ୍ୟକ ବସ୍ତୁ ହୋଇ ରହିଥିବ।

'oaob.nitrkl.ac.in' images reprocessed

### ପଞ୍ଚଦଶ ପରିଚ୍ଛେଦ

## ଆତ୍ମାର ଶକ୍ତି ଓ ଚତୁର୍ବିଧ ବ୍ୟକ୍ତିତ୍ୱ

ଆମର ନିତ୍ୟନୈମିତ୍ତିକ ଏହି ମନ, ହୃଦୟ, ପ୍ରାଣ ଓ ଶରୀରକୁ ପରିପୂର୍ଣ୍ଣ କରି ତିଆରି କରିବା ଦ୍ୱାରା ଆମର ମନୋଭୌତିକ ଯନ୍ତ୍ରଟିରେହିଁ ଏକ ପୂର୍ଣ୍ଣତାର ଉପଲବ୍ଧି ହେବ, ଯାହାକୁ କି ଆମକୁ କାମରେ ଲଗାଇବାକୁ ହୁଏ ଏବଂ ଯାହା ଆମ ଲାଗି ଏକ ଦିବ୍ୟ ଜୀବନ ତଥା ଦିବ୍ୟ କ୍ରିୟାତ୍ମକତା ଲାଗି କେତେକ ସାଧନଗତ ଉପଯୁକ୍ତ ଅବସ୍ଥା ସୃଷ୍ଟି କରି ଦେଇଯାଏ । ସେତେବେଳେ ଜୀବନଟିକୁ ଏକ ଅଧିକ ପବିତ୍ର, ବୃହତ୍ତର ତଥା ନିର୍ମଳ ଶକ୍ତି ଏବଂ ଜ୍ଞାନ ଦ୍ୱାରା ବଞ୍ଚିବା ସମ୍ଭବ ହୁଏ ଏବଂ ଆମର ସକଳ କର୍ମକୁ ମଧ୍ୟ ସେହିଗୁଡ଼ିକ ଦ୍ୱାରା ସମ୍ପନ୍ନ କରିହୁଏ । ଏକଥାଟି ଉପଲବ୍ଧି ହୋଇଯିବା ପରେ ଯେଉଁ ପରମ ଶକ୍ତିଟି କରଣ ଅର୍ଥାତ୍ ସାଧନଗୁଡ଼ିକ ମଧ୍ୟକୁ ପ୍ରବାହିତ ହୋଇଆସେ, ଏବଂ ଯେଉଁ ପରମ ଅଦ୍ୱିତୀୟ ସତ୍ତା ଆପଣାର ବିଶ୍ୱଗତ ଉଦ୍ଦେଶ୍ୟଗୁଡ଼ିକର ସାଧନ ଲାଗି ସେହି ଶକ୍ତିଟିକୁ କାର୍ଯ୍ୟକାରୀ କରନ୍ତି, ଆମର ପରବର୍ତ୍ତୀ ପ୍ରଶ୍ନଟି ବର୍ତ୍ତମାନ ତାହାରି ବିଷୟରେହିଁ ପଚରା ଯାଇପାରେ । ସେତେବେଳେ ଯେଉଁ ଶକ୍ତିଟି ଆମ ଭିତରେ କାର୍ଯ୍ୟ କରୁଥିବ, ତାହାକୁ ସେହି ଅଭିବ୍ୟକ୍ତ ଦିବ୍ୟ ଶକ୍ତିଟିହିଁ ହୋଇ ରହିବାକୁ ପଡ଼ିବ, ଅର୍ଥାତ୍ ବିମୋଚିତ ବ୍ୟକ୍ତିସତ୍ତା ମଧ୍ୟରେ ଅନାବୃତ ହୋଇଥିବା ସେହି ବିଶ୍ୱାତ୍ମିକା ଶକ୍ତି, 'ପରା ପ୍ରକୃତିଃ ଜୀବଭୂତା',—ହୋଇ ରହିବାକୁ ପଡ଼ିବ, ଯିଏକି ସ୍ୱୟଂ ଆମର ସକଳ କାର୍ଯ୍ୟକୁ କରୁଥିବେ ଏବଂ ଏହି ଦିବ୍ୟ ଜୀବନର କର୍ତ୍ତ୍ରୀ ହୋଇ ରହିଥିବେ । ଏହି ଶକ୍ତିଟିର ପଛରେ ବିଦ୍ୟମାନ ରହିଥିବା ସେହି ପରମ ଅଦ୍ୱିତୀୟ ସତ୍ତା ଈଶ୍ୱର ଅର୍ଥାତ୍ ସକଳ ସତ୍ତାର ପ୍ରଭୁ ହୋଇ ରହିଥିବେ, ଯାହାଙ୍କ ସହିତ କି ଆମର ଏହି ପୂର୍ଣ୍ଣତାପ୍ରାପ୍ତ ସମୁଦାୟ ସତ୍ତାଟି ଏକାଧାରରେ ସତ୍ତାର ଭୂମିରେ ଏକତ୍ୱାନୁଭବର ଏକ ଯୋଗ ହୋଇ ରହିଥିବ ତଥା ଆତ୍ମା ଏବଂ ତାହାର ପ୍ରକୃତିଗତ ଯାବତୀୟ ବିତାନ ସମ୍ବନ୍ଧର ଭୂମିରେ ଆମରି ଅନ୍ତର ଭିତରେ ଅବସ୍ଥିତ ରହି ଆମର ଜୀବନର ଆଧାର, କ୍ଷେତ୍ର ତଥା ବିଚରଣଭୂମି ହୋଇ ରହିଥିବା ସେହି ପରମ ଦେବରୂପଙ୍କ ସହିତ ମିଳନର ମଧ୍ୟ ଏକ ଯୋଗ ହୋଇ ରହିଥିବ । ଆପଣା ମଧ୍ୟରେ

'oaob.nitrkl.ac.in' images reprocessed

ବା ଆପଣା ପଛରେ ପରମ ଈଶ୍ୱରଙ୍କୁ ଧାରଣ କରି ରହିଥିବା ଏହି ପରମା ଶକ୍ତିଙ୍କର ଦିବ୍ୟ ସାନ୍ନିଧ୍ୟ ତଥା ଦିବ୍ୟ ମାର୍ଗଟିକୁହିଁ ଆମକୁ ଆମର ସକଳ ସତ୍ତା ତଥା ଜୀବନ ମଧ୍ୟକୁ ଆବାହନ କରି ଆଣିବାକୁ ପଡ଼ିବ । କାରଣ ଏହି ଦିବ୍ୟ ଉପସ୍ଥିତି ଏବଂ ଏହି ବୃହତ୍ତର କ୍ରିୟାତ୍ମକତାଟି ବ୍ୟତୀତ ପ୍ରାକୃତ ଶକ୍ତିଗୁଡ଼ିକର କ୍ଷେତ୍ରରେ କୌଣସି ସିଦ୍ଧିଲାଭ ସମ୍ଭବ ହେବ ନାହିଁ ।

ଆପଣାର ଜୀବନକ୍ଷେତ୍ରରେ ମନୁଷ୍ୟର ଯାବତୀୟ କ୍ରିୟାକୁ ଆମେ ଆତ୍ମାର ଉପସ୍ଥିତି ତଥା ପ୍ରକୃତିର କ୍ରିୟାଗୁଡ଼ିକ ମଧ୍ୟରେ ଅର୍ଥାତ୍ ପୁରୁଷ ଏବଂ ପ୍ରକୃତି ମଧ୍ୟରେ ପଡ଼ି ରହିଥିବା ଗୋଟିଏ ଗ୍ରନ୍ଥି ବୋଲି କହିପାରିବା । ପୁରୁଷର ଉପସ୍ଥିତି ଏବଂ ପ୍ରଭାବ ଆପଣାକୁ ଆମ ସତ୍ତାର ଏପରି ଏକ ବିଶେଷ ସାମର୍ଥ୍ୟର ରୂପରେ ଆଣି ପ୍ରକଟ କରି ଦେଇଥାଏ, ଯାହାକୁ କି ଆମେ ଆମର ବର୍ତ୍ତମାନ ଆବଶ୍ୟକତାଟିର ଦୃଷ୍ଟିରୁ ଆତ୍ମାର ଶକ୍ତି ବୋଲି କହିପାରିବା । ଏବଂ ଏହି ଆତ୍ମାର ଶକ୍ତିଟିହିଁ ସର୍ବଦା ଆମର ବୁଦ୍ଧି, ମନ, ପ୍ରାଣ ତଥା ଦେହର ସାମର୍ଥ୍ୟଗତ ଯାବତୀୟ କ୍ରିୟାତ୍ମକତାର ଅବଲମ୍ବନ ହୋଇ ରହିଛି, ଆମ ଚେତନ ସତ୍ତା ଏବଂ ଆମ ପ୍ରକୃତିଗତ ପ୍ରକାରଟିର ବିଶେଷ ରୂପଟିକୁ ନିରୂପିତ କରିଦେଉଛି । ସାଧାରଣ ଓ ସ୍ୱାଭାବିକ ଭାବରେ ବିକଶିତ ହୋଇଥିବା ଯେକୌଣସି ମନୁଷ୍ୟ ମଧ୍ୟରେ ଆତ୍ମା-ଶକ୍ତି ଏକ ଗୌଣ, ସଂଶୋଧିତ, ଯନ୍ତ୍ରବତ୍ ତଥା ନିମଜ୍ଜିତ ରୂପରେ, ଅର୍ଥାତ୍ ତାହାର ସ୍ୱଭାବ ଓ ଚରିତ୍ରର ରୂପରେ ଅବସ୍ଥିତ ରହିଛି । ମାତ୍ର ସେଇଟିକୁ ଆମେ କେବଳ ତାହାର ବାହ୍ୟତମ ଗଠନା-ବରଣଟି ବୋଲି କହିପାରିବା, ଯାହା ଭିତରେ କି ପୁରୁଷ ଅର୍ଥାତ୍ ଚେତନ ଆତ୍ମା ବା ଚେତନ ସତ୍ତା ଯନ୍ତ୍ରାରୂଢ଼ା ପ୍ରକୃତିଟି ଦ୍ୱାରା ସତେଅବା ସୀମାବଦ୍ଧ ଏବଂ ପ୍ରସୀମିତ ହୋଇ ରହିଥିବା ପରି ମନେହେଉଛି, ସତେଅବା ତାହାର ଦ୍ୱାରାହିଁ ଯାହାକିଛି ଆକାର ଦିଆହୋଇ ରହିଥିଲା ପରି ମନେହେଉଛି । ବିକାଶଶୀଳ ପ୍ରକୃତି ବୁଦ୍ଧିଗତ, ସୌନ୍ଦର୍ଯ୍ୟବୋଧଗତ, ନୈତିକ, ଗତିଶୀଳ, ପ୍ରାଣିକ ତଥା ଭୌତିକ ମନ ଏବଂ ପ୍ରକାରର ଯେଉଁ ବିଶେଷ ଗଠନ-ଆକାରଟିକୁ ଗ୍ରହଣ କରୁଛି, ଆତ୍ମା ତାହାର ମଧ୍ୟକୁ ସଞ୍ଚାରିତ ହୋଇ ଆସୁଛି; ରୂପ ଗ୍ରହଣ କରିଥିବା ଏହି ପ୍ରକୃତି ତା' ଲାଗି ଯେଉଁ ବାଟଟିକୁ ପକାଇ ଦେଉଛି, ପୁରୁଷ କେବଳ ସେହି ବାଟରେ ବା ଗତିରେହିଁ କାର୍ଯ୍ୟ କରିପାରୁଛି, କେବଳ ତାହାର ପ୍ରଦର୍ଶିତ ସଙ୍କୀର୍ଣ୍ଣ ଗୁଳାଟିରେ ଅଥବା ଆପେକ୍ଷିକ ଭାବରେ ଅଧିକ ପରିସରଯୁକ୍ତ ବୃତ୍ତଟି ମଧ୍ୟରେହିଁ ବିଚରଣ କରୁଛି । ସେତିକବେଳେ ମନୁଷ୍ୟକୁ ସାତ୍ତ୍ୱିକ, ରାଜସିକ ବା ତାମସିକ ବୋଲି କୁହାଯାଇ ପାରୁଛି, ଅଥବା ସେ ଏହିସବୁ ଗୁଣର ଏକ ମିଶ୍ରଣ ହୋଇ ରହିଛି; ଏବଂ ତାହାର ସ୍ୱଭାବଟି ସେତେ-ବେଳେ ଗୋଟାଏ ପ୍ରକାରର ସୂକ୍ଷ୍ମତର ଆତ୍ମିକ ରଙ୍ଗରେହିଁ ପରିଣତ ହୋଇଯାଉଛି ଏବଂ ତା' ପ୍ରକୃତିର ଏହି ନିର୍ଦ୍ଦିଷ୍ଟ ଗୁଣଗୁଡ଼ିକର ପ୍ରଧାନ ତଥା ସୁସ୍ପଷ୍ଟ କ୍ରିୟାଟିକୁ ସେହି

'oaob.nitrkl.ac.in' images reprocessed

ରଙ୍ଗଟିରେ ରଙ୍ଗାହୋଇ ରଖାଯାଇଛି । ଏକ ପ୍ରବଳତର ଶକ୍ତି ଦ୍ୱାରା ସମ୍ପନ୍ନ ହୋଇ ରହିଥିବା ବ୍ୟକ୍ତିମାନେ ଆତ୍ମାର ଏହି ଶକ୍ତିଟିକୁ ଅଧିକତର ପରିମାଣରେ ଉପରିସ୍ତରକୁ ଆଣିପାରନ୍ତି ଏବଂ ଆମ ଭାଷାରେ ଏକ ଶକ୍ତିଶାଳୀ ବା ବୃହତ୍ତ ବ୍ୟକ୍ତିତ୍ୱର ବିକାଶ କରାଇଥାନ୍ତି; ଗୀତାରେ 'ବିଭୂତିମତ୍ ସତ୍ତ୍ୱଂ ଶ୍ରୀମଦ୍ ଊର୍ଜିତମ୍ ଏବ ବା' କଥାଟିରେ ଯେଉଁ ଯେଉଁ ବିଭୂତିର ବର୍ଣ୍ଣନା କରାଯାଇଛି, ସେମାନେ ଆପଣା ଭିତରେହିଁ ତାହାର କେତେକାଂଶକୁ ଧାରଣ କରିଥାନ୍ତି । ଅର୍ଥାତ୍, ସେମାନଙ୍କ ଭିତରେ ସତ୍ତାର ଏପରି ଏକ ଉଚ୍ଚତର ଶକ୍ତି ବିଦ୍ୟମାନ ରହିଥାଏ ଯାହାକି ଅନେକ ସମୟରେ କୌଣସି ଦିବ୍ୟ ଅନ୍ତଃପ୍ରେରଣାର ସ୍ପର୍ଶ ଲାଭ କରିଥାଏ, ବେଳେବେଳେ ସେଇଟି ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ; ଅଥବା ବସ୍ତୁତଃ ସମସ୍ତଙ୍କ ମଧ୍ୟରେ ସାଧାରଣତଃ ଯେତିକି ଦିବ୍ୟ ଅଂଶ ପ୍ରକଟ ହୋଇ ରହିଛି, ସେମାନଙ୍କ ଭିତରେ ତାହାଠାରୁ ଏକ ଅଧିକତର ଅଂଶ ପ୍ରକଟ ହୋଇ ରହିଥାଏ । କାରଣ ଏକଥା ଅବଶ୍ୟ ସତ୍ୟ ଯେ ସବୁଠାରୁ ଅଧିକ ଦୁର୍ବଳ ଏବଂ ଅଧିକ ଆଚ୍ଛନ୍ନ ଜୀବଟି ଭିତରେ ମଧ୍ୟ ଦିବ୍ୟତ୍ୱର କୌଣସି ନା କୌଣସି ଅଂଶ ପ୍ରକଟ ହୋଇ ରହିଛି । ମାତ୍ର ଏହିସବୁ ବିଶେଷ କ୍ଷେତ୍ରରେ ସେହି ଦିବ୍ୟାଂଶର କେତେକ ବିଶେଷ ସାମର୍ଥ୍ୟ ସାଧାରଣ ମନୁଷ୍ୟ-ସୀମାଟିର ଆବରଣଟି ପଛରୁ ଆବିର୍ଭୂତ ହୋଇ ଆସିବାକୁ ଆରମ୍ଭ କରେ; ଏବଂ ଏହି ବ୍ୟତିକ୍ରମଯୁକ୍ତ ମଣିଷମାନଙ୍କ ଭିତରେ ଏପରି କିଛି ସୁନ୍ଦର, ଆକର୍ଷକ, ଚମତ୍କାର ତଥା ଶକ୍ତିମନ୍ତ ବିଭବର ପରିଚୟ ମିଳି ଯାଉଥାଏ, ଯାହାକି ସେମାନଙ୍କର ବ୍ୟକ୍ତିତ୍ୱ, ଚରିତ୍ର, ଜୀବନ ତଥା କର୍ମରେ ଚକ୍‌ଚକ୍ ହୋଇ ବାହାରକୁ ଫୁଟି ଉଠୁଥାଏ । ଏହି ବ୍ୟକ୍ତିମାନେ ମଧ୍ୟ ସ୍ୱଗୁଣନିର୍ଦ୍ଦେଶିତ ହୋଇ ଆପଣା ଆପଣାର ପ୍ରକୃତି-ସାମର୍ଥ୍ୟର ପ୍ରକାରଟି ମଧ୍ୟରେ ରହି ଯାବତୀୟ କର୍ମ କରୁଥାନ୍ତି, ମାତ୍ର ସେମାନଙ୍କ ମଧ୍ୟରେ ଏପରି କିଛି ବଡ଼ ସ୍ପଷ୍ଟ ହୋଇ ଉଠୁଥାଏ ମାତ୍ର ତଥାପି ସହଜରେ ବିଶ୍ଳେଷଣ କରିହେଉ ନଥାଏ, ଯାହାକି ପ୍ରକୃତରେ ପରମ ଆତ୍ମସତ୍ତା ତଥା ଚିଦ୍‌ଗତିତାର ଏକ ଅପରୋକ୍ଷ ଶକ୍ତିରୂପେ ବିଦ୍ୟମାନ ରହି ପ୍ରକୃତିର ସେହି ଗଢ଼ଣ ଏବଂ ବିଶେଷ ଢଗଟିକୁ ଏକ ଶକ୍ତିଶାଳୀ ଉଦ୍ଦେଶ୍ୟଟି ଲାଗି ପ୍ରୟୋଗ କରିବାରେ ଲାଗିଥାଏ । ଏହା ଦ୍ୱାରା ସ୍ୱୟଂ ପ୍ରକୃତିହିଁ ଆପଣା ସତ୍ତାର ଏକ ଉଚ୍ଚତର ଭୂମି ମଧ୍ୟକୁ ଅଥବା ଭୂମି ଆଡ଼କୁ ଆରୋହଣ କରିଯାଏ । ଏହି ଶକ୍ତିମତ୍ତାର କ୍ରିୟାକ୍ଷେତ୍ରଟିରେ ହୁଏତ ଅନେକ କିଛି ସତେଅବା ଅହଂକଜଡ଼ିତ ଓ ଏପରିକି ବିକାରଗ୍ରସ୍ତ ବୋଲି ପ୍ରତୀତ ବି ହୋଇପାରେ; ମାତ୍ର ବାହାରେ ଯାହାକିଛି ଦୈବ, ଆସୁର, ବା ଏପରିକି ରାକ୍ଷସିକ ଆକାରଟିଏ ଗ୍ରହଣ କରି ରହିଥିଲେ ମଧ୍ୟ ଏହା ତଥାପି ପଛରେ ରହିଥିବା କେବଳ ସେହି ପରମ ଦିବ୍ୟତ୍ୱରହିଁ ସ୍ପର୍ଶରୂପେ ଅବସ୍ଥିତ ରହିଥାଏ, ପ୍ରକୃତିକୁ ପରିଚାଳିତ କରି ନେଉଥାଏ ଏବଂ ଆପଣାର ଉଚ୍ଚତର ଉଦ୍ଦେଶ୍ୟଟିର ସାଧନ ଲାଗି ତାହାକୁ କାମରେ ଲଗାଉଥାଏ । ସତ୍ତାର ଏହି ଶକ୍ତିଟି ତଥାପି ଆନ୍ତର

'oaob.nitrkl.ac.in' images reprocessed

ଅଧିକ ବିକଶିତ ହୋଇଉଠିଲେ ଏହି ଚିଦ୍‌ଗତ ଉପସ୍ଥିତିର ଯଥାର୍ଥ ସ୍ୱରୂପଟି ପ୍ରକାଶିତ ହୋଇ ଆସିବ ଏବଂ ସେତେବେଳେ ଏହା କୌଣସି ଏକ ନୈର୍ବ୍ୟକ୍ତିକ, ଆପେ-ବର୍ତ୍ତିମାନ ତଥା ଆପେ-ଶକ୍ତିମାନ୍ ସମ୍ପଦରୂପେ ଅର୍ଥାତ୍ ଏକ ବିଶୁଦ୍ଧ ଆତ୍ମିକ ଶକ୍ତିରୂପେ ପ୍ରତିଭାତ ହୋଇଉଠିବ, ଯାହାକି ଏହି ମନଃଶକ୍ତି, ପ୍ରାଣ-ଶକ୍ତି ଏବଂ ବୁଦ୍ଧିଗତ ଶକ୍ତିରୁ ଏକାନ୍ତ ଭିନ୍ନ ହୋଇ ରହିଥିବ, ମାତ୍ର ସ୍ୱୟଂ ସେଗୁଡ଼ିକର ପରିଚାଳନା କରୁଥିବ; ଏବଂ ଏପରିକି କେତେକ ପରିମାଣରେ ସେହିଗୁଡ଼ିକରିହିଁ କ୍ରିୟାରୀତି, ଗୁଣ ଓ ପ୍ରକୃତିଗତ ପ୍ରକାରଟିକୁ ଅନୁସରଣ କରୁଥିଲେ ମଧ୍ୟ ତଥାପି ସେଗୁଡ଼ିକ ଉପରେ ଏକ ଆରମ୍ଭକାଳୀନ ତ୍ରିଗୁଣାତୀତତା, ନୈର୍ବ୍ୟକ୍ତିକତା ତଥା ଶୁଦ୍ଧ ଆତ୍ମିକ ଅଗ୍ନିର ଆପଣା ଛାପଟିକୁ ନେଇ ମାରି ଦେଉଥିବ, ଆମର ଏହି ନିତ୍ୟ-ନୈମିତ୍ତିକ ପ୍ରକୃତିର ଗୁଣଗୁଡ଼ିକୁ ଅତିକ୍ରମ କରି ରହିଥିବା କୌଣସି ଏକ ଅନ୍ୟ ସମ୍ପଦର ଛାପଟିକୁ ଆଣି ଲଗାଇ ଦେଉଥିବ । ଯେତେବେଳେ ଆମ ଭିତରେ ରହିଥିବା ଆତ୍ମାଟି ମୁକ୍ତ ହୋଇ ବାହାରିଆସେ, ସେତେବେଳେ, ଆଗରୁ ଯାହା ଆତ୍ମାର ଏହି ଶକ୍ତିଟିର ପଛରେ ଅବସ୍ଥିତ ରହିଥିଲା, ତାହା ଆପଣାର ସମୁଦାୟ ଆଲୋକ, ସୁଷମା ଏବଂ ମହିମା ସହିତ ପ୍ରକଟ ହୋଇଉଠେ; ଅର୍ଥାତ୍ ଯେଉଁ ପରମ ଚିଦ୍‌ଗତତା ବା ଭଗବାନ ଆପଣାର ବିଶ୍ୱଗତ ସତ୍ତା, ମନ, କର୍ମ ତଥା ଜୀବନରେ ମନୁଷ୍ୟର ପ୍ରକୃତି ଏବଂ ଆତ୍ମାକୁ ଆପଣାର ଆଧାର ଏବଂ ପ୍ରାଣବନ୍ତ ପ୍ରତିନିଧିରୂପେ ଗଢ଼ିନଅନ୍ତି, ପ୍ରକୃତିରେ ସେଇ ଆବର୍ତ୍ତିତ ହୋଇ ଆସନ୍ତି ।

ପରମ ଦେବତ୍ୱ ଅର୍ଥାତ୍ ପ୍ରକୃତି ମଧ୍ୟରେ ପ୍ରକଟ ହୋଇଥିବା ଚିଦ୍‌ଗତତା ଅନନ୍ତଗୁଣର ଏକ ସମୃଦ୍ଧ ମଧ୍ୟରେ ଆପଣାକୁ ପ୍ରକାଶିତ କରି ଦେଇଥାନ୍ତି । ମାତ୍ର ଯନ୍ତ୍ରସ୍ୱରୂପିଣୀ ତଥା କାର୍ଯ୍ୟନିର୍ବାହିକା ପ୍ରକୃତି ସତ୍ତ୍ୱ, ରଜଃ ଓ ତମଃ ଏହି ତିନୋଟି ଗୁଣର ଅଧୀନ ହୋଇ ରହିଥାଏ ଏବଂ ଅନନ୍ତଗୁଣର ସେହି ଚିଦ୍‌ଗତ ଲୀଳାଟି ଯନ୍ତ୍ରାରୂଢ଼ା ପ୍ରକୃତିର ଏହି କ୍ଷେତ୍ରଟିରେ ଆପଣାକୁ ଏହି ତିନୋଟି ଗୁଣର ପ୍ରକାରରେ ପୁନଃରୂପାୟିତ କରିଦିଏ । ଏବଂ ମନୁଷ୍ୟ ଭିତରେ ରହିଥିବା ଆତ୍ମିକ ଶକ୍ତିର କ୍ଷେତ୍ରଟିରେ ପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥିବା ଏହି ଦେବତ୍ୱ ଆପଣାକୁ ଚାରିପ୍ରକାର ସକ୍ରିୟ ସାମର୍ଥ୍ୟ ବା 'ଚତୁର୍ବ୍ୟୂହ'ରୂପେ ଆଣି ଉଭୁଟାଇ ଦିଏ; ଅର୍ଥାତ୍ ଜ୍ଞାନ ଲାଗି ଏକ ସାମର୍ଥ୍ୟ, ବଳ ଲାଗି ଏକ ସାମର୍ଥ୍ୟ, ପାରସ୍ପରିକତା ଓ କ୍ରିୟାଶୀଳ ଓ ଉତ୍ପାଦନଗତ ସମ୍ବନ୍ଧ ଏବଂ ଆଦାନପ୍ରଦାନ ଲାଗି ଏକ ସାମର୍ଥ୍ୟ ତଥା କର୍ମ, ଶ୍ରମ ତଥା ସେବାର ଏକ ସାମର୍ଥ୍ୟରୂପେ ପ୍ରକଟ କରିଦିଏ; ଏବଂ ତାହାର ଉପସ୍ଥିତି ସକଳ ମନୁଷ୍ୟଜୀବନକୁ ଏହି ଚାରୋଟି ସାମର୍ଥ୍ୟର ଛନ୍ଦି ଓ ବାହ୍ୟ ତଥା ଅଭ୍ୟନ୍ତର କ୍ରିୟାତ୍ମକତାର ଏକ ଗୁମ୍ଫ ଭିତରେ ଆଣି ଢାଳିଦିଏ । କ୍ରିୟାଶୀଳ ମନୁଷ୍ୟବ୍ୟକ୍ତିତ୍ୱର ଏହି ଚାରୋଟି ପ୍ରକାର ବିଷୟରେ ସଚେତନ ରହିଥିବା ଭାରତୀୟ ପୁରାତନ ବିଚାର ଏଥିରୁ ବ୍ରାହ୍ମଣ, କ୍ଷତ୍ରିୟ,

'oaob.nitrkl.ac.in' images reprocessed

ବୈଶ୍ୟ ଏବଂ ଶୂଦ୍ର ଏପରି ଚାରୋଟି ବର୍ଣ୍ଣର ଉତ୍ଥାନ କରିଥିଲା । ଏହି ପ୍ରତ୍ୟେକଟି ବର୍ଣ୍ଣରେ ଆପଣା ଆପଣାର ଆଧ୍ୟାତ୍ମିକ ବିଶେଷ ଦିଗ୍‌ନିର୍ଦ୍ଦେଶଟି ରହିଥିଲା, ନୀତିଗତ ଆଦର୍ଶ ରହିଥିଲା, ବର୍ଣ୍ଣଅନୁରୂପ ଶିକ୍ଷା, ଲାଳନ ଓ କର୍ଷଣ ରହିଥିଲା ଏବଂ ସମାଜରେ ଏକ ନିର୍ଦ୍ଦିଷ୍ଟ କର୍ମ ରହିଥିଲା ଓ ଆତ୍ମାର ବିକାଶକ୍ରମରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ ରହିଥିଲା । ପ୍ରକୃତିର ସୂକ୍ଷ୍ମତର ସତ୍ୟଗୁଡ଼ିକୁ ଅତିରିକ୍ତ ଭାବରେ ବାହ୍ୟ ଓ ଯନ୍ତ୍ରବତ୍ ଏକ ବ୍ୟବସ୍ଥାପନ ଭିତରେ ଆଣି ପକାଇବାର ଆଗ୍ରହ ଦେଖାଇଲା ବେଳେ ଯାହା ସଚରାଚର ହୋଇଥାଏ, ଏହି ବିଚାର ଓ ବ୍ୟବସ୍ଥାଟି କାଳକ୍ରମେ ଏକ କଠିନ ଓ ଅନମନୀୟ ପଦ୍ଧତିରେହିଁ ପରିଣତ ହୋଇଗଲା, ମନୁଷ୍ୟ ଭିତରେ କାର୍ଯ୍ୟ କରୁଥିବା ସେହି ସୂକ୍ଷ୍ମତର ବିକାଶଧର୍ମୀ ଆତ୍ମିକ ଶକ୍ତିଟିର ସ୍ୱତନ୍ତ୍ରତା, ବିବିଧତା ତଥା ଅନେକ-ମୁଖିତା ସହିତ ତାହାର ଆଉ କୌଣସି ସଙ୍ଗତି ରହିଲା ନାହିଁ । ତଥାପି ଏହି ବ୍ୟବସ୍ଥାଟି ପଛରେ ଯଥାର୍ଥ ସତ୍ୟ ଅବଶ୍ୟ ବିଦ୍ୟମାନ ରହିଛି ଏବଂ ଆମ ପ୍ରକୃତି-ଶକ୍ତିର ପୂର୍ଣ୍ଣ ଉପଲବ୍ଧି କ୍ଷେତ୍ରରେ ତାହାର ବହୁତ କିଛି ମହତ୍ତ୍ୱ ରହିଛି । ମାତ୍ର ଏହି ସତ୍ୟଟିକୁ ଆମକୁ ତାହାର ଅନ୍ତର୍ଗତ ବିଭାବଗୁଡ଼ିକ ମଧ୍ୟଦେଇହିଁ ଗ୍ରହଣ କରିବାକୁ ପଡ଼ିବ; ସେହି ବିଭାବଗୁଡ଼ିକୁ ଆମେ ପ୍ରଥମତଃ ବ୍ୟକ୍ତିତ୍ୱ, ଚରିତ୍ର, ସ୍ୱଭାବ ଏବଂ ଆତ୍ମାର ବିଶେଷ ପ୍ରକାରଟିରୂପେ ଜାଣିବା, ତା'ପରେ ସେଗୁଡ଼ିକର ପଛରେ ରହିଥିବା ଏବଂ ଏହିସବୁ ରୂପର ପରିଧାନ କରିଥିବା ଆତ୍ମିକ ଶକ୍ତିକୁ ଜାଣିବା, ଏବଂ ସର୍ବଶେଷରେ ଆମେ ତାହାକୁ ସେହି ପାରମୁକ୍ତ ଅଧ୍ୟାତ୍ମଶକ୍ତିର ଲୀଳାରୂପେ ମଧ୍ୟ ଜାଣିବା, ଯାହା ଭିତରେ ପ୍ରବିଷ୍ଟ ହୋଇ ସେମାନେ ଆପଣାର ପୂର୍ଣ୍ଣ ଚରିତାର୍ଥତା ଲାଭ କରନ୍ତି ଏବଂ ସକଳ ଗୁଣର ଅତୀତ ହୋଇ ରହିଥିବା ଏକତ୍ୱର ଉପଲବ୍ଧି କରନ୍ତି । କାରଣ, ଜଣେ ବ୍ୟକ୍ତି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ବା ଶୂଦ୍ର ହୋଇ ଜନ୍ମଗ୍ରହଣ କରୁଛି ଓ କେବଳ ତାହାହିଁ ହୋଇ ରହିଛି ବୋଲି ଯେଉଁ ଅଶୋଧିତ ବାହ୍ୟ ଧାରଣାଟି ରହିଛି, ତାହାକୁ ଆମ ଜୀବନର ଏକ ମନୋବୈଜ୍ଞାନିକ ସତ୍ୟ ବୋଲି କଦାପି କୁହାଯିବ ନାହିଁ । ଅସଲ ମନୋବୈଜ୍ଞାନିକ ସତ୍ୟଟି ହେଉଛି ଯେ ଆମ ଭିତରେ ଚତୁର୍ଗତତାର ଏହି ଚାରୋଟିଯାକ କ୍ରିୟାତ୍ମକ ସାମର୍ଥ୍ୟ ଓ ପ୍ରବୃତ୍ତି ରହିଛି ଏବଂ ତାହାକୁ କାର୍ଯ୍ୟକାରୀ କରୁଥିବା ପ୍ରକୃତି ମଧ୍ୟ ରହିଛି ଏବଂ ଆମ ବ୍ୟକ୍ତିତ୍ୱର ଅପେକ୍ଷାକୃତ ଅଧିକ ସୁଗଠିତ ଭାଗଟିରେ ସେହି ସାମର୍ଥ୍ୟ ଓ ପ୍ରବୃତ୍ତିଗୁଡ଼ିକ ମଧ୍ୟରୁ ଗୋଟିଏ ଅଥବା ଅନ୍ୟଟିର ପ୍ରଧାନତା ଆମକୁ ଆମର ମୁଖ୍ୟ ପ୍ରବୃତ୍ତି, ସର୍ବାଧିକ ପ୍ରଭାବଶାଳୀ ଗୁଣ ଏବଂ ସମର୍ଥତା-ଗୁଡ଼ିକୁ ଆଣି ଦେଇଥାଏ, ଆମ ଜୀବନରେ ଏବଂ କର୍ମରେ ଆମକୁ ଆମର ବିଧାୟକ ଦିଗଟି ଆଣି ଦେଇଥାଏ । ମାତ୍ର ସେଗୁଡ଼ିକ ଅଳ୍ପବହୁତ ପରିମାଣରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ରହିଥାନ୍ତି; ଏଠି ପ୍ରକଟ ହୋଇଥାନ୍ତି ତ ସେଠି ଅନ୍ତର୍ନିହିତ ରହିଥାନ୍ତି, ଏଠି ବିକାଶଲାଭ କରିଥାନ୍ତି ତ ସେଠି ଅବଦମିତ, ଅଳ୍ପଶକ୍ତି ଓ ବଶୀଭୂତ ହୋଇ

'oaob.nitrkl.ac.in' images reprocessed

ରହିଥାନ୍ତି । ଏବଂ ପୂର୍ଣ୍ଣତାପ୍ରାପ୍ତ ଜଣେ ମନୁଷ୍ୟ ଭିତରେ ସେଗୁଡ଼ିକ ଏକ ସମ୍ପୂର୍ଣ୍ଣତା ତଥା ସମଞ୍ଜସତା ମଧ୍ୟକୁ ଉତ୍ତୋଳିତ ହୋଇଯିବେ, ଯାହାକି ଆଧ୍ୟାତ୍ମିକ ମୁକ୍ତିର ସେହି ଅବସ୍ଥାରେ ଆତ୍ମାର ଅନନ୍ତ ଗୁଣଗୁଡ଼ିକର ଏକ ମୁକ୍ତ ଲୀଳାରୂପେ ପ୍ରତିଷ୍ଠିତ ହୋଇରହିବ । ସେହି ଲୀଳାଟି ଆନ୍ତର ତଥା ବାହ୍ୟ ଜୀବନରେ ଏବଂ ଆପଣାର ତଥା ଜଗତର ପ୍ରକୃତି-ଶକ୍ତି ସହିତ ପୁରୁଷର ଆତ୍ମସମ୍ଭୋଗମୟ ସୃଜନଶୀଳ କ୍ରୀଡ଼ାରେ ପ୍ରକାଶିତ ହୋଇରହିବ ।

କେତେକ ପ୍ରଭାବଶାଳୀ ପ୍ରବୃତ୍ତି, ସାମର୍ଥ୍ୟ ଏବଂ ବିଶେଷତାଗୁଡ଼ିକ ଆଦିକୁ ତଥା କ୍ରିୟାଶୀଳ ଶକ୍ତିର କେତୋଟି ରୂପ, ମନ ତଥା ଅନ୍ତର୍ଗତ ଜୀବନର ଗୁଣ, ସଂସ୍କୃତିଶୀଳ ବ୍ୟକ୍ତିତ୍ୱ ବା ବିଶିଷ୍ଟ ପ୍ରକାରଟି ଆଦିକୁ ପ୍ରକୃତିର ବିଶେଷ ପ୍ରବୃତ୍ତି ବା ତାହାର ତଦନୁରୂପ ଗଠନବୃଦ୍ଧି ଏହିସବୁ ବସ୍ତୁର ସବୁଠାରୁ ଅଧିକ ବାହ୍ୟ ମନୋବୈଜ୍ଞାନିକ ପ୍ରକାଶ ବୋଲି କୁହାଯିବ । ଅନେକ ସମୟରେ ପ୍ରକୃତିର ଏହି ପ୍ରବୃତ୍ତି ବୁଦ୍ଧିଗତ ଉପାଦାନଟିର ପ୍ରାଧାନ୍ୟ, ଜ୍ଞାନର ଅନ୍ୱେଷଣ ତଥା ଉପଲବ୍ଧିରେ ସହାୟକ ହେଉଥିବା ସାମର୍ଥ୍ୟ, ବୌଦ୍ଧିକ ସୃଜନ ବା ରଚନାତ୍ମକତା, ବିଷୟର ମଧ୍ୟରେ ନିମଜ୍ଜିତ ହୋଇ ରହିବା, ନାନାବିଧ ବିଷୟର ତଥା ଜୀବନର ଅଧ୍ୟୟନ ତଥା ମନନସମର୍ଥ ବୁଦ୍ଧିର ନାନା ତଥ୍ୟସଂଗ୍ରହ ତଥା ବିକାଶ ଆଦିକୁ ଚାଳିତ କରି ରହିଥାଏ । ଲବ୍ଧ ବିକାଶଟିର ସ୍ତର ଅନୁସାରେ କ୍ରମିକ ଭାବରେ ପ୍ରଥମେ ସକ୍ରିୟ, ମୁକ୍ତ ତଥା ଅନ୍ୱେଷଣଶୀଳ ବୁଦ୍ଧିସମ୍ପନ୍ନ ମନୁଷ୍ୟର ରୂପ ଏବଂ ସ୍ୱଭାବଟିର ବିକାଶ ହୋଇଆସେ, ତା'ପରେ ବୁଦ୍ଧିପ୍ରଧାନ ମନୁଷ୍ୟର ବିକାଶ ହୁଏ ଏବଂ ସବା ଶେଷକୁ ବିଦ୍ୟାବାନ୍, ଜ୍ଞାନୀ ତଥା ମହାନ୍ ମନୀଷୀଙ୍କର ବିକାଶ ହୋଇଥାଏ । ଏହି ବିଶେଷ ସ୍ୱଭାବ, ବ୍ୟକ୍ତିତ୍ୱ ବା ଆତ୍ମିକ ପ୍ରକାରଟିର ପର୍ଯ୍ୟାପ୍ତ ବିକାଶଟି ଫଳରେ ଆତ୍ମାର ଯେଉଁସବୁ ସାମର୍ଥ୍ୟ ଆସି ଦେଖାଦିଏ, ତଦ୍ୱାରା ଏକ ଆଲୋକିତ ମନ ଜନ୍ମଲାଭ କରିଥାଏ ଯାହାକି ଯାବତୀୟ ବିଷୟର, ଜ୍ଞାନ ତଥା ସତ୍ୟର ଅନ୍ତଃପ୍ରବାହଗୁଡ଼ିକ ଆଦିକୁ ଅଧିକରୁ ଅଧିକ ଉନ୍ମୁକ୍ତ ହୋଇ ଯାଉଥାଏ; ଜ୍ଞାନ ଲାଗି ଏକ କ୍ଷୁଧା ଜାତ ହୁଏ, ପ୍ରବଳ ଆକାଙ୍କ୍ଷା ଜାତ ହୁଏ; ଆମ ଭିତରେ ଜ୍ଞାନର ଅଭିବୃଦ୍ଧି ଲାଗି, ଅନ୍ୟମାନଙ୍କ ଯାଏ ସେହି ଜ୍ଞାନଟିକୁ ପହଞ୍ଚାଇ ପାରିବା ଲାଗି, ପୃଥିବୀରେ ଜ୍ଞାନର, ବୁଦ୍ଧି, ସତ୍ୟ, ଋତ ଏବଂ ନ୍ୟାୟର ଏକ ଶାସନ ସମ୍ଭବ କରିବା ଲାଗି ଏବଂ ଏକ ଉଚ୍ଚତର ସ୍ତରରେ ଆମ ଉଚ୍ଚତର ସତ୍ତାଟିର ସୌଷମ୍ୟ ଓ ତଦ୍‌ଗତତାର ତଥା ତାହାର ବିଶ୍ୱାତ୍ମକ ଏକତ୍ୱ, ଆଲୋକ ଏବଂ ପ୍ରେମର ଶାସନଟିକୁ ପ୍ରତିଷ୍ଠିତ କରିବା ଲାଗି ଏକ ଆକାଙ୍କ୍ଷା ଜନ୍ମଲାଭ କରେ । ମନ ତଥା ସଙ୍କଳ୍ପର ଭୂମିରେ ଏହି ଆଲୋକର ଏକ ସାମର୍ଥ୍ୟ ଆମର ସମୁଦାୟ ଜୀବନଟିକୁ ବୁଦ୍ଧିର ଅନୁଗତ କରି ରଖେ, ବୁଦ୍ଧିସ୍ଥ ସତ୍ୟ ଏବଂ ଋତରହିଁ ଅନୁଗତ କରି ରଖେ; ବା ତାହାକୁ ତଦ୍‌ଗତତା ଏବଂ ତାହାର ତଦ୍‌ଗତ

'oaob.nitrkl.ac.in' images reprocessed

ସତ୍ୟ ତଥା ଋତର ଅନୁଗତ କରି ରଖେ ଏବଂ ନିମ୍ନତର ଜୀବନଭାଗଗୁଡ଼ିକୁ ସେମାନଙ୍କର ବୃହତ୍ତର ବିଧାନଟିର ଅଧୀନ କରି ରଖେ । ସ୍ୱଭାବର ଏପରି ଏକ ସନ୍ତୁଳିତ ସ୍ଥିତି ଉପଗତ ହୋଇଯାଏ, ଯାହାକି ପ୍ରଥମରୁହିଁ ଧୈର୍ଯ୍ୟ, ସ୍ଥିର ଚିନ୍ତନ, ଶାନ୍ତି, ମନନ ଓ ଧ୍ୟାନ ଆଡ଼କୁ ଆଗ୍ରହୀ ହୋଇ ରହେ, ସଂକଳ୍ପ ତଥା ଆବେଗଗୁଡ଼ିକର ଯାବତୀୟ ବିକ୍ଷୋଭକୁ ଆପଣା ପ୍ରଭାବ ମଧ୍ୟକୁ ଆଣି ଶାନ୍ତ କରିଦିଏ, ଉଚ୍ଚତର ଭାବନା ତଥା ଶୁଦ୍ଧତର ଜୀବନଯାପନ ଲାଗି ପ୍ରେରିତ କରେ, ଆତ୍ମ-ଶାସିତ ସାତ୍ତ୍ୱିକ ମନର ମୂଳଦୁଆ ପକାଏ ଏବଂ ଅଧିକରୁ ଅଧିକ ପରିମାଣରେ ଏକ କୋମଳ, ଉଦାତ୍ତ, ନୈର୍ବ୍ୟକ୍ତିକ ତଥା ବିଶ୍ୱାତ୍ମଭାବପ୍ରେରିତ ବ୍ୟକ୍ତିତ୍ୱରେ ବିକଶିତ ହୋଇଯାଏ । ଏହାହିଁ ହେଉଛି ଜ୍ଞାନର ଯାଜକ ବ୍ରାହ୍ମଣର ଆଦର୍ଶ ପ୍ରକୃତି ବା ଆତ୍ମିକ ସାମର୍ଥ୍ୟ । ଯଦି ଏହି ପ୍ରକୃତିଟି ତା' ଭିତରେ ଆପଣାର ସକଳ ଦିଗଟି ଦ୍ୱାରା ସମନ୍ୱିତ ହୋଇ ଉପସ୍ଥିତ ନଥାଏ, ତେବେ ସେଠାରେ ଆମକୁ ଏହି ବିଶିଷ୍ଟ ପ୍ରକାରଟିର ଅପୂର୍ଣ୍ଣତା ବା ବିକୃତିଗୁଡ଼ିକ ବେଶ୍ ଦେଖିବାକୁ ମିଳିବ । ହୁଏତ ଏକ ତୁଚ୍ଛା ବୌଦ୍ଧିକତା ବା ନାନାବିଧ ବିଦ୍ୟାର ଲାଗି ଏକ କୌତୂହଳ ରହିଥିବ, ମାତ୍ର ତା' ଭିତରେ କୌଣସି ନୈତିକ ଅଥବା ଅନ୍ୟ ଉଚ୍ଚୈଳନ ନଥିବ; କୌଣସି ଏକ ପ୍ରକାରର ବୌଦ୍ଧିକ କ୍ରିୟାତ୍ମକତା ଉପରେ ଏକ ସଙ୍କୀର୍ଣ୍ଣ ଅଭିନିବିଷ୍ଟତା ରହିଥିବ ସତ, ମାତ୍ର ମନ, ଆତ୍ମା ବା ତଦ୍‌ଗତତାର ସେହି ବୃହତ୍ତର ଭାବରେ ଆବଶ୍ୟକ ଉନ୍ମୁକ୍ତତାଟି ଅନୁପସ୍ଥିତ ଥିବ; ଆପଣା ବୌଦ୍ଧିକତାର ଘେରବାଡ଼ ଭିତରେ ଆପଣାକୁ ବନ୍ଦ କରି ରଖିଥିବା ବୁଦ୍ଧିଜୀବୀର ଔଦ୍ଧତ୍ୟ ବା ବହିଷ୍କାରଧର୍ମିତା ରହିଥିବ ଅଥବା ଏକ ଶକ୍ତିଶାଳୀ ଆଦର୍ଶବାଦ ରହିଥିବ ସତ, ମାତ୍ର ଜୀବନ ଉପରେ ତାହାର କୌଣସି ଅଧିକାର ନଥିବ; କିଂବା ବୁଦ୍ଧିପ୍ରଧାନ, ଧାର୍ମିକ, ବୈଜ୍ଞାନିକ ଅଥବା ଦାର୍ଶନିକାନୁରାଗୀ ମନ ଭିତରେ ସାଧାରଣତଃ ଅନ୍ୟ ଯେଉଁସବୁ ସ୍ୱାଭାବିକ ଅପୂର୍ଣ୍ଣତାଗୁଡ଼ିକ ଦୃଷ୍ଟିଗୋଚର ହୋଇଥାଏ, ଏହି କ୍ଷେତ୍ରରେ ସେଥିମଧ୍ୟରୁ କୌଣସି ଗୋଟିଏ ମହଜୁଦ ରହିଥିବ । ଏଗୁଡ଼ିକୁ ଅଧବାଟରେ ଅଟକି ଯିବାର ଗୋଟିଏ ଗୋଟିଏ ଫନ୍ଦା ବୋଲି କୁହାଯାଇ ପାରିବ ଅଥବା ସାମୟିକ ବର୍ଜନାତ୍ମକ କେତେକ ଅଭିନିବିଷ୍ଟତା ବୋଲି ମଧ୍ୟ କୁହାଯାଇ ପାରିବ; ମାତ୍ର ମନୁଷ୍ୟ ଭିତରେ ଏକ ଦିବ୍ୟ ଆତ୍ମା ତଥା ସତ୍ୟ ଏବଂ ଜ୍ଞାନର ଶକ୍ତିର ଏକ ପରିପୂର୍ଣ୍ଣତାକୁହିଁ ଏହି ଧର୍ମ ବା ସ୍ୱଭାବଟିର ପୂର୍ଣ୍ଣତା ବୋଲି କୁହାଯିବ, ପୂର୍ଣ୍ଣତାପ୍ରାପ୍ତ ବ୍ରାହ୍ମଣର ଉପଲବ୍ଧ ବ୍ରାହ୍ମଣତ୍ୱ ବୋଲି କୁହାଯିବ ।

ଅନ୍ୟ ପକ୍ଷରେ ପ୍ରକୃତିର ବିଶେଷ ପ୍ରବୃତ୍ତିଟି ସଂକଳ୍ପଶକ୍ତିର ପ୍ରଧାନତା ଆଡ଼କୁ ମଧ୍ୟ ଢଳି କରି ରହିପାରେ; ବଳ, ଶକ୍ତି, ସାହସ, ନେତୃତ୍ୱ, ରକ୍ଷଣ ତଥା ଶାସନ ପ୍ରଭୃତି କାର୍ଯ୍ୟରେ, ଯେକୌଣସି ପ୍ରକାରର ଯୁଦ୍ଧରେ ବିଜୟଲାଭ କରିବାରେ ବା କୌଣସି ସୃଜନାତ୍ମକ ତଥା ରଚନାତ୍ମକ କାର୍ଯ୍ୟରେ ଏକ ବିଶେଷ ଦକ୍ଷତାରୂପେ

'oaob.nitrkl.ac.in' images reprocessed

ଆପଣାକୁ ପ୍ରକାଶ କରିପାରେ; ଯେଉଁ ସଙ୍କଳ୍ପଶକ୍ତି ଜୀବନର ସାମଗ୍ରୀଟିକୁ ଓ ଅନ୍ୟ ବ୍ୟକ୍ତିମାନଙ୍କର ଇଚ୍ଛାକୁ ଆପଣାର କରଗତ କରିବାକୁ ଉଦ୍ୟତ ହୋଇ ରହିଥାଏ ଏବଂ ଆମର ମଧ୍ୟରେ କାର୍ଯ୍ୟ କରୁଥିବା ଶକ୍ତି ଯେଉଁସବୁ ଆକୃତିକୁ ଆଣି ଜୀବନ ଉପରେ ଲଦିଦେବାକୁ ଚାହୁଁଛି, ସେହିସବୁ ଆକୃତି ମଧ୍ୟରେହିଁ ପରିବେଶକୁ ବାନ୍ଧି କରି ରଖିଥାଏ, ସୃଷ୍ଟ ଉପାଦାନଗୁଡ଼ିକର ସଂରକ୍ଷଣ ଲାଗି ଯାହାସବୁ କର୍ତ୍ତବ୍ୟ, ସେହିଗୁଡ଼ିକ ଅନୁସାରେ ଆପଣାକୁ ଶକ୍ତିଶାଳୀ ଭାବରେ କାର୍ଯ୍ୟକାରୀ କରାଇ ଦେଇଥାଏ ଅଥବା ତାହାକୁ ବିନଷ୍ଟ କରିଦେଇ ଜଗତର ପଥଗୁଡ଼ିକୁ ପରିଷ୍କାର କରିଦେବା ପାଇଁ ବା ଯାହାକିଛି ହେବାକୁ ଯାଉଛି, ତାହାକୁ ଏକ ନିର୍ଦ୍ଦିଷ୍ଟ ଆକାରରେ ଆଣି ପକାଇବା ଲାଗି କାର୍ଯ୍ୟ କରୁଥାଏ, ପ୍ରକୃତି ତାହାର ବିଶେଷ ଆକାରରେହିଁ ଆପଣାକୁ ପ୍ରକଟ କରି ଦେଇପାରେ । ଏହି ପ୍ରବୃତ୍ତିଟି ସେହି କ୍ଷେତ୍ରରେ କ୍ଷୁଦ୍ରତର ଅଥବା ବୃହତ୍ତର ଯେକୌଣସି ସାମର୍ଥ୍ୟ ବା ରୂପରେ ଉପସ୍ଥିତ ଥାଇପାରେ ଏବଂ ତାହାର ମାତ୍ରା ତଥା ବଳଶାଳିତା ଅନୁସାରେ ଆମେ କ୍ରମିକ ଭାବରେ ଜଣେ ରୁକ୍ଷ ସଂଗ୍ରାମୀ ବା କେବଳ କ୍ରିୟାତ୍ମକତାରହିଁ ମଣିଷକୁ ଦେଖିପାରୁ, ଆପଣାକୁ ଅନ୍ୟମାନଙ୍କ ଉପରେ ଲଦି ଦେବାକୁ ଚେଷ୍ଟା କରୁଥିବା ସକ୍ରିୟ ଇଚ୍ଛା ଏବଂ ବ୍ୟକ୍ତିତ୍ୱସମ୍ପନ୍ନ ଜଣେ ବ୍ୟକ୍ତିକୁ ଦେଖି-ପାରୁ; ଏବଂ ଜଣେ ଶାସକ ବା ବିଜେତାକୁ ଦେଖିପାରୁ, କୌଣସି ଏକ ବିଶେଷ କର୍ମବ୍ରତର ନାୟକକୁ ଦେଖିପାରୁ, ଜୀବନଗତ କ୍ରିୟାଶୀଳ ରୂପାୟନର ଯେକୌଣସି କ୍ଷେତ୍ରରେ ଜଣେ ନବନିର୍ମାତା ପୁରୋଧାକୁ ଦେଖିପାରୁ । ଆତ୍ମା ତଥା ମନରେ ରହିଥିବା ବିବିଧ ଅପୂର୍ଣ୍ଣତା ଏହି କ୍ଷେତ୍ରରେ ପ୍ରକାରଟିର କେତେକେତେ ଅପୂର୍ଣ୍ଣତା ଏବଂ ବିକୃତିକୁ ଉତ୍ପନ୍ନ କରିଥାନ୍ତି; ଏହିପରି ଭାବରେ ଆପଣାର ଇଚ୍ଛାଶକ୍ତି ଦ୍ୱାରା ତାଡ଼ିତ ରୁକ୍ଷ ଶରୀରବଳସମ୍ପନ୍ନ ମନୁଷ୍ୟର ଉଦୟ ହୁଏ, କେବଳ ଶକ୍ତିର ଉପାସନା କରୁଥିବା ଓ ଅନ୍ୟ କୌଣସି ଆଦର୍ଶ ବା ଉଚ୍ଚତର ଧ୍ୟେୟ ନଥିବା ମନୁଷ୍ୟ ଆବିର୍ଭୂତ ହୁଏ, ସ୍ୱାର୍ଥପର ଏବଂ ଅନ୍ୟ ଉପରେ ଆପଣାର ଶାସନକୁ ଜାରି କରି ରଖିବାକୁ ଇଚ୍ଛା କରୁଥିବା ବ୍ୟକ୍ତିତ୍ୱ ଜନ୍ମଲାଭ କରେ, ଆକ୍ରମଣମତ୍ତ ହିଂସ୍ର ରାଜସିକ ମନୁଷ୍ୟର ଆବିର୍ଭାବ ହୁଏ, ସେହି ସ୍ଫୀତାକାର ଅହଂଆସକ୍ତ ବ୍ୟକ୍ତିର, ଦୈତ୍ୟ, ଅସୁର ଓ ରାକ୍ଷସର ଆବିର୍ଭାବ ହୁଏ । ମାତ୍ର, ପ୍ରକୃତିର ଏହି ପ୍ରକାରଟି ଆପଣାର ଉଚ୍ଚତର ସୋପାନଗୁଡ଼ିକରେ ଆତ୍ମାର ଯେଉଁସବୁ ଶକ୍ତିମତ୍ତା ଆଡ଼କୁ ଆପଣାକୁ ଉନ୍ମୋଚିତ କରିଦିଏ, ସେଗୁଡ଼ିକର ଆମର ଏହି ମନୁଷ୍ୟପ୍ରକୃତିକୁ ପରିପୂର୍ଣ୍ଣ କରିବା ଲାଗି ବ୍ରାହ୍ମଣର ଶକ୍ତିମତ୍ତାଗୁଡ଼ିକ ପରି ସମାନ ଭାବରେ ଏକ ଆବଶ୍ୟକତା ରହିଛି । ଏପରି ଏକ ସମୁଚ୍ଚ ନିର୍ଭୀକତା, ଯାହାକୁ କି କୌଣସି ବିପଦ ବା ବାଧା ପରାହତ କରିପାରିବ ନାହିଁ ଏବଂ ମନୁଷ୍ୟ, ନିୟତି ଅଥବା ଅପ୍ରସନ୍ନ ଦେବତାମାନଙ୍କର ଯେକୌଣସି ଆକ୍ରମଣର ସମ୍ମୁଖୀନ ହେବା ପାଇଁ ଓ ସହନ କରିବା ପାଇଁ ଯାହାକି ଆପଣାର ଶକ୍ତିକୁ ସର୍ବଦା ସମକକ୍ଷ ବୋଲି ଅନୁଭବ

'oaob.nitrkl.ac.in' images reprocessed

କରୁଥାଏ; ଏପରି ଏକ ଗତିଶୀଳ ଅନମନୀୟତା ଏବଂ ସାହସିକତା ଯାହାକି କୌଣସି ପ୍ରକାର ଦୁଃସାହସ ତଥା ଉଦ୍ୟମକୁ ଅକ୍ଷମକାରୀ ଦୁର୍ବଳତା ତଥା ଭୟରୁ ମୁକ୍ତ ହୋଇ ରହିଥିବା ଏକ ମନୁଷ୍ୟ-ଆତ୍ମାର ସ୍ୱାଧୀନତା ବୋଲି ଭାବି ସେଠାରୁ କଦାପି ପଛଘୁଞ୍ଚା ଦେଇ ପଳାଇ ଆସେ ନାହିଁ; ଆପଣାର ସମ୍ମାନ ପ୍ରତି ଏପରି ଏକ ଶ୍ରଦ୍ଧା ଯାହାକି ମନୁଷ୍ୟଜୀବନର ଚରମ ଉଦାତ୍ତତାଗୁଡ଼ିକର ଶିଖର ଦେଶକୁ ମଧ୍ୟ ଉଠିଯିବା ଲାଗି ପ୍ରସ୍ତୁତ ହୋଇ ରହିଥାଏ, କୌଣସିପ୍ରକାର ହୀନ, କ୍ଷୁଦ୍ର, ନୀଚ ବା ଦୁର୍ବଳ ବସ୍ତୁ ପାଖରେ କଦାପି ମସ୍ତକ ନତ କରେ ନାହିଁ ମାତ୍ର ନିଷ୍କଳୁଷ ଭାବରେ ଉଚ୍ଚସ୍ତରର ସାହସ, ବୀରତା, ସତ୍ୟ, ଅକୁଟିଳତା, ଉଚ୍ଚତର ଆତ୍ମସତ୍ତା ଲାଗି ନିମ୍ନତର ଆତ୍ମସତ୍ତାର ବଳିଦାନ, ମନୁଷ୍ୟକୁ ସାହାଯ୍ୟ କରିବାର ଇଚ୍ଛା, ଅନ୍ୟାୟ ଓ ଅତ୍ୟାଚାରର ଅବିଚଳ ପ୍ରତିରୋଧ, ଆତ୍ମ-ସଂଯମ ଓ ଆତ୍ମ-କର୍ତ୍ତୃତ୍ୱ, ମହାନ୍ ନେତୃତ୍ୱ, ଯାତ୍ରାପଥ ତଥା ସଂଗ୍ରାମ-କ୍ଷେତ୍ରରେ ଯୋଦ୍ଧା ଏବଂ ନାୟକର ଧର୍ମପାଳନ,—ଏହି ଯାବତୀୟ ଆଦର୍ଶର ରକ୍ଷା କରୁଥାଏ; ଆପଣାର ଶକ୍ତି ତଥା ସାମର୍ଥ୍ୟରେ ଏବଂ ତେଜ ତଥା ସାହସରେ ଏକ ଉଚ୍ଚକୋଟୀର ଆତ୍ମବିଶ୍ୱାସ ରଖିଥାଏ ଯାହାକି କର୍ମପ୍ରେରିତ ଜଣେ ମନୁଷ୍ୟ ଲାଗି ଏକ ଅପରିହାର୍ଯ୍ୟ ଗୁଣ ହୋଇ ରହିଥାଏ;—ଏହିସବୁ ବସ୍ତୁହିଁ କ୍ଷତ୍ରିୟପ୍ରକୃତିର ନିର୍ମାଣ କରିଥାଏ । ଏହି ବସ୍ତୁଗୁଡ଼ିକୁ ସେଗୁଡ଼ିକର ଉଚ୍ଚତମ ଭୂମିଟିଯାଏ ବହନ କରିନେବା ଏବଂ ସେଗୁଡ଼ିକରେ ଏକ ଦିବ୍ୟ ପୂର୍ଣ୍ଣତା, ଶୁଦ୍ଧତା ତଥା ମହିମା ଆଣିଦେବାକୁହିଁ ଆମେ ସେହି ବ୍ୟକ୍ତିମାନଙ୍କର ପୂର୍ଣ୍ଣତା ବୋଲି କହିବା, ଯେଉଁମାନଙ୍କର ସ୍ୱଭାବ ଏହି ପ୍ରକାରର ହୋଇଥାଏ ଏବଂ ଯେଉଁମାନେ ଏହି ଧର୍ମଟିର ଅନୁସରଣ କରୁଥାନ୍ତି ।

ତୃତୀୟ ବିଶେଷ ପ୍ରବୃତ୍ତିଟି ମନୁଷ୍ୟର ବ୍ୟାବହାରିକ ସଂଗଠନାତ୍ମକ ବୁଦ୍ଧିଟିକୁ ପ୍ରକାଶିତ କରି ଦେଇଥାଏ; ଉତ୍ପାଦନ ଓ ବିନିମୟ କରିବା, ଅଧିକାର ଓ ଭୋଗ କରିବା, ଉଦ୍ଭାବନ କରିବା, ବସ୍ତୁଗୁଡ଼ିକୁ ଶୃଙ୍ଖଳା ଓ ଭାରସାମ୍ୟ ମଧ୍ୟରେ ଆଣି ରଖିବା, ଆପଣାକୁ ବ୍ୟୟିତ କରିବା, ପାଇବା, ଦେବା ଓ ଗ୍ରହଣ କରିବା ଏବଂ ସବୁଠାରୁ ଅଧିକ ସୁବିଧା ଉପଲବ୍ଧ ହୋଇପାରିବା ଭଳି ଜୀବନର ସକ୍ରିୟ ସମ୍ବନ୍ଧଗୁଡ଼ିକୁ କାର୍ଯ୍ୟକାରୀ କରି ରଖିବା ଲାଗି ଜୀବନରେ ଯେଉଁ ସହଜାତ ମୂଳପ୍ରବୃତ୍ତିଟି ରହିଛି, ଏହି ପ୍ରବୃତ୍ତି ସେଇଟିକୁହିଁ ବିଶେଷ ଭାବରେ ବିକଶିତ କରାଇଆଣେ । ଆପଣାର ବାହ୍ୟ କ୍ରିୟାରେ ଏହି ସାମର୍ଥ୍ୟଟି କୌଶଳଯୁକ୍ତ ଉଦ୍ଭାବନକାରୀ ବୁଦ୍ଧିରୂପେ ପ୍ରତୀତ ହୋଇଥାଏ; ନିୟମାନୁଗତ, ବୃଦ୍ଧିନିର୍ଭର, ବ୍ୟାପାରିକ, ଔଦ୍ୟୋଗିକ, ଆର୍ଥିକ, ବ୍ୟାବହାରିକ, ବୈଜ୍ଞାନିକ, ଯନ୍ତ୍ରଧର୍ମୀ, ବ୍ୟବସ୍ଥାକୁଶଳ ଏବଂ ପ୍ରୟୋଜନବାଦୀ ମନରୂପେ ପ୍ରକଟ ହୋଇଥାଏ । ଆପଣା ପୂର୍ଣ୍ଣତାର ସାଧାରଣ ସ୍ତରଟିରେ ଏହି ପ୍ରକୃତିଟି ସହିତ ଏକ ସାଧାରଣ ସ୍ୱଭାବ ମଧ୍ୟ ସଂଲଗ୍ନ ହୋଇ ରହିଥାଏ, ଯାହାକି ଏକାଧାରରେ ଅର୍ଥାନୁରାଗୀ ତଥା ଉଦାର ହୋଇଥାଏ, ଉପାର୍ଜନ ଓ ସଞ୍ଚୟ କରୁଥାଏ ତଥା

'oaob.nitrkl.ac.in' images reprocessed

ଉପଭୋଗ, ପ୍ରଦର୍ଶନ ଏବଂ ଉପଯୋଗରେ ମଧ୍ୟ ପ୍ରବୃତ୍ତ ହୋଇ ରହିଥାଏ; ଜଗତ ତଥା ତାହାର ପରିପାର୍ଶ୍ୱଗୁଡ଼ିକୁ ସୁଦକ୍ଷ ଭାବରେ ଶୋଷଣ କରିବାକୁ ବ୍ରତ ପରି ଗ୍ରହଣ କରିଥାଏ ମାତ୍ର ଏଣେ ବାସ୍ତବ ଜୀବନକ୍ଷେତ୍ରରେ ହିତୈଷିତା, ମାନବତା, ଶୃଙ୍ଖଳିତ ମହାନୁଭବତା ଲାଗି ମଧ୍ୟ ସୁସମର୍ଥ ହୋଇ ରହିଥାଏ; ତାହାର ନିୟମ-ଗୁଡ଼ାକରେ ବଡ଼ ସଯତ୍ନ ଏବଂ ନୈତିକ ହୋଇ ରହିଥାଏ ମାତ୍ର ତଥାପି ତା' ଭିତରେ ସୂକ୍ଷ୍ମତର ନୈତିକ ବୋଧର କୌଣସି ଉଚ୍ଚତର ଉତ୍କର୍ଷ ନଥାଏ । ତା'ର ମନ ମଧ୍ୟବର୍ତ୍ତୀ ସ୍ତରଗୁଡ଼ିକରେ ବିଚରଣ କରୁଥାଏ, ଊର୍ଦ୍ଧ୍ୱସ୍ଥ ଶିଖରଗୁଡ଼ିକ ଆଡ଼କୁ ଯିବା ଲାଗି କୌଣସି ପ୍ରୟାସ ବା ଶ୍ରମ କରେ ନାହିଁ, ବର୍ତ୍ତମାନର ଗଢ଼ଣଟିକୁ ଭାଙ୍ଗି ଜୀବନର ଶ୍ରେଷ୍ଠତର ଗ୍ରନ୍ଥିଟିଏ ତିଆରି କରିବା ଲାଗି ତା' ଭିତରେ କୌଣସି ବୃହତ୍ତ ପ୍ରେରଣା ନଥାଏ; ମାତ୍ର ତଥାପି ତା' ଭିତରେ ସମର୍ଥତା, ଅନୁକୂଳନଶକ୍ତି ଓ ମାତ୍ରାବୋଧ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଲକ୍ଷିତ ହୋଇ ଯାଉଥାଏ । ଏହି ପ୍ରକାରଟିର ସାମର୍ଥ୍ୟ, ସୀମା ଏବଂ ବିକୃତିଗୁଡ଼ିକ ବିଷୟରେ ଆମେ ଏକ ବୃହତ୍ତ ପରିମାଣରେ ସବୁ କଥା ଖୁବ୍ ଭଲ ଭାବରେ ଜାଣିଛୁ, କାରଣ ଏଇ ଭାବନାଟିହିଁ ଆମର ଏହି ଆଧୁନିକ ବାଣିଜ୍ୟପ୍ରଧାନ ଓ ଶିଳ୍ପପ୍ରଧାନ ସଭ୍ୟତାଟିକୁ ନିର୍ମାଣ କରି ରଖିଛି । ମାତ୍ର ଏହାର ବୃହତ୍ତର ଅନ୍ତର୍ଗତ ନାନା ସାମର୍ଥ୍ୟ ତଥା ଆତ୍ମିକ ମୂଲ୍ୟଗୁଡ଼ିକ ଉପରେ ଦୃଷ୍ଟିପାତ କଲେ ଆମେ ଦେଖିପାରିବା ଯେ ଏଠାରେ ମଧ୍ୟ ଏପରି ଅନେକ ବସ୍ତୁ ରହିଛି, ମନୁଷ୍ୟର ସିଦ୍ଧିକୁ ସମ୍ପୂର୍ଣ୍ଣ କରିବା ଲାଗି ଯାହାର କି ଅବଶ୍ୟ ଏକ ଅବଦାନ ରହିଛି । ଯେଉଁ ଶକ୍ତିମଷ୍ଟି ବାହ୍ୟତଃ ଏହିପରି ଭାବରେ ଆମର ବର୍ତ୍ତମାନ ନିମ୍ନତର ଭୂମିଗୁଡ଼ିକରେ ଆପଣାକୁ ବ୍ୟକ୍ତ କରି ରଖିଛି, ତାହା ଭିତରେ ଆପଣାକୁ ଜୀବନର ବୃହତ୍ତ ପ୍ରୟୋଜନଗୁଡ଼ିକ ଲାଗି ଉଦ୍ଦିଷ୍ଟ କରି ରଖିବାର ସାମର୍ଥ୍ୟ ମଧ୍ୟ ରହିଛି; ଏବଂ ଆପଣାର ମୁକ୍ତତମ ତଥା ପ୍ରଶସ୍ତତମ ରୂପରେ ତାହା ଜ୍ଞାନର ସର୍ବୋଚ୍ଚ ଶିଖରରୂପେ ପ୍ରତିଷ୍ଠିତ ହୋଇ ରହିଥିବା ସେହି ଏକତ୍ୱ ତଥା ତଦାତ୍ମକତାର ଅର୍ଜନରେ ସହାୟକ ହୋଇ ନପାରିଲେ ମଧ୍ୟ, ଅଥବା ଶକ୍ତିର ପରାକାଷ୍ଠାସ୍ୱରୂପ ଅବସ୍ଥିତ ହୋଇ ରହିଥିବା ସେହି ପ୍ରଭୁତ୍ୱ ତଥା ଆଧ୍ୟାତ୍ମିକ ଶାସନରେ ବି ସହାୟକ ହୋଇ ନପାରିଲେ ମଧ୍ୟ ତଥାପି ଏପରି ଏକ ବସ୍ତୁର ପ୍ରାପ୍ତିରେ ଅବଶ୍ୟ ସହାୟକ ହୋଇଥାଏ, ଜୀବନର ସମଗ୍ରତା ସକାଶେ ଯାହାକି ଅନ୍ୟ ବସ୍ତୁଗୁଡ଼ିକ ପରି ସମାନ ଭାବରେ ଅପରିହାର୍ଯ୍ୟ ହୋଇ ରହିଥାଏ । ଆମେ ସେଇଟିକୁ ଆତ୍ମା ସହିତ ଆତ୍ମାର ତଥା ଜୀବନ ସହିତ ଜୀବନର ସମତାଯୁକ୍ତ ପାରସ୍ପରିକତା ଏବଂ ଆଦାନପ୍ରଦାନ ବୋଲି କହିପାରିବା । ଏହି ବୈଶ୍ୟ-ପ୍ରକୃତିକୁ ଆମେ ପ୍ରଥମେ ଏକ କୌଶଳ ବୋଲି କହିପାରିବା, ଯାହାକି ବିଧାନ ତିଆରି କରେ ଓ ବିଧାନର ପାଳନ କରେ, ସମ୍ବନ୍ଧଗୁଡ଼ିକର ଉପଯୋଗିତାଗୁଡ଼ିକୁ ଚିହ୍ନେ ଓ ସେଗୁଡ଼ିକର ସୀମାକୁ ସୂଚିତ କରିଦିଏ,

'oaob.nitrkl.ac.in' images reprocessed

ସୁପ୍ରତିଷ୍ଠିତ ତଥା ବିକଶମାନ ଗତିସ୍ପନ୍ଦନଗୁଡ଼ିକ ଲାଗି ଆପଣାକୁ ଅନୁକୂଳିତ କରି ରଖେ, ସୃଜନ, କର୍ମ ତଥା ଜୀବନର ବାହ୍ୟତର ବିଧାନକୌଶଳଟିକୁ ଜନ୍ମଦିଏ ଓ ସେଗୁଡ଼ିକୁ ପୂର୍ଣ୍ଣ କରି ଗଢ଼େ, ଅଧିକାରକୁ ସୁନିଶ୍ଚିତ କରି ରଖେ ଏବଂ ଅଧିକାରରୁ ବିକାଶ ଆଡ଼କୁ ଅଗ୍ରସର ହୁଏ, ବ୍ୟବସ୍ଥା ବିଷୟରେ ସତର୍କ ତଥା ପ୍ରଗତି କରିବାର ବ୍ୟାପାରରେ ସାବଧାନ ହୋଇ ରହେ ଏବଂ ଜୀବନର ଯାବତୀୟ ଉପକରଣ, ସାଧନ ତଥା ଧେୟଗୁଡ଼ିକରୁ ଅଧିକରୁ ଅଧିକ ଲାଭ ପାଇବାକୁ ଚେଷ୍ଟା କରେ । କୌଶଳ ସହିତ ସେହି ପ୍ରବୃତ୍ତିଟି ମଧ୍ୟରେ ଆପଣାର ସମ୍ପଦଟିକୁ ବ୍ୟୟ କରିବାର ଏକ ଦ୍ୱିତୀୟ ଶକ୍ତି ମଧ୍ୟ ରହିଥାଏ, ଯାହାକି ଅମିତବ୍ୟୟିତା ଏବଂ ମିତବ୍ୟୟିତା ଦୁଇଟିଯାକରେ ନିପୁଣ ହୋଇ ରହିଥାଏ, ପାରସ୍ପରିକ ଆଦାନପ୍ରଦାନର ବୃହତ୍ ନିୟମଟିକୁ ସ୍ୱୀକାର କରିନିଏ ଏବଂ ପ୍ରତିବଦଳରେ ଏକ ବୃହତ୍ ପରିମାଣରେ ଉଡ଼ାଇ ଦେବାକୁହିଁ ସଂଗ୍ରହ କରିବାରେ ଲାଗିଥାଏ ଏବଂ ଏହିପରି ଭାବରେ ଆଦାନପ୍ରଦାନର ପ୍ରବାହଗୁଡ଼ିକୁ ତଥା ଜୀବନର ଫଳଦାୟକତାକୁ ସମୃଦ୍ଧ କରି ରଖିବାକୁ ଚେଷ୍ଟା କରୁଥାଏ । ଏହାପରେ ଦାନ କରିବାର ତଥା ପ୍ରଚୁର ଭାବରେ ସର୍ଜନଶୀଳ ଉଦାରତାର ଏକ ଶକ୍ତି ଉପଲବ୍ଧ ହୁଏ, ପରସ୍ପରର ସହାୟତା କରିବାକୁ ଏବଂ ଅନ୍ୟମାନଙ୍କର କାର୍ଯ୍ୟରେ ଲାଗିବାର ଏକ ଆଗ୍ରହ ଉନ୍ମୁକ୍ତ ଆତ୍ମାର କ୍ଷେତ୍ରକୁ ଆସି ନିଃସ୍ୱାର୍ଥ ପରୋପକାର, ମାନବହିତ ତଥା ସହିଷ୍ଣୁ ଭାବରେ ପରାର୍ଥପର ହୋଇ ରହିବାର ମୂଳ ସ୍ରୋତରେ ପରିଣତ ହୋଇଯାଏ; ଏବଂ ଶେଷରେ, ଉପଭୋଗ କରିବାର ଏକ ଶକ୍ତି ତଥା ଉତ୍ପାଦକ, ଅଧିକାରସମର୍ଥ ଏବଂ କ୍ରିୟାଶୀଳ ବିଭବଶାଳିତା ଅପରିମିତ ଭାବରେ ଜୀବନର ସଦା-ମୁକୁଳିତ ଆନନ୍ଦଟିକୁ ଉପଭୋଗ କରୁଥାଏ । ଏକ ବିଶାଳ ପାରସ୍ପରିକତା, ଜୀବନଗତ ଯାବତୀୟ ସମ୍ବନ୍ଧର ଏକ ଉଦାର ପୂର୍ଣ୍ଣତା, ମୁକ୍ତହସ୍ତ ବ୍ୟୟ ଏବଂ ଅପରିମିତ ଅର୍ଜନ, ଜୀବନ ଜୀବନ ମଧ୍ୟରେ ଏକ ବିପୁଳ ଆଦାନପ୍ରଦାନ ଏବଂ ଫଳପ୍ରସୂ ତଥା ଉତ୍ପାଦନସମର୍ଥ ଜୀବନରୁ ଲାଭ କରାଯାଉଥିବା ଛନ୍ଦୋମୟତା ତଥା ସ୍ୱରସାମ୍ୟଟିର ପୂର୍ଣ୍ଣ ଉପଭୋଗ ଏବଂ ଉପଯୋଗ; —ଏହି ସ୍ୱଭାବଟିକୁ ବହନ କରୁଥିବା ଓ ଏହି ଧର୍ମଟିର ପାଳନ କରୁଥିବା ବ୍ୟକ୍ତିମାନଙ୍କ ଜୀବନରେ ଏହିଗୁଡ଼ିକୁହିଁ ପୂର୍ଣ୍ଣତା ବୋଲି ବୁଝାଯିବ ।

ଅନ୍ୟ ପ୍ରବୃତ୍ତିଟି ହେଉଛି କର୍ମ ଆଡ଼କୁ ଏବଂ ସେବା ଆଡ଼କୁ । ପ୍ରାଚୀନ ବ୍ୟବସ୍ଥାରେ ଏଇଟିହିଁ ଶୂଦ୍ରର ଧର୍ମ ବା ଆତ୍ମିକ ପ୍ରକାର ହୋଇ ରହିଥିଲା ଏବଂ ସେହି ବ୍ୟବସ୍ଥାଟିରେ ଶୂଦ୍ରକୁ ଦ୍ୱିଜ ବୋଲି ନକହି ଏକ ନିମ୍ନତର ପ୍ରକାର ବୋଲି ବିଚାର କରାଯାଉଥିଲା । ଜୀବନର ମୂଲ୍ୟଗୁଡ଼ିକ ଏକ ଅଧିକ ଆଧୁନିକ କାଳରେ ଯେଉଁପରି ଭାବରେ ବିଚାର କରାଯାଉଛି, ତାହା ଶ୍ରମର ମର୍ଯ୍ୟାଦା ଉପରେ ଅଧିକ ମହତ୍ତ୍ୱ ଦେଉଛି ଏବଂ ଶ୍ରମିକର ଶ୍ରମ ଭିତରେହିଁ ତାହା ମନୁଷ୍ୟ ଓ ମନୁଷ୍ୟ ଭିତରେ ରହିଥିବା ଯାବତୀୟ ସମ୍ବନ୍ଧର ସର୍ବମୂଳ ଭୂମିଟିକୁ ଆବିଷ୍କାର କରିପାରୁଛି । ଏହି

'oaob.nitrkl.ac.in' images reprocessed

ଦୁଇଟିଯାକ ଦୃଷ୍ଟିରେହିଁ ଏକ ସତ୍ୟ ଅବଶ୍ୟ ରହିଛି । କାରଣ, ଏହି ଭୌତିକ ଜଗତରେ ଏହି ଶକ୍ତିଟିକୁ ଆମେ ଏକାଧାରରେ ପ୍ରୟୋଜନତଃ ଭୌତିକ ଜୀବନର ସର୍ବମୂଳ ଭିତ୍ତିଟି ବୋଲି କହିପାରିବା ଓ ବରଂ ତାହାର ବିଚରଣଭୂମି ବୋଲି କହିପାରିବା ଯାହାକୁ କି ପ୍ରାଚୀନ ଉପମାଟିର ଭାଷାରେ ସୃଷ୍ଟିକାରୀ ବ୍ରହ୍ମାଙ୍କର ପାଦ ବୋଲି କୁହାଯାଇଛି; ଏବଂ ତହିଁ ସଙ୍ଗେସଙ୍ଗେ ଜ୍ଞାନ, ପାରସ୍ପରିକତା ବା ବଳ ଦ୍ୱାରା ଉତ୍ତୋଳିତ ହୋଇପାରି ନଥିବା ଏହାର ସେହି ଅଧମ ଅବସ୍ଥାରେ ଆମେ ତାହାକୁ ସହଜାତ ମୂଳପ୍ରବୃତ୍ତି, ବାସନା ତଥା ଜଡ଼ତାକୁ ଆଶ୍ରା କରି ରହିଥିବା ଏକ ବସ୍ତୁ ବୋଲି ମଧ୍ୟ କହିପାରିବା । ଶୂଦ୍ରର ସୁବିକଶିତ ଆତ୍ମିକ ପ୍ରକୃତିରେ କଠିନ ପରିଶ୍ରମ କରିବାର ସହଜାତ ପ୍ରବୃତ୍ତିଟି ରହିଥାଏ, ଶ୍ରମ ଓ ସେବାର ସାମର୍ଥ୍ୟ ରହିଥାଏ; ମାତ୍ର ସହଜ ତଥା ସ୍ୱାଭାବିକ କର୍ମର ଏକ ବିରୋଧୀ ତତ୍ତ୍ୱ ଭାବରେ ପରିଶ୍ରମର ଯେଉଁ କଳ୍ପନାଟି କରାଯାଇଥାଏ, ତାହା ପ୍ରକୃତରେ ସ୍ୱାଭାବିକ ମନୁଷ୍ୟ ଉପରେ ସଚେତଭାବ ଲଦାହେବା ପରି ରହିଥାଏ; ମନୁଷ୍ୟ ତାକୁ ସଚେତଭାବ ବହନ କରିବାକୁ ବାଧ୍ୟ ହେଉଥାଏ, କାରଣ ସେଇଟି ବ୍ୟତୀତ ସେ ଆପଣାର ଅସ୍ତିତ୍ୱଟିକୁ ମଧ୍ୟ ନିଶ୍ଚିତ ଭାବରେ ସୁରକ୍ଷିତ କରି ରଖିପାରେ ନାହିଁ, ତା'ର ଅଭିଳାଷଗୁଡ଼ିକର ପୂରଣ କରିପାରେ ନାହିଁ ଏବଂ ତେଣୁ ଆପଣାକୁ ଶ୍ରମରେହିଁ ନିୟୋଜିତ କରି ରଖିବା ଲାଗି ତାକୁ ଆପଣାକୁ ବାଧ୍ୟ କରିବାକୁ ପଡ଼େ ଅଥବା ଅନ୍ୟମାନଙ୍କ ଦ୍ୱାରା କିଂବା ପରିସ୍ଥିତି ଦ୍ୱାରା ଶ୍ରମ ଲାଗି ବାଧ୍ୟ ହେବାକୁ ପଡ଼େ । ସ୍ୱାଭାବିକ ଶୂଦ୍ର ଶ୍ରମର ମହତ୍ତ୍ୱର ଭାବନା ସହିତ ବା ସେବାର ଏକ ଯଥାର୍ଥ ଉତ୍ସାହ ସହିତ କାର୍ଯ୍ୟ କରେ ନାହିଁ;—ଅବଶ୍ୟ ଏକଥା ସତ ଯେ ଆପଣା ଧର୍ମର ଅନୁଶୀଳନ କରିବା ଦ୍ୱାରା ତା' ମଧ୍ୟରେ ସେହି ଭାବନାଟି କ୍ରମେ ଉଦିତ ହୋଇ ଆସେ,—ପ୍ରଧାନତଃ ଜ୍ଞାନ ଦ୍ୱାରା ପ୍ରେରିତ ମନୁଷ୍ୟ ଜ୍ଞାନଲାଭର ଆନନ୍ଦ ସକାଶେ ଜ୍ଞାନର ଅନୁଶୀଳନ କଲା ପରି, ଏକ ମହତ୍ତ୍ୱବୋଧ ଦ୍ୱାରା ପ୍ରେରିତ ହୋଇ କିଂବା ଜନ୍ମଜାତ କାରିଗର ବା କଳାବନ୍ତ ଆପଣାର କାର୍ଯ୍ୟଟି ପ୍ରତି ରହିଥିବା ତା'ର ଶ୍ରଦ୍ଧା ବା ଆପଣାର କୌଶଳଗତ ସୌନ୍ଦର୍ଯ୍ୟଟିର ଉତ୍ସାହ ଦ୍ୱାରା ପ୍ରେରିତ ହୋଇ ଆପଣାର କାର୍ଯ୍ୟ କଲା ପରି ଶୂଦ୍ର-ସ୍ୱଭାବର ମନୁଷ୍ୟ ଆପଣାର କାର୍ଯ୍ୟ କରେ ନାହିଁ । ପାରସ୍ପରିକତା କିଂବା କୌଣସି ପ୍ରଶସ୍ତ ପ୍ରୟୋଜନବୋଧର ଶୃଙ୍ଖଳା ଦ୍ୱାରା ପ୍ରେରିତ ହୋଇ ସେ କାର୍ଯ୍ୟ କରେ ନାହିଁ, ମାତ୍ର ଜୀବନପୋଷଣ ଲାଗିହିଁ ଯାହାକିଛି କରିଥାଏ, ଆପଣାର ପ୍ରାଥମିକ ଆବଶ୍ୟକତାଗୁଡ଼ିକର ପରିପୂରଣ ପାଇଁ କରିଥାଏ; ଏବଂ ଯେତେବେଳେ ସେଗୁଡ଼ିକର ପୂରଣ ହୋଇଯାଏ, ତେବେ, ଯଦି ତାକୁ ଆପଣାର ଇଚ୍ଛା ଉପରେହିଁ ଛାଡ଼ି ଦିଆଯାଏ, ସେ ପୂର୍ଣ୍ଣପ୍ରାଣରେ ଆପଣା ସ୍ୱଭାବଗତ ଆଳସ୍ୟଟିର ଉପଭୋଗହିଁ କରୁଥାଏ; ସେହି ଆଳସ୍ୟଟିକୁ ଆମେ ଆମ ସମସ୍ତଙ୍କ ଭିତରେ ରହିଥିବା ତମୋଗୁଣର ଏକ ସାଧାରଣ ଅଙ୍ଗ ବୋଲିହିଁ କହିପାରିବା

'oaob.nitrkl.ac.in' images reprocessed

ଏବଂ କର୍ମ ବା ଶ୍ରମ କରିବାକୁ ବାଧ୍ୟ ନହେଉଥିବା ଜଣେ ଅସଭ୍ୟ ଓ ଅଧମ ମନୁଷ୍ୟ ଭିତରେ ଏହି ଆଳସ୍ୟ ବଡ଼ ସ୍ପଷ୍ଟ ଭାବରେ ପ୍ରକାଶିତ ହୋଇ ଉଠିଥାଏ । ତେଣୁ ଆପଣାର ଦଶାଟି ମଧ୍ୟରେ ସୁପ୍ତ ହୋଇ ରହିଥିବା ଶୂଦ୍ର ସ୍ୱତନ୍ତ୍ରତା ଦ୍ୱାରା ପ୍ରେରିତ ଶ୍ରମ ଅପେକ୍ଷା ବରଂ ସେବା ଲାଗିହିଁ ଜନ୍ମଗ୍ରହଣ କରିଥାଏ ଏବଂ ତାହାର ସ୍ୱଭାବଟି ଜଡ଼ତାମୟ ଅଜ୍ଞାନତା, ସହଜାତ ପ୍ରବୃତ୍ତିଗୁଡ଼ିକରେ ଏକ ବଡ଼ ସ୍ଥୂଳ ବସ୍ତୁରଞ୍ଜିତ ଆତ୍ମ-ଗ୍ରସ୍ତତା, ଏକ ଦାସତା, ଆଳସ୍ୟ, ଅନିଚ୍ଛା ଏବଂ ଆକସ୍ମିକ ଭାବରେ ଉତ୍ତେଜିତ ହୋଇ ଉଠୁଥିବା ଏକ ବିଦ୍ରୋହୀ ଭାବ ଦ୍ୱାରା ସତତ ଆନ୍ଦୋଳିତ ହୋଇ ରହିଥିବା ଏକ ବିବେକରହିତ ଆଜ୍ଞାକାରିତା ଏବଂ ଯନ୍ତ୍ରବତ୍ କର୍ତ୍ତବ୍ୟପାଳନ ପ୍ରଭୃତି ଆଡ଼କୁ ସବୁବେଳେ ଢଳିକରି ରହିଥାଏ । ପ୍ରାଚୀନ ମନୀଷୀମାନଙ୍କର ମତ ଅନୁସାରେ ସବୁ ମନୁଷ୍ୟ ଆପଣା ନିମ୍ନତର ପ୍ରକୃତିଟିର ଭୂମିରେ ଶୂଦ୍ର ହୋଇ ଜନ୍ମଲାଭ କରିଥାନ୍ତି ଏବଂ କେବଳ ନୈତିକ ତଥା ଆଧ୍ୟାତ୍ମିକ କୃଷ୍ଟି ଦ୍ୱାରାହିଁ ଉପରକୁ ଉଠିବା ଲାଗି ସମର୍ଥ ହୁଅନ୍ତି; ମାତ୍ର ସେମାନଙ୍କର ସର୍ବୋଚ୍ଚ ଓ ଅନ୍ତର୍ଗତ ଆତ୍ମିକ କ୍ଷେତ୍ରଟିରେ ସେମାନେ ବ୍ରାହ୍ମଣ ହୋଇ ରହିଥାନ୍ତି, ପୂର୍ଣ୍ଣ ଚିଦ୍‌ଗତତା ଏବଂ ଦେବତ୍ୱ ଲାଗି ସମର୍ଥ ହୋଇ ରହିଥାନ୍ତି । ଏହି ସିଦ୍ଧାନ୍ତଟି ଆମ ପ୍ରକୃତିର ମନୋବୈଜ୍ଞାନିକ ସତ୍ୟଟିରୁ ସମ୍ଭବତଃ ଆଦୌ ଭିନ୍ନ ବା ଦୂରବର୍ତ୍ତୀ ନୁହେଁ ବୋଲି ନିଶ୍ଚୟ କୁହାଯାଇ ପାରିବ ।

ମାତ୍ର ତଥାପି ଯେତେବେଳେ ଆତ୍ମା ବିକାଶଲାଭ କରେ, ସେତେବେଳେ କର୍ମ ତଥା ସେବାର ଏହି ସ୍ୱଭାବ ତଥା ଧର୍ମର ଭୂମିଟିରେହିଁ ଆମର ସର୍ବୋଚ୍ଚ ପରିପୂର୍ଣ୍ଣତାର ସବୁଠାରୁ ଅଧିକ ଆବଶ୍ୟକ ତଥା ସୁନ୍ଦର କେତେଗୁଡ଼ିଏ ଉପାଦାନ ଆବିର୍ଭୂତ ହୋଇ ଆସିଥାଏ, ଆମର ସର୍ବୋଚ୍ଚ ବିବର୍ତ୍ତନ ତଥା ପରିଣତିର ଅନେକ ରହସ୍ୟ ମଧ୍ୟକୁ ସେହି ଭୂମିରେହିଁ ଆମକୁ ସତେଅବା ଆବଶ୍ୟକ ଚାବିକାଠିଟି ମିଳିଯାଏ । କାରଣ ଆମର ଆତ୍ମାଟି ଲାଗି ଆମ ଭିତରେ ଏହି ଶକ୍ତିଟିର ପୂର୍ଣ୍ଣ ବିକାଶ ଲାଗି ସହାୟତା କରୁଥିବା ସାମର୍ଥ୍ୟଗୁଡ଼ିକରହିଁ ସବୁଠାରୁ ଅଧିକ ମହତ୍ତ୍ୱ ରହିଛି; ସେହି ସାମର୍ଥ୍ୟଗୁଡ଼ିକୁ ଆମେ ଅନ୍ୟମାନଙ୍କର ସେବା କରି ପାରିବାର ସାମର୍ଥ୍ୟ ବୋଲି କହିବା, ଆପଣାର ଜୀବନକୁ ଭଗବାନ ତଥା ମନୁଷ୍ୟର କାମରେ ଲାଗି ପାରୁଥିବା କର୍ମମୟ ଏକ ସାମଗ୍ରୀରୂପେ ପରିଣତ କରି ରଖିବାର ଏକ ଇଚ୍ଛା ବୋଲି କହିବା, ପ୍ରତ୍ୟେକ ପ୍ରକାରର ମହାନ୍ ପ୍ରଭାବ ଏବଂ ଆବଶ୍ୟକ ଅନୁଶାସନକୁ ସ୍ୱୀକାର କରିନେଇ ସେଗୁଡ଼ିକର ପାଳନ ତଥା ଅନୁସରଣ କରିବାର ସଙ୍କଳ୍ପ, ଆପଣାର ସକଳ ସେବାକୁ ସମର୍ପିତ କରି ରଖିଥିବା ମାତ୍ର ତାହାର ପ୍ରତିବଦଳରେ କୌଣସି ବସ୍ତୁର ଦାବି ନକରୁଥିବା ତଥା ପ୍ରେମାସ୍ପଦର ତୁଷ୍ଟିବିଧାନ ଲାଗି ଆପଣାକୁ ନିଃଶେଷିତ କରି ଦେଉଥିବା ଏକ ପ୍ରେମ ବୋଲି କହିବା, ସେହି ପ୍ରେମ ଏବଂ ସେବାକୁ ଭୌତିକ କ୍ଷେତ୍ରକୁ ଅବତୀର୍ଣ୍ଣ କରାଇ ଆଣିବାର ଶକ୍ତି ଏବଂ କେବଳ ଭଗବାନ ତଥା ମନୁଷ୍ୟ

'oaob.nitrkl.ac.in' images reprocessed

ଲାଗିହିଁ ଆପଣାର ଦେହ, ପ୍ରାଣ ତଥା ଆତ୍ମା, ମନ, ସଂକଳ୍ପ ଓ ସାମର୍ଥ୍ୟକୁ ସମର୍ପିତ କରି ରଖିବାର ଅଭିଳାଷ ବୋଲି କହିବା । ଏବଂ ଏହିସବୁର ପରିଣାମସ୍ୱରୂପ ଉପଲବ୍ଧ ହେଉଥିବା ଏକ ସଂପୂର୍ଣ୍ଣ ଆତ୍ମ-ସମର୍ପଣର ଶକ୍ତି ବୋଲି ମଧ୍ୟ କହିବା, ଯାହାକି ଆଧ୍ୟାତ୍ମିକ ଜୀବନର କ୍ଷେତ୍ରରେ ପ୍ରୟୋଜିତ ହେଲାବେଳେ ଆମର ମୁକ୍ତିବିଧାନ ଏବଂ ପୂର୍ଣ୍ଣତାପ୍ରାପ୍ତି ଲାଗି ଗୋଟିଏ ସବୁଠାରୁ ଅଧିକ ବୃହତ୍ ତଥା ସବୁଠାରୁ ଅଧିକ ଉଦ୍‌ଘାଟନକ୍ଷମ ଗୁରୁକାଠିରେ ପରିଣତ ହୋଇ ଯାଇଥାଏ । ଏହିସବୁ ବସ୍ତୁରେହିଁ ଏହି ଧର୍ମଟିର ପୂର୍ଣ୍ଣତା ନିହିତ ରହିଛି, ଏହି ସ୍ୱଭାବଟିର ମହାନତା ମଧ୍ୟ ନିହିତ ହୋଇ ରହିଛି । ଆପଣାର ଦିବ୍ୟ ଶକ୍ତିଟି ପର୍ଯ୍ୟନ୍ତ ଉନ୍ନୀତ ହୋଇଯିବା ଲାଗି ଯଦି ମନୁଷ୍ୟ ଭିତରେ ତା'ର ପ୍ରକୃତିଗତ ଏହି ଶୂଦ୍ର-ଉପାଦାନଟି ନଥାନ୍ତା, ତେବେ ସେ କଦାପି ସଂପୂର୍ଣ୍ଣ ଓ ସର୍ବସିଦ୍ଧିଯୁକ୍ତ ହୋଇପାରନ୍ତା ନାହିଁ ।

ବ୍ୟକ୍ତିତ୍ୱର ଏହି ଚାରୋଟିଯାକ ପ୍ରକାରରୁ ଯଦି କୌଣସିଟି ଅନ୍ୟ ଗୁଣଗୁଡ଼ିକର କୌଣସି ନା କୌଣସି ଅଂଶକୁ ଗ୍ରହଣ କରି ନେଇ ନଥାନ୍ତା, ତେବେ ତାହା ଆପଣା କ୍ଷେତ୍ରଟିରେ ମଧ୍ୟ କଦାପି ପୂର୍ଣ୍ଣ ହୋଇପାରନ୍ତା ନାହିଁ । ଉଦାହରଣସ୍ୱରୂପ, ଜ୍ଞାନୀ ମନୁଷ୍ୟ ଭିତରେ ଯଦି ବୌଦ୍ଧିକ କିଂବା ନୈତିକ ସାହସ, ସଂକଳ୍ପ ତଥା ଦୃଢ଼ପରିକରତା ନଥାଏ, ନୂତନ କେତେକେତେ ରାଜ୍ୟ ପାଖରେ ଆପଣାକୁ ଉନ୍ମୁକ୍ତ କରିଦେବା ପାଇଁ ଓ ସେଗୁଡ଼ିକୁ ଜୟ କରିବା ପାଇଁ ଯଦି ତା' ଭିତରେ ଆବଶ୍ୟକ ବଳ ନଥାଏ, ତେବେ ସେ କଦାପି ସତ୍ୟର ସେବା କରିପାରିବ ନାହିଁ; କାରଣ ତା' ନହେଲେ ସେ ଆପଣାର ସେହି ସୀମାବଦ୍ଧ ବୁଦ୍ଧିଟି ପାଖରେହିଁ ଦାସ ହୋଇ ରହିଯିବ ଅଥବା କୌଣସି ଏକ ପ୍ରତିଷ୍ଠିତ ଜ୍ଞାନର କିଙ୍କର ହୋଇ ରହିବ ବା ଖୁବ୍ ହେଲେ ତାହାର ଉପସ୍ଥିତଗୁଡ଼ିକର ସେବା ଖଟୁଥିବା ଏକ ପୁରୋହିତ ହୋଇ ରହିବ;* ନଚେତ୍ ସେ ବସ୍ତୁବିଚ୍ଛିନ୍ନ ହୋଇ କେବଳ ଆପଣାର ବିଚାର ଓ ଭାବନାଟି ମଧ୍ୟରେହିଁ ବାସ କରୁଥିବ, ଅର୍ଥାତ୍, ମନୁଷ୍ୟଜାତିର, ମନୁଷ୍ୟ ମଧ୍ୟରେ ରହିଥିବା ପରମ ଦେବତ୍ୱର ଏବଂ ଆପଣା ସତ୍ତାର ପରମ ପ୍ରଭୁଙ୍କର ସେବା କରିବାର ଭାବନାଟିକୁ ଅର୍ଜନ ନକରିଥିବା ପର୍ଯ୍ୟନ୍ତ ସେ କଦାପି ଆପଣାର ଜ୍ଞାନକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ କରିପାରିବ ନାହିଁ । ସେହିପରି ଶକ୍ତିପ୍ରଧାନ ମନୁଷ୍ୟ ଅର୍ଥାତ୍ କ୍ଷତ୍ରିୟ ମଧ୍ୟ ଆପଣାର ଶକ୍ତି ତଥା ବଳକୁ ଜ୍ଞାନ ଦ୍ୱାରା ଆଲୋକିତ ଏବଂ ଉନ୍ନୋଳିତ କରି ରଖିବ, ସେଗୁଡ଼ିକୁ ଅନୁଶାସିତ କରି ରଖିବ, ବିବେକର ଆଲୋକ ଦ୍ୱାରା, ଧର୍ମ ଦ୍ୱାରା ଅଥବା ଉଦ୍‌ଗତତା

* ସମ୍ଭବତଃ ସେହି କାରଣରୁହିଁ କ୍ଷତ୍ରିୟମାନେହିଁ ସର୍ବପ୍ରଥମେ ଆପଣାର ସାହସ, ନିର୍ଭୀକତା ଏବଂ ବିଜୟୀଭାବନାକୁ ସବୁଠୁ ଉଚ୍ଚ ଜ୍ଞାନ ଏବଂ ଆଧ୍ୟାତ୍ମିକ ଅନୁଭବର କ୍ଷେତ୍ରଗୁଡ଼ିକରେ ପ୍ରୟୋଗ କରି ଦେବାଦ୍ୱାରା ମହାନ୍ ସତ୍ୟଗୁଡ଼ିକୁ ଆବିଷ୍କାର କରିବା ଲାଗି ସମର୍ଥ ହୋଇଥିଲେ ।

ଦ୍ୱାରା ତାହାକୁ ଆଲୋକିତ, ଉଦ୍ରେକିତ ଏବଂ ଅନୁଶାସିତ କରି ରଖିବ; ତା' ନହେଲେ ସେ କେବଳ ମହାଶକ୍ତିଶାଳୀ ଏକ ଅସୁରରେହିଁ ପରିଣତ ହୋଇ ରହିବ । ତା' ଭିତରେ ସେହି କୌଶଳବୁଦ୍ଧିଟି ମଧ୍ୟ ରହିଥିବ, ଯାହାକି ତାକୁ ସର୍ବୋତ୍ତମ ଭାବରେ ଆପଣାର ବଳଟିକୁ ବ୍ୟବହାର କରିବାକୁ, ପ୍ରୟୋଗ କରିବାକୁ ତଥା ନିୟନ୍ତ୍ରିତ କରି ରଖିବାକୁ ସାହାଯ୍ୟ କରିପାରିବ, ସେହି ବଳକୁ ସୃଜନାତ୍ମକ ତଥା ଫଳପ୍ରଦ ହୋଇ ପାରିବାରେ ସାହାଯ୍ୟ କରିବ, ଅନ୍ୟମାନଙ୍କ ସହିତ ରହିଥିବା ତା'ର ସମ୍ବନ୍ଧଗୁଡ଼ିକ ସହିତ ମଧ୍ୟ ତାହା ଅନୁକୂଳିତ ହୋଇ ରହିଥିବ; ନଚେତ୍ ତାହା ଜୀବନର କ୍ଷେତ୍ରରେ ତୁଚ୍ଛା ଧାଇଁବାରେ ଲାଗିଥିବା ଏକ ଉଦ୍ଦେଶ୍ୟହୀନ ଶକ୍ତି ହୋଇ ରହିବ, ରଚନା କରିବା ଅପେକ୍ଷା ଅଧିକ ପରିମାଣରେ ଧ୍ୱସ୍ତବିଧ୍ୱସ୍ତ କରି ପକାଉଥିବା କୌଣସି ଏକ ଝଡ଼ ପରି ତା' ଉପରଦେଇ ବହି ଚାଲିଯାଉଥିବ । ଶକ୍ତିସମ୍ପନ୍ନ ମନୁଷ୍ୟ ଯଥାର୍ଥ ଆନୁଗତ୍ୟ ଲାଗି ମଧ୍ୟ ସମର୍ଥ ହେବ, ଆପଣା ଶକ୍ତିର ନିୟୋଗକୁ ସେ ପରମେଶ୍ୱରଙ୍କର ତଥା ଜଗତର ଏକ ସେବାରେ ପରିଣତ କରି ରଖିବ; ତା' ନହେଲେ ସେ ସଭିଙ୍କ ଉପରେ ସ୍ୱାର୍ଥପର ଭାବରେ କେବଳ ଆପଣାର ଆଧିପତ୍ୟଟାକୁହିଁ ଜାରି କରି ରଖିଥିବ, ଉତ୍ପୀଡ଼କ ହୋଇ ବସିଥିବ ଓ କେତେକେତେ ମଣିଷଙ୍କର ଆତ୍ମା ଏବଂ ଶରୀରକୁ ବାଧ୍ୟ କରି ରଖିଥିବ । ଉତ୍ପାଦନଶୀଳ ମନ ତଥା କର୍ମର ମଣିଷ ପାଖରେ ମଧ୍ୟ ଏକ ମୁକ୍ତ ଅନ୍ୱେଷଣଶୀଳ ମନ ମହଜୁଦ ରହିଥିବ, ନାନା ବିସ୍ତୃତି ରହିଥିବ ଏବଂ ଜ୍ଞାନ ରହିଥିବ; ତା' ନହେଲେ ସେ ସତେଅବା ଗୋଟାଏ ଯନ୍ତ୍ର ପରି ଆପଣା କର୍ମର ରୁଟିନ୍‌ଟା ଭିତରେହିଁ ଘେରି ବୁଲିବାରେ ଲାଗିଥିବ ଓ ତା'ଠାରେ ପ୍ରସାରଣଶୀଳ ବିକାଶ ଲାଗି କୌଣସି ସ୍ଥାନ ନଥିବ । ତା' ଭିତରେ ସାହସ ରହିଥିବ, ଉଦ୍ୟମଶକ୍ତି ରହିଥିବ, ଆପଣାର ଯାବତୀୟ ଅର୍ଜନ ଏବଂ ଉତ୍ପାଦନ ମଧ୍ୟକୁ ସେ ସେବାର ଏକ ଭାବନା ବହନ କରି ଆଣି ପାରୁଥିବ, ଯେପରିକି ସେ କେବଳ ପାଇବ ନାହିଁ, ଦେବାର ମଧ୍ୟ ସମର୍ଥ ହୋଇ ରହିଥିବ, କେବଳ ଗଦା କରି ଆପଣାର ଜୀବନଟିକୁହିଁ ଉପଭୋଗ କରୁ ନଥିବ; ମାତ୍ର, ପରିପାର୍ଶ୍ୱର ଯେଉଁ ବୃହତ୍ତର ଜୀବନଟି ରହିଥିବାରୁହିଁ ତାହାର ଯାବତୀୟ ଲାଭ ସମ୍ଭବ ହେଉଛି, ସେ ତାହାର ଫଳପ୍ରସୂତା ଏବଂ ପୂର୍ଣ୍ଣତାରେ ମଧ୍ୟ ସଚେତନ ଭାବରେ ସାହାଯ୍ୟ କରି ପାରୁଥିବ । ଶ୍ରମ ଏବଂ ସେବାର ମନୁଷ୍ୟ ଯଦି ଆପଣାର କର୍ମକୁ ଜ୍ଞାନ, ମର୍ଯ୍ୟାଦା, ଆକାଙ୍‌କ୍ଷା ଏବଂ ନୈପୁଣ୍ୟ ଦ୍ୱାରା ସଞ୍ଚାରିତ କରି ନରଖେ, ତେବେ ସେ କେବଳ ଏକ ଅସହାୟ ଶ୍ରମ ଖଟିବା ମଣିଷରେହିଁ ପରିଣତ ହୋଇ ରହିବ, ସମାଜ ମଧ୍ୟରେ କେବଳ ଜଣେ ଭୃତ୍ୟ ହୋଇ ରହିବ; କାରଣ ସେହି ଜ୍ଞାନ ଓ ମର୍ଯ୍ୟାଦା ଇତ୍ୟାଦି ଦ୍ୱାରାହିଁ ସେ ଏକ ଉନ୍ମୋଚିତ ମନ, ସଂକଳ୍ପ ତଥା ବୋଧସମ୍ପନ୍ନ ଉପଯୋଗିତା ଦ୍ୱାରା ଉଚ୍ଚତର ଧର୍ମଗୁଡ଼ିକର ସୋପାନକୁ ଉଠିଯାଇ ପାରିବ । ଏହି ଚାରୋଟି ପ୍ରବୃତ୍ତି ମଧ୍ୟରୁ ହୁଏତ ଗୋଟିଏ ଅନ୍ୟଗୁଡ଼ିକର ପୁରୋଗାମୀ

'oaob.nitrkl.ac.in' images reprocessed

ସ୍ଥଳିତ ପରି ହୋଇ ରହିପାରେ; ମାତ୍ର ଯେତେବେଳେ ବ୍ୟକ୍ତି ଆପଣା ମଧ୍ୟରେ ଏହି ସ୍ଥିରୈକନିଷ୍ଠ ଶକ୍ତିକୁ ଧାରଣ କରି ରଖିପାରିବା ଭଳି ଆପଣାକୁ ଯଥେଷ୍ଟ ପରିମାଣରେ ପ୍ରସାରିତ କରିଦେଇ ପାରିବ, ସେତେବେଳେ ଯାଇ ସେ ବୃହତ୍ତର ପୂର୍ଣ୍ଣତା ଲାଭ କରିବ; ଆପଣାର ପ୍ରକୃତିରେ ଅଧିକରୁ ଅଧିକ ପରିମାଣରେ ଚତୁର୍ବିଧ ଆତ୍ମାର ସର୍ବାଙ୍ଗୀନ ପୂର୍ଣ୍ଣତା ତଥା ବିଶ୍ୱାତ୍ମକ ସାମର୍ଥ୍ୟଟିକୁ ଲାଭ କରିବାକୁ ହେଲେ ତାକୁ ପ୍ରସାରିତ ହୋଇ ଏହି ସ୍ଥିରୈକନିଷ୍ଠ ଶକ୍ତିକୁ ଧାରଣ କରିବାକୁ ହେବ । ଏହି ସ୍ଥିତିଟି ମଧ୍ୟରୁ ଖାସ୍ କୌଣସି ଗୋଟିଏ ଧର୍ମରେ ମଣିଷ କଠାହୋଇ କଦାପି ଗଢ଼ା ହୋଇ ନାହିଁ, ମାତ୍ର ତାହାର ଭିତରେ ରହି ଏହିସବୁ ଶକ୍ତି ଅବଶ୍ୟ କାର୍ଯ୍ୟ କରିବାରେ ଲାଗିଛନ୍ତି । ପ୍ରଥମେ ଏଗୁଡ଼ିକ ବଡ଼ ଅଗଠିତ ଏବଂ ଅବ୍ୟବସ୍ଥିତ ଭାବରେହିଁ ତା' ଭିତରେ କାର୍ଯ୍ୟ କରୁଛନ୍ତି ମାତ୍ର ଜନ୍ମ ପରେ ଜନ୍ମକୁ ଅତିକ୍ରମ କଲାବେଳେ ମନୁଷ୍ୟ ସର୍ବଦା ଏଇଟିକୁ ବା ସେଇଟିକୁ ଆକାର ଦେଉଛି, ଧ୍ରୁବ କୌଣସି ଗୋଟିଏ ଜୀବନରେ ମଧ୍ୟ ଗୋଟିକରୁ ଅନ୍ୟଟିକୁ ଅଗ୍ରସର ହୋଇଯାଉଛି ଏବଂ ଏହିପରି ଭାବରେ ଆପଣା ଅନ୍ତରପ୍ରକୃତିର ସମ୍ପୂର୍ଣ୍ଣ ବିକାଶଟିର ଅଭିମୁଖରେ ଗତି କରିବାରେ ଲାଗିଛି । ଆମ ଜୀବନଟିକୁହିଁ ଆମେ ଏକାଧାରରେ ସତ୍ୟ ତଥା ଜ୍ଞାନ ଲାଗି ଏକ ଅନୁସନ୍ଧାନ ବୋଲି କହିବା, ଆମ ନିଜ ସହିତ ତଥା ପାରିପାର୍ଶ୍ୱିକ ଶକ୍ତିଗୁଡ଼ିକ ସହିତ ଆମ ସଙ୍କଳ୍ପର ଏକ ସଂଗ୍ରାମ ଓ ସମର ବୋଲି କହିବା, ଏକ ସତତ ଉତ୍ପାଦନ ଏବଂ ଅନୁକୂଳନ ବୋଲି କହିବା, ଜୀବନର ସାମଗ୍ରୀଟି ଉପରେ କୌଶଳର ସତତ ପ୍ରୟୋଗ ବୋଲି କହିବା ଓ ଏକ ଯଜ୍ଞ ଏବଂ ସେବାକ୍ଷେତ୍ର ବୋଲି ମଧ୍ୟ କହିବା ।

ଆମର ଆତ୍ମାଟି ଯେତେବେଳେ ଏହି ପ୍ରକୃତି ଭିତରେ ଆପଣାର ଶକ୍ତିଟିକୁ କାର୍ଯ୍ୟକାରୀ କରୁଥାଏ, ସେତିକିବେଳେହିଁ ତାହାର ସାଧାରଣ କେତୋଟି ବାହ୍ୟରୂପେ ଏହିସବୁ ବସ୍ତୁର ପ୍ରକାଶ ଘଟିଥାଏ; ମାତ୍ର ଆମେ ଆମର ଅନ୍ତରସ୍ଥ ଆତ୍ମସତ୍ତାଟିର ଅଧିକ ନିକଟବର୍ତ୍ତୀ ହୋଇ ଆସିବା ସଙ୍ଗେସଙ୍ଗେ ଆମେ ଆହୁରି ଏପରି ଗୋଟିଏ ସମ୍ପଦର ଆସ୍ୱାଦ ତଥା ଅନୁଭୂତି ମଧ୍ୟ ଲାଭ କରିଥାଉ, ଯାହାକି ପୂର୍ବରୁ ଏହିସବୁ ରୂପାୟନ ମଧ୍ୟରେ ସଂବୃତ ହୋଇ ରହିଥିଲା ଏବଂ ଯାହାକି ଆପଣାକୁ ସେଠାରୁ ଉନ୍ମୋଚିତ କରି ଆଣିପାରିବ ଓ ସେଗୁଡ଼ିକର ପଛରେ ଦଣ୍ଡାୟମାନ ରହି ସେଗୁଡ଼ିକୁ ପରିଚାଳିତ କରିନେଇ ପାରିବ; ସତେଅବା ଏକ ସର୍ବସ୍ଥିତ ପରମ ଉପସ୍ଥିତି ଅଥବା ପରମ ଶକ୍ତି ଏହି ପ୍ରାଣଧାରୀ ମନନକ୍ଷମ ଯନ୍ତ୍ରଟିର ବିଶେଷ କ୍ରିୟାକ୍ଷେତ୍ରଟି ଉପରେ ଆପଣାକୁ ଆଣି ସଞ୍ଚାରିତ କରି ରଖିବ । ଏହାକୁ ଆମେ ସ୍ୱୟଂ ସେହି ଆତ୍ମାରହିଁ ଶକ୍ତି ବୋଲି ଜାଣିବା, ଯାହାକି ଆପଣାର ପ୍ରକୃତିଟିର ଯାବତୀୟ ଶକ୍ତିର ଅଧିଷ୍ଠାତା ହୋଇ ରହିଥାଏ ଏବଂ ତାହାକୁ ପୂର୍ଣ୍ଣ କରି ଦେଉଥାଏ । ଏହି କ୍ଷେତ୍ରରେ ପ୍ରଭେଦ କେବଳ ଏତିକି ମାତ୍ର ରହିଛି ଯେ ପ୍ରଥମ ବାଟଟି ଉପରେ ବୈମୁକ୍ତିକତାର ଏକ ସ୍ତୁପ ମଧ୍ୟହୋଇ ରହିଥାଏ,

'oaob.nitrkl.ac.in' images reprocessed

ଆପଣାର କ୍ରିୟା ଏବଂ ଗଠଣଟିରେ ତାହା ସୀମାବଦ୍ଧ ଓ ନିୟନ୍ତ୍ରଣାଧୀନ ହୋଇ ରହିଥାଏ, ନୈମିତ୍ତିକତାଟି ଉପରେ ନିର୍ଭର କରି ରହିଥାଏ; ମାତ୍ର ଏଠାରେ ଅର୍ଥାତ୍ ଦ୍ୱିତୀୟଟିରେ ବୈୟକ୍ତିକ ରୂପାୟନଟି ମଧ୍ୟରେ କିଛି ନା କିଛି ନୈର୍ବ୍ୟକ୍ତିକ ଉପାଦାନ ଆବିର୍ଭୂତ ହୋଇଆସେ, ନିମିତ୍ତଗୁଡ଼ିକୁ କାମରେ ଲଗାଉଥିବା ସମୟରେ ମଧ୍ୟ ତାହା ସ୍ୱତନ୍ତ୍ର ଏବଂ ସ୍ୱୟଂସମ୍ପୂର୍ଣ୍ଣ ହୋଇ ରହିଥାଏ, ଆପଣାକୁ ତଥା ବସ୍ତୁଗୁଡ଼ିକର ନିର୍ଣ୍ଣୟ କରି ଦେଉଥିଲେ ମଧ୍ୟ ତଥାପି ଅନିର୍ଣ୍ଣେୟ ହୋଇ ରହିଥାଏ; ତାହା ଏକ ବୃହତ୍ତର ଶକ୍ତିମତ୍ତା ସହିତ ପୃଥିବୀ ଉପରେ କାର୍ଯ୍ୟ କରେ, ଏବଂ ମନୁଷ୍ୟ ଓ ପରିପାର୍ଶ୍ୱ ସହିତ ସଂଯୋଗସ୍ଥାପନ କରିବାର ଓ ତାହା ଉପରେ ପ୍ରଭାବ ପକାଇବାର କେବଳ ଗୋଟିଏ ସାଧନରୂପେହିଁ ତାହା କୌଣସି ବିଶେଷ ଶକ୍ତିକୁ କାମରେ ଲଗାଇଥାଏ । ଆତ୍ମ-ପରିପୂର୍ଣ୍ଣତାର ଯୋଗ ଆତ୍ମାର ଏହି ଶକ୍ତିଟିକୁ ପ୍ରକାଶିତ କରିଆଣେ, ତାହାକୁ ତାହାର ବୃହତ୍ତମ ବିସ୍ତାର ପ୍ରଦାନ କରେ, ଋତ୍ୱେଷ୍ଟିଯାକ ସାମର୍ଥ୍ୟକୁ ଗ୍ରହଣ କରିନେଇ ସେଗୁଡ଼ିକୁ ଏକ ସମଗ୍ର ତଥା ସୌଷମ୍ୟଯୁକ୍ତ ତଦ୍‌ଗତ ଗଠଶୀଳତାର ପରିମୁକ୍ତ ମଣ୍ଡଳ ଭିତରେ ନିକ୍ଷିପ୍ତ କରିଦିଏ । ଜ୍ଞାନର ସେହି ଦେବତ୍ୱ ଅର୍ଥାତ୍ ଆତ୍ମିକ ଶକ୍ତି ଆପଣାର ସେହି ସର୍ବୋଚ୍ଚ ଶିଖରଟି ଯାଏ ଉଦ୍ବେଳିତ ହୋଇଯାଏ, ଯାହା ସବାଶେ କ ବ୍ୟକ୍ତିର ପ୍ରକୃତ ଧାରଣକାକ୍ଷ ଭୂମି ପରି କାର୍ଯ୍ୟ କରିପାରେ । ଆଲୋକମୟ ଏକ ମୁକ୍ତ ମନ ବିକଶିତ ହୋଇଆସେ, ଯାହାକି ଯାବତୀୟ ପ୍ରକାରର ଆତ୍ମପ୍ରକାଶ, ଅନୁପ୍ରେରଣା, ଅନ୍ତର୍ବୋଧ, ଧାରଣା, ତାରତମ୍ୟନିର୍ଣ୍ଣୟ ତଥା ଭାବନାତ୍ମକ ସମନ୍ୱୟ ଲାଗି ଉନ୍ମୋଚିତ ହୋଇ ରହିଥାଏ; ଏକ ଆଲୋକିତ ମନୋମୟ ପ୍ରାଣ ଆବିଷ୍କାର, ଗ୍ରହଣ ତଥା ଧାରଣଜନିତ ଆନନ୍ଦ ସହିତ ତଥା ଏକ ଆଧ୍ୟାତ୍ମିକ ଉତ୍ସୁକତା, ଆବେଗ ଏବଂ ଅନୁଭୂତି ସହିତ ଯାବତୀୟ ଜ୍ଞାନକୁ ଅଧିଗତ କରି ରଖିବାର ପ୍ରୟାସ କରେ । ଆତ୍ମିକ ବଳ, ପ୍ରକାଶ ତଥା କ୍ରିୟାତ୍ମକ ପବିତ୍ରତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏକ ଜ୍ୟୋତିର୍ମୟ ଶକ୍ତି ଆପଣାର ସାମ୍ରାଜ୍ୟଟିକୁ, ଅର୍ଥାତ୍ ସେହି 'ବ୍ରହ୍ମତେଜଃ' ଏବଂ 'ବ୍ରହ୍ମବର୍ଚଃ'କୁ ପ୍ରକଟ କରିଦିଏ; ଏକ ଅଗାଧ ନିଷ୍ଠା ଏବଂ ଅପରିମେୟ ଶାନ୍ତି ସକଳ ଜ୍ୟୋତି, ଗତି ଏବଂ କର୍ମକୁ ସତେଅବା କେତେକେତେ ଯୁଗର କୌଣସି ଦୃଢ଼ ଶିଳା ଉପରେ ଅର୍ଥାତ୍ ଏକ ସମତାଯୁକ୍ତ, ଅବିଚଳ ଏବଂ ଅଚ୍ୟୁତ ଭାବରେ ଅବସ୍ଥାପିତ କରି ରଖିଦିଏ ।

ଆତ୍ମାର ଦିବ୍ୟ ସଙ୍କଳ୍ପଶକ୍ତି ଏବଂ ଦିବ୍ୟ ବଳ ସେହିପରି ଏକ ସଦ୍‌ଗୁଣ ବିଶାଳତା ଏବଂ ଉଚ୍ଚତାକୁ ଉଦ୍ବେଳିତ ହୋଇଯାଏ । ମୁକ୍ତ ତଦ୍‌ଗତତାର ଏକ ପରମ ଓ ଶାନ୍ତିଯୁକ୍ତ ଭୟଶୂନ୍ୟତା ଉପଲବ୍ଧ ହୋଇ ଆସେ, ଏକ ଅକ୍ଳାନ୍ତ ଓ ଗଠଶୀଳ ସାହସ ଉପଲବ୍ଧ ହୁଏ, ଯାହାକୁ କି କୌଣସି ସଙ୍କଟ, ସମ୍ଭାବନାର କୌଣସି ବାଡ଼ ତଥା ପ୍ରତିରୋଧୀ ଶକ୍ତିଗୁଡ଼ିକର କୌଣସି ବାଧା ଆତ୍ମା ଦ୍ୱାରା ନିର୍ଦ୍ଦେଶିତ ହୋଇ

ରହିଥିବା କର୍ମ ତଥା ଆକାଙ୍‌କ୍ଷାଟିର ଅନୁଧାବନ କରିବାରୁ କ୍ଷାନ୍ତ କରି ରଖିପାରେ ନାହିଁ; ଆତ୍ମା ଏବଂ ସଂକଳ୍ପର ଏକ ଉଚ୍ଚ ମହାନତା ଉପଗତ ହୋଇଆସେ ଯାହାକୁ କୌଣସି କ୍ଷୁଦ୍ରତା ବା ନୀଚତା ଆଦୌ ସ୍ପର୍ଶ କରି ନଥାଏ ଏବଂ ସାମୟିକ ଭାବରେ ଯେତେଯେତେ ପରାଭବ ଏବଂ ପ୍ରତିବନ୍ଧକ ଆସି ପଡ଼ୁଥିଲେ ମଧ୍ୟ ଯାହାକି ଏକ ନିର୍ଦ୍ଦିଷ୍ଟ ବୃହତ୍ ପଦକ୍ଷେପ ଦ୍ୱାରା ଆଧ୍ୟାତ୍ମିକ ବିଜୟଟି ଆଡ଼କୁ ବା ଈଶ୍ୱରପ୍ରଦତ୍ତ କର୍ମଟିର ସଫଳତା ଆଡ଼କୁ ଅଗ୍ରସର ହୋଇ ଯାଉଥାଏ; ଏପରି ଏକ ଭାବନା ଉପଲବ୍ଧ ହୁଏ ଯାହାକି କଦାପି ଅବସନ୍ନ ହୋଇପଡ଼େ ନାହିଁ, ସତ୍ତା ମଧ୍ୟରେ କ୍ରିୟାଶୀଳ ହୋଇ ରହିଥିବା ଶକ୍ତି ଉପରେ ରହିଥିବା ଆପଣାର ଶ୍ରଦ୍ଧା ଓ ବିଶ୍ୱାସରୁ କଦାପି ସ୍ଖଳିତ ହୋଇପଡ଼େ ନାହିଁ;—ଆମେ ଏହିଗୁଡ଼ିକୁହିଁ ଏହି ସିଦ୍ଧିର ନାନା ସଙ୍କେତ ବୋଲି ଜାଣି ରଖିବା । ଏହି କ୍ଷେତ୍ରରେ ପାରସ୍ପରିକତାର ଏକ ବୃହତ୍ ଦିବ୍ୟ ଆତ୍ମିକ ଶକ୍ତିର ମଧ୍ୟ ପରିପୂର୍ଣ୍ଣତା ଉପଲବ୍ଧ ହୋଇଆସେ, କରଣୀୟ କର୍ମଟିରେ ଆପଣା ସତ୍ତା ଏବଂ ଶକ୍ତିର ତଥା ଆପଣାର ସକଳ ପ୍ରତିଭା ଏବଂ ସମ୍ପଦର ମୁକ୍ତହସ୍ତ ବ୍ୟୟ ମଧ୍ୟ ସମ୍ଭବ ହୁଏ, ଯାହାକି ଉତ୍ପାଦନ, ସୃଜନ, କାର୍ଯ୍ୟସାଧନ, ଉପାର୍ଜନ, ଲାଭ ଏବଂ ଉପଯୋଗୀ ପ୍ରତିଫଳପ୍ରାପ୍ତି ଲାଗି ଆପଣାକୁ ସମର୍ପିତ କରି ରଖିଥାଏ; ଏପରି ଏକ କୁଶଳତା ପ୍ରାପ୍ତ ହୁଏ, ଯାହା ନିୟମଗୁଡ଼ିକର ପାଳନ କରୁଥାଏ, ଅନ୍ୟମାନଙ୍କ ସହିତ ଆପଣାର ସମ୍ବନ୍ଧଗୁଡ଼ିକୁ ଅନୁକୂଳିତ କରି ନେଉଥାଏ ଏବଂ ସର୍ବଦା ମାତ୍ରାଟିକୁ ଠିକ୍ ରଖିଥାଏ; ସକଳ ସତ୍ତାଙ୍କ ମଧ୍ୟରୁ ଆପଣା ମଧ୍ୟକୁ ଏକ ବୃହତ୍ ଗ୍ରହଣ ସମ୍ଭବ ହୁଏ, ଆପଣା ମଧ୍ୟରୁ ସମସ୍ତଙ୍କ ଲାଗି ଏକ ମୁକ୍ତ ଦାନ ମଧ୍ୟ ସମ୍ଭବ ହୁଏ, ଏକ ଦିବ୍ୟ ସମ୍ପଦବିନିମୟ ସମ୍ଭବ ହୁଏ, ଜୀବନର ପାରସ୍ପରିକ ଆନନ୍ଦଟିକୁ ବୃହତ୍ ଭାବରେ ଉପଭୋଗ କରିବା ସମ୍ଭବ ହୋଇଯାଏ । ଏବଂ ପରିଶେଷରେ ସେବାରୂପୀ ସେହି ଦିବ୍ୟ ଆତ୍ମିକ ଶକ୍ତିର ପରିପୂର୍ଣ୍ଣତାଟି ମଧ୍ୟ ଉପଲବ୍ଧ ହୋଇଆସେ, ସକଳ ବିଶ୍ୱ ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ଏକ ପ୍ରେମ ଉପଲବ୍ଧ ହୋଇଆସେ, ଯାହାକି ପ୍ରତିଦାନର କୌଣସି ଦାବି ନକରି ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇ ଦେଇପାରେ; ଏପରି ଏକ ଆଲିଙ୍ଗନ ଉପଲବ୍ଧ ହୁଏ ଯାହାକି ମନୁଷ୍ୟ ଭିତରେ ରହିଥିବା ଭଗବାନଙ୍କର ଦେହଟିକୁହିଁ ଆପଣା ପାଖକୁ ଆଲିଙ୍ଗନ କରିନିଏ, ସହାୟତା ଏବଂ ସେବା ଲାଗି ଯାବତୀୟ କାର୍ଯ୍ୟ କରେ; ଏପରି ଏକ ଆତ୍ମୋତ୍ସର୍ଗ ସମ୍ଭବ ହୁଏ ଯାହାକି ପରମ ପ୍ରଭୁଙ୍କର ଯୁଆଳିଟିକୁ ବହନ କରିବା ଲାଗି ପ୍ରସ୍ତୁତ ହୋଇ ରହିଥାଏ, ଆପଣାର ଜୀବନଟିକୁ ତାଙ୍କର କିଙ୍କର କରି ରଖିବା ଲାଗି ଏବଂ ତାଙ୍କର ପରିଚାଳନାରେ ତାଙ୍କର ପ୍ରାଣୀମାନଙ୍କର ଦାବି ତଥା ଆବଶ୍ୟକତାର କିଙ୍କର କରି ରଖିବା ଲାଗି ପ୍ରସ୍ତୁତ ରହିଥାଏ; ଏବଂ ଏସବୁ ଫଳରେ ଆମ ସତ୍ତାର ସେହି ପରମ ଉଦ୍ୟମକ ତଥା ପୃଥିବୀସ୍ଥ ତାଙ୍କର କର୍ମ ଲାଗି ଆପଣାର ସମୁଦାୟ ଜୀବନଟିକୁ ସ୍ୱେଚ୍ଛାସମର୍ପିତ କରି ରଖିବା ସମ୍ଭବ ହୋଇଯାଏ ।

'oaob.nitrkl.ac.in' images reprocessed

ଏହି ସବୁଯାକ ପରସ୍ପର ସହିତ ମିଳିତ ହୋଇଯାନ୍ତି, ପରସ୍ପରର ସହାୟତା କରନ୍ତି, ପରସ୍ପର ମଧ୍ୟରେ ପ୍ରବିଷ୍ଟ ହୁଅନ୍ତି ଏବଂ ଗୋଟିଏ ବସ୍ତୁରେ ପରିଣତ ହୋଇଯାଆନ୍ତି । ସିଦ୍ଧି ଲାଗି ସର୍ବୋତ୍ତମ ସାମର୍ଥ୍ୟ ରହିଥିବା ମହାନତମ ଆତ୍ମାଗୁଡ଼ିକ ଲାଗି ହିଁ ପରିପୂର୍ଣ୍ଣ ଚରିତାର୍ଥତା ସମ୍ଭବ ହୋଇଥାଏ ସତ, ମାତ୍ର ପୂର୍ଣ୍ଣଯୋଗର ସାଧନା କରୁଥିବା ପ୍ରତ୍ୟେକ ସାଧକ ମଧ୍ୟ ଏହି ଚତୁର୍ବିଧ ଆତ୍ମିକ ଶକ୍ତିର କୌଣସି ନା କୌଣସି ବୃହତ୍ ଅଭିବ୍ୟକ୍ତି ଲାଗି ଅବଶ୍ୟ ଯତ୍ନ କରିପାରିବ ଏବଂ ତାହାର ଉପଲବ୍ଧି ମଧ୍ୟ କରିପାରିବ ।

ଏଗୁଡ଼ିକ ହେଉଛି ସଙ୍କେତ ମାତ୍ର, ମାତ୍ର ଏହିଗୁଡ଼ିକର ପଛରେ ସେହି ଆତ୍ମା ହିଁ ବିଦ୍ୟମାନ ରହିଛି, ଯିଏକି ପ୍ରକୃତିର ପୂର୍ଣ୍ଣତା ମଧ୍ୟରେ ଆପଣାକୁ ଏହିପରି ଭାବରେ ଅଭିବ୍ୟକ୍ତ କରିଦେଇଥାଏ । ଏବଂ ବିମୋଚିତ ମନୁଷ୍ୟବ୍ୟକ୍ତିର ମୁକ୍ତ ଆତ୍ମସତ୍ତ୍ୱ ମଧ୍ୟରୁ ହିଁ ଏହି ଆତ୍ମାର ଉନ୍ମେଷ ଘଟିଥାଏ । ସେହି ଆତ୍ମସତ୍ତା ଏକ ଅନନ୍ତ ସତ୍ତା, ତେଣୁ ତାହାର କୌଣସି ବିଶେଷ ସ୍ୱରୂପ ନାହିଁ ସତ, ମାତ୍ର ତାହା ହିଁ ଯାବତୀୟ ରୂପ ଓ ବିଶେଷ ସ୍ୱଭାବର ଲୀଳାଟିକୁ ବହନ ତଥା ଧାରଣ କରି ରହିଛି; ଏକ ପ୍ରକାରର ଅନନ୍ତ, ଏକ ଅଥଚ ତଥାପି ଅନେକଭୂତ ବ୍ୟକ୍ତିତ୍ୱକୁ ଧାରଣ କରି ରହିଛି । ସେ 'ନିର୍ଗୁଣୋ ଗୁଣୀ' ହୋଇ ରହିଛି, ଆପଣାର ଅଭିବ୍ୟକ୍ତିକ୍ଷେତ୍ରରେ ଅନନ୍ତ କେତେ ଗୁଣର ସମର୍ଥ ହୋଇ ରହିଛି, 'ଅନନ୍ତଗୁଣ' ହୋଇ ରହିଛି । ତାହା କେବଳ ସେହି ସର୍ବୋଚ୍ଚ ଓ ବିଶ୍ୱାତ୍ମକ, ଦିବ୍ୟ ଓ ଅନନ୍ତ ପରମ ଶକ୍ତିଟିକୁ ହିଁ ଆପଣାର କାମରେ ଲଗାଉଛି, ଯାହାକି ଆପଣାକୁ ବ୍ୟକ୍ତିର ସତ୍ତାଟି ମଧ୍ୟରେ ଆଣି ଅଜାଡ଼ି ଦେବାରେ ଲାଗିଛି ଏବଂ ଦିବ୍ୟ ଉଦ୍ଦେଶ୍ୟଟିର ପରିପୂରଣ ଲାଗି ମୁକ୍ତ ଭାବରେ ଯାବତୀୟ କର୍ମକୁ ନିରୂପିତ କରିଦେଉଛି ।

'oaob.nitrkl.ac.in' images reprocessed

ଷୋଡ଼ଶ ପରିଚ୍ଛେଦ

## ଦିବ୍ୟ ଶକ୍ତି

ଆତ୍ମ-ପରିପୂର୍ଣ୍ଣତାର ଯୋଗରେ ଅଗ୍ରସର ହୋଇ ଯାଉଥିବା ସଙ୍ଗେସଙ୍ଗେ ପୁରୁଷ ଏବଂ ପ୍ରକୃତି ମଧ୍ୟରେ ରହିଥିବା ଯେଉଁ ସମ୍ବନ୍ଧଟି କ୍ରମେ ଉପଲବ୍ଧ ହୋଇଆସେ, ଯୋଗର ଏହି ଅଂଶଟିରେ ଆମେ ସେଇଟିକୁ ଅତି ସାବଧାନତା ସହିତ ବୁଝିବା ଲାଗି ଚେଷ୍ଟା କରିବା । ଆମ ସତ୍ତାର ଆଧ୍ୟାତ୍ମିକ ସତ୍ୟଟି ଅନୁସାରେ, ଯେଉଁ ଶକ୍ତିଟିକୁ ଆମେ ପ୍ରକୃତି ବୋଲି କହୁଛୁ, ତାହା ହେଉଛି ପ୍ରକୃତରେ ସତ୍ତାର ଶକ୍ତି, ଚେତନାର ଶକ୍ତି ଏବଂ ସଂକଳ୍ପର ଶକ୍ତି; ଏବଂ ସେହି କାରଣରୁ ତାହା ହେଉଛି ଆତ୍ମସତ୍ତା, ଆତ୍ମା ଅର୍ଥାତ୍ ପୁରୁଷରହିଁ ଆତ୍ମ-ପ୍ରକାଶ ଏବଂ ଆତ୍ମ-ସୃଜନର ଶକ୍ତି । ମାତ୍ର ଅଜ୍ଞାନ ମଧ୍ୟରେ ରହିଥିବା ଆମର ଏହି ସାଧାରଣ ମନ ଏବଂ ବସ୍ତୁଗୁଡ଼ିକ ସମ୍ବନ୍ଧରେ ତାହାର ଅନୁଭବଟି ଲାଗି ପ୍ରକୃତି ଏକାବେଳକେ ଏକ ଭିନ୍ନ ରୂପରେହିଁ ଦେଖା ଦେଇଥାଏ । ଆମ ବାହାରେ ଲାଗି ରହିଥିବା ପ୍ରକୃତିର ବିଶ୍ୱାତ୍ମକ କ୍ରିୟାଟିର କ୍ଷେତ୍ରରେ ଯେତେବେଳେ ଆମେ ପ୍ରକୃତି ଆଡ଼କୁ ଅନାଇ ଦେଖୁ, ସେତେବେଳେ ଆମେ ତାକୁ ପ୍ରଥମେ ବିଶ୍ୱବ୍ରହ୍ମାଣ୍ଡରେ ଅବସ୍ଥିତ ଏପରି ଏକ ଯାନ୍ତ୍ରିକ ଶକ୍ତିରୂପେ ଅନୁଭବ କରିଥାଉ, ଯାହାକି ଜଡ଼ ଉପରେ କ୍ରିୟା କରୁଥାଏ, ବା ସ୍ୱୟଂ ଆପଣା ଦ୍ୱାରା ସୃଷ୍ଟ ଜଡ଼ରୂପାୟନଗୁଡ଼ିକ ଉପରେ କ୍ରିୟା କରୁଥାଏ । ଜଡ଼ ମଧ୍ୟରେ ତାହା ପ୍ରାଣର କେତେକେତେ ଶକ୍ତିମତ୍ତା ତଥା ପ୍ରକ୍ରିୟାକୁ ବିକଶିତ କରାଇଆଣେ ଏବଂ ପ୍ରାଣମୟ ଜଡ଼ ମଧ୍ୟରେ ମନର କେତେକେତେ ଶକ୍ତିମତ୍ତା ତଥା ପ୍ରକ୍ରିୟାକୁ ବିକଶିତ କରାଇଆଣେ । ଆପଣା କ୍ରିୟାତ୍ମକତାର ସମୁଦାୟ କ୍ଷେତ୍ରଟିରେ ପ୍ରକୃତି କେତୋଟି ନିର୍ଦ୍ଦିଷ୍ଟ ବିଧାନ ଅନୁସାରେହିଁ କାର୍ଯ୍ୟ କରୁଥାଏ ଏବଂ ବିସୃଷ୍ଟ ବସ୍ତୁର ପ୍ରତ୍ୟେକ ପ୍ରକାରରେ ତାହା ଶକ୍ତିମତ୍ତାର ବିଚିତ୍ର କେତେକେତେ ଧର୍ମ ଏବଂ ପ୍ରକ୍ରିୟାର କେତେକେତେ ବିଧାନକୁ ଆଣି ପ୍ରକଟ କରିଦିଏ, ଯାହାକି ବସ୍ତୁର ଉପପ୍ରକାର ତଥା ପ୍ରକାରଟିରେ ତାହାର ବିଶେଷ ସ୍ୱଭାବଟି ଆଣି ଦେଇଥାଏ ଏବଂ ସମୁଦାୟ ପ୍ରକାରଟିରେ କାର୍ଯ୍ୟକାରୀ ହେଉଥିବା ବିଧାନଟିର ଲଂଘନ ନକରି ତଥାପି ତଦନ୍ତର୍ଗତ ବ୍ୟକ୍ତିରୂପଟି ମଧ୍ୟରେ କେତେକ ଅପ୍ରଧାନ ମାତ୍ର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ

'oaob.nitrkl.ac.in' images reprocessed

ବିଶେଷତା ଏବଂ ବିଭିନ୍ନତାକୁ ମଧ୍ୟ ବିକଶିତ କରାଇ ଆଣିଥାଏ । ପ୍ରକୃତିର ଏହି ଯନ୍ତ୍ରବତ୍ ପ୍ରଣାଳୀହିଁ ଆଧୁନିକ ବୈଜ୍ଞାନିକ ମନର ଧ୍ୟାନଟିକୁ ଏତେବେଶୀ ଆକୃଷ୍ଟ କରି ରଖିଛି ଏବଂ ବିଜ୍ଞାନ ଲାଗି ତାହାହିଁ ପ୍ରକୃତି ବିଷୟରେ ତା'ର ସମୁଦାୟ ଦୃଷ୍ଟିକୋଣ ହୋଇ ରହିଛି; ଏବଂ ଏହା ଏତେଦୂର ଯାଏ ଆପଣାକୁ ସାବ୍ୟସ୍ତ ସତ୍ୟଟିରୂପେ ପ୍ରତିଷ୍ଠିତ କରି ରଖିଛି ଯେ ବିଜ୍ଞାନ ସେହି ଜଡ଼ରହିଁ ନିୟମଗୁଡ଼ିକ ଦ୍ୱାରା ପ୍ରାଣର ସମଗ୍ର ବ୍ୟାପାରଟିକୁ ତଥା ପ୍ରାଣମୟ ଜଡ଼ର ନିୟମଗୁଡ଼ିକ ଦ୍ୱାରା ମନର ସମଗ୍ର ବ୍ୟାପାରଟିକୁ ବୁଝାଇଦେଇ ପାରିବ ବୋଲି ତଥାପି ଆଶା ବାନ୍ଧି ରହିଛି ଏବଂ କେତେପ୍ରକାର ଚେଷ୍ଟା କରିବାରେ ଲାଗିଛି; ଅବଶ୍ୟ ଏକଥା ସତ ଯେ ଏଥିରେ ତାକୁ ଖୁବ୍ ଅଳ୍ପ ସଫଳତା ମିଳିଛି । ଏହି ଦୃଷ୍ଟିକୋଣଟି ମଧ୍ୟରେ ଆତ୍ମା ବା ଚିଦ୍‌ଗତତା ଲାଗି ଆଦୌ କୌଣସି ସ୍ଥାନ ନାହିଁ ଏବଂ ପ୍ରକୃତିକୁ ସେହି ଚିଦ୍‌ଗତତାର ଏକ ସାମର୍ଥ୍ୟ ବୋଲି ଆଦୌ ବିଚାର କରାଯାଉ ନାହିଁ । ଆମର ଏହି ସମଗ୍ର ଜୀବନକୁ କେବଳ ଏକ ଯାନ୍ତ୍ରିକତା, ଭୌତିକତା ବୋଲି ତଥା ଏକ ଅତ୍ୟଳ୍ପକ୍ଷଣସ୍ଥାୟୀ ପ୍ରାଣିକ ଚେତନାର ଜୀବ-ବିଜ୍ଞାନଗତ ବାହ୍ୟ ବ୍ୟାପାରଟି ଦ୍ୱାରା ସୀମାବଦ୍ଧ ବୋଲି ମାନି ନିଆଯାଉ ଥିବାରୁ ଏବଂ ମନୁଷ୍ୟକୁ ଜଡ଼ଧର୍ମୀ ଶକ୍ତିରହିଁ ଏକ ଜୀବ ତଥା ସାଧନମାତ୍ର ବୋଲି ଗ୍ରହଣ କରାଯାଉ ଥିବାରୁ, ଏହି ବିଚାରଟି ଅନୁସାରେ ଯୋଗର ଆଧ୍ୟାତ୍ମିକ ଆତ୍ମବିବର୍ତ୍ତନକୁ କେବଳ ଏକ ଭ୍ରମ ବା ଭ୍ରାନ୍ତି ବୋଲିହିଁ ବୁଝାଯିବ, ମନର ଏକ ଅସ୍ୱାଭାବିକ ଅବସ୍ଥା ବା ଆତ୍ମସମ୍ମୋହନ ବୋଲିହିଁ ବୁଝାଯିବ । ଏବଂ ଯେକୌଣସି ପରିସ୍ଥିତିରେ ମଧ୍ୟ, ଆମ ସତ୍ତାଟିର ସନାତନ ସତ୍ୟଟିର ଅନୁସନ୍ଧାନ କରିବା ତଥା ମାନସିକ, ପ୍ରାଣିକ ଏବଂ ଶାରୀରିକ ପ୍ରକୃତିର ସୀମାବଦ୍ଧ ସତ୍ୟଟିଠାରୁ ଉପରକୁ ଉଠିଯାଇ ଆମ ଆଧ୍ୟାତ୍ମିକ ପ୍ରକୃତିର ସମ୍ପୂର୍ଣ୍ଣ ସତ୍ୟଟିକୁ ଉପଲବ୍ଧି କରିବାହିଁ ତାହାର ସ୍ୱରୂପ ବୋଲି ଯୋଗର ସେହି ବିବର୍ତ୍ତନ ଯେଉଁ ଦାବି କରୁଛି, ତାହା କଦାପି ଠିକ୍ ହୋଇପାରିବ ନାହିଁ ।

ମାତ୍ର ଆପଣା ମଧ୍ୟରୁ ବ୍ୟକ୍ତିତ୍ୱକୁ ବହିଷ୍କୃତ କରି ରଖିଥିବା ଏବଂ ଯନ୍ତ୍ର ପରି ଚାଳିତ ହେଉଥିବା ବାହ୍ୟ ପ୍ରକୃତିଟିକୁ ନଦେଖି ଯେତେବେଳେ ଆମେ ମନୁଷ୍ୟର ଅନ୍ତର୍ଗତ ଓ ଆଣସ୍ଥଗତ ଅନୁଭବଟିକୁ ଅର୍ଥାତ୍ ତା'ର ମନୋମୟ ସତ୍ତାଟି ଆଡ଼କୁ ଚାହିଁ ଦେଖିବା, ସେତେବେଳେ ଆମର ପ୍ରକୃତି ଆମ ଆଖିକୁ ଏକାବେଳକେ ଅଲଗା ହୋଇ ଦେଖାଯିବ । ଆମର ଆଣସ୍ଥଗତ ଅସ୍ତିତ୍ୱଟି ପ୍ରତି ମଧ୍ୟ ଆମେ ବୁଦ୍ଧିଗତ ମାପନର କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକ ଦୃଷ୍ଟିକୋଣ ରଖିବାରେ ହୁଏତ ବେଶ୍ ବିଶ୍ୱାସ କରିପାରିବା, ମାତ୍ର ତାହାକୁହିଁ ଆଧାର କରି ଆମେ କଦାପି ନିଷ୍ଠା କରିପାରିବା ନାହିଁ ବା ଆମର ଆତ୍ମ-ଅନୁଭବଟି ପାଖରେ ତାହାକୁ ବାସ୍ତବ ବୋଲି ଆଦୌ ସାବ୍ୟସ୍ତ କରିପାରିବା ନାହିଁ । କାରଣ ଆମେ ଏପରି ଏକ 'ମୁଁ' ବିଷୟରେ ଅନୁକ୍ଷଣ ସଚେତନ ରହିଛୁ, ଯାହାକି ଆମର ପ୍ରକୃତିଟିର ସମବାଚୀ

'oaob.nitrkl.ac.in' images reprocessed

ହୋଇଥିବ ବୋଲି ଆଦୌ ମନେହେଉ ନାହିଁ; ବରଂ ଏପରି ମନେହେଉଛି ଯେ ସେହି 'ମୁଁ' ଭିତରେ ପ୍ରକୃତିରୁ ଅପସରି ଯାଇ ଠିଆହୋଇ ପାରିବାର ସାମର୍ଥ୍ୟ ରହିଛି, ତଟସ୍ଥ ରହି ପ୍ରକୃତିର ଅବଲୋକନ, ସମୀକ୍ଷଣ ଏବଂ ସୃଜନାତ୍ମକ ଉପଯୋଗ କରି ପାରିବାର ସାମର୍ଥ୍ୟ ମଧ୍ୟ ରହିଛି; ଏବଂ ଆମେ ଏପରି ଏକ ଇଚ୍ଛାଶକ୍ତି ବିଷୟରେ ମଧ୍ୟ ସଚେତନ ହୋଇ ରହିଛୁ ଯାହାକୁ କି ଆମେ ଅତି ସ୍ୱାଭାବିକ ଭାବରେ ଏକ ମୁକ୍ତ ଇଚ୍ଛାଶକ୍ତି ବୋଲି ଭାବି ପାରୁଛୁ। ଏବଂ ଏଇଟା ଯଦି ଗୋଟାଏ ଭ୍ରମ ବୋଲି ପ୍ରମାଣିତ ହୋଇଯାଏ, ତେବେ ଏକଥାଟି ଅବଶ୍ୟ ସତ ଯେ ଆମର ବାସ୍ତବ ଜୀବନକ୍ଷେତ୍ରରେ ଆମେ ସତେଅବା ଗୋଟିଏ ଗୋଟିଏ ଦାୟିତ୍ୱଶୀଳ ମନୋମୟ ସତ୍ତା ହୋଇ ରହିଥିବା ପରି କାର୍ଯ୍ୟ କରିବାକୁ ବାଧ୍ୟ ହେଉଛୁ; ଆମର ମନୋମୟ ସତ୍ତାଟି ଯେପରି ସତେଅବା ମୁକ୍ତ ଭାବରେ ଆମର ଯାବତୀୟ କାର୍ଯ୍ୟକୁ ସ୍ୱୟଂ ନିର୍ବାଚିତ କରିନେଇ ପାରୁଛି ଏବଂ ତାହାର ଯେପରି ଆମର ପ୍ରକୃତିଟିର ସଦୁପଯୋଗ ତଥା ଦୁରୁପଯୋଗ କରିବାର ତଥା ତାହାକୁ ଉଚ୍ଚତର ଅଥବା ନିମ୍ନତର ଲକ୍ଷ୍ୟସାଧନ ଲାଗି ଉଦ୍ଦିଷ୍ଟ କରି ରଖିବାର ଏକ ସାମର୍ଥ୍ୟ ରହିଛି, ଆମେ ସେହିପରି କାର୍ଯ୍ୟ କରିବାକୁ ବାଧ୍ୟ ହେଉଛୁ। ଏବଂ ଆମେ ଏପରିକି ଆମର ଏହି ପାରିପାର୍ଶ୍ୱିକ ପ୍ରକୃତି ତଥା ଆମ ନିଜର ଏହି ବର୍ତ୍ତମାନ ପ୍ରକୃତିଟି ସହିତ ସତତ ସଂଗ୍ରାମ କରୁଥିବା ପରି ମନେହେଉଛି ଏବଂ ଆମ ଉପରେ ଆପଣାକୁ ଆଣି ଲଦି ଦେଉଥିବା ଓ ପ୍ରଭୁତ୍ୱ ବିସ୍ତାର କରୁଥିବା ଏକ ଜଗତ ଉପରେ ସ୍ୱୟଂ ପ୍ରଭୁତ୍ୱଲାଭ କରିବାର ଚେଷ୍ଟା କରୁଥିବା ପରି ମନେ ହେଉଛି ଏବଂ ତହିଁ ସଙ୍ଗେସଙ୍ଗେ ଆମେ ବର୍ତ୍ତମାନ ଯେତିକି ଅଛୁ, ତାହାଠାରୁ ଅଧିକ କିଛି ହେବା ଲାଗି ଚେଷ୍ଟା କରୁଥିବା ପରି ମଧ୍ୟ ମନେହେଉଛି। ମାତ୍ର ଅସଲ ଅସୁବିଧାଟି ହେଉଛି ଯେ ଆମ ଜୀବନକ୍ଷେତ୍ରର କେବଳ ଏକ ଅତି କ୍ଷୁଦ୍ର ଅଂଶଟି ଉପରେହିଁ ଆମର ଯାହାକିଛି କର୍ତ୍ତୃତ୍ୱ ସମ୍ଭବ ହୋଇପାରୁଛି; ବାକି ଅଂଶତକ ଅବଚେତନ ବା ଅନ୍ତର୍ମଗ୍ନ ହୋଇ ରହିଯାଉଛି, ଆମ ଅକ୍ତିଆରର ବାହାର ହୋଇ ରହିଛି। ଆମର ଇଚ୍ଛାଶକ୍ତି ମଧ୍ୟ ଆମର ସମୁଦାୟ କ୍ରିୟାତ୍ମକତାର କେବଳ ଏକ ନିର୍ବାଚିତ କ୍ଷୁଦ୍ର ଅଂଶରେହିଁ କାର୍ଯ୍ୟ କରିପାରୁଛି। ଆମ ଜୀବନର ଅଧିକାଂଶ କ୍ଷେତ୍ରଟି ଯାନ୍ତ୍ରିକତାର ଏକ ପ୍ରକ୍ରିୟା ହୋଇ ରହିଛି, କେବଳ ଅଭ୍ୟାସର ଅଧୀନ ହୋଇ ରହିଛି ଏବଂ ଯାହାକିଛି ଅଗ୍ରଗତି ଅଥବା ଆତ୍ମ-ଉନ୍ନତି କରିବାକୁ ହେଲେ ଆମକୁ ଆମ ନିଜ ସହିତ ତଥା ପାରିପାର୍ଶ୍ୱିକ ପରିସ୍ଥିତିଗୁଡ଼ିକ ସହିତ ଅନୁକ୍ଷଣ ସଂଗ୍ରାମ କରିବାକୁ ପଡ଼ୁଛି। ଆମ ଭିତରେ ସତେଅବା ଗୋଟାଏ ଦ୍ୱିବିଧ ସତ୍ତା ଅବସ୍ଥାନ କରୁଥିବା ପରି ମନେହେଉଛି; ଗୋଟିଏ ପାଖରେ ପୁରୁଷ ରହିଛି ଏବଂ ଅନ୍ୟ ପାଖରେ ପ୍ରକୃତି ରହିଛି, ସେମାନଙ୍କ ମଧ୍ୟରେ ସତେଅବା ଅଧା ସହମତି ରହିଛି ଓ ଅଧା ବିବାଦ ରହିଛି। ପ୍ରକୃତି ପୁରୁଷ ଉପରେ ଆପଣାର ଯାନ୍ତ୍ରିକ ନିୟନ୍ତ୍ରଣଟିକୁ ବିସ୍ତାର

'oaob.nitrkl.ac.in' images reprocessed

କରିଦେବାକୁ ଆସୁଛି ଏବଂ ପୁରୁଷ ପ୍ରକୃତିକୁ ବଦଳାଇ ଦେବାକୁ ଏବଂ ତାକୁ ଆପଣାର ଅଧୀନ କରି ରଖିବାକୁ ଚେଷ୍ଟା କରୁଛି । ଏବଂ ଏହି ଦ୍ୱିବିଧତାର ମୂଳ ସ୍ୱରୂପ ତଥା ପ୍ରକୃତ ପରିଣାମଟି କ'ଣ, ବର୍ତ୍ତମାନ ତାହାହିଁ ଜାଣିବାର ପ୍ରଶ୍ନଟି ଉପୁଜୁଛି ।

ସାଂଖ୍ୟର ବ୍ୟାଖ୍ୟା ଅନୁସାରେ ଆମର ଏହି ବର୍ତ୍ତମାନ ଅସ୍ତିତ୍ୱଟି ଏକ ଦ୍ୱୈତତାଯୁକ୍ତ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ହେଉଛି । ପୁରୁଷ ସହିତ ସଂସ୍ପର୍ଶ ନଘଟିବା ଯାଏ ପ୍ରକୃତି ଜଡ଼ ଓ ନିଷ୍କ୍ରିୟ ହୋଇ ରହୁଛି, କେବଳ ପୁରୁଷ ସହିତ ସଂଲଗ୍ନ ହୋଇ ରହିହିଁ ତାହା ଯାହାକିଛି କାର୍ଯ୍ୟ କରୁଛି ଏବଂ ତା'ପରେ ଆପଣାର ସାଧନ ତଥା ଗୁଣଗୁଡ଼ିକର ଏକ ସୁନିର୍ଦ୍ଦିଷ୍ଟ ଯନ୍ତ୍ରନିୟମ ଦ୍ୱାରା ମଧ୍ୟ ତାହା ସେହି କାର୍ଯ୍ୟ କରୁଛି । ପ୍ରକୃତି ବିନା ପୁରୁଷ ନିଷ୍କ୍ରିୟ ହୋଇ ରହୁଛି, ପ୍ରକୃତିର ସଂସ୍ପର୍ଶରେ ଆସି ଏବଂ ପ୍ରକୃତିର କାର୍ଯ୍ୟଗୁଡ଼ିକ ଲାଗି ନିଜର ସମ୍ମତି ଦେଇ ସେ ଏହି ଯନ୍ତ୍ରନିୟମଟିର ବି ଅଧୀନ ହୋଇପଡ଼ୁଛି, ତାହାର ଅହଂବୋଧଗତ ସୀମାଟି ଭିତରେ ବାସ କରି ରହୁଛି ଏବଂ ଆପଣାର ସମ୍ମତିଟିକୁ ପ୍ରତ୍ୟାହାର କରି ନେଇପାରିଲେ ଏବଂ ଆପଣାର ସମୁଚିତ ତତ୍ତ୍ୱଟି ମଧ୍ୟକୁ ଲେଉଟି ଆସି ପାରିଲେ ଯାଇ ସେ ଏହା ଭିତରୁ ମୁକୁଳି ବାହାରି ପାରୁଛି । ଆମ ଅନୁଭବର ଏକ ବିଶେଷ ଅଂଶଟି ସହିତ ମିଳି-ଯାଉଥିବା ଆଉ ଗୋଟିଏ ସମାଧାନ ଅନୁସାରେ, ଆମ ଭିତରେ ପ୍ରାଣୀଧର୍ମୀ ଏବଂ ଜଡ଼ଧର୍ମୀ ଏପରି ଦୁଇପ୍ରକାର ଦୁଇଟି ସତ୍ତା ରହିଛି; ଅଥବା, ଅଧିକ ବ୍ୟାପକ ଭାବରେ କହିଲେ ନିମ୍ନସ୍ଥ ଏହି ପ୍ରକୃତିବଦ୍ଧ ସତ୍ତାଟି ରହିଛି ଏବଂ ଅନ୍ୟ ପାଖରେ ଆତ୍ମା ବା ଅଧ୍ୟାତ୍ମସତ୍ତାଟି, ଯାହାକି ମନ ଦ୍ୱାରା ଜଡ଼ସ୍ଥ ଅସ୍ତିତ୍ୱ ବା ଜାଗତିକ ପ୍ରକୃତିର ଜାଲ ଭିତରେ ଛନ୍ଦି ହୋଇ ରହିଛି । ଏହି ଜାଲପାଶଟିରୁ ଉଦ୍ଧାର ପାଇପାରିଲେ ଯାଇ ମୁକ୍ତି ସମ୍ଭବ ହୋଇପାରୁଛି; ସେତେବେଳେ ଆତ୍ମା ତାହାର ସ୍ୱଧର୍ମୋଚିତ ଭୂମିଗୁଡ଼ିକୁ ଫେରି ଆସୁଛି, ବା ଆତ୍ମସତ୍ତା ବା ଚିଦ୍‌ଗତତା ଆପଣାର ଶୁଦ୍ଧ ଅସ୍ତିତ୍ୱସ୍ତରଟିକୁ ଲେଉଟି ଆସୁଛି । ତେଣୁ ଆତ୍ମାର ପୂର୍ଣ୍ଣସିଦ୍ଧିଟି ଆମକୁ ଏହି ପ୍ରକୃତି ଭିତରେ କଦାପି ମିଳିବ ନାହିଁ, ପ୍ରକୃତିକୁ ପାରି ହୋଇଗଲେ ଯାଇ ତାହା ଉପଲବ୍ଧ ହୋଇପାରିବ ।

ମାତ୍ର ଆମର ଏହି ବର୍ତ୍ତମାନ ମାନସିକ ଚେତନାଟିର ଆହୁରି ଉଚ୍ଚକୁ ବାହାରିଯାଇ ଆମେ ଦେଖିବାକୁ ପାଇବା ଯେ ଏହି ତଥାକଥିତ ଦ୍ୱୈତତାଟି କେବଳ ଏକ ପ୍ରାତିଭାସିକ ପ୍ରତୀତି ବ୍ୟତୀତ ପ୍ରକୃତରେ ଆଉ କିଛି ନୁହେଁ । ସେହି ଅଦ୍ୱୟ ଓ ପରମ ଚିଦ୍‌ଗତତା, ସର୍ବୋଚ୍ଚ ପରମାତ୍ମା ବା ପୁରୁଷୋତ୍ତମହିଁ ସକଳ ଅସ୍ତିତ୍ୱର ସର୍ବୋଚ୍ଚ ଏବଂ ପ୍ରକୃତ ସତ୍ୟ; ଏବଂ ସେହି ପରମ ଚିଦ୍‌ଗତତାର ସତ୍ତାଗତ ସାମର୍ଥ୍ୟହିଁ ଆମେ ଏଠାରେ ବିଶ୍ୱଜଗତ ବୋଲି ଦେଖୁଥିବା ଯାବତୀୟ ସବୁକିଛି ମଧ୍ୟରେ ଆପଣାକୁ ବ୍ୟକ୍ତ କରି ରଖିଛି । ବିଶ୍ୱସ୍ଥ ଏହି ପ୍ରକୃତିକୁ କଦାପି କେବଳ ଏକ ନିର୍ଜୀବ, ଜଡ଼ ବା ଚେତନାଶୂନ୍ୟ ଯାନ୍ତ୍ରିକତା ବୋଲି ବୁଝାଯାଇ ପାରିବ ନାହିଁ; କାରଣ ସେହି

'oaob.nitrkl.ac.in' images reprocessed

ବିଶ୍ୱପ୍ରବିଷ୍ଟ ପରମ ତଦ୍‌ଗତତା ଦ୍ୱାରହିଁ ତାହା ଆପଣାର ଯାବତୀୟ ସ୍ଫୁରଣାରେ ଅନୁପ୍ରେରିତ ହୋଇ ରହିଛି । ଏହାର ପ୍ରତିଯୋଗିତ ଯାନ୍ତ୍ରିକତାକୁ ଆମେ କେବଳ ଏକ ବାହ୍ୟ ପ୍ରତୀତି ବୋଲିହିଁ ଜାଣିବା, ଏବଂ ପ୍ରକୃତି ମଧ୍ୟରେ ରହିଥିବା ସକଳ କର୍ମର ଭୂମି ଉପରେ ଆପଣାର ସତ୍ତାଗତ ସାମର୍ଥ୍ୟଟି ଦ୍ୱାରା ଆପଣାର ସତ୍ତାଟିକୁହିଁ ସୃଷ୍ଟି କରୁଥିବା ବା ବ୍ୟକ୍ତ କରି ଦେଉଥିବା ପରମ ତଦ୍‌ଗତତା ବା ଆତ୍ମାକୁହିଁ ପ୍ରକୃତ ସତ୍ୟ ବୋଲି ଜାଣିବା । ଆମ ଭିତରେ ରହିଥିବା ଆତ୍ମା ଓ ଆମ ଭିତରେ ରହିଥିବା ପ୍ରକୃତି,—ଏଗୁଡ଼ିକ କେବଳ ସେହି ଗୋଟିଏ ଅସ୍ତିତ୍ୱରହିଁ ଦ୍ୱିବିଧ ପ୍ରତୀତିରୂପ ମାତ୍ର । ଆମ ଭିତରେ ସେହି ବିଶ୍ୱାତ୍ମିକା ଶକ୍ତିହିଁ ସତତ କାର୍ଯ୍ୟ କରୁଥାଏ ସତ, ମାତ୍ର ଆତ୍ମା ଅହଂ-ବୋଧଟି ଦ୍ୱାରା ଆପଣାକୁ ସୀମାବଦ୍ଧ କରି ରଖେ, ପ୍ରକୃତିର କ୍ରିୟାତ୍ମକତାଗୁଡ଼ିକର ଏକ ଆଂଶିକ ଏବଂ ପୃଥକ୍ ଅନୁଭୂତି ଭିତରେ ବାସ କରିବାରେ ଲାଗେ, ଏବଂ ଆପଣାର ଆତ୍ମ-ଅଭିବ୍ୟକ୍ତି ସକାଶେ ପ୍ରକୃତି-ଶକ୍ତିର କେବଳ ଏକ ଅଳ୍ପଟିକିଏ ପରିମାଣ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ କ୍ରିୟାକୁହିଁ କାମରେ ଲଗାଇଥାଏ । ସ୍ୱୟଂ ଏହି ଶକ୍ତିକୁ ବ୍ୟବହାର କରିବା ଅପେକ୍ଷା ତାହା ଅଧିକତର ଭାବରେ ସ୍ୱୟଂ ସେହି ଶକ୍ତିଟିର କରଗତ ହୋଇ ତାହାର ଦ୍ୱାରା ବ୍ୟବହୃତ ହେଉଥିବା ପରି ମନେ ହେଉଥାଏ; କାରଣ ତାହା ଆପଣାକୁ ସେହି ଅହଂ-ଭାବନାଟି ସହିତ ଏକାତ୍ମକ କରିପକାଏ ଯାହାକି ପ୍ରାକୃତ ନୈମିତ୍ତିକତାରହିଁ ଏକ ଅଂଶ ହୋଇ ରହିଥାଏ ଏବଂ ଅହଂଗତ ଅନୁଭବ ମଧ୍ୟରେହିଁ ବାସ କରୁଥାଏ । ଅହଂ ବସ୍ତୁତଃ ପ୍ରକୃତିରହିଁ ଯନ୍ତ୍ରନ୍ୟମଟି ଦ୍ୱାରା ପରିଚାଳିତ ହେଉଥାଏ ଏବଂ ତାହାର ଗୋଟିଏ ଅଂଶ ହୋଇ ରହିଥାଏ; ଏବଂ ତେଣୁ ଅହଂର ଇଚ୍ଛା କଦାପି ଏକ ମୁକ୍ତ ଇଚ୍ଛା ହୋଇ ନଥାଏ ଓ ସେପରି କଦାପି ହୋଇପାରେ ନାହିଁ । ମୁକ୍ତ, ପ୍ରଭୁତ୍ୱଶାଳୀ ଏବଂ ପରିପୂର୍ଣ୍ଣତାରେ ଯାଇଁ ପହଞ୍ଚିବାକୁ ହେଲେ ଆମକୁ ଅନ୍ତରସ୍ଥ ସେହି ପ୍ରକୃତ ଆତ୍ମସତ୍ତା ତଥା ଆତ୍ମାଟି ପାଖକୁ ଫେରି ଆସିବାକୁ ହେବ ଏବଂ ତଦ୍ୱାରା ଆମର ନିଜ ପ୍ରକୃତି ତଥା ବିଶ୍ୱ-ପ୍ରକୃତି ସହିତ ଆମର ଯଥାର୍ଥ ସମ୍ବନ୍ଧଗୁଡ଼ିକର ଭୂମିକୁ ମଧ୍ୟ ଫେରି ଆସିବାକୁ ହେବ ।

ଆମର କ୍ରିୟାଶୀଳ ସତ୍ତାଟିରେ ଏହି ଲେଉଟି ଆସିବା ଫଳରେ ଆମର ଅହଂ-ପ୍ରେରିତ, କେବଳ-ବ୍ୟକ୍ତିଗତ ଏବଂ ଆପଣାକୁ ପୃଥକ୍ ଭାବରେ ବ୍ୟକ୍ତିରୂପ କରି ରଖିଥିବା ଇଚ୍ଛା ଓ ଶକ୍ତିମତ୍ତାଟି ସ୍ଥାନରେ ଏକ ବିଶ୍ୱାତ୍ମକ ତଥା ଦିବ୍ୟ ଇଚ୍ଛା ଏବଂ ଶକ୍ତିମତ୍ତାର ପ୍ରତିଷ୍ଠା ହୋଇଯାଏ, ଯାହାକି ବିଶ୍ୱସ୍ଥ କ୍ରିୟାଟି ସହିତ ପୂର୍ଣ୍ଣ ସମନ୍ୱୟତା ରଖି ଆମର କ୍ରିୟାଟିର ନିୟନ୍ତ୍ରଣ କରେ ଏବଂ ଆପଣାକୁ କେବଳ ସେହି ପୁରୁଷୋତ୍ତମର ପ୍ରତ୍ୟକ୍ଷ ଇଚ୍ଛା ତଥା ସର୍ବ-ପରିଚାଳକ ଶକ୍ତିମତ୍ତାରୂପେ ଉଦ୍‌ଘାଟିତ କରିଦିଏ । ଆମେ ସୀମିତ, ଅଜ୍ଞାନମୟ ତଥା ଅପୂର୍ଣ୍ଣ ଏହି ବ୍ୟକ୍ତି-ଇଚ୍ଛା ଓ ବ୍ୟକ୍ତିଗତ ଶକ୍ତିମତ୍ତାର ନିମ୍ନତର କ୍ରିୟାଟିର ସ୍ଥାନରେ ସେହି ଦିବ୍ୟ ଶକ୍ତିର କ୍ରିୟାଟିକୁ ଆଣି ପ୍ରତିଷ୍ଠିତ କରି ରଖୁ ।



'oaob.nitrkl.ac.in' images reprocessed

ବିଶ୍ୱବ୍ୟାପ୍ତ ସେହି ଶକ୍ତିମଣ୍ଡଳୀଟି ମଧ୍ୟକୁ ଆପଣାକୁ ଉନ୍ମୋଚିତ କରିଦେବା ପାଇଁ ଆମ ଲାଗି ସବୁବେଳେ ସମ୍ଭାବନା ରହିଛି, କାରଣ ସେହି ଶକ୍ତିମଣ୍ଡଳ ଆମ ଚାରିପାଖରେ ଆମକୁ ଘେରି ରହିଛି ଓ ଆମ ଭିତରକୁ ଅନୁକ୍ଷଣ ପ୍ରବାହିତ ହୋଇ ଆସୁଛି; ସେହି ଶକ୍ତିମଣ୍ଡଳୀହିଁ ଆମର ଯାବତୀୟ ଅନ୍ତର୍ଗତ ତଥା ବାହ୍ୟ କ୍ରିୟାକୁ ଧାରଣ କରି ରଖିଛି ଓ ତାହାକୁ ଆବଶ୍ୟକ ସାମର୍ଥ୍ୟ ଯୋଗାଇ ଦେଉଛି । ବସ୍ତୁତଃ, ପୃଥକ୍ ଭାବରେ ଏକ ବ୍ୟକ୍ତିଗତ ଅର୍ଥରେ ଆମ ନିଜର ବୋଲି କହିପାରିବା ଭଳି ଆମ ପାଖରେ କୌଣସି ଶକ୍ତି ନାହିଁ; ଆମ ପାଖରେ ଯାହାକିଛି ରହିଛି, ତାହା କେବଳ ସେହି ଗୋଟିଏ ପରମ ଶକ୍ତିର ବ୍ୟକ୍ତିଭାବାପନ୍ନ ରୂପାୟନ ହୋଇହିଁ ଅବସ୍ଥିତ ରହିଛି । ଏବଂ, ଅନ୍ୟ ପକ୍ଷରେ, ଏହି ବିଶ୍ୱଗତ ଶକ୍ତି ଆମରି ଭିତରେ ରହିଛି, ଆମରି ଭିତରେ କେନ୍ଦ୍ରଟିଏ ବାନ୍ଧି ରହିଛି; କାରଣ ବିଶ୍ୱଜଗତ ପରି ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେହିଁ ତାହାର ସମୁଦାୟ ଶକ୍ତିଟି ଅବଶ୍ୟ ବିଦ୍ୟମାନ ରହିଛି ଏବଂ, ଯାହାଦ୍ୱାରା କି ଆମେ ଏହାର ବୃହତ୍ତର ତଥା ଅନ୍ତର୍ନିହିତ ଭାବରେ ଅନନ୍ତ ହୋଇ ରହିଥିବା ଶକ୍ତିଟିକୁ ଜାଗ୍ରତ କରି ଆଣିପାରିବା ଏବଂ ଏହାକୁ ଏହାର ବୃହତ୍ତର କ୍ରିୟାତ୍ମକତାଗୁଡ଼ିକର କ୍ଷେତ୍ରରେ ମୁକ୍ତ କରି ଦେଇ ପାରିବା, ସେଥିଲାଗି ମଧ୍ୟ ଏକାଧିକ ଉପାୟ ତଥା ପ୍ରକ୍ରିୟା ଅବଶ୍ୟ ମହଜୁଦ ହୋଇ ରହିଛି ।

ବିଶ୍ୱଗତ ଶକ୍ତିର ସତ୍ତା ତଥା ଉପସ୍ଥିତିକୁ ଆମେ ତାହାର ବଳସାମର୍ଥ୍ୟର ନାନା ରୂପରେ ଜାଣିବାକୁ ସମର୍ଥ ହୋଇପାରିବା । ଆମର ଏହି ଭୌତିକ ମନ, ସ୍ନାୟୁଗତ ସତ୍ତା ଏବଂ ଦେହରୂପୀ ଆବରଣଟି ମଧ୍ୟରେ ସେହି ଶକ୍ତିର ଯେତିକି ରୂପାୟନ ଘଟିଛି ଓ ଆମର ନାନାବିଧ କ୍ରିୟାଗୁଡ଼ିକୁ ଧାରଣ କରି ରଖିଛି, ଆମେ କେବଳ ସେତିକି ପରିମାଣରେହିଁ ସେହି ଶକ୍ତିଟି ବିଷୟରେ ସଜ୍ଞାନ ହୋଇପାରୁଛୁ । ମାତ୍ର ଯଦି ଯୋଗ ସାହାଯ୍ୟରେ ଆମ ଜୀବନାସ୍ତିତ୍ୱର ସେହି ଲୁକ୍କାୟିତ, ଗହନ ଏବଂ ଅନ୍ତଃପ୍ରଚ୍ଛନ୍ନ ଅଂଶଗୁଡ଼ିକର କିଞ୍ଚିତ୍ ବିମୋଚନ ଦ୍ୱାରା ଆମେ ଏହି ପ୍ରଥମ ରୂପାୟନର ସୀମାଟିକୁ ଅତିକ୍ରମ କରି ସେପାଖକୁ ଚାଲିଯାଇ ପାରିବା, ତେବେ ଆମେ ଏକ ବୃହତ୍ତର ପ୍ରାଣ-ଶକ୍ତିର ପରିଚୟ ପାଇପାରିବା, ଯାହାକି ଆମର ଏହି ଶରୀରଟିକୁ ଧାରଣ କରି ରଖିଛି, ଶରୀର ମଧ୍ୟରେ ପୂର୍ଣ୍ଣ ହୋଇ ରହିଛି ଏବଂ ଆମର ଯାବତୀୟ ଭୌତିକ ତଥା ପ୍ରାଣିକ କ୍ରିୟାତ୍ମକତା ଲାଗି ଆବଶ୍ୟକ ସାମର୍ଥ୍ୟ ଆଣି ଯୋଗାଇ ଦେଉଛି; କାରଣ ଯାବତୀୟ ଭୌତିକ ଶକ୍ତି କହିଲେ ଆମେ ତାହାକୁ ସର୍ବଦା କେବଳ ଏହି ଶକ୍ତିଟିରହିଁ ଏକ ପରିବର୍ତ୍ତିତ ରୂପ ବୋଲି ଜାଣିବା । ସେହି ଶକ୍ତି ଆଉ ତାହା ଆମର ମନୋଗତ ଯାବତୀୟ କ୍ରିୟାକୁ ମଧ୍ୟ ଧାରଣ କରି ରଖିଛି ଓ ସାମର୍ଥ୍ୟ ଯୋଗାଇ ଦେଉଛି । ଆମେ ନିଜ ଭିତରେ ଏହି ଶକ୍ତିଟିକୁ ଅନୁଭବ କରିପାରୁଛୁ, ମାତ୍ର ଆମରି ଚତୁର୍ଦ୍ଦିଗରେ ଏବଂ ଊର୍ଦ୍ଧ୍ୱରେ ମଧ୍ୟ ତାହାକୁ ଅନୁଭବ କରୁଛୁ; ତାହା ଆମ ଭିତରେ ଥିବା ସେହି

ଗୋଟିଏ ଶକ୍ତି ସହିତ ଏକାତ୍ମକ ହୋଇ ରହିଛି । ଆମର ନିତ୍ୟନୈମିତ୍ତିକ କ୍ରିୟାଟିକୁ ବୃଦ୍ଧିପ୍ରାପ୍ତ କରିବା ଲାଗି ଆମେ ସେହି ଶକ୍ତିଟିକୁ ଆମ ଭିତରକୁ ଓ ତଳକୁ ଆକର୍ଷିତ କରି ଆଣିପାରିବା, ଆମରି ଭିତରକୁ ପ୍ରବାହିତ ହୋଇ ଆସିବା ଲାଗି ଆମେ ତାହାର ଆବାହନ କରିପାରିବା ଓ ତାହାକୁ ଲାଭ କରିପାରିବା । ଏହା ଶକ୍ତିର ଏକ ଅପାର ମହାସମୁଦ୍ରରୂପେ ଅବସ୍ଥିତ ହୋଇ ରହିଛି ଏବଂ ଆମେ ଆମର ସତ୍ତାରୂପୀ ଏହି ପାତ୍ରଟି ମଧ୍ୟରେ ଯେଉଁପର୍ଯ୍ୟନ୍ତ ଧାରଣ କରିପାରିବା, ତାହା ଆପଣାକୁ ସେତିକି ପରିମାଣରେ ଅଜାଡ଼ି ଦେବାରେ ଲାଗିଥିବ । ଆମର ବର୍ତ୍ତମାନ କ୍ରିୟାଭୂମିଟିରେ ଆମ ହାତରେ ଯେତିକି କର୍ତ୍ତୃତ୍ୱ ରହିଛି, ତାହାଠାରୁ ଅନେକ ଅଧିକ ତଥା ଫଳଦାୟକ ଶକ୍ତିମତ୍ତା ସହିତ ଆମେ ପ୍ରାଣ, ଦେହ ଅଥବା ମନର ଯେକୌଣସି କ୍ରିୟାତ୍ମକତାର କ୍ଷେତ୍ରରେ ଏହି ପ୍ରାଣିକ ଶକ୍ତିଟିକୁ କାମରେ ଲଗାଇ ପାରିବା । ଆମର ବର୍ତ୍ତମାନ କ୍ରିୟାତ୍ମକତା-ଗୁଡ଼ିକ ତ ଆମର ଶାରୀରିକ ସୃଷ୍ଟି ଦ୍ୱାରା ପ୍ରକୃତରେ ବଡ଼ ସୀମାବଦ୍ଧ ହୋଇ ରହିଛି ! ଏହି ପ୍ରାଣିକ ଶକ୍ତିଟିକୁ ଶରୀରଟି ସହିତ ଛନ୍ଦି ହୋଇ ରହିଥିବା ଶକ୍ତିଟି ସ୍ଥାନରେ ଆମେ ଯେତିକି ପରିମାଣରେ ବ୍ୟବହାର କରିବାକୁ ସମର୍ଥ ହୋଇପାରିବା, ତାହା ଆମକୁ ସେହି ସୀମାବଦ୍ଧତାଟି ମଧ୍ୟରୁ ସେତିକି ପରିମାଣରେ ମୁକ୍ତ କରି ଆଣିବ । ଶରୀରସ୍ଥ ଯେକୌଣସି ସ୍ଥିତି ଅଥବା କ୍ରିୟାଟିକୁ ଅଧିକ ଶକ୍ତିଶାଳୀ ଭାବରେ ସଞ୍ଚାଳିତ କରି ପାରିବା ବା ସେଥିରେ ଆବଶ୍ୟକ ସଂଶୋଧନ ଆଣିବା ଲାଗି, ରୋଗର ଆରୋଗ୍ୟ କରିବା ଏବଂ କ୍ଲାନ୍ତି ଦୂର କରିବା ଲାଗି ଏବଂ ମନକୁ କାମରେ ଲଗାଇ ପାରିବାର ଏବଂ ସଂକଳ୍ପ ତଥା ଜ୍ଞାନକୁ କ୍ରିୟାଶୀଳ କରି ରଖି ପାରିବାର ଏକ ବିପୁଳ ଶକ୍ତିକୁ ଉନ୍ମୋଚିତ କରିଦେଇ ପାରିବା ଲାଗି ଆମେ ପ୍ରାଣ-ଶକ୍ତିକୁ ତଦନୁରୂପ ଭାବରେ ପରିଚାଳିତ କରିପାରିବା ଓ ତାହାର ବ୍ୟବହାର କରିପାରିବା । ପ୍ରାଣାୟାମର ନାନାବିଧ ଅଭ୍ୟାସ ପ୍ରାଣିକ ଶକ୍ତିକୁ ଉନ୍ମୋଚିତ କରି ଆଣିବା ଓ ତାହା ଉପରେ ନିୟନ୍ତ୍ରଣ ରଖି ପାରିବାର ଯାନ୍ତ୍ରିକ ସାଧନରୂପେ ଆମ ପାଖରେ ସୁପରିଚିତ ରହି ଆସିଛି । ଆପଣାର କ୍ରିୟାବସରଗୁଡ଼ିକୁ ଲାଭ କରିବା ଲାଗି ସାଧାରଣତଃ ସେହି ପ୍ରାଣିକ ଶକ୍ତି ଉପରେ ନିର୍ଭର କରି ରହିଥିବା ଚୈତନ୍ୟ, ମନୋଗତ ଏବଂ ଚିଦ୍‌ଗତ ସାମର୍ଥ୍ୟଗୁଡ଼ିକୁ ମଧ୍ୟ ପ୍ରାଣାୟାମର ସେହି ଅଭ୍ୟାସସବୁ ସମୁନ୍ନତ ଏବଂ ମୁକ୍ତ କରି ଦେଇଥାଏ । ମାତ୍ର ପ୍ରାଣାୟାମର ଅଭ୍ୟାସ ଦ୍ୱାରା ଯାହା ହେଉଛି, ମନୋଗତ ସଂକଳ୍ପ ତଥା ଅଭ୍ୟାସ ଦ୍ୱାରା ତଥା ଶକ୍ତିର ଏକ ଉଚ୍ଚତର ଆଧ୍ୟାତ୍ମିକ ସାମର୍ଥ୍ୟ ଆଗରେ ଆପଣାକୁ ଅଧିକରୁ ଅଧିକ ପରିମାଣରେ ଉନ୍ମୋଚିତ କରିଦେବା ଦ୍ୱାରା ମଧ୍ୟ ତାହା ହୋଇପାରିବ । ପ୍ରାଣିକ ଶକ୍ତିକୁ ଯେ କେବଳ ଆପଣା ଆଡ଼କୁ ପରିଚାଳିତ କରି ଅଣାଯାଇ ପାରିବ ତା' ନୁହେଁ, ମାତ୍ର ଆମ ସଂକଳ୍ପଶକ୍ତିର ମନାସ ଅନୁସାରେ ଯେକୌଣସି ଉଦ୍ଦେଶ୍ୟର ସାଧନ ଲାଗି

'oaob.nitrkl.ac.in' images reprocessed

ତାହାକୁ ସଫଳତାର ସହିତ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ତଥା ବସ୍ତୁଗୁଡ଼ିକ ଉପରେ ମଧ୍ୟ ପ୍ରୟୋଗ କରାଯାଇ ପାରିବ । ଏହା ଭିତରେ ଏକ ବିପୁଳ କାର୍ଯ୍ୟସାଧକତାର ଶକ୍ତି ନିହିତ ହୋଇ ରହିଛି, ଏହା ସ୍ୱୟଂ ଅପାର ଓ ଅପରିମିତ ହୋଇ ରହିଛି; ଏବଂ ଏହା ଉପରେ ପ୍ରୟୋଗ କରା ଯାଉଥିବା ଆଧ୍ୟାତ୍ମିକ ଅଥବା ଅନ୍ୟ କୌଣସି ପ୍ରକାରର ସଂକଳ୍ପଟିର ସାମର୍ଥ୍ୟ, ଶୁଦ୍ଧତା ତଥା ବିଶ୍ୱାତ୍ମକତା ମଧ୍ୟରେ ଯେତେବେଳେ ବା ଯଦି କୌଣସି ତ୍ରୁଟି ବା ଅଭାବ ରହିଯାଉଛି, କେବଳ ତାହାରି ଦ୍ୱାରାହିଁ ଏଥିରେ କୌଣସି ସୀମିତତା ବା ସଙ୍କୁଚନ ଆସି ପଡ଼ୁଅଛି । ମାତ୍ର ତଥାପି, ଯେତେ ବୃହତ୍ ଏବଂ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ଏହା ସର୍ବଦା ସେହି ନିମ୍ନତର ସ୍ତରରହିଁ ଏକ ରୂପାୟନ ହୋଇ ରହିଛି, ମନ ଏବଂ ଶରୀର ମଧ୍ୟରେ ଏକ ସଂଲଗ୍ନକାରୀ ହୋଇ ରହିଛି, କେବଳ ଏକ ନୈମିତ୍ତିକ ଶକ୍ତି ହୋଇ ରହିଛି । ତାହା ମଧ୍ୟରେ ଏକ ଚେତନା ରହିଛି, ତଦ୍‌ଗତତାର ଏକ ଉପସ୍ଥିତି ରହିଛି ଏବଂ ଆମେ ସେଇଟି ବିଷୟରେ ସଜ୍ଞାନ ହୋଇ ରହିଛୁ ସତ, ମାତ୍ର ସେଇଟି କର୍ମସମ୍ବନ୍ଧୀ ପ୍ରେରଣାଟି ମଧ୍ୟରେହିଁ ମୁଗ୍ଧ ହୋଇ ରହି ଯାଇଛି, ତାହାରି ମଧ୍ୟରେ ରୁଦ୍ଧ ହୋଇ ଓ ତାହାକୁ ନେଇ ଧନ୍ଦହୋଇ ରହିଛି । ଶକ୍ତିର ଏହି କ୍ରିୟାଟି ହାତରେ ଆମେ କଦାପି ଆମ କ୍ରିୟାତ୍ମକତାର ସମୁଦାୟ ନୋଟ୍‌ଟିକୁ ଛାଡ଼ିଦେଇ ପାରିବା ନାହିଁ; ଆପଣାର ଆଲୋକିତ ବ୍ୟକ୍ତିଗତ ଇଚ୍ଛାଶକ୍ତି ଦ୍ୱାରା ଆମକୁ ହୁଏତ ଏହାର ସହାୟତାର ଉପଯୋଗ କରିବାକୁ ପଡ଼ିବ, ଅଥବା କୌଣସି ଏକ ଉଚ୍ଚତର ମାର୍ଗଦର୍ଶନକୁ ଆବାହନ କରି ଆଣିବାକୁ ପଡ଼ିବ । କାରଣ କେବଳ ଆପଣା ଉପରେ ନିର୍ଭର କରି ଏହା ଏକ ବୃହତ୍ତର ବଳସାମର୍ଥ୍ୟ ସହିତ କାର୍ଯ୍ୟ କରିବ ସତ, ମାତ୍ର ତଥାପି ଆମ ଅପୂର୍ଣ୍ଣ ପ୍ରକୃତିଟିର ବୋଲ୍ ମାନିହିଁ କାର୍ଯ୍ୟ କରୁଥିବ ଏବଂ ମୁଖ୍ୟତଃ ଆମ ଭିତରେ ଥିବା ପ୍ରାଣ-ଶକ୍ତିରହିଁ ପ୍ରେରଣା ଏବଂ ଦିକ୍-ନିର୍ଦ୍ଦେଶ ଦ୍ୱାରା କାର୍ଯ୍ୟ କରୁଥିବ, ସେହି ଉଚ୍ଚତମ ଆଧ୍ୟାତ୍ମିକ ଅସ୍ତିତ୍ୱର ବିଧାନଟିକୁ ମାନି କଦାପି କାର୍ଯ୍ୟ କରିପାରିବ ନାହିଁ ।

ଦେହସ୍ଥ ମନର ସାଧାରଣ ଶକ୍ତିଟି ଦ୍ୱାରାହିଁ ଆମେ ପ୍ରାଣିକ ଶକ୍ତିର ନିୟମନ କରିଥାଉ । ମାତ୍ର ଯେତେବେଳେ ଆମେ ସ୍ପଷ୍ଟତଃ ଭୌତିକ ମନର ଉପରକୁ ଚାଲି ଯାଇପାରୁ, ସେତେବେଳେ ଆମେ ପ୍ରାଣିକ ଶକ୍ତିର ଆୟତନଟିକୁ ମଧ୍ୟ ପାର ହୋଇ ଏପରି ଏକ ଶୁଦ୍ଧ ମାନସଶକ୍ତିର ଚେତନା ମଧ୍ୟକୁ ଯିବାର ସାମର୍ଥ୍ୟ ଅର୍ଜନ କରୁ, ଯାହାକୁ କି ଆମେ ଶକ୍ତିର ଏକ ଉଚ୍ଚତର ରୂପାୟନ ବୋଲି କହିପାରିବା । ଆମେ ଯେତେବେଳେ ଆମର ମଧ୍ୟରେ, ଆମ ଚାରିପାଖରେ ଏବଂ ଆମ ଊର୍ଦ୍ଧ୍ୱରେ ଅର୍ଥାତ୍ ଆମର ଏହି ସାଧାରଣ ମାନସଭୂମିଟିର ଊର୍ଦ୍ଧ୍ୱରେ ଏହି ମାନସିକ ଶକ୍ତି ସହିତ ଘନିଷ୍ଠ ଭାବରେ ସଂବଦ୍ଧ ହୋଇ ରହିଥିବା ଏକ ବିଶ୍ୱାତ୍ମକ ମନଶ୍ଚେତନା ବିଷୟରେ ସଜ୍ଞାନ ହୋଇଉଠୁ, ଯାହାକି ଆମର ସଂକଳ୍ପ ଓ ଜ୍ଞାନକୁ ତଥା ଆମର ଆବେଗ ଏବଂ

'oaob.nitrkl.ac.in' images reprocessed

ସଂବେଗଗୁଡ଼ିକ ମଧ୍ୟରେ ଅବସ୍ଥିତ ଚୈତ୍ୟ ଉପାଦାନଟିକୁ ସେଗୁଡ଼ିକର ଯାବତୀୟ ସାର ଏବଂ ସେଗୁଡ଼ିକର ଯାବତୀୟ ରୂପ ପ୍ରଦାନ କରିଥାଏ । ଏହି ମାନସଶକ୍ତିର ପ୍ରଭାବଟିକୁ ପ୍ରାଣିକ ଶକ୍ତି ଉପରେ ଆଣି ପକାଯାଇ ପାରିବ, ଆମର ଧାରଣାଗୁଡ଼ିକର ଏବଂ ଆମର ଜ୍ଞାନ ତଥା ଅଧିକ ଆଲୋକଯୁକ୍ତ ସଂକଳ୍ପର ପ୍ରଭାବ, ରଙ୍ଗ, ରୂପ, ସ୍ୱଭାବ ଏବଂ ଲକ୍ଷ୍ୟକୁ ତାହା ଏଇଟି ଉପରେ ଲଦିଦେଇ ପାରିବ ଏବଂ ଏହିପରି ଭାବରେ ଅଧିକ ସଫଳ ଭାବରେ ଆମର ଜୀବନ ତଥା ପ୍ରାଣମୟ ସତ୍ତାଟିକୁ ଆମର ସତ୍ତା, ଯାବତୀୟ ଆଦର୍ଶ ଏବଂ ତଦ୍‌ଗତ ସକଳ ଆକାଙ୍‌କ୍ଷାର ଉଚ୍ଚତର ସାମର୍ଥ୍ୟଗୁଡ଼ିକ ସହିତ ସୌଷମ୍ୟବଦ୍ଧ କରି ରଖିପାରିବ । ଆମର ସାଧାରଣ ଜୀବନସ୍ଥିତରେ ଏହି ଦୁଇଟିଯାକ, ଅର୍ଥାତ୍ ଆମର ମନୋମୟ ଏବଂ ପ୍ରାଣିକ ସତ୍ତା ତଥା ସାମର୍ଥ୍ୟଗୁଡ଼ିକ ପରସ୍ପର ସହିତ ବଡ଼ ମିଶ୍ରିତ ଭାବରେ ରହିଥାନ୍ତି, ପରସ୍ପର ଭିତରକୁ പଶି ଯାଇଥାନ୍ତି ଏବଂ ଆମେ ସ୍ପଷ୍ଟ ଭାବରେ ଦୁଇଟି ମଧ୍ୟରେ ରହିଥିବା ତାରତମ୍ୟଟିକୁ ନିରୂପଣ କରିପାରୁ ନାହିଁ, ଗୋଟିକୁ ଅନ୍ୟଟିର ସଂପୂର୍ଣ୍ଣ ଅଧିକାର ଭିତରକୁ ଆଣିପାରୁ ନାହିଁ ଏବଂ କେଣ୍ଟୁ ଉଚ୍ଚତର ଓ ଅପେକ୍ଷାକୃତ ଅଧିକ ବୋଧଶକ୍ତିସମ୍ପନ୍ନ ତତ୍ତ୍ୱଟି ଦ୍ୱାରା ନିମ୍ନତର ତତ୍ତ୍ୱଟିକୁ ସଫଳ ଭାବରେ ନିୟନ୍ତ୍ରଣରେ ମଧ୍ୟ ରଖିପାରୁ ନାହିଁ । ମାତ୍ର ଯେତେବେଳେ ଆମେ ଆମ ଭୌତିକ ମନର ଉପରକୁ ଉଠିଯାଇ ପାରୁ, ସେତେବେଳେ ଆମେ ଶକ୍ତିର ଏହି ରୂପ ଅର୍ଥାତ୍ ଆମ ସତ୍ତାର ଏହି ଦୁଇ ସ୍ତରକୁ ପରସ୍ପରଠାରୁ ସ୍ପଷ୍ଟ ଭାବରେ ପୃଥକ୍ କରି ଦେଖିବାକୁ ସମର୍ଥ ହେଉ, ସେମାନଙ୍କର କ୍ରିୟାକୁ ମଧ୍ୟ ପରସ୍ପରଠାରୁ ପୃଥକ୍ କରି ଦେଖିପାରୁ ଏବଂ ଏକ ସ୍ୱଚ୍ଛତର ତଥା ଅଧିକ ଶକ୍ତିସମ୍ପନ୍ନ ଆତ୍ମ-ଜ୍ଞାନ ଏବଂ ଏକ ସନ୍ଦୀପିତ ତଥା ଶୁଦ୍ଧତର ସଂକଳ୍ପଶକ୍ତି ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରିବାକୁ ସମର୍ଥ ବି ହେଉ । ତଥାପି, ଯେଉଁ ମନଟାକୁହିଁ ମୁଖ୍ୟ ମାର୍ଗଦର୍ଶକ ଏବଂ ନିୟନ୍ତ୍ରଣକାରୀ ଶକ୍ତିରୂପେ ବ୍ୟବହାର କରି କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ ସେହି ନିୟନ୍ତ୍ରଣଟି ଆଦୌ ସଂପୂର୍ଣ୍ଣ, ସ୍ୱତଃସ୍ଫୂର୍ତ୍ତ ଏବଂ ପୂର୍ଣ୍ଣପ୍ରଭୁତ୍ୱଯୁକ୍ତ ହୋଇପାରେ ନାହିଁ । ଆମେ ମନଃଶକ୍ତିକୁ ସ୍ୱୟଂ ଏକ ଗୌଣ ଶକ୍ତି ବୋଲି ଆବିଷ୍କାର କରିଥାଉ, ତାହାକୁ ଚେତନ ଆତ୍ମାର ଏକ ନିମ୍ନତର ତଥା ପରିସୀମିତ ଶକ୍ତି ବୋଲି ଜାଣିବାକୁ ପାଇଥାଉ, ଯାହାକି କେବଳ ପରସ୍ପରବିଚ୍ଛିନ୍ନ ଏବଂ ପରସ୍ପର ସହିତ ସଂଯୁକ୍ତ ଈକ୍ଷଣ ଦ୍ୱାରା ଏବଂ ଦୋଷଯୁକ୍ତ ଏବଂ ଅପୂର୍ଣ୍ଣ ଅର୍ଦ୍ଧ-ଆଲୋକଗୁଡ଼ିକ ଦ୍ୱାରାହିଁ କାର୍ଯ୍ୟ କରୁଥାଏ ଏବଂ ସେହିଗୁଡ଼ିକୁହିଁ ଆମେ ପୂର୍ଣ୍ଣ ଓ ପର୍ଯ୍ୟାପ୍ତ ଆଲୋକ ବୋଲି ଭ୍ରମ କରିବାରେ ଲାଗିଥାଉ; ଏବଂ ତହିଁ ସଙ୍ଗେସଙ୍ଗେ ତାହାର କାର୍ଯ୍ୟରେ ବିବୃଦ ତଥା ଜ୍ଞାନ ଏବଂ କାର୍ଯ୍ୟକ୍ଷମ ସଂକଳ୍ପଶକ୍ତି ମଧ୍ୟରେ ଏକ ବିଷମତା ବି ଦେଖିବାକୁ ମିଳିଥାଏ । ଏବଂ ଅଚିରେ ଆମେ ସେହି ପରମ ତଦ୍‌ଗତତା ଏବଂ ତାହାର ଶକ୍ତିର ଏକ ଅନେକ ଉଚ୍ଚତର ସାମର୍ଥ୍ୟଟି ବିଷୟରେ ସଚେତନ ହୋଇଉଠୁ, ଯାହାକି ଆମର ଭିତରେ ପ୍ରଚ୍ଛନ୍ନ ରହିଥାଏ ବା

ଆମର ଊର୍ଦ୍ଧ୍ୱରେ ଅବସ୍ଥିତ ରହିଥାଏ, ଆମର ମନ ଲାଗି ଅତିଚେତନ ହୋଇ ରହିଥାଏ ଅଥବା ମନର ମଧ୍ୟଦେଇ ଆଂଶିକ ଭାବରେ କାର୍ଯ୍ୟ କରୁଥାଏ ଏବଂ ଏହି ସବୁକିଛି ଯାହାର ଏକ ନିମ୍ନତର ନିଷ୍ପାଦନ ବା ଗୌଣ ଶକ୍ତି ହୋଇ ରହିଥାନ୍ତି ।

ଆମ ସତ୍ତାର ଅନ୍ୟ ଯାବତୀୟ ତତ୍ତ୍ୱଗୁଡ଼ିକ ପରି ପୁରୁଷ ଆଉ ପ୍ରକୃତି ମଧ୍ୟ ମନଃସ୍ତରରେ ଅତି ଘନିଷ୍ଠ ଭାବରେ ପରସ୍ପର ସହିତ ଯୁକ୍ତ ହୋଇ ରହିଥାନ୍ତି ଓ ପରସ୍ପର ମଧ୍ୟରେ ସଂଶ୍ଳିଷ୍ଟ ହୋଇ ରହିଥାନ୍ତି ଏବଂ ତେଣୁ ଆମେ ସ୍ପଷ୍ଟ ଭାବରେ ଆତ୍ମା ଏବଂ ପ୍ରକୃତି ମଧ୍ୟରେ ପ୍ରକୃତରେ କୌଣସି ପାର୍ଥକ୍ୟ ନିରୂପଣ କରିପାରୁ ନାହିଁ । ମାତ୍ର ମନର ଏକ ଶୁଦ୍ଧତର ତତ୍ତ୍ୱଗତ ସ୍ତରରେ ଆମେ ଅପେକ୍ଷାକୃତ ଅଧିକ ସହଜରେ ଏହି ଦ୍ୱିବିଧ ଚାଲନିକୁ ବାରିନେବାରେ ସମର୍ଥ ହୋଇଥାଉ । ଆମେ ପୂର୍ବରୁ ଦେଖିସାରିଛୁ ଯେ ମନୋମୟ ପୁରୁଷ ମନୋମୟ ତତ୍ତ୍ୱର ସ୍ୱକୀୟ ଭୂମିଟିରେ ସ୍ୱଭାବତଃ ଆପଣାକୁ ତାହାର ପ୍ରକୃତିଟିର ଯାବତୀୟ କ୍ରିୟାତ୍ମକତାରୁ ବିଚ୍ଛିନ୍ନ କରି ନେଇପାରେ; ଏବଂ ସେତେବେଳେ ତାହା ଫଳରେ ଆମର ସତ୍ତା କେବଳ ଅବଲୋକନ କରୁଥିବା ଏବଂ ଆପଣାର ସଂକଳ୍ପଶକ୍ତିକୁ ଅନିୟୋଜିତ ରୂପରେ ରଖି ପାରୁଥିବା ଏକ ଚେତନା ଏବଂ ଜ୍ଞାନ, ସଂକଳ୍ପ ତଥା ଅନୁଭବର ନାନା ରୂପ ଗ୍ରହଣ କରି ପାରୁଥିବା ଚେତନାଗତ ସାମଗ୍ରୀ ଦ୍ୱାରା ପୂର୍ଣ୍ଣ ଏକ ଶକ୍ତିମୟତା,—ଏହିପରି ଭାବରେ ଆପଣାକୁ ଦୁଇଟି ଭାଗରେ ବିଭକ୍ତ କରି ଦେଇପାରେ । ଏହିପରି ବିଚ୍ଛିନ୍ନ କରିନେବାର ପ୍ରବୃତ୍ତିଟି ସର୍ବୋଚ୍ଚ ସୋପାନ ଯାଏ ଯାଇପାରିଲେ ତାହା ଆତ୍ମାକୁ ଆପଣାର ମନୋଗତ ପ୍ରକୃତିଟି ଦ୍ୱାରା ବାଧ୍ୟ ହୋଇ ନରହିବା ପାଇଁ ଏକପ୍ରକାର ସ୍ୱତନ୍ତ୍ରତା ଆଣିଦିଏ । କାରଣ ସାଧାରଣତଃ ଆମେ ଆପଣାର ତଥା ବିଶ୍ୱସ୍ଥ କ୍ରିୟାଶୀଳ ଶକ୍ତିର ଧାରାଟି ଉପରେ ସତେଅବା ଭାସି ଚାଲି ଯାଉଥାଉ; କେତେକାଂଶରେ ଆମେ ତାହାର ତରଙ୍ଗଗୁଡ଼ିକ ମଧ୍ୟରେ ବୁଡ଼ବୁଡ଼ି ହେବାରେ ଲାଗିଥାଉ ଏବଂ କେତେକାଂଶରେ ଆପଣାର ଅସ୍ତିତ୍ୱଟିକୁ ଧାରଣ କରି ରଖିବାରେ ସମର୍ଥ ବି ହେଉଥାଉ, ତଥା ସଂଗୃହୀତ ବିଚାରଶକ୍ତି ଦ୍ୱାରା ଏବଂ ମାନସିକ ସଂକଳ୍ପରୂପୀ ମାଂସପେଶୀର ଚେଷ୍ଟା ଦ୍ୱାରା ସ୍ୱୟଂ ଆପଣାକୁ ବାଟ ଦେଖାଇ ନେଉଥିବାର ବା ଅନ୍ତତଃ ଚଳାଇ ନେଉଥିବାର ଏକ ପ୍ରତୀତି ମଧ୍ୟ ସମ୍ଭବ କରୁଥାଉ । ମାତ୍ର ବର୍ତ୍ତମାନ ଆମ ସତ୍ତାରେ ଏପରି ଗୋଟିଏ ଭାଗ ପ୍ରକଟ ହୋଇଆସେ ଯାହାକି ଆତ୍ମସତ୍ତାର ଶୁଦ୍ଧ ସାରତତ୍ତ୍ୱଟିର ନିକଟତମ ହୋଇ ରହିଥାଏ, ପ୍ରବାହର କବଳରୁ ମୁକ୍ତ ହୋଇ ରହିଥାଏ; ସେହି ଭାଗଟି ଅପ୍ରମତ୍ତ ହୋଇ ସବୁକିଛୁ ନିରୀକ୍ଷଣ କରିପାରେ ଏବଂ କେତେକ ପରିମାଣରେ ଆପଣାର ତାତ୍କାଳିକ ପ୍ରେରଣା ତଥା ଗତିପଥଟିକୁ ସ୍ୱୟଂ ନିରୂପଣ କରିପାରେ ଏବଂ ତା'ଠାରୁ ଆହୁରି ଅଧିକ ପରିମାଣରେ ଏହି ପଥଟିର ଦିଗଟିକୁ ନିର୍ଣ୍ଣୟ କରି ଦେଇପାରେ । ପରିଶେଷରେ ପୁରୁଷ ପ୍ରକୃତି ଉପରେ ତା'ଠାରୁ ଅର୍ଦ୍ଧ-ତଟସ୍ଥ ରହି, ତାହାର ପଛରେ

'oaob.nitrkl.ac.in' images reprocessed

ଅଥବା ଊର୍ଦ୍ଧ୍ୱରେ ଅବସ୍ଥିତ ରହି ଜଣେ 'ଅଧ୍ୟକ୍ଷ'ରୂପେ କ୍ରିୟା କରିବାକୁ ସମର୍ଥ ହୋଇଯାଏ, ଆତ୍ମା ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ସମ୍ମତି ତଥା ନିୟନ୍ତ୍ରଣର ଶକ୍ତି ଦ୍ୱାରା ତାହା ପ୍ରକୃତି ଉପରେ କ୍ରିୟା କରିବାକୁ ସମର୍ଥ ହୁଏ ।

ଏହି ଆପେକ୍ଷିକ ମୁକ୍ତିକୁ ନେଇ ଆମେ ପ୍ରକୃତରେ କ'ଣ କରିବା, ତାହା ଆମର ଅଭୀପ୍ସା ଉପରେହିଁ ନିର୍ଭର କରେ; ଆମର ସର୍ବୋଚ୍ଚ ଆତ୍ମସତ୍ତା, ପରମେଶ୍ୱର ତଥା ପ୍ରକୃତି ସହିତ ଆମକୁ କିଭଳି ସମ୍ବନ୍ଧ ସ୍ଥାପନ କରିବାକୁ ହେବ, ତ ଦ୍ୱାରା ବିଷୟରେ ଆମର ଧାରଣାଟି ଉପରେ ନିର୍ଭର କରେ । ପୁରୁଷ ଏହାକୁ ତ ହି ର ମନୋମୟ ଭୂମିଟି ଉପରେ ବ୍ୟବହାର କରିପାରେ; ଅର୍ଥାତ୍ ଏକ ସତତ ଆତ୍ମ-ଅବଲୋକନ, ଆତ୍ମ-ବିକାଶ, ଆତ୍ମ-ସଂଶୋଧନ ଲାଗି, ପ୍ରକୃତିର ନୂତନ ରୂପ ସ୍ୱନ-ଗୁଡ଼ିକରେ ଆପଣାର ସମ୍ମତି ଦେବା ଲାଗି, ସେଗୁଡ଼ିକୁ ବର୍ଜନ କରିବା ଲାଗି, ବଦଳାଇବ ଲାଗି ତଥା ନିଷ୍ପନ୍ନ କରି ଆଣିବା ଲାଗି ଏବଂ ଏକ ସୁସ୍ଥିର ଆସକ୍ତିରହିତ କ୍ରିୟାତ୍ମକତାକୁ ପ୍ରତିଷ୍ଠା କରିବା ଲାଗି, ଏହାର ଶକ୍ତିଟିର ଏକ ଅତ୍ୟୁଚ୍ଚ ଓ ଶୁଦ୍ଧ ସାତ୍ତ୍ୱିକ ସାମଞ୍ଜସ୍ୟ ସ୍ଥିର ରଖିପାରିବା ଲାଗି ଏବଂ ସାତ୍ତ୍ୱିକ ତତ୍ତ୍ୱଟି ଦ୍ୱାରା ପରିପୂର୍ଣ୍ଣ ହୋଇ ତିଆରି ହୋଇଥିବା ଏକ ବ୍ୟକ୍ତିତ୍ୱର ନିର୍ମାଣ ଲାଗି ପୁରୁଷ ତାହାକୁ ଅବଶ୍ୟ ବ୍ୟବହାର କରିପାରେ । ଏହାଦ୍ୱାରା ଆମର ଏହି ବର୍ତ୍ତମାନ ବୁଦ୍ଧି, ନୈତିକ ସତ୍ତା ବା ଚୈତ୍ୟ ସତ୍ତାଟିର ଏକ ଅତ୍ୟୁଚ୍ଚ ମାନସ ପରିପୂର୍ଣ୍ଣତା ବେଶ୍ ସମ୍ଭବ ହୋଇ ଯାଇପାରେ; ଅଥବା, ଆମ ଭିତରେ ରହିଥିବା ବୃହତ୍ତର ଆତ୍ମସତ୍ତାଟି ବିଷୟରେ ସଜ୍ଞାନତା ଲାଭ କରି ଏହା ଆପଣାର ଆତ୍ମ-ସଚେତନ ଅସ୍ତିତ୍ୱଟିକୁ ତଥା ସ୍ୱକୀୟ ପ୍ରକୃତିର କ୍ରିୟାଟିକୁ ନୈର୍ବ୍ୟକ୍ତିକ ଓ ବିଶ୍ୱାତ୍ମକ କରି ଦେଇପାରେ ଓ ତାହାକୁ ଆଧ୍ୟାତ୍ମିକତା ଦ୍ୱାରା ସଞ୍ଚାରିତ କରି ରଖିପାରେ। ଏବଂ ତଦ୍ଦ୍ୱାରା ଏକ ବୃହତ୍ ଶାନ୍ତିମୟତା ତଥା ଆପଣା ସତ୍ତାର ଆଧ୍ୟାତ୍ମିକ ଭାବ ଦ୍ୱାରା ସଞ୍ଚାରିତ ମନୋଗତ ଶକ୍ତିଟିର ଏକ ବୃହତ୍ ପରିପୂର୍ଣ୍ଣତା ମଧ୍ୟ ବେଶ୍ ସମ୍ଭବ କରିପାରେ ଅଥବା, ପୁରୁଷ ଏହି ସମ୍ପୂର୍ଣ୍ଣ କ୍ଷେତ୍ରଟିରୁ ଅପସରି ଯାଇ ଠିଆ ହୋଇ ବି ରହିପାରେ, ଅଥବା ଆପଣାର ସମ୍ମତି ଦେବାକୁ ଅସ୍ୱୀକାର କରି ମନର ସମ୍ପୂର୍ଣ୍ଣ ସାଧାରଣ କ୍ରିୟାଟିକୁ ଆପଣାକୁ ନିଃଶେଷିତ କରିଦେବା ଲାଗି ଛାଡ଼ି ଦେଇପାରେ, ଆପଣାର ସ୍ୱାଭାବିକ ଜଡ଼ତାଧାପଡ଼ା ସରିଗଲେ ବନ୍ଦ ହୋଇଯାଇ ଆପଣା ଅଭ୍ୟସ୍ତ କ୍ରିୟାଟିର ଅବଶେଷ-ବେଗଟିକୁ ସମାପ୍ତ କରିଦେଇ ଚୁପ୍ ହୋଇଯିବାକୁ ଅନୁମତି ଦେଇପାରେ । ଅଥବା, ମନର କ୍ରିୟାଟିକୁ ବର୍ଜନ କରି ନୀରବ ହୋଇଯିବାକୁ ତାହା ପ୍ରତି ଏକ ସତତ ଆଦେଶ ଦ୍ୱାରା ଏହି ନୀରବତାକୁ ମାନସିକ ଶକ୍ତି ଉପରେ ନେଇ ଲଦି ଦିଆଯାଇ ପାରେ । ଏହି ଶାନ୍ତ ଅବସ୍ଥା ଓ ମନୋଗତ ନୀରବତାଟିକୁ ସୁଦୃଢ଼ କରିନେଇ ଆତ୍ମା ତଦ୍‌ଗତତାର କୌଣସି ଅନିର୍ବଚନୀୟ ପରମଶାନ୍ତି ମଧ୍ୟକୁ ଚାଲି ଯାଇପାରେ, ପ୍ରକୃତ ଯାବତୀୟ କ୍ରିୟାର ଏକ ବିଶାଳ ନିକ୍ଷେପର ଅବସ୍ଥାରେ ଯାଇ

'oaob.nitrkl.ac.in' images reprocessed

ଉପନୀତ ହୋଇପାରେ । ମାତ୍ର ମନର ଏହି ନୀରବ ହୋଇଯିବାକୁ ଏବଂ ଜନ୍ମଗତ ପ୍ରକୃତିଟିର ଅଭ୍ୟାସଗୁଡ଼ିକୁ ନିରୁଦ୍ଧ କରି ରଖିବାର ଏହି ସାମର୍ଥ୍ୟକୁ ଏକ ଉଚ୍ଚତର ରୂପାୟନ ତଥା ଆମ ସତ୍ତାର ସ୍ଥିତିଗତ ଓ ଶକ୍ତିଗତ ଏକ ଉଚ୍ଚତର ସୋପାନର ଆବିଷ୍କାର କରିବା ଦିଗରେ ଏକ ପ୍ରଥମ ପଦକ୍ଷେପରୂପେ ମଧ୍ୟ ବେଶ୍ ବ୍ୟବହାର କରାଯାଇପାରେ, ଏବଂ ଏକ ଆରୋହଣ ତଥା ରୂପାନ୍ତରସାଧନ ଦ୍ୱାରା ଉଦ୍‌ଗତତାର ସେହି ଅତିମାନସ ଶକ୍ତିସମ୍ପନ୍ନତା ମଧ୍ୟକୁ ଅତିକ୍ରମ କରିଯିବା ମଧ୍ୟ ସମ୍ଭବ ହୋଇପାରେ । ଏହି ଉପଲବ୍ଧିଟି ଆମ ସାଧାରଣ ମନଟି ଶାନ୍ତ ହୋଇଯିବାର ଚରମ ଅବସ୍ଥାଟିର ଆଶ୍ରୟ ନନେଇ ମଧ୍ୟ ଯାବତୀୟ ମାନସିକ ଶକ୍ତି ତଥା କ୍ରିୟାକୁ ସେଗୁଡ଼ିକର ବୃହତ୍ତର ଓ ତଦନୁରୂପ ଅତିମାନସ ଶକ୍ତି ଏବଂ କ୍ରିୟା ମଧ୍ୟକୁ ଅନୁକ୍ଷଣ ଏବଂ କ୍ରମବୃଦ୍ଧିଶୀଳ ଭାବରେ ରୂପାନ୍ତରିତ କରିଦେବା ଦ୍ୱାରା ବି ସମ୍ଭବ ହୋଇପାରେ; ଅବଶ୍ୟ ଏକଥା ସତ ଯେ ଏଥିରେ ଅପେକ୍ଷାକୃତ ଅଧିକ କଷ୍ଟ କରିବାକୁ ପଡ଼ିଥାଏ । କାରଣ ଆମର ମନ ଭିତରେ ଯାହାକିଛି ରହିଛି, ତାହା କେବଳ ସେହି ଅତିମାନସରୁହିଁ ନିଷ୍ପନ୍ନ ହୋଇ ଆସିଛି; ମନ ବୋଲି ଆମେ ଯାହାକିଛି ବୁଝୁଁଛୁ, ତାହା ଯେତେ ସୀମିତ, ନିମ୍ନସ୍ତରସ୍ଥ, ଅନିଶ୍ଚିତ, ଆଂଶିକ ଅଥବା ବିକୃତ ହେଲେ ମଧ୍ୟ ସେହି ଅତିମାନସରହିଁ କୌଣସି ନା କୌଣସି ବସ୍ତୁର ଏକ ମନୋମୟ ଅନୁଲିଖନ ବ୍ୟତୀତ ଆଉ କିଛି ନୁହେଁ । ମାତ୍ର ଅନ୍ୟ କୌଣସି ସାହାଯ୍ୟ ପାଇ ନଥିବା ଆମ ଭିତରେ ଥିବା କେବଳ ଏହି ବ୍ୟକ୍ତିସୀମିତ ମନୋମୟ ପୁରୁଷର ସାମର୍ଥ୍ୟଟି ଦ୍ୱାରା ଏଗୁଡ଼ିକରୁ କୌଣସିଟିକୁ ସଫଳ ଭାବରେ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ; ତାହା ସବୁବେଳେ ସେହି ଦିବ୍ୟ ଆତ୍ମସତ୍ତା, ଈଶ୍ୱର ବା ପରମେଶ୍ୱରଙ୍କର ସାହାଯ୍ୟ, ହସ୍ତକ୍ଷେପ ତଥା ମାର୍ଗଦର୍ଶନକୁ ଅବଶ୍ୟ ଆବଶ୍ୟକ କରୁଥିବ । କାରଣ ଅତିମାନସକୁ ଆମେ ସେହି ଦିବ୍ୟ ମାନସ ବୋଲିହିଁ ଜାଣିବା; ଏବଂ ସେହି ଅତିମାନସ ଭୂମିଟି ଉପରେହିଁ ବ୍ୟକ୍ତି ସେହି ବିଶ୍ୱଗତ ପରମ ପୁରୁଷ ତଥା ବିଶ୍ୱମୟୀ ପରା ପ୍ରକୃତି ଦ୍ୱାରା ଆପଣାର ଯଥାର୍ଥ, ସମଗ୍ର, ଜ୍ୟୋତିର୍ଦୀପ୍ତ ତଥା ପରିପୂର୍ଣ୍ଣ ସମ୍ବନ୍ଧଟିରେ ଉପନୀତ ହୋଇପାରିବ ।

ଆପଣାର ଶୁଦ୍ଧତା, ଶାନ୍ତ ହୋଇଯିବାର ସାମର୍ଥ୍ୟ ବା ଆପଣାର ସୀମାବଦ୍ଧ କ୍ରିୟାତ୍ମକତା ମଧ୍ୟରେ ବୁଡ଼ି ରହିବାର ଦୁର୍ଦ୍ଦଶା ମଧ୍ୟରୁ ମୁକ୍ତି ଲାଭ କରି ଆସୁଥିବା ସଙ୍ଗେସଙ୍ଗେ ଆମର ମନ ସେହି ପରମ ଆତ୍ମସତ୍ତା ତଥା ବିଶ୍ୱଗତ ପରା ପ୍ରକୃତି ବିଷୟରେ ଅଧିକରୁ ଅଧିକ ସଚେତନ ହୋଇ ଉଠୁଥିବ, ତାହାର ପରିଚାଳନ କରି ପାରୁଥିବ, ତାକୁ ଆପଣା ଭିତରକୁ ଆଣି ପାରୁଥିବ ଓ ତା' ଭିତରେ ପ୍ରବିଷ୍ଟ ହୋଇ ପାରୁଥିବ; ଏବଂ ଆପଣାର ଉଚ୍ଚତମ ଭୂମିବିସ୍ତାରଗୁଡ଼ିକର ତୁଳନାରେ ଯାହାର ଉପରେ ଅବସ୍ଥିତ ରହିଥିବା ଦିବ୍ୟଲୋକର ନାନା ସୋପାନ ତଥା ସାମର୍ଥ୍ୟଟି ବିଷୟରେ ମଧ୍ୟ ସଜ୍ଞାନ ହେବାକୁ ଲାଗିଥିବ । ସତ୍ତାଗତ ଚେତନାର ଏକ ଅନନ୍ତତା

'oaob.nitrkl.ac.in' images reprocessed

ବିଷୟରେ ତାହା ସଚେତନ ହୋଇ ଉଠିଥିବ, ଅପରିମେୟ ଚେତନାର ଯାବତୀୟ ଶକ୍ତିମତ୍ତା ଓ ସାମର୍ଥ୍ୟର ଏକ ଅନନ୍ତ ମହାସମୁଦ୍ର ବିଷୟରେ, ପରମ ଆନନ୍ଦର ଏକ ଅନନ୍ତସମୁଦ୍ର ବିଷୟରେ ଅର୍ଥାତ୍ ଆପଣାକୁ ଆପେ ଗତିଶୀଳ କରି ରଖିଥିବା ସତ୍ତାଗତ ସେହି ଆନନ୍ଦଟି ବିଷୟରେ ସଚେତନ ହୋଇ ଉଠିଥିବ । ତାହା ଏହିସବୁ ବିଷୟର କେବଳ ଏଇଟି ବା ସେଇଟି ବିଷୟରେହିଁ ସଜ୍ଞାନ ହେଉଥିବ; କାରଣ, ଏକ ଉଚ୍ଚତର ଅନୁଭବର ଭୂମିରେ ଯାହାସବୁ କେବଳ ସେହି ପରମ ଅଦ୍ୱିତୀୟଙ୍କରହିଁ ଅବିଚ୍ଛେଦ୍ୟ ନାନା ସାମର୍ଥ୍ୟ ହୋଇ ରହିଛି, ମନ ସେଗୁଡ଼ିକୁ କେବଳ ବିଚ୍ଛିନ୍ନ କରି ଦେଖିପାରିବ, ସେଗୁଡ଼ିକୁ ପରସ୍ପରଠାରୁ ଅଲଗା ଅଲଗା ହୋଇ ରହିଥିବା କେତୋଟି ଭିନ୍ନଭିନ୍ନ ମୌଳିକ ତତ୍ତ୍ୱ ପରିହିଁ ଅନୁଭବ କରିପାରିବ; ଅଥବା, ତାହା ସେଗୁଡ଼ିକୁ ହୁଏତ ଏକ ତ୍ରୟୀରୂପରେ ବା ଏକାଠିସମାବେଶରୂପେ ଅନୁଭବ କରିବ, ଯାହାକି ସେଗୁଡ଼ିକର ଏକତ୍ୱଟିକୁ ପ୍ରକାଶିତ କରି ଦେଉଥିବ ବା ସେମାନଙ୍କର ଏକତ୍ୱରେ ନେଇ ପହଞ୍ଚାଇ ଦେଉଥିବ । ତାହା ଏହି ଏକତ୍ୱଟିକୁ ପୁରୁଷରୂପେ ଜାଣିବ ଅଥବା ପ୍ରକୃତିରୂପେହିଁ ଜାଣିବ । ପୁରୁଷରୂପେ ଜାଣିଲାବେଳେ ତାହା ଆପଣାକୁ ପରମ ଆତ୍ମସତ୍ତା ବା ତଦ୍‌ଗତତାରୂପେ ପ୍ରକଟ କରିଦେବ, ପରମ ସତ୍ତାରୂପେ ପ୍ରକଟ କରିଦେବ ଅଥବା ଏକମେବାଦ୍ୱିତୀୟଂ ପରମ ସତ୍‌ରୂପେ ବା ଦିବ୍ୟ ପୁରୁଷୋ-ତ୍ତମରୂପେ ପ୍ରକଟ କରିଦେବ ଏବଂ ବ୍ୟକ୍ତିଭାବାପନ୍ନ ଜୀବାତ୍ମା ତାହାର କାଳାତୀତ ଆତ୍ମସତ୍ତାରେ ଅଥବା ବିଶ୍ୱଗତତାର ଭୂମିରେ ତାହାର ସହିତ ଏକ ସମ୍ପୂର୍ଣ୍ଣ ଏକତ୍ୱ ମଧ୍ୟରେ ପ୍ରବିଷ୍ଟ ହୋଇପାରିବ, କିଂବା ଅଲଗା ହୋଇ ରହିବା ଭଳି କୌଣସି ବ୍ୟବଧାନ ନରଖି ତାହାର ନୈକଟ୍ୟ, ଅନ୍ତର୍ନିହିତତା ଏବଂ ପୃଥକତାର ସ୍ୱାଦଲାଭ କରିପାରିବ ଏବଂ ଅବିଚ୍ଛିନ୍ନ ଭାବରେ ତଥା ଯୁଗପତ୍ ଭାବରେ ସତ୍ତାଗତ ଏକତ୍ୱ ଓ କ୍ରିୟାଶୀଳ ଅନୁଭୂତିମୟ ପ୍ରକୃତି ମଧ୍ୟରେ ଆନନ୍ଦଦାୟୀ ପାର୍ଥକ୍ୟଟିର ବି ଆସ୍ୱାଦନ ପାଇପାରିବ । ପ୍ରକୃତିରୂପେ ଜାଣିବାବେଳେ ବିଶ୍ୱଜଗତର ଯାବତୀୟ ସତ୍ତା, ବ୍ୟକ୍ତିତ୍ୱ, ବିସ୍ତାର, ରୂପ ତଥା ସାମର୍ଥ୍ୟରେ ଏହି ପରମ ଅନନ୍ତତାକୁହିଁ ପ୍ରକଟ କରିଦେବା ଲାଗି ତଦ୍‌ଗତତାର ସାମର୍ଥ୍ୟ ତଥା ଆନନ୍ଦଟି ସମ୍ମୁଖଭାଗରେ ଆବିର୍ଭୂତ ହୋଇ ଆସିବ; ସେତେବେଳେ ଆମ ଆଗରେ ସ୍ୱୟଂ ସେହି ଦିବ୍ୟ ମହାଶକ୍ତିହିଁ ବିଦ୍ୟମାନ ରହିଥିବେ, ସେହି ଆଦ୍ୟା ଶକ୍ତି ଓ ପରମା ପ୍ରକୃତିହିଁ ବିଦ୍ୟମାନ ରହି ଆପଣା ଭିତରେ ଏହି ଅନନ୍ତ ଅସ୍ତିତ୍ୱଟିକୁ ଧାରଣ କରିଥିବେ ଏବଂ ବିଶ୍ୱବ୍ରହ୍ମାଣ୍ଡର ଯାବତୀୟ ବିସ୍ମୟକୁ ସୃଷ୍ଟି କରିବାରେ ଲାଗିଥିବେ । ମନର ଊର୍ଦ୍ଧ୍ୱ ହୋଇ ରହିଥିବା ଏବଂ ଆମର ଯାବତୀୟ ପରିଚୟ, ଯାବତୀୟ ଭାବନା, ସଂକଳ୍ପ, କର୍ମ ତଥା ଅନୁଭୂତିକୁ ରୂପ ଦେବା ଲାଗି ଆମ ଭିତରକୁ ଆପଣାର କାଙ୍କ୍ଷିତ ଅଂଶକୁ ଅଜାଡ଼ି ଦେଉଥିବା ଶକ୍ତିର ଏହି ଅପରିମିତ ସମୁଦ୍ର ଅଥବା ଉପସ୍ଥିତିଟି ବିଷୟରେ ମନ କ୍ରମେ ଅଧିକ ସଚେତନ ହେବାରେ

'oaob.nitrkl.ac.in' images reprocessed

ଲାଗିଥିବ, ଅଥବା ତାହା ଆମର ଚତୁର୍ଦ୍ଦିଗରେ ଆମକୁ ଘେରି ରହିଥିବା ପରି ପ୍ରତୀତ ରହିଥିବ, ଆମର ବ୍ୟକ୍ତିତ୍ୱଟିକୁ ଚିତ୍‌ଶକ୍ତିର ସେହି ସାଗରରେ ପ୍ରତୀତ ଏକ ତରଙ୍ଗ ପରି ଅନୁଭବ କରୁଥିବ; ଅଥବା ସେହି ଶକ୍ତି ଆମରି ଭିତରେ ରହିଛି ଏବଂ ପ୍ରାକୃତ ଅସ୍ତିତ୍ୱର ଆମର ଏହି ବର୍ତ୍ତମାନ ରୂପଟିକୁ ଭିତ୍ତି କରି ଅଥଚ ସେହି ଊର୍ଦ୍ଧ୍ୱରୁହିଁ ପ୍ରେରିତ ହୋଇଆସି ଏବଂ ଆମକୁ ଉଚ୍ଚତର ଅଧ୍ୟାତ୍ମସ୍ଥିତିଟି ଆଡ଼କୁ ଉନ୍ନୀତ କରି ନେଇ ତାହା ଆମରି ଭିତରେ କାର୍ଯ୍ୟ କରିବାରେ ଲାଗିଛି ବୋଲି ଅନୁଭବ କରୁଥିବ । ମନ ପ୍ରକୃତିର ଅନନ୍ତତା ଆଡ଼କୁ ଉନ୍ମୀଳିତ ହୋଇଯାଇ ତାହାର ସଂସ୍ପର୍ଶ ଲାଭ କରିପାରିବ, ସମାଧିର ଅଭିଭୂତ ଅବସ୍ଥାରେ ଆପଣାକୁ ତାହାରି ଭିତରେ ନିମଗ୍ନ କରିଦେଇ ପାରିବ ଅଥବା ତାହାରି ବିଶ୍ୱମୟତା ମଧ୍ୟରେ ଆପଣାକୁ ହଜାଇ ଦେଇ ପାରିବ । ଏବଂ ସେତେବେଳେ ଆମର ଏହି ବିଚ୍ଛିନ୍ନ ବ୍ୟକ୍ତିପରିଚୟଟି ଅନ୍ତର୍ହିତ ହୋଇଯିବ, ଆମ କ୍ରିୟାତ୍ମକତାର କେନ୍ଦ୍ରଟି ସେତେବେଳେ ଆଉ ଆମ ଭିତରେ ରହିବ ନାହିଁ, ମାତ୍ର ହୁଏତ ଆମର ଦେହଗତ ସତ୍ତାଗୁଡ଼ିକର ବାହାରେ ଆଉ କେଉଁଠି ଥିବ ଅଥବା ଆଦୌ କେଉଁଠିହେଲେ ନଥିବ । ଆମର ମନୋମୟ ଯାବତୀୟ କ୍ରିୟାତ୍ମକତା ସେତେବେଳେ ଆଉ ଆମର ହୋଇ ରହିବ ନାହିଁ, ମାତ୍ର ସେହି ବିଶ୍ୱଗତତାର ଭୂମିରୁହିଁ ତାହା ଆମ ମନ, ପ୍ରାଣ ଓ ଦେହର ଏହି ଗ୍ରନ୍ଥିଟି ଭିତରେ ଆସି ପ୍ରବେଶ କରୁଥିବ, ଆପଣାକୁ କାର୍ଯ୍ୟକାରୀ କରିବାରେ ଲାଗିଥିବ ଏବଂ ଆମକୁ ଛାଡ଼ି ଗଲାବେଳେ ଆମ ଉପରେ ଆପଣାର କୌଣସି ଚିହ୍ନ ବା ଛାପ ରଖି ଯାଉ ନଥିବ ଏବଂ ଆମ ମନ-ପ୍ରାଣ-ଦେହର ଏହି ଗ୍ରନ୍ଥିଟି ମଧ୍ୟ ତାହାରି ବିଶ୍ୱମୟ ବୃହତ୍‌-ସତ୍ତାଟି ଭିତରେ କେବଳ ଏକ କ୍ଷୁଦ୍ର ଓ ଅତି ସାମାନ୍ୟ ଘଟଣା ହୋଇ ରହିଯାଉଥିବ । ମାତ୍ର ପୂର୍ଣ୍ଣଯୋଗରେ ଯେଉଁ ପରିପୂର୍ଣ୍ଣତାଟି ଲାଗି ଅଭିଳାଷ କରାଯାଇଛି, ତାହା ପ୍ରକୃତିର ସର୍ବୋଚ୍ଚ ଅଧ୍ୟାତ୍ମ ସାମର୍ଥ୍ୟର ଭୂମିରେ ଅଥବା ବିଶ୍ୱଗତ କ୍ରିୟାତ୍ମକତାର ଭୂମିରେ ତାହା ସହିତ ଏକରୂପତା ଲାଭ କରିବାରେ କଦାପି ଚରିତାର୍ଥ ହେବ ନାହିଁ; ସେହି ସିଦ୍ଧିଟି ଆମର ଏହି ବ୍ୟକ୍ତି-ସତ୍ତା ଏବଂ ବ୍ୟକ୍ତି-ପ୍ରକୃତି ଭିତରେହିଁ ଏହି ଶକ୍ତିର ପରିପୂର୍ଣ୍ଣତାକୁ ଉପଲବ୍ଧି କରିବାକୁ ଚାହୁଁଛି, ଧାରଣ କରି ରଖିବାକୁ ଚାହୁଁଛି । କାରଣ, ପରମ ତଦ୍‌ଗତତା ପୁରୁଷ ରୂପରେ ବା ପ୍ରକୃତି ରୂପରେ ଅର୍ଥାତ୍‌ ଚିନ୍ମୟ ସତ୍ତା ବା ତାହାର ଶକ୍ତିର ରୂପରେ କେବଳ ସେହି ଏକ ଓ ଅଭିନ୍ନ ହୋଇହିଁ ରହିଛି; ଏବଂ ଯେପରି ଜୀବ ସେହି ପୁରୁଷ ଏବଂ ଆତ୍ମାରୂପୀ ସାରତତ୍ତ୍ୱଟିରେ ପରମ ପୁରୁଷ ସହିତ ଏକ ହୋଇ ରହିଛି, ଠିକ୍ ସେହିପରି ପ୍ରକୃତିର ପାଖଟିରେ ପୁରୁଷ ଏବଂ ଆତ୍ମାର ଶକ୍ତିର ରୂପରେ ତାହା ସେହି ପରମା ଶକ୍ତି ସହିତ ମଧ୍ୟ ଏକରୂପ ହୋଇ ରହିଛି; 'ପରା ପ୍ରକୃତିଃ ଜୀବଭୂତା' ହୋଇ ରହିଛି । ଏହି ଦୁଇଟିଯାକ ଏକତ୍ୱକୁ ଉପଲବ୍ଧି କରିବାହିଁ ସମଗ୍ର ଆତ୍ମ-ପରିପୂର୍ଣ୍ଣତାର ସର୍ତ୍ତଟି ହୋଇ ରହିଛି । ଏହିପରି

'oaob.nitrkl.ac.in' images reprocessed

ସ୍ତରରେ ଜୀବ ପରମ ପୁରୁଷ ଏବଂ ପ୍ରକୃତିର ଏକତ୍ୱ-ଲୀଳାରେ ଏକ ସମ୍ମିଳନସ୍ଥଳ ହୋଇ ରହିଛି ।

ଏହି ସ୍ଥିତିରେ ଯାଇ ପହଞ୍ଚି ପାରିବା ସକାଶେ ଆମକୁ ସେହି ଦିବ୍ୟ ଶକ୍ତିଟି ବିଷୟରେ ସଚେତନ ହେବାକୁ ପଡ଼ିବ, ଆମର ଏହି ସମଗ୍ର ଜୀବନବ୍ୟବସ୍ଥାଟିକୁ ପରିପୂର୍ଣ୍ଣ କରିଦେବା ଲାଗି ଏବଂ ଆମର ଯାବତୀୟ କ୍ରିୟାତ୍ମକତାର ଦାୟିତ୍ୱଟିକୁ ଗ୍ରହଣ କରିବା ଲାଗି ତାହାକୁ ଆମ ଆଡ଼କୁ ଟାଣି ଆଣିବାକୁ ପଡ଼ିବ ଏବଂ ଆମ ଭିତରକୁ ଆବାହନ କରିନେବାକୁ ପଡ଼ିବ । ତା'ହେଲେ ଆମର କର୍ମଗୁଡ଼ିକର ପରିଚାଳନା କରିବାକୁ ଚେଷ୍ଟା କରୁଥିବା ଆଉ କୌଣସି ବିଚ୍ଛିନ୍ନ ବ୍ୟକ୍ତି-ସଙ୍କଳ୍ପ ରହିବ ନାହିଁ କିଂବା ବିଚ୍ଛିନ୍ନ ବ୍ୟକ୍ତିଗତ ସାମର୍ଥ୍ୟ ମଧ୍ୟ ରହିବ ନାହିଁ । କର୍ମର କର୍ତ୍ତା ହୋଇ ବସିଥିବା କୌଣସି କ୍ଷୁଦ୍ର ବ୍ୟକ୍ତିସତ୍ତାର କୌଣସି ବୋଧ ରହିବ ନାହିଁ, ତିନୋଟି ଗୁଣ ଦ୍ୱାରା ବଦ୍ଧ ହୋଇ ରହିଥିବା ନିମ୍ନତର ଶକ୍ତିଟି ଅର୍ଥାତ୍‌ ମାନସିକ, ପ୍ରାଣିକ ଏବଂ ଭୌତିକ ପ୍ରକୃତି ମଧ୍ୟ ସେତେବେଳେ ଆମର କାର୍ଯ୍ୟଗୁଡ଼ିକୁ ଆଉ ସଞ୍ଚାଳିତ କରୁ ନଥିବ । ସେତେବେଳେ ଦିବ୍ୟ ଶକ୍ତିହିଁ ଆମକୁ ଗୋଟାସୁଦ୍ଧା ପରିପୂର୍ଣ୍ଣ କରି ରଖିବ, ଆମର ଯାବତୀୟ ଅନ୍ତର୍ଗତ କ୍ରିୟାତ୍ମକତା, ଆମର ବାହ୍ୟ ଜୀବନ ଓ ଆମର ଯୋଗ ଉପରେ ଅଧିଷ୍ଠାତ୍ରୀ ହୋଇ ରହିବ ଏବଂ ସେଗୁଡ଼ିକୁ ଆପଣା ହାତରେ ଗ୍ରହଣ କରିନେବ । ସେହି ଶକ୍ତିହିଁ ମାନସିକ ସାମର୍ଥ୍ୟ ଅର୍ଥାତ୍‌ ତାହାର ସ୍ୱକୀୟ ନିମ୍ନତର ସାମର୍ଥ୍ୟଟିକୁ ଆପଣା ହାତରେ ଗ୍ରହଣ କରିନେବ ଏବଂ ତାହାକୁ ବୁଦ୍ଧି, ସଙ୍କଳ୍ପ ତଥା ଚୈତ୍ୟ କ୍ରିୟାର ତାହାର ସର୍ବୋଚ୍ଚ, ସର୍ବଶୁଦ୍ଧ ଓ ପରିପୂର୍ଣ୍ଣତମ ସାମର୍ଥ୍ୟଗୁଡ଼ିକର ଭୂମିକୁ ଉନ୍ନୀତ କରି ନେଇଯିବ । ମନ, ପ୍ରାଣ ତଥା ଦେହର ଯେଉଁ ଯାନ୍ତ୍ରିକ ଶକ୍ତିଗୁଡ଼ିକ ବର୍ତ୍ତମାନ ଆମର ଶାସନ କରିବାରେ ଲାଗିଛନ୍ତି, ସେହି ଶକ୍ତି ସେତେବେଳେ ତାହାକୁ ତାହାରିହିଁ ଜୀବନ୍ତ ଓ ସଚେତନ ଶକ୍ତି ଏବଂ ଉପସ୍ଥିତିର କେତେ କେତେ ଆନନ୍ଦପୂର୍ଣ୍ଣ ଅଭିବ୍ୟକ୍ତିରୂପେ ବଦଳାଇ ଦେଇଯିବ । ମନ ଭିତରେ ଯେଉଁସବୁ ନାନାବିଧ ଆଧ୍ୟାତ୍ମିକ ଅନୁଭବକୁ ଲାଭ କରିବାର ଶକ୍ତି ରହିଛି, ସେ ସେଗୁଡ଼ିକୁ ଆମ ଭିତରେ ପ୍ରକଟ କରି ଆଣିବ ଏବଂ ସେଗୁଡ଼ିକୁ ପରସ୍ପର ସହିତ ସମ୍ବନ୍ଧଯୁକ୍ତ କରି ରଖିବ । ଏବଂ ଏହି ପ୍ରକ୍ରିୟାଟିର ଚରମ ସିଦ୍ଧିରୂପେ ସେହି ଶକ୍ତି ଅତିମାନସ ଆଲୋକଟିକୁ ମଧ୍ୟ ମନର ସୋପାନଗୁଡ଼ିକ ଉପରକୁ ଅବତୀର୍ଣ୍ଣ କରାଇ ଆଣିବ, ମନର ଉପାଦାନଟିକୁ ଅତିମାନସର ଉପାଦାନରେ ବଦଳାଇ ଦେବ, ନିମ୍ନସ୍ଥ ଯାବତୀୟ ସାମର୍ଥ୍ୟକୁ ତାହା ଆପଣାର ଅତିମାନସ ପ୍ରକୃତିର ସାମର୍ଥ୍ୟରେ ରୂପାନ୍ତରିତ କରିଦେବ ଏବଂ ଆମକୁ ଆମର ବିଜ୍ଞାନମୟ ସତ୍ତାଟି ମଧ୍ୟକୁ ଉତ୍ତୋଳିତ କରି ନେଇଯିବ । ସେତେବେଳେ ଶକ୍ତି ଆପଣାକୁ ସେହି ପୁରୁଷୋତ୍ତମଙ୍କର ଶକ୍ତିରୂପେହିଁ ଉନ୍ମୋଚିତ କରିଦେବ; ସ୍ୱୟଂ ଈଶ୍ୱରହିଁ ଅତିମାନସ ତଥା ଚିଦ୍‌ଗତତା ମଧ୍ୟରେ ଥିବା ତାଙ୍କର ଶକ୍ତିରେ ଆପଣାକୁ ଅଭିବ୍ୟକ୍ତ କରିଦେବେ ଏବଂ ଆମ ସତ୍ତା, କର୍ମ, ଜୀବନ ତଥା ଯୋଗର ଅଧୀଶ୍ୱରରୂପେ ପ୍ରତିଷ୍ଠିତ କରି ରଖିବେ ।

'oaob.nitrkl.ac.in' images reprocessed

ସପ୍ତଦଶ ପରିଚ୍ଛେଦ

# ଦିବ୍ୟ ଶକ୍ତିର କ୍ରିୟା

ଦିବ୍ୟ ଶକ୍ତି ସେହି ପରମ ଦିବ୍ୟତାରହିଁ ଭାଗବତ ଶକ୍ତିରୂପେ କାଳର ଭୂମି ଉପରେ ଆପଣାକୁ ଅଭିବ୍ୟକ୍ତ କରିଦେଉଛି ଏବଂ ବିଶ୍ୱଜଗତର ଯାବତୀୟ ଗତିସ୍ପନ୍ଦନ ଓ କ୍ରିୟାତ୍ମକତାକୁ ସୃଷ୍ଟି କରୁଛି, ସେଗୁଡ଼ିକର ପାଳନ କରୁଛି ଓ ପରିଚାଳନା ମଧ୍ୟ କରୁଛି;—ଏହାକୁହିଁ ଆମେ ଦିବ୍ୟ ଶକ୍ତିର ସ୍ୱରୂପ ବୋଲି ଜାଣିବା । ଅସ୍ତିତ୍ୱର ନିମ୍ନତର ସ୍ତରଗୁଡ଼ିକରେ ଏହି ବିଶ୍ୱାତ୍ମିକା ଶକ୍ତି ପ୍ରଥମେ ଆମ ଆଗରେ ଏକ ମାନସିକ, ପ୍ରାଣିକ ଏବଂ ଜଡ଼ଗତ ବିଶ୍ୱସାମର୍ଥ୍ୟରୂପେ ଦୃଷ୍ଟିଗୋଚର ହେଉଛି, ଏବଂ ଆମର ମାନସିକ, ପ୍ରାଣିକ ଏବଂ ଭୌତିକ ସକଳ କ୍ରିୟା କେବଳ ସେହି ବିଶ୍ୱସାମର୍ଥ୍ୟରହିଁ କାର୍ଯ୍ୟରୂପେ ଦୃଷ୍ଟିଗୋଚର ହେଉଛି । ଆମକୁ ନାନା ସୀମା ଭିତରେ ଆବଦ୍ଧ କରି ରଖୁଥିବା ଅହଂଗତ ଦୃଷ୍ଟିଟିର କବଳରୁ ମୁକ୍ତିଲାଭ କରିପାରିବା ସକାଶେ ଆମେ ସମ୍ପୂର୍ଣ୍ଣ ଭାବରେ ଏହି ସତ୍ୟଟିକୁ ଉପଲବ୍ଧି କରିବା ଏବଂ ସାଧାରଣତଃ ଅହଂହିଁ ପୂର୍ଣ୍ଣ ଶକ୍ତିରେ ରାଜପଣ କରି ରହିଥିବା ଆମର ଏହି ନିମ୍ନତର ଭୂମିଗୁଡ଼ିକରେ ମଧ୍ୟ ଆମେ ଆପଣାକୁ ବିଶ୍ୱମୟ କରି ରଖିବା,—ଆମର ସାଧନା ଲାଗି ଏହାର ଏକାନ୍ତ ଆବଶ୍ୟକତା ରହିଛି । ଆମେ ପ୍ରକୃତରେ ଆମର କୌଣସି କର୍ମକୁ ଜନ୍ମ ଦେଉ ନାହୁଁ, ମାତ୍ର ବରଂ ଏହି ଶକ୍ତିହିଁ ଆମ ଭିତରେ ତଥା ଅନ୍ୟ ସମସ୍ତଙ୍କ ଭିତରେ କାର୍ଯ୍ୟ କରିବାରେ ଲାଗିଛି, ଅର୍ଥାତ୍ ମୁଁ ଅଥବା ଅନ୍ୟମାନେ ପ୍ରକୃତରେ କୌଣସି କର୍ମର କର୍ତ୍ତା ନୁହନ୍ତି, ମାତ୍ର କେବଳ ସେହି ପ୍ରକୃତିହିଁ ସବୁକିଛି କରୁଛି;—କର୍ମଯୋଗର ଏହି ନିୟମଟିକୁ ଦେଖିବା ଲାଗି ସମର୍ଥ ହେବାକୁହିଁ ଆମେ ଏହି କ୍ଷେତ୍ରରେ ମଧ୍ୟ ଆମର ଯଥାର୍ଥ ନିୟମ ବୋଲି କହିବା । ଅହଂର ବୋଧ ସୀମାବଦ୍ଧ କରିଦେବା, ଅଲଗା ଅଲଗା କରି ପକାଇବା ଏବଂ ବଡ଼ ତୀକ୍ଷ୍ଣ ଭାବରେ ଗୋଟିକୁ ଅନ୍ୟଠାରୁ ଭିନ୍ନ କରି ଦେଖାଇ ଦେବାରେ ଆମର ଭାରି କାମରେ ଆସିଥାଏ, ବ୍ୟକ୍ତିରୂପଟିକୁ ଅଧିକତମ ଲାଭ ଉଠାଇବାରେ କାର୍ଯ୍ୟରେ ଆସିଥାଏ ଏବଂ ଆମ ନିମ୍ନତର ଜୀବନଟିର ବିକାଶ ସକାଶେ ଅପରିହାର୍ଯ୍ୟ ହୋଇଥିବାରୁ ତାହା ସେହି କ୍ଷେତ୍ରରେ ଅବସ୍ଥିତ ରହିଥାଏ ।

'oaob.nitrkl.ac.in' images reprocessed

ମାତ୍ର ଯେତେବେଳେ ଆମେ ଉପରକୁ ଏକ ଉଚ୍ଚତର ଦିବ୍ୟ ଜୀବନର ଭୂମିକୁ ଉଠିଯାଇ ପାରିବା, ସେତେବେଳେ ଆମକୁ ଅହଂର ଏହି ସାମର୍ଥ୍ୟଟିକୁ ହୁଗୁଳା କରିଦେବାକୁ ପଡ଼ିବ ଏବଂ ପରିଶେଷରେ ସେଥିରୁ ମୁକ୍ତ ହୋଇ ଆସିବାକୁ ପଡ଼ିବ । ଅର୍ଥାତ୍, ନିମ୍ନତର ଜୀବନଟି ସକାଶେ ଅହଂର ବିକାଶସାଧନ କରିବା ଯେପରି ଅପରିହାର୍ଯ୍ୟ ହୋଇ ରହିଥାଏ, ଠିକ୍ ସେହିପରି ଉଚ୍ଚତର ଜୀବନ ସକାଶେ ଅହଂର ବିଲୋପସାଧନ କରିବାର ଏହି ବିପରୀତ ସ୍ଫୁରଣାଟି ମଧ୍ୟ ଅପରିହାର୍ଯ୍ୟ ହୋଇ ରହିଥାଏ । ଆମର ଯାବତୀୟ କର୍ମକୁ ଆମ ନିଜର ବୋଲି ନଦେଖି ଚେତନ ସତ୍ତାର ନିମ୍ନତର ଭୂମିଗୁଡ଼ିକରେ ନିମ୍ନତର ପ୍ରକୃତିର ରୂପରେ କାର୍ଯ୍ୟ କରୁଥିବା ସେହି ଦିବ୍ୟ ଶକ୍ତିରହିଁ କର୍ମ ବୋଲି ଦେଖି ପାରିଲେ ତାହା ଏହି ପରିବର୍ତ୍ତନଟି ଦିଗରେ ଏକ ଶକ୍ତିଶାଳୀ ସହାୟକରୂପେ କାର୍ଯ୍ୟ କରିଥାଏ । ଏବଂ ଆମେ ଯଦି ଏହି କଥାଟିକୁ ସମ୍ଭବ କରିପାରିବା, ତେବେ ଆମର ତଥା ଅନ୍ୟମାନଙ୍କର ମାନସିକ, ପ୍ରାଣିକ ଏବଂ ଭୌତିକ ଚେତନା ମଧ୍ୟରେ ରହିଥିବା ପାର୍ଥକ୍ୟହିଁ କ୍ରମେ କ୍ଷୀଣ ଓ ଅଳ୍ପ ହୋଇଆସିବ; ଏହାର କ୍ରିୟାତ୍ମକତାର କ୍ଷେତ୍ରଟିରେ ରହିଥିବା ସୀମିତତାଗୁଡ଼ିକ ଅବଶ୍ୟ ରହିବ ସତ, ମାତ୍ର ସେଗୁଡ଼ିକ କ୍ରମେ ବିସ୍ତାରିତ ହୋଇଯିବ ଏବଂ ବିଶ୍ୱ-କ୍ରିୟାର ବୋଧ ତଥା ଦୃଷ୍ଟି ମଧ୍ୟକୁ ଉନ୍ନୀତ ହୋଇ ଆସିବ; ପ୍ରତ୍ୟେକ ବସ୍ତୁକୁ ଏକ ବିଶେଷ ତଥା ବ୍ୟକ୍ତିଭାବାପନ୍ନ ପରିଚୟ ଦେଇ ଯାଉଥିବା ପ୍ରକୃତିର ଭେଦକାରକ କ୍ରିୟାଗୁଡ଼ିକ ସେଗୁଡ଼ିକର ନିହିତ ପ୍ରୟୋଜନଟିର ସାଧନ ଲାଗି ଅବଶ୍ୟ ରହିଥିବେ, ମାତ୍ର ଆଗପରି ଆଉ କଦାପି ଗୋଟିଏ ଗୋଟିଏ କାରାଗାର ପରି ଆମକୁ ଅବରୁଦ୍ଧ କରି ରଖିବାକୁ ଆସିବେ ନାହିଁ । ସକଳ ପାର୍ଥକ୍ୟ ମଧ୍ୟରେ ରହି ମଧ୍ୟ ବ୍ୟକ୍ତି ଆପଣାର ମନ, ପ୍ରାଣ ଏବଂ ଭୌତିକ ଜୀବନକୁ ଅନ୍ୟମାନଙ୍କର ମନ, ପ୍ରାଣ ତଥା ଭୌତିକ ଜୀବନ ସହିତ ଏକରୂପ ବୋଲି ଅନୁଭବ କରୁଥିବ, ପ୍ରକୃତି ମଧ୍ୟରେ ରହିଥିବା ତଦ୍‌ଗତତାର ସମସ୍ତ ସାମର୍ଥ୍ୟଟି ସହିତ ଆପଣାକୁ ଏକରୂପ ବୋଲି ଅନୁଭବ କରୁଥିବ ।

ଏଠାରେ ଅବଶ୍ୟ ମନେ ରଖିବାକୁ ହେବ ଯେ ଏଇଟି ହେଉଛି କେବଳ ଗୋଟିଏ ସୋପାନ ମାତ୍ର, ଏହାକୁ ଆମେ କଦାପି ସମଗ୍ର ସିଦ୍ଧି ବୋଲି ଭ୍ରମ କରିବା ନାହିଁ । ତୁଳନାତ୍ମକ ଭାବରେ ଯେତେ ପ୍ରଶସ୍ତ ଓ ମୁକ୍ତ ହୋଇଥିଲେ ମଧ୍ୟ ଏହି ଭୂମିରେ ଆମର ସତ୍ତାଟି ତଥାପି ସେହି ନିମ୍ନତର ପ୍ରକୃତିରହିଁ ଅଧୀନ ହୋଇ ରହିଥାଏ । ଆମର ସାତ୍ତ୍ୱିକ ଅହଂ, ରାଜସିକ ଅହଂ ତଥା ତାମସିକ ଅହଂ ଏଠାରେ ଅନେକ ପରିମାଣରେ କମ୍ ହୋଇ ଯାଇଥାଏ ସତ, ମାତ୍ର ତଥାପି ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇ ନଥାଏ । ଅଥବା, ଯଦି ତାହା ଅନ୍ତର୍ହିତ ହୋଇ ଯାଇଥିବାର ପ୍ରତୀତ ହେଉଥାଏ, ତେବେ ଜାଣିବାକୁ ହେବ ଯେ ସେଗୁଡ଼ିକ ପ୍ରକୃତରେ କେବଳ ଆମର କର୍ମଗତ ଭାଗଗୁଡ଼ିକରେ ଗୁଣତ୍ରୟର ବନ୍ଧାତ୍ମକ କ୍ରିୟାତ୍ମକତାଟି ଉପରେହିଁ ବୃତ୍ତ

'oaob.nitrkl.ac.in' images reprocessed

ରହିଥାଏ, ସେହିଗୁଡ଼ିକ ମଧ୍ୟରେ ସଂବୃତ ହୋଇ ରହିଥାଏ, ସେଠାରେ ତଥାପି ପ୍ରଚ୍ଛନ୍ନ ଓ ଅବଚେତନ ଭାବରେ କାର୍ଯ୍ୟ କରୁଥାଏ ଏବଂ ଯେକୌଣସି ସମୟରେ ପୁଣି ପ୍ରବଳ ହୋଇ ବାହାରକୁ ବାହାରି ଆସିବାର ଆଶଙ୍କାଟି ମଧ୍ୟ ବଳବତ୍ତର ଥାଏ । ତେଣୁ, ଏହି ଯାବତୀୟ କ୍ରିୟାତ୍ମକତା ପଛରେ ସବୁଟି ମଧ୍ୟରେ ଅବସ୍ଥିତ ସେହି ଗୋଟିଏ ଅଭିନ୍ନ ଆତ୍ମା ବା ଚିଦ୍‌ଗତତାର ବୋଧ ତଥା ଉପଲବ୍ଧିକୁ ସାଧକକୁ ପ୍ରଥମେ ଆପଣା ମଧ୍ୟରେ ଦୃଢ଼ତାର ସହିତ ସ୍ଥାପିତ କରି ରଖିବାକୁ ହେବ । ପ୍ରକୃତିର ପଛରେ କେବଳ ସେହି ଗୋଟିଏ ସର୍ବୋଚ୍ଚ ସତ୍ତା ଏବଂ ବିଶ୍ୱମୟ ଗୋଟିଏ ପୁରୁଷ ଅବସ୍ଥିତ ହୋଇ ରହିଛନ୍ତି ବୋଲି ସେ ସର୍ବଦା ସଜ୍ଞାନ ହୋଇ ରହିବ । ଏହି ସବୁକିଛୁ କେବଳ ସେହି ଗୋଟିଏ ପରମ ପ୍ରକୃତି ବା ଶକ୍ତିର ଆତ୍ମ-ରୂପାୟନ ବୋଲି ଯେ ସେ ଦେଖିବ ଓ ଅନୁଭବ କରୁଥିବ ତା' ନୁହେଁ, ମାତ୍ର ପ୍ରକୃତିର ଯାବତୀୟ କ୍ରିୟାକୁ ସେ ସବୁରି ମଧ୍ୟରେ ବର୍ତ୍ତମାନ ରହିଥିବା ସେହି ପରମ ଦିବ୍ୟ ସ୍ୱରୂପଙ୍କରହିଁ ଆତ୍ମ-ରୂପାୟନ ବୋଲି ଦେଖିବ ଓ ଅନୁଭବ କରୁଥିବ; ଯେତେ ଦୂର ଆବୃତ, ପରିବର୍ତ୍ତିତ ଏବଂ ଅହଂ ତଥା ଗୁଣଗୁଡ଼ିକ ମଧ୍ୟଦେଇ କ୍ଷେପାନ୍ତରିତ ହେଲବେଳେ ସେତେଅବା ବିକୃତ ହୋଇ ପଡ଼ିଥିଲେ ମଧ୍ୟ,—କାରଣ ନିମ୍ନତର ରୂପାୟନଗୁଡ଼ିକ ପରିବର୍ତ୍ତିତ ହେବାରୁହିଁ ବସ୍ତୁଗୁଡ଼ିକରେ ବିକୃତିର ଅଧଃପାତ ହୋଇଥାଏ,—ତଥାପି ସେ ସେଗୁଡ଼ିକୁ ସବୁରି ଭିତରେ ରହିଥିବା ସେହି ପରମ ଦେବତ୍ୱ ବୋଲିହିଁ ଦେଖୁଥିବ ଓ ଅନୁଭବ କରୁଥିବ । ଏହା ଫଳରେ ଅହଂର ଯାହାକିଛି ପ୍ରକାଶ୍ୟ ଏବଂ ପ୍ରଚ୍ଛନ୍ନ ଆଗ୍ରହ କ୍ରମଶଃ ହ୍ରାସ ହୋଇ ଯାଉଥିବ ଏବଂ ସେଇଟି ପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇପାରିଲେ ଆମର ଅଧିକତର ଅଗ୍ରଗତିକୁ ବିବ୍ରତ ଅଥବା ବ୍ୟାହତ କରି ପକାଇବା ଭଳି ଆପଣାକୁ ପ୍ରତିଷ୍ଠିତ କରି ରଖିବା ତାହା ପକ୍ଷରେ ପ୍ରକୃତରେ କଷ୍ଟକର ବା ଅସମ୍ଭବ ମଧ୍ୟ ହୋଇପଡ଼ିବ । ସେତେବେଳେ ମଧ୍ୟ ଯଦି ଅହଂର ବୋଧଟି ତଥାପି ହସ୍ତକ୍ଷେପ କରିବାକୁ ଆସେ, ତେବେ ତାହା ବାହାରୁ ଆସି ପ୍ରବେଶ କରିବାକୁ ଇଚ୍ଛା କରୁଥିବା ଏକ ଉପାଦାନ ପରି ସେକଥା କରିପାରିବ ଏବଂ ସେହି ପୁରାତନ ଅଜ୍ଞାନର ଏକ କୁହେଳିମୟ ବାହ୍ୟସୀମାଟିରୂପେ ଆମର ଚେତନା ତଥା ଚେତନାଗତ କ୍ରିୟାତ୍ମକତାର ବାହ୍ୟ ଉପକଣ୍ଠଗୁଡ଼ିକରେ ଝୁଲିକରି ରହିଥିବ । ଏବଂ ଦ୍ୱିତୀୟତଃ, ଏହି ବିଶ୍ୱମୟ ଶକ୍ତିଟିର ମଧ୍ୟ ଉପଲବ୍ଧି କରିବାକୁ ପଡ଼ିବ; ତା'ର ଉଚ୍ଚତର ଯାବତୀୟ କ୍ରିୟା ତଥା ଅତିମାନସ ଓ ଚିଦ୍‌ଗତ କ୍ରିୟାତ୍ମକତାର ଶକ୍ତିମନ୍ତ ପବିତ୍ର ରୂପରେ ତାକୁ ଦେଖିବାକୁ, ଅନୁଭବ କରିବାକୁ ଏବଂ ବହନ କରିବାକୁ ପଡ଼ିବ । ଶକ୍ତିର ଏହି ବୃହତ୍ତର ଦୃଷ୍ଟିଟି ଲାଭ କରିବା ଦ୍ୱାରା ଆମେ ଗୁଣଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହୋଇ ରହିବାର ଦୁର୍ଦ୍ଦଶାରୁ ମୁକ୍ତ ହୋଇ ଆସିପାରିବା, ସେଗୁଡ଼ିକୁ ସେଗୁଡ଼ିକର ଦିବ୍ୟ ପ୍ରତିରୂପରେ ରୂପାନ୍ତରିତ କରିଦେଇ ପାରିବା ଏବଂ

'oaob.nitrkl.ac.in' images reprocessed

ଏପରି ଏକ ଚେତନାର ଭୂମିରେ ଯାଇ ଜୀବନ ବଞ୍ଚିପାରିବା, ଯେଉଁଠାରେ କି ପୁରୁଷ ଓ ପ୍ରକୃତି ପରସ୍ପର ସହିତ ଏକ ହୋଇ ରହିଛନ୍ତି, ପରସ୍ପରଠାରୁ ଆଦୌ ବିଚ୍ଛିନ୍ନ ହୋଇ ରହି ନାହାନ୍ତି, ପରସ୍ପର ମଧ୍ୟରେ ଅଥବା ପରସ୍ପର ପକ୍ଷରେ କଦାପି ଅନ୍ତରାଳ ହୋଇ ରହି ନାହାନ୍ତି । ସେଠାରେ ଆପଣାର ପ୍ରତ୍ୟେକ ଗତିସ୍ପନ୍ଦନରେ ପ୍ରକୃତି ଆମର ଆଖି ଆଗରେ କେବଳ ସେହି ପରମ ଦିବ୍ୟରୂପଙ୍କରହିଁ କ୍ରିୟାଶୀଳ ଉପସ୍ଥିତିରୂପେ ପ୍ରତିଭାତ ହୋଇଉଠିବ; ସ୍ୱଭାବତଃ, ସାବଲୀଳତଃ ଏବଂ ଅପ୍ରତିରୋଧୀ ଭାବରେ କେବଳ ସେହି ସର୍ବୋଚ୍ଚ ପରମାତ୍ମସତ୍ତା ଏବଂ ତଦ୍‌ଗତଭାବରହିଁ ଶକ୍ତ୍ୟାତ୍ମକ ସ୍ୱରୂପରୂପେହିଁ ଅନୁଭୂତ ହେବାକୁ ଲାଗିବ ।

ଏହି ଉଚ୍ଚତର ସୋପାନଟିରେ ପହଞ୍ଚି ଶକ୍ତି ଆପଣାକୁ ଅନନ୍ତ ସତ୍, ଚିତ୍, ସଙ୍କଳ୍ପ ତଥା ଆନନ୍ଦର ଉପସ୍ଥିତି ଅଥବା ଅନ୍ତର୍ନିହିତ ଶକ୍ତିରୂପେହିଁ ପରିଚିତ କରାଇ ଆଣିବ, ଏବଂ ଯେତେବେଳେ ତାହା ସେହିପରି ଭାବରେହିଁ ଦୃଷ୍ଟ ଓ ଅନୁଭୂତ ହେବାକୁ ଲାଗିବ, ସେତେବେଳେ ବ୍ୟକ୍ତି ଯେକୌଣସି ବାଟ ଦେଇ, ଅର୍ଥାତ୍ ଆପଣାର ଆରାଧନା ବା ଅଭୀପ୍ସାରୂପୀ ସଙ୍କଳ୍ପଟି ଦ୍ୱାରା ବା ବୃହତ୍ତର ସତ୍ତାଟି ଲାଗି କ୍ଷୁଦ୍ରତର ସତ୍ତାର କୌଣସି ନା କୌଣସି ପ୍ରକାରର ଆକର୍ଷଣ ଦ୍ୱାରା ତାହାର ଆଡ଼କୁ ମୋଡ଼ି ହୋଇଯିବ, ଯେପରିକି ତାହା ତାହାକୁ ଜାଣିବାକୁ ପାଇବ, ତାହାର ଦ୍ୱାରା ପୂର୍ଣ୍ଣ ଏବଂ ଅଧିକୃତ ହୋଇପାରିବ ତଥା ସମୁଦାୟ ପ୍ରକୃତିଟିର ବୋଧ ଏବଂ କ୍ରିୟା ମଧ୍ୟରେ ତାହା ସହିତ ଏକରୂପ ହୋଇଯାଇ ପାରିବ । ମାତ୍ର ପ୍ରଥମ ଅବସ୍ଥାରେ, ଯେତେବେଳେ ଆମେ ତଥାପି ଏହି ମନୋଭୂମିଟିରେହିଁ ଅବସ୍ଥାନ କରୁଥାଉ, ସେତେବେଳେ ଏଠାରେ ଏକ ବିଭ୍ରାନ୍ତିଜନକ ଖାଇ ସୃଷ୍ଟି ହୋଇ ରହିଥାଏ ଅଥବା ଏକାଠି ଦୁଇ ପ୍ରକାରର କ୍ରିୟାହିଁ ଚାଲିଥାଏ । ଆମ ଭିତରେ ଥିବା ମାନସିକ, ପ୍ରାଣିକ ଏବଂ ଭୌତିକ ଶକ୍ତିଟି ତଥା ଏହି ବିଶ୍ୱଜଗତଟି ମଧ୍ୟ କେବଳ ସେହି ସର୍ବୋଚ୍ଚ ପରମଶକ୍ତିରୁହିଁ ନିଷ୍ପନ୍ନ ହୋଇ ଆସିଥିବା ପରି ଅନୁଭୂତ ହେଉଥାଏ ସତ, ମାତ୍ର ତହିଁ ସଙ୍ଗେସଙ୍ଗେ ଏକ ନ୍ୟୂନତର, ବିଚ୍ଛିନ୍ନ ଏବଂ ବେଢେଙ୍ଗ ଅର୍ଥରେ ସତେଅବା କୌଣସି ଅନ୍ୟ ଏକ କ୍ରିୟା ପରି ଅନୁଭୂତ ହେଉଥାଏ । ସେତେବେଳେ ଆମ ଉପରେ ରହିଥିବା ସେହି ଯଥାର୍ଥ ତଦ୍‌ଗତ ଶକ୍ତିହିଁ ନିମ୍ନତର ସୋପାନଗୁଡ଼ିକୁ ଆପଣା ଉପସ୍ଥିତିର ଯାବତୀୟ ସନ୍ଦେଶ, ଆଲୋକ ତଥା ଶକ୍ତିମଣ୍ଡଳକୁ ପ୍ରେରଣ କରି ଦେଉଥାଇ ପାରେ ସତ ବା ବେଳେବେଳେ ସେଠାକୁ ଅବତୀର୍ଣ୍ଣ ହୋଇଆସି ତାହାକୁ ଅଧିକାର କରି ନେଇପାରେ ସତ, ମାତ୍ର ସେତେବେଳେ ତାହା ନିମ୍ନତର କ୍ରିୟାତ୍ମକତାଗୁଡ଼ିକ ସହିତ ବଡ଼ ମିଶ୍ରିତ ହୋଇ ରହିଥାଏ; ସେଗୁଡ଼ିକୁ ତାହା ଆଂଶିକ ଭାବରେ ରୂପାନ୍ତରିତ କରିଦିଏ ଓ ଅଧ୍ୟାତ୍ମଭାବ ଦ୍ୱାରା ସଞ୍ଚାରିତ କରି ଦେଇପାରେ ସତ, ମାତ୍ର ସମୁଦାୟ ପ୍ରକ୍ରିୟାଟି ମଧ୍ୟରେ ସ୍ୱୟଂ କ୍ଷୁଣ୍ଣ ହୋଇପଡ଼େ ଏବଂ କିଞ୍ଚିତ୍ ପରିବର୍ତ୍ତିତ

'oaob.nitrkl.ac.in' images reprocessed

ବି ହୋଇଯାଏ । ପ୍ରକୃତିର ଏକ ଉଚ୍ଚତର କ୍ରିୟା କେବଳ ମଝିରେ ମଝିରେହିଁ ସମ୍ଭବ ହେଉଥାଏ ଅଥବା ଉଚ୍ଚତର ତଥା ନିମ୍ନତର ଦୁଇଟିଯାକ କ୍ରିୟା ଏକା ସମୟରେ ଚାଲୁ ରହିଥାଏ । ଅଥବା, ଆମେ ଏପରି ବି ଦେଖିବାକୁ ପାଉ ଯେ ଶକ୍ତି କିଯତ୍କାଳ ସକାଶେ ସତ୍ତାକୁ ଏକ ଉଚ୍ଚତର ଆଧ୍ୟାତ୍ମିକ ସୋପାନକୁ ଉଠାଇ ନେଇଯାଏ ଏବଂ ତା'ପରେ ନିମ୍ନତର ସୋପାନଗୁଡ଼ିକୁ ପୁନର୍ବାର ଅବନମିତ କରି ନେଇଆସେ । ଏହି ନିତ୍ୟନୈମିତ୍ତିକ ସତ୍ତାରୁ ଅଧ୍ୟାତ୍ମ ସତ୍ତାରୂପେ ରୂପାନ୍ତରିତ ହୋଇଯିବାର ପ୍ରକ୍ରିୟାଟିରେ ଆମେ ଏହି ପରିବର୍ତ୍ତନଶୀଳ ଅବସ୍ଥାଗୁଡ଼ିକୁ ଏକ ସ୍ୱାଭାବିକ ଉତ୍ଥାନ-ପତନର ଅବସ୍ଥା ବୋଲି ବୁଝିବାକୁ ଚେଷ୍ଟା କରିବା । ମାତ୍ର, ମାନସିକ କ୍ରିୟା ଏବଂ ଆଧ୍ୟାତ୍ମିକ କ୍ରିୟା ମଧ୍ୟରେ ଏକ ଯୋଗସୂତ୍ର ସମ୍ଭବ ନହେବା ପର୍ଯ୍ୟନ୍ତ ଏବଂ ଆମ ଜୀବନାସ୍ତିତ୍ୱର ଯାବତୀୟ କ୍ରିୟାଭୂମିରେ ଏକ ଉଚ୍ଚତର ଜ୍ଞାନର ପ୍ରୟୋଗ ହୋଇ ନଥିବା ପର୍ଯ୍ୟନ୍ତ ପୂର୍ଣ୍ଣଯୋଗ ଲାଗି ଅଭିଳଷିତ ରୂପାନ୍ତରସିଦ୍ଧିଟି କଦାପି ପରିପୂର୍ଣ୍ଣ ହୋଇପାରିବ ନାହିଁ । ଏହି ଯୋଗସୂତ୍ର ବା ସଂଯୋଜକକୁ ଆମେ ସେହି ଅତିମାନସ ବା ବିଜ୍ଞାନମୟ ଶକ୍ତିଟି ବୋଲି ଜାଣିବା, ଯାହା ମଧ୍ୟରେ କି ସେହି ପରମ ସତ୍, ଚିତ୍ ତଥା ଆନନ୍ଦର ଅପରିମେୟ ଅନନ୍ତ ଶକ୍ତିସମ୍ପନ୍ନତା ଆପଣାକୁ ବ୍ୟବସ୍ଥାକାରୀ ଏକ ଦିବ୍ୟ ସଂକଳ୍ପ ଓ ପ୍ରଜ୍ଞାରୂପେ ବା ସତ୍ତାରେ ରହିଥିବା ଏକ ଆଲୋକ ଓ ସାମର୍ଥ୍ୟରୂପେ ରୂପାୟିତ କରି ନେଇଆସେ; ଏହି ସଂକଳ୍ପ, ପ୍ରଜ୍ଞା, ଆଲୋକ ଓ ସାମର୍ଥ୍ୟ ଆମର ଯାବତୀୟ ଭାବନା, ସଂକଳ୍ପ, ଅନୁଭୂତି ଏବଂ କ୍ରିୟାକୁ ରୂପାୟିତ କରିଥାଏ ଏବଂ ତଦନୁରୂପ ଯାବତୀୟ ବ୍ୟକ୍ତିଗତ ଗତିସ୍ପନ୍ଦନର ସ୍ଥାନ ଅଧିକାର କରିଥାଏ ।

ଏହି ଅତିମାନସ ଶକ୍ତି ଆମର ଏହି ମନର ସୋପାନଟିରେହିଁ ଆପଣାକୁ ଏକ ଅଧ୍ୟାତ୍ମଭାବ ଦ୍ୱାରା ସଞ୍ଚାରିତ ସଂବୋଧିମୟ ଆଲୋକ ଏବଂ ସାମର୍ଥ୍ୟରୂପେ ଗଠିତ କରି ରଖିପାରେ, ଏବଂ ତାହାକୁ ଏକ ବୃହତ୍ତର ଆଧ୍ୟାତ୍ମିକ କ୍ରିୟା ବୋଲି କୁହାଗଲେ ମଧ୍ୟ ତଥାପି ସେହି ମନର ଭୂମିରେହିଁ ସୀମାବଦ୍ଧ ବୋଲି କୁହାଯିବ । ଅଥବା, ତାହା ହୁଏତ ମନର ଭୂମିଟିକୁ ଏକାବେଳକେ ରୂପାନ୍ତରିତ କରି ଦେଇପାରେ ଏବଂ ସମୁଦାୟ ସତ୍ତାଟିକୁ ଅତିମାନସ ସ୍ତର ଯାଏ ଉତ୍ତୋଳିତ କରି ନେଇପାରେ । ସେ ଯାହାହେଉ ପଛକେ, ଯୋଗର ଏହି ଭାଗଟିରେ ଆମେ ଏହାକୁହିଁ ପ୍ରଥମ ଆବଶ୍ୟକତାଟିରୂପେ ଜାଣିରଖିବା : ଆମେ ଆମ ଭିତରୁ କର୍ତ୍ତାର ଅହଂଟିକୁ ପରିହାର କରି ଆସିବା, ଆମର ଅହଂଭାବନାଟିକୁ ଛାଡ଼ି ଆସିବା; କୌଣସି କର୍ମ କରିବା ଲାଗି ପ୍ରକୃତରେ ଆମର କୌଣସି ସମର୍ଥତା ରହିଛି, ଆମେ ପ୍ରକୃତରେ କୌଣସି କର୍ମର ଆରମ୍ଭ କରୁଛୁ ବା କର୍ମର କୌଣସି ପରିଣାମକୁ ପ୍ରକୃତରେ ଆମେ ନିୟନ୍ତ୍ରଣ କରୁଛୁ ବୋଲି ସକଳ ଭାବନାକୁ ତ୍ୟାଗ କରିବା ଏବଂ ତାହାକୁ କେବଳ ସେହି ବିଶ୍ୱବ୍ୟାପୀ

'oaob.nitrkl.ac.in' images reprocessed

ଶକ୍ତିରହିଁ ବୋଧ ଏବଂ ଦୃଷ୍ଟି ଭିତରେ ନେଇ ନିମଜ୍ଜିତ କରିଦେବା ଯିଏକି ଆମର ତଥା ଅନ୍ୟ ସମସ୍ତଙ୍କର ତଥା ପୃଥିବୀସ୍ଥ ସକଳ ବ୍ୟକ୍ତି ତଥା ସକଳ ଶକ୍ତିର କର୍ମକୁ ଜନ୍ମ ଦେଉଛୁ, ଆକାର ଦେଉଛୁ ଓ ତାହାକୁ ତାହାର ପରିଣାମଗୁଡ଼ିକ ଆଡ଼କୁ ମୁହାଁଇ ରଖୁଛୁ । ଯଦି ଆମେ ତାହାର ଯାବତୀୟ ରୂପରେ କେବଳ ସେହି ଶକ୍ତିର ବୋଧ ତଥା ଦୃଷ୍ଟିଟିର ଅଧିକାରୀ ହୋଇପାରିବା, ଆମ ସତ୍ତାର ତଥା ବିଶ୍ବ-ସତ୍ତାର ସକଳ ସ୍ତରରେ ଆମେ ଯଦି ତାହାକୁ କେବଳ ସେହି ପରମ ଦିବ୍ୟତାରହିଁ ଜଡ଼ୀୟ, ପ୍ରାଣିକ, ମାନସିକ ତଥା ଅଧିମାନସ ଶକ୍ତି ବୋଲି ଜାଣିବା ଓ ଦେଖିବାକୁ ସମର୍ଥ ହୋଇଯିବା, ତେବେ ଆମ ସତ୍ତାର ସକଳ ସ୍ତରରେ ସେହି ଉପଲବ୍ଧିଟି ଅବଶ୍ୟ ପରିପୂର୍ଣ୍ଣ ଓ ସମଗ୍ର ଭାବରେ ସମ୍ଭବ ହୋଇଯିବ; ମାତ୍ର ସବୁଯାକ ସୋପାନର ଏହି ସବୁଯାକ ଶକ୍ତିକୁ କେବଳ ସେହି ଅନନ୍ତ ସତ୍ତା, ଚେତନା ତଥା ଆନନ୍ଦ ସହିତ ଯୁକ୍ତ ହୋଇ ରହିଥିବା ଏକ ଆଧ୍ୟାତ୍ମିକ ଶକ୍ତିର ନାନା ଆତ୍ମ-ରୂପାୟନରୂପେହିଁ ଦେଖିବାକୁ ପଡ଼ିବ ଏବଂ ଜାଣିବାକୁ ପଡ଼ିବ । ଏହି କ୍ଷେତ୍ରରେ ଆଦୌ ଏପରି କୌଣସି ଅପରିବର୍ତ୍ତନୀୟ ନିୟମ ନାହିଁ ଯେ ଏହି ଶକ୍ତି ସର୍ବପ୍ରଥମେ ଆପଣାକୁ ନିମ୍ନତର ଭୂମିଗୁଡ଼ିକ ଉପରେ ଏବଂ ଶକ୍ତିର ନିମ୍ନତର ରୂପାୟନଗୁଡ଼ିକରେହିଁ ଅଭିବ୍ୟକ୍ତ କରିବ ଏବଂ ତା'ପରେ ଯାଇ ଆପଣାର ଉଚ୍ଚତର ତଦ୍‌ଗତ ପ୍ରକୃତିଟିକୁ ପ୍ରକଟିତ କରିଦେବ । ଏବଂ ଯଦି ଏହା ପ୍ରକୃତରେ ଏହିପରି ଭାବରେହିଁ ଆସେ, ଅର୍ଥାତ୍ ପ୍ରଥମେ ଆପଣାର ମନୋମୟ, ପ୍ରାଣିକ ଏବଂ ଭୌତିକ ବିଶ୍ବଗତତାରୂପେହିଁ ଆପଣାକୁ ଆବିର୍ଭୂତ କରାଏ, ତେବେ ଏହିଠାରେହିଁ ତୃପ୍ତ ହୋଇ ରହି ନଯିବା ଲାଗି ଆମେ ସର୍ବଦା ଅବଶ୍ୟ ସାବଧାନ ରହିଥିବା । ସେହି ଶକ୍ତି ହୁଏତ ହଠାତ୍ ଆପଣାର ଉଚ୍ଚତର ସତ୍ୟଟିର ରୂପରେ ଆବିର୍ଭୂତ ହୋଇ ଆସିପାରେ, ଆପଣାର ସେହି ଆଧ୍ୟାତ୍ମିକ ଉଜ୍ଜ୍ୱଳ ମହିମାର ଶକ୍ତିମତ୍ତାରେ ତାହା ଆବିର୍ଭୂତ ହୋଇପାରେ । ସେହି ଶକ୍ତିଟି ସତ୍ତାର ନିମ୍ନତର ଭୂମିଗୁଡ଼ିକର ସାମର୍ଥ୍ୟଗୁଡ଼ିକ ଉପରେ ଆପଣାର ଶକ୍ତିଶାଳୀ ବାହୁଟିକୁ ପ୍ରସାରିତ କରିଆଣି ସେଗୁଡ଼ିକୁ ରୂପାନ୍ତରିତ କରିଦେଇ ନପାରିବା ପର୍ଯ୍ୟନ୍ତ ଆମେ ତାହାକୁ ପ୍ରକୃତରେ କପରି ବହନ ଏବଂ ଧାରଣ କରି ରଖିପାରିବା, ସେତେବେଳେ ଏହି ସମସ୍ୟାଟି ଆସି ଉପୁଜିବ । ସେତେବେଳେ ଆମେ ଯେତିକି ପରିମାଣରେ ଏକ ବ୍ୟାପ୍ତିଯୁକ୍ତ ଶାନ୍ତି ଏବଂ ସମତା ଅର୍ଜନ କରିବାକୁ ସମର୍ଥ ହୋଇଥିବା, ଏବଂ ସବୁକିଛି ମଧ୍ୟରେ ସେହି ଏକ ଶାନ୍ତିମୟ ଅବିଚଳ ଆତ୍ମସତ୍ତାଟିକୁ ଉପଲବ୍ଧି କରିଥିବା, ଅନୁଭବ କରି ପାରୁଥିବା ଓ ତାହାର ମଧ୍ୟରେ ରହି ଜୀବନ ବଞ୍ଚି ପାରୁଥିବା ଅଥବା ଯୋଗର ସେହି ଦିବ୍ୟ ପରମ ଅଧୀଶ୍ବରଙ୍କ ପାଖରେ ଏକ ଯଥାର୍ଥ ତଥା ସମ୍ପୂର୍ଣ୍ଣ ସମର୍ପଣ ସମ୍ଭବ କରି ପାରିଥିବା, ସମସ୍ୟାଟି ଠିକ୍ ସେତିକି ପରିମାଣରେ ଊଣା ହୋଇଯିବା ପରି ଲାଗୁଥିବ ।

'oaob.nitrkl.ac.in' images reprocessed

ଏଠାରେ ପରମେଶ୍ୱରଙ୍କର ସେହି ତିନୋଟିଯାକ ଶକ୍ତିକୁ ସର୍ବଦା ଧ୍ୟାନରେ ରଖିଥିବା ଆବଶ୍ୟକ, ଯାହାକି ପ୍ରାଣୀମାନେ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ ରହିଛି ଏବଂ ସକଳ ପ୍ରାଣୀଙ୍କ କ୍ଷେତ୍ରରେ ଆମକୁ ଅବଶ୍ୟ ଯାହାର ବିସ୍ତାର କରିବାକୁ ପଡ଼ିବ । ଆପଣାର ସାଧାରଣ ଚେତନାରେ ଆମେ ଏହି ତିନୋଟିକୁ ଆପଣାର ସତ୍ତା ଅର୍ଥାତ୍ ଅହଂରୂପୀ ଜୀବ, ଈଶ୍ୱର,—ସେହି ଈଶ୍ୱର ବିଷୟରେ ଆମର ଧାରଣା ଯାହାକିଛି ହୋଇଥାଉ ପଛକେ,—ଏବଂ ପ୍ରକୃତିରୂପେ ଦେଖିଥାଉ । ଆଧ୍ୟାତ୍ମିକ ଅନୁଭବରେ ଆମେ ପରମେଶ୍ୱରଙ୍କୁ ପରମ ଆତ୍ମସତ୍ତା ବା ପରମ ଚିଦ୍‌ଗତତାରୂପେ ଦେଖିଥାଉ; ଅଥବା ଆମେ ଯାହାଙ୍କଠାରୁ ଜନ୍ମଲାଭ କରିଛୁ, ଯାହାଙ୍କ ମଧ୍ୟରେ ବଞ୍ଚିରହିଛୁ ଏବଂ ବିଚରଣ କରୁଛୁ, ତାଙ୍କୁ ସେହି ପରମ ସତ୍ତାରୂପେହିଁ ପ୍ରତ୍ୟକ୍ଷ କରୁ । ପ୍ରକୃତିକୁ ଆମେ ତାଙ୍କର ଶକ୍ତି ବୋଲି ଦେଖୁ, ଅର୍ଥାତ୍ ଶକ୍ତିରୂପୀ ଭଗବାନ ବୋଲି ଦେଖୁ, ଆମ ଭିତରେ ତଥା ବିଶ୍ୱଜଗତରେ କାର୍ଯ୍ୟ କରୁଥିବା ସେହି ଶକ୍ତି ମଧ୍ୟରେ ବିରାଜିତ ପରମ ଚିଦ୍‌ଗତତାରୂପେହିଁ ପ୍ରତ୍ୟକ୍ଷ କରିଥାଉ । ସେତେବେଳେ ସ୍ୱୟଂ ଜୀବ ଏହି ପରମ ଆତ୍ମସତ୍ତା, ଚିଦ୍‌ଗତତା, ଦିବ୍ୟତା ବା 'ସୋଽହଂ'ରୂପେହିଁ ପ୍ରତ୍ୟକ୍ଷ ହୁଏ, କାରଣ ଆପଣାର ସତ୍ତାଗତ ତଥା ଚେତନାଗତ ମର୍ମଭୂମିରେ ସେ ତାଙ୍କର ସହିତହିଁ ଏକରୂପ ହୋଇ ରହିଥାଏ; ମାତ୍ର ବ୍ୟକ୍ତିରୂପେ ସେ ସେହି ପରମ ଦିବ୍ୟତାର କେବଳ ଏକ ଅଂଶ ହୋଇହିଁ ରହିଥାଏ, ସେହି ପରମାତ୍ମାଙ୍କର ଏକ ଅଂଶାତ୍ମା ହୋଇ ରହିଥାଏ; ଏବଂ ଆପଣାର ପ୍ରାକୃତ ସତ୍ତାରେ ସେ ପରମା ଶକ୍ତିର ଏକ ରୂପ ହୋଇ ରହିଥାଏ, ଗତିସ୍ପନ୍ଦନ ଓ ନିଷ୍ପାଦକତାର ଭୂମିରେ ପରମେଶ୍ୱରଙ୍କରହିଁ ଏକ ସାମର୍ଥ୍ୟ ହୋଇ ରହିଥାଏ, 'ପରା ପ୍ରକୃତିଃ ଜୀବଭୂତା' ହୋଇ ରହିଥାଏ । ପ୍ରଥମେ, ଆମେ ଯେତେବେଳେ ପରମେଶ୍ୱର ଅଥବା ସେହି ପରମା ଶକ୍ତି ବିଷୟରେ ସଚେତନ ହୋଇଉଠୁ, ସେତେବେଳେ ଏହି ଆଧ୍ୟାତ୍ମିକ ସମ୍ବନ୍ଧଟିର କ୍ଷେତ୍ରକୁ ଆମେ ସତେଅବା ସାଙ୍ଗରେ ନେଇ ଆସିଥିବା ଅହଂଚେତନାରୁହିଁ ସେଗୁଡ଼ିକ ସହିତ ଆମର ସମ୍ବନ୍ଧଗତ ଯାବତୀୟ ସମସ୍ୟାର ଜନ୍ମ ହୋଇଥାଏ । ଆମ ଭିତରେ ରହିଥିବା ଅହଂଟି ପରମ ଦିବ୍ୟତା ଉପରେ ଆଧ୍ୟାତ୍ମିକ ଦାବିଟି ନକରି ଅନ୍ୟ ଅନେକ ଦାବି କରିବାକୁ ବାହାରିପଡ଼େ, ଏବଂ ଏହି ଦାବିଗୁଡ଼ିକ ଗୋଟାଏ ଅର୍ଥରେ ବେଶ୍ ଯୁକ୍ତିଯୁକ୍ତ ହୋଇ ରହିଥାଏ ସତ, ମାତ୍ର ଯେତେବେଳଯାଏ ଏବଂ ଯେଉଁ ପରିମାଣରେ ସେଗୁଡ଼ିକ ଏକ ଅହଂଗ୍ରସ୍ତ ରୂପକୁ ଧାରଣ କରି ରଖିଥାନ୍ତି, ସେତେବେଳଯାଏ ସେଗୁଡ଼ିକ ସେହି ପରିମାଣରେ ନାନାବିଧ ସ୍ଥୂଳତା ତଥା ବିକୃତି ଲାଗି ଉନ୍ମୁକ୍ତ ହୋଇ ରହିଥାନ୍ତି, ମିଥ୍ୟା, ଅକାମ୍ୟ ପ୍ରତିକ୍ରିୟା ଏବଂ ସେଥିରୁ ଉପୁଜୁଥିବା ଅନର୍ଥର ଏକ ଉପାଦାନ ଦ୍ୱାରା ଭାରାକ୍ରାନ୍ତ ହୋଇ ରହିଥାନ୍ତି; ଏବଂ ଏହିସବୁ ଦାବି କେବଳ ଆଧ୍ୟାତ୍ମିକ ଦାବିଟିର ଅନ୍ତର୍ଭୁକ୍ତ ହୋଇପାରିଲେ ଏବଂ ଆପଣାର ଅହଂକାରର ସ୍ୱଭାବଟିକୁ ବର୍ଜନ କରି ଆସିଲେ ଯାଇ ଏହି କ୍ଷେତ୍ରର ସମ୍ବନ୍ଧଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଯଥୋଚିତ,

'oaob.nitrkl.ac.in' images reprocessed

ସୁଖମୟ ଏବଂ ପୂର୍ଣ୍ଣତାଯୁକ୍ତ ହୋଇ ପାରିବାର ସମ୍ଭାବନା ରହିଥାଏ । ଏବଂ ଯେତେବେଳେ ପରମ ଦିବ୍ୟତା ଉପରେ ଆମ ସତ୍ତାର ଦାବିଟି ଆଉ ପ୍ରକୃତରେ ଏକ ଦାବି ହୋଇ ରହେ ନାହିଁ, ଏବଂ ତାହା ପରିବର୍ତ୍ତିରେ ବ୍ୟକ୍ତିର ମାଧ୍ୟମରେ ପରମ ଦିବ୍ୟତା ଆପଣାକୁ ପରିପୂର୍ଣ୍ଣ କରିଦେବାରେହିଁ ପରିଣତ ହୋଇଯାଏ, ଯେତେବେଳେ ଆମେ କେବଳ ସେତିକ ଦ୍ୱାରାହିଁ ସନ୍ତୁଷ୍ଟ ହୋଇଯାଉ, ଆମେ ଯେତେବେଳେ ସତ୍ତାର ଭୂମିରେ ଏକତ୍ୱର ଉପଲବ୍ଧି କରିବାର ଆନନ୍ଦରେହିଁ ତୃପ୍ତ ହୋଇ ରହୁ ଏବଂ ଅଧିକରୁ ଅଧିକ ପରିପୂର୍ଣ୍ଣତା ଲାଭ କରୁଥିବା ଆମର ଏହି ପ୍ରକୃତିଟିର ମାଧ୍ୟମରେ ସକଳ ଅସ୍ତିତ୍ୱର ସେହି ପରମ ପ୍ରଭୁ ତଥା ସର୍ବୋଚ୍ଚ ଆତ୍ମା ଆପଣାର ପରମ ପ୍ରଜ୍ଞା ତଥା ଜ୍ଞାନର ସଂକଳ୍ପଟିକୁ କାର୍ଯ୍ୟକାରୀ କରିବା ଲାଗି ତାଙ୍କୁ ବାଟ ଛାଡ଼ିଦେବାରେହିଁ ସନ୍ତୋଷ ଲାଭ କରୁ, ବସ୍ତୁତଃ ସେତିକବେଳେହିଁ ତାଙ୍କ ଉପରେ ଆମର ଦାବିଟି ସର୍ବତୋଭାବେ ପରିପୂର୍ଣ୍ଣତା ଲାଭ କରେ । ଏହାହିଁ ହେଉଛି ପରମ ଦିବ୍ୟସ୍ୱରୂପଙ୍କ ପାଖରେ ବ୍ୟକ୍ତି-ଆତ୍ମାର ଆତ୍ମ-ସମର୍ପଣର ତାତ୍ପର୍ଯ୍ୟ । ଏକତ୍ୱଜନିତ ଆନନ୍ଦଟିକୁ ଲାଭ କରିବା, ଦିବ୍ୟ ଚେତନା, ପ୍ରଜ୍ଞା, ଜ୍ଞାନ, ଆଲୋକ, ଶକ୍ତି ତଥା ପୂର୍ଣ୍ଣତାରେ ଅଂଶଗ୍ରହଣ କରିବା ଏବଂ ଆମରି ଭିତରେ ଦିବ୍ୟ ଚରିତାର୍ଥତାରୁ ପ୍ରାପ୍ତ ହେଉଥିବା ତୃପ୍ତିର ଇଚ୍ଛାଟି ଆତ୍ମ-ସମର୍ପଣର କ୍ଷେତ୍ରଟି ମଧ୍ୟରୁ କଦାପି ବହିଷ୍କୃତ ହୋଇ ରହେ ନାହିଁ; ମାତ୍ର ସେହି ଇଚ୍ଛା ତଥା ଆକାଙ୍କ୍ଷା ପ୍ରକୃତରେ ଆମରି ହୋଇ ରହିଥାଏ, କାରଣ ଆମ ଭିତରେ ତାହା କେବଳ ତାଙ୍କର ଇଚ୍ଛା ହୋଇ ରହିଥାଏ । ପ୍ରଥମ ଅବସ୍ଥାରେ, ଯେତେବେଳେ ଆପଣାର ବ୍ୟକ୍ତିତ୍ୱଟି ଉପରେ ଆଗ୍ରହ ରଖିବାର ଭାବନା ତଥାପି ବିଦ୍ୟମାନ ଥାଏ, ସେତେବେଳେ ଆମର ଇଚ୍ଛାଟି ତାଙ୍କର ଇଚ୍ଛାକୁ କେବଳ ପ୍ରତିବିମ୍ବିତ କରିବାରେ ଲାଗିଥାଏ; ମାତ୍ର ଦୁଇଟି ମଧ୍ୟରେ ଏକ ଭେଦ ନିରୂପଣ କରିବା କ୍ରମେ ଅଧିକରୁ ଅଧିକ କଷ୍ଟକର ହେବାକୁ ଲାଗେ, ଆମର ଇଚ୍ଛାଟି ମଧ୍ୟ କ୍ରମଶଃ ଅଧିକରୁ ଅଧିକ କମ୍ ପରିମାଣରେ ଏକ ବ୍ୟକ୍ତି-ଇଚ୍ଛା ହୋଇ ରହେ; ଏବଂ ପରିଶେଷରେ ତାହା ମଧ୍ୟରୁ ପାର୍ଥକ୍ୟ ଏବଂ ପ୍ରଭେଦର ସକଳ ଅବଶେଷ ଲୁପ୍ତ ହୋଇଯାଏ, କାରଣ ଆମ ଭିତରେ କାର୍ଯ୍ୟ କରୁଥିବା ସଂକଳ୍ପଟି ଦିବ୍ୟ ତପଃଶକ୍ତି ଅର୍ଥାତ୍ ଦିବ୍ୟ ଶକ୍ତିର କ୍ରିୟାଟି ସହିତ ଏକରୂପ ହୋଇ ଯାଇଥାଏ ।

ଠିକ୍ ସେହିପରି ଭାବରେ ଆମେ ଯେତେବେଳେ ପ୍ରଥମେ ଆମ ଊର୍ଦ୍ଧ୍ୱରେ, ଆମ ଚତୁର୍ଦ୍ଦିଗରେ ଓ ଆମ ଭିତରେ ରହିଥିବା ଅନନ୍ତ ଶକ୍ତିଟି ବିଷୟରେ ସଜ୍ଞାନ ହେବାକୁ ଲାଗୁ, ସେତେବେଳେ ଆମ ଭିତରେ ଥିବା ଅହଂବୁଦ୍ଧି ସେଇଟି ଉପରେ ଆପଣାର ଅଧିକାର ସ୍ଥାପିତ କରିବାକୁ ଏବଂ ଏହି କ୍ରମବର୍ଦ୍ଧମାନ ଶକ୍ତିକୁ ଆପଣାର ଅହଂପ୍ରେରିତ ଲକ୍ଷ୍ୟସାଧନ ସକାଶେ ବ୍ୟବହାର କରିବାକୁ ପ୍ରବୃତ୍ତ ହୋଇଥାଏ । ଏହାକୁ ଆମେ ସବୁଠାରୁ ଏକ ଅଧିକ ବିପଜ୍ଜନକ ବସ୍ତୁ ବୋଲି କହିବା, କାରଣ

'oaob.nitrkl.ac.in' images reprocessed

ଏହା ଆପଣା ସହିତ ଏକ ପ୍ରକାଣ୍ଡ, ଏପରିକି ବେଳେବେଳେ ଏକ ଦାନବୀୟ ଶକ୍ତିର ବୋଧକୁ ତଥା ବୃଦ୍ଧିପ୍ରାପ୍ତ କାର୍ଯ୍ୟବତ୍ତାକୁ ବହନ କରି ଆଣିଥାଏ; ଏବଂ ଏହି ନୂତନ ପ୍ରବଳ ଶକ୍ତିବୋଧଜନିତ ଉତ୍ଫୁଲ୍ଲତାଟିକୁ ଅନୁଭବ କରୁ କରୁ ରାଜସିକ ଅହଂଟି ସେହି ଶକ୍ତିଟିକୁ ଶୁଦ୍ଧ ଓ ରୂପାନ୍ତରିତ କରିବା ଲାଗି ଅପେକ୍ଷା କରିବା ପରିବର୍ତ୍ତେ ଆପଣାକୁ ହୁଏତ ଏକ ତୀବ୍ରବଳ ଏବଂ ଅଶୁଦ୍ଧ କର୍ମରେ ନେଇ ନିକ୍ଷିପ୍ତ କରି ଦେଇ-ପାରେ ଏବଂ ଏପରିକି ଆମକୁ କିଛି ସମୟ ସକାଶେ ବା ଆଂଶିକ ଭାବରେ ଏପରି ଏକ ସ୍ୱାର୍ଥସର୍ବସ୍ୱ ଏବଂ ଉଦ୍ଧତ ଅସୁରରେ ପରିଣତ କରି ଦେଇପାରେ ଯିଏକି ତାହାକୁ ପ୍ର଼ଦତ୍ତ ହୋଇଥିବା ଶକ୍ତିକୁ ଦିବ୍ୟ ଉଦ୍ଦେଶ୍ୟର ସାଧନ ଦିଗରେ ନ ଲଗାଇ ତାହାର ଆପଣା ଅଭିପ୍ରାୟଗୁଡ଼ିକର ସିଦ୍ଧି ଲାଗିହିଁ ବ୍ୟବହାର କରିପାରେ । ମାତ୍ର ଯଦି ସେଥିରୁ କ୍ଷାନ୍ତ ନହୋଇ ଆମେ ସେହି ବାଟରେହିଁ ଆଗକୁ ଯିବାକୁ ଲାଗୁ, ତେବେ ତାହାର ଅବଶେଷରେ ଆଧ୍ୟାତ୍ମିକ ବିନାଶ ଏବଂ ଭୌତିକ ସର୍ବନାଶହିଁ ନିହିତ ହୋଇ ରହିଛି । ଏବଂ ଆପଣାକୁ ଭଗବାନଙ୍କର କେବଳ ଏକ ନିମିତ୍ତ ବା ସାଧନ ବୋଲି ବିଚାର କରିବାକୁହିଁ ଆମେ କଦାପି ଏକ ପୂର୍ଣ୍ଣ ପ୍ରତିକାର ବୋଲି ଭ୍ରମ କରିବା ନାହିଁ; କାରଣ ଯେତେବେଳେ ଏହି କ୍ଷେତ୍ରରେ ଏକ ଶକ୍ତିଶାଳୀ ଅହଂ ହସ୍ତକ୍ଷେପ କରିବାରେ ଲାଗିଥାଏ, ସେତେବେଳେ ତାହା ତଦ୍‌ଗତ ସମ୍ବନ୍ଧଟିକୁ ମିଥ୍ୟାରେହିଁ ପରିଣତ କରି ଦେଉଥାଏ ଏବଂ ଆପଣାକୁ ପରମ ଭଗବାନଙ୍କର ଏକ ନିମିତ୍ତ କରି ରଖିବାର ଭେକଟି ତଳେ ପ୍ରକୃତରେ ଓଲଟି ଭଗବାନଙ୍କୁହିଁ ଆପଣାର ନିମିତ୍ତରୂପେ ବ୍ୟବହାର କରିବା ଲାଗି ସତେଅବା ବଦ୍ଧପରିକର ହୋଇ ରହିଥାଏ । ଏହାର ଏକମାତ୍ର ପ୍ରତିକାର ହେଉଛି ଯେ ଆମେ ଅହଂର ସକଳପ୍ରକାର ଦାବିକୁ ଶାନ୍ତ କରି ଆଣିବା, ସାତ୍ତ୍ୱିକ ଅହଂ ମଧ୍ୟ ତଥାପି ଗୁଡ଼ିଏପାରୁ ନଥିବା ସେହି ବ୍ୟକ୍ତିଚେଷ୍ଟା ଓ ପୃଥକ୍ ବ୍ୟକ୍ତି-ଗତ ଆତ୍ମାଭିପ୍ରାୟସବୁକୁ ନିରନ୍ତର ଦୃଢ଼ତାର ସହିତ କମ୍ କରିବାରେ ଲାଗିଥିବା; ଏବଂ ଶକ୍ତିକୁ ସ୍ୱାୟତ୍ତ କରି ତାହାକୁ ଆପଣାର ଉଦ୍ଦେଶ୍ୟସାଧନରେ ଲଗାଇବା ପରିବର୍ତ୍ତେ ବରଂ ଆପଣାକୁହିଁ ଶକ୍ତିର ହାତରେ ଗୁଡ଼ିଦେବା, ଆମକୁ ଦିବ୍ୟ ଉଦ୍ଦେଶ୍ୟସାଧନ ଲାଗି କାମରେ ଲଗାଇବା ସକାଶେ ତାହାରି ହାତରେ ଗୁଡ଼ିଦେବା । ଏହି କଥାଟିକୁ କଦାପି ହଠାତ୍ ପରିପୂର୍ଣ୍ଣ ଭାବରେ ସମ୍ପନ୍ନ କରିହେବ ନାହିଁ; ଏବଂ ଯଦି ବିଶ୍ୱଗତ କେବଳ ନିମ୍ନତର ଶକ୍ତିଟି ବିଷୟରେହିଁ ଆମେ ସଜ୍ଞାନ ହୋଇ ରହିଥିବା, ତେବେ ତାହା କଦାପି ନିରାପଦ ଭାବରେ ସମ୍ପନ୍ନ ହୋଇପାରିବ ନାହିଁ, କାରଣ, ଯେପରି ଆଗରୁ ଆଲୋଚନା କରାଯାଇଛି, ତା'ହେଲେ ସେହି କ୍ଷେତ୍ରରେ ବଡ଼ ଅବଶ୍ୟମ୍ଭାବୀ ଭାବରେ ଆଉ ଅନ୍ୟ କାହାରହିଁ ନିୟନ୍ତ୍ରଣ ଚାଲୁଥିବ, ଅର୍ଥାତ୍ ମନୋମୟ ପୁରୁଷର ବା ଉତ୍କୃଷ୍ଟ ଭୂମିରୁହିଁ ସକଳ ନିୟନ୍ତ୍ରଣ ହେଉଥିବ । ମାତ୍ର ତଥାପି ତାହାକୁହିଁ ଲକ୍ଷ୍ୟ ରୂପେ ଆମ ସମ୍ମୁଖରେ ଧରି ରଖିବାକୁ ହେବ ଏବଂ ସେହି ଦିବ୍ୟ ଶକ୍ତିର ଉଚ୍ଚତମ

ଚିଦ୍‌ଗତ ଉପସ୍ଥିତି ଏବଂ ରୂପାୟନଟି ବିଷୟରେ ଅବିଚଳିତ ଭାବରେ ସଜ୍ଞାନ ହୋଇ ରହିପାରିଲେ ଯାଇ ସେହି ଲକ୍ଷ୍ୟଟି ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇପାରିବ । ଏହିପରି ଭାବରେ ବ୍ୟକ୍ତି-ଆତ୍ମାର ସମୁଦାୟ କ୍ରିୟାଟିକୁ ପରମା ଶକ୍ତି ପାଖରେ ସମର୍ପଣ କରିଦେଇ ପାରିଲେହିଁ ବସ୍ତୁତଃ ତାହାହିଁ ପରମ ଦିବ୍ୟସ୍ୱରୂପଙ୍କ ନିମନ୍ତେ ଏକ ଯଥାର୍ଥ ଆତ୍ମ-ସମର୍ପଣ ହୋଇ ରହିବ ।

ଆମେ ଏକଥାଟି ଆଗରୁ ଦେଖିସାରିଛୁ ଯେ ଆପଣା ଶୁଦ୍ଧତାର ସ୍ତରଠାରୁ ଅଧିକ କାର୍ଯ୍ୟକ୍ଷମ ପଦ୍ଧତିରୂପେ ମନୋମୟ ପୁରୁଷ ଆପଣାକୁ ପଛକୁ ଅପସାରିଇ ନେଇଯିବ, ସ୍ୱୟଂ କୌଣସି କ୍ରିୟା ନକରି କେବଳ ସାକ୍ଷୀରୂପ ଦଣ୍ଡାୟମାନ ରହିବ, ଆପଣାକୁ ତଥା ସେହି ନିମ୍ନତର ଅର୍ଥାତ୍ ସାଧାରଣ ସତ୍ତାର ଭୂମିରେ ପ୍ରକୃତିର ଯାବତୀୟ କ୍ରିୟାମୂଳକତାକୁ ଅବଲୋକନ କରିବ, ଜାଣିବ । ମାତ୍ର ପୂର୍ଣ୍ଣ ସିଦ୍ଧି ଲାଭ କରିବା ସକାଶେ ଏହାକୁ ଶୁଦ୍ଧ ପ୍ରକୃତିଟିକୁ ସେହି ଉଚ୍ଚତର ଆଧ୍ୟାତ୍ମସତ୍ତା ମଧ୍ୟକୁ ଉନ୍ନୀତ କରିନେବାର ଏକ ସଂକଳ୍ପ ସହିତ ସଂଯୁକ୍ତ କରି ରଖିବାକୁ ହେବ । ଯେତେବେଳେ ଏକଥାଟି ସାଧ୍ୟ ହୋଇଯିବ, ସେତେବେଳେ ପୁରୁଷ ଆଉ କେବଳ ଏକ ସାକ୍ଷୀ ହୋଇ ରହିବ ନାହିଁ, ମାତ୍ର ତାହା ପ୍ରକୃତିର ଈଶ୍ୱରରୂପେ ମଧ୍ୟ ପ୍ରତିଷ୍ଠିତ ହୋଇଯିବ । ସକ୍ରିୟ ଆତ୍ମପ୍ରଭୁତ୍ୱ-ଅର୍ଜନର ଏହି ଆଦର୍ଶଟିକୁ କପରି ସମ୍ପୂର୍ଣ୍ଣ ବିପରୀତ ବୋଲି ପ୍ରତୀତ ହେଉଥିବା ଆତ୍ମ-ସମର୍ପଣର ତଥା ଦିବ୍ୟ ଶକ୍ତିର ଏକ ସମ୍ମତ ସାଧନରେ ପରିଣତ ହୋଇ ରହିବାର ଆଦର୍ଶଟି ସହିତ ଏକାଠି ଗଣ୍ଠାଇ ରଖିବା ସମ୍ଭବ ହେବ, ପ୍ରଥମେ ସେହିପ୍ରଶ୍ନଟି ଆମ ଆଗରେ ତୁରନ୍ତ ଯଥେଷ୍ଟ ଭାବରେ ସ୍ପଷ୍ଟ ହୋଇ ନପାରେ । ମାତ୍ର ଆଧ୍ୟାତ୍ମିକ ଭୂମିରେ ଏଠାରେ ବସ୍ତୁତଃ ଆଦୌ କୌଣସି ସମସ୍ୟା ବା ଅସୁବିଧା ରହିବ ନାହିଁ । ଆପଣାର ସର୍ବୋଚ୍ଚ ଆତ୍ମାସ୍ୱରୂପ ସେହି ପରମ ଦିବ୍ୟତା ସହିତ ଜୀବ ଯେତିକି ଏକତ୍ୱ ଅନୁଭବ କରିପାରିବ, କେବଳ ସେହି ପରିମାଣରେହିଁ ତାହା ଯଥାର୍ଥରେ ସ୍ୱୟଂ ପ୍ରଭୁରୂପେ ପ୍ରତିଷ୍ଠିତ ହୋଇପାରିବ । ଏବଂ ସେହି ଏକତ୍ୱର ଭୂମିରେ ଏବଂ ବିଶ୍ୱଜଗତ ସହିତ ଆପଣାର ଏକତାରେ ସେ ବିଶ୍ୱାତ୍ମା ମଧ୍ୟରେ ରହିଥିବା ସେହି ସଂକଳ୍ପଟି ସହିତ ମଧ୍ୟ ଏକରୂପତା ଅର୍ଜନ କରିପାରିବ, ଯାହାକି ପ୍ରକୃତିଗତ ଯାବତୀୟ କ୍ରିୟାର ପରିଚାଳନା କରୁଛି । ମାତ୍ର ଅଧିକ ପ୍ରତ୍ୟକ୍ଷ ଓ କମ୍ ବିଶ୍ୱାତୀତ ଭାବରେ, ଜଣେ ବ୍ୟକ୍ତି ହିସାବରେ ଆପଣାର କ୍ରିୟାରେ ମଧ୍ୟ ସେ ସେହି ପରମ ଦିବ୍ୟତାରହିଁ ଗୋଟିଏ ଅଂଶ ହୋଇ ରହିଛି ଏବଂ ଯାହା ପାଖରେ ସେ ଆପଣାକୁ ନେଇ ସମର୍ପଣ କରିଦେଇଛି, ତା' ପ୍ରକୃତିଟି ଉପରେ ତାଙ୍କର ପ୍ରଭୁତ୍ୱରେ ମଧ୍ୟ ସେ ସ୍ୱୟଂ ଅଂଶଗ୍ରହଣ କରିବାରେ ଲାଗିଛି । ଏପରିକି ଏକ କର୍ମିରୂପେ ମଧ୍ୟ ସେ କଦାପି ଏକ ଯାନ୍ତ୍ରିକ କର୍ମିଏ ହୋଇ ରହି ନାହିଁ, ମାତ୍ର ଏକ ଚେତନାଯୁକ୍ତ କର୍ମିଏ ହୋଇ ରହିଛି । ପୁରୁଷର ପକ୍ଷଟିରେ ସେ ପରମ ଦିବ୍ୟତା ସହିତ ଏକରୂପ ହୋଇ ରହିଛି ଏବଂ

'oaob.nitrkl.ac.in' images reprocessed

ପରମେଶ୍ୱରଙ୍କର ସେହି ଦିବ୍ୟ ପ୍ରଭୁତ୍ୱରେ ଅଂଶଗ୍ରହଣ କରୁଛି । ଆପଣାର ପ୍ରକୃତି-ପକ୍ଷରେ ସେ ଆପଣାର ବିଶ୍ୱାତ୍ମକତାରେ ସେହି ପରମ ଦିବ୍ୟତାର ଶକ୍ତି ସହିତ ଏକରୂପ ହୋଇ ରହିଛି ଏବଂ ଆପଣାର ବ୍ୟକ୍ତିରୂପ ପ୍ରାକୃତ ସତ୍ତାରେ ସେ ବିଶ୍ୱମୟ ଦିବ୍ୟ ଶକ୍ତିରହିଁ ଏକ ସାଧନ ବା ନିମିତ୍ତ ହୋଇ ରହିଛି; କାରଣ ବିଶ୍ୱଗତ ପରମ ସାମର୍ଥ୍ୟର ଉଦ୍ଦେଶ୍ୟଟିକୁ ସିଦ୍ଧ କରିବା ସକାଶେହିଁ ବ୍ୟକ୍ତିଭାବାପନ୍ନ ଶକ୍ତି ବିଦ୍ୟମାନ ରହିଛି । ଆମେ ଆଗରୁ ଯେପରି ଦେଖିସାରିଛୁ, ପରମ ଦିବ୍ୟତାର ସେହି ଦ୍ୱିରୂପ ସ୍ୱଭାବ ଅର୍ଥାତ୍ ପ୍ରକୃତି ଏବଂ ପୁରୁଷର ଲୀଳାରେ ଜୀବ ଏକ ମିଳନସ୍ଥଳ ହୋଇ ରହିଛି ଏବଂ ଉଚ୍ଚତର ଅଧ୍ୟାତ୍ମଚେତନାର ଭୂମିକୁ ଆସି ସେ ଯୁଗପତ୍ ଭାବରେ ଏହି ଦୁଇଟିଯାକ ସ୍ୱଭାବ ସହିତ ଏକାତ୍ମକ ହୋଇଯାଉଛି, ଏବଂ ସେଠାରେ ଉଭୟର ପାରସ୍ପରିକ କ୍ରିୟାଟି ଦ୍ୱାରା ସୃଷ୍ଟ ହେଉଥିବା ଯାବତୀୟ ଦିବ୍ୟ ସମ୍ବନ୍ଧକୁ ଗ୍ରହଣ କରିନେଉଛି ଓ ସମନ୍ୱିତ କରି ରଖୁଛି । ଏହି ସମନ୍ୱୟଟି ସକାଶେହିଁ ସତ୍ତାର ଏହି ଦ୍ୱିବିଧ ସ୍ଥିତି ସମ୍ଭବ ହେଉଛି ।

ମନୋମୟ ପୁରୁଷର ନିଷ୍କ୍ରିୟ ଅବସ୍ଥାଟିର ମଧ୍ୟଦେଇ ନଯାଇ ଏବଂ ଅଧିକ ଅବିଚଳିତ ତଥା ପ୍ରାଧାନ୍ୟଯୁକ୍ତ ଭାବରେ ଏକ ଗତିଶୀଳ ଯୋଗ ଦ୍ୱାରା ମଧ୍ୟ ଏହି ସିଦ୍ଧିଟିରେ ଆସି ଉପନୀତ ହେବାର ଅବଶ୍ୟ ଏକ ସମ୍ଭାବନା ରହିଛି । ଅଥବା, ଏହି ଦୁଇଟିଯାକ ବିଧିକୁ ପରସ୍ପର ସହିତ ଯୋଡ଼ି ମଧ୍ୟ ଦିଆଯାଇ ପାରିବ, ସେଗୁଡ଼ିକୁ ଗୋଟିଏ ପରେ ଗୋଟିଏ କରି ଗ୍ରହଣ କରାଯାଇ ପାରିବ ଏବଂ ପରିଶେଷରେ ଦୁଇଟିଯାକକୁ ଏକାଠି ମିଶାଇ ଦିଆଯାଇ ପାରିବ । ଏବଂ ଏହି କ୍ଷେତ୍ରରେ ଆମେ ଅଧ୍ୟାତ୍ମକ୍ରିୟାଟି ଅପେକ୍ଷାକୃତ ଏକ ଅଧିକ ସରଳ ରୂପ ଗ୍ରହଣ କରୁଥିବାର ଦେଖିବାକୁ ପାଇବା । ଏହି କ୍ରିୟାଶୀଳ ସାଧନାରେ ତିନୋଟି ଅବସ୍ଥା ରହିଛି । ପ୍ରଥମ ଅବସ୍ଥାଟିରେ ଜୀବ ପରମା ଶକ୍ତି ବିଷୟରେ ସଜ୍ଞାନ ହୋଇ ରହିଥାଏ, ସେହି ଶକ୍ତିକୁ ସେ ଆପଣା ଭିତରକୁ ଗ୍ରହଣ କରିନିଏ ଏବଂ ତାହାରି ମାର୍ଗଦର୍ଶନ ଅନୁସାରେହିଁ ତାହାକୁ କାମରେ ଲଗାଏ; ଗୋଟାଏ ପ୍ରକାର ଅର୍ଥରେ ଦେଖିଲେ ସେ ସେହି ଶକ୍ତି ପାଖରେ ଜଣେ ଅଧସ୍ତନ କର୍ତ୍ତା ହୋଇ ରହିଥାଏ, ଗୋଟାଏ ଅର୍ଥରେ ସଂପୃକ୍ତ କର୍ମଟିରେ ତା'ର ଆପଣାର ମଧ୍ୟ ଏକ ଅପ୍ରଧାନ ଦାୟିତ୍ୱବୋଧ ରହିଥାଏ; ଏପରିକି ପ୍ରଥମ ଅବସ୍ଥାରୁ ମଧ୍ୟ କର୍ମଜନିତ ପରିଣାମ ବିଷୟରେ ଏକ ଦାୟିତ୍ୱସଚେତନତା ରହିଥାଏ । ମାତ୍ର ସେଇଟି କ୍ରମେ ଅନ୍ତର୍ହିତ ହୋଇଯାଏ, କାରଣ ସେହି ଉଚ୍ଚତର ସାମର୍ଥ୍ୟଟି ଯେ ପ୍ରକୃତରେ ପରିଣାମଟିର ନିର୍ଦ୍ଧାରଣ କରିଦେଉଛି, ସେକଥା ଉପଲବ୍ଧ ହୁଏ ଏବଂ କେବଳ କର୍ମଟିକୁହିଁ ଆଂଶିକ ଭାବରେ ତା' ନିଜର କର୍ମ ବୋଲି ଅନୁଭବ କରାଯାଏ । ସାଧକ ସେତେବେଳେ ଅନୁଭବ କରିବାକୁ ଲାଗେ ଯେ ସେଇ ପ୍ରକୃତରେ ଭାବୁଛି, ସେଇ ସଂକଳ୍ପ କରୁଛି ଓ ସେଇ କର୍ମ କରୁଛି; ମାତ୍ର ତା'

'oaob.nitrkl.ac.in' images reprocessed

ସଙ୍ଗେସଙ୍ଗେ ଏକଥାଟି ମଧ୍ୟ ଅନୁଭବ କରୁଥାଏ ଯେ ସେହି ଦିବ୍ୟ ଶକ୍ତି ବା ପ୍ରକୃତିହିଁ ପଛରେ ଥାଇ ତା'ର ସକଳ ଭାବନା, ସକଳ ସଂକଳ୍ପ, ଅନୁଭବ ଏବଂ କର୍ମକୁ ଧାବିତ କରାଇ ନେଉଛନ୍ତି, ସେଗୁଡ଼ିକୁ ଆକାର ଦେବାରେ ଲାଗିଛନ୍ତି । ବ୍ୟକ୍ତିଗତ ସାମର୍ଥ୍ୟଟି ଗୋଟାଏ ଅର୍ଥରେ ତାହାର ଆପଣାରହିଁ ସମ୍ପଦ ହୋଇ ରହିଥାଏ, ମାତ୍ର ତଥାପି ସେହି ବିଶ୍ୱାତ୍ମକ ଦିବ୍ୟ ଶକ୍ତିରହିଁ ଏକ ରୂପ ଏବଂ ଏକ ସାଧନ ହୋଇ ରହିଥାଏ । ଶକ୍ତିର କାର୍ଯ୍ୟଟି ଦ୍ୱାରା ସକଳ ସାମର୍ଥ୍ୟର ପରମ ପ୍ରଭୁ କିଛି ସମୟ ଲାଗି ତା'ଠାରୁ ହୁଏତ ପ୍ରଚ୍ଛନ୍ନ ହୋଇ ରହିଯାଇ ପାରନ୍ତି, ଅଥବା ବେଳେବେଳେ କିଂବା ଅବିରାମ ଭାବରେ ପରମେଶ୍ୱର ତା' ଆଗରେ ଆପଣାକୁ ପ୍ରକଟ କରି ଦେଉଛନ୍ତି ବୋଲି ମଧ୍ୟ ସେ ଏକ ସଚେତନତା ବି ଲାଭ କରିପାରେ । ଦ୍ୱିତୀୟ ଅନୁଭୂତିଟିରେ ତା'ର ଚେତନାର କ୍ଷେତ୍ରରେ ତିନୋଟି ବସ୍ତୁ ଉପସ୍ଥିତ ରହିଥାନ୍ତି : ସେ ନିଜକୁ ସେହି ପରମେଶ୍ୱରଙ୍କରହିଁ ନିମିତ୍ତ ବା ପରିକର ବୋଲି ଅନୁଭବ କରୁଥାଏ, ପଛରେ ଅବସ୍ଥିତ ରହିଥିବା ଶକ୍ତିହିଁ ଏକ ବୃହତ୍ତର ସାମର୍ଥ୍ୟରୂପେ ତାକୁ ତା'ର ଆବଶ୍ୟକ ଶକ୍ତିମତ୍ତା ଆଣି ଯୋଗାଇ ଦେଉଥିବାର, ତା'ର ଯାବତୀୟ କର୍ମକୁ ଆକାର ଦେଉଥିବାର ତଥା ପରିଣାମଗୁଡ଼ିକୁ ରୂପାୟିତ କରୁଥିବାର ଅନୁଭବ କରୁଥାଏ; ଏବଂ ଊର୍ଦ୍ଧ୍ୱସ୍ଥ ଈଶ୍ୱରହିଁ ଆପଣାର ସଂକଳ୍ପ ଦ୍ୱାରା ତା'ର ସମୁଦାୟ କ୍ରିୟାକୁ ନିରୂପିତ କରି ଦେଉଛନ୍ତି ବୋଲି ମଧ୍ୟ ଅନୁଭବ କରୁଥାଏ ।

ଦ୍ୱିତୀୟ ପର୍ଯ୍ୟାୟଟିରେ ବ୍ୟକ୍ତି-କର୍ତ୍ତା ଅନ୍ତର୍ହିତ ହୋଇଯାଏ, ମାତ୍ର ତଥାପି ଅବଶ୍ୟମ୍ଭାବୀ ଭାବରେ ଏକ ନିବୃତ୍ତିମାର୍ଗୀ ନିଷ୍କ୍ରିୟତା ଆଦୌ ଉପଲବ୍ଧ ହୁଏ ନାହିଁ; ହୁଏତ ପୂର୍ଣ୍ଣ ଭାବରେ ଆପଣାକୁ ଗତିଶୀଳ କରି ରଖିଥିବା ଏକ କ୍ରିୟା ଚାଲିରହିଥାଏ, କେବଳ ଯାବତୀୟ କ୍ରିୟା ସେହି ପରମା ଶକ୍ତିଟି ଦ୍ୱାରାହିଁ ସମାହିତ ହେଉଥାଏ । ସେହି ପରମା ଶକ୍ତିର ଜ୍ଞାନ-ଶକ୍ତିହିଁ ମନରେ ଭାବନାର ଆକାର ଗ୍ରହଣ କରେ; ସେ ନିଜେ ପ୍ରକୃତରେ କିଛି ଭାବୁଛି ବୋଲି ସାଧକର ଆଦୌ କୌଣସି ବୋଧ ନଥାଏ, ତାହାର ଭିତରେ ରହି ସେହି ଶକ୍ତିହିଁ ସବୁ ଭାବୁଛି ବୋଲି ସେ ଅନୁଭବ କରୁଥାଏ । ତା'ର ସଂକଳ୍ପ, ସକଳ ଅନୁଭୂତି ଏବଂ କ୍ରିୟାଟି ମଧ୍ୟ ସେହିପରି ଭାବରେ ସେହି ଶକ୍ତିରହିଁ ଏକ ରୂପାୟନ, ଏକ କ୍ରିୟା ଓ ଏକ କ୍ରିୟାତ୍ମକତା ବ୍ୟତୀତ ଆଉ କିଛି ବୋଲି ଅନୁଭୂତ ହୁଏ ନାହିଁ, ସେହି ଶକ୍ତିରହିଁ ସାକ୍ଷାତ୍ ଉପସ୍ଥିତିରେ ଏବଂ ସମୁଦାୟ ଦେହସଂସ୍ଥାନଟି ଉପରେ ତାହାର ପୂର୍ଣ୍ଣ ଅଧିକାର ସହିତହିଁ ସେଗୁଡ଼ିକ ସମ୍ପନ୍ନ ହେଉଥିବାର ଅନୁଭୂତ ହେଉଥାଏ । ସାଧକ ଆଉ ନିଜେ କିଛି ଭାବେ ନାହିଁ, ନିଜେ କିଛି ଇଚ୍ଛା କରେ ନାହିଁ, କୌଣସି କାର୍ଯ୍ୟ କରେ ନାହିଁ ଅଥବା ଅନୁଭବ କରେ ନାହିଁ; ମାତ୍ର ସକଳ ଭାବନା, ସଂକଳ୍ପ, ଅନୁଭୂତି ଏବଂ କ୍ରିୟା ତାହାର ଆଧାର-

'oaob.nitrkl.ac.in' images reprocessed

କ୍ଷେତ୍ରଟିରେ ସଚେଷ୍ଟ ଅବା କେବଳ ଘଟି ଯାଉଥିବା ପରିହିଁ ଅନୁଭୂତ ହେଉଥାଏ । କର୍ମର ଆୟତନ ବା ପକ୍ଷଟିରେ ବ୍ୟକ୍ତି ବିଶ୍ୱମୟ ପ୍ରକୃତି ସହିତ ଏକରୂପ ହୋଇ କୁଆଡ଼େ ଅନ୍ତର୍ହିତ ହୋଇ ଯାଇଥାଏ, ସେହି ଦିବ୍ୟ ଶକ୍ତିରହିଁ ଏକ ବ୍ୟକ୍ତିଭାବାପନ୍ନ ରୂପ ଓ କ୍ରିୟାରେ ପରିଣତ ହୋଇ ଯାଇଥାଏ । ଆପଣାର ବ୍ୟକ୍ତି-ଅସ୍ତିତ୍ୱଟି ବିଷୟରେ ସେ ସେତେବେଳେ ମଧ୍ୟ ସଜ୍ଞାନ ରହିଥାଏ, ମାତ୍ର ସଚେଷ୍ଟପରି କେବଳ ପୁରୁଷହିଁ ତା'ର ସମୁଦାୟ କ୍ରିୟାକୁ ଧାରଣ କରି ରହିଛି ଓ ଅବଲୋକନ କରି ରହିଛି, ସେ ସେହିପରି ଅନୁଭବ କରୁଥାଏ; ଆପଣାର ଆତ୍ମ-ଜ୍ଞାନରେ ସେ ସେଇଟି ବିଷୟରେ ସଚେତନ ହୋଇ ରହିଥାଏ ଏବଂ ସେଥିରେ ଆପଣାର ଅଂଶଗ୍ରହଣ ଦ୍ୱାରା ତା'ର ମଧ୍ୟରେ ପୁରୁଷର କାର୍ଯ୍ୟ ତଥା ସଂକଳ୍ପଟିକୁ ପରିପୂର୍ଣ୍ଣ କରିବା ଲାଗି ଦିବ୍ୟ ଶକ୍ତିକୁ ସମର୍ଥ କରି ଦେଉଥାଏ । ଏହିପରି ଭାବରେ ସାମର୍ଥ୍ୟଟିର ପରମ ଅଧୀଶ୍ୱର ବେଳେବେଳେ ସାମର୍ଥ୍ୟଟିର କ୍ରିୟାଟି ମଧ୍ୟରେହିଁ ଲୁକ୍କାୟିତ ହୋଇ ରହିଯାନ୍ତି, ବେଳେବେଳେ ଆବିର୍ଭୂତ ହୋଇ ଆସନ୍ତି, ସେହି କ୍ରିୟାଟିର ଶାସନ କରନ୍ତି ଓ ତାହାର ସକଳ କ୍ରିୟାକୁ ସଚେଷ୍ଟ ଅବା ବଳପୂର୍ବକ ସଞ୍ଚାଳିତ କରି ନେଉଥାନ୍ତି । ଏହି କ୍ଷେତ୍ରରେ ମଧ୍ୟ ଚେତନାର ସମକ୍ଷରେ ତିନୋଟି କଥା ଉପସ୍ଥିତ ରହିଥାଏ; ଏକ ନିମିତ୍ତରୂପୀ ମନୁଷ୍ୟ ଭିତରେ ପରମେଶ୍ୱରଙ୍କ ଲାଗି ପରମା ଶକ୍ତି ଯାବତୀୟ ଜ୍ଞାନ, ଭାବନା, ସଂକଳ୍ପ, ଅନୁଭବ ତଥା କ୍ରିୟାକୁ କାର୍ଯ୍ୟକାରୀ କରିବାରେ ଲାଗିଥାନ୍ତି, ଈଶ୍ୱର ଅର୍ଥାତ୍ ଜୀବନାସ୍ତିତ୍ୱର ପରମ ପ୍ରଭୁ ସେହି ଶକ୍ତିର ସକଳ କାର୍ଯ୍ୟକୁ ନିୟନ୍ତ୍ରଣ କରୁଥାନ୍ତି ଏବଂ ବଳପୂର୍ବକ ସଞ୍ଚାଳିତ କରି ନେଉଥାନ୍ତି; ଏବଂ ଆମେ ନିଜେ ସେହି ଶକ୍ତିର ବ୍ୟକ୍ତିଭାବାପନ୍ନ କ୍ରିୟାର ଆତ୍ମା ବା ପୁରୁଷରୂପେ ଶକ୍ତିର କ୍ରିୟାତ୍ମକତାଗୁଡ଼ିକ ଦ୍ୱାରା ସୃଷ୍ଟ ହେଉଥିବା ପୁରୁଷ ସହିତ ଆପଣାର ସକଳ ସମ୍ବନ୍ଧକୁ ଉପଭୋଗ କରିବାରେ ଲାଗିଥାଉ । ଏହି କ୍ଷେତ୍ରରେ ଆଉ ଗୋଟିଏ ପ୍ରକାରର ଉପଲବ୍ଧି ମଧ୍ୟ ରହିଛି ଯେଉଁଥିରେକି ଜୀବ ଶକ୍ତି ଭିତରେ ଅନ୍ତର୍ହିତ ହୋଇଯାଏ ଓ ତାହା ସହିତ ଏକରୂପ ହୋଇଯାଏ, ଏବଂ ସେତେବେଳେ କେବଳ ଶକ୍ତି ତଥା ଈଶ୍ୱରଙ୍କର ପାରସ୍ପରିକ ଲୀଳାଟିହିଁ ଅବଶେଷ ରହିଯାଏ; ମହାଦେବ ଓ କାଳୀ, କୃଷ୍ଣ ଓ ରାଧା ତଥା ଦେବ ଓ ଦେବୀଙ୍କର ଲୀଳାଟିହିଁ ଅବଶେଷ ରହିଯାଏ । ଜୀବ ଆପଣାକୁ ପ୍ରକୃତିର ଏକ ଅଭିବ୍ୟକ୍ତି, ଅର୍ଥାତ୍ ଭଗବାନଙ୍କର ଆପଣା ସତ୍ତାର ଏକ ଶକ୍ତିର ରୂପରେ ଯେଉଁ ଅନୁଭୂତିଟି ଲାଭ କରିଥାଏ, ଅର୍ଥାତ୍ 'ପରା ପ୍ରକୃତିଃ ଜୀବଭୂତା' ହୋଇଯାଏ, ଏହାକୁ ଆମେ ସେହି ଅନୁଭୂତିରହିଁ ସମ୍ଭାବ୍ୟ ପ୍ରଗାଢ଼ତମ ରୂପ ବୋଲି ଜାଣି ରଖିବା ।

ଆଉ ଏକ ତୃତୀୟ ପର୍ଯ୍ୟାୟ ମଧ୍ୟ ଆସି ପହଞ୍ଚେ, ଯାହାକି ଆମର ସମୁଦାୟ ସତ୍ତାଟିରେ ତଥା କର୍ମରେ ପରମ ଦିବ୍ୟସତ୍ତା ଅର୍ଥାତ୍ ଈଶ୍ୱରଙ୍କର ଅଧିକରୁ ଅଧିକ ପ୍ରକଟ ହୋଇଆସିବା ଫଳରେହିଁ ସମ୍ଭବ ହୋଇଥାଏ । ସେତେବେଳେ ଆମେ ସତତ

'oaob.nitrkl.ac.in' images reprocessed

ଏବଂ ଅବ୍ୟାହତ ଭାବରେ ତାଙ୍କର ବିଷୟରେ ସଜ୍ଞାନ ଓ ସଚେତନ ହୋଇଉଠୁ । ଆମେ ତାଙ୍କୁ ଆମର ଭିତରେ ଆମ ସତ୍ତାର ଅଧିବାସୀରୂପେ ଅନୁଭବ କରୁ ଏବଂ ଆମର ଊର୍ଦ୍ଧ୍ୱରେ ଆମ ସତ୍ତାର ସକଳ କ୍ରିୟାତ୍ମକତାର ଶାସ୍ତାରୂପେ ଅନୁଭବ କରୁ ଏବଂ ସେହିସବୁ କ୍ରିୟାତ୍ମକତା ଜୀବର ଅସ୍ତିତ୍ୱଭୂମିରେ କେବଳ ତାଙ୍କର ଏକ ଅଭିବ୍ୟକ୍ତି ବ୍ୟତୀତ ଆମ ଲାଗି ଆଉ ଅନ୍ୟ କିଛି ବୋଲି ଅନୁଭୂତ ହୁଏ ନାହିଁ । ଆମର ସକଳ ଚେତନା ତାଙ୍କର ଚେତନାରେ ପରିଣତ ହୋଇଯାଏ, ଆମର ସକଳ ଜ୍ଞାନ ତାଙ୍କର ଜ୍ଞାନରେ ପରିଣତ ହୋଇଯାଏ, ସକଳ ଭାବନା ତାଙ୍କର ଭାବନାରେ, ସକଳ ସଙ୍କଳ୍ପ ତାଙ୍କର ସଙ୍କଳ୍ପରେ ପରିଣତ ହୋଇଯାଏ; ଆମର ସକଳ ଅନୁଭବ ତାଙ୍କର ପରମ ଆନନ୍ଦରେ ଓ ସନ୍ତୁଷ୍ଟ ତାଙ୍କର ଆନନ୍ଦର ଏକ ଅନ୍ୟତମ ରୂପରେ ପରିଣତ ହୋଇଯାଏ, ଆମର ସକଳ କର୍ମ ତାଙ୍କର କର୍ମରେ ପରିଣତ ହୋଇଯାଏ । ଶକ୍ତି ଏବଂ ଈଶ୍ୱର ମଧ୍ୟରେ ରହିଥିବା ଭେଦଟି ଉଭେଇ ଯିବାକୁ ଆରମ୍ଭ କରେ; ଆମ ଭିତରେ କେବଳ ସେହି ପରମ ଦିବ୍ୟତାରହିଁ ଚେତନାମୟ କ୍ରିୟାଟି ଅବଶେଷ ରହିଯାଏ ଏବଂ ସେହି ପରମ ଦିବ୍ୟତାର ବୃହତ୍ତର ଆତ୍ମସତ୍ତାଟି ପଛରେ ତଥା ଚତୁର୍ଦ୍ଦିଗରେ ଅବସ୍ଥିତ ରହି ତାହାକୁ ଅଧିକାର କରି ରହିଥାଏ । ସକଳ ଜଗତ ତଥା ପ୍ରକୃତି କେବଳ ତନ୍ତ୍ରରୂପ ହୋଇହିଁ ପରିଦୃଷ୍ଟ ହେବାକୁ ଲାଗେ; ମାତ୍ର ଏଠାରେ ତାହା ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇଯାଏ, ଅହଂର ସକଳ ମାୟା ଘୁଞ୍ଚିଯାଏ ଏବଂ ଜୀବ କେବଳ ତାଙ୍କର ଏକ ଶାଶ୍ୱତ ଅଂଶ ବା 'ଅଂଶ ସନାତନ'ରୂପେ ବିଦ୍ୟମାନ ରହିଥାଏ । ଏକ ଦିବ୍ୟ ବ୍ୟକ୍ତିଭାବାପନ୍ନ ରୂପାୟନ ତଥା ଜୀବନଯାପନର ଆଧାର ହୋଇ ରହିବାକୁ ତାହାର ପ୍ରକଟ କରାଯାଇଥାଏ; ଏହି ରୂପାୟନ ଏବଂ ଜୀବନ ବର୍ତ୍ତମାନ ପରମେଶ୍ୱରଙ୍କର ପୂର୍ଣ୍ଣ ଉପସ୍ଥିତି ତଥା ଶକ୍ତି ଦ୍ୱାରା ଚରିତାର୍ଥ ହୋଇ ଯାଇଥାନ୍ତି, ପରମ ଆତ୍ମାର ପୂର୍ଣ୍ଣ ଆନନ୍ଦଟି ଆମର ସତ୍ତ୍ୱରେ ପ୍ରକଟ ହୋଇ ସାରିଥାଏ । କ୍ରିୟାଶୀଳ ଏକତାର ପରିପୂର୍ଣ୍ଣତା ଓ ଆନନ୍ଦର ସର୍ବୋଚ୍ଚ ଉପଲବ୍ଧି କହିଲେ ଆମେ ସର୍ବଦା ଏଇଟିକୁହିଁ ଜାଣିବା; କାରଣ ଏହାର ସେପାଖକୁ ତ କେବଳ ଅବତାରର ଚେତନାଟିହିଁ ସମ୍ଭବ ହୋଇପାରିବ, ଅର୍ଥାତ୍ ଲୀଳାସ୍ଥ କ୍ରିୟାଟି ଲାଗି ଏକ ମାନବୀୟ ନାମ ଓ ରୂପ ଧାରଣ କରୁଥିବା ସ୍ୱୟଂ ଈଶ୍ୱରଙ୍କର ଚେତନାହିଁ ସମ୍ଭବ ହୋଇପାରିବ ।

'oaob.nitrkl.ac.in' images reprocessed

## ଅଷ୍ଟାଦଶ ପରିଚ୍ଛେଦ

# ଶ୍ରଦ୍ଧା ଓ ଶକ୍ତି

ଆମେ ଏପର୍ଯ୍ୟନ୍ତ ଆମର ଏହି ନୈମିତ୍ତିକ ପ୍ରକୃତିଟିର ପରିପୂର୍ଣ୍ଣତା ମଧ୍ୟରେ ଅନ୍ତର୍ଗତ ହୋଇ ରହିଥିବା ତିନୋଟିଯାକ ଭାଗର ସାଧାରଣ ଲକ୍ଷଣଗୁଡ଼ିକର ଆଲୋଚନା କରିଆସିଲୁ; ଅର୍ଥାତ୍ ଆମର ବୁଦ୍ଧି, ହୃଦୟ, ପ୍ରାଣିକ ଚେତନା ତଥା ଶରୀରର ପରିପୂର୍ଣ୍ଣତା, ଆତ୍ମାର ମୌଳିକ ଶକ୍ତିଗୁଡ଼ିକର ପରିପୂର୍ଣ୍ଣତା ଏବଂ ଆମର ସକଳ ସାଧନ ତଥା କର୍ମଟିକୁ ନେଇ ସେହି ଦିବ୍ୟ ଶକ୍ତିଟି ପାଖରେ ସମର୍ପଣ କରି ଦେବାର ପରିପୂର୍ଣ୍ଣତା ବିଷୟରେ ଆମେ ଆଲୋଚନା କରିଆସିଲୁ । ଏହି ତିନୋଟିଯାକ ପରିପୂର୍ଣ୍ଣତା ବା ସିଦ୍ଧି ଆପଣା ଅଗ୍ରଗତିର ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଚତୁର୍ଥ ସାମର୍ଥ୍ୟଟି ଉପରେ ନିର୍ଭର କରି ରହିଥାନ୍ତି, ଯାହାକି ପରୋକ୍ଷ ତଥା ପ୍ରତ୍ୟକ୍ଷ ଭାବରେ ଆମର ଯାବତୀୟ ଉଦ୍ୟମ ଏବଂ କର୍ମରେ ନାଭିଶିଳା ପରି ହୋଇ ରହିଥାଏ; ସେହି ସାମର୍ଥ୍ୟଟି ହେଉଛି ଶ୍ରଦ୍ଧା । ସତ୍ତା ଯେଉଁ ସତ୍ୟଟିର ଦର୍ଶନ ଲାଭ କରିଥାଏ ଅଥବା ସେ ଗ୍ରହଣ କରିବ ବୋଲି ତାକୁ ଯେଉଁ ସତ୍ୟଟି ପ୍ରଦତ୍ତ ହୋଇଥାଏ, ତାହାରି ଲାଗି ଆମ ସମୁଦାୟ ସତ୍ତାଟିର ସମ୍ମତିଜ୍ଞାପନକୁହିଁ ଆମେ ପରିପୂର୍ଣ୍ଣ ଶ୍ରଦ୍ଧା ବୋଲି କହିବା; ଏବଂ ସତ୍ତାରେ ଅବସ୍ଥିତ ରହିବା, ନୂତନ ଉପଲବ୍ଧି କରିବା ଏବଂ ସମ୍ଭୂତ ହେବାର ଆପଣା ସଂକଳ୍ପରେ, ଆତ୍ମା ତଥା ବସ୍ତୁଗୁଡ଼ିକ ସମ୍ବନ୍ଧରେ ଆପଣାର ଭାବନାରେ ତଥା ଆପଣାର ଜ୍ଞାନରେ ଆତ୍ମାର ଶ୍ରଦ୍ଧାକୁହିଁ ଆମେ ଏହିଭଳି ଏକ ପରିପୂର୍ଣ୍ଣ ଶ୍ରଦ୍ଧାର କେନ୍ଦ୍ରୀୟ କ୍ରିୟାତ୍ମକତା ବୋଲି କହିବା । ବୁଦ୍ଧିର ବିଶ୍ୱାସ, ହୃଦୟର ସମ୍ମତି ତଥା ଅଧିକାରଲାଭ କରିବା ଓ ଉପଲବ୍ଧି କରିବା ଲାଗି ପ୍ରାଣିକ ମନର ବାସନାକୁ ଆମେ ସେହି କେନ୍ଦ୍ରୀୟ ଶ୍ରଦ୍ଧାର ବାହ୍ୟ ରୂପ ବୋଲି କହିବା । ଆପଣାର ଯେକୌଣସି ରୂପରେ ହେଉ ପଛକେ, ଆତ୍ମାର ଏହି ଶ୍ରଦ୍ଧା ଆମ ସତ୍ତାର କ୍ରିୟାଟି ସକାଶେ ସର୍ବଦା ଅନିବାର୍ଯ୍ୟ ହୋଇ ରହିଥାଏ ଏବଂ ଏଇଟି ବ୍ୟତୀତ ମନୁଷ୍ୟ ଆପଣାର ଜୀବନରେ ଗୋଟିଏ ପାହୁଣ୍ଡ ମଧ୍ୟ ବାଟ ଚାଲିପାରେ ନାହିଁ; ଏବଂ ଏପର୍ଯ୍ୟନ୍ତ ଅନୁପଲବ୍ଧ ହୋଇ ରହିଥିବା ଗୋଟିଏ ସିଦ୍ଧି ଉଦ୍ଦେଶ୍ୟରେ ଆଗକୁ ପାଦଟିଏ ପକାଇ ପାରିବା ତ ଆହୁରି ଦୁରୂହ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଏହି କଥାଟି ପ୍ରକୃତରେ ଏତେଦୂର ଅସଲ ଏବଂ ମହତ୍ତ୍ୱପୂର୍ଣ୍ଣ ଯେ ଗୀତା ଯଥାର୍ଥ ଭାବରେ 'ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ'—ଅର୍ଥାତ୍ କୌଣସି ମନୁଷ୍ୟର ଶ୍ରଦ୍ଧା ଯେପରି ହୋଇ ରହିଥାଏ, ସିଏ ନିଜେ ମଧ୍ୟ ଠିକ୍ ସେହିପରି ହୋଇ ରହିଥାଏ ବୋଲି କହିପାରିଛି । ଏବଂ ଆମେ ସେହି କଥାଟି ସହିତ ଏତିକ ଅବଶ୍ୟ ଯୋଡ଼ିଦେଇ ପାରିବା ଯେ କୌଣସି ବସ୍ତୁକୁ ଆପଣା ମଧ୍ୟରେ ସମ୍ଭବ ବୋଲି ଅନୁଭବ କରି ପାରିବାକୁ ଯାହା ଭିତରେ ଯେତିକି ଶ୍ରଦ୍ଧା ରହିଥାଏ, ସେ ନିଜେ ଯେତିକି ଲାଗି ପ୍ରୟାସ କରିପାରିବ ବୋଲି ବିଶ୍ୱାସ ରଖିଥାଏ, ସିଏ କେବଳ ସେତିକି ସମ୍ଭବ କରିପାରେ, କେବଳ ସେତିକି ହୋଇ ପାରେ । ପୂର୍ଣ୍ଣଯୋଗ ମଧ୍ୟ ଏକ ବିଶେଷ ପ୍ରକାରର ଶ୍ରଦ୍ଧାକୁ ଅପରିହାର୍ଯ୍ୟ ବୋଲି ଦାବି କରିଥାଏ; ଆମେ ସେହି ଶ୍ରଦ୍ଧାକୁ ଈଶ୍ୱରଙ୍କଠାରେ ଓ ଶକ୍ତି ଉପରେ ରହିଥିବା ଶ୍ରଦ୍ଧା ଓ ବିଶ୍ୱାସ ବୋଲି ବର୍ଣ୍ଣନା କରିପାରିବା; ଆମରି ଭିତରେ ତଥା ଏହି ବିଶ୍ୱଜଗତ ଭିତରେ ଅବସ୍ଥିତ ରହିଥିବା ପରମ ଦିବ୍ୟତାର ଉପସ୍ଥିତି ତଥା ଶକ୍ତି ଉପରେ ଆମର ଶ୍ରଦ୍ଧାଟି ବୋଲି କହିପାରିବା; ଏହି ଜଗତରେ ସବୁକିଛି କେବଳ ସେହି ଗୋଟିଏ ଦିବ୍ୟ ପରମଶକ୍ତିର ରଚନା ବ୍ୟତୀତ ଆଉ କିଛି ନୁହେଁ, ଯୋଗର ଯାବତୀୟ ପଦକ୍ଷେପ; ଏହାର ସକଳ ସାଧନା, ସକଳ କ୍ଲେଶ ଓ କଷଣ, ସକଳ ବିଫଳତା ଏବଂ ଏହାର ସକଳ ସଫଳତା, ତୃପ୍ତି ତଥା ବିଜୟଲାଭ କେବଳ ସେହି ଶକ୍ତିରହିଁ ନାନା ପ୍ରୟୋଜନ ଏବଂ ଆବଶ୍ୟକତା ବ୍ୟତୀତ ଯେ ଆଉ କିଛି ନୁହେଁ ଏବଂ ଆମ ଭିତରେ ବିରାଜିତ ରହିଥିବା ସେହି ପରମ ଦିବ୍ୟସ୍ୱରୂପ ତଥା ଆମ ଭିତରେ ଆପଣାକୁ କାର୍ଯ୍ୟକାରୀ କରି ରଖିଥିବା ତାଙ୍କର ସେହି ପରମା ଶକ୍ତି ପାଖରେ ଏକ ଦୃଢ଼ ତଥା ସବଳ ଭରସା ରଖି ଓ ଆପଣାକୁ ସର୍ବତୋଭାବେ ସମର୍ପିତ କରିଦେଇ ଯେ ଆମେ ଏକତ୍ୱ, ମୁକ୍ତି, ବିଜୟ ଏବଂ ପରିପୂର୍ଣ୍ଣତାର ଅଧିକାରୀ ହୋଇପାରିବା, ତାହାକୁ ଆମେ ସେହିଭଳି ଏକ ଶ୍ରଦ୍ଧା ବୋଲି କହିପାରିବା ।

ସଂଶୟ ହେଉଛି ଶ୍ରଦ୍ଧାର ଶତ୍ରୁ; ମାତ୍ର ତଥାପି ସଂଶୟର ମଧ୍ୟ ଏକ ପ୍ରୟୋଜନ ତଥା ଆବଶ୍ୟକତା ରହିଛି; କାରଣ ଆପଣାର ଅଜ୍ଞାନରେ ଜଡ଼ିତ ହୋଇ ରହିଥିବା ଏବଂ ଜ୍ଞାନର ଉପଲବ୍ଧି ଲାଗି ଉତ୍ତରୋତ୍ତର ପ୍ରୟାସ କରିବାରେ ଲାଗିଥିବା ମଣିଷ ଲାଗି ସଂଶୟର ସମ୍ମୁଖୀନ ହେବା ସକାଶେ ମଧ୍ୟ ଅବଶ୍ୟ ଏକ ଆବଶ୍ୟକତା ରହିଛି; କାରଣ ତା' ନହେଲେ ଆପଣାର ଅଜ୍ଞାନମୟ ବିଶ୍ୱାସଗୁଡ଼ିକରେ ଯେ ସେ ବଡ଼ ଅନମନୀୟ ଭାବରେ ଆପଣାକୁ କଲି କରି ରଖିଦେବ, ଆପଣାର ସୀମାବଦ୍ଧ ଜ୍ଞାନଟି ଭିତରେ ବାନ୍ଧି ହୋଇ ରହିବ ଏବଂ ତେଣୁ ଆପଣାର ଭୁଲ୍‌ଗୁଡ଼ିକରୁ କେବେହେଲେ ମୁକ୍ତି ପାଇ ପାରିବ ନାହିଁ, ଏହି କ୍ଷେତ୍ରରେ ଏଭଳି ଏକ ଆଶଙ୍କା ସବୁବେଳେ ରହିଥିବ । ଯୋଗର ମାର୍ଗରେ ଆସି ପ୍ରବିଷ୍ଟ ହେବା ପରେ ମଧ୍ୟ ସଂଶୟର ଏହି ପ୍ରୟୋଜନ ଓ ଆବଶ୍ୟକତା ସମ୍ପୂର୍ଣ୍ଣ ଭାବରେ କଦାପି ଅନ୍ତର୍ହିତ ହୋଇଯାଏ ନାହିଁ । କେବଳ କୌଣସି

'oaob.nitrkl.ac.in' images reprocessed

ଏକ ମୌଳିକ ସିଦ୍ଧାନ୍ତ ସ୍ୱରୂପରେ ଜ୍ଞାନ ଅର୍ଜନ କରିବା ଯେ ପୂର୍ଣ୍ଣଯୋଗର ଧ୍ୟେୟ ହୋଇ ରହିଥାଏ ତା' ନୁହେଁ, ମାତ୍ର ତାହା ଏପରି ଏକ ଜ୍ଞାନ ତଥା ବିଜ୍ଞାନର ଉପଲବ୍ଧି ଲାଗି ଆଗ୍ରହ ରଖିଥାଏ, ଯାହାକି ଆପଣାକୁ ଜୀବନ ତଥା ବିଶ୍ୱବିସ୍ତାର ସମୁଦାୟ କ୍ଷେତ୍ରଟିରେ ପ୍ରଯୁଜ୍ୟ କରିପାରିବ ଏବଂ ସେହି କ୍ଷେତ୍ରଟିକୁ ଆପଣା ଭିତରେ ସମାବିଷ୍ଟ କରି ରଖିପାରିବ । ପୁନଶ୍ଚ, ଜ୍ଞାନର ଏହି ଅନ୍ୱେଷଣରେ ଆମେ ଆମ ମନର ଅଶୋଧିତ କ୍ରିୟାଗୁଡ଼ିକୁ ସାଙ୍ଗରେ ଧରିହିଁ ମାର୍ଗ ଉପରେ ଗୋଡ଼ ପକାଇଥାଉ, ଏବଂ ଏଗୁଡ଼ିକ ଅନେକ ମାଇଲ୍ ବାଟ ଯାଏ ଅର୍ଥାତ୍ ଏକ ବୃହତ୍ତର ଜ୍ୟୋତି ଦ୍ୱାରା ଶୁଦ୍ଧ ଏବଂ ରୂପାନ୍ତରିତ ହୋଇ ନଗଲା ପର୍ଯ୍ୟନ୍ତ ଆମ ସାଥିରେ ଚାଲିବାରେ ଲାଗିଥାନ୍ତି; ଆମେ ଆପଣା ସହଜ ବୁଦ୍ଧିଗତ କେତେକେତେ ବିଶ୍ୱାସ ତଥା ଭାବନାକୁ ନେଇ ବିଚରଣ କରୁଥାଉ, ଯାହା ମଧ୍ୟରୁ କି ସବୁଯାକ କଦାପି ଯଥାର୍ଥ ଓ ପୂର୍ଣ୍ଣ ହୋଇ ରହି ନଥାନ୍ତି ଏବଂ ପରେ ମଧ୍ୟ ଏପରି ଅନେକ ନୂତନ ବିଶ୍ୱାସ ଏବଂ ପରାମର୍ଶ ଆମ ସମ୍ମୁଖରେ ଆସି ଉପସ୍ଥିତ ହୁଅନ୍ତି, ଯେଉଁଗୁଡ଼ିକ କି ଆମଠାରୁ ଆସ୍ଥାର ଦାବି କରିଥାନ୍ତି । ମାତ୍ର ସେଗୁଡ଼ିକର ସମ୍ଭାବ୍ୟ ଭ୍ରାନ୍ତି, ସୀମାବଦ୍ଧତା ଅଥବା ଅପୂର୍ଣ୍ଣତା ଆଡ଼କୁ ଆଖି ବୁଜିଦେଇ, ସେଗୁଡ଼ିକ ଆମ ପାଖରେ ଯେଉଁଭଳି ଆସି ପହଞ୍ଚିଥାନ୍ତି, ସେଗୁଡ଼ିକୁ ଠିକ୍ ସେହି ଆକାରରେ ଗ୍ରହଣ କରିନେଇ ସର୍ବଦା ସେଗୁଡ଼ିକ ମଧ୍ୟରେହିଁ ଲାଗି ରହିବା ପ୍ରକୃତରେ ବିନାଶକାରୀ ବୋଲି ସାବ୍ୟସ୍ତ ହେବ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯୋଗରେ ଏପରି ଗୋଟିଏ ଅବସ୍ଥା ଆସି ଅବଶ୍ୟ ପହଞ୍ଚେ, ଯେତେବେଳେ କି କୌଣସି ପ୍ରକାରର ବୌଦ୍ଧିକ ବିଶ୍ୱାସ ଅଥବା ମତକୁ, ସେଗୁଡ଼ିକର ବୌଦ୍ଧିକ ରୂପଟି ଯେପରି ହୋଇଥାଉ ନା କାହିଁକି, ନିଶ୍ଚିତ ଓ ଚୂଡ଼ାନ୍ତ ବୋଲି ଗ୍ରହଣ କରିବା ଲାଗି ମନା କରିଦେବା ମଧ୍ୟ ଆବଶ୍ୟକ ହୋଇଥାଏ; ଏବଂ ଯେତେବେଳ ଯାଏ ଅତିମାନସ ଜ୍ଞାନ ଦ୍ୱାରା ଆଲୋକିତ ଆଧ୍ୟାତ୍ମିକ ଅନୁଭବରେ ତାହାର ଯଥାର୍ଥ ସ୍ଥାନ ଓ ଜ୍ୟୋତିର୍ମୟ ସତ୍ୟରୂପଟି ନିରୂପିତ ହୋଇ ନଥାଏ, ସେତେବେଳ ଯାଏ ସେଇଟିକୁ ବିଚାରାଧୀନ ଭାବରେ ଅଟକାଇ ରଖିବାକୁ ପଡ଼ିଥାଏ । ପ୍ରାଣମୟ ମନର କାମନା ବା ଆବେଗଗୁଡ଼ିକ ସହିତ ତ ଆହୁରି ଅଧିକ ପରିମାଣରେ ଏହିପରି ବ୍ୟବହାର କରିବାକୁ ହୋଇଥାଏ । ସମ୍ପୂର୍ଣ୍ଣ ମାର୍ଗଦର୍ଶନ ଲାଭ କରିପାରିବା ପୂର୍ବରୁ ସେଗୁଡ଼ିକୁ ଅସ୍ଥାୟୀ ଭାବରେ ଆବଶ୍ୟକ କର୍ମର ତାତ୍କାଳିକ କେତୋଟି ଉପାୟ ରୂପରେ ଅନେକ ସମୟରେ ସ୍ୱୀକାର କରିନେବାକୁ ହୁଏ; ମାତ୍ର ସେଗୁଡ଼ିକୁ ଆତ୍ମାର ପୂର୍ଣ୍ଣ ସ୍ୱୀକୃତି ଦେଇ ସେଗୁଡ଼ିକ ମଧ୍ୟରେ ଅନୁକ୍ଷଣ ଲାଗି ରହିବା ଆଦୌ ଉଚିତ ନୁହେଁ, କାରଣ ସର୍ବଶେଷରେ ଏହି ଯାବତୀୟ କାମନା ତଥା ଆବେଗକୁ ସମ୍ପୂର୍ଣ୍ଣରୂପେ ବର୍ଜନ କରି ଆସିବାକୁ ପଡ଼ିବ ଅଥବା ପ୍ରାଣର ସକଳ ପ୍ରୟାସକୁ ଆପଣା ହାତରେ ଗ୍ରହଣ କରି ନେଉଥିବା ସେହି ଦିବ୍ୟ ସଂକଳ୍ପଟିର

'oaob.nitrkl.ac.in' images reprocessed

ପ୍ରେରଣାରେହିଁ ରୂପାନ୍ତରିତ କରିଦେଇ ଏଗୁଡ଼ିକ ସ୍ଥାନରେ ସେଗୁଡ଼ିକୁ ପ୍ରତିଷ୍ଠିତ କରି ରଖିବାକୁ ପଡ଼ିବ । ମାର୍ଗରେ ଅଗ୍ରସର ହୋଇ ଯାଉଥିବା ବେଳେ ହୃଦୟର ଶ୍ରଦ୍ଧା, ସଂବେଗଗତ ବିଶ୍ୱାସ ତଥା ସମ୍ମତିଗୁଡ଼ିକର ମଧ୍ୟ ଆବଶ୍ୟକତା ଆସି ପଡ଼ିଥାଏ; ମାତ୍ର ସେହି ଦିବ୍ୟ ସଂକଳ୍ପ ତଥା ଜ୍ଞାନଟି ସହିତ ଏକରୂପ ହୋଇ ରହିଥିବା ଏକ ଦିବ୍ୟ ଆନନ୍ଦର ଜ୍ୟୋତିର୍ମୟ ସମ୍ମତିଗୁଡ଼ିକ ଦ୍ୱାରା ସେଗୁଡ଼ିକ ଗୃହୀତ, ଶୁଦ୍ଧ, ରୂପାନ୍ତରିତ ଏବଂ ପରିଶେଷରେ ସ୍ଥାନାନ୍ତରିତ ହୋଇ ନପାରିବା ପର୍ଯ୍ୟନ୍ତ ସେଗୁଡ଼ିକ ମଧ୍ୟ ସର୍ବଦା କଦାପି ନିର୍ଭରଯୋଗ୍ୟ ପଥପ୍ରଦର୍ଶକର କାମଟିକୁ ତୁଲାଇ ପାରିବେ ନାହିଁ । ନିମ୍ନତର ପ୍ରକୃତି ମଧ୍ୟରେ ଅବସ୍ଥିତ ବୁଦ୍ଧିଠାରୁ ଆରମ୍ଭ କରି ପ୍ରାଣଗତ ସଂକଳ୍ପ ପର୍ଯ୍ୟନ୍ତ କୌଣସିଟିରେହିଁ ଯୋଗର ସାଧକ କଦାପି ସମ୍ପୂର୍ଣ୍ଣ ଏବଂ ସ୍ଥାୟୀ ଆସ୍ଥା ରଖିପାରିବ ନାହିଁ; ସେ ପରିଶେଷରେ କେବଳ ଆଧ୍ୟାତ୍ମିକ ସତ୍ୟ, ଶକ୍ତି ଏବଂ ଆନନ୍ଦରେହିଁ ଶ୍ରଦ୍ଧା ରଖିପାରିବ, ଏବଂ ସେହିଗୁଡ଼ିକହିଁ ତଦ୍‌ଗତ ବୁଦ୍ଧିର କ୍ଷେତ୍ରରେ ତାହାର ଯାବତୀୟ କର୍ମର ଏକମାତ୍ର ମାର୍ଗଦର୍ଶକ, ଜ୍ୟୋତିଃପ୍ରଦ ତଥା ବିଧାୟକ ହୋଇ ରହିପାରିବେ ।

ମାତ୍ର ତଥାପି ମୂଳରୁ ଶେଷ ଯାଏ ଏହି ଶ୍ରଦ୍ଧାର ଆବଶ୍ୟକତା ରହିଛି, ପ୍ରତ୍ୟେକ ପଦରେହିଁ ଏହାର ଆବଶ୍ୟକତା ରହିଛି; କାରଣ ଶ୍ରଦ୍ଧାକୁ ଆମେ ଆତ୍ମାର ଏକ ପ୍ରୟୋଜନୀୟ ସମ୍ମତି ବୋଲି କହିପାରିବା ଏବଂ ସେହି ସମ୍ମତିଟି ବ୍ୟତୀତ କୌଣସି ଅଗ୍ରଗତି କଦାପି ସମ୍ଭବ ହେବ ନାହିଁ । ସର୍ବପ୍ରଥମେ ଯୋଗର ଅସଲ ସତ୍ୟ ଏବଂ ସିଦ୍ଧାନ୍ତଟି ଉପରେ ଆମର ଅଟଳ ଶ୍ରଦ୍ଧା ନିଶ୍ଚୟ ରହିବ; ଏହି ଶ୍ରଦ୍ଧା ବୁଦ୍ଧିର କ୍ଷେତ୍ରରେ ଆଚ୍ଛନ୍ନ ହୋଇ ରହିଥିଲେ ମଧ୍ୟ, ହୃଦୟ ଭିତରେ ନୈରାଶ୍ୟ ଦ୍ୱାରା ଜର୍ଜର ହୋଇ ପଡ଼ିଥିଲେ ମଧ୍ୟ ଏବଂ ପ୍ରାଣିକ ମନର ବାସନାକ୍ଷେତ୍ରରେ ସତତ ଅସ୍ୱୀକାର ଏବଂ ବ୍ୟର୍ଥତା ଦ୍ୱାରା କ୍ଳାନ୍ତ ଓ ପରିଶ୍ରାନ୍ତ ହୋଇ ପଡ଼ିଥିଲେ ମଧ୍ୟ ଆମର ଅନ୍ତରତମ ଆତ୍ମାର ପ୍ରଦେଶଟିରେ ଏପରି ଏକ ବସ୍ତୁ ରହିଥିବ, ଯାହାକି ସେହି ଶ୍ରଦ୍ଧା ମଧ୍ୟରେହିଁ ଅନୁକ୍ଷଣ ଲାଗି ରହିଥିବ ଏବଂ ବାରବାର ତାହାରି ପାଖକୁ ଲେଉଟି ଆସୁଥିବ; ତା' ନହେଲେ ଆମେ ହୁଏତ ବାଟ ଘୁଲୁଘୁଲୁ କେଉଁଠି ନା କେଉଁଠି ଗୋଡ଼ ଖସି ତଳେ ପଡ଼ିଯିବା ଅଥବା ଆପଣାର ଦୁର୍ବଳତା କିଂବା ସାମୟିକ ପରାଜୟ, ନିରାଶା, ଅବିଶ୍ୱାସ ଏବଂ ପ୍ରମାଦକୁ ସହ୍ୟ କରିପାରିବା ଲାଗି ଆମର ଅକ୍ଷମତାଟି ସକାଶେ ହୁଏତ ବାଟଟିକୁ ଛାଡ଼ିଦେଇ ଆଉ କୁଆଡ଼େ ଚାଲିଯିବା । ଜୀବନ ପରି ଯୋଗର କ୍ଷେତ୍ରଟିରେ ମଧ୍ୟ ଯେଉଁ ମନୁଷ୍ୟ ଅନବସନ୍ନ ଭାବରେ ଯାବତୀୟ ପରାଜୟ ତଥା ମୋହଭଙ୍ଗ ସତ୍ତ୍ୱେ ଏବଂ ପ୍ରତିରୋଧପୂର୍ଣ୍ଣ, ଶତ୍ରୁଭାବାପନ୍ନ ଓ ବୈପରୀତ୍ୟମୟ ଯାବତୀୟ ଘଟଣା ତଥା ଶକ୍ତିଗୁଡ଼ିକ ସତ୍ତ୍ୱେ ତଥାପି ଶେଷ ପର୍ଯ୍ୟନ୍ତ ଅଗ୍ରସର ହେବାରେ ଲାଗିଥାଏ, ଶେଷରେ ସେହି ବିଜୟୀ ହୁଏ ଏବଂ ଆପଣାର ଶ୍ରଦ୍ଧାର ଔଚିତ୍ୟଟିକୁ ପ୍ରମାଣ କରିଦିଏ; କାରଣ ମନୁଷ୍ୟ ଭିତରେ ଥିବା ଆତ୍ମା ତଥା ଶକ୍ତିଟି ଲାଗି କେବେହେଲେ କିଛି ଅସମ୍ଭବ ହୁଏ ନାହିଁ ।

'oaob.nitrkl.ac.in' images reprocessed

ସଂଦେହବାଦୀର ଯେଉଁ ସଂଶୟ ଆମର ଉଦ୍‌ଗତ ସମ୍ଭାବନାଗୁଡ଼ିକ ପ୍ରତି ଆପଣାର ମୁହଁ ମୋଡ଼ିଦେଇ ଚାଲିଯାଏ, ଅଥବା ସଂକୀର୍ଣ୍ଣ, କ୍ଷୁଦ୍ରଦର୍ଶୀ ଓ ସୃଜନଶକ୍ତିରହିତ ଯେଉଁ ବୁଦ୍ଧି ବା ଅସ୍ପୃହାର ସତତ ବ୍ୟଙ୍ଗ ଏକ ଅବଶକାଙ୍କ୍ଷୀ ଅନିଷ୍ଟସୂଚା ସହିତ ଆମର ଯାବତୀୟ ଉଦ୍ୟମଟି ପଛରେ ଧାଇଁବାରେ ଲାଗିଥାଏ, ସେଇଟିଠାରୁ ଏପରିକି ଏକ ଅନ୍ଧ ଏବଂ ଅଜ୍ଞାନାଚ୍ଛନ୍ନ ଶ୍ରଦ୍ଧାକୁ ମଧ୍ୟ ଆମେ ଏକ ଉପାଦେୟତର ସମ୍ପଦ ବୋଲି କହି ପାରିବା । ପୂର୍ଣ୍ଣଯୋଗର ସାଧକକୁ ଅବଶ୍ୟ ଏହି ଦୁଇଟିଯାକ ଉପରେ ବିଜୟ ହାସଲ କରିବାକୁ ପଡ଼ିବ । ଯେଉଁ ବସ୍ତୁଟି ଲାଗି ସେ ଆପଣାର ସ୍ୱୀକୃତି ଦେଇସାରିଛି ଏବଂ ଯାହାକୁ ପାଇବା ଲାଗି ସେ ନିଜର ମନ, ହୃଦୟ ତଥା ସଂକଳ୍ପଶକ୍ତିକୁ ନିୟୋଜିତ କରି ରଖିଛି, ସେଇଟି, ଅର୍ଥାତ୍ ସମଗ୍ର ମାନବସତ୍ତାର ସେହି ଦିବ୍ୟ ପରିପୂର୍ଣ୍ଣତାଲାଭର ଧ୍ୟେୟଟି ଆମର ଏହି ନିତ୍ୟନୈମିତ୍ତିକ ବୁଦ୍ଧିଟି ଲାଗି ସ୍ପଷ୍ଟତଃ ସମ୍ପୂର୍ଣ୍ଣ ଅସମ୍ଭବ ବୋଲି କହିବାକୁ ପଡ଼ିବ; କାରଣ ତାହା ସର୍ବଦା ଜୀବନର ବାସ୍ତବ ତଥ୍ୟଗୁଡ଼ିକର ବିରୋଧହିଁ କରିବାରେ ଲାଗିଥାଏ, ଏବଂ କାରଣ ତାତ୍କାଳିକ ଅନୁଭବ ସବୁଦିନ ତାହାକୁ କେବଳ ପ୍ରମାଦଗ୍ରସ୍ତ ବୋଲି ପ୍ରମାଣ କରିଦେବାରେ ଲାଗିଥିବ; ଯାବତୀୟ ସୁଦୂର ଏବଂ ଦୁଃସାଧ୍ୟ ଲକ୍ଷ୍ୟଗୁଡ଼ିକର କ୍ଷେତ୍ରରେ ଯେପରି ହୋଇଥାଏ, ଏଠାରେ ମଧ୍ୟ ଠିକ୍ ସେହିପରି ହେବ । ଯେଉଁମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ରହିଛି, ମାତ୍ର ଯେଉଁମାନେ ଆମର ବର୍ତ୍ତମାନ ଏହି ପ୍ରକୃତିଟିକୁହିଁ ଦେହସ୍ଥ ମନୁଷ୍ୟର ଏକମାତ୍ର ସମ୍ଭାବ୍ୟ ପ୍ରକୃତି ବୋଲି ବିଶ୍ୱାସ କରୁଛନ୍ତି ଏବଂ କେବଳ ଏହି ପାର୍ଥିବ ଜୀବନଟିକୁ ବା ଏପରିକି ଯାବତୀୟ ବ୍ୟକ୍ତି-ଅସ୍ତିତ୍ୱକୁ ବର୍ଜନ କରି ଆସିପାରିଲେ ଯାଇ ଆମେ ହୁଏତ ଏକ ସ୍ୱର୍ଗୀୟ ସର୍ବପୂର୍ଣ୍ଣତା ଲାଭ କରିପାରିବା ଅଥବା ଆତ୍ମ-ନିର୍ବାପନ ଦ୍ୱାରା ଏକ ମୁକ୍ତିର ଅଧିକାରୀ ହୋଇପାରିବା ବୋଲି ବିଚାର କରୁଛନ୍ତି, ସେହିଭଳି କେତେକେତେ ବ୍ୟକ୍ତି ମଧ୍ୟ ସେହି ଧ୍ୟେୟଟିକୁ ଅସ୍ୱୀକାରହିଁ କରିଥାନ୍ତି । ତେଣୁ ଏହିଭଳି ଏକ ଲକ୍ଷ୍ୟର ଅନୁଶୀଳନ ବା ଅନୁଧାବନରେ ଅନେକ ଦିନ ଲାଗି କେତେକେତେ ଆପତ୍ତି ଓ ଅଭିଯୋଗ ଲାଗି ସ୍ଥାନ ରହିଥିବ; ଆପଣାକୁ ବାହ୍ୟତଃ ମୁହୂର୍ତ୍ତ ମୁହୂର୍ତ୍ତର ପ୍ରତିଭାସଗୁଡ଼ିକ ଉପରେ ଠିଆକରି ରଖିଥିବା, ନିର୍ଦ୍ଧାରିତ କେତୋଟି ସତ୍ୟ ଏବଂ ଅନୁଭବର ଏକ ଗୁଚ୍ଛକୁହିଁ ଆଧାର କରି ରହିଥିବା, ଆପଣାର ଏହି ଗାରଟିକୁ ଡେଇଁ ସେପାଖକୁ ଯିବା ଲାଗି ମନା କରୁଥିବା ଏବଂ ସମ୍ମୁଖ ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରୁଥିବା ଯାବତୀୟ ସଙ୍କେତ ତଥା ଆଲୋକର ଯାଥାର୍ଥ୍ୟରେ ସନ୍ଦେହ ପ୍ରକଟ କରୁଥିବା ସେହି ଅଜ୍ଞାନମୟ ଅଥଚ ଅଦମ୍ୟ ଭାବରେ ସମାଲୋଚନା କରି ବାହାରୁଥିବା ବୁଦ୍ଧି ଅର୍ଥାତ୍ ଅସ୍ପୃହା ଲାଗି ମଧ୍ୟ କେତେକେତେ ସ୍ଥାନ ରହିଥିବ । ଏବଂ ଏହି ସଂକୀର୍ଣ୍ଣ କୁପ୍ରବର୍ତ୍ତନାଗୁଡ଼ିକ ପାଖରେ ଯଦି ସାଧକ ଆପଣାର ମୁଣ୍ଡ ନୁଆଁଇ ପକାଇବ, ତେବେ ଆପଣାର ପଥଯାତ୍ରାରେ ସେ କଦାପି ଆପଣାର ଧ୍ୟେୟରେ ଯାଇ ପହଞ୍ଚି ପାରିବ ନାହିଁ ବା ସେଥିରେ ସାଂଘାତିକ ଭାବରେ

'oaob.nitrkl.ac.in' images reprocessed

ବାଧାପ୍ରାପ୍ତ ହେବ ବା ସେଠାରେ ଯାଇ ପହଞ୍ଚିବା ଅତିରିକ୍ତ ଭାବରେ ବିଳମ୍ବିତ ହୋଇ ରହିବ । ଅନ୍ୟ ପକ୍ଷରେ, ଶ୍ରଦ୍ଧା ଭିତରେ କୌଣସି ଅଜ୍ଞତା ବା ଅନ୍ଧତା ରହିଥିଲେ ତାହା ମଧ୍ୟ ଏକ ବୃହତ୍ତର ସିଦ୍ଧିଲାଭରେ ପ୍ରତିବନ୍ଧକ ହୋଇ ଠିଆହୁଏ, ତାହା କେତେକେତେ ବ୍ୟର୍ଥତା ଏବଂ ମୋହଭଙ୍ଗକୁ ଆମନ୍ତ୍ରଣ କରିଆଣେ, କେତେକେତେ ମିଥ୍ୟାକୁ ଅନ୍ତିମ ସତ୍ୟ ବୋଲି ଭ୍ରମ କରି ସେଇଥିରେ ଗୁରାଇବୁରାଇ ହୋଇ ରହେ ଏବଂ ସତ୍ୟ ତଥା ପରିପୂର୍ଣ୍ଣତାର ବୃହତ୍ତର ଉପଲବ୍ଧିଗୁଡ଼ିକ ଆଡ଼କୁ ଅଗ୍ରସର ହେବାକୁ ଆମକୁ ନିବୃତ୍ତ କରି ରଖିଥାଏ । ଆପଣାର ଯାବତୀୟ ବିଧ୍ୱାତ୍ମକଭାରେ ଶକ୍ତି ଅଜ୍ଞାନ ଏବଂ ଅନ୍ଧତାର ଏହିସବୁ ଯାବତୀୟ ରୂପ ଉପରେ ଏବଂ ଏପରିକି ସେହି ଶକ୍ତି ଉପରେ ଭୁଲ୍ ତଥା ଅନ୍ଧବିଶ୍ୱାସୀ ଭାବରେ ବିଶ୍ୱାସ କରୁଥିବା ଆମ ଜୀବନର ସେହି ଯାବତୀୟ ଭାଗରେ ନିର୍ଦ୍ଦୟ ଭାବରେ ଆସି ପ୍ରହାର କରିବ ଏବଂ ଆମକୁ ଶ୍ରଦ୍ଧାର ବାହ୍ୟରୂପଗୁଡ଼ିକ ପ୍ରତି ଏତେ ଅତିରିକ୍ତ ଭାବରେ ଆସକ୍ତ ହୋଇ ରହିବାର ପ୍ରବୃତ୍ତିଟିକୁ ଛାଡ଼ି ଆସିବା ଲାଗି ପ୍ରସ୍ତୁତ ହେବାକୁ ପଡ଼ିବ ଓ କେବଳ ସେହି ପରିତ୍ରାଣକାରୀ ସତ୍ୟଟିରେହିଁ ଏକନିଷ୍ଠ ହୋଇ ରହିବାକୁ ପଡ଼ିବ । ଏକ ବୃହତ୍ ଏବଂ ସୁପ୍ରଶସ୍ତ ଆଧ୍ୟାତ୍ମିକ ତଥା ବୁଦ୍ଧିଯୁକ୍ତ ଶ୍ରଦ୍ଧା, ଉଚ୍ଚ ସମ୍ଭାବନାଗୁଡ଼ିକ ଲାଗି ଆପଣାର ସମ୍ମତି ଦେଉଥିବା ସେହି ବୃହତ୍ତର ବିବେକଟିର ବୁଦ୍ଧି ଦ୍ୱାରା ଯାହା ବୁଦ୍ଧିଯୁକ୍ତ ହୋଇ ରହିଥାଏ, ତାହାକୁହିଁ ଆମେ ପୂର୍ଣ୍ଣଯୋଗଟି ଲାଗି ଆବଶ୍ୟକ ହେଉଥିବା ଶ୍ରଦ୍ଧାର ଯଥାର୍ଥ ସ୍ୱରୂପ ବୋଲି ଜାଣିବା ।

ଏହି ଶ୍ରଦ୍ଧାକୁ,—ଏବଂ ଇଂରାଜୀ ଭାଷାର Faith ଶବ୍ଦଟି ଏହାର ତାତ୍ପର୍ଯ୍ୟଟିକୁ କଦାପି ଯଥେଷ୍ଟ ଭାବରେ ବ୍ୟକ୍ତ କରିପାରେ ନାହିଁ,—ଆମେ ଯଥାର୍ଥରେ ସେହି ସର୍ବୋଚ୍ଚ ପରମ ଚିଦ୍‌ଗତତାରୁହିଁ ଉପଲବ୍ଧ ହୋଇ ଆସିଥିବା ଏକ ପ୍ରଭାବ ବୋଲିହିଁ ଜାଣିବା; ତାହାର ଆଲୋକଟିକୁ ଆମେ ଆମର ଅତିମାନସ ସତ୍ତାରୁ ଆସୁଥିବା ଏକ ସନ୍ଦେଶ ବୋଲି ଜାଣିବା, ଯାହାକି ନିମ୍ନତର ପ୍ରକୃତିକୁ ଆପଣାର ଏହି କ୍ଷୁଦ୍ର ବର୍ତ୍ତମାନସ୍ଥିତି ଭିତରୁ ଏକ ମହାନ୍ ଆତ୍ମ-ସମ୍ଭୂତି ତଥା ଆତ୍ମ-ଅତିକ୍ରମଣ ଆଡ଼କୁ ଉତ୍ତୋଳିତ ହୋଇଯିବା ପାଇଁ ଆହ୍ୱାନ ଦେଇଯିବାରେ ଲାଗିଛି । ଏବଂ ଯିଏ ଏହି ପ୍ରଭାବଟିକୁ ଗ୍ରହଣ କରୁଛି ଏବଂ ସେହି ଆହ୍ୱାନଟିର ପ୍ରତ୍ୟୁତ୍ତର ଦେଉଛି, ତାହାକୁ ଆମେ ଆମର ବୁଦ୍ଧି, ହୃଦୟ ଅଥବା ପ୍ରାଣଗତ ମନ ବୋଲି ଯେତେ କହିବା ନାହିଁ, ଆମର ଅନ୍ତର୍ଗତ ଆତ୍ମା ବୋଲି ତା'ଠାରୁ ଅଧିକ ପରିମାଣରେ କହିବା, ଯାହାକି ଆପଣାର ସ୍ୱକୀୟ ନିୟତି ତଥା ତା' ଉପରେ ଅର୍ପିତ ହୋଇ ରହିଥିବା କାର୍ଯ୍ୟଟିର ସତ୍ୟଟିକୁ ସର୍ବଦା ଅଧିକ ଭଲ ଭାବରେ ଜାଣିଛି । ଯେଉଁସବୁ ପରିସ୍ଥିତି ଆମକୁ ଯୋଗର ଏହି ପଥଟି ଉପରକୁ ପ୍ରଥମ ପଦକ୍ଷେପଟି ପକାଇବା ଲାଗି ପ୍ରେରିତ କରି ଆଣନ୍ତି, ସେଗୁଡ଼ିକ ଆମ ଭିତରେ ଯେଉଁ ବସ୍ତୁଟି କାର୍ଯ୍ୟ କରୁଥାଏ, ତାହାର କଦାପି ଯଥାର୍ଥ ସୂଚ

'oaob.nitrkl.ac.in' images reprocessed

ହୋଇପାରନ୍ତି ନାହିଁ । ସେଠାରେ ବୁଦ୍ଧି, ହୃଦୟ ଅଥବା ପ୍ରାଣିକ ମନର କାମନା-ଗୁଡ଼ିକ ହୁଏତ ଏକ ପ୍ରଧାନ ସ୍ଥାନ ମାଡ଼ି ବସିଥାନ୍ତି; ବା ଏପରିକି ଅଧିକତର ପରିମାଣରେ ଆକସ୍ମିକ କେତେଗୁଡ଼ିଏ ଘଟଣା ଏବଂ ବାହ୍ୟ ଉତ୍ପ୍ରେରକହିଁ ସେଠାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି; ମାତ୍ର ଯଦି କେବଳ ଏତିକହିଁ ସବୁକିଛି ହୋଇ ରହେ, ତେବେ ଯୋଗର ଆହ୍ୱାନଟି ପ୍ରତି ଯେ ଆମର ନିଷ୍ଠା ଅବିଚଳ ରହିବ, ଏବଂ ଯୋଗର ମାର୍ଗରେ ଆମର ପ୍ରୟାସଟି ଯେ ସ୍ଥାୟୀ ହୋଇ ରହିବ, ତାହା କଦାପି ଦୃଢ଼ନିଶ୍ଚିତ ଭାବରେ କହିହେବ ନାହିଁ । ଆକୃଷ୍ଟ କରିଥିବା ବସ୍ତୁଟିକୁ ବୁଦ୍ଧି ହୁଏତ ବର୍ଜନ କରି ଚାଲିଆସିବ, ହୃଦୟ ଅବସନ୍ନ ହୋଇପଡ଼ିବ ବା ଆମର ସାଙ୍ଗ ଛାଡ଼ିଯିବ, ଏବଂ ପ୍ରାଣସ୍ଥ ମନର କାମନାଟି ହୁଏତ ଅନ୍ୟ କେଉଁ ଲକ୍ଷ୍ୟ ଆଡ଼କୁ ମନ ବଳାଇବ । ମାତ୍ର ବାହ୍ୟ ପରିସ୍ଥିତିଗୁଡ଼ିକୁ ଆମେ ତଦ୍‌ଗତତାର ପ୍ରକୃତ ନିସ୍ୱାତ୍ମକତାଗୁଡ଼ିକ ଲାଗି କେବଳ ଏକ ଆବରଣ ବୋଲିହିଁ କହିବା; ଏବଂ ଯଦି ସ୍ପର୍ଶଟି ଥରେ ସେହି ତଦ୍‌ଗତତା ବା ଆତ୍ମାର କ୍ଷେତ୍ରରେ ଯାଇ ବାଜିବାକୁ ସମର୍ଥ ହୋଇଥାଏ, ଯଦି ଅନ୍ତରସ୍ଥ ଆତ୍ମାଟି ଥରେ ସେହି ଆହ୍ୱାନଟିକୁ ଶୁଣିଥାଏ, ତେବେ ଶ୍ରଦ୍ଧା ଅବଶ୍ୟ ସୁଦୃଢ଼ ହୋଇ ରହିବ ଏବଂ ତାହାକୁ ପରିଭୂତ କରି ରଖିବାର ଅଥବା ମାରିଦେବାର ଯାବତୀୟ ପ୍ରୟାସର ଅବଶ୍ୟ ପ୍ରତିରୋଧ କରିବ । ଅବଶ୍ୟ ଏକଥା କେହି କହୁ ନାହିଁ ଯେ ସେତେବେଳେ ବୁଦ୍ଧିର ସଂଶୟଗୁଡ଼ିକ ଆଉ କଦାପି ଆକ୍ରମଣ କରିବାକୁ ଆସିବ ନାହିଁ, ହୃଦୟ କଦାପି ବିଚଳିତ ହେବ ନାହିଁ, ବା ପ୍ରାଣଗତ ମନର ବ୍ୟର୍ଥମନୋରଥ କାମନାଟି ଥକିଯାଇ ଆଉ ରାସ୍ତାକଡ଼ରେ କଦାପି ଟଳି ପଡ଼ିବ ନାହିଁ । ବେଳେବେଳେ, ଓ ସମ୍ଭବତଃ ଅନେକ ସମୟରେ ତାହା ପ୍ରାୟ ଅନିବାର୍ଯ୍ୟ ହୋଇ ରହିଥିବ; ବିଶେଷତଃ ଆମ କ୍ଷେତ୍ରରେ ଅର୍ଥାତ୍ ବୁଦ୍ଧିସର୍ବସ୍ୱତା ଏବଂ ସଂଶୟବାଦ ତଥା ଏକ ବୃହତ୍ତର ସତ୍ୟରୂପୀ ସୂର୍ଯ୍ୟର ମୁହଁ ଉପରୁ ଏପର୍ଯ୍ୟନ୍ତ ଆପଣାର ବିବିଧବର୍ଣ୍ଣୀ ମେଘଗୁଡ଼ିକୁ ଅପସାରିତ କରିନେଇ ନଥିବା ଓ ତଦ୍‌ଗତ ସଂବୋଧି ତଥା ଅନ୍ତର୍ଗତତମ ସକଳ ଅନୁଭୂତିର ଆଲୋକଟିକୁ ଏବେ ମଧ୍ୟ ବିରୋଧ କରୁଥିବା ଅଧ୍ୟାତ୍ମସତ୍ୟର ଖଣ୍ଡନକାରୀ ଏକ ଜଡ଼ବାଦର ଯୁଗରେ ଲାଳିତ ହୋଇଥିବା ସନ୍ତାନମାନଙ୍କର କ୍ଷେତ୍ରରେ ତାହା ଅନେକ ସମୟରେ ଅନିବାର୍ଯ୍ୟ ହୋଇ ରହିଥିବ । ଖୁବ୍ ସମ୍ଭବ ସତେଅବା କଷ୍ଟ ମଧ୍ୟଦେଇ ଆମର ପରୀକ୍ଷା କରିବାକୁ ଆସୁଥିବା ଏପରି କେତେକେତେ ଅସ୍ପଷ୍ଟତାମୟ କାଳ ଆମର ଜୀବନରେ ଆସି ପହଞ୍ଚିବ, ଯାହାର କି ବୈଦିକ ଋଷିମାନେ ମଧ୍ୟ କେତେଥର ଅଭିଯୋଗ କରୁଥିଲେ ଓ ଯାହାକୁ ସେମାନେ ‘ଆଲୋକରୁ ଦୀର୍ଘକାଳବ୍ୟାପୀ ନିର୍ବାସନ’ ବୋଲି ବର୍ଣ୍ଣନା କରୁଥିଲେ; ଏବଂ ଏହିସବୁ କାଳରେ ଅନ୍ଧକାର ହୁଏତ ଏପରି ଗାଢ଼ ହୋଇଯିବ ଓ ଆତ୍ମାର ଉପରେ ଗ୍ରାସି ରହିଥିବା ରାତ୍ରି ଏପରି କଳା କଟିକଟି ହୋଇ ଦେଖାଯିବ ଯେ ସକଳ ଶ୍ରଦ୍ଧା ଆମକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ଆଉ କୁଆଡ଼େ ଚାଲି

'oaob.nitrkl.ac.in' images reprocessed

ଯାଇଥିବା ପରିହିଁ ପ୍ରତୀତ ହେବାକୁ ଲାଗିବ । ମାତ୍ର ଏହି ସବୁଟି ଭିତରେ ଆମର ଅନ୍ତରସ୍ଥ ଆତ୍ମା ଆପଣାର ଅଦୃଶ୍ୟ ନିସ୍ତନ୍ତ୍ରଣଟିକୁ କଦାପି ହାତରୁ ଛାଡ଼ିଦେଇ ନଥିବ ଏବଂ ଆତ୍ମା ଏକ ନୂତନ ଶକ୍ତି ସହିତ ଆପଣାର ନିର୍ଭରଟି ପାଖକୁ ଅବଶ୍ୟ ଫେରି ଆସିବ; କାରଣ ସେହି ନିର୍ଭରଟି କେବଳ ଛାୟାଗ୍ରସ୍ତ ହୋଇହିଁ ରହିଥିଲା, କଦାପି ନିର୍ବାପିତ ହୋଇଯାଇ ନଥିଲା । ଏବଂ ଯେତେବେଳେ ଅନ୍ତରସ୍ଥ ଆତ୍ମା ଥରେ ଆପଣାର ଶ୍ରଦ୍ଧା ଓ ବିଶ୍ୱାସଟିକୁ ଜାଣିନେଇ ପାରୁଛି ଓ ଆପଣାର ନିଷ୍ପତ୍ତି (ସଂକଳ୍ପ, ବ୍ୟବସାୟ) କରିନେଇ ପାରୁଛି, ସେତେବେଳେ ତାହା କଦାପି ନିର୍ବାପିତ ହୋଇପାରିବ ନାହିଁ । ସକଳ ଅବସ୍ଥାରେହିଁ ଭଗବାନ ଆମର ହାତ ଧରି ଆମ ସାଙ୍ଗରେ ବାଟ ଚାଲୁଛନ୍ତି; ଏବଂ ସେ କେତେବେଳେ ଯଦି ଆମକୁ ତଳେ ପଡ଼ିଯିବାକୁ ଛାଡ଼ି ଦେଉଥିବା ପରି ମନେ ହେଉଥାଏ, ତେବେ ଜାଣିବାକୁ ହେବ ଯେ କେବଳ ଆହୁରି ଉପରକୁ ଉଠାଇ ନେବାକୁହିଁ ସେ ଏପରି କରୁଛନ୍ତି । ସେହି ଶ୍ରଦ୍ଧା ଓ ବିଶ୍ୱାସ ପାଖକୁ ଏହି ଉଦ୍ଧାରକାରୀ ପ୍ରତ୍ୟାବର୍ତ୍ତନଟିକୁ ଆମେ ଏପରି ମୁହୂର୍ମୁହୁଃ ଅନୁଭବ କରିବାକୁ ଲାଗିବା ଯେ ସଂଶୟର ଯାବତୀୟ ଦାବି ପରିଶେଷରେ ପ୍ରକୃତରେ ଏକାବେଳକେ ଅସମ୍ଭବ ହୋଇପଡ଼ିବ ଏବଂ, ସମତାର ଭିତ୍ତିଟି ଥରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଗଲେ ଏବଂ ଏହାଠାରୁ ଆହୁରି ଅଧିକ ପରିମାଣରେ, ବିଜ୍ଞାନର ସୂର୍ଯ୍ୟ ଉଦିତ ହୋଇ ଆସିଲେ ସ୍ୱୟଂ ସଂଶୟଟାହିଁ ଲୁଚିକି ଅନ୍ତର୍ଦ୍ଧାନ ହୋଇଯିବ, କାରଣ ସେତେବେଳେ ତା'ର ରହିବା ଲାଗି ଆଉ କୌଣସି କାରଣ ନଥିବ, କୌଣସି ପ୍ରୟୋଜନ ନଥିବ ।

ପୁନଶ୍ଚ, ଯୋଗର କେବଳ ମୂଳ ସିଦ୍ଧାନ୍ତଟିରେ, ତାହାର ବସ୍ତୁର ତଥା ସାଧନମାର୍ଗରେହିଁ ଯେ ଏକ ଶ୍ରଦ୍ଧାର ଆବଶ୍ୟକତା ରହିଥିବ ତା' ନୁହେଁ, ମାତ୍ର ଲକ୍ଷ୍ୟଟିକୁ ସିଦ୍ଧ କରିବା ଲାଗି ଆମ ଭିତରେ ଯେଉଁ ଶକ୍ତି ରହିଛି, ମାର୍ଗ ଉପରେ ଆମେ ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛୁ, ଆମକୁ ଯେଉଁସବୁ ତଦ୍‌ଗତ ଅନୁଭୂତି ଏବଂ ସଂବୋଧିମାନ ପ୍ରାପ୍ତ ହେଉଛି, ଆମ ଭିତରେ ଇଚ୍ଛାଶକ୍ତି ଏବଂ ଅନ୍ତଃପ୍ରେରଣାର ଯେଉଁ ମାର୍ଗଦର୍ଶକ ଗତିସ୍ପନ୍ଦନ, ହୃଦୟର ସ୍ପନ୍ଦନମୟ ଯାବତୀୟ ପ୍ରଗାଢ଼ତା ଏବଂ ପ୍ରାଣର ଯେଉଁ ନାନା ଅଭୀପ୍‌ସା ତଥା ଚରିତାର୍ଥତା ରହିଛି ଓ ଆମ ପ୍ରକୃତିକୁ ଆହୁରି ବୃହତ୍‌ ଓ ବ୍ୟାପକ ହେବାରେ ସହାୟକ ସାଧନ, ପରିବେଶ ତଥା ଅବସ୍ଥାମାନ ହୋଇ ରହିଛି ବା ଆତ୍ମାର ବିମର୍ଦ୍ଦନରେ ଆମର ନାନା ଉଦ୍‌ପ୍ରେରକ ଓ ସୋପାନ ହୋଇ ରହିଛି, ଏହି ଯାବତୀୟ କ୍ଷେତ୍ରରେ ଆମକୁ ଏକ ପ୍ରାତ୍ୟହିକ ସଚଳ ଏବଂ ସକ୍ରିୟ ଶ୍ରଦ୍ଧା ଅବଶ୍ୟ ରଖିବାକୁ ପଡ଼ିବ । ତହିଁ ସଙ୍ଗେସଙ୍ଗେ ଏକଥାଟିକୁ ସର୍ବଦା ସ୍ମରଣ ରଖିବାକୁ ପଡ଼ିବ ଯେ ଆମେ ନାନାବିଧ ଅପୂର୍ଣ୍ଣତାରୁ ଓ ଅଜ୍ଞାନ ମଧ୍ୟରୁ ଆଲୋକ ଏବଂ ପୂର୍ଣ୍ଣତା ଆଡ଼କୁ କ୍ରମଶଃ ଅଗ୍ରସର ହୋଇ ଯାଉଛୁ; ଏବଂ ଆମ ଉଦ୍ୟମଟିର ଯାବତୀୟ

'oaob.nitrkl.ac.in' images reprocessed

ରୂପ ଏବଂ ଆମ ଉପଲବ୍ଧିର କ୍ରମବଦ୍ଧ ସକଳ ପର୍ଯ୍ୟାୟ ପ୍ରତି ଆସକ୍ତ ହୋଇ ରହିବାରୁ ଆମ ଶ୍ରଦ୍ଧାକୁ ସବୁବେଳେ ମୁକ୍ତ ହୋଇ ରହିବାକୁ ପଡ଼ିବ । ଆମ ଭିତରେ କେବଳ ଏପରି ଅନେକ ପଦାର୍ଥ ନାହିଁ, ଯାହାକୁ କି ବାହାରକୁ ଫୋପାଡ଼ି ଦେବା ପାଇଁ ଓ ତ୍ୟାଗ କରି ଆସିବା ପାଇଁ ପ୍ରବଳ ଭାବରେ ଉପରକୁ ଉଠାଇ ଆଣିବାକୁ ପଡ଼ିବ, ଅର୍ଥାତ୍ ଅଜ୍ଞାନ ତଥା ନିମ୍ନତର ପ୍ରକୃତିଟିର ଶକ୍ତି ଏବଂ ପରିଶେଷରେ ଅବଶ୍ୟ ସେଗୁଡ଼ିକର ସ୍ଥାନ ଅଧିକାର କରିବାକୁ ଆସୁଥିବା ଉଚ୍ଚତର ଶକ୍ତିଗୁଡ଼ିକ ଭିତରେ ଏକ ସତତ ସମର ଲଗାଇ ରଖିବାକୁ ପଡ଼ିବ; ମାତ୍ର ଏପରି ସବୁ ନାନା ଅନୁଭୂତି, ବସ୍ତୁର ଓ ଅନୁଭବର ନାନା ସ୍ଥିତି ତଥା ଉପଲବ୍ଧିର ନାନା ରୂପ, ଯେଉଁଗୁଡ଼ିକ କି ଆମର ସହାୟକ ହୋଇ ରହିଛନ୍ତି, ପଥ ଚାଲିବା ସମୟରେ ଯେଉଁଗୁଡ଼ିକୁ ଅବଶ୍ୟ ଗ୍ରହଣ କରିନେବାକୁ ପଡ଼ିବ ଏବଂ ଯେଉଁଗୁଡ଼ିକ ହୁଏତ ସେହି ସମୟଟି ଲାଗି ଆମକୁ ଅଧ୍ୟାତ୍ମଭୂମିର ଗୋଟିଏ ଗୋଟିଏ ଚୂଡ଼ାନ୍ତ ସତ୍ୟ ବୋଲି ବୋଧ ହେଉଥିବେ ଏବଂ ପରେ କେବଳ ମଧ୍ୟବର୍ତ୍ତୀକାଳୀନ କେତୋଟି ସୋପାନ ବୋଲିହିଁ ଜଣା ପଡ଼ିଯିବେ, ଆମକୁ ସେଗୁଡ଼ିକୁ ମଧ୍ୟ ଡେଇଁ ଚାଲିଯିବାକୁ ହେବ, ଏବଂ ଯେଉଁ ବ୍ୟାବହାରିକ ଶ୍ରଦ୍ଧାଟି ସେଗୁଡ଼ିକୁ ଧାରଣ କରି ରଖିଥିଲା, ଅନ୍ୟ ବୃହତ୍ତର ବସ୍ତୁଗୁଡ଼ିକ ଲାଗି ବା ପୂର୍ଣ୍ଣତର ତଥା ପ୍ରଶସ୍ତତର ଉପଲବ୍ଧି ତଥା ଅନୁଭୂତିକୁ ବାଟ ଛାଡ଼ିଦେବା ଲାଗି ଏଠାରୁ ସେଗୁଡ଼ିକୁ ପ୍ରତ୍ୟାହୃତ କରି ନେଇଯିବାକୁ ପଡ଼ିବ । ସେହି ବୃହତ୍ତର ବସ୍ତୁ ତଥା ଉପଲବ୍ଧିଗୁଡ଼ିକହିଁ ତେବେ ଏଗୁଡ଼ିକର ସ୍ଥାନାପନ୍ନରୂପେ ପ୍ରତିଷ୍ଠିତ ହେବେ ବା ସମ୍ପୂର୍ଣ୍ଣତା ଆଣି ଦେଉଥିବା ଏକ ରୂପାନ୍ତରର ପ୍ରକ୍ରିୟାରେ ଏଗୁଡ଼ିକ ସେଗୁଡ଼ିକ ମଧ୍ୟକୁ ଉତ୍ତୋଳିତ ହୋଇ ଚାଲିଯିବେ । ପୂର୍ଣ୍ଣଯୋଗର ସାଧକ ବାଟରେ ଥିବା କୌଣସି ବିଶ୍ରାନ୍ତିସ୍ଥଳରେ କଦାପି ଲାଖିକରି ରହିଯିବ ନାହିଁ, ଅର୍ଦ୍ଧପଥସ୍ଥିତ କୌଣସି ଘରେ ଅଟକି ରହିବ ନାହିଁ; ଆପଣା ପରିପୂର୍ଣ୍ଣତାର ସବୁଯାକ ମହାନ୍ ତଥା ସ୍ଥାୟୀ ଭୂମିଗୁଡ଼ିକୁ ସୁସ୍ଥାପିତ କରିପାରିବା ପର୍ଯ୍ୟନ୍ତ ଏବଂ ସକଳ ବାଡ଼ ଭାଙ୍ଗି ତାହାର ବୃହତ୍ ଏବଂ ମୁକ୍ତ ଅନନ୍ତତାଗୁଡ଼ିକ ମଧ୍ୟକୁ ବାହାରିଯିବା ପର୍ଯ୍ୟନ୍ତ ପୂର୍ଣ୍ଣଯୋଗର ସାଧକ କଦାପି ସନ୍ତୁଷ୍ଟ ହୋଇ ରହିଯିବ ନାହିଁ; ଏବଂ ଏପରିକି ସେଠାରେ ମଧ୍ୟ ସେ ଆପଣାକୁ ଅବିରତ ଭାବରେ ପରମ ଅନନ୍ତର ଆହୁରି ଅଧିକ ଅନୁଭୂତି ଦ୍ୱାରା ପୂର୍ଣ୍ଣ କରି ରଖିବାରେ ଲାଗିଥିବ । ତାହାର ଅଗ୍ରଗତିକୁ ଆମେ ସ୍ତରରୁ ସ୍ତର ଯାଏ ଉଠି ଯାଉଥିବା ଏକ ଆରୋହଣ ବୋଲି କହିପାରିବା ଏବଂ ଉପଲବ୍ଧିର ପ୍ରତ୍ୟେକଟି ଉଚ୍ଚତା ତାହା ଲାଗି ତଥାପି ସିଦ୍ଧ କରିବାକୁ ବାକି ରହିଥିବା ଅନ୍ୟ ଅନେକ ଦୃଷ୍ଟିଭୂମି ତଥା ଉନ୍ମୋଚନକୁ ଅର୍ଥାତ୍ 'ଭୂରି କର୍ତ୍ୱମ୍'କୁ ବହନ କରି ନେଇ ଆସୁଥିବ । ଅବଶେଷରେ ସେହି ଦିବ୍ୟ ଶକ୍ତି ତାହାର ଯାବତୀୟ ପ୍ରୟାସ ଏବଂ ସାଧନାକୁ ଆପଣା ହାତରେ ଗ୍ରହଣ କରିନେବେ ଏବଂ ସେତେବେଳେ ତାହାକୁ ସେଥିରେ କେବଳ

'oaob.nitrkl.ac.in' images reprocessed

ଆପଣାର ସମ୍ମତିଟିକୁହିଁ ଦେବାକୁ ପଡ଼ିବ ଏବଂ ସେହି ଶକ୍ତିର ଜ୍ୟୋତିର୍ମୟ ସକଳ କ୍ରିୟାତ୍ମକଭାବରେ ଏକ ପୂର୍ଣ୍ଣସମ୍ମତ ଏକରୂପତା ଦ୍ୱାରା ସେ ପ୍ରସନ୍ନ ହୋଇ ସେଥିରେହିଁ ଅଂଶଗ୍ରହଣ କରିବାରେ ଲାଗିଥିବ । ଏହିସବୁ ପରିବର୍ତ୍ତନ, ସଂଗ୍ରାମ ତଥା ରୂପାନ୍ତର ତାକୁ କେବଳ ନିରୁତ୍ସାହିତ କରି ପକାଇବାକୁ କିଂବା ପରାହତ କରିଦେବାକୁ ବାହାରିଥିବା ପରି ମନେ ହେଉଥିବ; କାରଣ ବୁଦ୍ଧି, ପ୍ରାଣ ଓ ସଂବେଦ ସର୍ବଦା ବାହ୍ୟ ବସ୍ତୁଗୁଡ଼ାକୁହିଁ ଅତ୍ୟଧିକ ଭାବରେ ଜାବୁଡ଼ି ରହିଥାନ୍ତି, ଅପରନ୍ତୁ କେତେକେତେ ନିଶ୍ଚିତତା ମଧ୍ୟରେ ବାନ୍ଧିହୋଇ ରହିଥାନ୍ତି ଏବଂ ଯେତେବେଳେ ଆପଣାର ପୂର୍ବ ଅବଲମ୍ବନଗୁଡ଼ିକୁ ଛାଡ଼ିଦେବାକୁ ବାଧ୍ୟ କରାଯାଏ, ସେତେବେଳେ ସେମାନେ ସତେଅବା କ୍ଷୁବ୍ଧ ଏବଂ ଅନିଚ୍ଛୁକ ହୋଇପଡ଼ନ୍ତି । ଏହିସବୁ ପରିସ୍ଥିତିରେ କ୍ରିୟାଶୀଳ ହୋଇ ରହିଥିବା ଶକ୍ତିଟି ଉପରେ ଏକ ଦୃଢ଼ ଶ୍ରଦ୍ଧାହିଁ ସାଧକର ସହାୟକ ହୋଇଥାଏ ତଥା ପରମ ଯୋଗେଶ୍ୱରଙ୍କର ମାର୍ଗଦର୍ଶନ ଉପରେ ଅବିଚଳ ବିଶ୍ୱାସ ରଖିବା ମଧ୍ୟ ତା'ର ସହାୟକ ହୋଇଥାଏ; ସେହି ପରମ ଯୋଗେଶ୍ୱରଙ୍କର ପ୍ରଜ୍ଞା କେବେହେଲେ ତରତର ହୁଏ ନାହିଁ, ମନର ଯାବତୀୟ ଭ୍ରାନ୍ତି ଓ ବିମୂଢ଼ତା ମଧ୍ୟରେ ତାଙ୍କର ପଦକ୍ଷେପଗୁଡ଼ିକ ସର୍ବଦା ସୁନିଶ୍ଚିତ, ସମୁଚିତ ଏବଂ ଯୁକ୍ତିଯୁକ୍ତ ହୋଇ ରହିଥାଏ, କାରଣ ସେଗୁଡ଼ିକ ଆମ ପ୍ରକୃତିର ଆବଶ୍ୟକତାଗୁଡ଼ିକ ସହିତ ପୂର୍ଣ୍ଣବୋଧଯୁକ୍ତ ବ୍ୟବହାର ଉପରେ ଆଧାରିତ ହୋଇ ରହିଥାଏ ।

ମନୋଗତ ଅଜ୍ଞାନଟି ମଧ୍ୟରୁ ଆପଣାର ଯାତ୍ରା ଆରମ୍ଭ କରି ଅପୂର୍ଣ୍ଣ ରୂପାୟନଗୁଡ଼ିକର ମଧ୍ୟଦେଇ ଜ୍ଞାନର ଏକ ପୂର୍ଣ୍ଣ ଆଧାରଭୂମି ତଥା ଅଭିବୃଦ୍ଧି ଆଡ଼କୁ ଅଗ୍ରସର ହୋଇଯିବାକୁହିଁ ଆମେ ଯୋଗର ଅଗ୍ରଗତି ବୋଲି ଜାଣି ରଖିବା, ଏବଂ ଆପଣାର ଅଧିକ ସନ୍ତୋଷଜନକ ଭାବରେ ଭାବାତ୍ମକ ଅଂଶଗୁଡ଼ିକରେ ଆଲୋକରୁ ବୃହତ୍ତର ଆଲୋକ ମଧ୍ୟକୁ ବାହାରି ଚାଲିଯିବାକୁହିଁ ଯୋଗର ଯଥାର୍ଥ ପ୍ରଗତି ବୋଲି ଜାଣିବା; ଏବଂ ଅତିମାନସ ଜ୍ଞାନର ସେହି ବୃହତ୍ତମ ଜ୍ଞାନଟି ପ୍ରାପ୍ତ ନହେବା ଯାଏ ଏହି ପ୍ରଗତି କଦାପି ବନ୍ଦ ହୋଇଯିବ ନାହିଁ । ଆପଣାର ଏହି ପ୍ରଗତିର ପର୍ଯ୍ୟାୟଟିରେ ମନର ଧାରଣାଗୁଡ଼ିକ ଅନିବାର୍ଯ୍ୟ ଭାବରେ ବୃହତ୍ତର ଅଥବା କ୍ଷୁଦ୍ରତର ଅନୁପାତରେ ଭୁଲଗୁଡ଼ିକ ସହିତ ଅବଶ୍ୟ ମିଶ୍ରିତ ହୋଇ ରହିବ; ଏବଂ ଏହି ଭୁଲଗୁଡ଼ିକର ଆବିଷ୍କାର ଦ୍ୱାରା ଆମେ ଆମର ଶ୍ରଦ୍ଧାକୁ କଦାପି ବିଚଳିତ ହୋଇ ପଡ଼ିବାକୁ ଦେବା ନାହିଁ ବା କଦାପି କଳ୍ପନା କରି ବସିବା ନାହିଁ ଯେ ଆମକୁ ଏପର୍ଯ୍ୟନ୍ତ ସାହାଯ୍ୟ କରି ଆସିଥିବା ବୁଦ୍ଧିଗତ ବିଶ୍ୱାସଗୁଡ଼ିକ ଅତି ତରତର ଏବଂ ଅତିରିକ୍ତ ଭାବରେ ଭାବାତ୍ମକ ହୋଇ ରହିଥିବାରୁ ଆମ୍ଭରେ ଥିବା ସେହି ସର୍ବମୂଳ ଶ୍ରଦ୍ଧାଟି ମଧ୍ୟ କେବଳ ଅସତ୍ୟ ହୋଇ ରହିଥିଲା । ମନୁଷ୍ୟର ବୁଦ୍ଧି ଆପଣାର ଭୁଲଗୁଡ଼ାକୁ ସବୁବେଳେ ଭାରି ଭୟ କରୁଥାଏ ଏବଂ ତାହାର ପ୍ରକୃତ କାରଣଟି ହେଉଛି ଯେ ତାହା ନିଶ୍ଚିତତାର ଏକ ଅପରିପକ୍ୱ

'oaob.nitrkl.ac.in' images reprocessed

ବୋଧଟି ପ୍ରତି ବଡ଼ ଆସକ୍ତ ହୋଇ ରହିଥାଏ, ଏବଂ ଜ୍ଞାନର ଯେତିକି ଅଂଶକୁ ତାହା ଗ୍ରହଣ କରୁଥିବାର ପ୍ରତୀତ ହେଉଥାଏ, ସେଥିରେ ଏକ ଭାବାତ୍ମକ ଚୂଡ଼ାନ୍ତତା ଆଣି ଦେବା ଲାଗି ସେ ସର୍ବଦା ଅତ୍ୟୁତ୍ସୁକ ହୋଇ ରହିଥାଏ । ଆମର ଆତ୍ମ-ଅନୁଭବଟି ବୃଦ୍ଧି ପାଉଥିବା ସଙ୍ଗେସଙ୍ଗେ ଆମେ ଏକଥା ନିଶ୍ଚୟ ଦେଖିପାରିବା ଯେ ଆମର ଏହି ଭୁଲଗୁଡ଼ିକ ମଧ୍ୟ ଆମ ଲାଗି ଗୋଟିଏ ଗୋଟିଏ ଆବଶ୍ୟକ ଗତିସ୍ପନ୍ଦନ ହୋଇ ରହିଥିଲେ, ଆପଣା ସହିତ ସେମାନେ ଆପଣାର ସତ୍ୟୋପାଦାନ ଅଥବା ସତ୍ୟସଙ୍କେତକୁ ବହନ କରି ଆଣିଥିଲେ, ସେଗୁଡ଼ିକୁ ଆମ ଲାଗି ଛାଡ଼ି ଯାଇଥିଲେ, ସତ୍ୟର ଆବିଷ୍କାରରେ ସେମାନେ ଆମକୁ ସାହାଯ୍ୟ କରିଥିଲେ ବା ଏକ ଆବଶ୍ୟକ ପ୍ରଚେଷ୍ଟାକୁ ଆପଣାର ସମର୍ଥନ ଦେଇଥିଲେ; ଏବଂ ଯେଉଁ ନିଶ୍ଚୟତାଗୁଡ଼ିକୁ ଆମକୁ ବର୍ତ୍ତମାନ ଛାଡ଼ି ଆସିବାକୁ ପଡ଼ିବ, ଆମ ଜ୍ଞାନର ସମଗ୍ର ଅଗ୍ରସରପଥଟିରେ ସେଗୁଡ଼ିକର ତଥାପି ଏକ ସାମୟିକ ସତ୍ୟତା ଅବଶ୍ୟ ରହିଥିଲା । ଚିଦ୍‌ଗତ ସତ୍ୟ ତଥା ଚିଦ୍‌ଗତ ଉପଲବ୍ଧିର ଅନ୍ୱେଷଣ-ପଥରେ ବୁଦ୍ଧି କଦାପି ଏକ ପର୍ଯ୍ୟାପ୍ତ ପଥପ୍ରଦର୍ଶକ ହୋଇପାରିବ ନାହିଁ ସତ, ମାତ୍ର ଆମ ପ୍ରକୃତିର ସମଗ୍ର ସ୍ମରଣୀଟିରେ ସେହି ବୁଦ୍ଧିର ଅବଶ୍ୟ ଉପଯୋଗ କରିବାକୁ ପଡ଼ିବ । ଏବଂ ତେଣୁ, ଆମକୁ ଭ୍ରାନ୍ତ ଅବରୋଧ କରି ରଖି ଦେଉଥିବା ସଂଶୟ ବା ରୁକ୍ଷ ବୁଦ୍ଧିଗତ ଯାବତୀୟ ସଂଶୟବାଦକୁ ଆମକୁ ପରିତ୍ୟାଗ କରି ବାହାରି ଆସିବାକୁ ପଡ଼ିବ ସତ, ତଥାପି ଆମର ଅନ୍ୱେଷୀ ବୁଦ୍ଧିଟିକୁ ନିର୍ଦ୍ଦିଷ୍ଟ ପରିମାଣରେ ଏକ ବୃହତ୍ତର ଜିଜ୍ଞାସାବୃତ୍ତିରେ ମଧ୍ୟ ତାଲିମ ଦେବାକୁ ପଡ଼ିବ; ଏପରି ଏକ ବୁଦ୍ଧିଗତ ବିଶୁଦ୍ଧତା ଶିଖାଇବାକୁ ପଡ଼ିବ, ଯାହାକି କୌଣସିପ୍ରକାର ଅର୍ଦ୍ଧସତ୍ୟ, ପ୍ରମାଦର ମିଶ୍ରଣ ବା ଭ୍ରାନ୍ତାବଧାରଣଗୁଡ଼ିକରେ କଦାପି ସନ୍ତୁଷ୍ଟ ହୋଇ ରହିବ ନାହିଁ, ଯାହା ସର୍ବାଧିକ ପରିମାଣରେ ଭାବାତ୍ମକ ତଥା ସହାୟକ ହୋଇ ରହିପାରିବ ଏବଂ ଅଧିକୃତ ତଥା ସ୍ୱୀକୃତ ହୋଇ ସାରିଥିବା ସତ୍ୟଗୁଡ଼ିକରୁ, ଯାହାର ଅବଲୋକନ ସକାଶେ ସେ ଆଗରୁ ଅସମର୍ଥ ହୋଇ ରହିଥିଲା କିଂବା ହୁଏତ ଅନିଚ୍ଛା ପ୍ରକାଶ କରୁଥିଲା, ସେହି ବୃହତ୍ତର, ସଂଶୋଧନକ୍ଷମ, ପରିପୂର୍ଣ୍ଣତାକାଙ୍କ୍ଷୀ ତଥା ଅତିକ୍ରମଣସମର୍ଥ ସତ୍ୟଗୁଡ଼ିକ ଆଡ଼କୁ ସର୍ବଦା ଅଗ୍ରସର ହୋଇ ଚାଲିଯିବାକୁ ପୂର୍ଣ୍ଣତତ୍ପର ପ୍ରସ୍ତୁତ ହୋଇ ରହିଥିବ । ବୁଦ୍ଧିର ଏକ କାର୍ଯ୍ୟକାରୀ ଶ୍ରଦ୍ଧାକୁ ଆମେ ଏହି କ୍ଷେତ୍ରରେ ଅପରିହାର୍ଯ୍ୟ ବୋଲି ଜାଣିବା; ଏହି ଶ୍ରଦ୍ଧା କୌଣସି ଅନ୍ଧବିଶ୍ୱାସରେ ଧାରି ହୋଇ ରହି ନଥିବ, ଏଥିରେ କୌଣସିପ୍ରକାର ଅନ୍ଧ ଆଗ୍ରହ ଅଥବା ସଙ୍କୀର୍ଣ୍ଣତା କଦାପି ନଥିବ ଯାହାକି ପ୍ରତ୍ୟେକ କ୍ଷଣର ସାମୟିକ ଆଲମ୍ବନ କିଂବା ସୁନିଶ୍ଚିତତା ଭିତରେ ବାନ୍ଧି ହୋଇ ରହିଥିବ; ମାତ୍ର ଶକ୍ତିର ପରବର୍ତ୍ତୀ ଯାବତୀୟ ଇଙ୍ଗିତ ତଥା ପଦକ୍ଷେପଗୁଡ଼ିକ ଲାଗି ତାହା ଆପଣାର ବୃହତ୍ତର ସ୍ୱୀକୃତିଟିକୁ ଜଣାଇ ପାରୁଥିବ, ଏହି ଶ୍ରଦ୍ଧା ସତ୍ୟ ଉପରେ ଦୃଢ଼ପ୍ରତିଷ୍ଠିତ ହୋଇ ରହିଥିବ, ଅଳ୍ପତର ସତ୍ୟଗୁଡ଼ିକରୁ ପୂର୍ଣ୍ଣତର ସତ୍ୟଗୁଡ଼ିକ ଆଡ଼କୁ ଚାଲିଯାଇ ପାରୁଥିବ,

'oaob.nitrkl.ac.in' images reprocessed

ଆବଶ୍ୟକ ହେବା ମାତ୍ରକେ ସକଳ ମର୍ଯ୍ୟାଦା ଲଙ୍ଘିଦେଇ ପାରୁଥିବ ଏବଂ କେବଳ ସେହି ବୃହତ୍ ତଥା ବହୁଗୁଣମାନ ଗଠନଗ୍ରନ୍ଥିଟିକୁ ସୁରକ୍ଷିତ କରି ରଖିଥିବ ।

ହୃଦୟ ତଥା ପ୍ରାଣର ଏକ ସତତ ଶ୍ରଦ୍ଧା ବା ସମ୍ମତିକୁ ମଧ୍ୟ ଆମେ ଅପରିହାର୍ଯ୍ୟ ବୋଲି ଜାଣିବା । ମାତ୍ର ଯେତେବେଳ ଯାଏ ଆମେ ଏହି ନିମ୍ନତର ପ୍ରକୃତିଟି ମଧ୍ୟରେହିଁ ବିଚରଣ କରୁଥାଉ, ସେତେବେଳ ଯାଏ ଆମ ହୃଦୟର ସମ୍ମତିଟି ମନୋଭୂମିର ସଂବେଗଟି ଦ୍ୱାରା ନାନା ରଙ୍ଗରେ ରଙ୍ଗାହୋଇ ରହିଥାଏ, ପ୍ରାଣିକ ଯାବତୀୟ ପ୍ରଚେଷ୍ଟା ପଛରେ ବିକ୍ଷୁବ୍ଧ ଓ ଆକ୍ରାନ୍ତ କରି ପକାଉଥିବା କେତେକେତେ କାମନା ଲାଗିରହିଥାଏ ଏବଂ ପ୍ରାଣଗତ କାମନା ଓ ମାନସିକ ସଂବେଗ ସବୁକୁ ବିକ୍ଷୋଭଯୁକ୍ତ କରି ରଖିବାକୁ ତଥା କମ୍ ବା ଅଧିକ ସ୍ଥୂଳ ବା ସୂକ୍ଷ୍ମ ରୂପରେ ତାହାକୁ ପରିବର୍ତ୍ତିତ ଅଥବା ବିକୃତ କରିଦେବାକୁ ମଧ୍ୟ ଏକ ପ୍ରବୃତ୍ତି ରହିଥାନ୍ତି ଏବଂ ହୃଦୟ ତଥା ପ୍ରାଣ ସେହି ସତ୍ୟଟିକୁ ଉପଲବ୍ଧି କଲାବେଳେ ସେମାନେ ସେଥିଟି ମଧ୍ୟକୁ ସର୍ବଦା କୌଣସି ନା କୌଣସି ସୀମାବଦ୍ଧତା ଓ ଅପୂର୍ଣ୍ଣତା ଅବଶ୍ୟ ବହନ କରି ଆଣନ୍ତି । ଆପଣାର ନାନା ଲିପ୍ସତା ତଥା ତଥାକଥିତ ନିଷ୍ଠୁରତାଗୁଡ଼ିକ ଭିତରେ ଉଦ୍‌ବେଳିତ ହୋଇ ରହିଥିବା ସମୟରେ, ପରାଜୟ ତଥା ବିଫଳତା ହେତୁ ଅଥବା ଆପଣାର ଭ୍ରାନ୍ତି ଓ ପ୍ରମାଦଟି ବିଷୟରେ ନିଃସ୍ୱ ହୋଇଯିବା ହେତୁ ବ୍ୟାକୁଳ ହୋଇ ପଡ଼ିବା ସମୟରେ ବା ଆପଣାର ସୁନିଶ୍ଚିତ ସ୍ଥିତିଗୁଡ଼ିକରୁ ଅନ୍ୟର ଆଗକୁ ବାହାରି ଯିବା ଲାଗି ଆହ୍ୱାନ ଆସି ପଡ଼ୁଥିବା ବେଳେ ତାକୁ ଯେଉଁ ସଂଘର୍ଷମାନ କରିବାକୁ ପଡ଼େ, ତାହାର ଭିତରେ ଗ୍ରସ୍ତ ହୋଇ ପଡ଼ିଥିବା ସମୟରେ ଆମର ହୃଦୟ ମଧ୍ୟ ଆପଣା ଭିତରେ କେତେ ଝଣା ଓ ଯୋଗସ୍ତ, କେତେ କ୍ଳାନ୍ତି, ଦୁଃଖ ଏବଂ ଅନୁଶୋଚନା, ବିଦ୍ରୋହ ତଥା କୁଣ୍ଠାର ସମ୍ମୁଖୀନ ହେବାରେ ଲାଗିଥାଏ, ଯଦ୍ୱାରା ସକଳ ଅଗ୍ରଗତିକୁ ବ୍ୟାହତ କରିପକାଏ । କେଣୁ ତାହାକୁ ଏକ ବୃହତ୍ତର ତଥା ନିଶ୍ଚିତତର ଶ୍ରଦ୍ଧାରେ ପ୍ରତିଷ୍ଠିତ ହୋଇ ରହିବାକୁ ପଡ଼େ, ଯାହାକି ଦିବ୍ୟ ଶକ୍ତିର ମାର୍ଗ ତଥା ସୋପାନଗୁଡ଼ିକ ପ୍ରତି ଆଉ କେବଳ ମାନସିକ ପ୍ରତିକ୍ରିୟା ନଜଣାଇ ସେଗୁଡ଼ିକୁ ଏକ ଶାନ୍ତ ଏବଂ ଏକ ଅଚଳ ଆଧ୍ୟାତ୍ମିକ ସ୍ୱୀକୃତି ପ୍ରଦାନ କରିବାକୁ ସମର୍ଥ ହୁଏ । ସେହି ସ୍ୱୀକୃତିଟିର ସ୍ୱରୂପଟି ଅନୁସାରେ ଅଧିକରୁ ଅଧିକ ଗଭୀର ହେବାରେ ଲାଗିଥିବା ଏକ ପରମ ଆନନ୍ଦହିଁ ଆବଶ୍ୟକ ସକଳ ଗତିସ୍ପନ୍ଦନକୁ ଆପଣାର ସହମତ ଜଣାଉଥାଏ ଏବଂ ହୃଦୟ ଆପଣାର ପୁରାତନ ଆଶ୍ରୟଗୁଡ଼ିକୁ ଛାଡ଼ି ଏକ ବୃହତ୍ତର ପୂର୍ଣ୍ଣତାର ଆନନ୍ଦ ଆଡ଼କୁ ଅଗ୍ରସର ହୋଇଯିବା ଲାଗି ସର୍ବଦା ପ୍ରସ୍ତୁତ ହୋଇ ରହିଥାଏ । ପ୍ରାଣଗତ ମନକୁ ମଧ୍ୟ ଗୋଟିଏ ପରେ ଗୋଟିଏ ହୋଇ ଆସୁଥିବା ପ୍ରାଣର ସେହି ଉଦ୍ଦେଶ୍ୟ, ଆବେଗ ତଥା ନିତ୍ୟାତ୍ମକତାଗୁଡ଼ିକୁ ଆପଣାର ସ୍ୱୀକୃତି ଦେବାକୁ ପଡ଼େ, ଆମକୁ ବାଟ ଦେଖାଇ ନେଉଥିବା ଶକ୍ତି ଯେଉଁଗୁଡ଼ିକୁ କି ଆମ ପ୍ରକୃତିର

'oaob.nitrkl.ac.in' images reprocessed

ବିକାଶର ସାଧନ ଅଥବା କ୍ଷେତ୍ରରୂପେ ସେହି ପ୍ରକୃତି ଉପରେ ଆଣି ଲଦି ଦେଉଥାଏ; ତହିଁ ସଙ୍ଗେସଙ୍ଗେ ଅନ୍ତରସ୍ଥ ଯୋଗର କ୍ରମବଦ୍ଧ ଅବସ୍ଥାଗୁଡ଼ିକ ଲାଗି ମଧ୍ୟ ତାକୁ ଆପଣାର ସ୍ୱୀକୃତି ଦେବାକୁ ପଡ଼େ । ମାତ୍ର ତଥାପି କୌଣସି ଗୋଟିଏ ଅବସ୍ଥାରେ ସେ ଲିପ୍ତ ହୋଇ ରହିବ ନାହିଁ ବା କୌଣସିଠାରେ ଅଟକି ରହିଯିବ ନାହିଁ; ମାତ୍ର ପୁରାତନ ଅତ୍ୟାବଶ୍ୟକତାଗୁଡ଼ିକୁ ଛାଡ଼ି ଚାଲିଆସିବା ଲାଗି ସର୍ବଦା ପ୍ରସ୍ତୁତ ହୋଇ ରହିଥିବ ଏବଂ ଠିକ୍ ସେହିପରି ଏକ ସମ୍ପୂର୍ଣ୍ଣ ସତ୍ତ୍ୱମତି ଦ୍ୱାରା ଉଚ୍ଚତର ନୂତନ ଗତିସ୍ପନ୍ଦନ ତଥା କ୍ରିୟାତ୍ମକତାଗୁଡ଼ିକୁ ଗ୍ରହଣ କରିନେଇ ପାରୁଥିବ; ଏବଂ, ନିଜର ସକଳ ଅନୁଭବ ତଥା କର୍ମର କ୍ଷେତ୍ରରେ ତାହା ବାସନାର ସ୍ଥାନରେ ଏକ ପରିବ୍ୟାପ୍ତ ଏବଂ ଉଜ୍ଜ୍ୱଳ ଆନନ୍ଦମୟତାର ପ୍ରତିଷ୍ଠା କରିଦେବ । ବୁଦ୍ଧିର ଶ୍ରଦ୍ଧା ପରି ହୃଦୟ ଏବଂ ପ୍ରାଣଗତ ମନର ଶ୍ରଦ୍ଧା ମଧ୍ୟ ଏକ ସତତ ସଂଶୋଧନ, ସତତ ପ୍ରସାରଣ ତଥା ସତତ ରୂପାନ୍ତରର ସମର୍ଥ ହୋଇ ଅବଶ୍ୟ ରହିଥିବ ।

ଏହି ଶ୍ରଦ୍ଧାକୁ ଆମେ ମୂଳତଃ ଆମ ଆତ୍ମାରହିଁ ସେହି ନିଗୂଢ଼ ଶ୍ରଦ୍ଧା ବୋଲି କହିବା; ଏବଂ ଏହାକୁ ଅଧିକରୁ ଅଧିକ ପରିମାଣରେ ଉପରିସ୍ତରକୁ ଆଣି ସେହିଠାରେ ଅଧ୍ୟାତ୍ମ ଅନୁଭବର ଏକ କ୍ରମବୃଦ୍ଧିଶୀଳ ନିର୍ଭର ତଥା ନିଷ୍ଟସ୍ପୃତା ଦ୍ୱାରା ତାହାକୁ ପରିତୃପ୍ତ, ବର୍ଦ୍ଧିତ ଏବଂ ପରିବର୍ଦ୍ଧିତ କରିବାକୁ ହୋଇଥାଏ । ଏଠାରେ ମଧ୍ୟ ଆମର ଶ୍ରଦ୍ଧା ସମ୍ପୂର୍ଣ୍ଣ ଅଲିପ୍ତ ହୋଇ ରହିବା ଉଚିତ, ସେହି ପରମ ସତ୍ୟଗୁଡ଼ିକ ଲାଗି ପ୍ରତୀକ୍ଷା କରି ରହିପାରିବା ଉଚିତ, ଆଧ୍ୟାତ୍ମିକ ଯାବତୀୟ ଅନୁଭୂତି ବିଷୟରେ ଆପଣାର ବୋଧଟିକୁ ପରିବର୍ତ୍ତିତ ଏବଂ ପରିବର୍ଦ୍ଧିତ କରିବାକୁ ଅବଶ୍ୟ ପ୍ରସ୍ତୁତ ରହିଥିବା ଉଚିତ, ସେଗୁଡ଼ିକ ସମ୍ବନ୍ଧରେ ରହିଥିବା ଭ୍ରାନ୍ତ ତଥା ଅର୍ଦ୍ଧ-ସତ୍ୟ ଧାରଣାଗୁଡ଼ିକୁ ସଂଶୋଧିତ କରିନେବାକୁ ଏବଂ ଅଧିକ ଆଲୋକନକାରୀ ବ୍ୟାଖ୍ୟାଗୁଡ଼ିକୁ ଗ୍ରହଣ କରିବାକୁ, ଅଯଥେଷ୍ଟ ସଂବୋଧିଗୁଡ଼ିକ ସ୍ଥାନରେ ଯଥେଷ୍ଟତର ସଂବୋଧିଗୁଡ଼ିକର ପ୍ରତିଷ୍ଠା କରିବାକୁ ଏବଂ ଆପଣା ସମୟବେଳେ ଯାହାସବୁ ଚୂଡ଼ାନ୍ତ ତଥା ସନ୍ତୋଷକାରୀ ବୋଲି ପ୍ରତୀତ ହେଉଥିଲେ, ସେଗୁଡ଼ିକୁ ନେଇ ନୂତନ ଅନୁଭୂତି, ନାନା ବୃହତ୍ତର ବିଶାଳତା ଏବଂ ବିଶ୍ୱାତୀତତା ସହିତ ଏକ ଅଧିକ ସନ୍ତୋଷବିଧାୟକ ସମନ୍ୱିତ ଅନୁଭବ ମଧ୍ୟରେ ସମ୍ମିଳିତ କରିଦେବାକୁ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବ । ଏବଂ ବିଶେଷତଃ ମାନସିକ ଏବଂ ମଧ୍ୟବର୍ତ୍ତୀ ଅନ୍ୟାନ୍ୟ ପ୍ରଦେଶଗୁଡ଼ିକରେ ବିଚ୍ୟୁତିକାରୀ ଓ କାରାରୁଦ୍ଧକାରୀ ନାନା ପ୍ରମାଦର ସମ୍ଭାବନାଟି ଲାଗି ଏକ ଅତ୍ୟନ୍ତ ବୃହତ୍ କ୍ଷେତ୍ର ସର୍ବଦା ମହଜୁଦ ହୋଇ ରହିଥାଏ; ଏବଂ ଏପରିକି ଏଠାରେ ମଧ୍ୟ କେତେକ ପରିମାଣରେ ଏକ ଭାବାତ୍ମକ ସଂଶୟବାଦ ଲାଗି ଅବଶ୍ୟ ଏକ ପ୍ରୟୋଜନ ଥାଏ ଏବଂ ଅନ୍ତତଃ ଏକ ବ୍ୟାପକ ସାବଧାନତା ଏବଂ ଏକ ବିବେଚନାଶୀଳ ବୁଦ୍ଧିର ଯଥାର୍ଥତା-ବୋଧର ଅବଶ୍ୟ ପ୍ରୟୋଜନ ରହିଥାଏ; ମାତ୍ର ସାଧାରଣ ମନର ସ୍ତରରେ ଯେଉଁ

'oaob.nitrkl.ac.in' images reprocessed

ସଂଶୟବୁଦ୍ଧି କେବଳ ନାନାପ୍ରକାର ନାସ୍ତି ଦ୍ୱାରା ଆମକୁ ଅସମର୍ଥ କରିପକାଏ, ସେଇଥିରେ ଆଦୌ କୌଣସି ଆବଶ୍ୟକତା ନଥାଏ । ପୂର୍ଣ୍ଣଯୋଗରେ ଚୈତ୍ୟ ଅନୁଭବକୁ, ବିଶେଷତଃ ଅନେକ ସମୟରେ ଯାହାକୁ ଗୁପ୍ତବିଦ୍ୟା ବୋଲି କୁହାଯାଏ ଏବଂ ଯାହା ଭିତରେ ଅଲୌକିକତାର ଏକ ଗନ୍ଧ ସ୍ପଷ୍ଟ ଭାବରେ ବାରି ହୋଇ ପଡ଼ୁଥାଏ, ତାହାର ସହିତ ଗ୍ରଥିତ ହୋଇ ରହିଥିବା ସେହି ବିଶେଷ ପ୍ରକାରର ଚୈତ୍ୟ ଅନୁଭବକୁ ସମ୍ପୂର୍ଣ୍ଣ ଭାବରେ ଅସଲ ଅଧ୍ୟାତ୍ମସତ୍ୟଟିର ଅଧୀନ କରି ରଖିବାକୁ ପଡ଼େ ଏବଂ ତାହାକୁ ବୁଝିବା ଲାଗି, ତାହା ଲାଗି ଆଲୋକନ ତଥା ଅନୁମତି ଲାଭ କରିବା ଲାଗି ତାହାକୁ ସେହି ସତ୍ୟର ଦ୍ୱାରଦେଶରେହିଁ ଅପେକ୍ଷା କରି ରହିବାକୁ ପଡ଼େ । ମାତ୍ର ଏପରିକି ସମ୍ପୂର୍ଣ୍ଣ ଶୁଦ୍ଧ ଭାବରେ ଆଧ୍ୟାତ୍ମିକ କ୍ଷେତ୍ରଟିରେ ମଧ୍ୟ, ଏପରି କେତେକ ଅନୁଭବ ଉପଲବ୍ଧ ହୋଇଥାଏ, ଯାହାକୁ କି କେବଳ ଆଂଶିକ ବୋଲି କୁହାଯାଇ ପାରିବ; ଏବଂ ସେଗୁଡ଼ିକ ଯେତେବେଶୀ ଆକର୍ଷକ ହୋଇଥିଲେ ମଧ୍ୟ ଆମେ କେବଳ ଏକ ପରିପୂର୍ଣ୍ଣତର ଅନୁଭବ ମଧ୍ୟକୁ ଅଗ୍ରସର ହୋଇ ଯାଇପାରିଲେ ଯାଇ ସେଗୁଡ଼ିକ ଆପଣାର ସମ୍ପୂର୍ଣ୍ଣ ଯାଥାର୍ଥ୍ୟ ଲାଭ କରନ୍ତି, ପୂର୍ଣ୍ଣ ତାତ୍ପର୍ଯ୍ୟ ଲାଭ କରନ୍ତି ଓ ଠିକ୍ ଭାବରେ ବିନିଯୋଜିତ ହୋଇପାରନ୍ତି । ଏବଂ ଏହା ବ୍ୟତୀତ ଆହୁରି କେତେକ ଅନୁଭବ ମଧ୍ୟ ରହିଛି, ଯେଉଁଗୁଡ଼ିକ କି ଆପଣା ପରିସରଟି ମଧ୍ୟରେ ବେଶ୍ ଯଥାର୍ଥ, ପୂର୍ଣ୍ଣତାଯୁକ୍ତ ଏବଂ ଅକାଟ୍ୟ ହୋଇ ରହିଥାନ୍ତି; ମାତ୍ର ଆମେ କେବଳ ସେହିଗୁଡ଼ିକ ଭିତରେହିଁ ଆପଣାକୁ ସୀମାବଦ୍ଧ କରି ରଖିଲେ ସେମାନେ ଅଧ୍ୟାତ୍ମସତ୍ୟର ଅନ୍ୟ ପାର୍ଶ୍ୱଗୁଡ଼ିକୁ ପ୍ରକାଶିତ ହେବାରୁ ନିବୃତ୍ତ କରି ରଖନ୍ତି ଏବଂ ଯୋଗର ସମଗ୍ରତାଟିକୁ କ୍ଷୁଣ୍ଣ ଓ ଖଣ୍ଡିତ କରିଦିଅନ୍ତି । ସେହିପରି, ମନକୁ ଏକାବେଳକେ ଶାନ୍ତ କରିଦେବା ଦ୍ୱାରା ନୈର୍ବ୍ୟକ୍ତିକ ଶାନ୍ତିମୟତାର ଯେଉଁ ଗଭୀର ତଥା ନିମଜ୍ଜନକାରୀ ଅନୁଭୂତିଟି ଉପଗତ ହୋଇଥାଏ, ତାହାକୁ ଆମେ ଆପଣା ଆୟତନ ମଧ୍ୟରେ ଏକ ସମ୍ପୂର୍ଣ୍ଣ ତଥା ପରମ ବସ୍ତୁ ବୋଲି ଅବଶ୍ୟ ଜାଣିବା; ମାତ୍ର ଯଦି ଆମେ କେବଳ ସେତିକି ଭିତରେ ବିଶ୍ରାମ ନେଇବସିବା, ତେବେ ତଦ୍ଦ୍ୱାରା ଅନୁପୂରକ ଅନ୍ୟ ପରମବସ୍ତୁଟି ବହିଷ୍କୃତ ହୋଇହିଁ ରହିବ, ଅର୍ଥାତ୍ ପ୍ରଥମ ବସ୍ତୁଟି ପରି ସମାନ ଭାବରେ ମହାନ୍, ଆବଶ୍ୟକ ତଥା ସତ୍ୟମୟ ହୋଇ ରହିଥିବା ଦିବ୍ୟକ୍ରିୟାର ଆନନ୍ଦଟି ବହିଷ୍କୃତ ହୋଇ ରହିଯିବ । ଏହି କ୍ଷେତ୍ରରେ ମଧ୍ୟ ଆମର ଶ୍ରଦ୍ଧା ଏପରି ଏକ ସମ୍ପ୍ରତଙ୍କପନ ହୋଇ ରହିବ, ଯାହାକି ଯାବତୀୟ ଅଧ୍ୟାତ୍ମ ଅନୁଭବକୁ ଗ୍ରହଣ କରି ନେଉଥିବ, ମାତ୍ର ଏକ ପ୍ରଶସ୍ତ ଉନ୍ମୁକ୍ତତା ସହିତ ସେ ତାହା କରି ପାରୁଥିବ, ଅନୁକ୍ଷଣ ଆହୁରି ବେଶୀ ଆଲୋକ ଏବଂ ସତ୍ୟ ଲାଗି ପ୍ରସ୍ତୁତ ରହିଥିବ, ତା' ଭିତରେ ସୀମାବଦ୍ଧତାର କୌଣସିପ୍ରକାର ଆସକ୍ତି ନଥିବ ଏବଂ ତାହା ଏପରି କୌଣସି ରୂପାୟନ ଭିତରେ ଆସି ଲାଖି ଯାଇ ନଥିବ, ଯାହାକି ଆଧ୍ୟାତ୍ମିକ ସତ୍ତା, ଚେତନା, ଜ୍ଞାନ, ସାମର୍ଥ୍ୟ ଓ କର୍ମର ସମଗ୍ରତା ଆଡ଼କୁ ତଥା ସେହି ଏକ ଏବଂ

'oaob.nitrkl.ac.in' images reprocessed

ଅନେକାଗ୍ରିତ ପରମ ଆନନ୍ଦର ସମ୍ପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୋଇଯିବାରେ ଶକ୍ତିକୁ କୌଣସିପ୍ରକାରେ ବାଧା ଦେଉ ନଥିବ, କୌଣସି ହସ୍ତକ୍ଷେପ କରୁ ନଥିବ ।

ଏକ ସାଧାରଣ ସିଦ୍ଧାନ୍ତ ତଥା ତାହାର ସତତ ଏବଂ ନିର୍ଦ୍ଦିଷ୍ଟ ପ୍ରୟୋଗ,—ଏହି ଦୁଇଟିଯାକ ରୂପରେ ଆମଠାରୁ ଯେଉଁ ଶ୍ରଦ୍ଧାର ଦାବିଟି କରାଯାଉଛି, ତଦ୍ୱାରା ଆମେ ଈଶ୍ୱର ତଥା ଶକ୍ତିର ସାନ୍ନିଧ୍ୟ ତଥା ମାର୍ଗଦର୍ଶନ ଲାଗି ଆମର ସମଗ୍ର ସତ୍ତା ଓ ତାହାର ଯାବତୀୟ ଅଙ୍ଗଗୁଡ଼ିକର ଏକ ବୃହତ୍ତ୍ ଏବଂ ସତତବୃଦ୍ଧିଶୀଳ ତଥା ଶୁଦ୍ଧତର, ପୂର୍ଣ୍ଣତର ଏବଂ ସବଳତର ସମ୍ମତି ବୋଲିହିଁ ବୁଝିବା । ଶକ୍ତିର ଉପସ୍ଥିତିଟି ବିଷୟରେ ଆମେ ସଜ୍ଞାନ ଏବଂ ପରିପୂର୍ଣ୍ଣ ହୋଇପାରି ନଥିବା ପର୍ଯ୍ୟନ୍ତ ଶକ୍ତି ଲାଗି ଆମର ସେହି ଶ୍ରଦ୍ଧାଟି ପୂର୍ବରୁ ବା ଅନ୍ତତଃ ତାହାରି ସଙ୍ଗେସଙ୍ଗେ ଆମ ନିଜର ଆଧ୍ୟାତ୍ମିକ ସଙ୍କଳ୍ପ ଓ ସାମର୍ଥ୍ୟ ଉପରେ ଏବଂ ଏକତ୍ୱ, ପାଶମୁକ୍ତ ତଥା ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହୋଇ ଯିବା ପାଇଁ ରହିଥିବା ଆମର ଶକ୍ତିଟି ଉପରେ ମଧ୍ୟ ଅବଶ୍ୟ ଏକ ସୁଦୃଢ଼ ଏବଂ ସତେଜ ବିଶ୍ୱାସ ଓ ଶ୍ରଦ୍ଧା ରହିଥିବା ଆବଶ୍ୟକ । ମନୁଷ୍ୟକୁ ତା' ନିଜ ଉପରେ, ତା'ର ଯାବତୀୟ ବୃତ୍ତିର ତଥା ସାମର୍ଥ୍ୟ ଉପରେ ଏକ ବିଶ୍ୱାସ ପ୍ରଦତ୍ତ ହୋଇ ରହିଛି, ଯେପରିକି ସେ କର୍ମ କରିପାରିବ, ସୃଜନ କରିପାରିବ ଓ ବୃହତ୍ତର ବସ୍ତୁଗୁଡ଼ିକ ଲାଗି ଉନ୍ନୀତ ହୋଇ ଯାଇପାରିବ ଏବଂ ଅବଶେଷରେ ଆପଣାର ସମସ୍ତ ବଳଟିକୁ ସେହି ପରମ ଚିଦ୍‌ଗତତାର ବେଦୀଟି ଉପରେ ଏକ ଯୋଗ୍ୟ ନୈବେଦ୍ୟରୂପେ ଅର୍ପଣ କରି ଦେଇ ପାରିବ । ସେହି ଆତ୍ମା ବଳହୀନ ଦ୍ୱାରା ଲବ୍ଧ ହେବ ନାହିଁ,—ନାୟମ୍ ଆତ୍ମା ବଳହୀନେନ ଲଭ୍ୟଃ,—ବୋଲି ଶାସ୍ତ୍ରରେ ଉକ୍ତ ହୋଇ ରହିଛି । ତେଣୁ ଆପଣାକୁ ଅବଶ କରି ଦେଉଥିବା ଯାବତୀୟ ଆତ୍ମ-ଅବିଶ୍ୱାସକୁ, ଅର୍ଥାତ୍ କାର୍ଯ୍ୟସାଧନ ଲାଗି ରହିଥିବା ଆମର ସାମର୍ଥ୍ୟ ଓ ବଳଟି ବିଷୟରେ ଯାବତୀୟ ସଂଶୟକୁ ନିରୁତ୍ସାହିତ କରିବାକୁ ହେବ, କାରଣ ସେହି ଅବିଶ୍ୱାସ ଓ ସନ୍ଦେହ କେବଳ ଅଶକ୍ତତା ଓ ଅସମର୍ଥତା ଲାଗି ଏକ ମିଥ୍ୟାସମ୍ମତିରୂପେହିଁ କାର୍ଯ୍ୟ କରୁଥିବ, କେବଳ ଦୁର୍ବଳତାରହିଁ ଏକ କଳ୍ପନା ହୋଇ ରହିଥିବ ଏବଂ ଆତ୍ମାର ସର୍ବଶକ୍ତିମତ୍ତାକୁ ଅସ୍ୱୀକୃତ କରି ରଖିଥିବ । ଉପସ୍ଥିତ ମୁହୂର୍ତ୍ତରେ ରହିଥିବା ଅସମର୍ଥତାଟିର ଗ୍ରାସ ଯେତେବେଶୀ ଭାରି ବୋଲି ଲାଗୁଥିଲେ ମଧ୍ୟ ତାକୁ ଆମେ କେବଳ ଆମ ଶ୍ରଦ୍ଧାରହିଁ ଏକ ପରୀକ୍ଷା ବୋଲି ଜାଣିବା, ଏକ ସାମୟିକ ଅସୁବିଧା ବୋଲି ଜାଣିବା; ପୂର୍ଣ୍ଣଯୋଗର ସାଧକ ପକ୍ଷରେ ଏହି ଅସମର୍ଥତାର ବୋଧଟି ପାଖରେ ମୁଣ୍ଡ ନୁଆଁଇଦେବା କେବଳ ଏକ ନିର୍ବୋଧତାହିଁ ହୋଇ ରହିବ, କାରଣ, ଯେଉଁ ପରିପୂର୍ଣ୍ଣତାଟି ପୂର୍ବରୁ ତାହାର ସତ୍ତାଟି ମଧ୍ୟରେ ପ୍ରଚ୍ଛନ୍ନ ଓ ନିହିତ ହୋଇ ରହିଛି, ସେଇଟିକୁ ବିକଶିତ କରି ଆଣିବାକୁହିଁ ସେ ଆପଣାର ଧ୍ୟେୟ ବୋଲି ଗ୍ରହଣ କରିଛି । କାରଣ ଆପଣା ଭିତରେ ଅର୍ଥାତ୍ ଆପଣାର ଆତ୍ମା ଭିତରେହିଁ ମନୁଷ୍ୟ ଦିବ୍ୟ ପରିଣତିର ବୀଜଟିକୁ ବହନ କରୁଛି, ସଫଳତାର ସକଳ

'oaob.nitrkl.ac.in' images reprocessed

ସମ୍ଭାବନା ତା'ର ପ୍ରସ୍ତାବଟି ମଧ୍ୟରେହିଁ ସଂବୃତ ଓ ଅନ୍ତର୍ନିହିତ ହୋଇ ରହିଛି ଏବଂ ତା'ର ବିଜୟ ମଧ୍ୟ ସୁନିଶ୍ଚିତ ହୋଇ ରହିଛି, କାରଣ ତା'ର ପଛରେ ଏକ ସର୍ବ-ଶକ୍ତିମାନ୍‌ର ସାମର୍ଥ୍ୟର ଆହ୍ୱାନ ତଥା ମାର୍ଗଦର୍ଶନ ସଦା-ଉପସ୍ଥିତ ରହିଛି । ଏକଥା ମଧ୍ୟ ସ୍ମରଣ ରହିବା ଉଚିତ ଯେ ଆପଣା ଉପରେ ରହିଥିବା ଏହି ବିଶ୍ୱାସଟିକୁ ରାଜସିକ ଅହଂଭାରତା ତଥା ତଦ୍‌ଗତ ଦମ୍ଭର ସକଳ ସ୍ପର୍ଶରୁ ଶୁଦ୍ଧ କରି ରଖିବାକୁ ପଡ଼ିବ । ଏକ ଅହଂକଳ୍ପିତ ଅର୍ଥରେ ଯେପରି ବିସ୍ତାର କରାଯାଏ, ସେହିପରି ଅର୍ଥରେ ତାହାର ବଳ ଯେ ପ୍ରକୃତରେ ତାହାର ବଳ ନୁହେଁ, ତାହା ହେଉଛି ସେହି ଦିବ୍ୟ ବିଶ୍ୱମୟ ପରମଶକ୍ତିରହିଁ ବଳ, ଏବଂ ସେହି ବଳଟିକୁ ପ୍ରୟୋଗ କରିବାର କ୍ଷେତ୍ରରେ ଯାହାକିଛି ଅହଂକର୍ଜର ହୋଇ ରହିଥିବ, ତାହା ଯେ କେବଳ ସୀମାବଦ୍ଧତା ଲାଗିହିଁ ଏକ କାରଣ ହୋଇ ରହିବ ଏବଂ ପରିଶେଷରେ ଏକ ପ୍ରତିବନ୍ଧକ ହୋଇ ଠିଆହେବ, ସାଧକ ଏହି ବିସ୍ତାରଟିକୁ ଯଥାସମ୍ଭବ ଆପଣାର ମନ ଭିତରେ ଧାରଣ କରି ରଖିଥିବ । ଆମର ଅଭୀପ୍‌ସା ଓ ଆକାଙ୍‌କ୍ଷା ପଛରେ ଦିବ୍ୟ ବିଶ୍ୱମୟ ଶକ୍ତିର ଯେଉଁ ସାମର୍ଥ୍ୟଟି ଅବସ୍ଥିତ ରହିଛି, ତାହା ହେଉଛି ଏକ ଅମିତ ସାମର୍ଥ୍ୟ; ଏବଂ ଏହାର ଉପଯୁକ୍ତ ଆବାହନ କରାଯାଇ ପାରିଲେ ଆପଣାକୁ ଆଣି ଆମ ଭିତରକୁ ଅଜାଡ଼ି ଦେବାକୁ ଏବଂ ବର୍ତ୍ତମାନ ଅଥବା ପରବର୍ତ୍ତୀ କାଳରେ ଆମ ଭିତରେ ରହିଥିବା ଯାବତୀୟ ଅସମର୍ଥତା ଓ ପ୍ରତିବନ୍ଧକକୁ ଦୂର କରିଦେବାକୁ ସେହି ସାମର୍ଥ୍ୟ କଦାପି ପଶ୍ଚାତ୍‌ପଦ କିଂବା ବିଫଳ ହୋଇପାରିବ ନାହିଁ । କାରଣ, ଆମ ସଂଘର୍ଷର କାଳ ଏବଂ ଅବଧିଗୁଡ଼ିକ ପ୍ରଥମେ, ଏକ ସାଧନରୂପେ ତଥା ଅଂଶତଃ, ଆମରି ଶ୍ରଦ୍ଧା ଓ ପୁରୁଷାର୍ଥ ଉପରେ ନିର୍ଭର କରି ରହୁଥିଲେହେଁ ତଥାପି ସେଗୁଡ଼ିକ ପରିଶେଷରେ ସେହି ପ୍ରଚ୍ଛନ୍ନ ପରମ ଭଗବଦ୍‌ଗତତାର ହାତରେ ଯାଇ ରହନ୍ତି, ଯିଏକି ପ୍ରଜ୍ଞାର ସହିତ ସକଳ ବସ୍ତୁର ନିର୍ଦ୍ଧାରଣ କରି ଦେଉଥାଏ ଏବଂ କେବଳ ସେଇ ଆମ ଯୋଗର ଅଧୀଶ୍ୱରରୂପେ ବିଦ୍ୟମାନ ରହିଥାଏ ।

ଆମର ଯାବତୀୟ ବଳ ପଛରେ ସର୍ବଦା ଦିବ୍ୟ ପରମଶକ୍ତିଟି ଉପରେ ସେହି ଶ୍ରଦ୍ଧାହିଁ ଅବସ୍ଥିତ ରହିଥିବ, ଏବଂ ଯେତେବେଳେ ସେହି ଶକ୍ତି ଆପଣାକୁ ପ୍ରକଟ କରି ଆଣିବ, ସେତେବେଳେ ସେହି ଶ୍ରଦ୍ଧାକୁ ମଧ୍ୟ ଅନ୍ତରଧିଷ୍ଠିତ ତଥା ସମ୍ପୂର୍ଣ୍ଣ ହେବାକୁ ଅଥବା ହୋଇପାରିବାକୁ ପଡ଼ିବ । ଯେଉଁ ଚେତନ ପରମ ସାମର୍ଥ୍ୟ ଅର୍ଥାତ୍‌ ବିଶ୍ୱମୟୀ ପରମେଶ୍ୱରୀ ଶାଶ୍ୱତ କାଳରୁହିଁ ସବୁକିଛିର ସୃଷ୍ଟିକାରିଣୀ ହୋଇ ରହିଛି ଏବଂ ପରମ ଭଗବଦ୍‌ଗତତାର ସର୍ବଶକ୍ତିମତ୍ତାର ପ୍ରହରଣଟିକୁ ଧାରଣ କରିଛି, ତାହା ଲାଗି ଆଉ ଅସମ୍ଭବ ବୋଲି କଦାପି କିଛିହେଲେ ନାହିଁ । ସକଳ ଜ୍ଞାନ, ଯାବତୀୟ ବଳ, ଯାବତୀୟ ଜୟ ଓ କୃତକୃତ୍ୟତା ତଥା ସକଳ କୌଶଳ ଏବଂ କ୍ରିୟାତ୍ମକତା କେବଳ ତାହାରି ହାତରେ ରହିଛି, ସେଗୁଡ଼ିକ କେବଳ ସେହି ପରମ ଆତ୍ମାର ନାନା ସମ୍ପଦ

'oaob.nitrkl.ac.in' images reprocessed

ଦ୍ୱାରାହିଁ ପରିପୂର୍ଣ୍ଣ ହୋଇ ରହିଛି, ସକଳ ପରିପୂର୍ଣ୍ଣତା ଏବଂ ସକଳ ସିଦ୍ଧିରେ ପରିପୂର୍ଣ୍ଣ ହୋଇ ରହିଛି । ସେହି ଶକ୍ତି ହେଉଛନ୍ତି ମହେଶ୍ୱରୀ, ପରମ ଜ୍ଞାନର ଅଧିଷ୍ଠାତ୍ରୀ ଦେବୀ, ସେଇ ଆମକୁ ତାଙ୍କର ଯାବତୀୟ ଦୃଷ୍ଟି ଓ ସତ୍ତାର ପ୍ରଶସ୍ତତା ଆଣି ଦେଉଛନ୍ତି, ଆଧ୍ୟାତ୍ମିକ ସଂକଳ୍ପର ଯଥାର୍ଥତା ଆଣି ଦେଉଛନ୍ତି, ତାଙ୍କ ଅତିମାନସ ବୃହତ୍ତ୍ୱର ଶାନ୍ତ ତଥା ଆବେଗ ଏବଂ ଆଲୋକନମୟ ପରମସୁଖ ଆଣି ଦେଉଛନ୍ତି । ସେଇ ମହାକାଳୀ, ପରମ ବଳର ଅଧିଷ୍ଠାତ୍ରୀ ଦେବୀ; ସକଳ ଶକ୍ତିମତ୍ତା, ଆଧ୍ୟାତ୍ମ ସାମର୍ଥ୍ୟ ଏବଂ ସକଳ ତପଶ୍ଚର୍ଯ୍ୟାର କଠୋରତମ ସାଧନା ତଥା ସମରକ୍ଷେତ୍ର ଏବଂ ବିଜୟ ଲାଗି ସକଳ କ୍ଷିପ୍ର-ବେଗତା କେବଳ ତାଙ୍କରି ପାଖରେ ରହିଛି; ଯାବତୀୟ ପରାଜୟ, ମୃତ୍ୟୁ ଏବଂ ଅଜ୍ଞାନ-ଶକ୍ତିକୁ ପରିହାସ କରୁଥିବା ଅଟ୍ଟହାସ୍ୟ ମଧ୍ୟ ସେହିଠାରେ ରହିଛି । ସେଇ ମହାଲକ୍ଷ୍ମୀ, ପରମ ପ୍ରେମ ଏବଂ ଆନନ୍ଦର ଅଧୀଶ୍ୱରୀ ଦେବୀ; ଆତ୍ମାର ସୁଷମା, ଆନନ୍ଦର ଆକର୍ଷଣ ଏବଂ ସୌନ୍ଦର୍ଯ୍ୟ, ଅଭୟଦାନ ଏବଂ ଯାବତୀୟ ଦିବ୍ୟ ତଥା ମାନବୀୟ ଆଶୀର୍ବାଦ,—ଏଗୁଡ଼ିକୁ ଆମେ ତାଙ୍କରି ଦ୍ୱାରା ଦତ୍ତ ସମ୍ପଦ ବୋଲି ଜାଣିବା । ସିଏ ହେଉଛନ୍ତି ମହାସରସ୍ୱତୀ, ଦିବ୍ୟ କୌଶଳ ଏବଂ ପରମ ଯଥାଯଥତାର ଯାବତୀୟ କର୍ମର ଅଧୀଶ୍ୱରୀ ଦେବୀ; ଏବଂ ଯେଉଁ ଯୋଗକୁ 'କର୍ମସୁ କୌଶଳମ୍' ବୋଲି କୁହାଯାଏ, ସେଇଟି ହେଉଛି ତାଙ୍କରି ଯୋଗ । ସେହିପରି, ଦିବ୍ୟ ଜ୍ଞାନର ନାନା ଉପଯୋଗ, ଜୀବନର କ୍ଷେତ୍ରରେ ଆତ୍ମାର ଆପେ ଆପଣାକୁ ନିୟୋଜିତ କରିବା ଏବଂ ତଦୁପଲବ୍ଧ ଯାବତୀୟ ସୌଷମ୍ୟର ଆନନ୍ଦ;—ଏସବୁ କେବଳ ତାଙ୍କରି ଗୁଣ ଓ କାର୍ଯ୍ୟ । ଏବଂ ତାଙ୍କର ସର୍ବବିଧ ସାମର୍ଥ୍ୟ ତଥା ରୂପାୟନରେ ସେ ଆପଣା ସହିତ ଶାଶ୍ୱତ ଈଶ୍ୱରଙ୍କର ଯାବତୀୟ ପ୍ରଭୁତ୍ୱର ସର୍ବୋଚ୍ଚ ଭାବଟିକୁ ବହନ କରିବାରେ ଲାଗିଛନ୍ତି; କୌଣସି ଏକ ସାଧନ ପାଖରୁ ଯେଉଁସବୁ କାର୍ଯ୍ୟର ଦାବି କରାଯାଇଥାଏ, ସେହି ସକଳ ପ୍ରକାର କାର୍ଯ୍ୟ ଲାଗି ପ୍ରଖର ତଥା ଦିବ୍ୟ ସାମର୍ଥ୍ୟ, ସର୍ବଭୂତର ସକଳ ଶକ୍ତି ସହିତ ଏକତା, ସମଭାଗୀ ହୋଇ ପାରୁଥିବା ଏକ ସହାନୁଭୂତି, ସକଳ ବନ୍ଧନରୁ ମୁକ୍ତ ହୋଇ ରହିଥିବା ତଦାତ୍ମକତା ଏବଂ ତେଣୁ ବିଶ୍ୱଜଗତରେ କାର୍ଯ୍ୟ କରୁଥିବା ଯାବତୀୟ ଦିବ୍ୟ ସଂକଳ୍ପ ସହିତ ଏକ ସ୍ୱୟଂସ୍ଫୂର୍ତ୍ତି ଏବଂ ସଫଳ ସାମଞ୍ଜସ୍ୟ;—ଏହି ସବୁଯାକ ଗୁଣକୁ ସେ ଆପଣା ସହିତ ରଖିଥାନ୍ତି । ତାଙ୍କରି ଉପସ୍ଥିତି ଏବଂ ଶକ୍ତିମତ୍ତାଗୁଡ଼ିକୁ ଅନ୍ତରଙ୍ଗ ଭାବରେ ଅନୁଭବ କରିବା ଏବଂ ଆମ ସତ୍ତା ମଧ୍ୟରେ ଓ ତାହାର ଚତୁର୍ଦ୍ଦିଗରେ ଲାଗି ରହିଥିବା ତାଙ୍କରି ଯାବତୀୟ କ୍ରିୟାରେ ଆପଣାର ପ୍ରସନ୍ନ ସହମତି ଜ୍ଞାପନ କରିବା;—ଏହାକୁହିଁ ପରମ ଶକ୍ତି ଉପରେ ରହିଥିବା ଆମ ଶ୍ରଦ୍ଧାର ସର୍ବଶେଷ ପରିପୂର୍ଣ୍ଣତା ବୋଲି କୁହାଯିବ ।

ସେହି ପରମ ଶକ୍ତି ପଛରେ ପରମ ଈଶ୍ୱର ବିଦ୍ୟମାନ ରହିଛନ୍ତି ଏବଂ ତାଙ୍କରି ଉପରେ ଶ୍ରଦ୍ଧା ସ୍ଥାପନ କରି ରହିବାକୁହିଁ ଆମେ ପୂର୍ଣ୍ଣଯୋଗର ଶ୍ରଦ୍ଧାକ୍ଷେତ୍ରରେ

'oaob.nitrkl.ac.in' images reprocessed

ପ୍ରଧାନତମ ଅଙ୍ଗ ବୋଲି କହିପାରିବା । ଏକ ଉଚ୍ଚତମ ଆତ୍ମ-ଜ୍ଞାନ ଏବଂ ପ୍ରଜ୍ଞାର ଜଗତ୍-ପରିବେଶ ମଧ୍ୟରେହିଁ ଯାବତୀୟ ବସ୍ତୁ ନିୟନ୍ତ୍ରିତ ହେବାରେ ଲାଗିଛି, ଆମ ଭିତରେ ତଥା ଆମର ଚତୁର୍ଦ୍ଦିଗରେ କରାଯାଉଥିବା କୌଣସି କାର୍ଯ୍ୟ କଦାପି ବୃଥା ହୋଇଯାଉ ନାହିଁ, ଆପଣାର ସୁନିୟୁକ୍ତ ସ୍ଥାନ ଏବଂ ସମୁଚିତ ତାତ୍ପର୍ଯ୍ୟଟି ବ୍ୟତୀତ ପ୍ରକୃତରେ କିଛି ଘଟୁ ନାହିଁ; ଆମର ସର୍ବୋଚ୍ଚ ପରମ ଆତ୍ମା ଏବଂ ଜଗଦ୍‌ଗତତାରୂପେ ଯେତେବେଳେ ଈଶ୍ୱର ସମ୍ପୃକ୍ତ କାର୍ଯ୍ୟଟିକୁ ଆପଣା ହାତରେ ଗ୍ରହଣ କରିନିଅନ୍ତି, ସେତେବେଳେ ପ୍ରକୃତରେ ସବୁକିଛି ସମ୍ଭବ ହୋଇଯାଏ; ଏବଂ ସେ ଆଗରୁ ଯାହାକିଛି କରିଛନ୍ତି ତଥା ଏହାପରେ ଯାହାକିଛି କରିବାକୁ ଯାଉଛନ୍ତି, ତାହା ଅନିବାର୍ଯ୍ୟରୂପେ କେବଳ ତାଙ୍କର ଅମୋଘ ଏବଂ ପୂର୍ବଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନରହିଁ ଏକ ଅଂଶ ହୋଇ ରହିଥିଲା ଓ ରହିଥିବ ଏବଂ ଆମ ଯୋଗର ସଫଳତା, ଆମର ପୂର୍ଣ୍ଣତା ତଥା ଆମର ଜୀବନ-କାର୍ଯ୍ୟଟି ଲାଗି ଅଭିପ୍ରେତ ହୋଇ ରହିଥିଲା ଓ ରହିଥିବ;—ଆମକୁ ଏହିଭଳି ଏକ ଶ୍ରଦ୍ଧା ଅର୍ଜନ କରିବାକୁ ପଡ଼ିବ ଏବଂ ସେଇଟି ପରିପୂର୍ଣ୍ଣ ହେବା ଯାଏ ତାହାର ବିକାଶ କରିବାକୁ ପଡ଼ିବ । ଉଚ୍ଚତର ଜ୍ଞାନଟି ଉନ୍ମୋଚିତ ହୋଇଯିବା ସଙ୍ଗେସଙ୍ଗେ ଏହି ଶ୍ରଦ୍ଧାର ଔଚିତ୍ୟଟି ଅଧିକରୁ ଅଧିକ ପରିମାଣରେ ଉନ୍ମୋଚିତ ହୋଇ ଯାଉଥିବ; ବୃହତ୍ତ୍ୱ ଏବଂ କ୍ଷୁଦ୍ର ଯେଉଁସବୁ ତାତ୍ପର୍ଯ୍ୟ ଆମର ସୀମାବଦ୍ଧ ମନେ ଭୂମିଟି ଉପରେ ଧରି ନଦେଇ ବାହାରେ ରହି ଯାଉଥିଲା, ଆମେ ଏଣିକି ସେଗୁଡ଼ିକୁ ଦେଖିବା ଲାଗି ସମର୍ଥ ହୋଇଯିବା ଏବଂ ଆମର ଶ୍ରଦ୍ଧା ଜ୍ଞାନ ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯିବ । ଯାବତୀୟ ଘଟଣା ଯେ କେବଳ ସେହି ଏକ ପରମ ଇଚ୍ଛାର ନିଷ୍ପତ୍ତି ମଧ୍ୟରେ ଘଟିବାକୁ ଲାଗିଛି ତଥା ଆତ୍ମସତ୍ତା ଏବଂ ପ୍ରକୃତିର ଜୀବନରେ ସେହି ଇଚ୍ଛା କେବଳ ଯଥାର୍ଥ ନିଷ୍ପତ୍ତିଗୁଡ଼ିକୁ ନିଦର୍ଶିତ କରାଇ ଆଣୁଥିବାରୁ ତାହା ଯେ ପ୍ରକୃତରେ ପ୍ରଜ୍ଞା ମଧ୍ୟ ହୋଇ ରହିଛି, ସେତେବେଳେ ସକଳ ପରିସ୍ଥିର ସମ୍ଭାବନାକୁ ଅତିକ୍ରମ କରିଯାଇ ଆମେ ଏହି ସତ୍ୟଟିକୁ ମଧ୍ୟ ଦେଖିବାକୁ ପାଇବା । ସେହି ପରମ ଈଶ୍ୱରଙ୍କର ଉପସ୍ଥିତିକୁ ଆମେ ଯେତେବେଳେ ଅନୁଭବ କରିପାରିବା, ଆମର ସକଳ ଅସ୍ତିତ୍ୱ, ସକଳ ଚେତନା, ଭାବନା, ସଂକଳ୍ପ ତଥା କର୍ମକୁ ଆମେ ଯେତେବେଳେ କେବଳ ତାଙ୍କରି ହାତରେ ରହିଥିବାର ଅନୁଭବ କରିବା ଏବଂ ସକଳ ବସ୍ତୁରେ ତଥା ଆମର ଆତ୍ମସତ୍ତା ଓ ପ୍ରକୃତିର ପ୍ରତ୍ୟେକ ଅଂଶରେ ସେହି ପରମ ଆତ୍ମାଙ୍କର ପ୍ରତ୍ୟକ୍ଷ, ଅନ୍ତର୍ନିହିତ ତଥା ଅଧିକାରସମର୍ଥ ଇଚ୍ଛାଟି ଲାଗି ଆମ ସମ୍ମତିଟିକୁ ଅର୍ପଣ କରିଦେଇ ପାରିବା, ସେତେ-ବେଳେ ସତ୍ତାର ଶ୍ରଦ୍ଧା ତଥା ସମ୍ମତି ଆପଣାର ସର୍ବୋଚ୍ଚ ସ୍ଥିତିଟିକୁ ଉଠିଯାଇ ପାରିବ । ଏବଂ ଶ୍ରଦ୍ଧାର ସେହି ସର୍ବୋଚ୍ଚ ପରିପୂର୍ଣ୍ଣତା ଏକ ଦିବ୍ୟ ଶକ୍ତିସମ୍ପନ୍ନତା ଲାଗି ମଧ୍ୟ ଏକ ଅବସର ଏବଂ ପରିପୂର୍ଣ୍ଣ ମୂଳଦୁଆରୂପେ କାର୍ଯ୍ୟ କରିପାରିବ; ଆପଣାର ପୂର୍ଣ୍ଣତା ପ୍ରାପ୍ତ ହୋଇ ତାହା ସେହି ଜ୍ୟୋତିର୍ମୟ ଅତିମାନସ ଶକ୍ତିର ବିକାଶ, ଅଭିବ୍ୟକ୍ତି ଏବଂ ଯାବତୀୟ କ୍ରିୟା ଲାଗି ଆଧାର ହୋଇ ରହିବ ।

'oaob.nitrkl.ac.in' images reprocessed

ଊନବିଂଶ ପରିଚ୍ଛେଦ

# ଅତିମାନସର ସ୍ୱରୂପ

ଏହି ନିତ୍ୟନୈମିତ୍ତିକ ସାଧାରଣ ମନର ଯେଉଁ ଚେତନାଟି ପ୍ରାଣଗତ ଏବଂ ଜଡ଼ସ୍ଥ ପ୍ରକୃତିର ନିୟନ୍ତ୍ରଣାଧୀନ ହୋଇ ରହିଛି ତଥା ସମ୍ପୂର୍ଣ୍ଣ ଭାବରେ ଜନ୍ମ, ମରଣ ଏବଂ କାଳ ଦ୍ୱାରା ଓ ମନ, ପ୍ରାଣ ତଥା ଦେହର ଆବଶ୍ୟକତା ଏବଂ କାମନାଗୁଡ଼ିକ ଦ୍ୱାରା ସୀମାବଦ୍ଧ ହୋଇ ରହିଛି, ମନୁଷ୍ୟକୁ ସେହି ଚେତନାର ଭୂମିଟିରୁ ଆପଣାର ସତ୍ତାରେ ମୁକ୍ତ ହୋଇ ରହିଥିବା ଏବଂ ମନ, ପ୍ରାଣ ତଥା ଦେହର ପରିବେଶଗୁଡ଼ିକୁ କେବଳ ସେହି ଆତ୍ମାରହିଁ ସ୍ୱୀକୃତ, ଆତ୍ମ-ନିର୍ବାଚିତ ଏବଂ ଆତ୍ମ-ରୂପାୟନକାରୀ ନାନା ବ୍ୟାକୃତିରୂପେହିଁ ବ୍ୟବହାର କରି ପାରୁଥିବା ଅର୍ଥାତ୍ ସେଗୁଡ଼ିକୁ ଏକ ମୁକ୍ତ ଆତ୍ମ-ଜ୍ଞାନ, ସତ୍ତାଗତ ଏକ ମୁକ୍ତ ସଙ୍କଳ୍ପ ତଥା ସାମର୍ଥ୍ୟ ଏବଂ ଏକ ମୁକ୍ତ ଆନନ୍ଦରୂପେ ବ୍ୟବହାର କରି ପାରୁଥିବା ଏକ ଉଦ୍‌ଗତତାର ଚେତନା ମଧ୍ୟକୁ ଉନ୍ନୀତ କରି ନେଇଯିବାକୁହିଁ ଆମେ ଯୋଗର ଲକ୍ଷ୍ୟ ବୋଲି ଜାଣି ରଖିବା । ଯେଉଁ ବିନାଶଶୀଳ ସାଧାରଣ ମନଟି ଭିତରେ ଆମେ ବର୍ତ୍ତମାନ ବାସ କରୁଛୁ ଏବଂ ଯୋଗର ସର୍ବୋଚ୍ଚ ପରିଣାମସ୍ୱରୂପ ଆମକୁ ପ୍ରାପ୍ତ ହେଉଥିବା ଆମର ଦିବ୍ୟ ଏବଂ ବିନାଶହୀନ ସତ୍ତାଟି ମଧ୍ୟରେ ଯେଉଁ ଆଧ୍ୟାତ୍ମିକ ଚେତନାଟି ଅବସ୍ଥିତ ରହିଛି;—ଦୁହିଁଙ୍କ ମଧ୍ୟରେ ଆମେ ତାହାକୁହିଁ ମୂଳଭୂତ ପାର୍ଥକ୍ୟଟିରୂପେ ଜାଣିବା । ବିବର୍ତ୍ତନଶୀଳ ପ୍ରକୃତି ପ୍ରାଣପ୍ରେରିତ ଇତରଜୀବର ସ୍ତରରୁ ପୂର୍ଣ୍ଣରୂପେ ମନୋମୟ ଏହି ମନୁଷ୍ୟ-ଚେତନାର ସ୍ତରକୁ ଉନ୍ନୀତ ହୋଇ ଆସିଲାବେଳେ ଯେଉଁ ବୃହତ୍ ପରିବର୍ତ୍ତନଟିକୁ ସମ୍ଭବ କରିଛି ବୋଲି ଆମେ ଅନୁମାନ କରୁଛୁ, ଏହି ମୌଳିକ ପରିବର୍ତ୍ତନଟିକୁ ଆମେ ସେତିକି ବୃହତ୍ ଓ ତାହାଠାରୁ ଅଧିକ ବୃହତ୍ ବୋଲି ଅବଶ୍ୟ କହିପାରିବା । ଇତରପ୍ରାଣୀ ମଧ୍ୟରେ ସଚେତନ ପ୍ରାଣିକ ମନଟି ରହିଛି; ମାତ୍ର ତାହା ଭିତରେ ତାହାଠାରୁ ଉଚ୍ଚତର ଆଉ ଯାହାକିଛିର ଉନ୍ମେଷ ହୋଇପାରିଛି, ତାହା କେବଳ ଏକ ପ୍ରାଥମିକ ଆଭାସମାତ୍ର ହୋଇ ରହିଛି; ମନୁଷ୍ୟର ସ୍ତରକୁ ଆସି ଯେଉଁ ବୁଦ୍ଧି ମାନସିକ ବୋଧ, ସଙ୍କଳ୍ପ, ସଂବେଗ, ସୌନ୍ଦର୍ଯ୍ୟାଗ୍ରହ ଏବଂ ତର୍କବିବେକର ଚମତ୍କାରିତାରୂପେ ପ୍ରକଟ

ହୋଇଯାଉଛି, ଏହି ସ୍ତରରେ ସେହି ବୃଦ୍ଧିର କେବଳ ଏକ ଅତି ଅଶୋଧିତ ଇଙ୍ଗିତମାତ୍ର ରହିଛି । ମନର ନାନା ଉଚ୍ଚତା ଦ୍ୱାରା ଉତ୍ତୋଳିତ ହୋଇ ଏବଂ ତାହାର କେତେକେତେ ପ୍ରଶାନ୍ତତା ଦ୍ୱାରା ଗଭୀରରୁ ଗଭୀରତର ହୋଇ ମନୁଷ୍ୟ ଆପଣା ଭିତରେ କୌଣସି ଏକ ବୃହତ୍ତର ସମ୍ପଦ ବିଷୟରେ ସଚେତନ ହୋଇଉଠୁଛି, ତା'ର ଏହି ଯାବତୀୟ ସାମର୍ଥ୍ୟ ଓ ସମ୍ପଦ ଏହି ସମ୍ପଦଟି ଆଡ଼କୁହିଁ ଧାବିତ ହୋଇ ରହିଛି; ତା' ଲାଗି ସମ୍ଭାବ୍ୟ ହୋଇ ରହିଥିବା ଅଥଚ ସେ ଏପର୍ଯ୍ୟନ୍ତ ସେଥିରେ ପରିଣତ ହୋଇପାରି ନଥିବା ସେହି ସମ୍ପଦଟି ବିଷୟରେ ସେ ସଚେତନ ହୋଇଉଠୁଛି । ଆପଣାର ଯାବତୀୟ ମନଃଶକ୍ତି, ଜ୍ଞାନଶକ୍ତି, ସଙ୍କଳ୍ପଶକ୍ତି, ସଂବେଗଶକ୍ତି ତଥା ସୌନ୍ଦର୍ଯ୍ୟାଗ୍ରହର ଶକ୍ତିକୁ ସେ ତାହାର ଅନ୍ୱେଷଣରେ ନିୟୋଜିତ କରି ରଖିଛି, ତାହାର ସକଳ ସମ୍ଭାବ୍ୟତାକୁ ହୃଦୟଙ୍ଗମ କରି ପୂର୍ଣ୍ଣ ଭାବରେ ଜାଣିପାରିବା ଲାଗି, ସ୍ୱୟଂ ସେହି ସମ୍ପଦଟିରେ ପରିଣତ ହୋଇପାରିବା ଲାଗି ଏବଂ ତାହାର ବୃହତ୍ତର ଚେତନା, ଆନନ୍ଦ, ଅସ୍ତିତ୍ୱ ତଥା ଉଚ୍ଚତମ ସମ୍ଭୂତସାମର୍ଥ୍ୟ ମଧ୍ୟରେ ସମ୍ପୂର୍ଣ୍ଣରୂପେ ଅବସ୍ଥାନ କରିପାରିବା ଲାଗି ସେ ଆପଣାର ସେହି ସର୍ବବିଧ ଶକ୍ତିଗୁଡ଼ିକୁ ନିୟୋଜିତ କରି ରଖିଛି । ମାତ୍ର ଆପଣା ସାଧାରଣ ମନର ଏହି ଉଚ୍ଚତର ସ୍ଥିତିଟିରେ ସେ ଯାହା ପାଏ, ଆମେ ତାହାକୁ ତା' ଭିତରେ ରହିଥିବା ତଦ୍‌ଗତଭାବରହିଁ ଔଜ୍ଜ୍ୱଲ୍ୟ, ଆଲୋକ, ମହିମା ତଥା ଦିବ୍ୟତାର କେବଳ ଏକ ଇଙ୍ଗିତ, ଏକ ପ୍ରଥମପ୍ରସ୍ତାବ ଆଭାସ ଓ ବହୁ ଅଶୋଧିତ ଏକ ସଙ୍କେତ ବୋଲି କହିପାରିବା । ସେ ପ୍ରକୃତରେ ଯାହା ହୋଇ ପାରିବ, ସେହି ବୃହତ୍ତର ବସ୍ତୁଟିକୁ ଆପଣା ସମକ୍ଷରେ ସର୍ବତୋଭାବେ ଏକ ସତ୍ୟମୟ, ସତତସ୍ଥାୟୀ ଓ ସଦା-ବର୍ତ୍ତମାନ ବସ୍ତୁରୂପେ ଅନୁଭବ କରିପାରିବା ଲାଗି, ଏବଂ ଯେଉଁ ବସ୍ତୁଟି ଆଜି ତାହା ପାଇଁ ଅଧିକତର ପରିମାଣରେ ଏକ ଉଜ୍ଜ୍ୱଳ ଆକାଙ୍କ୍ଷାମାତ୍ର ହୋଇ ରହିଛି, ତାହାରି ମଧ୍ୟରେ ସମ୍ପୂର୍ଣ୍ଣରୂପେ ଅବସ୍ଥାନ କରିପାରିବା ଲାଗି ତା'ଠାରୁ ପ୍ରଥମ ଏହି ଦାବିଟି ଅବଶ୍ୟ କରାଯିବ ଯେ ସେ ଆପଣା ସତ୍ତାର ସକଳ ଅଙ୍ଗଗୁଡ଼ିକୁ ଆଧ୍ୟାତ୍ମିକ ଚେତନାର ଗୋଟିଏ ଗୋଟିଏ ଗ୍ରନ୍ଥି ଏବଂ ସାଧନରୂପେ ରୂପାନ୍ତରିତ କରିଦେବ । ଏକ ପୂର୍ଣ୍ଣଯୋଗର ସାଧନା ଦ୍ୱାରା ତାକୁ ଏକ ବୃହତ୍ତର ଦିବ୍ୟ ଚେତନାର ବିକାଶ କରାଇବାକୁ ହେବ ଏବଂ ସମ୍ପୂର୍ଣ୍ଣରୂପେ ସେହି ଚେତନା ମଧ୍ୟକୁହିଁ ଉନ୍ନୀତ ହୋଇ ଉଠିବାକୁ ପଡ଼ିବ ।

ଆମେ ଏପର୍ଯ୍ୟନ୍ତ ଯେପରି ବିଷୟଟିର ବିଚାର କରି ଆସିଛୁ, ଏହି ପରିବର୍ତ୍ତନଟି ସର୍ବାଗ୍ରେ ଆବଶ୍ୟକ ହେଉଥିବା ପରିପୂର୍ଣ୍ଣତାର ଯୋଗ ମଧ୍ୟରେ ମାନସିକ, ପ୍ରାଣିକ ତଥା ଭୌତିକ ପ୍ରକୃତିର ଏକ ପ୍ରସ୍ତୁତିକାଳୀନ ଶୁଦ୍ଧୀକରଣ, ନିମ୍ନତର ପ୍ରକୃତିର ଯାବତୀୟ ଗ୍ରନ୍ଥି ମଧ୍ୟରୁ ଏକ ବିମୋଚନ, ତାହାର ଫଳସ୍ୱରୂପ ସତତ କେବଳ ସେହି କାମନା-ଆତ୍ମାର ଅଜ୍ଞାନାଚ୍ଛନ୍ନ ଓ ବିକ୍ଷୋଭମୟ କ୍ରିୟାତ୍ମକତାର ଅଧୀନ ହୋଇ

'oaob.nitrkl.ac.in' images reprocessed

ରହିଥିବା ଅହଂଗ୍ରସ୍ତ ସ୍ଥିତିଟିର ପରିବର୍ତ୍ତରେ ବୁଦ୍ଧି, ସଂବେଗପ୍ରେରିତ ମନ, ପ୍ରାଣିକ ମନ ତଥା ଭୌତିକ ପ୍ରକୃତିକୁ ଶାନ୍ତ କରି ଦେଉଥିବା ଓ ଆମ ଭିତରକୁ ତଦ୍‌ଗତତାର ଶାନ୍ତି ତଥା ମୁକ୍ତିକୁ ବହନ କରି ଆଣୁଥିବା ଏକ ବୃହତ୍ତର ଏବଂ ଜ୍ୟୋତିର୍ମୟ ସ୍ଥିତିଶୀଳ ସମତାର ପ୍ରତିଷ୍ଠା ଅନ୍ତର୍ଭୁକ୍ତ ହୋଇ ରହିଛି । ବର୍ତ୍ତମାନ ଯେଉଁଠାରେ ନିମ୍ନତର ପ୍ରକୃତିର କ୍ରିୟାଟି ବଳବତ୍ତର ରହିଛି, ଆମକୁ ସେଠାରେ ତାହାର ଏକ ଗତିଶୀଳ ସ୍ଥାନାପନ୍ନ ଭାବରେ ସେହି ପରମ ଈଶ୍ୱରଙ୍କର ନିୟନ୍ତ୍ରଣ ମଧ୍ୟରେ ରହିଥିବା ସର୍ବୋଚ୍ଚ ତଥା ବିଶ୍ୱମୟ ଦିବ୍ୟ ଶକ୍ତିର କ୍ରିୟାଟିକୁ ଆଣି ପ୍ରତିଷ୍ଠିତ କରିଦେବାକୁ ପଡ଼ିବ ଏବଂ ଏହି କ୍ରିୟାଟି ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହେବା ପୂର୍ବରୁ ଆମର ପ୍ରାକୃତ ସାଧନଗୁଡ଼ିକରେ ପରିପୂର୍ଣ୍ଣତା ଆଣିବାକୁ ପଡ଼ିବ । ଏବଂ ଏକଦି ଏହିସବୁ ବସ୍ତୁକୁ ତଥାପି ସମୁଦାୟ ଯୋଗଟି ବୋଲି ଆଦୌ କୁହା ନଗଲେ ମଧ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନର ସାଧାରଣ ଚେତନାଟି ଅପେକ୍ଷା ଏହା ଅନେକ ଅଧିକ ବୃହତ୍ତର ଏକ ଚେତନାର ନିର୍ମାଣ କରିଦେଇଥାଏ; ସେହି ଚେତନା ଆପଣାର ଭିତ୍ତିରେ ଏକ ଆଧ୍ୟାତ୍ମିକ ଚେତନା ହୋଇ ରହିଥାଏ, ଏକ ବୃହତ୍ତର ଆଲୋକ, ସାମର୍ଥ୍ୟ ଏବଂ ଆନନ୍ଦ ଦ୍ୱାରା ପରିପ୍ଲାବିତ ହେଉଥାଏ ଏବଂ ଏତେ କିଛି ହାସଲ କରିସାରିବା ପରେ ହୁଏତ ସେତିକରେ ସନ୍ତୁଷ୍ଟ ହୋଇ ରହିଯିବା ବେଶ୍ ସମ୍ଭବ ହୋଇପାରେ ଏବଂ ଦିବ୍ୟ ନୂତନଦୀକ୍ଷା ଲାଗି ଯାହାକିଛି ଦରକାର ଥିଲା, ତାହା ହୋଇସାରିଛି ବୋଲି ମଧ୍ୟ ବିଚାର କରାଯାଇ ପାରେ ।

ଆଲୋକଟି ବୃଦ୍ଧି ପାଉଥିବା ସଙ୍ଗେସଙ୍ଗେ ଆମକୁ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନର ସମ୍ମୁଖୀନ ହେବାକୁ ହୁଏ; ପ୍ରଶ୍ନଟି ହେଉଛି, ଦିବ୍ୟ ଶକ୍ତି ମନୁଷ୍ୟ ଭିତରେ ପ୍ରକୃତରେ କେଉଁ ମାଧ୍ୟମଟି ଦେଇ କାର୍ଯ୍ୟ କରିବ ? ତାହା କ'ଣ ସବୁବେଳେ କେବଳ ସେହି ମନ ଦ୍ୱାରା ଏବଂ ମନର ସ୍ତରଟି ଉପରେହିଁ କାର୍ଯ୍ୟ କରିବ, ଅଥବା ଏଭଳି କୌଣସି ବୃହତ୍ତର ଅତିମାନସ ରୂପାୟନ ଦ୍ୱାରା ତାହା ହେବ, ଯାହାକି ଏକ ଦିବ୍ୟ କ୍ରିୟା ଲାଗି ଅଧିକ ଉପଯୁକ୍ତ ହୋଇ ରହିଥିବ ଏବଂ ଯାହାକି ମାନସିକ ଯାବତୀୟ କ୍ରିୟାକୁ ଆପଣାର ହାତରେ ଗ୍ରହଣ କରିନେଇ ତାହାର ସ୍ଥାନରେ ଆପଣାକୁହିଁ ପ୍ରତିଷ୍ଠିତ କରି ରଖିବ ? ଯଦି କେବଳ ସେହି ମନଟାହିଁ ସବୁବେଳେ ସାଧନରୂପେ ବ୍ୟବହୃତ ହେବା ଲାଗି ଉଦ୍ଦିଷ୍ଟ ହୋଇ ରହିଥାଏ, ତେବେ ଏକ ଦିବ୍ୟ ପରମ ସାମର୍ଥ୍ୟ ଆମର ଯାବତୀୟ ଅନ୍ତରସ୍ଥ ତଥା ବାହ୍ୟ ମାନୁଷୀ କ୍ରିୟାର ଆରମ୍ଭ ଏବଂ ସଞ୍ଚାଳନ କରୁଛି ବୋଲି ଆମେ ସଚେତନ ହୋଇ ପାରିଲେହେଁ ତାହାକୁ ତଥାପି ଆପଣାର ଜ୍ଞାନ, ସଂକଳ୍ପ, ଆନନ୍ଦ ଏବଂ ଅବଶିଷ୍ଟ ଯାବତୀୟ ବିଷୟକୁ କେବଳ ମନୋମୟ ଆକାରର ରୂପ ଦେଇହିଁ ଗଠନ କରିବାକୁ ପଡ଼ିବ; ଏବଂ ତାହାର ଅର୍ଥ କେବଳ ଏହାହିଁ ହେବ ଯେ ତାହାକୁ ସେହି ଜ୍ଞାନ ପ୍ରବୃତ୍ତିକୁ ଏକ ନିମ୍ନତର ପ୍ରକାରର କ୍ରିୟାରେ ପରିବର୍ତ୍ତିତ କରିଦେବାକୁ

'oaob.nitrkl.ac.in' images reprocessed

ପଡ଼ିବ, ଯାହାକି ଦିବ୍ୟ ଚେତନା ଓ ତାହାର ଶକ୍ତିର ସ୍ୱକୀୟ ଓ ସ୍ୱାଭାବିକ ସର୍ବୋଚ୍ଚ କ୍ରିୟାଗୁଡ଼ିକରୁ ଭିନ୍ନ ହୋଇ ରହିଥିବ । ଆପଣାକୁ ଅଧ୍ୟାତ୍ମଭାବ ଦ୍ୱାରା ସମ୍ପ୍ରସାରିତ କରି ରଖି, ଶୁଦ୍ଧୀକୃତ ଓ ବିମୋଚିତ ହୋଇ ଏବଂ ଆପଣାର ଅଧିଚେତନସୀମାଟି ମଧ୍ୟରେ ଏକ ପରିପୂର୍ଣ୍ଣତା ଲାଭ କରି ମନ ହୁଏତ ଏକ ନିଷ୍ଠାପର ମନୋଗତ ଅନୁସନ୍ଧାନର ଯଥାସମ୍ଭବ ଅଧିକ ନିକଟକୁ ବେଶ୍ ଆସିଯାଇ ପାରିବ, ମାତ୍ର ଏହା ଯେ ତଥାପି କେବଳ ଏକ ଆପେକ୍ଷିକ ଯଥାରୂପତା ଏବଂ ଅପୂର୍ଣ୍ଣତାମୟ ପୂର୍ଣ୍ଣତା ବ୍ୟତୀତ ଆଉ କିଛି ନୁହେଁ, ଏକଥାଟି ଆବିଷ୍କାର କରିବାକୁ ଆମକୁ ଆଉ କଦାପି ଅଧିକ ଡେରି ଲାଗିବ ନାହିଁ । ମନ ଆପଣାର ସ୍ୱାଭାବିକ ସୀମାଟି ହେତୁହିଁ ସମ୍ପୂର୍ଣ୍ଣ ଭାବରେ ଯଥାର୍ଥ ଯଥାର୍ଥତା ସହିତ ରୂପାନ୍ତରର କାର୍ଯ୍ୟଟିକୁ କଦାପି ସମ୍ପନ୍ନ କରିପାରିବ ନାହିଁ କିଂବା ତାହା ଦିବ୍ୟ ଜ୍ଞାନ, ସଙ୍କଳ୍ପ ତଥା ଆନନ୍ଦର ଏକତ୍ୱବୋଧ ସମ୍ପୂର୍ଣ୍ଣତା ସହିତ କଦାପି କାର୍ଯ୍ୟ କରିପାରିବ ନାହିଁ; କାରଣ ବିଭାଜନର ଭିତ୍ତି ଉପରେହିଁ କେବଳ ସାନ୍ତର ବିଷୟଗୁଡ଼ିକୁ ନେଇ କାର୍ଯ୍ୟ କରିପାରିବା ଲାଗି ମନ ଏକ ଅନୁରୂପ ସାଧନ ହୋଇ ତିଆରି ହୋଇଛି, ତେଣୁ କେବଳ ଏକ ଗୌଣ ସାଧନରୂପେହିଁ ତିଆରି ହୋଇଛି ଏବଂ ଆମେ ବାସ କରୁଥିବା ଏହି ନିମ୍ନତର ସ୍ତରଣାଟି ଲାଗିହିଁ ଏକ ପ୍ରକାରର ପ୍ରତିନିଧି ହୋଇ ରହିଛି । ମନ ପରମ ଅନନ୍ତ ସତ୍ତାକୁ ପ୍ରତିଫଳିତ କରିପାରିବ, ଆପଣାକୁ ତାହାର ମଧ୍ୟରେ ଲୀନ କରିଦେଇ ପାରିବ, ଏକ ବୃହତ୍ ନିଷ୍କ୍ରିୟତାକୁ ଅବଲମ୍ବନ କରିନେଇ ସେ ତାହାର ଭିତରେ ବାସ କରିପାରିବ, ତାହାଠାରୁ ପରାମର୍ଶ ବା ଆଦେଶ ନେଇ ଆପଣାର ସ୍ୱକୀୟ ଧାରାରେ ସେଗୁଡ଼ିକୁ କାର୍ଯ୍ୟକାରୀ କରିପାରିବ ଏବଂ ତାହାର ସେହି ଧାରାଟି ସର୍ବଦା କେବଳ ଖଣ୍ଡିତ, ଅନ୍ୟପ୍ରେରିତ ଏବଂ ଅଳ୍ପବହୁତ ବିକୃତିର ବି ଅଧୀନ ହୋଇ ରହିଥିବ; ମାତ୍ର ସ୍ୱୟଂ ସେହି ଅନନ୍ତ ପରମ ଚିଦ୍‌ଗତତାର ପ୍ରତ୍ୟକ୍ଷ ତଥା ପରିପୂର୍ଣ୍ଣ ସାଧନଟିରେ ପରିଣତ ହୋଇ ମନ କଦାପି କେବଳ ଆପଣାର ଜ୍ଞାନ ଦ୍ୱାରାହିଁ ପ୍ରେରିତ ହୋଇ କିଛି କରିପାରିବ ନାହିଁ । ଯେଉଁ ଦିବ୍ୟ ପରମ ଇଚ୍ଛା ଓ ପରମ ପ୍ରଜ୍ଞା ଅନନ୍ତ ଚେତନାର କ୍ରିୟାଟିକୁ ସଂଗଠିତ କରି ଚିଦ୍‌ଗତତାର ସତ୍ୟ ଏବଂ ତା'ର ଅଭିବ୍ୟକ୍ତିର ବିଧାନଟି ଅନୁସାରେ ସକଳ ବସ୍ତୁର ନିର୍ଦ୍ଧାରଣ କରିଦେଉଛି, ତାହାକୁ ଆମେ କଦାପି ମନଃସ୍ତରର ଏକ ବସ୍ତୁ ବୋଲି କହିପାରିବା ନାହିଁ । ତାହା ହେଉଛି ଏକ ଅତିମାନସ ବସ୍ତୁ, ଏବଂ ମନୁଷ୍ୟର ମନୋମୟ ଚେତନାଟି ନିମ୍ନତର ସୃଷ୍ଟିର ପ୍ରାଣଗତ ମନଠାରୁ ଯେତିକି ଉପରେ ରହିଛି, ମନର ନିକଟତମ ହୋଇ ରହିଥିବା ଆପଣାର ରୂପାୟନଟିରେ ମଧ୍ୟ ଆପଣାର ଆଲୋକ ଏବଂ ସାମର୍ଥ୍ୟର ଭୂମିରେ ତାହା ମନୋମୟ ଚେତନାଟିଠାରୁ ଠିକ୍ ସେତିକି ଉପରେ ଅବସ୍ଥିତ ରହିଛି । ବର୍ତ୍ତମାନ ପ୍ରଶ୍ନ ହେଉଛି, ପୂର୍ଣ୍ଣତାପ୍ରାପ୍ତ ମନୁଷ୍ୟସତ୍ତା ଆପଣାକୁ ମନର କେତେ ଉପରକୁ ଉଠାଇନେଇ ପାରିବ,

'oaob.nitrkl.ac.in' images reprocessed

ଅତିମାନସ ସହିତ କୌଣସି ନା କୌଣସି ପ୍ରକାରର ଏକ ସମ୍ମିଳନକାରୀ ସଂଯୋଗ ସମ୍ଭବ କରିପାରିବ, ଏବଂ ଆପଣା ଭିତରେ ଅତିମାନସର ଗୋଟିଏ ସ୍ତର ଠିଆ କରି ରଖିପାରିବ; ଏପରି ଏକ ବିକାଶପ୍ରାପ୍ତ ବିଜ୍ଞାନମୟ ସୋପାନ ସମ୍ଭବ କରିପାରିବ, ଯାହାର ରୂପାୟନ ତଥା ସାମର୍ଥ୍ୟ ଦ୍ୱାରା ଦିବ୍ୟ ଶକ୍ତି ପ୍ରକୃତିରେ ଅପରୋକ୍ଷ ଭାବରେ ଆପଣାର କାର୍ଯ୍ୟ କରିବାକୁ ସମର୍ଥ ହୋଇଯିବ; ତାହାକୁ ଆଉ ଏକ ମନୋଗତ ରୂପାନ୍ତର ଦ୍ୱାରା କାର୍ଯ୍ୟ କରିବାକୁ ପଡ଼ିବ ନାହିଁ, ମାତ୍ର ଆପଣାର ଅତିମାନସିକ ପ୍ରକୃତିରେ ଅନ୍ତର୍ନିହିତ ଭାବରେ କାର୍ଯ୍ୟ କରିବାକୁ ସମର୍ଥ ହୋଇଯିବ ?

ଆମ ଭାବନା ଏବଂ ଅନୁଭବର ଚିରାଚରିତ ଧାରାଗୁଡ଼ିକଠାରୁ ଏହି ବିଷୟଟି ଏତେବେଶୀ ଦୂରବର୍ତ୍ତୀ ହୋଇ ରହିଛି ଯେ, ବିଶ୍ୱଗତ ବିଜ୍ଞାନମୟତା ବା ଦିବ୍ୟ ଅତିମାନସ କହିଲେ ପ୍ରକୃତରେ କ'ଣ ବୁଝାଏ, ଏହି ବିଶ୍ୱଜଗତର ବାସ୍ତବ ଗତିସ୍ପନ୍ଦନ ମଧ୍ୟରେ ତାହା ପ୍ରକୃତରେ କିପରି ଭାବରେ ପ୍ରକଟ ହୋଇଥାଏ ଏବଂ ମନୁଷ୍ୟସତ୍ତାର ବର୍ତ୍ତମାନ ମନୋବୈଜ୍ଞାନିକ ସ୍ଥିତିଟି ସହିତ ତାହାର କେଉଁଭଳି କି କି ସମ୍ବନ୍ଧ ରହିଛି, ଏଠାରେ ପ୍ରଥମେ ସେହି ବିଷୟରେ ସ୍ପଷ୍ଟ କରି କହିଦେବା ଏକାନ୍ତ ଆବଶ୍ୟକ । ତେବେଯାଇ ଏକଥାଟି ସ୍ପଷ୍ଟ ହୋଇଯାଇ ପାରିବ ଯେ ଅତିମାନସ ଆମର ଏହି ବୁଦ୍ଧିଟିର ସୀମା ବାହାରେ ତାହାର ଊର୍ଦ୍ଧ୍ୱରେ ରହିଥିଲେହେଁ ଏବଂ ତାହାର ଯାବତୀୟ କ୍ରିୟା ଆମର ଅବଧାରଣା ଲାଗି ଏକାନ୍ତ ଗୁହ୍ୟ ହୋଇ ରହିଥିଲେହେଁ ତଥାପି ତାହାକୁ କଦାପି ବୁଦ୍ଧିବିରୁଦ୍ଧ ଭାବରେ ରହସ୍ୟାଚ୍ଛନ୍ନ ବୋଲି ବୁଝାଯାଇ ପାରିବ ନାହିଁ; ବରଂ ତାହାର ଅସ୍ତିତ୍ୱ ତଥା ଆବିର୍ଭାବକୁ ଜଗତପ୍ରକୃତିର ଏକ ନ୍ୟାୟପ୍ରତିପାଦିତ ଅନିବାର୍ଯ୍ୟତା ବୋଲିହିଁ ବୁଝାଯିବ; ଅବଶ୍ୟ ଏକଥା ସତ ଯେ କେବଳ ଜଡ଼ ନୁହେଁ ବା ମନ ନୁହେଁ, ମାତ୍ର ଆତ୍ମା ବା ଚିଦ୍‌ଗତତାହିଁ ଯେ ସର୍ବମୂଳ ସତ୍ୟ ଏବଂ ସେହି ଚିଦ୍‌ଗତତାହିଁ ଯେ ଏହି ବିଶ୍ୱଜଗତରେ ସର୍ବତ୍ର ବ୍ୟାପ୍ତ ହୋଇ ରହିଛି, ଆମକୁ ସର୍ବଦା ସେହି କଥାଟିକୁହିଁ ସ୍ୱୀକାର କରିନେବାକୁ ପଡ଼ିବ । ଯାବତୀୟ ବସ୍ତୁ କେବଳ ସେହି ଅନନ୍ତ ଆତ୍ମାର ସତ୍ତାଟି ମଧ୍ୟରୁ ସଂଘଟିତ ହୋଇଥିବା ତାହାରି ଏକ ଅଭିବ୍ୟକ୍ତିରୂପେ ବିଦ୍ୟମାନ ରହିଛି, ତାହାରି ଚେତନାରୁହିଁ ଅଭିବ୍ୟକ୍ତ ହୋଇ ଆସିଛି ଏବଂ ସେହି ଚେତନାର ଆତ୍ମ-ଉପଲବ୍ଧିକାରୀ, ଆତ୍ମ-ନିରୂପଣକାରୀ, ଆତ୍ମ-ପରିପୂର୍ତ୍ତିକାରୀ ସାମର୍ଥ୍ୟଟି ଦ୍ୱାରାହିଁ ଅଭିବ୍ୟକ୍ତ ହୋଇ ଆସିଛି । ଆମେ ହୁଏତ ଏପରି ବି କହିପାରିବା ଯେ ସେହି ପରମ ଅନନ୍ତ ଆପଣା ଆତ୍ମ-ଜ୍ଞାନର ସାମର୍ଥ୍ୟଟି ଦ୍ୱାରା ଏହି ବିଶ୍ୱଜଗତରେ ଆପଣା ସତ୍ତାଗତ ଅଭିବ୍ୟକ୍ତିର ବିଧାନଟିକୁ ସଂଗଠିତ କରିବାରେ ଲାଗିଛି; ଜଗତ କହିଲେ କେବଳ ଆମର ଇନ୍ଦ୍ରିୟଗୁଡ଼ିକୁ ଗୋଚର ହେଉଥିବା ଏହି ଜଡ଼ଗତ ଜଗତକୁହିଁ ବୁଝାଉ ନାହିଁ, ମାତ୍ର ଅସ୍ତିତ୍ୱର ଯେକୌଣସି ଭୂମିରେ ଏଇଟି ପରିରେ ଯାହାକିଛି ଅବସ୍ଥିତ ରହିଛି, ସେହି ସବୁକିଛିକୁ ମଧ୍ୟ ବୁଝାଉଛି । କୌଣସିପ୍ରକାର ଅଚେତନ ପ୍ରେରଣା ଦ୍ୱାରା ବାଧ୍ୟ

'oaob.nitrkl.ac.in' images reprocessed

ହୋଇ କିଂବା ମନୋଗତ କୌଣସି କଳ୍ପନା କିଂବା ଖିଆଲରେ ପଡ଼ି ନୁହେଁ, ମାତ୍ର ଆପଣାର ସ୍ୱକୀୟ ଅନନ୍ତ ଓ ତଦ୍‌ଗତ ସ୍ୱତନ୍ତ୍ରତାର ଭୂମିରେ ଅବସ୍ଥିତ ରହି ଆପଣା ସତ୍ତା, ଆପଣାର ଅନନ୍ତ ସମ୍ଭାବନା ତଥା ସେହିସବୁ ସମ୍ଭାବନାକୁ ଆପଣାକୁ ସୃଷ୍ଟି କରିବା ଲାଗି ତାହାର ସଂକଳ୍ପ ଅନୁସାରେହିଁ ତାହା ସବୁକିଛିକୁ ସଂଗଠିତ କରିବାରେ ଲାଗିଛି । ଏବଂ ଯେଉଁ ଅନିବାର୍ଯ୍ୟତା ସୃଷ୍ଟ ବସ୍ତୁଗୁଡ଼ିକୁ ଆପଣା ଆପଣାର ସ୍ୱକୀୟ ପ୍ରକୃତି ଅନୁସାରେହିଁ କ୍ରିୟା କରିବାକୁ ତଥା ବିକାଶଲାଭ କରିବାକୁ ବାଧ୍ୟ କରୁଛି, ଏହି କ୍ଷେତ୍ରରେ ତାହାହିଁ ଏହି ଆତ୍ମ-ସତ୍ୟଟିର ବିଧାନ ହୋଇ ରହିଛି । ଯେଉଁ ଅନନ୍ତ ଆପଣାର ଅଭିବ୍ୟକ୍ତିଟିକୁ ଏହିପରି ଭାବରେ ସଂଗଠିତ କରିବାରେ ଲାଗିଛି, ଏକ ଉପଯୁକ୍ତ ଅଭିଧା ଦେବାକୁ ଯାଇ ଆମେ ତାହାକୁ ପରମ ପ୍ରଜ୍ଞା ଅଥବା ପରମ ବିବେକ ବୋଲି କହିପାରିବା; ମାତ୍ର ସିଏ ପ୍ରକୃତରେ ଏହି ଅଭିଧାଟିଠାରୁ ଅନନ୍ତ ଗୁଣରେ ଅଧିକ ବୃହତ୍, ଆପଣା ଜ୍ଞାନରେ ଅଧିକ ସର୍ବବ୍ୟାପ୍ତ, ଆତ୍ମ-ସାମର୍ଥ୍ୟରେ ଅଧିକ ଅଜେୟ; ଏବଂ ମନୋମୟ ଭୂମିର ଯେଉଁ ବୁଦ୍ଧି ଆମ ଲାଗି ଚେତନାର ସର୍ବୋଚ୍ଚ ଉପଲବ୍ଧି, ମାତ୍ରା ଏବଂ ଅଭିବ୍ୟକ୍ତ ହୋଇ ରହିଛି, ସେଇଟିର ତୁଳନାରେ ଆପଣା ଆତ୍ମ-ଅସ୍ତିତ୍ୱର ତଥା ଆପଣାର କ୍ରିୟାତ୍ମକ ସତ୍ତା ତଥା ଯାବତୀୟ କ୍ରିୟାତ୍ମକତାର ଆନନ୍ଦରେ ଅଧିକ ବୃହତ୍ । ଆପଣାର ଭୂମିରେ ଅନନ୍ତ ହୋଇ ରହିଥିବା ଅଥଚ ଆପଣାର ଆତ୍ମସୃଜନରେ ତଥା କ୍ରିୟାଗୁଡ଼ିକରେ ପୂର୍ଣ୍ଣମୁକ୍ତ ଭାବରେ ସଂଗଠିତ କରି ପାରୁଥିବା ଏବଂ ଅନ୍ତର୍ନିହିତ ଭାବରେ ଆତ୍ମ-ନିର୍ଦ୍ଧାରଣର ସାମର୍ଥ୍ୟ ଦ୍ୱାରା ଯୁକ୍ତ ହୋଇ ରହିଥିବା ଏହି ପ୍ରଜ୍ଞାଟିକୁ ଆମର ବର୍ତ୍ତମାନ ଉଦ୍ଦେଶ୍ୟଟି ଲାଗି ଦିବ୍ୟ ଅତିମାନସ ବା ବିଜ୍ଞାନ ବୋଲି ଅଭିହିତ କରିପାରିବା ।

ଏହି ଅତିମାନସର ମୂଳ ସ୍ୱଭାବଟି ହେଉଛି ଯେ ଏହାର ଯାବତୀୟ ଜ୍ଞାନ ହେଉଛି ତାଦାତ୍ମ୍ୟ ଏବଂ ଏକତ୍ୱର ଜ୍ଞାନ, ଏବଂ ଆପଣା ଭିତରେ ଅଗଣିତ ଆପାତ କେତେକେତେ ବିଭାଜନ ଏବଂ ଭେଦନିରୂପକ ପରିବର୍ତ୍ତନମାନ କରିବାରେ ଲାଗିଥିଲେ ମଧ୍ୟ ତଥାପି ତାହାର କ୍ରିୟାତ୍ମକ ସମୁଦାୟ କ୍ଷେତ୍ରଟିରେ ଏପରିକି ଏହି ବିଭାଜନଗୁଡ଼ିକରେ ମଧ୍ୟ ଯାହାକିଛି ଜ୍ଞାନ କାର୍ଯ୍ୟକାରୀ ହୋଇ ରହିଥାଏ, ତାହା ତାଦାତ୍ମ୍ୟ ତଥା ଏକତ୍ୱ ଦ୍ୱାରା ଉପଲବ୍ଧ ଏହି ପୂର୍ଣ୍ଣ ଜ୍ଞାନଟି ଉପରେହିଁ ଆଧାରିତ ରହିଥାଏ, ତାହାର ଦ୍ୱାରା ବିଧୃତ ହୋଇ ରହିଥାଏ, ଆଲୋକିତ ଏବଂ ପରିଚାଳିତ ମଧ୍ୟ ହେଉଥାଏ । ପରମ ତଦ୍‌ଗତତା ବା ଆତ୍ମା ସର୍ବତ୍ର ବିଦ୍ୟମାନ ରହିଛି, ସକଳ ବସ୍ତୁକୁ ତାହା ଆପଣାଠାରୁ ଅଭିନ୍ନ ବୋଲି ଜାଣିଛି, ଆପଣା ମଧ୍ୟରେ ଅବସ୍ଥିତ ରହିଥିବାର ଜାଣିଛି, ସେଗୁଡ଼ିକୁ ସର୍ବଦା ଏହିପରି ଭାବରେ ଦେଖୁଛି ଏବଂ ତେଣୁ ସେଗୁଡ଼ିକୁ ଅନ୍ତରଙ୍ଗ ତଥା ସମ୍ପୂର୍ଣ୍ଣ ଭାବରେ ଜାଣିଛି; ସେଗୁଡ଼ିକର ଅସଲ ସତ୍ୟମୟ ରୂପରେ ସେଗୁଡ଼ିକୁ ଜାଣିଛି ଏବଂ ସେଗୁଡ଼ିକର ପ୍ରକୃତ ବା ପ୍ରାତିଭାସିକ ରୂପରେ ମଧ୍ୟ

'oaob.nitrkl.ac.in' images reprocessed

ସେଗୁଡ଼ିକୁ ଜାଣୁଛୁ, ସେଗୁଡ଼ିକର ସତ୍ୟରେ, ବିଧାନରେ, ସେଗୁଡ଼ିକର ପ୍ରକୃତି ତଥା କ୍ରିୟାବଳୀର ସମ୍ପୂର୍ଣ୍ଣ ଭାବ, ଅର୍ଥ ଓ ଆକାରରେ ମଧ୍ୟ ସେଗୁଡ଼ିକୁ ଜାଣିବା ଲାଗି ସମର୍ଥ ହେଉଛୁ । କୌଣସି ବସ୍ତୁକୁ ଜ୍ଞାନର ଏକ ବସ୍ତୁରୂପେ ଦେଖିବାବେଳେ ଏହା ତାହାକୁ ତଥାପି ଆପଣାଠାରୁ ଅଭିନ୍ନ ବୋଲି ଦେଖୁଛୁ, ଆପଣା ମଧ୍ୟରେ ଅବସ୍ଥିତ ରହିଥିବାର ଦେଖୁଛୁ; ତାହାକୁ ଆପଣାଠାରୁ ଭିନ୍ନ ବା ବିଚ୍ଛିନ୍ନ ଏକ ବସ୍ତୁରୂପେ ଦେଖୁ ନାହିଁ; ଅର୍ଥାତ୍ ଏହା ତାହାକୁ ଏପରି ଭାବରେ ଦେଖୁ ନାହିଁ, ଯାହାର ପ୍ରକୃତି କି ତାକୁ ପ୍ରଥମେ ଅଜ୍ଞାତ ରହିଛି, ଯାହାର ଗଠନ ଏବଂ କ୍ରିୟାତ୍ମକତା ତା' ଲାଗି ଅଜ୍ଞାତ ହୋଇ ରହିଛି ଏବଂ ତେଣୁ ସେଗୁଡ଼ିକ ବିଷୟରେ ଏହାକୁ କୌଣସି ଜ୍ଞାନଲାଭ କରିବାକୁ ପଡ଼ୁଛି । ପ୍ରଥମ ଅବସ୍ଥାରେ ମନ ଯେପରି ଆପଣାର ଜ୍ଞେୟବସ୍ତୁଟି ବିଷୟରେ ଅଜ୍ଞାନ ହୋଇ ରହିଥାଏ, ଏବଂ ତେଣୁ ତାକୁ ସେବିଷୟରେ ଜ୍ଞାନଲାଭ କରିବାକୁ ପଡ଼ିଥାଏ, କାରଣ ମନ ଆପଣାର ଜ୍ଞେୟବସ୍ତୁଟିଠାରୁ ଅଲଗା ହୋଇ ରହିଥାଏ ଏବଂ ଆପଣାଠାରୁ ଭିନ୍ନ ସତେଅବା କୌଣସି ବସ୍ତୁ ପର ବା ଆପଣାର ସତ୍ତାଠାରୁ ବହିର୍ଗତ ହୋଇ ରହିଥିବା ପରି ମନ ସେଇଟିକୁ ଦେଖୁଥାଏ, ଜାଣୁଥାଏ ଓ ତାହାର ସମ୍ମୁଖୀନ ହେଉଥାଏ, ଏହି କ୍ଷେତ୍ରରେ ଆଦୌ ସେପରି ହୁଏ ନାହିଁ । ଆମର ଆଶୟଗତ ଅସ୍ତିତ୍ୱ ଓ ତାହାର ଯାବତୀୟ ଗତିସ୍ପନ୍ଦନ ବିଷୟରେ ଆମର ଯେଉଁ ମନୋଗତ ସଜ୍ଞାନତା ରହିଛି, ତାହା ସେହି ତାଦାତ୍ମ୍ୟ ଏବଂ ଆତ୍ମଜ୍ଞାନ ଆଡ଼କୁ ସଙ୍କେତ କରି ଦେଉଥିଲେ ମଧ୍ୟ ତାହା ତଥାପି ଠିକ୍ ସେହି କଥାଟି ହୋଇ ଆଦୌ ରହି ନାହିଁ, କାରଣ ତାହା ଆମ ସତ୍ତାର କେବଳ ମନୋମୟ ଆକାରଗୁଡ଼ାକୁହିଁ ଦେଖୁଛି, ଅନ୍ତରତମ ଅର୍ଥାତ୍ ସମୁଦାୟଟିକୁ ମୋଟେ ଦେଖିପାରୁ ନାହିଁ; ଏବଂ ସେହି କାରଣରୁ ଆମ ଆତ୍ମସତ୍ତାର କେବଳ ଏକ ଆଂଶିକ, ଅନ୍ୟପ୍ରେରିତ ଓ ଉପରିଭାଗୀୟ କ୍ରିୟାହିଁ ଆମର ଦୃଷ୍ଟିଗୋଚର ହେଉଛି ଏବଂ ଆମ ଅସ୍ତିତ୍ୱର ବୃହତ୍ତମ ଓ ପ୍ରଚ୍ଛନ୍ନତମ ଅଥଚ ନିୟନ୍ତ୍ରଣକାରୀ ଭାଗଗୁଡ଼ିକ ଆମର ମନୋଭୂମିଟି ଲାଗି ଗୁହ୍ୟ ହୋଇ ରହିଯାଉଛି । ମାତ୍ର, ଅନ୍ୟ ପାଖରେ ଅତିମାନସ ଚିଦ୍‌ଗତତାର ଆପଣା ବିଷୟରେ ସବୁବେଳେ ଯଥାର୍ଥ ଜ୍ଞାନଟିହିଁ ରହିଛି, କାରଣ ଆପଣା ବିଷୟରେ ତାହାର ଅନ୍ତରତମ ଓ ସମଗ୍ର ଜ୍ଞାନଟି ରହିଛି, ଆପଣା ଜଗତଟି ମଧ୍ୟରେ ରହିଥିବା ଯାବତୀୟ ବସ୍ତୁ ଏବଂ ବିଶ୍ୱଜଗତରେ ରହିଥିବା ଏହାର ଯାବତୀୟ ସୃଷ୍ଟି ଏବଂ ଆତ୍ମଆକୃତିଗୁଡ଼ିକ ବିଷୟରେ ମଧ୍ୟ ତାହାର ଯଥାର୍ଥ, ଅନ୍ତରତମ ଓ ସମଗ୍ର ଜ୍ଞାନଟି ରହିଛି ।

ପରମ ଅତିମାନସର ଏହି ଦ୍ୱିତୀୟ ସ୍ୱଭାବଟି ହେଉଛି ଯେ ଏହାର ଜ୍ଞାନ ହେଉଛି ଏକ ଯଥାର୍ଥ ସତ୍ୟ-ଜ୍ଞାନ, କାରଣ ଏହା ଏକ ସମଗ୍ର ଜ୍ଞାନ । ପ୍ରଥମତଃ ଏହା ପାଖରେ ଏକ ବିଶ୍ୱାତୀତ ଦୃଷ୍ଟିସାମର୍ଥ୍ୟ ରହିଛି ଏବଂ ତେଣୁ ତାହା ବିଶ୍ୱଜଗତକୁ କେବଳ ଯେ ସେହି ବିଶ୍ୱଜଗତର ଭୂମିଟିରେହିଁ ଦେଖୁଛି ତା' ନୁହେଁ, ମାତ୍ର ଯାହାଠାରୁ

'oaob.nitrkl.ac.in' images reprocessed

ଏହି ବିଶ୍ୱଜଗତ ନିଷ୍ପନ୍ନ ହୋଇ ଆସିଛି ଏବଂ ଏହା ଯାହାର ଏକ ଅଭିବ୍ୟକ୍ତ ରୂପ ହୋଇ ରହିଛି, ସେହି ପରମ ଏବଂ ଶାଶ୍ୱତ ସତ୍ୟର ତାହାର ଯଥାର୍ଥ ସମ୍ବନ୍ଧଟିର ପରିପ୍ରେକ୍ଷୀରେ ମଧ୍ୟ ସେ ତାହାକୁ ଦେଖିବାକୁ ସମର୍ଥ ହେଉଛି । ଜଗତରୂପୀ ଅଭିବ୍ୟକ୍ତିଟିର ଅସଲ ଭାବ, ସତ୍ୟ ତଥା ସମଗ୍ର ଅର୍ଥଟିକୁ ସେ ଭଲ ଭାବରେ ଜାଣିଛି, କାରଣ ସେ ଯାହା କିଛିକୁ ଆଂଶିକ ଭାବରେ ଅଭିବ୍ୟକ୍ତ କରିଦେଉଛି, ସେ ତାହାର ଯାବତୀୟ ମର୍ମଗତ ତଥା ଅନନ୍ତ ସତ୍ୟ ଏବଂ ସେଥିରୁ ସତତ ଉପୁଜୁଥିବା ଯାବତୀୟ ଶକ୍ତିମତ୍ତା ଓ ସମ୍ଭାବନାକୁ ମଧ୍ୟ ଭଲ କରି ଜାଣିଛି । ତାହା ପରମ ନିର୍ବିଶେଷକୁ ଜାଣିଛି, ତେଣୁ ବିଶେଷ ଓ ଆପେକ୍ଷିକକୁ ମଧ୍ୟ ଯଥାର୍ଥରୂପେ ଜାଣିଛି; ଏହି ଯାବତୀୟ ଆପେକ୍ଷିକ ବସ୍ତୁ ଆପଣାର ମୂଳରେ ଥିବା ଏହାର ଯେଉଁସବୁ ନିର୍ବିଶେଷତାକୁ ସୂଚାଇ ଦେଉଛନ୍ତି ଏବଂ ସେଗୁଡ଼ିକ ଯେଉଁସବୁର ଖଣ୍ଡିତ, ପରିବର୍ତ୍ତିତ ଏବଂ ସଂବୃତ ଆକୃତିମାନ ହୋଇ ରହିଛନ୍ତି, ସେଗୁଡ଼ିକୁ ମଧ୍ୟ ତାହା ଭଲ ଭାବରେ ଜାଣିଛି । ଦ୍ୱିତୀୟତଃ, ଅତିମାନସ ସର୍ବଦା ବିଶ୍ୱଗତ ହୋଇ ରହିଛି; ଆମେ ଯାହାକୁ ବ୍ୟକ୍ତିଭାବାପନ୍ନ ବୋଲି କହୁଛୁ, ସେ ତାହାକୁ ବିଶ୍ୱଗତ ତଥା ତାହାର ସ୍ୱକୀୟ ବ୍ୟକ୍ତିଭାବାପନ୍ନ ଭୂମି ଉପରେ ଦେଖିବା ଲାଗି ସମର୍ଥ ହେଉଛି ଏବଂ ଏହିସବୁ ବ୍ୟକ୍ତିଭାବାପନ୍ନ ଆକୃତିକୁ ବିଶ୍ୱ ସହିତ ସେମାନଙ୍କର ଯଥାର୍ଥ ଏବଂ ସମ୍ପୂର୍ଣ୍ଣ ସମ୍ବନ୍ଧଟିର ଭୂମିରେ ଧାରଣ କରି ରଖିଛି । ତୃତୀୟତଃ, ବ୍ୟକ୍ତିଭାବାପନ୍ନ ପଦାର୍ଥଗୁଡ଼ିକ ସମ୍ବନ୍ଧରେ ପୃଥକ୍ ପୃଥକ୍ ଭାବରେ ତାହାର ଦୃଷ୍ଟି ଏକ ସମଗ୍ର ଦୃଷ୍ଟି ହୋଇ ରହିଛି; କାରଣ ତାହା ପ୍ରତ୍ୟେକ ପଦାର୍ଥର ସେହି ଅନ୍ତରତମ ସାରତତ୍ତ୍ୱଟିକୁ ମଧ୍ୟ ଜାଣିଛି, ଅବଶିଷ୍ଟ ଆଉ ସମସ୍ତ ଅଂଶଟି ଯାହାର ଏକ ପରିଣାମରୂପେ ଅବସ୍ଥିତ ରହିଛି; ସେ ତାହାର ସେହି ସମସ୍ତତାଟିକୁ ଜାଣିଛି, ଯାହାକୁ କି ତାହାର ପୂର୍ଣ୍ଣ ସ୍ୱରୂପ ବୋଲି କୁହାଯାଇ ପାରିବ; ଏବଂ ସେ ତାହାର ବିଭିନ୍ନ ଭାଗ, ସେଗୁଡ଼ିକର ପାରସ୍ପରିକ ସମ୍ବନ୍ଧ ତଥା ସେଗୁଡ଼ିକ ଉପରେ ତାହାର ନିର୍ଭରଶୀଳତାଟିକୁ ମଧ୍ୟ ଜାଣିଛି, ଏହି ବିଶ୍ୱର ଯାବତୀୟ ଗୂଢ଼ାର୍ଥ ତଥା ପ୍ରକଟ ଉଦ୍ଦେଶ୍ୟଗୁଡ଼ିକ ସହିତ ତାହାର ସମ୍ବନ୍ଧଗ୍ରନ୍ଥିଟିକୁ ବି ସେ ଭଲ ଭାବରେ ଜାଣିଛି ।

ଏହିସବୁ ଦିଗରେ ତଥା ଏହିସବୁ କ୍ଷେତ୍ରରେ, ଅନ୍ୟ ପକ୍ଷରେ ମନ ବଡ଼ ସୀମାବଦ୍ଧ ଓ ଅସମର୍ଥ ହୋଇ ରହିଛି । ଆପଣା ବୁଦ୍ଧିର ନାଡ଼ଗୁଡ଼ାକୁ ବଢ଼ାଇ ଦେଇ ପରମ ନିର୍ବିଶେଷର ଏକ ଧାରଣା ବା କଳ୍ପନା କରି ପାରୁଥିଲେ ମଧ୍ୟ ମନ କେବେହେଲେ ତାହା ସହିତ ତଦାତ୍ମକତା ଅର୍ଜନ କରିପାରିବ ନାହିଁ; ମାତ୍ର କେବଳ ଚେତନାହତ ବା ନିର୍ବାଣଯୁକ୍ତ ହୋଇ ତାହାରି ମଧ୍ୟରେ ନିଲୀନ ହୋଇଯାଇ ପାରିବ । ଏହା କେତୋଟି ନିର୍ବିଶେଷ ତତ୍ତ୍ୱର କେବଳ ଗୋଟାଏ ପ୍ରକାରର ଏକ ବୋଧ ଅଥବା ଇଙ୍ଗିତମାତ୍ର ଲାଭ କରିପାରିବ ଏବଂ ମାନସିକ ଭାବନାଟି ଦ୍ୱାରା

'oaob.nitrkl.ac.in' images reprocessed

ସେଗୁଡ଼ିକୁ ଏକ ଆପେକ୍ଷିକ ରୂପରେ ପ୍ରସ୍ତୁତ କରିଦେଇ ପାରିବ । ମନ ବିଶ୍ୱସତ୍ତାକୁ ହୃଦୟଙ୍ଗମ କରିପାରିବ ନାହିଁ; ବ୍ୟକ୍ତିଭାବାପନ୍ନ କୌଣସି ବସ୍ତୁକୁ ଅଥବା ପରସ୍ପରଠାରୁ ଭିନ୍ନ ବୋଲି ଦିଶୁଥିବା କେତେଗୁଡ଼ିଏ ବସ୍ତୁର ସମଷ୍ଟିକୁ ସମ୍ପ୍ରସାରିତ କରିଦେଇ ମନ ତାହାର ଏକ ଧାରଣା ବା କଳ୍ପନାରେହିଁ ଆସି ପହଞ୍ଚି ପାରିବ, ଏବଂ ତେଣୁ ତାହାକୁ ହୁଏତ କେବଳ ଏକ ଅସ୍ପଷ୍ଟ, ଅନ୍ତହୀନ ବା ଅନିର୍ଦ୍ଦେଶ୍ୟ ବା ଏକ ଅର୍ଦ୍ଧନିରୂପିତ ବୃହତ୍ତରରୂପ ବୋଲି ଦେଖିବ, ଅଥବା, ତା' ନହେଲେ, ତାହାକୁ କେବଳ ଏକ ବାହ୍ୟ ବ୍ୟବସ୍ଥାପନର ଅନ୍ତର୍ଗତ କରି ଦେଖିପାରିବ ବା ଏକ ବିରଚିତ ରୂପ ବୋଲି ଦେଖି ବସିବ । ଯେଉଁ ଅବିଭାଜ୍ୟ ସତ୍ତା ଓ ଅବିଭାଜ୍ୟ କ୍ରିୟାତ୍ମକତାକୁ ଆମେ ବିଶ୍ୱଗତତାର ଯଥାର୍ଥ ସତ୍ୟ ବୋଲି ଜାଣିଛୁ, ତାହା ମନର ବୋଧଭୂମିଟିରେ କଦାପି ଧରାଦେଇ ପାରିବ ନାହିଁ; କାରଣ ମନ କେବଳ ସ୍ୱକୃତ ବିଭାଜନଗୁଡ଼ିକୁହିଁ ଏକକ ବୋଲି ଭ୍ରମ କରି ବିଶ୍ଳେଷଣାତ୍ମକ ଭାବରେ ତାହାର ବିସ୍ତର କରିବାକୁ ବାହାରିବ ଅଥବା ଏହି ଏକକଗୁଡ଼ିକର ନାନା ସମଷ୍ଟି ଦ୍ୱାରା ଏକପ୍ରକାର ସମନ୍ୱୟାତ୍ମକ ଭାବରେ ତାହାକୁ ତୁଳାଇବସିବ ସିନା, ମାତ୍ର ମର୍ମସ୍ଥ ଏକତ୍ୱଟିର ଭୂମି ଉପରେ ସେ କଦାପି ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଯାଇ ଧରିପାରିବ ନାହିଁ କିଂବା ସେଗୁଡ଼ିକ ବିଷୟରେ ଭାବି ମଧ୍ୟ ପାରିବ ନାହିଁ; ତାହା ହୁଏତ କେବଳ ତାହାର ଧାରଣାଟି କରିପାରିବ ଓ କେତେକ ଗୌଣ ପରିଣାମରେ ଆସି ପହଞ୍ଚି ପାରିବ । ଏପରିକି ବ୍ୟକ୍ତିଭାବାପନ୍ନ ଓ ଭିନ୍ନ ବୋଲି ପ୍ରତୀତ ହେଉଥିବା ବସ୍ତୁଟିକୁ ମଧ୍ୟ ତାହା ଯଥାର୍ଥ ଓ ସମ୍ପୂର୍ଣ୍ଣ ଭାବରେ କଦାପି ଜାଣି ପାରିବ ନାହିଁ, କାରଣ ଏଠାରେ ମଧ୍ୟ ତାହା ଠିକ୍ ସେହିପରି ଭାବରେ ତାହାର ସମ୍ମୁଖୀନ ହେବ; ଅର୍ଥାତ୍, ଅଂଶ, ଭାଗ ତଥା ଏକକଗୁଣଗୁଡ଼ିକର ବିଶ୍ଳେଷଣ କରି ବସିବ ଏବଂ ସେଗୁଡ଼ିକର ଏକ ସମଷ୍ଟି କରି ପକାଇବ, ଯାହାଦ୍ୱାରା କି ସେ ଏହାର ଏକ ସଂଯୋଜିତ ରୂପ ଆଣି ଠିଆ କରିଦେବ ଏବଂ ସେଇଟି ତାହାର କେବଳ ଏକ ବାହ୍ୟ ଆକାରମାତ୍ର ହୋଇ ରହିଥିବ । ଆପଣା ବସ୍ତୁର ମର୍ମଗତ ଅନ୍ତରତମ ସତ୍ୟଟିର ସେ ଏକ ଇଙ୍ଗିତ ବା ଆଭାସ ପାଇପାରିବ ସତ, ମାତ୍ର ସେହି ମର୍ମସ୍ଥ ଅସଲ ଜ୍ଞାନରେ କଦାପି ସ୍ଥାୟୀ ଓ ଆଲୋକିତ ଭାବରେ ବାସ କରି ରହିପାରିବ ନାହିଁ; ଏବଂ, ଯେପରିକି ବାହ୍ୟ ପରିବେଶଗୁଡ଼ିକ ଆପଣାର ନିବିଡ଼ ସତ୍ୟ ଓ ବ୍ୟଞ୍ଜନାର କ୍ଷେତ୍ରରେ ବସ୍ତୁଟିର ଯଥାର୍ଥ ସତ୍ୟରୂପେ ଅବସ୍ଥିତ ହୋଇ ରହିଥିବା ସେହି ତଦ୍‌ଗତ ସମ୍ପଦଟିରହିଁ ଅନିବାର୍ଯ୍ୟ ପରିଣାମ, ଅଭିବ୍ୟକ୍ତି, ରୂପାୟନ ତଥା କ୍ରିୟାତ୍ମକତାରୂପେ ପ୍ରତିଭାତ ହୋଇ ଉଠିବେ, ସେ ଅବଶିଷ୍ଟ ଭାଗଗୁଡ଼ିକ ଉପରେ ଭିତରୁ ବାହାର ଆଡ଼କୁ ଅନୁରୂପ ଭାବରେ କଦାପି କାର୍ଯ୍ୟ କରିପାରିବ ନାହିଁ । ଏବଂ, ଏହି ଯେଉଁସବୁ କଥା କରିପାରିବା ମନ ଲାଗି ଅସମ୍ଭବ ହୋଇ ରହିଛି ଏବଂ ଯାହା ଉଦ୍ଦେଶ୍ୟରେ ଏକ ପ୍ରୟାସ କରିବା ଓ ଯାହାର ଏକ କଳ୍ପନାହିଁ କରିପାରିବା ତା' ଲାଗି କେବଳ ସମ୍ଭବ ହୋଇପାରୁଛି,

'oaob.nitrkl.ac.in' images reprocessed

ଅଧିମାନସ ଜ୍ଞାନର ଭୂମିରେ ତାହା ଅନ୍ତର୍ନିହିତ ହୋଇ ରହିଛି, ଏକ ସ୍ୱାଭାବିକ ବୃତ୍ତି ହୋଇ ରହିଛି ।

ଏହି ପାର୍ଥକ୍ୟଟିରୁ ଅଧିମାନସର ଯେଉଁ ତୃତୀୟ ସ୍ୱଭାବଟି ପ୍ରକଟ ହୋଇ ଯାଉଛି ଏବଂ ଯାହା ଆମକୁ ଏହି ଦୁଇପ୍ରକାର ଜ୍ଞାନ ମଧ୍ୟରେ ରହିଥିବା ବ୍ୟାବହାରିକ ପାର୍ଥକ୍ୟଟି ପାଖରେ ଆଣି ପହଞ୍ଚାଇ ଦେଉଛି, ସେଇଟି ହେଉଛି ଯେ ଅଧିମାନସ ଅପରୋକ୍ଷ ଭାବରେହିଁ ଋତଚିନ୍ମୟ ହୋଇ ରହିଛି, ଅପରୋକ୍ଷ, ଅନ୍ତର୍ନିହିତ ତଥା ସ୍ୱତଃସ୍ଫୂର୍ତ୍ତି ଜ୍ଞାନର ଏକ ଦିବ୍ୟ ସାମର୍ଥ୍ୟ ହୋଇ ରହିଛି, ଏକ ପରମ ସଦ୍‌ଭୂତ ବିଜ୍ଞାନରୂପେ ତାହା ସନ୍ଦୀପିତ ଭାବରେ ଯାବତୀୟ ସତ୍ୟଗୁଡ଼ିକୁ ଧାରଣ କରି ରହିଛି ଏବଂ ଅଜ୍ଞାନରହିଁ ଏକ ସାମର୍ଥ୍ୟ ହୋଇ ରହିଥିବା ସେହି ମନଟା ଭଳି ଜ୍ଞାତ ଭୂମିରୁ ଅଜ୍ଞାତ ଭୂମିକୁ କୌଣସିପ୍ରକାର ନ୍ୟାୟସମର୍ଥିତ ବା ଅନ୍ୟ ଆଉ କୌଣସି ପ୍ରକାରର ପଦକ୍ଷେପ ଅଥବା ସଙ୍କେତଗୁଡ଼ିକ ଉପରେ ତାହାକୁ ଆଦୌ ନିର୍ଭର କରି ରହିବାକୁ ପଡ଼ୁନାହିଁ । ଅଧିମାନସ ଆପଣାର ଯାବତୀୟ ଜ୍ଞାନକୁ ଆପଣା ମଧ୍ୟରେହିଁ ଧାରଣ କରି ରଖିଛି; ଆପଣାର ସର୍ବୋଚ୍ଚ ଦିବ୍ୟ ପ୍ରଜ୍ଞାର ରୂପଟିରେ ତାହା ଶାଶ୍ୱତ ଭାବରେ ଯାବତୀୟ ସତ୍ୟର ଅଧିକାରୀ ହୋଇ ରହିଛି, ଏବଂ ଏପରିକି ଆପଣାର ନିମ୍ନତର, ସୀମାବଦ୍ଧ ବା ବ୍ୟକ୍ତିଭାବାପନ୍ନ ଭୂମିଗୁଡ଼ିକରେ ମଧ୍ୟ ତାହାକୁ ନିହିତ ସତ୍ୟଟିକୁ ଯାହା କେବଳ ବାହାରକୁ ନେଇ ଆସିବାକୁ ପଡ଼ୁଛି । ଠିକ୍ ଏହି ଅନୁଭୂତିଟିକୁହିଁ ପ୍ରାଚୀନ ମନୀଷୀମାନେ ଆପଣାର ଏହି ଉକ୍ତିଟି ଦ୍ୱାରା ବ୍ୟକ୍ତ କରିବାକୁ ଚେଷ୍ଟା କରୁଥିଲେ ଯେ ଯାବତୀୟ ଜ୍ଞାନଲାଭ ଆପଣାର ଯଥାର୍ଥ ମୂଳରୂପ ଏବଂ ସ୍ୱଭାବରେ ଅନ୍ତର୍ଗତ ହୋଇ ବିଦ୍ୟମାନ ରହିଥିବା ଜ୍ଞାନଟିର କେବଳ ଏକ ସ୍ମୃତି ବ୍ୟତୀତ ପ୍ରକୃତରେ ଆଉ କିଛି ନୁହେଁ । ସକଳ ଭୂମିରେ ତଥା ଚିରନ୍ତନ ଭାବରେ ଅଧିମାନସ ଋତଚିନ୍ମୟ ହୋଇ ରହିଛି, ତାହା ମନୋମୟ ତଥା ଅନ୍ନମୟ ସତ୍ତା ଭିତରେ ମଧ୍ୟ ପ୍ରଚ୍ଛନ୍ନରୂପେ ବିଦ୍ୟମାନ ରହିଛି, ମନୋମୟ ଅଜ୍ଞାନର ଆଚ୍ଛନ୍ନତମ ବସ୍ତୁଗୁଡ଼ିକର ମଧ୍ୟ ସର୍ବେକ୍ଷଣ କରିପାରୁଛି ଓ ସେଗୁଡ଼ିକୁ ଜାଣିପାରୁଛି, ଏବଂ ଏହାକୁ ବୁଝିପାରୁଛି, ଏହାର ପଛରେ ରହିଛି ଓ ତାହାର ପ୍ରକ୍ରିୟାଟିର ନିୟନ୍ତ୍ରଣ କରିପାରୁଛି । କାରଣ ମନୋମୟ ଭୂମିରେ ଯାହାକିଛି ରହିଛି, ତାହା ସେହି ଅଧିମାନସରୁହିଁ ନିଷ୍ପନ୍ନ ହୋଇଛି; ଏପରି ଅବଶ୍ୟ ହେବହିଁ ହେବ, କାରଣ ଏହି ଜଗତଭୂମିରେ ଯାହାକିଛି ରହିଛି, ତାହା କେବଳ ତଦ୍‌ଗତତା ବା ଆତ୍ମାରୁହିଁ ନିଷ୍ପନ୍ନ ହୋଇ ଆସିଛି । ଆମେ ଯାହାକୁ ମନୋମୟ ବୋଲି ଅନୁଭବ କରୁଛୁ, ତାହା ସେହି ଅଧିମାନସ ସତ୍ୟର କେବଳ ଏକ ଆଂଶିକ, ପରିବର୍ତ୍ତିତ, ସଂବୃତ ବା ଅର୍ଦ୍ଧସଂବୃତ ରୂପାୟନ ବ୍ୟତୀତ ଆଉ କିଛି ନୁହେଁ, ଆପଣା ବୃହତ୍ତର ଜ୍ଞାନଟିର ଏକ ବିକୃତ ବା ଏକ ନିଷ୍ପାଦିତ ଏବଂ ଅପୂର୍ଣ୍ଣ ରୂପାୟନ ବ୍ୟତୀତ ଆଉ କିଛି ନୁହେଁ । ମନ ଅଜ୍ଞାନରୁହିଁ ଆପଣାର ସ୍ଫୁରଣା ଆରମ୍ଭ କରେ ଓ ଜ୍ଞାନ ଅଭିମୁଖେ ଅଗ୍ରସର

'oaob.nitrkl.ac.in' images reprocessed

ହୋଇ ଯାଉଥାଏ । ଏକ ବାସ୍ତବ ସତ୍ୟରୂପେ ଏହି ଜଡ଼ସ୍ଥ ଜଗତ ମଧ୍ୟରେ ତାହା ଏପରି ଏକ ଆରମ୍ଭସ୍ତସ୍ଥ ଏବଂ ବିଶ୍ୱମୟ ନିଶ୍ଚେତନା ମଧ୍ୟରୁ ଆବିର୍ଭୂତ ହୋଇ ଆସିଥାଏ, ଯାହାକୁ କି ପ୍ରକୃତରେ ସେହି ସର୍ବଚେତନ ଆତ୍ମାରହିଁ ଆପଣା କ୍ରିୟାତ୍ମକତାର ନିମଜ୍ଜିତ ଆତ୍ମବିସ୍ମୃତ ସାମର୍ଥ୍ୟଟିର ଭୂମିରେ ଏକ ସଂବୃତ୍ତି ବୋଲି ବୁଝାଯାଇ ପାରିବ । ଏବଂ ସେହି କାରଣରୁ ଏହା ଏକ ବିବର୍ତ୍ତିନ୍-ପ୍ରକ୍ରିୟାର ଅଙ୍ଗ ପରି ମନେ ହୋଇଥାଏ; ସର୍ବପ୍ରଥମେ ତାହା ପ୍ରତ୍ୟକ୍ଷ ସଂବେଦନ ଲାଗି ଉଦ୍ୟମ କରୁଥିବା ଏକ ପ୍ରାଣାନୁଭୂତିରୂପେ ପ୍ରକଟ ହୁଏ, ତା'ପରେ ସଂବେଦନ ଲାଭ କରିବାରେ ସମର୍ଥ ହେଉଥିବା ପ୍ରାଣିକ ମନର ଉଦୟ ହୋଇଥାଏ ଏବଂ ପୁଣି ତାହାରି ମଧ୍ୟରୁ ସଂବେଗ ତଥା ବାସନାର ଏକ ମନ, ଏକ ସଚେତନ ସଂକଳ୍ପଶକ୍ତି ଏବଂ ଏକ ବର୍ଦ୍ଧନଶୀଳ ବୁଦ୍ଧି ବିକଶିତ ହୋଇ ଆସନ୍ତି । ଏବଂ ଏହିସବୁ ପ୍ରତ୍ୟେକ ସୋପାନରେହିଁ ସେହି ପ୍ରଚ୍ଛନ୍ନ ଅତିମାନସ ଏବଂ ଚିଦ୍‌ଗତତାର ଏକ ବୃହତ୍ତର ସଂବୃତ ଶକ୍ତି ଆବିର୍ଭୂତ ହୋଇ ଆସିଥାଏ ।

ମନୁଷ୍ୟର ମନ ଆପଣା ବିଷୟରେ, ଆପଣାର ଭୂମି ତଥା ପରିପାର୍ଶ୍ୱଗୁଡ଼ିକ ବିଷୟରେ ଚିନ୍ତା କରିପାରେ, ସୁସଂବଦ୍ଧ ଅନୁସନ୍ଧାନ କରିପାରେ ଓ ସେଗୁଡ଼ିକୁ ବୁଝିବାକୁ ମଧ୍ୟ ସମର୍ଥ ହୁଏ; ଏକ ସତ୍ୟରେ ଆସି ପହଞ୍ଚିବା ଲାଗି ମନର ସାମର୍ଥ୍ୟ ରହିଥାଏ ସତ, ମାତ୍ର ଏକ ମୂଳଭୂତ ଅଜ୍ଞାନର ପୃଷ୍ଠଭୂମି ଉପରେହିଁ ତାହା ସତ୍ୟକୁ ଆବିଷ୍କାର କରିଥାଏ, ଅନିଶ୍ଚୟତା ଏବଂ ପ୍ରମାଦର ଏକ ସତତ ଆଚ୍ଛାଦନକାରୀ କୁଜ୍‌ଝଟିକା ଦ୍ୱାରା ବିକ୍ଷୋଭିତ ହୋଇ ରହିଥିବା ଏକ ସତ୍ୟରହିଁ ଆବିଷ୍କାର କରିଥାଏ । ଏହାର ନିଶ୍ଚୟତାଗୁଡ଼ିକ ସର୍ବଦା ଆପେକ୍ଷିକ ହୋଇ ରହିଥାନ୍ତି, ଏବଂ ଅଧିକାଂଶତଃ ସନ୍ଦିଗ୍‌ଧତାପୂର୍ଣ୍ଣ ନିଶ୍ଚୟତା ହୋଇ ରହିଥାନ୍ତି; ଅଥବା, ତା' ନହେଲେ, କୌଣସି ମୂଳଭୂତ ଅନୁଭୂତିର ନୁହେଁ, ମାତ୍ର କେବଳ ଏକ ଦୋଷଯୁକ୍ତ ତଥା ଅପୂର୍ଣ୍ଣ ଅନୁଭୂତିରହିଁ ନିର୍ଭରପ୍ରାପ୍ତ ଅଥଚ ଖଣ୍ଡିତ କେତୋଟି ନିଶ୍ଚୟତା ହୋଇ ରହିଥାନ୍ତି । ମନ ଆବିଷ୍କାର ପରେ ଆବିଷ୍କାର କରିବାରେ ଲାଗିଥାଏ, ଧାରଣା ପରେ ଧାରଣା ଲାଭ କରୁଥାଏ, ଅନୁଭୂତି ସହିତ ଅନୁଭୂତି ଆଣି ଗଇଁଠାଉଥାଏ ଏବଂ ପ୍ରୟୋଗ ସହିତ ପ୍ରୟୋଗକୁ ଆଣି ମିଶାଉଥାଏ । ମାତ୍ର ଆଗକୁ ଯାଉଥିବା ସଙ୍ଗେସଙ୍ଗେ ଅନେକ କିଛି ହରାଇ ପକାଉଥାଏ, ବର୍ଜନ କରି ଆସୁଥାଏ, ଭୁଲି ଯାଉଥାଏ ଏବଂ ଅନେକ କିଛି ପୁନଃପ୍ରାପ୍ତ ବି କରିବାରେ ଲାଗିଥାଏ; ଏବଂ ସେ ଯାହାକିଛି ଜାଣିଥାଏ, ନ୍ୟାୟସମର୍ଥିତ ତଥା ଅନ୍ୟ ନାନା ପୂର୍ବାପର-ସମ୍ବନ୍ଧ ଦ୍ୱାରା ସେଗୁଡ଼ିକ ମଧ୍ୟରେ ଏକ ସମ୍ବନ୍ଧ ପ୍ରତିଷ୍ଠା କରି ରଖିବାକୁ ଚେଷ୍ଟା କରୁଥାଏ, କେତେ ସିଦ୍ଧାନ୍ତର ଏକ କ୍ରମ ଏବଂ ସେଗୁଡ଼ିକର ନାନା ନିର୍ଭରଶୀଳତା, କେତେ ସାଧାରଣ ସୂତ୍ର ଏବଂ ସେଗୁଡ଼ିକର ପ୍ରୟୋଗ ଦ୍ୱାରା ଏକ ସମ୍ବନ୍ଧପ୍ରତିଷ୍ଠାର ଚେଷ୍ଟା କରୁଥାଏ । ସେ ଆପଣାର ଏହିସବୁ ଭିଆଣରୁ ଏପରି ଏକ ଅଟ୍ଟାଳିକା ଗଢ଼ି

'oaob.nitrkl.ac.in' images reprocessed

ଥୋଇଦିଏ, ଯାହା ଭିତରେ କି ସେ ମନୋମୟ ଭାବରେ ବାସ କରିବାକୁ ସମର୍ଥ ହୁଏ, ବିଚରଣ କରିପାରେ ଓ କ୍ରିୟା କରିପାରେ, ଉପଭୋଗ କରିପାରେ ତଥା ପ୍ରୟାସ ବି କରିପାରେ । ଆପଣାର ପ୍ରସାରଭୂମିରେ ଏହି ମନୋଲବ୍ଧ ଜ୍ଞାନଟି ସର୍ବଦା ସୀମାବଦ୍ଧ ହୋଇ ରହିଥାଏ; କେବଳ ସେତିକି ନୁହେଁ, ତହିଁ ସଙ୍ଗେସଙ୍ଗେ ମନ ଇଚ୍ଛାକୃତ ଭାବରେ ଆହୁରି ଅନେକ ପ୍ରତିବନ୍ଧକ ଆଣି ମଧ୍ୟ ଠିଆ କରିଦିଏ, ସ୍ୱମତର ମାନସିକ କୌଶଳଟି ଦ୍ୱାରା ସତ୍ୟର କେବଳ କେତୋଟି ଅଂଶ ବା ଦିଗକୁ ଗ୍ରହଣ କରିନିଏ ଏବଂ ଅନ୍ୟଗୁଡ଼ିକୁ ବହିଷ୍କୃତ କରି ରଖେ; କାରଣ ଯଦି ସେ ଯାବତୀୟ ଧାରଣା ଓ ବିସ୍ତାରଗୁଡ଼ିକୁ ମୁକ୍ତ ଭାବରେ ଗ୍ରହଣ କରି ନେଉଥାନ୍ତା ଓ ଆପଣାର ଲୀଳା କରିବାକୁ ବାଟ ଛାଡ଼ି ଦେଉଥାନ୍ତା, ଯଦି ସେ ସତ୍ୟର ଅନନ୍ତତାଗୁଡ଼ିକୁ ସ୍ୱୀକାର କରି ନେଉଥାନ୍ତା, ତେବେ ଏକ ଅସମାହିତ ନାନାବୈଚିତ୍ର୍ୟ ମଧ୍ୟରେ ସେ ଆପଣାକୁ କୁଆଡ଼େ ହରାଇ ବସୁଥାନ୍ତା, ଏକ ଅନିୟନ୍ତ୍ରିତ ବିପୁଳତା ମଧ୍ୟରେ ହଜି ଯାଉଥାନ୍ତା ଏବଂ ଫଳରେ ଆପଣାର ସକଳ କ୍ରିୟା ଲାଗି ଅସମର୍ଥ ହୋଇ ରହୁଥାନ୍ତା, ବ୍ୟାବହାରିକ କୌଣସି ପରିଣାମରେ ଆସି ପହଞ୍ଚି ପାରୁ ନଥାନ୍ତା, ଫଳପ୍ରଦ ଭାବରେ କିଛିହେଲେ ସୃଷ୍ଟି କରିପାରୁ ନଥାନ୍ତା । ଏବଂ ଆପଣାର ପ୍ରଶସ୍ତତମ ତଥା ପୂର୍ଣ୍ଣତମ ବିଚରଣ ବେଳେ ମଧ୍ୟ ମନୋଗତ ଜାଣିବା ତଥାପି ଏକ ପରୋକ୍ଷ ଜାଣିବା ହିଁ ହୋଇ ରହିଥାଏ, ଖାସ୍ ଜ୍ଞେୟ ବସ୍ତୁଟି ବିଷୟରେ ତାହା କିଛିହେଲେ ଜାଣି ନଥାଏ, ତାହାର ଆକାର ଓ ପ୍ରତିରୂପଗୁଡ଼ିକ ବିଷୟରେ ଯାହାକିଛି ଜାଣିଥାଏ । ତାହାର ସକଳ ଜ୍ଞାନ ପ୍ରତିରୂପ-ଗୁଡ଼ିକର ଏକ ବ୍ୟବସ୍ଥା ବା ସଙ୍କେତଗୁଡ଼ିକର ହିଁ ଏକ ଯୋଜନାମାତ୍ର ହୋଇ ରହିଥାଏ । ଅବଶ୍ୟ ଏକଥା ସତ ଯେ ଯେତେବେଳେ କେତେକ ସ୍ଫୁରଣାରେ ମନ ବସ୍ତୁତଃ ଆପଣାର ସୀମାଟିକୁ ପାରି ହୋଇଯାଏ, ମନୋଗତ ଧାରଣାର ଆସ୍ତରଣଟିକୁ ଡେଇଁ ତଦ୍‌ଗତ ତାଦାତ୍ମ୍ୟର କ୍ଷେତ୍ରକୁ ଚାଲିଯାଏ, ସେତେବେଳେ ପରିଣାମ ଅନ୍ୟପ୍ରକାର ହୋଇଥାଏ । ମାତ୍ର ଏଠାରେ ମଧ୍ୟ ଅଳ୍ପ କେତୋଟି ବଡ଼ ବିଚ୍ଛିନ୍ନ ଏବଂ ସଘନ ତଦ୍‌ଗତ ଉପଲବ୍ଧିର ପାରି ଡେଇଁ ଆଗକୁ ଯାଇପାରିବା ତା' ଲାଗି ବଡ଼ କଷ୍ଟକର ହୋଇ ରହିଥାଏ ଏବଂ ଜ୍ଞାନର ଏହି କେତୋଟି ଅବିରଳ ତାଦାତ୍ମ୍ୟ ମଧ୍ୟରୁ ଯଥାର୍ଥ ବ୍ୟାବହାରିକ କୌଣସି ପରିଣାମ ବାହାର କରିବା, ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ବା ସଂଗଠିତ କରି ରଖିବା ମଧ୍ୟ ବଡ଼ କଷ୍ଟକର ହୋଇ ରହେ । ଏହି ଗଭୀରତମ ଜ୍ଞାନଟିର ଆଧ୍ୟାତ୍ମିକ ବୋଧ ତଥା କାର୍ଯ୍ୟସାଧକତା ଲାଗି ଏହି କ୍ଷେତ୍ରରେ ବୁଦ୍ଧି ଅପେକ୍ଷା ଆହୁ ଏକ ବୃହତ୍ତର ଶକ୍ତିର ଆବଶ୍ୟକତା ରହିଥାଏ ।

ଏକଥାଟି କେବଳ ଅଧିମାନସହିଁ କରିଥାଏ, କାରଣ ଅଧିମାନସ ପରମ ଅନନ୍ତଙ୍କ ସହିତ ନିବିଡ଼ ଭାବରେ ସମ୍ବନ୍ଧିତ ହୋଇ ରହିଥାଏ । ସତ୍ୟର ଆତ୍ମା ଏବଂ ମର୍ମଗତ ସତ୍ୟଟିକୁ ଅଧିମାନସ ପ୍ରତ୍ୟକ୍ଷ ଭାବରେ ଦେଖିପାରେ, ସତ୍ୟର ମୁଖଟିକୁ

'oaob.nitrkl.ac.in' images reprocessed

ଦେଖିପାରେ ଓ ସତ୍ତାର ଶରୀରଟିକୁ ଦେଖିପାରେ, ସତ୍ତାର ପରିଣାମ, କ୍ରିୟା, ଯାବତୀୟ ସିଦ୍ଧାନ୍ତ ତଥା ନିର୍ଭରଶୀଳ ଉପସିଦ୍ଧାନ୍ତଗୁଡ଼ିକୁ ମଧ୍ୟ ଦେଖିପାରେ । ତାହା ସତ୍ୟକୁ ଏକ ଅବିଭାଜ୍ୟ ସମଗ୍ରତାରୂପେ ଦେଖିପାରେ ଏବଂ ତେଣୁ ମର୍ମସ୍ଥ ଜ୍ଞାନଟିର ସାମର୍ଥ୍ୟ ଦ୍ୱାରା ପରିବେଶଗତ ପରିଣାମଗୁଡ଼ିକୁ ଗଢ଼ି ଆଣିପାରେ, ଆତ୍ମାର ନାନା ତାଦାତ୍ମ୍ୟର ଆଲୋକଟି ଦେଇ ତାହାର ବିବିଧତାଗୁଡ଼ିକୁ ଉତ୍ପନ୍ନ କରି ଆଣିପାରେ, ତାହାର ଏକତ୍ୱଟିର ସତ୍ୟରେ ତଥାପ୍ରଦତ୍ତ ବିଭେଦଗୁଡ଼ିକୁ ପ୍ରକଟ କରି ଦେଇପାରେ । ଅଧିମାନସ ଆପଣାର ସ୍ୱକୀୟ ସତ୍ୟଟିକୁ ଜାଣିଥାଏ, ସ୍ୱକୀୟ ସତ୍ୟଟିକୁ ସୃଷ୍ଟି ମଧ୍ୟ କରିଥାଏ; ସତ୍ୟ ଓ ମିଥ୍ୟାର ଏକ ମିଶ୍ରଣଜନିତ କେବଳ ଏକ ଅଧା ଆଲୁଅ ଏବଂ ଅଧା ଅନ୍ଧାରରେ ମନୁଷ୍ୟର ମନ ଯାହାକିଛୁ ଜାଣେ ଓ ଯାହାକିଛୁ ସୃଷ୍ଟି କରେ ଏବଂ ତାହା ଯେଉଁ ବସ୍ତୁଟିର ସୃଷ୍ଟି କରେ, ନିଷ୍ପନ୍ନ କରି ଆଣିଲାବେଳେ ସେଇଟିକୁ କେତେମତେ ପରିବର୍ତ୍ତିତ କରିଦିଏ, ଆପଣାର ଅଜ୍ଞାତ ହୋଇ ରହିଥିବା ବୃହତ୍ତର ଆଉ ଏକ ସମ୍ପଦ ଭିତରୁ ତାହାକୁ ଅନୁଲିଖିତ କରିଆଣେ ଓ ତେଣୁ ଊଣା କରିପକାଏ । ତା'ର ଆଖିକୁ ଏକ ଅନ୍ଧାରମୟ ନିଶ୍ଚେତନା ପରି ଦେଖା ଯାଉଥିବା ଏକ ବିଶାଳ ଅବଚେତନ ଏବଂ ସେ ସ୍ୱଭାବତଃ ଆଉ ଏକ ଅଥଚ ଆଲୋକମୟ ନିଶ୍ଚେତନା ବୋଲି ଭ୍ରମ କରୁଥିବା ଏକ ବିଶାଳତର ଅଧିଚେତନ ମଧ୍ୟରେ ମନୁଷ୍ୟ ଏକ ମନୋମୟ ଚେତନାରେ ବାସ କରି ରହିଥାଏ; କାରଣ ଚେତନା ବିଷୟରେ ତା'ର ଧାରଣାଟି ମନୋମୟ ସଂବେଦନ ଏବଂ ମନୋଗତ ବୁଦ୍ଧିର ତା'ର ସେହି ମଧ୍ୟବର୍ତ୍ତୀ ଭୂମିଟିରେହିଁ ସୀମାବଦ୍ଧ ହୋଇ ରହିଥାଏ । ଏବଂ ତା' ଲାଗି ସେହି ଆଲୋକମୟ ଅଧିଚେତନ ମଧ୍ୟରେହିଁ ଅଧିମାନସ ଏବଂ ଚିଦ୍‌ଗତତାର ଭୂମିସବୁ ବିସ୍ତୃତ ହୋଇ ରହିଥାଏ ।

ଅଧିମାନସ କେବଳ ଜାଣିବା ଲାଗି ସମର୍ଥ ହୁଏ ନାହିଁ, ତା' ଭିତରେ କ୍ରିୟା କରିବାର ଓ ସୃଷ୍ଟି କରିବାର ସାମର୍ଥ୍ୟ ମଧ୍ୟ ମହଜୁଦ ରହିଥାଏ; ଏବଂ ସେହି କାରଣରୁ ତାହା କେବଳ ଏକ ପ୍ରତ୍ୟକ୍ଷ ଋତ-ଚିତ୍ ଭାବରେହିଁ ଅବସ୍ଥିତ ନଥାଏ, ମାତ୍ର ତାହା ଏକ ଆଲୋକମୟ, ପ୍ରତ୍ୟକ୍ଷ ଏବଂ ସ୍ୱତଃସ୍ଫୂର୍ତ୍ତ ସତ୍ୟ-ସଂକଳ୍ପରୂପେ ମଧ୍ୟ ବିଦ୍ୟମାନ ରହିଥାଏ । ଆତ୍ମଜ୍ଞାନସମ୍ପନ୍ନ ସେହି ଚିଦ୍‌ଗତତାର ସଂକଳ୍ପଟି ମଧ୍ୟରେ ତାହାର ସଂକଳ୍ପ ଓ ତାହାର ଜ୍ଞାନଟି ମଧ୍ୟରେ ଆଦୌ କୌଣସି ବିରୋଧ, ବିଭାଜନ ବା ବିଭେଦ ନାହିଁ କିଂବା କଦାପି ରହିପାରିବ ନାହିଁ । ଆଧ୍ୟାତ୍ମିକ ସଂକଳ୍ପକୁ ଆମେ ଆତ୍ମାର ତପଃ ଅର୍ଥାତ୍ ଚେତନାମୟ ସତ୍ତାର ସେହି ଆଲୋକନପ୍ରୟୁକ୍ତ ସାମର୍ଥ୍ୟ ବୋଲି କହିପାରିବା, ଯାହାକି ସମ୍ପୂର୍ଣ୍ଣ ପ୍ରମାଦରହିତ ଭାବରେ ପରମ ଆତ୍ମାରେ ରହିଥିବା ବସ୍ତୁକଳ୍ପକୁ କ୍ରିୟାନ୍ୱିତ କରିବାରେ ଲାଗିଛି । ଏହି ପ୍ରମାଦରହିତ କ୍ରିୟାଟି ଆପଣା ଆପଣାର ପ୍ରକୃତି ଅନୁସାରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବସ୍ତୁରେ ଦୃଷ୍ଟିଗୋଚର ହେଉଛି; ଆପଣା ମଧ୍ୟରେ ରହିଥିବା ଶକ୍ତିଟି ଅନୁସାରେ ପରିଣାମ ତଥା ଘଟଣାର ସୃଷ୍ଟି କରୁଥିବା

'oaob.nitrkl.ac.in' images reprocessed

ଯାବତୀୟ ବଳ ଓ ସାମର୍ଥ୍ୟରେ ତଥା ଆପଣାର ସ୍ୱରୂପ ଏବଂ ଉଦ୍ଦେଶ୍ୟଟି ମଧ୍ୟରେ ନିହିତ ହୋଇ ରହିଥିବା ଫଳ ଓ ଘଟଣାଟିକୁ ଜନ୍ମ ଦେଉଥିବା ପ୍ରତ୍ୟେକ କାର୍ଯ୍ୟରେ ମଧ୍ୟ ଏହି କ୍ରିୟା ଦୃଷ୍ଟିଗୋଚର ହେଉଅଛି ଏବଂ ଏହାର ବାହ୍ୟ ଦିଗରୁ ବସ୍ତୁର ଭଳି ଆମେ ଏଇଟିକୁହିଁ ପ୍ରକୃତିର ନିୟମ, କର୍ମ, ନିୟତି ଏବଂ ଅଦୃଷ୍ଟ ପ୍ରଭୃତି ନାନା ନାମରେ ଅଭିହିତ କରୁଛୁ । ଏହିସବୁ ବସ୍ତୁ ମନକୁ ସଚେତ ଅବା ତାହାର ବାହାରେ ବା ଊର୍ଦ୍ଧ୍ୱରେ ରହିଥିବା ଏକ ଶକ୍ତିର ନାନା କାର୍ଯ୍ୟ ବୋଲି ପ୍ରତୀତ ହେବାରେ ଲାଗିଛି, ଯାହା ଭିତରେ କି ସିଏ ସ୍ୱୟଂ ଗୁନ୍ଥି ହୋଇ ଓ ଜଡ଼ିତ ହୋଇ ରହିଛି ଏବଂ ଯେଉଁଗୁଡ଼ିକରେ କି ସେ କେବଳ ଏକପ୍ରକାର ସହାୟକ ବ୍ୟକ୍ତିଗତ ପ୍ରୟାସ ଦ୍ୱାରାହିଁ ହସ୍ତକ୍ଷେପ କରିପାରୁଛି । ତାହାର ଏହି ପ୍ରୟାସଟି ଆଂଶିକ ଭାବରେ ଲକ୍ଷ୍ୟରେ ପହଞ୍ଚି ପାରୁଛି ଓ ସଫଳତା ହାସଲ କରୁଛି ଏବଂ ଆଂଶିକ ଭାବରେ ବିଫଳ ହୋଇପଡ଼ୁଛି ଏବଂ ଧ୍ୱଂସୀକରି ପଡ଼ିଯାଉଛି । ଆପଣାର ସଫଳତାରେ ମଧ୍ୟ ସେ ଆପଣା ଉଦ୍ଦେଶ୍ୟଠାରୁ ଭିନ୍ନ ବା ଅନ୍ତତଃ ବୃହତ୍ତର ଏବଂ ଅଧିକ ସୁଦୂରଗାମୀ ଆଉର କେତେକେତେ ଲକ୍ଷ୍ୟ ଲାଗି ଅଧିକାଂଶତଃ ମାଡ଼ି ହୋଇ ଚାଲେ ରହିଯାଉଛି । ମନୁଷ୍ୟର ସଂକଳ୍ପ ଅଜ୍ଞାନ ମଧ୍ୟରେ କେବଳ ଏକ ଆଂଶିକ ଆଲୋକ ବା ଅଧିକତର ସମୟରେ କେବଳ ଦପ୍ ଦପ୍ ହେଉଥିବା ଏକ ଆଲୋକ ଦ୍ୱାରାହିଁ କାର୍ଯ୍ୟ କରୁଛି; ସେହି ଆଲୁଅ ତାକୁ ଯେତିକି ବାଟ ଦେଖାଉଛି, ଠିକ୍ ସେତିକି ପରିମାଣରେ ବାଟବଣା ବି କରିଦେଉଛି । ଜ୍ଞାନର ନାନା ମାନଦଣ୍ଡ ଠିଆ କରାଇ ପାରିବା ଲାଗି ତା'ର ମନ ସତତ ଏକ ଅଜ୍ଞାନପ୍ରୟାସ କରିବାରେ ଲାଗିଛି, ତା'ର ସଂକଳ୍ପଶକ୍ତି ମଧ୍ୟ ସତ୍ୟର ନାନା ମାନଦଣ୍ଡ ଠିଆ କରାଇବା ଲାଗି କେତେ ଅଜ୍ଞାନପ୍ରୟାସ କରୁଛି, ଏବଂ ପରିଣାମରେ ତା'ର ସମଗ୍ର ମନୋଭୂମିଟି ଅଧିକତର ଭାବରେ ଆପଣା ବିରୁଦ୍ଧରେ ସଂଘାତ ଲଗାଇ ରହିଥିବା ପ୍ରାୟ ଏକ ଗୃହରେ ପରିଣତ ହୋଇ ରହିଛି; ବସ୍ତୁର ସହିତ ବସ୍ତୁର ସଂଘାତ ଲାଗିଛି, ସତ୍ୟ ବା ଉଚିତର ଆଦର୍ଶ ବା ବୁଦ୍ଧିଗତ ଜ୍ଞାନ ସହିତ ମଧ୍ୟ ସଂକଳ୍ପର ଅନେକ ସମୟରେ ସଂଘାତ ଲାଗି ରହିଛି । ସ୍ୱୟଂ ସଂକଳ୍ପହିଁ ନାନା ସମୟରେ ନାନା ଆକାର ଧାରଣ କରୁଛି; ବୁଦ୍ଧିର ସଂକଳ୍ପ, ସଂବେଗୀ ମନର ନାନା ଇଚ୍ଛା, ଆବେଗମୟ ତଥା ପ୍ରାଣିକ ସତ୍ତାର ନାନା କାମନା, ସ୍ନାୟୁବଶ ତଥା ଅବଚେତନ ପ୍ରକୃତିର କେତେ ଉତ୍ତେଜନା ଏବଂ ଅନ୍ଧ ଅଥବା ଅର୍ଦ୍ଧ-ଅନ୍ଧ ପ୍ରବଳପ୍ରେରଣା,—ଏହିପରି ତାହାର ନାନା ଆକାର ରହିଛି । ଏବଂ ଏହି ସବୁଯାକ ମିଶି କେବେହେଲେ କୌଣସିପ୍ରକାର ସମଞ୍ଜସତା ଆଦୌ ସମ୍ଭବ କରିପାରୁ ନାହାନ୍ତି, ସେମାନେ ଖୁବ୍ ବେଶୀ ହେଲେ ନାନା ବିସମ୍ବାଦ ମଧ୍ୟରେ ଏକ ଅସ୍ଥାୟୀ ସଙ୍ଗତିମାତ୍ର ସମ୍ଭବ କରି ପାରୁଛନ୍ତି । ମନ ତଥା ପ୍ରାଣଭୂମିର ସଂକଳ୍ପ ଯଥାର୍ଥ ସମର୍ଥତା ଓ ଯଥାର୍ଥ ତପଃ ଲାଗି ଧ୍ୱଂସିପଡ଼ି ଏଣେତେଣେ ବୁଲିବାରେ ଲାଗିଛି; ମାତ୍ର କେବଳ ସେହି ଚିଦ୍‌ଗତ ତଥା ଅତିମାନସ ସତ୍ତାଟି ସହିତ ଏକତ୍ୱବଦ୍ଧ ହୋଇପାରିଲେ

'oaob.nitrkl.ac.in' images reprocessed

ଯାଇ ସେହି ସମର୍ଥତା ଓ ସେହି ତପଃ ଆପଣାର ଯଥାର୍ଥ ତଥା ପରିପୂର୍ଣ୍ଣ ଆଲୋକ ଓ ମାର୍ଗଦର୍ଶନଟି ଦ୍ୱାରା ଯୁକ୍ତ ହୋଇ ସମ୍ପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇପାରିବ ।

ଅନ୍ୟ ପକ୍ଷରେ ଅତିମାନସ ପ୍ରକୃତି ହେଉଛି ଏକ ସତ୍ୟମୟ, ସୌଷମ୍ୟଯୁକ୍ତ ଏବଂ ଏକାତ୍ମକ ପ୍ରକୃତି; ସେହି କ୍ଷେତ୍ରରେ ସଂକଳ୍ପ ଓ ଜ୍ଞାନ ହେଉଛନ୍ତି କେବଳ ସେହି ଚିଦ୍‌ଗତତାରହିଁ ଆଲୋକ ଓ ସାମର୍ଥ୍ୟ, ସେଠାରେ ସାମର୍ଥ୍ୟଟି ଆଲୋକକୁ ନିୟନ୍ତ୍ରିତ କରୁଅଛି ଓ ଆଲୋକ ସାମର୍ଥ୍ୟଟିକୁ ସନ୍ଦୀପିତ କରି ରଖିଛି । ଅତିମାନସର ଉଚ୍ଚତମ ପର୍ଯ୍ୟାୟଟିରେ ଦୁଇଟିଯାକ ପରସ୍ପର ମଧ୍ୟରେ ଅନ୍ତରଙ୍ଗ ଭାବରେ କୁଆଡ଼େ ମିଳାଇ ଯାଉଛନ୍ତି; ସେତେବେଳେ ଗୋଟିଏ କଦାପି ଅନ୍ୟଟି ଲାଗି ବାଟ ଖୋଜି ବସୁ ନାହିଁ, ମାତ୍ର ଦୁଇଟିଯାକ କେବଳ ଗୋଟିଏ ଗତିସ୍ପନ୍ଦନରେହିଁ ପରିଣତ ହୋଇ ଯାଉଛନ୍ତି; ସଂକଳ୍ପ ଆପଣାକୁ ଆଲୋକିତ କରିଦେଉଛି ଓ ଜ୍ଞାନ ଆପଣାକୁ ପରିପୂର୍ଣ୍ଣ କରିଦେଉଛି, ଦୁହେଁଯାକ ଏକାଠି ମିଶି ସତ୍ତାର ଗୋଟିଏ ଉଚ୍ଛଳ ଧାରାରେ ପରିଣତ ହୋଇ ରହିଛନ୍ତି । ମନ କେବଳ ଉପସ୍ଥିତ ବର୍ତ୍ତମାନଟି ବିଷୟରେହିଁ ଯାହାକିଛି ଜାଣିଛି, ଏବଂ ଅତୀତକୁ ସ୍ମରଣ ତଥା ଧାରଣ କରି ରଖିବାକୁ ଏବଂ ଅନାଗତ ବିଷୟରେ ଭବିଷ୍ୟବାଣୀ କରିବାକୁ ଓ ତାହାକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବାକୁ ଚେଷ୍ଟା କରୁଥିଲେହେଁ ସେ ତଥାପି ଏହି ବର୍ତ୍ତମାନରହିଁ ଏକ ବିଚ୍ଛିନ୍ନ ଧାରାଟି ମଧ୍ୟରେ ବାସ କରିବାରେ ଲାଗିଛି । ଅତିମାନସ ପାଖରେ ତିନୋଟିଯାକ କାଳର ଦୃଷ୍ଟି ରହିଛି, ସିଏ ହେଉଛି ତ୍ରିକାଳଦର୍ଶୀ; ତିନୋଟିଯାକ କାଳକୁ ତାହା କେବଳ ଗୋଟିଏ ମାତ୍ର ଅବିଭାଜ୍ୟ ଧାରାରୂପେ ଦେଖିପାରୁଛି ଏବଂ ଗୋଟିକ ମଧ୍ୟରେ ଅନ୍ୟଟି ବିଧୃତ ହୋଇ ରହିଥିବାର ମଧ୍ୟ ଦେଖିପାରୁଛି । ସକଳ ପ୍ରବୃତ୍ତି, ଶକ୍ତି ବା ସମର୍ଥତାକୁ ତାହା ସେହି ଏକତ୍ୱରହିଁ ବିଚିତ୍ର ଲୀଳାରୂପେ ଅନୁଭବ କରିପାରୁଛି ଏବଂ ସେହି ଗୋଟିଏ ଚିଦ୍‌ଗତତାର ସମଗ୍ର ଗତିସ୍ପନ୍ଦନଟି ମଧ୍ୟରେ ସେଗୁଡ଼ିକର ପାରସ୍ପରିକ ସମ୍ବନ୍ଧଟିକୁ ମଧ୍ୟ ଜାଣିବାକୁ ସମର୍ଥ ହେଉଛି । ତେଣୁ ଅତିମାନସ ସଂକଳ୍ପ ତଥା କର୍ମକୁ ଆମେ ସେହି ଚିଦ୍‌ଗତତାରହିଁ ସ୍ୱତଃସ୍ଫୂର୍ତ୍ତି ଆତ୍ମ-ପରିପୂର୍ଣ୍ଣକାରୀ ସତ୍ୟଟିର ଏକ ସଂକଳ୍ପ ଏବଂ କର୍ମ ବୋଲି ଜାଣିବା, ଏକ ପ୍ରତ୍ୟକ୍ଷ ତଥା ସମଗ୍ର ଜ୍ଞାନର ଯଥାର୍ଥ ଏବଂ ତାହାର ଉପଲବ୍ଧି ଉଚ୍ଚତମ ସୋପାନଟିରେ ଦୋଷମୁକ୍ତ ଗତିସ୍ପନ୍ଦନ ବୋଲି ଜାଣିବା ।

ପରମୋଚ୍ଚ ତଥା ବିଶ୍ୱଗତ ଅତିମାନସ ହେଉଛି ପରମ ପ୍ରଭୁ ଏବଂ ପରମ ସ୍ରଷ୍ଟାରୂପେ ଅଧିଷ୍ଠିତ ସେହି ପରମୋଚ୍ଚ ତଥା ବିଶ୍ୱଗତ ପରମାତ୍ମାଙ୍କରହିଁ କ୍ରିୟାଶୀଳ ପରମ ଆଲୋକ ଓ ତପଃ; ସେହି ଆଲୋକ ଏବଂ ତପଃଶକ୍ତିକୁ ଆମେ ଯୋଗରେ ଦିବ୍ୟ ପରମ ପ୍ରଜ୍ଞା ଏବଂ ପରମ ସାମର୍ଥ୍ୟରୂପେହିଁ ଜାଣିବାକୁ ସମର୍ଥ ହୋଇଥାଉ, ଈଶ୍ୱରଙ୍କରହିଁ ଶାଶ୍ୱତ ଜ୍ଞାନ ଏବଂ ସଂକଳ୍ପରୂପେ ଉପଲବ୍ଧି କରିଥାଉ । ପରମସତ୍ତାର ସେହି ସର୍ବୋଚ୍ଚ ଭୂମିଗୁଡ଼ିକରେ, ଯେଉଁଠାରେ ସବୁକିଛି ଜ୍ଞାତ ହୁଏ ଏବଂ ସବୁକିଛି

'oaob.nitrkl.ac.in' images reprocessed

ସେହି ଗୋଟିଏ ମୂଳ ଅସ୍ତିତ୍ୱର ବିଭିନ୍ନ ଚେତନାରୂପେ, ସେହି ଗୋଟିଏ ମୂଳ ଚେତନାର ବିଭିନ୍ନ ଚେତନାରୂପେ, ସେହି ଗୋଟିଏ ପରମ ଆନନ୍ଦର ଆନନ୍ଦଗତ ନାନା ଆତ୍ମ-ବିସୃଜନରୂପେ ଏବଂ ସେହି ଏକ ପରମସତ୍ତାରହିଁ ନାନା ସତ୍ତା ଏବଂ ସାମର୍ଥ୍ୟରୂପେ ବ୍ୟକ୍ତ ହୋଇଉଠେ, ସେହିଠାରେହିଁ ତାହାର ଆଧ୍ୟାତ୍ମିକ ତଥା ଅଧିମାନସ ଜ୍ଞାନର ଅବିକଳ ଏବଂ ସମଗ୍ର ଆବିର୍ଭାବଟି ଦୃଷ୍ଟିଗୋଚର ହୋଇ ଆସେ । ସେହିସବୁ ସ୍ତରଗୁଡ଼ିକ ସହିତ ସମ୍ବନ୍ଧ ରଖିଥିବା ଆମ ଆପଣା ସତ୍ତାର ସ୍ତରଗୁଡ଼ିକରେ ଜୀବ ଆଧ୍ୟାତ୍ମିକ ତଥା ଅଧିମାନସ ପ୍ରକୃତିରେ ଅଂଶଗ୍ରହଣ କରିଥାଏ ଏବଂ ତାହାର ଜ୍ୟୋତି, ଶକ୍ତି ତଥା ଆନନ୍ଦ ମଧ୍ୟରେହିଁ ବାସ କରୁଥାଏ । ଆମେ ଏହି ଜଗତ ମଧ୍ୟରେ ଯାହା ହୋଇ ରହିଛୁ, ତାହାର ଅଧିକ ନିକଟବର୍ତ୍ତୀ ହୋଇ ଅବରୋହଣ କରି ଆସିବା ସଙ୍ଗେସଙ୍ଗେ ଅବଶ୍ୟ ଏହି ଆତ୍ମ-ଜ୍ଞାନର ଉପସ୍ଥିତି ତଥା ବିସ୍ତୃତି କ୍ରମଶଃ ସଙ୍କୁଚିତ ହୋଇଆସେ, ମାତ୍ର ସେତେବେଳେ ଅଧିମାନସ ପ୍ରକୃତି ଏବଂ ଜ୍ଞାନ, ସଂକଳ୍ପ ତଥା କ୍ରିୟାର କ୍ଷେତ୍ରରେ ତାହାର ଆପଣା ସ୍ଥିତିଟି ପରିପୂର୍ଣ୍ଣରୂପେ ଅବ୍ୟାହତ ନରହିଲେ ମଧ୍ୟ ତାହା ତଥାପି ତାହାର ମର୍ମରୂପ ଓ ମୂଳ ସ୍ୱଭାବଟିକୁ ବଜାୟ ରଖିଥାଏ, କାରଣ ସେତେବେଳେ ମଧ୍ୟ ତାହା ସେହି ତଦ୍‌ଗତତାରହିଁ ମର୍ମ ତଥା ଶରୀର ମଧ୍ୟରେ ବାସ କରୁଥାଏ । ଜଡ଼ ଆଡ଼କୁ ଆତ୍ମସତ୍ତାର ଅବତରଣପଥଟିକୁ ଅନୁସରଣ କରି ଆମେ ମନକୁ ସେଇଥିରୁ ନିଷ୍ପନ୍ନ ହୋଇ ଆସିଥିବା ଏକ ତତ୍ତ୍ୱରୂପେ ଦେଖିବାକୁ ପାଉ, ଯାହାକି ଆତ୍ମାର ପରିପୂର୍ଣ୍ଣତା ଏବଂ ତା'ର ଆଲୋକ ତଥା ସତ୍ତାର ପରିପୂର୍ଣ୍ଣ ଅବସ୍ଥାଟି ପାଖରୁ କ୍ରମଶଃ ଦୂରକୁ ଅପସରି ଚାଲିଯାଉଥାଏ, ତାହା ଏକ ବିଭାଜନ ଏବଂ ବିଚ୍ୟୁତି ମଧ୍ୟରେ ବାସ କରିବାରେ ଲାଗିଥାଏ; ସେତେବେଳେ ତାହା ଆଉ ସୂର୍ଯ୍ୟଙ୍କ ଶରୀର ଭିତରେ ବାସ କରୁ ନଥାଏ, ମାତ୍ର ପ୍ରଥମେ ତାହାର ଅଧିକ ନିକଟବର୍ତ୍ତୀ କିରଣଗୁଡ଼ିକ ଭିତରେ ଏବଂ ତା'ପରେ ତା'ର ବହୁଦୂରବର୍ତ୍ତୀ କିରଣଗୁଡ଼ିକ ଭିତରେହିଁ ବାସ କରୁଥାଏ । ଏକ ସର୍ବୋଚ୍ଚ ବିବୋଧି-ମନର ଅବସ୍ଥା ରହିଛି, ଯେତେବେଳେ କି ମନ ଅଧିମାନସ ସତ୍ୟଟିକୁ ଗ୍ରହଣ କରିପାରିବା ଲାଗି ପ୍ରାୟ ସମର୍ଥ ହୋଇଯାଏ; ମାତ୍ର ଏଇଟିକୁ ମଧ୍ୟ ଆମେ ତଥାପି ଏପରି ଏକ ଅବସ୍ଥା ବା ରୂପାୟନ ବୋଲି କହିବା, ଯାହାକି ପ୍ରତ୍ୟକ୍ଷ, ବୃହତ୍ତର ଓ ଯଥାର୍ଥ ଜ୍ଞାନଟିକୁ ଆବରଣ ଭିତରେ ଲୁଚାଇ ରଖିଥାଏ । ଏକ ବୁଦ୍ଧିପ୍ରେରିତ ମନର ଅବସ୍ଥା ମଧ୍ୟ ରହିଛି, ଯାହାକି ଏକ ଆଲୋକମୟ ଅଥଚ ଅର୍ଦ୍ଧ-ଅସ୍ୱଚ୍ଛ ଢାଙ୍କୁଣୀରୂପେ ଅଧିମାନସ ଦ୍ୱାରା ଜ୍ଞାତ ସେହି ସତ୍ୟଟିକୁ ଆପଣାର ଆଲୋକଯୁକ୍ତ ଅଥଚ ବିକୃତି-ଉତ୍ପାଦକ ଏବଂ ମୂଳ ସ୍ୱରୂପଟିକୁ ଦବାଇ ରଖି ସେଥିରେ କେତେପ୍ରକାର ପରିବର୍ତ୍ତନ କରି ପକାଉଥିବା ଏକ ପରିବେଶ ମଧ୍ୟରେ ଅବରୁଦ୍ଧ କରି ରଖେ, ତାହାର ଭିତରେହିଁ ତାହାକୁ ପ୍ରତିବିମ୍ବିତ କରିବାରେ ଲାଗିଥାଏ । ଆହୁରି ତଳକୁ ଏକ ନିମ୍ନତର ମନ ରହିଛି, ଯାହାକି ଆମ ଇନ୍ଦ୍ରିୟଗୁଡ଼ିକର ଭିତ୍ତି

'oaob.nitrkl.ac.in' images reprocessed

ଉପରେ ଉଆଁଶ ହୋଇଛି; ଏହି ମନ ଏବଂ ଜ୍ଞାନରୂପୀ ସୂର୍ଯ୍ୟଙ୍କ ଭିତରେ ଏକ ଘନ ମେଘଖଣ୍ଡ ଛାୟାବିସ୍ତାର କରି ରହିଛି, ସଂବେଗ ତଥା ସଂବେଦନରୁ ଜାତ ହୋଇଥିବା ଏକ କୁହେଳିମଣ୍ଡଳ ଓ ବାଷ୍ପମୟତା ବ୍ୟାପ୍ତ ହୋଇ ରହିଛି ଏବଂ କେବଳ ଏଠି ସେଠି କେଉଁଠି ରହିରହି ବିଜୁଳି ମାରିଦେଉଛି ଏବଂ ଆଲୋକର ଏକ ଝଲକ ଦିଶିଯାଉଛି । ଏକ ପ୍ରାଣାଧୀନ ବା ପ୍ରାଣିକ ମନ ରହିଛି, ଯାହାକି ବୁଦ୍ଧିପ୍ରେରିତ ଏହି ସତ୍ୟଟିର ଆଲୋକରୁ ମଧ୍ୟ ଢଳିହୋଇ ଦୂରରେ ରହିଛି; ଏବଂ ଆହୁରି ତଳକୁ ଅବମାନସ ପ୍ରାଣ ତଥା ଜଡ଼ର ସୋପାନଟିରେ ଆତ୍ମା ବା ଚିଦ୍‌ଗତତା ଆପଣାକୁ ସଂପୂର୍ଣ୍ଣରୂପେ ସଂବୃତ କରି ରଖିଛି, ସତେଅବା ଏକ ନିଦ୍ରା ବା ଏକ ରାତି ଧାରଣ କରି ରହିଛି; ସେହି ନିଦ୍ରା ଆପଣାକୁ ଏକ ଅତି ଝିମ୍‌ପଡ଼ା ଅଥଚ ଅତ୍ୟନ୍ତ ଆବେଗମୟ ସ୍ନାୟୁଗତ କେତେକେତେ ସ୍ୱପ୍ନରେ ବୁଡ଼ାଇକରି ରଖିଛି, ସେହି ରାତି ଏକ ଯନ୍ତ୍ରବତ୍ ଓ ସ୍ୱପ୍ନଚାରୀ ଶକ୍ତିରହିଁ ରାତି ହୋଇ ରହିଛି । ଏହି ନିମ୍ନତମ ପ୍ରକୃତିଭୂମିର ଏକ ପୁନଃବିବର୍ତ୍ତନ ମଧ୍ୟରେହିଁ ଆମେ ଆପଣାକୁ ଆଜି ନିମ୍ନତର ସୃଷ୍ଟିର ଉପରେ ଏକ ନିର୍ଦ୍ଦିଷ୍ଟ ଉଚ୍ଚସ୍ତରରେ ଦେଖିବାକୁ ପାଉଛୁ; ଏହି ପ୍ରକୃତି ଆମ ଭିତରେ ରହିଥିବା ନିମ୍ନତର ସବୁ ସ୍ତରଗୁଡ଼ିକୁ ଉପରକୁ ଉଠାଇ ନେଇ ଆମର ଆରୋହଣଯାତ୍ରାରେ ଏପର୍ଯ୍ୟନ୍ତ କେବଳ ସୁବିକଶିତ ମନଃସମ୍ବଳ ବୁଦ୍ଧିର ଏହି ଆଲୋକଟି ପାଖରେ ଆସି ପହଞ୍ଚିଛି । ଆତ୍ମ-ଜ୍ଞାନର ସେହି ସାଂବତ୍ତିସ୍ୱ ପରିପୂର୍ଣ୍ଣ ଶକ୍ତି ଏବଂ ଚିଦଗତତାର ସେହି ପୂର୍ଣ୍ଣପ୍ରଦୀପ୍ତ ସଂକଳ୍ପ ଏବେ ମଧ୍ୟ ମନ ଏବଂ ମନୋଗତ ବୁଦ୍ଧିର ଅତୀତ ହୋଇ ରହିଛି, ଆମ ଲାଗି ଅପହଞ୍ଚ ହୋଇ ରହିଛି, ସେହି ଅତିମାନସ ପ୍ରକୃତି ମଧ୍ୟରେହିଁ ଅବସ୍ଥିତ ରହିଛି ।

ଯଦି ଆତ୍ମା ସର୍ବତ୍ର ରହିଛି, ଏପରିକି ଏହି ଜଡ଼ ଭିତରେ ମଧ୍ୟ ରହିଛି,— ବସ୍ତୁତଃ ଆମେ ଜଡ଼କୁ ସେହି ଆତ୍ମାରହିଁ ଏକ ଆଚ୍ଛାଦନଯୁକ୍ତ ରୂପ ବୋଲି କହିପାରିବା,—ଏବଂ ଯଦି ସେହି ଆତ୍ମାରହିଁ ସର୍ବଗତ ଆତ୍ମ-ଜ୍ଞାନର ବିଶ୍ୱବ୍ୟାପ୍ତ ସାମର୍ଥ୍ୟରୂପେ ସେହି ଅତିମାନସ ସତ୍ତାର ସକଳ ଅଭିବ୍ୟକ୍ତିକୁ ସଂଗଠିତ କରିବାରେ ଲାଗିଛି, ତେବେ ଏହି ଜଡ଼ରେ ତଥା ଅନ୍ୟତ୍ର ସବୁଠାରେ ଏକ ଅତିମାନସ କ୍ରିୟା ଅବଶ୍ୟ ବିଦ୍ୟମାନ ରହିଛି; ଆଉ ଏକ ପ୍ରକାରର ନିମ୍ନତର ଏବଂ ଅଧିକ ଆଚ୍ଛନ୍ନ କ୍ରିୟା ଦ୍ୱାରା ତାହା ଯେତେବେଶୀ ଲୁକ୍କାୟିତ ହୋଇ ରହିଥାଉ ପଛକେ, ତଥାପି ଆମେ ଯେତେବେଳେ ନିବିଡ଼ ଭାବରେ ଅନାଇ ଦେଖିବାକୁ ସମର୍ଥ ହେବା, ସେତେବେଳେ ଆମେ ବେଶ୍ ଦେଖିପାରିବା ଯେ ପ୍ରକୃତରେ ସେହି ଅତିମାନସହିଁ ଜଡ଼, ପ୍ରାଣ, ମନ ଏବଂ ବୁଦ୍ଧିକୁ ସଂଗଠିତ କରିବାରେ ଲାଗିଛି । ଏବଂ ଠିକ୍ ଏହି ଜ୍ଞାନଟିର ଉପଲବ୍ଧି ଆଡ଼କୁହିଁ ଆମେ ବର୍ତ୍ତମାନ ଅଗ୍ରସର ହୋଇ ଯାଉଛୁ । ଏପରିକି, ପ୍ରାଣ, ଜଡ଼ ତଥା ମନର ସ୍ତରରେ ଚେତନାରହିଁ ଏକ ବେଶ୍ ଦୃଶ୍ୟମାନ ଅନ୍ତରଙ୍ଗ କ୍ରିୟା ଅବିରାମ ଲାଗିରହିଛି, ଯାହାକୁ କି ଆମେ ସ୍ପଷ୍ଟତଃ ଅତିମାନସର ଏକ କ୍ରିୟା ବୋଲି କହିପାରିବା;

'oaob.nitrkl.ac.in' images reprocessed

ସେହି କ୍ରିୟାଟି ସେହି ଅନନ୍ତର ମାଧ୍ୟମଟିର ସ୍ୱଭାବ ଏବଂ ପ୍ରୟୋଜନର ଅଧୀନ ହୋଇ ରହିଛି ଏବଂ ଆମେ ପ୍ରତ୍ୟକ୍ଷ ଦୃଷ୍ଟିସାମର୍ଥ୍ୟ ଏବଂ ସ୍ୱୟଂ-କ୍ରିୟାଶୀଳ ଜ୍ଞାନର ତାହାର ସ୍ପଷ୍ଟତମ ସ୍ୱଭାବଗୁଡ଼ିକ ହେତୁ ତାହାକୁ ବର୍ତ୍ତମାନ ପ୍ରତ୍ୟକ୍ଷ ବୋଧ ବା ପ୍ରତିବୋଧର ନାମ ଦେଇ ରଖିଛୁ; ତାହାର ସେହି ଦୃଷ୍ଟିସାମର୍ଥ୍ୟକୁ ଆମେ ଯଥାର୍ଥରେ ଜ୍ଞାନର ବିଷୟଟି ସହିତ କୌଣସି ନା କୌଣସି ତାଦାତ୍ମ୍ୟରୁହିଁ ଜନ୍ମଲାଭ କରିଥିବା ଏକ ଦୃଷ୍ଟି-ସାମର୍ଥ୍ୟ ବୋଲି କହିପାରିବା । ଯାହାକୁ ଆମେ ଏହି ପ୍ରତ୍ୟକ୍ଷ ବୋଧ ବୋଲି କହୁଛୁ, ତାହା ସେହି ଅତିମାନସର ଉପସ୍ଥିତିଟି ବିଷୟରେ ଅବଶ୍ୟ କେବଳ ଏକ ଆଂଶିକ ସୂଚନାହିଁ ଦେଇପାରୁଛି; ଏବଂ ଯଦି ଆମେ ଏହି ଉପସ୍ଥିତି ଏବଂ ସାମର୍ଥ୍ୟଟିକୁ ତାହାର ବ୍ୟାପକତମ ସ୍ୱଭାବଗତ ଭୂମିରେ ଗ୍ରହଣ କରିନେଇ ପାରିବା, ତେବେ ଆମେ ତାହାକୁ ଏକ ଆତ୍ମଚେତନାଯୁକ୍ତ ଜ୍ଞାନବିଶିଷ୍ଟ ଏକ ସଗୁପ୍ତ ଅତିମାନସ ସାମର୍ଥ୍ୟରୂପେହିଁ ଦେଖିବାକୁ ପାଇବା, ଯାହାକି ଜଡ଼ଗତ ଶକ୍ତିର ସମୁଦାୟ କ୍ରିୟାଭୂମିଟିକୁ ପ୍ରେରିତ କରି ରଖିଛି । ଯାହାକୁ ଆମେ ପ୍ରକୃତିର ବିଧାନ ବୋଲି କହୁଛୁ, ସେହି ଅତିମାନସ ଶକ୍ତିହିଁ ତାହାର ନିର୍ଦ୍ଧାରଣ କରିଦେଉଛି, ପ୍ରତ୍ୟେକ ବସ୍ତୁର କ୍ରିୟାକୁ ତାହା ସେହି ବସ୍ତୁର ଆପଣା ସ୍ୱଭାବଟି ଅନୁସାରେ ଅବ୍ୟାହତ କରି ରଖିଛି ଏବଂ ସମୁଦାୟ ସୃଷ୍ଟିକୁ ସୌଷମ୍ୟବଳ କରି ରଖିଛି, ତାହାକୁ ବିକଶିତ କରି ଆଣୁଛି; ଏବଂ ତା' ନହେଲେ ଏହା କେବଳ ଏକ ଅଚେତନତାର ଅଧୀନ ହୋଇ ରହିଥିବା ଏକ ସୃଷ୍ଟି ହୋଇ ରହିଥାନ୍ତା ଏବଂ ଯେକୌଣସି ମୁହୂର୍ତ୍ତରେ ତାହା ଏକ ଅରାଜକତା ମଧ୍ୟରେ ଲୁପ୍ତ ହୋଇ ପଡ଼ିବାର ଆଶଙ୍କା ରହିଥାନ୍ତା । ପ୍ରକୃତିର ସମୁଦାୟ ବିଧାନଟି ଏହାର ପ୍ରତିସ୍ୱାଗତ ଅନିବାର୍ଯ୍ୟତାର କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ସୁସ୍ପଷ୍ଟ ଓ ସୁନିଶ୍ଚିତ ହୋଇ ରହିଛି; ମାତ୍ର ଯଦି ଆମେ ତାହାର ଏହି ଅନିବାର୍ଯ୍ୟତାର କାରଣ ବିଷୟରେ ତଥା ତାହାର ନିୟମ, ମାତ୍ରା, ସଂଯୋଜନ, ଅନୁକୂଳନ ଏବଂ ପରିଣାମର ସାତତ୍ୟର କାରଣଟି ବିଷୟରେ ବିଚାର କରିବାକୁ ଆରମ୍ଭ କରିବା, ତେବେ ଆମେ ନିଶ୍ଚୟ ଜାଣିବାକୁ ପାଇବା ଯେ ପ୍ରକୃତିର ସେହି ବିଧାନଟିର ପ୍ରକୃତରେ କୌଣସି ପୂର୍ଣ୍ଣ ବ୍ୟାଖ୍ୟା କରାଯାଇ ପାରିବ ନାହିଁ, ଏହାକୁ ପୂର୍ଣ୍ଣ ଭାବରେ କଦାପି ବୁଝାଇଦେଇ ହେବ ନାହିଁ । ଆମେ ଏହି କ୍ଷେତ୍ରରେ ପ୍ରତ୍ୟେକ ପଦକ୍ଷେପରେହିଁ ଏକ ରହସ୍ୟ ତଥା ଅଲୌକିକ ଘଟଣାର ସମ୍ମୁଖୀନ ହେବାକୁ ଲାଗିବା; ଏପରି ହେବ, କାରଣ ଆପଣାର ନିମ୍ନବକ୍ଷତାଗୁଡ଼ିକରେ ମଧ୍ୟ ଏହା ତଥାପି ମନୁଷ୍ୟ ବୁଦ୍ଧିର ବହିର୍ଭୂତ ହୋଇ ରହିଛି, ତଥାପି ଅଚେତନତାର ଅଧୀନ ହୋଇ ରହିଛି, ଅଥବା, କାରଣ ତାହା ବୁଦ୍ଧିର ସୀମା ବାହାରେ ରହିଛି, କାରଣ ଏହାର ସତ୍ତାଟି ଆମ ବୁଦ୍ଧିର ତୁଳନାରେ ଏକ ବୃହତ୍ତର ତତ୍ତ୍ୱ ଦ୍ୱାରା ପରିଚାଳିତ ହେଉଛି । ସେହି ତତ୍ତ୍ୱଟି ହେଉଛି ଅତିମାନସ ତତ୍ତ୍ୱ; ଅର୍ଥାତ୍, ଅନ୍ୟ କଥାରେ କହିଲେ, ପ୍ରକୃତିବିଧାନର ଏହି ପ୍ରଚ୍ଛନ୍ନ ରହସ୍ୟ କହିଲେ ଆମେ ଯାହାର ସେହି ଅପେ-

'oaob.nitrkl.ac.in' images reprocessed

ବର୍ତ୍ତମାନ ସତ୍ୟଟିର ଅନନ୍ତ ସମ୍ଭାବନା ତଥା ଶକ୍ତିମତ୍ତା ଭିତରୁ ଉତ୍ପନ୍ନ ହୋଇ ଆସିଥିବା କୌଣସି ଏକ ବସ୍ତୁର ସଂଗଠନ ବୋଲିହିଁ ଜାଣିବା । କେବଳ ଏକ ମୂଳଭୂତ ତାଦାତ୍ମ୍ୟ ଅର୍ଥାତ୍ ଆତ୍ମାର ସେହି ଅବଚ୍ଛିନ୍ନ ଆତ୍ମ-ଅବଧାରଣାରୁ ଜନ୍ମଲାଭ କରିଥିବା ଏବଂ ତାହାର ଦ୍ୱାରା ସଞ୍ଚାରିତ ହୋଇ ଆସୁଥିବା ଏକ ମୂଳଭୂତ ଜ୍ଞାନ ପାଖରେହିଁ ସେହି ସତ୍ୟର ସ୍ୱରୂପଟି ପରିପୂର୍ଣ୍ଣ ଭାବରେ ପ୍ରତ୍ୟକ୍ଷ ହୋଇ ଯାଇଥାଏ । ପ୍ରାଣର ଯାବତୀୟ କ୍ରିୟା ମଧ୍ୟ ଠିକ୍ ଏହି ସ୍ୱଭାବର କ୍ରିୟା, ମନ ତଥା ବୁଦ୍ଧିର ଯାବତୀୟ କ୍ରିୟା ଠିକ୍ ଏହି ସ୍ୱଭାବର କ୍ରିୟା; ଏହି ବୁଦ୍ଧିର ଅବଧାରଣାହିଁ ସର୍ବପ୍ରଥମେ ସର୍ବତ୍ର ଏକ ବୃହତ୍ତର ବୁଦ୍ଧି ଏବଂ ସତ୍ତାଗତ ବିଧାନର କ୍ରିୟାଟିକୁ ଅନୁଭବ କରିପାରୁଛି ଏବଂ ଆପଣାର ଅବବୋଧଗତ ରଚନାଗୁଡ଼ିକ ଦ୍ୱାରା ସେଇ ତାହାକୁ ବ୍ୟକ୍ତ କରିବା ଲାଗି ଉଦ୍ୟମ କରୁଛି; ଅବଶ୍ୟ ଏକଥା ସତ ଯେ ଏହି କ୍ଷେତ୍ରରେ ଯେ ଏକ ମାନସ ବା ମନୋଗତ ବୁଦ୍ଧିଠାରୁ ଭିନ୍ନ ଆଉ ଏକ ତତ୍ତ୍ୱ ବା ସତ୍ୟ କାର୍ଯ୍ୟ କରୁଛି, କେବଳ ଏକ ବୁଦ୍ଧିପ୍ରସୂତ ବିଚାରସାମର୍ଥ୍ୟରୁ ଭିନ୍ନ ଆଉକିଛି କାର୍ଯ୍ୟକାରୀ ହୋଇ ରହିଛି, ବୁଦ୍ଧି ସେକଥାଟିକୁ ସର୍ବଦା ଆଦୌ ଠାବରାଇ ପାରୁ ନାହିଁ । ଆପଣାର ସଂଗୁପ୍ତ ପରିଚାଳନର କ୍ଷେତ୍ରରେ ଏହିସବୁ ପ୍ରକ୍ରିୟା ପ୍ରକୃତରେ ଆଧ୍ୟାତ୍ମିକ ଏବଂ ଅତିମାନସ ହୋଇ ରହିଛି, ମାତ୍ର ଆପଣାର ପ୍ରତ୍ୟକ୍ଷ ପଦ୍ଧତିଟିରେ ମନୋମୟ, ପ୍ରାଣିକ ଏବଂ ଭୌତିକ ହୋଇ ରହିଛି ।

ବାହ୍ୟ ଜଡ଼, ବାହ୍ୟ ପ୍ରାଣ ଏବଂ ବାହ୍ୟ ମନର ଅତିମାନସର ଏହି ଗୁହ୍ୟ କ୍ରିୟାଟି ଉପରେ ଆଦୌ କୌଣସି ଅଧିକାରହିଁ ନାହିଁ; ଅବଶ୍ୟ ଏକଥା ସତ ଯେ ଅତିମାନସ ସେଗୁଡ଼ିକର କ୍ରିୟା ଉପରେ ଯେଉଁ ଅନିବାର୍ଯ୍ୟତାଟିକୁ ଆଣି ଲଦିଦେଇଛି, ସେଗୁଡ଼ିକ ତାହାରି ଦ୍ୱାରା ସତତ ଅଧିକୃତ ଓ ବାଧ୍ୟ ହୋଇ ରହିଛନ୍ତି । ସ୍ଥୂଳଭୌତିକ ଶକ୍ତିମତ୍ତାର କ୍ଷେତ୍ରରେ ତଥା ଅଣୁ ମଧ୍ୟରେ ଏପରି ଏକ ଶକ୍ତି ସର୍ବଦା କାର୍ଯ୍ୟ କରୁଛି ଯାହାକୁ କି ଆମେ ବେଳେବେଳେ 'ବୁଦ୍ଧି' ବା 'ସଂକଳ୍ପଶକ୍ତି' ବୋଲି କହିବାକୁ ପ୍ରବୃତ୍ତ ହୋଇଥାଉ, (ଏକଥା ସମ୍ପୂର୍ଣ୍ଣ ସତ ଯେ ଏହିସବୁ ଶବ୍ଦ ଆମକୁ ଆଦୌ ଯଥାର୍ଥ ଶବ୍ଦ ବୋଲି ବୋଧ ହୁଏ ନାହିଁ, କାରଣ ଆମର ବୁଦ୍ଧି ଏବଂ ସଂକଳ୍ପଶକ୍ତି ତଥା ଏହି ବୁଦ୍ଧି ଏବଂ ସଂକଳ୍ପଶକ୍ତି ବସ୍ତୁତଃ ଆଦୌ ଗୋଟିଏ ବସ୍ତୁ ନୁହନ୍ତି ।),—ଆମେ ହୁଏତ ଏପରି କହିପାରିବା ଯେ ଏହି କ୍ଷେତ୍ରରେ ସ୍ୱୟଂଭୂ ସତ୍ତାର ଏକ ପ୍ରଚ୍ଛନ୍ନ ସଂବୋଧିହିଁ କାର୍ଯ୍ୟ କରୁଥାଏ,—ମାତ୍ର ସେହି ଅଣୁ ତଥା ସେହି ଶକ୍ତିମତ୍ତା ସେଇଟି ବିଷୟରେ ଆଦୌ ସଜ୍ଞାନ ନଥାନ୍ତି ଏବଂ ଆପଣାକୁ ବ୍ୟକ୍ତ କରିଦେବା ଲାଗି ସେହି ପ୍ରଚ୍ଛନ୍ନ ଶକ୍ତିଟିର ପ୍ରଥମ ଉଦ୍ୟମଟି ଦ୍ୱାରାହିଁ ଜଡ଼ ତଥା ପାର୍ଥିବ ସାମର୍ଥ୍ୟର କେବଳ ଏକ ତମସାଚ୍ଛନ୍ନ ଶରୀରରୂପ ହୋଇ ରହିଥାନ୍ତି । ପ୍ରାଣର ଯାବତୀୟ କ୍ରିୟାରେ ଏହିପରି ଏକ ସଂବୋଧିର ଉପସ୍ଥିତ ଆମ ଲାଗି ଅଧିକତର ସ୍ପଷ୍ଟ ହୋଇଉଠେ, କାରଣ ତାହା ଆମର ଆପଣା ପ୍ରକୃତିର ଅଧିକ

ନିକଟବର୍ତ୍ତୀ ହୋଇ ରହିଥାଏ । ଏବଂ ଯହୁଁ ଯହୁଁ ପ୍ରାଣ ମଧ୍ୟରେ ପ୍ରତ୍ୟକ୍ଷ ବୋଧଶକ୍ତି ତଥା ମନର ବିକାଶ ହୋଇଆସେ,—ପଶୁ ବା ଇତରପ୍ରାଣୀର ସୃଷ୍ଟିରେ ଏହା ଘଟିଥାଏ,—ସେତେବେଳେ ଆମେ ଅଧିକ ନିଶ୍ଚିତ ଭାବରେ ଏକ ପ୍ରାଣିକ ପ୍ରତିବୋଧ ବା ସଂବୋଧର କଥା କହିବାକୁ ସମର୍ଥ ହେଉ, ଯାହାକି ତାହାର ଯାବତୀୟ କ୍ରିୟାତ୍ମକ-ତାର ପଛରେ ଅବସ୍ଥିତ ରହିଥାଏ ଏବଂ ଯାହାକି ଇତରପ୍ରାଣୀର ମନରେ ସହଜାତ ପ୍ରବୃତ୍ତିର ଏକ ଅତିସ୍ପଷ୍ଟ ରୂପ ଧରି ଉନ୍ମେଷିତ ହୋଇଆସେ । ଏହି ସହଜାତ ପ୍ରବୃତ୍ତି, ଅର୍ଥାତ୍ ପ୍ରାଣୀ ଭିତରେ ନିହିତ ହୋଇ ରହିଥିବା ଏକ ସ୍ୱୟଂପ୍ରେରିତ ଜ୍ଞାନଶକ୍ତି, ଏକ ନିଶ୍ଚିତ, ପ୍ରତ୍ୟକ୍ଷ, ସ୍ୱୟଂ-ଅବସ୍ଥିତ ଓ ସ୍ୱୟଂ-ପରିଚାଳିତ ଜ୍ଞାନର ଶକ୍ତି, ଯାହାକି ସେହି ପ୍ରାଣୀର ସତ୍ତା ମଧ୍ୟରେ କେଉଁଠି ନା କେଉଁଠି ଉଦ୍ଦେଶ୍ୟ, ସମ୍ବନ୍ଧ ଏବଂ ବସ୍ତୁ ଅର୍ଥାତ୍ ଅସ୍ତିତ୍ୱଟି ବିଷୟରେ ଏକ ଅଭ୍ରାନ୍ତ ଜ୍ଞାନ ଉପସ୍ଥିତ ରହିଥିବାର ସୂଚନା ଦେଇ ଯାଇଥାଏ । ସେହି ପ୍ରତିବୋଧଶକ୍ତି ପ୍ରାଣ ଏବଂ ମନର ଭୂମିରେ କାର୍ଯ୍ୟ କରେ, ମାତ୍ର ତଥାପି ଏହି ଉପରିସ୍ତରସ୍ଥ ପ୍ରାଣ ଓ ମନର ସେଇଟି ଉପରେ କୌଣସି କର୍ତ୍ତୃତ୍ୱ ନଥାଏ, ତାହାର କାର୍ଯ୍ୟଟି ବିଷୟରେ ସେମାନେ ଆମକୁ କୌଣସି ବିବରଣୀ ଦେଇପାରନ୍ତି ନାହିଁ କିଂବା ଆପଣାର ଇଚ୍ଛା ବା ମରଜି ଅନୁସାରେ ସେହି ଶକ୍ତିଟିକୁ ନିୟନ୍ତ୍ରଣ କରି ପାରନ୍ତି ନାହିଁ ବା ତାହାକୁ ପ୍ରସାରିତ କରିଦେଇ ପାରନ୍ତି ନାହିଁ । ଏହି କ୍ଷେତ୍ରରେ ଆମେ ଦୁଇଟି କଥା ଦେଖିବାକୁ ପାଉଥାଉ; ପ୍ରଥମ କଥାଟି ହେଉଛି ଯେ ପ୍ରତ୍ୟକ୍ଷ ପ୍ରତିବୋଧଟି କେବଳ ଏକ ସୀମାବଦ୍ଧ ପ୍ରୟୋଜନ ଓ ଉଦ୍ଦେଶ୍ୟସାଧନ ଲାଗି କାର୍ଯ୍ୟ କରିଥାଏ; ଏବଂ ଦ୍ୱିତୀୟତଃ, ପ୍ରକୃତିର କ୍ରିୟାଗତ ଅବଶିଷ୍ଟ କ୍ଷେତ୍ରଟିରେ ଏକ ଦ୍ୱିବିଧ କ୍ରିୟା ଚାଲିଥାଏ, ଗୋଟିଏ ବଡ଼ ଅନିଶ୍ଚିତ ହୋଇ ରହିଥାଏ ଓ ଉପରିସ୍ତରସ୍ଥ ଚେତନାଟି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞାନ ଥାଏ, ଏବଂ ଅନ୍ୟଟି ଅନ୍ତର୍ଲୀନ ହୋଇ ରହିଥାଏ ଓ ଏକ ପ୍ରଚ୍ଛନ୍ନ ଅବଚେତନ ଦିଗ୍ଦର୍ଶନର ସୂଚନା ଦେଇ ଯାଉଥାଏ । ସେହି ଉପରିସ୍ତରସ୍ଥ ଚେତନାଟି ଏକ ଅନ୍ଧ ଅନ୍ୱେଷଣ ଏବଂ ଖୋଜି ପାଇବାର ଅକୁଳତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ ଏବଂ ପ୍ରାଣ ଆପଣା ପ୍ରଗତିରେ ଅଧିକରୁ ଅଧିକ ଉପରକୁ ଉଠି ଯାଉଥିବା ସଙ୍ଗେସଙ୍ଗେ ତାହା ହ୍ରାସ ହେବା ପରିବର୍ତ୍ତେ ବୃଦ୍ଧି ପାଇବାରେହିଁ ଲାଗିଥାଏ ଏବଂ ଆପଣା ଚେତନ ସାମର୍ଥ୍ୟଗୁଡ଼ିକର କ୍ଷେତ୍ରରେ ଅଧିକ ପ୍ରଶସ୍ତ ହୋଇ ଯାଉଥାଏ । ମାତ୍ର ପ୍ରାଣମୟ ମନର ଯାବତୀୟ ଅନ୍ଧ ଅନ୍ୱେଷଣ ସତ୍ତ୍ୱେ ଅନ୍ତରସ୍ଥିତ ଗୁପ୍ତ ଆତ୍ମା ଆମକୁ ଏହି ବିଷୟରେ ଏକ ନିଶ୍ଚିତ ଆଶ୍ୱାସନା ଦେଇ ଯାଉଥାଏ ଯେ ପ୍ରକୃତିର କ୍ରିୟାଟି ତଥାପି ଅବ୍ୟାହତ ରହିବ ଏବଂ ପ୍ରାଣୀର ଆବଶ୍ୟକତା, ଉଦ୍ଦେଶ୍ୟସିଦ୍ଧି ଏବଂ ନିୟତିଟି ଲାଗି ଯେଉଁ ପରିଣାମଟିର ପ୍ରୟୋଜନ ରହିଛି, ସେଇଟି ନିଶ୍ଚୟ ସମ୍ପନ୍ନ ହୋଇଯିବ । ମନୁଷ୍ୟର ବୁଦ୍ଧି ଓ ବୁଦ୍ଧିଗତ ବିଚାରର ଭାବଟି ପର୍ଯ୍ୟନ୍ତ କମୋଚ ଭାବରେ ଏହି ପଦ୍ଧତିଟି ଲାଗି ରହିବ ।

'oaob.nitrkl.ac.in' images reprocessed

ମନୁଷ୍ୟର ସତ୍ତାଟି ମଧ୍ୟ ଭୌତିକ, ପ୍ରାଣିକ, ସଂବେଗଗତ, ଚୈତ୍ୟ ଏବଂ ଗତିଶୀଳ କେତେକେତେ ସହଜାତ ମୂଳ ପ୍ରବୃତ୍ତି ଏବଂ ପ୍ରତିବୋଧ ଦ୍ୱାରା ପୂର୍ଣ୍ଣ ହୋଇ ରହିଛି; ମାତ୍ର ଇତରପ୍ରାଣୀ ସେଗୁଡ଼ିକ ଉପରେ ଯେପରି ନିର୍ଭର କରି ରହିଥାଏ, ମନୁଷ୍ୟ କଦାପି ସେଗୁଡ଼ିକ ଉପରେ ସେପରି ନିର୍ଭର କରେ ନାହିଁ । ଅବଶ୍ୟ ଏକଥା ସ୍ମରଣ ରଖିବାକୁ ହେବ ଯେ ମନୁଷ୍ୟ ଭିତରେ ସେଗୁଡ଼ିକ ଇତରପ୍ରାଣୀ ତୁଳନାରେ ଓ ନିମ୍ନତର ସୃଷ୍ଟିର ତୁଳନାରେ ଅଧିକ ପ୍ରସାରଯୁକ୍ତ ହୋଇ ରହିଛନ୍ତି, ବୃହତ୍ତର କ୍ରିୟାର ସମର୍ଥ ହୋଇ ରହିଛନ୍ତି, କାରଣ ବିବର୍ତ୍ତନର ବାସ୍ତବ କ୍ଷେତ୍ରଟିରେ ମନୁଷ୍ୟ ଅଧିକତର ବିକାଶ ଲାଭ କରିଛି ତଥା ସତ୍ତାର ଅଧିକତର ବିକାଶସାଧନ ଲାଗି ତା' ଭିତରେ ତଥାପି ଏକ ବୃହତ୍ତର ସମ୍ଭାବନା ମଧ୍ୟ ରହିଛି । ସେହି ପ୍ରବୃତ୍ତିଗୁଡ଼ିକୁ ମନୁଷ୍ୟ ଦମିତ କରି ରଖିଛି, ସେଗୁଡ଼ିକୁ ଆବଶ୍ୟକ ପୋଷଣ ନଦେଇ ସେ ସେଗୁଡ଼ିକୁ କ୍ଷୟଗ୍ରସ୍ତ କରି ପକାଇଛି ଏବଂ ତଦ୍ୱାରା ସେମାନଙ୍କର ପୂର୍ଣ୍ଣ ଏବଂ ପ୍ରକାଶ୍ୟ କ୍ରିୟାଟିକୁ ଖଣ୍ଡିତ କରି ରଖିଛି । ତା'ର ଏହି ସାମର୍ଥ୍ୟଗୁଡ଼ିକ ପ୍ରକୃତରେ ଆଦୌ ବିନଷ୍ଟ ହୋଇ ଯାଇ ନାହିଁ, ମାତ୍ର ମନୁଷ୍ୟ ସେଗୁଡ଼ିକୁ ପୃଷ୍ଠଭାଗରେହିଁ ଅପସାରି ରଖିଦେଇଛି, ଆପଣାର ଅନ୍ତଃତଳଗତ ଚେତନା ମଧ୍ୟରେ ସେଗୁଡ଼ିକୁ ନିକ୍ଷିପ୍ତ କରି ରଖିଛି । ଏବଂ ସେହି କାରଣରୁହିଁ ତା' ସତ୍ତାର ନିମ୍ନତର ଭାଗଟି ଆପଣା ବିଷୟରେ ଅନେକ କମ୍ ନିଶ୍ଚିତ ହୋଇ ରହିଛି, ଆପଣା ପ୍ରକୃତିର ଦିଗଟି ବିଷୟରେ ଅତି କମ୍ ଆସ୍ଥାବାନ୍ ହୋଇ ରହିଛି, ଅଧିକ ପରିମାଣରେ ଅନ୍ଧାରରେ ବାଟ ବୁଲିଇବାରେ ଲାଗିଛି; ଆପଣାର କ୍ଷୁଦ୍ରତର ଆୟତନଟି ଭିତରେ ଇତରପ୍ରାଣୀ ଯେତିକି ଭୁଲ କରୁଛି ବା ଯେତିକି ଭୁଲ ଲାଗି ଉନ୍ମୁକ୍ତ ହୋଇ ରହିଛି, ଆପଣାର ବୃହତ୍ତର ଆୟତନଟିରେ ମନୁଷ୍ୟ ତା'ଠାରୁ ଅଧିକ ଭୁଲ କରୁଛି ଓ ଅଧିକ ଭୁଲ ଲାଗି ଉନ୍ମୁକ୍ତ ହୋଇ ରହିଛି । ଏପରି ଘଟୁଛି, କାରଣ ଏକ ବୃହତ୍ତର ଆତ୍ମସଚେତନ ଜୀବନର ସନ୍ଧାନ କରିବାହିଁ ମନୁଷ୍ୟର ଧର୍ମ ଓ ମନୁଷ୍ୟସତ୍ତାଗତ ବିଧାନରୂପେ ଉଦ୍ଦିଷ୍ଟ ହୋଇ ରହିଛି; ଏପରି ଏକ ଆତ୍ମ-ଅଭିବ୍ୟକ୍ତି ତା' ଲାଗି ଅଭିପ୍ରେତ ହୋଇ ରହିଛି, ଯାହାକି ଆଉ କୌଣସିପ୍ରକାର ତମସାଚ୍ଛନ୍ନତା ମଧ୍ୟରେ ଅସ୍ପଷ୍ଟ ହୋଇ ରହିବ ନାହିଁ, ଏକ ଅବୋଧ୍ୟ ଅନିବାର୍ଯ୍ୟତା ଦ୍ୱାରା ଆଦୌ ଶାସିତ ହେବ ନାହିଁ, ମାତ୍ର ତାହା ପୂର୍ଣ୍ଣ ଉଦ୍ଭାସିତ ହୋଇ ରହିବ; ଯେଉଁ ତତ୍ତ୍ୱଟି ଅଭିବ୍ୟକ୍ତ ହେବାରେ ଲାଗିଛି, ତାହା ବିଷୟରେ ସେ ପୂର୍ଣ୍ଣସଚେତ ହୋଇ ରହିବ ଏବଂ ତେଣୁ ତାହାକୁ ଏକ ପୂର୍ଣ୍ଣତର ଏବଂ ସମଗ୍ରତର ପ୍ରକାଶରୂପ ଦେବାରେ ସମର୍ଥ ହୋଇପାରିବ । ଏବଂ ଅବଶେଷରେ ଆପଣାର ଚରମ ଚରିତାର୍ଥତାରୂପେ ସେ ଆପଣାର ବୃହତ୍ତମ ତଥା ଯଥାର୍ଥ ଆତ୍ମସତ୍ତାଟି ସହିତ ଆପଣାକୁ ତଦାତ୍ମକ କରିଦେବ ଏବଂ ତାହାର ସ୍ୱତଃସ୍ଫୂର୍ତ୍ତ ପରିପୂର୍ଣ୍ଣ ଇଚ୍ଛା ତଥା ଜ୍ଞାନ ଦ୍ୱାରା ପ୍ରେରିତ ହୋଇହିଁ କାର୍ଯ୍ୟ କରିବ ବା ତାହାକୁହିଁ କାର୍ଯ୍ୟ କରିବାକୁ ବାଟ ଛାଡ଼ିଦେବ

'oaob.nitrkl.ac.in' images reprocessed

(କାରଣ ତା'ର ଏହି ପ୍ରାକୃତ ଅଭିବୃତ୍ତିଟିକୁ ଆମେ ତଦ୍‌ଗତତାର ସେହି ଅଭିବ୍ୟକ୍ତିରହିଁ ଏକ ନୈମିତ୍ତିକ ରୂପ ବୋଲି କହିବା ।) । ଏହି ପରିବର୍ତ୍ତନଟିକୁ ସମ୍ଭବ କରିବାରେ ବୁଦ୍ଧିଗତ ବୋଧ ଏବଂ ବୁଦ୍ଧିଗତ ସଙ୍କଳ୍ପହିଁ ତା'ର ପ୍ରଥମ ସାଧନରୂପେ ବ୍ୟବହୃତ ହେବ, ଏବଂ ଏହି ସାଧନଟି ତାହା ଭିତରେ ଯେଉଁ ପରିମାଣରେ ବିକାଶଲାଭ କରିଥିବ, ସେ ସେହି ପରିମାଣରେ ଆପଣାର ଜ୍ଞାନ ଓ ମାର୍ଗଦର୍ଶନ ଲାଗି ତାହାରି ଉପରେ ନିର୍ଭର କରିବାକୁ ପ୍ରବୃତ୍ତ ହେବ ଏବଂ ଆପଣା ସତ୍ତାର ଅବଶିଷ୍ଟ ଅଂଶଟିର ନିୟନ୍ତ୍ରଣକୁ ମଧ୍ୟ ସେ ତାହାରି ହାତରେ ଛାଡ଼ିଦେବ । ଏବଂ ଯଦି ଏହି ବୁଦ୍ଧିଟାହିଁ ସର୍ବୋଚ୍ଚ ବସ୍ତୁ ହୋଇଥାନ୍ତା ଏବଂ ଆତ୍ମା ତଥା ତଦ୍‌ଗତତାର ବୃହତ୍ତମ ଓ ସର୍ବସମ୍ପୂର୍ଣ୍ଣ ସାଧନ ହୋଇଥାନ୍ତା, ତେବେ ତାହା ସାହାଯ୍ୟରେ ମନୁଷ୍ୟ ଆପଣା ପ୍ରକୃତିର ସମୁଦାୟ ଗତିସ୍ପନ୍ଦନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଜାଣିପାରନ୍ତା ଏବଂ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ପରିଚାଳିତ ବି କରିପାରନ୍ତା । ଏହି କଥାଟିକୁ ସେ ସମ୍ପୂର୍ଣ୍ଣ ଭାବରେ କରିପାରୁ ନାହିଁ, କାରଣ ତା'ର ଆତ୍ମସତ୍ତା ହେଉଛି ତା'ର ବୁଦ୍ଧିଠାରୁ ଏକ ବୃହତ୍ତର ପଦାର୍ଥ, ଏବଂ ଯଦି ସେ ଆପଣାକୁ ଆପଣାର ବୁଦ୍ଧି ତଥା ବୁଦ୍ଧିପ୍ରେରିତ ସଙ୍କଳ୍ପ ଦ୍ୱାରାହିଁ ସୀମାବଦ୍ଧ କରି ରଖିବ, ତେବେ ସେ ଆପଣାର ଆତ୍ମ-ବିକାଶ, ଆତ୍ମ-ଅଭିବ୍ୟକ୍ତି, ଜ୍ଞାନ, କର୍ମ ତଥା ଆନନ୍ଦ ଉପରେ ବିସ୍ତାର ଏବଂ ଗୁଣ ଦୁଇଟିଯାକ ଦୃଷ୍ଟିରୁ ସତେଅବା ଆପଣାର ଖିଆଲ ଅନୁସାରେ ଏକ ସୀମାଗତ ସଙ୍କୁଚନକୁ ଲଦିଦେବାକୁ ବାହାରିବ । ତା' ସତ୍ତା ଭିତରେ ଏହି ବୁଦ୍ଧିଟି ବ୍ୟତୀତ ଆଉ ଯେଉଁସବୁ ଶକ୍ତି ରହିଛନ୍ତି, ସେଗୁଡ଼ିକ ମଧ୍ୟ ତାହାର ସେହି ଆତ୍ମସତ୍ତାଟିର ବୃହତ୍ତ୍ୱ ତଥା ପରିପୂର୍ଣ୍ଣତାର ଭୂମି ଉପରେ ଏକ ସମ୍ପୂର୍ଣ୍ଣ ଅଭିବ୍ୟକ୍ତି ଓ ପ୍ରକାଶର ଦାବି କରିବାରେ ଲାଗିଛନ୍ତି; ଏବଂ ସେମାନଙ୍କର ସେହି ଅଭିବ୍ୟକ୍ତିକୁ ଯଦି ମସ୍ତିଷ୍କଗତ ବୁଦ୍ଧିର ଅନମନୀୟ ସଂଗଠନଟି ଦ୍ୱାରା ଖଣ୍ଡିତ ଓ କର୍ତ୍ତିତ କରି ଦିଆଯାଏ, ଆପଣାର ଇଚ୍ଛା ଅନୁସାରେ ସେଗୁଡ଼ିକୁ କୌଣସି ନା କୌଣସି ଆକାର ଦିଆଯାଏ ଓ ଯଦି ସେଗୁଡ଼ିକୁ ଏକ ଯାନ୍ତ୍ରିକତାର ଅର୍ଗଳ ଭିତରେ ଆଣି ପକାଇ ଦିଆଯାଏ, ଅର୍ଥାତ୍ ସେଗୁଡ଼ିକର ଗୁଣଟିକୁ ଯଦି ଏକାବେଳକେ ବଦଳାଇ ଦିଆଯାଏ, ତେବେ ସେଗୁଡ଼ିକ ଆପଣାକୁ କଦାପି ପରିପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ କରିପାରିବେ ନାହିଁ । ଆମ ଭିତରେ ଯେଉଁ ବୃହତ୍ତର ଅତିମାନସ ବା ବିଜ୍ଞାନମୟ ପରମତତ୍ତ୍ୱଟି ରହିଛି, ଆମ ବୁଦ୍ଧିରୂପୀ ଏହି ଦେବତା ଅର୍ଥାତ୍ ବୁଦ୍ଧି-ଅନୁପ୍ରେରିତ ତତ୍ତ୍ୱଟିକୁ ଆମେ ତାହାର କେବଳ ଏକ ଆଂଶିକ ପ୍ରତିନିଧି ଅଥବା ଆଂଶିକ ସ୍ଥାନାପନ୍ନ ବୋଲିହିଁ କହିପାରିବା; ପ୍ରାଣୀର ଜୀବନଭୂମିଟି ଉପରେ ଏକ ପ୍ରଥମ ପର୍ଯ୍ୟାୟଗତ ଆଂଶିକ ଜ୍ଞାନ ଓ ଆଂଶିକ ବ୍ୟବସ୍ଥାର ଶାସନ ସ୍ଥାପିତ କରି ରଖିବା ହେଉଛି ବୁଦ୍ଧିରୂପୀ ଏହି ଦେବତାଟିର କାର୍ଯ୍ୟ, ମାତ୍ର କେବଳ ତଦ୍‌ଗତ ଅତିମାନସର ଆବିର୍ଭାବହିଁ ସେହି ଅସଲ, ପ୍ରକୃତ, ଚୂଡ଼ାନ୍ତ ଏବଂ ସମଗ୍ର ବ୍ୟବସ୍ଥାଟିର ପ୍ରତିଷ୍ଠା କରିଦେଇ ପାରିବ ।

'oaob.nitrkl.ac.in' images reprocessed

ନିମ୍ନତର ପ୍ରକୃତିର କ୍ଷେତ୍ରରେ ଅନ୍ତର୍ମାନସ ସବୁଠାରୁ ଅଧିକ ବଳଶାଳୀ ଭାବରେ ପ୍ରତିବୋଧରୂପେହିଁ ଅବସ୍ଥିତ ରହିଥାଏ; ଏବଂ ତେଣୁ ଏକ ପ୍ରତିବୋଧୀ ବା ସମ୍ବୋଧିଯୁକ୍ତ ମନର ବିକାଶ ଘଟାଇବା ଦ୍ୱାରାହିଁ ଆମେ ସେହି ସ୍ୱୟଂ-ବର୍ତ୍ତମାନ ସ୍ୱୟଂସ୍ଫୂର୍ତ୍ତି ତଥା ଅପରୋକ୍ଷ ଅନ୍ତର୍ମାନସ ଜ୍ଞାନଟି ଆଡ଼କୁ ଆମର ପ୍ରଥମ ପଦକ୍ଷେପଟିକୁ ସମ୍ଭବ କରିପାରିବା । ମନୁଷ୍ୟର ଯାବତୀୟ ଭୌତିକ, ପ୍ରାଣିକ, ସମ୍ବେଗଗତ, ଚୈତ୍ୟ ଏବଂ ଗତ୍ୟାତ୍ମକ ପ୍ରକୃତି ଏହିସବୁ ସାଧନର ଏକ ପ୍ରଚ୍ଛନ୍ନ ପ୍ରତିବୋଧାତ୍ମକ ଆତ୍ମସତ୍ତା ମଧ୍ୟରୁ ଉତ୍ଥିତ ହୋଇ ଆସୁଥିବା ସଙ୍କେତଗୁଡ଼ିକୁ ସତ୍ତାର ଉପରିଭାଗରେ ଗ୍ରହଣ କରିନେଇ ପାରିବା ଦ୍ୱାରା ତିଆରି ହୋଇଛି ଏବଂ ସେହି ପ୍ରକୃତି ସେହିସବୁ ସଙ୍କେତକୁ ଏକ ଉପରିଭାଗସ୍ଥ ସ୍ଥୂଳ ସ୍ୱରୂପ ଏବଂ ଶକ୍ତିମତ୍ତାର କ୍ରିୟାରୂପେ କାର୍ଯ୍ୟକାରୀ କରିବା ଲାଗି ପ୍ରୟାସ କରିବାରେ ଲାଗିଛି । ତାହାର ସେହି ପ୍ରୟାସଟି ସତେଅବା ଅନ୍ଧାରରେ ହାତ ବୁଲାଇଲା ପରି ହୋଇ ରହିଛି ଏବଂ ସତେଅବା ସେହି ଗୋଟିଏ ବୃତ୍ତିର ଚାରିପାଖରେ ମୁଣ୍ଡଳା ବୁଲାଇବା ପରି ଲାଗି ରହିଛି । ପ୍ରକୃତିର ଏହିସବୁ ସ୍ଥୂଳ ରୂପ ତଥା ଶକ୍ତିମତ୍ତା କଦାପି ପ୍ରକାଶ୍ୟ ଭାବରେ ଅନ୍ତର୍ଗତ ସେହି ଶକ୍ତି ବା ଜ୍ଞାନ ଦ୍ୱାରା ଆଲୋକିତ ହେଉ ନାହିଁ । ସେହି ସାଧନଗୁଡ଼ିକ ପ୍ରକୃତରେ କ'ଣ ଚାହୁଁଛନ୍ତି ବା କ'ଣ ଖୋଜୁଛନ୍ତି, ସେଇଟିକୁ ଆବିଷ୍କାର କରିପାରିବା ଲାଗି ଏବଂ ସେମାନଙ୍କର ଆତ୍ମ-ଅଭିବ୍ୟକ୍ତିର ସେହି ଅଭିଳଷିତ ପରିପୂର୍ଣ୍ଣତା ପର୍ଯ୍ୟନ୍ତ ସେମାନଙ୍କୁ ପରିଚାଳିତ କରିନେବା ଲାଗି ଉତ୍ତରୋତ୍ତର ଅଧିକ କ୍ରିୟାଶୀଳ ହୋଇ ଉଠୁଥିବା ଏକ ସମ୍ବୋଧି-ମନରହିଁ ସବୁଠାରୁ ଅଧିକ ସୁଯୋଗ ରହିଛି । ବୁଦ୍ଧିଗତ ବିଚାରଣାକୁ ଆମେ ଏହି ପ୍ରସଙ୍ଗରେ କେବଳ ଉପରିଭାଗଟାରହିଁ ନିୟମନ କରିପାରୁଥିବା ଏକ ବୁଦ୍ଧି ଦ୍ୱାରା ସମ୍ଭବ ହେଉଥିବା ସେହିସବୁ ସଙ୍କେତର ଏକ ବିଶେଷ ପ୍ରକାରରହିଁ ପ୍ରୟୋଗମାତ୍ର ବୋଲି କହିବା; ସେହିସବୁ ସଙ୍କେତ ବସ୍ତୁତଃ ସମ୍ବୋଧି-ଆତ୍ମାର ଏକ ଗୁପ୍ତ ଶକ୍ତିରୁ ଉଦ୍ଭୂତ ହୋଇ ଆସିଥାନ୍ତି, ଯାହାକି ବେଳେବେଳେ ଆଂଶିକ ଭାବରେ ପ୍ରତ୍ୟକ୍ଷ ଏବଂ କ୍ରିୟାଶୀଳ ମଧ୍ୟ ହୋଇଯାଇ ପାରନ୍ତି । ତାହାର ଯାବତୀୟ କ୍ରିୟାର ଆଚ୍ଛନ୍ନ ବା ଅର୍ଦ୍ଧ-ଆଚ୍ଛନ୍ନ ମୂଳ ବିନ୍ଦୁଟିରେ ଏପରି କୌଣସି ଏକ ତତ୍ତ୍ୱ ବିଦ୍ୟମାନ ରହିଥାଏ, ଯାହାକି ବୁଦ୍ଧି ଦ୍ୱାରା ରଚିତ ହୋଇ ନଥାଏ, ମାତ୍ର ଯାହାକି ପ୍ରତ୍ୟକ୍ଷ ଭାବରେ ସମ୍ବୋଧିଟି ଦ୍ୱାରା ଅଥବା ପରୋକ୍ଷ ଭାବରେ ମନର କୌଣସି ଅନ୍ୟ ଭାଗଟିର ମାଧ୍ୟମରେ ତାହାକୁ ପ୍ରଦତ୍ତ ହୋଇ ରହିଥାଏ, ଯେପରିକି ସେ ସେଇଟିକୁ ଏକ ବୁଦ୍ଧିଗତ ରୂପ ଓ ପ୍ରକ୍ରିୟାର ଆକାର ଦେଇ ଗଢ଼ିପାରିବ । ଆପଣାର ଅପେକ୍ଷାକୃତ ଅଧିକ ସଂକ୍ଷେପିତ ଅଥବା ଅଧିକ ବିକଶିତ କ୍ରିୟାଗୁଡ଼ିକ ଦ୍ୱାରା ହୋଇଥାଉ ପଛକେ, ଏହି କ୍ଷେତ୍ରରେ ଯାବତୀୟ ନିର୍ଣ୍ଣୟ କରୁଥିବା ଆମର ବୁଦ୍ଧିପ୍ରେରିତ ବିବେକଶକ୍ତି ଏବଂ ନ୍ୟାୟବୋଧ ଦ୍ୱାରା ପ୍ରେରିତ ବୁଦ୍ଧିର ଯନ୍ତ୍ରବତ୍ ପ୍ରକ୍ରିୟାଟି ଆମର ସଂକଳ୍ପ ତଥା

'oaob.nitrkl.ac.in' images reprocessed

ଭାବନାର ଶକ୍ତିଟିର ଯଥାର୍ଥ ମୂଳ ଏବଂ ସ୍ୱାଭାବିକ ଭକ୍ତିଟିର ପ୍ରକାଶସାଧନ ଉଭୟ ସଙ୍ଗେସଙ୍ଗେ ସେଇଟିକୁ ଆବରଣ ତଳେ ଲୁଚାଇ ମଧ୍ୟ ରଖିଥାଏ । ଯେଉଁମାନଙ୍କର ମନରେ ଏହି ଆବରଣଟି ଯେତେ କ୍ଷୟପ୍ରାପ୍ତ ହୋଇ ସରୁ ହୋଇ ଆସିଥାଏ ଏବଂ ସଂବୋଧିପ୍ରେରିତ ଭାବନା ଲାଗିହିଁ ସବୁଠାରୁ ଅଧିକ ଜାଗା ରହିଥାଏ ଏବଂ ଯାହା ଫଳରେ ନିଃସନ୍ଦେହ ଭାବରେ ଅନେକ ସମୟରେ,—ମାତ୍ର ସବୁ ସମୟରେ କଦାପି ନୁହେଁ,—ଆନୁଷଙ୍ଗିକ ଭାବରେ ବୌଦ୍ଧିକ ବିସ୍ତାର ଏକ ବୃହତ୍ ସଂଘଟନ ସମ୍ଭବ ହୋଇଥାଏ, ଆମେ ସେହିମାନଙ୍କୁହିଁ ଜଣେ ଜଣେ ମହାନ୍ ମନୀଷୀ ବୋଲି କହିବା । ଏକଥା ସତ ଯେ ମନୁଷ୍ୟର ଏହି ବର୍ତ୍ତମାନ ମନଟିରେ ସଂବୋଧିପ୍ରେରିତ ବୃତ୍ତି ପ୍ରକୃତରେ କେବେହେଲେ ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ଓ ପୂର୍ଣ୍ଣ ହୋଇ ରହି ନଥାଏ, କାରଣ ତାହା ସେହି ମନର ମାଧ୍ୟମରେହିଁ କାର୍ଯ୍ୟ କରୁଥାଏ ଏବଂ ଯୁଗପତ୍ ଭାବରେ ମନୋମୟତାର ଏକ ମିଶ୍ରିତ ସାମଗ୍ରୀ ଦ୍ୱାରା ଅଧିକୃତ ଅଥବା ଆବୃତ ହୋଇ ରହିଥାଏ । ସେଇଟି ଏପର୍ଯ୍ୟନ୍ତ ବାହାରକୁ ଆସିପାରି ନଥାଏ, ପ୍ରକାଶଲାଭ କରି ନଥାଏ ବା ପରିପୂର୍ଣ୍ଣ ବି ହୋଇପାରି ନଥାଏ; ଏବଂ ତେଣୁ ମନର ଅନ୍ୟ ସାଧନଗୁଡ଼ିକ ବର୍ତ୍ତମାନ ଯେଉଁସବୁ କାର୍ଯ୍ୟ କରୁଛନ୍ତି, ସେଗୁଡ଼ିକ ସମ୍ପନ୍ନ କରିପାରିବା ଲାଗି ତାହା ଯଥେଷ୍ଟ ଭାବରେ ସମର୍ଥ ହୋଇ ନଥାଏ । ସେଗୁଡ଼ିକୁ ଆପଣା ହାତରେ ଗ୍ରହଣ କରିନେଇ ସେଗୁଡ଼ିକୁ ସେଗୁଡ଼ିକର ସ୍ୱକୀୟ ପୂର୍ଣ୍ଣତମ, ପ୍ରତ୍ୟକ୍ଷତମ, ନିଶ୍ଚିତତମ ଏବଂ ଯଥେଷ୍ଟତମ କ୍ରିୟାତ୍ମକତାଗୁଡ଼ିକ ଦ୍ୱାରା ପରିବର୍ତ୍ତିତ କରି ପାରିବାକୁ ଅଥବା ସେଗୁଡ଼ିକ ବଦଳରେ ଏଗୁଡ଼ିକର ପ୍ରତିଷ୍ଠା କରି ପାରିବାକୁ ଉଚିତ ଭାବରେ ଉପଯୁକ୍ତ ହୋଇ ନଥାଏ । ଯଦି, ସଂବୋଧି-ମନକୁ ସବୁଠୁଅଧିକା ଏକ ମଧ୍ୟବର୍ତ୍ତୀକାଳୀନ ସାଧନରୂପେ ବ୍ୟବହାର କରି, ସିଏ ଯାହାର ଏକ ମନୋମୟ ରୂପାୟନ ହୋଇ ରହିଛି, ସେହି ପ୍ରଚ୍ଛନ୍ନ ଅତିମାନସଟିକୁହିଁ ଆମେ ପ୍ରକାଶିତ କରି ଆଣିପାରିବା ଏବଂ ଆମର ସମ୍ପୂର୍ଣ୍ଣ-ଭାବସ୍ଥ ଚେତନାଟିରେ ସେହି ଅତିମାନସରହିଁ ଏପରି ଏକ ମୂର୍ତ୍ତିରୂପ ଏବଂ ସାଧନ ଗଢ଼ି ଠିଆକରି ଦେଇପାରିବା ଯାହା ଦ୍ୱାରା କି ଆତ୍ମସତ୍ତ୍ୱ ଓ ତଦ୍‌ଗତତା ପକ୍ଷରେ ଆପଣାର ସ୍ୱକୀୟ ବୃହତ୍ତ୍ୱ ତଥା ମହିମାରେ ଆପଣାକୁ ପ୍ରତିଷ୍ଠିତ କରିଦେବା ସମ୍ଭବ ହେବ, କେବଳ ବସ୍ତୁତଃ ସେତେବେଳେଯାଇ ତାହା କରାଯାଇ ପାରିବ ।

ଏକଥାଟି ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ସର୍ବଜ୍ଞ ତଥା ସର୍ବଶକ୍ତିମାନ୍ ଈଶ୍ୱରଙ୍କର ସେହି ସର୍ବୋଚ୍ଚ ଅତିମାନସ ଏବଂ ଜୀବ ଦ୍ୱାରା ଉପଲବ୍ଧ ହୋଇ ପାରୁଥିବା ଅତିମାନସ ମଧ୍ୟରେ ସବୁବେଳେ ଏକ ପାର୍ଥକ୍ୟ ରହିଛି । ମନୁଷ୍ୟ ବର୍ତ୍ତମାନ ଆପଣାର ଆରୋହଣ ଦ୍ୱାରା ଅଦ୍ୱିତୀୟଟିକୁ ପାର ହୋଇଯିବାକୁ ଲାଗିଛି, ଏବଂ ଯେତେବେଳେ ସେ ଅତିମାନସ ପ୍ରକୃତିଟି ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯାଇ ପାରିବ, ସେତେବେଳେ ସେ ଆପଣାର ସେହି ଆରୋହଣପଥରେ ଏତାଧିକ କେତେ ସୋପାନ ଦେଖିବାକୁ

ପାଇବ ଏବଂ ଉଚ୍ଚତର ଶିଖରଗୁଡ଼ିକୁ ଉଠିଯିବା ପୂର୍ବରୁ ତାକୁ ନିମ୍ନତର ସୋପାନ ତଥା ସୀମାବଦ୍ଧ ପଦକ୍ଷେପଗୁଡ଼ିକରୁହିଁ ଆରମ୍ଭ କରିବାକୁ ପଡ଼ିବ । ସେଠାରେ ଉପନୀତ ହୋଇ ସେ ସେହି ପରମ ଚିଦ୍‌ଗତତା ସହିତ ଏକରୂପତା ଅର୍ଜନ କରି ଅନନ୍ତ ଆତ୍ମସତ୍ତାର ମର୍ମଗତ ପୂର୍ଣ୍ଣ ଆଲୋକ, ଶକ୍ତିସମନ୍ୱିତା ତଥା ଆନନ୍ଦଟିର ଉପଭୋଗ କରିବ ସତ, ମାତ୍ର ନିତ୍ୟାଶୀଳ ଓ ଗତି ଦ୍ୱାରା ପ୍ରେରିତ ଅଭିବ୍ୟକ୍ତିର ଭୂମିରେ, ସେହି ବିଶ୍ୱାତୀତ ତଥା ବିଶ୍ୱଗତ ପରମ ଚିଦ୍‌ଗତତା ଜୀବ ମଧ୍ୟରେ ଆପଣାର ଯେଉଁ ଅଭିବ୍ୟକ୍ତିଟିକୁ ଲୋଡ଼ି ବାହାରିଛନ୍ତି, ତାହାର ବିଶେଷ ପ୍ରକୃତିଟି ଅନୁସାରେ ତାହା ଆପଣାକୁ ଅବଶ୍ୟ ନିରୂପିତ ଏବଂ ବ୍ୟକ୍ତିତ୍ୱାପନ୍ନ କରି ରଖିବ । ଈଶ୍ୱରଙ୍କୁ ଉପଲବ୍ଧି କରିବା ଏବଂ ଈଶ୍ୱରଙ୍କୁ ପ୍ରକାଶିତ କରିଦେବା,—ଏହାହିଁ ଆମ ଯୋଗର ଉଦ୍ଦେଶ୍ୟ ହୋଇ ରହିବ, ଏବଂ ବିଶେଷ ଭାବରେ ଏହାର ଗତିଶୀଳ ଦିଗଟିର ଉଦ୍ଦେଶ୍ୟ ହୋଇ ରହିବ; ଅର୍ଥାତ୍ ଏହା ଦ୍ୱାରା ଆମ ଭିତରେ ସେହି ଈଶ୍ୱରଙ୍କରହିଁ ଏକ ଆତ୍ମପ୍ରକାଶ ସଂଘଟିତ ହେବ, ମାତ୍ର ମାନବତାର ପରିବେଶ ମଧ୍ୟରେ ଏବଂ ଦିବ୍ୟଭାବରେ ସଞ୍ଚାରିତ ହୋଇ ରହିଥିବା ମନୁଷ୍ୟ-ପ୍ରକୃତିର ମଧ୍ୟଦେଇହିଁ ତାହା ସଂଘଟିତ ହେବ ।

'oaob.nitrkl.ac.in' images reprocessed

## ବିଂଶ ପରିଚ୍ଛେଦ

# ସଂବୋଧି-ମନ

ପରମ ଅନନ୍ତ ସତ୍ତାଙ୍କର ତଥା ସକଳ ବସ୍ତୁରେ ବିଦ୍ୟମାନ ରହିଥିବା ବିଶ୍ୱଗତ ପରମ ଚିଦ୍‌ଗତତା ଏବଂ ପରମାତ୍ମସତ୍ତାର ଆତ୍ମ-ବିବେକ ଓ ସର୍ବ-ବିବେକ,—ଏହାହିଁ ହେଲା ଅତିମାନସର ସର୍ବମୂଳ ପ୍ରକୃତି; ଏକ ପ୍ରତ୍ୟକ୍ଷ ଆତ୍ମ-ଜ୍ଞାନର ଭିତ୍ତି ଉପରେ ଏବଂ ତାହାର ପ୍ରକୃତିଟି ଅନୁସାରେ ତାହା ଏହି ବିଶ୍ୱଜଗତ ଏବଂ ବିଶ୍ୱଜଗତସ୍ଥ ଯାବତୀୟ ବସ୍ତୁର ବିକାଶ ତଥା ନିୟମନଯୁକ୍ତ କିମ୍ବା ସକାଶେ ଆପଣାର ସ୍ୱକୀୟ ପ୍ରଜ୍ଞା ଏବଂ କାର୍ଯ୍ୟ-ସାଧକ ସର୍ବଶକ୍ତିମତ୍ତାକୁ ସଂଗଠିତ କରିବାରେ ଲାଗିଥାଏ । ଆମେ ଏହାକୁ ପରମ ଚିଦ୍‌ଗତତାର ବିଜ୍ଞାନ-ସ୍ୱରୂପ ବୋଲି କହିପାରିବା, ଆପଣାର ସ୍ୱକୀୟ ବିଶ୍ୱଟିର ପ୍ରଭୁ ବୋଲି କହିପାରିବା; ଆତ୍ମା, ଜ୍ଞାତା ଏବଂ ଈଶ୍ୱର ବୋଲି କହିପାରିବା । ଏହା ଆପଣାକୁ ଜାଣିବା ପରି ସକଳ ବସ୍ତୁକୁ ମଧ୍ୟ ଅପରୋକ୍ଷ ଭାବରେ ଜାଣିଥାଏ, କାରଣ ସବୁକିଛିକୁ ତାହା କେବଳ ଆପଣାରହିଁ ନାନା ସମ୍ଭୂତିରୂପେ ଅନୁଭବ କରିଥାଏ; ସେଗୁଡ଼ିକୁ ସେ ସମଗ୍ର ଭାବରେ ଜାଣିଥାଏ, ଭିତରୁ ବାହାର ଆଡ଼କୁ ଜାଣିଥାଏ, ତାହା ମଧ୍ୟରେ ରହିଥିବା ଯାବତୀୟ ଟିକିନିଖିକୁ ଏବଂ ବ୍ୟବସ୍ଥାକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଜାଣେ, ପ୍ରତ୍ୟେକ ବସ୍ତୁକୁ ତା'ର ନିଜର ସତ୍ୟଟିର ଭୂମିରେ, ତା'ର ପ୍ରକୃତିଗତ ସତ୍ୟର ଭୂମିରେ ଏବଂ ଅନ୍ୟ ଯାବତୀୟ ବସ୍ତୁଗୁଡ଼ିକ ସହିତ ରହିଥିବା ତାହାର ସମ୍ବନ୍ଧଟିର ଭୂମିରେ ମଧ୍ୟ ଜାଣିଥାଏ । ଏବଂ ସେହିପରି ଭାବରେ ତାହା ସ୍ୱ-ଶକ୍ତିର ସକଳ କାର୍ଯ୍ୟକୁ ଅର୍ଥାତ୍ ତାହାର ପୂର୍ବ ନିମିତ୍ତଟିକୁ ବା ତା' ଅଭିବ୍ୟକ୍ତିର କାରଣ, ପ୍ରସଙ୍ଗ ତଥା ତାହାର ଫଳ ବା ପରିଣାମକୁ ମଧ୍ୟ ଜାଣିଥାଏ, ସକଳ ବସ୍ତୁର ଅସୀମ ଏବଂ ସସୀମ ବିଭିନ୍ନ ପ୍ରକାରର ସମ୍ଭାବ୍ୟ ଶକ୍ତିକୁ ତଥା ସେହି ଶକ୍ତିଟିରୁ ସେଗୁଡ଼ିକର ପ୍ରତ୍ୟକ୍ଷ ବାସ୍ତବ କ୍ଷମତାର ନିର୍ବାଚନକୁ ଏବଂ ସେଗୁଡ଼ିକର ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତର ନିୟତିକୁ ମଧ୍ୟ ଜାଣିଥାଏ । ଏହି ଜଗତରେ ବିଦ୍ୟମାନ ରହିଥିବା କୌଣସି ଦିବ୍ୟ ସତ୍ତାଙ୍କର ସଂଗଠନସମର୍ଥ ଅତିମାନସ ଏଠାରେ କେବଳ ଏହି ସର୍ବଶକ୍ତିମତ୍ତା ଏବଂ ସର୍ବଜ୍ଞତାର ଏକ ପ୍ରତିନିଧି ହୋଇ ରହିବ, ତାଙ୍କର କିମ୍ବା, ପ୍ରକୃତି ଓ ଏହାର

'oaob.nitrkl.ac.in' images reprocessed

ସମୁଦାୟ ଆୟତନ ମଧ୍ୟରେ ଆସୁଥିବା ଯାବତୀୟ ବିଷୟର ଉଦ୍ଦେଶ୍ୟସାଧନ ଲାଗି ତଥା ସେହିସବୁର କ୍ଷେତ୍ରାନ୍ତର୍ଗତ ଏକ ପ୍ରତିନିଧି ହୋଇ ରହିବ । ସେହିପରି ଭାବରେ, ତାହାର ମାତ୍ରା ବା କ୍ଷେତ୍ର ଯାହା ହୋଇଥାଉ ପଛକେ, ଜଣେ ବ୍ୟକ୍ତି ମଧ୍ୟରେ ଆବିର୍ଭୂତ ହୋଇଥିବା ଅତିମାନସ ମଧ୍ୟ ସେହିଭଳି ଏକ ପ୍ରତିନିଧି ହୋଇ ରହିବ । ମାତ୍ର ପାର୍ଥକ୍ୟ ଏତିକି ରହିବ ଯେ ଦେବତା ମଧ୍ୟରେ ଏହା ଏପରି ଏକ ଶକ୍ତିର ସାକ୍ଷାତ୍ ଏବଂ ପ୍ରତ୍ୟକ୍ଷ ପ୍ରତିନିଧି ହୋଇ ରହିବ, ଯାହାକି ସ୍ୱରୂପତଃ ଅସୀମ ହୋଇ ରହିଥିବ ଏବଂ କେବଳ କ୍ରିୟାତ୍ମକତାର ଭୂମିରେହିଁ ସୀମିତ ହୋଇ ଯାଉଥିବ, ମାତ୍ର ଅନ୍ୟଥା ଆପଣାର କ୍ରିୟାରେ ଅପରିବର୍ତ୍ତିତ ରହିଥିବ, ସମଷ୍ଟି ଲାଗି ସ୍ୱାଭାବିକ ହୋଇ ରହିଥିବ ଏବଂ ସର୍ବଦା ପୂର୍ଣ୍ଣ ତଥା ମୁକ୍ତ ହୋଇ ରହିଥିବ; ମାତ୍ର ମନୁଷ୍ୟର କ୍ଷେତ୍ରରେ ଅତିମାନସର ଯେକୌଣସି ଆବିର୍ଭାବକୁ ଏକ କ୍ରମିକ ପଦ୍ଧତି ହୋଇ ରହିବାକୁ ପଡ଼ିବ, ପ୍ରଥମ ଅବସ୍ଥାରେ ଏକ ଅପୂର୍ଣ୍ଣ ରଚନା ହୋଇ ରହିବାକୁ ପଡ଼ିବ ଏବଂ ତାହାର ସଂସ୍କାରଗତ ମନଟି ସକାଶେ ସତେଅବା ଏକ ଅସାଧାରଣ ଓ ଅଲୌକିକ ସଙ୍କଳ୍ପ ତଥା ଜ୍ଞାନର ଏକ ବ୍ୟାପାର ବୋଲି ପ୍ରତୀତ ହେବାରେ ଲାଗିଥିବ ।

ପ୍ରଥମ କଥା ହେଉଛି ଯେ ଏହା ତା' ଲାଗି କଦାପି ଏକ ସହଜାତ ଶକ୍ତି ସଦୃଶ ହୋଇ ରହିବ ନାହିଁ, ଯାହାକୁ କି ସେ ଅବିରାମ ଓ ଅବ୍ୟାହତ ଭାବରେ ଉପଭୋଗ କରି ପାରୁଥିବ; ମାତ୍ର ତାହା ଏକ ପ୍ରଚ୍ଛନ୍ନ ସମ୍ଭାବନାମୟତା ହୋଇ ରହିବ ଯାହାକୁ କି ଆବିଷ୍କାର କରିବାକୁ ପଡ଼ିବ, ଏବଂ ଯାହା ସକାଶେ କି ତା'ର ବର୍ତ୍ତମାନ ଶାରୀର ଅଥବା ମାନସିକ ବ୍ୟବସ୍ଥାଟିରେ କୌଣସି ଢବାହୁକ ସାଧନ ମଧ୍ୟ ମହଜୁଦ ନଥିବ । ଏଥିଲାଗି ତାହାକୁ ହୁଏତ ଏକ ନୂତନ ସାଧନର ବିକାଶ କରାଇ ଆଣିବାକୁ ପଡ଼ିବ ବା ତା' ନହେଲେ ତା' ପାଖରେ ବର୍ତ୍ତମାନ ମହଜୁଦ ଥିବା ସାଧନଗୁଡ଼ିକୁ ଅନୁରୂପ ଭାବରେ ମଣ କରାଇ ନେବାକୁ ହେବ, ରୂପାନ୍ତରିତ କରିଦେବାକୁ ହେବ ଏବଂ ଏହି ଉଦ୍ଦେଶ୍ୟଟିର ସାଧନ ଲାଗି ସେଗୁଡ଼ିକୁ ଉପଯୋଗୀ କରିନେବାକୁ ହେବ । ତାକୁ କେବଳ ଆପଣା ସଂଗୁପ୍ତ ସତ୍ତାର ଅନ୍ତଃନିମଗ୍ନ ଗୁହାଟି ମଧ୍ୟରେ ଲୁକ୍କାୟିତ ହୋଇ ରହିଥିବା ଅତିମାନସରୂପୀ ସୂର୍ଯ୍ୟଙ୍କର ଅନାବରଣ କରିବାକୁ ପଡ଼ିବ ନାହିଁ ବା ଯେପରିକି ସେହି ସୂର୍ଯ୍ୟ ଆପଣାର ସକଳ ମହିମାରେ ତତ୍‌କ୍ଷଣାତ୍ ଝଟକି ଉଠିପାରିବେ, ସେଥିଲାଗି ଚିଦ୍‌ଗଗନ ଉପରେ ତାଙ୍କ ସମ୍ମୁଖରେ ରହିଥିବା ମନୋଗତ ଅଜ୍ଞାନର ମେଘଖଣ୍ଡଟିକୁ କେବଳ ଘୁଞ୍ଚାଇଦେବାକୁହିଁ ପଡ଼ିବ ନାହିଁ । ଏହି କ୍ଷେତ୍ରରେ ତା' ଲାଗି ଏକ ଅଧିକ ଜଟିଳ ଓ ଅଧିକ ଆୟାସସାଧ୍ୟ କାର୍ଯ୍ୟ ଅପେକ୍ଷା କରି ରହିଛି; କାରଣ ସିଏ ହେଉଛି ଗୋଟିଏ ବିବର୍ତ୍ତିନାତ୍ମକ ସତ୍ତା, ଏବଂ, ସିଏ ଯେଉଁ ପ୍ରକୃତିର ଗୋଟିଏ ଅଂଶ ହୋଇ ରହିଛି, ତାହାର ବିବର୍ତ୍ତନଟି ଦ୍ୱାରା ତାହା ମଧ୍ୟରେ ଏକ ନିମ୍ନତର ପ୍ରକାରର ଜ୍ଞାନ ପ୍ରସ୍ଥାପିତ ହୋଇ ରହିଛି; ଏବଂ ଏହି ନିମ୍ନତର ଜ୍ଞାନ ଅର୍ଥାତ୍ ଜ୍ଞାନର

'oaob.nitrkl.ac.in' images reprocessed

ଏହି ମନୋମୟ ଶକ୍ତିଟି ତାହାର ଅନବଚ୍ଛିନ୍ନ ସଂସ୍କାରଗତ କ୍ରିୟାଟି ଦ୍ୱାରା ତା'ର ସଙ୍କୀର୍ଣ୍ଣ ପ୍ରକୃତି ଅପେକ୍ଷା ବୃହତ୍ତର ଏକ ନୂତନ ରୂପାୟନ ସକାଶେ ଏକ ପ୍ରତିବନ୍ଧକ ପରି ହୋଇ ରହିଛି । ମନୁଷ୍ୟ ପାଖରେ ଏକ ଅତି ସୀମାବଦ୍ଧ ମନୋଗତ ବୁଦ୍ଧି ରହିଛି ଓ ସେହି ବୁଦ୍ଧି ଏକ ସୀମାବଦ୍ଧ ଇନ୍ଦ୍ରିୟଗତ ମନକୁ ଅବଲମ୍ବନ କରି ରହିଛି; ଏବଂ ବୁଦ୍ଧିଗତ ବିବେକଶକ୍ତିଟିକୁ କାମରେ ଲଗାଇ ତାହାକୁ ପ୍ରକୃତ ପରିମାଣରେ ପ୍ରସାରଯୁକ୍ତ କରିବାର ସାମର୍ଥ୍ୟଟିର ମଧ୍ୟ ସମ୍ୟକ୍ ଭାବରେ ଉପଯୋଗ କରାଯାଇ ନାହିଁ;—ଏହିଭଳି କେତେକ ଶକ୍ତି ବା ସମର୍ଥତା ଦ୍ୱାରାହିଁ ମନୁଷ୍ୟ ବର୍ତ୍ତମାନ ପୃଥିବୀସ୍ଥ ଅନ୍ୟ ସକଳ ପ୍ରାଣୀଙ୍କଠାରୁ ଭିନ୍ନ ବୋଲି ପରିଚିତ ହୋଇ ରହିଛି । ଏହି ଇନ୍ଦ୍ରିୟ-ମନ, ଏହି ବୁଦ୍ଧି ଓ ବୁଦ୍ଧିପ୍ରେରିତ କଳ୍ପନା ଯେତେ ଅପୂର୍ଣ୍ଣ ଓ ଅସନ୍ତୋଷ ହୋଇଥିଲେ ମଧ୍ୟ ମନୁଷ୍ୟ ଏହି ସାଧନଗୁଡ଼ିକ ଉପରେହିଁ ଆସ୍ଥା ସ୍ଥାପନ କରି ଶିଖିଛି ଏବଂ ସେଗୁଡ଼ିକ ସାହାଯ୍ୟରେ ସେ ଆପଣା ଲାଗି ଏପରି କେତୋଟି ମୂଳଦୁଆ ସ୍ଥାପନ କରି ରଖିଛି, ଯାହାକୁ କି କୌଣସିପ୍ରକାରେ ବିଚଳିତ କରିବା ସକାଶେ ତା'ର ଆଦୌ ଶ୍ରଦ୍ଧା ଇଚ୍ଛା କିମ୍ବା ନାହିଁ । ଏହିପରି ଭାବରେ ସେ ଆପଣା ଭୂମିରେ କେତୋଟି ସୀମା କାଟିଦେଇ ରଖିଛି, ଯାହା ବାହାରକୁ ଯିବାମାତ୍ରକେ ତା' ଲାଗି ସବୁକିଛି କେବଳ ଏକ ଅବ୍ୟବସ୍ଥା, ଅନିଶ୍ଚିତତା ଓ ଏକ ବିନାଶକାରୀ ଦୁଃସାହସିକତାରେହିଁ ପରିଣତ ହୋଇଯାଉଛି । ପୁନଶ୍ଚ, ଉଚ୍ଚତର ଚେତନାଟି ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯିବା ଲାଗି ତାକୁ ଯେ କେବଳ ବହୁ କଷ୍ଟ ସ୍ୱୀକାର କରି ଆପଣାର ସମୁଦାୟ ମନ, କଳ୍ପନା ଏବଂ ବୁଦ୍ଧିକୁ ଏକ ସମ୍ପୂର୍ଣ୍ଣ ନୂତନ ଦୀକ୍ଷା ଦେବାକୁ ପଡୁଛି ତା' ନୁହେଁ, ମାତ୍ର ଗୋଟିଏ ନିର୍ଦ୍ଦିଷ୍ଟ ଅର୍ଥରେ କହିବାକୁ ଗଲେ ତାକୁ ସେଗୁଡ଼ିକର ଯାବତୀୟ ପଦ୍ଧତିକୁ ଏକାବେଳକେ ଓଲଟାଇହିଁ କରିଦେବାକୁ ପଡୁଛି । ଅସ୍ଥା ପରବର୍ତ୍ତିନର ଏକ ନିର୍ଦ୍ଦିଷ୍ଟ ମୀମାଂସକ ରେଖାଟିର ଉପରକୁ ଆରୋହଣ କରିଯାଇ ଆପଣାର ପୂର୍ବତନ ସକଳ କ୍ରିୟାତ୍ମକତାକୁ କେବଳ ଏକ ନିମ୍ନତର ଏବଂ ଅଜ୍ଞାନକଳ୍ପିତ କ୍ରିୟା ବୋଲିହିଁ ଦେଖିବାକୁ ପାଉଛି, ଏବଂ ସେତେବେଳେ ତାକୁ ସମ୍ପୂର୍ଣ୍ଣ ଭିନ୍ନ ଆଉ ଏକ ପ୍ରକାରର କ୍ରିୟାକୁ କାର୍ଯ୍ୟକାରୀ କରିବାକୁ ପଡୁଛି, ଯାହାକି ସମ୍ପୂର୍ଣ୍ଣ ଏକ ଭିନ୍ନ ଆରମ୍ଭ-ବିନ୍ଦୁରୁହିଁ ଆରମ୍ଭ ହେଉଛି ଏବଂ ଯେଉଁଥିରେ ସତ୍ତାଗତ ଶକ୍ତିର ପ୍ରୟୋଜନ ଏକାବେଳକେ ଅନ୍ୟ ପ୍ରକାରର ହୋଇ ରହିଛି । ଇତରପ୍ରାଣୀର ମନକୁ ଯଦି ଏକ କଳ୍ପନାପୂର୍ଣ୍ଣ ବୁଦ୍ଧିର ସଙ୍କଟମୟ ଦୁଃସାହସିକତାର ପଥଟିକୁ ଗ୍ରହଣ କରିବା ଲାଗି ଇନ୍ଦ୍ରିୟାବେଗ, ଇନ୍ଦ୍ରିୟବୋଧ ତଥା ସହଜାତ ପ୍ରବୃତ୍ତିର ନିରାପଦ ଭୂମିଟିକୁ ଜାଣିଶୁଣି ଛାଡ଼ି ଚାଲି ଆସିବାକୁ ଆହ୍ୱାନ କରାଯାଏ, ତେବେ ସେ ସମ୍ଭବତଃ ଅତ୍ୟନ୍ତ ଭୟଗ୍ରସ୍ତ ଭାବରେ ଓ ଏକାନ୍ତ ଅନିଚ୍ଛୁକ ହୋଇ ଏହିଭଳି ଏକ ପ୍ରସ୍ତାବରୁ ଦୂରକୁ ପଳାଇବାକୁ ବାହାରିବ । ଏବଂ ମାନସିକ ଚେତନାର ରୂପାନ୍ତର ଘଟାଇବାର କାର୍ଯ୍ୟଟିରେ ମନୁଷ୍ୟର ମନକୁ ଅଧିକ ବୃହତ୍ତର ଏକ

ପରିବର୍ତ୍ତନକୁ ସମ୍ଭବ କରାଇବାର ଆହ୍ୱାନ ଦେଆସିବ; ଆପଣା ସମ୍ଭାବ୍ୟତାର ପରିଧି ମଧ୍ୟରେ ମନୁଷ୍ୟ ଅବଶ୍ୟ ଆତ୍ମସଚେତନ ଏବଂ ସାହସିକତାପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ସେ ତଥାପି ଏଇଟିକୁ ତା' ପରିଧିର ବାହାରେ ବୋଲି ବିଚାର କରିନେବ ଏବଂ ତେଣୁ ସେଭଳି ଏକ ଦୁଃସାହସିକତାକୁ ଆଦୌ ମନ ବଳାଇବ ନାହିଁ । ବସ୍ତୁତଃ, ଆମ ଚେତନାର ବର୍ତ୍ତମାନ ସ୍ତରଟିରେ ପ୍ରଥମେ ଏକ ଆଧ୍ୟାତ୍ମିକ ବିକାଶ ଘଟିଲେ ଯାଇ ଈପ୍ସିତ ଏହି ପରିବର୍ତ୍ତନଟି ସମ୍ଭବ ହେବ; ଏବଂ ଆମର ମନ ଯେତେବେଳେ ଅନ୍ତରସ୍ଥ ବୃହତ୍ତର ଆତ୍ମସତ୍ତାଟି ବିଷୟରେ ସଜ୍ଞାନ ହୋଇ ଉଠିବ, ପରମ ଅନନ୍ତଙ୍କର ଆକର୍ଷଣରେ ସଚେତଅବା ଉଚାଟିତ ହୋଇ ଉଠିବ ଏବଂ ପରମ ଦିବ୍ୟ ସତ୍ତା ଓ ତାଙ୍କର ଶକ୍ତି ଯେ ତାହାର ପାଖେପାଖେ ରହି ତାହାକୁ ପରିଚାଳିତ କରି ନେଉଛନ୍ତି, ସେ ଯେତେବେଳେ ସେହି କଥାଟି ଉପରେ ପୂର୍ଣ୍ଣ ବିଶ୍ୱାସ ରଖିପାରିବ, କେବଳ ସେତିକବେଳେ ଯାଇ ବିକଶିତ ହୋଇଯିବାର ସେହି କାର୍ଯ୍ୟଟିକୁ ନିଃଶଙ୍କ ଭାବରେ ଗ୍ରହଣ କରାଯାଇ ପାରିବ ।

ପ୍ରଥମରେ ଏହି ରୂପାନ୍ତରର ସମସ୍ୟାଟିର ସମାଧାନ ଏହିପରି ଭାବରେ ହୋଇଯାଏ ଯେ ଆମକୁ ମନୁଷ୍ୟର ମନରେ ପ୍ରଥମରୁ କାର୍ଯ୍ୟକାରୀ ହୋଇ ରହିଥିବା ଏକ ଶକ୍ତିର ସାହାଯ୍ୟରେ ଏକ ମଧ୍ୟବର୍ତ୍ତୀ ଅବସ୍ଥାକୁ ଉତ୍ତୀର୍ଣ୍ଣ ହୋଇ ଆସିବାକୁ ହୁଏ । ଏହି ଶକ୍ତିଟିକୁ ଆମେ ଏପରି ଏକ ତତ୍ତ୍ୱରୂପେ ସ୍ୱୀକାର କରିବା, ଯାହାକି ଆପଣା ପ୍ରକୃତିରେ ଅଥବା ଅନ୍ତତଃ ଆପଣାର ଉଦ୍‌ଗମସ୍ଥାନରେ ଏକ ଅତିମାନସ ଶକ୍ତି ହୋଇ ରହିଛି । ଏହି ଶକ୍ତିଟି ହେଉଛି ପ୍ରତିବୋଧ ବା ସହବୋଧର ଶକ୍ତି, ଏହା ଏପରି ଏକ ଶକ୍ତି, ଯାହାର ଉପସ୍ଥିତି ତଥା କ୍ରିୟାଗୁଡ଼ିକୁ ଆମେ ଅନୁଭବ କରିବାକୁ ମଧ୍ୟ ସମର୍ଥ ହୋଇଥାଉ । ଯେତେବେଳେ ସେହି ଶକ୍ତିଟି କାର୍ଯ୍ୟ କରିବାକୁ ଲାଗେ, ସେତେବେଳେ ଆମେ ତାହାର ଏକ ଉଚ୍ଚତର କୋଟୀର କାର୍ଯ୍ୟକ୍ଷମତା, ଆଲୋକ, ପ୍ରତ୍ୟକ୍ଷ ପ୍ରେରଣା-ମୟତା ଏବଂ ଶକ୍ତିମତ୍ତା ଦ୍ୱାରା ପ୍ରଭାବିତ ହୋଇଥାଉ ସତ, ମାତ୍ର ଆମ ବୁଦ୍ଧିର କ୍ରିୟାତ୍ମକତାଗୁଡ଼ିକୁ ଆମେ ଯେପରି ବୁଝିପାରୁ ବା ବିଶ୍ଳେଷଣ କରି ଦେଖିପାରୁ, ପ୍ରତିବୋଧର ଶକ୍ତିଟିକୁ ସେପରି ଭାବରେ କଦାପି ବୁଝିପାରୁ ନାହିଁ କିଂବା ବିଶ୍ଳେଷଣ କରିପାରୁ ନାହିଁ । ବୁଦ୍ଧି ଆପଣାକୁ ବୁଝିପାରେ ସତ, ମାତ୍ର ତାହାର ଅସ୍ତିତ୍ୱଟିର ବାହାରେ ରହିଥିବା କୌଣସି ବସ୍ତୁକୁ ତାହା ଆଦୌ ବୁଝିପାରେ ନାହିଁ; ତାହା ସେହିସବୁ ବସ୍ତୁର କେବଳ ଏକ ସାଧାରଣ ଚିତ୍ରରୂପମାତ୍ର ତିଆରି କରିପାରେ, ଏକ ପ୍ରତିରୂପମାତ୍ର ତିଆରି କରିପାରେ, କେବଳ ଅତିମାନସହିଁ ଆପଣା କ୍ରିୟାତ୍ମକତାର ପଦ୍ଧତିଗୁଡ଼ିକୁ ଜାଣିବାକୁ ସମର୍ଥ ହୋଇଥାଏ । ଆମର ବର୍ତ୍ତମାନ ସ୍ଥିତିରେ ପ୍ରତିବୋଧର ଏହି ଶକ୍ତିଟି ଆମ ଭିତରେ ଅଧିକାଂଶତଃ କେବଳ ଏକ ଗୁପ୍ତ ସ୍ତରରେହିଁ କାର୍ଯ୍ୟ କରିବାରେ ଲାଗିଛି; ସେହି ସ୍ତରଟି ଏକ ଆବୃତ ସ୍ତର ହୋଇ ରହିଛି, ଅଥବା ବୁଦ୍ଧିଗତ

'oaob.nitrkl.ac.in' images reprocessed

ବିସ୍ତରଣା ତଥା ଆମର ସାଧାରଣ ବୁଦ୍ଧିବୃତ୍ତିର କ୍ରିୟାଶକ୍ତି ଦ୍ୱାରା ଗ୍ରସ୍ତ ଆବୃତ ହୋଇ ରହିଛି । କେବଳ କେତେକ ଅବସରରେ, ସଂଶିତ ଓ ଖଣ୍ଡିତ ଭାବରେ ଏବଂ ମଝିରେ ମଝିରେ ବ୍ୟବଧାନ ରଖିକି ତାହା ଏକ ସ୍ପଷ୍ଟ ପୃଥକ୍ କ୍ରିୟାରୂପେ ପ୍ରକଟ ହୋଇଥାଏ । ତାହା ହଠାତ୍ ଏକ ଆଲୋକସମ୍ପାତ କରିଦିଏ, ଏକ ଜ୍ୟୋତିର୍ମୟ ଇଙ୍ଗିତ ଦେଇଯାଏ ବା ଏକ ଏକାକୀ ଉଜ୍ଜ୍ୱଳତାମୟ ସଙ୍କେତ-ସୂତ୍ରକୁ ନିକ୍ଷିପ୍ତ କରି ଦେଇଯାଏ କିଂବା ଅଳ୍ପସଂଖ୍ୟକ କେତୋଟି ବିଚ୍ଛିନ୍ନ ଅଥବା ସମ୍ବନ୍ଧଯୁକ୍ତ କେତୋଟି ସତ୍ୟର ଜ୍ଞାନ, ସନ୍ଦୀପିତ ବିବେଚନ, ଅନ୍ତଃପ୍ରେରଣା ବା ଉନ୍ମୋଚନକୁ ଝେଉଥିବା ବର୍ଷିଦେଇ ଛୁଟିଯାଏ । ଏବଂ ଆମ ସତ୍ତାର କେତେକେତେ ଗଭୀରତା ତଥା ଉଚ୍ଚତା ମଧ୍ୟରୁ ସେଗୁଡ଼ିକ ଲାଗି ପ୍ରାପ୍ତ ହୋଇଥିବା ସହାୟତାର ଏହି ବୀଜଗୁଡ଼ିକୁ ନେଇ ଆପଣାର ଇଚ୍ଛା ଅନୁସାରେ ଯାହାକିଛି କରିବା ଲାଗି ତାହା ଆମର ବୌଦ୍ଧିକ ବିସ୍ତରଣଶକ୍ତି, ଇଚ୍ଛାଶକ୍ତି, ମାନସିକ ବୋଧ ବା ସାଧାରଣ ବୁଦ୍ଧିବୃତ୍ତି ହାତରେ ଛାଡ଼ିଦେଇଯାଏ । ମନୋଗତ ଶକ୍ତିଗୁଡ଼ିକ ଏଗୁଡ଼ିକୁ ସଙ୍ଗେସଙ୍ଗେ ଆପଣାର ହାତମୁଠାକୁ ଆଣିବା ଲାଗି ଅଗ୍ରସର ହୋଇଯାଆନ୍ତି, ଆମର ଏହି ମନଃ- ବା ପ୍ରାଣ-ସ୍ତରର ଉଦ୍ଦେଶ୍ୟସାଧନ ଲାଗି ସେଗୁଡ଼ିକୁ କୌଶଳ ସହିତ ଚଳାଇ ରଖନ୍ତି ଓ କାମରେ ଲଗାନ୍ତି, ନିମ୍ନତର ଜ୍ଞାନର ରୂପାୟନଗୁଡ଼ିକ ସହିତ ସେଗୁଡ଼ିକୁ ଅନୁକୂଳିତ କରାଇ ନିଅନ୍ତି, ମାନସିକ ସାମଗ୍ରୀ ତଥା ସଙ୍କେତ ଦ୍ୱାରା ସେଗୁଡ଼ିକୁ ଘୋଡ଼ାଇ ରଖିଦିଅନ୍ତି ବା ସେଗୁଡ଼ିକ ମଧ୍ୟରେ ଏଗୁଡ଼ିକୁ ନେଇ ଅନୁପ୍ରବିଷ୍ଟ କରାଇ ପକାନ୍ତି । ଏହି ପ୍ରକ୍ରିୟାଟି ମଧ୍ୟରେ ସେଗୁଡ଼ିକର ସତ୍ୟଟିକୁ କେତେପ୍ରକାରେ ଏପାଖସେପାଖ କରିଦିଅନ୍ତି, ଏବଂ ସେଗୁଡ଼ିକ ମଧ୍ୟରେ ଏହିସବୁ ବସ୍ତୁର ଏକ ମିଶ୍ରଣ ଘଟାଇ ଏବଂ ଏହିପରି ଭାବରେ ସେଗୁଡ଼ିକୁ ନିମ୍ନତର ସାଧନଗୁଡ଼ିକର ଅଧୀନ କରି ରଖି ସେଗୁଡ଼ିକର ଆଲୋକନକାରୀ ନିହିତ ଶକ୍ତିଟିକୁ ବହୁ ସୀମାବଦ୍ଧ କରି ରଖନ୍ତି । ଏବଂ ପ୍ରାୟ ସବୁ ସମୟରେ ସେଗୁଡ଼ିକୁ ଏକାଧାରରେ ଅତିରଞ୍ଜିତ ଅଥବା ଅତିରୁଦ୍ଧ କରି ଦେଖାଇବାରେ ଲାଗିଥାନ୍ତି; ସେଗୁଡ଼ିକୁ ସ୍ଥିର ଭାବରେ ଅବସ୍ଥିତ ହୋଇ ରହିବାକୁ ଏବଂ ଆପଣାର ଆଲୋକନଶକ୍ତିକୁ ପ୍ରସାରିତ ହେବାକୁ ଆଦୌ କୌଣସି ସମୟ ନଦେଇ ସେଗୁଡ଼ିକର ମହତ୍ତ୍ୱକୁ କ୍ଷୁଣ୍ଣ କରି ରଖନ୍ତି ଏବଂ ସଂବୋଧିଗତ ସାମର୍ଥ୍ୟଟିକୁ ଅଧିକ ସଙ୍ଗତ ଭାବରେ କାମରେ ଲଗାଇଥିଲେ ଯେଉଁ ବୃହତ୍ତର ସତ୍ୟଟି ଉପଲବ୍ଧ ହୋଇ ପାରିଥାନ୍ତା, ସେଇଟିକୁ ବହିଷ୍କୃତ କରି ରଖି ଓ ଏଣେ ସେହିଗୁଡ଼ିକ ଉପରେ ବା ବରଂ ମନ ସେଗୁଡ଼ିକୁ ଯେଉଁ ରୂପଟିରେ ପରିଣତ କରିଦିଏ, ସେହି ରୂପଟି ଉପରେ ଅତ୍ୟାଗ୍ରହ ଦେଖାଇ ମନୋଗତ ଶକ୍ତିଗୁଡ଼ିକ ସେଗୁଡ଼ିକୁ ଅତିରଞ୍ଜିତ ବି କରିପକାନ୍ତି । ଏହିପରି ଭାବରେ ମନର ସାଧାରଣ କ୍ରିୟାଗୁଡ଼ିକର ଭୂମିରେ ହସ୍ତକ୍ଷେପ କରିବାକୁ ଆସି ପ୍ରତିବୋଧ ସତେଅବା କେତୋଟି ବିଦ୍ୟୁତ୍-ଝଲକ ପରିହିଁ କାର୍ଯ୍ୟ କରିଥାଏ ଓ ନିଜ୍ବାସ ସଙ୍କୀର

'oaob.nitrkl.ac.in' images reprocessed

କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳଟିକୁ ଆଲୋକିତ କରିଦେଇଯାଏ ସତ, ମାତ୍ର ତାହା କେବେହେଲେ ଏକ ସ୍ଥାୟୀ ସୂର୍ଯ୍ୟାଲୋକର କାର୍ଯ୍ୟ ସାଧନ କରିପାରେ ନାହିଁ, ଅର୍ଥାତ୍ ଆମର ଭାବନା, ଇଚ୍ଛା, ଅନୁଭୂତି ଏବଂ କର୍ମର ସମଗ୍ର ପରିସର ତଥା ସାମ୍ରାଜ୍ୟଟିକୁ ତାହା ସୁନିଶ୍ଚିତ ଭାବରେ ଆଦୌ ଆଲୋକିତ କରିପାରେ ନାହିଁ ।

ଏଠାରେ ବେଶ୍ ସ୍ପଷ୍ଟ ହୋଇଯାଉଛି ଯେ ଏହି କ୍ଷେତ୍ରରେ ଆମକୁ ପ୍ରଗତିର ଦୁଇଟି ଆବଶ୍ୟକ ପଥ ଦେଇ ଯିବାକୁ ହେବ; ସେଥିମଧ୍ୟରୁ ପ୍ରଥମ ପଥଟି ହେଉଛି ଯେ ଆମକୁ ପ୍ରତିବୋଧର କ୍ରିୟାଟିକୁ ପ୍ରସାରିତ କରିଦେବାକୁ ହେବ, ଏହାକୁ ଅଧିକ ସତତ ଓ ଅଧିକ ସ୍ଥାୟୀ କରି ଆଣିବାକୁ ପଡ଼ିବ, ଅଧିକ ଅନବଚ୍ଛିନ୍ନ, ନିୟମିତ ଏବଂ ସର୍ବଗ୍ରାହୀ କରି ଆଣିବାକୁ ପଡ଼ିବ, ଯେପରିକି ତାହା ପରିଶେଷରେ ଆମ ସତ୍ତାଟି ଲାଗି ଏପରି ଅନ୍ତରଙ୍ଗ ଓ ସ୍ୱାଭାବିକ ହୋଇଯିବ ଯେ ବର୍ତ୍ତମାନ ଆମର ସାଧାରଣ ମନଟି ଯେଉଁସବୁ କାର୍ଯ୍ୟ କରିବାରେ ଲାଗିଛି, ସେତେବେଳେ ପ୍ରତିବୋଧିହିଁ ସେହିସବୁ କାର୍ଯ୍ୟକୁ କରିବାକୁ ଲାଗିବ ଏବଂ ସମଗ୍ର ବ୍ୟବସ୍ଥାଟି ମଧ୍ୟରେ ସ୍ୱୟଂ ମନର ବର୍ତ୍ତମାନ ସ୍ଥାନଟିକୁ ଗ୍ରହଣ କରିନେବ । ମାତ୍ର ସାଧାରଣ ମନଟି ଯେପର୍ଯ୍ୟନ୍ତ ସ୍ୱତନ୍ତ୍ର କ୍ରିୟା ଏବଂ ସ୍ୱତନ୍ତ୍ର ହସ୍ତକ୍ଷେପର ଆପଣା ସାମର୍ଥ୍ୟଟାକୁ ଜାରି କରିବାରେ ଲାଗିଥିବ ବା ପ୍ରତିବୋଧିର ଆଲୋକଟିକୁ ଆପଣାର କରଗତ କରି ତାହାକୁ ଆପଣାର ଉଦ୍ଦେଶ୍ୟସିଦ୍ଧିରେ ଲଗାଇବାର ଅଭ୍ୟାସଟାକୁ ଜାରି କରି ରଖିଥିବ, ସେପର୍ଯ୍ୟନ୍ତ ଏହି କଥାଟି କଦାପି ସମ୍ପୂର୍ଣ୍ଣ ଭାବରେ ସମ୍ଭବ ହେବ ନାହିଁ । ଯେପର୍ଯ୍ୟନ୍ତ ଉଚ୍ଚତର ମନସ୍ଧାରଣାଟିକୁ ନିମ୍ନତର ବୁଦ୍ଧି ବିକୃତ କରି ପକାଇବାକୁ ବା ଏପରିକି ତା' ମଧ୍ୟରେ ଆପଣାର କୌଣସି ନା କୌଣସି ମିଶ୍ରଣକୁ ଆଣି ପୂରାଇ ଦେବାକୁ ସମର୍ଥ ହେଉଥିବ, ସେପର୍ଯ୍ୟନ୍ତ ସେହି ଉଚ୍ଚତର ମନସ୍ଧାରଣା କଦାପି ସମ୍ପୂର୍ଣ୍ଣ ଅଥବା ଦୃଢ଼ପ୍ରତିଷ୍ଠିତ ହୋଇପାରିବ ନାହିଁ । ଏପରି ପରିସ୍ଥିତିରେ ଆମକୁ ହୁଏତ ବୁଦ୍ଧି, ବୁଦ୍ଧିପ୍ରେରିତ ଇଚ୍ଛା ତଥା ଅନ୍ୟ ଯାବତୀୟ ନିମ୍ନସ୍ତରୀୟ କ୍ରିୟାତ୍ମକତାକୁ ଏକାବେଳକେ ଚୂପ୍ କରିଦେବାକୁ ପଡ଼ିବ ଓ କେବଳ ପ୍ରତିବୋଧି ଦ୍ୱାରା ପ୍ରେରିତ କ୍ରିୟାଟି ଲାଗିହିଁ ସ୍ଥାନ ଛାଡ଼ିଦେବାକୁ ପଡ଼ିବ ବା ପ୍ରତିବୋଧିର ସତତ ଚାପ ଦେଇ ନିମ୍ନତର କ୍ରିୟାଟିକୁ ଆପଣା ଆୟତ୍ତରେ ଆଣିବାକୁ ପଡ଼ିବ ଏବଂ ତାହାକୁ ରୂପାନ୍ତରିତ କରିଦେବାକୁ ପଡ଼ିବ । ଅଥବା, ଯଦି ସେହିପରି କରିବାଟାହିଁ ସବୁଠାରୁ ଅଧିକ ସ୍ୱାଭାବିକ ସାବ୍ୟସ୍ତ ହୁଏ ବା ଆଦୌ ସମ୍ଭବ ବୋଲି ପ୍ରତୀତ ହୁଏ, ତେବେ ଗୋଟିକ ପରେ ଗୋଟିଏ କରି ଦୁଇଟିଯାକ ପଦ୍ଧତିକୁହିଁ ଗ୍ରହଣ କରିବାକୁ ପଡ଼ିବ ଓ ଦୁଇଟିଯାକକୁ ଏକାଠି ଯୋଡ଼ିବାକୁ ବି ପଡ଼ିବ । ଯୋଗର ପ୍ରକୃତ ପ୍ରକ୍ରିୟା ଓ ଅନୁଭୂତିଟି ଆମ ଆଗରେ ଏକାଧିକ ପଦ୍ଧତି ବା ସାଧନାଗତିର ସମ୍ଭାବନାକୁ ଉନ୍ମୋଚିତ କରି ଦେଇଥାଏ, କାର୍ଯ୍ୟତଃ ଏଥିମଧ୍ୟରୁ କୌଣସି ଗୋଟିଏ ପଦ୍ଧତି ବା ଗତି କଦାପି ସମ୍ପୂର୍ଣ୍ଣ ପରିଣାମଟିକୁ ସମ୍ଭବ କରିପାରେ ନାହିଁ, ଅବଶ୍ୟ ଏକଥା ସତ

'oaob.nitrkl.ac.in' images reprocessed

ଯେ ପ୍ରଥମ ଦୃଷ୍ଟିପାତରେ ପ୍ରତ୍ୟେକଟି ପଦ୍ଧତି ହିଁ ଏକ ଯଥେଷ୍ଟ ଓ ପର୍ଯ୍ୟାପ୍ତ ହୋଇ ପାରିବ ବୋଲି ନ୍ୟାଯ୍ୟତଃ ମନେ ହୋଇଥାଏ । କୌଣସି ଗୋଟିଏ ବିଶେଷ ପଦ୍ଧତି ଏହି କ୍ଷେତ୍ରରେ ଐକାନ୍ତିକ ଭାବରେ ଯଥାର୍ଥ ବା ଠିକ୍ ହୋଇଥିବ ବୋଲି ଯେତେ-ବେଳେ ଆମେ ଆଉ କୌଣସି ଜିଦ୍ ଧରି ନବସିବାକୁ ଶିଖିସାରୁ ଏବଂ ସମୁଦାୟ ସାଧନାଟିକୁ ଏକ ବୃହତ୍ତର ମାର୍ଗଦର୍ଶକର ହାତରେ ଛାଡ଼ିଦେଇ ଶିଖୁ, ସେତେବେଳେ ଆମେ ଆବିଷ୍କାର କରିବାକୁ ଲାଗୁ ଯେ ସ୍ୱୟଂ ଯୋଗର ସେହି ପରମ ଅଧୀଶ୍ୱରହିଁ ସତ୍ତା ତଥା ପ୍ରକୃତିର ପ୍ରୟୋଜନ ଏବଂ ପ୍ରବୃତ୍ତି ଅନୁସାରେ ବିଭିନ୍ନ ସମୟରେ ଏ ପଦ୍ଧତି ବା ସେ ପଦ୍ଧତିଟିକୁ ତଥା ସବୁ ପଦ୍ଧତିଗୁଡ଼ିକୁ ଏକାଠି ଯୁକ୍ତଭାବରେ ବ୍ୟବହାର କରିବା ଲାଗି ଆପଣାର ଶକ୍ତିକୁ ସର୍ବଦା ନିୟୋଜିତ କରି ରଖିଛନ୍ତି ।

ଆମର ଏହି ମନଟାକୁ ସମ୍ପୂର୍ଣ୍ଣ ଭାବରେ ଚୁପ୍ କରିଦେବା, ଆମର ବୁଦ୍ଧି, ମନୋଗତ ତଥା ବ୍ୟକ୍ତିକେନ୍ଦ୍ରିତ ଇଚ୍ଛା, ବାସନା-ମନ ଏବଂ ସଂବେଗ ଓ ସଂବେଦନର ଅଧୀନ ହୋଇ ରହିଥିବା ମନକୁ ଚୁପ୍ କରିଦେବା ଏବଂ ସେହି ପୂର୍ଣ୍ଣଲବ୍ଧ ନୀରବତା ମଧ୍ୟରେ ପରମ ଆତ୍ମସତ୍ତା, ପରମ ଚିଦ୍‌ଗତତା ତଥା ସେହି ପରମ ଦିବ୍ୟସ୍ୱରୂପଙ୍କୁହିଁ ଆପଣାକୁ ଉଦ୍‌ଘାଟିତ କରି ଆଣିବା ଲାଗି ଏବଂ ଅତିମାନସ ଆଲୋକ, ସାମର୍ଥ୍ୟ ତଥା ଆନନ୍ଦ ଦ୍ୱାରା ସତ୍ତାଟିକୁ ସନ୍ଦୀପିତ କରିଦେବାକୁ ବାଟ ଛାଡ଼ିଦେବା,—ପ୍ରଥମେ ଏଇଟିହିଁ ଆମ ଆଖିକୁ ଏକମାତ୍ର ସରଳ ଓ ସମ୍ୟକ୍ ମାର୍ଗ ବୋଲି ମନେ ହୋଇପାରେ । ଏବଂ ଏଇଟି ଯେ ଏକ ମହାନ୍ ତଥା ଶକ୍ତିମନ୍ତ ସାଧନାର ପଥ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ନାନା ଉତ୍ତେଜନ ତଥା କର୍ମଜନିତ ହସ୍ତକ୍ଷେପ ମଧ୍ୟରେ ଧରା ହୋଇ ରହିଥିବା ମନଟିର ତୁଳନାରେ ସ୍ଥିର ଓ ଶାନ୍ତ ହୋଇ ପାରିଥିବା ମନ ଯେ ଅଧିକ ସହଜରେ ଏବଂ ଅଧିକ ପବିତ୍ରତା ସହିତ ଆପଣାକୁ ପରମ ଅନନ୍ତଙ୍କ ଲାଗି ଉନ୍ମୋଚିତ କରିଦେଇ ପାରେ, ପରମ ଚିଦ୍‌ଗତତାକୁ ପ୍ରତିଫଳିତ କରିବା ଲାଗି ସମର୍ଥ ହୁଏ, ପରମ ଆତ୍ମସତ୍ତା ଦ୍ୱାରାହିଁ ଆପଣାକୁ ପରିପୂର୍ଣ୍ଣ କରି ରଖିପାରେ ଏବଂ ସେତେଥିବା ଏକ ସମର୍ପିତ ତଥା ପରିପୂତ ମନ୍ଦିରଟି ପରି ଆମ ସମୁଦାୟ ସତ୍ତା ଏବଂ ପ୍ରକୃତିର ସେହି ପରମ ପ୍ରଭୁଙ୍କର ଉନ୍ମୋଚନଟି ଲାଗି ଅପେକ୍ଷା କରି ରହିପାରେ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏକଥା ମଧ୍ୟ ସତ ଯେ ଏହି ନୀରବତାକୁ ଉପଲବ୍ଧ ହୋଇଥିବା ସ୍ୱଚ୍ଛତାଟି ସମ୍ବୋଧିମୟ ସତ୍ତାର ବୃହତ୍ତର କ୍ରୀଡ଼ାଟି ସକାଶେ ଏକ ସମ୍ଭାବନା ଆଣି ଯୋଗାଇଦିଏ ଏବଂ ମନୋମୟ ଅନ୍ଧ ଅନ୍ୱେଷଣ ତଥା ଅନ୍ଧ ଅଧିକାରଲାଳସାର ଅପେକ୍ଷାକୃତ କମ୍ ପ୍ରତିବନ୍ଧକ ଓ କମ୍ କୋଳାହଳ ସହିତ ଆମ ଭିତରୁ ଆବିର୍ଭୂତ ହୋଇ ବା ଊର୍ଦ୍ଧ୍ୱଦେଶରୁ ଅବତୀର୍ଣ୍ଣ ହୋଇ ଆସୁଥିବା ଯାବତୀୟ ମହାନ୍ ପ୍ରତିବୋଧ, ପ୍ରେରଣା ତଥା ଉଦ୍‌ଘାଟନକୁ ଗ୍ରହଣ କରି ନେଇପାରେ । ତେଣୁ, ଯଦି ଆମେ

'oaob.nitrkl.ac.in' images reprocessed

ଇଚ୍ଛାନୁସାରେ ଏକ ମାନସିକ ପରମ ଶାନ୍ତଭାବ ତଥା ନିଶ୍ଚଳତାର ଅଧିକାରୀ ହୋଇ ପାରିବାର ସାମର୍ଥ୍ୟ ଅର୍ଜନ କରିପାରିବା, ତାହାକୁ ମାନସିକ ଭାବନା, ଗତିଶୀଳନ ତଥା ବିକ୍ଷୋଭର କୌଣସିପ୍ରକାର ଅନିବାର୍ଯ୍ୟତାରୁ ମୁକ୍ତ କରି ରଖିପାରିବା ଏବଂ ସେହି ଶାନ୍ତ ଅବସ୍ଥାଟିରେ ଦୃଢ଼ଭିତ୍ତି ହୋଇ ରହି, ଯେତେବେଳେ କେବଳ ଶକ୍ତିହିଁ ସେହିପରି ଇଚ୍ଛା କରୁଛି ବା ଦିବ୍ୟ ଅଭିପ୍ରାୟଟିର ପରିପୂରଣ ଲାଗି ଯେତେବେଳେ ତାହାର ଆବଶ୍ୟକତା ହେଉଛି, କେବଳ ସେତିକବେଳେହିଁ ଯାବତୀୟ ଭାବନା, ଇଚ୍ଛା ଏବଂ ଅନୁଭୂତିକୁ ଆମ ଭିତରେ ଘଟିବାକୁ ଦେଇପାରିବା, ତେବେ ତଦ୍ୱାରା ଆମେ ବିପୁଳ ପରିମାଣରେ ଲାଭବାନ୍ ହୋଇପାରିବା । ସେତେବେଳେ ଆମର ଭାବନା, ଇଚ୍ଛା ଏବଂ ଅନୁଭୂତିର ସ୍ରୋତ ଏବଂ ପ୍ରକୃତିଟିକୁ ବଦଳାଇ ଦେବା ମଧ୍ୟ ଅଧିକ ସହଜ ହୋଇଯିବ । ମାତ୍ର ତଥାପି ଏହା ଆଦୌ ସତ ବା ପ୍ରକୃତ କଥା ନୁହେଁ ଯେ ଏହି ପଦ୍ଧତିଟି ଦ୍ୱାରାହିଁ ସଙ୍ଗେସଙ୍ଗେ ନିମ୍ନତର ମନ ଓ ପ୍ରତିଫଳନସମର୍ଥ ବୁଦ୍ଧିଗତ ବିଚାରଣାର ସ୍ଥାନରେ ଅତିମାନସ ଆଲୋକ ଆପଣାକୁ ନିଶ୍ଚୟ ଆଣି ପ୍ରତିଷ୍ଠିତ କରିଦେବ । ଶାନ୍ତ ଅବସ୍ଥାର ଉପଲବ୍ଧି ହୋଇଯିବା ପରେ ଯେତେବେଳେ ଅନ୍ତର୍ଗତ କ୍ରିୟାଟି ସଞ୍ଚାରିତ ହୋଇ ଆସିବ, ସେତେବେଳେ ତାହା ପ୍ରଧାନତର ଓ ଅଧିକ ପ୍ରଭାବଶାଳୀ ଭାବରେ ଏପରିକି ଏକ ସମ୍ବୋଧିସ୍ଫୁଲିତ ଭାବନା ତଥା ସ୍ଫୁରଣା ହୋଇ ରହିଥିଲେ ମଧ୍ୟ, ପୁରାତନ ଶକ୍ତିଗୁଡ଼ିକ ତଥାପି ହସ୍ତକ୍ଷେପ କରିବାରେ ଲାଗିଥିବେ; ଭିତରୁ ନହେଲେ ମଧ୍ୟ ବାହାରୁ ଶତାଧିକ ପ୍ରସ୍ତାବନା ଓ ପ୍ରରୋଚନା ଦ୍ୱାରା ହସ୍ତକ୍ଷେପ କରିବାରେ ଲାଗିଥିବେ ଏବଂ ଏକ ନିମ୍ନତର ମନୋମୟତା ସେହି ଉଚ୍ଚତର ସ୍ଫୁରଣା ସହିତ ଆସି ଗୋଳାମିଶା ହୋଇଯିବ, ତାହାର ଯଥାର୍ଥଭାବେ ସଂଶୟ କରି ବସିବ, ତାହାର ବାଟ ଉଗାଳି ଠିଆହେବ ଅଥବା ସେଇଟି ଉପରେ ଅଧିକାର ବିସ୍ତାର କରିବାକୁ ଏବଂ ଏହି ପ୍ରକ୍ରିୟାଟିରେ ତାହାକୁ ତଳକୁ ଖସାଇ ଆଣିବାକୁ, ଅନ୍ଧକାରାଚ୍ଛନ୍ନ କରି ରଖିବାକୁ, ବିକୃତ କରିଦେବାକୁ ବା ତାହାର ସାମର୍ଥ୍ୟଟିକୁ ଯଥାସମ୍ଭବ ହ୍ରାସ କରି ପକାଇବାକୁ ଚେଷ୍ଟା କରିବାରେ ଲାଗିଥିବ । ତେଣୁ ଏହି କ୍ଷେତ୍ରରେ, ନିମ୍ନତର ମନୋଭୂମିଟିର ଉଚ୍ଛେଦସାଧନ ଅଥବା ରୂପାନ୍ତର ଲାଗି ଏକ ପ୍ରୟୋଜନ ସର୍ବଦା ଅବଶ୍ୟମ୍ଭାବୀ ହୋଇ ରହିଥାଏ, ଅଥବା ଏକାବେଳକେ ଦୁଇଟିଯାକରହିଁ ପ୍ରୟୋଜନ ରହିଥାଏ; ଅର୍ଥାତ୍, ଯାହାକିଛି ନିମ୍ନତର ସତ୍ତାଟିର ସ୍ୱଭାବଗତ ହୋଇ ରହିଛି, ସେଗୁଡ଼ିକର, ତାହାର ସ୍ୱରୂପଜାତ ନାନା ଆଳସ୍ୟ କଡା ତଥା ଅବମୂଲ୍ୟନର, ଉପାଦାନଗତ ଯାବତୀୟ ବିକୃତିର ତଥା ଉଚ୍ଚତର ସତ୍ୟଟି ଯେଉଁଗୁଡ଼ିକୁ ଆପଣା ମଧ୍ୟରେ କଦାପି ଆଶ୍ରୟ ଦେଇପାରିବ ନାହିଁ, ସେଗୁଡ଼ିକର ଉଚ୍ଛେଦସାଧନ କରିବାକୁ ହୁଏ; ଏବଂ ତାହା ସଙ୍ଗେସଙ୍ଗେ, ଆମର ମନ ଯେଉଁ ମୌଳିକ ବସ୍ତୁଗୁଡ଼ିକୁ ସେହି ଅତିମାନସ ତଥା ତଦ୍‌ଗତତାରୁହିଁ ଆହରଣ କରି ଆଣିଛି

'oaob.nitrkl.ac.in' images reprocessed

ମାତ୍ର ମନୋଗତ ଅଜ୍ଞାନର ରୂପରେହିଁ ପ୍ରସ୍ତୁତ କରି ରଖିଦେଉଛୁ, ସେଗୁଡ଼ିକର ରୂପାନ୍ତର ସମ୍ଭବ ହୁଏ ।

ଭକ୍ତିଯୋଗର ଉନ୍ନତ ସ୍ତରଟିରୁ ଯେଉଁମାନେ ଯୋଗସାଧନାର ଆରମ୍ଭ କରିଥାନ୍ତି, ବହୁ ସ୍ୱାଭାବିକ ଭାବରେ ସେହିମାନଙ୍କ ସମ୍ମୁଖରେହିଁ ଏକ ଦ୍ୱିତୀୟ ପ୍ରକାର ସ୍ଫୁରଣା ଆସି ଦେଖା ଦେଉଥାଏ । ସେମାନେ ଅତି ସ୍ୱଭାବପ୍ରେରିତ ଭାବରେ ବୁଦ୍ଧି ତଥା ବୁଦ୍ଧିର କ୍ରିୟାକୁ ବର୍ଜନ କରିଦେଇ ଆସନ୍ତି ଏବଂ ଆପଣା ଭିତରେ ଅବସ୍ଥିତ ରହିଥିବା କେବଳ ସେହି ପରମ ପ୍ରଭୁଙ୍କରହିଁ କଥା ଶୁଣିପାରନ୍ତି, 'ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେ' ଅର୍ଥାତ୍ ପ୍ରାଣୀର ହୃଦୟ ମଧ୍ୟରେ ଅବସ୍ଥିତ ରହିଥିବା ସେହି ଦିବ୍ୟ ପରମାତ୍ମସତ୍ତା ଓ ପରମ ପୁରୁଷଙ୍କଠାରୁହିଁ ପ୍ରେରଣା ଲାଗି ଅପେକ୍ଷା କରି ରହିଥାନ୍ତି, ତାଙ୍କର ଆଦେଶ ଲାଗି ଅପେକ୍ଷା କରିଥାନ୍ତି ଓ କେବଳ ତାଙ୍କର ଚିନ୍ତା, ସଂକଳ୍ପ ତଥା ସାମର୍ଥ୍ୟର ବୋଲ୍ ମାନିଥାନ୍ତି । ଏଇଟି ହେଉଛି ଏପରି ଏକ ଉଦ୍‌ଘାଟନ, ଯାହାକି ସମୁଦାୟ ପ୍ରକୃତିଟିକୁ ଅଧିକରୁ ଅଧିକ ପରିମାଣରେ ସମ୍ବୋଧି ଦ୍ୱାରାହିଁ ପ୍ରେରିତ କରି ରଖିବା ଲାଗି ଅବଶ୍ୟ ଏକ ପ୍ରବୃତ୍ତି ଦେଖାଇବ; କାରଣ ହୃଦୟସ୍ଥ ସେହି ପ୍ରଚ୍ଛନ୍ନ ପୁରୁଷଙ୍କଠାରୁ ଯେଉଁସବୁ ଚିନ୍ତା, ସଂକଳ୍ପ, ଆବେଗ ତଥା ଅନୁଭୂତ ଉନ୍ମେଷଲାଭ କରିଥାଏ, ତାହା ଆପଣାର ସ୍ୱଭାବଗତ ଭୂମିରେ ପ୍ରତ୍ୟକ୍ଷ ଭାବରେ ସମ୍ବୋଧିଧର୍ମୀ ହୋଇ ରହିଥାଏ । ଆମ ପ୍ରକୃତିର ଏକ ବିଶେଷ ସତ୍ତାଟି ସହିତ ଏହି ଦିଗ ବା ପକ୍ଷଟିର ଏକ ମେଳ ମଧ୍ୟ ରହିଥାଏ । ଆମର ମଧ୍ୟରେ ଅବସ୍ଥିତ ପରମ ଆତ୍ମସତ୍ତା ପ୍ରକୃତରେ ଏକ ସମ୍ବୋଧିମୟ ଆତ୍ମସତ୍ତାରୂପେହିଁ ବିଦ୍ୟମାନ ଥାଏ ଏବଂ ଏହି ସମ୍ବୋଧିମୟ ଆତ୍ମସତ୍ତା ଆମ ସତ୍ତାର ପ୍ରତ୍ୟେକ କେନ୍ଦ୍ରରେ ଅର୍ଥାତ୍ ଆମର ଭୌତିକ, ସ୍ନାୟୁଗତ, ଆବେଗଗତ, ସଂକଳ୍ପଗତ, ଅବବୋଧଗତ ବା ଜ୍ଞାନଗତ ତଥା ସେହି ଉଚ୍ଚତର ଏବଂ ଅଧିକ ପ୍ରତ୍ୟକ୍ଷ ଭାବରେ ଉଦ୍‌ଗତ ବା ଆଧ୍ୟାତ୍ମିକ କେନ୍ଦ୍ରଗୁଡ଼ିକରେ ଅଧିଷ୍ଠିତ ହୋଇ ରହିଥାଏ । ଏବଂ ଆମ ସତ୍ତାର ପ୍ରତ୍ୟେକ ସ୍ତରରେ ତାହା ଆମର ଯାବତୀୟ କର୍ମର ପ୍ରଥମ ସଞ୍ଚାର ଲାଗି ଏକ ପ୍ରଚ୍ଛନ୍ନ ସମ୍ବୋଧିମୟ ପ୍ରେରଣାକୁ ମଧ୍ୟ ସଞ୍ଚାଳିତ କରି ରଖିଥାଏ; ଆମର ବାହ୍ୟ ମନଟି ସେହି ପ୍ରେରଣାକୁ କେବଳ ବଡ଼ ଅପୂର୍ଣ୍ଣ ଭାବରେହିଁ ଗ୍ରହଣ କରିପାରେ, କେବଳ ଅପୂର୍ଣ୍ଣ ଭାବରେହିଁ ତାହାକୁ ପ୍ରକଟ କରିପାରେ ଏବଂ ଆମ ପ୍ରକୃତିଗତ ଏହିସବୁ ସ୍ତରର ବାହ୍ୟ କ୍ରିୟାଟିର ଭୂମିରେ ସେଗୁଡ଼ିକୁ କେବଳ ଅଜ୍ଞାନରହିଁ ଗୋଟିଏ ଗୋଟିଏ ଉଦ୍‌ଘାଟନରୂପେ ବଦଳାଇ ଦେଇଥାଏ । ଜଣେ ସାଧାରଣ ମନୁଷ୍ୟ ଭିତରେ ହୃଦୟ ଅର୍ଥାତ୍ ମନନକ୍ଷମ ଭାବନା-ମନଟିର ଆବେଗପ୍ରେରିତ କେନ୍ଦ୍ରଟି ସବୁଠାରୁ ଅଧିକ ବଳଯୁକ୍ତ ହୋଇ ରହିଥାଏ, ସେହି କେନ୍ଦ୍ରଟିହିଁ ଚେତନା ସମ୍ମୁଖରେ ଉପସ୍ଥାପିତ ହେବାରେ ଲାଗିଥିବା ବସ୍ତୁରୂପଗୁଡ଼ିକୁ ଏକତ୍ର ସାଇତି ଆଣିଥାଏ

'oaob.nitrkl.ac.in' images reprocessed

ବା ଅନ୍ତତଃ ସେଗୁଡ଼ିକ ଉପରେ ଆପଣାର ପ୍ରଭାବଟିକୁ ଅନୁଭୂତ କରାଉଥାଏ ଏବଂ ସମୁଦାୟ ବ୍ୟବସ୍ଥାଟିରେ ମୁଖ୍ୟକେନ୍ଦ୍ର ହୋଇ ରହିଥାଏ । ଠିକ୍ ସେହି କେନ୍ଦ୍ରଟିରୁହିଁ 'ସର୍ବଭୂତାନାଂ ହୃଦ୍ଦେଶେ' ଅଧିଷ୍ଠିତ ପରମେଶ୍ୱର ମନୋମୟ ଅଜ୍ଞାନର ମାୟାଟି ଦ୍ୱାରା ସେଗୁଡ଼ିକୁ ପ୍ରକୃତିର ଯନ୍ତ୍ରଟି ଉପରେ ଆରୂଢ଼ କରି ରଖି ବୁଲାଇବାରେ ଲାଗିଥାନ୍ତି । ତେଣୁ, ଆମ କର୍ମର ସକଳ ଉନ୍ମେଷ ଓ ଉଦ୍ୟମକୁ ଏହି ଅନ୍ତର୍ଗୂଢ଼ ସଂବୋଧିମୟ ପରମାତ୍ମସତ୍ତା ଓ ପରମ ତଦ୍‌ଗତତା ଅର୍ଥାତ୍ ଆମରି ଭିତରେ ରହିଥିବା ସେହି ସଦାବିରାଜିତ ପରମ ଦେବତାଙ୍କ ପାଖରେ ନିବେଦିତ କରିଦେଇ ଏବଂ ଆମର ବ୍ୟକ୍ତିକେନ୍ଦ୍ରିତ ତଥା ମନୋମୟ ପ୍ରକୃତିଟିର ଯାବତୀୟ ଉଦ୍ୟମ ସ୍ଥାନରେ ଏହାର ପ୍ରଭାବଗୁଡ଼ିକୁହିଁ ପ୍ରତିଷ୍ଠିତ କରି ରଖି ଏହି ନିମ୍ନତର ଓ ବାହ୍ୟ ଭାବନା ତଥା କ୍ରିୟାତ୍ମକତା ମଧ୍ୟରୁ ଆଉ ଏକ ଅନ୍ତର୍ଗତ ଓ ସଂବୋଧିପ୍ରେରିତ ଏବଂ ଏକ ଉଚ୍ଚତର ଆଧ୍ୟାତ୍ମିକଭାବାପନ୍ନ ସ୍ୱଭାବର ଭାବନା ଓ କ୍ରିୟାତ୍ମକତା ମଧ୍ୟକୁ ଫେରିଯିବା ବେଶ୍ ସମ୍ଭବ ହୋଇପାରିବ । ତଥାପି ଏହି ଗତିସ୍ପନ୍ଦନଟିର ପରିଣାମ ଆଦୌ ପୂର୍ଣ୍ଣାଙ୍ଗ ହେବ ନାହିଁ; କାରଣ ହୃଦୟ କଦାପି ଆମ ସତ୍ତାର ସର୍ବୋଚ୍ଚ କେନ୍ଦ୍ର ନୁହେଁ, ହୃଦୟ ଏକ ଅତିମାନସ ଅଧିଷ୍ଠାନ ନୁହେଁ ବା ଅତିମାନସ ବସ୍ତୁଗୁଡ଼ିକରୁ ମଧ୍ୟ ଏହାର ସଞ୍ଚରଣ ହୋଇ ନଥାଏ । ହୃଦୟରୁ ପରିଚାଳିତ ହୋଇ ଆସୁଥିବା ଏକ ସଂବୋଧିଯୁକ୍ତ ଭାବନା ଏବଂ କ୍ରିୟା ହୁଏତ ଅତ୍ୟନ୍ତ ଆଲୋକମୟ ଓ ପ୍ରଗାଢ଼ ହୋଇ ପାରେ, ମାତ୍ର ଏହା ତଥାପି ସୀମାବଦ୍ଧ ହୋଇ ରହିବାର ଅନେକ ସମ୍ଭାବନା ରହିଥାଏ, ଏପରିକି ଆପଣାର ପ୍ରଗାଢ଼ତାରେ ମଧ୍ୟ ଅତ୍ୟନ୍ତ ସଂକୀର୍ଣ୍ଣ ଏବଂ ଏକ ନିମ୍ନତର ସଂବେଗଗତ କ୍ରିୟା ସହିତ ମିଶ୍ରିତ ହୋଇ ପଡ଼ିବାର ମଧ୍ୟ ଆଶଙ୍କା ରହିଥାଏ, ଏବଂ ଆପଣାର ଚରମ ସୀମାରେ ପହଞ୍ଚି ତାହା ଆପଣାର କ୍ରିୟାଟି ମଧ୍ୟରେ ବା ଅନ୍ତତଃ ଆପଣାର ସହବୃତ୍ତି ଅନେକ ତତ୍ତ୍ୱରେ ରହିଥିବା କୌଣସି ଅଲୌକିକତା ଅଥବା ଅସ୍ୱାଭାବିକତା ଦ୍ୱାରା ବଡ଼ ଉତ୍ତେଜିତ ଓ ବିକ୍ଷୁବ୍ଧ ହୋଇପଡ଼େ, ଆପଣାର ଭାରସାମ୍ୟଟିକୁ ହରାଇବସେ ଅଥବା ଅତିରଞ୍ଜିତ ହୋଇ ରହେ ଏବଂ ଏହା ସତ୍ତାର ସୌଷମ୍ୟଯୁକ୍ତ ପରିପୂର୍ଣ୍ଣତା ଲାଗି ହାନିକାରକ ସାବ୍ୟସ୍ତ ହୋଇଥାଏ । ଆଧ୍ୟାତ୍ମିକ ତଥା ଅତିମାନସ କ୍ରିୟାତ୍ମକତା ଆମ ଲାଗି ଆଉ ଏକ ଅଦ୍ଭୁତ ବା ଅଲୌକିକ ଘଟଣା ହୋଇ ରହିବ ନାହିଁ, ସେହିସବୁ ଚମତ୍କାର ବା ଅଲୌକିକ ଘଟଣା ବାରଂବାର ବା ନିରନ୍ତର ଘଟୁଥିଲେ ମଧ୍ୟ ତାହା ତଥାପି ଏକ ଅଲୌକିକ ଘଟଣା ହୋଇ ରହିବ ନାହିଁ, କିଂବା ତାହା ଆମର ଏହି ପ୍ରକୃତିଗତ ସାମର୍ଥ୍ୟ ତୁଳନାରେ ବୃହତ୍ତର କୌଣସି ଏକ ଶକ୍ତିର ଏକ ଆଲୋକଯୁକ୍ତ ହସ୍ତକ୍ଷେପ ମାତ୍ର ହୋଇ ମଧ୍ୟ ରହିବ ନାହିଁ; ମାତ୍ର ତାହା ସତ୍ତାଟି ଲାଗି ଏକ ସ୍ୱାଭାବିକ ବ୍ୟାପାର ହୋଇ ରହିବ ଏବଂ ଏହାର ଯାବତୀୟ ପ୍ରକ୍ରିୟାରେ ବାସ୍ତବ ସ୍ୱରୂପ ତଥା ବିଧାନ ହୋଇ ରହିବ ।

'oaob.nitrkl.ac.in' images reprocessed

ଆମ ଦେହସ୍ଥ ସତ୍ତା ଏବଂ ଦେହ ମଧ୍ୟରେ ସେହି ସତ୍ତାର ଯାବତୀୟ କ୍ରିୟାର ସବୁଠାରୁ ଅଧିକ ପରିମାଣରେ ସଂଗଠିତ ହୋଇ ରହିଥିବା ସର୍ବୋଚ୍ଚ କେନ୍ଦ୍ରଟିକୁ ଆମର ସର୍ବୋଚ୍ଚ ମନୋମୟ କେନ୍ଦ୍ର ବୋଲି ବୁଝାଯାଇଛି ଏବଂ ଯୋଗର ପ୍ରସଙ୍ଗ ଦେଇ ତାହାକୁ ସହସ୍ରଦଳ ବୋଲି କଳ୍ପନା କରାଯାଇଛି; ଏବଂ ତାହାର ଶିଖର ତଥା ସର୍ବୋଚ୍ଚ ଚୂଡ଼ାରେହିଁ ଅତିମାନସ ସ୍ତରଗୁଡ଼ିକ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପିତ ହୋଇଥାଏ । ଏଇଥିରୁ ଏକ ଭିନ୍ନ ପ୍ରକାରର ଏବଂ ଅପେକ୍ଷାକୃତ ଅଧିକ ସିଧା ମାର୍ଗର ଅବଲମ୍ବନ କରିବା ମଧ୍ୟ ସମ୍ଭବ ହୋଇଯାଏ, ଅର୍ଥାତ୍ ଆପଣାର ସକଳ ଚିନ୍ତନା ତଥା କ୍ରିୟାକୁ ନେଇ ହୃତ୍କମଳରେ ପ୍ରଚ୍ଛନ୍ନ ହୋଇ ରହିଥିବା ପରମ ପ୍ରଭୁଙ୍କ ପାଖରେ ଆଉ ନିବେଦନ କରିଦେବାକୁ ପଡ଼େ ନାହିଁ, ମାତ୍ର ମନର ଊର୍ଦ୍ଧ୍ୱରେ ଅବସ୍ଥିତ ସେହି ପରମ ଦିବ୍ୟସତ୍ତାଙ୍କର ଆବରଣସ୍ଥ ସତ୍ୟଟି ପାଖରେ ନେଇ ସମର୍ପଣ କରି ଦିଆଯାଏ ଏବଂ ଊର୍ଦ୍ଧ୍ୱଦେଶରୁ ଏକପ୍ରକାର ଅବତରଣ ଦ୍ୱାରା ସବୁକିଛି ପ୍ରାପ୍ତ କରାଯାଏ; ଏହି ଅବତରଣଟି ସମ୍ବନ୍ଧରେ ଆମେ କେବଳ ଚିଦ୍‌ଗତ ଭାବରେ ନୁହେଁ, ଭୌତିକ ରୂପରେ ମଧ୍ୟ ସଚେତନ ହୋଇ ଯାଇପାରୁ । ଆମେ ଯେତେବେଳେ ଆମ ଚିନ୍ତନା ତଥା ସଚେତନ କ୍ରିୟାର କେନ୍ଦ୍ରଟିକୁ ଭୌତିକ ମସ୍ତିଷ୍କର ଉପରକୁ ଉଠାଇ ନେଇଯିବାକୁ ସମର୍ଥ ହେଉ ଏବଂ ସେହିସବୁ ଚିନ୍ତନା ଏବଂ କ୍ରିୟା ସୂକ୍ଷ୍ମ ଦେହରେ ସଂଘଟିତ ହେବାରେ ଲାଗିଛି ବୋଲି ଅନୁଭବ କରୁ, ସେତେବେଳେ ଯାଇ ଏହି ମାର୍ଗରେ ପୂର୍ଣ୍ଣ ସିଦ୍ଧି ଉପଲବ୍ଧ ହୋଇଥାଏ । ଯଦି ଆମେ ଆଉ ଆମ ମସ୍ତିଷ୍କର ସାହାଯ୍ୟରେ ଚିନ୍ତା କରୁ ନାହିଁ, ମାତ୍ର ମସ୍ତିଷ୍କର ଊର୍ଦ୍ଧ୍ୱରୁ ଏବଂ ବାହାରୁ ଆମର ସୂକ୍ଷ୍ମ ଶରୀରଟିରେ ସବୁକିଛି କରିବାକୁ ସମର୍ଥ ହୋଇଯାଉ, ସେଇଥିରୁହିଁ ଆମକୁ ଭୌତିକ ମନର ସୀମାବନ୍ଧନ ମଧ୍ୟରୁ ମୁକ୍ତ ହୋଇଯିବାର ଏକ ନିଶ୍ଚିତ ସ୍ଥୂଳ ଚିହ୍ନ ଉପଲବ୍ଧ ହୋଇଥାଏ, ଏବଂ ଏହି ମୁକ୍ତ ଅବସ୍ଥାରେ କଦାପି ସମ୍ପୂର୍ଣ୍ଣ ହେଇ ନଥିଲେହେଁ ଏବଂ କେବଳ ଆପଣାର ବଳରେହିଁ ଅତିମାନସ କ୍ରିୟାଟିକୁ ସମ୍ଭବ କରି ନପାରୁଥିଲେହେଁ (ସୂକ୍ଷ୍ମ ଶରୀର ହେଉଛି ଏକ ମାନସିକ ତତ୍ତ୍ୱ, ଅତିମାନସ ତତ୍ତ୍ୱ ନୁହେଁ), ତଥାପି ଆମେ ଏହାକୁ ଏକ ସୂକ୍ଷ୍ମ ଏବଂ ଶୁଦ୍ଧ ମନୋଗତତା ବୋଲି ଜାଣିରଖିବା ଏବଂ ଏହାଦ୍ୱାରା ଅତିମାନସ କେନ୍ଦ୍ରଗୁଡ଼ିକ ସହିତ ସମ୍ବନ୍ଧସ୍ଥାପନ ଅପେକ୍ଷାକୃତ ଅଧିକ ସହଜ ହୋଇ ଯାଇଥାଏ । ନିମ୍ନତର ଗତିଗୁଡ଼ିକ ତଥାପି ସମ୍ଭବ ହେଉଥାଏ, ମାତ୍ର ସେତେବେଳେ ଏପରି ଏକ ଦ୍ରୁତ ଏବଂ ସୂକ୍ଷ୍ମ ଭେଦକରୂପଣର ସାମର୍ଥ୍ୟ ଉପଲବ୍ଧ ହୋଇଯିବା ଅଧିକ ସହଜ ବୋଲି ମନେହୁଏ, ଯାହାକି ଆମକୁ ତତ୍‌କ୍ଷଣାତ୍ ଏହି ସ୍ତରରେ ରହିଥିବା ପାର୍ଥକ୍ୟଟିକୁ ଅବଗତ କରାଇଦିଏ, ସଂବୋଧିଗତ ଚିନ୍ତନାକୁ ନିମ୍ନତରସ୍ଥ ବୁଦ୍ଧିଗତ ମିଶ୍ରଣଟିଠାରୁ ଅଲଗା କରି ଦେଖାଇଦିଏ, ଏହାକୁ ତାହାର ମନୋଗତ ଆବରଣଗୁଡ଼ିକରୁ ଅଲଗା କରିଦିଏ, ସଂବୋଧିର ଯଥାର୍ଥ ଉପାଦାନଟିରେ ତାହାକୁ ରହାଇଦିଏ

'oaob.nitrkl.ac.in' images reprocessed

ମଧ୍ୟ ମନର ଯେଉଁସବୁ ଇଚ୍ଛା ବେଗମୟତା ଅବୋଧ୍ୟର ରୂପଟାକୁହିଁ ଅନୁକରଣ କରିବାରେ ଲାଗିଥାନ୍ତି, ତାହା ସେଇଟିକୁ ମଧ୍ୟ ବର୍ଜନ କରି ଆସେ । ସେତେବେଳେ ଯଥାର୍ଥ ଅନ୍ତର୍ମାନସ ସତ୍ତାର ଉଚ୍ଚତର ସ୍ତରଗୁଡ଼ିକୁ ତୁରନ୍ତ ଅନୁଭବ କରିପାରିବା ଏବଂ ଅଭିଳଷିତ ରୂପାନ୍ତରଟିକୁ ସମ୍ଭବ କରିବା ଲାଗି ସେମାନଙ୍କର ଶକ୍ତିଟିକୁ ତଳକୁ ଆବାହନ କରି ଆଣିବା ଅଧିକ ସହଜ ହୋଇଯାଏ; ନିମ୍ନତର ଭୂମିଟିର ଯାବତୀୟ କ୍ରିୟାକୁ ମଧ୍ୟ ସେହି ଉଚ୍ଚତର ସାମର୍ଥ୍ୟ ତଥା ଆଲୋକଟି ପାଖରେ ନେଇ ନିବେଦନ କରିଦେବା ଅଧିକ ସହଜ ହୋଇଯାଏ, ଯାହା ଫଳରେ କି ତାହା ସେଗୁଡ଼ିକ ମଧ୍ୟରୁ ପରିତ୍ୟାଗ, ବହିଷ୍କାର, ଶୋଧନ ଏବଂ ରୂପାନ୍ତର ଦ୍ୱାରା, ଆମ ଭିତରେ ଯେଉଁ ପରମ ସତ୍ୟଟିକୁ ଗଠିତ କରିବାକୁ ଥାଏ, ତାହାର ସକାଶେ ଉପଯୁକ୍ତ ସାମଗ୍ରୀ ନିର୍ବାଚିତ କରି ନେଇପାରେ । ଏକ ଉଚ୍ଚତର ଭୂମି ଓ ତାହାର ଉଚ୍ଚରୁ ଉଚ୍ଚତର ହୋଇ ଯାଇଥିବା ସୋପାନଗୁଡ଼ିକର ଏହି ଉନ୍ମୋଚନ, ଏବଂ ତାହା ଫଳରେ ଆମର ସମୁଦାୟ ଚେତନା ଏବଂ ତାହାର କ୍ରିୟାର ସେହି ସୋପାନଗୁଡ଼ିକର ରୂପ ତଥା ସେମାନଙ୍କର ଶକ୍ତିମତ୍ତା ଏବଂ ଜ୍ୟୋତିର୍ମୟ ସାମର୍ଥ୍ୟଟି ମଧ୍ୟରେ ପୁନର୍ଗଠନ,—ଏସବୁ କାର୍ଯ୍ୟତଃ କେବଳ ସେହି ଦିବ୍ୟ ଶକ୍ତି ଦ୍ୱାରା ବ୍ୟବହୃତ ହେବାକୁ ଯାଉଥିବା ପ୍ରାକୃତିକ ପଦ୍ଧତିଟିରହିଁ ବୃହତ୍ତର ସ୍ତରଟି ବୋଲି ଦୃଷ୍ଟିଗୋଚର ହୋଇଥାଏ ।

ଆଉ ଗୋଟିଏ ଚତୁର୍ଥ ମାର୍ଗ ମଧ୍ୟ ରହିଛି, ଯାହାକି ବଡ଼ ସ୍ୱାଭାବିକ ଭାବରେ ବିକଶିତ ବୁଦ୍ଧିର ସମକ୍ଷରେ ଆପଣାକୁ ଆବିର୍ଭୂତ କରାଇଥାଏ ଏବଂ ଚିନ୍ତନପ୍ରଧାନ ମନୁଷ୍ୟ ଲାଗି ଅନୁକୂଳ ହୋଇଥାଏ । ଏହି ମାର୍ଗଟି ଅନୁସାରେ ଆମ ବୁଦ୍ଧିର ବିଲୋପସାଧନ ନକରି ତାହାକୁ ବିକଶିତ କରାଇ ଆଣିବାକୁ ପଡ଼େ; ମାତ୍ର ତାହାର ସୀମାଗୁଡ଼ିକର ପୋଷଣ କରି ରଖିବା ଲାଗି ନୁହେଁ, ବୁଦ୍ଧିର ସାମର୍ଥ୍ୟ, ଆଲୋକ, ପ୍ରଗାଢ଼ତା, ମାତ୍ରା ତଥା କାର୍ଯ୍ୟ ସାଧନ କରିବାର ଶକ୍ତିକୁ ଅଧିକରୁ ଅଧିକ ଉଚ୍ଚସ୍ତରକୁ ଉଠାଇନେବାର ଏକ ଇଚ୍ଛା ସହିତହିଁ ବୁଦ୍ଧିର ବିକାଶସାଧନ କରିବାକୁ ହୁଏ; ଏହିପରି ଭାବରେ ପରିଶେଷରେ ତାହା ଏପରି ଏକ ବସ୍ତୁ ପାଖରେ ଯାଇ ପହଞ୍ଚେ, ଯାହାକି ବୁଦ୍ଧିକୁ ଅତିକ୍ରମ କରିଯାଇଥାଏ ଏବଂ ସେତେବେଳେ ତାହାକୁ ବଡ଼ ସହଜରେ ଉତ୍ତୋଳିତ କରିନେଇ ସେହି ଉଚ୍ଚତର ସଚେତନ କ୍ରିୟାତ୍ମକତାରେ ରୂପାନ୍ତରିତ କରି ଦେଇହୁଏ । ଏହି ମାର୍ଗଟି ମଧ୍ୟ ଆମ ପ୍ରକୃତିର ସତ୍ୟଟି ଉପରେ ଆଧାରିତ ରହିଥାଏ ଏବଂ ଆତ୍ମ-ପରିପୂର୍ଣ୍ଣତାର ସମ୍ପୂର୍ଣ୍ଣ ଯୋଗଟିର ମାର୍ଗ ତଥା ସାଧନା ମଧ୍ୟରେ ଏହା ଲାଗି ଅବଶ୍ୟ ଏକ ସ୍ଥାନ ରହିଥାଏ । ଆଗରୁ ମୁଁ ଏହାର ଯେପରି ବର୍ଣ୍ଣନା କରିଛି, ଏହି ମାର୍ଗଟି ମଧ୍ୟରେ ଆମର ପ୍ରକୃତିଲବ୍ଧ ସାଧନ ତଥା ସାମର୍ଥ୍ୟଗୁଡ଼ିକର କ୍ରିୟାକୁ ଅଧିକରୁ ଅଧିକ ଉଚ୍ଚ ତଥା ଅଧିକରୁ ଅଧିକ ବୃଦ୍ଧିପ୍ରାପ୍ତ କରିବାର ପଦ୍ଧତିଟି ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିଛି । ସେଗୁଡ଼ିକୁ ଏହିପରି ଭାବରେ ଉତ୍ତୋଳିତ ଏବଂ ବୃଦ୍ଧିପ୍ରାପ୍ତ କରି

'oaob.nitrkl.ac.in' images reprocessed

ନେଇନେଇ ପରିଶେଷରେ ସେଗୁଡ଼ିକ ଏପରି ଶୁଦ୍ଧ ତଥା ସାରଭୂତ ରୂପରେ ଏପରି ପୂର୍ଣ୍ଣ ହୋଇ ଆସନ୍ତି, ଯେତେବେଳେ କି ସେମାନେ ଆମ ଭିତରେ କାର୍ଯ୍ୟ କରୁଥିବା ଶକ୍ତିର ବର୍ତ୍ତମାନର ଅଭ୍ୟସ୍ତ ଆଚରଣଟିରେ ଏକ ପ୍ରସ୍ତୁତକାଳୀନ ପୂର୍ଣ୍ଣତା ଆଣି ଦିଅନ୍ତି । ଏହିସବୁ ସାମର୍ଥ୍ୟ ତଥା ସାଧନ ମଧ୍ୟରେ ଆମେ ବୁଦ୍ଧି ଅର୍ଥାତ୍ ବୁଦ୍ଧିଗତ ବିଚାରଣା ଏବଂ ବୁଦ୍ଧି ଦ୍ୱାରା ପ୍ରେରିତ ଇଚ୍ଛାଶକ୍ତିକୁହିଁ ଉଚ୍ଚତମ ବୋଲି କହିପାରିବା; ବିକାଶପ୍ରାପ୍ତ ମନୁଷ୍ୟସତ୍ତା ମଧ୍ୟରେ ଅବଶିଷ୍ଟ ସକଳ ସାଧନର ସ୍ୱାଭାବିକ ନାୟକ ବୋଲି କହିବା, ଅନ୍ୟଗୁଡ଼ିକର ବିକାଶ ଲାଗି ସହାୟକ ହେବାରେ ସବୁଠାରୁ ଅଧିକ ସମର୍ଥ ବୋଲି କହିବା । ଆମର ଏହି ପ୍ରକୃତିଟିର ଭୂମିରେ ସାଧାରଣ ଯେତେଯେତେ କ୍ରିୟାତ୍ମକତା ରହିଛି, ଆମେ ଜାଣିଥିବା ଉଚ୍ଚତର ପରିପୂର୍ଣ୍ଣତାଟି ଲାଗି ସେଗୁଡ଼ିକର ପ୍ରତ୍ୟେକର ପ୍ରୟୋଜନ ରହିଛି, ମହତ୍ତର ଏବଂ ପୂର୍ଣ୍ଣତର କ୍ରିୟାର ଉପାଦାନରେ ପରିଣତ ହେବା ଲାଗିହିଁ ସେଗୁଡ଼ିକ ଅଭିପ୍ରେତ ହୋଇ ରହିଛନ୍ତି; ଏବଂ ସେଗୁଡ଼ିକ ଯେତିକି ଅଧିକ ପରିମାଣରେ ବିକାଶଲାଭ କରିପାରିବେ, ଅତିମାନସ କ୍ରିୟାଟି ଲାଗି ଆବଶ୍ୟକ ପ୍ରସ୍ତୁତି ମଧ୍ୟ ବସ୍ତୁତଃ ସେତିକି ସମୃଦ୍ଧିଯୁକ୍ତ ହୋଇପାରିବ ।

ଯୋଗସ୍ଥ ସତ୍ତା ଶକ୍ତିକୁ ବୁଦ୍ଧିପ୍ରେରିତ ଇଚ୍ଛାଟିକୁ ମଧ୍ୟ ଆପଣା ହାତରେ ଗ୍ରହଣ କରିନେବାକୁ ପଡ଼ିବ, ତାହାର ପୂର୍ଣ୍ଣତମ ଓ ଉଚ୍ଚତମ ସମ୍ଭାବନାଟି ପର୍ଯ୍ୟନ୍ତ ତାହାକୁ ଉନ୍ମୀଳିତ କରିନେବାକୁ ପଡ଼ିବ । ତା'ପରେ ବୁଦ୍ଧିର ରୂପାନ୍ତରସାଧନ ଅବଶ୍ୟ ହୋଇପାରିବ, କାରଣ ବୁଦ୍ଧିର ଯାବତୀୟ କ୍ରିୟା କେବଳ ସେହି ଅତିମାନସରୁହିଁ ପ୍ରଚ୍ଛନ୍ନ ରୂପରେ ଜନ୍ମ ହୋଇ ଆସିଛି; ଯେତେ ସୀମାବଦ୍ଧ ରୂପରେ ହେଉ ପଛକେ ଓ ବୁଦ୍ଧିର ନିମ୍ନତର କ୍ରିୟାଟି ଦ୍ୱାରା ସେଥିରେ ଯାହାକିଛି ପରିବର୍ତ୍ତିତ ହୋଇ ଯାଇଥାଉ ପଛକେ, ଆମର ପ୍ରତ୍ୟେକ ରଚନା ଏବଂ ପ୍ରତ୍ୟେକ ସଂକଳ୍ପ ମଧ୍ୟରେ ଅତିମାନସର କୌଣସି ନା କୌଣସି ସତ୍ୟ ଅବଶ୍ୟ ରହିଛି । ସୀମାଟିର ଅପସାରଣ ଦ୍ୱାରା ଅଥବା ବିକୃତ ବା ବିରୂପ କରି ଦେଉଥିବା ଉପାଦାନଟିର ଉଚ୍ଛେଦସାଧନ ଦ୍ୱାରା ରୂପାନ୍ତରଟି ସମ୍ଭବ କରାଯାଇ ପାରିବ । ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ କେବଳ ବୁଦ୍ଧିଗତ କ୍ରିୟାତ୍ମକତାଟିକୁହିଁ ଅଧିକରୁ ଅଧିକ ଉଚ୍ଚ ଏବଂ ଅଧିକରୁ ଅଧିକ ବହୁପ୍ରସାରୀ କରିବାରେ ଲାଗିଥିଲେ ତାହା କଦାପି ହେବ ନାହିଁ, କାରଣ ସେହି କ୍ଷେତ୍ରରେ ତାହା ମନୋଗତ ବୁଦ୍ଧିର ସେହି ମୂଳଭୂତ ଅନ୍ତର୍ନିହିତ ଦୋଷଗୁଡ଼ିକ ଦ୍ୱାରାହିଁ ସର୍ବଦା ସୀମାବଦ୍ଧ ହୋଇ ରହିଥିବ । ତେଣୁ ଏଠାରେ ସେହି ଅତିମାନସ ଜ୍ଞାନମଣ୍ଡଳ ଦ୍ୱାରା ଏକ ହସ୍ତକ୍ଷେପ ଅବଶ୍ୟ ଆବଶ୍ୟକ ହେବ, ଯାହାକି ରଚନା, ଇଚ୍ଛା ତଥା ଅନୁଭୂତିର କ୍ଷେତ୍ରଗୁଡ଼ିକୁ ଆଲୋକିତ କରିଦେଇ ପାରିବ ଏବଂ ସେଗୁଡ଼ିକର ଯାବତୀୟ ଅଙ୍ଗ-ଗୁଡ଼ିକୁ ରୂପାନ୍ତରିତ କରିଦେବ । ଅତିମାନସ ଭୂମି ଆପଣାକୁ ପ୍ରକଟ କରିଦେଇ, ସେହି ପର୍ଯ୍ୟାୟଟି କାଳକ୍ରମେ ଯେତେ ଖୋଲା ହୋଇ ଆସିଥାଉ ପଛକେ, ତଥାପି ଆଉ

'oaob.nitrkl.ac.in' images reprocessed

କୌଣସି ଢାଙ୍କୁଣୀ ବା ପର୍ଦ୍ଦାର ପଛପଟୁ ନୁହେଁ, ମାତ୍ର ଅଧିକ ସ୍ୱାତନ୍ତ୍ର୍ୟର ସହିତ ଏକ ମୁକ୍ତ ତଥା ସନ୍ଦୀପିତ କ୍ରିୟାତ୍ମକତାରେ ମନର ଭୂମିଟି ଉପରେ କାର୍ଯ୍ୟକାରୀ ହୋଇପାରିଲେ ଯାଇ ଏହି ହସ୍ତକ୍ଷେପଟି ସମ୍ପୂର୍ଣ୍ଣ ଭାବରେ ଫଳପ୍ରଦ ହୋଇପାରିବ; ଏବଂ ଏହିପରି ଭାବରେ ପରିଶେଷରେ ସେହି ପରମ ସତ୍ୟରୂପୀ ପୂର୍ଣ୍ଣ ସୂର୍ଯ୍ୟର ଆବିର୍ଭାବ ହୋଇ ଆସିବ, ଏବଂ ତାହାର ମହିମା ଓ ପ୍ରକାଶକୁ କୌଣସିପ୍ରକାରେ ହ୍ରାସ କରିଦେବା ଭଳି କୌଣସି ମେଘଖଣ୍ଡ ବାଧା ହୋଇ ରହି ନଥିବ । ଅତିମାନସର ଏହି ହସ୍ତକ୍ଷେପଟିକୁ ଆବାହନ କରି ଆଣିବା ପାଇଁ ବା ବୁଦ୍ଧି ଦ୍ୱାରା ଅତିମାନସ ସୋପାନଗୁଡ଼ିକୁ ଉନ୍ମୋଚିତ କରିଦେବା ପାଇଁ ବୁଦ୍ଧିକୁ ପୃଥକ୍ ଭାବରେ ଓ ସମ୍ପୂର୍ଣ୍ଣ ରୂପେ ବିକଶିତ କରିବାର ମଧ୍ୟ ଆଦୌ କୌଣସି ଆବଶ୍ୟକତା ନାହିଁ । ହସ୍ତକ୍ଷେପଟି ହୁଏତ ଏହାର ପୂର୍ବରୁ ମଧ୍ୟ ଆସିଯାଇ ପାରିବ ଏବଂ ବୌଦ୍ଧିକ କ୍ରିୟାଟିକୁ ତୁରନ୍ତ ବିକଶିତ କରାଇ ଆଣିପାରିବ, ଏବଂ ତାହା ବିକଶିତ ହୋଇ ଆସିବା ସଙ୍ଗେସଙ୍ଗେ ତାହାକୁ ସେହି ଉଚ୍ଚତର ସଂବୋଧିପ୍ରେରିତ ରୂପ ଏବଂ ସାମଗ୍ରୀରେ ରୂପାନ୍ତରିତ ବି କରିଦେଇ ପାରିବ ।

ଦିବ୍ୟ ଶକ୍ତିର ବ୍ୟାପ୍ତତମ ପ୍ରାକୃତ କ୍ରିୟାଟିରେ ଏହି ସବୁଗୁଡ଼ିକ ମାର୍ଗ ଓ ପଦ୍ଧତି ପରସ୍ପର ସହିତ ଯୋଡ଼ା ହୋଇ ରହିଛି । କେତେବେଳେ ସାଧନାର ପ୍ରଥମ ଅବସ୍ଥାରେ, ପୁଣି କେତେବେଳେ ଏକ ପରବର୍ତ୍ତୀ ଅବସ୍ଥାରେ ବା ସମ୍ଭବତଃ ସର୍ବଶେଷ ଅବସ୍ଥାରେ ତାହା ତଦ୍‌ଗତ ନୀରବତାର ସ୍ୱାତନ୍ତ୍ର୍ୟଟିକୁ ସୃଷ୍ଟି କରି ଆଣିଥାଏ । ସ୍ୱୟଂ ମନର ଆୟତନଟି ମଧ୍ୟରେହିଁ ତାହା ପ୍ରଚ୍ଛନ୍ନ ସଂବୋଧିଗତ ସତ୍ତାଟିକୁ ଉନ୍ମୁକ୍ତ କରିଦିଏ ଏବଂ ଆମର ସକଳ ଭାବନା, ଅନୁଭୂତି, ଇଚ୍ଛା ତଥା କ୍ରିୟାକୁ ବର୍ତ୍ତମାନ ତାହାର ନିଭୃତତାର ହୃଦୟଟି ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ପରମ ଦିବ୍ୟତା, ପରମ ଉଜ୍ଜ୍ୱଳତା ଓ ପରମ ଶକ୍ତିମତ୍ତାଙ୍କରହିଁ ପ୍ରେରଣା ପାଖରେ ନେଇ ନିବେଦିତ କରିଦିଏ, ଆମେ ପ୍ରସ୍ତୁତ ହୋଇଗଲେ ଆପଣା କ୍ରିୟାତ୍ମକତାଗୁଡ଼ିକର କେନ୍ଦ୍ରଟିକୁ ମନୋମୟ ଶିଖରଟି ଯାଏ ଉତ୍ତୋଳିତ କରିନିଏ, ଅତିମାନସ ଭୂମିଗୁଡ଼ିକର ଦ୍ୱାର ଖୋଲିଦିଏ ଏବଂ ଉପରୁ ତଳ ଆଡ଼କୁ ଆପଣାକୁ ସଞ୍ଚାରିତ କରି ରଖୁଥିବା ଏବଂ ତାହା ଫଳରେ ନିମ୍ନତର ପ୍ରକୃତିଟିକୁ ପରିପୂର୍ଣ୍ଣ ତଥା ରୂପାନ୍ତରିତ କରି ଦେଉଥିବା ଏକ କ୍ରିୟା ଦ୍ୱାରା ଏବଂ ଯୁଗପତ୍ ଭାବରେ, ଆପଣାକୁ ତଳୁ ଉପର ଆଡ଼କୁ ଧାବିତ କରି ରଖୁଥିବା ଏବଂ ସକଳ ଶକ୍ତିମତ୍ତାକୁ ସେଗୁଡ଼ିକୁ ଅତିକ୍ରମ କରି ଅବସ୍ଥିତ ରହିଥିବା ଏକ ସମ୍ପଦ ମଧ୍ୟକୁ ଉତ୍ତୋଳିତ କରି ନେଉଥିବା ଏବଂ ପରିଶେଷରେ ଏହି ଅତିକ୍ରମଣଟିକୁ ସମ୍ପୂର୍ଣ୍ଣ କରି ଦେଉଥିବା ଏବଂ ଫଳରେ ସମୁଦାୟ ବ୍ୟବସ୍ଥାଟିର ଏକ ସମଗ୍ର ପରିବର୍ତ୍ତନକୁ କାର୍ଯ୍ୟକାରୀ କରି ପାରୁଥିବା ଏକ କ୍ରିୟା ଦ୍ୱାରା ମଧ୍ୟ ଅଗ୍ରସର ହେବାକୁ ଆରମ୍ଭ କରେ । ତାହା ଆମର ବୁଦ୍ଧି, ସଂକଳ୍ପଶକ୍ତି ଏବଂ ଅନ୍ୟାନ୍ୟ

'oaob.nitrkl.ac.in' images reprocessed

ପ୍ରକୃତିଗତ ସାମର୍ଥ୍ୟକୁ ଆପଣା ହାତରେ ଗ୍ରହଣ କରନ୍ତି ଏବଂ ସେଗୁଡ଼ିକର ଉଦ୍ଧାର କରନ୍ତି, ମାତ୍ର ସେଗୁଡ଼ିକର କ୍ରିୟାରେ ପରିବର୍ତ୍ତନ ଆଣିବାକୁ ଓ ସେଗୁଡ଼ିକର କ୍ରିୟାପରିସରଟିକୁ ବଢ଼ାଇ ଦେବାକୁ ତାହା ବାରବାର ସବୋଧି-ମନ ଓ ତା'ପରେ ଯଥାର୍ଥ ଅତିମାନସ ଶକ୍ତିଟିକୁ ପ୍ରକଟ ତଥା କାର୍ଯ୍ୟକାରୀ କରିଦେବାରେ ଲାଗିଯାଏ । ସାଧାରଣତଃ ନ୍ୟାୟଯୁକ୍ତି ଦ୍ୱାରା ପ୍ରେରିତ ବୁଦ୍ଧିର ଅନମନୀୟତା ଆମ ପାଖରେ ଯେଉଁଭଳି ଦାବି କରିଥାଏ, ଏହି କ୍ଷେତ୍ରରେ ଏହା ସେପରି କୌଣସିପ୍ରକାର ଅନମନୀୟ ବା ସ୍ୱେଚ୍ଛାକୃତ ଯୁକ୍ତି ଦ୍ୱାରା ସ୍ଥାପିତ ହୋଇଥିବା ପରି ଏକ ଅପରିବର୍ତ୍ତନୀୟ ସ୍ତରରେ ଏସବୁ କଥା ଆଦୌ କରେ ନାହିଁ; ମାତ୍ର ସମ୍ପୂର୍ଣ୍ଣ ମୁକ୍ତ ଓ ନମନୀୟ ଭାବରେ ତାହା କରିଥାଏ, ଆପଣା କ୍ରିୟାଶକ୍ତିର ଯାବତୀୟ ଆବଶ୍ୟକତା ତଥା ପ୍ରକୃତିର ଦାବିଟି ଅନୁସାରେହିଁ ସେ ତାହା କରିଥାଏ ।

ଏହାର ପ୍ରଥମ ପରିଣାମରୂପେ ଯଥାର୍ଥ ଅତିମାନସର ସୃଜନ କଦାପି ସମ୍ଭବ ହୋଇପାରିବ ନାହିଁ; ମାତ୍ର ଜଣେ ଉନ୍ନତ ମନୁଷ୍ୟର ଏହି ଅତ୍ୟନୈମିତ୍ତିକ ମନୋଭୂମି ତଥା ନ୍ୟାୟର ବୋଲି ମାନ ଯାବତୀୟ ବର୍ତ୍ତନା କରୁଥିବା ବୁଦ୍ଧିର ସ୍ଥାନରେ ଆପଣାକୁ ପ୍ରତିଷ୍ଠିତ କରିପାରିବା ଭଳି ଯଥେଷ୍ଟ ଭାବରେ ଉଦାରଶୀଳ ହୋଇଥିବା ଏବଂ ପ୍ରଧାନତଃ ବା ଏପରିକି ସମ୍ପୂର୍ଣ୍ଣ ଭାବରେ ସବୋଧିଯୁକ୍ତ ହୋଇ ରହିଥିବା ଏକ ମନୋଭୂମିର ସଂଗଠନହିଁ ସମ୍ଭବ ହୋଇ ପାରିବ । ଏହି କ୍ଷେତ୍ରରେ ପ୍ରଧାନତମ ପରିବର୍ତ୍ତନଟିରୂପେ ଆମର ଭାବନାରେ ଏକ ରୂପାନ୍ତର ଘଟିବ; ଅର୍ଥାତ୍ ଭାବନା ଉଦ୍ଭାସିତ ହୋଇଯିବ ଏବଂ ଘନୀଭୂତ ଆଲୋକ, ଘନୀଭୂତ ଶକ୍ତି ତଥା ଆଲୋକ ଏବଂ ଶକ୍ତିର ଘନୀଭୂତ ଆନନ୍ଦଟି ଦ୍ୱାରା ଓ ଏକ ଅପରୋକ୍ଷ ଯଥାର୍ଥତା ଦ୍ୱାରା ପରିପୂର୍ଣ୍ଣ ହୋଇଉଠିବ । ଏହି ଆଲୋକ, ଶକ୍ତି, ଆନନ୍ଦ ଏବଂ ଯଥାର୍ଥତାକୁହିଁ ଆମେ ପ୍ରକୃତରେ ସବୋଧି ଦ୍ୱାରା ପ୍ରେରିତ ହେଉଥିବା ଭାବନାର ଲକ୍ଷଣ ବୋଲି ଜାଣିବା । ଏହି ମନ ଆମ ଭଳି କେବଳ କେତୋଟି ପ୍ରାଥମିକ ସଙ୍କେତ ଅଥବା ଦ୍ରୁତ ଅର୍ଦ୍ଧସ୍ଫୁଟ ବହନ କରି ଆଣିବ ନାହିଁ, ମାତ୍ର ଆମର ବୁଦ୍ଧିଗତ ବିଚାରଣା ଆଜ ଯେଉଁ ସମ୍ବନ୍ଧସ୍ଥାପନକାରୀ ଏବଂ ଉଦ୍ଧାରସାଧନକାରୀ କ୍ରିୟାଗୁଡ଼ିକର ସମ୍ପାଦନ କରୁଛି, ସେତେବେଳେ ତାହା ଠିକ୍ ଏହି ଆଲୋକ, ସାମର୍ଥ୍ୟ, ସୁନିଶ୍ଚିତତାର ଏହି ଆନନ୍ଦ ଏବଂ ସ୍ୱଭାବ ଏହି ଅପରୋକ୍ଷ ଓ ସ୍ୱତଃସ୍ଫୂର୍ତ୍ତ ଦର୍ଶନସାମର୍ଥ୍ୟ ଦ୍ୱାରାହିଁ ସେଗୁଡ଼ିକର ସଞ୍ଚାଳନ ମଧ୍ୟ କରିବ । ସେତେବେଳେ ଆମର ସଙ୍କଳ୍ପଶକ୍ତିଟି ମଧ୍ୟ ଏକ ସବୋଧିପ୍ରେରିତ ସଙ୍କଳ୍ପଶକ୍ତିରେ ପରିବର୍ତ୍ତିତ ହୋଇଯିବ, ଆପଣାର 'କର୍ତ୍ତବ୍ୟଂ କର୍ମ' ଭଳି ତାହା ଅବାରିତ ଭାବରେ ଆଲୋକ ତଥା ଶକ୍ତିମତ୍ତ୍ୱ ସହିତ ଅଗ୍ରସର ହୋଇଯାଇ ପାରିବ ଏବଂ ସମ୍ଭାବନା ତଥା ବାସ୍ତବତାଗୁଡ଼ିକ ଉପରେ ଦ୍ରୁତ ଦୃଷ୍ଟିପାତ କରି ତାହା ଆପଣାର କାର୍ଯ୍ୟ ଓ ଉଦ୍ଦେଶ୍ୟଟି ଭଳି ଆବଶ୍ୟକ ସଂଯୋଜନଗୁଡ଼ିକୁ ସଙ୍ଗେସଙ୍ଗେ ଉତ୍ପନ୍ନ କରିନେବ

'oaob.nitrkl.ac.in' images reprocessed

ପାରିବ । ଅନୁଭୂତିଗୁଡ଼ିକ ମଧ୍ୟ ସଂବୋଧି ଦ୍ୱାରା ପ୍ରେରିତ ହୋଇ ରହିବ, ସମ୍ୟକ୍ ସମ୍ବନ୍ଧତତ୍ତ୍ୱର ଅଧିକାରୀ ହୋଇପାରିବ, ଏକ ନୂତନ ଆଲୋକ ତଥା ସାମର୍ଥ୍ୟ ଏବଂ ଏକ ପ୍ରସନ୍ନ ନିଶ୍ଚିତତା ସହିତ କାର୍ଯ୍ୟ କରିପାରିବ; ସେତେବେଳେ କେବଳ ଯଥାର୍ଥ ଓ ସ୍ୱତଃସ୍ଫୂର୍ତ୍ତି ବାସନା ଓ ସଂବେଗଗୁଡ଼ିକହିଁ ଆମ ଅନୁଭୂତିର ଅନ୍ତର୍ଗତ ହୋଇ ରହିଥିବେ, ବାସନା ଓ ସଂବେଗ ରହିଥିବା ପର୍ଯ୍ୟନ୍ତ ସେଗୁଡ଼ିକ ଏହିପରି ହୋଇ ରହିଥିବେ, ଏବଂ ଯେତେବେଳେ ଚାଲିଯିବେ, ସେତେବେଳେ ଆପଣାର ସ୍ଥାନାପନ୍ନ ଭାବରେ ଏକ ଜ୍ୟୋତିର୍ମୟ ତଥା ସ୍ୱତଃସ୍ଫୂର୍ତ୍ତି ପ୍ରେମ ଏବଂ ଏପରି ଏକ ଆନନ୍ଦକୁ ରଖି ଦେଇଯିବେ, ଯାହାକି ଆପଣା ବସ୍ତୁଗୁଡ଼ିକର ଯଥାର୍ଥ ରସଟିକୁ ଜାଣିଥିବ ଏବଂ ତାହାକୁ ସତ୍ୱର ଅଧିକାର କରି ପାରୁଥିବ । ମାନସିକ ଭୂମିର ଅନ୍ୟ ଯାବତୀୟ ଗତିସ୍ପନ୍ଦନ ମଧ୍ୟ ଠିକ୍ ସେହିପରି ଭାବରେ ଆଲୋକିତ ହୋଇଯିବ, ଏବଂ ଏପରିକି ପ୍ରାଣିକ ଓ ଇନ୍ଦ୍ରିୟଗତ ଯାବତୀୟ ଗତିସ୍ପନ୍ଦନ ତଥା ଶରୀରର ଚେତନାଟି ମଧ୍ୟ ଆଲୋକିତ ହୋଇଯିବ । ଏବଂ ଅନ୍ତର୍ମନ ଏବଂ ତାହାର ଇନ୍ଦ୍ରିୟଗୁଡ଼ିକର ନାନା ଚୈତ୍ୟ ସାମର୍ଥ୍ୟ, ଶକ୍ତି ତଥା ଅନୁଭୂତିର ମଧ୍ୟ ସାଧାରଣତଃ କେତେକ ପରିମାଣରେ ବିକାଶ ହେବ, ଯାହାକି ବାହ୍ୟ ଇନ୍ଦ୍ରିୟ ତଥା ବାହ୍ୟ ବୁଦ୍ଧିଗତ ବିଶ୍ଳେଷଣା ଉପରେ ଆଦୌ ନିର୍ଭର କରି ରହି ନଥିବ । ସଂବୋଧି ଦ୍ୱାରା ପ୍ରେରିତ ଓ ସଞ୍ଚାରିତ ଏହି ମନ କେବଳ ଯେ ଏକ ଅଧିକ ଶକ୍ତିଶାଳୀ ଓ ଆଲୋକଯୁକ୍ତ ତନ୍ତ୍ର ହୋଇ ରହିବ ତା' ନୁହେଁ, ମାତ୍ର ଯୋଗର ଏହି ବିକାଶଟି ଘଟିବା ପୂର୍ବରୁ ସେହି ମଣିଷଟି ଭିତରେ ତା'ର ସାଧାରଣ ମନଟିର ଭୂମିରେ ଯେତିକି କ୍ରିୟାତ୍ମକତା ସମ୍ଭବ ହେଉଥିଲା, ବର୍ତ୍ତମାନ ସଂବୋଧିପ୍ରେରିତ ମନ ସାଧାରଣତଃ ତା' ତୁଳନାରେ ଏକ ଅନେକ ଅଧିକ ପ୍ରସାରଯୁକ୍ତ କ୍ରିୟାତ୍ମକତା ଲାଗି ସମର୍ଥ ହୋଇ ଉଠିବ ।

ଆପଣାର ପ୍ରକୃତିରେ ପରିପୂର୍ଣ୍ଣତା ଲାଭ କରିଥିବା ଓ କୌଣସିପ୍ରକାର ନିମ୍ନତର ଉପାଦାନର ମିଶ୍ରଣରୁ ମୁକ୍ତ ହୋଇ ରହିଥିବା ଏହି ସଂବୋଧିପ୍ରେରିତ ମନୋଭୂମି ଯଦି ତଥାପି ଆପଣାର ନିର୍ଦ୍ଦିଷ୍ଟ ସୀମାଗୁଡ଼ିକ ବିଷୟରେ ସଚେତନ ହୋଇ ନଥିବ ଏବଂ ଏହାର ଆହୁରି ସେପାଖକୁ ରହିଥିବା ସତ୍ତାଟିର ବୃହତ୍ତ୍ୱ ବିଷୟରେ ତା'ର କୌଣସି ଚେତନା ନଥିବ, ତେବେ ଇତରପ୍ରାଣୀର ସହଜାତ ପ୍ରକୃତି ଦ୍ୱାରା ଚାଳିତ ମନ ବା ମନୁଷ୍ୟର ବୁଦ୍ଧିତର୍କଣାଯୁକ୍ତ ମନ ପରି ଏଇଟି ମଧ୍ୟ କ୍ରମେ ଆଉ ଗୋଟିଏ ନିର୍ଦ୍ଦିଷ୍ଟ ପୀଢ଼ି ବା ସ୍ଥିତିରେ ପରିଣତ ହୋଇଯିବ ଏବଂ ସତେଅବା ଏକ ବିଶ୍ରାମସ୍ଥଳରୂପେ କାର୍ଯ୍ୟ କରିବାକୁ ଲାଗିବ । ମାତ୍ର, ଏହାର ଊର୍ଦ୍ଧ୍ୱକୁ ଅବସ୍ଥିତ ରହିଥିବା ଅତିମାନସର ଉନ୍ମୋଚନକାରୀ ସାମର୍ଥ୍ୟଟି ବ୍ୟତୀତ ସଂବୋଧିପ୍ରେରିତ ମନୋଭୂମି କଦାପି ସ୍ଥାୟୀ ଭାବରେ ପୂର୍ଣ୍ଣତାପ୍ରାପ୍ତ ଏବଂ ସ୍ୱୟଂସମର୍ଥ ହୋଇପାରିବ ନାହିଁ; ଏବଂ ସେହି ଅତିମାନସ ଶକ୍ତି ପ୍ରକଟ ହୋଇଆସିବା ସଙ୍ଗେ ସଙ୍ଗେହିଁ ସଂବୋଧି-ମନର ସୀମା ଓ ଅଳ୍ପତାଗୁଡ଼ିକୁ

'oaob.nitrkl.ac.in' images reprocessed

ଶୁଦ୍ଧ ସ୍ତରରେ ଉର୍ଣ୍ଣୀତ ଦେଇଯିବ ଏବଂ ତାହାକୁ ବୁଦ୍ଧି ଦ୍ୱାରା ପ୍ରେରିତ ମନ ଏବଂ ଯଥାର୍ଥ ଅନ୍ତର୍ମାନସ ପ୍ରକୃତିଟି ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ଗୌଣ କ୍ରିୟାରୂପେ ବ୍ୟବହାର କରିବାକୁ ଲାଗିବ । ସଂବୋଧି-ମନ ତଥାପି ଏକ ମନ ହୋଇ ରହିଥିବ, ତାହାକୁ ଆମେ କଦାପି ଏକ ବିଜ୍ଞାନମୟ ତତ୍ତ୍ୱ ବୋଲି କହିପାରିବା ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏକ ଅଲୌକିକରୂପେ ତାହା ସେହି ଅତିମାନସରୁହିଁ ଆସିଥାଏ, ମାତ୍ର ଯେଉଁ ମନର ଭୂମିଟିରେ ତାହା କାର୍ଯ୍ୟ କରୁଥାଏ, ତାହାର ଉପାଦାନଟି ଦ୍ୱାରା ତାହା ସ୍ୱଭାବତଃ ବିକାରଯୁକ୍ତ ଓ କ୍ଷୀଣ ହୋଇପଡ଼େ; ଏବଂ ମନର ଉପାଦାନ କହିଲେ ସର୍ବଦା ଏକ ଅଜ୍ଞାନମୂଳ ଆଧାରକୁହିଁ ବୁଝାଏ । ସଂବୋଧି-ମନ ତଥାପି ସତ୍ୟର ସେହି ପରିବ୍ୟାପ୍ତ ପୂର୍ଣ୍ଣାଲୋକରେ ପରିଣତ ହୋଇପାରି ନଥାଏ, ମାତ୍ର ସେହି ଆଲୋକର କେବଳ କେତୋଟି ଝଲକରହିଁ ଏକ ସତତ କ୍ରୀଡ଼ାଭୂମି ହୋଇ ରହିଥାଏ; ଏବଂ ସେହି ଝଲକଗୁଡ଼ିକ ଅଜ୍ଞାନର ଅଥବା ଅର୍ଦ୍ଧ-ଜ୍ଞାନ ତଥା ପରୋକ୍ଷ ଜ୍ଞାନର ଏକ ଆଧାରଗତ ସ୍ଥିତିରୁହିଁ ଆଲୋକିତ କରି ଦେଖାଇ ଦେବାରେ ଲାଗିଥାନ୍ତି । ତାହା ଯେପର୍ଯ୍ୟନ୍ତ ଏହିପରି ସ୍ତରରେ ଅପୂର୍ଣ୍ଣ ହୋଇ ରହିଥାଏ, ସେପର୍ଯ୍ୟନ୍ତ ତାହା ସତତ ଅଜ୍ଞାନଗ୍ରସ୍ତ ମନୋଭୂମିର ଏକ ମିଶ୍ରଣ ଦ୍ୱାରା ଆକ୍ରାନ୍ତ ହେବାରେ ଲାଗିଥାଏ, ଯାହାକି ଅସତ୍ୟ ତଥା ପ୍ରମାଦର ତାଳିଟିଏ ଆଣି ତାହା ଉପରେ କଲମ କରିଦେଇ ଯାଏ । ଏହି ଅନ୍ତଃମିଶ୍ରଣଟିରୁ ଅଧିକ ମୁକ୍ତ ହୋଇ ରହିବା ଏକ ବୃହତ୍ତର ସ୍ୱାଧୀନ କ୍ରିୟାର ସାମର୍ଥ୍ୟ ଅର୍ଜନ କରିସାରିବା ପରେ ମଧ୍ୟ, ତଥାପି ସେ ଯେଉଁଟି ଉପରେ ରହି କାର୍ଯ୍ୟ କରୁଥାଏ, ସେହି ମନୋଗତ ଉପାଦାନଟି ଆପଣାର ପୁରାତନ ବୁଦ୍ଧି-ପ୍ରେରିତ ବା ନିମ୍ନତର ମାନସିକ ଅଭ୍ୟାସଟି ଲାଗି ସମର୍ଥ ହୋଇ ରହିଥିବା ପର୍ଯ୍ୟନ୍ତ, ତାହା ଭ୍ରାନ୍ତ ଓ ଅସତ୍ୟର ବୁଦ୍ଧି ଓ ପ୍ରବୃତ୍ତି ଲାଗି ଉନ୍ମୁକ୍ତ ହୋଇ ରହିଥାଏ, ମେଘାଚ୍ଛନ୍ନ ହୋଇପଡ଼ିବା ଲାଗି ଓ ଅନେକ ପ୍ରକାର ସ୍ଖଳନ ଲାଗି ଉନ୍ମୁକ୍ତ ହୋଇ ରହିଥାଏ । ପୁଣି, ଏକଥାଟି ବି ମନେ ରଖିବାକୁ ହେବ ଯେ ବ୍ୟକ୍ତିର ମନ କେବେହେଲେ ଏକାକୀ ହୋଇ ଓ ଆପଣା ଉପରେ ଆବଦ୍ଧ ରହି ବାସ କରୁ ନଥାଏ; ତାହା ସର୍ବଦା ସାଧାରଣ ବା ସାର୍ବଜନୀନ ମନର ଭୂମିଟିରେହିଁ ବାସ କରି ରହିଥାଏ, ଏବଂ ସେ ଯାହାକିଛି ବର୍ଜନ କରି ଆସୁଥାଏ, ତାହା ପୁଣି ତାହାର ଉପରକୁ ଲେଉଟି ଆସି ତାହାକୁ ସେହି ପୁରାତନ ଉକ୍ତି ଓ ପ୍ରବର୍ତ୍ତନାଗୁଡ଼ିକ ଦ୍ୱାରା ତଥା ପୁରାତନ ମନୋମୟ ପ୍ରକୃତିର ଅନେକ ସଙ୍କେତ ଦ୍ୱାରା ଆକ୍ରାନ୍ତ କରି ପକାଇବା ଲାଗି ମଧ୍ୟ ଏକ ପ୍ରବୃତ୍ତି ରଖିଥାଏ । ତେଣୁ ବୃଦ୍ଧିଲାଭ କରୁଥିବା ବା ବୃଦ୍ଧିପ୍ରାପ୍ତ ହୋଇଥିବା ସଂବୋଧି-ମନକୁ ଅନୁକ୍ଷଣ ଏହି ଆକ୍ରମଣ ତଥା ସଂକ୍ରମଣ ବିରୁଦ୍ଧରେ ସତର୍କ ରହିବାକୁ ପଡ଼େ, ଯାବତୀୟ ଅନ୍ତଃମିଶ୍ରଣକୁ ବର୍ଜନ କରିବାକୁ ତଥା ବିଲୁପ୍ତ କରିଦେବାକୁ ସାବଧାନ ହୋଇ ରହିବାକୁ ପଡ଼େ, ମନର ସମୁଦାୟ ଉପାଦାନଟିକୁ ଅଧିକରୁ ଅଧିକ

'oaob.nitrkl.ac.in' images reprocessed

ପରିମାଣରେ ସବୋଧି ଦ୍ୱାରା ପ୍ରେରିତ ଓ ସଞ୍ଚାରିତ କରି ରଖିବାକୁ ପଡ଼େ; ଏବଂ ଏହିସବୁର ପରିଣାମସ୍ୱରୂପହିଁ ତାହା ସ୍ୱୟଂ କ୍ରମେ ସେହି ଅତିମାନସ ସତ୍ତାର ପୂର୍ଣ୍ଣାଲୋକଟି ଦ୍ୱାରା ଆଲୋକିତ ହୋଇଉଠେ, ରୂପାନ୍ତରିତ ହୋଇଯାଏ ଏବଂ ସେହି ଅତିମାନସ ମଧ୍ୟକୁହିଁ ଉତ୍ତୋଳିତ ହୋଇଯାଏ ।

ପୁନଶ୍ଚ, ପ୍ରତ୍ୟେକ ମନୁଷ୍ୟ ଭିତରେ ଏହି ନୂତନ ମନୋଭୂମିଟିର ଆବିର୍ଭାବକୁ ଆମେ ତା' ସତ୍ତାର ବର୍ତ୍ତମାନ ସାମର୍ଥ୍ୟଟିରହିଁ ଏକ ବିକାଶ ବୋଲି ଜାଣିବା, ଏବଂ ଏହାର ବିକାଶଗୁଡ଼ିକ ଯେତେବେଶୀ ନୂତନ ତଥା ଅଭିନବ ହୋଇଥିଲେ ମଧ୍ୟ ଏହାର ସଙ୍ଗଠନଟି ସର୍ବଦା ସାମର୍ଥ୍ୟର ଏକ ନିର୍ଦ୍ଦିଷ୍ଟ ସୀମାଟି ଭିତରେ ରହିବହିଁ ରହିବ । ବସ୍ତୁତଃ ଏହା ଇଚ୍ଛାକଲେ ଆପଣାକୁ ଉପସ୍ଥିତ କ୍ରିୟାତ୍ମକତାଟି ମଧ୍ୟରେ ବେଶ୍ ସୀମାବଦ୍ଧ କରି ରଖିଦେଇ ପାରିବ, ଆପଣା ଉପଲବ୍ଧ ସାମର୍ଥ୍ୟର ବର୍ତ୍ତମାନ ଆୟତନଟି ମଧ୍ୟରେ ଆପଣାକୁ ବେଶ୍ କଲି ରଖିପାରିବ; ମାତ୍ର ତଥାପି ମନେ ରଖିବାକୁ ହେବ ଯେ ପ୍ରଗତି, ପରିବର୍ତ୍ତନ ତଥା ସମ୍ପ୍ରସାରଣ ହେଉଛି ଅନନ୍ତ ଆଡ଼କୁ ଉନ୍ମୋଚିତ ହୋଇ ରହିଥିବା ଏକ ମନର ସ୍ୱଭାବ । ତେଣୁ ଆପଣାର ସେହି ସୀମାଟିକୁ ଡେଇଁ ବାହାରକୁ ଯିବାର ଦୁଃସାହସ କରୁଥିବା ସମୟରେ, ଆପଣାର ଏହି ନୂତନ ସବୋଧିଗତ ଅଭ୍ୟସ୍ତତାଟି ଯେତେ ପରିବର୍ଦ୍ଧିତ ହୋଇ ଯାଇଥିଲେ ମଧ୍ୟ, ତାହାର ସେହି କ୍ଷେତ୍ରରେ ଅଜ୍ଞାନସ୍ଥ ସେହି ପୁରାତନ ବୁଦ୍ଧିଚାଳିତ ଅନ୍ୱେଷଣଟି ମଧ୍ୟକୁ ପୁଣି ଫେରି ଆସିବାର ଏକ ଆଶଙ୍କା ସର୍ବଦା ରହିଥିବ; ଅବଶ୍ୟ ଏକଥା ସତ ଯେ ଏକ ପୂର୍ଣ୍ଣତର ଅତିମାନସ ଜ୍ୟୋତିର୍ମୟ ଶକ୍ତିମତ୍ତାର ଅଭିବ୍ୟକ୍ତ କ୍ରିୟାଟି ତାକୁ ବଳି ନଗଲ ପର୍ଯ୍ୟନ୍ତ ଏବଂ ତାହାକୁ ବାଟ ଦେଖାଇ ନେଇ ନଯିବା ପର୍ଯ୍ୟନ୍ତ ଏହିଭଳି ହେବାରେହିଁ ଲାଗିଥିବ । ଏଇଟିକୁ ଆମେ ବସ୍ତୁତଃ ତାହାର ସ୍ୱଭାବ ବୋଲି ଜାଣିବା ଯେ ଏହା ଗୋଟିଏ ପାଖରେ ଆମର ବର୍ତ୍ତମାନ ମନ ଏବଂ ଅନ୍ୟ ପାଖରେ ଅତିମାନସ ମଧ୍ୟରେ ଏକ ମଧ୍ୟବର୍ତ୍ତୀ ଯୋଗସୂତ୍ର ପରି ହୋଇ ରହିଛି, ଏବଂ ଯେପର୍ଯ୍ୟନ୍ତ ସେହି ମଧ୍ୟବର୍ତ୍ତୀ-କାଳୀନ ଅବସ୍ଥାଟି ଅତିକ୍ରାନ୍ତ ହୋଇ ନଯାଇଛି, ସେପର୍ଯ୍ୟନ୍ତ ସେହି କ୍ଷେତ୍ରରେ ମଝିରେ ମଝିରେ ନିମ୍ନ ଆଡ଼କୁ ଏକ ଆକର୍ଷଣ ଅବଶ୍ୟ ଆସି ପହଞ୍ଚୁଥିବ, ବେଳେବେଳେ ଉପର ଆଡ଼କୁ ଆଉ ଏକ ପ୍ରବୃତ୍ତି ଅନୁଭୂତ ହେଉଥିବ, କେତେବେଳେ ତାହା ଏପାଖ ସେପାଖ ଆନ୍ଦୋଳିତ ହେବାରେ ଲାଗିଥିବ, ନିମ୍ନସ୍ତରରୁ ଏକ ଆକ୍ରମଣ ଓ ଆକର୍ଷଣର ସମ୍ମୁଖୀନ ହେବାକୁ ପଡ଼ୁଥିବ, ଊର୍ଦ୍ଧ୍ୱରୁ ମଧ୍ୟ ଏକ ଆକ୍ରମଣ ଓ ଆକର୍ଷଣ ଆସି ହାବୁଡ଼ି ଯାଉଥିବ ଏବଂ ଖୁବ୍ ବେଶୀ ହେଲେ ଏହି ଦୁଇଟି ମେରୁ ଭିତରେ ଏକ ଅନିଶ୍ଚିତ ଏବଂ ସୀମାବଦ୍ଧ ସ୍ଥିତି ମଧ୍ୟରେ ବାଧ୍ୟ ହୋଇ ରହିବାକୁ ପଡ଼ୁଥିବ । ମନୁଷ୍ୟର ଉଚ୍ଚତର ବୁଦ୍ଧିଟି ଗୋଟିଏ ପାଖରେ ନିମ୍ନସ୍ଥ ତା'ର ସାଧାରଣ-ପ୍ରାଣୀସୁଲଭ ତଥା ସଂସ୍କାରବଶ ମନୁଷ୍ୟ-ମନ ଏବଂ ଅନ୍ୟ ପାଖରେ ଊର୍ଦ୍ଧ୍ୱସ୍ଥ ତା'ର ବିବର୍ତ୍ତନଶୀଳ ଅଧ୍ୟାତ୍ମମନର

'oaob.nitrkl.ac.in' images reprocessed

ମଧ୍ୟବର୍ତ୍ତୀ ହୋଇ ଅବସ୍ଥିତ ରହିଥିବା ପରି ଏହି ପ୍ରଥମସ୍ତରସ୍ଥ ଆଧ୍ୟାତ୍ମମନଟି ମଧ୍ୟ ବୁଦ୍ଧି ଦ୍ୱାରା ସଂଚାଳିତ ହେଉଥିବା ମନୁଷ୍ୟ-ମନ ଏବଂ ସେହି ବୃହତ୍ତର ଅତିମାନସ ଜ୍ଞାନର ମଧ୍ୟବର୍ତ୍ତୀ ହୋଇ ଅବସ୍ଥିତ ରହିଛି ।

ମନ ଆପଣାର ପ୍ରକୃତି ଅନୁସାରେ ନାନାପ୍ରକାର ଅର୍ଦ୍ଧ-ଆଲୋକ ଏବଂ ଅନ୍ଧକାର ଭିତରେ ବାସ କରୁଛି, କେତେବେଳେ ସମ୍ଭାବ୍ୟତା ଓ ସମ୍ଭାବନା ମଧ୍ୟରେ ବିଚରଣ କରୁଛି, ଅର୍ଦ୍ଧବୋଧ କେତେବେଳେ ବାସ୍ତବ ତଥା କେତେବେଳେ ଅନଶ୍ଚିତତା ତଥା ଅର୍ଦ୍ଧ-ନିଶ୍ଚିତତା ମଧ୍ୟରେ ବାସ କରିବାରେ ଲାଗିଛି । ଏକ ଅଜ୍ଞାନ ରୂପେ ତାହା ଜ୍ଞାନର ଉପଲବ୍ଧି ଲାଗି ପ୍ରୟାସ କରୁଛି, ଆପଣା ମଧ୍ୟରେ ପ୍ରସାର ଆଣିବାକୁ ଚେଷ୍ଟା କରୁଛି ଏବଂ ଯଥାର୍ଥ ଜ୍ଞାନମୟତାର ପ୍ରଚ୍ଛନ୍ନ ରୂପଟିକୁ ଉଦ୍‌ଘାଟିତ କରି ଆଣିବା ଲାଗି ସ୍ୱପ ପକାଇବାରେ ଲାଗିଛି । ଅତିମାନସ କେବଳ ତତ୍‌ଗତ ପରମ ନିଶ୍ଚିତତାଗୁଡ଼ିକର ଆଲୋକ ମଧ୍ୟରେହିଁ ଅବସ୍ଥାନ କରୁଛି; ତାହା ମନୁଷ୍ୟ ଲାଗି ଏପରି ଏକ ଜ୍ଞାନ ହୋଇ ରହିଛି ଯାହାକି ତା'ର ସ୍ୱଭାବଗତ ଜ୍ୟୋତିର ପ୍ରକୃତ ରୂପଟିକୁ ପ୍ରକଟ କରିଦେଇ ପାରୁଛି । ସଂବୋଧି-ମନଟି ପ୍ରଥମ ଅବସ୍ଥାରେ ସଚେତନ ମନର ଅର୍ଦ୍ଧାଲୋକଗୁଡ଼ିକୁ ପୂର୍ଣ୍ଣ କରିବାରେ ଲାଗିଥାଏ ଯାହା ସୃଷ୍ଟିକରେ ହେଉଛି, ଏହାର ଯାବତୀୟ ସମ୍ଭାବ୍ୟତା ତଥା ସମ୍ଭାବନା, ଏହାର ଯାବତୀୟ ବାସ୍ତବ, ଅନଶ୍ଚିତ ନିଶ୍ଚିତତା ତଥା ଉପସ୍ଥାପନାଗୁଡ଼ିକୁ ଉଦ୍ଭାସିତ କରି ଦେଉଥିବା ପରି ପ୍ରତୀତ ହେଉଛି; ତଥା ଯେଉଁସବୁ ସତ୍ୟ ଏହି ବସ୍ତୁଗୁଡ଼ିକ ଦ୍ୱାରା ସଂଗୁପ୍ତ ବା ଅର୍ଦ୍ଧଗୁପ୍ତ ତଥା ଅର୍ଦ୍ଧ-ଅଭିବ୍ୟକ୍ତ ହୋଇ ରହିଛି, ସଂବୋଧି-ମନ ସେଗୁଡ଼ିକୁ ସଚେତନ ପ୍ରକାଶିତ କରିଦେବା ପରି ମନେହେଉଛି; ଏବଂ ଆପଣାର ଉଚ୍ଚତର ଭୂମିଟିକୁ ଉଠିଯାଇ କିମ୍ବା ରହିବା ସମୟରେ ଏକ ନିକଟତର ଅପରୋକ୍ଷ ଦର୍ଶନ ଦ୍ୱାରା, ଅଧିକାର ଜ୍ଞାନର ଏକ ଜ୍ୟୋତିର୍ମୟ ସଙ୍କେତ ଦ୍ୱାରା ବା ସୂଚନା ଦ୍ୱାରା ଏବଂ ସତ୍ୟର ସଂଗୁପ୍ତ ରହସ୍ୟର ଅନ୍ତଃ-ଦୃଷ୍ଟି ତଥା ଜ୍ଞାନର ଦ୍ୱାରଗୁଡ଼ିକ ଦେଇ ଏକ ଅନ୍ତର୍ବୋଧ ଅଥବା ଅନ୍ତର୍ଲୋକନ ଦ୍ୱାରା ତାହା ଅତିମାନସ ସତ୍ୟର ପ୍ରଥମ ରଶ୍ମିଟିକୁ ବହନ କରି ଆଣିଥାଏ । ସଂବୋଧି-ମନକୁ ଆମେ ସେହି ବୃହତ୍ତର ଆଲୋକ ଏବଂ ସାମର୍ଥ୍ୟର ଏକ ପ୍ରଥମ ଓ ଅପୂର୍ଣ୍ଣ ସଂଗଠନ ବୋଲି କହିବା; ଏହା ଅପୂର୍ଣ୍ଣ, କାରଣ ମନର ଭୂମିରେହିଁ ଏହାର ସଂଘଟନ ହୋଇ-ଥାଏ, ଆପଣାର ମର୍ମସ୍ୱଭାବଗତ ଚେତନାସାମଗ୍ରୀଟି ଉପରେ ତାହା ଠିଆହୋଇ ନଥାଏ; ଏଥିରେ ଅନୁକ୍ଷଣ ଏକ ସମର୍ଥସ୍ଥାପନ ଲାଗିରହିଥାଏ ସତ, ମାତ୍ର ତଥାପି ସମ୍ପୂର୍ଣ୍ଣ ଭାବରେ ଅପରୋକ୍ଷ ଏବଂ ଶାଶ୍ୱତ ଉପସ୍ଥିତିଟି ସମ୍ଭବ ହୋଇ ନଥାଏ । ପୂର୍ଣ୍ଣ ସିଦ୍ଧି ଏହାର ଆଦ୍ଭୁତ ସେପାଖକୁ ଅତିମାନସ ସୋପାନଗୁଡ଼ିକରେହିଁ ଲବ୍ଧ ହୋଇ ରହିଥାଏ ଏବଂ ଆମର ଏହି ମନୋଭୂମି ତଥା ସମସ୍ତ ପ୍ରକୃତିଟିର ଅଧିକ ମୀମାଂସକ ଏବଂ ଅଧିକ ସମ୍ପୂର୍ଣ୍ଣ ରୂପାନ୍ତରର ଭିତ୍ତି ଉପରେହିଁ ସେଇଟିକୁ ପ୍ରତିଷ୍ଠିତ କରି ରଖିବାକୁ ହୁଏ ।

'oaob.nitrkl.ac.in' images reprocessed

ଏକବିଂଶ ପରିଚ୍ଛେଦ

# ଅଧିମାନସର ନାନା ସୋପାନ

ସଂବୋଧି-ମନକୁ ଆମେ ସତ୍ୟର ଏପରି ଏକ ଅପରୋକ୍ଷ ରୂପାନ୍ତର ବୋଲି କହିବା, ଯାହାକି ତାକୁ ଜ୍ୟୋତିର୍ମୟ ଅଧିମାନସ ଶକ୍ତି ଦ୍ୱାରା ଅର୍ଦ୍ଧ-ରୂପାନ୍ତରିତ ମାନସିକ ପରିଭାଷାର ରୂପରେ ପରିଣତ କରିଦିଏ; ସଂବୋଧି-ମନକୁ ଆମେ ମନର ଊର୍ଦ୍ଧ୍ୱରେ ଅତିଚେତନ ଚିଦ୍‌ଗତତା ମଧ୍ୟରେ କାର୍ଯ୍ୟ କରୁଥିବା କୌଣସି ଅନନ୍ତ ଆତ୍ମ-ଜ୍ଞାନର ଏକ ପରିବର୍ତ୍ତିତ ରୂପ ବୋଲି କହିପାରିବା । ଯେତେବେଳେ ଆମେ ସେହି ଚିଦ୍‌ଗତତାଟି ବିଷୟରେ ସଚେତନ ହେବାକୁ ଆରମ୍ଭ କରୁ, ସେତେବେଳେ ଆମେ ତାହାକୁ ଏପରି ଏକ ବୃହତ୍ତର ସତ୍ତାରୂପେ ଅନୁଭବ କରିଥାଉ, ଯାହାକି ଯୁଗପତ୍ ଭାବରେ ଆମ ଊର୍ଦ୍ଧ୍ୱରେ ରହିଛି, ଆମ ଭିତରେ ରହିଛି, ଆମ ଚାରିପାଖରେ ମଧ୍ୟ ରହିଛି । ଆମର ଏହି ବର୍ତ୍ତମାନ ଆତ୍ମସତ୍ତାଟି, ଅର୍ଥାତ୍ ଆମର ମନୋଗତ, ପ୍ରାଣିକ ତଥା ଭୌତିକ ବ୍ୟକ୍ତିତ୍ୱ ଓ ପ୍ରକୃତିଟି କେବଳ ସେହି ବୃହତ୍ତର ସତ୍ତାରହିଁ ଏକ ଅପୂର୍ଣ୍ଣତାମୟ ଅଂଶ ହୋଇ ରହିଛି, ତାହାରିଠାରୁ ନିଷ୍ପନ୍ନ ହୋଇଥିବା ଏକ ଆଂଶିକ ରଚନା ହୋଇ ରହିଛି ବା ଏକ ନିମ୍ନସ୍ତରୀୟ ଅପୂର୍ଣ୍ଣ ପ୍ରତୀକ ହୋଇ ରହିଛି; ଏବଂ ସଂବୋଧି-ମନଟି ଆମ ଭିତରେ ବିକାଶଲାଭ କରିବା ସଙ୍ଗେସଙ୍ଗେ ଏବଂ ଆମର ସମୁଦାୟ ସତ୍ତାଟି ଏକ ସଂବୋଧିଗତ ଉପାଦାନର ଗ୍ରନ୍ଥିଟି ଅନୁସାରେ ଆପଣାକୁ ଅଧିକରୁ ଅଧିକ ବିକଶିତ କରି ଆଣିବା ସଙ୍ଗେସଙ୍ଗେ ଆମେ ଆମର ଜୀବନାଙ୍ଗଗୁଡ଼ିକ ସତେଅବା ଏହି ବୃହତ୍ତର ଆତ୍ମସତ୍ତା ଓ ଚିଦ୍‌ଗତତା ମଧ୍ୟକୁହିଁ ଏକପ୍ରକାର ଅର୍ଦ୍ଧ-ରୂପାନ୍ତରିତ ହୋଇଯିବା ପରି ଅନୁଭବ କରିଥାଉ । ଆମର ଯାବତୀୟ ଭାବନା, ଇଚ୍ଛା, ଆବେଗ, ଅନୁଭୂତି ଓ ଏପରିକି ଶେଷ ଆଡ଼କୁ ଅପେକ୍ଷାକୃତ ଅଧିକ ବାହ୍ୟ ହୋଇ ରହିଥିବା ଆମର ପ୍ରାଣଗତ ତଥା ଭୌତିକ ସଂବେଦନଗୁଡ଼ିକ ମଧ୍ୟ ଅଧିକରୁ ଅଧିକ ପରିମାଣରେ ସେହି ଚିଦ୍‌ଗତତାରୁହିଁ ସିଧା ସ୍ପନ୍ଦିତ ଓ ପ୍ରସାରିତ ହୋଇ ଆସିବାକୁ ଲାଗନ୍ତି, ସେଗୁଡ଼ିକ ଅନ୍ୟ ଏକ ଅର୍ଥାତ୍ ଅଧିକରୁ ଅଧିକ ଶୁଦ୍ଧ, କ୍ଷୁଦ୍ରତାଶୂନ୍ୟ, ଶକ୍ତିଶାଳୀ ତଥା ଆଲୋକମୟ ଏକ ପ୍ରକୃତିର ହୋଇ ରହନ୍ତି । ଏଇଟି ହେଉଛି

'oaob.nitrkl.ac.in' images reprocessed

ପରିବର୍ତ୍ତନର ଗୋଟିଏ ଧାପ; ଯାହାକଠାରେ ତଥାପି ସେହି ଜନ୍ମତର ସତ୍ତ୍ୱର ହୋଇ ରହିଥାଏ, ଯାହାକଠାରେ ଆମକୁ ସତେଅବା ବାହାରୁ ଆସୁଥିବା ପରି ଅଥବା ଆମର ସେହି ପୁରାତନ ଓ ଜନ୍ମତର ସ୍ତରର ବାସ୍ତବଟିର ବିସ୍ତାର ଏବଂ ଅବଶେଷ ବୋଲି ତଥାପି ବୋଧ ହେଉଥାଏ, ପରିବର୍ତ୍ତନର ଶକ୍ତିକୁ ଅନୁଭବ କରୁଥାଏ ଏବଂ ଆପଣାକୁ ସେହି ନୂତନ ସାମଗ୍ରୀ ତଥା ପ୍ରକୃତିକୁ ପରିବର୍ତ୍ତିତ ତଥା ରୂପାନ୍ତରିତ କରିଦେବା ସ୍ୱଭାବେ ଉଚ୍ଚତର ସ୍ତରରେ ଏକ ପ୍ରବୃତ୍ତି ରଖିଥାଏ, ସେଇଟି ହେଉଛି ଆଉ ଗୋଟିଏ ପାଦ। ଉଚ୍ଚତରଟି ଜନ୍ମକୁ ଅବତରଣ କରିଆସେ ଏବଂ ଅଧିକାଂଶତଃ ଜନ୍ମତରର ସ୍ଥାନଟିକୁ ଅଧିକାର କରିନିଏ, ମାତ୍ର ତେଣେ ଜନ୍ମତରଟି ମଧ୍ୟ ପରିବର୍ତ୍ତିତ ହେଉଥାଏ, ସେହି ଉଚ୍ଚତର ସତ୍ତ୍ୱର ଧର୍ମ ଲାଗି ଉପଯୁକ୍ତ ଉପାଦାନ ହୋଇପାରିବା ଲାଗି ଆପଣାକୁ ଅନୁରୂପ ଭାବରେ ରୂପାନ୍ତରିତ କରିନିଏ ଏବଂ ତାହାର ମର୍ମସାମଗ୍ରୀଟିର ଏକ ଅଙ୍ଗରେ ପରିଣତ ହୋଇଯାଏ।

ମନର ଉପରକୁ ଅବସ୍ଥିତ ରହିଥିବା ସେହି ବୃହତ୍ତର ଚେତନା ପ୍ରଥମେ ଏକ ଉପସ୍ଥିତି, ଏକ ଆଲୋକ, ଏକ ସାମର୍ଥ୍ୟ, ଏକ ଉତ୍ସ ଏବଂ ଏକ ଅନନ୍ତତାରୂପେ ଆବିର୍ଭୂତ ହୋଇ ଆସିଥାଏ; ମାତ୍ର ଆମେ ତାହାର ପ୍ରେରକ ଅଂଶକୁ ଜାଣିବାକୁ ସମର୍ଥ ହେଲେ, ତାହା ପ୍ରଥମେ ସତ୍ତା, ଚେତନା, ଶକ୍ତି ତଥା ଆନନ୍ଦର ଏକ ଅନନ୍ତ ଓ ଅଖଣ୍ଡ ସ୍ୱରୂପ ହୋଇହିଁ ବିଦ୍ୟମାନ ଥାଏ। ଅବଶିଷ୍ଟ ଆଉ ସବୁକିଛୁ ଏହାର ମଧ୍ୟରୁ ଉଦ୍‌ଗତ ହୋଇଆସେ, ମାତ୍ର କେବଳ ସମ୍ବୋଧି-ମନ ଓ ତାହାର ସୋପାନଟିକୁ ଛାଡ଼ିଦେଲେ ତାହା ଆମ ମନୋମୟଭାବ ଉର୍ଦ୍ଧ୍ୱରେ ଆଉ କୌଣସି ରଚନା, ସଙ୍କଳ୍ପ ତଥା ଅନୁଭୂତିର ଜଟିଳ ଆକାର କଦାପି ଗ୍ରହଣ କରେ ନାହିଁ। ଅଥବା, ଆମେ ଏପରି ଏକ ବୃହତ୍ତ ଓ ଅନନ୍ତ ସ୍ୱରୂପକୁ ଅନୁଭବ କରିଥାଉ ଏବଂ ନାନାବିଧ ଭାବରେ ତାଙ୍କ ବିଷୟରେ ସଜ୍ଞାନ ହୋଇଥାଉ, ଯିଏକି ସେହି ସତ୍ତା ଏବଂ ଉପସ୍ଥିତିଟିର ଏକ ଶାଶ୍ୱତ ଭାବରେ ଜୀବନ୍ତ ସତ୍ତାରୂପେ ବିଦ୍ୟମାନ ରହିଥାନ୍ତି, ଏପରି ଏକ ବୃହତ୍ତ ତଥା ଅନନ୍ତ ଜ୍ଞାନ ହୋଇ ରହିଥାନ୍ତି ଯାହାକି ସେହି ଆଲୋକ ତଥା ଚେତନାର ଅନ୍ତର୍ନିହିତ ଶକ୍ତିରୂପେ କାର୍ଯ୍ୟ କରୁଥାଏ, ଏକ ବୃହତ୍ତ ତଥା ଅନନ୍ତ ସଙ୍କଳ୍ପଶକ୍ତିରୂପେ ବିଦ୍ୟମାନ ରହିଥାନ୍ତି, ଯିଏକି ସେହି ଶକ୍ତିଟିର ଅନ୍ତର୍ନିହିତ ଶକ୍ତିରୂପେ କାର୍ଯ୍ୟ କରୁଥାଏ, ଏବଂ ଏପରି ଏକ ବୃହତ୍ତ ତଥା ଅନନ୍ତ ପ୍ରେମରୂପେ ଅବସ୍ଥିତ ରହିଥାନ୍ତି, ଯାହାକି ପରମ ଆନନ୍ଦରହିଁ ଅନ୍ତର୍ନିହିତ ଶକ୍ତି ପରି କାର୍ଯ୍ୟ କରୁଥାଏ। ମାତ୍ର ଏହିସବୁ ଅନ୍ତର୍ନିହିତ ଶକ୍ତିମାନେ ଆପଣାର ମର୍ମସ୍ଥ ଉପସ୍ଥିତିଟିର ଶକ୍ତିଶାଳୀ ସତ୍ତା ତଥା ପ୍ରକୃତିଟିରୁ ପୃଥକ୍ ହୋଇ ଆମକୁ କୌଣସି ଏକ ଜଟିଳ ରୂପରେ କେବଳ ଦେଖାଯାଏନି ଜ୍ଞାତ ହୋଇପାରେ, ସେଥିପାଇଁ ସେଗୁଡ଼ିକ ଆମର ସମ୍ବୋଧିଗତ ମନୋମୟ ସତ୍ତ୍ୱଟି ଲାଗି ତାହାର ସ୍ତରରେ ତଥା ତାହାର ସୀମା-

'oaob.nitrkl.ac.in' images reprocessed

ଗୁଡ଼ିକ ଭିତରେ କୌଣସି ନା କୌଣସି ପ୍ରକାରେ ଅନୁଦିତ ହୋଇ ଆସୁଥାଏ । ଅବଶ୍ୟ, ଆମେ ଅଗ୍ରସର ହେଉଥିବା ସଙ୍ଗେସଙ୍ଗେ ଅର୍ଥାତ୍ ସେହି ଚିଦ୍‌ଗତତା ବା ପୁରୁଷ ସହିତ ଏକ ଅଧିକ ଜ୍ୟୋତିର୍ମୟ ଏବଂ ଗତିଶୀଳ ସମ୍ମିଳନ ମଧ୍ୟରୁ ବିକଶିତ ହୋଇ ଉଠିବା ସଙ୍ଗେସଙ୍ଗେ ଜ୍ଞାନ, ସଂକଳ୍ପ ତଥା ଚିଦ୍‌ଗତ ଅନୁଭୂତିର ଏକ ବୃହତ୍ତର କ୍ରିୟା ଆପଣାକୁ ବ୍ୟକ୍ତ କରିଦିଏ ଏବଂ ଆପଣାକୁ ମନର ଊର୍ଦ୍ଧ୍ୱରେ ସଂଗଠିତ କରି ଆଣିଲା ପରି ବୋଧ ହୋଇଥାଏ; ଏବଂ ଆମେ ଏହାକୁହିଁ ପ୍ରକୃତ ଅତିମାନସ ବୋଲି ଚିହ୍ନୁ, ସେହି ଅନନ୍ତ ଜ୍ଞାନ, ସଂକଳ୍ପ ତଥା ଆନନ୍ଦର ସ୍ୱାଭାବିକ ପ୍ରକୃତ କ୍ରୀଡ଼ାଟି ବୋଲି ଚିହ୍ନି ନେଇଥାଉ । ସେତେବେଳେ ସଂବୋଧିଗତ ମନଶ୍ଚାରଣାଟି ଏକ ଗୌଣ ଏବଂ ନିମ୍ନତର ଗତିସ୍ପନ୍ଦନରୂପେ ଏହି ଉଚ୍ଚତର ସାମର୍ଥ୍ୟଟିର ପରିକର ହୋଇ ରହେ, ତାହାର ସକଳ ଆଲୋକନ ଏବଂ ନିର୍ଦ୍ଦେଶ ପ୍ରତି ପ୍ରତିସ୍ପନ୍ଦନ ଓ ସମ୍ମତି ଜଣାଉଥାଏ, ସେଗୁଡ଼ିକୁ ନିମ୍ନତର ସ୍ତରଗୁଡ଼ିକୁ ପହଞ୍ଚାଇ ଦେଉଥାଏ; ଏବଂ ଯେତେ-ବେଳେ ସେଗୁଡ଼ିକ ସେପର୍ଯ୍ୟନ୍ତ ପହଞ୍ଚି ପାରନ୍ତି ନାହିଁ ବା ସେଗୁଡ଼ିକର ପ୍ରତ୍ୟକ୍ଷ ଉପସ୍ଥିତି ତାହାକୁ ଅନୁଭୂତ ହୋଇପାରେ ନାହିଁ, ସେତେବେଳେ ତାହା ଅନେକ ସମୟରେ ଏକ ସ୍ଥାନାପନ୍ନ ଭାବରେ ସେହି ଉଚ୍ଚତର ଶକ୍ତିଟିର ସ୍ଥାନ ପୂରଣ କରିବାକୁ ଚେଷ୍ଟା କରେ, ତାହାର କ୍ରିୟାଟିର ଅନୁକରଣ କରିବାକୁ ଏବଂ ଯଥାସମ୍ଭବ ସୁବିଜ୍ଞ ଭାବରେ ଅତିମାନସ ପ୍ରକୃତିର କ୍ରିୟାଗୁଡ଼ିକୁ ସମ୍ପନ୍ନ କରିବା ଲାଗି ମଧ୍ୟ ଚେଷ୍ଟା କରୁଥାଏ । ଯୋଗର ଏକ ପୂର୍ବତନ ସୋପାନରେ ତା' ନିଜ ତୁଳନାରେ ସାଧାରଣ ବୁଦ୍ଧି ଯେଉଁପରି ଏକ ସ୍ଥାନ ତଥା ସମ୍ଭ୍ରମ ଆଦର ନେଇଥିଲା, ବସ୍ତୁତଃ ବର୍ତ୍ତମାନ ସେ ଅତିମାନସର ତୁଳନାରେ ଆପଣା ଲାଗି ଠିକ୍ ସେହିପରି ଏକ ସ୍ଥାନ ଏବଂ ସମ୍ଭ୍ରମ ଆଦର ନିଏ ।

ଆମ ସତ୍ତାର ଦୁଇଟି ସ୍ତରରେ ଚାଲିଥିବା ଏହି ଦ୍ୱିବିଧ କ୍ରିୟା ପ୍ରଥମେ ସଂବୋଧିଗତ ମନଶ୍ଚାରଣାକୁ ଏକ ଗୌଣ କ୍ରିୟାରୂପେ ସୁଦୃଢ଼ କରିଦିଏ ଏବଂ ଅଜ୍ଞାନର ନାନା ଅବଶେଷ, ଆକ୍ରମଣ ଅଥବା ସଂକ୍ରମଣଜନିତ ବୁଦ୍ଧିକୁ ଅଧିକ ସଂପୂର୍ଣ୍ଣ ଭାବରେ ବହିଷ୍କୃତ ବା ରୂପାନ୍ତରିତ କରିଦେବା ଲାଗି ତାକୁ ସାହାଯ୍ୟ ମଧ୍ୟ କରିଥାଏ । ଏବଂ ଅଧିକରୁ ଅଧିକ ପରିମାଣରେ ତାହା ସ୍ୱୟଂ ସଂବୋଧି-ମନଟିକୁ ମଧ୍ୟ ତାହାର ଜ୍ଞାନଜ୍ୟୋତିର ଭୂମିରେ ପ୍ରଖର କରିଦିଏ ଏବଂ ଅବଶେଷରେ ତାହାକୁ ସ୍ୱୟଂ ଅତିମାନସର ପ୍ରତିରୂପରେ ରୂପାନ୍ତରିତ ବି କରି ଦେଇଥାଏ; ମାତ୍ର ପ୍ରଥମ ପର୍ଯ୍ୟାୟରେ ସାଧାରଣତଃ ବିଜ୍ଞାନମୟତାର ଏକ ଅଧିକ ସୀମିତ କ୍ରିୟାରେହିଁ ତାହାକୁ ରୂପାନ୍ତରିତ କରିଥାଏ । ଏହି କ୍ରିୟାଟିରେ ବିଜ୍ଞାନମୟତା ସେହି ଶକ୍ତିର ରୂପଟିକୁ ଧାରଣ କରିଥାଏ, ଯାହାକୁ କି ଆମେ ଜ୍ୟୋତିର୍ମୟ ଅତିମାନସ ଅଥବା ଦିବ୍ୟ ବୁଦ୍ଧିସମ୍ପନ୍ନତା ବୋଲି କହିପାରିବା । ହୁଏତ ଏହି ଦିବ୍ୟ ବୁଦ୍ଧିସମ୍ପନ୍ନତାରୂପେହିଁ ସ୍ୱୟଂ ଅତିମାନସ ପ୍ରଥମେ

'oaob.nitrkl.ac.in' images reprocessed

ଆପଣାର ନିତ୍ୟସ୍ଥିତିକୁ ଫେରି ଧରି ଆଣିପାରେ, ଏବଂ ତା'ପରେ, ଯେତେବେଳେ ତାହା ମନକୁ ଆପଣାରହିଁ ଏକ ଗୁଣରୂପରେ ପରିବର୍ତ୍ତିତ କରିବ, ସେତେବେଳେ ତାହା ଅବତୀର୍ଣ୍ଣ ହୋଇଆସେ ଏବଂ ଆମର ଏହି ସାଧାରଣ ବୁଦ୍ଧି ସାମର୍ଥ୍ୟ ଓ ବୁଦ୍ଧିଗତ ବିସ୍ତରଣାର ସ୍ଥାନଟିକୁ ଅଧିକାର କରିନିଏ। ଇତ୍ୟବସରରେ, ଆହୁରି ଅଧିକ ବୃହତ୍ ସ୍ତରର ଏକ ଉଚ୍ଚତର ଅତିମାନସ ସାମର୍ଥ୍ୟ ମନର ଉର୍ଦ୍ଧ୍ୱରେ ଆପଣାକୁ ଉଦ୍‌ଘାଟିତ କରିଦେବାରେ ଲାଗିଥାଏ, ଯାହାକି ଆମ ପକ୍ଷରେ ସ୍ୱରୂପତ ସତ୍ୟ ନିତ୍ୟସ୍ଥିତିର ସର୍ବୋଚ୍ଚ ନେତୃତ୍ୱକୁ ଆପଣା ହାତରେ ଗ୍ରହଣ କରିନିଏ। ସତ୍ୟ ବୁଦ୍ଧିସମ୍ପନ୍ନତାର ସ୍ୱରୂପଟି ଅଧିକତର କମରେ ସୀମିତହିଁ ହୋଇ ରହିଥାଏ, କାରଣ, ତାହା ଉପରେ ମନର ମୋହର ଲଗା ହୋଇ ନଥିଲେ ଏବଂ ତାହା ସେହି ସାକ୍ଷାତ୍ ସତ୍ୟ ତଥା ଜ୍ଞାନର ଏକ ନିତ୍ୟସ୍ଥିତତା ହୋଇ ରହିଥିଲେ ମଧ୍ୟ ତାହା ତଥାପି କେବଳ ଏକ ପ୍ରତିନିଧି-ଶକ୍ତି ହୋଇ ରହିଥାଏ ଏବଂ ତା'ର ଉନ୍ମେଷଣାଗୁଡ଼ିକର ପରିସରଟି ଅଧିକ ଆଲୋକମୟ ହୋଇଥିଲେ ମଧ୍ୟ କେତେକ ପରିମାଣରେ ତାହା ସାଧାରଣ ମାନସୀୟ ଇଚ୍ଛା ତଥା ତର୍କବୁଦ୍ଧିର ଉନ୍ମେଷଣାଗୁଡ଼ିକ ପରି ହୋଇ ରହିଥାଏ। ଏହାଠାରୁ ତଥାପି ଆହୁରି ବୃହତ୍ ଅତିମାନସର ପର୍ଯ୍ୟାୟସ୍ଥିତିରେ ଯାଇ ମନୁଷ୍ୟ ମଧ୍ୟରେ ପରମ ଈଶ୍ୱରଙ୍କର ସେହି ଅପରୋକ୍ଷ, ପୂର୍ଣ୍ଣରୂପେ ପ୍ରକାଶିତ ଏବଂ ସାକ୍ଷାତ୍ ନିତ୍ୟସ୍ଥିତି ପ୍ରକଟ ହୋଇ ଆସିଥାଏ। ସବୋଧ-ମନ, ସତ୍ୟ ବୁଦ୍ଧିସମ୍ପନ୍ନତା ତଥା ବୃହତ୍ତର ଅତିମାନସ ମଧ୍ୟରେ ରହିଥିବା ଭେଦ ଏବଂ ଏହିସବୁ ସୋପାନ ମଧ୍ୟରେ ରହିଥିବା ଅନ୍ୟ ଭେଦଗୁଡ଼ିକୁ ଆମକୁ ଅବଶ୍ୟ ଲକ୍ଷ୍ୟ କରିନେବାକୁ ହେବ, କାରଣ ପରକ୍ଷଣରେ ଏଗୁଡ଼ିକ ଆମର ଅନେକ କାର୍ଯ୍ୟରେ ଆସି ପାରିବେ। ଆପଣା କ୍ଷେତ୍ରଟିର ବାହାରୁ ଯାହାକିଛି ତା' ପାଖକୁ ଆସେ, ମନ ପ୍ରଥମେ ସେଗୁଡ଼ିକ ମଧ୍ୟରେ ଅଦୌ କୌଣସି ଭେଦ ନକରି ସେଗୁଡ଼ିକୁ ପର୍ଯ୍ୟାପ୍ତ ଉଦ୍‌ଗତ ଆଲୋକନରୂପେ ସ୍ୱୀକାର କରି ନେଇଥାଏ, ଏପରିକି ଏକାବେଳକେ ପ୍ରାରମ୍ଭିକ ଅବସ୍ଥାଗୁଡ଼ିକୁ ତଥା ପ୍ରଥମ ଆଲୋକନଗୁଡ଼ିକୁ ଏକ ଚୂଡ଼ାନ୍ତ ବସ୍ତୁରୂପେ ଗ୍ରହଣ କରି ନେଇଥାଏ; ମାତ୍ର ପରେ ତାହା ଆବିଷ୍କାର କରିପାରେ ଯେ ଏହିଠାରେ ଅଟକିଗଲେ ତାହା ଠିକ୍ ଏକ ଆଂଶିକ ଉପଲବ୍ଧିରେହିଁ ଆସି ବିଶ୍ରାମ ନେବା ପରି ହେବ; ସାଧକକୁ ପ୍ରକୃତରେ ଆହୁରି ଉପରକୁ ଯିବାକୁ ହେବ ଓ ଆପଣାର ଭୂମିରେ ଆହୁରି ପ୍ରସାର ଆଣିବାକୁ ପଡ଼ିବ ଏବଂ ଏହାପରି ସବୁବେଳେହିଁ ଅବଶେଷରେ ସତ୍ୟ ପ୍ରସାରଯୁକ୍ତତା ଏବଂ ସତ୍ୟ ଅନୁଭବର ଏକ ନିର୍ଦ୍ଦିଷ୍ଟ ପୂର୍ଣ୍ଣଗଠନରେ ଯାଇ ଉପନୀତ ହେବା ସମ୍ଭବ ହୋଇପାରିବ।

ଅତିମାନସ ସ୍ତରର ଏହିସବୁ ଭେଦର ଅର୍ଥକୁ ହୃଦୟଙ୍ଗମ କରିବା ବୁଦ୍ଧି ପକ୍ଷରେ ଏକାନ୍ତ କଷ୍ଟକର। ସେଗୁଡ଼ିକୁ ପ୍ରକାଶ କରିପାରିବା ଭଳି ମନର ବୁଝିବା ଭଳି ହୁଏତ ଏକ ଭଣ୍ଡାର ଅଭାବ ରହିଛି, ଅଥବା ଥିଲେ ମଧ୍ୟ ତାହା ଯଥେଷ୍ଟ

'oaob.nitrkl.ac.in' images reprocessed

ପରିମାଣରେ ସେଗୁଡ଼ିକର ବ୍ୟଞ୍ଜନାକୁ ପ୍ରକାଶ କରିପାରୁ ନାହିଁ; ଏବଂ ଅନୁଭୂତ ଦ୍ୱାରା କେବଳ ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିସାମର୍ଥ୍ୟ ଅଥବା ନିକଟ-ବୋଧ ଦ୍ୱାରାହିଁ ଏଗୁଡ଼ିକୁ ବୁଝିବା ସମ୍ଭବ ହୋଇପାରିବ । ତେଣୁ ବର୍ତ୍ତମାନ ଅବସ୍ଥାରେ କାମରେ ଲଗିଲା ଭଳି କେବଳ କେତୋଟି ସୂଚନାହିଁ ଦିଆଯାଇ ପାରିବ । ଏବଂ ସର୍ବପ୍ରଥମେ ଆମର ଚିନ୍ତନକ୍ଷମ ମନକୁ କେତୋଟି ସୂତ୍ର ନେଇ ଆଲୋଚନାଟିରେ ଅଗ୍ରସର ହେବାହିଁ ଯଥେଷ୍ଟ ହେବ, କାରଣ ସେଥିଠାରେହିଁ ଅତିମାନସ କ୍ରିୟାଟିକୁ ବୁଝିବା ଲାଗି ଆମକୁ କେତେକ ନିକଟତମ ସୂତ୍ରକାଠି ମିଳିଯାଇ ପାରିବ । ସଂବୋଧି-ମନର ଭାବନା ସମ୍ପୂର୍ଣ୍ଣ ଭାବରେ ସତ୍ୟର ଆକାରଟିକୁ ଗଠନ କରୁଥିବା ଚାରୋଟି ସାମର୍ଥ୍ୟ ଦ୍ୱାରାହିଁ ନିଷ୍ପନ୍ନ ହୋଇ ଆସିଥାଏ; ପ୍ରଥମଟି ହେଉଛି ସତ୍ୟର ବସ୍ତୁଟିକୁ ସୂଚାଇ ଦେଉଥିବା ଏକ ସଂବୋଧି, ଦ୍ୱିତୀୟଟି ହେଉଛି ବିବେଚନା ଦ୍ୱାରା ତାରତମ୍ୟ ନିରୂପଣ କରୁଥିବା ଏକ ସଂବୋଧି, ତୃତୀୟରେ ତାହାର ବାଣୀକୁ ତଥା ତାହାର ବୃହତ୍ତର ଉପାଦାନଟିର କେତେକ ଅଂଶକୁ ବହନ କରି ଆଣୁଥିବା ଏକ ପ୍ରେରଣା ଏବଂ ଚତୁର୍ଥରେ ତାହାର ସତ୍ୟଟିର ଯଥାର୍ଥ ମୁଖାକୃତି ତଥା ସମ୍ପୂର୍ଣ୍ଣ ଶରୀରଟିକୁ ଆମ ଦୃଷ୍ଟି ସମକ୍ଷରେ ମୂର୍ତ୍ତିମନ୍ତ କରି ଦେଉଥିବା ଏକ ଆତ୍ମ-ପ୍ରକାଶ ବା ଉନ୍ମୋଚନ । ପ୍ରାୟ ଏହିଗୁଡ଼ିକ ପରି ମନେ ହେଉଥିବା ସାଧାରଣ ମନୋମୟ ବୁଦ୍ଧିର ସେହିସବୁ ବିଶେଷ କ୍ରିୟାଗୁଡ଼ିକଠାରୁ ଆମେ ଏଗୁଡ଼ିକୁ ଭିନ୍ନ ବୋଲି ଜାଣିରଖିବା; ଆମର ପ୍ରଥମ ଅନୁଭବର ପର୍ଯ୍ୟାୟରେ ସେହିଗୁଡ଼ିକୁହିଁ ଖୁବ ସହଜରେ ପ୍ରକୃତ ସଂବୋଧିଟି ବୋଲି ଭ୍ରମ କରିଯାଇଥାଏ । ଏହି ସଂକେତକ ସଂବୋଧି ଏବଂ ଆଶୁ ବୁଦ୍ଧିର ବୌଦ୍ଧିକ ଅନ୍ତଃଦୃଷ୍ଟି ଆଦୌ ଗୋଟିଏ କଥା ନୁହନ୍ତି, ଅଥବା ସଂବୋଧିଗତ ବିବେଚନଶକ୍ତି ଓ ତର୍କବୁଦ୍ଧିର ପ୍ରଖରଗତି ନିର୍ଣ୍ଣୟଟି ମଧ୍ୟ ଆଦୌ ଗୋଟିଏ କଥା ନୁହନ୍ତି । ସଂବୋଧିଗତ ଅନ୍ତଃପ୍ରେରଣାକୁ ଆମେ କଦାପି ଆମ କଳ୍ପନାପ୍ରବଣ ବୁଦ୍ଧିର ପ୍ରେରଣାଯୁକ୍ତ କ୍ରିୟା ବୋଲି ବୁଝିବା ନାହିଁ ଅଥବା ସଂବୋଧିଗତ ସତ୍ୟୋଦ୍‌ଘାଟନକୁ ମଧ୍ୟ କେବଳ ମନୋଗତ ଏକ ଅନ୍ତରଙ୍ଗ ବୋଧ ତଥା ଅନୁଭବର ସେହି ପ୍ରଖର ଆଲୋକଟି ବୋଲି କଦାପି ବୁଝିବା ନାହିଁ ।

ଏହିସବୁ ଦ୍ୱିତୀୟୋକ୍ତ କ୍ରିୟାକୁ ସେହି ଉଚ୍ଚତର ଗତିସ୍ପନ୍ଦନଗୁଡ଼ିକର ଏକ ମନୋମୟ ରୂପ, ସେହି ଗତିସ୍ପନ୍ଦନଗୁଡ଼ିକ ଲାଗି ସ୍ୱୟଂ ସମର୍ଥ ହେବା ସକାଶେ ଆମ ସାଧାରଣ ମନର ନାନାବିଧ ପ୍ରୟାସ ଅଥବା ବୁଦ୍ଧି ଆମ ଆଗରେ ଆଣି ପ୍ରସ୍ତୁତ କରି ରଖୁଥିବା ସେହି ଉଚ୍ଚତର କ୍ରିୟାଗୁଡ଼ିକର ଯଥାସମ୍ଭବ ସର୍ବୋତ୍ତମ ଅନୁକୃତି ବୋଲି କହିବା ସମ୍ଭବତଃ ଅଧିକ ଯଥାର୍ଥ ହେବ । ପ୍ରକୃତ ସଂବୋଧିଗୁଡ଼ିକ ଆପଣାର ଜ୍ୟୋତିର୍ମୟ ସାରତତ୍ତ୍ୱରେ ତଥା ଆପଣାର କ୍ରିୟା ଓ ଜ୍ଞାନପ୍ରଣାଳୀରେ ଏହି ପ୍ରଭାବଶାଳୀ ମାତ୍ର ଅପର୍ଯ୍ୟାପ୍ତ ଅନୁକରଣଗୁଡ଼ିକ ଅପେକ୍ଷା ଭିନ୍ନ ପ୍ରକାରର ହୋଇଥାନ୍ତି ।

'oaob.nitrkl.ac.in' images reprocessed

ବୁଦ୍ଧିଗତ ପ୍ରଖରନିଷ୍ଠାଗୁଡ଼ିକ ସତ୍ୟର ନାନା ମାନସିକ ଅଭାବ ଏବଂ ପ୍ରତିରୂପ ସ୍ୱରୂପରେ ଆଧାରଭୂତ ମନୋଗତ ଅଜ୍ଞାନର ଆବୃତ ହୋଇ ଉଠିବା ଉପରେ ନିର୍ଭର କରିଥାଏ । ଏହିସବୁ ଆଭାସ ଏବଂ ପ୍ରତିରୂପ ଆପଣାର କ୍ଷେତ୍ରରେ ତଥା ଆପଣାର ପ୍ରୟୋଜନ ଲାଗି ହୁଏତ ବେଶ୍ ସମ୍ପୂର୍ଣ୍ଣ ସ୍ୱରୂପରେ ସତ୍ୟ ହୋଇପାରନ୍ତି, ମାତ୍ର ସେଥିଲାଗି ଯେ ସେମାନେ ଆପଣାର ମୂଳ ପ୍ରକୃତିଟି ଦୃଷ୍ଟିରୁ ମଧ୍ୟ ଅବଶ୍ୟ ବିଶ୍ୱାସଯୋଗ୍ୟ ହୋଇ ରହିବେ, ତା'ର ଆଦୌ କୌଣସି କାରଣ ନାହିଁ । ମନୋଗତ ତଥା ଇନ୍ଦ୍ରିୟଲବ୍ଧ ତଥ୍ୟଗୁଡ଼ିକ ଆମକୁ ବିଭିନ୍ନ ସମୟରେ ଯେଉଁସବୁ ଇଙ୍ଗିତ ବା ସଙ୍କେତ ଦେଇ ଯାଉଥାନ୍ତି ଏବଂ ଅତୀତରୁ ଆମ ଭିତରେ ଯେଉଁ ମନୋଗତ ଜ୍ଞାନ ସଞ୍ଚିତ ହୋଇ ରହିଥାଏ, ଆପଣାର ଆବିର୍ଭାବ ସକାଶେ ସେଗୁଡ଼ିକ ତାହାର ଉପରେହିଁ ନିର୍ଭରଶୀଳ ରହିଥାନ୍ତି । ସତ୍ୟ ସେତେବେଳେ ଯେପରି ବାହାରେ କୌଣସି ସ୍ୱତନ୍ତ୍ର ବସ୍ତୁ ପରି ଅବସ୍ଥିତ ରହିଛି, ଏକ ପଦାର୍ଥରୂପେ ଆମେ ଯେପରି ସତ୍ୟକୁ ଲାଭ କରିପାରିବା, ତାହା ଉପରେ ଦୃଷ୍ଟିପାତ କରିପାରିବା ଅଥବା ଏକ ସମଷ୍ଟି ପରି ଚିହ୍ନିତ କରି ରଖିପାରିବା, ଏବଂ, ଯେତେବେଳେ ତାହାର ପରିଚୟ ମିଳିବ, ସେତେବେଳେ ଆମେ ଯେପରି ତାହାର ଉପାଦାନଗୁଡ଼ାକୁ, ତାହାର ଇଙ୍ଗିତଗୁଡ଼ାକୁ ବା ନାନା ଅଙ୍ଗକୁ ତନଖି କରି ଦେଖିପାରିବା, ସେଗୁଡ଼ିକ ଠିକ୍ ସେହିପରି ଏକ ଧାରଣା ନେଇ ସତ୍ୟର ଅନୁସନ୍ଧାନ କରିବାରେ ଲାଗିଥାନ୍ତି । ଏହି ତନଖିବା ଦ୍ୱାରା ଆମକୁ କେବେହେଲେ ଏକ ସମ୍ପୂର୍ଣ୍ଣ ଓ ଯଥେଷ୍ଟ ସତ୍ୟଗତ ତଥ୍ୟ ପ୍ରାପ୍ତ ହୋଇପାରିବ ନାହିଁ । ସେହି ସମୟରେ ତାହା ଯେତେବେଶୀ ବାସ୍ତବ ମନେ ହେଉଥିଲେ ମଧ୍ୟ ସେଗୁଡ଼ିକୁ ହୁଏତ ଯେକୌଣସି ସମୟରେ ଅତିକ୍ରମ କରି ଯିବାକୁ ପଡ଼ିବ, ବର୍ଜନ କରିବାକୁ ପଡ଼ିବ ଏବଂ ଉପଲବ୍ଧ ନୂତନ ଜ୍ଞାନ ସହିତ ସେଗୁଡ଼ିକୁ ଏକାନ୍ତ ଅସଙ୍ଗତ ବୋଲି ଅସ୍ୱୀକାର କରିବାକୁ ପଡ଼ିବ ।

ଅନ୍ୟ ପକ୍ଷରେ, ଓ ଆପଣାର କ୍ଷେତ୍ର ବା ପ୍ରୟୋଗରେ ଯେତେ ସୀମାବଦ୍ଧ ହୋଇ ରହିଥିଲେ ମଧ୍ୟ ସମ୍ବୋଧିଲବ୍ଧ ଜ୍ଞାନ ଆପଣାର ସେହି କ୍ଷେତ୍ର ଓ ପରିସରଟି ମଧ୍ୟରେ ଏକ ଅପରୋକ୍ଷ, ସ୍ଥାୟୀ ଏବଂ ବିଶେଷତଃ ଏକ ସ୍ୱୟଂପ୍ରତିଷ୍ଠିତ ନିଶ୍ଚୟତା ଦ୍ୱାରା ପୂର୍ଣ୍ଣ ସ୍ୱରୂପରେ ଅନୁବିଦ୍ଧ ହୋଇ ରହିଥାଏ । ସେହି ଜ୍ଞାନ ମନ ତଥା ଇନ୍ଦ୍ରିୟ ଦ୍ୱାରା ପ୍ରଦତ୍ତ ତଥ୍ୟସାମଗ୍ରୀକୁ ଏକ ଅବଲମ୍ବନ-ବିନ୍ଦୁ ରୂପେ ଅଥବା ବସ୍ତୁତଃ ଏପରି ଏକ ବସ୍ତୁ ରୂପରେ ଗ୍ରହଣ କରିବାକୁ ସମର୍ଥ ହୁଏ, ଯାହାର ପ୍ରକୃତ ତାତ୍ପର୍ଯ୍ୟଟିକୁ ତାକୁ ଅବଗତ ଏବଂ ଅନାବୃତ କରିଦେବାକୁ ହୋଇଥାଏ; ଅଥବା ତାହା ଅନ୍ତରର ସତ୍ତା ଓ ଜ୍ଞାନର ଏକ ପରିମାଣରେ ନୂତନ କେତେକେତେ ତାତ୍ପର୍ଯ୍ୟ ତଥା ପରିଣାମର ବାର୍ତ୍ତାକୁ ଆଣି ଉପସ୍ଥିତ କରିଦିଏ, ମାତ୍ର ତାହା କେବଳ ଆପଣା ବାହାର ଆଉ ତାହାର ଉପରେ ନିର୍ଭର କରେ ନାହିଁ । ସ୍ୱତନ୍ତ୍ର, ସ୍ପଷ୍ଟ କୌଣସି ସଙ୍କେତ ବା

'oaob.nitrkl.ac.in' images reprocessed

ତଥ୍ୟଗତ ସମର୍ଥନ ନଥାଇ ମଧ୍ୟ ତାହା ସତେଅବା ଆପଣାର ଜ୍ୟୋତିଃକ୍ଷେତ୍ରଟି ମଧ୍ୟରୁ ଲକ୍ଷ୍ୟପ୍ରଦାନ କଲା ପରି ଆସି ପ୍ରକଟ ହୋଇଯାଇ ପାରେ; ଏବଂ ଏହି ପ୍ରକାରର ବିଦ୍ୟୁତି କ୍ରମଶଃ ଅଧିକରୁ ଅଧିକ ଅବିରଳ ହେବାରେ ଲାଗିଥାଏ ତଥା ଜ୍ଞାନର ନୂତନ ଗମ୍ଭୀରତା ଓ ନୂତନ ଭୂମିଗୁଡ଼ିକୁ ପ୍ରକଟ କରି ଆଣିବା ଲାଗି ତାହା ଅନ୍ୟପ୍ରକାରର ଜ୍ଞାନବିଦ୍ୟୁତି ସହିତ ଆପଣାକୁ ନେଇ ସଂଯୁକ୍ତ କରିଦିଏ । ଉଭୟ ପରିସ୍ଥିତିରେହିଁ ସ୍ୱୟଂପ୍ରତିଷ୍ଠିତ ସତ୍ୟର ଏକ ଉପାଦାନ ମହଜୁଦ ରହିଥାଏ, ଏବଂ ଆପଣାର ଉଦ୍‌ଗମଗତ ଏପରି ଏକ ନିର୍ବିଶେଷତାବୋଧ ମହଜୁଦ ରହିଥାଏ, ଯାହାକି ତାହା ତଦ୍‌ଗତତାର ତାଦାତ୍ମ୍ୟଜ୍ଞାନରୁହିଁ ନିଷ୍ପନ୍ନ ହୋଇ ଆସିଛି ବୋଲି ସୂଚାଇ ଦେଉଥାଏ । ଏହାକୁ ଆମେ ଏପରି ଏକ ଜ୍ଞାନର ଅନାବରଣ ବୋଲି କହିପାରିବା, ଯାହାକି ପ୍ରଚ୍ଛନ୍ନ ରହିଥାଏ ସତ, ମାତ୍ର ଆଗରୁହିଁ ସତ୍ତାଟି ମଧ୍ୟରେ ଅବସ୍ଥାନ କରୁଥାଏ । ତେଣୁ ଏହାକୁ ଏକ ନୂତନ ଅର୍ଜନ ବା ବାହାରୁ ପ୍ରାପ୍ତ କୌଣସି ଧନ ବୋଲି ବୁଝାଯାଇ ପାରିବ ନାହିଁ, ମାତ୍ର ଏପରି ଏକ ସମ୍ପଦ ବୋଲି ବୁଝାଯିବ, ଯାହାକି ସେଠାରେ ସର୍ବଦା ଉପସ୍ଥିତ ଥିଲା ଏବଂ ଅନାବରଣଯୋଗ୍ୟ ହୋଇ ରହିଥିଲା । ସତ୍ୟକୁ ତାହା ସେହି ଭିତରୁହିଁ ପ୍ରତ୍ୟକ୍ଷ କରିଥାଏ ଏବଂ ସେହି ଅନ୍ତର୍ଗତ ଦୃଷ୍ଟିସାମର୍ଥ୍ୟ ଦ୍ୱାରା ବାହାରେ ଥିବା ସବୁକିଛିକୁ ଆଲୋକିତ କରିଦିଏ; ଏବଂ ଆମେ ସଂବୋଧିର କ୍ଷେତ୍ରରେ ଏହିପରି ଜାଗ୍ରତ ହୋଇ ରହିପାରିଲେ, ଯାହାକିଛି ନୂତନ ସତ୍ୟ ତଥାପି ଆସି ଆବିର୍ଭୂତ ହେବାର ଥାଏ, ତାହା ସହିତ ମଧ୍ୟ ଆପଣାକୁ ସଙ୍ଗେସଙ୍ଗେ ସୌଷମ୍ୟବଦ୍ଧ କରି ଦେଇପାରେ । ଉଚ୍ଚତର ଅର୍ଥାତ୍ ପ୍ରକୃତ ଅଧିମାନସ ଭୂମିଗୁଡ଼ିକରେ ଏହି ସ୍ୱଭାବଗୁଡ଼ିକ ଅଧିକ ସ୍ପଷ୍ଟ ଏବଂ ପ୍ରଗାଢ଼ ହୋଇଯାଏ; ସଂବୋଧି-ମନର ସୋପାନଟିରେ ସେଗୁଡ଼ିକୁ ସେଗୁଡ଼ିକର ଶୁଦ୍ଧତା ଏବଂ ସମ୍ପୂର୍ଣ୍ଣତା ଦେଇ ଚିହ୍ନିବା ହୁଏତ ସବୁବେଳେ ସମ୍ଭବ ହୁଏ ନାହିଁ, କାରଣ ସେଠାରେ ତାହା ମନୋମୟ ସାମଗ୍ରୀ ଓ ସଂକ୍ରମଣାତ୍ମକ ବୁଦ୍ଧି ଦ୍ୱାରା ମିଶ୍ରିତ ହୋଇ ରହିଥାଏ; ମାତ୍ର ଉଚ୍ଚ ବୁଦ୍ଧିସମ୍ପନ୍ନତା ଏବଂ ବୃହତ୍ତର ଅଧିମାନସ ବିସ୍ତାର ଭୂମିକୁ ଆସି ସେଗୁଡ଼ିକ ମୁକ୍ତ ହୋଇଯାଆନ୍ତି, ସର୍ବାଙ୍ଗପୂର୍ଣ୍ଣ ହୋଇଯାଆନ୍ତି ।

ମନୋମୟ ସ୍ତରରେ କାର୍ଯ୍ୟ କରୁଥିବା ସଙ୍କେତକାରୀ ସଂବୋଧିଟି ସତ୍ୟର ଏକ ଅପରୋକ୍ଷ ଏବଂ ଆଲୋକନକାରୀ ଅନ୍ତର୍ଗତ ଧାରଣାର ସଙ୍କେତ ଦେଇଯାଏ; ସେହି ଧାରଣାଟି ସେହି ସତ୍ୟର ଯଥାର୍ଥ ପ୍ରତିରୂପ ଏବଂ ସୂଚକ ହୋଇ ରହିଥାଏ ସତ, ମାତ୍ର ସତ୍ୟଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଆସି ପହଞ୍ଚି ନଥାଏ କିମ୍ବା ଦୃଷ୍ଟି-ଗୋଚର ବି ହୋଇ ନଥାଏ । ବରଂ, ତାହା କୌଣସି ଏକ ସତ୍ୟର ଏକ ଉଜ୍ଜ୍ୱଳ ସ୍ମୃତି ପରି ହୋଇ ରହିଥାଏ, ଆତ୍ମାର ଜ୍ଞାନର କୌଣସି ରହସ୍ୟର ଏକ ଅସ୍ୱରଲିପି ପରି ହୋଇ ରହିଥାଏ । ଏହାକୁ ଆମେ ନିଶ୍ଚୟ ଏକ ପ୍ରତିନିଧିମୂଳକ ଉପସ୍ଥାପନା

'oaob.nitrkl.ac.in' images reprocessed

ବୋଲି କହିବା, ମାତ୍ର ଏକ ସବଳ ଉପସ୍ଥାପନା ବୋଲିହିଁ କହିବା; ଏହାକୁ ଆମେ ଏକ କଳ୍ପନାଧାର ପ୍ରସ୍ତୁତମାତ୍ର ବୋଲି କହିବା ନାହିଁ, ଏକ ପ୍ରତିଫଳନ ବୋଲି କହିବା ନାହିଁ; ମାତ୍ର ଏପରି ଏକ ପ୍ରତିଫଳନ ବୋଲି କହିବା, ଯାହାକି ସତ୍ୟଗତ ଯଥାର୍ଥ ଉପାଦାନଟିର କୌଣସି ଏକ ଅଂଶ ଦ୍ୱାରା ଅନୁପ୍ରେରିତ ହୋଇ ରହିଛି । ସମ୍ବୋଧିଗତ ବିବେଚନ ହେଉଛି ଏକ ଗୌଣ କ୍ରିୟା ଯାହାକି ସତ୍ୟର ବସ୍ତୁଗୁଡ଼ିକୁ ତାହାର ଯଥାର୍ଥ ସ୍ଥାନରେ ଆଣି ରଖିଦିଏ, ଅନ୍ୟ ବସ୍ତୁଗୁଡ଼ିକ ସହିତ ତାହାକୁ ଯଥାର୍ଥ ଭାବରେ ସମ୍ବନ୍ଧିତ କରି ରଖିଦିଏ । ଏବଂ ଯେପର୍ଯ୍ୟନ୍ତ ମନୋଗତ ଭୂମିର ହସ୍ତକ୍ଷେପ ଓ ସଂମିଶ୍ରଣଟି ଲାଗି ରହିଥାଏ, ସେପର୍ଯ୍ୟନ୍ତ ଏହା ମନୋମୟ ଦେଖିବାଟିକୁ ସେହି ଉପରର ଦେଖିବାରୁ ଅଲଗା କରି ରଖିବା ପାଇଁ ମଧ୍ୟ କାର୍ଯ୍ୟ କରୁଥାଏ ଏବଂ ଆପଣାର ବହୁମିଶ୍ରିତତା ଦ୍ୱାରା ଏକ ସର୍ବସାମଗ୍ରୀଟିକୁ ଏକତ୍ରିତ କରିଦେବାକୁ ଅଥବା ସେହି ସମ୍ଭୂତର ମାନସିକ ଉପାଦାନଟିକୁ ମଧ୍ୟ ସୁବିବେଚିତ ଭାବରେ ଅଲଗା କରି ଦେଉଥାଏ ଏବଂ ଅଜ୍ଞାନ ତଥା ଜ୍ଞାନ, ମିଥ୍ୟା ତଥା ଭ୍ରମର ମିଶ୍ରିତ ଅଦ୍ଭୁତ-ବଣ୍ଟାଟିକୁ ପ୍ରଶ୍ରୟ ଦେବାର ଚେଷ୍ଟା କରୁଥାଏ । ତାହାର ସ୍ୱକୀୟ ଦୃଷ୍ଟିରୁ ଆମେ ସମ୍ବୋଧିକୁ ଯେପରି ଏକ ସ୍ମୃତି ବୋଲି କହିବା, ଅର୍ଥାତ୍ ସେହି ସ୍ୱୟଂ ସତ୍ୟର ଏକ ସନ୍ଦୀପିତ ସ୍ମରଣ ବୋଲି କହିବା, ଠିକ୍ ସେହିପରି ସମ୍ବୋଧିଜନିତ ଅନ୍ତଃପ୍ରେରଣାକୁ ମଧ୍ୟ ତାହାର ସ୍ୱକୀୟ ଦୃଷ୍ଟିରୁ ଏକ ସତ୍ୟଶ୍ରବଣ ବୋଲି କହିବା; ଏହା ଦ୍ୱାରା ଆମେ ସତ୍ୟର ସାକ୍ଷାତ୍ ବାଣୀଟିକୁହିଁ ଅପରୋକ୍ଷ ଭାବରେ ଗ୍ରହଣ କରିବାକୁ ସମର୍ଥ ହୋଇଥାଉ, ସତ୍ୟଟିକୁ ପୂର୍ଣ୍ଣ ଭାବରେ ମୂର୍ତ୍ତ କରି ଦେଉଥିବା ଶବ୍ଦଟିକୁ ତାହା ତତ୍କ୍ଷଣାତ୍ ବହନ କରି ନେଇଆସେ ଏବଂ ତାହାର ବସ୍ତୁଟିର ସଙ୍କେତଟି ଅପେକ୍ଷା ଅନେକ ଅଧିକ କିଛି ଧାରଣ କରି ରଖିଥାଏ; ତାହାର ଅନ୍ତର୍ଗତ ସତ୍ୟଟିର ଭିତରେ ଧାରା ଏବଂ ତାହାର ଉପାଦାନଟିର ଏକ ଅଖଣ୍ଡ ଉପଲବ୍ଧିରାଶି କିମ୍ବା ମଧ୍ୟ ସେଠାରେ ତାହାର ଅଧିକାରକୁ ଆସିଯାଏ । ଏକ ପ୍ରତ୍ୟକ୍ଷଦୃଷ୍ଟିର ରୂପରେହିଁ ସମ୍ବୋଧିଗତ ଉଦ୍‌ଘାଟନଟି ସଂଘଟିତ ହୋଇଥାଏ ଏବଂ ବିବେକଟି ଯାହାର ଏକ ପ୍ରସ୍ତୁତମାତ୍ର ହୋଇ ରହିଥାଏ, ବସ୍ତୁତଃ ସେହି ଯଥାର୍ଥ ସ୍ୱରୂପଟିକୁ ତାହା ଆମର ବର୍ତ୍ତମାନ ଦୃଷ୍ଟିଟିର ସମକ୍ଷରେ ଆଣି ପ୍ରକଟ କରାଇଦିଏ । ତାହା ସତ୍ୟର ମୂଳ ସତ୍ତା, ରୂପ ତଥା ବାସ୍ତବ ସମଗ୍ରଟିକୁହିଁ ପ୍ରକଟ କରି ନେଇଆସେ ଏବଂ ଏହାକୁ ଚେତନା ତଥା ଅନୁଭୂତିର ଅନ୍ତର୍ଗତ କରି ରଖେ ।

ଅତିମାନସ ପ୍ରକୃତିର ଉଠାଣ ଏକ ନିୟମିତ ସୋପାନକ୍ରମର ଅନୁସରଣ କରେ ବୋଲି ଯଦି ଅନୁମାନ କରି ନିଆଯାଏ, ତେବେ ତାହାର ବାସ୍ତବ ପ୍ରକ୍ରିୟାଟିରେ ହୁଏତ ଦେଖିବାକୁ ମିଳିବ ଯେ ଏହି କ୍ଷେତ୍ରରେ କ୍ରମରେ ସବୁ ସାମର୍ଥ୍ୟଗୁଡ଼ିକ ପ୍ରଥମେ ଆସନ୍ତି; ଅବଶ୍ୟ ଏକଥା ସତ ଯେ ଅନିବାର୍ଯ୍ୟ ଭାବରେ ସେମାନେ ଉପରର ଭୂମି

'oaob.nitrkl.ac.in' images reprocessed

ସାମର୍ଥ୍ୟର ଯାବତୀୟ କ୍ରିୟାତ୍ମକତାରୁ ଏକାବେଳକେ ବର୍ଜିତ ହୋଇ ରହିଥାନ୍ତି । ଏବଂ କ୍ରମଶଃ ବୃଦ୍ଧିପ୍ରାପ୍ତ ହୋଇ ଏକ ସାଧାରଣ କ୍ରିୟାରେ ପରିଣତ ହେବା ସଙ୍ଗେ ସଙ୍ଗେ ସେମାନେ ଗୋଟାଏ ପ୍ରକାରର ଏକ ନିମ୍ନତର ଭୂମିର ବିଜ୍ଞାନମୟତାକୁ ଗଠନ କରି ଦେଇଥାନ୍ତି । ଏହାର ସମ୍ପୂର୍ଣ୍ଣତା ଲାଗି ଏକ ଦୁଇଟିଯାକର ସଂଯୋଜନର ଆବଶ୍ୟକତା ରହିଛି । ଯଦି କେବଳ ସଂବୋଧିଗତ ବିବେଚନଶକ୍ତିଟିହିଁ ଏକୁଟିଆ କାର୍ଯ୍ୟ କରୁଥାଏ, ତେବେ ତାହା ଗୋଟାଏ ପ୍ରକାରର ସମୀକ୍ଷଣାତ୍ମକ ଆଲୋକନର ସୃଷ୍ଟି କରେ ଯାହାକି ଆପଣାକୁ ବୁଦ୍ଧିର ଭାବନା ତଥା ଅବବୋଧଗୁଡ଼ିକ ଉପରେ କାର୍ଯ୍ୟକାରୀ କରି ରଖିଥାଏ ଏବଂ ସେଗୁଡ଼ିକର ଆଲୋକକୁ ସେଗୁଡ଼ିକ ଉପରେ ଏପରି ଭାବରେ ନିକ୍ଷିପ୍ତ କରୁଥାଏ ଯେ ମନ ସେଗୁଡ଼ିକର ଭ୍ରାନ୍ତିରୁ ସେଗୁଡ଼ିକର ସତ୍ୟକୁ ଅଲଗା କରିବାକୁ ସମର୍ଥ ହୋଇଯାଏ । ଏବଂ ଅବଶେଷରେ ବୁଦ୍ଧିଗତ ନିର୍ଣ୍ଣୟଶକ୍ତିର ସ୍ଥାନରେ ତାହା ଏକ ଆଲୋକମୟ ଓ ସଂବୋଧିପ୍ରେରିତ ନିର୍ଣ୍ଣୟଶକ୍ତି ଅର୍ଥାତ୍ ଏକ ସମୀକ୍ଷଣଧର୍ମୀ ବିଜ୍ଞାନର ସୃଷ୍ଟି କରିଥାଏ; ମାତ୍ର ସେଥିରେ ହୁଏତ ନୂତନ ପ୍ରକାଶନକାରୀ ଜ୍ଞାନର ଅଭାବ ରହି ଯାଇପାରେ, ଅଥବା ସତ୍ୟର କେବଳ ସେତିକିମାତ୍ର ପ୍ରସାରଣ ଘଟାଇପାରେ, ଯାହାକି ଭ୍ରାନ୍ତିକୁ ପୃଥକ୍ କରିଦେବାର ଏକ ସ୍ୱାଭାବିକ ପରିଣାମରୂପେ ସମ୍ଭବ ହୋଇଥାଏ । ଏବଂ ଅନ୍ୟ ପକ୍ଷରେ, ଯଦି କେବଳ ସଙ୍କେତକାରୀ ସଂବୋଧିହିଁ ଏକାକୀ କାର୍ଯ୍ୟ କରେ ଓ ତା' ଭିତରେ ଏହି ବିବେଚନଶକ୍ତିଟି ଆଦୌ ଉପସ୍ଥିତ ନଥାଏ, ତେବେ ସେହି କ୍ଷେତ୍ରରେ ନାନା ନୂତନ ସତ୍ୟ ତଥା ନୂତନ ଆଲୋକ ମଧ୍ୟରେ ଆମର ସତତ ପ୍ରବେଶ ଘଟୁଥାଏ ସତ, ମାତ୍ର ମନୋମୟ ସଂକ୍ରମଣଗୁଡ଼ିକ ସେଗୁଡ଼ିକୁ ବଡ଼ ସହଜରେ ଘେରି ଯାଉଥାନ୍ତି ଓ ସେଗୁଡ଼ିକୁ ବିଚଳିତ କରି ପକାଉଥାନ୍ତି; ସେଗୁଡ଼ିକର ପାରସ୍ପରିକ ସମ୍ପର୍କ, ସମ୍ବନ୍ଧ ଅର୍ଥାତ୍ ପରସ୍ପର ମଧ୍ୟରୁ ସେଗୁଡ଼ିକର ସମଞ୍ଜସ ବିକାଶ ଏହି ହସ୍ତକ୍ଷେପଟି ଦ୍ୱାରା ସତେଅବା ଆଚ୍ଛନ୍ନ ହୋଇ ରହିଥାଏ ଓ ଭାଙ୍ଗିଭାଙ୍ଗି ଯାଏ । ଏଥିରୁ କ୍ରିୟାଶୀଳ ସଂବୋଧିଗତ ବୋଧର ଏକ ସତତ କ୍ରିୟାରତ ଶକ୍ତି ଉତ୍ପନ୍ନ ହୋଇଥାଏ ସତ, ମାତ୍ର ସଂବୋଧିପ୍ରେରିତ ବିଜ୍ଞାନମୟତାର କୌଣସି ସମ୍ପୂର୍ଣ୍ଣ ଓ ସଙ୍ଗତିପୂର୍ଣ୍ଣ ମନ ସମ୍ଭବ ହୁଏ ନାହିଁ । ଦୁଇଟିଯାକ ଏକାଠି ରହି କାର୍ଯ୍ୟ କରୁଥିଲେ ଗୋଟିଏ ଅନ୍ୟଟିର ଏକାକୀ-କ୍ରିୟାଜନିତ ଅଭାବଗୁଡ଼ିକୁ ପୂରଣ କରିଦିଏ ଏବଂ ସଂବୋଧିପ୍ରେରିତ ଅବବୋଧ ତଥା ବିବେଚନର ଏପରି ଏକ ମନର ଗଠନ କରି ଆଣେ, ଯାହାକି ସ୍ଖଳନଶୀଳ ମନୋମୟ ବୁଦ୍ଧିର କାର୍ଯ୍ୟଟିକୁ ସ୍ୱୟଂ ସମ୍ପନ୍ନ କରି ଦେଇପାରେ, ତାହାର କାର୍ଯ୍ୟଟିଠାରୁ ଆହୁରି ଅଧିକ କାର୍ଯ୍ୟ ମଧ୍ୟ ସମ୍ପନ୍ନ କରିପାରେ, ଅଧିକ ଭାବରେ ପ୍ରତ୍ୟକ୍ଷ ଏବଂ ପ୍ରମାଦମୁକ୍ତ ଏକ ବିସ୍ଫୁରଣର ବୃହତ୍ତର ଆଲୋକ, ବୃହତ୍ତର ନିଶ୍ଚିତତା ଏବଂ ଶକ୍ତିମତ୍ତା ସହିତ ତାହା ସେହି କାର୍ଯ୍ୟଟିକୁ ସମ୍ପନ୍ନ କରି ଦେଇପାରେ ।

'oaob.nitrkl.ac.in' images reprocessed

ଠିକ୍ ସେହିପରି ଭିତରର ଦୂରଦୃଷ୍ଟିଯୁକ୍ତ ସାମର୍ଥ୍ୟ ଏବଂ ଭିତରର ସମ୍ବୋଧିଗତ ବିଚାରଣମୟତାର ନିର୍ମାଣ କରିଦିଅନ୍ତି । ମନୋମୟ ଭୂମିରେ ଦୁଇଟି ଯାକ ଯୁକ୍ତ ସାମର୍ଥ୍ୟ ହୋଇ କାର୍ଯ୍ୟ କରୁଥିବା ବେଳେ ସେମାନେ ମଧ୍ୟ ସ୍ୱକୀୟ କ୍ରିୟାଗୁଡ଼ିକ ବାସ୍ତବ କେବଳ ଆପଣା ମଧ୍ୟରେହିଁ ଯଥେଷ୍ଟ ବା ପର୍ଯ୍ୟାପ୍ତ ହୋଇପାରନ୍ତି ନାହିଁ । ଦୂରଦୃଷ୍ଟି ବସ୍ତୁତଃ ସତ୍ୟଟିକୁ ଆଣି ଆମ ଆଗରେ ରଖି ଦେଇପାରେ, ବସ୍ତୁର ଆପଣା ସ୍ୱରୂପର ତଦାତ୍ମକତାଗୁଡ଼ିକୁ ମଧ୍ୟ ଆମ ସମ୍ମୁଖରେ ଉଦ୍‌ଘାଟିତ କରି ଦେଇପାରେ ଏବଂ ଚେତନ ସତ୍ତାର ଅନୁଭୂତିରେ ଏକ ମହାନ୍ ସାମର୍ଥ୍ୟର ଏବଂ ବୃଦ୍ଧି ମଧ୍ୟ ଘଟାଇପାରେ; ମାତ୍ର ଏଥିରେ ଶବ୍ଦଶରୀରଟିର, ତାହାକୁ ପ୍ରକାଶ କରି ପାରୁଥିବା ବସ୍ତୁଟିର ଏବଂ ତାହାର ସମ୍ବନ୍ଧ ତଥା ପରିଣାମଗୁଡ଼ିକ ମଧ୍ୟରେ ଅନୁଧାବନଗତ ଏକ ଅବିଚ୍ଛିନ୍ନତାର ଅଭାବ ରହି ଯାଇପାରେ; ଏହା କେବଳ ଅଂଶମାତ୍ରରହିଁ ଏକ ସମଷ୍ଟି ହୋଇ ରହିଯାଇ ପାରେ ଏବଂ ତାହାର ଯାବତୀୟ ଅଙ୍ଗଗୁଡ଼ିକୁ ତଥା ସେଗୁଡ଼ିକର ମଧ୍ୟଦେଇ ଅଦୌ ସଂଗଠିତ ହୋଇ ନପାରେ । ଅର୍ଥାତ୍ ସତ୍ୟଟି ଉପସ୍ଥିତ ରହିପାରେ, ମାତ୍ର ତାହାର ପୂର୍ଣ୍ଣାଭିବ୍ୟକ୍ତି ହୋଇ ନପାରେ । ସମ୍ବୋଧିଗତ ଅନ୍ତଃପ୍ରେରଣା ଆମକୁ ସତ୍ୟର ବାହକ ଶବ୍ଦଟିକୁ ଆଣି ତୁରନ୍ତ ଯୋଗାଇ ଦେଇପାରେ, ତାହାର ଗତିଶୀଳ ସ୍ପନ୍ଦନଟିର ଉଦ୍‌ବେଳନ ଆଣି ଦେଇପାରେ; ମାତ୍ର ଏହାକୁ ତଥାପି ଏକ ସମ୍ପୂର୍ଣ୍ଣ ବସ୍ତୁ ବୋଲି ଅଦୌ ବୁଝାଯିବ ନାହିଁ, ଏବଂ ଏହା ଆପଣା ଭିତରେ ଯାହାକୁ ବହନ କରି ରହିଛି, ଯାହାର ଅନେକମୟ ଇଙ୍ଗିତ ଦେଉଥାଇଛି, ତାହାର ପୂର୍ଣ୍ଣ ଉଦ୍‌ଘାଟନ ଏବଂ ତାହାର ଯାବତୀୟ ସମ୍ବନ୍ଧଗୁଡ଼ିକର ଭୂମିରେ ଏକ ଶୃଙ୍ଖଳାବଦ୍ଧ ହୋଇ ନପାରିଲେ ପର୍ଯ୍ୟନ୍ତ ତାହା ଆପଣାର ପରିଣାମଭୂମିରେ କଦାପି ସୁନିଶ୍ଚିତ ହୋଇ ପାରିବ ନାହିଁ । ଅନ୍ତଃପ୍ରେରିତ ସମ୍ବୁଦ୍ଧ ମନକୁ ଆମେ କେତେକେତେ ଜ୍ୟୋତି-ଝଲକର ଏକ ମନ ବୋଲି କହିପାରିବା ଯାହାକି ଆଗରୁ ଅନ୍ଧାର ଭିତରେ ରହିଥିବା ଅନେକ ବସ୍ତୁକୁ ଆଲୋକିତ କରି ଦେଇଥାଏ; ମାତ୍ର ସେହି ଆଲୋକଟି ସଂଗଠିତ ହୋଇ ପାରିବା ଲାଗି ଏକ ପଥ ଆବଶ୍ୟକ ହୁଏ, ତାହାକୁ ସ୍ଥାୟୀ ଜ୍ୟୋତିଃରେଖାର ଏପରି ଏକ ସ୍ରୋତ ଭିତରେ ଅନ୍ତର୍ବେଷ୍ଟିତ କରି ରଖିବାକୁ ପଡ଼େ ଯାହାକି ଠିକ୍ ଭାବରେ ଶୃଙ୍ଖଳାବଦ୍ଧ ହୋଇ ରହିଥିବା ଯେପରି ଲାଗି ଏକ ସତତ ସାମର୍ଥ୍ୟରୂପେ କାର୍ଯ୍ୟ କରି ପାରିବ । କେବଳ ଏହି ଦୁଇଟି ଏକତ୍ର ଶକ୍ତି ଦ୍ୱାରା ଯୁକ୍ତ ହୋଇ ଭିତରର ବିଚାରଣମୟତା ଆପଣାର ପରିସରଟି ମଧ୍ୟରେ ଏପରି ଏକ ଅଧ୍ୟାତ୍ମ-ଜ୍ୟୋତିର୍ମୟ ମନ ହୋଇ ରହିବ, ଯାହାକି ଅଧିକତର ଭାବରେ ଆପଣାର ପୃଥକ୍ କ୍ଷେତ୍ରରେହିଁ ଅବସ୍ଥିତ ରହିଥାଏ; ତାହା ସମ୍ଭବତଃ ଅଦୃଶ୍ୟ ଭାବରେ ବାହ୍ୟ ଜଗତଟି ଉପରେ ମଧ୍ୟ ଆପଣାର ପ୍ରଭାବ ପକାଇ ପାରିବ, ମାତ୍ର ଆପଣାର ଅପେକ୍ଷାକୃତ ଅଧିକ ସାଧାରଣ ଉଦ୍‌ଘାଟନଗୁଡ଼ିକ ସହିତ ଜଗତର ତଥା ସାଧାରଣ ଅଜ୍ଞାନତାର କରିପାରିବା



'oaob.nitrkl.ac.in' images reprocessed

ଲାଗି ତା'ର ଯେଉଁ ସମ୍ବନ୍ଧସୃଷ୍ଟିର ଆବଶ୍ୟକତା ରହିଥାଏ, ସେଇଟି ତା' ପାଖରେ ଆଦୌ ନଥିବ । ଉନ୍ନତର ବସ୍ତୁରଣାତ୍ମକ ଦୀପ୍ତି ଦ୍ୱାରାହିଁ ସେହି ସମ୍ବନ୍ଧସୃଷ୍ଟି ସ୍ଥାପିତ ହୋଇପାରିବ । ଏହି ତିନୋଟିଯାକ ସାମର୍ଥ୍ୟର ସଂଯୁକ୍ତ ବା ନହେଲେ ଏକୀଭୂତ ତଥା ଏକୀକୃତ ଦୀପ୍ତିହିଁ ସମ୍ପୂର୍ଣ୍ଣ, ପୂର୍ଣ୍ଣସୁରକ୍ଷିତ ଏବଂ ସୁସଂବଳିତ ସଂବୋଧିଗତ ବିଜ୍ଞାନମୟତାକୁ ଗଠନ କରିପାରିବ ।

କେତେକ ପରିମାଣରେ ତିନୋଟିଯାକ ସାମର୍ଥ୍ୟର ଯୁଗପତ୍ ଅଭିବ୍ୟକ୍ତି ଲାଗି ଅବସର ଦେଉଥିଲେ ମଧ୍ୟ ଏକ ନିୟମବଦ୍ଧ ବିକାଶ ପ୍ରଥମେ ଯଥେଷ୍ଟ ଭାବରେ ବ୍ୟାପକ ପରିମାଣରେ ତଥାପି ଉନ୍ନତର ସେହି ସଙ୍କେତକାରୀ ତଥା ସମୀକ୍ଷଣାତ୍ମକ ସଂବୋଧିଯୁକ୍ତ ମନଟିକୁହିଁ ସୃଷ୍ଟି କରିବ, ଏବଂ ତା'ପରେ ଏହାର ଉପରକୁ ଅନ୍ୟ ଦୁଇଟିର ଅର୍ଥାତ୍ ଅନ୍ତଃପ୍ରେରଣା- ତଥା ପ୍ରତ୍ୟକ୍ଷଦୃଷ୍ଟି-ଯୁକ୍ତ ସଂବୋଧିପ୍ରେରିତ ମନର ବିକାଶ ଘଟାଇବ । ତା'ପରେ ତାହା ଦୁଇଟିଯାକ ଉନ୍ନତର ସାମର୍ଥ୍ୟକୁ ଅନ୍ତଃପ୍ରେରଣାର ସାମର୍ଥ୍ୟ ଏବଂ କ୍ଷେତ୍ରଟି ମଧ୍ୟକୁ ଉତ୍ତୋଳିତ କରି ନେଇଯିବ ଏବଂ ସମସ୍ତଙ୍କୁ ଗୋଟିଏ ସୌଷମ୍ୟ ଭିତରେ ଗ୍ରଥିତ କରି ରଖି, ଅର୍ଥାତ୍ ସମସ୍ତେ ଏକାବେଳକେ ତିନୋଟିଯାକର ଦୀପ୍ତିକୁ ମିଳିତ ଭାବରେ କରୁଥିବା ଭଳି ପ୍ରେରିତ କରି ରଖିବ; ଅଥବା, ଏକ ଉଚ୍ଚତର ପ୍ରଗାଢ଼ତାର ଭୂମିରେ ପରସ୍ପରଠାରୁ ପୃଥକ୍ କରିହେଉ ନଥିବା ସତେଅବା ଗୋଟିଏ ଆଲୋକ ପରି ପ୍ରେରିତ କରି ରଖିବ । ଏବଂ ଶେଷରେ ସେହିପରି ଭାବରେ ସେଗୁଡ଼ିକୁ ଉତ୍ତୋଳିତ କରିନେଇ ତାହା ସଂବୋଧିଗତ ବିଜ୍ଞାନମୟତାର ସେହି ପ୍ରତ୍ୟକ୍ଷଦୃଷ୍ଟିର ସାମର୍ଥ୍ୟଟି ସହିତ ଏକାଠି ଯୋଡ଼ିଦେବ ଏବଂ ସେଗୁଡ଼ିକୁ ଏକାଠି କାର୍ଯ୍ୟକାରୀ କରିବ । ପ୍ରକୃତ କ୍ଷେତ୍ରରେ ମନୁଷ୍ୟମନର ଭୂମିରେ ବିକାଶର ସ୍ୱଚ୍ଛ ପ୍ରଦୀପ୍ତି ଅଳ୍ପବହୁତ ବାଧାଗ୍ରସ୍ତ ହୋଇ ରହିବାରହିଁ ସର୍ବଦା ଆଶଙ୍କା ରହିଥିବ, ସତେଅବା ଛନ୍ଦହୋଇ ପଡ଼ିଥିବ ଏବଂ ଆପଣାର ଗତିପଥରେ ବଡ଼ ଅନିୟମିତ ହୋଇ ରହିବ, କେତେପ୍ରକାର ପତନର ଅଧୀନ ହୋଇ ରହିବ, ତାହାର ଅଗ୍ରଗତି ଅପୂର୍ଣ୍ଣ ହୋଇ ରହିବ ଏବଂ ବ୍ୟକ୍ତିକୁ ବାରି ବାରି ସେହିସବୁ ଦୀପ୍ତିର ଭୂମିକୁ ଲେଉଟି ଆସିବାକୁ ପଡ଼ୁଥିବ, ଯାହାକି ମାନସିକ ଅର୍ଦ୍ଧ-ଜ୍ଞାନର ବର୍ତ୍ତମାନ ଦୀପ୍ତିଗୁଡ଼ିକର ସତତ ମିଶ୍ରଣ ଏବଂ ହସ୍ତକ୍ଷେପ ତଥା ମନୋଗତ ଅଜ୍ଞାନର ନାନାବିଧ ତତ୍ତ୍ୱର ପ୍ରତିବନ୍ଧକ ହେତୁ ଆଦୌ ସମ୍ପନ୍ନ ହୋଇ ପାରି ନଥିବ କିଂବା କେବଳ ଅପୂର୍ଣ୍ଣ ଭାବରେହିଁ ସମ୍ପନ୍ନ ହୋଇଥିବ । କିନ୍ତୁ ଏତ ଶେଷକୁ ଏପରି ଏକ ସମୟ ଆସି ପହଞ୍ଚି ପାରିବ, ଯେତେବେଳେ କି, ସ୍ୱୟଂ ମନର ଭୂମିଟିରେ ତାହା ଯେତିକି ପରିମାଣରେ ସମ୍ଭବ ହୋଇପାରିବା କଥା, ପ୍ରଦୀପ୍ତି ପୂର୍ଣ୍ଣ ହୋଇଯିବ ଏବଂ ଏକ ସୀମିତ ଅତିମାନସ ଆଲୋକର ଏପରି ଏକ ସ୍ୱଚ୍ଛ ରୂପାୟନ ସମ୍ଭବ ହୋଇ-ଯିବ, ଯାହା ଭିତରେ କି ଏହି ସବୁଯାକ ସାମର୍ଥ୍ୟ ରହିଥିବ ତଥା ଉଚ୍ଚତମ ସାମର୍ଥ୍ୟଟି ଅନ୍ୟଗୁଡ଼ିକୁ ବାଟ ଦେଖାଇ ନେଉଥିବ ବା ସେଗୁଡ଼ିକୁ ଆପଣାର ଦେହ ମଧ୍ୟରେ

'oaob.nitrkl.ac.in' images reprocessed

ଆତ୍ମସାତ୍ କରି ନେଉଥିବ । ଠିକ୍ ଏହି ବିନ୍ଦୁଟିରେ, ଯେତେବେଳେ ମନୋମୟ ସତ୍ତାରେ ସବୋଧି-ମନଟି ପୂର୍ଣ୍ଣଗଠିତ ହୋଇ ଯାଇଥିବ ଏବଂ ମନର ବିଭିନ୍ନ କ୍ରିୟା-ତ୍ମକତାଗୁଡ଼ିକୁ ତଥାପି ସମ୍ପୂର୍ଣ୍ଣ ଭାବରେ ଅଧିକାର କରି ନଥିଲେ ମଧ୍ୟ ସେଗୁଡ଼ିକ ଉପରେ ଆପଣାର ପ୍ରଭାବ ବିସ୍ତାର କରିବା ଲାଗି ଯଥେଷ୍ଟ ଶକ୍ତିଶାଳୀ ହୋଇ ଯାଇଥିବ, ସେତେବେଳେ ଆଗକୁ ଆହୁରି ଏକ ପଦକ୍ଷେପ ପକାଇବା ସମ୍ଭବ ହେବ, ଅର୍ଥାତ୍ ଆମ ଚିନ୍ତାର କେନ୍ଦ୍ର ଓ ପ୍ରକୃତିକୁ ମନର ଉପରକୁ ଉତ୍କ୍ଷେପଣ କରିନେଇ ହେବ ଓ ଅତିମାନସ ବୁଦ୍ଧି ସମ୍ପନ୍ନତାର ସର୍ବାଧିକ ପ୍ରଭାବଟିକୁ ସ୍ଥାପିତ କରିହେବ ।

ସମୁଦାୟ ଚିନ୍ତାଟିକୁ ଆମୂଳ ଓଲଟାଇ ଦେବା, ଏକାବେଳକେ ଓଲଟ କରିଦେବା ହେଉଛି ଏହି ପରିବର୍ତ୍ତନଟିର ପ୍ରଥମ ସ୍ୱଭାବ; ଆମେ ହୁଏତ ଏପରି କହିପାରିବା ଯେ ତାହାର ଉପରକୁ ତଳକୁ କରିଦେବା ଓ ତଳକୁ ଉପରକୁ କରିଦେବା ହେଉଛି ତାହାର ପ୍ରଥମ ଲକ୍ଷଣ । ବର୍ତ୍ତମାନ ଆମେ ମନର ସ୍ତରଟିରେହିଁ ରହୁଛୁ ଏବଂ ଅଧିକାଂଶତଃ ଭୌତିକ ମନଟିର ସ୍ତରରେ ରହୁଛୁ; ମାତ୍ର ତଥାପି, ଇତରପ୍ରାଣୀ ଯେପରି ଭୌତିକ, ପ୍ରାଣିକ ଏବଂ ଇନ୍ଦ୍ରିୟସମ୍ବେଦନଗତ କ୍ରିୟାବୃତ୍ତିକ ମଧ୍ୟରେ ଗୋଟାସୁକା ଛନ୍ଦହୋଇ ରହିଛି, ଆମେ ମନର ଭୂମିଟି ମଧ୍ୟରେ ଆଦୌ ସେପରି ସମ୍ପୂର୍ଣ୍ଣ ଭାବରେ ସଂଶ୍ଳିଷ୍ଟ ହୋଇପଡ଼ି ନାହୁଁ । ମାତ୍ର ଅନ୍ୟ ପକ୍ଷରେ ଆମେ କେତେକ ପରିମାଣରେ ଏକ ମାନସିକ ଉଚ୍ଚତାକୁ ଅପସରଣ କରିଯାଇ ପାରୁ, ଯେଉଁଠାରୁ କି ଆମେ ପ୍ରାଣ, ଇନ୍ଦ୍ରିୟ ତଥା ଶରୀରର କାର୍ଯ୍ୟଟିକୁ ଅବଲୋକନ କରିପାରୁଛୁ, ସେଗୁଡ଼ିକ ଉପରେ ମନର ଆଲୋକଟିକୁ ନେଇ ପକାଇ ପାରୁଛୁ ଏବଂ ସେହି ଜନ୍ମଗତ ପ୍ରକୃତିର ସତ୍ତାରେ ପରିବର୍ତ୍ତନ ଆଣିବା ଲାଗି ଆମେ ଚେଷ୍ଟା କରିପାରୁଛୁ, ନିର୍ଣ୍ଣୟ କରିପାରୁଛୁ ଏବଂ ଆମର ଇଚ୍ଛାଶକ୍ତିଟିକୁ କାମରେ ମଧ୍ୟ ଲଗାଇ ପାରୁଛୁ । ପୁଣି ଅନ୍ୟ ସ୍ତରରେ ସେହି ଉଚ୍ଚତାଟିରେ ଠିଆହୋଇ ଆମେ ଅଳ୍ପବହୁତ ସଚେତନ ଭାବରେ ଆହୁରି ଉର୍ଦ୍ଧ୍ୱକୁ ରହିଥିବା ଆଉ କୌଣସି ସମ୍ପଦଟି ଉପରେ ଦୃଷ୍ଟି ପକାଇ ପାରୁଛୁ ଏବଂ ପ୍ରତ୍ୟକ୍ଷ ଭାବରେ ହେଉ ଅଥବା ଆମର ଅବଚେତନ ବା ଅନ୍ତଃପ୍ରଚ୍ଛନ୍ନ ସତ୍ତାଟିର ମଧ୍ୟଦେଇ ସେହି ସମ୍ପଦଟିର ସ୍ପର୍ଶକୁ ଆମର ଚିନ୍ତା, ଇଚ୍ଛା ତଥା ଅନ୍ୟ କ୍ରିୟାତ୍ମକତାଗୁଡ଼ିକ ଲାଗି କିଛି ନା କିଛି ପ୍ରଚ୍ଛନ୍ନ ଅବଚେତନ ଆବେଗ ଓ ପ୍ରେରଣା ଲାଭ କରିପାରୁଛୁ । ସଂସାର ଓ ସଂଯୋଗର ଏହି ପରିସ୍ଥିତି ଅନ୍ତରାଳ ଭାବରେ ରହିଛି ଓ ଅସ୍ପଷ୍ଟ ହୋଇ ରହିଛି ଏବଂ କେତେକ ବିଶେଷ ଉଚ୍ଚବର୍ଦ୍ଧିତ ପ୍ରକୃତିକୁ ଛାଡ଼ିଦେଲେ ମନୁଷ୍ୟମାନେ ସାଧାରଣତଃ ଏହି ପରିସ୍ଥିତି ବିଷୟରେ ଆଦୌ ସଜାଗ ହୋଇ ରହି ନାହାନ୍ତି; ମାତ୍ର ଆମେ ଯେତେବେଳେ ଅନ୍ତ-ଜୀବନରେ ଯଥେଷ୍ଟ ଅଗ୍ରସର ହୋଇପାରୁଛୁ, ଆମେ ସେତେବେଳେ ଏକଥାଟି ବେଶ୍ ଦେଖିପାରୁଛୁ ଯେ ଆମର ସାଧାରଣ ଚିନ୍ତା ଓ ଇଚ୍ଛା କେବଳ ସେହି ଉର୍ଦ୍ଧ୍ୱରୁହିଁ ଜାତ ହୋଇ ଆସୁଛି,

'oaob.nitrkl.ac.in' images reprocessed

ଅବଶ୍ୟ ଏକଥା ସତ ଯେ ତାହା ମନର ସୋପାନରେ ରୂପାୟିତ ହେଉଛି ଓ ପ୍ରଥମେ ସେହିଠାରେହିଁ ପ୍ରକାଶ୍ୟ ଭାବରେ କାର୍ଯ୍ୟକାରୀ ହେଉଛି । ଯେଉଁ ଭୌତିକ ମନ ଆମକୁ ମସ୍ତିଷ୍କରୂପୀ ଯନ୍ତ୍ରଟି ସହିତ ବାନ୍ଧିକରି ରଖିଛି ଏବଂ ଶରୀରର ଚେତନାଟି ସହିତ ଏକାତ୍ମକ କରି ରଖିଛି, ଆମେ ଯଦି ତାହାର ଗଣ୍ଠିଗୁଡ଼ିକୁ କାଟିଦେଇ ପାରିବା ଏବଂ ଶୁଦ୍ଧ ମନୋଭୂମିରେ ବିଚରଣ କରିବାକୁ ସମର୍ଥ ହୋଇଯିବା, ତେବେ ଏଇଟି ଆମର ବୋଧ ଲାଗି ସତତ ସ୍ପଷ୍ଟ ହୋଇ ରହିପାରିବ ।

ସବୋଧି-ମନର ବିକାଶ ଦ୍ୱାରା ଏହି ସଯୋଗ ଓ ସଞ୍ଚାର ଆଉ ଅବଚେତନ ଓ ଅସ୍ପଷ୍ଟ ହୋଇ ରହେ ନାହିଁ, ତାହା ପ୍ରତ୍ୟକ୍ଷ ହେବାକୁ ଲାଗେ; ମାତ୍ର ଆମେ ତଥାପି ସେହି ମନୋଭୂମିରେ ବିଚରଣ କରୁଥାଉ ଏବଂ ଏହି ମନହିଁ ଊର୍ଦ୍ଧ୍ୱ ଆଡ଼କୁ ଦୃଷ୍ଟିପାତ କରୁଥାଏ, ଅତିମାନସ ସତ୍ୟମଣିକୁ ଗ୍ରହଣ କରୁଥାଏ ଏବଂ ତାହାକୁ ସତ୍ତାର ଅନ୍ୟ ଅଙ୍ଗଗୁଡ଼ିକୁ ବିତରିତ କରି ଦେଉଥାଏ । ଏପରି କରୁଥିବା ସମୟରେ ମନ ଊର୍ଦ୍ଧ୍ୱଦେଶରୁ ତା' ପାଖକୁ ଆସୁଥିବା ଭାବନା ଏବଂ ଇଚ୍ଛାଟି ଲାଗି ଆଉ ସମ୍ପୂର୍ଣ୍ଣ ଭାବରେ ସ୍ୱକୀୟ କୌଣସି ରୂପାୟନ ଗଢ଼ି ଥୋଇଦିଏ ନାହିଁ ସତ, ମାତ୍ର ସେଗୁଡ଼ିକୁ ସେ ସୀମିତ କରି ରଖେ, ନାନା ମର୍ଯ୍ୟାଦାରେ ବାନ୍ଧିଦିଏ ଏବଂ ଆପଣାର ଛାଚକୁ କିଛି ନେଇ ସେଗୁଡ଼ିକ ଉପରେ ଲଦିଦିଏ । ମନ ତଥାପି ସେହି ଭାବନା ତଥା ସେହି ଇଚ୍ଛାକୁ ଗ୍ରହଣ କରୁଥାଏ ଓ ତାହାକୁ ସଞ୍ଚାରିତ କରି ଦେଉଥାଏ; ଅବଶ୍ୟ ଏକଥା ସତ ଯେ ସୂକ୍ଷ୍ମ ପ୍ରଭାବ ଦ୍ୱାରା ସେଗୁଡ଼ିକର ନିର୍ମାଣରେ ଅବଶ୍ୟ ଭାଗ ନେଉଥିଲେ ମଧ୍ୟ ସେ ବର୍ତ୍ତମାନ ସେଗୁଡ଼ିକର ନିର୍ମାତାରୂପେ କାର୍ଯ୍ୟ କରେ ନାହିଁ; କାରଣ ସେ ସେଗୁଡ଼ିକୁ ଏକ ମନୋମୟ ଉପାଦାନ ବା ଏକ ମନୋମୟ ପରିବେଶ, ରଙ୍ଗ ଓ ବାତାବରଣ ଆଣି ଯୋଗାଇଦିଏ ବା ସେଗୁଡ଼ିକୁ ଏଇଟି ଦ୍ୱାରା ଅନ୍ତତଃ ଆବେଷ୍ଟିତ କରି ରଖୁଥାଏ । ଅବଶ୍ୟ ଯେତେବେଳେ ଅତିମାନସ ବୃଦ୍ଧିର ବିକାଶ ହୋଇଆସେ, ସେତେବେଳେ ପୁରୁଷ ମନଃସ୍ତରଟିର ଉପରକୁ ଉଠିଯାଏ ଏବଂ ସେହି ଉପରୁ ଥାଇ ଏକ ସମ୍ପୂର୍ଣ୍ଣ ଭିନ୍ନ ଆଲୋକ ଏବଂ ବାତାବରଣ ମଧ୍ୟରୁ ତାହା ମନ, ପ୍ରାଣ, ଇନ୍ଦ୍ରିୟ ତଥା ଶରୀରର ସମୁଦାୟ କ୍ରିୟାଟି ଉପରେ ଦୃଷ୍ଟିପାତ କରିବାକୁ ଲାଗେ, ଏକ ସମ୍ପୂର୍ଣ୍ଣ ଭିନ୍ନ ଆଖିରେ ସେହି କ୍ରିୟାଟିକୁ ଦେଖେ ଓ ଜାଣେ; ଏବଂ ସେତେବେଳେ ସେ ଆଉ ମନ ଭିତରେ କୌଣସିପ୍ରକାରେ ଜଡ଼ିତ ହୋଇ ରହି ନଥିବାରୁ ଏକ ମୁକ୍ତ ତଥା ଯଥାର୍ଥ ଜ୍ଞାନଟି ସହିତ ତାହାକୁ ଦେଖିଥାଏ ଓ ଜାଣିଥାଏ । ଆପଣାର ଇତରପ୍ରାଣୀସ୍ତରର ସବୃତ ମଧ୍ୟରୁ ମନୁଷ୍ୟ ବର୍ତ୍ତମାନ କେବଳ ଆଂଶିକ ଭାବରେହିଁ ମୁକ୍ତ ହୋଇପାରିଛି,—କାରଣ ତା'ର ମନ କେବଳ ଆଂଶିକ ଭାବରେହିଁ ଉପରକୁ ଉଠିଯାଇ ପାରିଛି ଏବଂ ଅବଶିଷ୍ଟ ଅଂଶରେ ପ୍ରାଣ, ଇନ୍ଦ୍ରିୟ ତଥା ଶରୀର ଭିତରେହିଁ ବୁଡ଼ିକରି ରହିଛି ଓ ତାହାର ଦ୍ୱାରା ନିୟନ୍ତ୍ରିତ ହେଉଛି;—ଏବଂ ମନୋଗତ

'oaob.nitrkl.ac.in' images reprocessed

ରୂପାୟନ ତଥା ମନୋଗତ ସୀମାଗୁଡ଼ିକ ମଧ୍ୟରୁ ସେ ଆଦୌ ମୁକ୍ତ ହୋଇପାରେ ନାହିଁ । ମାତ୍ର ଅତିମାନସର ଉଚ୍ଚତର ସୋପାନଟିକୁ ଉଠିଯିବା ପରେ ସେ ଜନ୍ମର ଏହି ନିମ୍ନସ୍ତର ଭିତରୁ ମୁକ୍ତ ହୋଇ ଆସିବ, ଏବଂ ଆପେ ଆପଣା ପ୍ରକୃତିର ସ୍ୱାମୀ ହୋଇଯିବ । ପ୍ରଥମେ କେବଳ ତାତ୍ତ୍ୱିକ ଓ ପ୍ରାରମ୍ଭିକ ରୂପରେ ଏବଂ କେବଳ ତା'ର ଉଚ୍ଚତମ ଚେତନାସ୍ତରରେ ସେ ତାହା ହୋଇପାରିବ, କାରଣ ତା' ସତ୍ତ୍ୱର ଅବଶିଷ୍ଟ ଅଂଶଗୁଡ଼ିକର ରୂପାନ୍ତର ତଥାପି ବାକି ରହିଥିବ । ମାତ୍ର ଯେତେବେଳେ ଓ ଯେଉଁ ଅନୁପାତରେ ସେଇଟି ସମ୍ଭବ ହୋଇଯିବ, ସେତେବେଳେ ସେ ଏକ ମୁକ୍ତ ସତ୍ତାରେ ପରିଣତ ହେବ, ଆପଣାର ମନ, ଇନ୍ଦ୍ରିୟ, ପ୍ରାଣ ଏବଂ ଶରୀର ଉପରେ ସ୍ୱୟଂ ପ୍ରଭୁ ହୋଇପାରିବ ।

ଏହି ପରବର୍ତ୍ତୀ ନର ଦ୍ୱିତୀୟ ସ୍ୱଭାବରୂପେ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ସେହି ଅତିମାନସ ଭୂମିରେହିଁ ଭାବନା ତଥା ଇଚ୍ଛାର ରୂପାୟନ ହେବାକୁ ଆରମ୍ଭ କରିବ ଏବଂ ତେଣୁ ସମ୍ପୂର୍ଣ୍ଣ ଭାବରେ ଏକ ଜ୍ୟୋତିର୍ମୟ ଏବଂ କାର୍ଯ୍ୟକ୍ଷମ ଇଚ୍ଛା ଏବଂ ଜ୍ଞାନର ଉଦୟ ହୋଇ ଆସିବ । ଅବଶ୍ୟ ପ୍ରଥମ ପର୍ଯ୍ୟାୟରେ ସେହି ଆଲୋକ ଏବଂ ସାମର୍ଥ୍ୟ ଆଦୌ ପୂର୍ଣ୍ଣପ୍ରତିଷ୍ଠିତ ହୋଇ ନଥିବେ, କାରଣ ଅତିମାନସ ବୃତ୍ତିକୁ ଆମେ ଅତିମାନସର କେବଳ ଏକ ପ୍ରଥମସ୍ତରୀୟ ରୂପାନ୍ତର ବୋଲି ଜାଣିବା, ଏବଂ ସତ୍ତ୍ୱର ଅନ୍ୟ ଭାଗଗୁଡ଼ିକ ଅତିମାନସ ପ୍ରକୃତିର ଗ୍ରନ୍ଥି ମଧ୍ୟକୁ ପରିବର୍ତ୍ତିତ ହୋଇଯିବା ଏପର୍ଯ୍ୟନ୍ତ ତଥାପି ବାକି ରହିଥିବ । ଏକଥା ସତ ଯେ ମନ ବର୍ତ୍ତମାନ ଆଉ ଭାବନା, ଇଚ୍ଛା ଅଥବା ଅନ୍ୟ କୌଣସି ବିଷୟର ପ୍ରତ୍ୟକ୍ଷ ଜନ୍ମଦାତା, ରୂପାୟନକାରୀ ବା ଉଦ୍ଭାବକ ଭାବରେ ଆଦୌ କାମ କରୁ ନଥିବ; ମାତ୍ର ତାହା ତଥାପି ବାହକ ମାର୍ଗ ହୋଇ ରହିଥିବ ଏବଂ ତେଣୁ ସେହି ପରିମାଣରେ ଏକ ଗ୍ରହଣକର୍ତ୍ତାର କାର୍ଯ୍ୟ କରୁଥିବ ଏବଂ କେତେକ ପରିମାଣରେ ଏକ ବାଧକ ପରି କାର୍ଯ୍ୟ କରୁଥିବ ଓ ଊର୍ଦ୍ଧ୍ୱରୁ ଆସୁଥିବା ସାମର୍ଥ୍ୟ ତଥା ଆଲୋକକୁ ବିକୃତ କରିଦେବା ବେଳେ ସେଗୁଡ଼ିକର ପରିସୀମିତ ରୂପେ ମଧ୍ୟ କାର୍ଯ୍ୟ କରୁଥିବ । ଯେଉଁ ଅତିମାନସ ଚେତନା ମଧ୍ୟରେ ବର୍ତ୍ତମାନ ପୁରୁଷ ଅଧିଷ୍ଠିତ ରହିଥିବ ତଥା ସକଳ ଭାବନା ଏବଂ ସଙ୍କଳ୍ପର କାରଣ ହୋଇଥିବ ଏବଂ ଯେଉଁ ମାନସିକ, ପ୍ରାଣିକ ଓ ଭୌତିକ ଚେତନା ମଧ୍ୟଦେଇ ସେହି ଅତିମାନସ ଆପଣାର ଆଲୋକ ତଥା ଜ୍ଞାନକୁ କାର୍ଯ୍ୟକାରୀ କରୁଥିବ, ଏହି ଦୁଇଟିଯାକ ଚେତନା ମଧ୍ୟରେ ଏକ ବିଷମତା ଅବଶ୍ୟ ରହିଥିବ । ସ୍ୱୟଂ ପୁରୁଷ ଏକ ଆଦର୍ଶ ଚେତନା ସହିତ ବାସ କରୁଥିବ ଓ ଆଦର୍ଶ ଚେତନା ଦେଇ ଦେଖୁଥିବ, ମାତ୍ର ଆପଣାର ନିମ୍ନତର ଅଙ୍ଗସତ୍ତାର କ୍ଷେତ୍ରରେ ସେହି ଆଦର୍ଶ ଚେତନାଟିକୁ ସମ୍ପୂର୍ଣ୍ଣ ଭାବରେ କ୍ରିୟାତ୍ମକ ଏବଂ ସଫଳ କରିବାକୁ ମଧ୍ୟ ହେଉଥିବ । ତା' ନହେଲେ ସେ ଏକ ଅଳ୍ପ ବା ବହୁତ ଖଣ୍ଡଗତ ସଫଳତା ସହିତ ଖଣ୍ଡଗତ ପ୍ରକାରେ ଅନ୍ୟମାନଙ୍କ ସହିତ ଏକ

'oaob.nitrkl.ac.in' images reprocessed

ଆନ୍ତର ଆଦାନପ୍ରଦାନ ଦ୍ୱାରା କାର୍ଯ୍ୟ କରିପାରିବ ଏବଂ ତାହା ଦ୍ୱାରା ସବୁଠାରୁ ଅଧିକ ସହଜରେ ପ୍ରଭାବିତ ହୋଇ ପାରୁଥିବା ଉଚ୍ଚତର ମନୋମୟ ପ୍ରକୃତିରେ କାର୍ଯ୍ୟ କରିପାରିବ ସତ, ମାତ୍ର ତାହାର କ୍ରିୟାତ୍ମକତାର ପ୍ରଭାବଟି ଅନେକ ପରିମାଣରେ ହ୍ରାସ ହୋଇଯିବ ଏବଂ ଦ୍ରବ୍ୟଗତ ସତ୍ତାର କ୍ରିୟାଟି ନିମ୍ନତର ହୋଇ ରହିଥିବାରୁ ବା ତାହାର ସକଳ ଅଙ୍ଗ ସମଗ୍ର ଭାବରେ ଅଭିବ୍ୟକ୍ତିରେ ଭାଗ ନେଇ ନଥିବାରୁ ସେହି ପ୍ରଭାବଟି ବ୍ୟାହତ ହୋଇ ରହିଥିବ । କେବଳ ଅତିମାନସ ଆସି ସମଗ୍ର କ୍ଷେତ୍ରଟିକୁ ଆପଣା ହାତରେ ଗ୍ରହଣ କରିନେଇ ପାରିଲେ ଏବଂ ମାନସିକ, ପ୍ରାଣିକ ତଥା ଭୌତିକ ଚେତନାକୁ ଅତିମାନସ ଚେତନା ଦ୍ୱାରା ସଂଯାମିତ ଓ ସଞ୍ଚାରିତ କରି ରଖିପାରିଲେ, ଅର୍ଥାତ୍, ସେଗୁଡ଼ିକୁ ସେହି ଅତିମାନସ ପ୍ରକୃତିରହିଁ ରୂପଗୁଡ଼ିକରେ ରୂପାନ୍ତରିତ କରିଦେଇ ପାରିଲେ ଯାଇ ଏହି ଅବସ୍ଥାଟିର କୌଣସି ପ୍ରତିକାର ହୋଇପାରିବ । ମୁଁ ଆଗରୁ ଯେଉଁସବୁ ବିଷୟର ଆଲୋଚନା କରିଛି, ନିମ୍ନତର ପ୍ରକୃତିର ସାଧନଗୁଡ଼ିକର ଯୋଗଗତ ପ୍ରସ୍ତୁତିଟି ପୂର୍ଣ୍ଣ ହୋଇ ଯାଇଥିଲେ ଏହି ରୂପାନ୍ତରଟି ଅପେକ୍ଷାକୃତ ଅଧିକ ସହଜରେ ସମ୍ଭବ ହୋଇପାରିବ । ତା' ନହେଲେ, ଆଦର୍ଶ ଅତିମାନସ ସ୍ଥିତି ତଥା ମନୋଗତ ପ୍ରସାରଣକାରୀ ସାଧନଗୁଡ଼ିକ, ମନର ମାର୍ଗ, ହୃଦୟ, ଇନ୍ଦ୍ରିୟ ତଥା ସ୍ନାୟୁଗତ ଓ ଭୌତିକ ସତ୍ତାଟି ମଧ୍ୟରେ ଯେଉଁ ବିସଙ୍ଗତି ଏବଂ ବିଷମତାଟି ରହିଥିବ, ସେଥିରୁ ମୁକ୍ତ ହୋଇପାରିବା ବଡ଼ କଷ୍ଟକର ହୋଇପଡ଼ିବ । ଏହି ରୂପାନ୍ତରର ସମଗ୍ର କାର୍ଯ୍ୟଟିକୁ ସମ୍ପନ୍ନ କରି ନପାରିଲେ ମଧ୍ୟ ଅତିମାନସ ବୁଦ୍ଧିସମ୍ପନ୍ନତା ତାହାର ପ୍ରାରମ୍ଭିକ ଏବଂ ଆହୁରି ବହୁତ କିଛି କାର୍ଯ୍ୟ କରିଦେଇ ପାରିବ ।

ଅତିମାନସ ବୁଦ୍ଧିସମ୍ପନ୍ନତାକୁ ତାହାର ସ୍ୱଭାବକ୍ଷେତ୍ରରେ ଆମେ ଏକ ଆଧ୍ୟାତ୍ମିକ, ଅପରୋକ୍ଷ, ଆତ୍ମ-ଆଲୋକମୟ ତଥା ସ୍ୱୟଂ-କ୍ରିୟାଶୀଳ ଇଚ୍ଛା ଏବଂ ବୁଦ୍ଧି ବୋଲି କହିବା; ଏହାକୁ ମାନସବୁଦ୍ଧି ବୋଲି ନକହି ବିଜ୍ଞାନବୁଦ୍ଧି ବୋଲି କହିବା । ଯେଉଁ ଚାରୋଟିଯାକ ସାମର୍ଥ୍ୟ ଦ୍ୱାରା ସମ୍ବୋଧି-ମନ କାର୍ଯ୍ୟ କରୁଥାଏ, ଏଇଟି ମଧ୍ୟ ସେହିଗୁଡ଼ିକ ଦ୍ୱାରା କାର୍ଯ୍ୟ କରେ, ମାତ୍ର ଏହି କ୍ଷେତ୍ରରେ ଏଗୁଡ଼ିକ ଆପଣା ସ୍ୱରୂପର ଆଦ୍ୟ ପୂର୍ଣ୍ଣତା ଦ୍ୱାରା କ୍ରିୟାଶୀଳ ହୋଇ ରହିଥାଏ, ବୁଦ୍ଧିର ମନୋମୟ ଉପାଦାନଟି ଦ୍ୱାରା କୌଣସିପ୍ରକାରେ ବିକୃତ ବା ସୀମିତ ହୋଇପଡ଼ୁ ନଥାଏ; ମନକୁ ସନ୍ଦୀପିତ କରିବାହିଁ ଏଠାରେ ଏଗୁଡ଼ିକର ମୁଖ୍ୟ କାର୍ଯ୍ୟ ହୋଇ ନଥାଏ, ମାତ୍ର ସେଗୁଡ଼ିକ ଆପଣାର ଯଥୋପଯୁକ୍ତ ଭାବରେ ଏବଂ ଆପଣାର ସହଜାତ ଉଦ୍ଦେଶ୍ୟଟି ସକାଶେହିଁ କାର୍ଯ୍ୟ କରୁଥାଏ । ଏବଂ ଏହି ଚାରୋଟିଯାକ ସାମର୍ଥ୍ୟ ମଧ୍ୟରୁ ଏହି କ୍ଷେତ୍ରରେ ସମ୍ବୋଧିଗତ ବିବେଚନାଶକ୍ତିକୁ ଏକ ସ୍ୱତନ୍ତ୍ର ସାମର୍ଥ୍ୟରୂପେ ଚିହ୍ନିବା କ୍ୱଚିତ୍ ସମ୍ଭବ ହେଉଥାଏ, ମାତ୍ର ତାହା ଅନ୍ୟ ତିନୋଟିଯାକ ସାମର୍ଥ୍ୟ ମଧ୍ୟରେ ସତତ ଅନ୍ତର୍ନିହିତ

'oaob.nitrkl.ac.in' images reprocessed

ରହିଥାଏ ଏବଂ ସେଗୁଡ଼ିକର ଜ୍ଞାନର କ୍ଷେତ୍ର ତଥା ସମ୍ବନ୍ଧଗୁଡ଼ିକୁ ଅଥବା ସ୍ୱୟଂ ସେହିଗୁଡ଼ିକରହିଁ ସର୍ବାଙ୍ଗୀଣ ନିରୂପଣ ପରି ନିରୂପିତ କରି ଦେଇଥାଏ । ଏହି ବୃତ୍ତିଟି ମଧ୍ୟରେ ତିନୋଟି ସ୍ତର ରହିଥାଏ; ପ୍ରଥମଟିରେ, ଯାହାକୁ ଆମେ ଏକ ଅତିମାନସ ସମ୍ବୋଧି ବୋଲି କହିପାରିବା, ତାହାର କ୍ରିୟା ସତ୍ୟ-ସଙ୍କଳ୍ପ ଏବଂ ସତ୍ୟ-ଜ୍ଞାନର ରୂପ ଏବଂ ପ୍ରମୁଖ ଧର୍ମଟିକୁ ନିର୍ଦ୍ଧାରିତ କରି ଦେଇଥାଏ, ଦ୍ୱିତୀୟଟିରେ ଏକ ଦ୍ରୁତ ଅତିମାନସ ଅନ୍ତଃପ୍ରେରଣା ଏବଂ ତୃତୀୟଟିରେ ଏକ ବୃହତ୍ ଅତିମାନସ ପ୍ରତ୍ୟକ୍ଷଦୃଷ୍ଟି ସେଗୁଡ଼ିକକୁ ବାଛି ଦେଖାଇ ଦେଇଥାଏ ଏବଂ ସେଗୁଡ଼ିକୁ ସେଗୁଡ଼ିକର ସାଧାରଣ ଗୁଣଧର୍ମଗୁଡ଼ିକୁ ପ୍ରଦାନ କରୁଥାଏ; ଏବଂ ଏଗୁଡ଼ିକରୁ ପ୍ରତ୍ୟେକଟି ଆମକୁ ସତ୍ୟ-ସଙ୍କଳ୍ପ ତଥା ସତ୍ୟ-ଜ୍ଞାନର ଏକ ଅଧିକ ଘନୀଭୂତ ଉପାଦାନ ଏବଂ ଏକ ଉଚ୍ଚତର ଅଭେଦ, ସ୍ୱୟଂ-ପୂର୍ଣ୍ଣତା ଏବଂ ଉଚ୍ଚତର ପରସ୍ପର ମଧ୍ୟକୁ ଉତ୍ତୋଳିତ କରି ନେଇଯାଏ ।

ଆମର ମନୋଗତ ବୃତ୍ତିଟି ଯାହାକିଛି କରିପାରେ, ଅତିମାନସ ବୃତ୍ତି-ସମନ୍ୱିତାର କ୍ରିୟାଟି ସେହି ସବୁଗୁଡ଼ିକୁ ଆପଣାର କ୍ଷେତ୍ରଟି ମଧ୍ୟରେ ଗ୍ରହଣ କରିନିଏ ଏବଂ ତାହାର ସୀମାଲଙ୍ଘନ କରିଯାଏ; ମାତ୍ର ତାହା ଅନ୍ୟ ପ୍ରାନ୍ତଟିରୁହିଁ ଆପଣାର କ୍ରିୟା ଆରମ୍ଭ କରିଥାଏ ଏବଂ ତାହାର କ୍ରିୟା ମଧ୍ୟ ଠିକ୍ ତାହାର ଅନୁସାରେହିଁ ସମ୍ପନ୍ନ ହୋଇଥାଏ । ତଦ୍‌ଗତ ବୃତ୍ତିସମନ୍ୱିତା ଲାଗି ଅହଂସତ୍ତା ଏବଂ ତଦ୍‌ଗତଭାବ ମୂଳଭୂତ ସତ୍ୟ ତଥା ବସ୍ତୁଗୁଡ଼ିକର ଯଥାର୍ଥ ତତ୍ତ୍ୱ କେବଳ ଅମୂର୍ତ୍ତ କେତୋଟି ଶବ୍ଦର ବା କେତୋଟି ସୂକ୍ଷ୍ମ ଅପାର୍ଥିବ ଅନୁଭବମାତ୍ର ହୋଇ ରହି ନଥାଏ, ଯେଉଁଠାରେ କି ତାହା ସବୁ ଅଥବା ଯାବତୀୟ ସୀମାବଦ୍ଧତା ଉପରେ ଡିଆଁମାରି ଆସି ପହଞ୍ଚି ଯାଇଥାଏ; ମାତ୍ର ତାହା ଏକ ସତତ ବାସ୍ତବସତ୍ୟ ହୋଇ ରହିଥାଏ ଏବଂ ତାହାର ଯାବତୀୟ ବର୍ଣ୍ଣନା ତଥା ଅନୁଭୂତି ଲାଗି ସ୍ୱାଭାବିକ ପୃଷ୍ଠଭୂମିର କାର୍ଯ୍ୟ କରୁଥାଏ । ତାହା ସତ୍ତା ଏବଂ ଚେତନାର, ଆଧ୍ୟାତ୍ମିକ ତଥା ଅନ୍ୟ ଯାବତୀୟ ପ୍ରକାରର ସମ୍ବେଦନର ଓ ଆନନ୍ଦର ଏବଂ ଶକ୍ତି ତଥା କର୍ମର ସାମାନ୍ୟ ଓ ସମସ୍ତ ତଥା ବିଶେଷ ଉଭୟ ପ୍ରକାରର ସକଳ ସତ୍ୟରେ, ସତ୍ୟ, ପ୍ରତିଭାସ ଓ ପ୍ରକଟ, ଯଥାର୍ଥ ସତ୍ତା, ସମ୍ଭାବ୍ୟ ସତ୍ତା ଓ ଅନ୍ତିମ ପରିଣତିସ୍ତରର ସମ୍ପର୍କରେ ତଥା ନିର୍ଦ୍ଧାରିତ ହେଉଥିବା ଓ ନିର୍ଦ୍ଧାରଣ କରୁଥିବା ଯାବତୀୟ ତତ୍ତ୍ୱରେ ମନର ସ୍ୱତଃ ଅନୁସରଣ କରି ଆସି ଆଦୌ ପହଞ୍ଚେ ନାହିଁ, ମାତ୍ର ସେଗୁଡ଼ିକୁ ପ୍ରତ୍ୟକ୍ଷରୂପେହିଁ ଅଧିକୃତ କରି ଦେଇଥାଏ, ଏବଂ ସେଗୁଡ଼ିକୁ ଏକ ଆତ୍ମ-ପ୍ରକାଶମୟ ପ୍ରମାଣ ସହିତହିଁ ପ୍ରକାଶିତ କରି ଦେଇଥାଏ । ତାହା ଚେତନା ସହିତ ଚେତନାର, ଶକ୍ତି ସହିତ ଶକ୍ତିର ଏବଂ କର୍ମ ସହିତ କର୍ମର ସମ୍ବନ୍ଧଗୁଡ଼ିକ ତଥା ଏଗୁଡ଼ିକର ପାରସ୍ପରିକ ଯାବତୀୟ ସମ୍ବନ୍ଧକୁ ମଧ୍ୟ ରୂପାୟିତ କରିଦିଏ, ସେଗୁଡ଼ିକୁ ବ୍ୟବସ୍ଥିତ କରି ରଖେ ଏବଂ ସେଗୁଡ଼ିକୁ ଏକ ଦୁର୍ବୋଧତାର ଓ ଅଭେଦମୟ ସମଞ୍ଜସତା ଆଣିଦିଏ । ଇନ୍ଦ୍ରିୟଲବ୍ଧ ତଥ୍ୟଗୁଡ଼ିକୁ ମଧ୍ୟ ତାହା ଆପଣା ମଧ୍ୟରେ

'oaob.nitrkl.ac.in' images reprocessed

ଅନ୍ତର୍ଭୁକ୍ତ କରି ରଖିଥାଏ, ମାତ୍ର ସେଗୁଡ଼ିକ ପଛରେ ଯେଉଁ ସମ୍ପଦଟି ନିହିତ ହୋଇ ରହିଛି, ତାହାର ଆଲୋକ ଦ୍ୱାରା ସେଗୁଡ଼ିକୁ ଏକ ନୂତନ ଅର୍ଥରେ ସମୃଦ୍ଧ କରିଦିଏ ଏବଂ ସେଗୁଡ଼ିକୁ କେବଳ ବାହ୍ୟତମ ସଙ୍କେତରୂପେ ବିଚାର କରୁଥାଏ; ଏବଂ ଅନ୍ତରତର ସତ୍ୟଟି ଯେଉଁ ବୃହତ୍ତର ବୋଧର ଉପଲବ୍ଧି ହୋଇ ରହିଥାଏ, ସେହି ବୃହତ୍ତର ବୋଧଟିକୁ ତାହା ପୂର୍ବରୁହିଁ ଆପଣା ମଧ୍ୟରେ ଧାରଣ କରିଥାଏ। ଏବଂ ସେଗୁଡ଼ିକର ବସ୍ତୁମୟ ଆପଣା କ୍ଷେତ୍ରଟିରେ ମଧ୍ୟ ତାହା ସେଗୁଡ଼ିକ ଉପରେ ଆଦୌ ନିର୍ଭର କରୁ ନଥାଏ କିଂବା ସେଗୁଡ଼ିକର ପରିସରଟି ଦ୍ୱାରା କଦାପି ସୀମାବଦ୍ଧ ହୋଇ ରହି ନଥାଏ। ତାହାର ଆପଣାର ଏକ ଆଧ୍ୟାତ୍ମିକ ଇନ୍ଦ୍ରିୟ ରହିଥାଏ, ଆପଣାରହିଁ ଏକ ଇନ୍ଦ୍ରିୟ-ଅନୁଭୂତି ରହିଥାଏ; ଏବଂ ତାହା ଏକ ଷଷ୍ଠ ଇନ୍ଦ୍ରିୟ ଅର୍ଥାତ୍ ଅନ୍ତର୍ଗତ ମାନସ-ଇନ୍ଦ୍ରିୟର ତଥ୍ୟସମ୍ପଦଗୁଡ଼ିକୁ ମଧ୍ୟ ଗ୍ରହଣ କରୁଥାଏ ଓ ଆଧ୍ୟାତ୍ମିକ ଇନ୍ଦ୍ରିୟାନୁଭବ ସହିତ ସେଇଟିକୁ ସମ୍ବନ୍ଧିତ କରି ଦେଉଥାଏ। ପୁନଶ୍ଚ, ଚୈତ୍ୟ ଅନୁଭୂତିର ପରିଚିତ ଯାବତୀୟ ଆଲୋକ, ଜୀବନମୟ ପ୍ରତୀକ ତଥା ପ୍ରତିରୂପଗୁଡ଼ିକୁ ମଧ୍ୟ ତାହା ଗ୍ରହଣ କରିନିଏ, ଏଗୁଡ଼ିକୁ ମଧ୍ୟ ଆତ୍ମସତ୍ତା ଓ ତଦ୍‌ଗତତାର ସକଳ ସତ୍ୟ ସହିତ ସଂବନ୍ଧିତ କରି ରଖେ।

ଆଧ୍ୟାତ୍ମିକ ବୃତ୍ତି ଆମର ସଂବେଗ ତଥା ଚୈତ୍ୟ ସଂବେଦନଗୁଡ଼ିକୁ ମଧ୍ୟ ଆପଣା ମଧ୍ୟକୁ ଗ୍ରହଣ କରିନିଏ, ସେଗୁଡ଼ିକୁ ସେଗୁଡ଼ିକର ଆଧ୍ୟାତ୍ମିକ ସମବାଚକଗୁଡ଼ିକ ସହିତ ସମ୍ବନ୍ଧିତ କରି ରଖେ, ଏବଂ ସେଗୁଡ଼ିକ ଯେଉଁ ଉଚ୍ଚତର ଚେତନା ତଥା ଆନନ୍ଦରୁ ଉତ୍ପନ୍ନ ହୋଇ ଆସିଛନ୍ତି, ଏକ ନିମ୍ନତର ପ୍ରକୃତିର ଭୂମିରେ ସେଗୁଡ଼ିକ ଯାହାର ପରିସୀମିତ ରୂପ ହୋଇ ରହିଛନ୍ତି, ତାହା ସେଗୁଡ଼ିକୁ ସେହି ଚେତନା ତଥା ଆନନ୍ଦରହିଁ ଯାବତୀୟ ମୂଲ୍ୟରେ ସମ୍ପନ୍ନ କରି ରଖେ ଓ ସେଗୁଡ଼ିକର ବିକୃତିଗୁଡ଼ିକରେ ଆବଶ୍ୟକ ସଂଶୋଧନ କରିଦିଏ। ଠିକ୍ ସେହିପରି ପ୍ରାଣିକ ସତ୍ତା ଓ ଚେତନାର ଗତିସ୍ପନ୍ଦନଗୁଡ଼ିକୁ ମଧ୍ୟ ତାହା ଆପଣା ମଧ୍ୟକୁ ଗ୍ରହଣ କରିନିଏ, ସେଗୁଡ଼ିକୁ ଆତ୍ମସତ୍ତାର ଆଧ୍ୟାତ୍ମିକ ଜୀବନ ତଥା ତପଃଶକ୍ତିର ଗତିସ୍ପନ୍ଦନଗୁଡ଼ିକ ସହିତ ସମ୍ବନ୍ଧିତ କରି ରଖେ ଏବଂ ସେଗୁଡ଼ିକୁ ସେହି ଆଧ୍ୟାତ୍ମିକ ଜୀବନ ଓ ତପଃଶକ୍ତିର ତାତ୍ପର୍ଯ୍ୟଗୁଡ଼ିକୁ ପ୍ରଦାନ କରିଥାଏ। ତାହା ଭୌତିକ ଚେତନାକୁ ଆପଣା ମଧ୍ୟକୁ ଗ୍ରହଣ କରିନିଏ, ତାହାକୁ ତାହାର ସର୍ବପ୍ରକାର ଜାଡ୍ୟର ଅନ୍ଧକାର ତଥା ତମୋମୟତାରୁ ମୁକ୍ତ କରିଆଣେ ଏବଂ ତାକୁ ସେହି ଅତିମାନସ ଆଲୋକ, ସାମର୍ଥ୍ୟ ତଥା ଆନନ୍ଦରହିଁ ପ୍ରତିସ୍ପନ୍ଦନସମର୍ଥ ତଥା ଗ୍ରହଣଶୀଳ ସାଧନରେ ପରିଣତ କରିଦିଏ। ତାହା ମାନସିକ ଇଚ୍ଛା ଓ ମାନସିକ ବୃତ୍ତି ପରି ଜୀବନ, କର୍ମ ତଥା ଜ୍ଞାନ ସହିତ ଆପଣାର ଯାବତୀୟ ବ୍ୟବହାର କରୁଥାଏ, ମାତ୍ର ଜଡ଼ତତ୍ତ୍ୱ, ପ୍ରାଣ, ଇନ୍ଦ୍ରିୟ ତଥା ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଉପଲବ୍ଧ ତଥ୍ୟଗୁଡ଼ିକରୁ ତାହା ଏହି କାର୍ଯ୍ୟଟିର ଆରମ୍ଭ କରେ ନାହିଁ କିଂବା ସ୍ୱବନାର ମାଧ୍ୟମରେହିଁ

'oaob.nitrkl.ac.in' images reprocessed

ସେଗୁଡ଼ିକ ସହିତ ଉଚ୍ଚତର ଯାବତୀୟ ବସ୍ତୁର ସର୍ବାଂଶିକ ସମ୍ପୃକ୍ତ ଯୋଡ଼ିବାକୁ ଯାଏ ନାହିଁ; ମାତ୍ର ଏହା ପରବର୍ତ୍ତୀରେ ତାହା ଆତ୍ମସତ୍ତା ଏବଂ ତଦ୍‌ଗତତାର ସତ୍ୟଭୂମିରୁ ହିଁ ଆପଣାର ଯାବତୀୟ କାର୍ଯ୍ୟ ଆରମ୍ଭ କରେ ଏବଂ ଅନ୍ୟ ଯାବତୀୟ ଅନୁଭବକୁ ଆପଣାର ଆକାର ତଥା ଯନ୍ତ୍ରର ରୂପରେ ଗ୍ରହଣ କରୁଥିବା ଏକ ଅପରୋକ୍ଷ ଆଧ୍ୟାତ୍ମିକ ଅନୁଭବ ଦ୍ୱାରା ମନ, ଆତ୍ମା, ପ୍ରାଣ, ଇନ୍ଦ୍ରିୟ ଏବଂ ଜଡ଼ର ସକଳ ତଥ୍ୟକୁ ଆତ୍ମାର ସତ୍ତା ସହିତ ସମ୍ବନ୍ଧିତ କରି ରଖେ । ଭୌତିକ ଇନ୍ଦ୍ରିୟସକଳର ବନ୍ଦୀଶାଳାଟି ଭିତରେ ବନ୍ଦୀ ହୋଇ ରହିଥିବା ଆମର ଏହି ସାଧାରଣ ଦେହସ୍ଥ ମନଟିର ତୁଳନାରେ ଏହାର କେତେଟି ଅନେକ ଅଧିକ ବିସ୍ତୃତ ହୋଇ ରହିଥାଏ ତଥା ଶୁଦ୍ଧ ମନୋମୟଭାବର ତୁଳନାରେ ମଧ୍ୟ, ଏପରିକି ଯେତେବେଳେ ତାହା ଆପଣାର ଆୟତନଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ରହିଥାଏ ଏବଂ ଭୌତିକ ମନ ତଥା ଅନ୍ତର୍ଗତ ଇନ୍ଦ୍ରିୟଗୁଡ଼ିକର ସାହାଯ୍ୟରେ ଆପଣାକୁ କାର୍ଯ୍ୟକାରୀ କରି ରଖିଥାଏ, ସେତେବେଳେ ମଧ୍ୟ ତାହା ଅଧିକ ବିସ୍ତୃତ ହୋଇ ରହିଥାଏ । ଏବଂ ମାନସିକ ଇଚ୍ଛା ବା ମାନସ-ବୃତ୍ତିରେ ଏହାର କର୍ତ୍ତୃତ୍ୱ ସାମର୍ଥ୍ୟଟି କେବେହେଲେ ନଥାଏ, କାରଣ ସେଗୁଡ଼ିକ କଦାପି ଆପେ ଆପଣାର ନିର୍ଦ୍ଧାରଣ କରିପାରନ୍ତି ନାହିଁ, ବସ୍ତୁଗୁଡ଼ିକର ମୂଳ ନିର୍ଦ୍ଧାରକ ହୋଇପାରନ୍ତି ନାହିଁ; ସେହି ସାମର୍ଥ୍ୟଟି ହେଉଛି ସମସ୍ତ ସୃଷ୍ଟିକୁ ତାହାର ଯାବତୀୟ ଅଙ୍ଗ ସମେତ ତଦ୍‌ଗତତାର ଏକ ସୌଷମ୍ୟଯୁକ୍ତ ସାଧନ ତଥା ପ୍ରକାଶରେ ରୂପାନ୍ତରିତ କରିଦେବାର ସାମର୍ଥ୍ୟ ।

ତାହା ସଙ୍ଗେସଙ୍ଗେ ଆଧ୍ୟାତ୍ମିକ ବୃତ୍ତି ପ୍ରଧାନତଃ ଯାହାରେ ଅବସ୍ଥିତ ରହିଥିବା ସତ୍ୟର ପ୍ରତିନିଧିରୂପ ଭାବନା ଏବଂ ସଂକଳ୍ପ ସହିତ ମଧ୍ୟ କାର୍ଯ୍ୟ କରୁଥାଏ, ଅବଶ୍ୟ ଏକଥା ସତ ଯେ ଏକ ବୃହତ୍ତର ଏବଂ ଯଥାର୍ଥତର ସତ୍ୟହିଁ ତାହାର ସତତ ଉତ୍ସ, ପୋଷକ ତଥା ସମ୍ପୃକ୍ତଭୂମିରୂପେ ଅବସ୍ଥିତ ରହିଥାଏ । ତେଣୁ, ତାହା ସେହି ଈଶ୍ୱରଙ୍କରହିଁ ଆଲୋକଗତ ଏକ ସାମର୍ଥ୍ୟ ହୋଇ ରହିଥାଏ, ମାତ୍ର ସ୍ୱୟଂ ମଧ୍ୟରେ ତାଙ୍କର ସେହି ପ୍ରତ୍ୟକ୍ଷ ଅବସ୍ଥିତିର ସାକ୍ଷାତ୍ ଅସ୍ତ୍ର-ଶସ୍ତ୍ର ହୋଇ ରହି ନଥାଏ । ତାଙ୍କର ଅସ୍ତ୍ର-ଶସ୍ତ୍ର ବା 'ପରା ସ୍ୱ ପ୍ରକୃତିଃ' ନୁହେଁ ମାତ୍ର 'ସୂର୍ଯ୍ୟ-ଶକ୍ତି'ହିଁ ଆଧ୍ୟାତ୍ମିକ ବୃତ୍ତି ମଧ୍ୟରେ କାର୍ଯ୍ୟ କରୁଥାଏ । ସାକ୍ଷାତ୍ ଅସ୍ତ୍ର-ଶସ୍ତ୍ରର ଚିତ୍ସ୍ୱାଟି ବୃହତ୍ତର ଅତିମାନସର ଭୂମିରେ ଯାଇ ଅପରୋକ୍ଷ ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କରେ; ଏବଂ ସେତେ-ବେଳେ ସେହି ବୃହତ୍ତର ଅତିମାନସହିଁ ଏପର୍ଯ୍ୟନ୍ତ ଶରୀର, ପ୍ରାଣ ଓ ମନ ଏବଂ ସଂବୋଧିଗତ ସ୍ତରରେ ତଥା ଆଧ୍ୟାତ୍ମିକ ବୃତ୍ତିଟି ଦ୍ୱାରା ଉପଲବ୍ଧ ଯାବତୀୟ କର୍ମକୁ ଆପଣା ମଧ୍ୟରେ ଗ୍ରହଣ କରିନିଏ; ମନୋମୟ ସତ୍ତାଟି ଦ୍ୱାରା ଯାହାକିଛି ସୃଷ୍ଟ ହୋଇଛି, ସଂଗୃହୀତ ହୋଇ ରହିଛି, ଅନୁଭୂତିର ଉପାଦାନରେ ପରିଣତ ହୋଇଛି ଏବଂ ଚେତନା, ବ୍ୟକ୍ତିତ୍ୱ ଓ ପ୍ରକୃତିର ଅଙ୍ଗରେ ପରିଣତ ହୋଇ ରହିଛି, ତାହାକୁ ତଦ୍‌ଗତତାର ସେହି ଉଚ୍ଚ ଅଧିଷ୍ଠାନ ଏବଂ ବିଶ୍ୱଗତ ଜୀବନର ଏକ ସଂବୋଧ

ସୌଷମ୍ୟବଦ୍ଧତାରୂପେ ଗଠନ କରନ୍ତିଏ । ଆମର ମନ ଅବଶ୍ୟ ଅନନ୍ତ ଓ ବିଶ୍ୱଗତର ସ୍ପର୍ଶଲାଭ କରିପାରେ, ସେଗୁଡ଼ିକୁ ପ୍ରତିଫଳିତ କରି ଦେଇପାରେ ଏବଂ ଏପରିକି ସେଗୁଡ଼ିକ ମଧ୍ୟରେ ଆପଣାକୁ ହରାଇ ମଧ୍ୟ ଦେଇପାରେ; ମାତ୍ର କେବଳ ଊର୍ଦ୍ଧ୍ୱମାନସହିଁ ବ୍ୟକ୍ତିକୁ ଆପଣାର ବିସ୍ତାରରେ ସେହି ବିଶ୍ୱଗତ ତଥା ବିଶ୍ୱାତୀତ ପରମ ଚିଦ୍‌ଘନତା ସହିତ ସମ୍ପୂର୍ଣ୍ଣ ଭାବରେ ଏକାତ୍ମକତା ଲାଭ କରିବାର ସାମର୍ଥ୍ୟଟି ଆଣି ଦେଇପାରିବ ।

ଏହି ଭୂମିରେ କେବଳ ଅନନ୍ତ ସତ୍ତାହିଁ ସର୍ବଦା ଏବଂ ସତତ ବିଦ୍ୟମାନ ରହିଥାଏ, ଏହି ଅନନ୍ତ ସତ୍ତା ମଧ୍ୟରୁହିଁ ବ୍ୟକ୍ତ ବିକାଶଲାଭ କରେ ଏବଂ ସର୍ବଦା ତାହାରି ମଧ୍ୟରେହିଁ ଅବସ୍ଥାନ କରୁଥାଏ; ଏବଂ ଯାହାକିଛି ଦୃଷ୍ଟ, ଅନୁଭୂତ ଓ ଜ୍ଞାତ ହୁଏ, ତାହା କେବଳ ସେହି ଏକ ଓ ଅଦ୍ୱୟ ସତ୍ତାର ଉପାଦାନରୂପେ ଅବସ୍ଥିତ ରହିଥାଏ; ଏହି ଭୂମିରେ କେବଳ ଅନନ୍ତ ଚେତନାହିଁ ବିଦ୍ୟମାନ ରହିଥାଏ, ଏବଂ ଯାହାକିଛି ଚେତନାଶୀଳ ହୋଇ ରହିଥାଏ, କ୍ରିୟା କରୁଥାଏ ବା ଶକ୍ତ୍ୟାତ୍ମକ ହୋଇ ରହିଥାଏ, ତାହା ସେହି ଏକ ଏବଂ ଅଦ୍ୱୟ ସତ୍ତାରହିଁ ଆତ୍ମ-ଅନୁଭବ ଏବଂ ସାମର୍ଥ୍ୟ ରୂପେ ଦୃଷ୍ଟ, ଅନୁଭୂତ, ଗୃହୀତ ଏବଂ ଜ୍ଞାତ ହେଉଥାଏ ଏବଂ ଠିକ୍ ସେହିପରି ଭାବରେହିଁ ସବୁଟି ମଧ୍ୟରେ ବାସ କରୁଥାଏ । ଏହି ଭୂମିରେ କେବଳ ଅନନ୍ତ ପରମ ଆନନ୍ଦହିଁ ବିଦ୍ୟମାନ ରହିଥାଏ; ଏବଂ ଯାହାକିଛି ଅନୁଭୂତିସମର୍ଥ ହୋଇ ରହିଥାଏ ଅଥବା ଅନୁଭୂତ ହୁଏ, ତାହା କେବଳ ସେହି ଅଦ୍ୱୟ ପରମ ଆନନ୍ଦରହିଁ ନାନା ରୂପାତ୍ମକ ଭାବରେ ଦୃଷ୍ଟ, ଅନୁଭୂତ, ଗୃହୀତ ଏବଂ ଜ୍ଞାତ ହେଉଥାଏ ଏବଂ ଠିକ୍ ସେହିପରି ଭାବରେହିଁ ସବୁଟି ମଧ୍ୟରେ ବାସ କରୁଥାଏ । ଏଇଟି ବ୍ୟତୀତ ଆଉ ଯାହାକିଛି ରହିଲା, ତାହା ଆମ ଜୀବନର କେବଳ ଏହି ଅଦ୍ୱୟ ସତ୍ୟଟିରହିଁ ଗୋଟିଏ ଗୋଟିଏ ଅଭିବ୍ୟକ୍ତି ତଥା ପରିବେଶ ହୋଇ ରହିଥାଏ । ଏହା ଆଉ କେବଳ ଦେଖିବା ବା ଜାଣିବା ହୋଇହିଁ ରହି ନଥାଏ, ମାତ୍ର ସବୁକିଛି ମଧ୍ୟରେ ରହିଥିବା ଆତ୍ମସତ୍ତା ତଥା ଆତ୍ମସତ୍ତାଟି ମଧ୍ୟରେ ରହିଥିବା ସବୁକିଛିରହିଁ ଖାସ୍ ପରିବେଶ ହୋଇ ରହିଥାଏ; ସବୁକିଛି ମଧ୍ୟରେ ବିରାଜିତ ରହିଥିବା ପରମେଶ୍ୱର ତଥା ପରମେଶ୍ୱରଙ୍କ ମଧ୍ୟରେ ରହିଥିବା ସବୁକିଛିରହିଁ ଖାସ୍ ପରିବେଶ ହୋଇ ରହିଥାଏ, ସବୁକିଛି ସେହି ପରମେଶ୍ୱରରୂପେହିଁ ପରିଦୃଷ୍ଟ ହୁଏ । ଏବଂ ଏହି ଅବସ୍ଥା ବା ପରିବେଶଟି ବର୍ତ୍ତମାନ ଏପରି କୌଣସି ଏକ ସ୍ଥିତି ହୋଇ ନଥାଏ, ଯାହାକୁ କି ସତ୍ୟକୁ ପ୍ରତିଫଳିତ କରି ଦେଉଥିବା ଅଧ୍ୟାତ୍ମ-ସଞ୍ଚାରିତ ମନଟିର ସମ୍ମୁଖରେ କେବଳ ଉପସ୍ଥାପିତହିଁ କରି ଯାଉଥାଏ, ମାତ୍ର ତାହା ଅତିମାନସ ପ୍ରକୃତିରେ ସଂଘଟିତ ହେଉଥିବା ଏକ ସମଗ୍ର, ସତତ-ବର୍ତ୍ତମାନ ତଥା ସଦା-ସକ୍ରିୟ ଉପଲବ୍ଧି ଦ୍ୱାରା ବିଧୃତ ହୋଇ ରହିଥାଏ, ଜୀବନକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ରହିଥାଏ । ଏଥିରେ ଭାବନା ଥାଏ, ସଂକଳ୍ପ ଥାଏ ଏବଂ ସଂବେଦନ ମଧ୍ୟ ରହିଥାଏ ଏବଂ ଆମ ପ୍ରକୃତି ସହିତ ସମ୍ବନ୍ଧ ରଖୁଥିବା ସକଳ

'oaob.nitrkl.ac.in' images reprocessed

ବସ୍ତୁ ମଧ୍ୟ ରହିଥାଏ, ମାତ୍ର ତାହା ରୂପାନ୍ତରିତ ହୋଇଯାଏ ଏବଂ ଏକ ଉଚ୍ଚତର ଚେତନାକୁ ଉନ୍ନୋଳିତ ହୋଇଯାଏ । ଏହି ଭୂମିରେ ଯାବତୀୟ ସ୍ପନ୍ଦନ ସତ୍ତାର ଏକ ମୂଳୋପାଦାନଗତ ଜ୍ୟୋତିର୍ମୟ ଶରୀର, ସାମର୍ଥ୍ୟର ଏକ ଜ୍ୟୋତିର୍ମୟ ଘନୀଭୂତନ ତଥା ଆନନ୍ଦର ଏକ ଜ୍ୟୋତିର୍ମୟ ତରଙ୍ଗରୂପେ ଦୃଷ୍ଟ ଏବଂ ଅନୁଭୂତ ହେଉଥାଏ, ମନର ଶୂନ୍ୟ ବାସ୍ତବାସ୍ତବତା ଭିତରେ ତାହା ଏକ କଳ୍ପନା ବା ଧାରଣା ହୋଇ ରହିଲୁ ନଥାଏ, ମାତ୍ର ତାହା ସତ୍ତା ମଧ୍ୟରେହିଁ ଅନୁଭୂତ ହୁଏ ଏବଂ ଅନନ୍ତ ସତ୍ତାର ଏକ ସତ୍ୟରହିଁ ଆଲୋକଶକ୍ତିରୂପେ ଅନୁଭୂତ ହୁଏ । ଠିକ୍ ସେହିପରି ଭାବରେ ଆମର ସଂକଳ୍ପ ଓ ଯାବତୀୟ ଅନ୍ତଃପ୍ରେରଣା ସେହି ଈଶ୍ୱରଙ୍କରହିଁ ସତ୍ତା, ଚିତ୍ ଓ ଆନନ୍ଦରହିଁ ଏକ ପ୍ରକୃତ ସାମର୍ଥ୍ୟ ଏବଂ ସାରବସ୍ତୁରୂପେ ଅନୁଭୂତ ହୁଏ । ଅଧ୍ୟାତ୍ମ ଦ୍ୱାରା ସହାମିତ ସକଳ ସଂବେଦନ ତଥା ସଂବେଗ ସେତେବେଳେ କେବଳ ଚେତନା ଏବଂ ସେହି ପରମ ଆନନ୍ଦରହିଁ ଶୁଦ୍ଧ ଛାଞ୍ଚରୂପେ ଅନୁଭୂତ ହେଉଥାନ୍ତି । ସ୍ୱୟଂ ଭୌତିକ ସୃଷ୍ଟି ମଧ୍ୟ ଏକ ଚେତନାମୟ ରୂପାୟନରୂପେ ଅନୁଭୂତ ହୁଏ ଏବଂ ପ୍ରାଣମୟ ସତ୍ତା ମଧ୍ୟ କେବଳ ସେହି ଚିଦ୍‌ଗତତାର ଜୀବନରହିଁ ଶକ୍ତି ତଥା ସ୍ପନ୍ଦର ଏକ ବୃହତ୍ ପ୍ଲାବନରୂପେ ଅନୁଭୂତ ହୁଏ ।

ଏହି ଉଚ୍ଚତମ ଚେତନାଟି ଯେପରି ଊର୍ଦ୍ଧ୍ୱସ୍ଥ କେବଳ ସେହି ଅନନ୍ତ ମଧ୍ୟରେହିଁ ଅବସ୍ଥାନ ବା କ୍ରିୟା କରିବ ନାହିଁ ଏବଂ ବ୍ୟକ୍ତିର ସତ୍ତା ତଥା ବ୍ୟକ୍ତିର ପ୍ରକୃତି ମଧ୍ୟରେ କେବଳ କେତୋଟି ସୀମିତ, ଆବୃତ, ନିମ୍ନତର ଓ ବିକୃତ ଅଭିବ୍ୟକ୍ତିରେହିଁ ସନ୍ତୁଷ୍ଟ ହୋଇ ରହିଯିବ ନାହିଁ, ମାତ୍ର ଯେପରି ତାହା ବ୍ୟକ୍ତି ମଧ୍ୟରେ ବ୍ୟାପକ ଏବଂ ସମଗ୍ରରୂପେ ଏକ ଚେତନାଶୀଳ ଓ ଆତ୍ମସଚେତନସମର୍ଥ ଚିଦ୍‌ଗତ ସତ୍ତା ଏବଂ ସେହି ଅନନ୍ତ ଓ ବିଶ୍ୱମୟ ଚିଦ୍‌ଗତତାର ଏକ ଜୀବନ୍ତ ଏବଂ କ୍ରିୟାଶୀଳ ସାମର୍ଥ୍ୟରୂପେ ଅବସ୍ଥାନ ତଥା କ୍ରିୟା କରିପାରିବ, ସେଥିପାଇଁ ଏହି ଭୂମିଟିରେ ଅତିମାନସର କ୍ରିୟା ସେହି ଉଚ୍ଚତମ ଚେତନାକୁ ସେହି ଅନୁସାରେ ଅଭିବ୍ୟକ୍ତ ଓ ସଂଗଠିତ କରିପାରିବ । ଏହି କ୍ରିୟାଟିର ପ୍ରକୃତ ସ୍ୱଭାବଟିକୁ କଥା ଦ୍ୱାରା ପ୍ରକାଶ କରିପାରିବା ଯେତେଦୂର ସମ୍ଭବ, ସେହି ଅନୁସାରେ ଆମେ ତାହାକୁ ହୁଏତ ପରେ ଅଧିକ ଉପଯୁକ୍ତ ଭାବରେ ବର୍ଣ୍ଣନା କରିପାରିବା, ଯେତେବେଳେ କି ଆମେ ବ୍ରାହ୍ମୀ ଚେତନା ଓ ବ୍ରାହ୍ମୀ ଦୃଷ୍ଟିର ଆଲୋଚନାରେ ଯାଇ ପହଞ୍ଚିବା । ପରବର୍ତ୍ତୀ ପରିଚ୍ଛେଦଗୁଡ଼ିକରେ ଆମେ ଏହି ବିପର୍ଯ୍ୟଟିର କେତେକ ଅଂଶର ବିବେଚନା କରିବା, କେବଳ ସେତିକିର ବ୍ୟକ୍ତିର ପ୍ରକୃତି ମଧ୍ୟରେ ଉଦ୍‌ଭୂତ ହେଉଥିବା ଭାବନା, ଇଚ୍ଛା ଏବଂ ଚୈତ୍ୟ ତଥା ଅନ୍ୟ ପ୍ରକାରର ଅନୁଭବଗୁଡ଼ିକ ସହିତ କୌଣସି ନା କୌଣସି ସମ୍ବନ୍ଧ ରହିଛି । ବର୍ତ୍ତମାନ ପାଇଁ କେବଳ ଏତିକି ଉଲ୍ଲେଖ କରି ରଖିବା ଆବଶ୍ୟକ ଯେ ଏଠାରେ ମଧ୍ୟ ଭାବନା ତଥା ଇଚ୍ଛାର କ୍ଷେତ୍ରରେ ଏକ ଦ୍ୱିବିଧ କ୍ରିୟା ଦୃଷ୍ଟିଗୋଚର ହୋଇଥାଏ । ପ୍ରଥମେ

'oaob.nitrkl.ac.in' images reprocessed

ଆଧ୍ୟାତ୍ମିକ ବୁଦ୍ଧି ସତ୍ତାର ଏକ ବୃହତ୍ତର ପ୍ରଜ୍ଞାନଧର୍ମମୂଳକ ଜ୍ୟୋତିର ସ୍ତରକୁ ଉନ୍ନୀତ ହୋଇଯାଏ ଏବଂ ଅଧିକ ପରିବ୍ୟାପ୍ତ ମଧ୍ୟ ହୋଇଯାଏ; ଏହି ଜ୍ୟୋତି ମୁଖ୍ୟତଃ ଆମ ଭିତରେ ଓ ଚତୁର୍ଦ୍ଦିଗରେ ବିଦ୍ୟମାନ ରହିଥିବା ଆତ୍ମାର ସତ୍ତାଗତ ବାସ୍ତବରୂପ-ଗୁଡ଼ିକୁ ଆମ ସମ୍ମୁଖରେ ଉପସ୍ଥିତ କରିଦିଏ । ତା'ପରେ ଅଧିମାନସ ଜ୍ଞାନର ଏକ ଉଚ୍ଚତର ସତ୍ୟାର୍ଥଦ୍ୟୋତକ ଜ୍ୟୋତି ପ୍ରକଟ ହୋଇଆସେ, ଅଥବା ଏପରି ଏକ ବୃହତ୍ତର ସୋପାନ ପ୍ରକଟ ହୋଇଆସେ, ଯାହାକି ବାସ୍ତବରୂପଗୁଡ଼ିକ ଉପରେ ଅପେକ୍ଷାକୃତ କମ୍ ଆଗ୍ରହ ରଖିଥାଏ; ଏବଂ ତାହା କାଳରେ, ଦେଶରେ ତଥା ସେଗୁଡ଼ିକୁ ଅତିକ୍ରମ କରି ମଧ୍ୟ ଆହୁରି ଅଧିକ ବୃହତ୍ କେତେକେତେ ଶକ୍ତିସମ୍ଭାବନାକୁ ଉନ୍ମୋଚିତ କରିଦିଏ । ଏବଂ ସର୍ବଶେଷରେ ତଦାତ୍ମକତାର ଏକ ଉଚ୍ଚତମ ଜ୍ଞାନ ଉପଲବ୍ଧ ହୋଇଆସେ, ଯାହାକି ସେହି ପରମେଶ୍ୱରଙ୍କରିହିଁ ଅସଲ ଆତ୍ମ-ସଂବିତ୍‌ସମ୍ପନ୍ନତା ଏବଂ ସର୍ବଜ୍ଞତା ଓ ସର୍ବଶକ୍ତିମତ୍ତାରେ ଯାଇ ପହଞ୍ଚି ପାରିବା ଲାଗି ପ୍ରବେଶଦ୍ୱାରରୂପେ କାର୍ଯ୍ୟ କରିଥାଏ ।

ତଥାପି ଏପରି ଆଦୌ ଅନୁମାନ କରିବା ଉଚିତ ନୁହେଁ ଯେ ତଳ ଉପର ହୋଇ ଅବସ୍ଥିତ ହୋଇ ରହିଥିବା ଏହି ସ୍ତରଗୁଡ଼ିକ ଆମର ଅନୁଭୂତି ମଧ୍ୟରେ ପରସ୍ପର ଲାଗି ବନ୍ଦ ହୋଇ ରହିଛି । ବୁଦ୍ଧି ଦ୍ୱାରା ପ୍ରସ୍ତୁତ ଏକ ଉପସ୍ଥାପନା ମଧ୍ୟରେ ଆମେ ବିଷୟଟିକୁ ଯେପରି ଅଧିକ ଭଲ ଭାବରେ ବୁଝିପାରିବା, ସେଥିଲାଗି ମୁଁ ତାକୁ ଆରୋହଧର୍ମୀ ବିକାଶର ଏକପ୍ରକାର ଏକ ନିୟମବଦ୍ଧ କ୍ରମରେ ପ୍ରସ୍ତୁତ କରି ରଖିଦେଇଛି । ମାତ୍ର ଏପରିକି ଯେକୌଣସି ସାଧାରଣ ବ୍ୟକ୍ତିର ମନରେ ମଧ୍ୟ ଅନନ୍ତ ଆପଣାର ଆବରଣଗୁଡ଼ିକୁ ଚିରି ଆପେ ବାହାରିକି ବାହାରିଆସେ ଏବଂ ଆପଣାରିହିଁ ଅବରୋହଣ ତଥା ଆରୋହଣର ବିଭାଜକ ରେଖାଗୁଡ଼ିକୁ ପାରି ହୋଇ ବାହାରିଆସେ ଏବଂ କୌଣସି ନା କୌଣସି ପ୍ରକାରରେ ଆପଣାର ସ୍ୱରୂପଟି ଆଡ଼କୁ ଇଙ୍ଗିତ କରିଦିଏ । ଏବଂ ଆମେ ତଥାପି ସେହି ସଂବୋଧି-ମନର ସ୍ତରଟିରେ ରହିଥିଲେ ମଧ୍ୟ ଊର୍ଦ୍ଧ୍ୱସ୍ଥ ବସ୍ତୁଗୁଡ଼ିକ ଖୋଲିଯିବାରେ ଲାଗିଥାନ୍ତି ଓ ଅନିୟମିତ ଭାବରେ ଆମ ପାଖକୁ ଆସିବାରେ ଲାଗିଥାନ୍ତି, ଏବଂ ତା'ପରେ ଆମର ଅଧିକ ବିକାଶ ହେବା ସଙ୍ଗେସଙ୍ଗେ ତାହାରି ଉପରେ ଏକ ଅଧିକ ସତତ ଏବଂ ନିୟମବଦ୍ଧ ଏକ ଆପଣାର କାର୍ଯ୍ୟ କରିବାରେ ଲାଗିଥାନ୍ତି । ଆମେ ଅଧିମାନସ ସ୍ତରଟି ମଧ୍ୟରେ ପ୍ରବେଶ କରିବା ପରେ ଏହି ସଙ୍କେତଗୁଡ଼ିକ ଆହୁରି ଅଧିକ ବୃହତ୍ ହୋଇଯାନ୍ତି ଓ ଆହୁରି ଅଧିକ ପୁନଃପୁନଃ ଭାବରେ ଉପଲବ୍ଧ ହୁଅନ୍ତି । ବିଶ୍ୱଗତ ଏବଂ ଅନନ୍ତ ଚେତନା ସର୍ବଦାହିଁ ମନକୁ ଆସି ଅଧିକାର କରିନେଇ ପାରେ ଏବଂ ତାହାକୁ ଚତୁର୍ଦ୍ଦିଗରୁ ବେଷ୍ଟନ କରି ରହିପାରେ; ଏବଂ ଯେତେବେଳେ ତାହା ଏକ ବିଶେଷ ସୀମା ପର୍ଯ୍ୟନ୍ତ ସତତ ଭାବରେ, ବାରଂବାର ତଥା ଦୃଢ଼ତା ସହିତ ଏପରି କରିବାକୁ ସମର୍ଥ ହୁଏ,

'oaob.nitrkl.ac.in' images reprocessed

ସେତେବେଳେ ମନ ଅତ୍ୟନ୍ତ ସହଜ ଭାବରେ ଆପଣାକୁ ସମ୍ବୋଧି-ମନରେ ରୂପାନ୍ତରିତ କରିଦେଇ ପାରେ ଏବଂ ଏହି ସମ୍ବୋଧି-ମନ ମଧ୍ୟ ଆପଣାକୁ ବଡ଼ ସହଜରେ ଅତିମାନସ ଗତିସ୍ପନ୍ଦନରେ ରୂପାନ୍ତରିତ କରି ଦେଇପାରେ । କେବଳ ଉପରକୁ ଉଠି ଯାଉଥିବା ସଙ୍ଗେସଙ୍ଗେହିଁ ଆମେ ସେହି ଅନନ୍ତ ଚେତନା ମଧ୍ୟକୁ ଅଧିକ ଅନ୍ତରଙ୍ଗ ଏବଂ ସମଗ୍ର ଭାବରେ ବିକଶିତ ହୋଇଯାଉ ଏବଂ ସେହି ଚେତନାହିଁ କ୍ରମେ ଅଧିକ ପୂର୍ଣ୍ଣ ଭାବରେ ଆମର ନିଜ ଆତ୍ମସତ୍ତା ତଥା ପ୍ରକୃତିରେ ପରିଣତ ହୋଇଯିବାକୁ ଲାଗେ । ପୁଣି, ଅନ୍ୟ ଦିଗରେ, ଏପରି ବି ମନେ ହୋଇପାରେ ଯେ ସତ୍ତାର ନିମ୍ନ ସ୍ତରଟି ସେତେ-ବେଳେ ଆମର ଉପଲବ୍ଧ ଭୂମିଟିର ତୁଳନାରେ କେବଳ ଏକ ନିମ୍ନତର ଭୂମି ନୁହେଁ, ମାତ୍ର ସମ୍ପୂର୍ଣ୍ଣ ବିଜାତୀୟ ଭୂମି ହୋଇ ରହିବ; ମାତ୍ର, ପ୍ରକୃତ କଥା ହେଉଛି ଯେ ଆମେ ଯେତେବେଳେ ଅତିମାନସ ଭୂମିରେ ପହଞ୍ଚି ସେହିଠାରେହିଁ ବାସ କରିବାକୁ ଲାଗୁ ଏବଂ ଯେତେବେଳେ ଆମର ସମସ୍ତ ପ୍ରକୃତି ତାହାର ଛାଞ୍ଚ ଭିତରେହିଁ ଢଳା ହୋଇଯାଏ, ସେତେବେଳେ ମଧ୍ୟ ଆମେ ଯେ ସାଧାରଣ ପ୍ରକୃତି ମଧ୍ୟରେ ରହୁଥିବା ଅନ୍ୟ ବ୍ୟକ୍ତିମାନଙ୍କର ଜ୍ଞାନ ଏବଂ ଅନୁଭୂତିରୁ ବିଚ୍ଛିନ୍ନ ହୋଇପଡ଼ୁ, ସେକଥା ଆଦୌ ନୁହେଁ । ଯେଉଁମାନେ ନିମ୍ନତର ଭୂମିରେ ଅଛନ୍ତି, ଅର୍ଥାତ୍ ଅଧିକ ସୀମାବଦ୍ଧ ହୋଇ ରହିଛନ୍ତି, ସେମାନଙ୍କ ପକ୍ଷରେ ଉଚ୍ଚତର ଭୂମିରେ ବିଚରଣ କରୁଥିବା ବ୍ୟକ୍ତିମାନଙ୍କୁ ବୁଝିବା ଏବଂ ଯଥାର୍ଥଭାବେ ଅନୁଭବ କରିପାରିବା ନିଶ୍ଚିତ ଏକ କଷ୍ଟକର ବ୍ୟାପାର ହୋଇପାରେ; ମାତ୍ର ଯିଏ ଉଚ୍ଚତର ଭୂମିରେ ଅଛି ଅର୍ଥାତ୍ କମ ସୀମାବଦ୍ଧ ହୋଇ ରହିଛି, ସେ ଇଚ୍ଛା କଲେ ନିମ୍ନତର ପ୍ରକୃତିକୁ ସର୍ବଦା ଅବଶ୍ୟ ବୁଝିପାରିବ ଏବଂ ତାହା ସହିତ ଆପଣାକୁ ଏକାତ୍ମକ ମଧ୍ୟ କରିଦେଇ ପାରିବ । ସ୍ୱୟଂ ପରମେଶ୍ୱର ମଧ୍ୟ ଆମଠାରୁ ଅଲଗ ଅଥବା ବିଚ୍ଛିନ୍ନ ହୋଇ କଦାପି ରହି ନାହାନ୍ତି; ସେ ସମସ୍ତଙ୍କୁ ଜାଣୁଛନ୍ତି, ସମସ୍ତଙ୍କ ମଧ୍ୟରେ ଅଛନ୍ତି ଏବଂ ସମସ୍ତଙ୍କ ସହିତ ଆପଣାକୁ ଏକାତ୍ମକ କରି ପାରୁଛନ୍ତି, ଏବଂ ତଥାପି ପ୍ରତିକ୍ରିୟାଗୁଡ଼ିକର ଆଦୌ ଅଧୀନ ହୋଇପଡ଼ୁ ନାହାନ୍ତି; ବିଶ୍ୱଜଗତରେ ଅବସ୍ଥିତ ମନ, ପ୍ରାଣ ତଥା ଭୌତିକ ସତ୍ତାର ସୀମାଗୁଡ଼ିକ ହେତୁ ଆପଣା ଜ୍ଞାନ, ସାମର୍ଥ୍ୟ ତଥା ଆନନ୍ଦର ଭୂମିରେ କୌଣସିଭାବରେ ସୀମାବଦ୍ଧ ହୋଇଯାଉ ନାହାନ୍ତି ।

## ଦ୍ୱାବିଂଶ ପରିଚ୍ଛେଦ

# ଅତିମାନସ ଭାବନା ଓ ଜ୍ଞାନ

ମନୋମୟ ସ୍ତରରୁ ଅତିମାନସ ମଧ୍ୟକୁ ଏହି ଅତିକ୍ରମଣ କେବଳ ଭାବନା ଏବଂ ଜ୍ଞାନର ପୁରାତନ ସାଧନଟି ସ୍ଥାନରେ ଏକ ବୃହତ୍ତର ସାଧନର ପ୍ରତିଷ୍ଠା କରାଇବାକୁ ବୁଝାଏ ନାହିଁ, ମାତ୍ର ଆମ ସମୁଦାୟ ଚେତନାଟିରହିଁ ଏକ ପରିବର୍ତ୍ତନକୁ ବୁଝାଏ, ଏକ ନୂତନ ଦୀକ୍ଷାଗ୍ରହଣକୁ ବୁଝାଏ । ଏହି କ୍ଷେତ୍ରରେ କେବଳ ଏକ ଅତିମାନସ ଭାବନାରହିଁ ବିକାଶ ହୁଏ ନାହିଁ, ମାତ୍ର ଏକ ଅତିମାନସ ଇଚ୍ଛା, ବୋଧ ତଥା ଅନୁଭୂତିର ମଧ୍ୟ ବିକାଶ ହୋଇଥାଏ; ବର୍ତ୍ତମାନ ଏହି ମନ ଦ୍ୱାରାହିଁ ଯେତେ ଯାହା କ୍ରିୟାତ୍ମକତା ସମ୍ପନ୍ନ ହେଉଛି, ସେଗୁଡ଼ିକର କ୍ଷେତ୍ରରେ ସ୍ଥାନାପନ୍ନ ଭାବରେ ଅତିମାନସରହିଁ ପ୍ରତିଷ୍ଠା ହୁଏ । ପ୍ରଥମ ପର୍ଯ୍ୟାୟଟିରେ ଏହିସବୁ କ୍ରିୟାତ୍ମକତା ମନର ଭୂମି ଉପରେହିଁ ଏକ ଉଚ୍ଚତର ସାମର୍ଥ୍ୟର ନାନା ଅବତରଣ, ଆକ୍ରମଣ, ସନ୍ଦେଶ ବା ଆତ୍ମ-ଉଦ୍‌ଘାଟନରୂପେ ପ୍ରକଟ ହୋଇଥାଏ । ଅଧିକାଂଶ ସ୍ଥଳରେ ସେଗୁଡ଼ିକ ମନର ସାଧାରଣତମ କ୍ରିୟା ସହିତ ମିଶ୍ରିତ ହୋଇ ରହିଥାଆନ୍ତି, ଏବଂ କେବଳ ସେଗୁଡ଼ିକର ଉଚ୍ଚତର ଆଲୋକ, ସାମର୍ଥ୍ୟ ଏବଂ ଆନନ୍ଦ ବ୍ୟତୀତ ଆମର ପ୍ରଥମ ଅନୁଭୂତିରେ ସେଗୁଡ଼ିକଠାରୁ ଆଦୌ ଅଲଗା କରି ବାରି ହୁଅନ୍ତି ନାହିଁ । ପୁଣି, ଯେତେବେଳେ ମନ ସେଗୁଡ଼ିକର ପୁନଃପୁନଃ ଆବିର୍ଭାବ ଫଳରେ ଆପଣାର ସ୍ୱକୀୟ କ୍ରିୟାଟିକୁ ପୂର୍ବାପେକ୍ଷା ଅଧିକ ପ୍ରଖର କରିଦେବାକୁ ଲାଗେ ଏବଂ ଅତିମାନସ କ୍ରିୟାର ବାହ୍ୟ ସ୍ୱଭାବଗୁଡ଼ିକୁ ଅନୁକରଣ କରିବାକୁ ଆରମ୍ଭ କରେ, ସେତେବେଳେ ଏଗୁଡ଼ିକୁ ମାନସିକ କ୍ରିୟାରୁ ପୃଥକ୍ କରି ଦେଖିବା ଆହୁରି ଅଧିକ କଷ୍ଟକର ହୋଇପଡ଼େ । ସେତେବେଳେ ମନର ଆପଣା କ୍ରିୟାଟି ଦ୍ରୁତତର ହୋଇଯାଏ, ଅଧିକ ପ୍ରକାଶଯୁକ୍ତ ହୁଏ, ବଳଶାଳୀ ଏବଂ ଭାବାତ୍ମକ ହୋଇଯାଏ; ଏବଂ ଏପରି ଏକ ପ୍ରକାରର ଅନୁକରଣଧର୍ମୀ ସଂବୋଧି ମଧ୍ୟ ଅର୍ଜନ କରିନିଏ, ଯାହାକି ପ୍ରାୟ ମିଥ୍ୟାହିଁ ହୋଇଥାଏ, ସ୍ୱୟଂ ସେହି ଜ୍ୟୋତିର୍ମୟ, ଅପରୋକ୍ଷ ଏବଂ ସ୍ୱୟମ୍ଭୂ ସତ୍ୟରେ ପରିଣତ ହେବାକୁ ଚେଷ୍ଟା କରୁଥାଏ ମାତ୍ର ବାସ୍ତବତଃ ତାହା କଦାପି ହୋଇପାରେ ନାହିଁ । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ

'oaob.nitrkl.ac.in' images reprocessed

ସଂବୋଧିଗତ ଅନୁଭୂତି, ଇଚ୍ଛା, ଅନୁଭୂତି ଏବଂ ବୋଧର ଏକ ଅନେକାଂଶ ମନ ରୂପାୟିତ ହୋଇଆସେ, ଯାହା ମଧ୍ୟରୁ କ୍ଷୁଦ୍ରତର ମନ ତଥା ଅନୁକରଣାତ୍ମକ ସଂବୋଧିର ମିଶ୍ରଣଟିକୁ କ୍ରମଶଃ ଅଧିକରୁ ଅଧିକ ପରିମାଣରେ ବାହାରକୁ ବାହାର କରି ଦିଆଯାଏ । ଏହି ପ୍ରକ୍ରିୟାଟି ହେଉଛି ଶୁଦ୍ଧିର ପ୍ରକ୍ରିୟା, ଏବଂ ସେହି ରୂପାନ୍ତର ଅର୍ଥାତ୍ ସିଦ୍ଧି ଲାଗି ଏହାର ନିତାନ୍ତ ଆବଶ୍ୟକତା ରହିଛି । ଯୁଗପତ୍ ଭାବରେ ମନର ଊର୍ଦ୍ଧ୍ୱଦେଶରେ ସଂବୋଧିଗତ କ୍ରିୟାର ମୂଳ ଉତ୍ସଟି ମଧ୍ୟ ଉଦ୍‌ଘାଟିତ ହୋଇଯିବାକୁ ଲାଗେ ଏବଂ ଏକ ଯଥାର୍ଥ ଅତିମାନସ ଚେତନା ଅଧିକରୁ ଅଧିକ ସଂଗଠିତ ଭାବରେ କାର୍ଯ୍ୟ କରିବାକୁ ଆରମ୍ଭ କରେ; ସେତେବେଳେ ତାହା ମନର ଭୂମିରେ କାର୍ଯ୍ୟ କରେ ନାହିଁ, ମାତ୍ର ଆପଣାର ସ୍ୱକୀୟ ଉଚ୍ଚତର ଭୂମିଟିରେ ରହିହିଁ କାର୍ଯ୍ୟ କରୁଥାଏ । ଏହି ଅତିମାନସ ଚେତନା ଆପଣାର ପ୍ରତିନିଧିରୂପେ ସୃଷ୍ଟି କରିଥିବା ସଂବୋଧିପ୍ରେରିତ ମନୋଭୂମିଟିକୁ ଶେଷରେ ଆପଣା ମଧ୍ୟକୁ ଗ୍ରହଣ କରିନିଏ ଏବଂ ଚେତନାର ଯାବତୀୟ କ୍ରିୟାତ୍ମକତାର ଦାୟିତ୍ୱଟି ମଧ୍ୟ ଗ୍ରହଣ କରିନିଏ । ଏହି ପ୍ରକ୍ରିୟାଟି ଏକ ସୋପାନ-କ୍ରମରେହିଁ ଆଗକୁ ଯାଉଥାଏ; ଏବଂ ଅନେକ ସମୟ ପର୍ଯ୍ୟନ୍ତ କ୍ଷୁଦ୍ରତର କ୍ରିୟାର ମିଶ୍ରଣଟି ହେତୁ ବହୁ ବାଧାବିଘ୍ନ ହୋଇ ପଡ଼ୁଥାଏ ଏବଂ ନିମ୍ନତର ଗତିସ୍ପନ୍ଦନଗୁଡ଼ିକରେ ଆବଶ୍ୟକ ସଂଶୋଧନ ଏବଂ ରୂପାନ୍ତର ଆଣିବା ଲାଗି ସେଗୁଡ଼ିକ ଆଡ଼କୁ ଫେରି ଆସିବାର ମଧ୍ୟ ଆବଶ୍ୟକତାଟି ରହୁଥାଏ । ବେଳେବେଳେ ଉଚ୍ଚତର ତଥା ନିମ୍ନତର ସାମର୍ଥ୍ୟ ସତେଅବା ପାଳି କରିକରି ପର ଗୋଟିକ ପରେ ଗୋଟିଏ ହୋଇ କାର୍ଯ୍ୟ କରୁଥାନ୍ତି;—ଚେତନା ଆପଣାର ଉପଲବ୍ଧ ଶିଖରଗୁଡ଼ିକରୁ ପୁଣି ବାରବାର ଆପଣାର ପୂର୍ବତନ ସ୍ତରଟିକୁ ଓହ୍ଲାଇ ଆସୁଥାଏ, ମାତ୍ର ସର୍ବଦା କେତେକ ନୂତନ ପରିବର୍ତ୍ତନକୁ ସାଙ୍ଗରେ ଧରିହିଁ ଓହ୍ଲାଇଆସେ,—ମାତ୍ର ବେଳେବେଳେ ଦୁଇଟିଯାକ ପରସ୍ପର ସହିତ ମିଳିତ ହୋଇ ସତେଅବା ଏକପ୍ରକାରର ପାରସ୍ପରିକ ବୁଝାମଣା ଦ୍ୱାରା କାର୍ଯ୍ୟ କରୁଥାନ୍ତି । ପରିଶେଷରେ ମନ ସମ୍ପୂର୍ଣ୍ଣ ଭାବରେ ସଂବୋଧିମୟ ହୋଇଯାଏ ଏବଂ ଅତିମାନସ କ୍ରିୟାଟି ଲାଗି କେବଳ ଏକ ନିଷ୍କ୍ରିୟ ମାର୍ଗ ମାତ୍ର ହୋଇ ରହେ; ମାତ୍ର ଏହି ଅବସ୍ଥାଟିକୁ ମଧ୍ୟ ଆମେ କଦାପି ଆଦର୍ଶ ଅବସ୍ଥା ବୋଲି କହିବା ନାହିଁ ଏବଂ ତାହା ଆଉ ଏକ ବିଶେଷ ବାଧାକୁ ଆଣି ଆମ ଆଗରେ ହାବୁଡ଼େଇ ମଧ୍ୟ ଦେଇଥାଏ, କାରଣ ଉଚ୍ଚତର କ୍ରିୟାଟିକୁ ତଥାପି ଏକ ବାହ୍ୟ ଉପାଦାନ ରହିଥିବା ଏବଂ ଶକ୍ତି କ୍ଷୀଣ କରି ଦେଉଥିବା ଚେତନ ଉପାଦାନ ମଧ୍ୟଦେଇ ଯିବାକୁ ପଡୁଥାଏ, ଅର୍ଥାତ୍ ଭୌତିକ ଚେତନାର ଉପାଦାନଟିର ମଧ୍ୟଦେଇ ଯିବାକୁ ପଡ଼େ । ସେତେବେଳେ ଅତିମାନସହିଁ ସମୁଦାୟ ସତ୍ତାଟିକୁ ଅଧିକାର କରିନେବ ଏବଂ ତାହାକୁ ଅତିମାନସ ଭାବ ଦ୍ୱାରାହିଁ ସଞ୍ଚାଳିତ କରି ରଖିବ, ସେତେବେଳେ ତାହା ଏପରିକି ପ୍ରାଣମୟ ତଥା ଅନ୍ନମୟ କୋଷଗୁଡ଼ିକୁ ମଧ୍ୟ ଆପଣାର ଛାଞ୍ଚଗୁଡ଼ିକ ମଧ୍ୟରେହିଁ ଆଣି ଗଢ଼ାଇଦେବ ଏବଂ ସେଗୁଡ଼ିକୁ

'oaob.nitrkl.ac.in' images reprocessed

ପ୍ରତିସ୍ପନ୍ଦନସମର୍ଥ କରି ରଖିବ, ସୃଷ୍ଟି କରିଥିବ ଓ ଆପଣାର ସାମର୍ଥ୍ୟଗୁଡ଼ିକ ଦ୍ୱାରା ପରିପୂରିତ କରିଦେବ, ସେତେବେଳେ ଯାଇ ଅଭିଳଷିତ ପରିବର୍ତ୍ତନର ପ୍ରଥମ ପର୍ଯ୍ୟାପ୍ତି ଆସି ପହଞ୍ଚିବ । ମାନବ ସେତେବେଳେ ସମ୍ପୂର୍ଣ୍ଣ ଭାବରେ ଅତିମାନବ ହୋଇଯିବ । ଆମେ ଅନ୍ତତଃ ଏହାକୁହିଁ ରୂପାନ୍ତରର ସ୍ୱାଭାବିକ ଏବଂ ସମ୍ପୂର୍ଣ୍ଣ ପ୍ରତିଷ୍ଠାପ୍ତି ବୋଲି କହିପାରିବା ।

ଏଠାରେ ଅତିମାନସର ସମ୍ପୂର୍ଣ୍ଣ ସ୍ୱଭାବଟି ବିଷୟରେ ଏକ ଯଥୋପଯୁକ୍ତ ଆଲୋଚନା ଭଳି କିଛି କରିବସିଲେ ତାହା ଆମର ବର୍ତ୍ତମାନ ସୀମାଟିକୁ ଡେଇଁ ଏକାବେଳକେ ବାହାରକୁ ଚାଲିଯିବା ପରିହିଁ ହେବ । ଏବଂ ଏକ ସମ୍ପୂର୍ଣ୍ଣ ଉପସ୍ଥାପନା ମଧ୍ୟ କଦାପି ସମ୍ଭବ ହେବ ନାହିଁ, କାରଣ ଅତିମାନସ ଆପଣା ଭିତରେ ଅନନ୍ତର ଏକତ୍ୱଟି ପରି ତାହାର ବିଶାଳତ୍ୱ ତଥା ଅନେକବିଧତ୍ୱକୁ ମଧ୍ୟ ବହନ କରି ରହିଛି । ତେଣୁ, ଯୋଗସାଧନାରେ ରୂପାନ୍ତରର ପ୍ରକୃତ ପ୍ରତିଷ୍ଠାପ୍ତିର ଦୃଷ୍ଟିରୁ ଅତିମାନସର କେବଳ କେତୋଟି ପ୍ରଧାନ ଲକ୍ଷଣ ବିଷୟରେହିଁ ବର୍ତ୍ତମାନ ଆଲୋଚନା କରାଯାଇ ପାରିବ; ମନର କାର୍ଯ୍ୟଟି ସହିତ ତାହାର ସମ୍ବନ୍ଧ ତଥା ରୂପାନ୍ତରର କେତୋଟି ସଙ୍ଘଟନର ସିଦ୍ଧାନ୍ତକୁ ମଧ୍ୟ ପ୍ରତିପାଦିତ କରାଯାଇ ପାରିବ । ମନର ଯାବତୀୟ କ୍ରିୟା ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ଅତିମାନସରୁହିଁ ନିଷ୍ପନ୍ନ ହୋଇ ଆସୁଛି,—ଏହାକୁହିଁ ଆମେ ଏହି କ୍ଷେତ୍ରରେ ମୌଳିକ ସମ୍ବନ୍ଧଟି ବୋଲି ଜାଣିବା; ଅବଶ୍ୟ ଏକଥା ସତ ଯେ ଆମେ ଆମ ଭିତରର ଆତ୍ମସତ୍ତାଟିର ପରିଚୟ ନପାଇବା ପର୍ଯ୍ୟନ୍ତ ଏକଥାଟିକୁ କଦାପି ଜାଣିପାରିବା ନାହିଁ । ସେହି ଅତିମାନସରୁହିଁ ମନ ସତ୍ୟ ତଥା ମୂଲ୍ୟ ବୋଲି ତା' ପାଖରେ ଯାହାକିଛି ରହିଛି, ତାହାକୁ ପ୍ରାପ୍ତ ହେବାରେ ଲାଗିଛି । ଆମର ଯାବତୀୟ ଭାବନା, ସଂକଳ୍ପ, ଅନୁଭୂତି ଏବଂ ଇନ୍ଦ୍ରିୟବୋଧ ମଧ୍ୟରେ, ସେଗୁଡ଼ିକର ଆପଣା ଭିତରେ ବା ସେଗୁଡ଼ିକର ମୂଳରେ ସତ୍ୟର ଏପରି ଏକ ଉପାଦାନ ଅବସ୍ଥିତ ରହିଥାଏ, ଯାହାକି ସେଗୁଡ଼ିକୁ ଜନ୍ମ ଦେଇଥାଏ ଓ ସେଗୁଡ଼ିକୁ ଧାରଣ କରି ରହିଥାଏ; ସେଗୁଡ଼ିକ ବାସ୍ତବ କ୍ଷେତ୍ରରେ ନ୍ୟୁନାଧିକ ଯେତେ ବିକାରମୟ ଓ ମିଥ୍ୟାଯୁକ୍ତ ହୋଇଥିଲେହେଁ ସେଗୁଡ଼ିକୁ ଜନ୍ମ ଦେଇଥାଏ ଏବଂ ଧାରଣ କରି ରହିଥାଏ । ଏବଂ ସେଗୁଡ଼ିକର ପଛରେ ମଧ୍ୟ ଏପରି ଏକ ବୃହତ୍ତର ତଥା ଅନୁପଲବ୍ଧ ସତ୍ୟ ରହିଥାଏ, ଯାହାକି, ଯଦି ସେଗୁଡ଼ିକ ତାହାକୁ ଉପଲବ୍ଧି କରିବାକୁ ସମର୍ଥ ହୋଇ ଯାଆନ୍ତେ, ସେଗୁଡ଼ିକୁ ଅଚିରେ ଏକତ୍ରିତ, ସୌଷମ୍ୟଯୁକ୍ତ ଏବଂ ଅନ୍ତତଃ ଆପେକ୍ଷିକ ଭାବରେ ସମ୍ପୂର୍ଣ୍ଣ କରିଦେଇ ପାରନ୍ତା । ଅବଶ୍ୟ ବାସ୍ତବ କଥାଟି ହେଉଛି ଯେ ସେଗୁଡ଼ିକ ପାଖରେ ବର୍ତ୍ତମାନ ଯେଉଁ ସତ୍ୟ ରହିଛି, ତାହା ଆପଣାର ବ୍ୟାପ୍ତିପରିସରରେ ଅତ୍ୟନ୍ତ କ୍ଷୀଣ ହୋଇ ରହିଛି, ଏକ ନିମ୍ନତର ଗତିସ୍ପନ୍ଦନରୂପେ ପତିତ ହୋଇ ରହିଛି, କେତେ ପ୍ରକାର ଖଣ୍ଡ ମଧ୍ୟରେ ବିଭକ୍ତ ଓ ତେଣୁ ମିଥ୍ୟାଗ୍ରସ୍ତ ହୋଇ ରହିଛି, ଅସମ୍ପୂର୍ଣ୍ଣତା ଦ୍ୱାରା

'oaob.nitrkl.ac.in' images reprocessed

ନିର୍ଭର ହୋଇ ରହିଛି, ବିକୃତ ଦ୍ୱାରା ବିପନ୍ନ ହୋଇ ରହିଛି । ମନୋଗତ ଜ୍ଞାନ ଏକ ସମ୍ପୂର୍ଣ୍ଣ ଜ୍ଞାନ ନୁହେଁ, ତାହା ସର୍ବଦା ଏକ ଆଂଶିକ ଜ୍ଞାନ ହୋଇହିଁ ରହିଛି । ମନୋଲବ୍ଧ ଜ୍ଞାନ ଟିକିନିଖି ସହିତ ଆହୁରି କେତେ ଟିକିନିଖିକୁ ଆଣି ଯୋଡ଼ିବାରେ ଲାଗିଥାଏ, ମାତ୍ର ସେଗୁଡ଼ିକୁ ଯଥାର୍ଥ ଭାବରେ ଯୋଡ଼ି ପାରିବାରେ ଏକ ଅସୁବିଧାର ସମ୍ମୁଖୀନ ବି ହୁଏ; ଏହାର ତଥାକଥିତ ପୂର୍ଣ୍ଣୀକୃତଗୁଡ଼ିକ ମଧ୍ୟ ପ୍ରକୃତରେ ପୂର୍ଣ୍ଣୀକୃତ ହୋଇ ନଥାନ୍ତି, ସେଗୁଡ଼ିକ କେବଳ କେତେଗୁଡ଼ିଏ ଅପୂର୍ଣ୍ଣ ସମଷ୍ଟିମାତ୍ର ହୋଇ ରହିଥାନ୍ତି, ଯାହାକୁ କି ମନ ସତ୍ୟତର ଏବଂ ସମ୍ପୂର୍ଣ୍ଣତର ଜ୍ଞାନର ସ୍ଥାନାପନ୍ନ ଭାବରେ ପ୍ରତିଷ୍ଠିତ କରି ରଖାଇବାର ପ୍ରବୃତ୍ତି ଦେଖାଇଥାଏ । ଏପରିକି କୌଣସି ପ୍ରକାରର ଏକ ସମ୍ପୂର୍ଣ୍ଣ ଜ୍ଞାନରେ ଆସି ପହଞ୍ଚିଯାଇ ପାରୁଥିଲେ ମଧ୍ୟ ତଥାପି ତାହା ଖଣ୍ଡଗୁଡ଼ିକୁ ଏକପ୍ରକାର ଏକତ୍ର କରିଆଣି, ମନ ଏବଂ ବୁଦ୍ଧିର ସାହାଯ୍ୟରେ ସେଗୁଡ଼ିକୁ କ୍ରମବଦ୍ଧ କରି ରଖି ଅର୍ଥାତ୍ ଏକପ୍ରକାର କୃତ୍ରିମ ଏକତା ଦ୍ୱାରାହିଁ ଆସି ସେହି ସମ୍ପୂର୍ଣ୍ଣ ଜ୍ଞାନରେ ପହଞ୍ଚିଥାଏ, କୌଣସି ଅସଲ ଓ ପ୍ରକୃତ ଏକତା ଦ୍ୱାରା ସେହି ଜ୍ଞାନରେ ଆସି କେବେହେଲେ ପହଞ୍ଚି ନଥାଏ । ଯଦି ସେତିକିମାତ୍ର ସବୁ କଥା ହୋଇଥାନ୍ତା, ତେବେ ହୁଏତ ଏକଥା ମଧ୍ୟ କଳ୍ପନା କରାଯାଇ ପାରୁଥାନ୍ତା ଯେ ମନ ସମ୍ପୂର୍ଣ୍ଣ ଜ୍ଞାନର କୌଣସି ଏକ ପ୍ରକାରର ଏକ ଅର୍ଦ୍ଧପ୍ରତିବିମ୍ବ ତଥା ଅର୍ଦ୍ଧଅନୁବାଦରେହିଁ ଆସି ପହଞ୍ଚି ପାରିବ, ମାତ୍ର ସେଥିରେ ଏହି ଗୋଟିଏ ମୌଳିକ ଦୋଷ ରହିଯିବ ଯେ ସେହି ପ୍ରତିବିମ୍ବ ବା ଅନୁବାଦ କଦାପି ଯଥାର୍ଥ ବସ୍ତୁଟି ହୋଇପାରିବ ନାହିଁ, ମାତ୍ର, ଆପଣାର ସର୍ବୋତ୍ତମ ଅବସ୍ଥାରେ ମଧ୍ୟ, ତାହା କେବଳ ଏକ ବୁଦ୍ଧିରୁ ଉତ୍ପନ୍ନ ହୋଇଥିବା ପ୍ରତିରୂପମାତ୍ର ହୋଇ ରହିବ । ମନୋଲବ୍ଧ ସତ୍ୟ ସର୍ବଦା ଏକ ବୌଦ୍ଧିକ, ସଂବେଗଗତ ଏବଂ ସାଂବେଦନିକ ପ୍ରତିରୂପ ହୋଇହିଁ ରହିବ; କଦାପି ପ୍ରତ୍ୟକ୍ଷ ସତ୍ୟଟି ହୋଇପାରିବ ନାହିଁ, ଆପଣାର ଶରୀର ତଥା ଯଥାର୍ଥ ତତ୍ତ୍ୱରୂପେ ବିଦ୍ୟମାନ ସାକ୍ଷାତ୍ ସତ୍ୟରେ କଦାପି ପରିଣତ ହୋଇପାରିବ ନାହିଁ ।

ମନ ବର୍ତ୍ତମାନ ଯାହାକିଛି କରୁଛି, ଅତିମାନସ ସେଗୁଡ଼ିକୁ ସବୁଯାକକୁ କରିପାରିବ; ଟିକିନିଖିଗୁଡ଼ିକୁ ଉପସ୍ଥାପିତ କରିଦେଇ ପାରିବ, ଯୋଡ଼ିଦେଇ ପାରିବ; ଏବଂ ଯାହାକୁ ଆମେ ହୁଏତ ବାସ୍ତବ ବା ଗୌଣ ପୂର୍ଣ୍ଣୀକୃତ ବୋଲି କହିପାରିବା, ଅତିମାନସ ସେଗୁଡ଼ିକୁ ମଧ୍ୟ ନିରୂପିତ ଓ ସଂଯୋଜିତ କରିଦେଇ ପାରିବ; ମାତ୍ର ଯାହାକିଛି କରିବ, ତାହାକୁ ଅନ୍ୟ ଏକ ରୀତିରେ କରିବ ଏବଂ ଅନ୍ୟ ଏକ ଭିତ୍ତି ଉପରେହିଁ କରିବ । ମନ ପରି ତାହା କେବେହେଲେ ସତ୍ୟ ମଧ୍ୟରେ ବିଚ୍ୟୁତ, ମିଥ୍ୟା ସମ୍ପ୍ରସାରଣ ଏବଂ ଆରୋପିତ ଭ୍ରାନ୍ତିର କୌଣସି ଉପାଦାନର ଅବତାରଣା କରାଇବ ନାହିଁ; ମାତ୍ର ଏକ ଆଂଶିକ ଜ୍ଞାନ ପ୍ରଦାନ କଲାବେଳେ ମଧ୍ୟ, ତାହା ତାହାକୁ ଏକ ସ୍ଥିର ଏବଂ ଯଥାର୍ଥ ଆଲୋକ ମଧ୍ୟରେହିଁ ପ୍ରଦାନ କରୁଥିବ ଏବଂ ସେହି କ୍ଷେତ୍ରରେ



'oaob.nitrkl.ac.in' images reprocessed

ଅନ୍ତର୍ନିହିତ ଭାବରେ ହେଉ ଅଥବା ଚେତନା ଲାଗି ଉନ୍ମୁକ୍ତ ରହି ହେଉ, ସର୍ବଦା ସେହି ଅସଲ ସତ୍ୟଟି ପଛେପଛେ ରହିଥିବ, ଯାହା ଉପରେ କି ଯାବତୀୟ ଟିକିନିଖି, ଗୌଣ ସମୁଦାୟ ବା ବିଷୟବସ୍ତୁଗୁଡ଼ିକ ନିର୍ଭର କରି ରହିଥିବ । ଅତିମାନସରେ ମଧ୍ୟ ଉପସ୍ଥାପନାର ଏକ ସାମର୍ଥ୍ୟ ଅବଶ୍ୟ ରହିଛି, ମାତ୍ର ତାହାର ଉପସ୍ଥାପନାଗୁଡ଼ିକୁ ଆମେ କଦାପି ବୁଦ୍ଧିଜାତ ବୋଲି କହିବା ନାହିଁ; ଆପଣାର ସାରମୂଳରେ ସେଗୁଡ଼ିକ ସତ୍ୟାଲୋକର ଶରୀର ତଥା ସାମଗ୍ରୀ ଦ୍ୱାରାହିଁ ପରିପୂର୍ଣ୍ଣ ହୋଇ ରହିଛି, ସେଗୁଡ଼ିକ ଅତିମାନସର ବାହକ ହୋଇ ରହିଛି, ତାହାର ସ୍ଥାନାପନ୍ନ ପରି କାର୍ଯ୍ୟ କରୁଥିବା ପ୍ରତିରୂପ ହୋଇ ରହି ନାହିଁ । ଅତିମାନସ ମଧ୍ୟରେ ଉପସ୍ଥାପନାର ଏହିପରି ଏକ ଅନନ୍ତ ସାମର୍ଥ୍ୟ ରହିଛି; ତାହାକୁ ଆମେ ଏପରି ଏକ ଦିବ୍ୟ ସାମର୍ଥ୍ୟ ବୋଲି କହିପାରିବା, ଆମର ମାନସିକ କ୍ରିୟା ଯାହାର କି ସତେଅବା ଏକ ହୀନ ପ୍ରତିନିଧି ହୋଇ ରହିଛି । ଉପସ୍ଥାପନାସମର୍ଥ ଏହି ଅତିମାନସର ଏକ ନିମ୍ନତର କ୍ରିୟା ରହିଛି, ଯାହାକି, ମୁଁ ଯାହାକୁ ଅତିମାନସ ବୁଦ୍ଧି ବୋଲି କହୁଛି, ତାହାର ମଧ୍ୟରେହିଁ ଉପସ୍ଥିତ ରହିଥାଏ; ତାହା ମନୋମୟ ପ୍ରକୃତିର ନିକଟତମ ହୋଇ ରହିଛି, ଏବଂ ମନୋମୟ କ୍ରିୟାଟିକୁ ସବୁଠାରୁ ଅଧିକ ସହଜରେ ତାହା ମଧ୍ୟକୁ ଗ୍ରହଣ କରି ନିଆଯାଇ ପାରିବ । ଏବଂ ପୂର୍ଣ୍ଣ ଅତିମାନସର ଭୂମିରେ ତାହାର ଏକ ଉଚ୍ଚତର କ୍ରିୟା ମଧ୍ୟ ରହିଛି, ଯାହାକି ପ୍ରତ୍ୟେକ ବସ୍ତୁକୁ କେବଳ ସେହି ଦିବ୍ୟ ଚେତନା ଓ ଆତ୍ମ-ଅସ୍ତିତ୍ୱର ଏକତ୍ୱ ତଥା ଅନନ୍ତତ୍ୱ ମଧ୍ୟରେହିଁ ପ୍ରତ୍ୟକ୍ଷ କରିବାରେ ଲାଗିଛି । ମାତ୍ର ଯେଉଁ ସ୍ତରରେ ରହିଥାଉ ନା କାହିଁକି, ଅତିମାନସ ସବୁବେଳେ ଆପଣାର ସଦ୍‌ଗୁଣତତ୍ତ୍ୱରେ ସେହି ମନୋଗତ କ୍ରିୟାଟି ତୁଳନାରେ ଏକ ଭିନ୍ନ ବସ୍ତୁ ହୋଇ ରହିଛି; ଅପରୋକ୍ଷ, ଆଲୋକମୟ ଏବଂ ସୁରକ୍ଷାଯୁକ୍ତ ହୋଇ ରହିଛି । ଆତ୍ମା ପ୍ରଥମେ ନିର୍ଜ୍ଞାନ ଏବଂ ଅଜ୍ଞାନମୟତା ମଧ୍ୟରେ ଆସି ପଡ଼ିଯାଇଛି, ତା'ପରେ ଆତ୍ମ-ଜ୍ଞାନର ଭୂମିଟିକୁ ପୁନର୍ବାର ଫେରିଯିବା ଲାଗି ଚେଷ୍ଟା କରୁଛି, ମାତ୍ର ତଥାପି ସେହି ନିର୍ଜ୍ଞାନ ତଥା ଅଜ୍ଞାନମୟତାକୁ ଅବଲମ୍ବନ କରିହିଁ ତାହା ସେହି ଚେଷ୍ଟାଟିକୁ କରିବାରେ ଲାଗିଛି; ଏହିପରି ଏକ ଆତ୍ମାର କ୍ରିୟା ହୋଇଥିବାରୁହିଁ ମନର ଯାବତୀୟ ନିମ୍ନତରତାର କାରଣ ହୋଇ ରହିଛି । ମନକୁ ଆମେ ଏପରି ଏକ ଅଜ୍ଞାନ ବୋଲି କହିବା ଯାହାକି ଜ୍ଞାନ ଲାଗି ପ୍ରୟାସ କରିବାରେ ଲାଗିଛି; ଅଥବା ଏପରି ଏକ ଅଜ୍ଞାନ ବୋଲି କହିବା ଯାହାକି କେବଳ ଏକ ଗୌଣ ପ୍ରକାରର ଜ୍ଞାନହିଁ ପ୍ରାପ୍ତ ହୋଇପାରୁଛି । ମନକୁ ଆମେ ଅବିଦ୍ୟାର ଏକ କ୍ରିୟା ବୋଲି କହିବା । ଯେଉଁ ଜ୍ଞାନ ଅନ୍ତର୍ନିହିତ ଓ ଆପେ-ବର୍ତ୍ତମାନ ହୋଇ ରହିଥିଲା, ତାହାକୁ ଉଦ୍‌ଘାଟିତ କରିଦେବା ହେଉଛି ଅତିମାନସ; ଅତିମାନସ ହେଉଛି ବିଦ୍ୟାର କ୍ରିୟା ।

ଏକ ଦ୍ୱିତୀୟ ପାର୍ଥକ୍ୟରୂପେ ଅତିମାନସରେ ଆମେ ଏକ ବୃହତ୍ତର ଏବଂ ସ୍ୱତଃସ୍ଫୂର୍ତ୍ତ ସୌଷମ୍ୟଯୁକ୍ତତା ଏବଂ ଏକତା ଅନୁଭବ କରିଥାଉ । ସକଳ ଚେତନା

'oaob.nitrkl.ac.in' images reprocessed

ବସ୍ତୁତଃ ସେହି ଗୋଟିଏ ଚେତନା, ମାତ୍ର କ୍ରିୟାର ଭୂମିରେ ତାହା ଅନେକ ଗତିସ୍ପନ୍ଦନର ରୂପ ଗ୍ରହଣ କରେ ଏବଂ ଏହି ପ୍ରତ୍ୟେକ ମୌଳିକ ଗତିସ୍ପନ୍ଦନଟିର ଅନେକ ରୂପ ରହିଥାଏ, ଅନେକ ପ୍ରକ୍ରିୟା ରହିଥାଏ । ମନଶ୍ଚେତନାର ରୂପ ଏବଂ ପ୍ରକ୍ରିୟାଗୁଡ଼ିକରେ ଆମେ ମନୋଗତ କେତେକେତେ ଶକ୍ତି ତଥା ଗତିସ୍ପନ୍ଦନର ଆମ ଭିତରେ କେତେ ବ୍ୟାକୁଳତା ଏବଂ ବିକ୍ଷୁବ୍ଧତା ଆଣି ଦେଉଥିବା ବିଭାଜନ ଏବଂ ପାର୍ଥକ୍ୟ ଉପସ୍ଥିତ ରହିଥିବାର ଦେଖିବାକୁ ପାଇଥାଉ, ଯେଉଁଥିରେ କି ଚେତନାଯୁକ୍ତ ମନର ସେହି ମୂଳଭୂତ ଏକତାଟି ହୁଏତ ଆଦୌ ଦୃଷ୍ଟିଗୋଚର ହୁଏ ନାହିଁ ଅଥବା କେବଳ ବିଚ୍ଛିନ୍ନ ରୂପରେହିଁ ଦୃଷ୍ଟିଗୋଚର ହୋଇଥାଏ । ଆପଣାର ମନୋମୟ ଭୂମିରେ ଆମେ ସତତ ଏକ ଦ୍ୱନ୍ଦ୍ୱ, ଅଥବା ଏକ ଅସ୍ତବ୍ୟସ୍ତତା ତଥା ବିଭିନ୍ନ ଭାବନା ମଧ୍ୟରେ ସଂଯୋଜନଗତ ଏକ ଅଭାବ ବା ତାଳି ପଡ଼ିରହିଥିବା ଏକ ସଂଯୋଜନ ଦେଖିବାକୁ ପାଇଥାଉ; ଏବଂ ଆମ ଇଚ୍ଛାଶକ୍ତି ଓ ବାସନାର ବିଭିନ୍ନ ଗତିସ୍ପନ୍ଦନ ଏବଂ ଆମର ସଂବେଗ ତଥା ଅନୁଭୂତିଗୁଡ଼ିକର କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ଦୃଷ୍ଟିଗୋଚର ହୋଇଥାଏ । ପୁନଶ୍ଚ, ଆମର ଭାବନା, ଆମର ଇଚ୍ଛା ଏବଂ ଆମର ଅନୁଭୂତି ମଧ୍ୟ ପରସ୍ପର ସହିତ ଏକ ସ୍ୱାଭାବିକ ସମଞ୍ଜସତା ଏବଂ ଏକତାର ସ୍ଥିତିରେ ଆଦୌ ନଥାନ୍ତି, ମାତ୍ର ଏକତ୍ର ସମ୍ମିଳିତ ହୋଇ କାର୍ଯ୍ୟ କରିବାକୁ ପଡ଼ୁଥିବାବେଳେ ମଧ୍ୟ ସେମାନେ ଆପଣା ଆପଣାର ପୃଥକ୍ ପୃଥକ୍ ଭୂମିରେ ପୃଥକ୍ ଭାବରେ କାର୍ଯ୍ୟ କରୁଥାନ୍ତି, ସେମାନେ ଅବିରତ ଭାବରେ ପରସ୍ପର ସହିତ ଦ୍ୱନ୍ଦ୍ୱ ଲଗାଇ ରହିଥାନ୍ତି ବା କେତେକ ପରିମାଣରେ ପରସ୍ପରବିରୋଧୀ ହୋଇ ରହିଥାନ୍ତି । ଅନେକ ସମୟରେ ଗୋଟିକୁ ମାଡ଼ିଦେଇ ଆଉ ଗୋଟିକର ଅସମ ବିକାଶ ମଧ୍ୟ ସାଧିତ ହେବାରେ ଲାଗିଥାଏ । ମନ ହେଉଛି ଏକ ବିସଙ୍ଗତିରହିଁ ବସ୍ତୁ ବା କ୍ଷେତ୍ର, ଯେଉଁଠି କି ଏକ ସନ୍ତୋଷବିଧାୟକ ପରସ୍ପରସଙ୍ଗତି ଅପେକ୍ଷା ବରଂ ଅଧିକ ପରିମାଣରେ ତାତ୍କାଳିକ ଉଦ୍ଦେଶ୍ୟସାଧନ ଲାଗି ବା ଉପସ୍ଥିତ କାର୍ଯ୍ୟଟିକୁ ଚଳାଇ ଦେଲା ଭଳି କୌଣସି ନା କୌଣସି ପ୍ରକାରର ବ୍ୟାବହାରିକ ବ୍ୟବସ୍ଥାହିଁ ସ୍ଥାପିତ ହୋଇ ରହିଥାଏ । ଆମର ବୁଦ୍ଧି ଏକ ଅଧିକ ଭଲ ବ୍ୟବସ୍ଥାରେ ଆସି ପହଞ୍ଚି ପାରିବାକୁ ଚେଷ୍ଟା କରେ, ଆହୁରି ଭଲ ଭାବରେ ନିୟନ୍ତ୍ରଣରେ ରଖିବାକୁ ଲକ୍ଷ୍ୟ ରଖିଥାଏ, ଏକ ବୁଦ୍ଧିପ୍ରସୂତ ବା ଆଦର୍ଶ ସୌଷମ୍ୟକୁ ଆଗରେ ରଖିଥାଏ; ଏବଂ ଏହି ପ୍ରଚେଷ୍ଟାଟିରେ ତାହା ଅତିମାନସରହିଁ ଏକ ପ୍ରତିନିଧି ବା ସ୍ଥାନାପନ୍ନ ହୋଇ ରହିଥାଏ, ଏବଂ କେବଳ ଅତିମାନସହିଁ ଆପଣାର ସ୍ୱକୀୟ ଅଧିକାରବଳରେ ଯାହା କରିପାରିବ, ବୁଦ୍ଧି ସେଇଟିକୁ କରିବ ବୋଲି ମନ କରିଥାଏ । ମାତ୍ର ପ୍ରକୃତ କ୍ଷେତ୍ରରେ ତାହା ସତ୍ତାର ଅବଶିଷ୍ଟାଂଶଟିକୁ ସମ୍ପୂର୍ଣ୍ଣ ଭାବରେ ଆପଣାର ନିୟନ୍ତ୍ରଣରେ ରଖିବାକୁ ଆଦୌ ସମର୍ଥ ହୁଏ ନାହିଁ ଏବଂ ସାଧାରଣତଃ, ଆମ ଭାବନାଗୁଡ଼ିକରେ ଆମେ ଯେଉଁ ବୁଦ୍ଧିସିଦ୍ଧ ବା ଆଦର୍ଶ ସୌଷମ୍ୟଟି ଗଢ଼ିକରି

'oaob.nitrkl.ac.in' images reprocessed

ରଖିଥାନ୍ତି, ତା' ଭିତରେ ଏବଂ ଜୀବନର ଗତିକ୍ଷେତ୍ରଟି ମଧ୍ୟରେ ସବୁବେଳେ ଏକ ଅତ୍ୟଧିକ ଭେଦ ରହିଯାଏ । ଏପରିକି ଆପଣାର ସର୍ବୋତ୍ତମ ଅବସ୍ଥାରେ ମଧ୍ୟ ବୁଦ୍ଧି ଦ୍ୱାରା ରଚିତ ହୋଇଥିବା ବ୍ୟବସ୍ଥାଟି ମଧ୍ୟରେ ସର୍ବଦା କୃତ୍ରିମତା ଏବଂ ବାଧ୍ୟକର ଲଦିଦେବାର କିଛି ନା କିଛି ଉପାଦାନ ଅବଶ୍ୟ ରହିଥାଏ; କାରଣ ପରିଶେଷରେ ଆମେ କେବଳ ଦୁଇଟି ସ୍ୱତଃସ୍ଫୂର୍ତ୍ତି ଏବଂ ସୌଷମ୍ୟଯୁକ୍ତ ଗତିସ୍ପନ୍ଦନକୁହିଁ ଦେଖିବାକୁ ପାଇବା,—ଗୋଟିଏ ହେଉଛି ଜୀବନର ଭୂମିରେ ରହିଥିବା ସୌଷମ୍ୟ, ଅର୍ଥାତ୍ ଅଚେତନ ଅଥବା ଅଧିକାଂଶତଃ ଅବଚେତନ ଜୀବନର ସୌଷମ୍ୟ, ଯାହାକୁ କି ଆମେ ଇତରପ୍ରାଣୀଙ୍କର ଜଗତରେ ଏବଂ ପ୍ରକୃତି ମଧ୍ୟରେ ଦେଖିବାକୁ ପାଇଥାଉ, ଏବଂ ଦ୍ୱିତୀୟଟି ହେଉଛି ଚିଦ୍‌ଗତତାର ସୌଷମ୍ୟ । ମନୁଷ୍ୟର ଭୂମିଟି ହେଉଛି ଦୁହିଁଙ୍କ ମଧ୍ୟରେ ରହିଥିବା ଏକ ପରିବର୍ତ୍ତନକାଳୀନ ଅବସ୍ଥା, ଏକ ମଧ୍ୟବର୍ତ୍ତୀକାଳୀନ ପ୍ରୟାସ ଏବଂ ମଧ୍ୟବର୍ତ୍ତୀକାଳୀନ ଅପୂର୍ଣ୍ଣତା; ଗୋଟିଏ ପାଖରେ ପ୍ରକୃତି-ଅଧୀନ ଭୂମି ଓ ଅନ୍ୟ ପାଖରେ ଆଦର୍ଶ ବା ଚିଦ୍‌ଗତ ଭୂମିର ଜୀବନ ମଧ୍ୟରେ ଏକ ପରିବର୍ତ୍ତନକାଳୀନ ଅବସ୍ଥା, ଅନିଶ୍ଚିତ ଅନ୍ୱେଷଣ ଏବଂ ଅବ୍ୟବସ୍ଥାରେ ଭରପୂର ହୋଇ ରହିଥିବା ଏକ ଅବସ୍ଥା । ମନ ଯେ ଆପଣାର ସ୍ୱକୀୟ କୌଣସି ପ୍ରକାରର ଆପେକ୍ଷିକ ସୌଷମ୍ୟରେ ଉପନୀତ ହେବାକୁ ସମର୍ଥ ହେବ ନାହିଁ, ସେକଥା ଆଦୌ ନୁହେଁ; ମାତ୍ର ଏକଥା ସତ ଯେ ତାହା ସେହି ସୌଷମ୍ୟଟିକୁ ସ୍ଥାୟୀ କରି ରଖିପାରିବ ନାହିଁ, କାରଣ ତା' ଉପରେ ସର୍ବଦା ଚିଦ୍‌ଗତତାର ଚାପ ପଡ଼ିବାରେ ଲାଗିଥିବ । ମନୁଷ୍ୟ ଭିତରେ ଯେଉଁ ପରମ ସାମର୍ଥ୍ୟଟି ଅଧିଷ୍ଠିତ ହୋଇ ରହିଛି, ତାହା ତାକୁ ଅଳ୍ପବହୁତ ଏପରି ଏକ ସଚେତନ ଆତ୍ମ-ବିବର୍ତ୍ତନ ଲାଗି ପ୍ରୟାସ କରିବାକୁ ବାଧ୍ୟ କରି ରଖିଛି, ଯାହାକି ତାକୁ ଆତ୍ମ-ପ୍ରଭୁତ୍ୱ ଓ ଆତ୍ମ-ଜ୍ଞାନ ଆଡ଼କୁ ପରିଚାଳିତ କରି ନେଇଯିବ ।

ଅନ୍ୟ ପକ୍ଷରେ, ଆପଣାର ନିଜସ୍ୱ ଭୂମିରେ ଅତିମାନସ ହେଉଛି ଏକତାର ଓ ସୌଷମ୍ୟର ଏକ ବସ୍ତୁ, ଅନ୍ତର୍ନିହିତ ବ୍ୟବସ୍ଥାର ଏକ ବସ୍ତୁ । ଯେତେବେଳେ ପ୍ରଥମରେ ମନୋଭୂମି ଉପରେ ଊର୍ଦ୍ଧ୍ୱର ଚାପଟି ଆସି ପଡ଼ିବାକୁ ଲାଗେ, ସେତେବେଳେ ଏହି ସତ୍ୟଟିକୁ ଅନୁଭବ କରିହୁଏ ନାହିଁ ଏବଂ ଏପରିକି କିଛିକାଳ ଲାଗି ଏକ ବିପରୀତ ବ୍ୟାପାର ମଧ୍ୟ ଆସି ଦେଖା ଦେଇପାରେ । ଏପରି ହେବାର ଏକାଧିକ କାରଣ ରହିଛି । ପ୍ରଥମତଃ, କୃତନ୍ତ କୌଣସି ପରିମାପନ ଦ୍ୱାରା ଧରା ଦେଉଥିବା ଶକ୍ତିର ପ୍ରଭାବ ଯେତେବେଳେ ନିମ୍ନ ଚେତନାଟି ଉପରେ ଆସି ପଡ଼ିବାକୁ ଲାଗେ, ସେତେବେଳେ ସେହି କାରଣରୁ ଏକ ବିକ୍ଷୋଭ, ଏପରିକି ଏକ ବିଘଟନ ମଧ୍ୟ ଜନ୍ମଲାଭ କରିପାରେ, କାରଣ ନିମ୍ନତର ଚେତନା ଯଥୋଚିତ ଭାବରେ ସେହି ବୃହତ୍ତର ଚେତନା ଉଦ୍ଦେଶ୍ୟରେ ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରେ ନାହିଁ, ବା ଏପରିକି ସମ୍ଭବତଃ ସେହି ଚାପଟିକୁ ସହ୍ୟ ମଧ୍ୟ କରିପାରେ ନାହିଁ । ଅର୍ଥାତ୍ ଏହି କ୍ଷେତ୍ରରେ ଦୁଇଟି

'oaob.nitrkl.ac.in' images reprocessed

ସର୍ବଥା ଭିନ୍ନ ଶକ୍ତି ଯୁଗପତ୍ ଭାବରେ ଏବଂ ତଥାପି ସମୁଚିତ ଭାବରେ ପରସ୍ପର ସହିତ ସମ୍ବନ୍ଧୀକୃତ ହୋଇ ନିରନ୍ତର କ୍ରିୟା କରିବାରେ ଲାଗିଥାନ୍ତି, ଏବଂ ଯଦି ବିଶେଷ କରି ମନ ଏଣେ ଆପଣା ପ୍ରତିଷ୍ଠା ଉପରେ ଅଡ଼ି ବସି ରହିବାକୁ ଚାହୁଁଥାଏ, ଯଦି ଅତିମାନସ ଓ ତା'ର ଉଦ୍ଦେଶ୍ୟଟି ପାଖରେ ଆପଣାକୁ ନିବେଦିତ କରିଦେବା ପରିବର୍ତ୍ତେ ଓଲଟି ବଡ଼ ଅନମନୀୟ ଓ ଉଗ୍ର ଭାବରେ ସେଥିରୁ ଆପଣା ଲାଗି ଫାଇଦା ଉଠାଇବାକୁହିଁ ଚେଷ୍ଟା କରୁଥାଏ, ଯଦି ତାହା ସେହି ଉଚ୍ଚତର ମାର୍ଗଦର୍ଶନଟି ପାଖରେ ଯଥେଷ୍ଟ ପରିମାଣରେ ନିଷ୍କ୍ରିୟ ଏବଂ ଅନୁଗତ ହୋଇ ପାରି ନଥାଏ, ତେବେ ତାହା ଫଳରେ ମନୋମୟ ଶକ୍ତି ଅତ୍ୟଧିକ ପରିମାଣରେ ଉତ୍ତେଜିତ ହୋଇ ପଡ଼ିପାରେ, ମାତ୍ର ଏଣେ ବିଶୃଙ୍ଖଳାଟି ମଧ୍ୟ ଅତିରିକ୍ତ ଭାବରେ ବୃଦ୍ଧି ପାଇପାରେ । ଏହି କାରଣରୁହିଁ ଯୋଗର କ୍ଷେତ୍ରରେ ଏକ ପୂର୍ବ ପ୍ରସ୍ତୁତି ଏବଂ ଦୀର୍ଘ ବିଶୁଦ୍ଧିର ଆବଶ୍ୟକତା ରହିଥାଏ, ଏହି ପ୍ରସ୍ତୁତି ଓ ଏହି ବିଶୁଦ୍ଧି ଯେତେ ଅଧିକ ସମ୍ପୂର୍ଣ୍ଣ ହୋଇ ପାରେ, ତାହା ସେତିକି ଅଧିକ ଭଲ ଫଳ ଦିଏ; ସେଇଥିଲାଗିହିଁ ଏହି କ୍ଷେତ୍ରରେ ଚିଦ୍‌ଗତତା ଲାଗି ଶାନ୍ତ ତଥା ଦୃଢ଼ ଭାବରେ ଉନ୍ମୋଚିତ ହୋଇ ରହିଥିବା ମନକୁ ସମ୍ପୂର୍ଣ୍ଣ ଭାବରେ ବ୍ୟାକୁଳତାମୁକ୍ତ ଓ ସାଧାରଣତଃ ନିଷ୍କ୍ରିୟ କରି ରଖିବାର ମଧ୍ୟ ଏକ ଆବଶ୍ୟକତା ରହିଥାଏ ।

ପୁଣି, କେବଳ ସୀମାଗୁଡ଼ାକ ମଧ୍ୟରେ ଛନ୍ଦିହୋଇ କାର୍ଯ୍ୟ କରିବାରେ ଅଭ୍ୟସ୍ତ ହୋଇ ରହିଥିବା ମନ ଆପଣା ଶକ୍ତିର କୌଣସି ଗୋଟିଏ ଧାରାରେ ଆପଣାକୁ ଅତିମାନସ ବା ବିଜ୍ଞାନମୟ କରିଦେବାକୁ ମଧ୍ୟ ଚେଷ୍ଟା କରିପାରେ । ଏହା ଆପଣା ଭିତରେ ବୋଧିଯୁକ୍ତ ଓ ଅର୍ଦ୍ଧ-ଅତିମାନସ ଭାବନା ତଥା ଜ୍ଞାନର ପ୍ରଭୂତ ବିକାଶ ସାଧନ କରିପାରେ, ମାତ୍ର ତେଣେ ସଙ୍କଳ୍ପର କ୍ଷେତ୍ରରେ ଗୋଟାସୁଦ୍ଧା ଅରୂପାନ୍ତରିତ ହୋଇ ରହିପାରେ; ଏବଂ ଭାବନାପ୍ରଧାନ ମନର ଏହି ଆଂଶିକ ଅର୍ଦ୍ଧ-ଅତିମାନସ ବିକାଶଟି ସହିତ ମଧ୍ୟ ଆଦୌ କୌଣସି ସମଞ୍ଜସତା ସ୍ଥାପନ କରି ନପାରେ; ତେଣେ, ସତ୍ତାର ଅବଶିଷ୍ଟ ଭାଗଟି ଅର୍ଥାତ୍ ସଂବେଗପ୍ରେରିତ ଓ ସ୍ନାୟୁଗତ ଭାଗଟି ମଧ୍ୟ ଠିକ୍ ଆଗ ପରି ଅଥବା ତଦପେକ୍ଷା ଅଧିକ ପରିମାଣରେ ଅଚେତନ ଓ ଅଜାଗ୍ରତ ହୋଇ ରହି ଯାଇପାରେ । ଅଥବା ବୋଧିଗତ ବା ଭାବ୍ ଭାବରେ ଅନୁପ୍ରେରିତ ସଙ୍କଳ୍ପର କ୍ଷେତ୍ରଟି ଅତ୍ୟଧିକ ପରିମାଣରେ ବିକାଶଲାଭ କରିପାରେ, ମାତ୍ର ତେଣେ ଭାବନା-ମନ କିଂବା ସଂବେଗପ୍ରେରିତ ତଥା ଚୈତ୍ୟ ମନରେ ହୁଏତ ତଦନୁରୂପ ଆଦୌ କୌଣସି ଉନ୍ମେଳନ ଘଟେ ନାହିଁ; କିଂବା, ସଙ୍କଳ୍ପଗତ କର୍ମଟି ସମ୍ପୂର୍ଣ୍ଣ ଭାବରେ ବ୍ୟାହତ ଓ ବାଧାପ୍ରାପ୍ତ ହୋଇ ନରହିବା ପାଇଁ ବିଶେଷ ଭାବରେ କେବଳ ଯେତିକି ଦରକାର, ସେତିକି ମାତ୍ର ଉନ୍ମେଳନହିଁ ଘଟେ । ସଂବେଗପ୍ରେରିତ ଏବଂ ଚୈତ୍ୟ ମନ ମଧ୍ୟ

'oaob.nitrkl.ac.in' images reprocessed

ଆପଣାକୁ ସଂବୋଧି ଦ୍ୱାରା ପରିଚାଳିତ କରି ରଖିବାକୁ ତଥା ଆପଣାକୁ ଅତିମାନସ ଭାବ ଦ୍ୱାରା ସଞ୍ଚାରିତ କରି ରଖିବାକୁ ଚେଷ୍ଟା କରିପାରେ ଏବଂ ଏଥିରେ ବେଶ୍ ଅନେକ ପରିମାଣରେ ସଫଳତା ବି ଲାଭ କରିପାରେ; ଏବଂ ତେଣେ ଭାବନା-ମନଟି ଆପଣାର ଉପାଦାନରେ ବହୁ ସାଧାରଣ ଓ କ୍ଷୁଦ୍ର ହୋଇ ପଡ଼ି ରହିପାରେ ଏବଂ ଆପଣାର ଆବେଗଟିର ଭୂମିରେ ବହୁ ଧୂମମୟ ହୋଇ ରହିପାରେ । ନୈତିକତା ଏବଂ ସୌନ୍ଦର୍ଯ୍ୟବୋଧର ସତ୍ତାଗତ ଭୂମିରେ ହୁଏତ ବୋଧିପ୍ରେରଣାର ବିକାଶ ଘଟିପାରେ; ମାତ୍ର ସତ୍ତାର ଅନ୍ୟ ଭୂମିଗୁଡ଼ିକ ଆଗରୁ ଯେଉଁପରି ରହିଥିଲା, ଅଧିକାଂଶତଃ ପ୍ରାୟ ସେହିପରି ହିଁ ରହି ଯାଇପାରେ । ପ୍ରତିଭାବାନ୍ ବ୍ୟକ୍ତି, କବି, କଳାକାର, ଦାର୍ଶନିକ, ସନ୍ଥ ବା ତତ୍ତ୍ୱସାଧକର ଜୀବନରେ ଅନେକ ସମୟରେ ଯେଉଁ ବିଶୃଙ୍ଖଳା ବା ଏକାଙ୍ଗିତା ଦୃଷ୍ଟିଗୋଚର ହୋଇଥାଏ, ଆମେ ଏହାକୁହିଁ ତାହାର କାରଣ ବୋଲି କହିପାରିବା । ଆପଣାକୁ ବ୍ୟାପକ ଭାବରେ ବିକଶିତ କରି ପାରିଥିବା ବୁଦ୍ଧିପ୍ରେରିତ ମନର କ୍ଷେତ୍ରରେ ସାଧାରଣତଃ ଯେତିକି ସମଞ୍ଜସତା ଏବଂ ଶୃଙ୍ଖଳା ଦେଖିବାକୁ ମିଳିଥାଏ, ଆଂଶିକ ଭାବରେ ବୋଧିପ୍ରେରିତ ହୋଇଥିବା ଏକ ମନୋଭୂମି ଆପଣାର ବିଶେଷ କ୍ରିୟାମୂଳକତାଟିର କ୍ଷେତ୍ର ବାହାରେ ହୁଏତ ତା'ଠାରୁ ଅନେକ କମ୍ ସମଞ୍ଜସତା ଏବଂ ଶୃଙ୍ଖଳା ପ୍ରକଟ କରିପାରେ । ତେଣୁ ଏହି କ୍ଷେତ୍ରରେ ଏକ ସମଗ୍ର ବିକାଶହିଁ ଆବଶ୍ୟକ, ମନର ଏକ ପୂର୍ଣ୍ଣ ନୂତନ ଦୀକ୍ଷାଗ୍ରହଣ ଆବଶ୍ୟକ । ତା' ନହେଲେ ଯେତେ ଯାହା କ୍ରିୟା ହେବାରେ ଲାଗିଥିବ, ତାହା କେବଳ ଆପଣାର ନିଜ ଲାଭଟି ଲାଗି ତଥା ଆପଣାର ନିଜ ଗ୍ରହଣଟି ଭିତରେ ଅତିମାନସର ଅନ୍ତଃପ୍ରବାହଟିକୁ କାମରେ ଲଗାଉଥିବା ସେହି ମନରହିଁ କ୍ରିୟା ହୋଇ ରହିଥିବ; ଏବଂ ଆମର ଏହି ସତ୍ତାଟି ଭିତରେ ଭଗବାନଙ୍କର ତାତ୍କାଳିକ ଉଦ୍ଦେଶ୍ୟଟିର ପୂରଣ ଲାଗି ଉକ୍ତ ଅବସ୍ଥାଟିକୁ ମଧ୍ୟ ସ୍ୱୀକାର୍ଯ୍ୟ ବୋଲି ଅବଶ୍ୟ କୁହାଯାଇ ପାରିବ, ଏପରିକି ତାହାକୁ ବ୍ୟକ୍ତି ଲାଗି ତାହାର ଏହି ଗୋଟିଏ ଜୀବନରେ ଏକ ପର୍ଯ୍ୟାପ୍ତ ଅବସ୍ଥା ବୋଲି ବିଚାର ବି କରାଯାଇପାରେ । ମାତ୍ର ଏଇଟି ହେଉଛି କେବଳ ଅପୂର୍ଣ୍ଣତାରହିଁ ଏକ ଅବସ୍ଥା, ସତ୍ତାର ସମ୍ପୂର୍ଣ୍ଣ ତଥା ସାର୍ଥକ ବିକାଶ ବୋଲି ଆମେ ଏହାକୁ କଦାପି କହିପାରିବା ନାହିଁ । ଅବଶ୍ୟ, ଯଦି ସଂବୋଧି-ମନର ଏକ ସମ୍ପୂର୍ଣ୍ଣ ବିକାଶସାଧନ ସମ୍ଭବ ହୋଇପାରେ, ତେବେ ଏକ ବୃହତ୍ତର ସମଞ୍ଜସତା ଯେ ଆପଣା ଲାଗି ଏକ ମୂଳଦୁଆ ତିଆରି କରିବାକୁ ଆରମ୍ଭ କରିଛି, ସେକଥା ଅବଶ୍ୟ ଦେଖିବାକୁ ମିଳିବ । ବୁଦ୍ଧି ଦ୍ୱାରା ଚାଳିତ ମନ ଯେଉଁ ସମଞ୍ଜସତାର ସୃଷ୍ଟି କରିପାରେ, ଏହା ତାହାଠାରୁ ଏକ ଅଧିକ ବୃହତ୍ ସମଞ୍ଜସତା ହେବ; ଏବଂ ବସ୍ତୁତଃ ତର୍କଣା-ମନୁଷ୍ୟର ବୁଦ୍ଧି ତାହାକୁ ସହଜରେ ଅନୁଭବ କରିପାରିବ ନାହିଁ, ଏବଂ ହୁଏତ ଅନୁଭବ କରିପାରିଲେ ମଧ୍ୟ ତଥାପି ତାହାକୁ ବୁଝିପାରିବ ନାହିଁ; କାରଣ ତା'ର ମନଃଆଶ୍ରିତ ପ୍ରକ୍ରିୟାଟି ଦ୍ୱାରା ସେହି

'oaob.nitrkl.ac.in' images reprocessed

ସମଞ୍ଜସତାରେ କଦାପି ପହଞ୍ଚି ହେବ ନାହିଁ କିଂବା ତାହାର ବିଶ୍ଳେଷଣ ବି କରାଯାଇ ପାରିବ ନାହିଁ ।

ମନର ଭୂମିଟିରୁ ଉପରକୁ ଉଠି ଅତିମାନସର ଭୂମିରେ ଉପଗତ ହେବା ସଙ୍ଗେସଙ୍ଗେ ଏହି ପ୍ରଥମକାଳୀନ ସମଞ୍ଜସତାଟି ସ୍ଥାନରେ ଏକ ବୃହତ୍ତର ଏବଂ ଅଧିକ ପୂର୍ଣ୍ଣତାଯୁକ୍ତ ଏକତ୍ୱ ପ୍ରତିଷ୍ଠିତ ହୋଇଯିବ । ଅତିମାନସ ବୁଦ୍ଧିର ଯାବତୀୟ ଭାବନା, ଏପରିକି ସେଗୁଡ଼ିକ ଯେତେବେଳେ ସମ୍ପୂର୍ଣ୍ଣ ବିପରୀତ କ୍ଷେତ୍ରମାନଙ୍କରୁ ଉତ୍ଥିତ ହୋଇ ଆସିଥାନ୍ତି ସେତେବେଳେ ମଧ୍ୟ, ପରସ୍ପର ସହିତ ସମ୍ମିଳିତ ହୁଅନ୍ତି, ପରସ୍ପରକୁ ବୁଝିପାରନ୍ତି ଏବଂ ଏକ ସ୍ୱାଭାବିକ ବ୍ୟବସ୍ଥିତତାର ଅନ୍ତର୍ଗତ ହୋଇ ରହନ୍ତି । ମନର ଭୂମିରେ ସଂକଳ୍ପଗତ ଯେଉଁସବୁ ଗତିସ୍ପନ୍ଦନ ପରସ୍ପର ସହିତ ନାନା ଦ୍ୱନ୍ଦ୍ୱରେ ଛନ୍ଦି ହୋଇ ରହିଥାନ୍ତି, ଅତିମାନସର ଭୂମିରେ ସେଗୁଡ଼ିକ ଆପଣା ଆପଣାର ଯଥାର୍ଥ ସ୍ଥାନରେ ପ୍ରସ୍ଥାପିତ ହୋଇଯାନ୍ତି, ପରସ୍ପର ସହିତ ଯଥାର୍ଥ ଭାବରେ ସମନ୍ୱୟଯୁକ୍ତ ହୋଇ ରହନ୍ତି । ଅତିମାନସ ଅନୁଭୂତିଗୁଡ଼ିକ ମଧ୍ୟ ଆପଣା ଆପଣାର ଆତ୍ମୀୟତା-ଗୁଡ଼ିକୁ ଆବିଷ୍କାର କରିନଅନ୍ତି ଏବଂ ଏକ ସ୍ୱାଭାବିକ ପରସ୍ପରସମ୍ମତି ତଥା ସୌଷମ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହନ୍ତି । ଏକ ଉଚ୍ଚତର ପର୍ଯ୍ୟାୟରେ ଏହି ସୌଷମ୍ୟଟି ପ୍ରଗାଢ଼ତର ହୋଇ ଏକତ୍ୱ ଆଡ଼କୁ ଅଗ୍ରସର ହୁଏ । ଜ୍ଞାନ, ସଂକଳ୍ପ, ଅନୁଭୂତି ଏବଂ ଆଉ ସବୁକିଛୁ ଏକତ୍ର କେବଳ ଗୋଟିଏ ସମଗ୍ର ଗତିସ୍ପନ୍ଦନ ବା ସ୍ଫୁରଣାରେ ପରିଣତ ହୋଇଯାନ୍ତି । ଏବଂ ସର୍ବୋଚ୍ଚ ଅତିମାନସର ଭୂମିରେ ପହଞ୍ଚି ଏହି ଏକତ୍ୱ ଆପଣାର ବୃହତ୍ତମ ପୂର୍ଣ୍ଣତାରେ ମଧ୍ୟ ଉପନୀତ ହୋଇଯାଏ । ଏହି ସୌଷମ୍ୟ ଏବଂ ଏକତ୍ୱକୁ ଆମେ ଅନିବାର୍ଯ୍ୟ ବୋଲିହିଁ ଜାଣିବା, କାରଣ ଏହି କ୍ଷେତ୍ରରେ ଅତିମାନସସ୍ଥ ଭୂମିଟି କେବଳ ଜ୍ଞାନମୟ ହୋଇ ରହିଥାଏ, ବିଶେଷତଃ ଆତ୍ମଜ୍ଞାନମୟ ହୋଇ ରହିଥାଏ, ତାହାର ସବୁଯାକ ବିଭବର କ୍ଷେତ୍ରରେ ସେହି ଆତ୍ମସତ୍ତାର ଜ୍ଞାନଟି ଦ୍ୱାରାହିଁ ଜ୍ଞାନମୟ ହୋଇ ରହିଥାଏ । ଏହି ଆତ୍ମଜ୍ଞାନର ଗତିଶୀଳ ଅଭିବ୍ୟକ୍ତିରୂପେ ଅତିମାନସ ସଂକଳ୍ପର ଉଦୟ ହୁଏ, ଆତ୍ମସତ୍ତାଗତ ଜ୍ୟୋତିର୍ମୟ ଆନନ୍ଦଟିର ଅଭିବ୍ୟକ୍ତିରୂପେ ଅତିମାନସ ଅନୁଭୂତି ଜନ୍ମଲାଭ କରେ ଏବଂ ଅତିମାନସ ମଧ୍ୟରେ ରହିଥିବା ଆଉ ସବୁକିଛୁ ଏହି ଗୋଟିଏ ଗତିସ୍ପନ୍ଦନରହିଁ ଅଂଶରୂପେ ଅବସ୍ଥିତ ରହେ । ଆପଣାର ସର୍ବୋଚ୍ଚ ଭୂମିକୁ ଆସି ତାହା, ଆମେ ସାଧାରଣତଃ ଯାହାକୁ ଜ୍ଞାନ ବୋଲି କହିଥାଉ, ତା'ଠାରୁ ଏକ ବୃହତ୍ତର ସମ୍ପଦରେ ପରିଣତ ହୋଇଯାଏ; ସେହି ଭୂମିଟିରେ ତାହା ଆମ ଭିତରେ ବିରାଜିତ ରହିଥିବା ସେହି ପରମ ଭଗବାନଙ୍କର ସାରଭୂତ ତଥା ସମଗ୍ର ଆତ୍ମସମ୍ବିତ୍-ସମ୍ପନ୍ନତାରେ ପରିଣତ ହୋଇ ରହେ, ତାଙ୍କର ଚେତନା, ତପଃଶକ୍ତି ତଥା ଆନନ୍ଦରେହିଁ ପରିଣତ ହୋଇ ରହେ; ଏବଂ ସବୁକିଛୁ ସେହି ଗୋଟିଏ ଅସ୍ତିତ୍ୱରହିଁ

'oaob.nitrkl.ac.in' images reprocessed

ସୌଷମ୍ୟଯୁକ୍ତ, ଏକତ୍ୱବଦ୍ଧ ଏବଂ ଜ୍ୟୋତିର୍ମୟ ଗତିସ୍ପନ୍ଦନରେ ପରିଣତ ହୋଇ ରହେ ।

ଅତିମାନସ ଜ୍ଞାନକୁ ଆମେ ମୂଳତଃ ବା ସାରତଃ କଦାପି ଭାବନାରୁ ପ୍ରସୂତ ଏକ ଜ୍ଞାନ ବୋଲି କହିପାରିବା ନାହିଁ । କୌଣସି ବସ୍ତୁ ବିଷୟରେ ଆପଣାର ଜ୍ଞାନଟିକୁ ଭାବନାର ପରିଭାଷାରେ ବାନ୍ଧି ନରଖିଥିବା ପର୍ଯ୍ୟନ୍ତ, ଅର୍ଥାତ୍, ତାହାକୁ ପ୍ରତିନିଧିମୂଳକ ମନୋଗତ ନାନା ଅବବୋଧର ଏକ ବ୍ୟବସ୍ଥା ମଧ୍ୟରେ ଭର୍ତ୍ତି କରି ରଖି ନପାରିବା ପର୍ଯ୍ୟନ୍ତ ବୁଦ୍ଧି ପ୍ରକୃତରେ ସେହି ବସ୍ତୁଟିକୁ ଜାଣିଲି ବୋଲି ଆଦୌ ଭାବିପାରେ ନାହିଁ । ଏବଂ ଯେତେବେଳେ ତାହାକୁ ସୁସ୍ପଷ୍ଟ, ସୁବୋଧ ଯଥାର୍ଥ ସଂଜ୍ଞା-ନିରୂପକ ଭାଷାରେ ପ୍ରକାଶ କରି କହି ଦେଇହୁଏ, ସେତିକବେଳେହିଁ ଏହି ପ୍ରକାରର ଜ୍ଞାନ ଆପଣାର ସବୁଠାରୁ ଅଧିକ ମୀମାଂସକ ସମ୍ପୂର୍ଣ୍ଣତାରେ ଆସି ପହଞ୍ଚିଯାଏ । ଏକଥା ସତ ଯେ ମନ ଆପଣାର ଲବ୍ଧ ଜ୍ଞାନଟିକୁ ମୁଖ୍ୟତଃ ନାନାପ୍ରକାର ସଂସ୍କାରରୁହିଁ ଲାଭ କରିଥାଏ, ଏହି ସଂସ୍କାରଗୁଡ଼ିକ ମଧ୍ୟରେ ଆମେ ପ୍ରାଣ ତଥା ଇନ୍ଦ୍ରିୟଗତ ନାନା ସଂସ୍କାରରୁ ଆରମ୍ଭ କରି ଉପରେ ବୁଦ୍ଧିଗତ ସଂସ୍କାରଗୁଡ଼ିକ ଯାଏ ସବୁକିଛିକୁ ଅନ୍ତର୍ଭୁକ୍ତ କରି ରଖିପାରିବା; ମାତ୍ର ବିକାଶଲାଭ କରିଥିବା ବୁଦ୍ଧି ଏଗୁଡ଼ିକୁ କେବଳ ଆପଣାର ଦତ୍ତ ତଥ୍ୟଭୂମିରୂପେ ଗ୍ରହଣ କରିନିଏ, ଏବଂ ଭାବନା ପାଖରେ ଆପଣାର ସବୁଯାକ ଅନ୍ତର୍ନିହିତ ସାରକୁ ସମର୍ପଣ କରିଦେଇ କୌଣସି ନା କୌଣସି ବୁଦ୍ଧିଗତ ସମ୍ବନ୍ଧ ବା ଏକ ଶୃଙ୍ଖଳାବଦ୍ଧ ଭାବନାପରମ୍ପରା ମଧ୍ୟରେ ଆପଣା ଆପଣାର ଯଥାର୍ଥ ସ୍ଥାନଟିକୁ ସ୍ୱୀକାର କରିନେବାକୁ ସେଗୁଡ଼ିକୁ ବାଧ୍ୟ କରି ନପାରିବା ପର୍ଯ୍ୟନ୍ତ ସେଗୁଡ଼ିକ ତାହାକୁ କେବଳ ଅନିଶ୍ଚିତ ଓ ଅସ୍ପଷ୍ଟ ବୋଲିହିଁ ପ୍ରତୀତ ହେଉଥାଏ । ପୁଣି ଏକଥା ମଧ୍ୟ ସତ ଯେ ଏପରି ଏକ ଭାବନା ବା ଏପରି ଏକ କଥା ମଧ୍ୟ ରହିଥାଏ, ଯାହାକି ସ୍ପଷ୍ଟ ଭାବରେ ଏକ ସଂଜ୍ଞା ନିରୂପଣ କରିଦେବା ଅପେକ୍ଷା ବରଂ ଅଧିକ ପରିମାଣରେ ଏକ ବ୍ୟଞ୍ଜନାରହିଁ ଇଙ୍ଗିତ ଦେଇ ଯାଉଥାଏ; ଏଗୁଡ଼ିକ ମଧ୍ୟରେ ସେଗୁଡ଼ିକର ଆପଣା ସୀମାଟିକୁ ବିସ୍ତାର କଲେ ଏକ ବୃହତ୍ତର ଶକ୍ତିସମ୍ଭାବନା ଏବଂ ଅର୍ଥବୈଭବ ବିଦ୍ୟମାନ ଥାଏ ଏବଂ ତାହା ବୋଧିର ଗାରଟିକୁ ସତେଅବା ସ୍ପର୍ଶ କରି ପକାଉଥାଏ । ତଥାପି, ସେହି ଇଙ୍ଗିତ-ଗୁଡ଼ିକ ମଧ୍ୟରେ ରହିଥିବା ଯଥାର୍ଥ ବୁଦ୍ଧିଗତ ଅନ୍ତଃସାରଟିକୁ ଏକ ସୁସ୍ପଷ୍ଟ ପୂର୍ବାପରତା ତଥା ସମ୍ବନ୍ଧଟିକୁ ପ୍ରକାଶିତ କରିଦେବା ଲାଗି ବୁଦ୍ଧିର କ୍ଷେତ୍ରରେ ସତତ ଏକ ଦାବି ରହିଥାଏ, ଏବଂ ସେଇଟି ସିଦ୍ଧ ହୋଇ ନଗଲା ପର୍ଯ୍ୟନ୍ତ ତାହା ଆପଣାର ଜ୍ଞାନଟି ପ୍ରକୃତରେ ସମ୍ପୂର୍ଣ୍ଣ ହୋଇପାରିଲା ବୋଲି ଆଦୌ ସନ୍ତୁଷ୍ଟ ହୋଇ ରହିପାରେ ନାହିଁ । ତର୍କଣା-ବୁଦ୍ଧିର ରାଜ୍ୟରେ ବିଚରଣ କରୁଥିବା ଓ ସତ୍ୟପ୍ରାପ୍ତିର ପ୍ରୟାସ କରିବାରେ ଲାଗିଥିବା ଭାବନାହିଁ ସାଧାରଣତଃ ମନର ନିଶ୍ଚିତିକୁ ସବୁଠାରୁ ଅଧିକ ପାରଙ୍ଗମତା ସହିତ ସଂଗଠିତ କରି ଦେଉଥିବା ପରି ମନେହୁଏ, ତାହାହିଁ ମନକୁ ତାହାର ଜ୍ଞାନ

'oaob.nitrkl.ac.in' images reprocessed

ତଥା ଜ୍ଞାନୋପଯୋଗର କ୍ଷେତ୍ରରେ ଏକ ନିଶ୍ଚିତ ନିର୍ଦ୍ଦିଷ୍ଟତା, ସୁରକ୍ଷିତତା ଓ ସମ୍ପୂର୍ଣ୍ଣତା ଆଣି ଦେଇଥାଏ । ମାତ୍ର ଅତିମାନସ ଜ୍ଞାନର କ୍ଷେତ୍ରରେ ଏଥିରୁ କୌଣସିଟି ମଧ୍ୟ ଆଦୌ ସତ୍ୟ ବୋଲି ପ୍ରତିପାଦିତ ହୋଇପାରେ ନାହିଁ ।

ଭାବନା ଦ୍ୱାରା ନୁହେଁ, ମାତ୍ର ତଦାତ୍ମକତା ଦ୍ୱାରାହିଁ ଅତିମାନସ ସବୁଠାରୁ ଅଧିକ ସମ୍ପୂର୍ଣ୍ଣ ଓ ସବୁଠାରୁ ଅଧିକ ସୁନିଶ୍ଚିତ ଭାବରେ ଜାଣେ, 'ଆତ୍ମନ ଆତ୍ମାନମ୍ ଆତ୍ମନା' ଅର୍ଥାତ୍ ବସ୍ତୁଗୁଡ଼ିକର ଆତ୍ମସତ୍ତାଗତ ସତ୍ୟକୁ ତାହା ଆତ୍ମସତ୍ତା ମଧ୍ୟରେ ରହିଥିବା ଏକ ଶୁଦ୍ଧ ଚିତ୍‌ସମ୍ପନ୍ନତା ଦେଇ ଆତ୍ମସତ୍ତା ଦ୍ୱାରାହିଁ ଜାଣିଥାଏ । ସ୍ୱୟଂ ସତ୍ୟଟି ସହିତ ବା ଜ୍ଞାନବସ୍ତୁଟି ସହିତ ଏକାତ୍ମକତା ଅର୍ଜନ କରିହିଁ ମୁଁ ଅତିମାନସ ଜ୍ଞାନର ସର୍ବୋତ୍ତମ ଉପଲବ୍ଧି କରିପାରେ; ଯେତେବେଳେ ଜ୍ଞାତା, ଜ୍ଞାନ ଏବଂ ଜ୍ଞେୟ ମଧ୍ୟରେ ଆଉ କୌଣସିପ୍ରକାର ବିଭାଜନ ରହେ ନାହିଁ, ସେତେବେଳେହିଁ ଅତିମାନସ ସର୍ବାଧିକ ସନ୍ତୁଷ୍ଟି ତଥା ସମଗ୍ର ସର୍ବାଧିକ ଆଲୋକ ଉପଲବ୍ଧ ହୋଇଥାଏ । ସେତେ-ବେଳେ ମୁଁ ବସ୍ତୁଟିକୁ ମୋ ବାହାରେ ଅବସ୍ଥିତ ରହିଥିବା ଏକ ବିଷୟରୂପେ ଜାଣେ ନାହିଁ, ମାତ୍ର ତାକୁ ମୁଁ ନିଜଠାରୁ ଅଭିନ୍ନ କରି ଜାଣେ ଅର୍ଥାତ୍ ମୋର ଅପରୋକ୍ଷତମ ଚେତନା ମଧ୍ୟରେ ଅବସ୍ଥିତ ମୋର ବିଶ୍ୱାତ୍ମସତ୍ତାର ଏକ ଅଂଶ ବୋଲି ଜାଣେ । ଏହାହିଁ ସର୍ବୋଚ୍ଚ ତଥା ସମ୍ପୂର୍ଣ୍ଣତମ ଜ୍ଞାନକୁ ଉପଲବ୍ଧ କରାଇଥାଏ; ଭାବନା ଏବଂ ବାଣୀ ଜ୍ଞାନର ଗୋଟିଏ ଗୋଟିଏ ପ୍ରତିନିଧି ପରି ହୋଇ ରହିଥିବାରୁ ଓ ଚେତନାସ୍ଥ ଏହି ପ୍ରତ୍ୟକ୍ଷ ଉପଲବ୍ଧି ହୋଇ ନଥିବାରୁ ଅତିମାନସ ଲାଗି କେବଳ ଏକ ନିମ୍ନତର ରୂପ ହୋଇ ରହିଥାନ୍ତି ଏବଂ ତଦ୍‌ଗତ ଚେତନା ଦ୍ୱାରା ତାହାକୁ ପରିପୂର୍ଣ୍ଣ କରି ଦିଆ ନଗଲେ ଭାବନା ବସ୍ତୁତଃ କେବଳ ସେହି ଜ୍ଞାନରହିଁ ଏକ କ୍ଷୁଦ୍ର ସଂସ୍କରଣ ହୋଇ ରହିଥାଏ । କାରଣ, ତାହାକୁ ଏକ ଅତିମାନସ ଭାବନା ବୋଲି ମାନି ନିଆଗଲେ ମଧ୍ୟ ତାହା ତଥାପି ଆତ୍ମସତ୍ତା ମଧ୍ୟରେ ବିଦ୍ୟମାନ ରହିଥିବା ମାତ୍ର ତାତ୍କାଳିକ ସକ୍ରିୟ ଚେତନାଟିର ସମକ୍ଷରେ ସେହି ସମୟରେ ଉପସ୍ଥିତ ନଥିବା ସେହି ବୃହତ୍ତର ଜ୍ଞାନର ଏକ ଆଂଶିକ ଅଭିବ୍ୟକ୍ତିହିଁ ହୋଇ ରହିବ । ଅନନ୍ତତାର ସର୍ବୋଚ୍ଚ ଭୂମିଗୁଡ଼ିକରେ କୌଣସି ଭାବନା ରହିବା ଲାଗି ଆଦୌ ପ୍ରୟୋଜନ ନଥିବ, କାରଣ ସେଠାରେ ସବୁକିଛି ତଦ୍‌ଗତ ଭାବରେହିଁ ଅନୁଭୂତ ହେଉଥିବ, ଅବିଚ୍ଛିନ୍ନ ଭାବରେ ଏକ ଶାଶ୍ୱତ ସମ୍ପଦରୂପେ ଏବଂ ଏକ ପରମ ପ୍ରତ୍ୟକ୍ଷତା ଓ ପରିପୂର୍ଣ୍ଣତା ସହିତ ଅନୁଭୂତ ହେଉଥିବ । ଏହି ବୃହତ୍ତର ଆପେ-ବର୍ତ୍ତମାନ ଜ୍ଞାନଟି ମଧ୍ୟରେ ଯାହାକିଛି ପ୍ରଚ୍ଛନ୍ନ ହୋଇ ରହିଛି, ତାହାକୁ ଆଂଶିକ ଭାବରେ ବ୍ୟକ୍ତ ତଥା ଉପସ୍ଥାପିତ କରିପାରିବା ଲାଗି ଆମେ ଭାବନାକୁ କେବଳ ଗୋଟିଏ ମାତ୍ର ସାଧନ ବୋଲି ଜାଣିବା । ଅତିମାନସର ଏକାଧିକ ଅନେକ ସୋପାନକୁ ଉତ୍ତୀର୍ଣ୍ଣ ହୋଇ ସେହି ଅନନ୍ତତା ପର୍ଯ୍ୟନ୍ତ ପହଞ୍ଚି ନପାରିବା ପର୍ଯ୍ୟନ୍ତ ଏହି ସର୍ବୋଚ୍ଚ ଜ୍ଞାନଟି ଆମ ଲାଗି ବସ୍ତୁତଃ

'oaob.nitrkl.ac.in' images reprocessed

ପୂର୍ଣ୍ଣ ମାତ୍ରାରେ ଏବଂ ପୂର୍ଣ୍ଣ ବ୍ୟାପକତା ସହିତ କଦାପି ସମ୍ଭବ ହେବ ନାହିଁ । ମାତ୍ର, ଅତିମାନସ ଶକ୍ତି ଆପଣାକୁ ଆବିର୍ଭୂତ କରାଇ ଆଣିବା ସଙ୍ଗେ ସଙ୍ଗେ ଏବଂ ଆପଣା କ୍ରିୟାର ପରିସରଟିକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଜ୍ଞାନର ଏହି ସର୍ବୋଚ୍ଚ ପ୍ରକାରଟି ଆପଣାକୁ ତଥାପି ଆବିର୍ଭୂତ କରାଇ ଆଣିବ, ବିକଶିତ କରି ଆଣିବ; ଏବଂ ଏପରିକି ମନୋମୟ ସତ୍ତାର ଅଙ୍ଗଗୁଡ଼ିକ ମଧ୍ୟ ବୋଧି ତଥା ଅତିମାନସ ଦ୍ୱାରା ସନ୍ଦୀପିତ ହୋଇ ଆପଣାର ସ୍ୱକୀୟ ପ୍ରକୃତିରେ ଅଧିକରୁ ଅଧିକ ପରିମାଣରେ ତଦନୁରୂପ ଏକ କ୍ରିୟାର ବିକାଶ କରାଇ ଆଣନ୍ତୁ । ଆମ ଚେତନାର ନାନା ବସ୍ତୁରୂପେ ଅବସ୍ଥିତ ରହିଥିବା ଯାବତୀୟ ବସ୍ତୁ ତଥା ଜୀବଙ୍କ ସହିତ ଏକ ଜ୍ୟୋତିର୍ମୟ ପ୍ରାଣିକ, ଚୈତ୍ୟ, ସଂବେଗଗତ, ଗତିଶୀଳ ତଥା ଅନ୍ୟବିଧ ତଦାତ୍ମକତାର ଏକ ଉତ୍ତରୋତ୍ତର ସାମର୍ଥ୍ୟ ଉପଲବ୍ଧ ହୋଇଆସେ ଏବଂ ବିଭେଦଧର୍ମୀ ଚେତନାର ଏହିସବୁ ଅତିକ୍ରମଣ ଆପଣା ସହିତ ଏକ ଅପରୋକ୍ଷ ଜ୍ଞାନର କେତେକେତେ ରୂପ ଓ ସାଧନକୁ ବହନ କରି ନେଇଆସନ୍ତି ।

ଏକ ପରିଣାମରୂପେ ଅଥବା ଆପଣାର ଏକ ଗୌଣ ଅଂଶରୂପେ ତାଦାତ୍ମ୍ୟ ଦ୍ୱାରା ସମ୍ଭବ ହେଉଥିବା ଏହି ଅତିମାନସ ଜ୍ଞାନ ତଥା ଅନୁଭୂତି ଆପଣା ମଧ୍ୟରେ ଏପରି ଏକ ଅତିମାନସ ଦୃଷ୍ଟିସାମର୍ଥ୍ୟକୁ ବହନ କରି ରହିଥାଏ, ଯାହାକି କଦାପି କୌଣସି ପ୍ରତିରୂପର ଆଶ୍ରା ଲୋଡ଼େ ନାହିଁ, ମନ ଲାଗି ଅମୂର୍ତ୍ତ ହୋଇ ରହିଥିବା ଯାବତୀୟ ବସ୍ତୁକୁ ମୂର୍ତ୍ତ କରିଆଣେ, ଏବଂ ତାହାର ବିଷୟଟି ରୂପବାନ୍ ପଦାର୍ଥର ଅଦୃଶ୍ୟ ସତ୍ୟ ହୋଇଥାଉ ବା ଅରୂପ ପଦାର୍ଥର ସତ୍ୟ ହିଁ ହୋଇଥାଉ, ଯାହା ମଧ୍ୟରେ କି ଏକ ଅନ୍ତର୍ଦର୍ଶନର ସାମର୍ଥ୍ୟ ସର୍ବଦା ମହଜୁଦ ରହିଥାଏ । ଏପରିକି କୌଣସି ପ୍ରକାର ତାଦାତ୍ମ୍ୟ ସମ୍ଭବ ହୋଇପାରିବା ଆଗରୁ ମଧ୍ୟ ତାହାର ମଧ୍ୟରୁ ହେଉଥିବା ଏକ ପୂର୍ବଗାମୀ ଆଲୋକନିଃସରଣରୂପେ ଏହି ଅନ୍ତର୍ଦର୍ଶନଟି ପ୍ରାପ୍ତ ହୋଇଥାଏ; ଅଥବା ଏଇଟିଠାରୁ ବିଚ୍ଛିନ୍ନ ହୋଇ ରହି ଏକ ସ୍ୱତନ୍ତ୍ର ସାମର୍ଥ୍ୟରୂପେ ମଧ୍ୟ କାର୍ଯ୍ୟ କରିପାରେ । ସତ୍ୟ ଅର୍ଥାତ୍ ଜ୍ଞାତ ବସ୍ତୁଟି ସେତେବେଳେ ସମ୍ପୂର୍ଣ୍ଣ ଭାବରେ ମୋ ସହିତ ଅଭିନ୍ନ ହୋଇ ନଥାଏ ବା ତଥାପି ଏକାତ୍ମକ ହୋଇପାରି ନଥାଏ; ତାହା ମୋ ଜ୍ଞାନର ଏକ ବସ୍ତୁରୂପେହିଁ ଅବସ୍ଥିତ ରହିଥାଏ । ମାତ୍ର ତଥାପି ସେଇଟି ଆତ୍ମସତ୍ତା ମଧ୍ୟରେହିଁ ଆଂଶତ୍ୱଗତ ଭାବରେ ଦୃଷ୍ଟ ହେଉଥିବା ଏକ ବସ୍ତୁ ହୋଇ ରହିଥାଏ; ବା ଅନ୍ତତଃ, ଏପରିକି ଜ୍ଞାତା ପାଖରୁ ବିଚ୍ଛିନ୍ନ ଓ ବସ୍ତୁନିହିତ ହୋଇ ଦୂରରେ ରହିଥିଲେ ମଧ୍ୟ, ସେହି ଆତ୍ମସତ୍ତା ଦ୍ୱାରାହିଁ ଦୃଷ୍ଟ ହେଉଥିବା ଏକ ବସ୍ତୁ ହୋଇ ରହିଥାଏ । ଏଇଟି କୌଣସି ପରୋକ୍ଷ ବା ମଧ୍ୟବର୍ତ୍ତୀ ପ୍ରକ୍ରିୟାର ମଧ୍ୟଦେଇ ଦୃଷ୍ଟ ହେଉ ନଥାଏ, ମାତ୍ର ଅଧ୍ୟାତ୍ମଚେତନାର ତାହାର ବସ୍ତୁଟି ସହିତ ଏକ ଅପରୋକ୍ଷ, ଅନ୍ତର୍ଗତ, ଗ୍ରହଣସମର୍ଥ, ଅନ୍ତଃପ୍ରବେଶକାରୀ ଏବଂ ଆହ୍ଲାଦକ ଜ୍ୟୋତିର୍ମୟ ସଂସ୍ପର୍ଶ ଦ୍ୱାରାହିଁ ଦୃଷ୍ଟ ହେଉଥାଏ ।

'oaob.nitrkl.ac.in' images reprocessed

ଏହି ଜ୍ୟୋତିର୍ମୟ ଗ୍ରହଣସମର୍ଥତା ଏବଂ ସଂସ୍ପର୍ଶକୁହିଁ ଆମେ ଆଧ୍ୟାତ୍ମିକ ଦୃଷ୍ଟି ବୋଲି ଜାଣି ରଖିବା; ଆଧ୍ୟାତ୍ମିକ ଜ୍ଞାନ ବିଷୟରେ ଉପନିଷଦ୍‌ରେ ବାରବାର 'ପଶ୍ୟତି' ବା 'ସେ ଦେଖେ' ବୋଲି କୁହାଯାଇଛି; ଏବଂ ସୃଜନର କଳ୍ପନା କରୁଥିବା ପରମାତ୍ମ-ସତ୍ତାଙ୍କ ଯେଉଁଠି 'ସେ ବିଚାର କଲେ' ବୋଲି କୁହା ଯାଇଥିବ ବୋଲି ଆମେ ପ୍ରତ୍ୟାଶା କରିଥାଉ, ଉପନିଷଦ୍‌ରେ ସେଠାରେ 'ସେ ଦେଖିଲେ' ବୋଲି କୁହା ଯାଇଛି । ଏହି 'ଦୃଷ୍ଟି' ତଦ୍‌ଗତତାଟି ଲାଗି ଠିକ୍ ସେହି କାର୍ଯ୍ୟ କରିଥାଏ, ଯାହାକୁ ସ୍ଥୂଳ ମନଟି ଲାଗି ଇନ୍ଦ୍ରିୟମାନେ କରିଥାନ୍ତି, ଏବଂ ବ୍ୟକ୍ତିକୁ ଏପରି ଏକ କ୍ରିୟା ମଧ୍ୟଦେଇ ବାହାରି ଆସିବାର ଅନୁଭବ ହୋଇଥାଏ, ଯାହାକୁ କି ଆମେ ସ୍ପଷ୍ଟ ଭାବରେ ଇନ୍ଦ୍ରିୟଗୁଡ଼ିକର କ୍ରିୟାର ଏକ ସଦୃଶ କ୍ରିୟା ବୋଲି କହିପାରିବା । ଆମର ଭାବନା ଯେଉଁ ବସ୍ତୁଟିକୁ ଏପର୍ଯ୍ୟନ୍ତ କେବଳ ଏକ ସଙ୍କେତ ବା ମନୋଗତ ବର୍ଣ୍ଣନରୂପେ ଧରି ରଖିଥିଲା, ଆମର ସ୍ଥୂଳ ଦୃଷ୍ଟି ଯେପରି ଆମ ଆଗରେ ସେହି ବସ୍ତୁଗୁଡ଼ିକର ବାସ୍ତବ ରୂପଟିକୁ ଉପସ୍ଥାପିତ କରିଦେଇଯାଏ ଏବଂ ସେଗୁଡ଼ିକ ଆମ ସମକ୍ଷରେ ଯେପରି ତତ୍‌କ୍ଷଣାତ୍ ପ୍ରତ୍ୟକ୍ଷ ହୋଇଯାଆନ୍ତି, ଠିକ୍ ସେହିପରି ଅଧ୍ୟାତ୍ମ ଦୃଷ୍ଟି ଲାଭ ଭାବନାର ଯାବତୀୟ ଇଙ୍ଗିତ ଏବଂ ପରୋକ୍ଷ ଉପସ୍ଥାପନାକୁ ଅତିକ୍ରମ କରି ଚାଲିଯାଏ ଏବଂ ଆମ ଆଗରେ ଯାବତୀୟ ବସ୍ତୁର ଆତ୍ମା ତଥା ସତ୍ୟକୁ ପ୍ରତ୍ୟକ୍ଷ କରି ଦେଇପାରେ ।

ଇନ୍ଦ୍ରିୟ ଆମକୁ ବସ୍ତୁଗୁଡ଼ିକର କେବଳ ଏକ ଉପରିଭାଗୀୟ ପ୍ରତିରୂପହିଁ ଆଣି ଦେଇପାରେ, ଏବଂ ସେହି ପ୍ରତିରୂପଟିକୁ ପୂର୍ଣ୍ଣ ତଥା ଅନୁପ୍ରାଣିତ କରିବା ଲାଗି ସେହି କ୍ଷେତ୍ରରେ ଭାବନାରୁ ସହାୟତା ଲାଭ କରିବାର ଆବଶ୍ୟକତା ରହିଥାଏ । ମାତ୍ର ଅଧ୍ୟାତ୍ମଦୃଷ୍ଟି ଆମ ସମ୍ମୁଖରେ ବସ୍ତୁର ନିଜ ସ୍ୱରୂପଟିକୁ ଏବଂ ତା' ବିଷୟରେ ରହିଥିବା ଯାବତୀୟ ସତ୍ୟକୁ ଆଣି ଉପସ୍ଥାପିତ କରିଦେବାର ସାମର୍ଥ୍ୟ ରଖିଥାଏ । ଅଧ୍ୟାତ୍ମଦୃଷ୍ଟିର ପ୍ରକ୍ରିୟାରେ ଦ୍ରଷ୍ଟା ବା ଋଷି ଲାଗି ଜ୍ଞାନର ଏକ ସାଧନରୂପେ ଭାବନାରୁ ସାହାଯ୍ୟ ଗ୍ରହଣ କରିବା ଲାଗି କୌଣସି ପ୍ରୟୋଜନ ନଥାଏ, କେବଳ ଉପସ୍ଥାପନା ଓ ଅଭିବ୍ୟକ୍ତିର ଏକ ସାଧନ ହିସାବରେହିଁ ତାହାର ପ୍ରୟୋଜନ ରହିଥାଏ । ଋଷି ଭାବନାକୁ ଏକ ନିମ୍ନତର ସାମର୍ଥ୍ୟରୂପେ ଦେଖିଥାଏ ଏବଂ ଏକ ଗୌଣ ଉଦ୍ଦେଶ୍ୟର ସାଧନ ଲାଗିହିଁ ତାହାକୁ କାମରେ ଲଗାଏ । ଯଦି କେବେ ଜ୍ଞାନର ଏକ ଅଧିକତର ସଂପ୍ରସାରଣ ଲାଗି କୌଣସି ପ୍ରୟୋଜନ ଆସି ପହଞ୍ଚେ, ତେବେ କେବଳ ମାନସିକ ଅନ୍ୱେଷଣ ଲାଗି ଆଗ୍ରହାନ୍ୱିତ ହୋଇ ରହିଥିବା ଏବଂ ସତ୍ୟକୁ ଅନୁଭବ କରି ବାହାରି-ବାର ଏକମାତ୍ର ଅବଲମ୍ବନ ହୋଇ ରହିଥିବା ମନଗତ ଭାବନାର ପ୍ରକ୍ରିୟାଗୁଡ଼ିକର କୌଣସି ସାହାଯ୍ୟ ନନେଇ ସେ ଏକ ନୂତନ ଅବଲୋକନ ଦ୍ୱାରାହିଁ ସେଠାରେ ଆସି ଉପନୀତ ହୋଇଥାଏ । ଯେପରି ପ୍ରଥମ ଅବଲୋକନ ବେଳେ ଆମ ଆଖିକୁ ଏଡ଼ାଇ ଯାଇଥିବା କୌଣସି ବସ୍ତୁକୁ ଜାଣିବା ସକାଶେ ଆମେ ପୁଣିଥରେ ଆଖି ବୁଲାଇ

'oaob.nitrkl.ac.in' images reprocessed

ସେଇଟିକୁ ଚିହ୍ନିନେଇ, ଏହି କ୍ଷେତ୍ରରେ ଦୃଷ୍ଟି ଠିକ୍ ସେହିପରି କରିଥାଏ । ଆଧ୍ୟାତ୍ମିକ ଦୃଷ୍ଟି ଦ୍ୱାରା ପ୍ରାପ୍ତ ହେଉଥିବା ଏହି ଅନୁଭବ ଏବଂ ଜ୍ଞାନ ପ୍ରତ୍ୟକ୍ଷତା ଏବଂ ବୃହତ୍ତ୍ୱରେ ଅତିମାନସ ଶକ୍ତିଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରହିଥାଏ । ମନର ଦୃଷ୍ଟିସାମର୍ଥ୍ୟଠାରୁ ଆମେ ଏହାକୁ ଅନେକ ଅଧିକ ନିକଟ, ଅଧିକ ଗଭୀର ଏବଂ ଅଧିକ ବ୍ୟାପ୍ତିଯୁକ୍ତ ଏକ ସମ୍ପଦ ବୋଲି କହିବା, କାରଣ ଏହା ତାଦାତ୍ମ୍ୟଜ୍ଞାନରୁ ସିଧା ପ୍ରସରି ଆସିଥାଏ ଏବଂ ଏଥିରେ ଏପରି ଏକ ବିଶେଷ ଗୁଣ ରହିଥାଏ ଯେ ଆମେ ଯେପରି ତାଦାତ୍ମ୍ୟରୁ ପ୍ରତ୍ୟକ୍ଷ ଦୃଷ୍ଟିଲାଭ ଆଡ଼କୁ ଅଗ୍ରସର ହୋଇ ଆସିପାରୁ, ପ୍ରତ୍ୟକ୍ଷ ଦୃଷ୍ଟିଲାଭରୁ ମଧ୍ୟ ସେହିପରି ତାଦାତ୍ମ୍ୟ ଆଡ଼କୁ ଅଗ୍ରସର ହୋଇ ବି ଯାଇପାରୁ । ଏହିପରି ଭାବରେ ଯେତେବେଳେ ଆମର ଅଧ୍ୟାତ୍ମଦୃଷ୍ଟି ଭଗବାନ, ପରମାତ୍ମା ବା ବ୍ରହ୍ମଙ୍କର ଦର୍ଶନ ଲାଭ କରିପାରେ, ସେତେବେଳେ ତା'ର ପରବର୍ତ୍ତୀ ସୋପାନସ୍ୱରୂପ ଆତ୍ମା ପରମାତ୍ମସତ୍ତା, ଭଗବାନ ବା ବ୍ରହ୍ମଙ୍କ ମଧ୍ୟରେ ପ୍ରବିଷ୍ଟ ହୁଏ, ତାଙ୍କ ସହିତ ଏକରୂପ ହୋଇଯାଏ ।

ଅତିମାନସର ସ୍ତରରେ ଅଥବା ତାହାର ଆହୁରି ଊର୍ଦ୍ଧ୍ୱକୁ ଯାଇ ପାରିଲେ ଏଇଟି ପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇଥାଏ, ମାତ୍ର ତହିଁ ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଦୃଷ୍ଟି ଆପଣାର ଅନେକ ମନୋମୟ ରୂପ ମଧ୍ୟ ଗ୍ରହଣ କରିପାରେ, ଯାହାକି ଆପଣା ଆପଣା ସ୍ତରରେ ଏହି ତଦାତ୍ମକତାକୁ ଅର୍ଜନ କରିବା ଦିଗରେ ଆମକୁ ସାହାଯ୍ୟ ମଧ୍ୟ କରିପାରନ୍ତି । ଏକ ମନୋମୟ ସଂବୋଧିରୁ ଲାଭ କରାଯାଉଥିବା ଦୃଷ୍ଟି ବା ଅଧ୍ୟାତ୍ମଭାବ ଦ୍ୱାରା ସଞ୍ଚାରିତ ଏକ ମାନସିକ ଦୃଷ୍ଟି, ଏକ ଚୈତ୍ୟ ଦୃଷ୍ଟି, ହୃଦୟର ଏକ ସଂବେଗପ୍ରେରିତ ଦୃଷ୍ଟି ଏବଂ ଇନ୍ଦ୍ରିୟ-ମନରେ ଅବସ୍ଥିତ ଏକ ଦୃଷ୍ଟି;—ଆମେ ଏଗୁଡ଼ିକୁ ଯୋଗାନ୍ତର୍ଗତ ଅନୁଭୂତିର ଗୋଟିଏ ଗୋଟିଏ ଅଂଶ ବୋଲି କହିପାରିବା । ଏହିସବୁ ଅବଲୋକନ ଯଦି ବିଶୁଦ୍ଧ ଭାବରେ ମନୋଗତ ହୋଇ ରହିଥାଏ, ତେବେ ସେଗୁଡ଼ିକ ହୁଏତ ସତ୍ୟ ହୋଇପାରନ୍ତି, ମାତ୍ର ସେଗୁଡ଼ିକ ଯେ ଅବଶ୍ୟ ସତ୍ୟ ହେବେ, ସେକଥା କଦାପି କୁହାଯାଇ ପାରିବ ନାହିଁ; କାରଣ ଆମର ମନ ଭିତରେ ସତ୍ୟ ଏବଂ ମିଥ୍ୟା ଉଭୟଟି ଲାଗି ସମର୍ଥତା ରହିଛି, ଏକ ସତ୍ୟମୟ ଉପସ୍ଥାପନା ଏବଂ ଏକ ମିଥ୍ୟାମୟ ଉପସ୍ଥାପନା ଉଭୟଟି ଲାଗି ସମର୍ଥତା ରହିଛି । ମାତ୍ର ମନ ଯହୁଁ ଯହୁଁ ସଂବୋଧି ଏବଂ ଅତିମାନସ ଦ୍ୱାରା ପ୍ରେରିତ ହେବାକୁ ଲାଗେ, ତହୁଁ ତହୁଁ ଏହିସବୁ ସାମର୍ଥ୍ୟ କ୍ରମେ ଶୁଦ୍ଧ ହୋଇ ଆସନ୍ତି, ଅତିମାନସର ଅଧିକ ଆଲୋକଯୁକ୍ତ କ୍ରିୟାଟି ଦ୍ୱାରା ସଂଶୋଧିତ ହୋଇଯାଆନ୍ତି ଏବଂ ସ୍ୱୟଂ ଏକ ଅତିମାନସ ତଥା ସତ୍ୟମୟ ଅବଲୋକନର ଗୋଟିଏ ଗୋଟିଏ ରୂପରେ ପରିଣତ ହୋଇଯାଆନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଅତିମାନସ ଦୃଷ୍ଟିସାମର୍ଥ୍ୟ ଆପଣା ସହିତ ଏପରି ଏକ ପରିପୂରକ ଓ ପୂର୍ଣ୍ଣତାବିଧାୟକ ଅନୁଭୂତିକୁ ବହନ କରି ନେଇଆସେ ଯାହାକୁ

'oaob.nitrkl.ac.in' images reprocessed

କି ଆମେ ତୁଏତ ସତ୍ୟର ଏକ ଆଧ୍ୟାତ୍ମିକ ଶ୍ରବଣ ତଥା ସ୍ପର୍ଶଲାଭ ବୋଲି କହିପାରିବା, ସତ୍ୟର ଅନ୍ତଃସାର ଏବଂ ତାହାରି ମାଧ୍ୟମରେ ତାହାର ତାତ୍ପର୍ଯ୍ୟଟିର ଏକ ଆଧ୍ୟାତ୍ମିକ ଶ୍ରବଣ ଓ ସ୍ପର୍ଶଲାଭ ବୋଲି କହିପାରିବା; ଅର୍ଥାତ୍ ସେହି ଅନୁଭବଟି ଦ୍ୱାରା ସତ୍ୟର ଗତି, ସତ୍ୟର ସ୍ପନ୍ଦନ ଏବଂ ଛନ୍ଦ ଆମର ଅଧିକାର ମଧ୍ୟକୁ ଆସିଯାଇ ପାରିବ ଏବଂ ଆମେ ତାହାର ଘନିଷ୍ଠ ସାନ୍ନିଧ୍ୟ, ସମ୍ପର୍କ ତଥା ସାଦୃଶ୍ୟପାଦାନଟିର ଅଧିକାରୀ ହୋଇପାରିବା । ଏହିସବୁ ସାମର୍ଥ୍ୟ ଆମକୁ ସେହି ସମ୍ପଦଟି ସହିତ ଏକାତ୍ମକ ହୋଇଯିବା ଲାଗି ପ୍ରସ୍ତୁତ କରିଦେବ, ଯାହାକି ଜ୍ଞାନ ଦ୍ୱାରା ଏହିପରି ଭାବରେ ଆମର ନିକଟବର୍ତ୍ତୀ ହୋଇ ଆସି ସାରିଥିବ ।

ଅତିମାନସ ସ୍ୱଚନାକୁ ଆମେ ତାଦାତ୍ମ୍ୟଲବ୍ଧ ଜ୍ଞାନରହିଁ ଗୋଟିଏ ରୂପ ବୋଲି ଜାଣିବା ଏବଂ ଅତିମାନସ ଦୃଷ୍ଟିର ସମକ୍ଷରେ ଉପସ୍ଥାପିତ ହୋଇ ରହିଥିବା ସତ୍ୟର ଭାବନାରୂପୀ ବିକାଶ ବୋଲି ଜାଣିବା । ସେହି ତାଦାତ୍ମ୍ୟ ଓ ସେହି ଦୃଷ୍ଟି ସତ୍ୟର ସାରତତ୍ତ୍ୱ, ସତ୍ୟର ଶରୀର ତଥା ଅଙ୍ଗଗୁଡ଼ିକୁ ଗୋଟିଏ ଅଖଣ୍ଡ ଅବଲୋକନ ମଧ୍ୟରେହିଁ ପ୍ରକଟ କରାଇ ଦିଅନ୍ତି; ସ୍ୱଚନା ସତ୍ୟର ଏହି ପ୍ରତ୍ୟକ୍ଷ ଚେତନା ଏବଂ ଅପରୋକ୍ଷ ଶକ୍ତିକୁ ବାଙ୍ମୟ ଜ୍ଞାନ ଏବଂ ସଂକଳ୍ପର ରୂପ ଆଣିଦିଏ । ଅନ୍ୟପ୍ରକାରେ ଦେଖିଲେ ତାହା କୌଣସି ନୂତନ ପଦାର୍ଥକୁ ଆଣି ଯୋଡ଼ିଦିଏ ନାହିଁ ବା ସେପରି କରିବା ଲାଗି ତାହାର କୌଣସି ଆବଶ୍ୟକତା ମଧ୍ୟ ନଥାଏ; ଜ୍ଞାନର ଶରୀରଟିକୁ ତାହା କେବଳ ପୁନର୍ବାର ଗୋଟିଏ ରୂପ ଓ ଗୋଟିଏ ବାଣୀହିଁ ପ୍ରଦାନ କରିଥାଏ ଏବଂ ତାହାର ଗୁରିପାଖରେ ଆବର୍ତ୍ତିତ ହେବାରେ ଲାଗିଥାଏ । ଅବଶ୍ୟ ଯେଉଁଠି ସେହି ତାଦାତ୍ମ୍ୟ ଓ ସେହି ଦୃଷ୍ଟି ତଥାପି ଅପୂର୍ଣ୍ଣ ରହିଥାଏ, ସେଠାରେ ଅତିମାନସ ସ୍ୱଚନାର କାର୍ଯ୍ୟଟି ଏହାଠାରୁ ଅଧିକ ବୃହତ୍ ହୋଇଥାଏ ଏବଂ ତାହା ଏହି କ୍ଷେତ୍ରରେ ସେହି ସତ୍ୟଟିକୁ ଅଭିବ୍ୟକ୍ତ କରି ଦେଇଥାଏ ଓ ତାହାର ବ୍ୟାଖ୍ୟା କରି ଦେଇଥାଏ ଅଥବା ଆତ୍ମାର ସ୍ମୃତିରେ ସଚେଥବା ତାହାର ପୁନଃସ୍ମରଣ କରାଇ ଦେଇଯାଏ, ଯାହାକୁ କି ପ୍ରକଟ କରିବା ଲାଗି ତାଦାତ୍ମ୍ୟ ଏବଂ ଦୃଷ୍ଟି ବର୍ତ୍ତମାନ ପ୍ରସ୍ତୁତ ହୋଇପାରି ନଥାନ୍ତି । ଏବଂ ଯେଉଁଠାରେ ଏହି ବୃହତ୍ତର ସ୍ଥିତି ତଥା ସାମର୍ଥ୍ୟଗୁଡ଼ିକ ତଥାପି ଆବରଣ ତଳେ ରହିଥାନ୍ତି, ସେତେବେଳେ ସ୍ୱଚନା ଆପଣାକୁ ପୁରୋଭାଗକୁ ନେଇଆସେ ଏବଂ ଆବରଣଟିକୁ ଆଂଶିକ ଭାବରେ ଭାଙ୍ଗିଦେବାର ପ୍ରସ୍ତୁତି ଆରମ୍ଭ କରିଦିଏ ଏବଂ କେତେକ ପରିମାଣରେ ତାହାକୁ ଭାଙ୍ଗି ମଧ୍ୟ ଦେଇଥାଏ ବା ଆବରଣଟିକୁ ଅପସରାଇ ନେବାରେ ସକ୍ରିୟ ସହାୟତା କରିଥାଏ । ତେଣୁ ମାନସିକ ଅଜ୍ଞାନ ମଧ୍ୟରୁ ବାହାରି ଅତିମାନସ ଜ୍ଞାନ ଭିତରକୁ ବିକଶିତ ହୋଇଯିବାର ପର୍ଯ୍ୟାୟକ୍ରମଟିରେ ସ୍ୱଚନା ଅନେକ ସମୟରେ ଆମ ପାଖକୁ ଆସିଥାଏ; ଅବଶ୍ୟ ସବୁବେଳେ ପ୍ରଥମେ ଆସେ ନାହିଁ । ସେହି ଦୃଷ୍ଟିକି ଉଦ୍ଦେଶ୍ୟରେ ବାଟ ଫିଟାଇ ଦେବାକୁ ତାହା ଆମ ପାଖକୁ ଆସେ ବା ତାଦାତ୍ମ୍ୟର

'oaob.nitrkl.ac.in' images reprocessed

କ୍ରମବୃଦ୍ଧିଶୀଳ ଚେତନା ଏବଂ ଏହାର ବୃହତ୍ତର ଜ୍ଞାନଟିକୁ ଏକ ଆରମ୍ଭକାଳୀନ ଆଶ୍ରୟ ଦେଇ ପାରିବାକୁ ତାହା ଆମ ପାଖକୁ ଆସିଥାଏ । ଏହି ଭାବନା ଆଦାନପ୍ରଦାନ ଏବଂ ଅଭିବ୍ୟକ୍ତିର କ୍ଷେତ୍ରରେ ମଧ୍ୟ ଏକ ପ୍ରଭାବଶାଳୀ ସାଧନ ହୋଇ ରହିଥାଏ ଏବଂ ବ୍ୟକ୍ତିର ଆପଣାର ଜନ୍ମଗତ ମନ ତଥା ସତ୍ତା ଉପରେ ଓ ଅନ୍ୟମାନଙ୍କର ମନ ଓ ସତ୍ତା ଉପରେ ସତ୍ୟର ସଞ୍ଚାର ଆଣିଦେବାକୁ ବା ତାହାକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରି ରଖିବାରେ ସହାୟକ ହୋଇଥାଏ । ଅତିମାନସ ଭାବନା କେବଳ ଏକ ଅପରୋକ୍ଷ ସତ୍ୟଭାବନା ହୋଇଥିବାରୁ ଓ ଅଜ୍ଞାନ ଆଗରେ ସତ୍ୟର ଏକ ପ୍ରତିରୂପୀ ଉପସ୍ଥାପନାମାତ୍ର ହୋଇ ନଥିବାରୁ ଯେ ତାହା ବୁଦ୍ଧିଲବ୍ଧ ଓ ବୁଦ୍ଧିଗତ ସତ୍ୟଠାରୁ ଭିନ୍ନ ହୋଇ ରହିଥାଏ ତା' ନୁହେଁ,—ଆମ୍ଭାକୁ ଆମେ ସେହି ସତ୍ୟ-ଚୈତନ୍ୟ ବୋଲି ଜାଣିବା ଯାହାକି ସର୍ବଦା ଆପଣା ଆଗରେ ଯଥାର୍ଥ ରୂପଗୁଡ଼ିକୁ ପ୍ରକଟ କରି ଦେଉଥାଏ, ଏବଂ ଯାହାକୁ କି ବେଦରେ 'ସତ୍ୟଂ' ଏବଂ 'ଋତଂ' ବୋଲି କୁହାଯାଇଛି;—ମାତ୍ର କାରଣ ତାହା ଏକ ଶକ୍ତିଶାଳୀ ବାସ୍ତବତା, ଜ୍ୟୋତିର୍ମୟ ଶରୀର ଏବଂ ଜ୍ୟୋତିର୍ମୟ ଉପାଦାନ ହୋଇଥିବାରୁହିଁ ତାହା ବୁଦ୍ଧିଜାତ ସତ୍ୟଠାରୁ ଭିନ୍ନ ହୋଇ ରହିଥାଏ ।

ବୁଦ୍ଧିଗତ ଭାବନା ଶୋଧିତ ଏବଂ ଉଦ୍ବେଳିତ ହୋଇ ଏକ ଅତିବିରଳ ଅମୂର୍ତ୍ତି ଅବସ୍ଥା ଆଡ଼କୁ ଅଗ୍ରସର ହୋଇଯାଏ; ଆପଣାର ସୋପାନଗୁଡ଼ିକରେ ଉପରକୁ ଉଠି ଅତିମାନସ ଭାବନା ଏକ ବୃହତ୍ତର ଆଧ୍ୟାତ୍ମିକ ଅମୂର୍ତ୍ତିତା ଆଡ଼କୁ ବୃଦ୍ଧିପ୍ରାପ୍ତ ହୋଇଯାଏ । ବୁଦ୍ଧିର ଭାବନା ଆମ ଆଗରେ ଆପଣାକୁ ଏକ ଅମୂର୍ତ୍ତିତାରୂପେ ଆସି ଉପସ୍ଥାପିତ କରି ଦେଇଥାଏ; ମାନସେନ୍ଦ୍ରିୟ ଦ୍ୱାରା ଗୃହୀତ ଏକ ଅମୂର୍ତ୍ତିତାରୂପେ ତାହା ଆପଣାକୁ ଅନୁଭୂତ କରାଇଥାଏ, ବୁଦ୍ଧିର ଏକ ଅଗୋଚର ଶକ୍ତି ଦ୍ୱାରା ମନର ଏକ ଶୂନ୍ୟ ଓ ସୂକ୍ଷ୍ମ ବାୟୁମଣ୍ଡଳ ମଧ୍ୟରେ ତାହା ସତେଅବା ବିଧୃତ ହୋଇ ରହିଥାଏ । ଆପଣାକୁ ଅପେକ୍ଷାକୃତ ଅଧିକ ମୂର୍ତ୍ତ ଭାବରେ ଅନୁଭୂତ କରାଇବାକୁ ହେଲେ ଓ ଆତ୍ମାର ବୋଧ ଏବଂ ଦୃଷ୍ଟିର ଗୋଚର ମଧ୍ୟକୁ ଆସିବାକୁ ହେଲେ ତାହାକୁ ମନ ଭିତରେ ପ୍ରତିରୂପ ଗଠନ କରିବାର ଯେଉଁ ଶକ୍ତିଟି ରହିଛି, ସେଇଟିକୁ କାମରେ ଲଗାଇବାକୁ ହୁଏ । ଅନ୍ୟ ପକ୍ଷରେ, ଅତିମାନସ ଭାବନା ଆପଣାର ବସ୍ତୁରସମ୍ପତ୍ତିଟିକୁ ସର୍ବଦା ସେହି ସତ୍ତାରହିଁ ଏକ ଜ୍ୟୋତିର୍ମୟ ଉପାଦାନ ତଥା ସେହି ଚେତନାରହିଁ ଏକ ଜ୍ୟୋତିର୍ମୟ ସାମଗ୍ରୀରୂପେ ଉପସ୍ଥାପିତ କରେ, ସେହି କ୍ଷେତ୍ରରେ ସେହି ସତ୍ତା ଓ ଚେତନାର ଉପାଦାନଗୁଡ଼ିକହିଁ ଅର୍ଥମୟ ଭାବନାର ରୂପ ଧାରଣ କରନ୍ତି; ତେଣୁ, ଆମେ ସାଧାରଣତଃ ମନ ଭିତରେ ଯେପରି ଅନୁଭବ କରିଥାଉ, ଅତିମାନସ ଭାବନା ବସ୍ତୁରଧାରଣା ଏବଂ ବାସ୍ତବସତ୍ୟଟି ମଧ୍ୟରେ କୌଣସିପ୍ରକାର ବ୍ୟବଧାନ ରହିଥିବାର ଏପରି ଏକ ବୋଧକୁ ଆଦୌ ସୃଷ୍ଟି କରେ ନାହିଁ; ମାତ୍ର ସେହି ଭାବନା ସ୍ୱୟଂ ଏକ ବାସ୍ତବସତ୍ୟ ହୋଇ ରହିଥାଏ, ତାହା ବାସ୍ତବବିଜ୍ଞାନ ହୋଇ ରହିଥାଏ ଏବଂ

'oaob.nitrkl.ac.in' images reprocessed

କୌଣସି ଏକ ସତ୍ୟରହିଁ ଶରୀର ହୋଇ ରହିଥାଏ । ଯେତେବେଳେ ତାହା ଆପଣାର ସ୍ୱଭାବଟି ଅନୁସାରେ କାର୍ଯ୍ୟ କରୁଥାଏ, ସେତେବେଳେ ତାହା ସହିତ ତାହାର ଗୋଟିଏ ପରିଣାମରୂପେ ବୌଦ୍ଧିକ ସ୍ପଷ୍ଟତାରୁ ଭିନ୍ନଧର୍ମୀ ଏକ ଆଧ୍ୟାତ୍ମିକ ଆଲୋକର ଏକ ରୂପମୟ ସତ୍ୟ, ଉପଲବ୍ଧିସମର୍ଥ ଏକ ବୃହତ୍ତର ସାମର୍ଥ୍ୟ ଏବଂ ଏକ ଜ୍ୟୋତିର୍ମୟ ପୁଲକାଭିଭୂତ ମଧ୍ୟ ଏକାଠି ଯୋଡ଼ିହୋଇ ରହିଥାଏ । ତାହା ସତ୍ତା, ଚେତନା ଏବଂ ଆନନ୍ଦରହିଁ ଏକ ଅତ୍ୟନ୍ତ ତୀବ୍ର ଭାବରେ ଗ୍ରହଣଶୀଳ ସ୍ପନ୍ଦନ ହୋଇ ରହିଥାଏ ।

ଆଗରୁ ଯେପରି ସୂଚାଇ ଦିଆଯାଇ ସାରିଛି, ଆପଣା ପ୍ରଗାଢ଼ତାର ଭୂମିରେ ଅତିମାନସ ଭାବନାର ତିନୋଟି ସୋପାନ ରହିଛି : ଗୋଟିଏ ହେଉଛି ପ୍ରତ୍ୟକ୍ଷ ଭାବନାମୟ ଦୃଷ୍ଟିର ସୋପାନ, ଗୋଟିଏ ବ୍ୟାଖ୍ୟାକାରୀ ବା ଅର୍ଥଦ୍ୟୋତକ ଦୃଷ୍ଟିର ସୋପାନ ଯାହାକି ବୃହତ୍ତର ସତ୍ୟପ୍ରକାଶକ ଦିବ୍ୟଦୃଷ୍ଟିଟି ଆଡ଼କୁ ଇଙ୍ଗିତ କରି ଦେଇଥାଏ ତଥା ତାହାର ପ୍ରସ୍ତୁତି କରିବାରେ ଲାଗିଥାଏ; ଏବଂ ତୃତୀୟଟି ହେଉଛି ଏକ ପ୍ରତିନିଧି ପରି କାର୍ଯ୍ୟ କରୁଥିବା ଦୃଷ୍ଟିର ସୋପାନ, ଯାହାକି ସଚେତଥିବା ଆତ୍ମାର ଜ୍ଞାନକୁ ସେହି ସତ୍ୟଟିର ସ୍ମରଣ କରାଇ ଦେଉଥାଏ, ଯାହାକୁ କି ଉଚ୍ଚତର ସାମର୍ଥ୍ୟଗୁଡ଼ିକ ଅଧିକ ସିଧା ଭାବରେ ପ୍ରକାଶିତ କରି ଦେଇଥାନ୍ତି । ମନର ସ୍ତରରେ ଏହି ବସ୍ତୁଗୁଡ଼ିକ ସବୋଧିଗତ ମନର ତିନୋଟିଯାକ ସାଧାରଣ ସାମର୍ଥ୍ୟର ରୂପ ଗ୍ରହଣ କରନ୍ତି : ଗୋଟିଏ ହେଉଛି ସଙ୍କେତକାରୀ ତଥା ଭେଦନରୂପଣକାରୀ ସବୋଧି, ଦ୍ୱିତୀୟଟି ହେଉଛି ଅନ୍ତଃପ୍ରେରଣା ଏବଂ ତୃତୀୟଟି ହେଉଛି ସେହି ସତ୍ୟଟିକୁ ଉଦ୍‌ଘାଟିତ କରିଦେବାର ପ୍ରକୃତିଟିକୁ ବହନ କରୁଥିବା ଭାବନା । ଊର୍ଦ୍ଧ୍ୱସ୍ତରରେ ଏଗୁଡ଼ିକର ଅନୁରୂପ ହୋଇ ଅତିମାନସ ସତ୍ତା ତଥା ଚେତନାର ମଧ୍ୟ ତିନୋଟି ସୋପାନ ରହିଛି, ଏବଂ ଆମେ ଉପରକୁ ଉଠି ଯାଉଥିବା ସଙ୍ଗେସଙ୍ଗେ ନିମ୍ନତର ସୋପାନଟିହିଁ ପ୍ରଥମେ ଉଚ୍ଚତର ସୋପାନଟିକୁ ଆପଣା ମଧ୍ୟକୁ ଆବାହନ କରି ନେଇଆସେ ଓ ତା'ପରେ ସେହି ଉଚ୍ଚତରଟି ମଧ୍ୟକୁହିଁ ପରିଗୃହୀତ ହୋଇଯାଏ, ଯାହା ଫଳରେ କି ପ୍ରତ୍ୟେକଟି ସ୍ତରରେ ତିନୋଟିଯାକ ସୋପାନର ଏକ ପୁନଃସମ୍ଭବ ସଘଟିତ ହୁଏ; ମାତ୍ର ସର୍ବଦା ଭାବନାଗତ ସାରଭୂମିଟିରେ କେବଳ ସପୃକ୍ତ ସୋପାନଟିର ଚେତନାରୂପ ଏବଂ ଆଧ୍ୟାତ୍ମିକ ଉପାଦାନଟିହିଁ ସବୁଠାରୁ ଅଧିକ ପ୍ରାଧାନ୍ୟ ରଖିଥାଏ । ଆମେ ଏହି କଥାଟିକୁ ଅବଶ୍ୟ ସ୍ମରଣ ରଖିବା; କାରଣ ତା' ନହେଲେ ଆପଣାକୁ ଉଦ୍‌ଘାଟିତ କରି ଆଣୁଥିବା ଅତିମାନସର ବିସ୍ତାରଭୂମିଗୁଡ଼ିକ ଆଡ଼କୁ ଦୃଷ୍ଟିପାତ କଲାବେଳେ ମନ ହୁଏତ ଭ୍ରମ କରି ବସିଯିବ ଯେ ତାହା ପ୍ରକୃତରେ ଉଚ୍ଚତମ ଶିଖରଗୁଡ଼ିକର ଦୃଷ୍ଟି ଲାଭ କରିବାକୁ ସମର୍ଥ ହୋଇଯାଇଛି; ମାତ୍ର ଏଣେ ବାସ୍ତବ ଉପଲବ୍ଧିର କ୍ଷେତ୍ରରେ କେବଳ ନିମ୍ନତର ଆରୋହଣଟିର ଉଚ୍ଚତମ ବିସ୍ତାରଟିହିଁ ଆପଣାକୁ ତା'ର ଅନୁଭୂତ

'oaob.nitrkl.ac.in' images reprocessed

ମଧ୍ୟରେ ପ୍ରକଟ କରି ରଖିଥିବ । ପ୍ରତ୍ୟେକଟି ଶିଖରଦେଶରେ ପହଞ୍ଚି, 'ସାନୋଃ ସାନୁମ୍ ଆରୁହତ୍', ଅତିମାନସର ସାମର୍ଥ୍ୟଗୁଡ଼ିକ ପ୍ରଗାଢ଼ତା, ବିସ୍ତାର ଏବଂ ପୂର୍ଣ୍ଣତାରେ ବୃଦ୍ଧି ପାଇବାରେ ଲାଗିଥିବେ ।

ଏପରି ଏକ ବାଣୀ ବା ଏକ ଅତିମାନସ ବାକ୍ ମଧ୍ୟ ରହିଛି, ଯାହାକୁ କି ସେହି ଉଚ୍ଚତର ଜ୍ଞାନ, ଦୃଷ୍ଟି ବା ଭାବନା ଆପଣାକୁ ବ୍ୟକ୍ତ କରିଦେବା ପାଇଁ ଆମ ଭିତରେ ପରିଧାନରୂପେ ଗ୍ରହଣ କରିନେଇ ପାରିବ । ପ୍ରଥମରେ ସେଇଟି ହୁଏତ ଗୋଟିଏ ଶବ୍ଦରୂପେ ଆସିବ, ଏକ ବାଣୀ ବା ଏକ ପ୍ରେରଣାରୂପେ ଊର୍ଦ୍ଧ୍ୱରୁ ଆମ ଭିତରକୁ ଅବତରଣ କରି ଆସିବ ବା ଏପରିକି ତାହା ହୁଏତ ସେହି ପରମାତ୍ମସତ୍ତା ବା ପରମେଶ୍ୱରଙ୍କରହିଁ ଏକ ବାଣୀ ବା ଆଦେଶ ବୋଲି ମଧ୍ୟ ଅନୁଭୂତ ହେବ । ପରେ ତାହାର ସେହି ପୃଥକ୍ ରୂପଟି ସମାପ୍ତ ହୋଇଯିବ ଏବଂ ଏକ ଅନ୍ତର୍ଗତ ବାଣୀରୂପେ ଆପଣାକୁ ପ୍ରକଟ କରିଦେଲା ବେଳେ ଭାବନାର ଏକ ସାଧାରଣ ରୂପରେହିଁ ପରିଣତ ହୋଇଯିବ । ସେତେବେଳେ କୌଣସି ସଙ୍କେତକାରୀ ବା ବିବର୍ତ୍ତନାତ୍ମକ ଶବ୍ଦର ସାହାଯ୍ୟ ନ ନେଇ ଭାବନାଟି ଆପଣାକୁ ବ୍ୟକ୍ତ କରିଦେଇ ପାରିବ ଏବଂ ଅତିମାନସ ଅନୁଭବର କୌଣସି ନା କୌଣସି ଆଲୋକନକାରୀ ଉପାଦାନରୂପେହିଁ, ମାତ୍ର ତଥାପି ସର୍ବଥା ସମ୍ପୂର୍ଣ୍ଣ ଏବଂ ସ୍ପଷ୍ଟ ଭାବରେ ତଥା ଆପଣା ଭିତରେ ନିହିତ ହୋଇ ରହିଥିବା ସମୁଦାୟ ସତ୍ୟସମ୍ପଦଟି ସହିତ, ଆପଣାକୁ ବ୍ୟକ୍ତ କରିଦେବ । ଯେତେବେଳେ ତାହା ଏତେଦୂର ସ୍ପଷ୍ଟ ହୋଇପାରି ନଥିବ, ସେତେବେଳେ ତାହା ହୁଏତ ଏକ ସଙ୍କେତସମର୍ଥ ଅନ୍ତର୍ବାଣୀର ସହାୟତା ଗ୍ରହଣ କରିପାରିବ, ଯାହାକି ତାହାର ସମ୍ପୂର୍ଣ୍ଣ ଅର୍ଥଟିକୁ ପ୍ରକଟ କରିଦେବା ଲାଗି ତାହାର ସଙ୍ଗେସଙ୍ଗେ ରହିଥିବ । ଅଥବା, ସେହି ଭାବନା ଏକ ମୌନ ଅନୁଭବରୂପେ ନଆସି ସତ୍ୟ ମଧ୍ୟରୁ ଆପେ ଜନ୍ମଲାଭ କରିଥିବା ବାଣୀରୂପେହିଁ ଆସିବ, ଯାହାକି ଆପଣାର ଅଧିକାରବଳରେ ପୂର୍ଣ୍ଣ ହୋଇ ରହିଥିବ ଏବଂ ଆପଣା ମଧ୍ୟରେ ଆପଣାର ସ୍ୱକୀୟ ଦୃଷ୍ଟି ତଥା ଜ୍ଞାନଟିକୁ ବହନ କରୁଥିବ । ସେତେବେଳେ ତାହା ଏକ ପ୍ରକାଶସମର୍ଥ ଶବ୍ଦ ହୋଇ ରହିବ, ପ୍ରେରଣାମୟ ବା ସବୋଧିପ୍ରେରିତ ହୋଇ ରହିବ ଅଥବା ଏପରି ଏକ ବୃହତ୍ତର ପ୍ରକାରର ଶବ୍ଦ ହୋଇ ରହିବ, ଯାହାକି ସେହି ଉଚ୍ଚତର ଅତିମାନସ ଏବଂ ତଦ୍‌ଗତତାର ଅନନ୍ତ ଅଭିପ୍ରାୟ ବା ଇଙ୍ଗିତଟିକୁ ବହନ କରି ଆଣିବାକୁ ସମର୍ଥ ହେଉଥିବ । ବୁଦ୍ଧି ଏବଂ ଇନ୍ଦ୍ରିୟ-ମନର ଧାରଣା, ଅନୁଭବ ତଥା ଆବେଗଗୁଡ଼ିକୁ ବ୍ୟକ୍ତ କରିବା ଲାଗି ବର୍ତ୍ତମାନ ଆମେ ଯେଉଁ ଭାଷାଟିର ବ୍ୟବହାର କରୁଛୁ, ସେତେବେଳେ ମଧ୍ୟ ତାହା ଆପଣାକୁ ଠିକ୍ ସେହି ଭାଷାରେ ଗଠିତ କରି ରଖିପାରିବ; ମାତ୍ର ସେତେବେଳେ ତାହା ତାକୁ ଏକ ଭିନ୍ନ ରୀତିରେ ବ୍ୟବହାର କରିବ, ସବୋଧିଗତ ତଥା ପ୍ରକାଶସମର୍ଥ ଅର୍ଥବ୍ୟଞ୍ଜନାଗୁଡ଼ିକୁ ବ୍ୟକ୍ତ କରିଆଣିବା ଲାଗି ଭାଷାର ଯଥାସମ୍ଭବ ଯେତେ ଅଧିକ

'oaob.nitrkl.ac.in' images reprocessed

ସାମର୍ଥ୍ୟ ରହିଛି, ତାହାକୁ ସେ ସେହି ସାମର୍ଥ୍ୟ ସହିତ ପ୍ରଗାଢ଼ ଭାବରେ ବ୍ୟକ୍ତ କରି ଆଣି ପାରିବ । ଅଧିମାନସ ବାକ୍ ଆପଣାକୁ ଅନ୍ତର୍ଗତ ଭାବରେ ଏପରି ଏକ ଆଲୋକ, ସାମର୍ଥ୍ୟ, ଭାବନା ତଥା ଅନ୍ତର୍ଗତ ଧ୍ୱନିର ଏକ ଛନ୍ଦ ସହିତ ବ୍ୟକ୍ତ କରିଆଣେ, ଯାହାକି ତାକୁ ସେହି ଅଧିମାନସ ଭାବନା ଓ ଦୃଷ୍ଟିସାମର୍ଥ୍ୟର ସ୍ୱାଭାବିକ ତଥା ଜୀବନ୍ତ ଶରୀରରେହିଁ ପରିଣତ କରିଦିଏ । ସେହି ଛନ୍ଦ ଆପଣାକୁ ଭାଷାଟି ମଧ୍ୟରେ ଆଣି ଅଜାଡ଼ିଦିଏ; ସେହି ଭାଷା ଏପରିକି ହୁଏତ ସେହି ମାନସିକ ବାଣୀରହିଁ ଭାଷା ହୋଇ ରହିଥାଏ ସତ, ମାତ୍ର ତାହା ସେଥିରେ ସୀମିତ ବୌଦ୍ଧିକ, ସଂବେଗଗତ ବା ସଂବେଦନାତ୍ମକ ଅର୍ଥରୁ ଏକାନ୍ତ ଭିନ୍ନ ଏକ ଅର୍ଥ ଓ ତାତ୍ପର୍ଯ୍ୟ ଆଣି ଭରି ଦେଇଯାଏ । ସେହି ସଂବୋଧିଗତ ମନ ଅଥବା ଅଧିମାନସ ମଧ୍ୟରେହିଁ ତାହା ଗଠିତ ହୁଏ ଓ ସେଇଟିକୁ ଶୁଣି ହୁଏ ଏବଂ କେତୋଟି ଅତ୍ୟୁଚ୍ଚଶକ୍ତିସମ୍ପନ୍ନ ବ୍ୟକ୍ତିତ୍ୱମାନଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ମଧ୍ୟରେ କଥିତ ଏବଂ ଲିଖିତ ଆକାରରେ ସହଜରେ ପ୍ରକଟ ହୋଇ ଆସିବା ଆଦୌ ଅନିବାର୍ଯ୍ୟ ହୋଇ ରହି ନଥାଏ; ମାତ୍ର ଯେତେବେଳେ ଭୌତିକ ଚେତନା ଏବଂ ତା'ର ଅଙ୍ଗ ବା ସାଧନଗୁଡ଼ିକ ତିଆରି ହୋଇଯାନ୍ତି, ସେତେବେଳେ ସେଇଟି ମଧ୍ୟ ନିର୍ବାଧ ଭାବରେ ସମ୍ଭବ ହୋଇଯାଏ ଏବଂ ଏଇଟିକୁ ମଧ୍ୟ ଆମେ ପୂର୍ଣ୍ଣ ସିଦ୍ଧିଲାଭର ସେହି ଅଭିଳଷିତ ପୂର୍ଣ୍ଣତା ଏବଂ ସାମର୍ଥ୍ୟରହିଁ ଗୋଟିଏ ଅଙ୍ଗ ବୋଲି ଜାଣିବା ।

ଅଧିମାନସ ଭାବନା, ଅନୁଭୂତି ଏବଂ ଦୃଷ୍ଟି ମଧ୍ୟରେ ରହିଥିବା ଜ୍ଞାନର ପରିସରଟି ମନୁଷ୍ୟ-ଚେତନା ଲାଗି ଉନ୍ମୋଚିତ ହୋଇ ରହିଥିବା ଯାବତୀୟ କ୍ଷେତ୍ରରେହିଁ ପ୍ରବିଷ୍ଟ ହୋଇ ରହିଥିବ; କେବଳ ଏହି ପୃଥିବୀଟି ଉପରେ ନୁହେଁ, ମାତ୍ର ସକଳ ଭୂମି ଓ ସକଳ କ୍ଷେତ୍ରରେ ପ୍ରବିଷ୍ଟ ହୋଇ ରହିଥିବ । ଅବଶ୍ୟ ଏକଥା ସତ ଯେ ତାହା ଅଧିକରୁ ଅଧିକ ପରିମାଣରେ ମାନସିକ ଚିନ୍ତନ ଓ ମାନସିକ ଅନୁଭବର ଠିକ୍ ବିପରୀତ ବୋଧଟି ସହିତହିଁ କାର୍ଯ୍ୟ କରୁଥିବ । ମନୋମୟ ଚିନ୍ତନ ଓ ଭାବନାରେ ଅହଂ ଅର୍ଥାତ୍ ଭାବନାକାରୀ ବ୍ୟକ୍ତିର ବ୍ୟଷ୍ଟି-ପୁରୁଷଟିହିଁ କେନ୍ଦ୍ର ହୋଇ ରହିଥାଏ । ଅପର ପକ୍ଷରେ ଅଧିମାନସ ବ୍ୟକ୍ତି ଅଧିକତର ଭାବରେ ଆପଣାର ବିଶ୍ୱ-ମନଟି ଦେଇ ଭାବିବ, ଏପରିକି ହୁଏତ ତାହାର ଆହୁରି ଊର୍ଦ୍ଧ୍ୱକୁ ଉଠିଯାଇ ପାରିବ; ଏବଂ ତା'ର ବ୍ୟକ୍ତି-ଅସ୍ତିତ୍ୱ ସେହି କ୍ଷେତ୍ରରେ ଅଧିକ ଯଥାର୍ଥ ଭାବରେ କହିଲେ ଏକ କେନ୍ଦ୍ର ନହୋଇ ବରଂ ଆଲୋକବିକିରଣ ଏବଂ ଆଦାନପ୍ରଦାନରହିଁ ଏକ ପାତ୍ର ପରି ହୋଇ ରହିବ, ଯେଉଁଥିରେ କି ପରମ ଚିଦ୍‌ଗତତାର ବିଶ୍ୱ-ଭାବନା ଓ ବିଶ୍ୱ-ଜ୍ଞାନ ମଧ୍ୟ ଆସି ସମ୍ମିଳିତ ହୋଇ ରହିବ । ମନୋମୟ ମନୁଷ୍ୟ ସର୍ବଦା ଏକ ନିର୍ଦ୍ଦିଷ୍ଟ ବ୍ୟାସାର୍ଦ୍ଧ ମଧ୍ୟରେ ରହିହିଁ ଯାହାକିଛି ଚିନ୍ତା କରିପାରେ; ତା'ର ମନୋଭୂମିର ତଥା ତା' ଅନୁଭୂତିର କ୍ଷୁଦ୍ରତା ଅଥବା ବୃହତ୍ତ୍ୱ ଦ୍ୱାରାହିଁ ସେହି ବ୍ୟାସାର୍ଦ୍ଧଟି ନିରୂପିତ ହୋଇ



'oaob.nitrkl.ac.in' images reprocessed

ରହିଥାଏ । ଅଧିମାନସ ମନୁଷ୍ୟର ବିଚରଣଭୂମି ଏହି ସମୁଦାୟ ପୃଥିବୀରେହିଁ ବ୍ୟାପ୍ତ ହୋଇ ରହିବ, ଏବଂ ଏହି ପୃଥିବୀଟି ପଛରେ ଅସ୍ତିତ୍ୱର ଅନ୍ୟାନ୍ୟ ଭୂମିରେ ମଧ୍ୟ ଯାହାକିଛି ଅବସ୍ଥିତ ରହିଛି, ତାହା ସେଇଟି ମଧ୍ୟକୁ ବି ବ୍ୟାପ୍ତ ହୋଇଯିବ । ଏବଂ ସର୍ବଶେଷ କଥା ହେଉଛି ଯେ, ମନୋମୟ ମନୁଷ୍ୟ ଊର୍ଦ୍ଧ୍ୱ ଆଡ଼କୁ ଆପଣାର ହୃଦୟରେ ଏକ ଆକାଙ୍କ୍ଷା ରଖିଥିଲେ ମଧ୍ୟ ତଥାପି କେବଳ ଏହି ବର୍ତ୍ତମାନ ଜୀବନଟିର ସ୍ତରରେହିଁ ଯାହାକିଛି ବୁଝିଥାଏ ବା ଯାହାକିଛି ଦେଖିଥାଏ ଏବଂ ତା'ର ଦୃଷ୍ଟି ସକଳ ଦିଗରୁହିଁ ବାରିତ ଏବଂ ବ୍ୟାହତ ହୋଇ ରହିଥାଏ । ଏହି ବର୍ତ୍ତମାନହିଁ ତା' ଜ୍ଞାନ ଏବଂ କର୍ମର ପ୍ରଧାନ ଆଧାର ହୋଇ ରହିଥାଏ; ଏଇଠି ଅବସ୍ଥିତ ରହି ସେ ଅତୀତ ଉପରେ ଟିକିଏ ଟିକିଏ ଆଖି ପକାଉଥାଏ, ସେହି ଅତୀତ ମଧ୍ୟରୁ ତା' ଉପରେ ଆସି ପଡ଼ୁଥିବା ସ୍ତୁପର ପ୍ରଭାବଟିକୁ ସେ ମୋଟେ ଭଲ କରି ବୁଝି ନଥାଏ, ଏବଂ ସତେଅବା କୌଣସି ଅନ୍ଧଲୋକ ପରି ଭବିଷ୍ୟତ ଆଡ଼କୁ ଜଗା କରିବାରେ ଲାଗିଥାଏ । ଏହି ପାର୍ଥିବ ଅସ୍ତିତ୍ୱର ବାସ୍ତବତାଗୁଡ଼ିକ ଉପରେହିଁ ସେ ଆପଣାକୁ ଠିଆକରି ରଖିଥାଏ; ପ୍ରଥମେ ବାହ୍ୟ ପୃଥିବୀଟିର ତଥ୍ୟଗୁଡ଼ିକୁହିଁ ଆପଣାର ଆଧାରରୂପେ ମାନିନିଏ ଏବଂ ତାହାର ସହିତହିଁ ସାଧାରଣତଃ ଆପଣାର ଅନ୍ତର୍ଗତ ଭାବନା ଏବଂ ଅନୁଭୂତିର ସବୁଯାକ ନହେଲେ ମଧ୍ୟ ତାହାର ବେଶିଭାଗକୁ ନିଅଭାଗ ସମ୍ବନ୍ଧିତ କରି ରଖିବାରେ ଅଭ୍ୟସ୍ତ ହୋଇ ଯାଇଥାଏ, ଏବଂ ତା'ପରେ ଆପଣା ଅନ୍ତର୍ଗତ ସତ୍ତାର ଅଧିକ ସ୍ଥୂଳ ଏବଂ ଉପରିଭାଗୀୟ ହୋଇ ରହିଥିବା ଅଂଶଟିର ପରିବର୍ତ୍ତନଶୀଳ ବାସ୍ତବସତ୍ୟଗୁଡ଼ିକ ଉପରେ ଆପଣାକୁ ଠିଆକରି ରଖିବାକୁ ଯାଇଥାଏ । ଆପଣା ମନର ବୃଦ୍ଧିସାଧନ କରିବା ସଙ୍ଗେସଙ୍ଗେ ସିଏ ଅଧିକ ମୁକ୍ତ ଭାବରେ ଏଗୁଡ଼ିକର ବାଡ଼ ଡେଇଁ ସେଗୁଡ଼ିକରୁ ଉଦ୍‌ଭୂତ ହେଉଥିବା ଏବଂ ସେଗୁଡ଼ିକର ସୀମାଗୁଡ଼ିକୁ ପାରି ହୋଇ ଯାଉଥିବା କେତେକେତେ ଶକ୍ତିସମ୍ଭାବନା ମଧ୍ୟକୁ ଅଗ୍ରସର ହୋଇଯାଏ, ତା'ର ମନ ସେଠାରେ କେତେକେତେ ସମ୍ଭାବନାର ଏକ ବୃହତ୍ତର କ୍ଷେତ୍ରଟିକୁ ନେଇ କାରବାର କରେ; ମାତ୍ର କେବଳ ଯେତିକି ଅନୁପାତରେ ସେହି ସମ୍ଭାବନାଗୁଡ଼ିକ ବାସ୍ତବତା ସହିତ ସମ୍ବନ୍ଧିତ ହୋଇ ରହିଥାନ୍ତି ଓ ଏଠାରେ, ଏହି ମୁହୂର୍ତ୍ତରେ ବା ଏହାପରେ ବାସ୍ତବତାରେ ପରିଣତ ହୋଇପାରନ୍ତି, ଠିକ୍ ସେହି ଅନୁପାତରେହିଁ ସେହିସବୁ ସମ୍ଭାବନା ଅଧିକାଂଶତଃ ତା' ଲାଗି ସମ୍ପୂର୍ଣ୍ଣ ଭାବରେ ବାସ୍ତବ ହୋଇ ରହନ୍ତି । ବସ୍ତୁଗୁଡ଼ିକର ମୂଳ ତତ୍ତ୍ୱଟି ବିଷୟରେ ସେ ଯଦି ଆଦୌ କୌଣସି ପରିଚୟ ପାଏ, ତେବେ କେବଳ ତାହାର ଏହି ବାସ୍ତବତାର ଫଳସ୍ୱରୂପହିଁ ସେ ତାହା ପାଇଥାଏ, ସେହି ବାସ୍ତବକତାଗୁଡ଼ିକ ସହିତ ଆପଣାକୁ ସମ୍ବନ୍ଧିତ ତଥା ନିର୍ଭରଶୀଳ କରି ରଖିହିଁ ସେ ସେହି ପରିଚୟ ପାଏ; ଏବଂ ତେଣୁ ସେଗୁଡ଼ିକୁ କେବଳ ଏକ ଅସତ୍ୟ ଆଲୋକ ମଧ୍ୟରେହିଁ ଦେଖିଥାଏ ବା କେବଳ ଏକ ସୀମିତ ମାତ୍ରା ବା ଆୟତନ ମଧ୍ୟରେ

'oaob.nitrkl.ac.in' images reprocessed

ଦେଖୁଥାଏ । ଏହିସବୁ ବିଷୟର ଭୂମିରେ ଅତିମାନସ ମନୁଷ୍ୟକୁ ଏହାର ଠିକ୍ ବିପରୀତ ଚକ୍ଷୁଟିରୁ ଅର୍ଥାତ୍ ସତ୍ୟ-ଦୃଷ୍ଟିର ଚକ୍ଷୁଟିରୁହିଁ ଅଗ୍ରସର ହେବାକୁ ହୋଇଥାଏ ।

ଅତିମାନସ ସତ୍ତା ବସ୍ତୁଗୁଡ଼ିକୁ ଊର୍ଦ୍ଧ୍ୱଦେଶରୁ ଅର୍ଥାତ୍ ବିସ୍ତୃତରୂପେ ପରିବ୍ୟାପ୍ତ ହୋଇଥିବା ଦେଶସ୍ଥିତାଗୁଡ଼ିକରୁ ପ୍ରତ୍ୟକ୍ଷ କରିଥାଏ ଏବଂ ଆପଣାର ସର୍ବୋଚ୍ଚ ଭୂମିରେ ସେ ସେଗୁଡ଼ିକୁ କେବଳ ଅନନ୍ତରହିଁ ଦେଶସ୍ଥିତାଗୁଡ଼ିକ ମଧ୍ୟରୁ ପ୍ରତ୍ୟକ୍ଷ କରେ । ତା'ର ଦୃଷ୍ଟି କେବଳ ବର୍ତ୍ତମାନରହିଁ ଦର୍ଶନାୟତନଟି ମଧ୍ୟରେ କଦାପି ସୀମାବଦ୍ଧ ନଥାଏ; ମାତ୍ର ତାହା କାଳର ଅବିରତ ଯାବତୀୟ ପ୍ରବାହରେ ବା ପରମ ତଦ୍‌ଗତତାଙ୍କର ଅବିଚ୍ଛିନ୍ନତାଗୁଡ଼ିକ ମଧ୍ୟରେ ଅବସ୍ଥିତ ସେହି କାଳୋତ୍ତରତା ମଧ୍ୟରୁ ବି ବସ୍ତୁଗୁଡ଼ିକୁ ଦେଖିବାକୁ ସମର୍ଥ ହୁଏ । ସତ୍ୟକୁ ସେ ସେହି ସତ୍ୟର ଯଥୋଚିତ କ୍ରମଟିରେ ଦେଖିଥାଏ; ଅର୍ଥାତ୍ ପ୍ରଥମେ ତାହାର ସାରତତ୍ତ୍ୱଟିକୁ ଦେଖିଥାଏ ଓ ତା'ପରେ ସେଥିରୁ ଉଦ୍‌ଭୂତ ହୋଇ ଆସୁଥିବା ତାହାର ଶକ୍ତିମୟ ସମ୍ଭାବନାଗୁଡ଼ିକରେ ଦେଖେ ଏବଂ କେବଳ ଶେଷରେ ଯାଇ ତାହାର ଯଥାର୍ଥ ଏବଂ ବାସ୍ତବ ଅବସ୍ଥାଗୁଡ଼ିକରେ ତାହାକୁ ଦେଖିଥାଏ । ମୂଳ ସତ୍ୟଗୁଡ଼ିକ ତା'ର ଦୃଷ୍ଟିରେ ଆପେ-ବର୍ତ୍ତମାନ ଓ ଆପେ-ଦୃଶ୍ୟମାନ ହୋଇ ରହିଥାନ୍ତି; ଆପଣାର ପ୍ରାମାଣ୍ୟ ଲାଗି ସେଗୁଡ଼ିକ ଏହି ବାସ୍ତବତାଟି ଉପରେ କିଂବା ସେହି ବାସ୍ତବତାଟି ଉପରେ ଆଦୌ ନିର୍ଭର କରୁ ନଥାନ୍ତି । ଶକ୍ତିମୟ ସମ୍ଭାବ୍ୟ ସତ୍ୟଗୁଡ଼ିକ ଅପଣା ଭିତରେ ତଥା ବସ୍ତୁଗୁଡ଼ିକ ମଧ୍ୟରେ ସେହି ସତ୍ତାରହିଁ ଶକ୍ତିଗତ ନାନା ସତ୍ୟରୂପେ ବିଦ୍ୟମାନ ରହିଥାନ୍ତି, ଶକ୍ତିର ଅନନ୍ତତାରହିଁ ସତ୍ୟ ହୋଇ ରହିଥାନ୍ତି; ଏବଂ ସେଗୁଡ଼ିକ ବାସ୍ତବତାର ଏହି ଭୂମି ଅଥବା ସେହି ଭୂମିରେ ସେଗୁଡ଼ିକର ଅତୀତ ଅଥବା ବର୍ତ୍ତମାନ ଚରିତାର୍ଥତାଟିରୁ ଭିନ୍ନ ରହି ମଧ୍ୟ ଗୋଟିଏ ଗୋଟିଏ ସତ୍ୟ ହୋଇ ରହିଥାନ୍ତି, ବା ଆମେ ଯାହାକୁ ସମୁଦାୟ ପ୍ରକୃତି ବୋଲି ଭ୍ରମ କରିବାରେ ଲାଗିଥାଉ, ସେହି ଅତିଅଭ୍ୟସ୍ତ ଉପରିସ୍ତରୀୟ ରୂପଗୁଡ଼ିକରୁ ଭିନ୍ନ ରହି ମଧ୍ୟ ଗୋଟିଏ ଗୋଟିଏ ସତ୍ୟ ହୋଇ ରହିଥାନ୍ତି । ବାସ୍ତବ ସତ୍ୟଗୁଡ଼ିକ ତ ସେ ଦେଖୁଥିବା ସମ୍ଭାବ୍ୟ ସତ୍ୟଗୁଡ଼ିକ ମଧ୍ୟରୁହିଁ ଏକ ନିର୍ବାଚନ ହୋଇ ରହିଥାଏ, ସେହିଗୁଡ଼ିକ ଉପରେ ନିର୍ଭରଶୀଳ ରହିଥାଏ ଏବଂ ସୀମିତ ଓ ପରିବର୍ତ୍ତନଶୀଳ ହୋଇ ରହିଥାଏ । ବର୍ତ୍ତମାନ ମୁହୂର୍ତ୍ତଟିର, ବାହାରେ ପ୍ରକୃତ ହୋଇ ଘଟୁଥିବା ଘଟଣା-ଗୁଡ଼ିକର, ତଥ୍ୟଗୁଡ଼ିକର ତାତ୍କାଳିକ ବିସ୍ତାରଭୂମିର ତଥା କର୍ମ କରିବା ଲାଗି ଅନୁଭୂତ ହେଉଥିବା ତାତ୍କାଳିକ ଆବେଗ ଏବଂ ଦାବିଟିର ଉତ୍ପୀଡ଼ନ,—ଅତିମାନସ ଦ୍ରଷ୍ଟାର ଭାବନା ଅଥବା ଇଚ୍ଛା ଉପରେ ଏଗୁଡ଼ିକର ଆଦୌ କୌଣସି କର୍ତ୍ତୃତ୍ୱ ନଥାଏ ଓ ତେଣୁ ଏକ ବୃହତ୍ତର ଜ୍ଞାନ ଉପରେ ପ୍ରତିଷ୍ଠିତ ଏକ ବ୍ୟାପ୍ତତର ଇଚ୍ଛାଶକ୍ତି ମଧ୍ୟ ତା' ଲାଗି ସମ୍ଭବ ହୋଇ ରହିଥାଏ । କେବଳ ବର୍ତ୍ତମାନର ତଥ୍ୟସତ୍ୟ ତଥା ପ୍ରତିଭାସ-

'oaob.nitrkl.ac.in' images reprocessed

ଗୁଡ଼ିକର ଜଙ୍ଗଲ ଦ୍ୱାରା ଘେରି ହୋଇ ରହିଥିବା ଘରଗୁଡ଼ିକରେ ଅବସ୍ଥିତ ଏକ ବସ୍ତୁ ହିସାବରେ ସେ କଦାପି ବସ୍ତୁଗୁଡ଼ିକୁ ଦେଖେ ନାହିଁ, ମାତ୍ର ସେଗୁଡ଼ିକୁ ସେ ଊର୍ଦ୍ଧ୍ୱ ଦେଶରୁ ଦେଖିବାକୁ ପାଏ; ସେଗୁଡ଼ିକୁ ସେ ବାହାରୁ ଆଉ ଦେଖେ ନାହିଁ କିମ୍ବା ସେଗୁଡ଼ିକର ଉପରିସ୍ତରସ୍ଥ ରୂପଟାରୁହିଁ ସେଗୁଡ଼ିକର ବିଚାର କରି ବସେ ନାହିଁ; ସେଗୁଡ଼ିକୁ ସେ ଅନ୍ତର୍ଗତ ଭାବରେ ଦେଖେ ଏବଂ ସେଗୁଡ଼ିକର କେନ୍ଦ୍ରସ୍ଥ ସତ୍ୟଟିରେ ଅବସ୍ଥିତ ରହିହିଁ ସେଗୁଡ଼ିକୁ ଦେଖୁଥାଏ । ତେଣୁ ସେ ଦିବ୍ୟ ସର୍ବଜ୍ଞତାଟିର ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ । ଏକ ଦୃଷ୍ଟିଶାଳୀ ଶିଖର ଉପରୁହିଁ ଆପଣାର ସକଳ ସଂକଳ୍ପ ଓ ସକଳ କ୍ରିୟା କରୁଥାଏ ଏବଂ ଏକ ଦୀର୍ଘତର ଗତିସ୍ପନ୍ଦନ ସହିତ ତଥା ଶକ୍ତିସମ୍ଭାବନାଗୁଡ଼ିକର ଏକ ବୃହତ୍ତର ବିସ୍ତାର ସହିତ ଏସବୁ କରୁଥାଏ; ତେଣୁ ଦିବ୍ୟ ସର୍ବଶକ୍ତିମତ୍ତାର ଅଧିକ ନିକଟବର୍ତ୍ତୀ ହୋଇ ରହିଥାଏ । କେବଳ ମୁହୂର୍ତ୍ତ ସହିତ ମୁହୂର୍ତ୍ତକୁ ଯୋଡ଼ି ରଖିଥିବା ଏକ ଜଞ୍ଜିରରେ ତା'ର ସତ୍ତାଟି ଆଦୌ ବାନ୍ଧି ହୋଇ ଓ କିଳି ହୋଇ ରହି ନଥାଏ, ମାତ୍ର ଅତୀତର ସମସ୍ତ ସାମର୍ଥ୍ୟଟିକୁ ସେ ଧାରଣ କରି ରଖିଥାଏ ଏବଂ ପୂର୍ବଦ୍ରଷ୍ଟି ଦର୍ଶନସମର୍ଥ ଭାବରେ ଭବିଷ୍ୟର ବିସ୍ତାରଟି ମଧ୍ୟରେ ବି ବିଚରଣ କରି ପାରୁଥାଏ । ସୀମାବଦ୍ଧକାରୀ ଅହଂ ବା ବ୍ୟକ୍ତିଗତ ମନଟା ଭିତରେ ଆଦୌ କିଳି ହୋଇ ରହି ନଥାଏ, ମାତ୍ର ବିଶ୍ୱଗତ ସତ୍ତା, ପରମେଶ୍ୱରଙ୍କର ପରମ ସ୍ୱାତନ୍ତ୍ର୍ୟ ମଧ୍ୟରେ ଏବଂ ସକଳ ଜୀବନ ଓ ସକଳ ବସ୍ତୁ ଭିତରେ ଅବସ୍ଥାନ କରୁଥାଏ । ତାହା ଭୌତିକ ମନର ସେହି ନୀରସ ଓ ଜଡ଼ ଘନତା ମଧ୍ୟରେ ନୁହେଁ, ମାତ୍ର ଆତ୍ମସତ୍ତାର ଆଲୋକ ମଧ୍ୟରେ ଏବଂ ଚିଦ୍‌ଗତତାର ଅନନ୍ତତା ମଧ୍ୟରେ ବାସ କରୁଥାଏ । ଆତ୍ମା ଏବଂ ମନକୁ ତାହା ପରମ ଚିଦ୍‌ଗତତାର କେବଳ ଏକ ସାମର୍ଥ୍ୟ ତଥା ଏକ ଗତିସ୍ପନ୍ଦନ ରୂପେ ଦେଖୁଥାଏ, ଜଡ଼କୁ ମଧ୍ୟ ତାଙ୍କଠାରୁ ନିଷ୍ପନ୍ନ ଏକ ରୂପାୟନ ବୋଲି ଦେଖୁଥାଏ । ତା'ର ସକଳ ଭାବନା କେବଳ ଜ୍ଞାନରୁହିଁ ଉନ୍ମେଷିତ ହୋଇ ଆସେ । କେବଳ ସେହି ଅଧ୍ୟାତ୍ମ ସତ୍ତାର ସତ୍ୟଗତ ଆଲୋକ ଏବଂ ସେହି ଗତିଶୀଳ ଅଧ୍ୟାତ୍ମ ଉପାଦାନର ସାମର୍ଥ୍ୟ ମଧ୍ୟରେହିଁ ସେ ପ୍ରାତିଭାସିକ ଜୀବନଭୂମିଟିକୁ ଅନୁଭବ କରେ, ତାହାକୁ କାର୍ଯ୍ୟରେ ଲଗାଇଥାଏ ।

ପ୍ରଥମେ, ଅର୍ଥାତ୍ ଏହି ଉଚ୍ଚତର ସ୍ଥିତିଟି ମଧ୍ୟକୁ ରୂପାନ୍ତରିତ ହୋଇ ଆସିବାର ଆରମ୍ଭକାଳରେ କମ୍ ବା ଅଧିକ ସମୟ ପାଇଁ ତଥା ନ୍ୟୂନାଧିକ ପରିମାଣରେ ଆମର ଭାବନା ସେହି ମନର ପଦ୍ଧତିଟି ଅନୁସାରେହିଁ କାର୍ଯ୍ୟ କରିବାରେ ଲାଗିଥିବ; ମାତ୍ର ତାହାକୁ ସେ ଅଧିକତର ଆଲୋକଯୁକ୍ତ ହୋଇ କରୁଥିବ ଏବଂ ମୁକ୍ତତା ତଥା ବିଶ୍ୱାତୀତତାର ଅଧିକରୁ ଅଧିକ ଉଚ୍ଚକୁ ଉଡ଼ିଯାଇ ପାରୁଥିବ, ଅଧିକରୁ ଅଧିକ ଆୟତନ ମଧ୍ୟରେ ଓ ଅଧିକରୁ ଅଧିକ ଗତିସ୍ପନ୍ଦନ ସହିତ ତାହା କାର୍ଯ୍ୟ କରି ପାରୁଥିବ । ପରବର୍ତ୍ତୀ ପର୍ଯ୍ୟାୟରେ ସେହି ମୁକ୍ତତା ଏବଂ ବିଶ୍ୱାତୀତତା ପ୍ରଭୁତ୍ୱ ପ୍ରାପ୍ତ କରିବାକୁ

'oaob.nitrkl.ac.in' images reprocessed

ଆରମ୍ଭ କରିବ; ଯେକୌଣସି ପ୍ରକାର ଅସୁବିଧା ଆସି ପଡ଼ୁ, ଅଥବା ଯାହାକିଛୁ ସ୍ଖଳନ ଘଟୁ ପଛକେ, ଭାବନାତ୍ମକ ମନର ବିଭିନ୍ନ ଗଠସ୍ପନ୍ଦନରେ ଗୋଟିକ ପରେ ଗୋଟିଏ ହୋଇ ଭାବନାଗତ ଦୃଷ୍ଟିର ଉଚ୍ଚଗତି ଓଲଟିଯିବ ଏବଂ ଭାବନାଗତ ପଦ୍ଧତିର ରୂପାନ୍ତର ହୋଇଯିବ; ଏବଂ ପରିଶେଷରେ ଏହାହିଁ ସମଗ୍ର ଭାବରେ ପ୍ରଭୁତ୍ୱ ଲାଭ କରି ଏକ ପରିପୂର୍ଣ୍ଣ ରୂପାନ୍ତରକୁ ସମ୍ଭବ କରିଦେଇ ପାରିବ। ଶୁଦ୍ଧ ଭାବନା ତଥା ଜ୍ଞାନର ପ୍ରକ୍ରିୟାଗୁଡ଼ିକରେ ସାଧାରଣତଃ ଅତିମାନସ ଜ୍ଞାନହିଁ ସର୍ବପ୍ରଥମେ ସଂଗଠିତ ହୋଇ ଆସିବ ଏବଂ ସର୍ବାଧିକ ସୁଗମତା ସହିତ ସଂଗଠିତ ହୋଇ ଆସିବ; କାରଣ ଏହି କ୍ଷେତ୍ରରେହିଁ ମନୁଷ୍ୟର ମନଟି ଭିତରେ ଏକ ଊର୍ଦ୍ଧ୍ୱାଭିମୁଖୀ ପ୍ରଗତି ଆସି ଯାଇଥିବ ଏବଂ ତାହା ସବୁଠାରୁ ଅଧିକ ମୁକ୍ତ ହୋଇ ରହିଥିବ। ପରେ, ଏବଂ ଅପେକ୍ଷାକୃତ କମ୍ ସୁଗମତା ସହିତ ତାହା ବ୍ୟାବହାରିକ ଭାବନା ତଥା ଜ୍ଞାନର ପ୍ରକ୍ରିୟାଗୁଡ଼ିକରେ ମଧ୍ୟ ସଂଗଠିତ ହୋଇ ଆସିବ, କାରଣ ଏହି କ୍ଷେତ୍ରଟିରେହିଁ ମନୁଷ୍ୟର ମନ ସବୁଠାରୁ ଅଧିକ କ୍ରିୟାଶୀଳ ହୋଇ ରହିଥିବ, ସବୁଠାରୁ ଅଧିକ ବାନ୍ଧିହୋଇ ପଡ଼ିଥିବ ଏବଂ ଏହାର ନିମ୍ନତର ପଦ୍ଧତିଗୁଡ଼ିକ ସହିତ ଛନ୍ଦିହୋଇ ରହି ଯାଇଥିବ। ତ୍ରିକୋଟିଯାକ କାଳର ଜ୍ଞାନ ଅର୍ଥାତ୍ ତ୍ରିକାଳଦୃଷ୍ଟିହିଁ ତାହାର ସର୍ବଶେଷ ଓ ଅତ୍ୟନ୍ତ ଦୁଷ୍କର ବିଜୟ ହୋଇ ରହିବ; ଏହି କ୍ଷେତ୍ରଟି ବର୍ତ୍ତମାନ ତା'ର ମନଟି ଲାଗି ସତେଅବା ଏକ ଅନୁମାନ ବା ଶୂନ୍ୟରହିଁ କ୍ଷେତ୍ର ହୋଇ ରହିଛି ବୋଲି ଏହାକୁ ଅଧିକ ଦୁଷ୍କର ବୋଲି କୁହାଯାଉଛି। ଏହି ସବୁଯାକ ବିଜୟରେ ଆତ୍ମାର ଏହି ସ୍ୱଭାବଟି ସମାନ ଭାବରେ ଦେଖିବାକୁ ମିଳିବ ଯେ ସିଏ ଧାରଣ କରି ରହିଥିବା କେବଳ ଏହି ଶରୀରଟି ମଧ୍ୟରେ ନୁହେଁ, ମାତ୍ର ତାହାର ଊର୍ଦ୍ଧ୍ୱରେ ତଥା ଚତୁର୍ଦ୍ଦିଗରେ ମଧ୍ୟ ସେ ପ୍ରତ୍ୟକ୍ଷ ଭାବରେ ଦେଖିବାକୁ ସମର୍ଥ ହେବ, ପ୍ରତ୍ୟକ୍ଷ ଭାବରେ ସଙ୍କଳ୍ପ କରିପାରିବ; ଏବଂ ଏହି ସବୁଗୁଡ଼ିକ ମଧ୍ୟରେ ତାଦାତ୍ମ୍ୟଲବ୍ଧ ଅତିମାନସ ଜ୍ଞାନ, ଅତିମାନସ ଦୃଷ୍ଟିସାମର୍ଥ୍ୟ, ଅତିମାନସ ଭାବନା ଏବଂ ଅତିମାନସ ବାକ୍‌ର କ୍ରିୟା ମଧ୍ୟ, ପୃଥକ୍ ପୃଥକ୍ ଭାବରେ ହେଉ ଅଥବା ଏକ ସମ୍ମିଳିତ ଗତିସ୍ପନ୍ଦନରେ ହେଉ, ସମାନ ଭାବରେ ବଳବତ୍ତର ରହିଥିବ।

ତେବେ ଏହାହିଁ ଅତିମାନସ ଭାବନା ତଥା ଅତିମାନସ ଜ୍ଞାନର ସାମାନ୍ୟ ସ୍ୱଭାବ ହୋଇ ରହିବ ଏବଂ ଏହିଗୁଡ଼ିକହିଁ ତାହାର ପ୍ରଧାନ ପ୍ରଧାନ ସାମର୍ଥ୍ୟ ତଥା କ୍ରିୟା ହୋଇ ରହିବ। ବର୍ତ୍ତମାନ ମାନବ-ମନର ଭିନ୍ନଭିନ୍ନ ଉପାଦାନର କ୍ଷେତ୍ରରେ ତାହାର ବିଶେଷ ସାଧନଗୁଡ଼ିକ ଉପରେ ଅତିମାନସ ଯେଉଁ ପରିବର୍ତ୍ତନ ଘଟାଇବ, ଏବଂ ଯେଉଁସବୁ ବିଶେଷ କ୍ରିୟା ସେହି ଭାବନାକୁ ତାହାର ଉପାଦାନ, ଉତ୍ପ୍ରେରକ ତଥା ଦତ୍ତଭୂମିଗୁଡ଼ିକୁ ଆଣି ଯୋଗାଇ ଦେଇଥାଏ, ଆମର ତାହାର ଉପରେ ଆଲୋଚନା କରିବାକୁହିଁ ବାକୀ ରହିଛି।

'oaob.nitrkl.ac.in' images reprocessed

## ତ୍ରୟୋବିଂଶ ପରିଚ୍ଛେଦ

# ଅତିମାନସ ସାଧନଚର୍ଯ୍ୟା—ଭାବନାର ପ୍ରକ୍ରିୟା

**ଅତିମାନସ** ବା ଦିବ୍ୟ ବିଜ୍ଞାନମୟତା ଏପରି ଗୋଟିଏ ବସ୍ତୁ, ଯାହାକୁ କି ଆମର ବର୍ତ୍ତମାନ ଚେତନାଟି ଲାଗି କଦାପି ସମ୍ପୂର୍ଣ୍ଣ ଭାବରେ ବିକାଶପ୍ରାପ୍ତ ବୋଲି ବୁଝାଯାଇ ପାରିବ ନାହିଁ; ଏହାକୁ ଆମେ ଆତ୍ମାର ଏକ ଉଚ୍ଚସ୍ତରସ୍ଥ ନୈମିତ୍ତିକତା ବୋଲି କହିବା ଏବଂ ଆମର ଏହି ସାଧାରଣ ଚେତନାଟିର ଯାବତୀୟ କ୍ରିୟାତ୍ମକତାକୁ ମଧ୍ୟ ଆମେ ଅତିମାନସଠାରୁ କେତୋଟି ସୀମାବଦ୍ଧ ଏବଂ ନିମ୍ନତର ନିଷ୍ପନ୍ନବସ୍ତୁ ବୋଲି ଜାଣିବା; କାରଣ ଏଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ପ୍ରାୟୋଗିକ ବିଷୟ ଏବଂ ଗୋଟିଏ ଗୋଟିଏ ରଚନା ମାତ୍ର ଏବଂ ସେଇଟି ହେଉଛି ଆତ୍ମାର ସତ୍ୟମୟ ଓ ସମ୍ପୂର୍ଣ୍ଣ, ସ୍ୱତଃସ୍ଫୂର୍ତ୍ତି ଏବଂ ସୌଷମ୍ୟବନ୍ତ ପ୍ରକୃତି ଏବଂ କ୍ରିୟା। ତେଣୁ ସେହି ଅନୁସାରେ ଆମେ ଯେତେବେଳେ ମନର ଭୂମିରୁ ଅତିମାନସକୁ ଆରୋହଣ କରିଯାଉ, ସେତେବେଳେ ଚେତନାର ଉପଲବ୍ଧ ନୂତନ ସାମର୍ଥ୍ୟଟି ଆମ ଆତ୍ମା, ମନ ତଥା ପ୍ରାଣର କ୍ରିୟାତ୍ମକତା-ଗୁଡ଼ିକୁ ପ୍ରକୃତରେ ପ୍ରତ୍ୟାଖ୍ୟାନ କରିପକାଏ ନାହିଁ, ମାତ୍ର ତାହା ସେଗୁଡ଼ିକୁ ଉତ୍ତୋଳିତ କରିଆଣେ, ପ୍ରସାରିତ କରିଦିଏ, ରୂପାନ୍ତରିତ କରିଦିଏ। ସେଗୁଡ଼ିକ ମଧ୍ୟରେ ଏହା ଏକ ଉଦାରତା ଆଣିଦିଏ ଏବଂ ସେଗୁଡ଼ିକର ଶକ୍ତି ତଥା କ୍ରିୟାର ସତତ ଅଧିକରୁ ଅଧିକ ବୃହତ୍ତରରୂପେ ଅନୁଭୂତ ହେଉଥିବା ଯଥାର୍ଥ ସତ୍ୟଟିକୁ ପ୍ରଦାନ କରିଥାଏ। କେବଳ ମନ, ଚୈତ୍ୟ ଅଂଶ ତଥା ପ୍ରାଣର ଉପରିଭାଗୀୟ ସାମର୍ଥ୍ୟ ଏବଂ କ୍ରିୟାଗୁଡ଼ିକୁ ରୂପାନ୍ତରିତ କରିଦେବାରେ ମଧ୍ୟ ତାହା ଆପଣାକୁ କଦାପି ସୀମାବଦ୍ଧ କରି ରଖେ ନାହିଁ; ମାତ୍ର ବର୍ତ୍ତମାନ ଆମକୁ ଯାହାସବୁ କେବଳ ଗୁହ୍ୟ, ବିଚିତ୍ର ପ୍ରକାରେ ଚୈତ୍ୟଶକ୍ତିଯୁକ୍ତ ଓ ଅସ୍ୱାଭାବିକ କେତେକ ବସ୍ତୁର ଏକ ପୁଞ୍ଜ ପରି ଦେଖାଯାଉଛି, ଆମ ପ୍ରଚ୍ଛନ୍ନ ଏବଂ ଅନ୍ତର୍ଗୂଢ଼ ସତ୍ତାଟିର ସେହି ବିଶେଷ ଦୁର୍ଲଭତର ଶକ୍ତିଗୁଡ଼ିକୁ ଏବଂ ସେହି ବୃହତ୍ତର ସାମର୍ଥ୍ୟ ତଥା ଜ୍ଞାନକୁ ମଧ୍ୟ ଅଭିବ୍ୟକ୍ତ କରିଆଣେ ଏବଂ ରୂପାନ୍ତରିତ କରିଦିଏ। ଅତିମାନସ ପ୍ରକୃତି ମଧ୍ୟକୁ ଉନ୍ନୀତ ହୋଇ ଏଗୁଡ଼ିକ ଆଉ ଆଦୌ ଅସ୍ୱାଭାବିକ ହୋଇ ରହନ୍ତି ନାହିଁ, ମାତ୍ର ସମ୍ପୂର୍ଣ୍ଣ ଭାବରେ ସ୍ୱାଭାବିକ ଏବଂ ପ୍ରକୃତିଗତ

'oaob.nitrkl.ac.in' images reprocessed

ହୋଇଯାନ୍ତି; ସେଗୁଡ଼ିକ ପୃଥକ୍ ଭାବରେ ଚୈତ୍ୟଶକ୍ତିଯୁକ୍ତ ହୋଇ ରହନ୍ତି ନାହିଁ, ମାତ୍ର ଚତ୍‌ଗତ ବା ଆଧ୍ୟାତ୍ମିକ ହୋଇଯାନ୍ତି; ଆଉ ଗୃହ୍ୟ କିଂବା ବଚନ ହୋଇ ରହନ୍ତି ନାହିଁ, ମାତ୍ର ଏକ ପ୍ରତ୍ୟକ୍ଷ, ସହଜ, ଅନ୍ତର୍ନିହିତ ତଥା ସ୍ୱତଃସ୍ଫୂର୍ତ୍ତି କ୍ରିୟାରେ ପରିଣତ ହୋଇଯାଆନ୍ତି । ଆମର ଏହି ଜାଗ୍ରତ ସ୍ଥୂଳ ଚେତନାଟି ପରି ଆତ୍ମା କଦାପି ସୀମାବଦ୍ଧ ହୋଇ ରହି ନଥାଏ; ଏବଂ ଯେତେବେଳେ ଅତିମାନସ ସେହି ଜାଗ୍ରତ ଚେତନାଟିକୁ ଆପଣା ହାତରେ ଗ୍ରହଣ କରିନିଏ, ସେତେବେଳେ ତାହା ତାକୁ ତାହାର ଭୌତିକତା ବା ସ୍ଥୂଳତାର ଗଣ୍ଠିଟି ଭିତରୁ ବାହାର କରି ନେଇଆସେ, ତାକୁ ତାହାର ଯାବତୀୟ ସୀମା ଭିତରୁ ମୁକୁଳାଇ ଆଣେ ଏବଂ ଆଗରୁ ଯାହା ଭୌତିକ ଓ ଚୈତ୍ୟ ହୋଇ ରହିଥିଲା, ତାହାକୁ ଅଧ୍ୟାତ୍ମସତ୍ତାର ପ୍ରକୃତରେ ରୂପାନ୍ତରିତ କରିଦିଏ ।

ଆଗରୁ ଯେପରି ସୂଚାଇ ଦିଆଯାଇ ସାରିଛି, ଶୁଦ୍ଧ ଭାବନାତ୍ମକ ଜ୍ଞାନର ମାନସିକ କ୍ରିୟାଟିକୁହିଁ ସବୁଠାରୁ ଅଧିକ ସହଜରେ ସଗଠିତ କରାଯାଇ ପାରିବ । ଉଚ୍ଚତର ସୋପାନଟିକୁ ଆସି ତାହାହିଁ ଯଥାର୍ଥ ଜ୍ଞାନ, ଅତିମାନସ ଭାବନା, ଅତିମାନସ ଦୃଷ୍ଟି-ସାମର୍ଥ୍ୟ ତଥା ଅତିମାନସ ତାଦାତ୍ମ୍ୟଜ୍ଞାନରେ ରୂପାନ୍ତରିତ ହୋଇଯାଇଥାଏ । ପୂର୍ବବର୍ତ୍ତୀ ପରିଚ୍ଛେଦରେ ଏହି ଅତିମାନସ ଜ୍ଞାନର ମର୍ମସାରଗତ କ୍ରିୟାଟିର ବର୍ଣ୍ଣନା କରାହୋଇ ସାରିଛି । ବାହ୍ୟ ପ୍ରୟୋଗର କ୍ଷେତ୍ରରେ ଏହି ଜ୍ଞାନଟି ପ୍ରକୃତରେ କପରି କାର୍ଯ୍ୟ କରେ ଏବଂ ଅସ୍ତିତ୍ୱର ଦତ୍ତ୍ୱଭୂମିଟିର ସେହି ଜ୍ଞାନ କପରି ସମ୍ମୁଖୀନ ହୁଏ, ଅବଶ୍ୟ ଏକଥାଟିକୁ ମଧ୍ୟ ବିସ୍ତାର କରି ଦେଖିବାକୁ ପଡ଼ିବ । ପ୍ରଥମତଃ ଏହି ଦୃଷ୍ଟିରୁ ଏହା ମନର କ୍ରିୟାଠାରୁ ଭିନ୍ନଧର୍ମୀ ହୋଇ ରହିଥାଏ ଯେ ଯେଉଁସବୁ କ୍ରିୟାତ୍ମକତା ମନ ଲାଗି ସର୍ବୋଚ୍ଚ ଏବଂ ସବୁଠାରୁ ଅଧିକ କଷ୍ଟସାଧ୍ୟ ହୋଇ ରହିଥାଏ, ଏହା ସେଗୁଡ଼ିକୁ ନେଇ ଅତ୍ୟନ୍ତ ସ୍ୱାଭାବିକ ଭାବରେ କ୍ରିୟା କରିପାରେ; ତାହା ସେଗୁଡ଼ିକ ମଧ୍ୟରେ ବା ସେଗୁଡ଼ିକ ଉପରେ ଉପରୁ ତଳ ଆଡ଼କୁ କାର୍ଯ୍ୟ କରେ, ମାତ୍ର ମନ ଯେପରି ନାନାଭାବେ ବ୍ୟାହତ କଠୋର ପ୍ରୟାସ ଦ୍ୱାରା ତଳୁ ଉପରକୁ କ୍ରିୟା କରିବାରେ ଲାଗିଥାଏ ଓ ଯେପରି ଭାବରେ କେବଳ ଆପଣାର ତଥା ନିମ୍ନତର ସ୍ତରଗୁଡ଼ିକରେହିଁ ଆବଦ୍ଧ ହୋଇ ରହିଥାଏ, ତାହାକୁ ଆଦୌ ସେପରି କରିବାକୁ ପଡ଼େ ନାହିଁ । ଉଚ୍ଚସ୍ତରର କ୍ରିୟାଗୁଡ଼ିକ କେବେହେଲେ ନିମ୍ନତର ସ୍ତରର ସହାୟତାଟି ଉପରେ ନିର୍ଭରଶୀଳ ହୋଇ ରହି ନଥାନ୍ତି, ମାତ୍ର କେବଳ ଆପଣାର ମାର୍ଗଦର୍ଶନ ପାଇଁ ନୁହେଁ, ଆପଣାର ଅସ୍ତିତ୍ୱ ଲାଗି ମଧ୍ୟ ନିମ୍ନତର ସ୍ତରର କ୍ରିୟାଗୁଡ଼ିକ ବରଂ ଉଚ୍ଚତର ସ୍ତରଟି ଉପରେହିଁ ସର୍ବଦା ନିର୍ଭର କରୁଥାନ୍ତି । ତେଣୁ ରୂପାନ୍ତରଟି ଘଟିବା ଦ୍ୱାରା ନିମ୍ନତର ମନୋଗତ କ୍ରିୟାଗୁଡ଼ିକର କେବଳ ଯେ ରୂପଟିହିଁ ବଦଳିଯାଏ ତା' ନୁହେଁ, ମାତ୍ର ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଉଚ୍ଚତର କ୍ରିୟାଟିରହିଁ ଅଧୀନ ହୋଇ ରହନ୍ତି । ଏବଂ ତେଣେ ଉଚ୍ଚତର ମନୋଗତ

'oaob.nitrkl.ac.in' images reprocessed

କ୍ରିୟାଗୁଡ଼ିକର ରୂପଟି ମଧ୍ୟ ବଦଳିଯାଏ, କାରଣ ଅତିମାନସ ଦ୍ୱାରା ସଚାଳିତ ହୋଇ ସେମାନେ ଆପଣାର ଆଲୋକଟିକୁ ସିଧା ସେହି ସର୍ବୋଚ୍ଚ ସୋପାନରୁ ଅର୍ଥାତ୍ ଆତ୍ମ-ଜ୍ଞାନ ବା ଅନନ୍ତ ଜ୍ଞାନର ସୋପାନ ମଧ୍ୟରୁ ଆହରଣ କରି ଆଣିବାକୁ ଆରମ୍ଭ କରନ୍ତି ।

ଏହି ଉଦ୍ଦେଶ୍ୟଟିର ସାଧନ ଦୃଷ୍ଟିରୁ ଆମେ ମନର ସ୍ୱାଭାବିକ ଭାବନାତ୍ମକ କ୍ରିୟାଟିକୁ ତିନୋଟି ସ୍ତରର ତିନୋଟି ଗଠି ଦ୍ୱାରା ଗଠିତ ହୋଇ ରହିଛି ବୋଲି ବିଚାର କରିପାରିବା । ପ୍ରଥମ, ନିମ୍ନତମ ତଥା ଶରୀରସ୍ଥ ମନୋମୟ ସତ୍ତା ଲାଗି ସବୁଠାରୁ ଅଧିକ ଆବଶ୍ୟକ ସ୍ତରଟିକୁ ଆମେ ସଂସ୍କାରଗତ ଭାବନାତ୍ମକ ମନ ବୋଲି କହିବା, ଯାହାକି ଇନ୍ଦ୍ରିୟଗୁଡ଼ିକ ବହନ କରି ଆଣୁଥିବା ଦତ୍ତ ତଥ୍ୟଗୁଡ଼ିକ ଉପରେହିଁ ଆପଣାର ବିଚାରଗୁଡ଼ିକୁ ଆଧାରିତ କରି ରଖେ; ଶିକ୍ଷା, ବାହ୍ୟ ଜୀବନଯାପନ ଏବଂ ପରିବେଶ ଦ୍ୱାରା ଯେଉଁ ଅଭ୍ୟସ୍ତ ଧାରଣାଗୁଡ଼ିକ ତିଆରି ହୋଇଯାଏ, ତାହାରି ଉପରେହିଁ ଆପଣାର ବିଚାରଗୁଡ଼ିକୁ ଆଧାରିତ କରି ରଖେ । ଅଭ୍ୟସ୍ତତାକୁ ଆଶ୍ରୟ କରି ରହିଥିବା ଏହି ମନର ଦୁଇଟି ଗତିସ୍ପନ୍ଦନ ରହିଛି : ଏଥିମଧ୍ୟରୁ ଗୋଟିଏ ଯନ୍ତ୍ରବତ୍ ପୁନଃପୁନଃ ଆବର୍ତ୍ତିତ ହେଉଥିବା ଭାବନାଗୁଡ଼ିକର ସତେଅବା ଏକ ପ୍ରକାରର ଗୁପ୍ତ ଧାରା ହୋଇ ରହିଛି; ଏହି ଭାବନା ଆପଣାକୁ ଭୌତିକ, ପ୍ରାଣିକ, ସଂବେଗଗତ, ବ୍ୟାବହାରିକ ତଥା ସଂକ୍ଷେପିତ ବୌଦ୍ଧିକ ଭାବନା ଏବଂ ଅନୁଭୂତିର ସେହି ଗୋଟିଏ ଚକରେହିଁ ପୁନରାବୃତ୍ତି କରିବାରେ ଲାଗିଛି । ଅନ୍ୟ ଗତିସ୍ପନ୍ଦନଟି ଅଧିକ ସକ୍ରିୟ ହୋଇ ମନ ବାଟ ଛାଡ଼ିଦେବାକୁ ବାଧ୍ୟ ହେଉଥିବା ଯାବତୀୟ ନୂତନ ଅନୁଭବ ଉପରେ କାର୍ଯ୍ୟ କରୁଛି ଏବଂ ତାହାକୁ ସଂସ୍କାରଗତ ଭାବନାର ନାନା ସୂତ୍ରରେ ଆଣି ପକାଇ ଦେଉଛି । ଜଣେ ସାଧାରଣ ସାମର୍ଥ୍ୟଯୁକ୍ତ ହାରାହାରି ମଣିଷର ମନଶ୍ଚାରଣାଟି ଏହି ସଂସ୍କାର-ଅନୁଗତ ମନଟି ଦ୍ୱାରା ସୀମାବଦ୍ଧ ହୋଇ ରହିଛି ଏବଂ କେବଳ ଅତି ଅପୂର୍ଣ୍ଣ ଭାବରେହିଁ ତାହା ଆପଣାର ବୃତ୍ତଟି ମଧ୍ୟରୁ ବାହାରକୁ ବାହାରିଯାଇ ପାରୁଛି ।

ଭାବନାଗତ କ୍ରିୟାତ୍ମକତାର ଏକ ଦ୍ୱିତୀୟ ସ୍ତରକୁ ଆମେ ସେହି ବ୍ୟାବହାରିକତାବାଦୀ ଭାବନାତ୍ମକ ମନ ବୋଲି ଜାଣିବା, ଯାହାକି ଆପଣାକୁ ପ୍ରାଣରେ ସ୍ତରଟିରୁ ଉପରକୁ ଉତ୍ତୋଳିତ କରିନିଏ ଏବଂ ବିଚାର ତଥା ପ୍ରାଣ-ଶକ୍ତି ମଧ୍ୟରେ ଏକ ମଧ୍ୟସ୍ଥ ଭାବରେ ସୃଜନାତ୍ମକ ହୋଇ କାର୍ଯ୍ୟ କରୁଥାଏ, ଜୀବନର କ୍ଷେତ୍ରଟିରେ ଅବସ୍ଥିତ ରହିଥିବା ସତ୍ୟ ଏବଂ ଜୀବନରେ ଏପର୍ଯ୍ୟନ୍ତ ପ୍ରକଟ ହୋଇ ନଥିବା ବିଚାରଟିର ସତ୍ୟ ମଧ୍ୟରେ ଏକ ମଧ୍ୟସ୍ଥ ହୋଇ କାର୍ଯ୍ୟ କରୁଥାଏ । ଏହା ଜୀବନ ମଧ୍ୟରୁହିଁ ଆପଣାର ସାମଗ୍ରୀଗୁଡ଼ିକୁ ସଂଗ୍ରହ କରିନିଏ, ସେହିଗୁଡ଼ିକରୁ ତଥା ସେହିଗୁଡ଼ିକ ଉପରେହିଁ ସୃଜନାତ୍ମକ ବିଚାରଗୁଡ଼ିକୁ ପ୍ରସ୍ତୁତ କରିଥାଏ ଏବଂ ଆହୁରି ଆଗକୁ ଜୀବନର ବିକାଶ-ସାଧନ କରିବାରେ ସେହି ବିଚାରଗୁଡ଼ିକ ସକ୍ରିୟ ଓ ଗତିଶୀଳ ହୋଇ ରହିଥାନ୍ତି । ଏବଂ

'oaob.nitrkl.ac.in' images reprocessed

ଅନ୍ୟ ପକ୍ଷରେ ଏହା ମନୋମୟ ଭୂମିଟିରୁ ମଧ୍ୟ ନୂତନ ଭାବନା ଓ ମନୋମୟ ନୂତନ ଅନୁଭୂତି ଗ୍ରହଣ କରୁଥାଏ, ଆହୁରି ଅଧିକ ଆଧାରଭୂତ ଭାବରେ ପରମ ଅନନ୍ତଙ୍କର ବିଚାରୋତ୍ପାଦକ ଶକ୍ତିରୁହିଁ ସେଗୁଡ଼ିକୁ ଗ୍ରହଣ କରୁଥାଏ; ସେଗୁଡ଼ିକୁ ସଙ୍ଗେସଙ୍ଗେ ମନୋଗତ ବିଚାର-ଶକ୍ତିରେ ପରିଣତ କରି ଦେଉଥାଏ ଏବଂ ବାସ୍ତବ ଅସ୍ତିତ୍ୱଧାରଣ ଏବଂ ଜୀବନଯାପନର ଏକ ଶକ୍ତିରେ ପରିଣତ କରି ଦେଉଥାଏ। ଏହି ବ୍ୟାବହାରିକତାବାଦୀ ବିଚାରାତ୍ମକ ମନଟିର ସମୁଦାୟ ପ୍ରବୃତ୍ତି କର୍ମ ଏବଂ ଅନୁଭୂତି ଆଡ଼କୁହିଁ ରହିଥାଏ, ଅନ୍ତର୍ଗତ କର୍ମ ତଥା ଅନୁଭୂତି ଆଡ଼କୁ ରହିଥାଏ ଏବଂ ବାହ୍ୟ କର୍ମ ତଥା ଅନୁଭୂତି ଆଡ଼କୁ ମଧ୍ୟ ରହିଥାଏ; ଅର୍ଥାତ୍ ବାସ୍ତବ ଜୀବନର ପୂର୍ଣ୍ଣତର ପରିତର୍ପଣ ସକାଶେ ଆନ୍ତର କର୍ମ ତଥା ଅନୁଭୂତି ବାହାର ଆଡ଼କୁ ଚାଳ କରି ରହିଥାଏ ଏବଂ ବାହ୍ୟ କର୍ମ ତଥା ଅନୁଭୂତିକୁ ଆନ୍ତର କର୍ମ ତଥା ଅନୁଭୂତିଟି ମଧ୍ୟରେ ଗ୍ରହଣ କରି ନିଆଯାଏ, ଆତ୍ମସ୍ଥରେ ପରିଣତ ହୁଏ ଓ ପରିବର୍ତ୍ତିତ ହୋଇଯାଏ ଏବଂ ନୂତନ ଧାରା ରଚନା ଲାଗି ପୁଣି ତାହାରି ପାଖକୁ ବାହୁଡ଼ି ଆସେ। ଏହି ମନୋଗତ ସ୍ତରଟି ଉପରେ କେବଳ କର୍ମ ତଥା ଅନୁଭୂତିର ଏକ ବୃହତ୍ତର ବ୍ୟାପକତା ଓ ଭୂମି ଯୋଗାଇଦେବା ଲାଗିହିଁ ଭାବନା ପ୍ରତି ଆମ୍ଭର ଯାହାକିଛି ଆଗ୍ରହ ରହିଥାଏ ବା ପ୍ରଧାନତଃ ସେଇଥି ଲାଗିହିଁ ଭାବନା ପ୍ରତି ତାହାର ଆଗ୍ରହ ରହିଥାଏ।

ଭାବନାର ଏକ ତୃତୀୟ ସୋପାନ ଆମ ଭିତରେ ଶୁଦ୍ଧ ବିଚାରଣାତ୍ମକ ମନଟିକୁ ଖୋଲିଦେଇଯାଏ; ଏହି ମନ କେବଳ ଅନାସକ୍ତ ଭାବରେ ବିଚାରସତ୍ୟଟି ମଧ୍ୟରେ ଅବସ୍ଥାନ କରୁଥାଏ ଏବଂ କର୍ମ ତଥା ଅନୁଭୂତି ଲାଗି ସେହି ବିଚାରସତ୍ୟଟିର ଯେଉଁ ମୂଲ୍ୟ ରହିଛି, ତା' ଉପରେ ନିର୍ଭର କରି ରହିବାକୁ ସେ ଆଦୌ ବାଧ୍ୟ ହେଉ ନଥାଏ। ଇନ୍ଦ୍ରିୟଦତ୍ତ ତଥ୍ୟ ଏବଂ ଉପରିଭାଗସ୍ଥ ଆନ୍ତର ଅନୁଭୂତିଗୁଡ଼ିକ ଉପରେ ତାହା ଦୃଷ୍ଟିପାତ କରୁଥାଏ ସତ, ମାତ୍ର କେବଳ ଶୁଦ୍ଧ ବିଚାରଟିରହିଁ ଆବିଷ୍କାର କରିବାକୁ, ସେଗୁଡ଼ିକ ଯେଉଁ ସତ୍ୟଟିର ସାକ୍ଷୀ ହୋଇ ରହିଛନ୍ତି ସେଇଟିକୁ ଖୋଜି ବାହାର କରିବାକୁ ଏବଂ ସେଗୁଡ଼ିକୁ ଜ୍ଞାନର ପରିଭାଷାରେହିଁ ବଦଳାଇ ଦେବାକୁ ତାହା ସେଗୁଡ଼ିକ ଉପରେ ଦୃଷ୍ଟିପାତ କରୁଥାଏ। ଠିକ୍ ଏହି ଭାବରେ ଓ ଏହି ଅଭିପ୍ରାୟରେହିଁ ତାହା ଜୀବନରେ ମନର ଯାବତୀୟ ସୃଜନାତ୍ମକ କ୍ରିୟାକୁ ଅବଲୋକନ କରୁଥାଏ। ଜ୍ଞାନକୁ ନେଇହିଁ ତାହା ଗୋଟାପୁଣି ବ୍ୟସ୍ତ ରହିଥାଏ ଏବଂ ଶୁଦ୍ଧ ବିଚାରଣାର ଆନନ୍ଦ ଲାଭ କରିବା, ସତ୍ୟର ଅନ୍ୱେଷଣ କରିବା, ଆପଣାକୁ, ଏହି ପୃଥିବୀକୁ ଏବଂ ଆପଣାର କ୍ରିୟା ତଥା ବିଶ୍ୱ-କ୍ରିୟାଟି ପଛରେ ହୁଏତ ଆଉ ଯାହାକିଛି ନିହିତ ହୋଇ ରହିଛି, ସେଗୁଡ଼ିକୁ ଜାଣିବା ଲାଗି ଉଦ୍ୟମଶୀଳ ହୋଇ ରହିବା;—ଏହାହିଁ ତା'ର ସମୁଦାୟ ଉଦ୍ଦେଶ୍ୟ ହୋଇ ରହିଥାଏ। କେବଳ ଆପଣା ଉପରେ ନିର୍ଭର କରି, ଆପଣାର ବିଶେଷ ଭଙ୍ଗୀଟିରେ କାର୍ଯ୍ୟ କରି, ଆପଣାର ଶକ୍ତି-

'oaob.nitrkl.ac.in' images reprocessed

ଆସ୍ପୃହନଟି ଭିତରେ ରହି ଓ ଆପଣାର ଉଦ୍ଦେଶ୍ୟଟିର ସାଧନ ଲାଗିହିଁ କ୍ରିୟାଶୀଳ ରହି ବୁଦ୍ଧି ଉଚ୍ଚତମ ଯେଉଁ ସୀମାଟି ଯାଏ ପହଞ୍ଚି ପାରିବ, ତାହାକୁହିଁ ଆମେ ଏହି ବିଚାରଣାପ୍ରଧାନ ମନର ସୋପାନଟିରୂପେ ଜାଣି ରଖିବା ।

ବୁଦ୍ଧିର ଏହି ତିନୋଟିଯାକ ଧାବନକୁ ଯଥାର୍ଥ ଭାବରେ ପରସ୍ପର ସହିତ ସଂଯୁକ୍ତ କରି ସେଥିରୁ ଏକ ସୌଷମ୍ୟ ସମ୍ଭବ କରିପାରିବା ମନୁଷ୍ୟର ମନ ଲାଗି ପ୍ରକୃତରେ ବଡ଼ କଷ୍ଟକର ବ୍ୟାପାର । ସାଧାରଣ ମଣିଷ ସଚରାଚର ପ୍ରଧାନତଃ ସଂସ୍କାରାଶ୍ରିତ ମନଟିକୁ ନେଇ ବାସ କରୁଥାଏ, ସୃଜନାତ୍ମକ ତଥା ବ୍ୟାବହାରିକତା-ବାଦୀ ମନକୁ ନେଇ ତା'ର କ୍ରିୟା ଅପେକ୍ଷାକୃତ ଅତ୍ୟନ୍ତ କ୍ଷୀଣ ହୋଇ ରହିଥାଏ ଏବଂ ଶୁଦ୍ଧ ବିଚାରଣାତ୍ମକ ମନର ସ୍ତରଣଟି ମଧ୍ୟରେ ଆଦୌ ପ୍ରବେଶ କରିବାକୁ ଅଥବା ତାହାକୁ କୌଣସିପ୍ରକାରେ କାମରେ ଲଗାଇ ପାରିବାକୁ ତାକୁ ବଡ଼ ଅସୁବିଧା ଅନୁଭବ କରିବାକୁ ପଡ଼ିଥାଏ । ସୃଜନପ୍ରିୟ ବ୍ୟାବହାରିକତାବାଦୀ ମନ ଶୁଦ୍ଧ ବିଚାରଣାତ୍ମକ ସ୍ତରଟିର ଏକ ପରିବେଶ ଭିତରେ ମୁକ୍ତ ତଥା ଅନାସକ୍ତ ଭାବରେ ବିଚରଣ କରିବା ଲାଗିହିଁ ସାଧାରଣତଃ ଅତ୍ୟଧିକ ଭାବରେ ବ୍ୟସ୍ତ ରହିଥାଏ, ଏବଂ ଅନ୍ୟ ପକ୍ଷରେ, ସଂସ୍କାରବାଦୀ ମନ ଯେଉଁସବୁ ବାସ୍ତବତାକୁ ଆଣି ତା' ଉପରେ ଲଦି ଦେବାରେ ଲାଗିଥାଏ ଏବଂ ଯେଉଁସବୁ ବାଧା ଠିଆକରି ଦେଉଥାଏ, ସେଗୁଡ଼ିକ ଉପରେ ମଧ୍ୟ ତା'ର କେତେବେଳେ ହେଲେ ଯଥେଷ୍ଟ ଅକ୍ତିଆର ନଥାଏ, ତଥା ଯେଉଁସବୁ ବ୍ୟାବହାରିକ ଭାବନା ଏବଂ କ୍ରିୟାକୁ ରଚନା କରିବାରେ ତା' ନିଜର ଏକ ଆଗ୍ରହ ରହିଥାଏ, ସେଇଟିକୁ ଛାଡ଼ି ଅନ୍ୟ ବ୍ୟାବହାରିକ ଭାବନା ତଥା କ୍ରିୟା ଉପରେ ମଧ୍ୟ ତାହାର ପର୍ଯ୍ୟାପ୍ତ ଅଧିକାର ନଥାଏ । ଶୁଦ୍ଧ ବିଚାରଣାତ୍ମକ ମନ ସତ୍ୟର କେତେଭଳି ଅମୂର୍ତ୍ତି ଓ ସ୍ୱେଚ୍ଛାପ୍ରଣୋଦିତ ପ୍ରଣାଳୀ ଓ ପଦ୍ଧତିକୁ ଗଢ଼ି ଥୋଇଦେବାର ପ୍ରବୃତ୍ତି ରଖିଥାଏ, କେତେ ବୌଦ୍ଧିକ ଆସ୍ପୃହନ ଏବଂ ବିଚାରଣାତ୍ମକ ସୌଧ ନିର୍ମାଣ କରିବାରେ ପ୍ରବୃତ୍ତ ହୋଇ ରହିଥାଏ; ଏବଂ ଜୀବନ ବଞ୍ଚିବା ଲାଗି ଆବଶ୍ୟକ ହେଉଥିବା ବ୍ୟାବହାରିକତାଧର୍ମୀ ସ୍ତରଣଟି ହୁଏତ ତା'ର ହାତଛଡ଼ା ହୋଇଯାଏ ଅଥବା ସେ କେବଳ ବା ପ୍ରଧାନତଃ ଗୋଟାସୁଦ୍ଧା ବିଚାରର ଜଗତ ମଧ୍ୟରେହିଁ ବାସ କରୁଥାଏ ଏବଂ ଜୀବନର କ୍ଷେତ୍ରଟିରେ ଯଥେଷ୍ଟ ସାମର୍ଥ୍ୟ ତଥା ପ୍ରତ୍ୟକ୍ଷ ପାରଦର୍ଶିତା ସହିତ କେବେହେଲେ କୌଣସି କାର୍ଯ୍ୟ କରିପାରେ ନାହିଁ । ବ୍ୟାବହାରିକ ତଥା ସଂସ୍କାରଗତ ମନର ଜଗତଟି ମଧ୍ୟରୁ ସେ ସତେଅବା ବହିଷ୍କୃତ ହୋଇ ରହିଯିବ ବୋଲି ଅଥବା ଏଥିରେ ବଡ଼ ଦୁର୍ବଳ ହୋଇ ରହିବ ବୋଲି ସର୍ବଦା ଆଶଙ୍କା ରହିଥାଏ । ଏହି କ୍ଷେତ୍ରରେ କୌଣସି ନା କୌଣସି ପ୍ରକାରର ବୁଝାମଣାହିଁ କରିବାକୁ ପଡ଼େ, ମାତ୍ର ସବୁଠାରୁ ଅଧିକ ପ୍ରଭାବ ବିସ୍ତାର କରି ରହିଥିବା ପ୍ରବୃତ୍ତିଟିର ଉତ୍ପାତଟା ଆମର ଭାବନାତ୍ମକ ସତ୍ତାର ସମଗ୍ରତା ତଥା ଏକତା ଉପରେ ସର୍ବଦା ହସ୍ତକ୍ଷେପ କରିବାରେ

'oaob.nitrkl.ac.in' images reprocessed

ଲାଗିଥାଏ । ମନ ଆପଣାର ସ୍ୱକୀୟ ସମଗ୍ରତାଟି ଉପରେ ମଧ୍ୟ ପ୍ରଭୁ ହୋଇ ରହିପାରେ ନାହିଁ, କାରଣ ସମଗ୍ରତାର ପ୍ରଚ୍ଛନ୍ନ ସତ୍ୟଟି ତା' କଳର ବାହାର ହୋଇ ରହିଥାଏ; ସେହି ସତ୍ୟଟି ଆତ୍ମସତ୍ତାର ପରିମୁକ୍ତ ଏକତ୍ୱ ମଧ୍ୟରେ ନିହିତ ହୋଇ ରହିଥାଏ, ତାହା ସର୍ବଦା ମୁକ୍ତ ରହିଥାଏ ଓ ତେଣୁ ଏକ ଅପରିମିତ ଅନେକତା ଏବଂ ବହୁବିଧତା ଲାଗି ସମର୍ଥ ହୋଇ ରହିଥାଏ । ସେହି ସତ୍ୟଟି ସେହି ଅତିମାନସ ଶକ୍ତିଟି ମଧ୍ୟରେ ନିହିତ ହୋଇ ରହିଥାଏ, କେବଳ ସେହି ଅତିମାନସହିଁ ଏକ ସ୍ୱାଭାବିକ ପରିପୂର୍ଣ୍ଣତା ମଧ୍ୟରେ ଆତ୍ମସତ୍ତାଗତ ଏକତାର ଜୀବନମୟ ଅନେକାତ୍ମକ ଗତିଟିକୁ ସମ୍ଭବ କରି ଦେଇପାରେ ।

ଆପଣାର ପରିପୂର୍ଣ୍ଣ ଅବସ୍ଥାରେ ଅତିମାନସ ମନୋଭୂମିଗତ ଭାବନାର ସମୁଦାୟ ଗତିଟିକୁ ଏକାବେଳକେ ଓଲଟା କରିଦେଇଯାଏ । ଅତିମାନସ ପ୍ରାତିଭାସିକ ଭୂମିରେ ଅବସ୍ଥାନ କରେ ନାହିଁ, ତାହା ମର୍ମଗତ ସାରଭୂମିରେହିଁ ଅବସ୍ଥାନ କରେ, ଆତ୍ମସତ୍ତା ମଧ୍ୟରେ ଅବସ୍ଥାନ କରେ; ଏବଂ ସବୁକିଛିକୁ କେବଳ ତାହାରି ସତ୍ତା, ତାହାରି ସାମର୍ଥ୍ୟ, ରୂପାୟନ ତଥା ଗତିସ୍ପନ୍ଦନରୂପେ ପ୍ରତ୍ୟକ୍ଷ କରେ ଏବଂ ଅତିମାନସସ୍ଥ ସକଳ ଭାବନା ତଥା ଭାବନାଗତ ପ୍ରକ୍ରିୟାକୁ ମଧ୍ୟ ଠିକ୍ ସେହି ସ୍ୱଭାବର ହୋଇ ରହିବାକୁ ପଡ଼େ । ଏହାର ଯାବତୀୟ ମୂଳଭୂତ ବିଚାରଣା ସକଳ ସତ୍ତା ସହିତ ତଦାତ୍ମକ ରହି କାର୍ଯ୍ୟ କରୁଥିବା ଅଧ୍ୟାତ୍ମଜ୍ଞାନ ଏବଂ ଅଧ୍ୟାତ୍ମ ଦୃଷ୍ଟିସାମର୍ଥ୍ୟରହିଁ ଏକ ଅନ୍ୟରୂପ ହୋଇ ରହିଥାଏ । ତେଣୁ ପ୍ରାଥମିକତଃ ତାହା ଆତ୍ମସତ୍ତାର ଶାଶ୍ୱତ, ମୂଳଭୂତ ଏବଂ ବିଶ୍ୱଗତ ସତ୍ୟଗୁଡ଼ିକ ମଧ୍ୟରେ ବିଚରଣ କରୁଥାଏ, ସତ୍ତା, ଚେତନା, ଅନନ୍ତ ଶକ୍ତିସମ୍ପନ୍ନତା ଏବଂ ସତ୍ତାର ଆନନ୍ଦ(ଆମର ବର୍ତ୍ତମାନ ଚେତନାକୁ ଯାହାସବୁ ଅସତ୍ତା ବୋଲି ପ୍ରତୀତ ହୋଇଥାଏ, ସେଗୁଡ଼ିକ ସମେତ,)ର ସତ୍ୟଗୁଡ଼ିକ ମଧ୍ୟରେହିଁ ବିଚରଣ କରୁଥାଏ; ତାହାର ଯାବତୀୟ ବିଶେଷାତ୍ମକ ଭାବନା ଏହିସବୁ ଶାଶ୍ୱତ ସତ୍ୟର ଶକ୍ତିମତ୍ତା ମଧ୍ୟରୁହିଁ ଜନ୍ମଲାଭ କରୁଥାଏ ଓ ସେହି ଶକ୍ତିମତ୍ତା ଉପରେ ନିର୍ଭର କରି ରହିଥାଏ । ମାତ୍ର ଏଣେ ସେହି ପରମ ଶାଶ୍ୱତଙ୍କର ସତ୍ତାଗତ ସକଳ ସତ୍ୟର ଅନ୍ତସ୍ଥାନ ଯାବତୀୟ ବିଭବ ଓ ପ୍ରୟୋଗ, କ୍ରମାନୁସୃତତା ଏବଂ ସମଞ୍ଜସତା ସହିତ ମଧ୍ୟ ପରିଚିତ ହୋଇ ରହିଥାଏ । ତେଣୁ, ଶୁଦ୍ଧ ବିଚାରଣାତ୍ମକ ମନର ନିଷ୍ପାସବୁ ଯେଉଁଠାରେ ପହଞ୍ଚିବାକୁ ଓ ଯାହାର ଆବିଷ୍କାର କରିବାକୁ ଏକ ଅନ୍ୟତମ ପ୍ରୟାସ ହୋଇ ରହିଥାଏ, ଏହା ସେହିସବୁ ଭୂମିରେ ତାହାର ଶିଖରଗୁଡ଼ିକରେ ଯାଇ ବାସ କରୁଥାଏ । ଏବଂ ତାହାର ନିମ୍ନତର ସ୍ତରଗୁଡ଼ିକରେ ମଧ୍ୟ ଏହିସବୁ ବସ୍ତୁ ତାହାର ଆଲୋକମୟ ଗ୍ରହଣଶୀଳତାଟି ଲାଗି ନିକଟ ବା ସହଜପ୍ରାପ୍ତ ଓ ସୁଲଭ ହୋଇ ରହିଥାଏ ।

ସର୍ବୋଚ୍ଚ ସତ୍ୟ ଏବଂ ଶୁଦ୍ଧ ବିଚାରଗୁଡ଼ିକ ବିଚାରଣାତ୍ମକ ମନଟି ଲାଗି କେବଳ କେତେଗୁଡ଼ାଏ ଅମୂର୍ତ୍ତତା ହୋଇ ରହିଥାଏ, କାରଣ ମନ ଆଂଶିକ ଭାବରେ ପ୍ରାତିଭାସିକ ଏବଂ ଆଂଶିକ ଭାବରେ ବୁଦ୍ଧିଗତ ରଚନାଗୁଡ଼ିକ ମଧ୍ୟରେହିଁ ବାସ କରୁଥାଏ

'oaob.nitrkl.ac.in' images reprocessed

ଏବଂ ତେଣୁ ଉଚ୍ଚତର ସତ୍ୟଗୁଡ଼ିକରେ ଯାଇ ପହଞ୍ଚି ପାରିବା ଲାଗି ତାହାକୁ ସବୁକିଛିକୁ ଏକ ବସ୍ତୁବିଚ୍ଛିନ୍ନ ଅମୂର୍ତ୍ତତାରେ ପରିଣତ କରିଦେବାର ପଦ୍ଧତିଟିକୁହିଁ କାମରେ ଲଗାଇବାକୁ ପଡ଼େ । ମାତ୍ର ଅନ୍ୟ ପକ୍ଷରେ ଅତିମାନସ ଚିଦ୍‌ଗତତା ମଧ୍ୟରେ ବାସ କରୁଥାଏ, ଏବଂ ତେଣୁ ଏହିସବୁ ବିଷୟର ତଥା ସତ୍ୟ ଯେଉଁ ମୂଳୋପାଦାନଟିର ପ୍ରତିନିଧିତ୍ୱ କରୁଥାନ୍ତି ବା ଅଧିକ ଯଥାର୍ଥ ଭାବରେ କହିଲେ ଆଧାରତଃ ଯାହା ହୋଇ ରହିଥାନ୍ତି, ଅତିମାନସ ସେହି ଉପାଦାନଟିରେହିଁ ବାସ କରୁଥାଏ, ସେହିସବୁ ବିଷୟର ଓ ସତ୍ୟର ଯଥାର୍ଥ ଉପଲବ୍ଧି କରେ; ସେଗୁଡ଼ିକ ବିଷୟରେ ତାହା କେବଳ ଚିନ୍ତାହିଁ କରେ ନାହିଁ, ମାତ୍ର ସେହି ଚିନ୍ତନ ମଧ୍ୟରେ ସେ ସେଗୁଡ଼ିକର ଉପାଦାନଟିକୁ ଅନୁଭବ କରେ, ଆପଣାକୁ ତାହା ସହିତ ଏକାତ୍ମକ କରି ରଖେ; ଏବଂ ତାହାର ଆଖିକୁ ସେଗୁଡ଼ିକ ଜଗତରେ ରହିଥିବା ସମ୍ଭାବ୍ୟତମ ବାସ୍ତବ ବସ୍ତୁ ହୋଇ ରହିଥାନ୍ତି । ଚେତନା ତଥା ସାରଗତ ସତ୍ତାର ସତ୍ୟଗୁଡ଼ିକହିଁ ଅତିମାନସ ସତ୍-ବସ୍ତୁର ବାସ୍ତବ ଉପାଦାନ ହୋଇ ରହିଥାନ୍ତି; ବାହାରର ସକଳ ଗତିସ୍ପନ୍ଦନ ଓ ସତ୍ତାଗତ ରୂପାୟନ ତୁଳନାରେ ଅଧିକ ଅନ୍ତରଙ୍ଗ ଭାବରେ ଏବଂ ବହୁ ଏତ ଅଧିକ ପ୍ରଗାଢ଼ ଭାବରେହିଁ ବାସ୍ତବ ହୋଇ ରହିଥାନ୍ତି । ଅବଶ୍ୟ ଏକଥା ସତ ଯେ ଏଗୁଡ଼ିକ ମଧ୍ୟ ତାହା ଲାଗି ସେହି ସତ୍-ବସ୍ତୁରହିଁ ଗତିସ୍ପନ୍ଦନ ଓ ରୂପାୟନରୂପେ ଅନୁଭୂତ ହୁଅନ୍ତି; ଏବଂ ଅଧ୍ୟାତ୍ମଭାବ ଦ୍ୱାରା ସଞ୍ଚାଳିତ ମନର ଏକ ବିଶେଷ ସ୍ଥିତିର ଆଖିରେ ସେଗୁଡ଼ିକ ଯେପରି ଏକ ମାୟା ବୋଲି ଅନୁଭୂତ ହେଉଥାନ୍ତି, ଏହି କ୍ଷେତ୍ରରେ ଆଦୌ ସେପରି ଘଟେ ନାହିଁ । ଅତିମାନସ ଲାଗି ବିଷୟର ମଧ୍ୟ ଏକ ସତ୍ୟବିଷୟ ହୋଇ ରହିଥାଏ, ସେହି ଚେତନ ସତ୍ତାରହିଁ ସତ୍ତ୍ୱୋପାଦାନ ହୋଇ ରହିଥାଏ, ସତ୍ୟକୁ ମୂର୍ତ୍ତିରୂପେ ପ୍ରକଟ କରିଦେବା ଲାଗି ଏବଂ ତେଣୁ ସୃଜନ ଲାଗି ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥାଏ ।

ଏବଂ ପୁନଶ୍ଚ, ଶୁଦ୍ଧ ବିଚାରଣାତ୍ମକ ମନରେ ସର୍ବଦା କେତେକେତେ ସ୍ୱେଚ୍ଛାନୁପ୍ରେରିତ ବିଚାରପ୍ରଣାଳୀ ଗଢ଼ି ଥୋଇଦେବା ଲାଗି ଏକ ପ୍ରବୃତ୍ତି ରହିଥାଏ, ଏହି ପ୍ରଣାଳୀଗୁଡ଼ିକ ସର୍ବଦା ସତ୍ୟର କେବଳ ମନୋମୟ ଏବଂ ଆଂଶିକ ରଚନା ହୋଇ ରହିଥାଏ; ମାତ୍ର ଅନ୍ୟ ପକ୍ଷରେ ଅତିମାନସ ସତ୍ୟର କୌଣସିପ୍ରକାରର ପ୍ରଣାଳୀର କୌଣସି ନିରୂପଣ ମଧ୍ୟରେ ବାନ୍ଧି ହୋଇ ରହି ନଥାଏ, ଏବଂ ଏକଥା ମଧ୍ୟ ସତ ଯେ ପରମ ଅନନ୍ତଙ୍କର ବ୍ୟାବହାରିକ ଉଦ୍ଦେଶ୍ୟଗୁଡ଼ିକର ସାଧନ ଲାଗି ସତ୍ୟର ନିରୂପଣ ତଥା ବ୍ୟବସ୍ଥା କରିବା ଓ ତାହାର ଜୀବନମୟ ସାରତତ୍ତ୍ୱଟି ଅନୁସାରେ ରଚନା କରିପାରିବା ଲାଗି ଅତିମାନସ ସମ୍ପୂର୍ଣ୍ଣ ଭାବରେ ସମର୍ଥ ହୋଇ ରହିଥାଏ । ଯେତେବେଳେ ମନ ଆପଣାର ଏକାଙ୍ଗିତାଗୁଡ଼ିକ ମଧ୍ୟରୁ, ସତ୍ୟକୁ ପ୍ରଣାଳୀବଦ୍ଧ କରି ରଖିବାର ପ୍ରୟାସଟିରୁ ଏବଂ ଆପଣାର ରଚନାଗୁଡ଼ିକ ପ୍ରତି ରହିଥିବା ଆସକ୍ତିଟି ମଧ୍ୟରୁ ମୁକ୍ତ ହୋଇ ବାହାରିଆସେ, ସେତେବେଳେ ସେ ଅନନ୍ତର ଅନନ୍ତତା

ମଧ୍ୟରେ ସତେଅବା କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ, ଏହାକୁ ସତେଅବା ଗୋଟାଏ ବିରାଟ ଅସ୍ତିରତା ବୋଲି ଅନୁଭବ କରେ, ଅବଶ୍ୟ ଏକ ଆଲୋକନମ୍ୟ ଅସ୍ତିରତା ବୋଲିହିଁ ଅନୁଭବ କରୁଥାଏ । ତା'ପରେ ସେ ଆଉ କୌଣସିପ୍ରକାର ରୂପର ରଚନା କରିପାରେ ନାହିଁ, ଏବଂ ତେଣୁ ମୀମାଂସକ ଭାବରେ କିଛି ଭାବିପାରେ ନାହିଁ ବା କରିପାରେ ନାହିଁ; କାରଣ ଏଠାରେ ସବୁକିଛି, ଏପରିକି ଏକାବେଳକେ ଭିନ୍ନ ବା ବିରୋଧୀ ବୋଲି ପ୍ରତୀତ ହେଉଥିବା ବସ୍ତୁଗୁଡ଼ିକ ମଧ୍ୟ ଏହି ଅନନ୍ତତା ମଧ୍ୟରେ ରହିଥିବା କୌଣସି ନା କୌଣସି ସତ୍ୟ ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରି ଦେଉଥାଏ, ଏବଂ ତଥାପି ସେ ଯାହାକିଛି ଭାବି ପାରୁଥାଏ, ତାହା ଆଦୌ ସମ୍ପୂର୍ଣ୍ଣ ରୂପେ ସତ୍ୟ ବୋଲି ପ୍ରତିପାଦିତ ହୁଏ ନାହିଁ ଏବଂ ଅନନ୍ତତା ମଧ୍ୟରୁ ଆସୁଥିବା ନୂତନ ଇଙ୍ଗିତଗୁଡ଼ିକର ଚାପ ଉପରେ ତାହାର ଯାବତୀୟ ରୂପାୟନ ଓ ସୂତ୍ରାୟନ ଖୁଆଡ଼େ ଛିନ୍ନଭିନ୍ନ ହୋଇ ଯାଉଥାଏ । ତାହା ଜଗତକୁ ଏକ ଐନ୍ଦ୍ରଜାଲିକତାରୂପେ ଏବଂ ଭାବନାକୁ ସେହି ଆଲୋକନମ୍ୟ ଅନିର୍ଦ୍ଦେଶ୍ୟତା ମଧ୍ୟରୁ ଉଦ୍‌ଗତ ହେଉଥିବା ଅସ୍ତିରତାମୟ କେତେକେତେ ସ୍ଫୁରଣରୂପେହିଁ ଦେଖିବାକୁ ଆରମ୍ଭ କରେ । ଅତିମାନସର ବିଶାଳ ବ୍ୟାପ୍ତି ଏବଂ ସ୍ୱତନ୍ତ୍ରତା ଦ୍ୱାରା ଆକ୍ରାନ୍ତ ହୋଇ ମନ ଆପଣାର ରଜ୍ଜୁଟିକୁ ଖୁଆଡ଼େ ହଜାଇବସେ ଏବଂ ସେହି ବ୍ୟାପ୍ତି ମଧ୍ୟରେ ଆପଣାର ପାଦଟିକୁ ଦୃଢ଼ ଭାବରେ ରଖିବା ଲାଗି ଆଉ କୌଣସି ଥାନ ପାଏ ନାହିଁ । ମାତ୍ର, ଅପର ପକ୍ଷରେ, ଆପଣାର ସ୍ୱତନ୍ତ୍ରତା ଦ୍ୱାରା ଅତିମାନସ ବାସ୍ତବତାର ଦୃଢ଼ ଭୂମିଟି ଉପରେ ସତ୍ତ୍ୱବିଷୟକ ଆପଣାର ଭାବନା ତଥା ଅଭିବ୍ୟକ୍ତିଗୁଡ଼ିକର କେତେକେତେ ସୁଷମତାକୁ ଗଢ଼ି ଥୋଇଦେଇ ପାରେ ଏବଂ ତଥାପି ଯୁଗପତ୍ ଭାବରେ ଆପଣାର ଅନନ୍ତ ସ୍ୱତନ୍ତ୍ରତାକୁ ମଧ୍ୟ ଧାରଣ କରି ରହିପାରେ ଏବଂ ଅନନ୍ତ ବ୍ୟାପ୍ତତାର ଆତ୍ମସତ୍ତ୍ୱଗତ ଆନନ୍ଦଟିର ବି ଆସ୍ୱାଦନ କରିପାରେ । ଅତିମାନସ ଯାହାକିଛି ଚିନ୍ତା କରେ, ଯାହାକିଛି ହୋଇ ରହିଥାଏ, ଯାହାକିଛି କରେ ଓ ଯାହାକିଛି ମଧ୍ୟରେ ଜୀବନ ବିତାଉଥାଏ, ତାହା କେବଳ ସେହି 'ସତ୍ୟଂ, ଋତଂ ଓ ବୃହତ୍'ରହିଁ ସମ୍ପଦ ହୋଇ ରହିଥାଏ ।

ଏହି ସମଗ୍ରତାଟିର ପରିଣାମସ୍ୱରୂପ ମନର ବିଶୁଦ୍ଧ, ସ୍ୱଚ୍ଛନ୍ଦ, ନିଷ୍କ୍ରିୟ ଏବଂ ନିଃସୀମ ଭାବନା ସହିତ ସାଦୃଶ୍ୟ ରଖିଥିବା ଅତିମାନସର ମୁକ୍ତ, ସାରଗତ ଭାବନା ଏବଂ ତାହାର ଉଦ୍ଦେଶ୍ୟ ତଥା ନିର୍ଦ୍ଧାରଣସମ୍ପନ୍ନ, ସୃଜନଶୀଳ ଓ ବ୍ୟାବହାରିକ ଭାବନା ଦୁହିଙ୍କ ମଧ୍ୟରେ ଆଉ କୌଣସି ବିଭେଦ କିଂବା ଅସଙ୍ଗତି ରହେ ନାହିଁ । ସତ୍ତ୍ୱର ଅନନ୍ତତା ବଡ଼ ସ୍ୱାଭାବିକ ଭାବରେହିଁ ସମୂହଗତ ସୌଷମ୍ୟଗୁଡ଼ିକର ସ୍ୱତନ୍ତ୍ରତାକୁ ଜନ୍ମ ଦେଇଥାଏ । ସକଳ କ୍ରିୟାକୁ ଅତିମାନସ କେବଳ ସେହି ପରମ ଆତ୍ମସତ୍ତ୍ୱରହିଁ ଏକ ରୂପପ୍ରକାଶ ଏବଂ ଅଭିବ୍ୟକ୍ତ ରୂପରେହିଁ ଦେଖେ ଏବଂ ସକଳ ସୃଜନକୁ ସେହି ପରମ

'oaob.nitrkl.ac.in' images reprocessed

ଅନନ୍ତଙ୍କରହିଁ ଏକ ଆତ୍ମ-ଉନ୍ମୋଚନରୂପେ ଦେଖୁଥାଏ । ଅତିମାନସର ଯାବତୀୟ ସୃଜନାତ୍ମକ ତଥା ବ୍ୟାବହାରିକ ଭାବନା କେବଳ ସେହି ଆତ୍ମାର ସମ୍ଭୂତିରହିଁ ଏକ ସାଧନ ହୋଇ ରହିଥାଏ, ସେହି ଉଦ୍ଦେଶ୍ୟଟିର ପୂର୍ତ୍ତି ଲାଗି ଆଲୋକନର ଏକ ଶକ୍ତି ହୋଇ ରହିଥାଏ, ସେହି ପରମ ଅପରିମେୟ ସତ୍ତାର ଶାଶ୍ୱତ ତାଦାତ୍ମ୍ୟର ଅବସ୍ଥା ଏବଂ ଅନନ୍ତଶୀଳ ଅଭିନବତା ତଥା ବିବିଧତା ମଧ୍ୟରେ ଏକ ମଧ୍ୟବର୍ତ୍ତୀ ସମ୍ପଦ ହୋଇ ରହିଥାଏ, ଏବଂ ଏହି ଯାବତୀୟ ଜଗତରେ ତଥା ଜୀବନକ୍ଷେତ୍ରରେ ସେହି ସତ୍ତାରହିଁ ଆତ୍ମ-ଅଭିବ୍ୟକ୍ତି ହୋଇ ରହିଥାଏ । ଅତିମାନସ ସତତ ଏହାରହିଁ ପ୍ରତ୍ୟକ୍ଷ କରେ, ଏହାକୁହିଁ ମୂର୍ତ୍ତି ରୂପ ଦେଉଥାଏ; ଏବଂ ଏଣେ ଯେଉଁଠି ଏହାର ବସ୍ତୁଗ୍ରାହକ ଦୃଷ୍ଟିସାମର୍ଥ୍ୟ ତଥା ଭାବନା ତାହା ଲାଗି, ତାହା ଏକ ଚରନ୍ତନ ତାଦାତ୍ମ୍ୟ ଦ୍ୱାରା ପ୍ରକୃତରେ ଯାହା ହୋଇ ରହିଥାଏ ଏବଂ ଯାହା ମଧ୍ୟରେ କି ତାହା ଆପଣା ସତ୍ତା ତଥା ସମ୍ଭୂତିର ଯାବତୀୟ ସାମର୍ଥ୍ୟ ସହିତ ଅବସ୍ଥାନ କରୁଥାଏ, ସେହି ପରମ ଅନନ୍ତରହିଁ ଅପରିମେୟ ଏକତା ତଥା ବିବିଧରୂପତାର ବ୍ୟାଖ୍ୟା କରିଦେଇ ଯାଉଥାଏ, ସେଠାରେ ସତତ ଏକ ବିଶେଷ ସୃଜନାତ୍ମକ ଭାବନା ମଧ୍ୟ ବର୍ତ୍ତମାନ ରହିଥାଏ । ଏହି ଭାବନାଟି ଅନନ୍ତ ସଂକଳ୍ପ ଅର୍ଥାତ୍ ତପଃ ବା ସତ୍ତାର ଶକ୍ତିଟି ସହିତ ସମ୍ବନ୍ଧିତ ହୋଇ ରହିଥାଏ; ଏବଂ କାଳର ପ୍ରବାହରେ ଅତିମାନସ ଅନନ୍ତସତ୍ତାଟି ମଧ୍ୟରୁ କେଉଁ ବସ୍ତୁଟିକୁ ସମ୍ମୁଖରେ ଆଣି ଉପସ୍ଥାପିତ କରିବ, ପ୍ରକଟ ବା ସମ୍ଭୂତ କରାଇବ ତଥା ଏହି ଲୋକରେ ଏବଂ ଏହି ମୁହୂର୍ତ୍ତରେ ଅଥବା କାଳର ଯେକୌଣସି ଅବଧିରେ ବା ଯେକୌଣସି ଲୋକରେ ବିଶ୍ୱଜଗତରେ ସଂଘଟିତ ହେଉଥିବା ଆତ୍ମାର ଶାଶ୍ୱତ ସମ୍ଭୂତିକୁ ପ୍ରକୃତରେ କେଉଁ ରୂପ ଦେବ, ଏହାହିଁ ସେହି କଥାଟିକୁ ନିର୍ଦ୍ଧାରିତ କରି ଦେଇଥାଏ ।

ଏହି ବ୍ୟାବହାରିକତାବାଦୀ ଗତିସ୍ପନ୍ଦନଟି ଦ୍ୱାରା ଅତିମାନସ ସୀମାବଦ୍ଧ ହୋଇପଡ଼େ ନାହିଁ, ଏବଂ ଏହି ପଦ୍ଧତିଟି ଦ୍ୱାରା ଆପଣାର ଭାବନାରେ ତଥା ଆପଣାର ଜୀବନରେ ସେ ଯାହାକିଛି ଧ୍ରୁବ ବା ସୃଷ୍ଟି କରେ, ତାହାର କୌଣସି ଏକ ଆଂଶିକ ଗତି ବା ସମ୍ପୂର୍ଣ୍ଣ ଧାରାକୁ ଆପଣା ସତ୍ତାର ଅଥବା ପରମ ଅନନ୍ତଙ୍କର ସମଗ୍ର ସତ୍ୟରୂପେ କଦାପି ଗ୍ରହଣ କରିନଥାଏ ନାହିଁ । ବର୍ତ୍ତମାନର ଭୂମିଟି ଉପରେ ବା ସତ୍ତାର କେବଳ ଗୋଟିଏ ଭୂମିରେ ସେ ସ୍ୱଭାବତଃ ଭାବରେ ଯାହାକିଛି ହୋଇ ରହିଥାଏ, ଯାହାକିଛି ଭାବେ ବା ଯାହାକିଛି କରୁଥାଏ, ଅତିମାନସ କେବଳ ସେଇଟି ଭିତରେହିଁ ଅବସ୍ଥାନ କରୁ ନଥାଏ । କେବଳ ବର୍ତ୍ତମାନଟିକୁ ଅର୍ଥାତ୍ ମୁହୂର୍ତ୍ତସମଷ୍ଟିର ଯେଉଁ ଅବଚ୍ଛିନ୍ନ ପରମ୍ପରାଟିର ସ୍ପନ୍ଦନଗୁଡ଼ିକୁ ଆମେ ସେହି ନାମଟି ଦେଇଥାଉ, ତାହାକୁ ଅବଲମ୍ବନ କରି ଅତିମାନସ କଦାପି ଜୀବନଧାରଣ କରେ ନାହିଁ । ଏହା ଆପଣାକୁ କେବଳ କାଳସ୍ଥ ଏକ ଗତିସ୍ପନ୍ଦନରୂପେହିଁ ଦେଖେ ନାହିଁ, କାଳସ୍ଥ ଚେତନାର ଏକ ଗତିସ୍ପନ୍ଦନ ରୂପେ ଦେଖେ ନାହିଁ କିଂବା ସତତ ସମ୍ଭୂତିର ଏକ ଚକ୍ର ଭିତରେ ପଡ଼ି ରହିଥିବା

ଏକ ପ୍ରାଣୀରୂପେ ମଧ୍ୟ ଦେଖେ ନାହିଁ । ଯିଏ ସକଳ ଅଭିବ୍ୟକ୍ତିର ଅତିକାନ୍ତ ହୋଇ ରହିଛି ଏବଂ ସବୁକିଛି କେବଳ ଯାହାର ଅଭିବ୍ୟକ୍ତିରୂପେ ପ୍ରକଟ ହୋଇ ଆସିଛନ୍ତି, ଅତିମାନସ ସେହିଭଳି ଏକ କାଳାତୀତ ସତ୍ତା ବିଷୟରେ ସଚେତନ ହୋଇ ରହିଥାଏ; ଏପରିକି କାଳ ଭିତରେ ମଧ୍ୟ ଯାହା ଚିରନ୍ତନ ହୋଇ ରହିଛି, ଯିଏ ସେଇଟି ବିଷୟରେ ଫବନ୍ତସମ୍ପନ୍ନ ରହିଥାଏ, ଯିଏ ଅସ୍ତିତ୍ୱର ଅନେକ ଭୂମି ବିଷୟରେ ଫବନ୍ତସମ୍ପନ୍ନ ହୋଇ ରହିଥାଏ । ଯିଏ ପରିପ୍ରକାଶର ଅତୀତ ସତ୍ୟଟିକୁ ଜାଣିଥାଏ, ଭବିଷ୍ୟତରେ ପ୍ରକାଶଲାଭ କରିବା ଲାଗି ତଥାପି ଅପେକ୍ଷା କରି ରହିଥିବା ଅଥଚ ପରମ ଶାଶ୍ୱତଙ୍କର ଆତ୍ମଦୃଷ୍ଟି ମଧ୍ୟରେ ପ୍ରଥମରୁହିଁ ବିରାଜିତ ରହିଥିବା ଅନେକ ସତ୍ୟକୁ ଜାଣିଥାଏ । କିମ୍ବା ତଥା ପରିବର୍ତ୍ତନର ସତ୍ୟରୂପେ ବିରାଜମାନ ବ୍ୟାବହାରିକ ତାତ୍କାଳିକ ସତ୍ୟଟିକୁ ସେ କଦାପି ସମ୍ପୂର୍ଣ୍ଣ ସତ୍ୟ ବୋଲି ଭ୍ରମ କରେ ନାହିଁ, ମାତ୍ର ତାହାକୁ ଶାଶ୍ୱତ ଭାବରେ ସତ୍ୟ ହୋଇ ରହିଥିବା ସେହି ପରମ ସମ୍ପଦରହିଁ ଏକ ସତତ ଚରିତାର୍ଥତାରୂପେ ପ୍ରତ୍ୟକ୍ଷ କରୁଥାଏ । ଅତିମାନସ ଜାଣିଥାଏ ଯେ ଯାବତୀୟ ସୃଷ୍ଟି, ତାହା ଜଡ଼, ପ୍ରାଣ, ମନ ବା ଅତିମାନସ ଯେକୌଣସି ଭୂମିର ସୃଷ୍ଟି ହୋଇଥାଉ ପଛକେ, ତାହା ହେଉଛି କେବଳ ସେହି ଶାଶ୍ୱତ ପରମ ସତ୍ୟର ଏକ ପ୍ରକଟୀକୃତ ରୂପ, ସେହି ପରମ ଶାଶ୍ୱତଙ୍କରହିଁ ଏକ ଆତ୍ମ-ଉଦ୍‌ଘାଟନ, ଓ ତାହା କେବଳ ତାହାହିଁ ହୋଇପାରିବ; ଏବଂ ଯାବତୀୟ ବସ୍ତୁର ସତ୍ୟଟି ଯେ ପରମ ଶାଶ୍ୱତଙ୍କ ମଧ୍ୟରେ ପୂର୍ବରୁ ନିହିତ ହୋଇ ରହିଥିଲା, ଅତିମାନସ ସେକଥାଟିକୁ ମଧ୍ୟ ଅତ୍ୟନ୍ତ ନିବିଡ଼ ଭାବରେ ଜାଣିଥାଏ । ଏହି ଦର୍ଶନସମର୍ଥତାହିଁ ଏହାର ବ୍ୟାବହାରିକ ସକଳ ଭାବନା ଏବଂ ତାହାର ପରିଣାମସ୍ୱରୂପ ଘଟୁଥିବା କ୍ରିୟାଗୁଡ଼ିକୁ ନିରୂପିତ କରିଦିଏ । ତାହା ମଧ୍ୟରେ ଅବସ୍ଥିତ ରହିଥିବା ନିର୍ମାଣକାରୀ ଶକ୍ତି ହେଉଛି ଦ୍ରଷ୍ଟା ତଥା ମନୀଷୀର ଏକ ନିର୍ବାଚନକାରୀ ଶକ୍ତି, ଆତ୍ମ-ସୃଜନକାରୀ ଶକ୍ତି ହେଉଛି ଆତ୍ମଦ୍ରଷ୍ଟାର ଏକ ଶକ୍ତି, ଆପଣାକୁ ଅଭିବ୍ୟକ୍ତ କରି ଦେଉଥିବା ଆତ୍ମାର ଶକ୍ତି ହେଉଛି ସେହି ଅନନ୍ତ ଚିଦ୍‌ଗତତାରହିଁ ଏକ ଶକ୍ତି । ଅନନ୍ତ ଆତ୍ମସତ୍ତା ଏବଂ ଚିଦ୍‌ଗତତା ମଧ୍ୟରୁହିଁ ତାହା ପୂର୍ଣ୍ଣମୁକ୍ତ ହୋଇ ସୃଷ୍ଟି କରିବାରେ ଲାଗିଛି, ଏବଂ ପୂର୍ଣ୍ଣମୁକ୍ତ ହୋଇ ରହିଥିବାରୁହିଁ ଆହୁରି ଅଧିକ ସୁନିଶ୍ଚିତ ଏବଂ ମୀମାଂସକ ଭାବରେ ସୃଜନ କରିବାରେ ଲାଗିଛି ।

ତେଣୁ ଆପଣାର ବିଶେଷ ସମୂର୍ତ୍ତିଟି ମଧ୍ୟରେ ଅତିମାନସ ଆଦୌ ବନ୍ଦୀ ହୋଇ ରହି ନାହିଁ କିଂବା ଆପଣା କ୍ରିୟାର ଅବେଷ୍ଟନ ଓ ଗତିପଥଟି ମଧ୍ୟରେ ଆଦୌ କଳି ହୋଇ ରହି ନାହିଁ । ଆପଣା ସତ୍ୟଟିର ଆୟତନ ମଧ୍ୟରେ ଏକ ମୀମାଂସକ ସଙ୍କଳ୍ପ, ଭାବନା ଏବଂ କ୍ରିୟାକୁ ସମ୍ଭବ କରାଇ ପାରୁଥିଲେ ମଧ୍ୟ ଏହା ସୃଜନାତ୍ମକ ସମୂର୍ତ୍ତିର ଅନ୍ୟ ସୁଷମତାଗୁଡ଼ିକର ସତ୍ୟଟି ଲାଗି ଯେପରି ଭାବରେ ଉନ୍ମୁକ୍ତ ହୋଇ ରହିଛି, ମନ କଦାପି ସେହିପରି ଭାବରେ ଓ ସେହି ପରିମାଣରେ ଉନ୍ମୁକ୍ତ ହୋଇପାରନ୍ତା

'oaob.nitrkl.ac.in' images reprocessed

ନାହିଁ । ଯେତେବେଳେ ସେ ସଂଗ୍ରାମ ବା ସଂଘର୍ଷ କରିବା ପରି କୌଣସି କ୍ରିୟାରେ ରତ ହୋଇ ରହିଛି, ଯେତେବେଳେ ଅନ୍ତରର ବା ଅନ୍ୟ କୌଣସି ଭାବନା ବା ରୂପାୟନ ସ୍ଥାନରେ ସେ ସେହି ଭାବନା, ରୂପ ଏବଂ ଅଭିବ୍ୟକ୍ତିକୁ ପ୍ରତିଷ୍ଠିତ କରିବାକୁ ଯାଉଛି ଯାହାକୁ ବ୍ୟକ୍ତ କରିଦେବାର କାର୍ଯ୍ୟଟି ତା' ଲାଗି ଅଭିପ୍ରେତ ହୋଇ ରହିଛି, ଯେତେବେଳେ ମଧ୍ୟ ସେ ଯାହାକୁ ସ୍ଥାନଚ୍ୟୁତ କରୁଛି, ତାହାର ସତ୍ୟଟିକୁ ମଧ୍ୟ ଭଲ କରି ଜାଣିଛି ଓ ତାହାକୁ ସ୍ଥାନଚ୍ୟୁତ କରି ଦେଉଥିଲେ ମଧ୍ୟ ତାକୁ ତାହାର ସାର୍ଥକତା ପ୍ରଦାନ କରିପାରୁଛି । ତହିଁ ସଙ୍ଗେସଙ୍ଗେ ସେ ତାହା ସ୍ଥାନରେ ଯେଉଁ ବସ୍ତୁଟିର ପ୍ରତିଷ୍ଠା କରୁଛି, ତାହାର ସତ୍ୟଟି ମଧ୍ୟ ତା' ପାଖରେ ଜ୍ଞାତ ହୋଇ ରହିଛି । ଆପଣାର ଏହି ଅଭିବ୍ୟକ୍ତି ତଥା ନିର୍ବାଚନର କ୍ରିୟାଟିରେ ଏବଂ ଆପଣାର ବ୍ୟାବହାରିକ ଚେତନ କ୍ରିୟାଟି ଦ୍ୱାରା ମଧ୍ୟ ସେ କୌଣସିପ୍ରକାରେ ଆବଦ୍ଧ ହୋଇପଡ଼ୁ ନାହିଁ, ମାତ୍ର ଯୁଗପତ୍ ଭାବରେ ତାହା ଏକ ବିଶେଷ ଭାବରେ ସୃଜନଶୀଳ ହୋଇ ରହିଥିବା ଭାବନା ଏବଂ କର୍ମସମ୍ବନ୍ଧୀ ଯଥାର୍ଥତାର ନିର୍ବାଚନବୃତ୍ତିର ସଂପୂର୍ଣ୍ଣ ଆନନ୍ଦଟିକୁ, ଆପଣାର ତଥା ଅନ୍ୟମାନଙ୍କର ସମୂହଗତ ଯାବତୀୟ ରୂପାୟନ ତଥା ଗତିସ୍ପନ୍ଦନ ମଧ୍ୟରେ ନିହିତ ହୋଇ ରହିଥିବା ସତ୍ୟର ଆନନ୍ଦଟିକୁ ସମାନ ପରିମାଣରେ ଆସ୍ୱାଦନ କରିପାରୁଛି । ଜୀବନ, କର୍ମ ଏବଂ ସୃଜନସଂବନ୍ଧୀ ତାହାର ସକଳ ଭାବନା ଏବଂ ସଂକଳ୍ପ ସର୍ବଦା ଅତ୍ୟନ୍ତ ସମୃଦ୍ଧ ଓ ବହୁବିଧ ହୋଇପାରୁଛି ତଥା ଅନେକ ଭୂମିରେ ବିଦ୍ୟମାନ ରହିଥିବା ସତ୍ୟଟିକୁ ତାହା କେନ୍ଦ୍ରୀଭୂତ କରି ଦେଖାଇଦେଇ ପାରୁଛି ଏବଂ ମୁକ୍ତିଲାଭ କରିବା ସଙ୍ଗେସଙ୍ଗେ ପରମ ସନାତନଙ୍କର ଅପରିମେୟ ସତ୍ୟଟି ଦ୍ୱାରା ଆଲୋକିତ ହୋଇଯାଇ ପାରୁଛି ।

ଅତିମାନସ ଭାବନା ଏବଂ ଚେତନାର ଏହି ସୃଜନାତ୍ମକ ବା ବ୍ୟାବହାରିକ ଗତିସ୍ପନ୍ଦନଟି ଆପଣା ସହିତ ଯେଉଁ କ୍ରିୟାଟିକୁ ବହନ କରି ଆଣୁଛି, ଯାହାକି ଅଭ୍ୟନ୍ତରର ଅଧୀନ ଅଥବା ଯନ୍ତ୍ରବତ୍ ମନଟିର କ୍ରିୟାଟି ସହିତ ମଧ୍ୟ ସାଦୃଶ୍ୟ ରଖୁଛି, ମାତ୍ର ତଥାପି ଆପଣାର ସ୍ୱଭାବରେ ଅନେକ ଭିନ୍ନ ହୋଇ ରହିଛି । ତାହା ଦ୍ୱାରା ସୃଷ୍ଟ ହେଉଥିବା ବସ୍ତୁ ସର୍ବଦା ସୌଷମ୍ୟରହିଁ ଏକ ଆତ୍ମ-ନିରୂପିତ ରୂପ ହୋଇ ରହୁଛି ଏବଂ ଏକଥା ସ୍ମରଣ ରଖିବାକୁ ହେବ ଯେ ଯାବତୀୟ ସୌଷମ୍ୟ କେବଳ ଦୃଷ୍ଟ ଅଥବା ସ୍ୱୀକୃତ ସ୍ଥିତିଗୁଡ଼ିକର ଆଧାର ଉପରେହିଁ ଆପଣାର କାର୍ଯ୍ୟ କରିଥାଏ ଏବଂ ଆପଣା ସହିତ ଏକ ସତତ ସ୍ପନ୍ଦନ ଏବଂ ଛନ୍ଦୋମୟ ପୁନରାବର୍ତ୍ତନକୁ ବହନ କରି ରହିଥାଏ । ଅତିମାନସ ଭାବନା ସେହି ଅତିମାନସ ସତ୍ତାର ଅଭିବ୍ୟକ୍ତ ଅସ୍ତିତ୍ୱଟିର ସୌଷମ୍ୟଟିକୁହିଁ ସଂଗଠିତ କରିଥାଏ, ସେହି ସୌଷମ୍ୟକୁ ଶାଶ୍ୱତ ତତ୍ତ୍ୱଗୁଡ଼ିକର ଭୂମି ଉପରେ ପ୍ରତିଷ୍ଠିତ କରି ରଖେ, ଅଭିବ୍ୟକ୍ତ ହେବାକୁ ରହିଥିବା ସତ୍ୟଟିର ଯଥାର୍ଥ ଧାରାରେ ତାହାକୁ ମଡ଼ାଇ ଆଣେ ଏବଂ ଅନୁଭବ ତଥା କର୍ମର ଯେଉଁସବୁ

'oaob.nitrkl.ac.in' images reprocessed

ସତତ-ଉପଯୋଗୀ ତତ୍ତ୍ୱ ସୌଷମ୍ୟଟିର ଗଠନ ଲାଗି ଆବଶ୍ୟକ ହେଉଥାଏ, ସେଗୁଡ଼ିକର ପୁନରାବର୍ତ୍ତନକୁ ଏକ ବିଶେଷ ସ୍ତରରେ ଗୁମ୍ଫିତ କରି ରଖିଥାଏ । ଏହି କ୍ଷେତ୍ରରେ ଭାବନାରେ ଏକ ଶୃଙ୍ଖଳା ରହିଥାଏ, ସଂକଳ୍ପର ଏକ ନିୟମିତ ଚକ୍ର ରହିଥାଏ ଏବଂ ଗତିବେଗରେ ଏକ ସ୍ଥାୟିତ୍ୱ ମଧ୍ୟ ରହିଥାଏ । ମାତ୍ର ଚେତନା ଆପଣାର ସ୍ୱତନ୍ତ୍ରତାଟି ହେତୁ ତାହା ଏହି ପୁନରାବର୍ତ୍ତନ ଦ୍ୱାରା ଅଭ୍ୟସ୍ତ ଚିନ୍ତାର ଏକ ଗୁଳା ଭିତରେହିଁ କଳହୋଇ ରହିବାରୁ ଆପଣାକୁ ନିବୃତ୍ତ କରି ରଖେ, ଭାବନାର କେବଳ ଏକ ସୀମାବଦ୍ଧ ଓ ପରିମିତ ଭଣ୍ଡାରକୁ ନେଇହିଁ ଯନ୍ତ୍ରବତ୍ ଆବର୍ତ୍ତିତ ହୋଇ ରହିବାର ନିସ୍ତାଟି ମଧ୍ୟରୁ ଆପଣାକୁ ମୁକ୍ତ କରି ରଖେ । ଅଭ୍ୟସ୍ତତାର ଅଧୀନ ହୋଇ ରହିଥିବା ମନ ଯେପରି ଯାବତୀୟ ନୂତନ ଭାବନା ଓ ଅନୁଭୂତିକୁ ନେଇ ଭାବନାର ଏକ ସୁନିର୍ଦ୍ଦିଷ୍ଟ ସଂସ୍କାରସିଦ୍ଧ ଗ୍ରନ୍ଥିଟି ଭିତରେ ପୂରାଇଦିଏ ଓ ତାହାର ଦ୍ୱାରା ଆତ୍ମସାତ୍ କରାଇନିଏ, ଅତିମାନସ କଦାପି ସେପରି କରେ ନାହିଁ, ସେହି ଗ୍ରନ୍ଥିଗୁଡ଼ିକୁ ସେ କଦାପି ଆପଣାର ଭୂମିରୂପେ ଗ୍ରହଣ କରେ ନାହିଁ । ତାହାର ସେହି ଭୂମିଟି, ଯାହା ଆଗରେ କି ସେ ସବୁକିଛିକୁ ନେଇ ନିର୍ଣ୍ଣୟ ଲାଗି ଉପସ୍ଥାପିତ କରେ, ତାହା ଊର୍ଦ୍ଧ୍ୱରେ 'ଉପରି ବୁଧ୍ନେ' ରହିଥାଏ; ଆହାର ବିରାଟ ପ୍ରସାର ମଧ୍ୟରେ, ସେହି ଅତିମାନସ ସତ୍ୟରହିଁ ପରମ ଭୂମି ଉପରେ ଅର୍ଥାତ୍ 'ବୁଧ୍ନେ ଋତସ୍ୟ' ଅବସ୍ଥିତ ଥାଏ । ଏହାର ଭାବନା-ଶୃଙ୍ଖଳା, ଏହାର ସଂକଳ୍ପ-ଚକ୍ର ଏବଂ କର୍ମଗତ ସ୍ଥାୟୀ ସ୍ମରଣୀଟି କେବେହେଲେ ଗୋଟି ବାନ୍ଧି ଏକ ଯାନ୍ତ୍ରିକତା ବା ରୂଢ଼ି ପରମ୍ପରାରେ ପରିଣତ ହୋଇଯାଏ ନାହିଁ, ମାତ୍ର ତାହା ସର୍ବଦା ଚିଦ୍‌ଗତତା ଦ୍ୱାରାହିଁ ଜୀବନ୍ତ ହୋଇ ରହିଥାଏ; ତାହା କୌଣସିପ୍ରକାର ଏକାଙ୍ଗିତାକୁ ସାଙ୍ଗରେ ନେଇ ବାସ କରେ ନାହିଁ କିଂବା ସହାବସ୍ଥିତ ବା ସମ୍ଭବ ଅନ୍ୟ ଶୃଙ୍ଖଳା ବା ଚକ୍ର ଲାଗି କୌଣସି ଶତ୍ରୁତା ପୋଷଣ କରେ ନାହିଁ, ମାତ୍ର ତାହା ଯାହାକିଛିର ସଂସ୍ପର୍ଶରେ ଆସେ, ତାହାଠାରୁ ମଧ୍ୟ ଆପଣା ଲାଗି ପୋଷକ ତତ୍ତ୍ୱ ଆହରଣ କରି ଆଣେ ଏବଂ ତାହାକୁ ଆପଣାର ସ୍ୱକୀୟ ତତ୍ତ୍ୱଟିର ଅନୁକୂଳ କରିନିଏ । ଏପରି ଏକ ଚିଦ୍‌ଗତ ଅନୁକୂଳନ ଓ ପରିଗ୍ରହଣ ଅବଶ୍ୟ ସମ୍ଭବ ହୁଏ, କାରଣ ଏହି କ୍ଷେତ୍ରରେ ସବୁକିଛିକୁ ଆଣି କେବଳ ସେହି ଆତ୍ମସତ୍ତାର ବିଶାଳତା ତଥା ଊର୍ଦ୍ଧ୍ୱରେ ଥିବା ମୁକ୍ତ ଦୃଷ୍ଟିଟିର ସମକ୍ଷରେହିଁ ନିର୍ଣ୍ଣୟ ଲାଗି ଉପସ୍ଥାପିତ କରା ଯାଉଥାଏ । ଅତିମାନସ ଭାବନା ତଥା ସଂକଳ୍ପର ଏହି ବିଧାନଟି ସେହି ଊର୍ଦ୍ଧ୍ୱଦେଶରୁହିଁ ସତତ ନୂତନ ଆଲୋକ ଓ ସାମର୍ଥ୍ୟ ଲାଭ କରିବାରେ ଲାଗିଛି ଏବଂ ତାହାକୁ ଆପଣାର ଗତିସ୍ପନ୍ଦନଟି ମଧ୍ୟକୁ ଗ୍ରହଣ କରିନେବାରେ ତାହାର ଆଦୌ କୌଣସି ଅସୁବିଧା ହେଉ ନାହିଁ । ପରମ ଅନନ୍ତଙ୍କରହିଁ ଏକ ବିଧାନର କ୍ଷେତ୍ରରେ ବସ୍ତୁତଃ ଯାହା ହୁଅନ୍ତା, ଆପଣାର ଆପଣା ଗତିର ସ୍ଥିରତାରେ ମଧ୍ୟ ତାହା ବର୍ଣ୍ଣନାତୀତ ଭାବରେ ସ୍ଥିତିସ୍ଥାପକ ଓ ନମନୀୟ ହୋଇ ରହିଛି, ସେହି ପରମ ଅଦ୍ୱୟ ସତ୍ତା ମଧ୍ୟରେହିଁ ତାହା ସକଳ

'oaob.nitrkl.ac.in' images reprocessed

ବସ୍ତୁର ପାରସ୍ପରିକ ସମ୍ବନ୍ଧଟିକୁ ଅନୁଭବ କରିପାରୁଛୁ ଓ ପ୍ରକଟ ବି କରିଦେଇ ପାରୁଛୁ, ସେହି ଅନନ୍ତରୂପଙ୍କୁ ସର୍ବଦା ଅଧିକରୁ ଅଧିକ ଭାବରେ ବ୍ୟକ୍ତ କରିଦେଇ ପାରୁଛୁ ଏବଂ ଆପଣାର ପରିପୂର୍ଣ୍ଣତମ ସାମର୍ଥ୍ୟରେ, ପରମ ଅନନ୍ତଙ୍କର ପ୍ରକୃତିରେ ଯାହାକିଛିକୁ ବ୍ୟକ୍ତ କରିବା ସମ୍ଭବ, ସେ ତାହାକୁ ଆପଣାର ସ୍ୱକୀୟ ଧାରାରେ ଅଭିବ୍ୟକ୍ତ କରିଦେବାର ସାମର୍ଥ୍ୟ ଅର୍ଜନ କରିପାରୁଛୁ ।

ତେଣୁ ଏହି କ୍ଷେତ୍ରରେ, ଅର୍ଥାତ୍ ଅତିମାନସ ଜ୍ଞାନର ଏହି ଅନେକମୁଖୀ ଗତ୍ୟାତ୍ମକ ସଞ୍ଚରଣର କ୍ଷେତ୍ରରେ ଆଉ କୌଣସି ବିସଙ୍ଗତି ବା ବିଷମତା ଆସି ପଡ଼ୁନାହିଁ, ଅନୁକୂଳନଗତ କୌଣସି ଅସୁବିଧା ଜାତ ହେଉ ନାହିଁ । ମାତ୍ର ଏହି ଅନେକମୁଖିତା ବା ଜଟିଳତାରେ ମଧ୍ୟ ତଥାପି ଏକ ସରଳତା ବିଦ୍ୟମାନ ରହୁଛି; ବହୁମୁଖୀ ଚପଳତା ମଧ୍ୟରେ ବି ଏପରି ଏକ ସୁନିଶ୍ଚିତ ସହଜତା ରହୁଛି, ଯାହାକି କେବଳ ସେହି ତଦ୍‌ଗତତାର ଆତ୍ମଜ୍ଞାନଗତ ସ୍ୱତଃସ୍ଫୂର୍ତ୍ତି ସୁନିଶ୍ଚିତତା ଏବଂ ସମଗ୍ରତାରୁହିଁ ସମ୍ଭବ ହୋଇଥାଏ । ମନରୁ ଅତିମାନସକୁ ରୂପାନ୍ତରିତ ହୋଇଯିବାର ସନ୍ଧାନ୍ତକାଳରେ ଯେତେବେଳ ପର୍ଯ୍ୟନ୍ତ ରଚନାର ଆପଣା ପଦ୍ଧତିଗୁଡ଼ିକୁହିଁ ଜାରି କରି ରଖିବା ଲାଗି ଜିଦ୍ ଧରି ବସିଥିବା ମନର କ୍ରିୟା, ପ୍ରଭାବ ବା ସ୍ମୃତିଟି ବଳବତ୍ତର ରହିଥାଏ ଅଥବା ଏକ ମୌଳିକ ଅଜ୍ଞାନର ଭିତ୍ତି ଉପରେହିଁ ଜ୍ଞାନ, ଭାବନା ତଥା କର୍ମଇଚ୍ଛାକୁ ଗଠନ କରିବାର ତାହାର ପ୍ରକ୍ରିୟାଟି ସବୁକିଛିକୁ କେବଳ ଆତ୍ମସତ୍ତାରୁ ତଥା ତାହାର ଅନ୍ତର୍ନିହିତ ଓ ଚିରନ୍ତନ ଆତ୍ମଜ୍ଞାନରୁ ଜନ୍ମଲାଭ କରୁଥିବା ଏକ ଜ୍ୟୋତିର୍ମୟ ଅଭିବ୍ୟକ୍ତିରୂପେ ସଗଠିତ କରି ଦେଉଥିବା ଅତିମାନସର ସେହି ବିପରୀତ ପ୍ରକ୍ରିୟାଟିର ପ୍ରତିରୋଧ କରିବାରେ ଲାଗିଥାଏ, କେବଳ ସେତିକିବେଳେହିଁ ଏହି କ୍ଷେତ୍ରରେ କୌଣସି ବାଧା ଉପସ୍ଥିତ ହୁଏ, ଅନ୍ତର୍ଗତ ସଂଘର୍ଷ ଆସି ପଡ଼େ, ଅସମତା, ଅସୁବିଧା ଏବଂ ବିଭିନ୍ନ ଭାଗ ତଥା ଗତିସ୍ପନ୍ଦନଗୁଡ଼ିକ ମଧ୍ୟରେ ବିସଙ୍ଗତି ଦେଖାଦିଏ । ଠିକ୍ ଏହିପରି ଭାବରେହିଁ ଅତିମାନସ ତଦ୍‌ଗତତା ବା ଆତ୍ମାର ସେହି ତାଦାତ୍ମ୍ୟଜ୍ଞାନର ଏକ ପ୍ରତିନିଧି-ଶକ୍ତି ପରି, ଏକ ବ୍ୟାଖ୍ୟାକାରୀ ଓ ଆତ୍ମୋଦ୍‌ଘାଟନକାରୀ ଅଲଂଘ୍ୟ ଶକ୍ତି ପରି କାର୍ଯ୍ୟ କରେ, ପୂର୍ଣ୍ଣମୁକ୍ତ ଓ ସୀମାହୀନ ଭାବରେ ତାହା ଅନନ୍ତ ଚେତନାର ଆଲୋକଟିକୁ ସତ୍ୟ-ବସ୍ତୁଟିର ଉପାଦାନ ଏବଂ ଆକାରରେ ପରିଣତ କରିଦିଏ, ଚେତନା ସତ୍ତାର ଶକ୍ତି ତଥା ସତ୍ୟ-ବସ୍ତୁଟିର ଶକ୍ତିଟି ଦ୍ୱାରା ସୃଜନ କରିପାରେ, ଏପରି ଏକ ଗତିସ୍ପନ୍ଦନକୁ ଏକ ସ୍ଥାୟୀ ରୂପ ଦେଇ ରଖେ ଯାହାକି ଆପଣାର ବିଧାନଟିକୁ ମାତ୍ର କାର୍ଯ୍ୟ କରୁଥାଏ ସତ, ମାତ୍ର ତଥାପି ଅନନ୍ତ ସତ୍ତାରହିଁ ଏକ ସ୍ଥିତିସ୍ଥାପକ ଓ ନମନୀୟ ଗତିସ୍ପନ୍ଦନ ହୋଇ ରହିଥାଏ । ଆପଣାର ଏହି ଯାବତୀୟ କ୍ରିୟାତ୍ମକତା ଦ୍ୱାରା ଅତିମାନସ ପ୍ରତ୍ୟେକ ଅତିମାନସ ସତ୍ତା ମଧ୍ୟରେ ସେହି ଏକ ଆତ୍ମସତ୍ତା ତଥା ତଦ୍‌ଗତତାର ବିଶିଷ୍ଟ ଓ ଯଥାର୍ଥ ଅଭିବ୍ୟକ୍ତିଟିକୁ ସଗଠିତ କରିଆଣିବା ଲାଗି ଆପଣାର

'oaob.nitrkl.ac.in' images reprocessed

ଭାବନା ଓ ଜ୍ଞାନକୁ ଏବଂ ଉପାଦାନରେ ତଥା ଆଲୋକରେ ସେହି ଜ୍ଞାନରହିଁ ତଦାତ୍ମକ ହୋଇ ରହିଥିବା ଏକ ସଂକଳ୍ପକୁ କାମରେ ଲଗାଇଥାଏ ।

ଏହିପରି ଭାବରେ ଗଠିତ ହୋଇ ରହିଥିବା ଅତିମାନସ ଜ୍ଞାନର କ୍ରିୟା ଯେ ମନୋମୟ ବୁଦ୍ଧିଟିର କ୍ରିୟାକୁ କ୍ରମଆଡ଼େ ଅତିକ୍ରମ କରି ଚାଲିଯିବ, ଏଥିରେ କୌଣସି ସନ୍ଦେହ ନାହିଁ; ଏବଂ ଅତିମାନସ ରୂପାନ୍ତରଣଟିରେ ବୁଦ୍ଧିର ସ୍ଥାନରେ ପ୍ରକୃତରେ କେଉଁ ତତ୍ତ୍ୱଟି କାର୍ଯ୍ୟ କରିବାକୁ ଆସିବ, ଆମକୁ ତାହା ଦେଖିବାକୁ ପଡ଼ିବ । ନ୍ୟାୟର ସୂତ୍ରଗୁଡ଼ାକୁ ମାନୁଥିବା ଓ ତର୍କଣା କରି ପାରୁଥିବା ବୁଦ୍ଧିରେହିଁ ମନୁଷ୍ୟର ଭାବନାତ୍ମକ ମନ ଆପଣାର ସବୁଠାରୁ ଅଧିକ ନିର୍ମଳ ତଥା ବିଶେଷ ସନ୍ତୋଷଟି ଲାଭ କରିଥାଏ, ଆପଣା ସତ୍ତ୍ୱର ସଂଗଠନଟି ଲାଗି ମଧ୍ୟ ଆପଣାର ସୁନିଶ୍ଚିତତମ ଓ ସବୁଠାରୁ ଅଧିକ ପ୍ରଭାବଶାଳୀ ତତ୍ତ୍ୱଟିକୁ ପାଇ ଯାଇଥାଏ । ଏକଥା ଏକାନ୍ତ ସତ୍ୟ ଯେ କେବଳ ବୁଦ୍ଧିକୁ ଆଶ୍ରୟ କରି ମନୁଷ୍ୟ ଆପଣାର ଭାବନାରେ ଅଥବା କର୍ମରେ କଦାପି ସମ୍ପୂର୍ଣ୍ଣ ଭାବରେ ପରିଚାଳିତ ହୁଏ ନାହିଁ, ହୋଇ ମଧ୍ୟ ପାରିବ ନାହିଁ । ତାହାର ମନୋଭୂମିଟି ଅବିଚ୍ଛେଦ୍ୟ ଭାବରେ ସର୍ବଦା ତର୍କଣାବୁଦ୍ଧିର ଏପରି ଏକ ସଂଯୁକ୍ତ, ମିଶ୍ରିତ ତଥା ଜଟିଳ କ୍ରିୟାର ଅଧୀନ ହୋଇ ରହିଥାଏ, ଯେଉଁଥିରେ କି ଦୁଇଟି ଅନ୍ୟ ଶକ୍ତି ମଧ୍ୟ ସାଙ୍ଗରେ ରହିଥାନ୍ତି; ଏକ ବୋଧିଶକ୍ତି ରହିଥାଏ, ମନୁଷ୍ୟର ମନୋଭୂମିରେ ତାହା ପ୍ରକୃତରେ କେବଳ ଅର୍ଦ୍ଧ-ଆଲୋକିତ ହୋଇ ରହିଥାଏ, ତାହା ଅଧିକ ଦୃଶ୍ୟମାନ୍ ବୁଦ୍ଧିର କ୍ରିୟାଟି ପଛରେ ରହି କାର୍ଯ୍ୟ କରୁଥାଏ ବା ସାଧାରଣ ବୁଦ୍ଧିର କ୍ରିୟାଟି ମଧ୍ୟରେ ପ୍ରବେଶ କରି ତାହା ସତେଅବା ଆବୃତ ହୋଇ ରହିଥାଏ କିଂବା କିଞ୍ଚିତ୍ ବଦଳି ମଧ୍ୟ ଯାଇଥାଏ । ଦ୍ୱିତୀୟଟି ହେଉଛି ଇନ୍ଦ୍ରିୟସଂବେଦନ, ସହଜାତ ପ୍ରବୃତ୍ତି ତଥା ଆବେଗ ଦ୍ୱାରା କାର୍ଯ୍ୟ କରୁଥିବା ପ୍ରାଣିକ ମନର ଶକ୍ତି, ଯାହାକି ଆପଣାର ସ୍ୱକୀୟ ସ୍ୱଭାବରେ ଏକପ୍ରକାର ଅସ୍ପଷ୍ଟ ଓ ସଂବୃତ ବୋଧିଶକ୍ତି ହୋଇ ରହିଥାଏ ଏବଂ ଯାହାକି ତଳୁ ଥାଇ ବୁଦ୍ଧିକୁ ତାହାର ସର୍ବପ୍ରଥମ ଉପାଦାନ ଓ ତଥ୍ୟଗୁଡ଼ିକୁ ଯୋଗାଇ ଦେଇଥାଏ । ଏହି ଅନ୍ୟ ଦୁଇଟିଯାକ ଶକ୍ତିରୁ ପ୍ରତ୍ୟେକଟି ଆପଣା ଆପଣାର ଭାବରେ ମନ ତଥା ପ୍ରାଣରେ କାର୍ଯ୍ୟ କରୁଥିବା ଆତ୍ମାରହିଁ ଏକ ଅନ୍ତରଙ୍ଗ କ୍ରିୟା ହୋଇ ରହିଥାନ୍ତି ଏବଂ ତାହାର କାର୍ଯ୍ୟ କରିବାର ପଦ୍ଧତି ତର୍କଧର୍ମୀ ବୁଦ୍ଧିର ତୁଳନାରେ ଅପେକ୍ଷାକୃତ ଅଧିକ ପ୍ରତ୍ୟକ୍ଷ ଏବଂ ସ୍ୱତଃସ୍ଫୂର୍ତ୍ତ ହୋଇ ରହିଥାଏ ଏବଂ ତାହାର ଅନୁଭବ ତଥା କ୍ରିୟା କରିବାର ଶକ୍ତିଟି ମଧ୍ୟ ବୁଦ୍ଧି ତୁଳନାରେ ଅଧିକ ଅପରୋକ୍ଷ ହୋଇ ରହିଥାଏ । ମାତ୍ର ତଥାପି ଏଥିମଧ୍ୟରୁ କୌଣସିଟି ସାମର୍ଥ୍ୟ ମନୁଷ୍ୟ ଲାଗି ତା'ର ମନୋମୟ ଅଭିବ୍ୟକ୍ତିକୁ ସଂଗଠିତ କରିଦେଇ ପାରନ୍ତି ନାହିଁ ।

ମନୁଷ୍ୟର ପ୍ରାଣିକ ମନ,—ଅର୍ଥାତ୍ ତା'ର ଯାବତୀୟ ସହଜାତ ପ୍ରବୃତ୍ତି ତଥା ଆବେଗ,—କଦାପି ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିବ ନାହିଁ ଓ ସବୁଠାରୁ ଅଧିକ ପ୍ରଭାବ-

'oaob.nitrkl.ac.in' images reprocessed

ସମର୍ଥ ହି ହୋଇପାରିବ ନାହିଁ; କାରଣ ତାହା ସେହି ନିମ୍ନତର ସୃଷ୍ଟିର ଭୂମିରେହିଁ ଅବସ୍ଥିତ ହୋଇ ରହିଛି । ବୁଦ୍ଧି ସେହି ପ୍ରାଣିକ ମନକୁ ଆପଣାର ଅଧିକାରକୁ ଆଣି ତାହାକୁ ଅନେକ ପରିମାଣରେ ବଦଳାଇ ଦେଇଛି; ଏପରିକି ଯେଉଁଠି ବୁଦ୍ଧିର ବିକାଶ ଅତ୍ୟନ୍ତ ଅପୂର୍ଣ୍ଣ ରହିଛି ଏବଂ ସ୍ୱୟଂ ପ୍ରାଣିକ ମନ ମଧ୍ୟ ଆପଣାର ଶ୍ରେଷ୍ଠତା ପ୍ରତିପାଦିତ କରିବାକୁ ନିରତ ଉଦ୍ୟମଶୀଳ ହୋଇ ରହିଛି, ସେଠାରେ ମଧ୍ୟ ଆମକୁ ଠିକ୍ ସେହି କଥାଟି ଦେଖିବାକୁ ମିଳୁଛି । ତାହା ଆପଣାର ବୋଧଧର୍ମୀ ସ୍ୱଭାବଟିର ଅନେକାଂଶକୁ ହରାଇ ଦେଇ ଆସିଛି, ଉପାଦାନ ଓ ତଥ୍ୟମାନ ଆଣି ଯୋଗାଇଦେବାର କ୍ଷେତ୍ରରେ ପୂର୍ବାପେକ୍ଷା ଅନେକ ଗୁଣରେ ଅଧିକ ସମ୍ପନ୍ନ ହୋଇ ରହିଛି; ମାତ୍ର ବର୍ତ୍ତମାନ ତାହା ଆଉ ସମ୍ପୂର୍ଣ୍ଣ ଭାବରେ ସ୍ୱରୂପପ୍ରତିଷ୍ଠ ହୋଇ ରହିପାରି ନାହିଁ ଓ ଆପଣାର କାର୍ଯ୍ୟଟିକୁ ମଧ୍ୟ ସହଜ ସ୍ୱତଃପ୍ରେରିତ ଭାବରେ କରିପାରୁ ନାହିଁ, କାରଣ ତାହା ଏକ ଅର୍ଦ୍ଧ-ବୌଦ୍ଧିକ ସ୍ତରରେ ପରିଣତ ହୋଇଯାଇଛି, ତାହା ଯେତେ ଅସ୍ପଷ୍ଟ ହେଲେ ମଧ୍ୟ ଅନ୍ତତଃ ତାର୍କିକ ଅଥବା ବୁଦ୍ଧିପ୍ରେରିତ କ୍ରିୟାର କୌଣସି ଅନ୍ତଃସଞ୍ଚାରିତ ଉପାଦାନଟିକୁ ଅବଲମ୍ବନ କରି ରହିଛି ଏବଂ ବୁଦ୍ଧିର ସହାୟତା ବିନା କୌଣସିପ୍ରକାର ଉତ୍ତମ ଉଦ୍ଦେଶ୍ୟ ଲାଗି ଆଦୌ କାମ କରିପାରୁ ନାହିଁ । ତାହା ଯେଉଁ ଅବଚେତନ ମଧ୍ୟରୁ ଉଦ୍ଭୂତ ହୋଇ ଆସିଛି, ସେହିଠାରେହିଁ ତା'ର ସବୁଯାକ ଚେର ରହିଛି, ତାହାର ପୂର୍ଣ୍ଣତାପ୍ରାପ୍ତିର ସ୍ଥାନଟି ମଧ୍ୟ ସେହିଠାରେ ରହିଛି; ଏବଂ ଅଧିକରୁ ଅଧିକ ଚେତନ ଜ୍ଞାନ ତଥା ଚେତନ କର୍ମର ଅର୍ଥରେହିଁ ଆପଣାକୁ ଅଭିବୃଦ୍ଧ କରିବା ହେଉଛି ମନୁଷ୍ୟର ଅସଲ କାର୍ଯ୍ୟ । ଯଦି ମନୁଷ୍ୟ ପଛକୁ ଫେରି ଆପଣାର ଜୀବନକୁ ପ୍ରାଣିକ ମନର ଶାସନରେହିଁ ଛାଡ଼ିଦିଏ, ତେବେ ସେ ହୁଏତ ବିବେକଶୂନ୍ୟ ଓ ପ୍ରମାଦଗ୍ରସ୍ତ ହୋଇପଡ଼ିବ ଅଥବା ନିର୍ବୋଧ ଓ ଅଶକ୍ତ ହୋଇ ରହିଯିବ । ଏବଂ ତା' ଫଳରେ ଆପଣା ମାନବତ୍ୱର ଅସଲ ସ୍ୱଭାବ ଓ ଲକ୍ଷଣଟିକୁ ହରାଇ ବସିବ ।

ମାତ୍ର ଅନ୍ୟ ପକ୍ଷରେ, ଅତିମାନସ ମଧ୍ୟରେହିଁ ବୋଧଶକ୍ତିର ମୂଳଟି ନିହିତ ହୋଇ ରହିଛି, ତାହାର ପୂର୍ଣ୍ଣତାପ୍ରାପ୍ତିର ସ୍ଥାନଟି ମଧ୍ୟ ସେଇଠି ରହିଛି; ଏହି ଅତିମାନସ ବର୍ତ୍ତମାନ ଆମ ଲାଗି ଅତିଚେତନ ହୋଇ ରହିଛି, ମନର ଭୂମିଟିରେ ଏହାର କୌଣସି ବିଶୁଦ୍ଧ ଓ ସଂଗଠିତ କ୍ରିୟା ସମ୍ଭବ ହୋଇପାରି ନାହିଁ, ମାତ୍ର ତାହା ତର୍କଣାବୁଦ୍ଧିର କ୍ରିୟାଟି ସହିତ ତତ୍କ୍ଷଣାତ୍ ମିଶିଯାଇ ପାରୁଛି, ସମ୍ପୂର୍ଣ୍ଣ ଭାବରେ ସ୍ୱରୂପପ୍ରତିଷ୍ଠ ହୋଇ ରହିପାରୁ ନାହିଁ; ମାତ୍ର ସୀମାବଦ୍ଧ ଓ ଖଣ୍ଡିତ ହୋଇ ରହିଛି, ମିଶ୍ରିତ ଓ ଅଶୁଦ୍ଧ ହୋଇ ପଡ଼ିଛି ଏବଂ ତର୍କନ୍ୟାୟ ଦ୍ୱାରା ପରିଚାଳିତ ବୁଦ୍ଧିଟିର ସାହାଯ୍ୟ ଉପରେହିଁ ଆପଣାର ବ୍ୟବସ୍ଥିତ ଉପଯୋଗ ଏବଂ ସଂଗଠନ ସକାଶେ ନିର୍ଭରଶୀଳ ହୋଇ ରହିଛି । ତା'ର ବୋଧିଲବ୍ଧ ଅନୁଭବଗୁଡ଼ିକ ଯେପର୍ଯ୍ୟନ୍ତ ତର୍କବୁଦ୍ଧିର ବିଚାରଟି ଦ୍ୱାରା ପରୀକ୍ଷିତ ଓ ସ୍ୱୀକୃତ ନହୋଇଛି, ମନୁଷ୍ୟର ମନ ସେଗୁଡ଼ିକ ସମ୍ବନ୍ଧରେ ଆଦୌ ସମ୍ପୂର୍ଣ୍ଣରୂପେ

'oaob.nitrkl.ac.in' images reprocessed

ନିଶ୍ଚିତ ହୋଇପାରୁ ନାହିଁ । କାରଣ ସେହିଠାରେହିଁ ସେ ଆପଣାକୁ ସବୁଠାରୁ ଅଧିକ ସୁପ୍ରତିଷ୍ଠିତ ଓ ସୁରକ୍ଷିତ ବୋଲି ଅନୁଭବ କରୁଛି । ସଂବୋଧି-ମନଟି ଦ୍ୱାରା ଆପଣାର ଭାବନା ତଥା ଜୀବନକୁ ସଂଗଠିତ କରିବା ଲାଗି ମନୁଷ୍ୟ ଯେତେବେଳେ ବୁଦ୍ଧିକୁ ଅତିକ୍ରମ କରି ଚାଲିଯିବ, ସେତେବେଳେ ସେ ତା'ର ବର୍ତ୍ତମାନର ପ୍ରକୃତି-ଅଧୀନ ମାନବତ୍ୱକୁ ମଧ୍ୟ ଅତିକ୍ରମ କରି ଚାଲିଗଲା ବୋଲି କହିବାକୁ ହେବ, ଅତିମାନବତ୍ୱକୁ ବିକଶିତ କରି ଆଣିବାର ପଥରେ ଅଗ୍ରସର ହୋଇଗଲାଣି ବୋଲି ଜାଣିବାକୁ ହେବ । ଏଇଟି କେବଳ ଊର୍ଦ୍ଧ୍ୱତର ଭୂମିରେହିଁ ସମ୍ଭବ ହେବ, କାରଣ ନିମ୍ନତର ଭୂମିରେ ସେଥିଲାଗି ପ୍ରୟାସ କରିବସିଲେ ତାହା କେବଳ ଆଉ ଏକ ପ୍ରକାରର ଅପୂର୍ଣ୍ଣତାକୁ ଲାଭ କଲା ପରି ହେବ, କାରଣ ସେହି କ୍ଷେତ୍ରରେ ମନୋମୟ ବୁଦ୍ଧିହିଁ ଏକ ଅପରିହାର୍ଯ୍ୟ ସାଧନ ହୋଇ ରହିଥିବ ।

ଆମେ ତର୍କାଶ୍ରୟୀ ବୁଦ୍ଧିକୁ ଆମର ପ୍ରାଣିକ ମନ ଏବଂ ଅଦ୍ୟାପି ଅବିକଶିତ ଅବସ୍ଥାରେ ରହିଥିବା ଅତିମାନସ ବୋଧି ମଧ୍ୟରେ ଅବସ୍ଥିତ ଏକ ମଧ୍ୟବର୍ତ୍ତୀ ସାଧନ ବୋଲି କହିପାରିବା । ଏହା ପ୍ରକୃତରେ ଏକ ମଧ୍ୟସ୍ଥରହିଁ କାର୍ଯ୍ୟ କରିଥାଏ; ଗୋଟିଏ ପାଖରେ ତାକୁ ପ୍ରାଣିକ-ମନଟିକୁ ଆଲୋକିତ କରି ଆଣିବାକୁ ହୁଏ, ତାହାକୁ ଚେତନା-ଯୁକ୍ତ କରିବାକୁ ହୁଏ ଏବଂ ଏହାର କାର୍ଯ୍ୟଟିକୁ ଯଥାସମ୍ଭବ ଅଧିକ ପରିମାଣରେ ଶାସିତ ଓ ନିୟନ୍ତ୍ରିତ କରି ରଖିବାକୁ ହୁଏ । ଏହିପରି ଭାବରେ ଯେତେବେଳେ ପରିଶେଷରେ ପ୍ରକୃତ ଅତିମାନସ ଶକ୍ତିଟିକୁ ଉନ୍ମେଷିତ କରି ଅଣିବା ଲାଗି ପ୍ରସ୍ତୁତ ହୋଇଯିବ, ସେତେବେଳେ ସେହି ଅତିମାନସ ଶକ୍ତିହିଁ ଜୀବନକୁ ଆପଣା ହାତରେ ଗ୍ରହଣ କରିନେବ ଏବଂ ବାସନା, ସଂବେଗ, ସଂବେଦନ ତଥା କ୍ରିୟା ପ୍ରଭୃତି ଅସ୍ପଷ୍ଟ ଭାବରେ ବୋଧିଯୁକ୍ତ ହୋଇ ରହିଥିବା ତାହାର ଯାବତୀୟ ଗତିବେଗକୁ ସେହି ଆତ୍ମସତ୍ତା ଓ ତଦ୍‌ଗତତାର ଆଧ୍ୟାତ୍ମିକ ଓ ଆଲୋକମୟ ଭାବରେ ସ୍ୱତଃସ୍ଫୂର୍ତ୍ତ ହୋଇ ରହିଥିବା ଏକ ସ୍ୱତଃସ୍ଫୂର୍ତ୍ତ ଜୀବନପ୍ରକାଶରୂପେ ରୂପାନ୍ତରିତ କରିଦେଇ ଏହାର ଯାବତୀୟ ଗତିସ୍ପନ୍ଦନକୁ ଆଲୋକିତ ତଥା ପୂର୍ଣ୍ଣତାଯୁକ୍ତ କରିଦେବ । ଅନ୍ୟ ଉଚ୍ଚତର ପାଖଟିରେ ଊର୍ଦ୍ଧ୍ୱାଗତ ଆଲୋକର ସେହି ରଶ୍ମିଗୁଡ଼ିକୁ ଆପଣା ମଧ୍ୟକୁ ଗ୍ରହଣ କରିନେବାହିଁ ତାହାର କାର୍ଯ୍ୟ ହୋଇ ରହିଥାଏ; ସେହି ରଶ୍ମିଗୁଡ଼ିକୁ ବୁଦ୍ଧିସମ୍ପନ୍ନ ମନୋଗତତାରେ ଉକୁଟାଇ ଆଣିବାକୁ ହୁଏ, ବାଡ଼ ଭିତରୁ ଖସି ଚାଲି ଯାଉଥିବା ଏବଂ ଅତିଚେତନ ଭୂମିରୁ ମନ ଭିତରକୁ ଅବତରଣ କରି ଆସୁଥିବା ବୋଧିଲବ୍ଧ ଜ୍ଞାନଗୁଡ଼ିକୁ ଗ୍ରହଣ କରିନେବାକୁ ହୁଏ, ପରୀକ୍ଷା କରି ଦେଖିବାକୁ ହୁଏ, ବିକଶିତ କରି ଆଣିବାକୁ ହୁଏ ଏବଂ ବୁଦ୍ଧିର କ୍ଷେତ୍ରରେ ସେଗୁଡ଼ିକର ଉପଯୋଗ ମଧ୍ୟ କରିବାକୁ ହୁଏ । ଏହି କାର୍ଯ୍ୟଟି ତାହା ସେତେବେଳଯାଏ କରୁଥାଏ, ଯେତେ-ବେଳଯାଏ କି ମନୁଷ୍ୟ ଆପଣା ବିଷୟରେ, ଆପଣାର ପରିବେଶ ବିଷୟରେ ଓ

'oaob.nitrkl.ac.in' images reprocessed

ସତ୍ତ୍ୱଟି ବିଷୟରେ ବୁଦ୍ଧିଯୁକ୍ତ ଭାବରେ ଅଧିକରୁ ଅଧିକ ଚେତନାସମ୍ପନ୍ନ ହୋଇ ଏକଥାଟିକୁ ମଧ୍ୟ ଜାଣିବାକୁ ଆରମ୍ଭ କରେ ଯେ ସେ ଏହିସବୁ ବିଷୟକୁ ବସ୍ତୁତଃ ବୁଦ୍ଧି ଦ୍ୱାରା କଦାପି ଜାଣିପାରିବ ନାହିଁ, ମାତ୍ର ଆପଣାର ବୁଦ୍ଧି ସମକ୍ଷରେ ତାହାର କେବଳ ଏକ ମନୋମୟ ଉପସ୍ଥାପନାହିଁ କରିପାରିବ ।

ଅବଶ୍ୟ ଏକଥା ସତ ଯେ ବୁଦ୍ଧି ଦ୍ୱାରା ପରିଚାଳିତ ମନୁଷ୍ୟର ତର୍କବୁଦ୍ଧିରେ ଆପଣା ସମର୍ଥତା ତଥା ବିସ୍ତାର ସୀମାଗୁଡ଼ିକୁ ଉପେକ୍ଷା କରିବାର ଏକ ପ୍ରବୃତ୍ତି ରହିଥାଏ, ତାହା ଆତ୍ମସତ୍ତା ଏବଂ ତଦ୍‌ଗତତାର ଏକ ସାଧନ ଓ ପ୍ରତିନିଧି ହୋଇ ନରହି ସେଗୁଡ଼ିକର ସତେଅବା ଏକ ସ୍ଥାନାପନ୍ନ ହୋଇ ବସିବାକୁ ଚେଷ୍ଟା କରୁଥାଏ । ଆପଣାର ସାଫଲ୍ୟ ଏବଂ ପ୍ରତିପତ୍ତି ଦ୍ୱାରା ତଥା ଆପଣା ଆଲୋକଟିର ତୁଳନାତ୍ମକ ଆଧିକ୍ୟଟି ଦ୍ୱାରା ଆତ୍ମବିଶ୍ୱାସଯୁକ୍ତ ହୋଇ ତାହା ଆପଣାକୁ ଏକ ମୌଳିକ ଓ ପରମ ବସ୍ତୁରୂପେ ଦେଖିବାକୁ ଲାଗେ, ଆପଣାର ପୂର୍ଣ୍ଣସତ୍ୟତା ଏବଂ ସ୍ୱୟଂପୂର୍ଣ୍ଣତା ବିଷୟରେ ଆପଣାକୁ କେତେ ଦମ୍ଭ ଦେଉଥାଏ ଏବଂ ମନ ତଥା ପ୍ରାଣର ସର୍ବାଧିକାରୀ ଶାସକ ହୋଇ ବସିବାର ଉଦ୍ୟମ କରୁଥାଏ । ଏହି କାର୍ଯ୍ୟଟିକୁ ସେ ପ୍ରକୃତ ସଫଳତା ସହିତ ଆଦୌ କରିପାରେ ନାହିଁ, କାରଣ ଆପଣାର ନିଜ ସାରଯୁକ୍ତତା ଏବଂ ଅସ୍ତିତ୍ୱଟି ଲାଗି ତାହା ନିମ୍ନତର ପ୍ରାଣିକ ସଂବୋଧି ଉପରେ ତଥା ପ୍ରଚ୍ଛନ୍ନ ଅତିମାନସ ଓ ତାହାର ବୋଧିଯୁକ୍ତ ବାଣୀଗୁଡ଼ିକ ଉପରେ ନିର୍ଭର କରି ରହିଥାଏ । କେବଳ ଆପଣାର ଆଖିବୁଜି ହିଁ ସେ ସଫଳତା ଲାଭ କରୁଥିବା ପରି ଦେଖା ଯାଉଥାଏ, କାରଣ ଆପଣାର ସକଳ ଅନୁଭବକୁ ସେ କେତେଟା ବୁଦ୍ଧିପ୍ରସୂତ ସୂତ୍ର ମଧ୍ୟକୁହିଁ ଦୁହିଁ ଆଣିଥାଏ ଏବଂ ଏଇଟି ପଛରେ ଭାବନା ଏବଂ ବିସ୍ତାର ଯେଉଁ ବାସ୍ତବ ରୂପଟି ବିଦ୍ୟମାନ ରହିଥାଏ, ସେଥିରୁ ଅଧିକ ଲାଗି ଓ ଯେଉଁ ଅପରିମିତ ସତ୍ୟ ତା' ସୂତ୍ରଗୁଡ଼ିକର ଘେର ଭିତରେ ଆଦୌ ଧରାଦିଏ ନାହିଁ, ସେଇଟି ଲାଗି ଆପଣାର ଆଖିକୁ ବୁଜିଦେଇ ବସିଥାଏ । ବୁଦ୍ଧିର ଅତିରିକ୍ତତା ହୋଇଗଲେ ତଦ୍ଦ୍ୱାରା ଜୀବନ କେବଳ ବଡ଼ କୃତ୍ରିମ ହୋଇଯାଏ, କେବଳ ବୁଦ୍ଧିର ଯନ୍ତ୍ରଟା ଭିତରେ ବାନ୍ଧିହୋଇ ରହେ; ଏହି ଅତିରିକ୍ତତା ଜୀବନକୁ ତା'ର ସ୍ୱତଃସ୍ଫୂର୍ତ୍ତିତା ଏବଂ ପ୍ରାଣବତ୍ତାରୁ ବଞ୍ଚିତ କରି ରଖେ, ଏବଂ ଆତ୍ମାର ମୁକ୍ତ ଓ ପ୍ରସାରଣଧର୍ମିତାକୁ ବାରିତ କରିପକାଏ । ତେଣୁ ସୀମିତ ହୋଇ ରହିଥିବା ଓ ସୀମିତ କରି ପକାଉଥିବା ଏହି ମନୋମୟ ବୁଦ୍ଧିଶକ୍ତି ଆପଣାକୁ ଅବଶ୍ୟ ନମନୀୟ ଓ ସ୍ଥିତିସ୍ଥାପକ କରି ରଖିବା ଗୃହ, ଆପଣାର ଅସଲ ଉତ୍ପତ୍ତି ଆଡ଼କୁ ଆପଣାକୁ ଉନ୍ମୁକ୍ତ କରି ରଖିବା ଗୃହ, ଊର୍ଦ୍ଧ୍ୱରୁ ଆସୁଥିବା ଆଲୋକକୁ ଗ୍ରହଣ କରି ପାରୁଥିବା ଗୃହ ଏବଂ ଆପଣାର ନିଜସ୍ୱ ସୀମାଗୁଡ଼ିକୁ ପାର ହୋଇ ରୂପାନ୍ତରର ସହଜଜ୍ଞାନ ଦ୍ୱାରା ଅତିମାନସ ବୁଦ୍ଧିଯୁକ୍ତତାର ଆୟତନଟି ମଧ୍ୟରେ ପ୍ରବିଷ୍ଟ ହୋଇପାରିବା ଗୃହ । ଏହି ମଧ୍ୟବର୍ତ୍ତୀ ଅବସ୍ଥାଟିରେ ତାହାକୁ ଏହି ବିଶେଷ ମାନବୀୟ ସ୍ତରଟିରେ ଭାବନା

'oaob.nitrkl.ac.in' images reprocessed

ତଥା କ୍ରିୟାର ସଂଗଠନ ଲାଗି ଆବଶ୍ୟକ ସାମର୍ଥ୍ୟ ଓ ନେତୃତ୍ୱ ପ୍ରଦତ୍ତ ହୋଇ ରହିଛି । ମାନସୀୟ ସ୍ତର ହେଉଛି ଏକ ମଧ୍ୟବର୍ତ୍ତୀ ସ୍ତର, ଯାହାର ଗୋଟିଏ ପାଖରେ ଇତରପ୍ରାଣୀର ଜୀବନଟିକୁ ସଂଗଠିତ କରି ରଖିଥିବା ସେହି ତଦ୍‌ଗତତାରହିଁ ଏକ ଅବଚେତନ ଶକ୍ତି ନିହିତ ହୋଇ ରହିଛି, ଏବଂ ଅନ୍ୟ ପାଖରେ ତଦ୍‌ଗତତାର ସେହି ଅତିଚେତନ ସାମର୍ଥ୍ୟଟିହିଁ ବର୍ତ୍ତମାନ ରହିଛି, ଯାହାକି ଚେତନ ଭୂମିରେ ସଞ୍ଚାରିତ ହୋଇପାରିଲେ ଏକ ଆଧ୍ୟାତ୍ମିକ ଅତିମାନବତ୍ୱର ଅସ୍ତିତ୍ୱ ତଥା ଜୀବନକୁ ସଂଗଠିତ କରିଦେଇ ପାରିବ ।

ଆପଣାର ପୂର୍ଣ୍ଣାବସ୍ଥାରେ ବୁଦ୍ଧିର ବିଶିଷ୍ଟ ସାମର୍ଥ୍ୟଟିକୁ ଆମେ ଏକ ତାର୍କିକ ପ୍ରକ୍ରିୟା ବୋଲି କହିପାରିବା; ନିରୀକ୍ଷଣ ତଥା ସଂଯୋଜନ ଦ୍ୱାରା ତାହା ପ୍ରଥମେ ଉପଲବ୍ଧ ଯାବତୀୟ ସାମଗ୍ରୀ ଓ ତଥ୍ୟ ସମ୍ବନ୍ଧରେ ସୁନିଶ୍ଚିତ ହୋଇଯାଏ, ତା'ପରେ ସେଇଥିରୁ ନିଷ୍ପନ୍ନ ଏକ ଜ୍ଞାନ ଲାଭ କରିବ ବୋଲି ସେଗୁଡ଼ିକ ଉପରେ କ୍ରିୟା କରେ, ଚିନ୍ତନଶକ୍ତିଗୁଡ଼ିକର ପ୍ରଥମ ଉପଯୋଗ ଦ୍ୱାରା ପରିପୁଷ୍ଟ ହୁଏ ଓ ଆପଣାକୁ ପରିବର୍ଦ୍ଧିତ ହୋଇଗଲା ପରି ଅନୁଭବ କରେ; ଏବଂ ସର୍ବଶେଷରେ ଆପଣାର ଏହି ଉପଲବ୍ଧ ପରିଣାମଗୁଡ଼ିକର ଯଥାର୍ଥତାଟି ବିଷୟରେ ଆପଣାର ହୃଦ୍‌ବୋଧ କରାଇନିଏ । ସେଥି ଲାଗି ତାହା ଏକ ଅଧିକ ସତର୍କ, ଔପଚାରିକ, ଜାଗରୂକ, ସୁଚିନ୍ତିତ ଏବଂ କଠୋର ତର୍କଣାଯୁକ୍ତ କ୍ରିୟାର ପ୍ରୟୋଗ କରିଥାଏ, ଯାହାକି ବିଚାର ଏବଂ ଅନୁଭୂତି ଦ୍ୱାରା ବିକଶିତ ହୋଇଥିବା କେତେକ ବିଶ୍ୱାସଯୋଗ୍ୟ ମାନଦଣ୍ଡ ତଥା ପ୍ରକ୍ରିୟାଗୁଡ଼ିକ ଅନୁସାରେ ଏହି ପରିଣାମଗୁଡ଼ିକୁ ପରୀକ୍ଷା କରି ଦେଖେ, ସେଗୁଡ଼ିକର ଖଣ୍ଡନ ଅଥବା ସ୍ଥାୟୀ ସମର୍ଥନ କରିଥାଏ । ତେଣୁ, ଆପଣାର ସର୍ବପ୍ରଥମ କର୍ତ୍ତବ୍ୟରୂପେ ତର୍କବୁଦ୍ଧିକୁ ଆପଣା ସମ୍ମୁଖରେ ଉପଲବ୍ଧ ସାମଗ୍ରୀ ଓ ତଥ୍ୟଗୁଡ଼ିକୁ ଯଥାର୍ଥ ଭାବରେ, ଯତ୍ନର ସହିତ ଓ ସମ୍ପୂର୍ଣ୍ଣ ଭାବରେ ନିରୀକ୍ଷଣ କରିବାକୁ ପଡ଼ିଥାଏ । ପ୍ରକୃତରେ ଏହି ଯେଉଁ ଜଗତଟି ଆମ ଆଗରେ ପଡ଼ିରହିଥାଏ, ଜଡ଼ ବସ୍ତୁର ଯେଉଁ ଜଗତଟି ମନର ବିଭେଦଧର୍ମୀ କ୍ରିୟାଟି ଦ୍ୱାରା ତା' ଲାଗି ବାହ୍ୟରୂପେ ଅବସ୍ଥିତ ଥାଏ, ତାହାହିଁ ଆମର ଜ୍ଞାନଟି ଲାଗି ସର୍ବପ୍ରଥମ ଓ ସହଜତମ ତଥ୍ୟଗତ ଭୂମିରୂପେ ଉନ୍ମୁକ୍ତ ହୋଇ ରହିଥାଏ । ଏହି ବାହ୍ୟ ବସ୍ତୁଗୁଡ଼ିକ ଆମର ଆତ୍ମସତ୍ତାଠାରୁ ଭିନ୍ନ ହୋଇ ରହିଥାନ୍ତି, ଏବଂ ତେଣୁ କେବଳ ପରୋକ୍ଷ ଭାବରେହିଁ ଆମ ଇନ୍ଦ୍ରିୟାନୁଭବର ଏକ ବ୍ୟାଖ୍ୟା ଦ୍ୱାରା, ନିରୀକ୍ଷଣ ଦ୍ୱାରା, ସଞ୍ଚିତ ଅନୁଭବ ଓ ଅନୁମାନ ଦ୍ୱାରା ତଥା ପ୍ରତିଫଳନସମର୍ଥ ଭାବନା ଦ୍ୱାରା ଜ୍ଞାତ ହୋଇପାରନ୍ତି । ଆମ ଅନ୍ତର୍ଗତ ସତ୍ତା ଓ ତାହାର ଗତିସ୍ପନ୍ଦନଗୁଡ଼ିକୁ ଆମେ ଆଉ ଏକ କ୍ଷେତ୍ର ବୋଲି କହିବା, ଯାହାକୁ କି ଅନ୍ତର୍ଗତ ହୋଇ କାର୍ଯ୍ୟ କରୁଥିବା ଏକ ମନୋଗତ ବୋଧ ଦ୍ୱାରା ସ୍ୱାଭାବିକ ଭାବରେ ଜାଣିହୁଏ, ସବୁଦ୍ଧ ଅନୁଭବ, ସତତ ଅଭିଜ୍ଞତା ଏବଂ ଆମ ପ୍ରକୃତିଟିର ସାକ୍ଷ୍ୟଗୁଡ଼ିକ ଉପରେ ପ୍ରତିଫଳନସମର୍ଥ ଚିନ୍ତନ

'oaob.nitrkl.ac.in' images reprocessed

ଦ୍ୱାରା ଜାଣିହୁଏ । ଯଦି ଏହିସବୁ ଅନ୍ତର୍ଗତ କ୍ରିୟାକୁ ବୁଦ୍ଧି ଆପଣାକୁ ଅଲଗା କରି ନେଇପାରିବ ଏବଂ ଏଗୁଡ଼ିକୁ ସର୍ବଥା ନୈର୍ବ୍ୟକ୍ତିକ ତଥା ତଟସ୍ଥ ଦୃଷ୍ଟିରେ ଦେଖିପାରିବ, ତେବେଯାଇ ତାହା ଏଗୁଡ଼ିକର କ୍ଷେତ୍ରରେ ସର୍ବୋତ୍ତମ ଭାବରେ ଆପଣାର କାର୍ଯ୍ୟଟିକୁ କରିପାରିବ । ତଟସ୍ଥ ଦୃଷ୍ଟିରେ ଦେଖିବାର ଏହି ପ୍ରକ୍ରିୟାଟି ଜ୍ଞାନଯୋଗରେ ଯେତେବେଳେ ଆପଣାର ପରିପୂର୍ଣ୍ଣ ସ୍ତରରେ ଆସି ପହଞ୍ଚେ, ସେତେବେଳେ ତାହା ଆମର ଏହି କ୍ରିୟାଶୀଳ ସତ୍ତାଟିକୁ ମଧ୍ୟ ଏକ ଅନାତ୍ମା ପରି ଦେଖେ, ସେ ତାହାକୁ ବିଶ୍ୱ-ଅସ୍ତିତ୍ୱର ଆଉ ଯାବତୀୟ ବିଷୟଟି ପରି ପ୍ରକୃତିରହିଁ ଏକ ଯନ୍ତ୍ରାରୂଢ଼ତାରୂପେ ଦେଖିଥାଏ । ଅନ୍ୟ ଭାବନାସମର୍ଥ ଓ ଚେତନାଯୁକ୍ତ ସତ୍ତାଗୁଡ଼ିକର ଜ୍ଞାନ ଏହି ଦୁଇଟିଯାକ କ୍ଷେତ୍ରର ମଧ୍ୟବର୍ତ୍ତୀ ହୋଇ ଅବସ୍ଥିତ ରହିଥାଏ; ମାତ୍ର ଏଇଟିକୁ ମଧ୍ୟ ପରୋକ୍ଷ ଭାବରେ ପର୍ଯ୍ୟବେକ୍ଷଣ ଦ୍ୱାରା, ଅଭିଜ୍ଞତା ଦ୍ୱାରା, ସଂଯୋଗସ୍ଥାପନର ନାନାବିଧ ଉପାୟ ଦ୍ୱାରା ଲାଭ କରାଯାଇଥାଏ; ଏହିଗୁଡ଼ିକ ଉପରେ ଆପଣାର କ୍ରିୟା କରି, ଆମ ନିଜ ପ୍ରକୃତିଟି ବିଷୟରେ ରହିଥିବା ଆମର ଜ୍ଞାନଟି ବଳରେ ପ୍ରଧାନତଃ ଏକ ତୁଳନା ଉପରେ ଆଧାରିତ ଚିନ୍ତନ ଏବଂ ଅନୁମାନ ଦ୍ୱାରା ତାହା ଲାଭ କରାଯାଇଥାଏ । ଆମ ବୁଦ୍ଧିକୁ ତଥ୍ୟର ଆଉ ଗୋଟିଏ ଭୂମି ଉପରେ ମଧ୍ୟ ଦୃଷ୍ଟିପାତ କରିବାକୁ ପଡ଼ିଥାଏ; ଅର୍ଥାତ୍ ତାକୁ ଆପଣାର ନିଜ କ୍ରିୟା ତଥା ସମୁଦାୟ ମନୁଷ୍ୟବୁଦ୍ଧିର କ୍ରିୟାଟି ଉପରେ ମଧ୍ୟ ଦୃଷ୍ଟିପାତ କରିବାକୁ ପଡ଼ିଥାଏ, କାରଣ ସେହି ଅଧ୍ୟୟନଟି ବ୍ୟତୀତ ତାହା ଆପଣା ଜ୍ଞାନର ଯଥାର୍ଥତାଟି ବିଷୟରେ ଆଦୌ ନିଶ୍ଚିତ ହୋଇପାରେ ନାହିଁ, ସମୁଚିତ ଓ ଯଥାର୍ଥ ପଦ୍ଧତି ଏବଂ ପ୍ରକ୍ରିୟାଟି ବିଷୟରେ ମଧ୍ୟ ନିଶ୍ଚିତ ହୋଇପାରେ ନାହିଁ । ପରିଶେଷରେ, ଜ୍ଞାନର ଆହୁରି ଅନ୍ୟ କ୍ଷେତ୍ରମାନ ମଧ୍ୟ ରହିଛି, ଯାହା ଲାଗି କି ଆବଶ୍ୟକ ତଥ୍ୟମାନ ଆମକୁ ଆଦୌ ସହଜରେ ପ୍ରାପ୍ତ ହୁଏ ନାହିଁ ଏବଂ ଯାହା ସକାଶେ କେତେଗୁଡ଼ିଏ ଅସାଧାରଣ ବା ଲୋକୋତ୍ତର ଶକ୍ତିକୁ ବିକଶିତ କରାଇ ଆଣିବା ଆବଶ୍ୟକ ହୋଇଥାଏ । ଏହି ଜଡ଼ ଜଗତର ଯାବତୀୟ ପ୍ରତିଭାସ ପଛରେ ଅସ୍ତିତ୍ୱଗତ ଯେଉଁସବୁ ବସ୍ତୁ ଓ ବିସ୍ତାରଭୂମି ରହିଛି, ମନୁଷ୍ୟ ତଥା ପ୍ରକୃତି ମଧ୍ୟରେ ଯେଉଁ ପ୍ରଚ୍ଛନ୍ନ ଆତ୍ମା ବା ସତ୍ତାଗତ ତତ୍ତ୍ୱଟି ନିହିତ ହୋଇ ରହିଛି, ଏଠାରେ ସେଇଟିକୁହିଁ ଆବିଷ୍କାର କରିଆଣିବା କଥା ବୁଝାଯାଉଛି । ଏଥିମଧ୍ୟରୁ ପ୍ରଥମଟି ଲାଗି ଆମର ତର୍କବୁଦ୍ଧି ଅବଶ୍ୟ ଉଦ୍ୟମ କରିପାରେ, ପ୍ରାପ୍ତ ହେଉଥିବା ଯାବତୀୟ ତଥ୍ୟକୁ ତନଖି ଦେଖିବା ଲାଗି ସ୍ୱୀକାର କରିନେଇ ସେହିଗୁଡ଼ିକର ଆଧାର ଉପରେ ବିଚାର କରିବାକୁ ଅଗ୍ରସର ହୋଇ ତାହା ସେହି ଉଦ୍ୟମ କରିପାରେ; ସେ ସ୍ଥୂଳ ଜଗତ ସମ୍ବନ୍ଧରେ ଯେପରି ବିଚାର କରିଥାଏ, ଏହି କ୍ଷେତ୍ରରେ ମଧ୍ୟ ତାହା ଠିକ୍ ସେହିପରି କରିପାରେ । ମାତ୍ର ସାଧାରଣତଃ ସେଗୁଡ଼ିକର ସମ୍ମୁଖୀନ ହେବା ଲାଗି ତାହାର ପ୍ରକୃତିରେ ବଡ଼ କମ୍ ଆଗ୍ରହ ରହିଥାଏ, କାରଣ ସଂଶୟ ପ୍ରକାଶ କରିବା ଓ ଖଣ୍ଡନ କରିବାକୁହିଁ ତାହା

'oaob.nitrkl.ac.in' images reprocessed

ଅନେକ ଅଧିକ ସହଜ ବୋଲି ଜାଣିବାକୁ ପାଏ; ଏବଂ ସେହି କାରଣରୁ ଏହି କ୍ଷେତ୍ରଟିରେ ତର୍କବୁଦ୍ଧିର କ୍ରିୟା କ୍ୱଚିତ୍ ନିଶ୍ଚିତ ଓ ପ୍ରତ୍ୟୟସମ୍ପନ୍ନ ହେବାକୁ ସମର୍ଥ ହୁଏ। ଦ୍ୱିତୀୟଟିକୁ ତାହା ସାଧାରଣତଃ ଏକ ରଚନାତ୍ମକ ତତ୍ତ୍ୱଗତ ନ୍ୟାୟ ଦ୍ୱାରା ଆବିଷ୍କାର କରିବାକୁ ଚେଷ୍ଟା କରିଥାଏ ଏବଂ ପ୍ରାଣ, ମନ ତଥା ଜଡ଼ସ୍ଥ ପ୍ରତିବସ୍ତୁଗୁଡ଼ିକର ବିଶ୍ଳେଷଣାତ୍ମକ ତଥା ସମନ୍ୱୟାତ୍ମକ ପର୍ଯ୍ୟବେକ୍ଷଣ ଉପରେହିଁ ତାହା ଆପଣାର ସେହି ନ୍ୟାୟକୁ ଆଧାରିତ କରି ରଖିଥାଏ।

ଆପଣା ତଥ୍ୟସମୂହର ଏହି ଯାବତୀୟ ଭୂମିରେ ତର୍କ ଦ୍ୱାରା ପ୍ରେରିତ ବୁଦ୍ଧି ସେହି ଏକାଭଳି କାର୍ଯ୍ୟ କରୁଥାଏ। ପ୍ରଥମେ ବୁଦ୍ଧି ଆପଣା ପାଖରେ ନାନା ପର୍ଯ୍ୟବେକ୍ଷଣ, ସମ୍ବନ୍ଧଗ୍ରହଣ, ପ୍ରତ୍ୟକ୍ଷ ବୋଧ, ପରିଗୃହୀତ ବୋଧ ତଥା ପ୍ରତ୍ୟୟର ଏକ ଭଣ୍ଡାରକୁ ଆଣି ଜମା କରି ରଖେ, ସେଗୁଡ଼ିକର ସଦୃଶତା ଏବଂ ବିଭିନ୍ନତା ଅନୁସାରେ ସମ୍ବନ୍ଧ ତଥା ବସ୍ତୁଗୁଡ଼ିକର ଅଳ୍ପବହୁତ ସ୍ପଷ୍ଟ ଏକ ବ୍ୟବସ୍ଥା ବା ବର୍ଗୀ-କରଣ କରି ରଖେ ଏବଂ ଧାରଣା, ସ୍ମୃତି, କଳ୍ପନା ତଥା ନିର୍ଣ୍ଣୟର ଏକ ସଞ୍ଚିତ ହୋଇ ରହିଥିବା ସମଷ୍ଟି ଏବଂ ତାହାର ଏକ ସତତ ଅଭିବର୍ଦ୍ଧନ ଦ୍ୱାରା ସେଗୁଡ଼ିକ ଉପରେ କ୍ରିୟା କରୁଥାଏ। ମୂଳତଃ ଏହାହିଁ ଆମ ଜ୍ଞାନଗତ କ୍ରିୟାର ସ୍ୱରୂପଟିକୁ ସଗଠିତ କରି ରଖିଥାଏ। ଆପଣାର ଗତିବେଗଟି ଦ୍ୱାରା ବିକାଶଲାଭ କରୁ କରୁ ମନର ଏହି ବୁଦ୍ଧିପ୍ରଧାନ କ୍ରିୟାଟିର ଗୋଟିଏ ପ୍ରକାରର ସ୍ୱାଭାବିକ ସମ୍ପ୍ରସାରଣ ବି ଘଟିଥାଏ, ବ୍ୟକ୍ତିର ସଚେତନ ସହଯୋଗରୁ ଏହି ବିକାଶକୁ ଉତ୍ତରୋତ୍ତର ସହାୟତା ପ୍ରାପ୍ତ ହେବାରେ ଲାଗିଥାଏ; ବିକାଶର ଏହି ସଚେତନ ଅନୁଶୀଳନ ଦ୍ୱାରା ଶକ୍ତିର କ୍ଷେତ୍ରରେ ଯେଉଁ ବୃଦ୍ଧି ଘଟିଥାଏ, ତାହା ଏହି ଶକ୍ତିଗୁଡ଼ିକ ଏକ ଅଧିକ ସ୍ୱତଃସ୍ଫୂର୍ତ୍ତି କ୍ରିୟାରୂପେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ ହୋଇଯାଉଥିବା ସଙ୍ଗେସଙ୍ଗେ ପୁଣି ପ୍ରକୃତିରହିଁ ଏକ ଅଙ୍ଗରେ ପରିଣତ ହୋଇ ଯାଉଥାଏ। ଏହା ଫଳରେ ଯେଉଁ ବିକାଶଟି ସାଧିତ ହୁଏ, ତାହା ବୁଦ୍ଧିର ସ୍ୱକୀୟ ସ୍ୱରୂପଗତ ବୈଶିଷ୍ଟ୍ୟତା ତଥା ସାରଭୂତ ଶକ୍ତିର ନୁହେଁ, ମାତ୍ର ତାହାର ଶକ୍ତିର ପରିମାଣ, ତା'ର ନମନୀୟତା, ସାମର୍ଥ୍ୟଗତ ବିବିଧତା ତଥା ସୂକ୍ଷ୍ମତାରହିଁ ବିକାଶ ହୋଇଥାଏ। ଭ୍ରାନ୍ତିଗୁଡ଼ିକର ସଂଶୋଧନ ଘଟେ, ସୁନିଶ୍ଚିତ ବିଷୟର ତଥା ନିର୍ଣ୍ଣୟଗୁଡ଼ିକର ସଂଗ୍ରହ ଘଟେ, ଏବଂ ନୂତନ ଜ୍ଞାନର ଗ୍ରହଣ ତଥା ନିର୍ମାଣ ମଧ୍ୟ ସମ୍ଭବ ହୁଏ। ତାହା ସଙ୍ଗେସଙ୍ଗେ ବୁଦ୍ଧିର ଏକ ଅଧିକ ଯଥାର୍ଥ ଏବଂ ସୁନିଶ୍ଚିତ କ୍ରିୟାର ଆବଶ୍ୟକତାଟି ମଧ୍ୟ ଉତ୍ପନ୍ନ ହୋଇଯାଏ; ବୁଦ୍ଧିର ଏହି ସାଧାରଣ ପଦ୍ଧତିର ସ୍ଥୂଳତାରୁ ମୁକ୍ତ ହୋଇ ଯାହା ପ୍ରତ୍ୟେକ ପଦକ୍ଷେପଟିକୁ ପରଖି ଦେଖି ପାରିବ, ଯଥେଷ୍ଟ କଠୋର ଭାବରେ ପ୍ରତ୍ୟେକ ସିଦ୍ଧାନ୍ତଟିକୁ ତନଖି ପାରିବ ଏବଂ ମନର କ୍ରିୟାକୁ ଏକ ସୁପ୍ରତିଷ୍ଠିତ ବ୍ୟବସ୍ଥା ଏବଂ ଶୃଙ୍ଖଳାରେ ପରିଣତ କରି ଦେଇ ପାରିବ, ସେହିଭଳି ଏକ କ୍ରିୟାର ଆବଶ୍ୟକତା ଆସି ଉପସ୍ଥିତ ହୁଏ।

'oaob.nitrkl.ac.in' images reprocessed

ଏହି ପ୍ରକ୍ରିୟାଟି ଦ୍ୱାରା ପୂର୍ଣ୍ଣ ତର୍କବୁଦ୍ଧିଯୁକ୍ତ ମନଟିର ବିକାଶ ହୋଇଆସେ ଏବଂ ତାହା ବୁଦ୍ଧିର ତୀକ୍ଷ୍ଣତା ଏବଂ ଶକ୍ତିଶାଳିତାକୁ ତାହାର ପରାକାଷ୍ଠାରେ ନେଇ ପହଞ୍ଚାଇ ଦିଏ । ଆଗରୁ ଯେଉଁଠି ଏକ ଅଶୋଧିତ ଏବଂ ଅପେକ୍ଷାକୃତ ଅଧିକ ସ୍ଥୂଳ ପର୍ଯ୍ୟବେକ୍ଷଣବୃତ୍ତି କାର୍ଯ୍ୟ କରୁଥିଲା, ତାହାର ସ୍ଥାନରେ ଅଥବା ପରିପୂରକରୂପେ ପଦାର୍ଥଟିକୁ ଗଠନ କରୁଥିବା ବା ତାହା ସହିତ ସମ୍ବନ୍ଧ ରଖିଥିବା ସକଳ ପ୍ରକ୍ରିୟା, ଗୁଣଧର୍ମ, ଉପାଦାନ ତଥା ଶକ୍ତିଗୁଡ଼ିକୁ ତନଖି ଦେଖିଥିବା ଏକ ବିଶ୍ଳେଷଣକ୍ରିୟା ଆପଣାକୁ ଆଣି ପ୍ରତିଷ୍ଠିତ କରିଦିଏ; ଏବଂ ତା' ସହିତ ପଦାର୍ଥଟିର ସମନ୍ୱୟାତ୍ମକ ରଚନା କରି ଦେଉଥିବା ଆଉ ଏକ କ୍ରିୟା ମଧ୍ୟ ପ୍ରତିଷ୍ଠିତ ହୁଏ, ଯାହାକୁ କି ପଦାର୍ଥଟି ବିଷୟରେ ରହିଥିବା ମନର ସ୍ୱାଭାବିକ କଳ୍ପନାଟି ସହିତ ଯୋଡ଼ି ଦିଆଯାଏ କିଂବା ଅନେକାଂଶରେ ତାହାର ଏକ ବିକଳ୍ପରୂପେ ପ୍ରତିଷ୍ଠିତ କରି ରଖାଯାଏ । ସେହି ପଦାର୍ଥଟିକୁ ଅନ୍ୟ ସକଳ ପଦାର୍ଥରୁ ଅଧିକ ଯଥାର୍ଥ ଭାବରେ ଅଲଗା କରି ଦେଖାଯାଏ ଏବଂ ତା' ସଙ୍ଗେସଙ୍ଗେ ଅନ୍ୟଗୁଡ଼ିକ ସହିତ ତା'ର ରହିଥିବା ସମ୍ବନ୍ଧଗୁଡ଼ିକୁ ମଧ୍ୟ ଅଧିକ ସଂପୂର୍ଣ୍ଣ ଭାବରେ ଆବିଷ୍କୃତ କରି ଅଣାଯାଏ । ସଦୃଶତା, ସମାନତା ଏବଂ ସଙ୍ଗତତା-ଗୁଡ଼ିକୁ ସ୍ୱୀକୃତ କରି ଦିଆଯାଏ ଏବଂ ବିଭିନ୍ନତା ଏବଂ ପାର୍ଥକ୍ୟଗୁଡ଼ିକୁ ମଧ୍ୟ ନିର୍ଣ୍ଣୟ କରି ଦିଆଯାଏ; ଏହା ଫଳରେ ଗୋଟିଏ ପାଖରେ ସତ୍ତ୍ୱା ତଥା ପ୍ରକୃତିରେ ରହିଥିବା ମୌଳିକ ଏକତ୍ୱଟିର ଅବବୋଧ ପ୍ରାପ୍ତ ହୋଇଯାଏ, ସେଗୁଡ଼ିକର ଯାବତୀୟ ପ୍ରକ୍ରିୟାଗତ ସାମଞ୍ଜସ୍ୟ ଏବଂ ଅବଚ୍ଛିନ୍ନତାଟିର ବୋଧ ମଧ୍ୟ ମିଳିଯାଏ; ଏବଂ ଅପର ପାଖରେ ବିଭିନ୍ନ ଶକ୍ତିମାତ୍ରା ତଥା ସତ୍ତ୍ୱା ଏବଂ ପଦାର୍ଥର ବିଭିନ୍ନପ୍ରକାରର ଏକ ବଡ଼ ସ୍ପଷ୍ଟ ନିର୍ଦ୍ଧାରଣ ଏବଂ ବର୍ଗୀକରଣ ମଧ୍ୟ ସମ୍ଭବ ହୋଇଯାଏ । ତର୍କ ଦ୍ୱାରା ପରିଚାଳିତ ବୁଦ୍ଧି ଆପଣାର ଯଥାସମ୍ଭବ ସାଧ୍ୟ ଅନୁସାରେ ଜ୍ଞାନଗତ ସାମଗ୍ରୀ ତଥା ତଥ୍ୟଗୁଡ଼ିକର ଏହି ସଂଗ୍ରହ ଓ ବ୍ୟବସ୍ଥାକୁ ଅଧିକରୁ ଅଧିକ ପରିପୂର୍ଣ୍ଣ କରିବାରେ ଲାଗିଥାଏ ।

ମନର ଅତୀତ ଲକ୍ଷଣ ଓ ପର୍ଯ୍ୟବେକ୍ଷଣଗୁଡ଼ିକୁ ସାଇତି ରଖିବାରେ ସ୍ମୃତି ମନର ଏକ ଅପରିହାର୍ଯ୍ୟ ସହାୟକରୂପେ କାର୍ଯ୍ୟ କରିଥାଏ । ଏଠାରେ ବ୍ୟକ୍ତିର ସ୍ମୃତି ସହିତ ସମଷ୍ଟି ବା ଗୋଷ୍ଠୀର ସ୍ମୃତିଟିର କଥା ମଧ୍ୟ କୁହାଯାଉଛି; ସଂଗୃହୀତ ବିବରଣୀର କୃତ୍ରିମ ଆକାରରେ ଏହି ସ୍ମୃତି ସାଇତା ହୋଇ ରହିପାରେ ଅଥବା ଜାତି ବା ସମୂହର ଠୁଳସାଧାରଣ ସ୍ମୃତିଟି ମଧ୍ୟ ଏକପ୍ରକାରର ଅବିଚ୍ଛିନ୍ନ ପୁନରାବୃତ୍ତି ଏବଂ ନବୀକରଣ ଦ୍ୱାରା ଆପଣାର ଲବ୍ଧ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ କରି ରଖିପାରେ । ସ୍ମୃତିର ଆଉ ଗୋଟିଏ ଉପାଦାନ ରହିଛି, ଯାହାର କି ସାଧାରଣତଃ ଯଥେଷ୍ଟ ମୂଲ୍ୟାଙ୍କନ ହୋଇ ନଥାଏ; ସେଇଟି ହେଉଛି ଅନ୍ତର୍ନିହିତ ବା ଅନ୍ତଃସୁପ୍ତ ସ୍ମୃତି, ଯାହାକି ବିବିଧ ପ୍ରକାରର ଉତ୍ତେଜନାର ଚାପରେ ନାନା ନୂତନ ପରିସ୍ଥିତିରେ ଜ୍ଞାନର ଅତୀତ ଧାରଣାଗୁଡ଼ିକର ପୁନରାବୃତ୍ତି କରିଥାଏ, ଏବଂ ତାହାକୁ ଏହା ଭିତରେ

'oaob.nitrkl.ac.in' images reprocessed

ବୁଦ୍ଧିପ୍ରାପ୍ତ ହୋଇଥିବା ଜ୍ଞାତ ତଥ୍ୟ ଏବଂ ବୁଦ୍ଧିର ନିର୍ଣ୍ଣୟ ଲାଗି ଆଣି ଉପସ୍ଥାପିତ କରିଥାଏ । ସୁବିକଶିତ ନ୍ୟାୟଶୃଙ୍ଖଳିତ ମନ ମନୁଷ୍ୟ-ସ୍ମୃତିର କ୍ରିୟା ତଥା ସାମଗ୍ରୀଗୁଡ଼ିକୁ ଶୃଙ୍ଖଳାବଦ୍ଧ କରି ରଖେ ଏବଂ ଆପଣା ସାମଗ୍ରୀଗୁଡ଼ିକର ସର୍ବୋତ୍ତମ ବ୍ୟବହାର କରିପାରିବା ଲାଗି ତାହାକୁ ଉଚିତ ତାଲିମ ଦିଏ । ମନୁଷ୍ୟର ନିର୍ଣ୍ଣୟଶକ୍ତି ସ୍ୱଭାବତଃ ଏହିସବୁ ସାମଗ୍ରୀ ଉପରେ ଦୁଇପ୍ରକାରେ କାର୍ଯ୍ୟ କରେ; ପ୍ରଥମ ଗତିଟିରେ ବହୁତ ବା ଅଳ୍ପ ଦ୍ରୁତ ତଥା ସଂକ୍ଷିପ୍ତ ଭାବରେ ପର୍ଯ୍ୟବେକ୍ଷଣ, ଅନୁମାନ, ସୃଜନାତ୍ମକ ଅଥବା ସମୀକ୍ଷଣାତ୍ମକ ସିଦ୍ଧାନ୍ତ, ଅନ୍ତଃଦୃଷ୍ଟି ତଥା ତାତ୍କାଳିକ ବିଚାରକୁ ତାହା ଏକତ୍ର ସଂଯୁକ୍ତ କରି ରଖିଦିଏ । ବୋଧିଶକ୍ତିର ଉଚ୍ଚତର ସାମର୍ଥ୍ୟଟି ପ୍ରକୃତରେ ଯେଉଁ କାର୍ଯ୍ୟଟିକୁ ଯଥାର୍ଥ ନିଶ୍ଚିତ ଭାବରେ କରିପାରନ୍ତା, ଏହି କ୍ଷେତ୍ରରେ ମନ ସେଇଟି ଲାଗିହିଁ ଏକ ପ୍ରୟାସ କରେ, ଅର୍ଥାତ୍ ଅପରୋକ୍ଷ ଭାବରେ ଏକ ସ୍ୱତଃସ୍ଫୂର୍ତ୍ତ ଗତିରେ କାର୍ଯ୍ୟ କରିବାକୁ ଚେଷ୍ଟା କରେ; କାରଣ ମନର ଭୂମିଟିରେ ତାହା ଅନେକ ଭ୍ରାନ୍ତ ବିଶ୍ୱାସ ଏବଂ ନିର୍ଭର କରିହେଉ ନଥିବା ଅନେକ ନିଶ୍ଚୟତା ଉତ୍ପନ୍ନ କରିଥାଏ । ଦ୍ୱିତୀୟ ଗତିଟି ଅପେକ୍ଷାକୃତ ଅଧିକ ଧୀର ଭାବରେ କାର୍ଯ୍ୟ କରେ, ମାତ୍ର ପରିଶେଷରେ ଏଇଟିହିଁ ଏକ ନିଶ୍ଚିତତର ବୌଦ୍ଧିକ ଅନ୍ୱେଷଣରେ ପରିଣତ ହୁଏ; ନାନା ବିଚାର ଓ ପରୀକ୍ଷା ଦ୍ୱାରା ତାହା ଯେଉଁ ନିର୍ଣ୍ଣୟରେ ଆସି ପହଞ୍ଚେ, ତାହା ସୁଯତ୍ନପ୍ରସୂତ ନ୍ୟାୟ ଦ୍ୱାରା ପ୍ରେରିତ କ୍ରିୟାରୂପେହିଁ ବିକଶିତ ହୋଇଉଠେ ।

ଆମର କଳ୍ପନା ଏହି ସ୍ମୃତି ତଥା ନିର୍ଣ୍ଣୟଶକ୍ତି ଉଭୟଙ୍କୁ ସାହାଯ୍ୟ କରିଥାଏ; ଜ୍ଞାନର ଏକ ସାଧନରୂପେ କଳ୍ପନା ଏପରି ନାନା ସମ୍ଭାବନାର ଇଙ୍ଗିତ ଦେଇଯାଏ ଯାହାକି ଅନ୍ୟ ସାମର୍ଥ୍ୟଗୁଡ଼ିକ ଦ୍ୱାରା ଆଦୌ ଉପସ୍ଥାପିତ ଅଥବା ଉଚିତ ବୋଲି ପ୍ରତିପାଦିତ ହୋଇ ନଥାଏ, ଏବଂ କେତେକେତେ ନୂତନ ଭୂମି ଲାଗି ଦ୍ୱାର ଖୋଲିଦେଇଯାଏ । ନୂତନ ଇଙ୍ଗିତ ତଥା ଅନୁମାନର ଇଙ୍ଗିତ ଦେବା ଲାଗି ବିକଶିତ ତର୍କଯୁକ୍ତ ବୁଦ୍ଧି କଳ୍ପନାକୁ ଆପଣାର କାମରେ ଲଗାଏ; ମାତ୍ର ପର୍ଯ୍ୟବେକ୍ଷଣ ତଥା ଏକ ସଂଶୟବୃତ୍ତିକ ଏବଂ ବିଚାରଶୀଳ ନିର୍ଣ୍ଣୟ ଦ୍ୱାରା ସେହି ଇଙ୍ଗିତଗୁଡ଼ିକୁ ସମ୍ପୂର୍ଣ୍ଣରୂପେ ପରୀକ୍ଷା କରି ଦେଖିବା ଲାଗି ତାହା ସର୍ବଦା ବଡ଼ ଯତ୍ନଶୀଳ ଥାଏ । ଯେତେଦୂର ସମ୍ଭବ, ତାହା ସ୍ୱୟଂ ନିର୍ଣ୍ଣୟଟିର ଯାବତୀୟ କ୍ରିୟାକୁ ମଧ୍ୟ ପରୀକ୍ଷା କରିବା ଉପରେ ବଡ଼ ଜୋର୍ ଦେଉଥାଏ, ତରତର କରି କରାଯାଇଥିବା ଅନୁମାନଗୁଡ଼ିକୁ ବର୍ଜନ କରି ଅବରୋହୀ ତଥା ଆରୋହୀ ସିଦ୍ଧାନ୍ତର ଏକ ଶୃଙ୍ଖଳାବଦ୍ଧ ବ୍ୟବସ୍ଥାକୁ ଗ୍ରହଣ କରିନିଏ, ଆପଣାର ଯାବତୀୟ ପଦକ୍ଷେପ ସମ୍ବନ୍ଧରେ ସୁନିଶ୍ଚିତ ହୋଇ ରହିବାକୁ ଚେଷ୍ଟା କରୁଥାଏ, ଆପଣା ସିଦ୍ଧାନ୍ତଗୁଡ଼ିକର ନ୍ୟାଯ୍ୟତା, ଅବିଚ୍ଛିନ୍ନତା, ସଙ୍ଗତତା ଏବଂ ସଂହତତା ବିଷୟରେ ମଧ୍ୟ ନିଶ୍ଚିତ ହୋଇ ରହିବାକୁ ଚେଷ୍ଟା କରୁଥାଏ । ଏକଥା ସତ ଯେ ତର୍କନ୍ୟାୟର ସୂତ୍ରୋପସୂତ୍ରଗୁଡ଼ାକ ମଧ୍ୟରେ ଅତିରିକ୍ତ ଭାବରେ ବାନ୍ଧିହୋଇ

'oaob.nitrkl.ac.in' images reprocessed

ରହିଥିବା ମନ ଅପରୋକ୍ଷ ଅନ୍ତଃଦୃଷ୍ଟିର ବୃତ୍ତିଟିର କ୍ରିୟାକୁ ନିରୁତ୍ସାହିତ କରିପକାଏ ସତ, ମାତ୍ର ତର୍କବୁଦ୍ଧିର ସମଗ୍ର କ୍ରିୟାଟିକୁ ମୁକ୍ତ ଭାବରେ କାମରେ ଲଗାଇ ପାରିଲେ ତାହା ହୁଏତ ସେହି ଅନ୍ତଃଦୃଷ୍ଟିର ଏକ ନିର୍ଦ୍ଦିଷ୍ଟ କ୍ରିୟାକୁ ଉନ୍ନୀତ କରି ଆଣିପାରେ; ଉଚ୍ଚତର ବୋଧିର ଭୂମିରେ ଯାଇ ପହଞ୍ଚିବାକୁ ମନକୁ ଯେଉଁ ବାଟରେ ସବୁଠାରୁ କମ୍ ସମୟ ଲାଗେ, ସେହି ଅନ୍ତଃଦୃଷ୍ଟିର କ୍ରିୟାଟିକୁ ପ୍ରଖରତର କରି ଦେଇପାରେ, ମାତ୍ର ତଥାପି ସେ ତାହା ଉପରେ ପୂର୍ଣ୍ଣ ଆସ୍ଥା ସ୍ଥାପନ କରିପାରେ ନାହିଁ । ସକଳ ପ୍ରକାର ଭ୍ରାନ୍ତି, ପୂର୍ବବଦ୍ଧ ଧାରଣା ଏବଂ ଏହି ମନର ମିଥ୍ୟାବିଶ୍ୱାସରୁ ମୁକ୍ତ ହୋଇ ଆସିବାକୁ ଏବଂ ନିର୍ଭରଯୋଗ୍ୟ ନିଶ୍ଚୟତାରେ ଆସି ଉପନୀତ ହୋଇ ପାରିବାକୁ ଏକ ଅନାସକ୍ତ, ନିରପେକ୍ଷ ଏବଂ ସୁପ୍ରତିଷ୍ଠିତ ବିଧିରେ ତର୍କଣାଯୁକ୍ତ ବୁଦ୍ଧି ସର୍ବଦା ପ୍ରୟାସ କରିବାରେ ଲାଗିଥାଏ ।

ଏବଂ ମନର ଏହି ବିଶଦ ଏବଂ ସୁନିଷ୍ପାଦିତ ବିଧିଟି ଯଦି ସତ୍ୟର ଉପଲବ୍ଧି ଲାଗି ପ୍ରକୃତରେ ଯଥେଷ୍ଟ ହୋଇ ଯାଉଥାନ୍ତା, ତେବେ ଜ୍ଞାନର ବିବର୍ତ୍ତନକ୍ଷେତ୍ରରେ ଆଉ କୌଣସି ଉଚ୍ଚତର ପଦକ୍ଷେପର ଆବଶ୍ୟକତା ହିଁ ନଥାନ୍ତା । ବସ୍ତୁତଃ, ଏହି ବିଧିଟି ମନକୁ ତା' ଆପଣା ଉପରେ ଓ ଚତୁର୍ଦ୍ଦିଗସ୍ଥ ଜଗତ ଉପରେ ଅଧିକ ନିୟନ୍ତ୍ରଣଶକ୍ତି ଆଣିଦିଏ ଏବଂ କେତେ କେତେ ବୃହତ୍ ପ୍ରୟୋଜନର ଯେ ସାଧନ କରିଥାଏ, ତାହାକୁ କେହି ଅସ୍ୱୀକାର କରିବ ନାହିଁ । ମାତ୍ର ଏହାର ଦତ୍ତ ସତ୍ୟଗୁଡ଼ିକ ପ୍ରକୃତରେ ତାକୁ ଯଥାର୍ଥ ଜ୍ଞାନର ଏକ ଗଠନକୁ ଆଣି ଯୋଗାଇ ଦିଏ ବା ମନୁଷ୍ୟର ମନ ତଥା ଇଚ୍ଛା ଲାଗି ତାହାର ଏହି ବର୍ତ୍ତମାନ କ୍ରିୟାରୂପଟିର ଭୂମିରେ ଉପଯୋଗୀ ଓ ଆବଶ୍ୟକ ହୋଇ ରହିଥିବା କେବଳ ଗୋଟାଏ ଗଠନକୁହିଁ ଯୋଗାଇଦିଏ, ସେବିଷୟରେ ସେ କଦାପି ନିଶ୍ଚିତ ହୋଇପାରେ ନାହିଁ । ସତେ ଯେପରି ପ୍ରତିଭାସଗୁଡ଼ିକ ବିଷୟରେ ଜ୍ଞାନଟାହିଁ ବଢ଼ି ବଢ଼ି ଯାଉଛି ଏବଂ ଅସଲ ସତ୍ୟର ଜ୍ଞାନଟି ଏହି ଆୟାସସାଧ୍ୟ ପ୍ରକ୍ରିୟାଟିକୁ ଏଡ଼ିଦେଇ ଆଉ କୁଆଡ଼େ ଖସିଯାଉଛି, ଅଧିକରୁ ଅଧିକ ପରିମାଣରେ ଏହାହିଁ ଅନୁଭୂତ ହୁଏ । ଆମର ଯାବତୀୟ ବଡ଼ ଅସ୍ପଷ୍ଟ ଶାବ୍ଦିକ ଉପଯୋଗ ଏବଂ ତାହାର ତାତ୍ପର୍ଯ୍ୟଟିକୁ ନେଇ ଆମର ଅନିଶ୍ଚିତ ଅବବୋଧ ପଛରେ ଯେଉଁ ସବୋଧି ଏବଂ ଆବୃତ କେତେକେତେ ସାମର୍ଥ୍ୟର ଦୀର୍ଘବିସ୍ତୃତ ଭୂମିଟି ପ୍ରଚ୍ଛନ୍ନ ରହିଛି, ସେଥିରୁ ଆବଶ୍ୟକ ସାହାଯ୍ୟ ଗ୍ରହଣ କରିବା ଓ ତାହାକୁ ବିକଶିତ କରାଇ ଆଣିବାର ଯେ ଏକ ପ୍ରୟୋଜନ ରହିଛି, ମନ ସେହି କଥାଟିକୁ ଅନୁଭବ କରିପାରିବା ଲାଗି ଏକ ସମୟ ଅବଶ୍ୟ ଆସିବ ଏବଂ ଆସିବାକୁ ଲାଗିଲାଣି । ଏହି ନୂତନ ସାମର୍ଥ୍ୟଗୁଡ଼ିକ କେବଳ ଯେ ସହାୟକ ହେବେ ବା ମନର କ୍ରିୟାଟିକୁ ସମ୍ପୂର୍ଣ୍ଣ କରିଦେବେ ତା' ନୁହେଁ, ମାତ୍ର ଏପରିକି ମନର ସ୍ୱକୀୟ ସ୍ୱଭୂମି-ଉଚିତ କାର୍ଯ୍ୟଟିର ସ୍ଥାନାପନ୍ନ ଭାବେ ମଧ୍ୟ ଯେ ପ୍ରତିଷ୍ଠିତ ହୋଇଯିବେ, ପରିଶେଷରେ ମନକୁ ଏହି ସତ୍ୟଟିର ଆବିଷ୍କାର

'oaob.nitrkl.ac.in' images reprocessed

କରିବାକୁହିଁ ପଡ଼ିବ । ଏବଂ ତାହାକୁହିଁ ଆତ୍ମାର ସେହି ଅତିମାନସ ଶକ୍ତିକୁ ଆବିଷ୍କାର କରିବାର ଆରମ୍ଭ ବୋଲି କୁହାଯାଇ ପାରିବ ।

ଆମେ ଆଗରୁ ଆଲୋଚନା କରି ଦେଖିସାରିଛୁ ଯେ ଅତିମାନସ ମନୋମୟ ଚେତନାର କ୍ରିୟାଟିକୁ ସମ୍ବୋଧି ଆଡ଼କୁ ଏବଂ ସମ୍ବୋଧି ମଧ୍ୟକୁ ଉତ୍ତୋଳିତ କରି ନେଇଯାଏ, ଏପରି ଏକ ମଧ୍ୟବର୍ତ୍ତୀ ବୋଧିଗତ ମନୋଭୂମିର ସୃଷ୍ଟି କରିଆଣେ, ଯାହାକି ସ୍ୱଶକ୍ତିର ଆୟତନରେ ଅଯଥେଷ୍ଟ ହୋଇ ରହିଥାଏ ସତ, ମାତ୍ର ନ୍ୟାୟବୁଦ୍ଧିର ତୁଳନାରେ ବୃହତ୍ତର ଭାବରେ ଶକ୍ତିସମ୍ପନ୍ନ ହୋଇ ରହିଥାଏ; ଏବଂ ତା'ପରେ ଅତିମାନସ ସେହି ସମ୍ବୋଧିଟିକୁ ମଧ୍ୟ ସେହି ଯଥାର୍ଥ ଅତିମାନସ କ୍ରିୟାଟି ମଧ୍ୟକୁ ରୂପାନ୍ତରିତ କରିନିଏ । ଏକ ଆରୋହଣକ୍ରମରେ ବିଚାର କରି ଦେଖିଲେ ଅତିମାନସ ବୁଦ୍ଧିହିଁ ଅତିମାନସର ସର୍ବପ୍ରଥମ ସୁଗଠିତ କ୍ରିୟାରୂପେ ବିକଶିତ ହୋଇଆସେ । ଅତିମାନସ ବୁଦ୍ଧିକୁ ଆମେ କେବଳ ଏକ ଉଚ୍ଚତର ତର୍କପ୍ରଣୋଦିତ ବୁଦ୍ଧି ବୋଲିହିଁ କହିବା ନାହିଁ, ମାତ୍ର ଅନ୍ତରଙ୍ଗ ଭାବରେ ଆତ୍ମଗତ ଏବଂ ବିଷୟଗତ ଜ୍ଞାନର ଏକ ପ୍ରତ୍ୟକ୍ଷ ଭାବରେ ଆଲୋକଯୁକ୍ତ ଓ ସଂଗଠିତ ଜ୍ଞାନ ବୋଲି କହିବା, ତାହାକୁ ସେହି ଉଚ୍ଚତର ବୁଦ୍ଧି ବୋଲି କହିବା, ତର୍କାଧାର ବା ବରଂ ଶବ୍ଦବ୍ରହ୍ମାତ୍ମକ ବିଜ୍ଞାନ ବୋଲିହିଁ କହିବା । ଅତିମାନସ ବୁଦ୍ଧି ତର୍କ-ଆଧାରିତ ବୁଦ୍ଧିର ଯାବତୀୟ କାର୍ଯ୍ୟକୁ ସମ୍ପନ୍ନ କରେ ଓ ତାହାଠାରୁ ଆହୁରି ଅନେକ ବେଶୀ କାର୍ଯ୍ୟ କରେ; ମାତ୍ର ଏକ ବୃହତ୍ତର ସାମର୍ଥ୍ୟ ଏବଂ ଏକ ଭିନ୍ନ ଧାତରେ ତାହା କରେ । ତା'ପରେ ତାହା ସ୍ୱୟଂ ଜ୍ଞାନଗତ ସାମର୍ଥ୍ୟର ଏକ ଉଚ୍ଚତର ଭୂମିକୁ ଗୃହୀତ ହୋଇ ଉତ୍ତୋଳିତ ହୋଇଯାଏ ଏବଂ ସେହି ଭୂମିରେ ମଧ୍ୟ ତାହାକୁ ଆଦୌ କିଛିହେଲେ ହରାଇବାକୁ ପଡ଼େ ନାହିଁ, ମାତ୍ର ସବୁକିଛି ଆହୁରି ଅଧିକ ପରିମାଣରେ ଉନ୍ନୀତ ହୋଇଯାଏ, ଆପଣା ପରିସରରେ ବୃହତ୍ତର ହୋଇଯାଏ, କର୍ମଗତ ସାମର୍ଥ୍ୟର ଭୂମିରେ ରୂପାନ୍ତରିତ ହୋଇଯାଏ ।

ଏହି କ୍ରିୟାଟିକୁ ବର୍ଣ୍ଣନା କରିବା ଲାଗି ବୁଦ୍ଧିର ସାଧାରଣ ଭାଷାଟି ଆଦୌ ଯଥେଷ୍ଟ ହେବ ନାହିଁ; ଏହି କ୍ଷେତ୍ରରେ ଅବଶ୍ୟ ଏକା ଶବ୍ଦର ବ୍ୟବହାର ହେବ, ସେଥିରୁ ଦୁଇଟି ମଧ୍ୟରେ କେତେକ ପରିମାଣରେ ଏକ ସାଦୃଶ୍ୟ ରହିଥିବାର ସଙ୍କେତ ମଧ୍ୟ ମିଳିବ, ମାତ୍ର ପ୍ରକୃତରେ ବଡ଼ ଅସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ ବସ୍ତୁର ପରିଚୟ ଦେଇଯିବାକୁହିଁ ତାହାର ପ୍ରୟୋଗ କରି ଯାଉଥିବ । ସେହିପରି ଅତିମାନସ କେତେକ ପରିମାଣରେ ଇନ୍ଦ୍ରିୟବୋଧ୍ୟ ଏକ କ୍ରିୟାକୁ ମଧ୍ୟ କାମରେ ଲଗାଏ, ଭୌତିକ ଅଙ୍ଗଗୁଡ଼ିକୁ ମଧ୍ୟ କାମରେ ଲଗାଏ, ମାତ୍ର ସେଗୁଡ଼ିକ ଦ୍ୱାରା ଆପେ ସୀମିତ ହୋଇ-ପଡ଼େ ନାହିଁ । ଏହି ବ୍ୟାପାରଟିକୁ ଆମେ ଅତିମାନସର ପ୍ରକୃତି ଅନୁସାରେ ଏକ ରୂପ-ଚେତନା ତଥା ଏକ ସଂସ୍ପର୍ଶ-ଚେତନା ବୋଲିହିଁ କହିବା, ମାତ୍ର ମନୋଗତ ଇନ୍ଦ୍ରିୟ-ଧାରଣା ଏବଂ ଇନ୍ଦ୍ରିୟ-ଅନୁଭୂତି ଏହି ଅତିମାନସ ଇନ୍ଦ୍ରିୟଚେତନାର

'oaob.nitrkl.ac.in' images reprocessed

ଅସଲ ଓ ସ୍ୱଭାବଗତ କ୍ରିୟାଟି ବିଷୟରେ କୌଣସି କଳ୍ପନା ମଧ୍ୟ ଆଣିଦେବାକୁ କଦାପି ସମର୍ଥ ହେବେ ନାହିଁ । ମନୋମୟ ବୁଦ୍ଧିର ସ୍ତରରେ ଆମେ ଯାହାକୁ ଭାବନା ବୋଲି ଜାଣିଛୁ, ଅତିମାନସ କ୍ରିୟାଭୂମିର ଭାବନା କହିଲେ ତାକୁ ଆମେ ତାହାଠାରୁ ଏକ ପୃଥକ୍ ବସ୍ତୁ ବୋଲିହିଁ ଜାଣିବା । ଆପଣାର ଆଧାରରେ ଅତିମାନସ ଭାବନା ଜ୍ଞାତ ବସ୍ତୁର ସତ୍ତ୍ୱଗତ ଉପାଦାନଟି ସହିତ ଜ୍ଞାତାର ସତ୍ତ୍ୱଗତ ଉପାଦାନଟିର ଏକ ଚେତନ ସଂସ୍ପର୍ଶ ବା ମିଳନ ଅଥବା ତାଦାତ୍ମ୍ୟରୂପେହିଁ ଅନୁଭୂତ ହୋଇଥାଏ ଏବଂ ଏହାର ଭାବନାର ପ୍ରତିରୂପଟି ଏହି ମିଳନ ଅର୍ଥାତ୍ ଏକାତ୍ମକତାର ମାଧ୍ୟମରେ ଆପଣାକୁ ଉଦ୍‌ଘାଟିତ କରି ଦେଉଥିବା ସେହି ଆତ୍ମସତ୍ତ୍ୱରହିଁ ଚେତନାଗତ ସାମର୍ଥ୍ୟରୂପେ ଅନୁଭୂତ ହେଉଥାଏ; କାରଣ ତାହା ଆପଣା ଭିତରେ ଜ୍ଞେୟ ବସ୍ତୁଟିର ସ୍ୱରୂପ, କ୍ରିୟା ତଥା ତାତ୍ପର୍ଯ୍ୟର ଏକ ନିର୍ଦ୍ଦିଷ୍ଟ ଜ୍ଞାନମୟ ରୂପକୁ ବହନ କରିବାରେ ଲାଗିଥାଏ । ତେଣୁ ପର୍ଯ୍ୟବେକ୍ଷଣ, ସ୍ମୃତି ଓ ନିର୍ଣ୍ଣୟ ଏଗୁଡ଼ିକ ପ୍ରତ୍ୟେକଟି ଅତିମାନସ ଭୂମିକୁ ଆସି ମନୋମୟ ବୁଦ୍ଧିର ପ୍ରକ୍ରିୟାଟି ମଧ୍ୟରେ ରହିଥିଲାବେଳେ ସେମାନେ ଯାହା ବୁଝାଉଥିଲେ, ବର୍ତ୍ତମାନ ତା'ଠାରୁ ଭିନ୍ନ ଏକ ସ୍ୱତନ୍ତ୍ର ବସ୍ତୁକୁ ବୁଝାଇବାକୁ ଆରମ୍ଭ କରନ୍ତି ।

ଆମର ସାଧାରଣ ବୁଦ୍ଧି ଯାହାକିଛି ଦେଖେ, ଅତିମାନସ ବୁଦ୍ଧି ମଧ୍ୟ ସେଗୁଡ଼ିକୁ ଅବଶ୍ୟ ଦେଖୁଥାଏ ଏବଂ ତା'ଠାରୁ ଅନେକ ଅଧିକ ଦେଖୁଥାଏ । ଅର୍ଥାତ୍ ଜ୍ଞେୟ ବସ୍ତୁଟିକୁ ତାହା ଅନୁଭବାତ୍ମକ କ୍ରିୟାରହିଁ ଏକ କ୍ଷେତ୍ରରେ ପରିଣତ କରିଦିଏ, ଏକ ନିର୍ଦ୍ଦିଷ୍ଟ ଅର୍ଥରେ ଏକ ବିଷୟଗତ କ୍ଷେତ୍ରରେ ପରିଣତ କରିଦିଏ, ଯାହାକି ବସ୍ତୁଟିର ପ୍ରକୃତି, ସ୍ୱଭାବ, ଗୁଣ ତଥା କ୍ରିୟାକୁ ଉନ୍ମେଷିତ କରି ନେଇଆସେ । ମାତ୍ର ଏହାକୁ ଆମେ କଦାପି ସେହି କୃତ୍ରିମ ବିଷୟନିଷ୍ଠତା ବୋଲି କହିବା ନାହିଁ, ଯାହା ସାହାଯ୍ୟରେ କି ଆମର ସାଧାରଣ ବୁଦ୍ଧି ବ୍ୟକ୍ତିନିଷ୍ଠ ବା ଆଶୟଗତ ଦୃଷ୍ଟିରୁ ଉପୁଜିଥିବା ଭ୍ରାନ୍ତିକୁ ନିରାକୃତ କରି ରଖିବା ଲାଗି ଚେଷ୍ଟିତ ହୋଇ ରହିଥାଏ । ଅତିମାନସ ଆତ୍ମସତ୍ତ୍ୱ ମଧ୍ୟରେହିଁ ସବୁକିଛିର ପ୍ରତ୍ୟକ୍ଷ କରେ; ତେଣୁ ତାହାର ଲକ୍ଷଣଟି ସର୍ବଦା ଅବଶ୍ୟ ଆଶୟଗତ ଭାବରେ ବସ୍ତୁନିଷ୍ଠ ହୋଇ ରହିବ ଏବଂ ଆମେ ଆପଣାର ଅନ୍ତର୍ଗତ ଗତିସ୍ପନ୍ଦନଗୁଡ଼ିକୁ ଜ୍ଞାନର ଏକ ବିଷୟ ବୋଲି ଗ୍ରହଣ କରି ସେଗୁଡ଼ିକର ଯେପରି ଅବଲୋକନ କରିଥାଉ, ଅତିମାନସ ଅବଲୋକନ ଅନେକ ପରିମାଣରେ ତାହାର ପରି ହୋଇଥାଏ, ଅବଶ୍ୟ ଅବିକଳ ତାହାହିଁ ହୋଇପାରେ ନାହିଁ । ବିଚ୍ଛିନ୍ନ ହୋଇ ରହିଥିବା କୌଣସି ବ୍ୟକ୍ତିସୀମାଧୀନ ଆତ୍ମସତ୍ତ୍ୱ ଅଥବା ତାହାର ସାମର୍ଥ୍ୟଟି ଦ୍ୱାରା ଅତିମାନସ କେବେହେଲେ କିଛି ଦେଖେ ନାହିଁ, ତେଣୁ ବ୍ୟକ୍ତିଗତ କୌଣସି ଭ୍ରାନ୍ତି କରି ପକାଇବା ବିଷୟରେ ସର୍ବଦା ସତର୍କ ହୋଇ ରହିବା ଲାଗି ମଧ୍ୟ ତା' ଲାଗି ଆଦୌ କୌଣସି ଆବଶ୍ୟକତା ନଥାଏ । କେବଳ ଯେତେବେଳେ ଏକ ମାନସିକ

'oaob.nitrkl.ac.in' images reprocessed

ଅବସ୍ତୁର ଅଥବା ପାରିବେଶିକ ପରିସ୍ଥିତି ତଥାପି ଅବଶେଷ ରହି ଯାଇଥାଏ ଓ ତଥାପି ଆପଣାର ପ୍ରଭାବଗୁଡ଼ାକୁ ନିକ୍ଷିପ୍ତ କରିବାରେ ସମର୍ଥ ହୋଇଥାଏ, ବା ଯେତେବେଳେ ମନକୁ ପରିବର୍ତ୍ତିତ କରିଦେବା ଲାଗି ମନ ମଧ୍ୟରେ ଅବତରଣ କରିବା ଦ୍ୱାରାହିଁ ଅତିମାନସ ତଥାପି କାର୍ଯ୍ୟ କରୁଥାଏ, ସେତିକବେଳେ ଯାଇ ବ୍ୟକ୍ତିଗତ ଭ୍ରାନ୍ତି ଆସି ହସ୍ତକ୍ଷେପ କରିବସେ ଯାଇଥାଏ । ଏବଂ ସକଳ ଭ୍ରାନ୍ତି ଓ ପ୍ରମାଦକୁ ଅତିମାନସ କେବଳ ଦୂରହିଁ କରି ଦେଇଥାଏ; କୌଣସି ଅନ୍ୟ ଉପାୟ ଦ୍ୱାରା ନୁହେଁ, ମାତ୍ର ଅତିମାନସ ବିବେଚନଶକ୍ତିର ଏକ କ୍ରମବୃଦ୍ଧିଶୀଳ ସ୍ୱତଃସ୍ଫୂର୍ତ୍ତିତା ଏବଂ ଆପଣା ଶକ୍ତିର ଏକ ସତତ ଉନ୍ମୋଚନ ଦ୍ୱାରାହିଁ ଅତିମାନସ ତାହା କରିଥାଏ । ଅତିମାନସର ଚେତନା ହେଉଛି ଏକ ବିଶ୍ୱଚେତନା ଏବଂ ବିଶ୍ୱଚେତନାର ଏହି ଯେଉଁ ଅସ୍ମିତି ଭିତରେ ଜ୍ଞାତା ବ୍ୟକ୍ତି ଅବସ୍ଥାନ କରୁଥାଏ ଓ ଯାହା ସହିତ ସେ ଅଲ୍ପବହୁତ ନିବିଡ଼ ଭାବରେ ସମ୍ମିଳିତ ହୋଇ ରହିଥାଏ, ସେହି ଅସ୍ମିତି ଭିତରେହିଁ ଅତିମାନସ ତା’ ସମକ୍ଷରେ ଜ୍ଞାନର ବସ୍ତୁଟିକୁ ଉନ୍ମୋଚିତ କରି ଧରିଥାଏ ।

ଜ୍ଞାତା ଆପଣାର ଅବଲୋକନ କ୍ଷେତ୍ରରେ ଏକ ସାକ୍ଷୀ ହୋଇ ରହିଥାଏ ଏବଂ ଏହିପରି ଏକ ସମ୍ବନ୍ଧ ଆମକୁ ହୁଏତ ଏକ ଅନ୍ୟତ୍ୱ ଓ ପୃଥକ୍‌ତ୍ୱର ଇଙ୍ଗିତ ଦେଇ ଯାଉଥିବା ପରି ମନେହେବ; ମାତ୍ର ଅସଲ୍ ସତ୍ୟଟି ହେଉଛି ଯେ ଏହି କ୍ଷେତ୍ରରେ ଏହି ପୃଥକ୍‌ତ୍ୱ କେବେହେଲେ ଏକ ବିଚ୍ଛିନ୍ନତାଧର୍ମୀ ପୃଥକ୍‌ତ୍ୱ ହୋଇ ରହି ନଥାଏ ଏବଂ ଅବଲୋକିତ ବସ୍ତୁଟି ଯେ ସମ୍ପୂର୍ଣ୍ଣତଃ ଏକ ଅନାତ୍ମା ମାତ୍ର, ମନର ଆଖିରେ ଏକ ବାହ୍ୟ ବସ୍ତୁକୁ ଦେଖିଥିଲା ପରି ଏଠାରେ ସେପରି ଅନୁଭବ ଆଦୌ ହୁଏ ନାହିଁ ଓ ସେହି ବସ୍ତୁଟି ଆମର ବାହାରେ ରହିଛି ବୋଲି ଆଦୌ ବୋଧ ହୁଏ ନାହିଁ । ଜ୍ଞାତ ବସ୍ତୁଟି ସହିତ ସର୍ବଦା ଏକ ଏକତ୍ୱାନୁଭବ ବିଦ୍ୟମାନ ରହିଥାଏ, କାରଣ ଏହି ଏକତ୍ୱଟି ନଥିଲେ କୌଣସି ଅତିମାନସ ଜ୍ଞାନ ଆଦୌ ସମ୍ଭବ ହୋଇପାରିବ ନାହିଁ । ଜ୍ଞାତା ଆପଣାର ବିଷୟଟିକୁ ଆପଣାର ବିଶ୍ୱାତ୍ମକ ତନ୍ମୟ ସତ୍ତାରେ ଆପଣା ସାକ୍ଷୀ-ଦୃଷ୍ଟିର ଅଧିନିବାସଟିର ସମ୍ମୁଖରେ ଅବସ୍ଥିତ ଏକ ପଦାର୍ଥରୂପେ ଧାରଣ କରି ରହିଥାଏ ଏବଂ ସେଇଟିକୁ ଆପଣାର ବିଶାଳତର ସତ୍ତାର ଅନ୍ତର୍ଗତ କରିନିଏ । ଯେଉଁ ବସ୍ତୁଗୁଡ଼ିକ ସହିତ ଆମେ ସତ୍ତା ତଥା ଚେତନାର କ୍ଷେତ୍ରରେ ଏକାତ୍ମ ହୋଇ ରହିଥାଉ ଏବଂ ସେହି ଏକରୂପତାର ବଳରେ ଠିକ୍ ଆପଣାକୁ ଜାଣିବା ଭଳି ଆମେ ଯେଉଁଗୁଡ଼ିକୁ ଜାଣିବାକୁ ସମର୍ଥ ହୋଇଥାଉ, ସେହିଗୁଡ଼ିକର ଅବଲୋକନକୁହିଁ ଅତିମାନସ ଅବଲୋକନ ବୋଲି କୁହାଯିବ । ଏହି କ୍ଷେତ୍ରରେ ଏହି ଅବଲୋକନଟିକୁ ଆମେ ଅନ୍ତର୍ନିହିତ ଜ୍ଞାନଟିକୁ ବାହାରକୁ ନେଇ ଆସିବାରହିଁ ଏକ ଉଦ୍‌ଘାଟନ ବୋଲି କହିବା ।

ତେଣୁ, ପ୍ରଥମତଃ, ଚେତନାଗତ ଏକ ମୂଳଭୂତ ଏକତା ରହିଛି; ଏବଂ ଅତିମାନସ ବିଚରଣଭୂମିରେ ବାସ କରିବାରେ, ତାହାକୁ ଅନୁଭବ କରିବାରେ ଏବଂ

'oaob.nitrkl.ac.in' images reprocessed

ଦେଖିବାକୁ ସମର୍ଥ ହେବାରେ ଆମେ ଯେତିକି ଅଗ୍ରସର, ଉନ୍ମୀଳିତ ତଥା ଦୃଢ଼ନିଷ୍ଠ ହୋଇପାରିଛୁ, ସେହି ଅନୁସାରେହିଁ ସେହି ଚେତନା ଆମ ଭିତରେ ଅଧିକ ବା କମ୍ ଶକ୍ତିଶାଳୀ ହୋଇପାରିଛି ଏବଂ ଅଧିକ ବା କମ୍ ସମ୍ପୂର୍ଣ୍ଣ ଭାବରେ ଓ ଅପରୋକ୍ଷ ଭାବରେ ତାହା ଆମ ଆଗରେ ଆପଣାର ଜ୍ଞାନସମ୍ପଦକୁ ଉଦ୍‌ଘାଟିତ କରିଦେଇ ପାରିଛି । ଏହି ମୂଳଭୂତ ଏକତାଟି ଫଳରେ ଜ୍ଞାତା ଏବଂ ଜ୍ଞେୟବସ୍ତୁ ମଧ୍ୟରେ ଚେତନ ସଂଲଗ୍ନତାର ଏକ ଧାରା ବା ସେତୁ ସ୍ଥାପିତ ହୋଇଯାଉଛି;—ଯେତେ ଅପୂର୍ଣ୍ଣ ଓ ଅପର୍ଯ୍ୟାପ୍ତ ହେଲେ ମଧ୍ୟ ଆମକୁ ପ୍ରତିରୂପଗୁଡ଼ିକରହିଁ ସାହାଯ୍ୟ ନେବାକୁ ପଡ଼ୁଛି,— ଏବଂ ଏହା ଫଳରେ ଏକ ସଂସ୍ପର୍ଶ ବା ସନ୍ନିହିତ ମିଳନ ସମ୍ଭବ ହୋଇପାରୁଛି, ଯାହାକି ଆମକୁ ବସ୍ତୁଟିରେ ବା ବସ୍ତୁଟି ସମ୍ବନ୍ଧରେ ଯାହାକିଛି ଜାଣିବାକୁ ରହିଛି ତାହାକୁ ଅତିମାନସ ଭୂମିରେ ଦେଖିବାକୁ, ଅନୁଭବ କରିବାକୁ ଓ ଜାଣିବାକୁ ସମର୍ଥ କରି ଦେଉଛି । ବେଳେବେଳେ ସଂଲଗ୍ନକାରୀ ଏହି ଧାରା ବା ସେତୁଟି ଠିକ୍ ସେହି ସମୟରେ ଇନ୍ଦ୍ରିୟ ଦ୍ୱାରା ଗ୍ରାହ୍ୟ ହୋଇପାରୁ ନାହିଁ, କେବଳ ସଂସ୍ପର୍ଶଟିର ପରିଣାମହିଁ ଲିପିବଦ୍ଧ ହୋଇ ରହିଯାଉଛି; ମାତ୍ର ତାହା ବସ୍ତୁତଃ ସର୍ବଦାହିଁ ସେଠାରେ ଅବସ୍ଥିତ ରହିଛି ଏବଂ ଏକ ପରବର୍ତ୍ତୀକାଳୀନ ସ୍ମୃତି ଆମକୁ ଏହି ବିଷୟରେ ସର୍ବଦା ସଜ୍ଞାନ କରିଦେଇ ପାରୁଛି ଯେ ଏଇଟି ପ୍ରକୃତରେ ସବୁବେଳେହିଁ ଉପସ୍ଥିତ ରହିଥିଲା । ଏବଂ ଆମେ ଅତିମାନସ ଉପଲବ୍ଧିରେ ଅଗ୍ରସର ହେବା ସଙ୍ଗେସଙ୍ଗେ ଏହା ଏକ ସ୍ଥାୟୀ ବ୍ୟାପାରରେ ପରିଣତ ହୋଇଯାଉଛି । ମୂଳଭୂତ ଏକତାଟି ଯେତେବେଳେ ଏକ ସମ୍ପୂର୍ଣ୍ଣ କ୍ରିୟାଶୀଳ ଏକତାରେ ପରିଣତ ହୋଇଯାଉଛି, ସେତେବେଳେ ଏହି ସଂଲଗ୍ନକାରୀ ସ୍ରୋତ ବା ସେତୁଟିର ଆଉ ଆବଶ୍ୟକତା ରହୁ ନାହିଁ । ପାତଞ୍ଜଳି ଯାହାକୁ 'ସଂଯମ' ବୋଲି କହିଛନ୍ତି, ଏହି ପ୍ରକ୍ରିୟାଟିକୁ ଆମେ ତାହାର ମୂଳଦୁଆ ବୋଲି କହିପାରିବା । ସଂଯମ ଅର୍ଥାତ୍ ଏକାଗ୍ର ଅଭିନିବେଶ, ଚେତନାର କୌଣସି ଏକ ନିର୍ଦ୍ଦିଷ୍ଟ ଦିଗରେ ପରିସ୍ଖଳନ ବା ସେହି ଚେତନା ମଧ୍ୟରେ ଅବସ୍ଥାନ; ପାତଞ୍ଜଳିଙ୍କ କହିବା ଅନୁସାରେ, ବସ୍ତୁଟି ମଧ୍ୟରେ ଯାହାକିଛି ରହିଛି, ଏହି ସଂଯମ ଦ୍ୱାରାହିଁ ଆମେ ତାହାର ସବତ୍ ଲାଭ କରିପାରିବା । ମାତ୍ର ସନ୍ନିହିତ ଏକତାନୁଭୂତିଟି ବୃଦ୍ଧି ପାଇବା ସଙ୍ଗେସଙ୍ଗେ ଏହି ଅଭିନିବେଶର ପ୍ରୟୋଜନ ମଧ୍ୟ ହ୍ରାସ ହୋଇଆସେ ବା ଶେଷରେ ତାହାର ଆଉ କୌଣସି ପ୍ରୟୋଜନ ରହେ ନାହିଁ । ବସ୍ତୁ ଓ ବସ୍ତୁରେ ରହିଥିବା ତତ୍ତ୍ୱଗୁଡ଼ିକର ଆଲୋକନଯୁକ୍ତ ଚେତନାଟି ଅଧିକ ସ୍ୱତଃସ୍ଫୂର୍ତ୍ତ, ସ୍ୱାଭାବିକ ଓ ସହଜ ହୋଇଯାଏ ।

ଏହି ପ୍ରକାରର ଅତିମାନସ ଅବଲୋକନରେ ତିନୋଟି ସମ୍ଭାବ୍ୟ ଗତିସ୍ପନ୍ଦନ ରହିଛି । ପ୍ରଥମତଃ, ଜ୍ଞାତା ଆପଣାକୁ ଆପଣାର ଚେତନାରେ ଜ୍ଞେୟ ପଦାର୍ଥଟି ଉପରେ ପ୍ରକ୍ଷେପିତ କରି ରଖିପାରେ, ତାହାର ବୋଧଶକ୍ତି ପଦାର୍ଥଟିକୁ ସ୍ପର୍ଶ କରୁଛି

'oaob.nitrkl.ac.in' images reprocessed

ବୋଲି ଅନୁଭବ କରିପାରେ, ଅଥବା ତାହାକୁ ଚତୁର୍ଦ୍ଦିଗରୁ ଆଚ୍ଛାଦିତ କରୁଛି ବା ତାହାର ଅନ୍ତଃପ୍ରବେଶ କରୁଛି ବୋଲି ଅନୁଭବ କରିପାରେ ଏବଂ ସେହିଠାରେ, ସତେଅବା ସେହି ବସ୍ତୁଟି ମଧ୍ୟରେହିଁ ଆପଣାର ଜ୍ଞାତବ୍ୟ ସକଳ ବିଷୟକୁ ଜାଣିବାକୁ ସମର୍ଥ ହୋଇପାରେ । ଅଥବା, ସଂସ୍ପର୍ଶଟି ଦ୍ୱାରା ଜ୍ଞେୟ ବସ୍ତୁଟି ମଧ୍ୟରେ ଯାହାକିଛି ରହିଛି ବା ତାହା ସହିତ ସମ୍ବନ୍ଧିତ ହୋଇ ରହିଛି, ସେ ସେହି ସକଳ ବିଷୟକୁ ମଧ୍ୟ ଜାଣିପାରେ । ଉଦାହରଣସ୍ୱରୂପ, ସେ ଆଉଜଣକର ଭାବନା ବା ଅନୁଭୂତିକୁ ଜାଣିପାରେ; ସେ ଅନୁଭବ କରେ ଯେ ଜ୍ଞେୟଗତ ଏହି ଯାବତୀୟ ପଦାର୍ଥ ଜ୍ଞେୟରୁହିଁ ଉଦ୍‌ଗତ ହୋଇ ଆସୁଛି ଏବଂ ଯେଉଁଠି ସେ ଆପଣାର ସାକ୍ଷୀରୂପେ ଅବସ୍ଥିତ ରହିଛି, ସେହିଠାରେହିଁ ତାହା ମଧ୍ୟରେ ପ୍ରବେଶ କରିବାରେ ଲାଗିଛି । ଅଥବା, ଏଭଳି କୌଣସି ପ୍ରକ୍ଷେପଣ ବା ପ୍ରବେଶର ସାହାଯ୍ୟ ନନେଇ ଆପଣାର ସାକ୍ଷୀ-ରୂପ ଅବସ୍ଥାଟିରେ କେବଳ ଏକପ୍ରକାରର ଅଧିମାନସ ବୋଧ ଦ୍ୱାରା ଆପଣା ଭିତରେ ରହିଥିବା ଜ୍ଞେୟଟିକୁ ଜାଣିବାକୁ ସମର୍ଥ ହୋଇପାରେ । ସ୍ଥୂଳ କିଂବା କୌଣସି ଅନ୍ୟ ଇନ୍ଦ୍ରିୟଗୁଡ଼ିକର ସମ୍ମୁଖରେ ପଦାର୍ଥଟିର ଉପସ୍ଥିତ ରହିବାହିଁ ଅବଲୋକନର ଆରମ୍ଭ-ବିନ୍ଦୁ ଓ ପ୍ରତ୍ୟକ୍ଷ ଆଧାର ହୋଇ ରହିପାରେ, ମାତ୍ର ଅଧିମାନସ ଲାଗି ସ୍ଥୂଳ ପଦାର୍ଥର ଏପରି କୌଣସି ଉପସ୍ଥିତି ଆଦୌ ଅନିବାର୍ଯ୍ୟ ନୁହେଁ । ସେହି କ୍ଷେତ୍ରରେ ଏହା ସ୍ଥାନରେ ପଦାର୍ଥର ଏକ ଅନ୍ତର୍ଗତ ପ୍ରତିରୂପ ବା ତାହାର କେବଳ ଧାରଣାଟିହିଁ ଆରମ୍ଭ-ବିନ୍ଦୁ ବା ଆଧାରର କାର୍ଯ୍ୟ କରିପାରେ । ଜାଣିବା ଲାଗି ଜ୍ଞାତାର ଇଚ୍ଛାମାତ୍ରହିଁ, ବା ଏପରି ମଧ୍ୟ ସମ୍ଭବ ହୋଇପାରେ ଯେ ଜ୍ଞେୟ ପଦାର୍ଥର ଜ୍ଞାତ ହେବାର ବା ଆପଣାକୁ ଅବଗତ କରାଇବାର ଇଚ୍ଛାହିଁ ଆବଶ୍ୟକ ଜ୍ଞାନଟିକୁ ଅଧିମାନସ ଚେତନାର ସମ୍ମୁଖକୁ ବହନ କରି ଆଣିପାରେ ।

ବିଶ୍ଳେଷଣାତ୍ମକ ଅବଲୋକନ ଏବଂ ସମନ୍ୱୟାତ୍ମକ ରଚନାର ଯେଉଁ ବିଶଦ ପଦ୍ଧତିଟିକୁ ତର୍କନ୍ୟାୟ ଦ୍ୱାରା ପରିଚାଳିତ ବୁଦ୍ଧି ଅବଲମ୍ବନ କରିଥାଏ, ତାହା କଦାପି ଅଧିମାନସର ପଦ୍ଧତି ନୁହେଁ, ତଥାପି ଅଧିମାନସ ଆପଣାର କ୍ରିୟାରେ ଏହି କ୍ରିୟାଟି ସହିତ ଅନେକ ସାଦୃଶ୍ୟ ରଖିଥାଏ । ବସ୍ତୁର ବିଶେଷତାଗୁଡ଼ିକୁ ଅର୍ଥାତ୍ ତାହାର ଦୃଷ୍ଟ ରୂପ, ସାମର୍ଥ୍ୟ, ଗୁଣ, ମନ ଓ ଆତ୍ମାକୁ ବାରି ଦେଖିଲବେଳେ ଅଧିମାନସ ଏକ ପ୍ରତ୍ୟକ୍ଷ ଅବଲୋକନ ଦ୍ୱାରା ତାହା କରିଥାଏ, ଏଥିଲାଗି ତାକୁ ବସ୍ତୁଟିକୁ ଖଣ୍ଡଖଣ୍ଡ କରିଦେବାର ମାନସିକ ପ୍ରକ୍ରିୟାଟିର ଆଦୌ ଆଶ୍ରୟ ନେବାକୁ ପଡ଼େ ନାହିଁ । ଏବଂ ତାହା ଏକ ସମତା-ଯୁକ୍ତ ପ୍ରତ୍ୟକ୍ଷତା ସହିତ ତଥା ସମନ୍ୱୟାତ୍ମକ ରଚନାପଦ୍ଧତିର ଆଦୌ କୌଣସି ସାହାଯ୍ୟ ନନେଇ ଏହି ବିଶେଷତାଗୁଡ଼ିକ ଯାହାର ଗୌଣ ଅଙ୍ଗ ହୋଇ ରହିଥାନ୍ତି, ସେହି ଅର୍ଥବ୍ୟଞ୍ଜନାମୟ ସମଗ୍ରତାଟିକୁ ମଧ୍ୟ ଦେଖିବାକୁ ସମର୍ଥ ହୋଇଥାଏ । ଏବଂ ସ୍ୱୟଂ ବସ୍ତୁଟିର ଯେଉଁ ସ୍ୱତତ୍ତ୍ୱଟିର ଏହି ସମଗ୍ରତା ତଥା ବିଶେଷତାଗୁଡ଼ିକ ଅଭିବ୍ୟକ୍ତିସ୍ୱରୂପ

'oaob.nitrkl.ac.in' images reprocessed

ହୋଇ ରହିଥାନ୍ତି, ଅତିମାନସ ମଧ୍ୟରେ ସେଇଟିକୁ ଦେଖିବାର ସାମର୍ଥ୍ୟ ମଧ୍ୟ ରହିଥାଏ । ଏବଂ ପୁନଶ୍ଚ, ଏହି ସ୍ୱଭାବଠାରୁ ପୃଥକ୍ ଭାବରେ ହେଉ ଅଥବା ଏଇଟିର ସାହାଯ୍ୟରେ ହେଉ, ତାହା ସେହି ଏକମେବ ଆତ୍ମା, ଏକମେବ ସତ୍ତା, ଚେତନା, ଶକ୍ତିମତ୍ତା ଓ ସାମର୍ଥ୍ୟକୁ ମଧ୍ୟ ଦେଖିଥାଏ, ଯାହାର କି ସେ ନିଜେ ଏକ ମୌଳିକ ତତ୍ତ୍ୱରୂପେ ପ୍ରକଟ ହୋଇ ରହିଥାଏ । କୌଣସି ସମୟରେ ତାହା ହୁଏତ କେବଳ ବିଶେଷତାଗୁଡ଼ିକୁହିଁ ଦେଖିଥାଏ, ମାତ୍ର ତାହାର ସେହି ଅବଲୋକନ ମଧ୍ୟରେ ସମୁଦାୟଟି ମଧ୍ୟ ନିହିତ ହୋଇ ରହିଥାଏ ଏବଂ ସେହିପରି ସମୁଦାୟଟିକୁ ଦେଖୁଥିଲାବେଳେ ସେଥିରେ ବିଶେଷତାଗୁଡ଼ିକ ମଧ୍ୟ ନିହିତ ହୋଇ ରହିଥାଏ । ଉଦାହରଣସ୍ୱରୂପ, ଯଦି ତାହାର ମନରୁ ଏକ ଭାବନା ବା ଅନୁଭୂତି ଉତ୍ପନ୍ନ ହୋଇ ଆସେ, ତେବେ ସେହି ଭାବନା ବା ଅନୁଭୂତିର ଜ୍ଞାନଟି ସହିତ ଅତିମାନସ ତାହାର ମନର ସମଗ୍ର ଅବସ୍ଥାଟିକୁ ମଧ୍ୟ ଜାଣିବାକୁ ସାମର୍ଥ୍ୟ ରଖିଥାଏ । ପୁନଶ୍ଚ, ଅତିମାନସର ବୋଧଶକ୍ତି ସମଗ୍ରତା ବା ବିଶେଷତା ଯେକୌଣସିଟିରୁ ଆପଣାର କାର୍ଯ୍ୟ ଆରମ୍ଭ କରିପାରେ ଏବଂ ତା'ପରେ ଏକ ସତ୍ୱର ଇଙ୍ଗିତ ଦ୍ୱାରାହିଁ ଅନ୍ତର୍ନିହିତ ଜ୍ଞାନଟି ଆଡ଼କୁ ଅଗ୍ରସର ହୋଇ ଯାଇପାରେ । ଏହିପରି ଭାବରେ ବସ୍ତୁର ସ୍ୱଭାବଟି ବସ୍ତୁର ସମଗ୍ର ସ୍ୱରୂପରେ ତଥା ତାହାର ପ୍ରତ୍ୟେକ ବା ସକଳ ବିଶେଷତା ଭିତରେ ମଧ୍ୟ ଅନ୍ତର୍ନିହିତ ହୋଇ ରହିଥାଏ ଏବଂ ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହି ପ୍ରକ୍ରିୟାଗୁଡ଼ିକ ବିକଳ୍ପ ଭାବରେ ବା ଗୋଟିଏ ପରେ ଗୋଟିଏ ହୋଇ ଦ୍ରୁତ ବେଗରେ ତତ୍‌କ୍ଷଣାତ୍ ସଂଘଟିତ ହୋଇପାରେ । ଅତିମାନସର ନ୍ୟାୟ ମନର ନ୍ୟାୟଟିରୁ ଏକାବେଳକେ ଅଲଗା; ଏହା ଆତ୍ମାକୁ ସର୍ବଦା ତା'ର ସ୍ୱରୂପସତ୍ତା ଦେଇ ଦେଖେ, ବସ୍ତୁର ସ୍ୱଭାବକୁ ସେହି ଆତ୍ମାରହିଁ ସତ୍ତା ତଥା ସାମର୍ଥ୍ୟର ଏକ ମୂଳଭୂତ ଅଭିବ୍ୟକ୍ତିରୂପେ ଦେଖେ ଏବଂ ସମୁଦାୟ ଏବଂ ବିଶେଷଗୁଡ଼ିକୁ ଏହି ସାମର୍ଥ୍ୟ ଓ ଏହାର ସକ୍ରିୟ ଅଭିବ୍ୟକ୍ତିଟିରହିଁ ଏକ ପରିଣାମଗତ ପରିପ୍ରକାଶରୂପେହିଁ ଦେଖେ । ଅତିମାନସ ଚେତନା ଓ ଅତିମାନସ ବୋଧର ପରିପୂର୍ଣ୍ଣତାଭୂମିରେ ଏହାହିଁ ସତତ ବଦ୍ଧ ହୋଇ ରହିଥାଏ । ଅତିମାନସ ବୁଦ୍ଧି ଯେଉଁ ସମସ୍ତ ଏକତା, ସାମଞ୍ଜସ୍ୟ, ପାର୍ଥକ୍ୟ, ଜାତି ଏବଂ ଅନନ୍ୟତାର ଅନୁଭବରେ ଆସି ଉପନୀତ ହୋଇଥାଏ, ତାହା ଏହି ବିଧାନଟି ସହିତ ସମସ୍ତର ତଥା ନିର୍ଭରଶୀଳ ହୋଇ ରହିଥାଏ ।

ଅତିମାନସର ଏହି ଅବଲୋକନକାର୍ଯ୍ୟ କିମ୍ବା ସକଳ ବସ୍ତୁର କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ । ଜଡ଼ ବସ୍ତୁଗୁଡ଼ିକୁ ଅତିମାନସ ଯେଉଁଭଳି ଦୃଷ୍ଟିରେ ଦେଖେ, ସେଥିରେ ତାହା କେବଳ ବସ୍ତୁଟିର ଉପରିଭାଗ ବା ବାହ୍ୟ ଭାଗଟିକୁ ଦେଖେ ନାହିଁ, ଏପରିକି କେବଳ ବାହ୍ୟ ଭାଗଗୁଡ଼ିକ ଉପରେ ଅଭିନିବିଷ୍ଟ ହୋଇ ରହିଥିବାବେଳେ ମଧ୍ୟ ସେଗୁଡ଼ିକୁ ତାହା ସେପରି ଦେଖେ ନାହିଁ । ଏହା ବସ୍ତୁର ରୂପଟିକୁ ଦେଖେ, ବସ୍ତୁର କ୍ରିୟାକୁ ଦେଖେ, ବିଶେଷ ଧର୍ମଗୁଡ଼ିକୁ ଦେଖେ, ମାତ୍ର ଯୁଗପତ୍ ଭାବରେ ବସ୍ତୁର

'oaob.nitrkl.ac.in' images reprocessed

ଗୁଣ ଓ ଶକ୍ତି ସମ୍ବନ୍ଧରେ ମଧ୍ୟ ସଚ୍ଚେତନ ହୋଇ ରହିଥାଏ, ରୂପ ଯାହାର ଏକ ରୂପାନ୍ତର ଭାବରେହିଁ ଅବସ୍ଥିତ ରହିଥାଏ । ଗୁଣ ଓ ଶକ୍ତିକୁ ତାହା ରୂପ ବା କ୍ରିୟାରୁ ନିଷ୍ପାଦିତ ବା ଅନୁମିତ କୌଣସି ବିଷୟ ବୋଲି ଦେଖେ ନାହିଁ, ମାତ୍ର ବସ୍ତୁର ସତ୍ତ୍ୱଟି ମଧ୍ୟରେ ସେଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରେ ଓ ଦେଖେ; ରୂପ ତଥା ଗୋଚର ବିଷୟଗୁଡ଼ିକୁ ଆମେ ଯେତିକି ସ୍ପଷ୍ଟ ଭାବରେ ଦେଖୁ, ସେଗୁଡ଼ିକୁ ସେ ସେତିକି ସ୍ପଷ୍ଟ ଭାବରେ ଦେଖିଥାଏ, ହୁଏତ କୁହାଯାଇ ପାରେ ଯେ ସେଗୁଡ଼ିକୁ ସେ ଏକ ସୂକ୍ଷ୍ମ ମୂର୍ତ୍ତିତା ଏବଂ ସୂକ୍ଷ୍ମ ବାସ୍ତବିକତା ସହିତ ଦେଖୁଥାଏ । ଯେଉଁ ଚେତନାହିଁ ଆପଣାକୁ ଗୁଣ, ଶକ୍ତି ତଥା ରୂପ ମଧ୍ୟରେ ବ୍ୟକ୍ତ କରିଦେଇଛି, ଅତିମାନସ ସେହି ଚେତନାଟି ବିଷୟରେ ମଧ୍ୟ ସଚେତନସମ୍ପନ୍ନ ରହିଥାଏ । ଯେଉଁସବୁ ଶକ୍ତି, ପ୍ରବୃତ୍ତି, ଆବେଗ ଓ ବସ୍ତୁ ଆମ ଲାଗି କେବଳ ଅମୂର୍ତ୍ତ ହୋଇ ରହିଛି, ଅତିମାନସ ସେଗୁଡ଼ିକୁ ଆମେ ବର୍ତ୍ତମାନ ଯେଉଁସବୁ ବସ୍ତୁକୁ ଦୃଶ୍ୟମାନ ଓ ଇନ୍ଦ୍ରିୟବୋଧ୍ୟ ବୋଲି କହୁଛୁ, ଠିକ୍ ତାହାରି ପରି ପ୍ରତ୍ୟକ୍ଷ ଓ ଅତିସ୍ପଷ୍ଟ ଭାବରେ ଅନୁଭବ କରିବାକୁ, ଜାଣିବାକୁ ଏବଂ ଅବଲୋକନ କରିବାକୁ ଓ ଦେଖିବାକୁ ସମର୍ଥ ହୋଇଥାଏ । ଠିକ୍ ଏହିପରି ଭାବରେ ତାହା ବ୍ୟକ୍ତି ଓ ଜୀବସତ୍ତାଗୁଡ଼ିକୁ ମଧ୍ୟ ଦେଖିଥାଏ । ଆପଣାର ଆରମ୍ଭ-ବିନ୍ଦୁ ବା ପ୍ରଥମ ଇଙ୍ଗିତରୂପେ ତାହା କଥା, କର୍ମ ଓ ବାହ୍ୟ ଲକ୍ଷଣଗୁଡ଼ିକୁ ନିଶ୍ଚୟ ଗ୍ରହଣ କରିପାରେ, ମାତ୍ର ସେଗୁଡ଼ିକ ଦ୍ୱାରା କଦାପି ସୀମାବଦ୍ଧ ହୋଇ ରହେ ନାହିଁ ବା ସେଗୁଡ଼ିକ ଉପରେ କଦାପି ନିର୍ଭରଶୀଳ ହୋଇ ବି ରହେ ନାହିଁ । ଆଉ ଜଣକର ଆତ୍ମା ତଥା ଚେତନାକୁ ମଧ୍ୟ ତାହା ଜାଣିପାରେ, ଅନୁଭବ କରିପାରେ ଓ ଅବଲୋକନ କରିପାରେ, କୌଣସି ଏକ ନିଦର୍ଶନର ମାଧ୍ୟମରେ ତାହା ମଧ୍ୟକୁ ସିଧା ପ୍ରବେଶ କରିପାରେ ବା ଆପଣାର ଅଧିକ ଶକ୍ତିଶାଳୀ କ୍ରିୟାଟି ଦ୍ୱାରା ଆତ୍ମା ଏବଂ ଚେତନାକୁହିଁ ଆରମ୍ଭ-ବିନ୍ଦୁରୂପେ ଗ୍ରହଣ କରିପାରେ ଓ ବାହ୍ୟ ଅଭିବ୍ୟକ୍ତିଟିର ପ୍ରମାଣ ସାହାଯ୍ୟରେ ଅନ୍ତର୍ଗତ ସତ୍ତାଟିର ପରିଚୟ ଲାଭ କରିବା ପରିବର୍ତ୍ତେ ବରଂ ଅନ୍ତର୍ଗତ ସତ୍ତାଟିର ଆଲୋକଫଳନ ଦ୍ୱାରାହିଁ ବାହ୍ୟ ଯାବତୀୟ ଅଭିବ୍ୟକ୍ତିକୁ ଜାଣିବା ଲାଗି ସମର୍ଥ ହୋଇପାରେ । ଠିକ୍ ସେହିପରି, ଅତିମାନସ ସତ୍ତା ଆପଣାର ଅନ୍ତର୍ଗତ ସତ୍ତା ଓ ପ୍ରକୃତିଟିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଜାଣିଥାଏ । ଏହି ଭୌତିକ ଗଠନାବରଣଟି ତଳେ ଯାହାକିଛି ଲୁକ୍କାୟିତ ହୋଇ ରହିଛି, ଅତିମାନସ ତାହାକୁ ମଧ୍ୟ ଅପରୋକ୍ଷ ଅନୁଭବ ଦ୍ୱାରା ଅବଲୋକନ କରିପାରେ ଏବଂ ସମାନ ଶକ୍ତିମତ୍ତା ସହିତ ସେଗୁଡ଼ିକ ଉପରେ କାର୍ଯ୍ୟ କରିପାରେ, ଏହି ଜଡ଼ଭୌତିକ ଜଗତର ଭୂମିଟି ବ୍ୟତୀତ ତାହା ଆଉ ଅନ୍ୟାନ୍ୟ ଭୂମିରେ ମଧ୍ୟ ବିଚରଣ କରିପାରେ । ଏହା ତାଦାତ୍ମ୍ୟ ଦ୍ୱାରାହିଁ ଯାବତୀୟ ବସ୍ତୁର ଆତ୍ମା ଓ ସତ୍ୟକୁ ଜାଣେ, ଏକତ୍ୱାନୁଭବ, ଏକତ୍ୱର ସମ୍ପର୍ଶ ଏବଂ ଏକ ଦୃଷ୍ଟିସାମର୍ଥ୍ୟ ଦ୍ୱାରା ତାହାକୁ ଜାଣେ, ଏହି ବସ୍ତୁଗୁଡ଼ିକ ଉପରେ ନିର୍ଭର କରି ରହିଥିବା ବା ସେହିଗୁଡ଼ିକରୁ ନିଷ୍ପାଦିତ

'oaob.nitrkl.ac.in' images reprocessed

ହୋଇ ଆସିଥିବା ଏକ ଦର୍ଶନସମର୍ଥ ଓ ଉପଲବ୍ଧିକାରୀ ବିଚାର ତଥା ଜ୍ଞାନ ଦ୍ୱାରା ଜାଣିଥାଏ; ଏବଂ ଭାବନା ଦ୍ୱାରା ସତ୍ୟର ଯାବତୀୟ ଉପସ୍ଥାପନା ଅତିମାନସର କ୍ଷେତ୍ରରେ ଠିକ୍ ଏହି ପ୍ରକାରର ଦୃଷ୍ଟିସାମର୍ଥ୍ୟ ଓ ଅନୁଭୂତିରହିଁ ଅଭିବ୍ୟକ୍ତ ହୋଇ ରହିଥାଏ ।

ଅତିମାନସ ସ୍ମୃତି ମଧ୍ୟ ମନୋମୟ ସ୍ମୃତିଠାରୁ ସମ୍ପୂର୍ଣ୍ଣ ପୃଥକ୍; ଏଥିରେ ଅତୀତର ଜ୍ଞାନ ତଥା ଅନୁଭବ ଗଦା ହୋଇ ବା ଗଚ୍ଛିତ ହୋଇ ରହି ନଥାଏ, ମାତ୍ର ସେଠାରେ ଜ୍ଞାନ ସ୍ଥାୟୀ ଭାବରେହିଁ ଉପସ୍ଥିତ ରହିଥାଏ, ଯାହାକୁ କି ବାହାରକୁ ନେଇଆସି ହୁଏ, ଅଥବା ଅଧିକ ଯଥାର୍ଥ ଭାବରେ କହିଲେ, ଯେତେବେଳେ ତାହାର ଆବଶ୍ୟକତା ପଡ଼େ, ସେତେବେଳେ ତାହା ଆପେ ଆସି ହାଜର ହୋଇଯାଏ । କୌଣସିପ୍ରକାର ଧ୍ୟାନ ଦେବା ବା ସଚେତନ ଭାବରେ ଗ୍ରହଣ କରିବା ଉପରେ ତାହା ଆଦୌ ନିର୍ଭର କରେ ନାହିଁ; କାରଣ ଅତୀତର ଯେଉଁ ବସ୍ତୁଗୁଡ଼ିକ ପ୍ରକୃତରେ ଅଜ୍ଞାତ ହୋଇ ରହିଥାଏ ବା ଦୃଷ୍ଟିଗୋଚର ହୋଇ ନଥାଏ, ତାହାକୁ ଏପରି ଏକ କ୍ରିୟା ଦ୍ୱାରା ସେଗୁଡ଼ିକର ନିଗୂଢ଼ାବସ୍ଥାରୁ ଉପରକୁ ଆହୃତ କରି ଅଣାଯାଇ ପାରେ, ଯାହାକୁ କି ମୂଳତଃ ତଥାପି ଏକ ସ୍ମୃତି ବୋଲି ବୁଝାଯାଇ ପାରିବ । ବିଶେଷତଃ, ଏକ ବିଶେଷ ସ୍ତରରେ ଯାବତୀୟ ଜ୍ଞାନହିଁ ଆପଣାକୁ ଏକ ସ୍ମୃତିରୂପେ ଆବିର୍ଭୂତ କରାଇଥାଏ, କାରଣ ସେହି ଅତିମାନସର ଆତ୍ମାରେହିଁ ସବୁକିଛି ନିଗୂଢ଼ ବା ଅନ୍ତର୍ନିହିତ ହୋଇ ରହିଥାଏ । ଅତୀତ ପରି ଭବିଷ୍ୟ ମଧ୍ୟ ଅତିମାନସସ୍ଥ ଜ୍ଞାନ ଲାଗି ପୂର୍ବଜ୍ଞାତରହିଁ ଏକ ସ୍ମୃତିରୂପେ ଆସି ଦେଖା ଦେଇଥାଏ । ଅତିମାନସ ଭୂମିକୁ ଆସି ରୂପାନ୍ତରିତ ହୋଇ ଯାଇଥିବା କଳ୍ପନାଶକ୍ତି ଏକ ଦିଗରେ ଯଥାର୍ଥ ପ୍ରତିରୂପ ଏବଂ ପ୍ରତୀକର ଏକ ସାମର୍ଥ୍ୟରୂପେ କାର୍ଯ୍ୟ କରେ, ସର୍ବଦା ସେହି ସତ୍ତାଗତ ସତ୍ୟରହିଁ କୌଣସି ନା କୌଣସି ମୂଲ୍ୟ ବା ତାତ୍ପର୍ଯ୍ୟର ଏକ ପ୍ରତିରୂପ ବା ଦର୍ପଣ ପରି କାର୍ଯ୍ୟ କରୁଥାଏ; ଏବଂ ଅନ୍ୟ ଦିଗରେ ଏକ ପ୍ରେରଣା ପରି କାର୍ଯ୍ୟ କରୁଥାଏ, ନାନା ସମ୍ଭାବନା ତଥା ସମ୍ଭାବ୍ୟ ଶକ୍ତିର ଅର୍ଥବୋଧକ ସାକ୍ଷାତ୍କାର କରାଇ ପାରୁଥିବା ସାମର୍ଥ୍ୟ ପରି କାର୍ଯ୍ୟ କରୁଥାଏ, ଯାହାକୁ କି କୌଣସିପ୍ରକାରେ ବାସ୍ତବ ବା ଉପଲବ୍ଧ ବସ୍ତୁଗୁଡ଼ିକର ତୁଳନାରେ କଦାପି କମ୍ ସତ୍ୟ ବୋଲି ବୁଝାଯାଇ ପାରିବ ନାହିଁ । ଏହି ସମ୍ଭାବନା ଓ ସମ୍ଭାବ୍ୟ ଶକ୍ତିଗୁଡ଼ିକୁ ଏଗୁଡ଼ିକ ସହିତ ରହିଥିବା ଏକ ସବୋଧିମୟ ବା ଅର୍ଥପ୍ରକାଶକ ବିବେକଶକ୍ତି ଅଥବା ପ୍ରତିରୂପ, ପ୍ରତୀକ ବା ସମ୍ଭାବ୍ୟତାର ଦୃଷ୍ଟି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ବିବେକଶକ୍ତି ସେଗୁଡ଼ିକର ଆପଣା ସ୍ଥାନରେ ନେଇ ପ୍ରତିଷ୍ଠିତ କରିଦିଅନ୍ତି । କିଂବା, ପ୍ରତିରୂପ ଅଥବା ପ୍ରତୀକଟିର ପଛରେ ଯେଉଁ ତତ୍ତ୍ୱଟି ଅବସ୍ଥିତ ରହିଥାଏ ବା ଯାହା ସମ୍ଭାବ୍ୟ ଏବଂ ଯଥାର୍ଥକୁ ତଥା ସେଗୁଡ଼ିକର ସମ୍ବନ୍ଧକୁ ନିର୍ଦ୍ଧାରଣ କରୁଥାଏ ଏବଂ ସମ୍ଭବତଃ, ସେଗୁଡ଼ିକ ଉପରେ ଆରୂଢ଼ ହୋଇ ସେଗୁଡ଼ିକୁ ଅତିକ୍ରମ

'oaob.nitrkl.ac.in' images reprocessed

କରିଯାଇ ଚରମ ସତ୍ୟ ତଥା ପରମ ନିଷ୍ପତ୍ତିଗୁଡ଼ିକୁ ଆଣି ସ୍ଥାପିତ କରି ଦେଉଥାଏ, ସର୍ବୋପରି ଅଧିଷ୍ଠିତ ତାହାର ଆତ୍ମ-ଉଦ୍‌ଘାଟନବିଧି ଏହିସବୁ ସମ୍ଭାବନାକୁ ଆଣି ଯଥାସ୍ଥାନରେ ପ୍ରତିଷ୍ଠିତ କରିଦିଏ ।

ଅତିମାନସ ବିବେକଶକ୍ତି ଅତିମାନସ ଅବଲୋକନ ବା ଅତିମାନସ ସ୍ମୃତିରୁ ଅଭିନ୍ନ ରହି କାର୍ଯ୍ୟ କରେ, ଅତିମାନସ ମଧ୍ୟରେ ତାହା ଏକ ପ୍ରତ୍ୟକ୍ଷ ଦୃଷ୍ଟିସାମର୍ଥ୍ୟ ରୂପେ ଅନ୍ତର୍ନିହିତ ହୋଇ ରହିଥାଏ, ନାନା ମୂଲ୍ୟ, ତାତ୍ପର୍ଯ୍ୟ, କାରଣ, ପରିଣାମ ତଥା ସମ୍ବନ୍ଧର ବୋଧରୂପେ ଅନ୍ତର୍ନିହିତ ରହିଥାଏ । ଅଥବା, ସକଳ ଅବଲୋକନ ଉପରେ ତାହା ଏକ ଜ୍ୟୋତିର୍ମୟ ଓ ଉଦ୍‌ଘାଟନକାରୀ ବିଗ୍ରହ ବା ଇଙ୍ଗିତରୂପେ ଆସି ଉପସ୍ଥିତ ହୋଇଯାଏ; କିଂବା କୌଣସିପ୍ରକାର ଅବଲୋକନରୁ ସ୍ୱତନ୍ତ୍ର ଭାବରେ ତାହା ପୂର୍ବରୁ ମଧ୍ୟ ଆସି ପହଞ୍ଚିଯାଇ ପାରେ, ତା'ପରେ ଆମକୁ ବସ୍ତୁଟିର ସ୍ମରଣ ହୁଏ ଓ ଆମେ ତାହାର ଅବଲୋକନ କରିପାରୁ ଏବଂ ସେତେବେଳେ ସେହି ବସ୍ତୁଟି ଆମ ବିଗ୍ରହର ମଧ୍ୟରେ ରହିଥିବା ସତ୍ୟଟିକୁ ପ୍ରତ୍ୟକ୍ଷ ଭାବରେ ପ୍ରମାଣିତ ଓ ପୁଷ୍ଟ କରିଦିଏ । ମାତ୍ର ଏହିସବୁ ପ୍ରତ୍ୟେକଟି ସ୍ଥିତିରେ ତାହା ଆପଣାର କାର୍ଯ୍ୟଟି ଲାଗି ଏକାକୀହିଁ ଯଥେଷ୍ଟ ପ୍ରତିପାଦିତ ହୋଇ ରହିଥାଏ, ଏହା ଆପେ ଆପଣାର ପ୍ରମାଣ ହୋଇ ରହିଥାଏ, ଏବଂ ଆପଣାର ସତ୍ୟଟି ଲାଗି ବସ୍ତୁତଃ କୌଣସି ସହାୟତା ବା ପ୍ରମାଣ ଉପରେ ଆଦୌ ନିର୍ଭର କରୁ ନଥାଏ । ଅତିମାନସ ବୁଦ୍ଧିର ଏକ ସ୍ୱକୀୟ ନ୍ୟାୟ ରହିଛି ସତ, ମାତ୍ର ତାହା କଦାପି କୌଣସି ପରଖ ବା ତନଖର କାର୍ଯ୍ୟ କରେ ନାହିଁ, କୌଣସି କଥାର ସମର୍ଥନ ବା ପ୍ରମାଣ କରେ ନାହିଁ, ଭୁଲ ବା ପ୍ରମାଦକୁ ଖୋଜି ବାହାରେ ନାହିଁ ବା ନିଷ୍କାଶିତ ବି କରେ ନାହିଁ । ଏହା କେବଳ ଜ୍ଞାନକୁ ଜ୍ଞାନ ସହିତ ଯୋଡ଼ି ଦେଉଥାଏ, କେତେକେତେ ସୌଷମ୍ୟର ଆବିଷ୍କାର କରୁଥାଏ ଓ ତାହାକୁ କାମରେ ଲଗାଉଥାଏ, କେତେ ସଂଯୋଜନା ତଥା ବ୍ୟବସ୍ଥାକୁ ଆବିଷ୍କାର କରୁଥାଏ ଓ ତାହାକୁ କାମରେ ଲଗାଉଥାଏ; ଏବଂ ଅତିମାନସ ଜ୍ଞାନର ଗତିସ୍ପନ୍ଦନଟିକୁ ସଂଗଠିତ କରି ଦେଉଥାଏ । କୌଣସି ସୂତ୍ରବଦ୍ଧ ନିୟମ ବା ଅନୁମାନରଚନା ଦ୍ୱାରା ତାହା ଏହି କାର୍ଯ୍ୟଟିକୁ କରେ ନାହିଁ, ମାତ୍ର ଏକ ଅପରୋକ୍ଷ, ଜୀବନ୍ତ ଏବଂ ଅବାରିତ ଦେଖିବା ଏବଂ ଶୃଙ୍ଖଳା ତଥା ସମ୍ବନ୍ଧଗୁଡ଼ିକର ସ୍ଥାପନ କରିବା ଦ୍ୱାରାହିଁ ତାହା କରେ । ଅତିମାନସସ୍ଥ ଯାବତୀୟ ଭାବନା ଆପଣା ସ୍ୱଭାବରେ ସଂବୋଧିଗତ ଭାବନାରେ ପରିଣତ ହୋଇ ଯାଇଥାଏ, ପ୍ରେରଣା ଓ ସତ୍ୟମୟ ପ୍ରକାଶରେ ପରିଣତ ହୋଇ ଯାଇଥାଏ; ଏବଂ ଜ୍ଞାନକ୍ଷେତ୍ରର ସକଳ ଅଭାବକୁ ଠିକ୍ ଏହିସବୁ ସାମର୍ଥ୍ୟର ଏକ ଅଧିକତର କ୍ରିୟା ଦ୍ୱାରାହିଁ ପୂରଣ କରିବାକୁ ପଡ଼େ । ଏକ ସ୍ୱତଃସ୍ଫୂର୍ତ୍ତି ଏବଂ ଆଲୋକନଯୁକ୍ତ ବିବେଚନାଶକ୍ତିର କ୍ରିୟା ଦ୍ୱାରା ଭୁଲର ନିବାରଣ ସମ୍ଭବ ହୋଇଯାଏ; ଗତିସ୍ପନ୍ଦନଟି ସର୍ବଦା ଜ୍ଞାନରୁହିଁ ଜ୍ଞାନକୁ ସଞ୍ଚାରିତ ହୋଇ ରହିଥାଏ । ଆମ ଅର୍ଥରେ ଆମେ ଏହାକୁ

'oaob.nitrkl.ac.in' images reprocessed

ବୁଦ୍ଧିଜାତ ବୋଲି କହିବା ନାହିଁ, ଏହା ହେଉଛି ବୁଦ୍ଧିର ଅଗ୍ରଗତି; ମନୋମୟ ବୁଦ୍ଧି କେତେ ଟିକିଏ ପଡ଼ି ଅତି ଅପୂର୍ଣ୍ଣ ଭାବରେ ଯାହା କରିବାର ପ୍ରୟାସ କରିଥାଏ, ଅତିମାନସ ବୁଦ୍ଧି ପୂର୍ଣ୍ଣ ପ୍ରଭୁତ୍ୱ ସହିତ ତାହା ସମ୍ପନ୍ନ କରିଥାଏ ।

ଅତିମାନସ ବୁଦ୍ଧିର ଆହୁରି ଉପରକୁ ଅବସ୍ଥିତ ରହିଥିବା ଜ୍ଞାନର ଯେଉଁ ପରବର୍ତ୍ତୀ ଭୂମିଗୁଡ଼ିକ ଅତିମାନସ ବୁଦ୍ଧିକୁ ଆପଣା ମଧ୍ୟରେ ଗ୍ରହଣ କରିନେଇ ତାହାକୁ ଅତିକ୍ରମ କରି ଯାଇଛନ୍ତି, ସେଗୁଡ଼ିକୁ ଠିକ୍ ଭାବରେ ବର୍ଣ୍ଣନା କରିହେବ ନାହିଁ ଏବଂ ଏଠାରେ ସେପରି ଏକ ଉଦ୍ୟମ କରିବା ଲାଗି କୌଣସି ଆବଶ୍ୟକତା ମଧ୍ୟ ନଥାଏ । ଏଠାରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏଠାରେ କାର୍ଯ୍ୟକାରୀ ହୋଇ ରହିଥିବା ପ୍ରକ୍ରିୟାଟି ଆହୁରି ଯଥେଷ୍ଟ, ଆପଣାର ଆଲୋକମୟତାରେ ଆହୁରି ପ୍ରଗାଢ଼ ଏବଂ ଆହୁରି ବୃହତ୍, ଆହୁରି ଅବଶ୍ୟମ୍ଭାବୀ ଓ ଆହୁରି ସତ୍ୟ; ସକ୍ରିୟ ଜ୍ଞାନଟିର ପରିସର ଏଠାରେ ଆହୁରି ଅଧିକ, ମାର୍ଗଟି ତାଦାତ୍ମ୍ୟଜ୍ଞାନର ଆହୁରି ଅଧିକ ନିକଟବର୍ତ୍ତୀ, ଭାବନା ସେହି ଆତ୍ମସଂବିତ୍‌ସମ୍ପନ୍ନତା ଏବଂ ସକଳଦୃଷ୍ଟିସମର୍ଥତାର ଜ୍ୟୋତିର୍ମୟ ଉପାଦାନଟି ଦ୍ୱାରା ଅଧିକ ପରିପୂର୍ଣ୍ଣ ଏବଂ ଅନ୍ୟ ଯେକୌଣସି ନିମ୍ନତର ଅବଲମ୍ବନ ଓ ସହାୟତାଠାରୁ ଅଧିକ ସ୍ପଷ୍ଟ ଭାବରେ ସ୍ୱତନ୍ତ୍ର ।

ଏଠାରେ ମନେରଖିବା ଉଚିତ ଯେ ଏହି ଲକ୍ଷଣଗୁଡ଼ିକ ସଂବୋଧି-ମନର ସବୁଠାରୁ ଅଧିକ ଶକ୍ତିଶାଳୀ କ୍ଷେତ୍ରରେ ମଧ୍ୟ କଦାପି ପ୍ରଯୁଜ୍ୟ ହେବ ନାହିଁ, ମାତ୍ର ସେହି କ୍ଷେତ୍ରରେ ସେଗୁଡ଼ିକର କେବଳ ପ୍ରାଥମିକ ଆଭାସଗୁଡ଼ିକହିଁ ଦୃଷ୍ଟିଗୋଚର ହୋଇପାରିବ । ଯେତେବେଳ ପର୍ଯ୍ୟନ୍ତ ଅତିମାନସ କେବଳ ନିର୍ମାଣର ଅବସ୍ଥାରେହିଁ ରହିଥିବ, ଅର୍ଥାତ୍ ମନୋମୟ କ୍ରିୟାର ଏକ ଧାରା ମଧ୍ୟ ସେଠାରେ ତଳେ ରହି କାର୍ଯ୍ୟ କରୁଥିବ, ତାହା ମନୋମୟ କ୍ରିୟାଟି ସହିତ ମିଶ୍ରିତ ହୋଇ ବା ତାହାର ଏକ ପରିବେଶ ମଧ୍ୟରେ ରହିଥିବ, ସେପର୍ଯ୍ୟନ୍ତ ମଧ୍ୟ ଏହି ଲକ୍ଷଣଗୁଡ଼ିକ ସମ୍ପୂର୍ଣ୍ଣ ଓ ଶୁଦ୍ଧ ଭାବରେ କଦାପି ପ୍ରକଟ ହେବ ନାହିଁ । କେବଳ ମନୋମୟ ଭୂମିଟିକୁ ପାର ହୋଇଗଲେ ତଥା ସେଇଟି ଏକ ନିଷ୍କ୍ରିୟ ନିଶ୍ଚଳତା ମଧ୍ୟରେ ସ୍ଖଳିତ ହୋଇ ଦୂରକୁ ଅପସରି ଯାଇ ପାରିଲେହିଁ ଅତିମାନସ ବିଜ୍ଞାନମୟତାର ପୂର୍ଣ୍ଣ ଅନାବରଣ ତଥା ପ୍ରଭୁତ୍ୱଶାଳୀ ଓ ସମଗ୍ର କ୍ରିୟାଟି ସମ୍ଭବ ହୋଇପାରିବ ।

'oaob.nitrkl.ac.in' images reprocessed

## ଚତୁର୍ବିଂଶ ପରିଚ୍ଛେଦ

# ଅଧିମାନସ ଇନ୍ଦ୍ରିୟ

ଅଧିମାନସ ଶକ୍ତିର କ୍ରିୟାଷ୍ଟିରେ ମାନସ-ଚେତନାର ଯାବତୀୟ ସାଧନର ଆପଣା ଆପଣାର ଅନୁରୂପ ଶକ୍ତିଗୁଡ଼ିକ ବିଦ୍ୟମାନ ରହିଥାନ୍ତି ତଥା ମନର ସକଳ କ୍ରିୟାର ଅନୁରୂପ କ୍ରିୟାଗୁଡ଼ିକ ମଧ୍ୟ ବିଦ୍ୟମାନ ରହିଥାନ୍ତି; ସେହି ଭୂମିକୁ ଆସି ମନୁଷ୍ୟର ସବୁଯାକ ସାଧନ ଓ ସବୁଯାକ କ୍ରିୟା ଉନ୍ମେଲିତ ତଥା ରୂପାନ୍ତରିତ ହୋଇଯାନ୍ତି, ମାତ୍ର ସେଠାରେ ଏମାନଙ୍କର ପ୍ରଧାନତା ତଥା ଆବଶ୍ୟକ ମହତ୍ତ୍ୱର କ୍ରମଟି ଏକାବେଳକେ ଓଲଟି ଯାଏ । ଯେପରି ଏକ ଅଧିମାନସ ଭାବନା ଓ ଅଧିମାନସିକ ମୂଳଭୂତ ଚେତନା ରହିଛି, ଠିକ୍ ସେହିପରି ଏକ ଅଧିମାନସ ଇନ୍ଦ୍ରିୟ-ବୋଧ ମଧ୍ୟ ରହିଛି । ଏହି ବୋଧକୁ ଆମେ କଦାପି ମୂଳତଃ କୌଣସି ଶରୀରଗତ ଇନ୍ଦ୍ରିୟ ବା ଅଙ୍ଗର ବୋଧ ବୋଲି କହିବା ନାହିଁ, ମାତ୍ର ଚେତନାରହିଁ ଆପଣା ବିଷୟଗୁଡ଼ିକ ସହିତ ସଂସ୍ପର୍ଶ ବୋଲି କହିବା, ଅମେ ତାହାକୁ ସଜ୍ଞାନ ବୋଲି କହିବା ।

ସତ୍ତାର ଚେତନା ଯେତେବେଳେ ସମ୍ପୂର୍ଣ୍ଣ ଭାବରେ ଆପଣା ମଧ୍ୟରେହିଁ ପ୍ରତ୍ୟାହୃତ ହୋଇ ରହେ, ସେତେବେଳେ ତାହା କେବଳ ଆପଣା ବିଷୟରେହିଁ ସଚେତନ ରହିଥାଏ, ଆପଣାରହିଁ ସତ୍ତା, ଆପଣାର ଚେତନା, ଆପଣାର ଆନନ୍ଦ ତଥା ଆପଣା ସତ୍ତାର ଏକାଗ୍ର ଶକ୍ତି ବିଷୟରେ ସଚେତନ ହୋଇ ରହିଥାଏ; ସେଗୁଡ଼ିକର ବାହ୍ୟ ରୂପରେ ନୁହେଁ, ମାତ୍ର ସେଗୁଡ଼ିକର ମୂଳତତ୍ତ୍ୱର ଭୂମିରେହିଁ ସେଗୁଡ଼ିକ ବିଷୟରେ ସଚେତନ ହୋଇ ରହିଥାଏ । ଏହି ଆତ୍ମ-ନିମଜ୍ଜନଟି ମଧ୍ୟରୁ ବାହାରକୁ ବାହାରି ଆସିଲେ ଯାଇ ତାହା ଆପଣାର ଯାବତୀୟ କ୍ରିୟାତ୍ମକତା ତଥା ଆପଣା ସତ୍ତା, ଚେତନା, ଆନନ୍ଦ ଏବଂ ଶକ୍ତିସମ୍ପନ୍ନତା ବିଷୟରେ ସଚେତନ ହୁଏ, ଅର୍ଥାତ୍ ଆପଣାର ଆତ୍ମ-ନିମଜ୍ଜନ ମଧ୍ୟରୁ ସେ ସେଗୁଡ଼ିକୁ ବିମୋଚିତ କରିଆଣେ ବା ବିକଶିତ କରି ନେଇଆସେ । ସେତେବେଳେ ମଧ୍ୟ, ଅଧିମାନସ ଭୂମିରେ ତାହାର ସର୍ବମୂଳ ସ୍ୱଚେତନତାଟି ଏପରି ଏକ ଗଭୀର ହୋଇ ରହେ, ଯାହାକୁ କି ଆମେ ଆତ୍ମାର

'oaob.nitrkl.ac.in' images reprocessed

ସ୍ୱଚେତନା ଲାଗି, ସେହି ଏକମେବ ତଥା ଅନନ୍ତଙ୍କର ଆତ୍ମଜ୍ଞାନ ଲାଗି ଏକ ସ୍ୱାଭାବିକ ଧାତ ବୋଲି କହିପାରିବା, ଏବଂ କେବଳ ତାହାର ବିଶେଷତାଗୁଡ଼ିକ ସହିତ ଯୁକ୍ତ ହୋଇ ରହିଛି ବୋଲି କହିପାରିବା; ଏହି ଜ୍ଞାନ ଆପଣାର ଯାବତୀୟ ବିଷୟ, ରୂପ ଏବଂ କ୍ରିୟାତ୍ମକତାଗୁଡ଼ିକୁ ଜାଣିଥାଏ, ଆପଣାର ଅନନ୍ତ ଆତ୍ମସତ୍ତ୍ୱରେ ସେଗୁଡ଼ିକ ବିଷୟରେ ସଚେତନ ହୋଇ ସେ ସେଗୁଡ଼ିକୁ ବ୍ୟାପକ ଭାବରେ ଜାଣିଥାଏ, ସେଗୁଡ଼ିକ ମଧ୍ୟରେ ସେଗୁଡ଼ିକର ଆତ୍ମାରୂପେ ସଚେତନ ହୋଇ ସେ ସେଗୁଡ଼ିକୁ ଘନିଷ୍ଠ ଭାବରେ ଜାଣିଥାଏ, ଆପଣା ସହିତ ସେଗୁଡ଼ିକୁ ଏକାତ୍ମ ଅନୁଭବ କରି ସେ ସେଗୁଡ଼ିକୁ ପୂର୍ଣ୍ଣ ଓ ନିର୍ବିଶେଷରୂପେ ଜାଣିଥାଏ । ତାହାର ଅନ୍ୟ ସକଳ ପ୍ରକାରର ଜ୍ଞାନ ଓ ଜ୍ଞାନର ଧାତ ଏହି ତାଦାତ୍ମ୍ୟଜ୍ଞାନରୁହିଁ ପ୍ରକ୍ଷେପିତ ହୋଇ ଆସିଥାଏ, ତାହାରହିଁ ଅଂଶବିଶେଷ ବା ଗୋଟିଏ ଗୋଟିଏ ଗତିସ୍ପନ୍ଦନ ହୋଇ ରହିଥାଏ ବା ଅନ୍ତତଃ ଆପଣାର ସତ୍ୟ ତଥା ଆଲୋକ ଲାଗି ତାହାର ଉପରେ ନିର୍ଭର କରି ରହିଥାଏ, ଆପଣା ଆପଣାର ସ୍ୱକୀୟ ଭିନ୍ନଭିନ୍ନ ଧାତର କ୍ରିୟାରେ ମଧ୍ୟ ତାହାର ସ୍ପର୍ଶ ଲାଭ କରି ଓ ତାହାର ଦ୍ୱାରା ପୁଷ୍ଟ ହୋଇ ରହିଥାଏ ଏବଂ ପ୍ରକାଶ୍ୟ ଭାବରେ ଅଥବା ପ୍ରଚ୍ଛନ୍ନ ଭାବରେ ହେଉ, ଆପଣାର ପ୍ରମାଣ ତଥା ଉତ୍ସରୂପେ ତାହାର ଦ୍ୱାରସ୍ଥହିଁ ହୋଇଥାଏ ।

ଯେଉଁ କ୍ରିୟାତ୍ମକତାଟି ଏହି ମୂଳଭୂତ ତାଦାତ୍ମ୍ୟଜ୍ଞାନର ସର୍ବାଧିକ ସମୀପସ୍ଥ ହୋଇ ରହିଥାଏ, ତାହାକୁ ଆମେ ଏକ ବୃହତ୍ ସର୍ବଗ୍ରାହୀ ଚେତନା ବୋଲି ଜାଣିବା; ଏହି ଚେତନାଟି ଅତିମାନସ ଶକ୍ତିର ଲକ୍ଷଣଗୁଡ଼ିକ ସହିତ ବିଶେଷ ଭାବରେ ଯୁକ୍ତ ହୋଇ ରହିଥାଏ । ଜ୍ଞାନ ମଧ୍ୟରେ ନିହିତ ହୋଇ ରହିଥିବା ଯାବତୀୟ ସତ୍ୟ ଏବଂ ବିସ୍ତାରକୁ ତଥା ଜ୍ଞାନର ସକଳ ବିଷୟକୁ ଏହି ଚେତନା ଆପଣା ମଧ୍ୟରେ ଗ୍ରହଣ କରି ନେଇଥାଏ ଏବଂ ସେଗୁଡ଼ିକର ମୂଳତତ୍ତ୍ୱ ଓ ସମଗ୍ରତାକୁ ତଥା ସେଗୁଡ଼ିକର ଖଣ୍ଡ-ଗୁଡ଼ିକୁ ଓ ଯାବତୀୟ ବିଭବକୁ ଗୋଟିଏ ଦୃଷ୍ଟି ମଧ୍ୟରେ ଏକାଠି ଠୁଳ କରି ଦେଖି ପାରୁଥାଏ; ଏହି ଚେତନାକୁ ଆମେ ବିଜ୍ଞାନ ବୋଲିହିଁ ଜାଣିବା । ଏହାର ଗତିସ୍ପନ୍ଦନ ହେଉଛି ଏକ ସମଗ୍ର ଦେଖିବା ଏବଂ ସମଗ୍ର ଗ୍ରହଣ କରିବାର ଗତିସ୍ପନ୍ଦନ, ଜ୍ଞାନଗତ ଆତ୍ମାର ଭୂମି ଉପରେ ଏହା ହେଉଛି ବିଷୟର ବ୍ୟାପ୍ତିଯୁକ୍ତ ଜ୍ଞାନ ଏବଂ ତାହା ଉପରେ ପୂର୍ଣ୍ଣ ଅଧିକାର; ଚେତନାର ବିଷୟଟିକୁ ଏହା ଆପଣା ସତ୍ତ୍ୱର ଏକ ଅଂଶରୂପେ ବା ଆପଣା ସହିତ ଏକୀଭୂତ ହୋଇ ରହିଥିବା ଏକ ପଦାର୍ଥରୂପେ ଆପଣା ମଧ୍ୟରେ ଧାରଣ କରି ରହିଥାଏ ଏବଂ ଏହି ଏକତ୍ୱଟି ଜ୍ଞାନପ୍ରାପ୍ତିର କ୍ରିୟାରେ ସ୍ୱତଃସ୍ଫୂର୍ତ୍ତ ଏବଂ ପ୍ରତ୍ୟକ୍ଷ ଭାବରେ ଅନୁଭୂତ ହେଉଥାଏ । ଆଉ ଏକ ଅତିମାନସ କ୍ରିୟାତ୍ମକତା ରହିଛି, ଯାହାକି ତାଦାତ୍ମ୍ୟଜ୍ଞାନକୁ ଅଧିକତର ଭାବରେ ପୃଷ୍ଠଭୂମିରେ ନେଇ ରଖି ଦେଇଥାଏ ଏବଂ ଜ୍ଞାତ ବସ୍ତୁର ବିଷୟନିଷ୍ଠତା ଉପରେହିଁ ଅଧିକ ଗୁରୁତ୍ୱ ଦେଉଥାଏ । ମନର

'oaob.nitrkl.ac.in' images reprocessed

ଭୂମିଟିକୁ ଓହ୍ଲାଇ ଆସି ଏହାର ବିଶିଷ୍ଟ କ୍ରିୟାତ୍ମକତାଟି ଆମ ମନୋଗତ ଜ୍ଞାନ ବା ବୁଦ୍ଧିର ଏହି ବିଶେଷ ପ୍ରକୃତିଟିର ଉଦ୍‌ଗମସ୍ଥଳରେ ପରିଣତ ହୋଇଯାଏ, ଅର୍ଥାତ୍ ପ୍ରଜ୍ଞାନରେହିଁ ପରିଣତ ହୁଏ । ମନର ଭୂମି ଉପରେ ସେହି ପ୍ରଜ୍ଞା ବା ବୁଦ୍ଧିର କ୍ରିୟାଟିରେ ପ୍ରଥମରେ ଜ୍ଞାତା, ଜ୍ଞାନ ଏବଂ ଜ୍ଞାତ ଭିତରେ ପାର୍ଥକ୍ୟ ଏବଂ ଭେଦ ରହିଥାଏ, ମାତ୍ର ଅଧିମାନସର ଭୂମିରେ ସେହି ପ୍ରଜ୍ଞାନ ତଥାପି ଅନନ୍ତ ତଦାତ୍ମକତା ବା ଅନ୍ତତଃ ବିଶ୍ୱଗତ ଏକତ୍ୱ ମଧ୍ୟରେହିଁ ଆପଣାକୁ ସଞ୍ଚାରିତ କରି ରଖିଥାଏ । ହଁ, ଏତିକି ଅବଶ୍ୟ ହୁଏ ଯେ ବିଜ୍ଞାନମୟ ପୁରୁଷ ଚେତନାର ବିଷୟଟିକୁ ମୂଳ ତଥା ସନାତନ ଏକତ୍ୱର ଅଧିକ ପ୍ରତ୍ୟକ୍ଷ ନିକଟବର୍ତ୍ତିତାର ସ୍ଥିତିଟିଠାରୁ କିଞ୍ଚିତ୍ ଦୂରରେ, ମାତ୍ର ତଥାପି ଆପଣା ମଧ୍ୟରେହିଁ ରଖିବାରେ ଏବଂ ତାହାକୁ ପୁଣି ଆଉ ଏକ ଭାବରେ ଜାଣିବାରେହିଁ ଆନନ୍ଦ ଅନୁଭବ କରୁଥାଏ, ଯେପରିକି ସେ ତାହା ସହିତ ପାରସ୍ପରିକ କ୍ରିୟାର ନାନାବିଧ ସମ୍ପର୍କ ସ୍ଥାପନ କରିବାକୁ ସମର୍ଥ ହେବ, ଯାହାକୁ କି ଆମେ ଚେତନାରୂପୀ ଲୀଳାର ସୌଷମ୍ୟ ମଧ୍ୟରେ ଏତେଗୁଡ଼ିଏ ଗୌଣ ବା ସାହାଯ୍ୟକାରୀ ତାର ବୋଲି କହିପାରିବା । ଏହି ଅଧିମାନସ ପ୍ରଜ୍ଞା ବା ପ୍ରଜ୍ଞାନର କ୍ରିୟାଟି ଅଧିମାନସର ଏକ ଅପ୍ରଧାନ ବା ତୃତୀୟ ଶ୍ରେଣୀର କ୍ରିୟାରେ ପରିଣତ ହୋଇଯାଏ, ଯାହାର ପୂର୍ତ୍ତି ଲାଗି ଭାବନା ଏବଂ ଶବ୍ଦର ପ୍ରୟୋଜନ ହୋଇଥାଏ । ତାହାର ସର୍ବପ୍ରାଥମିକ କ୍ରିୟାଟି ତାଦାତ୍ମ୍ୟଜ୍ଞାନ ବା ଚେତନାର ଭୂମିରେ ବ୍ୟାପକ ଭାବରେ ଅଧିକାର କରିନେବାର ସ୍ୱଭାବର ହୋଇଥିବାରୁ ତାହା ସ୍ୱୟଂସମ୍ପୂର୍ଣ୍ଣ ହୋଇ ରହିଥାଏ ଏବଂ ସେଥିରେ ସୂତ୍ରବଦ୍ଧ କରି ରଖିବାର ଏହିସବୁ ପ୍ରୟୋଜନ ନଥାଏ । ଅଧିମାନସ ପ୍ରଜ୍ଞାର ସ୍ୱଭାବଟିକୁ ଆମେ ଏକ ସତ୍ୟଦର୍ଶନ, ସତ୍ୟଶ୍ରବଣ ତଥା ସତ୍ୟସ୍ମରଣର ସ୍ୱଭାବ ବୋଲି କହିପାରିବା, ଏବଂ ଏକ ବିଶେଷ ଅର୍ଥରେ ଏହା ମଧ୍ୟରେ ସ୍ୱୟଂସମ୍ପୂର୍ଣ୍ଣ ହୋଇ ରହିବାର ସାମର୍ଥ୍ୟଟି ରହିଥିଲେହେଁ ତାହା ତଥାପି ତାହାକୁ ଏକ ଅଭିବ୍ୟକ୍ତିମୟ ଶରୀର ଆଣି ଯୋଗାଇ ଦେଉଥିବା ଭାବନା ତଥା ଭାଷା ଦ୍ୱାରା ଆପଣାକୁ ଅଧିକ ସମୃଦ୍ଧ ଭାବରେ ପରିପୂର୍ଣ୍ଣ ହୋଇଯିବାର ଅନୁଭବ କରିଥାଏ ।

ଅଧିମାନସ ଜ୍ଞାନର ଯେଉଁ ବିବିଧ ସମ୍ଭାବନାସବୁ ରହିଛି, ପରିଶେଷରେ ଅଧିମାନସ ଚେତନାର ଏକ ଚତୁର୍ଥ କ୍ରିୟା ତାହାକୁ ସମ୍ପୂର୍ଣ୍ଣ କରି ଦେଇଥାଏ । ଏହା ଜ୍ଞାତ ବସ୍ତୁଟିର ବିଷୟନିଷ୍ଠତାକୁ ଆହୁରି ଅଧିକ ପରିମାଣରେ ବଢ଼ାଇ ଦେଇଥାଏ, ତାହାକୁ ଅନୁଭବ କରୁଥିବା ଚେତନାଟିର କେନ୍ଦ୍ରସ୍ଥାନରୁ ଦୂର କରି ରଖିଦିଏ ଏବଂ ଏକ ଏକତ୍ୱବିଧାୟକ ସମ୍ପର୍କ ଦ୍ୱାରା ତାହାକୁ ପୁଣି ନିକଟକୁ ନେଇଆସେ । ଏହି ସମ୍ପର୍କ ହୁଏତ ପ୍ରତ୍ୟକ୍ଷ ସାମୀପ୍ୟ, ସ୍ପର୍ଶ ତଥା ମିଳନ ଦ୍ୱାରା ସାଧିତ ହୋଇଯାଏ, ଅଥବା, ଅପେକ୍ଷାକୃତ କମ୍ ନିକଟ ଭାବରେ ଚେତନାର ସେତୁଟିକୁ ଅତିକ୍ରମ କରି ବା ସଂଲଗ୍ନ କରି ଦେଉଥିବା ଚେତନାର ସେହି ସ୍ରୋତଟି ଦ୍ୱାରା ସ୍ଥାପିତ କରାଯାଏ, ଆମେ

'oaob.nitrkl.ac.in' images reprocessed

ଆଗରୁ ଯାହାର ଉଲ୍ଲେଖ କରିସାରିଛୁ । ସତ୍ ସହିତ, ପ୍ରତ୍ୟକ୍ଷ ସତ୍ତା, ବସ୍ତୁ, ରୂପ, ଶକ୍ତି ତଥା କ୍ରିୟାଗୁଡ଼ିକ ସହିତ ସମ୍ପର୍କ ସ୍ଥାପିତ କରିବା, ଜଡ଼ସ୍ଥ ନାନା ବିଭେଦ ମଧ୍ୟରେ ଅଥବା ସ୍ଥୂଳ ସାଧନଗୁଡ଼ିକର ମଧ୍ୟଦେଇ ନୁହେଁ, ମାତ୍ର ଅତିମାନସ ସତ୍ତା ଏବଂ ଶକ୍ତିର ଉପାଦାନରେହିଁ ଏଗୁଡ଼ିକ ସହିତ ସମ୍ପର୍କ ସ୍ଥାପିତ କରିବାହିଁ ଅତିମାନସ ବୋଧ ବା ସଂଜ୍ଞାନର ସୃଷ୍ଟି କରିଥାଏ ।

ଯେଉଁ ମନୋମୟ ସତ୍ତା କୌଣସିପ୍ରକାର ପ୍ରସାରିତ ଅନୁଭୂତି ଦ୍ୱାରା ଅତିମାନସ ବୋଧ ସହିତ ପରିଚିତ ହୋଇପାରି ନାହିଁ, ତାହା ଲାଗି ଅତିମାନସ ବୋଧର ସ୍ୱଭାବଟିକୁ ବୋଧଗମ୍ୟ କରାଇ ପାରିବା ନିଶ୍ଚୟ କିଛିଟା କଷ୍ଟସାଧ୍ୟ ହେବ, କାରଣ ଇନ୍ଦ୍ରିୟବୋଧଗତ କ୍ରିୟା ବିଷୟରେ ଆମର ଯାବତୀୟ ଧାରଣା କେବଳ ଆମ ଭୌତିକ ମନଟିର ସୀମାବଦ୍ଧକାରୀ ଅନୁଭବଟି ଦ୍ୱାରା ଅନୁଶାସିତ ହେବାରେ ଲାଗିଛି, ଏବଂ, କୌଣସି ବାହ୍ୟ ବିଷୟ ଦର୍ଶନ, ଶ୍ରବଣ, ଘ୍ରାଣ, ସ୍ପର୍ଶନ ଓ ସ୍ୱାଦନର ପାଞ୍ଚୋଟିଯାକ ସ୍ଥୂଳେନ୍ଦ୍ରିୟ ଉପରେ ଯେଉଁ ଛାପଟିକୁ ଆଣି ପକାଇ ଦେଉଛି, ବୋଧର ଏହି ବ୍ୟାପାରଟିରେ ଆମେ ତାହାକୁହିଁ ସର୍ବମୂଳ କଥା ବୋଲି ଅନୁମାନ କରିବାରେ ଲାଗିଛୁ ଏବଂ ସେହି ଭୌତିକ ଛାପଟିକୁ ଓ ତାହାର ସ୍ନାୟୁଗତ ରୂପାନ୍ତରଟିକୁ ଗ୍ରହଣ କରିନେଇ ତାହାରି ଦ୍ୱାରାହିଁ ବିଷୟଟିର ଏକ ବୁଦ୍ଧିଯୁକ୍ତ ଚେତନା ଲାଭ କରିବାହିଁ ଆମର ମନ ଅର୍ଥାତ୍ ଆମ ଚେତନାର ଏହି ବର୍ତ୍ତମାନ କେନ୍ଦ୍ରାବସ୍ଥିତ ପ୍ରଧାନ ସାଧନଟିର କାର୍ଯ୍ୟ ବୋଲି ମଧ୍ୟ ଅନୁମାନ କରି ନେଉଛୁ । ଅତିମାନସ ପରିବର୍ତ୍ତନଟିକୁ ଯଥାର୍ଥ ଭାବରେ ବୁଝି ପାରିବାକୁ ହେଲେ ଆମକୁ ସର୍ବପ୍ରଥମେ ଏହି କଥାଟିକୁ ହୃଦୟଙ୍ଗମ କରିବାକୁ ପଡ଼ିବ ଯେ ଏପରିକି ଶରୀର ବା ସ୍ଥୂଳ ପ୍ରକ୍ରିୟାଟିର ଭୂମିରେ ମଧ୍ୟ ମନ ହେଉଛି ଏକମାତ୍ର ପ୍ରକୃତ ଇନ୍ଦ୍ରିୟ । ଜଡ଼ଗତ ବିବର୍ତ୍ତନଟି ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛି, ତାହାରି ଫଳରେହିଁ ଆମର ମନକୁ ସ୍ଥୂଳ ଛାପ ବା ପ୍ରଭାବଗୁଡ଼ିକ ଉପରେ ଏପରି ନିର୍ଭର କରିବାକୁ ପଡ଼ୁଛି । ମାତ୍ର ଆମେ ତାହାକୁ କଦାପି ଏକ ମୂଳଭୂତ କିଂବା ଅପରିହାର୍ଯ୍ୟ ବିଷୟ ବୋଲି ଗ୍ରହଣ କରିବା ନାହିଁ । ମନ ଭିତରେ ଦେଖିବାର ଏପରି ଏକ ଶକ୍ତି ରହିଛି, ଯାହାକି ସ୍ଥୂଳ ଚକ୍ଷୁଟି ଉପରେ ଆଦୌ ନିର୍ଭର କରୁ ନାହିଁ; ଶୁଣିବାର ଏପରି ଏକ ଶକ୍ତି ରହିଛି, ଯାହାକି ସ୍ଥୂଳ କାନଟି ଉପରେ ଆଦୌ ନିର୍ଭରଶୀଳ ହୋଇ ରହି ନାହିଁ; ଏବଂ ଅନ୍ୟ ପ୍ରତ୍ୟେକଟି ଇନ୍ଦ୍ରିୟ ବିଷୟରେ ମଧ୍ୟ ଆମେ ଠିକ୍ ସେହି କଥାଟି କହିପାରିବା । ସ୍ଥୂଳ ଇନ୍ଦ୍ରିୟରୂପୀ ସାଧନଗୁଡ଼ିକ ଆମକୁ ଯେଉଁସବୁ ବସ୍ତୁର ଜ୍ଞାନକୁ ବହନ କରି ଆଣିପାରୁ ନାହାନ୍ତି ଏବଂ ଏପରିକି ଇଙ୍ଗିତ ମଧ୍ୟ ଦେଇପାରୁ ନାହାନ୍ତି, ସେଗୁଡ଼ିକ ସମ୍ବନ୍ଧରେ ସଂବିତ୍‌ସମ୍ପନ୍ନ ହେବା ଲାଗି ମଧ୍ୟ ମନ ଭିତରେ ଏକ ସାମର୍ଥ୍ୟ ରହିଛି; ଆମେ ଯାହାକୁ ମାନସିକ ଛାପ ବା ପ୍ରଭାବ ବୋଲି କହୁଛୁ, ଏହି ସାମର୍ଥ୍ୟ ତାହାରି ସାହାଯ୍ୟରେହିଁ କାର୍ଯ୍ୟ କରୁଛି ।

'oaob.nitrkl.ac.in' images reprocessed

ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ଆମକୁ ଯାହାର ହୁଏତ କୌଣସି ପ୍ରମାଣ ବି ଆଣି ଦେଇ ପାରନ୍ତି ନାହିଁ, ସେହିପରି କେତେକେତେ ସମ୍ବନ୍ଧ, ଘଟଣା ଓ ଏପରିକି ରୂପାୟନ ଏବଂ ଶକ୍ତିଗତ କ୍ରିୟାତ୍ମକତା ଆଡ଼କୁ ମନ ଆମର ବାଟ ଫିଟାଇଦେଇ ଯାଇପାରୁଛି । ସେତେବେଳେ, ଏହିସବୁ ଦୁର୍ଲଭତର ସାମର୍ଥ୍ୟ ବିଷୟରେ ପରିଜ୍ଞସମ୍ପନ୍ନ ହୋଇ, ଆମେ ମନକୁ ଆମର ଷଷ୍ଠ ଇନ୍ଦ୍ରିୟ ବୋଲି କହୁଛୁ; ମାତ୍ର ବସ୍ତୁତଃ ଏହି ମନହିଁ ଆମର ଏକମାତ୍ର ପ୍ରକୃତ ଇନ୍ଦ୍ରିୟ ହୋଇ ରହିଛି, ଅନ୍ୟଗୁଡ଼ିକ ଏହାର କେବଳ ଗୋଟିଏ ଗୋଟିଏ ବାହ୍ୟ ସୁବିଧାଜନକ ଗୌଣ ସାଧନମାତ୍ର ହୋଇ ରହିଛନ୍ତି; ଅବଶ୍ୟ ଏକଥା ସତ ଯେ ମନ ସେଗୁଡ଼ିକ ଉପରେ ନିର୍ଭର କରୁଥିବାରୁ ସେଗୁଡ଼ିକ ମଧ୍ୟ ମନ ଲାଗି ଗୋଟିଏ ଗୋଟିଏ ସୀମାର କାର୍ଯ୍ୟ କରୁଛନ୍ତି, ମନର ଅତ୍ୟନ୍ତ ଅପରିହାର୍ଯ୍ୟ ଏବଂ ଏକମାତ୍ର ସନ୍ଦେଶବାହକରୂପେ ଆପଣାକୁ ଅବସ୍ଥାପିତ କରି ରଖିଛନ୍ତି । ପୁନଶ୍ଚ, ଆମକୁ ଏକଥା ମଧ୍ୟ ହୃଦୟଙ୍ଗମ କରିବାକୁ ପଡ଼ିବ ଯେ,—ଏବଂ ଏହି ବିଷୟରେ ଆମର ଯେଉଁ ସାଧାରଣ ଧାରଣାମାନ ରହିଛି, ସେଗୁଡ଼ିକ ଲାଗି ଏହା ସ୍ୱୀକାର କରିବା ଆହୁରି କଷ୍ଟକର ହେବ,—ସ୍ୱୟଂ ମନ ମଧ୍ୟ ଇନ୍ଦ୍ରିୟଗତ ବୋଧର ଏକ ବିଶେଷ ସାଧନ, ମାତ୍ର ଇନ୍ଦ୍ରିୟର ବିଶୁଦ୍ଧ ସ୍ୱରୂପଟି ଅର୍ଥାତ୍ ସ୍ୱୟଂ ଇନ୍ଦ୍ରିୟ ବା ସଂଜ୍ଞାନ ଆପେ ବ୍ୟବହାର କରୁଥିବା ଏହି ମନର ପଛରେ ଓ ତାହାକୁ ଅତିକ୍ରମ କରିହିଁ ଅବସ୍ଥିତ ରହିଛି; ତାହା ଆତ୍ମାରହିଁ ଏକ ଗତିସ୍ପନ୍ଦନରୂପେ ଅବସ୍ଥିତ ରହିଛି, ତା' ଚେତନାର ଅନନ୍ତ ଶକ୍ତିମତ୍ତାର ଏକ ପ୍ରତ୍ୟକ୍ଷ ଏବଂ ମୂଳଭୂତ କ୍ରିୟାତ୍ମକତାରୂପେ ଅବସ୍ଥିତ ରହିଛି । ଇନ୍ଦ୍ରିୟବୋଧର ବିଶୁଦ୍ଧ କ୍ରିୟାଟି ହେଉଛି ଏକ ଆଧ୍ୟାତ୍ମିକ ବା ଚିଦ୍‌ଗତ କ୍ରିୟା, ଏବଂ ଶୁଦ୍ଧ ଇନ୍ଦ୍ରିୟାନୁଭବ କହିଲେ କେବଳ ସେହି ଚିଦ୍‌ଗତତାରହିଁ ଏକ ସାମର୍ଥ୍ୟକୁ ବୁଝାଇବ ।

ଆଧ୍ୟାତ୍ମିକ ଇନ୍ଦ୍ରିୟ ଯାବତୀୟ ବସ୍ତୁର, ସେହି ବସ୍ତୁ ଯାହାକିଛି ହୋଇଥାଉ ପଛକେ, ଜଡ଼ ବସ୍ତୁ ହୋଇଥାଉ ବା ଆମକୁ ଯାହା ଅଜଡ଼ ବୋଲି ପ୍ରତୀତ ହେଉଛି, ତାହା ହୋଇଥାଉ ପଛକେ, ସବୁକିଛିର ଏବଂ ସକଳ ରୂପର ତଥା ରୂପାତୀତର ଜ୍ଞାନକୁ ଆପଣାର ବିଶିଷ୍ଟ ମାର୍ଗଟି ଦ୍ୱାରା ଲାଭ କରିପାରେ । ଏହି ମାର୍ଗ ଅତିମାନସ ସ୍ତବନାର, ବା ପ୍ରଜ୍ଞା କିଂବା ଆଧ୍ୟାତ୍ମିକ ସମଗ୍ରବୋଧ ଅର୍ଥାତ୍ ବିଜ୍ଞାନ ଅଥବା ତାଦାତ୍ମ୍ୟଲବ୍ଧ ଜ୍ଞାନର ମାର୍ଗଟିରୁ ଭିନ୍ନ ପ୍ରକାରର ହୋଇଥାଏ । କାରଣ ସର୍ବବିଧ ବସ୍ତୁ ସେହି ସତ୍ତା, ଚେତନା ତଥା ଆନନ୍ଦରହିଁ ଆଧ୍ୟାତ୍ମିକ ଉପାଦାନରୁ ନିର୍ମିତ ହୋଇଛି; ଏବଂ ଆଧ୍ୟାତ୍ମିକ ଇନ୍ଦ୍ରିୟବୋଧ ବା ଶୁଦ୍ଧ ସଂଜ୍ଞାନ କହିଲେ ଆମେ ଚେତନ ସତ୍ତାରହିଁ ଆପଣା ଆତ୍ମାର ସର୍ବତ୍ର ବିସ୍ତୃତ ହୋଇ ରହିଥିବା ଉପାଦାନଟି ବିଷୟରେ ଏକ ସ୍ପର୍ଶଗତ ତଥା ପଦାର୍ଥଗତ ପରିଜ୍ଞସମ୍ପନ୍ନତା ବୋଲି ବୁଝିବା, ଏବଂ ତାହାର ମଧ୍ୟରେ, ଅନନ୍ତ ବା ବିଶ୍ୱଗତ ତତ୍ତ୍ୱରେ ବିଥାରି ହୋଇଥିବା ସର୍ବବିଧ ବସ୍ତୁର ମଧ୍ୟ

'oaob.nitrkl.ac.in' images reprocessed

ସବତ୍ରସମ୍ପନ୍ନତା ବୋଲି ବୁଝିବା । ଆତ୍ମା, ପୁରୁଷ, ପରମ ଦେବ୍ୟତା ଏବଂ ଅନନ୍ତଙ୍କୁ ଆମେ କେବଳ ସଚେତନ ତାଦାତ୍ମ୍ୟ ଦ୍ୱାରା, ସତ୍ତ୍ୱର, ମୂଳତତ୍ତ୍ୱ ତଥା ବିଭବଗୁଡ଼ିକର, ଶକ୍ତି, ଲୀଳା ତଥା କ୍ରିୟାର ଆଧ୍ୟାତ୍ମିକ ସମଗ୍ରବୋଧ ଦ୍ୱାରା, ଅପରୋକ୍ଷ, ଆଧ୍ୟାତ୍ମିକ, ଅତିମାନସ ଏବଂ ସବୋଧିଗତ ସ୍ୱବନାତ୍ମକ ଜ୍ଞାନ ଦ୍ୱାରା, ଆଧ୍ୟାତ୍ମିକ ଓ ଅତିମାନସ ଭାବରେ ସନ୍ଦୀପିତ ହୋଇ ରହିଥିବା ହୃଦୟର ଅନୁଭୂତି, ପ୍ରେମ ତଥା ଆନନ୍ଦ ଦ୍ୱାରା କେବଳ ଯେ ଜାଣିବାକୁ ସମର୍ଥ ହେବା ତା' ନୁହେଁ, ମାତ୍ର ଏକ ଅତ୍ୟନ୍ତ ଆକ୍ଷରିକ ଅର୍ଥରେ ତାହାର ଇନ୍ଦ୍ରିୟବୋଧଗତ ଜ୍ଞାନ ବା ସବେଦନ ମଧ୍ୟ ଲାଭ କରିପାରିବା । ଯେଉଁ ସ୍ଥିତିରେ ପହଞ୍ଚି ସକଳ ଭାବରେ କେବଳ ସେହି ବ୍ରହ୍ମଙ୍କୁହିଁ ଦେଖିହୁଏ, ଶୁଣିହୁଏ, ଅନୁଭବ ଓ ସ୍ପର୍ଶ କରିହୁଏ ତଥା ବୋଧ କରିହୁଏ ବୋଲି ଉପନିଷଦ୍‌ରେ କୁହାଯାଇଛି,—କାରଣ ସେତେବେଳେ ସକଳ ବସ୍ତୁ ଚେତନା ଲାଗି କେବଳ ତତ୍ସ୍ୱରୂପରେହିଁ ପରିଣତ ହୋଇ ଯାଇଥାଏ ଏବଂ ସେଗୁଡ଼ିକର ଆଉ କୌଣସି ଅନ୍ୟ, ସ୍ୱତନ୍ତ୍ର ବା ବିଚ୍ଛିନ୍ନ ଅସ୍ତିତ୍ୱ ଆଦୌ ନଥାଏ,—ତାହାକୁ ଆମେ କେବଳ ଏକ ଶାବ୍ଦିକ ଅଳଙ୍କାର ବୋଲି ଭାବିବା ନାହିଁ; ଆମେ ତାହାକୁ ଶୁଦ୍ଧ ଇନ୍ଦ୍ରିୟବୋଧର ମୂଳଭୂତ କ୍ରିୟା ତଥା ବିଶୁଦ୍ଧ ସଜ୍ଞାନରହିଁ ଆଧ୍ୟାତ୍ମିକ ବିଷୟସ୍ଥିତିର ଯଥାର୍ଥ ବର୍ଣ୍ଣନ ବୋଲି ଜାଣିରଖିବା । ଏହି ମୂଳ କ୍ରିୟାଟି ଆମ ଅନୁଭୂତି ଲାଗି ଇନ୍ଦ୍ରିୟର ଏକ ରୂପାନ୍ତରିତ, ମହିମାନ୍ୱିତ ଏବଂ ଅନନ୍ତ ପରିମାଣରେ ଆନନ୍ଦମୟ କ୍ରିୟା ହୋଇ ରହିଥାଏ, ଆତ୍ମାର ଆପଣା ଭିତରେ, ଚତୁର୍ଦ୍ଦିଗରେ ତଥା ସର୍ବତ୍ର ଏକ ପ୍ରତ୍ୟକ୍ଷ ଅନୁଭବ ହୋଇ ରହିଥାଏ, ଏହାର ବିଶ୍ୱମୟ ସତ୍ତ୍ୱଟି ମଧ୍ୟରେ ରହିଥିବା ଯାବତୀୟ ବସ୍ତୁର ଆବେଷ୍ଟନ ଏବଂ ସ୍ପର୍ଶ କରିବା ଏବଂ ସେଗୁଡ଼ିକର ଇନ୍ଦ୍ରିୟଗତ ସବେଦନ ପ୍ରାପ୍ତ କରିବା ଲାଗି ତାହା ଏକ ଆବଶ୍ୟକ କ୍ରିୟା ହୋଇ ରହିଥାଏ । ଏହି କ୍ରିୟାଟି ମଧ୍ୟରେ ଆମେ ଏକ ଅତ୍ୟନ୍ତ ମର୍ମସ୍ପନ୍ଦନକାରୀ ଓ ଆନନ୍ଦମୟ ରୂପରେ ସେହି ପରମ ଅନନ୍ତ ଓ ତାହା ମଧ୍ୟରେ ଅବସ୍ଥିତ ରହିଥିବା ଯାବତୀୟ ସବୁଟି ବିଷୟରେ ସବତ୍ରସମ୍ପନ୍ନ ହୋଇ ଉଠିପାରୁ, ଏବଂ ତାହା ସଙ୍ଗେ ସଙ୍ଗେ ସମଗ୍ର ସତ୍ତ୍ୱଟି ସହିତ ଆପଣା ସତ୍ତ୍ୱର ଏକ ଘନିଷ୍ଠ ସମ୍ପର୍କଲାଭ ଦ୍ୱାରା ଏହି ବିଶ୍ୱରେ ଯେଉଁଠି ଯାହାକିଛି ରହିଛି, ସେସବୁର ବୋଧଟିକୁ ମଧ୍ୟ ଲାଭ କରିପାରୁ ।

ଅତିମାନସ ଇନ୍ଦ୍ରିୟବୋଧର କ୍ରିୟା ଇନ୍ଦ୍ରିୟବୋଧର ଏହି ଯଥାର୍ଥ ସତ୍ୟଟି ଉପରେ ପ୍ରତିଷ୍ଠିତ ହୋଇ ରହିଛି; ତାହା ଏହି ବିଶୁଦ୍ଧ, ତଦ୍‌ଗତ, ଅନନ୍ତ ଓ ପରମ ସଜ୍ଞାନରହିଁ ଏକ ସଗଠିତ କ୍ରିୟା ହୋଇ ରହିଛି । ଆପଣାର ଇନ୍ଦ୍ରିୟ ଦ୍ୱାରା କାର୍ଯ୍ୟକାରୀ ହୋଇ ରହିଥିବାବେଳେ ଅତିମାନସ ସବୁଟିକୁ ବା ସକଳ ବସ୍ତୁକୁ ଭଗବାନ୍ ବୋଲି ଜାଣିଛି, ଭଗବାନଙ୍କ ମଧ୍ୟରେ ଅବସ୍ଥିତ ରହିଛି ବୋଲି ଅନୁଭବ କରୁଛି; ସବୁଟିକୁ ସେ କେବଳ ସେହି ଅନନ୍ତଙ୍କରହିଁ ଅଭିବ୍ୟକ୍ତି ଲାଭ କରିଥିବା

'oaob.nitrkl.ac.in' images reprocessed

ସ୍ପର୍ଶ, ରୂପ, ଶବ୍ଦ, ସ୍ୱାଦ ଏବଂ ଗନ୍ଧରୂପେ ଅନୁଭବ କରୁଛି, ସବୁଟିକୁ ଅନୁଭୂତ, ଦୃଷ୍ଟ, ଏବଂ ଉପଲବ୍ଧ ତାଙ୍କର ଉପାଦାନରୂପେ ଏବଂ ତାଙ୍କର ଶକ୍ତିମତ୍ତା, ସାମର୍ଥ୍ୟ, ଗତିସ୍ପନ୍ଦନ, ଲୀଳା, ଅନ୍ତଃପ୍ରବେଶ, ସ୍ପନ୍ଦନ, ରୂପାୟନ, ନୈକଟ୍ୟ, ପ୍ରଭାବ ଏବଂ ପଦାର୍ଥଗତ ଆଦାନପ୍ରଦାନରୂପେ ଅନୁଭବ କରୁଛି । ତାହାର ଇନ୍ଦ୍ରିୟାନୁଭୂତି ମଧ୍ୟରେ କୌଣସି ବସ୍ତୁର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ, ମାତ୍ର ସବୁକିଛି ସେହି ଗୋଟିଏ ସତ୍ତା ତଥା ଗତିସ୍ପନ୍ଦନରୂପେ ଅନୁଭୂତ ହେଉଛି, ପ୍ରତ୍ୟେକ ପଦାର୍ଥ ଅନ୍ୟ ସକଳ ପଦାର୍ଥଠାରୁ ଅବିଚ୍ଛେଦ୍ୟ ହୋଇ ରହିଥିବା ପରି ଓ ଆପଣା ମଧ୍ୟରେ ସମ୍ପୂର୍ଣ୍ଣ ଅନନ୍ତତା ତଥା ସମ୍ପୂର୍ଣ୍ଣ ଦିବ୍ୟତାକୁ ଧାରଣ କରି ରଖିଥିବା ପରି ଅନୁଭୂତ ହେଉଛି । ଅତିମାନସର ଏହି ଇନ୍ଦ୍ରିୟବୋଧ କେବଳ ଯେ ରୂପାୟନଗୁଡ଼ିକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କରୁଛି ତାହା ନୁହେଁ, ମାତ୍ର ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ସକଳ ଶକ୍ତିମତ୍ତା, ସାମର୍ଥ୍ୟ ତଥା ଗୁଣକୁ ମଧ୍ୟ ତାହା ପ୍ରତ୍ୟକ୍ଷ ଭାବରେ ଅନୁଭବ କରୁଛି, ସେଗୁଡ଼ିକ ମଧ୍ୟରେ ଓ ସେଗୁଡ଼ିକର ଚତୁର୍ଦ୍ଦିଗରେ ଏକ ଦିବ୍ୟ ଉପସ୍ଥିତି ଏବଂ ଉପାଦାନର ପ୍ରତ୍ୟକ୍ଷ ଅନୁଭବ ଲାଭ କରୁଛି, ସେହି ଦିବ୍ୟ ଉପସ୍ଥିତି ତଥା ଦିବ୍ୟ ଉପାଦାନ ମଧ୍ୟରୁହିଁ ସେମାନେ ଆପଣାର ପ୍ରଚ୍ଛନ୍ନ ଓ ସୂକ୍ଷ୍ମ ଆତ୍ମସତ୍ତା ତଥା ଉପାଦାନଗୁଡ଼ିକର କ୍ଷେତ୍ରରେ ଆପଣାକୁ ଉନ୍ମୋଚିତ ଏବଂ ପ୍ରସାରିତ କରି ଦେଇଛନ୍ତି ଅର୍ଥାତ୍ ସେହି ପରମ ଅସୀମ ମଧ୍ୟକୁହିଁ ପ୍ରସାରିତ ହୋଇ ତାହା ସହିତ ଏକାତ୍ମକ ହୋଇ ରହିଛନ୍ତି । ଅତିମାନସ ଇନ୍ଦ୍ରିୟବୋଧ ସକାଶେ ପ୍ରକୃତରେ କିଛିହେଲେ ସସୀମ ହୋଇ ରହି ନାହିଁ; ପ୍ରତ୍ୟେକଟି ମଧ୍ୟରେ ସବୁକିଛି ରହିଛି ଓ ସବୁକିଛି ମଧ୍ୟରେ ପ୍ରତ୍ୟେକଟି ରହିଛି ବୋଲି ଏକ ଅନୁଭୂତି ଉପରେହିଁ ତାହା ଆଧାରିତ ରହିଛି । ଅତିମାନସର ଇନ୍ଦ୍ରିୟବୋଧଗତ ବ୍ୟାଖ୍ୟା ସର୍ବଦା ମନର ଇନ୍ଦ୍ରିୟବୋଧଗତ ବ୍ୟାଖ୍ୟାଟିରୁ ଅଧିକ ଯଥାର୍ଥ ଓ ଅଧିକ ସମ୍ପୂର୍ଣ୍ଣ ହୋଇ ରହିଥିଲେ ମଧ୍ୟ ତାହା କେବେହେଲେ କୌଣସିପ୍ରକାର ସୀମାର ପ୍ରାଚୀରକୁ ଠିଆକରି ରଖୁ ନାହିଁ । ଏହି ବୋଧକୁ ଆମେ ମହାସାଗର ତଥା ମହାକାଶର ବୋଧ ସହିତହିଁ ସମତୁଲ କରି ଜାଣିବା, ଯାହା ମଧ୍ୟରେ କି ଇନ୍ଦ୍ରିୟଲବ୍ଧ ଯାବତୀୟ ବିଶେଷ ଜ୍ଞାନ ତଥା ବିଶେଷ ସମ୍ବେଦନ ଏକ ତରଙ୍ଗ, ଏକ ଗତିସ୍ପନ୍ଦନ ବା ଏକ ଫେନପୁଞ୍ଜ ବା ବିନ୍ଦୁ ହୋଇ ରହିଛି, ମାତ୍ର ତଥାପି ମହାସାଗରଟିଠାରୁ ଅବିଚ୍ଛିନ୍ନ ରହି ସମଗ୍ର ମହାସାଗରଟିର ଏକ ଠୁଳ ରୂପ ମଧ୍ୟ ହୋଇ ରହିଛି । ଏହାର ଯାବତୀୟ କ୍ରିୟା ଆଲୋକ, ସାମର୍ଥ୍ୟ ଏବଂ ଆନନ୍ଦର ଏକ ଆକାଶାତୀତ ଆକାଶ ମଧ୍ୟରେ ଅର୍ଥାତ୍ ଉପନିଷଦ୍‌ର ବର୍ଣ୍ଣିତ ସେହି ଆନନ୍ଦ-ଆକାଶ ମଧ୍ୟରେ ସତ୍ତାଗତ ତଥା ଚେତନାଗତ ପ୍ରସାରଣ ତଥା ସ୍ପନ୍ଦନରହିଁ ପରିଣାମ ହୋଇ ରହିଛି । ସେହି ଆନନ୍ଦ-ଆକାଶକୁ ଆମେ ପରମାତ୍ମସତ୍ତାଙ୍କରହିଁ ବିଶ୍ୱମୟ ଅଭିବ୍ୟକ୍ତିର ଭିତ୍ତି ଓ ବିସ୍ତାରଭୂମି ବୋଲି ଜାଣିବା,—ଏଠାରେ ଏହି ଦେହ ଓ

'oaob.nitrkl.ac.in' images reprocessed

ମନର ଭୂମିରେ ତାହା କେବଳ ସୀମିତ ପ୍ରସାରଣ ତଥା ସ୍ପନ୍ଦନଗୁଡ଼ିକ ମଧ୍ୟରେହିଁ ଅନୁଭୂତ ହେଉଛି,—ସେହି ଆନନ୍ଦ-ଆକାଶକୁହିଁ ଆମେ ତାଙ୍କ ଯଥାର୍ଥ ଅନୁଭୂତିର ମାଧ୍ୟମ ବୋଲି ଜାଣିବା । ଆପଣାର ନିମ୍ନତମ ଶକ୍ତିମତ୍ତାର ଭୂମିରେ ମଧ୍ୟ ଏହି ଅତିମାନସ ଇନ୍ଦ୍ରିୟବୋଧ ଉନ୍ମୋଚନକାରୀ ଏପରି ଏକ ଆଲୋକ ଦ୍ୱାରା ଆଲୋକିତ ହୋଇ ରହିଥାଏ, ଯାହାକି ଆପଣା ମଧ୍ୟରେ ଅନୁଭୂତ ବସ୍ତୁଟିର ସତ୍ୟରହସ୍ୟକୁ ବହନ କରି ରହିଥାଏ ଏବଂ ତେଣୁ ଅତିମାନସ ଜ୍ଞାନର ଆଉ ସବୁକିଛିଟି ଲାଗି ଏକ ଆରମ୍ଭ-ବିନ୍ଦୁ ଏବଂ ଆଧାରଭୂମି ହୋଇ ପାରିବାର ସାମର୍ଥ୍ୟ ରଖିଥାଏ; ଅର୍ଥାତ୍, ଅତିମାନସ ଭାବନା, ଅତିମାନସ ବୁଦ୍ଧି ଏବଂ ସମଗ୍ରବୋଧ ତଥା ସଚେତନ ସାମର୍ଥ୍ୟ ଲାଗି ଏକ ଆରମ୍ଭ-ବିନ୍ଦୁ ଓ ଆଧାର ହେବାର ଯୋଗ୍ୟତା ରଖିଥାଏ । ଏବଂ ଆପଣାର କ୍ରିୟାଗତ ସର୍ବୋଚ୍ଚ ଭୂମିରେ ଏବଂ ପରିପୂର୍ଣ୍ଣତମ ପ୍ରଗାଢ଼ତାର କ୍ଷେତ୍ରରେ ତାହା ଏହିସବୁ ବସ୍ତୁ ମଧ୍ୟକୁ ଉନ୍ମୋଚିତ ହୋଇଯାଏ, ସେହି ବସ୍ତୁଗୁଡ଼ିକୁ ଧାରଣ କରି ରହିଥାଏ ଏବଂ ଏକାଧାରରେ ସେଗୁଡ଼ିକୁ ମୁକ୍ତ ମଧ୍ୟ କରିଦିଏ । ଏହା ଏପରି ଏକ ଆଲୋକମୟ ସାମର୍ଥ୍ୟ ଦ୍ୱାରା ଶକ୍ତିଶାଳୀ ହୋଇ ରହିଥାଏ, ଯାହାକି ଆପଣା ମଧ୍ୟରେ ଆତ୍ମ-ଉପଲବ୍ଧିର ଶକ୍ତି ତଥା ଏକ ପ୍ରଗାଢ଼ତାପୂର୍ଣ୍ଣ ବା ଅନନ୍ତ ଫଳସାଧକତାକୁ ବହନ କରି ରହିଥାଏ; ଏବଂ ତେଣୁ ସେହି ଆଧ୍ୟାତ୍ମିକ ଏବଂ ଅତିମାନସ ସଂକଳ୍ପ ତଥା ଜ୍ଞାନର ଏକ ସୃଜନଶୀଳ ବା ପରିପୂର୍ଣ୍ଣତାକାରୀ କ୍ରିୟା ସକାଶେ ଏହି ଆତ୍ମ-ଅନୁଭୂତି ପ୍ରେରଣାର ଏକ ଆରମ୍ଭ-ବିନ୍ଦୁ ମଧ୍ୟ ହୋଇପାରେ । ଏହା ଏପରି ଏକ ଶକ୍ତିମନ୍ତ ତଥା ଆଲୋକମୟ ଆନନ୍ଦରେ ଉଚ୍ଛଳ ହୋଇ ରହିଥାଏ, ଯାହାକି ଏହାକୁ ଅର୍ଥାତ୍ ସକଳ ଇନ୍ଦ୍ରିୟାନୁଭବ ଏବଂ ସଂବେଦନକୁ ସେହି ଦିବ୍ୟ ତଥା ଅନନ୍ତ ଆନନ୍ଦର ଉନ୍ମୋଚକ ବା ତାହାର ଏକ ପାତ୍ରରେହିଁ ପରିଣତ କରିଦିଏ ।

ଅତିମାନସ ଇନ୍ଦ୍ରିୟବୋଧ ମଧ୍ୟରେ ଆପଣାର ଶକ୍ତି ଦ୍ୱାରାହିଁ କାର୍ଯ୍ୟ କରିବାର ସାମର୍ଥ୍ୟ ରହିଥାଏ, ତାହା ଆମର ଏହି ଶରୀର, ସ୍ଥୂଳ ପ୍ରାଣ ତଥା ବାହ୍ୟ ମନରୁ ସ୍ୱତନ୍ତ୍ର ହୋଇ ରହିଥାଏ ଏବଂ ଅନ୍ତର୍ଗତ ମନ ଓ ତାହାର ଅନୁଭୂତିଗୁଡ଼ିକର ମଧ୍ୟ ଊର୍ଦ୍ଧ୍ୱରେ ରହିଥାଏ । ଯେକୌଣସି ଜଗତ, ଯେକୌଣସି ଭୂମି ଏବଂ ବିଶ୍ୱ-ଚେତନାର ଯେକୌଣସି ରୂପରେ ଅବସ୍ଥିତ ଯାବତୀୟ ବସ୍ତୁର ସମ୍ବନ୍ଧରେ ତାହା ସଂବିତ୍ସମ୍ପନ୍ନ ହୋଇ ରହିଥାଏ । ସମାଧିର ତନ୍ମୟ ଅବସ୍ଥାରେ ରହିଥିବାବେଳେ ମଧ୍ୟ ତାହା ସ୍ଥୂଳ ଜଗତର ବସ୍ତୁଗୁଡ଼ିକ ବିଷୟରେ ସଚେତନ ହୋଇପାରେ; ସେହି ବସ୍ତୁଗୁଡ଼ିକ ପ୍ରକୃତରେ ଯାହା ଏବଂ ସ୍ଥୂଳ ଇନ୍ଦ୍ରିୟଗୁଡ଼ିକୁ ଯେପରି ଭାବରେ ପ୍ରତୀତ ହେଉଥାନ୍ତି, ତାହା ସେଗୁଡ଼ିକୁ ଠିକ୍ ସେହିପରି ଭାବରେ ଜାଣିପାରେ, ଠିକ୍ ଯେପରି ତାହା ଅନୁଭବର ଅନ୍ୟ ଅବସ୍ଥାଗୁଡ଼ିକୁ, ଅର୍ଥାତ୍ ବସ୍ତୁଗୁଡ଼ିକର ଶୁଦ୍ଧ-ପ୍ରାଣିକ, ମାନସିକ, ଚୈତ୍ୟ ଏବଂ ଅତିମାନସ ରୂପଗୁଡ଼ିକୁ ମଧ୍ୟ ଜାଣିଥାଏ । ଭୌତିକ ଚେତନାର

'oaob.nitrkl.ac.in' images reprocessed

ଜାଗ୍ରତ ଅବସ୍ଥାରେ ତାହା ଆମ ସମ୍ମୁଖରେ ଏପରି ନାନା ବସ୍ତୁକୁ ଆଣି ଉପସ୍ଥାପିତ କରି ଦେଇଥାଏ, ଯାହାକି ଆମର ସୀମାବଦ୍ଧ ଗ୍ରହଣଶୀଳତାଟି ଲାଗି ଅନ୍ତରାଳ ହୋଇ ରହିଥାଏ ଅର୍ଥାତ୍ ଆମ ସ୍ଥୂଳ-ଇନ୍ଦ୍ରିୟଗତ କ୍ଷେତ୍ରର ଅତୀତ ହୋଇ ରହିଥାଏ; ଉଦାହରଣସ୍ୱରୂପ, ଆମଠାରୁ ସୁଦୂର ହୋଇ ଅବସ୍ଥିତ ରହିଥିବା ନାନା ରୂପ, ଦୃଶ୍ୟ ତଥା ଘଟଣାଗୁଡ଼ିକୁ ଏବଂ ଭୌତିକ ସତ୍ତାରୁ ବିଲୁପ୍ତ ହୋଇ ରହିଥିବା ପଦାର୍ଥଗୁଡ଼ିକୁ ଆଣି ଆମ ସମ୍ମୁଖରେ ଉପସ୍ଥାପିତ କରିଦିଏ । ଅଥବା, ଯାହାସବୁ ଏପର୍ଯ୍ୟନ୍ତ ଭୌତିକ କ୍ଷେତ୍ରକୁ ଆସି ନାହିଁ, ଅର୍ଥାତ୍, ପ୍ରାଣିକ, ଚୈତ୍ୟ, ମାନସିକ, ଅତିମାନସିକ ଏବଂ ଆଧ୍ୟାତ୍ମିକ ଲୋକତନ୍ତ୍ରର କେତେକେତେ ଦୃଶ୍ୟ, ଆକାର, ଘଟଣା ତଥା ପ୍ରତୀକକୁ ସେଗୁଡ଼ିକର ଯଥାର୍ଥ ବା ଅର୍ଥମୟ ସତ୍ୟରେ ତଥା ସେଗୁଡ଼ିକର ବାହ୍ୟ ରୂପରେ ମଧ୍ୟ ଉପସ୍ଥାପିତ କରି ଦେଇପାରେ । ତାହା ଇନ୍ଦ୍ରିୟ-ଚେତନାର ଅନ୍ୟ ସକଳ ଅବସ୍ଥାକୁ ତଥା ସେଗୁଡ଼ିକର ଯଥୋପଯୁକ୍ତ ଇନ୍ଦ୍ରିୟ ଏବଂ ସାଧନଗୁଡ଼ିକୁ ମଧ୍ୟ ଆମ ସମ୍ମୁଖରେ ଆଣି ଉପସ୍ଥାପିତ କରି ଦେଇପାରେ ଏବଂ ଏହିପରି ଭାବରେ, ସେଗୁଡ଼ିକ ମଧ୍ୟରେ ଯାହା ନାହିଁ, ସେପରି କେତେ ତତ୍ତ୍ୱକୁ ଆଣି ସେଗୁଡ଼ିକ ସହିତ ଯୋଡ଼ି ଦେଇପାରେ, ସେଗୁଡ଼ିକ ମଧ୍ୟରେ ରହିଥିବା ଭୁଲଗୁଡ଼ିକର ସଂଶୋଧନ କରି ଦେଇପାରେ, ଅଭାବଗୁଡ଼ିକୁ ପୂରଣ କରି ଦେଇପାରେ । କାରଣ ତାହା ଇନ୍ଦ୍ରିୟ-ଚେତନାର ସେହି ଅନ୍ୟ ଅବସ୍ଥାଗୁଡ଼ିକର ଉଦ୍‌ଗମସ୍ଥଳ ହୋଇ ରହିଥାଏ ଏବଂ ସେଗୁଡ଼ିକ ସେହି ଉଚ୍ଚତର ଇନ୍ଦ୍ରିୟ-ଚେତନାରୁ ଅର୍ଥାତ୍ ସେହି ଯଥାର୍ଥ ଓ ଅସୀମାୟତନ ସଜ୍ଞାନବୁଦ୍ଧି ଉଦ୍‌ଭୂତ ହୋଇଥିବା ନିମ୍ନତର ନାନା କ୍ରିୟା ହୋଇ ରହିଥାନ୍ତି ।

( ୬ )

ଚେତନାର ପ୍ରକୃତିକୁ ମନରୁ ଅତିମାନସ ଯାଏ ଉତ୍ତୋଳିତ କରିଦେବା ଏବଂ ତାହାର ପରିଣାମସ୍ୱରୂପ ସତ୍ତାକୁ ତାହାର ଏହି ମନୋମୟ ସ୍ଥିତିଟିରୁ ଅତିମାନସ ପୁରୁଷର ସ୍ଥିତି ମଧ୍ୟକୁ ରୂପାନ୍ତରିତ କରିଦେବା,—ଏଗୁଡ଼ିକରେ ସମ୍ପୂର୍ଣ୍ଣତା ଆଣିବାକୁ ହେଲେ ପ୍ରକୃତିର ସକଳ ଅଙ୍ଗ ଏବଂ ପ୍ରକୃତିର ସକଳ କ୍ରିୟାତ୍ମକତାରେ ମଧ୍ୟ ଏକ ରୂପାନ୍ତର ସମ୍ଭବ କରାଇବାକୁହିଁ ପଡ଼ିବ । ଆମର ସମୁଦାୟ ମନଟିକୁ ଅତିମାନସିକ ଯାବତୀୟ କ୍ରିୟାତ୍ମକତା ଲାଗି କେବଳ ଏକ ନିଷ୍କ୍ରିୟ ଗତିପଥରେ ପରିଣତ କରି ରଖିବାକୁହିଁ ପଡ଼ିବ ନାହିଁ, ସେଗୁଡ଼ିକ ଯେପରି ପ୍ରାଣ ତଥା ମନ ଭିତରକୁ ପ୍ରବାହିତ ହୋଇଆସିବ ଏବଂ ବାହାରକୁ ଅର୍ଥାତ୍ ବାହ୍ୟ ଜଗତ ମଧ୍ୟକୁ ବା ଭୌତିକ ଅଭିବ୍ୟକ୍ତି ମଧ୍ୟକୁ ପ୍ରବାହିତ ହୋଇ ତାହା ଯେପରି ବାହ୍ୟ ଜଗତ ସହିତ ସଂଯୋଗସ୍ଥାପନ କରି ପାରିବ, ମନକୁ ସେଇଥିଲାଗିହିଁ କେବଳ ଏକ ନିଷ୍କ୍ରିୟ ଗତିପଥ କରି ରଖିବାକୁ

'oaob.nitrkl.ac.in' images reprocessed

ପଡ଼ିବ ନାହିଁ,—ଏଇଟିକୁ ତ ସମଗ୍ର ପ୍ରକ୍ରିୟାଟିରେ କେବଳ ପ୍ରଥମ ପର୍ଯ୍ୟାୟଟି ବୋଲିହିଁ କୁହାଯିବ,—ମାତ୍ର ଆପଣାର ସକଳ ସାଧନଗୁଡ଼ିକ ସମେତ ମନକୁ ସ୍ୱୟଂ ଅତିମାନସିକ ହୋଇଯିବାକୁ ପଡ଼ିବ । ଏବଂ ସେହି ଅନୁସାରେ ସ୍ଥୂଳ ଇନ୍ଦ୍ରିୟବୋଧର କ୍ଷେତ୍ରରେ ମଧ୍ୟ ଏକ ପରିବର୍ତ୍ତନ ବା ଏକ ଗଭୀର ରୂପାନ୍ତର ଘଟିବ; ଆମର ଏହି ସ୍ଥୂଳ ଦେଖିବା, ଶୁଣିବା ଓ ସ୍ପର୍ଶ ଦ୍ୱାରା ଅନୁଭବ କରିବା ପ୍ରଭୃତି ଅତିମାନସିକ ଦେଖିବା, ଶୁଣିବା ଓ ସ୍ପର୍ଶ ଦ୍ୱାରା ଅନୁଭବ କରିବାରେ ପରିଣତ ହୋଇଯିବ । ତାହା କେବଳ ଯେ ଜୀବନ ତଥା ଜୀବନର ତାତ୍ପର୍ଯ୍ୟ ବିଷୟରେ ଆମ ସମକ୍ଷରେ ଏକ ସମ୍ପୂର୍ଣ୍ଣ ଅଲଗା ଦୃଷ୍ଟିର ସୃଜନ କରିବ ଓ ତାହାକୁ ଆମ ଆଗରେ ଉଦ୍‌ଘାଟିତ କରି ଦେଇଯିବ ତା' ନୁହେଁ, ମାତ୍ର ଏହି ସ୍ଥୂଳ ଜଡ଼ସ୍ଥ ଜଗତ ଏବଂ ଏହାର ଯାବତୀୟ ରୂପ ତଥା ବାସ୍ତବରେ ମଧ୍ୟ ତାହା ଏକ ନୂତନ ଦୃଷ୍ଟିର ସୃଜନ ଓ ଉନ୍ମୋଚନ ଘଟାଇବ । ଅତିମାନସ ଭୌତିକ ସାଧନଗୁଡ଼ିକୁ ଅବଶ୍ୟ କାମରେ ଲଗାଇବ ଓ ସେଗୁଡ଼ିକର ଯାବତୀୟ କ୍ରିୟାବିଧିକୁ ସମ୍ପୃକ୍ତ କରି ରଖିବ ସତ, ମାତ୍ର ସେଗୁଡ଼ିକର ପଛରେ ତାହା ଏପରି ଅନ୍ତରତର ଓ ଗଭୀରତର ଇନ୍ଦ୍ରିୟଗୁଡ଼ିକୁ ମଧ୍ୟ ବିକଶିତ କରାଇ ଆଣିବ, ଯାହାକି ଭୌତିକ ସାଧନଗୁଡ଼ିକ ଲାଗି ଲୁକ୍‌କାୟିତ ହୋଇ ରହିଥିବା ଯାବତୀୟ ତତ୍ତ୍ୱକୁ ଦେଖିବାକୁ ସମର୍ଥ ହେବ, ଏବଂ ଏହିପରି ସୃଷ୍ଟ ହେଉଥିବା ନୂତନ ଚକ୍ଷୁ ତଥା ନୂତନ ଶ୍ରବଣଶକ୍ତିକୁ ଆପଣାର ଗ୍ରୁଞ୍ଜଟି ଭିତରେ ପକାଇ ଓ ଇନ୍ଦ୍ରିୟାନୁଭବର ଆପଣା ସ୍ୱୀତିରେ ମଡ଼ାଇ ଆଣି ତାହାକୁ ଆହୁରି ଅଧିକ ପରିମାଣରେ ରୂପାନ୍ତରିତ କରିଦେବ । ଏହି ପରିବର୍ତ୍ତନ ବସ୍ତୁର ଭୌତିକ ସତ୍ୟଟିକୁ କୌଣସିପ୍ରକାରେ ଊଣା କରିଦେବ ନାହିଁ, ମାତ୍ର ସେଇଟି ସହିତ ଆପଣାର ଅତିଭୌତିକ ସତ୍ୟଟିକୁ ଆଣି ଯୋଡ଼ିଦେବ ଏବଂ ତାହାର ଭୌତିକ ସୀମାଟିକୁ ଦୂର କରିଦେଇ ଅନୁଭୂତିର ଭୌତିକ ପ୍ରଣାଳୀଟି ଭିତରେ ମିଥ୍ୟାତ୍ୱର ଯେଉଁ ଉପାଦାନଟି ରହିଥିବ, ସେଇଟିର ମଧ୍ୟ ନିରାକରଣ କରିବ ।

ଭାବନା ତଥା ଚେତନାର ସ୍ତରରେ ରୂପାନ୍ତର ଘଟିବାବେଳେ ଆମେ ଯେଉଁ ପରିଣାମଟିକୁ ଅନୁଭବ କରିଥାଉ, ଭୌତିକ ଇନ୍ଦ୍ରିୟଗୁଡ଼ିକ ଅତିମାନସିକ ହୋଇଯିବା ଦ୍ୱାରା ମଧ୍ୟ ଆମେ ସେହିଭଳି ଏକ ପରିଣାମ ଅନୁଭବ କରିବାକୁ ସମର୍ଥ ହେବା । ଉଦାହରଣସ୍ୱରୂପ, ଅତିମାନସ ସତ୍ତାର ପ୍ରଭାବ ବଳରେ ଯେତେବେଳେ ଆମର ଦୃଷ୍ଟି ଅନ୍ୟପ୍ରକାର ହୋଇଯିବ, ସେତେବେଳେ ଆମର ଆଖି ବସ୍ତୁଗୁଡ଼ିକର ତଥା ଆମ ଚାରିପାଖରେ ଥିବା ପୃଥିବୀର ଏକ ନୂତନ ଏବଂ ରୂପାନ୍ତରିତ ଦୃଷ୍ଟି ଲାଭ କରିବାକୁ ସମର୍ଥ ହେବ । ସେତେବେଳେ ତାହାର ଦୃଷ୍ଟି ଏକ ଅସାଧାରଣ ସମଗ୍ରତା ଅର୍ଜନ କରିବ, ଏପରି ଏକ ଅପରୋକ୍ଷ ତଥା ବ୍ୟାପକ ଯଥାର୍ଥତା ଲାଭ କରିବ, ଯାହା ମଧ୍ୟରେ କି ବସ୍ତୁଟିର ସମୁଦାୟ ରୂପ ତଥା ତାହାର ଯାବତୀୟ ଟିକିନିଖି ସେହି ପରିପୂର୍ଣ୍ଣ ସମଞ୍ଜସତା ସହିତ ଓ ସେହି ଗୂଢ଼ ତାତ୍ପର୍ଯ୍ୟଟିର ସ୍ପଷ୍ଟତାଟି ସହିତ ପ୍ରକଟ

'oaob.nitrkl.ac.in' images reprocessed

ହୋଇ ଉଠିବ, ଯାହାକି ପ୍ରକୃତ ଦ୍ୱାରା ସେହି ବସ୍ତୁଟି ମଧ୍ୟରେ ଅଭିପ୍ରେତ ହୋଇ ରହିଥିବ ଏବଂ ଯେଉଁଗୁଡ଼ିକୁ କି ସେ ଅନ୍ୟମୟ ସତ୍ତା ଉପରେ ବିଜୟ ଲାଭ କରି ଓ ବସ୍ତୁର ରୂପଟି ମଧ୍ୟରେ ଆପଣାର କୌଣସି ଏକ ବିଗ୍ରହକୁ ମୂର୍ତ୍ତିମନ୍ତ କରିଦେଇ ପ୍ରକଟ କରି ଆଣିବାକୁ ଇଚ୍ଛା କରୁଥିବ । ଏହି କ୍ଷେତ୍ରରେ ସତେଯେପରି ଆମର ସେହି ଅସ୍ପଷ୍ଟ ବା ନିତ୍ୟନୈମିତ୍ତିକ, ଯଥାର୍ଥ ଦୃଷ୍ଟି ଲାଗି ଅସମର୍ଥ ସାଧାରଣ ଦେଖିବାଟି ସ୍ଥାନରେ କୌଣସି କବି ବା କଳାକାରର ଦେଖିବାଟି ପ୍ରତିଷ୍ଠିତ ହୋଇଥିବ, ମାତ୍ର ସେଇଟି ମଧ୍ୟ ଅସାଧାରଣ ଭାବରେ ଅଧ୍ୟାତ୍ମଭାବ ଦ୍ୱାରା ସଞ୍ଚାରିତ ହୋଇ ରହିଥିବ, ମହିମାନ୍ୱିତ ହୋଇ ରହିଥିବ । ବସ୍ତୁତଃ ଏହା ସତେଅବା ସେହି ପରମ ଦିବ୍ୟ କବିର ତଥା କଳାକାରରହିଁ ଦୃଷ୍ଟି ହୋଇ ରହିଥିବ, ଯାହା ମଧ୍ୟରେ କି ଆମେ ଅଂଶଗ୍ରହଣ କରି ପାରୁଥିବା ଏବଂ ଏହି ବିଶ୍ୱର ତଥା ବିଶ୍ୱଗତ ପ୍ରତ୍ୟେକ ବସ୍ତୁର ଯୋଜନାରେ ତାହାର ଯେଉଁ ସତ୍ୟ ଏବଂ ଅଭିପ୍ରାୟଟି ଅନ୍ତର୍ନିହିତ ହୋଇ ରହିଛି, ସତେଅବା ତାହାର ସମ୍ପୂର୍ଣ୍ଣ ଦର୍ଶନଟି ଆମକୁ ପ୍ରଦତ୍ତ ହୋଇ ରହିଥିବ । ଏଠାରେ ଏକ ସୀମାହୀନ ପ୍ରଗାଢ଼ତା ବର୍ତ୍ତମାନ ରହିଥିବ, ଯାହାକି ଆମେ ଦେଖୁଥିବା ସକଳ ପଦାର୍ଥକୁ ଗୁଣ, ବିଗ୍ରହ, ରୂପ ତଥା ରଙ୍ଗର ଐଶ୍ୱର୍ଯ୍ୟରହିଁ ଏକ ଅଭିବ୍ୟକ୍ତିରେ ପରିଣତ କରି ରଖିଥିବ । ସେତେବେଳେ ଏହି ଜଡ଼ ଆଖି ଆପଣା ଭିତରେ ଏପରି ଏକ ତନ୍ମୟତା ଓ ଚେତନାକୁ ବହନ କରି ରହିଥିବା ପରି ବୋଧ ହେବ, ଯାହାକି ବସ୍ତୁଟିର କେବଳ ଭୌତିକ ଦିଗଟିକୁହିଁ ନୁହେଁ, ମାତ୍ର ତା' ଭିତରେ ରହିଥିବା ଗୁଣର ଆତ୍ମାଟିକୁ ମଧ୍ୟ ଦେଖିବାକୁ ସମର୍ଥ ହେଉଥିବ; ସେଇଟି ଯେଉଁ ଶକ୍ତି, ଆନନ୍ଦ, ସାମର୍ଥ୍ୟ ଓ ଆଧ୍ୟାତ୍ମିକ ଉପାଦାନରେ ତିଆରି ହୋଇଛି, ତାହାର ସ୍ପନ୍ଦନଟିକୁ ମଧ୍ୟ ଅନୁଭବ କରିବାକୁ ସମର୍ଥ ହେବ । ଏହିପରି ଭାବରେ ଇନ୍ଦ୍ରିୟ-ପ୍ରତ୍ୟକ୍ଷଟି ମଧ୍ୟରେ ଓ ତାହାର ପଛରେ ଯେଉଁ ସମଗ୍ର ଇନ୍ଦ୍ରିୟ-ଚେତନା ବିଦ୍ୟମାନ ରହିଛି, ତାହାକୁ ଭୌତିକ ଇନ୍ଦ୍ରିୟଟି ଦ୍ୱାରା ଦୃଷ୍ଟ ବସ୍ତୁଟିର ଆତ୍ମାର ତଥା ସେହି ବିଶ୍ୱାତ୍ମାର ଆତ୍ମ-ଉଦ୍‌ଘାଟନ ମଧ୍ୟ ସମ୍ଭବ ହୋଇ-ଯିବ, ଯିଏକି ଆପଣା ଚେତନ ସତ୍ତାର ଏହି ବିଷୟଗତ ରୂପଟି ମାଧ୍ୟମରେହିଁ ଆପଣାକୁ ଅଭିବ୍ୟକ୍ତ କରି ଦେଉଛନ୍ତି ।

ଏହା ସଙ୍ଗେସଙ୍ଗେ ଏହି କ୍ଷେତ୍ରରେ ଏକ ସୂକ୍ଷ୍ମ ପରିବର୍ତ୍ତନ ମଧ୍ୟ ଘଟିବ, ଯାହାକି ଆମର ଦୃଷ୍ଟିକୁ ସତେଅବା ଏକପ୍ରକାରର ଚତୁର୍ଥ ସୀମା ଦେଇ ଦେଖିବା ଲାଗି ମଧ୍ୟ ସମର୍ଥ କରାଇ ଆଣିବ, ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଅନ୍ତର୍ଗତତା ସହିତ ଦେଖିବାର ସାମର୍ଥ୍ୟ ଆଣିଦେବ; ଆମର ଆଖି ସେତେବେଳେ କେବଳ ଉପରିଭାଗଗୁଡ଼ାକୁ କିଂବା ବାହ୍ୟ ରୂପଟାକୁହିଁ ଦେଖୁ ନଥିବ, ମାତ୍ର ଯାହା ସେହି ବାହ୍ୟ ରୂପଟିକୁ ପ୍ରେରିତ କରି ରଖିଛି ଓ ତାହାର ଚାରିପାଖରେ ଆପଣାକୁ ଅତି ସୂକ୍ଷ୍ମ ଭାବରେ ପ୍ରସାରିତ କରି ରଖିଛି, ସେଇଟିକୁ ମଧ୍ୟ ଦେଖି ପାରୁଥିବ । ଆମର ବର୍ତ୍ତମାନ ଦେଖିବା ମଧ୍ୟରେ ଆମେ



'oaob.nitrkl.ac.in' images reprocessed

ଯାହା ଦେଖୁଛୁ, ଭୌତିକ ବସ୍ତୁଟି ଏହି ଦୃଷ୍ଟି ଲାଗି ସେତେବେଳେ ତାହାଠାରୁ ଏକ ଭିନ୍ନ କଥା ହୋଇଯିବ; ଅବଶିଷ୍ଟ ପ୍ରକୃତିର ପୃଷ୍ଠଭୂମିରେ ଅଥବା ପରିବେଶରେ ରହିଥିବା ଏକ ଭିନ୍ନ ବସ୍ତୁରେ ପରିଣତ ହୋଇଯିବ ନାହିଁ, ମାତ୍ର ତାହା ଆମେ ଦେଖୁଥିବା ସକଳ କିଛିର ଏକତାରହିଁ ଏକ ଅବିଭାଜ୍ୟ ଅଂଶ ହୋଇ ରହିବ ତଥା ଏକ ସୂକ୍ଷ୍ମତର ଅର୍ଥରେ ବିଚାର କଲେ ତାହାର ଏକ ଅଭିବ୍ୟକ୍ତି ହୋଇ ରହିବ । ଏବଂ ଆମେ ଦେଖୁଥିବା ଏହି ଏକତାଟି ସେତେବେଳେ କେବଳ ଆମର ସୂକ୍ଷ୍ମତର ଚେତନାଟି ସକାଶେ ନୁହେଁ, ମାତ୍ର ଆମର ଏହି ଚର୍ମଚକ୍ଷୁକୁ ଏବଂ ଆଲୋକନଯୁକ୍ତ ସ୍ଥୂଳ ଦୃଷ୍ଟିଟିକୁ ମଧ୍ୟ ସେହି ପରମ ଶାଶ୍ୱତଙ୍କର ତାଦାତ୍ମ୍ୟଗତ ଏକତା ଅର୍ଥାତ୍ ସେହି ବ୍ରହ୍ମରହିଁ ଏକତାରୂପେ ପ୍ରତ୍ୟକ୍ଷ ହେବାକୁ ଲାଗେ । ଆମର ଏହି ସୀମିତଶକ୍ତିସମ୍ପନ୍ନ ସ୍ଥୂଳ ଇନ୍ଦ୍ରିୟଗୁଡ଼ିକର ଏବଂ ସେଗୁଡ଼ିକ ମଧ୍ୟଦେଇ ଅବଲୋକନ କରୁଥିବା ସ୍ଥୂଳ ଚେତନାଟିର ପ୍ରମାଣ ଉପରେହିଁ ନିର୍ଭରଶୀଳ ରହି ଆମେ ବର୍ତ୍ତମାନ ଯେଉଁ ସ୍ଥୂଳ ବୋଧଟିକୁ ପାଉଛୁ ଏବଂ ଯାହାକୁ ଜଡ଼ ବିଷୟରେ ଆମର ଅବବୋଧ ବୋଲି ବୁଝୁଛୁ, ଅତିମାନସିକ ଅବଲୋକନ ଲାଗି ଭୌତିକ ଜଗତ, ଦେଶ ଏବଂ ଜଡ଼ସ୍ଥ ଯାବତୀୟ ବସ୍ତୁ ଆଉ କଦାପି ସେହି ଅର୍ଥରେ ଜଡ଼ସ୍ଥ ବା ଭୌତିକ ହୋଇ ରହନ୍ତି ନାହିଁ । ଏହି ଜଡ଼ ଜଗତ ଓ ଏହିସବୁ ବସ୍ତୁ ସେତେବେଳେ ସ୍ୱୟଂ ଚିଦ୍‌ଗତତାରୂପେହିଁ ଆବିର୍ଭୂତ ତଥା ପରିଦୃଷ୍ଟ ହୁଅନ୍ତି, ସେହି ଚିଦ୍‌ଗତତାର ରୂପରେହିଁ ପ୍ରତିଭାତ ହୋଇ ଉଠନ୍ତି, ଏକ ଚେତନାମୟ ବିସ୍ତାର ମଧ୍ୟରେ ପରିଦୃଷ୍ଟ ହୁଅନ୍ତି । ସବୁକିଛି ଏକ ଏକତ୍ୱରେହିଁ ପରିଣତ ହୋଇଯାଏ, ବସ୍ତୁଗତ ଟିକିନିଖିର କୌଣସି ଅନେକତ୍ୱ ବା ବିବିଧତା ଦ୍ୱାରା ସେହି ଏକତ୍ୱ କୌଣସିପ୍ରକାରେ କ୍ଷୁଣ୍ଣ ହୋଇଯାଏ ନାହିଁ, ଚେତନା ମଧ୍ୟରେ ତଥା ସେହି ଚେତନା ଦ୍ୱାରାହିଁ ତାହା ଏକ ଚିଦ୍‌ଗତ ଦେଶ ମଧ୍ୟରେ ବିଧୃତ ହୋଇ ରହିଥାଏ ଏବଂ ସେହି କ୍ଷେତ୍ରରେ ଯାବତୀୟ ଉପାଦାନ ଚେତନ ଉପାଦାନରେ ପରିଣତ ହୋଇଯାଏ । ଆମେ ଆମର ବର୍ତ୍ତମାନ ସ୍ଥୂଳ ଇନ୍ଦ୍ରିୟବୋଧର ସୀମାଗୁଡ଼ାକୁ ପାର ହୋଇ ଚାଲିଯିବା ଦ୍ୱାରାହିଁ ଅବଲୋକନର ସ୍ତରରେ ଏହି ପରିବର୍ତ୍ତନ ଓ ଏହି ସମଗ୍ରତା ସମ୍ଭବ ହୋଇଥାଏ, କାରଣ ସେତେବେଳେ ସ୍ଥୂଳ ଚକ୍ଷୁଟି ମଧ୍ୟରେ ସୂକ୍ଷ୍ମ ବା ଚୈତ୍ୟ ଚକ୍ଷୁର ଶକ୍ତିଟି ସଞ୍ଚାରିତ ହୋଇଯାଏ ଏବଂ ପୁନଶ୍ଚ, ଅବଲୋକନର ଏହି ଚୈତ୍ୟ-ଭୌତିକ ଶକ୍ତିରେ ମଧ୍ୟ ଆଧ୍ୟାତ୍ମିକ ଦୃଷ୍ଟି, ଶୁଦ୍ଧ ଇନ୍ଦ୍ରିୟଶକ୍ତି ତଥା ଅତିମାନସ ସଂଜ୍ଞାନ ସଞ୍ଚାରିତ ହୋଇଯିବାକୁ ଲାଗେ ।

ଅନ୍ୟ ଇନ୍ଦ୍ରିୟଗୁଡ଼ିକର କ୍ଷେତ୍ରରେ ମଧ୍ୟ ଠିକ୍ ସେହିଭଳି ଏକ ରୂପାନ୍ତର ଘଟେ । ସେତେବେଳେ କାନ ଯାହାକିଛି ଶୁଣେ, ତାହା ତାହାର ଶବ୍ଦ-ଶରୀର ତଥା ଶବ୍ଦ-ତାତ୍ପର୍ଯ୍ୟର ସମଗ୍ରତାଟିକୁ ପ୍ରକାଶିତ କରିଦେଇଯାଏ, ତାହାର ସ୍ପନ୍ଦନର ଯାବତୀୟ ସ୍ୱରକୁ ପ୍ରକାଶିତ କରିଦିଏ; ଏବଂ ସେହି ଏକ ଏବଂ ସମ୍ପୂର୍ଣ୍ଣ ଶ୍ରବଣଶକ୍ତିର ସମକ୍ଷରେ

'oaob.nitrkl.ac.in' images reprocessed

ଶବ୍ଦର ଗୁଣ, ଛନ୍ଦୋମୟ ଶକ୍ତି ତଥା ଆତ୍ମାକୁ ଏବଂ ତା' ଦ୍ୱାରା ସଂଘଟିତ ହେଉଥିବା ସେହି ଏକ ବିଶ୍ୱମୟ ତଦ୍‌ଗତତାର ଅଭିବ୍ୟକ୍ତିକୁ ମଧ୍ୟ ପ୍ରକାଶିତ କରି ଦେଇଯାଏ। ଏଠାରେ ମଧ୍ୟ ଠିକ୍ ସେହି ଅନ୍ତର୍ଗତତାହିଁ ବିଦ୍ୟମାନ ରହିଥାଏ, ଅର୍ଥାତ୍ ଇନ୍ଦ୍ରିୟର ବୋଧଟି ଶବ୍ଦର କେତେକେତେ ଗଭୀରତା ମଧ୍ୟରେ ପ୍ରବେଶ କରି ରହିଥାଏ; ଏବଂ ଯେଉଁ ମର୍ମତତ୍ତ୍ୱଟିହିଁ ଧ୍ୱନିକୁ ଅନୁପ୍ରେରିତ କରି ରଖିଥାଏ, ସକଳ ଧ୍ୱନିର ସୌଷମ୍ୟ ମଧ୍ୟରେ ଯିଏ ତାହାକୁ ଏକତ୍ୱବଦ୍ଧ କରି ରଖେ ଏବଂ ସକଳ ନୀରବତା ସହିତ ମଧ୍ୟ ତାକୁ ସେହିପରି ଭାବରେ ଏକତ୍ୱବଦ୍ଧ କରି ରଖେ, ଇନ୍ଦ୍ରିୟ-ବୋଧ ଏଠାରେ ସେହି ତତ୍ତ୍ୱଟିର ସନ୍ଧାନ ପାଇଯାଏ; ଏହା ଫଳରେ ଆମର କାନ ସର୍ବଦା କେବଳ ସେହି ଅନନ୍ତଙ୍କରହିଁ ଶ୍ରବଣଗୋଚର ଅଭିବ୍ୟକ୍ତି ଏବଂ ତାହାର ନୀରବତାର ବାଣୀଟିକୁ ମଧ୍ୟ ଶୁଣିବାରେ ଲାଗିଥାଏ। ଅଧିମାନସ ରୂପାନ୍ତର ଦ୍ୱାରା ଅନୁପ୍ରେରିତ ହୋଇଥିବା କାନକୁ ସକଳ ଧ୍ୱନି କେବଳ ସେହି ପରମ ଦେବତାଙ୍କର ଧ୍ୱନିରେହିଁ ପରିଣତ ହୋଇ ରହେ, ଏହି କ୍ଷେତ୍ରରେ ସତେଅବା ସେହି ଧ୍ୱନିରୂପେ ଅବତୀର୍ଣ୍ଣ ହୋଇ ଆସନ୍ତି ଏବଂ ସକଳ ଧ୍ୱନି ବିଶ୍ୱଗତ ଐକ୍ୟତାନର ଲୟସଙ୍ଗତି ମଧ୍ୟରେ ଏକ ଛନ୍ଦରୂପେହିଁ ଅନୁଭୂତ ହେବାକୁ ଲାଗେ। ଏବଂ ଏଥିରେ ଠିକ୍ ସେହିପରି ପୂର୍ଣ୍ଣତା, ଜୀବନମୟତା, ପ୍ରଗାଢ଼ତାର ଅନୁଭୂତି ମିଳିଥାଏ, ଶ୍ରୁତ ଶବ୍ଦର ଆତ୍ମାଟି ଅଭିବ୍ୟକ୍ତ ହୋଇଆସେ ଏବଂ ଶ୍ରବଣେନ୍ଦ୍ରିୟଟି ମଧ୍ୟରେ ଆତ୍ମସତ୍ତାର ଆଧ୍ୟାତ୍ମିକ ତୃପ୍ତି ମଧ୍ୟ ଉପଲବ୍ଧ ହୁଏ। ଅଧିମାନସିକ ଭାବ ଦ୍ୱାରା ଅନୁପ୍ରେରିତ ସ୍ପର୍ଶ ମଧ୍ୟ ଯାବତୀୟ ବସ୍ତୁରେ କେବଳ ସେହି ପରମ ଦେବତାଙ୍କରହିଁ ସ୍ପର୍ଶ ପାଏ, କେବଳ ତାଙ୍କର ସଂସ୍ପର୍ଶ ପାଏ ଏବଂ ଆପଣାର ସେହି ସ୍ପର୍ଶ ମଧ୍ୟରେ ଥିବା ସଚେତନ ଆତ୍ମାଟିର ମାଧ୍ୟମରେ ଯାବତୀୟ ବସ୍ତୁକୁ କେବଳ ପରମ ଦେବତାରୂପେହିଁ ଜାଣେ। ଏଠାରେ ମଧ୍ୟ ଆମକୁ ଠିକ୍ ସେହି ପ୍ରଗାଢ଼ତା ଏବଂ ସମଗ୍ରତାର ପରିଚୟ ମିଳେ, ସ୍ପର୍ଶଟି ଭିତରେ ଓ ତାହାର ପଶ୍ଚାଦ୍ଦେଶରେ ଯାହାକିଛି ନିହିତ ହୋଇ ରହିଥାଏ, ଅନୁଭବକାରୀ ଚେତନାଟି ସମକ୍ଷରେ ସେହିସବୁ ପ୍ରକାଶିତ ହୋଇଯିବାକୁ ଲାଗେ। ଅନ୍ୟ ଇନ୍ଦ୍ରିୟ-ଗୁଡ଼ିକର କ୍ଷେତ୍ରରେ ମଧ୍ୟ ତଦ୍ରୂପ ଏକ ରୂପାନ୍ତର ଘଟେ।

ଏସବୁ ଘଟିବା ସଙ୍ଗେସଙ୍ଗେ ଆମର ଇନ୍ଦ୍ରିୟଗୁଡ଼ିକରେ ନାନା ନୂତନ ସାମର୍ଥ୍ୟ ଉନ୍ମୋଚିତ ହୋଇ ଆସନ୍ତି, ସେଗୁଡ଼ିକର କ୍ଷେତ୍ର ଅନେକଗୁଣ ପ୍ରସାରିତ ହୋଇଯାଏ ଏବଂ ଆମ ଭୌତିକ ଚେତନାଟି ମଧ୍ୟ ଏକ ଅଭାବନୀୟ ସାମର୍ଥ୍ୟର ସୀମା ଯାଏ ବିସ୍ତୃତ ହୋଇଯାଏ। ଅଧିମାନସ ରୂପାନ୍ତର ଭୌତିକ ଚେତନାକୁ ମଧ୍ୟ ଏହି ଶରୀରଗତ ଯାବତୀୟ ସୀମାବାଡ଼ ଭିତରୁ ଡିଆଁଇନିଏ ଓ ତାହାକୁ ଆହୁରି କେତେକେତେ ଭୂମିରେ ନେଇ ସମ୍ପ୍ରସାରିତ କରିଦିଏ, ଦୂରରେ ଅବସ୍ଥିତ ବସ୍ତୁଗୁଡ଼ିକର ପୂର୍ଣ୍ଣମୂର୍ତ୍ତି ଭୌତିକ ସଂସ୍ପର୍ଶ ଲାଭ କରିବା ସକାଶେ ସେଥିରେ ଏକ

'oaob.nitrkl.ac.in' images reprocessed

ସାମର୍ଥ୍ୟ ଆଣିଦିଏ । ଏବଂ ଭୌତିକ ଇନ୍ଦ୍ରିୟଗୁଡ଼ିକ ମଧ୍ୟ ଚୈତ୍ୟ ତଥା ଅନ୍ୟାନ୍ୟ ଇନ୍ଦ୍ରିୟବୋଧ ପ୍ରକାଶେ ଗୋଟିଏ ଗୋଟିଏ ମାଧ୍ୟମ ବା ମାର୍ଗରୂପେ କାର୍ଯ୍ୟ କରିବା ଲାଗି ସମର୍ଥ ହୋଇଯାନ୍ତି, ଯାହା ଫଳରେ କି, କେବଳ ଅସ୍ୱାଭାବିକ ନାନା ସ୍ଥିତିରେ ଏବଂ ଚୈତ୍ୟ ଦୃଷ୍ଟି, ଚୈତ୍ୟ ଶ୍ରବଣ ଅଥବା ଅନ୍ୟବିଧ ଇନ୍ଦ୍ରିୟଜ୍ଞାନ ଲାଗି ସାଧାରଣତଃ ଯାହାର ପରିଚୟ ପ୍ରାପ୍ତ ହୋଇଥାଏ, ସେଗୁଡ଼ିକୁ ଆମେ ଆମ ଜାଗ୍ରତ ଅବସ୍ଥାର ଚର୍ମଚକ୍ଷୁ ସାହାଯ୍ୟରେ ମଧ୍ୟ ଦେଖିବାକୁ ଆରମ୍ଭ କରୁ । ଏହି କ୍ଷେତ୍ରରେ ଚିଦ୍‌ଗତତା ବା ଅନ୍ତରସ୍ଥ ଆତ୍ମାହିଁ ସବୁକିଛି ଦେଖେ, ସବୁକିଛିର ଅନୁଭୂତି ଲାଭ କରେ ସତ, ମାତ୍ର ସ୍ୱୟଂ ଶରୀର ଓ ତା'ର ଶକ୍ତିଗୁଡ଼ିକ ମଧ୍ୟ ଅତିମାନସିକ ସାଧନରେ ପରିଣତ ହୋଇ ଯାଇଥାନ୍ତି ଏବଂ ଅନୁଭୂତିର ପ୍ରକ୍ରିୟାଟିରେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିପାରନ୍ତି । ଭୌତିକ ସଂବେଦନ ତଥା ବୋଧର ସମଗ୍ର କ୍ଷେତ୍ରଟି ଅତିମାନସିକ ଭାବ ଦ୍ୱାରା ପ୍ରେରିତ ହୋଇ ରହିଥାଏ, ଏବଂ ତାହା ପ୍ରତ୍ୟକ୍ଷ ଭାବରେ ଯାବତୀୟ ଶକ୍ତିମତ୍ତା ଓ ଗତିସ୍ପନ୍ଦନ, ତଥା ଯାବତୀୟ ବସ୍ତୁ ଏବଂ ପ୍ରାଣୀଙ୍କର ଭୌତିକ, ପ୍ରାଣିକ, ସଂବେଗଗତ ଓ ମାନସିକ ସ୍ପନ୍ଦନଗୁଡ଼ିକୁ ଅନୁଭବ କରିବାକୁ ଲାଗନ୍ତି, ସେହି ଅନୁଭବରେ ସ୍ଥୂଳରୂପେ ଭାଗ ନେଇପାରନ୍ତି ଏବଂ ପରିଶେଷରେ ସୂକ୍ଷ୍ମତର ସାଧନଗୁଡ଼ିକ ସହିତ ଏକ ଏକାତ୍ମବଦ୍ଧତା ଦ୍ୱାରାହିଁ ସେଗୁଡ଼ିକୁ ଅନୁଭବ କରନ୍ତି; ତଥା ସେଗୁଡ଼ିକୁ କେବଳ ଚିଦ୍‌ଗତ ବା ମନୋଗତ ଭାବରେ ନୁହେଁ, ମାତ୍ର ଭୌତିକ ବା ସ୍ଥୂଳ ଭାବରେ ମଧ୍ୟ ଆତ୍ମା ମଧ୍ୟରେ ଅବସ୍ଥିତ ରହିଥିବାର ଅନୁଭବ କରୁଥାନ୍ତି, ଏବଂ ଏହିସବୁ ଅନେକ ଶରୀର ମଧ୍ୟରେ ସେହି ଗୋଟିଏ ଆତ୍ମାର ନାନା ଗତିସ୍ପନ୍ଦନରୂପେ ଅନୁଭବ କରୁଥାନ୍ତି । ଦେହ ତଥା ଦେହସ୍ଥ ଇନ୍ଦ୍ରିୟଗୁଡ଼ିକର ନାନା ସୀମାବଦ୍ଧତା ଆମର ଚତୁର୍ଦ୍ଦିଗରେ ଯେଉଁ ପାଚେରିଟିକୁ ଠିଆକରି ରଖିଛନ୍ତି, ସେଇଟି ଏହି ଶରୀର ଓ ଇନ୍ଦ୍ରିୟଗୁଡ଼ିକର ସ୍ତରରେ ମଧ୍ୟ ଅନ୍ତର୍ହିତ ହୋଇଯାଏ ଏବଂ ତାହା ପରିବର୍ତ୍ତିରେ ଶାଶ୍ୱତ ଏକରୂପତାର ମୁକ୍ତ ଆଦାନପ୍ରଦାନ ସଂଘଟିତ ହେବାକୁ ଲାଗେ । ସକଳ ଇନ୍ଦ୍ରିୟ ତଥା ଇନ୍ଦ୍ରିୟସଂବେଦନ ଦିବ୍ୟ ଆଲୋକ ଏବଂ ଦିବ୍ୟ ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇଉଠେ, ଅନୁଭୂତିଗତ ଦିବ୍ୟ ପ୍ରଗାଢ଼ତାରେ ପୂର୍ଣ୍ଣ ହୋଇଉଠେ, ଏକ ଦିବ୍ୟ ଆନନ୍ଦ ଓ ପରଂବ୍ରହ୍ମଙ୍କର ଆନନ୍ଦମୟତାରେ ପରିପୂର୍ଣ୍ଣ ହୋଇଉଠେ । ଏବଂ ଏପରିକି ବର୍ତ୍ତମାନ ଆମ ଲାଗି ଯାହାକିଛି ବିସଙ୍ଗତିମୟ ହୋଇ ରହିଛି ଏବଂ ଇନ୍ଦ୍ରିୟଗୁଡ଼ିକୁ କର୍କଶ ବୋଲି ପ୍ରତୀତ ହେଉଛି, ସେଇଟି ମଧ୍ୟ ବିଶ୍ୱସ୍ପନ୍ଦନର ବିଶ୍ୱମୟ ଛନ୍ଦୋମୟତାଟି ମଧ୍ୟରେ ଆପଣାର ସ୍ଥାନଟିକୁ ଗ୍ରହଣ କରିନିଏ, ଆପଣାର ରସ, ତାତ୍ପର୍ଯ୍ୟ ଏବଂ ଅଭିପ୍ରାୟଟିକୁ ପ୍ରକଟ କରିଦିଏ; ଏବଂ ଏହିଭଳି ଭାବରେ ଦିବ୍ୟ ଚେତନା ମଧ୍ୟରେ ନିହିତ ହୋଇ ରହିଥିବା ଆପଣାର ଉଦ୍ଦେଶ୍ୟଟିରେ ଆନନ୍ଦ ଅନୁଭବ କରୁ କରୁ ଆପଣାର ବିଧାନ ତଥା ଧର୍ମର ଅଭିବ୍ୟକ୍ତି ଦ୍ୱାରା ସମଗ୍ର ପ୍ରକୃତି ସହିତ ଆପଣାର

'oaob.nitrkl.ac.in' images reprocessed

ସୌଷମ୍ୟ ତଥା ଦିବ୍ୟ ସତ୍ତାର ଅଭିବ୍ୟକ୍ତି ମଧ୍ୟରେ ରହିଥିବା ଆପଣାର ସ୍ଥାନଟି ଦ୍ୱାରା ଆତ୍ମାର ଅନୁଭବଟି ଲାଗି ସୁନ୍ଦର ଏବଂ ସୁଖଦ ହୋଇଯାଏ । ସେତେବେଳେ ଯାବତୀୟ ସଂବେଦନ ପରମ ଆନନ୍ଦରେହିଁ ପରିଣତ ହୋଇଯାଏ ।

ଆମର ଶରୀରସ୍ଥ ମନ ସାଧାରଣତଃ ସ୍ଥୂଳ ଇନ୍ଦ୍ରିୟଗୁଡ଼ିକ ଦ୍ୱାରାହିଁ ଯାହାକିଛି ଜ୍ଞାନ ପ୍ରାପ୍ତ କରିଥାଏ ଏବଂ ସେଗୁଡ଼ିକ ଦ୍ୱାରା ମଧ୍ୟ ସେ କେବଳ ସେଗୁଡ଼ିକର ବିଷୟଗୁଡ଼ିକର ତଥା ସେହିସବୁ ଆଶୟଗତ ଅନୁଭୂତିଗୁଡ଼ିକର ଜ୍ଞାନ ଲାଭ କରିଥାଏ ଯାହାକି କେବଳ ସ୍ଥୂଳ ଅନୁଭବଗୁଡ଼ିକରୁହିଁ ଉଦ୍‌ଭୂତ ହେଉଥିବା ପରି ଦେଖା ଯାଉଥାଏ ଏବଂ ଯେତେ ସୂକ୍ଷ୍ମ ଭାବରେ ହେଲେ ମଧ୍ୟ ଯାହାକି ସେହି ସ୍ଥୂଳ ଅନୁଭବଗୁଡ଼ିକୁହିଁ ଆପଣାର ଭିତ୍ତି ଏବଂ ରଚନାଶ୍ରିତ ବୋଲି ଗ୍ରହଣ କରି ନେଉଥିବା ପରି ମନେ ହେଉଥାଏ । ଏହାକୁ ଛାଡ଼ି ବାକୀ ସବୁକିଛି, ଅର୍ଥାତ୍ ଲବ୍ଧ ଭୌତିକ ତଥ୍ୟଗୁଡ଼ିକ ସହିତ ଯାହାର ସଙ୍ଗତି ନଥାଏ, ଯାହାକିଛି ତାହାର ବାହାରେ ରହିଥାଏ ବା ତାହା ଦ୍ୱାରା ପ୍ରତିପାଦିତ ଓ ସିଦ୍ଧ ହୋଇପାରୁ ନଥାଏ, ତାହା ଏହାକୁ ସତ୍ୟ ଅପେକ୍ଷା ବରଂ ଏକ କଳ୍ପନା ପରିହିଁ ପ୍ରତୀତ ହୁଏ ଏବଂ କେବଳ ଅସ୍ୱାଭାବିକ କେତେକ ସ୍ଥିତିରେ ତାହା ଆପଣାକୁ ଅନ୍ୟପ୍ରକାରର କୌଣସି ଚେତନ ଅନୁଭବ ଲାଗି ଉନ୍ମୁକ୍ତ କରିଦେଇ ପାରୁଥାଏ । ମାତ୍ର ବସ୍ତୁତଃ ଏହି କ୍ଷେତ୍ରରେ ପଶ୍ଚାଦ୍‌ଦେଶରେ ବିପୁଳ ଆହୁରି କେତେକେତେ ସ୍ତର ମଧ୍ୟ ଅବସ୍ଥିତ ରହିଥାଏ, ଆମ ଅନ୍ତର୍ଗତ ସତ୍ତାର ଦ୍ୱାରଗୁଡ଼ିକୁ ଉନ୍ମୋଚନ କରିଦେଇ ପାରିଲେ ଆମେ ଯାହା ବିଷୟରେ ବେଶ୍ ସଜ୍ଞାନ ହୋଇ ଉଠିପାରନ୍ତୁ । ଏହିସବୁ ଭୂମିବିସ୍ତାର ସେଠାରେ ପୂର୍ବରୁ କାର୍ଯ୍ୟକାରୀ ହୋଇ ରହିଛି, ଆମ ଭିତରେ ରହିଥିବା ପ୍ରଚ୍ଛନ୍ନ ଆତ୍ମସତ୍ତାଟି ସେଗୁଡ଼ିକୁ ଜାଣି ମଧ୍ୟ ପାରୁଛି; ଏବଂ ଏପରିକି ଆମର ଏହି ଉପରିଭାଗସ୍ଥ ଚେତନାର ଅନେକ ଭାଗ ମଧ୍ୟ ସେଗୁଡ଼ିକରୁ ସିଧା ପ୍ରକ୍ଷେପିତ ହୋଇ ରହିଛନ୍ତି ଏବଂ ଆମର ଅଜାଣତରେ ବସ୍ତୁଗୁଡ଼ିକ ବିଷୟରେ ଆମର ଆଶୟଗତ ଅନୁଭୂତିଟିକୁ ମଧ୍ୟ ପ୍ରଭାବିତ କରିବାରେ ଲାଗିଛନ୍ତି । ଏଠାରେ ଅର୍ଥାତ୍ ସ୍ଥୂଳ ଚେତନାଟିର ପଛରେ ସ୍ୱତନ୍ତ୍ର ପ୍ରାଣିକ ଅନୁଭବଗୁଡ଼ିକର ମଧ୍ୟ ଏକ ଭୂମି ଅବସ୍ଥିତ ରହିଛି, ପ୍ରାଣିକ ଭାବ ଦ୍ୱାରା ସଞ୍ଚାରିତ ଭୌତିକ ଚେତନାର ଉପରିଭାଗସ୍ଥ କ୍ରିୟାଟି ଲାଗି ତାହା ପ୍ରଚ୍ଛନ୍ନ ହୋଇ ରହିଛି ଏବଂ ତାହାଠାରୁ ଭିନ୍ନ ହୋଇ ରହିଛି । ଏବଂ ଯେତେବେଳେ ଏହି ଚେତନା ଆପଣାକୁ ଉନ୍ମୁକ୍ତ କରିଦେଉଛି ବା କୌଣସିପ୍ରକାରେ କ୍ରିୟାଶୀଳ ହୋଇ ଉଠୁଛି, ସେତେବେଳେ ଆମର ଜାଗ୍ରତ ମନଟି ସମ୍ମୁଖରେ ଏକ ପ୍ରାଣିକ ଚେତନାର ପ୍ରତିରୂପ ଉକୁଟି ଉଠୁଛି, ଏପରି ଏକ ପ୍ରାଣିକ ବୋଧ ତଥା ପ୍ରାଣିକ ଇନ୍ଦ୍ରିୟଶକ୍ତି ପ୍ରତିଭାତ ହୋଇ ଉଠୁଛି, ଯାହାକି ଶରୀର ଓ ଶାରୀରିକ ସାଧନଗୁଡ଼ିକ ଉପରେ ଆଦୌ ନିର୍ଭରଶୀଳ ହୋଇ ରହୁ ନାହିଁ; ଅବଶ୍ୟ ଏକଥା ସତ ଯେ ଇଚ୍ଛା କଲେ ତାହା ଏହି ସାଧନଗୁଡ଼ିକୁ ଏକ ଗୌଣ ମାଧ୍ୟମ ଓ ଲିପିକାର

'oaob.nitrkl.ac.in' images reprocessed

ରୂପେ କାମରେ ଲଗାଇ ପାରୁଛୁ । ଏହି ଭୂମିଟିକୁ ସମ୍ପୂର୍ଣ୍ଣ ଭାବରେ ଉନ୍ମୁକ୍ତ କରିଦେବା ମଧ୍ୟ ଆଦୌ ଅସମ୍ଭବ ନୁହେଁ; ଏବଂ ଆମେ ଯେତେବେଳେ ପ୍ରକୃତରେ ତାହା କରିପାରୁଛୁ, ସେତେବେଳେ ଆମେ ଏହାର କ୍ରିୟାତ୍ମକତାଟିକୁ ଆମ ଭିତରେ ବ୍ୟକ୍ତିଭାବ ଧାରଣ କରି ରହିଥିବା ଏବଂ ଯାବତୀୟ ବସ୍ତୁରେ, ଘଟଣାରେ ତଥା ବ୍ୟକ୍ତିମାନଙ୍କ ମଧ୍ୟରେ ବିଶ୍ୱମୟ ପ୍ରାଣଶକ୍ତି ଓ ତାହାର ଯାବତୀୟ କ୍ରିୟାତ୍ମକତାର ସଂସ୍ପର୍ଶରେ ଆସୁଥିବା ସେହି ଚେତନାମୟ ପ୍ରାଣଶକ୍ତିର କ୍ରିୟାରୂପେହିଁ ପ୍ରତ୍ୟକ୍ଷ କରୁଛୁ । ସେତେବେଳେ ମନ ପ୍ରତ୍ୟେକ ବସ୍ତୁରେ ଅବସ୍ଥିତ ରହିଥିବା ପ୍ରାଣ-ଚେତନାଟି ସମ୍ବନ୍ଧରେ ସଚେତନ ହୋଇ ଉଠୁଛି, ଆମର ପ୍ରାଣ-ଚେତନାଟିର ମଧ୍ୟଦେଇ ଶରୀର ତଥା ଶରୀରେନ୍ଦ୍ରିୟଗୁଡ଼ିକର ମାଧ୍ୟମରେ ସମ୍ଭବ ହେଉଥିବା ସାଧାରଣ ଆଦାନପ୍ରଦାନଟି ଦ୍ୱାରା କୌଣସିପ୍ରକାରେ ସୀମାବଦ୍ଧ ହୋଇ ରହି ନଥିବା ଏକ ଅପରୋକ୍ଷ ସନ୍ନିରତା ସହିତ ତାହାକୁ ଆପଣାର ପ୍ରତିସ୍ପନ୍ଦନ ଜଣାଇ ପାରୁଛି, ଏହାର ବୋଧିଲବ୍ଧ ଜ୍ଞାନଗୁଡ଼ିକୁ ଲିପିବଦ୍ଧ କରି ରଖୁଛି, ଏବଂ ଜୀବନକୁ କେବଳ ସେହି ବିଶ୍ୱମୟ ପରମ ପ୍ରାଣର ଏକ ଅନୁରୂପାନ୍ତର ବୋଲି ଅନୁଭବ କରିବାକୁ ସମର୍ଥ ହେଉଛି । ପ୍ରାଣ-ଚେତନା ତଥା ପ୍ରାଣିକ ବୋଧ ପ୍ରାଥମିକତଃ ରୂପଗୁଡ଼ିକର କ୍ଷେତ୍ରଟି ବିଷୟରେ ଆଦୌ ସଜ୍ଞାନ ହୋଇ ନାହାନ୍ତି, ମାତ୍ର ପ୍ରତ୍ୟକ୍ଷ ଭାବରେ ଶକ୍ତିମାତ୍ରାଗୁଡ଼ିକର କ୍ଷେତ୍ରଟି ବିଷୟରେହିଁ ସଜ୍ଞାନ ହେଉଛନ୍ତି; ତାହାର ପୃଥିବୀଟିକୁ ଆମେ ନାନା ଶକ୍ତି ଦ୍ୱାରା ସଂଘଟିତ ହୋଇ ରହିଥିବା ଲୀଳାରହିଁ ପୃଥିବୀ ବୋଲି ଜାଣିବା, ଏବଂ ଏଠାରେ ଯାବତୀୟ ରୂପ ତଥା ଘଟଣା କେବଳ ଗୌଣ ଭାବରେ ଅର୍ଥାତ୍ ଶକ୍ତିଟିର ଏକ ପରିଣାମ ଓ ମୂର୍ତ୍ତି ଆକାର ଭାବରେହିଁ ଅନୁଭୂତ ହେଉଛି ବୋଲି ଜାଣିବା । ସ୍ଥୂଳ ଇନ୍ଦ୍ରିୟଗୁଡ଼ିକର ମାଧ୍ୟମରେ କାର୍ଯ୍ୟ କରୁଥିବା ମନ କେବଳ ବୁଦ୍ଧିସ୍ଥ ଏକ ଧାରଣାରୂପେହିଁ ଏହି ପ୍ରକୃତିର ଏକ ଭୂମିକା ତଥା ଜ୍ଞାନର ରଚନା କରିପାରିବ ଓ ଏହାର ଜ୍ଞାନଟିକୁ ଲାଭ କରିପାରିବ, ମାତ୍ର ତାହା କଦାପି ବସ୍ତୁଗୁଡ଼ିକର ଭୌତିକ ଅନୁରୂପାନ୍ତରଟିର ସୀମା ପାର ହୋଇ ଆଗକୁ ଯାଇପାରିବ ନାହିଁ । ଏହି କାରଣରୁହିଁ ତାହା ପ୍ରାଣର ଯଥାର୍ଥ ସ୍ୱରୂପଟିର କୌଣସି ପ୍ରକୃତ ବା ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିପାରେ ନାହିଁ, ପ୍ରାଣଶକ୍ତି ତଥା ପ୍ରାଣ-ଭାବଟିର ପ୍ରକୃତ ଉପଲବ୍ଧି କରିପାରେ ନାହିଁ । ଆମ ଭିତରେ ଅବସ୍ଥିତ ରହିଥିବା ଅନୁଭବଟିର ଏହି ଅନ୍ୟ ସ୍ତର ବା ଗଭୀରତାଟିକୁ ଉନ୍ମୋଚିତ କରିଦେଇ ଏବଂ ପ୍ରାଣଗତ ଚେତନା ତଥା ପ୍ରାଣେନ୍ଦ୍ରିୟ ମଧ୍ୟରେ ପ୍ରବିଷ୍ଟ ହୋଇହିଁ ମନ ଯଥାର୍ଥ ଏବଂ ପ୍ରତ୍ୟକ୍ଷ ଅନୁଭବ ପ୍ରାପ୍ତ କରିପାରିବ । ତଥାପି, ସେତେବେଳେ ମଧ୍ୟ, ଯେପର୍ଯ୍ୟନ୍ତ ସେ ଏହି ମନୋମୟ ସ୍ତରଟିରେହିଁ ରହିଥିବ, ସେପର୍ଯ୍ୟନ୍ତ ଅନୁଭବଟି ମଧ୍ୟ ପ୍ରାଣଗତ ଭୂମିଗୁଡ଼ିକ ମଧ୍ୟରେହିଁ ଆବଦ୍ଧ ହୋଇ ରହିଥିବ, ସେଗୁଡ଼ିକର ମନୋମୟ ରୂପାନ୍ତରଗୁଡ଼ିକ ମଧ୍ୟରେ ସୀମିତ ରହିଥିବ, ଏବଂ ଏହି ବୃହତ୍ତରବିସ୍ତାରପ୍ରାପ୍ତ ଇନ୍ଦ୍ରିୟାନୁଭବ ଏବଂ ଜ୍ଞାନରେ ମଧ୍ୟ ଏକ ଅସ୍ପଷ୍ଟତା

'oaob.nitrkl.ac.in' images reprocessed

ରହି ଯାଇଥିବ । ଅତିମାନସ ରୂପାନ୍ତର ପ୍ରାଣକୁ ଏକ ଅତିପ୍ରାଣିକ ରୂପରେ ପ୍ରକାଶିତ କରିଦେବ, ତାହାକୁ ସେହି ଚତ୍‌ଗତତାରହିଁ ଏକ ଗତିଶୀଳତାରୂପେ ଉନ୍ମୋଚିତ କରି ଆଣିବ; ପ୍ରାଣଗତ ଶକ୍ତି, ପ୍ରାଣଗତ ସ୍ବଭଟିର ପଛରେ ଓ ତା' ମଧ୍ୟରେ ରହିଥିବା ଆଧ୍ୟାତ୍ମିକ ସକଳ ସତ୍ୟକୁ ଯଥାର୍ଥ ଭାବରେ ଉଦ୍‌ଘାଟିତ କରି ଆଣିବ, ଏହାର ଯାବତୀୟ ଆଧ୍ୟାତ୍ମିକ, ମନୋଗତ ତଥା ଶୁଦ୍ଧ ଭାବରେ ପ୍ରାଣିକ ହୋଇ ରହିଥିବା ସତ୍ୟ ତଥା ତାତ୍ପର୍ଯ୍ୟକୁ ଉଦ୍‌ଘାଟିତ କରି ଆଣିବ ।

ଯୋଗଗତ ସାଧନା ଦ୍ୱାରା ପ୍ରାଣ-କୋଷଟିକୁ ଧାରଣ ତଥା ରଚନା କରି ରହିଥିବା ଚେତନାଟି ଯଦି ଆଗରୁ ଜାଗ୍ରତ ହୋଇ ନଥାଏ, ତେବେ ଭୌତିକ ସତ୍ତାମଧ୍ୟକୁ ଅବତରଣ କରି ଅତିମାନସ ଆମ ଭିତରୁ ଅଧିକାଂଶଙ୍କ ମଧ୍ୟରେ ଆବରଣଯୁକ୍ତ ଏବଂ ଅସ୍ପଷ୍ଟ ହୋଇ ରହିଥିବା ସେହି ଚେତନାଟିକୁ ଜାଗ୍ରତ କରିଆଣେ । ଏଇଟି ଜାଗ୍ରତ ହୋଇ ଉଠିଲେ ଆମେ ତା'ପରେ ଆଉ କେବଳ ଭୌତିକ ଶରୀରଟିରେହିଁ ଅବସ୍ଥାନ କରୁ ନାହିଁ, ମାତ୍ର ଏକ ପ୍ରାଣମୟ ଶରୀର ମଧ୍ୟରେ ବି ବାସ କରୁ, ଯାହାକି ଭୌତିକ ଶରୀରଟିକୁ ଭେଦ କରି ରହିଥାଏ, ତାହାକୁ ଆଚ୍ଛାଦିତ କରି ରହିଥାଏ ଏବଂ ଆଉ ଏକ ପ୍ରକାରର ପ୍ରଭାବ ଲାଗି ଗ୍ରହଣଶୀଳ ହୋଇ ରହିଥାଏ, ଅର୍ଥାତ୍ ଆମର ଚତୁର୍ଦ୍ଦିଗରେ ଅବସ୍ଥିତ ରହିଥିବା ଏବଂ ବିଶ୍ୱଜଗତରୁ, ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କଠାରୁ ବା ଗୋଷ୍ଠୀବାଚକ ନାନା ଜୀବନରୁ ଅଥବା ବସ୍ତୁଗୁଡ଼ିକରୁ ବା ତା' ନହେଲେ ଜଡ଼ମୟ ଜଗତଟିର ପଛରେ ଅବସ୍ଥିତ ରହିଥିବା ପ୍ରାଣମୟ ଜଗତ ତଥା ଭୂମିଗୁଡ଼ିକରୁ ଆମ ଉପରକୁ ସଞ୍ଚାରିତ ହୋଇ ଆସୁଥିବା ପ୍ରାଣିକ ଶକ୍ତିଗୁଡ଼ିକର ଚାପଲାଟି ଲାଗି ଗ୍ରହଣଶୀଳ ହୋଇ ରହିଥାଏ । ବର୍ତ୍ତମାନ ମଧ୍ୟ ଆମେ ଏହିସବୁ ପ୍ରଭାବର ପରିଣାମଗୁଡ଼ିକୁ ବେଶ୍ ଅନୁଭବ କରିପାରୁଛୁ, ସେଗୁଡ଼ିକର କେତେକ ବିଶେଷ ସ୍ପର୍ଶ ତଥା ଛଦ୍ମରୂପଗୁଡ଼ିକୁ ଅନୁଭବ କରୁଛୁ, ମାତ୍ର ସେଗୁଡ଼ିକର ଉଦ୍‌ଗମସ୍ଥଳରେ ଓ ସେଗୁଡ଼ିକ ସଞ୍ଚାରିତ ହୋଇ ଆସିଲାବେଳେ ସେଗୁଡ଼ିକୁ ଆଦୌ ଅନୁଭବ କରିପାରୁ ନାହୁଁ ବା ଅତି କମ୍ ଅନୁଭବ କରୁଛୁ । ମାତ୍ର ପ୍ରାଣିକ ଶରୀରରେ ଏକ ଜାଗ୍ରତ ଚେତନା ସେଗୁଡ଼ିକୁ ତତ୍‌କ୍ଷଣାତ୍ ଅନୁଭବ କରୁଛି, ଭୌତିକ ଶାରୀର ଶକ୍ତିଟି ବ୍ୟତୀତ ତାହା ଶରୀରରେ ପରିବ୍ୟାପ୍ତ ହୋଇ ରହିଥିବା ଏକ ପ୍ରାଣିକ ଶକ୍ତି ବିଷୟରେ ସଚେତନ ହୋଇପାରୁଛି ଏବଂ ପ୍ରାଣିକ ବଳରେ ବୃଦ୍ଧିସାଧନ କରିବା ପାଇଁ ତଥା ଶରୀରସ୍ଥ ଶକ୍ତିଗୁଡ଼ିକର ସହାୟତା କରିପାରିବା ପାଇଁ ସେ ସେଥିରୁ ଶକ୍ତି ଆହରଣ କରିପାରୁଛି, ପ୍ରାଣର ଏହି ଅନ୍ତଃ-ପ୍ରବାହଟି ଦ୍ୱାରା ବା ପ୍ରାଣିକ ଧାରାଗୁଡ଼ିକୁ ନିର୍ଦ୍ଦିଷ୍ଟ ନାନା ଦିଗରେ ପରିଚାଳିତ କରି ସ୍ୱାସ୍ଥ୍ୟ ତଥା ରୋଗର ଅବସ୍ଥା ତଥା କାରଣଗୁଡ଼ିକ ସହିତ ଆପଣାକୁ ସିଧା ସଂଯୁକ୍ତ କରି ରଖିପାରୁଛି, ଅନ୍ୟମାନଙ୍କର ପ୍ରାଣିକ ତଥା ପ୍ରାଣସଂବେଗମୟ ପରିବେଶଟିକୁ ଅନୁଭବ କରିପାରୁଛି, ସେଗୁଡ଼ିକ ସହିତ ସ୍ୱଚ୍ଛନ୍ଦ ଭାବରେ ଆଦାନପ୍ରଦାନ କରିପାରୁଛି; ଏହା

'oaob.nitrkl.ac.in' images reprocessed

ବ୍ୟତୀତ ସେ ଆହୁରି କେତେକେତେ ବ୍ୟାପାରକୁ ମଧ୍ୟ ଅନୁଭବ କରିପାରୁଛି, ଯାହାକୁ କି ଆମର ବାହ୍ୟ ଚେତନା ଅନୁଭବ କରିପାରୁ ନାହିଁ ଅଥବା ତା' ଲାଗି ଯାହା ବଡ଼ ଅସ୍ପଷ୍ଟ ହୋଇ ରହୁଛି, ମାତ୍ର ଯାହାକି ଏହି ପ୍ରାଣିକ ଚେତନାର ଭୂମିକୁ ଆସି ଚେତନ ତଥା ଅବବୋଧ ହୋଇପାରୁଛି । ଆମ ଭିତରେ ତଥା ଅନ୍ୟମାନଙ୍କ ଭିତରେ ବିଦ୍ୟମାନ ପ୍ରାଣମୟ ଆତ୍ମା ତଥା ପ୍ରାଣିକ ଶରୀରଟିକୁ ଏହା ପ୍ରତ୍ୟକ୍ଷ ଭାବରେ ଅନୁଭବ କରିପାରୁଛି । ଏହି ପ୍ରାଣିକ ଚେତନା ତଥା ପ୍ରାଣିକ ଇନ୍ଦ୍ରିୟବୋଧକୁହିଁ ଅତିମାନସ ଆପଣା ହାତରେ ଗ୍ରହଣ କରିନେବ, ତାହାକୁ ତାହାର ଯଥାର୍ଥ ମୂଳଦୁଆଟି ଉପରେ ନେଇ ପ୍ରତିଷ୍ଠିତ କରିଦେବ ଏବଂ ତାହାକୁ ରୂପାନ୍ତରିତ କରିଦେବ । ଏହି କ୍ଷେତ୍ରରେ ଯେଉଁ ପ୍ରାଣଶକ୍ତିଟି ରହିଛି, ତାହା କେବଳ ସେହି ଆତ୍ମାରହିଁ ସ୍ୱଶକ୍ତିରୂପେ ଅବସ୍ଥିତ ରହିଛି ଏବଂ ଯେପରିକି ଆତ୍ମା ସୂକ୍ଷ୍ମ ତଥା ସ୍ଥୂଳ ପଦାର୍ଥ ଉପରେ ତଥା ତାହାରି ମଧ୍ୟଦେଇ ଘନିଷ୍ଠ ତଥା ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିପାରିବ ଏବଂ ଜଡ଼ସ୍ଥ ଜଗତ ମଧ୍ୟରେ ରୂପର ଗଠନ କରିପାରିବ ଓ ଆପଣାକୁ କାର୍ଯ୍ୟକାରୀ କରି ରଖିପାରିବ, ସେଇଥିଲାଗି ଯେ ସେହି ପ୍ରାଣଶକ୍ତିକୁ ସଞ୍ଚିତ କରି ରଖାଯାଇଛି, ଏହି ସତ୍ୟଟିକୁ ପ୍ରକଟ କରିଆଣି ସେ ତାହାକୁ ରୂପାନ୍ତରିତ କରିଦେବ ।

ଏହାର ସର୍ବପ୍ରଥମ ପରିଣାମରୂପେ ଆମ ବ୍ୟକ୍ତି-ଜୀବନର ବାଡ଼ ଓ ସୀମାଗୁଡ଼ାକ ଖଣ୍ଡଖଣ୍ଡ ହୋଇ ଭାଙ୍ଗିପଡ଼େ ଏବଂ ତା'ପରେ ଆମେ ଆଉ ଏକ ବ୍ୟକ୍ତିଗତ ପ୍ରାଣଶକ୍ତି ଦ୍ୱାରା ଜୀବନ ବଞ୍ଚୁ ନାହିଁ, ବା ସାଧାରଣତଃ ତାହାକୁହିଁ ଅବଲମ୍ବନ କରି ଜୀବନ ବଞ୍ଚୁ ନାହିଁ, ମାତ୍ର ଆମେ ଏକ ବିଶ୍ୱଗତ ପ୍ରାଣଶକ୍ତି ମଧ୍ୟରେ ଓ ତାହାରି ଦ୍ୱାରାହିଁ ଜୀବନ ବଞ୍ଚୁ । ସାରା ବିଶ୍ୱ-ପ୍ରାଣହିଁ ସଚେତନ ରୂପରେ ଆମକୁ ବାହନରୂପେ ବ୍ୟବହାର କରି ଆମରି ଭିତରକୁ ପ୍ରବାହିତ ହୋଇଆସେ, ସେଠାରେ ତାହା ଏକ ଗତିଶୀଳ ଅବିଚ୍ଛିନ୍ନ ଆବର୍ତ୍ତି, ଆପଣା ଶକ୍ତିର ଏକ ଅବିଭକ୍ତ କେନ୍ଦ୍ର ଏବଂ ସଂଗ୍ରହ ଓ ଆଦାନପ୍ରଦାନର ଏକ ସ୍ପନ୍ଦନମୟ ଷ୍ଟେସନ ତିଆରି କରି ରଖିଦିଏ, ଏଇଟିକୁ ଆପଣାର ଯାବତୀୟ ଶକ୍ତିମତ୍ତା ଦ୍ୱାରା ସତତ ପୂର୍ଣ୍ଣ କରି ରଖିଥାଏ ଏବଂ ଆମର ଚତୁର୍ଦ୍ଦିଗସ୍ଥ ଜଗତ ଉପରେ କେତେକେତେ କ୍ରିୟାତ୍ମକତାରୂପେ ସେଗୁଡ଼ିକୁ ଅଜାଡ଼ି ଦେଉଥାଏ । ପୁନଶ୍ଚ, ଏହି ପ୍ରାଣଶକ୍ତି ଆମ ଦ୍ୱାରା କେବଳ ଏକ ପ୍ରାଣର ମହାସମୁଦ୍ର ଓ ତାହାର ନାନା ସ୍ରୋତ-ପ୍ରବାହରୂପେହିଁ ଅନୁଭୂତ ହୁଏ ନାହିଁ, ମାତ୍ର ଏକ ଚେତନାମୟ ବିଶ୍ୱଗତ ପରମଶକ୍ତିରହିଁ ପ୍ରାଣିକ ମାର୍ଗ ଓ ରୂପାୟନ ତଥା ଶରୀର ଓ ପ୍ରବାହରୂପେ ମଧ୍ୟ ଅନୁଭୂତ ହେଉଥାଏ । ଏବଂ ସେହି ଚେତନାମୟ ପରମଶକ୍ତି ଆପଣାକୁ ସେହି ପରମ ଦେବତାରହିଁ ଚିତ୍‌ଶକ୍ତିରୂପେ ପ୍ରକଟ କରିଦେବ, ସେହି ବିଶ୍ୱାତୀତ ତଥା ବିଶ୍ୱଗତ ପରମ ଆତ୍ମସତ୍ତା ଏବଂ ପୁରୁଷଙ୍କରହିଁ ଶକ୍ତିମତ୍ତାରୂପେ ଆପଣାକୁ ପ୍ରକଟ କରିଦେବ; ଏବଂ ଆମର ବିଶ୍ୱଭାବାପନ୍ନ ବ୍ୟକ୍ତିତ୍ୱଟି ଯେଉଁ ଶକ୍ତିମତ୍ତାର ବା ଅଧିକ ଯଥାର୍ଥ ଭାବରେ କହିଲେ

'oaob.nitrkl.ac.in' images reprocessed

ଯେଉଁ ପରମ ପୁରୁଷଙ୍କରହିଁ ଏକ ସାଧନ ତଥା ବାହନମାର୍ଗରେ ପରିଣତ ହୋଇ ରହେ । ଏହା ଫଳରେ ଆମେ ପ୍ରାଣର ଭୂମିରେ ଅନ୍ୟ ସମସ୍ତଙ୍କ ସହିତ ଆପଣାକୁ ଏକାତ୍ମକ ଅନୁଭବ କରୁ, ସକଳ ପ୍ରକୃତି ଏବଂ ବିଶ୍ୱଜଗତର ସକଳ ବସ୍ତୁର ପ୍ରାଣ ସହିତ ଆପଣାକୁ ଏକାତ୍ମକ ଅନୁଭବ କରିଥାଉ । ଆମ ଭିତରେ ତଥା ଅନ୍ୟମାନଙ୍କ ଭିତରେ କାର୍ଯ୍ୟ କରୁଥିବା ପ୍ରାଣ-ଶକ୍ତି ମଧ୍ୟରେ ଏକ ମୁକ୍ତ ତଥା ଚେତନାଯୁକ୍ତ ଆଦାନପ୍ରଦାନ ସମ୍ଭବ ହୋଇଯାଏ । ସେମାନଙ୍କର ପ୍ରାଣକୁ ଆମେ ଠିକ୍ ନିଜର ପ୍ରାଣ ପରି ଅନୁଭବ କରିବାକୁ ଲାଗୁ; ଅନ୍ତତଃ ସେମାନଙ୍କୁ ଆମର ପ୍ରାଣ ସ୍ପର୍ଶ କରିପାରୁଛି, ସେମାନଙ୍କର ପ୍ରାଣ ଉପରେ ଆପଣାର ଛାପ ପକାଇପାରୁଛି ଏବଂ ଆପଣାର ଗତିସ୍ପନ୍ଦନଗୁଡ଼ିକୁ ସେଯାଏ ବହନ କରି ନେଇଯାଇ ପାରୁଛି ତଥା ସେମାନଙ୍କର ପ୍ରାଣ ଆମକୁ ସ୍ପର୍ଶ କରିପାରୁଛି, ଆମ ଉପରେ ଛାପ ପକାଉଛି ଓ ଆପଣାର ଯାବତୀୟ ଗତିସ୍ପନ୍ଦନକୁ ଆମ ଯାଏ ବହନ କରି ଆଣିପାରୁଛି, ଆମେ ଏତିକି ବିଷୟରେ ଅବଶ୍ୟ ସଚେତନ ହୋଇଯାଉ । ଆମ ଭିତରେ ଥିବା ପ୍ରାଣଗତ ବୋଧଶକ୍ତିଟି ଶକ୍ତିଶାଳୀ ହୁଏ, ପ୍ରଗାଢ଼ ହୁଏ, ଏହି ପ୍ରାଣମୟ ଜଗତର କ୍ଷୁଦ୍ର ବା ବୃହତ୍, ସୂକ୍ଷ୍ମ ବା ବିପୁଳ ସକଳ ସ୍ପନ୍ଦନକୁ ଆପଣାର ଭୌତିକ ଓ ଅତିଭୌତିକ ଏବଂ ପ୍ରାଣିକ ତଥା ଅତିପ୍ରାଣିକ ସକଳ ଭୂମିରେ ବହନ କରି ପାରିବାକୁ ସମର୍ଥ ହୁଏ, ଆପଣାର ଯାବତୀୟ ଗତିସ୍ପନ୍ଦନ ତଥା ଆନନ୍ଦ ଦ୍ୱାରା ପୁଲକମୟ ହୋଇଉଠେ ଏବଂ ଯାବତୀୟ ଶକ୍ତିମତ୍ତା ସମ୍ବନ୍ଧରେ ସଜ୍ଞାନ ହୋଇଉଠେ, ସେଗୁଡ଼ିକ ଲାଗି ଆପଣାକୁ ଉନ୍ମୁକ୍ତ କରି ରଖିପାରେ । ଅନୁଭୂତିର ଏହି ବୃହତ୍ ସକଳ କ୍ଷେତ୍ରକୁ ଅତିମାନସ ଆପଣା ହାତରେ ଗ୍ରହଣ କରିନିଏ, ଏଗୁଡ଼ିକୁ ଆଲୋକମୟ ଓ ସୌଷମ୍ୟଯୁକ୍ତ କରେ; ଏଗୁଡ଼ିକ ଆଉ ଆଗ ଭଳି କେବଳ ଅସ୍ପଷ୍ଟ କିଂବା ଖଣ୍ଡିତ ଭାବରେହିଁ ଅନୁଭୂତ ହୁଅନ୍ତି ନାହିଁ, ଆମର ମନୋଗତ ଅଜ୍ଞାନଟି ଦ୍ୱାରା ପରିଚାଳିତ ହେଉଥିବା ପରି ତଜ୍ଜନିତ ସୀମାବଦ୍ଧତା ତଥା ପ୍ରମାଦଗୁଡ଼ିକର ଆଦୌ ଅଧୀନ ହୋଇପଡ଼ନ୍ତି ନାହିଁ; ମାତ୍ର ଏଇଟି ଏବଂ ଏହାର ପ୍ରତ୍ୟେକ ଗତିସ୍ପନ୍ଦନ ଆପଣାର ଯଥାର୍ଥ ସ୍ୱରୂପରେ ତଥା ଆପଣାର ସମସ୍ତ ବଳ ଓ ଆନନ୍ଦ ସହିତ ପ୍ରକାଶିତ ହୋଇଉଠେ, ଏବଂ ଆମ ପ୍ରାଣର ଭୂମିରେ କାର୍ଯ୍ୟ କରୁଥିବା ସେହି ପରମ ଦିବ୍ୟସ୍ୱରୂପଙ୍କରହିଁ ସରଳ ଏବଂ ତଥାପି ଜଟିଳ, ଶୁଦ୍ଧ, ସହଜସ୍ଫୂର୍ତ୍ତି ଏବଂ ତଥାପି ସମ୍ପୂର୍ଣ୍ଣ ଅଭ୍ରାନ୍ତ ଭାବରେ ଗଠନ ହୋଇ ରହିଥିବା ଇଚ୍ଛାଟି ଅନୁସାରେ ଆପଣାର ଯାବତୀୟ ସ୍ତରରେ ପ୍ରାଣଗତ ଗତିଶୀଳତାର ସେହି ବୃହତ୍ ଓ ବର୍ତ୍ତମାନ କ୍ୱଚିତ୍ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ରହି ପାରୁଥିବା ଶକ୍ତି ଓ ସାମର୍ଥ୍ୟଗୁଡ଼ିକୁ ପରିଚାଳିତ କରିନିଏ । ପ୍ରାଣସ୍ଥ ବୋଧଶକ୍ତିକୁ ଏହା ଆମ ଚତୁର୍ଦ୍ଦିଗରେ କାର୍ଯ୍ୟ କରୁଥିବା ପ୍ରାଣସାମର୍ଥ୍ୟଗୁଡ଼ିକର ଜ୍ଞାନଲାଭ କରିବା ଲାଗି ଏକ ପରିପୂର୍ଣ୍ଣ ସାଧନରୂପେ ତିଆରି କରିଦିଏ; ସ୍ଥୂଳ ଇନ୍ଦ୍ରିୟସବୁ ସ୍ଥୂଳ ବିଶ୍ୱଜଗତର ରୂପାୟନ ଏବଂ ସମ୍ବେଦନଗୁଡ଼ିକର

'oaob.nitrkl.ac.in' images reprocessed

ଜ୍ଞାନଲାଭ କରିପାରିବା ଲାଗି ଯେପରି ସମର୍ଥ ହୋଇ ରହିଛନ୍ତି, ପ୍ରାଣର ବୋଧଶକ୍ତିକୁ ତାହା ଠିକ୍ ସେହିପରି ଭାବରେ ପୂର୍ଣ୍ଣ ସାମର୍ଥ୍ୟ ଆଣିଦିଏ । ଏବଂ ତାହା ସଙ୍ଗେସଙ୍ଗେ ଏହା ତାହାକୁ ଆମ ଭିତରେ ଆତ୍ମ-ଅଭିବ୍ୟକ୍ତିର ଏକ ସାଧନରୂପେ କାର୍ଯ୍ୟ କରୁଥିବା ସକ୍ରିୟ ପ୍ରାଣ-ଶକ୍ତିର ପ୍ରତିକ୍ରିୟାଗୁଡ଼ିକ ଲାଗି ମଧ୍ୟ ଏକ ପରିପୂର୍ଣ୍ଣ ମାର୍ଗରୂପେ ବି ତିଆରି କରି ଦେଇଯାଏ ।

( ୩ )

ପ୍ରାଣିକ ଚେତନା ଏବଂ ପ୍ରାଣଗତ ଇନ୍ଦ୍ରିୟବୋଧର ଏହି ବ୍ୟାପାରଟି, ଭୌତିକ ଶକ୍ତିଠାରୁ ଅଧିକ ସୂକ୍ଷ୍ମ ଯାବତୀୟ ଶକ୍ତିଗତ କ୍ରୀଡ଼ାର ଏହି ସଂବେଦନ, ଅବବୋଧ ଏବଂ ସେଗୁଡ଼ିକ ପ୍ରତି ପ୍ରତିସ୍ପନ୍ଦନ ଜଣାଇ ପାରିବାର ଏହି ସାମର୍ଥ୍ୟ, କୌଣସିପ୍ରକାର ବାଛବିଚାର ନରଖି ସେଗୁଡ଼ିକୁ ଅନେକ ସମୟରେ ଏକତ୍ର ଶ୍ରେଣୀଭୁକ୍ତ କରିଦେଇ ଚୈତ୍ୟ ବ୍ୟାପାର ବୋଲି କୁହାଯାଇଥାଏ । ଏକ ନିର୍ଦ୍ଦିଷ୍ଟ ଅର୍ଥରେ ଚୈତ୍ୟର ଏକ ଜାଗରଣ ବା ବର୍ତ୍ତମାନ ଲୁକ୍କାୟିତ ହୋଇ ରହିଥିବା ଅନ୍ତରସ୍ଥ ଆତ୍ମା, ଯାହାକି ଭୌତିକ ମନ ତଥା ଇନ୍ଦ୍ରିୟଗୁଡ଼ିକର ସ୍ଥୂଳ କ୍ରିୟାଦି ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଅବରୁଦ୍ଧ ବା ଅଂଶତଃ ଆଚ୍ଛାଦିତ ହୋଇ ରହିଛି, ନିମଜ୍ଜିତ ବା ପ୍ରଚ୍ଛନ୍ନ ହୋଇ ରହିଥିବା ଅନ୍ତରସ୍ଥ ପ୍ରାଣମୟ ଚେତନାଟିକୁ ଉପରିଭାଗକୁ ବହନ କରି ଆଣିଥାଏ । ଏହା ସଙ୍ଗେସଙ୍ଗେ ତାହା ଏକ ଅନ୍ତରସ୍ଥ ବା ପ୍ରଚ୍ଛନ୍ନ ମାନସିକ ଚେତନା ଏବଂ ଇନ୍ଦ୍ରିୟକୁ ମଧ୍ୟ ପ୍ରକଟ କରି ଦେଇଥାଏ, ଯାହାକି ପ୍ରାଣଗତ ଯାବତୀୟ ଶକ୍ତିର କେବଳ କ୍ରୀଡ଼ା, ପରିଣାମ ଏବଂ ପ୍ରତିଭାସଗୁଡ଼ିକୁ ନୁହେଁ, ମାତ୍ର ମାନସିକ ତଥା ଚୈତ୍ୟ ଲୋକ ଏବଂ ତାହା ମଧ୍ୟରେ ବିଦ୍ୟମାନ ରହିଥିବା ଯାବତୀୟ ପଦାର୍ଥକୁ ଏବଂ ଏହି ଲୋକଟିର ମାନସିକ ସକଳ ବ୍ୟାପାର, ସ୍ପନ୍ଦନ, ପ୍ରତିଭାସ, ରୂପ ଓ ପ୍ରତିମାଗୁଡ଼ିକୁ ମଧ୍ୟ ପ୍ରତ୍ୟକ୍ଷ ଭାବରେ ଦେଖିବାକୁ ସମର୍ଥ ହୁଏ, ଅନୁଭବ କରିପାରେ ଓ ସ୍ଥୂଳ ଇନ୍ଦ୍ରିୟ-ଗୁଡ଼ିକର କୌଣସି ସହାୟତା ଗ୍ରହଣ ନକରି ଏବଂ ସେଗୁଡ଼ିକ ଦ୍ୱାରା ଆମ ଚେତନା ଉପରେ ଲଦି ଦିଆଯାଇଥିବା ସୀମାଗୁଡ଼ିକ ମଧ୍ୟରେ କୌଣସିପ୍ରକାରେ ବାନ୍ଧି ନହୋଇ ଗୋଟିଏ ମନ ଏବଂ ଆଉ ଗୋଟିଏ ମନ ଭିତରେ ସିଧା ସମ୍ବନ୍ଧସ୍ଥାପନ କରିପାରେ । ଚେତନାର ଏହି ଅନ୍ତର୍ଗତ କ୍ଷେତ୍ରଗୁଡ଼ିକର କ୍ରିୟାରେ ଅବଶ୍ୟ ଦୁଇଟି ପ୍ରକାର ରହିଛି । ପ୍ରଥମଟିକୁ ଆମେ ଜାଗ୍ରତ ହୋଇ ଉଠିଥିବା ପ୍ରଚ୍ଛନ୍ନ ମନ ତଥା ପ୍ରାଣର ଏକ ଅପେକ୍ଷାକୃତ ଅଧିକ ବାହ୍ୟ ଏବଂ ଅବ୍ୟବସ୍ଥିତ କ୍ରିୟା ବୋଲି କହିବା, ଯାହାକି ମନ ତଥା ପ୍ରାଣମୟ ସତ୍ତାର ସ୍ଥୂଳତର ଯାବତୀୟ କାମନା ଏବଂ ଭ୍ରାନ୍ତିଗୁଡ଼ିକ ଦ୍ୱାରା ଅବରୁଦ୍ଧ ହୋଇ ରହିଥାଏ, ସେଗୁଡ଼ିକର ଅଧୀନ ହୋଇ ରହିଥାଏ ଏବଂ ଆପଣାର ଅନୁଭୂତି, ଶକ୍ତି ତଥା କ୍ଷମତାଗୁଡ଼ିକର କ୍ଷେତ୍ରଟି ଯେତେ ବ୍ୟାପକ ହୋଇଥିଲେ ମଧ୍ୟ ସଂକଳ୍ପ

'oaob.nitrkl.ac.in' images reprocessed

ତଥା ଜ୍ଞାନଗତ ନାନା ଭୁଲ ଏବଂ ବିକୃତିର ଅଗଣିତ କେତେକେତେ ସଂଘାତ ଦ୍ୱାରା କଳୁଷିତ ହୋଇ ରହିଥାଏ, ନାନା ମିଥ୍ୟା ଇଙ୍ଗିତ ଏବଂ ପ୍ରତିରୂପରେ ପୂର୍ଣ୍ଣ ହୋଇ ରହିଥାଏ, ମିଥ୍ୟା ଏବଂ ବିକୃତିଯୁକ୍ତ କେତେକେତେ ପ୍ରତିବୋଧ, ପ୍ରେରଣା ତଥା ଆବେଗ ଦ୍ୱାରା ଭର୍ତ୍ତି ହୋଇ ରହିଥାଏ; ଏହି ଆବେଗଗୁଡ଼ିକ ଅନେକ ସମୟରେ ଖଳତାଯୁକ୍ତ ଓ ବିକାରଗ୍ରସ୍ତ ମଧ୍ୟ ହୋଇ ରହିଥାଏ ଏବଂ ସ୍ଥୂଳ ମନ ତଥା ତାହାର ନାନାବିଧ ଅସ୍ପଷ୍ଟତାର ହସ୍ତକ୍ଷେପ ଦ୍ୱାରା ମଧ୍ୟ ଦୂଷିତ ହୋଇ ରହିଥାଏ । ଆମେ ଏହାକୁ ଏକ ନିମ୍ନତର ସ୍ତରର କ୍ରିୟାତ୍ମକତା ବୋଲି କହିବା, ଏବଂ ଅତୀନ୍ଦ୍ରିୟଦର୍ଶୀ, ଚୈତ୍ୟବାଦୀ, ପ୍ରେତାତ୍ମବାଦୀ, ଗୁହ୍ୟବିଦ୍ୟାର ଆଗ୍ରହୀ ଏବଂ ଶକ୍ତିମନ୍ତ୍ର ତଥା ସିଦ୍ଧି ଲୋଡ଼ୁଥିବା ବ୍ୟକ୍ତିମାନେ ଏହାର ଜାଲରେ ବଡ଼ ସହଜରେ ଆସି ପଡ଼ିଯାନ୍ତି ଏବଂ ଏହିଭଳି ସ୍ତରରେ ଅନ୍ୱେଷଣ କରି ବାହାରିବାର ନାନା ବିପଦ ତଥା ପ୍ରମାଦ ବିଷୟରେ ଯେତେ ଯେଉଁଠି ସତର୍କ କରି ଦିଆଯାଇଛି, ସେଗୁଡ଼ିକୁ ଆମେ ବିଶେଷତର ଭାବରେ ଏହି କ୍ଷେତ୍ରଟି ଲାଗି ପ୍ରଯୁଜ୍ୟ ବୋଲି ଗ୍ରହଣ କରିନେଇ ପାରିବା । ଅଧ୍ୟାତ୍ମ ପରିପୂର୍ଣ୍ଣତାର ସନ୍ଧାନରେ ବାହାରିଥିବା ସାଧକ ବିପଦର ଏହି ମଣ୍ଡଳଟିକୁ ସମ୍ପୂର୍ଣ୍ଣରୂପେ ଏଡ଼ାଇ ଯାଇପାରିବାକୁ ଚେଷ୍ଟା କରିବ, ତାହା ନକରି ପାରିଲେ ଯଥାସମ୍ଭବ ଶୀଘ୍ରାତିଶୀଘ୍ର ଏହି ପର୍ଯ୍ୟାୟଟିକୁ ପାରହୋଇ ଚାଲିଯିବ । ଏହି କ୍ଷେତ୍ରରେ ନିରାପଦ ପନ୍ଥାଟି ହେଉଛି ଯେ ସେ ଏଗୁଡ଼ିକରୁ କୌଣସିଟି ମଧ୍ୟରେ ଆସକ୍ତ ହୋଇ ରହିବ ନାହିଁ, ମାତ୍ର ଆଧ୍ୟାତ୍ମିକ ଅଗ୍ରଗତିକୁହିଁ ଆପଣାର ଏକମାତ୍ର ଯଥାର୍ଥ ଲକ୍ଷ୍ୟ ବୋଲି ଗ୍ରହଣ କରିନେବ ଏବଂ ମନ ତଥା ପ୍ରାଣକ୍ଷେତ୍ରର ଆତ୍ମାଟି ଶୁଦ୍ଧ ହୋଇ ନଯିବା ପର୍ଯ୍ୟନ୍ତ ଏବଂ ଚିଦ୍‌ଗତତା ଓ ଅତିମାନସ ବା ଅନ୍ତତଃ ଆଧ୍ୟାତ୍ମିକ ଆଲୋକନ ଦ୍ୱାରା ଆଲୋକିତ ହୋଇ ରହିଥିବା ମନ ଏବଂ ଆତ୍ମାର ଆଲୋକଟିକୁ ଅନୁଭୂତିର ଏହିସବୁ ନିମ୍ନତର କ୍ଷେତ୍ରରେ ଆଣି ପ୍ରତିଫଳିତ କରାଇ ପାରିବା ପର୍ଯ୍ୟନ୍ତ ସେ ଆଉ ଅନ୍ୟ କୌଣସି ବସ୍ତୁରେ ଆପଣାର ଦୃଢ଼ ଆସ୍ଥା କଦାପି ସ୍ଥାପନ କରିବ ନାହିଁ । କାରଣ ଯେତେବେଳେ ମନ ଶାନ୍ତ ଓ ଶୁଦ୍ଧ ହୋଇ ଆସିବ ଏବଂ ଶୁଦ୍ଧ ଚୈତ୍ୟ ଆତ୍ମାଟି ବାସନା-ଆତ୍ମାର ଅତ୍ୟାଗ୍ରହ-ଫାଶରୁ ମୁକୁଳି ବାହାରି ଆସିବ, ସେତେବେଳେ ଯାଇ ଏହିସବୁ ଅନୁଭୂତି ମଧ୍ୟରେ ଆଉ କୌଣସି ଗମ୍ଭୀର ବିପଦର ଆଶଙ୍କା ନାହିଁ ବୋଲି କୁହାଯାଇ ପାରିବ । ବସ୍ତୁତଃ ଏହି କ୍ଷେତ୍ରରେ ସୀମାବଦ୍ଧ ହୋଇ ପଡ଼ିବାର ବିପଦଟି ହୁଏତ ନିଶ୍ଚୟ ରହିଥିବ ଏବଂ ଏକ ନିର୍ଦ୍ଦିଷ୍ଟ ପରିମାଣରେ ପ୍ରମାଦର ଏକ ଉପାଦାନ ମଧ୍ୟ ରହିଥିବ ଏବଂ ଆତ୍ମା ଏହି ମନର ଭୂମିଟି ଉପରେହିଁ ଆପଣାର ଯାବତୀୟ ଅନୁଭୂତି ଲାଭ କରୁଥିବା ପର୍ଯ୍ୟନ୍ତ ଏବଂ ସେହି ଭୂମିରେହିଁ କ୍ରିୟା କରୁଥିବା ପର୍ଯ୍ୟନ୍ତ ସେହି ସୀମାବଦ୍ଧତା ଓ ପ୍ରମାଦକୁ କଦାପି ସମ୍ପୂର୍ଣ୍ଣ ଭାବରେ ନିର୍ମୂଳ କରିଦେଇ ହେବ ନାହିଁ । କାରଣ, ସେତେବେଳେ ଯାଇ ଯଥାର୍ଥ ଚୈତ୍ୟ ଚେତନା ଏବଂ ତାହାର ଯାବତୀୟ ସାମର୍ଥ୍ୟର ଶୁଦ୍ଧ କ୍ରିୟାଟି

'oaob.nitrkl.ac.in' images reprocessed

ସମ୍ଭବ ହୋଇସିବ, ଜନ୍ମନ୍ତର ଯାବତୀୟ ବିକୃତିରୁ ଶୁଦ୍ଧ ହୋଇ ରହିଥିବା ଚୈତ୍ୟ ଅନୁଭୂତିକୁ ଗ୍ରହଣ କରିବା ମଧ୍ୟ ସମ୍ଭବ ହୋଇସିବ; ଅବଶ୍ୟ ଏକଥା ସତ ଯେ ତାହା ବ୍ୟାଖ୍ୟାକାରୀ ମନର ସୀମାଗୁଡ଼ିକ ମଧ୍ୟରେ ତଥାପି ବାନ୍ଧି ହୋଇ ରହିଥିବ । ସେତିକବେଳେ ଯାଇ ଚୈତ୍ୟ ଚେତନା ଏକ ଉଚ୍ଚ ଆଧ୍ୟାତ୍ମିକତା ଏବଂ ଜ୍ୟୋତିର ଅଧିକାରୀ ହୋଇପାରିବ । ଏବଂ କେବଳ ଅତିମାନସର କବାଟଟି ଫିଟିଯାଇ ପାରିଲେ ଏବଂ ମାନସ ତଥା ଚୈତ୍ୟ ଅନୁଭୂତି ସେହି ଅତିମାନସିକତା ଦ୍ୱାରା ପୂର୍ଣ୍ଣସଂକ୍ରାମିତ ହୋଇ ରହିଲେ ଯାଇ ପରିପୂର୍ଣ୍ଣ ଶକ୍ତିମତ୍ତା ଏବଂ ସତ୍ୟ ଉପଲବ୍ଧ ହୋଇ ଆସିବ ।

ଚୈତ୍ୟ ଚେତନା ଏବଂ ତାହାର ଅନୁଭୂତିଗତ ପରିସରଟିକୁ ଆମେ ପ୍ରାୟ ଅକଳନୀୟ ବୋଲି କହିପାରିବା ଏବଂ ଏହାର ଯାବତୀୟ ବ୍ୟାପାରର ବିବିଧତା ଏବଂ ବହୁଗ୍ରଥିତତାକୁ ପ୍ରାୟ ଅନନ୍ତ ବୋଲି କହିପାରିବା । ତାହାର ମୋଟାମୋଟି କେବଳ କେତୋଟି ଧାରା ଏବଂ ପ୍ରଧାନ ଲକ୍ଷଣକୁହିଁ ଏଠାରେ ଉଲ୍ଲେଖ କରାଯାଇ ପାରିବ । ସେଗୁଡ଼ିକ ମଧ୍ୟରୁ ଚୈତ୍ୟ ଇନ୍ଦ୍ରିୟଗୁଡ଼ିକର କ୍ରିୟାକୁ ଆମେ ପ୍ରଥମ ଓ ପ୍ରଧାନତମ ବୋଲି ଜାଣିବା; ଏହି ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁ ସାଧାରଣତଃ ଦର୍ଶନେନ୍ଦ୍ରିୟଟି ସବୁଠାରୁ ଅଧିକ ବିକାଶଲାଭ କରିଥାଏ ଏବଂ ଆମ ଅନ୍ତରସ୍ଥ ଦୃଷ୍ଟିଟିକୁ ଅବରୁଦ୍ଧ କରି ରଖିଥିବା ସ୍ଥୂଳ ଚେତନା ମଧ୍ୟରେ ରୁଦ୍ଧ ରହିବାର ଆବରଣଟି ଯେତେବେଳେ ଭାଙ୍ଗି ଖଣ୍ଡଖଣ୍ଡ ହୋଇଯାଏ, ସେତିକବେଳେ ସର୍ବପ୍ରଥମେ ଏହି ଦର୍ଶନେନ୍ଦ୍ରିୟଟିହିଁ ଏକ ବିଶାଳ ଆକୃତି ଧରି ପ୍ରକଟ ହୋଇଆସେ । ମାତ୍ର ଚୈତ୍ୟ ସତ୍ତାରେ ପ୍ରତ୍ୟେକଟି ସ୍ଥୂଳ ଇନ୍ଦ୍ରିୟଗୁଡ଼ିକର ଅନୁରୂପ ହୋଇ ସୂକ୍ଷ୍ମ ଇନ୍ଦ୍ରିୟଶକ୍ତିମାନ ମଧ୍ୟ ରହିଛି; ଅର୍ଥାତ୍ ଚୈତ୍ୟ ଶ୍ରବଣଶକ୍ତି ରହିଛି, ଚୈତ୍ୟ ସ୍ପର୍ଶନଶକ୍ତି, ଘ୍ରାଣଶକ୍ତି ତଥା ସ୍ୱାଦଶକ୍ତି ମଧ୍ୟ ରହିଛି । ବସ୍ତୁତଃ ସ୍ୱୟଂ ସ୍ଥୂଳେନ୍ଦ୍ରିୟଗୁଡ଼ିକୁ ମଧ୍ୟ ଯଥାର୍ଥରେ ଆମେ ଅନ୍ତର୍ଗତ ଇନ୍ଦ୍ରିୟଟିର ସ୍ଥୂଳ ଜଡ଼ର ପ୍ରତିସ୍ୱସଟି ମଧ୍ୟରେ, ତାହାରି ମଧ୍ୟଦେଇ ଏବଂ ତା' ଉପରେ ସଂଘଟିତ ହେଉଥିବା ସୀମାବଦ୍ଧ ଏବଂ ବାହ୍ୟ କ୍ରିୟାତ୍ମକତାଟି ମଧ୍ୟକୁ ଏକ ପ୍ରକ୍ଷେପଣ ବୋଲିହିଁ କହିପାରିବା । ଚୈତ୍ୟ ଦୃଷ୍ଟି ଆପଣାର ସ୍ୱଭାବଟି ଦ୍ୱାରାହିଁ ପ୍ରେରିତ ହୋଇ ମାନସିକ ବା ଚୈତ୍ୟ ଆକାଶ ଅର୍ଥାତ୍ ଚିତ୍ତାକାଶର ସୂକ୍ଷ୍ମ ଉପାଦାନ ଦ୍ୱାରା ନିର୍ମିତ ହୋଇଥିବା ପ୍ରତିରୂପଗୁଡ଼ିକୁହିଁ ଗ୍ରହଣ କରୁଥାଏ । ଏଗୁଡ଼ିକ ଭୌତିକ ପଦାର୍ଥ, ବ୍ୟକ୍ତି, ଦୃଶ୍ୟ, ଘଟଣାବଳୀ ଏବଂ ସେହି ସ୍ଥୂଳ ଜଗତଟିରେ ଯାହାକିଛି ରହିଛି, ରହିଥିଲା, ରହିବ ବା ରହିପାରିବା ସମ୍ଭବ, ସେହି ସବୁକିଛିର ଚିତ୍ତାକାଶଗତ ପ୍ରତିଲିପି ବା ରୂପ ହୋଇପାରେ । ଏହିସବୁ ପ୍ରତିରୂପ ନାନାବିଧ ଭାବରେ ଏବଂ ସକଳପ୍ରକାର ଅବସ୍ଥାରେ ପରିଦୃଷ୍ଟ ହୋଇଥାଏ, ସମାଧିରେ ଦୃଷ୍ଟ ହୋଇଥାଏ ତଥା ଜାଗ୍ରତ ଅବସ୍ଥାରେ ମଧ୍ୟ ଦୃଷ୍ଟ ହୋଇଥାଏ; ଏବଂ ଜାଗ୍ରତ ଅବସ୍ଥାରେ ଆମର ଦେହସ୍ଥ ଚକ୍ଷୁଟି ବନ୍ଦ ବା ଖୋଲାଥିବା ଅବସ୍ଥାରେ, ଏକ ସ୍ଥୂଳ ପଦାର୍ଥ ବା ମାଧ୍ୟମ ଉପରେ ବା ତା' ଭିତରକୁ ପ୍ରକ୍ଷେପିତ ହୋଇ ରହିଥିବାବେଳେ

'oaob.nitrkl.ac.in' images reprocessed

ବା ସେହି ଭୌତିକ ପରିବେଶଟି ମଧ୍ୟରେ ସତେଅବା ସ୍ଥୂଳ ରୂପଟିଏ ଧାରଣ କରି ରହିଥିବା ପରି ଦେଖା ଗଲାବେଳେ, ଅଥବା କେବଳ ଏକ ଚୈତ୍ୟ ଆକାଶ ମଧ୍ୟରେ ଆପଣାକୁ ଏହି ସ୍ଥୂଳତର ଭୌତିକ ବାୟୁମଣ୍ଡଳଟି ମଧ୍ୟଦେଇ ପ୍ରକାଶିତ କରି ଦେଉଥିବା ସମୟରେ ମଧ୍ୟ ଦୃଷ୍ଟ ହୋଇଥାଏ । ବେଳେବେଳେ ଏଗୁଡ଼ିକ ସ୍ୱୟଂ ସ୍ଥୂଳ ଲୋଚନଗୁଡ଼ିକୁ ଏକ ଗୌଣ ସାଧନରେ ପରିଣତ କରିଦେଇ ସେଗୁଡ଼ିକ ଦ୍ୱାରା ଏବଂ ସତେଅବା ସ୍ଥୂଳ ପ୍ରତ୍ୟକ୍ଷର ଅବସ୍ଥାଗୁଡ଼ିକରେ ବି ଦୃଷ୍ଟିଗୋଚର ହୁଅନ୍ତି ଏବଂ ବେଳେ ବେଳେ କେବଳ ଚୈତ୍ୟ ଦୃଷ୍ଟି ଦ୍ୱାରାହିଁ ଦୃଷ୍ଟ ହୋଇଥାନ୍ତି; ଏବଂ ସେତେବେଳେ ଏଗୁଡ଼ିକ ଦେଶସ୍ଥତା ସହିତ ଆମ ସାଧାରଣ ଦୃଷ୍ଟିଟିର ଯେଉଁ ସମ୍ବନ୍ଧ ରହିଛି, ସେଗୁଡ଼ିକଠାରୁ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ହୋଇ ରହିଥାନ୍ତି । ଏହି କ୍ଷେତ୍ରରେ ଚୈତ୍ୟ ଦୃଷ୍ଟିହିଁ ସର୍ବଦା ପ୍ରକୃତ କରଣ ହୋଇ ରହିଥାଏ; ଏବଂ ଚେତନାଟି ଯେ ବହୁତ ଅଥବା ଅଳ୍ପ ପରିମାଣରେ, କେବଳ ବେଳେବେଳେ ଅଥବା ସ୍ୱାଭାବିକ ଭାବରେ ଓ ଅଳ୍ପବହୁତ ପରିପୂର୍ଣ୍ଣତା ସହିତ ଚୈତ୍ୟ ଶରୀରଟି ମଧ୍ୟରେ ଜାଗ୍ରତ ହୋଇ ରହିଛି, ତାହାର ସାମର୍ଥ୍ୟଟି ସେହି କଥାଟିକୁ ସୂଚିତ କରିଦେଇ ଯାଉଥାଏ । ଏହିପରି ଭାବରେ, ସ୍ଥୂଳ ଦୃଷ୍ଟିର ସୀମାତିକ୍ରମ କରି ଯେତେବେଶୀ ଦୂରରେ ଅବସ୍ଥିତ ପଦାର୍ଥଗୁଡ଼ିକର ପ୍ରତିଲିପି ବା ଛାପଟିକୁ କିଂବା ଅତୀତ ତଥା ଭବିଷ୍ୟକାଳର ପ୍ରତିରୂପଗୁଡ଼ିକୁ ଦେଖିବା ସମ୍ଭବ ହୋଇଯାଏ ।

ଏହିସବୁ ପ୍ରତିଲିପି ବା ଛାପ ବ୍ୟତୀତ ଚୈତ୍ୟ ଦୃଷ୍ଟି ଭାବନାଗତ ପ୍ରତିରୂପଗୁଡ଼ିକର ତଥା ଅନ୍ୟ ଅନେକ ପ୍ରକାରର ରୂପଗୁଡ଼ିକୁ ମଧ୍ୟ ଗ୍ରହଣ କରିବାକୁ ସମର୍ଥ ହୋଇ ରହିଥାଏ, ଯାହାକି ଆମ ଭିତରେ ବା ଅନ୍ୟମାନଙ୍କ ଭିତରେ ମନୁଷ୍ୟମାନଙ୍କ ମଧ୍ୟରେ ଚେତନାର ଅନବରତ କ୍ରିୟାରୁହିଁ ଉତ୍ପନ୍ନ ହୋଇ ଆସିଥାଏ; ଏବଂ ଏଗୁଡ଼ିକ ଏହି କ୍ରିୟାର ସ୍ୱରୂପଟି ଅନୁସାରେ ସତ୍ୟ ଅଥବା ଅସତ୍ୟର ଗୋଟିଏ ଗୋଟିଏ ପ୍ରତିରୂପ ବା ପୁଣି ଏପରି ମିଶ୍ରିତ ନାନା ପ୍ରତିରୂପ ମଧ୍ୟ ହୋଇପାରେ ଯାହା ଭିତରେ କିଛି ଅଂଶ ସତ୍ୟ ଓ କିଛି ଅଂଶ ମିଥ୍ୟା ହୋଇ ରହିଥାଏ । ଅଥବା ଏଗୁଡ଼ିକ କେବଳ ଫମ୍ପା ଆବରଣ ଓ ରୂପ ମଧ୍ୟ ହୋଇପାରେ ଅଥବା, ପୁଣି ଏପରିସବୁ ପ୍ରତିରୂପ ହୋଇପାରେ, ଯାହାକି କ୍ଷଣସ୍ଥାୟୀ ଜୀବନ ତଥା ଚେତନା ଦ୍ୱାରା ଅନୁପ୍ରାଣିତ ହୋଇ ରହିଥାଏ, ଏବଂ ଏକଥା ମଧ୍ୟ ସମ୍ଭବ ଯେ ଏଗୁଡ଼ିକ ମଧ୍ୟରେ କୌଣସି ନା କୌଣସି ପ୍ରକାରର ଶୁଭ ଅଥବା ଅଶୁଭ କ୍ରିୟା କରିବା ଲାଗି କିଂବା ସ୍ୱେଚ୍ଛାକୃତ ଅଥବା ଅନିଚ୍ଛାକୃତ କୌଣସି ପ୍ରଭାବ ପକାଇବା ଲାଗି ଏକ ଶକ୍ତି ମଧ୍ୟ ରହିଥାଏ । ଏହିସବୁ ପ୍ରତିଲିପି, ପ୍ରଭାବ, ଭାବନାର ପ୍ରତିରୂପ ତଥା ପ୍ରାଣମୟ ରୂପ ଏବଂ ଚେତନାର ଏହିସବୁ ବହିଃପ୍ରକ୍ଷେପଣ ପ୍ରତିନିଧିମୂଳକ ଏପରି ଗୋଟିଏ ଗୋଟିଏ ସତ୍ତା ବା ରଚନା ମଧ୍ୟ ହୋଇପାରନ୍ତି, ଯାହାକି ଏହି ସ୍ଥୂଳ ଜଗତର ନୁହେଁ, ବରଂ ଆମର ଏହି ସୀମାଟିର

'oaob.nitrkl.ac.in' images reprocessed

ଅତୀତ ହୋଇ ରହିଥିବା ପ୍ରାଣିକ, ଚୈତ୍ୟ ଅଥବା ମାନସିକ ଲୋକଗୁଡ଼ିକରହିଁ ସମ୍ପଦ ହୋଇ ରହିଥାନ୍ତି, ଅଥବା ଯାହାସବୁ ଆମକୁ ଆମର ନିଜ ମନଟି ମଧ୍ୟରେହିଁ ଦୃଷ୍ଟି-ଗୋଚର ହେଉଥାଏ ବା ମନୁଷ୍ୟେତର ସତ୍ତାଗୁଡ଼ିକ ଆଡ଼ୁ ଆମ ଉପରେ ପ୍ରକ୍ଷେପିତ ହୋଇ ରହିଥାଏ । ଏବଂ ଚୈତ୍ୟ ଚେତନା ମଧ୍ୟରେ ଯେପରି ଏହି ଚୈତ୍ୟ ଦୃଷ୍ଟିଟି ରହିଛି ଏବଂ ତାହାର କେତେକ ଅପେକ୍ଷାକୃତ ଅଧିକ ବାହ୍ୟ ଏବଂ ନିତ୍ୟନୈମିତ୍ତିକ ଅଭିବ୍ୟକ୍ତି ଅତୀନ୍ଦ୍ରିୟଦର୍ଶନର ନାମରେ ସୁବିଦିତ ହୋଇ ରହିଛି, ସେହିପରି ଚୈତ୍ୟ ଶ୍ରବଣ ମଧ୍ୟ ରହିଛି, ଚୈତ୍ୟ ସ୍ପର୍ଶ, ଚୈତ୍ୟ ସ୍ୱାଦ ତଥା ଚୈତ୍ୟ ଗନ୍ଧର ଶକ୍ତିଗୁଡ଼ିକ ମଧ୍ୟ ରହିଛି; ଏବଂ ଅତୀନ୍ଦ୍ରିୟ ଶ୍ରବଣ ତଥା ଅତୀନ୍ଦ୍ରିୟ ବୋଧ ଏଗୁଡ଼ିକର ଅପେକ୍ଷାକୃତ ଅଧିକ ବାହ୍ୟ ଅଭିବ୍ୟକ୍ତି ହୋଇ ରହିଛି । ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିର ଆପଣା ଆପଣା ସ୍ୱଭାବର ଠିକ୍ ସେହିପରି ଗୋଟିଏ ଗୋଟିଏ କ୍ଷେତ୍ର ରହିଛି, ଠିକ୍ ଯେପରି ଚୈତ୍ୟ ଦୃଷ୍ଟିର ମଧ୍ୟ ଏକ କ୍ଷେତ୍ର ରହିଛି; ଏଗୁଡ଼ିକର ବ୍ୟାପାରଗୁଡ଼ିକର ସେହିପରି ଆପଣା ଆପଣାର କ୍ଷେତ୍ର, ସ୍ୱଭାବ, ଅବସ୍ଥା ତଥା ବିବିଧତାମାନ ମଧ୍ୟ ରହିଛି ।

ଏହିସବୁ ଓ ଅନ୍ୟାନ୍ୟ ବ୍ୟାପାର ଚୈତ୍ୟ ଅନୁଭବର ଏକ ପରୋକ୍ଷ ଏବଂ ପ୍ରତିନିଧିଧର୍ମୀ କ୍ଷେତ୍ରର ସୃଷ୍ଟି କରିଦେଉଛି; ମାତ୍ର ଚୈତ୍ୟ ଇନ୍ଦ୍ରିୟରେ ଏପରି ଏକ ଶକ୍ତି ମଧ୍ୟ ରହିଛି, ଯାହା ବଳରେ କି ତାହା ପାର୍ଥିବ ଅଥବା ଅତିପାର୍ଥିବ ସତ୍ତାଗୁଡ଼ିକ ସହିତ, ସେଗୁଡ଼ିକର ଚୈତ୍ୟ ଆତ୍ମସତ୍ତା ବା ଚୈତ୍ୟ ଦେହର ମାଧ୍ୟମରେ ଆମର ଏକ ଅଧିକ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପିତ କରି ଦେଇପାରେ, ଏପରିକି ତାହା ବସ୍ତୁଗୁଡ଼ିକ ସହିତ ମଧ୍ୟ ଆମର ଏହିପରି ଏକ ସମ୍ପର୍କ ଯୋଡ଼ି ଦେଇପାରେ, କାରଣ ବସ୍ତୁଗୁଡ଼ିକ ଭିତରେ ବି ଏହିଭଳି ଚୈତ୍ୟ ସତ୍ତା ବା ଏହିଭଳି ଆତ୍ମା ଓ ଉପସ୍ଥିତିମାନ ବିଦ୍ୟମାନ ରହିଥାନ୍ତି ଓ ବସ୍ତୁଗୁଡ଼ିକୁ ଧାରଣ କରିଥାନ୍ତି ତଥା ଆମର ଚୈତ୍ୟ ଚେତନାଟି ସହିତ ସମ୍ପର୍କସ୍ଥାପନ କରିପାରନ୍ତି । ଏହି ଅପେକ୍ଷାକୃତ ଅଧିକ ପ୍ରଭାବଶାଳୀ ଅଥଚ ଅଧିକ ବିରଳ ବ୍ୟାପାରଗୁଡ଼ିକରେ ଆମେ ସେହିଗୁଡ଼ିକୁହିଁ ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ ବୋଲି କହିବା, ଯେଉଁଗୁଡ଼ିକ କି ଆମ ଚେତନାର ଏକ ବିଶେଷ ଶକ୍ତି ସହିତ ସମ୍ବନ୍ଧ ରଖିଥାନ୍ତି । ସେହି ଶକ୍ତିଟି ହେଉଛି ଯେ ଆମର ଚେତନା ଏହି ସ୍ଥୂଳ ଦେହଟିରୁ ଭିନ୍ନ କୌଣସି ଅନ୍ୟ ସ୍ଥାନରେ ତଥା କୌଣସି ଅନ୍ୟ ପ୍ରକାରରେ ନାନାଭାବେ କାର୍ଯ୍ୟ କରିବା ଲାଗି ଆପଣାକୁ ବାହାରେ ଥିବା କୌଣସି ଏକ କେନ୍ଦ୍ରରେ କେନ୍ଦ୍ରିତ କରି ରଖିଦେଇ ପାରେ । ସେହିସବୁ କାର୍ଯ୍ୟ ହେଉଛି : ଚୈତ୍ୟ ଶରୀରରେ ପରସ୍ପର ସହିତ ବାର୍ତ୍ତା-ବିନିମୟ କରିବା ବା ତାହାର କୌଣସି ଅଂଶବିଭୂତି ଅଥବା ପ୍ରତିମୂର୍ତ୍ତିକୁ କୌଣସି ଅନ୍ୟ ସ୍ଥାନରେ ପ୍ରକଟ କରିବା;—ଏହା ଅନିବାର୍ଯ୍ୟ ରୂପରେ ନୁହେଁ, ମାତ୍ର ଅଧିକାଂଶ ସମୟରେହିଁ ନିଦ୍ରା ବା ସମାଧିର ଅବସ୍ଥାରେହିଁ ହୋଇଥାଏ । ପୁନଶ୍ଚ, ସତ୍ତାର କୌଣସି ଅନ୍ୟ ସ୍ତରରେ ବିଚରଣ କରୁଥିବା ଅଧିବାସୀମାନଙ୍କ ସହିତ ନାନା ଉପାୟରେ

'oaob.nitrkl.ac.in' images reprocessed

ବହୁବିଧ ସମ୍ବନ୍ଧ ବା ସଂଯୋଗ ସ୍ଥାପନ କରିବା ମଧ୍ୟ ଏହି କାର୍ଯ୍ୟର ଅନ୍ତର୍ଭୁକ୍ତ ହୋଇ ରହିଥାଏ ।

କାରଣ ଚେତନାସ୍ତରଗୁଡ଼ିକର ଏକ ଅବିଚ୍ଛିନ୍ନ କ୍ରମୋଚ୍ଚତରତା ରହିଛି; ଏହି କ୍ରମଟି ଚୈତ୍ୟ ସୋପାନ ତଥା ଏହି ପାର୍ଥିବ ସୋପାନଟି ସହିତ ଯୋଡ଼ାହୋଇ ତଥା ତାହାରି ଉପରେ ନିର୍ଭରଶୀଳ ହୋଇ ରହିଥିବା ଅନ୍ୟ ସୋପାନଗୁଡ଼ିକରୁ ଆରମ୍ଭ ହୋଇଛି, ଯଥାର୍ଥରେ ସ୍ୱତନ୍ତ୍ର ହୋଇ ରହିଥିବା ପ୍ରାଣିକ ତଥା ଚୈତ୍ୟ ଜଗତଗୁଡ଼ିକର ମଧ୍ୟଦେଇ ତାହା ଦେବଲୋକ ଏବଂ ଜୀବନର ସେହି ଉଚ୍ଚତମ ଅଧିମାନସ ତଥା ଆଧ୍ୟାତ୍ମିକ ଭୂମିଗୁଡ଼ିକ ଯାଏ ବିସ୍ତାରିତ ହୋଇ ରହିଛି । ଏବଂ ଏଗୁଡ଼ିକ ବସ୍ତୁତଃ ଆମର ଅନ୍ତଃପ୍ରଚ୍ଛନ୍ନ ଆତ୍ମସତ୍ତାଗୁଡ଼ିକ ଉପରେ ସତତ କାର୍ଯ୍ୟ କରିବାରେ ଲାଗିଛନ୍ତି; ଆମର ଜାଗ୍ରତ ମନ ସେବିଷୟରେ କିଛି ଜାଣିପାରୁ ନାହିଁ ସତ, ମାତ୍ର ଆମର ଜୀବନ ତଥା ପ୍ରକୃତି ଉପରେ ତାହାର ପ୍ରଭୂତ ପ୍ରଭାବ ପଡ଼ିବାରେ ଲାଗିଛି । ଆମର ସ୍ଥୂଳ ବା ଭୌତିକ ମନଟିକୁ ଆମେ ଆମର କେବଳ ଏକ ଅତି କ୍ଷୁଦ୍ର ଅଂଶଟିଏ ବୋଲି ଜାଣିବା; ଏବଂ ଆମ ସତ୍ତାର ଏକ ଅନେକ ଅଧିକ ବ୍ୟାପ୍ତିଯୁକ୍ତ ଭୂମିବିସ୍ତାର ରହିଛି, ଯେଉଁଥିରେକି ଅନ୍ୟ ଭୂମିଗୁଡ଼ିକର ଉପସ୍ଥିତି, ପ୍ରଭାବ ଏବଂ ନାନା ଶକ୍ତି ଆମ ଉପରେ ସକ୍ରିୟ ହୋଇ ରହିଛି ଏବଂ ଆମର ବାହ୍ୟ ସତ୍ତା ତଥା ତାହାର କ୍ରିୟାତ୍ମକତାଗୁଡ଼ିକୁ ଆକାର ଦେଇ ଗଢ଼ିବାରେ ସହାୟତା କରୁଛି । ଚୈତ୍ୟ ଚେତନା ଜାଗ୍ରତ ହୋଇ ଆମକୁ ଆମ ଭିତରେ ତଥା ଆମର ଚତୁର୍ଦ୍ଦିଗରେ ରହିଥିବା ନାନା ଶକ୍ତିମତ୍ତା, ପ୍ରଭାବ ଏବଂ ଉପସ୍ଥିତି ସମ୍ବନ୍ଧରେ ସଚେତନ ହେବାକୁ ସମର୍ଥ କରିଦେଉଛି । ଅଶୁଦ୍ଧ ବା ତଥାପି ଅଜ୍ଞାନଗତ ଓ ଅପୂର୍ଣ୍ଣ ହୋଇ ରହିଥିବା ମନର ପ୍ରକୃତିରେ ଏହି ଆବରଣମୁକ୍ତ ସଂସ୍ପର୍ଶଲାଭଟି ଆପଣାର ଅନେକ ବିପଦରେ ପୂର୍ଣ୍ଣ ହୋଇ ରହିଛି ସତ, ମାତ୍ର ଏହାର ଯଥାର୍ଥ ବିନିଯୋଗ ଏବଂ ପରିଚାଳନା ହୋଇପାରିଲେ, ତାହା ଆମକୁ ଆଉ ସେଗୁଡ଼ିକର ପରିକର ନୁହେଁ, ମାତ୍ର ସେଗୁଡ଼ିକର ପ୍ରଭୁ ହୋଇପାରିବା ଲାଗି ସମର୍ଥ କରିଦେଉଛି, ଆମ ପ୍ରକୃତିର ଅନ୍ତର୍ଗତ ରହସ୍ୟସତ୍ୟଗୁଡ଼ିକ ବିଷୟରେ ସଚେତନ ହୋଇ ତାହାର ସ୍ୱନିୟନ୍ତ୍ରଣଯୁକ୍ତ ଅଧିକାରୀ ହୋଇ ରହିବାକୁ ଆମକୁ ସାମର୍ଥ୍ୟ ଆଣିଦେଉଛି । ଅନ୍ତରସ୍ଥ ଏବଂ ବାହ୍ୟ ଭୂମିଗୁଡ଼ିକ ମଧ୍ୟରେ, ଏହି ଜଗତ ଏବଂ ଅନ୍ୟ ଜଗତଗୁଡ଼ିକ ମଧ୍ୟରେ ଲାଗି ରହିଥିବା ପାରସ୍ପରିକ କ୍ରିୟାଟିକୁ ଚୈତ୍ୟ ଚେତନା ଆମ ଆଗରେ ଉଦ୍‌ଘାଟିତ କରିଦେଉଛି; ଅଂଶତଃ, ଆମର ଅନ୍ତର୍ଗତ ଭାବନା ଏବଂ ଚେତନ ସତ୍ତା ଉପରେ ସେଗୁଡ଼ିକର ପ୍ରଭାବ, ଇଙ୍ଗିତ ଏବଂ ସଂଯୋଗସ୍ଥାପନଗୁଡ଼ିକ ବିଷୟରେ ଏକ ସଚେତନତା ଜନ୍ମାଇ ଓ ସେଠାରେ ସେଗୁଡ଼ିକ ଉଦ୍ଦେଶ୍ୟରେ ପ୍ରତିକ୍ରିୟା କରାଇବାର ଏକ ସାମର୍ଥ୍ୟ ସୃଷ୍ଟି କରି ତାହା ସେହି କ୍ରିୟାଟିକୁ ଉଦ୍‌ଘାଟିତ କରି ଦେଉଛି, ଯାହାକି ପ୍ରକୃତରେ ହୁଏତ ଅତ୍ୟନ୍ତ ସ୍ଥାୟୀ, ବୃହତ୍‌ବ୍ୟାପ୍ତିଯୁକ୍ତ ଏବଂ

'oaob.nitrkl.ac.in' images reprocessed

ଜୀବନ୍ତ ମଧ୍ୟ ହୋଇପାରୁଛି । ଏବଂ ଦ୍ୱିତୀୟତଃ, ପାର୍ଥିବ ବା ଅତିପାର୍ଥିବ ନାନାବିଧ ବ୍ୟାପାରର ଅନେକ ପ୍ରକାରର ପ୍ରତୀକାତ୍ମକ, ପ୍ରତିଲିପିମୂଳକ ବା ପ୍ରତିକଧ୍ୱନିଧର୍ମୀ ପ୍ରତିରୂପ ସବୁ ମଧ୍ୟ ବିଭିନ୍ନ ଚୈତ୍ୟ ଇନ୍ଦ୍ରିୟଗୁଡ଼ିକର ସମକ୍ଷରେ ପ୍ରକଟ ହେବାରେ ଲାଗିଛି । ମାତ୍ର ଅନ୍ୟ ଲୋକ ଏବଂ ଭୂମିଗୁଡ଼ିକର କେତେକେତେ ବଳ, ସାମର୍ଥ୍ୟ ଏବଂ ସତ୍ତା ସହିତ ମଧ୍ୟ ଏକ ଅଧିକ ପ୍ରତ୍ୟକ୍ଷ ଆଦାନପ୍ରଦାନ ସ୍ଥାପନ କରି ପାରିବାର ସମ୍ଭାବନା ରହିଛି, ଯାହାକି ମୂର୍ତ୍ତି ଭାବରେ ଗୋଚର ହୋଇପାରିବ ଏବଂ ପ୍ରାୟ ଭୌତିକ ବି ହୋଇପାରିବ, ଏପରିକି ବେଳେବେଳେ ସକ୍ରିୟ ଭାବରେ ମଧ୍ୟ ଭୌତିକ ହୋଇପାରିବ; ତାହାକୁ ଏକ ପୂର୍ଣ୍ଣ ଅଥଚ ଅସ୍ଥାୟୀ ସ୍ଥୂଳଭୌତିକ ରୂପ ପ୍ରଦାନ କରିପାରିବା ବି ସମ୍ଭବ ବୋଲି ପ୍ରତୀତ ହେଉଛି । ଏକଥା ମଧ୍ୟ ସମ୍ଭବ ଯେ ଭୌତିକ ଚେତନା ଏବଂ ସ୍ଥୂଳ ଜଗତର ସୀମାଗୁଡ଼ିକ ମଧ୍ୟ ହୁଏତ ସମ୍ପୂର୍ଣ୍ଣ ଭାବରେ ଭଗ୍ନ ବି ହୋଇ ଯାଇପାରେ ।

ଚୈତ୍ୟ ଚେତନାର ଜାଗରଣ ଆମ ଭିତରେ ମନକୁ ଏକ ଷଷ୍ଠ ଇନ୍ଦ୍ରିୟରୂପେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟରେ ଲଗାଇବାର ଶକ୍ତିଟିକୁ ମୁକୁଳିତ କରି ଆଣେ, ଏବଂ ଏହି ଶକ୍ତିଟିକୁ ଏକ ସତତ ତଥା ସ୍ୱାଭାବିକ ଶକ୍ତିରେ ମଧ୍ୟ ପରିଣତ କରି ରଖାଯାଇ ପାରେ । ଆମର ସ୍ଥୂଳ ଚେତନାଟି କେବଳ ଅନ୍ୟମାନଙ୍କର ମନଟା ସହିତହିଁ ଯାହାକିଛି ସଂଯୋଗ ସ୍ଥାପନ କରିପାରେ ଏବଂ ବାହ୍ୟ ସାଧନ, ସଙ୍କେତ ଏବଂ ଇଙ୍ଗିତମାନ ଦେଇ ଆମ ଚତୁର୍ଦ୍ଦିଗରେ ଅବସ୍ଥିତ ପୃଥିବୀର ଘଟଣାଗୁଡ଼ିକୁ ଆମ ଲାଗି ଜ୍ଞାତ କରି ଆଣିପାରେ; ଏବଂ ଏହି ସୀମିତ କ୍ରିୟାସାମର୍ଥ୍ୟଟିକୁ ଛାଡ଼ିଦେଲେ ଆମ ସ୍ଥୂଳ ଚେତନାର ମନର ଆଉସବୁ ଅଧିକ ପ୍ରତ୍ୟକ୍ଷ ସାମର୍ଥ୍ୟଗୁଡ଼ିକୁ କେବଳ ବଡ଼ ଅସ୍ପଷ୍ଟ ଓ ଅବ୍ୟବସ୍ଥିତ ଭାବରେ କାର୍ଯ୍ୟରେ ଲଗାଇବାକୁହିଁ ଯାହାକିଛି ଶକ୍ତି ରହିଛି, ଏବଂ ତାହାକୁ ବେଳେବେଳେ ଅନାଗତ ଘଟଣାର ଯେଉଁ ପୂର୍ବବୋଧ, ପ୍ରତିବୋଧ ଏବଂ ସନ୍ଦେଶ ପ୍ରାପ୍ତ ହୋଇଥାଏ, ତାହାର କ୍ଷେତ୍ରଟି ମଧ୍ୟ ଅତ୍ୟନ୍ତ ଅଳ୍ପପରିସର ହୋଇ ରହିଛି । କେତେକେତେ ଲୁକ୍କାୟିତ ତଥା ଅଜ୍ଞାତ ସଂଯୋଗ-ସ୍ରୋତ ଦେଇ ଆମର ମନଗୁଡ଼ିକ ପ୍ରକୃତରେ ଅନ୍ୟମାନଙ୍କର ମନ ଉପରେ ସତତ କ୍ରିୟା କରିବାରେ ଲାଗିଛି ଓ ଅନ୍ୟମାନଙ୍କର ମନ ମଧ୍ୟ ଆମର ମନଗୁଡ଼ିକ ଉପରେ ସକ୍ରିୟ ହୋଇ ରହିଛି, ମାତ୍ର ସେହି ସ୍ରୋତଗୁଡ଼ିକ ବିଷୟରେ ଆମର ଆଦୌ କୌଣସି ଜ୍ଞାନ ନାହିଁ, ଏହି ସାଧନଗୁଡ଼ିକ ଉପରେ ଆମର ଆଦୌ କୌଣସି ନିୟନ୍ତ୍ରଣ ମଧ୍ୟ ନାହିଁ । ଆମର ଚୈତ୍ୟ ଚେତନାଟି ବିକଶିତ ହୋଇ ଆସିବା ସଙ୍ଗେସଙ୍ଗେ ଆମେ ଅନ୍ୟମାନଙ୍କଠାରୁ ଗ୍ରହଣ କରୁଥିବା, ଅନ୍ୟମାନଙ୍କ ପାଖକୁ ପ୍ରେରଣ କରୁଥିବା ଅଥବା ଆମ ଚତୁର୍ଦ୍ଦିଗସ୍ଥ ସାଧାରଣ ମନୋମୟ ମଣ୍ଡଳଟି ମଧ୍ୟରୁ ପ୍ରାପ୍ତ ହେଉଥିବା ଓ ତାହାରି ମଧ୍ୟକୁ ନିକ୍ଷିପ୍ତ କରୁଥିବା କେତେକେତେ ଭାବନା, ଅନୁଭୂତି, ଇଙ୍ଗିତ,

'oaob.nitrkl.ac.in' images reprocessed

ସଂକଳ୍ପ, ଅଭିଘାତ ତଥା ପ୍ରଭାବର ସେହି ବୃହତ୍ ପିଣ୍ଡଟି ବିଷୟରେ ଆମକୁ ସଜ୍ଞାନ ଓ ସଚେତନ କରାଇ ଦେଉଛି । ଚୈତ୍ୟ ଚେତନାର ସାମର୍ଥ୍ୟ, ଯଥାର୍ଥତା ଏବଂ ସ୍ପଷ୍ଟତାର ଅଭିବୃଦ୍ଧି ଘଟିବା ସଙ୍ଗେସଙ୍ଗେ ଆମେ ଏଗୁଡ଼ିକର ଉତ୍ସସନ୍ଧାନ ମଧ୍ୟ କରିପାରୁଛୁ ବା ଅପରୋକ୍ଷ ଭାବରେ ସେଗୁଡ଼ିକର ଉଦ୍‌ଗମସ୍ଥାନଟି ବିଷୟରେ ଜ୍ଞାନଲାଭ କରିପାରୁଛୁ, ଆମ ମଧ୍ୟକୁ ସେଗୁଡ଼ିକର ସଂକ୍ରମଣକୁ ତତ୍‌କ୍ଷଣାତ୍ ଅନୁଭବ କରିପାରୁଛୁ ତଥା ଆପଣାର ସନ୍ଦେଶଗୁଡ଼ିକୁ ମଧ୍ୟ ସଚେତନ ଭାବରେ ଏବଂ ବୁଦ୍ଧିଯୁକ୍ତ ସଂକଳ୍ପ ସହିତ ପ୍ରେରଣ କରିପାରୁଛୁ । ଆମେ ଅନ୍ୟମାନଙ୍କର ମନର କ୍ରିୟାଗୁଡ଼ିକୁ, ଶାରୀରିକ ଅର୍ଥରେ ସେହିସବୁ ମନ ଆମର ପାଖରେ ଥାଆନ୍ତୁ କିଂବା ଦୂରରେ ରହିଥାଆନ୍ତୁ ପଛକେ, ବହୁତ ବା ଅଳ୍ପ ଯଥାର୍ଥ ଭାବରେ ଏବଂ ବିବେକପୂର୍ଣ୍ଣ ଭାବରେ ଜାଣିବାକୁ ସମର୍ଥ ହୋଇଯାଉଛୁ, ତଥା ସେମାନଙ୍କର ସ୍ୱଭାବ ଓ ଚରିତ୍ରକୁ, ଭାବନା, ଅନୁଭୂତି ଓ ପ୍ରତିକ୍ରିୟାଗୁଡ଼ିକୁ ଚୈତ୍ୟ ଇନ୍ଦ୍ରିୟ ବା ଏକ ପ୍ରତ୍ୟକ୍ଷ ମାନସିକ ଅବବୋଧ ଦ୍ୱାରା ଅଥବା ଆପଣା ମନଟି ଭିତରେ ବା ତାହାର ଲିପିବଦ୍ଧକାରୀ ଉପରସ୍ତରଟି ଉପରେ ଏକ ଅତ୍ୟନ୍ତ ଗୋଚର ଏବଂ ଅନେକ ସମୟରେ ମୂର୍ତ୍ତ ପରିଗ୍ରହଣ ଦ୍ୱାରା ବୁଝି ମଧ୍ୟ ପାରୁଛୁ, ଅନୁଭବ କରି ପାରୁଛୁ ଅଥବା ସେଗୁଡ଼ିକ ସହିତ ନିଜକୁ ଏକାତ୍ମକ କରିଦେଇ ପାରୁଛୁ । ଏବଂ ଯୁଗପତ୍ ଭାବରେ, ଆମେ ଅନ୍ତତଃ ଅନ୍ୟମାନଙ୍କର ଅନ୍ତର୍ଗତ ଆତ୍ମ-ସତ୍ତାଗୁଡ଼ିକୁ ଏବଂ ସେମାନଙ୍କର ଉପରିଭାଗସ୍ଥ ମନଟି ଯଥେଷ୍ଟ ପରିମାଣରେ ଗ୍ରହଣଶୀଳ ହୋଇପାରିଥିଲେ ସେଗୁଡ଼ିକୁ ମଧ୍ୟ ସଚେତନ ଭାବରେ ଆମ ନିଜର ଅନ୍ତର୍ଗତ ମନୋମୟ ବା ଚୈତ୍ୟ ଆତ୍ମସତ୍ତାଟି ବିଷୟରେ ସଜ୍ଞାନ କରିଦେଇ ପାରୁଛୁ ଏବଂ ସେଗୁଡ଼ିକୁ ଏହାର ଭାବନା, ଇଙ୍ଗିତ ଓ ପ୍ରଭାବଗୁଡ଼ିକ ଲାଗି ନମନୀୟ କରିଦେଇ ପାରୁଛୁ ବା ଏପରିକି ତାହାକୁ ଅଥବା ତାହାର ଏକ କ୍ରିୟାଶୀଳ ପ୍ରତିରୂପକୁ କେବଳ ତାହାର ଆଶୟଗତ ସତ୍ତାଟିରେ ନୁହେଁ, ମାତ୍ର ପ୍ରାଣିକ ଏବଂ ଭୌତିକ ସତ୍ତାରେ ମଧ୍ୟ ପ୍ରଭାବଶାଳୀ ଭାବରେ ନିକ୍ଷିପ୍ତ କରିଦେଇ ପାରୁଛୁ, ଯେପରିକି ତାହା ସେଠାରେ ଏକ ସହାୟକ ସାମର୍ଥ୍ୟ ତଥା ଉପସ୍ଥିତି ହୋଇ ରହିପାରିବ, ବା ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଛାଞ୍ଚରେ ପକାଇ ଆଣିବ ଅଥବା ସେଗୁଡ଼ିକର ଶାସନକାରୀ ହୋଇ ରହିପାରିବ ।

ଚୈତ୍ୟ ଚେତନାର ଏହି ଯାବତୀୟ ଶକ୍ତିମତ୍ତାର ପ୍ରୟୋଗ ଏବଂ ମହତ୍ତ୍ୱ ଯେ କେବଳ ଏକ ମାନସିକ ସ୍ତରର ନହୋଇ ଆଉକିଛି ଅଧିକ ବି ହେବ, ତାହା ଆଦୌ ଅନିବାର୍ଯ୍ୟ ନୁହେଁ ଏବଂ ଅଧିକାଂଶତଃ ସେସବୁ ଆଉ ଅଧିକ କିଛି ହୋଇ ମଧ୍ୟ ପାରନ୍ତି ନାହିଁ । ମାତ୍ର ଏକ ଆଧ୍ୟାତ୍ମିକ ଭାବ, ଆଲୋକ ତଥା ଅଭିପ୍ରାୟ ସହିତ ଏବଂ ଏକ ଆଧ୍ୟାତ୍ମିକ ଉଦ୍ଦେଶ୍ୟର ସାଧନ ଲାଗି ମଧ୍ୟ ତାହାର ଉପଯୋଗ ଅବଶ୍ୟ କରାଯାଇ ପାରିବ । ଅନ୍ୟମାନଙ୍କ ସହିତ ଆମର ଯେଉଁସବୁ ଚୈତ୍ୟ ଆଦାନପ୍ରଦାନ ରହିଛି,

'oaob.nitrkl.ac.in' images reprocessed

ତାହାର କ୍ଷେତ୍ରରେ ଏକ ଆଧ୍ୟାତ୍ମିକ ତାତ୍ପର୍ଯ୍ୟର ଆରୋପ କରି ଓ ସେଗୁଡ଼ିକର ଆଧ୍ୟାତ୍ମିକ ଉପଯୋଗ କରି ତାହା ସମ୍ଭବ ହୋଇପାରିବ; ଏବଂ ସମଗ୍ର ଭାବରେ ଦେଖିଲେ ଏହିଭଳି ଏକ ଚୈତ୍ୟ-ଆଧ୍ୟାତ୍ମିକ ଆଦାନପ୍ରଦାନ ଦ୍ୱାରହିଁ ଯୋଗକ୍ଷେତ୍ରରେ ଜଣେ ପାରଦର୍ଶୀ ଗୁରୁ ଆପଣା ଶିଷ୍ୟଙ୍କର ସହାୟତା କରିଥାନ୍ତି । ଆମର ଅନ୍ତର୍ଗତ ଅନ୍ତଃପ୍ରଚ୍ଛନ୍ନ ଏବଂ ଚୈତ୍ୟ ପ୍ରକୃତିଟିର ଜ୍ଞାନ, ସେହିଠାରେ ବିଦ୍ୟମାନ ରହିଥିବା ଯାବତୀୟ ଶକ୍ତିମତ୍ତା, ଉପସ୍ଥିତ ତଥା ପ୍ରଭାବର ଜ୍ଞାନ ଏବଂ ଅନ୍ୟାନ୍ୟ ଭୂମି, ସେଗୁଡ଼ିକର ଶକ୍ତିମତ୍ତା ଓ ସତ୍ତାଗୁଡ଼ିକ ସହିତ ସଂଯୋଗ ସ୍ଥାପନ କରିବାର ସାମର୍ଥ୍ୟ,—ଆମେ ଏଗୁଡ଼ିକୁ କେବଳ ମନୋଭୂମିସ୍ଥ ଅଥବା ପାର୍ଥିବ କୌଣସି ଉଦ୍ଦେଶ୍ୟସାଧନ ଅପେକ୍ଷା ଏକ ଉଚ୍ଚତର ଆସ୍ପଦର ପ୍ରାପ୍ତି ଲାଗି ମଧ୍ୟ ଅବଶ୍ୟ ବ୍ୟବହାର କରିପାରିବା, ଆମ ସମୁଦାୟ ପ୍ରକୃତିଟିକୁ ସ୍ୱଅଧିକାରକୁ ଆଣି ତାହାର ପ୍ରଭୁ ହୋଇପାରିବା ଲାଗି ଏବଂ ସତ୍ତାଗତ ସେହି ସର୍ବୋଚ୍ଚ ଆଧ୍ୟାତ୍ମିକ ଶିଖରଗୁଡ଼ିକ ଆଡ଼କୁ ଅଗ୍ରସର ହୋଇଯିବାର ମାର୍ଗରେ ମଧ୍ୟବର୍ତ୍ତୀ ଅନେକ ଭୂମିକୁ ଅତିକ୍ରମ କରିଯିବା ଲାଗି ମଧ୍ୟ ଆମେ ତାହାର ଉପଯୋଗ କରିପାରିବା । ମାତ୍ର, ଆମର ଚୈତ୍ୟ ଚେତନାଟିକୁ ସେହି ପରମ ଦିବ୍ୟସ୍ୱରୂପଙ୍କର ସଂସ୍ପର୍ଶଲାଭ, ତାଙ୍କରି ସହିତ ସଂଯୋଗସ୍ଥାପନ ଏବଂ ସମ୍ମିଳନ ସକାଶେ ଏକ ସୁଯୋଗ୍ୟ ସାଧନରେ ପରିଣତ କରି ପାରିବାକୁହିଁ ଆମେ ଚୈତ୍ୟ ଚେତନାର ପ୍ରତ୍ୟକ୍ଷତମ ଆଧ୍ୟାତ୍ମିକ ଉପଯୋଗ ବୋଲି ଅବଶ୍ୟ ଜାଣିରଖିବା । ଚୈତ୍ୟ-ହୃଦ୍ଗତ କେତେକେତେ ପ୍ରତୀକର ଏକ ପୃଥିବୀ ଆମ ଲାଗି ବଡ଼ ସହଜ ଭାବରେ ଉନ୍ମୁକ୍ତ ହୋଇଯିବ, କେତେକେତେ ଆଲୋକଦାୟୀ, ଶକ୍ତିମନ୍ତ ତଥା ସଜୀବ ରୂପ ତଥା ସାଧନ ମଧ୍ୟ ଉନ୍ମୁକ୍ତ ହୋଇ ଆସିବ । ଏହି ସବୁଗୁଡ଼ିକୁ ଆଧ୍ୟାତ୍ମିକ ବ୍ୟଞ୍ଜନାମୟତାର ଏକ ପ୍ରକାଶରେ ପରିଣତ କରି ଦିଆଯାଇ ପାରିବ, ଆମର ଆଧ୍ୟାତ୍ମିକ ଅଭିବୃଦ୍ଧି ତଥା ଆଧ୍ୟାତ୍ମିକ ସାମର୍ଥ୍ୟ ଏବଂ ଅନୁଭବର ବିକାଶ ଲାଗି ଏକ ସହାୟକ ଓ ଆଧ୍ୟାତ୍ମିକ ସାମର୍ଥ୍ୟ, ଜ୍ଞାନ ବା ଆନନ୍ଦ ଲାଗି ମଧ୍ୟ ଏକ ସାଧନରେ ପରିଣତ କରାଯାଇ ପାରିବ । ମନ୍ତ୍ରକୁ ବି ଆମେ ଏହି ଚୈତ୍ୟ-ଆଧ୍ୟାତ୍ମିକ ସାଧନଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କହିବା, ତାକୁ ଏକାଧାରରେ ସେହି ଆଧ୍ୟାତ୍ମିକ ପୁର୍ଣ୍ଣୋନ୍ମୋଚନ ଲାଗି ଏକ ପ୍ରତୀକ, ଏକ ସାଧନ ତଥା ଏକ ନାଦ-ଶରୀର ବୋଲି ମଧ୍ୟ କହିବା; ପରମ ଦେବତାଙ୍କର ନାନା ପ୍ରତିରୂପ ତଥା ତାଙ୍କର ବ୍ୟକ୍ତିତ୍ୱ ଏବଂ ସାମର୍ଥ୍ୟରହିଁ ନାନା ପ୍ରତୀକ ବୋଲି କହିବା ଯାହାକୁ କି ଯୋଗସ୍ଥ ଧ୍ୟାନ ଏବଂ ଆରାଧନାରେ ବ୍ୟବହାର କରାଯାଇଥାଏ । ଏହି ପର୍ଯ୍ୟାୟରେ ଭଗବାନଙ୍କର ବୃହତ୍ ନାନା ରୂପ ବା ବିଗ୍ରହ ଆମ ଆଗରେ ଉଦ୍ଘାଟିତ ହୋଇ ଆସନ୍ତି, ଯେଉଁଗୁଡ଼ିକର ମଧ୍ୟଦେଇ ସେ ଆପଣାର ଜୀବନମୟ ଉପସ୍ଥିତିଟିକୁ ଆମ ଲାଗି ପ୍ରକଟ କରିଦିଅନ୍ତି; ଏବଂ ସେହି ରୂପ ତଥା ବିଗ୍ରହଗୁଡ଼ିକର ସାହାଯ୍ୟରେ ଆମେ ଅପେକ୍ଷାକୃତ ଅଧିକ ସହଜ ଭାବରେ ତାଙ୍କୁ ଅଧିକ ଜାଣିବାକୁ

'oaob.nitrkl.ac.in' images reprocessed

ଓ ଆରାଧନା କରିବାକୁ ସମର୍ଥ ହେଉ, ଆପଣାକୁ ତାଙ୍କର ପାଖରେ ସମର୍ପି ଦେବା ଲାଗି ସମର୍ଥ ହେଉ । ଏହାଦ୍ୱାରା ଆମେ ତାଙ୍କର ଦ୍ୱାରା ଅଧ୍ୟୁଷିତ ଓ ତାଙ୍କର ଉପସ୍ଥିତି ଦ୍ୱାରା ମହିମମୟ କେତେକେତେ ଅନ୍ୟାନ୍ୟ ଲୋକରେ ତଥା ଜଗତରେ ପ୍ରବେଶ କରିପାରୁ ଏବଂ ସେଠାରେ ତାଙ୍କର ସତ୍ତ୍ୱସ୍ଥ ଆଲୋକଟି ମଧ୍ୟରେ ଯାଇ ବାସ କରିପାରୁ । ଆଧ୍ୟାତ୍ମିକ ଭାବ ଦ୍ୱାରା ସଂକ୍ରାମିତ ହୋଇ ରହିଥିବା ଆମର ଚୈତ୍ୟ ଚେତନାଟିର ମଧ୍ୟଦେଇ ତାଙ୍କର ବାଣୀ, ତାଙ୍କର ଆଦେଶ, ଉପସ୍ଥିତି, ସ୍ପର୍ଶ ତଥା ମାର୍ଗଦର୍ଶନ ଆମ ପାଖରେ ଆସି ପହଞ୍ଚି ଯାଇପାରେ, ଏବଂ ତଦ୍‌ଗତତାରୁ ହେଉଥିବା ସଞ୍ଚାର ତଥା ସଂକ୍ରମଣର ଏକ ସୂକ୍ଷ୍ମ ଭାବରେ ମୂର୍ତ୍ତ ସାଧନର ରୂପରେ ତାହା ଆମର ଯାବତୀୟ ଚୈତ୍ୟ ଇନ୍ଦ୍ରିୟଗୁଡ଼ିକର ମାଧ୍ୟମରେ ଆମକୁ ତାଙ୍କର ସହିତ ଏକ ନିବିଡ଼ ସଂଯୋଗ-ସ୍ଥାପନ ଓ ଏକ ନୈକଟ୍ୟ ମଧ୍ୟ ଆଣି ଦେଇପାରେ । ଏହିଗୁଡ଼ିକୁ ଏବଂ ଆହୁରି ଅନେକ କିଛିକୁ ଆମେ ଚୈତ୍ୟ ଚେତନା ତଥା ଚୈତ୍ୟ ଇନ୍ଦ୍ରିୟବୋଧର ଆଧ୍ୟାତ୍ମିକ ନାନା ଉପଯୋଗ ବୋଲି ଜାଣିରଖିବା, ଏବଂ ଏଗୁଡ଼ିକ ମଧ୍ୟରେ ସୀମାବଦ୍ଧ ତଥା ବିକୃତ ହୋଇ ପଡ଼ିବାର ସମ୍ଭାବନା ରହିଥିଲେ ମଧ୍ୟ,—କାରଣ ଯାବତୀୟ ଗୌଣ ସାଧନ ଏକାଙ୍ଗୀ ଆତ୍ମ-ସଙ୍କୁଚନରୂପୀ ଆମର ମନୋମୟ ସାମର୍ଥ୍ୟଟି ଦ୍ୱାରା ଏକ ଆଂଶିକ ଉପଲବ୍ଧିର ଉପାୟ ମଧ୍ୟ ହୋଇପାରନ୍ତି, ମାତ୍ର ଯୁଗପତ୍ ଭାବରେ ଏକ ପୂର୍ଣ୍ଣତର ଉପଲବ୍ଧି ଲାଗି ବାଧକ ମଧ୍ୟ ହୋଇପାରନ୍ତି;—ଏଗୁଡ଼ିକ ତଥାପି ଆମର ଆଧ୍ୟାତ୍ମିକ ପୂର୍ଣ୍ଣତାର ପଥରେ ଅତ୍ୟନ୍ତ ଉପଯୋଗୀ ବୋଲି ସାବ୍ୟସ୍ତ ହୁଅନ୍ତି, ଏବଂ ତା'ପରେ, ଆମ ମନଗୁଡ଼ିକର ଯାବତୀୟ ସୀମାରୁ ମୁକ୍ତ ହୋଇଆସି, ରୂପାନ୍ତରିତ ହୋଇ ଓ ଅତିମାନସିକ ହୋଇ ସେଗୁଡ଼ିକ ଆଧ୍ୟାତ୍ମିକ ଆନନ୍ଦର ଅନୁଭୂତିରେ ଐଶ୍ୱର୍ଯ୍ୟଶାଳୀ ନାନା ସମୃଦ୍ଧିର ଏକ ଉପାଦାନରେ ପରିଣତ ହୋଇଯାନ୍ତି ।

ଭୌତିକ ଏବଂ ପ୍ରାଣିକ ଚେତନା ତଥା ଇନ୍ଦ୍ରିୟଗୁଡ଼ିକ ପରି ଚୈତ୍ୟ ଚେତନା ଏବଂ ଚୈତ୍ୟ ଇନ୍ଦ୍ରିୟବୋଧରେ ମଧ୍ୟ ଏକ ଅତିମାନସ ରୂପାନ୍ତରର ସାମର୍ଥ୍ୟ ନିହିତ ହୋଇ ରହିଛି ଏବଂ ଏହି ରୂପାନ୍ତରଟି ଦ୍ୱାରା ସେଗୁଡ଼ିକ ଆପଣାର ସମଗ୍ର ପୂର୍ଣ୍ଣତା ଏବଂ ସମଗ୍ର ତାତ୍ପର୍ଯ୍ୟଟିକୁ ମଧ୍ୟ ପ୍ରାପ୍ତ ହୋଇଥାନ୍ତି । ଅତିମାନସ ସତ୍ତା ଚୈତ୍ୟ ସତ୍ତାକୁ ଆପଣା ହାତରେ ଗ୍ରହଣ କରିନିଏ, ତାହାର ମଧ୍ୟକୁ ଅବତରଣ କରିଆସେ, ତାହାକୁ ଆପଣା ପ୍ରକୃତିର ଭଙ୍ଗୀଟି ଅନୁସାରେ ବଦଳାଇ ଦିଏ ଏବଂ ତାହାକୁ ସେହି ଅତିମାନସ କ୍ରିୟା ତଥା ସ୍ଥିତିର ଏକ ଅଂଶ ହୋଇ ପାରିବାକୁ, ଅର୍ଥାତ୍ ପରମ ବିଜ୍ଞାନମୟ ପୁରୁଷଙ୍କର ଚୈତ୍ୟୋତ୍ତର ସତ୍ତା ହୋଇ ପାରିବାକୁ ଉତ୍ତୋଳିତ କରି ନେଇଯାଏ । ଏହି ପରିବର୍ତ୍ତନଟିର ସର୍ବପ୍ରଥମ ପରିଣାମଟିରୂପେ ଚୈତ୍ୟ ଚେତନାର ବ୍ୟାପାରଗୁଡ଼ିକୁ ସେଗୁଡ଼ିକର ଯଥାର୍ଥ ଭିତ୍ତି ଉପରେ ପ୍ରତିଷ୍ଠିତ କରି ରଖି ଦିଆଯାଏ, ଅର୍ଥାତ୍ ଆମକୁ ଅନ୍ୟମାନଙ୍କର ମନ ତଥା ଆତ୍ମା ସହିତ ଏବଂ

'oaob.nitrkl.ac.in' images reprocessed

ବିଶ୍ୱପ୍ରକୃତିର ମନ ତଥା ଆତ୍ମା ସହିତ ଆପଣାର ମନ ଏବଂ ଆତ୍ମାର ଏକତା ବିଷୟରେ ଏକ ସ୍ଥାୟୀ ବୋଧ ଓ ପୂର୍ଣ୍ଣ ଉପଲବ୍ଧି ସମ୍ଭବ କରିବାକୁ ହୁଏ, ସେହି ଏକତାଟିକୁ ଦୃଢ଼ ଭାବରେ ଧରି ରଖିବାକୁ ହୁଏ । କାରଣ ସବୁ କ୍ଷେତ୍ରରେ ଅତିମାନସ ବିକାଶର ପରିଣାମସ୍ୱରୂପ ବ୍ୟକ୍ତିର ଚେତନା ମଧ୍ୟ ଏକ ବିଶ୍ୱମୟ ଚେତନାରେ ପରିଣତ ହୋଇ ଯାଇଥାଏ । ଆମର ଏହି ବ୍ୟକ୍ତି-ଆସ୍ପଦନର ପ୍ରାଣିକ ଗତିସ୍ପନ୍ଦନରେ ଏବଂ ଆମର ଚାରିପାଖରେ ରହିଥିବା ଅନ୍ୟ ସମସ୍ତଙ୍କ ସହିତ ତାହାର ଯାବତୀୟ ସମ୍ବନ୍ଧରେ ମଧ୍ୟ ଏହା ଆମକୁ ବିଶ୍ୱଜୀବନ ବା ବିଶ୍ୱଗତ ପ୍ରାଣ ସହିତ ଖିଅ ଲଗାଇ ବଞ୍ଚିବାକୁ ଶିଖାଏ; ଠିକ୍ ସେହିପରି, ଏକ ବ୍ୟକ୍ତିଭାବାପନ୍ନ କେନ୍ଦ୍ର ଓ ବ୍ୟକ୍ତିଭାବାପନ୍ନ ସାଧନର ମାଧ୍ୟମରେ ହେଲେ ମଧ୍ୟ, ଏହା ଆମର ଭାବନା, ଅନୁଭୂତି ତଥା ଇନ୍ଦ୍ରିୟବୋଧକୁ ବିଶ୍ୱ-ମନ ଏବଂ ଚୈତ୍ୟ ସତ୍ତାଟି ସହିତ ନେଇ ଏକାଠି ଗଣ୍ଠାଇ ଦିଏ । ଏଥିରୁ ଅନେକ ମହତ୍ତ୍ୱପୂର୍ଣ୍ଣ ଦୁଇଟି ପରିଣାମ ଉପଲବ୍ଧ ହୋଇଥାଏ ।

ପ୍ରଥମତଃ, ଚୈତ୍ୟ ବୋଧ ତଥା ମନ ଭିତରେ ଆଗରୁ ଯେଉଁ ଖଣ୍ଡିତତା ଓ ବିସଙ୍ଗତି ରହି ଆସିଥାଏ, ବା ଯେଉଁ ଦୁଃସାଧ୍ୟ ନିୟମବଦ୍ଧତା ଏବଂ ଅନେକ ସମୟରେ ସମ୍ପୂର୍ଣ୍ଣ ଭାବରେ କୃତ୍ରିମ ଯେଉଁ ବ୍ୟବସ୍ଥା ବା ଶୃଙ୍ଖଳାଟି ରହିଥାଏ, ବର୍ତ୍ତମାନ ସେସବୁ ସମାପ୍ତ ହୋଇଯାଏ । ଏହି ଖଣ୍ଡିତତା, ଅସଙ୍ଗତି ତଥା କୃତ୍ରିମ ଶୃଙ୍ଖଳା ଆଦି ଉପରିଭାଗସ୍ଥ ଆମର ଅଧିକ ସ୍ୱାଭାବିକ ମନୋମୟ କ୍ରିୟାତ୍ମକତାଗୁଡ଼ିକର ଯେତେ ଅନୁଧାବନ ନକରେ, ଚୈତ୍ୟ ବୋଧର ବ୍ୟାପାରଗୁଡ଼ିକର ତା'ଠାରୁ ଅଧିକ ଅନୁଧାବନ କରିବାରେ ଲାଗିଥାଏ । ଏହିସବୁ ବ୍ୟାପାର ଆମ ଭିତରେ ଅବସ୍ଥିତ ରହିଥିବା ବିଶ୍ୱଗତ ଅନ୍ତର-ମନ ଓ ଆତ୍ମାର ସୌଷମ୍ୟଯୁକ୍ତ ଲୀଳାରେ ପରିଣତ ହୋଇଯାଆନ୍ତି, ଆପଣାର ଯଥାର୍ଥ ବିଧାନ, ଯଥାର୍ଥ ଯାବତୀୟ ରୂପ ଏବଂ ସମ୍ବନ୍ଧଗୁଡ଼ିକୁ ଗ୍ରହଣ କରି ନିଅନ୍ତି ଏବଂ ଆପଣାର ସମୁଚିତ ଅର୍ଥଟିକୁ ପ୍ରକାଶିତ କରି ଆଣନ୍ତି । ମନକୁ ଆଧ୍ୟାତ୍ମିକ ଭାବ ଦ୍ୱାରା ସଞ୍ଚାରିତ କରି ରଖିବା ଦ୍ୱାରା ଆମେ ଏହି ମନୋମୟ ଭୂମିଟି ଉପରେ ମଧ୍ୟ ଆତ୍ମିକ ଏକତ୍ୱର କୌଣସି ନା କୌଣସି ଉପଲବ୍ଧିରେ ଆସି ଉପନୀତ ହୋଇପାରୁ; ମାତ୍ର ଏହା କଦାପି ପ୍ରକୃତରେ ଏକ ସମ୍ପୂର୍ଣ୍ଣ ଉପଲବ୍ଧି ହୋଇପାରେ ନାହିଁ, ଅନ୍ତତଃ ଏହାର ପ୍ରୟୋଗକ୍ଷେତ୍ରରେ କଦାପି ଏକ ସମ୍ପୂର୍ଣ୍ଣ ଉପଲବ୍ଧି ହୋଇପାରେ ନାହିଁ ଏବଂ ଏହି ଯଥାର୍ଥ ତଥା ସମ୍ପୂର୍ଣ୍ଣ ବିଧାନଟିକୁ, ରୂପ ଓ ସମ୍ବନ୍ଧକୁ, ଆପଣାର ସମ୍ପୂର୍ଣ୍ଣ ତଥା ଅଭ୍ରାନ୍ତ ସତ୍ୟଟିକୁ ଏବଂ ଆପଣା ତାତ୍ପର୍ଯ୍ୟଟିର ଯଥାର୍ଥତାଟିକୁ କଦାପି ପ୍ରାପ୍ତ ହୋଇପାରେ ନାହିଁ । ଏବଂ ଦ୍ୱିତୀୟତଃ, ଚୈତ୍ୟ ଚେତନାର କ୍ରିୟାଟି ମଧ୍ୟରୁ ଅସ୍ୱାଭାବିକତାର ଯାବତୀୟ ଲକ୍ଷଣ ଦୂର ହୋଇଯାଏ, ଏକ ଅସାଧାରଣ, ଅନିୟମିତ ଓ ଏପରିକି ଏକ ସାଂଘାତିକ ଭାବରେ ଅତିସ୍ୱାଭାବିକ ହୋଇ ରହିଥିବା କ୍ରିୟାର ଯାବତୀୟ ଲକ୍ଷଣ ଦୂର ହୋଇଯାଏ; ଏହି ଅସାଧାରଣ ବା ଅସ୍ୱାଭାବିକ କ୍ରିୟାର

'oaob.nitrkl.ac.in' images reprocessed

ଫଳରେହିଁ ମନୁଷ୍ୟର ଆପଣା ଜୀବନ ଉପରେ ଆଉ କୌଣସି ନିୟନ୍ତ୍ରଣ ରହିପାରୁ ନଥାଏ ତଥା ସତ୍ତାର ଅନ୍ୟ ଭାଗଗୁଡ଼ିକର କ୍ରିୟାରେ ମଧ୍ୟ ତାହା ବାଧା ବା କ୍ଷତି ପହଞ୍ଚାଇବାରେ ଲାଗିଥାଏ । ମାତ୍ର ବର୍ତ୍ତମାନ ତାହା ଯେ କେବଳ ଆପଣା ଭିତରେ ଆପଣାର ଯଥାର୍ଥ ଶୃଙ୍ଖଳାଟିକୁ ଅର୍ଜନ କରେ ତା' ନୁହେଁ, ମାତ୍ର ଏକ ପକ୍ଷରେ ସ୍ଥୂଳ ଜୀବନ ସହିତ ମଧ୍ୟ ଆପଣାର ଯଥାର୍ଥ ସମ୍ବନ୍ଧଟିକୁ ଅର୍ଜନ କରେ ଏବଂ ଅନ୍ୟ ପାଖରେ ସତ୍ତାର ତଦ୍‌ଗତ ସତ୍ୟଟି ସହିତ ମଧ୍ୟ ଆପଣାର ଯଥାର୍ଥ ସମ୍ବନ୍ଧଟିକୁ ଅର୍ଜନ କରିପାରେ ଏବଂ ସବୁକିଛୁ ଦେହଧାରୀ ଆତ୍ମାର ଏକ ସୌଷମ୍ୟଯୁକ୍ତ ପ୍ରକାଶରେହିଁ ପରିଣତ ହୋଇଯାଏ । ସୃଷ୍ଟିକାରୀ ଅତିମାନସହିଁ ସର୍ବଦା ଆମ ସତ୍ତାର ଅନ୍ୟ ଭାଗଗୁଡ଼ିକର ପ୍ରକୃତ ମୂଲ୍ୟ, ମର୍ମ ତଥା ସମ୍ବନ୍ଧଗୁଡ଼ିକୁ ଆପଣା ମଧ୍ୟରେ ଧାରଣ କରି ରହିଥାଏ ଏବଂ ତାହାର ଉନ୍ମୋଚନ ଫଳରେହିଁ ଆମର ଆତ୍ମସତ୍ତା ଏବଂ ପ୍ରକୃତିର ସମଗ୍ର ଅଧିକାରଲାଭ ବା ଉପଲବ୍ଧି ସମ୍ଭବ ହୋଇଯାଏ ।

କେବଳ ଆମର ଅବଲୋକନକାରୀ ଚେତନ ଆତ୍ମସତ୍ତାର ସ୍ଥିତି କିଂବା ସ୍ତରର ବା ଏପରିକି ଏହାର କେବଳ ବିଧାନ ବା ସ୍ୱଭାବର ଏକ ପରିବର୍ତ୍ତନ ଦ୍ୱାରା ନୁହେଁ, ମାତ୍ର ତାହା ସଙ୍ଗେସଙ୍ଗେ ଆମ ଚେତନ ସତ୍ତାର ସମଗ୍ର ଉପାଦାନଟିରେ ଏକ ପରିବର୍ତ୍ତନ ଘଟିବା ଫଳରେ ଯାଇ ସମ୍ପୂର୍ଣ୍ଣ ରୂପାନ୍ତରଟି ସମ୍ଭବ ହୋଇଥାଏ । ସେଇଟି ଘଟିବା ପର୍ଯ୍ୟନ୍ତ ଅତିମାନସ ଚେତନା ସତ୍ତାର ମନୋଗତ ତଥା ଚୈତ୍ୟ ମଣ୍ଡଳଟିର ଊର୍ଦ୍ଧ୍ୱ ଦେଶରେହିଁ ଆପଣାକୁ ଅଭିବ୍ୟକ୍ତ କରି ରଖିଥାଏ ଏବଂ ଏଇଟିକୁ ଆଲୋକିତ ତଥା ରୂପାନ୍ତରିତ କରିଦେବା ଲାଗି ସେହି ଊର୍ଦ୍ଧ୍ୱରୁହିଁ ଏହା ମଧ୍ୟକୁ ଆପଣାର ସାମର୍ଥ୍ୟ, ଆଲୋକ ଏବଂ ପ୍ରଭାବକୁ ପ୍ରେରଣ କରିବାରେ ଲାଗିଥାଏ । ସତ୍ତାର ସେହି ମନୋଗତ ଓ ଚୈତ୍ୟ ମଣ୍ଡଳ ଭିତରେ ଭୌତିକ ଚେତନାଟି ଆମ ଆତ୍ମାର ଅଭିବ୍ୟକ୍ତି ଲାଗି ଏକ ଗୌଣ, ଏବଂ ଅନେକ ପରିମାଣରେ ଏକ ନିର୍ଭରଶୀଳ ପଦ୍ଧତିହିଁ ହୋଇ ରହିଥାଏ । ମାତ୍ର କେବଳ ଯେତେବେଳେ ଏହି ନିମ୍ନତର ଚେତନାଟିର ଉପାଦାନଟି ବଦଳି ଯାଇପାରେ, ଶକ୍ତିମନ୍ତ ଭାବରେ ପୂର୍ଣ୍ଣ ହୋଇଉଠେ, ଅଦ୍ଭୁତ ଭାବରେ ରୂପାନ୍ତରିତ ହୋଇଯାଏ ଏବଂ ସତେଅବା ସେହି 'ମହାନ୍ ଓ ବୃହତ୍'ର ଗର୍ଭସ୍ଥାତ ହୋଇଯାଏ, ଯାହା ମଧ୍ୟରୁ କି ତାହା ନିଷ୍ପନ୍ନ ଓ ପ୍ରକ୍ଷେପିତ ହୋଇ ଆସିଥାଏ, ସେତିକବେଳେ ଯାଇ ପୂର୍ଣ୍ଣତାପ୍ରାପ୍ତ, ସମ୍ପୂର୍ଣ୍ଣ ଓ ସତତ ଅତିମାନସ ଚେତନାର ଅଧିକାରଲାଭ ସମ୍ଭବ ହୁଏ । ଯେଉଁ ଉପାଦାନଟିରେ, ଅର୍ଥାତ୍ ଯେଉଁ ଚିନ୍ମୟ ଆକାଶରେ ମନୋମୟ ବା ଚୈତ୍ୟ ଚେତନା ଓ ଇନ୍ଦ୍ରିୟବୋଧ ଅବସ୍ଥାନ କରୁଥାନ୍ତି, ଦୃଷ୍ଟିସମର୍ଥ ହୋଇ ରହିଥାନ୍ତି ଏବଂ ଅନୁଭବ ଓ ଅଭିଜ୍ଞତା ଲାଭ କରୁଥାନ୍ତି, ତାହା ହେଉଛି ଭୌତିକ ମନ ଏବଂ ଇନ୍ଦ୍ରିୟବୋଧର ତୁଳନାରେ ଏକ ଅଧିକ ସୂକ୍ଷ୍ମ, ଅଧିକ ମୁକ୍ତ ଓ ଅଧିକ ସ୍ଥିତିସ୍ଥାପକ ଚେତନା । ଆମେ ଯେପର୍ଯ୍ୟନ୍ତ ଭୌତିକ ମନ ଏବଂ ଇନ୍ଦ୍ରିୟବୋଧର

'oaob.nitrkl.ac.in' images reprocessed

କବଳଗତ ହୋଇ ରହିଥାଉ, ସେପର୍ଯ୍ୟନ୍ତ ଯାବତୀୟ ଚୈତ୍ୟ ବ୍ୟାପାର ଆମକୁ ହୁଏତ ଅପେକ୍ଷାକୃତ କମ୍ ସତ୍ୟ ବୋଲି ମନେ ହୋଇପାରେ, ଏପରିକି ଏକ ବିଭ୍ରମ ବୋଲି ମନେ ହୋଇପାରେ; ମାତ୍ର ଚୈତ୍ୟ ବ୍ୟାପାରର ଭୂମିଟି ସହିତ ଆମେ ଆପଣାକୁ ଯେତିକି ଅଧିକ ପରିମାଣରେ ଅଭ୍ୟସ୍ତ ଓ ଅନୁକୂଳିତ କରାଇଆଣୁ ଏବଂ ସତ୍ତାର ଯେଉଁ ଆକାଶଟିରେ ତାହା ଅବସ୍ଥାନ କରୁଥାଏ, ସେଇଟି ସହିତ ଅଭ୍ୟସ୍ତ କରାଇଆଣୁ, ଆମେ ସେତିକି ଅଧିକ ପରିମାଣରେହିଁ ସେହି ବୃହତ୍ତର ସତ୍ୟଟିକୁ ଦେଖି ପାରିବାକୁ ଆରମ୍ଭ କରୁ ଏବଂ ସେହି ସକଳ ବସ୍ତୁର ଅଧିକ ଆଧ୍ୟାତ୍ମିକ ଏବଂ ମୂର୍ତ୍ତ ସାରତତ୍ତ୍ୱଟିକୁ ମଧ୍ୟ ଅନୁଭବ କରିବାକୁ ଲାଗୁ, ସେହି ଚୈତ୍ୟ ଭୂମିଟିର ଅଧିକ ମୁକ୍ତ ତଥା ଅଧିକ ବୃହତ୍ତ୍ୱ ଅନୁଭବଟି ଆମକୁ ଯାହାର ଅସ୍ତିତ୍ୱ ବିଷୟରେ ସାକ୍ଷ୍ୟ ଆଣି ଦେଇଥାଏ । ଏପରିକି, ଭୌତିକ ସତ୍ତା ମଧ୍ୟ ଆପଣା ପାଖରେ ଆପେ ଅସତ୍ୟ ଓ ଭ୍ରମାତ୍ମକ ବୋଲି ମନେହେବାକୁ ଲାଗିପାରେ । ମାତ୍ର ଏଇଟାକୁ ଆମେ କେବଳ ଏକ ଅତିରଞ୍ଜନ ବୋଲି ଜାଣିବା, ଏବଂ ମନ ତଥା ଇନ୍ଦ୍ରିୟର କେନ୍ଦ୍ରଟିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିଦେବା ଦ୍ୱାରା ଏବଂ ସେଗୁଡ଼ିକର କ୍ରିୟାଟିକୁ ବଦଳାଇ ଦେବା ଦ୍ୱାରା ଘଟୁଥିବା ଏକ ନୂତନ ଓ ବିଚ୍ୟୁତକାରୀ ଏକାଙ୍ଗିତା ବୋଲିହିଁ ଜାଣିବା । ବା, ଏପରି ନହେଲେ ମଧ୍ୟ ଭୌତିକ ସତ୍ତା ଆପଣାକୁ ଅନ୍ତତଃ ଅପେକ୍ଷାକୃତ କମ୍ ଶକ୍ତିଶାଳୀ ଭାବରେ ସତ୍ୟ ବୋଲି ମନେ କରିପାରେ । ଅବଶ୍ୟ, ଯେତେବେଳେ ଚୈତ୍ୟ ତଥା ଭୌତିକ ଅନୁଭୂତିଗୁଡ଼ିକ ସେମାନଙ୍କର ଉଚିତ ଭାରସାମ୍ୟରେ ପରସ୍ପର ସହିତ ସୁସଂଯୁକ୍ତ ହୋଇ ରହନ୍ତି, ସେତେବେଳେ ଆମେ ଯୁଗପତ୍ ଭାବରେ ଆମ ସତ୍ତାର ଦୁଇଟି ଅନୁପୂରକ ଜଗତ ମଧ୍ୟରେ ଅବସ୍ଥାନ କରୁଥାଉ, ଦୁଇଟି ମଧ୍ୟରୁ ପ୍ରତ୍ୟେକଟିରେ ତା'ର ଆପଣାର ସତ୍ୟଟି ନିହିତ ହୋଇ ରହିଥାଏ, ମାତ୍ର ଚୈତ୍ୟ ଅନୁଭୂତିଟି ଭୌତିକ ଅନୁଭୂତିଟିର ପଛରେ ରହିଥିବା ଯାବତୀୟ ସତ୍ତ୍ୱଟିକୁ ପ୍ରକାଶିତ କରି ଦେଉଥାଏ, ଆତ୍ମାର ଦୃଷ୍ଟି ତଥା ଆତ୍ମାର ଅନୁଭୂତିହିଁ ସର୍ବାଗ୍ର ହୋଇ ରହିଥାଏ ଏବଂ ଭୌତିକ ଦୃଷ୍ଟି ତଥା ଭୌତିକ ଅନୁଭୂତିକୁ ଆଲୋକିତ କରି ଦେଉଥାଏ, ଆମକୁ ତାହାର ବ୍ୟାଖ୍ୟାଟି ଆଣି ଦେଇ ଯାଉଥାଏ । ଏବଂ ଯେତେବେଳେ ଅତିମାନସ ରୂପାନ୍ତର ସମ୍ଭବ ହୁଏ, ସେତେବେଳେ ତାହା ଆମ ଚେତନାର ସମୁଦାୟ ଉପାଦାନଟିକୁ ବଦଳାଇ ଦେଇ-ଯାଏ; ତାହା ବୃହତ୍ତର ସତ୍ତା, ବୃହତ୍ତର ଚେତନା, ଇନ୍ଦ୍ରିୟବୋଧ ତଥା ପ୍ରାଣର ଏକ ଆକାଶକୁ ଆମର ସମୀପକୁ ବହନ କରି ଆଣେ, ଚୈତ୍ୟ ଭୂମିଟିକୁ ମଧ୍ୟ ତାହା ଅଯଥେଷ୍ଟ ବୋଲି ଅନୁଭୂତ କରାଏ ଏବଂ କେବଳ ଆପଣାର ଆୟତନଟି ମଧ୍ୟରେ ତାହା ଏକ ଅସମ୍ପୂର୍ଣ୍ଣ ସତ୍ୟ ତଥା ଆମେ ଯାହାକିଛି ହୋଇ ରହିଛୁ, ଯାହାକିଛି ହେବାରେ ଲାଗିଛୁ ଏବଂ ଯାହାକିଛି ଦେଖୁଛୁ, ସେସବୁର କେବଳ ଏକ ଆଂଶିକ ସତ୍ୟରୂପେହିଁ ପ୍ରତୀତ ହେବାକୁ ଲାଗେ ।

'oaob.nitrkl.ac.in' images reprocessed

ଚୈତ୍ୟ ଭୂମିର ଯାବତୀୟ ଅନୁଭୂତ ବସ୍ତୁତଃ ସେହି ଅତିମାନସ ଚେତନା ଏବଂ ତାହାର ଶକ୍ତିମତ୍ତ୍ୱଟି ଦ୍ୱାରା ଗୃହୀତ ହୋଇ ରହେ, ତାହାର ମଧ୍ୟରେ ବର୍ଦ୍ଧିତ ହୋଇ ରହେ, ମାତ୍ର ସେଗୁଡ଼ିକ ଏକ ବୃହତ୍ତର ସତ୍ୟର ଆଲୋକରେ ପରିପୂର୍ଣ୍ଣ ହୋଇ ରହିଥାନ୍ତି, ଏକ ବୃହତ୍ତର ତଦ୍‌ଗତତାର ଉପାଦାନ ଦ୍ୱାରା ମଧ୍ୟ ପରିପୂର୍ଣ୍ଣ ହୋଇ ରହିଥାନ୍ତି । ଚୈତ୍ୟ ଚେତନା ପ୍ରଥମେ ଅତିମାନସ ଆଲୋକ, ସାମର୍ଥ୍ୟ ତଥା ଏହାର ସ୍ପନ୍ଦନତତ୍ତ୍ୱର ପ୍ରକାଶସମର୍ଥ ତୀବ୍ରତାଟି ଦ୍ୱାରା ଧାରିତ ହୋଇ ରହିଥାଏ, ଆଲୋକିତ ହୋଇ ରହିଥାଏ, ତା'ପରେ ତାହାର ଦ୍ୱାରା ପରିପୂର୍ଣ୍ଣ ହୋଇଉଠେ ଏବଂ ଅଧିକୃତ ହୋଇ ରହେ । କୌଣସିପ୍ରକାର ଅସଂଲଗ୍ନ ଓ ଆକସ୍ମିକ ଘଟଣା, ଅପର୍ଯ୍ୟାପ୍ତ ଭାବରେ ଆଲୋକିତ ଆଭାସ, ବ୍ୟକ୍ତିଗତ ଇଙ୍ଗିତ, ଭ୍ରମୋତ୍ପାଦନକାରୀ ପ୍ରଭାବ ବା ଅଭିପ୍ରାୟ ଅଥବା ସୀମାବଦ୍ଧତା କିଂବା ବିକୃତିର କୌଣସି ଅନ୍ୟ କାରଣରୁ ଉତ୍ପନ୍ନ ହେଉଥିବା ଯେକୌଣସି ଭୁଲ୍ ବା ଅତିରଞ୍ଜନ ଯେତ ମାନସିକ ଏବଂ ଆନ୍ତରିକ ଅନୁଭବ ଓ ଜ୍ଞାନର ସତ୍ୟଟି ଉପରେ ତଥାପି ହସ୍ତକ୍ଷେପ କରୁଥାଏ, ତେବେ ତାହା ବର୍ତ୍ତମାନ ସ୍ପଷ୍ଟ ଭାବରେ ଧରା ପଡ଼ିଯାଏ ଓ ତାହାକୁ ସଂଶୋଧିତ କରି ନିଆଯାଏ ବା ତାହା ଯାବତୀୟ ବସ୍ତୁ, ବ୍ୟକ୍ତି, ଘଟଣା, ସଙ୍କେତ ଏବଂ ଏହି ବୃହତ୍ତର ବିଶାଳ ସତ୍ତାର ସ୍ୱକୀୟ ବିଶିଷ୍ଟ ପ୍ରତିରୂପଗୁଡ଼ିକର ସତ୍ୟର ଜ୍ୟୋତି ଅର୍ଥାତ୍ ସେହି 'ସତ୍ୟଂ' ଓ 'ଋତଂ'ର ଜ୍ୟୋତି ଭିତରେ ଆଉ କଦାପି ତିଷ୍ଠି ରହି ନପାରିବାରୁ ଏକାବେଳକେ ବିଲୁପ୍ତ ହୋଇଯାଏ । ଚୈତ୍ୟ ସ୍ତରର ଯାବତୀୟ ସନ୍ଦେଶ, ଅନୁଲକ୍ଷଣ, ପ୍ରଭାବ, ପ୍ରତୀକ ଏବଂ ପ୍ରତିରୂପ ଆପଣା ଆପଣାର ଯଥାର୍ଥ ମୂଲ୍ୟଟିକୁ ଲାଭ କରନ୍ତି, ଆପଣା ଆପଣାର ଯଥାର୍ଥ ସ୍ଥାନଟିକୁ ଗ୍ରହଣ କରିନିଅନ୍ତି ଏବଂ ଆପଣା ଆପଣାର ଯଥାର୍ଥ ସମ୍ବନ୍ଧଗୁଡ଼ିକରେ ଅବସ୍ଥାପିତ ହୋଇ ରହନ୍ତି । ଚୈତ୍ୟ ବୁଦ୍ଧି ତଥା ଚୈତ୍ୟ ସଂବେଦନ ଅତିମାନସ ଇନ୍ଦ୍ରିୟବୋଧ ଏବଂ ଅତିମାନସ ଜ୍ଞାନ ଦ୍ୱାରା ସନ୍ଦୀପିତ ହୋଇଉଠେ, ତଦ୍‌ଗତ ଏବଂ ଜଡ଼ସ୍ଥ ଜଗତଗୁଡ଼ିକର ମଧ୍ୟାବସ୍ଥିତ ହୋଇ ରହିଥିବା ତାହାର ଯାବତୀୟ ବ୍ୟାପାର ସଚେତଅବା ସ୍ୱୟଂପ୍ରେରିତ ଭାବରେ ଆପଣାର ସ୍ୱକୀୟ ସତ୍ୟ ଓ ଅର୍ଥଟିକୁ ପ୍ରକାଶିତ କରିଦେବାକୁ ଆରମ୍ଭ କରନ୍ତି, ସେଗୁଡ଼ିକର ସତ୍ୟ ଏବଂ ତାତ୍ପର୍ଯ୍ୟ ମଧ୍ୟରେ ରହିଥିବା ସୀମାଗତ ସଙ୍କୋଚଗୁଡ଼ିକୁ ମଧ୍ୟ ପ୍ରକଟ କରିଆଣନ୍ତି । ଅନ୍ତରସ୍ଥ ଦର୍ଶନ, ଶ୍ରବଣ ତଥା ଅନ୍ୟ ସବୁପ୍ରକାରର ଇନ୍ଦ୍ରିୟ-ସଂବେଦନ ଆଗରେ ଯେଉଁ ପ୍ରତିରୂପଗୁଡ଼ିକ ଆସି ଉପସ୍ଥିତ ହୁଏ, ସେଗୁଡ଼ିକ ସ୍ପନ୍ଦନର ଏକ ବୃହତ୍ତର ଏବଂ ଉଜ୍ଜ୍ୱଳତର ପିଣ୍ଡ ଦ୍ୱାରା, ଜ୍ୟୋତି ଏବଂ ପ୍ରଗାଢ଼ତାର ଏକ ବୃହତ୍ତର ଉପାଦାନ ଦ୍ୱାରା ଅଧିକୃତ ହୋଇଯାଆନ୍ତି ତଥା ତାହାର ମଧ୍ୟରେ ବର୍ଦ୍ଧିତ ହୋଇ ରହନ୍ତି । ଏହି ପିଣ୍ଡ ଏବଂ ଉପାଦାନ ସେଗୁଡ଼ିକ ମଧ୍ୟରେ ସେହିପରି ଏକ ପରିବର୍ତ୍ତନ ଆଣେ, ସ୍ଥୂଳ-ଇନ୍ଦ୍ରିୟର ବସ୍ତୁଗୁଡ଼ିକ ମଧ୍ୟରେ ତାହା ଯେଉଁପରି ପରିବର୍ତ୍ତନ ଆଣିଥାଏ; ଅର୍ଥାତ୍ ତାହା ସେଗୁଡ଼ିକ

'oaob.nitrkl.ac.in' images reprocessed

ମଧ୍ୟରେ ଏକ ବୃହତ୍ତର ସମଗ୍ରତା ଏବଂ ଯଥାର୍ଥତା ସହିତ ଇନ୍ଦ୍ରିୟଗତ ଜ୍ଞାନର ଏପରି ଏକ ସତ୍ୟଦ୍ୟୋତକ ଶକ୍ତି ମଧ୍ୟ ବହନ କରି ଆଣେ, ଯାହାକି ବସ୍ତୁଗୁଡ଼ିକର ସତରୂପ ମଧ୍ୟରେ ନିହିତ ରହିଥାଏ । ଏବଂ ପରିଶେଷରେ ସବୁକିଛି ଉତ୍ତୋଳିତ ହୋଇଯାଏ, ଅତିମାନସ ମଧ୍ୟକୁ ଗୃହୀତ ହୋଇଯାଏ, ଏବଂ ସେହି ଅତିମାନସ ସତ୍ତା ବା ବିଜ୍ଞାନ-ପୁରୁଷର ଅନନ୍ତରୂପେ ଜ୍ୟୋତିର୍ମୟ ହୋଇ ରହିଥିବା ସେହି ଚେତନା, ଜ୍ଞାନ ତଥା ଅନୁଭବରହିଁ ଏକ ଅଂଶ ହୋଇ ରହେ ।

ଏହି ଅତିମାନସ ରୂପାନ୍ତରଟି ସଂଘଟିତ ହୋଇସାରିବା ପରେ ସତ୍ତାର ସ୍ଥିତିଟି ଚେତନା ତଥା ଜ୍ଞାନର ଏହାର ସକଳ ସ୍ତରରେ ଏପରି ଏକ ଅନନ୍ତ ତଥା ବିଶ୍ୱଭୂତ ଚେତନାର ସ୍ଥିତିରେ ପରିଣତ ହୋଇଯିବ, ଯାହାକି ବିଶିଷ୍ଟ ବ୍ୟକ୍ତି-ପୁରୁଷର ମଧ୍ୟଦେଇ ଆପଣାର ଯାବତୀୟ କ୍ରିୟା କରୁଥିବ । ଏଠାରେ ତାଦାତ୍ମ୍ୟ ବିଷୟରେ ଏକ ସଚେତନତା ଏବଂ ତାଦାତ୍ମ୍ୟ ଦ୍ୱାରାହିଁ ଜ୍ଞାନଲାଭ ସଂମୂଳ ସାମର୍ଥ୍ୟ ହୋଇ ରହିବ; ଏବଂ ଏହି ତାଦାତ୍ମ୍ୟଟି ସତ୍ତାର ତାଦାତ୍ମ୍ୟ, ଚେତନାର ତାଦାତ୍ମ୍ୟ, ସତ୍ତାଗତ ଓ ଚେତନାଗତ ଶକ୍ତିର ତାଦାତ୍ମ୍ୟ ଏବଂ ସତ୍ତାଗତ ଆନନ୍ଦରହିଁ ତାଦାତ୍ମ୍ୟକୁ ବୁଝାଇବ; ଏହି କ୍ଷେତ୍ରରେ ସେହି ପରମ ଅନନ୍ତ, ପରମ ଦିବ୍ୟସ୍ୱରୂପଙ୍କ ସହିତହିଁ ସେହି ତାଦାତ୍ମ୍ୟ ଉପଲବ୍ଧ ହୋଇ ରହିଥିବ; ପରମ ଅନନ୍ତଙ୍କ ମଧ୍ୟରେ ଯାହାକିଛି ଅବସ୍ଥିତ ରହିଛି ଓ ଯାହାକିଛି ପରମ ଦିବ୍ୟସ୍ୱରୂପଙ୍କର ଅଭିବ୍ୟକ୍ତି ଓ ପରିପ୍ରକାଶରୂପେ ବିଦ୍ୟମାନ ରହିଛି, ସେହି ସବୁଟି ସହିତ ଏକ ତାଦାତ୍ମ୍ୟ ଉପଲବ୍ଧ ହୋଇଥିବ । ଏହି ସଚେତନତା ଓ ଏହି ଜ୍ଞାନ ଆପଣାର ସାଧନ ଓ କରଣଚୟ ହିସାବରେ ସବୁଟି ଲାଗି ରହିଥିବା ଏପରି ଏକ ଆଧ୍ୟାତ୍ମିକ ଦୃଷ୍ଟିସାମର୍ଥ୍ୟକୁ କାମରେ ଲଗାଇବ, କେବଳ ତାଦାତ୍ମ୍ୟଜ୍ଞାନହିଁ ଯାହାର ମୂଳଭିତ୍ତି ହୋଇ ରହିଥିବ; ଏକ ଅତିମାନସ ସତ୍ୟ-ଧାରଣା ଏବଂ ଭାବନାର ଅପରୋକ୍ଷ ଦର୍ଶନ ଓ ଅପରୋକ୍ଷ ଶ୍ରବଣର ପ୍ରକୃତିବିଶିଷ୍ଟ ଭାବନା ତାହାର ମୂଳଭିତ୍ତି ହୋଇ ରହିଥିବ,—ଏକ ଭାବନାଗତ ସ୍ମୃତି ଆମର ଚିତ୍ତ ସମ୍ମୁଖରେ ସକଳ ବସ୍ତୁର ସତ୍ୟଟିକୁ ଆଣି ଉଦ୍‌ଘାଟିତ କରି ଦେଉଥିବ, ତାହାର ବ୍ୟାଖ୍ୟା କରି ଦେଉଥିବ ଓ ତାହାକୁ ଆଣି ଉପସ୍ଥାପିତ କରି ଦେଉଥିବ, ଏବଂ ଏକ ଅନ୍ତରସ୍ଥ ସତ୍ୟ-ବାଣୀ ଏହାକୁ ବ୍ୟକ୍ତ କରି ଦେଉଥିବ । ଏବଂ ପରିଶେଷରେ ଏକ ଅତିମାନସ ବୋଧ ସତ୍ତାର ଯାବତୀୟ ସ୍ତରରେ ସକଳ ବସ୍ତୁ, ବ୍ୟକ୍ତି, ବଳ ଓ ଶକ୍ତିଗୁଡ଼ିକ ସହିତ ସତ୍ତାର ସାରୋପାଦାନରେ ଆମର ସଂସ୍ପର୍ଶଗତ ସମ୍ବନ୍ଧଟିକୁ ଆଣି ସ୍ଥାପିତ କରିଦେବ ।

ସ୍ଥୂଳ ମନ ଯେପରି ଆମ ଇନ୍ଦ୍ରିୟଗୁଡ଼ିକର ସାକ୍ଷ୍ୟ ଉପରେ ନିର୍ଭରଶୀଳ ହୋଇ ରହିଛି, ଅତିମାନସ ସେହିପରି ଇନ୍ଦ୍ରିୟରୂପୀ ସାଧନଟି ଉପରେ କଦାପି ନିର୍ଭରଶୀଳ ହୋଇ ରହିବ ନାହିଁ । ଅବଶ୍ୟ ଏକଥା ସତ ଯେ ତାହା ଇନ୍ଦ୍ରିୟଗୁଡ଼ିକୁ ଜ୍ଞାନର ଉଚ୍ଚତର ରୂପଗୁଡ଼ିକ ଲାଗି ଏକ ଆରମ୍ଭ-ବିନ୍ଦୁରୂପେ ନିଶ୍ଚୟ ବ୍ୟବହାର କରି

'oaob.nitrkl.ac.in' images reprocessed

ପାରିବ; ଏହି ଉଚ୍ଚତର ରୂପଗୁଡ଼ିକର ମଧ୍ୟଦେଇ ତାହା ସିଧା ଅଗ୍ରସର ହୋଇ ଚାଲିଯାଇ ପାରିବ ଏବଂ ଇନ୍ଦ୍ରିୟକୁ ରୂପାୟନ ଏବଂ ବିଷୟଗତ ଅଭିବ୍ୟକ୍ତିର କେବଳ ଏକ ସାଧନରୂପେ କାର୍ଯ୍ୟରେ ଲଗାଇ ପାରିବ । ତାଦାତ୍ମ୍ୟ ଦ୍ୱାରା ମନର ଏହି ବର୍ତ୍ତମାନ ଭାବନାନ୍ତରଟିକୁ ଅତିମାନସ ସତ୍ତା ଏଥି ସଙ୍ଗେସଙ୍ଗେ ବିପୁଳ ଭାବରେ ବୃହତ୍ତର ଏକ ଜ୍ଞାନକୁ ରୂପାନ୍ତରିତ କରିଦେବ ଓ ଆପଣା ମଧ୍ୟରେ ତାକୁ ଗ୍ରହଣ ମଧ୍ୟ କରିନେବ; ତାହାକୁ ସମଗ୍ର ବୋଧ ଦ୍ୱାରା ଉପଲବ୍ଧ ଏକ ଜ୍ଞାନରୂପେ, ଯାବତୀୟ ଜିନିଷ ଓ ଯାବତୀୟ ସମ୍ବନ୍ଧର ଅନ୍ତରଙ୍ଗ ବୋଧ ଲାଭ କରି ପାରୁଥିବା ଏକ ଜ୍ଞାନରୂପେ ରୂପାନ୍ତରିତ କରିଦେବ, ସେହି ସକଳ ଜ୍ଞାନ ଅସୀମ ରୂପରେ ଅଧିକ ବିଶାଳ ହେବ, ପ୍ରତ୍ୟକ୍ଷ, ଅପରୋକ୍ଷ ଏବଂ ସ୍ୱତଃସ୍ଫୂର୍ତ୍ତ ହୋଇ ରହିବ, ପୂର୍ବରୁହିଁ ବିଦ୍ୟମାନ ରହିଥିବା ଆତ୍ମାର ସେହି ଜ୍ଞାନଟିର ଅଭିବ୍ୟକ୍ତି ହୋଇ ରହିବ । ବିଜ୍ଞାନମୟ ସତ୍ତା ସ୍ଥୂଳ ଇନ୍ଦ୍ରିୟକୁ ଏବଂ ମନରୂପୀ ସେହି ଷଷ୍ଠ ଇନ୍ଦ୍ରିୟଟିର ସାମର୍ଥ୍ୟଗୁଡ଼ିକୁ ତଥା ଚୈତ୍ୟ ଚେତନା ଓ ଚୈତ୍ୟ ଇନ୍ଦ୍ରିୟଗୁଡ଼ିକୁ ଆପଣା ମଧ୍ୟକୁ ଗ୍ରହଣ କରିନେବ ଓ ସେଗୁଡ଼ିକୁ ରୂପାନ୍ତରିତ କରିଦେବ ଏବଂ ଚରମ ଅନ୍ତର୍ଗତ ଭାବରେ ଆପଣାର ଅନୁଭବଟିକୁ ବିଷୟଗତ କରି ରଖିବାରେ ସେଗୁଡ଼ିକୁ ସାଧନରୂପେ କାମରେ ଲଗାଇବ । ଏହାଲାଗି ପ୍ରକୃତରେ ଆଉ କିଛିହେଲେ ବାହ୍ୟ ହୋଇ ରହିବ ନାହିଁ, କାରଣ ସବୁଟିକୁ ତାହାର ଆପଣାର ଏକ ସ୍ୱକୀୟ ସତ୍ତାରେହିଁ ପରିଣତ ହୋଇ ରହିଥିବା ସେହି ଅନନ୍ତସତ୍ତାର ଏକତ୍ୱ ମଧ୍ୟରେହିଁ ଅନୁଭବ କରି ପାରୁଥିବ, ସବୁକିଛିକୁ ସେ ତାହାର ଆପଣାର ଏକ ସ୍ୱକୀୟ ସମ୍ପଦରେ ପରିଣତ ହୋଇ ରହିଥିବା ସେହି ବିଶ୍ୱଚେତନାର ଏକତ୍ୱ ମଧ୍ୟରେହିଁ ଅନୁଭବ କରୁଥିବ । ଏହା ଜଡ଼କୁ ଅନୁଭବ କରିପାରିବ; କେବଳ ସ୍ଥୂଳ ଜଡ଼କୁ ନୁହେଁ, ମାତ୍ର ସୂକ୍ଷ୍ମ ତଥା ସୂକ୍ଷ୍ମତମ ଜଡ଼କୁ ମଧ୍ୟ ଚିଦ୍‌ଗତତାର ଉପାଦାନ ତଥା ରୂପାୟନ ଭାବରେ ଅନୁଭବ କରିବ, ପ୍ରାଣ ତଥା ସର୍ବବିଧ ଶକ୍ତିକୁ ସେହି ଚିଦ୍‌ଗତତାରହିଁ ଗତିଶୀଳତା ରୂପେ ଅନୁଭବ କରିବ, ଅତିମାନସ ଦ୍ୱାରା ଉନ୍ନମିତ ହୋଇଥିବା ମନକୁ ସେହି ଚିଦ୍‌ଗତତାରହିଁ ଜ୍ଞାନର ଏକ ସାଧନ ବା ମାର୍ଗ ବୋଲି ଅନୁଭବ କରିବ, ଅତିମାନସକୁ ଜ୍ଞାନ, ଜ୍ଞାନଶକ୍ତି ତଥା ସେହି ଚିଦ୍‌ଗତତାର ଜ୍ଞାନଗତ ଆନନ୍ଦରହିଁ ଅନନ୍ତ ଆତ୍ମସତ୍ତା ବୋଲି ଅନୁଭବ କରିବ ।

'oaob.nitrkl.ac.in' images reprocessed

## ପଞ୍ଚବିଂଶ ପରିଚ୍ଛେଦ

# ଅତିମାନସ କାଳ-ଦୃଷ୍ଟି ଆଡ଼କୁ

ଯାବତୀୟ ସତ୍ତା, ଚେତନା ଏବଂ ଜ୍ଞାନ ଅସ୍ତିତ୍ୱର ଦୁଇଟି ସ୍ଥିତି ଓ ଶକ୍ତିଚୟର ମଧ୍ୟରେ ଗତି କରିବାରେ ଲାଗିଛି; ଏଥିରୁ ଗୋଟିଏ ହେଉଛି କାଳାତୀତ ପରମ ଅନନ୍ତତାର ସ୍ଥିତି ଓ ଆଉ ଗୋଟିଏ ହେଉଛି ସକଳ ବସ୍ତୁକୁ ଆପଣା ମଧ୍ୟରେ କାଳଗତ ଭାବରେ ପ୍ରକଟ ତଥା ସଂଗଠିତ କରି ରଖିଥିବା ଅନନ୍ତତାର ସ୍ଥିତି । ଆମେ ଆମର ଏହି ଉପରିଭାଗସ୍ଥ ଚେତନାଟି ମଧ୍ୟରେ ରହିଥିବା ପର୍ଯ୍ୟନ୍ତ ତାହା ଆମ ଲାଗି ପ୍ରଚ୍ଛନ୍ନ ଭାବରେ ଗତିଶୀଳ ହୋଇ ରହିଛି, ଏବଂ ଏଇଟିକୁ ଅତିକ୍ରମ କରି ଆମେ ତଦ୍‌ଗତ ତଥା ଅତିମାନସ ଭୂମିଗୁଡ଼ିକ ମଧ୍ୟକୁ ଉଠିଯାଇ ପାରିଲେ ତାହା ଆମ ଲାଗି ପ୍ରକାଶ୍ୟ ହୋଇଯାଇ ପାରୁଛି । କେବଳ ଆମର ମନୋମୟ ନ୍ୟାୟବୁଦ୍ଧିଟି ସକାଶେହିଁ ଏହି ଦୁଇଟିଯାକ ସ୍ଥିତି ପରସ୍ପରର ସତେଅବା ଏକାନ୍ତ ବିରୋଧୀ ହୋଇ ରହିଛି, ଦୁଇଟି ମଧ୍ୟରେ ସତେଅବା ଆଦୌ କୌଣସି ସଂଗତି ରହିଛି ବୋଲି ମନେ ହେଉ ନାହିଁ; କାରଣ ନାନା ବିରୋଧିତାର ଏକ ମିଥ୍ୟା କଳ୍ପନାର ରଜ୍ଜୁକୁ ଆଶ୍ରୟ କରି ଏବଂ ଶାଶ୍ୱତ ବୈପରୀତ୍ୟଗୁଡ଼ିକୁ ଆଣି ପରସ୍ପର ଆଗରେ ହାବୁଡ଼ାଇ ଦେବାର ଚେଷ୍ଟା କରି ତାହା ବଡ଼ ହନ୍ତସନ୍ତ ଭାବରେ ସତତ ଘୂର୍ଣ୍ଣି ବୁଲିବାରେ ଲାଗିଛି । ମାତ୍ର ଯେତେବେଳେ ଆମେ ଅତିମାନସ ତଦାତ୍ମକତା ଏବଂ ଦୃଷ୍ଟିସାମର୍ଥ୍ୟକୁ ଭିତ୍ତି କରି ରହିଥିବା ଏକ ଜ୍ଞାନ ଦ୍ୱାରା ବସ୍ତୁଗୁଡ଼ିକର ଅବଲୋକନ କରିବାକୁ ସମର୍ଥ ହୋଇଯାଉ ଏବଂ ସେହି ଜ୍ଞାନର ଅନୁରୂପ ଏକ ବୃହତ୍ତର, ଗମ୍ଭୀରତାଯୁକ୍ତ ଓ ସ୍ଥିତିସ୍ଥାପକ ନ୍ୟାୟ ଦ୍ୱାରା ବିଚାର କରିବାକୁ ଆରମ୍ଭ କରୁ, ସେତେବେଳେ ଆମେ ଦେଖିବାକୁ ପାଉ ଯେ ପ୍ରକୃତରେ ଏହି ଦୁଇଟିଯାକ ସ୍ଥିତି ମଧ୍ୟରେ କେବଳ ଏକ ସହାବସ୍ଥାନହିଁ ରହିଛି, ଏଦୁହେଁ ପରସ୍ପରର ସହବର୍ତ୍ତୀ ହୋଇ ରହିଛନ୍ତି, ପରମ ଅନନ୍ତଙ୍କର ସେହି ଗୋଟିଏ ସତ୍ୟରହିଁ ଗତିସ୍ପନ୍ଦନ ହୋଇ ରହିଛନ୍ତି । କାଳାତୀତ ପରମ ଅନନ୍ତତା ଏହି ଅଭିବ୍ୟକ୍ତିଟିର ଅତୀତ ହୋଇ ଆପଣା ମଧ୍ୟରେ ଅର୍ଥାତ୍ ଆପଣା ସତ୍ତାର ଶାଶ୍ୱତ ସତ୍ୟଟି ମଧ୍ୟରେ କାଳର ଭୂମି ଉପରେ ଅଭିବ୍ୟକ୍ତ କରି ଦେଉଥିବା ସବୁକିଛିକୁ ଧାରଣ କରି ରହିଛି ।

'oaob.nitrkl.ac.in' images reprocessed

ତାହାର କାଳସମ୍ବନ୍ଧୀ ଚେତନାଟି ମଧ୍ୟ ସ୍ୱୟଂ ଅନନ୍ତ ହୋଇ ରହିଛି ଏବଂ ଆପଣା ମଧ୍ୟରେ ଏକାଧାରରେ ଯାବତୀୟ ସମଗ୍ରତା ତଥା ବିଶେଷତାର ଏକ ଦୃଷ୍ଟି, ଚଳମାନ ପୂର୍ବାପରତା ଅର୍ଥାତ୍ ମୁହୂର୍ତ୍ତ-ଦୃଷ୍ଟି ତଥା ସମଗ୍ର ସ୍ଥାୟୀକାଳୀ ଦୃଷ୍ଟି ଅର୍ଥାତ୍ ସ୍ଥାୟୀ ସମୁଦାୟ ଦୃଷ୍ଟି ମଧ୍ୟରେ ଆମକୁ ଯାହାକିଛି ବସ୍ତୁଗୁଡ଼ିକର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟ ବୋଲି ପ୍ରତୀତ ହେଉଛି, ସେଗୁଡ଼ିକୁ ମଧ୍ୟ ଧାରଣ କରି ରଖିଛି ।

ଆମେ କାଳାତୀତ ପରମ ଅନନ୍ତତାର ଚେତନାଟି ବିଷୟରେ ବିଭିନ୍ନ ଉପାୟରେ ସଚେତନ ହୋଇପାରିବା ସତ, ମାତ୍ର ସବୁଠାରୁ ଅଧିକ ସାଧାରଣ ଭାବରେ ତାହା ଏହାର ଏକ ପ୍ରତିଫଳନ ତଥା ଏକ ଶକ୍ତିଶାଳୀ ଗ୍ରୀପ ଦ୍ୱାରାହିଁ ଆମର ମନୋଭୂମି ଉପରେ ଆପଣାକୁ ଆଣି ଲଦି ଦେଇଥାଏ; ଅଥବା, ମନର ଊର୍ଦ୍ଧ୍ୱରେ ରହିଥିବା କୌଣସି ଏକ ବସ୍ତୁ ପରି, ଅର୍ଥାତ୍ ଯାହା ବିଷୟରେ ମନ ସଜ୍ଞାନ ହୋଇ ରହିଛି, ଯାହା ଆଡ଼କୁ ଉନ୍ମୋଚିତ ହୋଇଯିବାର ଚେଷ୍ଟା କରୁଛି, ମାତ୍ର ଆପେ କେବଳ ଏହି କାଳଗତ ବୋଧଟି ମଧ୍ୟରେ ଏବଂ ମୁହୂର୍ତ୍ତିମୁହୂର୍ତ୍ତିର ପୂର୍ବାପରତା ମଧ୍ୟରେ ବାସ କରୁଥିବା ହେତୁ ମନ ଯାହା ଭିତରେ ପ୍ରକୃତରେ ପ୍ରବେଶ କରିପାରୁ ନାହିଁ, ସେହିଭଳି ଏକ ବ୍ୟାପାର ପରି ଆପଣାକୁ ଆଣି ଆମ ଆଗରେ ଉପସ୍ଥାପିତ କରି ଦେଇଥାଏ । ଅତିମାନସ ପ୍ରଭାବଟି ଦ୍ୱାରା କୌଣସିପ୍ରକାରେ ରୂପାନ୍ତରିତ ହୋଇ ନଥିବା ଆମର ବର୍ତ୍ତମାନର ଏହି ମନଟି ଯଦି କାଳାତୀତତା ମଧ୍ୟରେ ପ୍ରବେଶ କରିବାକୁ ଚେଷ୍ଟା କରେ, ତେବେ ତାହାକୁ ହୁଏତ ସମାଧିର ନିମଜ୍ଜିତାବସ୍ଥା ମଧ୍ୟରେ କୁଆଡ଼େ ଅନ୍ତର୍ହିତ ଓ ବିଲୁପ୍ତ ହୋଇଯିବାକୁ ହୁଏ, ଅଥବା, ତା' ନହେଲେ ଆପଣାର ଜାଗ୍ରତ ଅବସ୍ଥାରେ ରହି, ତାହା ଆପଣାକୁ ଏପରି ଏକ ପରମ ଅନନ୍ତତା ମଧ୍ୟରେ ବିଚ୍ଛୁରିତ ହୋଇପଡ଼ିବା ପରି ଅନୁଭବ କରେ, ଯେଉଁଠାରେ କି ହୁଏତ ଅତିଭୌତିକ ଦେଶର ଏକ ବୋଧ ରହିଥାଏ, ଏକ ପରିବ୍ୟାପ୍ତତା ରହିଥାଏ, ଚେତନାର ଏକ ସୀମାହୀନ ପ୍ରସାର ମଧ୍ୟ ରହିଥାଏ, ମାତ୍ର ସେଠାରେ କାଳର କୌଣସି ସତ୍ତା ନଥାଏ, କାଳର କୌଣସି ଗତିସ୍ପନ୍ଦନ ନଥାଏ, କାଳର କୌଣସି ବ୍ୟବସ୍ଥା ମଧ୍ୟ ନଥାଏ । ଏବଂ ସେହି କ୍ଷେତ୍ରରେ ମନୋମୟ ସତ୍ତା ଯଦି ତଥାପି ଯନ୍ତ୍ରବତ୍ କାଳସ୍ଥ ବସ୍ତୁଗୁଡ଼ିକ ବିଷୟରେ ସଜ୍ଞାନ ହୋଇ ରହିପାରେ, ତାହା ତଥାପି ଆପଣାର ପଦ୍ଧତିରେ ସେଗୁଡ଼ିକ ସହିତ କୌଣସି ସମ୍ପର୍କ ସ୍ଥାପନ କରିପାରେ ନାହିଁ, କାଳାତୀତ ତଥା କାଳସ୍ଥ ବସ୍ତୁଗୁଡ଼ିକ ମଧ୍ୟରେ ଏକ ସତ୍ୟ-ସମ୍ବନ୍ଧ ସ୍ଥାପନ କରିପାରେ ନାହିଁ ଏବଂ ଆପଣାର ଅନିର୍ଦ୍ଦିଷ୍ଟ ପରମ ଅନନ୍ତତା ମଧ୍ୟରେ ରହି କୌଣସିପ୍ରକାର କାର୍ଯ୍ୟ ଅଥବା ସଂକଳ୍ପ କରିପାରେ ନାହିଁ । ସେତେବେଳେ କେବଳ ପ୍ରକୃତିର ସାଧନଯନ୍ତ୍ରଗୁଡ଼ିକର କ୍ରିୟାଟିହିଁ ମନୋମୟ ପୁରୁଷ ଲାଗି ସମ୍ଭବ ଏକମାତ୍ର କ୍ରିୟା ହୋଇ ରହିଯାଏ । ଏହି କ୍ରିୟା କେବଳ ସେହି ପୁରାତନ ପ୍ରବୃତ୍ତି ବା

'oaob.nitrkl.ac.in' images reprocessed

ସ୍ୱଭାବଟିର ବଳରେ ଅଥବା ଅତୀତ ଶକ୍ତିର ବେଗ କରିଯାଇଥିବା ଫଳଟି ହେତୁ ଅର୍ଥାତ୍ 'ପ୍ରାରବ୍ଧ' କର୍ମଟି ହେତୁ ଚାଲୁ ରହିଥାଏ; ନଚେତ୍ ତାହା ଏକ ଅରାଜକ, ଅନିୟମିତ ଏବଂ ଅସମ୍ବଦ୍ଧ କାର୍ଯ୍ୟ ହୋଇ ରହିଥାଏ, ଅର୍ଥାତ୍ ଏପରି ଏକ ଶକ୍ତିର ଅବ୍ୟବସ୍ଥିତ ଏବଂ ଆକସ୍ମିକ ପରିଣାମ ହୋଇ ରହିଥାଏ, ଯାହାର କି ଆଉ କୌଣସି ଚେତନ କେନ୍ଦ୍ର ବିଦ୍ୟମାନ ନଥାଏ ।

ଅପର ପକ୍ଷରେ, ଅତିମାନସ ଚେତନା ସେହି କାଳାତୀତ ପରମ ଅନନ୍ତଙ୍କର ପରମ ଚେତନାର ଭିତ୍ତିଟି ଉପରେ ଠିଆ ହୋଇ ରହିଥାଏ, ମାତ୍ର କାଳର ଭୂମି ଉପରେ ଅନନ୍ତ ପରମଶକ୍ତିକୁ ପ୍ରକଟ କରି ରଖିବାର ରହସ୍ୟଟି ମଧ୍ୟ ତାକୁ ଗୋଚର ହୋଇ ରହିଥାଏ । ଅତିମାନସ କାଳସ୍ଥ ଚେତନା ମଧ୍ୟରେ ଆପଣାକୁ ଅଧିଷ୍ଠିତ କରି ରଖିପାରେ ଓ କାଳାତୀତ ଅନନ୍ତତାକୁ ଆପଣାର ସର୍ବୋଚ୍ଚ ତଥା ସର୍ବମୂଳ ସତ୍ତାରୂପୀ ପୃଷ୍ଠଭୂମି କରି ରଖିଥାଏ ଏବଂ ତାହାରିଠାରୁହିଁ ଆପଣାର ସଂଗଠନକାରୀ ସକଳ ଜ୍ଞାନ, ସଂକଳ୍ପ ଏବଂ କ୍ରିୟାକୁ ଗ୍ରହଣ କରିବାରେ ଲାଗିଥାଏ । ଅଥବା, ଆପଣାର ସାରଗତ ସତ୍ତାଟିରେ କେନ୍ଦ୍ରିତ ହୋଇ ରହି କାଳାତୀତ ମଧ୍ୟରେ ଜୀବନଧାରଣ କରିପାରେ, ମାତ୍ର କାଳସ୍ଥ ଏକ ଅଭିବ୍ୟକ୍ତି ମଧ୍ୟରେ ବି ଜୀବନଧାରଣ କରିପାରେ; ସେହି ଅଭିବ୍ୟକ୍ତିଟିକୁ ତାହା ଅନନ୍ତ ବୋଲି ଅନୁଭବ କରୁଥାଏ ଓ ଦେଖୁଥାଏ, ଏବଂ ତାହାକୁ ସେହି ପରମ ଅନନ୍ତତା ବୋଲିହିଁ ଦେଖୁଥାଏ ଏବଂ ଗୋଟିକ ମଧ୍ୟରେ ଯାହାକୁ ଦିବ୍ୟ ଭାବରେ ଧାରଣ କରି ରହିଥାଏ, ତାହା ଅନ୍ୟଟିରେ ତାହାକୁହିଁ ଅଭିବ୍ୟକ୍ତ କରି ଆଣିପାରେ, ଧାରଣ କରି ରଖିପାରେ ଓ ବିକଶିତ କରି ଦେଇପାରେ । ତେଣୁ ଅତିମାନସର କାଳ-ଚେତନା ମନୋମୟ ସତ୍ତାର କାଳ-ଚେତନାଟିଠାରୁ ନିଶ୍ଚୟ ଭିନ୍ନ ହେବ, ମନୋମୟ ସତ୍ତାର କାଳ-ଚେତନାଟି ପରି ତାହା କଦାପି ଅସହାୟ ଭାବରେ ମୁହୂର୍ତ୍ତଗୁଡ଼ିକର ସୁଅ ଉପରେ ବସି କୁଆଡ଼େ ମନ କୁଆଡ଼େ ଭାସି ଚାଲିଯିବ ନାହିଁ ଏବଂ ପ୍ରତ୍ୟେକ ମୁହୂର୍ତ୍ତକୁହିଁ ତାକୁ ଆଉ ଆପଣାର ଏକ ଆଶ୍ରୟସ୍ଥଳରୂପେ ବା ତତ୍‌କ୍ଷଣାତ୍ ଅନ୍ତର୍ହିତ ହୋଇ ଯାଉଥିବା ଦୃଷ୍ଟିକୋଣରୂପେ ଜାବୁଡ଼ି ଧରିବାକୁ ଆଦୌ ପଡ଼ିବ ନାହିଁ । ମାତ୍ର ତାହା ପ୍ରଥମତଃ କାଳର ସକଳ ପରିବର୍ତ୍ତନକୁ ଅତିକ୍ରମ କରି ଆପଣାର ଶାଶ୍ୱତ ଏକରୂପତା ଉପରେହିଁ ଆଧାରିତ ହୋଇ ରହିବ; ଏବଂ ଦ୍ୱିତୀୟତଃ, ପରମ କାଳର ଏକ ଯୁଗପତ୍ ସନାତନତା ଉପରେ ମଧ୍ୟ ପ୍ରତିଷ୍ଠିତ ହୋଇ ରହିବ, ଯାହା ମଧ୍ୟରେ କି ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତ ଚିରକାଳ ସକାଶେ ଏକତ୍ର ସେହି ପରମ ଶାଶ୍ୱତଙ୍କରହିଁ ଆତ୍ମ-ଜ୍ଞାନ ଏବଂ ଆତ୍ମ-ସାମର୍ଥ୍ୟ ମଧ୍ୟରେ ଅବସ୍ଥିତ ହୋଇ ରହିଥାନ୍ତି । ତୃତୀୟତଃ, ତାହା ତିନୋଟିଯାକ କାଳକୁ ଗୋଟିଏ ଗତିସ୍ପନ୍ଦନରୂପେ ଧରି ରଖିଥିବା ଏକ ସମଗ୍ର ଦୃଷ୍ଟି ମଧ୍ୟରେ ମଧ୍ୟ ଆପଣାକୁ ପ୍ରତିଷ୍ଠିତ କରି ରଖିବ ଏବଂ ବିଭିନ୍ନ ପର୍ଯ୍ୟାୟ,

'oaob.nitrkl.ac.in' images reprocessed

କାଳାତୀତ ତଥା କାଳାବର୍ତ୍ତିନ ମଧ୍ୟରେ ବି ତାହା ଅବିଚ୍ଛେଦ୍ୟ ଭାବରେ କେବଳ ସେହି ଗୋଟିଏ କାଳ ହୋଇ ରହିଥିବ । ଏବଂ ଶେଷରେ,—କେବଳ ସାଧନାତ୍ମକ ଚେତନାର କ୍ଷେତ୍ରରେହିଁ ଏପରି ଘଟିବ,—ମୁହୂର୍ତ୍ତିମୁହୂର୍ତ୍ତିର ପାଦପାଦ ହୋଇ ଅଗ୍ରସର ହେଉଥିବା ବିବର୍ତ୍ତିନଟି ମଧ୍ୟରେ ବି ତାହା ଆପଣାକୁ ପ୍ରତିଷ୍ଠିତ କରି ରଖିବ । ଅର୍ଥାତ୍ ତାହା ତିନୋଟିଯାକ କାଳକୁ ଜାଣିବ, 'ତ୍ରିକାଳଦୃଷ୍ଟି' ଅର୍ଜନ କରିବ;—ପୂର୍ବକାଳରେ ଏହି ଦୃଷ୍ଟି ଅର୍ଜନ କରିବାକୁହିଁ ଋଷି ଓ ଦ୍ରଷ୍ଟାର ସର୍ବୋଚ୍ଚ ନିଦର୍ଶନ ବୋଲି ବିଚାର କରାଯାଉଥିଲା । ଏହି ଦୃଷ୍ଟିଟି ଏଠାରେ ଏକ ଅସାମାନ୍ୟ ବା ଅସ୍ୱାଭାବିକ ସାମର୍ଥ୍ୟ ହୋଇ ଆଦୌ ରହିବ ନାହିଁ, ମାତ୍ର କାଳ-ଜ୍ଞାନଗତ ଏକ ସ୍ୱାଭାବିକ ସ୍ଥିତିରେହିଁ ପରିଣତ ହୋଇଯିବ ।

ଏହି ଏକତ୍ୱବଦ୍ଧ ଓ ଅନନ୍ତ କାଳ-ଚେତନା ଏବଂ ଏହି ଦୃଷ୍ଟି ତଥା ଜ୍ଞାନକୁହିଁ ଆମେ ଅତିମାନସ ସତ୍ତାର ସ୍ୱକୀୟ ସର୍ବୋଚ୍ଚ ଆଲୋକମୟ ଲୋକରେ ତାହାର ଗୋଟିଏ ଗୋଟିଏ ସମ୍ପଦ ବୋଲି ଜାଣିରଖିବା ଏବଂ ଅତିମାନସ ପ୍ରକୃତିର ସର୍ବୋଚ୍ଚ ସ୍ତରଗୁଡ଼ିକରେ ଉପନୀତ ହୋଇପାରିଲେ ଯାଇ ସେଗୁଡ଼ିକ ପରିପୂର୍ଣ୍ଣ ଭାବରେ ଉପଲବ୍ଧ ହୋଇଥାଏ । ମାତ୍ର ମନୁଷ୍ୟର ଚେତନା ଯୋଗର ଉତ୍ତୋଳନକାରୀ, ରୂପାନ୍ତରକାରୀ ଏବଂ ବିବର୍ତ୍ତିନଧର୍ମୀ,—ଅର୍ଥାତ୍ ଆତ୍ମ-ଅନାବରଣକାରୀ, ଆତ୍ମ-ବିକାଶକାରୀ ଓ ଉତ୍ତରୋତ୍ତର ଭାବରେ ଆତ୍ମ-ପରିପୂର୍ତ୍ତିକାରୀ,—ପ୍ରକ୍ରିୟାଟିର ମଧ୍ୟଦେଇ ଆରୋହଣ କରି ଯାଉଥିବାର ପର୍ଯ୍ୟାୟଟିରେ ଆମେ ପୂର୍ବାପର ହୋଇ ରହିଥିବା ତିନୋଟି ପାବଚ୍ଛକୁ ସ୍ମରଣରେ ରଖିବା; ଏବଂ ସର୍ବୋଚ୍ଚ ସ୍ତରଗୁଡ଼ିକରେ ଯାଇ ପହଞ୍ଚି ପାରିବାକୁ ହେଲେ ଆମକୁ ଏହି ତିନୋଟିଯାକକୁ ପାର ହୋଇ ଯିବାକୁ ପଡ଼ିବ । ଚେତନାର ଯେଉଁ ସ୍ତରଟିରେ ଆମେ ବର୍ତ୍ତମାନ ବିଚରଣ କରୁଛୁ, ଚେତନାର ସେହି ପ୍ରଥମ ସ୍ଥିତିଟି ହେଉଛି ଅଜ୍ଞାନ ଦ୍ୱାରା ଆଚ୍ଛନ୍ନ ହୋଇ ରହିଥିବା ଏହି ମନରହିଁ ସ୍ଥିତି ଏବଂ ଏହି ସ୍ଥିତିଟି ଜଡ଼ ପ୍ରକୃତିର ଅଚେତନା ତଥା ନିଶ୍ଚେତନା ମଧ୍ୟରୁ ଉତ୍ଥିତ ହୋଇ ଆସିଛି । ଏହା ହେଉଛି ଏକ ଅଜ୍ଞାନମୟ ସ୍ଥିତି, ମାତ୍ର ଜ୍ଞାନର ଅନ୍ୱେଷଣ କରିବା ଲାଗି ଅର୍ଥାତ୍ ଜ୍ଞାନକୁ ଲୋଡ଼ି ବାହାରିବା ଲାଗି ଏଥିରେ ଅବଶ୍ୟ ଏକ ସାମର୍ଥ୍ୟ ରହିଛି; ଏବଂ ମନୋମୟ ନିର୍ଦ୍ଧାରଣ ତଥା ନିରୂପଣରେ ଅନ୍ତତଃ ଗୋଟାଏ ନିୟମ ଦ୍ୱାରା ତାହା ଜ୍ଞାନର ଆବିଷ୍କାର କରୁଛି । ଏହି ନିର୍ଦ୍ଧାରଣଗୁଡ଼ିକୁ ଯଥାର୍ଥ ସତ୍ୟର ସଙ୍କେତ-ସୂତ୍ରରୂପେ ବେଶ୍ ବ୍ୟବହାର କରାଯାଇ ପାରିବ; ଊର୍ଦ୍ଧ୍ୱସ୍ଥ ଆଲୋକର ପ୍ରଭାବ, ଅନୁପ୍ରବେଶ ଏବଂ ଅବତରଣ ଦ୍ୱାରା ତାହାକୁ ଅଧିକରୁ ଅଧିକ ପରିମାଣରେ ଶୋଧିତ, ଆଲୋକିତ ଏବଂ ସ୍ୱଚ୍ଛ ମଧ୍ୟ କରାଯାଇ ପାରିବ ଏବଂ କ୍ରମେ ଯଥାର୍ଥ ଜ୍ଞାନର ସାମର୍ଥ୍ୟ ମଧ୍ୟକୁ ଉନ୍ମୋଚିତ ହୋଇପାରିବା ଲାଗି ବୁଦ୍ଧିକୁ ମଧ୍ୟ ପ୍ରସ୍ତୁତ କରାଯାଇ ପାରିବ । ଯାବତୀୟ ସତ୍ୟକୁ ଏହି ମନ ଏପରି ଏକ ବସ୍ତୁରୂପେ

'oaob.nitrkl.ac.in' images reprocessed

ଅନୁଭବ କରିଥାଏ, ଯାହାକି ମୂଳରୁ ତା' ପାଖରେ ଉପସ୍ଥିତ ନଥିଲା, ଯାହାକୁ ତାକୁ ଅର୍ଜନ କରିବାକୁ ପଡ଼ିଛି ବା ତଥାପି ଯାହା ଅର୍ଜନ କରିବାକୁ ବାକି ରହିଛି; ସକଳ ସତ୍ୟକୁ ତାହା ଆପଣାର ବାହାରେ ରହିଥିବା ପରି ଅନୁଭବ କରିଥାଏ, ଯାହାକୁ କି ଅନୁଭୂତି ଦ୍ୱାରା ସଂଗ୍ରହ କରି ଆଣିବାକୁ ହୁଏ, ଅଥବା ଅନୁସନ୍ଧାନ, ଗଣନା, ଆବିଷ୍କୃତ ନିୟମଟିର ପ୍ରୟୋଗ ଏବଂ ପ୍ରାପ୍ତ ସଙ୍କେତ ତଥା ଇଙ୍ଗିତଗୁଡ଼ିକର ବ୍ୟାଖ୍ୟାସଂବଳିତ କେତେକ ନିର୍ଦ୍ଦିଷ୍ଟ ପଦ୍ଧତି ବା ନିୟମର ପାଳନ କରି ଯାହାକୁ ସଂଗୃହୀତ କରି ଆଣିବାକୁ ହୋଇଥାଏ । ମନ ଦ୍ୱାରା ଲବ୍ଧ ଜ୍ଞାନ ମାତ୍ରେହିଁ ଏକ ନିର୍ଜ୍ଞାନମୟ ପୂର୍ବାବସ୍ଥାର ସୂଚକ ହୋଇ ରହିଥାଏ, ତାହା ଅବିଦ୍ୟାର ସାଧନ ହୋଇ ରହିଥାଏ ।

ଚେତନାର ଦ୍ୱିତୀୟ ସ୍ଥିତିଟି ମନୁଷ୍ୟ ଲାଗି କେବଳ ସୁପ୍ତ ତଥା ଅନ୍ତର୍ନିହିତ ହୋଇ ରହିଥାଏ, ଏବଂ ଅନ୍ତର୍ଗତ ଏକ ଆଲୋକନ ଏବଂ ଅଜ୍ଞାନମୟ ମନର ରୂପାନ୍ତର ଘଟାଇବା ଦ୍ୱାରାହିଁ ତାହାକୁ ଲାଭ କରାଯାଇଥାଏ । ଏହି ଅବସ୍ଥାଟିକୁ ଆସି ମନ ଆଉ ଆପଣା ବାହାରେ ଜ୍ଞାନର ଉତ୍ସଟିକୁ ଖୋଜିବାକୁ ଯାଏ ନାହିଁ, ତାହାକୁ ସେ ବରଂ ଆପଣା ଭିତରେହିଁ ଖୋଜେ ଏବଂ ଯେକୌଣସି ସାଧନ ଦ୍ୱାରା ହେଉ ପଛକେ, ଆପଣାର ଅନୁଭୂତି ଏବଂ ଆତ୍ମ-ଅନୁଭବ ଲାଗି ତାହା ଆଉ ମୂଳଭୂତ ଅଜ୍ଞାନରହିଁ ଏକ ମନ ହୋଇ ରହେ ନାହିଁ, ମାତ୍ର ଆତ୍ମବିସ୍ମୃତିମୟ ଜ୍ଞାନର ଏକ ମନରେ ପରିଣତ ହୋଇଯାଏ । ତା'ର ଆପଣା ଭିତରେ ଯେ ସକଳ ବସ୍ତୁର ଜ୍ଞାନ ଲୁକ୍କାୟିତ ହୋଇ ରହିଛି, ସେବିଷୟରେ ଏହି ମନ ସଚେତନ ହୋଇଯାଏ, ଅଥବା ତା' ସତ୍ତାର ଅନ୍ତତଃ କୌଣସି ନା କୌଣସି ସ୍ଥାନରେ ତାହା ଲୁଚି ରହିଛି ବୋଲି ସଚେତନ ହୋଇଯାଏ; ମାତ୍ର ସେଠାରେ ଯେପରି ତାହା ଆବରଣ ତଳେ ରହିଛି ଏବଂ ବିସ୍ମୃତ ହୋଇ ରହିଛି, ସେ ଠିକ୍ ସେହିପରି ଅନୁଭବ କରୁଥାଏ । ଏବଂ ଆପଣାର ଲବ୍ଧ ଜ୍ଞାନକୁ ସେ ବାହାରୁ ଅର୍ଜନ ହୋଇ ଆସୁଥିବା ଏକ ବସ୍ତୁ ପରି ଆଦୌ ଅନୁଭବ କରେ ନାହିଁ; ସେହି ଜ୍ଞାନ ଯେପରି ସେଇ ଭିତରେହିଁ ଗୁପ୍ତ ହୋଇ ରହିଥିଲା, ବର୍ତ୍ତମାନ ସ୍ମୃତି ଭିତରକୁ ଆସିଲା ଏବଂ ତତ୍କ୍ଷଣାତ୍ ସତ୍ୟ ବୋଲି ଜଣାଗଲା, ସେ ସେହିପରି ଅନୁଭବ କରିଥାଏ; ସେଠାରେ ପ୍ରତ୍ୟେକ ବସ୍ତୁ ଆପଣାର ଯଥାର୍ଥ ସ୍ଥାନ, ଯଥାର୍ଥ ପରିମାଣ, ଯଥାର୍ଥ ଗତି ଓ ଯଥାର୍ଥ ମାତ୍ରାରେ ଅବସ୍ଥିତ ହୋଇ ରହିଛି ବୋଲି ଅନୁଭବ କରୁଥାଏ । ଜ୍ଞାନପ୍ରାପ୍ତିର ଅବସରଟି ଯେତେବେଳେ ତଥାପି କୌଣସି ନା କୌଣସି ବାହ୍ୟ ଅନୁଭବ, ସଙ୍କେତ ବା ସୂଚନା ହୋଇ ରହିଥାଏ, ସେତେବେଳେ ମଧ୍ୟ ଜ୍ଞାନ ପ୍ରତି ଆମର ଏହି ଦୃଷ୍ଟି ରହିଥାଏ; କାରଣ ତା' ଲାଗି ତାହା କେବଳ ଏକ ଅବସର ବା ନିମିତ୍ତମାତ୍ର ହୋଇହିଁ ରହିଥାଏ ଏବଂ ଜ୍ଞାନର ସତ୍ୟତାଟି ଲାଗି ସେ ବାହ୍ୟ ସଙ୍କେତ ଅଥବା ପ୍ରମାଣ ଉପରେ ନିର୍ଭର ନକରି ଭିତରରହିଁ ଦୃଢ଼ପ୍ରତିଷ୍ଠାକାଙ୍କ୍ଷୀ

'oaob.nitrkl.ac.in' images reprocessed

ସାକ୍ଷ୍ୟ ଉପରେ ନିର୍ଭର କରୁଥାଏ । ଅହଲ୍ ମନଟିକୁ ଆମେ ଆମର ମଧ୍ୟରେ ରହିଥିବା ବିଶ୍ୱଗତତା ବୋଲିହିଁ ଜାଣିବା, ବ୍ୟକ୍ତିକୁ ଏହି ଉପରିଭାଗରେ ସେହି ବିଶ୍ୱଗତତାର ଏକ ପ୍ରକ୍ଷେପଣ ବୋଲି ଜାଣିବା; ତେଣୁ, ଯେତେବେଳେ ବ୍ୟକ୍ତିର ମନ ଅଧିକରୁ ଅଧିକ ପରିମାଣରେ ଭିତର ଆଡ଼କୁହିଁ ଚାଲିଯାଏ ଏବଂ ସଚେତନ କିଂବା ଅବଚେତନ ଭାବରେ, ସବୁକିଛିକୁ ସମ୍ଭାର ଧରିଥିବା, ଗ୍ରହଣ କରୁଥିବା ଓ ଅଭିବ୍ୟକ୍ତ ହୋଇ ପାରିବା ଲାଗି ସମର୍ଥ କରି ରଖିଥିବା ସେହି ବିଶ୍ୱଗତ ମନର ସମୀପବର୍ତ୍ତୀ ହୋଇଆସେ ଏବଂ ତାହାର ଯାବତୀୟ ସ୍ପର୍ଶ ଲାଗି ଗ୍ରହଣଶୀଳ ହୋଇଉଠେ, ହୁଏତ ସେତିକବେଳେ ଯାଇ ଆମ ଲାଗି ଚେତନାର ଏହି ଦ୍ୱିତୀୟ ଅବସ୍ଥାଟି ଉପଲବ୍ଧ ହୋଇଥାଏ; ଅଥବା, ଆମେ ଯେତେବେଳେ ବିଶ୍ୱ-ମନର ଚେତନାଟି ମଧ୍ୟରେ ବାସ କରିବାକୁ ଲାଗୁ ଓ ଯେତେବେଳେ ଆମର ବ୍ୟକ୍ତିଗତ ମନୋଭୂମିଟି କେବଳ ଏକ ପ୍ରକ୍ଷେପଣ ମାତ୍ର ହୋଇ ରହିଥାଏ, ଉପରିଭାଗରେ ରହିଥିବା କେବଳ ଗୋଟାଏ ସୂଚକ ବୋର୍ଡ଼ ବା ଏକ ସମ୍ବରଣକାରୀ ସୁଇଚ୍ ହୋଇ ରହିଥାଏ, ସେତେବେଳେ ଆହୁରି ଅଧିକ ଶକ୍ତିଶାଳୀ ଭାବରେ ଆମେ ଚେତନାର ଏହି ଅବସ୍ଥାଟିର ଅଧିକାରୀ ହୋଇଥାଉ ।

ଜ୍ଞାନସ୍ଥ ମନର ସେହି ଅବସ୍ଥାଟିକୁ ଆମେ ଚେତନାର ତୃତୀୟ ପର୍ଯ୍ୟାୟ ବୋଲି କହିବା, ଯାହା ଭିତରେ କି ସକଳ ବସ୍ତୁ ତଥା ସକଳ ସତ୍ୟ ସତେଅବା ଆଗରୁ ବିଦ୍ୟମାନ ହୋଇ ରହିଥିବା ପରି ପ୍ରତ୍ୟକ୍ଷ ଓ ଅନୁଭୂତ ହେବାକୁ ଲାଗନ୍ତି, ଆଗରୁ ଜ୍ଞାତ ହୋଇ ରହିଥିବା ପରି ମନେହୁଅନ୍ତି, ଏବଂ ଅନ୍ତରସ୍ଥ ଆଲୋକଟିକୁ କେବଳ ତା' ଉପରେ ବୁଲାଇଦେଲେ ମାତ୍ରକେ ସେଗୁଡ଼ିକ ତତ୍କ୍ଷଣାତ୍ ଆସି ଉପଲବ୍ଧ ହୋଇ-ଯାଆନ୍ତି । ଯେପରି କୌଣସି ଘର ଭିତରେ ଯାହାସବୁ ଜିନିଷ ରହିଛି, ଜଣେ ତାହା ଆଗରୁ ଜାଣିଥାଏ ଓ ସେଗୁଡ଼ିକ ସହିତ ସୁପରିଚିତ ଥାଏ, ଏବଂ ସେଗୁଡ଼ିକ ଉପରେ କେବଳ ଆଖି ବୁଲାଇଦେଇହିଁ ସେଗୁଡ଼ିକୁ ଜାଣିପାରେ, ଠିକ୍ ସେହିପରି ଏହି ତୃତୀୟ ସ୍ଥିତିଟିରେ ବସ୍ତୁଗୁଡ଼ିକୁ ଏକ ପୂର୍ବାବସ୍ଥିତ ଜ୍ଞାନର ବସ୍ତୁରୂପେ ଜାଣିହୁଏ । ଅବଶ୍ୟ ଏକଥା ସତ ଯେ ସେହି ବସ୍ତୁଗୁଡ଼ିକ ଆମର ଦୃଷ୍ଟି ସମକ୍ଷରେ ସର୍ବଦା କଦାପି ଉପସ୍ଥିତ ନଥାନ୍ତି, କାରଣ ଦୃଷ୍ଟି ସେଗୁଡ଼ିକ ପ୍ରତି ସବୁବେଳେ ଏକାଗ୍ର ହୋଇ ରହି ନଥାଏ । ପୂର୍ବୋକ୍ତ ଆତ୍ମ-ବିସ୍ତୃତଶୀଳ ଅବସ୍ଥାଟିଠାରୁ ଏହି ଅବସ୍ଥାର କେବଳ ଏହି ପାର୍ଥକ୍ୟଟି ରହିଛି ଯେ ଏହି ତୃତୀୟଟିର କ୍ଷେତ୍ରରେ ପ୍ରକୃତରେ କୌଣସି ଚେଷ୍ଟା ଲୋଡ଼ା ହୁଏ ନାହିଁ ବା କୌଣସି ଖୋଜିବା ଦରକାର ପଡ଼େ ନାହିଁ, ମାତ୍ର ସମ୍ପୃକ୍ତ ଯେକୌଣସି ଜ୍ଞାନର କ୍ଷେତ୍ରଟି ଉପରେ ଅନ୍ତରସ୍ଥ ଆଲୋକଟିକୁ କେବଳ ବୁଲାଇ ଆଣିବାକୁ ପଡ଼େ ବା ଉନ୍ମୋଚିତ କରିଦେବାକୁ ପଡ଼େ; ତେଣୁ ଏହି କ୍ଷେତ୍ରରେ ମନଠାରୁ ଅନ୍ତ-ଗୁପ୍ତ ଓ ବିସ୍ମୃତ ହୋଇ ରହିଥିବା ବସ୍ତୁଗୁଡ଼ିକର ଆଉ କୌଣସି ପୁନଃସ୍ମରଣ କରିବାକୁ ପଡ଼େ ନାହିଁ, ମାତ୍ର ପୂର୍ବରୁହିଁ ଉପସ୍ଥିତ, ପ୍ରସ୍ତୁତ ଏବଂ ଉପଲବ୍ଧ ହୋଇ ରହିଥିବା

'oaob.nitrkl.ac.in' images reprocessed

ବସ୍ତୁଗୁଡ଼ିକୁହିଁ କେବଳ ଆଲୋକିତ ଭାବରେ ଉପସ୍ଥାପିତ କରିଦେବାକୁ ହୁଏ । ଆମର ସଂବୋଧିଗତ ମନଟିକୁ ଆଂଶିକ ଭାବରେ ଅଧିମାନସ ଦ୍ୱାରା ସଂଚାଳିତ କରି ରଖି ପାରିଲେ ଏବଂ ଏହାକୁ ଅଧିମାନସ ଭୂମିଗୁଡ଼ିକରୁ ସଞ୍ଚାରିତ ହୋଇ ଆସୁଥିବା ଯେକୌଣସି ଓ ପ୍ରତ୍ୟେକ ସ୍ପନ୍ଦନ ଲାଗି ପୂର୍ଣ୍ଣରୂପେ ଉନ୍ମୋଚିତ କରି ରଖିପାରିଲେ ଯାଇ ଏହି ଶେଷ ଅବସ୍ଥାଟି ସମ୍ଭବ ହୁଏ । ଜ୍ଞାନସ୍ଥ ଏହି ମନଟିକୁ ଆମେ ତାହାର ସାରଗତ ମର୍ମକ୍ଷେତ୍ରରେ ଅନ୍ତର୍ନିହିତ ସର୍ବଶକ୍ତିମତ୍ତାରହିଁ ଏକ ସାମର୍ଥ୍ୟ ବୋଲି କହିବା; ମାତ୍ର ଏକଥା ସତ ଯେ ଆପଣାକୁ କାର୍ଯ୍ୟକାରୀ କରିବାର ମନଃସ୍ତରୀୟ ବାସ୍ତବ ଭୂମିଟିରେ ତାହାର ବିଚରଣଭୂମି ଏବଂ କ୍ଷେତ୍ରଟି ବଡ଼ ସୀମାବଦ୍ଧ ହୋଇ ପଡ଼ିଥାଏ । ଯେତେବେଳେ ଅଧିମାନସ ମନର ସ୍ତରଟି ମଧ୍ୟକୁ ଓହ୍ଲାଇଆସେ ଏବଂ ମନୋଭୂମିର କ୍ଷୁଦ୍ରତର ସାମଗ୍ରୀଟିକୁ ନେଇ କାର୍ଯ୍ୟ କରୁଥାଏ, ସେତେବେଳେ ସେହି ଅଧିମାନସର କ୍ଷେତ୍ରଟି ଲାଗି ମଧ୍ୟ ସୀମାବଦ୍ଧତାର ଏହି ସ୍ୱଭାବଟି ବେଶ୍ ପ୍ରଯୁଜ୍ୟ ହୋଇ ରହିଥାଏ; ଅବଶ୍ୟ ଏକଥା ସତ ଯେ ଅଧିମାନସ ସେଠାରେ ଆପଣା ଭାବରେହିଁ କାର୍ଯ୍ୟ କରୁଥାଏ, ଆପଣାର ଶକ୍ତିମନ୍ତ ଏବଂ ଆଲୋକଯୁକ୍ତ ସ୍ୱରୂପରେ କାର୍ଯ୍ୟ କରୁଥାଏ । ସୀମାବଦ୍ଧତାର ଏହି ସ୍ୱଭାବଟି ଅଧିମାନସ ବୁଦ୍ଧିର କ୍ରିୟାଟି ଭିତରେ ମଧ୍ୟ ଅବିଚ୍ଛିନ୍ନ ଭାବରେ ରହିଥାଏ । କେବଳ ସେହି ଉଚ୍ଚତର ଅଧିମାନସ ଶକ୍ତିହିଁ ଆପଣାର ସ୍ୱକୀୟ ଭୂମିଗୁଡ଼ିକରେ କାର୍ଯ୍ୟ କରୁଥାଏ, ତାହାର ସଂକଳ୍ପ ତଥା ଜ୍ଞାନ ସର୍ବଦା ଏକ ସୀମାହୀନ ଆଲୋକ ମଧ୍ୟରେ କାର୍ଯ୍ୟକାରୀ ହୋଇ ରହିଥାଏ ବା ଜ୍ଞାନର ଅପରିମେୟ ସମ୍ପ୍ରସାରଣର ଏକ ପୂର୍ଣ୍ଣମୁକ୍ତ ସାମର୍ଥ୍ୟ ସହିତ କାର୍ଯ୍ୟ କରିବାରେ ଲାଗିଥାଏ; ଆପଣାର ସ୍ୱକୀୟ ଉଦ୍ଦେଶ୍ୟଗୁଡ଼ିକର ପୂର୍ତ୍ତି ଲାଗି ଆତ୍ମା ସ୍ୱୟଂ ଆପଣାର ସ୍ୱକୀୟ ଇଚ୍ଛା ଦ୍ୱାରା ପ୍ରେରିତ ହୋଇ ତାହା ଉପରେ ଯେଉଁ ସୀମାଙ୍କନଗୁଡ଼ିକୁ ଆଣି ଲଦି ଦେଉଥାଏ, ଅଧିମାନସ କେବଳ ସେହିଗୁଡ଼ିକରହିଁ ଅଧୀନ ହୋଇ ରହିଥାଏ ।

ଅଧିମାନସ ମଧ୍ୟକୁ ବିକଶିତ ହୋଇ ଯାଉଥିବା ମନକୁ ଏହି ଯାବତୀୟ ପର୍ଯ୍ୟାୟଗୁଡ଼ିକର ମଧ୍ୟଦେଇ ଯିବାକୁ ହୁଏ ଏବଂ ଆପଣାର ଆରୋହଣ ତଥା ପ୍ରସାରଣର କ୍ଷେତ୍ରରେ ତାହାକୁ ଆପଣା କାଳ-ଚେତନା ତଥା କାଳ-ଜ୍ଞାନର ସାମର୍ଥ୍ୟ ଓ ସମ୍ଭାବନାଗତ ଅନେକ ପରିବର୍ତ୍ତନ ଓ ନାନାବିଧ ପ୍ରବୃତ୍ତିକୁ ମଧ୍ୟ ଅନୁଭବ କରିବାକୁ ପଡ଼ିପାରେ । ପ୍ରଥମ ଅବସ୍ଥାଟିରେ, ଅର୍ଥାତ୍ ଅଜ୍ଞାନମୟ ମନର ସ୍ତରରେ ରହିଥିବା ବେଳେ ମନୁଷ୍ୟ କେବେହେଲେ ଅନନ୍ତ କାଳ-ଚେତନା ମଧ୍ୟରେ ବାସ କରିପାରେ ନାହିଁ କିଂବା ତ୍ରିବିଧ କାଳ-ଜ୍ଞାନଟି ଉପରେ ତାହାର କୌଣସି ପ୍ରତ୍ୟକ୍ଷ ଓ ପ୍ରକୃତ ସାମର୍ଥ୍ୟ ଆଦୌ ରହିପାରେ ନାହିଁ । ଅଜ୍ଞାନସ୍ଥ ମନ କାଳର ସେହି ଅବିଭାଜ୍ୟ ଓ ଅବିଚ୍ଛିନ୍ନ ଧାରାଟି ମଧ୍ୟରେ କେବେହେଲେ ବାସ କରିପାରେ ନାହିଁ, ମାତ୍ର ଗୋଟିକ ପରେ ଗୋଟିଏ ମୁହୂର୍ତ୍ତରେହିଁ ବାସ କରୁଥାଏ । ଆତ୍ମସତ୍ତାର ଅବିଚ୍ଛିନ୍ନତା ବିଷୟରେ

'oaob.nitrkl.ac.in' images reprocessed

ଓ ଅନୁଭୂତିର ଏକ ମୂଳଭୂତ ଅବଚ୍ଛିନ୍ନତା ବିଷୟରେ ତାହାର ଏକ ଅସ୍ପଷ୍ଟ ଧାରଣା ରହିଥାଏ; ଏହି ଧାରଣାର ମୂଳ ଉତ୍ସଟି ପ୍ରକୃତରେ ଆମର ଭିତରେ ସେହି ଗଭୀରତର ଆତ୍ମାର ସ୍ତରରେହିଁ ଅବସ୍ଥିତ ରହିଥାଏ । ମାତ୍ର ଅଜ୍ଞାନସ୍ଥ ମନ କଦାପି ସେହି ସ୍ତରରେ ବାସ କରୁ ନଥିବାରୁ, ତାହା ଏକ ଯଥାର୍ଥ କାଳଗତ ଅବଚ୍ଛିନ୍ନତା ମଧ୍ୟରେ ବି ବାସ କରିପାରେ ନାହିଁ; ତାହା ଏହି ଅସ୍ପଷ୍ଟ ମାତ୍ର ତଥାପି ଅବିଚଳିତ ସଜ୍ଞାନତାକୁ କେବଳ ଏକ ପୃଷ୍ଠଭୂମିରୂପେ ବ୍ୟବହାର କରେ, ଏକ ଆଶ୍ରୟ ତଥା ଆଶ୍ୱାସନରୂପେ ବ୍ୟବହାର କରୁଥାଏ; ନହେଲେ ଏହି ଅବସ୍ଥାଟି ତା' ଲାଗି ଆପଣା ସତ୍ତାର କେବଳ ଏକ ସତତ ଆଧାରସ୍ଥାନ ପ୍ରବାହରେହିଁ ପରିଣତ ହୋଇଯିବାର ଭୟ ରହିଥାଏ । ଆପଣାର ବ୍ୟାବହାରିକ କ୍ରିୟାରେ ତାହା ବର୍ତ୍ତମାନର ଭୂମିରେ ଅବସ୍ଥିତ ହୋଇ ରହିବା ବ୍ୟତୀତ କେବଳ ସେହି ଗାରଟିର ସାହାଯ୍ୟ ଗ୍ରହଣ କରିଥାଏ, ଯାହାକୁ କି ଅତୀତ କାଳ ନିଜ ପଛରେ ଟାଣିଦେଇ ଯାଇଥାଏ ଏବଂ ଯାହା ସ୍ମୃତି ମଧ୍ୟରେ ସୁରକ୍ଷିତ ହୋଇ ରହିଥାଏ । ଏତଦ୍‌ବ୍ୟତୀତ ସେ ପୂର୍ବତନ ଅନୁଭବ ଦ୍ୱାରା ସଞ୍ଚିତ ସ୍ତୂପୀକୃତ ସଂସ୍କାରଗୁଡ଼ିକର ବି ସାହାଯ୍ୟ ନେଇଥାଏ, ଏବଂ ଭବିଷ୍ୟ ସକାଶେ, ତାହାର ଅନୁଭବ ଯେ ଏହିପରି ନିୟମିତ ହୋଇ ରହିବ, ସେହିପରି ଏକ ଆଶ୍ୱାସନର ସାହାଯ୍ୟ ଗ୍ରହଣ କରିଥାଏ । ଏବଂ, ଅନିଶ୍ଚିତ ପୂର୍ବଜ୍ଞାନ ବା ଅନୁମାନର ସେହି ଶକ୍ତିଟିର ମଧ୍ୟ ସାହାଯ୍ୟ ନେଇଥାଏ, ଯାହାକି କେତେକ ପରିମାଣରେ ପୁନରାବୃତ୍ତ ହେଉଥିବା ଅନୁଭୂତି ଏବଂ ଯୁକ୍ତିଯୁକ୍ତ ଅନୁମାନ ଉପରେ ଆଧାରିତ ହୋଇ ରହିଥାଏ ଓ ଆଉ କେତେକ ପରିମାଣରେ କଳ୍ପନାମୂଳକ ରଚନା ଏବଂ ପ୍ରତ୍ୟୟ ଉପରେ ନିର୍ଭର କରୁଥାଏ । ଅଜ୍ଞାନସ୍ଥ ମନ ଆପେକ୍ଷିକ ବା ନୈତିକ ଏକ ନିର୍ଦ୍ଦିଷ୍ଟ ମୂଳଦୁଆ ଅଥବା ଉପାଦାନ ଉପରେ ବି ଆସ୍ଥା ରଖିଥାଏ, ମାତ୍ର ଏତିକକୁ ବାଦ୍ ଦେଲେ ଆଉ ସବୁଯାକ କ୍ଷେତ୍ରରେ କେବଳ ସମ୍ଭାବନା ଓ ସମ୍ଭାବ୍ୟତାଗୁଡ଼ିକୁହିଁ ଆପଣାର ମୁଖ୍ୟ ଅବଲମ୍ବନରୂପେ ଗ୍ରହଣ କରି କାର୍ଯ୍ୟ କରୁଥାଏ ।

ଏପରି ହୁଏ, କାରଣ ଅଜ୍ଞାନସ୍ଥ ମନ କେବଳ ମୁହୂର୍ତ୍ତିରହିଁ ଆୟତନଟି ମଧ୍ୟରେ ବାସ କରୁଥାଏ ଏବଂ ଆପଣାର ତାତ୍‌କ୍ଷଣିକ ସ୍ଥିରଣାଭୂମିଟିର ଚାରିପାଖରେ ଅବସ୍ଥିତ କେବଳ ନିକଟବର୍ତ୍ତୀ ତଥା ଦୃଶ୍ୟମାନ ହୋଇ ରହିଥିବା ବସ୍ତୁଗୁଡ଼ିକୁହିଁ ଦେଖିବାକୁ ସମର୍ଥ ହେଉଥିବା ଜଣେ ବାଟୋଇ ପରି ଗୋଟିଏ ଘଡ଼ିରୁ ଆଉ ଗୋଟିଏ ଘଡ଼ିକୁ ବଢ଼ିବାରେ ଲାଗିଥାଏ । ଆଗରୁ ସେ ଯାହାକିଛିକୁ ବାଟରେ ପାର ହୋଇ ଯାଇଛି, ତାହାକୁ କେବଳ ବଡ଼ ଅପୂର୍ଣ୍ଣ ଭାବରେ ମନେ କରି ପାରୁଥାଏ; ମାତ୍ର ଏହି ତତ୍‌କ୍ଷଣ-ଦୃଷ୍ଟିର ସେପାଖକୁ ତାହାର ସମ୍ମୁଖରେ ଯାହାକିଛି ରହିଥାଏ, ତାହା ତା' ଲାଗି କେବଳ ଅଗୋଚର ଓ ଅଜ୍ଞାତ ହୋଇ ରହିଥାଏ । ଏବଂ ସେଗୁଡ଼ିକ ସମ୍ବନ୍ଧରେ କୌଣସି ଅନୁଭୂତି ଲାଭ କରିବା ତା' ଲାଗି ତଥାପି ବାକି ରହିଥାଏ । ତେଣୁ



'oaob.nitrkl.ac.in' images reprocessed

ଆପଣାର ଏହି ଆତ୍ମ-ଅଜ୍ଞାନକୁ ଧରି କାଳ ଉପରେ ବିଚରଣ କରୁଥିବା ମନୁଷ୍ୟ କେବଳ ଆପଣାର ନାନା ଭାବନା, ନାନା ସଂବେଦନ ଏବଂ ତା'ର ଭାବନା ତଥା ବେଦନ ଲାଗି ଗୋଚର ହୋଇ ରହିଥିବା କେବଳ ବାହ୍ୟ ରୂପାୟନର ଏକ କ୍ରମବଦ୍ଧ ଧାରାଟି ମଧ୍ୟରେହିଁ ବର୍ତ୍ତମାନ ରହିଥାଏ; ବୌଦ୍ଧ ବିଚାରକମାନେ ମନୁଷ୍ୟକୁ ଏହିପରି ଭାବରେହିଁ ଦେଖି ଯାଇଛନ୍ତି। ତାହାର ଏହି ବର୍ତ୍ତମାନସ୍ଥ ମୁହୂର୍ତ୍ତିମୁହୂର୍ତ୍ତିର ଆତ୍ମସତ୍ତାଟିହିଁ ତା' ଲାଗି ଏକମାତ୍ର ସତ୍ୟ ହୋଇ ରହିଥାଏ; ତା' ଅତୀତସ୍ଥ ଆତ୍ମସତ୍ତାଟି ତା' ଲାଗି ହୁଏତ ମରି ଯାଇଥାଏ, ଅନ୍ତର୍ହିତ ହୋଇ ଯାଉଥାଏ ଅଥବା କେବଳ ସ୍ମୃତି, ପରିଣାମ ଏବଂ ସଂସ୍କାର ଭିତରେହିଁ ସଞ୍ଚିତ ହୋଇ ରହିଥାଏ; ଏବଂ ଭବିଷ୍ୟ-ବାଚକ ଆତ୍ମସତ୍ତାଟିର ତା' ଲାଗି ଆଦୌ କୌଣସି ଅସ୍ତିତ୍ୱ ନଥାଏ, ଅଥବା କେବଳ ସୃଷ୍ଟ ହୋଇ ଆସିବାର ଏକ ପ୍ରକ୍ରିୟା ମଧ୍ୟରେ ରହିଥାଏ ବା ଜନ୍ମ ନେବା ଲାଗି ପ୍ରସ୍ତୁତ ହେଉଥାଏ। ଏବଂ ତା'ର ଚତୁର୍ଦ୍ଦିଗସ୍ଥ ଜଗତଟି ମଧ୍ୟ ବୋଧ ଓ ପ୍ରତ୍ୟୟର ଠିକ୍ ସେହି ନିୟମଟିର ଅଧୀନ ହୋଇ ରହିଥାଏ। ସେହି ଜଗତର ଯାବତୀୟ ଘଟଣା-ପ୍ରବାହର କେବଳ ବାସ୍ତବ ରୂପ ତଥା ସମଷ୍ଟିଟିହିଁ ତା' ଲାଗି ଏକମାତ୍ର ସତ୍ୟ ବୋଲି ପରିଦୃଷ୍ଟ ହୁଏ, ତାହାର ଅତୀତଟିର ଆଉ କୌଣସି ଅସ୍ତିତ୍ୱ ନଥାଏ ବା ତାହା କେବଳ ସ୍ମୃତି ତଥା ଇତିବୃତ୍ତ ମଧ୍ୟରେହିଁ ଲାଗି ରହିଥାଏ ଓ ତାହାର ଯେଉଁ ଅଂଶଟି ବର୍ତ୍ତମାନଟି ଲାଗି ଆପଣାର ମୃତ ସ୍ମାରକଗୁଡ଼ିକୁ ଛାଡ଼ି ଦେଇ ଯାଇଥାଏ, ଅତୀତ କେବଳ ତାହାରି ମଧ୍ୟରେହିଁ ରହିଥାଏ। ଏବଂ ଭବିଷ୍ୟତର ତଥାପି ଅସ୍ତିତ୍ୱ ବୋଲି ଆଦୌ କିଛିହେଲେ ନଥାଏ।

ଏଠାରେ ଅବଶ୍ୟ ଏକଥାଟିକୁ ଉଲ୍ଲେଖ କରି ରଖିବାକୁ ହେବ ଯେ ବର୍ତ୍ତମାନ ସମ୍ବନ୍ଧରେ ଆମର ଜ୍ଞାନଟି ଯଦି ସ୍ଥୂଳ ମନ ତଥା ସ୍ଥୂଳ ଇନ୍ଦ୍ରିୟ ଉପରେ ନିର୍ଭର କରି ରହିବା ଦ୍ୱାରା ସୀମାବଦ୍ଧ ହୋଇପଡ଼ି ନଥାନ୍ତା, ତେବେ ଏହିପରି ଏକ ପରିଣାମ କଦାପି ସଂପୂର୍ଣ୍ଣ ଭାବରେ ଅନିବାର୍ଯ୍ୟ ହେଉ ନଥାନ୍ତା। ଯଦି ଆମେ ସମୁଦାୟ ବର୍ତ୍ତମାନଟି ବିଷୟରେ ସଜ୍ଞାନ ହୋଇପାରନ୍ତୁ, ମୁହୂର୍ତ୍ତିଟି ମଧ୍ୟରେ କାର୍ଯ୍ୟକାରୀ ହୋଇ ରହିଥିବା ଭୌତିକ, ପ୍ରାଣିକ ତଥା ମାନସିକ ଶକ୍ତିମାନଙ୍କର ସକଳ କାର୍ଯ୍ୟ ବିଷୟରେ ସଜ୍ଞାନ ହୋଇପାରନ୍ତୁ, ତେବେ ହୁଏତ ଏକଥା ବେଶ୍ କଳ୍ପନା କରାଯାଇ ପାରିବ ଯେ ଆମେ ତଦ୍ଦ୍ୱାରା ସେଗୁଡ଼ିକର ଅତୀତଟି ମଧ୍ୟ ସେଗୁଡ଼ିକ ସହିତ ଜଡ଼ିତ ହୋଇ ରହିଛି ବୋଲି ଦେଖିବାକୁ ନିଶ୍ଚୟ ସମର୍ଥ ହୋଇପାରନ୍ତୁ, ସେଗୁଡ଼ିକ ମଧ୍ୟରେ ଅନ୍ତର୍ନିହିତ ଭବିଷ୍ୟତକୁ ମଧ୍ୟ ଦେଖିପାରନ୍ତୁ ବା ଅନ୍ତତଃ ବର୍ତ୍ତମାନ ଜ୍ଞାନର ଭୂମିରୁ ଅତୀତ ତଥା ଭବିଷ୍ୟତର ଜ୍ଞାନ ମଧ୍ୟକୁ ଅଗ୍ରସର ହୋଇଯାଇ ପାରନ୍ତୁ। ଏବଂ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଏହା ଆମ ଲାଗି ହୁଏତ ଯଥାର୍ଥ ଓ ସତତ-ବର୍ତ୍ତମାନ କାଳଗତ ଅବିଚ୍ଛିନ୍ନତାର ଏକ ବୋଧ ମଧ୍ୟ ସୃଷ୍ଟି କରିଦେଇ ପାରନ୍ତା; ଆମେ ଯେପରି

'oaob.nitrkl.ac.in' images reprocessed

ବର୍ତ୍ତମାନଟି ମଧ୍ୟରେ ବାସ କରୁଛୁ, ଠିକ୍ ସେହିପରି ଅତୀତ ତଥା ଭବିଷ୍ୟ ମଧ୍ୟରେ ବାସ କରିବାର ଏକ ବୋଧ ଆମକୁ ଆଣିଦେଇ ପାରନ୍ତା । ଏବଂ ଆଉ ଗୋଟିଏ ପାଦ ଆଗକୁ ଯାଇପାରିଲେ ଆମେ ହୁଏତ ଅନନ୍ତ କାଳ ଏବଂ ଆମର କାଳାତୀତ ଆତ୍ମସତ୍ତା ମଧ୍ୟରେ ବିଦ୍ୟମାନ ରହିଥିବା ଆମ ଅସ୍ତିତ୍ୱଟିର ଏକ ସତତ-ବର୍ତ୍ତମାନ ବୋଧଟି ମଧ୍ୟରେ ପ୍ରବେଶ କରିପାରନ୍ତେ ଏବଂ ସେତେବେଳେ ଶାଶ୍ୱତ କାଳ ଉପରେ ସେହି ଅସ୍ତିତ୍ୱର ପରିପ୍ରକାଶ ମଧ୍ୟ ଆମ ପାଖରେ ଏକ ସତ୍ୟରୂପେ ପ୍ରତିଭାତ ହୋଇଉଠନ୍ତା । ଏବଂ ହୁଏତ ଆମେ ଏକେ ମଧ୍ୟ ଏହି ଯାବତୀୟ ନାନା ଲୋକ ପଛରେ ଅବସ୍ଥିତ ସେହି କାଳାତୀତ ପରମାତ୍ମସତ୍ତାଙ୍କର ଅନୁଭୂତିଟିକୁ ଲାଭ କରିପାରନ୍ତେ ଏବଂ ତାଙ୍କର ଏହି ଶାଶ୍ୱତ ବିଶ୍ୱ-ଅଭିବ୍ୟକ୍ତିର ସତ୍ୟଟିକୁ ମଧ୍ୟ ଅନୁଭବ କରିପାରନ୍ତେ । ଅର୍ଥାତ୍, ଏହି ସ୍ଥୂଳ ମନ ଓ ସ୍ଥୂଳ ଇନ୍ଦ୍ରିୟବୋଧର ଯଥାନୁରୂପ ଚେତନାଟିର ସ୍ଥାନରେ ଆଉ ଏକ ଭିନ୍ନ ଚେତନାର ବିକାଶଲାଭ ଯେତିକି ସମ୍ଭବ ହୋଇ ଆସିବ, ମୁହୂର୍ତ୍ତଟା ମଧ୍ୟରେ ଏବଂ ଅଜ୍ଞାନସ୍ଥ ମନୋଭୂମିରେ ସମ୍ବେଦନ, ସ୍ମୃତି, ଅନୁମାନ ଓ ପ୍ରତ୍ୟୟଗତ ଏହି ଯାବତୀୟ ସୀମାବଦ୍ଧତାରେ ବନ୍ଦୀ ହୋଇ ରହିବାର ଅବସ୍ଥାଟିକୁ ଯେତେବେଳେ ଲଙ୍ଘି ଦିଆଯାଇ ପାରିବ, ସେତିକବେଳେ ଯାଇ କାଳ ବିଷୟରେ ଆମର ବର୍ତ୍ତମାନ ଯେଉଁ ଚେତନାଟି ରହିଛି, ତା'ଠାରୁ ଭିନ୍ନ ଏକ ଚେତନା ମଧ୍ୟ ସମ୍ଭବ ହୋଇ ଆସିବ, ଏକ ତ୍ରିବିଧ କାଳ-ଜ୍ଞାନର ସାମର୍ଥ୍ୟ ମଧ୍ୟ ସେତିକି ସମ୍ଭବ ହୋଇ ଆସିବ ।

ପ୍ରକୃତରେ କହିବାକୁ ଗଲେ ମନୁଷ୍ୟ କେବଳ ବର୍ତ୍ତମାନଟା ଭିତରେହିଁ ବାସ କରି କଦାପି ସମ୍ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ ରହିପାରେ ନାହିଁ; ଅବଶ୍ୟ ଏକଥା ସତ ଯେ ସେ ଅତ୍ୟନ୍ତ ପ୍ରବଳ ଏକ ସଜୀବତା ଏବଂ ଆଗ୍ରହର ସହିତ ଏହି ବର୍ତ୍ତମାନକୁ ନେଇହିଁ ବ୍ୟସ୍ତ ରହିଥାଏ । ସେ ପଛକୁ ଓ ଆଗକୁ ଦେଖିବା ଲାଗି ମଧ୍ୟ ପ୍ରେରଣା ପାଏ, ଅତୀତ ବିଷୟରେ ଯଥାସମ୍ଭବ ଅଧିକ ଜାଣିବାକୁ ଆଗ୍ରହୀ ରହିଥାଏ ଏବଂ ଯେତେ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ ଆପଣାର ଯଥାଶକ୍ତି ଭବିଷ୍ୟତ ମଧ୍ୟକୁ ପ୍ରବେଶ କରିବା ଲାଗି ଚେଷ୍ଟା ମଧ୍ୟ କରୁଥାଏ । ଏବଂ ଆପଣାର ଏହି ଚେଷ୍ଟାରେ ସେ କେତୋଟି ସାଧନକୁ ସହାୟକରୂପେ ଗ୍ରହଣ କରିଥାଏ; ତାହାର କେତେକ ଚେଷ୍ଟା ତା'ର ଉପରିଭାଗସ୍ଥ ସ୍ଥୂଳ ମନଟି ଉପରେ ନିର୍ଭର କରୁଥାନ୍ତି ଏବଂ ଅନ୍ୟଗୁଡ଼ିକ ଏକ ବୃହତ୍ତର, ସୂକ୍ଷ୍ମତର ଏବଂ ନଷ୍ଟିତତର ଜ୍ଞାନ ଦ୍ୱାରା ସମ୍ପନ୍ନ ହୋଇ ରହିଥିବା ଆଉ ଏକ ଅନ୍ତଃପ୍ରଚ୍ଛନ୍ନ ଅଥବା ଅତିଚେତନ ଆତ୍ମସତ୍ତାରୁ ଆସି ପହଞ୍ଚୁଥିବା ସନ୍ଦେଶ ଓ ଦ୍ୟୋତନାଗୁଡ଼ିକ ଲାଗି ଉନ୍ମୋଚିତ ରହିଥାଏ । ବୁଦ୍ଧିକୁହିଁ ସେ ଆପଣାର ପ୍ରଥମ ସହାୟକରୂପେ ଗ୍ରହଣ କରେ; ଏହି ବୁଦ୍ଧି କାରଣରୁ ପରିଣାମକୁ ଅଗ୍ରସର ହୋଇ ଆସିଥାଏ, ପୁଣି ପଛକୁ ମୁହଁ କରି ପରିଣାମରୁ କାରଣ ପାଖକୁ ମଧ୍ୟ ଫେରି ଯାଇପାରେ, ନାନାବିଧ ଶକ୍ତିମାନ ତଥା ସେଗୁଡ଼ିକର ସୁନିଶ୍ଚିତ ଯାନ୍ତ୍ରିକ ପ୍ରକ୍ରିୟାଟିର ବିଧାନଟିକୁ ଆବିଷ୍କାର କରେ;

'oaob.nitrkl.ac.in' images reprocessed

ପ୍ରକୃତିର ସ୍ଥିରତା ତଥା ଗତିସ୍ପନ୍ଦନଗୁଡ଼ିକ ଯେ ସର୍ବକାଳ ଲାଗି ସମାନ ବା ଏକାଭଳି ହୋଇ ରହିବ, ବୁଦ୍ଧି ତାହାକୁ ସ୍ୱତଃସିଦ୍ଧ ବୋଲି ମାନି ନେଇଥାଏ । ପ୍ରକୃତିର କାଳଗତ ପରିମାପନଗୁଡ଼ିକୁ ତାହା ସୁନିର୍ଦ୍ଦିଷ୍ଟ କରି ରଖିଦିଏ ଏବଂ ଏହିପରି ଭାବରେ ସାଧାରଣ ନାନା ସୂତ୍ର ଏବଂ ସୁନିଶ୍ଚିତ ନାନା ପରିଣାମର ଏକ ବୈଜ୍ଞାନିକତାକୁ ଭିତ୍ତି କରି ଅତୀତ ଏବଂ ଭବିଷ୍ୟତକୁ ଗଣି ଥୋଇଦିଏ । ଏହି ପଥରେ ଅଗ୍ରସର ହୋଇ ଜଡ଼ପ୍ରକୃତିର କ୍ଷେତ୍ରରେ ମନୁଷ୍ୟକୁ କେତେକ ପରିମାଣରେ ଏକ ସୀମିତ ଅଥଚ ଯଥେଷ୍ଟ ପରିମାଣରେ ଆଶ୍ଚର୍ଯ୍ୟଜନକ ସଫଳତା ଅବଶ୍ୟ ମିଳୁଛି ଏବଂ ଏଥିରୁ ହୁଏତ ଏପରି ମଧ୍ୟ ପ୍ରତୀତ ହୋଇପାରେ ଯେ ଠିକ୍ ଏହି ପଦ୍ଧତି ବା ପ୍ରକ୍ରିୟାଟିକୁ ମନ ତଥା ପ୍ରାଣର ସ୍ଥିରତାଗତ କ୍ଷେତ୍ରରେ ମଧ୍ୟ ଦିନେ ନା ଦିନେ ବେଶ୍ ପ୍ରୟୋଗ କରାଯାଇ ପାରିବ, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପଛକୁ ହେଉ ଅଥବା ଆଗକୁ ହେଉ, ଯେକୌଣସି କ୍ଷେତ୍ରରେ ନିର୍ଭୁଲ ଭାବରେ ଅବଲୋକନ କରି ପାରିବାକୁ ହେଲେ ମନୁଷ୍ୟକୁ କେବଳ ଏହି ପଦ୍ଧତିଟି ଉପରେହିଁ ଆସ୍ଥା ସ୍ଥାପନ କରି ରହିବାକୁ ହେବ । ମାତ୍ର ପ୍ରକୃତ କ୍ଷେତ୍ରରେ, ପ୍ରାଣମୟ ତଥା ଆହୁରି ଅଧିକ ପରିମାଣରେ ମନୋମୟ ପ୍ରକୃତିର ଘଟନଗୁଡ଼ିକ ଅନେକତଃ ଭୌତିକ ଜ୍ଞାନର କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରୁଥିବା ସୁନିଶ୍ଚିତ ବିଧାନଗୁଡ଼ିକରୁ ନିଷ୍ପନ୍ନ ଅନୁମାନ ତଥା ଗଣନାଗତ ସାଧନଗୁଡ଼ିକୁ ସତେଅବା ଏଡ଼ିଦେଇ ଚାଲି ଯାଇଥାଏ; ସେହି କ୍ଷେତ୍ରରେ ନିୟମବଦ୍ଧ ଘଟନ ତଥା ବ୍ୟାପାରଗୁଡ଼ିକର କେବଳ ଏକ ଅତିସୀମିତ ପରିସର ମଧ୍ୟରେହିଁ ତାହାର ପ୍ରୟୋଗ କରିବା ସମ୍ଭବ ହେବ, ଏବଂ ଅବଶିଷ୍ଟ ଆଉତକ କ୍ଷେତ୍ରରେ ତାହା ଆମକୁ ଆମେ ଯେଉଁଠି ଥିଲେ, ଠିକ୍ ସେହିଠାରେହିଁ ଛାଡ଼ିଦେଇ ଯିବ, ଅର୍ଥାତ୍ ଆମକୁ ଆପେକ୍ଷିକ ନାନା ନିଶ୍ଚିତତା, ଅନିଶ୍ଚିତ ସମ୍ଭାବ୍ୟତା ଏବଂ ସକଳ ଗଣନାର ଅତୀତ ଯାବତୀୟ ସମ୍ଭାବନାର ଏକ ବହୁମିଶ୍ରିତ ସ୍ତୂପ ବା ଗହନ ଭିତରେହିଁ ଛାଡ଼ିଦେଇ ଯିବ ।

ଏପରି ହେଉଛି, କାରଣ ମନ ଓ ପ୍ରାଣ ଆପଣା ସହିତ ଗତିସ୍ପନ୍ଦନଗତ ଏକ ବୃହତ୍ ସୂକ୍ଷ୍ମତା ଏବଂ ଜଟିଳତାକୁ ବହନ କରି ଆଣୁଛନ୍ତି; ଉପଲବ୍ଧ ପ୍ରତ୍ୟେକ ଗତିସ୍ପନ୍ଦନ ଆପଣା ମଧ୍ୟରେ କେତେକେତେ ଶକ୍ତିର ଏକ ଜଟିଳ ସମଷ୍ଟିକୁ ବହନ କରି ରହିଛି, ଏବଂ ଯଦି ଆମେ ଏଗୁଡ଼ିକୁ, ଅର୍ଥାତ୍, ଯାହାସବୁ ଅତି ସରଳ ଭାବରେ ଚରିତାର୍ଥ ହୋଇଯାଉଛି ଏବଂ ଉପରିସ୍ତରସ୍ଥ ଭୂମିଟି ଉପରେ ବା ତାହାର ନିକଟବର୍ତ୍ତୀ ହୋଇ ରହିଛି, ସେଗୁଡ଼ିକୁ ସେହି ସମଷ୍ଟିଟି ମଧ୍ୟରୁ ପୃଥକ୍ କରି ଜାଣିବାକୁ ସମର୍ଥ ହୋଇଯାଉ, ତେବେ ମଧ୍ୟ ଅବଶିଷ୍ଟ ଯାହା ଅସ୍ପଷ୍ଟ ଏବଂ ଅନ୍ତର୍ନିହିତ ହୋଇ ରହିଥିବ, ତାହା ଆମକୁ ତଥାପି ହତପ୍ରଭ ଓ ପରାହତ କରି ଦେଉଥିବ । କେତେ କେତେ କାରଣ ଗୁପ୍ତ ହୋଇ ରହିଥିବ, ମାତ୍ର ସମଷ୍ଟିଟି ଲାଗି ସେଗୁଡ଼ିକର ଏକ

'oaob.nitrkl.ac.in' images reprocessed

ଶକ୍ତିଶାଳୀ ଅବଦାନ ରହିଥିବ, କେତେକେତେ ଗଢ଼ ଏବଂ ଉଦ୍ଦୁପ୍ରେରଣକାରୀ ଶକ୍ତି ଲୁକ୍‌କାୟିତ ହୋଇ ରହିଥିବେ, କେତେକେତେ ସମ୍ଭାବନା ତଥାପି ଅପ୍ରକଟ ହୋଇ ରହିଥିବେ ଏବଂ କେତେକେତେ ପରିବର୍ତ୍ତନର ସମ୍ଭାବନା ମଧ୍ୟ ଅନବଧାରିତ ଓ ଅନବଧାର୍ଯ୍ୟ ହୋଇ ରହିଥିବ । ଭୌତିକ କ୍ଷେତ୍ରଟି ପରି ଏହି କ୍ଷେତ୍ରରେ ମଧ୍ୟ, ଏକ ନିର୍ଦ୍ଦିଷ୍ଟ କାରଣରୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟର ଏକ ଯଥାର୍ଥ ଓ ନିଶ୍ଚିତ ଗଣନା କରିବାକୁ ଯିବା, ଅର୍ଥାତ୍ ବର୍ତ୍ତମାନ ଅବସ୍ଥାଗୁଡ଼ିକର ଏକ ଜ୍ଞାତ ଓ ଆପାତ ସମଷ୍ଟି ମଧ୍ୟରୁ ପରବର୍ତ୍ତୀ ଅବସ୍ଥାଗୁଡ଼ିକର ଏକ ଅନିବାର୍ଯ୍ୟ, ପରିଣାମଭୂତ ସମଷ୍ଟିର ଅଥବା ପୂର୍ବବର୍ତ୍ତୀ ଅବସ୍ଥାଗୁଡ଼ିକର ଏକ ଅନିବାର୍ଯ୍ୟ ପୂର୍ବଭାବର ଏକ ସୁନିଶ୍ଚିତ ଓ ନିର୍ଭୁଲ ହିସାବ କରିବା ଆମ ସୀମାବଦ୍ଧ ବୁଦ୍ଧିଟି ଲାଗି ଆଦୌ ବ୍ୟବହାର୍ଯ୍ୟ ହୋଇ ରହେ ନାହିଁ । ଏହି କାରଣଟି ସକାଶେହିଁ ମନୁଷ୍ୟ-ବୁଦ୍ଧିର ଯାବତୀୟ ଭବିଷ୍ୟବାଣୀ ଓ ସ୍ୱୀୟଦୃଷ୍ଟିକୁ ପ୍ରକୃତ ଘଟଣାଟି ଦ୍ୱାରା ବାରବାର ପରାହତ ହେବାକୁ ପଡ଼େ, ଭୁଲ ବୋଲି ପ୍ରମାଣିତ ହେବାକୁ ପଡ଼େ; ଏପରିକି ମହାନ୍‌ବୁଦ୍ଧ ତଥ୍ୟାଦି ଦୃଷ୍ଟିରୁ ବ୍ୟାପକତମ ହୋଇ ରହିଥିଲେ ମଧ୍ୟ ଏବଂ ସମ୍ଭାବ୍ୟ ପରିଣାମଟିକୁ ନିର୍ଦ୍ଧାରଣ କରିବାରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରାଯାଇଥିଲେ ମଧ୍ୟ ତଥାପି ସେହିପରି ପରାହତ ଓ ଖଣ୍ଡିତ ହେବାକୁ ପଡ଼େ । ପ୍ରାଣ ଏବଂ ମନକୁ ଆମେ ଆତ୍ମା ଏବଂ ଜଡ଼ ମଧ୍ୟରେ ରହିଥିବା ସମ୍ଭାବ୍ୟ ବସ୍ତୁଗୁଡ଼ିକର ଏକ ସତତପ୍ରବାହ ବୋଲି ଜାଣିବା; ପ୍ରତ୍ୟେକ ପଦରେ ସେମାନେ ସମ୍ଭାବ୍ୟ ବସ୍ତୁଗୁଡ଼ିକର ଏକ ଅନନ୍ତ ନହେଲେ ମଧ୍ୟ ଅନ୍ତତଃ ଏକ ଅନିଶ୍ଚିତ ସମଷ୍ଟିକୁ ବହନ କରି ନେଇ ଆସନ୍ତି ଏବଂ ତାହା ତାର୍କିକ ଯାବତୀୟ ଅବଧାରଣାକୁ କେବଳ ଏକ ଅନିଶ୍ଚିତ ତଥା ଆପେକ୍ଷିକ ରୂପ ଦେଇ ରଖିବାକୁହିଁ ଯଥେଷ୍ଟ ହୋଇଥାଏ । ମାତ୍ର ଏଗୁଡ଼ିକ ସହିତ ଏଗୁଡ଼ିକର ପଶ୍ଚାଦ୍ଦେଶରେ ଆଉ ଏକ ସର୍ବୋଚ୍ଚ ତତ୍ତ୍ୱ ପ୍ରଭୁତ୍ୱ ବିସ୍ତାର କରି ରହିଥାଏ, ମନୁଷ୍ୟର ମନ ଯାହାର କୌଣସି ଗଣନା କରିପାରେ ନାହିଁ; ସେଇଟିକୁ ଆମେ ଆତ୍ମାର ସଂକଳ୍ପ ତଥା ପ୍ରଚ୍ଛନ୍ନ ଚିଦ୍‌ଗତତାରହିଁ ଇଚ୍ଛା ବା ସଂକଳ୍ପ ବୋଲି କହିବା । ଏଥିରୁ ପ୍ରଥମଟି ଅନିଶ୍ଚିତ ଓ ଅନିର୍ଦ୍ଦିଷ୍ଟ ଭାବରେ ପରିବର୍ତ୍ତନଶୀଳ, ତରଳ ଏବଂ ଜଟିଳ; ଏବଂ ଦ୍ୱିତୀୟଟି ଅନନ୍ତ, ରହସ୍ୟମୟ ଭାବରେ ଅବଶ୍ୟମ୍ଭାବୀ; ଏବଂ ଯଦି ଏଇଟିକୁ ଆମେ ବଦ୍ଧ ବୋଲି କହିବା, ତେବେ ତାହା କେବଳ ଆପଣା ଦ୍ୱାରାହିଁ ବଦ୍ଧ ହୋଇ ରହିଛି ଏବଂ ପରମ ଅନନ୍ତଙ୍କର ପରମ ସଂକଳ୍ପଟି ପାଖରେହିଁ ବଦ୍ଧ ହୋଇ ରହିଛି । ତେଣୁ ଏହି ଉପରିଭାଗସ୍ଥ ଭୌତିକ ମନର କ୍ଷେତ୍ରଟିରୁ ବାହାରି ସେହି ଚୈତ୍ୟ ତଥା ଆଧ୍ୟାତ୍ମିକ ଚେତନାର ଭୂମିକୁ ଅପସରି ଯାଇ ପାରିଲେହିଁ ଆମ ଲାଗି ତ୍ରିବିଧ କାଳର ଏକ ଦୃଷ୍ଟିସାମର୍ଥ୍ୟ ଏବଂ ଜ୍ଞାନ ସମ୍ଭବ ହେବ; ବର୍ତ୍ତମାନ ଆମେ ଯେପରି କେବଳ କ୍ଷଣ ଓ ମୁହୂର୍ତ୍ତର ଦୃଷ୍ଟିବିନ୍ଦୁ ତଥା ଦୃଷ୍ଟିପରିସର ମଧ୍ୟରେ ସୀମାବଦ୍ଧ ହୋଇ ରହିଛୁ, ସେତିକବେଳେ ଯାଇ ତାହାକୁ ପାରି ହୋଇ ଉପରକୁ ଉଠିଯିବା ସମ୍ଭବ ହେବ ।

'oaob.nitrkl.ac.in' images reprocessed

ଇତ୍ୟବସରେ, ଅନ୍ତର୍ଗତ ଚେତନାର ଭୂମିରୁ ବହିଃଚେତନାର ଭୂମିଟି ଆଡ଼କୁ ଖୋଲି ଯାଇଥିବା ଏପରି କେତୋଟି ଦ୍ୱାର ରହିଛି, ଯାହାକି ଏହି ସ୍ଥୂଳ ମନର ଆସ୍ତରଣଟିରେ ମଧ୍ୟ ଅତୀତର ପ୍ରତ୍ୟକ୍ଷ ପଶ୍ଚାଦର୍ଶନ, ବର୍ତ୍ତମାନର ପରିଦର୍ଶନ ଏବଂ ଭବିଷ୍ୟତର ପୂର୍ବଦର୍ଶନର ଏକ ସାମୟିକ ମାତ୍ର ଅଯଥେଷ୍ଟ ସାମର୍ଥ୍ୟକୁ ଅନ୍ତତଃ ଏକ ସମ୍ଭାବନାର ରୂପରେ ସମ୍ଭବ କରିଦେଇ ପାରନ୍ତି । ପ୍ରଥମତଃ, ମାନସେନ୍ଦ୍ରିୟ ତଥା ପ୍ରାଣିକ ଚେତନାସ୍ଥ କେତେକ ଗତିସ୍ପନ୍ଦନ ମଧ୍ୟରେ ଏହି ପ୍ରକୃତିଟି ଦୃଷ୍ଟିଗୋଚର ହୋଇଥାଏ; ଏବଂ ଏହା ମଧ୍ୟରୁ ଆମର ପ୍ରତ୍ୟକ୍ଷ ବୋଧକୁ ଅତିମାତ୍ରାରେ ପ୍ରସ୍ରବିତ କରିଥିବା ଏକପ୍ରକାରର କ୍ରିୟାକୁ 'ପୂର୍ବବୋଧ' ବୋଲି କୁହାଯାଇଛି । ଆମେ ଏହି ଗତିସ୍ପନ୍ଦନଗୁଡ଼ିକୁ ଇନ୍ଦ୍ରିୟ-ମନ ତଥା ପ୍ରାଣଗତ ସତ୍ତାର ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ଅନୁଭବ ବୋଲି ବା ଅସ୍ପଷ୍ଟ ନାନା ପ୍ରତିବୋଧ ବୋଲି କହିପାରିବା; ଏବଂ ମନୁଷ୍ୟ ମଧ୍ୟରେ ସହଜାତ ପ୍ରବୃତ୍ତିଗତ ଯାବତୀୟ ତତ୍ତ୍ୱର କ୍ଷେତ୍ରରେ ଯାହା ହୋଇଥାଏ, ଏହି କ୍ଷେତ୍ରଟିରେ ମଧ୍ୟ ସେହି ଗତିସ୍ପନ୍ଦନଗୁଡ଼ିକୁ ମନୋଗତ ବୁଦ୍ଧିର ସର୍ବଗ୍ରାସୀ କ୍ରିୟାତ୍ମକତାଟି ଦ୍ୱାରା ଦବାଇ ଦିଆଯାଏ, ବିରଳ କରି ରଖାଯାଏ ବା ସେଗୁଡ଼ିକୁ ବିଶ୍ୱାସଯୋଗ୍ୟ ନୁହେଁ ବୋଲି କହି ଉଡ଼ାଇ ଦିଆଯାଏ । ଯଦି ଏଗୁଡ଼ିକୁ ଏକ ମୁକ୍ତ ଅବକାଶ ଦିଆଯାଇଥାନ୍ତା, ତେବେ ଏଗୁଡ଼ିକ ଆପଣାକୁ ଆହୁରି ବିକଶିତ କରାଇ ଆଣି ପାରନ୍ତେ ଏବଂ ଆମକୁ ଏପରି ନାନା ତଥ୍ୟ ଆଣି ଯୋଗାଇ ଦେଇ ପାରନ୍ତେ, ଯାହାକି ଆମର ଏହି ନିତ୍ୟନୈମିତ୍ତିକ ବୁଦ୍ଧି ତଥା ଇନ୍ଦ୍ରିୟଗୁଡ଼ିକ ଲାଗି ଉପଲବ୍ଧ ହୋଇପାରୁ ନାହିଁ । ମାତ୍ର ତଥାପି, ଯେଉଁ ବ୍ୟାଖ୍ୟା ବା ମାର୍ଗଦର୍ଶନ ଆମର ଏହି ନିତ୍ୟନୈମିତ୍ତିକ ବୁଦ୍ଧିଶକ୍ତିଟି ଆମକୁ କଦାପି ଯୋଗାଇ ଦେଇ ପାରୁ ନାହିଁ, ମାତ୍ର ଏକ ଉଚ୍ଚତର ସମ୍ବୋଧିଗତ ଜ୍ଞାନହିଁ ଯାହା ଆଣି ଦେଇପାରନ୍ତା, ସେହିଭଳି ଏକ ବ୍ୟାଖ୍ୟା ତଥା ମାର୍ଗଦର୍ଶନ ଦ୍ୱାରା ସେଗୁଡ଼ିକର ନାନା ଅସ୍ପଷ୍ଟତାକୁ ସମାଲୋକିତ କରି ନପାରିଲା ପର୍ଯ୍ୟନ୍ତ କେବଳ ସେହିଗୁଡ଼ିକହିଁ ଆମ ଲାଗି କଦାପି ପୂର୍ଣ୍ଣୋପଯୋଗୀ ହୋଇପାରିବେ ନାହିଁ ବା ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ସଙ୍କେତ ଆଣି ଦେଇ ପାରିବେ ନାହିଁ । ତେଣୁ ବୋଧି ବା ସମ୍ବୋଧିବୁଦ୍ଧି ଆମେ ଆମର ଉପଲବ୍ଧ ଦ୍ୱିତୀୟ ତଥା ଅଧିକ ମହତ୍ତ୍ୱପୂର୍ଣ୍ଣ ସମ୍ଭାବ୍ୟ ସାଧନଟି ବୋଲି ଜାଣିବା; ଏବଂ କାର୍ଯ୍ୟତଃ ଏହି ସମ୍ବୋଧିହିଁ ଏହି ଦୁଃସାଧ୍ୟ କ୍ଷେତ୍ରଟିରେ ଆମକୁ ସାମୟିକ ଭାବରେ ଆଲୋକ ତଥା ମାର୍ଗଦର୍ଶନ ପ୍ରଦାନ କରିପାରିବ ଓ ପ୍ରଦାନ କରିଥାଏ । ମାତ୍ର ଆମର ଏହି ବର୍ତ୍ତମାନ ମନୋଭୂମିଟି ଉପରେ ରହି କାର୍ଯ୍ୟ କରୁଥିବାରୁ ଏହାକୁ ଅନେକ ପ୍ରତିକୂଳତାର ବି ସମ୍ମୁଖୀନ ହେବାକୁ ପଡ଼େ; ଅର୍ଥାତ୍ ଆପଣାର କ୍ରିୟାତ୍ମକତାରେ ଏହା ବଡ଼ ଅନିଶ୍ଚିତ ରହିଯାଏ, ସ୍ୱକୀୟ କର୍ତ୍ତବ୍ୟସମ୍ପାଦନରେ ବଡ଼ ଅପୂର୍ଣ୍ଣ ହୋଇ ରହିଯାଏ, କଳ୍ପନା ତଥା

'oaob.nitrkl.ac.in' images reprocessed

ଭ୍ରାନ୍ତିଶୀଳ ମାନସିକ ନିର୍ଣ୍ଣୟର କେତେକେତେ ମିଥ୍ୟା ଅନୁକରଣକାରୀ ଗତ୍ୟାତ୍ମକତା ଭିତରେ ଅସ୍ପଷ୍ଟ ହୋଇ ରହିଯାଏ ଏବଂ ନିସ୍ତୁତ ନାନାପ୍ରକାର ଭ୍ରମପ୍ରମାଦ ଭିତରେ ଆସି ପଡ଼ିଯାଉଥିବା ଏହି ମନର ନିତ୍ୟନୈମିତ୍ତିକ କ୍ରିୟାଟି ଦ୍ୱାରା ତାହା ବାରବାର ଛିନ୍ନ ହୋଇ ପଡ଼େ, ମିଶ୍ରିତ ତଥା ବିକୃତ ମଧ୍ୟ ହୋଇଯାଏ । ତେଣୁ ଏହି କ୍ଷେତ୍ରରେ ଆମକୁ ଏପରି ଏକ ବୋଧିପ୍ରେରିତ ମନୋଭୂମିର ରଚନାକୁ ସମ୍ଭବ କରିବାକୁ ହେବ, ଯାହାକି ଏହିସବୁ ଅଭାବ ମଧ୍ୟରୁ ପରିଶୁଦ୍ଧ ହୋଇ ପାରିଥିବ; ଏବଂ ତେବେଯାଇ ଆମେ ଏକ ଉଚ୍ଚତର ଓ ସନ୍ଦୀପିତ ବୁଦ୍ଧିର କ୍ରିୟାଗତ ସମ୍ଭାବନାର ପରିସରଟିକୁ ଅଧିକ ବୃହତ୍ ଏବଂ ଅଧିକ ନିଶ୍ଚିତ କରିଦେଇ ପାରିବା ।

ବୁଦ୍ଧିର ଏହି ଅସମର୍ଥତାଟିର ସମ୍ମୁଖୀନ ହେଉଥିବା ଏବଂ ତଥାପି ଭବିଷ୍ୟର ଜ୍ଞାନ ଲାଗି ପୂର୍ଣ୍ଣାଗ୍ରହୀ ହୋଇ ରହିଥିବା ମନୁଷ୍ୟ ଅତୀତ ତଥା ଭବିଷ୍ୟତ ବିଷୟରେ ଏକ ଜ୍ଞାନପ୍ରାପ୍ତି ପାଇଁ ଆହୁରି ଅନ୍ୟ କେତେକେତେ ବାହ୍ୟ ସାଧନର ଶରଣ ନେବା ଲାଗି ବାହୁଡ଼ି ଯାଇଛି; କେତେପ୍ରକାର ଶକୁନ, ଭାଗ୍ୟନିର୍ଣ୍ଣୟ, ସ୍ୱପ୍ନକଥା, ଫଳିତ ଜ୍ୟୋତିଷ ତଥା ଆହୁରି କେତେକେତେ ଅନୁମିତ ତଥ୍ୟର ଆଶ୍ରୟ ନେଉଛି ଏବଂ ଅପେକ୍ଷାକୃତ କମ୍ ସଂଶୟବାଦୀ ଯୁଗମାନଙ୍କରେ ଏଗୁଡ଼ିକୁ ସ୍ଥିତମତ ଗୋଟିଏ ଗୋଟିଏ ବିଜ୍ଞାନରେ ସୁସଂବଦ୍ଧ କରି ଦେଖାଇ ଦେବାର ଚେଷ୍ଟା ମଧ୍ୟ କରାଯାଇଛି । ସଂଶୟଧର୍ମୀ ବୁଦ୍ଧିର ଆହ୍ୱାନ ଏବଂ ଅବିଶ୍ୱାସର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏଗୁଡ଼ିକ ତଥାପି ଆମର ମନକୁ ଆକର୍ଷିତ କରିବାରେ ଲାଗିଛନ୍ତି ଏବଂ ଆପଣାର ଅଧିକାର ଜମାଇ ବସିଛନ୍ତି, ବାସନା, ବିଶ୍ୱାସପ୍ରବଣତା ଏବଂ ଅନ୍ଧବିଶ୍ୱାସ ଦ୍ୱାରା ପୁଷ୍ଟ ହେଉଛନ୍ତି ଓ ସେଥିରୁ ବଳ ପାଉଛନ୍ତି; ତଥା ସେଗୁଡ଼ିକର ଅତିରଞ୍ଜିତ ଦାବିଗୁଡ଼ିକ ମଧ୍ୟରେ ତଥାପି ସତ୍ୟର କିଛିତ୍ର ଅଂଶ ନିହିତ ହୋଇ ରହିଛି ବୋଲି ଯେତେ ଅପୂର୍ଣ୍ଣ ହେଲେ ମଧ୍ୟ ଆମକୁ ଯେଉଁ ସାକ୍ଷ୍ୟ ମିଳିଯାଉଛି, ସେଥିରୁ ମଧ୍ୟ ସେଗୁଡ଼ିକୁ ସମର୍ଥନ ମିଳିବାରେ ଲାଗିଛି । ଏକ ଉଚ୍ଚତର ଚୈତ୍ୟ ଜ୍ଞାନ ମଧ୍ୟ ଆମକୁ ବେଶ୍ ଦର୍ଶାଇ ଦେଉଛି ଯେ ଆମର ଏହି ଜଗତ ବସ୍ତୁତଃ କେତେକେତେ ସାଦୃଶ୍ୟ ଏବଂ ସଙ୍କେତର ପଦ୍ଧତି ଦ୍ୱାରା ପୂର୍ଣ୍ଣ ହୋଇ ରହିଛି, ଏବଂ ମନୁଷ୍ୟର ବୁଦ୍ଧି ଏଗୁଡ଼ିକର ଯେତେଯାହା ଦୁରୁପଯୋଗ କରୁଥିଲେ ମଧ୍ୟ ଏହିସବୁ ପଦାର୍ଥ ଆପଣାର ସ୍ୱକ୍ଷେତ୍ରରେ ଏବଂ ଯଥୋପଯୁକ୍ତ ପରିସ୍ଥିତିରେ ଆମକୁ ଏକ ଅତିଭୌତିକ ଜ୍ଞାନର କେତେକେତେ ଯଥାର୍ଥ ତଥ୍ୟ ଆଣି ଅବଶ୍ୟ ଯୋଗାଇ ଦେଇ ପାରିବେ । ଅବଶ୍ୟ, ଏକଥାଟି ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯାଉଛି ଯେ କେବଳ ଏକ ସମ୍ବୋଧିଗତ ଜ୍ଞାନହିଁ ସେଗୁଡ଼ିକୁ ଉଚିତ ଭାବରେ ଆବିଷ୍କାର କରିପାରିବ, ଏଗୁଡ଼ିକୁ ଏକ ସୁସଂବଦ୍ଧ ରୂପ ମଧ୍ୟ ଦେଇପାରିବ; ଯେପରିକି ଚୈତ୍ୟ ଏବଂ ବୋଧିପ୍ରେରିତ ମନହିଁ ସର୍ବପ୍ରଥମେ ସତ୍ୟପ୍ରତିପାଦକ ଜ୍ଞାନର ଏହି ପଦ୍ଧତିଗୁଡ଼ିକର ରଚନା କରିଥିଲେ, ଠିକ୍ ସେହିପରି;—ଏବଂ ବ୍ୟାବହାରିକ

'oaob.nitrkl.ac.in' images reprocessed

କ୍ଷେତ୍ରରେ ଏକଥାଟି ମଧ୍ୟ ପ୍ରମାଣିତ ହୋଇଯିବ ଯେ ଏକ ପରମ୍ପରାଗତ ବା ଦୈବାନୁଘଟିତ ବ୍ୟାଖ୍ୟା କିଂବା ଯନ୍ତ୍ରବତ୍ କେତେଟା ନିୟମ ତଥା ସୂତ୍ରକୁହିଁ କାମରେ ଲଗାଇ ନୁହେଁ, ମାତ୍ର କେବଳ ଏକ ସବୋଧିପ୍ରେରିତ ଜ୍ଞାନହିଁ ଏହିସବୁ ସଙ୍କେତର ଯଥାର୍ଥ ପ୍ରୟୋଗ ସମ୍ବନ୍ଧରେ ଆମକୁ ଏକ ନିଶ୍ଚୟତା ଆଣି ଦେଇପାରିବ । ତା' ନହେଲେ, କେବଳ ଏହି ଉପରିଭାଗସ୍ଥ ବୁଦ୍ଧି ଦ୍ୱାରାହିଁ ପରିଚାଳିତ ହେଉଥିବା ପର୍ଯ୍ୟନ୍ତ ସେଗୁଡ଼ିକ ଭ୍ରାନ୍ତିର ଏକ ଗହନ ଜଙ୍ଗଲରେ ପରିଣତ ହୋଇଯିବାର ସର୍ବଦା ଭୟ ରହିଥିବ ।

ଆମ ଭିତରେ ଚୈତ୍ୟ ଚେତନାଟି ଏବଂ ଚୈତ୍ୟ ସାମର୍ଥ୍ୟଗୁଡ଼ିକ ଉନ୍ମୋଚିତ ହୋଇ ଆସିବା ସଙ୍ଗେସଙ୍ଗେ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟ ବିଷୟରେ ଏକ ଯଥାର୍ଥ ଏବଂ ପ୍ରତ୍ୟକ୍ଷ ଜ୍ଞାନ ବା ଦୃଷ୍ଟିସାମର୍ଥ୍ୟର ମଧ୍ୟ ସୂତ୍ରପାତ ହୋଇ ଆସିଥାଏ । ଅନେକ ସମୟରେ ଯାହାକୁ ଅନ୍ତଃପ୍ରଚ୍ଛନ୍ନ ଆତ୍ମସତ୍ତା ବୋଲି କୁହାଯାଏ, ଏଠାରେ ଚୈତ୍ୟ ଚେତନା କହିଲେ ତାହାକୁହିଁ ବୁଝାଇବ; ୟୁରୋପୀୟ ମନୋବିଦ୍ୟାରେ ଏହାକୁ ସ୍ୱପ୍ନାବସ୍ଥାର ଆତ୍ମା ବା ସୂକ୍ଷ୍ମ ଆତ୍ମା ବୋଲି କୁହାଯାଇଛି । ପୂର୍ବବର୍ତ୍ତୀ ପରିଚ୍ଛେଦରେ ତାହାର ସମ୍ଭାବ୍ୟ ଜ୍ଞାନର କ୍ଷେତ୍ରଟିକୁ ପ୍ରକୃତରେ ପ୍ରାୟ ଅନନ୍ତ ବୋଲି ଦର୍ଶାଇ ଦିଆଯାଇଛି, ଏବଂ ଅତୀତ, ବର୍ତ୍ତମାନ ତଥା ଭବିଷ୍ୟର ନାନା ସମ୍ଭାବନା ଏବଂ ସୁନିଶ୍ଚିତ ଯଥାର୍ଥତା ବିଷୟରେ ରହିଥିବା ଅନ୍ତଃଦୃଷ୍ଟିର ଏକ ଅତ୍ୟନ୍ତ ବ୍ୟାପକ ଶକ୍ତି ଏବଂ ଏହି ଅନ୍ତଃଦୃଷ୍ଟିର ଅନେକବିଧ ରୂପ ଏଥିରେ ଅନ୍ତର୍ଭୁକ୍ତ ହୋଇ ରହିଛି । ଏହାର ଯେଉଁ ସର୍ବପ୍ରଥମ ସାମର୍ଥ୍ୟଟି ଅତ୍ୟନ୍ତ ସହଜରେ ଆମର ଦୃଷ୍ଟିକୁ ଆକର୍ଷିତ କରି ନେଇଥାଏ, ସେଇଟି ହେଉଛି ଯେ ଏହା କାଳ ତଥା ଦେଶସ୍ଥ ଯାବତୀୟ ପଦାର୍ଥର ଚୈତ୍ୟ-ଇନ୍ଦ୍ରିୟଗତ ପ୍ରତିରୂପଗୁଡ଼ିକ ଦ୍ୱାରାହିଁ ଦେଖିବାକୁ ସମର୍ଥ ହୋଇଥାଏ । ଅତୀନ୍ଦ୍ରିୟଦର୍ଶୀ, ମାଧ୍ୟମ ତଥା ଅନ୍ୟ କେତେ ବ୍ୟକ୍ତି ଏହି ସାମର୍ଥ୍ୟଟିକୁ ଯେପରି ଭାବରେ କାର୍ଯ୍ୟରେ ଲଗାଇଥାନ୍ତି, ସେଥିରେ ଏଇଟି ଅନେକ ସମୟରେ ଏବଂ ବସ୍ତୁତଃ ସାଧାରଣ ଭାବରେହିଁ ଏକ ବିଶେଷକ୍ଷେତ୍ରୀୟ ସାମର୍ଥ୍ୟ ହୋଇ ରହିଥାଏ, ଯାହାକି ଆପଣାର ବିସ୍ତାରେ ପ୍ରାୟ ସୁନିଶ୍ଚିତ ଏବଂ ଅଭ୍ରାନ୍ତ ହୋଇ ରହିଥିଲେ ମଧ୍ୟ ତଥାପି ସୀମିତ ହୋଇ ରହିଥାଏ ଏବଂ ତାହା ଦ୍ୱାରା ଅନ୍ତରସ୍ଥ ଆତ୍ମା, ଆଧ୍ୟାତ୍ମିକ ସତ୍ତା ଅଥବା ଉଚ୍ଚତର ବୁଦ୍ଧିର କୌଣସି ବିକାଶ ସାଧିତ ହୁଏ ନାହିଁ । ଏହା ସତେଅବା ଆକସ୍ମିକ ଭାବରେ ଖୋଲାହୋଇ ରହିଥିବା ଦ୍ୱାରଟିଏ ପରି ହୋଇଥାଏ, କାରଣ ମନ ତଥା ଅନ୍ତଃପ୍ରଚ୍ଛନ୍ନ ମନର ମଝିରେ ଏକ ସହଜାତ ଦାନ ବା କୌଣସିପ୍ରକାରର ଏକ ଚାପ ଦ୍ୱାରାହିଁ ଖୋଲି ଯାଇଥାଏ ଏବଂ ଆମକୁ ସେହି ଅନ୍ତଃପ୍ରଚ୍ଛନ୍ନ ମନର କେବଳ ଉପରିଭାଗଟାରେ ବା ଆଖପାଖ ବାହାର ଅଞ୍ଚଳରେ ପ୍ରବେଶ କରିବାର ସାମର୍ଥ୍ୟ ଆଣି ଦେଇଥାଏ । ପ୍ରଚ୍ଛନ୍ନ ହୋଇ ରହିଥିବା ବିଶ୍ୱ-ମନର

'oaob.nitrkl.ac.in' images reprocessed

ଏକ ବିଶେଷ ଶବ୍ଦ ତଥା ବିସ୍ତାରରେ ସକଳ ବସ୍ତୁ କେବଳ ପ୍ରତିରୂପ ଦ୍ୱାରାହିଁ,— କେବଳ ଦୃଶ୍ୟ ପ୍ରତିରୂପ ନୁହେଁ; ଏବଂ ଯଦି ଆମେ ଏପରି ଏକ ପରୀକ୍ଷାର ପ୍ରୟୋଗ କରିପାରିବା, ତେବେ ଶ୍ରାବ୍ୟ ଏବଂ ଅନ୍ୟ ନାନାବିଧ ପ୍ରତିରୂପ ଦ୍ୱାରା ମଧ୍ୟ ଆପଣାକୁ ପ୍ରକଟ କରାଇ ଆଣିଥାଏ । ଏବଂ ଏହି କ୍ଷେତ୍ରରେ ଯଦି ରଚନାଶୀଳ ମନ ଓ ତାହାର ଭାବପ୍ରବଣ କଳ୍ପନା କୌଣସି ହସ୍ତକ୍ଷେପ ନକରେ, ଅର୍ଥାତ୍ ଯଦି କୃତ୍ରିମ ବା ମିଥ୍ୟାକାରୀ ମନୋମୟ ପ୍ରତିରୂପଗୁଡ଼ିକ ଆସି ମଝିରେ ପ୍ରତିବନ୍ଧକ ହୋଇ ଠିଆ ନହୁଏ ଓ ଯଦି ଚୈତ୍ୟ ଇନ୍ଦ୍ରିୟବୋଧ ମୁକ୍ତ, ନିସ୍ତାପର ଏବଂ ନିସ୍ତ୍ରିତରୋଧ ହୋଇ ରହିପାରେ, ତେବେ ସୂକ୍ଷ୍ମ ବା ଚୈତ୍ୟ ଇନ୍ଦ୍ରିୟଗୁଡ଼ିକର ଏକ ବିଶେଷ ବିକାଶ ଦ୍ୱାରା ଏହି ପ୍ରତିରୂପ ବା ଅନୁଲିଖନଗୁଡ଼ିକୁ ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ଗ୍ରହଣ କରିବା ମଧ୍ୟ ସମ୍ଭବ ହୋଇଯାଏ; ଏବଂ ସେତେବେଳେ ଆମର ଏହି ସ୍ଥୂଳ ଇନ୍ଦ୍ରିୟବୋଧର ପରିଧିଟିକୁ ଅତିକ୍ରମ କରି ରହିଥିବା ବର୍ତ୍ତମାନ ବିଷୟରେ, ଅତୀତ ତଥା ଭବିଷ୍ୟତ ବିଷୟରେ ମନର ଯଥାର୍ଥ ପ୍ରତିରୂପଗୁଡ଼ିକ ଦେଇ ପ୍ରତ୍ୟକ୍ଷ ଭାବରେ ଦେଖିବା ମଧ୍ୟ ସମ୍ଭବ ହୋଇଥାଏ, ଅବଶ୍ୟ ଏକଥା ସତ ଯେ ସେଗୁଡ଼ିକ ସମ୍ବନ୍ଧରେ କୌଣସି ଭବିଷ୍ୟବାଣୀ କରିବା ସେତେଦୂର ସମ୍ଭବ ହୋଇପାରେ ନାହିଁ । ଦୃଷ୍ଟ ବସ୍ତୁଟିର ଏକ ବର୍ଣ୍ଣନା ମଧ୍ୟରେହିଁ ମନ କେତେଦୂର ଆପଣାକୁ ସୀମିତ କରି ରଖିପାରୁଛି, ଏହି ପ୍ରକାରେ ଦେଖି ପାରିବାର ଯଥାର୍ଥତା ତାହାରି ଉପରେ ନିର୍ଭର କରିଥାଏ ଏବଂ ଅନୁମାନ ଅଥବା ବ୍ୟାଖ୍ୟା କରି ବସିବାର ବା ଆଉ କୌଣସି ଉପାୟରେ ଦୃଷ୍ଟ ଜ୍ଞାନଟିର ବାହାରକୁ ଯିବାର ଚେଷ୍ଟା ଆମକୁ ଅନେକାନେକ ଭ୍ରାନ୍ତି ମଧ୍ୟକୁ ଟାଣି ନେଇପାରେ । କିନ୍ତୁ, ଯଦି ଏହି ଚେଷ୍ଟାଟି ସହିତ ଏକ ବିଶୋଧିତ, ସୂକ୍ଷ୍ମ, ଶୁଦ୍ଧ ଓ ଶକ୍ତିଶାଳୀ ଚୈତ୍ୟ ଅନ୍ତଃଜ୍ଞାନ ବିଦ୍ୟମାନ ରହିଥାଏ ଅଥବା ସନ୍ଦୀପିତ ବୋଧିପ୍ରେରିତ ବୁଦ୍ଧିର ଏକ ପ୍ରଭୂତ ବିକାଶ ହୋଇ ସାରିଥାଏ, ତେବେ ପରିଣାମ ଅନ୍ୟପ୍ରକାର ହୁଏ ।

ଚୈତ୍ୟ ଚେତନାର ପୂର୍ଣ୍ଣତର ଉନ୍ମୋଚନ ଆମକୁ କେବଳ ପ୍ରତିରୂପଗୁଡ଼ିକୁ ଅବଲମ୍ବନ କରି ଦେଖିବାର ଏହି ସାମର୍ଥ୍ୟଟିର ସୀମାରୁ ଆହୁରି ଆଗକୁ ନେଇଯାଏ ଏବଂ ଆମକୁ ଯେ କେବଳ ଏକ ନୂତନ କାଳ-ଚେତନା ମଧ୍ୟରେ ପ୍ରବିଷ୍ଟ କରାଏ ତା' ନୁହେଁ, ମାତ୍ର ବିବିଧ କାଳ-ବୋଧର ଆହୁରି କେତେକେତେ ପଥ ଓ ମାର୍ଗ ସହିତ ଆମର ପରିଚୟ କରାଇଦିଏ । ଅନ୍ତଃପ୍ରଚ୍ଛନ୍ନ ସତ୍ତା ବା ଚୈତ୍ୟ ସତ୍ତା ଆମ ଚେତନାର ଅତୀତ ସ୍ଥିତିଗୁଡ଼ିକୁ ପୁନରାବର୍ତ୍ତିତ କରି ଆଣିପାରେ ବା ତାହା ଭିତରେ ଆପଣାକୁ ପ୍ରକ୍ଷେପିତ କରି ମଧ୍ୟ ରଖିପାରେ, ଅଥବା ଚେତନା ଏବଂ ଅନୁଭୂତିର କେତେକେତେ ଅନାଗତ ସ୍ଥିତିକୁ ବି ଅନୁଭବ କରିପାରେ, ତାହାର ପୂର୍ବସୂଚନା ପାଇପାରେ ଏବଂ ଏକଥାଟି ସେଭଳି ସଚରାଚର ହୋଇ ଘଟୁ ନଥିଲେ ମଧ୍ୟ ସେହି ସ୍ଥିତି ମଧ୍ୟରେ

'oaob.nitrkl.ac.in' images reprocessed

ଆପଣାକୁ ପ୍ରକ୍ଷେପିତ କରି ମଧ୍ୟ ରଖିପାରେ । ଅତୀତ ତଥା ଅନାଗତର ଯେଉଁ ସନାତନତା ଅଥବା ପ୍ରତିରୂପଗୁଡ଼ିକ ଆମର ଏହି ମନୋଭୂମିଟିର ପଛରେ ରହିଥିବା ଏକ ସନାତନ କାଳ-ଚେତନା ମଧ୍ୟରେ ଅବଧୃତ ହୋଇ ରହିଥାଏ ବା ଅତିମାନସର ସେହି ସନାତନତ୍ୱ ଦ୍ୱାରା କାଳଗତ ଦୃଷ୍ଟିର ଏକ ଅବିଭାଜ୍ୟ ଅବାରିତତା ମଧ୍ୟକୁ ନିକ୍ଷିପ୍ତ ହେବାରେ ଲାଗିଥାଏ, କେତେ ସମୟ ସକାଶେ ଆପଣାକୁ ତାହାର ମଧ୍ୟରେ ପ୍ରବିଷ୍ଟ କରାଇ କିଂବା ଆପଣାର ସତ୍ତା ତଥା ଅନୁଭବସମର୍ଥ ଜ୍ଞାନର ଶକ୍ତିକୁ ତାହାର ସହିତ ସାମଗ୍ରିକ ଭାବରେ ଏକାତ୍ମକ କରି ରଖି ଚୈତ୍ୟ ସତ୍ତା ଏହି କାର୍ଯ୍ୟଟିକୁ କରିଥାଏ । ଅଥବା, ଏହା ଏହିସବୁ ବସ୍ତୁର ରୂପଟିକୁ ଗ୍ରହଣ କରି ନେଇପାରେ ଏବଂ ଚୈତ୍ୟ ସତ୍ତାର ସୂକ୍ଷ୍ମ ଆକାଶରେ ସେଗୁଡ଼ିକର ଏକ ଅନୁଲେଖାତ୍ମକ ଅନୁଭୂତିର ରଚନା କରିପାରେ । କିଂବା, ଯେଉଁ ଅବଚେତନ ସ୍ମୃତିଟି ମଧ୍ୟରେ ଆମର ଅତୀତ ସର୍ବଦା ଅନ୍ତଃଗୁପ୍ତ ହୋଇ ରହିଛି, ଏହା ତାହାରି ମଧ୍ୟରୁ ଅତୀତକୁ ସାଉଁଟି ଆଣିପାରେ ଏବଂ ତାହାକୁ ଆପଣା ମଧ୍ୟରେ ଏକ ଜୀବନ୍ତ ରୂପ ଆଣି ଦେଇପାରେ, ତାହାକୁ ଗୋଟାଏ ପ୍ରକାରର ନୂତନ ସ୍ମୃତିଭିତ୍ତିକ ଅସ୍ତିତ୍ୱ ପ୍ରଦାନ କରିପାରେ ଏବଂ ଠିକ୍ ସେହିପରି ଭାବରେ ଏହା ଅନାଗତକୁ ମଧ୍ୟ, ଅନ୍ତର୍ନିହିତତାର ଯେଉଁ ଗଭୀରରେ ତାହା ଆମରି ସତ୍ତାଟି ମଧ୍ୟରେ ଅଗରୁ ଆକୃତ ଓ ପ୍ରସ୍ତୁତ ହୋଇ ରହିଥାଏ, ତାହାକୁ ସେଠାରୁ ଉପରକୁ ଆବାହନ କରି ଆଣିପାରେ ଏବଂ ଅତୀତ ପରି ସେଇଟିକୁ ମଧ୍ୟ ଆପଣା ଲାଗି ଏକ ରୂପ ଦେଇପାରେ ଏବଂ ଅନୁଭବ ମଧ୍ୟ କରିପାରେ । ଗୋଟାଏ ପ୍ରକାରର ଚୈତ୍ୟ ଭାବନାଗତ ଦୃଷ୍ଟି ବା ଆତ୍ମାର ବୋଧିସାମର୍ଥ୍ୟ ଦ୍ୱାରା,—ଏଠାରେ ସେହି ସନ୍ଦୀପନଯୁକ୍ତ ଓ ବୋଧି ଦ୍ୱାରା ପ୍ରେରିତ ବୁଦ୍ଧିର ସୂକ୍ଷ୍ମତର ଏବଂ ଅପେକ୍ଷାକୃତ କମ୍ ମୂର୍ତ୍ତି ଭାବନାତ୍ମକ ଦୃଷ୍ଟିଟିର କଥା ଆଦୌ ବୁଝାଯାଉ ନାହିଁ,—ତାହା ଭବିଷ୍ୟତର ପୂର୍ବଦୃଷ୍ଟି ଲାଭ କରିପାରେ, ତାହା ବିଷୟରେ ଏକ ପୂର୍ବଜ୍ଞାନ ମଧ୍ୟ ଅର୍ଜନ କରିପାରେ; ଏବଂ ଯେଉଁ ଅତୀତ ଆବରଣର ପଛକୁ ଚାଲିଗଲାଣି, ତାହା ମଧ୍ୟକୁ ଆତ୍ମାର ଏହି ଦୃଷ୍ଟିଟିକୁ ଉଦ୍ଦିଷ୍ଟ ବା ନିକ୍ଷିପ୍ତ କରି ରଖିପାରେ ଏବଂ ବର୍ତ୍ତମାନ ଜ୍ଞାନ ଲାଗି ତାହାର ପୁନରୁଦ୍ଧାର କରି ଆଣିପାରେ । ଏହା ଏକ ପ୍ରତୀକାତ୍ମକ ଦର୍ଶନସାମର୍ଥ୍ୟକୁ ମଧ୍ୟ ବିକଶିତ କରି ଆଣିପାରେ ଯାହାକି ଅତିଭୌତିକ ଭୂମିଗୁଡ଼ିକରେ ଅବସ୍ଥିତ ରହିଥିବା ମାତ୍ର ଏହି ଜଡ଼ସ୍ଥ ବିଶ୍ୱଜଗତରେ ସୃଷ୍ଟି ଲାଗି ଏକ ଶକ୍ତିଶାଳୀ ତତ୍ତ୍ୱରୂପେ କାର୍ଯ୍ୟ କରୁଥିବା ନାନା ସାମର୍ଥ୍ୟ ତଥା ବ୍ୟଞ୍ଜନାର ଏକ ଦୃଷ୍ଟି ମଧ୍ୟଦେଇ ଅତୀତ ଏବଂ ଅନାଗତକୁ ପ୍ରକାଶିତ କରି ଦେଇଥାଏ । ଏହା ପରମେଶ୍ୱରଙ୍କର ଅଭିପ୍ରାୟଟିକୁ ମଧ୍ୟ ଅନୁଭବ କରିପାରେ, ଦେବତାମାନଙ୍କର ମନକୁ ବି ଅନୁଭବ କରିପାରେ, ଏବଂ ଯେଉଁ ସକଳ ପଦାର୍ଥ, ସେଗୁଡ଼ିକର ସଙ୍କେତ ତଥା ଇଙ୍ଗିତ ଆତ୍ମା ଉପରକୁ ଅବତରଣ କରି ଆସୁଥାନ୍ତି ଓ ଶକ୍ତିଗୁଡ଼ିକର ଜଟିଳ ଗତିଟିକୁ ନିରୂପିତ କରି ଦେଉଥାନ୍ତି, ସେଗୁଡ଼ିକୁ

'oaob.nitrkl.ac.in' images reprocessed

ମଧ୍ୟ ଅନୁଭବ କରିପାରେ । ଯେଉଁସବୁ ଶକ୍ତିର ଗତିସ୍ପନ୍ଦନ ଆମ ଜୀବନ ସହିତ ସମ୍ବନ୍ଧ ରଖିଥିବା ମନୋମୟ, ପ୍ରାଣଗତ ତଥା ଅନ୍ୟ ଲୋକଗୁଡ଼ିକର ଯାବତୀୟ ସତ୍ତାର ଗୁପ୍ତଚିକୁ ଆଣି ସୂଚିତ କରି ଦେଇଥାଏ, ତାହାକୁ ଆପଣାର ପ୍ରତିସ୍ପନ୍ଦନ ଜଣାଇଥାଏ, ଏହିସବୁ ସତ୍ତାର ଉପସ୍ଥିତି ତଥା କ୍ରିୟାଶକ୍ତିକୁ ପ୍ରତ୍ୟକ୍ଷରୂପେ ଅନୁଭବ କରୁଥିବା ପରି, ଏହା ସେହିସବୁ ଗତିସ୍ପନ୍ଦନକୁ ମଧ୍ୟ ଅନୁଭବ କରୁଥାଏ । ତାହା ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତ କାଳର ଘଟଣାଗୁଡ଼ିକର ସବୁପ୍ରକାର ସଙ୍କେତଗୁଡ଼ିକୁ ମଧ୍ୟ ସବୁପ୍ରକାର ସାଧନ ଦ୍ୱାରା ଅର୍ଜନ କରିଥାଏ । ଯେଉଁ 'ଆକାଶ-ଲିପି' ଅତୀତର ଯାବତୀୟ ବସ୍ତୁର ଇତିବୃତ୍ତିକୁ ସାଇତି ରଖିଥାଏ, ବର୍ତ୍ତମାନର ପ୍ରତିଶ୍ରୁତି ମଧ୍ୟରେ ରହିଥିବା ଯାବତୀୟ ବସ୍ତୁର ପ୍ରତିଲିପି ଲେଖିବାରେ ଲାଗିଥାଏ ଓ ଭବିଷ୍ୟତଟିକୁ ମଧ୍ୟ ଲିପିବଦ୍ଧ କରି ରଖିଥାଏ, ଆପଣାର ଦୃଷ୍ଟି ସମ୍ମୁଖରେ ଏହା ସେଇଟିକୁ ମଧ୍ୟ ଗ୍ରହଣ କରି ନେଇପାରେ ।

ଆମର ଅନ୍ତଃପ୍ରଚ୍ଛନ୍ନ ସତ୍ତାଟି ଭିତରେ ଏହିସବୁ ସାମର୍ଥ୍ୟ ଏବଂ ଆହୁରି ଅନେକାନେକ ସାମର୍ଥ୍ୟ ସୁପ୍ତ ହୋଇ ରହିଛି ଏବଂ ଚୈତ୍ୟ ଚେତନାଟିକୁ ଜାଗ୍ରତ କରି ଆଣିବା ସଙ୍ଗେସଙ୍ଗେ ସେଗୁଡ଼ିକୁ ଉପରିସ୍ତରକୁ ସଞ୍ଚାରିତ କରି ଅଣାଯାଇ ପାରିବ । ଅତୀତସ୍ଥ ଆମର ନାନା ଜୀବନର ଜ୍ଞାନ,—ଆତ୍ମାର ଅତୀତ ନାନା ସ୍ଥିତି ହେଉ, ନାନା ବ୍ୟକ୍ତିତ୍ୱ, ଦୃଶ୍ୟ, ଘଟଣାବିଷୟକ ଅତୀତ ସ୍ଥିତି ହେଉ ଅଥବା ଅନ୍ୟମାନଙ୍କ ସହିତ ସମ୍ବନ୍ଧଗତ କ୍ଷେତ୍ରରେ ଅତୀତସ୍ଥ କ୍ଷେତ୍ର ହେଉ ପଛକେ,—ଅନ୍ୟ ବ୍ୟକ୍ତିମାନଙ୍କର ଅତୀତ ଜୀବନ ବିଷୟରେ ଜ୍ଞାନ, ପୃଥିବୀର ଅତୀତ ବିଷୟରେ ଜ୍ଞାନ, ଭବିଷ୍ୟତର ଜ୍ଞାନ, ଏବଂ ଆମ ସ୍ଥୂଳ ଇନ୍ଦ୍ରିୟପରିଚିତିର ପରିଧି ବା ଏହି ଉପରିସ୍ତରସ୍ଥ ସ୍ଥୂଳ ବୁଦ୍ଧିର ଆୟତ୍ତରେ ଥିବା ଯାବତୀୟ ଜ୍ଞାନସାଧନର ପହଞ୍ଚ ବାହାରେ ରହିଥିବା ଯାବତୀୟ ଜ୍ଞାନ, କେବଳ ଭୌତିକ ବସ୍ତୁଗୁଡ଼ିକର ନୁହେଁ, ମାତ୍ର ଆମ ଭିତରେ ତଥା ଅନ୍ୟମାନଙ୍କ ଭିତରେ କାର୍ଯ୍ୟ କରୁଥିବା ଏକ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ମନ, ପ୍ରାଣ ଓ ଆତ୍ମାର କ୍ରିୟାତ୍ମକତାଟି ବିଷୟରେ ଜ୍ଞାନ, କେବଳ ଏହି ଜଗତଟି ବିଷୟରେ ନୁହେଁ, ମାତ୍ର ଅନ୍ୟ ଅନେକ ଜଗତ, ଚେତନାଭୂମି ତଥା କାଳର ଭୂମି ଉପରେ ସେଗୁଡ଼ିକର ଅଭିବ୍ୟକ୍ତି, ପୃଥିବୀ ତଥା ସେଥିରେ ବାସ କରୁଥିବା ଦେହଧାରୀ ଆତ୍ମା ଓ ସେମାନଙ୍କର ନିୟତି ଉପରେ ସେଗୁଡ଼ିକର ହସ୍ତକ୍ଷେପ, କ୍ରିୟା ଏବଂ ପରିଣାମଗୁଡ଼ିକର ଜ୍ଞାନ;—ଏସବୁ ଆମର ଚୈତ୍ୟ ସତ୍ତା ଲାଗିହିଁ ଉପଲବ୍ଧ ଓ ଉନ୍ମୋଚିତ ହୋଇ ରହିଥାଏ, କାରଣ ସେହି ଚୈତ୍ୟ ସତ୍ତା ବିଶ୍ୱାତ୍ମସତ୍ତାର ସକଳ ସନ୍ଦେଶ ଲାଗି ସମୀପବର୍ତ୍ତୀ ହୋଇ ରହିଥାଏ; ତାହା କେବଳ ଅଥବା ମୁଖ୍ୟତଃ ତାତ୍କାଳିକ ବିଷୟଗୁଡ଼ିକ ସହିତହିଁ ଆଦୌ ଜଡ଼ିତ ହୋଇ ରହି ନଥାଏ ଓ ଏକାନ୍ତ

'oaob.nitrkl.ac.in' images reprocessed

ବ୍ୟକ୍ତିଗତ ଏବଂ ସ୍ଥୂଳ ଅନୁଭବର ସଙ୍କୀର୍ଣ୍ଣ ଅଳ୍ପପରିସର ବୃତ୍ତିଟି ମଧ୍ୟରେ ତାହା ଆଦୌ ବନ୍ଦ ହୋଇ ରହି ନଥାଏ ।

ଏସବୁର ସଙ୍ଗେସଙ୍ଗେ ଏହି ସାମର୍ଥ୍ୟଗୁଡ଼ିକ ଏକ ଅସୁବିଧା ଭିତରେ ମଧ୍ୟ ରହିଥାନ୍ତି ଅର୍ଥାତ୍ ବିଭ୍ରମ ଓ ପ୍ରମାଦ ଭିତରୁ ସେମାନେ କଦାପି ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇପାରି ନଥାନ୍ତି; ଏବଂ ବିଶେଷ କରି ଚୈତ୍ୟ ଚେତନାର ଅପେକ୍ଷାକୃତ ଅଧିକ ନିମ୍ନ ଭୂମିଗୁଡ଼ିକ ଏବଂ ଅପେକ୍ଷାକୃତ ଅଧିକ ବାହ୍ୟ କ୍ରିୟାତ୍ମକତାଗୁଡ଼ିକ କେତେକେତେ ବିପଜ୍ଜନକ ପ୍ରଭାବ, ଶକ୍ତିଶାଳୀ କେତେ ବିଭ୍ରାନ୍ତି, ଅପଥଗାମୀ, ବିକୃତକାରୀ ଓ ଭ୍ରଷ୍ଟକାରୀ କେତେକେତେ ଇଙ୍ଗିତ ଏବଂ ପ୍ରତିରୂପର ଅଧୀନ ହୋଇ ରହିଥାନ୍ତି । ଏହି କ୍ଷେତ୍ରରେ ବିକୃତି ଓ ପ୍ରମାଦ ହାତରୁ ଆମକୁ ରକ୍ଷା କରିବାରେ ଏକ ବିଶୁଦ୍ଧୀକୃତ ମନ, ହୃଦୟ ଏବଂ ଏକ ଶକ୍ତିମନ୍ତ ତଥା ସୂକ୍ଷ୍ମ ଚୈତ୍ୟ ସବୋଧି ଅନେକ ସହାୟକ ହୋଇପାରେ; ମାତ୍ର ତଥାପି ଅଧିକରୁ ଅଧିକ ଉଚ୍ଚବିକଶିତ ଚୈତ୍ୟ ଚେତନା ମଧ୍ୟ କେବେହେଲେ ସମ୍ପୂର୍ଣ୍ଣ ଭାବରେ ଆପଦରହିତ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ଚୈତ୍ୟ ଭୂମିଟି ତା' ଆପଣାଠାରୁ ଉଚ୍ଚତର ଏକ ସାମର୍ଥ୍ୟ ଦ୍ୱାରା ସନ୍ଦୀପିତ ଏବଂ ଉଦ୍ବେଳିତ ହୋଇ ନପାରିଛି, ଯେପର୍ଯ୍ୟନ୍ତ ସନ୍ଦୀପିତ ସବୋଧି-ମନଟି ତାହାକୁ ସ୍ପର୍ଶ ନକରିଛି ଓ ତାହାକୁ ବଳିଷ୍ଠାନ୍ ନକରିଛି, ଏବଂ ପୁଣି ସେଇଟି ମଧ୍ୟ ଯେପର୍ଯ୍ୟନ୍ତ ତଦ୍‌ଗତତାର ଅତିମାନସ ଶକ୍ତିମନ୍ତତା ଆଡ଼କୁ ଉଦ୍ବେଳିତ ହୋଇ ନଯାଇଛି । ଚୈତ୍ୟ ଚେତନା ପ୍ରକୃତରେ ଆପଣାର କାଳ-ଜ୍ଞାନକୁ ତଦ୍‌ଗତତାର ସେହି ଅବିଭାଜ୍ୟ ଅନବଚ୍ଛିନ୍ନତାରେ ପ୍ରତ୍ୟକ୍ଷ ଭାବରେ ଜୀବନଧାରଣ କରିବାକୁ କଦାପି ଆହରଣ କରେ ନାହିଁ, ଏବଂ ତା' ପାଖରେ ଆପଣା ମାର୍ଗଦର୍ଶନ ଲାଗି ଏକ ପୂର୍ଣ୍ଣ ସବୋଧି ଦ୍ୱାରା ପ୍ରେରିତ ବିବେକ ନଥାଏ କିଂବା ଏକ ଉଚ୍ଚତର ସତ୍ୟ-ଚେତନାର ସେହି ସର୍ବପରମ ଜ୍ୟୋତିଟି ମଧ୍ୟ ନଥାଏ । ଠିକ୍ ମନ ପରି ଚୈତ୍ୟଗତ ଚେତନା ମଧ୍ୟ ଆପଣାର କାଳବିଷୟକ ଅନୁଭବଗୁଡ଼ିକୁ କେବଳ ଆଂଶିକ ଏବଂ ଟିକିନିଖି ନାନା ଏକକର ଏକ ସମଷ୍ଟି ଭାବରେ ଗ୍ରହଣ କରିପାରେ, ଯାବତୀୟ ପ୍ରକାରର ଇଙ୍ଗିତ ଲାଗି ଉନ୍ମୋଚିତ ହୋଇ ରହିଥାଏ; ଏବଂ ଏହାର ଫଳସ୍ୱରୂପ ତାହାର ସତ୍ୟର କ୍ଷେତ୍ରଟି ନାନାଆଡ଼େ ବିସ୍ତୃତ ହୋଇ ରହିଥାଏ ଏବଂ ଠିକ୍ ସେହିପରି ଏହାର ଭ୍ରାନ୍ତିର ଉତ୍ସ-ଗୁଡ଼ିକ ମଧ୍ୟ ଅନେକ ଓ ନାନାବିଧ ହୋଇ ରହିଥାଏ । ଏବଂ, କେବଳ ଯାହା ପ୍ରକୃତରେ ଅବସ୍ଥିତ ରହିଲା, ଅତୀତ ମଧ୍ୟରୁ ତା' ପାଖକୁ କେବଳ ସେତିକି ମାତ୍ର ଆସେ ନାହିଁ; ମାତ୍ର ଯାହା ହୋଇ ପାରିଥାନ୍ତା କିଂବା ଯାହା ଆସିବା ଲାଗି ପ୍ରୟାସ କରୁଥିଲା, କିନ୍ତୁ ସଫଳ ହୋଇପାରିଲା ନାହିଁ, ସେଗୁଡ଼ାକ ମଧ୍ୟ ଆସିବାରେ ଲାଗିଥାଏ । ଯାହା ପ୍ରକୃତରେ ଅଛି, ବର୍ତ୍ତମାନ ମଧ୍ୟରୁ ତା' ପାଖକୁ କେବଳ ସେତିକି ମାତ୍ର ଆସେ ନାହିଁ, ମାତ୍ର ଯାହା ରହିପାରନ୍ତା ବା ରହିବାର ଅଭିଳାଷ ରଖିଛି, ଏହି ସବୁଗୁଡ଼ାକର

'oaob.nitrkl.ac.in' images reprocessed

ଭିତ୍ତି ବି ତା' ଭିତରେ ଜମା ହୋଇ ରହିଥାଏ । ଏବଂ କେବଳ ପ୍ରକୃତରେ ଘଟିବାକୁ ଯାଉଥିବା କଥାଗୁଡ଼ିକହିଁ ଭବିଷ୍ୟତ ମଧ୍ୟରୁ ତା' ପାଖକୁ ଆସନ୍ତି ନାହିଁ, ମାତ୍ର ଅନେକ ପ୍ରକାରର ସମ୍ଭାବନାର ଇଙ୍ଗିତ, ଅନ୍ତଃବୋଧ, ଅନ୍ତଃଦର୍ଶନ ତଥା ପ୍ରତିରୂପ ମଧ୍ୟ ଆସି ପହଞ୍ଚି ଯାଆନ୍ତି । ଏବଂ ତା' ସଙ୍ଗେସଙ୍ଗେ ଚୈତ୍ୟ ଅନୁଭବର ଉପସ୍ଥାପନାଗୁଡ଼ିକରେ ନାନାପ୍ରକାରର ମନୋମୟ ରଚନା ତଥା ମନୋମୟ ପ୍ରତିରୂପ ଆସି ବସ୍ତୁଗୁଡ଼ିକର ଯଥାର୍ଥ କ୍ଷେତ୍ରରେ ହସ୍ତକ୍ଷେପ କରିବାର ମଧ୍ୟ ସର୍ବଦା ସମ୍ଭାବନା ରହିଥାଏ ।

ଅନ୍ତଃପ୍ରଚ୍ଛନ୍ନ ସତ୍ତାର ସନ୍ଦେଶଗୁଡ଼ିକ ଉପରିସ୍ତରକୁ ଆସିବାର ପ୍ରକ୍ରିୟାଟି ଏବଂ ଚୈତ୍ୟଗତ ଚେତନାର କ୍ରିୟାତ୍ମକତାଟି ମଧ୍ୟ ଉଭୟେ, ଆମେ ଯେଉଁ ସ୍ତରରୁ ଆପଣାର ସାଧନା ଆରମ୍ଭ କରିଥାଉ, ସେହି ଅଜ୍ଞାନାଚ୍ଛନ୍ନ ମନକୁ, ସମ୍ପୂର୍ଣ୍ଣ ଭାବରେ ଆଦୌ ନୁହେଁ, ମାତ୍ର ଅଧିକରୁ ଅଧିକ ପରିମାଣରେ ଆତ୍ମବସ୍ତୁର ଜ୍ଞାନରେ ପୂର୍ଣ୍ଣ ହୋଇ ରହିଥିବା ଏକ ମନରୂପେ ବଦଳାଇ ଦେବାର ପ୍ରବୃତ୍ତି ରଖିଥାନ୍ତି । ଏହି ଦ୍ୱିତୀୟ ମନଟି 'ଅନ୍ତରାତ୍ମା'ରୁ ଉତ୍ଥିତ ହୋଇ ଆସୁଥିବା କେତେକେତେ ସନ୍ଦେଶ ଏବଂ ଜ୍ଞାନଧାରାରେ ସତତ ଆଲୋକିତ ହେବାରେ ଲାଗିଥାଏ, ତାହାର ସମୁଦାୟ ସତ୍ତା ଏବଂ ଅନନ୍ତ ଅନ୍ତଃସମୀଦର ଆତ୍ମାର ଗୁପ୍ତ ହୋଇ ରହିଥିବା ଚୈତନ୍ୟରୁ ନିର୍ଗତ ରଶ୍ମିଗୁଡ଼ିକ ଦ୍ୱାରା ଆଲୋକିତ ହେଉଥାଏ; ଏବଂ ତାହାର ଭିତରେ ଶାଶ୍ୱତ ଚଦ୍‌ଗତତା ସତତ ବହନ କରି ରହିଥିବା ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତବିଷୟକ ଏକ ଅନ୍ତର୍ନିହିତ ଓ ନିତ୍ୟ ଅଥଚ ସଂଗୁପ୍ତ ଜ୍ଞାନର ସଞ୍ଜ୍ଞାନତାରୁ ଆସୁଥିବା ଆଲୋକ ଦ୍ୱାରା ମଧ୍ୟ ତାହା ଆଲୋକିତ ହେଉଥାଏ,—ଏହି ସଞ୍ଜ୍ଞାନତା ଆପଣାକୁ ଏଠାରେ ଚଦ୍‌ଗତତାର ସେହି ଜ୍ଞାନଟିକୁ ଏକ ପ୍ରକାରର ସ୍ମରଣ, ପୁନରାବାହନ ବା ଏକ ବହିଃପ୍ରକଟଣରୂପେହିଁ ପ୍ରକାଶିତ କରି ଦେଇଥାଏ । ମାତ୍ର ଆମେ ଦେହଧାରୀ ହୋଇ ଥିବାରୁ ଏବଂ ଭୌତିକ ଚେତନାକୁହିଁ ଭିତ୍ତି କରି ଛିଡ଼ାହୋଇ ଥିବାରୁ, ଆମର ଅଜ୍ଞାନସ୍ଥ ମନ ତଥାପି ସେହି ଆଗ ପରି ଏକ ପ୍ରସୀମନକାରୀ ପରିବେଶହିଁ ହୋଇ ରହିଥାଏ, ଏକ ହସ୍ତକ୍ଷେପକାରୀ ଶକ୍ତି ଏବଂ ସୀମା ଭିତରେ ଆଣି ବାନ୍ଧି ଦେଉଥିବା ସଂସ୍କାରଅଧୀନ ଶକ୍ତିରୂପେ ତାହା ନୂତନ ରୂପାୟନଟିକୁ ବାଧା ଦେଉଥାଏ ବା ତା' ସହିତ ଯାଇ ମିଶି ଯାଉଥାଏ; ଅଥବା, ଏପରିକି ବୃହତ୍ତ୍ୱ ଆଲୋକନର ମୁହୂର୍ତ୍ତ-ଗୁଡ଼ିକରେ ମଧ୍ୟ ଯୁଗପତ୍ ଭାବରେ ଘେରି ରହିଥିବା ଗୋଟିଏ ପ୍ରାଚୀର ଏବଂ ଏକ ଦୃଢ଼ ଆଧାର ହୋଇ ମଧ୍ୟ ରହିଥାଏ ଏବଂ ଆପଣାର ଅସମର୍ଥତା ଏବଂ ଭ୍ରାନ୍ତିଗୁଡ଼ାକୁ ଆଣି ଲଦିଦେବାରେ ଲାଗିଥାଏ । ଏହି ହଠ ଆଚରଣର ପ୍ରତିବିଧାନ କରିବାକୁ ହେଲେ ଏପରି ଏକ ସନ୍ଦୀପିତ ସବୋଧି-ବୁଦ୍ଧିର ବିକାଶ କରାଇ ଆଣିବାହିଁ ପ୍ରଥମେ ଆବଶ୍ୟକ ବୋଲି ମନେହୁଏ, ଯାହାକି କାଳ ଓ କାଳଗତ ଯାବତୀୟ ଘଟଣାବଳୀର ସତ୍ୟଟିକୁ ଯଥାର୍ଥ ଭାବରେ ଦେଖି ପାରୁଥିବ ତଥା ଅନ୍ୟ ଯାବତୀୟ

'oaob.nitrkl.ac.in' images reprocessed

ଶକ୍ତିକୁ ମଧ୍ୟ ସଂବୋଧିମୟ ଭାବନା, ଇନ୍ଦ୍ରିୟବୋଧ ତଥା ଦୃଷ୍ଟିସାମର୍ଥ୍ୟ ଦ୍ୱାରା ଦେଖିବାକୁ ସମର୍ଥ ହେଉଥିବ, ଏବଂ ବିବେଚନା କରି ପାରିବାର ସ୍ୱକୀୟ ଆଲୋକଟି ଦ୍ୱାରାହିଁ ଯାବତୀୟ ଭ୍ରମ ତଥା ପ୍ରମାଦର ଆକ୍ରମଣକୁ ଜାଣି ତାହାକୁ ନିରାକୃତ କରି ରଖୁଥିବ ।

ସଂବୋଧି ଦ୍ୱାରା ପ୍ରେରିତ ସକଳ ଜ୍ଞାନ ଅଳ୍ପ ବା ଅଧିକ ପ୍ରତ୍ୟକ୍ଷ ଭାବରେ ସ୍ୱସଚେତନ ଆତ୍ମାର ଜ୍ୟୋତି ମନ ଭିତରେ ପ୍ରବେଶ କରିବା ଦ୍ୱାରାହିଁ ପ୍ରାପ୍ତ ହୋଇଥାଏ । ଏହି ଆତ୍ମା ମନର ପୃଷ୍ଠଦେଶରେ ରହିଥାଏ । ଏହାର ଆପଣା ଭିତରେ ତଥା ଏହାର ସବୁ ଆତ୍ମସତ୍ତା ମଧ୍ୟରେ ଯାହାକିଛି ରହିଛି, ତାହା ସେହି ସବୁଗୁଡ଼ିକ ବିଷୟରେ ସଚେତନ ରହିଥାଏ । ସେହି ଆତ୍ମାକୁ ଆମେ ସର୍ବବିତ୍ ବୋଲି ଜାଣିବା, ଏବଂ ତାହା ଅଜ୍ଞାନାଚ୍ଛନ୍ନ ଅଥବା ଆତ୍ମବିସ୍ମୃତିମୟ ମନକୁ ବିରଳ ଅଥବା ସତତ ନାନା ଦୀପ୍ତି ଦ୍ୱାରା ବା ଆପଣାର ସେହି ଦୀପ୍ତିଟି ଦ୍ୱାରା ଆଲୋକିତ କରି ଦେଇପାରେ, ଯାହାକି ତାହାର ସର୍ବଜ୍ଞତା ମଧ୍ୟରୁ ତା' ଭିତରକୁ ଅବିଚ୍ୟୁତ ଭାବରେ ପ୍ରବାହିତ ହେବାରେ ଲାଗିଥାଏ । ଏହି 'ସକଳ'ଟି ମଧ୍ୟରେ, ଯାହା ବିଷୟରେ କି ସେ ସଚେତନ ରହିଥାଏ, ସେହି ସବୁକିଛି ଅନ୍ତର୍ଭୁକ୍ତ ହୋଇ ରହେ, ଯାହାକି କାଳର ଭୂମି ଉପରେ ରହିଥିଲା, ଅଛି ଏବଂ ହେବାକୁ ଯାଉଛି; ଏହି ସର୍ବଜ୍ଞତା ଆମ ମନଟି ଦ୍ୱାରା ରଚିତ ଉନୋଟିଯାକ କାଳର କୌଣସିପ୍ରକାର ବିଭାଜନ ଦ୍ୱାରା ପରିସୀମିତ, ପ୍ରତିହତ ବା କୁଣ୍ଠିତ ହୋଇ ପଡ଼େ ନାହିଁ, ଅଥବା ତାହା ଏକ ମୃତ, ବର୍ତ୍ତମାନ ଆଦୌ ଅସ୍ତିତ୍ୱରେ ନଥିବା, ଅଳ୍ପ ଅଳ୍ପ ମନେ ରହିଥିବା ବା ସମ୍ପୂର୍ଣ୍ଣ ଭାବରେ ବିସ୍ମୃତ ହୋଇ ଯାଇଥିବା ଅତୀତର ଏବଂ ଏପର୍ଯ୍ୟନ୍ତ ଅସ୍ତିତ୍ୱକୁ ଆସି ନଥିବା ଓ ତେଣୁ ଅଜ୍ଞେୟ ହୋଇ ରହିଥିବା,—ଯାହାକି ଅଜ୍ଞାନସ୍ଥ ମନ ଲାଗି ଏକାନ୍ତ ଅବଶ୍ୟମ୍ଭାବୀ ହୋଇ ରହିଥାଏ,—ଭବିଷ୍ୟତର ଧାରଣା ବା ଅନୁଭବ ଦ୍ୱାରା କଦାପି ସୀମିତ, ବ୍ୟାହତ ଓ ପରାଭୂତ ହୋଇଯାଏ ନାହିଁ । ଏହିପରି ଭାବରେ, ସଂବୋଧିଗତ ମନର ବିକାଶ ମଧ୍ୟ ଆପଣା ସହିତ କାଳ-ଜ୍ଞାନର ଏପରି ଏକ ସାମର୍ଥ୍ୟ ବହନ କରି ଆଣିପାରେ, ଯାହାକି କୌଣସି ବାହ୍ୟ ସଂକେତଗୁଡ଼ିକରୁ ନୁହେଁ, ମାତ୍ର ବସ୍ତୁଗୁଡ଼ିକର ବିଶ୍ୱଗତ ଆତ୍ମାଟି ମଧ୍ୟରୁହିଁ ଆସିଥାଏ । ତାହା ଭିତରେ ଅତୀତର ଯେଉଁ ସନାତନ ସ୍ମୃତି ବିଦ୍ୟମାନ ରହିଛି, ବର୍ତ୍ତମାନ ବସ୍ତୁଗୁଡ଼ିକର ଯେଉଁ ଅସୀମ ଭଣ୍ଡାର ରହିଛି ତଥା ଭବିଷ୍ୟତ ବିଷୟରେ ଯେଉଁ ପୂର୍ବ-ଦର୍ଶନର ସାମର୍ଥ୍ୟ ରହିଛି,—ଯାହାକୁ କି ବଡ଼ ବିରୋଧାତ୍ମକ ଅଥଚ ଇଙ୍ଗିତପୂର୍ଣ୍ଣ ଭାବରେ ଏହାର ଭବିଷ୍ୟସ୍ମୃତି ବୋଲି କୁହାଯାଇଛି,—ସେହି ସବୁଗୁଡ଼ିକରୁହିଁ ତାକୁ କାଳ-ଜ୍ଞାନର ସାମର୍ଥ୍ୟଟି ପ୍ରାପ୍ତ ହୋଇଥାଏ । ମାତ୍ର ପ୍ରଥମ ଅବସ୍ଥାରେ ଏହି ସାମର୍ଥ୍ୟଟି ଆଦୌ ବ୍ୟବସ୍ଥିତ ଭାବରେ ନୁହେଁ, କେବଳ ବଡ଼ ବିକ୍ଷିପ୍ତ ଏବଂ ଅନିଶ୍ଚିତ ଭାବରେହିଁ କାର୍ଯ୍ୟ କରିଥାଏ । ସଂବୋଧିଗତ ଜ୍ଞାନଶକ୍ତି ଅଧିକରୁ ଅଧିକ ବୃଦ୍ଧିପ୍ରାପ୍ତ ହେବା ସଙ୍ଗେ

'oaob.nitrkl.ac.in' images reprocessed

ସଙ୍ଗେ ସେହି ସାମର୍ଥ୍ୟଟିର ଉପଯୋଗକୁ ଆପଣାର ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିପାରିବା ସମ୍ଭବ ହୋଇଆସେ, ତାହାର କ୍ରିୟା ତଥା ବିଭିନ୍ନ ଗତିସ୍ପନ୍ଦନକୁ ଏକ ନିର୍ଦ୍ଦିଷ୍ଟ ପରିମାଣରେ ବ୍ୟବସ୍ଥିତ ଓ ନିୟମବଦ୍ଧ କରି ରଖିବା ମଧ୍ୟ ଅଧିକ ସମ୍ଭବ ହୁଏ । ତିନୋଟିଯାକ କାଳର ବସ୍ତୁଗୁଡ଼ିକର ଉପାଦାନ ବିଷୟରେ ତଥା ସେଗୁଡ଼ିକର ମୂଳତତ୍ତ୍ୱ ବା ସୂକ୍ଷ୍ମ ଟିକିନିଖି ବିଷୟରେ ଜ୍ଞାନ ଆୟତ୍ତ କରିବାର ଶକ୍ତି ଅଭ୍ୟାସ ଦ୍ୱାରା ସମ୍ଭବ ଓ ପ୍ରତିଷ୍ଠିତ କରାଯାଇ ପାରେ, ମାତ୍ର ସାଧାରଣତଃ ଏହା ଏକ ବିଶେଷ ବା ଅସାମାନ୍ୟ ଶକ୍ତିରୂପେ ଆପଣାକୁ ରୂପାୟିତ କରିଥାଏ ଏବଂ ମନୋଭୂମିର ସାଧାରଣ କ୍ରିୟାଟି ବା ତାହାର ଏକ ବୃହତ୍ ଭାଗ ତଥାପି ସେହି ଅଜ୍ଞାନସ୍ଥ ମନର ଅଧୀନସ୍ଥ ଏକ ବ୍ୟାପାର ହୋଇ ରହିଥାଏ । ଏହାକୁ ଯେ ଅବଶ୍ୟ ଏକ ଅପୂର୍ଣ୍ଣତା ଓ ସୀମାବଦ୍ଧତା ବୋଲି କୁହାଯିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ; ଏବଂ ଯେତେବେଳେ ଏହି ସାମର୍ଥ୍ୟଟି ସମ୍ପୂର୍ଣ୍ଣ ଭାବରେ ସମ୍ବୋଧି ଦ୍ୱାରା ପ୍ରେରିତ ହୋଇ ରହିଥିବା ମନର ଏକ ସାଧାରଣ ଏବଂ ସ୍ୱାଭାବିକ କ୍ରିୟାରେ ପରିଣତ ହୋଇଯାଏ, ସେତେବେଳେ ଯାଇ ମନୋମୟ ସତ୍ତାଟିର ଆୟତନ ମଧ୍ୟରେ ସମ୍ଭବ ହୋଇ ପାରୁଥିବା ତିନିକାଳର ଜ୍ଞାନ ବିଷୟରେ ଆମର ସାମର୍ଥ୍ୟଟି ଆପଣାର ଏକ ପରିପୂର୍ଣ୍ଣତା ଲାଭ କରେ ବୋଲି କୁହାଯାଇ ପାରିବ ।

ବୁଦ୍ଧିର ନିତ୍ୟନୈମିତ୍ତିକ କ୍ରିୟାଟିକୁ ଅଧିକରୁ ଅଧିକ ପରିମାଣରେ ବହିଷ୍କୃତ କରିଦେଇ, ସମ୍ବୋଧିଗତ ସତ୍ତା ଉପରେ ଏକ ପୂର୍ଣ୍ଣ ଏବଂ ସମଗ୍ର ଆସ୍ଥା ଅର୍ଜନ କରି ଏବଂ ତାହାର ଫଳସ୍ୱରୂପ ମନୋମୟ ସତ୍ତାର ସମୁଦାୟ ଅଂଶଗୁଡ଼ିକୁ ସମ୍ବୋଧି ଦ୍ୱାରା ସଞ୍ଚାରିତ କରି ରଖି ଆମେ ତଥାପି ସମ୍ପୂର୍ଣ୍ଣ ଭାବରେ ନହେଲେ ମଧ୍ୟ ଅଧିକ ସଫଳ ଭାବରେ ଅଜ୍ଞାନସ୍ଥ ମନଟିର ସ୍ଥାନାପନ୍ନ ଭାବରେ ଆତ୍ମବିଧୃତ ଜ୍ଞାନଯୁକ୍ତ ମନଟିର ପ୍ରତିଷ୍ଠା କରିପାରିବା । ମାତ୍ର,—ଏବଂ ଏପରି ଏକ ଜ୍ଞାନର କ୍ଷେତ୍ରରେ ଏକଥାଟିକୁ ବିଶେଷ ଭାବରେ କହିବାକୁ ହେବ,—ଅଜ୍ଞାନମୟ ମନର ମୂଳଦୁଆ ଉପରେ ଠିଆ କରାଯାଇଥିବା ମାନସିକ ରଚନାଗୁଡ଼ିକୁ ଏକାବେଳକେ ସମାପ୍ତ କରିଦେବା ଲାଗି ଏଠାରେ ଏକ ଏକାନ୍ତ ଆବଶ୍ୟକତା ରହିଛି । ଆମର ଏହି ନିତ୍ୟନୈମିତ୍ତିକ ମନ ଏବଂ ସମ୍ବୋଧିପ୍ରେରିତ ମନ ଭିତରେ ଏହି ପ୍ରଭେଦଟି ରହିଛି ଯେ ପ୍ରଥମଟି ଅନ୍ଧାର ଭିତରେ ରହିହିଁ ବା ଖୁବ୍ ବେଶୀ ହେଲେ ଆପଣାର ଅତିଅନିଶ୍ଚିତ ଆଲୋକବର୍ତ୍ତିକା-ଟିକୁ ହାତରେ ଧରି ଆପଣାର ଯାବତୀୟ ଅନ୍ୱେଷଣ ଓ ଆବିଷ୍କାର କରୁଥାଏ; ବସ୍ତୁଗୁଡ଼ିକ ତାହାର ସେହି ଆଲୋକଟିରେ ଯେପରି ଦେଖାଯାଏ, ସେଗୁଡ଼ିକୁ ତାହା ପ୍ରଥମତଃ ସେହିପରି ଦେଖେ, ଏବଂ ଦ୍ୱିତୀୟତଃ, ଯେଉଁଠି ତାହା କିଛିହେଲେ ଜାଣି ନଥାଏ, ସେଠାରେ ତାହା ଆପଣାର କଳ୍ପନା, ଅନିଶ୍ଚିତ ଅନୁମାନ ଏବଂ ଆପଣାର ଅନ୍ୟ ଯାବତୀୟ ସହାୟକ ଏବଂ ସାମୟିକ ସାଧନ ଦେଇ ଏପରିସବୁ ବସ୍ତୁର ରଚନା କରି

'oaob.nitrkl.ac.in' images reprocessed

ଯୋଇଦଏ, ଯାହାକୁ କି ସେ ବଡ଼ ସହଜରେ ସତ୍ୟ ବୋଲି ଭ୍ରମ କରିପକାଏ; ଅର୍ଥାତ୍ କେତେକେତେ ଗ୍ରସ୍ତାରୂଳ୍ପ ପ୍ରକ୍ଷେପଣ, ମେଘାଚ୍ଛନ୍ନ ଉଚ୍ଚ ସୌଧ, ଅବାସ୍ତବ କେତେ କେତେ ବିସ୍ତାର ଓ ପ୍ରଲମ୍ବନ, ପ୍ରତାରଣାତ୍ମକ ପୂର୍ବଧାରଣା ଏବଂ ନିଶ୍ଚୟତାର ଭାବ ଭୁଲାଇବାର ଛଳନା କରୁଥିବା କେତେ ସମ୍ଭାବନା ଓ ସମ୍ଭାବ୍ୟତାକୁ ଗଢ଼ିକରି ରଖିଦିଏ । ସତ୍ୟବୋଧିଷ୍ଠ ମନ ଏହି କୃତ୍ରିମ ଭାବରେ କଦାପି ଗଢ଼େ ନାହିଁ, ମାତ୍ର ଆପଣାକୁ ସେହି ଆଲୋକରହିଁ ଏକ ଗ୍ରହଣକ୍ଷମ ପାତ୍ରରୂପେ ପ୍ରସ୍ତୁତ କରି ରଖେ, ଏବଂ ତାହାର ଉପରେ ସତ୍ୟକୁ ଅଭିବ୍ୟକ୍ତ ହେବାକୁ ବାଟ ଛାଡ଼ିଦିଏ, ତାହାର ସ୍ୱରଚନା-ଗୁଡ଼ିକୁ ସଗଠିତ କରି ରଖିବା ଲାଗି ବାଟ ଛାଡ଼ିଦିଏ । ମାତ୍ର ଯେପର୍ଯ୍ୟନ୍ତ ନିସ୍ପାଟି ଏକ ମିଶ୍ରିତ କ୍ରିୟା ହୋଇ ରହିଥାଏ ଏବଂ ମନୋମୟ ରଚନା ତଥା କଳ୍ପନାଗୁଡ଼ିକୁ ମଧ୍ୟ ସେମାନଙ୍କର କାମ କରିବାକୁ ବାଟ ଛାଡ଼ି ଦିଆଯାଇଥାଏ, ସେହି ଉଚ୍ଚତର ଆଲୋକ ଅର୍ଥାତ୍ ସତ୍ୟ-ଆଲୋକଟି ଲାଗି ସତ୍ୟବୋଧି-ମନର ପୂର୍ଣ୍ଣ ସମ୍ମତି ସେପର୍ଯ୍ୟନ୍ତ କଦାପି ସମ୍ପୂର୍ଣ୍ଣ ହୋଇପାରେ ନାହିଁ, ସୁନିଶ୍ଚିତ ଭାବରେ ପ୍ରଭାବଶାଳୀ ହୋଇପାରେ ନାହିଁ ଏବଂ ତେଣୁ ସେହି କ୍ଷେତ୍ରରେ ନିର୍ବାଧ କାଳ-ଜ୍ଞାନର ଏକ ଦୃଢ଼ ସଗଠନ ମଧ୍ୟ ସମ୍ଭବ ହୁଏ ନାହିଁ । ଏହି ପ୍ରତିବନ୍ଧକ ତଥା ଏହି ମିଶ୍ରଣଟି ଯୋଗୁଁହିଁ ତ୍ରିକାଳ-ଦର୍ଶନର ଅର୍ଥାତ୍ ପଶ୍ଚାଦ୍ଦର୍ଶନ, ପରିଦର୍ଶନ ଏବଂ ପୂର୍ବଦର୍ଶନର ସେହି ସାମର୍ଥ୍ୟଟି ଆଲୋକିତ ମନଟି ଉପରେ ଆପଣାର ଏକ ଛାପ ପକାଇବା ଲାଗି ବେଳେବେଳେ ଆସୁଥିଲେ ମଧ୍ୟ ମନୋଗତ କ୍ରିୟାର ସମୁଦାୟ ବସ୍ତୁନରୂପଟିର ଏକ ଭାଗ ହୋଇ ନରହି ତାହା ମନର ଅନ୍ୟ ସାମର୍ଥ୍ୟଗୁଡ଼ିକ ପରି କେବଳ ଏକ ଅସାମାନ୍ୟ ସାମର୍ଥ୍ୟ ହୋଇ ରହିଥାଏ । କେବଳ ଏତିକି ନୁହେଁ, ମାତ୍ର ତାହା କେବଳ ସମୟ ସମୟରେ ପ୍ରକଟ ହେଉଥାଏ, ଅତ୍ୟନ୍ତ ଅପୂର୍ଣ୍ଣ ହୋଇ ରହିଥାଏ ଏବଂ ଅଧିକାଂଶ ସମୟରେହିଁ ବିକୃତ ହୋଇ ପଡ଼ୁଥାଏ, କାରଣ ଆମର ସମ୍ପୂର୍ଣ୍ଣ ଅଜ୍ଞାତସାରରେହିଁ ତା' ଭିତରେ କେତେକେତେ ଭୁଲ୍ ଆସି ଗୋଳେଇ ହୋଇଯାଏ ବା ସେଥିରେ ହସ୍ତକ୍ଷେପ କରି ସ୍ୱୟଂ ତାହାର ସ୍ଥାନଟିକୁ ଅଧିକାର କରିନିଏ ।

ହସ୍ତକ୍ଷେପ କରୁଥିବା ଏହି ମନୋଗତ ରଚନାଗୁଡ଼ିକରେ ମୁଖ୍ୟତଃ ଦୁଇଟି ପ୍ରକାର ରହିଛି; ପ୍ରଥମ ପ୍ରକାରଟିରେ ସେହି ରଚନାଗୁଡ଼ିକ ଅନ୍ତର୍ଭୁକ୍ତ ହୋଇ ରହିଛି, ଯାହାକି ହୁଏତ ସବୁଠାରୁ ଅଧିକ ଶକ୍ତିଶାଳୀ ଭାବରେ ବିକୃତିର ସୃଷ୍ଟି କରିବାକୁ ଆସିଥାଏ । ଏଗୁଡ଼ିକ ଆମର ଇଚ୍ଛାଶକ୍ତିର ପ୍ରବଳ ଚାପରୁହିଁ ଉତ୍ପନ୍ନ ହୋଇଥାଏ; ଏହି ଇଚ୍ଛାଶକ୍ତିସବୁ ଦେଖିବା ଲାଗି ତଥା ନିର୍ଣ୍ଣୟ କରିବା ଲାଗି ଦାବି କରିବାରେ ଲାଗିଥାନ୍ତି, ଜ୍ଞାନର କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ଆସନ୍ତି ଏବଂ ସତ୍ୟ-ଆଲୋକ ତଥା ତାହାର ପକ୍ଷପାତଶୂନ୍ୟ ଶୁଦ୍ଧ ସଞ୍ଚାରମାର୍ଗଟି ଲାଗି ଆପଣାର ପୂର୍ଣ୍ଣ ସ୍ୱୀକୃତି ଜଣାଇବାକୁ ବୋଧିକୁ ଆଦୌ ବାଟ ଛାଡ଼ି ଦିଅନ୍ତି ନାହିଁ । ଆମର ବ୍ୟକ୍ତିଆତ୍ମଗତ ଇଚ୍ଛାଟି,

—ତାହା ସଂବେଗଗୁଡ଼ିକର ତଥା ହୃଦ୍‌ଗତ ଇଚ୍ଛାଗୁଡ଼ିକର ଆକାର ଗ୍ରହଣ କରିଥାଉ ଅଥବା ପ୍ରାଣର ଲାଳସାଗୁଡ଼ିକର, ପ୍ରବଳ ଭାବରେ ଗତିଶୀଳ ହୋଇ ରହିଥିବା ନାନା ସଂକଳ୍ପର କିଂବା ବୁଦ୍ଧିର ସ୍ୱେଚ୍ଛାପ୍ରେରିତ ଅଭିରୁଚିଗୁଡ଼ିକର ଆକାର ନେଇଥାଉ ପଛକେ,—ଯେତେବେଳେ ଏଗୁଡ଼ିକ ସାଧାରଣତଃ ଯେପରି ସଫଳତା ସହିତ ଚେଷ୍ଟା କରିଥାନ୍ତି, ସେହିପରି ଆପଣାକୁ ଜ୍ଞାନ ଉପରେ ଆଣି ଲଦିଦେବାର ଚେଷ୍ଟା କରନ୍ତି ଓ ଯେଉଁ ବସ୍ତୁଟି ଲାଗି ଆମେ କାମନା ବା ସଂକଳ୍ପ କରୁଥାଉ, ତାହାକୁହିଁ ଅତୀତ, ବର୍ତ୍ତମାନ ବା ଭବିଷ୍ୟତର ଯଥାର୍ଥ ବସ୍ତୁ ବୋଲି ବିଶ୍ୱାସ କରିନେବାକୁ ଆମକୁ ପ୍ରେରିତ କରିବାରେ ଲାଗିଥାନ୍ତି, ସେତେବେଳେ ସ୍ପଷ୍ଟତଃ ତାହାହିଁ ବିକୃତିର ଏକ କାରଣ ବା ମୂଳ ହୋଇ ଦେଖାଦିଏ । କାରଣ, ସେଗୁଡ଼ିକ ଯଥାର୍ଥ ଜ୍ଞାନକୁ ହୁଏତ କାର୍ଯ୍ୟକାରୀ ହେବାକୁ ବିରତ କରି ରଖନ୍ତି, ଅଥବା, ଜ୍ଞାନ ଆପଣାକୁ ତଥାପି ଆବିର୍ଭୂତ କରାଇ ପାରିଲେ ମଧ୍ୟ, ସେମାନେ ଯାଇ ତାହାକୁ ମାଡ଼ି ବସନ୍ତି, ତାହାର ଅସଲ ଆକାରଟିକୁ ମୋଡ଼ାମୋଡ଼ି ଦିଅନ୍ତି ଏବଂ ପରିଣାମରେ ସେଥିରୁ ଯେଉଁ ବିକୃତିଟିହିଁ ସମ୍ଭବ ହୁଏ, ତାହାକୁ ସଂକଳ୍ପସୃଷ୍ଟ ନାନା ମିଥ୍ୟାର ଏକ ସ୍ତୂପୀକରଣ ଲାଗି ଏକ ଔଚିତ୍ୟ-ଯୁକ୍ତ ଭୂମିରୂପେ ବ୍ୟବହାର କରନ୍ତି । ତେଣୁ ବ୍ୟକ୍ତିର ଆସ୍ପୃତନଟି ମଧ୍ୟରେହିଁ ଆପଣାକୁ ଆବଦ୍ଧ କରି ରଖିଥିବା ଇଚ୍ଛାଟିକୁ ହୁଏତ ଆଡ଼େଇ ବାହାର କରିଦେବାକୁ ହେବ, ଅଥବା ବ୍ୟକ୍ତିଆସ୍ପୃତନର ଅତୀତ ଏକ ଉଚ୍ଚତର ଆଲୋକ ସମ୍ମୁଖରେ ସେଗୁଡ଼ିକୁ ଉପସ୍ଥାପିତ କରି ସେଗୁଡ଼ିକ ବିଷୟରେ ତାହାର ସର୍ବୋଚ୍ଚ ନିର୍ଣ୍ଣୟଟି ଲାଗି ଅପେକ୍ଷା କରି ନପାରିବା ପର୍ଯ୍ୟନ୍ତ ତାହାର ପରାମର୍ଶ ଓ ପ୍ରବେଦନାଗୁଡ଼ିକୁ ସେଗୁଡ଼ିକର ଉଚିତ ସ୍ଥାନରେ ନେଇ ରଖିଦେବାକୁ ପଡ଼ିବ । ଏବଂ ତା'ପରେ, ମନଠାରୁ ଅଧିକ ଗଭୀର ଅନ୍ତରସ୍ଥ ସେହି ଗଭୀର ପ୍ରଦେଶରୁ ଅଥବା ଊର୍ଦ୍ଧ୍ୱସ୍ଥ ସେହି ଉଚ୍ଚତର ଭୂମିରୁ ଆସୁଥିବା ସତ୍ୟଟି ଅନୁସାରେ ସେଗୁଡ଼ିକୁ ସ୍ୱୀକୃତି ଦେବାକୁ ହେବ ଅଥବା ବର୍ଜନ କରି ଆସିବାକୁ ପଡ଼ିବ । ମାତ୍ର, ବ୍ୟକ୍ତିଗତ ଇଚ୍ଛାଶକ୍ତିଟିକୁ ନିରୁଦ୍ଧ କରି ରଖିଲେ ଏବଂ ସତ୍ୟର ଗ୍ରହଣ ଲାଗି ମନକୁ ପୂର୍ଣ୍ଣସ୍ୱୀକୃତ କରି ରଖିଲେ ମଧ୍ୟ ସଂସାରରେ ନିଜକୁ ଚରିତାର୍ଥ କରିବାକୁ ଉଦ୍ୟମ କରୁଥିବା ଯାବତୀୟ ପ୍ରକାରର ଶକ୍ତି ତଥା ସମ୍ଭାବନାର କେତେକେତେ ପ୍ରବେଦନା ଆସି ମନ ଉପରେ ଆକ୍ରମଣ କରିବାର ତଥାପି ଆଶଙ୍କା ରହିଥିବ । ସେହି ଶକ୍ତି ଓ ସମ୍ଭାବନାଗୁଡ଼ିକ ଆପେ ଉଠି ରହିବାର ଏକ ପ୍ରବଳ ଇଚ୍ଛାର ପ୍ରବାହରେ ଯେଉଁସବୁ ବସ୍ତୁକୁ ଗଢ଼ି ରଚନ୍ତି, ସେଗୁଡ଼ିକୁ ଏମାନେ ଅତୀତ, ବର୍ତ୍ତମାନ ବା ଭବିଷ୍ୟତର ଗୋଟିଏ ଗୋଟିଏ ସତ୍ୟରୂପେ ପ୍ରସ୍ତୁତ କରୁଥିବା ପରି ଆମ ଆଗରେ ପ୍ରତୀତ ହେବାରେ ଲାଗିଥାଏ । ଏବଂ ଯଦି ମନ ପ୍ରତାରଣାକାରୀ ଏହି ପ୍ରବେଦନାଗୁଡ଼ିକ ପ୍ରତି ଦୃଷ୍ଟି ଦିଏ, ସେଗୁଡ଼ିକର ସକଳ ଅସ୍ମମୂଲ୍ୟାଙ୍କନକୁ ଗ୍ରହଣ କରିନିଏ, ସେଗୁଡ଼ିକୁ କଡ଼କୁ ଆଡ଼େଇ ରଖେ ନାହିଁ ବା ସେଗୁଡ଼ିକୁ ସର୍ବଶେଷ ନିର୍ଣ୍ଣୟ



'oaob.nitrkl.ac.in' images reprocessed

ଲାଗି ସତ୍ୟର ଆଲୋକ ଆଗରେ ଆଣି ଉପସ୍ଥାପିତ କରେ ନାହିଁ, ତେବେ ସତ୍ୟକୁ ନିରୁଦ୍ଧ କରି ରଖିବା ଅଥବା ବିକୃତ କରିଦେବାର ସେହି ପ୍ରମାଦଟି ଏଠାରେ ମଧ୍ୟ ଅନିବାର୍ଯ୍ୟ ହୋଇଯାଏ । ଆମ ଭିତରେ ରହିଥିବା ସଂକଳ୍ପାତ୍ମକ ଉପାଦାନଟିକୁ ଏକାବେଳକେ ବହିଷ୍କୃତ କରି ରଖିବାର ଏକ ସମ୍ଭାବନା ମଧ୍ୟ ଆମ ସମ୍ମୁଖରେ ରହିଛି ବା ଆପଣାର ମନକୁ ଏକ ଉଚ୍ଚତର ଆଲୋକମୟ ଜ୍ଞାନ ଲାଗି ଏକ ନୀରବ ଓ ସ୍ୱଇଚ୍ଛାହୀନ ପଞ୍ଜିକାରେହିଁ ପରିଣତ କରି ରଖିବାର ସମ୍ଭାବନାଟି ମଧ୍ୟ ରହିଛି; ଏବଂ ସେହି କ୍ଷେତ୍ରରେ କାଳବିଷୟକ ଅନ୍ତଃବୋଧର ଏକ ଅନେକ ଅଧିକ ଯଥାର୍ଥ ପରିଗ୍ରହଣ ଅବଶ୍ୟ ସମ୍ଭବ ହୋଇଥାଏ । ମାତ୍ର ସତ୍ତାର ସମଗ୍ରତା କେବଳ ଏକ ସ୍ୱଇଚ୍ଛାରହିତ ଜ୍ଞାନରହିଁ ଦାବି କରେ ନାହିଁ, ତାହା ଇଚ୍ଛାଶକ୍ତିର କ୍ରିୟାଟି ଲାଗି ମଧ୍ୟ ଦାବି କରୁଥାଏ; ତେଣୁ ଯେଉଁଠି କେବଳ ଏକ ବ୍ୟକ୍ତିଗତ ଇଚ୍ଛା କାର୍ଯ୍ୟ କରୁଛି, ସେଠାରେ ଏକ ବିଶ୍ୱାତ୍ମକ ଇଚ୍ଛାଶକ୍ତିକୁ କ୍ରମଶଃ ଅଧିକରୁ ଅଧିକ ଭାବରେ ପ୍ରତିଷ୍ଠିତ କରି ଆଣିବାରେହିଁ ଏହାର ଏକ ବୃହତ୍ତର ଓ ପୂର୍ଣ୍ଣତର ପ୍ରତିବିଧାନ ନିହିତ ହୋଇ ରହିଛି । ଏହି ବିଶ୍ୱଭାବାପନ୍ନ ଇଚ୍ଛା ଏପରି କୌଣସି କଥା ଲାଗି ଆଗ୍ରହ କରେ ନାହିଁ, ଯାହାକୁ ସେ ସୁନିଶ୍ଚିତ ଭାବରେ ଏପରି ଅନୁଭବ କରେ ନାହିଁ ଯେ ତାହା ସେହି ଉଚ୍ଚତର ଜ୍ୟୋତିରୁ ପ୍ରାପ୍ତ ଭବିଷ୍ୟତସମ୍ବନ୍ଧୀ ଅନ୍ତଃବୋଧ, ଅନ୍ତଃପ୍ରେରଣା ତଥା ଆତ୍ମ-ଉନ୍ମୋଚନ ବ୍ୟତୀତ ଆଉ କିଛି ନୁହେଁ, ଯେଉଁ ଜ୍ୟୋତିର ମଧ୍ୟରେ କି ଇଚ୍ଛାଶକ୍ତି ଜ୍ଞାନ ସହିତ ଏକୀଭୂତ ହୋଇ ରହିଥାଏ ।

ଦ୍ୱିତୀୟ ପ୍ରକାରର ମାନସିକ ରଚନାଟି ଆମର ମନ ତଥା ବୁଦ୍ଧିର ସ୍ୱଭାବଟି ସହିତ ସମ୍ବନ୍ଧ ରଖିଥାଏ ଏବଂ କାଳସ୍ଥ ବସ୍ତୁଗୁଡ଼ିକ ସହିତ ସେହି ସ୍ୱଭାବ ଯେପରି ବ୍ୟବହାର କରିଥାଏ, ତାହା ସହିତ ମଧ୍ୟ ସମ୍ବନ୍ଧ ରଖିଥାଏ । ଏଠାରେ ମନକୁ ସକଳ ବସ୍ତୁ ଏପରି କେତେକ ଉପଲବ୍ଧ ବାସ୍ତବତାର ସମଷ୍ଟିରୂପେ ଦୃଷ୍ଟିଗୋଚର ହୁଏ, ଯାହାର କି କେତେକ ପୂର୍ବବର୍ତ୍ତୀ କାରଣ ତଥା ସ୍ୱାଭାବିକ ପରିଣାମ ରହିଥାଏ, ତାକୁ ସବୁକିଛି ସମ୍ଭାବନାର ଏକ ଅନିର୍ଦ୍ଦିଷ୍ଟ ସମଷ୍ଟିରୂପେ ଦୃଷ୍ଟିଗୋଚର ହେଉଥାଏ । ଏବଂ ସମ୍ଭବତଃ ତାକୁ ଆଉ ଗୋଟିଏ କଥା ବି ଦେଖାଯାଇଥାଏ, ଯାହା ବିଷୟରେ କି ସେ ସମ୍ପୂର୍ଣ୍ଣ ନିଶ୍ଚିତ ହୋଇ ନଥାଏ । ଏହି ସମ୍ଭାବନାଗୁଡ଼ିକର ପଛରେ ତାହାକୁ ଏକ ନିର୍ଦ୍ଧାରକ ତତ୍ତ୍ୱ,—ଏକ ସଂକଳ୍ପଶକ୍ତି, କିମ୍ବା ଅଥବା ପରମ ଶକ୍ତିସମ୍ପନ୍ନତା,—ଦେଖିବାକୁ ମିଳେ, ଯାହାକି ସମ୍ଭାବ୍ୟ ଅନେକ ବସ୍ତୁ ମଧ୍ୟରୁ କେତେଗୁଡ଼ିକୁ ଅସ୍ୱୀକାର କରିଦିଏ ଏବଂ କେତେକ ଅନ୍ୟ ବସ୍ତୁକୁ ଆପଣାର ସ୍ୱୀକୃତି ଦେଇଥାଏ ବା ସେଗୁଡ଼ିକୁ ପ୍ରକଟ ହେବା ଲାଗି ବାଧ୍ୟ କରିଥାଏ । ତେଣୁ ତାହାର ରଚନାଗୁଡ଼ିକ ଅନ୍ତତଃ କେତେକାଂଶରେ ଅତୀତ ଓ ବର୍ତ୍ତମାନ ଦୁଇଟିଯାକର ବାସ୍ତବ ବସ୍ତୁର ଆଧାର ଉପରେ କରିଯାଇଥିବା ଅନୁମାନଗୁଡ଼ିକରୁ ତିଆରି ହୋଇଥାଏ, ଏବଂ କେତେକାଂଶରେ

'oaob.nitrkl.ac.in' images reprocessed

ସମ୍ଭାବନାଗୁଡ଼ିକର ସଙ୍କଳ୍ପାନୁଗତ ବା କଳ୍ପନାମୂଳକ ଓ ଅନୁମାନିକ ଚୟନ ଏବଂ ସଂଯୋଜନରୁ, ଏବଂ କିଛିଅଂଶରେ, ନିର୍ଣ୍ଣୟାକାଙ୍କ୍ଷୀ ତର୍କବୁଦ୍ଧି, ଅଭିରୁଚିପ୍ରେରିତ ଇଚ୍ଛା ବା ଆଗ୍ରହପୂର୍ଣ୍ଣ ସୃଷ୍ଟିଧର୍ମୀ ସଙ୍କଳ୍ପବୃତ୍ତିରୁ ମଧ୍ୟ ତିଆରି ହୋଇଥାଏ, ଯାହାକି ଯଥାର୍ଥ ଏବଂ ସମ୍ଭବ ବସ୍ତୁଗୁଡ଼ିକର ସମଷ୍ଟି ମଧ୍ୟରେ ଆପେ ଆବିଷ୍କାର ବା ନିରୂପଣ କରିବା ଲାଗି ଚେଷ୍ଟା କରୁଥିବା ସେହି ନିଶ୍ଚିତ ସତ୍ୟଟିକୁ ନିର୍ଦ୍ଧାରିତ କରିପାରିବା ଲାଗି ପ୍ରୟାସ କରୁଥାଏ। ଆମର ମନୋଗତ ଭାବନା ଏବଂ କ୍ରିୟା ଲାଗି ଅପରିହାର୍ଯ୍ୟ ହୋଇ ରହିଥିବା ଏହି ସବୁଗୁଡ଼ିକୁ ବହିଷ୍କୃତ ବା ରୂପାନ୍ତରିତ କରିପାରିଲେ ଯାଇ ସମ୍ବୋଧି ଦ୍ୱାରା ପ୍ରେରିତ ଜ୍ଞାନ ଏକ ଦୃଢ଼ ଭିତ୍ତି ଉପରେ ଆପଣାକୁ ସଂଗଠିତ କରିବାର ଏକ ଅନୁକୂଳ ଅବସର ପାଇ ପାରିବ। ଏହି କ୍ଷେତ୍ରରେ ଏକ ରୂପାନ୍ତର ଅବଶ୍ୟ ସମ୍ଭବ ହେବ, କାରଣ ସମ୍ବୋଧିପ୍ରେରିତ ମନକୁ ମଧ୍ୟ ଠିକ୍ ସେହି କାର୍ଯ୍ୟଟିକୁ କରିବାକୁ ହେବ ଏବଂ ଠିକ୍ ସେହି କ୍ଷେତ୍ରଟିରେହିଁ ବିଚରଣ କରିବାକୁ ହେବ; ମାତ୍ର ତାହା ଉପାଦାନଗୁଡ଼ିକୁ ଏକ ଅନ୍ୟପ୍ରକାରେ କାର୍ଯ୍ୟରେ ଲଗାଇବ ଏବଂ ସେଗୁଡ଼ିକର ତାତ୍ପର୍ଯ୍ୟକୁ ଏକ ଅନ୍ୟପ୍ରକାର ଆଲୋକରେ ଦେଖିବ। ଏହି କ୍ଷେତ୍ରରେ ଏକ ବହିଷ୍କରଣ ମଧ୍ୟ ବେଶ୍ ସମ୍ଭବ ହୋଇଯିବ, କାରଣ ସବୁକିଛି ଯଥାର୍ଥରେ ଊର୍ଦ୍ଧ୍ୱସ୍ଥ ସେହି ସତ୍ୟ-ଚେତନା ମଧ୍ୟରେହିଁ ବିଦ୍ୟମାନ ରହିଛି ଏବଂ ଅଜ୍ଞାନସ୍ଥ ମନର ସେହି ନୀରବତା ଏବଂ ଫଳସମ୍ଭାବନାମୟ ଗ୍ରହଣଶୀଳତା ପ୍ରକୃତରେ ଆମ ପହଞ୍ଚର କଦାପି ବାହାର ହୋଇ ରହି ନାହିଁ, ଯାହା ମଧ୍ୟରେ କି ସତ୍ୟ-ଚେତନାରୁ ଅବତୀର୍ଣ୍ଣ ହୋଇ ଆସୁଥିବା ଅନ୍ତଃବୋଧର ରଶ୍ମିଗୁଡ଼ିକ ସ୍ପଷ୍ଟ ବା ସବଳ ଯଥାର୍ଥତା ସହିତ ଗ୍ରହଣ କରାଯାଇ ପାରିବ ଏବଂ ଜ୍ଞାନର ଯାବତୀୟ ଉପାଦାନକୁ ସେଗୁଡ଼ିକର ସମୁଚିତ ସ୍ଥାନ ଏବଂ ଯଥାର୍ଥ ଅନୁପାତରେ ଦେଖିବା ମଧ୍ୟ ସମ୍ଭବ ହୋଇଯିବ। ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଆମେ ଏକଥାଟି ମଧ୍ୟ ଅବଶ୍ୟ ଜାଣିବାକୁ ପାଇବା ଯେ ଗୋଟିଏ ପ୍ରକାରର ମନରୁ ଆଉ ଗୋଟିଏ ପ୍ରକାରର ମନକୁ ସଂକ୍ରମଣ ସମ୍ଭବ କରିବାକୁ ହେଲେ ଏହି ଦୁଇଟିଯାକ ପନ୍ଥାକୁ ଗୋଟିଏ ପରେ ଗୋଟିଏ କରି ବା ଏକାସାଙ୍ଗରେ ପ୍ରୟୋଗ କରାଯାଇଥାଏ।

ତ୍ରିବିଧ କାଳଗତ ଗତିସ୍ପନ୍ଦନ ସହିତ ସମ୍ବନ୍ଧ ରଖୁଥିବା ସମ୍ବୋଧି-ମନକୁ ଭାବନାଗତ ବୋଧ ଏବଂ ଦୃଷ୍ଟି ମଧ୍ୟରେ ତିନୋଟି କଥାକୁ ଯଥାର୍ଥ ଭାବରେ ଦେଖିବାକୁ ପଡ଼ିବ : ଅର୍ଥାତ୍ ବାସ୍ତବସତ୍ୟ, ସମ୍ଭାବ୍ୟସତ୍ୟ ତଥା ଅବଶ୍ୟସତ୍ୟଗୁଡ଼ିକୁ ଦେଖିବାକୁ ପଡ଼ିବ। ପ୍ରଥମେ ଏକ ପ୍ରାଥମିକ ସମ୍ବୋଧିଗତ କ୍ରିୟାର ବିକାଶ ହୋଇ ଆସିବ, ଯାହାକି ମୁଖ୍ୟତଃ କାଳ ମଧ୍ୟରେ ପରସ୍ପରର ପୂର୍ବପର ହୋଇ ଗତି କରୁଥିବା ବାସ୍ତବତାଗୁଡ଼ିକର ପ୍ରବାହଟିକୁହିଁ ପ୍ରତ୍ୟକ୍ଷ କରୁଥିବ; ସାଧାରଣ ମନଟି ଯେପରି ଭାବରେ ଦେଖେ, ଏଇଟି ମଧ୍ୟ ଠିକ୍ ସେହିପରି ଦେଖୁଥିବ, ମାତ୍ର ତାହାକୁ ଏକ

'oaob.nitrkl.ac.in' images reprocessed

ଅନ୍ତରୀକ୍ଷଣପ୍ରେରିତ ପ୍ରତ୍ୟକ୍ଷକ୍ରିୟା ଦ୍ୱାରା ଏବଂ ଏକ ସ୍ୱତଃସ୍ଫୂର୍ତ୍ତ ଯଥାର୍ଥତା ଦ୍ୱାରା ଧରି ପାରୁଥିବ, ଯାହା ଲାଗି କି ସାଧାରଣ ମନ କେବେହେଲେ ସମର୍ଥ ହୋଇପାରେ ନାହିଁ । ଏହା ସେଗୁଡ଼ିକୁ ପ୍ରଥମେ ଏକ ପ୍ରତ୍ୟକ୍ଷ ବୋଧ ଦ୍ୱାରା ଦେଖିବ, ଏପରି ଏକ ଭାବନାତ୍ମକ କ୍ରିୟା, ଭାବନାତ୍ମକ ବୋଧ ଏବଂ ଭାବନାତ୍ମକ ଦୃଷ୍ଟି ଦ୍ୱାରା ଦେଖିବ, ଯାହାକି ବ୍ୟକ୍ତି ତଥା ବସ୍ତୁଗୁଡ଼ିକ ଉପରେ କାର୍ଯ୍ୟ କରୁଥିବା ଶକ୍ତିଗୁଡ଼ିକୁ ସଙ୍ଗେସଙ୍ଗେ ବାରିନେଇ ପାରିବ, ସେଗୁଡ଼ିକ ମଧ୍ୟରେ ଓ ସେଗୁଡ଼ିକର ଚତୁର୍ଦ୍ଦିଗରେ ରହିଥିବା ଯାବତୀୟ ଭାବନା, ଅଭିପ୍ରାୟ, ଆବେଗ, ଶକ୍ତିମତ୍ତା ତଥା ପ୍ରଭାବଗୁଡ଼ିକୁ ବାରିନେଇ ପାରିବ; ଯେଉଁଗୁଡ଼ିକ ସେମାନଙ୍କ ମଧ୍ୟରେ ଆଗରୁ ରୂପାୟିତ ହୋଇ ସାରିଛନ୍ତି, ଯେଉଁଗୁଡ଼ିକ ରୂପାୟିତ ହେଉଛନ୍ତି, ଯେଉଁଗୁଡ଼ିକ ପରିବେଶ ମଧ୍ୟରୁ ବା ସାଧାରଣ ମନଟି ଲାଗି ଅଗୋଚର ହୋଇ ରହିଥିବା ପ୍ରଚ୍ଛନ୍ନ ଉତ୍ସଗୁଡ଼ିକରୁ ସେମାନଙ୍କ ମଧ୍ୟକୁ ବା ସେମାନଙ୍କ ଉପରକୁ ଉପଗତହୋଇ ଆସୁଛନ୍ତି ବା ଆସିବାକୁ ଯାଉଛନ୍ତି, ସେଗୁଡ଼ିକୁ ମଧ୍ୟ ବାରିନେଇ ପାରିବ । ଏହି ଭାବନାତ୍ମକ କ୍ରିୟା, ବୋଧ ଏବଂ ଦୃଷ୍ଟି ଏହିସବୁ ଶକ୍ତିର ଜଟିଳ ସମଷ୍ଟିଟିକୁ କୌଣସିପ୍ରକାର ଅନ୍ୱେଷଣ କିଂବା ଆୟାସ ନକରି ଏକ ଦ୍ରୁତ ବୋଧିପ୍ରେରିତ ବିଶ୍ଳେଷଣ ଦ୍ୱାରା ବା ଏକ ସମନ୍ୱୟାତ୍ମକ ସମଗ୍ରଦୃଷ୍ଟି ଦ୍ୱାରା ଭେଦନିରୂପଣ କରି ଦେଖିପାରିବ, ଫଳପ୍ରଦକୁ ନିଷ୍ଫଳ ବା ଆଂଶିକ ଭାବରେ ଫଳପ୍ରଦ ଶକ୍ତିରୁ ପୃଥକ୍ କରି ଚିହ୍ନିପାରିବ ଏବଂ ସେଗୁଡ଼ିକରୁ ଉତ୍ପନ୍ନ ହେବାକୁ ଯାଉଥିବା ପରିଣାମଟିକୁ ମଧ୍ୟ ଦେଖିପାରିବ । ଆମେ ଏଇଟିକୁ ବାସ୍ତବତାଗୁଡ଼ିକୁ ବୋଧି ଦେଇ ଦେଖିବାର ସମଗ୍ର ପ୍ରକ୍ରିୟାଟି ବୋଲି ଜାଣିବା, ମାତ୍ର ଏଇଟିକୁ ଛାଡ଼ି ଆହୁରି ଏକାଧିକ ଅନ୍ୟାନ୍ୟ ପ୍ରକ୍ରିୟା ମଧ୍ୟ ରହିଛି, ଯେଉଁଗୁଡ଼ିକ କି ଆପଣାର ସ୍ୱରୂପରେ ଏତେଦୂର ପୂର୍ଣ୍ଣତା ହାସଲ କରିପାରି ନାହାନ୍ତି । କାରଣ, କାର୍ଯ୍ୟକାରୀ ହୋଇ ରହିଥିବା ଶକ୍ତିଗୁଡ଼ିକୁ ପରିଣାମଟିର ଆଗରୁ କିଂବା ତାହାର ସଙ୍ଗେସଙ୍ଗେ ନଦେଖି ମଧ୍ୟ ପ୍ରଥମେ ପରିଣାମଟିକୁ ଦେଖି ପାରିବାର ସାମର୍ଥ୍ୟଟି ସାଧକ ମଧ୍ୟରେ ବିକଶିତ ହୋଇ ଆସିପାରେ । କିଂବା, ଏକଥା ମଧ୍ୟ ହୋଇପାରେ ଯେ ପ୍ରଥମେ ପରିଣାମଟିହିଁ ପ୍ରବଳ ବେଗରେ ତୁରନ୍ତ ତା' ସମ୍ମୁଖରେ ଆସି ପହଞ୍ଚି ଯାଇ ପାରେ ଏବଂ ତା'ପରେ ଯାଇ କାର୍ଯ୍ୟକାରୀ ହୋଇ ରହିଥିବା ଶକ୍ତିଗୁଡ଼ିକ ଦୃଷ୍ଟିଗୋଚର ହୋଇପାରେ । ଅପର ପକ୍ଷରେ, ଏକଥା ମଧ୍ୟ ସମ୍ଭବ ଯେ ଶକ୍ତିଗୁଡ଼ିକର ଜଟିଳ ସମଷ୍ଟିର କେତେକାଂଶରେ ଅଥବା ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟକ୍ଷ ହୋଇଯାଇ ପାରେ, ମାତ୍ର ସର୍ବଶେଷ ନିଶ୍ଚିତ ପରିଣାମଟି ବିଷୟରେ ତଥାପି ଅନିଶ୍ଚୟତା ରହିଯାଇ ପାରେ, ସେକ୍ଷେତ୍ରରେ କେବଳ ଧୀରେ ଧୀରେହିଁ ନିଶ୍ଚୟତା ଆସିପାରେ ଅଥବା ଏକ ଆପେକ୍ଷିକ ନିଶ୍ଚୟତା ପ୍ରାପ୍ତ ହୋଇପାରେ । ବାସ୍ତବତାଗୁଡ଼ିକୁ ଏକ ସମଗ୍ର ଏବଂ ଏକତ୍ୱବଦ୍ଧ ଦୃଷ୍ଟିରେ ଦେଖି ପାରିବାର ସାମର୍ଥ୍ୟଟିର ବିକାଶପଥରେ ଆମେ ଏହିଗୁଡ଼ିକୁ ଗୋଟିଏ ଗୋଟିଏ ପର୍ଯ୍ୟାୟ ବୋଲି ଜାଣିବା ।

'oaob.nitrkl.ac.in' images reprocessed

ଏହି ପ୍ରକାରର ବୋଧଗତ ଜ୍ଞାନକୁ ଆମେ କାଳ-ଜ୍ଞାନର ଏକ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ସାଧନ ବୋଲି କେବେହେଲେ କହିବା ନାହିଁ । ଏହି ଜ୍ଞାନ ସାଧାରଣତଃ ବର୍ତ୍ତମାନର ପ୍ରବାହଟିରେହିଁ ଗତି କରିବାରେ ଲାଗିଥାଏ ଏବଂ ମୁହୂର୍ତ୍ତରୁ ମୁହୂର୍ତ୍ତ ହୋଇ ଯଥାର୍ଥତଃ କେବଳ ବର୍ତ୍ତମାନକୁହିଁ ଦେଖିଥାଏ, କେବଳ ନିକଟତମ ଅତୀତ ଓ ନିକଟତମ ଭବିଷ୍ୟତକୁ ଦେଖିଥାଏ । ଏକଥା ସତ ଯେ ତାହା ଆପଣାକୁ ପଛ ଆଡ଼କୁ ପ୍ରକ୍ଷେପିତ କରି ରଖିପାରେ ଏବଂ ସେହି ଶକ୍ତି ତଥା ପ୍ରତିସ୍ମୃତି ବଳରେ ନିର୍ଭୁଲ ଭାବରେ ଏକ ଅତୀତ କ୍ରିୟାର ପୁନଃରଚନା କରି ଦେଇପାରେ; ବା ଆପଣାକୁ ସମ୍ମୁଖ ଦିଗକୁ ପ୍ରକ୍ଷେପିତ କରି ଅପେକ୍ଷାକୃତ ଅଧିକ ଦୂରବର୍ତ୍ତୀ ହୋଇ ରହିଥିବା ଭବିଷ୍ୟ ମଧ୍ୟରେ ବି କୌଣସି ନା କୌଣସି ପଦାର୍ଥର ନିର୍ଭୁଲ ପୁନଃରଚନା କରିପାରେ । ମାତ୍ର ଭାବନାମୂଳ ଦୃଷ୍ଟିସାମର୍ଥ୍ୟର ସାଧାରଣ ଶକ୍ତିଟି ସକାଶେ ଏକଥାଟି ଅପେକ୍ଷାକୃତ ଅଧିକ ବିରଳ ଏକ ପ୍ରୟାସ ହୋଇ ରହିଥାଏ, ଏକ ଅଧିକ କଷ୍ଟକର ପ୍ରୟାସ ହୋଇ ରହିଥାଏ ଏବଂ ଏହି ଆତ୍ମ-ପ୍ରକ୍ଷେପଣଟିକୁ ଅଧିକ ମୁକ୍ତ ରହି କାର୍ଯ୍ୟରେ ଲଗାଇ ପାରିବାକୁ ତାହା ସାଧାରଣତଃ ଚୈତ୍ୟଗତ ଦୃଷ୍ଟିସାମର୍ଥ୍ୟର ସାହାଯ୍ୟ ଓ ସମର୍ଥନ ଲାଗି ମଧ୍ୟ ଅପେକ୍ଷା ରଖିଥାଏ । ପୁନଶ୍ଚ, ବାସ୍ତବତାଗୁଡ଼ିକର ବିକ୍ଷୋଭରହିତ ପ୍ରତିଷ୍ଠାଟିରେହିଁ ଯାହାକିଛି ଆସି ତା' ସମ୍ମୁଖରେ ପହଞ୍ଚି ପାରିବ, ଏହା କେବଳ ସେତିକମାତ୍ର ଦେଖିପାରେ; ଏବଂ ଯଦି ଅପ୍ରତ୍ୟାଶିତ ଶକ୍ତିସମୂହର କୌଣସି ଦ୍ରୁତ ଧାବନ ବା ହସ୍ତକ୍ଷେପକାରୀ କୌଣସି ଅନ୍ୟ ଶକ୍ତି ଏକ ବୃହତ୍ତର ଅନ୍ତଃସମ୍ଭାବନାର କ୍ଷେତ୍ର ମଧ୍ୟରୁ ହଠାତ୍ ଆସି ପହଞ୍ଚିଯାଏ ଓ ଅବସ୍ଥାର ଜଟିଳ ସମଷ୍ଟିଟି ମଧ୍ୟରେ ଏକ ପରିବର୍ତ୍ତନ ଘଟାଏ, ତେବେ ତାହାର ସେହି ଦୃଷ୍ଟିସାମର୍ଥ୍ୟଟି ଆଉ ଆଦୌ କାମ ଦିଏ ନାହିଁ । ଏବଂ କାଳଗତ ଗତିସ୍ପନ୍ଦନର ଭୂମିରେ ଶକ୍ତିଗୁଡ଼ିକର କ୍ରିୟାକ୍ଷେତ୍ରରେ ଏହି କଥାଟି ନିୟତ ଘଟିଥାଏ । ସଂବୋଧଗତ ଉକ୍ତ ଶକ୍ତିଟି ଏହି ସମ୍ଭାବ୍ୟ ଶକ୍ତିଗୁଡ଼ିକ ଉପରେ ଆଲୋକପାତ କରୁଥିବା ଅନ୍ତଃପ୍ରେରଣାଗୁଡ଼ିକୁ ଗ୍ରହଣ କରିନେଇ ସେଗୁଡ଼ିକଠାରୁ କିଞ୍ଚିତ୍ ସାହାଯ୍ୟ ଅବଶ୍ୟ ପାଇପାରେ; ଏହିପରି ଭାବରେ ତାହାକୁ ସତ୍ୟର ସେହି ଅବଶ୍ୟମ୍ଭାବୀ ଆତ୍ମଉନ୍ମୋଚନଗୁଡ଼ିକରୁ ମଧ୍ୟ ସହାୟତା ମିଳିପାରେ, ଯେଉଁଗୁଡ଼ିକ କି ତାକୁ ଏହିସବୁ ସମ୍ଭାବ୍ୟ ଶକ୍ତି ମଧ୍ୟରେ କେଉଁଟି ମୀମାଂସକ ହୋଇ ରହିଛି ଏବଂ ତାହାର ପରିଣାମଗୁଡ଼ିକ ପ୍ରକୃତରେ କ'ଣ ହେବାକୁ ଯାଉଛି, ସେହି କଥାଟିର ସୂଚନା ଆଣି ଦେଇଥାନ୍ତି । ଏହି ଦୁଇଟିଯାକ ଶକ୍ତିର ସାହାଯ୍ୟରେ ସିଏ ଯଥାର୍ଥ ବାସ୍ତବତାର ବୋଧ ଆଣି ଦେଉଥିବା ସଂବୋଧ-ମନର ତ୍ରୁଟି ଏବଂ ଅପୂର୍ଣ୍ଣତାଗୁଡ଼ିକରେ ଆବଶ୍ୟକ ସଂଶୋଧନ ମଧ୍ୟ କରି ନେଇପାରେ । ମାତ୍ର ଦୃଷ୍ଟିଗତ ଏହିସବୁ ବୃହତ୍ତର ଉଦ୍‌ଗମସ୍ଥାନଗୁଡ଼ିକ ସହିତ ଯଥାର୍ଥ ବ୍ୟବହାର କରିପାରିବା ଲାଗି ଏହି ପ୍ରଥମ ବୋଧଗତ କ୍ରିୟାର ସାମର୍ଥ୍ୟଟି କେବେହେଲେ ପ୍ରକୃତରେ ପରିପୂର୍ଣ୍ଣ ହୋଇ ରହି

'oaob.nitrkl.ac.in' images reprocessed

ନଥାଏ; ଏକ ନିମ୍ନତର ସ୍ତରର ଶକ୍ତି ଲାଗି ଏହା ସର୍ବଦା ଅତ୍ୟନ୍ତ ସ୍ୱାଭାବିକ ଯେ ଆପଣାଠାରୁ ବୃହତ୍ତର ଆଉ ଏକ ଚେତନାରୁ ଉପଲବ୍ଧ ସାମଗ୍ରୀଗୁଡ଼ିକ ସହିତ ଆପଣାର ବ୍ୟବହାରରେ ତାହା କଦାପି ସମ୍ପୂର୍ଣ୍ଣରୂପେ ସଫଳ ହୋଇପାରିବ ନାହିଁ । ତାତ୍କାଳିକ ବାସ୍ତବତାଗୁଡ଼ିକର ପ୍ରବାହ ଉପରେହିଁ ଜୋର୍ ଦେଇ ଦୃଷ୍ଟିର ସାମର୍ଥ୍ୟଟିକୁ ପ୍ରଭୂତ ଭାବରେ ସୀମାବଦ୍ଧ କରି ରଖିବାହିଁ ସର୍ବଦା ତାହାର ସ୍ୱଭାବ ହୋଇ ରହିଥାଏ ।

ଅବଶ୍ୟ, ଜ୍ୟୋତିର୍ମୟ ଅନ୍ତଃପ୍ରେରଣାର ଏପରି ଏକ ମନର ବିକାଶ କରିବା ଲାଗି ମଧ୍ୟ ଏକ ସମ୍ଭାବନା ରହିଛି ଯାହାକି କାଳଗତ ଗତିସ୍ପନ୍ଦନର ବୃହତ୍ତର ସମ୍ଭାବ୍ୟତାଗୁଡ଼ିକ ମଧ୍ୟରେ ଅପେକ୍ଷାକୃତ ଅଧିକ ସ୍ୱଚ୍ଛନ୍ଦ ଭାବରେ ବିଚରଣ କରିପାରିବ, ଦୂରସ୍ଥ ବସ୍ତୁଗୁଡ଼ିକୁ ଅପେକ୍ଷାକୃତ ଅଧିକ ସହଜରେ ଦେଖିପାରିବ, ଏବଂ ଯୁଗପତ୍ ଭାବରେ ଆପଣା ମଧ୍ୟକୁ ଅର୍ଥାତ୍ ଆପଣାର ଅଧିକ ଉଜ୍ଜ୍ୱଳ, ଅଧିକ ପରିସରଯୁକ୍ତ ତଥା ଅଧିକ ଶକ୍ତିସମ୍ପନ୍ନ ଆଲୋକ ମଧ୍ୟକୁ ବାସ୍ତବ ବସ୍ତୁଗୁଡ଼ିକର ସବୋଧିଗତ ଜ୍ଞାନଟିକୁ ଗ୍ରହଣ ମଧ୍ୟ କରିନେଇ ପାରିବ । ଅନ୍ତଃପ୍ରେରଣାଯୁକ୍ତ ଏହି ମନ ବସ୍ତୁଗୁଡ଼ିକୁ ଜଗତର ବୃହତ୍ତର ଯାବତୀୟ ଶକ୍ତିସମ୍ଭାବନାର ଆଲୋକରେହିଁ ଦେଖିବାକୁ ସମର୍ଥ ହେବ ଏବଂ ବାସ୍ତବ ଜଗତଟିର ପ୍ରବାହଟିକୁ ଶକ୍ତିମନ୍ତ ନାନା ସମ୍ଭାବନାର ଏକ ସମୂହରୁ ନିର୍ବାଚିତ ହୋଇ ଆସିଥିବା ଏକ ଅଂଶ ତଥା ତାହାରି ଏକ ପରିଣାମ ବୋଲି ଦେଖିବ । ଯଦି ଏହା ସହିତ ଅବଶ୍ୟମ୍ଭାବୀ ସତ୍ୟଚୟର ଏକ ଉନ୍ମୋଚନକାରୀ ଜ୍ଞାନ ଯଥେଷ୍ଟ ଭାବରେ ଉପଲବ୍ଧ ହୋଇ ରହି ନଥାଏ, ତେବେ ତାହା ଅବଶ୍ୟ କାଳ-ଗତିର ନାନା ସମ୍ଭାବ୍ୟ ଦିଗଗୁଡ଼ିକ ମଧ୍ୟରେ ନିର୍ଣ୍ଣାୟକ ଦୃଷ୍ଟି ବା ବିସ୍ତରଟିର ସମ୍ବନ୍ଧରେ ସଂଶୟଗ୍ରସ୍ତହିଁ ହୋଇ ରହିବ, ବା ତାହା ସେଭଳି ବିସ୍ତରଟିକୁ ସ୍ଥଗିତ କରି ରଖିଦେବ, ଅଥବା, ଏପରିକି, ପରିଶେଷରେ ଉପଲବ୍ଧ ହେବାକୁ ରହିଥିବା ଯଥାର୍ଥ ବସ୍ତୁଟି ଆଡ଼କୁ ଅଗ୍ରସର ହେବାର ପଥଟିରୁ ଦୂରକୁ ହଟିଯାଇ ଏପରି ଏକ ଅନ୍ୟ କାଳଚକ୍ର ଭିତରେ ଯାଇ ବଣା ହୋଇଯିବ, ଯାହାକି ଏପର୍ଯ୍ୟନ୍ତ ଅପ୍ରଯୁକ୍ତ ହୋଇ ରହିଛି । ଊର୍ଦ୍ଧ୍ୱରୁ ଉପଲବ୍ଧ ଅବଶ୍ୟମ୍ଭାବୀ ଉନ୍ମୋଚନଗୁଡ଼ିକର ସାହାଯ୍ୟଟି ତାକୁ ଏହିସବୁ ତ୍ରୁଟି ଓ ସୀମାବଦ୍ଧତାକୁ ହ୍ରାସ କରି ପାରିବାରେ ସାହାଯ୍ୟ କରିବ; ମାତ୍ର ଏଠାରେ ମଧ୍ୟ ଠିକ୍ ସେହି ଅସୁବିଧାଟି ଆସି ହାବୁଡ଼ିଯିବ, ଅର୍ଥାତ୍ ଉଚ୍ଚତର ଜ୍ୟୋତି ଏବଂ ଶକ୍ତିର ସମ୍ପଦଭଣ୍ଡାରରୁ ପ୍ରାପ୍ତ ହେଉଥିବା ସାମଗ୍ରୀଗୁଡ଼ିକୁ ନିମ୍ନତର ସ୍ତରରେ ଅବସ୍ଥିତ ଶକ୍ତିଗୁଡ଼ିକର କ୍ରିୟା ମଧ୍ୟଦେଇହିଁ ଯିବାକୁ ପଡ଼ିବ । ମାତ୍ର ଏହି କ୍ଷେତ୍ରରେ ଜ୍ୟୋତିର୍ମୟ ସତ୍ୟୋନ୍ମୋଚନର ଏକ ମନର ବିକାଶ କରାଇ ଆଣିବା ମଧ୍ୟ ସମ୍ଭବ ହେବ, ଯାହାକି ନିମ୍ନତର ଉକ୍ତ ଦୁଇଟିଯାକ ଗତିସ୍ପନ୍ଦନକୁ ଆପଣା ମଧ୍ୟରେ ଗ୍ରହଣ କରିନେବ ଏବଂ ସମ୍ଭାବ୍ୟ ତଥା ଯଥାର୍ଥ ବସ୍ତୁଗୁଡ଼ିକର ଲୀଳାଟି ପଛରେ ପ୍ରକୃତରେ କେଉଁ ଅସଲ ବସ୍ତୁଟି ନିର୍ଣ୍ଣାୟକ ହୋଇ ରହିଛି, ସେହି ମନଟି ସେକଥାଟିକୁ ଦେଖିବାକୁ ସମର୍ଥ ହେବ ଏବଂ ଯଥାର୍ଥ

'oaob.nitrkl.ac.in' images reprocessed

ବସ୍ତୁଗୁଡ଼ିକୁ ଆପଣାର ଅବଶ୍ୟମ୍ଭାବୀ ନିର୍ଣ୍ଣୟଗୁଡ଼ିକୁ ପ୍ରକଟ କରିବା ଲାଗି ତାହା ଆପଣାର ସାଧନରୂପେହିଁ ଦେଖିବ । ଏହିପରି ଭାବରେ ଗଠିତ ହୋଇ ରହିଥିବା ଏବଂ ଏକ କ୍ରିୟାଶୀଳ ଚୈତ୍ୟ ଚେତନାର ସହାୟତା ଲାଭ କରୁଥିବା ଏକ ସମ୍ବୋଧିପ୍ରେରିତ ମନ କାଳ-ଜ୍ଞାନର ଏକ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଶକ୍ତି ଉପରେ ପ୍ରଭୁତ୍ୱ ଅର୍ଜନ କରିପାରିବ ।

ଏହା ସଙ୍ଗେସଙ୍ଗେ ଏକଥାଟି ମଧ୍ୟ ଜ୍ଞାତ ହେବାକୁ ଲାଗିବ ଯେ ଏହି ମନଟି ବି ଏପର୍ଯ୍ୟନ୍ତ କେବଳ ଏକ ସୀମାବଦ୍ଧ ଶକ୍ତିବିଶିଷ୍ଟ ଯନ୍ତ୍ର ବା ସାଧନ ହୋଇ ରହିଛି । ପ୍ରଥମ କଥାଟି ହେଉଛି ଯେ ତାହା ଏପରି ଏକ ଉଚ୍ଚତର ଜ୍ଞାନକୁ ପ୍ରକଟ କରିବ, ଯାହାକି ସେହି ମନରହିଁ ଉପାଦାନଟି ମଧ୍ୟରେ କାର୍ଯ୍ୟ କରିବାରେ ଲାଗିଥିବ ଏବଂ ମନୋମୟ ନାନା ଆକାରର ଗୁମ୍ଫ ଭିତରେ ଢଳା ହୋଇ ରହିଥିବାରୁ ବର୍ତ୍ତମାନ ମଧ୍ୟ ମାନସିକ ଅବସ୍ଥା ତଥା ମାନସିକ ସୀମାସୂଚନଗୁଡ଼ିକର ଅଧୀନ ହୋଇ ରହିଥିବ, ତାହା ପଛକୁ ବା ଆଗକୁ ଯେତେବେଶୀ ଦୂର ଯାଏ ବିଚରଣ କରିବାରେ ଲାଗିଥାଉ ପଛକେ, ଆପଣା ଜ୍ଞାନର ପଦକ୍ଷେପ ତଥା ପୂର୍ବାପର ଗତିଗୁଡ଼ିକ ସକାଶେ ଏକ ଆଧାର ଖୋଜିବାକୁ ଯାଇ ତାହା ତଥାପି ଏହି ବର୍ତ୍ତମାନ ମୁହୂର୍ତ୍ତିଗୁଡ଼ିକର ପୂର୍ବାପରତାଟିକୁ ଆଶ୍ରୟ କରି ରହିଥିବ; ଆପଣାର ସର୍ବୋଚ୍ଚ ସଚ୍ଚୋନ୍ମୋଚନକାରୀ କ୍ରିୟାରେ ମଧ୍ୟ ତାହା ତଥାପି ଏହି କାଳର ପ୍ରବାହଟିର ମଧ୍ୟରେହିଁ ଗତି କରୁଥିବ ଏବଂ କାଳର ଗତିସ୍ପନ୍ଦନଟିକୁ ଊର୍ଦ୍ଧ୍ୱରୁ ଅର୍ଥାତ୍ ସନାତନ କାଳର ସେହି ଅବିଚଳିତ ଭୂମିଗୁଡ଼ିକ ଉପରେ ପ୍ରତିଷ୍ଠିତ ରହି କଦାପି ଦେଖିପାରିବ ନାହିଁ; ସେଗୁଡ଼ିକର ଦୃଷ୍ଟିଗତ ବୃହତ୍ ପ୍ରସାରଟି ଦେଇ କଦାପି କିଛୁ ଦେଖିପାରିବ ନାହିଁ; ଏବଂ ସେହି କାରଣରୁହିଁ ତାହା ଆପଣାର କ୍ରିୟାରେ ସତତ ଏକ ଗୌଣ ଏବଂ ସୀମାବଦ୍ଧ କ୍ରିୟାତ୍ମକତା ସହିତ, ଏକ ପ୍ରକାରର ମିଶ୍ରିତତା, ମର୍ଯ୍ୟାଦିତତା ଏବଂ ଆପେକ୍ଷିକତା ସହିତ ବାନ୍ଧି ହୋଇ ରହିଥିବ । ପୁନଶ୍ଚ, ତାହାର ଲବ୍ଧ ଜ୍ଞାନଟି ମଧ୍ୟ ଜ୍ଞାନର ଏକ ଯଥାର୍ଥ ଅଧିକୃତି ଆଦୌ ହୋଇପାରିବ ନାହିଁ, ଏହା ଜ୍ଞାନକୁ କେବଳ ଗ୍ରହଣ କରିନେଲା ପରିହିଁ ହୋଇ ରହିବ । ଯେଉଁଠି ଅଜ୍ଞାନଜଡ଼ିତ ମନ ଆଗରୁ କାର୍ଯ୍ୟ କରୁଥିଲା, ଏହି ଉପଲବ୍ଧିଟି ଦ୍ୱାରା ସେଠାରେ ତାହା ଖୁବ୍ ବେଶୀ ହେଲେ ଏକ ଆତ୍ମବିସ୍ମୃତିମୟ ଜ୍ଞାନଯୁକ୍ତ ମନରହିଁ ସୃଷ୍ଟି କରିପାରିବ, ଯାହାକୁ କି ଏକ ଅନ୍ତଃସୁପ୍ତ ଆତ୍ମସବିତ୍ସମ୍ପନ୍ନତା ଏବଂ ସର୍ବସବିତ୍ସମ୍ପନ୍ନତା ସତତ ଆତ୍ମସ୍ମୃତି ଏବଂ ଆତ୍ମଜ୍ୟୋତି ପ୍ରଦାନ କରୁଥିବେ । ଜ୍ଞାନଗତ ଏହି କ୍ରିୟାଟିର କ୍ଷେତ୍ର ଏବଂ ବିସ୍ତାରଟି ଓ ତାହାର ସାଧାରଣ ଗତିପଥଗୁଡ଼ିକ ବିକାଶର ସ୍ତର ଅନୁସାରେ ଅବଶ୍ୟ ଭିନ୍ନ ଭିନ୍ନ ହୋଇ ରହିବ ସତ, ମାତ୍ର ଏହି ଜ୍ଞାନଟି ମଧ୍ୟରେ ସର୍ବଦା କେତେକ ଅତି ପ୍ରବଳ ସୀମାବଦ୍ଧତା ମଧ୍ୟ ଉପସ୍ଥିତ ରହିଥିବ । ଏବଂ ଏହି ସୀମାବଦ୍ଧତା ଏପର୍ଯ୍ୟନ୍ତ ତଥାପି ଆବେଷ୍ଟନ କରି ରହିଥିବା ଓ ଅବଚେତନ ଭାବରେ ମହଜୁଦ ଥିବା ଅଜ୍ଞାନସ୍ଥ ମନକୁ ଆପଣାର ପୁନଃପ୍ରତିଷ୍ଠା କରିବା ଲାଗି

'oaob.nitrkl.ac.in' images reprocessed

ଏକ ପ୍ରବୃତ୍ତି ପ୍ରଦାନ କରି ରଖିଥିବ; ପୁନର୍ବାର ଭିତରେ ପଶି ଆସିବାକୁ ବା ଉପରକୁ ଉଦ୍‌ବେଳିତ ହୋଇ ଉଠିବାକୁ ତା' ଭିତରେ ତଥାପି ଏକ ପ୍ରବୃତ୍ତି ଜାଗ୍ରତ କରି ରଖିଥିବ । ଯେଉଁଠାରେ ସଂବୋଧିପ୍ରେରିତ ଜ୍ଞାନ କାର୍ଯ୍ୟ କରିବା ଲାଗି ଅସମ୍ମତ ହେଉଛି କିଂବା କାର୍ଯ୍ୟ କରିବାକୁ ଅକ୍ଷମ ହୋଇ ରହୁଛି, ସେଠାରେ ସେହି ଅଜ୍ଞାନସ୍ଥ ମନକୁ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ଦେଉଥିବ ଏବଂ ଆପଣା ସହିତ ପୁଣି ତାହାର ଅବ୍ୟବସ୍ଥା, ମିଶ୍ରଣ ଏବଂ ଭ୍ରାନ୍ତିକୁ ବହନ କରି ଆଣିବା ଲାଗି ତାକୁ ସୁଯୋଗ ଯୋଗାଇ ଦେଉଥିବ । ଉଚ୍ଚତର ଆଲୋକଟି ଅବତରଣ କରି ଯେପର୍ଯ୍ୟନ୍ତ ଆପଣାର ସ୍ୱକୀୟ କ୍ରିୟାଟିକୁ ସଞ୍ଚାରିତ କରି ନରଖିଛି, ସେପର୍ଯ୍ୟନ୍ତ ଜାଣିବାର ସକଳ ଉଦ୍ୟମକୁ ନାସ୍ତି କରି ରଖିବା, ବା ଅନ୍ତତଃ ଜାଣିବାର ଯାବତୀୟ ଉଦ୍ୟମକୁ ଆପାତତଃ ସ୍ଥଗିତ କରି ରଖିବା,—ଏହି କ୍ଷେତ୍ରରେ ଏହାହିଁ ସୁରକ୍ଷାର ଏକମାତ୍ର ଉପାୟ ହୋଇ ରହିବ । ଏହି ଆତ୍ମ-ନିୟନ୍ତ୍ରଣଟି ମନ ଲାଗି ପ୍ରକୃତରେ ଏକ କଠିନ କାର୍ଯ୍ୟ, ଏବଂ ଯଦି ଅତ୍ୟନ୍ତ ସନ୍ତୋଷର ସହିତ ଏହାର ଅଭ୍ୟାସ କରାଯାଏ, ତେବେ ତାହା ଦ୍ୱାରା ସାଧକର ବିକାଶଟି ମଧ୍ୟ ବ୍ୟାହତ ହୋଇ ପଡ଼ିବାର ଆଶଙ୍କା ରହୁଛି । ଏବଂ ଅନ୍ୟ ପକ୍ଷରେ, ଯଦି ଅଜ୍ଞାନାଚ୍ଛନ୍ନ ମନଟିକୁ ପୁନର୍ବାର ଆବର୍ତ୍ତିତ ହେବା ଲାଗି ବାଟ ଛାଡ଼ି ଦିଆଯାଏ ଏବଂ ଆପଣାର ନାନା ସ୍ଖଳନଯୁକ୍ତ ଅପୂର୍ଣ୍ଣ ସାମର୍ଥ୍ୟଟି ଦ୍ୱାରା ଆପଣା ଅନ୍ୱେଷଣପଥରେ ଗତି କରିବାକୁ ଦିଆଯାଏ, ତେବେ ଦୁଇଟି ସ୍ଥିତି ମଧ୍ୟରେ କେବଳ ସତତ ଆନ୍ଦୋଳିତ ହୋଇ ରହିବାହିଁ ଫଳ ହୋଇପାରେ, ଅଥବା, ଆପେକ୍ଷିକ ହେଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ପରିପୂର୍ଣ୍ଣତା ଲାଭ କରିବା ପରିବର୍ତ୍ତେ ଦୁଇଟିଯାକ ସାମର୍ଥ୍ୟର ଏକ ମିଶ୍ରିତ କ୍ରିୟାହିଁ ସମ୍ଭବ ହୋଇପାରେ ।

ଏହି ଦ୍ୱନ୍ଦ୍ୱଟି ମଧ୍ୟରୁ ମୁକୁଳି ବାହାରି ଆସିବାକୁ ହେଲେ ଏପରି ଏକ ବୃହତ୍ତର ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ, ଆମକୁ ଯେଉଁଠାରେ ନେଇ ପହଞ୍ଚାଇ ଦେବାକୁ ଆମର ଏହି ସଂବୋଧିଗତ, ଅନ୍ତଃପ୍ରେରିତ ଏବଂ ସତ୍ୟୋନ୍ମୋଚକ ମନଟି କେବଳ ଏକ ପ୍ରସ୍ତୁତିହିଁ ହୋଇ ରହିଛି । ଯେତେବେଳେ ଅଧିକରୁ ଅଧିକ ପରିମାଣରେ ଆମର ଏହି ସମୁଦାୟ ମନୋଗତ ସତ୍ତାର ଭୂମିଟିକୁ ଅତିମାନସ ଆଲୋକ ଅନ୍ତଃପ୍ରବାହିତ ହେବାକୁ ଏବଂ ଅବତୀର୍ଣ୍ଣ ହୋଇ ଆସିବାକୁ ଆରମ୍ଭ କରେ ଏବଂ ଆମର ସଂବୋଧି ତଥା ତାହାର ସକଳ ସାମର୍ଥ୍ୟକୁ ଯେତେବେଳେ ଅତିମାନସ ପ୍ରକୃତିର ପୂର୍ଣ୍ଣମୁକ୍ତ ମହିମା ମଧ୍ୟରେ ଅବସ୍ଥିତ ରହିଥିବା ସେମାନଙ୍କର ଯଥାର୍ଥ ଉତ୍ପତ୍ତି ମଧ୍ୟକୁ ସତତ ଉତ୍ତୋଳିତ କରିନେବା ସମ୍ଭବ ହୁଏ, ସେତିକବେଳେ ଯାଇ ସେହି ବୃହତ୍ତର ପରିପୂର୍ଣ୍ଣତା ଆଡ଼କୁ ଗତି କରିବା ସମ୍ଭବ ହୋଇଥାଏ । ସେତେବେଳେ ଏକାବେଳକେ ଦୁଇଟି କ୍ରିୟା ସଞ୍ଚାରିତ ହୋଇ ଆସେ : ଗୋଟିଏ ହେଉଛି ସେହି ସଂବୋଧିଗତ ମନର କ୍ରିୟା, ଯାହାକି ଆପଣାଠାରୁ ଊର୍ଦ୍ଧ୍ୱତର ହୋଇ ରହିଥିବା

'oaob.nitrkl.ac.in' images reprocessed

ଆଲୋକଟି ଲାଗି ସଚେତନ ହୋଇ ରହିଥାଏ, ତାହାର ଆଡ଼କୁ ଆପଣାକୁ ଉନ୍ମୋଚିତ କରି ରଖିଥାଏ ଏବଂ ଆପଣାର ଜ୍ଞାନକୁ ସର୍ବଶେଷ ନିଷ୍ପତ୍ତି ଲାଗି ତଥା ପୁଷ୍ଟି ଓ ସମର୍ଥନ ଲାଗି ସେହି ଆଲୋକଟିର ସମ୍ମୁଖରେ ପ୍ରସ୍ତୁତ କରି ରଖିଥାଏ । ଏବଂ ଦ୍ୱିତୀୟତଃ, ସ୍ୱୟଂ ଏହି ଆଲୋକଟି ମଧ୍ୟ ଜ୍ଞାନମୟ ମନର ଏକ ସର୍ବୋଚ୍ଚ ସୋପାନକୁ ନିର୍ମାଣ କରିବାରେ ଲାଗିଥାଏ; ଅର୍ଥାତ୍, ତାହା ସ୍ୱୟଂ ଅତିମାନସରହିଁ ଏକ କ୍ରିୟା ହୋଇ ରହିଥାଏ, ଯାହାକି ଅଧିକରୁ ଅଧିକ ପରିମାଣରେ ମନର ଏକ ରୂପାନ୍ତରିତ ଉପାଦାନରେ ସଂଘଟିତ ହେଉଥାଏ ଏବଂ ଯେଉଁଥିରେ କି ମନୋଭୂମିଗତ ଅବସ୍ଥାଗୁଡ଼ିକର ଅଧୀନ ହୋଇ ରହିବା କ୍ରମଶଃ କମ୍ ପ୍ରବଳ ହେବାରେ ଲାଗିଥାଏ । ଏହିପରି ଭାବରେ ଏକ ଅପେକ୍ଷାକୃତ ତଳ କୋଟୀର ଅତିମାନସ କ୍ରିୟା ଆପଣାକୁ ଗଠିତ କରିଆଣେ, ଏବଂ ଜ୍ଞାନଯୁକ୍ତ ଏକ ମନ ଜ୍ଞାନର ସେହି ଯଥାର୍ଥ ଅତିମାନସିକତା ରୂପେ ପରିବର୍ତ୍ତିତ ହୋଇଯିବା ଲାଗି ସତତ ପ୍ରବୃତ୍ତ ହୋଇ ରହିଥାଏ । ଏଣିକି ଅଧିକରୁ ଅଧିକ ନିର୍ଦ୍ଦିଷ୍ଟ ଭାବରେ ଅଜ୍ଞାନ ଦ୍ୱାରା ଚାଳିତ ମନଟି ବହିଷ୍କୃତ ହୋଇ ରହେ, ଏବଂ ସଂବୋଧିର ସନ୍ଦୀପନ ଲାଭ କରିଥିବା ଆତ୍ମବସ୍ତୁତପୂର୍ଣ୍ଣ ଜ୍ଞାନର ସେହି ମନଟି ତାହାର ସ୍ଥାନ ଅଧିକାର କରିବାକୁ ଲାଗେ ଏବଂ ସ୍ୱୟଂ ସଂବୋଧି ମଧ୍ୟ ଅଧିକ ପରିପୂର୍ଣ୍ଣ ଭାବରେ ସଂଗଠିତ ହୋଇ ତା' ଉପରକୁ ଆସୁଥିବା ଅଧିକରୁ ଅଧିକ ବୃହତ୍ ଆହ୍ୱାନଗୁଡ଼ିକୁ ପ୍ରତିସ୍ପନ୍ଦନ ଜଣାଇବା ଲାଗି ସମର୍ଥ ହୋଇଯାଏ । ଅଧିକରୁ ଅଧିକ ବଳଯୁକ୍ତ ହୋଇ ଆସୁଥିବା ଜ୍ଞାନପ୍ରେରିତ ମନଟି ଏଠାରେ ଏକ ମଧ୍ୟବର୍ତ୍ତୀ ଶକ୍ତି ହିସାବରେ କାର୍ଯ୍ୟ କରେ, ଏବଂ ଆପଣାକୁ କ୍ରମଶଃ ଗଠିତ କରି ଆଣିବା ସଙ୍ଗେସଙ୍ଗେ ତାହା ଅଜ୍ଞାନସ୍ଥ ମନଟି ଉପରେ ମଧ୍ୟ କାର୍ଯ୍ୟ କରିବାକୁ ଆରମ୍ଭ କରେ, ତାହାକୁ ରୂପାନ୍ତରିତ କରିଦିଏ ବା ତାହାର ସ୍ଥାନାପନ୍ନ ଭାବରେ ଆପଣାକୁ ପ୍ରତିଷ୍ଠିତ କରିଆଣେ, ଏବଂ ସେହି ପରବର୍ତ୍ତୀ ରୂପାନ୍ତରଟିକୁ ବି ଅନିବାର୍ଯ୍ୟ କରିଦିଏ, ଯାହାକି ମନରୁ ଅତିମାନସ ମଧ୍ୟକୁ ସଂକ୍ରମଣଟିକୁ ସିଦ୍ଧ କରିଦିଏ । ଏହି ସ୍ଥିତିରେ ଆସି ପହଞ୍ଚିଗଲେହିଁ ଆମର କାଳଗତ ଚେତନା ତଥା କାଳଗତ ଜ୍ଞାନରେ ମଧ୍ୟ ଏକ ପରିବର୍ତ୍ତନ ଘଟିବାକୁ ଆରମ୍ଭ କରେ; ମାତ୍ର କେବଳ ଅତିମାନସ ସୋପାନଗୁଡ଼ିକୁ ଉତ୍ତୀର୍ଣ୍ଣ ହୋଇଗଲେ ଯାଇ ଏହି ପରିବର୍ତ୍ତନଟି ଆପଣାର ଯଥାର୍ଥ ଭୂମିଟି ଉପରେ ପ୍ରତିଷ୍ଠିତ ହୁଏ ଏବଂ ଆପଣାର ପରିପୂର୍ଣ୍ଣ ଯଥାର୍ଥତା ଏବଂ ପରିପୂର୍ଣ୍ଣ ତାତ୍ପର୍ଯ୍ୟର ଉପଲବ୍ଧି କରେ । ତେଣୁ ଅତିମାନସର ସତ୍ୟଟି ସହିତ ସ୍ଥାପିତ ହୋଇ ପାରୁଥିବା ଏହାର ସମ୍ବନ୍ଧଟିରୁହିଁ ଅଧିକ ଫଳପ୍ରଦ ଭାବରେ ଏହାର ଯାବତୀୟ ସମସ୍ୟାମୂଳକତାର ବ୍ୟାଖ୍ୟା ଓ ବିଶ୍ଳେଷଣ କରାଯାଇପାରେ । କାରଣ, ଜ୍ଞାନପ୍ରେରିତ ମନକୁ ଆମେ ସେହି ଅତିମାନସ ପ୍ରକୃତି ଆଡ଼କୁ ଆରୋହଣ କରିଯିବାର କ୍ରମରେହିଁ କେବଳ ଏକ ପ୍ରକ୍ଷେପଣ ଓ ଏକ ଅନ୍ତିମ ସୋପାନରୂପେ ଜାଣିରଖିବା ।

—ସମାପ୍ତ—

'oaob.nitrkl.ac.in' images reprocessed